ଆପଣ ବାଇବଲକୁ ବୁଝିପାରିବେ !

# ପାଉଲଙ୍କ ରଚିତ ସୁସମାଚାର :
# ରୋମୀୟ


ବୋବ ଅଟ୍ଲି

ହେର୍ମନେଟକ୍ସର

ଅଧ୍ୟାପକ

(ବାଇବଲ ଅନୁବାଦ)


*ଅଧ୍ୟୟନ ପ୍ରଦର୍ଶକ ଟୀକ୍କାସମୂହ*

*ନୂତନ ନିୟମ, ଭଲ୍ୟୁମ – ୫*


**BIBLE LESSONS INTERNATIONAL, MARSHALL, TEXAS**

**1998**

**Revised 2010**

# ସୂଚୀପତ୍ର


ଏହି ଟୀକ୍‌କାରେ ବ୍ୟବହୃତ ସଂକ୍ଷିପ୍ତ ଅକ୍ଷର

ଲେଖକଙ୍କଠାରୁ ଗୋଟିଏ ଶବ୍ଦ : ଏହି ଟୀକ୍‌କା କେଉଁ ପ୍ରକାରେ ଆପଣଙ୍କର ସହାୟତା କରିପାରେ ? i

ବାଇବଲ ଅଧ୍ୟୟନ ନିମନ୍ତେ ମାର୍ଗଦର୍ଶନ : ପ୍ରମାଣିତ କରୁଥିବା ସତ୍ୟ ନିମନ୍ତେ ଏକ ବ୍ୟକ୍ତିଗତ ଅନୁସନ୍ଧାନ iii

ଟୀକ୍‌କା :

ରୋମୀୟ ପୁସ୍ତକର ପ୍ରସ୍ତାବନା 1

ରୋମୀୟ ୧ 5

ରୋମୀୟ ୨ 44

ରୋମୀୟ ୩ 60

ରୋମୀୟ ୪ 80

ରୋମୀୟ ୫ 93

ରୋମୀୟ ୬ 113

ରୋମୀୟ ୭ 126

ରୋମୀୟ ୮ 140

ରୋମୀୟ ୯ 169

ରୋମୀୟ ୧୦ 196

ରୋମୀୟ ୧୧ 208

ରୋମୀୟ ୧୨ 223

ରୋମୀୟ ୧୩ 240

ରୋମୀୟ ୧୪ 259

ରୋମୀୟ ୧୫ 273

ରୋମୀୟ ୧୬ 288

ପରିଶିଷ୍ଟ – ଏକ : ଗ୍ରୀକ୍ ଶବ୍ଦର ବ୍ୟାକରଣର ସଂକ୍ଷିପ୍ତ ବିବରଣ 303

ପରିଶିଷ୍ଟ – ଦୁଇ : ବହି ସମ୍ବନ୍ଧିୟ ସମାଲୋଚନା 311

ପରିଶିଷ୍ଟ – ତିନି : ସ୍ୱତନ୍ତ୍ର ଶବ୍ଦର ଅର୍ଥ ଥିବା ଏକ ତାଲିକା 314

ପରିଶିଷ୍ଟ – ଚାରି : ସିଦ୍ଧାନ୍ତ ସମ୍ବନ୍ଧୀୟ ବିବରଣୀ 323

# ରୋମୀୟ ପୁସ୍ତକର ବିଶେଷ ଶୀର୍ଷ ନିମନ୍ତେ ସୂଚୀପତ୍ର


ପ୍ରେରଣ (ଏପୋଷ୍ଟେଲୋ) 7
ଆଦ୍ୟମଣ୍ଡଳୀର ବିଶ୍ୱାସ 8
ଈଶ୍ୱରଙ୍କ ପୁତ୍ର 9
ଶରୀର (ଶାରଖ୍) 11
ମସୀହ 12
ଈଶ୍ୱରଙ୍କ ନିମନ୍ତେ ନାମ 13
ପୁରାତନ ନିୟମରେ ଆଶା, ଭରସା, ବିଶ୍ୱାସ ଏବଂ ବିଶ୍ୱସ୍ତତା 17
ବୋବ୍‌ଙ୍କ ସୁସମାଚାର ଉପରେ ମତ 20
ଆହୂତ 21
ସାଧୁଗଣ 22
ପରମେଶ୍ୱରଙ୍କ ପିତୃତ୍ୱତା 22
ଆତ୍ମା (ନ୍ୟୁମା) 25
ପରିତ୍ରାଣ (ପୁରାତନ ନିୟମ ଶବ୍ଦ) 28
ଧାର୍ମିକତା 29
ଈଶ୍ୱର ମଣିଷରୂପେ ବର୍ଣ୍ଣିତ ହେଲେ 33
ପାଉଲଙ୍କ ଲେଖାରେ ‘‘ସତ୍ୟ’’ 34
ଜ୍ଞାତବ୍ୟ 35
ଧ୍ୱଂସ, ନଷ୍ଟ, ଦୁର୍ନୀତି (ଥେଇରୋ) 37
ହୃଦୟ 38
ଯୁଗେ ଯୁଗେ (ଗ୍ରୀକ୍ ରୂଢ଼୍ୟୋକ୍ତି) 39
ଆମେନ୍ 39
ପୁରୁଷ ସହ ପୁରୁଷ ଯୌନିକରଣ 41
ନୂତନ ନିୟମରେ ଆଚରଣ ଏବଂ ବିଶ୍ୱସନୀୟତା 42
ପାଉଲଙ୍କ ‘‘ହୁପର’’ ଯୁଗ୍ମ ଶବ୍ଦର ବ୍ୟବହାର 42
ମନ ପରିବର୍ତ୍ତନ 47
ଗୋଷ୍ଠୀଗତ ମତବାଦ 50
ଗର୍ବ କରିବା 55
ପରୀକ୍ଷା କରିବା ପାଇଁ ଗ୍ରୀକ୍ ଶବ୍ଦ ଓ ତାହାର ଅର୍ନ୍ତନିହିତ ଅର୍ଥମାନ 55
ବ୍ୟର୍ଥ ଏବଂ ଶୂନ୍ୟ 62
ଗୌରବ 69
ଜଣକର ପରିତ୍ରାଣ ପାଇଁ ନୂତନ ନିୟମ ଚିହ୍ନ 70

| | |
|---|---|
| ମୁକ୍ତିର ମୂଲ୍ୟ / ମୁକ୍ତ କରିବା | 71 |
| ପୂର୍ବାଞ୍ଚଳ ସାହିତ୍ୟ | 75 |
| ଐକେଶ୍ୱରବାଦ | 77 |
| ବିଶ୍ୱାସ / ଭରସା କରିବା | 83 |
| ମୁଦ୍ରାଙ୍କ | 86 |
| ଅଟଳ ପ୍ରତିଶ୍ରୁତି | 89 |
| ଶାନ୍ତି | 96 |
| ଠିଆ ହେବା | 97 |
| ନିଶ୍ଚୟତା | 98 |
| ଖ୍ରୀଷ୍ଟିୟାନମାନେ କାହିଁକି ଦୁଃଖଭୋଗ କରନ୍ତି ? | 100 |
| ଦୁଃଖଭୋଗ | 101 |
| ଖ୍ରୀଷ୍ଟିୟ ବୃଦ୍ଧି | 102 |
| ଈଶ୍ୱରଙ୍କ ରାଜ୍ୟରେ ରାଜତ୍ୱ କରିବା | 110 |
| ବାପ୍ତିସ୍ମ | 116 |
| ପବିତ୍ରୀକରଣ | 117 |
| ଆଦର୍ଶ (ଟୁପୋସ) | 122 |
| ଈଶ୍ୱରଙ୍କ ପ୍ରତି ପାଉଲଙ୍କ ପ୍ରଶଂସା, ପ୍ରାର୍ଥନା ଓ ଧନ୍ୟବାଦ ଜ୍ଞାପନ | 138 |
| ଯୀଶୁ ଓ ଆତ୍ମା | 146 |
| ଦ ଟ୍ରିନିଟ୍ | 148 |
| ବିଶ୍ୱାସୀମାନଙ୍କ ଉତ୍ତରାଧିକାର | 152 |
| ସ୍ୱାଭାବିକ ଉପକରଣମାନ, ଯାହା ପ୍ରାକୃତିକ ବିଷୟମାନ | 153 |
| ଭରସା | 157 |
| ଧୈର୍ଯ୍ୟର ସହିତ ଅଧ୍ୟବସାୟ ଆବଶ୍ୟକ | 158 |
| ଆତ୍ମାଙ୍କ ବ୍ୟକ୍ତିତ୍ୱ ପ୍ରକାଶ | 160 |
| ପ୍ରଥମ ଜାତ | 163 |
| ନିର୍ବାଚନ/ପୂର୍ବ ନିରୂପିତ ଭବିଷ୍ୟତ ଏବଂ ଏକ ପାରମାର୍ଥିକ ଭାରସାମ୍ୟର ଆବଶ୍ୟକତା | |
| ନିର୍ବାଚନ ଏକ ଚମତ୍କାର ମୂଳତତ୍ତ୍ୱ | 165 |
| ଆରେଚ | 167 |
| ବିବେକ | 172 |
| ନିବେଦନ ପ୍ରାର୍ଥନା | 173 |
| ଅଭିଶାପ (ଆନେଥେମା) | 176 |
| ଇସ୍ରାଏଲ | 177 |
| ପ୍ରତିଜ୍ଞା (ଚୁକ୍ତି) ନିୟମ | 178 |
| ଜଣେ ମାନବ ରୂପେ ଈଶ୍ୱରଙ୍କୁ ବର୍ଣ୍ଣନା କରାଗଲା | 182 |

ସ୍ନେହପୂର୍ଣ୍ଣ କରୁଣା 184
ଅବଶିଷ୍ଟାଂଶ, ତିନୋଟି ଅର୍ଥରେ 188
ଈଶ୍ୱରଙ୍କ ପାଇଁ ନାମ ସମୂହ 189
କୋଣ ପ୍ରସ୍ତର 194
ଜାଣିବା ବା ଜ୍ଞାନଯୁକ୍ତ 198
ବଶୀଭୂତ 199
ଗ୍ରୀକ୍ କ୍ରିୟାପଦ କାଳମାନ ପରିତ୍ରାଣ ପାଇଁ ବ୍ୟବହାର କରାଗଲା 200
ସ୍ୱୀକାର 202
ପ୍ରଭୁଙ୍କ ନାମ 203
ଆଲୋକ ପାତ 206
ସ୍ୱଧର୍ମଚ୍ୟୁତ (ଆପୋଷ୍ଟେସି) 216
ରହସ୍ୟ 218
ପବିତ୍ର 225
ଏହି ଯୁଗ ଏବଂ ଆଗାମୀ ଯୁଗ 226
ନୂତନୀକୃତ (ଆନାକାଇନୋସିସ୍) 227
ଈଶ୍ୱରଙ୍କ ଇଚ୍ଛା (ଥେଲେମା) 228
ନୂତନ ନିୟମ ଭାବବାଣୀ 230
ଉଦାର / ବିଶ୍ୱସ୍ଥ (ହାପ୍ଲୋଟସ୍) 233
କୋଇନୋନିଆ 237
ଅଧିକାର 242
ମାନବ ସରକାର 243
ମୋଶାଙ୍କ ବ୍ୟବସ୍ଥାର ପାଉଲଙ୍କ ମତାମତ 248
ଯାତ୍ରା ୨୦ ଉପରେ ଟିପ୍ପଣୀ 249
ଦୁର୍ବଳତା 262
ଖ୍ରୀଷ୍ଟିୟାନ କଅଣ ପରସ୍ପରକୁ ବିଚାର କରିବା ଉଚିତ୍ ? 266
ଈଶ୍ୱରଙ୍କ ରାଜ୍ୟ 268
ନଷ୍ଟା ନିମନ୍ତେ 275
ପ୍ରଚୁରଭାବେ ମିଳେ (ପେରିସେଉଓ) 279
କ୍ଷୁଧା 284
ବାଇବଲରେ ମହିଳାମାନେ 290
ମଣ୍ଡଳୀ (ଏକ୍ଳିସିଆ) 293
ବ୍ୟକ୍ତିଗତ ମନ୍ଦତା 298
ଅନନ୍ତକାଳୀନ 301

# ଏହି ଟୀକ୍‌କାରେ ବ୍ୟବହୃତ ସଂକ୍ଷିପ୍ତ ଅକ୍ଷର

| | |
|---|---|
| ଏବି | ଆଙ୍କର୍ ବାଇବଲ କମେଣ୍ଟ୍ରିସ୍, ଇଡି । ଉଇଲିୟମ୍ ଫକ୍ସୱେଲ୍ ଅଲ୍‌ବ୍ରାଇଟ୍ ଆଣ୍ଡ୍ ଡେଭିଡ ନୋୟେଲ ଫ୍ରିଡିମାନ୍ |
| ଏବିଡି | ଆଙ୍କର୍ ବାଇବଲ ଡିକ୍‌ସ୍‌ନେରୀ (ଭାଗ-୬), ଇଡି । ଡେଭିଡ ନୋୟେଲ ଫ୍ରିଡିମାନ୍ |
| ଏକେଓଟି | ଆନାଲିଟିକାଲ୍ କି ଟୁ ଦି ଓଲ୍ଡ ଟେଷ୍ଟାମେଣ୍ଟ ବାୟ ଜନ୍ ଜୋଷେଫ ଓଇନିସ୍ |
| ଏନ୍‌ଇଟି | ଆନ୍‌ସିଏଣ୍ଟ ନିୟର ଇଷ୍ଟନ ଟେକ୍ସସ୍, ଜେମ୍ସ ବି. ପ୍ରିଚାଡ୍ |
| ବିଏଜିଡି | ଏ ଗ୍ରୀକ୍ - ଇଂଲିଶ ଲେକ୍ସିକନ୍ ଅଫ୍ ଦି ନିଉଟେଷ୍ଟାମେଣ୍ଟ ଏଣ୍ଡ୍ ଇୟର୍‌ଲି ଖ୍ରୀଷ୍ଟିୟାନ ଲିଟ୍ରେଚର୍, ୱାଲ୍‌ଟର୍ ବାୱ୍‌ରେ, ୨ ଏଡିସନ୍ ବାୟ ଏଫ୍.ଡବ୍ଲୁ. ଗୀଙ୍ଗ୍‌ରିଚ୍ ଆଣ୍ଡ ଫେଡ୍ରିକ୍ ଡ୍ୟାଙ୍କର |
| ବିଡିବି | ଏ ହିବ୍ରୁ ଏଣ୍ଡ ଇଂଲିଶ ଲେକ୍ସିକନ୍ ଅଫ୍ ଦି ଓଲ୍ଡ ଟେଷ୍ଟାମେଣ୍ଟ ବାୟ ଏଫ୍.ବ୍ରାଉନ, ଏସ୍. ଆର୍. ଡ୍ରାଇଭର ଆଣ୍ଡ ସି.ଏ.ବ୍ରିଗ୍‌ସ୍ |
| ବିଏଚ୍‌ଏସ୍ | ବିବିଲିୟା ହେବ୍ରାଇକା ଷ୍ଟଟ୍‌ଗାର୍‌ଟେନ୍‌ସିଆ, ଜିବିଏସ୍, ୧୯୯୭ |
| ଆଡିବି | ଦି ଇଣ୍ଟରପିଟର'ସ୍ ଡିକ୍‌ସ୍‌ନେରୀ ଅଫ୍ ଦି ବାଇବଲ (ଭାଗ - ୪), ଇଡି. ଜର୍ଜ ଏ.ବୁଟ୍ରିକ୍ |
| ଆଇଏସ୍‌ବିଇ | ଇଣ୍ଟରନ୍ୟାସନାଲ୍ ଷ୍ଟାଣ୍ଡାଡ୍ ବାଇବଲ ଏନ୍‌ସାଇକ୍ଲୋପେଡ଼ିଆ (ଭାଗ-୫), ଇଡି. ଜେମ୍ସ୍ ଅର୍ |
| ଜେବି | ଜେରୁଜାଲମ୍ ବାଇବଲ |
| ଜେପିଏସ୍‌ଓଏ | ଦି ହୋଲି ସ୍କ୍ରିପ୍‌ଚରସ୍ ଆକୋର୍ଡିଂ ଟୁ ଦି ମେଜୋରେଟିକ୍ ଟେକ୍‌ଷ୍ଟ : ଏ ନିଉ ଟ୍ରାନ୍‌ସଲେସନ୍ (ଦି ଯିୟୁଶ୍ ପବ୍ଲିକେଶନ୍ ସୋସାଇଟି ଅଫ୍ ଆମେରିକା) |
| କେବି | ଦି ହିବ୍ରୁ ଆଣ୍ଡ ଆରାମାଇକ୍ ଲେକ୍ସିକନ୍ ଅଫ୍ ଦି ଓଲ୍ଡ ଟେଷ୍ଟାମେଣ୍ଟ ବାୟ ଲଡ୍‌ୱିଇଗ୍ କୋହେଲର ଆଣ୍ଡ୍ ୱାଲଟର ବମ୍‌ଗାର୍‌ଟ୍‌ନର |
| ଏଲ୍‌ଏଏମ୍ | ଦି ହୋଲି ବାଇବଲ ଫର୍ମ ଆନ୍‌ସିଣ୍ଟ ଇଷ୍ଟନ ମ୍ୟାନୁସ୍କ୍ରିପ୍ଟ୍ (ଦି ପେଶିଥା) ବାୟ ଜର୍ଜ ଏମ୍.ଲାମ୍‌ସା |
| ଏଲ୍‌ଏକ୍ସଏକ୍ସ | ସେପ୍ଟୁଆଗିନ୍ (ଗ୍ରୀକ୍ - ଇଂଲିଶ) ବାୟ ଜନ୍‌ଡର୍‌ଭାନ୍, ୧୯୭୦ |
| ଏମ୍‌ଓଏଫ୍ | ଏ ନିଉ ଟ୍ରାନ୍ସଲେସନ୍ ଅଫ୍ ଦି ବାଇବଲ ବାୟ ଜେମ୍ସ ମୋଫାଟ୍ |
| ଏମ୍‌ଟି | ମ୍ୟାସୋରେଟିକ୍ ହିବ୍ରୁ ଟେକ୍‌ଷ୍ଟ |
| ଏନ୍‌ଏବି | ନିୟୁ ଆମେରିକାନ୍ ବାଇବଲ ଟେକ୍‌ଷ୍ଟ |
| ଏନ୍‌ଏଏସ୍‌ବି | ନିୟୁ ଆମେରିକାନ୍ ଷ୍ଟାଣ୍ଡାଡ୍ ବାଇବଲ |
| ଏନ୍‌ଇବି | ନିୟୁ ଇଂଲିଶ ବାଇବଲ |
| ଏନ୍‌ଇଟି | ଏନ୍‌ଇଟି ବାଇବଲ : ନିୟୁ ଇଂଲିଶ ଟ୍ରାନ୍ସଲେସନ୍, ସେକେଣ୍ଡ ବେଟା ଏଡିସନ୍ |

| | |
|---|---|
| ଏନ୍‌ଆଇଡିଏନ୍‌ଟିଟି | ନିୟୁ ଇଣ୍ଟରନ୍ୟାସନାଲ ଡିକ୍‌ସ୍‌ନେରୀ ଅଫ୍ ନିଉ ଟେଷ୍ଟାମେଣ୍ଟ ଥିଓଲୋଜି ଏକ୍‌ଜେସିସ୍ (ଭାଗ-୫), ଇଡି. ଉଇଲିୟମ ଏ ଭ୍ୟାନ ଜେମେରେନ୍ |
| ଏନ୍‌ଆରଏସ୍‌ଭି | ନିଉ ରିଭାଇସଡ୍ ଷ୍ଟାଣ୍ଡାଡ୍ ବାଇବଲ |
| ଏନ୍‌ଆଇଭି | ନିଉ ଇଣ୍ଟରନ୍ୟାସ୍‌ନାଲ ଭର୍‌ସନ୍ |
| ଏନ୍‌ଜେଭି | ନିଉ ଯେରୁଯାଲମ ବାଇବଲ |
| ଓଟିପିଜି | ଓ୍ୱଲ୍ଡ ଟେଷ୍ଟାମେଣ୍ଟ ପାର୍‌ସିଙ୍ଗ ଗାଇଡ ବାୟ ଟୋଡ୍ ଏସ୍.ବ୍ୟାୟାଲ୍, ଉଇଲିୟମ ଏ ବ୍ୟାଙ୍କସ୍ ଆଣ୍ଡ କଲିନ୍ ସ୍ମିଥ୍ |
| ଆର୍‌ଇବି | ରିଭାଇସଡ୍ ଇଂଲିଶ ବାଇବଲ |
| ଆର୍‌ଏସ୍‌ଭି | ରିଭାଇସଡ୍ ଷ୍ଟାଣ୍ଡାଟ ଭରସନ୍ |
| ଏସ୍‌ଇପିଟି | ଦି ସେପ୍ଟୁଆଗିଣ୍ଟ୍ (ଗ୍ରୀକ୍-ଇଂଲିଶ) ବାୟ ଜଣ୍ଡର୍‌ଭ୍ୟାନ୍, ୧୯୭୦ |
| ଟିସିଏନ୍‌ଟି | ଦି ଟୋଣ୍ଟିଏଥ୍ ସେଞ୍ଚୁରି ନିୟୁ ଟେଷ୍ଟାମେଣ୍ଟ୍ |
| ଟିଇଭି | ଟୁଡେ’ଏସ୍ ଇଂଲିଶ ଭର୍‌ସନ୍ ଫର୍ମ ୟୁନାଇଟେଡ୍ ବାଇବଲ ସୋସାଇଟିସ୍ |
| ଓ୍ୱାଇଏଲ୍‌ଟି | ୟଙ୍ଗ୍’ସ୍ ଲିଟେରାର୍ ଟ୍ରାନ୍ସଲେସନ ଅଫ୍ ଦି ହୋଲି ବାଇବଲ ବାୟ ରବର୍ଟ ୟଙ୍ଗ୍ |
| ଜେଡ୍‌ପିବିଇ | ଜଣ୍ଡରଭ୍ୟାନ୍ ପିକ୍‌ଚୋରିଆଲ ବାଇବଲ ଏନ୍‌ସାଇକ୍ଲୋପେଡ଼ିଆ ଭାଗ-୫, ଇଡି. ମେରିଲ୍ ସି.ଟିନି |

# ଲେଖକଙ୍କଠାରୁ ଗୋଟିଏ ଶବ୍ଦ : ଏହି ଟୀକ୍‌କା କେଉଁ ପ୍ରକାରେ ଆପଣଙ୍କର ସହାୟତା କରିପାରେ ?

ବାଇବଲିୟ ଅନୁବାଦ ଏକ ବୁଦ୍ଧି ସଙ୍ଗତ ଓ ଆତ୍ମୀକ ପ୍ରକ୍ରିୟା ଅଟେ ଯାହା ପ୍ରାଚୀନ ପ୍ରେରଣା ପ୍ରାପ୍ତ ଲେଖକଙ୍କୁ ଏହି ପ୍ରକାରେ ବୁଝିବାରେ ପ୍ରୟାସ କରିଥାଏ । ଯାହା ଈଶ୍ୱରଙ୍କ ସନ୍ଦେସ ଆଜିର ଦିନରେ ବୁଝାଯିବ ଓ ଲାଗୁ କରାଯିବ ।

ଆତ୍ମୀକ ପ୍ରକ୍ରିୟା ବହୁତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଏହାକୁ ବର୍ଣ୍ଣନା କରିବା କଠିନ ଅଟେ । ଏଥିରେ ଈଶ୍ୱରଙ୍କ ଶରଣାଗତ ହେବା ଏକ ଈଶ୍ୱରଙ୍କ ପ୍ରତି ଉନ୍ମୁକ୍ତ ହେବା ଆବଶ୍ୟକ ଅଟେ । କ୍ଷୁଦିତ ହେବା ଆବଶ୍ୟକ (୧) ଈଶ୍ୱରଙ୍କ ନିମନ୍ତେ, (୨) ତାହାଙ୍କୁ ଜାଣିବା ନିମନ୍ତେ, (୩) ତାହାଙ୍କ ସେବା କରିବା ନିମନ୍ତେ । ଏହି ପ୍ରକ୍ରିୟାରେ ପ୍ରାର୍ଥନା, ପାପ ସ୍ୱୀକାର କରିବା ଏବଂ ଜୀବନ ଶୈଳୀରେ ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତ ହେବା ସଂଲଗ୍ନ ଅଟେ । ଅନୁବାଦ ପ୍ରକ୍ରିୟାରେ ପବିତ୍ର ଆତ୍ମା ଗୁରୁତ୍ୱପୂର୍ଣ୍ଣ ଅଟନ୍ତି କିନ୍ତୁ ସଙ୍କୋଚ ଓ ଈଶ୍ୱରୀୟ ଖ୍ରୀଷ୍ଟିୟାନମାନେ କିପରି ବାଇବଲକୁ ଭିନ୍ନ ରୂପରେ ବୁଝୁଛନ୍ତି ଏହା ଏକ ରହସ୍ୟ ଅଟେ ।

ବୁଦ୍ଧି ସଙ୍ଗତ ପ୍ରକ୍ରିୟାର ବର୍ଣ୍ଣନା କରିବା ସହଜ ଅଟେ । ଆମ୍ଭମାନଙ୍କୁ ମୂଳପାଠରେ ହିଁ ସ୍ଥିର ରହିବା ଆବଶ୍ୟକ ଅଟେ ଏବଂ ବିନା ପକ୍ଷପାତରେ ଓ ଆପଣାର ବ୍ୟକ୍ତିଗତ କିମ୍ବା ମଣ୍ଡଳୀୟ ପୃଷ୍ଠଭୂମିରେ ପ୍ରଭାବିତ ହେବା ଆବଶ୍ୟକ ନୁହେଁ । ଆମେ ସମସ୍ତେ ଐତିହାସିକ ରୂପେ ସସର୍ତ୍ତ ଅଟୁ । ଆମ୍ଭମାନଙ୍କ ମଧ୍ୟରୁ କେହି ହେଲେ ମନରୁ ବାହାର କିମ୍ବା ସ୍ୱତନ୍ତ୍ର ଅନୁବାଦକ ନହୁଁ । ଏହି ଟୀକ୍‌କା ଅନୁବାଦର ତିନି ସିଦ୍ଧାନ୍ତ ସହିତ ବିଦ୍ଧିସଙ୍ଗତ ପ୍ରକ୍ରିୟାକୁ ସାବଧାନରେ ପ୍ରୟୋଗ କରିବା କାର୍ଯ୍ୟକୁ ପ୍ରସ୍ତୁତ କରେ ଯାହାଦ୍ୱାରା ଆମେ ଆମର ପୃଷ୍ଠଭୂମିରେ ବିଜୟ ପାଇପାରୁ ।

### ପ୍ରଥମ ସିଦ୍ଧାନ୍ତ :

ପ୍ରଥମ ସିଦ୍ଧାନ୍ତ ବାଇବଲିୟ ପୁସ୍ତକ କେଉଁ ଐତିହାସିକ ଘଟଣା ସମୟରେ ଲେଖାଗଲା ତାହାକୁ ଲେଖନ୍ତୁ ଏବଂ କେଉଁ ଐତିହାସିକ ଘଟଣା ହେତୁ ଏହା ଲେଖାଗଲା । ବାସ୍ତବିକ ଲେଖକଙ୍କର ଏହାକୁ ଲେଖିବାର ଏକ ଉଦ୍ଦେଶ୍ୟ ଥିଲା ଏବଂ ଗୋଟିଏ ସନ୍ଦେସ ଥିଲା ଯେଉଁଥିରେ ସେ ଜଣାଇବାକୁ ଚାହୁଁଥିଲେ । ମୂଳପାଠର ଅର୍ଥ ଆପଣମାନଙ୍କ ନିମନ୍ତେ କେବେହେଲେ ତାହା ହୋଇପାରିବ ନାହିଁ ଯେଉଁ ଅର୍ଥ ତାହାର ବାସ୍ତବିକ, ପ୍ରାଚୀନ ଏବଂ ପ୍ରେରଣା ପ୍ରାପ୍ତ ଲେଖକଙ୍କ ନିମନ୍ତେ ନଥିଲା । ତାହାଙ୍କ ଉଦ୍ଦେଶ୍ୟ ହିଁ ଚାବି ଅଟେ – ଆମ୍ଭମାନଙ୍କର ଐତିହାସିକ, ଭାବନାତ୍ମକ, ସାଂସ୍କୃତିକ, ବ୍ୟକ୍ତିଗତ କିମ୍ବା ମାଣ୍ଡଳୀକ ଆବଶ୍ୟକତା ନୁହେଁ । ପ୍ରୟୋଗ ଅନୁବାଦ ନିମନ୍ତେ ଏକ ଅବିଚ୍ଛିନ୍ନ ଅଂଶୀଦାର ଅଟେ କିନ୍ତୁ ସଠିକ୍ ଅନୁବାଦ ସର୍ବଦା ଅଗ୍ରବର୍ତ୍ତୀ ପ୍ରୟୋଗ ହେବା ଦରକାର । ଏହା ପୁନରାବୃତ୍ତି ହେବା ଆବଶ୍ୟକ କି ପ୍ରତ୍ୟେକ ବାଇବଲିୟ ମୂଳପାଠର କେବଳ ଏକମାତ୍ର ଅର୍ଥ ରହିଥାଏ । ଏହା ସେହି ଅର୍ଥ ଅଟେ ଯାହାକୁ ଆଜିର ସମୟରେ ପବିତ୍ର ଆତ୍ମାଙ୍କର ଚାଳନାରେ ବାସ୍ତବିକ୍ ଲେଖକ କହିବାକୁ ଚାହୁଁଥିଲେ । ଏହି ଗୋଟିଏ ଅର୍ଥର ବିଭିନ୍ନ ସଂସ୍କୃତି ଏବଂ ପରିସ୍ଥିତିରେ ବିଭିନ୍ନ ପ୍ରୟୋଗ ହୋଇପାରେ । ଏହି ସମସ୍ତ ପ୍ରୟୋଗ ବାସ୍ତବିକ ଲେଖକଙ୍କ କେନ୍ଦ୍ରିୟ ସତ୍ୟରେ ଯୋଡ଼ିତ ହେବା ଆବଶ୍ୟକ । ଏଥିଯୋଗୁଁ ବାଇବଲର ପ୍ରତ୍ୟେକ ପୁସ୍ତକକର ଭୂମିକା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହା ଅଧ୍ୟୟନ କରିବାରେ ମାର୍ଗଦର୍ଶନ କରୁଥିବା ଟୀକ୍‌କା ରୂପେ ନିର୍ମାଣ କରାଗଲା ।

### ଦ୍ୱିତୀୟ ସିଦ୍ଧାନ୍ତ :

ସାହିତ୍ୟିକ ଅଂଶକୁ ଚିହ୍ନିବା ଦ୍ୱିତୀୟ ସିଦ୍ଧାନ୍ତ ଅଟେ । ବାଇବଲର ସଂପୂର୍ଣ୍ଣ ପୁସ୍ତକ ଗୋଟିଏ ଲିଖନ ଅଟେ । ଅନୁବାଦକଙ୍କ କୌଣସି ଅଧିକାର ନାହିଁ କି ସେ କୌଣସି ଗୋଟିଏ ସତ୍ୟର ପ୍ରୟୋଗ କରି ବଳକା ଅନ୍ୟ ଅଂଶକୁ ଏମିତି ଛାଡ଼ି ଦିଅନ୍ତୁ । ତେଣୁ ଗୋଟିଏ ଅଂଶର ଅନୁବାଦ କରିବା ପୂର୍ବେ ଆମକୁ ବାଇବଲର ସଂପୂର୍ଣ୍ଣ ପୁସ୍ତକର ଉଦ୍ଦେଶ୍ୟକୁ ବୁଝିବା ଆବଶ୍ୟକ । ଗୋଟିଏ ଅଂଶ ଯେପରି – ପର୍ବ ଅବା ଅଧ୍ୟାୟ, ଅନୁଚ୍ଛେଦର ପଦର କେବେହେଲେ ସେହି ଅର୍ଥ ହୋଇ ନ ପାରିଲେ ତେବେ ସଂପୂର୍ଣ୍ଣ ଅଂଶର ହୋଇପାରିବ ନାହିଁ । ଅନୁବାଦ ପୂର୍ଣ୍ଣ ଭାଗର ବିବରଣ ସହିତ ଆରମ୍ଭ ହେବା ଆବଶ୍ୟକ ଓ ପୁଣି ପଦର ଅନୁବାଦରେ ପହଞ୍ଚିବା ଆବଶ୍ୟକ । ଏଇଥିଯୋଗୁଁ ଏହି ଟୀକ୍‌କା ପ୍ରସ୍ତୁତ କରାଗଲା ଯାହାଦ୍ୱାରା ବିଦ୍ୟାର୍ଥୀମାନେ ପ୍ରତ୍ୟେକ ଲିଖିତ ସାହିତ୍ୟ ଅଂଶକୁ ଭଲଭାବେ ବୁଝିପାରନ୍ତି । ଅନୁଚ୍ଛେଦ ଏବଂ ଅଧ୍ୟାୟ ପ୍ରେରଣା ପାଇ ନାହିଁ କିନ୍ତୁ ସେସବୁ ଆମ୍ଭମାନଙ୍କୁ ଗୋଟିଏ ଚିନ୍ତା ଏବଂ ବିଷୟରେ ଅଂଶକୁ ବୁଝିବାରେ ସାହାଯ୍ୟ କରୁଅଛନ୍ତି ।

ଗୋଟିଏ ଶବ୍ଦ, ବାକ୍ୟାଂଶ, ବା ଖଣ୍ଡବାକ୍ୟର ଅନୁବାଦ ହିଁ ନାହିଁ କିନ୍ତୁ ସଂପୂର୍ଣ୍ଣ ଅନୁଚ୍ଛେଦର ଅନୁବାଦ କରିବା ହିଁ ଲେଖକଙ୍କ ଉଦ୍ଦେଶ୍ୟକୁ ବୁଝିବାର ଚାବି ଅଟେ । ଅନୁଚ୍ଛେଦ ଶୀର୍ଷକ ଉପରେ ଆଧାରିତ ହୋଇଥାଏ । ଅଧିକାଂଶରେ ଏହା ସାମ୍ପ୍ରତିକ ବିଷୟଗତ ବୋଲି କୁହାଯାଇଥାଏ । ପ୍ରତ୍ୟେକ ଅନୁଚ୍ଛେଦର ଶବ୍ଦ, ବାକ୍ୟାଂଶ, ଖଣ୍ଡବାକ୍ୟ ତାହାର ଶୀର୍ଷକ ଉପରେ ଆଧାରିତ ହୋଇଥାଏ । ସେମାନେ ଏହାକୁ ସିମୀତ କରିଥାନ୍ତି, ବୃଦ୍ଧି କରିଥାନ୍ତି, ବ୍ୟାଖ୍ୟା କରିଥାନ୍ତି ଏବଂ / କିମ୍ବା ପ୍ରଶ୍ନ କରିଥାନ୍ତି । ଉତ୍ତମଭାବେ ବିବରଣ କରିବାର ଚାବି ଏହା ଅଟେ କି ପ୍ରତ୍ୟେକ ଅନୁଚ୍ଛେଦକୁ ଲେଖିବାର ପଛରେ ଲେଖକଙ୍କ ଅଭିପ୍ରାୟକୁ ବୁଝିବା ଯେଉଁମାନଙ୍କର ଯୋଡ଼ିତରେ ବାଇବଲର ନିର୍ମାଣ ହୋଇଅଛି । ଏହି ଅଧ୍ୟୟନ ଟୀକ୍‌କା ଏଥିଯୋଗୁଁ ଲେଖାଗଲା ଯାହାଦ୍ୱାରା ବିଦ୍ୟାର୍ଥୀ ବିଭିନ୍ନ ଇଂରାଜୀ ଅନୁବାଦକୁ ପରସ୍ପରରେ ଅନୁବାଦ କରିପାରିବେ । ଏହି ଅନୁବାଦର ଚୟନ ଏଇଥିଯୋଗୁଁ କରାଗଲା କାରଣ ଏସବୁ ବିଭିନ୍ନ ପ୍ରଣାଳୀମାନଙ୍କଠାରୁ ଲେଖା ଯାଇଅଛି ।

୧. ୟୁନାଇଟେଡ଼ ବାଇବଲ ସୋସାଇଟିର ଗ୍ରୀକ୍ ମୂଳପାଠ ଚତୁର୍ଥ ସଂସ୍କରଣ ଅଟେ ୟୁବିଏସ୍ – ୪ । ଏହି ମୂଳପାଠ ନୂତନ ମୂଳପାଠ ଶାସ୍ତ୍ରଜ୍ଞମାନଙ୍କ ଦ୍ୱାରା ଅନୁଚ୍ଛେଦରେ ବିଭକ୍ତ କରାଗଲା ।

୨. ନ୍ୟୁ କିଙ୍ଗ୍ ଜେମ୍ସ ଭରସନ ପ୍ରତ୍ୟେକ ଶବ୍ଦର ସାହିତ୍ୟିକ ଅନୁବାଦରେ ଲେଖାଗଲା ଯାହା ଗ୍ରୀକ୍ ହସ୍ତଲେଖା ପରମ୍ପରା ଅଟେ । ଯାହା ଟେକ୍ସଟସ୍ ରିସେପଟସ୍ କହନ୍ତି ଉପରେ ଆଧାରିତ ଅଟେ । ଏହାର ଅନୁଚ୍ଛେଦ ବିଭାଜନ ଅନ୍ୟ ଅନୁବାଦ ଅପେକ୍ଷା ବଡ଼ ଅଟେ । ଏହି ବଡ଼ ଅନୁଚ୍ଛେଦ ବିଦ୍ୟାର୍ଥୀମାନଙ୍କୁ ସାହାଯ୍ୟ କରିଥାଏ କି ସେମାନେ ଯୋଡ଼ିତ ଥିବା ଶୀର୍ଷକକୁ ଦେଖିପାରନ୍ତି ।

୩. ନ୍ୟୁ ରିଭାଇସ୍‌ଡ୍ ଷ୍ଟାଣ୍ଡାର୍ଡ୍ ଭରସନ୍ ଗୋଟିଏ ନୂତନ ପ୍ରତ୍ୟେକ ଶବ୍ଦର ଅନୁବାଦ । ଏହା ଦୁଇ ଅନୁବାଦର ମଧ୍ୟବିନ୍ଦୁ ଉପରେ କେନ୍ଦ୍ରିତ ଅଟେ । ବିଷୟକୁ ଚିହ୍ନିବା ନିମନ୍ତେ ଏହାର ଅନୁଚ୍ଛେଦ ଅଧିକ ସହାୟକ ଅଟେ ।

୪. ଟୁଡ଼େସ ଇଂଗଲିସ୍ ଭରସନ୍ ୟୁନାଇଟେଡ୍ ବାଇବଲ ସୋସାଇଟିର ଶକ୍ତିଯୁକ୍ତ ସମାନତାର ପ୍ରକାଶନ ଅଟେ । ଏଥିରେ ବାଇବଲ ଏପ୍ରକାରେ ଅନୁବାଦ କରାଯାଇଛି କି ଆଜିର ଦିନର ଇଂରାଜୀ କହୁଥିବା ଲୋକେ ଗ୍ରୀକ୍ ମୂଳପାଠର ଅର୍ଥକୁ ବୁଝିପାରିବେ । ଅଧିକାଂଶ, ବିଶେଷରୂପେ, ସୁସମାଚାରରେ, ଏଠାରେ ଅନୁଚ୍ଛେଦକୁ ବକ୍ତା ଉପରେ ଆଧାରିତ ବିଷୟ ରୂପରେ ଆଧାରିତ ନୁହେଁ, ଠିକ୍ ସେହି ପ୍ରକାରେ ଯେଉଁ ପ୍ରକାରେ ଏନ୍. ଆଇ. ଭି. ରେ ଅଛି । ଅନୁବାଦର ଉଦ୍ଦେଶ୍ୟ ନିମନ୍ତେ ଏହା ସହାୟକ ନୁହେଁ । ଏହା ଆଶ୍ଚର୍ଯ୍ୟ ବିଷୟ କି ଉଭୟ ୟୁବିଏସ୍ ଏବଂ ଟିଇଭିକୁ ଗୋଟିଏ ପ୍ରକାଶନ ହିଁ ପ୍ରକାଶିତ କରିଛନ୍ତି କିନ୍ତୁ ତଥାପି ସେମାନଙ୍କ ଅନୁଚ୍ଛେଦ ବିଭାଜନ ଭିନ୍ନ ଅଟେ ।

୫. ନ୍ୟୁ ଯୀରୁଶାଲମ ବାଇବଲ ଫ୍ରାନ୍‌ସ କ୍ୟାଥଲିକ୍ ଅନୁବାଦ ଉପରେ ଆଧାରିତ ଗୋଟିଏ ଶକ୍ତିଯୁକ୍ତ ସମାନତାର ଅନୁବାଦ ଅଟେ ।

୬. ଛପା ହୋଇଥିବା ମୂଳପାଠ ୧୯୯୫ର ନ୍ୟୁ ଆମେରିକାନ୍ ଷ୍ଟାଣ୍ଡାର୍ଡ୍ ବାଇବଲର ଉନ୍ନତ ଅନୁବାଦ ଅଟେ । ଯାହା ପ୍ରତ୍ୟେକ ଶବ୍ଦର ଅନୁବାଦ ଅଟେ । ଏହାର ଅନୁଚ୍ଛେଦରେ ପ୍ରତ୍ୟେକ ପଦରେ ଟୀପ୍ପଣୀ କରାଯାଇଛି ।

**ତୃତୀୟ ସିଦ୍ଧାନ୍ତ :**

ତୃତୀୟ ସିଦ୍ଧାନ୍ତ ଏହା ଅଟେ କି ବାଇବଲର ବିଭିନ୍ନ ଅନୁବାଦକୁ ପଢ଼ିବା ଯାହାଦ୍ୱାରା ଏହାର ବିସ୍ତାରିତ ଅର୍ଥକୁ ବୁଝାଯାଇ ପାରିବ । ସାଧାରଣତଃ ଗ୍ରୀକ୍ ବାକ୍ୟାଂଶ ଏବଂ ଶବ୍ଦକୁ ଅନେକ ଅର୍ଥରେ ବୁଝାଯାଇପାରେ । ଆମ୍ଭମାନଙ୍କୁ ଗ୍ରୀକ୍ ହସ୍ତଲେଖାର ସେହି ବିଭିନ୍ନ ଅର୍ଥକୁ ବୁଝିବାରେ ଏହି ଅନୁବାଦ ସାହାଯ୍ୟ କରିଥାଏ । ଏସବୁ ଆମର ସିଦ୍ଧାନ୍ତକୁ ପ୍ରଭାବିତ କରେ ନାହିଁ କିନ୍ତୁ ପ୍ରେରଣା ପାଇଥିବା ବାସ୍ତବିକ ଲେଖକଙ୍କ ଦ୍ୱାରା ଲେଖାଯାଇଥିବା ଶବ୍ଦର ସଠିକ୍ ଅର୍ଥକୁ ବୁଝିବାରେ ଆମର ସହାୟତା କରିଥାଏ ।

ଏହି ଟୀକ୍‌କା ବିଦ୍ୟାର୍ଥୀମାନଙ୍କୁ ଅନୁବାଦକୁ ପରୀକ୍ଷା କରିବା ନିମନ୍ତେ ସାହାଯ୍ୟ କରେ । ଏହା ପୂର୍ଣ୍ଣ ଅନୁବାଦ ଏହା ନୁହେଁ ଏପରି ନୁହେଁ କିନ୍ତୁ ସୂଚିତ କରିବା ଏବଂ ଚିନ୍ତା କରିବାକୁ ପ୍ରେରଣା ଦାୟୀ ଅଟେ । ଅନ୍ୟ ଅନୁବାଦ ସବୁ ଆମ୍ଭମାନଙ୍କ ସାହାଯ୍ୟ କରନ୍ତି ଯାହାଦ୍ୱାରା ଆମେ ସଂକୁଚିତ, ସ୍ୱତଃସିଦ୍ଧ ଏବଂ ଜାତୀୟ ବିଚାରଧାରା ହୋଇ ନ ଯାଉ । ଅନୁବାଦକଙ୍କ ପାଖେ ଅନେକ ପ୍ରକାର ବିକଳ୍ପ ହେବା ଆବଶ୍ୟକ ଯେଉଁଥିରେ ସେ ଜାଣିପାରେ କି ପ୍ରାଚୀନ ଅନୁବାଦ କେତେ ଅନେକାର୍ଥକ ହୋଇପାରେ । ଏହା ଆଶ୍ଚର୍ଯ୍ୟର ବିଷୟକି ଖ୍ରୀଷ୍ଟିୟାନ ମାନଙ୍କ ମଧ୍ୟରେ କେତେ ଅଳ୍ପ ସହମତ ଅଛି ଯିଏ ବାଇବଲକୁ ଆପଣା ସତ୍ୟର ସ୍ରୋତ ମାନନ୍ତି । ପ୍ରାଚୀନ ଅନୁବାଦରେ ସଂଘର୍ଷ କରି ଏବଂ ଆପଣା ଐତିହାସିକ ସର୍ତ୍ତରେ ବିଜୟ ପାଇପାରୁ । ସେଇଥି ନିମନ୍ତେ ଏହି ସିଦ୍ଧାନ୍ତ ମୋର ସହାୟତା କରିଅଛି । ମୁଁ ଆଶା କରେ କି ଏହା ଆପଣଙ୍କ ନିମନ୍ତେ ମଧ୍ୟ ଏକ ଆଶୀର୍ବାଦର କାରଣ ହେବ ।

*ବୋବ୍ ଓଟଲି*
*ଇଷ୍ଟ ଟେକ୍ସାସ୍, ବାପ୍ତିଷ୍ଟ ୟୁନିଭରସିଟି*
*ଜୁନ୍ ୨୭, ୧୯୯୬*

## ବାଇବଲ ଅଧ୍ୟୟନ ନିମନ୍ତେ ମାର୍ଗଦର୍ଶନ :
## ପ୍ରମାଣିତ କରୁଥିବା ସତ୍ୟ ନିମନ୍ତେ ଏକ ବ୍ୟକ୍ତିଗତ ଅନୁସନ୍ଧାନ

କଣ ଆମେ ସତ୍ୟକୁ ଜାଣିପାରିବା ? ଏହା କେଉଁଠାରେ ମିଳେ ? କଣ ଏହାକୁ ଆମେ ତର୍କ ଅନୁସାରେ ପ୍ରମାଣିତ କରିପାରିବା ? କଣ କିଛି ଅନନ୍ତ ଶକ୍ତି ଅଛି, କଣ ଏମିତି କିଛି ପରମ ସତ୍ୟ ଅଛି ଯିଏ ଆମ୍ଭମାନଙ୍କ ଜୀବନ ଏବଂ ସଂସାରକୁ ମାର୍ଗଦର୍ଶନ କରିପାରେ ? କଣ ଜୀବନର କିଛି ଅର୍ଥ ଅଛି ? ଆମ୍ଭେ ଏଠାରେ କାହିଁକି ଅଛୁ ? ଆମ୍ଭେମାନେ କେଉଁଠାକୁ ଯାଉଅଛୁ ? ଏହା ବୁଦ୍ଧି ସଂଗତ ଲୋକମାନଙ୍କ ଦ୍ୱାରା ଗୁଣିତ ପ୍ରଶ୍ନ ଅଟେ ଯେଉଁମାନେ ଆରମ୍ଭରୁ ହିଁ ବୁଦ୍ଧିମାନ ଲୋକମାନଙ୍କୁ ଭୟଭୀତ କରିଅଛି (ଉପଦେଶକ - ୧:୧୩-୧୮ ; ୩:୯-୧୧) । ମୁଁ ଜୀବନର ମଧ୍ୟ ଅଂଶର ବ୍ୟକ୍ତିଗତ ସନ୍ଧାନକୁ ସ୍ମରଣ କରିପାରେ । ମୁଁ ଆପଣା ପରିବାରର ମୁଖ୍ୟ ସଦସ୍ୟଙ୍କ ସାକ୍ଷ୍ୟ ହେତୁ ଯୁବା ସମୟରେ ହିଁ ଜଣେ ଖ୍ରୀଷ୍ଟିୟ ବିଶ୍ୱାସୀ ହେଲି । ଯେତେବେଳେ ମୁଁ ବୟସ୍କ ହେଲି ତ ଆପଣା ଓ ସଂସାର ବିଷୟରେ ମଧ୍ୟ ପ୍ରଶ୍ନ ବଢ଼ିବାରେ ଲାଗିଲା । ସାଧାରଣ ସଂସ୍କୃତି ଏବଂ ଧାର୍ମିକ ଅନୁଷ୍ଠାନ ସେହି ଅର୍ଥକୁ ଆଣିପାରି ନାହାନ୍ତି ଯାହା ମୁଁ ପଢ଼ି ଓ ଅନୁଭବ କରିଥିଲି । ଏହା ଏହି ସମ୍ବେଦନହୀନ କୋଠର ସଂସାରରେ ମୋର ଦ୍ୱିଧା, ସନ୍ଧାନ, ଅଭିଳାଷା ଏବଂ ଆଶାହୀନତାର ଅନୁଭବ କରିବାର ସମୟ ଥିଲା ।

ଅନେକେ ଦାବି କରନ୍ତି କି ସେମାନଙ୍କ ପାଖରେ ଏସବୁ ପ୍ରଶ୍ନର ଉତ୍ତର ଅଛି କିନ୍ତୁ ଅନୁସନ୍ଧାନ ଏବଂ ଅଧ୍ୟୟନ ପରେ ମୁଁ ଜାଣିପାରିଲି ଯେ ସେମାନଙ୍କ ଉତ୍ତର ଏହିସବୁ ବିଷୟରେ ଆଧାରିତ ଥିଲା : (୧) ବ୍ୟକ୍ତିଗତ ଦର୍ଶନଶାସ୍ତ୍ର, (୨) ପ୍ରାଚୀନ କାହାଣୀ, (୩) ବ୍ୟକ୍ତିଗତ ଅନୁଭବ କିମ୍ବା (୪) ମନବୈଜ୍ଞାନିକ ପ୍ରବୃତି । ମୋତେ ଆବଶ୍ୟକ ଥିଲା କେତେକ ପ୍ରମାଣ ଓ ଯୁକ୍ତିଯୁକ୍ତତା ବିଷୟ ଯେଉଁଥିରେ ମୁଁ ଆପଣା ସାଂସାରିକ ଦୃଷ୍ଟିକୋଣ, ଅଂଶରେ ନିର୍ମିତ ମୋର ଜୀବନ ଏବଂ ବଞ୍ଚିବାର କାରଣକୁ ଆଧାରିତ କରିପାରନ୍ତି ।

ମୁଁ ଏସବୁକୁ ମୋର ବାଇବଲ ଅଧ୍ୟୟନରେ ପ୍ରାପ୍ତ କଲି । ମୁଁ ଏହି ବିଶ୍ୱସ୍ତତାର ପ୍ରମାଣକୁ ଖୋଜିବାରେ ଲାଗିଲି । ଯାହା ମୋତେ ଏହି ସ୍ଥାନରେ ମିଳିଲା (୧) ବାଇବଲର ଐତିହାସିକ ବିଶ୍ୱସ୍ତତା ପୁରାତତ୍ତ୍ୱ ଦ୍ୱାରା ପ୍ରମାଣ, (୨) ପୁରାତନ ନିୟମର ଭାବବାଣୀର ପୂର୍ଣ୍ଣତା, (୩) ବାଇବଲର ୧୬୦୦ ବର୍ଷର ଲିଖନିରେ ମଧ୍ୟ ବାଇବଲର ସନ୍ଦେସରେ ଏକତା, ଏବଂ (୪) ସେହିମାନଙ୍କର ବ୍ୟକ୍ତିଗତ ଜୀବନର ସାକ୍ଷ୍ୟ ଯାହାଙ୍କ ଜୀବନ ବାଇବଲ ସଂପର୍କରେ ଆସିବାଦ୍ୱାରା ସଂପୂର୍ଣ୍ଣ ରୂପେ ବଦଳିଗଲା । ବିଶ୍ୱାସ ଓ ଭରସାର ମିଶ୍ରଣ ଶକ୍ତି ହେତୁ ଖ୍ରୀଷ୍ଟିୟାନରେ ସେହି ସାମର୍ଥ ଅଛି କି ସେ ମଣିଷ ଜୀବନର ଜଟିଳ ପ୍ରଶ୍ନର ଉତ୍ତର ମଧ୍ୟ ଦେଇପାରେ । କେବଳ ଏହା ଯେ ଏକ ଜ୍ଞାନ ସଂଗତ କାର୍ଯ୍ୟକୁ ପ୍ରଦାନ କଲା ତାହା ନୁହେଁ, ମାତ୍ର ବାଇବଲିୟ ବିଶ୍ୱାସର ଏକ ଅନୁଭୂତି ରୂପ ଯାହା ମୋ ନିମନ୍ତେ ଭାବପ୍ରବଣ ଆନନ୍ଦ ଓ ସ୍ଥିରତାକୁ ଆଣିଦେଲା ।

ମୁଁ ଭାବିଲି ଯେ ମୁଁ ମୋର ଜୀବନର ମଧ୍ୟ ଅଂଶକୁ ପ୍ରାପ୍ତ କଲି - ଖ୍ରୀଷ୍ଟ, ଯେପରି ବାକ୍ୟରୁ ବୁଝାଯାଇପାରେ । ଏହା ଗୋଟିଏ ଚିନ୍ତାଶୀଳ ଅନୁଭୂତି ଏବଂ ଭାବାତ୍ମକ ମୁକ୍ତି । ମୁଁ ଏବେ ମଧ୍ୟ ସେହି ଆଘାତ ଏବଂ ଯନ୍ତ୍ରଣାକୁ ସ୍ମରଣ କରେ ଯେତେବେଳେ ଗୋଟିଏ ମଣ୍ଡଳୀ ଏବଂ ବିଚାର ଥିବା ବିଦ୍ୟାଳୟରୁ ଭିନ୍ନ ଭିନ୍ନ ଅନୁବାଦର ସମର୍ଥନ କରୁଥିଲେ । ବାଇବଲର ପ୍ରେରଣା ଏବଂ ବିଶ୍ୱସ୍ତତାକୁ ପ୍ରମାଣ କରିବା ଶେଷ ନୁହେଁ ମାତ୍ର କେବଳ ଗୋଟିଏ ଆରମ୍ଭ । ମୁଁ କେଉଁପ୍ରକାରେ ବାଇବଲକୁ କ୍ଷମତା ଓ ବିଶ୍ୱସ୍ତତା ବୁଝିବି । ଲୋକମାନଙ୍କ ଦ୍ୱାରା ବାଇବଲର କଠିନ ଅଂଶକୁ ପରସ୍ପରରେ ଲଢୁଥିବା ଅନୁବାଦକୁ ଗ୍ରହଣ କରିପାରେ କିମ୍ବା ସେମାନଙ୍କ ଅଗ୍ରାହ୍ୟ କରିପାରେ ?

ଏହି କାର୍ଯ୍ୟ ମୋ ଜୀବନର ଲକ୍ଷ୍ୟ ଏବଂ ମୋ ବିଶ୍ୱାସର ତୀର୍ଥସ୍ଥାନ ହୋଇଗଲା । ମୁଁ ଜାଣେ କି ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବାର କାରଣ (୧) ମୋ ଜୀବନରେ ଅଗମ୍ୟ ଶାନ୍ତି ଓ ଆନନ୍ଦକୁ ଆଣିଦେଲା । ମୋର ସଂସ୍କୃତି ମଧ୍ୟରେ ମୋର ମନ କୌଣସି ଏକ ପରିପୂରକର ସନ୍ଧାନରେ ଥିଲା । (୨) ବିବାଦସ୍ପଦ ସାଂସାରିକ ଧାର୍ମିକ ପ୍ରଣାଳୀର ସ୍ୱତଃସିଦ୍ଧତା, (୩) ଧର୍ମଗୋଷ୍ଠୀୟ ଗର୍ବ । ପ୍ରାଚୀନ ଲିଖନିର ପ୍ରମାଣିତ ଅନୁବାଦ ବିଧିର ତଲାସ ମୋତେ ଆପଣା ଐତିହାସିକ, ସାଂସ୍କୃତିକ, ଜାତୀୟ ଏବଂ ଅନୁଭୂତିର ପକ୍ଷପାତକୁ ବୁଝିବାରେ ସାହାଯ୍ୟ କଲା । ଅନେକ ଥର ମୁଁ ଆପଣାର ହିଁ ମତକୁ ରଖିବା ନିମନ୍ତେ ବାଇବଲ ଅଧ୍ୟୟନ କରୁଥିଲି । ମୁଁ ଅନ୍ୟମାନଙ୍କୁ ପ୍ରହାର କରିବା ନିମନ୍ତେ ଏହାର ପ୍ରୟୋଗ ସ୍ୱତଃଧର୍ମ ରୂପେ ଓ ତା ସହିତ ଆପଣା ଅସ୍ୱରକ୍ଷା ଓ ଅପର୍ଯ୍ୟାପ୍ତକୁ ପ୍ରମାଣିତ କରୁଥିଲି । ଏହାକୁ ବୁଝିବା ମୋ ନିମନ୍ତେ କେତେ କଷ୍ଟକର ଥିଲା ଯଦ୍ୟପି ମୁଁ କେବେହେଲେ ବାସ୍ତବ ହୋଇପାରିବି ନାହିଁ କିନ୍ତୁ କେବଳ ବାଇବଲର ଜଣେ ଉତ୍ତମ ପାଠକ ହୋଇପାରିବି । ମୁଁ ମୋର ପକ୍ଷପାତକୁ ଚିହ୍ନି ଏବଂ ସେମାନଙ୍କ ଉପସ୍ଥିତିକୁ ବୁଝି ତାହାକୁ ସୀମିତ କରିପାରେ । ମୁଁ ବର୍ତ୍ତମାନ ମଧ୍ୟ ସେମାନଙ୍କ ଠାରୁ ସ୍ୱତନ୍ତ୍ର ନୁହେଁ କିନ୍ତୁ ମୁଁ ମୋର ଦୁର୍ବଳତାର ସମ୍ମୁଖୀନ କରିଅଛି । ଅଧିକାଂଶରେ ଜଣେ ଅନୁବାଦକ ହିଁ ବାଇବଲର ସବୁଠାରୁ ଖରାପ ଶତ୍ରୁ ହୋଇଥାଏ ।

ମୁଁ ଆପଣା ପୂର୍ବଧାରଣାର ସୂଚୀ ଯାହା ବାଇବଲ ପଢ଼ିବା ସମୟରେ ମୋ ମନରେ ଥିଲା ତାହାକୁ ଆଣିବାକୁ ଚାହେଁ ଯାହା ଦ୍ୱାରା ଆପଣ, ପାଠକ, ନିଜକୁ ପରୀକ୍ଷା କରିପାର ।

### I - ପୂର୍ବଧାରଣା

କ. ମୁଁ ବିଶ୍ୱାସ କରେ ବାଇବଲ ଗୋଟିଏ ସତ୍ୟ ଈଶ୍ୱରଙ୍କୁ ନିଜେ ପ୍ରକାଶ କରିବା ନିମନ୍ତେ ସ୍ୱଂୟ ପ୍ରକାଶନ ଅଟେ । ତେଣୁ ଏହାର ଅନୁବାଦ ଏହାର ବାସ୍ତବିକ ଈଶ୍ୱରୀୟ ଲେଖକ (ପବିତ୍ର ଆତ୍ମା) ଙ୍କ ଉଦ୍ଦେଶ୍ୟର ପ୍ରକାଶରେ ତଥା ମଣିଷ ଲେଖକଙ୍କ ଐତିହାସିକ ପରିସ୍ଥିତିରେ ହେବା ଆବଶ୍ୟକ ।

ଖ. ମୁଁ ବିଶ୍ୱାସ କରେ ବାଇବଲ ସାଧାରଣ (ସମସ୍ତ) ଲୋକଙ୍କ ନିମନ୍ତେ ଲେଖାଯାଇଅଛି । ଈଶ୍ୱର ଆମ୍ଭମାନଙ୍କୁ ସ୍ପଷ୍ଟରୂପେ କଥନ କରିବା ନିମନ୍ତେ ନିଜକୁ ଐତିହାସିକ ଏବଂ ସାଂସ୍କୃତିକ ଢାଞ୍ଚାରେ ରଖିଲେ । ଈଶ୍ୱର କେବେହେଲେ ସତ୍ୟକୁ ଲୁଚାନ୍ତି ନାହିଁ କିନ୍ତୁ ସେ ଚାହାନ୍ତି ଯେ ଆମ୍ଭେମାନେ ସେ ସବୁ ବୁଝିବା । ଏଣୁ ତାହାକୁ ତାହାଙ୍କ ଦିବସର ପ୍ରକାଶରେ ହିଁ ଅନୁବାଦ କରାଯାଉଁ କିନ୍ତୁ ଆମ୍ଭର ନୁହେଁ । ବାଇବଲ

ଆମ୍ଭମାନଙ୍କ ନିମନ୍ତେ ସେହି ଅର୍ଥ ହେବା ଉଚିତ୍ ନୁହେଁ ଯାହା ସର୍ବ ପ୍ରଥମେ ପଢ଼ିବା ଏବଂ ଶୁଣିବା ଲୋକମାନଙ୍କ ପାଖେ  ନଥିଲା । ଏହା ସାଧାରଣ ଲୋକମାନଙ୍କର ବୁଦ୍ଧିରେ ବୁଝାଯାଇ ପାରିବ କାରଣ ଏହା ସାଧାରଣ ମଣିଷର ଭାଷା ଓ ବିଧିରେ ଲେଖାଯାଇଅଛି ।

ଗ. ମୁଁ ବିଶ୍ୱାସ କରେ ବାଇବଲରେ  ଗୋଟିଏ ସନ୍ଦେସ ଏବଂ ଉଦ୍ଦେଶ୍ୟ ରହିଛି । ଯଦ୍ୟପି ଏଠାରେ କଠିନ ଲିଖିତ ଅଂଶ ରହିଛି ତଥାପି ଏହା କେବେହେଲେ ନିଜର ବିରୋଧ କରେ ନାହିଁ । ଏଇଥି ଯୋଗୁଁ ବାଇବଲ ନିଜେ ବାଇବଲର ଉତ୍ତମ ଅନୁବାଦକ ।

ଘ. ମୁଁ ବିଶ୍ୱାସ କେର ଭବିଷ୍ୟତବାଣୀକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଅଂଶର ଗୋଟିଏ ହିଁ ଅର୍ଥ ରହିଛି ଯାହା ପ୍ରେରଣା ପ୍ରାପ୍ତି ଓ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟରେ ଆଧାରିତ ଅଟେ । ଆମେ କେବେହେଲେ ବାସ୍ତବିକ ଲେଖକଙ୍କ ସଂପୂର୍ଣ୍ଣ ଉଦ୍ଦେଶ୍ୟକୁ ଜାଣିପାରିବା ନାହିଁ, ଜାଣିବା ନିମନ୍ତେ କେତେକ ନିର୍ଦ୍ଦେଶ :

୧. ସଂଦେଶକୁ ପ୍ରକାଶ କରିବାରେ କେଉଁପ୍ରକାର ଲିଖନିର ପ୍ରୟୋଗ କରାଯାଇଛି ।

୨. ଐତିହାସିକ ଘଟଣା ବା ବିଶେଷ ଘଟଣା ଯେଉଁଥିରେ ଲେଖାର ଉତ୍ପନ୍ନ ହୋଇଅଛି ।

୩. ସଂପୂର୍ଣ୍ଣ ପୁସ୍ତକ ଏବଂ ଲିଖିତ ସାହିତ୍ୟିକ ଅଂଶର ସାହିତ୍ୟିକ ସମ୍ବନ୍ଧିୟ ପରିମାପ ।

୪. ସାହିତ୍ୟିକ ଅଂଶର ମୂଳପାଠ ରଚନା ଯାହା ସଂପୂର୍ଣ୍ଣ ସଂନ୍ଦେସକୁ ବର୍ଣ୍ଣନା କରେ ।

୫. ସଂନ୍ଦେଶକୁ  ଯୋଗାଯୋଗ କରିବା ନିମନ୍ତେ ବିଶେଷ ବ୍ୟାକରଣର ପ୍ରୟୋଗ କରାଯାଇଅଛି ।

୬. ସଂନ୍ଦେଶକୁ ଉପସ୍ଥିତ କରିବା ନିମନ୍ତେ କେଉଁ ଶବ୍ଦର ପ୍ରୟୋଗ କରାଯାଇଅଛି ।

୭. ସମାନ୍ତର ଅନୁଚ୍ଛେଦ ।

ଏହି ସମସ୍ତ ବିଷୟର ଅଧ୍ୟୟନ କରିବା ଏହି ଲିଖନିର ଅଧ୍ୟୟନର ଉଦ୍ଦେଶ୍ୟ ଅଟେ । ଏଥି ପୂର୍ବେ କି ମୁଁ ବାଇବଲ ପଠନର ଉତ୍ତମ ବିଧିକୁ କହିବି । ମୁଁ ଆଜିକାଲି ପ୍ରୟୋଗରେ ଅଣାଯିବା ଭୁଲ ନିୟମକୁ ଉଲ୍ଲେଖ କରିବାକୁ ଚାହେଁ ଯେଉଁମାନେ ଅନୁବାଦରେ ଭିନ୍ନତାକୁ ଉତ୍ପନ୍ନ କରିଅଛନ୍ତି ଏବଂ ଏହାକୁ ପ୍ରୟୋଗରେ ଆଣିବା ଅନୁଚିତ ଅଟେ ।

## II - ଅନୁପଯୁକ୍ତ ପ୍ରଣାଳୀ

୧. ବାଇବଲର ସଂପୂର୍ଣ୍ଣ ସାହିତ୍ୟ ପ୍ରସଙ୍ଗକୁ ବାଦ୍‌ଦେଲେ ଗୋଟିଏ ବାକ୍ୟ, ବାକ୍ୟାଂଶ କିମ୍ବା ଶବ୍ଦକୁ ସତ୍ୟ ରୂପରେ ପ୍ରୟୋଗ କରିବା ଯାହା ଲେଖକ ଏବଂ ପୂର୍ଣ୍ଣ ପ୍ରସଙ୍ଗର ଉଦ୍ଦେଶ୍ୟ ନ ହେଉ । ଏହାକୁ "ପ୍ରମାଣିତ-ମୂଳପାଠ" କହନ୍ତି ।

୨. ବାଇବଲର ଐତିହାସିକ ଆଧାରକୁ ଉପେକ୍ଷା କରିବା ଏବଂ କାଳ୍ପନିକ ଇତିହାସ ଯାହାକୁ ମୂଳପାଠ କିମ୍ବା ଅଳ୍ପ ବା ବିଲ୍‌କୁଲ ପ୍ରମାଣିତ କରେ ନାହିଁ ।

୩. ବାଇବଲର ଐତିହାସିକ ଆଧାରକୁ ଅଗ୍ରାହ୍ୟ କରିବା ଏବଂ ତାହାକୁ ସକାଳର ଖବର ସଦୃଶ୍ୟ ପଢ଼ିବା ଯେପରି ତାହା ପ୍ରାଥମିକ ଭାବେ ନୂତନ ଯୁଗର ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଲେଖାଯାଇଅଛି ।

୪. ବାଇବଲର ଐତିହାସିକ ଆଧାରକୁ ଅଗ୍ରାହ୍ୟ କରିବା ଏବଂ ରୂପକ କଥା ଦ୍ୱାରା ମୂଳପାଠକୁ ଦର୍ଶନଶାସ୍ତ୍ରୀୟ / ଧର୍ମଶିକ୍ଷା ରୂପରେ ବାକ୍ୟକୁ ପ୍ରକାଶ କରିବା ଯାହା ପ୍ରଥମ ପାଠକ ଏବଂ ଲେଖକଙ୍କ ଉଦ୍ଦେଶ୍ୟ ସହିତ ମେଳ ହେଉ ନ ଥିବ ।

୫. ବାସ୍ତବିକ ସନ୍ଦେଶକୁ ଅଗ୍ରାହ୍ୟ କରି ନିଜର ହିଁ ଈଶ୍ୱରଶାସ୍ତ୍ର, ସିଦ୍ଧାନ୍ତ, ଏବଂ ବର୍ତ୍ତମାନ ଘଟଣା ବିଷୟରେ ହିଁ ଶିଖିବା ଯାହା ପ୍ରକୃତ ଲେଖକ ଏବଂ ଦିଆଯାଇଥିବା ସନ୍ଦେଶ ରେ ମେଳ ହେଉ ନ ଥିବ । ଏହି ବିଷୟ ସେତେବେଳେ ହୋଇଥାଏ ଯେତେବେଳେ ବକ୍ତା ଆପଣା ଅଧିକାର କୁ ପ୍ରମାଣ କରିବା ନିମନ୍ତେ ବାଇବଲ ପଢ଼େ । ଏହାକୁ "ପାଠକଙ୍କ ପ୍ରତିଉତ୍ତର" ରୂପେ ଜଣା ଯାଏ । (ଏହି ମୂଳପାଠ ମୋ ନିମନ୍ତେ କଣ ଅର୍ଥ) ।

ପ୍ରତ୍ୟେକ ମାନବ ରଚିତ ଲେଖାରେ ତିନୋଟି ଅଂଶ ମିଳିଥାଏ ।

**ପ୍ରକୃତ ଲେଖକଙ୍କ ଉଦ୍ଦେଶ୍ୟ** — **ଲିଖିତ ମୂଳପାଠ** — **ବାସ୍ତବିକ ପ୍ରାପ୍ତକର୍ତ୍ତା**

ପୂର୍ବ ଅଧ୍ୟୟନ ପ୍ରଣାଳୀ ତିନୋଟି ମଧ୍ୟରୁ ଗୋଟିଏ ବିଷୟ ଉପରେ କେନ୍ଦ୍ରିତ ଥିଲା । ଯଦି ପ୍ରକୃତରେ ଅତୁଳନୀୟ ପ୍ରେରଣାତ୍ମକ ବାଇବଲକୁ ପ୍ରମାଣିତ କରେ ତେବେ ନୂତନ ନକ୍ସା ଅଧିକ ଠିକ୍ ରହିବ ।

**ପବିତ୍ର ଆତ୍ମା** / **ପ୍ରକୃତ ଲେଖକଙ୍କ ଉଦ୍ଦେଶ୍ୟ** — **ହସ୍ତଲେଖା ଭିନ୍ନତା** / **ଲିଖିତ ମୂଳପାଠ** — **ପଶ୍ଚାତ ବିଶ୍ୱାସିଗଣ** / **ବାସ୍ତବିକ୍ ପ୍ରାପ୍ତକର୍ତ୍ତା**

ସତ୍ୟତାରେ ଏହି ତିନି ଅଂଶ ଅନୁବାଦ ପ୍ରଣାଳୀରେ ସମ୍ମିଳିତ ହେବା ଉଚିତ୍ ।

ପ୍ରମାଣିକତାର ଉଦ୍ଦେଶ୍ୟରୁ ମୋର ଅନୁବାଦ ଆରମ୍ଭରେ ଦୁଇ ଅଂଶରେ କେନ୍ଦ୍ରିତ :- ବାସ୍ତବିକ ଲେଖକ ଏବଂ ମୂଳପାଠ । ଯାହା ମୁଁ ଦେଖିଅଛି ସେହି ଅପବ୍ୟବହାର ର ବିରୋଧ କରୁଅଛି । (୧) ମୂଳପାଠକୁ ରୂପକ କାହାଣୀ ଏବଂ ଆତ୍ମିକ କଥାରେ ପରିଣତ କରିବା । (୨) ପାଠକର ପ୍ରତିଉତ୍ତର (ଏହି ମୂଳପାଠର ମୋ ହସିତ କଣ ଅର୍ଥ) । ଅପବ୍ୟବହାର ଯେକୌଣସି ସ୍ତରରେ ମଧ୍ୟ ହୋଇପାରେ । ଆମ୍ଭେମାନେ

ସର୍ବଦା ଆପଣାର ଉଦ୍ଦେଶ୍ୟ, ପକ୍ଷ୍ୟ, ପ୍ରଣାଳୀ ଏବଂ ବ୍ୟବହାରିକତାକୁ ପରୀକ୍ଷା କରିବା ଆବଶ୍ୟକ । ଏହାକୁ ଆମେ କେମିତି ପରୀକ୍ଷା କରିବା, ଯଦି ଅନୁବାଦ କରିବାର କୌଣସି ସୀମା ନ ଥାଏ ? ବାସ୍ତବିକ ଲେଖକ ଏବଂ ମୂଳପାଠର ଉଦ୍ଦେଶ୍ୟ ହିଁ ମୋତେ ଅନୁବାଦର ସୀମା ରଖିବାରେ ସାହାଯ୍ୟ କରେ ।

ଏହି ଅନୁପଯୁକ୍ତ ପ୍ରଣାଳୀର ପ୍ରକାଶରେ ଉତ୍ତମ ବାଇବଲ ଅଧ୍ୟୟନ ଏବଂ ଅନୁବାଦର କେଉଁ ପ୍ରଣାଳୀ ହୋଇପାରେ ଯିଏ ପ୍ରମାଣିକତା ଓ ଦୃଢ଼ତାକୁ ଆଣିପାରେ ।

**III ଉତ୍ତମ ବାଇବଲ ଅଧ୍ୟୟନର ସାମ୍ଭାବ୍ୟ ପନ୍ଥା**

ଏଠାରେ ମୁଁ ବିଶେଷ ବାଇବଲ ଅନୁବାଦ ବିଷୟରେ ଆଲୋଚନା କରୁ ନାହିଁ କିନ୍ତୁ ସାଧାରଣ ଅନୁବାଦ ସିଦ୍ଧାନ୍ତ ବିଷୟରେ କହୁଅଛି ଯାହା ସବୁପ୍ରକାର ସାହିତ୍ୟ ଅନୁବାଦରେ ସହାୟତା କରିପାରେ । ବିଭିନ୍ନ ପ୍ରକାର ଲେଖାର ଅନୁବାଦ କିପରି କରାଯାଏ ଏ ବିଷୟରେ ଗୋର୍ଡ଼ନ ଫି ଏବଂ ଡୋଗଲାସ୍ ଷ୍ଟୁଆର୍ଟଙ୍କ "ହାଉ ଟୁ ରିଡ୍ ଦା ବାଇବଲ ଫର୍ ଇଟସ୍ ୱର୍ଦ" ପୁସ୍ତକ ଉତ୍ତମ ଅଟେ ।

ମୋ ଆନୁସାରେ ଆରମ୍ଭରେ ଆପଣ ପବିତ୍ର ଆତ୍ମାଙ୍କୁ କାର୍ଯ୍ୟ କରିବାକୁ ଦିଅନ୍ତୁ ଆଉ ସେ ସାହିତ୍ୟର ଚାରି ଅଧ୍ୟୟନ କ୍ରମକୁ ବୁଝିବାରେ ଆପଣଙ୍କ ସାହାଯ୍ୟ କରିବେ । ଏହା ପବିତ୍ର ଆତ୍ମା, ମୂଳପାଠ, ଏବଂ ପାଠକଙ୍କୁ ପ୍ରାଧାନ୍ୟ ଦିଏ, ଅପ୍ରାଧାନ୍ୟ ନୁହେଁ । ଟୀକ୍କା ଉପରେ ପୂର୍ଣ୍ଣ ଆଶ୍ରିତ ନ ହେବା ନିମନ୍ତେ ଏହା ପାଠକଙ୍କୁ ମଧ୍ୟ ସାହାଯ୍ୟ କରିଥାଏ । ମୁଁ ଏହି ପ୍ରକାରେ କୁହାଯିବା ଶୁଣି ଅଛି "ବାଇବଲ ଟୀକ୍କା ଉପରେ ଆଲୋକ ଦେଇଥାଏ" । ଏହାର ଅର୍ଥ ଏହା ନୁହେଁ କି ମୁଁ ଅଧ୍ୟୟନ ସହାୟକ ସାମଗ୍ରିର ସମାଲୋଚନା କରୁଅଛି ମାତ୍ର ମୁଁ ବିନତୀ କରିବାକୁ ଚାହେଁ କି ତାହାର ପ୍ରୟୋଗ ଉଚିତ ସମୟରେ କରନ୍ତୁ ।

ଆମ୍ଭମାନଙ୍କ ପାଖରେ ଆପଣା ଅନୁବାଦକୁ ମୂଳପାଠାରୁ ପ୍ରମାଣିତ କରିବାର କ୍ଷମତା ହେବା ଆବଶ୍ୟକ । ତିନୋଟି କ୍ଷେତ୍ର ଅତିକମ୍‌ରେ ସୀମିତ ପ୍ରମାଣିକତାକୁ ପ୍ରଦାନ କରନ୍ତି ।

୧. ବାସ୍ତବିକ ଲେଖକଙ୍କ

କ. ଐତିହାସିକ ପଚ୍ଚଭୂମି

ଖ. ସାହିତ୍ୟିକ ପ୍ରସଙ୍ଗ

୨. ବାସ୍ତବିକ ଲେଖକଙ୍କ ବିକଳ୍ପ

କ. ବ୍ୟାକରଣ ରଚନା

ଖ. ସମକାଳିନ କାର୍ଯ୍ୟ ପ୍ରୟୋଗ

ଗ. ଲିଖନ ବିଧି

୩. ଉପଯୁକ୍ତରେ ଆମର ଚିହ୍ନଟ ।

କ. ସାଦୃଶ୍ୟ ସାହିତ୍ୟ

ଖ. ସିଦ୍ଧାନ୍ତ ମଧ୍ୟରେ ସଂପର୍କ

ଆମ୍ଭମାନଙ୍କୁ ଆପଣା ଆନୁବାଦର ପଛରେ ଥିବା କାରଣ ଓ ସ୍ୱାଭାବିକତାକୁ ପ୍ରମାଣିତ କରିବାର କ୍ଷମତା ରହିବା ଆବଶ୍ୟକ । ବିଶ୍ୱାସ ଏବଂ ପ୍ରୟୋଗ ନିମନ୍ତେ ବାଇବଲ ହିଁ ଆମ୍ଭମାନଙ୍କର ଏକମାତ୍ର ସ୍ରୋତ ଅଟେ । ଦୁଃଖର ବିଷୟ କି ଖ୍ରୀଷ୍ଟିୟାନ ଲୋକ ଏହାର ଶିକ୍ଷା ଏବଂ ପ୍ରମାଣିକତାର ଅଗ୍ରାହ୍ୟ କରନ୍ତି । ଏହା ନିଜକୁ ହିଁ ହରାଇବା କଥା ଅଟେ । ବିଶ୍ୱାସି ବାଇବଲକୁ ପ୍ରେରଣା ପାଇଥିବା କହନ୍ତି କିନ୍ତୁ ଏହାର ଶିକ୍ଷା ଏବଂ ଆବଶ୍ୟକତାକୁ ଅଗ୍ରାହ୍ୟ କରନ୍ତି ।

ଚାରି ଅଧ୍ୟୟନ ଚକ୍ର ଯାହା ଅନୁବାଦରେ କାର୍ଯ୍ୟରେ ଆଲୋକିତ କରିବାରେ ରଚିତ ହୋଇଛି ।

କ. ପ୍ରଥମ ଅଧ୍ୟୟନ ଚକ୍ର

୧. ଏକା ଥରେ ପୁସ୍ତକକୁ ପଢ଼ିବା । ପୁଣି ତାକୁ ଦ୍ୱିତୀୟ ଅନୁବାଦରେ ପଢ଼ିବା ।

କ. ପ୍ରତ୍ୟେକ ଶବ୍ଦର ଅନୁବାଦ (ନ୍‌କେଜେଭି, ଏନ୍ ଏ ଏସ୍ ବି, ଏମ୍ ଆର୍ ଏସ୍ ଭି)

ଖ. ଶକ୍ତିଯୁକ୍ତ ସମାନତା (ଟିଇବି. ଜେବି),

ଗ. ଭାବାନୁବାଦ (ଲିଭିଙ୍ଗ ବାଇବଲ, ଏମ୍ପ୍ଲିଫାଏଡ୍ ବାଇବଲ)

୨. ସଂପୂର୍ଣ୍ଣ ଲେଖାର କେନ୍ଦ୍ରିୟ ଉଦ୍ଦେଶ୍ୟକୁ ଖୋଜନ୍ତୁ । କେନ୍ଦ୍ରିୟ ବିଷୟକୁ ଚିହ୍ନନ୍ତୁ ।

୩. ସାହିତ୍ୟ ଅଂଶ ପୃଥକ କରନ୍ତୁ ଯେପରି - ଅଧ୍ୟାୟ, ଅନୁଚ୍ଛେଦ, ବାକ୍ୟ ଯାହା ସ୍ପଷ୍ଟ ରୂପେ ଉଦ୍ଦେଶ୍ୟ ବା ବିଷୟକୁ ପ୍ରକାଶ କରିଥାଏ ।

୪. ବିଶିଷ୍ଟ ସାହିତ୍ୟ ଲେଖା ପ୍ରଣାଳୀକୁ ଚିହ୍ନନ୍ତି ।

କ. ପୁରାତନ ନିୟମ

(୧) ଏବ୍ରୀୟ ବୃତାନ୍ତ

(୨) ଏବ୍ରୀୟ କାବ୍ୟ (ବୁଦ୍ଧି ସାହିତ୍ୟ, ଗୀତ ସଂହିତା)

(୩) ଏବ୍ରୀ ଭବିଷ୍ୟତବାଣୀ

(୪) ବ୍ୟବସ୍ଥା ନିୟମ

ଖ. ନୂତନ ନିୟମ

(୧) ବୃତାନ୍ତ (ସୁସମାଚାର, ପ୍ରେରିତ)

(୨) ଦୃଷ୍ଟାନ୍ତ

(୩) ପତ୍ର

(୪) ଭବିଷ୍ୟ ସୂଚକ ସାହିତ୍ୟ

ଖ. ଦ୍ୱିତୀୟ ଅଧ୍ୟୟନ ଚକ୍ର

୧. ମୂଖ୍ୟ ଶୀର୍ଷକ କିମ୍ବା ବିଷୟକୁ ଚିହ୍ନିବା ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ପୁସ୍ତକକୁ ପୁଣି ଥରେ ପଢ଼ନ୍ତୁ ।

୨. ମୂଖ୍ୟ ଶୀର୍ଷକକୁ ଲେଖନ୍ତୁ ଏବଂ ତାହାର ଲିଖିତ ସାମଗ୍ରିକୁ ସାଧାରଣ ବାକ୍ୟରେ ଲେଖନ୍ତୁ ।

୩. ଆପଣା ଉଦ୍ଦେଶ୍ୟ ବାକ୍ୟକୁ ପରୀକ୍ଷା କରନ୍ତୁ ଏବଂ ସଂକ୍ଷିପ୍ତ ବିବରଣୀକୁ ଜାଣନ୍ତୁ ।

ଗ. ତୃତୀୟ ଅଧ୍ୟୟନ ଚକ୍ର

୧. ପୂର୍ଣ୍ଣ ପୁସ୍ତକକୁ ପୁଣି ଥରେ ପଢ଼ନ୍ତୁ ଏବଂ ତାର ଐତିହାସିକ ଗଠନକୁ ଏବଂ ଲେଖାର ପୃଷ୍ଠପଟର ପରିସ୍ଥିତିକୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ ।

୨. ଐତିହାସିକ ବସ୍ତୁ ଯାହା  ପୁସ୍ତକରେ ଉଲ୍ଲେଖିତ ତାହାକୁ ଚିହ୍ନନ୍ତୁ ଓ ଲେଖନ୍ତୁ

କ. ଲେଖକ

ଖ. ତାରିଖ

ଗ. ପ୍ରାପ୍ତକର୍ତ୍ତା

ଘ. ଲେଖିବାର ଉଦ୍ଦେଶ୍ୟ

ଘ. ଲେଖିବାର ଉଦ୍ଦେଶ୍ୟ

ଙ. ଲେଖିବାର ଉଦ୍ଦେଶ୍ୟର ସାଂସ୍କୃତିକ ଗଠନ

ଚ. ଐତିହାସିକ ଲୋକ ଓ ଘଟଣା ବିଷୟରେ ଲେଖା

୩. ଆପଣ ଯେଉଁ ପୁସ୍ତକର ଅନୁବାଦ କରିବାକୁ ଚାହାନ୍ତି ତାହାର ରୂପ ରେଖାକୁ

ଅନୁଚ୍ଛେଦ ରୂପରେ ବିସ୍ତାର କରନ୍ତୁ । ସାହିତ୍ୟ ଲେଖାକୁ ସର୍ବଦା ଚିହ୍ନନ୍ତୁ । ବୋଧହୁଏ ଏହା ଅନେକ ଅନୁଚ୍ଛେଦ ଏବଂ ଅଧ୍ୟାୟ ହୋଇପାରେ । ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟ ଏବଂ ଲିଖନ ପ୍ରଣାଳୀକୁ ବୁଝିବାରେ ଏହା ଆପଣଙ୍କୁ ସାହାଯ୍ୟ କରେ ।

୪. ଅଧ୍ୟୟନ ସାମଗ୍ରିର ସହାୟତାରେ ଐତିହାସିକ ପଟ୍ଟଭୂମିକୁ ପରୀକ୍ଷା କରନ୍ତୁ ।

ଘ. ଚତୁର୍ଥ ଅଧ୍ୟନ ଚକ୍ର

୧. ବିଭିନ୍ନ ଅନୁବାଦରେ ସାହିତ୍ୟ ଭାଗକୁ ବାରମ୍ବାର ପଢ଼ନ୍ତୁ ।

କ. ପ୍ରତ୍ୟେକ ଶବ୍ଦର ଅନୁବାଦ (ଏନ୍ କେ ଜେ ଭି, ଏନ୍ ଏସ୍ ବି, ଏନ୍ ଆର୍ ଏସ୍ ଭି)

ଖ. ଶକ୍ତିଯୁକ୍ତ ସମାନତା (ଟି ଇ ବି, ଜେ ବି)

ଗ. ଭାବାନୁବାଦ (ଲିଭିଙ୍ଗ ବାଇବଲ, ଏମ୍ପ୍ଲିଫାଏଡ୍ ବାଇବଲ)

୨. ସାହିତ୍ୟ ଏବଂ ବ୍ୟାକରଣର ସଂରଚନା କୁ ଚିହ୍ନନ୍ତୁ ।

କ. ପୁନରାବୃତ୍ତି ବ୍ୟାକ୍ୟାଂଶ, ଏଫିସିୟ, ୧:୬, ୧୨,୧୩

ଖ. ପୁନରାବୃତ୍ତି ବ୍ୟାକରଣ ସଂରଚନା, ରୋମୀୟ ୮:୩୧

ଗ. ସାଧାରଣ ଧାରଣା ବିରୁଦ୍ଧ

୩. ନିମ୍ନଲିଖିତ ବସ୍ତୁର ସୂଚି ନିର୍ମାଣ କରନ୍ତୁ ।

କ. ଅର୍ଥପୂର୍ଣ୍ଣ ବିଷୟ

ଖ. ସାଧାରଣ ବିଷୟ

ଗ. ଗୁରୁତ୍ୱପୂର୍ଣ୍ଣ ବ୍ୟାକରଣ ସଂରଚନା

ଘ. ବିଶେଷ କରି କଠିନ ଶବ୍ଦ, ବ୍ୟାକ୍ୟାଂଶ ଏବଂ ବାକ୍ୟ ।

୪. ସଦୃଶ୍ୟ ଲେଖାର ସନ୍ଧାନ କରନ୍ତୁ ।

କ. ନିମ୍ନଲିଖିତ ଦ୍ୱାରା ଆପଣା ବିଷୟର ସ୍ପଷ୍ଟ ଶିକ୍ଷା ଦେଉଥିବା ଲେଖାର ସନ୍ଧାନ କରନ୍ତୁ ।

୧. "ପଦ୍ଧତିଗତ ଧର୍ମଶାସ୍ତ୍ର" ପୁସ୍ତକ

୨. ପରସ୍ପର ସମ୍ବନ୍ଧ ବାଇବଲ

୩. ଅନୁକ୍ରମଣିକା

ଖ. ଆପଣାର ହିଁ ବିଷୟ ବସ୍ତୁର ବିରୋଧଭାସ ଜୋଡ଼ିକୁ ଖୋଜନ୍ତୁ । ଅନେକ ବାଇବଲିୟ ସତ୍ୟ ଦ୍ୱନ୍ଦାତ୍ମକ ଜୋଡ଼ିରେ ଆସିଥାନ୍ତି । ବିଭିନ୍ନ ମଣ୍ଡଳୀୟ ଜାତୀୟ ବିବାଦ ଅଧା ବାଇବଲିୟ ସମସ୍ୟା ସାହିତ୍ୟକୁ ପ୍ରମାଣ କରିବା ହେତୁ ଆସନ୍ତି । ସଂପୂର୍ଣ୍ଣ ବାଇବଲ ପ୍ରେରଣା ଦ୍ୱାରା ଲେଖାଯାଇଅଛି, ଆମେ ଏହାର ପୂର୍ଣ୍ଣ ସଂଦେଶକୁ ଖୋଜିବା ଆବଶ୍ୟକ ଯାହା ଦ୍ୱାରା ଅନୁବାଦରେ ବାକ୍ୟର ମାପ ସମାନତା ହୋଇପାରେ ।

ଗ. ଏକ ହିଁ ପ୍ରକାର ପୁସ୍ତକ, ଏକ ହିଁ ଲେଖକ, ଏକ ପ୍ରକାର ସାହିତ୍ୟ ଲେଖାରେ ସଦୃଶ୍ୟତାକୁ ଖୋଜନ୍ତୁ, ନିଜେ ବାଇବଲ ହିଁ ଏକ ଉତ୍ତମ ଅନୁବାଦକ ଅଟେ କାରଣ ଏହାର ଗୋଟିଏ ଲେଖକ ଅଟନ୍ତି; ପବିତ୍ରଆତ୍ମା ।

୫. ଆପଣାର ଐତିହାସିକ ଏବଂ ଘଟଣାକ୍ରମକୁ ପରୀକ୍ଷା କରିବା ନିମନ୍ତେ ସହାୟକ ସାମଗ୍ରିକୁ ପ୍ରୟୋଗ କରନ୍ତୁ ।

କ. ଅଧ୍ୟୟନ ସହାୟକ ବାଇବଲ

ଖ. ବାଇବଲ ଶବ୍ଦକୋଶ, ବିଶ୍ୱକୋଶ, ଗୁଟିକା

ଗ. ବାଇବଲ ପ୍ରସ୍ତାବନା

ଘ. ବାଇବଲ ଟୀକ୍କା (ଅଧ୍ୟୟନର ଏହି ବିନ୍ଦୁରେ ବିଶ୍ୱାସିମାନଙ୍କ ପୂର୍ବ ଏବଂ ବର୍ତ୍ତମାନ ସମୂହକୁ ଅନୁମତି ଦିଅନ୍ତି ଯାହା ଦ୍ୱାରା ସେ ଆପଣଙ୍କ ବ୍ୟକ୍ତିଗତ ଅଧ୍ୟୟନକୁ ଠିକ୍ କରିପାରନ୍ତି) ।

**IV** - ବାଇବଲ ଅନୁବାଦର ପ୍ରୟୋଗିକରଣ ।

ଏହି ବିନ୍ଦୁରେ ଆମେ ପ୍ରୟୋଗିକରଣ ଆଡ଼କୁ ଫେରୁଛୁ । ସାହିତ୍ୟର ବାସ୍ତବିକ ଗଠନକୁ ବୁଝିବାକୁ ସମୟ ଲାଗେ ଓ ବର୍ତ୍ତମାନ ଏହାକୁ ଆପଣା ଜୀବନ ଏବଂ ସଂସ୍କୃତିରେ ଲାଗୁ କରିବା ଆବଶ୍ୟକ ଅଟେ । ମୁଁ ବାଇବଲର ଅଧିକାରକୁ ଏହି ପ୍ରକାରେ ବର୍ଣ୍ଣନା କରେ । "ବାଇବଲର ବାସ୍ତବିକ ଲେଖକ ସେମାନଙ୍କ ସମୟରେ କଣ କହିବାକୁ ଚାହୁଁଥିଲେ ତାଙ୍କୁ ବୁଝିବା ଏବଂ ସେହି ସତ୍ୟକୁ ଆପଣା ସମୟରେ ଲାଗୁ କରିବା" ।

ସମୟ ଏବଂ ତର୍କ ଆଧାରରେ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟକୁ ବୁଝିବା ପରେ କରାଯାଇଥିବା ଅନୁବାଦ ପଶ୍ଚାତରେ ତାକୁ ବ୍ୟବହାରରେ ଆଣିବା ଅତି ଆବଶ୍ୟକ ଅଟେ । ଆମେ ସେ ପର୍ଯ୍ୟନ୍ତ ବାଇବଲର ଅଂଶ ଆପଣା ସମୟରେ ଲାଗୁ କରି ପାରିବା ନାହିଁ ଯେ ପର୍ଯ୍ୟନ୍ତ ନ ଜାଣିବା କି ତାହାର  ବାସ୍ତବିକ ଦିନରେ ତାହର ଅର୍ଥ କଣ ଥିଲା । ବାଇବଲର ଭାଗରୁ କେବେହେଲେ ସେହି ଅର୍ଥକୁ କାଢ଼ିବା ଅନୁଚିତ୍ ଯାହାର ଅର୍ଥ ତାହା ହୋଇ ନ ଥାଏ । ଆପଣଙ୍କ ସବିଶେଷ କ୍ଷୁଦ୍ର ବିବରଣୀରୁ ଅନୁଛେଦ ପର୍ଯ୍ୟନ୍ତର ସ୍ତର (ତୃତୀୟ ଅଧ୍ୟୟନ ଚକ୍ର) ଆପଣଙ୍କୁ ଆଗକୁ କଢ଼ାଇ ନେବ । ପ୍ରୟୋଗିକରଣ ଅନୁଛେଦ ସ୍ତରରେ ହେବା ଆବଶ୍ୟକ ଶବ୍ଦ ସ୍ତରରେ ନୁହେଁ । ଶବ୍ଦ, ବାକ୍ୟ ଏବଂ ବାକ୍ୟାଂଶର ଅର୍ଥ କେବଳ ପ୍ରସଙ୍ଗରେ ହୋଇଥାଏ । ଅନୁବାଦ ପ୍ରକ୍ରିୟାରେ ପ୍ରେରଣା ପାଇଥିବା କେବଳ ଗୋଟିଏ ବ୍ୟକ୍ତି ସାମିଲ ଏବଂ ସେ ହେଉଛନ୍ତି ବାସ୍ତବିକ ଲେଖକ । ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଜ୍ୟୋତିରେ ହିଁ କେବଳ ତାହାଙ୍କର ଅନୁଗମନ କରୁଅଛୁ । ଏହି ଜ୍ୟୋତି ପ୍ରେରଣା ନୁହେଁ । "ଯିହୋବା ଏହି ପ୍ରକାରେ କହନ୍ତି" କହିବାକୁ ଆମ୍ଭମାନଙ୍କୁ ବାସ୍ତବିକତ ଲେଖକଙ୍କ ଉଦ୍ଦେଶ୍ୟ ସହିତ ଜୋଡ଼ିତ ହୋଇ ରହିବାକୁ ପଡ଼ିବ । ବ୍ୟବହାରିକର ପୂର୍ଣ୍ଣ ଲେଖାର ସାଧାରଣ ଉଦ୍ଦେଶ୍ୟ, ବିଶେଷ ଲେଖା ସାହିତ୍ୟ ଭାଗ ଏବଂ ଅନୁଛେଦ ସ୍ତରର ଧାରଣା ଉନ୍ନତୀ ସହିତ ସମ୍ବନ୍ଧ ହେବା ଆବଶ୍ୟକ ।

ଆମ୍ଭମାନଙ୍କ ପ୍ରତିଦିନର ଘଟଣାସବୁ ଅନୁବାଦ କରନ୍ତୁ ନାହିଁ ମାତ୍ର ବାଇବଲକୁ କହିବାକୁ ଦିଅନ୍ତୁ  । ଏହା ଆମକୁ ସାହିତ୍ୟରୁ ସିଦ୍ଧାନ୍ତ ବାହର କରିବା ନିମନ୍ତେ ମାଗି ଥାଏ । ଏହା ସେତେବେଳେ ପ୍ରମାଣିତ ହେବ ଯେବେ ସାହିତ୍ୟ ସିଦ୍ଧାନ୍ତର ସମର୍ଥନ କରିବ । ଦୁର୍ଭାଗ୍ୟ ବଶତଃ ଅଧିକାଂଶରେ ଆମ୍ଭମାନଙ୍କର ହିଁ ସିଦ୍ଧାନ୍ତ ହୋଇଥାଏ ସାହିତ୍ୟର ସିଦ୍ଧାନ୍ତ ନୁହେଁ ।

ଯେବେ ଆମ୍ଭେ ବାଇବଲର ବ୍ୟବହାରିକତାରେ ଆସୁ ତେବେ ଏହାକୁ ସ୍ମରଣ ରଖିବା ଉଚିତ୍ କି ଭବିଷ୍ୟତବାଣୀକୁ ବାଦ୍‌ଦେଲେ ବାକି ସମସ୍ତ ଭାଗର କେବଳ ଗୋଟିଏ ଅର୍ଥ ହୋଇଥାଏ । ଏହି ଅର୍ଥ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟ ସହିତ ସମ୍ବନ୍ଧିତ ଅଟେ ଯେତେବେଳେ ସେ ସେହି ସମୟର ଆବଶ୍ୟକତା ଓ ସମସ୍ୟା ଉପରେ ଲେଖିଥିଲେ । ଏହାର ଗୋଟିଏ ଅର୍ଥରେ ଅନେକ ବ୍ୟବହାରିକ ବିଷୟ ବାହାର କରାଯାଇ ପାରିବ । ବ୍ୟବହାରିକତା ଲୋକଙ୍କର ଆବଶ୍ୟକତା ଅନୁସାରେ ହୋଇପାରେ କିନ୍ତୁ ବାସ୍ତବିକ ଲେଖକଙ୍କ ଅର୍ଥରେ ସମ୍ବନ୍ଧିତ ହେବା ଆବଶ୍ୟକ ଅଟେ ।

**V** – ଅନୁବାର ଆତ୍ମିକ ଭାବ

ଏପର୍ଯ୍ୟନ୍ତ ମୁଁ ଅନୁବାଦ ଏବଂ ବ୍ୟବହାରିକତାର ପ୍ରାସଙ୍ଗିକ ଓ ସାହିତ୍ୟିକ ପ୍ରକ୍ରିୟା ବିଷୟରେ ଆଲୋଚନା କରୁଥିଲି । କିନ୍ତୁ ବର୍ତ୍ତମାନ ମୁଁ ଅନୁବାଦର ଆତ୍ମିକ ଭାବକୁ ଅଳ୍ପ ଶବ୍ଦରେ ଆଲୋଚନା କରିବାକୁ ଚାହେଁ ।

ନିମ୍ନଲିଖିତ ପରୀକ୍ଷା ସୂଚୀ ମୋ ନିମନ୍ତେ ସହାୟକ ସିଦ୍ଧ ହୋଇଅଛି :

କ. ପବିତ୍ର ଅତ୍ମାଙ୍କ ସହାୟକ ପାଇବା ନିମନ୍ତେ ପ୍ରାର୍ଥନା କରନ୍ତୁ (କ କରି . ୧:୨୬-୨:୧୬)

ଖ. ବ୍ୟକ୍ତିଗତ କ୍ଷମା ଏବଂ ଜ୍ଞାତ ପାପ ନିମନ୍ତେ ପ୍ରାର୍ଥନା କରନ୍ତୁ (୧ ଯୋହନ . ୯)

ଗ. ଈଶ୍ୱରଙ୍କୁ ଅଧିକ ଜାଣିବା ନିମନ୍ତେ ପ୍ରାର୍ଥନା କରନ୍ତୁ (ଗୀତ ୧:୭ - ୧୪; ୪୨:୧; ୧୧୯;୧)

ଘ. ଯଦି କୌଣସି ନୂତନ ପ୍ରକାଶନ ମିଳିଛି ତେବେ ଅତିଶୀଘ୍ର ତାକୁ ଆପଣା ଜୀବନରେ ଲାଗୁ କରନ୍ତୁ ।

ଙ. ନମ୍ର ଏବଂ ଶିକ୍ଷା ପାଇବାକୁ ପ୍ରସ୍ତୁତ ରୁହନ୍ତୁ ।

ତର୍କ ପ୍ରକ୍ରିୟା ଏବଂ ପବିତ୍ର ଆତ୍ମା ଙ୍କ ଚାଳନାରେ ସମତୁଲ ରଖିବା ବହୁତ କଠନି ଅଟେ । ନିମ୍ନଲିଖିତ ଲେଖା ମୋର ବହୁତ ସାହାଯ୍ୟ କରିଅଛି ।

କ. ଜେମ୍ସ ଡବ୍ଲ୍ୟୁ ସାରଙ୍କ, ସ୍କ୍ରିପଚର ଟ୍ୱିଷ୍ଟିଙ୍ଗ ପୃ. ୧୭-୧୮

"କେବଳ ଆତ୍ମିକତାରେ ହିଁ ଉନ୍ନତୀ ନୁହେଁ କିନ୍ତୁ ଈଶ୍ୱରଙ୍କ ଲୋକଙ୍କ ବୁଦ୍ଧିରୁ ମଧ୍ୟ ଜ୍ୟୋତି ଆସିଥାଏ । ବାଇବଲିୟ ଖ୍ରୀଷ୍ଟିୟାନରେ କୌଣସି ଗୁରୁସ୍ତର କିମ୍ବା ଜ୍ୟୋତି ପାଇଥିବା ଲୋକ ହିଁ ନୁହେଁ ଜାହାଙ୍କ ଠାରୁ ସିଦ୍ଧି ଅନୁବାଦ ମିଳେ । ଯେତେବେଳେ ପବିତ୍ର ଆତ୍ମା ବୁଦ୍ଧି, ଜ୍ଞାନ ଏବଂ ଆତ୍ମା ପରୀକ୍ଷାର ଦାନ ଦିଅନ୍ତି ତେବେ ସେ ଏହି ଦାନ ପ୍ରାପ୍ତ ଖ୍ରୀଷ୍ଟିୟାନମାନଙ୍କୁ ହିଁ ବାକ୍ୟର ଅଧିକାର ପ୍ରାପ୍ତ ଅନୁବାଦକ ରୂପେ ହିଁ ରହିବାକୁ ଦିଅନ୍ତି ନାହିଁ । ଏହା ଈଶ୍ୱରଙ୍କ ଲୋକମାନଙ୍କ ଉପରେ ନିର୍ଭର କରେ କି ବାଇବଲ ଯିଏ ସର୍ବଅଧିକାରୀ ତାହା ଠାରୁ ଶିଖନ୍ତୁ । ପରୀକ୍ଷା କରନ୍ତୁ ଏବଂ ତା ସହିତ ସେହିମାନଙ୍କୁ ମଧ୍ୟ ଯେଉଁମାନଙ୍କୁ ବିଶେଷ ଦାନ ମିଳିଅଛି । ପରିକଳ୍ପନାର ପୂର୍ଣ୍ଣ ପୁସ୍ତକର ସାରାଂସ ଉପରେ ମୁଁ ଏହା କହେ "ବାଇବଲ ସଂପୂର୍ଣ୍ଣ ମାନବଜାତି ନିମନ୍ତେ ଈଶ୍ୱରଙ୍କର ସତ୍ୟ ପ୍ରକାଶ ଅଟେ, ଯେକୌଣସି ବିଷୟରେ ଏହା କଥା କହେ ସେ ସମସ୍ତଙ୍କ ଉପରେ ଏହାର ଅଧିକାର ଅଛି, ଏହା ସଂପୂର୍ଣ୍ଣ ରୂପେ ରହସ୍ୟ ନୁହେ, ମାତ୍ର ପ୍ରତ୍ୟେକ ସଂସ୍କୃତିର ସାଧାରଣ ଲୋକେ ଏହାକୁ ବୁଝିପାରିବେ ।"

ଖ. କିରକେଗାର୍ଡ଼ ବେର୍‌ନାର୍ଡ଼ ରାମ୍‌ଙ୍କ, ପ୍ରୋଟେଷ୍ଟାଣ୍ଟ ବିବ୍ଲିକାଲ ଇଣ୍ଟର ପ୍ରିଟେସନ । ପୃ. ୭୫ ।

କିରକେଗାର୍ଡ଼ଙ୍କ ଅନୁସାରେ ବାଇବଲର ବ୍ୟାକରଣ, ଶବ୍ଦ ସଂଗ୍ରହ ଏବଂ ଐତିହାସିକ ଅଧ୍ୟୟନ ଆବଶ୍ୟକ ଅଟେ କିନ୍ତୁ ସର୍ବ ପ୍ରଥମେ ସତ୍ୟ ବାଇବଲ ଅଧ୍ୟୟନ ବହୁତ ଆବଶ୍ୟକ ଅଟେ । "ବାଇବଲକୁ ଈଶ୍ୱରଙ୍କ ବାକ୍ୟ ରୂପେ ପଢ଼ିବାକୁ ନିମନ୍ତେ ଜଣେ ବ୍ୟକ୍ତିକୁ ଆବଶ୍ୟକ ଅଟେ କି ସେ ଆପଣା ହୃଦୟକୁ ମୁଖରେ ରଖେ ପଢୁ, ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ, ପାଇବାର ଆଶାରେ ଏବଂ ଈଶ୍ୱରଙ୍କୁ କଥା କହିବା ଉଦ୍ଧେଶ୍ୟରେ ପଢୁ । ବାଇବଲକୁ ବିନା ବିଚାରରେ, ଅସାବଧାନରେ, ପଢ଼ାର ଉଦ୍ଧେଶ୍ୟରେ ବ୍ୟବସାୟିକ ରୂପରେ ପଢ଼ିବା ଏହାକୁ ଈଶ୍ୱରଙ୍କ ବାକ୍ୟ ରୂପରେ ପଢ଼ିବା କୁହାଯାଏ ନାହିଁ । ଯେବେ ଜଣେ ଏହାକୁ ଏକ ପ୍ରେମପତ୍ର ରୂପେ ପଢ଼ିବ ତେବେ ସେ ଏହାକୁ ଈଶ୍ୱରଙ୍କ ବାକ୍ୟ ରୂପେ ପଢ଼ିବ ।

ଗ. ଏଚ୍.ଏଚ୍. ରୋଲୀ, ଦା ରିଲେଭାନ୍ସ ଅଫ ଦି ବାଇବଲ, ପୃଷ୍ଠା ୧୯. "ବାଇବଲକୁ କେବଳ ବୁଦ୍ଧିମତାରେ ବୁଝିବା, ତାହା ପୁରା ହେଉ କି ନ ହେଉ, ମାତ୍ର ଏହାର ସଂପୂର୍ଣ୍ଣ ଧନକୁ ପ୍ରାପ୍ତ କରିପାରେ । ଏହା ଏପରି ଜ୍ଞାନକୁ ଅଗ୍ରାହ୍ୟ କରୁ ନାହିଁ କାରଣ ପୂର୍ଣ୍ଣ ଜ୍ଞାନ ହେବା ଆବଶ୍ୟକ । ଯଦି ଏହା ପୂରା ହେବାକୁ ହେଲେ ଆମ୍ଭମାନଙ୍କୁ ବାଇବଲର ଆତ୍ମିକ ଧନ ନିମନ୍ତେ ଆତ୍ମିକ ଜ୍ଞାନ ଆଡ଼କୁ ଘେନି ଯିବା ଲୋକେ ହେବା ଆବଶ୍ୟକ । ଏଥି ନିମନ୍ତେ ବୁଦ୍ଧିମତାର ତତ୍‌ପର ଠାରୁ ଆତ୍ମିକ ଜ୍ଞାନର ଆବଶ୍ୟକତା ଅଧିକ ଆବଶ୍ୟକ । ଆତ୍ମିକ ବିଷୟକୁ ଆତ୍ମିକ ରୂପରେ ହିଁ ଚିହ୍ନିବା ଆବଶ୍ୟକ; ଏବଂ ବାଇବଲର ବିଦ୍ୟାର୍ଥୀଙ୍କୁ ଆତ୍ମିକ ଗ୍ରହଣୀଶୀଳ ହେବା ଆବଶ୍ୟକ, ଈଶ୍ୱରଙ୍କୁ ପାଇବା ନିମନ୍ତେ ଖୋଜି ହେବା ଦରକାର ଯାହା ଦ୍ୱାରା ସେ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିପାରେ । ଯଦି ସେ ଆପଣା ବୈଜ୍ଞାନିକ ଜ୍ଞାନରୁ ବାହାରେ ଏହି ମହାନ ସର୍ବ ମହାନ ପୁସ୍ତକର ସମୃଦ୍ଧ ଉତ୍ତରାଧିକାରୀକୁ ପାଇବାକୁ ଚାହେଁ ।

**VI** – ଟୀକ୍‌କା ର ବିଧି

ଅଧ୍ୟୟନ ସହାୟକ ଟୀକ୍‌କା ନିମ୍ନଲିଖିତ ରୂପେ ଅନୁବାଦର ପ୍ରକ୍ରିୟାରେ ଆପଣଙ୍କ ସହାୟତା କରିବାକୁ ନିର୍ମାଣ କରାଗଲା ।

କ. ଏକ ସଂକ୍ଷିପ୍ତ ଐତିହାସିକ ବିବରଣୀ ପ୍ରତ୍ୟେକ ପୁସ୍ତକର ପରିଚୟ ଦେଇଥାଏ । "ଅଧ୍ୟୟନ ଚକ୍ର ତିନି" ର ପଠନ ପରେ ଏହି ସୂଚନାକୁ ପରୀକ୍ଷା କରନ୍ତୁ ।

ଖ. ପ୍ରାସଙ୍ଗିକ ଦୃଷ୍ଟିକୋଣ ପ୍ରତ୍ୟେକ ଅଧ୍ୟାୟର ଆରମ୍ଭରେ ମିଳିଥାଏ ।

ସାହିତ୍ୟିକ ଭାଗ କିପରି ଗଠିତ ତାକୁ ବୁଝିବାରେ ଏହା ଆପଣଙ୍କୁ ସାହାଯ୍ୟ କରେ ।

ଗ. ପ୍ରତ୍ୟେକ ଅଧ୍ୟାୟ ଏବଂ ମୂଖ୍ୟ ସାହିତ୍ୟ ଭାଗର ଆରମ୍ଭରେ ଅନୁଚ୍ଛେଦ ବିଭାଜନ ଏବଂ ତାର ବ୍ୟାଖ୍ୟାତ୍ମକ ଶୀର୍ଷକ ବିଭିନ୍ନ ଅନୁବାଦରେ ଦିଆଯାଇଅଛି ।

୧. ବାଇବଲ ସୋସାଇଟିର ଗ୍ରୀକ୍ ମୂଳପାଠ, ଚତୁର୍ଥ ପ୍ରକାଶନର ପୁନଃ ପ୍ରକାଶନ (ୟୁ ବି ଏସ୍)

୨. ଦା ନ୍ୟୁ ଆମେରିକାନ୍ ଷ୍ଟାଣ୍ଡାର୍ଡ଼ ବାଇବଲ, ୧୯୯୫ ରେ ପୁନଃ ଉନ୍ନତ (ଏମ୍ ଏ ଏସ୍ ବି)

୩. ଦି ନ୍ୟୁ କିଙ୍ଗ ଜେମ୍‌ସ୍ ଭରସନ୍ (ଏନ୍ କେ ଜେ ଭି)

୪. ଦି ନ୍ୟୁ ରିଭାରଡ଼୍ ଷ୍ଟାଣ୍ଡାର୍ଡ଼ ଭରସନ୍ (ଏନ୍ ଆର୍ ଏସ୍ ଭି)

୫. ଟୁଡେସ୍ ଇଂଗଲିସ୍ ଭରସନ୍ (ଟି ଇ ଭି)

୬. ଦି ଜିରୁସାଲମ୍ ବାଇବଲ (ଜେବି)

ଅନୁଚ୍ଛେଦ ବିଭାଜନ ପ୍ରେରଣା ପ୍ରାପ୍ତ ନୁହେଁ । ଏସବୁ ପ୍ରସଙ୍ଗରୁ ନିଶ୍ଚୟ କରିବା ଆବଶ୍ୟକ । ଭିନ୍ନ ଭିନ୍ନ ପ୍ରକାରର ଆନୁବାଦ ପ୍ରଣାଳୀ ଏବଂ ଧାର୍ମୀକ ବିଚାରର ନୂତନ ଅନୁବାଦର ତୁଳନା କରିବା ଦ୍ୱାର ଆମେ ବାସ୍ତବିକ ଲେଖକଙ୍କ ବିଚାରର ଢାଞ୍ଚାକୁ ବୁଝିପାରିବା । ପ୍ରତ୍ୟେକ ଅନୁଚ୍ଛେଦର ଗୋଟିଏ ମୁଖ୍ୟ ସତ୍ୟ ହୋଇଥାଏ । ଏହାକୁ "ଶୀର୍ଷକ ବାକ୍ୟ" କିମ୍ବା "ସାହିତ୍ୟର କେନ୍ଦ୍ରିୟ ବିଚାର" କହନ୍ତି । ଏହି ଏକତା ପୂର୍ଣ୍ଣ ବିଚାର ଐତିହାସିକ, ବ୍ୟାକରାତ୍ମକ ଅନୁବାଦର ଚାବି ଅଟେ । ଅନୁବାଦରୁ କମ୍‌ରେ କାହାକୁ ମଧ୍ୟ ପ୍ରଚାର କିମ୍ବା ଶିକ୍ଷା ନ ଦେବା ଦରକାର । ଏହା ମଧ୍ୟ ମନେ ରଖନ୍ତୁ ପ୍ରତ୍ୟେକ ଅନୁଚ୍ଛେଦ ଆପଣା ଆଖପାଖର ଅନୁଚ୍ଛେଦରେ ଜୋଡ଼ିତ ହୋଇଥାଏ । ଏଥି ଯୋଗୁଁ ସଂପୂର୍ଣ୍ଣ ପୁସ୍ତକର ଅନୁଚ୍ଛେଦ ସ୍ତରର ରୂପରେଖା ଏତିକି ଗୁରୁତ୍ୱ ପୂର୍ଣ୍ଣ ଅଟେ । ଆମ୍ଭମାନଙ୍କୁ ବାସ୍ତବିକ ଲେଖକଙ୍କ ବିଷୟକୁ ଅନୁକରଣ କରିବା ଆବଶ୍ୟକ ଅଟେ ।

ଘ. ବବ୍‌ଙ୍କ ଲେଖା ପ୍ରତ୍ୟେକ ପଦର ଅନୁବାଦ ଅଟେ । ଏହା ଆମକୁ ଚାପ ପକାଏ କି ଆମେ ବାସ୍ତବିକ ଲେଖକଙ୍କ ବିଚାରର ଅନୁକରଣ କରି ପାରୁ । ଏହି ଲେଖା ବିଭିନ୍ନ କ୍ଷେତ୍ରରେ ସୂଚନା ପ୍ରଦାନ କରେ ।

୧. ସାହିତ୍ୟ ପ୍ରସଙ୍ଗ

୨. ଐତିହାସିକ, ସାଂସ୍କୃତିକ ପ୍ରକାଶନ

୩. ବ୍ୟାକରଣର ସୂଚନା

୪. ଶବ୍ଦର ଅଧ୍ୟୟନ

୫. ଶାଦୃଶ୍ୟ ସାହିତ୍ୟ

ଚ. ଟୀକ୍କା କିଛି-କିଛି ଅଂଶରେ ନ୍ୟୁ ଆମେରିକନ ଷ୍ଟାଣ୍ଡାର୍ଡ଼ ଭରସନ ର ସ୍ଥାନରେ ଅନ୍ୟ ଅନୁବାଦର ପ୍ରୟୋଗ କରାଯାଇଅଛି ।

୧. ନ୍ୟୁ କିଙ୍ଗ ଜେମ୍ସ ଭରସନ୍ (ଏନ୍ କେ ଜେ ଭି), ଯେଉଁଥିରେ "ଟେକ୍ସଟସ ରିସେପ୍ଟସ୍"ର ସାହିତ୍ୟିକ ହସ୍ତଲେଖାର ଅନୁକରଣ କରାଯାଇ ଅଛି ।

୨. ନ୍ୟୁ ଇଭାଇଜଡ଼୍ ଷ୍ଟାଣ୍ଡାର୍ଡ଼ ଭରସନ (ଏନ୍ ଆର୍ ଏସ୍ ଭି) ଯିଏ ନେସ୍‌ନାଲ କାଉଁସିଲ ଅଫ୍ ଚର୍ଚ୍ଚେସ୍ ର ରିଭାଇଜଡ଼୍ ଷ୍ଟାଣ୍ଡାର୍ଡ଼ ଭରସନ୍‌ର ଶବ୍ଦ ପ୍ରତି ଶବ୍ଦର ଅନୁବାଦ ଅଟେ ।

୩. ଟୁଡେସ୍ ଇଙ୍ଗଲିସ୍ ଭରସନ୍ (ଟିଇଭି), ଆମେରିକାନ୍ ବାଇବଲ ସୋସାଇଟି ର ଶକ୍ତିଯୁକ୍ତ ସମାନତା ଅଟେ ।

୪. ଯିରୁଶାଲେମ ବାଇବଲ (ଜେ ବି), ଫ୍ରେଞ୍ଚ କ୍ୟାଥୋଲିକ୍ ଶକ୍ତିଯୁକ୍ତ ସମାନତା ଅନୁବାଦର ଇଂରେଜୀ ଅନୁବାଦ ।

ଛ. ଯେଉଁମାନେ ଗ୍ରୀକ୍ ପଢ଼ି ପାରିବେ ନାହିଁ, ଇଂରାଜୀର ବିଭିନ୍ନ ଅନୁବାଦର ତୁଳନା ସେମାନଙ୍କ ସହାୟତା କରିପାରେ ନି ସେମାନେ ସାହିତ୍ୟର ସମସ୍ୟାକୁ ଚିହ୍ନି ପାରିବେ ।

୧. ହସ୍ତଲେଖା ଅନ୍ତର

୨. ବୈକଳ୍ପିକ ଶବ୍ଦଅର୍ଥ

୩. ବ୍ୟାକରଣ ରୂପ କଠିନ ସାହିତ୍ୟ ଏବଂ ଗଠନ

୪. ସନ୍ଧିଗ୍ଧ ସାହିତ୍ୟ

ଏପରିକି ଇଂରାଜୀ ଅନୁବାଦ ଏସବୁ ସମସ୍ୟାର ସମାଧାନ କରିପାରିବ ନାହିଁ, କିନ୍ତୁ ସେମାନେ ସେହି କ୍ଷେତ୍ର ଉପରେ ଲକ୍ଷ୍ୟ ରଖି ଗଭୀର ଏବଂ ଅତି ଧ୍ୟାନରେ ଅଧ୍ୟୟନ କରିବାରେ ସହାୟତା କରନ୍ତି ।

ଜ. ପ୍ରତ୍ୟେକ ଅଧ୍ୟାୟର ଶେଷରେ ଆଲୋଚନା ନିମନ୍ତେ ସମ୍ବନ୍ଧିତ ପ୍ରଶ୍ନ ଦିଆଯାଇଅଛି ଯାହାକି ଅଧ୍ୟାୟର ମୂଖ୍ୟ ଅନୁବାଦର ବିଷୟକୁ ଲକ୍ଷ୍ୟ କରି ପଚାରା ଗଲା ।

# ରୋମୀୟ ପୁସ୍ତକର ପ୍ରସ୍ତାବନା

**ଆରମ୍ଭିକ ଉକ୍ତି**

କ. ରୋମୀୟ ପୁସ୍ତକଟି ପ୍ରେରିତ ପାଉଲଙ୍କ ସର୍ବାଧିକ ପଦ୍ଧତିଗତ ଏବଂ ସିଦ୍ଧାନ୍ତମୂଳକ ପୁସ୍ତକ ଅଟେ । ଏହା ରୋମର ବାତାବରଣ ଦ୍ୱାରା ପ୍ରଭାବିତ ଥିଲା । ଏଣୁ ଏହା ଏକ "ଅନିୟମିତ" ଲିଖିତ ପୁସ୍ତକ । କିଛି ଘଟଣା ଘଟିବା ହେତୁ ପାଉଲ ଏହାକୁ ଲେଖିଲେ । ଯେପରିକି ପାଉଲଙ୍କ ଲିଖନିରେ ଏହା ଏକ ନିରପେକ୍ଷ ଅଟେ । ଏହିପରି ଭାବେ ସମସ୍ୟାର ସମାଧାନର ମାଧ୍ୟମ ଥିଲା ପାଉଲଙ୍କର (ସମ୍ଭବତଃ ଯିହୁଦି ବିଶ୍ୱାସିଗଣ ଏବଂ ବିଜାତି ନେତାମାନଙ୍କ ମଧ୍ୟର ଇର୍ଷା, ୧୪: ୧–୧୫: ୧୩) ଓ ଏହା ସୁସମାଚାରର ଉପସ୍ଥାପନା ଏବଂ ଦୈନନ୍ଦିନ ଜୀବନ ପ୍ରତି ନିହିତାର୍ଥ ଥିଲା ।

ଖ. ରୋମୀୟ ପୁସ୍ତକଟି ଗାଲାତୀୟ ସତ୍ୟତାର ଧର୍ମଶାସ୍ତ୍ରୀୟ ବିକାଶ । ସାରାଂଶ ଆବର୍ତ୍ତନମାନ ପତ୍ରରେ ଏଫିସୀୟ ରୋମୀୟ ପୁସ୍ତକର ବିକାଶ ଅଟେ । ପାଉଲଙ୍କ ସୁସମାଚାର ବଦଳି ନାହିଁ କିନ୍ତୁ ତାହାଙ୍କ ଉପସ୍ଥାପନାର ଶୈଳି ବଦଳିଛି ।

ଗ. ପାଉଲଙ୍କ ରୋମୀୟ ସୁସମାଚାରର ଉପସ୍ଥାପନା ମଣ୍ଡଳୀ ଜୀବନର ପ୍ରତ୍ୟେକ ମୂହୂର୍ତ୍ତକୁ ପ୍ରଭାବିତ କରିଅଛି ।

୧. ରୋମୀୟ ୧୩: ୧୩-୧୪ ର ଅଧ୍ୟୟନ ଦ୍ୱାରା ଖ୍ରୀଷ୍ଟାବ୍ଦ ୩୮୬ରେ ଅଗଷ୍ଟିନଙ୍କ ଜୀବନ ପରିବର୍ତ୍ତନ ହୋଇଥିଲା ।

୨. ଗୀତସଂହିତା ୩୧ : ୧ ସହିତ ରୋମୀୟ ୧ : ୧୭ (ଏବ୍ରିୟ. ୨:୪)ର ତୂଳନା ଦ୍ୱାରା ଖ୍ରୀଷ୍ଟାବ୍ଦ ୧୫୧୩ ରେ ମାର୍ଟିନ୍ ଲୁଥରଙ୍କ ଉଦ୍ଧାର ପ୍ରତି ବୁଝିବା ଶକ୍ତି ବଦଳି ଯାଇଥିଲା ।

୩. ଜନ୍ ୱେସ୍ଲି ୧୭୩୮ ଖ୍ରୀଷ୍ଟାବ୍ଦରେ ଲଣ୍ଡନରେ ଗୋଟିଏ ସଭା ନିମନ୍ତେ ଯାଇଥିଲେ । ଏବଂ ସେଠାରେ ମାର୍ଟିନ୍ ଲୁଥରଙ୍କ ରୋମୀୟ ପୁସ୍ତକରେ ପ୍ରସ୍ତାବନା ଉପର ପ୍ରଚାରର ପଠନ ଶ୍ରବଣ କରିବା ଦ୍ୱାରା ପରିବର୍ତ୍ତିତ ହୋଇଥିଲେ କାରଣ ମନୋନୀତ ପ୍ରଚାରକ ନିଜକୁ ନିଜେ କିଛି ଦେଖାଇ ନାହାନ୍ତି ।

ଘ. ରୋମୀୟ ପୁସ୍ତକକୁ ଜାଣିବା ଖ୍ରୀଷ୍ଟିଆନ ସମାଜକୁ ଜାଣିବା ଅଟେ । ଏହି ପତ୍ରଟି ଯୀଶୁଖ୍ରୀଷ୍ଟଙ୍କ ଜୀବନ ଏବଂ ଶିକ୍ଷାକୁ ଆକୃତି ଦିଏ ଏବଂ ସବୁ ସମୟର ମଣ୍ଡଳୀ ନିମନ୍ତେ ମୌଳିକ ସତ୍ୟକୁ ପ୍ରଦାନ କରେ । ମାର୍ଟିନ୍ ଲୁଥର ଏହାକୁ ଏହି ପ୍ରକାର କହିଲେ । "ଏହା ନୂତନ ନିୟମର ମୂଖ୍ୟ ପୁସ୍ତକ ଏବଂ ବିଶୁଦ୍ଧ ସୁସମାଚାର" ।

ଙ. ମୁଁ ନୂତନ ବିଶ୍ୱାସୀମାନଙ୍କୁ ପ୍ରତିଦିନ ବାଇବଲ ପଢ଼ିବା ନିମନ୍ତେ ଉତ୍ସାହ କରେ । ମୁଁ ସେମାନଙ୍କୁ ନୂତନ ନିୟମର ତିନୋଟି ପୁସ୍ତକରୁ ପଢ଼ିବା ଆରମ୍ଭ କରିବାକୁ ସୁପାରିଶ କରେ ।

୧. ଯୀଶୁଙ୍କୁ ବୁଝିବା ନିମନ୍ତେ, ଯୋହନ ରଚିତ ସୁସମାଚାର

୨. ମଣ୍ଡଳୀ ନିମନ୍ତେ ବ୍ୟବହାର-ଯୋଗ୍ୟ ଯୀଶୁଙ୍କର ଶିକ୍ଷାକୁ ବୁଝିବାକୁ ରୋମୀୟ ପୁସ୍ତକ ।

୩. ପ୍ରତିଦିନ ସୁସମାଚାରରେ କିପରି ଜୀବନଯାପନ କରିବା ତାହାକୁ ବୁଝିବା ନିମନ୍ତେ । ୧ ଯୋହନ ।

ଲେଖକ

ନିଶ୍ଚିତ ଭାବେ ପାଉଲ ହେଉଛନ୍ତି ଲେଖକ । ତାହାଙ୍କ ପ୍ରକାରଗତ ଉଦାହରଣ ୧:୧ରେ ଦେଖିବାକୁ ମିଳେ । ଏହା ସାଧାରଣତଃ ସର୍ବସମ୍ମତ ଅଟେ ଯେ, ପାଉଲଙ୍କ "ଶାରିରୀକ କଷ୍ଟ" ହେତୁ ଖରାପ ଦୃଷ୍ଟିଶକ୍ତି ଥିଲା । ତେଣୁ ସେ ନିଜେ ଏହି ପତ୍ରଟିକୁ ଲେଖିନାହାନ୍ତି । ମାତ୍ର ସେ ଜଣେ ଲେଖକଙ୍କୁ ଲେଖିବା ନିମନ୍ତେ ବ୍ୟବହାର କଲେ, ତର୍ତ୍ତିୟ (୧୬ :୨୨)

ତାରିଖ

କ. ରୋମୀୟ ପୁସ୍ତକର ସମ୍ଭବପର ଲେଖକତ୍ୱ ତାରିଖ ଖ୍ରୀଷ୍ଟାବ୍ଦ ୫୬-୫୮ । ଏହା ନୂତନ ନିୟମର କ୍ୱଚିତ ପୁସ୍ତକ ଯାହାର ଲିଖନି ତାରିଖକୁ ନିଶ୍ଚିତ ଭାବେ କୁହାଯାଇପାରିବ । ଏହା ପ୍ରେରିତ - ୨୦ : ୨ ଏବଂ ରୋମୀୟ - ୧୫ : ୧୭ ର ତୁଳନାରେ କୁହାଯାଇଛି । ବୋଧହୁଏ ରୋମୀୟ ପୁସ୍ତକ ପାଉଲଙ୍କ ତୃତୀୟ ମିଶନେରୀ ଯାତ୍ରାର ଶେଷରେ କିରିନ୍ଥୀୟରେ ଲେଖାଯାଇଥିଲା, ତାହାଙ୍କର ଯିରୁଶାଲେମ ପରିତ୍ୟାଗ କରିବା ପୂର୍ବେ ।

ଖ. ପାଉଲଙ୍କ ଲେଖାର ସମ୍ଭବପର କାଳାନୁକ୍ରମିକ ଯାହାକୁ ଏଫ୍. ଏଫ ବ୍ରସ୍ ଏବଂ ମୁରି ହରିସ୍ ଅଳ୍ପ ଉପଯୋଗୀକରଣ ସହ ଅନୁଗମନ କରୁଅଛନ୍ତି ।

| ପୁସ୍ତକ | ତାରିଖ | ଲିଖନିସ୍ଥାନ | ପ୍ରେରିତ ପୁସ୍ତକ ସହ ସମ୍ବନ୍ଧ |
|---|---|---|---|
| ୧- ଗାଲାତୀୟ | ୪୮ | ସୁରିୟା ଆନ୍ତିୟଖିଆ | ୧୪ : ୨୮, ୧୫ : ୨ |
| ୨- ୧ ଥେସଲିନିକୀୟ | ୫୦ | କରିନ୍ଥୀୟ | ୧୮. ୫ |
| ୩- ୨ ଥେସଲନିକୀୟ | ୫୦ | କରିନ୍ଥୀୟ | |
| ୪- ୧ କରିନ୍ଥୀୟ | ୫୫ | ଏଫିସୀୟ | ୧୯ : ୨୦ |
| ୫- ୨ କରିନ୍ଥୀୟ | ୫୬ | ମାକିଦନିଆ | ୨୦ : ୨ |
| ୬- ରୋମୀୟ | ୫୭ | କରିନ୍ଥୀୟ | ୨୦ : ୩ |

୭- ୧୦ କାରାଗୃହର ପତ୍ର

କଲସୀୟ ୬୦ ଖ୍ରୀଷ୍ଟାବ୍ଦର ଆରମ୍ଭ

ଏଫିସୀୟ ,, ରୋମ

ଫିଲୀମୋନ ,,

ଫିଲିପ୍ପୀୟ ୬୨–୬୩ ପଶ୍ଚାତ ୨୮ :୩୦-୩୧

୧୧-୧୩ ଚତୁର୍ଥ ମିଶନେରୀ ଯାତ୍ରା

୧ ତିମଥୀ ୬୩ କିମ୍ବା ପଶ୍ଚାତରେ – ମାକିଦନିଆ

ତୀତସ ୬୩ କିମ୍ବା ତା ପୂର୍ବେ – ଏଫିସୁସ୍

୨ ତୀମଥୀ ୬୩ କିମ୍ବା ୬୪ ଖ୍ରୀଷ୍ଟାବ୍ଦ – ରୋମ୍

ଗ୍ରହଣକାରୀ

ଏହି ପତ୍ରଟି ଏହାର ଉଦ୍ଦିଷ୍ଟ ସ୍ଥାନକୁ ରୋମ୍ ବୋଲି କହେ । ରୋମ୍ର ମଣ୍ଡଳୀ କିଏ ସ୍ଥାପନା କଲେ ତାହା ଆମ୍ଭେମାନେ ଜାଣୁ ନାହୁଁ ।

କ. ଏହା ପେଣ୍ଟିକୋଷ୍ଟ ସମୟରେ ଯିରୁଶାଲମକୁ ପରିଦର୍ଶନ କରିଥିବା କେତେକ ଲୋକ ହୋଇପାରନ୍ତି । ଯିଏ ମନ ପରିବର୍ତ୍ତନ କରି, ବାହୁଡ଼ି ଗୋଟିଏ ଗିର୍ଜା ଆରମ୍ଭ କଲେ (ପ୍ରେରିତ - ୨ : ୧୦) ।

ଖ. ହୋଇପାରେ ଜଣେ ଶିଷ୍ୟ ଯିଏ ସ୍ତିଫାନଙ୍କ ମୃତ୍ୟୁପରେ ଯିରୁଶାଲମରେ ତାଡ଼ନା ହେତୁ ପଳାୟନ କରିଥିଲା (ପ୍ରେରିତ - ୮.୪) ।

ଗ. ହୋଇପାରେ ଏହା ପାଉଲଙ୍କ ମିଶନାରୀ ଯାତ୍ରା ସମୟରେ ପରିବର୍ତ୍ତିତ ଜଣେ ବ୍ୟକ୍ତି । ଯିଏ ରୋମ୍କୁ ଯାତ୍ରା କଲା । ପାଉଲ ଏହି ମଣ୍ଡଳୀକୁ କେବେହେଲେ ପରିଦର୍ଶନ କରିନାହାନ୍ତି । ମାତ୍ର ଯିବା ନିମନ୍ତେ ଆଗ୍ରହ ପ୍ରକାଶ କଲେ (ପ୍ରେରିତ : ୧୯ : ୨୧) । ତାହାଙ୍କର ସେଠାରେ ଅନେକ ମିତ୍ର ଥିଲେ (ରୋମୀୟ - ୧୬)

ମନେହୁଏ "ପ୍ରେମ ଉପହାର" ସହିତ ଯିଶୁଶାଲମ ଯାତ୍ରା ପରେ ତାହାଙ୍କର ସ୍ପେନ୍ ଯାତ୍ରା ସମୟରେ ରୋମ୍ ଦର୍ଶନ କରିବା ଯୋଜନା ଥିଲା (ରୋମୀୟ- ୧୫ : ୨୮) । ପାଉଲ ମନେକଲେ ଯେ, ତାହାଙ୍କର ସେବାକାର୍ଯ୍ୟ ପୂର୍ବ ଭୂମଧ୍ୟରେ ଶେଷ ହେଲା । ସେ ନୂତନ ଅଞ୍ଚଳର ଆକାଂକ୍ଷା କଲେ (ରୋମୀୟ- ୧୫ : ୨୦-୨୩, ୨୮) । ଫଇବି କରିନ୍ଥୀୟରୁ ରୋମ୍ ନିମନ୍ତେ ପାଉଲଙ୍କ ପତ୍ର ବାହକ ଥିଲେ; ଜଣେ ପ୍ରଭୁଙ୍କର ଦାସୀ, ଯିଏ ସେହି ପଥରେ ଯାତ୍ରା କରୁଥିଲେ (ରୋମୀୟ - ୧୬ :୧)

ଏହି ପତ୍ରଟି କାହିଁକି ଜଣେ ତମ୍ବୁ ନିର୍ମାଣକାରୀ ଯିହୁଦି ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମ ଶତାବ୍ଦିରେ କରନ୍ଥୀୟରେ ଲେଖାଗଲା, ଯାହାକି ଏତେ ମୂଲ୍ୟବାନ ? ଯାହାକୁ ମାର୍ଟିନ୍ ଲୁଥର କହିଲେ । "ନୂତନ ନିୟମର ମୂଖ୍ୟ ପୁସ୍ତକ ଏବଂ ବିଶୁଦ୍ଧ ସୁସମାଚାର" । ଏହି ପୁସ୍ତକର ମୂଲ୍ୟ ଏହି ସତ୍ୟରେ ମିଳେ କି ଏହା ପରିବର୍ତ୍ତନ ରାବ୍‌ବି ମାନଙ୍କ ଦ୍ୱାରା ଗଭୀର ମାତ୍ରାରେ ବର୍ଣ୍ଣିତ ଏକ ସୁସମାଚାର ଅଟେ । ତର୍ସିସର ପାଉଲ ବିଜାତିମାନଙ୍କର ପ୍ରେରିତ ରୂପେ ପରିଚିତ । ପାଉଲଙ୍କ ଅଧିକାଂଶ ପତ୍ର ସ୍ଥାନୀୟ ପରିସ୍ଥିତିରେ ଦୃଢ଼ରୂପେ ଚିତ୍ରିତ । କିନ୍ତୁ ରୋମୀୟ ପୁସ୍ତକ ନୁହେଁ । ଏହା ପ୍ରେରିତ ପାଉଲଙ୍କ ବିଶ୍ୱାସର ଏକ ପଦ୍ଧତିଗତ ଉପସ୍ଥାପନା ।

ଆପଣ ଜଣେ ସହଯୋଗୀ ଖ୍ରୀଷ୍ଟିୟାନ କଣ ଆପଣ ଜାଣନ୍ତି ଆଜି "ବିଶ୍ୱାସ" ("ଯଥାର୍ଥତା," "ଦୋଷାରୋପଣ", "ଗ୍ରହଣ", ଏବଂ "ଶ୍ୱତକରର") ନିମନ୍ତେ ବର୍ଣ୍ଣିତ ଅଧିକାଂଶ ବୈଷୟିକ ଶବ୍ଦର ପ୍ରୟୋଗ ରୋମୀୟ ପୁସ୍ତକ ଠାରୁ ଆହ୍ନିତ ?

ଏହା ଗାଲାତୀୟ ଲୋକମାନଙ୍କ ସତ୍ୟତାର ଧର୍ମଶାସ୍ତ୍ରୀୟ ବିକାଶ ।ଆମ୍ଭମାନଙ୍କ ଦୈନନ୍ଦିନ ଜୀବନରେ ତାହାଙ୍କର ଇଚ୍ଛାକୁ ଜାଣିବାରେ ଇଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ କି ସେ ଏହି ପୁସ୍ତକର ଅଗମ୍ୟତାକୁ ଖୋଲି ଦିଅନ୍ତି ।

ଉଦ୍ଦେଶ୍ୟ

କ. ସ୍ପେନ୍କୁ ସେବାକାର୍ଯ୍ୟର ଯାତ୍ରା ନିମନ୍ତେ ରୋମ୍ର ମଣ୍ଡଳୀ ନିକଟକୁ ପାଉଲଙ୍କ ସହାୟତା ନିବେଦନ । ପୂର୍ବିୟ ଭୂମଧ୍ୟ ପ୍ରାନ୍ତରରେ ପାଉଲଙ୍କ ପ୍ରେରିତିକ କାର୍ଯ୍ୟର ସମାପ୍ତି ସେ ଦେଖିଲେ (୧୫ : ୨୦ – ୨୩, ୨୮)

ଖ. ରୋମ ମଣ୍ଡଳୀରେ ଯିହୁଦୀ ଏବଂ ବିଜାତି ବିଶ୍ୱାସୀ ମାନଙ୍କ ମଧ୍ୟରେ ସମସ୍ୟାକୁ ଜଣେଇବାକୁ । ବୋଧହୁଏ ଏହା ରୋମର ସମସ୍ତ ଯିହୁଦୀମାନଙ୍କର ବିତାଡ଼ନର ପରିଣାମ ଏବଂ ସେମାନଙ୍କ ପଶ୍ଚାତଗମନ । ତତ୍‌ପଶ୍ଚାତ ଯିହୁଦୀ ଖ୍ରିଷ୍ଟିୟାନ ନେତୃଗଣ ବିଜାତି ଖ୍ରୀଷ୍ଟିୟାନ ନେତୃଗଣଙ୍କ ଦ୍ୱାରା ପୁନଃସ୍ଥାପିତ ହେଲେ ।

ଗ. ରୋମୀୟ ମଣ୍ଡଳୀରେ ଆପଣାକୁ ପରିଚିତ କରଇବାକୁ । ଯିରୁଶାଲେମରେ ଯିହୁଦୀ ପରିବର୍ତ୍ତିତ ସଙ୍କୋଚ ବିଶ୍ୱାସୀମାନଙ୍କଠାରୁ ପାଉଲଙ୍କୁ ଅତ୍ୟଧିକ ବିରୋଧ ଥିଲା (ପ୍ରେରିତ - ୧୫ ର ଯିରୁଶାଲମ ପରିଷଦ), ଏବଂ ଅସଙ୍କୋଚ ଯିହୁଦୀ (ଗାଲାତୀୟ ଯିହୁଦୀ ଏବଂ ୨ କରନ୍ଥୀୟ ୩, ୧୦ – ୧୩), ଏବଂ ବିଜାତି ମାନଙ୍କଠାରୁ ମଧ୍ୟ ତାହାଙ୍କୁ ବିରୋଧ କରାଯାଇଥିଲା । ଯେଉଁମାନେ ସୁସମାଚାରକୁ ତାହାଙ୍କର ପ୍ରିୟ ସିଦ୍ଧାନ୍ତ କିମ୍ବା ଅର୍ଥଶାସ୍ତ୍ର ସହିତ ମିଶ୍ରଣ କରିବାକୁ ଉଦ୍ୟମ କରୁଥିଲେ (ଉଦାହରଣ ନୋଷ୍ଟିକବାଦ) ।

ଘ. ପାଉଲ ଜଣେ ବିପଦପୂର୍ଣ୍ଣ ନବପ୍ରବର୍ତ୍ତକ ରୂପେ ନିନ୍ଦିତ ଥିଲେ କି ସେ ଯୀଶୁଙ୍କର ଶିକ୍ଷାକୁ ବେଖାତିର କରି ଜଡୁଅଛନ୍ତି । ଯୀଶୁଙ୍କର ଶିକ୍ଷା ଏବଂ ପୁରାତନ ନିୟମର ପ୍ରୟୋଗରେ ତାହାଙ୍କର ସୁସମାଚାରଯେ ସତ୍ୟ ତାହା ଏହି ରୋମୀୟ ପୁସ୍ତକ କ୍ରମାନୁସାର ପ୍ରତିରକ୍ଷା ଦ୍ୱାରା ଆବେଗ କରେ ।

ସଂକ୍ଷିପ୍ତ ବିବରଣୀ

କ. ପ୍ରସ୍ତାବନା (୧:୧–୧୭)

୧. ଅଭିବାଦନ (୧: ୧–୭)

କ. ଲେଖକ (୧–୫)

ଖ. ଲକ୍ଷ୍ୟ (୬–୭କ)

ଗ. ପ୍ରଣାମ (୭ଖ)

୨. ସମୟ (୧: ୮–୧୫)

୩. ବିଷୟ (୧: ୧୬–୧୭)

ଖ. ଇଶ୍ୱରିୟ ଧାର୍ମିକତା ନିମନ୍ତେ ଆବଶ୍ୟକ (୧: ୧୮–୩ : ୨୦)

୧. ବିଜାତି ଜଗତକୁ ଅଗ୍ରାହ୍ୟ କରିବା (୧: ୧୮–୩୨)

୨. ଯିହୁଦୀ କିମ୍ୱା ସାଂସାରିକ ନିତିଶାସ୍ତ୍ରୀ (୨:୧–୧୬)

୩. ଯିହୁଦୀମାନଙ୍କର ବିଚାର (୨ : ୧୭–୩:୮)

୪. ବିଶ୍ୱବ୍ୟାପି ନିନ୍ଦା (୩ : ୯– ୨୦)

ଗ. ଇଶ୍ୱରୀୟ ଧାର୍ମିକତା କଣ ଅଟେ (୩ : ୨୧ – ୮ : ୩୯)

୧. ବିଶ୍ୱାସ ଦ୍ୱାରା ହିଁ ଧାର୍ମିକତା (୩ : ୨୧ – ୩୧)

୨. ଧାର୍ମିକତାର ଭିତ୍ତି : ଇଶ୍ୱରଙ୍କ ପ୍ରତିଜ୍ଞା (୪ : ୧– ୨୫)

କ. ଅବ୍ରାହମଙ୍କ ଧାର୍ମିକ ଗଣିତ (୪ : ୧–୫)

ଖ. ଦାଉଦ (୪ : ୬–୮)

ଗ. ସୁନ୍ନତ ପ୍ରତି ଅବ୍ରାହମଙ୍କ ସମ୍ୱନ୍ଧ (୪ : ୯–୧୨)

ଘ. ଅବ୍ରାହମଙ୍କୁ ଇଶ୍ୱରଙ୍କ ପ୍ରତିଜ୍ଞା (୪ : ୧୩ – ୨୫)

୩. ଧାର୍ମିକତାର ଉପଲବ୍ଧି (୫ : ୧–୨୧)

କ. ଅନ୍ତର୍ନିହିତ ଦୃଷ୍ଟିକୋଣ : ଅଯୋଗ୍ୟତା ପ୍ରେମ, ଅସମକକ୍ଷ ଆନନ୍ଦ (୫:୧-୫)

ଖ. ବାସ୍ତବିକ ଦୃଷ୍ଟିକୋଣ : ଇଶ୍ୱରଙ୍କ ଆଶ୍ଚର୍ଯ୍ୟାନ୍ୱିତ ପ୍ରେମ (୫:୬–୧୧)

ଗ. ଆଦମ / ଖ୍ରୀଷ୍ଟ ପ୍ରକାର : ଆଦମଙ୍କ ଆଜ୍ଞାହୀନ, ଇଶ୍ୱରଙ୍କ ଆୟୋଜନ (୫ : ୧୨ – ୨୧)

୪. ବ୍ୟକ୍ତିଗତ ଧାର୍ମିକତାରେ ଇଶ୍ୱରିୟ ଧାର୍ମିକତା ପ୍ରଚଳନ ହେବା ଆବଶ୍ୟକ (୬ : ୧–୭ : ୨୫)

କ. ପାପରୁ ମୁକ୍ତ କରାଗଲେ (୬ : ୧–୧୪)

(୧) . ସମ୍ଭବପର ଅନନୁମୋଦନ (୬ : ୧–୨)

(୨). ବାପ୍ତିସ୍ମର ଅର୍ଥ (୬ : ୩–୧୪)

ଖ. ଶଇତାନର ଗୋଲାମ ବା ଇଶ୍ୱରଙ୍କ ଦାସ : ଆପଣଙ୍କ ମନୋନୟନ (୬ : ୧୫–୨୩)

ଗ. ବ୍ୟବସ୍ଥା ଅନୁସାରେ ମଣିଷର ବିବାହ (୭ : ୧–୬)

ଘ. ବ୍ୟବସ୍ଥା ଉତ୍ତମ ଅଟେ, କିନ୍ତୁ ପାପ ଉତ୍ତମକୁ ନିବାରଣ କରେ (୭:୭-୧୪)

ଙ. ଉତ୍ତମର ଅନନ୍ତ ସଂଗ୍ରାମ ଏବଂ ବିଶ୍ୱାସୀମାନଙ୍କରେ ମନ୍ଦ (୭: ୧୫–୨୫)

୫. ଇଶ୍ୱରୀୟ ଧାର୍ମିକତାର ଦୃଶ୍ୟମାନ ପରିଣାମ (୮:୧–୩୯)

କ. ଆତ୍ମାରେ ଜୀବନ (୮:୧–୧୭)

ଖ. ସୃଷ୍ଟିର ଉଦ୍ଧାର (୮:୧୮–୨୫)

ଗ. ଆତ୍ମାଙ୍କ ଅବିରତ ସାହାଯ୍ୟ (୮:୨୬–୩୦)

ଘ. ବିଶ୍ୱାସ ଦ୍ୱାରା ଔଚିତ୍ୟର ଆଇନ ସଙ୍ଗତ ବିଜୟ (୮:୩୧–୩୯)

ଘ. ସମସ୍ତ ମାନବ ନିମନ୍ତେ ଇଶ୍ୱରିୟ ଉଦ୍ଦେଶ୍ୟ (୯:୧–୧୧:୩୨)

୧. ଇସ୍ରାଏଲର ଚୟନ (୯:୧–୩୩)

କ. ବିଶ୍ୱାସର ପ୍ରକୃତ ବଶ (୯:୧–୧୩)

ଖ. ଇଶ୍ୱରଙ୍କ ସାର୍ବଭୌମତ୍ୱ (୯:୧୪–୨୬)

ଗ. ଇଶ୍ୱରଙ୍କ ବିଶ୍ୱବ୍ୟାପି ଯୋଜନା ବିଜାତିମାନଙ୍କୁ ସଂଲଗ୍ନ କରେ(୯:୨୭–୩୩)
୨. ଇସ୍ରାଏଲର ଉଦ୍ଧାର (୧୦:୧–୨୧)
କ. ଇଶ୍ୱରଙ୍କ ଧାର୍ମିକତା ବନାମ ମଣିଷର ଧାର୍ମିକତା (୧୦:୧–୧୩)
ଖ. ଇଶ୍ୱରଙ୍କ ଅନୁଗ୍ରହ ବାର୍ତ୍ତାବାହକଙ୍କ ଆବଶ୍ୟକ କରେ, ଜଗତ ସେବା ନିମନ୍ତେ ଆହ୍ୱାନ (୧୦: ୧୪–୧୮)
ଗ. ଇସ୍ରାଏଲ ନିରନ୍ତର ଖ୍ରୀଷ୍ଟଙ୍କୁ ଅବିଶ୍ୱାସ କଲେ (୧୦: ୧୯–୨୧)
୩. ଇସ୍ରାଏଲର ପରାଜୟ (୧୧:୧–୩୬)
କ. ଯିହୁଦୀଙ୍କ ଅବଶେଷ (୧୧:୧-୧୦)
ଖ. ଯିହୁଦୀଙ୍କ ଇର୍ଷାପରାୟଣ (୧୧:୧୧-୨୪)
ଗ. ଇସ୍ରାଏଲଙ୍କ ସାମୟିକ ଅନ୍ଧତ୍ୱ (୧୧:୨୫-୩୨)
ଘ. ପାଉଲଙ୍କ ପ୍ରଶଂସାର ଉଦ୍‌ଗୀକରଣ (୧୧:୩୩–୩୬)

ଙ. ଇଶ୍ୱରିୟ ଧାର୍ମିକତା ଦାନର ପରିଣାମ (୧୨:୧–୧୫ :୧୩)
୧. ପବିତ୍ରୀକରଣକୁ ଆହ୍ୱାନ (୧୨:୧–୨)
୨. ଦାନର ବ୍ୟବହାର (୧୨:୩–୮)
୩. ଅନ୍ୟ ବିଶ୍ୱାସୀମାନଙ୍କ ସହିତ ବିଶ୍ୱାସୀମାନଙ୍କ ସଂପର୍କ (୧୨:୯–୨୧)
୪. ଦେଶ ସହିତ ସମ୍ୱନ୍ଧ (୧୩:୧– ୭)
୫. ପଡୋଶୀଙ୍କ ସହ ସମ୍ୱନ୍ଧ (୧୩ : ୮–୧୦)
୬. ଆମ୍ଭମାନଙ୍କ ପ୍ରଭୁଙ୍କ ସହିତ ସମ୍ୱନ୍ଧ (୧୩ : ୧୧–୧୪)
୭. ସହଯୋଗୀ ଗୀର୍ଜା ସଦସ୍ୟଙ୍କ ସହିତ ସମ୍ୱନ୍ଧ (୧୪ : ୧–୧୨)
୮. ଅନ୍ୟମାନଙ୍କ ଉପରେ ଆମ୍ଭମାନଙ୍କ ପ୍ରଭାବ (୧୨ : ୧୩–୨୩)
୯. ଖ୍ରୀଷ୍ଟଙ୍କ ସାଦୃଶ୍ୟତାରେ ସମ୍ୱନ୍ଧ (୧୫ :୧–୧୩)

ଚ. ସାରାଂଶ (୧୫ : ୧୪ – ୩୩)
୧. ପାଉଲଙ୍କ ବ୍ୟକ୍ତିଗତ ଯୋଜନା (୧୫ : ୧୪ – ୨୯)
୨. ପ୍ରାର୍ଥନା ନିମନ୍ତେ ନିବେଦନ (୧୫ :୩୦ – ୩୩)

ଛ. ପରବର୍ତ୍ତୀ ଚିଠି (୧୬:୧–୨୭)
୧. ଅଭିବାଦନ (୧୬:୧–୨୪)
୨. ଆଶୀର୍ବାଦ (୧୬ :୨୫–୨୭)

ପଠନ ଚକ୍ର ଏକ

ଏହା ଅଧ୍ୟୟନ ନିମନ୍ତେ ଏକ ମାର୍ଗଦର୍ଶକ ଟୀକ୍‌କା, ଯାହାର ଅର୍ଥ ବାଇବଲର ଅନୁବାଦ ନିମନ୍ତେ ଆପଣ ନିଜେ ଉତ୍ତରଦାୟୀ । ଆମ୍ଭେମାନେ ସମସ୍ତେ ଜ୍ୟୋତିରେ ଚାଲିବା ଆବଶ୍ୟକ ଯାହା ଆମ୍ଭମାନଙ୍କଠାରେ ଅଛି । ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ପ୍ରଧାନ ଅଟନ୍ତି । ଆପଣ ଏହାକୁ ଟୀକ୍‌କା କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ ।

ସଂପୂର୍ଣ୍ଣ ବାଇବଲିୟ ପୁସ୍ତକକୁ ଏକାଥରେ ପଢ଼ନ୍ତୁ । ଆପଣଙ୍କ ନିଜ ଶବ୍ଦରେ ସଂପୂର୍ଣ୍ଣ ପୁସ୍ତକର ମୁଖ୍ୟ ବିଷୟକୁ ବୟାନ କରନ୍ତୁ ।

୧. ସଂପୂର୍ଣ୍ଣ ପୁସ୍ତକର ବିଷୟ
୨. ସାହିତ୍ୟର ପ୍ରକାର (ବିଶେଷ ସାହିତ୍ୟ)

ପଠନ ଚକ୍ର ଦୁଇ

ଏହା ଅଧ୍ୟୟନ ନିମନ୍ତେ ଏକ ମାର୍ଗଦର୍ଶକ ଟୀକ୍‌କା ଯାହାର ଅର୍ଥ ବାଇବଲର ଅନୁବାଦ ନିମନ୍ତେ ଆପଣ ନିଜେ ଉତ୍ତରଦାୟୀ । ଆମ୍ଭେମାନେ ସମସ୍ତେ ଜ୍ୟୋତିରେ ଚାଲିବା ଆବଶ୍ୟକ ଯାହା ଆମ୍ଭମାନଙ୍କଠାରେ ଅଛି । ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ପ୍ରଧାନ ଅଟନ୍ତି । ଆପଣ ଏହାକୁ ଟୀକ୍‌କା କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ ।

ସଂପୂର୍ଣ୍ଣ ବାଇବଲିୟ ପୁସ୍ତକକୁ ଏକାଥରେ ପଢ଼ନ୍ତୁ । ମୁଖ୍ୟ ବିଷୟକୁ ସୀମାରେଖା କରନ୍ତୁ ଏବଂ ବିଷୟ ଗୋଟିଏ ବାକ୍ୟରେ ପ୍ରକାଶ କରନ୍ତୁ ।

୧. ପ୍ରଥମ ସାହିତ୍ୟିକ ଭାଗର ବିଷୟ
୨. ଦ୍ୱିତୀୟ ସାହିତ୍ୟିକ ଭାଗର ବିଷୟ
୩. ତୃତୀୟ ସାହିତ୍ୟିକ ଭାଗର ବିଷୟ
୪. ଚତୁର୍ଥ ସାହିତ୍ୟିକ ଭାଗର ବିଷୟ
୫. ଇତ୍ୟାଦି

# ରୋମୀୟ–୧

## ଆଧୁନିକ ଅନୁବାଦର ଅନୁଚ୍ଛେଦ ବିଭାଜନ

| ୟୁଏସ୍‌ବି ୪ | ଏନ୍‌କେଜେଭି | ଏନ୍‌ଆର୍‌ଏସ୍‌ଭି | ଟିଇଭି | ଏନ୍‌ଜେବି |
|---|---|---|---|---|
| ଅଭିବାଦନ | ପ୍ରଣାମ ଅଭିବାଦନ | ଅଭିବାଦନ | ଅଭିବାଦନ | କହିବା |
| ୧ : ୧–୭ | ୧:୧–୭ | ୧:୧–୬ | ୧:୧ | ୧:୧–୨ |
| | | | ୧:୨–୬ | |
| | | | | ୧:୩–୭ |
| | | ୧:୭କ | ୧:୭କ | |
| | | ୧:୭ଖ | ୧:୭ଖ | |
| ରୋମଦର୍ଶନ କରିବା ପାଉଲ ଆଗ୍ରହ | ରୋମ ଦର୍ଶନକରିବା ଆଗ୍ରହ | ଧନ୍ୟବାଦ | ପ୍ରାର୍ଥନା ଏବଂ ଧନ୍ୟବାଦ | ଧନ୍ୟବାଦ ଏବଂ ପ୍ରାର୍ଥନା |
| ୧:୮–୧୫ | ୧:୮–୧୫ | ୧:୮–୧୫ | ୧:୮–୧୨ | ୧:୮–୧୫ |
| | | | ୧:୧୩–୧୫ | |
| ସୁସମାଚାରର ଶକ୍ତି | ଧର୍ମବିଶ୍ୱାସରେ ବଞ୍ଚିବ | ପତ୍ରର ବିଷୟବସ୍ତୁ | ସୁସମାଚାରର ଶକ୍ତି | ବିଷୟବର୍ଣ୍ଣିତ ହେଲା |
| ୧: ୧୬–୧୭ | ୧: ୧୬–୧୭ | ୧: ୧୬–୧୭ | ୧: ୧୬–୧୭ | ୧: ୧୬–୧୭ |
| ମଣିଷର ଅପରାଧ | ଅଧାର୍ମିକ ଉପରେ ଇଶ୍ୱରଙ୍କକ୍ରୋଧ | ପାପ ଉପରେ ଇଶ୍ୱରଙ୍କ ନ୍ୟାୟ, | ମଣିଷର ପାପ, | ବିଜାତି ମାନଙ୍କ ବିରୋଧରେ ଇଶ୍ୱରଙ୍କ ପ୍ରତିଶୋଧ |
| ୧:୧୮–୨୩ | ୧:୧୮– ୩୨ | ୧:୧୮–୨୩ | ୧:୧୮–୨୩ | ୧:୧୮–୨୩ |
| ୧:୧୮–୨୩ | | ୧:୨୪–୩୨ | ୧:୨୪–୨୫ | ୧:୨୪–୨୫ |
| | | ୧:୨୬–୨୭ | ୧:୨୬–୨୭ | ୧:୨୬–୨୭ |
| | | ୧:୨୮–୩୨ | ୧:୨୮–୩୨ | ୧:୨୮–୩୨ |

# ପଠନ ଚକ୍ର ତିନି

**ଅନୁଚ୍ଛେଦ ସ୍ତରରେ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟକୁ ଅନୁସରଣ କରିବା**

ଏହା ଏକ ଅଧ୍ୟୟନ ମାର୍ଗଦର୍ଶକ ଟୀକ୍‌କା ଯାହାର ଅର୍ଥ ବାଇବଲର ଅନୁବାଦରେ ଆପଣ ନିଜେ ହିଁ ଉତ୍ତରଦାୟୀ ଅଟନ୍ତି । ଆମ୍ଭେମାନେ ସମସ୍ତେ ଜ୍ୟୋତିରେ ଚାଲିବା ଆବଶ୍ୟକ ଯାହା ଆମ୍ଭମାନଙ୍କ ପାଖରେ ଅଛି । ଅନୁବାଦରେ ଆପଣ, ବାଇବଲ, ଏବଂ ପବିତ୍ର ଆତ୍ମା ପ୍ରଧାନ ଅଟନ୍ତି । ଆପଣ ଏହାକୁ ଟୀପ୍‌ପଣୀ କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ । ଅଧ୍ୟାୟକୁ ଏକାଥରେ ପଢ଼ନ୍ତୁ । ବିଷୟକୁ ଚିହ୍ନନ୍ତୁ । ଆପଣଙ୍କ ବିଷୟ ବିଭାଜନକୁ ଅନ୍ୟ ପାଞ୍ଚ ଆଧୁନିକ ଅନୁବାଦ ସହିତ ତୁଳନା କରନ୍ତୁ । ଅନୁଚ୍ଛେଦ ପ୍ରେରଣା ପ୍ରାପ୍ତ ନୁହେଁ । କିନ୍ତୁ ବାସ୍ତବିକ ଲେଖକଙ୍କ ଉଦ୍ଦେଶ୍ୟକୁ ଜାଣିବାରେ ଏହା ମୂଖ୍ୟ ଅଟେ । ଯାହା କି ଅନୁବାଦର ହୃଦୟ ଅଟେ । ପ୍ରତ୍ୟେକ ଅନୁଚ୍ଛେଦର କେବଳ ଗୋଟିଏ ବିଷୟ ରହିଛି ।

୧. ପ୍ରଥମ ଅନୁଚ୍ଛେଦ
୨. ଦ୍ୱିତୀୟ ଅନୁଚ୍ଛେଦ
୩. ତୃତୀୟ ଅନୁଚ୍ଛେଦ
୪. ଇତ୍ୟାଦି

**ପ୍ରାସଙ୍ଗିକ ଦୃଷ୍ଟିକୋଣ**

କ. ପଦ ୧–୭ ପତ୍ରର ପ୍ରସ୍ତାବନାରୁ । ପାଉଲଙ୍କ ଯେକୌଣସି ପୁସ୍ତକରୁ ଏହା ସବୁଠାରୁ ବଡ଼ ପ୍ରସ୍ତାବନା । ସେ ସେହି ମଣ୍ଡଳୀକୁ ଆପଣା ଏବଂ ଆପଣା ଧର୍ମଶାସ୍ତ୍ର ବିଷୟରେ ପରିଚୟ କରିବାକୁ ଚାହୁଁଥିଲେ । ଯିଏ ତାହାଙ୍କୁ ବ୍ୟକ୍ତି ଗତ ରୂପେ ଜାଣି ପାରନ୍ତି ଏବଂ ତାହାଙ୍କ ବିଷୟରେ ନାସ୍ତିକ ସୂଚକ ସୂଚନା ଶୁଣିଥାଇ ପାରନ୍ତି ।

ଖ. ପଦ. ୮–୧୨ ଧନ୍ୟବାଦର ଏକ ଆରମ୍ଭିକ ପ୍ରାର୍ଥନା । ଏହା ସାଧାରଣତଃ ଗ୍ରୀକ୍ ଲେଖାର ଗୁଣ ଏବଂ ବିଶେଷକରି ପାଉଲ ଲେଖାର ଚରିତ୍ର ।

ଗ. ପଦ ୧୬–୧୭ ପୁସ୍ତକର ବିଷୟକୁ ବିବରଣ କରେ ।

ଘ. ପଦ ୧୮ରୁ ୩:୨୦ ପ୍ରଥମ ସାହିତ୍ୟିକ ଅଂଶରୁ ଏବଂ ପାଉଲଙ୍କ ସୁସମାଚାରର ପ୍ରଥମ ପଏଣ୍ଟ; ସମସ୍ତ ମାନବ (ତିନି ଶ୍ରେଣୀ) ହଜିଗଲେ ଏବଂ ଉଦ୍ଧାର ପାଇବାକୁ ଆବଶ୍ୟକ (ଆଦି. ୩)

୧. ପାପି ସାଂସାରିକ ମନୁଷ୍ୟ

୨. ଉତ୍ତମ ସାଂସାରିକ ମନୁଷ୍ୟ

୩. ଯିହୁଦୀ

ଙ. ରୋମୀୟ ୧: ୧୮–୩ :୨୦ ଆଦି. ୩ ପର୍ବ ପ୍ରତିଫଳନ କରେ (ଆଶ୍ଚର୍ଯ୍ୟର କଥା କି ରାବ୍‌ବିମାନେ ଏହି ବିଷୟ ଉପରେ ଦୃଷ୍ଟିପାତ କରନ୍ତି ନାହିଁ । ମାତ୍ର ଆଦି. ୬ ଯେମିତି ପାପର ଆରମ୍ଭ ଅଟେ) । ମନୁଷ୍ୟ ଇଶ୍ୱରଙ୍କ ସହିତ ସହଭାଗିତା ରଖିବା ନିମନ୍ତେ ନିର୍ମିତ ହୋଇଥିଲା । ତାହାଙ୍କ ଆପଣା ସାଦୃଷ୍ୟରେ (ଆଦି. ୧ : ୨୬–୨୭) ମାତ୍ର ମନୁଷ୍ୟ ଜ୍ଞାନ ଏବଂ ଶକ୍ତିର ପ୍ରତିଜ୍ଞା ଓ ସାଧିନତାକୁ ବାଛିଲା । ପ୍ରଭାବରେ ମଣିଷ ଆପଣା ବୃଦ୍ଧି ନିମନ୍ତେ ଇଶ୍ୱରଙ୍କ ପ୍ରଶଂସାକୁ ଅଦଳବଦଳ କଲା (ନାସ୍ତିକତା ମଣିଷବାଦ) । ଇଶ୍ୱର ଏହି ନିଷ୍ପତିକୁ ଅନୁମତି ଦେଲେ । ଇଶ୍ୱରଙ୍କ ପ୍ରତିମୂର୍ତ୍ତି ହେବା ଅର୍ଥ ଦାଇତ୍ୱବାନ ହେବା, ନୈତିକଭାବରେ ବୁଝିବା, ପରିଣାମରୁ ସେଛୋକୃତ ମୁକ୍ତି । ଇଶ୍ୱର ମନୁଷ୍ୟକୁ ଉଭୟ ତାହାଙ୍କର ଇଛା ଏବଂ ମଣିଷର ଇଛାରୁ ପୃଥକ କରନ୍ତି (ଏକ ପ୍ରତିଜ୍ଞା ସମ୍ବନ୍ଧ) । ସେ ସେମାନଙ୍କୁ ଏ ସମସ୍ତ ପରିଣାମ ସହିତ ନିଜକୁ ବାଛିବାକୁ ଅନୁମତି ଦିଅନ୍ତି । ଇଶ୍ୱର ଦୁଖିତ ହେଲେ (ଆଦି. ୬ : ୫–୭), କିନ୍ତୁ ମନୁଷ୍ୟ ସମସ୍ତ ଅଧିକାର ସହିତ ମୁକ୍ତ ନୈତିକ ପ୍ରତିନିଧି । ପୁନରାବୃତ୍ତ ଅନୁଚ୍ଛେଦ "ଇଶ୍ୱର ସେମାନଙ୍କୁ ଦେଲେ" ତାହା ହେଉଛି ସାଧୀନତାର ଚିହ୍ନଟ । ଇଶ୍ୱରଙ୍କ ଦ୍ୱାରା ସେଛାକୃତ ବହିଷ୍କାର ନୁହେଁ । ଏହା ଇଶ୍ୱରଙ୍କ ଇଛା ନଥିଲା । ଏହା ସେହି ପୃଥିବୀ ନୁହେଁ ଯାହା ଇଶ୍ୱର ଚାହୁଥିଲେ (ଆଦି. ୩ :୨୨; ୬ : ୫–୭, ୧୧–୧୩) ।

ଚ. ୧: ୧୮ – ୩ :୨୦ର ଧର୍ମଶାସ୍ତ୍ରୀୟ ସାରାଂଶ ୩ : ୨୧–୩୧ରେ ଦେଖିବାକୁ ମିଳେ । ଏହା ସୁସମାଚାର "ଶୁଭସମ୍ବାଦ"ର ପ୍ରଥମ ଧର୍ମଶାସ୍ତ୍ରୀୟ ପଏଣ୍ଟ, ସମସ୍ତ ମନୁଷ୍ୟ ପାପ କରିଛି ଏବଂ ସେମାନଙ୍କୁ ଇଶ୍ୱରଙ୍କ କ୍ଷମାର ଆବଶ୍ୟକ ରହିଛି । ଇଶ୍ୱର ଅନୁଗ୍ରହ କରି ପୁଣିଥରେ ତାହାଙ୍କ ସହିତ ସହଭାଗିତା ରଖିବାର ସୁଯୋଗ ଦିଅନ୍ତି (ଉଦାହରଣ, ଏଦନର ଅନୁଭୁତି, ଆଦି ୧–୨ ସହିତ ପ୍ରକାଶିତ ୨୧–୨୨ର ତୁଳନା)

ଛ. ପାଉଲଙ୍କ ସୁସମାଚାର ଉପସ୍ଥାପନାର ପ୍ରଥମ ସାହିତ୍ୟିକ ଅଂଶରେ ଏହା ଅତି କୌତୁହଳ ଅଟେ କି ପତିତ ମଣିଷ, ଶଇତାନକୁ ବାଦ୍ ଦେଇ ସେ ନିଜେ ତାର ପାପ ଏବଂ ଦୁଷ୍ଟତା ନିମନ୍ତେ ଦାୟୀ ଅଟେ (୧ : ୧୮–୩ : ୨୦) । ନିଶ୍ଚିନ୍ତ ଭାବେ ଏହି ଅଂଶଟି ଆଦି- ୩ର ଧର୍ମଶାସ୍ତ୍ରୀୟବାକ୍ୟକୁ ପ୍ରତିବିମ୍ବ କରେ, ମାତ୍ର କୌଣସି ଗୋଟିଏ ବ୍ୟକ୍ତିଗତ ପରୀକ୍ଷାକାରି ବିନା । ଇଶ୍ୱର କଦାଚିତ ମଣିଷକୁ ଶଇତାନ ଉପରେ ଦୋଷ ଦେବାକୁ ଅନୁମତି ଦିଅନ୍ତି ନାହିଁ । (ଆଦି - ୩ : ୧୩) କିମ୍ବା ସୟମ ଇଶ୍ୱର ଉପରେ (ଆଦି. ୩ : ୧୨) । ମନୁଷ୍ୟ ଇଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହେଲା (ଆଦି . ୧ : ୨୬; ୫ : ୧୩; ୯:୬) । ବାଛିବା ନିମନ୍ତେ ସେମାନଙ୍କର ଅଧିକାର, ଶକ୍ତି, ଏବଂ କର୍ତ୍ତବ୍ୟ ଅଛି । ସେମାନେ ସେମାନଙ୍କ ଇଛା ହେତୁ ସାମୁହିକ ଭାବେ ଆଦମଙ୍କ ସହିତ ଏବଂ ବ୍ୟକ୍ତିଗତ ଭାବେ ବ୍ୟକ୍ତିଗତ ପାପ ହେତୁ ଦାୟୀ ଅଟନ୍ତି (୩ : ୨୩) ।

**ଶବ୍ଦ ଏବଂ ଅନୁଚ୍ଛେଦ ଅଧୟନ**

**ଏନ୍‌ଏଏସ୍‌ବି ବାକ୍ୟ : ୧ : ୧–୬**

**ପାଉଲ, ଖ୍ରୀଷ୍ଟ ଯୀଶୁଙ୍କ ଦାସ ଓ ଆହୁତ ଜଣେ ପ୍ରେରିତ, ପୁଣି ଇଶ୍ୱର ଆପଣା ପୁତ୍ର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ନିଜର ଯେଉଁ ସୁସମାଚାର ଧର୍ମଶାସ୍ତ୍ରରେ ଆପଣା ଭାବବାଦୀମାନଙ୍କ ଦ୍ୱାରା ପୂର୍ବରେ ପ୍ରତିଜ୍ଞା କରିଥିଲେ ସେହି ସୁସମାଚାର ନିମନ୍ତେ ପୃଥକୀକୃତ, ୨ ସେ ରୋମରେ ଥିବା ଈଶ୍ୱରଙ୍କ ପ୍ରିୟ ଓ ଆହୁତ ସମସ୍ତ ସାଧୁଙ୍କ ନିକଟକୁ ପତ୍ର ଲେଖୁଅଛି । ୩ ସେହି ଯୀଶୁ ଖ୍ରୀଷ୍ଟ ଶରୀର ସମ୍ବନ୍ଧରେ ଦାଉଦଙ୍କ ବଂଶଜାତ । ୪. କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଦ୍ୱାରା ଇଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ । ୫ ଆଉ, ଯେଉଁ ବିଜାତିମାନଙ୍କ ମଧ୍ୟରେ ତୁମ୍ଭେମାନେ ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନ ପ୍ରାପ୍ତ ହୋଇଅଛ । ୬. ତାହାଙ୍କ ନାମର ଗୌରବ ନିମନ୍ତେ ସେହି ବିଜାତି ସମସ୍ତେ ଯେପରି ବିଶ୍ୱାସ କରି ଆଜ୍ଞାକାରୀ ହୁଅନ୍ତି । ଏଥିନିମନ୍ତେ ଆମ୍ଭେମାନେ ତାହାଙ୍କଠାରୁ ଅନୁଗ୍ରହ ଓ ପ୍ରେରିତ ପଦ ପାଇଅଛୁ ହୁଅନ୍ତି ଏଥିନିମନ୍ତେ ଆମ୍ଭେମାନେ ତାହାଙ୍କ ଠାରୁ ଅନୁଗ୍ରହ ଓ ପ୍ରେରିତ ପଦ ପାଇଅଛୁ ।**

**୧ :୧ "ପାଉଲ"** ପାଉଲଙ୍କ ଦିନରେ ଅଧିକାଂଶ ଯିହୁଦୀମାନଙ୍କର ଦୁଇଟି ପ୍ରଥମ ନାମ ଥିଲା । ଗୋଟିଏ ଯିହୁଦୀ, ଆଉ ଗୋଟିଏ ରୋମୀୟ (ପ୍ରେରିତ. ୧୩ : ୯) । ପାଉଲଙ୍କ ଯିହୁଦୀ ନାମ ଶାଉଲ ଥିଲା । ସେ ଇସ୍ରାଏଲର ପୁରାତନ ରାଜାଙ୍କ ସଦୃଶ୍ୟ । ବେନ୍ୟାମୀନ ବଂଶରୁ ଥିଲେ (ରୋମ- ୧୧ : ୧; ଫିଲି ୩ : ୫) । ଗ୍ରୀକ୍ ରୂପରେ ତାହାଙ୍କର ରୋମୀୟ ନାମ ପାଉଲ (ପାଉଲୋସ୍) ଯାହାର ଅର୍ଥ "ଅଳ୍ପ" । ଅର୍ଥାତ୍

୧. ଦ୍ୱିତୀୟ ଶତାବ୍ଦିର ଅନିୟମ ପୁସ୍ତକ ତାହାଙ୍କ ଶରିରୀକ ଉଚ୍ଚତା ବିଷୟରେ ଯାହା ଉଲ୍ଲେଖ କରିଥିଲା । ପାଉଲଙ୍କ ପ୍ରେରିତ ପୁସ୍ତକ । ଥେସଲନୀୟ ବିଷୟରେ ଗୋଟିଏ ଅଧ୍ୟାୟରେ ଯାହାକୁ "ପାଉଲ ଏବଂ ଥେକଲ" କୁହାଯାଏ ।

୨. କାରଣ ସେ ମଣ୍ଡଳୀକୁ ତାଡ଼ନା କରିଥିଲେ । ସେ ସାଧୁମାନଙ୍କ ଠାରୁ ବ୍ୟକ୍ତିଗତ ଭାବେ ନ୍ୟୁନତମ (୧ କରି. ୧୫ : ୯; ଏଫି. ୩ : ୮; ୧ ତିମ. ୧ : ୧୫)

୩. ସାଧାରଣ ରୂପେ ଜନ୍ମରେ ତାହାଙ୍କର ମାତାପିତା ଏହି ନାମ ଦେଲେ । ତୃତୀୟ ବିକଳ୍ପ ଠିକ୍ ଲାଗେ ।

❑ **"ଜଣେ ଖ୍ରୀଷ୍ଟ ଯୀଶୁଙ୍କ ଦାସ"** ଏନ୍‌କେଜେଭି, ଏନ୍ ଆର୍ ଏସ୍‌ଭି, ଟିଇଭି, ଏବଂ ଜେବି ଅନୁବାଦ "ଦାସ" କହନ୍ତି । ଏହି ବିଚାର ଏହି ପ୍ରକାର ହୋଇପାରେ ।

୧. ଯୀଶୁ ଯେ ପ୍ରଭୁ ତାହାର ବିପରୀତାର୍ଥ

୨. ପୁରାତନ ନିୟମର ସମ୍ମାନସୂଚକ ପଦ (ଗଣନା ୧୨ : ୭ ଯିହୋଶୂୟ ୧୧ : ୨୪ : ୨୯ ରେ ମୋଶା ଏବଂ ଗୀତସଂହିତା ପଦରେ ଓ ଯିଶାଇୟ ୪୨: ୧, ୧୯; ୫୨ : ୧୩ରେ ଦାଉଦ)

❑ **ଏନ୍‌ଏଏସ୍‌ବି, ଟିଉଭି, ଏନ୍‌ଜେବି, ଆର୍‌ଇବି "ଖ୍ରୀଷ୍ଟ ଯୀଶୁ"**
**ଏନ୍‌କେଜେଭି, ଏନ୍‌ଆର୍‌ଏସଭି "ଯୀଶୁ ଖ୍ରୀଷ୍ଟ"**

"ଖ୍ରୀଷ୍ଟଯୀଶୁ" ଅଧିକ ଅସାଧାରଣ ଅଟେ ଏବଂ ଏଇଥିପାଇଁ ବୋଧହୁଏ ସର୍ବପ୍ରଥମ । (ଏମ୍‌ଏସ୍‌ଏସ୍ ପି ୧୦ ଖ) । ୟୁଏସ୍‌ବି୪ ଏହାକୁ "ଖ"ଶ୍ରେଣୀରେ ରଖେ (ପ୍ରାୟ ଅନିଶ୍ଚିତ) ଯେପରିକି ଅନ୍ୟ ପଦ୍ଧତି ପ୍ରକୃତରେ ଉତ୍ତମ ସମର୍ଥନ କରେ (ଏସ୍‌ଏସ୍‌ଏସ୍ ପୃ ୨୬, ଏନ୍, ଏ, ଡି, ଜି ଏବଂ ଅଧିକାଂଶ ଆଦ୍ୟ ମଣ୍ଡଳୀ ପିତାଗଣ) ।

ପ୍ରାସଙ୍ଗିକ ତର୍କର ଧାରଣାକୁ ପରିଶିଷ୍ଟ ଦୁଇ ରେ ଦେଖନ୍ତୁ । ଅଧିକାଂଶ ପ୍ରାସଙ୍ଗିକ ଭିନ୍ନତା ଏହି ପ୍ରକାର ଅଟେ ଅର୍ଥାତ୍ ସେମାନେ ଗ୍ରୀକ୍ ଲେଖାର ସାଧାରଣ ଅର୍ଥକୁ ପ୍ରଭାବ ପକାନ୍ତି ନାହିଁ ।

❑ **"ଆହୁତ ଜଣେ ପ୍ରେରିତ"** ଏହା ପରମେଶ୍ୱରଙ୍କ ଇଚ୍ଛା ଥିଲା । ତାହାଙ୍କ ନିଜର ନୁହେଁ (ପ୍ରେରିତ- ୯ : ୧୫; ଗାଲା. ୧: ୧୫; ଏଫି ୩ : ୭) । ଏହି ଅନୁଚ୍ଛେଦରେ ପାଉଲ ତାହାଙ୍କର ଆତ୍ମୀକ ଯୋଗ୍ୟତା ଏବଂ ଅଧିକାରକୁ ସାବ୍ୟସ୍ତ କରୁଅଛନ୍ତି । ଯେମିତି ସେ ୧. କରି ୧:୧; ୨କରି. ୧:୧; ଗାଲା. ୧:୧; ଏଫି ୧:୧; କଲ. ୧:୧ ୧ ତିମ. ୧:୧; ତିତସ. ୧:୧ରେ କରନ୍ତି) । ଦେଖନ୍ତୁ ୧:୬ରେ ବିଶେଷ ଶୀର୍ଷ ।

ପ୍ରଥମ ଶତାବ୍ଦିର ପଲେଷ୍ଟିୟ ଯିହୁଦୀମାନଙ୍କ ଭିତରେ କୋଇନେ ଶବ୍ଦ "ପ୍ରେରିତ"ର ଅର୍ଥ "ଯିଏ ଜଣେ ସରକାରୀ ପ୍ରତିନିଧିତ୍ୱ ରୂପେ ପ୍ରେରଣ କରାଗଲେ" (୨ ବଂଶାବଳୀ. ୧୭ : ୭–୯) । ନୂତନ ନିୟମରେ ଏହି ଶବ୍ଦଟି ଦୁଇଟି ଅର୍ଥରେ ବ୍ୟବହୃତ ହେଲା : (୧) ବାର ଜଣ ବିଶେଷ ଶିଷ୍ୟ ଏବଂ ପାଉଲଙ୍କ ନିମନ୍ତେ ଏବଂ (୨) ଆତ୍ମୀକ ଦାନ ଯାହା ମଣ୍ଡଳୀରେ ନିରନ୍ତର ଥାଏ ତାହା ନିମନ୍ତେ (୧କରି. ୧୨: ୨୮–୨୯; ଏଫି. ୪ : ୧୧) ।

## ବିଶେଷ ଶୀର୍ଷ : ପ୍ରେରଣ (ଏପୋଷ୍ଟେଲୋ)

"ପ୍ରେରଣ" ନିମନ୍ତେ ଏହା ଏକ ସାଧାରଣ ଗ୍ରୀକ୍ ଶବ୍ଦ (ଏପୋଷ୍ଟେଲୋ) । ଏହି ଶବ୍ଦର ଅନେକ ଧର୍ମଶାସ୍ତ୍ରୀୟ ପ୍ରଥା ରହିଛି :

୧. ରାବବୀମାନେ ଏହାକୁ ଜଣେ ଆଉ ଜଣେ ନିମିତ ଡକାଗଲେ ଏବଂ ସରକାରୀ ପ୍ରତିନିଧି ରୂପେ ପ୍ରେରଣ କରାଗଲେ କୁହନ୍ତି । ଯେମିତିକି ଆମ୍ଭମାନଙ୍କ ଇଂରେଜୀରେ "ରାଜଦୂତ"(୨ କରି . ୫ : ୨୦) ।

୨. ଯୀଶୁଙ୍କର ଏହି ଶବ୍ଦକୁ ସୁସମାଚାର ସବୁ ଅଧିକାଂଶରେ ପିତାଙ୍କ ଦ୍ୱାରା ପ୍ରେରିତ ରୂପେ ବ୍ୟବହାର କଲେ । ଯୋହନରେ ଏହି ଶବ୍ଦ ଖ୍ରୀଷ୍ଟ ଆଭାସ ରୂପେ ଗଣାଯାଏ (ମାଥିଉ : ୧୦ : ୪୦; ୧୫: ୨୪; ମାର୍କ ୯: ୩୭; ଲୁକ. ୯. ୪୦ ଏବଂ ବିଶେଷ କରି ଯୋହନ. ୪ : ୩୪; ୫ : ୨୪, ୩୦, ୩୬, ୩୭, ୩୮; ୬:୨୯, ୩୮, ୩୯, ୪୦, ୫୭; ୭ : ୨୯; ୮:୪୨; ୧୦:୩୬; ୧୧ : ୪୨; ୧୭: ୩, ୮, ୧୮, ୨୧, ୨୩, ୨୫, ୨୦ :୨୧) । ଏହା ଯୀଶୁ ବିଶ୍ୱାସୀମାନଙ୍କୁ ପ୍ରେରଣ କରିବାରେ ବ୍ୟବହୃତ (ଯୋହନ. ୧୭ : ୧୮; ୨୦ : ୨୧) ।

୩. ନୂତନ ନିୟମ ଏହାକୁ ଶିଷ୍ୟମାନଙ୍କ ନିମନ୍ତେ ବ୍ୟବହାର କରେ

କ. ପ୍ରକୃତ ବାରଜଣ ଶିଷ୍ୟଗଣ (ଲୁକ. ୬. ୧୩; ପ୍ରେରିତ. ୧ : ୨୧–୨୨)

ଖ. ପ୍ରେରିତିକ ସହାଯ୍ୟକାରୀଙ୍କ ଗୋଟିଏ ବିଶେଷ ଦଳ ଏବଂ ସହ କାର୍ଯ୍ୟକାରୀ

(୧) ବର୍ଣ୍ଣବାସ (ପ୍ରେରିତ . ୧୪ : ୪, ୧୪)

(୨) ଆନ୍ଦ୍ରନିକ ଓ ୟୁନିୟା (କେଜେଭି, ୟୁନିଆ, ରୋମୀୟ ୧୬ : ୭)

(୩) ଆପୋଲୋ (୧ କରି. ୪:୬–୯)

(୪) ପ୍ରଭୁଙ୍କ ଭ୍ରାତା ଯାକୁବ (ଗାଲା. ୧ : ୧୯)

(୫) ସିଲ୍‌ଭାନିଅ ଏବଂ ତୀମଥୀ (୧ ଥେସ. ୨:୬)

(୬) ସମ୍ଭବତଃ ତୀତସ (୨ କରି. ୮ : ୨୩)

(୭) ସମ୍ଭବତଃ ଏପାଫ୍ରଦିତ (ଫିଲି. ୨ : ୨୫)

ଗ. ମଣ୍ଡକୀରେ ପ୍ରଚଳିତ ଦାନ (୧ କରି. ୧୨ : ୨୮–୨୯; ଏଫି. ୪ : ୧୧)

୪. ଖ୍ରୀଷ୍ଟଙ୍କ ପ୍ରତିନିଧି ରୂପେ, ଇଶ୍ୱର ଦତ୍ତ ଅଧିକାରରେ ପାଉଲ ଏହି ପଦକୁ ନିଜ ନିମନ୍ତେ ତାହାଙ୍କ ପୁସ୍ତକ ଗୁଡ଼ିକରେ ସାବ୍ୟସ୍ତ କରୁଅଛନ୍ତି (ରୋମ୍ : ୧:୧; ୧ କରି. ୧:୧; ଗାଲା. ୧:୧; ଏଫି. ୧:୧; କଲ. ୧:୧; ୧ ତୀମଥୀ ୧:୧; ୨ ତୀମ. ୧: ୧; ତୀତସ. ୧:୧

❑ **"ପୃଥକୀକୃତ"** ଏହା ଏକ ସଂପୂର୍ଣ୍ଣ ନିଷ୍କ୍ରିୟ ବିଶେଷଣ, ଯାହା କହେ କି ସେ ଅତିତରେ ଇଶ୍ୱରଙ୍କ ଦ୍ୱାରା ପୃଥକ କରାଯାଇଥିଲେ (ଯିରି. ୧:୫ ଏବଂ ଗାଲା. ୧: ୧୫) ଏବଂ ତାହା ବର୍ତ୍ତମାନ ନିରନ୍ତର ହୋଇ ଆସୁଅଛି । ସମ୍ଭବତଃ ଏହା ଆରାମିୟ ଶବ୍ଦ "ଫାରୁଶୀ"ଙ୍କ ନିମନ୍ତେ କୁହାଯାଇଛି । ସେମାନେ ଯିହୁଦୀ ନିୟମାନୁସାରେ ପୃଥକୀକୃତ (ପାଉଲ ମଧ୍ୟ (ଫିଲି. ୩:୫ ଦମସିକ ରାସ୍ତାରେ ଯୀଶୁଙ୍କର ସମ୍ମୁଖିନ ହେବା ପୂର୍ବେ ସେହିପରି ଥିଲେ), ମାତ୍ର ବର୍ତ୍ତମାନ ସେ ସୁସମାଚାର ନିମନ୍ତେ ପୃଥକୀକୃତ" ।
ଏହା ଏବ୍ରୀୟ ଶବ୍ଦ "ପବିତ୍ର" ସହିତ ସମ୍ବନ୍ଧିତ (ବିଡ଼ିବି ୮୭୨) ଯାହାର ଅର୍ଥ "ଇଶ୍ୱରଙ୍କ ବ୍ୟବହାର ନିମନ୍ତେ ପୃଥକ ହୁଅ" (ଯାତ୍ରା. ୧୯:୬; ୧ ପିତର ୨:୫) । ଶବ୍ଦ "ସାଧୁ", "ପବିତ୍ରୀକରଣ", ଏବଂ "ପୃଥକୀକୃତ" ଏ ସମସ୍ତଙ୍କର ଗୋଟିଏ ଗ୍ରୀକ୍ ମୂଳ ରହିଛି । "ପବିତ୍ର" (ହାଗିଅସ୍) ।

❑ **"ଇଶ୍ୱରଙ୍କ ସୁସମାଚାର ନିମନ୍ତେ"** ଅବ୍ୟୟ ପଦ ଏଇସ୍ ଏହି ପ୍ରସଙ୍ଗରେ (ପଦ. ୫) ପାଉଲଙ୍କ "ଆହ୍ୱାନ"ର ଉଦ୍ଦେଶ୍ୟକୁ ଦର୍ଶାଏ ଏବଂ "ପୃଥକୀକୃତ" ହେବା (ପଦ. ୧ଗ) । ସୁସମାଚାର "ଉତ୍ତମ"(ଇଭ) ଏବଂ "ସମାଚାର"(ଆଞ୍ଜେଲୋସ)ର ଏକ ଯୌଗିକ ଶବ୍ଦ । ଏହା ନୂତନ ନିୟମରେ ଇଶ୍ୱରଙ୍କ ପ୍ରତିଜ୍ଞାତ ଖ୍ରୀଷ୍ଟଙ୍କ ସମ୍ବନ୍ଧିତ ଶିକ୍ଷାକୁ ବର୍ଣ୍ଣନା କରିବାର ଏକ ଶବ୍ଦରେ ପରିଣତ ହେଲା (ଯିରି. ୩୧ : ୩୧–୩୪; ଯିହି. ୩୬ : ୨୨–୩୨) । ଏହା "ତାହାଙ୍କ ପୁତ୍ରଙ୍କ ସୁସମାଚାର" ଅଟେ (ପଦ.୨) ଏହା ଇଶ୍ୱରଙ୍କ ସୁସମାଚାର; ପାଉଲଙ୍କ ନୁହେଁ (୧୫ : ୧୬; ମାର୍କ. ୧: ୧୪; ୨କରି . ୧୧–୭; ୧ ଥେସ. ୨: ୨, ୮, ୯; ୧ ପିତର . ୪ :୧୭) । ପାଉଲ ଜଣେ ନବପ୍ରବର୍ତ୍ତକ କିମ୍ବା ସଂସ୍କୃତିକ ନିୟଜିତ କରିବା ବ୍ୟକ୍ତି ନୁହନ୍ତି । କିନ୍ତୁ ଯାହା ସେ ପ୍ରାପ୍ତ କରି ଅଛନ୍ତି ତାହାର ଘୋଷଣାକାରୀ (ପ୍ରେରିତ. ୯:୧; ୧ କରି . ୧ : ୧୮–୨୫) ।

**୧ :୨ "ଧର୍ମଶାସ୍ତ୍ରରେ ଆପଣା ଭାବବାଦୀମାନଙ୍କ ଦ୍ୱାରା ପୂର୍ବରେ ପ୍ରତିଜ୍ଞା କରିଥିଲେ ।"** ଏହା କେବଳ ପାଉଲଙ୍କ ଲେଖାରେ ବ୍ୟବହାର କରାଗଲା । (ଏଠାରେ ଏବଂ ୨ କରି . ୯:୫) ସୁସମାଚାର ଇଶ୍ୱରଙ୍କ ପରେ ଆଉ ବିଚାର କରାଯାଇନାହିଁ, କିନ୍ତୁ , ତାହାଙ୍କର ଅନନ୍ତ, ଉଦ୍ଦେଶ୍ୟମୂଳକ ଯୋଜନା (ଆଦି. ୩ :୧୫; ୧୨: ୩; ଯାତ୍ରା. ୧୯ : ୫; ଯିଶା ୫୩; ଗୀତ. ୧୧୮; ମାର୍କ. ୧୦ : ୪୫; ଲୁକ. ୨ : ୨୨; ପ୍ରେରିତ . ୨ : ୨୩; ୩ : ୧୮; ୪: ୧୮; ତୀତସ. ୧:୨) । ପ୍ରେରିତ ପୁସ୍ତକର ଆଦ୍ୟ ପ୍ରଚାର ଯୀଶୁ ଯେ ପୁରାତନ ନିୟମ ପ୍ରତିଜ୍ଞ ଓ ଭାବବାଣୀର ପୂର୍ଣ୍ଣତା ତାହାକୁ ଉପସ୍ଥାପନ କରେ ।
ପୁରାତନ ନିୟମ ନୂତନ ନିୟମରେ ଦୁଇଟି ସାଧାରଣ ରୂପରେ ପ୍ରଦର୍ଶିତ ହେଲା ।
୧. "ଏହା ଲିଖିତ ହେଲା" (କିମ୍ୱା "ଲେଖା", ଉଦାହରଣ. ୨ତୀମଥୀ. ୩ : ୧୬; ୨ ପିତ. ୩ : ୧୬)
୨. ଧର୍ମଶାସ୍ତ୍ର
ଏହା ମଧ୍ୟ ଭାବବାଦୀମାନଙ୍କ ସହିତ ଜୋଡ଼ିତ ଥିବା ଦର୍ଶାଏ । ଯିହୁଦୀମାନଙ୍କ ମତରେ ଭାବବାଦୀମାନେ ଧର୍ମଶାସ୍ତ୍ରକୁ ଲେଖିଲେ ।
୧. "ବ୍ୟବସ୍ଥା କିମ୍ୱା ଭାବବାଦୀମାନେ", ମାଥିଉ. ୫ : ୧୭-୧୮, ଏବଂ ଲୁକ- ୨୪:୪୪
୨. "ଭାବବାଣୀ" ଲୁକ୍. ୨୪ : ୨୭
୩. "ଭାବବାଦୀମାନଙ୍କ ଲେଖା ।" ମାଥିଉ ୨୬ : ୫୬
୪. "ଭାବବାଦୀୟ ଲେଖା" ରୋମୀୟ ୧୬ : ୨୬ (୧:୨ମଧ୍ୟ "ଭାବବାଦୀ" ଉଲ୍ଲେଖକରେ)
୫. "ଧର୍ମଶାସ୍ତ୍ରର ଭାବବାଣୀ" ୨ ପିତର. ୧ : ୨୦
ବିଶେଷଣ "ପବିତ୍ର" ସଂଯୋଗର ଦୁଇଟି ଉଦାହରଣ ରହିଛି
୧. "ପବିତ୍ର ଧର୍ମଶାସ୍ତ୍ର" (ପୂର୍ଣ୍ଣ ବ୍ୟାକ୍ୟାଂଶ ମଧ୍ୟ ଉଲ୍ଲେଖିତ "ଭାବବାଦୀ", ୧ : ୨
୨. "ପବିତ୍ର ଲେଖା" ୨ ତୀମଥୀ ୩ :୧୫

## ବିଶେଷ ଶୀର୍ଷ : ଆଦ୍ୟମଣ୍ଡଳୀର ବିଶ୍ୱାସ

କ. ପୁରାତନ ନିୟମରେ ଇଶ୍ୱରଙ୍କ ଦ୍ୱାରା କରାଯାଇଥିବା ପ୍ରତିଜ୍ଞା ମସୀହ ଯେ ଯୀଶୁଙ୍କ ଆଗମନରେ ସଂପୂର୍ଣ୍ଣ ହେଲା (ପ୍ରେରିତ. ୨:୩୦; ୩:୧୯, ୨୪; ୧୦:୪୩; ୨୬:୬, ୭, ୨୨; ରୋମୀୟ . ୧:୨–୪; ୧ ତୀମଥୀ ୩ : ୧୬; ଏବ୍ରୀୟ. ୧:୧–୨; ୧ ପିତର- ୧ : ୧୦ – ୧୨; ୨ ପିତର. ୧:୧୮–୧୯) ।

ଖ. ଯୀଶୁ ତାହାଙ୍କ ବାପ୍ତିସ୍ମରେ ଇଶ୍ୱରଙ୍କ ଦ୍ୱାରା ଖ୍ରୀଷ୍ଟ ରୂପେ ଅଭିଷିକ୍ତ ହୋଇଥିଲେ (ପ୍ରେରିତ. ୧୦ : ୩୮) ।

ଗ. ଯୀଶୁ ତାହାଙ୍କ ବାପ୍ତିସ୍ମ ପରେ ଗାଲିଲୀରେ ସେବାକାର୍ଯ୍ୟ ଆରମ୍ଭ କଲେ (ପ୍ରେରିତ. ୧୦: ୩୭)

ଘ. ତାହାଙ୍କର ସେବାକାର୍ଯ୍ୟ ଉତ୍ତମ କର୍ମ ଏବଂ ଇଶ୍ୱରଙ୍କ ଶକ୍ତିରେ ଆଶ୍ଚର୍ଯ୍ୟ କର୍ମ କରିବାରେ ଚିତ୍ରିତ ହୋଇଥିଲା (ମାର୍କ. ୧୦ : ୪୫; ପ୍ରେରିତ ୨: ୨୨; ୧୦ : ୩୮) ।

ଙ. ଇଶ୍ୱରଙ୍କ ଅନନ୍ତ ଉଦ୍ଦେଶ୍ୟ ହେତୁ ଖ୍ରୀଷ୍ଟ କ୍ରୁଶାର୍ପିତ ହୋଇଥିଲେ (ମାର୍କ. ୧୦ : ୪୫; ଯୋହନ. ୩ :୧୬; ପ୍ରେରିତ. ୨ : ୨୩; ୩ : ୧୩–୧୫, ୧୮; ୪ : ୧୧; ୧୦ : ୩୯; ୨୬ : ୨୩; ରୋମୀୟ ୮:୩୪; ୧ କରି. ୧: ୧୭-୧୮; ୧୫:୩; ଗାଲା. ୧:୪; ଏବ୍ରୀୟ. ୧:୩; ୧ ପିତର. ୧:୨, ୧୯; ୩ :୧୮; ୧ ଯୋହନ ୪ : ୧୦) ।

ଚ. ସେ ମୃତମାନଙ୍କ ମଧ୍ୟରୁ ଜିବୀତ ହେଲେ ଏବଂ ଆପଣା ଶିଷ୍ୟମାନଙ୍କ ସାକ୍ଷାତରେ ପ୍ରକାଶିତ ହେଲେ (ପେରିତ. ୧:୮; ୨: ୧୪–୧୮, ୩୮–୩୯; ୧୦ : ୪୪–୪୭; ୧୭ : ୩୧; ୨୬ : ୨୩; ରୋମୀୟ. ୮ : ୩୪; ୧୦:୯; ୧ କରି. ୧୫:୪–୭, ୧୨; ୧ ଥେସ. ୧:୧୦; ୧ ତୀମଥି. ୩ : ୧୬; ୧ ପିତ. ୧ : ୨ : ୩: ୧୮, ୨୧)

ଛ. ଯୀଶୁ ଇଶ୍ୱରଙ୍କ ଦ୍ୱାରା ଗୌରବାନିତ୍ୱ ହେଲେ ଏବଂ "ପ୍ରଭୁ" ନାମରେ ନାମାଙ୍କିତ ହେଲେ (ପ୍ରେରିତ. ୨: ୨୫–୨୯, ୩୩–୩୬; ୩ : ୧୩; ୧୦ : ୩୬; ରୋମୀୟ ୮ : ୩୪ ; ୧୦ : ୯; ୧ତୀମ. ୩ : ୧୬; ଏବ୍ରୀୟ –୧ : ୩; ୧ ପିତର. ୩ : ୨୨) ।

ଜ. ଇଶ୍ୱରଙ୍କ ନୂତନ ସମାଜକୁ ଗଠନ କରିବା ନିମନ୍ତେ ସେ ପବିତ୍ର ଆତ୍ମାଙ୍କୁ ପ୍ରଦାନ କଲେ (ପ୍ରେରିତ. ୧:୮; ୨:୧୪–୧୮, ୩୮–୩୯; ୧୦:୪୪–୪୭; ୧ ପିତର. ୧ : ୧୨)

ଝ. ସେ ବିଚାର ଏବଂ ସମସ୍ତ ବିସ୍ତୁର ପୁନଃ ପ୍ରତିଷ୍ଠା କରିବା ନିମନ୍ତେ ପୁନରାଗମନ କରିବେ (ପେରିତ. ୩. ୨୦–୨୧; ୧୦:୪୨; ୧୭ : ୩୧; ୧କରି . ୧୫ : ୨୦–୨୮; ୧ ଥେସ. ୧ : ୧୦) ।

ଞ. ଯେଉଁମାନେ ଏହି ସମାଚାର ଶୁଣନ୍ତି ସେମାନେ ଅନୁତାପ କରି ବାପ୍ତିସ୍ମ ନେବା ଆବଶ୍ୟକ । (ପ୍ରେରିତ- ୨:୨୧, ୩୮; ୩: ୧୯; ୧୦:୪୩, ୪୭–୪୮; ୧୭:୩୦; ୨୬:୨୦; ରୋମ. ୧ : ୧୭; ୧୦ : ୯; ୧ ପିତର. ୩ : ୨୧)

ଏହି ବିବରଣ ଆଦ୍ୟ ମଣ୍ଡଳୀର ପ୍ରଧାନ ପ୍ରଚାର ରୂପେ ସେବା କଲା । ହୋଇପାରେ ନୂତନ ନିୟମର ବିଭିନ୍ନ ଲେଖକ ଏହି ଅଂଶକୁ ଛାଡ଼ି ଦେଇଥାଉ ପାରନ୍ତି କିମ୍ବା ତାହାଙ୍କ ପ୍ରଚାରରେ ଅନ୍ୟ ବିଷୟକୁ ଗୁରୁତ୍ୱପୂର୍ଣ୍ଣ ଦେଇଥାଇ ପାରନ୍ତି । ସଂପୂର୍ଣ୍ଣ ମାର୍କ ରଚିତ ସୁସମାଚାର ବିଶ୍ୱାସର ମୂଖ୍ୟ ଧାରଣାର ଅନୁସରଣ କରେ । ପରମ୍ପରା ଭାବେ ମାର୍କ, ପିତରଙ୍କ ପ୍ରଚାର ଲିଖନୀ କରିବା ଦେଖାଯାଏ, ରୋମ୍‌ରେ ପ୍ରଚାର କଲେ ଗୋଟିଏ ଲିଖିତ ସୁସମାଚାରରେ । ଉଭୟ ମାଥିଉ ଏବଂ ଲୁକ୍, ମାର୍କଙ୍କ ମୂଳ ଲେଖାର ଅନୁସରଣ କରନ୍ତି ।

**୧:୩ "ତାହାଙ୍କ ପୁତ୍ରଙ୍କ ସମ୍ବନ୍ଧରେ"** ସୁସମାଚାରର ମୁଖ୍ୟ ସନ୍ଦେଶ ହେଲା ଜଣେ ବ୍ୟକ୍ତି, ନାଜରିତୀୟ ଯୀଶୁ । ମରିୟମଙ୍କ ପୁତ୍ର କୁମାରୀ ଗର୍ଭରୁ ଜାତ । ପୁରାତନ ନିୟମରେ ଦେଶ, ରାଜା, ଏବଂ ମସୀହ ଏମାନେ ସମସ୍ତେ "ପୁତ୍ର" ରୂପେ କୁହାଯାଉଥିଲେ (୨ ଶାମୁ. ୭ : ୧୪: ହୋଶେୟ- ୧୧ : ୧; ଗୀତ. ୨:୭; ମାଥିଉ. ୨: ୧୫) ।

ପୁରାତନ ନିୟମରେ ଇଶ୍ୱର ତାହାଙ୍କ ଦାସ ଏବଂ ଭାବବାଦୀମାନଙ୍କ ଦେଇ କଥା କହିଲେ । ଯୀଶୁ ଇଶ୍ୱରଙ୍କର ଦାସ ନ ଥିଲେ । ସେ ଜଣେ ପରିବାରର ସଦସ୍ୟ ଥିଲେ (ଏବ୍ରୀ. ୧:୧–୨; ୩:୬; ୫:୮; ୭:୨୮) । ଆଶ୍ଚର୍ଯ୍ୟଭାବେ ଏହାହିଁ ଗୋଟିଏ ଜାଗା ଏହି ପୁସ୍ତକରେ ଯେଉଁଠାରେ ପାଉଲ ଖ୍ରୀଷ୍ଟଶାସ୍ତ୍ର ଉପରେ ଦୃଷ୍ଟିପାତ କରନ୍ତି । ରୋମୀୟ ପୁସ୍ତକଟି ଗୋଟିଏ ସଂପୂର୍ଣ୍ଣ ପଦ୍ଧତିଗତ ଇଶ୍ୱରଶାସ୍ତ୍ର ନୁହେଁ ।

## ବିଶେଷ ଶୀର୍ଷ : ଇଶ୍ୱରଙ୍କ ପୁତ୍ର

ଏହା ନୂତନ ନିୟମରେ ଯୀଶୁଙ୍କ ନିମନ୍ତେ ଏକ ମୂଖ୍ୟ ନାମ ଥିଲା । ନିଶ୍ଚିତ ଭାବେ ଏହାର ଦୈବିକ ସମ୍ବନ୍ଧ ରହିଛି । ଏହା ଯୀଶୁଙ୍କୁ "ପୁତ୍ର" କିମ୍ବା "ଆମ୍ଭର ପୁତ୍ର"ରେ ସଂଯୋଗ କରେ ଏବଂ ଇଶ୍ୱର "ପିତା" ବୋଲି କୁହାଗଲେ । ଏହା ନୂତନ ନିୟମରେ ୧୨୪ ଥର ଦେଖିବାକୁ ମିଳେ । ଏପରିକି, ଯୀଶୁଙ୍କର ସଂୟ ପଦବି ଯେପରି "ମନୁଷ୍ୟ ପୁତ୍ର"ର ଦାନିଏଲ. ୭ : ୧୩–୧୪ ଠାରୁ ଦୈବିକ ଅନ୍ତର୍ନିହିତ ରହିଛି ।

ପୁରାତନ ନିୟମରେ "ପୁତ୍ର" ଆଖ୍ୟା ଚାରୋଟି ବିଶେଷ ଦଳକୁ ଦର୍ଶାଇପାରେ । ୧– ସ୍ୱର୍ଗଦୂତ (ସାଧାରଣତଃ ବହୁବଚନରେ ଆଦି. ୬:୨; ଆୟୁବ. ୧:୬; ୨:୧)

୨. ଇସ୍ରାଏଲର ରାଜା (୨ ଶାମୁ. ୭:୧୪; ଗୀତ. ୨:୭; ୮୯:୨୬–୨୭)

୩. ପୂର୍ଣ୍ଣମାତ୍ରାରେ ଇସ୍ରାଏଲ ଦେଶ (ଯାତ୍ରା. ୪ : ୨୨–୨୩; ଦ୍ୱିତୀୟ ବିବରଣ. ୧୪ : ୧; ହୋଶେୟ. ୧୧ : ୧; ମୁଲାଖି. ୨: ୨୦) ।

୪. ଇସ୍ରାଏଲର ବିଚାରକର୍ତ୍ତା (ଗୀତ. ୮୨ : ୬) ।

ଏହା ଦ୍ୱିତୀୟ ବାକ୍ୟ ଯାହାକି ଯୀଶୁଙ୍କ ସହିତ ସଂଯୁକ୍ତ ହୋଇଛି । ଏହିପରି ଭାବେ "ଦାଉଦଙ୍କ ପୁତ୍ର" ଏମଂ "ଇଶ୍ୱରଙ୍କ ପୁତ୍ର" ଉଭୟେ ୨ ଶାମୁଏଲ. ୭; ଗୀତ. ୨ ଏବଂ ୮୯ ସହିତ ଜୋଡ଼ିତ । ପୁରାତନ ନିୟମରେ ବିଶେଷ କରି ମସୀହାଙ୍କ ନିମନ୍ତେ "ଇଶ୍ୱରଙ୍କପୁତ୍ର" କେବେହେଲେ ବ୍ୟବହୃତ ହୋଇନାହିଁ, ଶେଷ ସମୟର ରାଜା, ଇସ୍ରାଏଲର ଜଣେ "ଅଭିଷିକ୍ତ" ବ୍ୟତିତ । ଯେପରିକି, ମୃତ ସାଗର ଲେଖା ମସୀହ ଦର୍ଶିତ ଆଖ୍ୟା ସାଧାରଣ ଅଟେ । ଏବଂ ଅର୍ନ୍ତବାଇବଲିୟ ଯିହୁଦୀ ଶେଷ ପୁସ୍ତକରେ ମଧ "ଇଶ୍ୱରଙ୍କ ପୁତ୍ର" ଗୋଟିଏ ଖ୍ରୀଷ୍ଟିୟ ଆଖ୍ୟା (୨ ଇସଡ୍ରାସ୍. ୭:୨୮; ୧୩ : ୩୨, ୩୭, ୫୨; ୧୪ : ୧୯; ୧ ଇନସ. ୧୦୫ : ୨) ।

ଏହା ନୂତନ ନିୟମ ପୃଷ୍ଠଭୂମି ଯେମିତି ଏହା ଦର୍ଶାଏ ଯେ ଯୀଶୁ ବିଭିନ୍ନ ବିଭାଗ ଦ୍ୱାରା ଉତ୍ତମ ଭାବେ ବିବରଣ କରାଗଲେ ।

୧. ତାହାଙ୍କ ପୂର୍ବ ବିଦ୍ୟମାନ (ଯୋହନ. ୧: ୧–୧୮)

୨. ତାହାଙ୍କ ଆଶ୍ଚର୍ଯ୍ୟ (କୁମାରୀଗର୍ଭରୁ) ଜନ୍ମ (ମାଥିଉ. ୧:୨୩; ଲୁକ. ୧:୩୧–୩୫)

୩. ତାହାଙ୍କ ବାପ୍ତିସ୍ମ (ମାଥିଉ. ୩ : ୧୭; ମାର୍କ. ୧:୧୧; ଲୁକ. ୩: ୨୨ । ସ୍ୱର୍ଗରୁ ଈଶ୍ୱରଙ୍କ ବାଣୀ ଯିଶାଇୟ. ୫୩ର ତାଡ଼ନାପ୍ରାପ୍ତ ଦାସଙ୍କ ସହିତ ଗୀତସଂହିତା-୨ର ରାଜାଙ୍କ ସହିତ ସମ୍ବନ୍ଧ କରେ ।

୪. ତାହାଙ୍କ ଶଇତାନ ଦ୍ୱାରା ପରୀକ୍ଷା (ମାର୍କ. ୧ : ୧୨, ୧୩; ମାଥିଉ- ୪: ୧–୧୧; ଲୁକ. ୪:୧–୧୩ । ସେ ତାହାଙ୍କ ପୁତ୍ରତ୍ୱର ସନ୍ଦେହ ନିମନ୍ତେ ପରୀକ୍ଷିତ ହେଲେ କିମ୍ବା ଅତିକମ୍‌ରେ ତାହାଙ୍କ ଉଦ୍ଦେଶ୍ୟକୁ ପୁରା କରିବା ନିମନ୍ତେ) ।

୫. ଅଗ୍ରହଣିୟ ସ୍ୱିକାରକାରୀଙ୍କ ଦ୍ୱାରା ତାହାଙ୍କ ଦୃଢ଼ ଘୋଷଣା ।

କ. ଭୂତଆତ୍ମା (ମାର୍କ. ୧:୨୩–୨୫; ଲୁକ- ୪:୩୧-୩୭, ୪୧; ମାର୍କ- ୩ : ୧୧-୧୨; ୫ : ୭) ।

ଖ. ଅବିଶ୍ୱାସୀମାନେ (ମାଥିଉ. ୨୭ : ୪୩; ମାର୍କ- ୧୪ : ୬୧; ଯୋହନ - ୧୯: ୭)

୬. ତାହାଙ୍କ ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କ ଦୃଢ଼ ଉକ୍ତି

କ. ମାଥିଉ. ୧୪:୩୩; ୧୬ : ;୧୬

ଖ. ଯୋହନ. ୧ : ୩୪, ୪୯; ୬ :୬୯; ୧୧: ୨୭

୭. ତାହାଙ୍କ ସ୍ୱୟ ଘୋଷଣା

କ. ମାଥିଉ ୧୧ : ୨୫ – ୨୭

ଖ. ଯୋହନ - ୧୦ : ୩୬

୮. ପିତା ଯେ ଈଶ୍ୱର ଏହି ପ୍ରକାରେ ତାହାଙ୍କର ଲୋକପ୍ରିୟ ଶବ୍ଦର ପ୍ରୟୋଗ

କ. ଈଶ୍ୱର ନିମନ୍ତେ ତାହାଙ୍କର "ଆବ୍‌ବା" ଶବ୍ଦର ପ୍ରୟୋଗ

୧. ମାର୍କ. ୧୪ : ୩୬

୨. ରୋମୀୟ. ୮ : ୧୫

୩. ଗାଲା. ୪ : ୬

ଖ. ଈଶ୍ୱରୀୟ ସମ୍ବନ୍ଧକୁ ବର୍ଣ୍ଣନା କରିବାକୁ ତାହାଙ୍କର ପିତା ଶବ୍ଦର ବର୍ତ୍ତମାନ ପ୍ରୟୋଗ

ସାରାଂଶରେ "ଈଶ୍ୱରଙ୍କର ପୁତ୍ର" ଆଖ୍ୟାଟି ଯେଉଁମାନେ ପୁରାତନ ନିୟମକୁ ଜାଣିଛନ୍ତି ଏବଂ ଏହାର ପ୍ରତିଜ୍ଞା ଓ ଶ୍ରେଣୀବିଭାଗକୁ ଜାଣିଛନ୍ତି ସେମାନଙ୍କ ନିମନ୍ତେ ମହାନ ଈଶ୍ୱରଶାସ୍ତ୍ର ଅର୍ଥ ରହିଛି । କିନ୍ତୁ ନୂତନ ନିୟମର ଲେଖକମାନେ ବିଜାତିମାନଙ୍କ ସମ୍ମୁଖରେ ଏହାର ବ୍ୟବହାରକୁ ନେଇ ଉଦ୍‌ବିଗ୍ନ, କାରଣ ସେମାନଙ୍କ "ଦେବତାମାନଙ୍କ" ସାଂସାରିକ ପୃଷ୍ଠଭୂମି ହେତୁ ।

- **"ଯିଏ ଦାଉଦଙ୍କ ବଂଶରେ ଜାତ"** ଏହା ୨ ଶାମୁଏଲ୍ ୭ର ଭାବବାଣୀକୁ ସମ୍ବନ୍ଧ କରେ । ମସୀହ ଦାଉଦଙ୍କ ରାଜବଂଶରୁ ଥିଲେ (ଯିଶା. ୯ : ୭; ୧୧ :୧, ୧୦; ଯିରି. ୨୩ : ୫; ୩୦: ୯; ୩୩ : ୧୫) ଯିହୁଦା ବଂଶରୁ (ଆଦି. ୪୯ : ୪–୧୨; ଯିଶା. ୬୫ : ୯) । ମାଥିଉ ରଚିତ ସୁସମାଚାରରେ ଅନେକ ଥର ଯୀଶୁ ଦାଉଦ ବଂଶର ରୂପେ ସୂଚିତ କରାଗଲେ (୧: ୬; ୯: ୨୭; ୧୨: ୨୩; ୧୫:୨୨; ୨୦ : ୩୦, ୩୧; ୨୧ : ୯, ୧୫; ୨୨ :୪୨) । ଯାହା ଦାଉଦିୟ ଉଦ୍ଧାରକର୍ତ୍ତାର ଆଗମନର ଯିହୁଦୀ ଆଶାକୁ ପ୍ରତିବିମ୍ବ କରେ ।

  ଆଶ୍ଚର୍ଯ୍ୟର ବିଷୟକି ପାଉଲ, ଯୀଶୁଙ୍କର ଏହି ବିଷୟକୁ ଗୁରୁତ୍ୱ ଦେଇ ନାହାନ୍ତି । ସେ କେବଳ ଏଠାରେ ଓ ୨ ତୀମଥି ୨:୮ରେ ଉଲ୍ଲେଖ କରିଅଛନ୍ତି । ଉଭୟ ଅନୁଚ୍ଛେଦ ବୋଧହୁଏ ଆଦ୍ୟ ମଣ୍ଡଳୀର ବିଶ୍ୱାସ ସୂତ୍ରରୁ ଉଦ୍ଧୃତ କରଯାଇଛି । ଏନ୍‌ଆଇଡିଏମ୍‌ଟିଟି, ଭାଗ. ୩, ପୃଷ୍ଠା. ୬୧, ଅନେକ ନୂତନ ନିୟମ ଧର୍ମଶାସ୍ତ୍ର ବାକ୍ୟ ଏହାର ଉଲ୍ଲେଖ କରେ ଯାହା ଆଦ୍ୟ ଖ୍ରୀଷ୍ଟଶାସ୍ତ୍ରୀୟ ବିଶ୍ୱାସ/ଗୀତ / ଉପାସନା ପଦ୍ଧତି କୁ ପ୍ରତିଫଳନ କରେ (ରୋମୀୟ. ୧:୩–୪; ୮ : ୩୪; ୧ କରି. ୧୫ : ୩, ୪; ଫିଲି. ୨: ୬–୧୧; ୧ ତୀମଥି. ୩ : ୧୬; ୨ ତୀମ. ୨:୮; ୧ ପିତର. ୩ : ୧୮-୨୦

- **ଏନ୍‌ଏଏସ୍‌ବି, ଏନ୍‌କେଜେଭି, ଏନ୍‌ଆର୍‌ଏସ୍‌ଭି – "ଶରୀର ସମ୍ବନ୍ଧରେ"**
  **ଟିଇଭି – "ତାହାଙ୍କ ମାନବିକତାରେ"**
  **ଏନ୍‌ଜେବି – "ମଣିଷ ସ୍ୱଭାବ ଅନୁସାରେ"**

  ଏହା ଭାବବାଣୀର ପୂର୍ଣ୍ଣତା ଏବଂ ଯୀଶୁଙ୍କ ମାନବିକତାର ଦୃଢ଼ଉକ୍ତି, ଯାହା ପ୍ରଥମ ଶତାବ୍ଦିରେ ଧର୍ମିୟ ଯୁଗ ଦ୍ୱାରା ଅଗ୍ରାହ୍ୟ କରାଯାଇଥିଲା (୧ ଯୋହନ. ୧:୧–୧୪; ୪:୧–୩) । ଏହି ଶବ୍ଦ ସ୍ପଷ୍ଟ କହେ କି ପାଉଲ "ଶରୀର" ଶବ୍ଦକୁ କେବେହେଲେ ନାସ୍ତିକ ଦୃଷ୍ଟିରେ ନେଇନାହାନ୍ତି । (୧:୨୮; ୯:୩) । ଯେପରିକି, ସାଧାରଣତଃ ପାଉଲ "ଶରୀର"କୁ "ଆତ୍ମା" ସହିତ ପ୍ରଭେଦର ପ୍ରୟୋଗ କରୁଥିଲେ (୬:୧୯; ୭:୫, ୧୮, ୨୫; ୮ : ୩–୯, ୧୨, ୧୩; ୧ କରି. ୫:୫; ୨ କରି. ୧ : ୧୭; ୧୧ : ୧୮; ଗାଲା. ୩ : ୩; ୫ : ୧୩, ୧୬, ୧୭–୧୯, ୨୪; ୬ : ୮; ଏଫି. ୨:୩; କଲ. ୨ : ୧୧, ୧୩, ୧୮, ୨୩) । ବ୍ୟାକରଣାତ୍ମକ ଗଠନ କାଟା (ଅନୁସାରେ) ପଦ. ୪ରେ ଗୋଟିଏ କର୍ମକାରକରେ ଜୋଡ଼ିତ । ଯୀଶୁ ଉଭୟ ମାନବ (ଶରୀର ଅନୁସାରେ,ପଦ.୩) ଏବଂ ଈଶ୍ୱରୀୟ (ଆତ୍ମାଙ୍କ ଅନୁସାରେ, ପଦ. ୪) । ଏହି ଶରୀର ଧାରଣ ଶିକ୍ଷାଟି ଅତି ଗୁରୁତ୍ୱପୂର୍ଣ୍ଣ ଅଟେ (୧ ଯୋହନ. ୪ : ୧–୩) । ଏହା ଯୀଶୁଙ୍କର ସଂୟମ ମନୋନୀତ ପଦର ନିହିତାର୍ଥ ହୋଇପାରେ; "ମନୁଷ୍ୟ ପୁତ୍ର" (ଗୀତ. ୮:୪; ଯିହି. ୨:୧ [ମନୁଷ୍ୟ] ଏବଂ ଦାନିଏଲ୍ ୭:୧୩ [ ଦୈବିୟୀ ] ।

**ବିଶେଷ ଶୀର୍ଷ : ଶରୀର (ଶାର୍ଖ୍)**

ଅଧିକାଂଶରେ ଏହି ଶବ୍ଦଟି ପାଉଲଙ୍କ ଦ୍ୱାରା ଗାଲାତୀୟ ପୁସ୍ତକରେ ବ୍ୟବହୃତ ହୋଇଛି । ଏବଂ ଏହାର ଧର୍ମଶାସ୍ତ୍ରୀୟ ବିକାଶ ରୋମୀୟରେ ହୋଇଛି । ଏହି ଶବ୍ଦର ବିଭିନ୍ନ ଅର୍ଥକୁ କେଉଁ ପ୍ରକାରେ ଚିତ୍ରିତ କରାଯାଏ ଏହାକୁ ନେଇ ଜ୍ଞାନିମାନେ ମତ ଭେଦ କରନ୍ତି । ଏଠାରେ ନିଶ୍ଚିତ ଭାବେ ଅର୍ଥକୁ ଆବୃତ କରାଯାଇଛି । ନିମ୍ନଲିଖିତ ବାକ୍ୟ ଏହି ଶବ୍ଦର ଭାଷାର୍ଥକୁ ଜାଣିବାର ଏକ ପ୍ରୟାସ ମାତ୍ର ।

କ. ମଣିଷ ଶରୀର, ଯୋହନ. ୧ : ୧୪; ରୋମୀୟ. ୨ : ୨୮. ୧ କରି. ୫ :୫; ୭ : ୨୮; ୨ କରି . ୪ : ୧୧; ୭ : ୫; ୧୨ : ୭; ଗାଲା. ୧ : ୧୬; ୨ : ୧୬, ୨୦; ୪ : ୧୩; ଫିଲି. ୧ : ୨୨; କଲ. ୧ : ୨୨, ୨୪; ୨ : ୫; ୧ ତୀମ୍. ୩ : ୧୬;

ଖ. ମଣିଷ ବଂଶ, ଯୋହନ. ୩ : ୬; ରୋମୀୟ. ୧ : ୩; ୪: ୧; ୯:୩, ୫, ୮; ୧୧: ୧୪; ୧ କରି ୧୦ : ୧୮; ଗାଲା. ୪ : ୨୩, ୨୯ ।

ଗ. ମଣିଷ ବ୍ୟକ୍ତି, ରୋମୀୟ. ୩ : ୨୦; ୭:୫; ୮:୭, ୮; ୧ କରି. ୧ : ୨୯; ୨ କରି. ୧୦ : ୩; ଗାଲା. ୨ : ୧୬; ୫ : ୨୪ ।

ଘ. ମାନବୀୟ ବାର୍ତ୍ତା, ଯୋହନ. ୮ : ୧୫; ୧ କରି. ୧ : ୨୬; ୨ କରି ୧:୧୨; ୫ : ୧୬; ୧୦:୨; ଗାଲା. ୬ : ୧୨ ।

ଙ. ମଣିଷର ଦୁର୍ବଳତା, ରୋମୀୟ ୬ : ୧୯; ୭ : ୧୮; ୮ : ୫–୬, ୯; ୨ କରି. ୧୦ : ୪; ଗାଲା. ୩ : ୩; ୫ : ୧୩, ୧୬, ୧୯–୨୧; କଲ. ୨ : ୧୮ ।

ଚ. ଈଶ୍ୱରଙ୍କ ପ୍ରତି ମଣିଷର ଶତ୍ରୁତା, ପତନର ପରିଣାମ ସହିତ ସମ୍ବନ୍ଧିତ, ରୋମୀୟ. ୭ : ୧୪; ୧୩ : ୧୪; ୧ କରି ୩ : ୧, ୩; ଏଫି. ୨ : ୩; କଲ. ୨ : ୧୮; ୧ ପିତର. ୨ : ୧୧; ୧ ଯୋହନ. ୨ : ୧୬

**୧.୪ ଏନ୍ଏସ୍ବି, ଏନକେଜେଭି, ଏନ୍ଆର୍ଏସ୍ଭି, ଏନ୍ଆଇଭି – "ନିର୍ଦ୍ଦିଷ୍ଟ ହେଲେ"**
**ଟିଇଭି – "ପ୍ରକାଶ ହେଲେ"**
**ଏନ୍ଜେବି, ଆର୍ଏସ୍ଭି – "ଆଖ୍ୟା ହେଲେ"**
**ଏନ୍ଇଟି – "ନିଯୁକ୍ତି ହେଲେ"**
**ଆର୍ଇବି – "ପ୍ରଚାର ହେଲେ"**

ଏହା ଏକ ଏଓରିଷ୍ଟ ନିଷ୍କ୍ରିୟ ବିଶେଷଣ । ଈଶ୍ୱର ସତ୍ୟନିଷ୍ଠ ଭାବେ ଯୀଶୁଙ୍କୁ "ଈଶ୍ୱରଙ୍କ ପୁତ୍ର" ରୂପେ ନିଯୁକ୍ତି କଲେ । ଏହାର ଅର୍ଥ ନୁହେଁ ଯେ ବେଥଲିହିମ ଯୀଶୁଙ୍କର ଗୋଟିଏ ଆରମ୍ଭ ଥିଲା କିମ୍ବା ସେ ପିତାଙ୍କଠାରୁ ନ୍ୟୁନ । ୮:୧୧ରେ ବିଶେଷ ଶୀର୍ଷକୁ ଦେଖନ୍ତୁ । ନିମ୍ନଲିଖିତ ତୃତୀୟ ଅନୁଚ୍ଛେଦକୁ ଦେଖନ୍ତୁ ।

❑ **"ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ"** ନୂତନ ନିୟମର ଲେଖକମାନେ ଯୀଶୁଙ୍କୁ "ଈଶ୍ୱରଙ୍କ ପୁତ୍ର" ବୋଲି ବାରମ୍ବାର ଇଙ୍ଗିତ କରନ୍ତି ନାହିଁ (ମାଥିଉ. ୪ : ୩) ଗ୍ରୀକ୍ କିଂବଦନ୍ତିର ମିଥ୍ୟା ଅଭିଯୋଗ ହେତୁ (କୁମାରୀ ଗର୍ଭରୁ ଜାତ ହେଉଛି ସତ୍ୟ) । ଧାରଣାଟି ସାଧାରଣତଃ "ଏକ ପ୍ରକାର ଅଦ୍ଭୁତ" ଏହାର ଯୋଗ୍ୟତା ଅନୁଯାୟୀ (ଯୋହନ. ୧ : ୧୮ ; ୩ :୧୬, ୧୮; ୧ ଯୋହନ. ୪ : ୯) । ଯେପରିକି ସତ୍ୟ ହେଉଛି "ଯୀଶୁହିଁ, ଏକମାତ୍ର ସତ୍ୟ ଈଶ୍ୱରଙ୍କ ପୁତ୍ର" ଅଟନ୍ତି । ୧ : ୩ରେ ବିଶେଷ ଶୀର୍ଷକୁ ଦେଖନ୍ତୁ । ନୂତନ ନିୟମରେ ପିତା ଈଶ୍ୱର ଏବଂ ପୁତ୍ର ଯୀଶୁଙ୍କ ସମ୍ବନ୍ଧରେ ଦୁଇଟି ଧର୍ମଶାସ୍ତ୍ରୀୟ ମତ ରହିଛି ।

୧. ସେମାନେ ଏକ ଅଟନ୍ତି (ଯୋହନ. ୧:୧; ୫:୧୮; ୧୦ : ୩୦; ୧୪ : ୯; ୨୦:୨୮; ୨ କରି. ୪ : ୪; ଫିଲି. ୨ : ୬; କଲ. ୧ : ୧୫; ଏବ୍ରୀ. ୧ : ୩) କିନ୍ତୁ

୨. ସେମାନେ ଭିନ୍ନ ବ୍ୟକ୍ତିତ୍ୱ (ମାର୍କ. ୧୦ : ୧୮; ୧୪ : ୩୬; ୧୫ : ୩୪) ।

ଏହା ସମ୍ଭବପର ଯେ ପାଉଲ ଗୀତ. ୨:୬, ୭, କିମ୍ବା ୧୧୦:୧ (ପ୍ରେରିତ. ୨ : ୩୪–୩୬) ରେ ଯିହୋବାଙ୍କ ଖ୍ରୀଷ୍ଟିୟ ରାଜା ବିଷୟକୁ ଆଦ୍ୟ ଖ୍ରୀଷ୍ଟଶାସ୍ତ୍ରୀୟ ବିଶ୍ୱାସରୁ ଉଦ୍ଧୃତ କଲେ । ଏହା କରିବା ଦ୍ୱାରା ସେ "ପୂର୍ଣ୍ଣ ଶକ୍ତିରେ ଈଶ୍ୱରଙ୍କ ପୁତ୍ର" ଶବ୍ଦକୁ ପ୍ରମାଣିତ କରୁଛନ୍ତି (ଏନ୍ଆଇଡ଼ିଏନ୍‌ଟିଟି, ଭାଗ. ୨, ପୃଷ୍ଠା-୭୯) ଯାହା ନିର୍ଦ୍ଧାରଣ କରେ, ତାହାଙ୍କ ଜନ୍ମ କିମ୍ବା ବାପ୍ତିସ୍ମକୁ ନୁହେଁ ମାତ୍ର ତାହାଙ୍କ ସର୍ଗାରୋହଣକୁ । ଗ୍ରହଣକାରୀ ଖ୍ରୀଷ୍ଟଶାସ୍ତ୍ର (ତାଲିକା ଦେଖନ୍ତୁ) ପଦକୁ ନିଏ ଏବଂ ତାହାର ଆପଣା ନିମିତ ଉଦ୍ଧୃତ କରେ । ବାଇବଲ ତର୍ଜମାର ଏହି ବାକ୍ୟ ପ୍ରମାଣ ପ୍ରଣାଳୀ ସହ କେହି କହିପାରେ ଯେ ବାଇବଲ ଯାହା କିଛି କହି ପାରେ (ଡବ୍ଲ୍ୟୁଡ଼ବ୍ଲ୍ୟୁଡ଼ବଲ୍ୟୁ. ଫ୍ରିବାଇବଲକମେ ଷ୍ଟେରୀ ଓରଗ୍ ମୁକ୍ତ ଓନ୍‌ଲାଇନ୍‌ରେ ମୋର ସେମିନାର ବାଇବଲିୟ ତର୍ଜମାକୁ ଦେଖନ୍ତୁ) ।

❑ **"ପୁନରୁତ୍ଥାନ ଦ୍ୱାରା"** ପିତା ଈଶ୍ୱର ଯୀଶୁଙ୍କର ଜୀବନକୁ ନିଶ୍ଚିନ୍ତ କରନ୍ତି ଏବଂ ମୃତମାନଙ୍କ ମଧ୍ୟରୁ ତାହାଙ୍କୁ ଉତ୍ଥାନ କରି ସନ୍ଦେଶ ଦିଅନ୍ତି (୪:୨୪; ୬:୪, ୯; ୮:୧୧; ପ୍ରେରିତ. ୨ : ୩୧-୩୩) । ଈଶ୍ୱରିୟତା (ଯୋହନ. ୧:୧–୧୪; କଲ. ୧ : ୧୫-୧୯; ଫିଲି. ୨ :୬-୧୧; ଏବ୍ରୀ. ୧:୨-୩) ଏବଂ ଯୀଶୁଙ୍କର ପୁନରୁତ୍ଥାନ (୪ : ୨୫; ୧୦; ୯-୧୩; ୧ କରି. ୧୫) ଖ୍ରୀଷ୍ଟିଆନିଟିର ଦୁଇଟି ସ୍ତମ୍ଭ ଅଟନ୍ତି ।

❑ ଏହି ପଦଟି "ଗ୍ରହଣବାଦ"ର ମିଥ୍ୟା ଶିକ୍ଷାକୁ କହିବାକୁ ଅଧିକାଂଶରେ ବ୍ୟବହୃତ ହୋଇଛି, ଯାହା କହେ କି ଯୀଶୁ ତାହାଙ୍କର ଆଜ୍ଞାକାରୀତାର ଆଦର୍ଶମୟ ଜୀବନ ହେତୁ ଇଶ୍ୱରଙ୍କ ଦ୍ୱାରା ପୁରସ୍କୃତ ଏବଂ ଉନ୍ନତ ହେଲେ । ମିଥ୍ୟାଶିକ୍ଷା କହେ କି ସେ ସର୍ବଦା ଦୈବିୟ ନୁହନ୍ତି । କିନ୍ତୁ ଯେତେବେଳେ ଇଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉତ୍‌ଥାନ କଲେ ସେତେବେଳେ ସେ ଦୈବିୟ ହେଲେ । ଯେପରିକି, ଏହା ସ୍ପଷ୍ଟରୂପେ ଅସତ୍ୟ, ଯାହାର ବାସ୍ତବିକତାକୁ ଯୋହନ. ୧ ଏବଂ ୧୭ ପର୍ବରୁ ଦେଖିବାକୁ ମିଳେ । ଯୀଶୁଙ୍କ ପୁନରୁତ୍‌ଥାନ ଏକ ଆଶ୍ଚର୍ଯ୍ୟ ବିଷୟକୁ ପ୍ରଦାନ କରେ । ଇଶ୍ୱରିୟତା କେଉଁ ପ୍ରକାରେ ପୁରସ୍କୃତ ହେବ ତାହାକୁ କହିବା କଠିନ ଅଟେ । ତଥାପି ତାହାହିଁ ହୋଇଅଛି । ଯଦ୍ୟପି ଯୀଶୁ ପିତାଙ୍କ ସହ ଅନନ୍ତ ମହୀମା ବଣ୍ଟନ କଲେ । ତାହାଙ୍କର ସ୍ଥାନ, ତାହାଙ୍କ ପ୍ରଦତ ପରିତ୍ରାଣ କାର୍ଯ୍ୟର ସିଦ୍ଧ ପୂର୍ଣ୍ଣତା ଦ୍ୱାରା ମୂଲ୍ୟ ବୃଦ୍ଧି କରେ । ପୁନରୁତ୍‌ଥାନ ପିତାଙ୍କ ଦ୍ୱାରା ଯୀଶୁଙ୍କର ଜୀବନ, ଆଦର୍ଶ, ଶିକ୍ଷା ଏବଂ ଜୀବନ ବଳିଦାନର ସତ୍ୟୋକ୍ତି ଥିଲା ଅନନ୍ତ କାଳ ଦୈବିୟ, ପୂର୍ଣ୍ଣ ମନୁଷ୍ୟ, ସିଦ୍ଧ ଉଦ୍ଧାରକର୍ତ୍ତା । ପ୍ରତିଷ୍ଠିତ ଏବଂ ପୁରସ୍କୃତ ହେଲେ । ଅଦ୍ୱିତୀୟ ପୁତ୍ର । ଦେଖନ୍ତୁ ପରିଶିଷ୍ଟ ତିନି– ଗ୍ରହଣବାଦ ।

❑ **ଏନ୍‌ଏଏସ୍‌ବି, ଏନ୍‌କେଜେଭି** **"ଧର୍ମମୟ ଆତ୍ମା ସମ୍ବନ୍ଧରେ"**

**ଏନ୍‌କେଜେଭି** **"ଧର୍ମମୟ ଆତ୍ମା ସମ୍ବନ୍ଧରେ"**

**ଟିଇଭି** **"ତାହାଙ୍କ ଦୈବିକ ପବିତ୍ରତା ଅନୁଯାୟୀ"**

**ଏନ୍‌ଜେବି** **"ଆତ୍ମାଙ୍କ ଆଦେଶରେ, ଧର୍ମମୟ ଆତ୍ମା"**

କେତେକ ଅନୁବାଦ ଆତ୍ମା ଶବ୍ଦର "ଏସ୍"କୁ ବଡ଼ ଅକ୍ଷର ଦିଅନ୍ତି । ପବିତ୍ର ଆତ୍ମା ବୋଲି କହନ୍ତି । ଛୋଟ ଅକ୍ଷର "ଏସ୍" ଶବ୍ଦ ଯୀଶୁଙ୍କର ମାନବ ଆତ୍ମାକୁ ଦର୍ଶାଇ ପାରେ । ଯେମିତି ପିତା ଇଶ୍ୱର ଆତ୍ମା ଅଟନ୍ତି । ସେହି ପ୍ରକାରେ ଯୀଶୁ ମଧ୍ୟ । ପୁରାତନ ଏବ୍ରୀ ଏବଂ ଗ୍ରୀକ୍ ବାକ୍ୟରେ ବଡ଼ ଅକ୍ଷର ଦିଆଯାଇ ନାହିଁ । ବିରାମ ଚିହ୍ନ ନାହିଁ । ଅଧ୍ୟାୟ ନାହିଁ କି ପଦ ବିଭାଜନ ନାହିଁ । ତେଣୁ ଏସବୁ ପରାମ୍ପରାର କଥନ ସବୁ କିମ୍ବା ଅନୁବାଦ କାରୀଙ୍କ ତର୍ଜମା ।

ପଦ ୩ ଏବଂ ୪କୁ ଦୃଷ୍ଟିପାତ କରିବାର ତିନୋଟି ବିଷୟ ଅଛି ।

୧. ଯୀଶୁଙ୍କର ଦୁଇଟି ସ୍ୱଭାବର ଇଙ୍ଗିତ, ମଣିଷ ଏବଂ ଇଶ୍ୱର

୨. ତାହାଙ୍କ ଜାଗତିକ ଜୀବନର ଦୁଇଟି ସ୍ତରକୁ ଇଙ୍ଗିତ କରେ, ମଣିଷ ଏବଂ ପୁନରୁତ୍‌ଥିତ ପ୍ରଭୁ ।

୩. "ଯୀଶୁ ଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଭୁ" ର ସମାନ୍ତର ।

❑ **"ଯୀଶୁ"** ଆରାମିକ ଯୀଶୁ ଏବ୍ରୀ ନାମ ଯିହୋଶୂୟ ସଙ୍ଗେ ସମାନ ଅଟେ । ଏହା ଦୁଇ ଏବ୍ରୀଶବ୍ଦ "ଯିହୋବା" ଏବଂ "ଉଦ୍ଧାର"ର ଯୁଗ୍ମ ଶବ୍ଦ ଅଟେ । ଏହାର ଅର୍ଥ "ଯିହୋବା ଉଦ୍ଧାର କରନ୍ତି" । "ଯିହୋବା ମୁକ୍ତ କରନ୍ତି" କିମ୍ବା "ଯିହୋବା ଉଦ୍ଧାର ଅଟନ୍ତି" । ମାଥିଉ ୧:୨୧, ୨୫ ଏହାର ଅର୍ଥର ସାରାଂଶ ଦେଖାଯାଇପାରିବ ।

❑ **"ଖ୍ରୀଷ୍ଟ"** ଏହା ଏବ୍ରୀ ଶବ୍ଦ ମସୀହ (ବିଡ଼ିବି ୬୦୩)ର ଗ୍ରୀକ୍ ଅନୁବାଦ, ଯାହାର ଅର୍ଥ "ଜଣେ ଅଭିଷିକ୍ତ" । ପୁରାତନ ନିୟମରେ ଅନେକ ଦଳର ନେତାଗଣ (ଭାବବାଦୀ, ଯାଜକ, ଏବଂ ରାଜାଗଣ) ଇଶ୍ୱରଙ୍କ ମନୋନୀତର ଚିହ୍ନ ସ୍ୱରୂପ ଅଭିଷିକ୍ତ ହୋଇଥିଲେ । ଯୀଶୁ ଏହି ସମସ୍ତ ତିନୋଟି ଅଭିଷିକ୍ତ କର୍ମକୁ ପରିପୂର୍ଣ୍ଣ କରିଥିଲେ (ଏବ୍ରୀ. ୧ : ୨-୩) ପୁରାତନ ନିୟମରେ ଭାବବାଣୀ ହୋଇଥିଲା ଯେ, ଧାର୍ମିକତାର ନୂତନ ଯୁଗକୁ ପଥ ପ୍ରଦର୍ଶନ କରିବାକୁ ଇଶ୍ୱର ଜଣେ ବିଶେଷ "ଅଭିଷିକ୍ତ ବ୍ୟକ୍ତି"ଙ୍କୁ ପ୍ରେରଣ କରିବେ ଯୀଶୁ ତାହାଙ୍କର ବିଶେଷ "ଦାସ", "ପୁତ୍ର", ଏବଂ "ମସୀହ" ଥିଲେ ।

**ବିଶେଷ ଶୀର୍ଷ : ମସୀହ**

ଏହା ଦାନିଏଲ. ୯:୬ରେ ମୋହର ଟିକ୍‌କା ମନ୍ତବ୍ୟରୁ ନିଆଯାଇଅଛି । ଶବ୍ଦ ମସୀହ କିମ୍ବା ଜଣେ ଅଭିଷିକ୍ତର କେତେକ ସାମ୍ଭାବ୍ୟ ଅର୍ଥ ଥିବା ହେତୁ ଏହି ପଦକୁ ତର୍ଜମା କରିବା କଠିନ ଅଟେ ।

୧. ଯିହୁଦୀ ରାଜାମାନଙ୍କର ପ୍ରୟୋଗ (୧ ଶାମୁ. ୨:୧୦; ୧୨ : ୩)

୨. ଯିହୁଦୀ ଯାଜକମାନଙ୍କର ପ୍ରୟୋଗ (ଲେବି. ୪:୩,୫)

୩. କୋରସ ବ୍ୟବହାର (ଯିଶା. ୪୫ : ୧)

୪. ଗୀତସଂହିତା ୧୧୦ ଏବଂ ଯିଖରିୟ. ୪ # ୧ ଏବଂ # ୨ ମିଶ୍ରିତ ଅଟନ୍ତି ।

୫. ଇଶ୍ୱରଙ୍କ ବିଶେଷ ଆଗମନର ପ୍ରୟୋଗ, ଦାଉଦିୟ ରାଜ ଧାର୍ମିକତାର ନୂତନ ଯୁଗକୁ ଆଣିବା ।

 କ. ଯିହୁଦା ବଂଶ (ଆଦି. ୪୯ : ୧୦)

 ଖ. ଯିଶିର ପରିବାରରୁ (୨ ଶାମୁ . ୭)

 ଗ. ବିଶ୍ୱବ୍ୟାପି ରାଜୁତି (ଗୀତ. ୨; ଯିଶା. ୯ : ୬; ୧୧:୧-୫; ମିକା. ୫:୧-୪)

ନାଜରିତୀୟ ଯୀଶୁଙ୍କ ସହିତ "ଜଣେ ଅଭିଷିକ୍ତ"ର ପରିଚୟରେ ମୁଁ ବ୍ୟକ୍ତିଗତ ଭାବେ ଆକର୍ଷିତ ।

୧. ଦ୍ୱିତୀୟ ଅଧ୍ୟାୟର ଚତୁର୍ଥ ରାଜାଙ୍କ ସମୟରେ ଗୋଟିଏ ଅନନ୍ତ ରାଜ୍ୟର ପରିଚୟ ।

୨. ୭ : ୧୩ରେ "ମନୁଷ୍ୟ ପୁତ୍ର"ର ଏକ ଅନନ୍ତ ରାଜ୍ୟର ପ୍ରସ୍ତାବନା ଦିଆଗଲା ।

୩. ୯:୨୪ର ଉଦ୍ଧାର ମୂଳକ ବ୍ୟାଖ୍ୟାଂଶ, ଯାହା ପତିତ ଜଗତର ଇତିହାସର ଏକ ଶୀର୍ଷସ୍ଥାନକୁ ଦର୍ଶାଏ ।

୪. ନୂତନ ନିୟମରେ ଦାନିଏଲ ପୁସ୍ତକରୁ ଯୀଶୁଙ୍କର ବ୍ୟବହାର (ମାଥିଉ. ୨୪ : ୧୫; ମାର୍କ ୧୩ : ୧୪)

❏ **"ପ୍ରଭୁ"** ଯିହୁଦୀ ଧର୍ମରେ ଇଶ୍ୱରଙ୍କ ନିମନ୍ତେ ପ୍ରତିଜ୍ଞା ନାମ ହେଉଛି, ଯିହୋବା, ଏହା ଏତେ ପବିତ୍ର ହେଲା ଯେ, ରାବ୍‌ବୀମାନେ ଏହାର ପ୍ରତିବଦଳରେ "ପ୍ରଭୁ" ନାମକୁ ରଖିଲେ, (ଏଦୋନ) ଧର୍ମଶାସ୍ତ୍ର ଅଧ୍ୟୟନ ସମୟ ସେମାନେ ଯେପରି ଇଶ୍ୱରଙ୍କ ନାମକୁ ତୁଚ୍ଛରେ ନ ନିଅନ୍ତି ସେଥିପାଇଁ ଭୟଭୀତ ଥିଲେ (ଯାତ୍ରା. ୨୦ : ୭ ଦ୍ୱିତୀୟ ବିବରଣ. ୫ : ୧୧) ଏବଂ ସେଠାରେ ଦଶ ଆଜ୍ଞାରୁ ଗୋଟିଏ ଆଜ୍ଞା ଯେପରି ନ ଭାଙ୍ଗେ । ଯେତେବେଳେ ନୂତନ ନିୟମର ଲେଖକମାନେ ଧର୍ମଶାସ୍ତ୍ରୀୟ ପ୍ରସଙ୍ଗରେ ଯୀଶୁଙ୍କୁ "ପ୍ରଭୁ" କହିଲେ (କୁରିଅସ) । ସେମାନେ ତାହାଙ୍କର ଇଶ୍ୱରିୟତାର ପ୍ରମାଣ କଲେ (ପ୍ରେରିତ. ୨ : ୩୬; ରୋମୀୟ. ୧୦ : ୯-୧୩; ଫିଲି. ୨ : ୬-୧୧) ।

## ବିଶେଷ ଶୀର୍ଷ : ଇଶ୍ୱରଙ୍କ ନିମନ୍ତେ ନାମ

**କ. ଏଇ (ବିଡ଼ିବି ୪୨, କେବି ୪୮)**

୧. ଇଶ୍ୱରଙ୍କ ନିମନ୍ତେ ପୁରାତନ ଗୋଷ୍ଠି ସମ୍ବନ୍ଧିୟ ଶବ୍ଦର ବାସ୍ତବିକ ଅର୍ଥ ଅନିଶ୍ଚିନ୍ତ ଅଟେ । ଅନେକ ଜ୍ଞାନୀ ମାନନ୍ତି କି ଏହା ଆକାଦିୟଙ୍କ ମୂଳରୁ ଆସେ । "ଦୃଢ଼ ହେବାକୁ" କିମ୍ବା "ସାମର୍ଥୀ ହେବାକୁ" (ଆଦି. ୧୭ :୧; ଗଣନା. ୨୩ : ୧୯; ଦ୍ୱି.ବିବରଣ. ୭ : ୨୧; ଗୀତ. ୫୦ :୧)

୨. କିଣାନିୟ ମନ୍ଦିରରେ ମହାନ ଇଶ୍ୱର ଏଇ ଅଟନ୍ତି (ରାଶ୍ ସମ୍ରାଙ୍କ ବାକ୍ୟ) ।

୩. ବାଇବଲରେ ଏଇ ଶବ୍ଦ ସାଧାରଣତଃ ଅନ୍ୟ ଶବ୍ଦ ସହିତ ମିଶ୍ରଣ ହୁଏ ନାହିଁ । ଏହି ମିଶ୍ରଣ ଇଶ୍ୱରଙ୍କୁ ଚିତ୍ରଣ କରିବାର ମାଧ୍ୟମରେ ପରିଣତ ହେଲା ।

କ. ଏଲ୍-ଇଲିୟନ (ଅତି ମହାନ ଇଶ୍ୱର, ବିଡ଼ିବି ୪୨ & ୭୫୧ II), ଆଦି. ୧୪ : ୧୮-୨୨; ଦ୍ୱି. ବିବରଣ. ୩୨ : ୮; ଯିଶା. ୧୪ : ୧୪ ।

ଖ. ଏଲ୍-ରୋଇ ("ଇଶ୍ୱର ଯିଏ ଦେଖନ୍ତି" କିମ୍ବା "ଇଶ୍ୱର ଯିଏ ଆପଣାକୁ ପ୍ରକାଶ କରନ୍ତି ।" ବିଡ଼ିବି ୪୨ & ୯୦୯) । ଆଦି ୧୬ : ୧୩

ଗ. ଏଲ୍ - ସାଦାଇ ("ଇଶ୍ୱର ଶର୍ବଶକ୍ତିମାନ" କିମ୍ବା "ଇଶ୍ୱର ସର୍ବ କରୁଣାମୟ" କିମ୍ବା "ପର୍ବତର ଇଶ୍ୱର", ବିଡ଼ିବି ୪୨ & ୯୦୯) । ଆଦି ୧୭ : ୧; ୩୫ : ୧୧; ୪୩ : ୧୪; ୪୯ : ୨୫; ଯାତ୍ରା ୬ : ୩ ।

ଘ. ଏଲ୍-ଓଲାମ୍ (ସଦାକାଳ ଇଶ୍ୱର, ବିଡ଼ିବି. ୪୨ & ୭୬୧) ଆଦି. ୨୧ : ୩୩, ଏହି ଶବ୍ଦଟି ଇଶ୍ୱରଶାସ୍ତ୍ର ଅନୁସାରେ ଦାଉଦଙ୍କୁ ଇଶ୍ୱରଙ୍କ ପ୍ରତିଜ୍ଞା ସହିତ ଯୋଡ଼ିତ ।

ଙ. ଏଲ୍-ବେରିତ୍ ("ପ୍ରତିଜ୍ଞାର ଇଶ୍ୱର", ବିଡ଼ିବି ୪୨ & ୧୩୬), ବିଚାରକର୍ତ୍ତା. ୯:୪୬)

୪. ଏଲ ନିମ୍ନଲିଖିତ ସହିତ ସମୀକରଣ କରାଗଲା ।

କ. ଗୀତ. ୮୫: ୮; ଯିଶା. ୪୨ : ୫ରେ ଯିହୋବା

ଖ. ଏଲୋହିମ, ଆଦି. ୪୬:୩; ଆୟୁବ. ୫:୮ରେ, "ଆମ୍ଭେ ପରମେଶ୍ୱର, ତୁମ୍ଭ ପିତାର ପରମେଶ୍ୱର"

ଗ. ସଦାଇ. ଆଦି. ୪୯ : ୨୫

ଘ. "ଉଦ୍‌ଯୋଗୀ," ଯାତ୍ରା. ୩୪:୧୪; ଦ୍ୱି.ବିବରଣ; ୪;୨୪; ୫:୯; ୬;୧୫

ଙ. "ଦୟାଳୁ", ଦ୍ୱି. ବିବରଣ. ୪:୩୧; ନିହିମିୟ. ୯.୩୧

ଚ. "ମହାନ ଏବଂ ସୁନ୍ଦର", ଦ୍ୱି.ବିବରଣ. ୭.୨୧; ୧୦:୧୭; ନିହିମିୟ. ୧:୫; ୯:୩୨; ଦାନି. ୯:୪

ଛ. "ଜ୍ଞାନି" ୧ ଶାମୁ. ୨:୩

ଜ. "ମୋର ଦୃଢ଼ ଆଶ୍ରୟ", ୨ ଶାମୁ. ୨୨ : ୩୩

ଝ. "ମୋ ପକ୍ଷର ପରିଶୋଧ ନେବା", ୨ ଶାମୁ. ୨୨: ୪୮

ଞ. "ଧର୍ମମୟ", ଯିଶା. ୫ : ୧୬

ଟ. "ପରାକ୍ରାନ୍ତ", ଯିଶା. ୧୦ : ୨୧

ଠ. "ଆମ୍ଭର ପରିତ୍ରାଣ", ଯିଶା. ୧୨:୨

ଡ. "ମହାନ ଏବଂ ପରାକ୍ରାନ୍ତ", ଯିରି. ୩୨ : ୧୮

ଢ଼. "ପ୍ରତିଫଳଦାତା", ଯିରି. ୫୧ : ୫୬

୫. ଯିହୋଶୂଅ. ୨୨ : ୨୨ରେ ଇଶ୍ୱରଙ୍କ ନିମନ୍ତେ ସମସ୍ତ ମୁଖ୍ୟ ପୁରାତନ ନିୟମ ନାମର ମିଶ୍ରଣ ଦେଖିବାକୁ ମିଳେ ( ଏଲ୍, ଏଲୋହିମ୍, ଯିହୋବାୟ, ପୁନରାବୃତ୍ତ) ।

**ଖ. ଏଲିୟୋନ୍ (ବିଡ଼ିବି ୭୫୧, କେବି ୮୩୨)**

୧. ଏହାର ମୁଖ୍ୟ ଅର୍ଥ ଅଟେ, "ସର୍ବଉପର", "ଉଚ୍ଚ", କିମ୍ବା "ଉନ୍ନତ" (ଆଦି. ୪୦ : ୧୭; ୧ ରାଜା. ୯:୮;୨ ରାଜା. ୧୮:୧୭; ନିହମିୟା. ୩:୨୫; ଯିରି. ୨୦ : ୨; ୩୬ : ୧୦; ଗୀତ. ୧୮:୩) ।

୨. ଏହା ସାମନ୍ତର ଭାବେ ଇଶ୍ୱରଙ୍କ ଅନ୍ୟାନ୍ୟ ନାମ ଏବଂ ଆଖ୍ୟାକୁ ବ୍ୟବହାର କରେ ।

କ. ଏଲୋହିମ– ଗୀତ. ୪୭ : ୧-୨; ୭୩:୧୧; ୧୦୭; ୧୧.

ଖ. ଯିହୋବା– ଆଦି. ୧୪ : ୨୨; ୨ ଶାମୁ. ୨୨ : ୧୪

ଗ. ଏଲ୍‌ସଦାଇ – ଗୀତ. ୯୧:୧.୯

ଘ. ଏଲ୍ – ଗଣନା, ୨୪ : ୧୬

ଙ. ଏଲାହା – ଅଧିକତର ଦାନିଏଲ୍ ୨-୬ ଏବଂ ଏଜ୍ରା. ୪-୭ରେ ବ୍ୟବହୃତ, ଇଲାଏର୍ ସହିତ ସଂପୃକ୍ତ ("ମହତ ଇଶ୍ୱର" ନିମନ୍ତେ ଆରାମିକ୍‌ରେ) ଦାନିଏଲ ୩: ୨୬; ୪:୨; ୫ : ୧୮, ୨୧ ।

୩. ଏହା ଅଣ-ଇସ୍ରାଏଲ ମାନଙ୍କ ଦ୍ୱାରା ଅଧିକ ବ୍ୟବହୃତ

କ. ମଲ୍‌କୀଷେଦକ, ଆଦି. ୧୪:୧୮-୨୨

ଖ. ବିଲିୟମ. ଗଣନା. ୨୪ : ୧୬

ଗ. ମୋଶା, ଦ୍ୱି, ବିବରଣ. ୩୨ : ୮ ରେ ଗୋଷ୍ଠିୟ ଲୋକମାନଙ୍କୁ କହିଲେ ।

ଘ. ନୂତନ ନିୟମରେ ଲୁକରଚିତ ସୁସମାଚାର, ବିଜାତିମାନଙ୍କୁ ଲେଖେ, ଏଠାରେ ମଧ ଗ୍ରୀକ୍ ସମତୁଲ୍ୟ ହୁପ୍‌ସିସ୍ତୋମ୍‌ର ବ୍ୟବହାର କରାଯାଏ (୧:୩୨, ୩୫, ୭୬; ୬:୩୫; ୮:୨୮; ପ୍ରେରିତ. ୭ : ୪୮; ୧୬ : ୧୭)

ଗ. ଏଲୋହିମ୍ (ବହୁବଚନ) ଏଲୋଆହ (ଏକବଚନ), ମୁଖ୍ୟତଃ କାବ୍ୟରେ ବ୍ୟବହୃତ ହୋଇଛି. (ବିଡ଼ିବି ୪୩, କେବି ୫୨) ।

୧. ଏହା ପୁରାତନ ନିୟମର ବାହାରେ ମିଳେ ନାହିଁ ।

୨. ଏହି ଶବ୍ଦ ଇସ୍ରାଏଲର ଇଶ୍ୱରଙ୍କୁ ଆଖ୍ୟା କରିପାରେ କିମ୍ବା ଗୋଷ୍ଠିର ଦେବତାମାନଙ୍କୁ (ଯାତ୍ରା. ୧୨:୧୨; ୨୦:୩) । ଅବ୍ରାହମଙ୍କ ପରିବାର ବହୁ ଇଶ୍ୱର ପୂଜକ ଥିଲେ । (ଯିହୋ. ୨୪ : ୨)

୩. ଏହା ଇସ୍ରାଏଲର ବିଚାର କର୍ତ୍ତା ମାନଙ୍କୁ ଦର୍ଶାଇ ପାରେ (ଯାତ୍ରା. ୨୧ : ୬; ଗୀତ ୮୨ : ୬),

୪. ଏଲୋହିମ ଶବ୍ଦଟି ଅନ୍ୟ ଆତ୍ମିକ ପ୍ରାଣିମାନଙ୍କ ନିମନ୍ତେ ମଧ ବ୍ୟବହୃତ ହୋଇଛି । (ସ୍ୱର୍ଗଦୂତ, ପ୍ରେତଆତ୍ମା) ଦ୍ୱି. ବିବରଣ. ୩୨ : ୮; ଗୀତ. ୮:୫; ଆୟୁବ. ୧:୬; ୩:୭.

୫. ଇଶ୍ୱର ନିମନ୍ତେ ବାଇବଲରେ ଏହା ପ୍ରଥମ ନାମ ଅଟେ (ଆଦି. ୧:୧) ।

ଏହା ଆଦି. ୨:୪ ପର୍ଯ୍ୟନ୍ତ କେବଳ ଏହି ନାମ ବ୍ୟବହୃତ ହୋଇଛି, ଯାହାକି ଏହା ଯିହୋବା ସଙ୍ଗେ ମିଶ୍ରିତ । ଏହି ସାଧାରଣତଃ (ଧର୍ମଶାସ୍ତ୍ର ଅନୁଯାୟୀ) ଇଶ୍ୱର ଯେ ଏହି ବ୍ରହ୍ମାଣ୍ଡର ସମସ୍ତ ପ୍ରାଣିର ସୃଷ୍ଟିକର୍ତ୍ତା, ସାହାଯ୍ୟକାରୀ, ଏବଂ ଯୋଗାଣକାରୀ ତାହା ପ୍ରତିପାଦନ କରେ । (ଗୀତ. ୧୦୪) ।

ଏହା ଏଲ୍ ସହିତ ସମାନ (ଦ୍ୱି.ବିବରଣ. ୩୨: ୧୫-୧୯) । ଏହା ଗୀତ ୧୪ (ଏଲୋହମ)ର ସହିତ ଗୀତ. ୫୩ (ଯିହୋବା) ବିଲ୍‌କୁଲ୍ ସାଦୃଶ୍ୟ ଅଟେ । କେବଳ ଇଶ୍ୱରିୟ ନାମର ପରିବର୍ତ୍ତନ ବଦଳରେ ।

୬. ଯେପରିକି, ବହୁବଚନ ଏବଂ ଅନ୍ୟ ଇଶ୍ୱରମାନଙ୍କ ବ୍ୟବହାର, ଏହି ଶବ୍ଦ ସର୍ବଦା ଇସ୍ରାଏଲର ଇଶ୍ୱରଙ୍କୁ ଆଖ୍ୟା ଦିଏ, କିନ୍ତୁ ବାସ୍ତବରେ ଏକଇଶ୍ୱର ବ୍ୟବହାର ନିମନ୍ତେ ଏହାର ଏକବଚନ କ୍ରିୟା ହିଁ ରହିଛି ।

୭. ଏହି ନାମଟି ଇଶ୍ୱର ନିମନ୍ତେ ଅଣ-ଇସ୍ରାଏଲି ମାନଙ୍କ ମୁଖରେ ମିଳିଥିଲା ।

କ. ମଲକୀଗେଦକ, ଆଦି. ୧୪ : ୧୮-୨୨

ଖ. ବିଲିୟମ, ଗଣନା. ୨୪ :୨

ଗ. ମୋଶା, ଯେବେ ସେ ଗୋଷ୍ଠିମାନଙ୍କୁ କହୁଥିଲେ, ଦ୍ୱି. ବିବରଣ. ୩୨:୮

୮. ଆଶ୍ଚର୍ଯ୍ୟର ବିଷୟ କି ଇସ୍ରାଏଲର ଏକଇଶ୍ୱର ନିମନ୍ତେ ଗୋଟିଏ ସାଧାରଣ ନାମ ବହୁବଚନ ଅଟେ । ତଥାପି ସେଥିରେ ନିର୍ଶ୍ଚିନ୍ତତା ନାହିଁ ।

ଦେଖନ୍ତୁ କେତେକ ସିଦ୍ଧାନ୍ତ ।

କ. ଏବ୍ରୀରେ ଅନେକ ବହୁବଚନ ରହିଛି । ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଦେବାରେ ବ୍ୟବହୃତ । ପଶ୍ଚାତ ଏବ୍ରୀୟ ବ୍ୟାକରଣ ଅଂଶ ଏଠାରେ ନିକଟରେ ସମ୍ବନ୍ଧିତ ଯାହାକୁ "ସମ୍ଭ୍ରାନ୍ତର ବହୁବଚନ" ବୋଲି କୁହାଯାଏ । ଏଠାରେ ବହୁବଚନ ଧାରଣାକୁ ମହିମାନ୍ୱିତ କରିବାରେ ବ୍ୟବହୃତ ।

ଖ. ଏହା ଦୂତଗତ ପରିଷଦକୁ ଦର୍ଶାଇପାରେ । ଯାହାଙ୍କୁ ପରମେଶ୍ୱର ସ୍ୱର୍ଗରେ ହିଁ ମିଶିଥାନ୍ତି ଏବଂ ତାହାଙ୍କର ଆଜ୍ଞା କରିଥାନ୍ତି । (୧ ରାଜା. ୨୨: ୧୯-୨୩; ଆୟୁବ. ୧:୬; ଗୀତ ୮୨:୧; ୮୯: ୫.୭) ।

ଗ. ଏହା ସମ୍ଭବ ଅଟେ କି ନୂତନ ନିୟମ ପ୍ରକାଶନର ଏକ ପରମେଶ୍ୱର ତିନୋଟି ବ୍ୟକ୍ତିତ୍ୱକୁ ପ୍ରତିବିମ୍ବ କରେ । ଆଦି. ୧:୧ରେ ପରମେଶ୍ୱର ସୃଷ୍ଟି କରନ୍ତି; ଆଦି. ୧:୨ରେ ଆତ୍ମା ଆଦିର ରନ୍ତି, ଏବଂ ନୂତନ ନିୟମରେ ଯୀଶୁ ସୃଷ୍ଟିରେ ପିତା ପରମେଶ୍ୱରଙ୍କ ପ୍ରତିନିଧି (ଯୋହନ. ୧:୩, ୧୦; ରୋମୀୟ ୧୧:୩୬; ୧ କରି. ୮.୬; କଲ. ୧:୧୫; ଏବ୍ରୀ. ୧:୨; ୨:୧୦) ।

ଘ. ଯିହୋବା (ବିଡ଼ିବି ୨୧୭, କେବି ୩୯୪)

୧. ଏହି ନାମ ନିୟମ ପ୍ରସ୍ତୁତକାରୀ ପରମେଶ୍ୱରଙ୍କ ଇଶ୍ୱରିୟତାକୁ ପ୍ରତିବିମ୍ବ କରେ; ଇଶ୍ୱର ଯେ ଉଦ୍ଧାରକର୍ତ୍ତା ମୁକ୍ତିଦାତା । ମଣିଷ ଚୁକ୍ତିକୁ ଭାଙ୍ଗିଥାଏ । କିନ୍ତୁ ଇଶ୍ୱର ତାହାଙ୍କ ବାକ୍ୟରେ, ପ୍ରତିଜ୍ଞାରେ, ଚୁକ୍ତି ବା ନିୟମରେ ବିଶ୍ୱାସ ଯୋଗ୍ୟ (ଗୀତ. ୧୦୩) । ଏହି ନାମଟି ଆଦି. ୨:୪ ଏଲୋହିମ ସହିତ ମିଶ୍ରଣରେ ପ୍ରଥମେ ଉଲ୍ଲେଖ କରାଗଲା । ଆଦି. ୧-୨ରେ ସୃଷ୍ଟିରେ ଦୁଇଟି ହିସାବ ନାହିଁ, ମାତ୍ର ଦୁଇଟି ଉଲ୍ଲେଖ; (୧) ପରମେଶ୍ୱର ବିଶ୍ୱର ସୃଷ୍ଟିକର୍ତ୍ତା (ଶାରିରୀକ) ଏବଂ (୨) ପରମେଶ୍ୱର ମଣିଷର ବିଶେଷ ସୃଷ୍ଟିକର୍ତ୍ତା । ଆଦି. ୨:୪–୩:୨୪ ମନୁଷ୍ୟର ସୌଭାଗ୍ୟ ପଦ ଏବଂ ଉଦ୍ଦେଶ୍ୟ ବିଷୟରେ ବିଶେଷ ପ୍ରକାଶନର ଆରମ୍ଭ କରେ । ତାହା ସଙ୍ଗେ ସଙ୍ଗେ ଅତୁଳନୀୟ ପଦ ସହିତ ପାପର ସମସ୍ୟା ଏବଂ ହିଂସା ମଧ୍ୟ ସହଭାଗୀ ହେଲା ।

୨. ଆଦି. ୪:୨୬ରେ କୁହାଯାଏ "ମନୁଷ୍ୟ ପ୍ରଭୁଙ୍କର ନାମକୁ ଡାକିବା ଆରମ୍ଭ କଲା" (ଯିହବା) । ଯେପରିକି, ଯାତ୍ରା. ୬:୩ କହେ ଆଦ୍ୟର ନିୟମବଦ୍ଧ ଲୋକେ (ପୂର୍ବପୁରୁଷ ଏବଂ ସେମାନଙ୍କ ପରିବାର) ଇଶ୍ୱରଙ୍କୁ ଏଲ୍-ସଦାଇ ରୂପରେ ହିଁ ଜାଣିଲେ । ଯିହୋବା ନାମ କେବଳ ଗୋଟିଏ ଥର ଯାତ୍ରା ୩:୧୩-୧୬ରେ ବିବରଣ କରାଗଲା । ବିଶେଷକରି ପଦ ୧୪ରେ । କିନ୍ତୁ ଅଧିକାଂଶରେ ମୋଶାଙ୍କର ଲେଖା ଲୋକପ୍ରିୟ ଲେଖାରୂପେ ଅନୁବାଦିତ, ଶବ୍ଦର ବିକାଶଗତରେ ନୁହେଁ । (ଆଦି. ୧୭:୫; ୨୭:୩୬; ୨୯: ୧୩-୩୫) । ଏହି ନାମର ଅର୍ଥକୁ ନେଇ ଅନେକ ସିଦ୍ଧାନ୍ତ ସବୁ ରହିଛି (ଆଡ଼ିବିରୁ ନିଆଯାଇଛି, ଭାଗ-୨, ପୃ. ୪୦୯-୪୧୧) ।

କ. ଗୋଟିଏ ଆରବିୟ ଗୋଷ୍ଠିରୁ, "ଆଗ୍ରହପୂର୍ଣ୍ଣ ପ୍ରେମକୁ ଦେଖାଇବାକୁ"

ଖ. ଗୋଟିଏ ଆରବିୟ ଗୋଷ୍ଠିରୁ "ଫୁଙ୍କିବାକୁ" (ଯିହୋବା ଏକ ତୁଫାନିଇଶ୍ୱର)

ଗ. ଗୋଟିଏ କିଣାନିୟ ଗୋଷ୍ଠିରୁ, "କହିବାକୁ"

ଘ. ଏକ ଫଏନିସିୟ ଖୋଦନକୁ ଅନୁସରଣ କରେ, ଏକ କାରଣାତ୍ମକ ବିଶେଷଣର ଅର୍ଥ "ଯିଏ ଭରଣପୋଷଣ କରନ୍ତି" କିମ୍ବା "ଯିଏ ପ୍ରତିଷ୍ଠା କରନ୍ତି" ।

ଙ. ଏବ୍ରୀୟ କଲ ଆକୃତିରୁ "ଯିଏ ଅଟନ୍ତି" କିମ୍ବା "ଯିଏ ପ୍ରତିଷ୍ଠା କରନ୍ତି" (ଭବିଷ୍ୟତ କାଳରେ, "ଯିଏ ଆସିବେ") ।

ଚ. ଏବ୍ରୀୟ ହିଫିଲ୍ ଆକୃତିରେ "ଯାହାର କାରଣ ହେତୁ"

ଛ. ଏବ୍ରୀ ଗୋଷ୍ଠି "ବଞ୍ଚିବାକୁ" ଠାରୁ (ଆଦି.୩ : ୨୦) । ଅର୍ଥ "ସଦା ଜବିତ, କେବଳ ଜଣେ ଜୀବନ୍ତ" ।

ଜ. ଯାତ୍ରା ୩:୩-୧୬ ର ବାକ୍ୟାଂଶରୁ, ଏକ ଅପୂର୍ଣ୍ଣ ଆକୃତିର କାର୍ଯ୍ୟ ପୂର୍ଣ୍ଣ ରୂପରେ ବ୍ୟବହୃତ । "ମୁଁ ଯାହା ତାହା ହିଁ ରହିବି" କିମ୍ବା "ମୋ ପାଖରେ ଯାହାର ରହିଛି ମୁଁ ତହିଁରେ ରହିବି" (ଜେ. ୱାସୱାଟସ) ପଏ ସର୍ଭେ ଅଫ୍ ସିନ୍‌ଟେକ୍ସ ଇନ୍ ଦ ଓଲଡ଼ ଟେଷ୍ଟାମେଣ୍ଟ, ପୃ. ୬୭) । ଯିହୋବାଙ୍କ ପୂର୍ଣ୍ଣ ନାମ ସର୍ବଦା ସଂକ୍ଷିପ୍ତରେ ବର୍ଣ୍ଣିତ ହେଲା କିମ୍ବା ହୋଇପାରେ ଏକ ବାସ୍ତବିକ ନାମରେ ।

(୧) ଯାହ (ହାଲେଲୁୟାହ, ବିଡ଼ିବି ୨୧୯, ଯାତ୍ରା ୧୫:୨; ୧୭:୧୬; ଗୀତ ୮୯:୯; ୧୦୪: ୩୫)

(୨) ଯାହୁ ("ଇଆହ" ନାମର ଶେଷ, ଯିଶାଇୟ)

(୩) ଯୋ ("ଜୋ" ନାମର ଆରମ୍ଭ, ଯିହୋଶୂୟ କିମ୍ବା ଜୋଏଲ)

୩. ପଶ୍ଚାତ ଯିହୁଦୀ ଧର୍ମରେ ଏହି ଚୁକ୍ତି ନାମ ଅଧିକ ପବିତ୍ର ଗଣାଗଲା । ପୁଣି ଯିହୁଦୀମାନେ ଏହାକୁ କହିବାରେ ଭୟଭୀତ କି କାଳେ ସେମାନେ ଆଜ୍ଞାକୁ ଭଙ୍ଗ ନ କରି ଦିଅନ୍ତି, ଯାତ୍ରା ୨୦:୭; ଦ୍ୱି.ବିବରଣ ୫:୧୧; ୬;୧୩ । ତେଣୁ ସେମାନେ ଏବ୍ରୀୟ ନାମ "ମାଲିକ", "ପରିଚାଳକ" "ସ୍ୱାମୀ" "ପ୍ରଭୁ"ର ପ୍ରତିବଦଳ କଲେ - ଏଦୋନ, କିମ୍ବା ଏଦୋନଇ (ମୋର ପ୍ରଭୁ) । ଯେତେବେଳେ ସେମାନେ ପୁରାତନ ନିୟମର ବାକ୍ୟକୁ ପଢ଼ି ଯିହୋବାଙ୍କ ପାଖକୁ ଆସିଲେ ତ ସେମାନେ "ପ୍ରଭୁ" ବୋଲି କହିଲେ । ଏଇଥି ଯୋଗୁଁ ଇଂରେଜୀ ଅନୁବାଦରେ ଯିହୋବା ନିମନ୍ତେ ପ୍ରଭୁ ବୋଲି ଲେଖାଗଲା ।

୪. ଯେଉଁ ପ୍ରକାରେ ଏଇ, ଯିହୋବା ମଧ୍ୟ ଅନ୍ୟ ନାମ ମାନଙ୍କ ସହିତ ଇସ୍ରାଏଲର ନିୟମ ସ୍ଥିରୀକୃତ ଇଶ୍ୱରଙ୍କ ଗୁଣକୁ ଜୋର ଦେଇ ମିଶ୍ରଣ କରାଗଲା । ଯେପରିକି ଅନେକ ସାମ୍ଭାବ୍ୟ ଯୌଗିକ ନାମ ରହିଛି । ତାହାର କେତେକ ତାଲିକା ।

କ. ଯିହୋବା - ଯିରେ (ଯିହୋବା ଯୋଗେଇବେ, ବିଡ଼ିବି ୨୧୭ ଓ ୯୦୬) ଆଦି ୨୨:୧୪

ଖ. ଯିହୋବା - ରୋପେଖା (ଯିହୋବା ଆରୋଗ୍ୟକାରୀ, ବିଡ଼ିବି ୨୧୭ ଓ ୯୫୦) କଲ ବିଶେଷଣ ଯାତ୍ରା ୧୫:୨୬

ଗ. ଯିହୋବା - ନିଶି (ସଦାପ୍ରଭୁ ମୋହର ଧ୍ୱଜା ବିଡ଼ିବି ୨୧୭ ଓ ୬୫୧) ଯାତ୍ର ୧୭:୧୫

ଘ. ଯିହୋବା - ମିକାଦେଶ୍‌କିନୁ (ସଦାପ୍ରଭୁ ଯିଏ ତୁମ୍ଭକୁ ପବିତ୍ର କରିବେ, ବିଡ଼ିବି ୨୧୭ ଓ ୮୭୨) ଯାତ୍ରା ୩୧:୧୩

ଙ. ଯିହୋବା - ଶାଲୋମ (ସଦାପ୍ରଭୁ ଶାନ୍ତି ଅଟନ୍ତି, ବିଡ଼ିବି ୨୧୭ ଓ ୧୦୨୨) ବିଚାର ୬:୨୪

ଚ. ଯିହୋବା - ସାବୋଥ (ସଦାପ୍ରଭୁ ସୈନ୍ୟାଧିପତି, ବିଡ଼ିବି ୨୧୭ ଓ ୮୭୮) ୧ ଶାମୁ ୧:୩, ୧୧; ୪:୪; ୧୫:୨; ଭାବବାଦୀମାନଙ୍କ ଦ୍ୱାରା "ଅନେକ'
ଛ. ଯିହୋବା - ରୋଇ (ସଦାପ୍ରଭୁ ମୋର ପାଳକ, ବିଡ଼ିବି ୨୧୭ ଓ ୯୪୪) ଗୀତ ୨୩:୧
ଜ. ଯିହୋବା - ସିଦ୍‌କେନୁ (ସଦାପ୍ରଭୁ ଆମ୍ଭମାନଙ୍କ ଧର୍ମ, ବିଡ଼ିବି ୨୧୭ ଓ ୮୪୧) ଯିରି ୨୩:୬
ଝ. ଯିହୋବା - ସାମା (ସଦାପ୍ରଭୁ ତହିଁ ବିଦ୍ୟମାନ, ବିଡ଼ିବି ୨୧୭ ଓ ୧୦୨୭) ଯିହିଜ ୪୮:୩୫

**୧:୫ "ଆମ୍ଭେ"** ପାଉଲ ତାହାଙ୍କ ପ୍ରସ୍ତାବନାରେ ଆଉ କାହାକୁ ଉଲ୍ଲେଖ କରୁ ନାହାନ୍ତି । ଯେମିତି ସେ ଅନ୍ୟ ପୁସ୍ତକରେ କରିଥାନ୍ତି । ପ୍ରଥମ ବାକ୍ୟ ପ୍ଯଲଙ୍କ ଦମସିକ ରାସ୍ତାରେ ପରିବର୍ତ୍ତନ ଏବଂ ନିଯୁକ୍ତିକୁ ଦର୍ଶାଏ (ପ୍ରେରିତ ୯) ଯାହା "ଆମ୍ଭ" ପ୍ରକାଶନକୁ ଦୃଢ଼ ଭାବେ ଦର୍ଶାଏ ।

- **"ଆମ୍ଭେମାନେ ସମସ୍ତେ ଅନୁଗ୍ରହ ଏବଂ ପ୍ରେରିତ ପଦ ପାଇଅଛୁ"** ଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ଦାନ ଯେ କେବଳ ସେତିକସି ପାଉଲ କହୁନାହାନ୍ତି, ମାତ୍ର ଏହାକୁ ସଂଯୋଗ ରି ସେ କହନ୍ତି ବିଜାତିମାନଙ୍କ ପାଖକୁ ପ୍ରେରିତ ହେବାର ଆହ୍ୱାନ । ଏହି ସମସ୍ତ ମୁହୂର୍ତ୍ତକ ମଧ୍ୟରେ ଦମ୍ମେସକର ରାସ୍ତାରେ ହେଲା (ପ୍ରେରିତ ୯:୧-୨୨; ୨୨:୩-୧୬; ୨୬:୯-୧୮) । ଏହା ତାହାଙ୍କ ସତ୍‌ଗୁଣ ଯୋଗ୍ଯୁ ନୁହେଁ, ମାତ୍ର ଉଦ୍ଦେଶ୍ୟପୂର୍ଣ୍ଣ ଅନୁଗ୍ରହରୁ ଏହା ସମ୍ଭବ କି "ଅନୁଗ୍ରହ" ଏବଂ "ପ୍ରେରିତ ପଦ" ଗୋଟିଏ ମାପରେ ନିଆଯାଇ ପାରିବ, "ପ୍ରେରିତ ପଦର ଦାନ" (ଏନ୍‌ଇଟି ବିବରଣ - ୧୩) । ଏହି ସମସ୍ତ ବିଭିନ୍ନ ଅନୁବାଦ ନୂତନ ନିୟମର ୨୬ ଅନୁବାଦରେ ତାଲିକାଯୁକ୍ତ କରାଗଲା ।
- **"ଆଣିବାକୁ"** ଉଦ୍ଦେଶ୍ୟମୂଳକ ପ୍ରସଙ୍ଗ (ପଦ ୧) ରେ ଏହା ଏଇସ୍ୱର ଦ୍ୱିତୀୟ ବ୍ୟବହାର । ସୁସମାଚାର ମଣିଷମାନଙ୍କ ମଧ୍ୟରେ ଈଶ୍ୱରଙ୍କ ସ୍ୱରପୂକୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ଦ୍ୱାରା ପୁନଃ ସ୍ଥାପନା କରେ । ଏହା ପରମେଶ୍ୱରଙ୍କ ପ୍ରକୃତ ଉଦ୍ଦେଶ୍ରକୁ ପ୍ରମାଣିତ କରିବାରେ ଅନୁମତି ଦିଏ, ଯାହା ମଣିଷ ଈଶ୍ୱରଙ୍କ ସହିତ ଘନିଷ୍ଠ ସହଭାଗିତା ରଖେ ଯିଏ ତାହାଙ୍କ ଚରିତ୍ରକୁ ପ୍ରତିବିମ୍ବ କରେ (ପଦ ୭)
- **ଏନ୍.ଏସ୍‌ବି, ଏନ୍‌ଜେ.ବି - "ବିଶ୍ୱାସର ଆଜ୍ଞାକାରୀ"**
**ଏନ୍‌କେଜେବି - "ବିଶ୍ୱାସର ଆଜ୍ଞାକାରୀ ନିମନ୍ତେ"**
**ଏନ୍‌ଆରଏସ୍‌ବି - "ବିଶ୍ୱାସର ଆଜ୍ଞାକାରୀ ହେବାକୁ ଆଣିବା"**
**ଟିଇବି - "ବିଶ୍ୱାସ ଏବଂ ଆଜ୍ଞାକାରୀ ହେବାକୁ"**
ରୋମୀୟରେ ଅକ୍ଷ ସମ୍ବନ୍ଧୀୟ ଶବ୍ଦର ଏହା ପ୍ରଥମ ବ୍ୟବହାର, "ବିଶ୍ୱାସ" (୪:୫ ରେ ବିଶେଷ ଶୀର୍ଷ ଦେଖନ୍ତୁ) ଏହା ଅଧାୟ ଏବଂ ପୁସ୍ତକରେ ଏହା ତିନୋଟି ମାଧ୍ୟମରେ ବ୍ୟବହୃତ ହେଲା ।

୧. **ପଦ ୫ ।** ଏହା ଯୀଶୁ ଏବଂ ଖ୍ରୀଷ୍ଟିୟ ଜୀବନକୁ ସମ୍ବନ୍ଧ କରି ସତ୍ୟ ଏବଂ ଶିକ୍ଷାର ବ୍ୟବହାର (ପ୍ରେରିତ ୬:୭; ୧୩;୮; ୧୪:୨୨; ୧୬:୫; ରୋମ୍ ୧୪:୧; ୧୬:୨୬; ଗାଲା ୧:୨୩; ୬;୧୦; ବିଚାର ୩, ୨୦)

୨. **ପଦ ୮ ।** ଏହା ଖ୍ରୀଷ୍ଟଙ୍କ ଉପେର ବ୍ୟକ୍ତିଗତ ଭରସା ହେତୁ ବ୍ୟବହୃତ ହେଲା । ଇଂରାଜୀ ଶବ୍ଦ "ଆସ୍ଥା" "ବିଶ୍ୱାସ" ଏବଂ "ଭରସା" ଏ ସମସ୍ତ ଗୋଟିଏ ଗ୍ରୀକ୍ ଶବ୍ଦ (ପିସ୍‌ତିସ୍ / ପିସ୍ତେଭଅ) କୁ ଅନୁବାଦ କରନ୍ତି । ସୁସମାଚାର ଉଭୟ ଧାରଣା ସମ୍ବନ୍ଧୀୟ (ଶିକ୍ଷା) ଏବଂ ବ୍ୟକ୍ତିଗତ (ପଦ ୧୬; ଯୋହନ ୧:୧୨; ୩:୧୬) ଦେଖନ୍ତୁ ବିଶେଷ ଶୀର୍ଷ ୪:୫

୩. **ପଦ ୧୭ ।** ଏହା ପୁରାତନ ନିୟମ ଧରାଣା ଅନୁଯାୟୀ ଭରସା ଯୋଗ୍ୟତା, ବିଶ୍ୱସ୍ତତା, ନିର୍ଭରଯୋଗ୍ୟତାରେ ବ୍ୟବହୃତ । ଏହା ଏବ୍ରୀ ୨:୪ରେ ଅର୍ଥ ଅଟେ । ପୁରାତନ ନିୟମରେ ବିଶ୍ୱାସର ବିକଶିତ ଶିକ୍ଷା ନ ଥିଲା । କିନ୍ତୁ ବିଶ୍ୱାସରେ ବଞ୍ଚିଥିବା ଦୃଷ୍ଟାନ୍ତ ପରେ ଦୃଷ୍ଟାନ୍ତ ରହିଛି (ଆଦି ୧୫:୬ରେ ଅବ୍ରାହମ), ସିଦ୍ଧ ବିଶ୍ୱାସ ନୁହେଁ, କିନ୍ତୁ ସଂଗ୍ରାମ ବିଶ୍ୱାସ (ଏବ୍ରୀ ୧୧) ମଣିଷର ଆଶା ସେମାନଙ୍କର କାର୍ଯ୍ୟ କିମ୍ବା ସଠିକ୍ ବିଶ୍ୱାସର ଯୋଗ୍ୟତାରେ ନୁହେଁ, କିନ୍ତୁ ପରମେଶ୍ୱରଙ୍କ ଗୁଣରେ (୩:୨୪; ୬:୨୩; ଏଫି ୨:୮-୯) । କେବଳ ପରମେଶ୍ୱର ବିଶ୍ୱସ୍ତ (ମଲାଖି ୩:୬)
କ୍ରିୟାର ଏକ ପର୍ଯ୍ୟାୟ ରହିଛି ତାହାକୁ ପରିତ୍ରାଣ ଘଟଣା କୁହାଯାଇପାରେ ।
କ. ଅନୁତାପ (୨;୪; ମାର୍କ ୧:୧୫; ଲୁକ ୧୩:୩,୫; ପ୍ରେରିତ ୩:୧୬, ୧୯; ୨୦:୨୧)
ଖ. ଆସ୍ଥା / ବିଶ୍ୱାସ (୧:୧୬; ଯୋହନ ୧:୧୨; ୩:୧୬; ପ୍ରେରିତ ୧୬:୩୧, ବାପ୍ତିସ୍ମ ବିଶ୍ୱାସର ବାହ୍ର ପ୍ରମାଣ ଅଟେ) ।
ଗ. ଆଜ୍ଞାବହତା (୨:୧୩; ୨ କରି ୯:୧୩; ୧୦:୫; ୧ ପିତର ୧:୨,୨୨)
ଘ. ପରିଶ୍ରମ (୨;୭; ଲୁକ ୮:୧; ୨ କରି ୪:୧, ୧୬; ଗାଲା ୬:୯; ୨ ଥେସ ୩:୧୩)
ଏହା ହେଉଛି ନୂତନ ନିୟମର ସର୍ତ୍ତ । ଆମ୍ଭେମାନେ ଖ୍ରୀଷ୍ଟରେ ପରମେଶ୍ୱରଙ୍କ ପ୍ରସ୍ତାବକୁ ଗ୍ରହଣ / ବିଶ୍ୱାସ କରିବା ୁଚିତ ଏବଂ ନିରନ୍ତର ଗ୍ରହଣ ବା ବିଶ୍ୱାସ କରିବା ଆବଶ୍ୟକ (ପଦ ୧୬; ଯୋହନ ୧:୧୨)

**ବିଶେଷ ଶୀର୍ଷ : ପୁରାତନ ନିୟମରେ ଆଶା, ଭରସା, ବିଶ୍ୱାସ ଏବଂ ବିଶ୍ୱସ୍ତତା**

**I.** ଆରମ୍ଭିକ ବିତରଣ

ଏହା  ବର୍ଣ୍ଣନା କରାଯିବା ଆବଶ୍ୟକ କି ଏହି ଧର୍ମାଶାସ୍ତ୍ରୀୟ ବିଚାରର ବ୍ୟବହାର, ନୂତନ ନିୟମରେ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ପୁରାତନ ନିୟମରେ ଏତେ ସ୍ୱଷ୍ଟ ବର୍ଣିତ ହୋଇ ନାହିଁ । ନିଶ୍ଚୟ ଏହା ସେଠାରେ ରହିଛି, କିନ୍ତୁ ବିଶେଷ ମନୋନୀତ ଅନୁଚ୍ଛେଦ ଏବଂ ବ୍ୟକ୍ତିରେ ପ୍ରକାଶ କରାଯାଇଛି ।

ପୁରାତନ ନିୟମ ମିଶ୍ରଣ କରେ

କ. ବ୍ୟକ୍ତିଗତ ଏବଂ ଗୋଷ୍ଠୀ

ଖ. ବ୍ୟକ୍ତିଗତ ସାକ୍ଷାତ ଏବଂ ନିୟମ ଆଜ୍ଞାବହତା

ଉଭୟ ବ୍ୟକ୍ତିଗତ ସାକ୍ଷାତ ଏବଂ ଦୈନନ୍ଦିନ ଜୀବନ ଶୈଳୀରେ ବିଶ୍ୱାସ । ଭାଷା ସମ୍ବନ୍ଧୀୟ ଆକାର ଅପେକ୍ଷା ଜଣେ ବ୍ୟକ୍ତିଙ୍କଠାରେ ବିବରଣ କରିବା ସହଜ ଅଟେ । ଏହି ବ୍ୟକ୍ତିଗତ ଧାରାଣା ନିମ୍ନଲିଖିତରେ ଉତ୍ତମ ଭାବେ ଦର୍ଶାଗଲା ।

କ. ଅବ୍ରାହମ ଏବଂ ତାହାଙ୍କ ବଂଶ

ଖ. ଦାଉଦ ଏବଂ ଇସ୍ରାଏଲ

ଏହିଲୋକମାନେ ଇଶ୍ୱରଙ୍କୁ ସାକ୍ଷାତ କଲେ ଏବଂ ସେମାନଙ୍କ ଜୀବନ ସ୍ଥାୟୀ ଭାବେ ପରବର୍ତ୍ତନ ହେଲା (ସିଦ୍ଧ ଜୀବନ ନୁହେଁ, କିନ୍ତୁ ନିରନ୍ତର ବିଶ୍ୱାସ)

ପରୀକ୍ଷା ସେମାନଙ୍କର ଇଶ୍ୱର ସମ୍ମୁଖରେ ସାକ୍ଷାତ ଦ୍ୱାରା ଦୁର୍ବଳତା ଏବଂ ବଳକୁ ପ୍ରକାଶ କଲା, କିନ୍ତୁ ସେହି ଘନିଷ୍ଠ, ଭରସା ସମ୍ବନ୍ଧ କ୍ରମାଗତ ଆଗରେ ଚାଲୁ ରହିଲା, ଏହା ପରୀକ୍ଷିତ ଏବଂ ବିଶୁଦ୍ଧ କରାଗଲା ମାତ୍ର ଏହା ସେମାନଙ୍କ ଉକ୍ତି ଏବଂ ଜୀବନ ଶୈଳୀ ଦ୍ୱାରା ନିରନ୍ତର ପ୍ରମାଣିତ ହେଲା ।

**II.** ମୁଖ୍ୟ ମୂଳର ବ୍ୟବହାର

**କ. (ବିଡ଼ିବି ୫୨)**

୧. କ୍ରିୟା

କ. କାଲ ବୃନ୍ତ - ସାହାଯ୍ୟ କରିବାକୁ, ପୋଷଣ କରିବାକୁ (୨ ରାଜା ୧୦:୧,୫; ଏଷ୍ଟର ୨:୭, ଅରଧର୍ମଶାସ୍ତ୍ରୀୟ ବ୍ୟବହାର)

ଖ. ନିଫାଲ ବୃନ୍ତ - ନିଶ୍ଚିନ୍ତ କରିବାକୁ ,ସ୍ଥାପନ କରିବାକୁ, ବିଶ୍ୱସ୍ତତା କିମ୍ବା ଭରସାଯୋଗ୍ୟ ହେବାକୁ

(୧) ମଣିଷର, ଯିଶା ୮:୨; ୫୩:ଷ୧, ଯିରି ୪୦:୧୪

(୨) ବସ୍ତୁର, ଯିଶା ୨୨:୨୩

(୩) ପରମେଶ୍ୱରଙ୍କ ଦ୍ୱି. ବିବରଣ ୭;୯,୧୨; ଯିଶା ୪୯:୭; ଯିରି ୪୨:୫

ଗ. ହିଫିଲ ବୃନ୍ତ -ଦୃଢ଼ତାରେ ଠିଆ ହେବାକୁ, ବିଶ୍ୱାସ କରିବାକୁ, ଭରସା କରିବାକୁ

(୧) ଅବ୍ରାହମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ଆଦି ୧୫;୬

(୨) ମିଶରରେ ଇସ୍ରାଏଲିମାନେ ବିଶ୍ୱାସ କଲେ, ଯାତ୍ରା ୪:୩୧; ୧୪:୩୧ (ଦ୍ୱି. ବିବରଣ ୧;୩୨ରେ ଅସତ୍ୟ ପ୍ରମାଣିତ)

(୩) ଇସ୍ରାଏଲିମାନେ ମୋଶାଙ୍କ ଦ୍ୱାରା କୁହାଯାଇଥିବା ଯିହୋବାଙ୍କୁ ବିଶ୍ୱାସ କଲେ, ଯାତ୍ର ୧୯:୯; ଗୀତ ୧୦୬:୧୨, ୨୪

(୪) ଆହସ ପରମେଶ୍ୱରଙ୍କୁ ଭରସା କଲେ ନାହିଁ, ଯିଶା ୭:୯

(୫) ଯେ କେହି ତାହାଙ୍କୁ ବିଶ୍ୱାସ କରେ, ଯିଶା ୨୮:୧୬

(୬) ଇଶ୍ୱର ବିଷୟକ ସତ୍ୟତାକୁ ବିଶ୍ୱାସ କର, ଯିଶା ୪୩:୧୦-୧୨

୨. ନାମ ବା ସଂଜ୍ଞା (ପୁଂଲିଙ୍ଗ) ବିଶ୍ୱସ୍ତତା (ଦ୍ୱି. ବିବରଣ ୩୨:୨୦; ଯିଶା ୨୫:୧; ୨୬:୨)

୩. କ୍ରିୟା ବିଶେଷଣ - ପ୍ରକୃତରେ ସତ୍ୟରେ, ମୁଁ ସହମତ, ଏହାହିଁ ହେଉ

(ଦ୍ୱି. ବିବରଣ ୨୭:୧୫-୨୬; ୧ ରାଜା ୧:୩୬; ୧ ବଂଶା ୧୬:୩୬; ଯିଶା ୬୫:୧୬; ଯିରି ୧୧:୫; ୨୮:୬) । ପୁରାତନ ନିୟମ ଏବଂ ନୂତନ ନିୟମରେ "ଆମେନ"ର ନିର୍ଦ୍ଦିଷ୍ଟ ବ୍ୟବହାର)

**ଖ. (ବିଡ଼ିବି ୫୪) ସ୍ତ୍ରୀଲିଙ୍ଗ, ଦୃଢ଼ତା, ବିଶ୍ୱସ୍ତତା , ସତ୍ୟ**

୧. ମଣିଷର ଯିଶା ୧୦:୨୦, ୪୨:୩; ୪୮:୧

୨. ପରମେଶ୍ୱରଙ୍କ, ଯାତ୍ରା ୩୪:୬; ଗୀତ ୧୧୭: ୨; ଯିଶା ୩୮:୧୮,୧୯; ୬୧:୮

୩. ସତ୍ୟର, ଦ୍ୱି. ବିବରଣ ୩୨:୪; ୧ ରାଜା ୨୨;୧୬; ଗୀତ ୩୩:୪; ୯୮:୩; ୧୦୦:୫, ୧୧୯:୩୦; ଯିରି ୯:୪,; ଯିଖ ୯୮:୧୬

**ଗ. (ବି.ଡ଼ି.ବି. ୫୩) ଦୃଢ଼ତା, ସ୍ଥିରତା, ବିଶ୍ୱସ୍ତତା**

୧. ହସ୍ତର, ଯାତ୍ରା ୧୭:୧୨

୨. ସମୟର, ଯିଶା ୩୩:୬

୩. ମନୁଷ୍ୟର, ଯିରି ୫:୩; ୭:୨୮, ୯:୨

୪. ପରମେଶ୍ୱରଙ୍କ, ଗୀତ ୪୦:୧୧; ୮୮:୧୨; ୮୯; ୨,୩,୬,୯; ୧୧୯:୧୩୮

**III.** ପାଉଲଙ୍କ ପୁରାତନ ନିୟମ ଧାରଣାର ବ୍ୟବହାର ।

କ. ପାଉଲ ଦମସିକ ରୋଡ଼ରେ ଯୀଶୁଙ୍କ ସହିତ ହୋଇଥିବା ବ୍ୟକ୍ତିଗତ ସାକ୍ଷାତ ଦ୍ୱାରା ପୁରାତନ ନିୟମ ଏବଂ ଯିହୋବା ବିଷୟର ନୂତନ ଜ୍ଞାନର ଆଧାର । (ପ୍ରେରିତ ୯; ୨୨; ୨୬)

ଖ. ପୁରାତନ ନିୟମର ଦୁଇଟି ଅନୁଚ୍ଛେଦକୁ ନୂତନ ଭାବେ ବୁଝିବା ନିମନ୍ତେ ସେ ପୁରାତନ ନିୟମର ସହାୟତା ପାଇଲେ, ଯେଉଁଥିରେ ମୂଳ ବିଷୟର ପ୍ରୟୋଗ ଅଛି ।

୧ - ଆଦି ୧୫:୬ - ଅବ୍ରାହମଙ୍କ ବ୍ୟକ୍ତିଗତ ସାକ୍ଷାତ ଈଶ୍ୱରଙ୍କ ଦ୍ୱାରା ଆରମ୍ଭ ହେଲା (ଆଦି ୧୨) । ବିଶ୍ୱାସ ଜୀବନର ଆଜ୍ଞାକାରୀ ରୂପେ ପରିଣତ ହେଲା (ଆଦି ୧୨-୨୨) ପ୍ରାଲ ଏହାକୁ ରୋମୀୟ ୪ ଏବଂ ଗାଲାତୀୟ ୩ ପର୍ବରେ ଉଲ୍ଲେଖ କରନ୍ତି ।

୨- ଯିଶା. ୨୮:୧୬ - ଯେ କେହି ଏହାଙ୍କ ଉପେର ବିଶ୍ୱାସ କରନ୍ତି (ଈଶ୍ୱରଙ୍କ ପରୀକ୍ଷିତ ଏବଂ ଦୃଢ଼ତାର ସହ ସ୍ଥିରୀକୃତ କୋଣର ପ୍ରସ୍ତର) ସେମାନେ କେବେ ହେଲେ ।

କ. ରୋମ ୯:୩୩ "ଲଜ୍ଜିତ ହେବ ନାହିଁ" କିମ୍ବା "ନିରାଶ ନୋହିବ"

ଖ. ରୋମ ୧୦:୧୧, "ଲଜ୍ଜିତ ନୋହିବ"

୩- ଏବ୍ରୀ ୨;୪ - ଯେଉଁମାନେ ବିଶ୍ୱସ୍ତ ପରମେଶ୍ୱରଙ୍କୁ ଜାଣନ୍ତି ସେମାନେ ବିଶ୍ୱସ୍ତତାରେ ରହିବା ଆବଶ୍ୟକ (ଯିରି ୭;୨୮) । ପାଉଲ ଏହି ବାକ୍ୟକୁ ରୋମ ୧:୧୭ ଏବଂ ଗାଲା ୩:୧୧ରେ ଉଲ୍ଲେଖ କରନ୍ତି । (,ବ୍ରୀ ୧୦:୩୮ରେ ମଧ୍ୟ ଦେଖନ୍ତୁ)

**IV.** ପିତରଙ୍କ ପୁରାତନ ନିୟମ ଧାରଣାର ବ୍ୟବହାର

କ. ପିତର ମିଶ୍ରଣ କରନ୍ତି

୧ - ଯିଶା ୮:୧୪ - ୧ ପିତର ୨:୮ (ବାଧାଜନକ)

୨. ଯିଶା ୨୮:୧୬ - ୧ ପିତର ୨:୬ (କୋଣର ପ୍ରସ୍ତର)

୩. ଗୀତ ୧୧୧:୨୨ - ୧ ପିତର ୨:୭ (ଅଗ୍ରାହ୍ୟ ପ୍ରସ୍ତର)

ଖ. ଇସ୍ରାଏଲ ନିମନ୍ତେ ବର୍ଣ୍ଣିତ ଅତୁଳନୀୟ ଭାଷାକୁ ସେ ବଦଳାଉଛନ୍ତି, "ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି, ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା"

୧. ଦ୍ୱି. ବିବରଣ ୧୦:୧୫; ଯିଶା ୪୩:୨୧

୨. ଯିଶା ୬୧:୬; ୬୬:୨୧

୩. ଯାତ୍ରା ୧୯:୬; ଦ୍ୱି. ବିବରଣ ୭:୬

ଏବଂ ବର୍ତ୍ତମାନ ସେ ଖ୍ରୀଷ୍ଟରେ ମଣ୍ଡଳୀର ବିଶ୍ୱାସ ନିମନ୍ତେ ବ୍ୟବହାରକରୁଛନ୍ତି ।

**V.** ଯୋହନଙ୍କ ଏହି ଧାରଣାର ବ୍ୟବହାର

କ. ଏହାର ନୂତନ ନିୟମ ବ୍ୟବହାର

**"ବିଶ୍ୱାସ କରାଗଲା"** ଶବ୍ଦଟି ଗ୍ରୀକ୍ ଶବ୍ଦଠାରୁ ଆସିଅଛି (ପିଷ୍ଟେଉଅ) ଯାହାକି "ବିଶ୍ୱାସ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ । ଉଦାହରଣ ନିମନ୍ତେ, ଯୋହନ ରଚିତ ସୁସମାଚାରରେ ନାମ ବା ସଂଜ୍ଞା ଦିଆଯାଇ ନାହିଁ, କିନ୍ତୁ କ୍ରିୟା ଅଧିକାଂଶରେ ବ୍ୟବହୃତ ହୋଇଛି । ଯୋହନ ୨:୨୩-୨୫ରେ ନାଜରିତୀୟ ଯୀଶୁ ଯେ ମସୀହ ଅଟନ୍ତି ଏଥିରେ ଲୋକମାନଙ୍କର ବାସ୍ତବିକ ସମର୍ପଣ ଅନିଶ୍ଚିନ୍ତ ଅଟେ । ଏହି ଅଗଭୀର "ବିଶ୍ୱାସ" ଶବ୍ଦର ଅନ୍ୟ ଉଦାହରଣ ହେଲା ଯୋହନ ୮:୩୧-୫୯ ଏବଂ ପ୍ରେରିତ ୮:୧୩, ୧୮-୨୪ । ଆରମ୍ଭିକ ପ୍ରତିକ୍ରୋଠାରୁ ବାସ୍ତବିକ ବାଇବଲିୟ ବିଶ୍ୱାସ ମହାନ ଅଯେ । ଏହା ଶିଷ୍ୟତାର ପ୍ରକ୍ରିୟା ଦ୍ୱାରା ଅନୁଗାମୀ ହେବା ଆବଶ୍ୟକ (ମାଥିଉ ୧୩:୨୦-୨୨, ୩୧-୩୨)

ଖ. ଏହା ଅବ୍ୟୟ ପଦ ସହିତ ବ୍ୟବହାର

୧. ଏଇସ ଅର୍ଥ "ତାହାଙ୍କଠାରେ" ଏହି ଅଦ୍‌ଭୁତ ବ୍ୟାଖ୍ୟା ବୟାନ କରେ ଯେ ବିଶ୍ୱାସୀମାନେ ସେମାନଙ୍କ ଭରସା ବା ବିଶ୍ୱାସ ଯୀଶୁଙ୍କ ଉପରେ ରଖନ୍ତୁ ।

କ. ତାହାଙ୍କ ନାମରେ (ଯୋହନ ୧:୧୨; ୨:୨୩; ୩:୧୮; ୧ ଯୋହନ ୫:୧୩)

ଖ. ତାହାଙ୍କଠାରେ (ଯୋହନ ୨:୧୧, ୩:୧୫,୧୮; ୪:୩୯; ୬;୪୦; ୭:୫, ୩୧, ୪୯, ୪୮; ୮:୩୦; ୯:୩୬; ୧୦:୪୨; ୧୧;୪୫, ୪୮; ୧୭:୩୭, ୪୨; ମାଥିଉ ୧୮:୬; ପ୍ରେରିତ ୧୦:୪୩; ଫିଲି ୧:୨୯; ୧ ପିତର ୧:୮) ।

ଗ. ମୋଠାରେ (ଯୋହନ ୬:୩୫; ୭:୩୮; ୧୧;୨୫, ୨୬; ୧୨:୪୪, ୪୬; ୧୪:୧, ୧୨; ୧୬:୯; ୧୭:୨୦)

ଘ. ପୁତ୍ରଙ୍କଠାରେ (ଯୋହନ ୩;୩୬; ୯:୩୫; ୧ ଯୋହନ ୫;୧୦)

ଙ. ଯୀଶୁଙ୍କଠାରେ (ଯୋହନ ୧୨:୧୧; ପ୍ରେରିତ ୧୯:୪; ଗାଲା ୨:୧୬

ଚ. ଜ୍ୟୋତିରେ (ଯୋହନ ୧୨;୩୬)

ଛ. ଈଶ୍ଵରଙ୍କଠାରେ (ଯୋହନ ୧୪:୧)

୨. ଏନ୍‌ର ଅର୍ଥ "ରେ" ଯେମିତି, ଯୋହନ ୩:୧୫; ମାର୍କ ୧;୧୫; ପ୍ରେରିତ ୫;୧୪ରେ ଅଛି

୩. ଏପିର ଅର୍ଥ "ରେ" କିମ୍ବା "ଉପରେ" ଯେମିତି ମାଥିଉ ୨୭:୪୨; ପ୍ରେରିତ ୯:୪୨; ୧୧;୧୭; ୧୬:୩୧; ୨୨:୧୯; ରୋମୀୟ ୪:୫, ୨୪; ୯:୩୩; ୧୦:୧୧୧ ତୀମଥି ୧:୧୬; ୧ ପିତର ୨;୬

୪. ସମ୍ପ୍ରଦାନବାଚକ ବିଷୟ ଅବ୍ୟୟ ପଦ ସହିତ ନୁହେଁ, ଯେପରି, ଗାଲା ୩;୬; ପ୍ରେରିତ ୧୮:୮; ୨÷୨୫; ୧ ଯୋହନ ୩:୨୩; ୫:୧୦

୫. ହୋତି, ଯାହର ଅର୍ଥ "ତାହା ବିଶବାସ କର" କଣ ବିଶ୍ଵାସ କରିବାକୁ ହେବ ତାହାର ସୂଚୀ ଦିଏ

କ. ଯୀଶୁ, ଈଶ୍ଵରଙ୍କର ପବିତ୍ର ପୁରୁଷ ଅଟନ୍ତି (ଯୋହନ ୬:୬)

ଖ. ଯୀଶୁ ହେଉଛନ୍ତି ମୁଁ ଅଟେ (ଯୋହନ ୮:୨୪)

ଗ. ଯୀଶୁ ପିତାଙ୍କଠାରେ ଅଛନ୍ତି ଏବଂ ପିତା ଯୀଶୁଙ୍କଠାରେ ଅଛନ୍ତି (ଯୋହନ ୧୦)

ଘ. ଯୀଶୁ ଖ୍ରୀଷ୍ଟ ଅଟନ୍ତି (ଯୋହନ ୧୧;୨୭) ଏବଂ ୨୦:୩୧)

ଙ. ଯୀଶୁ ଈଶ୍ଵରଙ୍କ ପୁତ୍ର ଅଟନ୍ତି (ଯୋହନ ୧୧:୨୭; ୨୦:୩୧)

ଚ. ଯୀଶୁ ପିତାଙ୍କ ଦ୍ଵାରା ପ୍ରେରଣା କରାଗଲେ (ଯୋହନ ୧୧;୪୨; ୧୭:୮, ୨୧)

ଛ. ଯୀଶୁ ପିତାଙ୍କ ସହିତ ଏକ (ଯୋହନ ୧୪:୧୦,୧୧)

ଜ. ଯୀଶୁ ପିତାଙ୍କଠାରୁ ଆସିଲେ (ଯୋହନ ୧୬;୨୭,୩୦)

ଝ. ଯୀଶୁ ଆପଣାକୁ ପିତାଙ୍କର ପ୍ରତିଜ୍ଞାତ ନାମରେ ଚିହ୍ନିପାରିଲେ "ମୁଁ ଅଟେ" (ଯୋହନ ୮;୨୪; ୧୩:୧୯)

ଞ. ଆମ୍ଭେମାନେ ତାହାଙ୍କ ସହିତ ବଞ୍ଚିବା (ରୋମୀୟ ୬:୮)

ଟ. ଯୀଶୁ ମୃତ୍ୟୁବରଣ କଲେ ଏବଂ ପୁନଃ ଜିବୀତ ହେଲେ (୧ ଥେସ ୪:୧୪)

**VI.** ସାରାଂଶ :

ବାଇବଲିୟ ବିଶ୍ଵାସ, ଈଶ୍ଵରୀୟ ବାକ୍ୟ କିମ୍ବା ପ୍ରତିଜ୍ଞାକୁ ମଣିଷର ପ୍ରତିତ୍ତୋର । ଈଶ୍ଵର ସର୍ବଦା ଆଗଭର ହୁଅନ୍ତି (ଯୋହନ ୬:୪୪,୬୫) କିନ୍ତୁ ଏହି ଈଶ୍ଵରୀୟ ଯୋଗାଯୋଗର ଅଂଶରେ ମଣିଷର ପ୍ରତିତ୍ତୋର ରହିବା ଆବଶ୍ୟକ ।

କ. ଭରସା

ଖ. ପ୍ରତିଜ୍ଞାତ ଆଜ୍ଞାବହତା

ବାଇବଲିୟ ବିଶ୍ଵାସ ହେଉଛି

୧. ଏକ ବ୍ୟକ୍ତିଗତ ସମ୍ବନ୍ଧ (ଆରମ୍ଭିକ ବିଶ୍ଵାସ)

୨. ବାଇବଲ ସତ୍ୟତାର ଏକ ସୁଦୃଢ଼ତା (ଈଶ୍ଵରଙ୍କ ପ୍ରକାଶନରେ ବିଶ୍ଵାସ)

୩. ଏହା ପ୍ରତି ଏକ ଉପଯୁକ୍ତ ଆଜ୍ଞାକାରୀ ପ୍ରତିତ୍ତୋର (ଦୈନନ୍ଦିନ ବିଶ୍ଵାସରେ)

ବାଇବଲିୟ ବିଶ୍ଵାସ ସ୍ଵର୍ଗ ନିମନ୍ତେ ଗୋଟିଏ ଟିକଟ ନୁହେଁ କିମ୍ବା ଜୀବନ ବୀମା ନୁହେଁ । ଏହା ବ୍ୟକ୍ତିଗତ ସମ୍ବନ୍ଧ ଅଟେ । ଏହା ସୃଷ୍ଟିର ଉଦ୍ଦେଶ୍ୟ ଅଟେ ଏବଂ ମନୁଷ୍ୟ ଈଶ୍ଵରଙ୍କ ସାଦୃଶ୍ୟରେ (ଆଦି ୧:୨୬-୨୭) ନିର୍ମିତ ହେଲା । ଏଠାରେ ବିଷୟ ହେଲା "ଘନିଷ୍ଟତା" । ଈଶ୍ଵର ସହଭାଗିତା ଚାହାନ୍ତି, ଏକ ବିଶେଷ ଧର୍ମଶାସ୍ତ୍ରୀୟ ପଦମର୍ଯ୍ୟାଦା ନୁହେଁ । କିନ୍ତୁ ପବିତ୍ର ପରମେଶ୍ଵରଙ୍କ ସହିତ ସହଭାଗିତା ଦାବି କରେ କି ସନ୍ତାନମାନେ "ପାରିବାରିକ" ଚରିତ୍ରକୁ ପ୍ରଦର୍ଶନ କରନ୍ତୁ । (ପବିତ୍ରତା ଲେବି ୧୯:୨; ମାଥିଉ ୫:୪୮; ୧ ପିତର ୧:୧୫-୧୬) । ପତନ ଆଦି୩) ଈଶ୍ଵରଙ୍କୁ ଉପଯୁକ୍ତ ଭାବେ ପ୍ରତିତ୍ତୋର ଦେବାରେ ଆମ୍ଭମାନଙ୍କ କ୍ଷମତାକୁ ପ୍ରଭାବିତ କଲା । ତେଣୁ ଈଶ୍ଵର ଆମ୍ଭମାନଙ୍କ ପକ୍ଷ ଦେଇ କାର୍ଯ୍ୟ କଲେ (ଯିହିଜି ୩୬:୨୭-୩୮)

ଆମ୍ଭମାନଙ୍କୁ ଏକ "ନୂତନ ହୃଦୟ" ଏବଂ "ନୂତନ ଆତ୍ମା" ଦିଅନ୍ତି, ଯାହା ବିଶ୍ଵାସ ଏବଂ ଅନୁତାପ ଦ୍ଵାରା ତାହାଙ୍କ ସହିତ ସହଭାଗିତା ରଖିବାରେ ଏବଂ ତାହାକୁ ମାନିବାକୁ ଆମ୍ଭମାନଙ୍କୁ ସାହାଯ୍ୟ କରେ ।

ଏହି ତିନୋଟି ଗୁରୁତ୍ୱପୂର୍ଣ ଅଟନ୍ତି । ଏହି ତିନୋଟିକୁ ପାଳନ କରିବା ଦରକାର । ଲକ୍ଷ୍ୟ ହେଲା ଈଶ୍ୱରଙ୍କୁ ଜାଣିବା (ଉଭୟ ଏବ୍ରୀ ଏବଂ ଗ୍ରୀକ୍ ଧାରଣାରେ) ଏବଂ ତାହାଙ୍କର ଗୁଣକୁ ଆମ୍ଭମାନଙ୍କ ଜୀବନରେ ପ୍ରତିଫଳନ କରିବା । ବିଶ୍ୱାସର ଲକ୍ଷ୍ୟ ଯେ ଗୋଟିଏ ଦିନ ସ୍ୱର୍ଗକୁ ଯିବା ତାହା ନୁହେଁ, କିନ୍ତୁ ପ୍ରତିଦିନ ଖ୍ରୀଷ୍ଟଙ୍କ ସଦୃଶ ହେବା ।

ମଣିଷର ବିଶ୍ୱସ୍ତତା ପରିଣାମ ଅଟେ (ନୂତନ ନିୟମ) ଈଶ୍ୱରଙ୍କ ସହିତ ସଂପର୍କ ନିମନ୍ତେ ଆଧାର ନୁହେଁ (ପୁରାତନ ନିୟମ) : ମଣିଷର ବିଶ୍ୱାସ ତାହାଙ୍କ ବିଶ୍ୱସ୍ତତାରେ; ମଣିଷର ଭରସା ତାହାଙ୍କ ଭରସା ଯୋଗ୍ୟତାରେ । ପରିତ୍ରାଣ ନିମନ୍ତେ ନୂତନ ନିୟମ ମତ ହେଲା, ମଣିଷ ଆରମ୍ଭରେ ପ୍ରତିତ୍ତୋର ଦେବା ଦରକାର ଏବଂ ଈଶ୍ୱରଙ୍କ ସେହି ଅନୁଗ୍ରହ ଏବଂ କୃପାରେ ଲାଗି ରହିବା ଦରକାର, ଯାହା ଖ୍ରୀଷ୍ଟଙ୍କ ଦ୍ୱାରା ଦର୍ଶାଗଲା । ସେ ପ୍ରେମ କରି ଅଛନ୍ତି । ସେ ପ୍ରେରଣ କରି ଅଛନ୍ତି । ସେ ପ୍ରଦାନ କରିଅଛନ୍ତି; ଏଣୁ ଆମ୍ଭେ ନିଶ୍ଚୟ ବିଶ୍ୱାସ ଏବଂ ବିଶ୍ୱସ୍ତତାରେ ପ୍ରତିତ୍ତୋର ଦେବା ଆବଶ୍ୟକ । (ଏଫି. ୨:୮-୯ ଏବଂ ୧୦)

ବିଶ୍ୱାସହୀନ ଜଗତରେ ଆପଣାକୁ ପ୍ରକାଶ କରିବାକୁ ବିଶ୍ୱସ୍ତ ଈଶ୍ୱର ବିଶ୍ୱସ୍ତ ଲୋକମାନଙ୍କୁ ଚାହାନ୍ତି ଏବଂ ସେମାନଙ୍କୁ ତାହାଙ୍କ ବ୍ୟକ୍ତିଗତ ବିଶ୍ୱାସରେ ଆଣିବାକୁ ଚାହାନ୍ତି ।

❑ **ଏନ୍.ଏ.ଏସ୍.ବି. - "ତାହାଙ୍କ ନାମ ସକାଶୁ"**
**ଏନ୍.କେ.ଜେ.ଭି. - "ତାହାଙ୍କ ନାମର"**
**ଏନ୍.ଆର୍.ଏସ୍.ଭି. - "ତାହାଙ୍କର ନାମ ହେତୁ"**
**ଟି.ଇ.ଭି. - "ଖ୍ରୀଷ୍ଟଙ୍କ ସକାଶୁ"**
**ଏନ୍.ଜେ.ବି. - "ତାହଙ୍କ ନାମର ଗୌରବ ନିମନ୍ତେ"**

ଦେଖନ୍ତୁ ବିଶେଷ ଶୀର୍ଷ, ୧୦:୯ ରେ ।

❑ **"ବିଶ୍ୱାସର ଆଜ୍ଞାକାରୀ ହୁଅନ୍ତି"**-ସାହିତ୍ୟିକ ଗ୍ରୀକ୍ ବାକ୍ୟ ହେଲା"ଆଜ୍ଞାକାରୀ ନିମନ୍ତେ (ଏଇ.ସ୍.), ସୁସମାଚାରର ଆବଶ୍ୟକ ରହିଛି ।

୧. ବିଶ୍ୱାସ ଏବଂ ଅନୁତାପର ତତ୍କ୍ଷଣାତ୍ ଆଜ୍ଞାକାରୀ ।

୨. ପରିଶ୍ରମ ଏବଂ ଖ୍ରୀଷ୍ଟସାଦୃଶ୍ୟତା ନିମନ୍ତେ ଆଜୀବନ ଆଜ୍ଞାକାରୀତା ।

ସୁସମାଚାର ଆପେକ୍ଷିକ ପରିଣାମ ସହ ଏକ ଅନୁଗ୍ରହ ଦାନ । ନୂତନ ନିୟମ, ପୁରାତନ ନିୟମ ସଦୃଶ୍ୟ ଗୋଟିଏ ନିୟମ କିମ୍ବା ଚୁକ୍ତି ଅଟେ । ଉଭୟେ ଏକ ବିଶ୍ୱାସ, ଆଜ୍ଞାକାରୀର ପ୍ରତିତ୍ତୋର ଚାହାନ୍ତି । ସେ ଦୁହିଁଙ୍କର ହିତ, ଦାଇତ୍ୱ, ଏବଂ ପ୍ରତ୍ୟାଶା ରହିଛି (ଏଫି.୧:୪; ୨:୧୦) । ଏହାର କର୍ମର ଧାର୍ମିକତା ନୁହେଁ କିନ୍ତୁ କର୍ମର ଦୃଢ଼ତା (ଯାକୁବ, ୧ ଯୋହନ) । ଅନନ୍ତ ଜୀବନର ଦୃଶ୍ୟମାନ ଗୁଣ ରହିଛି ।

❑ **ଏନ୍.ଏ.ଏସ୍.ବି., ଏନ୍.ଆର୍.ଏସ୍.ଭି - "ସମସ୍ତ ବିଜାତିମାନଙ୍କ ମଧ୍ୟରେ"**
**ଏନ୍.କେ.ଜେ.ଭି. - "ସମସ୍ତ ଜାତି ମଧ୍ୟରେ"**
**ଟି.ଇ.ଭି. - "ସମସ୍ତ ଗୋଷ୍ଠିର ଲୋକ"**
**ଏନ୍.ଜେ.ବି. - "ସମସ୍ତ ଜାଗତିକ ଗୋଷ୍ଠିଙ୍କୁ"**

ଏହା ବିଶ୍ୱବାପୀ ସୁସମାଚାର ଅଟେ । ଆଦି ୩:୧୫ରେ ଈଶ୍ୱରଙ୍କ ଉଦ୍ଧାରର ପ୍ରତିଜ୍ଞା ସମସ୍ତ ମାନବଜାତିରେ ସମ୍ମିଳିତ । ଯୀଶୁଙ୍କର ପ୍ରତିବଦଳ ମୃତ୍ୟୁ ଆଦମଙ୍କ ସମସ୍ତ ପତିତ ସନ୍ତାନମାନଙ୍କୁ ସଂଲଗ୍ନ କରେ (୫:୧୮; ଯୋହାନ ୧:୨୯; ୩:୧୬, ÷୪୨; ୬:୩୩, ୪୦:୧୦, ତିତସ୍ ୨:୧୧; ଏବ୍ରୀ ୨:୯; ୨ ପିତର ୩:୯; ୧ ଯୋହନ. ୨:୨; ୪:୧୪) । ବିଜାତିମାନଙ୍କୁ, ଈଶ୍ୱରଙ୍କ ସୁସମାଚାର ଶୁଣାଇବା ନିମନ୍ତେ ପାଉଲ ଏକ ବିଶେଷ ଆହ୍ୱାନକୁ ଦେଖନ୍ତି (ପ୍ରେରିତ. ୯:୧୫; ୨୨:୨୧; ୨୬:୧୭; ରୋମୀୟ. ୧୧:୧୩; ୧୫:୧୬; ଗାଲା. ୧:୧୬; ୨:୨୯; ଏଫି ୩:୨, ୮; ୧ ତୀମ. ୨:୭ ୨ ତୀମ. ୪:୧୭) ।

## ବିଶେଷ ଶୀର୍ଷ : ବୋବଙ୍କ ସୁସମାଚାର ଉପରେ ମତ

ପାଠକମାନେ ମୁଁ ଆପଣମାନଙ୍କ ସମ୍ମୁଖରେ ଏକଥା ମାନେ କି ମୁଁ ଏହି ବିଷୟରେ ଏକମତ । ମୋର ପଦ୍ଧତିଗତ ଧର୍ମଶାସ୍ତ୍ର, କାଲ୍‌ଭିନ୍‌ବାଦ କିମ୍ବା ବିଧିବିଧାନ ନୁହେଁ - (ମାଥିଉ. ର୨୮:୧୮-୨୦; ଲୁକ. ୨୪:୪୬-୪୭; ପ୍ରେରିତ. ୧:୮) । ମୁଁ ବିଶ୍ୱାସ କରେ ସମସ୍ତ ମାନବଜାତିର ଉଦ୍ଧାର ନିମନ୍ତେ ଈଶ୍ୱରଙ୍କ ପାଖରେ ଗୋଟିଏ ଯୋଜନା ଥିଲା (ଆଦି ୩:୧୫; ୧୨:୩; ଯାତ୍ରା. ୧୯:୫, ୬; ଯିରି. ୩୧:୩୧ - ୩୪; ଯିହିଜି. ୧୮; ୩୬:୨୨ - ୩୯; ପ୍ରେରିତ. ୨:୨୩; ୩:୧୮; ୪:୨୮; ୧୩:୨୯; ରୋମ. ୩:୯ - ୧୮, ୧୯ - ୨୦, ୨୧ - ୩୧), ସେ ସମସ୍ତେ ତାହାଙ୍କ ସାଦୃଶ୍ୟତା ଏବଂ ପ୍ରତିମୂର୍ତ୍ତିରେ ନିର୍ମିତ ହେଲେ (ଆଦି ୧:୨୬ - ୨୭) । ନିୟମ ସବୁ ଖ୍ରୀଷ୍ଟଙ୍କ ସହ ଏକତ୍ରିତ (ଗାଲାର ୩:୨୮ - ୨୯; କଲ. ୩:୧୧) । ଯୀଶୁ ଈଶ୍ୱରଙ୍କ ଗୁପ୍ତ ଏବଂ ଗୋପନୀୟ ଅଟନ୍ତି କିନ୍ତୁ ବର୍ତ୍ତମାନ ପ୍ରକାଶିତ ହେଲେ (ଏଫି. ୨:୧୧ - ୩:୧୩) ନୂତନ ନିୟମ ସୁସମାଚାର, ଇସ୍ରାଏଲ୍ ନୁହେଁ, କିନ୍ତୁ ଧର୍ମାଶାସ୍ତ୍ରର ମୂଖ୍ୟାଂଶ ଅଟେ ।

ଏହି ପୂର୍ବ ଜ୍ଞାନଟି ଧର୍ମଶାସ୍ତ୍ରର ମୋର ସମସ୍ତ ଅନୁବାଦକୁ ଅତିସୁନ୍ଦର କରେ । ମୁଁ ଏହା ଦ୍ୱାରା ସମସ୍ତ ବାକ୍ୟାଂଶକୁ ଅଧ୍ୟୟନ କରେ । ନିଶ୍ଚୟ ଏହା ଏକ ମତ (ସମସ୍ତ ଅନୁବାଦଙ୍କର ରହିଛି) । କିନ୍ତୁ ବାକ୍ୟାନୁସାରେ ଏହା ପୂର୍ବାନୁମାଦକୁ ସୂଚୀତ କରେ ।

**୧:୬ "ତୁମ୍ଭମାନଙ୍କୁ ମଧ୍ୟ"** ପାଉଲ ପରମେଶ୍ୱରଙ୍କ ଅନୁଗ୍ରହର ଏକ ଚୂଡ଼ାନ୍ତ ଉଦାହରଣ ଅଟନ୍ତି (ମଣ୍ଡଳୀର ତାଡ଼ନାକାରୀ), କିନ୍ତୁ ତାହାଙ୍କ ପଠନ କାରୀମାନେ ମଧ୍ୟ ଈଶ୍ୱରଙ୍କ ଅନୁଗ୍ରହର ଦୃଷ୍ଟାନ୍ତ ।

❑ **ଏନ୍.ଏ.ଏସ୍.ବି., ଏନ୍.କେ.ଜେ.ଭି - "ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନ"**
**ଏନ୍.ଆର୍.ଏସ୍.ଭି. - "ଯେଉଁମାନେ ଯୀଶୁ ଖ୍ରୀଷ୍ଟଙ୍କର ହୋବାକୁ ଆହ୍ୱାନିତ"**
**ଟି.ଇ.ଭି. - "ଯେଉଁମାନଙ୍କୁ ଈଶ୍ୱର ଯୀଶୁଖ୍ରୀଷ୍ଟଙ୍କର ହେବାକୁ ଆହ୍ୱାନ କଲେ"**
**ଏନ୍.ଜେ.ବି. - "ଯୀଶୁଙ୍କର ହେବାକୁ ତାହାଙ୍କର ଆହ୍ୱାନ"**

ଏହା ଏହି ପ୍ରକାର ହୋଇପାରେ

୧. "ମଣ୍ଡଳୀ" ଶବ୍ଦର ଅର୍ଥ "ଆହ୍ୱାନିତ" କିମ୍ବା "ଏକତ୍ରିତ"

୨. ଈଶ୍ୱରୀୟ ମନୋନୀତର ରେଫେରେସ୍ (ରୋମ୍ ୮:୨୯ - ୩୦; ୯:୧; ଏଫି. ୧:୪, ୧୧; ୩:୨୧; ୪:୧, ୪) ।

୩. ବାକ୍ୟର ରିଭାଇସଡ୍ ଇଂରାଜୀ ଅନୁବାଦ, "ତୁମ୍ଭେମାନେ ଯିଏ ଆହ୍ୱାନକୁ ଶ୍ରବଣ କରିଛ ଯୀଶୁଙ୍କର ଅଟ ।"

ଏହା ଏନଆର୍ଏସଭି, ଟିଇଭି, ଏବଂ ଜେବି ରେ ଅନୁବାଦିତ ବାକ୍ୟରେ ଜ୍ଞାନକୁ ପ୍ରତିଫଳିତ କରେ ।

ନିମ୍ନରେ ବିଶେଷ ଶୀର୍ଷ ଦେଖନ୍ତୁ ।

### ବିଶେଷ ଶୀର୍ଷ : ଆହୁତ

ପରମେଶ୍ୱର ସର୍ବଦା ବିଶ୍ୱାସୀମାନଙ୍କୁ ତାହାଙ୍କ ନିକଟକୁ ଆହ୍ୱାନ କରିବାରେ, ମନୋନୀତ କରିବାରେ, ଏବଂ ଉଦ୍ଧାର କରିବାରେ ନିଜ ପକ୍ଷରୁ ପଦକ୍ଷେପ ନେଇଥାଆନ୍ତି (ଯୋହନ, *୬:୪୪; ୬୫*; ୧୫:୧*୬*; ୧ କରି, ୧:୧୨; ଏଫି. ୧:୪-୫, ୧୧) । "ଆହ୍ୱାନ" ଶବ୍ଦଟି ବିଭିନ୍ନ ଧର୍ମଶାସ୍ତ୍ରୀୟ ବିଷୟରେ ବ୍ୟବହୃତ ହୋଇଛି ।

(କ) ପାପିମାନେ ଖ୍ରୀଷ୍ଟଙ୍କର ପରିସମାପ୍ତି କାର୍ଯ୍ୟ ଏବଂ ଆତ୍ମାଙ୍କ ଦ୍ୱାରା ମିଳିତ ବିଶ୍ୱାସରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପରିତ୍ରାଣରେ ଆହୁତ (କ୍ଲେଟସ, ରୋମୀୟ, ୧:*୬*-*୭*; ୯:୨୪; ଯାହା ଈଶ୍ୱରଶାସ୍ତ୍ର ଅନୁସାରେ ୧ କରି ୧:୧-୨ ଏବଂ ୨ତୀମ. ୧:୯; ୨ ପିତର. ୧:୧୦ ସହିତ ସମାନ) ।

(ଖ) ପାପିମାନେ ପ୍ରଭୁଙ୍କର ନାମରେ ପରିତ୍ରାଣ ନିମନ୍ତେ ଆହୁତ (ଏପିକାଲେଓ, ପ୍ରେରିତ ୨:୨୧; ୨୨:୧*୬*; ରୋମି. ୧୦:୯-୧୩) । ଏହି ବିବରଣ ଗୋଟିଏ ଯିହୁଦୀ ଆରାଧନାର ରୂଢ଼ୋକ୍ତି ।

ଗ. ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ସଦୃଶ୍ୟ ବଞ୍ଚିବା ନିମନ୍ତେ ଆହୁତ (କ୍ଲେସିସ୍, ୧ କରି. ୧:୨*୬*; *୭*:୨୦; ଏଫି. ୪:୧; ଫିଲି. ୩:୧୩; ୨ ଥେସ. ୧:୧୧; ୨ ତୀମ. ୧:୯) ।

ଘ. ବିଶ୍ୱାସୀମାନେ ସେବାକାର୍ଯ୍ୟ ନିମନ୍ତେ ଆହୁତ (ପ୍ରେରିତ. ୧୩:୨; ୧ କରି. ୧୨:୪-୭; ଏଫି. ୪:୧

**ଏନ୍.ଏ.ଏସ୍.ବି ବାକ୍ୟ : ୧:୭**

**ଆମ୍ଭମାନଙ୍କ ପିତା ଈଶ୍ୱର ଏବଂ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରୁ ଆନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ ।**

**୧:୭ "ଈଶ୍ୱରଙ୍କ ପ୍ରିୟମାନେ"** ଏହି ବାକ୍ୟଟି ଅଧିକତର ଯୀଶୁଙ୍କ ଦ୍ୱାରା ବ୍ୟବହୃତ (ମାଥିଉ. ୩:୧୭; ୧୭:୫) । ବର୍ତ୍ତମାନ ଏହା ରୋମ୍‌ରେ ଥିବା ମଣ୍ଡଳୀ ନିମନ୍ତେ ବ୍ୟବହୃତ, ଏହା ପରମେଶ୍ୱରଙ୍କ ପ୍ରେମର ଗଭୀରତାକୁ ଦର୍ଶାଏ, ଯେଉଁମାନେ ତାହାଙ୍କ ପୁତ୍ରଙ୍କ ଉପରେ ନିର୍ଭର କରନ୍ତି । ଏହି ପ୍ରକାର ଉପମା ଏଫି.୧:୨୦ (ଯୀଶୁଙ୍କ ପକ୍ଷରୁ ଈଶ୍ୱରଙ୍କ କାର୍ଯ୍ୟ) ଏବଂ ଏଫି. ୨:୫-*୬* (ବିଶ୍ୱାସୀଙ୍କ ପକ୍ଷରୁ ଯୀଶୁଙ୍କ କାର୍ଯ୍ୟ)ରେ ମଧ୍ୟ ଦେଖିବାକୁ ମିଳେ ।

❑ **"ରୋମ ରେ"** ପାଉଲ ଏହି ମଣ୍ଡଳୀକୁ ଆରମ୍ଭ କରିନାହାନ୍ତି । କିଏ ଏହାର ଆରମ୍ଭ କରିଛି କେହି ଜାଣନ୍ତି ନାହିଁ । ରୋମୀୟ ଗୋଟିଏ ପତ୍ର ଯିଏ ଏକ ମଣ୍ଡଳୀକୁ ଆପଣାର ପରିଚୟ କରାଏ ଯାହାର ସ୍ଥାପନା ଆଗରୁ ହୋଇସାରିଛି । ରୋମୀୟ ପୁସ୍ତକଟି ପାଉଲ ପ୍ରଚାର କରିଥିବା ସୁସମାଚାରର ସର୍ବୋତ୍କୃଷ୍ଟ ଉପସ୍ଥାପନା । ଯଦ୍ୟପି ସେଠାରେ ଯିହୁଦୀ ଓ ବିଜାତି ବିଶ୍ୱାସୀମାନଙ୍କ ମଧ୍ୟରେ ସମସ୍ୟା ଥିଲା ତଥାପି ଏହା ସ୍ଥାନୀୟ ପରିସ୍ଥିତି ଦ୍ୱାରା କମ୍ ପ୍ରଭାବିତ ହେଲା ଯାହାକୁ ସେ ସଂପୂର୍ଣ୍ଣ ପତ୍ରରେ ଟୀପ୍‌ପଣୀ କରନ୍ତି (ବିଶେଷତଃ, ଅଧ୍ୟାୟ - ୯ - ୧୧) ।

❑ **ଏନ୍.ଏ.ଏସ୍.ବି. - "ସାଧୁଗଣ କୁହାଗଲେ"**
**ଏନ୍.କେ.ଜେ.ଭି, ଏନ୍.ଆର୍.ଏସ୍.ଭି., ଏନ୍.ଜେ.ବି. - "ସାଧୁ ହେବାକୁ ଆହୁତ ହେଲେ"**
**ଟି.ଇ.ଭି. - "ତାହାଙ୍କ ନିଜ ପ୍ରଜା ହେବାକୁ ଆହୁତ ହେଲେ "**

**"ସାଧୁ"** ଶବ୍ଦଟି ଖ୍ରୀଷ୍ଟରେ ବିଶ୍ୱାସୀମାନଙ୍କ ପଦକୁ ଦର୍ଶାଏ (ଦେଖନ୍ତୁ, ବିଶେଷ ଶୀର୍ଷ *୬*:୪), ସେମାନଙ୍କ ପାପହୀନତାକୁ ନୁହେଁ । ଏହା ସେମାନଙ୍କ ପ୍ରଗତିଶୀଳ ଖ୍ରୀଷ୍ଟସାଦୃଶ୍ୟତାକୁ ମଧ୍ୟ ବିବରଣ କରେ । ଶବ୍ଦ ଫିଲି. ୪:୨୧ ବ୍ୟତିତ ସର୍ବଦା ବହୁବଚନ ଅଟେ । ଯେପରିକି ଏହି ବାକ୍ୟରେ ମଧ୍ୟ ଏହା ଏକୀଭୂତ ଅଟେ । ଜେଣେ ଖ୍ରୀଷ୍ଟିଆନ ହେବା ଅର୍ଥ ଗୋଷ୍ଠିର ଜଣେ ଅଂଶ ହେବା ଅଟେ । ଗୋଟିଏ ପରିବାର ଏକ ଦେହ ।

**ପଦ ୧.** ଦର୍ଶିତ କରେ ଯେ, ପାଉଲ ଜଣେ ପ୍ରେରିତ ହେବାକୁ ଆହୁତ ହେଲେ । ପଦ ୬ ରେ ବିଶ୍ୱାସୀମାନେ "ଖ୍ରୀଷ୍ଟଙ୍କର ଆହୁତ" ଅଟନ୍ତି । ପଦ ୭ରେ ବିଶ୍ୱାସୀମାନେ ମଧ୍ୟ "ସାଧୁ" ବୋଲି କୁହାଗଲେ । ଏହି "ଆହ୍ୱାନ" ଟି ନୂତନ ନିୟମରେ ଈଶ୍ୱରଙ୍କ ଆରମ୍ଭିକ ପ୍ରାଥମିକତାର ସତ୍ୟକୁ ଦୃଢ଼ କରିବାର ଏକ ମାଧ୍ୟମ ଥିଲା (ଦେଖନ୍ତୁ, ବିଶେଷ ଶୀର୍ଷ. ୧:୬) । କେହି ହେଲେ ପତିତ ମନୁଷ୍ୟ କେବେହେଲେ ନିଜକୁ ସେହି ପ୍ରକାର କହି ନାହିଁ (୩:୯-୧୩; ଯିଶା. ୫୩:୬; ୧ ପିତର. ୨:୨୫) । ଈଶ୍ୱର ସର୍ବଦା ପ୍ରଥମ ପଦକ୍ଷେପ ନେଇଥାଆନ୍ତି (ଯୋହନ. ୬:୪୪, ୬୫; ୧୫:୧୬) । ସେ ସର୍ବଦା ତାହାଙ୍କ ନିୟମ ବା ଚୁକ୍ତିକୁ ଆମ୍ଭମାନଙ୍କ ପାଖକୁ ଆଣନ୍ତି (ଦେଖନ୍ତୁ ବିଶେଷ ଶୀର୍ଷ. ୯:୪) । ଏହା ଆମ୍ଭମାନଙ୍କର ପରିତ୍ରାଣର ସତ୍ୟ ଅଟେ । (ଆମ୍ଭମାନଙ୍କ ଧାର୍ମିକତାର ଅବସ୍ଥା କିମ୍ବା ନିୟମର ଅବସ୍ଥା) । କିନ୍ତୁ ଆମ୍ଭମାନଙ୍କ ପ୍ରଭାବିତ ସେବା ନିମନ୍ତେ ଦାନ ମଧ୍ୟ (୧ କରି. ୧୨:୭, ୧୧) । ଏବଂ ଆମ୍ଭମାନଙ୍କ ଖ୍ରୀଷ୍ଟିୟାନ ଜୀବନ ଧାରା । ଦେଖନ୍ତୁ ବିଶେଷ ଶୀର୍ଷ ଅନୁଗମନ କରିବା ।

## ବିଶେଷ ଶୀର୍ଷ : ସାଧୁ

ଏହା ଏବ୍ରୀ କାଦାସ ର ଗ୍ରୀକ୍ ଅନୁରୂପ ଶବ୍ଦ ଅଟେ । ଯାହାର ଅର୍ଥ ଯିହୋବାଙ୍କର ପ୍ରୟୋଗକୁ ବାଦ୍ ଦେଲେ, କେହି ଜଣେ, କିଛି ବିଷୟ, କେଉଁ ସ୍ଥାନକୁ ବୁଝାଏ (ବିଡ଼ିବି. ୮୭୧) । ଏହା ଇଂରାଜୀ ବିଚାର "ପବିତ୍ର" କୁ ଦର୍ଶାଏ । ଯିହୋବା ମନୁଷ୍ୟ ମାନଙ୍କ ଠାରୁ ତାହଙ୍କ ଗୁଣ (ଅନନ୍ତ ଅନିର୍ମିତ ଆତ୍ମା) ଏବଂ ଚରିତ୍ର (ନୈତିକ ସିଦ୍ଧତା) ରେ ଭିନ୍ନ ଅଟନ୍ତି । ସେ ଆଦର୍ଶ ଅଟନ୍ତି ଯାହାଙ୍କ ଦ୍ୱାରା ସମସ୍ତେ ବିଚାରିତ ଏବଂ ମପା ଯାଆନ୍ତି । ସେ ସର୍ବୋତ୍କୃଷ୍ଟ ପବିତ୍ର, ପବିତ୍ର ଅଟନ୍ତି ।

ପରମେଶ୍ୱର ମଣିଷକୁ ସହଭାଗିତା ନିମନ୍ତେ ନିର୍ମାଣ କଲେ, ମାତ୍ର ମଣିଷର ପତନ (ଆଦି. ୩) ପବିତ୍ର ପରମେଶ୍ୱର ଏବଂ ପତିତ ମଣିଷ ମଧ୍ୟରେ ଗୋଟିଏ ସମ୍ବନ୍ଧ ଏବଂ ନୈତିକ ଫାଟର କାରଣ ହେଲା । ଈଶ୍ୱର ତାହାଙ୍କ ଅବଗତ ସୃଷ୍ଟିକୁ ପୁନଃ ପ୍ରତିଷ୍ଠା କରିବାକୁ ଇଚ୍ଛା କଲେ । ସେଥିଯୋଗୁଁ ସେ ତାହାଙ୍କ ଲୋକମାନଙ୍କୁ "ପବିତ୍ର" ହେବାକୁ ଆହ୍ୱାନ କରନ୍ତି - (ଲେବି. ୧୧:୪୪; ୧୯:୨; ୨୦:୭, ୨୬; ୨୧:୮) ଯିହୋବାଙ୍କ ସହିତ ଗୋଟିଏ ବିଶ୍ୱାସ ସମ୍ବନ୍ଧ ଦ୍ୱାରା ତାହାଙ୍କ ଲୋକମାନେ ଈଶ୍ୱରଙ୍କ ଠାରେ ସେମାନଙ୍କ ନିୟମକୃତ ପଦଦ୍ୱାରା ପବିତ୍ର ହୁଅନ୍ତି । ଏବଂ ସେମାନେ ଗୋଟିଏ ପବିତ୍ରମୟ ଜୀବନଯାପନ ନିମନ୍ତେ ମଧ୍ୟ ଆହୁତ (ମାଥିଉ ୫:୪୮) ।

ଏହି ପବିତ୍ର ଜୀବନ ଯାପନ ସମ୍ଭବ ଅଟେ କାରଣ ବିଶ୍ୱାସୀମାନେ ଯୀଶୁ ଖ୍ରୀଷ୍ଟଙ୍କର ଜୀବନ ଏବଂ କାର୍ଯ୍ୟ ଦ୍ୱାରା ପୂର୍ଣ୍ଣ ଗ୍ରହଣୀୟ ଏବଂ କ୍ଷମାପ୍ରାପ୍ତ ଅଟନ୍ତି ଏବଂ ପବିତ୍ର ଆତ୍ମାଙ୍କର ଉପସ୍ଥିତି ସେମାନଙ୍କର ମନ ଏବଂ ହୃଦୟରେ ବାସ କରେ । ଏହା ଏସବୁ - ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିକୁ ଉପୁଯାଇ ପାରେ ।

୧. ଖ୍ରୀଷ୍ଟଙ୍କର ଧାର୍ମିକତା ହେତୁ ପବିତ୍ର ।
୨. ଆତ୍ମାଙ୍କର ଉପସ୍ଥିତି ହେତୁ ପବିତ୍ର ଜୀବନଯାପନ ନିମନ୍ତେ ଆହୁତ ।

ବିଶ୍ୱାସୀମାନେ "ସାଧୁ" ଅଟନ୍ତି କାରଣ (୧) ପବିତ୍ର ବ୍ୟକ୍ତି (ପିତା)ଙ୍କର ଇଚ୍ଛା ; (୨) ପବିତ୍ର ପୁତ୍ର (ଯୀଶୁ)ଙ୍କର କାର୍ଯ୍ୟ; ଏବଂ (୩) ପବିତ୍ର ଆତ୍ମାଙ୍କର ଉପସ୍ଥିତି ହେତୁ । ନୂତନ ନିୟମ ସର୍ବଦା ସାଧୁମାନଙ୍କୁ ବହୁବଚନରେ ଦର୍ଶାଏ (କେବଳ ଥରେ ଫିଲି. ୪:୨୧ କୁ ବାଦ୍ ଦେଲେ, ତଥାପି ପ୍ରସଙ୍ଗଟି ବହୁବଚନ କରିଥାଏ) । ପରିତ୍ରାଣ ପାଇବାର ଅର୍ଥ ପରିବାରର, ଶରୀରର ଅଂଶ ହେବା । ବାଇବଲିୟ ବିଶ୍ୱାସୀ ବ୍ୟକ୍ତିଗତ ଗ୍ରହଣରୁ ଆରମ୍ଭ ହୋଇଥାଏ । କିନ୍ତୁ ଏବଂ ଗୋଷ୍ଠିୟ ସହଭାଗିତାରେ ପ୍ରଚଳନ କରେ । ଆମ୍ଭେମାନେ ସମସ୍ତେ ଦାନ ପ୍ରାପ୍ତ (୧କରି. ୧୨:୨୧) ଖ୍ରୀଷ୍ଟଙ୍କ ଶରୀରର, ଦେହ, ବୃଦ୍ଧ, ଏବଂ ଉତ୍ତମତା ନିମନ୍ତେ - ମଣ୍ଡଳୀ (୧ କରି. ୧୨:୭) । ଆମ୍ଭେମାନେ ସେବା ନିମନ୍ତେ ପରିତ୍ରାଣ ପ୍ରାପ୍ତ । ପବିତ୍ରତା ଏକ ପାରିବାରିକ ଚରିତ୍ର ।

❑ **"ଈଶ୍ୱରଙ୍କ ଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ"** ଏହା ପାଉଲଙ୍କର ଚରିତ୍ରମୟ ଆରମ୍ଭିକ ଆଶିର୍ବାଦ । ଏହା ଏକ ଶବ୍ଦ ଯାହା ପାରମ୍ପାରିକ ଗ୍ରୀକ୍ ଶବ୍ଦ "ଅଭିବାଦନ" (ଚାରୋଇନ୍) ଏବଂ ଖ୍ରୀଷ୍ଟିୟାନ ଶବ୍ଦ "ଅନୁଗ୍ରହ" (ଚାରିସ୍) ର ଭୂମିକା ନିଏ । ବୋଧହୁଏ ପାଉଲ ଏହି ଗ୍ରୀକ୍ ଆରମ୍ଭିକ ଶବ୍ଦକୁ ଏବ୍ରୀୟ ପରମ୍ପରାଗତ ଅଭିବାଦନ ଶାଲୋମ କିମ୍ବା "ଶାନ୍ତି" ସହିତ ଜଡ଼ୁ ଅଛନ୍ତି । ଯାହା ବି ହେଉ, ଏହା ଏକ ଅନୁଧ୍ୟାନ ମାତ୍ର । ଜାଣିରଖନ୍ତୁ ଯେ, ଈଶ୍ୱର ଶାସ୍ତ୍ର ଅନୁସାରେ ଅନୁଗ୍ରହ ସର୍ବଦା ଶାନ୍ତିକୁ ଅଗ୍ରବର୍ତ୍ତୀ କରାଏ ।

❑ **"ଆମ୍ଭମାନଙ୍କ ପିତା ପରମେଶ୍ୱର ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରୁ"** କ୍ରମାଗତ ଭାବେ ପାଉଲ କେବଳ ଗୋଟିଏ ଅକ୍ଷୟ ପଦକୁ ଉଭୟ ନାମ ନିମନ୍ତେ ବ୍ୟବହାର କରୁଛନ୍ତି (୧କରି. ୧:୩; ୨କରି. ୧:୩; ଗାଲା. ୧:୩; ଏଫି. ୧:୨; ଫିଲି. ୫:୨; ୨ଥେସ୍. ୧:୨; ୧ ତୀମ. ୧:୨; ୨ ତୀମ, ୧:୨; ତିତ. ୧:୪) । ତ୍ରିଏକ ପରମେଶ୍ୱରଙ୍କ ଏହି ଦୁଇ ବ୍ୟକ୍ତିତ୍ୱ କୁ ନେଇ ଏହା ପାଉଲଙ୍କ ବ୍ୟାକରାତ୍ମକ ସଂଯୋଗ ଅଟେ । ଏହା ଯୀଶୁଙ୍କର ଈଶ୍ୱରୀୟତା ଏବଂ ପିତାଙ୍କ ସହିତ ତାହାଙ୍କର ସମାନତାକୁ ଦର୍ଶାଇପାରେ ।

## ବିଶେଷ ଶୀର୍ଷ : ପରମେଶ୍ୱରଙ୍କର ପିତୃତ୍ୱତା

❑ ପୁରାତନ ନିୟମ

କ. ଏକ ପ୍ରକାର କଥା ରହିଛି ଯେ, ସୃଷ୍ଟି ହେତୁ ପରମେଶ୍ୱର ପିତା ଅଟନ୍ତି ।

୧. ଆଦି. ୧:୨୬-୨୭

୨. ମାଥିଉ. ୨:୧୦

୩. ପ୍ରେରିତ. ୧୭:୨୮

ଖ. ପିତା ବିଭିନ୍ନ ବିଷୟରେ ଏକ ଅନୁରୂପତାର ବ୍ୟବହାର

୧. ଇସ୍ରାଏଲର ପିତା (ମନୋନୟନରେ)

କ. "ପୁତ୍ର" - ଯାତ୍ରା. ୪:୨୨; ଦ୍ୱି.ବିବରଣ. ୧୪:୧; ୩୯:୫; ଯିଶା. ୧:୨୬; ୬୩:୧୬; ୬୪:୮; ଯିରି. ୩:୧୯; ୩୧:୨୦; ହୋଶେ. ୧:୧୦; ୧୧:୧; ମଲା. ୧:୬ ।

ଖ. "ପ୍ରଥମଜାତ" - ଯାତ୍ରା ୪:୨୨; ଯିରି. ୩୧:୯

୨. ଇସ୍ରାଏଲର ରାଜାଙ୍କର ପିତା (ମସୀହଙ୍କ)

କ. ୨ ଶାମୁ. ୭:୧୧-୧୬

ଖ. ଗୀତ. ୨:୭; ପ୍ରେରିତ. ୧୩:୩୩; ଏବ୍ରୀ. ୧:୫; ୫:୫

ଗ. ହୋଶେ - ୧୧:୧; ମାଥିଉ. ୨; ୧୫

୩. ପ୍ରେମୀ ପିତାମାତାଙ୍କ ଉପମେୟ

କ. ପିତା (ଉପମା)

(୧) ତାହାଙ୍କ ପୁତ୍ରଙ୍କୁ ବହନ୍ତି - ଦ୍ୱି.ବିବରଣ. ୧:୩୧

(୨) ଶାସନ କରନ୍ତି - ଦ୍ୱି. ବିବରଣ. ୮:୫; ହିତୋ. ୩ : ୧୨

(୩) ଆୟୋଜନ - ଦ୍ୱି. ବିବରଣ. ୩୨:୧

(୪) କେବେ ପରିତ୍ୟାଗ କରନ୍ତି ନାହିଁ - ଗୀତ. ୨୭:୧୦

(୫) ପ୍ରେମ କରନ୍ତି - ଗୀତ. ୧୪୩:୧୩

(୬) ମିତ୍ର / ପଥପ୍ରଦର୍ଶକ - ଯିରି. ୩:୪

(୭) ସ୍ୱସ୍ଥତାକାରୀ / କ୍ଷମାକାରୀ - ଯିରି. ୩:୨୨

(୮) ଦୟାଳୁ - ଯିରି. ୩୧:୨୦

(୯) ଶିକ୍ଷାଦାତା - ହୋଶେୟ. ୧୧:୧-୪

(୧୦) ବିଶେଷ ପୁତ୍ର - ମଲାଖି - ୩;୧୭

ଖ. ମାତା (ଉପମା)

(୧) କେବେହେଲେ ପରିତ୍ୟାଗ କରନ୍ତି ନାହିଁ - ଗୀତ. ୨୭:୧୦

(୨) ସ୍ତନ୍ୟପାୟୀ ମାତାର ସ୍ନେହ - ଶିକ୍ଷା. ୪୯:୧୫; ୬୬:୯-୧୩ ଏବଂ ହୋଶେୟ. ୧୧:୪ ("ଯୁଆଳି" ରୁ "ଶିଶୁ" ର ତ୍ରୁଟି ସଂଶୋଧନ ପ୍ରସ୍ତାବ ସହିତ) ।

**II ନୂତନ ନିୟମ**

କ. ତ୍ରିଏକ (ପ୍ରସଙ୍ଗ ଯେଉଁଥିରେ ସମସ୍ତ ତ୍ରିଏକ ଉଲ୍ଲେଖିତ)

୧. ସୁସମାଚାର

କ. ମାଥିଉ. ୩:୧୬-୧୭; ୨୮:୨୯

ଖ. ଯୋହନ. ୧୪:୨୬

୨. ପାଉଲ

କ. ରୋମୀୟ ୧:୪-୫; ୫:୧, ୫; ୮:୧-୪, ୮-୧୦

ଖ. ୧ କରି. ୨:୮-୧୦; ୧୨:୪-୬

ଗ. ୨ କରି. ୧:୨୧; ୧୩:୧୪

ଘ. ଗାଲା. ୪:୪-୬

ଙ. ଏଫି. ୧:୩-୧୪, ୧୭; ୨:୧୮; ୩:୧୪-୧୭; ୪:୪

ଚ. ୧ ଥେସ. ୧:୨-୫

ଛ.୨ ଥେସ୍. ୨:୧୩

ଜ. ତିତସ. ୩:୪-୬

୩. ପିତର - ୧ ପିତର. ୫:୨

୪. ଯିହୁଦା - ପଦ. ୨୦-୨୧

ଖ. ଯୀଶୁ ।

୧. ଯୀଶୁ "ଅଦ୍ୱିତୀୟ ପୁତ୍ର" - ଯୋହାନ, ୧:୧୮; ୩:୧୬, ୧୮; ୧ ଯୋହନ. ୪:୯

୨. ଯୀଶୁ "ଈଶ୍ୱରଙ୍କ ପୁତ୍ର" = ମାଥିଉ. ୪:୩; ୧୪:୩୩; ୧୬:୧୬; ଲୁକ୍. ୧:୩୨, ୩୫; ୧ ଯୋହନ. ୧:୩୪, ୪୯; ୬:୬୯; ୧୧:୨୭

୩. ଯୀଶୁ ପ୍ରିୟ ପୁତ୍ର - ମାଥିଉ. ୩:୧୭; ୧୭:୫

୪. ଈଶ୍ୱରଙ୍କ ନିମନ୍ତେ ଯୀଶୁଙ୍କର ଆବ୍ବା ପ୍ରୟୋଗ - ମାର୍କ. ୧୪:୩୬ ।

୫. ଉଭୟ ତାହାଙ୍କ ଏବଂ ଈଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କର ସମ୍ବନ୍ଧକୁ ଦର୍ଶାଇବାକୁ ଯୀଶୁଙ୍କର ସର୍ବନାମର ପ୍ରୟୋଗ ।

- କ. "ମୋରହର ପିତା". ଯୋହନ. ୫:୧୮; ୧୦:୩୦, ୩୩;୧୯:୭; ୨୦:୧୭
- ଖ. "ତୁମ୍ଭର ପିତା" ମାଥିଉ - ୧୭: ୨୪-୨୭
- ଗ. "ଆମ୍ଭମାନଙ୍କ ପିତା". ମାଥିଉ - ୬:୯, ୧୪, ୨୬
- ଘ. ଈଶ୍ୱର ଏବଂ ମଣିଷର ସମ୍ବନ୍ଧକୁ ଦର୍ଶାଇବାକୁ ଅନେକ ପାରିବାରିକ ଉପମା ମଧ୍ୟରୁ ଗୋଟିଏ
  - ୧. ଈଶ୍ୱର ଯେ ପିତା
  - ୨. ବିଶ୍ୱାସୀମାନେ
    - କ. ଈଶ୍ୱରଙ୍କ ପୁତ୍ର
    - ଖ. ସନ୍ତାନ ସନ୍ତତି
    - ଗ. ଈଶ୍ୱରଙ୍କ ଜାତ
    - ଘ. ପୁର୍ନଜନ୍ମ
    - ଙ. ଗ୍ରହଣିତ
    - ଚ. ଅଣାଗଲେ
    - ଛ. ଈଶ୍ୱରଙ୍କ ପରିବାରର

**ଏନ୍.ଏ.ଏସ୍.ବି. ବାକ୍ୟ : ୧:୮-୧୫**

**ପ୍ରଥମରେ, ତୁମ୍ଭମାନଙ୍କ ବିଶ୍ୱାସର ସୁସମ୍ବାଦ ଯେ ସମୁଦାୟ ଜଗତରେ ଶୁଣାଯାଉଅଛି, ଏଥିନିମନ୍ତେ ମୁଁ ତୁମ୍ଭସମସ୍ତଙ୍କ ସକାଶେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମୋହର ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛି । ୯ କାରଣ ଯେପରି କୌଣସି ପ୍ରକାରେ ଏତେ ଦିନ ପରେ ଈଶ୍ୱରଙ୍କ ଇଚ୍ଛା ହେଲେ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ମୁଁ ଥରେ ସୁଯୋଗ ପାଇପାରେ । ୧୦. ଏଥି ନିମନ୍ତେ ମୁଁ କିପରି ନିରନ୍ତର ତୁମ୍ଭମାନଙ୍କ ନାମ ଉଲ୍ଲେଖ କରି ମୋହର ସମସ୍ତ ପ୍ରାର୍ଥନାରେ ସର୍ବଦା ନିବେଦନ କରି ଆସୁଅଛି, ସେ ବିଷୟରେ ଯେଉଁ ଈଶ୍ୱରଙ୍କୁ ମୁଁ ମୋହର ଆତ୍ମା ଦେଇ ତାହାଙ୍କ ପୁତ୍ରଙ୍କ ସୁସମାଚାରରେ ସେବା କରେ, ସେ ମୋହର ସାକ୍ଷୀ ଅଟନ୍ତି । ୧୧. ଯେଣୁ ତୁମ୍ଭେମାନେ ଯେପରି ସ୍ଥିରିକୃତ ହୋଇପାର, ସେଥିପାଇଁ ମୁଁ ତୁମ୍ଭମାନଙ୍କୁ କୌଣସି ଆତ୍ମିକ ଦାନ ଦେବା ନିମନ୍ତେ ତୁମ୍ଭମାନଙ୍କ ସହିତ ସାକ୍ଷାତ୍ କରିବାକୁ ଏକାନ୍ତ ଇଚ୍ଛା କରୁଅଛି । ୧୨. ବରଂ ଯେପରି ତୁମ୍ଭମାନଙ୍କର ଓ ମୋହର, ଉଭୟ ପକ୍ଷର ବିଶ୍ୱାସ ଦ୍ୱାରା ମୁଁ ତୁମ୍ଭମାନଙ୍କ ମଧ୍ୟରେ ତୁମ୍ଭମାନଙ୍କ ସହିତ ଉତ୍ସାହ ପ୍ରାପ୍ତ ହୁଏ । ୧୩. ହେ ଭାଇମାନେ, ଅବଶିଷ୍ଟ ବିଜାତିମାନଙ୍କ ମଧ୍ୟରେ ଯେ ପ୍ରକାର, ତୁମ୍ଭମାନଙ୍କ ମଧ୍ୟରେ ସୁଦ୍ଧା ସେହି ପ୍ରକାରେ ମୁଁ ଯେପରି କିଛି ଫଳପ୍ରାପ୍ତ ହୋଇପାରେ । ସେଥି ନିମନ୍ତେ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ମୁଁ ଯେ ଥରକୁ ଥର ମନସ୍ଥ କରିଥିଲି - କିନ୍ତୁ ଏପର୍ଯ୍ୟନ୍ତ ବାଧାପ୍ରାପ୍ତ ହୋଇ ଆସିଅଛି - ସେ ବିଷୟରେ ଯେ ତୁମ୍ଭମାନେ ଅଜ୍ଞ ଥାଅ, ଏହା ମୋହର ଇଚ୍ଛା ନୁହେଁ । ୧୪. ଗ୍ରୀକ୍ କି ବର୍ବର, ଶିକ୍ଷିତ କି ଅଶିକ୍ଷିତ, ସମସ୍ତଙ୍କ ନିକଟରେ ମୁଁ ଋଣୀ । ୧୫. ଅତଏବ, ରୋମବାସୀ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ନିକଟରେ ମଧ୍ୟ ସୁସମାଚାର ପ୍ରଚାର କରିବାକୁ ମୁଁ ଇଚ୍ଛୁକ ଅଟେ ।**

**୧:୮ "ପ୍ରଥମରେ"** ଏହି ପ୍ରସଙ୍ଗରେ "ପ୍ରଥମ" ଅର୍ଥ "ଆରମ୍ଭରୁ" କିମ୍ବା "ମୁଁ ଆରମ୍ଭ କରେ" (ଜେ.ବି.ଫିଲିପସ୍)

- ❑ **"ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମୁଁ ମୋହର ଈଶ୍ୱରଙ୍କୁ ଧନ୍ୟବାଦ ଦିଏ"** ସାଧାରଣତଃ ପାଉଲ ଏହି ପ୍ରାର୍ଥନାକୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କୁ ଜଣାଉଅଛନ୍ତି । ଈଶ୍ୱରଙ୍କ ପାଖକୁ ପହଞ୍ଚିବାରେ ଯୀଶୁ ହିଁ କେବଳ ଗୋଟିଏ ମାଧ୍ୟମ । ଦେଖନ୍ତୁ ବିଶେଷ ଶୀର୍ଷ : ସ୍ତୁତି ଏବଂ ଧନ୍ୟବାଦର ପାଉଲଙ୍କ ପ୍ରାର୍ଥନା. ୭:୨୫ ।
- ❑ **"ତୁମ୍ଭସମସ୍ତଙ୍କ ସକାଶେ"** ପଦ. ୭ ସଦୃଶ୍ୟ ଏହି "ସମସ୍ତ" ବାକ୍ୟର ପ୍ରୟୋଗ, ଏହା ଯିହୁଦୀ ବିଶ୍ୱାସୀମାନଙ୍କର ଈର୍ଷା ଏବଂ ତମଭେଦକୁ ପ୍ରତିବିମ୍ବ କରିପାରେ ଯେଉଁମାନେ ନିରୋରାଜାଙ୍କ ଶାସନ କାଳରେ ରୋମ୍‌ରୁ ପଳାୟନ କରିଥିଲେ ଏବଂ ପ୍ରଭାବିତ କରୁଥିବା ବିଜାତି ବିଶ୍ୱାସୀ ନେତାଗଣ ଯେଉଁମାନେ ସେମାନଙ୍କୁ କିଛି ବର୍ଷ ନିମନ୍ତେ ପୁନଃ ସ୍ଥାପନ କରିଥିଲେ । ରୋମୀୟ ୯-୧୧ ଏହି ବିଷୟକୁ କହେ ।

ଏହା ସମ୍ଭବ ହୋଇପାରେ ଯେ ଏମାନଙ୍କ ସଂଯୋଗ ରୋମୀୟ. ୧୪:୧-୧୫:୧୩ ର "ଦୁର୍ବଳ" ଏବଂ "ବଳବାନ" କୁ ଦର୍ଶାଏ । ରୋମ୍‌ରେ ଥିବା ସମସ୍ତ ମଣ୍ଡଳିକୁ ଈଶ୍ୱର ପ୍ରେମ କରନ୍ତି ଏବଂ ସେ ସମାନ ରୂପେ ସେମାନଙ୍କୁ ପ୍ରେମ କରନ୍ତି ।

- **"ତୁମ୍ଭମାନଙ୍କ ବିଶ୍ୱାସର ସୁସମ୍ବାଦ ଯେ ସମୁଦାୟ ଜଗତରେ ଶୁଣାଯାଉଅଛି"** ରୋମୀୟ . ୧୬:୧୯ ସେହି ସମାନ ସତ୍ୟକୁ ଉଲ୍ଲେଖ କରେ । ଏହା ବାସ୍ତବରେ ଏକ ପ୍ରାଚ୍ୟ ଜଗତର ଅତ୍ୟୁକ୍ତି ଯାହା ରୋମ ଜଗତକୁ ଦର୍ଶାଏ (୧ ଥେସ. ୧:୮) ।

**୧:୧୦ "ଈଶ୍ୱରଙ୍କୁ ...... ମୋହର ସାକ୍ଷୀ ଅଟନ୍ତି"** ପାଉଲ ଈଶ୍ୱରଙ୍କ ନାମରେ ଗୋଟିଏ ଶପଥ ନେଉଛନ୍ତି (୯:୧;୨ କରି. ୧:୨୩; ୧୧:୧୦-୧୧, ୩୧;୧୨:୧୯; ଗାଲା- ୧:୨୦; ୧ ଥେସ . ୨:୫) । ସତ୍ୟତାକୁ ସୁଦୃଢ଼ କରିବାର ଏହା ତାଙ୍କର ଯିହୁଦି ପନ୍ଥା ଥିଲା ।

- ଏନ୍.ଏ.ଏସ୍.ବି. - "ଅବିରତ ଭାବରେ"
  ଏନ୍.କେ.ଜେ.ଭି, ଏନ୍.ଆର୍.ଏସ୍.ଭି., "ନିରବଚ୍ଛିନ୍ନ ଭାବରେ"
  ଏନ୍.ଜେ.ବି. - "ନିରନ୍ତରତାର ଉଲ୍ଲେଖ"
  ଏନ୍.ଆଇ.ଭି. - "କିପରି କ୍ରମାଗତ ଭାବରେ"
  ପାଉଲଙ୍କର ଏହି କ୍ରମାଗତ ଏବଂ ଜରୁରୀ ପ୍ରାର୍ଥନାର ବିଷୟକୁ ମଣ୍ଡଳୀର ନେତୃବୃନ୍ଦ ପରିଶ୍ରମର ସହିତ ଏକ ଆଦର୍ଶ ରୂପେ ଅନୁସରଣ କରିବା ଉଚିତ୍ (୧ ଥେସ. ୧:୨; ୨:୧୩; ୨ ତୀମ. ୧:୩; ଯାକୁବ. ୫:୧୭) । ପ୍ରାର୍ଥନା ଏକ ଶକ୍ତିଯୁକ୍ତ ଆତ୍ମିକ ଦ୍ୱାରକୁ ଖୋଲିଥାଏ । ଆମ୍ଭେମାନେ ପାଇ ନ ଥାଉ କାରଣ ଆମ୍ଭେମାନେ ମାଗି ନ ଥାଉ (ଯାକୁବ. ୪:୨) ।
- **"ମୋହର ଆତ୍ମା ଦେଇ"** ମଣିଷ ଆତ୍ମାଙ୍କ ନିମନ୍ତେ ନିଉମାର ପ୍ରୟୋଗ ଗୋଟିଏ ଉତ୍ତମ ଉଦାହରଣ ଅଟେ (୮:୫, ୧୦, ୧୬; ୧୨:୧୧) ଯାହା ମଣିଷ ଜୀବନର ଦୃଷ୍ଟାନ୍ତରେ ବ୍ୟବହୃତ (ଶ୍ୱାସ, ଏବ୍ରୀରେ ରୁଆକ୍, (ବିବିଡ଼ି, ୯୨୪, ଆଦି, ୬:୧୭; ୭:୧୫, ୨୨) ।

**ବିଶେଷ ଶୀର୍ଷ : ଆତ୍ମା (ନ୍ୟୁମା)** ନୂତନ ନିୟମରେ

"ଆତ୍ମା"ଙ୍କ ନିମନ୍ତେ ଗ୍ରୀକ୍ ଶବ୍ଦ ନୂତନ ନିୟମରେ ବିଭିନ୍ନ ରୂପରେ ବ୍ୟବହୃତ ହୋଇଛି । ଏଠାରେ କେତେକ ପ୍ରତିନିଧିମୂଳକ ଶ୍ରେଣୀବିଭାଗ ଏବଂ ଦୃଷ୍ଟାନ୍ତ ।

କ. ତ୍ରିଏକ ପରମେଶ୍ୱରଙ୍କ

୧. ପିତାଙ୍କର (ଯୋହନ. ୪.୨୪)

୨. ପୁତ୍ରଙ୍କର (ରୋମ୍ - ୮:୯-୧୦; ୨ କରି. ୩:୧୭; ଗାଲା. ୪:୬; ୧ ପିତ. ୧:୧୧)

୩. ପବିତ୍ର ଆତ୍ମାଙ୍କର (ମାର୍କ. ୧:୧୧; ମାଥିଉ. ୩:୧୬; ୧୦:୨୦; ଯୋହନ. ୩:୫, ୬, ୮; ୭:୩୯; ୧୪:୧୭; ପ୍ରେରିତ ୨:୪; ୫:୯; ୮:୨୯, ୩୫; ରୋମ୍. ୧:୪; ୮:୧୧, ୧୬; ୧ କରି ୨:୪, ୧୦, ୧୧, ୧୩, ୧୪; ୧୨:୭) ।

ଖ. ମଣିଷ ଜୀବନ ଶକ୍ତିର

୧. ଯୀଶୁଙ୍କର (ମାର୍କ. ୮:୧୨; ଯୋହନ. ୧୧:୩୩, ୩୮; ୧୩:୨୧)

୨. ମଣିଷର (ମାଥିଉ.୨୨:୪୩; ପ୍ରେରିତ ୭:୫୯; ୧୭:୧୬; ୨୦:୨୨; ରୋମୀୟ. ୧:୯; ୮:୧୬; ୧ କରି. ୨: ୧୧; ୫:୩-୫; ୭: ୩୪; ୧୫:୪୫; ୧୬:୧୮; ୨ କରି. ୨:୧୩; ୭:୧୩; ଫିଲି. ୪:୨୩; କଲ. ୨:୫) ।

ଗ. ଆତ୍ମିକ କ୍ଷେତ୍ରରେ

୧. ଆତ୍ମିକ ଲୋକ

କ. ଉତ୍ତମ (ଦୂତଗଣ. ପ୍ରେରିତ. ୨୩:୮-୯; ଏବ୍ରୀ. ୧:୧୪)

ଖ. ମନ୍ଦ (ମନ୍ଦଆତ୍ମା, ମାଥିଉ. ୮:୧୬; ୧୦:୧; ୧୨:୪୩, ୪୫; ପ୍ରେରିତ ୫:୧୬; ୮:୭; ୧୬:୧୬; ୧୯:୧୨; ଏଫି. ୬:୧୨) ।

ଗ. ପ୍ରେତଆତ୍ମା (ଲୁକ୍. ୨୪:୩୭) ।

୨. ଆତ୍ମିକ ଅନ୍ତଦୃଷ୍ଟି (ମାଥିଉ. ୨୬:୪୧; ଯୋହନ. ୩:୬; ୪:୨୩; ପ୍ରେରିତ. ୧୮:୨୫;ରୋମୀୟ ୨:୨୯; ୭:୬; ୮:୪; ୧୦; ୧୨:୧୧; ୧ କରି. ୧୪:୩୭;) ।

୩. ଆତ୍ମିକ ବିଷୟ (ଯୋହନ ୬:୬୩; ରୋମି ୨:୨୯; ୮:୨୫, ୯, ୧୫; ୧୫:୨୭; ୧ କରି ୯:୧୧; ୧୪:୧୨) ।

୪. ଆତ୍ମିକ ଦାନ (୧ କରି. ୧୨:୧; ୧୪:୧)

୫. ଆତ୍ମାଙ୍କର ପ୍ରେରଣା (ମାଥିଉ, ୨୨:୪୩; ଲୁକ୍ ୨:୨୭; ଏଫି ୧:୧୭)

୬. ଆତ୍ମିକ ଶରୀର (୧ କରି. ୧୫:୪୪ - ୪୫)

ଘ. ଚିତ୍ରଣ କରେ

୧. ଜଗତର ମନୋଭାବ (ରୋମି. ୮:୧୫; ୧୧:୮; ୧ କରି ୨:୧୨)

୨. ମଣିଷର ବିଚାରଗତି (ପ୍ରେରିତ. ୬:୧୦ ରୋମି ୮:୬; ୧ କରି ୪:୨)

ଙ. ଶାରୀରିକ କ୍ଷେତ୍ରର

୧. ବାୟୁ (ମାଥିଉ. ୭:୨୫,୨୭; ଯୋହନ ୩:୮; ପ୍ରେରିତ ୨:୨)

୨. ଶ୍ୱାସ (ପ୍ରେରିତ ୧୭:୨୫; ୨ ଥେସ୍ ୨:୮)

ଏହା ନିଶ୍ଚୟ ଅଟେ କି ଏହି ବାକ୍ୟ ଜରୁରୀ ପ୍ରସଙ୍ଗର ଜ୍ୟୋତିରେ ଭାଷାନ୍ତରିତ ଦେହା ଆବଶ୍ୟକ ଅଟେ । ଏଠାରେ କେତେକ ଆପେକ୍ଷିକ ଅର୍ଥ ରହିଛି ।

ଯାହାକି ନିମ୍ନଲିଖିତକୁ ଦର୍ଶାଇପାରେ

(୧) ଶାରୀରିକ ସଂସାର; (୨) ଅଦୃଶ୍ୟ ସଂସାର, (୩) ଏବଂ ଶାରୀରିକ ସଂସାରର ବ୍ୟକ୍ତିଗତ କିମ୍ବା ଆତ୍ମିକ ସଂସାରର ବ୍ୟକ୍ତିଗଣ ।

ପବିତ୍ର ଆତ୍ମା ତ୍ରିଏକ ଈଶ୍ୱରଙ୍କ ମଧ୍ଯରୁ ଜଣେ ଅଟନ୍ତି ଯିଏକି ଇତିହାସର ଏହି ସ୍ତରରେ ସର୍ବୋଚ୍ଚ ରୂପେ ସକ୍ରିୟ ଅଟନ୍ତି । ଆତ୍ମାଙ୍କର ନୂତନ ଯୁଗର ଆଗମନ ହୋଇଅଛି । ସମସ୍ତ ଯାହା ଉତ୍ତମ, ପବିତ୍ର, ସଠିକ୍ ଏବଂ ସତ୍ୟ ସେସବୁ ତାହାଙ୍କ ସହିତ ସମ୍ବନ୍ଧିତ । ସୁସମାଚାରର ପ୍ରଗତି ଏବଂ ଈଶ୍ୱରଙ୍କ ରାଜ୍ୟର ଉନ୍ନତି ନିମନ୍ତେ ତାହାଙ୍କର ସାନିଧ୍ୟ, ଦାନ ଏବଂ ସେବାକାର୍ଯ୍ୟ ଅଧିକ ଗୁରୁତ୍ୱ ପୂର୍ଣ୍ଣ ଅଟେ (ଯୋହନ, ୧୪ ଏବଂ ୧୬) । ସେ ଆପଣା ଆଡ଼କୁ ଧ୍ୟାନ ଆକର୍ଷଣ କରନ୍ତି ନାହିଁ ମାତ୍ର ଖ୍ରୀଷ୍ଟଙ୍କ ଆଡ଼କୁ (ଯୋହନ ୧୬:୧୩-୧୪) । ସେ ସମସ୍ତ ବିଶ୍ୱାସୀମାନଙ୍କୁ ମନଫେରଣ, ବିଶ୍ୱସନୀୟ, ବାପ୍ତିସ୍ମ, ନିବେଦନ ଏବଂ ପରିପକ୍ୱତା କରିଥାନ୍ତି (ଯୋହନ. ୧୬:୮-୧୧)

**୧:୧୦ "ମୋହାର ସମସ୍ତ ପ୍ରାର୍ଥନାରେ ସର୍ବଦା ନିବେଦନ କରିଆସୁଅଛି"** ପାଉଲ ଏହି ମଣ୍ଡଳୀକୁ ଆରମ୍ଭ କରିନାହାନ୍ତି ତଥାପି ସେମାନଙ୍କ ନିମନ୍ତେ ସର୍ବଦା ପ୍ରାର୍ଥନା କରୁଛନ୍ତି (୨ କରି. ୧୧:୨୮), ଯେଉଁପ୍ରକାରେ ସେ ସମସ୍ତ ମଣ୍ଡଳୀମାନଙ୍କ ନିମନ୍ତେ କରିଥିଲେ । ଦେଖନ୍ତୁ ବିଶେଷ ଶୀର୍ଷ : ମଧ୍ୟସ୍ଥ ପ୍ରାର୍ଥନା, ୯:୩ । ୧୬ ଅଧ୍ୟାୟ ସ୍ପଷ୍ଟ କହେ ଯେ, ପାଉଲଙ୍କର ଅନେକ ମିତ୍ର ଏବଂ ସହକର୍ମିମାନେ ଥିଲେ ।

❑ **"ଯଦି"** ଏହା ପ୍ରଥମ ଶ୍ରେଣୀୟ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ପରିପ୍ରେକ୍ଷିରେ କିମ୍ବା ତାହାଙ୍କ ସାହିତ୍ୟିକ ଉଦ୍ଦେଶ୍ୟରେ ସତ୍ୟ ଥିବା ପ୍ରମାଣ କରେ । ପାଉଲ ତାହାଙ୍କର ସ୍ପେନ୍ ଯାତ୍ରା ସମୟରେ ରୋମ୍‌କୁ ଯିବା ପାଇଁ ଯୋଜନା କଲେ (୧୫:୨୨-୨୪୦ । ବୋଧହୁଏ ସେ ସେଠାରେ ଅଧିକ ସମୟ ରହିବାକୁ ଯୋଜନା କଲେ ନାହିଁ । ସର୍ବଦା ପାଉଲ ଏକ ନୂତନ ସ୍ଥାନରେ ସେବା କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ ଯେଉଁଠାରେ କି କେହି କେବେ ସେବାକାର୍ଯ୍ୟ କରିନାହାନ୍ତି (୧୫:୨୦; ୨ କରି. ୧୦: ୧୫, ୧୬) । ପାଉଲଙ୍କର ଏହି ରୋମୀୟପୁସ୍ତକ ଲେଖିବାର ଗୋଟିଏ ଉଦ୍ଦେଶ୍ୟ ଏହା ହୋଇପାରେ କି ତାଙ୍କର ସ୍ପେନ୍‌କୁ ମିଶନେରୀ ଯାତ୍ରା ନିମନ୍ତେ ଆର୍ଥିକ ସାହାଯ୍ୟ ମାଗିବା (୧୫:୨୪) ।

❑ "ଈଶ୍ୱରଙ୍କ ଇଚ୍ଛା ହେଲେ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ମୁଁ ଥରେ ସୁଯୋଗ ପାଇ ପାରେ

ପଦ - ୧୩ ଏବଂ ୧୫:୩୨ ରେ ଏହା ସମାନ୍ତରିତ । ପାଉଲ ଏହା ମନେ କରନ୍ତି ନାହିଁ ଯେ ତାହାଙ୍କର ଜୀବନ ଏବଂ ଯାତ୍ରାର ଯୋଜନା ତାଙ୍କ ନିଜର, ମାତ୍ର ଏହା ଈଶ୍ୱରଙ୍କର (ପ୍ରେରିତ, ୧୮:୨୧; ୧ କରି. ୪:୧୯; ୧୬:୭(ଦେଖନ୍ତୁ ବିଶେଷ ଶୀର୍ଷ. ୧୨:୨ ।

**୧:୧୧ "ତୁମ୍ଭମାନଙ୍କ ସହିତ ସାକ୍ଷାତ କରିବାକୁ ମୁଁ ଇଚ୍ଛା କରୁଅଛି"** । ୧୫:୨୩ ଏହା ସମାନ୍ତର ଅଟେ । ଅନେକ ଦିନରୁ ପାଉଲ ରୋମ୍‌ର ବିଶ୍ୱାସୀମାନଙ୍କୁ ସାକ୍ଷାତ କରିବାକୁ ଇଚ୍ଛା କରୁଥିଲେ (ପ୍ରେରିତ. ୧୯:୨୧)

❑ **"ମୁଁ ତୁମ୍ଭମାନଙ୍କୁ କୌଣସି ଆତ୍ମିକ ଦାନ ପ୍ରଦାନ କରିପାରେ"** "ଆତ୍ମିକ ଦାନ" ଆତ୍ମିକ ଦୃଷ୍ଟିକୋଣ କିମ୍ବା ଆଶିର୍ବାଦ ନିମନ୍ତେ ବ୍ୟବହୃତ ହୋଇଛି - (୧୧:୨୯; ୧୫:୨୭) । ପାଉଲ ଆପଣାକୁ ବିଜାତିମାନଙ୍କ ନିମନ୍ତେ ପ୍ରେରିତ ହେବାର ଏକ ଅତୁଳନୀୟ ଆହ୍ୱାନକୁ ଦେଖିପାରିଲେ (ପଦ.୧୫) ।

❑ **"କି ତୁମ୍ଭେମାନେ ସ୍ଥିରୀକୃତ ହୋଇପାର"** ଏହା ହିସ୍ତେମିର ଏକ ଏଓରିଷ୍ଟ ନିଷ୍କ୍ରିୟ ତୁମର୍ଥକ । ଏହି ଶବ୍ଦର ତିନୋଟି ଅର୍ଥ ରହିଛି ।

୧. ସ୍ଥିରୀକୃତ - ରୋମ୍ - ୧:୧୧; ୧୬:୨୫; ୧ ଥେସ. ୩:୧୩; ୨ ପିତର. ୧:୧୨

୨. ସୁସ୍ଥିର. ଲୁକ. ୨୨:୩୨; ୧ ଥେସ. ୩:୨; ୨ ଥେସ. ୨:୧୭; ୩:୩; ଯାକୁବ. ୫:୮; ପ୍ରକାଶିତ. ୩:୨

୩. ଗୋଟିଏ ଦୃଢ଼ ନିଷ୍ପତି ନେବା ନିମନ୍ତେ ଏହା ଏକ ଯିହୁଦୀ ରୂଢ଼୍ୟୋକ୍ତି (ଲୁକ.୯:୫୧) । ଦେଖନ୍ତୁ ବିଶେଷ ଶୀର୍ଷ. ୫:୨

**୧:୧୨** ଏହା ଖ୍ରୀଷ୍ଟିୟାନ ସହଭାଗିତାର ଉଦ୍ଦେଶ୍ୟ ଅଟେ । ଏହି ଦାସ ସମୂହର ଅର୍ଥ ବିଶ୍ୱାସୀମାନଙ୍କୁ ଏକ ସେବା ଗୋଷ୍ଠିରେ ଏକତ୍ର କରିବା ଅଟେ । ବିଶ୍ୱାସୀମାନେ ସାର୍ବଜନିକ ଉତ୍ତମ ନିମନ୍ତେ ଦାନ ପ୍ରାପ୍ତି ଅଟନ୍ତି (୧କରି. ୧୨:୭) । ସମସ୍ତ ଦାନ ପ୍ରଯୁଜ୍ୟ ଅଟେ। ସମସ୍ତ

ଦାନ ପରିତ୍ରାଣରେ ଆତ୍ମାଙ୍କ ଦ୍ୱାରା ପ୍ରଦତ୍ତ ହୋଇଛି (୧କରି. ୧୨:୧୧) । ସମସ୍ତ ବିଶ୍ୱାସୀମାନେ ଆହୁତ, ଦାନପ୍ରପ୍ତ ଏବଂ ପୂର୍ଣ୍ଣସମୟ ସେବକ (ଏଫ୍ ୪:୧୧-୧୨) । ପାଉଲ ସ୍ୱଷ୍ଟ ରୂପେ ତାହାଙ୍କର ପ୍ରେରିତିୟ ଅଧିକାରର କଥାକୁ କହୁଅଛନ୍ତି, ତଥାପି ମଧ୍ୟ ଏକ ଧର୍ମଗୋଷ୍ଠୀ ପାରସ୍ପରିକତା ଅଟେ । ବିଶ୍ୱାସୀମାନେ ପରସ୍ପରକୁ ଆବଶ୍ୟକ କରନ୍ତି । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ଶରୀର ଅଟନ୍ତି ।

**୧:୧୩ "ଭାଇମାନେ ତୁମ୍ଭେମାନେ ଯେ ଅଜ୍ଞ ଥାଅ, ଏହା ମୋହର ଇଚ୍ଛା ନୁହେଁ"** ଏହା ଏକ ରୂଢ଼ୋକ୍ତି, ଯାହା ଗୁରୁତ୍ୱପୂର୍ଣ୍ଣ ବିବରଣକୁ ପରିଚୟ କରାଇବାକୁ ପାଉଲ ବାରମ୍ବାର ବ୍ୟବହାର କରୁଛନ୍ତି (୧୧:୨୫; ୧କରି. ୧୦:୧; ୧୨:୧; ୨କରି. ୧:୮; ୧ ଥେସ. ୪:୧୩) । ଏହା ଯୀଶୁଙ୍କର "ଆମେନ୍, ଆମେନ୍" ର ସାହିତ୍ୟିକ ଉଦ୍ଦେଶ୍ୟରେ ସମାନ ଅଟେ ।

- **"କିନ୍ତୁ ଏପର୍ଯ୍ୟନ୍ତ ବାଧାପ୍ରାପ୍ତ ହୋଇ ଆସୁଅଛି"** ଏହା ଏକ ନିଷ୍କ୍ରିୟ କ୍ରିୟା । ଏହି ସମାନ ବାକ୍ୟ ୧ ଥେସ. ୨:୧୮ ରେ ଦେଖିବାକୁ ମିଳେ ଯେଉଁଠାରେ ଶଇତାନ ପ୍ରତିନିଧି ଅଟେ । ପାଉଲ ବିଶ୍ୱାସ କରନ୍ତି ଯେ ତାଙ୍କର ଜୀବନ ପରମେଶ୍ୱରଙ୍କ ଦ୍ୱାରା ଚାଳିତ କିନ୍ତୁ ଶଇତାନ ଦ୍ୱାରା ବାଧାପ୍ରାପ୍ତ । କିଛି ମାତ୍ରାରେ ଉଭୟେ ସତ୍ୟ (ଆୟୁବ ୧-୨; ଦାନି. ୧୦) ୧୫:୨୨ ରେ ବ୍ୟବହୃତ ଏହି ବାକ୍ୟ ପାଉଲଙ୍କ ଭୂମଧ୍ୟ ଭାଗର ମିଶନେରୀ କାର୍ଯ୍ୟରେ ଆସିଥିବା ବାଧାକୁ ଦର୍ଶାଏ ଯାହା ଏପର୍ଯ୍ୟନ୍ତ ପୁରା ହୋଇ ନାହିଁ (କିନ୍ତୁ ସମାପ୍ତ ହେଲା) ।
- **"ତୁମ୍ଭମାନଙ୍କ ମଧ୍ୟରେ ସୁଦ୍ଧା ସେହି ପ୍ରକାରେ ମୁଁ ଯେପରି କିଛି ଫଳ ପ୍ରାପ୍ତ ହୋଇପାରେ"** ଏହି ବାକ୍ୟରେ "ଫଳ" ପରିବର୍ତ୍ତନକୁ ଦର୍ଶାଇପାରେ, କିନ୍ତୁ ଯୋହନ ୧୫:୧-୮ ଏବଂ ଗାଲା. ୫:୨୨ ରେ ଏହା ଖ୍ରୀଷ୍ଟିୟାନ ପରିପକ୍ୱତାକୁ ଦର୍ଶାଏ । "ଫଳ" ଶବ୍ଦକୁ ସଠିକ୍ ଅର୍ଥ ପ୍ରଦାନ କରେ ନାହିଁ । ସମ୍ଭବତଃ ଫିଲି. ୧:୨୨ ଏକ ଉତ୍ତମ ସମାନ୍ତରାଳ ଅଟେ, ଯେଉଁଠାରେ ପାଉଲ ଠିକ୍ ଏହି କୃଷି ସମ୍ବନ୍ଧିୟ ଉପମାକୁ ବ୍ୟବହାର କୁଛନ୍ତି ।

**୧:୧୪ "ମୁଁ ଋଣୀ ଅଟେ"** ପାଉଲ ଅନେକ ଥର ଏହି ଶବ୍ଦକୁ ରୋମୀୟ ପୁସ୍ତକରେ ବ୍ୟବହାର କରୁଛନ୍ତି ।

୧. ପାଉଲ ସମସ୍ତ ବିଜାତିମାନଙ୍କୁ ସୁସମାଚାର ପ୍ରଚାର କରିବାରେ ଋଣୀ ଅଟନ୍ତି (ଏଠାରେ)

୨. "ଶରୀର" (୮:୧୨) ପ୍ରତି ପାଉଲ ଋଣୀ ନୁହନ୍ତି ।

୩. ବିଜାତି ମଣ୍ଡଳୀ ଯିରୁଶାଲମର ମାତୃ ମଣ୍ଡଳୀକୁ ସାହାଯ୍ୟ କରିବାରେ ଚିରଋଣୀ ଅଟେ । (୧୫:୨୭)

- **"ଗ୍ରୀକ୍ ମାନଙ୍କୁ"** ଏହା ଭୂମଧ୍ୟ ସାଗର ଚତୁପାର୍ଶ୍ୱର ସୁସଭ୍ୟ ଲୋକମାନଙ୍କୁ ଦର୍ଶାଏ । ମହାନ ଆଲେକ୍ସଜାଣ୍ଡାର ଏବଂ ତାହାଙ୍କ ସହକର୍ମୀମାନେ ସମସ୍ତ ଜଗତକୁ ଗ୍ରୀକ୍ ଭାଷା ଶିଖାଇଲେ । ରୋମୀୟମାନେ ଗ୍ରୀକ୍ ସଂସ୍କୃତିକୁ ଗ୍ରହଣ କରି ପରିପାକ କଲେ ।
- **"ବର୍ବରମାନଙ୍କ"** ଏହି (ଧ୍ୱନିଅନୁକୃତ) ଶବ୍ଦର ଅର୍ଥ ଅଶିକ୍ଷିତ, ଅସଭ୍ୟ ଲୋକମାନେ, ସାଧାରଣ ଏହା ଉତ୍ତରଭଗକୁ ଦର୍ଶାଏ । ଏହା ଗ୍ରୀକ୍ ଭାଷା କହୁ ନଥିବା ଲୋକମାନଙ୍କ ନିମନ୍ତେ ବ୍ୟବହୃତ । ସେମାନଙ୍କ ଶବ୍ଦ ଗ୍ରୀକ୍ ଏବଂ ରୋମୀୟ ମାନଙ୍କୁ "ଖସ୍ ଖସ୍ ଖସ୍" ପରି ଶୁଣାଯାଉଥିଲା ।
- **"ଶିକ୍ଷିତ କି ଅଶିକ୍ଷିତ"** ସମ୍ଭବତଃ "ବର୍ବର" ମାନଙ୍କ ପ୍ରତି ଗ୍ରୀକ୍ ପ୍ରସଙ୍ଗରେ ଏହା ସମାନ୍ତର ଅଟେ କିନ୍ତୁ ଜରୁରୀ ନାହିଁ । ହୋଇପାରେ ଏହା ସମସ୍ତ ଲୋକମାନଙ୍କୁ ଏବଂ ବ୍ୟକ୍ତିତ୍ୱକୁ ଦର୍ଶାଉଥିବା ଏକ ମାଧ୍ୟମ ।

**ଏନ୍.ଏ.ଏସ୍.ବି. ବାକ୍ୟ ୧:୧୬-୧୭**

**କାରଣ ମୁଁ ସୁମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୁଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ । ୧୭ ସେଥିରେ ତ ଈଶ୍ୱର ଦତ୍ତ ଧାର୍ମିକତା ପ୍ରକାଶିତ ହେଉଅଛି, ତାହା ବିଶ୍ୱାସ ମୂଳକ ଓ ବିଶ୍ୱାସ ଜନକ, ଯେପରି ଲେଖଅଛି, "ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ" ।**

୧:୧୬-୧୭ ପଦ ୧୬-୧୭ ସଂପୂର୍ଣ୍ଣ ପୁସ୍ତକର ମୁଖ୍ୟ ବିଷୟ ଅଟେ । ଏହି ମୁଖ୍ୟ ବିଷୟଟି ୩:୨୧-୩୧ରେ ସାରମର୍ମ କରାଗଲା ।

୧:୧୬ -ଏନ୍.ଏ.ଏସ୍.ବି., ଏନ୍.ଆର୍.ଏସ୍.ଭି - "ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ"

- **ଏନ୍.କେ.ଜେ.ଭି. - "ମୁଁ ଖ୍ରୀଷ୍ଟଙ୍କ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ"**

  **ଟି.ଇ.ଭି. - ""ମୁଁ ସୁସମାଚାରରେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ଅଟେ"**

  **ଏନ୍.ଜେ.ବି. - "ମୁଁ ସୁସମାଚାରରେ ଲଜ୍ଜାବୋଧ କରେ ନାହିଁ"**

  ବୋଧହୁଏ ପାଉଲ ମାର୍କ. ୮:୩୮ ଏବଂ ଲୁକ. ୯:୨୬ ରୁ ଯୀଶୁଙ୍କର ବାକ୍ୟକୁ ପରୋକ୍ଷଭାବେ ଉଲ୍ଲେଖ କରୁଛନ୍ତି । ସେ ସୁସମାଚାରର ବିଷୟବସ୍ତୁ ପ୍ରତି ଲଜ୍ଜାବୋଧ ନୁହନ୍ତି କିମ୍ବା ଏହାର ତାଡ଼ନା ପରିଣାମରେ ମଧ୍ୟ ଲଜ୍ଜାବୋଧ ନୁହନ୍ତି । (୨ତୀମ. ୧:୧୨, ୧୬, ୧୮) । ୧ କରି. ୧:୨୩ ରେ ଯିହୁଦୀମାନେ ସୁସମାଚାର ପ୍ରତି ଲଜ୍ଜାବୋଧ ଥିଲେ କାରଣ ଏହା ତାଡ଼ନା ପାପ୍ତ ଖ୍ରୀଷ୍ଟ ଏବଂ ପୁନରୁତ୍ଥିତ ଶରୀରକୁ ଦର୍ଶାଏ ।

❑ **"ପରିତ୍ରାଣ"** ପୁରାତନ ନିୟମରେ, ଏବୀ ଶଦ୍ଦ (ୟାଶୋ) ଶାରିରୀକ ଉଦ୍ଧାର ନିମନ୍ତେ ବ୍ୟବହାର କରାଗଲା (ଯାକୁବ ୫ : ୧୫) । କିନ୍ତୁ ନୂତନ ନିୟମରେ ଗ୍ରୀକ୍ ଶଦ୍ଦ (ସୋଜୋ) ଆତ୍ମିକ ଉଦ୍ଧାର ନିମନ୍ତେ ବ୍ୟବହାର କରାଗଲା (୧ କରି. ୧: ୧୮, ୨୧) । ଦେଖନ୍ତୁ. ରୋବର୍ଟ ବି. ଗାର୍ଡ୍ଡ ଷ୍ଟୋନ୍‌ଙ୍କର, ସିନୋନିସ୍‌ସ୍ ଅଫ୍ ଦି ଓଲ୍ଡ୍ ଟେଷ୍ଟାମେଣ୍ଟ୍, ପୃ. ୧୨୪ – ୧୨୬ ।

## ବିଶେଷ ଶୀର୍ଷ : ପରିତ୍ରାଣ (ପୁରାତନ ନିୟମ ଶଦ୍ଦ)

ଏହି ଶଦ୍ଦର (ବିଡ଼ିବି ୪୪୭) ଅନେକ ଅର୍ଥ ରହିଛି ।

୧. ମଙ୍ଗଳ, ସମୃଦ୍ଧି, ଆୟୁବ. ୩୦:୧୫

୨. ଇଶ୍ୱରୀୟ ପରିତ୍ରାଣ ଯାହା ଶାରିରୀକ ଓ ଆତ୍ମିକ ବିଷୟକୁ ଆବଦ୍ଧ କରେ ।

କ. ଆଦି. ୪୯ : ୧୮

ଖ. ଦ୍ୱି. ବିବରଣ. ୩୨ : ୧୫

ଗ. ଗୀତ. ୩ : ୨,୮; ୨୨:୧; ୩୫:୩; ୬୨:୨; ୬୯:୨୯; ୭୦ : ୫; ୭୮ : ୨୨; ୮୦:୩; ୮୯:୨୬; ୯୧:୧୬; ୧୦୬:୪; ୧୪୦:୭ ।

ଘ. ଯିଶା. ୧୨:୨; ୩୩:୨; ୫୧ : ୬, ୮; ୫୨ : ୭, ୧୦; ୫୬:୧; ୫୯:୧୧; ୬୦:୧୮; ୬୨:୧

୩. ଯୁନସ ୨:୯-୧୦ରେ ଶାରିରୀକ ଓ ଆତ୍ମିକ ପରିତ୍ରାଣ ବିଷୟର ଧାରଣା ସ୍ପଷ୍ଟଭାବେ ଉଲ୍ଲେଖିତ ।

୪. ସର୍ବଦା "ଉଲ୍ଲାସ" ଯିହୋବାଙ୍କ ପରିତ୍ରାଣ ସହିତ ସମ୍ବନ୍ଧିତ, ୧ଶାମୁ. ୨:୧; ଯିଶା. ୨୫:୯; ୨୬:୧, ଗୀତ. ୯:୧୪; ୧୩.୫; ୩୫:୯ । ପରିତ୍ରାଣ ଯିହୋବାଙ୍କ ବାସ୍ତବିକ ସହଭାଗିତା ଉଦ୍ଦେଶ୍ୟର କାର୍ଯ୍ୟ ସମ୍ପାଦନକୁ ସମ୍ମିଳିତ କରେ । ଏହା ବ୍ୟକ୍ତିଗତ ଏବଂ ସାମାଜିକ ପୂର୍ଣ୍ଣତାକୁ ସଂଲଗ୍ନ କରେ ।

❑ **ଏନ୍‌ଏଏସ୍‌ବି – "ପ୍ରତ୍ୟେକଙ୍କୁ ଯିଏ ବିଶ୍ୱାସ କରନ୍ତି"**
**ଏନ୍‌ଆର୍‌ଏସ୍‌ଭି – "ପ୍ରତ୍ୟେକଙ୍କ ନିମନ୍ତେ ଯିଏ ବିଶ୍ୱାସ କରନ୍ତି"**
**ଟିଇଭି – "ଯିଏ ବିଶ୍ୱାସ କରନ୍ତି, ସମସ୍ତଙ୍କୁ"**
**ଏନ୍‌ଜେବି – "ଯାହାର ବିଶ୍ୱାସ ଅଛି. ସମସ୍ତଙ୍କୁ**

ସୁସମାଚାର ସମସ୍ତ ମାନବଜାତିଙ୍କ ନିମନ୍ତେ (ଓହ, କେଉଁ ପ୍ରକାରେ ମୁଁ ବାକ୍ୟକୁ ପ୍ରେମ କରେ "ପ୍ରତ୍ୟେକେ" "ଯେ କେହି", "ସମସ୍ତେ", ଦେଖନ୍ତୁ ୧:୫ରେ), ବିଶ୍ୱାସ କରିବା, ଗ୍ରହଣ କରିବା ନିମନ୍ତେ ଏକ ସର୍ତ୍ତ ଅଟେ (ପ୍ରେରିତ. ୧୬:୩୦-୩୧) ଅନ୍ୟଟି ଅନୁତାପ ଅଟେ (ମାର୍କ. ୧:୧୫; ପ୍ରେରିତ. ୩:୧୬ ଏବଂ ୧୯:୨୦. ୨୧) ପରମେଶ୍ୱର ପ୍ରତିଜ୍ଞାର ଅର୍ଥ ଅନୁଯାୟୀ ମଣିଷ ସହିତ କଥପକଥନ କରନ୍ତି (ଦେଖନ୍ତୁ ବିଶେଷ ଶୀର୍ଷ ୯:୪ରେ) । ଇଶ୍ୱର ସର୍ବଦା ପ୍ରାଥମିକ ପଦକ୍ଷେପ ନେଇଥାନ୍ତି ଏବଂ କାର୍ଯ୍ୟ ସୂଚୀକୁ ପ୍ରସ୍ତୁତ କରନ୍ତି (ଯୋହନ. ୬ : ୪୪, ୬୫),

ଏଠାରେ "ବିଶ୍ୱାସ" ନିମନ୍ତେ ଅନୁବାଦିତ ଗ୍ରୀକ୍ ଶଦ୍ଦ ଇଂରାଜୀରେ "ଆସ୍ଥା" କିମ୍ବା "ଭରସା" ରୂପେ ମଧ୍ୟ ଅନୁବାଦ କରାଯାଇପାରିବ । ଯେ କୌଣସି ଇଂରାଜୀ ଶଦ୍ଦ ଅପେକ୍ଷା ଗ୍ରୀକ୍ ଶଦ୍ଦର ପ୍ରସସ୍ତ ଅର୍ଥ ରହିଛି । ଧ୍ୟାନ ଦିଅନ୍ତୁ କି ଏହା ବର୍ତ୍ତମାନ ବିଶେଷଣ । ବିଶ୍ୱାସ ରଖିବା ଅର୍ଥ ନିରନ୍ତର ବିଶ୍ୱାସ ଅଟେ (୧କରି. ୧:୧୮; ୧୫:୨; ୨ କରି . ୨:୧୫; ୧ ଥେସ. ୪:୧୪) ; ଦେଖନ୍ତୁ ବିଶେଷ ଶୀର୍ଷ ୧୦:୪.

ଏହି ଗ୍ରୀକ୍ ଶଦ୍ଦ "ବିଶ୍ୱାସ" ନିମନ୍ତେ ପ୍ରକୃତ ଏବ୍ରୀ ଶଦ୍ଦର ଅର୍ଥ ହେଲା ସ୍ଥିର ମନୋଭାବ । ଜଣେ ମଣିଷ ପାଦରେ ଅଲଗା ହୁଏ ଯାହାଦ୍ୱାରା ସେ ସହଜରେ ସ୍ଥାନାନ୍ତରିତ କରାଯାଇ ପାରିବ ନାହିଁ । ପୁରାତନ ନିୟମର ବିପରିତ ଶଦ୍ଦ "ମୋହର ଚରଣ କାଦୁଅରେ ଥିଲା" ହୋଇପାରେ (ଗୀତ. ୪୦:୨), "ମୋହର ପାଦ ବିକ୍ଷେପ ପ୍ରାୟ ଖସିଗଲା" (ଗୀତ ୭୩:୨) । ଏବ୍ରୀ ଭାଷାର ମୂଳ ସମ୍ବନ୍ଧିତ ଶଦ୍ଦ, ଇମୁନ୍, ଏମୁନାହ, ଏମାନ୍, ଏହା ଜଣେ ଯିଏ ବିଶ୍ୱସ୍ତ, ଅନୁରକ୍ତ, ଭରସା ଯୋଗ୍ୟର ରୂପକ ଭାବରେ ବ୍ୟବହୃତ । ବିଶ୍ୱାସ ରଖିବା ପତିତ ମଣିଷର ବିଶ୍ୱସ୍ତତା ହେବାର କ୍ଷମତାକୁ ପ୍ରତିବିମ୍ବ କରେ ନାହିଁ, ଇଶ୍ୱରଙ୍କର ପ୍ରତିବିମ୍ବ କରେ । ବିଶ୍ୱାସୀମାନଙ୍କର ଆଶା ସେମାନଙ୍କର କ୍ଷମତାରେ ରହେ ନାହିଁ । ମାତ୍ର ଇଶ୍ୱରଙ୍କର ଗୁଣ ଏବଂ ପ୍ରତିଜ୍ଞାରେ ଥାଏ । ଏହା ଇଶ୍ୱରଙ୍କର ଭରସାଯୋଗ୍ୟତା, ତାହାଙ୍କ ବିଶ୍ୱସ୍ତତା, ତାହାଙ୍କ ପ୍ରତିଜ୍ଞା । ଦେଖନ୍ତୁ ବିଶେଷ ଶୀର୍ଷ. ୧:୫ ।

❑ **"ପ୍ରଥମତଃ ଯିହୁଦୀ ପକ୍ଷରେ"** ଏହାର କାରଣ ୨:୯-୧୦ ଏବଂ ୩:୧-୨୦ ରେ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରାଯାଇଛି ଏବଂ ୯-୧୧ ଅଧ୍ୟାୟରେ ପୂର୍ଣ୍ଣରୂପେ ବିକଶିତ ହୋଇଛି । ଏହା ମାଥିଉ. ୧୦:୬; ୧୫:୨୪; ମାର୍କ. ୭:୨୭; ଯୋହନ ୪:୨୨ ରେ ଯୀଶୁଙ୍କର ବୟାନକୁ ଅନୁସରଣ କରେ । ଏବଂ ଏହା ରୋମୀୟ ମଣ୍ଡଳୀରେ ଯିହୁଦୀ ବିଶ୍ୱାସୀ ଏବଂ ବିଜାତି ନେତୃତ୍ୱର ଇର୍ଷାକୁ ଦର୍ଶାଇ ପାରେ

**୧: ୧୭ "ଇଶ୍ୱରଦତ୍ତ ଧାର୍ମିକତା"** ଏହି ବାକ୍ୟ ପ୍ରସଙ୍ଗର ଏହାକୁ ଦର୍ଶାଏ (୧) ପରମେଶ୍ୱରଙ୍କ ଗୁଣ, ଏବଂ (୨) କିପରି ସେ ପାପି ମଣିଷକୁ ସେହି ଗୁଣକୁ ଦେବେ । ଯିରୁଶାଲମ ବାଇବଲର ଅବୁବାଦ ଏହାକି, "ଏହା ହିଁ ଇଶ୍ୱରଙ୍କ ନ୍ୟାୟକୁ ପ୍ରକାଶ କରେ" ଏହା

ବିଶ୍ୱାସୀମାନଙ୍କର ନୈତିକ ଜୀବନ ଶୈଳୀକୁ ଦର୍ଶାଏ । ପ୍ରାଥମିକ ରୂପେ ଧର୍ମମୟ ବିଚାର ପୂର୍ବେ ତାହାଙ୍କର ଆଇନ ସଙ୍ଗତ ପଦମର୍ଯ୍ୟାଦାକୁ ଚିତ୍ରଣ କରେ । ପାପି, ପତିତ ମଣିଷ ପ୍ରତି ଇଶ୍ୱରଙ୍କ ଧାର୍ମିକତାର ଅଭିଯୋଗ ଯେପରିକି "ବିଶ୍ୱାସ ଦ୍ୱାରା ଅନୁଗ୍ରହରୁ ଧାର୍ମିକତା"ର ପୁନର୍ଗଠନ ଚିତ୍ରିତ କରାଗଲା (୨ କରି. ୫:୨୧; ଫିଲି. ୩:୯) । ଏହାହିଁ ସେହି ବାକ୍ୟ ଯାହା ମାର୍ଟିନ୍ ଲୁଥରଙ୍କ ଜୀବନ ଏବଂ ଇଶ୍ୱରଶାସ୍ତ୍ରକୁ ବଦଳାଇ ଦେଲା ।

ଯେପରିକି, ଧାର୍ମିକତାର ଲକ୍ଷ୍ୟ ହେଲା ଶୁଚିକରଣ, ଖ୍ରୀଷ୍ଟସୋଦୃଶ୍ୟତା, କିମ୍ବା ଇଶ୍ୱରଙ୍କ, ଧାର୍ମିକ ଗୁଣ (ରୋମୀୟ. ୮:୨୮-୨୯; ଗାଲା. ୪:୧୯; ଏଫି. ୧:୪; ୨:୧୦; ୪:୧୩; ୧ ଥେସ. ୩:୧୩; ୪:୩; ୧ ପିତର. ୧:୧୫) । ଧାର୍ମିକତା କେବଳ ଗୋଟିଏ ନିୟମ ସଙ୍ଗତ ଆନୁଷ୍ଠାନିକ ବିବୃତ୍ତି ନାହିଁ । କିନ୍ତୁ ଏହା ଏକ ପବିତ୍ର ଜୀବନ ନିମନ୍ତେ ଏକ ଆହ୍ୱାନ । ମଣିଷଙ୍କ ମଧ୍ୟରେ ଇଶ୍ୱରଙ୍କ ସ୍ୱରୂପ କାର୍ଯ୍ୟକାରୀ ଭାବେ ପ୍ରତିଷ୍ଠିତ ହେବା ଆବଶ୍ୟକ (୨ କରି. ୫.୨୧) ।

**ବିଶେଷ ଶୀର୍ଷ : ଧାର୍ମିକତା ।**

ଧାମିକତା ଏକ ଏତେ ମହତ୍ୱପୂର୍ଣ୍ଣ ବିଷୟ ଯେ ଜଣେ ବାଇବଲ ବିଦ୍ୟାର୍ଥୀ ଏହି ବିଚାରଧାରା ଗୋଟିଏ ବ୍ୟକ୍ତିଗତ ପ୍ରସସ୍ତ ଅଧ୍ୟୟନ କରିବା ଆବଶ୍ୟକ । ପୁରାତନ ନିୟମରେ ଇଶ୍ୱରଙ୍କ ଗୁଣର ବର୍ଣ୍ଣନା "ଧାର୍ମିକ" ରୂପେ କରାଯାଇଛି (ବିଡ଼ିବି ୮୪୧) । ଭୂମଧ ଶବ୍ଦ ମଧ୍ୟ ଗୋଟିଏ ନଦୀ ତଟରୁ ଆସିଅଛି ଯାହାକି ଗୋଟିଏ କାନ୍ଥ ବାଡ଼ିର ଭୂସମାନ୍ତର ସଳଖତାକୁ ନ୍ୟାୟ କରିବାକୁ ଏକ ନିର୍ମାଣ ହତିଆର ରୂପେ ବ୍ୟବହୃତ । ଇଶ୍ୱର ଆପଣା ଗୁଣକୁ ରୂପକ ଭାବେ ବ୍ୟବହାର କରିବାକୁ ଏହି ଶବ୍ଦକୁ ମନୋନୀତ କଲେ । ସେ ଜଣେ ସିଧାସଳଖ ଶାସକ ଯାହାଙ୍କ ଦ୍ୱାରା ସମସ୍ତ ବସ୍ତୁର ମୂଲ୍ୟାଙ୍କନ କରାଗଲା । ଏହି ବିଚାରଟି ଇଶ୍ୱରଙ୍କ ଧାର୍ମିକତା ତାହା ସହିତ ତାହାଙ୍କର ନ୍ୟାୟ କରିବାର ଅଧିକାରକୁ ଦୃଢ଼କରେ ।

ମଣିଷ ଇଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଥିଲା (ଆଦି. ୧:୨୬-୨୭; ୫:୧, ୩; ୭:୬) । ମଣିଷ ଇଶ୍ୱରଙ୍କ ସହ ସହଭାଗିତା ରଖିବା ନିମନ୍ତେ ନିର୍ମିତ ହୋଇଥିଲା । ସମସ୍ତ ସୃଷ୍ଟି ଇଶ୍ୱର ଏବଂ ମଣିଷମାନଙ୍କ ପାରସ୍ପରିକ କ୍ରିୟା ନିମନ୍ତେ ଏକ ସ୍ତର କିମ୍ବା ଚିତ୍ରପଟ ଅଟେ । ଇଶ୍ୱର ଚାହାନ୍ତି କି ତାହାଙ୍କ ଉନ୍ନତ ସୃଷ୍ଟି ମଣିଷ ତାହାଙ୍କୁ ଜାଣୁ, ତାହାଙ୍କୁ ପ୍ରେମ କରୁ, ସେବା କରୁ, ଏବଂ ତାହାଙ୍କ ସଦୃଶ୍ୟ ହେଉ । ମଣିଷର ବିଶ୍ୱସ୍ତତା ପରୀକ୍ଷିତ ହୋଇଥିଲା (ଆଦି. ୩) ଏବଂ ସେହି ବାସ୍ତବିକ ଦମ୍ପତି ପରୀକ୍ଷାରେ ପରାଜିତ ହେଲେ । ଏହା ଇଶ୍ୱର ଏବଂ ମଣିଷ ସମ୍ପର୍କର ଗୋଟିଏ ବିଘ୍ନ ପରିଣାମ (ଆଦି. ୩ ; ରୋମୀୟ. ୫:୧୨-୨୧) ।

ଇଶ୍ୱର ଏହି ସହଭାଗିତାକୁ ତ୍ରୁଟି ମାର୍ଜନା ଏବଂ ପୁନଃପ୍ରତିଷ୍ଠା କରିବାକୁ ପ୍ରତିଜ୍ଞା କଲେ (ଆଦି. ୩:୧୫) । ସେ ଏହା ଆପଣାର ଇଚ୍ଛା ଏବଂ ତାହାଙ୍କ ଆପଣା ପୁତ୍ରଙ୍କ ଦ୍ୱାରା କରନ୍ତି । ମଣିଷ ଏହି ସଂପର୍କ ଭଙ୍ଗକୁ ପୁନଃସ୍ଥାପନା କରିବାରେ ଅସକ୍ଷମ ଅଟେ (ରୋମୀ. ୧:୧୮-୩:୨୦) ।

ମଣିଷର ପତନ ପରେ । ପୁନଃସ୍ଥାପନା ନିମନ୍ତେ ଇଶ୍ୱରଙ୍କ ପ୍ରଥମ ପଦକ୍ଷେପ ଥିଲା ତାହାଙ୍କ ଆହ୍ୱାନ ଅନୁଯାୟୀ ନିୟମ ବା ପ୍ରତିଜ୍ଞାର ଧାରଣା ଏବଂ ମଣିଷର ଅନୁତାପ, ବିଶ୍ୱସ୍ତତା, ଆଜ୍ଞାକାରୀତାର ପ୍ରତିଉତ୍ତର । ପତନ କାରଣ ହେତୁ ମଣିଷ ଉପଯୁକ୍ତ କାର୍ଯ୍ୟ ନିମନ୍ତେ ଅସକ୍ଷମ ଥିଲେ (ରୋମୀ. ୩:୨୧-୩୧; ଗାଲା. ୩) । ନିୟମ ଖଣ୍ଡନକାରୀ ମଣିଷର ପୁନଃପ୍ରତିଷ୍ଠା ନିମନ୍ତେ ନିଜେ ଇଶ୍ୱରଙ୍କୁ ହିଁ ପ୍ରାଥମିକ ପଦକ୍ଷେପ ନେବାକୁ ପଡ଼ିଥିଲା । ସେ ଏ ସମସ୍ତ ଦ୍ୱାରା ସାଧନ କଲେ ।

୧. ଖ୍ରୀଷ୍ଟଙ୍କ କାର୍ଯ୍ୟ ଦ୍ୱାରା ମଣିଷର ଧାର୍ମିକତାର ଘୋଷଣା (ଆଇନଗତ ଧାର୍ମିକତା)

୨. ଖ୍ରୀଷ୍ଟଙ୍କ କାର୍ଯ୍ୟ ଦ୍ୱାରା ମଣିଷର ଧାର୍ମିକତାକୁ ମୁକ୍ତଭାବେ ଦେବା (ଆରୋପିତ ଧାର୍ମିକତା) ।

୩. ବାସ କରିବା ଆତ୍ମାଙ୍କୁ ପ୍ରଦାନ କରି ଯିଏ ମଣିଷ ମଧ୍ୟରେ ଧାର୍ମିକତାକୁ ଉତ୍ପନ୍ନ କରେ (ଖ୍ରୀଷ୍ଟଙ୍କ ସାଦୃଶ୍ୟତା, ଇଶ୍ୱରଙ୍କ ପ୍ରତିମୂର୍ତ୍ତିର ପୁନଃ ପ୍ରତିଷ୍ଠା) । ଯେପରିକି ଇଶ୍ୱର ଗୋଟିଏ ପ୍ରତିଜ୍ଞାତ ପ୍ରତିଉତ୍ତରକୁ ଚାହାନ୍ତି । ଇଶ୍ୱର ଆଇନ ଆଦେଶ କରନ୍ତି ଏବଂ ପ୍ରଦାନ କରନ୍ତି । ମାତ୍ର ମଣିଷ ତାହାର ପ୍ରତିଉତ୍ତର ଏବଂ ନିରନ୍ତର ପ୍ରତିଉତ୍ତର କରିବା ଆବଶ୍ୟକ ।

୧. ପଶ୍ଚାତାପ

୨. ବିଶ୍ୱାସ

୩. ଜୀବନଶୈଳି ଆଜ୍ଞାକାରିତା ।

୪. ଅଧ୍ୟବସାୟ

ଅତଏବ, ଧାର୍ମିକତା ଇଶ୍ୱର ଏବଂ ତାହାଙ୍କ ଉନ୍ନତ ସୃଷ୍ଟି ମଧ୍ୟର ଏକ ପ୍ରତିଜ୍ଞାତ ପାରସ୍ପରିକ କାର୍ଯ୍ୟ ଅଟେ । ଇଶ୍ୱରଙ୍କ ଗୁଣ ଉପରେ ଆଧାର କରି ଖ୍ରୀଷ୍ଟଙ୍କ କାର୍ଯ୍ୟ ଏବଂ ଆତ୍ମାଙ୍କର ସମ୍ପାଦନ, ଯାହାକୁ ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତଭାବେ ଏବଂ ନିରନ୍ତର ଉପଯୁକ୍ତ ରୂପେ ପ୍ରତିଉତ୍ତର କରିବା ଆବଶ୍ୟକ । ଭାବାତ୍ମକକୁ "ବିଶ୍ୱାସ ଦ୍ୱାରା ଧାର୍ମିକ" କୁହାଯାଏ । ଏହି ଧାରଣାଟି ସୁସମାଚାରେ ପ୍ରକାଶିତ ହେଲା । ଏହା ପ୍ରାଥମିକତଃ ପାଉଲଙ୍କ ଦ୍ୱାରା ବ୍ୟାଖ୍ୟା କରାଗଲା । ଯିଏ ୧୦୦ରୁ ଉର୍ଦ୍ଧ୍ୱ ସମୟ ବିଭିନ୍ନ ଆକୃତିରେ ଏହି ଗ୍ରୀକ୍ ଶବ୍ଦ "ଧାର୍ମିକତା"ର ବ୍ୟବହାର କଲେ ।

ପାଉଲ ଜଣେ ପ୍ରଶିକ୍ଷିତ ରାବ୍‌ବୀ ହୋଇ ଶବ୍ଦ ଡିକାଇଓସୁନେକୁ ଏବ୍ରୀଶବ୍ଦ ଏସ୍‌ଡ୍‌କ୍ୟୁ ଆକାରରେ ବ୍ୟବହାର କରୁଛନ୍ତି ଯାହା

ସେପ୍ଟୁଏଜେଣ୍ଟରେ ବ୍ୟବହୃତ ହୋଇଅଛି, ଗ୍ରୀକ୍ ସାହିତ୍ୟରୁ ନୁହେଁ । ଗ୍ରୀକ୍ ଲେଖାରେ ଏହି ଶବ୍ଦଟି ସେହି ବ୍ୟକ୍ତିକୁ ସଂଯୋଗ କରେ ଯିଏ ଇଶ୍ୱର ଏବଂ ସମାଜର ଉପେକ୍ଷାକୁ ପାଳନ କରେ । ଏବ୍ରୀୟ ଅନୁସାରେ ଏହା ସର୍ବଦା ଚୁକ୍ତିପୂର୍ଣ୍ଣ ଶବ୍ଦରେ ଗଠିତ । ଯିହୋବା ଜଣେ ଧର୍ମି, ନୈତିକ ଇଶ୍ୱର ଅଟନ୍ତି । ସେ ଚାହାନ୍ତି କି ତାହାଙ୍କ ଲୋକମାନେ ମଧ ତାହାଙ୍କର ଗୁଣକୁ ପ୍ରତିବିମ୍ୱ କରନ୍ତୁ । ଉଦ୍ଧାରପ୍ରାପ୍ତ ମଣିଷ ଏକ ନୂତନ ସୃଷ୍ଟି ହୋଇଥାଏ । ଏହି ନୂତନୀକରଣ ଧାର୍ମିକତାର ଏକ ନୂତନ ଜୀବନଶୈଳୀକୁ ଉତ୍ପନ୍ନ କରେ (ରୋମାନ୍ କ୍ୟାଥେଲିକଙ୍କ ଧର୍ମିକତାର ଦୃଷ୍ଟିକୋଣ) । କାରଣ ଇସ୍ରାଏଲ ଏକ ଧର୍ମଶାସନ ଥିଲା ତେଣୁ ସେଠାରେ ସାଂସାରିକ (ସମାଜର ମାନ) ଏବଂ ପବିତ୍ରତା (ଇଶ୍ୱରଙ୍କ ଇଚ୍ଛା) ମଧ୍ୟରେ କୌଣସି ବର୍ଣ୍ଣନା ନାହିଁ । ଏହି ପ୍ରକ୍ରିୟା ଏବ୍ରୀ ଏବଂ ଗ୍ରୀକ୍ ଶବ୍ଦରେ ବୟାନ କରାଗଲା । ଯାହା ଇଂରାଜୀରେ "ନ୍ୟାୟ"(ସମାଜକୁ ସମ୍ବନ୍ଧକରି) ଏବଂ "ଧାର୍ମିକତା" (ଧର୍ମକୁ ଇଙ୍ଗିତ କରି) ଅନୁବାଦ କରାଗଲା ।

ଯୀଶୁଙ୍କର ସୁସମାଚାର ଏହା ଅଟେ କି ପତିତ ମାନବ ଇଶ୍ୱରଙ୍କ ସହଭାଗିତାରେ ପୁନଃସ୍ଥାପିତ ହେଲେ । ଏହା ପିତାଙ୍କର ପ୍ରେମ, କରୁଣା ଓ ଅନୁଗ୍ରହରୁ ପୂର୍ଣ୍ଣ ହେଲା; ପୁତ୍ରଙ୍କ ଜୀବନ, ମୃତ୍ୟୁ. ଏବଂ ପୁନଃରୁତ୍‌ଥାନ; ଏବଂ ଆତ୍ମାଙ୍କର ନିବେଦନ ଏବଂ ସୁସମାଚାର ନିକଟକୁ ଆଣିବା ଦ୍ୱାରା । ଧାର୍ମିକତା ଇଶ୍ୱରଙ୍କର ଏକ ମୁକ୍ତ କାର୍ଯ୍ୟ ଅଟେ । କିନ୍ତୁ ଏହା ଧାର୍ମିକତାରେ ପ୍ରଚଳନ ହେବା ଆବଶ୍ୟକ (ଅଗଷ୍ଟିନଙ୍କ ସ୍ଥାନ, ଯାହା ଉଭୟ ସୁସମାଚାରର ସାଧିନତା ଉପରେ ପୁନଗଠନର ଗୁରୁତ୍ୱ ଏବଂ ପ୍ରେମ ଏବଂ ବିଶ୍ୱସ୍ତତାର ପରିବର୍ତ୍ତିତ ଜୀବନ ଉପରେ ରୋମାନ୍ କ୍ୟାଥୋଲିକଙ୍କ ଗୁରୁତ୍ୱତାକୁ ପ୍ରତିବିମ୍ୱ କରେ) । ସାଂସାରିକଙ୍କ ନିମନ୍ତେ "ଇଶ୍ୱରଙ୍କ ଧାର୍ମିକତା" ଏକ ବାସ୍ତବ ଶବ୍ଦ ଅଟେ । ଯେପରିକି କ୍ୟାଥୋଲିକଙ୍କ ନିମନ୍ତେ ଏହା ଏକ କଳ୍ପନା ପ୍ରସୂତ ଶବ୍ଦ, ଯାହାକି ଇଶ୍ୱର ସାଦୃଶ୍ୟ ହେବାର ଅଧିକ ପ୍ରକ୍ରିୟା ଅଟେ । ବାସ୍ତବରେ ଏ ଦୁହେଁ ନିଶ୍ଚୟ ଅଟନ୍ତି ।

ମୋ ମତ ଅନୁସାରେ ବାଇବଲର ଆଦି. ୪– ପ୍ରକାଶିତ ବାକ୍ୟ ୨୦ ପର୍ଯ୍ୟନ୍ତ ସମସ୍ତ ଇଶ୍ୱରଙ୍କ ମଣିଷଙ୍କୁ ଏଦନର ସହଭାଗିତା ପ୍ରତିଷ୍ଠାର ଏକ ଲିଖିତ ତଥ୍ୟ ଅଟେ । ଜଗତର ଗଠନ ନିମନ୍ତେ ବାଇବଲ ଇଶ୍ୱର ଓ ମଣିଷର ସହଭାଗିତାରୁ ଆରମ୍ଭ କରେ (ଆଦି. ୧-୨) ଏବଂ ବାଇବଲ ସେହି ଗଠନରୁ ହିଁ ସମାପ୍ତ ମଧ କରେ (ପ୍ରକାଶିତ. ୨୧-୨୨) । ଇଶ୍ୱରଙ୍କ ସରୂପ ଏବଂ ଉଦ୍ଦେଶ୍ୟ ପୁନଃପ୍ରତିଷ୍ଠା କରାଯିବ ।

ଉପରୋକ୍ତ ଆଲୋଚନାକୁ ପ୍ରମାଣପତ୍ର କରିବାକୁ ହେଲେ ନିମ୍ନଲିଖିତ ନୂତନ ନିୟମ ଅନୁଚ୍ଛେଦ ଦେଖନ୍ତୁ ଯାହା ଗ୍ରୀକ୍ ଶବ୍ଦକୁ ଚିତ୍ରିତ କରେ ।

୧. ପରମେଶ୍ୱର ଧାର୍ମିକ ଅଟନ୍ତି (ସର୍ବଦା ଇଶ୍ୱର ଯେ ନ୍ୟାୟୀ ଅଟନ୍ତି ତାହାକୁ ସଂଯୋଗ କରେ) ।
   - କ. ରୋମୀୟ. ୩:୨୬
   - ଖ. ୨ ଥେସ. ୧:୫-୬
   - ଗ. ୨ ତୀମ. ୪:୮
   - ଘ. ପ୍ରକାଶିତ. ୧୬:୫

୨. ଯୀଶୁ ଧର୍ମି ଅଟନ୍ତି
   - କ. ପ୍ରେରିତ. ୩ :୧୪; ୭: ୫୨; ୨୨:୧୪ (ମସୀହଙ୍କ ପଦ)
   - ଖ. ମାଥିଉ. ୨୭ : ୧୯
   - ଗ. ୧ ଯୋହନ. ୨:୧, ୨୯; ୩:୭

୩. ଇଶ୍ୱରଙ୍କ ଇଚ୍ଛା କି ତାହାଙ୍କର ସୃଷ୍ଟି ଧାର୍ମିକ ହେଉ
   - କ. ଲେବି. ୧୯:୨
   - ଖ. ମାଥିଉ. ୫:୪୮ (୫:୧୭-୨୪)

୪. ଧାର୍ମିକତା ପ୍ରଦାନ ଏବଂ ଉତ୍ପନ୍ନ କରିବାରେ ଇଶ୍ୱରଙ୍କ ଅର୍ଥ
   - କ. ରୋମୀୟ ୩. ୨୧-୩୧
   - ଖ. ରୋମୀୟ.୪
   - ଗ. ରୋମୀୟ. ୫:୬ - ୧୧
   - ଘ. ଗାଲା. ୩:୬-୧୪
   - ଙ. ଇଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ
     - ୧. ରୋମୀ. ୩:୧୪; ୬:୨୩
     - ୨. ୧ କରି. ୧:୩୦
     - ୩. ଏଫି. ୨:୮-୯
   - ଚ. ବିଶ୍ୱାସ ଦ୍ୱାରା ପ୍ରାପ୍ତ କଲେ

୧. ରୋମୀ ୧: ୧୭; ୩:୨୨, ୨୬; ୪:୩, ୫, ୧୩; ୯:୩୦; ୧୦:୪, ୧୦

୨. ୨ କରି. ୫:୨୧

ଛ. ପୁତ୍ରଙ୍କ କାର୍ଯ୍ୟ ଦ୍ୱାରା

୧. ରୋମୀୟ. ୫:୨୧

୨. ୨ କରି. ୫:୨୧

୩. ଫିଲି. ୨:୬-୧୧

୫. ଈଶ୍ୱରଙ୍କର ଇଛା କି ତାହାଙ୍କର ଅନୁସରଣକାରୀଗଣ ଧାର୍ମିକ ହୁଅନ୍ତୁ ।

କ. ମାଥିଉ. ୫:୩-୪୮; ୭:୨୪-୨୭

ଖ. ରୋମୀ. ୨:୧୩; ୫:୧-୫; ୬:୧-୨୩

ଗ. ୧ତୀମ. ୬:୧୧

ଘ. ୨ ତୀମ. ୨:୨୨; ୩:୧୬

ଙ. ୧ ଯୋହନ. ୩ : ୭

ଚ. ୧ ପିତର. ୨: ୨୪

୬. ପରମେଶ୍ୱର ଧାର୍ମିକତା ଦ୍ୱାରା ସଂସାରର ନ୍ୟାୟ କରିବେ ।

କ. ପ୍ରେରିତ. ୧୭:୩୧

ଖ. ୨ ତୀମ. ୪:୮

ଧାର୍ମିକତା ପରମେଶ୍ୱରଙ୍କର ଏକ ଗୁଣ ଅଟେ, ତାହା ଖ୍ରୀଷ୍ଟଙ୍କ ଦ୍ୱାରା ପାପୀ ମଣିଷକୁ ମୁକ୍ତ ଭାବେ ଦିଆଗଲା । ଏହା

୧. ଈଶ୍ୱରଙ୍କର ଗୋଟିଏ ଆଦେଶ

୨. ଈଶ୍ୱରଙ୍କର ଗୋଟିଏ ଦାନ

୩. ଖ୍ରୀଷ୍ଟଙ୍କର ଗୋଟିଏ କାର୍ଯ୍ୟ

ମାତ୍ର ଏହା ଧାର୍ମିକ ହେବାର ମଧ୍ୟ ଏକ ପ୍ରକ୍ରିୟା ଅଟେ ଆଉ ତାହା ତେଜସ୍ୱୀ ଓ ଦୃଢ଼ ଭାବରେ ଅଗ୍ରସର ହେବା ଦରକାର । ଯାହା ଗୋଟିଏ ଦିନ ଦ୍ୱିତୀୟ ଆଗମନରେ ସଂପୂର୍ଣ୍ଣ ହେବ । ଈଶ୍ୱରଙ୍କ ସହିତ ସହଭାଗିତା ପରିତ୍ରାଣକୁ ପୁନଃପ୍ରତିଷ୍ଠା କଲା । କିନ୍ତୁ ମୃତ୍ୟୁ କିମ୍ୱା ପାରୋଉସିଆର ସମ୍ମୁଖିନ ହେବାରେ ଜୀବନଯାକ ଅଗ୍ରଗତି କରେ । ଏହି ଆଲୋଚନାକୁ ସମାପ୍ତ କରିବାରେ ଏଠାରେ ଗୋଟିଏ ଉତ୍ତମ ଉଦ୍ଧୃତ ଅଛି । ଏହା ଡିକ୍ସନେରୀ ଅଫ୍ ପାଉଲ୍ ଏଣ୍ଡ ହିଜ୍ ଲେଟେର୍ସ୍ ଫ୍ରମ ଆଇଜିପିରୁ ନିଆଯାଇଅଛି ।

କାଲ୍‌ଭିନ୍ ଓ ତାପରେ ଲୁଥର ଅତ୍ୟାଧିକମାତ୍ରାରେ ଈଶ୍ୱରଙ୍କ ଧାର୍ମିକତା ସମ୍ବନ୍ଧିୟ ବିଷୟକୁ ଗୁରୁତ୍ୱ ଦେଉଅଛନ୍ତି । ଈଶ୍ୱରଙ୍କ ଧାର୍ମିକତାରେ ଲୁଥରଙ୍କ ମତ ଦୋଷମୁକ୍ତର ବିଷୟକୁ ଧାରଣ କରିବା ଦେଖାଯାଏ । କାଲଭିନ୍ କହନ୍ତି କି ଈଶ୍ୱରଙ୍କ ଧାର୍ମିକତା ଆମ୍ଭମାନଙ୍କୁ ଯୋଗାଯୋଗ କିମ୍ୱା ପ୍ରଦାନ କରିବା ଅଦ୍‌ଭୁତ ଗୁଣକୁ ଦେଇଥାଏ (ପୃ. ୮୩୪)

ମୋ ମତଅନୁସାରେ ବିଶ୍ୱାସୀମାନଙ୍କର ଈଶ୍ୱରଙ୍କ ସହିତ ସମ୍ବନ୍ଧରେ ତିନୋଟି ବିଷୟ ରହିଛି ।

୧. ସୁସମାଚାର ଗୋଟିଏ ବ୍ୟକ୍ତି ଅଟନ୍ତି (ପୂର୍ବମଣ୍ଡଳୀ ଏବଂ କାଲ୍‌ଭିନ୍‌ଙ୍କ କହିବା ଅନୁସାରେ)

୨. ସୁସମାଚାର ସତ୍ୟ ଅଟନ୍ତି (ଅଗଷ୍ଟିନ ଏବଂ ଲୁଥର ଙ୍କ ଅନୁସାରେ) ।

୩. ସୁସମାଚାର ଗୋଟିଏ ପରିବର୍ତ୍ତିତ ଜୀବନ ଅଟେ (କ୍ୟାଥୋଲିକ ଅନୁସାରେ) ।

ସେମାନେ ସମସ୍ତେ ସତ୍ୟ ଅଟନ୍ତି ଏବଂ ଗୋଟିଏ ଉତ୍ତମ ବାଇବଲିୟ ଖ୍ରୀଷ୍ଟିୟାନ ସମାଜ ନିମନ୍ତେ ଏକତ୍ରଭାବେ ରଖାଯିବା ଆବଶ୍ୟକ । ଯଦି କେହି ଅଧିକ ମାତ୍ରାରେ କହିନ୍ତି କିମ୍ୱା ଅପ୍ରଶଂସିତ କଥା କହନ୍ତି ତେବେ ସେଠାରେ ସମସ୍ୟା ଦେଖାଦିଏ ।

ଆମ୍ଭେମାନେ ନିଶ୍ଚୟ ଯୀଶୁଙ୍କୁ ସ୍ୱାଗତ କରିବା ଆବଶ୍ୟକ ।

ଆମ୍ଭେମାନେ ନିଶ୍ଚୟ ସୁସମାଚାରକୁ ବିଶ୍ୱାସ କରିବା ଆବଶ୍ୟକ ।

ଆମ୍ଭେମାନେ ନିଶ୍ଚୟ ଖ୍ରୀଷ୍ଟଙ୍କ ସାଦୃଶ୍ୟ ହେବା ଆବଶ୍ୟକ ।

- **ଏନ୍‌ଏଏସ୍‌ବି, ଏନ୍‌କେଜେଭି – "ବିଶ୍ୱାସରୁ ବିଶ୍ୱାସକୁ"**

**ଏନ୍‌ଆରଏସ୍‌ଭି – "ବିଶ୍ୱାସ ନିମନ୍ତେ ବିଶ୍ୱାସ ଦ୍ୱାରା"**

**ଟିଇଭି – "ଏହା ବିଶ୍ୱାସ ଦ୍ୱାରା, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ"**

**ଏନ୍‌ଜେବି – "ଏହା ଦର୍ଶାଏକି କିପରି ବିଶ୍ୱାସ ବିଶ୍ୱାସକୁ ଚାଳନାଦିଏ"**

ବାକ୍ୟର ଦୁଇଟି ବିଶେଷଣ ରହିଛି, ଏକ୍ ଏବଂ ଏଇସ୍, ଯାହା ଏକ ବିକାଶକୁ ପରିଦର୍ଶିତ କରେ । ସେ ଏହି ଗଠନକୁ ୨ କରି ୨:୬ ଏବଂ ଏପୋ ଏବଂ ଏଇସ୍‌କୁ ୨ କରି ୩ :୧୮ରେ ବ୍ୟବହାର କରୁଅଛନ୍ତି । ଖ୍ରୀଷ୍ଟିୟାନ ସମାଜ ଏକ ଦାନ ଅଟେ ଯାହା ଗୋଟିଏ ଗୁଣ ଏବଂ ଜୀବନଶୈଳ ହେବା ନିମନ୍ତେ ଉପେକ୍ଷା କରାଯାଏ ।

ଏହି ବାକ୍ୟର ଅନୁବାଦରେ ଅନେକ କାରଣ ରହିଛି । ୱିଲିଅମ୍ ଏନ୍‌ଟି ଏହାକୁ ଏପରି ଅନୁବାଦ କରନ୍ତିକି "ବିଶ୍ୱାସର ଏକ ପଥ ତାହା ମହାନ ବିଶ୍ୱାସ ଆଡ଼କୁ ଅଗ୍ରସର କରାଏ ।" କେତେକ ମୂଖ୍ୟ ଧର୍ମଶାସ୍ତ୍ରୀୟ ବିଷୟ ହେଲା ।

୧. ବିଶ୍ୱାସ ଇଶ୍ୱରଙ୍କଠାରୁ ଆସେ ("ପ୍ରକାଶିତ ହେଲା")

୨. ମଣିଷ ତାହାକୁ ପ୍ରତିଉତ୍ତର କରୁ ଏବଂ ନିରନ୍ତର କରୁ ।

୩. ବିଶ୍ୱାସ ଏକ ଧାର୍ମିକ ଜୀବନରେ ପରିଣତ ହେବା ଆବଶ୍ୟକ ।

ଗୋଟିଏ ବିଷୟ ନିଶ୍ଚୟ ଅଟେ କି ଖ୍ରୀଷ୍ଟରେ ବିଶ୍ୱାସ ମୂଖ୍ୟ ଅଟେ (୫:୧; ଫିଲି. ୩ : ୯) । ଇଶ୍ୱର ଦତ୍ତ ପରିତ୍ରାଣ ବିଶ୍ୱାସର ପ୍ରତିଉତ୍ତର ଉପରେ ନିର୍ଭର କରେ (ମାର୍କ. ୧:୧୫; ଯୋହନ. ୧:୧୨; ୩ :୧୬; ପ୍ରେରିତ ୩. ୧୬ ଏବଂ ୧୯; ୨୦:୨୧) । ଦେଖନ୍ତୁ ବିଶେଷ ଶୀର୍ଷ ୧:୫; ୪:୫ ଏବଂ ୧୦ : ୪ ।

❑ **ଏନ୍ଏଏସ୍‌ବି – "ମାତ୍ର ଧାର୍ମିକ ଲୋକ ବିଶ୍ୱାସରେ ବଞ୍ଚିବ"**
**ଏନ୍‌କେଜେଭି – "ଧାର୍ମିକ ବିଶ୍ୱାସରେ ବଞ୍ଚିବ"**
**ଏନ୍‌କେଜେଭି – "ଧାର୍ମିକ ବିଶ୍ୱାସରେ ବଞ୍ଚିବ"**
**ଟିଇଭି – "ଯିଏ ଇଶ୍ୱରଙ୍କ ସହିତ ଧାର୍ମିକ ଅଟେ ସେ ବିଶ୍ୱାସରେ ବଞ୍ଚିବ"**
**ଏନ୍‌ଜେବି – "ଧାର୍ମିକ ଲୋକ ବିଶ୍ୱାସ ଦ୍ୱାରା ଜୀବନ ପ୍ରାପ୍ତ କରେ"**

ଏହା ଏବ୍ରୀ. ୨:୪ର ଏକ ଉଦ୍ଧୃତ ଅଟେ । କିନ୍ତୁ ମେସୋରିୟଠାରୁ ନୁହେଁ କିମ୍ବା ସେପ୍‌ଟୁଏଜେଣ୍ଟରୁ (LXX) ନୁହେଁ । ପୁରାତନ ନିୟମରେ "ବିଶ୍ୱାସ" ର ବିସ୍ତୃତ ରୁପକ ଭାବ ଅର୍ଥ ହେଲା "ଭରସାଯୋଗ୍ୟତା", "ବିଶ୍ୱସ୍ତତା", କିମ୍ବା "ଅନୁରକ୍ତତା" (ଦେଖନ୍ତୁ ବିଶେଷ ଶୀର୍ଷ ୧:୫ରେ) । ବିଶ୍ୱାସ ରଖିବା ଇଶ୍ୱରଙ୍କଠାରେ ବିଶ୍ୱସ୍ତତା ହେବା ଉପରେ ଆଧାରିତ କରେ (୩ :୫, ୨୧, ୨୨, ୨୫, ୨୬) । ଯେପରି ମଣିଷର ବିଶ୍ୱସ୍ତତା ପ୍ରମାଣ ଅଟେ କି, ଜଣେ ଇଶ୍ୱରଙ୍କର ଯୋଗାଣରେ ଭରସା କରେ । ଠିକ୍ ସେହି ପୁରାତନ ନିୟମ ବାକ୍ୟଟି ଗାଲା. ୩ :୧୧ ଏବଂ ଏବ୍ରୀ. ୧୦ : ୩୮ ଉଦ୍ଧୃତ କରାଗଲା । ପରବର୍ତ୍ତି ସାହିତ୍ୟିକ ଅଂଶ, ରୋମୀୟ ୧: ୧୮-୩ :୨୦ରେ ଇଶ୍ୱରଙ୍କ ସହିତ ବିଶ୍ୱସ୍ତତାର ବିପରିତକୁ ପ୍ରକାଶ କରେ ।

ଏହି ବାକ୍ୟର ଶେଷ ଅଂଶକୁ କିପରି ଭାବେ ଆଧୁନିକ ଟୀପ୍‌ପଣୀ କର୍ତ୍ତାମାନେ ବୁଝିଛନ୍ତି ତାହାକୁ ଜାଣିବା ସହାୟକ ହୋଇପାରେ

୧. ଭଗାନ : "ବିଶ୍ୱାସରେ ଆରମ୍ଭ ହୁଏ ଏବଂ ବିଶ୍ୱାସରେ ଶେଷ ହୁଏ"
୨. ହୋଜ୍ : "ବିଶ୍ୱାସ ଦ୍ୱାରା ହିଁ"
୩. ବ୍ୟାରେଟ୍ : "ବିଶ୍ୱାସକୁ ବାଦ୍ ଦେଲେ ଆଉ କୌଣସି ଆଧାରରେ ନୁହେଁ"
୪. ନୋକ୍ସ : "ବିଶ୍ୱାସ ଆରମ୍ଭ ଏବଂ ଶେଷ ଅଟେ"
୫. ଷ୍ଟାଗ୍ : "ଧାର୍ମିକ ବିଶ୍ୱାସ ଦ୍ୱାରା ହିଁ ବଞ୍ଚିବ"

**ଏନ୍ଏଏସ୍‌ବି ବାକ୍ୟ : ୧:୧୮-୨୩**

**୧୮କାରଣ ଯେଉଁ ଲୋକମାନେ ଅଧର୍ମରେ ସତ୍ୟକୁ ପ୍ରତିରୋଧ କରନ୍ତି, ସେମାନଙ୍କର ସମସ୍ତ ଅପବିତ୍ରତା ଓ ଅଧର୍ମ ବିରୁଦ୍ଧରେ ସର୍ଗରୁ ଇଶ୍ୱରଙ୍କ କ୍ରୋଧ ପ୍ରକାଶିତ ହେଉଅଛି । ୧୯ ଯେଣୁ ଇଶ୍ୱରଙ୍କ ସମ୍ବନ୍ଧରେ ଯାହା ଜ୍ଞାତବ୍ୟ, ତାହା ସେମାନଙ୍କ ଅନ୍ତରରେ ପ୍ରକାଶିତ ହୋଇଅଛି । ଇଶ୍ୱର ତ ସେମାନଙ୍କ ନିକଟରେ ତାହା ପ୍ରକାଶ କରିଅଛନ୍ତି । ୨୦. ଜଗତର ସୃଷ୍ଟିକାଳାବଧି, ତାହାଙ୍କର ଅଦୃଶ୍ୟ ଗୁଣସମୂହ, ଅର୍ଥାତ ତାହାଙ୍କର ଅନାଦି ଅନନ୍ତ ଶକ୍ତି ଓ ଇଶ୍ୱରତ୍ୱ, ସୃଷ୍ଟ ବିଷୟଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟ ରୂପେ ପ୍ରତୀୟମାନ ହେଉଅଛି, ଯେପରି ସେମାନଙ୍କ ଉତ୍ତର ଦେବାର ବାଟ ନ ଥାଏ । ୨୧ କାରଣ ସେମାନେ ଇଶ୍ୱରଙ୍କୁ ଜାଣି ତାହାଙ୍କୁ ଇଶ୍ୱର ବୋଲି ଗୌରବ ଦେଲେ ନାହିଁ କି ଧନ୍ୟବାଦ ଦେଲେ ନାହିଁ । କିନ୍ତୁ ଆପଣା ଆପଣା ଅସାର ତର୍କବିତର୍କରେ ଜଡ଼ିତ ହେଲେ ଓ ସେମାନଙ୍କର ଅବୋଧ ମନ ଅନ୍ଧକାରମୟ ହେଲା । ୨୨ ନିଜ ନିଜକୁ ଜ୍ଞାନୀ ବୋଲି ମନେ କରି ସେମାନେ ମୂର୍ଖ ହେଲେ । ୨୩ ପୁଣି, ଅକ୍ଷୟ ଇଶ୍ୱରଙ୍କ ଗୌରବକୁ କ୍ଷୟଣୀୟ ମନୁଷ୍ୟ ପକ୍ଷୀ, ଚତୁଷ୍ପଦ ପ୍ରାଣୀ, ସରୀସୃପାଦିଙ୍କ ଆକୃତି ଯୁକ୍ତ ପ୍ରତିମାରେ ପରିଣତ କଲେ ।**

**୧:୧୮ "ନିମନ୍ତେ"** ଦେଖନ୍ତୁ ପଦ. ୧୬-୧୭ର ବୟାନରେ ଗର ଶବ୍ଦ କେତେଥର ପ୍ରୟୋଗ କରାଯାଇଅଛି– ତିନିଥର, ଏବଂ ବର୍ତ୍ତମାନ ଏହା ପାଉଲଙ୍କ ସୁସମାଚାରର ପ୍ରଥମ ପଏଣ୍ଟକୁ ଉତ୍ପନ କରେ (୧:୧୮-୩ : ୩୧) । ଯାହା ଇଶ୍ୱରଙ୍କ ଶକ୍ତି ପରିତ୍ରାଣ ସହିତ ତୁଳନା କରାଗଲା (୧:୧୬-୧୭) ।

❑ **"ଇଶ୍ୱରଙ୍କ କ୍ରୋଧ"** ପଦ ୧୮-୨୩ ପାଉଲଙ୍କ ସମୟର ସାଂସାରିକ ଜଗତକୁ ବର୍ଣ୍ଣନା କରେ । ସାଂସାରିକ ଜଗତ ପ୍ରତି ପାଉଲଙ୍କ ଚିତ୍ରଣ ଯିହୁଦୀ ପୁସ୍ତକରେ ମଧ୍ୟ ଦେଖିବାକୁ ମିଳେ (ୱିଜ୍‌ଡ୍‌ସ୍ ଅଫ ଶଲମନ ୧୩ :୧- ଏବଂ ଲେଟର ଅଫ ଆରିଷ୍ଟିଅସ, ୧୩୪-୩୮) ଏବଂ ଏପରିକି ଗ୍ରୀକ୍ ଓ ରୋମୀୟ ନୈତିକ ଲେଖାରେ ମଧ୍ୟ ଦେଖିବାକୁ ମିଳେ । ସେହି ବାଇବଲ ଆମ୍ଭମାନଙ୍କୁ ଇଶ୍ୱରଙ୍କ ପ୍ରେମ ବିଷୟରେ କହେ ପୁଣି ତାହାଙ୍କ କ୍ରୋଧକୁ ପ୍ରକାଶ କରେ (ପଦ. ୨୩-୩୨; ୨:୫, ୮; ୩ : ୫; ୪:୧୫; ୫:୯; ୯:୨୨; ୧୨ : ୧୯; ୧୩ : ୪-୫) ।

ଉଭୟ କ୍ରୋଧ ଏବଂ ପ୍ରେମ ମଣିଷମାନଙ୍କର ଶବ୍ଦ ଅଟେ ଯାହା ଇଶ୍ୱରଙ୍କ ନିମନ୍ତେ ବ୍ୟବହାର କରାଗଲା । ସେମାନେ ସତ୍ୟକୁ ବୟାନ କରନ୍ତି ଯାହାକି ଇଶ୍ୱରଙ୍କର ଗୋଟିଏ ମାର୍ଗ ଅଛି ଏବଂ ସେ ଚାହାନ୍ତି ବିଶ୍ୱାସୀମାନେ ଏହାର ପ୍ରତିତ୍ତୋର କରନ୍ତୁ ଓ ଏଠାରେ ଜୀବନଯାପନ କରନ୍ତ । ଇଶ୍ୱରଙ୍କ ଇଚ୍ଛାକୁ (ଖ୍ରୀଷ୍ଟଙ୍କ ସୁସମାଚାର) ସ୍ୱଇଛାରେ ଅଗ୍ରାହ୍ୟ କରିବା ହେଲା ଉଭୟ ଜାଗତିକ ପରିଣାମର ଫଳ, ଯେପରିକି ଏହି ବାକ୍ୟରେ, ଏବଂ ଅନ୍ତିମଶାସ୍ତ୍ରୀୟ ବାକ୍ୟରେ ମିଳେ (୨:୫) । ଯେପରିକି, ଇଶ୍ୱର ପ୍ରତିହିଂସା ପରାୟଣ ରୂପେ ଦୃଶ୍ୟମାନ ନ ହେବା ଆବଶ୍ୟକ । ନ୍ୟାୟ ହେଉଛି ତାହାଙ୍କର "ଅଦ୍ଭୁତ କାର୍ଯ୍ୟ" (ଯିଶା. ୨୮:୨୧) । ପ୍ରେମ ତାହାଙ୍କର ଗୁଣ ଅଟେ, ଦ୍ୱି. ବିବରଣ ୫:୯ ରୁ ୫:୧୦; ୭:୯ର ତୁଳନା । ତାହାଙ୍କଠାରେ ନ୍ୟାୟ ଓ କରୁଣା ଉତ୍କୃଷ୍ଟ ଅଟେ । ଯଦ୍ୟପି ସମସ୍ତେ ଇଶ୍ୱରଙ୍କୁ ହିସାବ ଦେବେ (ଉପଦେଶକ. ୧୨: ୧୩-୧୪; ଗାଲା. ୬:୭), ଏପରିକି ଖ୍ରୀଷ୍ଟିୟାନମାନେ ମଧ୍ୟ (୧୪: ୧୦-୧୨; ୨ କରି. ୫:୧୦) ।

**ବିଶେଷ ଶୀର୍ଷ : ଇଶ୍ୱର ମଣିଷ ରୂପେ ବର୍ଣ୍ଣିତ ହେଲେ (ମାନବ ବ୍ୟକ୍ତିତ୍ୱ ଭାଷା)**

୧. ଏହି ପ୍ରକାର ଭାଷା ପୁରାତନ ନିୟମରେ ଅତି ସାଧାରଣ ଅଟେ (କେତେକ ଉଦାହରଣ)

କ. ଶାରିରୀକ ଶରୀର ଅଂଗ

୧. ଚକ୍ଷୁ-ଆଦି. ୧:୪, ୩୧; ୬:୮; ଯାତ୍ରା. ୩୩:୧୭; ଗଣନା. ୧୪:୧୪; ଦ୍ୱି. ବିବରଣ ୧୧:୧୨; ଯିଖ. ୪:୧୦

୨. ହସ୍ତ-ଯାତ୍ରା. ୧୫:୧୭; ଗଣନା- ୧୧:୨୩; ଦ୍ୱି. ବିବରଣ. ୨:୨୫

୩. ବାହୁ- ଯାତ୍ରା. ୬:୬; ୧୫:୧୬; ଗଣନା. ୧୧:୨୩; ଦ୍ୱି. ବିବରଣ ୪:୩୪; ୫:୧୫

୪. କର୍ଣ୍ଣ - ଗଣନା. ୧୧:୧୮; ୧ ଶାମୁ. ୮:୨୧; ୨ ରାଜା. ୧୯:୧୬; ଗୀତ. ୫:୧; ୧୦:୧୭, ୧୮:୬

୫. ମୁଖ-ଯାତ୍ରା. ୩୨:୩୦; ୩୩ :୧୧; ଗଣନା. ୬:୨୫; ଦ୍ୱିବିବରଣ. ୩୪.୧୦; ଗୀତ. ୧୧୪:୭

୬. ଅଙ୍ଗୁଳି-ଯାତ୍ରା. ୮:୧୯; ୩୧:୧୮; ଦ୍ୱି.ବିବରଣ. ୯:୧୦; ଗୀତ. ୮:୩

୭. ରବ-ଆଦି. ୩ : ୮, ୧୦; ଯାତ୍ରା. ୧୫ : ୨୬; ୧୯:୧୯; ଦ୍ୱିବିବରଣ. ୨୬:୧୭; ୨୭:୧୦ ।

୮. ଚରଣ-ଯାତ୍ରା. ୨୪:୧୦; ଯିହୁଦି. ୪୩ : ୭

୯. ମନୁଷ୍ୟ ଆକୃତି - ଯାତ୍ରା. ୨୪:୯-୧୧; ଗୀତ. ୪୭; ଯିଶା. ୬;୧; ଯିହୁଦି. ୧:୨୬

୧୦. ପ୍ରଭୁଙ୍କର ଦୂତ - ଆଦି. ୧୬ : ୭-୧୩; ୨୨:୧୧-୧୫; ୩୧ : ୧୧, ୧୩; ୪୮:୧୫-୧୬; ଯାତ୍ରା. ୩ :୪; ୧୩-୨୧; ୧୪ : ୧୯; ବିଚାରକର୍ତ୍ତା. ୨:୧; ୬ : ୨୨-୨୩; ୧୩ : ୩-୨୨

ଖ. ଶାରିରୀକ କ୍ରିୟା

୧. ସୃଷ୍ଟିର ଗଠନ ବିଷୟରେ କହିବା – ଆଦି. ୧:୩, ୬, ୯, ୧୧, ୧୪, ୨୦, ୨୪, ୨୬

୨. ଏଦନରେ ଗମନ କରିବା (ଶବ୍ଦ) - ଆଦି. ୩:୮; ୧୮:୩୩; ଏବ୍ରୀ. ୩ : ୧୫

୩. ନୋହଙ୍କ ଜାହାଜର ଦ୍ୱାରକୁ ବନ୍ଦ କରିବା - ଆଦି. ୭:୧୬

୪. ଆଘ୍ରାଣ ବଳିଦାନ- ଆଦି ୮:୨୧; ଲେବି. ୨୬:୩୧; ଆମୋଶ. ୫:୨୧.

୫. ଓହ୍ଲାଇ ଆସିବା - ଆଦି. ୧୧:୧୫; ୧୮:୨୧; ଯାତ୍ରା. ୩ :୮; ୧୯:୧୧, ୧୮, ୨୦

୬. ମୋଶାଙ୍କ କବର ଦେବା - ଦ୍ୱି.ବିବରଣ. ୩୪:୬

ଗ. ମନୁଷ୍ୟର ଭାବପ୍ରବଣ (କେତେକ ଉଦାହରଣ)

୧. ଦୁଃଖ/ଅନୁତାପ - ଆଦି. ୬:୬, ୭; ଯାତ୍ରା. ୩୨:୧୪; ବିଚାରକର୍ତ୍ତା. ୨:୧୮; ୧ ଶାମୁ. ୧୫:୨୯, ୩୫; ଆମୋଶ. ୭:୩,୬

୨. କ୍ରୋଧ-ଯାତ୍ରା. ୪:୧୪; ୧୫:୭; ଗଣନା ୧୧:୧୦; ୧୨:୯; ୨୨:୨୨; ୨୫:୩, ୪; ୩୨:୧୦, ୧୩, ୧୪; ଦ୍ୱି.ବିବରଣ. ୬:୫; ୭:୪; ୨୯:୨୦

୩. ଉଦ୍‌ଯୋଗୀ - ଯାତ୍ରା. ୨୦:୫; ୩୪:୧୪; ଦ୍ୱି.ବିବରଣ. ୪:୨୪; ୫-୯; ୬:୧୫; ୩୨:୧୬, ୨୧; ଯିହୋଶୂୟ. ୨୪ : ୨୯

୪. ଘୃଣା- ଲେବି. ୨୦:୨୩; ୨୬:୩୦; ଦ୍ୱି.ବିବରଣ. ୩୨:୧୯

ଘ. ପାରିବାରିକ ଶବ୍ଦ (କେତେକ ଉଦାହରଣ)

୧. ପିତା

କ. ଇସ୍ରାଏଲ୍‌ର - ଯାତ୍ରା. ୪:୨୨; ଦ୍ୱି.ବିବରଣ ୧୪:୧; ୩୯:୫

ଖ. ରାଜାଙ୍କର - ୨ ଶାମୁ. ୭ : ୧୧-୧୬; ଗୀତ. ୨:୭

ଗ. ପୈତୃକ କ୍ରିୟାର ଉପମା - ଦ୍ୱିବିବରଣ. ୧:୩୨; ୮:୫; ୩୨:୧; ଗୀତ. ୧୭:୧୦; ହିତପୋଦେଶ. ୩ : ୧୨, ଯିରି ୩ : ୪, ୨୨; ୩୧:୨୦; ହୋଶେ. ୧୧:୧-୪; ମଲା. ୩ : ୧୭

୨. ମାତାପିତା - ହୋଶେ. ୧୧:୧-୪

୩. ମାତା - ଗୀତ, ୧୭:୧୦ (ପୋଷଣକାରୀ ମାଁ ର ଦୃଷ୍ଟାନ୍ତ), ଯିଶା. ୪୯:୧୫; ୬୬:୯-୧୩.

୪. ଯୁବା ବିଶ୍ୱସ୍ତ ପ୍ରେମୀ - ହୋଶେ. ୧-୩

II. ଏହି ପ୍ରକାର ଭାଷାର ବ୍ୟବହାରର କାରଣ

କ. ମଣିଷକୁ ଆପଣା ବିଷୟରେ ପ୍ରକାଶ କରିବା ଇଶ୍ୱରଙ୍କ ନିମନ୍ତେ ଆବଶ୍ୟକ ଅଟେ । ପୁରୁଷ ରୁପ ହେବା ଇଶ୍ୱରଙ୍କର ମୂଖ୍ୟ ବ୍ୟାପକ ବିଷୟ ହେଲା ମାନବ ବ୍ୟକ୍ତିତ୍ୱ କାରଣ ପରମେଶ୍ୱର ଆତ୍ମା ଅଟନ୍ତି ।

ଖ. ଇଶ୍ୱର ମଣିଷ ଜୀବନର ଅତି ଅର୍ଥପୂର୍ଣ୍ଣ ବିଷୟକୁ ଧାରଣ କରନ୍ତି ଏବଂ ତାହାକୁ ବ୍ୟବହାର କରି ପତିତ ମାନବ ସମ୍ମୁଖରେ ଆପଣାକୁ ପ୍ରକାଶ କଲେ (ପିତା, ମାତା, ମାତାପିତା, ପ୍ରେମୀ)

ଗ. ଯଦିବା ଆବଶ୍ୟକ, ତଥାପି ଇଶ୍ୱର ଆପଣାକୁ କୌଣସି ଶାରିରୀକ ଆକୃତିରେ ସୀମିତ କଲେ ନାହିଁ (ଯାତ୍ରା. ୨୦; ଦ୍ୱିବିବରଣ. ୫)

ଘ. ଯୀଶୁଙ୍କର ମଣିଷ ରୁପ ଧାରଣ କରିବା ପରିଶେଷ ମାନବ ବ୍ୟକ୍ତିତ୍ୱ ଅଟେ । ପରମେଶ୍ୱର ଶାରିରୀକ, ସ୍ପର୍ଷଯୋଗ୍ୟ ହେଲେ (୧ । ଯୋହନ. ୧:୧-୩) । ଇଶ୍ୱରଙ୍କ ବାକ୍ୟ ଇଶ୍ୱରଙ୍କ ସନ୍ଦେଶ ହେଲା (ଯୋହନ. ୧:୧-୧୮)

- **"ପ୍ରକାଶିତ ହେଲା"** ଯେପରି ସୁସମାଚାର ଗୋଟିଏ ପ୍ରକାଶିତ ସତ୍ୟ ଅଟେ (ପଦ. ୧୭), ଠିକ୍ ସେହିପରି, ଇଶ୍ୱରଙ୍କ କ୍ରୋଧ ମଧ୍ୟ । ଏହା ମଣିଷର ଆବିଷ୍କାରିକ ବା ଚିନ୍ତାର କ୍ରିୟା ନୁହେଁ ।
- **"ଯେଉଁମାନେ ସତ୍ୟକୁ ଦମନ କରନ୍ତି"** ଏହା ମଣିଷର ସ୍ୱଇଚ୍ଛାର ଅଗ୍ରାହ୍ୟକୁ ଦର୍ଶାଏ, ଅଜ୍ଞତା ନୁହେଁ (ପଦ. ୨୧, ୨୩; ଯୋହନ. ୩ : ୧୭-୨୧) । ଏହି ବାକ୍ୟର ଅର୍ଥ ଏହି ପ୍ରକାର ହୋଇପାରେ ।

  ୧. ସେମାନେ ସତ୍ୟକୁ ଜାଣନ୍ତି କିନ୍ତୁ ଏହାର ଅଗ୍ରାହ୍ୟ କରନ୍ତି ।

  ୨. ସେମାନଙ୍କ ଜୀବନଶୈଳି ଦର୍ଶାଏ କି ସେମାନେ ସତ୍ୟକୁ ଅଗ୍ରାହ୍ୟ କରନ୍ତି ।

  ୩. ସେମାନଙ୍କର ଜୀବନ ଏବଂ/କିମ୍ବା କଥା ଅନ୍ୟମାନଙ୍କୁ ସତ୍ୟ ଜାଣିବା ଏବଂ ଗ୍ରହଣ କରିବାରେ ବାଧା ଆଣେ ।

## ବିଶେଷ ଶୀର୍ଷ : ପାଉଲଙ୍କ ଲେଖାରେ "ସତ୍ୟ"

ପାଉଲଙ୍କ ବ୍ୟବହୃତ ଏହି ଶବ୍ଦ ଏବଂ ଏହାର ସମ୍ବନ୍ଧିତ ଶବ୍ଦ ପୁରାତନ ନିୟମରୁ ଆହ୍ନିତ, ଏମେତ, ଯାହାର ଅର୍ଥ ଭରସାଯୋଗ୍ୟ କିମ୍ବା ବିଶ୍ୱସ୍ତତା (ବିଡ଼ିବି ୫୩) । ଅର୍ନ୍ତବାଇବଲିୟ ଲେଖାରେ ଅସତ୍ୟତାକୁ ତୁଳନା କରି ସତ୍ୟର ବ୍ୟବହାର । ହୋଇପାରେ ନିକଟବର୍ତ୍ତି ସମାନ୍ତର ମୃତସାଗର ହସ୍ତଲେଖା ଅଟେ. "ଧନ୍ୟବାଦଗୀତ", ଯେଉଁଠାରେ କି ଏହା ପ୍ରକାଶିତ ଶିକ୍ଷାର ପ୍ରୟୋଗ ଅଟେ । ଇସେନ ଗୋଷ୍ଠିର ସଦସ୍ୟମାନେ "ସତ୍ୟର ସାକ୍ଷ୍ୟ" ହେଲେ

ପାଉଲ ଏହି ଶବ୍ଦକୁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରକୁ ଦର୍ଶାଇବାର ଏକ ମାଧ୍ୟମ ରୂପେ ବ୍ୟବହାର କଲେ ।

୧. ରୋମୀୟ.୧:୧୮,୨୫; ୨: ୮, ୨୦; ୩ : ୭; ୧୫:୮

୨. ୧ କରି. ୧୩ : ୬

୩. ୨ କରି. ୪:୨; ୬: ୭; ୧୧:୧୦; ୧୩:୮

୪. ଗାଲା. ୨:୫, ୧୪; ୫:୭

୫. ଏଫି. ୧:୧୩; ୬:୧୪

୬. କଲ. ୧: ୫, ୬

୭. ୨ ଥେସ. ୨:୧୦, ୧୨, ୧୩

୮. ୧ ତୀମ. ୨:୪; ୩ :୧୫; ୪:୩; ୬:୫

୯. ୨ ତୀମ. ୨: ୧୫, ୧୮,୨୫; ୩ : ୭,୮; ୪:୪

୧୦. ତିତସ. ୧: ୧,୧୪

ପାଉଲ ତାହାଙ୍କ କଥାକୁ ସଠିକ୍ ଭାବେ ବୟାନ କରିବାର ଏକ ମାଧ୍ୟମ ରୂପେ ବ୍ୟବହାର କରୁଛନ୍ତି ।

୧. ପ୍ରେରିତ. ୨୬: ୨୫,

୨. ରୋମୀ ୯:୧

୩. ୨ କରି ୭ : ୧୪; ୧୨:୬

୪. ଏଫି. ୪: ୨୫

୫. ଫିଲି. ୧: ୧୮

୬. ୧ ତୀମ. ୨:୭

ସେ ୧ କରି. ୫:୮ ଏବଂ ଜୀବନଶୈଳି (ଖ୍ରୀଷ୍ଟୟାନ ମାନଙ୍କ ନିମନ୍ତେ ମଧ୍ୟ) ଏଫି. ୪:୨୫; ୫:୯ ରେ ତାହାଙ୍କର ଉଦ୍ଦେଶ୍ୟ ବର୍ଣ୍ଣନା କରିବାକୁ ବ୍ୟବହାର କଲେ । ବେଳେବେଳେ ସେ ଲୋକମାନଙ୍କ ନିମନ୍ତେ ବ୍ୟବହାର କରୁଛନ୍ତି ।

୧. ପରମେଶ୍ୱର. ରୋମୀ ୩ :୪ (ଯୋହନ. ୩ : ୩୩; ୧୭ : ୧୭)

୨. ଯୀଶୁ, ଏଫି. ୪ : ୨୧ (ଯୋହନ. ୧୪ : ୬ ସହିତ ସମାନ)

୩. ପ୍ରେରିତମାନଙ୍କ ସାକ୍ଷ୍ୟ, ତିତସ. ୧:୧୩

୪. ପାଉଲ, ୨ କରି. ୬:୮

କେବଳ ପାଉଲ ହିଁ ଏହି କ୍ରିୟା ଗଠନକୁ ଗାଲା. ୪:୧୬ ଏବଂ ୪:୧୫ ରେ ବ୍ୟବହାର କରୁଛନ୍ତି । ଆଗାମି ଅଧ୍ୟୟନ ନିମନ୍ତେ କୋଲିନ୍ ବ୍ରାଉନ୍‌ଙ୍କୁ ଯୋଗାଯୋଗ କରନ୍ତୁ । ଦି ନ୍ୟୁ ଇଣ୍ଟରନେସନାଲ ଡିକ୍ସନେରୀ ଅଫ ଦି ନ୍ୟୁ ଟେଷ୍ଟାମେଣ୍ଟ ଥିଅଲୋଜି, ଭାଗ. ୩, ପୃ. ୭୮୪-୯୦୨ ।

**୧:୧୯ "ଯେଣୁ ଇଶ୍ୱରଙ୍କ ସମ୍ବନ୍ଧରେ ଯାହା ଜ୍ଞାତବ୍ୟ, ତାହା ସେମାନଙ୍କ ଅନ୍ତରରେ ପ୍ରକାଶିତ ହୋଇଅଛି, ଇଶ୍ୱର ତ ସେମାନଙ୍କ ନିକଟରେ ତାହା ପ୍ରକାଶ କରିଅଛନ୍ତି ।"**

ସମସ୍ତ ମଣିଷ ସୃଷ୍ଟିଠାରୁ ଇଶ୍ୱରଙ୍କ ବିଷୟରେ କିଛି ନା କିଛି ଜାଣନ୍ତି (ପଦ. ୨୦; ଆୟୁବ. ୧୨ : ୭-୧୦ ଏବଂ ଗୀତ ୧୯: ୧-୬ ପ୍ରକୃତି ଠାରୁ) । ଇଶ୍ୱରଶାସ୍ତ୍ର ଅନୁଯାୟୀ ଏହାକୁ "ପ୍ରାକୃତିକ ପ୍ରକାଶନ" କୁହାଯାଏ । ଏହା ସଂପୂର୍ଣ୍ଣ ନୁହେଁ, କିନ୍ତୁ ଏହା ଇଶ୍ୱରଙ୍କ ଦାଇତ୍ୱ ରକ୍ଷା କରିବାର ଆଧାର ଅଟେ ଯେଉଁମାନେ କି କେବେହେଲେ ଧର୍ମଶାସ୍ତ୍ରରେ ଇଶ୍ୱରଙ୍କ "ବିଶେଷ ପ୍ରକାଶନ"କୁ ପ୍ରକାଶ କରିନାହାନ୍ତି (ଗୀତ. ୧୯. ୭-୧୪) କିମ୍ବା (କଲ. ୧:୧୫; ୧:୯) ।

ଶବ୍ଦ "ଜ୍ଞାତବ୍ୟ" ନୂତନ ନିୟମରେ ଦୁଇଟି ବିଷୟରେ ବ୍ୟବହୃତ ହୋଇଅଛି: (୧) ଏହା ପୁରାତନ ନିୟମ ହିସାବରେ ଘନିଷ୍ଠ ବ୍ୟକ୍ତିଗତ ସମ୍ବନ୍ଧ (ଆଦି. ୪:୧; ଯିରି. ୧:୫) ଏବଂ (୨) ଏହା ଏକ ବିଷୟ (ପଦ. ୨୧) ବିଷୟ ସତ୍ୟତାର ଗ୍ରୀକ୍ ଧାରଣା ସୁସମାଚାର ଉଭୟ ଜଣେ ବ୍ୟକ୍ତି ସ୍ୱାଗତ କରାଯିବାକୁ ଏବଂ ଗୋଟିଏ ସନ୍ଦେଶ ସେହି ବ୍ୟକ୍ତି ବିଷୟରେ, ଗ୍ରହଣ ଏବଂ ବିଶ୍ୱାସ କରାଯିବାକୁ । ଏହି ପଦରେ କେବଳ # ୨ର ନିମନ୍ତେ ଏହା ବ୍ୟବହୃତ ।

### ବିଶେଷ ଶୀର୍ଷ : ଜ୍ଞାତବ୍ୟ (ସାଧାରଣତଃ ଦ୍ୱିତୀୟ ବିବରଣରେ ଏକ ଦୃଷ୍ଟାନ୍ତ ରୂପେ ବ୍ୟବହୃତ)

ଏବ୍ରୀ ଶବ୍ଦ "ଜ୍ଞାତବ୍ୟ"ର କାଲ୍‌ରେ ଅନେକ ଅର୍ଥ (ସମାନ କ୍ଷେତ୍ରରେ) ରହିଛି ।

୧. ଭଲ ଏବଂ ମନ୍ଦକୁ ବୁଝିବାକୁ - ଆଦି . ୩ :୨୨; ଦ୍ୱିବିବରଣ . ୧ : ୩୯; ଯିଶା. ୭:୧୪-୧୫. ୟୁନସ. ୪ : ୧୧

୨. ବୁଝିବା ଦ୍ୱାରା ଜ୍ଞାତ ହେବା - ଦ୍ୱି.ବିବରଣ ୯:୨, ୩, ୬; ୧୮ : ୨୧

୩. ଅନୁଭବରୁ ଜ୍ଞାତ ହେବା - ଦ୍ୱି. ବିବରଣ. ୩: ୧୯; ୪:୩୫; ୮:୨, ୩, ୫; ୧୧:× ୨୦ : ୨୦; ୩୧:୧୩; ଯିହୋଶୂୟ ୨୩: ୧୪

୪. ମନୋଯୋଗ କରିବା - ଦ୍ୱି. ବିବରଣ. ୪: ୩୯; ୧୧:୨; ୨୯ : ୧୬

୫. ବ୍ୟକ୍ତିଗତରୂପେ ଜାଣିବା-

କ. ଜଣେ ବ୍ୟକ୍ତି - ଆଦି . ୨୯: ୫; ଯାତ୍ରା ୧:୮; ଦ୍ୱି.ବିବରଣ. ୨୨:୨; ୩୩;୯

ଖ. ଜଣେ ଇଶ୍ୱର - ଦ୍ୱିବିବରଣ. ୧୧:୨୮; ୧୩; ୩,୬, ୧୩; ୨୮:୬୪; ୨୯; ୨୬; ୩୨:୧୭ ।

ଗ. ଯିହୋବା - ଦ୍ୱି. ବିବରଣ. ୪:୩୫, ୩୯; ୭:୯; ୨୯:୬; ଯିଶା. ୧:୩; ୫୬:୧୦-୧୧

ଘ. ଯୌନ ପ୍ରକ୍ରିୟା - ଆଦି. ୪:୧, ୧୭, ୨୫; ୨୪:୧୬; ୩୮:୨୬

୬. ଏକ ଜ୍ଞାତ ପ୍ରତିଭା କିମ୍ବା ଜ୍ଞାନ - ଯିଶା. ୨୯ : ୧୧, ୧୨; ଅମୋଶ. ୫:୧୬

୭. ଜ୍ଞାନୀ ହୁଅ - ଦ୍ୱି.ବିବରଣ. ୨୯: ୪; ହିତ. ୧:୨;୪:୧; ଯିଶା. ୨୯: ୨୪

୮. ଇଶ୍ୱରଙ୍କ ଜ୍ଞାନ

କ. ମୋଶାଙ୍କର - ଦ୍ୱି.ବିବରଣ.୩୪ : ୧୦

ଖ. ଇସ୍ରାଏଲର - ଦ୍ୱି.ବିବରଣ . ୩୧: ୨୧, ୨୭, ୨୯

**୧:୨୦** ଏହି ବାକ୍ୟ ଇଶ୍ୱରଙ୍କର ତିନୋଟି ବିଷୟକୁ ଉଲ୍ଲେଖ କରେ.

୧. ତାହାଙ୍କର ଦୃଶ୍ୟମାନ ଗୁଣ (ତାହାଙ୍କର ଚରିତ୍ର, କଲ. ୧:୧୫; ୧ ତୀମ. ୧:୧୭; ଏବ୍ରୀ. ୧୧:୨୭)

୨. ତାହାଙ୍କର ଅସୀମଶକ୍ତି (ପ୍ରାକୃତିକ ସୃଷ୍ଟିରେ ଦୃଶ୍ୟ, ଗୀତ. ୧୯ : ୧-୬)

୩. ତାହାଙ୍କର ଇଶ୍ୱରୀୟ ଗୁଣ (ତାହାଙ୍କର କାର୍ଯ୍ୟ ଏବଂ ସୃଷ୍ଟିର ଉଦ୍ଦେଶ୍ୟରେ ମିଳେ. ଆଦି. ୧-୨)

❑ **"ଜଗତର ସୃଷ୍ଟିକଳାବଧି"** ବିଶେଷଣ ଏପୋ ଗୋଟିଏ ଅସ୍ଥାୟୀ ରୂପେ ବ୍ୟବହୃତ । ଠିକ୍ ସେହି ପ୍ରକାର ଶବ୍ଦ ମାର୍କ. ୧୦: ୧୬; ୧୩ :୧୯; ୨ ପିତର. ୩ :୪ ରେ ଦେଖିବାକୁ ମିଳେ । ଅଦୃଶ୍ୟ ଇଶ୍ୱର ବର୍ତ୍ତମାନ ଦେଖା ଦିଅନ୍ତି ।

୧. ଶାରିରୀକ ସୃଷ୍ଟିରେ (ଏହି ପଦ)

୨. ବାକ୍ୟରେ (ଗୀତ. ୧୯, ୧୧୯)

୩. ଶେଷରେ ଯୀଶୁଙ୍କଠାରେ (ଯୋହନ. ୧୪:୯)

❑ **"ଇଶ୍ୱରୀୟ ଗୁଣ"** ଗ୍ରୀକ୍ ସାହିତ୍ୟ ଥିଅଟେସ୍‌ରୁ "ଇଶ୍ୱରୀୟ ଗୌରବ" ରୂପେ ମଧ୍ୟ ଅନୁବାଦ କରାଯାଇ ପାରିବ । ଏହା ଯୀଶୁଙ୍କଠାରେ ସର୍ବୋଚ୍ଚ ଭାବେ ଦେଖାଯାଏ । ସେ ଇଶ୍ୱରୀୟ ପ୍ରତିମୂର୍ତ୍ତିକୁ ଅଦ୍ଭୁତଭାବେ ଧାରଣ କରନ୍ତି (୨ କରି. ୪:୪; ଏବ୍ରୀ. ୧:୩) । ସେ ମଣିଷ ରୂପରେ ଇଶ୍ୱରଙ୍କର ପୂର୍ଣ୍ଣ ପ୍ରକାଶନ ଅଟନ୍ତି (କଲ. ୧:୧୯; ୨:୯) । ସୁସମାଚାର ଅଦ୍ଭୁତମୟ ସତ୍ୟ ଏହା କି ପତିତ ମାନବ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ରଖିବା ଦ୍ୱାରା ଖ୍ରୀଷ୍ଟଙ୍କ ସାଦୃଶ୍ୟତା ହୋଇପାରିବ (ଏବ୍ରୀ. ୧୨ : ୧୦; ୧ ଯୋହନ. ୩ : ୨) । ଇଶ୍ୱରଙ୍କର ପ୍ରତିମୂର୍ତ୍ତି (ଆଦି. ୧ : ୨୬-୨୭) ପୁନଃସ୍ଥାପିତ ହେଲା (ଥେଇଅସ, ୨ ପିତର . ୧:୩-୪) ।

❑ **ଏନ୍‌ଏଏସ୍‌ବି – "ସୃଷ୍ଟ ବସ୍ତୁଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟରୂପେ ପ୍ରତୀୟମାନ ହେଉଅଛି"**

**ଏନ୍‌କେଜେଭି – "ସୃଷ୍ଟ ବସ୍ତୁଗୁଡ଼ିକ ଦ୍ୱାରା ବୋଧଗମ୍ୟ ହୋଇ ସ୍ପଷ୍ଟରୂପେ ଦୃଶ୍ୟମାନ ହେଉଅଛି" ।**

**ଏନ୍‌ଆର୍‌ଏସ୍‌ଭି – "ତାହାଙ୍କର ସୃଷ୍ଟ ବସ୍ତୁ ଦ୍ୱାରା ବୋଧଗମ୍ୟ ଏବଂ ଦୃଶ୍ୟମାନ ଅଟେ ।**

**ଟିଇଭି – "ଇଶ୍ୱର ସୃଷ୍ଟ ବସ୍ତୁରେ ସେମାନେ ସେସବୁ ଉପଲବ୍ଧି ଏବ ପ୍ରତୀୟମାନ ଅଟେ" ।**

**ଏନ୍‌ଜେବି – "ସୃଷ୍ଟ ବସ୍ତୁର ମନର ଜ୍ଞାନରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି"**

ନୋଇଓ (ମାଥିଉ. ୧୫: ୧୭) ଏବଂ କ୍ୟାଥୋରାଓ (ଉଭୟ ବର୍ତ୍ତମାନ ନିଷ୍କ୍ରିୟ)ର ମିଶ୍ରଣ ଏକ ସତ୍ୟ ଅନୁଭୂତିକୁ ଦର୍ଶାଏ । ପରମେଶ୍ୱର ଦୁଇଟି ପୁସ୍ତକର ରଚନା କରିଛନ୍ତି : (୧) ପ୍ରକୃତି (ଗୀତ. ୧୯ : ୧-୬) ଏବଂ (୨) ଧର୍ମଶାସ୍ତ୍ର (ଗୀତ. ୧୯: ୭-୧୪) ସେମାନେ ଉଭୟେ ମଣିଷ ଜ୍ଞାନରେ ଦକ୍ଷ ଏବଂ ଏକ ଉତ୍ତର ଚାହାନ୍ତି (ଜ୍ଞାନ. ୧୩:୧-୯

**"ଯେପରି ସେମାନଙ୍କର ଉତ୍ତର ଦେବାର ବାଟ ନ ଥାଏ"**

ଆକ୍ଷରିକ ଭାବେ ଏହା "ନ୍ୟାୟ ସଙ୍ଗତ ପ୍ରତିରକ୍ଷା ନୁହେଁ" । ଏହି ଗ୍ରୀକ୍ ଶବ୍ଦ (ଆପୋଲୋଜିଓମାଇ) କେବଳ ଏଠାରେ ଏବଂ ନୂତନ ନିୟମର ୨:୧ରେ ବ୍ୟବହୃତ ହୋଇଅଛି । ମନେ ରଖନ୍ତୁ ୧: ୧୮-୩:୨୦ର ଇଶ୍ୱରଶାସ୍ତ୍ରୀୟ ଉଦ୍ଦେଶ୍ୟ ସମସ୍ତ ମଣିଷ ମାନଙ୍କର ଆତ୍ମିକତାରେ ହଜିଯିବାକୁ ଦର୍ଶାଏ । ମଣିଷମାନଙ୍କ ପାଖରେ ଥିବା ଜ୍ଞାନ ନିମନ୍ତେ ସେମାନେ ହିଁ ଦାୟୀ । ମଣିଷ ଯାହା ଜାଣନ୍ତି ଓ ଜାଣି ପାରିବେ କେବଳ ତାହାରି ଉତ୍ତର ଦାୟୀତ୍ୱ ଇଶ୍ୱର ରଖନ୍ତି । (୪:୧୫; ୫:୧୩) ।

**୧:୨୧ "ସେମାନେ ଇଶ୍ୱରଙ୍କୁ ଜାଣି ସୁଦ୍ଧା"** - ମଣିଷମାନେ ଧାର୍ମିକତାରେ ଅଗ୍ରଗତି କରୁନାହାନ୍ତି - ସେମାନେ ଅଗ୍ରସର ଭାବେ ମନ୍ଦ ଅଟନ୍ତି । ଆଦି ୩ ଅଧ୍ୟାୟରୁ ମନୁଷ୍ୟ ଅଧପତନ ଆଡ଼କୁ ଗତି କରୁଛି । ଅନ୍ଧକାର ବୃଦ୍ଧି ପାଉଅଛି ।

❑ **"ସେମାନେ ଇଶ୍ୱର ବୋଲି ଗୌରବ ଦେଲେ ନାହିଁ କି ଧନ୍ୟବାଦ ଦେଲେ ନାହିଁ"**

ନୂତନ ନିୟମ : ଓଲାଫ ଏମ୍. ମୋର୍‌ଲିଙ୍କ ଏ ନ୍ୟୁ ଟ୍ରାନ୍ସଲେସନ କହେ "ତାହାଙ୍କ ବିଷୟରେ ନିର୍ବୋଧ ଅନୁଧ୍ୟାନ ଦ୍ୱାରା ସେମାନେ ଆପଣାକୁ ହିଁ ନଷ୍ଟ କଲେ ଏବଂ ସେମାନଙ୍କ ମୂର୍ଖ ଜ୍ଞାନ ଅନ୍ଧକାରରେ ଦରାଣ୍ଡିଲା" । ମଣିଷର ଧର୍ମ ପ୍ରଣାଳୀମାନ ଆତ୍ମିକ ବିଦ୍ରୋହଚରଣ ଏବଂ ଗର୍ବର ସ୍ମୃତିଚିହ୍ନ ଅଟେ (ପଦ. ୨୨; କଲ. ୨: ୧୬-୨୩) । LXX ରେ ଅନୁବାଦିତ "ବୃଥା" ଶବ୍ଦ ବ୍ୟର୍ଥ କିମ୍ବା ତୁଚ୍ଛ କୁ ଦର୍ଶାଏ କିମ୍ବା ଇସ୍ରାଏଲର ପଡ଼ୋଶୀର "ଅସ୍ଥାୟୀ" ମୂର୍ତ୍ତିମାନଙ୍କୁ ଦର୍ଶାଏ । ପାଉଲ ଜଣେ ଏବ୍ରୀ ଭାବୁକ ଥିଲେ ଯିଏ ସେପଟୁ ଏଜେଣ୍ଟକୁ ଜାଣିଥିଲେ । LXX ର ଗ୍ରୀକ୍ ଶବ୍ଦ ଗ୍ରୀକ୍ ଅଭିଧାନ ଠାରୁ ଅଧିକ ନୂତନ ନିୟମ ଲେଖକ ମାନଙ୍କର ବିଚାରର ଉତ୍ତମ ମାର୍ଗଦର୍ଶକ ।

ଏହି ଦୁଇଟି କ୍ରିୟା ଏତରିଷ୍ଟ ନିଷ୍କ୍ରିୟ ବକ୍ତବ୍ୟ ସୂଚକ ଅଟେ । ନିଷ୍କ୍ରିୟ ଶବ୍ଦ କଲେ କି କାରଣ ଇଶ୍ୱର ସେମାନଙ୍କ ହୃଦୟକୁ ଆବରଣ କରିଥିଲେ ତେଣୁ ସେମାନେ ତାହାଙ୍କୁ କସ ବୁଝିଲେ ଓ କମ୍ ପ୍ରତିଉତ୍ତୋର ଦେଲେ କିମ୍ବା ଜ୍ୟୋତିର ଅଗ୍ରାହ୍ୟ ହେତୁ ସେମାନଙ୍କର ହୃଦୟ କଠିନ ହେଲା (୧୦:୧୨-୧୬; ୨ ରାଜା. ୧୭:୧୫; ଯିରି. ୨:୫; ଏଫି. ୪:୧୭-୧୯) ଠିକ୍ ଏହି ପ୍ରକାର ଇଶ୍ୱରଶାସ୍ତ୍ର ପ୍ରଶ୍ନ ଯାତ୍ରାପୁସ୍ତକରେ ଫାରୋକୁ ସମ୍ବନ୍ଧ କରେ ।

| ଇଶ୍ୱର ତାହାଙ୍କର ହୃଦୟକୁ କଠିନ କଲେ | ଫାର ନିଜେ ତାହାର ହୃଦୟ କଠିନ କଲେ |
|---|---|
| ଯାତ୍ରା ୪:୨୧ | ଯାତ୍ରା ୮:୧୫ |
| ୯:୧୨ | ୮:୩୨ |
| ୧୦:୨୦ | ୯:୩୪ |
| ୧୧:୧୦ | |
| ୧୪ : ୪ | |
| ୧୪:୮ | |
| ୧୪ :୧୭ | |

୯:୩୫ରେ କଠିନ କରିବା ଇଶ୍ୱର କିମ୍ବା ଫାରୋଙ୍କୁ ଦର୍ଶାଏ । ଏହା ଇଶ୍ୱରୀୟ ସାର୍ବଭୌମତା ଏବଂ ମଣିଷର ମୁକ୍ତ ଇଚ୍ଛାର ରହସ୍ୟ ଅଟେ ।

❑ **"ହୃଦୟ"** ସମସ୍ତ ବ୍ୟକ୍ତି ନିମନ୍ତେ ଏହା ପୁରାତନ ନିୟମରେ ବ୍ୟବହୃତ ହୋଇଥିଲା । ଯେପରିକି ଏହା ବିଚାର ଏବଂ ଅନୁଭବର ପ୍ରକ୍ରିୟାକୁ ଦର୍ଶାଉଥିବା ଏକ ମାଧ୍ୟମ ଥଲା । ଦେଖନ୍ତୁ ବିଶେଷ ଶୀର୍ଷ ୧:୧୪

୧:୨୨

❑ **ଏନ୍‌ଏଏସ୍‌ବି, ଏନକେଜେଭି- "ନିଜ ନିଜକୁ ଜ୍ଞାନୀ ବୋଲି ମନେ କରି ସେମାନେ ମୂର୍ଖ ହେଲେ"**
**ଏନ୍‌ଆର୍‌ଏସ୍‌ଭି - "ନିଜକୁ ଜ୍ଞାନୀ ବୋଲି କହି ସେମାନେ ମୂର୍ଖ ହେଲେ"**
**ଟିଇଭି – "ସେମାନେ ନିଜକୁ ଜ୍ଞାନୀ କହନ୍ତି, କିନ୍ତୁ ସେମାନେ ମୂର୍ଖ"**
**ଏନ୍‌ଜେବି – "ସେମାନେ ଯେତିକି ନିଜକୁ ଦାର୍ଶନିକ କହିଲେ, ସେତିକି ଅଧିକ ସେମାନେ ମୂର୍ଖତାରେ ବଢ଼ିଲେ"**

ଗ୍ରୀକ୍ ଶବ୍ଦ "ମୂର୍ଖ" ରୁ ଆମେ ଇଂରାଜୀରେ "ନିର୍ବୋଧ" ଅର୍ଥ ପାଉ । ଏଠାରେ ସମସ୍ୟା ଏହା ଅଟେ କି ସେମାନଙ୍କର ଆପଣା ଜ୍ଞାନରେ ମଣିଷମାନେ ଗର୍ବି ଓ ଆତ୍ମବିଶ୍ୱାସୀ ଅଟନ୍ତି (୧ କରି. ୧:୧୮-୩୧; କଲ. ୨:୮-୨୩) । ଏହା ଆଦି . ୩ ଅଧ୍ୟାୟକୁ ଫେରିଯାଏ । ଜ୍ଞାନ ପ୍ରଭେଦ ଏବଂ ବିଚାରକୁ ଆଣିଥାଏ । ମଣିଷ ଜ୍ଞାନଯେ ସର୍ବଦା ଭୁଲ ତାହା ନୁହେଁ, ମାତ୍ର ଏହା ଚରମ ନୁହେଁ ।

**୧:୨୩** ନିଜ ଇଚ୍ଛାରେ ଅଜ୍ଞାତ ହେବା ମଣିଷ ଯିଏ ଇଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇ (ଆଦି. ୧:୨୬-୨୭; ୫ : ୧, ୩; ୯:୬) ଇଶ୍ୱରଙ୍କୁ ଜାଗତିକ ପ୍ରତିମୂର୍ତ୍ତିରେ ପରିଣତ କରେ ସେମାନେ ହେଲେ ।

୧. ପଶୁ (ମିସର)
୨. ପ୍ରକୃତିର ବଳ (ପାରସ)
୩. ମଣିଷ ଆକୃତି (ଗ୍ରୀସ/ରୋମ) – ମୂର୍ତ୍ତି । ଏପରିକି ଇଶ୍ୱରଙ୍କ ନଜର ଲୋକମାନେ ଏହା କଲେ (ଦ୍ୱି.ବିବରଣ. ୪:୧୫-୨୪) ।

ଏହି ପୁରୁଣା ପାପର କେତେକ ନୂତନ ଆକାର ହେଲା

୧. ପରିବେଶବାଦ (ପୃଥିବୀ ମାତା)
୨. ନୂତନ ଯୁଗର ପୂର୍ବିୟ ବିଚାର (ରହସ୍ୟବାଦ, ଆତ୍ମିକବାଦର ରହସ୍ୟାବୃତ)
୩. ନାସ୍ତିକତା ସମ୍ବନ୍ଧିୟ ମଣିଷ (ମାର୍କ୍ସବାଦ, ଆଦର୍ଶବାଦ, ଅଗ୍ରଗାମୀ ଆଦର୍ଶବାଦ, ଏବଂ ରାଜନିତି କିମ୍ବା ଶିକ୍ଷାରେ ଅନ୍ତିମ ବିଶ୍ୱାସ)
୪. ଚିକିତ୍ସା ସମ୍ବନ୍ଧିୟ ଔଷଧ (ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ)
୫. ଶିକ୍ଷା

❑ **"ଗୌରବ"** ଦେଖନ୍ତୁ ବିଶେଷ ଶୀର୍ଷ ୩ : ୨୩

❑ **"ଦୁର୍ନୀତି ପ୍ରବଣ ମନୁଷ୍ୟ"** ନିମ୍ନଲିଖିତ ବିଶେଷ ଶୀର୍ଷକୁ ଦେଖନ୍ତୁ

## ବିଶେଷ ଶୀର୍ଷ : ଧ୍ୱଂସ, ନଷ୍ଟ, ଦୁର୍ନୀତି (ଥେଇରୋ)

ଥେଇରୋ ଶବ୍ଦର ମୂଖ୍ୟ ଅର୍ଥ ହେଲା ଧ୍ୱଂସ କରିବା, ନଷ୍ଟ କରିବା, ଦୁର୍ନୀତି କରିବା କିମ୍ବା ଖରାପ କରିବା ଅଟେ । ଏହା ନିମ୍ନଲିଖିତ ନିମନ୍ତେ ବ୍ୟବହାର ହୋଇପାରିବ ।

୧. ଆର୍ଥୀକ ନଷ୍ଟ (ସମ୍ଭବତଃ. ୨ କରି. ୭:୨)
୨. ଶାରିରୀକ ନଷ୍ଟ (୧ କରି. ୩ : ୧୭କ)
୩. ନୈତିକ ଦୁର୍ନୀତି (ରୋମୀ. ୧ : ୧୩; ୮:୨୧; ୧ କରି. ୧୫ : ୩୩, ୪୨, ୫୦; ଗାଲା. ୬ : ୮; ପ୍ରକାଶିତ. ୧୯:୨)
୪. ଯୌନକ୍ରୀଡ଼ା ପାଇଁ ପ୍ରବର୍ତ୍ତନା (୨ କରି. ୧୧ : ୩)

୫. ଅନନ୍ତ ବିଧ୍ୱଂସ (୨ ପିତର. ୨:୧୨, ୧୯)

୬. ମଣିଷର ବିନାଶ ପରମ୍ପରା (କଲ. ୨:୨୨; ୧ କରି. ୩:୧୭ଖ)

ସର୍ବଦା ଏହି ଶବ୍ଦ ସମାନ ପ୍ରସଙ୍ଗରେ ବ୍ୟବହୃତ ହୋଇଛି । ଯେମିତି ବିପରୀତ ପ୍ରମାଣିତ ହୋଇଛି (ରୋମୀ. ୧:୨୩; ୧ କରି. ୯:୨୫; ୧୫:୫୦, ୫୩) । ଆମ୍ଭମାନଙ୍କ ଜାଗତିକ ପାର୍ଥିବ ଶରୀର ଏବଂ ସ୍ୱର୍ଗୀୟ ଅନନ୍ତ ଶରୀରକୁ ସମାନ୍ତର ତୁଳନା କରି ଦେଖନ୍ତୁ ।

୧. ଦୁର୍ନୀତି ପ୍ରବଣ ବନାମ ଅଦୁର୍ନୀତି ପ୍ରବଣ, ୧ କରି. ୧୫:୪୨, ୫୦

୨. ନିରାଦର ବନାମ ଗୌରବ, ୧କରି. ୧୫:୪୩

୩. ଦୁର୍ବଳତା ବନାମ ବଳ, ୧ କରି. ୧୫ : ୪୩

୪. ପ୍ରାକୃତିକ ଶରୀର ବନାମ ଆତ୍ମିକ ଶରୀର. ୧କରି. ୧୫:୪୪

୫. ପ୍ରଥମ ଆଦମ ବନାମ ଅନ୍ତିମ ଆଦମ. ୧ କରି. ୧୫: ୪୫

୬. ଜଗତର ପ୍ରତିମୂର୍ତ୍ତି ବନାମ ସ୍ୱର୍ଗର ପ୍ରତିମୂର୍ତ୍ତି, ୧ କରି. ୧୫: ୪୯

**ଏନ୍.ଏଏସ୍‌ବି ବାକ୍ୟ : ୧:୨୪-୨୫**

**୨୪ ଏଣୁ ଇଶ୍ୱର ସେମାନଙ୍କ ହୃଦୟର କୁଅଭିଳାଷ ଅନୁସାରେ ସେମାନଙ୍କୁ ଅଶୁଚିତାରେ ସମର୍ପଣ କଲେ । ଯେପରି ସେମାନଙ୍କ ଶରୀର ପରସ୍ପର ଦ୍ୱାରା କଳୁଷିତ ହୁଏ । ୨୫ କାରଣ ସେମାନେ ଇଶ୍ୱରଙ୍କ ସତ୍ୟ ପରିବର୍ତ୍ତେ ମିଥ୍ୟା ଗ୍ରହଣ କଲେ ଓ ସ୍ରଷ୍ଟାଙ୍କ ପରିବର୍ତ୍ତେ ସୃଷ୍ଟ ବସ୍ତୁର ପୂଜା ଓ ସେବା କଲେ; ସେ ଯୁଗେ ଯୁଗେ ଧନ୍ୟ । ଆମେନ୍**

**୧:୨୪,୨୬,୨୮ "ପରମେଶ୍ୱର ସେମାନଙ୍କୁ ସମର୍ପଣ କଲେ"** ଏହା ଅତ୍ୟନ୍ତ ଖରାପ ବିଚାର ବା ନ୍ୟାୟ ଅଟେ । ଏହା ଇଶ୍ୱର କରନ୍ତି "ପତିତ ମାନବର ନିଜର ଇଚ୍ଛା ହେଉ" (ଗୀତ. ୮୧ : ୧୨; ହୋଶେ ୪:୧୭; ପ୍ରେରିତ ୭:୪୨ ଏହି ଧର୍ମଶାସ୍ତ୍ରୀୟ ପ୍ରସଙ୍ଗରେ ଅନେକ ପୁରାତନ ନିୟମ ବାକ୍ୟକୁ ଉଦ୍ଧୃତ କରେ) । ପଦ. ୨୩-୩୨ ସାଂସାରିକ ଜଗତକୁ ଇଶ୍ୱରଙ୍କ ଅଗ୍ରାହ୍ୟକୁ ବର୍ଣ୍ଣନା କରେ ଏବ ଏହା ଧର୍ମପରାୟଣ ଅଟେ (ଏବଂ ଆମ୍ଭମାନଙ୍କର) । ବିଜାତିବାଦ କୁକର୍ମପ୍ରବଣ ଏବଂ ଶୋଷଣ ଦ୍ୱାରା ଚିତ୍ରିତ କରାଗଲା ।

**୧: ୨୪ "ହୃଦୟ"** ନିମ୍ନଲିଖିତ ବିଶେଷ ଶୀର୍ଷକୁ ଦେଖନ୍ତୁ ।

**ବିଶେଷ ଶୀର୍ଷ : ହୃଦୟ**

ଏବ୍ରୀ ଶବ୍ଦ ଲେବ (ବିଡ଼ିବି ୫୨୩)କୁ ପ୍ରତିବିମ୍ବ କରିବାକୁ ସେପ୍‌ଟୁଏଜେଣ୍ଟ ଏବଂ ନୂତନ ନିୟମରେ ଏହି ଗ୍ରୀକ୍ ଶବ୍ଦ କାର୍‌ଡ଼ିଆର ପ୍ରୟୋଗ କରାଯାଇଛି । ଏହା ବିଭିନ୍ନ ମାଧ୍ୟମରେ ବ୍ୟବହୃତ ହୋଇଅଛି (ବଉଏର୍, ଅରନ୍‌ଜିତ, ଜିଙ୍ଗରିଚ୍ ଏବ ଡାଙ୍କର । ଏ ଗ୍ରୀକ୍ -ଇଂଗଲିଶ ଲେକ୍ସିକନ, ପୃ . ୪୦୩-୪୦୪) ।

୧. ଶାରିରୀକ ଜୀବନର କେନ୍ଦ୍ର, ବ୍ୟକ୍ତି ନିମନ୍ତେ ଗୋଟିଏ ଉପମା (ପ୍ରେରିତ. ୧୪:୧୭; ୨ କରି. ୩:୨-୩; ଯାକୁବ. ୫.୫)

୨. ଆତ୍ମିକ ଜୀବନର କେନ୍ଦ୍ରବିନ୍ଦୁ (ନୈତିକ)

କ. ଇଶ୍ୱର ହୃଦୟକୁ ଜାଣନ୍ତି (ଲୁକ. ୧୬:୧୫; ରୋମୀ. ୮. ୨୭; ୧ କରି. ୧୪:୨୫; ୧ ଥେସ. ୨:୪; ପ୍ରକାଶିତ. ୨:୨୩) ।

ଖ. ମଣିଷର ଆତ୍ମିକ ଜୀବନ ନିମନ୍ତେ ବ୍ୟବହୃତ (ମାଥିଉ. ୧୫:୧୮-୧୯; ୧୮: ୩୫; ରୋମୀ. ୬:୧୭; ୧ ତୀମ. ୧:୫; ୨ ତୀମ. ୨: ୨୨; ୧ ପିତର. ୧:୨୨)

୩. ଚିନ୍ତମୟ ଜୀବନର କେନ୍ଦ୍ରବିନ୍ଦୁ (ବୁଦ୍ଧି, ମାଥିଉ, ୧୩:୧୫; ୨୪:୪୮: ପ୍ରେରିତ. ୭:୨୩; ୧୬:୧୪; ୨୮:୨୭; ରୋମୀ. ୧:୨୧; ୧୦:୬; ୧୬:୧୮; ୨ କରି. ୪:୬; ଏଫି. ୧:୧୮; ୪:୧୮. ଯାକୁବ. ୧:୨୬; ୨ ପିତର . ୧:୧୯; ପ୍ରକାଶିତ ୧୮:୭; ହୃଦୟ ମନ ସହିତ ସମାନ ଅଟେ ୨ କରି ୩ :୧୪-୧୫ ଏବଂ ଫିଲି. ୪:୭) ।

୪. ଇଚ୍ଛାର କେନ୍ଦ୍ରବିନ୍ଦୁ (ଇଚ୍ଛା, ପ୍ରେରିତ. ୫:୪; ୧୧:୨୩; ୧୧:୨୩; ୧କରି. ୪:୫; ୭:୩୭; ୨ କରି. ୯:୭) ।

୫. ଭାବପ୍ରବଣର କେନ୍ଦ୍ରବିନ୍ଦୁ (ମାଥିଉ. ୫ : ୨୮; ପ୍ରେରିତ. ୨ଏ ୨୬, ୩୭; ୭:୫୪; ୨୧:୧୩ ରୋମୀ. ୧:୨୪; ୨ କରି. ୨:୪; ୭:୩; ଏଫି. ୬:୨୨; ଫିଲି. ୧:୭) ।

୬. ଆତ୍ମାଙ୍କ କାର୍ଯ୍ୟକଳାପର ଅଦ୍ଭୁତ ସ୍ଥାନ (ରୋମୀ. ୫:୫; ୨ କରି ୧ : ୨୨; ଗାଲା. ୪:୬ (ଖ୍ରୀଷ୍ଟଆମ୍ଭମାନଙ୍କ ହୃଦୟରେ ଏଫି. ୩ : ୧୭)

୭. ହୃଦୟ ସମସ୍ତ ବ୍ୟକ୍ତିଙ୍କୁ ଦର୍ଶାଇବାର ଗୋଟିଏ ଉପମାମୟ ମାର୍ଗ ଅଟେ । (ମାଥିଉ. ୨୨:୩୭, ଦ୍ୱିବିବରଣ. ୬:୫କୁ ଉଦ୍ଧୃତ କରେ) । ବିଚାର, ଉଦ୍ଦେଶ୍ୟ, ଏବଂ କ୍ରିୟା ହୃଦୟକୁ ଚିତ୍ରଣ କରେ ଯାହା ବ୍ୟକ୍ତିର ପ୍ରକାରକୁ ପ୍ରକାଶ କରେ । ଏହି

ଶବ୍ଦ ନିମନ୍ତେ ପୁରାତନ ନିୟମରେ କେତେକ ଭେଦ କରିବା ବାକ୍ୟ ରହିଛି ।

କ. ଆଦି. ୬:୬; ୮:୨୧, "ପରମେଶ୍ୱର ମନରେ ଶୋକ କଲେ", ହୋଶେ. ୧୧:୮-୯ ରେ ମଧ୍ୟ ଦେଖନ୍ତୁ ।

ଖ. ଦ୍ୱି.ବିବରଣ. ୪:୨୯; ୬ : ୫, "ଆପଣାର ସମସ୍ତ ଅନ୍ତଃକରଣ ଓ ସମସ୍ତ ପ୍ରାଣ ସହିତ" ।

ଗ. ଦ୍ୱି.ବିବରଣ. ୧୦:୧୬, "ଅସୁନ୍ନତ ହୃଦୟ" ଏବଂ ରୋମୀ. ୨ : ୨୯

ଘ. ଯିହିଜ. ୧୮:୩୧-୩୨, "ଗୋଟିଏ ନୂତନ ହୃଦୟ"

ଙ. ଯିହିଜି. ୩୬:୨୬; "ଏକ ନୂତନ ହୃଦୟ" ବନାମ "ଏକ ପ୍ରସ୍ତରମୟ ହୃଦୟ"

**୧:୨୫ "ଇଶ୍ୱରଙ୍କ ସତ୍ୟ ପରିବର୍ତ୍ତେ ମିଥ୍ୟା ଗ୍ରହଣ କଲେ"** – ଏହା ବିଭିନ୍ନ ମାଧ୍ୟମରେ ବୁଝାଯାଇପାରିବ ।

୧. ମଣିଷର ସ୍ୱୟଂ ଦେବତ୍ୱର ଆରୋପ (୨ ଥେସ. ୨: ୪, ୧୧) ।

୨. ମଣିଷମାନଙ୍କ ଆରାଧନା ଯାହା ସେ ନିର୍ମାଣ କରିଅଛି - ପ୍ରତିମା (ଯିଶା, ୪୪:୨୦; ଯିରି ୧୩:୨୫; ୧୬:୧୯) ସର୍ବ ସୃଷ୍ଟିକର୍ତ୍ତା ଯିହୋବାଙ୍କ ପରିବର୍ତ୍ତେ (ପଧ. ୧୮-୨୩) ।

୩. ସୁସମାଚାର ସତ୍ୟତାକୁ ମଣିଷର ଚରମ ଅଗ୍ରାହ୍ୟ (ଯୋହନ. ୧୪:୧୭; ୧ ଯୋହନ ୨:୨୧, ୨୭) ପ୍ରସଙ୍ଗ ୨ ଉତ୍ତମ ଭାବେ ସଂଯୋଗ କରେ ।

❑ **"ପୂଜା ଓ ସେବା କଲେ"** ମଣିଷଜାତିର ସର୍ବଦା ଈଶ୍ୱରମାନେ ରହନ୍ତି । ସମସ୍ତ ମଣିଷମାନଙ୍କ ବିଚାରରେ କେହି ଜଣେ ଅଛନ୍ତି । କିଛି ସତ୍ୟ, କିମ୍ବା କିଛି ସେମାନଙ୍କ ଚିନ୍ତା ବାହାରେ ।

❑ **"ଯେ ଯୁଗେ ଯୁଗେ ଧନ୍ୟ, ଆମେନ୍"** ପାଉଲ ଯିହୁଦୀମାନଙ୍କ ଆଶିର୍ବାଦକୁ ପ୍ରକାଶ କରୁଅଛନ୍ତି, ଯାହାକି ତାହାଙ୍କର ଅତି ବିଶେଷତ୍ୱ ଅଟେ (ରୋମୀ. ୯:୫; ୧୧:୩୬; ୧୫:୩୩; ୧୬:୨୭) ।

❑ **"ଯୁଗେ ଯୁଗେ"** ନିମ୍ନରେ ଥିବା ବିଶେଷ ଶୀର୍ଷକୁ ଦେଖନ୍ତୁ ।

## ବିଶେଷ ଶୀର୍ଷ : ଯୁଗେ ଯୁଗେ (ଗ୍ରୀକ୍ ରୂଢ୍ୟୋକ୍ତି)

ଗୋଟିଏ ଗ୍ରୀକ୍ ରୂଢ଼ି ପ୍ରୟୋଗାତ୍ମକ ଶବ୍ଦ ହେଲା କେବେ ହେଁ (ଲୁକ. ୧:୩୩; ରୋମୀ ୧:୨୫; ୧୧:୩୬; ୧:୨୭; ଗାଲା. ୧:୫; ୧ ତୀମ. ୧:୧୭), ଯହା ଏବ୍ରୀ ଓଲାମ୍ କୁ ପ୍ରତିବିମ୍ବ କରେ । ଦେଖନ୍ତୁ ରୋବର୍ଟ ବି. ଗାର୍ଡ଼ଲିଷ୍ଟୋନ୍ଙ୍କ, ସିନୋନିସସ ଅଫ ଦି ଓଲଡ୍ ଟେଷ୍ଟାମେଣ୍ଟ, ପୃ.୩୧୯-୩୨୧, ଏବଂ ପୁରାତନ ନିୟମର ବିଶେଷଶୀର୍ଷ ଯୁଗେ ଯୁଗେ (ଓଲାସ) । ଅନ୍ୟ ସମ୍ବନ୍ଧିତ ଶବ୍ଦ ହେଲା "କେବେ ହେଲେ" (ମାଥିଉ. ୨୧:୧୯) (ମାର୍କ. ୧୧:୧୪); ଲୁକ ୧:୫୫; ଯୋହନ ୬:୫୮; ୮:୩୫; ୧୨:୩୪; ୧୩:୮; ୧୪:୧୬; ୯ କରି. ୯:୯୬) ଏବଂ "ଯୁଗର ଯୁଗେ (ଏଫୀ. ୩:୨୧) । ଏହି ଗ୍ରୀକ୍ ରୂଢ୍ୟୋକ୍ତି "ଯୁଗେ ଯୁଗେ" ନିମନ୍ତେ କୌଣସି ପ୍ରଭେଦ ଥିବା ଜଣା ପଡ଼େ ନାହିଁ । ଶବ୍ଦ "ଯୁଗେ ଯୁଗେ" ଆକ୍ଷରିକ ଅର୍ଥରେ ବହୁବଚନ ହୋଇପାରେ, ରାବ୍‌ବୀୟ ବ୍ୟାକରଣାତ୍ମକ ଗଠନ ଅନୁଯାୟୀ, ଯାହାକୁ "ଗୌରବର ବହୁବଚନ" କହୁଯାଏ କିମ୍ବା ଏହା ବିଭିନ୍ନ "ଯୁଗ" ର ଧାରଣାକୁ ମଧ୍ୟ ଦର୍ଶାଇ ପାରେ, ଯାହା ଯିହୁଦୀଙ୍କ ଅନୁସାରେ "ଦୁଷ୍ଟତାର ଯୁଗ", "ଆଗାମି ଯୁଗ" କିମ୍ବା "ଧାର୍ମିକତାର ଯୁଗ" ।

❑ "ଆମେନ୍" ନିମ୍ନର ବିଶେଷ ଶୀର୍ଷକୁ ଦେଖନ୍ତୁ ।

## ବିଶେଷ ଶୀର୍ଷ : ଆମେନ୍

I ପୁରାତନ ନିୟମ

କ. ଶବ୍ଦ "ଆମେନ୍' ଟି ଏବ୍ରୀ ଶବ୍ଦ ନିମନ୍ତେ ଠାରୁ ଆସିଅଛି ।

୧. "ସତ୍ୟ" (ଏମେଥ, ବିଡ଼ିବି, ୪୯)

୨. "ସତ୍ୟତା" (ଏମୁନ୍, ଏମୁନାହ, ବିଡ଼ିବି. ୫୩)

୩. "ବିଶ୍ୱାସ" କିମ୍ବା "ବିଶ୍ୱସ୍ତତା"

୪. "ଭରସା" (ଦମନ୍, ବିଡ଼ିବି ୫୨)

ଖ. ଏହାର ଉତ୍ପତି ଗୋଟିଏ ବ୍ୟକ୍ତିର ସ୍ଥିର ଶାରିରୀକ ମନୋଭାବରୁ ଆସୁଅଛି । ଏହାର ବୀପରିତରେ, ଯିଏ ଅସ୍ଥିର, କିମ୍ବା ଖସିପଡୁଛି (ଦ୍ୱି.ବିବରଣ. ୨୮:୬୪-୬୭; ୩୮:୧୬; ଗୀତ. ୪୦:୨; ୩୭:୧୮; ଯିରି. ୨୩:୧୨) କିମ୍ବା ଟଳିଯିବା (ଗୀତ. ୭୩:୨) । ଏହି ସାହିତ୍ୟିକ ବାକ୍ୟରୁ ବିଶ୍ୱସ୍ତତା, ଭରସାଯୋଗ୍ୟତା, ଏବଂ ନିର୍ଭରଯୋଗ୍ୟର ରୂପକଭାବର ବୃଦ୍ଧି ବିକଶିତ ହେଲା (ଆଦି. ୧୫:୧୬; ଏବ୍ରୀ ୨:୪) ।

ଗ. ବିଶେଷ ପ୍ରଥା

୧. ଗୋଟିଏ ସ୍ତମ୍ଭ ୨ ରାଜା. ୧୮:୧୬ (୧ତୀମ. ୩:୧୫)

୨. ପ୍ରତିଶ୍ରୁତି, ଯାତ୍ରା. ୧୭:୧୨

୩. ସ୍ଥିରତା, ଯାତ୍ରା. ୧୭:୧୨

୪. ସ୍ଥିରତା, ଯିଶା. ୩୩:୬; ୧୭:୨୪; ୨୨:୧୬; ହିତ. ୧୨:୨୨

୬. ଅଟଳ, ୨ ବଂଶା. ୨୦:୨୦; ଯିଶା. ୭:୯

୭. ଭରସାଯୋଗ୍ୟ (ତୋରାହ), ଗୀତ ୧୧୯:୪୩, ୧୪୨, ୧୫୧, ୧୬୮

ଘ. ପୁରାତନ ନିୟମରେ ସକ୍ରିୟ ବିଶ୍ୱାସ ନିମନ୍ତେ ଅନ୍ୟ ଦୁଇଟି ଏବ୍ରୀ ଶବ୍ଦର ପ୍ରୟୋଗ କରାଯାଇଅଛି ।

୧. ବାଥାକ୍ (ବିଡ଼ିବି ୧୦୫), ଭରସା

୨. ୟରା (ବିଡ଼ିବି ୪୩୧), ଭୟ, ସମ୍ମାନ, ଆରାଧନା (ଆଦି. ୨୨:୧୨)

ଙ. ଭରସା କିମ୍ବା ଭରସାଯୋଗ୍ୟ ବାକ୍ୟରୁ ଏକ ସାହିତ୍ୟିକ ପ୍ରକ୍ରିୟା ଯାହା ଅନ୍ୟ ଏକ ସତ୍ୟ କିମ୍ବା ସତ୍ୟତାର ଦୃଢ଼ତାକୁ ବିକଶିତ କରେ (ଦ୍ୱି.ବିବରଣ ୨୭:୧୫-୨୬; ନିହି. ୮:୬; ଗୀତ. ୪୧:୧୩; ୭୦:୧୯; ୮୯:୫୨; ୧୦୬:୪୮) ।

ଚ. ଏହି ଶବ୍ଦ ନିମନ୍ତେ ଈଶ୍ୱରଶାସ୍ତ୍ର କୁଞ୍ଜି ମଣିଷର ବିଶ୍ୱସ୍ତତା ନୁହେଁ, କିନ୍ତୁ ଯିହୋବାଙ୍କ (ଯାତ୍ରା. ୩୪:୧୬; ଦ୍ୱି. ବିବରଣ. ୩୨:୪; ଗୀତ. ୧୦୮:୪; ୧୧୫:୧; ୧୧୭:୨; ୧୩୮:୨) । ପତିତ ମାନବର ଏକମାତ୍ର ଆଶା ହେଉଛି ଯିହୋବାଙ୍କ କରୁଣା, ଚୁକ୍ତିମୟ ବିଶ୍ୱସ୍ତତା ଏବଂ ତାହାଙ୍କର ପ୍ରତିଜ୍ଞା । ଯେଉଁମାନେ ଯିହୋବାଙ୍କୁ ଜାଣନ୍ତି ସେମାନେ ତାହାଙ୍କ ସଦୃଶ୍ୟ ହେବା ଆବଶ୍ୟକ (ଏବ୍ରୀ.୨:୪) । ବାଇବଲ ହେଉଛି ଈଶ୍ୱର ତାହାଙ୍କର ସ୍ୱରୂପକୁ ମଣିଷମାନଙ୍କର ପ୍ରତିଷ୍ଠା କରିବାର ଏକ ଇତିହାସ ଏବଂ ଲିପିବଦ୍ଧ ଅଟେ (ଆଦି ୧:୨୬-୨୭) ।

ପରିତ୍ରାଣ, ଈଶ୍ୱରଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ରଖିବାକୁ ମଣିଷର କ୍ଷମତାକୁ ପୁନଃସ୍ଥାପନ କରେ । ଏଥି ଯୋଗୁଁ ଆମ୍ଭେମାନେ ସୃଷ୍ଟି ହେଲୁ ।

II ନୂତନ ନିୟମ

କ. "ଆମେନ୍" ଶବ୍ଦର ପ୍ରୟୋଗ ନୂତନ ନିୟମରେ ବିଶ୍ୱସ୍ତତା ଏକ ସାଧାରଣ ବର୍ଣ୍ଣନା ଅଟେ ଏବଂ ଏହା ଦୃଢ଼ତାର ସହିତ ସମାପ୍ତ ହେଉଅଛି (୧କରି. ୧୪:୧୬; ୨ କରି. ୧:୨୦; ପ୍ରକାଶିତ ୧:୭; ୫:୧୪; ୭-୧୨) ।

ଖ. ଏହି ଶବ୍ଦର ପ୍ରୟୋଗ ଗୋଟିଏ ପ୍ରାର୍ଥନାର ନିକଟବର୍ତ୍ତୀ ଅଟେ, ଏହା ନୂତନ ନିୟମରେ ସାଧାରଣ ଅଟେ (ରୋମୀ. ୧:୨୫; ୯:୫; ୧୧:୩୬; ୧୬:୨୭; ଗାଲା. ୧:୫; ୬:୧୮; ଏଫି. ୩:୨୧; ଫିଲି. ୪:୨୦; ୨ ଥେସ ୩:୧୮, ୧ ତୀମ ୧:୧୭; ୬:୧୬; ୨ ତୀମ. ୪:୧୮.)

ଗ. ଯୀଶୁ ହିଁ କେବଳ ଜଣେ ଅଟନ୍ତି ଯିଏ ମୂଖ୍ୟ ଘଟଣାବଳୀର ପରିଚୟ କରାଇବାକୁ ଏହି ଶବ୍ଦର ପ୍ରୟୋଗ କରୁଥିଲେ (ଲୁକ, ୪:୨୪; ୧୨:୩୭; ୧୮:୧୭, ୨୯; ୨୧:୩୨; ୨୩:୩୪) ।

ଘ. ଏହା ଯୀଶୁଙ୍କ ନିମନ୍ତେ ପ୍ରକାଶିତ. ୩:୧୪ ରେ ବ୍ୟବହୃତ ଏକ ଆଖ୍ୟା ଅଟେ (ସମ୍ଭବତଃ ଯିଶା. ୬୫:୧୬ ରୁ ଯିହୋବାଙ୍କର ଏକ ଆଖ୍ୟା) ।

ଙ. ବିଶ୍ୱସ୍ତତା କିମ୍ବା ବିଶ୍ୱାସ, ଭରସା ଯୋଗ୍ୟତା କିମ୍ବା ଭରସା ର ଧାରଣା ଗ୍ରୀକ୍ ଶବ୍ଦ ପିସ୍‌ତୋସ୍‌ରେ ବର୍ଣ୍ଣିତ, ଯାହା ଇଂରାଜୀରେ "ନିର୍ଭର" "ବିଶ୍ୱାସ", "ଆସ୍ଥା" ରୂପେ ଆନୁବାଦିତ ହୋଇଅଛି ।

**ଏମ୍.ଏ.ଏସ୍.ବି. ବାକ୍ୟ : ୧:୨୬-୨୭**

**୨୬ ଏହି କାରଣରୁ ଈଶ୍ୱର ସେମାନଙ୍କୁ ଜଘନ୍ୟ ପାପପ୍ରବୃତ୍ତିରେ ସମର୍ପଣ କଲେ, କାରଣ ସେମାନଙ୍କ ସ୍ତ୍ରୀମାନେ ସ୍ୱାଭାବିକ ବ୍ୟବହାର ପରିବର୍ତ୍ତେ ଅସ୍ୱାଭାବିକ ବ୍ୟବହାର କଲେ । ୨୭ ପୁଣି ସେହିପରି ପୁରୁଷମାନେ ମଧ୍ୟ ଦଗ୍ଧ ହେଲେ, ପୁରୁଷ ସହିତ ପୁରୁଷ କୁତ୍ସିତ କର୍ମ କଲେ, ପୁଣି ଆପଣା ଆପଣା ଠାରେ ସ୍ୱ ସ୍ୱ ଭ୍ରଷ୍ଟତାର ସମୁଚିତ ପ୍ରତିଫଳ ପାଇଲେ ।**

**୧:୨୬, ୨୭** ପୁରୁଷଯୌନିକରଣ ସୃଷ୍ଟିରେ (ଫଳପ୍ରଦ) ଈଶ୍ୱରଙ୍କ ଇଚ୍ଛାରୁ ଦୂରୀକୃତ ହେବା ଜୀବନର ଗୋଟିଏ ଉଦାହରଣ ଅଟେ । ଏହା ଏକ ପାପ ଏବଂ ବିରାଟ ସାଂସ୍କୃତିକ ସମସ୍ୟା ଅଟେ ।

୧. ପୁରାତନ ନିୟମରେ (ଲେବି. ୧୮:୨୨; ୨୦:୧୩; ଦ୍ୱି.ବିବରଣ ୨୩: ୧୮)

୨. ଗ୍ରୀକ୍-ରୋମୀୟ ଜଗତରେ (୧କରି. ୬:୯; ୧ ତୀମ. ୧:୧୦)

୩. ଆମ୍ଭମାନଙ୍କ ଦିନରେ ପୁରୁଷ ଯୌନିକରଣ ବୋଧହୁଏ ପତନର ଗୋଟିଏ ଦୃଷ୍ଟାନ୍ତ ରୂପେ ତାଲିକା କରାଗଲା, ଆଦି ୧-୩ ର ସମସ୍ତ ପ୍ରାସଙ୍ଗିକ ବାସ୍ତବିକତା ହେତୁ । ମଣିଷ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି କରାଗଲା (ଆଦି. ୧:୨୬-୨୭; ୫:୧,୩; ୯:୬) । ମଣିଷ ନର ଏବଂ ନାରୀ ରୂପରେ ସୃଷ୍ଟି ହେଲା (ଆଦି. ୧:୨୭) । ଈଶ୍ୱରଙ୍କ ଆଜ୍ଞା ପ୍ରଜାବନ୍ତ ଏବଂ ବହୁବଂଶ ହେବାର ଥିଲା (ଆଦି. ୧:୨୮; ୯:୧, ୭) । ମଣିଷର ପତନ (ଆଦି. ୩) ଈଶ୍ୱରଙ୍କ ଇଚ୍ଛା ଏବଂ ଯୋଜନରେ ବାଧାକୁ ଆଣିଲା । ପୁରୁଷର ଯୌନିକରଣ ଏକ ପ୍ରକୃତି ବିରୁଦ୍ଧାଚରଣ ଅଟେ । ମାତ୍ର ଏହା କୁହାଯିବା ଆବଶ୍ୟକ କି, କେବଳ ଏହା ହିଁ ଗୋଟିଏ ପାପ ନୁହେଁ ଯାହା ଏଠାରେ ବର୍ଣ୍ଣିତ ହୋଇଅଛି (ପଦ ୨୯-୩୧) । ସମସ୍ତ ପାପ ମଣିଷର ଈଶ୍ୱରଙ୍କ ଠାରୁ ପୃଥକୀକରଣକୁ ଦର୍ଶାଏ ଏବଂ ସେମାନଙ୍କର ଦଣ୍ଡର ଯୋଗ୍ୟତାକୁ ଦର୍ଶାଏ । ସମସ୍ତ ପାପ, ବିଶେଷକରି ଜୀବନଶୈଳି ପାପ ଈଶ୍ୱରଙ୍କର ଘୃଣାଜନକ ଅଟେ ।

## ବିଶେଷ ଶୀର୍ଷ : ପୁରୁଷ ସହ ପୁରୁଷ ଯୌନିକରଣ :

ଅନେକ ଆଧୁନିକ ସମାଜ ପୁରୁଷ ଯୌନିକରଣକୁ ଜୀବନ ଶୈଳିର ଏକ ଉପଯୁକ୍ତ ଏକାନ୍ତରୀକ ରୂପେ ଗ୍ରହଣ କରିବାକୁ ବାଧ ହେଉଛନ୍ତି । କିନ୍ତୁ ବାଇବଲ ଏହାକୁ ଜୀବନଶୈଳିର ଏକ ଧ୍ୱଂସକାରୀ ନିନ୍ଦା କରେ, ଏହା ତାହାଙ୍କ ସୃଷ୍ଟି ନିମନ୍ତେ ଇଶ୍ୱରଙ୍କ ଇଚ୍ଛା ବାହାରେ ଅଟେ ।

୧. ଏହା ଆଦି. ୧ ରେ ଥିବା ପ୍ରଜାବନ୍ତ ଓ ବହୁବଂଶ ଆଜ୍ଞାକୁ ଭଙ୍ଗ କରେ ।

୨. ଏହା ବିଜାତିମାନଙ୍କର ଉପାସନା ଏବଂ ସଂସ୍କୃତିକୁ ବିତ୍ରଣ କରେ (ଲେବି. ୧୮.୨୨; ୨୦:୧୩; ରୋମୀ. ୧:୨୬-୨୭; ଏବଂ ଯିହୁଦା ୭)

୩. ଏହା ପରମେଶ୍ୱର ଠାରୁ ଏକ ସ୍ୱୟଂ କଥାର ସ୍ୱାଧିନତାକୁ ପ୍ରକାଶ କରେ (୧କରି. ୬:୯-୧୦)

ଅତଏବ, ମୁଁ ଏ ବିଷୟକୁ ତ୍ୟାଗ କରିବା ପୂର୍ବେ ମୁଁ ଈଶ୍ୱରଙ୍କ ପ୍ରେମ ଏବଂ କ୍ଷମା ସମସ୍ତ ବିଦ୍ରୋହୀ ମଣିଷଙ୍କ ନିମନ୍ତେ ଅଛି ବୋଲି ସ୍ୱଷ୍ଟ କରିଦେଇଛି । ଖ୍ରୀଷ୍ଟିୟାନ ମାନଙ୍କର କୌଣସି ଅଧିକାର ନାହିଁ ଏହି ବିଶେଷ ପାପ କାର୍ଯ୍ୟରେ ଲିପ୍ତ ଲୋକମାନଙ୍କ ପ୍ରତି ଘୃଣା ଦେଖାଇବା, ବିଶେଷତଃ, ଯେତେବେଳେ କି ଆମ୍ଭେମାନେ ସମସ୍ତେ ପାପ କରୁ, ନିନ୍ଦା ବଦଳରେ ପ୍ରାର୍ଥନା, ଚିନ୍ତା ସାକ୍ଷ୍ୟ ଏବଂ ଦୟା ଅନେକ କିଛି କରିପାରେ । ଯଦି ଆମେ ଈଶ୍ୱରଙ୍କ ବାକ୍ୟ ଏବଂ ତାହାଙ୍କର ଆତ୍ମାଙ୍କୁ କହିବା ତେବେ ସେମାନେ ଏହାର ନିନ୍ଦା କରିବେ । କେବଳ ଏହି ପାପ ନୁହେଁ ମାତ୍ର ସମସ୍ତ ଯୌନିକରଣ ପାପ ଈଶ୍ୱରଙ୍କର ଘୃଣାଜନକ ଅଟେ ଏବଂ ତାହା ବିଚାର ଆଡ଼କୁ ଘେନିଯାଏ । ସମ୍ଭୋଗ ମଣିଷମାନଙ୍କ ଉତ୍ତମତା, ଆନନ୍ଦ ଏବଂ ଏକ ସ୍ଥିର ସମାଜ ନିମନ୍ତେ ଈଶ୍ୱରଙ୍କର ଦାନ ଅଟେ । କିନ୍ତୁ ଈଶ୍ୱର ଦତ୍ତ ଏହି ଶକ୍ତିଶାଳୀ ବିଷୟ ଅଧିକାଂଶରେ ବିଦ୍ରୋହ ଆଡ଼କୁ ମୁଖ କରୁଛି । ସ୍ୱଂୟ ମନୋଭାବ, ଉପଭୋଗର ତଲାସ ହିଁ ମୋର ବଞ୍ଚିବାର ମୂଲ୍ୟ ଅଟେ ଏହି ପ୍ରକାରେ (ରୋମୀ. ୮:୧-୮; ଗାଲା. ୬:୭,୮) ।

**ଏନ୍.ଏ.ଏସ୍.ବି. ବାକ୍ୟ : ୧:୨୮-୩୨**

**୨୮ ଆଉ ଯେପରି ସେମାନେ ଈଶ୍ୱର ବିଷୟକ ଜ୍ଞାନ ଗ୍ରହଣ କରିବାକୁ ଅସ୍ୱୀକୃତ ହେଲେ, ସେହିପରି ଈଶ୍ୱର ଅନୁଚିତ କର୍ମ କରିବା ନିମନ୍ତେ ସେମାନଙ୍କୁ ଭ୍ରଷ୍ଟ ମତିରେ ସମର୍ପଣ କଲେ, । ୨୯ ସେମାନେ ସର୍ବ ପ୍ରକାର ଅଧର୍ମ, ଦୁଷ୍ଟତା, ଲୋଭ, ହିଂସା, ଇର୍ଷା, ବଧ, ବିବାଦ, ଛଳ ଓ ମନ୍ଦତାରେ ପରିପୂର୍ଣ୍ଣ । ୩୦ ସେମାନେ କର୍ଣ୍ଣେଜପ, ନିନ୍ଦକ, ଈଶ୍ୱରଙ୍କ ଘୃଣ୍ୟ, ଅତ୍ୟାଚାରୀ, ଦୁଷ୍କର୍ମର ଉତ୍ପାଦକ । ୩୧ ପିତାମାନଙ୍କ ଅନାଜ୍ଞାବହ, ନିର୍ବୋଧ, ନିୟମ ଭଗ୍ନକାରୀ, ସ୍ୱାଭାବିକ ସ୍ନେହ-ରହିତ ଓ ନିର୍ଦ୍ଦୟ ଅଟନ୍ତି । ୩୨. ଯେଉଁ ମାନେ ସେହିପରି ଆଚରଣ କରନ୍ତି, ସେମାନେ ଯେ ମୃତ୍ୟୁର ଯୋଗ୍ୟ, ଈଶ୍ୱରଙ୍କ ଏହି ବିଧାନ ସେମାନେ ଜାଣିଲେ ସୁଦ୍ଧା କେବଳ ଯେ ଏହି ପ୍ରକାର ଆଚରଣ କରନ୍ତି, ତାହା ନୁହେଁ, କିନ୍ତୁ ଏହିପରି ଆଚରଣ କରୁଥିବା ଲୋକମାନଙ୍କ ପକ୍ଷ ଆନନ୍ଦରେ ସମର୍ଥନ କରନ୍ତି**

**୧:୨୮-୩୧** ଏହା ଗ୍ରୀକ୍‌ରେ ଗୋଟିଏ ବାକ୍ୟ । ଏହା ବିଦ୍ରୋହ, ପତିତ, ସାଧୀନ ମନୁଷ୍ୟକୁ ବର୍ଣ୍ଣନା କରେ । )(ରୋମୀ ୧୩:୧୩; ୧ କରି ୫:୧୧; ୬:୯; ଗାଲା ୫:୧୯-୨୧; ଏଫି ୫:୫; ୧ ତୀମ ୧:୧୦; ପ୍ରକାଶିତ ୨୧;୮)

ମଣିଷର ପାପ ଏହା ଅଟେ କି ସେମାନେ ଈଶ୍ୱରଙ୍କୁ ବାଦ ଦେଇ ସ୍ଥାୟୀତ୍ୱକୁ ମନୋନୀତ କରନ୍ତି । ନରକ ହେଉଛି ସେହି ସ୍ଥାୟୀତ୍ୱ ଯାହା ଅପରିବର୍ତ୍ତନୀୟ ଅଟେ ସାଧୀନ ଏକ ଦୁର୍ଦ୍ଦଶା ଅଟେ । ମଣିଷକୁ ଈଶ୍ୱରଙ୍କର ଆବଶ୍ୟକ ଅଛି, କାରଣ ତାହାଙ୍କ ବ୍ୟତୀତ ସେ ହଜିଯାଇଛି, ଅପରିର୍ଯ୍ୟାପ୍ତ ଏବଂ ଅପୂର୍ଣ୍ଣ ଅଟେ । ଅନନ୍ତ ନର୍କରେ ଖରାପ ଭାଗ ହେଲା ଈଶ୍ୱରଙ୍କ ସମ୍ବନ୍ଧରୁ ଅନୁପସ୍ଥିତି ।

**୧:୨୯ "ଏକ ଅନୈତିକ ମନ"** ସାଧୀନତାରୁ ଯାହା ପତିତ ମାନବ ଖୋଜୁଅଛି ତାହା ହେଲା ସ୍ୱଂ ପୂଜା : "ମୋ ନିମନ୍ତେ ଯେକୌଣସି ଏବଂ ସବୁକିଛି" ନିଷ୍କ୍ରିୟ ରବର ପ୍ରତିନିଧି ୧:୨୪,୨୬, ୨୮ରେ ଈଶ୍ୱର ରୂପେ ବର୍ଣ୍ଣିତ, କିନ୍ତୁ ଏହି ପ୍ରସଙ୍ଗରେ ଆଦି ୧-୩ରେ ଏହା ମଣିଷର ଜ୍ଞାନର ମନୋନୟନ ଏବଂ ସାର୍ଥ ଯାହା ସମସ୍ୟାର କାରଣ ଅଟେ । ମଣିଷର ନିଜର ନିର୍ବାଚନ ଏବଂ ସାଧୀନତା ହେତୁ ପରମେଶ୍ୱର ସୃଷ୍ଟିକୁ କଷ୍ଟ ଭୋଗିବାରେ ଅନୁମତି ଦେଲେ ।

- "ପରିପୂର୍ଣ୍ଣ ହେଲେ" ଏହା ଏକ ସଂପୂର୍ଣ୍ଣ ନିଷ୍କ୍ରିୟ ବିଶେଷଣ । ମଣିଷମାନେ ଯେଉଁ ସ୍ଥାନରେ ରହନ୍ତି ସେଥିରେ ସେମାନେ ପରିପୂର୍ଣ୍ଣ ଓ ବର୍ଣ୍ଣିତ ହେଲେ । ରାବ୍‌ବୀମାନେ କହନ୍ତି କି ପ୍ରତ୍ୟେକ ମଣିଷର ହୃଦୟରେ ଗୋଟିଏ କଳା କୁକୁର (ମନ୍ଦ ଏବଂ ଧଳା କୁକୁର (ଉତ୍ତମ) ରହିଛି । ଯାହକୁ ଯେତିକି ଖୁଆଯିବ ସେ ସେତିକି ବଡ଼ ହେବ ।

**୧:୨୯-୩୧** ଈଶ୍ୱରଙ୍କ ବିନା ଜୀବନର ଏସବୁ ପରିଣାମ ଏବଂ ଚିହ୍ନ ଅଟେ । ସେମାନେ ବ୍ୟକ୍ତିଗତ ଏବଂ ସାମାଜିକ ଭାବେ ଚିତ୍ରିତ । ଯିଏ ବାଇବଲର ପରମେଶ୍ୱରଙ୍କୁ ମନୋନୀତ କରିବାରେ ଅଗ୍ରାହ୍ର କଲେ । ପାଉଲଙ୍କ ଲେଖା ଅନୁସାରେ ପାପର ଏହା ଗୋଟିଏ ତାଲିକା (୧ କରି ୫:୧୧; ୬:୯; ୨ କରି ୧୨:୨୦; ଗାଲା ୫:୧୯-୨୧; ଏଫି ୪:୩୧; ୫:୩-୪; କଲ ୩:୫-୯) ।

## ବିଶେଷ ଶୀର୍ଷ ନୂତନ ନିୟମରେ ଆଚରଣ ଏବଂ ବିଶ୍ୱସନୀୟତା

ନୂତନ ନିୟମରେ ଏହି ନୈତିକ ଭ୍ରଷ୍ଟତା ଏବଂ ବିଶ୍ୱସନୀୟତା ଉଭୟର ତାଲିକା ସାଧାରର ଅଯେ । ଅନେକ ସମୟରେ ସେମାନେ ଉଭୟ ରାବ୍ବୀୟ ଏବଂ ସାଂସ୍କୃତିକ (ହେଲେନିଷଟିକ୍) ତାଲିକାକୁ ପ୍ରତିବିମ୍ବ କରନ୍ତି । ଚରିତ୍ରକୁ ତୁଳନା କରିବାର ନୂତନ ନିୟମର ତାଲିକା ଏଁାରେ ଏହି ପ୍ରକାରେ ଦେଖାଯାଏ ।

| | ଆଚରଣ | ବିଶ୍ୱସନୀୟତା |
|---|---|---|
| ୧. ପାଉଲ | ରୋମୀ ୧:୨୮-୩୨ | - |
| | ରୋମୀ ୧୩:୧୩ | ରୋମୀ ୧୨:୯-୨୧ |
| | ୧ କରି ୫:୯-୧୧ | - |
| | ୧ କରି ୬:୧୦ | ୧ କରି ୬:୬-୯ |
| | ୨ କରି. ୧୨:୨୦ | ୨ କରି ୬:୪-୧୦ |
| | ଗାଲା ୫:୧୯-୨୧ | ଗାଲା ୫:୨୨-୨୩ |
| | ଏଫୀ ୪:୨୫-୩୨ | - |
| | ଏଫୀ ୫:୩-୫ | - |
| | - | ଫିଲି ୪:୮-୯ |
| | କଲ ୩:୫,୮ | କଲ ୩:୧୨-୧୪ |
| | ୧ ତୀମ ୧:୯,୧୦ | - |
| | ୧ ତୀମ ୬:୪-୫ | - |
| | ୨ତୀମ ୨:୨୨କ, ୨୩ | ୨ ତୀମ ୨:୨୨ଖ, ୨୪ |
| | ତିତସ ୧:୭; ୩:୩ | ୨ ତୀମ ୨:୨୨ଖ, ୨୪ |
| ୨ ଯାକୁବ | ଯାକୁବ ୩:୧୫-୧୬ | ଯାକୁବ ୩:୧୭-୧୮ |
| ୩ ପିତର | ୧ ପିତର ୪:୩ | ୧ ପିତର ୪:୭-୧୧ |
| | ୨ ପିତର ୧:୯ | ୧ ପିତର ୪:୭-୧୧ |
| ୪ ଯୋହନ | ପ୍ରକାଶିତ ୨୧:୮; ୨୨:୧୫ | - |

**୧:୩୦ "କର୍ଣ୍ଣୋଜପ" ଏହା ହୁପେ ଏଫାନୋସ ଅଟେ (ନିମ୍ନର ଗ କୁ ଦେଖନ୍ତୁ)**

## ବିଶେଷ ଶୀର୍ଷ : ପାଉଲଙ୍କ "ହୁପର" ଯୁଗ୍ମ ଶବ୍ଦର ବ୍ୟବହାର

ଗ୍ରୀକ୍ ବିଶେଷଣ ହୁପରକୁ ନୂତନ ବାକ୍ୟରେ ବ୍ୟବହାର କରିବା ନିମନ୍ତେ ପାଉଲ ବିଶେଷ ରୂପେ ଆସକ୍ତଥିଲେ, ଯାହା ମୁଖ୍ୟ ଅର୍ଥ "ସମୁଦାୟ" କିମ୍ବା "ଉପରସ୍ଥ" । ଯେତେବେଳେ ସମ୍ବନ୍ଧ ସୂଚକ ବ୍ୟବହାର କରୁଛନ୍ତି (ଆବ୍ଲାଟିଭ) ଏହାର "ପରିବର୍ତ୍ତେ" ହେଉଅଛି । ଏହାର ଅର୍ଥ; "ବିଷୟରେ" କିମ୍ବା "ସମ୍ପର୍କରେ" ମଧ୍ୟ ହୋଇପାରେ, ଯେପରି ପେରି (୨ କରି ୮:୨୩; ୨ ଥେସ ୨:୧) ଯେବେ କର୍ମକାରକରେ ବ୍ୟବହୃତ ହୁ. ଏହାର ଅର୍ଥ "ଉପର" "ଉପରରିସ୍ଥ" କିମ୍ବା "ତାଠାରୁ ଅଧିକ" ହେବ (ଏ. ଟି ରୋବାର୍ଟସନ୍, ଏ ଗ୍ରାମାର ଅଫତ ଦି ଗ୍ରୀକ୍ ନିଉ ଟେଷ୍ଟାମେଣ୍ଟ ଇନ୍ ଦା ।ଇଟ ଅଫ୍ ହିଷ୍ଟୋରିକଲ ରିସର୍ଚ୍ଚ ପୃ. ୬୨୫-୬୩୩) । ଯେତେବେଳେ ପାଉଲ ସେ ବ୍ୟବହାର କରିଥିବା ଏହି ଯୁଗ୍ମ ବିଶେଷ ଶବ୍ଦକୁ ଗୁରୁତ୍ୱ ଦେବାକୁ ଚାହୁଁଥିଲେ, ନିମ୍ନଲିଖିତ ପାଉଲଙ୍କ ଯୁଗ୍ମ ବିଶେଷର ବିଶେଷ ବ୍ୟବହାର ।

କ. ଏପାକ୍ସ ଲିଗୋମେନୋନ (କେବଳ ଥରେ ନୂତନନିୟମରେ ବ୍ୟବହୃତ)

୧ - ହୁପେରାକ୍ମସ୍, ଜଣେ ଜୀବନର ଗୁରୁତ୍ୱପୂର୍ଣ୍ଣକୁ ଅତିକ୍ରମ କରିବା, ୧ କରି ୭:୩୬

୨- ହୁପେରାଉକ୍ସଆନୋ, ଅତ୍ୟଧିକ ବୃଦ୍ଧି ପାଇବା, ୨ ଥେସ ୧:୩

୩ - ହୁପେର୍ବାଇନୋ, ଅତ୍ୟଧିକ ବଢ଼ିବା କିମ୍ବା ଲଙ୍ଘନ କରିବା, ୧ ଥେସ ୪:୬

୪ - ହୁପେର୍କେଇନା, ବାହାରେ, ୨ କରି ୧୦:୧୬

୫ - ହୁପେରେକ୍ତେଇନା, ଅଧିକ ଘୁଞ୍ଚିବା, ୨ କରି ୧୦:୧୪

୬ - ହୁପେରେଣ୍ଟୁରାଚାନୋ, ବଢ଼ିବା, ଅଗ୍ରସର ହେବା, ରୋମୀ ୮:୨୬

୭ - ହୁପେରନିକାଓ, ପ୍ରଚୁର ଭାବେ ଜୟଯୁକ୍ତ ହେବା, ରୋମୀ ୮:୩୭

୮- ହୁପେର ପ୍ଲେଓନାଜୋ, ଅତ୍ୟଧିକ ପ୍ରଚୁର ହୋ, ୧ ତୀମ ୧;୧୪

୯ - ହୁପେରୁପ୍‌ସୋ, ସର୍ବୋଚ୍ଚ ଭାବେ ଉନ୍ନତ କରିବା, ଫିଲି ୨:୯
୧୦ - ହୁପେରଫ୍ରୋନିଓ, ଉନ୍ନତ ବିଚାର ରଖିବା, ରୋମୀ ୧୨;୩

ଖ. କେବଳ ପାଉଲଙ୍କ ଲେଖାରେ ବ୍ୟବହୃତ ଶବ୍ଦ
୧ - ହୁପେରେଇରୋମାଇ, ନିଜକୁ ଉନ୍ନତ କରିବା, ୧୨ କରି ୧୨:୭; ୨ଥେସ ୨:୪
୨ - ହୁପେର୍ ବାଲୋଣ୍ଟୋସ, ମାପର ବାହାରେ, ଅତ୍ୟଧିକ, ୨ କରି ୧୧:୨୩;
(କେବଳ ଏଠାରେ କ୍ରିୟା ବିଶେଷଣ, କିନ୍ତୁତ ଏଠାରେ କ୍ରିୟା, ୨ କରି ୩:୧୦; ୯:୧୪; ଏଫି ୧:୧୯; ୨:୭; ୩:୧୯)
୩ - ହୁପେର ବୋଲେ, ଗୋଟିଏ ସୀମା ଲଙ୍ଘନ କରିବା, ଏକ ଅସାଧାରଣ କବଚ ରୋମୀ ୭:୧୩; ୧ କରି ୧୨:୩୧; ୨ କରି ୧:୮; ୪:୭, ୧୭; ୨୨:୭; ଗାଲା ୧:୧୩
୪ - ହୁପେରେକ୍ ପେରିସୋଉ, ସମସ୍ତ ମାପରୁ ବାହାରେ ଏଫି ୩;୨୦; ୧ ଥେସ ୩:!୦; ୫:୧୩
୫ - ହୁପେରଲିଅନ୍, ଉଚ୍ଚ ସ୍ଥାନରେ ୨ କରି ୧୧:୫; ୧୨:୧୧
୬ - ହୁପେରୋକେ, ପ୍ରାଧାନ୍ୟ ଶ୍ରେଷ୍ଠତା, ୧ କରି ୨:୧; ୧ ତୀମ ୨:୨
୭ - ହୁପେରପେରିସେଇଉଓ, ଅତି ପ୍ରଚୁରଭାବେ, ରୋମୀ ୫:୨୦ (ମଧ୍ୟମ ସ୍ୱର, ପ୍ରଚୁର ଭାବେ ପୂର୍ଣ୍ଣ ହେବା, ଉଚ୍ଛୁଳିବା, ୨ କରି ୭:୪

ଗ. ପାଉଲଙ୍କ ଦ୍ୱାରା ବ୍ୟବହୃତ ଶବ୍ଦ ଏବଂ ଅନ୍ୟ ନୂତନ ନିୟମ ଲେଖକଙ୍କ ଦ୍ୱାରା ଅଳ୍ପ
୧- ହୁପେରାନୋ, ଅତି ଉଚ୍ଚରେ, ଏଫି ୧:୨୧; ୪:୧୦ ଏବଂ ଏବ୍ରୀ ୯:୫
୨- ହୁପେରେକୋ, ସର୍ବୋତ୍କୃଷ୍ଟ ପୂର୍ବ ଗୌରବ, ରେମୀ ୧୩:୧ ଫିଲି ୨:୩; ୩:୮; ୪:୭; ୧ ପିତ ୨:୩
୩ - ହୁପେର୍‌ଏଫାନୋସ୍, ଉଦ୍ଧତ, ଗର୍ବିତ, ରୋମୀ ୧:୩୦; ୨ ତୀମ ୩:୨; ଏବଂ ଲୁକା ୧:୫୧; ଯାକୁବ ୪:୬; ୧ ପିତର ୫:୫
ପାଉଲ ଜଣେ ମହାନ ଆବେଗର ମଣିଷ ଥିଲେ; ଯେତେବେଳେ ବିଷୟବସ୍ତୁ କିମ୍ବା ଲୋକମାନେ ଉତ୍ତମ ଥିଲେ, ସେମାନେ ବହୁତ ଭଲ ଥିଲେ ଏବଂ ଯେତେବେବେଳେ ସେମାନେ ଖରାପ ଥିଲେ ତ ସେମାନେ ଖରାପ ଥିଲେ । ଅବ୍ୟୟ ପାପ ସ୍ୱଙ୍ଗ ଏବଂ ଖ୍ରୀଷ୍ଟ ଓ ସୁସମାଚାର ବିଷୟରେ ତାହାଙ୍କୁ ସର୍ବଶ୍ରେଷ୍ଠ ଅନୁଭବକୁ ବର୍ଣ୍ଣନା କରିାକୁ ଅନୁମତି ପ୍ରଦାନ କଲା ।

**୧:୩୨ "ଯେଉଁମାନେ ଏହିପରି ଆଚରଣ କରନ୍ତି, ସେମାନେ ଯେ ମୃତ୍ୟୁର ଯୋଗ୍ୟ"** ଏହି ବିବରଣ ମୋଶାଙ୍କର ବ୍ୟବସ୍ଥାକୁ ପ୍ରତିବିମ୍ବ କରେ । ଏହା ରୋମୀ ୬:୧୬,୨୧, ୨୩; ୮:୬,୧୩ରେ ସାରାଂଶିତ । ମୃତ୍ୟୁ ଈଶ୍ୱରଙ୍କ ଇଚ୍ଛା ଏବଂ ଜୀବନର ବିପରୀତ ଅଟେ (ଯିହିଜି. ୧୮:୩୨; ୧ ତୀମ ୨:୪; ୨ ପିତ ୩:୯)

❑ **"କିନ୍ତୁ ଏହିପରି ଆଚରଣ କରୁଥିବା ଲୋକମାନଙ୍କ ପକ୍ଷ ଆନନ୍ଦରେ ସମର୍ଥନ କରନ୍ତି"** ଦୁଃଖ ସାହଚର୍ଯ୍ୟକୁ ଭଲ ପାଏ । ପତିତ ମଣିଷ ଅନ୍ୟଙ୍କର ପାପକୁ ଏକ କ୍ଷମା ରୂପେ ବ୍ୟବହାର କରେ, "ସମସ୍ତେ ଏହା କରୁଛନ୍ତି" ସଂସ୍କୃତି ସେମାନଙ୍କ ବିଶେଷ ପାପକୁ ଚିତ୍ରିତ କରେ ।

## ଆଲୋଚନା ପ୍ରଶ୍ନମାଳା

ଏହା ଏକ ଅଧ୍ୟୟନ ମାର୍ଗଦର୍ଶକ ଟୀକ୍କା, ଯାହାର ଅର୍ଥ ବାଇବଲର ଅନୁବାଦ ନିମନ୍ତେ ଆପଣ ନିଜେ ଦାୟୀ । ଆମ୍ଭେମାନେ ସମସ୍ତେଜ୍ୟୋତିରେ ଚାଲିବା ଆବଶ୍ୟକ, ଯାହା ଆମ୍ଭମାନଙ୍କ ପାଖରେ ଅଛି । ଅନୁବାଦରେ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ପ୍ରାଧାନ୍ୟ ଅଟନ୍ତି । ଆପଣ ଏହାକୁ ଟୀକ୍କା କର୍ତ୍ତାଙ୍କ ଉପରେ ଥୋଇ ପାରିବେ ନାହିଁ ।

ଏହି ପ୍ରଶ୍ନମାଳା ଏହି ପୁସ୍ତକର ମୁଖ୍ୟ ବିଷୟବସ୍ତୁକୁ ବୁଝିବା ନିମନ୍ତେ ଆପଣଙ୍କ ସାହାଯ୍ୟାର୍ଥେ ଦିଆଗଲା ।

୧. ପାଉଲ କାହିଁକି ରୋମୀୟ ମଣ୍ଡଳୀକୁ ଲେଖୁଅଛନ୍ତି ?

୨. କାହିଁକି ରୋମୀୟ ପୁସ୍ତକ ଖ୍ରୀଷ୍ଟିୟାନ ସମାଜର ଈଶ୍ୱରଶାସ୍ତ୍ର ବିବରଣ ନିମନ୍ତେ ମୁଖ୍ୟ ଅଟେ ?

୩. ଆପଣଙ୍କ ନିଜ ବାକ୍ୟରେ ୧:୧୮- ୩:୨୦ ରୂପ ରେଖା କରନ୍ତୁ ।

୪. କଣ ଯେଉଁମାନେ କେବେହେଲେ ସୁସମାଚାର ନ ଶୁଣିଥିବା ହେତୁ କିମ୍ବା ଖ୍ରୀଷ୍ଟଙ୍କୁ ଭରସା କରି ନଥିବା ହେତୁ ଅଗ୍ରାହ୍ୟ କରାଯିବେ ?

୫. "ସ୍ୱାଭାବିକ ପ୍ରକାଶନ" ଏବଂ "ବିଶେଷ ପ୍ରକାଶନ"ର ପ୍ରଭେଦ ଦର୍ଶାଅ ।

୬. ଈଶ୍ୱର ବିନା ମଣିଷ ଜୀବନକୁ ବର୍ଣ୍ଣନା କର ।

୭. କଣ ପଦ ୨୪-୨୭ ପୁରୁଷ ଯୌନିକରଣ ବିଷୟକୁ କହେ ?

## ରୋମୀୟ ୨

| ଆଧୁନିକ ଅନୁବାଦସମୂହର ପାରାଗ୍ରାଫ୍ ଭାଗବିଭାଗ | | | | |
|---|---|---|---|---|
| ୟୁବିଏସ୍ | ଏନ୍‌କେଜେଭି | ଏନଆରଏସ୍‌ଭି | ଟିଇଭି | ଏନ୍‌ଜେବି |
| ଈଶ୍ୱରଙ୍କ ଧାର୍ମିକ ବିଚାର | ଈଶ୍ୱରଙ୍କ ଧାର୍ମିକ ବିଚାର | ବିଚାରାଧୀନ ଯିହୁଦୀ | ଈଶ୍ୱରଙ୍କ ବିଚାର | ଯିହୁଦୀମାନେ ଈଶ୍ୱରଙ୍କ ପ୍ରତିଶୋଧ ଠାରୁ ରକ୍ଷା ପାଇବେ ନାହିଁ । |
| ୨:୧-୧୬ | ୨:୧-୧୬ | ୨:୧-୧୧ | ୨:୧-୧୬ | ୨:୧-୧୧ |
| ଯିହୁଦୀମାନେ ଓ ବ୍ୟବସ୍ଥା | ଯିହୁଦୀମାନେ ବିଜାତି ମାନଙ୍କ ପରି ଦୋଷୀ ଅଟନ୍ତି | ବିଚାରପାଇଁ ମୂଳଭିତ୍ତି | ଯିହୁଦୀମାନେ ଓ ବ୍ୟବସ୍ଥା (୨:୧୭-୩:୮) | ବ୍ୟବସ୍ଥା କେବଳ ସେମାନଙ୍କୁ ପରିତ୍ରାଣ ବା ରକ୍ଷା କରିବ ନାହିଁ |
| | | ୨:୧୨-୧୬ | | ୨:୧୨-୧୬ |
| ୨:୧୭-୩:୮ | ୨:୧୭-୨୪ ସୁନ୍ନତିକ୍ରିୟାର କୌଣସି ଲାଭ ନାହିଁ | ୨:୧୭-୨୪ | ୨:୧୭-୨୪ | ୨:୧୭-୨୪ ସୁନ୍ନତକ୍ରିୟାସେମାନଙ୍କୁ ମୁକ୍ତ କରିବ ନାହିଁ |

**ତିନି ଚକ୍ର ପାଠ କରୁଅଛୁ** (P Viii)

*ପାରାଗ୍ରାଫ୍ ସ୍ତରରେ ପ୍ରଥମ (ମୂଳ) ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବ*

ଏହା ଏକ ଅଧ୍ୟୟନ ପଥପ୍ରଦର୍ଶକ କମେଣ୍ଟେରୀ (ବାଖ୍ୟାପୁସ୍ତକ) । ଯାହା ବୁଝାଏ ଯେ, ଆପଣ ବାଇବଲର ନିଜ ଅନୁବାଦ ପାଇଁ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଆମେ ଗମନ କରିବା ଉଚିତ୍ । ତୁମେ, ବାଇବଲ ଏବଂ ପବିତ୍ରଆତ୍ମା ଅନୁବାଦରେ ଅଗ୍ରାଧିକାର ଅଟ । ତୁମେ ଏହାର ଦାୟିତ୍ୱ ଜଣେ ବାଖ୍ୟାକାରୀ ଉପରେ ଛାଡ଼ି ଦେବା ଉଚିତ୍ ନୁହେଁ ।

ଥରେ ବସି ଆଧାୟଟି ପଢ଼ିନିଅ । ପ୍ରସଙ୍ଗମାନ ଚିହ୍ନରଖ । ତୁମର ପ୍ରସଙ୍ଗ ଭାଗବିଭାଗ ଉର୍ଦ୍ଧ୍ୱଲିଖିତ ପାଞ୍ଚଟି ଅନୁବାଦ ସହିତ ତୁଳନା କର । ପାରାଗ୍ରାଫ୍‌ରେ ବିଭକ୍ତ କରିବା ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା ନିମନ୍ତେ କଞ୍ଚି ଅଟେ । ଯାହାକି ଅନୁବାଦର ହୃଦପିଣ୍ଡ ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଏକ ଏକମାତ୍ର ପ୍ରସଙ୍ଗ ଅଛି ।

୧ । ପ୍ରଥମ ପାରାଗ୍ରାଫ୍

୨ । ଦ୍ୱିତୀୟ ପାରାଗ୍ରାଫ୍

୩ । ତୃତୀୟ ପାରାଗ୍ରାଫ୍

୪ । ଇତ୍ୟାଦି

**ରୋମୀୟ ୨:୧-୩:୨୦ ଉପରେ ପୂର୍ବାପରସମ୍ବନ୍ଧ ଥିବା ଶାସ୍ତ୍ରାଂଶର ଆଭ୍ୟନ୍ତରୀଣ ଦୃଷ୍ଟିକୋଣ**

କ. ୨ ଅଧ୍ୟାୟ ଓ ୩ ଅଧ୍ୟାୟ ୧:୮ରେ ଆରମ୍ଭ କରାଯାଇଥିବା ସାହିତ୍ୟିକ ଅଂଶ ସମ୍ପୂର୍ଣ୍ଣ କରନ୍ତି । ଏହି ଭାଗଟି ନିମ୍ନଲିଖିତ ବିଷୟ ସହିତ ସହିତ ବ୍ୟବହାର କରେ ।

 ୧. ସମୁଦାୟ ମାନବଜାତିର ହଜିଯାଇଥିବା ଅବସ୍ଥା

 ୨. ପାପ ଉପରେ ଈଶ୍ୱରଙ୍କ ବିଚାର

 ୩. ମାନବ ଜାତିର ବ୍ୟକ୍ତିଗତ ବିଶ୍ୱାସ ଓ ଅନୁତାପ (ମନଫେରଣ) ଦ୍ୱାରା ଖ୍ରୀଷ୍ଟଙ୍କ ମାଧମରେ ଈଶ୍ୱରଙ୍କ ଧାର୍ମିକତା ନିମନ୍ତେ ଆବଶ୍ୟକ ଅଛି ।

ଖ. ୨ ଅଧ୍ୟାୟରେ ଈଶ୍ୱରଙ୍କ ବିଚାର ବିଷୟରେ ସାତଟି ନିୟମ ଅଛି ।

 ୧. ୨ ପଦ ସତ୍ୟତା ଅନୁସାରେ

 ୨. ୫ ପଦ ଏକତ୍ରୁଟ ବା ଗଦାକରାଯାଇଥିବା ଦୋଷ

୩. ୬ ପଦ କାର୍ଯ୍ୟସମୂହର ଅନୁଯାୟୀ

୪. ୧୧ ପଦ ମୁଖପେକ୍ଷା ନାହିଁ

୫. ୧୩ ପଦ ଜୀବନ ଶୈଳୀ

୬. ୧୬ ପଦ ମନୁଷ୍ୟହୃଦୟର ଗୁପ୍ତ ବିଷୟମାନ

୭. ୧୭-୨୯ପଦ କୌଣସି ବିଶେଷ ଜାତୀୟ ଦଳ ନୁହେଁ

ଗ. ୨ୟ ଅଧ୍ୟାୟ ୧-୧୬ରେ କାହାକୁ ସମ୍ବୋଧନ କରାଯାଇଥିଲା ସେ ବିଷୟରେ ବାଖ୍ୟାକାରୀମାନଙ୍କ ମଧ୍ୟରେ ବହୁତ ଆଲୋଚନା ହୋଇଅଛି । ଏହା ସ୍ପଷ୍ଟ ଯେ ୨:୧୨-୨୯ ଯିହୁଦୀମାନଙ୍କ ସହିତ ବ୍ୟବହାର କରେ । ୧-୬ ପଦ ଦୁଇଟି କହିବାର ଉଦ୍ଦେଶ୍ୟ ସଫଳ କରେ ଉଭୟ ନୈତିକ ବିଜାତି ସେନେକା ପରି (ପରସ୍ପର ସହିତ ମିଳି ରହିବା ବ୍ୟବହାର ବା ଢାଞ୍ଚା) ଏବଂ ଯିହୁଦୀ ଜାତିକୁ (ମୋଶାଙ୍କ ବ୍ୟବସ୍ଥା)

ଘ. ୧:୧୮-୨୧ ରେ ପାଉଲ ସାବ୍ୟସ୍ତ କଲେ ଯେ ମାନବଗଣ ସୃଷ୍ଟି ମାଧ୍ୟମରେ ଈଶ୍ୱରଙ୍କୁ ଜାଣି ପାରନ୍ତି । ୨:୧୪-୧୫ରେ ପାଉଲ ମଧ୍ୟ ସାବ୍ୟସ୍ତ କଲେ ଯେ ସମସ୍ତ ମାନବଙ୍କର ଈଶ୍ୱରଙ୍କଦତ୍ତ ଏକ ଆଭ୍ୟନ୍ତରୀଣ ନୈତିକ ବିବେକ ଅଛି । ଏହି ଦୁଇ ସାକ୍ଷୀ, ସୃଷ୍ଟି ଓ ବିବେକ, ମନୁଷ୍ୟକୁ ଈଶ୍ୱରଙ୍କର ଦୋଷୀ ସାବ୍ୟସ୍ତ କରିବାର ମୂଳଭିତ୍ତି, ଏପରିକି ଯେଉଁମାନଙ୍କୁ ପୁରାତନ ନିୟମ କିଅବା ସୁସମାଚାର ଦିଆଯାଇନାହିଁ । ମାନବଗଣ ଦାୟୀ ଅଟନ୍ତି କାରଣ ସେମାନଙ୍କୁ ପ୍ରଦତ୍ତ ସର୍ବୋତ୍ତମ ଆଲୋକ ଅନୁଯାୟୀ ସେମାନେ ଜୀବନଯାପନ କରିନାହାନ୍ତି ।

## ଶବ୍ଦ ଏବଂ ଖଣ୍ଡବାକ୍ୟ ଅଧ୍ୟୟନ

**ଏନ୍ଏସ୍ବି (ଆଧୁନୀକିକରଣ) ଶାସ୍ତ୍ରାଂଶ ୨:୧-୧୧**

**[୧] ଅତଏବ, ହେ ମନୁଷ୍ୟ, ବିଚାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ଯେ କେହି ହୁଅ, ତୁମ୍ଭର ଉତ୍ତର ଦେବାର ବାଟ ନାହିଁ । କାରଣ ଯେଉଁ ବିଷୟରେ ତୁମେ ଅନ୍ୟର ବିଚାର କରୁଥାଅ, ସେହି ବିଷୟରେ ତୁମ୍ଭେ ଆପଣାକୁ ଦୋଷୀ କରୁଥାଅ, ଯେଣୁ ବିଚାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ସେହି ପ୍ରକାର କର୍ମ କରୁଥାଅ । [୨]ଆଉ ଯେଉଁମାନେ ଏହି ପ୍ରକାର କର୍ମ କରନ୍ତି, ସେମାନଙ୍କ ବିରୁଦ୍ଧରେ ଈଶ୍ୱରଙ୍କ ବିଚାର ଯେ ନ୍ୟାୟସଙ୍ଗତ ଏହା ଆମ୍ଭେମାନେ ଜାଣୁ । [୩]ଆଉ ହେ ମନୁଷ୍ୟ, ଯେଉଁମାନେ ଏହି ପ୍ରକାର କର୍ମ କରନ୍ତି ସେମାନଙ୍କ ବିଚାର କରି ଆପେ ସେହି ପ୍ରକାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ଈଶ୍ୱରଙ୍କ ବିଚାରରୁ ପଳାୟନ କରି ପାର ବୋଲି କଅଣ ମନେ କରୁଅଛ [୪]କିମ୍ବା ଈଶ୍ୱରଙ୍କ କିମ୍ବା ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନପରିବର୍ତ୍ତନ ଆଡ଼କୁ ଘେନିଯିବାକୁ ଚେଷ୍ଟା କରେ ଏହା ନ ଜାଣି ତୁମ୍ଭେ କି ତାହାଙ୍କର କୃପା, ଧୈର୍ଯ୍ୟ ଓ ଚିରସହିଷ୍ଣୁତାରୂପ ଧନ ସବୁ ତୁଚ୍ଛ କରୁଅଛ ? [୫] କିନ୍ତୁ ତୁମ୍ଭେ ଆପଣା କଠିନ ଓ ଅପରିବର୍ତ୍ତିତ ହୃଦୟ ଅନୁସାରେ ଯେଉଁଦିନ ଈଶ୍ୱରଙ୍କ ନ୍ୟାୟ ବିଚାର ପ୍ରକାଶ ପାଇବ, ସେହି କ୍ରୋଧର ଦିନରେ ନିଜ ପାଇଁ କ୍ରୋଧ ସଞ୍ଚୟ କରୁଅଛ, [୬]ସେ ପ୍ରତ୍ୟେକ ଲୋକକୁ ନିଜ ନିଜ କର୍ମାନୁସାରେ ଫଳ ଦେବେ, [୭]ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମ କରି ଗୌରବ, ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବେ । [୮] କିନ୍ତୁ ଯେଉଁମାନେ ସ୍ୱାର୍ଥପର ପୁଣି ସତ୍ୟର ଆଜ୍ଞାବହ, ମାତ୍ର ଅଧାର୍ମିକତାର ଆଜ୍ଞାବହ ସେମାନଙ୍କ ପ୍ରତି କ୍ରୋଧ ଓ କୋପ ଘଟିବ । [୯]ପ୍ରଥମରେ ଯିହୁଦୀ ଓ ମଧ୍ୟ ଗ୍ରୀକ୍, ପ୍ରତ୍ୟେକ ଦୁଷ୍କର୍ମକାରୀ ଲୋକର ପ୍ରାଣ ଉପରେ କ୍ଳେଶ ଓ ସଙ୍କଟ ଘଟିବ । [୧୦]ମାତ୍ର ପ୍ରଥମରେ ଯିହୁଦୀ ଓ ମଧ୍ୟ ଗ୍ରୀକ୍, ପ୍ରତ୍ୟେକ ସତ୍‌କର୍ମକାରୀ ପ୍ରତି ଗୌରବ, ସମ୍ମାନ ଓ ଶାନ୍ତି ଘଟିବ । [୧୧]କାରଣ ଈଶ୍ୱରଙ୍କ ନିକଟରେ ମୁଖାପେକ୍ଷା ନାହିଁ ।**

**୨:୧**

**ଏନ୍ଏସ୍ବି** **''ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ଯେ ବିଚାର କରେ, ତୁମର କ୍ଷମା ନାହିଁ''**
**ଏନ୍କେଜେଭି** **''ହେ ମନୁଷ୍ୟ ବିଚାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ଯେ କେହି ହୁଅ, ତୁମେ କ୍ଷମା ପାଇ ନ ପାର''**
**ଟିଇଜି** **''ତୁମେ ଯେ କେହି ହୁଅ ତୁମର ଆଦୌ କ୍ଷମା ନାହିଁ, କାରଣ ତୁମେ ଅନ୍ୟର ବିଚାର କରିଥାଅ''**
**ଏନ୍ଜେବି** **''ତେଣୁ ତୁମେ ଯେ କେହି ହୁଅ ସେଥିରେ ଯାଏ ଆସେ ନାହିଁ, ଯଦି ତୁମେ ବିଚାର କରୁଥାଅ ତୁମର କ୍ଷମା ନାହିଁ''**

ଏହା ହେଉଛି ଆକ୍ଷରିକ ଭାବେ ''କୌଣସି ନ୍ୟାୟସଙ୍ଗତ ପ୍ରତି ରକ୍ଷା ନାହିଁ (୧:୨୦ପଦ) । ଏହା ପ୍ରଥମେ ଗ୍ରୀକ୍ ବାକ୍ୟରେ ସ୍ଥାନ ପାଇଛି ତାହାର ଗୁରୁତ୍ୱ ବା ମୂଲ୍ୟ ବୃଦ୍ଧି କରିବା ଲାଗି । ୧-୬ ପଦର ଉଭୟ ଆତ୍ମଧାର୍ମିକ ଯିହୁଦୀ ନ୍ୟାୟବାଦୀ (ଧାରଣକାରୀ) ଓ ଗ୍ରୀକ୍ ନୈତିକବାଦୀଙ୍କ ସହିତ ସମ୍ପୃକ୍ତ ଦେଖାଯାଏ । ଅନ୍ୟକୁ ସେମାନଙ୍କ ବିଚାର କରିବା ଦ୍ୱାରା ସେମାନେ ନିଜକୁ ଦୋଷୀ ବିବେଚନା ଓ ଦଣ୍ଡଯୋଗ୍ୟ କରନ୍ତି ।

ଏହି ସମାନ ଖଣ୍ଡବାକ୍ୟ ୧:୨୦ ପଦରେ ବ୍ୟବହୃତ ହୋଇଅଛି, ମାତ୍ର ସର୍ବନାମ ହେଉଛି ''ସେମାନେ'' ସ୍ଥାନରେ ଏଠାରେ ''ତୁମେ'' । ସ୍ପଷ୍ଟଭାବେ ପାଉଲ ପାପୀମାନଙ୍କ/ବିଦ୍ରୋହମାନଙ୍କ ବିଭିନ୍ନ ଦଳମାନଙ୍କୁ ସମ୍ବୋଧନ କରୁଛନ୍ତି । ଦଳମାନଙ୍କ ମଧ୍ୟରୁ ସେ ଥିଲେ ଥରେ ଜଣେ ଉଦ୍‌ଯୋଗୀ ସଭ୍ୟ । ଏହିଠାରେ ଦୁଇଟି ସମସ୍ୟା ଅଛି ।

୧. ଈଶ୍ୱରଙ୍କ ଜ୍ଞାନ ଅଗ୍ରାହ୍ୟ କରୁଅଛି ଓ ଦୂଷିତ କରୁଅଛି

୨. ଏହାକୁ ଏକ ନିୟମମାନର ତାଲିକାରେ ପରିଣତ କରି ବିଚାରକ ଓ ଆତ୍ମଧାର୍ମିକରେ ପରିଣତ ହେଉଛନ୍ତି ।

ଆହୁରି ମଧ୍ୟ ଲକ୍ଷ୍ୟ କର ଯେ ଅଧ୍ୟାୟଟି ''ସେମାନେ'' ଶବ୍ଦ ୨:୧-୮ରେ ମୁଁରେ ପରିଣତ ହୋଇଛି । ଏହି ଯିହୁଦୀ ଓ ଗ୍ରୀକ୍‌ମାନଙ୍କଠାରୁ ''ମନୁଷ୍ୟର ପ୍ରତ୍ୟେକ ଆତ୍ମା''କୁ ୨:୯-୧୧ରେ ସାର୍ବଜନୀନ କରି ଦେଇଛି । ଯଦ୍ୟପି ଶେଷରେ ବିଭିନ୍ନ ଦଳମାନ (ଦୁଇ ବା ତିନୋଟି ଦଳ) ଅଛନ୍ତି ଏଥିରେ କୌଣସି ଭିନ୍ନତା ନାହିଁ, ସମସ୍ତେ ବିଚାରାଧୀନ ଅଟନ୍ତି ( ୩:୨୩ପଦ)

**୨:୨ ''ଆମ୍ଭେମାନେ ଜାଣୁ''** ଏହି ସର୍ବନାମ ସମ୍ଭବତଃ ସହ ଯିହୁଦୀମାନଙ୍କୁ ବୁଝାଉଛି ଯଦ୍ୟପି ଏହା ସମ୍ଭବତଃ ଖ୍ରୀଷ୍ଟିୟାନମାନଙ୍କୁ ବୁଝାଇ ପାରେ । ୨-୪ ପଦରେ ପାଉଲ ତାଙ୍କର ପ୍ରଶ୍ନୋତ୍ତର ସାଧାରଣ ପ୍ରଣାଳୀକୁ ଫେରନ୍ତି, ଯାହା ଭର୍ତ୍ସନାପୂର୍ଣ୍ଣ ସମାଲୋଚନା କୁହାଯାଏ (ଯଥା:- ୧-୧୧,୧୭-୨୯ ପଦମାନ) ଯାହା ଏକ ସାମ୍ଭବ୍ୟ ସମାଲୋଚକ ବା ଅଭିଯୋଗକାରୀର ମାଧ୍ୟମରେ ସତ୍ୟତାର ଏକ ପ୍ରକାଶ ଥିଲା । ଏହା ମଧ୍ୟ ହବକକୁକ୍, ମଲାଖି ଓ ଗୁରୁମାନେ ତାହା ସହିତ ଗ୍ରୀକ ଦାର୍ଶନିକମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା (ଯଥା ସକ୍ରେଟିସ ଓ ଷ୍ଟୋୟିକ୍‌ମାନେ) ''ଆମ୍ଭେମାନେ ତାହା ଜାଣୁ'' ରୋମୀୟ ଚିଠିରେ ଅନେକ ଥର ବ୍ୟବହୃତ ହୋଇଅଛି ( ୨:୨, ୩:୧୯, ୭:୧୪, ୮:୨୨,୨୮) । ପାଉଲ ତାଙ୍କର ଶ୍ରୋତାମାନଙ୍କୁ ୧ ଅଧ୍ୟାୟର ଅନୈତିକ ବିଜାତିମାନଙ୍କ ପରି କିଛି ପରିମାଣ ଜ୍ଞାନ ଲାଭ କରିବାକୁ ଯୋର ଦିଅନ୍ତି ।

▣ **''ଈଶ୍ୱରଙ୍କ ବିଚାର''** ଏହି ସତ୍ୟତାରେ ବାଇବଲ ସୁକ୍ଷ୍ମ ଅଟେ । ଜୀବନ ଦାନସ୍ୱରୂପେ ପାଇଥିବା ହେତୁ ସମସ୍ତ ମାନବକୁ ଈଶ୍ୱରଙ୍କ ନିକଟରେ ହିସାବ ଦେବାକୁ ହେବ । (୫-୯ ପଦ, ମାଥିଉ ୨୫:୧୧-୧୫) । ଏପରିକି ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ସମ୍ମୁଖରେ ଠିଆ ହେବାକୁ ହେବ (୧୪:୧୦-୧୨, ୨ କରିନ୍ଥୀ ୫:୧୦)

**୨:୩** ବ୍ୟାକରଣ ଗଠନରେ ପାଉଲଙ୍କ ମନୋରମ ପ୍ରକାଶ ଭଙ୍ଗୀର ପ୍ରଶ୍ନ ''ନୁହେଁ'' ଉତ୍ତର ଅପେକ୍ଷା କରେ ।

▣ **''ତୁମେ କଣ ମନେ କରୁଅଛ''** ଏହା ହେଉଛି ଗ୍ରୀକ୍ କ୍ରିୟାପଦ ''ଲୋଗିଯୋମାଇ'' । ପାଉଲ ଏହା ଅନେକ ସମୟରେ ବ୍ୟବହାର କରନ୍ତି (ରୋମୀୟ ୨:୩,୨୬, ୩:୨୮. ୩,୪,୫,୬,୮,୯,୧୦,୧୫,୨୨,୨୩,୨୪,୬:୧୧,୮:୧୮,୩୬ ୧୪:୧୪, ଗାଲାତୀୟ ୩:୬ ଓ ୧ ଓ ୨ କରିନ୍ଥୀୟରେ ଦୁଇଥର ଏବଂ ଫିଲିପ୍ପୀୟରେ ଦୁଇଥର) ୪:୩ ଓ ୮:୧୮ରେ ଟିପ୍ପଣୀ ଦେଖ ।

▣ **''ହେ ମନୁଷ୍ୟ ''** ଏହା ୧ ପଦରେ ଥିବା ରୂଢ଼ୋକ୍ତି ସହିତ ସମାନ ଦେଖାଯାଏ । ୯:୨୦ ଏହା ଯିହୁଦୀମାନଙ୍କୁ ବୁଝାଏ ।

**୨:୪** ଏହା ମଧ୍ୟ ଗ୍ରୀକ୍‌ରେ ଏକ ପ୍ରଶ୍ନ ଅଟେ ।

▣

| | |
|---|---|
| **ଏନଏସ୍‌ବି** | **''ହାଲୁକାରୂପେ ଚିନ୍ତା କରୁଅଛ''** |
| **ଏନ୍‌କେଜେଭି** | |
| **ଏନ୍‌ଆରଏସ୍‌ଭି** | |
| **ଟିଇଭି.ଆଇଭି** | **''ତୁଚ୍ଛ କରୁଅଛ''** |
| **ଏନ୍‌ଜେବି** | **''ଅସମ୍ମାନ କରୁଅଛ''** |
| **ଏନ୍‌ଆଇଭି** | **''ତାଚ୍ଛଲ୍ୟ କରିବା ଦେଖାଅଛି''** |
| **ଏନ୍‌ଇଟି** | **''ଏହା ପ୍ରତି ଘୃଣାଭାବ ପୋଷଣ କରିଅଛ''** |

ଇଂରାଜୀ ଅନୁବାଦମାନ ତୁଳନା କରିବା ଦ୍ୱାରା ଅନୁବାଦକାରୀମାନେ କ୍ରିୟାପଦର ଭାଷାର୍ଥ ସ୍ତର ପାଇଁ ଏକ ଅନୁଭବ ଲାଭ କରନ୍ତି । ଏହା ଇଚ୍ଛାକୃତ ଅଗ୍ରାହ୍ୟ ପାଇଁ ଏକ ବଳିଷ୍ଠ ଶବ୍ଦ । ଏହାର ବ୍ୟବହାର ନିମ୍ନରେ ଦେଖ ।

୧. ଯୀଶୁଙ୍କ ବାକ୍ୟମାନ ମାଥିଉ ୬:୨୪, ୧୮:୧୦

୨. ପାଉଲ, ୧ କରିନ୍ଥୀୟ ୧୧:୨୨, ୧ମ ତିମଥି ୪:୧୨, ୬:୨

୩. ହିବ୍ରୁମାନେ (ଯୀଶୁଙ୍କ ବିଷୟରେ) ୧୨:୨

୪. ପିତର, ୨ ପିତର ୨:୧୦

୫. ପ୍ରେରିତ ୧୩:୪୧ରେ ବିଶେଷ୍ୟପଦ

▣ **''ତାହାଙ୍କର କୃପା, ଧୈର୍ଯ୍ୟ ଓ ଚିରସହିଷ୍ଣୁତା ରୂପ ଧନସବୁ ''** ମାନବଗଣ ଈଶ୍ୱରଙ୍କ ଅନୁଗ୍ରହ, ଦୟା, ଧୈର୍ଯ୍ୟକୁ ଅଧିକାଂଶ ସମୟରେ ଭୁଲ ବୁଝିଅଛନ୍ତି ଏବଂ ସେଗୁଡ଼ିକୁ ମନଫେରଣର ସୁଯୋଗ ନ ଭାବି ପାପ କରିବାକୁ ସୁଯୋଗରେ ପ୍ରତିବଦଳ କରିଅଛନ୍ତି (୨ ପିତର ୩:୯)

ପାଉଲ ଅନେକ ସମୟରେ ଈଶ୍ୱରଙ୍କ ଗୁଣସମୂହ ''ତାହାଙ୍କ ଧନସବୁ'' ରୂପେ ବର୍ଣ୍ଣନା କରନ୍ତି । (୯:୨୩, ୧୧:୩୩, କଲସୀ ୧:୨୭, ଏଫିସୀ ୧:୭,୧୮, ୨:୪,୭, ୩:୮,୧୬, ଫିଲିପ୍ପି ୪:୧୯)

ବିଶେଷ୍ୟପଦ ''ଚିରସହିଷ୍ଣୁତା'' କେବଳ ଦୁଇଥର ନୂତନନିୟମରେ ବ୍ୟବହୃତ ହୋଇଅଛି, ଏହି ସାହିତ୍ୟ ପରିସରରେ ପାଉଲଙ୍କ ଦ୍ୱାରା କେବଳ ଉଭୟଥର ବ୍ୟବହୃତ ହୋଇଅଛି (୧:୧୮-୩:୩୧) ଏଠାରେ ଏବଂ ୩:୨୫ରେ । ଉଭୟ, ପାପୀସହିତ ଈଶ୍ୱରଙ୍କ ଧୈର୍ଯ୍ୟକୁ ବୁଝାଉଅଛି ।

▣ **''ତୁମ୍ଭକୁ ମନ ପରିବର୍ତ୍ତନ ଆଡ଼କୁ ଘେନିଯିବାକୁ''** ମନପରିବର୍ତ୍ତନ ଈଶ୍ୱରଙ୍କ ସହିତ ଏକ ବିଶ୍ୱାସ-ଚୁକ୍ତି ସମ୍ପର୍କ ପାଇଁ କଷ୍ଟ କର (ମାଥିଉ ୩:୨,୪:୧୭, ମାର୍କ ୧:୧୫, ୬:୧୨, ଲୂକ ୧୩:୩,୫, ପ୍ରେରିତ ୨:୩୮, ୩:୧୬,୧୯, ୨୦:୨୧) । ହିବ୍ରୁ ଭାଷାରେ ଏହି ଶବ୍ଦ କାର୍ଯ୍ୟକଳାପଗୁଡ଼ିକର ପରିବର୍ତ୍ତନ ବୁଝାଉଥିଲା। ଯେତେବେଳେ ଗ୍ରୀକରେ ଏହା ମନର ଏକ ପରିବର୍ତ୍ତନକୁ ବୁଝାଇଲା । ମନ ପରିବର୍ତ୍ତନ ହେଉଛି ଜଣକର ଆତ୍ମକୈନ୍ଦ୍ରିକ ସ୍ଥିତିର, ଈଶ୍ୱରଙ୍କ ଦ୍ୱାରା ଗଠିତ ହେବାକୁ ଓ ଚାଳିତ ହେବାକୁ ଏକ ଜୀବନ ମଧ୍ୟକୁ ପରିବର୍ତ୍ତନ ।  ଏହା ସ୍ୱାର୍ଥ ବା ନିଜର ଅଗ୍ରାଧିକାର ଓ ବନ୍ଧନରୁ ଏକ ପରିବର୍ତ୍ତନ ପାଇଁ ଆହ୍ୱାନ ଦିଏ । ମୂଳତଃ ଏହା ନୂତନ ମନୋବୃତ୍ତି, ଏକ ନୂତନ ଦର୍ଶନ, ଏକ ନୂତନକର୍ତ୍ତା ଅଟେ । ମନପରିବର୍ତ୍ତନ ହେଉଛି ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ଆଦମଙ୍କ ପ୍ରତ୍ୟେକ ପତିତ ସନ୍ତାନ ପାଇଁ ଈଶ୍ୱରଙ୍କ ଇଚ୍ଛା (ଯିହିଜିକଲ ୧୮:୨୧,୨୩,୩୨ ଏବଂ ୨ ପିତର ୩:୯)

ନୂତନ ନିୟମ ଅଂଶ ଯାହା ୨ କରିନ୍ଥୀ ୭:୮-୧୧ରେ ଅଛି, ତାହା ମନପରିବର୍ତ୍ତନ ପାଇଁ ବିଭିନ୍ନ ଗ୍ରୀକ୍ ଶବ୍ଦମାନ ସର୍ବୋତ୍ତମ ଭାବେ ପ୍ରତିଫଳିତ କରେ ।

୧. *ଲୁପିଓ* ଗଭୀରଦୁଃଖ'' ବା ''ଦୁଃଖ'' ୮ ପଦରେ (ତିନିଥର), ୧୦ ପଦରେ(ଦୁଇଥର), ୧୧ ପଦରେ

୨. *ମୋଟାମଲୋମାଇ* ''ଅନୁଶୋଚନା ବା ଦୁଃଖ'' ବା ପରବର୍ତ୍ତୀ ଆନୁସଙ୍ଗିକ ଯତ୍ନ ୮ ପଦରେ (ଦୁଇଥର) ୯ ପଦରେ

୩. *ମେଟାନୋଇଆ* ''ମନପରିବର୍ତ୍ତନ'' ବା ''ପରବର୍ତ୍ତୀ ଘଟଣା ବିଷୟଚିନ୍ତା'' ୯,୧୦ ପଦରେ

ପ୍ରଭେଦ ବା ବିପରିତ ହେଉଛି ମିଥ୍ୟା ମନପରିବର୍ତ୍ତନ (ଅନୁତାପ) (ମେଟାମେଲୋମାଇ) ଯଥା ଯିହୁଦା, ମାଥିଉ ୨୭:୩ ଓ ଏଷୌ ଏବ୍ରୀ ୧୨:୧୬-୧୭) ପ୍ରକୃତ ମନ ପରିବର୍ତ୍ତନ *(ମେଟାନୋଏଓ)* ଠାରୁ ।

ପ୍ରକୃତ ମନପରିବର୍ତ୍ତନ ପରମାର୍ଥଶିକ୍ଷାନୁଯାୟୀ ସମ୍ପୃକ୍ତ :

୧. ନୂତନ ନିୟମର ସର୍ତ୍ତସବୁ ଉପରେ ଯୀଶୁଙ୍କ ପ୍ରଚାର (ମାଥିଉ ୪:୧୭, ମାର୍କ ୧:୧୫, ଲୂକ ୧୩୩,୫)

୨. ପ୍ରେରିତ ପୁସ୍ତକରେ ପ୍ରେରିତିକ ଉପଦେଶମାନ (କେରିଗ୍ମା, ପ୍ରେରିତ ୩୧୬,୧୯,୨୦:୨୧)

୩. ଈଶ୍ୱରଙ୍କ ସର୍ବଭୌମ୍ୟ ଦାନ (ପ୍ରେରିତ ୫:୩୧, ୧୧:୧୮ ଓ ୨ୟ ତିମଥି ୨:୨୫)

୪. ବିନଷ୍ଟ ହେଉଥିବା (୨ୟ ପିତର ୩:୯)

ମନପରିବର୍ତ୍ତନ ପସନ୍ଦକରିବା ବିଷୟ ନୁହେଁ !

**ବିଶେଷ ପ୍ରସଙ୍ଗ : ମନ ପରିବର୍ତ୍ତନ (ଅନୁତାପ)**

ମନପରିବର୍ତ୍ତନ (ବିଶ୍ୱାସ ସହିତ) ଉଭୟ ପୁରାତନ ନିୟମ (ନାଚାମ, ବିଡିବି ୬:୩୬, ଯଥା ୧୩:୧୨, ୩୨:୧୨,୧୪, ଶୁଭ ବିଡିବି ୯୯୬, ଯଥା ୧ମ ରାଜା ୮:୪୭, ଯିହିଜିକଲ ୧୪:୬,୧୮:୩୦) ଏବଂ ନୂତନ ନିୟମରେ ଏକ ନିୟମ ଚୁକ୍ତି ସକାଶେ ନିତାନ୍ତ ଆବଶ୍ୟକ ବିଷୟ ଅଟେ ।

୧.  ବାପ୍ତିଜକ ଯୋହନ ( ମାଥିଉ ୩:୨, ମାର୍କ ୧:୪, ଲୂକ ୩:୩,୮)

୨. ଯୀଶୁ (ମାଥିଉ ୪:୧୭, ମାର୍କ ୧:୧୫, ଲୂକ ୫:୭, ୧୭:୩)

୩. ପିତର (ପ୍ରେରିତ ୨:୨୮, ୩:୧୯,୮:୨୨, ୧୧:୧୮, ୨ପିତର ୩:୯)

୪. ପାଉଲ (ପ୍ରେରିତ ୧୩:୨୪, ୧୭:୩୦, ୨୦:୨୧,୨୬:୨୦, ରୋମୀ ୨:୪, ୨ କରିନ୍ଥୀ ୨:୯,୧୦)

ମାତ୍ର ମନପରିବର୍ତ୍ତନ କ'ଣ ? ଏହା କ'ଣ ଦୁଃଖ ? ଏହା କ'ଣ ପାପର ବିରତି ବା ଶେଷ ? ଏହି ବିଷୟକୁ ବୁଝିବା ଲାଗି ଏହାର ବିଭିନ୍ନ ଅର୍ନ୍ତନିହିତ ଅର୍ଥ ସକାଶେ ନୂତନ ନିୟମରେ ସର୍ବୋତ୍ତମ ଅଧ୍ୟାୟ ହେଉଛି ୨ କରିନ୍ଥୀ ୭:୮

୧. ''ଦୁଃଖ''(ଲୁପେ ୮ ପଦ(ଦୁଇଥର) ୯(ତିନିଥର), ୧୦(ଦୁଇଥର), ୧୧ପଦ) । ଏହା ବୁଝାଏ ଗଭୀର ଦୁଃଖ ବା ଅସହାୟ ଅବସ୍ଥା ଏବଂ ଏହାର ଏକ ପାରମାର୍ଥିକ ନିରପେକ୍ଷ ଆଭ୍ୟନ୍ତରୀଣ ଅର୍ଥ ଅଛି ।

୨. ''ମନପରିବର୍ତ୍ତନ'' (ମେଟାନୋଏଓ ୯,୧୦ପଦ) ଏହା ''ପରେ'' ଏବଂ ''ମନ''ର ଏକ ମିଶ୍ରଣ, ଯାହା ଏକ ନୂତନ ମନର, ଏକ ନୂତନ ଭାବେ ଚିନ୍ତା କରିବାର, ଜୀବନ ଓ ଈଶ୍ୱରଙ୍କ ଆଡ଼େ ଏକ ନୂତନ ମନୋବୃତ୍ତିର ସୂଚନା ଦିଏ ।

୩. ''କୁଣ୍ଠାବୋଧ'' (ମେଟାମେଲୋମାଇ, ୮ ପଦ(ଦୁଇଥର), ୧୦ପଦ) ଏହା ''ପରେ'' ଓ ''ଯତ୍ନ''ର ଏକ ମିଶ୍ରଣ । ଯିହୁଦା ବିଷୟରେ ଏହା ବ୍ୟବହାର କରାଯାଇଛି ମାଥିଉ ୨୭:୩ରେ ଏବଂ ଏଷୌ ବିଷୟରେ ଏବ୍ରୀ ୧୨:୧୬-୧୭ରେ । ଏହା ସୂଚାଏ ଯେ, ଫଳଫଳ ଉପରେ (ହେତୁ) ଦୁଃଖ, କାର୍ଯ୍ୟ ପାପ ଉପରେ ଦୁଃଖ ନାହିଁ ।

ମନପରିବର୍ତ୍ତନ ଓ ବିଶ୍ୱାସ ଆବକଶ୍ୟକୀୟ ପ୍ରତିଜ୍ଞାତ ଚୁକ୍ତି ବା ନିୟମର କାର୍ଯ୍ୟ ଅଟେ (ମାର୍କ ୧:୧୫, ପ୍ରେରିତ ୨:୨୮,୪୧, ୩:୧୬,୧୯,୨୦:୨୧)। କେତେକ ଶାସ୍ତ୍ରାଂଶମାନ ଅଛି ଯାହା ସୂଚାନ୍ତି ଯେ ଈଶ୍ୱର ମନଫେରଣ ଦିଅନ୍ତି (ପ୍ରେରିତ ୫:୩୧, ୧୧:୧୮, ୨ ତୀମଥି ୨:୨୫) । ମାତ୍ର ଅଧିକାଂଶ ଶାସ୍ତ୍ରାଂଶମାନ ଏହାକୁ ଈଶ୍ୱରଙ୍କ ଏକ ବିନାମୂଲ୍ୟରେ ପରିତ୍ରାଣର ଦାନ ପ୍ରତି ଏକ ଆବଶ୍ୟକୀୟ ମାନବୀୟ ଚୁକ୍ତିବଦ୍ଧ ପ୍ରତ୍ୟୁତ୍ତର ରୂପେ ଦେଖନ୍ତି ।

ଉଭୟ ହିବ୍ରୁ ଓ ଗ୍ରୀକ୍ ଶବ୍ଦମାନଙ୍କର ସଂଜ୍ଞା ବା ଅର୍ଥମାନ ମନପରିବର୍ତ୍ତନର ସମ୍ପୂର୍ଣ୍ଣ ଅର୍ଥ ବୋଧଗମ୍ୟ କରିବା ପାଇଁ ଆବଶ୍ୟକ । ହିବ୍ରୁ ଦାବୀ କରେ '' ଏକ କାର୍ଯ୍ୟର ପରିବର୍ତ୍ତନ'' ଯେତେବେଳେ ଗ୍ରୀକ୍ ଦାବୀ କରେ ''ମନର ଏକ ପରିବର୍ତ୍ତନ'' । ଜଣେ ପରିତ୍ରାଣପ୍ରାପ୍ତ ବ୍ୟକ୍ତି ଏକ ନୂତନ ମନ ଓ ହୃଦୟପ୍ରାପ୍ତ ହୁଏ । ସେ ଭିନ୍ନ ଭାବେ ଚିନ୍ତା କରେ ଓ ଭିନ୍ନ ଭାବେ ଜୀବନଯାପନ କରେ ।'' ଏଥିରେ ମୋର(ପାଇଁ) କ'ଣ ଅଛି'' ? ଏହାର ପରିବର୍ତ୍ତେ ବର୍ତ୍ତମାନ ପ୍ରଶ୍ନ ହେଉଛି ''ଈଶ୍ୱରଙ୍କ ଇଚ୍ଛା କ'ଣ ?'' ମନ ପରିବର୍ତ୍ତନ ଏକ ଆବେଗ ବା ଭାବପ୍ରବଣତା ନୁହେଁ ଯାହା ଫିକା ପଡ଼ିଯାଏ କିଅବା ଏକ ସମ୍ପୂର୍ଣ୍ଣ ପାପ ଶୂନ୍ୟତା ନୁହେଁ ମାତ୍ର ଏକ ପବିତ୍ରବ୍ୟକ୍ତିଙ୍କ ସହିତ ନୂତନ ସମ୍ପର୍କ, ଯେକି ବିଶ୍ୱାସୀକୁ କ୍ରମିକ ଅଗ୍ରଗତ କରିବାକୁ ଦେଇ ଏକ ପବିତ୍ର ବ୍ୟକ୍ତିରେ ରୂପାନ୍ତରୀତ କରନ୍ତି ।

୨:୫-୯ ଏହି ପଦଗୁଡ଼ିକ ବର୍ଣ୍ଣନ କରେ (୧) ପତିତ ମାନବଜାତିର ଶକ୍ତିଗ୍ରୀବତା ଏବଂ (୨) ଈଶ୍ୱରଙ୍କ କ୍ରୋଧ ଓ ବିଚାର ।
୨:୫ ''ଶକ୍ତିଗ୍ରୀବତା'' ନୂତନ ନିୟମରେ ଏଠାରେ କେବଳ ବିଶେଷ୍ୟ ପଦଟି ମିଳେ । ଇଶ୍ରାୟେଲ ସେପରି ସମାନ ଭାବେ ବର୍ଣ୍ଣନା କରାଯାଇଅଛି (ଯାତ୍ରା. ୩୨:୯,୩୩:୩,୫,୩୪:୯,୧୩,୨୭) (ଲକ୍ଷ୍ୟକର ଏବ୍ରୀ ୩:୮,୧୫,୪:୭)

▣ **''ହୃଦୟ''** ୧:୨୪ରେ ବିଶେଷ ପ୍ରସଙ୍ଗ ଦେଖ

▣ **''କ୍ରୋଧରଦିନରେ''** ଏହା ''ପ୍ରଭୁଙ୍କ ଦିନ'' ବୋଲି ନାମିତ ହେଲା । ପୁରାତନ ନିୟମରେ(ଯୋୟେଲ, ଆମୋଷ) । ଏହା ହେଉଛି ବିଚାର ଦିନର ବିଷୟ ବା ବିଶ୍ୱାସୀମାନଙ୍କ ପାଇଁ ପୁନରୁତ୍ଥାନ ଦିବସ । ମାନବଜାତିକୁ ତାହାଙ୍କ ଜୀବନର ଦାନ ସକାଶେ ଏକ ହିସାବ ଦେବାକୁ ହେବ (ମାଥିଉ ୨୫:୩୧-୪୬, ପ୍ରକାଶିତ ୨୦:୧୧-୧୫) ଲକ୍ଷ୍ୟକର ଯେ ଏହା ହେଉଛି, ପାପୀମାନେ ନିଜେ (''ତୁମେ'' ଓ ''ତୁମେ ନିଜେ'') ଯେ କି ଈଶ୍ୱରଙ୍କ କ୍ରୋଧ ସଞ୍ଚୟ କରି ରଖିଛି । ଈଶ୍ୱର କେବଳ କେତେକ ସ୍ଥଳରେ ଏହି ସଞ୍ଚିତ କ୍ରୋଧ ଦୃଶ୍ୟମାନ ହେବାକୁ ଦିଅନ୍ତି ଏବଂ ଏହା ପୂର୍ଣ୍ଣମାତ୍ରାରେ ଗତି କରିବାକୁ ଦିଅନ୍ତି । କ୍ରୋଧ, ସମସ୍ତ ମାନବ ଶବ୍ଦମାନଙ୍କ ପରି ଈଶ୍ୱରଙ୍କୁ ବର୍ଣ୍ଣନା କରିବାକୁ କେବଳ ଦୃଷ୍ଟାନ୍ତ ଭାବରେ (ଈଶ୍ୱରଙ୍କୁ ମନୁଷ୍ୟ ଆକୃତି ବିଶିଷ୍ଟ କର) ୧:୧୮ରେ ବିଶେଷ ପ୍ରସଙ୍ଗ ଦେଖ) ଈଶ୍ୱରଙ୍କୁ ପ୍ରତି ପ୍ରୟୋଗ କରାଯାଏ । ଈଶ୍ୱର ଅନନ୍ତ, ପବିତ୍ର ଓ ଆତ୍ମା ଅଟନ୍ତି । ମାନବଗଣ ସସୀମ, ପାପପୂର୍ଣ୍ଣ ଏବଂ କାୟିକ ବା ଶାରୀରିକ ଅଟେ । ଈଶ୍ୱର ଏକ କୋପରେ ଆବେଗ ଅନୁସାରେ କ୍ରୋଧାନ୍ୱିତ ନୁହନ୍ତି । ବାଇବଲ ତାହାଙ୍କୁ ପ୍ରକାଶ କରେ ପାପୀମାନଙ୍କୁ ପ୍ରେମ କରୁଥିବା ବ୍ୟକ୍ତିଭାବରେ ଏବଂ ସେମାନେ ମନପରିବର୍ତ୍ତନ କରନ୍ତୁ ବୋଲି ସେ ଇଚ୍ଛା କରୁଅଛନ୍ତି ମାତ୍ର ମାନବ ବିଦ୍ରୋହାଚରଣ ପ୍ରତି ମଧ୍ୟ ଏକ ସ୍ଥିରୀକୃତ ବିରୋଧ ତାହାଙ୍କର ଅଛି । ଈଶ୍ୱର ବ୍ୟକ୍ତିଗତ ଅଟନ୍ତି । ସେ ବ୍ୟକ୍ତିଗତ ଭାବେ ପାପକୁ ନିଅନ୍ତି ଏବଂ ଆମ୍ଭେମାନେ ବ୍ୟକ୍ତିଗତ ଭାବେ ଆମର ପାପ ପାଇଁ ଦାୟୀ ଅଟୁ ।

ଈଶ୍ୱରଙ୍କ କ୍ରୋଧ ବିଷୟରେ ଏକ ଆନୁସଙ୍ଗିକ ଚିନ୍ତା । ବାଇବଲରେ ଏହି ଉଭୟ ନିରୂପିତ ସମୟରେ (ପାର୍ଥିବ ୧:୨୪,୨୬,୨୮) ଏବଂ ଶେଷ ସମୟରେ (ଅନ୍ତିମକାଳର ଗଟଣା ୨:୫-୮) । ପ୍ରଭୁଙ୍କ ଦିନ (ବିଚାରଦିନ) ଗୋଟିଏ ବାଟରେ ପୁରାତନ ନିୟମ ଭାବବାଦୀମାନେ ବର୍ତ୍ତମାନ ସମୟରେ ଇସ୍ରାଏଲକୁ  ମନପରିବର୍ତ୍ତନ କରିବାକୁ ସତର୍କ କରିଥିଲେ, ତେଣୁ ସେମାନଙ୍କର ଭିବଷ୍ୟତ୍ ଆଶୀର୍ବାଦପୂର୍ଣ୍ଣ ହେଲା । ସେମାନେ ବିଚାରିତ ହେଲେ ନାହିଁ (ଦ୍ୱିତୀୟବିବରଣ ୨୭-୨୮) । ପୁରାତନ ନିୟମ ଭାବବାଦୀମାନେ ସେମାନଙ୍କ ସମୟ(ଦିନ)ର ଏକ ଘଡ଼ିସନ୍ଧି ସମୟକୁ ଅନେକ ସମୟରେ ନେଲେ ଓ ଶେଷକାଳ ମଧ୍ୟକୁ ଯୋଜନାଭୁକ୍ତ କଲେ

**୨:୬** ଏହା ଗୀତ ୬୨:୧୨ରୁ ଏକ ଉଦ୍ଧୃତାଂଶ (ମାଥିଉ ୧୬:୨୭) । ଏହା ଏକ ସାର୍ବଜନୀନ ନିୟମ (୨୫ରେ ଟିପ୍ପଣୀ ଦେଖ, ୨ୟ ପାରାଗ୍ରାଫ୍) ଯେ ମାନବଗଣ ସେମାନଙ୍କ କାର୍ଯ୍ୟସମୂହ ପାଇଁ ଦାୟୀ ଅଟନ୍ତି ଏବଂ ଈଶ୍ୱରଙ୍କୁ ଏକ ହିସାବ ଦେବାକୁ ହେବ (ଆୟୁବ ୩୪:୧୧, ହିତୋ ୨୪:୧୨, ଉପଦେଶକ ୧୨:୧୪, ଯିରିମିୟ ୧୭:୧୦, ୩୨:୧୯, ମାଥିଉ ୧୬:୨୭, ୨୫:୩୧-୪୬ । ରୋମୀ ୨:୬, ୧୪:୧୨, ୧ କରିନ୍ଥୀ ୩:୮, ଗାଲାତୀୟ ୬:୭-୧୦, ୨ ତୀମଥି ୪:୧୪, ୧ ପିତର ୧:୧୭, ପ୍ରକାଶିତ ୨:୨୩, ୨୦:୧୨, ୨୨:୧୨) । ଏପରିକି ବିଶ୍ୱାସୀମାନଙ୍କୁ ସେମାନଙ୍କ ଜୀବନର ଓ ଖ୍ରୀଷ୍ଟଙ୍କ ପାଇଁ ସେମାନଙ୍କ ସେବାର ହିସାବ ଦେବାକୁ ହେବ (୨ କରିନ୍ଥୀ ୫:୧୦) । ବିଶ୍ୱାସୀମାନେ ସେମାନଙ୍କ କାର୍ଯ୍ୟସମୂହ ଦ୍ୱାରା ପରିତ୍ରାଣପ୍ରାପ୍ତ ନୁହନ୍ତି ମାତ୍ର କାର୍ଯ୍ୟସମୂହ କରିବା ନିମନ୍ତେ ପରିତ୍ରାଣପ୍ରାପ୍ତ (ଏଫିସୀ ୨:୮-୧୦ (ବିଶେଷତଃ ୨:୧୪-୨୬), ଯାକୁବ ଓ ୧ ଯୋହନ) । ଏକ ପରିବର୍ତ୍ତିତ ଓ ପ୍ରେମ, ସେବା ଓ ସ୍ୱାର୍ଥଶୂନ୍ୟତାର ଜୀବନକୁ ପରିବର୍ତ୍ତନ, ପ୍ରକୃତ ପରିତ୍ରାଣର ଚିହ୍ନ ଅଟେ ।

**୨:୭** ''ଯେଉଁମାନେ'' ୭ ପଦରେ ବର୍ଣ୍ଣିତ ବ୍ୟକ୍ତିମାନେ ଏବଂ ୮ ପଦରେ ବର୍ଣ୍ଣିତ ଲୋକମାନଙ୍କ ମଧ୍ୟରେ ପ୍ରଭେଦ ଅଛି (କିନ୍ତୁ ଯେଉଁମାନେ)

▣

| | |
|---|---|
| **ଏନ୍ଏଏସ୍ବି** | **''ଯେଉଁମାନେ ଅଧ୍ୟବସାୟ ଦ୍ୱାରା ଉତ୍ତମ କର୍ମ କରିବାରେ ଗୌରବ, ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି, ସେମାନଙ୍କୁ ଅନନ୍ତଜୀବନ ପ୍ରଦାନ କରିବେ'' ।** |
| **ଏନ୍କେଜେଭି** | **ଅନନ୍ତଜୀବନ ସେମାନଙ୍କ ପାଇଁ ଯେଉଁମାନେ ଗୌରବ, ସମ୍ମାନ ଓ ଅମରତା ପାଇଁ ଅନ୍ୱେଷଣ କରନ୍ତି ଧୈର୍ଯ୍ୟଶୀଳ ହୋଇ ଉତ୍ତମ କର୍ମରେ ଲାଗି ରହିବା ଦ୍ୱାରା** |
| **ଏନ୍ଆରଏସ୍ଭି** | **ଯେଉଁମାନେ ଧୈର୍ଯ୍ୟସହକାରେ ଉତ୍ତମ କର୍ମ କରିବା ଦ୍ୱାରା ଗୌରବ, ସମ୍ମାନ ଓ ଅମରତା ସକାଶେ ଅନ୍ୱେଷଣ କରନ୍ତି, ସେମାନଙ୍କୁ ଈଶ୍ୱର ଅନନ୍ତ ଜୀବନ ଦେବେ ।** |
| **ଟିଇଭି** | **କେତେକ ଲୋକ ଉତ୍ତମ କର୍ମ କରିବାରେ ଲାଗିରହନ୍ତି ଏବଂ ଗୌରବ, ସମ୍ମାନ ଏବଂ ଅମରତା ଅନ୍ୱେଷଣ କରନ୍ତି । ସେମାନଙ୍କୁ ଈଶ୍ୱର ଅନନ୍ତ ଜୀବନ ଦେବେ ।** |
| **ଏନ୍ଜେବି** | **ଯେଉଁମାନେ ସର୍ବଦା ଉତ୍ତମ କର୍ମ କରିବା ଦ୍ୱାରା ଗୌରବ, ସମ୍ମାନ ଏବଂ ଅମରତା ଅନ୍ୱେଷଣ କଲେ ସେମାନଙ୍କ ପାଇଁ ଅନନ୍ତ ଜୀବନ ଦେବେ ।** |

ଏହା କର୍ଣ୍ଣଲିୟଙ୍କ ପରି ଲୋକମାନଙ୍କୁ ବୁଝାଏ ( ପ୍ରେରିତ ୧୦:୩୪-୩୫) । ଏହି ଶାସ୍ତ୍ରାଂଶ ଧାର୍ମିକତାର କାର୍ଯ୍ୟସମୂହ ପରି ଶୁଣାଇପାରେ (ମନୁଷ୍ୟର ଚେଷ୍ଟା ଦ୍ୱାରା ଧାର୍ମିକତା ପ୍ରାପ୍ତି ମାତ୍ର ତାହା ରୋମୀୟ ପୁସ୍ତକର ମୁଖ୍ୟ ପ୍ରସଙ୍ଗ ବିରୁଦ୍ଧରେ ଯିବ । ସ୍ମରଣ ରଖ ଯେ ୧-୧୬ ପଦ କିଅବା ୧-୧୧ ପଦ ହେଉଛି ଏକ ପାରାଗ୍ରାଫ୍ । ସମୁଦାୟ ଅଂଶର ପାରମାର୍ଥିକ କେନ୍ଦ୍ରବିନ୍ଦୁ  ହେଉଛି ଈଶ୍ୱରଙ୍କଠାରେ ମୁଖାପେକ୍ଷା ନାହିଁ (୧୧ପଦ) ଏବଂ ସମସ୍ତେ ତ ପାପ

କରିଅଛନ୍ତି (୧୨ପଦ)।  ଯଦି ଲୋକମାନେ ସେମାନଙ୍କର ପାଇଥିବା ଆଲୋକ ଅନୁସାରେ ଜୀବନଯାପନ କରନ୍ତି (ବିଜାତିମାନଙ୍କ ପାଇଁ ପ୍ରାକୃତିକ ପ୍ରକାଶ ଓ ଯିହୂଦୀମାନଙ୍କ ପାଇଁ ବିଶେଷ ପ୍ରକାଶ) ୧୦:୫ ତପ୍ରରେ ସେମାନେ ଈଶ୍ୱରଙ୍କ ସହିତ ଯଥାର୍ଥ ହୋଇପାରିବେ । ଯାହା ବି ହେଉ ୩:୯-୧୮ର ସାରାଂଶ ଦର୍ଶାଏ ଯେ କେହି କେବେ ଏହା ପାଇ ନାହାନ୍ତି, ପାଇ ପାରିବେ ନାହିଁ ।

ଜଣେ ବିଶ୍ୱାସୀର ପରିବର୍ତ୍ତିତ ଈଶ୍ୱରପରାୟଣଜୀବନ ତାହାର ପ୍ରାରମ୍ଭିକ ବିଶ୍ୱାସ ପ୍ରତ୍ୟୁତ୍ତର ଦୃଢ଼ିଭୂତ ଓ ମୂଲ୍ୟପଣ କରିବା ପରି ଦେଖାଯାଏ । ପରିବର୍ତ୍ତିତ ଜୀବନ, ଈଶ୍ୱରଙ୍କ ଆତ୍ମା ବାସ କରିବାର ଚିହ୍ନ ଅଟେ (୧୦,୧୩ ପଦ, ମାଥିଉ ୭, ଏଫିସୀୟ ୨:୮,୧୦, ଯାକୁବ ୨:୧୪-୨୬ ଏବଂ ୧ ଯୋହନ) । ବିଶେଷ ପ୍ରସଙ୍ଗ ଦେଖ : ୮:୨୫କୁ ଅଧିବସାୟ ସହ ବିନିଯୋଗ କରିବା ଆବଶ୍ୟକ ।

▣ **''ଅନନ୍ତଜୀବନ ''** ଏହା ଯୋହନଙ୍କ ଲେଖାର ଏକ ଚାରିତ୍ରିକ ଗୁଣାତ୍ମକ ଖଣ୍ଡବାକ୍ୟ ଏବଂ ପ୍ରଥମ ତିନି ମଙ୍ଗଳସମାଚାର ବା ସୁସମାଚାରରେ ଆବଶ୍ୟକମତେ ବ୍ୟବହୃତ ହୋଇଅଛି । ପାଉଲ ଦାନିଏଲ ୧୨:୨ ଏହି ଖଣ୍ଡବାକ୍ୟ ଉଦ୍ଧୃତ କରିବା ପରି ଦେଖାଯାଏ (ତିତସ ୧:୧,୩:୭), ଯେଉଁଠାରେ ଏହା ନୂତନ ଯୁଗର ଜୀବନକୁ, ଈଶ୍ୱରଙ୍କ ସହିତ ସହଭାଗିତାର ଜୀବନକୁ, ପୁନରୁତ୍ଥିତ ଜୀବନକୁ ସୂଚାଏ । ସେ ପ୍ରଥମେ ଏହା ଗାଲାତୀୟ ୬:୮ରେ ବ୍ୟବହାର କରନ୍ତି । ଏହା ରୋମୀ ପୁସ୍ତକର ମୂଳତତ୍ତ୍ୱ ବିଭାଗର ଏକ ସାଧାରଣ ପ୍ରସଙ୍ଗ ଅଟେ (୨:୭,୫:୨୧, ୬:୨୨,୨୩) । ଏହା ମଧ୍ୟ ପାଳକୀୟ ପତ୍ରମାନଙ୍କରେ ଅନେକ ଥର ଦେଖାଯାଏ (୧ମ ତୀମଥି ୧:୧୬, ତିତସ ୧:୨,୩:୭) ।

**୨:୮**

**ଏନ୍ଏସ୍‌ବି** **''ଯେଉଁମାନେ ସ୍ୱାର୍ଥପରଭାବେ ଉଚ୍ଚାଭିଳାଷୀ''**

**ଏନ୍‌କେଜେଭି** **''ଯେଉଁମାନେ ସ୍ୱାର୍ଥନ୍ୱେଷୀ''**

**ଟି.ଇ.ଭି** **''ଅନ୍ୟ ଲେକାମାନେ ସ୍ୱାର୍ଥପର''**

**ଏନ୍‌ଜେବି** **''ଯେଉଁମାନେ ଇର୍ଷାଳୁ''**

ଶବ୍ଦଟି ମୂଳରୁ ବୁଝାଇଛି ''ମୂଲ ପାଇଁ କାର୍ଯ୍ୟ କରିବା'' (ଟୋବି ୨:୧୧)

୧. ''ସ୍ୱାର୍ଥପର ଉଚ୍ଚାଭିଳାଷ'' ରୋମୀ ୨:୮କୁ ବ୍ୟବହାର କରି ଟିପ୍ପଣୀ ଦିଏ ''ଅନ୍ୟଜଣକଠାରୁ ଉତ୍ତମତର ହେବାକୁ ଚାହିଁବା, ଯାହା ଏହି ପରିପ୍ରେକ୍ଷୀରେ ଯଥାର୍ଥ

୨. ''ଶତୃତା'' ଫିଲିପ୍ପୀ ୧:୧୭ ବ୍ୟବହାର କରି ଟିପ୍ପଣୀ ଦିଏ '' ପ୍ରତିଦ୍ୱନ୍ଦିତା'' ଏକୁ ଅନୁବାଦ ପସନ୍ଦ ଭାବରେ (ଆହୁରି ମଧ୍ୟ ଦେଖ ୨ କରିନ୍ଥୀ ୧୨:୨୦, ଗାଲାତୀୟ ୫:୨୦, ଫିଲିପ୍ପୀ ୨:୩, ଯାକୁବ ୩:୧୪,୧୬)

▣ **''ପୁଣି ସତ୍ୟର ଅନଜ୍ଞାବାହ''''ସତ୍ୟ'' ଶବ୍ଦ** (ଆଲଥେଇଆ) ଏହା ହିବ୍ରୁ ଅର୍ଥରେ ବ୍ୟବହୃତ ହୋଇଥିଲା (ଏମେଥ) ସତ୍ୟବାଦୀତା ଓ ବିଶ୍ୱାସଯୋଗ୍ୟତା ପାଇଁ । ଏହି ଦୃଷ୍ଟିକୋଣରେ ଏହାର ଏକ ନୈତିକ ଲକ୍ଷ୍ୟ ଥିଲା, ଜ୍ଞାନଯୁକ୍ତ ଲକ୍ଷ୍ୟ ନୁହେଁ । ବିଶେଷ ପ୍ରସଙ୍ଗ ଦେଖ : ୧:୧୮ରେ ପାଉଲଙ୍କ ଲେଖାରେ ସତ୍ୟତା ବିଷୟ ।

**୨:୯ ''ପ୍ରତ୍ୟେକ ଦୁଷ୍କର୍ମକାରୀ ଲୋକର ପ୍ରାଣ ଉପରେ''** ପାଉଲ ଏହି ଗ୍ରୀକ୍ ଶବ୍ଦ ''ପାସ୍'' କୁ ଅନୁବାଦ କଲେ ''ସମସ୍ତ'' ବା ''ପ୍ରତ୍ୟେକ ରୂପେ ରୋମୀୟ ପୁସ୍ତକର ଏହି ପ୍ରାରମ୍ଭ ଅଧ୍ୟାୟମାନଙ୍କରେ ଅଧିକାଂଶ ଥର । ଉଭୟର ସାର୍ବଜନୀୟ ପ୍ରୟୋଗମାନ ଦର୍ଶାଇବାକୁ ଯଥା: ''ମନ୍ଦ ସମାଚାର'' (ମାନବଜାତିର ହଜିଯାଇଥିବା ଅବସ୍ଥା ଏବଂ ଈଶ୍ୱରଙ୍କ ବିଚାରର ମୁଖାପେକ୍ଷା ନ ଥିବା) ଏବଂ ''ସୁସମାଚାର'' (ଈଶ୍ୱରଙ୍କ ବିନାମୂଲ୍ୟରେ ପରିତ୍ରାଣ ପ୍ରଦାନ ଓ ସମସ୍ତ ଅନୁତପ୍ତ ଏବଂ ବିଶ୍ୱାସୀମାନଙ୍କ ପାଇଁ ଖ୍ରୀଷ୍ଟଙ୍କଠାରେ ସମ୍ପୂର୍ଣ୍ଣ କ୍ଷମା) ।

ଏହି ଶାସ୍ତ୍ରାଂଶ ଦୃଷ୍ଟିରୁ ଏହା ଏକ ସାର୍ବଜନୀନ ବିଚାର ଓ ଏହାର ଫଳସ୍ୱରୂପ ପରିମାଣସମୂହକୁ ବଳିଷ୍ଠ ଭାବେ ବୁଝାଏ ।  ଏହି ସତ୍ୟତା ଉଭୟ ଧାର୍ମିକ ଓ ଦୁଷ୍ଟର ଏକ ପୁନରୁତ୍ଥାନ ଦାବୀ କରେ (ଦାନିଏଲ ୧୨:୨, ଯୋହନ ୫:୨୮,୨୯, ପ୍ରେରିତ ୨୪:୧୫)

ଯଦି ୬-୧୧ ପଦ ଏକ, ତେବେ ୮-୯ ପଦ ମୁଖ୍ୟ ପଦମାନେ, ଯାହା ବିଚାର ବା ମନ୍ଦକର୍ମକାରୀମାନଙ୍କୁ ସୂଚାଏ ।

**୨:୯-୧୦** ''ପ୍ରଥମେ ଯିହୁଦୀ'' ଏହାର ଗୁରୁତ୍ୱ ଦେବାକୁ ବାରମ୍ବାର ପୁନରାବୃତ୍ତି କରି ଲେଖା ହୋଇଛି ।  ଯିହୁଦୀମାନଙ୍କର ପ୍ରଥମ ସୁଯୋଗ ଥିଲା, ଯେହେତୁ ସେମାନଙ୍କ ନିକଟରେ ଈଶ୍ୱର ନିଜକୁ ପ୍ରଥମେ ପ୍ରକାଶ କରିଥିଲେ ( ୧:୬, ମାଥିଉ ୧୦:୬ ୧୫:୨୪, ଯୋହନ ୪:୨୨, ପ୍ରେରିତ ୩:୨୬, ୧୩:୪୬), ମାତ୍ର ସେମାନେ ମଧ୍ୟ ବିଚାରରେ ପ୍ରଥମ ବିଚାରିତ (୯-୧୧) କାରଣ ଈଶ୍ୱରଙ୍କ ପ୍ରକାଶିତ ହେବା ସେମାନଙ୍କଠାରେ ଥିଲା ।

୨:୧୧

**ଏନଏସ୍‌ବି ଏନ୍‌କେଜେଭି** **''କାରଣ ଈଶ୍ୱରଙ୍କଠାରେ କୌଣସି ମୁଖାପେକ୍ଷା ନାହିଁ''**

**ଏନ୍‌ଆରଏସ୍‌ଭି** **''କାରଣ ଈଶ୍ୱର ବାହାର ପକ୍ଷ ସମର୍ଥନ କରନ୍ତି ନାହିଁ''**

**ଟିଇଭି.** **''କାରଣ ଈଶ୍ୱର ପ୍ରତ୍ୟେକଙ୍କୁ ସମାନ ସ୍ତରରେ ବିଚାର କରନ୍ତି''**

**ଏନ୍‌ଜେବି** **''କାରଣ ଈଶ୍ୱରଙ୍କଠାରେ କୌଣସି ପକ୍ଷାପାତିତା ନାହିଁ''**

ଆକ୍ଷରିକ ଭାବେ ଏହା ''ମୁଖ ଉତ୍ତୋଳନ କରିବାକୁ'' ଯାହା ପୁରାତନନିୟମର ନ୍ୟାୟଗତ ରୀତିରୁ ଏକ ଉପମା ଥିଲା ( ଲେବୀ ୧୯:୧୫, ଦ୍ୱିତୀୟ ବିବରଣ ୧୦:୧୭, ୨ କରନ୍ଥୀ ୧୯:୭, ପ୍ରେରିତ ୧୦:୩୪, ଗାଲାତୀ ୨:୬, ଏଫିସୀ ୬:୯, କଲସୀ ୩:୨୫, ୧ ପିତର ୧:୧୭) । ଯଦି ଜଣେ ବିଚାପତି ଯାହାକୁ ନ୍ୟାୟଭାବେ ଶାସନ କରିଛନ୍ତି ତାହାକୁ ସେ ଦେଖନ୍ତି ତେବେ ସେ ପ୍ରଭାବିତ ବ ପକ୍ଷପାତ କରିବାର ସୁଯୋଗ ଥାଏ ।

**ବିଶେଷ ପ୍ରସଙ୍ଗ : ଜାତି ବା ଗୋଷ୍ଠୀଗତ ଉତ୍କର୍ଷତାର ଉତ୍ସ (ଗୋଷ୍ଠୀଗତ ମତବାଦ)**

୧. ପରିଚୟ

କ) ସମାଜରେ ପତିତ ମାନବ ଜାତି ଦ୍ୱାରା ଏହା ଏକ ସାର୍ବଜୀନନ ପରିପ୍ରକାଶ । ଏହା ହେଉଛି ମାନବଜାତିର ଅହଂଭାବ ବା ସ୍ୱାଭିମାନ, ଅନ୍ୟମାନଙ୍କର ପୃଷ୍ଠ ଉପରେ ଆପଣାକୁ ସପକ୍ଷ ଦେଉଅଛି । ଗୋଷ୍ଠୀଗତ ମତବାଦ ହେଉଛି, ଅନେକ ଭାବରେ ଏକ ଆଧୁନିକ ଘଟଣା ଯେତେବେଳେ ଜାତୀୟତା (ବା ଜାତିଗତ ମତବାଦ) ଏକ ଅଧିକ ପୁରାତନ ପ୍ରକାଶ ଅଟେ ।

ଖ) ଜାତିଗତ ମତବାଦ ବାବିଲରୁ ଆରମ୍ଭ ହେଲା (ଆଦି ୧୧) ଏବଂ ଯାହା ମୂଳରୁ ନୋହଙ୍କ ତିନିପୁତ୍ରମାନଙ୍କ ସହିତ ସମ୍ପୃକ୍ତ ଯେଉଁଥିରୁ ନାମରେ ଥିବା ଗୋଷ୍ଠୀ ବା ଜାତିଗତ ବୃଦ୍ଧିଲାଭ କରେ (ଆଦି ୧୦) । ଯାହାବି ହେଉ ଏହା ଶାସ୍ତ୍ରରୁ ସ୍ପଷ୍ଟ ଯେ, ମାନବ ଜାତିର ଉତ୍ପତ୍ତି ସହିତ ମାତ୍ର (ଆଦି ୧-୩, ପ୍ରେରିତ ୧୭:୨୪-୨୬) ।

ଗ) ଗୋଷ୍ଠିଗତ ମତବାଦ ହେଉଛି ଅନେକ ଅଧିକାରଦାବୀମାନଙ୍କ ମଧ୍ୟରୁ ଗୋଟିଏ । କେତେକ ଅନ୍ୟସମସ୍ତ ହେଉଛି (୧) ବିଦ୍ୟାଧ୍ୟୟନ ସମ୍ବନ୍ଧୀୟ ଉଦ୍ଧତତା (୨) ସାମାଜିକ-ଆର୍ଥିକ ଅହଂକାର (୩) ଆତ୍ମ-ଧାର୍ମିକ ଧର୍ମ ସମ୍ବନ୍ଧୀୟ ନ୍ୟାୟବାଦ ଏବଂ (୪) ଯଥାର୍ଥ ବୋଲି ପ୍ରମାଣ ନ ଥିବା ନୀତିଗତ ସମ୍ପୃକ୍ତି ବା ଅନ୍ତର୍ଭୁକ୍ତ ।

୨. ବାଇବଲ ସମ୍ବନ୍ଧୀୟ ବସ୍ତୁମାନ

କ) ପୁରାତନ ନିୟମ

୧. ଆଦି ୧:୨୭ - ମାନବ ଜାତି, ପୁରୁଷ ଓ ସ୍ତ୍ରୀ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀ ଓ ସାଦୃଶ୍ୟରେ ନିର୍ମିତ ହେଲେ, ଯାହାକି ସେମାନଙ୍କୁ ଅନନ୍ୟରେ ପରିଣତ କଲା। ଏହା ମଧ୍ୟ ଦର୍ଶାଏ ସେମାନଙ୍କର ପ୍ରତ୍ୟେକର ମୂଲ୍ୟ ଓ ବିଶେଷତ୍ୱ ବା ମର୍ଯ୍ୟାଦା ( ଯୋହନ ୩:୧୬)

୨. ଆଦି ୧:୧୧-୨୫ - ଖଣ୍ଡବାକ୍ୟ ଲିପିବଦ୍ଧ କରେ,... ସେମାନଙ୍କୁ ସ୍ୱ ସ୍ୱ ଜାତି ଅନୁସାରେ... ଦଶଥର। ଏହା ଜାତିଗତ ପୃଥକୀକରଣକୁ ସପକ୍ଷତା ଦେବା ସକାଶେ ବ୍ୟବହୃତ ହୋଇ ଆସିଅଛି । ଯାହା ବି ହେଉ, ପୂର୍ବପର ସମ୍ବନ୍ଧରୁ ଏହା ସ୍ପଷ୍ଟ ଯେ, ଏହା ପଶୁପକ୍ଷୀ ଇତ୍ୟାଦି ପ୍ରାଣୀଗତ ଓ ଉଦ୍ଭିଦସମୂହକୁ ବୁଝାଏ ଏବଂ ମାନବଜାତିଙ୍କୁ ନୁହେଁ ।

୩. ଆଦି ୯:୧୮-୨୭ - ଜାତିଗତ କର୍ତ୍ତୃତ୍ୱ ବା ଆଧିପତ୍ୟକୁ ସପକ୍ଷତା ଦେବା ପାଇଁ ଏହା ବ୍ୟବହୃତ ହୋଇଆସିଛି । ଏହା ସ୍ମରଣ ରଖିବା ଉଚିତ୍ ଯେ, ଈଶ୍ୱର କିଣାନକୁ ଅଭିଶାପ ଦେଇ ନ ଥିଲେ । ନୋହ, କିଣାନର ଜେଜେ ବାପା ଏକ ମଦ୍ୟପାନର ସଂଜ୍ଞାହୀନ ଅବସ୍ଥାରୁ ଜାଗ୍ରତ ହେବା ପରେ ତାହାକୁ ଅଭିଶାପ ଦେଇଥିଲେ । ଏହି ଶପଥ ଅଭିଶାପ ଈଶ୍ୱର ଦୃଢ଼ିକୃତ କରିଥିଲେ ବୋଲି ବାଇବଲ କେବେହେଲେ ଲିପିବଦ୍ଧ କରି ନାହିଁ । କିଣାନ, ପାଲେଷ୍ଟାଇନ ଅଧିବାସୀମାନଙ୍କ ପିତା ଥିଲେ ଏବଂ ମିଶରୀୟ ପ୍ରାଚୀର ଚିତ୍ରକଳା ଦର୍ଶାଏ ଯେ, ସେମାନେ କୃଷ୍ଣକାୟ ନ ଥିଲେ ।

୪. ଯିହୋଶୂୟ ୯:୨୩- ଗୋଟିଏ ଜାତି (ବଂଶ) ଅନ୍ୟବଂଶର ସେବା କରିବ ବୋଲି ଏହା ପ୍ରମାଣ କରି ଆସିଥିଲା । ଯାହା ବି ହେଉ ଏହି ଦୃଷ୍ଟିରୁ ଗିବିୟୋନୀୟମାନେ, ଯିହୁଦୀମାନଙ୍କ ପରି ସଞ୍ଚିତ ଗୋଷ୍ଠୀରୁ ଆସଥିଲେ ।

୫. ଏଜ୍ରା ୯-୧୦ ଓ ନିହିମିୟା ୧୩ - ଏହା ଅନେକ ସମୟରେ ଏକ ଗୋଷ୍ଠୀୟ ଅର୍ଥରେ ବ୍ୟବହୃତ ହୋଇ ଆସିଅଛି । ମାତ୍ର ପୂର୍ବାପର ସମ୍ବନ୍ଧ ଦର୍ଶାଏ ଯେ ବିବାହମାନ ବଂଶଗତ ବିଷୟ ହେତୁ ଦୋଷୀକୃତ ହେଉନଥିଲା (ସେମାନେ ନୋହଙ୍କର ସେହି ସମାନ ପୁତ୍ରଠାରୁ ଉତ୍ପନ୍ନ ଥିଲେୟ) ୧୦ ଅଧ୍ୟାୟ ଆଦିପୁସ୍ତକ, ମାତ୍ର ଧର୍ମ ସମ୍ବନ୍ଧୀୟ କାରଣ ହେତୁ ।

ଖ) ନୂତନ ନିୟମ

୧. ସୁସମାଚାରମାନ

କ) ବିଭିନ୍ନ ଘଟଣାମାନର ଉପରେ ଯିହୁଦୀ ଓ ଶମିରୋଣୀୟମାନଙ୍କ ମଧ୍ୟରେ ଥିବା ଘୃଣାଭାବକୁ ଯୀଶୁ ବ୍ୟବହାର କରିଥିଲେ । ଯାହା ଦର୍ଶାଏ ଯେ ବଂଶ ବା ଜାତିଗତ ଘୃଣା ଉପଯୁକ୍ତ ବା ଯଥାର୍ଥ ନୁହେଁ ।

୧. ଉତ୍ତମ ଶମିରୋଣୀୟର ଦୃଷ୍ଟାନ୍ତ (ଲୂକ ୧୦:୨୫-୩୭)

୨. କୂପ ନିକଟ ସ୍ତ୍ରୀଲୋକ (ଯୋହନ ୪)

୩. ଧନ୍ୟବାଦୀ କୁଷ୍ଠରୋଗୀ (ଲୂକ ୧୭:୭-୧୯)

ଖ) ସମସ୍ତ ମାନବ ଜାତି ପାଇଁ ସୁସମାଚାର ଦିଆଯାଇଛି

୧. ଯୋହନ ୩:୧୬

୨. ଲୂକ ୨୪:୪୬-୪୭

୩. ଏବ୍ରୀ ୨:୯

୪. ପ୍ରକାଶିତ ୧୪:୬

ଗ) ରାଜ୍ୟ, ସମସ୍ତ ମାନବଜାତିକୁ ଅର୍ନ୍ତଭୁକ୍ତ କରିବ

୧. ଲୂକ ୧୩:୨୯

୨. ପ୍ରକାଶିତ ୫

୨. ପ୍ରେରିତ

କ) ପ୍ରେରିତ ୧୦ ଈଶ୍ୱରଙ୍କ ପ୍ରେମ ଉପରେ ଏକ ନିର୍ଦ୍ଦିଷ୍ଟ ଶାସ୍ତ୍ରାଂଶ ଏବଂ ସୁସମାଚାର ସାର୍ବଜନୀନ ସମ୍ବାଦ ଅଟେ

ଖ) ପ୍ରେରିତ ୧୧ ପିତର ତାଙ୍କ କାର୍ଯ୍ୟମାନର ହେତୁ ଆକ୍ରମତି ହୋଇଥିଲେ ଏବଂ ଏହି ସମସ୍ୟା ପ୍ରେରିତ ୧୫ରେ ଯିରୁଶାଲମ କାଉନ୍‌ସିଲ୍ ଏକତ୍ର ହେବା ପର୍ଯ୍ୟନ୍ତ ଅନୁମୋଦିତ ହୋଇ ନ ଥିଲା ଏବଂ ସମାଧାନକୁ ଆସି ନ ଥିଲା । ପ୍ରଥମ ଶତାବ୍ଦୀର ଯିହୁଦୀ ଓ ବିଜାଜିମାନଙ୍କ ମଧ୍ୟରେ ତିକ୍ତତା ବହୁତ ଗଭୀର ବା ତୀବ୍ର ଥିଲା ।

୩. ପାଉଲ

କ. ଖ୍ରୀଷ୍ଟଙ୍କଠାରେ କୌଣସି ପ୍ରତିରୋଧକ ନ ଥିଲା

୧. ଗାଲାତୀ ୩:୨୬-୨୮

୨. ଏଫିସୀ ୨:୧୧-୨୨

୩. କଲସୀ ୩:୧୧

ଖ. ଈଶ୍ୱରଙ୍କ ପାଖରେ କୌଣସି ମୁଖାପେକ୍ଷା ନାହିଁ

୧. ରୋମୀ ୨:୧୧

୨. ଏଫିସୀ ୬:୯

୪. ପିତର ଓ ଯାକୁବ

କ. ଈଶ୍ୱରଙ୍କ ପାଖେ କୌଣସି ମୁଖାପେକ୍ଷା ନାହିଁ ୧ ପିତର ୧:୧୭

ଖ. ଈଶ୍ୱର ପକ୍ଷପାତିତା କରୁ ନ ଥିବା ହେତୁ ତାହାଙ୍କ ଲୋକମାନେ ମଧ୍ୟ କରିବା ଅନୁଚିତ୍ ଯାକୁବ ୨:୧

୫. ଯୋହନ

କ. ବିଶ୍ୱାସୀମାନଙ୍କ ଦାୟିତ୍ୱ ଉପରେ ଥିବା ବଳିଷ୍ଠତମ ମନ୍ତବ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ୧ ଯୋହନ ୪:୨୦ରେ ଅଛି

୩. ଉପସଂହାର

କ. ଗୋଷ୍ଠୀଗତ ମତବାଦ ବା ଏହି ବିଷୟ ପାଇଁ ଯେକୌଣସି ପ୍ରକାର ପୂର୍ବଧାରଣାଗତ ମତ, ଈଶ୍ୱରଙ୍କ ସନ୍ତାନମାନଙ୍କ ପାଇଁ ସମ୍ପୂର୍ଣ୍ଣ ରୂପେ ଅନୁପଯୁକ୍ତ । ଏଠାରେ ହେନଲି ବାର୍ନେଟେଙ୍କଠାରୁ ଏକ ଉଦ୍ଧୃତାଂଶ ଅଛି, ଯେକି ନିୟୁ ମେକ୍ସିକୋର ଗ୍ଲୋରଏଟାରେ ଏକ ଖୋଲା ମୈଦାନରେ ୧୯୬୪ରେ ଖ୍ରୀଷ୍ଟୀୟ ଜୀବନ ପାଇଁ ଆଦେଶ ସକାଶେ ବକ୍ତୃତା ପ୍ରଦାନ କରିଥିଲେ ।

''ଗୋଷ୍ଠୀଗତମତବାଦ ଏକ ବିରୋଧ ମତବାଦ ଅଟେ କାରଣ ଏହା ବାଇବଲ ମତବିରୋଧୀ, ଅଖ୍ରୀଷ୍ଟିୟାନ, ବିଜ୍ଞାନ ବିରୋଧୀ ପ୍ରକାଶ କରାଯିବ ନାହିଁ ।''

ଖ. ଏହି ସମସ୍ୟା ଖ୍ରୀଷ୍ଟିୟାନଙ୍କୁ ଖ୍ରୀଷ୍ଟଙ୍କ ପରି ପ୍ରେମ, କ୍ଷମା ଓ ହଜିଯାଇଥିବା ଜଗତକୁ ବୁଝିବାକୁ ସମର୍ଥ ଥିବା ଦର୍ଶାଇବାକୁ ସୁଯୋଗ ପ୍ରଦାନ କରେ । ଏହି କ୍ଷେତ୍ରରେ ଖ୍ରୀଷ୍ଟିୟାନ ନାସ୍ତି କରିବା ଅପରିପକ୍ୱତା ପ୍ରଦର୍ଶନ କରେ ଏବଂ ଏହା ଏକ ବିଶ୍ୱାସୀର ବିଶ୍ୱାସ ନିଶ୍ଚୟତାରେ ଓ ବୃଦ୍ଧି ବାଧା ଦେବାକୁ ମନ୍ଦ ବ୍ୟକ୍ତିକୁ ବା ଶୟତାନକୁ ସୁଯୋଗ ଦିଏ । ଏହା ମଧ୍ୟ ହଜିଯାଇଥିବା ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆସିବାରେ ଏକ ପ୍ରତିବନ୍ଧକ ଅଟେ ।

ଗ. ମୁଁ କ'ଣ କରିପାରେ ? ଏହି ଅଂଶ ଏକ ଖ୍ରୀଷ୍ଟିୟ ଜୀବନ ଆଦେଶ ପତ୍ରିକାର ''ଗୋଷ୍ଠୀ ସମ୍ପର୍କମାନ'' ପ୍ରସଙ୍ଗରୁ ନିଆଯାଇଛି ।

''ବ୍ୟକ୍ତିଗତ ସ୍ତର ଉପରେ''

★ ଗୋଷ୍ଠୀ ବା ଜାତି ସହିତ ସମ୍ପୃକ୍ତ ସମସ୍ୟାମାନରେ ନିଜର ଦାୟିତ୍ୱ ଗ୍ରହଣ କର

★ ପ୍ରାର୍ଥନା, ବାଇବଲ ଅଧ୍ୟୟନ ଏବଂ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ସହଭାଗିତ ଦ୍ୱାରା ଗୋଷ୍ଠୀଗତ ଭୁଲଧାରଣାମାନଙ୍କ ଉପରେ ଜୟ କରିବାକୁ ଓ ପରିତ୍ୟାଗ କରିବାକୁ ଆପ୍ରାଣ ଚେଷ୍ଟା କର ।

★ ଗୋଷ୍ଠୀ ବିଷୟରେ ତୁମର ହୃଦବୋଧମାନ ପ୍ରକାଶ କର । ବିଶେଷତଃ ଯେଉଁଠାରେ ସେହି ଗୋଷ୍ଠୀଗତ ଘୃଣାଭାବ ଉଦ୍ରେକ ହୋଇଛି ତାହା ଯେପରି ଦମନ କରାଯାଇପାରିବ ।

''ପାରିବାରିକ ଜୀବନରେ''

★ ଅନ୍ୟ ଗୋଷ୍ଠୀମାନଙ୍କ ପ୍ରତି ମନବୃତ୍ତଇ ଉନ୍ନତିକରଣ ପରିବାରର ପ୍ରଭାବର ଗୁରୁତ୍ୱ ପ୍ରକାଶ କର ।

★ ଗୃହ ବାହାରେ ଗୋଷ୍ଠୀଗତ ବିଷୟ ଯାହା ପିଲାମାନେ ଓ ପିତାମାତା ଶୁଣନ୍ତି ତାହା ଉପରେ ଆଲୋଚନା କରିବା ଦ୍ୱାରା ଖ୍ରୀଷ୍ଟିୟାନ ମନୋବୃତ୍ତି ବୃଦ୍ଧି କରିବାକୁ ଅନ୍ୱେଷଣ କର।

★ ଅନ୍ୟ ଗୋଷ୍ଠୀସବୁର ଲୋକମାନଙ୍କ ସହିତ ସମ୍ପର୍କରେ ଏକ ଖ୍ରୀଷ୍ଟିୟ ଆଦର୍ଶ ରକ୍ଷା କରିବାକୁ ପିତାମାତା ଯତ୍ନଶୀଳ ହେବା ଉଚିତ୍ ।

★ ଗୋଷ୍ଠୀଗତ ଧାଡ଼ି ବାହାରେ ପାରିବାରିକ ବନ୍ଧୁତାମାନ ସ୍ଥାପନ କରିବାକୁ ସୁଯୋଗମାନ ଅନ୍ୱେଷଣ କର ।

'' ତୁମ ମଣ୍ଡଳୀରେ''

★ ଗୋଷ୍ଠୀ ସମ୍ବନ୍ଧୀୟ ବାଇବଲ ସତ୍ୟତାର ପ୍ରଚାର ଓ ଶିକ୍ଷା ଦ୍ୱାରା ଉପାସକ ମଣ୍ଡଳୀ ସମୁଦାୟ ସମ୍ପ୍ରଦାୟ ନିମନ୍ତେ ଏକ ଆଦର୍ଶ ସ୍ଥାପନ କରିବାକୁ ଲକ୍ଷ୍ୟଭୁକ୍ତ ହୋଇପାରିବ ।

★ ଉପାସନା, ସହଭାଗିତା ଓ ସେବା ମଣ୍ଡଳୀ ଦ୍ୱାରା ସମସ୍ତଙ୍କ ନିମନ୍ତେ ମୁକ୍ତ, ଏବିଷୟରେ ନିଶ୍ଚିତ ହୁଅ, ଏପରିକି ଯେପରି ନୂତନ ନିୟମ ମଣ୍ଡଳୀମାନ କୌଣସି ଗୋଷ୍ଠୀଗତ ବାଧା ଅନୁଭବ କରୁ ନ ଥିଲେ ( ଏଫିସୀ ୨:୧୧-୨୨, ଗାଲାତୀ ୩:୨୬-୨୯)

''ଦୈନନ୍ଦିନ ଜୀବନରେ''

★ କାର୍ଯ୍ୟ ଜଗତରେ ସମସ୍ତ ଗୋଷ୍ଠୀଗତ ବିଭିନ୍ନତା ଉପରେ ଜୟଲାଭ କରିବାକୁ ବା ଅତିକ୍ରମ କରିବାକୁ ସାହାଯ୍ୟ କର ।

★ ସମାନ ଅଧିକାର ଓ ସୁଯୋଗମାନ କରିବା ଲାଗି ସମସ୍ତ ପ୍ରକାର ସାମ୍ପ୍ରଦାୟିକ ସଂଗଠନମାନଙ୍କ ସହିତ ବା ମାଧ୍ୟମରେ କାର୍ଯ୍ୟ କର। ସ୍ମରଣ କର ଯେ ଏହା ହେଉଛି ଗୋଷ୍ଠୀ ସମସ୍ୟା ଯାହା ଆକ୍ରମିତ ହେବା ଉଚିତ୍, ଲୋକମାନେ ନୁହନ୍ତି । ଲକ୍ଷ୍ୟ ହେଉଛି, ବୁଝାମଣାର ଉନ୍ନତି, ତିକ୍ତତା ସୃଷ୍ଟି କରିବାକୁ ନୁହେଁ ।

★ ଏହା ଯଦି ଜ୍ଞାନପୂର୍ଣ୍ଣ ଦେଖାଯାଏ, ଏବିଷୟ ଚିନ୍ତାକରୁଥିବା ନାଗରିକମାନଙ୍କୁ ନେଇ ଏକ ବିଶେଷ କମିଟିଗଠନ କର ଯେପରି ଜନସାଧାରଣଙ୍କ ବିଦ୍ୟାଧ୍ୟୟନ ଏବଂ ଗୋଷ୍ଠିଗତ ସମ୍ପର୍କମାନ ବୃଦ୍ଧି ପାଇବା କାର୍ଯ୍ୟକଳାପମାନ କରିବା ପାଇଁ ସମ୍ପ୍ରଦାୟରେ ଯୋଗାଯୋଗର ସୁଯୋଗ ବା ଉପାୟମାନ ପଥ ଖୋଲିବା ଉଦ୍ଦେଶ୍ୟ ସଫଳ ହେବ ।

★ ଗୋଷ୍ଠୀଗତ ନ୍ୟାୟ ଉନ୍ନତି କରିବା ନିୟମମାନ ପ୍ରଣୟନ କରିବାରେ ଏବଂ ରାଜନୈତିକ ଲାଭ ପାଇଁ ଯେଉଁମାନେ ପୂର୍ବମତକୁ ଦୃଢ଼ରୂପେ ବ୍ୟବହାର କରନ୍ତି ସେମାନଙ୍କୁ ବିରୋଧ କରିବା ନିମନ୍ତେ ନ୍ୟାୟଗତ ଆଇନ ଓ ଆଇନଜ୍ଞମାନଙ୍କ ସପକ୍ଷତା ନିଅ ।

★ କୌଣସି ବିଭେଦ ବିନା ନିୟମ ବା ଆଇନ ବଳବତ୍ତର କରବା ପାଇଁ ନିୟମ ପ୍ରବର୍ତ୍ତକମାନଙ୍କୁ ସୁପାରିଶ କର ।

★ ହିଂସା ପରିହାର ଏବଂ ଆଇନ ସମସ୍ତ ପ୍ରତି ସମ୍ମାନ ବୃଦ୍ଧି କରିବା, ଏକ ଖ୍ରୀଷ୍ଟିୟାନ ନାଗରିକରୂପେ ଯାହା ସମ୍ଭବ ସମସ୍ତ କରିବା ଦ୍ୱାରା ନିଶ୍ଚୟ ହୁଅ ଯେପରି ନ୍ୟାୟକୃତିମାନ ବିଭେଦ ବୃଦ୍ଧି କରୁଥିବା ଲୋକମାନଙ୍କ ହସ୍ତମାନଙ୍କରେ ଅସ୍ତ୍ର ସବୁରେ ପରିଣତ ନ ହୁଏ ।

★ ସମସ୍ତ ମାନବ ସମ୍ପର୍କରେ ଖ୍ରୀଷ୍ଟଙ୍କ ଆତ୍ମା ଓ ମନ ଯେପରି ଆଦର୍ଶସ୍ୱରୂପ ପ୍ରଦର୍ଶିତ ହେବ ।

ଏନ୍ଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୨:୧୨-୧୬

**ଯେଣୁ ଯେତେ ବ୍ୟବସ୍ଥାବିହୀନ ହୋଇ ପାପ କରିଅଛନ୍ତି, ସେମାନେ ମଧ୍ୟ ବ୍ୟବସ୍ଥା ବିନା ବିନଷ୍ଟ ହେବେ । ଆଉ ଯେତେ ବ୍ୟବସ୍ଥା ପ୍ରାପ୍ତ ହୋଇ ପାପ କରିଅଛନ୍ତି ସେମାନେ ବ୍ୟବସ୍ଥାନୁସାରେ ବିଚାରିତ ହେବେ, କାରଣ ବ୍ୟବସ୍ଥାର ଶ୍ରୋତାମାନେ ଈଶ୍ୱରଙ୍କ ସାକ୍ଷାତରେ ଧାର୍ମିକ ନୁହନ୍ତି, କିନ୍ତୁ ବ୍ୟବସ୍ଥା ପାଳନକାରୀମାନେ ଧାର୍ମିକ ଗଣିତ ହେବ । ଯେଣୁ ବିଜାତିମାନଙ୍କର ସେହି ବ୍ୟବସ୍ଥା ନ ଥିଲେ ସୁଦ୍ଧା, ଯେତେବେଳେ ସେମାନେ ସ୍ୱାଭାବିକ ଭାବରେ ବ୍ୟବସ୍ଥାନୁଯାୟୀ କର୍ମ କରନ୍ତି, ସେତେବେଳେ ସେମାନେ ବ୍ୟବସ୍ଥା ନ ପାଇଲେ ହେଁ ଆପେ ଆପଣା ଆପଣା ପ୍ରତି ବ୍ୟବସ୍ଥା ସ୍ୱରୂପ ଅଟନ୍ତି । କାରଣ ସେମାନେ ବ୍ୟବସ୍ଥାର କର୍ମ ଆପଣା ଆପଣା ହୃଦୟରେ ଲିଖିତ ବୋଲି ଦେଖାନ୍ତି । ସେମାନଙ୍କ ବିବେକ ମଧ୍ୟ ସେଥିରେ ସାକ୍ଷ୍ୟ ଦିଏ ଆଉ ସେମାନଙ୍କ ମନର ତର୍କବିତର୍କ ସେମାନଙ୍କୁ ଦୋଷୀ କିଅବା ନିର୍ଦ୍ଦୋଷୀ କରେ । ଯେଉଁ ଦିନରେ ଈଶ୍ୱର ମୋହର ସୁସମାଚାର ଅନୁସାରେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମନୁଷ୍ୟମାନଙ୍କର ଗୁପ୍ତ ବିଷୟଗୁଡ଼ିକ ବିଚାର କରିବେ ସେହିଦିନ ଏହା ପ୍ରକାଶ ପାଇବ ।**

**୨:୧୨** ''ଯେଣୁ ଯେତେ ବ୍ୟବସ୍ଥାବିହୀନ ହୋଇ ପାପ କରିଅଛନ୍ତି', ଈଶ୍ୱର ସମସ୍ତ ମାନବଗଣଙ୍କୁ ଦାୟୀ କରିବେ, ଏପରିକି ଯଦିବା ସେମାନଙ୍କ ନିକଟରେ ପୁରାତନ ନିୟମ ବା ସୁସମାଚାର ମୁକ୍ତ କରା ଯାଇ ନାହିଁ । ସୃଷ୍ଟିରୁ ଈଶ୍ୱରଙ୍କ ବିଷୟକ କିଛି ଜ୍ଞାନ ସମସ୍ତଙ୍କ ଅଛି ( ୧:୧୯,୨୦ ଗୀତ ୧୯:୧-୬) ଏବଂ ଆଭ୍ୟନ୍ତରୀଣ ନୈତିକ ସଚେତନତା (୨:୧୪-୧୫) ଅଛି । ଦୁଃଖର ବିଷୟ ହେଉଛି ସମସ୍ତେ ଇଚ୍ଛାପୂର୍ବକ ସେମାନେ ପାଇଥିବା ଆଲୋକର ଅବାଧ ହୋଇଅଛି (୧:୨୧-୨୩, ୩:୯, ୧୯,୨୩, ୧୧:୩୨, ଗାଲାତୀୟ ୩:୨୨)

▣ **''ବ୍ୟବସ୍ଥା''** ବ୍ୟବସ୍ଥା ଶବ୍ଦ ଦ୍ୱାରା କୌଣସି (ଚୁକ୍ତି) ଲେଖାନାହିଁ । ଏହି ବ୍ୟାକରଣ ଗଠନ ସାଧାରଣତଃ ବିଶେଷ୍ୟପଦର ଗୁଣକୁ ଗୁରୁତ୍ୱ ଦେଲେ । ଯାହା ବି ହେଉ ରୋମୀୟ ପୁସ୍ତକରେ ପାଉଲ ''ବ୍ୟବସ୍ଥା'' ଶବ୍ଦ ବିଭିନ୍ନ ପ୍ରକାର ବିଷୟ ବୁଝାଇବାକୁ ବ୍ୟବହାର କରନ୍ତି ।

୧. ରୋମୀୟ ଶାସନ

୨. ମୋଶାଙ୍କ ବ୍ୟବସ୍ଥା

୩. ସାଧାରଣଭାବେ ମାନବ ସାମାଜିକ ପ୍ରଥାସମୂହର ବିଷୟ

ଏହାର ପୂର୍ବାପରସମ୍ବନ୍ଧ ଚୁକ୍ତି ବା ଲେଖା ନୁହେଁ, କେଉଁ ନିର୍ଦ୍ଦିଷ୍ଟ ବିଷୟଟି ପ୍ରକାଶ କରିବା ଉଚିତ୍ । ଏହି ଅଂଶ ଗୁରୁତ୍ୱ ଦେଲା ଯେ, ସମସ୍ତ ମାନବଗଣର ହୃଦୟମାନଙ୍କରେ ଈଶ୍ୱର ଆପଣା ବିଷୟରେ ତାହାଙ୍କ ପ୍ରାକୃତିକ ସୃଷ୍ଟି ମଧ୍ୟରେ ଜ୍ଞାନ ପ୍ରଦାନ କରିଅଛନ୍ତି (୧୫ ପଦ) ।

**୨:୧୩** ''କାରଣ ବ୍ୟବସ୍ଥାର ଶ୍ରୋତାମାନେ ଈଶ୍ୱରଙ୍କ ସାକ୍ଷାତରେ ଧାର୍ମିକ ନୁହନ୍ତି ।'' ''ଶ୍ରୋତାମାନେ'' ଶବ୍ଦ ବୁଝାଇ ପାରେ (୧) ଗୁରୁମାନଙ୍କ ଦ୍ୱାରା ବ୍ୟବହୃତ ଯାହା 'ତୋରା' (ହିବ୍ରୁବ୍ୟବସ୍ଥା) ଅଧ୍ୟୟନ କରୁଥିବା ଆଦ୍ୟଗୁରୁମାନଙ୍କ ଛାତ୍ରମାନଙ୍କ ଅର୍ଥରେ ବିଶେଷଭାବେ ବ୍ୟବହାର କରାଯାଇଥିଲା କିଅବା (୨) ଯେଉଁମାନେ ସମାଜଗୃହ ମାନଙ୍କରେ ଶାସ୍ତ୍ରପାଠ କରାଗଲାବେଳେ ଶୁଣୁଥିଲେ । ସ୍ମରଣ ରଖ ନୂତନ ନିୟମର ଲେଖକଗଣ ହିବ୍ରୁ ଚିନ୍ତାଶୀଳ ବ୍ୟକ୍ତିମାନେ କୋଇନେ ଗ୍ରୀକ୍‌ରେ ଲେଖିଥିଲେ । ସେଥିପାଇଁ ଶବ୍ଦ ବିଶ୍ଳେଷଣ ହିବ୍ରୁ ପୁରାତନ ନିୟମ ଗ୍ରୀକ୍ ଅନୁବାଦ (ସେପ୍ଟୁଆଜିଣ୍ଟ୍) ଦ୍ୱାରା ଆରମ୍ଭ ହେବା ଉଚିତ୍, ଗ୍ରୀକ୍ ଅଭିଧାନରୁ ନୁହେଁ ।

''ଧାର୍ମିକ'' ବା ''ଅଧାର୍ମିକ'' ଶବ୍ଦ (ଡିକେ ଏହା ସମସ୍ତଗଠନମାନଙ୍କରେ)ଏକ କଷ୍ଟକର ଶବ୍ଦ ପାଉଲଙ୍କ ପରମାର୍ଥ ଶିକ୍ଷାରେ (୩:୪,୨୦,୨୪,୨୬-୨୮,୩୦,୪:୨,୫, ୫:୧,୯,୬:୭,୮:୩୦,୩୩) । ଶବ୍ଦମାନ ''ଧାର୍ମିକ'', ''ଧାର୍ମିକଗଣିତ'', 'ଯଥାର୍ଥ'' ''ଧାର୍ମିକତା'' ସମସ୍ତ 'ଡିକାଓଇଓସ୍'ରୁ ଆଗତ । ବିଶେଷ ପ୍ରସଙ୍ଗ ଦେଖ : ୧:୧୭ରେ ''ଧାର୍ମିକତା'' । ହ୍ରିବ୍ରୁରେ (ସୋଡାଗ ଡି.ବି. ୮୪୩) ଆଦ୍ୟରୁ ଏକ ଦୀର୍ଘ ସିଧା ଯଷ୍ଟିକୁ ବୁଝାଉଥିଲା । (୧୫ରୁ୨୦ ଫୁଟ ଦୀର୍ଘ) ଯାହା କାନ୍ଥ (ପ୍ରାଚୀର), ବଡ ଇତ୍ୟାଦି ମାପିବା ଓଳମ ଭାବରେ ବ୍ୟବହୃତ ହେଉଥିଲା । ଈଶ୍ୱରଙ୍କ ବିଷୟରେ ଏହା ଦୃଷ୍ଟାନ୍ତ ରୂପେ ତାହାଙ୍କ ବିଚାରର ସ୍ତର ବା ମାପ ନିମନ୍ତେ ବ୍ୟବହୃତ ହେବାକୁ ଆସିଲା ।

ପାଉଲଙ୍କ ଲେଖାମାନଙ୍କରେ ଏହି ଶବ୍ଦର ଦୁଇଟି ଲକ୍ଷ୍ୟ ବା ଅର୍ଥ ଥିଲା । ପ୍ରଥମ, ଈଶ୍ୱରଙ୍କ ନିଜର ଧାର୍ମିକତା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଏକ ବିନାମୂଲ୍ୟର ଦାନ ରୂପେ ପାପପୂର୍ଣ୍ଣ ମାନବଜାତିକୁ ଦିଆଯାଇଅଛି । ଏହା ଅନେକ ସମୟରେ ଆରୋପ କରାଯାଇଥିବା ଧାର୍ମିକତା ବା ଆଇନଗତ ଧାର୍ମିକତା ବୋଲି ନାମିତ ହେଉଥିଲା । ଏହା ଏକ ଧାର୍ମିକ ଈଶ୍ୱରଙ୍କ ସମ୍ମୁଖରେ ଜଣକର ନ୍ୟାୟସଙ୍ଗତ ଭାବେ ଠିଆ ହେବାକୁ ବୁଝାଏ । ଏହା ପାଉଲଙ୍କର ବିଖ୍ୟାତ ''ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ଧାର୍ମିକଗଣିତ ହେବା'' ପ୍ରସଙ୍ଗର ଉତ୍ପତ୍ତି ସ୍ଥଳ ଅଟେ ।

ଦ୍ୱିତୀୟ, ପାପପୂର୍ଣ୍ଣ ମାନବ ଜାତିକୁ ଈଶ୍ୱର ତାହାଙ୍କ ପ୍ରତିମୂର୍ତ୍ତୀରେ ପୁନଃରୁଦ୍ଧାର (ଆଦି ୧:୨୬-୨୭) କରିବା ଲାଗି ତାହାଙ୍କ କାର୍ଯ୍ୟକଳାପ ବା ଅନ୍ୟ ଭାବରେ ଏହା ରଖିଲେ, ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ପରିଣତ କରିବା । ଏହି ପଦ - ମାଥିଉ ୭:୨୪, ଲୂକ ୮:୨୧ ଓ ୧୧:୨୮, ଯୋହନ ୧୩:୧୭, ଯାକୁବ ୧:୨୨-୨୩, ୨୫ ପରି - ବିଶ୍ୱାସୀମାନଙ୍କୁ କେବଳ ଶ୍ରୋତା ମାତ୍ର ନ ହୋଇ କର୍ମକାରୀ ହେବାକୁ ବାଧ୍ୟ କରେ । ଆରୋପିତ ଧାର୍ମିକତା (ଧାର୍ମିକ ଗଣନା), ଧାର୍ମିକ ଜୀବନଯାପନର ଫଳ ନିଶ୍ଚିତ ଉତ୍ପନ୍ନ କରିବା ଉଚିତ୍ (ପବିତ୍ରକରଣ) । ଈଶ୍ୱର ପାପୀମାନଙ୍କୁ କ୍ଷମା କରନ୍ତି ଓ ପରିବର୍ତ୍ତନ କରନ୍ତି ! ପାଉଲଙ୍କର ଏହା ବ୍ୟବହାର କରିବା ଉଭୟ ନ୍ୟାୟସଙ୍ଗତ ଓ ଗୋଷ୍ଠିଗତ । ନୂତନ ନିୟମ ବା ଚୁକ୍ତି ମାନବଗଣଙ୍କୁ ଏକ ନ୍ୟାୟସଙ୍ଗତ ସ୍ଥିତି ପ୍ରଦାନ କରେ ମାତ୍ର ଆହୁରି ମଧ୍ୟ ଏକ ଈଶ୍ୱରପରାୟଣ ଜୀବନଶୈଳୀ ଦାବୀ କରେ । ଏହା ବିନାମୂଲ୍ୟର ଦାନ, ମାତ୍ର ବହୁମୂଲ୍ୟ ଅଟେ ।

▣ **''ମାତ୍ର ବ୍ୟବସ୍ଥାର କର୍ମକାରୀ''** ଏକ ନୂତନ ଆଜ୍ଞାବହ (ବାଧ୍ୟ) ଜୀବନଶୈଳୀ ଈଶ୍ୱର ଦାବୀ କରନ୍ତି ( ଲେବୀ ୧୮:୫, ମାଥିଉ ୭:୨୪-୨୭, ଲୂକ ୮:୨୧, ୧୧:୨୮, ଯୋହନ ୧୩:୧୭, ଯାକୁବ ୧:୨୨-୨୫, ୨:୧୪-୧୮) । ଅନେକ ବାଟରେ ଏହି ଭାବ ଧାରା, ହିବ୍ରୁ ଶବ୍ଦ ''ଶେମା'' (ବିଡିବି ୧୦୩୩)ର ଅନୁରୂପ, ଯାହା ଶୁଣିବା ସେହିପରି କାର୍ଯ୍ୟରେ ପରିଣତ କରିବାକୁ ବୁଝାଏ (ଦ୍ୱିତୀୟ ବିବରଣ ୫:୧, ୬:୪, ୯:୧, ୨୦:୩, ୨୭:୯-୧୦)।

**୨:୧୪**

| | |
|---|---|
| ଏନଏସ୍‌ବି | **''ଯେଣୁଁ ବିଜାତିମାନଙ୍କର ଯେତେବେଳେ ବ୍ୟବସ୍ଥା ନାହିଁ, ବ୍ୟବସ୍ଥାର ବିଷୟଗୁଡ଼ିକ ପ୍ରାକୃତିକଭାବେ କରନ୍ତି, ସେମାନେ ବ୍ୟବସ୍ଥା ନ ପାଇଲେ ହେଁ, ନିଜେ ଆପଣାମାନଙ୍କ ପ୍ରତି ଏକ ବ୍ୟବସ୍ଥା ଅଟନ୍ତି''** |
| ଏନ୍‌କେଜେଭି | **''କାରଣ ଯେତେବେଳେ ବିଜାତିମାନେ ଯେଉଁମାନଙ୍କର ବ୍ୟବସ୍ଥା ନାହିଁ, ବ୍ୟବସ୍ଥାରେ ଥିବା ବିଷୟମାନସ୍ୱାଭାବ ବା ପ୍ରକୃତି ଅନୁଯାୟୀ କରନ୍ତି, ସେମାନେ ବ୍ୟବସ୍ଥା ନ ପାଇଲେ ସୁଦ୍ଧା ନିଜେ ଆପଣାମାନଙ୍କ ପ୍ରତି ବ୍ୟବସ୍ଥା ଅଟନ୍ତି ।''** |
| ଏନ୍‌ଆରଏସ୍‌ଭି | **''ଯେତେବେଳେ ବିଜାତିମାନେ, ଯେଉଁମାନଙ୍କ ବ୍ୟବସ୍ଥା ନାହିଁ ପ୍ରକୃତିଗତ ଭାବେ ବ୍ୟବସ୍ଥା ଆବଶ୍ୟକ କରୁଥିବା ବିଷୟମାନ କରନ୍ତି, ଏମାନଙ୍କର ଯଦିବା ବ୍ୟବସ୍ଥା ନାହିଁ, ସେମାନେ ନିଜେ ଏକ ବ୍ୟବସ୍ଥା ଅଟନ୍ତି ।''** |
| ଟିଇଭି. | **''ବିଜାତିମାନଙ୍କର ବ୍ୟବସ୍ଥା ନାହିଁ, ମାତ୍ର ଯେତେବେଳେ ସେମାନେ ସେମାନଙ୍କର ସ୍ୱେଚ୍ଛାରେ ବ୍ୟବସ୍ଥା ଯାହା ଦାବୀ କରେ ତାହା କରନ୍ତି ସେମାନେ ନିଜେ ଏକ ବ୍ୟବସ୍ଥା ଅଟନ୍ତି, ଏପରିକି ଯଦ୍ୟପି ସେମାନଙ୍କର ବ୍ୟବସ୍ଥା ନାହିଁ ।''** |
| ଏନ୍‌ଜେବି | **''ଉଦାହରଣ ପାଇଁ ଦେବପୂଜକମାନେ ଯେଉଁମାନେ କେବେ ହେଲେ ବ୍ୟବସ୍ଥା ବିଷୟ ଶୁଣି ନ ଥିଲେ''** |

ମାତ୍ର ଯୁକ୍ତି ଦ୍ୱାରା ଏହା କରିବାକୁ ଚାଳିତ ହେଲେ ଯାହାସବୁ ବ୍ୟବସ୍ଥା ଦାଦୀ କରେ, ସେମାନେ ପ୍ରକୃତରେ ବ୍ୟବସ୍ଥା ଧାରଣ ନ ପାରନ୍ତି ମାତ୍ର ନିଜେ ବ୍ୟବସ୍ଥା ବୋଲି କୁହାଯାଇପାରେ ।

ସମସ୍ତ ସଂସ୍କୃତିମାନଙ୍କର ଆଭ୍ୟନ୍ତରୀଣ ଏକ ନୈତିକ ନିମୟ ଏକ ସାମାଜିକ ପ୍ରଥା ଅଛି, ସେମାନଙ୍କ ପ୍ରାପ୍ତ ଆଲୋକର ସେମାନେ ଦାୟୀ ଅଟନ୍ତି (୧ କରିନ୍ଥୀ ୯:୨୧) । ଏହି ପଦ ବୁଝାଏ ନାହିଁ ଯେ, ସେମାନେ ଯଦି ସେମାନଙ୍କର ପ୍ରାପ୍ତ ସଂସ୍କୃତିର ଆଲୋକରେ ଜୀବନଯାପନ କରନ୍ତି ସେମାନେ ଈଶ୍ୱରଙ୍କଠାରେ ଧାର୍ମିକ ହୋଇପାରିବେ, ମାତ୍ର ସେମାନଙ୍କଠାରେ ଥିବା ଈଶ୍ୱରଙ୍କ ବିଷୟକ ଆଭ୍ୟନ୍ତରୀଣ ଜ୍ଞାନ ପାଇଁ ସେମାନେ ଦାୟୀ ଅଟନ୍ତି ।

୨:୧୫ ''ସେମାନଙ୍କ ବିବେକ ମଧ୍ୟ ସେଥିର ସାକ୍ଷ୍ୟ ଦିଏ, ଆଉ ସେମାନଙ୍କ ମନର ତର୍କବିତର୍କ ସେମାନଙ୍କୁ ଦୋଷୀ କିଅବା ନିର୍ଦ୍ଦୋଷ କରେ'' ଏକ ଆଭ୍ୟନ୍ତରୀଣ ନୈତିକ ସ୍ୱର ଅଛି । ମାତ୍ର କେବଳ ଶାସ୍ତ୍ର, ଆତ୍ମାଙ୍କ ଦ୍ୱାରା ଜ୍ଞାନାଲୋକ ପ୍ରାପ୍ତ, ସମ୍ପୂର୍ଣ୍ଣ ବିଶ୍ୱାସ କରାଯାଇପାରେ । ପତିତାବସ୍ଥା ଆତ୍ମମାନଙ୍କ ବିବେକକୁ ପ୍ରଭାବିତ କରିଅଛି । ଯାହାବି ହେଉ, ସୃଷ୍ଟି (୧:୧୮-୨୦) ଏବଂ ଏହି ଆଭ୍ୟନ୍ତରୀଣ, ନୈତିକ ବ୍ୟବସ୍ଥା ( ୨:୧୪-୧୫) ସମସ୍ତ ଈଶ୍ୱରଙ୍କ ଜ୍ଞାନ ଯାହା କେତେକ ମାନବ ଗଣ ଧାରଣ କରନ୍ତି । କୌଣସି ହିବ୍ରୁ ଶବ୍ଦ, ବିବେକ (ସିନେଇଡେସିସ୍) ସମତୁଲ୍ୟ ଗ୍ରୀକ୍ ଶବ୍ଦ ପାଇ ନାହିଁ । ଠିକ୍ ଓ ଭୁଲର ଏକ ଆଭ୍ୟନ୍ତରୀଣ ନୈତିକ ଅର୍ଥର ଗ୍ରୀକ୍ ଦାର୍ଶନିକମାନଙ୍କ ସହିତ ପରିଚିତ ହୋଇ (ସେ ୧୭:୨୮ରେ କ୍ଲିନ୍ଥୋସ୍, ୧ କରିନ୍ଥୀୟ ୧୫:୩୩ରେ ମେନାଣ୍ଡର ଏବଂ ତିତସ ୧:୧୨ରେ ଏପିମେନାଇଡସ୍ ଉଦ୍ଧୃତ କରନ୍ତି) ତାଙ୍କର ଆଦ ତିର୍ମସ୍ ବିଦ୍ୟାଶିକ୍ଷାରୁ । ତାଙ୍କର ଗୃହନଗର ଏହାର ଗ୍ରୀକ୍ ଆଳଙ୍କରିକ ଭାଷା ଓ ଦର୍ଶନଶାସ୍ତ୍ରର ଅତ୍ୟୁତ୍ତମ ସ୍କୁଲଗୁଡ଼ିକ ସକାଶେ ଖ୍ୟାତି ଲାଭ କରିଥିଲା ।

**୨:୧୬** ଯେଉଁ ଦିନରେ ୨:୫ର ଟିପ୍ପଣୀ ଦେଖ

▣ **''ମୋହର ସୁସମାଚାର ଅନୁସାରେ''** ପୂର୍ବାପର ସମ୍ବନ୍ଧାନୁସାରେ ଏହି ଶାସ୍ତ୍ରାଂଶ ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ବିଷୟରେ ପାଉଲଙ୍କ ପ୍ରଚାରକୁ ବୁଝାଉଅଛି । ସର୍ବନାମ ପଦ ''ମୋହର'' ତାହାଙ୍କ ଦାୟିତ୍ୱରେ ଦିଆଯାଇଥିବା ସୁସମାଚାରର ଭଣ୍ଡାରଘରିଆ ପଣ ବିଷୟରେ ପାଉଲଙ୍କ ବୁଝାମଣା ପ୍ରତିଫଳିତ କରେ ( ୧୬:୨୫, ୧ କରିନ୍ଥୀ ୧୫:୧, ଗାଲାତୀ ୧:୧୧, ୨ ତୀମଥି ୨:୮)। ଏହା ସ୍ୱତନ୍ତ୍ରଭାବେ ତାଙ୍କର ନ ଥିଲା, ମାତ୍ର ବିଜାତିମାନଙ୍କ ନିକଟକୁ ପ୍ରେରିତ ଭାବରେ ସେ ଗ୍ରୀକ୍ ଓ ରୋମୀୟ ଜଗତରେ ଯୀଶୁଙ୍କ ବିଷୟରେ ସତ୍ୟତା ପରିବ୍ୟାପ୍ତ କରିବାକୁ ଏକ ଆଶ୍ଚର୍ଯ୍ୟଜନକ ଦାୟିତ୍ୱର ସଚେତନତା ଅନୁଭବ କଲେ ।

▣ **''ଈଶ୍ୱର ମନୁଷ୍ୟର ଗୁପ୍ତ ବିଷୟ ବିଚାର କରିବେ''** ଈଶ୍ୱର ସମସ୍ତ ଲୋକମାନଙ୍କର ଅନ୍ତଃକରଣ ଜାଣନ୍ତି (୧ ଶାମୁୟେଲ ୨:୭,୧୬:୭, ୧ ରାଜାବଳୀ ୮:୩୯, ୧ ବଂଶାବଳୀ ୨୮:୯, ୨ ବଂଶାବଳୀ ୬:୩୦, ଗୀତ ୭:୯, ୪୪:୨୧ ୧୩୯:୧-୬, ହିତୋ ୧୫:୧୧, ୨୧:୨, ଯିରିମିୟ ୧୧:୨୦, ୧୭:୧୦, ୨୦:୧୨, ଲୂକ ୧୫:୧୬, ପ୍ରେରିତ ୧:୨୪ ୧୫:୮, ରୋମୀ ୮:୨୭, ପ୍ରକାଶିତ ୨:୨୩) । ପିତା, ପୁତ୍ରଙ୍କ ପ୍ରତିନିଧିତ୍ୱ ଦ୍ୱାରା ଉଭୟ ଉଦ୍ଦେଶ୍ୟ ଓ କାର୍ଯ୍ୟସବୁ ପୁନଃବିଚାର ମଧ୍ୟକୁ ଆଣିବେ (ମାଥିଉ ୨୫:୩୧-୪୬, ପ୍ରକାଶିତ ୨୦:୧୧-୧୫)

▣ **''ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା''** ଯୀଶୁ ବିଚାରକର୍ତ୍ତା ରୂପେ କାର୍ଯ୍ୟ କରିବାକୁ ଆସି ନ ଥିଲେ (ଯୋହ. ୩:୧୭-୨୧) । ସେ ପିତା ଈଶ୍ୱରଙ୍କୁ ପ୍ରକାଶ କରିବାକୁ, ପ୍ରତିବଦଳ ମୃତ୍ୟୁଭୋଗ କରିବାକୁ ଏବଂ ବିଶ୍ୱାସୀମାନଙ୍କୁ ଅନୁଗମନ ପାଇଁ ଏକ ଆଦର୍ଶ ଦେଖାଇବାକୁ ଆସିଥିଲେ । ଲୋକମାନେ ଯେତେବେଳେ ଯୀଶୁଙ୍କୁ ଅଗ୍ରାହ୍ୟ କରନ୍ତି, ସେମାନେ ନିଜେ ନିଜକୁ ବିଚାର କରନ୍ତି ।

ଯାହାବି ହେଉ ନୂତନ ନିୟମ ମଧ୍ୟ ଶିକ୍ଷା ଦିଏ ଯେ, ଯୀଶୁ ବିଚାରରେ ପିତାଙ୍କର ପ୍ରତିନିଧିରୂପେ କାର୍ଯ୍ୟ କରିବେ (ଯୋହନ ୫:୨୨,୨୭, ପ୍ରେରିତ ୧୦:୪୨, ୧୭:୩୧, ୨ ତୀମଥି ୪:୧) ବିଚାରକର୍ତ୍ତା ଭାବରେ ଯୀଶୁ ବା ତ୍ରାଣକର୍ତ୍ତା ମଧ୍ୟରେ ଥିବା ସମସ୍ୟାପୂର୍ଣ୍ଣ ଚିନ୍ତା, ଯୋହନ ସୁସମାଚାରରେ ଦେଖିବାକୁ ମିଳେ (୩:୧୭-୨୧ ଓ ୯:୩୯ ମଧ୍ୟରେ)

**ଏନ୍ଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୨:୧୭-୨୪**

**କିନ୍ତୁ ଯଦି ତୁମ୍ଭେ ଯିହୁଦୀ ନାମ ବହନ କରି ବ୍ୟବସ୍ଥା ଉପରେ ନିର୍ଭର କରୁଅଛ ଓ ଈଶ୍ୱରଙ୍କଠାରେ ଗର୍ବ କରୁଅଛ, ଆଉ ବ୍ୟବସ୍ଥାରୁ ଶିକ୍ଷାପ୍ରାପ୍ତ ହୋଇ ତାହାଙ୍କ ଇଚ୍ଛା ଜାଣୁଅଛ ପୁଣି ଭଲମନ୍ଦର ପ୍ରଭେଦ ବୁଝୁଅଛ, ଆଉ ବ୍ୟବସ୍ଥାରେ ଯେଉଁ ଜ୍ଞାନ ଓ ସତ୍ୟ ନିହିତ ଅଛି ତାହା ପାଇଥିବାରୁ ଯଦି ତୁମ୍ଭେ ଅନ୍ଧର ପଥ ପ୍ରଦର୍ଶକ, ଅନ୍ଧକାରବାସୀଙ୍କର ଆଲୋକ, ମୂର୍ଖର ସଂସ୍କାରକ ଓ ଶିଶୁମାନଙ୍କର ଶିକ୍ଷକ ବୋଲି ବିଶ୍ୱାସ କରୁଅଛ ତେବେ ପରକୁ ଶିକ୍ଷା ଦେଉଅଛ ଯେ ତୁମ୍ଭେ, ତୁମେ କଅଣ ଆପଣାକୁ ଶିକ୍ଷା ଦେଉ ନାହଁ ? ଚୋରି କର ନାହିଁ ବୋଲି ପ୍ରଚାର କରି ତୁମ୍ଭେ କି ଚୋରି କରୁଅଛ ? ବ୍ୟଭିଚାର କର ନାହିଁ ବୋଲି କହି ତୁମ୍ଭେ କି ବ୍ୟଭିଚାର କରୁଅଛ ? ପ୍ରତିମା ଘୃଣା କରୁଅଛ ଯେ ତୁମ୍ଭେ, ତୁମ୍ଭେ କଅଣ ମନ୍ଦିର ଲୁଣ୍ଠନ କରୁ ଅଛ ? ବ୍ୟବସ୍ଥାରେ ଗର୍ବ କରୁଅଛି ଯେ ତୁମ୍ଭେ, ବ୍ୟବସ୍ଥା ଲଙ୍ଘନ ଦ୍ୱାରା ତୁମ୍ଭେ କି ଈଶ୍ୱରଙ୍କୁ ଅନାଦର କରୁ ନାହଁ ? କାରଣ ଯେପରି ଲେଖାଅଛି, ତୁମ୍ଭମାନଙ୍କ ହେତୁ ବିଜାତିମାନଙ୍କ ମଧ୍ୟରେ ଈଶ୍ୱରଙ୍କ ନାମ ନିନ୍ଦିତ ହେଉଅଛି ।**

**୨:୧୭** ''ଯଦି'' ଏହା ହେଉଛି ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କ ସାହିତ୍ୟିକ ଉଦ୍ଦେଶମାନର ହେତୁ ସତ୍ୟ ବୋଲି ଜଣାପଡୁଛି । ଏହି ଅବସ୍ଥା ୨୦ ପଦ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଅଛି, ମାତ୍ର କୌଣସି ପରିଣତି ନାହିଁ, ସେଥିପାଇଁ ଟିଇଭି ଅନୁବାଦ କରେ ଯାହା ଯୀଶୁ ଦୃଢ଼ରୂପେ ବ୍ୟକ୍ତ କରିଥିଲେ ତାହା ଗ୍ରହଣ କରିବାକୁ । ଯିହୁଦୀମାନେ ସେମାନଙ୍କ ବଂଶପରମ୍ପରା ଓ କାର୍ଯ୍ୟସାଧକ ଉପରେ ପରିତ୍ରାଣ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ବିଶ୍ୱାସ କରୁଥିଲେ ( ମାଥିଉ ୩:୯, ଯୋହନ ୮:୩୩, ୩୭,୩୯)

▣ **''ଈଶ୍ୱରଙ୍କଠାରେ ଗର୍ବ କରୁଅଛ''** ଅନେକ ଯିହୁଦୀମାନେ ନିର୍ଭର କରୁଥିଲେ (୧) ସେମାନଙ୍କ ବଂଶର ଧାଡ଼ି ଉପରେ ଅବ୍ରହାମଙ୍କ ବଂଶରୂପେ ଏବଂ (୨) ସେମାନଙ୍କ ବ୍ୟକ୍ତିଗତଭାବେ ମୋଶାଙ୍କ ବ୍ୟବସ୍ଥାପାଳନ ଦ୍ୱାରା ଈଶ୍ୱରଙ୍କଠାରେ ଗୃହୀତ ହେବା ଉପରେ ନିର୍ଭର କରୁଥିଲେ । ଯାହା ବି ହେଉ ସେମାନଙ୍କର ଆତ୍ମ-ଧାର୍ମିକତାର ନ୍ୟାୟପରାଣୟତା ସେମାନଙ୍କୁ ଈଶ୍ୱରଙ୍କଠାରୁ ପୃଥକ କରିଥିଲା (ମାଥିଉ ୫:୨୦, ଗାଲାତୀୟ ୩) କେଡ଼େ ଦୁଃଖଦାୟକ ବ୍ୟଙ୍ଗୋକ୍ତି !

ପାଉଲ ୧ କରିନ୍ଥୀୟରେ ଏହି ଗର୍ବ କରିବାର ଭାବଧାରାକୁ ବାଖ୍ୟା କରିଛନ୍ତି । ପାଉଲ ଏକ ଅହଂକାରୀ ଇସ୍ରାୟେଲୀୟ ଓ ଜଣେ ଅହଂକାରୀ ଗ୍ରୀକ୍ ଜ୍ଞାନୀଲୋକର ସମ୍ମୁଖୀନ ହୋଇଥିଲେ । ଈଶ୍ୱରଙ୍କ ସମ୍ମୁଖରେ ଗୌରବ କରିବାକୁ କିଛି ଭିତ୍ତିମୂଳରେ କିଛି ନାହିଁ ।

**ବିଶେଷ ପ୍ରସଙ୍ଗ : ଗର୍ବ କରିବା**

ଏହି ଗ୍ରୀକ୍ ଶବ୍ଦମାନ, କାଉଚାଓମାଇ, କାଉଚେମା ଏବଂ କାଉଚେସିସ୍ ପାଉଲଙ୍କ ଦ୍ୱାରା ପ୍ରାୟ ପଞ୍ଚତିରିଶ ଥର ଏବଂ କେବଳ ଦୁଇଥର ନୂତନ ନିୟମର ଅବଶିଷ୍ଟାଂଶ (ଉଭୟଯାକୁବରେ) ବ୍ୟବହୃତ ହୋଇଅଛି ।

ଗର୍ବ କରିବାକୁ ଦୁଇଟି ମୁଖ୍ୟ ସତ୍ୟ ସଂଶ୍ଲିଷ୍ଟ

★ ଈଶ୍ୱରଙ୍କ ସମ୍ମୁଖରେ କୌଣସି ମାଂସମୟ ଶରୀର ଗର୍ବ / ଆପଣା ଗୌରବ କରିବ ନାହିଁ (୧ କରିନ୍ଥୀ ୧:୨୯, ଏଫିସୀ ୨:୯)

★ ବିଶ୍ୱାସୀମାନେ ପ୍ରଭୁଙ୍କଠାରେ ଗୌରବ କରିବା ଉଚିତ୍ (୧ କରିନ୍ଥୀ ୧:୩୧, ୨ କରିନ୍ଥୀ ୧୦:୧୭, ଯାହା ଯିରିମିୟ ୯:୨୩-୨୪)ର ଏକ ସୂଚନା ।

ସେଥିପାଇଁ ଉପଯୁକ୍ତ ଓ ଅନୁପଯୁକ୍ତ ଗର୍ବ କରିବା / ଗୌରବ କରିବା (ଯଥା: ଗର୍ବ) ଅଛି

କ. ଉପଯୁକ୍ତ
- ୧. ଗୌରବର ଆଶାରେ ( ରୋମୀ. ୪:୨)
- ୨. ପ୍ରଭୁଯୀଶୁଙ୍କ ମାଧ୍ୟମରେ ଈଶ୍ୱରଙ୍କଠାରେ (ରୋମୀ ୫:୧୧)
- ୩. ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ କୃଶରେ ( ଯଥା: ପାଉଲଙ୍କ ମୁଖ୍ୟ ପ୍ରସଙ୍ଗ ୧ କରିନ୍ଥୀ ୧:୧୭-୧୮, ଗାଲାତୀ ୬:୧୪)
- ୪. ପାଉଲ ନିମ୍ନସବୁରେ ଗର୍ବ କରନ୍ତି
  - କ. ବିନା ବେତନରେ ତାଙ୍କର ସେବାକାର୍ଯ୍ୟ (୧ କରିନ୍ଥୀ ୯:୧୫,୧୬, ୨ କରିନ୍ଥୀ ୧୦:୧୨)
  - ଖ. ଖ୍ରୀଷ୍ଟଙ୍କଠାରୁ ତାଙ୍କ ଅଧିକାର ( ୨ କରିନ୍ଥୀ ୧୦:୮,୧୨)
  - ଗ. ତାଙ୍କର ଗୋଷ୍ଠୀଗତ ଐତିହ୍ୟ ଉତ୍ତରାଧିକାର (ଯେପରି ଅନ୍ୟମାନେ କରୁଥିଲେ କରିନ୍ଥୀରେ ୨ କରିନ୍ଥୀରେ ୨ କରିନ୍ଥୀ ୧୧:୧୭, ୧୨:୧, ୫,୬)
  - ଘ. ଅନ୍ୟ ଲୋକମାନଙ୍କ ପରିଶ୍ରମ ଉପରେ ସେ ଗର୍ବ କରନ୍ତି ନାହିଁ (ଯେପରି କରିନ୍ଥରେ ଅନ୍ୟମାନେ କରନ୍ତି (୨ କରିନ୍ଥୀ ୧୦:୧୫)
  - ଙ. ତାଙ୍କର ମଣ୍ଡଳୀ ସମୂହ
    - ୧. କରିନ୍ଥୀ (୨ କରିନ୍ଥୀ ୭:୪, ୮୨୪, ୯:୨, ୧୧୦:୧୦)
    - ୨. ଥେସଲିନିକି ( ୨ ଥେସ. ୧୪)
    - ୩. ଈଶ୍ୱରଙ୍କ ସାନ୍ତ୍ୱନା ଓ ଉଦ୍ଧାରରେ ତାଙ୍କର ଦୃଢ଼ବିଶ୍ୱାସ (୨ କରିନ୍ଥୀ ୧:୧୨)

ଖ. ଅନୁପଯୁକ୍ତ
- ୧. ଯିହୁଦୀ ଐତିହ ବା ପରମ୍ପରା ସହିତ ସମ୍ପର୍କରେ (ରୋମୀ ୨:୧୭,୨୩, ୩:୨୭, ଗାଲାତୀ ୬:୧୩)
- ୨. କରିନ୍ଥୀୟ ମଣ୍ଡଳୀରେ କେତେଜଣ ଗର୍ବ କରୁଥିଲେ
  - କ. ମନୁଷ୍ୟମାନଙ୍କଠାରେ (୧ କରିନ୍ଥୀ ୩:୨୧)
  - ଖ. ଜ୍ଞାନରେ ( ୧ କରିନ୍ଥୀ ୪:୭)
  - ଗ. ସ୍ୱାଧୀନତାରେ (୧ କରିନ୍ଥୀ ୫:୬)
- ୩. କରିନ୍ଥୀୟ ମଣ୍ଡଳୀରେ ମିଥ୍ୟା ଶିକ୍ଷକମାନେ ଗର୍ବ କରିବାକୁ ଚେଷ୍ଟା କରୁଥିଲେ ( ୨ କରନ୍ଥୀ ୧୧:୧୨)

**୨:୧୮** ''ବୁଝୁଅଛ (ସମର୍ଥନ କରୁଅଛ)'' ଏହା ଗ୍ରୀକ୍ କ୍ରିୟା ପଦ ''ଡୋକିମାଯୋ'' ଅଟେ ବର୍ତ୍ତମାନ ସକ୍ରିୟ ସୂଚନାତ୍ମକ ଆକୃତି ବିଶିଷ୍ଟ । ଅନୁଗାମୀ ପରୀକ୍ଷା ଉପରେ ବିଶେଷ ପ୍ରସଙ୍ଗ ଦେଖ ।

**ବିଶେଷ ପ୍ରସଙ୍ଗ : ପରୀକ୍ଷା କରିବା ପାଇଁ ଗ୍ରୀକ୍ ଶବ୍ଦ ଓ ତାହାର ଅର୍ନ୍ତନିହିତ ଅର୍ଥମାନ ।**

ଏକ ଉଦ୍ଦେଶ୍ୟରେ ଜଣକୁ ପରୀକ୍ଷା କରିବା ଭାବାଧାରର ଦୁଇଟି ଗ୍ରୀକ୍ ଶବ୍ଦ ଅଛି

୧. ଡୋକିମାଯୋ, ଡୋକିମିଓନ, ଡୋକିମାସିଆ

ଏହି ଶବ୍ଦ ଏକ ଧାତୁବିଦ୍ୟାବିଶାରଦ ଶବ୍ଦ କୌଣସି ପଦାର୍ଥକୁ ଭଲଭାବେ ପରୀକ୍ଷା କରିବା ପାଇଁ (ଯଥା: ଦୃଷ୍ଟାନ୍ତଭାବେ କେହିଜଣେ) ଅଗ୍ନି ପରୀକ୍ଷା କରିବା । ଅଗ୍ନି, ପ୍ରକୃତ ଧାତୁକୁ ପ୍ରକାଶ କରେ ଏବଂ ଖାଦ୍ୟ ସବୁ ଉତ୍ସିନ୍ନଭୂତ (ଯଥା: ପରିଷ୍କାର) କରେ । ଏହି ଶାରିରୀକ ପ୍ରଣାଳୀ ଈଶ୍ୱରଙ୍କ ପାଇଁ ଏବଂ କିଅବା ଶୟତାନ ପାଇଁ ଏବଂ ଅବା ମାନବ ପାଇଁ ଅନ୍ୟମାନଙ୍କୁ ପରୀକ୍ଷା କରିବା ଲାଗି ଏକ ଶକ୍ତିଶାଳୀ ବ୍ୟବହାର ଯୋଗ୍ୟ ବିଷୟରେ ପରିଣତ ହେଲା । ଏହି ଶବ୍ଦ କେବଳ ଆସ୍ତିବାଚକ ଅର୍ଥରେ ବ୍ୟବହାର କରାଯାଏ ଗ୍ରହଣ କରିବାର ଏକମତାମତ ସହିତ ପରୀକ୍ଷା କରିବା ଦ୍ୱାରା ।

ନୂତନ ନିୟମରେ ଏହା ପରୀକ୍ଷା କରିବା ସକାଶେ ବ୍ୟବହାର କରାଯାଇଛି ।

କ. ବଳଦ – ଲୂକ ୧୪:୧୯

ଖ. ଆମ୍ଭେମାନେ – ୧ କରିନ୍ଥୀ ୧୧:୨୮

ଗ. ଆମ୍ଭମାନଙ୍କ ବିଶ୍ୱାସ – ଯାକୁବ ୧:୩

ଘ. ଏପରିକି ଈଶ୍ୱର– ଏବ୍ରୀ ୩:୯

ଏହି ପରୀକ୍ଷାରୁ ଉତ୍ପନ୍ନ ବିଷୟ ଆସ୍ତିବାଚକ ହେବ (ରୋମୀ. ୧:୨୮, ୧୪:୨୨, ୧୬:୧୦, ୨ କରିନ୍ଥୀ ୧୦:୧୮ ୧୩:୩, ଫିଲିପ୍ପୀ ୨:୨୭, ୧ ପିତର ୧:୭) । ସେଥିପାଇଁ, ଏହି ଶବ୍ଦ ପ୍ରକାଶ କରେ ଜଣେ ପରୀକ୍ଷିତ ହେଲା ଏବଂ ପ୍ରମାଣିତ ହେଲା

କ. ମୂଲ୍ୟଦେବା ଯୋଗ୍ୟ, କାର୍ଯ୍ୟଯୋଗ୍ୟତା ଅଛି

ଖ. ଉତ୍ତମ ହୋଇପାରିବ

ଗ. ପ୍ରକୃତ ହୋଇପାରିବ

ଘ. ବହୁମୂଲ୍ୟ ହୋଇପାରିବ

ଙ. ସମ୍ମାନୀୟ ହୋଇ ପାରିବ

୨. ପେଇରାପୋ, ପେଇରାସମସ୍

ଏହି ଶବ୍ଦର ଦୋଷ ପାଇବା ବା ଅଗ୍ରାହ୍ୟ କରିବା ଉଦ୍ଦେଶ୍ୟରେ ପରୀକ୍ଷାର ଅନ୍ତର୍ନିହିତ ଅର୍ଥ ଅଛି । ଏହା ଅନେକ ସମୟରେ ଯୀଶୁଙ୍କର ପ୍ରାନ୍ତରରେ ଯୀଶୁଙ୍କର ପ୍ରାନ୍ତରରେ ପରୀକ୍ଷାର ଅନ୍ତର୍ନିହିତ ଅର୍ଥରେ ବ୍ୟବହାର କରାଯାଇଛି ।

କ. ଏହା ଯୀଶୁଙ୍କୁ ଧରିବା ଚେଷ୍ଟା ବ୍ୟକ୍ତ କରେ (ମାଥିଉ ୪:୧, ୧୬:୧, ୧୯:୩, ୨୨:୧୮,୩୫, ମାର୍କ ୧:୧୩ ଲୂକ ୪:୩୮, ଏବ୍ରୀ ୨:୧୮)

ଖ. ଏହି ଶବ୍ଦ (ପେଇରାଯୋନ) ମାଥିଉ ୪:୩, ୧ ଥେସଲ. ୩:୫ରେ ଶୟତାନର ଏକ ଉପନାମ ରୂପେ ବ୍ୟବହାର କରାଯାଇଅଛି ।

ଗ. ଯୀଶୁଙ୍କ ଦ୍ୱାରା ଏହା ଆମ୍ଭମାନଙ୍କୁ ସତର୍କ କରାଇଦିଏ, ଈଶ୍ୱରଙ୍କୁ ପରୀକ୍ଷା ନ କରିବାକୁ (ମାଥିଉ ୧୪:୭, ଲୂକ ୧୪:୧୨) (କିଅବା ଖ୍ରୀଷ୍ଟଙ୍କୁ ପରୀକ୍ଷା ନ କରିବାକୁ ୧ କରିନ୍ଥୀ ୧୦:୯) । ଏହା ମଧ୍ୟ ସୂଚାଏ ଯେ ଯେଉଁ ବିଷୟରେ ବିଫଳ ହୋଇଅଛ । ସେହି ବିଷୟରେ ଚେଷ୍ଟା କରିବା ପାଇଁ (ପ୍ରେରିତ ୯:୨୦, ୨୦:୨୧, ଏବ୍ରୀ ୧୧:୨୯) ଏହା ବିଶ୍ୱାସୀମାନଙ୍କର ପରୀକ୍ଷା ଓ ପ୍ରଲୋଭନ ସହିତ ସମ୍ପୃକ୍ତ ହୋଇ ବ୍ୟବହାର କରାଯାଇଅଛି (୧ କରିନ୍ଥୀ ୭:୫,୧୦:୯,୯,୧୩, ଗାଲାତୀ ୬:୧, ୧ ଥେସଲ ୩:୫, ଏବ୍ରୀ ୨:୧୮, ଯାକୁବ ୧:୨,୧୩,୧୪, ୧ ପିତର ୪:୧୨, ୨ ପିତର ୨:୯) । ଈଶ୍ୱର ମାନବଜାତିର ତିନୋଟି ଶତ୍ରୁଙ୍କୁ ଅନୁମତି ଦିଅନ୍ତି (ଯଥା:ଜଗତ, ଶରୀର ଓ ଶୟତାନ) ଏକ ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନରେ ପ୍ରକାଶିତ ହେବାକୁ ।

▣ **''ବ୍ୟବସ୍ଥା''** ୧୭ ପଦ ଯିହୁଦୀ ଲୋକମାନଙ୍କ ସହିତ ସମ୍ପୃକ୍ତ, ସେଥିପାଇଁ ''ବ୍ୟବସ୍ଥା'' ଶବ୍ଦ ସେଠାରେ ମୋଶାଙ୍କ ବ୍ୟବସ୍ଥାକୁ ବୁଝାଉଛି ନିଶ୍ଚୟ । ଏହି ୨୫ ପଦ ଦ୍ୱାରା ଦୃଢ଼ୀକୃତ ହୋଇଛି, ଯାହା ସୁନ୍ନତକ୍ରିୟା ହୋଇଛି, ଯାହା ସୁନ୍ନତକ୍ରିୟା ବିଷୟ କହେ ।

୨:୧୮–୨୦ ଯିହୁଦୀ ନେତାମାନେ (ଯିହୁଦୀଧର୍ମର ଲୋକମାନେ) ସେମାନଙ୍କ ପଥ ଯଥାର୍ଥ ପାଥ ବୋଲି ବିଶ୍ୱାସ କରିଥିଲେ । ସେମାନେ ପୂର୍ଣ୍ଣ ମାତ୍ରାରେ ନିଶ୍ଚିତଭାବେ ବିଶ୍ୱାସ କରିଥିଲେ ଯେ ଧର୍ମସମ୍ବନ୍ଧୀୟ ବିଷୟମାନର ସେମାନେ ପ୍ରକୃତ ଗୁରୁଗଣ ଥିଲେ (ମାଥିଉ ୧୫:୧୪, ୨୩:୧୬,୨୪, ଲୂକ ୬:୩୯) । ସୁଯୋଗ, ଦାୟିତ୍ୱ ଆଣିଦିଏ (ଲୂକ ୧୨:୪୮)

୧. ଅନ୍ଧର ଏକ ପଥଦର୍ଶକ ୧୯ ପଦ

୨. ଅନ୍ଧକାରବାସୀଙ୍କର ଏକ ଆଲୋକ ୧୯ ପଦ

୩. ମୂର୍ଖମାନଙ୍କର ଏକ ସଂଶୋଧନକାରୀ ୨୦ ପଦ

୪. ଅପରିପକ୍ୱ (ଶିଶୁମାନଙ୍କ) ଏକ ଶିକ୍ଷକ ୨୦ ପଦ

୫. ଜ୍ଞାନ ଓ ସତ୍ୟତାର ଶରୀର ଧାରଣ (ଦେହବନ୍ତ) ବ୍ୟବସ୍ଥାରେ ପ୍ରାପ୍ତ ହେଲେ, ୨୦ ପଦ

**୨:୨୧–୨୪** ଯଦି ଜଣେ ବ୍ୟକ୍ତିଗତ ଆଜ୍ଞାବହତା (ବାଧ୍ୟତା)ରେ ଭରସା କରେ, ତେବେ ସେହି ଭରସା ସମ୍ପୂର୍ଣ୍ଣ ହେବା ଆବଶ୍ୟକ ବା ଉଚିତ୍ (ମାଥିଉ ୫:୨୦,୪୮, ଗାଲାତୀ ୩:୧୦, ଯାହା ୨ୟ ବିବରଣ ୨୭:୨୬ ଓ ଯାକୁବ ୨:୧୦ରୁ ଏକ ଉଦ୍ଧୃତାଂଶ) । ଏହା ପତିତ ମାନବଜାତି ପାଇଁ ଏକ ଅସମ୍ଭବ ବିଷୟ । ପାଉଲ ତାଙ୍କର ଶ୍ରୋତାମାନଙ୍କୁ /ପାଠକ ମାନଙ୍କୁ ୨୧–୨୩ ପଦରେ ପ୍ରଭାବ ବିସ୍ତାର କରିବା ପ୍ରଶ୍ନ ପଚାରିଛନ୍ତି ।

**୨:୨୨** ପାଉଲ ୨୨–୨୩ ପଦରେ କ'ଣ ବୁଝାନ୍ତି ଜାଣିବା କଷ୍ଟକର । ବର୍ଣ୍ଣନା ଯେହେତୁ ପାଉଲଙ୍କ ସମୟର ଅଧିକାଂଶ ଯିହୁଦୀ ପାଇଁ ପ୍ରଯୁଜ୍ୟ ନୁହେଁ ଏହି ପାପଗୁଡ଼ିକ ଆତ୍ମିକ ଅର୍ଥରେ ବ୍ୟବହୃତ ହୋଇଛି, ଯୀଶୁ ଠିକ୍ ଅଧିକାଂଶ ଯିହୁଦୀ ପାଇଁ ପ୍ରଯୁଜ୍ୟ ନୁହେଁ ଏହି ପାପଗୁଡ଼ିକ ଆତ୍ମିକ ଅର୍ଥରେ ବ୍ୟବହୃତ ହୋଇଛି, ଯୀଶୁ ଠିକ୍ ଯେପରି ମାଥିଉ ୫:୨୦–୪୮ରେ ବ୍ୟବସ୍ଥାକୁ ସମାନ ଭାବରେ ବୁଝାଇଥିଲେ । ଜର୍ଜ ଲାଡ୍ ତାଙ୍କର ନୂତନ ନିୟମର ପରମାର୍ଥ ଶିକ୍ଷାରେ କହନ୍ତି, ''ସେମାନେ ଆପଣାମାନଙ୍କୁ ସେମାନଙ୍କ ସହ ପ୍ରାଣୀମାନଙ୍କ ଉପରେ ବିଚାରକର୍ତ୍ତା ଓ ପ୍ରଭୁ ରୂପେ ଉଚ୍ଚୀକୃତ କରିବା ଦ୍ୱାରା ଈଶ୍ୱରଙ୍କ ପ୍ରାପ୍ୟ ଗୌରବ ହରଣ କରି, ଆତ୍ମିକ ବ୍ୟଭିଚାର କରିବା ଏବଂ ଈଶ୍ୱରଙ୍କ ପ୍ରାପ୍ୟ ଉପାସନା ନିଜେ ଗ୍ରହଣ କରିବା ବିଷୟ ପାଉଲ ନିଶ୍ଚୟ ବୁଝାଉଛନ୍ତି ।'' ୫୦୫ ପୃଷ୍ଠା

**୨:୨୨** ''ପ୍ରତିମା ଘୃଣା କରୁଅଛ'' ଦୁର୍ଗନ୍ଧ ହେତୁ କୌଣସି ବିଷୟଠାରୁ ଫେରି ପଳାଇଯିବା ହେଉଛି ଏହି ଶବ୍ଦର ମୂଳ ଅର୍ଥ ।

୨:୨୩ ''ଗର୍ବ କରୁଅଛ'' ବିଶେଷ ପ୍ରସଙ୍ଗ ୨:୧୭ ଦେଖ

୨:୨୪ ଗ୍ରୀକ୍ ଅନୁବାଦ ପୁରାତନ ନିୟମ (ସେପ୍ଟୁଜିଣ୍ଟ) ରେ ଯିଶାୟ ୫୨:୫ରୁ ଏହା ଏକ ଉଦ୍ଧୃତାଂଶ ଅଟେ । ବ୍ୟବସ୍ଥା ପାଳନ ହେତୁ ଇସ୍ରାଏଲ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ (୨ୟ ବିବରଣ ୨୭-୨୮) ଜଗତ ପାଇଁ ଏକ ସାକ୍ଷ୍ୟ ହେବାକୁ ଉଦ୍ଦିଷ୍ଟ । ଯାହାବି ହେଉ ଇସ୍ରାଏଲ କେବେହେଲେ ବ୍ୟବସ୍ଥା ପାଳନ କରି ନ ଥିଲେ ସେଥିପାଇଁ ଜଗତ କେବଳ ବିଚାର ଦେଖିଲା (ଯିହିଜିକଲ ୩୬:୨୨-୩୨) ଇସ୍ରାଏଲ ଯାଜକମାନଙ୍କ ରାଜ୍ୟ ହେବାକୁ ଥିଲା (ଯାତ୍ରା ୧୯:୫,୬) ସମୁଦାୟ ଜଗତକୁ ୟାହୱେ(ଯିହୋବା ପରମେଶ୍ୱର)ଙ୍କଠାରେ ବିଶ୍ୱାସ ମଧ୍ୟକୁ ଆଣିବା ନିମନ୍ତେ (ଆଦି ୧୨:୩, ଏଫିସୀ ୨:୧୧-୩:୧୩)

ବିଶେଷ ପ୍ରସଙ୍ଗ ଦେଖ : ୧:୫ରେ ବବ୍‌ଙ୍କ ସୁସମାଚାର ପ୍ରଚାର ସମ୍ବନ୍ଧୀୟ ଦାୟିତ୍ୱ ।

**ଏନ୍‌ଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୨:୨୫-୨୯**

**ଯଦି ତୁମ୍ଭେ ବ୍ୟବସ୍ଥା ପାଳନ କର, ତେବେ ପ୍ରକୃତରେ ସୁନ୍ନତ ଲାଭଜନକ, କିନ୍ତୁ ଯଦି ବ୍ୟବସ୍ଥା ଲଂଘନ କର, ତେବେ ତୁମ୍ଭର ସୁନ୍ନତ ଅସୁନ୍ନତରେ ପରିଣତ ହୁଏ । ଅତଏବ ଯଦି ଅସୁନ୍ନତ ଲୋକ, ବ୍ୟବସ୍ଥାର ବିଧିବିଧାନ ପାଳନ କରେ, ତେବେ ତାହାର ଅସୁନ୍ନତ କଅଣ ସୁନ୍ନତ ବୋଲି ଗଣିତ ହେବ ନାହିଁ ? ପୁଣି ସ୍ୱାଭାବିକ ଅସୁନ୍ନତ ଲୋକ ଯଦି ବ୍ୟବସ୍ଥା ପାଳନ କରେ ତେବେ ଲିଖିତ ବ୍ୟବସ୍ଥା ଓ ସୁନ୍ନତ ବିଧିପ୍ରାପ୍ତ ହୋଇ ସୁଦ୍ଧା ବ୍ୟବସ୍ଥା ଲଂଘନ କରୁଅଛ ଯେ ତୁମ୍ଭେ, ସେ ତୁମ୍ଭର ବିଚାର କରିବ । କାରଣ ବାହାରେ ଯେ ଯିହୁଦୀ ସେ ଯିହୁଦୀ ନୁହେଁ, କିଅବା ବାହାର ଶରୀରରେ ଯେ ସୁନ୍ନତ ତାହା ସୁନ୍ନତ ନୁହେଁ, କିନ୍ତୁ ଅନ୍ତରରେ ଯେ ଯିହୁଦୀ ସେ ଯିହୁଦୀ, ପୁଣି ଆକ୍ଷରିକ ଭାବେ ନୁହେଁ ମାତ୍ର ଆତ୍ମିକ ଭାବରେ ହୃଦୟର ଯେ ସୁନ୍ନତ ତାହା ପ୍ରକୃତ ସୁନ୍ନତ । ଏପରି ଲୋକ ମନୁଷ୍ୟମାନଙ୍କଠାରୁ ପ୍ରଶଂସାପ୍ରାପ୍ତ ହୁଏ ନାହିଁ  କିନ୍ତୁ ଈଶ୍ୱରଙ୍କଠାରୁ ପ୍ରାପ୍ତ ହୁଏ ।**

**୨:୨୫** ''ସୁନ୍ନତ'' ପାଉଲ ତଥାପି ଭର୍ତ୍ସନାପୂର୍ଣ୍ଣ ସମାଲୋଚନା ବ୍ୟବହାର କରୁଅଛନ୍ତି । କେହି ଏହି ମନ୍ତବ୍ୟ ଦେବ ଯେ, ଆଚ୍ଛା, ଅନ୍ତତଃ ଆମ୍ଭେମାନେ ସୁନ୍ନତ ହୋଇଅଛୁ (ଆଦି ୧୦-୧୧) । ଆମ୍ଭେମାନେ ଅବ୍ରହାମଙ୍କ ଧାଡ଼ିରେ ଅଛୁ । ପାଉଲ ଏହା ସହଜରେ, ସାହସିକତାର ସହିତ ଏହି ଅଦରରଣୀୟ ଯିହୁଦୀ ଦାବୀକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଦେଲେ (ମାଥିଉ ୩:୭-୧୦, ଯୋହନ ୮:୩୧-୫୯)

ଇସ୍ରାଏଲର ସମସ୍ତ ପ୍ରତିବାସୀମାନେ କେବଳ ପଲେଷ୍ଟିୟମାନଙ୍କ ବ୍ୟତୀତ ସୁନ୍ନତ ହୋଇଥିଲେ । ଏହାର କାର୍ଯ୍ୟ କେବଳ ଗୁରୁତ୍ୱପୂର୍ଣ୍ଣ ନ ଥିଲା, ଗ୍ରହଣକାରୀର ବିଶ୍ୱାସ ଯାହା ଚାଲୁରହିଥିଲା ତାହା ଗୁରୁତ୍ୱପୂର୍ଣ୍ଣ ଥିଲା (୨୬-୨୭ ପଦ, ୨ୟ ବିବରଣ ୧୦:୬, ୩୦:୬) । ସମସ୍ତ ଧର୍ମ ସମ୍ବନ୍ଧୀୟ ବିଧିବିଧାନ ନିମନ୍ତେ ମଧ୍ୟ ଏହା ସତ୍ୟ ।  ଧାର୍ମିକଲୋକମାନେ ଅନେକ ସମୟରେ ଈଶ୍ୱରଙ୍କ ଚୁକ୍ତିର ଆଶୀର୍ବାଦମାନ ଚାହାଁନ୍ତି ମାତ୍ର ଦାୟିତ୍ୱଗୁଡ଼ିକ ବ୍ୟତୀତ ।

**୨:୨୫-୨୬** ''ଯଦି...ଯଦି...ଯଦି'' ଏହା ହେଉଛି ତିନୋଟି ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟମାନ, ଯାହା ସମ୍ଭବପର ଭବିଷ୍ୟତ୍ କାର୍ଯ୍ୟକୁ ବୁଝାଏ । ବାଧ୍ୟତା (୨ୟ ବିବରଣ ୨୭-୩୦) ୨ ଅଧ୍ୟାୟରେ ପାଉଲଙ୍କ ଯୁକ୍ତିରେ ଚାବିକାଠି, କିନ୍ତୁ ୩:୨୧-୨୩ରେ ନୁହେଁ (ଗାଲାତୀ ୩) । ବାଧ୍ୟତା ହେଉଛି ପରିତ୍ରାଣର ଫଳ ମାତ୍ର ଅନୁଗ୍ରହ ହେଉଛି ମୂଳଭିତ୍ତି (ଏଫିସୀ ୨:୮-୧୦)।

**୨:୨୬-୨୭** ଏହି ପଦମାନ ଆଶା ବା ଭରସାକୁ ଟେକି ଧରେ ଯେ କେତେକ ବିଜାତିମାନେ ସେମାନଙ୍କୁ ଦତ୍ତ ଆଲୋକର ପ୍ରତ୍ୟୁତ୍ତର ଦେଇଛନ୍ତି (ବାକ୍ୟାରଣ ଏକ 'ହଁ' ଉତ୍ତର ୨୬ ପଦରେ ଅପେକ୍ଷା କରେ) । ଏହାର କେବଳ ଗୋଟିଏ ବାଇବଲ ଅନୁଯାୟୀ ଉଦାହରଣ ପ୍ରେରିତ ୧୦ର କର୍ଣ୍ଣଲିୟ । ତଥାପି ସେ ଏହି ପଦ ପାଇଁ ପୂରା ଯଥାର୍ଥ ଉଦାହରଣ ନୁହେଁ ।  କାରଣ ସେ ଈଶ୍ୱର ଭୟକାରୀ ଓ ସ୍ଥାନୀୟ ସମାଜଗୃହରେ ଉପାସନା କରୁଥିଲା ।

ଏହି ପଦଗୁଡ଼ିକ ପ୍ରକୃତରେ ଯିହୁଦୀମାନଙ୍କ ପାଇଁ ପରିତ୍ରାଣର ଆବଶ୍ୟକତା ବିଷୟରେ ପାଉଲଙ୍କ ଯୁକ୍ତି ପ୍ରତି ଏକ ବିପରୀତ ବିଷୟ ଅଟେ ।  ରୋମୀ ୩:୨୩ ସାରାଂଶ ଅଟେ ଯେ ସମସ୍ତ ମାନବ ଖ୍ରୀଷ୍ଟଙ୍କ ବ୍ୟତୀତ ଆତ୍ମିକଭାବେ ହଜିଯାଇଛନ୍ତି । ଯଦି ବିଜାତୀମାନେ ସୃଷ୍ଟିରୁ ଓ ଏକ ଆଭ୍ୟନ୍ତରୀଣ ନୈତିକ ସଚେତନତାରୁ ପାଇଥିବା ଆଲୋକ ଅନୁସାରେ ଜୀବନଯାପନ କରୁଛନ୍ତି, ଈଶ୍ୱର ସେମାନଙ୍କ ପାଇଁ ଖ୍ରୀଷ୍ଟଙ୍କ ପ୍ରତି ପ୍ରତ୍ୟୁତ୍ତର ଦେବା ଲାଗି  ସୁଯୋଗ ଯୋଗାଇପାରିବେ - ଯେକୌଣସି ବାଟରେ, ଯେକୌଣସି ସମୟରେ ।

**୨:୨୮-୨୯** ''କାରଣ ସେ ଯିହୁଦୀ ନୁହେଁ... ସେ ଏକ ଯିହୁଦୀ'' ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ଆଲୋଚନା, କାରଣ କେତେକ ଆଧୁନିକ ପରମାର୍ଥିକ ଦଳମାନ ପୁରାତନ ନିୟମର ଈଶ୍ୱରଙ୍କ ଲୋକମାନଙ୍କଠାରୁ ନୂତନ ନିୟମର ଈଶ୍ୱରଙ୍କ ଲୋକମାନଙ୍କୁ ପୃଥକ କରିବାକୁ ବା ବିଚ୍ଛିନ୍ନ କରିବାକୁ ଚେଷ୍ଟା କରନ୍ତି । କେବଳ ଗୋଟିଏ ମାତ୍ର ଆଜ୍ଞାଚୁକ୍ତି (ନିୟମ) ଏବଂ ଗୋଟିଏ ଲୋକମାନେ ଅଛନ୍ତି (ରୋମୀୟ ୯:୬, ଗାଲାତୀ ୩:୭-୯, ୨୯:୬,୧୬, ୧ ପିତର ୩:୬) ।

ନୂତନ ନିୟମ ହେଉଛି ପୁରାତନର ବୃଦ୍ଧି ଓ ସଫଳତା ଅଟେ । ଈଶ୍ୱରଙ୍କ ଲୋକମାନେ ସର୍ବଦା ବିଶ୍ୱାସ ଦ୍ୱାରା ସେପରି ଅଟନ୍ତି, ବଂଶଗତ ଧାଡ଼ି ହେତୁ ନୁହେଁ । ସେମାନେ ବିଧିବିଧାନ ବା ବଂଶୀୟ ଲୋକମାନେ ନୁହନ୍ତି ମାତ୍ର ହୃଦୟର ବିଶ୍ୱାସର ଲୋକମାନେ ଅଟନ୍ତି । ବିଶ୍ୱାସ, ପିତାମାତା ନୁହେଁ ମାତ୍ର ଚାବିକାଠି । ନିୟମ ମନ, ନିୟମ ଚିହ୍ନ ନୁହେଁ ଏହାହି ତାହାର ସନ୍ତକ ।

▣ **''ଶରୀର''** ୧:୩ରେ ବିଶେଷ ପ୍ରସଙ୍ଗ ଦେଖ ।

୨:୨୯ ସୁନ୍ନତର ନିୟମ ଚିହ୍ନ (ଆଦି ୧୭:୧୪) ଜଣକର ଈଶ୍ୱରଙ୍କ ପ୍ରତି ଉନ୍ମୁକ୍ତାବସ୍ଥା ସକାଶେ ପୁରାତନ ନିୟମରେ ଏକ ଦୃଷ୍ଟାନ୍ତ ଥିଲା । ଏହା ବିଭିନ୍ନ ଉପାୟରେ ଦୃଷ୍ଟାନ୍ତ ଅନୁଯାୟୀ ବୃଦ୍ଧିଲାଭ କଲା

୧. ହୃଦୟ ସୁନ୍ନତି (ଦ୍ୱିତୀୟ ବିବରଣ ୧୦:୧୬, ୩୦:୬, ଯିରିମିୟ ୪:୪, ୯:୨୪-୨୫)

୨. କର୍ଣ୍ଣ ସୁନ୍ନତି ( ଯିରିମିୟ ୬:୧୦)

୩. ଓଷ୍ଠ ସୁନ୍ନତି ( ଯାତ୍ରା ୬:୧୨,୩୦)

ବ୍ୟବସ୍ଥା କେବେହେଲେ ଏକ ବାହ୍ୟିକ ସାଙ୍କେତିକ ନୁହେଁ, ମାତ୍ର ଏକ ଜୀବନ ନୂତନୀକରଣରେ ୟାହୱେ (ଯିହୋବା)ଙ୍କ ସହିତ ଦୈନନ୍ଦିନ ସମ୍ପର୍କ ଯାହା ତାହାଙ୍କ ଚରିତ୍ର ଓ ପ୍ରତିଜ୍ଞାମାନ ଆଦମଙ୍କ ସନ୍ତାନ ସମସ୍ତଙ୍କ ନିକଟରେ ପ୍ରକାଶିତ ହେଲା । ବିଶେଷ ପ୍ରସଙ୍ଗ ଦେଖ : ୧୩:୯ରେ ବ୍ୟବସ୍ଥା ସମ୍ବନ୍ଧରେ ପାଉଲଙ୍କ ମତାମତ ଦେଖ

▣

| | |
|---|---|
| **ଏନଏସ୍‌ବି** | **''ହୃଦୟର ବିଷୟ, ଆତ୍ମାଙ୍କ ଦ୍ୱାରା, ଅକ୍ଷର ଦ୍ୱାରା ନୁହେଁ''** |
| **ଏନ୍‌କେଜେଭି** | **''ଯାହା ହୃଦୟର, ଆତ୍ମିକ ଭାବରେ, ଅକ୍ଷରରେ ନୁହେଁ''** |
| **ଏନ୍‌ଆରଏସ୍‌ଭି** | **''ଏକ ହୃଦୟର ବିଷୟ – ଏକ ଆତ୍ମିକ, ଆକ୍ଷରିକ ନୁହେଁ''** |
| **ଟିଇଭି.** | **''ଯାହା ଈଶ୍ୱରଙ୍କ ଆତ୍ମାଙ୍କ କାର୍ଯ୍ୟ, ଲିଖିତ ବ୍ୟବସ୍ଥାର ନୁହେଁ''** |
| **ଏନ୍‌ଜେବି** | **''ହୃଦୟରେ – ଯାହା ଅକ୍ଷରର ନୁହେଁ ମାତ୍ର ଆତ୍ମାଙ୍କର''** |

ଏହି ଖଣ୍ଡବାକ୍ୟ ଗ୍ରୀକ୍‌ରେ ବହୁଅର୍ଥ ବିଶିଷ୍ଟ । କେତେକ ଅନୁବାଦମାନ ଏହାକୁ ଆତ୍ମିକ ବନାମ୍ ଆକ୍ଷରିକ ରୂପ ବୁଝାନ୍ତି (ଏନ୍‌ଆରଏସ୍‌ଭି, ବିଂଶ ଶତାବ୍ଦୀ ନୂତନ ନିୟମ, ନକ୍ସ ଅନୁବାଦ, ପେଶିଟାର ଲାମ୍‌ସା ଅନୁବାଦ, ଉଇଲିଅମ୍ ଅନୁବାଦ ଏବଂ ନୂତନ ବାର୍କଲେ ଅନୁବାଦ) । ଅନ୍ୟ ଅନୁବାଦମାନ ପବିତ୍ର ଆତ୍ମା (୭:୬, ୨ କରିନ୍ଥୀ ୩:୬, ଯେଉଁଠାରେ ଏକପ୍ରକାର ଗଠନ ଅଛି) ଏବଂ ଲିଖିତ ଶାସ୍ତ୍ରାଂଶ ମଧ୍ୟରେ ବିଭେଦ ବା ପାର୍ଥକ୍ୟ ଦେଖନ୍ତି (ଏନ୍‌ଏସ୍‌ବି. ଏନ୍‌କେଜେଭି, ଏନଇବି, ଏନ୍‌ଆଇଭି ଓଟିଇଭି)।

ଜେରୋମ୍ ବାଇବଲ ବାଖ୍ୟାପୁସ୍ତକ ୨୯୯ ପୃଷ୍ଠା ପରାମର୍ଶ ଦିଏ ଯେ, ୨ କରିନ୍ଥୀ ୩:୬ ଉପରେ ପର୍ଯ୍ୟବେସିତ ଏହା ଥିଲା ପାଉଲଙ୍କ ଦୃଷ୍ଟାନ୍ତ ମୂଳକ/ ସାହିତ୍ୟିକ ଉପାୟରେ ପୁରାତନ ନିୟମ ଓ ନୂତନ ନିୟମ ବୁଝାଇଥିବା ବିଷୟ ଦେଖାଯାଏ । ପ୍ରଥମ, ଏକ ବାହ୍ୟିକ ସାଙ୍କେତିକ ବିଧି ଦ୍ୱାରା ଚିତ୍ରଣ କରାଗଲା ଏବଂ ଦ୍ୱିତୀୟ, ଆତ୍ମାଙ୍କ ଯୁଗରେ ପବିତ୍ରଆତ୍ମାଙ୍କ ଦ୍ୱାରା ପ୍ରଦତ୍ତ ନୂତନ ଅଭ୍ୟନ୍ତରୀଣ ମନ ଓ ନୂତନ ଆତ୍ମା ଦ୍ୱାରା ।

ପାଉଲ ଏହି ସତ୍ୟତା ଆଲୋଚନା କରି ଆସିଛନ୍ତି ଯେ, କେତେକ ବିଜାତୀମାନେ ବ୍ୟବସ୍ଥା ବିନା ଈଶ୍ୱରଙ୍କ ସନ୍ତୋଷଜନକ କାର୍ଯ୍ୟ କରିପାରନ୍ତି । ଏହା ଯଦି ସତ୍ୟ, ତେବେ ଈଶ୍ୱରଙ୍କ ସନ୍ତାନମାନଙ୍କ ମଧ୍ୟରେ କେବଳ ଯେଉଁମାନେ ଶାରୀରିକ ଭାବେ ଈଶ୍ୱରଙ୍କ ପରିବାର, ବଂଶଗତ ଯିହୁଦୀମାନଙ୍କ ଅପେକ୍ଷା ଅଧିକ ପ୍ରଶସ୍ତ ବା ବିସ୍ତୃତ (ଆଦି ୩:୧୫, ୧୨:୩, ଯାତ୍ରା ୧୯:୫)

ଆୟୁବ, ମଲ୍‌କିଷେଦକ, ଯେଥ୍ରୋ, କ୍ୟାଲେବ, ରାହାବ ଓ ରତ ଗୋଷ୍ଠୀଗତ ଯିହୁଦୀ ନ ଥିଲେ । ଏପରିକି ଇଫ୍ରୟିମ୍ ଓ ମନଶେହଙ୍କ ଗୋଷ୍ଠୀ ଥିଲେ ଅର୍ଦ୍ଧ ମିଶରୀୟ (ଆଦି ୪୧:୫୦-୫୨)

**ଆଲୋଚନା ପ୍ରଶ୍ନମାନ**

ଏହା ଏକ ଅଧ୍ୟୟନ ପଥ ପ୍ରଦର୍ଶକ କମେଣ୍ଟେରୀ (ବାଖ୍ୟାପୁସ୍ତକ), ଯାହା ବୁଝାଏ ଯେ, ଆପଣ ନିଜେ ବାଇବଲର ନିଜ ଅନୁବାଦ ପାଇଁ  ଦାୟୀ ଅଟନ୍ତି । ଆମେ ପାଇଥିବା ଆଲୋକରେ ଆମ୍ଭମାନଙ୍କର  ଚାଲିବା ଉଚିତ୍ ।  ଆପଣ, ବାଇବଲ ଓ ପବିତ୍ରଆତ୍ମା ଏହି ବାଇବଲ ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଆପଣ ଏହାର ଦାୟିତ୍ୱ ଜଣେ ବାଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ୍ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ ଏହି ପୁସ୍ତକର ଏହି ପର୍ଯ୍ୟାୟର ମୁଖ୍ୟ ବିଷୟଗୁଡ଼ିକ ମାଧ୍ୟମରେ ଆପଣଙ୍କୁ ଚିନ୍ତା କରିବାକୁ ସାହାଯ୍ୟ କରିବା ପାଇଁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା-ଉଦ୍ରେକ କରିବା ନିମନ୍ତେ ଉଦ୍ଦିଷ୍ଟ ।  ଏଗୁଡ଼ିକ ନିର୍ଦ୍ଦିଷ୍ଟ ପ୍ରଶ୍ନମାନ ନୁହେଁ ।ଚ୍

୧. ଯିହୁଦୀମାନଙ୍କ ଅବିଶ୍ୱସ୍ତତା କିପରି ଈଶ୍ୱରଙ୍କ ପ୍ରତିଜ୍ଞା ଉପରେ ପ୍ରଭାବ ପକାଏ (୩:୩-୪) ?

୨. ଯିହୁଦୀ ହେବାରେ ଈଶ୍ୱରଙ୍କ ସମ୍ମୁଖରେ କିଛି ଉପକାର ଅଛି କି ? ୩:୧-୮

୩. ଏକ ଭର୍ସନାପୂର୍ଣ୍ଣ ସମାଲୋଚନା କ'ଣ ?

୪. ଭର୍ସନାପୂର୍ଣ୍ଣ ସମାଲୋଚନା ବୋଲି ମନେହେଉଥିବା ବିଷୟଟିର ବିଷୟବସ୍ତୁ କ'ଣ ଅଟେ (୫-୮ପଦ) ?

୫. କାର୍ଯ୍ୟବିନା ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବା ଯଦି ଯଥାର୍ଥ, କିପରି ଜଣକ ଜୀବନ ପ୍ରକୃତରେ ଗଣିତ ହେବ (୩:୮) ?

୬. ସମସ୍ତେ ପାପ କରିଅଛନ୍ତି ବିଷୟର ପାରମାର୍ଥିକ ବିଶ୍ୱାସମତ କ'ଣ ? (୩:୧୦-୧୮)

୭. ମୋଶାଙ୍କ ବ୍ୟବସ୍ଥାର ବା ସାଧାରଣ ଆଇନର ଉଦ୍ଦେଶ୍ୟ କ'ଣ ? (୩:୨୦, ଗାଲାତୀ ୩:୨୪-୨୫)

୮. ୧-୩ ଅଧ୍ୟାୟମାନଙ୍କରେ ଶୟତାନ ପ୍ରକାଶ କରାଯାଇନାହିଁ କାହିଁକି, ଯେକି ମନୁଷ୍ୟର ହଜିବା ଅବସ୍ଥା ସହିତ କାର୍ଯ୍ୟ କରେ ?

୯. ପୁରାତନ ନିୟମର ପ୍ରତିଜ୍ଞା ସମୂହ ସର୍ତ୍ତପୂର୍ଣ୍ଣ ଅବା ନିସର୍ତ୍ତପୂର୍ଣ୍ଣ ?

୧୦. ଜୀବନରେ ମୋଶାଙ୍କ ବ୍ୟବସ୍ଥାର ଉଦ୍ଦେଶ୍ୟ କ'ଣ (୧) ଅଣଯିହୁଦୀ (୨) ଯିହୁଦୀ

୧୧. ୧:୧୮-୩:୨୦ ପାରାଗ୍ରାଫ୍ ପରେ ପାରାଗ୍ରାଫ୍‌ରେ ପାଉଲଙ୍କ ଯୁକ୍ତି ନିଜ ଭାଷାରେ ବାହ୍ୟରେଖା ପ୍ରସ୍ତୁତ କର ।

# ରୋମୀୟ ୩

| ଆଧୁନିକ ଅନୁବାଦ ସମୂହର ପାରାଗ୍ରାଫ ଭାଗବିଭାଗ | | | | |
|---|---|---|---|---|
| ୟୁବିଏସ୍ | ଏନ୍‌କେଜେଭି | ଏନ୍‌ଆରଏସ୍‌ଭି | ଟିଇଭି | ଏନ୍‌ଜେବି |
| ଯିହୁଦୀ ଓ ବ୍ୟବସ୍ଥା | ଈଶ୍ୱରଙ୍କ ବିଚାର ସମର୍ଥିତ | ଯିହୁଦୀମାନଙ୍କ ଉପକାର | ଯିହୁଦୀମାନେ ଓ ବ୍ୟବସ୍ଥା | ଈଶ୍ୱରଙ୍କ ପ୍ରତିଜ୍ଞା ସେମାନଙ୍କୁ ରକ୍ଷା କରିବ ନାହିଁ |
| ୩:୧-୮ | ୩:୧-୮ | ୩:୧-୮ | ୩:୧-୪<br>୩:୫-୬<br>୩:୭-୮ | ୩:୧-୮ |
| କେହି ଧାର୍ମିକ ନାହିଁ | ସମସ୍ତେ ପାପ କରିଅଛନ୍ତି | ସମସ୍ତେ ଦୋଷୀ ଅଟନ୍ତି | କୌଣସି ମନୁଷ୍ୟ ଧାର୍ମିକ ନୁହନ୍ତି | ସମସ୍ତେ ଦୋଷୀ ଅଟନ୍ତି |
| ୩:୯-୨୦ | ୩:୯-୨୦ | ୩:୯-୧୯<br>୩:୧୯-୨୦ | ୩:୯-୧୯<br>୩:୧୯-୨୦ | ୩:୯-୧୮<br>୩:୧୯-୨୦ |
| ବିଶ୍ୱାସ ମାଧ୍ୟମରେ ଧାର୍ମିକତା | ଈଶ୍ୱରଙ୍କ ଧାର୍ମିକତା ବିଶ୍ୱାସ ମାଧ୍ୟମରେ | ପ୍ରକୃତ ଧାର୍ମିକତା | ଈଶ୍ୱର କିପରି ମନୁଷ୍ୟଙ୍କୁ ଧାର୍ମିକ କଲେ | ଈଶ୍ୱରଙ୍କ ବିଚାରର ପ୍ରକାଶ |
| ୩:୨୧-୨୬ | ୩:୨୧-୨୬ | ୩:୨୧-୨୬ | ୩:୨୧-୨୬ | ୩:୨୧-୨୬ |
| | ଗର୍ବ କରିବା ବହିଷ୍କୃତ ହେଲା | ଗର୍ବ କରିବା ବହିଷ୍କୃତ ହେଲା | | ବିଶ୍ୱାସ କ'ଣ କରେ |
| ୩:୨୭-୩୧ | ୩:୨୭-୩୧ | ୩:୨୭-୩୧ | ୩:୨୭-୩୧ | ୩:୨୭-୩୧ |

## ତୃତୀୟ ଚକ୍ର ପାଠ କରୁଅଛୁ (P. VIII ଦେଖ)

***ପାରାଗ୍ରାଫ ସ୍ତରରେ ପ୍ରଥମ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା***

ଏହା ଏକ ଅଧ୍ୟୟନ ପଥ ପ୍ରଦର୍ଶକ କମେଣ୍ଟରୀ (ବାଖ୍ୟା ପୁସ୍ତକ) । ଯାହା ବୁଝାଏ ଯେ, ଆପଣ ନିଜେ ବାଇବଲର ନିଜ ଅନୁବାଦ ପାଇଁ ଦାୟୀ ଅଟନ୍ତି । ଆମେ ପାଇଥିବା ଆଲୋକରେ ଆମ୍ଭମାନଙ୍କର ଚାଲିବା ଉଚିତ । ଆପଣ ବାଇବଲ ଓ ପବିତ୍ର ଆତ୍ମା ଏହି ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଆପଣ ଏହାର ଦାୟିତ୍ୱ ଜଣେ ବାଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଥରେ ବସି ଅଧ୍ୟାୟଟି ପଢ଼ିନିଅନ୍ତୁ । ପ୍ରସଙ୍ଗମାନ ଚିହ୍ନି ରଖନ୍ତୁ । ନିଜର ପ୍ରସଙ୍ଗଗୁଡ଼ିକର ଭାଗବିଭାଗ ଉର୍ଦ୍ଧ୍ୱଲିଖିତ ପାଞ୍ଚଟି ଅନୁବାଦ ସହିତ ତୁଳନା କରନ୍ତୁ । ପାରାଗ୍ରାଫ୍‌ରେ ବିଭକ୍ତ କରିବା ଈଶ୍ୱର ନିଶ୍ୱସିତ ନୁହେଁ । ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟରେ ଅନୁଗାମୀ ହେବା ନିମନ୍ତେ କଞ୍ଚି ଅଟେ, ଯାହାକି ଅନୁବାଦର କେନ୍ଦ୍ର ବା ହୃତ୍‌ପିଣ୍ଡ ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

## ପୂର୍ବାପୂର ସମ୍ପର୍କର ଅର୍ନ୍ତଦୃଷ୍ଟିମାନ

କ) ୧-୮ ପଦମାନ ଏକ ସମ୍ପୃକ୍ତ ବିଷୟବସ୍ତୁ, ମାତ୍ର ପାଉଲଙ୍କ ଯୁକ୍ତିର ପଶ୍ଚାତ୍‌ଗାମୀ ହେବା କଷ୍ଟକର । କାରଣ ସେ ଏକ ସାହିତ୍ୟିକ ପ୍ରଣାଳୀ ବ୍ୟବହାର କରୁଛନ୍ତି, ଯାହାକୁ ଭତ୍ସନାଯୁକ୍ତ ସମାଲୋଚନା (ଏକ ଅନୁମାନି ଅଭିଯୋଗକାରୀ) କୁହଯାଏ ।

ଖ) ଏହା ଦେଖାଯାଏ ଯେପରି କେତେକ ଯିହୁଦୀ ଲୋକମାନେ ୨:୧୭-୨୯ର ପ୍ରତ୍ୟୁତ୍ତର ଦେବେ ପାଉଲ ତାହା ପୂର୍ବ ପ୍ରତ୍ୟାଶା କରୁଛନ୍ତି । ତେଣୁ ସେ ସେମାନଙ୍କର ଅଭିଯୋଗମାନର ଉତ୍ତର ସବୁ ଦିଅନ୍ତି (କୋରଲି, ଉଘାନ ଓ ରୋମାନ୍‌ସ ପୃଷ୍ଠା ୩୭-୩୯) ।

   ୧. ପ୍ରଥମ ପ୍ରଶ୍ନ : ଯିହୁଦୀମାନଙ୍କ ପାଇଁ ପ୍ରକୃତରେ କିଛି ସୁବିଧା ନାହିଁ କି ? (୧-୨ ପଦ)
   ୨. ଦ୍ୱିତୀୟ ପ୍ରଶ୍ନ : କେତେକ ଯିହୁଦୀମାନେ ଅବିଶ୍ୱସ୍ତ ହୋଇଥିବା ହେତୁ ଈଶ୍ୱରଙ୍କ ବାକ୍ୟ ବିଫଳ ହେଲା କି ? (୩-୪ ପଦ)
   ୩. ତୃତୀୟ ପ୍ରଶ୍ନ : ଯଦି ଈଶ୍ୱର ଯିହୁଦୀମାନଙ୍କୁ ତାହାଙ୍କ ଚରିତ୍ର ପ୍ରକାଶ କରିବାକୁ ବ୍ୟବହାର କଲେ, ଯିହୁଦୀମାନେ ନ୍ୟାୟସଙ୍ଗତ ଭାବେ ଦାୟୀ କି ? (୫-୮ ପଦ)

ଗ) ଶେଷୋକ୍ତି (ଉପସଂହାର) ୨:୧୧କୁ ଫେରି ଯାଏ । ଈଶ୍ୱରଙ୍କ ନିକଟରେ କୌଣସି ମୁଖାପେକ୍ଷା ନାହିଁ । ସମସ୍ତ ମାନଗଣ ସେମାନଙ୍କଠାରେ ଥିବା ଆଲୋକଠାରୁ ଦୂରରେ ବାସ କରିବା ହେତୁ ହିସାବଦାୟୀ ଅଟନ୍ତି । (ପ୍ରାକୃତି ମଧ୍ୟମରେ ପ୍ରକାଶ ଏବଂ/ବା ବିଶେଷ ଉପାୟରେ ଈଶ୍ୱରଙ୍କ ଆତ୍ମ ପ୍ରକାଶର ଆଲୋକ ଦେଇ ହୋଇଛି)

ଘ) ୯-୧୮ ପଦ ମାନ ନିଶ୍ଚିତ ଭାବେ ପୁରାତନ ନିୟମର ଉଦ୍ଧୃତାଂଶର ତାଲିକା ଯାହା ଯିହୁଦୀମାନେ ପାପ ପ୍ରଦର୍ଶନ କରେ ।

ଙ) ୧୯-୨୦ ପଦ ଇସ୍ରାୟେଲର ଆତ୍ମିକ ଅବସ୍ଥା ଓ ପୁରାତନ ନିୟମର ଉଦ୍ଦେଶ୍ୟ ସାରାଂଶରେ ପ୍ରଦାନ କରେ (ଗାଲାତୀୟ ୩) ।

ଚ) ୨୧-୩୧ ପଦମାନ ୧:୧୮-୩:୨୦ର ସାରାଂଶ ଅଟେ । ସେଗୁଡ଼ିକ ସୁସମାଚାରର ପ୍ରଥମ ପରାମାର୍ଥିକ ବିଷୟ (ସଂକ୍ଷିପ୍ତ ବାହ୍ୟ ରେଖା ଦେଖ ୨ ପୃଷ୍ଠା) ।

## ଶବ୍ଦ ଓ ଖଣ୍ଡ ବାକ୍ୟ ଅଧ୍ୟୟନ

**ଏନ୍‌ଏଏସ୍‌ବି (ଆଧୁନିକରୀକରଣ) ଶାସ୍ତ୍ରାଂଶ ୩:୧-୮**

**ତେବେ ଯିହୁଦୀଲୋକର ବିଶେଷ କଅଣ ? ସୁନ୍ନତର ବା ଉପକାର କଅଣ ? ସବୁ ପ୍ରକାରେ ବହୁତ, ସର୍ବପ୍ରଥମ, ଈଶ୍ୱରଙ୍କ ବାକ୍ୟ ସେମାନଙ୍କଠାରେ ସମର୍ପିତ ହୋଇଥିଲା । ତେବେ କଅଣ ? ଯଦି କେହି କେହି ଅବିଶ୍ୱସ୍ତ ହେଲେ, ସେମାନଙ୍କର ଅବିଶ୍ୱସ୍ତତା କଅଣ ଈଶ୍ୱରଙ୍କ ବିଶ୍ୱସ୍ତତାକୁ ନିଷ୍ଫଳ କରିବ ? ତାହା କେବେ ହେଁ ନ ହେଉ, ବରଂ ପ୍ରତ୍ୟେକ ମନୁଷ୍ୟ ମିଥ୍ୟାବାଦୀ ହେଲେ ହେଉ । କିନ୍ତୁ ଈଶ୍ୱର ସତ୍ୟ ପୁଣି ବିଚାରିତ ହେବା ସମୟରେ ବିଜୟୀ ହେବ । କିନ୍ତୁ ଯଦି ଆମ୍ଭମାନଙ୍କର ଅଧାର୍ମିକତା, ଈଶ୍ୱରଙ୍କ ଧାର୍ମିକତା ସପ୍ରମାଣ କରେ । ତେବେ ଆମ୍ଭେମାନେ କଅଣ କହିବା ? ଯେଉଁ ଈଶ୍ୱର କ୍ରୋଧରେ ପ୍ରତିଫଳ ଦିଅନ୍ତି ସେ କି ଅଧାର୍ମିକ ? ମୁଁ ମନୁଷ୍ୟ ଭାବରେ କହୁଅଛି, ତାହା କେବେହେଁ ନ ହେଉ । କାରଣ ତାହା ହେଲେ ଈଶ୍ୱର କିପରି ଜଗତର ବିଚାର କରିବେ ? କିନ୍ତୁ ଯଦି ମୋହର ମିଥ୍ୟା ଦ୍ୱାରା ଈଶ୍ୱରଙ୍କ ସତ୍ୟ ତାହାଙ୍କ ଗୌରବ ନିମନ୍ତେ ପ୍ରଚୁର ଭାବରେ ବୃଦ୍ଧି ପାଇଲା, ତାହାହେଲେ ମୁଁ ମଧ୍ୟ ଆଉ କାହିଁକି ପାପୀ ବୋଲି ବିଚାରିତ ହେଉଅଛି ? ଆଉ ଭଲ ଫଳ ଫଳିବା ନିମନ୍ତେ ଆସ, ମନ୍ଦ କର୍ମ କରୁ, ଏହା ଆମ୍ଭେମାନେ କହୁଅଛୁ ବୋଲି ଯେପରି କେହି କେହି ଆମ୍ଭମାନଙ୍କର ଗ୍ଲାନି କରି କହନ୍ତି, ସେପରି ବା କାହିଁକି ନ କରିବା ? ଏମାନଙ୍କର ଦଣ୍ଡ ଯଥାର୍ଥ ।**

**୩:୧ ''ଯିହୁଦୀ ଲୋକର ବିଶେଷ (ସୁବିଧା) କଅଣ''** ପାଉଲ ଭର୍ତ୍ସନାମୂଳକ ସମାଲୋଚନାର ସାହିତ୍ୟିକ ଉପାୟ ବ୍ୟବହାର କରିବାରେ ଲାଗିରହିଛନ୍ତି, ବା ତାଙ୍କର ସମ୍ବାଦ ପହଞ୍ଚାଇବାକୁ ଆନୁମାନିକ ଅଭିଯୋଗକାରୀକୁ ବ୍ୟବହାର କରୁଛନ୍ତି । ଯିହୁଦୀ ଲୋକମାନଙ୍କର ସୁଯୋଗମାନର ଏକ ତାଲିକା ପାଇଁ ୩:୨ ଓ ୯:୪-୫ ଦେଖ । ପାଉଲ ଏହି ପାରାଗ୍ରାଫ୍ ୯-୧୧ ଅଧ୍ୟାୟରେ ବୃଦ୍ଧି କରନ୍ତି ।

**୩:୨ ''ସର୍ବପ୍ରଥମ''** ପାଉଲ ୧:୮ରେ ପ୍ରଥମ ବ୍ୟବହାର କରନ୍ତି, ମାତ୍ର ଦ୍ୱିତୀୟ ବିଷୟ କିଛି ପ୍ରକାଶ କରିବା ବ୍ୟତୀତ ସେ ଏଠାରେ ସମାନ କାର୍ଯ୍ୟ କରନ୍ତି । ପାଉଲଙ୍କ ଲେଖାର ଏତେ ଉଦ୍ଦେଶ୍ୟ ଥିଲା ଓ ତା' ସହିତ ନିର୍ଦ୍ଦେଶ ଦେବା ପରି ଥିଲା ଯେ, ଅନେକ ସମୟରେ ବ୍ୟାକରଣିକ ଗଠନମାନ ଅସମ୍ପୂର୍ଣ୍ଣ ହୋଇଅଛି ।

▣**''ଈଶ୍ୱରଙ୍କ ବାକ୍ୟ ସେମାନଙ୍କଠାରେ ସମର୍ପିତ ହୋଇଥିଲା''** ଈଶ୍ୱର ଆପଣାକୁ ପ୍ରକାଶ ଆମଠାରେ ପ୍ରକାଶ କରିବା ଏକ ଭୟାନକ ଦାୟିତ୍ୱ ତାହା ସହିତ ମଧ୍ୟ ଚମତ୍କାର ସୁଯୋଗ (୯:୪-୫) । ସେମାନେ ଈଶ୍ୱରଙ୍କ ଦାନ ସମୂହର ବେବର୍ତ୍ତା ଥିଲେ (ଆଓରିଷ୍ଟ କର୍ମକାରକ ୧ ଥେସଲନିକୀ ୨:୪) ।

*''ଲୋଗିଓନ୍''* ଶବ୍ଦ (ବାକ୍ୟସମୂହ) ସେପ୍ଟୁଆଜିଣ୍ଟ (ଗ୍ରୀକ୍ ଅନୁବାଦ)ରେ ଈଶ୍ୱରଙ୍କଠାରୁ ବାକ୍ୟ ଆସିବା ସକାଶେ ବ୍ୟବହାର କରାଯାଇଛି (ଗଣନା ୨୪:୪,୧୬, ଦ୍ୱିତୀୟ ବିବରଣ ୩୩:୯, ଗୀତ ୧୦୭:୧୧, ୧୧୯:୬୭, ଯିଶା. ୫:୨୪, ୨୮:୧୩) ଯାହା ପୁରାତନ ନିୟମକୁ ସୂଚାଏ । ଏହା ନୂତନ ନିୟମରେ ସମାନ ଅର୍ଥରେ ବ୍ୟବହୃତ ହୋଇ ଚାଲିଅଛି (ପ୍ରେରିତ ୭:୩୮, ଏବ୍ରୀ ୫:୧୨, ୧ ପିତର ୪:୧୧) ।

**୩:୩ ''ଯଦି''** ଏହା ହେଉଛି ଏକ ପ୍ରଥମ ଶ୍ରେଣୀ ସର୍ତ୍ତମୂଳକ ବାକ୍ୟ ଯାହାକି ଲେଖକଙ୍କ ଦୃଷ୍ଟିକୋଣରୁ ବା ଏହାର ସାହତ୍ୟିକ ଉଦ୍ଦେଶ୍ୟ ସକାଶେ ସତ୍ୟ ବୋଲି ସାବ୍ୟସ୍ତ ହୋଇଅଛି । ୫ ଓ ୭ ପଦ ମଧ୍ୟ ପ୍ରଥମ ଶ୍ରେଣୀ ସର୍ତ୍ତମୂଳକ ବାକ୍ୟ ଅଟେ । ୩ ପଦର ବ୍ୟାକରଣ ଏକ ''ନୁହେଁ'' ଉତ୍ତର ଅପେକ୍ଷା କରେ ।

▣

| | |
|---|---|
| **ଏନ୍ଏଏସ୍ବି, ଏନ୍କେଜେଭି** | **''କେତେଜଣ ବିଶ୍ୱାସ କଲେ ନାହିଁ''** |
| **ଏନ୍ଆର୍ଏସ୍ଭି** | **''କେତେକ ଅବିଶ୍ୱସ୍ତ ହେଲେ''** |
| **ଟିଇଭି** | **''ସେମାନଙ୍କ ମଧ୍ୟରୁ କେତେକ ଅବିଶ୍ୱସ୍ତ ହେଲେ, ତେବେ କ'ଣ ?''** |

ଏହା ଇସ୍ରାଏଲୀୟ ବ୍ୟକ୍ତି ବିଶେଷକୁ ହୁଏତ ବୁଝାଏ (୧) ଅବିଶ୍ୱସ୍ତତା ବା (୨) ୟାୟେହ (ଯିହୋବା) ପରମେଶ୍ୱରଙ୍କଠାରେ ବ୍ୟକ୍ତିଗତ ବିଶ୍ୱାସର ଅଭାବ । ଈଶ୍ୱରଙ୍କ ନିସର୍ତ୍ତ ପ୍ରତିଜ୍ଞା ସହିତ ଜ୍ଞାନାନୁସାରେ ସମ୍ପୃକ୍ତ ହେବା କଷ୍ଟକର । (ଯଥା ଏକ ପତିତ ମାନବ ଜାତିର ମୁକ୍ତି) ଏବଂ ମାନବ ପ୍ରତ୍ୟୁତ୍ତର ସର୍ତ୍ତପୂର୍ଣ୍ଣ ଅଧିକାର । ବିଶେଷ ପ୍ରସଙ୍ଗ ଦେଖ : ପ୍ରତିଜ୍ଞାତନିୟମ ୯:୪ ପଦରେ । ତଥାପି ଏହା ଏକ ବାଇବଲ ଅନୁଯାୟୀ ବିରୋଧାଭାଷ (୩:୪-୫) । ଈଶ୍ୱର ବିଶ୍ୱସ୍ତ ଅଟନ୍ତି ଏପରିକି ଯେତେବେଳେ ତାହାଙ୍କ ଲୋକମାନେ ନୁହନ୍ତି (ହୋଶେୟ ୧, ୩, ୨ ତୀମଥି ୨:୧୩) ।

▣**''ନିଷ୍ଫଳ''** ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ ।

**ବିଶେଷ ପ୍ରସଙ୍ଗ : ବ୍ୟର୍ଥ ଏବଂ ଶୂନ୍ୟ *(କାଟାରଗେଓ)***

ଏହି (କାଟାରଗେଓ) ହୋଇଥିଲା ପାଉଲଙ୍କ ପ୍ରିୟ ଶବ୍ଦଗୁଡ଼ିକ ମଧ୍ୟରୁ ଗୋଟିଏ । ସେ ଏହାକୁ ଅନ୍ତତଃ ପଚିଶ ଥର ବ୍ୟବହାର କରିଥିଲେ ମାତ୍ର ଏହାର ଏକ ନିସ୍ତୃତ ଭାଷାନ୍ତ ବ୍ୟବଧାନ ଅଛି ।

କ) ଏହାର ମୂଳ ଶବ୍ଦଉତ୍ପତ୍ତି ସମ୍ବନ୍ଧୀୟ ଅଧ୍ୟୟନର ଆରମ୍ଭ ''ଆର୍ଗୋସ''ରୁ ହୋଇଛି, ଯାହା ବୁଝାଏ ।
   ୧. ଅକର୍ମଣ୍ୟ ବା ଅନାବଶ୍ୟକ
   ୨. ଆଳସ୍ୟତା
   ୩. ଅବ୍ୟବହୃତ
   ୪. ବ୍ୟବହାର ଯୋଗ୍ୟ ନୁହେଁ
   ୫. କାର୍ଯ୍ୟ ଯୋଗ୍ୟ ନୁହେଁ ବା କାର୍ଯ୍ୟକାରୀ ହେଉ ନାହିଁ
ଖ) ''କାଟ'' ସହିତ ଏକତ୍ର ମିଶ୍ରିତ ହୋଇ ଏହା ପ୍ରକାଶ କରୁଥିଲା
   ୧. ଅକର୍ମନ୍ୟତା
   ୨. ଅନାବଶ୍ୟକ
   ୩. ବାତିଲ ବା ପ୍ରତ୍ୟାହାର କରାଗଲା
   ୪. ପରିତ୍ୟାଗ କରାଗଲା
   ୫. ସମ୍ପୂର୍ଣ୍ଣ ଅସହଯୋଗୀତା
ଗ) ଲୂକରେ ଏହା ଥରେ ଏକ ଫଳହୀନ, ତେଣୁ ଅଦରକାରୀ ରୂପେ ବର୍ଣ୍ଣିତ ହୋଇ ବ୍ୟବହାର କରାଯାଇଛି (ଲୂକ ୧୩:୭)
ଘ) ପାଉଲ ଏହାକୁ ଏକ ଦୃଷ୍ଟାନ୍ତ ଅର୍ଥରେ ଦୁଇଟି ବିଶେଷ ଉପାୟରେ ବ୍ୟବହାର କରନ୍ତି ।
   ୧. ଈଶ୍ୱର କାର୍ଯ୍ୟକାରୀ ନ ହେବା ବିଷୟମାନ ନିର୍ମାଣ କରିଛନ୍ତି ଯାହା ମାନବ ଜାତି ପ୍ରତି ବିପଦଜନକ ।
      କ) ମନୁଷ୍ୟଜାତିର ପାପ ସ୍ୱଭାବ – ରୋମୀ *୬:୬*
      ଖ) ''ବୀଜ ବା ମଞ୍ଜି'' ବିଷୟରେ ଈଶ୍ୱରଙ୍କ ପ୍ରତିଜ୍ଞା ସହିତ ମୋଶାଙ୍କର ନିୟମର ସମ୍ପର୍କ – ରୋମୀ ୪:୧୪, ଗାଲାତୀୟ ୩:୧୭, ୫:୪, ଏଫିସୀୟ ୨:୧୫ ।
      ଗ) ଆତ୍ମିକ ଶକ୍ତିମାନ – ୧ କରନ୍ଥୀୟ ୧୫:୨୪
      ଘ) ଅଧର୍ମ ପୁରୁଷ – ୨ ଥେସଲନିକୀ ୨:୮
      ଙ) ଶାରୀରିକ ମୃତ୍ୟୁ – ୧ କରିନ୍ଥୀୟ ୧୫:୨୬, ୨ ତୀମଥି ୧:୧୬ (ଏବ୍ରୀ ୨:୧୪)
   ୨. ଈଶ୍ୱର ପୁରାତନ (ବ୍ୟବସ୍ଥା ଯୁଗ)କୁ ନୂତନରେ ପ୍ରତିବଦଳ କରୁଅଛନ୍ତି
      କ) ମୋଶାଙ୍କ ବ୍ୟବସ୍ଥା ସହିତ ସମ୍ପୃକ୍ତ ବିଷୟମାନ – ରୋମୀ ୩:୩, ୩୧, ୪:୧୪, ୨ କରିନ୍ଥୀୟ ୩:୭, ୧୧, ୧୩,୧୪
      ଖ) ବ୍ୟବସ୍ଥାର ବ୍ୟବହୃତ ବିବାହର ସାଦୃଶ୍ୟ – ରୋମୀ *୭:୨,୬*

ଗ)  ଏହି ଯୁଗର ବିଷୟମାନ – ୧ କରିନ୍ଥୀୟ ୧୩:୮,୧୦,୧୧
ଘ)  ଏହି ଶରୀର – ୧ କରିନ୍ଥୀୟ ୬:୧୩
ଡ଼)  ଏହି ଯୁଗର ନେତା – ୧ କରିନ୍ଥୀୟ ୧:୨୮, ୨:୬

ଏହି ଶବ୍ଦ ଅନେକ ବିଭିନ୍ନ ବାଟରେ ଅନୁବାଦ କରାଯାଇଅଛି । ମାତ୍ର ଏହାର ମୁଖ୍ୟ ଅର୍ଥ ହେଉଛି କୌଣସି ବିଷୟକୁ ଅଦରକାରୀ, ନିଷ୍ଫଳ ଏବଂ ବ୍ୟର୍ଥ, ଅସହଯୋଗୀ, ଶକ୍ତିହୀନରେ ପରିଣତ କରିବା ମାତ୍ର ସ୍ଥିତିହୀନ ଧ୍ୱଂସ ବା ନିପାତ କରିବା ଆବଶ୍ୟକ ନୁହେଁ ।

▣**''ଈଶ୍ୱରଙ୍କ ବିଶ୍ୱସ୍ତତା''** ଏହି ସତ୍ୟ (୧ କରିନ୍ଥୀୟ ୧:୯, ୧୦, ୧୩, ୨ କରିନ୍ଥୀୟ ୧:୧୮) ହେଉଛି ଈଶ୍ୱରଙ୍କ ନିମ୍ନଲିଖିତ ଗୁଣରେ ବିଶ୍ୱାସ ମାନବଗଣ ନିମନ୍ତେ ମୂଳଦୁଆ ସ୍ୱରୂପ (ଦ୍ୱିତୀୟ ବିବରଣ ୭:୯, ଯିଶାଇୟ ୪୯:୭) ।

୧. ଅପରିବର୍ତ୍ତନୀୟ ଚରିତ୍ର
୨. ଅନନ୍ତକାଳୀନ ପ୍ରତିଜ୍ଞା

ସେ ଆପଣାକୁ ସୃଷ୍ଟି, ଆତ୍ମପ୍ରକାଶ, ନିୟମଚୁକ୍ତି ଓ ମଶୀହଙ୍କଠାରେ ପ୍ରକାଶ କରିଅଛନ୍ତି । ଏପରିକି ମାନବର ଅବିଶ୍ୱସ୍ତତା ମଧ୍ୟରେ ସେ ବିଶ୍ୱସ୍ତ ରହିଛନ୍ତି (୨ ତୀମଥି ୨:୧୩) ।

**୩:୪**

| | |
|---|---|
| **ଏନ୍ଏଏସ୍ବି** | **''ଏହା କେବେହେଁ ନ ହେଉ''** |
| **ଏନ୍କେଜେଭି, ଟିଇଭି** | **''ନିଶ୍ଚିତ ଭାବେ ନୁହେଁ''** |
| **ଏନ୍ଆର୍ଏସ୍ଭି** | **''କୌଣସି ପ୍ରକାରେ ନୁହେଁ''** |
| **ଏନ୍ଜେବି** | **''ତାହା ଅଯୌକ୍ତିକ ହେବ''** |

ଏହା ଏକ କ୍ୱଚିତ ବ୍ୟବହାର ରାଯାଉଥିବା ପସନ୍ଦଯୋଗ୍ୟ ନ ଥିବା ଅବସ୍ଥା, ଯାହା ଏକ ଶୁଭେଚ୍ଛା ପ୍ରଦର୍ଶନ ବା ପ୍ରାର୍ଥନା ପ୍ରକାଶ କରେ ଏବଂ ଏହି ଖଣ୍ଡବାକ୍ୟ ଏପରି ଅନୁବାଦିତ ହେବା ଉଚିତ, ''ଏହା କେବେହେଁ ନ ହେଉ'' । ଏହା ଏକ ହିବ୍ରୁ ରୂଢ଼ୋକ୍ତି ପ୍ରତିଫଳିତ କରିପାରେ । ଏହି ଖଣ୍ଡ ବାକ୍ୟ ''ଆଚମ୍ଭିତ କରିବା ଅବିଶ୍ୱାସ'' ପାଉଲଙ୍କ ଦ୍ୱାରା ଅନେକ ଥର ବ୍ୟବହୃତ ହୋଇଥିଲା, ତାଙ୍କର ଭର୍ତ୍ସନାପୂର୍ଣ୍ଣ ସମାଲୋଚନାମୂଳକ ସାହିତ୍ୟିକ ପଦ୍ଧତି ହେତୁ (୩:୪, ୬, ୩୧, ୬:୨, ୧୫, ୭:୭, ୧୩, ୯:୧୪, ୧୧:୧, ୧ କରିନ୍ଥୀୟ ୬:୧୬, ଗାଲାତୀୟ ୨:୧୭, ୩:୨୧, ୬:୧୪) । ଏକ ତଥାକଥିତ ବା ଆନୁମାନିକ ବିଷୟ ଗୁରୁତର ଭାବେ ନାସ୍ତି କରିବା ଥିଲା ପାଉଲଙ୍କ ପଥ ।

ଆନୁମାନିକ ଭାବେ ଅଭିଯୋଗକାରୀ ପ୍ରଶ୍ନସମୂହ ଓ ମନ୍ତବ୍ୟଗୁଡ଼ିକ ପାଉଲ ଅଗ୍ରାହ୍ୟ କରିବାର ସାହିତ୍ୟିକ ପଥ ଲକ୍ଷ୍ୟ କର ।

୧. ''ଏହା କେବେହେଁ ନ ହେଉ'' ୪, ୬ ପଦମାନ
୨. ''ବରଂ ପ୍ରତ୍ୟେକ ମନୁଷ୍ୟ ମିଥ୍ୟାବାଦୀ ହେଲେ ହେଉ, କିନ୍ତୁ ଈଶ୍ୱର ସତ୍ୟ ବୋଲି ସ୍ୱୀକାର କରାଯାଉ'', ୪ ପଦ
୩. (''ମୁଁ ମନୁଷ୍ୟ ଭାବରେ କହୁଅଛି'') ୫ ପଦ
୪. ''ଏହା ଆମ୍ଭେମାନେ କହୁଅଛୁ ବୋଲି ଯେପରି କେହି କେହି ଆମ୍ଭମାନଙ୍କର ଗ୍ଲାନି କରି କହନ୍ତି'' ୮ ପଦ ।

▣**''ବରଂ ପ୍ରତ୍ୟେକ ମନୁଷ୍ୟ ମିଥ୍ୟାବାଦୀ ହେଲେ ହେଉ । କିନ୍ତୁ ଈଶ୍ୱର ସତ୍ୟ ବୋଲି ସ୍ୱୀକାର କରାଯାଉ''** ଏହା ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ ଅନୁଜ୍ଞାସୂଚକ କ୍ରିୟା ଅଟେ । ଏହି ଗଠନ ପ୍ରସଙ୍ଗର ଚାଲୁ ରହିଥିବା ଅବସ୍ଥା ଉପରେ ଆଲୋକପାତ କରେ, ଈଶ୍ୱର ବିଶ୍ୱସ୍ତ ଓ ସତ୍ୟବାଦୀ ଅଟନ୍ତି (୧:୮ରେ ବିଶେଷ ପ୍ରସଙ୍ଗ ଦେଖ), ମାନବଗଣ ଅବିଶ୍ୱସ୍ତ ଓ ମିଥ୍ୟାବାଦୀ ଅଟନ୍ତି ! ଏହା ଗୀତ ୧୧୬:୧୧ ପଦର ଏକ ପରୋକ୍ଷ ଲେଖା ଏବଂ ଆୟୁବ ୩୨:୨, ୪୦:୮ରେ ଶିଖିବାକୁ ଥିବା ବିଷୟ ସହିତ ସମାନ ।

ଏହି ଅଧ୍ୟାୟରେ ପାପପୂର୍ଣ୍ଣତାର ସାର୍ବଜନୀନ ବିଷୟ ଲକ୍ଷ୍ୟ କର, ପାଉଲଙ୍କର 'ପାସ୍'ର ବ୍ୟବହାର ଦ୍ୱାରା ପ୍ରତିନିଧିତ୍ୱ କଲା (ପାସ୍–ସମସ୍ତ, ପ୍ରତ୍ୟେକ) ୪,୯,୧୨,୧୯,୨୦,୨୩,୨୪ ପଦମାନଙ୍କରେ) ମାତ୍ର ଈଶ୍ୱରଙ୍କ ପ୍ରଶଂସା ହେଉ, ଆହୁରି ମଧ୍ୟ ପରିତ୍ରାଣ ସମସ୍ତଙ୍କ ପାଇଁ ସାର୍ବଜନୀନ ଭାବେ ପ୍ରଦାନ କରାଗଲା (୩:୨୨) ।

▣**''ଯେପରି ଲେଖାଅଛି''** ସାହିତ୍ୟିକ ଭାବେ ''ଏହା ଲେଖା ହୋଇ ଆସିଅଛି ଏବଂ ଲେଖାଯାଇ ଚାଲିବ'' । ଏହା ଏକ ସିଦ୍ଧ କର୍ମକାରକ ସୂଚନା । ଏହା ଶାସ୍ତ୍ରମାନର ଈଶ୍ୱର ନିଶ୍ୱସିତା ସାବ୍ୟସ୍ତ କରିବାର ଏକ ପ୍ରସ୍ତୁତ ରୂଢ଼ୋକ୍ତିରେ ପରିଣତ ହେଲା (ମାଥିଉ ୫:୧୭–୧୯) ଏହା ଗୀତ ୫୧:୪ ସେପ୍ଟୁଆଜିଣ୍ଟ (୭୦)ରୁ ଏକ ଉଦ୍ଧୃତାଂଶକୁ ପରିଚିତ କରାଏ ।

**୩:୫–୬** ଏହି ପଦମାନଙ୍କରେ ପାଉଲ କରିଥିବା ଯୁକ୍ତିର, ଈଶ୍ୱରଙ୍କ ଜଗତରେ ତାହାଙ୍କ ସମ୍ବାଦ ପହଞ୍ଚାଇବା ନିମନ୍ତେ ମାଧ୍ୟମ ଭାବରେ ଇସ୍ରାୟେଲକୁ ତାହାଙ୍କ ବିଶେଷ ଲୋକଭାବେ ପସନ୍ଦ କରିବା ବିଷୟ ସହିତ ସମ୍ପୃକ୍ତ (ଆଦି. ୧୩:୩, ଯାତ୍ରା ୧୯:୫–୬) । ପୁରାତନ ନିୟମରେ 'ନିର୍ବାଚନ' ସେବାକୁ ବୁଝାଏ, ବିଶେଷ ସୁଯୋଗକୁ ବୁଝାଏ ନାହିଁ । ଈଶ୍ୱର ସେମାନଙ୍କ ସହିତ ଏକ ଚୁକ୍ତି କଲେ । ସେ ବିଶ୍ୱସ୍ତ ଥିଲେ, ସେମାନେ ଅବିଶ୍ୱସ୍ତ ହେଲେ (ନିହିମିୟା ୯ ପର୍ବ) । ସତ୍ୟ ଘଟଣା ହେଲା, ଈଶ୍ୱର ଅବିଶ୍ୱସ୍ତ ଇସ୍ରାଏଲୀୟମାନଙ୍କ ବିଚାର କଲେ, ଏହା ତାହାଙ୍କ ଧାର୍ମିକତାର ଚିହ୍ନ ଅଟେ ।

ଇସ୍ରାଏଲ, ବିଜାତିମାନଙ୍କ ନିକଟରେ ପହଞ୍ଚିବାର ମାଧ୍ୟମ ରୂପେ ଉଦ୍ଦୀଷ୍ଟ ହୋଇଥିଲେ । ମାତ୍ର ସେମାନେ ବିଫଳ ହେଲେ (୩:୨୪) ! ସାର୍ବଜନୀନ ପରିତ୍ରାଣର, ଈଶ୍ୱରଙ୍କ ଯୋଜନାପୂର୍ଣ୍ଣ ଉଦ୍ଦେଶ୍ୟ (ଆଦି ୩:୧୫) ଇସ୍ରାଏଲର ବିଫଳତା ଦ୍ୱାରା ପ୍ରଭାବିତ ନୁହେଁ । ସତ୍ୟ ଘଟଣା ଭାବରେ ଈଶ୍ୱରଙ୍କ

ମୂଳତୁକ୍ତି ପ୍ରତି ତାହାଙ୍କ ବିଶ୍ୱସ୍ତତା ରୋମୀ ୯-୧୧ରେ ଦୃଢ଼ୀକୃତ ହୋଇଅଛି । ଅବିଶ୍ୱାସୀ ଇସ୍ରାଏଲ ପରିତ୍ୟକ୍ତ ବା ଅଗ୍ରାହ୍ୟ କରାଗଲେ ମାତ୍ର ଏକ ବିଶ୍ୱାସୀ ଇସ୍ରାଏଲ ଈଶ୍ୱରଙ୍କ ମୁକ୍ତିର ଯୋଜନା ପହଞ୍ଚିବାକୁ ଦେବ ।

ପାଉଲଙ୍କ ୫-୬ ପଦରେ ଭର୍ତ୍ସନାପୂର୍ଣ୍ଣ ସମାଲୋଚନା ୭-୮ ପଦମାନଙ୍କ ସମାନ୍ତର ଭାବେ ଗତି କରିଛି ।

**୩:୫ ''ଯଦି''** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ସାହିତ୍ୟିକ ଦୃଷ୍ଟିକୋଣରୁ ବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ସକାଶେ ଆଧାରସ୍ୱରୂପ ନିଆଅଛି । ୩ ଓ ୭ ପଦ ମଧ୍ୟ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟମାନ ଅଟେ ।

▣**''ଯଦି ଆମ୍ଭମାନଙ୍କ ଅଧାର୍ମିକତା ଈଶ୍ୱରଙ୍କ ଧାର୍ମିକତା ସପ୍ରମାଣ କରେ''** ଏହି ସର୍ବନାମ ''ଆମ୍ଭମାନଙ୍କ'' ସମସ୍ତ ଯିହୁଦୀମାନଙ୍କ ସମଷ୍ଟିଗତ ଭାବେ ନିଶ୍ଚୟ ବୁଝାଏ । ୧:୧୭ ରେ ବିଶେଷ ପ୍ରସଙ୍ଗ ଦେଖ ।

▣**''ଆମ୍ଭମାନେ କଅଣ କହିବା''** ପାଉଲ ତଥାପି ଭର୍ତ୍ସନାପୂର୍ଣ୍ଣ ସମାଲୋଚନା ବ୍ୟବହାର କରୁଅଛନ୍ତି (୩:୫, ୬:୭, ୮:୩୧, ୯:୧୪, ୩୯) (ପାଉଲ ଏକ ଆନୁମାନିକ ପ୍ରତିବାଦକାରୀ ବ୍ୟବହାର କରିବା ଦ୍ୱାରା ତାଙ୍କ ଉପସ୍ଥାପନା ସ୍ପଷ୍ଟିକୃତ କରୁଛନ୍ତି । (ମଲାଖି ୧:୨, ୬,୭,୧୨,୧୩, ୨:୧୪,୧୭ (ଦୁଇଥର), ୩:୭, ୧୩,୧୪) ।

▣

**ଏନ୍ଏଏସ୍ବି** **''ମୁଁ ଏକ ମାନବୀୟ ଭାଷାରେ କଥା କହୁଅଛି''**
**ଏନ୍କେଜେଭି** **''ମୁଁ ଏକ ମନୁଷ୍ୟଭାବରେ କହେ''**
**ଏନ୍ଆର୍ଏସ୍ଭି** **''ମୁଁ ଏକ ମାନବୀୟ ପଥରେ କହେ''**
**ଟିଇଭି** **''ମନୁଷ୍ୟମାନେ ଯେପରି କରନ୍ତି ଏଠାରେ ମୁଁ ସେପରି କଥା କହେ''**
**ଏନ୍ଜେବି** **''ଏକ ମନୁଷ୍ୟ ଉଦାହରଣ ବ୍ୟବହାର କରିବାକୁ''**

ପାଉଲ ଅନେକ ଥର ତାଙ୍କ ପରମାର୍ଥିକ ଯୁକ୍ତିରେ ମାନବୀୟ ଯୁକ୍ତି ବ୍ୟବହାର କରିଥିଲେ (୬:୧୯, ୧ କରିନ୍ଥୀୟ ୯:୮, ଗାଲାତୀ ୩:୧୫) । ଏଠାରେ ଏହା, ପ୍ରତିବାଦକାରୀର ସାବ୍ୟସ୍ତ କରିବା ବିଷୟମାନଙ୍କୁ ଅଗ୍ରାହ୍ୟ କରିବା ପଥ ରୂପେ କାର୍ଯ୍ୟ କରେ ।

**୩:୭-୮** ଏକ ସ୍ପଷ୍ଟ ସାମ୍ୟତା ୫ ଓ ୭ ପଦରେ ସ୍ପଷ୍ଟ ଦେଖାଯାଏ (ଉଭୟ ଇଆଇଓଟିଇ ଦ୍ୱାରା ଆରମ୍ଭ ହୁଏ) ପାଉଲ ହୁଏତ :

୧. ଭର୍ତ୍ସନାଯୁକ୍ତ ସମାଲୋଚନର ଏକ ଆନୁମାନିକ ପ୍ରତିବାଦକ ରୂପ ସାହିତ୍ୟିକ ଶୈଳୀ ବ୍ୟବହାର କରିବାରେ ଲାଗିରହିଛନ୍ତି ୩,୫,୭,୭,୮:୩୧, ୯:୧୪,୩୦)

୨. କେବଳ ବିଶ୍ୱାସ ଦ୍ୱାରା ଧାର୍ମିକଗଣନା ବିଷୟ ପ୍ରଚାରର ସମାଲୋଚନା ପ୍ରତି ପ୍ରତିକ୍ରିୟଶୀଳ ହୋଇଛନ୍ତି (୮ ପଦ)

ପାଉଲ ପୁଙ୍ଖାନୁପୁଙ୍ଖ ଭାବେ ଦୋଷାରୋପର ଉତ୍ତର ଦେଇନାହାନ୍ତି କିଅବା ବାଖ୍ୟାକର ବୁଝାଇ ନାହାନ୍ତି ମାତ୍ର ଶକ୍ତିଯୁକ୍ତ ଭାବେ ଦୋଷାରୋପକୁ ପ୍ରତିରୋଧ ଓ ଦୋଷିସାବ୍ୟସ୍ତ କରିଅଛନ୍ତି । ଏହା ସମ୍ଭବ ଯେ, ବିଶ୍ୱାସ ଦ୍ୱାରା ଏକ ବିନାମୂଲ୍ୟର ଅପ୍ରାପ୍ୟ ଧାର୍ମିକଗଣନ ପ୍ରତି ଅଭିଯୋଗ ଥିଲା ଯେ ଏହା ଅଧର୍ମ (ବେନିୟମ) ବା କେବଳ ଅଧିକ ଅବିଶ୍ୱସ୍ତ ଅବାଧ୍ୟତା (ଅନାଜ୍ଞାବହତା) ଆଡ଼କୁ କଢ଼ାଇ ନେବ । ପାଉଲ ବିଶ୍ୱାସ କରିଥିଲେ ଯେ, ବିନାମୂଲ୍ୟର ଅନୁଗ୍ରହ ଏକ ନୂତନ ଆତ୍ମା ଓ କୃତଜ୍ଞତାର ଜୀବନ ମାଧ୍ୟମରେ ଖ୍ରୀଷ୍ଟସାଦୃଶ୍ୟତାକୁ କଢ଼ାଇ ପରିବର୍ତ୍ତିତ ଲୋକମାନଙ୍କଠାରେ ନୈତିକ ଜୀବନ ! ମାତ୍ର ଏହା ଏକ ବାହ୍ୟିକ ନିୟମ ତାଲିକା ପ୍ରତି ଆନୁଗତ୍ୟ ଦ୍ୱାରା ଆସେ ନାହିଁ, ମାତ୍ର ଏକ ନୂତନ ହୃଦୟ, ଏକ ନୂତନ ମନ ଓ ଏକ ନୂତନ ଆତ୍ମା ଦ୍ୱାରା ଆସେ (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୨-୩୬) ।

**୩:୭ ''ଯଦି''** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ (ଆହୁରି ମଧ୍ୟ ୩ ଓ ୫ ପଦ), ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାହାଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ହେତୁ ସତ୍ୟ ବୋଲି ସାବ୍ୟସ୍ତ କରାଯାଇଅଛି ।

▣**''ପ୍ରଚୁରଭାବରେ ବୃଦ୍ଧି ପାଇଲା''** ୧୫:୧୩ରେ ବିଶେଷ ପ୍ରସଙ୍ଗ ଦେଖ

▣**''ତାହାଙ୍କ ଗୌରବ''** ୩:୨୩ରେ ଟିପ୍ପଣୀ ଦେଖ ।

**ଏନ୍ଏଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୩:୯-୧୮**

**ତେବେ କଅଣ ? ଆମ୍ଭେମାନେ କି ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ? ନା କୌଣସି ପ୍ରକାରେ ନୁହେଁ, କାରଣ ଯିହୁଦୀ ଓ ଗ୍ରୀକ୍ ସମସ୍ତେ ପାପର ଅଧୀନ, ଆମ୍ଭେମାନେ ପୂର୍ବରେ ଉଭୟଙ୍କ ବିରୁଦ୍ଧରେ ଏହି ଅଭିଯୋଗ କରିଅଛୁ, ଯେପରି ଲେଖାଅଛି, ''ଧାର୍ମିକ କେହି ନାହିଁ, ଯେ ଜଣେ ସୁଦ୍ଧା ନାହିଁ, ଯେ ବୁଝେ ଏପରି କେହି ନାହିଁ, ଯେ ଈଶ୍ୱରଙ୍କ ଅନ୍ୱେଷଣ କରେ, ଏପରି ଜଣେ ନାହିଁ, ସେମାନେ ସମସ୍ତେ ବିପଥରେ ଯାଇଅଛନ୍ତି, ଏକ ସଙ୍ଗରେ ଅକର୍ମଣ୍ୟ ହୋଇଅଛନ୍ତି, ଯେ ସତ୍କର୍ମ କରେ ଏପରି କେହି ନାହିଁ, ନା ଏପରି ଜଣେ ହେଲେ ନାହିଁ । ସେମାନଙ୍କ କଣ୍ଠ ଉନ୍ମୁକ୍ତ ସମାଧି, ସେମାନେ ଆପଣା ଆପଣା ଜିହ୍ୱାରେ ଛଳନା କରିଅଛନ୍ତି, ସେମାନଙ୍କ ଓଷ୍ଠ ତଳେ କାଳସର୍ପର ବିଷ ଅଛି, ସେମାନଙ୍କ ମୁଖ ଅଭିଶାପ ଓ**

**କଟୁତାରେ ପୂର୍ଣ୍ଣ, ସେମାନଙ୍କ ପାଦ ରକ୍ତପାତ କରିବାକୁ ଦ୍ରୁତଗାମୀ, ସେମାନଙ୍କ ପଥରେ ବିନାଶ ଓ କ୍ଲେଶ, ପୁଣି ଶାନ୍ତିର ପଥ ସେମାନେ ଜାଣନ୍ତି ନାହିଁ । ଈଶ୍ୱରଙ୍କ ଭୟ ସେମାନଙ୍କ ଆଖି ଆଗରେ ନ ଥାଏ ।**

**୩:୯ ''ଆମ୍ଭେମାନେ କି ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ ?''** ଏହି ନିର୍ଦ୍ଦିଷ୍ଟ ଅଂଶର ବ୍ୟାକରଣ ଅନିଶ୍ଚିତ । ଏହା ସ୍ପଷ୍ଟ ଯେ ମୁଖ୍ୟ ସତ୍ୟ ଏହି ଅଂଶର ହେଉଛି, ସମଗ୍ର ମାନବଜାତି ଈଶ୍ୱରଙ୍କ ଅନୁଗ୍ରହ ଆବଶ୍ୟକ କରେ (୩:୯, ୧୯,୨୩,୧୧:୩୨, ଗାଲାତୀୟ ୩:୨୨) ଯାହା ବି ହେଉ, ଏହା ଅନିର୍ଦ୍ଦିଷ୍ଟ ଯେ ନିର୍ଦ୍ଦିଷ୍ଟ ଶାସ୍ତ୍ରାଂଶଟି ଯିହୁଦୀମାନଙ୍କୁ ବୁଝାଏ କି ନାହିଁ (ପାଉଲ ଏବଂ ତାଙ୍କର କୁଟୁମ୍ବୀୟମାନେ, ଟିଇଭି, ଆରଏସ୍‌ଭି) କିଅବା ଖ୍ରୀଷ୍ଟିୟାନମାନେ (ପାଉଲ ଓ ସହ ବିଶ୍ୱାସୀମାନେ ଈଶ୍ୱରଙ୍କ ଅନୁଗ୍ରହରୁ ପୃଥକ) । ଯିହୁଦୀମାନଙ୍କର କିଛି ସୁବିଧା ସୁଯୋଗ ଅଛି (୧-୨, ୯:୪-୫) ମାତ୍ର ଏହି ସୁବିଧାମାନ ସେମାନଙ୍କୁ ଆହୁରି ଅଧିକ ଦାୟୀ କରେ (ଲୂକ ୧୨:୪୮) । ସମସ୍ତ ମାନବ ଆତ୍ମିକ ଭାବେ ହଜି ଯାଇଛନ୍ତି ଏବଂ ଈଶ୍ୱରଙ୍କ ଅନୁଗ୍ରହ ଆବଶ୍ୟକ କରନ୍ତି ।

''ଶ୍ରେଷ୍ଠ'' ବା (ଅଧିକତର ଉତ୍ତମ) ଶବ୍ଦ, ଅଳ୍ପ ସଂଖ୍ୟକ ସାହିତ୍ୟକମାନଙ୍କ ଦ୍ୱାରା ମାଧମିକ ସ୍ଥାନ ଦିଆଯିବା ପରିବର୍ତ୍ତେ (ନଦିଆଯାଇ) ଏହାକୁ କର୍ମବାଚ୍ୟ ରୂପେ ବୁଝାଯାଇଅଛି । ଫଳରେ ଅନୁବାଦ କରାଗଲା, ''ଉତ୍କୃଷ୍ଟତମ ବା ଶ୍ରେଷ୍ଠ'' ବା ଯେଉଁମାନେ ଉପକାର ପାଇନାହାନ୍ତି ସେମାନଙ୍କଠାରୁ ବେଶୀ ଭଲ ।''

ରୋମୀୟ ପୁସ୍ତକ ପ୍ରାୟ କୁହାଯାଏ, ପାଉଲଙ୍କ ପତ୍ରମାନଙ୍କ ବିଷୟରେ ସର୍ବାପେକ୍ଷା ଅଧିକ ସ୍ଥାନୀୟଭାବେ ନିରପେକ୍ଷ । ପାଉଲଙ୍କ ଅଧିକାଂଶ ପତ୍ରସମୂହ ଏକ ସ୍ଥାନୀୟ ଅଭାବ ବା ଘଡ଼ିସନ୍ଧି ଅବସ୍ଥା (ସମୟାନୁକ୍ରମେ ବିଶେଷଗୁରୁତ୍ୱପୂର୍ଣ୍ଣ ବିଷୟକମାନେ) ସମ୍ମୁଖରେ ରଖିଥାଆନ୍ତି । ଯାହା ବି ହେଉ, ବିଶ୍ୱାସୀ ଯିହୁଦୀ ନେତାଗଣ ଓ ବିଶ୍ୱାସୀ ବିଜାତୀୟ ନେତାମାନଙ୍କ ମଧ୍ୟରେ ରୋମୀୟ ମଣ୍ଡଳୀରେ ଥିବା ହିଂସା ବା ଈର୍ଷା ପରାୟଣତା ୧-୩ ଅଧ୍ୟାୟ ଓ ୯-୧୧ ଅଧ୍ୟାୟର ପୃଷ୍ଠଭୂମି ହୋଇପାରେ ।

▣**''କାରଣ ଯିହୁଦୀ ଓ ଗ୍ରୀକ୍ ସମସ୍ତେ ଯେ ପାପର ଅଧୀନ, ଆମ୍ଭେମାନେ ପୂର୍ବରେ ଉଭୟଙ୍କ ବିରୁଦ୍ଧରେ ଏହି ଅଭିଯୋଗ କରିଅଛୁ''**, ଏହି କ୍ରିୟା ପଦ (ଆଓରିଷ୍ଟ ମାଧମିକ (ଆକୃତିରେ କର୍ମବାଚ୍ୟ କିନ୍ତୁ ଅର୍ଥରେ କ୍ରିୟାପଦ) ସୂଚକ) କେବଳ ଏହିଠାରେ ନୂତନ ନିୟମରେ ମିଳେ । ପାଉଲ ତାଙ୍କର ସ୍ଥିରିକୃତ ଯୁକ୍ତି ବୁଝାଉଛନ୍ତି ୧:୧୮-୨:୨୯ରେ ।

▣**''ପାପର ଅଧୀନ''** ପାଉଲ ପାପ ଉପରେ ବ୍ୟକ୍ତିତ୍ୱ ଆରୋପ କରନ୍ତି (ଜୋରାମ୍ ବାଇବଲ କମେଣ୍ଟେରୀ ୩୦୦ ପୃଷ୍ଠା) ଏକ ନିର୍ଦ୍ଦୟଭାବେ କର୍ମକରାଯାଉଥିବା ମାଲିକ, ପତିତ ମାନବ ଉପରେ (୬:୧୬-୨୩) ।

**୩:୧୦-୧୮ ''ଯେପରି ଲେଖାଅଛି''** ୪ ପଦରେ ମଧ୍ୟ ଏହି ଖଣ୍ଡବାକ୍ୟ ଅଛି । ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ପୁରାତନ ନିୟମର ଉଦ୍ଧୃତାଂଶଗୁଡ଼ିକ, ମାନବଜାତିର ପତନାବସ୍ଥାକୁ ଗୁରୁତ୍ୱ ଦେବାକୁ ମାନବ ଶରୀରର ଦୃଷ୍ଟାନ୍ତମାନ ବ୍ୟବହାର କରୁଛନ୍ତି ।

୧. ୧୦-୧୨ ପଦ, ଉପଦେଶକ ୭:୨୦, ବା ଗୀତ ୧୪:୧-୩
୨. ୧୩ ପଦ, ଗୀତ ୫:୯ ଏବଂ ୧୪୦:୩
୩. ୧୪ ପଦ । ଗୀତ ୧୦:୭
୪. ୧୫-୧୭ ପଦମାନ, ଯିଶାଇୟ ୫୯:୭-୮ ଏବଂ ହିତୋପଦେଶ ୧:୧୬
୫. ୧୮ ପଦ, ଗୀତ ୩୬:୧

ଏହା ଆଶ୍ଚର୍ଯ୍ୟଜନକ ଯେ ପାଉଲ ଯିଶାଇୟ ୫୩:୬ ବ୍ୟବହାର କରି ନାହାନ୍ତି ।

ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୩:୧୯-୨୦

**୧୯ ଆଉ ଆମ୍ଭେମାନେ ତ ଜାଣୁ ଯେ, ବ୍ୟବସ୍ଥା ଯାହା ଯାହା କୁହେ, ସେହିସବୁ ବ୍ୟବସ୍ଥାଧୀନ ଲୋକମାନଙ୍କୁ କୁହେ, ଯେପରି ପ୍ରତ୍ୟେକ ମୁଖ ବନ୍ଦ କରାଯିବ ଓ ସମସ୍ତ ଜଗତ ଈଶ୍ୱରଙ୍କ ବିଚାରରେ ଦଣ୍ଡନୀୟ ହେବ, ୨୦ କାରଣ ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା କୌଣସି ପ୍ରାଣୀ ତାହାଙ୍କ ଛାମୁରେ ଧାର୍ମିକ ଗଣିତ ହେବ ନାହିଁ । ଯେହେତୁ ବ୍ୟବସ୍ଥା ଦ୍ୱାରା ପାପର ଜ୍ଞାନ ଜନ୍ମେ ।**

**୩:୧୯ ''ଆମ୍ଭେମାନେ ଜାଣୁ ଯେ''** ୨:୨ରେ ଟିପ୍ପଣୀ ଦେଖ

▣**''ବ୍ୟବସ୍ଥା''** ଏହି ପରିପ୍ରେକ୍ଷୀରେ ଏହା ସମୁଦାୟ ପୁରାତନ ନିୟମକୁ ବୁଝାଇବା ଉଚିତ । (୨୧ ପଦ) କାରଣ ମୋଶାଙ୍କ ପଞ୍ଚପୁସ୍ତକ ବାହାରୁ ୧୦-୧୮ ପଦ ଉଦ୍ଧୃତ କରାଯାଇଛି । ପାଉଲ ''ବ୍ୟବସ୍ଥା''କୁ ବ୍ୟକ୍ତିତ୍ୱ ଆରୋପ କରନ୍ତି ଯେପରି ୯ ପଦରେ ପାପକୁ କରିଥିଲେ (୬:୧୬-୨୩)

▣**''ସେହିସବୁ ବ୍ୟବସ୍ଥାଧୀନ ଲୋକମାନଙ୍କୁ''** ଏହା ସ୍ୱତନ୍ତ୍ର ଭାବେ ଯିହୁଦୀ ଓ ବିଜାତି ପରିବର୍ତ୍ତିତ ଲୋକମାନଙ୍କୁ ବୁଝାଏ । ଯଦ୍ୟପି ଏହା କୁହାଯିବା ଉଚିତ ଯେ, ବିଭିନ୍ନ ପୁରାତନ ନିୟମ ଉଦ୍ଧୃତାଂଶ ସେମାନଙ୍କ ମୂଳ ପୂର୍ବାପର ସମ୍ବନ୍ଧର ଶାସ୍ତ୍ରାଂଶମାନଙ୍କରେ ବିଜାତିମାନଙ୍କୁ ବୁଝାଇ ବ୍ୟବହାର କରାଯାଇ ଅଛି । ସମସ୍ତ ମାନବ ପାପପୂର୍ଣ୍ଣ ଅଟନ୍ତି (୩:୨୩) !

▣

| | |
|---|---|
| **ଏନ୍‌ଏଏସ୍‌ବି** | **''ଯେପରି ପ୍ରତ୍ୟେକ ମୁଖ ବନ୍ଦ କରାଯିବ ଓ ସମସ୍ତ ଜଗତ ଈଶ୍ୱରଙ୍କ ବିଚାରରେ ଦଣ୍ଡନୀୟ ହେବ''** |
| **ଏନ୍‌କେଜେଭି** | **''ଯେପରି ପ୍ରତ୍ୟେକ ମୁଖ ସ୍ଥଗିତ କରାଯିବ ଓ ସମସ୍ତ ଜଗତ ଈଶ୍ୱରଙ୍କ ସମ୍ମୁଖରେ ଦୋଷୀକୃତ ହେବ''** |
| **ଏନ୍‌ଆର୍‌ଏସ୍‌ଭି** | **''ତେବେ ଯେପରି ପ୍ରତ୍ୟେକ ମୁଖ ନୀରବ କରାଯିବେ ଓ ସମସ୍ତ ଜଗତ ଈଶ୍ୱରଙ୍କ ନିକଟରେ ହିସାବଦାୟୀ ହେବେ''** |
| **ଟିଇଭି** | **''ଯେପରି ସମସ୍ତ ମାନବ ବାହାନାମାନ ସ୍ଥଗିତ କରାଯିବ ଏବଂ ସମସ୍ତ ଜଗତକୁ ଈଶ୍ୱର ବିଚାର ଅଧୀନକୁ ଅଣାଯିବ''** |
| **ଏନ୍‌ଜେବି** | **''ଏହା ପ୍ରତ୍ୟେକଙ୍କୁ ନୀରବ କରାଯିବାକୁ ଓ ସମସ୍ତ ଜଗତକୁ ଈଶ୍ୱରଙ୍କ ବିଚାର ପାଇଁ ଉନ୍ମୁକ୍ତ ରଖିବାକୁ ଉଦ୍ଦିଷ୍ଟ''** |

୧ ଅଧ୍ୟାୟ ୧୮-୩:୨୦ର ଏହା ହେଉଛି ପ୍ରସଙ୍ଗ ଯାହା ୩:୨୩ରେ ସାରାଂଶ କରାଯାଇଅଛି ।

▣**''ପ୍ରତ୍ୟେକ ମୁଖ''** ୧୯-୨୦ ପଦ ମଧ୍ୟରେ ଅନେକ ଖଣ୍ଡବାକ୍ୟ ଅଛି ଯାହା ସମୁଦାୟ ମାନବଜାତିଙ୍କୁ ସୂଚାଏ ।

୧. ''ପ୍ରତ୍ୟେକ ମୁଖ'' ୧୯ ପଦ
୨. ''ସମସ୍ତ ଜଗତ'' ୧୯ ପଦ
୩. ''କୌଣସି ପ୍ରାଣୀ'' ୨୦ ପଦ

**୩:୨୦ ''କାରଣ ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା କୌଣସି ପ୍ରାଣୀ ତାହାଙ୍କ ଛାମୁରେ ଧାର୍ମିକ ଗଣିତ ହେବ ନାହିଁ''** ଏହା ଗୀତ ୧୪୩:୨ର ପରୋକ୍ଷ ଉଲ୍ଲେଖ (ଆହୁରି ମଧ୍ୟ ଲକ୍ଷ୍ୟ କର ଆୟୁବ ୪:୧୭, ୯:୨, ୨୫:୪, ଗୀତ ୧୩୦:୩, ହିତୋ. ୨୦:୯, ଉପଦେଶକ ୭:୨୦, ୧ ରାଜା ୮:୪୬, ୨ ବଂଶାବଳୀ ୬:୩୬) ମାତ୍ର ଏକ ସଂଯୁକ୍ତ ପ୍ରାରମ୍ଭିକ ଖଣ୍ଡବାକ୍ୟ ସହିତ । ପାଉଲଙ୍କ ସୁସମାଚାରର ଏହା ଥିଲା ମୁଖ୍ୟ ବିଷୟ (ଗାଲାତୀୟ ୨:୧୬, ୩:୧୧) । ଏକ ସମର୍ପିତ ଫାରୁଶୀ ରୂପେ ପାଉଲ ସ୍ୱତନ୍ତ୍ରଭାବେ ଆଭ୍ୟନ୍ତରୀଣ ଶାନ୍ତି ଯୋଗାଇବା ପାଇଁ ଧର୍ମସମ୍ବନ୍ଧୀୟ ଉଦ୍‌ଯୋଗ ଓ ମନଯୋଗ୍ୟ କାର୍ଯ୍ୟ ସାଧନର ଅକ୍ଷମତା ଜାଣିଥିଲେ ।

''ପ୍ରାଣୀ'' ପାଇଁ ୧:୩ରେ ବିଶେଷ ପ୍ରସଙ୍ଗ ଦେଖ ।

▣

| | |
|---|---|
| **ଏନ୍‌ଏଏସ୍‌ବି, ଏନ୍‌ଆର୍‌ଏସ୍‌ଭି** | **''ବ୍ୟବସ୍ଥା ଦ୍ୱାରା ପାପର ଜ୍ଞାନ ଜନ୍ମେ''** |
| **ଏନ୍‌କେଜେଭି** | **''କାରଣ ବ୍ୟବସ୍ଥା ଦ୍ୱାରା ପାପର ଜ୍ଞାନ ଅଛି''** |
| **ଟିଇଭି** | **''ବ୍ୟବସ୍ଥା ଯାହା କରେ ତାହା ହେଉଛି ଏହା ମନୁଷ୍ୟକୁ ଜଣାଏ ଯେ, ସେ ପାପ କରିଅଛି''** |
| **ଏନ୍‌ଜେବି** | **''ବ୍ୟବସ୍ଥା ଯାହା ସମସ୍ତ କରେ, ତାହା ହେଉଛି, କ'ଣ ପାପପୂର୍ଣ୍ଣ ତାହା ଆମ୍ଭମାନଙ୍କୁ କହେ''** |

ପୁରାତନ ନିୟମର ଉଦ୍ଦେଶ୍ୟସମୂହ ମଧ୍ୟରୁ ଏହା ଏକମାତ୍ର ଅଟେ । ୧୩:୯ରେ ବିଶେଷ ପ୍ରସଙ୍ଗ ଦେଖ । ଏହା କେବେହେଲେ ପତିତମାନଙ୍କ ଜାତିଙ୍କୁ ପରିତ୍ରାଣ ଆଣି ଦେବା ବୁଝାଏ ନାହିଁ । ଏହାର ଉଦ୍ଦେଶ୍ୟ ଥିଲା ପାପମୟତା ପ୍ରକାଶ କରିବ ଓ ସମସ୍ତ ମାନବଗଣଙ୍କୁ ୟାୟେହ (ଯିହୋବା ପରମେଶ୍ୱରଙ୍କ ଦୟା ମଧ୍ୟକୁ ଚଳାଇ ଆଣିବ । (୪:୧୫, ୫:୧୩, ୨୦, ୭:୭, ଗାଲାତୀୟ ୩:୧୯-୨୨, ୨୩-୨୯) ।

**ଆଲୋଚନା ପ୍ରଶ୍ନମାନ :**

ଏହା ଏକ ଅଧ୍ୟୟନ ପଥପ୍ରଦର୍ଶକ କମେଣ୍ଟେରୀ (ବାଖ୍ୟାପୁସ୍ତକ), ଯାହା ବୁଝାଏ ଯେ, ଆପଣ ବାଇବଲର ନିଜ ଅନୁବାଦ ପାଇଁ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମର ପାଇଥିବା ଆଲୋକରେ ଗମନ କରିବା ଉଚିତ । ଆପଣ, ବାଇବଲ ଓ ପବିତ୍ର ଆତ୍ମା, ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଆପଣ ଏହା ବାଖ୍ୟାକାରୀଙ୍କ ଉପରେ ଛାଡ଼ିଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ ଏହି ପୁସ୍ତକର ଏହି ପର୍ଯ୍ୟାୟର ମୁଖ୍ୟ ବିଷୟଗୁଡ଼ିକ ମାଧ୍ୟମରେ ଆପଣଙ୍କୁ ଚିନ୍ତା କରିବା ଲାଗି ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକ କରିବା ନିମନ୍ତେ ଉଦ୍ଦୀଷ୍ଟ, ନିର୍ଦ୍ଦିଷ୍ଟ ନୁହେଁ ।

୧. ଯିହୁଦୀମାନଙ୍କର ଅବିଶ୍ୱସ୍ତତା କିପରି ଈଶ୍ୱରଙ୍କ ପ୍ରତିଜ୍ଞାସମୂହକୁ ପ୍ରଭାବିତ କରେ ? (୩:୩-୪)
୨. ଯିହୁଦୀ ହେବାରେ ଈଶ୍ୱରଙ୍କ ଦ୍ୱାରା କୌଣସି ଉପକାର ଅଛି କି ? (୩:୧-୮)
୩. ଆନୁମାନିକ ଅଭିଯୋଗ (ଭର୍ତ୍ସନାପୂର୍ଣ୍ଣ ସମାଲୋଚନା)ର ଉଦ୍ଦେଶ୍ୟ ବା ମୂଳ ବିଷୟ କ'ଣ (୫-୮ ପଦମାନ) ।
୪. କର୍ମଠାରୁ ପୃଥକ ରହି ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ଧାର୍ମିକ ଗଣିତ ଯଦି ହେଇ ଜଣକ ଜୀବନ କିପରି ପ୍ରକୃତରେ ହିସାବ ଦେବ ? (୩-୮ ପଦ)
୫. ସମୁଦାୟ ମାନବଜାତିର ପାପର ବୋଧ ସକାଶେ ଥିବା ପାରମାର୍ଥିକ (କାଲଭିନ୍‌ମତ) ବିଶ୍ୱାସକୁ ବୁଝାଅ ।
୬. ମୋଶାଙ୍କ ବ୍ୟବସ୍ଥାର ବା ସାଧାରଣ ନିୟମର ଉଦ୍ଦେଶ୍ୟ କଅଣ ? (୩:୨୦-ଗାଲାତୀୟ ୩:୨୪-୨୫)
୭. କାହିଁକି ୧-୩ ଅଧ୍ୟାୟରେ ଶୟତାନ ବିଷୟ କୁହାଯାଇ ନାହିଁ ଯେ କି ମାନବଜାତିର ହଜିଯାଇଥିବା ଅବସ୍ଥା ସହିତ ବ୍ୟବହାର କରେ ?

## ରୋମୀୟ ୩:୨୧-୩୧ ପ୍ରତି ପୂର୍ବାକର ସମ୍ବନ୍ଧନୁଯାୟୀ ଅର୍ନ୍ତଦୃଷ୍ଟିମାନ

କ) ରୋମୀୟ ୩:୨୧-୩୧
   ୧. ବୃତ୍ତାନ୍ତ ସମୟର ସାରାଂଶ ୧:୧୮-୩:୨୦ର
   ୨. ୧:୧୬-୧୭ର ବିସ୍ତୃତି ବା ବୃଦ୍ଧି
   ୩. ୪-୮ (ବିଶେଷତଃ ୩:୨୮) ଏକ ପରିଚୟ ।

ଖ) ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ଧାର୍ମିକଗଣନା ତତ୍ତ୍ୱର ବୃତ୍ତାନ୍ତ ସାରାଂଶ, ସଂସ୍କାରକମାନଙ୍କ ଦ୍ୱାରା ଚାରିତ୍ରିକଗୁଣ ଚିତ୍ରଣ କରାଯାଇଥିଲା ।
   ୧. ମାର୍ଟିନ ଲୁଥର ଯେତେବେଳେ ସମୁଦାୟ ବାଇବଲ ଏବଂ ଏହି ପତ୍ରର କେନ୍ଦ୍ର ସ୍ଥଳ ଓ ମୁଖ୍ୟ ବିଷୟ ରୂପେ ଗ୍ରହଣ କଲେ ।
   ୨. ଜନ୍ କ୍ୟାଲଭିନ୍ ଯେପରି ସମୁଦାୟ ବାଇବଲରେ ସମ୍ଭବତଃ ଏକ ଖଣ୍ଡ ବାକ୍ୟ ନାହିଁ, ଯାହା ଶକ୍ତିଯୁକ୍ତ ଭାବେ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଧାର୍ମିକତା ପ୍ରକାଶ କରେ ।

ଗ) ଏହା ହେଉଛି ସୁସମାଚାର ପ୍ରଚାରକାରୀ ଖ୍ରୀଷ୍ଟଧର୍ମର ପାରମାର୍ଥିକ ମୌଳିକ ବିଷୟ । ଏହା ବୁଝିବାକୁ ଏହି ଶାସ୍ତ୍ରାଂଶର ପୂର୍ବାପର ସମ୍ପର୍କ ଖ୍ରୀଷ୍ଟଧର୍ମକୁ ବୁଝିବାକୁ ହେବ । ଏହା ହେଉଛି ଦୁଇଟି ପାରାଗ୍ରାଫ୍‌ରେ ସଂକ୍ଷେପ ସୁସମାଚାର ଯେପରି ଯୋହନ ୩:୧୬ ଗୋଟିଏ ପଦରେ ସୁସମାଚାର ଅଟେ । ଏହା ହେଉଛି ପାଉଲଙ୍କ ସୁସମାଚାର ଉପସ୍ଥାପନର ହୃଦୟ ଓ ପ୍ରାଣ ଅଟେ ।

   ତିନୋଟି ମୁଖ୍ୟ ଅନୁବାଦକାରୀ ପ୍ରଶ୍ନମାନ :
   ୧. ''ବ୍ୟବସ୍ଥା'' ଶବ୍ଦର ଅର୍ଥ କ'ଣ ?
   ୨. ''ଈଶ୍ୱର ଧାର୍ମିକତା'' ଖଣ୍ଡ ବାକ୍ୟର ଅର୍ଥ କ'ଣ ?
   ୩. ''ବିଶ୍ୱାସ'' ଓ ''ବିଶ୍ୱାସ କରିବା'' ଶବ୍ଦମାନ କ'ଣ ବୁଝାଏ ?

ଘ) ''ସମସ୍ତ'' ଶବ୍ଦ ୨୨ ପଦରେ, ଏହା ନିମନ୍ତେ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ (୨୯ ପଦ) ଏବଂ ''ଦାନ'' ଶବ୍ଦ ୨୦ ପଦ (୫:୧୫, ୧୭, ୬:୨୩)ରେ ମଧ୍ୟ, ଯାହା ପାଇଁ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ।

### ଶବ୍ଦ ଓ ଖଣ୍ଡ ବାକ୍ୟ ଅଧ୍ୟୟନ

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୩:୨୧-୨୬**

**୨୧ କିନ୍ତୁ ଏବେ ବ୍ୟବସ୍ଥା ବ୍ୟତୀତ ଈଶ୍ୱରଙ୍କ ଧାର୍ମିକତା ପ୍ରକାଶିତ ହୋଇଅଛି, ଆଉ ତାହା ବିଷୟରେ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ସାକ୍ଷ୍ୟ ଦେଉଅଛି ଅର୍ଥାତ୍ ଈଶ୍ୱରଙ୍କ ଯେଉଁ ଧାର୍ମିକତା ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ସମସ୍ତ ବିଶ୍ୱାସୀଙ୍କ ପ୍ରତି ବର୍ତ୍ତେ, କାରଣ କୌଣସି ପ୍ରଭେଦ ନାହିଁ, ସମସ୍ତେ ତ ପାପ କରିଅଛନ୍ତି ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି, ପୁଣି ସେମାନେ ବିନାମୂଲ୍ୟରେ ତାହାଙ୍କ ଅନୁଗ୍ରହରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଯେଉଁ ମୁକ୍ତି ଅଛି, ତଦ୍ଦ୍ୱାରା ଧାର୍ମିକଗଣିତ ହୁଅନ୍ତି । ଈଶ୍ୱର ଆପଣା ସହିଷ୍ଣୁତାରେ ପୂର୍ବକୃତ ପାପ ସବୁ ଉପେକ୍ଷା କରିଥିବାରୁ ନିଜ ଧାର୍ମିକତା ପ୍ରକାଶ କରିବା ନିମନ୍ତେ ତାହାଙ୍କୁ ତାହାଙ୍କ ରକ୍ତରେ ବିଶ୍ୱାସ ଦ୍ୱାରା ପ୍ରାୟଶ୍ଚିତ୍ତ ବଳି ରୂପେ ପ୍ରଦର୍ଶନ କରିଅଛନ୍ତି, ପୁଣି ବର୍ତ୍ତମାନ କାଳରେ ଆପଣା ଧାର୍ମିକତା ପ୍ରକାଶ କରିବା ନିମନ୍ତେ ସେ ଏହା କରିଅଛନ୍ତି । ଯେପରି ସେ ସ୍ୱୟଂ ଧାର୍ମିକ ଓ ଯୀଶୁଙ୍କଠାରେ ବିଶ୍ୱାସୀଙ୍କୁ ଧାର୍ମିକ ଗଣନାକାରୀ ବୋଲି ପ୍ରକାଶିତ ହୁଅନ୍ତି ।**

**୩:୨୧ ''କିନ୍ତୁ ଏବେ''** ପାଉଲ ପୁରାତନ ନିୟମ ସହିତ ନୂତନ ନିୟମର ବିପରିତ ତୁଳନା କରନ୍ତି, ବିଦ୍ରୋହର ପୁରାତନ ଯୁଗ ସହିତ ଧାର୍ମିକତାର ନୂତନ ଯୁଗ । ଏହା ବର୍ତ୍ତମାନ ସମୟରେ ସମାନ୍ତର ହେଲ । (୨୬ ପଦ, ''କିନ୍ତୁ ଏବେ'' ୬:୨୨ର, ୭:୬) ।

▣**''ବ୍ୟବସ୍ଥା ବ୍ୟତୀତ''** ପାଉଲ ମୋଶାଙ୍କ ବ୍ୟବସ୍ଥା (ଏନ୍‌ଏଏସ୍‌ବି) ବା ସାଧାରଣରେ ନିୟମକୁ ବୁଝାଉଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ଜାଣିବା ଅନେକ ସମୟରେ କଷ୍ଟକର (ଏନ୍‌ଆର୍‌ଏସ୍‌ଭି, ଟିଇଭି, ଏନ୍‌ଜେବି, ଏନ୍‌ଆଇଭି) ଏହି ପ୍ରାରମ୍ଭିକ ଅଧ୍ୟାୟରେ । ଏହି ଅଂଶରେ ଯିହୁଦୀମାନଙ୍କ ବ୍ୟବସ୍ଥା ପାଉଲଙ୍କ ଯୁକ୍ତି ପାଇଁ ସର୍ବୋତ୍ତମ ଭାବେ ଉପଯୁକ୍ତ ହୋଇଛି । ସମସ୍ତ ମାନବଗଣ ନୈତିକ, ସାମାଜିକ ଚାଳନାଧାଡ଼ିମାନର ପ୍ରତ୍ୟେକ ନିୟମ ତାଲିକା, ବାହ୍ୟିକ ବା ଅର୍ନ୍ତନିହିତ ପ୍ରତ୍ୟେକଟିର ଅବମାନନା ବା ଲଂଘନ କରିଅଛି । ଆମ୍ଭମାନଙ୍କ ସମସ୍ୟାମାନ ପତିତମାନବ ଜାତି ଭାବେ ହେଉଛି ଯେ, ଆମ୍ଭେମାନେ ଆମ ନିଜର ସ୍ୱାର୍ଥପର, ଆତ୍ମକୈନ୍ଦ୍ରିକ ଇଚ୍ଛା ସମସ୍ତ (ଆଦି ୩) ଯାହା ଆଧୁନିକ ପାଶ୍ଚାତ୍ୟ ବ୍ୟକ୍ତିଗତ ମତବାଦ ରୂପେ ଚିତ୍ରଣ କରାଯାଏ । ଏହା ବ୍ୟତୀତ କୌଣସି ଚାଳନା ତାଲିକାର ଧାଡ଼ିମାନ ଚାହୁଁ ନାହୁଁ ।

▣

**ଏନ୍‌ଏଏସ୍‌ବି ''ଈଶ୍ୱରଙ୍କ ଧାର୍ମିକତା''**
**ଏନ୍‌କେଜେଭି ''ଈଶ୍ୱରଙ୍କ ଧାର୍ମିକତା''**

ଟିଇଭି ''ଈଶ୍ୱର ତାହାଙ୍କ ସହିତ ଉପଯୁକ୍ତ ସ୍ଥାନରେ ମନୁଷ୍ୟଙ୍କୁ ରଖିବାର ତାହାଙ୍କ ଉପାୟ ବା ପଥ''
ଏନ୍‌ଜେବି ''ଈଶ୍ୱରଙ୍କ ରକ୍ଷାକାରୀ ନ୍ୟାୟ''

''ଧାର୍ମିକତା'' ସକାଶେ କୌଣସି ନିର୍ଦ୍ଦିଷ୍ଟ ପ୍ରଥା ନାହିଁ । ଏହା ଈଶ୍ୱରଙ୍କ ଚରିତ୍ରକୁ ବୁଝାଏ ନାହିଁ, ମାତ୍ର ପାପପୂର୍ଣ୍ଣ ଲୋକମାନଙ୍କୁ କ୍ଷମାରେ ଅଂଶୀ କରାଇବା ଓ ଗ୍ରହଣ କରିବାରେ ଈଶ୍ୱରଙ୍କ ଉପାୟ ବା ପଥ ଅଟେ । ଏହି ନିର୍ଦ୍ଦିଷ୍ଟ ଖଣ୍ଡବାକ୍ୟ ରୋମୀ ୧:୧୬-୧୭ର ପାରମାର୍ଥିକ ପ୍ରସଙ୍ଗରେ ବ୍ୟବହାର କରାଯାଇଥିଲା । କ୍ରୁଶୀୟ ଯୀଶୁଖ୍ରୀଷ୍ଟଙ୍କଠାରେ ସ୍ପଷ୍ଟ ପ୍ରକାଶିତ ଉପାୟ ହେଉଛି ବିଶ୍ୱାସ (୨୨,୨୪,୨୬ ପଦମାନ) ।

ସତ୍ୟ ଘଟଣା ହେଉଛି ଏହି ଶବ୍ଦ (ଡିକାଇସୋନେ) ଏବଂ ଏହାର ବିଉତ୍ପନ୍ନ (ଏଥିରୁ ଉତ୍ପନ୍ନ ଶବ୍ଦମାନ) (୨:୧୩ରେ ଟିପ୍ପଣୀ ଦେଖ) ଅନେକ ସମୟରେ ଏହି ପରିପ୍ରେକ୍ଷୀରେ ବ୍ୟବହୃତ ହୋଇ ଏହାର ବିଶେଷତ୍ୱ ପ୍ରଦର୍ଶନ କରେ । (୧:୧୭, ୩:୫,୨୧,୨୨,୨୫,୨୬, ୪:୩,୫,୬,୯,୧୧,୧୩,୨୨, ୫:୧୭,୨୧, ୬:୧୩,୧୬,୧୮,୧୯,୨୦, ୮:୧୦, ୯:୨୮,୩୦,୩୧, ୧୦:୩,୪,୫,୬,୧୦,୧୭) । ଏହି ଗ୍ରୀକ୍‌ଶବ୍ଦ ପୁରାତନ ନିୟମରେ ଗଠିତ ଏକ ସ୍ତର ବା ଏକ ''ମାପକାଠି''ର ଦୃଷ୍ଟାନ୍ତରୁ ଆସିଛି (୪:୧୧, ୨ କରିନ୍ଥୀୟ ୫:୨୧) । ଗର୍ବରେ ପରିପୂର୍ଣ୍ଣ, ଆତ୍ମକୈନ୍ଦ୍ରିକ ମାନବଜାତି- ବିଶେଷତଃ ନ୍ୟାୟବାଦୀ, ଧର୍ମକର୍ମ କରୁଥିବା ମାନବଜାତି ପକ୍ଷରେ ସେମାନଙ୍କ ଆବଶ୍ୟକତା ସ୍ୱୀକାର କରିବା ଓ ଈଶ୍ୱରଙ୍କ ଦାନକୁ ଗ୍ରହଣ କରିବା ଅତି ନ୍ୟୁନିକୃତ ବିଷୟ ଥିଲା ଓ ଅଟେ ।

▣**''ପ୍ରକାଶିତ ହୋଇଅଛି''** ଏହି ଖଣ୍ଡବାକ୍ୟ ୧:୧୭ ସହିତ ସମାନ ଜଣାପଡୁଛି । ଯାହା ବି ହେଉ କ୍ରିୟା କାଳ ବିଭିନ୍ନ ଅଟେ । କ୍ରିୟା ଏଠାରେ ଅନୁବାଦ କରାଯାଇପାରେ ''ହୋଇଆସିଅଛି ଏବଂ ସ୍ପଷ୍ଟ ଭାବେ ପ୍ରକାଶିତ ହେବାରେ ଲାଗିରହିଛି ।'' ଏହା ଏକ ସିଦ୍ଧ କର୍ମକାରକ ସୂଚନାଦାନକାରୀ । ଯେତେବେଳେ ୧:୭ ସହିତ ସାମଞ୍ଜସ୍ୟ ୧:୧୭ରେ ବର୍ତ୍ତମାନ କର୍ମକାରକ ସୂଚନାକାରୀ ରୂପେ ଅଛି । ଈଶ୍ୱର ତାହାଙ୍କ ସୁସମାଚାର ଉଭୟ ପୁରାତନ ନିୟମ (୪ ଅଧ୍ୟାୟ)ରେ ଏବଂ ଯୀଶୁଙ୍କଠାରେ ସ୍ପଷ୍ଟଭାବେ ପ୍ରକାଶ କରିସାରିଛନ୍ତି ।

▣**''ତାହା ବିଷୟରେ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ସାକ୍ଷ୍ୟ ଦେଉଅଛି''** ଏହା ହିବ୍ରୁ ନିୟମ (ବ୍ୟବସ୍ଥା, ଭାବବାଦୀ ଓ ଲେଖାମାନ)ର ଦୁଇ ବା ତିନି ବିଭାଗକୁ ବୁଝାଇଲା । ଏହି ପ୍ରଥମ ଦୁଇଟି ସମୁଦାୟ ନିୟମକୁ ବୁଝାଇ ଆସୁଥିଲା । (୩:୧୯, ମାଥିଉ ୫:୧୭ରେ ଟିପ୍ପଣୀ ଦେଖ) । ଏହା ସ୍ପଷ୍ଟରୂପେ ଦର୍ଶାଏ ଯେ, ସୁସମାଚାର ପ୍ରାରମ୍ଭିକ ଆକୃତିରେ ପୁରାତନ ନିୟମରେ ରହିଥିଲା (ଲୂକ ୨୪:୨୭,୪୪, ପ୍ରେରିତ ୧୦:୩୪) । ଏହା ଏକ ପରେ ଚିନ୍ତିତ ବିଷୟ ନ ଥିଲା, ''ଯୋଜନା ଖ'' ବା ଶେଷ ମୁହୂର୍ତ୍ତ ଖଣ୍ଡବିଖଣ୍ଡିତ କାର୍ଯ୍ୟକ୍ରମ ନୁହେଁ ।

**୩:୨୨ ''ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ଦ୍ୱାରା''** ଏହା ସାହିତ୍ୟିକ ବା ଆକ୍ଷରିକ ଭାବେ ''ଯୀଶୁଖ୍ରୀଷ୍ଟଙ୍କ ବିଶ୍ୱାସ ଦ୍ୱାରା'' । ଏହା ଏକ ସମ୍ବନ୍ଧସୂଚକ ପଦରେ ଗଠିତ । ଏହା ଗାଲାତୀୟ ୨:୧୬ ଓ ଫିଲିପ୍ପୀୟ ୩:୯ରେ ପୁନରାବୃତ୍ତି ହୋଇଛି, ଆହୁରି ମଧ୍ୟ ରୋମୀ ୩:୨୬, ଗାଲାତୀୟ ୨:୧୬,୨୦,୩:୨୨ରେ ସମାନ ଗଠନରେ ଅଛି । ଏହା ବୁଝାଯାଇପାରେ

୧. ଯୀଶୁଙ୍କ ବିଶ୍ୱାସ ଓ ବିଶ୍ୱସ୍ତତା (କର୍ତ୍ତୃବାଚକ ସମ୍ବନ୍ଧସୂଚକ ପଦ)
୨. ଯୀଶୁ ଆମ ବିଶ୍ୱାସର ଲକ୍ଷ୍ୟ ସ୍ଥଳରୂପେ (କର୍ମବାଚକ ସମ୍ବନ୍ଧସୂଚକ ପଦ)

ଗାଲାତୀୟ ୨:୧୬ରେ ଏହି ସମାନ ବ୍ୟାକଣିକ ସଂଗଠନ #୨ କୁ ସର୍ବୋତ୍ତମ ପସନ୍ଦରେ ପରିଣତ କରେ ।

ଏହା ଈଶ୍ୱରଙ୍କ ଧାର୍ମିକଗଣନର ମୁଖ୍ୟ ବିଷୟକୁ ଦର୍ଶାଏ । ଏହା ହେଉଛି ଈଶ୍ୱରଙ୍କର ଧାର୍ମିକତା, ଖ୍ରୀଷ୍ଟଙ୍କ ମଧ୍ୟମରେ ଈଶ୍ୱରଙ୍କ ବିନାମୂଲ୍ୟର ଦାନ ଦ୍ୱାରା ଜଣକ ଜୀବନରେ କାର୍ଯ୍ୟକାରୀ କରାଗଲା (୪:୫, ୬:୨୩), ଯାହା ବିଶ୍ୱାସ/ବିଶ୍ୱାସର କାର୍ଯ୍ୟ/ଭରସା (ଏଫିସୀୟ ୨:୮-୯) ଦ୍ୱାରା ଗ୍ରହଣ କରାଯିବା ଉଚିତ ଏବଂ ଦୈନନ୍ଦିନ ଜୀବନଯାପନ କରାଯିବା ଉଚିତ (ଏଫିସୀୟ ୧:୪, ୨:୧୦) ।

▣**''ସମସ୍ତଙ୍କ ପ୍ରତି''** ସୁସମାଚାର ସମସ୍ତ ମାନବଙ୍କ ନିମନ୍ତେ (୨୪, ଯିଶାଇୟ ୫୩:୬, ଯିହିଜିକଲ ୧୮:୨୩,୩୨, ଯୋହନ ୩:୧୬-୧୭, ୪:୪୨, ୧ ତୀମଥି ୨:୪, ୪:୧୦, ତୀତସ ୨:୧୧, ୨ ପିତର ୩:୯, ୧ ଯୋହନ ୨:୧, ୪:୧୪) । କେଡ଼େ ମହାନ ସତ୍ୟ ! ଏହା ବାଇବଲ ସତ୍ୟତା ନିର୍ବାଚନ ବିଷୟ ସହିତ ସମତା ରକ୍ଷା କରିବା ଉଚିତ । ଈଶ୍ୱରଙ୍କ ନିର୍ବାଚନ (ମନୋନୟନ) ସ୍ଥିରିକୃତ ବିଶ୍ୱାସବାଦର ଇସ୍‌ଲାମୀୟ ଅର୍ଥରେ ବୁଝାଯିବା ଉଚିତ ମାତ୍ର କେତେକ ଅନ୍ୟମାନଙ୍କ ଅତ୍ୟଧିକ କାଲଭିନ ମତବାଦାନୁସାରେ ନୁହେଁ କିନ୍ତୁ ନିୟମବୃତ୍ତି ଅର୍ଥରେ ! ପୁରାତନ ନିୟମ ନିର୍ବାଚନ ଥିଲା । ସେବା ନିମନ୍ତେ, ସୁଯୋଗ ନିମନ୍ତେ ନୁହେଁ ! ଈଶ୍ୱର ପତିତମାନବଜାତିଙ୍କୁ ମୁକ୍ତ କରିବାକୁ ପ୍ରତିଜ୍ଞା କରିଥିଲେ । (ଆଦି ୩:୧୫) । ଈଶ୍ୱର ଇସ୍ରାଏଲୀୟମାନଙ୍କ ମାଧ୍ୟମରେ ସମସ୍ତ ମାନବଜାତିଙ୍କୁ ଆହ୍ୱାନ କଲେ ଓ ମନୋନୀତ କଲେ (ଆଦି ୧୨:୩, ଯାତ୍ରା ୧୯:୫-୬) । ଈଶ୍ୱର ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ନିର୍ବାଚନ କଲେ । ଈଶ୍ୱର ସର୍ବଦା ପରିତ୍ରାଣରେ ପ୍ରଥମ ସ୍ଥାନ ନିଅନ୍ତି (ଯୋହନ ୬:୪୪,୬୫) । ଏଫିସୀୟ ୧ ଏବଂ ରୋମୀ ୯ ପୂର୍ବନିରୂପଣ ତତ୍ତ୍ୱଉପରେ ବଳିଷ୍ଠତମ ବାଇବଲ ଶାସ୍ତ୍ରାଂଶମାନ ଅଟେ ଯାହା ଅଗଷ୍ଟିନ ଓ କାଲଭିନ୍‌ଙ୍କ ଦ୍ୱାରା ପାରମାର୍ଥିକ ଗୁରୁତ୍ୱ ଦିଆଗଲା ।

ଈଶ୍ୱର ବିଶ୍ୱାସୀମାନଙ୍କୁ କେବଳ ପରିତ୍ରାଣ (ଧାର୍ମିକଗଣନା) ପାଇଁ ମନୋନୀତ କରି ନ ଥିଲେ, ମାତ୍ର ପବିତ୍ରିକରଣ ନିମନ୍ତେ ମଧ୍ୟ (ଏଫିସୀ ୧:୪, କଲସୀ ୧:୨) ଏହା ସମ୍ପୃକ୍ତ ।

୧. ଆମର ଖ୍ରୀଷ୍ଟଙ୍କଠାରେ ସ୍ଥାନ
୨. ଈଶ୍ୱରଙ୍କ, ତାହାଙ୍କ ସନ୍ତାନମାନଙ୍କଠାରେ ତାହାଙ୍କ ଚରିତ୍ର ପୁନଃ ଉତ୍ପନ୍ନ କରିବାକୁ ଆକାଂକ୍ଷା (ରୋମୀ ୮:୨୮,୨୯, ଗାଲାତୀୟ ୪:୧୯, ଏଫିସୀୟ ୨:୧୦) । ତାହାଙ୍କ ସନ୍ତାନମାନଙ୍କ ନିମନ୍ତେ ଈଶ୍ୱରଙ୍କ ଇଚ୍ଛା, ଉଭୟ ଦିନେ ସ୍ୱର୍ଗକୁ ଯିବେ ଏବଂ ବର୍ତ୍ତମାନ ଖ୍ରୀଷ୍ଟଙ୍କ ସଦୃଶ ହେବେ ।

ପୂର୍ବନିରୂପଣ ଭବିଷ୍ୟତ୍ ସ୍ଥାନମତର ଲକ୍ଷ୍ୟହେଉଛି ପବିତ୍ରତା (ଏଫିସୀ ୧:୪) ସୁଯୋଗ ନୁହେଁ । ଈଶ୍ୱରଙ୍କ ଆହ୍ୱାନ କେବଳ ଆଦମଙ୍କ ସନ୍ତାନମାନଙ୍କ ମଧ୍ୟରୁ କେତେକ ମନୋନୀତଙ୍କ ପାଇଁ ନ ଥିଲା, ମାତ୍ର ସମସ୍ତଙ୍କ ପାଇଁ ଥିଲା । ଏହା ଈଶ୍ୱରଙ୍କ ନିଜ ଚରିତ୍ର ପ୍ରତି ଆହ୍ୱାନ (୧ ଥେସଲନିକୀୟ ୫:୨୩, ୨ ଥେସଲନିକୀୟ ୨:୧୩) । ପୂର୍ବନିରୂପିତ ସ୍ଥାନ ବିଷୟକୁ ଏକ ପାରମାର୍ଥିକ ଚାପ ମଧ୍ୟକୁ ଏକ ପବିତ୍ର ଜୀବନ ବଦଳରେ ଆଣିବା, ମାନବର ପାରମାର୍ଥିକ ରୀତିମାନର ପକ୍ଷରେ ଏକ ଦୁଃଖର ବିଷୟ ଅଟେ । ଅନେକ ସମୟରେ ଆମର ପାରମାର୍ଥିକ ଜାଲିକାର୍ଯ୍ୟମାନ ବାଇବଲର ଶାସ୍ତ୍ରାଂଶଗୁଡ଼ିକୁ ଟାଣି ଓଟାରି ବିକୃତ କରନ୍ତି ।

ବିଶେଷ ପ୍ରସଙ୍ଗ ଦେଖ : ନିର୍ବାଚନ/ପୂର୍ବନିରୂପଣ ଓ ଏକ ପାରମାର୍ଥିକ ସମନ୍ୱୟତାର ଆବଶ୍ୟକତା ୮:୩୩ ପଦରେ ।

▣**''ଯେଉଁ ସମସ୍ତେ ବିଶ୍ୱାସ କରନ୍ତି''** ଯୀଶୁ ସମସ୍ତ ମାନବ ପାଇଁ ମୃତ୍ୟୁଭୋଗ କଲେ । ଅର୍ନ୍ତନିହିତ ବା ପ୍ରଚ୍ଛନ୍ନଭାବେ ସମସ୍ତେ ପରିତ୍ରାଣ ପାଇପାରିବେ । ଏହା ମାନବଜାତିର ବ୍ୟକ୍ତିଗତ ଗ୍ରହଣ (ବର୍ତ୍ତମାନ କାଳର କୃଦନ୍ତ ବିଶେଷଣ ୧୦:୪ ପଦରେ ବିଶେଷ ପ୍ରସଙ୍ଗ ଦେଖ) ଯାହା ଯୀଶୁଙ୍କ ଧାର୍ମିକତା ସେମାନଙ୍କ ଜୀବନମାନଙ୍କରେ ପ୍ରୟୋଗ କରିବାକୁ ଦିଏ (୧:୧୬, ଯୋହନ ୧:୧୨, ୩:୧୬, ୨୦:୩୧, ରୋମୀ ୨୦:୩୧, ରୋମୀ ୧୦:୯-୧୩, ୧ ଯୋହନ ୫:୧୩) । ସ୍ଥାପନ କରାଯାଇଥିବା ଧାର୍ମିକତା ପାଇଁ ବାଇବଲ ଦୁଇଟି ନିର୍ଣ୍ଣାୟକ ନୀତି ପ୍ରଦାନ କରେ : ବିଶ୍ୱାସ ଓ ମନଫେରଣ (ମାର୍କ ୧:୧୫, ପ୍ରେରିତ ୩:୧୬,୧୯, ୨୦:୩୧ ଏବଂ ୧:୫ରେ ଟିପ୍ପଣୀ ଦେଖ) । ଏହି ଶାସ୍ତ୍ରାଂଶ ସ୍ପଷ୍ଟ ଭାବେ ପରିତ୍ରାଣର ସାର୍ବଜନୀନତା ପ୍ରକାଶ କରେ ମାତ୍ର ଦୁଃଖର ବିଷୟ ଓ ରହସ୍ୟମୟ ବିଷୟ ହେଉଛି ସମସ୍ତେ ପରିତ୍ରାଣ ପ୍ରାପ୍ତ ହେବେ ନାହିଁ ।

▣**''କାରଣ କୌଣସି ପ୍ରଭେଦ ନାହିଁ''** କେବଳ ଏକମାତ୍ର ପଥ ଓ ଜଣେ ବ୍ୟକ୍ତିଙ୍କ ଦ୍ୱାରା ମାନବଗଣ ପରିତ୍ରାଣ ପାଇ ପାରିବେ (ଯିହୁଦୀ ଓ ବିଜାତିମାନେ) ଯୋହନ ୧୦:୧-୨,୭, ୧୧:୨୫, ୧୪:୬) । ଯେ କୌଣସି ବ୍ୟକ୍ତି ଓ ପ୍ରତ୍ୟେକ ଜଣ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇପାରିବ (୧:୧୬, ୪:୧୧, ୧୦:୪,୧୨, ଗାଲାତୀ ୩:୨୮, କଲସୀ ୩:୧୧) ।

**୩:୨୩-୨୬** ଏହା ଗ୍ରୀକ୍‌ରେ ଗୋଟିଏ ବାକ୍ୟ ।

**୩:୨୩**

| | |
|---|---|
| **ଏନଏଏସ୍‌ବି, ଏନ୍‌କେଜେଭି** | |
| **ଏନ୍‌ଆର୍‌ଏସ୍‌ଭି** | **''କାରଣ ସମସ୍ତେ ପାପ କରିଅଛନ୍ତି ଏବଂ ଊଣା ପଡ଼ିଅଛନ୍ତି''** |
| **ଟିଇଭି** | **''ସମସ୍ତ ଲୋକମାନେ ପାପ କରିଅଛନ୍ତି ଏବଂ ବହୁ ଦୂରକୁ ଚାଲିଯାଇଅଛନ୍ତି''** |
| **ଏନ୍‌ଜେବି** | **''ପାପ କଲେ ଓ ଅଧିକାରଚ୍ୟୁତ ହେଲେ''** |

ଏହା ହେଉଛି ୧:୧୮-୩:୨୦ର ସାରାଂଶ । ପ୍ରତ୍ୟେକ ଜଣ ଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ପାଇବା ଆବଶ୍ୟକ (୩:୯,୧୯, ୧୧:୩୨, ଗାଲାତୀୟ ୩:୩୨, ଯିଶାଇୟ ୫୩:୬) । ''ପାପ କଲେ'' ଆଓରିଷ୍ଟ କର୍ତ୍ତୃବାଚ୍ୟ ସୂଚକ, ଯେତେବେଳେ ''ଊଣା ପଡ଼ିବା ଚାଲୁ ରହେ'' ବର୍ତ୍ତମାନକାଳ ମାଧ୍ୟମିକ ସୂଚନା'' । ସମ୍ଭବତଃ ଏହି ଖଣ୍ଡ ବାକ୍ୟ ଉଭୟକୁ ବୁଝାଇ ଥିଲା । (୧) ମାନବଜାତିର ଆଦମଙ୍କଠାରେ ସମଷ୍ଟିଗତ ପତନ (୫:୧୨-୨୧) ଏବଂ (୨) ମନୁଷ୍ୟର ସର୍ବଦା ବିଦ୍ରୋହର ବ୍ୟକ୍ତିଗତ କାର୍ଯ୍ୟକଳାପମାନ । କୌଣସି ଆଧୁନିକ ଇଂରାଜୀ ଅନୁବାଦ ଏହା ନିର୍ଦ୍ଦିଷ୍ଟ ଭାବେ ପୃଥକ କରି ପ୍ରତିଫଳିତ କରେ ନାହିଁ ।

ଏହି ପଦ ୨୧ ପଦ ସହିତ ପରମାର୍ଥ ଶିକ୍ଷା ଅନୁଯାୟୀ ସମ୍ପୃକ୍ତ ଏବଂ ୨୪ ପଦ ସହିତ ସିଧା ସମ୍ପୃକ୍ତ ନୁହେଁ ।

▣**''ଈଶ୍ୱରଙ୍କ ଗୌରବ''** ମାନବଗଣ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ (ଆଦି ୧:୨୬,୨୭), ଯାହାକି ଅନ୍ୟ କୌଣସି ସୃଷ୍ଟବସ୍ତୁ ବିଷୟରେ ସତ୍ୟ ନୁହେଁ । ମାନବଗଣ ଗୌରବର ଈଶ୍ୱରଙ୍କ ସହଭାଗିତା ରକ୍ଷା କରିବା ଉଚିତ ଏବଂ ତାହାଙ୍କ ଚରିତ୍ରକୁ ପ୍ରତିଫଳିତ କରିବା ଆବଶ୍ୟକ ! ପାପ ଏହି ପ୍ରତିମୂର୍ତ୍ତୀକୁ କ୍ଷତିଗ୍ରସ୍ତ କଲା, ମାତ୍ର ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ଏବଂ ବିଶ୍ୱାସୀମାନଙ୍କ ବିଶ୍ୱାସ ଏହି ପ୍ରତିମୂର୍ତ୍ତୀର ପୁନରୁଦ୍ଧାର କଲା (କଲସୀ ୩:୧୦) ।

ପୁରାତନ ନିୟମରେ ସବୁଠାରୁ ଅଧିକ ସାଧାରଣ ହିବ୍ରୁ ଶବ୍ଦ ''ଗୌରବ'' ପାଇଁ (କେବିଡ଼ି) ମୂଳରୁ ଏକ ବାଣିଜ୍ୟିକ ଶବ୍ଦ ଥିଲା (ଯାହା ଏକ ଯୋଡ଼ା ମାପକାଠିକୁ ବୁଝାଏ) ଯାହା ''ଓଜନିଆ ହେବା'' ବୁଝାଇଲା । ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ ।

**ବିଶେଷ ପ୍ରସଙ୍ଗ : ଗୌରବ**

''ଗୌରବ'' ବାଇବଲ ଅନୁଯାୟୀ ଚିନ୍ତାକୁ ବୁଝାଇବା କଷ୍ଟକର । ବିଶ୍ୱାସୀମାନଙ୍କ ଗୌରବ ହେଉଛି ଯେ, ସେମାନେ ସୁସମାଚାର ଓ ଈଶ୍ୱରଙ୍କଠାରେ ଗୌରବ ବୁଝିବେ, ନିଜଠାରେ ନୁହେଁ (ଯିରିମିୟ ୯:୨୩,୨୪) ।

ପୁରାତନ ନିୟମରେ ସବୁଠାରୁ ସାଧାରଣ ଶବ୍ଦ ହିବ୍ରୁରେ ''ଗୌରବ'' ପାଇଁ (କେଡ଼ିବି, ବିଡ଼ିବି ୨୧୭) ମୂଳତଃ ଏକ ବାଣିଜ୍ୟିକ ଶବ୍ଦ ଥିଲା ମାନକାଠିମାନଙ୍କ ସହିତ ସମ୍ପୃକ୍ତ କରୁଥିଲା (ଯାତ୍ରା ୧୯:୧୬-୧୮, ୨୪:୧୭, ଯିଶାଇୟ ୬୦:୧-୨) ସେ ଏକମାତ୍ର ଯୋଗ୍ୟ ଓ ସମ୍ମାନୀୟ ଅଟନ୍ତି । ପତିତ ମାନବଜାତି ଅବଲୋକନ କରିବା ସକାଶେ ସେ ଅତିଶୟ ଉଜ୍ଜ୍ୱଳତମ (ଯାତ୍ରା ୩୩:୧୭-୨୩, ଯିଶାଇୟ ୬:୫) ଯାୟେହ (ଯିହୋବା ପରମେଶ୍ୱର) କେବଳ ମାତ୍ର ଖ୍ରୀଷ୍ଟଙ୍କ ମାଧ୍ୟମରେ ପ୍ରକୃତରେ ଚିହ୍ନା ଯାଇପାରନ୍ତି (ଯୋହନ ୧୪:୮-୧୧, କଲସୀ ୧:୧୫, ଏବ୍ରୀ ୧:୩, ଯାକୁବ ୨:୧) ।

**''ଗୌରବ'' ଶବ୍ଦ ଏକାଧିକ ଅର୍ଥ ବିଶିଷ୍ଟ ଅଟେ ।**

୧. ଏହା ଈଶ୍ୱରଙ୍କ ଧାର୍ମିକତା ସହିତ ସମାନ ହୋଇପାରେ

୨. ଏହା ଈଶ୍ୱରଙ୍କ ''ପବିତ୍ରତା'' ବା ''ସିଦ୍ଧତା''କୁ ବୁଝାଇ ପାରେ ।

୩. ଏହା ଈଶ୍ୱରଙ୍କ ପ୍ରତିମୂର୍ତ୍ତୀ ଯେଉଁ ପ୍ରତିମୂର୍ତ୍ତୀରେ ମାନବ ଜାତି ସୃଷ୍ଟି କରାଗଲେ ତାହା ବୁଝାଇପାରେ (ଆଦି ୧:୨୬-୨୭, ୫:୧, ୯:୬), ମାତ୍ର ଯାହା ବିଦ୍ରୋହ ଦ୍ୱାରା ପରେ କ୍ଷତିଗ୍ରସ୍ତ ହୋଇଗଲା (ଆଦି ୩:୧-୨୨) । ଏହା, ଯାୟେହଙ୍କ ଉପସ୍ଥିତି ପ୍ରଥମ ବ୍ୟବହାର କଲା ଯାହାଙ୍କ ଲୋକମାନଙ୍କ ସହିତ ଯାତ୍ରା ସମୟରେ ପ୍ରାନ୍ତର ଭ୍ରମଣ କରିବା ସମୟରେ (ଯାତ୍ରା ୧୬:୭,୧୦, ଲେବୀ ୯:୨୩ ଓ ନାହୁମ ୧୪:୧୦) ।

**୩:୨୪ ''ତାହାଙ୍କ ଅନୁଗ୍ରହରେ ... ଧାର୍ମିକ ଗଣିତ ହୁଅନ୍ତି''** ଏହା ଏକ ବର୍ତ୍ତମାନକାଳ କର୍ମକାରକ କୃଦନ୍ତପଦ । ଯେଉଁଠାରେ ସୁସମାଚାର ଆରମ୍ଭ ହୁଏ - ଈଶ୍ୱରଙ୍କ ଅନୁଗ୍ରହ, ସେ ଧାର୍ମିକତା ଦିଅନ୍ତି (୫:୧୫-୧୭, ୬:୩୨, ଏଫିସୀ ୨:୮-୯) ''ଧାର୍ମିକଗଣିତ'' ଶବ୍ଦର ଗ୍ରୀକ୍ (ଡକୋଇଓ ଓ) ସେହି ''ଧାର୍ମିକତା'' ସମାନ ମୂଳରୁ ଆସିଲା ଯୟା (ଡିକୋଇଓସୁନେ, ୧:୧୭ରେ ବିଶେଷ ପ୍ରସଙ୍ଗ ଦେଖ) । ଈଶ୍ୱର ସର୍ବଦା ଆରମ୍ଭ କରନ୍ତି (ଯୋହନ ୬:୪୪, ୬୫)

୨୪-୨୫ ପଦ ଦ୍ୱୟରେ ପରିତ୍ରାଣ ବର୍ଣ୍ଣନା କରିବାକୁ ତିନିଟା ଦୃଷ୍ଟାନ୍ତ ବ୍ୟବହାର କରାଯାଇଅଛି ।

୧. ''ଧାର୍ମିକ ଗଣିତ ହେଲା'' ଯାହାକି ଏକ ନ୍ୟାୟସଙ୍ଗତ ଶବ୍ଦ ଯାହା ବୁଝାଏ କୌଣସି ଜୋରିମାନା ଦିଆଗଲା ନାହିଁ ଅବା ଜଣକୁ ନିର୍ଦ୍ଦୋଷୀ ଉଚ୍ଚାରଣ ବା ଘୋଷଣା କରିବା ।

୨. ''ମୁକ୍ତି'' ଯାହା ଦାସ ବଜାରରୁ ଆସିଛି ଏହାର ଅର୍ଥ ପୁନରାୟ କିଣି ନିଆଗଲା ବା ମୁକ୍ତି ଦିଆଗଲା ।

୩. ''ସନ୍ତୁଷ୍ଟ ବା ସନ୍ତୋଷକରଣ'' ଯାହା ବଳିଦାନ ବା ତ୍ୟାଗର ରୀତିରୁ ଆସିଲା ଏବଂ ଆଚ୍ଛାଦନର ସ୍ଥାନ ବା ପ୍ରାୟଶ୍ଚିତ ସାଧନ କୁ ବୁଝାଏ । ଏହା ସାକ୍ଷ୍ୟ ସିନ୍ଦୁକର ଆଚ୍ଛାଦନ ବା ଢ଼ାଙ୍କୁଣୀକୁ ବୁଝାଉଥିଲା ଯେଉଁଠାରେ ପ୍ରାୟଶ୍ଚିତ୍ତ ଦିନରେ ବଳିର ରକ୍ତ ରଖାଯାଏ (ଲେବୀ ୧୬, ଏବ୍ରୀ ୯:୫) ।

**ବିଶେଷ ପ୍ରସଙ୍ଗ : ଜଣକର ପରିତ୍ରାଣ ପାଇଁ ନୂତନ ନିୟମ ଚିହ୍ନ**

ଏହା ନୂତନ ନିୟମ ଉପରେ ନିର୍ଭର କରେ (ଯିରି. ୩୧:୩୧-୩୪, ଯିହି ୩୬:୨୨-୩୮) ଯୀଶୁଙ୍କଠାରେ ।

୧. ପିତାଙ୍କ ଚରିତ୍ର (ଯୋହନ ୩:୧୬) ପୁତ୍ରଙ୍କର କାର୍ଯ୍ୟ (୨ କରିନ୍ଥୀୟ ୫:୨୧) ଏବଂ ପବିତ୍ର ଆତ୍ମାଙ୍କ ସେବାକାର୍ଯ୍ୟ (ରୋମୀ ୮:୧୪-୧୬) ମାନବ କାର୍ଯ୍ୟସାଧନ ଉପରେ ନୁହେଁ, ବାଧ୍ୟତା ନିମନ୍ତେ ଯେଉଁ ବେତନ ପ୍ରାପ୍ୟ ତାହା ଉପରେ ନୁହେଁ, ଏକ ନିୟମତାଲିକା ଉପରେ କେବଳ ନୁହେଁ ।

୨. ଏହା ଏକ ଦାନ ଅଟେ (ରୋମୀ ୩:୨୪, ୬:୨୩, ଏଫିସୀ ୨:୫, ୮-୯)

୩. ଏହା ଏକ ନୂତନ ଜୀବନ, ଏକ ନୂତନ ଜଗତ-ଦର୍ଶନ (ଯାକୁବ ଓ ୧ ଯୋହନ)

୪. ଏହା ହେଉଛି ଜ୍ଞାନ (ସୁସମାଚାର), ସହଭାଗିତା (ଯୀଶୁଙ୍କଠାରେ ବିଶ୍ୱାସ ଓ ଯୀଶୁଙ୍କ ଦ୍ୱାରା ବିଶ୍ୱାସ ଏବଂ ଏକ ନୂତନ ଜୀବନଶୈଳୀ (ଆତ୍ମା ପରିଚାଳିତ ଖ୍ରୀଷ୍ଟଙ୍କ ସାଦୃଶ୍ୟ) ତିନୋଟି ଏକତ୍ର, କେବଳ କୌଣସି ଗୋଟିଏ ଦ୍ୱାରା ନୁହେଁ ।

୫. ୧ ଯୋହନ ୨:୩-୩:୩, ସି ପ୍ରତି ପୂର୍ବାପର ସମ୍ପର୍କରେ ଅର୍ନ୍ତଦୃଷ୍ଟି ଦ୍ୱାରା ପ୍ରକୃତ ପରିତ୍ରାଣର ପରୀକ୍ଷା ସମୂହ ଦେଖ ।

▣**''ଦାନ''** ପାଉଲ ଏହି ବିଷୟ ବିଭିନ୍ନ ଥର ଭିନ୍ନ ଶବ୍ଦମାନଙ୍କୁ ବ୍ୟବହାର କରି ପ୍ରକାଶ କରନ୍ତି ।

୧. ଡୋରିଆନ୍ କ୍ରିୟ ବିଶେଷଣ ପଦ ''ମୁକ୍ତ ଭାବେ'' ।

୨. ଡୋରିଆ, ବିଶେଷ୍ୟ ପଦ ''ବିନାମୂଲ୍ୟର ଦାନ''

୩. ଡୋରୋନ୍ ବିଶେଷ୍ୟପଦ ''ଦାନ'' (ଏଫିସୀୟ ୨:୮)

୪. କାରିସ୍ମା, ବିଶେଷ୍ୟ ପଦ, ''ବିନାମୂଲ୍ୟର ଋଣ ବା ବିନାମୂଲ୍ୟର ସପକ୍ଷତା (ସମର୍ଥନ) (୧:୧୧, ୫:୧୫,୧୬, ୬:୨୩, ୧୧:୨୯, ୧୨:୧୬)

୫. କାରିସୋମାଇ, କ୍ରିୟାପଦ, ''ଏକ ବିନାମୂଲ୍ୟର ସମର୍ଥନ ରୂପେ ମଞ୍ଜୁର (୮:୩୨)

୬. କାରିସ୍, ବିଶେଷ୍ୟ ପଦ ବିନାମୂଲ୍ୟର ସମର୍ଥନ (୪:୪, ୧୬, ୧୧:୫,୬, ଏଫିସୀ ୨:୫,୮)

▣**''ଖ୍ରୀଷ୍ଟ ଯୀଶୁଙ୍କଠାରେ ଯେଉଁ ମୁକ୍ତି ଅଛି, ତଦ୍ଦ୍ୱାରା''** ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଉପାୟ ହେଉଛି, ଯୀଶୁଙ୍କ ପ୍ରତିବଦଳ ମୃତ୍ୟୁ ଏବଂ ପୁନରୁତ୍ଥାନ । ବାଇବଲ ଅନୁସାରେ ଲକ୍ଷ୍ୟ, କେତେ ପରିମାଣ ମୂଲ୍ୟ ଦିଆଗଲା କିଅବା କାହାକୁ ମୂଲ୍ୟ ଦିଆଗଲା କିଅବା କାହାକୁ ମୂଲ୍ୟ ଦିଆଗଲା ତାହା ଉପରେ ନୁହେଁ (ଅଗଷ୍ଟିନ), ମାତ୍ର ଏହି ସତ୍ୟତା ଉପରେ, ଏକ ନିର୍ଦ୍ଦୋଷୀ ପ୍ରତିବଦଳର ମାଧମ ଦ୍ୱାରା ମାନବଜାତି ପାପର ଦୋଷୀକୃତ ହେବାରୁ ଓ ଶାସ୍ତିବା ଦଣ୍ଡରୁ ଉଦ୍ଧାର ପାଇ ଆସିଅଛି (ଯୋହନ ୧:୨୯,୩୬, ୨ କରିନ୍ଥୀ ୫:୨୧, ୧ ପିତର ୧:୧୯) ।

ପଦଟି ମଧ୍ୟ ଆଦି ୩:୧୫ର ବହୁମୂଲ୍ୟତା ଦର୍ଶାଏ । ଯୀଶୁ ଏକ ପ୍ରତିବଦଳ ବଳି ରୂପେ ପତିତ ମାନବଜାତି ପାଇଁ ଅଭିଶାପ ବହନ କଲେ (ଗାଲାତୀ ୩:୧୩) ଏବଂ ମୃତ୍ୟୁ ଭୋଗିଲେ (୨ କରିନ୍ଥୀ ୫:୨୧) । ପରିତ୍ରାଣ ବିନାମୂଲ୍ୟର ହୋଇପାରେ ମାତ୍ର ଏହା ଶସ୍ତା ନୁହେଁ ।

**ବିଶେଷ ପ୍ରସଙ୍ଗ : ମୁକ୍ତିର ମୂଲ୍ୟ / ମୁକ୍ତ କରିବା**

I. **ପୁରାତନ ନିୟମ**

କ) ବିଶେଷତଃ ଦୁଇଟି ହିବ୍ରୁ ନ୍ୟାୟସଙ୍ଗତ ଶବ୍ଦ ଅଛନ୍ତି ଯାହା ଏହି ବିଷୟ ପ୍ରକାଶ କରନ୍ତି ।

୧. ଗାଆଲ (ବିଡିବି ୧୪୫ I) ଯାହା ମୂଳତଃ ବୁଝାଏ ''ଏକ ମୂଲ୍ୟ ଦାଖଲ କରିବା ମାଧ୍ୟମରେ ମୁକ୍ତ କରିବା'' ଶବ୍ଦର ଏକ ଆକାର ଗୋଏଲ ଏକ ବ୍ୟକ୍ତିଗତ ମାଧ୍ୟମକୁ ଏହି ପ୍ରସଙ୍ଗ ସହିତ ସଂଯୁକ୍ତ କରେ, ସାଧାରଣତଃ ଏକ ପରିବାରର ସଭ୍ୟ (ଯଥା : ନିକଟ ସମ୍ପର୍କୀୟ ଜ୍ଞାତି) । ପଦାର୍ଥମାନ, ପଶୁମାନ, ଜମି ବା କୁଟୁମ୍ବୀୟମାନଙ୍କୁ କ୍ରୟ କରିବା ଅଧିକାର ବିଷୟକ ସଂସ୍କୃତିଗତ ନିୟମ ବା ରୀତି (ଲେବୀ ୨୫,୨୭, ରତ ୪:୧୫, ଯିଶାଇୟ ୨୯:୨୨) ପାରମାର୍ଥିକ ଭାବେ ୟାୟେହ (ଯିହୋବା ପରମେଶ୍ୱରଙ୍କ ଉଦ୍ଧାର ମିଶରରୁ ଇସ୍ରାଏଲୀୟମାନଙ୍କୁ କରିବା ବିଷୟକୁ ଏହା ପରିବର୍ତ୍ତିତ ହୋଇଗଲା (ଯାତ୍ରା ୬:୬, ୧୫:୧୩, ଗୀତ ୭୪:୨, ୭୭:୧୫, ଯିରିମିୟ ୩୧:୧୧) । ସେ ''ମୁକ୍ତିଦାତା (କର୍ତ୍ତା)''ରେ ପରିଣତ ହୁଅନ୍ତି । (ଆୟୁବ ୧୯:୨୫, ଗୀତ ୧୯:୧୪, ୭୮:୩୫, ହିତୋ. ୨୩:୧୧, ଯିଶା ୪୧:୧୪, ୪୩:୧୪, ୪୪:୬,୨୪ ୪୭:୪, ୪୮:୧୭, ୪୯:୭,୨୬, ୫୪:୫,୮, ୫୯:୨୦, ୬୦:୧୬, ୬୩:୧୬, ଯିରିମିୟ ୫୦:୩୪)

୨. ପୋଡାହ (ବିଡିବି ୮୦୪), ଯାହା ମୂଳତଃ ବୁଝାଏ, ''ଉଦ୍ଧାର କରିବା'' ବା ''ସୁରକ୍ଷା କରିବା''

କ) ପ୍ରଥମ ଜାତର ମୁକ୍ତି (ଯାତ୍ରା ୧୩:୧୩,୧୪ ଏବଂ ଗଣନା ୧୮:୧୫-୧୭)

ଖ) ଶାରୀରିକ ମୁକ୍ତିର ସହିତ ଆତ୍ମିକ ମୁକ୍ତିର ବିପରିତ ତୁଳନା ବା ପ୍ରଭେଦ (ଗୀତ ୪୯:୭,୮,୧୫)

ଗ) ୟାୟେହ ଇସ୍ରାଏଲକୁ ସେମାନଙ୍କ ପାପ ଓ ବିଦ୍ରୋହତାରୁ ମୁକ୍ତି ଦେବେ ।

ଖ) ପାରମାର୍ଥିକ ଚିନ୍ତାଧାରା ବିଭିନ୍ନ ସମ୍ପୃକ୍ତ ବିଷୟମାନ ଯୋଗ କରେ ।

୧. ଏକ ଅଭାବ, ଏକ ବନ୍ଧନ, ଏକ ଅର୍ଥ ଦଣ୍ଡରେ ଦଣ୍ଡିତ, ଏକ ବନ୍ଦୀତ୍ୱ ଅଛି ।

କ) ଶାରୀରିକ

ଖ) ସାମାଜିକ

ଗ) ଆତ୍ମିକ (ଗୀତ ୧୩୦:୮)

୨. ସ୍ୱାଧୀନତା, ମୁକ୍ତି ଓ ପୁନରୁଦ୍ଧାର ପାଇଁ ଏକ ମୂଲ୍ୟ ଦିଆଯିବା ଉଚିତ ।

କ) ଇସ୍ରାଏଲ ଜାତିର (ଦ୍ୱିତୀୟ ବିବରଣ ୭:୮)

ଖ) ବ୍ୟକ୍ତି ବିଶେଷର (ଆୟୁବ ୧୯:୨୫-୨୭, ୩୩:୨୮)

୩. କେହି ଜଣେ ମଧ୍ୟସ୍ଥ ବା ଉପକାରକ ଭାବେ କାର୍ଯ୍ୟ କରିବା ଉଚିତ । ''ଗାଆଲ''ରେ ଏହି ଜଣକ ସାଧାରଣତଃ ଜଣେ ପରିବାରର ସଭ୍ୟ ବା ନିକଟସମ୍ପର୍କୀୟ ଜ୍ଞାତି ଅଟେ । (ଯଥା : ଗୋଏଲ, ବିଡିବ ୧୪୫)

୪. ୟାୟେହ (ପରମେଶ୍ୱର) ଅନେକ ସମୟରେ ଆପଣାକୁ ଏକ ଜଣାଶୁଣା ଶବ୍ଦ ବା ନାମରେ ବର୍ଣ୍ଣନା କରନ୍ତି ।

କ) ପିତା

ଖ) ସ୍ୱାମୀ

ଗ) ନିକଟ ସମ୍ପର୍କୀୟ ଜ୍ଞାତି ରୂପେ ମୁକ୍ତିକର୍ତ୍ତା / ପ୍ରତିଶୋଧ ନେବା ବ୍ୟକ୍ତି

ୟାୟେହ (ଯିହୋବା)ଙ୍କର ବ୍ୟକ୍ତିଗତ ପ୍ରତିନିଧିଙ୍କ ମାଧ୍ୟମରେ ମୁକ୍ତି କାର୍ଯ୍ୟ ସାଧିତ ହେଲା । ଏକ ମୂଲ୍ୟ ଦିଆଗଲା ଏବଂ ମୁକ୍ତି ମିଳିଲା !

II. **ନୂତନ ନିୟମ**

କ) ପାରମାର୍ଥିକ ଚିନ୍ତାଧାରା ପ୍ରକାଶ କରିବାକୁ ବିଭିନ୍ନ ଶବ୍ଦମାନ ବ୍ୟବହୃତ ହୋଇଅଛି ।

୧. ଆଗୋରାଯୋ (୧ କରିନ୍ଥୀୟ ୬:୨୦, ୭:୩୨, ୨ ପିତର ୨:୧, ପ୍ରକାଶିତ ୫:୯, ୧୪:୩-୪) ଏହା ଏକ ବାଣିଜ୍ୟିକ ଶବ୍ଦ । କୌଣସି ବିଷୟ ପାଇଁ ଏକ ମୂଲ୍ୟ ଦିଆଯିବା ପ୍ରତିଫଳିତ କରେ । ଆମ୍ଭେମାନେ ରକ୍ତରେ କ୍ରୀତ ଲୋକମାନେ, ଯେଉଁମାନେ ଆମ ନିଜ ଜୀବନ ସବୁକୁ ଅଧିକାର ମଧ୍ୟରେ ରଖୁ ନାହିଁ । ଆମ୍ଭେମାନେ ଖ୍ରୀଷ୍ଟଙ୍କର ଅଟୁ ।

୨. ଏକ୍ସାଗୋରେଜଓ (ଗାଲାତୀୟ ୩:୧୩, ୪:୫, ଏଫିସୀ ୫:୧୬, କଲସୀ ୪:୫) ଏହା ମଧ୍ୟ ଏକ ବାଣିଜ୍ୟିକ ଶବ୍ଦ, ଯାହା ଆମ ପକ୍ଷରୁ ଯୀଶୁଙ୍କ ପ୍ରତିବଦଳ ମୃତ୍ୟୁକୁ ପ୍ରତିଫଳିତ କରେ । ଯୀଶୁ, ଏକ କାର୍ଯ୍ୟ ଦ୍ୱାରା ସାଧନ ଉପରେ ନିର୍ଭର କରୁଥିବା ବ୍ୟବସ୍ଥାର ଅଭିଶାପ ବହନ କଲେ (ଯଥା : ମୋଶା ବ୍ୟବସ୍ଥା । ଏଫିସୀ ୨:୧୪-୧୬, କଲସୀ ୨:୧୪) ଯାହା ପାପପୂର୍ଣ୍ଣ ମାନବଗଣ ସାଧନ କରିପାରି ନ ଥିଲେ ।

ସେ ଅଭିଶାପ ବହନ କଲେ (ଦ୍ୱିତୀୟ ବିବରଣ ୨୧:୨୩) ଆମ ସମସ୍ତଙ୍କ ପାଇଁ (ମାର୍କ ୧୦:୪୫, ୨ କରିନ୍ଥୀ ୫:୨୧) ! ଯୀଶୁଙ୍କଠାରେ ଈଶ୍ୱରଙ୍କ ନ୍ୟାୟ ଏବଂ ପ୍ରେମ ସମ୍ପୂର୍ଣ୍ଣ କ୍ଷମା, ଗ୍ରହଣ ଓ ପ୍ରବେଶାଧିକାର ମଧ୍ୟରେ ମଗ୍ନ ହୋଇଗଲା ବା ବୁଡ଼ିଗଲା !

୩. ଲୁଓ, ମୁକ୍ତ କରିଦେବା

କ) ଲୁଟ୍ରେନ୍, ''ଏକ ମୂଲ୍ୟ ଦାଖଲ କରାଗଲା ।'' (ମାଥିଉ ୨୦:୨୮, ମାର୍କ ୧୦:୪୫) । ଏଗୁଡ଼ିକ ଶକ୍ତିଶାଳୀ ଶବ୍ଦମାନ ଯୀଶୁଙ୍କ ମୁଖରୁ ତାହାଙ୍କ ଆଗମନର ଉଦ୍ଦେଶ୍ୟ ବିଷୟ, ଯେଉଁ ଋଣ ଯୀଶୁ କରି ନାହାନ୍ତି ସେହି ପାପ –ଋଣ ଶୁଝିବା ଦ୍ୱାରା ଜଗତର ପରିତ୍ରାଣକର୍ତ୍ତା ହେବା ବିଷୟରେ ବାହାରି ଅଛି । (ଯୋହନ ୧:୨୯) ।

ଖ) ଲୁଟେଓ, ''ମୁକ୍ତ କରିଦେବା''

୧. ଇସ୍ରାଏଲକୁ ମୁକ୍ତ କରିବାକୁ (ଲୂକ ୨୪:୨୧)

୨. ଏକ ଲୋକମାନଙ୍କୁ ମୁକ୍ତ କରିବାକୁ ଓ ଶୁଚି କରିବାକୁ ଆପଣାକୁ ଦାନ କଲେ (ତୀତସ ୨:୧୪)

୩. ଏକ ପାପଶୂନ୍ୟ ପ୍ରତିବଦଳ ବଳି ହେବାକୁ (୧ ପିତର ୧:୧୮,୧୯)

ଗ) ଲୁଟ୍ରାସିସ୍, ''ମୁକ୍ତି'' ''ଉଦ୍ଧାର'' ବା ''ରକ୍ଷା''

୧. ଯୀଶୁଙ୍କ ବିଷୟରେ ଯିଖରିୟଙ୍କ ଭବିଷ୍ୟତ୍‌ବାଣୀ ଲୂକ ୧:୬୮

୨. ଯୀଶୁଙ୍କ ପାଇଁ ହାନ୍ନାଙ୍କ ପ୍ରଶଂସା ଲୂକ ୨:୩୮

୩. ଯୀଶୁଙ୍କର ଉତ୍କୃଷ୍ଟତର, ଏକାଥରକେ ଉତ୍ସର୍ଗ କରିଥିବା ବଳି ଏବ୍ରୀ ୯:୧୨

୪. ଆପେଲଟ୍ରୋସିସ୍

କ) ଦ୍ୱିତୀୟ ଆଗମନରେ ମୁକ୍ତି (ପ୍ରେରିତ ୩:୧୯–୨୧)

୧. ଲୂକ ୨୧:୨୮

୨. ରୋମୀ ୮:୨୩

୩. ଏଫିସୀ ୧:୧୪, ୪:୩୦

୪. ଏବ୍ରୀ ୯:୧୫

ଖ) ଖ୍ରୀଷ୍ଟଙ୍କର ମୃତ୍ୟୁରେ ମୁକ୍ତି

୧. ରୋମୀ ୩:୨୪

୨. ୧ କରିନ୍ଥୀ ୧:୩୦

୩. ଏଫିସୀ ୧:୭

୪. କଲସୀ ୧:୧୪

୫. ଆଣ୍ଟିଲିଟ୍ରୋନ (୧ ତୀମଥି ୨:୬) ଏହା ଏକ କଷ୍ଟକର ଶାସ୍ତ୍ରାଂଶ (ଯେପରି ତିତସ ୨:୧୪), ଯାହା ଯୀଶୁଙ୍କ କ୍ରୁଶ ଉପରେ ପ୍ରତିବଦଳ ମୃତ୍ୟୁକୁ ମୁକ୍ତି ସହିତ ସଂଯୁକ୍ତ କରେ । ସେ ଏକ ଏବଂ ଏକମାତ୍ର ଗ୍ରାହ୍ୟବଳୀ କେବଳ ଅଟନ୍ତି । ଯେ ସମସ୍ତଙ୍କ ପାଇଁ ମରିଅଛନ୍ତି (ଯୋହନ ୧:୨୯, ୩:୧୬, ୪:୪୨, ୧ ତୀମଥି ୨:୪, ୪:୧୦, ତୀତସ ୨:୧୧, ୨ ପିତର ୩:୯, ୧ ଯୋହନ ୨:୨, ୪:୧୨) ।

ଖ) ନୂତନ ନିୟମରେ ପାରମାର୍ଥିକ ବିଶ୍ୱାସ

୧. ମାନବଜାତି ପାପ ପ୍ରତି ଦାସତ୍ୱ ଅବଲମ୍ବନ କଲେ (ଯୋହନ ୮:୩୪, ରୋମୀ ୩:୧୦–୧୮, ୬:୨୩)

୨. ମାନବଜାତିର ପାପରେ ବନ୍ଧନଗ୍ରସ୍ତ ହେବା ପୁରାତନ ନିୟମ ମୋଶାଙ୍କ ବ୍ୟବସ୍ଥା ଦ୍ୱାରା ପ୍ରକାଶିତ ହୋଇଆସିଛି (ଗାଲାତୀ ୩) ଏବଂ ଯୀଶୁଙ୍କର ପର୍ବତ ଉପରୁ ଉପଦେଶ (ମାଥିଉ ୫–୭) । ମାନବ କ୍ରୀୟାକର୍ମ ଏକ ମୃତ୍ୟୁଦଣ୍ଡରେ ପରିଣତ ହୋଇଅଛି (କଲସୀ ୨:୧୪) ।

୩. ଯୀଶୁ, ଈଶ୍ୱରଙ୍କ ପାପ ଶୂନ୍ୟ ମେଷଶାବକ ଆସିଲେ ଏବଂ ଆମ୍ଭମାନଙ୍କ ସ୍ଥାନରେ ମୃତ୍ୟୁଭୋଗ କଲେ (ଯୋହନ ୧:୨୯, ୨ କରିନ୍ଥୀ ୫:୨୧) । ଆମ୍ଭେମାନେ ପାପରୁ କିଣା ଯାଇସାରିଛୁ, ଯେପରି ଈଶ୍ୱରଙ୍କ ସେବା କରିପାରିବା । (ରୋମୀ ୬)

୪. ଯାୟେହ ଏବଂ ଯୀଶୁ ଉଭୟ ପରସ୍ପର ସହିତ ଜଡ଼ିତ ହେବା ଦ୍ୱାରା ନିକଟ ସମ୍ପର୍କୀୟ ଜ୍ଞାତ ଯେ ଆମ ପକ୍ଷରେ କାର୍ଯ୍ୟ କରନ୍ତି । ଏହା ଜଣାଶୁଣା ଦୃଷ୍ଟାନ୍ତ ଦେବାରେ ଲାଗି ରହିଥାଏ (ପିତା, ସ୍ୱାମୀ, ପୁତ୍ର, ଭାଇ ନିକଟସମ୍ପର୍କୀୟ) ।

୫. ମୁକ୍ତି ଶୟତାନକୁ ଏକ ମୂଲ୍ୟ ଦେବା ନୁହେଁ (ଯଥା : ମଧ୍ୟବର୍ତ୍ତୀକାଳୀନ ପରମାର୍ଥ ଶିକ୍ଷା) ମାତ୍ର ଈଶ୍ୱରଙ୍କ ବାକ୍ୟର ପୁନର୍ମିଳନ ଏବଂ ଈଶ୍ୱରଙ୍କ ନ୍ୟାୟ, ଈଶ୍ୱରଙ୍କ ପ୍ରେମ ଏବଂ ଖ୍ରୀଷ୍ଟଙ୍କଠାରେ ସମ୍ପୂର୍ଣ୍ଣ ସମସ୍ତ ବିଷୟ ପାଇବାର ସୁଯୋଗ । କ୍ରୁଶରେ ଶାନ୍ତିର ପୁନରୁଦ୍ଧାର ହେଲା, ମାନବ ବିଦ୍ରୋହ କ୍ଷମା ଦିଆଗଲା, ମାନବଜାତିଠାରେ ବର୍ତ୍ତମାନ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ଘନିଷ୍ଠ ସହଭାଗିତା ମଧ୍ୟରେ ସମ୍ପୂର୍ଣ୍ଣ ପୁନଃକାର୍ଯ୍ୟକାରୀ ହେଲା !

୬. ମୁକ୍ତିର ତଥାପି ଏକ ଭବିଷ୍ୟତ୍ ବିଷୟ ରହିଅଛି (ରୋମୀ ୮:୨୩, ଏଫିସୀ ୧:୧୪, ୪:୩୦), ଯାହା ଆମ୍ଭମାନଙ୍କର ପୁନରୁତ୍ଥିତ ଶରୀରମାନ ଏବଂ ତ୍ରିବିଧ ପରମେଶ୍ୱରଙ୍କ ସହିତ ବ୍ୟକ୍ତିଗତ ଘନିଷ୍ଠତାକୁ ଅନ୍ତର୍ଗତ କରେ । ଆମ୍ଭମାନଙ୍କ ପୁନରୁତ୍ଥିତ ଶରୀରସବୁ ତାହାଙ୍କ ପରି ହେବ (୧ ଯୋହନ ୩:୨) । ତାହାଙ୍କର ଏକ ଶରୀର ବିଶିଷ୍ଟ ଅବସ୍ଥା ଥିଲା, ମାତ୍ର ଏକ ସ୍ୱତନ୍ତ୍ର ଆକାର ପରିସର ସହିତ ତାହା ଥିଲା । ୧ କରନ୍ଥୀ ୧୫:୧୨-୧୯ ସହିତ ୩୫-୫୮ ପଦର ଦ୍ୱନ୍ଦ୍ୱମୂଳକ (ବିରୋଧୀଭାବ)କୁ ବୁଝାଇବା କଷ୍ଟକର ଅଟେ । ଏହା ସ୍ପଷ୍ଟ ଯେ ଏକ ଶାରୀରିକ, ପାର୍ଥିବ ଶରୀର ଏବଂ ଏକ ସ୍ୱର୍ଗୀୟ, ଆତ୍ମିକ ଶରୀର ଅଛି । ଯୀଶୁଙ୍କର ଉଭୟ ଶରୀର ଥିଲା ।

**୩:୨୫**

| | |
|---|---|
| **ଏନ୍ଏଏସ୍ବି** | **''ଯାହାଙ୍କୁ ଈଶ୍ୱର ସର୍ବସାକ୍ଷାତରେ ପ୍ରଦର୍ଶନ କରିଅଛନ୍ତି''** |
| **ଏନ୍କେଜେଭି** | **''ଯାହାଙ୍କୁ ଈଶ୍ୱର ପ୍ରସ୍ତୁତ କରି ପ୍ରକାଶ କରିଛନ୍ତି''** |
| **ଏନ୍ଆର୍ଏସ୍ଭି** | **''ଯାହାଙ୍କୁ ଈଶ୍ୱର ସମ୍ମୁଖରେ ରଖିଛନ୍ତି''** |
| **ଟିଇଭି** | **''ଈଶ୍ୱର ଉତ୍ସର୍ଗ କଲେ''** |
| **ଏନ୍ଜେବି** | **''ଯେ କି ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ହେଲେ''** |

ଏହା ''ପ୍ରୋଟିଥେମି'' ରଏକ ଆଓରିଷ୍ଟ ମଧ୍ୟବର୍ତ୍ତୀ ସୂଚକ (ରୋମୀ ୧:୧୩ ଓ ଏଫିସୀ ୧:୯ରେ । ଏହା ବୁଝାଏ ''ଉଦ୍ଦେଶ୍ୟ ରଖିବା'', ଯେପରି ରୋମୀ ୮:୨୮ରେ ବିଶେଷ୍ୟ ପଦ କରେ ।) ଯାହା ବୁଝାଏ ଯେ ସ୍ୱୟଂ ଈଶ୍ୱର ତାହାଙ୍କ ନିଜ ହୃଦୟ ଓ ଉଦ୍ଦେଶ୍ୟ, ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ପ୍ରକାଶ କଲେ (ଏଫିସୀୟ ୧:୯, ଗାଲାତୀ ୩:୧) । ଈଶ୍ୱରଙ୍କ ଅନନ୍ତକାଳୀନ ମୁକ୍ତିର ଯୋଜନା (ପ୍ରେରିତ ୨:୨୩, ୩:୧୮, ୪:୧୮, ୧୩:୨୯, ୨୬:୨୨ ଏବଂ ବିଶେଷ ପ୍ରସଙ୍ଗ ୧:୫ରେ) ଯୀଶୁଙ୍କ ବଳିଦାନକୁ ଅନ୍ତର୍ଗତ କରେ (ଯିଶା ୫୩:୧୦, ପ୍ରକାଶିତ ୧୩:୮) ୯:୧୧ରେ ଟିପ୍ପଣୀ ଦେଖ ।)

▣**''ପ୍ରଦର୍ଶନ କରିବାକୁ''** ଏହି ଗ୍ରୀକ୍ ଶବ୍ଦ ଓଣ୍ଡେଇକୁମାଇ (ଏଣ୍ଡେଇକ୍ସିସ୍ ୩:୨୫,୨୬) ରୋମୀୟ ପୁସ୍ତକରେ ବିଭିନ୍ନ ଥର ବ୍ୟବହୃତ ହୋଇଅଛି (୨:୧୫, ୯:୧୭,୨୩, (୭୦) ଯାତ୍ରା ୯:୧୬) । ଏହାର ମୂଳ ଅର୍ଥ ହେଉଛି ପ୍ରକାଶ ବା ପ୍ରଦର୍ଶନ କରିବା । ଈଶ୍ୱର ଚାହିଁଥିଲେ ମାନବଜାତି ତାହାଙ୍କ ମୁକ୍ତିର ଉଦ୍ଦେଶ୍ୟ, ଯୋଜନା ଓ ଧାର୍ମିକତାକୁ ସ୍ପଷ୍ଟଭାବେ ବୁଝନ୍ତୁ । ଏହି ଅଂଶଟି ଏକ ବାଇବଲ ସମ୍ମତ ଜଗତ ଦୃଷ୍ଟିକୋଣ ପ୍ରକାଶ୍ୟରେ ପ୍ରସ୍ତୁତ କରି ରଖିଅଛି ।

୧. ଈଶ୍ୱର ଚରିତ୍ର ବିଷୟ
୨. ଖ୍ରୀଷ୍ଟ କାର୍ଯ୍ୟ ବିଷୟ
୩. ମାନବ ଜାତିର ଆବଶ୍ୟକତା ବିଷୟ
୪. ମୁକ୍ତିର ଉଦ୍ଦେଶ୍ୟ ବିଷୟ

ଈଶ୍ୱର ଚାହାନ୍ତି ଆମ୍ଭେମାନେ ଯେପରି ବୁଝିବା! ଏହି ଶାସ୍ତ୍ରାଂଶ ଖ୍ରୀଷ୍ଟଧର୍ମର ଏକ ଉପଯୁକ୍ତ ବୁଝାମଣା ନିମନ୍ତେ କଷ୍ଟକର । କେତେକ ଶବ୍ଦ ଓ ଖଣ୍ଡବାକ୍ୟ ବହୁଅର୍ଥ ବିଶିଷ୍ଟ ବା ବିଭିନ୍ନ ଉପାୟରେ ବୁଝାଯାଇପାରେ, ମାତ୍ର ସମୁଦାୟ ବିଷୟଟିର ଚାପ ବହୁତ ସ୍ପଷ୍ଟ ଓ ସରଳ । ଏହି ଅଂଶଟି ହେଉଛି ସୁସମାଚାର ପାଇଁ ପାରମାର୍ଥିକ ଉତ୍ତର ଦିଗର ନକ୍ଷତ୍ର ଅଟେ ।

▣

| | |
|---|---|
| **ଏନ୍ଏଏସ୍ବି** | **''ତାହାଙ୍କ ରକ୍ତରେ ମୁକ୍ତିର ମୂଲ୍ୟ (ପ୍ରାୟଶ୍ଚିତ ବଳି) ରୂପେ''** |
| **ଏନ୍କେଜେଭି** | **''ତାହାଙ୍କ ରକ୍ତ ଦ୍ୱାରା ଏକ ପ୍ରାୟଶ୍ଚିତ ବଳି (ମୁକ୍ତିର ମୂଲ୍ୟ) ହେବାକୁ** |
| **ଏନ୍ଆର୍ଏସ୍ଭି** | **''ତାହାଙ୍କ ରକ୍ତ ଦ୍ୱାରା ଏକ ପ୍ରାୟଶ୍ଚିତ ବଳି ରୂପେ''** |
| **ଟିଇଭି** | **''ସେଥିସକାଶେ ତାହାଙ୍କ ରକ୍ତ ଦ୍ୱାରା ସେ ଏକ ମାଧ୍ୟମରେ ପରିଣତ ହେବା ଉଚିତ ଥିଲା, ଯାହା ଦ୍ୱାରା ଲୋକମାନଙ୍କ ପାପକ୍ଷମା ହୋଇଅଛି''** |
| **ଏନ୍ଜେବି** | **''ତାହାଙ୍କ ଜୀବନ ବଳିଦାନ କରିବାକୁ ହେଲା ଯେପରି ପୁର୍ନମିଳନ ଲାଭ ହେବ''** |

ଗ୍ରେସିଓ-ରୋମୀୟ ଜଗତରେ ଏହି ଶବ୍ଦ, ଏକ ଅଜ୍ଞାତ ବା ଅବହେଳିତ ଦେବତା ସହିତ ସହଭାଗିତାର ପୁନରୁଦ୍ଧାର ଏକ ମୂଲ୍ୟ ଦେବା ମାଧ୍ୟମରେ ହେବାର ବିଶ୍ୱାସକୁ ପ୍ରଚଳିତ କରୁଥିଲା । ଯାହାବି ହେଉ ସେପ୍ଟୁଆଜିଣ୍ଟ (ଗ୍ରୀକ୍ ଅନୁବାଦ ବାଇବଲ) ଏହି ଅର୍ଥରେ ଏହାକୁ ବ୍ୟବହାର କର ନାହିଁ । ଏହା ସେପ୍ଟୁଆଜିଣ୍ଟରେ ଏବଂ ଏବ୍ରୀ ୯:୫ ବ୍ୟବହୃତ ହୋଛି ଯାହା ''ଦୟା ସିଂହାସନ'' ରୂପେ ଅନୁବାଦ କରାଯାଇଅଛି (ଯାତ୍ରା ୨୫:୨୧-୨୨, ଲେବୀ ୧୬:୧୨-୧୫) ଯାହା ମହାପବିତ୍ର ସ୍ଥାନରେ ଥିବା ସାକ୍ଷ୍ୟ ସିନ୍ଦୁକର ଆଚ୍ଛାଦନ ଥିଲା । ଯେଉଁ ସ୍ଥାନରେ ପ୍ରାୟଶ୍ଚିତ ଦିନରେ ଇସ୍ରାୟେଲ ଜାତି ନିମନ୍ତେ ପ୍ରାୟଶ୍ଚିତ ସାଧିତ ହେଉଥିଲା (ଲେବୀ ୧୬) ଏହି ଦୃଷ୍ଟାନ୍ତମାନ (ଯଥା : ସନ୍ତୋଷଜନକ ଉପହାର, ମୁକ୍ତିର ମୂଲ୍ୟ, ବଳିଦାନ) କେବଳ ପୁରାତନ ନିୟମରେ ଈଶ୍ୱରଙ୍କ ମୁଖ ନିସୃତ ବାକ୍ୟଗୁଡ଼ିକ ସହିତ ସଂପୃକ୍ତ ବା ସଂଯୁକ୍ତ କରି ବୁଝାଯାଏ । ସ୍ପଷ୍ଟ ଭାବରେ ପାଉଲ ବଳିଦାନ ବିଷୟକ ଦୃଷ୍ଟାନ୍ତମାନ ଇସ୍ରାୟେଲର ବଳିଦାନ ରୀତିର ବ୍ୟବହାର କରୁଅଛନ୍ତି (ଯଥା : ଲେବୀ ୧-୭ ଅଧ୍ୟାୟ) । ପାଉଲ ତାହା ପରେ ନିଶ୍ଚୟ ସେଗୁଡ଼ିକର ପ୍ରଯୁଜ୍ୟତା ସମସ୍ତ ମାନବ ଜାତି ପାଇଁ ବାଖ୍ୟା କରିବେ । ୟାୟେହ (ଯିହୋବା ପରମେଶ୍ୱର) ଆପଣାଙ୍କୁ ଅବ୍ରହାମ/ଇସ୍ରାୟେଲ ନିକଟରେ ପ୍ରକାଶ କଲେ, ସମସ୍ତେ ମାନବ ଜାତି ନିକଟରେ ପ୍ରକାଶ କରନ୍ତି, ସମସ୍ତେ ତାହାଙ୍କ ପ୍ରତିମୂର୍ତ୍ତୀ ଅଟନ୍ତି, ସମସ୍ତେ ବିଦ୍ରୋହ କରିଛନ୍ତି ସମସ୍ତେ ଖ୍ରୀଷ୍ଟ (ଯିହୁଦୀ ମଶୀହ)ଙ୍କଠାରେ ବିଶ୍ୱାସ ମାଧ୍ୟମରେ ପରିତ୍ରାଣପ୍ରାପ୍ତ ହୋଇପାରନ୍ତି ।

ଏହି ଶବ୍ଦ ଏପରି ବାଟରେ ବ୍ୟବହାର କରାଯିବା ଉଚିତ ଯେପରି ଏହା ପାପ ପ୍ରତି ଈଶ୍ୱରଙ୍କ ଅତ୍ୟନ୍ତ ଘୃଣାଭାବକୁ ହ୍ରାସ କରି ନ ଦିଏ । ମାତ୍ର ପାପୀମାନଙ୍କ ପାଇଁ ତାହାଙ୍କର ଆସ୍ତିବାଚକ ମୁକ୍ତିର ମନୋଭାବ ଦୃଢ଼ ବା ଶକ୍ତିଶାଳୀ କରେ । ଜେମ୍ସ୍ ଷ୍ଟିୱାର୍ଟଙ୍କ ଲିଖିତ ''ଖ୍ରୀଷ୍ଟଙ୍କଠାରେ ଏକ ମନୁଷ୍ୟ''ରେ

ଏକ ଉତ୍ତମ ଆଲୋଚନା ଏହା ଉପରେ ମିଳିବ ୨୧୪-୨୨୪ ପୃଷ୍ଠାରେ । ଏହା ସାଧନ କରିବାର ଏକ ଉପାୟ ହେଉଛି ଏହି ଶବ୍ଦକୁ ଅନୁବାଦ କରିବା, ତେବେ ଏହା ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ କାର୍ଯ୍ୟ ''ଏକ ସନ୍ତୋଷପ୍ରଦାନକାରୀ ବଳି'' ବା ''ଶାନ୍ତିପ୍ରଦାୟକ ଶକ୍ତି'' ପ୍ରତିଫଳିତ କରେ ।

''ତାହାଙ୍କ ରକ୍ତରେ'' ହେଉଛି ନିର୍ଦ୍ଦୋଷ ଈଶ୍ୱରଙ୍କ ମେଷଶାବକଙ୍କ ପ୍ରତିବଳଦ ବଳିକୁ ବୁଝାଇବାର ଏକ ଏବ୍ରୀୟ ରୀତି (ଯୋହନ ୧:୨୯) । ଲେବୀୟ ୧-୭ର ଚିନ୍ତା ଓ ତାହା ସହିତ ୧୬ ଅଧ୍ୟାୟରେ ଥିବା ପ୍ରାୟଶ୍ଚିତ ଦିନର ବିଷୟକୁ ସଂପୂର୍ଣ୍ଣଭାବେ ବୁଝିବା ବଡ଼ କଷ୍ଟକର । ରକ୍ତ ବୁଝାଏ, ଦୋଷୀର ପକ୍ଷରୁ ବା ପାଇଁ ଏକ ପାପଶୂନ୍ୟ ଜୀବନ ଦାନ (୫:୧୨-୨୧) ।

▣''ବିଶ୍ୱାସ ଦ୍ୱାରା'' ଏଠାରେ ପୁନର୍ବାର ଉପାୟ (୧:୧୭, ୩:୨୨,୨୫,୨୬,୨୭,୨୮,୩୦) ଯୀଶୁଙ୍କର ପ୍ରତିବଳଦ ମୃତ୍ୟୁରେ ପ୍ରତ୍ୟେକ ଜଣର ଏବଂ ପ୍ରତ୍ୟେକଜଣର ବ୍ୟକ୍ତିଗତ ଉପକାର ବା ଲାଭ ମିଳିବ ।

ଏହି ଖଣ୍ଡ ବାକ୍ୟ ୫ମ ଶତାବ୍ଦୀର ପୁରାତନ ୟୁନିସିଆଲ ପାଣ୍ଡୁଲିପି 'କ'ରେ ନ ଥିଲା (ଛାଡ଼ି ହୋଇଯାଇଥିଲା) (ଆହୁରି ମଧ୍ୟ କ୍ରିସୋଷ୍ଟମଙ୍କ ଦ୍ୱାରା ଗ୍ରୀକ୍ ଶାସ୍ତ୍ରାଂଶ ବ୍ୟବହୃତ ହୋଇଥିଲା) ଏବଂ ୧୨ ଶତାବ୍ଦୀ ୟୁନିସିଆଲ ପାଣ୍ଡୁଲିପି (୨୧୨୭) । ଏହା ଅନ୍ୟ ସମସ୍ତ ଗ୍ରୀକ୍ ପାଣ୍ଡୁଲିପିମାନଙ୍କ ମଧ୍ୟରେ ଏହା ଅନ୍ତର୍ଗତ ହୋଇଥିଲା । କେତେକଙ୍କର ନିର୍ଦ୍ଦିଷ୍ଟ ଲେଖାଅଛି (ପାଣ୍ଡୁଲିପି ୪୦ ପୃଷ୍ଠା, ବି ସି ଡି) ବିଶ୍ୱାସ ସହିତ ଏବଂ କେତେକଙ୍କ ପାଇଁ (ଏମ୍‌ଏସ୍‌ଏସ୍ ଏନ୍‌ସିଡିଏଫ୍‌ଜି) ଯାହାବି ହେଉ ଏହା ଅର୍ଥକୁ ପ୍ରଭାବିତ କରେ ନାହିଁ । ୟୁବିଏସ୍ ଏହାକୁ ମୂଲ୍ୟାୟନ କରି ବି ଅନ୍ତର୍ଗତ କରିଛନ୍ତି (ଅଧିକାଂଶ ଠିକ୍) ।

▣**''ତାହାଙ୍କ ଧାର୍ମିକତା ପ୍ରଦର୍ଶନ କରିବାକୁ''** ଈଶ୍ୱର ନିଶ୍ଚିତଭାବେ ତାହାଙ୍କ ଚରିତ୍ର ଓ ତାହାଙ୍କ ବାକ୍ୟ ପ୍ରତି ସତ୍ୟ (ମଲାଖି ୩:୬) । ପୁରାତନ ନିୟମରେ ଯେଉଁ ପ୍ରାଣ ପାପ କରେ, ସେ ମରିବ (ଆଦି ୨:୧୭, ଯିହିଜିକଲ ୧୮:୪,୨୦) । ଈଶ୍ୱର ସେ ଦୋଷୀକୁ ଦୋଷମୁକ୍ତ କରିବେ (ଯାତ୍ରା ୨୩:୭) । ଈଶ୍ୱରଙ୍କ ପ୍ରେମ ସମସ୍ତ ମାନବ ଜାତି ପାଇଁ ଏଡ଼େ ମହାନ୍ ଯେ ସେ ଏକ ମନୁଷ୍ୟରେ ପରିଣତ ହେବାକୁ, ବ୍ୟବସ୍ଥା ସକଳ କରିବାକୁ ଏବଂ ପତିତ ମାନବ ଜାତିର ସ୍ଥାନରେ ମୃତ୍ୟୁଭୋଗ କରିବାକୁ ଇଚ୍ଛୁକ ହେଲେ (୫:୧୨-୨୧) । ଈଶ୍ୱରଙ୍କ ପ୍ରେମ ଓ ନ୍ୟାୟ ଯୀଶୁଙ୍କଠାରେ ଏକତ୍ର ହୁଅନ୍ତି (୨୬ ପଦ) ।

▣

**ଏନ୍‌ଏଏସ୍‌ବି, ଏନ୍‌କେଜେଭି**

| | |
|---|---|
| **ଏନ୍‌ଆର୍‌ଏସ୍‌ଭି** | **''ସେ ପୂର୍ବକୃତ ପାପସବୁ ଉପେକ୍ଷା ବା ଅତିକ୍ରମ କରିଯାଇଛନ୍ତି''** |
| **ଟିଇଭି** | **''ଅତୀତରେସେ ଧୈର୍ଯ୍ୟଶୀଳ ଥିଲେ ଏବଂ ଲୋକମାନଙ୍କ ପାପସବୁ ନ ଦେଖିବା ପରି ଅଛନ୍ତି'' ।** |
| **ଏନ୍‌ଜେବି** | **''କାରଣ ଅତୀତ ପାଇଁ ପାପସବୁ ଦଣ୍ଡ ଦିଆଯାଇ ନ ଥିଲା'' ।** |

''ଉପେକ୍ଷା ବା ଅତିକ୍ରମ କରିଯିବା'' ଶବ୍ଦ ହେଉଛି ପାରେସିସ୍, ଯାହା କେବଳ ନୂତନ ନିୟମର ଏଠାରେ ବ୍ୟବହୃତ ହୋଇଅଛି ସେପ୍ଟୁଆଜିଣ୍ଟରେ କେବେହେଲେ ନାହିଁ । ଗ୍ରୀକ୍ ଫାଦରମାନେ ଓ ଜେରୋମ ଏହାକୁ ତାହାର ଗ୍ରୀକ୍ ଆକ୍ଷରିକ ଭାବରେ ''ଏକୟଶ କ୍ଷମା ପ୍ରଦାନ କରିବା'' ଅର୍ଥରେ ନେଲେ (ମୋଉଲଟନ୍ ଓମିଲିଗାନ୍ ୪୯୩ ପୃଷ୍ଠା) । ଯାହାବି ହେଉ, ''ପାରିଏମି'' କ୍ରିୟାପଦ ଯେଉଁଥିରୁ ଏହା ଆସିଛି, ଏହାର ଅର୍ଥ ''ପାର୍ଶ୍ୱରେ ଏହା ଅତିକ୍ରମ କରିଯିବାକୁ ଦେବା'' ବା ''ଆଶ୍ୱସ୍ତ ହେବା'' (ଲୂକ ୧୧:୪୨) ।

ତେଣୁ ସେ ପ୍ରଶ୍ନ କରିଥିଲେ, ଖ୍ରୀଷ୍ଟଙ୍କ ଭବିଷ୍ୟତ୍ କାର୍ଯ୍ୟ ଆଡ଼େ ଦୃଷ୍ଟିପାତ କରି ଈଶ୍ୱର ଅତୀତ ପାପସବୁ କ୍ଷମା କରିଦେଲେ ? ଅବା ସେ କେବଳ ଏହା ଉପେକ୍ଷା କରିଗଲେ ଖ୍ରୀଷ୍ଟଙ୍କ ଭବିଷ୍ୟତ୍ ମୃତ୍ୟୁ ପାପ ସମସ୍ୟା ସହିତ କାର୍ଯ୍ୟ କରିବ ବୋଲି ? ଫଳାଫଳ ସମାନ ଅଟେ । ମାନବ ପାପ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍‌ର ପାପ, ଖ୍ରୀଷ୍ଟଙ୍କ ବଳିଦାନ ଦ୍ୱାରା ସମ୍ମୁଖୀନ ହେବା ଶେଷ ହୋଇଅଛି ।

ଖ୍ରୀଷ୍ଟଙ୍କ କାର୍ଯ୍ୟ ପ୍ରତି ସମ୍ମୁଖ ଦୃଷ୍ଟି ରଖି ଏହା ଥିଲା ଈଶ୍ୱରଙ୍କ ଅନୁଗ୍ରହର ଅତୀତ କାର୍ଯ୍ୟ । (ପ୍ରେରିତ ୧୭:୩୦, ରୋମୀ ୪:୧୫, ୫:୧୩) ଆହୁରି ମଧ୍ୟ ଏକ ବର୍ତ୍ତମାନ ଓ ଭବିଷ୍ୟତ୍ କାର୍ଯ୍ୟ (୨୬ ପଦ) । ଈଶ୍ୱର ପାପକୁ ହାଲୁକାଭାବେ ନେଇ ନ ଥିଲେ କି ନିଅନ୍ତି ନାହିଁ, ମାତ୍ର ସେ କେବଳ ଯୀଶୁଙ୍କ ବଳିଦାନକୁ ମାନବ ବିଦ୍ରୋହ ପ୍ରତି ଏକ ସଂପୂର୍ଣ୍ଣ ଓ ଶେଷ ପ୍ରତିକାର ରୂପେ ଗ୍ରହଣ କରନ୍ତି । ତାହାଙ୍କସହିତ ଘନିଷ୍ଠ ସହଭାଗିତା ଯାହା ସୃଷ୍ଟିର ଉଦ୍ଦେଶ୍ୟ ଥିଲା । ସେଥିନିମନ୍ତେ ଆଉ ପ୍ରତିବନ୍ଧକ ରହିଲା ନାହିଁ (ଆଦି ୧:୨୬,୨୭)

**୩:୨୬** ''ଧାର୍ମିକତା'' ଶବ୍ଦ ୨୫ ପଦରେ ଶବ୍ଦର ଉତ୍ପତ୍ତି ଅନୁଯାୟୀ ୨୬ ପଦର ''ଧାର୍ମିକ'' ବା ''ଧାର୍ମିକ ଗଣନାକାରୀ'' ଶବ୍ଦ ସହିତ ସମ୍ପୃକ୍ତ । ଈଶ୍ୱର ତାହାଙ୍କ ଚରିତ୍ର ବିଶ୍ୱାସୀମାନଙ୍କ ଜୀବନରେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ପ୍ରକାଶିତ ହେବା ଚାହାନ୍ତି । ଯୀଶୁ ଆମ୍ଭମାନଙ୍କର ଧାର୍ମିକତା ହୁଅନ୍ତି (୨ କରନ୍ଥୀ ୫:୨୧), ମାତ୍ର ବିଶ୍ୱାସୀମାନେ ମଧ୍ୟ ତାହାଙ୍କ ଧାର୍ମିକତା ଓ ତାହାଙ୍କ ସାଦୃଶ୍ୟରେ ଆକୃତିଯୁକ୍ତ ହେବା ଉଚିତ । (୮:୨୯, ମାଥିଉ ୫:୪୮, ଲେବୀ ୧୯:୨) ୧:୧୭ରେ ବିଶେଷ ପ୍ରସଙ୍ଗ ଦେଖ ।

▣

**ଏନ୍‌ଏଏସ୍‌ବି, ଏନ୍‌କେଜେଭି**

| | |
|---|---|
| **ଏନ୍‌ଆର୍‌ଏସ୍‌ଭି** | **''ଯୀଶୁଙ୍କଠାରେ ଯେଉଁ ବ୍ୟକ୍ତିର ବିଶ୍ୱାସ ଅଛି''** |
| **ଟିଇଭି** | **''ପ୍ରତ୍ୟେକ ଜଣ ଯେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ''** |
| **ଏନ୍‌ଜେବି** | **''ପ୍ରତ୍ୟେକ ଜଣ ଯେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ''** |
| **ଆର୍‌ଇବି** | **''ଯେ କେହି ଯୀଶୁଙ୍କଠାରେ ତାହାର ବିଶ୍ୱାସ ରଖେ''** |
| **ଏନ୍‌ଇଟି** | **''ଯେଉଁ ବ୍ୟକ୍ତି ଯୀଶୁଙ୍କ ବିଶ୍ୱସ୍ତତା ହେତୁ ବଞ୍ଚେ''** |

ଗ୍ରୀକ୍ ଶାସ୍ତ୍ରାଂଶରେ ଅଛି ''ଯୀଶୁଙ୍କ ବିଶ୍ୱାସର ବ୍ୟକ୍ତି'' । ବହୁସଂଖ୍ୟକ ଆଦ୍ୟ ବ୍ୟବହାରଗୁଡ଼ିକରେ କଷ୍ଟକର ହୁଏ (ଜିକି କାୟାର୍ଡଙ୍କ ବାଇବଲର ଭାଷା ଓ ରୂପକ ୯୯ ପୃଷ୍ଠା ଦେଖ) ଅଧିକାଂଶ ଇଂରାଜୀ ଅନୁବାଦ ଏହାକୁ ଯୀଶୁଙ୍କଠାରେ ଏକ ବ୍ୟକ୍ତିର ବିଶ୍ୱାସ କରିବା/ବିଶ୍ୱାସ/ଭରସା ରୂପେ ଦେଖନ୍ତି । ମୋଟ୍‌ରେ ବାଇବଲ ଏହାକୁ ୩:୨୨ରେ ବୁଝାଯିବା ପରି ଗ୍ରହଣ କରେ । ଯାହାବି ହେଉ ୨୨ ପଦର ଉଭୟ ଅଛି । ଏହା ବୁଝାଏ :

୧. ଯୀଶୁଙ୍କ ବିଶ୍ୱସ୍ତତା
୨. ବିଶ୍ୱାସୀମାନଙ୍କର ବିଶ୍ୱାସ

ପରିତ୍ରାଣ ହେଉଛି ଯୀଶୁଙ୍କ ବିଶ୍ୱସ୍ତତାର ଫଳ, ଯାହା ଗ୍ରହଣ କରିବା ଉଚିତ (୩୦ ପଦ)

**ଏନ୍‌ଏଏସ୍‌ବି (ଆଧୁନିକରୀକରଣ) ଶାସ୍ତ୍ରାଂଶ ୩:୨୭-୩୦**

ତେବେ ଗର୍ବ କେଉଁଠାରେ ? ତାହା ଦୂରୀକୃତ ହେଲା । କିପ୍ରକାର ବ୍ୟବସ୍ଥା ଦ୍ୱାରା ?କଅଣ କ୍ରିୟାକର୍ମର ବ୍ୟବସ୍ଥା ଦ୍ୱାରା ? ନା ବିଶ୍ୱାସର ବ୍ୟବସ୍ଥା ଦ୍ୱାରା । ତେବେ ଆମ୍ଭମାନଙ୍କର ମିମାଂସା ଏହି, ମନୁଷ୍ୟ ବ୍ୟବସ୍ଥାର କ୍ରିୟାକର୍ମ ବ୍ୟତୀତ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୁଏ । କିମ୍ୱା ଈଶ୍ୱର କି କେବଳ ଯିହୁଦୀମାନଙ୍କର ଈଶ୍ୱର ? ସେ କି ବିଜାତୀୟମାନଙ୍କର ମଧ ଈଶ୍ୱର ନୁହଁନ୍ତି ? ହଁ ବିଜାତିମାନଙ୍କର ମଧ । କାରଣ ଈଶ୍ୱର ତ ଏକ, ଆଉ ସେ ବିଶ୍ୱାସହେତୁ ସୁନ୍ନତିକୁ ଓ ବିଶ୍ୱାସ ଦ୍ୱାର ଅସୁନ୍ନତକୁ ଧାର୍ମିକ ଗଣିବେ ।''

**୩:୨୭ ତେବେ ଗର୍ବ କେଉଁଠାରେ ? ''ଗର୍ବ''** ସହିତ ଲେଖାର ଉପସ୍ଥିତି ଯିହୁଦୀମାନଙ୍କ ଗର୍ବ ପ୍ରତିଫଳିତ କରିପାରେ (୨:୧୭,୨୩) । ସୁସମାଚାର ହେଉଛି ନମ୍ରତାର ହେବା । ପତିତମାନବ ଜାତି (ଯିହୁଦୀ ଓ ବିଜାତୀମାନେ) ଆପଣାମାନଙ୍କୁ ସାହାଯ୍ୟ କରି ନ ପାରନ୍ତି (ଏଫିସୀ ୨:୮-୯) । ବିଶେଷ ପ୍ରସଙ୍ଗ ଦେଖ : ଗର୍ବ କରିବା ୨:୧୭ରେ ।

କେବଳ ଏକ ସଂକ୍ଷିପ୍ତ ଅଧିକ ଟିପ୍ପଣୀ ମୋର ପୂର୍ବ ମନ୍ତବ୍ୟକୁ ସ୍ପଷ୍ଟ ବୁଝାଇବ । ଯଦ୍ୟପି ମାନବ ଈଶ୍ୱରଙ୍କ ପ୍ରେମ ଓ କ୍ଷମା ଅର୍ଜନ କରିପାରେ ନାହିଁ ବା ଏଥିପାଇଁ ଯୋଗ୍ୟତା ସମ୍ପନ୍ନ ନୁହେଁ ଏହା ସୂଚାଏ ନାହିଁ ଯେ, ସେମାନଙ୍କର ନିଜ ପରିତ୍ରାଣରେ ସେମାନଙ୍କର କିଛି ଅଂଶ ନାହିଁ । ମାନବଗଣ ସେମାନଙ୍କର ପାପ/ଦୋଷର ବୋଧ ପାଇବା ଓ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଦାନକୁ ଆଲିଙ୍ଗନ କରିବା ଉଚିତ । ଈଶ୍ୱର ''ନିୟମଚୁକ୍ତି''ର ମାଧମଗୁଡ଼ିକ ଦ୍ୱାରା ପତିତ ମାନବ ଜାତି ସହିତ ବ୍ୟବହାର କରନ୍ତି । ଆମ୍ଭେମାନେ ପ୍ରତ୍ୟୁତ୍ତର ଦେବା ଓ ପ୍ରତ୍ୟୁତ୍ତର ଦେବା ଲାଗି ରହିଥିବା ଉଚିତ ।

୧. ମନପରିବର୍ତ୍ତନ (ଅନୁତାପ)
୨. ବିଶ୍ୱାସ
୩. ଆଜ୍ଞାବହତା (ବାଧ୍ୟତା)
୪. ଅଧ୍ୟବସାୟ

ଆମ୍ଭମାନଙ୍କର ଈଶ୍ୱରଙ୍କ ସହିତ ସମ୍ପର୍କରେ ଏକ କଷ୍ଟକର ଅଂଶ ନିଶ୍ଚୟ ଅଛି । ଆମ୍ଭେମାନେ ପ୍ରତ୍ୟୁତ୍ତରକାରୀ! ମାତ୍ର ଆମ୍ଭେମାନେ ପ୍ରତ୍ୟୁତ୍ତର ଦେବା ଉଚିତ! ସ୍ୱାଧୀନ ଇଚ୍ଛା, ଏକ ବାଇବଲ ମୂଳତତ୍ତ୍ୱ ପରି, ଏପରିକି ସର୍ବଭୌମତା ପରି କଷ୍ଟକର । ବାଇବଲ ଏକ ପୂର୍ବାଞ୍ଚଳର ପୁସ୍ତକ ହୋଇ ସତ୍ୟ ଉପସ୍ଥାପନ କରେ ଚିନ୍ତାପୂର୍ଣ୍ଣ ଯୁଗ୍ମତାରେ ।

**ବିଶେଷ ପ୍ରସଙ୍ଗ : ପୂର୍ବାଞ୍ଚଳ ସାହିତ୍ୟ**

ପ୍ରକାଣ୍ଡ ଛବି - ବାଇବଲ ସମ୍ବନ୍ଧୀୟ ଦ୍ୱନ୍ଦ୍ୱମାନ

୧. ଏକ ଅର୍ନ୍ତଦୃଷ୍ଟି ମୋର ବ୍ୟକ୍ତିଗତଭାବେ ସର୍ବୋତ୍କୃଷ୍ଟ ସାହାଯ୍ୟକାରୀ ହୋଇଆସିଛି ଯେପରି ଜଣେ ଯେ କି ବାଇବଲକୁ ଈଶ୍ୱରଙ୍କ ବାକ୍ୟ ରୂପେ ବିଶ୍ୱାସ କରେ ଓ ଏହାକୁ ପ୍ରେମ କରେ । ବାଇବଲକୁ ଗୁରୁତରଭାବେ ଗ୍ରହଣ କରିବାକୁ ଚେଷ୍ଟା କରି ଏହା ସ୍ପଷ୍ଟରେ ପରିଣତ ହେଲା ଯେ ବିଭିନ୍ନ ଶାସ୍ତ୍ରାଂଶ ମନୋନୀତ ସତ୍ୟତା ପ୍ରକାଶ କରେ ରୀତି ଅନୁଯାୟୀ ନୁହେଁ । ଗୋଟିଏ ଈଶ୍ୱର ନିଶ୍ୱସିତ ଶାସ୍ତ୍ରାଂଶ ଆଉ ଏକ ଈଶ୍ୱର ନିଶ୍ୱସିତ ଶାସ୍ତ୍ରାଂଶକୁ ବାତିଲ କିମ୍ବା ଅସମର୍ଥନ କରିପାରିବ ନାହିଁ । ସତ୍ୟ ସମସ୍ତ ଧର୍ମଶାସ୍ତ୍ର ଜାଣିବାରୁ ଆସେ (ସମସ୍ତ ବା ସମୁଦାୟ ଶାସ୍ତ୍ର ଈଶ୍ୱର ନିଶ୍ୱସିତ କେବଳ କେତୋଟି ଶାସ୍ତ୍ରାଂଶ ନୁହେଁ । (୨ ତୀମଥି ୩:୧୬,୧୭) ଏକ ଏକାକୀ ଅଂଶକୁ ଉଦ୍ଧୃତ କରି (ନିର୍ଭୁଲ ପ୍ରମାଣ-ଶାସ୍ତ୍ର) ହୋଇପାରେ ନାହିଁ ।
୨. ଅଧିକାଂଶ ବାଇବଲ ସତ୍ୟମାନ (ପୂର୍ବୀୟ ସାହିତ୍ୟ) ସ୍ଥାନୀୟ ଭାଷାର ଅକ୍ଷରାନୁସାରେ ଉପସ୍ଥାପିତ କରାଯାଇଛି ବା ଦ୍ୱନ୍ଦ୍ୱମୂଳକ ଯୋଡ଼ିରେ ଦିଆଯାଇଛି (ନୂତନ ନିୟମ ଲେଖକମାନଙ୍କୁ ସ୍ମରଣ କର, ଲୁକଙ୍କ ବ୍ୟତୀତ ସମସ୍ତେ ହିବ୍ରୁ ଚିନ୍ତାଶୀଳ ବ୍ୟକ୍ତି । ସାଧାରଣ ଗ୍ରୀକ୍ ଭାଷାରେ ଲେଖୁଛନ୍ତି । ଜ୍ଞାନପୁସ୍ତକ ବା ସାହିତ୍ୟ ଓ ପଦ୍ୟ ସାହିତ୍ୟ ସତ୍ୟ ଉପସ୍ଥାପନ କରିଛନ୍ତି ସମାନ୍ତରାଳ ଧାଡ଼ିରେ । ପରସ୍ପରର ବିରୋଧୀ ସମାନ୍ତର ବାଦ ଦ୍ୱନ୍ଦ୍ୱମୂଳକ ରୂପେ କାର୍ଯ୍ୟ କରେ । ଏହି କୃତ୍ରିମ ସମାନ୍ତରତା, ସମାନ୍ତର ପରିଚ୍ଛଦ (ବା) ଉଦ୍ଧୃତାଂଶତାର କାର୍ଯ୍ୟ କରେ । ଯେକୌଣସି ପ୍ରକାରେ ଉଭୟ ଏକା ଭାବରେ ସତ୍ୟ! ଏହି ଦ୍ୱନ୍ଦ୍ୱଗୁଡ଼ିକ ଆମ୍ଭମାନଙ୍କର ଆଦରଣୀୟ, ସରଳତାପୂର୍ଣ୍ଣ ପରମ୍ପରାମାନ ପ୍ରତି ବେଦନାଦାୟକ ଅଟେ ।
   କ. ପୂର୍ବ ନିରୂପଣ ଭବିଷ୍ୟତ ବନାମ (ସହିତ) ମାନବର ସ୍ୱାଧିନ ଇଚ୍ଛା
   ଖ. ବିଶ୍ୱାସୀମାନଙ୍କ ନିରାପତ୍ତା ବନାମ (ସହିତ ବା ମଧ୍ୟରେ) ଅଧ୍ୟବସାୟ ପାଇଁ ଆବଶ୍ୟକତା
   ଗ. ମୂଳ ବା ଆଦ୍ୟ ପାପ ବନାମ (ସହିତ ବା ମଧ୍ୟରେ) ଇଚ୍ଛାକୃତ ପାପ
   ଘ. ଯୀଶୁ ଈଶ୍ୱର ରୂପେ ବନାମ (ସହିତ ବା ମଧ୍ୟରେ) ଯୀଶୁ ମନୁଷ୍ୟ ରୂପେ

ଙ. ଯୀଶୁ, ପିତାଙ୍କ ସହିତ ସମାନ ରୂପେ ବନାମ (ସହିତ ବା ମଧ୍ୟରେ) ଯୀଶୁ ପିତାଙ୍କ ଅଧିନସ୍ଥ ରୂପେ
ଚ. ଈଶ୍ୱରଙ୍କ ବାକ୍ୟ ରୂପେ ବାଇବଲ ବନାମ ମାନବ ଲେଖକତ୍ୱ
ଛ. ପାପଶୂନ୍ୟ (ସିଦ୍ଧତା, ରୋମୀ ୬ର) ବନାମ ଅଳ୍ପ ପାପ କରିବା
ଜ. ପ୍ରାରମ୍ଭିକ ତତ୍‌କ୍ଷଣାତ୍ ଧାର୍ମିକ ଗଣନା ଏବଂ ପବିତ୍ରୀକରଣ ବନାମ ବୃଦ୍ଧିଲାଭ କରୁଥିବା ପବିତ୍ରୀକରଣ
ଝ. ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବା (ରୋମୀ ୪) ବନାମ କର୍ମମାନ ଦ୍ୱାରା ଧାର୍ମିକଗଣନାର ଦୃଢ଼ୀକରଣ (ଯାକୁବ ୨:୧୪-୨୬)
ଞ. ଖ୍ରୀଷ୍ଟିୟାନ ସ୍ୱାଧୀନତା (ରୋମୀ ୧୪:୧-୨୩, ୧ କରନ୍ଥୀ ୮:୧-୧୩, ୧୦:୨୩-୩୩) ବନାମ ଖ୍ରୀଷ୍ଟିୟାନ ଦାୟିତ୍ୱ (ଗାଲାତୀ ୫:୧୬-୨୧, ଏଫିସୀ ୪:୧)
ଟ. ଈଶ୍ୱରଙ୍କ ଅସୀମତା ବନାମ ତାହାଙ୍କ ସର୍ବବ୍ୟାପୀ ଅବସ୍ଥା ।
ଠ. ଈଶ୍ୱରଙ୍କୁ ଚୂଡ଼ାନ୍ତଭାବେ ଜାଣିବା ଅସମ୍ଭବ ବନାମ ଧର୍ମଶାସ୍ତ୍ର ଓ ଖ୍ରୀଷ୍ଟଙ୍କଠାରେ ଜାଣିବା ସମ୍ଭବ
ଡ. ପାଉଲଙ୍କର ପରିତ୍ରାଣ ପାଇଁ ଅନେକ ଦୃଷ୍ଟାନ୍ତମାନ
   ୧) ପୋଷ୍ୟ ପୁତ୍ରତ୍ୱ
   ୨) ପବିତ୍ରୀକରଣ
   ୩) ଧାର୍ମିକ ଗଣନା
   ୪) ମୁକ୍ତି
   ୫) ଗୌରବାନ୍ୱୀତ
   ୬) ପୂର୍ବ ନିରୂପିତ ଭବିଷ୍ୟତ୍‌ସ୍ଥିତ
   ୭) ପୁର୍ନମିଳନ
ଢ. ଈଶ୍ୱରଙ୍କ ରାଜ୍ୟ ବର୍ତ୍ତମାନ ଉପସ୍ଥିତି ବନାମ ଭବିଷ୍ୟତ୍‌ର ପୂର୍ଣ୍ଣାଙ୍ଗ ହେବ, ସୁନ୍ଦରଭାବେ ସମାପନ ହେବ ।
ଣ. ମନପରିବର୍ତ୍ତନ, ଈଶ୍ୱରଙ୍କ ଏକ ଦାନ ରୂପେ ବନାମ ମନପରିବର୍ତ୍ତନ, ପରିତ୍ରାଣ ପାଇଁ ଏକ ବାଧ୍ୟତାମୂଳକ ପ୍ରତ୍ୟୁତ୍ତର ରୂପେ (ମାର୍କ ୧:୧୫, ପ୍ରେରିତ ୨୦:୨୧)
ତ. ପୁରାତନ ନିୟମ ସ୍ଥାୟୀ ଅଟେ ବନାମ ପୁରାତନ ନିୟମ ଅତିକ୍ରମ କରିଯାଇଛି ଓ ବାତିଲ ଏବଂ ବ୍ୟର୍ଥ ହୋଇଛି
ଥ. ବିଶ୍ୱାସୀମାନେ ଦାସ/କ୍ରୀତଦାସ ଅବା ସନ୍ତାନ/ଉତ୍ତରାଧିକାରୀ

▣**''ଏହା ଦୂରୀକୃତ ହେଲା''** ଏହି ଶବ୍ଦ (ଏକ (ବାହାରିଗଲା) ମିଶ୍ରଣ ''କ୍ଲେଇଓ'' (ବନ୍ଦ)) ଏଠାରେ କେବଳ ବ୍ୟବହୃତ ହୋଇଛି ଏବଂ ଗାଲାତୀ ୪:୧୭ରେ । ଆକ୍ଷରିକଭାବେ ବୁଝାଏ ''ବାହାରେ ତାଲା ପକାଇ ରଖିବା''

▣**''ଏକ ବିଶ୍ୱାସର ବ୍ୟବସ୍ଥା ଦ୍ୱାରା''** ଈଶ୍ୱରଙ୍କ ନୂତନ ଚୁକ୍ତି (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୮-୩୮) କାର୍ଯ୍ୟସାଧନ ଉପରେ ପ୍ରତିଷ୍ଠିତ ନୁହେଁ, ମାତ୍ର ଭରସା/ବିଶ୍ୱାସ/ବିଶ୍ୱାସ କାର୍ଯ୍ୟ ଉପରେ ନିର୍ଭର କରେ (ପିସ୍ଟିସ୍) ତାହାଙ୍କ ଅନୁଗ୍ରହପୂର୍ଣ୍ଣ ଚରିତ୍ର ଓ ପ୍ରତିଜ୍ଞାମାନରେ ନିର୍ଭର କରେ । ଉଭୟ ପୁରାତନ ଓ ନୂତନ ଚୁକ୍ତିମାନ ପତିତ ମାନବ ଜାତିକୁ ଈଶ୍ୱରଙ୍କ ଚରିତ୍ର ମଧ୍ୟକୁ ପରିବର୍ତ୍ତିତ ହେବାକୁ ଉଦ୍ଦୀଷ୍ଟ (ଧାର୍ମିକ ଯଥା : ଲେବୀ ୧୯:୨, ମାଥିଉ ୫:୪୮, ରୋମୀ ୫:୨୯)

**୩:୨୯ ''ମନୁଷ୍ୟ ବ୍ୟବସ୍ଥାର କ୍ରିୟାକର୍ମ ବ୍ୟତୀତ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହୁଏ''** ଏହା ୩:୨୧-୨୬ର ଏକ ସାରାଂଶ ଏବଂ ୪-୮ ଅଧ୍ୟାୟର ଏକ ପୂର୍ବ ଛାୟା (୨ ତୀମଥି ୧:୯, ତିତସ ୩:୫) । ପରିତ୍ରାଣ ହେଉଛି, ଖ୍ରୀଷ୍ଟଙ୍କ ସମାପ୍ତ ହୋଇଥିବା କାର୍ଯ୍ୟରେ ବିଶ୍ୱାସ ଦ୍ୱାରା ଏକ ବିନାମୂଲ୍ୟର ଦାନ ଅଟେ (୩:୨୪, ୫:୧୫,୧୭, ୬:୨୩, ଏଫିସୀ ୨:୮-୯) । ଯାହାହେଉ, ପରିପକ୍ୱତା ହେଉଛି ଏକ ''ସମସ୍ତ ମୂଲ୍ୟ ଦେବାକୁ ହୁଏ'' ବାଧ୍ୟତା, ସେବା ଓ ଉପାସନାର ଜୀବନ (ଗାଲାତୀ ୫:୬, ଏଫିସୀ ୨:୧୦, ଫିଲିପ୍ପୀ ୨:୧୨ ଏବଂ ୧:୫ରେ ଟିପ୍ପଣୀ ଦେଖ)

**୩:୨୯** ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ସମସ୍ତ ମାନବଗଣଙ୍କୁ ମୁକ୍ତି ପ୍ରଦାନ କରିବା, ଈଶ୍ୱରଙ୍କ ଉଦ୍ଦେଶ୍ୟ ସର୍ବଦା ହୋଇ ଆସିଅଛି (ଆଦି ୧:୨୬,୨୭, ୫:୧, ୯:୬) । ଆଦମଙ୍କ ସନ୍ତାନ ସମସ୍ତଙ୍କୁ ଆଦି ୩:୧୫ର ମୁକ୍ତି ବିଷୟକ ପ୍ରତିଜ୍ଞା ଅଛି । ସେ ଅବ୍ରହାମଙ୍କୁ ମନୋନୀତ କଲେ ଯେପରି ଜଗତକୁ ମନୋନୀତ କରାଯିବ (ଆଦି ୧୨:୩୧, ଯାତ୍ରା ୧୯:୪-୬, ଯୋହନ ୩:୧୬)

ଏହି ପଦ ୩:୯ ପରି ବିଶ୍ୱାସୀ ଯିହୁଦୀ ନେତୃତ୍ୱ ମଧ୍ୟରେ ରୋମୀୟ ମଣ୍ଡଳୀରେ ମାନସିକ ଉଦ୍‌ବେଗ ପ୍ରତିଫଳିତ ହୋଇପାରିଥାଏ, ଯେଉଁମାନେ ଯିହୁଦୀ ଉପାସନା ବାରଣ କରିବା ବିଷୟର ନିରୋଙ୍କ ଆଦେଶ ଘୋଷଣାନୁସାରେ ରୋମ ପରିତ୍ୟାଗ କରିଥାଇପାରନ୍ତି । ଯାହା ବିଶ୍ୱାସୀ ବିଜାତିମାନଙ୍କୁ ସେମାନଙ୍କ ସ୍ଥାନରେ ନେତୃତ୍ୱ ନେବା ଫଳ ପ୍ରଦାନ କଲା । ୯-୧୧ ଅଧ୍ୟାୟ ଏହି ସମାନ ମାନସିକ ଉଦ୍‌ବେଗ ବିଷୟ ମଧ୍ୟ କହିଥାଇପାରେ ।

୩:୩୦

| | |
|---|---|
| ଏନ୍‌ଏଏସ୍‌ବି | ''ଯେହେତୁ ଅବଶ୍ୟ ଈଶ୍ୱର ଏକ ଅଟନ୍ତି'' |
| ଏନ୍‌କେଜେଭି | ''ଯେହେତୁ ଏକ ଈଶ୍ୱର ଏକ ଅଛନ୍ତି'' |
| ଏନ୍‌ଆର୍‌ଏସ୍‌ଭି | ''ଯେହେତୁ ଈଶ୍ୱର ଏକ ଅଟନ୍ତି'' |
| ଟିଭିଭି | ''ଈଶ୍ୱର ଏକ ଅଟନ୍ତି'' |
| ଏନ୍‌ଜେବି | ''ଯେହେତୁ କେବଳ ଏକମାତ୍ର ଈଶ୍ୱର ଅଛନ୍ତି'' |

ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଅଟେ, ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ହେତୁ ସତ୍ୟ ବୋଲି ସାବ୍ୟସ୍ତ କରାଯାଇଛି । ଯଦି ଏକେଶ୍ୱରବାଦ ସତ୍ୟ, ତେବେ ସମସ୍ତ ଲୋକମାନଙ୍କର ଈଶ୍ୱର ହେବା ଉଚିତ ।

**ବିଶେଷ ପ୍ରସଙ୍ଗ : ଏକେଶ୍ୱରବାଦ**

''ଏକେଶ୍ୱରବାଦ''ର ଚିନ୍ତାଧାରା (ଏକ ଏବଂ ଏକମାତ୍ର ଈଶ୍ୱର), ବହୁଈଶ୍ୱରବାଦର ଉଚ୍ଚ ଈଶ୍ୱର କେବଳ ନୁହଁନ୍ତି କିଅବା ଇରାନୀୟ ଦୈତବାଦ (ଯୋରଆସ୍ଥ୍ରିଆନିସିମ୍)ର ଉତ୍ତମ ଈଶ୍ୱର ନୁହଁନ୍ତି, ଇସ୍ରାୟେ ପ୍ରତି ଅନନ୍ୟ (ଅବ୍ରହାମ ୨୦୦୦ ଖ୍ରୀ:ପୂ:) । କେବଳ ଜଣେ ମିଶରରେ ସଂକ୍ଷିପ୍ତ ସମୟ ପାଇଁ କ୍ୱଚିତ୍ ଅତୁଳନୀୟ ବ୍ୟକ୍ତି (ଆମେନ ହୋଟେପଃ) ମଧ ଆଖେନାଟେନ ରୂପେ ପରିଚିତ, ୧୩୬୭-୧୩୫୦ ବା ୧୩୮୬-୧୩୬୧ ଖ୍ରୀ:ପୂ:) ଏହି ଚିନ୍ତାଧାରା ପୁରାତନ ନିୟମରେ ବିଭିନ୍ନ ଖଣ୍ଡବାକ୍ୟରେ ପ୍ରକାଶ କରାଯାଇଅଛି

୧. ''ୟାୟେହ (ଯିହୋବା ପରମେଶ୍ୱର)ଙ୍କ ପରି କେହି ନାହାନ୍ତି ଆମର ଏଲୋହିମ'' ଯାତ୍ରା ୮:୧୦, ୯:୧୪, ୨ୟ ବିବରଣୀ ୩୩:୨୬, ୧ ରାଜାବଳୀ ୮:୨୩
୨. ''ତାହାଙ୍କ ବ୍ୟତୀତ ଅନ୍ୟ କେହି ନାହିଁ'', ଦ୍ୱିତୀୟ ବିବରଣୀ ୪:୩୫,୩୯, ୩୨:୩୯, ୧ ଶାମୁ ୨:୨, ୨ ଶାମୁ ୨୨:୩୨, ଯିଶା ୪୫:୨୧, ୪୪:୬,୮, ୪୫:୬,୨୧
୩. ''ୟାୟେହ ସଦାପ୍ରଭୁ ଜଣେ ଏକମାତ୍ର ସଦାପ୍ରଭୁ ଅଟନ୍ତି'' ଦ୍ୱିତୀୟ ବିବରଣୀ ୬:୪, ରୋମୀ ୩:୩୦, ୧ କରନ୍ଥୀ ୮:୪,୬, ୧ ତୀମଥି ୨:୫, ଯାକୁବ ୨:୧୯
୪. ''ତୁମ୍ଭ ଛଡ଼ା ଆଉ ପରମେଶ୍ୱର କେହି ନାହିଁ'' ୨ ଶାମୁ ୭:୨୨, ଯିରିମିୟ ୧୦:୬
୫. ''ତୁମ୍ଭେ ଏକମାତ୍ର ଈଶ୍ୱର ଅଟ'' ଗୀତ ୮୬:୧୦, ଯିଶା ୩୭:୧୬
୬. ଆମ୍ଭ ପୂର୍ବରେ କୌଣସି ଈଶ୍ୱର ନିର୍ମିତ ନୋହିଲା ଯିଶା ୪୩:୧୦
୭. ଆମ୍ଭ ଛଡ଼ା ଆଉ କେହି ନାହିଁ... ଅନ୍ୟ କେହି ନାହାନ୍ତି ଯିଶା ୪୫,୫,୬,୨୨
୮. ତାହାଙ୍କ ବିନା ଆଉ କେହି ନାହିଁ, ଆଉ କେହି ପରମେଶ୍ୱର ନାହାନ୍ତି ଯିଶା ୪୫:୧୪,୧୮
୯. ଆମ୍ଭ ଛଡ଼ା ଅନ୍ୟ ପରମେଶ୍ୱର ନାହିଁ ଯିଶା ୪୫:୨୧
୧୦. ଆମ୍ଭେ ହିଁ ପରମେଶ୍ୱର, ଆମ୍ଭ ତୁଲ୍ୟ କେହି ନାହିଁ ଯିଶା ୪୬:୯

ଏହା ସ୍ୱୀକାର କରାଯିବା ଉଚିତ ଯେ, ଏହି କଷ୍ଟକର ମୂଳତତ୍ତ୍ୱ କ୍ରମିକ ଅଗ୍ରସର ହେବା ପଥମାନଙ୍କରେ ପ୍ରକାଶିତ ହୋଇ ଆସିଛନ୍ତି । ପୁରାତନ ମନ୍ତବ୍ୟମାନ ''ଜଣକର ଅନୁଗାମୀ'' ରୂପେ ଅବା ଏକେଶ୍ୱରବାଦ ରୂପେ ବୁଝାଯାଇପାରିବ (ଅନ୍ୟ ଦେବଗଣ ଅଛନ୍ତି, ମାତ୍ର ଏକମାତ୍ର ଈଶ୍ୱର ଆମ୍ଭମାନଙ୍କ ପାଇଁ ଅଛନ୍ତି) ଯାତ୍ରା ୧୫:୧୧, ୨୦:୨-୫, ଦ୍ୱିତୀୟ ବିବରଣ ୩:୨୮, ୫:୭, ୬:୪,୧୪, ୧୦:୧୭, ୩୨:୧୨, ୧ ରାଜାବଳୀ ୮:୨୩, ଗୀତ ୮୩:୧୮, ୮୬:୮, ୧୩୬:୧-୨)

ପ୍ରଥମ ଶାସ୍ତ୍ରାଂଶଗୁଡ଼ିକ ଏକ ଏକବଚନକୁ ସୂଚାଇବାକୁ ଆରମ୍ଭ କରେ (ଦାର୍ଶନିକ ଏକେଶ୍ୱରବାଦ) ହେଉଛି ପୁରାତନ (ଯାତ୍ରା ୮:୧୦, ୯:୧୪, ଦ୍ୱିତୀୟ ବିବରଣ ୪:୩୫,୩୯, ୩୩:୨୬) । ପରିପୂର୍ଣ୍ଣ ଓ ସଂପୂର୍ଣ୍ଣ ଦାବୀମାନ ମିଳିଥାଏ ଯିଶା ୪୩-୪୬ ଅଧାୟରେ (୪୩:୧୧,୪୪:୬,୮, ୪୫:୭,୧୪,୧୮,୨୨, ୪୬:୫,୯)

ନୂତନ ନିୟମ ପରୋକ୍ଷଭାବେ ଉଲ୍ଲେଖ କରେ ଦ୍ୱିତୀୟ ବିବରଣ ୬:୪କୁ ରୋମୀ ୩:୩୦, ୧ କରନ୍ଥୀ ୮:୪,୬, ଏଫିସୀ ୪:୬, ୧ ତୀମଥି ୨:୫ ଏବଂ ଯାକୁବ ୨:୧୯ରେ । ଯୀଶୁ ଏହି ପ୍ରଥମ ଆଜ୍ଞା ରୂପେ ଉଦ୍ଧୃତ କରନ୍ତି ମାଥିଉ ୨୨:୩୬-୩୭, ମାର୍କ ୧୨:୨୯-୩୦, ଲୂକ ୧୦:୨୭ରେ । ପୁରାତନ ନିୟମ ସେହିପରି ନୂତନ ନିୟମ ମଧ ସାବ୍ୟସ୍ତ କରେ ଅନ୍ୟାନ୍ୟ ଆତ୍ମିକ ବ୍ୟକ୍ତିଦ୍ୱର ବାସ୍ତବତାକୁ (ଭୂତଗଣ, ଦୂତଗଣ), ମାତ୍ର ଜଣେ କେବଳ ସୃଷ୍ଟିକର୍ତ୍ତା/ତ୍ରାଣକର୍ତ୍ତା (ମୁକ୍ତିଦାତା) ଈଶ୍ୱର (ୟାୟେହ-ସଦାପ୍ରଭୁ ଆଦି ୧:୧) ।

ବାଇବଲ ସମ୍ମତ ଏକେଶ୍ୱରବାଦ ଏହି ଚାରିତ୍ରିକଗୁଣ ବିଶିଷ୍ଟ :

୧. ଈଶ୍ୱର ଏକ ଏବଂ ଅନନ୍ୟ (ଜୀବସତ୍ତା ବିଦ୍ୟା ପରିକଳ୍ପିତ ହେଲା, ନିର୍ଦ୍ଦିଷ୍ଟଭାବେ କୁହାଗଲା ନାହିଁ)
୨. ଈଶ୍ୱର ବ୍ୟକ୍ତିଗତ ଅଟନ୍ତି (ଆଦି ୧:୨୬-୨୭, ୩:୮)
୩. ଈଶ୍ୱର ନୈତିକ ଅଟନ୍ତି (ଯାତ୍ରା ୩୪:୬, ନିହିମିୟା ୯:୧୭, ଗୀତ ୧୩:୮-୧୦)
୪. ଈଶ୍ୱର ମାନବଗଣଙ୍କୁ ତାହାଙ୍କ ପ୍ରତିମୂର୍ତ୍ତୀରେ ନିର୍ମାଣ କଲେ (ଆଦି ୧:୨୬,୨୭, ସହଭାଗିତା ପାଇଁ (ଯଥା: # ୨) ସେ ଉଦ୍‌ଯୋଗୀ ଈଶ୍ୱର ଅଟନ୍ତି ଯାତ୍ରା ୨୦:୨-୩

ନୂତନ ନିୟମରୁ

୧. ଈଶ୍ୱରଙ୍କର ତିନୋଟି ଅନନ୍ତକାଳୀନ, ବ୍ୟକ୍ତିଗତ ପରିପ୍ରକାଶମାନ ଅଛି (ବିଶେଷ ପ୍ରସଙ୍ଗ ଦେଖ : ୮:୧୧ରେ ତ୍ରିବିଧ ଈଶ୍ୱର)
୨. ଈଶ୍ୱର ଯୀଶୁଙ୍କଠାରେ ସିଦ୍ଧ ଭାବରେ ଓ ସଂପୂର୍ଣ୍ଣଭାବେ ପ୍ରକାଶିତ ହେଲେ (ଯୋହନ ୧:୧-୧୪, କଲସୀ ୧:୧୫-୧୯,ଏବ୍ରୀ ୧:୨-୩)
୩. ପତିତ ମାନବଜାତିର ମୁକ୍ତି ପାଇଁ ଈଶ୍ୱରଙ୍କ ଅନନ୍ତକାଳୀନ ଯୋଜନା ହେଉଛି ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ସ୍ୱାର୍ଥ ତ୍ୟାଗର ଦାନ (ଯିଶା ୫୩, ମାର୍କ ୧୦:୪୫, ୨ କରନ୍ଥୀ ୫:୨୧, ଫିଲିପ୍ପୀ ୨:୬-୧୧ ଓ ଏବ୍ରୀ ପୁସ୍ତକ)

▣''ସେ ବିଶ୍ୱାସ ହେତୁ ସୁନ୍ନତକୁ...ଧାର୍ମିକ ଗଣିବେ'' ଗ୍ରୀକ୍ ଶବ୍ଦ ଧାର୍ମିକ ଗଣିବା ସେହି ସମାନ ଉତ୍ପତ୍ତିସ୍ଥଳରୁ ''ଧାର୍ମିକତା'' ପରି ଆସିଅଛି । ବିଶେଷ ପ୍ରସଙ୍ଗ ୧:୧୭ରେ ଦେଖ । ଈଶ୍ୱରଙ୍କ ସହିତ ଉପଯୁକ୍ତ ସମ୍ପର୍କକୁ ଆସିବାକୁ କେବଳ ଏକମାତ୍ର ପଥ ଅଛି (ରୋମୀ ୯:୩୦-୩୨) । ପରିତ୍ରାଣ ପାଇଁ ଦୁଇଟି ନିର୍ଣ୍ଣାୟକ ନୀତି ହେଉଛି ବିଶ୍ୱାସ ଓ ମନପରିବର୍ତ୍ତନ (ମାର୍କ ୧:୧୫, ପ୍ରେରିତ ୩:୧୬,୧୯, ୨୦:୨୧ ଏବଂ ୧:୫ରେ ଟିପ୍ପଣୀ ଦେଖ) । ଏହା ଯିହୁଦୀ ଓ ଗ୍ରୀକ୍ ଉଭୟଙ୍କ ନିମନ୍ତେ ସତ୍ୟ ।

▣''ବିଶ୍ୱାସ ଦ୍ୱାରା...ବିଶ୍ୱାସ ମାଧ୍ୟମରେ (ହେତୁ)'' ଏହି ଦୁଇ ବାକ୍ୟାଂଶ ମଧ୍ୟରେ ସମାନ୍ତରତା ସ୍ପଷ୍ଟ ହେଉଅଛି । ଅବ୍ୟୟପଦଗୁଡ଼ିକ ''ଏକ୍'' ଓ ''ଡାଇଆ'' ସମାନ୍ତରଭାବେ ଏଠାରେ ବ୍ୟବହୃତ ହୋଇଅଛି । କୌଣସି ଭିନ୍ନତା ଉଦ୍ଦୀଷ୍ଟ ନୁହେଁ ।

**ଏନ୍ଏଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୩:୩୧**

ତେବେ ଆମ୍ଭେମାନେ କି ବିଶ୍ୱାସ ଦ୍ୱାରା ବ୍ୟବସ୍ଥାକୁ ଲୋପ କରୁଅଛୁ ? ତାହା କେବେହେଁ ନ ହେଉ, ବରଂ ଆମ୍ଭେମାନେ ବ୍ୟବସ୍ଥାକୁ ସଂସ୍ଥାପନ କରୁଅଛୁ ।

**୩:୩୧**

| | |
|---|---|
| **ଏନ୍ଏଏସ୍ବି** | **''ତେବେ ଆମ୍ଭେମାନେ କି ବିଶ୍ୱାସ ଦ୍ୱାରା ବ୍ୟବସ୍ଥାକୁ ଲୋପ କରୁଅଛୁ''** |
| **ଏନ୍କେଜେଭି** | **''ତେବେ ଆମ୍ଭେମାନେ କି ବିଶ୍ୱାସ ଦ୍ୱାରା ବ୍ୟବସ୍ଥାକୁ ବ୍ୟର୍ଥ କରୁଅଛୁ''** |
| **ଏନ୍ଆର୍ଏସ୍ଭି** | **''ତେବେ ଆମ୍ଭେମାନେ କି ଏହି ବିଶ୍ୱାସ ଦ୍ୱାରା ବ୍ୟବସ୍ଥାକୁ ଫିଙ୍ଗି ଦେଉଅଛୁ'' ବା ''ବଳପୂର୍ବକ ବାହାର କରି ଦେଉଛୁ''** |
| **ଟିଇଭି** | **''ଏହା ବୁଝାଏ କି, ଏହି ବିଶ୍ୱାସ ଦ୍ୱାରା ଆମ୍ଭେମାନେ ବ୍ୟବସ୍ଥାକୁ ସଂପୂର୍ଣ୍ଣ ଦୂର କରି ଦେଉଛୁ''** |
| **ଏନ୍ଜେବି** | **''ଆମ୍ଭେମାନେ ବୁଝୁ କି, ବିଶ୍ୱାସ, ବ୍ୟବସ୍ଥାକୁ ମୂଲ୍ୟହୀନରେ ପରିଣତ କରେ''** |

ନୂତନ ନିୟମ ଦୁଇଟି ବିଭିନ୍ନ ପଥରେ ପୁରାତନ ନିୟମକୁ ଉପସ୍ଥାପିତ କରେ

୧. ଏହା ଈଶ୍ୱର ନିଶ୍ୱସିତ ଅଟେ, ଈଶ୍ୱର-ପ୍ରଦତ୍ତ ପ୍ରକାଶିତ ବିଷୟ ଯାହା ଚାଲିଯାଇ ବା ମୃତ ହୋଇ ନ ପାରେ (ମାଥିଉ ୫:୧୭-୧୯, ରୋମୀ ୭:୧୨,୧୪,୧୬)
୨. ଏହା ନଷ୍ଟ ହୋଇଯାଇଛି ଏବଂ ମୃତ ହୋଇସାରିଛି (ଏବ୍ରୀ ୮:୧୩)

ପାଉଲ 'ଲୋପ' ବା 'ନିଷ୍ଫଳ' ଶବ୍ଦ ଅନ୍ତତଃ ପଚିଶିଥର ବ୍ୟବହାର କରିଛନ୍ତି । ଏହା ଅନୁବାଦ କରାଯାଇଛି ''ବିଫଳ'' ବା ''ଶୂନ୍ୟ'' ବୋଲି, ''ଶକ୍ତିହୀନ'' ବୋଲି ଏବଂ ''କୌଣସି ପ୍ରଭାବ ନ ପକାଇବା'' ଅନୁବାଦ କରେ । ୩:୩ରେ ବିଶେଷ ପ୍ରସଙ୍ଗ ଦେଖ । ପାଉଲଙ୍କ ପାଇଁ ବ୍ୟବସ୍ଥା ଏକ କାରାରକ୍ଷକ (ଗାଲାତୀ ୩:୨୩) ଏବଂ ଶିକ୍ଷକ (ଗାଲାତୀ ୩:୨୪) ମାତ୍ର ଅନନ୍ତ ଜୀବନ ଦେଇପାରିଲା ନାହିଁ (ଗାଲାତୀ ୨:୧୬,୧୯, ୩:୧୯) । ଏହା ମନୁଷ୍ୟର ଦଣ୍ଡଯୋଗ୍ୟ, ଦୋଷୀକୃତ ହେବାର ଭୂମି (ଗାଲା ୩:୧୩, କଲ ୨:୨୪) । ମୋଶାଙ୍କ ବ୍ୟବସ୍ଥା, ପ୍ରକାଶିତ ବିଷୟ ରୂପେ ଏବଂ ଏକ ନୈତିକ ପରୀକ୍ଷା, ''ସତ୍ଅସତ୍ ଜ୍ଞାନଦାୟକ ବୃକ୍ଷ'' କରିବା ପରି ଉଭୟ କାର୍ଯ୍ୟ କରେ ।

''ବ୍ୟବସ୍ଥା'' ଦ୍ୱାରା ପାଉଲ କ'ଣ ବୁଝିଲେ ତାହା ଅନିର୍ଦ୍ଦିଷ୍ଟ

୧. ଯିହୁଦୀ ଧର୍ମର ଧାର୍ମିକ କାର୍ଯ୍ୟର ଏକ ରୀତି
୨. ବିଜାତୀ ବିଶ୍ୱାସୀମାନଙ୍କ ପାଇଁ ଖ୍ରୀଷ୍ଟଙ୍କଠାରେ ପରିତ୍ରାଣ ମଧ୍ୟକୁ ଗତି କରିବାର ଏକ ରଙ୍ଗମଞ୍ଚ (ଗାଲାତୀୟରେ ଯିହୁଦୀ ପ୍ରାଚୀନମାନେ)
୩. ଏକ ସ୍ତର ଯାହାଦ୍ୱାରା ସମସ୍ତ ମାନବଗଣ ଊଣା ପଡ଼ନ୍ତି (ରୋମୀ ୧:୧୮-୩:୨୦, ୭:୭-୨୫, ଗାଲା ୩:୧-୨୯)

▣**''ଆମ୍ଭେମାନେ ବ୍ୟବସ୍ଥାକୁ ସଂସ୍ଥାପନ କରୁଅଛୁ''** ପୂର୍ବ ଖଣ୍ଡବାକ୍ୟର ଆଲୋକରେ, ଏହି ଅଂଶଟି କ'ଣ ବୁଝାଏ ? ଏହା ସୂଚନା ଦିଏ ଯେ,

୧. ବ୍ୟବସ୍ଥା ପରିତ୍ରାଣର ଏକ ପଥ ନ ଥିଲା, ମାତ୍ର ଏହା ଏକ ରହି ଆସିଥିବା ନୈତିକ ପଥ ପ୍ରଦର୍ଶକ ଥିଲା ।
୨. ଏହା ବିଶ୍ୱାସ ଦ୍ୱାରା ''ଧାର୍ମିକ ଗଣନା''ର ମୂଳତତ୍ତ୍ୱକୁ ପରୀକ୍ଷାସିଦ୍ଧ କଲା । ୩:୨୧, ୪:୩ (ଆଦି ୧୫:୬, ଗୀତ ୩୨:୧-୨, ୧୦-୧୧)
୩. ବ୍ୟବସ୍ଥାର ଦୁର୍ବଳତା (ମାନବ ବିଦ୍ରୋହ, ରୋମୀ ୭, ଗାଲା ୩) ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ସଂପୂର୍ଣ୍ଣ ସନ୍ତୁଷ୍ଟ ହେଲା ।
୪. ପ୍ରକାଶିତ ବାକ୍ୟର ଉଦ୍ଦେଶ୍ୟ ହେଉଛି, ମନୁଷ୍ୟାରେ ଈଶ୍ୱରଙ୍କ ମୂର୍ତ୍ତୀକୁ ପୁନରୁଦ୍ଧାର କରିବା ।

ବ୍ୟବସ୍ଥା, ଆଇନଗତ ଧାର୍ମିକତା ପରେ, ପ୍ରକୃତ ଧାର୍ମିକତା ବା ଖ୍ରୀଷ୍ଟଙ୍କ ସାଦୃଶ୍ୟତା ପାଇଁ ଏକ ପଥପ୍ରଦର୍ଶକ (ଚାଳକ)ରେ ପରିଣତ ହେଲା । ବିଶେଷ ପ୍ରସଙ୍ଗ ଦେଖ : ୧୩:୯ରେ ମୋଶାଙ୍କ ବ୍ୟବସ୍ଥା ବିଷୟରେ ପାଉଲଙ୍କ ଭାବଧାରା ।

ସ୍ତମ୍ଭୀଭୂତ ହେବା ଦ୍ୱନ୍ଦ୍ୱ ହେଉଛି, ବ୍ୟବସ୍ଥା ଈଶ୍ୱରଙ୍କ ଧାର୍ମିକତା ସଂସ୍ଥାପନ କରିବାକୁ ବିଫଳ ହେଲା, ମାତ୍ର ଏହାର ନିଷ୍ଫଳତା ମାଧ୍ୟମରେ, ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ଦାନର ମାଧ୍ୟମ ହେତୁ ଖ୍ରୀଷ୍ଟିୟାନ ଏକ ଧାର୍ମିକ ଓ ଈଶ୍ୱରପରାୟଣ ଜୀବନଯାପନ କରେ । ବ୍ୟବସ୍ଥାର ଲକ୍ଷ୍ୟ ହାସଲ ହୋଇ ଆସିଅଛି, ମାନବ ଧର୍ମକର୍ମସାଧନ ହେତୁ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଅନୁଗ୍ରହର ବିନାମୂଲ୍ୟର ଦାନ ଦ୍ୱାରା! ''ସଂସ୍ଥାପନ'' ଶବ୍ଦ ପାଇଁ ବିଶେଷ ପ୍ରସଙ୍ଗ ଦେଖ : ୫:୨ରେ ଦୃଢ଼ ରୂପେ ଠିଆ ହୁଅ ।

**ଆଲୋଚନା ପ୍ରଶ୍ନମାନ :**

ଏହା ଏକ ଅଧ୍ୟୟନ ପଥ ପ୍ରଦର୍ଶକ କମେଣ୍ଟେରୀ (ବ୍ୟାଖ୍ୟା ପୁସ୍ତକ), ଯାହା ବୁଝାଏ ଯେ, ଆପଣ ନିଜେ ବାଇବଲର ନିଜ ଅନୁବାଦ ପାଇ ଦାୟୀ ଅଟନ୍ତି । ଆମେ ପାଇଥିବା ଆଲୋକରେ ଆମ୍ଭମାନଙ୍କର ଚାଲିବା ଉଚିତ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ଏହି ବାଇବଲ ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଆପଣ ଏହାର ଦାୟିତ୍ୱ ଜଣେ ବାଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ ଏହି ପୁସ୍ତକର ଏହି ପର୍ଯ୍ୟାୟର ମୁଖ୍ୟ ବିଷୟଗୁଡ଼ିକ ମାଧ୍ୟମରେ ଆପଣଙ୍କୁ ଚିନ୍ତା କରିବା ନିମନ୍ତେ ସାହାଯ୍ୟ କରିବାକୁ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକ କରିବା ନିମନ୍ତେ ଉଦ୍ଦିଷ୍ଟ । ଏସବୁ ନିର୍ଦ୍ଦିଷ୍ଟ ପ୍ରଶ୍ନମାନ ନୁହେଁ ।

୧. ନିଜ ଭାଷାରେ ରୋମୀ ୩:୨୧-୩୧ ଲେଖନ୍ତୁ
୨. ଅତୀତ ସମୟରେ ଈଶ୍ୱର କାହିଁକି ମନୁଷ୍ୟର ପାପସବୁ ଉପେକ୍ଷା କରିଗଲେ ? (୨୫ ପଦ)
୩. ପୁରାତନ ନିୟମର ବିଶ୍ୱାସୀମାନେ କିପରି ପାପରୁ ପରିତ୍ରାଣ ପାଉଥିଲା ? (୩:୨୫)
୪. ଯୀଶୁଙ୍କଠାରେ ବିଶ୍ୱାସ କିପରି ବ୍ୟବସ୍ଥାକୁ ଦୃଢ଼ୀକୃତ କଲା (୩:୩୧) ?

# ରୋମୀୟ ୪

| ଆଧୁନିକ ଅନୁବାଦସମୂହର ପାରାଗ୍ରାଫ ଭାଗ ବିଭାଗମାନ | | | | |
|---|---|---|---|---|
| ୟୁବିଏସ୍ | ଏନ୍‌କେଜେଭି | ଏନ୍‌ଆରଏସ୍‌ଭି | ଟିଇଭି | ଏନ୍‌ଜେବି |
| ଅବ୍ରାହାମଙ୍କ ଆଦର୍ଶ | ଅବ୍ରହାମ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେଲେ | ଅବ୍ରହାମ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେଲେ | ଅବ୍ରହାମଙ୍କ ଆଦର୍ଶ | ଅବ୍ରହାମ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେଲେ |
| ୪:୧–୧୨ | ୪:୧–୪ | ୪:୧–୮ | ୪:୧–୮ | ୪:୧–୮ |
| | ଦାଉଦ ସମାନ ସତ୍ୟକୁ ସମ୍ମାନ ଦେଲେ | | | ସୁନ୍ନତ ପୂର୍ବେ ଧାର୍ମିକ ଗଣିତ ହେଲେ |
| | ୪:୫–୮ | | | |
| | ଅବ୍ରହାମ ସୁନ୍ନତପୂର୍ବେ ଧାର୍ମିକ ଗଣିତ ହେଲେ | | | |
| | ୪:୯–୧୨ | ୪:୯–୧୨ | ୪:୯–୧୨ | ୪:୯–୧୨ |
| ବିଶ୍ୱାସ ଦ୍ୱାରା ପ୍ରତିଜ୍ଞା ଉପଲବ୍ଧ ହେଲା | ବିଶ୍ୱାସ ଦ୍ୱାରା ପ୍ରତିଜ୍ଞା ମଞ୍ଜୁର ହେଲା | ଅବ୍ରହାଙ୍କ ପ୍ରକୃତି ବଂଶଧର | ଈଶ୍ୱରଙ୍କ ପ୍ରତିଜ୍ଞା ଗୃହୀନ ହେଲା | ବ୍ୟବସ୍ଥା ପାଳନ ଦ୍ୱାରା ଧାର୍ମିକ ଗଣିତ ହେଲେ ନାହିଁ |
| ୪:୧୩–୨୫ | ୪:୧୩–୨୫ | ୪:୧୩–୨୫ | ୪:୧୩–୨୫ | ୪:୧୩–୨୫ |
| | | ୪:୧୬–୨୫ | ୪:୧୬–୨୫ | ଅବ୍ରହାମଙ୍କ ବିଶ୍ୱାସ ଖ୍ରୀଷ୍ଟିୟାନ ବିଶ୍ୱାସର ଏକ ଆଦର୍ଶ |
| | | | | ୪:୧୮–୨୫ |

## ତିନି ଚକ୍ର ପାଠ କରୁଅଛୁ (ପୃଷ୍ଠା ୮)

*ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟରେ ଅନୁଗାମୀ ହେବା*

ଏହା ଏକ ଅଧ୍ୟୟନ ପଥ ପ୍ରଦର୍ଶକ କମେଣ୍ଟାରୀ (ବାଖ୍ୟା ପୁସ୍ତକ), ଯାହା ବୁଝାଏ ଯେ ଆପଣ ବାଇବଲର ନିଜ ଅନୁବାଦ ପାଇଁ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କୁ ଦତ୍ତ ଆଲୋଚନାରେ ଗମନ କରିବା ଉଚିତ । ଆପଣ, ବାଇବଲ ଓ ପବିତ୍ରଆତ୍ମା ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଏହାର ଦାୟିତ୍ୱ ଜଣେ ବାଖ୍ୟାକାରୀ ଉପରେ ଛାଡ଼ି ଦେବା ଆପଣଙ୍କ ପକ୍ଷେ ଉଚିତ ନୁହେଁ ।

ଥରେ ବସି ଅଧ୍ୟାୟଟି ପଢ଼ି ନିଅନ୍ତୁ । ପ୍ରସଙ୍ଗ ସମୂହ ଚିହ୍ନ ରଖନ୍ତୁ । ଆପଣଙ୍କ ପ୍ରସଙ୍ଗର ଭାଗ ବିଭାଗ ଉର୍ଦ୍ଧ୍ୱରେ ଲିଖିତ ପାଞ୍ଚଟି ଅନୁବାଦର ଭାଗ ବିଭାଗ ସହିତ ତୁଳନା କରି ନିଅନ୍ତୁ । ପାରାଗ୍ରାଫ୍ ବିଭାଗ କରିବା ଈଶ୍ୱର ନିଶ୍ୱସିତ ନୁହେଁ । ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟରେ ଅନୁଗାମୀ ହେବା ନିମନ୍ତେ କଞ୍ଚି ଅଟେ । ଯାହାକି ଅନୁବାଦର କେନ୍ଦ୍ର ବା ହୃତ୍‌ପିଣ୍ଡ ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଏବା ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

## ପୂର୍ବାପର ସମ୍ବନ୍ଧ ସହିତ ଶାସ୍ତ୍ରାଂଶର ଆଭ୍ୟନ୍ତରୀଣ ଦୃଷ୍ଟିକୋଣ ସମୂହ

କ. ପାଉଲଙ୍କ ସ୍ତମ୍ଭୀଭୂତ କରିବା ପରମାର୍ଥ ଶିକ୍ଷା ୩:୨୧–୩୧ରେ ଦିଆଗଲା । ଏହା ସାବ୍ୟସ୍ତ କଲା ଯେ ପତିତ ମାନବଜାତି ମୋଶାଙ୍କ ବ୍ୟବସ୍ଥାଠାରୁ ଭିନ୍ନ ଏକ ବିନାମୂଲ୍ୟରେ ଦାନ ହେତୁ ଈଶ୍ୱରଙ୍କ ସହିତ ଉପଯୁକ୍ତ ସମ୍ପର୍କ ମଧ୍ୟକୁ ଆସିଛନ୍ତି ବୋଲି ଘୋଷଣା କରାଯାଇଛି । ସ୍ପଷ୍ଟରୂପେ ଜଣାଯାଏ ପାଉଲଙ୍କର ଯିହୁଦୀ ବିରୋଧୀ ମନ ଥିଲା! ପାଉଲ ବର୍ତ୍ତମାନ ଏହା ପ୍ରମାଣ କରିବାକୁ ଚାହାନ୍ତି ଯେ, ତାଙ୍କର ସୁସମାଚାର, ଅବ୍ରହାମ ଓ ଦାଉଦ (୬–୮ ପଦ) ଉଭୟଙ୍କଠାରୁ ପୁରାତନ ନିୟମର ଉଦାହରଣମାନ ଦେବା ଦ୍ୱାରା କୌଣସି ନୂତନ ପ୍ରକ୍ରିୟା ନ ଥିଲା (୩:୨୧ ଖ)

ଖ. ରୋମୀୟ ୪ ଅଧ୍ୟାୟ, ମୋଶାଙ୍କ ବ୍ୟବସ୍ଥା, ଆଦିପୁସ୍ତକରୁ – ଦ୍ୱିତୀୟ ବିବରଣ ପର୍ଯ୍ୟନ୍ତ ଅଂଶରୁ ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ଧାର୍ମିକଗଣନା ମୂଳତତ୍ତ୍ୱ ପାଇଁ ଚିହ୍ନ ବାହାର କରି ଉପସ୍ଥାପିତ କରେ । ଏହା ୩:୨୧-୩୧ରେ ସାରାଂଶ କରାଯାଇଥିଲା । ଜଣେ ଯିହୁଦୀ ସକାଶେ, ମୋଶାଙ୍କ ଲେଖାଗୁଡ଼ିକରୁ ଉଦ୍ଧୃତାଂଶର ମହାନ ପାରମାର୍ଥିକ ଓଜନ ଥିଲା । ବିଶେଷତଃ ଅବ୍ରହାମଙ୍କ ସଂପୃକ୍ତ ବିଷୟ, କାରଣ ସେ ଥିଲେ ଯିହୁଦୀ ଜାତିର ପିତା । ଦାଉଦ ଆଗାମୀ ମଶୀହଙ୍କର ଏକ ସ୍ୱରୂପ ରୂପେ ଦେଖାଯାଉଥିଲେ (୨ ଶାମୁ. ୭)

ଗ. ବିଶ୍ୱାସୀ ଯିହୁଦୀ ଓ ବିଶ୍ୱାସୀ ବିଜାତୀ (ଅଣଯିହୁଦୀ)ମାନଙ୍କ ମଧ୍ୟରେ ଥିବା ବୋଝଗ୍ରସ୍ତ ଚିନ୍ତା ବା ଦ୍ୱନ୍ଦ୍ୱ ଏହି ଆଲୋଚନା ପାଇଁ ସୁଯୋଗ ପାଇଥାଇପାରେ । ଏହା ସମ୍ଭବ ଯେ, ଯିହୁଦୀ ଖ୍ରୀଷ୍ଟିୟାନ ନେତାମାନେ ନିରୋଙ୍କ (ଯେ ସମସ୍ତ ଯିହୁଦୀ ରୀତି, ବିଧିବିଧାନ ବାତିଲ କରିଦେଲେ) ଦ୍ୱାରା ରୋମ୍ ଛାଡ଼ିବାକୁ ବାଧ୍ୟ କରାଗଲେ ବୋଲି ଅନୁଭବ କଲେ । ଏହି ମଧ୍ୟବର୍ତ୍ତୀ ସମୟରେ ବିଜାତୀ ଖ୍ରୀଷ୍ଟିୟାନ ନେତାମାନେ ସେମାନଙ୍କର ସେହି ସ୍ଥାନରେ ଅବସ୍ଥାପିତ କରାଗଲେ । ପ୍ରଥମ ଦଳର ପ୍ରତ୍ୟାବର୍ତ୍ତନ ବିବାଦ ବା ସଂଘର୍ଷର କାରଣ ହେଲା, ଏଥିପାଇଁ, କିଏ ନେତୃତ୍ୱ ସ୍ଥାନ ଗ୍ରହଣ କରିବ ।

ଘ. ରୋମୀୟ ୪ ଦର୍ଶାଏ ଯେ, ପତିତ ମାନବ ଜାତି ସେମାନଙ୍କ ପ୍ରଦତ୍ତ ଆଧ୍ୟାତ୍ମିକ ଆଲୋକ ସହିତ ସଂପୃକ୍ତ ହୋଇ ଈଶ୍ୱରଙ୍କଠାରେ ବିଶ୍ୱାସ ଓ ମନପରିବର୍ତ୍ତନ ମାଧ୍ୟମରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ସର୍ବଦା ପରିତ୍ରାଣ ପ୍ରାପ୍ତ ହୋଇ ଆସିଅଛନ୍ତି (ଆଦି ୧୫:୬, ରୋମୀ ୪:୩) । ଅନେକ ବାଟରେ ନୂତନ ଚୁକ୍ତି (ନିୟମ) (ସୁସମାଚାର, ଯିରିମିୟ ୩୧:୩୧-୩୪, ଯିହିଜି. ୩୬:୨୨-୩୮) ମୌଳିକଭାବେ ପୁରାତନ ଚୁକ୍ତି (ନିୟମ)ଠାରୁ ଭିନ୍ନ ନୁହେଁ ।

ଙ. ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ଧାର୍ମିକତାର ପଥ ସମସ୍ତଙ୍କ ନିମନ୍ତେ ମୁକ୍ତ, କେବଳ ପିତୃପୁରୁଷମାନେ ଅବା ଇସ୍ରାୟେଲ ଜାତି ପାଇଁ ନୁହେଁ । ପାଉଲ ଏଠାରେ ତାଙ୍କର ପାରମାର୍ଥିକ ଯୁକ୍ତି ଅବ୍ରହାମଙ୍କୁ ବ୍ୟବହାର କରି ବୃଦ୍ଧି କରୁଛନ୍ତି ଏବଂ ବିସ୍ତାର କରୁଛନ୍ତି । ଯାହା ସେ ଗାଲାତୀ ୩ ଅଧ୍ୟାୟରେ ପୂର୍ବେ ବୃଦ୍ଧି କରିଥିଲେ ।

ଚ. ମୁଁ ସ୍ୱୀକାର କରିବା ଉଚିତ ଯେ, ଜଣେ ପ୍ରଚାରକଭାବେ, ରୋମୀ ୩:୨୧-୩୧, ୪:୧-୨୫, ୫:୧-୨୧ ଏବଂ ଗାଲାତୀୟ ୩ କଷ୍ଟକର ଶାସ୍ତ୍ରାଂଶଗୁଡ଼ିକ ଅଟେ । ମୋର ଭରସା ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ନିର୍ଭର କରେ । ସେହି ଉର୍ଦ୍ଧ୍ୱଲିଖିତ ଶାସ୍ତ୍ରାଂଶଗୁଡ଼ିକ ଖ୍ରୀଷ୍ଟଧର୍ମକୁ ଏପରି ଉପାୟରେ ବାଖ୍ୟା କରନ୍ତି, ଯାହା ମୁଁ ବୁଝିପାରେ ।

୧. ଈଶ୍ୱରଙ୍କ ଅନୁଗ୍ରହ
୨. ଖ୍ରୀଷ୍ଟଙ୍କ କାର୍ଯ୍ୟ
୩. ଧର୍ମଶାସ୍ତ୍ରର ବିଶ୍ୱାସ କରାଯିବା ଯୋଗ୍ୟତା
୪. ପାଉଲଙ୍କ ସ୍ପଷ୍ଟ ଲେଖାସମୂହ

## ଶବ୍ଦ ଓ ଖଣ୍ଡ ବାକ୍ୟ ଅଧ୍ୟୟନ

### ଏନ୍ଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୪:୧-୮

**ତେବେ ଶରୀର ଅନୁସାରେ ଆମ୍ଭମାନଙ୍କୁ ପିତୃପୁରୁଷ ଅବ୍ରହାମ କଅଣ ପାଇଅଛନ୍ତି ବୋଲି ଆମ୍ଭେମାନେ କହିବା ? କାରଣ ଅବ୍ରହାମ ଯଦି କ୍ରିୟାକର୍ମ ଦ୍ୱାରା ଧାର୍ମିକ ଗଣିତ ହେଲେ, ତେବେ ତାହାଙ୍କ ଗର୍ବର କାରଣ ଅଛି । କିନ୍ତୁ ଈଶ୍ୱରଙ୍କ ନିକଟରେ ନୁହେଁ । କାରଣ ଶାସ୍ତ୍ର କଅଣ କୁହେ ? ଅବ୍ରହାମ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ । ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା । ଯେ କର୍ମ କରେ, ତାହା ଉପରେ ତାହାର ବେତନ ଅନୁଗ୍ରହ ରୂପେ ଗଣିତ ହୁଏ ନାହିଁ । ମାତ୍ର ଦେୟ ବୋଲି ଗଣିତ ହୁଏ । କିନ୍ତୁ ଯେ କର୍ମ ଉପରେ ନିର୍ଭର କରେ ନାହିଁ, ମାତ୍ର ଅଧାର୍ମିକକୁ ଧାର୍ମିବ ବୋଲି ଯେ ଗଣନା କରନ୍ତି ତାହାଙ୍କଠାରେ ବିଶ୍ୱାସ କରେ, ତାହା ପକ୍ଷରେ ତାହାର ବିଶ୍ୱାସ ଧାର୍ମିକତା ବୋଲି ଗଣିତ ହୁଏ । ଏହିପ୍ରକାରେ ଯେଉଁ ଲୋକ ପକ୍ଷରେ ଈଶ୍ୱର କ୍ରିୟାକର୍ମ ବ୍ୟତୀତ ଧାର୍ମିକତା ଗଣନା କରନ୍ତି, ଦାଉଦ ମଧ୍ୟ ତାହାକୁ ଧନ୍ୟ ବୋଲି କହନ୍ତି, ଯଥା, ଯେଉଁମାନଙ୍କର ଅପରାଧସବୁ କ୍ଷମା ହୋଇଅଛି, ଆଉ ଯେଉଁମାନଙ୍କର ପାପସବୁ ଆଚ୍ଛାଦିତ ହୋଇଅଛି, ସେମାନେ ଧନ୍ୟ । ପ୍ରଭୁ ଯେଉଁ ଲୋକର ପାପ ଗଣନା କରିବେ ନାହିଁ, ସେ ଧନ୍ୟ ।**

**୪:୧ ତେବେ...ଆମ୍ଭମାନଙ୍କର ପିତୃପୁରୁଷ ଅବ୍ରହାମ କଅଣ...ବୋଲି ଆମ୍ଭେମାନେ କହିବା ?** ଅବ୍ରହାମଙ୍କ ନାମ ବୁଝାଇଲା ଏକ ଜନତାଙ୍କ ପିତା ବା ''ବହୁ ଲୋକର ପିତା'' (୧୬-୧୮ ପଦ) ତାଙ୍କର ପ୍ରଥମ ନାମ ଅବ୍ରାମ ଅର୍ଥ ''ମହାପିତା''

ସାହିତ୍ୟିକ ପ୍ରଣାଳୀ ଏଠାରେ ଯାହା ବ୍ୟବହୃତ ହୋଇଅଛି, ତାହାକୁ ଭର୍ତ୍ସନାଯୁକ୍ତ ସମାଲୋଚନା କୁହାଯାଏ (୪:୧, ୬:୧, ୭:୭, ୮:୩୧, ୯:୧୪, ୩୦) । ଅବ୍ରହାମଙ୍କୁ ବ୍ୟବହାର କରିବା କାରଣ (ଆଦି ୧୧:୨୭-୨୫:୧୧) ଏକ ଉଦାହରଣ ରୂପେ ହୁଏତ

୧. ଯିହୁଦୀମାନେ ସେମାନଙ୍କ ଜାତିଗତ ଉତ୍ପତ୍ତିରେ ଏପରି ମୂଲ୍ୟ ନିର୍ଦ୍ଧାରିତ କରିବା ହେତୁ
୨. ଯେହେତୁ ତାଙ୍କର ବ୍ୟକ୍ତିଗତ ବିଶ୍ୱାସ, ଚୁକ୍ତି ବା ନିୟମଗତ ପ୍ରଣାଳୀର ଉଦାହରଣ ପ୍ରଦାନ କରେ ।

୩. ତାଙ୍କର ବିଶ୍ୱାସ, ମୋଶାଙ୍କ ନିୟମ ପ୍ରଦାନ ପୂର୍ବରୁ ଆସିଥିଲା (ଯାତ୍ରା ୧୯-୨୦)

୪. ସେ ମିଥ୍ୟା ଶିକ୍ଷକମାନଙ୍କ ଦ୍ୱାରା ବ୍ୟବହାର କରାଯାଇଥିଲେ (ଯଥା: ଯିହୁଦୀ ପ୍ରାଚୀନ ନେତମାନେ, ଗାଲାତୀୟମାନେ)

କିଛି କାରଣ ହେତୁ ପୂର୍ବତନ ଶାସ୍ତ୍ରୀମାନେ ନିମ୍ନଲିଖିତ ବିଷୟ ମଧରେ ବାଛିବାରେ ଦୋଦୁଲ୍ୟମାନ ହୋଇଥିଲେ

୧. ପୂର୍ବ ପୁରୁଷ, ଏମ୍ଏସ୍ଏସ୍ ଏନ[୨], ଏ, ସି

୨. ପିତା, ଏମ୍ଏସ୍ଏସ୍ ଏନ,ସି, ଡି, ଇ, ଜି

ସମ୍ଭବତଃ ଏହାର, ଅବ୍ରହାମ ଏ ର ପୂର୍ବ ପୁରୁଷଙ୍କ ପ୍ରଶ୍ନ ସହିତ କାର୍ଯ୍ୟ କରିବାକୁ ହେବ (ଯଥା: ପିତୃପୁରୁଷ, ପାଉଲ ଯିହୁଦୀମାନଙ୍କୁ ସମ୍ବୋଧନ କରୁଅଛନ୍ତି) ଇସ୍ରାୟେଲ ଜାତିର ପୂର୍ବପୁରୁଷ ବନାମ (ସହିତ) ସମସ୍ତଙ୍କର ପିତା ଅର୍ଥାତ୍ : ଯେଉଁ ସମସ୍ତେ ଈଶ୍ୱରଙ୍କଠାରେ ବିଶ୍ୱାସକୁ କାର୍ଯ୍ୟକାରୀ କରନ୍ତି ସେମାନଙ୍କ ପିତା ଅବ୍ରହାମ (ଉଭୟ ଯିହୁଦୀ ଓ ବିଜାତିଙ୍କର ପିତା ୨:୨୮-୨୯) ମଧରେ ବାଛିବ ।

▣ **''ଶରୀର''** ୧:୩ରେ ବିଶେଷ ପ୍ରସଙ୍ଗ ଦେଖ

**୪:୨ ''ଯଦି''** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ (ଏ ଟି ରବର୍ଟସନ୍‌ଙ୍କ ଶବ୍ଦ ଛବିମାନ ଭାଗ - ୪, ୩୫୦ ପୃଷ୍ଠା), ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ଅବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ପାଇଁ ସତ୍ୟ ବୋଲି ଅନୁମେୟ । ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟର ଉତ୍ତମ ଉଦାହରଣ ଯାହା ବାସ୍ତବରେ ମିଥ୍ୟା । ମାତ୍ର ପାରମାର୍ଥିକ ବିଷୟ ତିଆରି କରିବାକୁ କାର୍ଯ୍ୟ କରେ (୧୪ ପଦ) ।

ଜୋସେଫ ଏ ଫିଟ୍‌ଜ୍‌ମାୟର, ଆଙ୍କର୍ ବାଇବଲ ୩୩ ଭାଗ ୩୭୨ ପୃଷ୍ଠା, କହେ ଏହା ମିଶ୍ରିତ ସର୍ତ୍ତପୂର୍ଣ୍ଣ ବାକ୍ୟ ହୋଇପାରେ । ପ୍ରଥମଭାଗ ଦ୍ୱିତୀୟ ଶ୍ରେଣୀ ହୋଇ (ସତ୍ୟର ବିରୁଦ୍ଧ, ''ଯଦି'' ଅବ୍ରହାମ କାର୍ଯ୍ୟଗୁଡ଼ିକ ଦ୍ୱାରା ଧାର୍ମିକ ଗଣିତ ହୋଇଥିଲେ, ଯାହା ହରିଆର (ଅସ୍ତ୍ର) ନ ଥିଲା...'') ଏବଂ ଦ୍ୱିତୀୟ ପ୍ରଥମ ଶ୍ରେଣୀ ହୋଇ ।

▣ **''କ୍ରିୟାକର୍ମ ଦ୍ୱାରା ଧାର୍ମିକ ଗଣିତ ହେଲେ''** ଏହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ଧାର୍ମିକ ଗଣିତ ହେବାର ବିପରୀତ ଅଟେ । ଯଦି ପରିତ୍ରାଣର ଏହି ପଥ ମାନବ ଚେଷ୍ଟା (୪:୪) ଦ୍ୱାରା ସମ୍ଭବ ହେଲା, ଏହା ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟ ଅନାବଶ୍ୟକରେ ପରିଣତ କରିଥାଆନ୍ତା । ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା ଧାର୍ମିକଗଣନ ଠିକ୍ ଯାହା ଅନେକ ଗୁରୁମାନେ ଅବ୍ରହାମଙ୍କ ସହିତ ସଂଯୋଗରେ ସାବ୍ୟସ୍ତ କଲେ (ଜ୍ଞାନ ୧୦:୫, ଉପଦେଶକ ୪୪:୨୦,୨୧, ୧ ମେକା ୨:୫୨, ଜୁବିଲିସ୍ ୬:୧୯-୨୦, ୧୫:୧-୨) । ପାଉଲ, ଜଣେ ଗୁରୁମାନଙ୍କ ନିକଟରେ ଶିକ୍ଷା ଲାଭ କରିଥିବା ଛାତ୍ର ଏହି ଶାସ୍ତ୍ରାଂଶମାନଙ୍କ ବିଷୟରେ ସଂପୂର୍ଣ୍ଣ ସଚେତନ ହୋଇ ଆସିଥିଲେ ।

ଯାହା ବି ହେଉ ପୁରାତନ ନିୟମ ସ୍ପଷ୍ଟଭାବେ ଦର୍ଶାଏ ଈଶ୍ୱରଙ୍କ ଚୁକ୍ତିବଦ୍ଧ କାର୍ଯ୍ୟମାନ ସାଧନ କରିବାକୁ ପତିତ ମାନବ ଜାତିର ଅକ୍ଷମତା । ସେଥିପାଇଁ ପୁରାତନ ନିୟମ ଏକ ଅଭିଶାପ, ଏକ ମୃତ୍ୟୁ ଦଣ୍ଡରେ ପରିଣତ ହେଲା (ଗାଲତୀ ୩:୧୩, କଲସୀ ୨:୧୪)

ଯିହୁଦୀ ଶାସ୍ତ୍ରଜ୍ଞମାନେ ଜାଣିଥିଲେ, ଅବ୍ରହାମ ମୋଶାଙ୍କ ନିୟମ ପୂର୍ବେ ସ୍ଥିତି ଲାଭ କରିଥିଲେ, ମାତ୍ର ସେମାନେ ବିଶ୍ୱାସ କଲେ ଯେ, ସେ ବ୍ୟବସ୍ଥାର ପୂର୍ବାଭାସ ପାଇଥିଲେ ଏବଂ ତାହା ପାଳନ କରିଥିଲେ (ଉପଦେଶକ ୪୪:୨୦, ଜୁବିଲିସ୍ ୬:୧୯, ୧୫:୧-୨)

▣ ''ତାହାଙ୍କ ଗର୍ବର କାରଣ ଅଛି'' ଏହି ପ୍ରସଙ୍ଗ ଅନେକ ସମୟରେ ପାଉଲଙ୍କ ଲେଖାଗୁଡ଼ିକରେ ଦେଖାଦେଇଥାଏ । ତାଙ୍କର ଫାରୂଶୀ ପୃଷ୍ଠଭୂମି ଏହି ସମସ୍ୟା ପ୍ରତି ତାଙ୍କୁ ସଚେତନ କରାଇଥିଲା (୩:୨୭, ୧ କରନ୍ଥୀ ୧:୨୯, ଏଫିସୀ ୨:୮-୯) । ବିଶେଷ ପ୍ରସଙ୍ଗ ଦେଖ : ୨:୧୭ରେ ''ଗର୍ବ କରିବା'' ଦେଖ ।

**୪:୩**

**ଏନ୍ଏସ୍ଏସ୍‌ବି, ଏନ୍‌କେଜେଭି**

**ଏନ୍ଆର୍ଏସ୍‌ଭି, ଟିଇଭି** **''ଅବ୍ରହାମ ଈଶ୍ୱରଙ୍କୁ ବିଶ୍ୱାସ କଲେ''**

**ଏନ୍‌ଜେବି** **''ଅବ୍ରହାମ ତାଙ୍କର ବିଶ୍ୱାସ ଈଶ୍ୱରଙ୍କଠାରେ ସ୍ଥାପନ କଲେ''**

ଏହା ଆଦି ୧୫:୬ରୁ ଉଦ୍ଧୃତ କରାଯାଇଥିଲା । ପାଉଲ ଏହି ଅଧ୍ୟାୟରେ ଏହାକୁ ତିନିଥର ବ୍ୟବହାର କରନ୍ତି । (୪:୩,୯,୨୨), ଯାହା ପାଉଲଙ୍କ ପରିତ୍ରାଣ ବିଷୟକ ପାରମାର୍ଥିକ ବୁଝାମଣାରେ ଏହାର ଗୁରୁତ୍ୱ ଦର୍ଶାଏ । ପୁରାତନ ନିୟମରେ ''ବିଶ୍ୱାସ'' ଶବ୍ଦର ଅର୍ଥ ବିଶ୍ୱସ୍ତତା ବା ଆନୁଗତ୍ୟ ବା ବିଶ୍ୱାସଯୋଗ୍ୟତା ଏବଂ ଏହା ଥିଲା । ଈଶ୍ୱରଙ୍କ ସ୍ୱଭାବର ଏକ ବର୍ଣ୍ଣନା, ଆମ୍ଭମାନଙ୍କର ନୁହେଁ । ଏହା ଏକ ଏବ୍ରୀ ଶବ୍ଦ (ଏମୁନ, ଏମୁନାହ)ରୁ ଆସିଛି, ଯାହା ବୁଝାଏ ''ନିଶ୍ଚୟ ହେବା ବା ଅବିଚଳିତ ହେବା'' । ପରିତ୍ରାଣକାରୀ ବିଶ୍ୱାସ ହେଉଛି

୧. ମାନସିକ ଅନୁମୋଦନ (ସତ୍ୟସମୂହର ତାଲିକା)

୨. ସ୍ୱେଚ୍ଛାକୃତ ସମର୍ପଣ ପ୍ରତିଜ୍ଞା (ଏକ ସିଦ୍ଧାନ୍ତ)

୩. ନୈତିକ ଜୀବନଯାପନ (ଏକ ଜୀବନଶୈଳୀ)

୪. ମୁଖ୍ୟତଃ ଏକ ସମ୍ପର୍କଜନିତ (ଜଣେ ବ୍ୟକ୍ତିର ସ୍ୱାଗତିକା)

ବିଶେଷ ପ୍ରସଙ୍ଗ ଦେଖ : ବିଶ୍ୱାସ କରିବା, ଭରସା କରିବା, ବିଶ୍ୱାସ, ବିଶ୍ୱସ୍ତତା, ପୁରାତନ ନିୟମରେ ୧:୫ରେ ।

ଏହା ଗୁରୁତ୍ୱ ଦେବା ଉଚିତ ଯେ, ଅବ୍ରହାମଙ୍କ ବିଶ୍ୱାସ ଏକ ଭବିଷ୍ୟତ୍ ମଶୀହଙ୍କଠାରେ ନ ଥିଲା । ମାତ୍ର ଈଶ୍ୱରଙ୍କ ପ୍ରତିଜ୍ଞା ଯେ ତାଙ୍କର ଏକ ସନ୍ତାନ ଓ ବଂଶଧରମାନେ ହେବେ, ତାହା ଉପରେ ଥିଲା (ଆଦି ୧୨:୨, ୧୫:୨-୫, ୧୭:୪-୮, ୧୮:୧୪) ଅବ୍ରହାମ ଈଶ୍ୱରଙ୍କଠାରେ ଭରସା କରି ଏହି

ପ୍ରତିଜ୍ଞାର ପ୍ରତ୍ୟୁତ୍ତର ଦେଲେ । ତାଙ୍କର ଏହି ପ୍ରତିଜ୍ଞା ବିଷୟରେ ସନ୍ଦେହମାନ ଓ ସମସ୍ୟାଗୁଡ଼ିକ ତଥାପି ଥିଲା, ସତ୍ୟ ଘଟଣା ହେଉଛି ଏହା ତଥାପି ସଫଳ ହେବାକୁ ତେରବର୍ଷ ନେଇଥିଲା । ତାଙ୍କର ଅସିଦ୍ଧ ବିଶ୍ୱାସ ଯାହା ବି ହେଉ ତଥାପି ଈଶ୍ୱରଙ୍କ ଦ୍ୱାରା ଗୃହୀତ ହେଲା । ଈଶ୍ୱର ତ୍ରୁଟିପୂର୍ଣ୍ଣ ମାନବଗଣ ସହିତ କାର୍ଯ୍ୟ କରିବାକୁ ଇଚ୍ଛୁକ । ଯେଉଁମାନେ ତାହାଙ୍କୁ ପ୍ରତ୍ୟୁତ୍ତର ଦିଅନ୍ତି ଓ ତାହାଙ୍କ ପ୍ରତିଜ୍ଞା ସମୂହକୁ ବିଶ୍ୱାସରେ ଗ୍ରହଣ କରନ୍ତି ଏପରିକି ଯଦିବା ବିଶ୍ୱାସର ଆକାର ଏକ ସୋରିଷଦାନା (ବୀଜ) ପରି ହୋଇଥାଏ (ମାଥିଉ ୧୭:୨୦)

**୪:୩,୪,୫,୬,୮,୯,୧୦,୨୨,୨୩,୨୪**

**ଏନ୍ଏଏସ୍ବି, ଏନ୍ଆର୍ଏସ୍ବି ''ତାହାଙ୍କ ପକ୍ଷରେ ଏହା ହିସାବ କରାହେଲା''**

**ଏନ୍କେଜେଭି ''ତାହାଙ୍କ ପକ୍ଷରେ ଏହା... ଗଣିତ ହେଲା''**

**ଟିଇଜି ''କାରଣ ଈଶ୍ୱର ତାହାଙ୍କୁ ଗ୍ରହଣ କଲେ''**

**ଏନ୍ଜେବି ''ଏହି ବିଶ୍ୱାସ ବିବେଚିତ ହେଲା''**

''ଏହା'' ଈଶ୍ୱର ପ୍ରତିଜ୍ଞାରେ ଅବ୍ରହାମଙ୍କ ବିଶ୍ୱାସକୁ ବୁଝାଏ

''ହିସାବ କରାଗଲା'' (ଲୋଗିଜୋମିଆ ୩:୨୮ ଏବଂ ୪ ଅଧ୍ୟାୟରେ ୧୧ ଥର ବ୍ୟବହୃତ) ଏକ ଗଣତି କରିବା ଶବ୍ଦ ଯାହା ''ଭିତରେ ରଖାଗଲା'' କିଅବା ଜଣକ ହିସାବରେ ସଞ୍ଚୟ କରାଗଲା (୭୦ ଆଦି ୧୫:୬, ଲେବୀ ୭:୧୮, ୧୭:୪) । ଏହି ସମାନ ସତ୍ୟ ୨ କରନ୍ଥୀ ୫:୨୧ ଓ ଗାଲାତୀ ୩:୬ରେ ସୁନ୍ଦରଭାବେ ପ୍ରକାଶିତ ହୋଇଅଛି । ଏହା ସମ୍ଭବ ଯେ ପାଉଲ ଆଦି ୧୫:୬ ଏବଂ ଗୀତ ୩୨:୨କୁ ଯୋଡ଼ିଛନ୍ତି ବା ସଂଯୁକ୍ତ କରିଛନ୍ତି, କାରଣ ଉଭୟ ଶାସ୍ତ୍ରାଂଶ ଗଣିତ କରିବା ଶବ୍ଦ ''ହିସାବ'' ବ୍ୟବହାର କରନ୍ତି । ଏହି ଶାସ୍ତ୍ରାଂଶମାନଙ୍କୁ ଯୋଗ କରିବା ଥିଲା ଗୁରୁମାନଙ୍କ ଦ୍ୱାରା ବ୍ୟବହୃତ ଏକ, ଅନୁବାଦ ପାଇଁ ବ୍ୟବହୃତ ହୋଇଥିବା ପଦ୍ଧତି ଅନୁଯାୟୀ ନିୟମାବଳୀ ।

ସେପ୍ଟୁଆଜିଣ୍ଟ (ଗ୍ରୀକ୍ ଅନୁବାଦ)ରେ ଏହି ଶବ୍ଦର ପୁରାତନ ନିୟମ ବ୍ୟବହାର ଏକ ହିସାବ ରଖିବା ଶବ୍ଦ ରୂପେ ଏକ ବ୍ୟାଙ୍କରେ ସଞ୍ଚୟ କରିବା ଶବ୍ଦ ବିଶେଷ ରୂପେ ନୁହେଁ, ସମ୍ଭବତଃ ''ପୁସ୍ତକମାନ'' ସହିତ ସଂପୃକ୍ତ ଦାନିୟେଲ ୭:୧୦, ୧୨:୧ର । ଏହି ଦୁଇ ଉଦାହରଣପୂର୍ଣ୍ଣ ପୁସ୍ତକମାନ (ଈଶ୍ୱରଙ୍କ ସ୍ମୃତି) ହେଉଛି,

୧. କାର୍ଯ୍ୟସମୂହ ବା ସ୍ମୃତି ସମୂହର ପୁସ୍ତକ (ଗୀତ ୫୬:୮, ୧୩୯:୧୬, ଯିଶା. ୬୫:୬, ମଲାଖି ୩:୧୬, ପ୍ରକାଶିତ ୨୦:୧୨-୧୩)

୨. ଜୀବନ ପୁସ୍ତକ (ଯାତ୍ରା ୩୨:୩୨, ଗୀତ ୬୯:୨୮, ଯିଶା. ୪:୩, ଦାନି. ୧୨:୧, ଲୂକ ୧୦:୨୦, ଫିଲିପ୍ପୀ ୪:୩, ଏବ୍ରୀ ୧୨:୨୩, ପ୍ରକା. ୩:୫, ୧୩:୮, ୧୭:୮, ୨୦:୧୫, ୨୧:୨୭)

ଯେଉଁ ପୁସ୍ତକ ଭିତରେ ଅବ୍ରହାମଙ୍କ ବିଶ୍ୱାସ ଈଶ୍ୱରଙ୍କ ଦ୍ୱାରା ଧାର୍ମିକ ରୂପେ ଲେଖାଯାଇଅଛି, ତାହା ହେଉଛି ''ଜୀବନ ପୁସ୍ତକ''

**୪:୩,୫,୬,୯,୧୦,୧୧,୧୩,୨୨,୨୫ ''ଧାର୍ମିକତା ରୂପେ''** ଏହା ପୁରାତନ ନିୟମ ଶବ୍ଦ ପ୍ରତିଫଳିତ କରେ । ମାପକାଠି (ଟସାଲାକ) ବୋଲି । ଏହା ଈଶ୍ୱରଙ୍କ ଚରିତ୍ର ନିମନ୍ତେ ଏକ ଗଠନ କରିବା ଉଦାହରଣ ବା ଦୃଷ୍ଟାନ୍ତ । ଈଶ୍ୱର ସଳଖ (ସିଧା) ଅଟନ୍ତି ଏବଂ ସମସ୍ତ ମାନବଗଣ ବକ୍ର ଅଟନ୍ତି । ନୂତନ ନିୟମରେ ଏହା ଏକ ସ୍ଥାନ ବା ପଦ ବିଶେଷରେ ନ୍ୟାୟଗତ (ଅଦାଲତ ସମ୍ବନ୍ଧୀୟ) ଅର୍ଥରେ ବ୍ୟବହୃତ ହୋଇଥିଲା । ଯାହା ଈଶ୍ୱରପରାୟଣ ଜୀବନଶୈଳୀର ଚାରିତ୍ରିକ ଗୁଣଗୁଡ଼ିକ ଆଡ଼କୁ ଆଶାପୂର୍ଣ୍ଣଭାବେ ଗତି କରୁଅଛି । ପ୍ରତ୍ୟେକ ଖ୍ରୀଷ୍ଟିୟାନ ପାଇଁ ଈଶ୍ୱରଙ୍କ ଲକ୍ଷ୍ୟ ହେଉଛି ତାହାଙ୍କ ନିଜ ଚରିତ୍ର କିମ୍ବା ଅନ୍ୟ ପ୍ରକାରେ କହିଲେ, ଖ୍ରୀଷ୍ଟ ସଦୃଶ୍ୟ ହେବା (୮:୨୮-୨୯, ଗାଲାତୀ ୪:୧୯) ବିଶେଷ ପ୍ରସଙ୍ଗ ଦେଖ : ୧:୧୭ରେ ଧାର୍ମିକତା

**୪:୫** ବିଶ୍ୱାସର ମୌଳିକ ପ୍ରକୃତି ଈଶ୍ୱରଙ୍କୁ ପ୍ରତ୍ୟୁତ୍ତର ଦେଉଅଛି, ଯେ କି ଆପଣାକୁ ପ୍ରକାଶ କରନ୍ତି, କୌଣସି ବ୍ୟକ୍ତିଗତ ଚେଷ୍ଟା ବା ଯୋଗ୍ୟତା ଉପରେ ଚୂଡ଼ାନ୍ତ ନିର୍ଭରତା ନ ଦେଇ । ଏହା ବୁଝାଏ ନାହିଁ ଯେ, ଥରେ ଆମେ ପରିତ୍ରାଣ ପ୍ରାପ୍ତ ହୋଇ ଆଭ୍ୟନ୍ତରୀଣ ଆତ୍ମା ପାଇବାକୁ ତେବେ ଆମର ଜୀବନଶୈଳୀ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଖ୍ରୀଷ୍ଟଧର୍ମର ଲକ୍ଷ୍ୟ ଆମେ ମରିଗଲେ ସ୍ୱର୍ଗପ୍ରାପ୍ତି ତାହା ନୁହେଁ, ମାତ୍ର ବର୍ତ୍ତମାନ ଖ୍ରୀଷ୍ଟଙ୍କ ସାଦୃଶ୍ୟ ହେବ । ଆମ୍ଭେମାନେ ଆମର କାର୍ଯ୍ୟ ଦ୍ୱାରା ପରିତ୍ରାଣପ୍ରାପ୍ତ ନୁହେଁ କିମ୍ବା ଧାର୍ମିକ ହୋଇ ନାହୁଁ ବା ଉପଯୁକ୍ତ ଅବସ୍ଥାରେ ଠିଆ ହୋଇ ନାହୁଁ, ମାତ୍ର ଆମେ ଉପଯୁକ୍ତ କାର୍ଯ୍ୟସବୁ କରିବାକୁ ମୁକ୍ତ ହୋଇଅଛୁ (ଏଫିସୀ ୨:୮-୯ ଓ ୧୦, ଯାକୁବ ଓ ୧ ଯୋହନ) ଏକ ପରିବର୍ତ୍ତିତ ହୋଇଥିବା ଓ ହେଉଥିବା ଜୀବନ, ଜଣେ ପରିତ୍ରାଣପ୍ରାପ୍ତ ହୋଇଥିବାର ଚିହ୍ନ ଅଟେ । ଧାର୍ମିକଗଣନା, ପବିତ୍ରୀକରଣ ଉପ୍ନ କରିବା ଉଚିତ!

▣ **''ବିଶ୍ୱାସ କରେ''** ଏହା ଏକ ବର୍ତ୍ତମାନ ସକ୍ରୀୟ ଅବ୍ୟୟ ପଦ । ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ

**ବିଶେଷ ପ୍ରସଙ୍ଗ : ବିଶ୍ୱାସ, ବିଶ୍ୱାସ କରିବା ବା ଭରସା କରିବା (ପିସ୍ଟିସ୍ (ବିଶେଷ ପଦ), ପିସ୍ଟେଉଓ (କ୍ରିୟା ପଦ) ପିସ୍ଟୋସ୍ (ବିଶେଷଣ ପଦ)**

କ. ଏହା ବାଇବଲର ଏପରି ଏକ ବିଶେଷ ପଦ (ଏବ୍ରୀ ୧୧:୧,୬) । ଏହା ହେଉଛି ଯୀଶୁଙ୍କ ଆଦ୍ୟ ପ୍ରଚାରର ପ୍ରସଙ୍ଗ (ମାର୍କ ୧:୧୫) । ଅନ୍ତତଃ ଦୁଇଟି ନୂତନ ଚୁକ୍ତି (ନିୟମ)ର ଆବଶ୍ୟକୀୟ ବିଷୟ ଅଛି : ମନପରିବର୍ତ୍ତନ ଏବଂ ବିଶ୍ୱାସ (୧:୧୫, ପ୍ରେରିତ ୩:୧୬,୧୯, ୨୦:୨୧)

ଖ. ଏହା ଶବ୍ଦର ଆକାରଗତ ଓ ଅର୍ଥଗତ ଉତ୍ପତ୍ତି ଓ ବିକାଶ (ଶବ୍ଦର ଉତ୍ତର ବିଷୟକ ଅଧ୍ୟୟନ)

୧. ''ବିଶ୍ୱାସ'' ଶବ୍ଦ ପୁରାତନ ନିୟମରେ ବୁଝାଏ ବିଶ୍ୱସ୍ତତା, ଆନୁଗତ୍ୟ ବା ବିଶ୍ୱାସଯୋଗ୍ୟତା ଏବଂ ଈଶ୍ୱରଙ୍କ ସ୍ୱଭାବର ଏକ ବର୍ଣ୍ଣନା ଥିଲା, ଆମ୍ଭମାନଙ୍କର ସ୍ୱଭାବ ନୁହେଁ ।

୨. ଏହା ଏକ ହିବ୍ରୁ ଶବ୍ଦ (ଏମୁନ୍, ଏମୁନାହ)ରୁ ଆସିଛି, ଯାହାର ଅର୍ଥ (ନିଶ୍ଚୟ ହେବ ବା ଅବିଚଳିତ) । ପରିତ୍ରାଣଜନକ ବିଶ୍ୱାସ ହେଉଛି ମାନସିକ ମୌଳିକ ସ୍ୱଭାବ (ସତ୍ୟଗୁଡ଼ିକର ତାଲିକା), ନୈତିକ ଜୀବନଯାପନ (ଏକ ଜୀବନଶୈଳୀ) ଏବଂ ବିଶେଷତଃ ଏକ ସମ୍ପର୍କ (ଏକ ବ୍ୟକ୍ତିକୁ ସ୍ୱାଗତ କରିବା) ଏବଂ ସ୍ୱେଚ୍ଛାକୃତ ସମର୍ପଣ ଏକ ସିଦ୍ଧାନ୍ତ ସେହି ବ୍ୟକ୍ତି ପ୍ରତି ।

ଗ. ଏହାର ପୁରାତନ ନିୟମ ବ୍ୟବହାର

ଏହା ଗୁରୁତ୍ୱ ଦିଆଯିବା ଉଚିତ ଯେ, ଅବ୍ରହାମଙ୍କ ବିଶ୍ୱାସ ଭବିଷ୍ୟତ୍‌ର ମଶୀହଙ୍କରଠାରେ ନ ଥିଲା । ମାତ୍ର ଈଶ୍ୱରଙ୍କ ପ୍ରତିଜ୍ଞା ଯେ, ତାଙ୍କର ସନ୍ତାନ ଓ ବଂଶଧରମାନେ ହେବେ ତାହା ଉପରେ ଥିଲା (ଆଦି ୧୨:୨, ୧୫:୨-୫, ୧୭:୪-୮, ୧୮:୧୪) । ଅବ୍ରହାମ ଈଶ୍ୱରଙ୍କ ଉପରେ ଭରସା କରିବା ଦ୍ୱାରା ଏହି ପ୍ରତିଜ୍ଞାର ପ୍ରତ୍ୟୁତ୍ତର ଦେଲେ । ତାଙ୍କର ଏହି ପ୍ରତିଜ୍ଞା ବିଷୟରେ ତଥାପି ସନ୍ଦେହମାନ ଓ ସମସ୍ୟା ସମୂହ ଥିଲା । ଯାହା ସଫଳ ହେବାକୁ ତେରବର୍ଷ ସମୟ ନେଲା । ତାଙ୍କର ଅସିଦ୍ଧ ବିଶ୍ୱାସ ଯାହା ବି ହେଉ ଈଶ୍ୱରଙ୍କ ଦ୍ୱାରା ଗୃହୀତ ହେଲା । ଈଶ୍ୱର ତ୍ରୁଟିପୂର୍ଣ୍ଣ ମାନବଗଣ ସହିତ କାର୍ଯ୍ୟ କରିବାକୁ ଇଚ୍ଛୁକ, ଯେଉଁ ବ୍ୟକ୍ତି ତାହାଙ୍କୁ ପ୍ରତ୍ୟୁତ୍ତର ଦିଏ । ତାଙ୍କ ପ୍ରତିଜ୍ଞାକୁ ବିଶ୍ୱାସ କରି, ଏପରିକି ଯଦିବା ଏହି ବିଶ୍ୱାସ ସୋରିଷ ମଞ୍ଜିର ଆକାର ହୋଇଥାଏ । (ମାଥିଉ ୧୭:୨୦)

ଘ. ନୂତନ ନିୟମ ବ୍ୟବହାର

''ବିଶ୍ୱାସ କଲେ'' ଶବ୍ଦ ଗ୍ରୀକ୍ ଶବ୍ଦ (ପିଷ୍ଟେଉ) ରୁ ଆସିଅଛି ଯାହା ମଧ୍ୟ ଅନୁବାଦିତ ହୋଇପାରେ ''ବିଶ୍ୱାସ କର'', ''ବିଶ୍ୱାସ'' ବା ''ଭରସା'' । ଉଦାହରଣ ସ୍ୱରୂପ ''ବିଶେଷ୍ୟ ପଦ'' ଯୋହନଙ୍କ ସୁସମାଚାରରେ ନାହିଁ, ମାତ୍ର ଅନେକ ସମୟରେ କ୍ରିୟାପଦ ବ୍ୟବହାର କରାଯାଇଅଛି । ଯୋହନ ୨:୨୩-୨୫ରେ ନାଜରିତୀୟ ଯୀଶୁଙ୍କୁ ମଶୀହ ରୂପେ ଜନତାଙ୍କ ସମର୍ପଣ ଅଛି ଯାହାର ଯଥାର୍ଥତା ଅନିଶ୍ଚିତ । ଅନ୍ୟ ଉଦାହରଣ ଏହାର ଅଛି ଯୋହନ ୮:୩୧-୫୯ ଓ ପ୍ରେରିତ ୮:୧୩, ୧୮-୨୪ରେ ଯେଉଁଠାରେ ''ବିଶ୍ୱାସ କରିବା'' ଶବ୍ଦର ଛଳନାମୟ ବ୍ୟବହାର କରାଯାଇଛି । ପ୍ରକୃତରେ ବାଇବଲ ଅନୁସାରେ ବିଶ୍ୱାସ ଏକ ପ୍ରାରମ୍ଭିକ ପ୍ରତ୍ୟୁତ୍ତରଠାରୁ ଅଧିକ । ଏହା ଶିଷ୍ୟତ୍ୱର ଏକ ପ୍ରଣାଳୀ ଦ୍ୱାରା ଅନୁମୋଦନ କରାଯିବା ଉଚିତ (ମାଥିଉ ୧୩:୨୦-୨୨, ୩୧-୩୨) ।

ଙ. ଅବ୍ୟୟପଦ ସହିତ ଏହାର ବ୍ୟବହାର

୧. 'ଏଇସ୍' ଅର୍ଥ ''ଭିତରକୁ'' ଏହି ସ୍ୱତନ୍ତ୍ର ଗଠନ, ଯୀଶୁଙ୍କଠାରେ ବିଶ୍ୱାସୀମାନେ ସେମାନଙ୍କ ଭରସା/ବିଶ୍ୱାସ ସ୍ଥାପନ କରିବାକୁ ଗୁରୁତ୍ୱ ଦିଏ ।
   କ. ତାହାଙ୍କ ନାମ ଭିତରକୁ (ମଧ୍ୟକୁ) (ଯୋହନ ୧:୧୨, ୨:୨୩, ୩:୧୮, ୧ ଯୋହନ ୫:୧୩)
   ଖ. ତାହାଙ୍କ ଭିତରକୁ (ଯୋହନ ୨:୧୧, ୩:୧୫,୧୮, ୪:୩୯, ୬:୪୦, ୭:୫, ୩୧,୩୯,୪୮, ୮:୩୦, ୯:୩୬, ୧୦:୪୨, ୧୧:୪୫, ୪୮, ୧୭:୩୭,୪୨, ମାଥିଉ ୧୮:୬, ପ୍ରେରିତ ୧୦:୪୩, ଫିଲିପ୍ପୀ ୧:୨୯, ୧ ପିତର ୧:୮)
   ଗ. ମୋ ଭିତରକୁ (ଯୋହନ ୬:୩୫, ୭:୧୮, ୧୧:୨୫,୨୬, ୧୨:୪୪,୪୬, ୧୪:୧-୧୨, ୧୬:୯, ୧୭:୨୦)
   ଘ. ପୁତ୍ରଙ୍କ ଭିତରକୁ (ଯୋହନ ୩:୩୬, ୯:୩୫, ୧ ଯୋହନ ୫:୧୦)
   ଙ. ଯୀଶୁଙ୍କ ଭିତରକୁ (ଯୋହନ ୧୨:୧୧, ପ୍ରେରିତ ୧୯:୪, ଗାଲାତୀ ୨:୧୬)
   ଚ. ଆଲୋକ ଭିତରକୁ (ଯୋହନ ୧୨:୩୬)
   ଛ. ଈଶ୍ୱରଙ୍କ ଭିତରକୁ (ଯୋହନ ୧୪:୧)

୨. 'ଏନ୍' ଅର୍ଥ ''ରେ'' ବା ''ଭିତରେ'' ଯେପରି ୩:୧୫, ମାର୍କ ୧:୧୫, ପ୍ରେରିତ ୫:୧୪ ଅଛି

୩. ଏପି ଅର୍ଥ ଭିତରେ ବା ଉପରେ, ଯେପରି ମାଥିଉ ୨୭:୪୨, ପ୍ରେରିତ ୯:୪୨, ୧୧:୧୭, ୧୬:୩୧, ୨୨:୧୯, ରୋମୀୟ ୪:୫,୨୪, ୯:୩୩, ୧୦:୧୧, ୧ ତୀମଥି ୧:୧୬, ୧ ପିତର ୨:୬

୪. ଅବ୍ୟୟପଦ ବିନା ସମ୍ପ୍ରଦାନବାଚକ ଯେପରି ଗାଲାତୀ ୩:୬, ପ୍ରେରିତ ୧୮:୮, ୨୭:୨୫, ୧ ଯୋହନ ୩:୨୩, ୫:୧୦

୫. ''ହୋଟି'' ଯାହା ବୁଝାଏ ''ବିଶ୍ୱାସ କର ଯେ'' କ'ଣ ବିଶ୍ୱାସ କରିବ ବିଷୟବସ୍ତୁ ଜଣାଇ ଦେଇ ।
   କ. ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ପବିତ୍ର ବ୍ୟକ୍ତି (ଯୋହନ ୬:୬୯)
   ଖ. ଯୀଶୁ ହେଉଛନ୍ତି ''ମୁଁ ଅଟେ'' (ଯୋହନ ୮:୨୪)
   ଗ. ଯୀଶୁ ପିତାଙ୍କଠାରେ ଓ ପିତା ତାହାଙ୍କଠାରେ ଅଛନ୍ତି (ଯୋହନ ୧୦:୩୮)
   ଘ. ଯୀଶୁ ହେଉଛନ୍ତି ମଶୀହ (ଯୋହନ ୧୧:୨୭, ୨୦:୩୧)
   ଙ. ଯୀଶୁ, ଈଶ୍ୱରଙ୍କ ପୁତ୍ର ଅଟନ୍ତି (ଯୋହନ ୧୧:୨୭, ୨୦:୩୧)
   ଚ. ଯୀଶୁ, ପିତାଙ୍କ ଦ୍ୱାରା ପ୍ରେରିତ (ଯୋହନ ୧୧:୪୨, ୧୭:୮,୨୧)

| |
|---|
| ଛ. ଯୀଶୁ, ପିତାଙ୍କ ସହିତ ଏକ ଅଟନ୍ତି (ଯୋହନ ୧୪:୧୦,୧୧)<br>ଜ. ଯୀଶୁ ପିତାଙ୍କଠାରୁ ଆସିଲେ (ଯୋହନ ୧୬:୨୭,୩୦)<br>ଝ. ଯୀଶୁ ଆପଣାକୁ ପିତାଙ୍କ ଚୁକ୍ତି ବା ପ୍ରତିଜ୍ଞାତ ନାମ ସହିତ ସମାନ କଲେ (''ମୁଁ ଅଟେ ଅଛି'') (ଯୋହନ ୮:୨୪, ୧୩:୧୯)<br>ଞ. ଆମ୍ଭେମାନେ ତାହାଙ୍କଠାରେ ବାସ କରିବା (ରୋମୀ ୬:୮)<br>ଟ. ଯୀଶୁ ମୃତ୍ୟୁଭୋଗ କଲେ ଓ ପୁନର୍ବାର ଉତ୍ଥିତ ହେଲେ (୧ ଥେସଲ ୪:୧୪) |

| | |
|---|---|
| **ଏନ୍ଏଏସ୍ବି, ଏନ୍କେଜେଭି** | **''ତାହାର ବିଶ୍ୱାସ''** |
| **ଏନ୍ଆର୍ଏସ୍ଭି** | **''ଏପରି ବିଶ୍ୱାସ''** |
| **ଟିଇଭି, ଏନ୍ଜେଭି** | **''ଏହା ହେଉଛି ଏହି ବିଶ୍ୱାସ''** |

ଅବ୍ରହାମଙ୍କ ବିଶ୍ୱାସ ତାହାଙ୍କୁ ଧାର୍ମିକ ବୋଲି ଗଣନା କଲା । ଏହା ଅବ୍ରହାମଙ୍କ କାଯ୍ୟଗୁଡ଼ିକ ଉପରେ ନିର୍ଭର କରି ନ ଥିଲା । ମାତ୍ର ତାଙ୍କ ପ୍ରତ୍ୟୁତ୍ତର ଉପରେ ନିର୍ଭର କରିଥିଲା । ତାଙ୍କର କାର୍ଯ୍ୟସମୂହ ତାଙ୍କ ବିଶ୍ୱାସକୁ ଦୃଢ଼ୀକୃତ କଲା (ଯାକୁବ ୨:୧୪-୧୬)

''ହିସାବ ବା ଗଣନା କରାଗଲା'' ଶବ୍ଦ ମଧ୍ୟ ଗୀତ ୧୦୬:୩୧ରେ ବ୍ୟବହୃତ ହୋଇଅଛି ଯାହା ବୁଝାଏ ଗଣନା ୨୫:୧୧-୧୩ ପିନ୍ହସ୍ ୭୦ରେ । ଏହି ପରିପ୍ରେକ୍ଷୀରେ ଗଣନା କରାଗଲା ପିନ୍ହସ୍ର କାର୍ଯ୍ୟ ଉପରେ ନିର୍ଭର କରେ । ମାତ୍ର ଅବ୍ରହାମଙ୍କ ସହିତ ଆଦି ୧୫:୬ରେ ସେପରି ହୋଇନାହିଁ ।

▣ **''ମାତ୍ର ଅଧାର୍ମିକଙ୍କୁ ଧାର୍ମିକ ବୋଲି ଯେ ଗଣନା କରନ୍ତି, ଯେ ତାହାଙ୍କ ଉପରେ ବିଶ୍ୱାସ କରେ, ତାହା ପକ୍ଷରେ ତାହାର ବିଶ୍ୱାସ ଧାର୍ମିକତା ବୋଲି ଗଣିତ ହୁଏ!''** ୩ ପଦରେ ଏହା ଅବ୍ରହାମଙ୍କ ପ୍ରତି ଏକ ସ୍ପଷ୍ଟ ସମାନ୍ତରତା ଅଟେ (ଆଦି ୧୫:୬) । ଧାର୍ମିକତା ଈଶ୍ୱରଙ୍କର ଏକ ଦାନ ଅଟେ (୩:୨୪ର ଟିପ୍ପଣୀ ଦେଖ) ଏହାମାନଙ୍କ କାର୍ଯ୍ୟସାଧନର ଫଳ ନୁହେଁ । ୧:୧୭ରେ ବିଶେଷ ପ୍ରସଙ୍ଗଦେଖ

• **''ଦାଉଦ''** ଯେପରି ଅବ୍ରହାମ ଜଣେ ସିଦ୍ଧ ବ୍ୟକ୍ତି ନ ଥିଲେ, ତଥାପି ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ସହିତ ଉପଯୁକ୍ତ ଥିଲେ । ସେହିପରି ମଧ୍ୟ ପାପପୂର୍ଣ୍ଣ ଦାଉଦ ଥିଲେ (ଗୀତ ୩୨ ଏବଂ ୫୧) ଈଶ୍ୱର ପତିତ ମାନବଜାତିକୁ ପ୍ରେମ କରନ୍ତି ଓ ତାହା ସହିତ କାର୍ଯ୍ୟ କରନ୍ତି (ଆଦି ୩) ଯେଉଁମାନେ ବିଶ୍ୱାସ ତାହାଙ୍କୁ ପ୍ରଦର୍ଶନ କରନ୍ତି (ପୁରାତନ ନିୟମ) ଓ ତାହାଙ୍କ ପୁତ୍ରଙ୍କୁ ମଧ୍ୟ ଦେଖାନ୍ତି (ନୂତନ ନିୟମ)

**୪:୬ ''କ୍ରିୟାକର୍ମ ବ୍ୟତୀତ''** ଏହି ଖଣ୍ଡବାକ୍ୟଟି ତାଙ୍କର ପୁରାତନ ନିୟମରୁ ଉଦ୍ଧୃତ (ଗୀତ ୩୨:୧-୨) ଅଂଶର ଠିକ୍ ପୂର୍ବେ ଉପସ୍ଥାପିତ କରିବା ଦ୍ୱାରା ଏହାକୁ ଗୁରୁତ୍ୱ ଦେଇଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ବିଶ୍ୱାସ ମାଧ୍ୟମରେ ଖ୍ରୀଷ୍ଟଙ୍କ ମଧ୍ୟସ୍ଥତା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ହେତୁ ମାନବ ଜାତି ଈଶ୍ୱରଙ୍କ ସହିତ ଯଥାର୍ଥ ଅବସ୍ଥାକୁ ଆସିଅଛି, ସେମାନଙ୍କ ଧର୍ମକର୍ମ ସାଧନ ଦ୍ୱାରା ନୁହେଁ (୩:୨୧-୩୧, ଏଫିସୀ ୨:୮-୧୦)

**୪:୭-୮** ଏହା ଗୀତ ୩୨:୧-୨ରୁ ଉଦ୍ଧୃତାଂଶ ଅଟେ । ୭ ପଦରେ ଉଭୟ କ୍ରିୟାପଦମାନ ''କ୍ଷମା ହୋଇଅଛି'' ଏବଂ ଆଚ୍ଛାଦିତ ହୋଇଅଛି'' ଆଓରିଷ୍ଟ କର୍ମବାଚ୍ୟ । ଈଶ୍ୱର ପ୍ରତିନିଧିସୂଚକ ଅଟନ୍ତି । ୮ ପଦ ଏକ ବଳିଷ୍ଠ ଯୁଗ୍ମନାସ୍ତିବାଚକ ଧାରଣ କରେ, ଯେକୌଣସି ପରିବେଶରେ ବା ପରିସ୍ଥିତିରେ ଭିତରେ ରଖାଯିବ ନାହିଁ, ହିସାବ କରାଯିବ ନାହିଁ, ଗଣତି କରାଯିବ ନାହିଁ । ତିନୋଟି କ୍ରିୟାପଦରେ ଉଦ୍ଧୃତାଂଶରେ ଲକ୍ଷ୍ୟ କର । ସମସ୍ତେ ପାପର ଦୋଷମୁକ୍ତ ହେବା ନିଷ୍ପତ୍ତିର ସୂଚନା ଦିଅନ୍ତି ।

**୪:୭ ''ଯେଉଁମାନଙ୍କର ପାପସବୁ ଆଚ୍ଛାଦିତ ହୋଇଅଛି''** ଏହା ଗୀତ ୩୨:୧ରୁ ଉଦ୍ଧୃତ କରାଯାଇଅଛି । ''ଆଚ୍ଛାଦନ କରିବା'' ଭାବଧାରା ଇସ୍ରାୟେଲର ଧର୍ମବିଧିର ବଳିଦାନ ବିଷୟର କେନ୍ଦ୍ର ଥିଲା (ଲେବୀ ୧-୭) । ଈଶ୍ୱରଙ୍କ ଦ୍ୱାରା ପାପ ଆଚ୍ଛାଦିତ ହୋଇଅଛି । (ଆଓରିଷ୍ଟ କର୍ମବାଚ୍ୟସୂଚକ) ସେ ଆପଣା ଦୃଷ୍ଟି ସମ୍ମୁଖରୁ ଏହା ବାହାରେ ରଖନ୍ତି (ଯିଶା. ୩୮:୧୭, ମୀଖା ୭:୧୯, ବ୍ରାଉନ୍, ଡ୍ରାଇଭର୍, ବ୍ରିଗ୍ସ୍ ୪୯୧ ପୃଷ୍ଠା) । ଏହି ସମାନ ଚିନ୍ତା, ଯଦିବା ଏକ ଭିନ୍ନ ହିବ୍ରୁ ଶବ୍ଦ ''ଆଚ୍ଛାଦନ'' (କାଫର) ପାଇଁ ବ୍ୟବହୃତ ହୋଇଥିଲା । ପ୍ରାୟଶ୍ଚିତ (ଆଚ୍ଛାଦନ) ଦିବସର ବିଧିରେ ଯେଉଁଠାରେ ରକ୍ତ ''ଦୟାସନ'' ଉପରେ ରଖାଗଲା, ଇସ୍ରାୟେଲ ପାପସବୁ ଆଚ୍ଛାଦିତ ହୋଇଗଲା (ଲେବୀ. ୧୬) । ଏକ ସମ୍ପର୍କୀୟ ବାଇବଲ ଦୃଷ୍ଟାନ୍ତ ଲିଭାଇ ଦେବା (ଯିଶା. ୧:୧୮, ୪୩:୨୫) ବା ଜଣକ ପାପ ପୋଛି ଦେବା (ପ୍ରେରିତ ୩:୧୯, କଲସୀ ୨:୧୪, ପ୍ରକାଶିତ ୩:୫) ବ୍ୟବହୃତ ହେବ ।

**୪:୮ ''ପ୍ରଭୁ ଯେଉଁ ଲୋକର ପାପ ଗଣନା କରିବେ ନାହିଁ, ସେ ଧନ୍ୟ''** ଏହା ଗୀତ. ୩୨:୨ରୁ ଏକ ଉଦ୍ଧୃତାଂଶ । ଏହି ଶବ୍ଦ ''ଗଣନା'' ''ଭିତରେ ଆରୋପ କରିବା'' ବା ଅନ୍ୟଜଣକ ହିସାବରେ ସଞ୍ଚୟ କରିବା ଏକ ନାସ୍ତିବାଚକ ଅର୍ଥରେ ବ୍ୟବହାର କରାଯାଇଛି । ଈଶ୍ୱର ପାପକୁ (ଯୋଡ଼ା ନାସ୍ତିବାଚକ) ଏକ ବିଶ୍ୱାସୀର ଆତ୍ମିକ (ବ୍ୟାଙ୍କ୍) ଜମା ହିସାବ ଖାତାରେ ଆରୋପ କରନ୍ତି ନାହିଁ । ସେ ଧାର୍ମିକତାକୁ ଆରୋପ କରନ୍ତି । ଏହା ଈଶ୍ୱରଙ୍କ ଅନୁଗ୍ରହପୂର୍ଣ୍ଣ ଚରିତ୍ର, ଦାନ ଓ ଉଦ୍ଧାରଣ ଉପରେ ନିର୍ଭର କରେ, ମାନବ ଯୋଗ୍ୟତା, ସଫଳତା ଓ ମୂଲ୍ୟ ଉପରେ ନୁହେଁ!

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୪:୯–୧୨**

**ତାହାହେଲେ ସୁନ୍ନତମାନଙ୍କୁ ଏପରି ଧନ୍ୟ ବୋଲି କୁହାଯାଏ ବା ଅସୁନ୍ନତମାନଙ୍କୁ ମଧ୍ୟ କୁହାଯାଏ ? ଯେଣୁ ଆମ୍ଭେମାନେ କହୁ, ଅବ୍ରହାମଙ୍କ ବିଶ୍ୱାସ ତାହାଙ୍କ ପକ୍ଷରେ ଧାର୍ମିକତା ବୋଲି ଗଣିତ ହେଲା । ତେବେ ତାହା କିପରି ଗଣିତ ହେଲା ? ତାହାଙ୍କର ସୁନ୍ନତ ଅବସ୍ଥାରେ ବା ଅସୁନ୍ନତ ଅବସ୍ଥାରେ ? ସୁନ୍ନତ ଅବସ୍ଥାରେ ନୁହେଁ କିନ୍ତୁ ଅସୁନ୍ନତ ଅବସ୍ଥାରେ । ଆଉ ସେ ଅସୁନ୍ନତ ଅବସ୍ଥାରେ ବିଶ୍ୱାସ ସକାଶେ ଧାର୍ମିକ ଗଣିତ ହୋଇ ସେଥିର ମୁଦ୍ରାଙ୍କ ସ୍ୱରୂପେ ସୁନ୍ନତ ଚିହ୍ନ ପାଇଲେ । ଯେପରି ଅସୁନ୍ନତ ଅବସ୍ଥାରେ ଥିବା ସମସ୍ତ ବିଶ୍ୱାସୀଙ୍କ ପକ୍ଷରେ ଧାର୍ମିକତା ଗଣନା କରାଯିବା ନିମନ୍ତେ ସେ ସେମାନଙ୍କର ପିତା ହୁଅନ୍ତି । ପୁଣି ଯେପରି ସେ ସୁନ୍ନତମାନଙ୍କର ପିତା ହୋଇପାରନ୍ତି ଅର୍ଥାତ୍ ଯେଉଁମାନେ ସୁନ୍ନତପ୍ରାପ୍ତ, କେବଳ ସେମାନଙ୍କର ନୁହେଁ ମାତ୍ର ଅସୁନ୍ନତ ଅବସ୍ଥାରେ ଆମ୍ଭମାନଙ୍କ ପିତା ଅବ୍ରହାମଙ୍କର ଯେଉଁ ବିଶ୍ୱାସ ଥିଲା, ସେଥିର ପଦଚିହ୍ନ ଦେଇ ଯେଉଁମାନେ ଗମନ କରନ୍ତି, ସେମାନଙ୍କର ମଧ୍ୟ ।**

**୪:୯–୧୨** ପାଉଲ ସମ୍ଭବତଃ ସୁନ୍ନତ ବିଷୟରେ ଏହି ଆଲୋଚନା ଅନ୍ତର୍ଭୁକ୍ତ କରିଛନ୍ତି ଯିହୁଦୀ ପ୍ରାଚୀନ ନେତାମାନେ ପରିତ୍ରାଣ ସକାଶେ ସୁନ୍ନତ କ୍ରିୟାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଥିବା ହେତୁ (ଗାଲାତୀୟମାନଙ୍କ ପୁସ୍ତକ ଓ ପ୍ରେରିତ ୧୫ର ଯିରୁଶାଲମ ବୈଠକ)

ପାଉଲ ଗୁରୁମାନଙ୍କ ନିକଟରେ ଶାସ୍ତ୍ର ବାକ୍ୟ ବା ଅନୁବାଦ ତାଲିମ୍‌ପ୍ରାପ୍ତ ହୋଇଥିଲେ । ଜାଣିଥିଲେ ଯେ ଆଦି ୧୫:୬ ଏବଂ ଗୀତ ୩୨:୨ରେ ସମାନ କ୍ରିୟାପଦ ଦେଖାଯାଏ (ଉଭୟ ହିବ୍ରୁ ଶାସ୍ତ୍ରଂଶ ଓ ଗ୍ରୀକ୍ ସେପ୍ଟୁଆଜିଣ୍ଟରେ) । ଏହା ଏହି ଖଣ୍ଡ ବାକ୍ୟଗୁଡ଼ିକ ପାରମାର୍ଥିକ ଉଦ୍ଦେଶ୍ୟମାନର ପାଇଁ ଏକତ୍ର କରିବା ଉଚିତ ।

**୪:୯** ୯ ପଦର ପ୍ରଶ୍ନ ''ନାଁ'' ଉତ୍ତର ଅପେକ୍ଷା କରେ । ଈଶ୍ୱର ସମସ୍ତ ଲୋକଙ୍କୁ ଏପରିକି ବିଜାତୀୟମାନଙ୍କୁ ବିଶ୍ୱାସ ଦ୍ୱାରା ଗ୍ରହଣ କରନ୍ତି । ଆଦି ୧୫:୬ ପୁନର୍ବାର ଉଦ୍ଧୃତ କଲେ । ଯିହୁଦୀ ଜାତିର ପିତା ଅବ୍ରହାମ ଧାର୍ମିକ ଗଣିତ ହେଲେ (ଆଦି ୧୫) ମୋଶାଙ୍କ ବ୍ୟବସ୍ଥା ପୂର୍ବେ (୧୩ ପଦ) ଏବଂ ସେ ସୁନ୍ନତ ହେବା ପୂର୍ବେ (ଆଦି ୧୭)

**୪:୧୦–୧୧ ''ବିଶ୍ୱାସ ସକାଶେ ଧାର୍ମିକ ଗଣିତ ହୋଇ ସେଥିର ମୁଦ୍ରାଙ୍କ ସ୍ୱରୂପେ ସୁନ୍ନତ ଚିହ୍ନ ପାଇଲେ''** ଅବ୍ରହାମ ଧାର୍ମିକ ରୂପେ ଗଣିତ ଓ ଆହ୍ୱାପ୍ରାପ୍ତ ହେବା ପରେ, ଈଶ୍ୱର ତାଙ୍କୁ ଏକ ଚୁକ୍ତି ଚିହ୍ନ ରୂପେ ସୁନ୍ନତ ବିଧି ଦେଲେ (ଆଦି ୧୭:୯–୧୪) । ପୁରାତନ ନିକଟ ପ୍ରାଚ୍ୟର ସମସ୍ତ ଲୋକ ସୁନ୍ନତ ହୋଇଥିଲେ କେବଳ ଅଏଗିନ୍ ଦ୍ୱୀପପୁଞ୍ଜରୁ ଗ୍ରୀକ୍ ଉତ୍ପତ୍ତିଥିବା ପଲେଷ୍ଟୀୟମାନଙ୍କ ବ୍ୟତୀତ । ସେମାନଙ୍କ ପାଇଁ ସୁନ୍ନତ, ବାଳକତ୍ୱରୁ ମାନବତ୍ୱ ପର୍ଯ୍ୟନ୍ତ ଏକ ଧର୍ମବିଧିର ପଥ ଥିଲା । ଯିହୁଦୀ ଜୀବନରେ ଚୁକ୍ତିଯୁକ୍ତ ନିୟମର ସଭ୍ୟତ୍ୱର ଏହା ଏକ ଧାର୍ମିକତାର ଚିହ୍ନ ବା ସନ୍ତକ ଥିଲା । ଜନ୍ମର ଅଷ୍ଟମ ଦିନ ପୁରୁଷ ସନ୍ତାନ ଉପରେ ଏହା ସମ୍ପନ୍ନ କରାଯାଇଥିଲା ।

ଏହି ପଦରେ ''ଚିହ୍ନ ଓ ମୁଦ୍ରାଙ୍କ''ର ସମାନ୍ତର ଗତି ଅଛି ଏବଂ ଉଭୟ ଅବ୍ରହାମଙ୍କ ବିଶ୍ୱାସକୁ ବୁଝାଏ । ଈଶ୍ୱରଙ୍କଠାରେ ବିଶ୍ୱାସ, କାର୍ଯ୍ୟକାରୀ କରୁଥିବା ଜଣକର ସୁନ୍ନତ କ୍ରିୟା ଥିଲା ଏକ ଦୃଶ୍ୟ ଚିହ୍ନ । ସମ୍ବନ୍ଧସୂଚକ ପଦ ''ବିଶ୍ୱାସର ଧାର୍ମିକତା''ର ୧୩ ପଦରେ ପୁନରୁକ୍ତି ହୋଇଅଛି । ଏକ ପବିତ୍ର ଈଶ୍ୱରଙ୍କ ନିକଟରେ ଯଥାର୍ଥ ଘୋଷିତ ହେବାର କଞ୍ଚି (ମୁଖ୍ୟ ବିଷୟ) ହେଉଛି ବିଶ୍ୱାସ, ମାତ୍ର ସୁନ୍ନତ କ୍ରିୟା ନୁହେଁ ।

**୪:୧୧ ''ଯେପରି ଅସୁନ୍ନତ ଅବସ୍ଥାରେ ଥିବା ସମସ୍ତ ବିଶ୍ୱାସୀଙ୍କ ପକ୍ଷରେ ଧାର୍ମିକତା ଗଣନା କରାଯିବା ନିମନ୍ତେ ସେ ସେମାନଙ୍କର ପିତା ହୁଅନ୍ତି ।''** ରୋମୀୟ ପୁସ୍ତକ, ଗାଲାତୀୟ ପୁସ୍ତକ ଲେଖାଯିବା ପରେ ଲେଖାଯାଇଥିଲା। ପାଉଲ ଯିହୁଦୀୟ ପ୍ରବୃତ୍ତି (୧) ସେମାନଙ୍କ ଜାତୀର ବଂଶଗତ ଧାଡ଼ି (ମାଥିଉ ୩:୯, ଯୋହନ ୮:୩୩, ୩୭, ୩୯) ଏବଂ (୨) ମୋଶାଙ୍କ ବ୍ୟବସ୍ଥା ଚୁକ୍ତିର ପ୍ରଚଳିତ ଯିହୁଦୀ ଅନୁବାଦମାନର କାର୍ଯ୍ୟରେ ପରିଣତ କରିବା । (ମୌଖିକ ପରମ୍ପରା କିଅବା ପ୍ରାଚୀନମାନଙ୍କ ପରମ୍ପରା ଯାହା ତା'ର ପରବର୍ତ୍ତୀ ସମୟରେ ଲିଖିତ କରାଗଲା ଓ ଟାଲ୍‌ମୁଦ୍ ନାମରେ ନାମିତ ହେଲା) ପ୍ରତି ସଚେତନ ଥିଲେ । ସେଥିପାଇଁ ସେ ଅବ୍ରହାମଙ୍କୁ ଏକ ଦୃଷ୍ଟାନ୍ତ ରୂପେ ବିଶ୍ୱାସ କରୁଥିବା ସମସ୍ତଙ୍କ ନିମନ୍ତେ (ବିଶ୍ୱାସୀ, ଅସୁନ୍ନତ ବିଜାତୀୟମାନଙ୍କର ପିତା) ଭାବରେ ବ୍ୟବହାର କରିଥିଲେ । (୨:୨୮–୨୯, ଗାଲାତୀ ୩:୨୯)

▣ **''ମୁଦ୍ରାଙ୍କ''** ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ

**ବିଶେଷ ପ୍ରସଙ୍ଗ : ମୁଦ୍ରାଙ୍କ**

ଏକ ମଦ୍ରାଙ୍କ ଏକ ପୁରାତନ ଉପାୟରେ ନିମ୍ନଲିଖିତ ବିଷୟଗୁଡ଼ିକୁ ଦର୍ଶାଇବା ହୋଇପାରେ

୧. ସତ୍ୟ (ଯୋହନ ୩:୩୩)
୨. ପ୍ରଭୁତ୍ୱ ବା ମାଲିକତ୍ୱ (ଯୋହନ ୬:୨୭, ୨ ତୀମଥି ୨:୧୯, ପ୍ରକାଶିତ ୭:୨–୩)
୩. ନିରାପତ୍ତା ବା ସୁରକ୍ଷା (ଆଦି ୪:୧୫, ମାଥିଉ ୨୭:୬୬, ରୋମୀ ୧୫:୨୮, ୨ କରନ୍ଥୀ ୧:୨୨, ଏଫିସୀ ୧:୧୩, ୪:୩୦)
୪. ଏହା ମଧ୍ୟ ଏକ ଦାନ ବିଷୟରେ ଈଶ୍ୱରଙ୍କ ପ୍ରତିଜ୍ଞାର ବାସ୍ତବତାର ଚିହ୍ନ ହୋଇପାରେ (ରୋମୀ ୪:୧୧ ଏବଂ ୧ କରନ୍ଥୀ ୯:୨)

ଏହି ମୁଦ୍ରାଙ୍କର ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କ ଲୋକମାନଙ୍କୁ ଚିହ୍ନିବା, ଯେପରି ଈଶ୍ୱରଙ୍କ କ୍ରୋଧ ସେମାନଙ୍କୁ ଆଘାତ କରିବ ନାହିଁ । ଶୟତାନ ମୁଦ୍ରାଙ୍କ ତାହାର ଲୋକମାନଙ୍କୁ ଚିହ୍ନାଏ । ଯେଉଁମାନେ ଈଶ୍ୱରଙ୍କ କ୍ରୋଧର ଲକ୍ଷ୍ୟସ୍ଥଳ ଅଟନ୍ତି । ପ୍ରକାଶିତବାକ୍ୟରେ ''କ୍ଳେଶ'' (ଯଥା: ଥ୍ଲିପ୍ସିସ୍) ସର୍ବଦା

অবিশ୍ୱାସୀମାନେ ବିଶ୍ୱାସୀମାଙ୍କୁ ତାଡ଼ନା ବିଷୟ ବୁଝାଇଥାଏ । ଯେତେବେଳେ କ୍ରୋଧ/ରାଗ (ଯଥା: ଓର୍ଗେ ବା ଥୁମୋସ୍) ସର୍ବଦା ଈଶ୍ୱରଙ୍କ ବିଚାର ଅବିଶ୍ୱାସୀମାନଙ୍କ ଉପରେ ବୁଝାଏ, ଯେପରି ସେମାନେ ମନପରିବର୍ତ୍ତନ କରି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବାକୁ ଫେରିବେ । ଏହି ଆସ୍ତିବାଚକ ଉଦ୍ଦେଶ୍ୟ ବିଚାରର, ଦ୍ୱିତୀୟ ବିବରଣ ୨୭-୨୮ର ପ୍ରତିଜ୍ଞାଚୁକ୍ତିର ଅଭିଶାପ/ଆଶୀର୍ବାଦରେ ଦେଖିବାକୁ ମିଳିପାରେ ।

**୪:୧୨ ''ପଦଚିହ୍ନରେ ଗମନ''** ଏହା ହେଉଛି ଏକ ସୈନ୍ୟଶ୍ରେଣୀର ଶବ୍ଦ (ଷ୍ଟୋଇକେ ଓ) ଏକ ଧାଡ଼ିରେ ସୈନିକମାନେ ପାଦ ପକାଇ ଚାଲିବା ପାଇଁ (ପ୍ରେରିତ ୨୧:୨୪, ଗାଲାତୀ ୫:୨୫, ୬:୧୬, ଫିଲିପ୍ପୀ ୩:୧୬) । ପାଉଲ ଏହି ପଦରେ ଯିହୁଦୀମାନଙ୍କ ବିଷୟ କହୁଛନ୍ତି (''ସୁନ୍ନତ କ୍ରିୟାର ପିତା'') ଯେଉଁମାନେ ବିଶ୍ୱାସ କରନ୍ତି । ଯେଉଁମାନେ ଈଶ୍ୱରଙ୍କଠାରେ ବିଶ୍ୱାସ ଓ ତାହାଙ୍କ ପ୍ରତିଜ୍ଞା ସମୂହକୁ କାର୍ଯ୍ୟକାରୀ କରନ୍ତି, ସେସମସ୍ତଙ୍କର ପିତା ହେଉଛନ୍ତି ଅବ୍ରହାମ ।

ଯୁଗ୍ମ ଲେଖା ହେତୁ (ଟୋଇସ୍) ଏହା ସମ୍ଭବ ଯେ, ଏହି ଦ୍ୱିତୀୟ ବିଷୟ (ପଦ ଚିହ୍ନରେ ଗମନ) ବିଶ୍ୱାସର ଜୀବନଶୈଳୀର ଚିନ୍ତାଧାରା ସଂଯୁକ୍ତ କରେ (ବର୍ତ୍ତମାନ ମଧ୍ୟମ (କ୍ରିୟାବାଚକ) କୃଦନ୍ତ ବିଶେଷଣ) ଏବଂ କେବଳ ଥରେ ମାତ୍ର ବିଶ୍ୱାସ ନୁହେଁ । ପରିତ୍ରାଣ ଏକ ଚାଲୁ ରହିଥିବା ସମ୍ପର୍କ । କେବଳ ଏକ ସିଦ୍ଧାନ୍ତ ବା ସ୍ୱେଚ୍ଛାକୃତ ମୁହୂର୍ତ୍ତ ନୁହେଁ ।

**ଏନ୍ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୪:୧୩-୧୫**

**''କାରଣ ଅବ୍ରହାମ କିମ୍ବା ତାହାଙ୍କ ବଂଶକୁ ଜଗତର ଅଧିକାରୀ ହେବା ନିମନ୍ତେ ପ୍ରତିଜ୍ଞା ବ୍ୟବସ୍ଥା ଦ୍ୱାରା ଦିଆଯାଇ ନ ଥିଲା । ମାତ୍ର ବିଶ୍ୱାସର ଧାର୍ମିକତା ଦ୍ୱାରା ଦିଆଯାଇଥିଲା । ତେଣୁ ଯଦି ବ୍ୟବସ୍ଥାବଲମ୍ବୀମାନେ ଅଧିକାରୀ ହୁଅନ୍ତି, ତାହାହେଲେ ବିଶ୍ୱାସ ବ୍ୟର୍ଥ କରାଯାଇଅଛି ଓ ପ୍ରତିଜ୍ଞା ନିଷ୍ଫଳ କରାଯାଇଅଛି । କାରଣ ବ୍ୟବସ୍ଥା କ୍ରୋଧ ଜନ୍ମାଏ । କିନ୍ତୁ ଯେଉଁଠାରେ ବ୍ୟବସ୍ଥା ନାହିଁ, ସେହିଠାରେ ବ୍ୟବସ୍ଥା ଲଂଘନ ହିଁ ନାହିଁ ।''**

**୪:୧୩ ''ଅବ୍ରହାମ କିମ୍ବା ତାହାଙ୍କ ବଂଶକୁ ପ୍ରତିଜ୍ଞା'' ଅବ୍ରହାମଙ୍କୁ ଈଶ୍ୱର ''ଭୂମି ଓ ଖଭିଫଳ''** ବିଷୟରେ ପ୍ରତିଜ୍ଞା କରିଥିଲେ (ଆଦି ୧୨:୧-୩, ୧୫:୧-୬, ୧୭:୧-୮, ୨୨:୧୭-୧୮) । ପୁରାତନ ନିୟମ ଭୂମି ଉପରେ ଆଲୋକପାତ କରେ (ପାଲେଷ୍ଟାଇନ୍), ମାତ୍ର ନୂତନ ନିୟମ ''ବଂଶ (ବା) ଫଳ'' ଉପରେ ଆଲୋକପାତ କରେ । (ମଶୀହ ଯୀଶୁ ଗାଲାତୀ ୩:୧୬,୧୯), ମାତ୍ର ବିଶ୍ୱାସର ଲୋକମାନଙ୍କୁ ବୁଝାଏ (ଗାଲାତୀ ୩:୨୯) । ଈଶ୍ୱରଙ୍କ ପ୍ରତିଜ୍ଞାସମୂହ ହେଉଛି ସମସ୍ତ ବିଶ୍ୱାସୀମାନଙ୍କ ବିଶ୍ୱାସର ମୂଳଭିତ୍ତି (ଗାଲାତୀ ୩:୧୪,୧୭,୧୮,୧୯,୨୧,୨୨,୨୯, ୪:୨୮, ଏବ୍ରୀ ୫:୧୩-୧୮)

▣ **''ଯେପରି ସେ ଜଗତର ଅଧିକାରୀ ହେବେ''** ଏହି ସାର୍ବଜନୀନ ମନ୍ତବ୍ୟ, ଆଦି ୧୨:୩, ୧୮:୨୮, ୨୨:୧୮ ଏବଂ ଯାତ୍ରା ୧୯:୫-୬ର ଆଲୋକରେ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱର ସମସ୍ତ ମାନବ ଜାତିକୁ ଆହ୍ୱାନ ଦେବାକୁ ଅବ୍ରହାମଙ୍କୁ ଆହ୍ୱାନ କଲେ (ଆଦି ୧:୨୬-୨୭, ୩:୧୫)! ଅବ୍ରହାମ ଓ ତାଙ୍କର ବଂଶଧର ସମୁଦାୟ ଜଗତ ପ୍ରତି ଈଶ୍ୱରଙ୍କ ଆମ୍ ପ୍ରକାଶର ଏକ ମାଧ୍ୟମ ହେବାକୁ ଥିଲା । ପୃଥିବୀ ବକ୍ଷରେ ଈଶ୍ୱରଙ୍କ ରାଜ୍ୟକୁ ବୁଝାଇବାର ଏହା ଆଉ ଏକ ଉପାୟ ଅଟେ (ମାଥିଉ ୬:୧୦)

▣ **''ବ୍ୟବସ୍ଥା ଦ୍ୱାରା ନୁହେଁ''** ମୋଶାଙ୍କ ବ୍ୟବସ୍ଥା ସେପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିଲା । ଏହି ଖଣ୍ଡ ବାକ୍ୟ ପ୍ରଥମ ଗ୍ରୀକ୍ ଭାଷାରେ ଏହାର ଗୁରୁତ୍ୱ ପ୍ରକାଶ କରିବାକୁ ଦିଆଯାଇଥିଲା । ଏହା ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା, ଯାହା ମାନବ ଚେଷ୍ଟା ଓ ସ୍ୱର୍ଗୀୟ ଅନୁଗ୍ରହ ମଧ୍ୟରେ ଭିନ୍ନତା ବା ପାର୍ଥକ୍ୟ ଉପରେ ଗୁରୁତ୍ୱଆରୋପ କରେ (୩:୨୧-୩୧) । ଅନୁଗ୍ରହ, ପରିତ୍ରାଣର ପଥ ରୂପେ ବ୍ୟବସ୍ଥାକୁ ଅପ୍ରଚଳିତ ବା ପୁରାତନ କରିଦେଲା (ଏବ୍ରୀ ୮:୭,୧୩) । ବିଶେଷ ପ୍ରସଙ୍ଗ ଦେଖ : ପାଉଲଙ୍କ ମତମାନ, ମୋଶାଙ୍କ ବ୍ୟବସ୍ଥା ବିଷୟରେ ୧୩:୯ରେ ।

**୪:୧୪** ଏହା ହେଉଛି ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟମାନର ନିମନ୍ତେ ସତ୍ୟ ବୋଲି ଅନୁମେୟ । ପାଉଲ ଏହି ବିସ୍ମୟଜନକ ମନ୍ତବ୍ୟ ତାଙ୍କର ଯଥାଯଥ ଯୁକ୍ତି କରିବା ନିମନ୍ତେ ବ୍ୟବହାର କରୁଥିଲେ । ଏହା ଏକ ପ୍ରଥମ ଶ୍ରେଣୀର ସର୍ତ୍ତପୂର୍ଣ୍ଣ ଉତ୍ତମ ଆଦର୍ଶ ପାଇଁ ଆଳଙ୍କାରିକ ଗୁରୁତ୍ୱ ଦେବା ଲାଗି ବ୍ୟବହୃତ ହୋଇଥିଲା । ସେ ଏହି ମନ୍ତବ୍ୟ ସତ୍ୟ ବୋଲି ବିଶ୍ୱାସ କରି ନ ଥିଲେ, ମାତ୍ର ଏହାର ସ୍ପଷ୍ଟ ଭ୍ରାନ୍ତ ଧାରଣାକୁ ଦର୍ଶାଇବାକୁ ପ୍ରକାଶ କରିଥିଲେ ।

ଗୋଷ୍ଠୀଗତ ଯିହୁଦୀମାନେ ସୁନ୍ନତର ଦୃଶ୍ୟ ଚିହ୍ନ ଦ୍ୱାରା ଜଗତର ଅଧିକାରୀ ହେବେ ନାହିଁ, ମାତ୍ର ଯେଉଁମାନେ ଈଶ୍ୱରଙ୍କ ଇଚ୍ଛା ଓ ବାକ୍ୟ ଅନୁସାରେ ବିଶ୍ୱାସ କାର୍ଯ୍ୟକାରୀ କରନ୍ତି, ସେମାନେ ହେବେ । ଶାରୀରିକ ସୁନ୍ନତ ପ୍ରକୃତ ଚୁକ୍ତିର ଚିହ୍ନ ନୁହେଁ, ମାତ୍ର ବିଶ୍ୱାସ ପ୍ରକୃତ ଚିହ୍ନ ଥିଲା (୨:୨୮-୨୯) ।

▣

| | |
|---|---|
| **ଏନ୍ଏଏସ୍‌ବି, ଏନ୍‌କେଜେଭି** | **''ବିଶ୍ୱାସ ବ୍ୟର୍ଥ କରାଯାଇଅଛି''** |
| **ଏନ୍ଆର୍ଏସ୍‌ଭି** | **''ବିଶ୍ୱାସ ନିଷ୍ଫଳ ଅଟେ''** |
| **ଟିଇଭିଜି** | **''ମନୁଷ୍ୟର ବିଶ୍ୱାସର ଅର୍ଥ କିଛି ନୁହେଁ''** |
| **ଏନ୍‌ଜେବି** | **''ବିଶ୍ୱାସ ମୂଲ୍ୟହୀନରେ ପରିଣତ ହୁଏ''** |

ଏହା ମଧ୍ୟ ''କେନୋଓ'' ସଂପୂର୍ଣ୍ଣ ସମ୍ପାଦିତ କର୍ମବାଚକ ସୂଚନାଦାନକାରୀ, ଯାହା ଏକ ବଳିଷ୍ଠ ଗ୍ରୀକ୍ କ୍ରିୟାପଦର ଏକ ସମାଧାନ ହୋଇଥିବା ଅବସ୍ଥାକୁ ଗୁରୁତ୍ୱ ଦିଏ । ତାହା ବୁଝାଏ ''ଶୂନ୍ୟରେ ପରିଣତ କରିବା ବା ଖାଲି କରିବା'',''ମୂଳଦୁଆ ନ ଥିବା ଦର୍ଶାଇବାକୁ'' ,''ଏପରିକି ପ୍ରତାରଣା କରିବାକୁ'' ଜଣାଇବାକୁ (୧ କରନ୍ଥୀ ୧:୧୭) । ଏହି ଶବ୍ଦ ମଧ୍ୟ ପାଉଲଙ୍କ ଦ୍ୱାରା ୧ କରନ୍ଥୀ ୧:୧୭, ୯:୧୫, ୨ କରନ୍ଥୀ ୯:୩ ଓ ଫିଲିପ୍ପୀ ୨:୭ରେ ବ୍ୟବହାର କରାଯାଇଛି ।

▣

**ଏନ୍‌ଏଏସ୍‌ବି** **''ପ୍ରତିଜ୍ଞା ନିଷ୍ଫଳ କରାଯାଇଅଛି''**

**ଏନ୍‌କେଜେଭି** **''ପ୍ରତିଜ୍ଞାକୁ ପ୍ରଭାବହୀନ କରାଯାଇଅଛି''**

**ଏନ୍‌ଆର୍‌ଏସ୍‌ଭି** **''ପ୍ରତିଜ୍ଞା ବ୍ୟର୍ଥ ହୋଇଅଛି''**

**ଟିଇଭି** **''ଈଶ୍ୱରଙ୍କ ପ୍ରତିଜ୍ଞା ମୂଲ୍ୟହୀନ''**

**ଏନ୍‌ଜେବି** **''ପ୍ରତିଜ୍ଞାର ମୂଲ୍ୟ ନାହିଁ''**

ଏହା ମଧ୍ୟ ଏକ ସଂପୂର୍ଣ୍ଣ ସମ୍ପାଦିତ କର୍ମକାରକ ସୂଚନାଦାନକାରୀ, ଯାହା ଏକ ବଳିଷ୍ଠ ଗ୍ରୀକ୍ କ୍ରିୟାପଦର ଏକ ସ୍ଥାୟୀ କରାଯାଇଥିବା ଅବସ୍ଥାକୁ ଗୁରୁତ୍ୱ ଦିଏ । ତାହା ବୁଝାଏ ଯେ ''ଶୂନ୍ୟରେ ପରିଣତ କରିବା'', ''ପ୍ରତ୍ୟାହାର କରିନେବାକୁ'', ଏକ ପରିଣତ ଆଣିବାକୁ ଏବଂ ଏପରିକି ''ନଷ୍ଟ କରିବାକୁ'' ବା ''ଉଜାଡ଼ କରିବାକୁ'' । ଏହା ଶବ୍ଦ ମଧ୍ୟ ପାଉଲ ରୋମୀ. ୩:୩,୩୧, ୬:୬, ୭:୨,୬, ୧ କରନ୍ଥୀ ୨:୬, ୧୩:୮, ୧୫:୨୪,୨୬, ୨ କରନ୍ଥୀ ୩:୭, ଗାଲାତୀ ୫:୪, ୨ ଥେସଲ ୨:୮ରେ ବ୍ୟବହାର କରିଅଛନ୍ତି । ଏହି ପଦରେ ଏକ ସ୍ପଷ୍ଟ ସମାନ୍ତରମତ ଅଛି । ପରିତ୍ରାଣକୁ ଦୁଇଟି ପଥ ନାହିଁ । ଅନୁଗ୍ରହର ନୂତନ ଚୁକ୍ତି କ୍ରିୟାକର୍ମର ପୁରାତନ ଚୁକ୍ତିକୁ ନିଷ୍ଫଳ ଓ ବ୍ୟର୍ଥ କରିଦେଇଅଛି । ବିଶେଷ ପ୍ରସଙ୍ଗ ଦେଖ : ନିଷ୍ଫଳ ଏବଂ ବ୍ୟର୍ଥ ୩:୩ରେ ।

**୪:୧୫ ''ବ୍ୟବସ୍ଥା...ବ୍ୟବସ୍ଥା''** ଏହି ଶବ୍ଦ ପ୍ରଥମ ବ୍ୟବହାରରେ ଗ୍ରୀକ୍ ଲେଖାଅଛି, ଯେତେବେଳେ ଦ୍ୱିତୀୟଟିରେ ନାହିଁ । ଯଦ୍ୟପି ଗ୍ରୀକ୍‌ଲେଖାର ଉପସ୍ଥିତି ବା ଅନୁପସ୍ଥିତି ପ୍ରତି ମନଯୋଗ ବିଶେଷଭାବେ କରିବା ବିପଦଜନକ । ଏହି କ୍ଷେତ୍ରରେ ପାଉଲ ଏହି ଶବ୍ଦକୁ ଦୁଇଟି ଅର୍ଥରେ ବ୍ୟବହାର କରିଥିବା ଦର୍ଶାଇବାକୁ ଏହା ସାହାଯ୍ୟ କରିବା ପରି ମନେ ହୁଏ ।

୧. ମୋଶାଙ୍କ ବ୍ୟବସ୍ଥା ଏହାର ମୌଖିକ ପରମ୍ପରା ଦ୍ୱାରା, ଯେଉଁଥିରେ କେତେକ ଯିହୁଦୀ ସେମାନଙ୍କ ପରିତ୍ରାଣ ପାଇଁ ବିଶ୍ୱାସ କରୁଥିଲେ ।

୨. ସାଧାରଣଭାବେ ବ୍ୟବସ୍ଥାର ଧାରଣା

ଏହି ବିସ୍ତୃତ ଅର୍ଥ ଆମ୍ଭ ଧାର୍ମିକ ବିଜାତିମାନଙ୍କୁ ଅନ୍ତର୍ଗତ କରେ, ଯେଉଁମାନେ ଏଥିରେ ଦୃଢ଼ୀଭୂତ ବା ଏହାର ସଂସ୍କୃତିଗତ ନିୟମ ଓ ଧର୍ମବିଧିର ତାଲିକାରେ ଦୃଢ଼ ନିର୍ଭର କରନ୍ତି ଏବଂ ସେମାନଙ୍କ ଧର୍ମକର୍ମ ସାଧନ ଉପରେ ନିର୍ଭର କରି ସେମାନେ ତାଙ୍କ ଈଶ୍ୱରଙ୍କ ଦ୍ୱାରା ଗୃହୀତ ହେବା ଅନୁଭବ କରନ୍ତି ।

▣ **''ବ୍ୟବସ୍ଥା କ୍ରୋଧ ଜନ୍ମାଏ''** ଏହା ଏକ ସ୍ଥାୟୀଭୂତ କରିବା ମନ୍ତବ୍ୟ (୩:୨୦, ଗାଲାତୀ ୩:୧୦-୧୩, କଲସୀ ୨:୧୪) । ମୋଶାଙ୍କ ବ୍ୟବସ୍ଥା କେବେହେଲେ ପରିତ୍ରାଣର ପଥ ହେବାକୁ ବୁଝାଏ ନାହିଁ (ଗାଲାତୀ ୩:୨୩-୨୯) । ଏହା ଯେକୌଣସି ଯିହୁଦୀ (ନ୍ୟାୟବାଦୀ) ପକ୍ଷେ ବୁଝିବା ବା ଗ୍ରହଣ କରିବା ଲାଗି ଏକ ବହୁତ କଠିଣ ସତ୍ୟ ହୋଇ ଆସିଅଛି, ମାତ୍ର ଏହା ହେଉଛି ପାଉଲଙ୍କର ଯୁକ୍ତିର ମୂଳଦୁଆ । ୧୩:୯ରେ ବିଶେଷ ପ୍ରସଙ୍ଗ ଦେଖ ।

▣ **''କିନ୍ତୁ ଯେଉଁଠାରେ ବ୍ୟବସ୍ଥା ନାହିଁ, ସେଠାରେ ବ୍ୟବସ୍ଥାଲଘଂନ ମଧ୍ୟ ନାହିଁ ।''** ସେମାନଙ୍କୁ ପ୍ରଦତ୍ତ ଆଲୋକ ଅନୁସାରେ ଈଶ୍ୱର ସେମାନଙ୍କୁ ହିସାବ ଦାୟୀ କରନ୍ତି । ବିଜାତିମାନେ ମୋଶାଙ୍କ ପ୍ରାକୃତିକ ପ୍ରକାଶିତ ବିଷୟ ଅନୁସାରେ ବିଚାରିତ ହେବେ । (୧:୧୯-୨୦, ୨:୧୪,୧୫)

ଏହି ସତ୍ୟ ପାଉଲଙ୍କ ଯୁକ୍ତିକୁ ଏଠାରେ ଗୋଟିଏ ପାହୁଣ୍ଡ ଆଗକୁ ନେଇଅଛି । ମୋଶାଙ୍କ ବ୍ୟବସ୍ଥା, ଈଶ୍ୱରଙ୍କୁ ସ୍ପଷ୍ଟ ରୂପେ ପ୍ରକାଶ କରିବା ପୂର୍ବେ ସେ ମାନବଜାତିର ସ୍ୱେଚ୍ଛାକୃତ ବିଷୟମାନ ଲିପିବଦ୍ଧ କରିନାହାନ୍ତି (୩:୨୦,୨୫, ୪:୧୫, ୫:୧୩,୨୦, ୭:୫,୭-୮, ପ୍ରେରିତ ୧୪:୧୬, ୧୭:୩୦, ୧ କରନ୍ଥୀ ୧୫:୫୬)

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୪:୧୬-୨୫**

**ଏଣୁ ଏହି ଧାର୍ମିକତା ବିଶ୍ୱାସ ହେତୁ ମିଳେ, ଯେପରି ତାହା ଅନୁଗ୍ରହ ଅନୁସାରେ ହୁଏ, ଆଉ ତଦ୍ୱାରା ସମସ୍ତ ବଂଶ ପକ୍ଷରେ, କେବଳ ବ୍ୟବସ୍ଥାବଲମ୍ବୀ ବଂଶ ପକ୍ଷରେ ନୁହେଁ, ମାତ୍ର ଅବ୍ରହାମଙ୍କ ବିଶ୍ୱାସଲମ୍ବୀ ବଂଶ ପକ୍ଷରେ ସୁଦ୍ଧା ସେହି ପ୍ରତିଜ୍ଞା ଅଟଳ ରହେ । ଯେଉଁ ଈଶ୍ୱରଙ୍କୁ ସେ ବିଶ୍ୱାସ କଲେ, ଯେ ମୃତମାନଙ୍କୁ ସଜୀବ କରନ୍ତୁ ଓ ନ ଥିବା ବସ୍ତୁକୁ ଥିବା ବସ୍ତୁପରି ଡାକନ୍ତି ସେହି ଈଶ୍ୱରଙ୍କ ଦୃଷ୍ଟିରେ ସେ ଆମ୍ଭମାନଙ୍କ ପିତା ଅଟନ୍ତି । ଯେପରି ଲେଖାଅଛି, ଆମ୍ଭେ ତୁମ୍ଭକୁ ବହୁ ଜାତିର ପିତା କରିଅଛୁ । ଏହିପରି ତୁମ୍ଭର ବଂଶ ହେବ, ଏହି ଯେଉଁ କଥା କୁହଯାଇଥିଲା, ତଦନୁସାରେ ସେ ଯେପରି ବହୁ ଜାତିର ପିତା ହୁଅନ୍ତି, ସେଥିନିମନ୍ତେ ଆଶା ନ ଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ । ତାହାଙ୍କ ବୟସ ପ୍ରାୟ ଏକ ଶତ ବର୍ଷ ହେବାରୁ ସେ ଆପଣା ଶରୀରକୁ ମୃତବତ୍ ଓ ସାରାଙ୍କ ଗର୍ଭକୁ ମୃତ ବୋଲି ବିବେଚନା କଲେ ସୁଦ୍ଧା ବିଶ୍ୱାସରେ ଦୁର୍ବଳ ହେଲେ ନାହିଁ, ବରଂ ଈଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ, କିନ୍ତୁ ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ରୂପେ ଜାଣି ତାହାଙ୍କୁ ଗୌରବ ଦେଇ ବିଶ୍ୱାସରେ ବଳବାନ ହେଲେ । ଏଥିପାଇଁ**

**ମଧ୍ୟ ଏାହ ତାହାଙ୍କ ପକ୍ଷରେ ଧାର୍ମିକତା ବୋଲି ଗଣିତ ହେଲା । ତାହାଙ୍କ ପକ୍ଷରେ ଯେ ଗଣିତ ହେଲା, ଏହା କେବଳ ତାହାଙ୍କ ନିମନ୍ତେ ଲିଖିତ ହୋଇନାହିଁ, ମାତ୍ର ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ଲେଖା ହୋଇଅଛି । କାରଣ ଯେ ଆମ୍ଭମାନଙ୍କର ପ୍ରଭୁ ଯୀଶୁ, ମୃତମାନଙ୍କ ମଧ୍ୟରୁ ଉତ୍‌ଥାପନ କଲେ । ତାହାଙ୍କଠାରେ ବିଶ୍ୱାସ କରୁଅଛୁ ଯେ, ଆମ୍ଭେମାନେ, ଆମ୍ଭମାନଙ୍କ ପକ୍ଷରେ ମଧ୍ୟ ତାହା ଗଣିତ ହେବ । ସେହି ଯୀଶୁ ଆମ୍ଭମାନଙ୍କ ଅପରାଧ ନିମନ୍ତେ ସମର୍ପିତ ହେଲେ । ପୁଣି ଆମ୍ଭେମାନେ ଧାର୍ମିକ ଗଣିତ ହେବା ନିମନ୍ତେ ଉତ୍‌ଥାପିତ ହେଲେ ।**

**୪:୧୬** ଏହା ୧୪ ପଦରୁ ପାଉଲଙ୍କ ଯୁକ୍ତିର ଏକ ସୁନ୍ଦର ସାରାଂଶ ଅଟେ ।

୧. ମାନବଗଣ ବିଶ୍ୱାସ ଦ୍ୱାରା ନିଶ୍ଚୟ ପ୍ରତ୍ୟୁତ୍ତର ଦେବା ଉଚିତ

୨. ଈଶ୍ୱରଙ୍କ ଅନୁଗ୍ରହ ପ୍ରତିଜ୍ଞା ପ୍ରତି

୩. ସମସ୍ତ ବଂଶଧରମାନଙ୍କ ପ୍ରତି ଅବ୍ରହାମଙ୍କ ପ୍ରତିଜ୍ଞା ନିଶ୍ଚିତ ଥିଲା (ଯିହୁଦୀ ଓ ବିଜାତି) ଯେ କି ବିଶ୍ୱାସ କାର୍ଯ୍ୟକାରୀ କଲେ

୪. ଅବ୍ରହାମ ସମସ୍ତ ବିଶ୍ୱାସୀଙ୍କର ଆଦର୍ଶ ବା ପ୍ରତୀକ

▣

**ଏନ୍‌ଏଏସ୍‌ବି, ଏନ୍‌ଆର୍‌ଏସ୍‌ଭି,**

| | |
|---|---|
| **ଟିଇଭି, ଏନ୍‌ଆଇଭି** | **''ଅଟଳ ପ୍ରତିଶ୍ରୁତି''** |
| **ଏନ୍‌କେଜେଭି** | **''ନିଶ୍ଚିତ''** |
| **ଆର୍‌ଇବି** | **''ଅଭ୍ରାନ୍ତ'' ''କର୍ମଯୋଗ୍ୟ''** |
| **ଏନ୍‌ଇଟି** | **''ନିଶ୍ଚୟ''** |

ନିମ୍ନଲିଖିତ ବିଶେଷ ପ୍ରସଙ୍ଗ ଦେଖ

## ବିଶେଷ ପ୍ରସଙ୍ଗ : ଅଟଳ ପ୍ରତିଶ୍ରୁତି

ଏହା ହେଉଛି ଏକ ଗ୍ରୀକ୍ ଶବ୍ଦ ବେବାଇଓସ୍, ଯାହାର ତିନୋଟି ଅର୍ଥ ରହିଛି ।

୧. ଯାହା ନିଶ୍ଚୟ, ନିଶ୍ଚିତ ବା ସକ୍ଷମ ତାହା ଉପରେ ନିର୍ଭର କରାଯାଇପାରିବ (ରୋମୀ ୪:୧୬, ୨ କରନ୍ଥୀ ୧:୭, ଏବ୍ରୀ ୨:୨୦, ୩:୬୧୪, ୬:୧୯, ୨ ପିତର ୧:୧୦,୧୯)

୨. ଯେଉଁ ପ୍ରଣାଳୀ ଦ୍ୱାରା ଯାହା ବିଶ୍ୱାସଯୋଗ୍ୟ ତାହା ଦର୍ଶାଇ ଦିଆଯାଇଛି ଓ ସ୍ଥାପନ କରାଯାଇଛି (ରୋମୀ ୧୫:୮, ଏବ୍ରୀ ୨:୨, ଓଉ ଓ ନିଡ଼ା ଗ୍ରୀକ୍- ଇଂରାଜୀ ଅଭିଧାନ ନୂତନ ନିୟମର ୧ ଭାଗ ୩୪୦, ୩୭୭, ୬୭୦ ପୃଷ୍ଠା)

୩. ପାପ୍ରିରେ ଏକ ଯାନ୍ତ୍ରିକ ବିଷୟକ ଶବ୍ଦ ଏକ ନ୍ୟାୟସଙ୍ଗତ ପ୍ରତିଶ୍ରୁତି ସକାଶେ (ମୌଲ୍‌ଟନ୍ ଏବଂ ମିଲିଗାନ୍, ଗ୍ରୀକ୍ ନୂତନ ନିୟମର କଷ୍ଟ ଶବ୍ଦ ୧୭-୮ ପୃଷ୍ଠା)

ଏହା ୧୪ ପଦର ସଂପୂର୍ଣ୍ଣ ବିପରୀତ । ଈଶ୍ୱରଙ୍କ ପ୍ରତିଜ୍ଞାମାନ ନିଶ୍ଚିତ!

▣ **''ସମସ୍ତ...ସମସ୍ତ''** ଏହା ସମସ୍ତ ବିଶ୍ୱାସୀମାନଙ୍କୁ (ଯିହୁଦୀ ଓ ବିଜାତି) ବୁଝାଏ

**୪:୧୭-୨୩** ପାଉଲ ପୁନର୍ବାର ଅଗ୍ରାଧିକାର ଦର୍ଶାଇବାକୁ ଅବ୍ରହାମଙ୍କୁ ବ୍ୟବହାର କଲେ (୧) ଈଶ୍ୱରଙ୍କ ପ୍ରାରମ୍ଭିକ ଅନୁଗ୍ରହ ପ୍ରତିଜ୍ଞାମାନ (ଚୁକ୍ତି-ପ୍ରତୀକ୍ଷା) ଏବଂ (୨) ମାନବଜାତିର ଆବଶ୍ୟକୀୟ ପ୍ରାରମ୍ଭିକ ବିଶ୍ୱାସ ଓ ଲାଗି ରହିଥିବା ବିଶ୍ୱାସ ପ୍ରତ୍ୟୁତ୍ତର (ଚୁକ୍ତି ପ୍ରତିଜ୍ଞା, ୧:୫ରେ ଟିପ୍ପଣୀ ଦେଖ) ଚୁକ୍ତିମାନ ସର୍ବଦା ଦୁଇଟି ଦଳର କାର୍ଯ୍ୟସମୂହ ଅନ୍ତର୍ଭୁକ୍ତ କରେ ।

**୪:୧୭ ''ଯେପରି ଲେଖାଅଛି, ଆମ୍ଭେ ତୁମ୍ଭକୁ ବହୁ ଜାତିର ପିତା କରିଅଛୁ''** ଏହା ଆଦି ୧୭:୫ରୁ ଏକ ଉଦ୍ଧୃତାଂଶ । ସେପ୍ଟୁଆଜିଣ୍ଟ (୭୦)ର ''ବିଜାତିମାନେ'' । ଈଶ୍ୱର ସର୍ବଦା ଆଦମଙ୍କ ସମସ୍ତ ସନ୍ତାନମାନଙ୍କର ମୁକ୍ତି ଚାହିଁଅଛନ୍ତି (ଆଦି ୩:୧୫) କେବଳ ଅବ୍ରହାମଙ୍କ ସନ୍ତାନମାନେ ନୁହଁନ୍ତି । ଅବ୍ରାମଙ୍କ ନୂତନ ନାମ ଅବ୍ରହାମ ''ବହୁ ଲୋକର ପିତା'' ବୁଝାଏ । ବର୍ତ୍ତମାନ ଆମ୍ଭେମାନେ ଜାଣୁ, ଏହା କେବଳ ଶାରୀରିକ ବଂଶଧରମାନଙ୍କୁ ଅନ୍ତର୍ଗତ କରେ ନାହିଁ, ମାତ୍ର ବିଶ୍ୱାସ ବଂଶଧରମାନଙ୍କୁ ଅନ୍ତର୍ଗତ କରେ ।

▣ **''ଯେ ମୃତମାନଙ୍କୁ ସଜୀବନ କରନ୍ତି''** ପୂର୍ବପର ସମ୍ବନ୍ଧରେ ଏହା ଅବ୍ରହାମ ଓ ସାରାଙ୍କର ଯୌନଜନିତ ଶକ୍ତିକୁ ପୁର୍ନଜୀବିତ କରିବା ବୁଝାଏ (୧୯ ପଦ)

▣ **''ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି''** ପୂର୍ବାପର ସମ୍ବନ୍ଧରେ ଏହା ସାରାଙ୍କ ଗର୍ଭଧାରଣ, ଇସ୍‌ହାକ୍‌ଙ୍କୁ ଗର୍ଭରେ ସଞ୍ଚାରିତ କରିବା ବୁଝାଏ, ମାତ୍ର ଏହା ମଧ୍ୟ ଏକ ବିଶ୍ୱାସର କଷ୍ଟକର ବିଷୟକୁ ସୂଚାଏ (ଏବ୍ରୀ ୧୧:୧)

**୪:୧୮**

**ଏନ୍‌ଏଏସ୍‌ବି** **''ଆଶା ନ ଥିଲେ ସୁଦ୍ଧା ଆଶା ରଖି ସେ ବିଶ୍ୱାସ କଲେ''**

**ଏନ୍‌କେଜେଭି** **''ଆଶାର ବିପରୀତକୁ ଆଶାରେ ବିଶ୍ୱାସ କଲେ''**

**ଏନ୍‌ଆର୍‌ଏସ୍‌ଭି** **''ଆଶା ବିରୁଦ୍ଧରେ ଆଶା କରି, ସେ ବିଶ୍ୱାସ କଲେ''**

**ଟିଇଭି** **''ଅବ୍ରହାମ ବିଶ୍ୱାସ କଲେ ଓ ଆଶା କଲେ, ଏପରିକି ଯେତେବେଳେ ଆଶ କରିବାର କୌଣସି କାରଣ ନ ଥିଲା''**

**ଏନ୍‌ଜେବି** **''ଯଦିବା କୌଣସି ଆଶା ଦିଶୁ ନ ଥିଲା ସେ ଆଶା କଲେ ଓ ବିଶ୍ୱାସ କଲେ''**

''ଆଶା'' ଉପରେ ବିଶେଷ ପ୍ରସଙ୍ଗ ୧୨:୧୨ରେ ଅଛି । ଶବ୍ଦର ଏକ ବିସ୍ତୃତ ଭାଷାର୍ଥ ବିଷୟକ କ୍ଷେତ୍ର ଅଛି । ହାରୋଲ୍‌ଡ୍ କେ ମୌଲ୍‌ଟନ୍, ବିଶ୍ଳେଷଣାତ୍ମକ ଗ୍ରୀକ୍ ଅଭିଧାନ ପୁର୍ନବିଚାର ୧୩୩ ପୃଷ୍ଠା ଶବ୍ଦର ବିଭିନ୍ନ ବ୍ୟବହାର ତାଲିକା କରିଅଛି ।

୧. ମୂଳ ଅର୍ଥ, ଆଶା (ରୋମୀ ୫:୪, ପ୍ରେରିତ ୨୪:୧୫)
୨. ଆଶାର ଲକ୍ଷ୍ୟ (ରୋମୀ. ୮:୨୪, ଗାଲାତୀ ୫:୫)
୩. ଲେଖକ ଓ ଉତ୍ପତ୍ତି (କଲସୀ ୧:୨୭, ୧ ତୀମଥି ୧:୧)
୪. ଭରସା, ଦୃଢ଼ ବିଶ୍ୱାସ (୧ ପିତର ୧:୨୧)
୫. ଏକ ନିଶ୍ଚୟ ପ୍ରତିଶ୍ରୁତି ସହିତ ନିରାପତ୍ତାରେ (ପ୍ରେରିତ ୨:୨୬, ରୋମୀ ୮:୨୦)

ଏହା ପୂର୍ବାପର ସମ୍ପର୍କରେ ଆଶା ଦୁଇଟି ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଅଛି । ଆଶା, ମାନବ ସକ୍ଷମତା ଓ ଶକ୍ତିରେ (୧୯-୨୧ ପଦ) ବନାମ୍ (ମଧ୍ୟରେ) ଈଶ୍ୱରଙ୍କ ପ୍ରତିଜ୍ଞାରେ ଆଶା (୧୭ ପଦ)

▣

**ଏନ୍‌ଏଏସ୍‌ବି, ଏନ୍‌କେଜେଭି** **''ଏହିପରି ତୁମ୍ଭର ବଂଶ ହେବ''**

**ଏନ୍‌ଆର୍‌ଏସ୍‌ଭି** **''ସେତେ ଅଗଣିତ ତୁମ୍ଭର ବଂଶ ହେବ''**

**ଟିଇଭି** **''ତୁମ୍ଭର ବଂଶ ଅନେକ ହେବ''**

**ଏନ୍‌ଜେବି** **''ତୁମ୍ଭର ବଂଶ ତାରାଗଣ ପରି ଅନେକ ହେବ''**

ଏହା ଆଦି ୧୫:୫ର ଏକ ଉଦ୍ଧୃତାଂଶ ଅଟେ, ତାହା ଏକ ପୁତ୍ର ବିଷୟରେ ଅବ୍ରହାମଙ୍କୁ ଈଶ୍ୱରଙ୍କ ପ୍ରତିଜ୍ଞାର ନିଶ୍ଚୟତାକୁ ଗୁରୁତ୍ୱ ଦେଇଛି (୧୯-୨୨ ପଦମାନ) ସ୍ମରଣ କରି ଇସ୍‌ହାକ୍ ଜନ୍ମ ହେଲା ।

୧. ପ୍ରତିଜ୍ଞାର ତେର ବର୍ଷ ପରେ
୨. ଅବ୍ରହାମ ସାରାଙ୍କୁ ପରିତ୍ୟାଗ କରିବାକୁ ଚେଷ୍ଟା କରିବା ପରେ (ଦୁଇଥର ଆଦି ୧୨:୧୦-୧୯, ୨୦:୧-୭)
୩. ସାରାଙ୍କ ମିଶରିୟା ଦାସୀ ହାଗାର ଦ୍ୱାର ଅବ୍ରହାମ (ଆଦି ୧୭:୧୭)ରେ ପ୍ରତିଜ୍ଞାରେ ହାସ୍ୟ କରିବା ପରେ ।

ଅବ୍ରହାମ ଓ ସାରାଙ୍କ ସିଦ୍ଧ ବିଶ୍ୱାସ ନ ଥିଲା! ଈଶ୍ୱରଙ୍କ ଧନ୍ୟବାଦ କରୁ । ପରିତ୍ରାଣ, ସିଦ୍ଧ ବିଶ୍ୱାସ ଆବଶ୍ୟକ କରେ ନାହିଁ, ମାତ୍ର ଉପଯୁକ୍ତ ଲକ୍ଷ୍ୟ (ପୁରାତନ ନିୟମରେ ଈଶ୍ୱର ଓ ନୂତନ ନିୟମରେ ତାହାଙ୍କ ପୁତ୍ର)

**୪:୧୯ ''ସେ ମୃତବତ୍ ବିବେଚନା କଲେ''**ଏହି ଅନୁବାଦ ଏମ୍‌ଏସ୍‌ଏସ୍, ଏନ୍‌ଏବିସିର ଅନୁଗମନ କରେ । ମାତ୍ର କେତେକ ପୁରାତନ ଗୁଡ଼ାଥିବା ପାଣ୍ଡୁଲିପିମାନ ଏକ ନାସ୍ତିବାଚକ ବିଷୟ (ଓୟୁ) ଡିଏଫ୍‌ଜି ଯୋଗ କରନ୍ତି । ୟୁବିଏସ୍ ସିଦ୍ଧାନ୍ତ ନେବାକୁ ସମର୍ଥ ନୁହେଁ (ସି ମୂଲ୍ୟାୟନ କରୁଛି, ମାତ୍ର ସଂକ୍ଷିପ୍ତ ଶାସ୍ତ୍ରାଂଶ ଛପାଏ । ଏନ୍‌ଇଟି ବାଇବଲ ମଧ୍ୟ ସଂକ୍ଷିପ୍ତ ଶାସ୍ତ୍ରାଂଶର ସପକ୍ଷ ନିଏ ।

**୪:୨୦** ଆରମ୍ଭରେ ଅବ୍ରହାମ ପ୍ରତିଜ୍ଞାକୁ ସଂପୂର୍ଣ୍ଣଭାବେ ବୁଝି ନ ଥିଲେ, ଯେ ସନ୍ତାନ ସାରାଙ୍କ ଗର୍ଭରୁ ଜାତ ହେବ ବୋଲି । ଏପରିକି ଅବ୍ରହାମଙ୍କ ବିଶ୍ୱାସ ସିଦ୍ଧ ନ ଥିଲା । ଈଶ୍ୱର ଅସିଦ୍ଧ ବିଶ୍ୱାସକୁ ଗ୍ରହଣ କରନ୍ତି ଓ ତାହା ସହିତ ବ୍ୟବହାର କରନ୍ତି, କାରଣ ସେ ଅସିଦ୍ଧ ଲୋକମାନଙ୍କୁ ପ୍ରେମ କରନ୍ତି!

▣ **''ସେ ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ''** ସମାନ କ୍ରିୟାପଦ ''ଡିଆକ୍ରିନୋ'' ଯୀଶୁଙ୍କ ଦ୍ୱାରା ମାଥିଉ ୨୧:୨୧, ମାର୍କ ୧୧:୨୩ରେ ବ୍ୟବହାର କରାଯାଇଥିଲା । ଅବ୍ରହାମଙ୍କ ଈଶ୍ୱରଙ୍କ ବାକ୍ୟ (ପ୍ରତିଜ୍ଞା) ଉପରେ ପ୍ରଶ୍ନ କରିବାର କାରଣ ଥିଲା (୧୯ ପଦ), ମାତ୍ର ତାହା ପରିବର୍ତ୍ତେ ସେ ବଳିଷ୍ଠ ରୂପେ ବୃଦ୍ଧି ପାଇଲେ ।

୨୦ ପଦରେ ଦୁଇଟି କ୍ରିୟାପଦ ଉଭୟ ଆଓରିଷ୍ଟ କର୍ମକାରକ ସୂଚନାଦାନକାରୀ ଅଟନ୍ତି । କର୍ମବାଚ୍ୟ ଈଶ୍ୱରଙ୍କ ପ୍ରତିନିଧିତ୍ୱକୁ ସୂଚିତ କରେ । ମାତ୍ର ଅବ୍ରହାମଙ୍କ (ଚୁକ୍ତି ପ୍ରତିଜ୍ଞା) ଈଶ୍ୱରଙ୍କ ତାଙ୍କୁ ଶକ୍ତିଶାଳୀ ବା ବଳବାନ କରିବାକୁ ଅନୁମତି ଦେବାକୁ ହେଲା!

▣ **''ଈଶ୍ୱରଙ୍କୁ ଗୌରବ ଦେଇ''** ୩:୨୩ରେ ବିଶେଷ ପ୍ରସଙ୍ଗ ଦେଖ ।

**୪:୨୧**

**ଏନ୍ଏଏସ୍ବି** **''ସଂପୂର୍ଣ୍ଣ ନିଶ୍ଚୟତା ପାଇଁ''**

**ଏନ୍କେଜେଭି** **''ଏହା ଦୃଢ଼ ରୂପେ ଜାଣ''**

**ଏନ୍ଆର୍ଏସ୍ଭି** **''ପୁରାପୁରି ବୋଧ ଲାଭ କରି''**

**ଟିଇଭି** **''ସଂପୂର୍ଣ୍ଣଭାବେ ନିଶ୍ଚୟ ହୋଇଥିଲେ''**

**ଏନ୍ଜେବି** **''ସଂପୂର୍ଣ୍ଣ ବୋଧ ପାଇଥିଲେ''**

ଏହା ଏକ ଆଓରିଷ୍ଟ କର୍ମକାରକ କୃଦନ୍ତ । ଯାହା କୌଣସି ବିଷୟର ଏକ ପୂର୍ଣ୍ଣ ନିଶ୍ଚୟତା ସୂଚାଏ (ଲୂକ ୧:୧, କଲସୀ ୪:୧୨) ବା କୌଣସି ଲୋକର ସୂଚାଏ (ରୋମୀ ୪:୨୧, ୧୪:୫) । କଲସୀ ୨:୨ ଓ ଥେସଲ ୧:୫ରେ ପୂର୍ଣ୍ଣ ନିଶ୍ଚୟତା ବିଷୟରେ ବିଶେଷ୍ୟ ପଦ ବ୍ୟବହାର କରାଯାଇଛି । ଈଶ୍ୱରଙ୍କ ଇଚ୍ଛା, ବାକ୍ୟ ଓ ଶକ୍ତିରେ ଏହି ଦୃଢ଼ ବିଶ୍ୱାସ ମାନବଗଣଙ୍କୁ ବିଶ୍ୱାସରେ କାର୍ଯ୍ୟ କରିବାକୁ ସକ୍ଷମ କରେ!

▣ **''ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି, ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ସକ୍ଷମ''** ଏହି ସିଦ୍ଧ ମାଧ୍ୟମିକ (କ୍ରିୟାବାଚକ) ସୂଚନାଦାନକାରୀ, ଯାହା ଅତୀତରେ ଏକ କାର୍ଯ୍ୟ ସମାପ୍ତିରେ ଆସି ପହଞ୍ଚିଛି ଏବଂ ଜଣକର ଅବସ୍ଥା ମଧ୍ୟକୁ ପ୍ରବାହିତ ହେଉଛି ବୁଝାଉଛି । ବିଶ୍ୱାସର ମୂଳ ବିଷୟ ହେଉଛି ଯେ ଜଣେ ଈଶ୍ୱରଙ୍କ ଚରିତ୍ର ଓ ପ୍ରତିଜ୍ଞାସବୁରେ ଭରସା କରେ (୧୬:୨୫, ଏଫିସୀ ୩:୨୦, ଯିହୁଦା ୨୪) ଏବଂ ମାନବ ଧର୍ମକର୍ମ ସାଧନରେ ନୁହେଁ । ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକରେ ବିଶ୍ୱାସ ଭରସା କରେ (ଯିଶା ୫୫:୧୧)

**୪:୨୨** ଆଦି ୧୫:୬ (୩ ପଦ)ର ଏକ ପରୋକ୍ଷ ଲେଖା, ଯାହା ପାଉଲଙ୍କ ଯୁକ୍ତିର ପାରମାର୍ଥିକ ବିଷୟର କଞ୍ଚି ଅଟେ କିପରି ଈଶ୍ୱର ତାହାଙ୍କ ନିଜର ଧାର୍ମିକତା ପାପମୟ ମାନବଗଣଙ୍କୁ ଦିଅନ୍ତି ସେ ବିଷୟରେ ଏହା ଲିଖିତ ହୋଇଅଛି ।

**୪:୨୩-୨୫** ଏହି ପଦଗୁଡ଼ିକ ଗ୍ରୀକ୍‌ରେ ଗୋଟିଏ ବାକ୍ୟରେ ଅଛି । ଏହାର ଅଗ୍ରଗତି ଲକ୍ଷ୍ୟ କର ।

୧. ଅବ୍ରହାମଙ୍କ ସକାଶେ ୨୩ ପଦ

୨. ସମସ୍ତ ବିଶ୍ୱାସୀମାନଙ୍କ ସକାଶେ ୨୪ ପଦ

୩. ଈଶ୍ୱର ଯୀଶୁଙ୍କୁ ଉତ୍ଥିତ କରିବା ଦ୍ୱାରା ୨୪ ପଦ

୪. ଆମ୍ଭମାନଙ୍କ ପାପ ପାଇଁ ଯୀଶୁଙ୍କୁ ଉତ୍ସର୍ଗ (ସମର୍ପଣ) କରାଗଲା (ଯୋହନ ୩:୧୬) । ଆମ୍ଭମାନଙ୍କ ପାପସବୁ କ୍ଷମା ହେବା ଲାଗି ଯୀଶୁଙ୍କୁ ଉତ୍ଥିତ କରାଗଲା । (ଧାର୍ମିକ ଗଣନା) ୨୫ ପଦ

**୪:୨୪** ଅବ୍ରହାମଙ୍କ ବିଶ୍ୱାସ ସମସ୍ତ ପ୍ରକୃତ ବଂଶଧରମାନେ ଅନୁସରଣ କରିବା ପାଇଁ ଏହା ଏକ ପ୍ରଣାଳୀରେ ପରିଣତ ହେଲା । ଅବ୍ରହାମ ବିଶ୍ୱାସ କଲେ (୪:୫ରେ ବିଶେଷ ପ୍ରସଙ୍ଗ ଦେଖ) ଏକ ପ୍ରତିଜ୍ଞାତ ପୁତ୍ର ଓ ବଂଶଧର ବିଷୟରେ । ନୂତନ ଚୁକ୍ତିର ବିଶ୍ୱାସୀମାନେ ବିଶ୍ୱାସ କରନ୍ତି ଯେ ଯୀଶୁ, ମଶୀହ, ପତିତ ମାନବଜାତି ପ୍ରତି ଈଶ୍ୱରଙ୍କ ସମସ୍ତ ପ୍ରତିଜ୍ଞାର ସଫଳତା ଅଟନ୍ତି ।

''ବଂଶ'' ଶବ୍ଦ ଏକବଚନ ଓ ବହୁବଚନ ଉଭୟ ଅଛି (ଏକ ପୁତ୍ର, ଏକ ଲୋକଦଳ)

▣ ''ଉତ୍ଥାପନ'' ପାଇଁ ୮:୧୧ରେ ଟିପ୍ପଣୀ ଦେଖ ।

**୪:୨୫ ''ସେହି ଯୀଶୁ ଆମ୍ଭମାନଙ୍କ ଅପରାଧ ନିମନ୍ତେ ସମର୍ପିତ ହେଲେ''** ଏହା ଏକ ନ୍ୟାୟଜନକ ଶବ୍ଦ ଯାହା ବୁଝାଏ ''ଶାସ୍ତି ନିମନ୍ତେ ଜଣଙ୍କୁ ସମର୍ପଣ କରିବା'' । ୨୫ ପଦ ଏକ ଚମତ୍କାର ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ଶିକ୍ଷାଗତ ମନ୍ତବ୍ୟ ସେପ୍ଟୁଆଜିଣ୍ଟକୁ ପ୍ରତିଫଳିତ କରେ (୭୦) ଯିଶାଇୟ ୫୩:୧୧-୧୨ର ।

▣ **''ଆମ୍ଭେମାନେ ଧାର୍ମିକ ଗଣିତ ହେବା ନିମନ୍ତେ ଉଥାପିତ ହେଲେ''** । ୨୫ ପଦର ଦୁଇଟି ବାକ୍ୟାର୍ଦ୍ଧ ସମାନ୍ତର ଅଟନ୍ତି (ସମାନ ଅବ୍ୟୟପଦ ଏବଂ ଉଭୟ ଆଓରିଷ୍ଟ କର୍ମକାର ସୂଚନାଦାନକାରୀ) । ମାତ୍ର ସୁନ୍ଦର ଦେଖାଯିବା ନିମନ୍ତେ କିନ୍ତୁ ପାରମାର୍ଥିକ କାରଣ ନାହିଁ (୫:୯-୧୦, ୨ କରନ୍ଥୀ ୧୩:୪) ଫ୍ରଙ୍କ ଷ୍ଟାଗ୍‌ଙ୍କ ଅନୁବାଦ (ନୂତନ ନିୟମ ପାରମାର୍ଥ ଶିକ୍ଷା ୯୭ ପୃଷ୍ଠା) ''ଆମ୍ଭମାନଙ୍କ ଅପରାଧ ନିମନ୍ତେ ସମର୍ପିତ ହେଲେ, ପୁଣି ଆମ୍ଭେମାନେ ଧାର୍ମିକ ଗଣିତ ହେବା ନିମନ୍ତେ ଉତ୍ଥାପିତ ହେଲେ ।'' ଏହାକୁ ପ୍ରଶଂସା କରିବାକୁ ଯଥେଷ୍ଟ ବିଷୟ ଅଛି । ଏହି ଅନୁବାଦ ପାଉଲଙ୍କ ''ଧାର୍ମିକ ଗଣନା'' ଶବ୍ଦର ବ୍ୟବହାରରେ ଦୁଇଟି ବିଷୟ ଅନ୍ତର୍ଗତ (୧) ଏକ ଅଦାଲତ ସମ୍ବନ୍ଧୀୟ (ଆଇନଗତ) ସ୍ଥିତି ଓ (୨) ଈଶ୍ୱର ପରାୟଣ, ଖ୍ରୀଷ୍ଟଙ୍କ ସଦୃଶ ଜୀବନ! ୧:୭ରେ ବିଶେଷ ପ୍ରସଙ୍ଗ ଦେଖ ।

ଯୀଶୁଙ୍କ ପୁନରୁତ୍ଥାନ ପାଉଲଙ୍କ ପାଇଁ ଏକ କେନ୍ଦ୍ରୀୟ ପରମାର୍ଥିକ ସତ୍ୟ (୧:୩-୪, ୪:୨୪,୨୫, ୬:୪,୯, ୭:୪, ୮:୧୧,୩୪, ୧୦:୯, ୧ କରନ୍ଥୀ ୬:୧୪, ୧୫:୩-୧୧,୨୦-୨୩, ୨ କରନ୍ଥୀ ୧:୯, ୪:୧୪, ୫:୧୫, ୧୩:୪, ଗାଲତୀ ୧:୧, ଏଫିସୀ ୨:୨୦, କଲସୀ ୨:୧୨, ୧ ଥେସଲ ୧:୧୦, ୨ ତୀମଥି ୨:୮) । ସମାଧି ମୁକ୍ତ ବା ଖ୍ରୀଷ୍ଟ ଧର୍ମ ହେଉଛି ଏକ ମିଥ୍ୟା (୧ କରନ୍ଥୀ ୧୫:୧୨-୧୯)

## ଆଲୋଚନାର ପ୍ରଶ୍ନସମୂହ

ଏହା ଏକ ଅଧ୍ୟୟନ ପଥ ପ୍ରଦର୍ଶକ କମେଣ୍ଟାରୀ (ବାଖ୍ୟା ପୁସ୍ତକ), ଯାହା ବୁଝାଏ ଯେ, ବାଇବଲର ନିଜର ଅନୁବାଦ ପାଇଁ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଚାଲିବା ଉଚିତ । ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଜଣେ ବାଖ୍ୟାଖାରୀ ଉପରେ ଏକ ଦାୟିତ୍ୱ ଲଦି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ, ପୁସ୍ତକର ଏହି ଭାଗରେ ମୁଖ୍ୟ ବିଷୟମାନର ମାଧମରେ ଆପଣଙ୍କୁ ଚିନ୍ତା କରିବାରେ ସାହାଯ୍ୟ କରିବା ଲାଗି ଯୋଗାଇ ଦିଆଯାଇଅଛି । ଏହା ଚିନ୍ତା ଉଦ୍ରେକ କରିବାକୁ ଉଦ୍ଦିଷ୍ଟ, ନିଷ୍ପତ୍ତିମୂଳକ ନୁହେଁ ।

୧. ଏହି ରୋମୀୟ ପୁସ୍ତକର ଏହି ଭାଗଟି କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?

୨. ପାଉଲ ଅବ୍ରହାମ ଓ ଦାଉଦଙ୍କୁ ଏକ ଉଦାହରଣମାନ ରୂପେ କାହିଁକି ବ୍ୟବହାର କଲେ ?

୩ ନିମ୍ନଲିଖିତ ମୁଖ୍ୟ ଶବ୍ଦଗୁଡ଼ିକୁ ପାଉଲଙ୍କ ବ୍ୟବହାର ଅନୁଯାୟୀ ବୁଝାଅ (ନିଜର ସଜ୍ଞା ବା ଅର୍ଥ ନୁହେଁ)

- କ. ଧାର୍ମିକତା
- ଖ. ଗଣନା କରାଗଲା
- ଗ. ବିଶ୍ୱାସ
- ଘ. ପ୍ରତିଜ୍ଞା

୪. ଯିହୁଦୀମାନଙ୍କ ପାଇଁ ସୁନ୍ନତବିଧି କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ? (୯-୧୨ପଦ)

୫. ୧୩ ଏବଂ ୧୬ ପଦମାନଙ୍କରେ ''ବଂଶ'' କାହାକୁ ବୁଝାଉଛି ?

# ରୋମୀୟ ୫

| ଆଧୁନିକ ଅନୁବାଦମାନର ପାରାଗ୍ରାଫ ଭାଗ ବିଭାଗ | | | | |
|---|---|---|---|---|
| ୟୁବିଏସ୍ | ଏନ୍‌କେଜେଭି | ଏନ୍ ଆର ଏସ୍‌ଭି | ଟିଇଭି | ଏନ୍‌ଜେବି |
| ଧାର୍ମିକଗଣନାର ଫଳ ସମୂହ | ବିଶ୍ୱାସ କ୍ଲେଶ ମଧ୍ୟରେ ବିଜୟଲାଭ କରେ | ଧାର୍ମିକଗଣନାର ପରିଣାମ ସମୂହ | ଈଶ୍ୱରଙ୍କ ସହିତ ଯଥାର୍ଥ ସମ୍ପର୍କ | ବିଶ୍ୱାସ, ପରିତ୍ରାଣର ନିଶ୍ଚୟତା ପ୍ରତିଶ୍ରୁତି ଦିଏ |
| ୫:୧-୧୦ | ୫:୧-୫ | ୫:୧-୫ | ୫:୧-୫ | ୫:୧-୧୧ |
| | ଆମ୍ଭମାନଙ୍କ ସ୍ଥାନରେ ଖ୍ରୀଷ୍ଟ | | | |
| | ୫:୬-୧୧ | ୫:୬-୧୧ | ୫:୬-୧୧ | |
| ଆଦମ ଓ ଖ୍ରୀଷ୍ଟ | ଆଦମଙ୍କଠାରେ ମୃତ୍ୟୁ ଖ୍ରୀଷ୍ଟଙ୍କଠାରେ ଜୀବନ | ଆଦମ ଓ ଖ୍ରୀଷ୍ଟଙ୍କ ତୁଳନା ଓ ଭିନ୍ନତା | ଆଦମ ଓ ଖ୍ରୀଷ୍ଟ | ଆଦମ ଓ ଯୀଶୁଖ୍ରୀଷ୍ଟ |
| ୫:୧୨-୧୪ | ୫:୧୨-୨୧ | ୫:୧୨-୧୪ | ୫:୧୨-୧୪ଖ | ୫:୧୨-୧୪ |
| | | | ୫:୧୪ଗ-୧୭ | |
| ୫:୧୫-୨୧ | | ୫:୧୫-୧୭ | | ୫:୧୫-୨୧ |
| | | ୫:୧୮-୨୧ | ୫:୧୮-୧୯ | |
| | | | ୫:୨୦-୨୧ | |

## ଚକ୍ର ୩ ର ପାଠ କରିବା ବିଷୟ (୮) ପୃଷ୍ଠା ଦେଖ

### *ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା*

ଏହା ଏକ ଅଧ୍ୟୟନ ପଥ ପଦର୍ଶକ କମେଣ୍ଟେରୀ (ବାଖ୍ୟା ପୁସ୍ତକ), ଯାହା ବୁଝାଏ ଯେ, ବାଇବଲର ନିଜ ଅନୁବାଦ ପାଇଁ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ପାଇଥିବା ଆଲୋକରେ ଚାଲିବା ଉଚିତ । ଆପଣ, ବାଇବଲ ଏବଂ ପିବତ୍ର ଆତ୍ମା ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଏହି ଦାୟିତ୍ୱ ବାଖ୍ୟାକାରଙ୍କ ଉପରେ ଲଦି ଦେବା ଉଚିତ୍ ନୁହେଁ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଏବଂ ଏକାମାତ୍ର ପ୍ରସଙ୍ଗ ଅଛି ।

ଏକାଥରେ ବସି ଅଧ୍ୟାୟଟି ପାଠ କରି ନିଅନ୍ତୁ । ପ୍ରସଙ୍ଗ ଚିହ୍ନ ରଖନ୍ତୁ । ଉର୍ଦ୍ଧ୍ୱ ଲିଖିତ ପାଞ୍ଚଟି ଅନୁବାଦର ପ୍ରସଙ୍ଗ ଭାଗ ବିଭାଗ ସହିତ ଆପଣଙ୍କ ପ୍ରସଙ୍ଗ ଓ ଭାଗ ବିଭାଗକୁ ତୁଳନା କରନ୍ତୁ । ପାରାଗ୍ରାଫ୍ ପ୍ରତ୍ୟେକଟି ଭାଗ କରିବା ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ଏହା ମୁଖ୍ୟ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା ପାଇଁ କଞ୍ଜି ସଦୃଶ ଅଟେ, ଯାହା ଅନୁବାଦର କେନ୍ଦ୍ର ବା ହୃତପିଣ୍ଡ ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଓ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ

୨. ଦ୍ୱିତୀୟ ପାରାଗ୍ରାଫ

୩. ତୃତୀୟ ପାରାଗ୍ରାଫ

୪. ଇତ୍ୟାଦି

## ପୂର୍ବାପରି ସମ୍ବନ୍ଧସହ ଶାସ୍ତ୍ରାଂଶ ମଧ୍ୟକୁ ଅର୍ନ୍ତଦୃଷ୍ଟିମାନ

କ) ୧-୧୧ ପଦ ଗ୍ରୀକ୍ ଭାଷାରେ ଗୋଟିଏ ବାକ୍ୟ ଅଟେ । ସେହି ପଦମାନ ''ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ଧାର୍ମିକଗଣନା' ବିଷୟରେ ପାଉଲଙ୍କ କେନ୍ଦ୍ରିଭୂତି ଚିନ୍ତାଧାରା ବୃଦ୍ଧି ସାଧନ କରିଛନ୍ତି (୩:୨୧-୪:୨୫) ।

ଖ) ୧–୧୧ ପଦର ସାମ୍ଭାବ୍ୟ ବାହ୍ୟରେଖା :

| ୧–୫ ପଦ | ୬–୮ ପଦ | ୯–୧୧ ପଦ |
|---|---|---|
| ୧. ପରିତ୍ରାଣର ଉପକାର ସମୂହ | ୧. ପରିତ୍ରାଣ ମୂଳଭିତ୍ତି | ୧. ପରିତ୍ରାଣର ଭବିଷ୍ୟତ ନିଶ୍ଚୟତା |
| ୨. ଧାର୍ମିକଗଣନାର କର୍ତ୍ତୃକାରକ ପ୍ରାସଙ୍ଗିକ ଅନୁଭୂତିସବୁ | ୨. ଧାର୍ମିକଗଣନାର କର୍ମକାରକ ଘଟଣାସବୁ | ୨. ଧାର୍ମିକଗଣନାର ଭବିଷ୍ୟତ ନିଶ୍ଚୟତା |
| ୩. ଧାର୍ମିକ ଗଣନା | ୩. ଅଗ୍ରଗତି କରୁଥିବା ପବିତ୍ରିକରଣ | ୩. ଗୌରବାନ୍ୱିତ ହେବା |
| ୪. ବିବର୍ତ୍ତନବାଦ ଶିକ୍ଷା | ୪. ପରମାର୍ଥ ଶିକ୍ଷା | ୪. ଯୁଗ ଶେଷର ଘଟଣାବଳୀ ବିଷୟକ ଶିକ୍ଷା |

ଗ) ୧୨–୨୧ ପଦମାନ ଦ୍ୱିତୀୟ ଆଦମ ରୂପେ ଯୀଶୁଙ୍କ ବିଷୟରେ ଏକ ଆଲୋଚନା (୧କରନ୍ଥୀ ୧୫:୨୧–୨୨, ୪୫–୪୯, ଫିଲିପ୍ପୀ ୨:୬–୮)। ଏହା ଉଭୟ ବ୍ୟକ୍ତିଗତ ଓ ସାମୂହିକ ଦୋଷୀ (ଅପରାଧ) ମନୋବୃତ୍ତିର ପାରମାର୍ଥିକ ଚିନ୍ତାଧାରାଗୁଡ଼ିକୁ ଗୁରୁତ୍ୱ ଦିଏ । ପାଉଲଙ୍କ ମାନବଜାତିର (ଏବଂ ସୃଷ୍ଟିର) ଆଦମଙ୍କଠାରେ ପତନର ବାଖ୍ୟାରେ ବୃଦ୍ଧିସାଧନ ଗୁରୁମାନଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଭିନ୍ନ (ଯେଉଁମାନେ ଆଦି ୬ ଅଧ୍ୟାୟରୁ ପାପର ମୂଳତତ୍ତ୍ୱ ସେମାନଙ୍କର ବୃଦ୍ଧି କରିଛନ୍ତି), ଯେତେବେଳେ ପାଉଲଙ୍କ ଶାରୀରିକ ସ୍ଥିତି ବିଷୟକ ଭାବାଧାରା ଗୁରୁମାନଙ୍କ ଶିକ୍ଷାନୁଯାୟୀ ବହୁ ପରିମାଣରେ ସମାନ । ଏହା ଦର୍ଶାଏ ଯେ, ପାଉଲ ଯିରୁଶାଲମରେ ଗମଲିଅଲଙ୍କ ଅଧୀନରେ ପାଇଥିବା ଶିକ୍ଷାର ସତ୍ୟତାକୁ ବ୍ୟବହାର ବା ତାହାର ପରିପୂରକ ସତ୍ୟତା ଈଶ୍ୱରଙ୍କ ନିଶ୍ୱସିତ ପ୍ରେରଣା ଅଧୀନରେ ପ୍ରକାଶ କରିବାରେ ପାଉଲଙ୍କ ସକ୍ଷମତା ଥିଲା (ପ୍ରେରିତ ୨୨:୩) ।

ଅଗଷ୍ଟିନ ଓ କାଲ୍‌ଭିନ୍‌ଙ୍କ ଦ୍ୱାରା ଆଦି ୩ ରୁ ପାପର ଉତ୍ପତ୍ତିର ମୂଳତତ୍ତ୍ୱ ସମ୍ବନ୍ଧୀୟ ସଂସ୍କାରିତ ସୁସମାଚାର ପ୍ରଚାରିକ ମତ ଉନ୍ନତିଲାଭ କରିଥିଲା । ଏହା ମୂଳତଃ ସାବ୍ୟସ୍ତ କଲା ଯେ, ମାନବଗଣ ପାପରେ ଜନ୍ମ (ସମ୍ପୂର୍ଣ୍ଣ ଭ୍ରଷ୍ଟତା) । ଅନେକ ସମୟରେ ଗୀତ ୫୧:୫, ୫୮:୩ ଏବଂ ଆୟୁବ ୧୫:୧୪, ୨୫:୪ ପୁରାତନ ନିୟମ ପ୍ରମାଣି–ଶାସ୍ତ୍ରାଂଶ ରୂପେ ବ୍ୟବହାର କରାଗଲା । ପ୍ରତିବଦଳ ପରାମାର୍ଥିକ ସ୍ଥିତି ଯାହା ପାଲେଗିଅସ୍ ଏବଂ ଆର୍‌ମିନିଅସଙ୍କ ଦ୍ୱାରା ବୃଦ୍ଧିଲାଭ କଲା, ତାହା ହେଉଛି, ମାନବଗଣ ସେମାନଙ୍କର ନିଜ ପସନ୍ଦମାନ ଓ ଭବିଷ୍ୟତ ପାଇଁ, ଉନ୍ନତି କ୍ରମେ, ନୈତିକ ଭାବେ, ଆତ୍ମିକ ଭାବେ ଦାୟୀ ଅଟନ୍ତି । ସେମାନଙ୍କ ମତ ପାଇଁ କେତେକ ଚିହ୍ନ, ୨ବିବରଣ ୧:୩୯, ଯିଶା ୭:୧୫ ଏବଂ ଯୁନସ ୪:୧୧, ଯୋହନ ୯:୪୧, ୧୫:୨୨, ୨୪, ପ୍ରେରିତ ୧୭:୩୦, ରୋମୀ ୪:୧୫ ରେ ଅଛି । ଏହି ପରମାର୍ଥ ସ୍ଥିତିର ଚାପ ଥିଲା ଯେ, ପିଲାମାନେ ନୈତିକ ଦାୟିତ୍ୱର ବୟସକୁ ଆସିବା ପର୍ଯ୍ୟନ୍ତ ନିର୍ଦ୍ଦୋଷ (ଗୁରୁମାନଙ୍କ ପାଇଁ ଏହା ଥିଲା ବାଳକମାନଙ୍କ ପାଇଁ ୧୩ ବର୍ଷ ଏବଂ ବାଳିକାମାନଙ୍କ ପାଇଁ ୧୨ ବର୍ଷ ବୟସ)

ଏକ ମାଧମିକ ସ୍ଥାନ ଅଛି, ଯେଉଁଥିରେ ଉଭୟ ଏକ ସହଜାତ ଶବ୍ଦ ପ୍ରକୃତି ବା ସ୍ୱଭାବ ଏବଂ ଏକ ନୈତିକ ଦାୟିତ୍ୱର ବୟସ ସତ୍ୟ ହୋଇଥାଏ ! ମନ୍ଦତା କେବଳ ସାମୂହିକ (ଏକତ୍ର ଭାବେ କରିବା) ପାପ ନୁହେଁ ମାତ୍ର ବ୍ୟକ୍ତିବିଶେଷ ପାପ କରିବାକୁ ମନ୍ଦ ପ୍ରକୃତିର ବୃଦ୍ଧି ସାଧନ (ଜୀବନ ଅଧିକରୁ ଅଧିକ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ଭାବେ ଅଗ୍ରଗତି କରେ)। ଦୁଷ୍ଟତା, ମାନବଜୀବନର ଏକ ଉତ୍ପତ୍ତି ନୁହେଁ (ଆଦି ୬:୫, ୧୧–୧୨, ୧୩, ରୋମୀ ୩:୯, ୧୮, ୨୩) ମାତ୍ର କେତେବେଳେ ଜନ୍ମରେ ଓ ପରେ ଜୀବନରେ ଦେଖାଯାଏ ?

ଘ) ୧୨ ପଦର ଆଭାସ ଦିଆଯାଇଥିବା ବିଷୟର ବିଭିନ୍ନ ମତବାଦମାନଅଛି ।

୧. ସମସ୍ତ ଲୋକମାନେ ମୃତ୍ୟୁଭୋଗ କରନ୍ତି କାରଣ ସମସ୍ତ ଲୋକ ପାପ କରିବାକୁ ପସନ୍ଦ କଲେ (ପେଲାଗିଅସ୍)

୨. ଆଦମଙ୍କ ପାପ ସମୁଦାୟ ସୃଷ୍ଟିକୁ ପ୍ରଭାବିତ କଲା ଏବଂ ତାହା ଦ୍ୱାରା ସମସ୍ତେ ମୃତ୍ୟୁ ଭୋଗ କରନ୍ତି (୧୮–୧୯ ପଦ ଅଗଷ୍ଟିନ)

୩. ବାସ୍ତବରେ ଏହା ସମ୍ଭବତଃ ଉତ୍ପତ୍ତିଗତ ପାପ ଓ ସ୍ୱେଚ୍ଛାକୃତ ପାପର ଏହା ଏକ ମିଶ୍ରଣ ଅଟେ ।

ଙ) ପାଉଲଙ୍କ ତୁଳନା 'ଯେପରି' ୧୨ ପଦରେ ଆରମ୍ଭ ହେଲା, ୧୮ ପଦ ପର୍ଯ୍ୟନ୍ତ ଶେଷ ହୋଇନାହିଁ । ୧୩–୧୭ ପଦ ମାନ ଏକ ବାକ୍ୟରେ ବନ୍ଧନୀ ଗଠନ କରେ, ଯାହା ପାଉଲଙ୍କ ଲେଖାଗୁଡ଼ିକର ଚାରିତ୍ରିକ ଗୁଣ ।

ଚ) ପାଉଲଙ୍କ ସୁସମାଚାର ଉପସ୍ଥାପନ ସ୍ମରଣ କର, ୧:୧୮–୮:୩୬ ଏକ ସ୍ଥିରିକୃତ ଯୁକ୍ତି । ଉତ୍ତମ ଭାବେ ଅନୁବାଦିତ ହେବା ଓ ଅଂଶଗୁଡ଼ିକୁ ସମର୍ଥନ କରିବା ପାଇଁ ସମୁଦାୟ ବିଷୟ ଦେଖାଯିବା ଉଚିତ ।

ଛ) ୫ମ ଅଧ୍ୟାୟ ବିଷୟରେ ମାର୍ଟିନ୍ ଲୁଥର କହିଲେ, 'ସମୁଦାୟ ବାଇବଲରେ, ଏହି ବିଜୟୀ ଶାସ୍ତ୍ରାଂଶ ସହିତ ସମାନ ଆଉ ଏକ ଅଧ୍ୟାୟ ପାଇବା କଷ୍ଟକର ।'

## ଶବ୍ଦ ଏବଂ ଖଣ୍ଡବାକ୍ୟ ଅଧ୍ୟୟନ

### ଏନ୍‌ଏଏସ୍‌ବି (ଆଧୁନିକୀକରଣ) ୫:୧–୫

**[୧]ଅତଏବ, ବିଶ୍ୱାସ ଦ୍ୱାରା ଧାର୍ମିକଗଣିତ ହେବାରୁ ଆମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛୁ ।**
**[୨]ଯେଉଁ ଅନୁଗ୍ରହର ବ୍ୟବସ୍ଥା ମଧ୍ୟରେ ଆମ୍ଭେମାନେ ଅଛୁ, ସେଥିରେ ତାହାଙ୍କ ଦ୍ୱାରା ବିଶ୍ୱାସରେ ପ୍ରବେଶ ମଧ୍ୟ କରିଅଛୁ, ପୁଣି ଆମ୍ଭେମାନେ**
**ଈଶ୍ୱରଙ୍କ ଗୌରବର ଭରସାରେ ଦର୍ପ କରୁଅଛୁ ।**
**[୩]କେବଳ ତାହା ନୁହେଁ, ସମସ୍ତ କ୍ଳେଶରେ ମଧ୍ୟ ଦର୍ପ କରୁଅଛୁ, ଯେଉଁ କ୍ଳେଶରୁ ଧୈର୍ଯ୍ୟ,**
**ଧୈର୍ଯ୍ୟରୁ ଅନୁଭୂତି, ପୁଣି**
**[୪]ଅନୁଭୂତିରୁ ଭରସା ଯେ ଜନ୍ମେ, ଏହା ଆମ୍ଭେମାନେ ଜାଣୁ ।**
**[୫]ଆଉ ଭରସା ଲଜ୍ଜା ଦିଏ ନାହିଁ, କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ**
**ପବିତ୍ରଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି ।**

**୫:୧ ''ଅତଏବ'' ଏହି ଶବ୍ଦ ଅନେକ ସମୟରେ ସଙ୍କେତ ଦେଉଥିଲା ।**

୧. ଏହି ସମୟ ପର୍ଯ୍ୟନ୍ତ ପାରମାର୍ଥିକ ଯୁକ୍ତିର ସାରାଂଶ
୨. ଏହି ପାରମାର୍ଥିକ ଉପସ୍ଥାପନା ଉପରେ ଶେଷୋକ୍ତିଗୁଡ଼ିକ ନିର୍ଭର କଲା ।
୩. ନୂତନ ସତ୍ୟର ଉପସ୍ଥାପନା (୫:୧, ୮:୧, ୧୨:୧ ପଦମାନ)

▣ **''ଧାର୍ମିକ ଗଣିତ ହେବାରୁ''** ଏହା ଏକ ଆଓରିଷ୍ଟ କର୍ମକାରକ ବୃତନ୍ତ ପଦ, ଈଶ୍ୱର ବିଶ୍ୱାସୀମାନଙ୍କୁ ଧାର୍ମିକଗଣନା କରିଛନ୍ତି । ଏହା ଗ୍ରୀକ୍ ବାକ୍ୟରେ ପ୍ରଥମ ରଖାଯାଇଅଛି (୧–୨ ପଦ) ଗୁରୁତ୍ୱ ଆରୋପ କରିବାକୁ । ୧–୧୧ ପଦମାନଙ୍କରେ ଏକ ସମୟ ବ୍ୟବଧାନ ଥିବା ଦେଖାଯାଏ ।

୧. ୧–୫ ପଦମାନ, ଅନୁଗ୍ରହ ବିଷୟରେ ଆମ୍ଭମାନଙ୍କର ବର୍ତ୍ତମାନର ଅନୁଭବ
୨. ୬–୮ ପଦମାନ, ଆମ୍ଭମାନଙ୍କ ପକ୍ଷରୁ ଖ୍ରୀଷ୍ଟଙ୍କ ସମାପ୍ତ କରିଥିବା କାର୍ଯ୍ୟ
୩. ୯–୮ ପଦମାନ, ପରିତ୍ରାଣ ବିଷୟରେ ଆମ୍ଭମାନଙ୍କ ଭବିଷ୍ୟତ ଆଶା ଓ ନିଶ୍ଚିତତା ବା ନିର୍ଭର ପ୍ରତିଶ୍ରୁତି

ପୂର୍ବାପର ସମ୍ବନ୍ଧଥିବା ଶାସ୍ତ୍ରାଂଶ ଅର୍ନ୍ତଦୃଷ୍ଟିମାନରେ ବାହ୍ୟରେଖା ଖ ଦେଖ ।

ପୁରାତନ ନିୟମ ପୃଷ୍ଠଭୂମି (ନୂତନ ନିୟମ ଲେଖକମାନେ ହିବ୍ରୁ ଚିନ୍ତାକାରୀ, ସାଧାରଣ ଗ୍ରୀକ୍ ଭାଷାରେ ଲେଖୁଅଛନ୍ତି ସ୍ମରଣ ପୁରାତନ ନିୟମ ପୃଷ୍ଠଭୂମି (ନୂତନ ନିୟମ ଲେଖକମାନେ ହିବ୍ରୁ ଚିନ୍ତାକାରୀ, ସାଧାରଣ ଗ୍ରୀକ୍‌ଭାଷାରେ ଲେଖୁଛନ୍ତି ସ୍ମରଣ ରଖ) ଏହି ''ଧାର୍ମିକଗଣନା କରାଗଲା' ଶବ୍ଦର ଥିଲା (ଡିକାଇଓ) ଏକ 'ସିଧାଧାର' ବା 'ମାପକାଠି' । ସ୍ୱୟଂ ଈଶ୍ୱରଙ୍କ ବିଷୟ ଏହା ଉଦାହରଣ ଭାବେ ବ୍ୟବହାର କରିବାକୁ ଆସିଲା । ବିଶେଷ ପ୍ରସଙ୍ଗ ଦେଖ : ୧:୧୭ରେ ଧାର୍ମିକତା । ଈଶ୍ୱରଙ୍କ ଚରିତ୍ର । ପବିତ୍ରତା ତାହାଙ୍କ ବିଚାର ବିଷୟରେ କେବଳ ଏକମାତ୍ର ସ୍ତର (ଲେବୀ ୨୪:୨୨ର ୭୦ ଏବଂ ମାଥିଉ ୫:୪୮ରେ ପାରମାର୍ଥିକ ଭାବେ) । ଯୀଶୁଙ୍କ ସ୍ୱାର୍ଥତ୍ୟାଗର ପ୍ରତିବଦଳିଆ ମୃତ୍ୟୁ ହେତୁ (ଯିଶା ୫୩) ବିଶ୍ୱାସୀମାନଙ୍କର ଈଶ୍ୱର ସମ୍ମୁଖରେ ଏକ ନ୍ୟାୟସଙ୍ଗତ (ଅଦାଲତ ସମ୍ବନ୍ଧୀୟ) ପଦପ୍ରାପ୍ତି ଦଣ୍ଡାୟନମାନ ହେବା ଅଧିକାର ମିଳିଲା (୫:୨ର ଟିପ୍‌ପଣୀ ଦେଖ) । ଏହା ବିଶ୍ୱାସୀମାନଙ୍କ ଦୋଷୀକୃତ ହେବାରେ ଊଣା ବା ଅଭାବ ସହିତ ଜଡ଼ିତ ନୁହେଁ ମାତ୍ର ବରଂ ଦୋଷୀକୁ କ୍ଷମା ଦେବା ପରି କିଛି ବିଷୟ ସହିତ ସମ୍ପୃକ୍ତ । କେହି ଜଣେ ଜୋରିମନା ଦାଖଲ କରିଦେଇଛି (୨କରନ୍ଥୀ୫:୨୧) । ବିଶ୍ୱାସୀମାନେ କ୍ଷମାପ୍ରାପ୍ତ ଘୋଷଣା କରାଯିବାରେ ଲାଗିଲେ (୯, ୧୦ ପଦ) ।

▣ **''ବିଶ୍ୱାସ ଦ୍ୱାରା''** ବିଶ୍ୱାସ ହେଉଛି ହସ୍ତ, ଯେ କି ଈଶ୍ୱରଙ୍କ ଦାନ ଗ୍ରହଣ କରେ (୨ପଦ, ରୋମୀ ୪:୧) । ବିଶ୍ୱାସ, ବିଶ୍ୱାସୀର ସମର୍ପଣ ବା ଅନୁମୋଦନର ମାତ୍ରା (ପରିମାଣ) ବା ଅଭିପ୍ରାୟ ଉପରେ ଆଲୋକପାତ ବା ଲକ୍ଷ୍ୟ କରେ ନାହିଁ । (ମାଥିଉ ୧୭:୨୦) ମାତ୍ର ଚରିତ୍ର ଓ ଈଶ୍ୱରଙ୍କ ପ୍ରତିଜ୍ଞା ଉପରେ କରେ (ଏଫିସୀ ୨:୮–୯) । ପୁରାତନ ନିୟମର ଶବ୍ଦ 'ବିଶ୍ୱାସ' ପାଇଁ ଆରମ୍ଭରୁ ବୁଝାଏ ଏକ ସ୍ଥିର ଭାବେ ଠିଆ ହେବା ଜଣକର ଅବସ୍ଥାକୁ । ଏହା ଉଦାହରଣ ରୂପେ ବ୍ୟବହୃତ ହେବାକୁ ଜଣେ ବ୍ୟକ୍ତି ପାଇଁ ଆସିଲା । ଯେ କି ବିଶ୍ୱସ୍ତ ବା ନ୍ୟାୟବାନ, ନିର୍ଭରଯୋଗ୍ୟ ଏବଂ ବିଶ୍ୱାସଯୋଗ୍ୟ ବ୍ୟକ୍ତି । ବିଶ୍ୱାସ, ଆମ୍ଭମାନଙ୍କ ବିଶ୍ୱସ୍ତତା ଓ ନିର୍ଭରଯୋଗ୍ୟତା ଉପରେ ଲକ୍ଷ୍ୟ ରଖେ ନାହିଁ ମାତ୍ର ଈଶ୍ୱରଙ୍କ ଉପରେ ରଖେ । ବିଶେଷ ପ୍ରସଙ୍ଗ ଦେଖ : ୪:୫ ପଦରେ ।

▣ **''ଆମ୍ଭେମାନେ ଶାନ୍ତିରେ ଅଛୁ''** ଏକ ଭିନ୍ନ ପ୍ରକାର ଗ୍ରୀକ୍ ପାଣ୍ଡୁଲିପି ଏଠାରେ ଅଛି । ଏହି କ୍ରିୟାପଦ ହୁଏତ ବର୍ତ୍ତମାନ ସକ୍ରିୟ ସମ୍ଭାବନାର୍ଥକ ପବ (ଏକୋମେନ୍, ଏମ୍‌ଏସ୍‌ଏସ୍‌ଏନ୍,ବି,ବି.ସି.ଡ଼ି) ନଚେତ୍ ଏକ ବର୍ତ୍ତମାନ ସକ୍ରିୟ ସ୍ୱଚନାଦାୟକ (ଏକୋମେନ୍, ଏମ୍‌ଏସ୍‌ଏସ ଏନ୍[୧], ବି୨ ଏଫ୍,ଜି) । ଏହି ସମାନ ବ୍ୟାକରଣ ଅନେକାର୍ଥକତା ବା ଅସ୍ପଷ୍ଟତା, ୧,୨ ଓ ୩ ପଦରେ ଦେଖାଯାଏ–

୧. ଯଦି ଏହା ଏକ ସମ୍ଭାବନାର୍ଥକ ପଦ, ଏହା ଅନୁବାଦିତ ହେବ, 'ଆସ ଆମ୍ଭେମାନେ ଶାନ୍ତି ଉପଭୋଗ କରିବାରେ ଲାଗି ରହୁ'' ବା ''ଆନନ୍ଦ ଅନୁଭବ କରିବାରେ ଲାଗି ରହୁ ।''
୨. ଯଦି ଏହା ସୂଚନାଦାନକାରୀ ତେବେ ଏହା ଅନୁବାଦିତ ହେବ ''ଆମ୍ଭେମାନେ ଶାନ୍ତିରେ ଅଛୁ'' ।

ଏହି ଶାସ୍ତ୍ରାଂଶ ୧–୧୧ର ପୂର୍ବାପର ସମ୍ପର୍କ ଉପଦେଶମୂଳକ ନୁହେଁ, ମାତ୍ର ବିଶ୍ୱାସୀମାନେ ଯାହା ହୋଇ ସାରିଛନ୍ତି ଏବଂ ଖ୍ରୀଷ୍ଟଙ୍କ ଦ୍ୱାରା ହୋଇଅଛନ୍ତି ତାହାର ଘୋଷଣା ବା ବ୍ୟକ୍ତ କରିବା । ସେଥିପାଇଁ କ୍ରିୟାପଦ ସମ୍ଭବତଃ ବର୍ତ୍ତମାନ ସକ୍ରୀୟ ସୂଚନାଦାନକାରୀ, 'ଆମ୍ଭେମାନେ ଶାନ୍ତିରେ ଅଛୁ' । ୟୁଏସବି[୪] ଏହି ମନୋନୟନକୁ ''ଏ'' ନମ୍ବର ମୂଲ୍ୟାୟନ (ନିଶ୍ଚିତ)

ଆମ୍ଭମାନଙ୍କର ଅନେକ ଗ୍ରୀକ୍ ପାଣ୍ଡୁଲିପିମାନ ଜଣେ ବ୍ୟକ୍ତି ଶାସ୍ତ୍ରାଂଶ ପାଠ କରି ଉତ୍ପନ୍ନ କଲେ ଏବଂ ବିଭିନ୍ନ ଅନ୍ୟମାନେ ଏହାର ନକଲମାନ କଲେ । ଯେଉଁ ଶବ୍ଦମାନର ଉଚ୍ଚାରଣ ସମାନ ଅନେକ ସମୟରେ ଅବୁଝା ହେଉଥିଲା । ଏଠାରେ ଯେଉଁଠାରେ ପୂର୍ବାପର ସମ୍ବନ୍ଧ ଏବଂ ସମୟ ସମୟରେ ଲେଖାଶୈଳୀ ଏବଂ ସାଧାରଣ ଲେଖକଙ୍କ ଶବ୍ଦ ଜ୍ଞାନ ଅନୁବାଦ ସିଦ୍ଧାନ୍ତ ନେବାକୁ ସହଜରେ କରିବାକୁ ସାହାଯ୍ୟ କରେ ।

▣ **''ଶାନ୍ତି''** ନିମନ୍ତେ ବିଶେଷ ପ୍ରସଙ୍ଗ ଦେଖ ।

### ବିଶେଷ ପ୍ରସଙ୍ଗ : ଶାନ୍ତି (ବିଭିନ୍ନ ଅର୍ଥମାନ)

ଏହି ଗ୍ରୀକ୍ ଶବ୍ଦ ତାହାର ଉତ୍ପତ୍ତିରୁ ବୁଝାଏ, 'ଯାହା ଭଗ୍ନ ହୋଇଥିଲା ତାହା ଏକତ୍ର ବାନ୍ଧିବା ।' ନୂତନ ନିୟମ ଶାନ୍ତି ବିଷୟ ତିନୋଟି ଉପାୟରେ କହେ :

୧. ଏକ ବସ୍ତୁନିଷ୍ଠ (ବାସ୍ତବ), ଆମ୍ଭମାନଙ୍କର ଈଶ୍ୱରଙ୍କ ସହିତ ଶାନ୍ତି ଖ୍ରୀଷ୍ଟଙ୍କ ମାଧ୍ୟମରେ (କଲସୀ ୧:୨୦) ।
୨. ଏକ ବ୍ୟକ୍ତିନିଷ୍ଠ (ବ୍ୟକ୍ତିଗତ) ଈଶ୍ୱରଙ୍କ ସହିତ ଉପଯୁକ୍ତ ସ୍ତରକୁ ଆସିବା (ଯୋହନ ୧୪:୨୭, ୧୬, ୩୩, ଫିଲିପ୍ପୀ ୪:୭) ।
୩. ଈଶ୍ୱର ଏକ ନୂତନ ଶରୀର ମଧ୍ୟରେ, ଉଭୟ ଯିହୁଦୀ ଓ ବିଜାତି ବିଶ୍ୱାସୀଙ୍କ ମଧ୍ୟରେ ଏକୀଭୂତ ହୋଇଛନ୍ତି (ଏଫିସୀ ୨:୧୪-୧୭, କଲସୀ ୩:୧୫) । ଥରେ ଆମ୍ଭେମାନେ ଈଶ୍ୱରଙ୍କ ସହିତ ଶାନ୍ତିରେ ରହିଲେ, ଏହା ଅନ୍ୟମାନଙ୍କ ସହିତ ଶାନ୍ତିରେ ରହିବାକୁ ଉତ୍ପନ୍ନ କରିବା ଉଚିତ ! ଉର୍ଦ୍ଧ୍ୱକୁ ଭୂଲମ୍ବରୁ ଭୂମସାନ୍ତରରେ ପରିଣତ ହେବା ଉଚିତ୍ ।

ନିଉମାନ ଓ ନିଡ଼ାଙ୍କର ପାଉଲଙ୍କ ରୋମୀୟ ପତ୍ର ଉପରେ ଏକ ଅନୁବାଦକଙ୍କ ପୁସ୍ତକର ୯୨ ପୃଷ୍ଠାରେ 'ଶାନ୍ତି' ବିଷୟରେ ଏକ ଉତ୍ତମ ମନ୍ତବ୍ୟ ଅଛି ।

''ପୁରାତନ ଓ ନୂତନ ନିୟମ ଉଭୟରେ **ଶାନ୍ତି** ଶବ୍ଦର ଏକ ବିସ୍ତୃତ ଆକାରର ଅର୍ଥ ଅଛି । ମୂଳତଃ ଏହା ଏକ ବ୍ୟକ୍ତିର ଜୀବନରେ ସମୁଦାୟ ମଙ୍ଗଳ ବର୍ଣ୍ଣନା କରେ, ଏହା ଏପରିକି ଯିହୁଦୀମାନଙ୍କ ମଧ୍ୟରେ ଶୁଭେଚ୍ଛା ଜ୍ଞାପନ (ଶାଲୋମ) ର ଏକ ପଦ୍ଧତି ରୂପେ ପ୍ରଚଳିତ । ଏହି ଶବ୍ଦର ଏପରି ଏକ ସୁଦୂର ପ୍ରସାରୀ (ଗଭୀର) ଅର୍ଥ ଅଛି ଯେ, ଏହା ଯିହୁଦୀମାନଙ୍କ ଦ୍ୱାରା ମଶୀହଙ୍କ ବିଷୟକ ପରିତ୍ରାଣର ଏକ ବର୍ଣ୍ଣନା ରୂପେ ମଧ୍ୟ ବ୍ୟବହୃତ ହୋଇପାରିଥିଲା । ଏହି ସତ୍ୟତା ହେତୁ ଏପରି ସମୟ ମାନ ଅଛି, ଯେତେବେଳେ ଏହା ''ଈଶ୍ୱରଙ୍କ ସହିତ ଯଥାର୍ଥ ସମ୍ପର୍କରେ ରହିବା'' ବୁଝାଇଥିବା ଶବ୍ଦ ସହିତ ବିଶେଷ ଭାବେ ସମାର୍ଥବୋଧକ ଶବ୍ଦରେ ବ୍ୟବହାର କରାଯାଇଅଛି । ଏଠାରେ ଶବ୍ଦଟି, ଈଶ୍ୱରଙ୍କ ମନୁଷ୍ୟକୁ ତାହାଙ୍କ ସହିତ ଯଥାର୍ଥ ସମ୍ପର୍କରେ ରଖିବାର ଭିତ୍ତିମୂଳ ଉପରେ ସ୍ଥାପନ କରାଯାଇଥିବା ମନୁଷ୍ୟ ଓ ଈଶ୍ୱରଙ୍କ ମଧ୍ୟରେ ସୁସଙ୍ଗତ ସମ୍ପର୍କର ଏକ ବର୍ଣ୍ଣନା ରୂପେ ବ୍ୟବହୃତ ହେବା ଦେଖାଯାଏ'' (୯୨ ପୃଷ୍ଠା) ।

▣ **''ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ''** ଯୀଶୁ ପବିତ୍ରଆତ୍ମାଙ୍କ (୫ପଦ) ଏକମାତ୍ର ପ୍ରତିନିଧି (୨,୯,୧୧,୧୭,୨୧) ଯାହା ଈଶ୍ୱରଙ୍କ ସହିତ ଶାନ୍ତି ଆଣେ । ଈଶ୍ୱରଙ୍କ ସହିତ ଶାନ୍ତିର ଏକମାତ୍ର ପଥ ହେଉଛନ୍ତି ଯୀଶୁ (ଯୋହନ ୧୦:୭-୮, ୧୪:୬, ପ୍ରେରିତ ୪:୧୨, ୧ ତୀମଥି ୨:୫) । 'ପ୍ରଭୁଯୀଶୁ ଖ୍ରୀଷ୍ଟ' ନାମରେ ଏହି ଶବ୍ଦ ସକାଶେ ୧:୪ର ଟିପ୍ପଣୀ ଦେଖ ।

**୫:୨ ''ଆମ୍ଭେମାନେ ପ୍ରବେଶ ମଧ୍ୟ କରିଅଛୁ''** ଏହି କ୍ରିୟା ପଦ ସିଦ୍ଧ ସକ୍ରିୟ ସୂଚନାଦାନକାରୀ ଅଟେ, ଏହା ଏକ ଅତୀତ କାର୍ଯ୍ୟ ବିଷୟରେ କହେ, ଯାହା ସମ୍ପୂର୍ଣ୍ଣ ରୂପେ ସର୍ବାଙ୍ଗ ସୁନ୍ଦର କରାଯାଇଛି ଏବଂ ବର୍ତ୍ତମାନ ବ୍ୟକ୍ତିର ଏକ ଅବସ୍ଥାରେ ଫଳ ଫଳେ ।

'ପରିଚୟ' ଶବ୍ଦ ଆକ୍ଷରିକ ଭାବେ ''ପ୍ରବେଶ'' ବା ''ନାମଲେଖା'' ବୁଝାଏ (ପ୍ରୋଗୋଗେ ଏଫିସୀ ୨:୧୮, ୩:୧୨) । ଏହା ନିମ୍ନଲିଖିତ ବିଷୟ ପାଇଁ ଦୃଷ୍ଟାନ୍ତ ଭାବେ ବ୍ୟବହାର କରାଯାଇଅଛି ।

୧. ରାଜକୀୟତା ମଧ୍ୟକୁ ବ୍ୟକ୍ତିଗତ ଭାବେ ପରିଚିତ ହୋଇ ପ୍ରବେଶ କରିବା ।

୨. ଏକ ବନ୍ଦର ଭିତରକୁ ନିରାପଦ ଭାବେ ଅଣାଯାଉଥିବା (୧ପିତର ୩:୧୮) ।

ଏହି ଖଣ୍ଡବାକ୍ୟ ଏକ ଭିନ୍ନ ଗ୍ରୀକ୍ ପାଣ୍ଡୁଲିପି ଧାରଣ କରେ । କେତେକ ପୁରାତନ ପାଣ୍ଡୁଲିପିମାନ ''ବିଶ୍ୱାସ ଦ୍ୱାରା'' ଯୋଗ କଲେ (ଏନ୍[୨], ସି, ତାହା ସହିତ କେତେ ପୁରାତନ ଲାଟିନ୍, ଭଲଗେଟ୍, ସାରିଆକ୍ ଏବଂ କପ୍ଟିକ ଅନୁବାଦ) । ଅନ୍ୟ ପାଣ୍ଡୁଲିପିଗୁଡ଼ିକ ଏକ ଅବ୍ୟୟବ ଯୋଗ କରନ୍ତି, ''ବିଶ୍ୱାସ ଦ୍ୱାରା'' (ଏନ୍, ଏ ଏବଂ କେତେକ ଭଲଗେଟ୍ ଅନୁବାଦ) । ଯାହାବି ହେଉ ଅତିପୁରାତନ ପାଣ୍ଡୁଲିପିମାନ ବି.ଡ଼ି.ଏଫ୍, ଏବଂ ଜି ଏହା ସମ୍ପୂର୍ଣ୍ଣ ରୂପେ ଛାଡ଼ିଯାଇଛି (ପ୍ରତ୍ୟାଖ୍ୟାନ କରିଛି) । ଏହା ଦେଖାଯାଏ ଯେ ଶାସ୍ତ୍ରୀମାନେ ୫:୧ ଓ ୪:୧୬ (ଦୁଇ ଥର) ଏବଂ ୨୦ ପଦର ସମାନ୍ତର ଶବ୍ଦ କେବଳ ପୂରଣ କଲେ । ''ବିଶ୍ୱାସ ଦ୍ୱାରା'' ପାଉଲଙ୍କ ଥରକୁ ଥର ବ୍ୟବହାର କରିଥିବା ପ୍ରସଙ୍ଗ ଅଟେ ।

▣ **''ଏହି ଶାନ୍ତି ଭିତରକୁ''** ଏହି ଶବ୍ଦ (ଚାରିସ୍) ଈଶ୍ୱରଙ୍କ ଦୁଷ୍ପ୍ରାପ୍ୟ, ସାମଞ୍ଜସ୍ୟ ନ ଥିବା, ପାଇବାକୁ ଯୋଗ୍ୟ ନ ଥିବା ପ୍ରେମକୁ ବୁଝାଏ (ଏଫିସୀ ୨:୪-୯) । ଏହା ପାପପୂର୍ଣ୍ଣ ମାନବ ଜାତି ଖ୍ରୀଷ୍ଟଙ୍କ ସ୍ପଷ୍ଟ ଭାବେ ଦେଖାଯାଏ ।

▣ **''ଯେଉଁଥିରେ ଆମ୍ଭେମାନେ ଠିଆ ହେଉ''** ଏହା ଅନ୍ୟ ଏକ ସିଦ୍ଧ ସକ୍ରୀୟ ସୂଚକ, ଅକ୍ଷରିକ ଭାବେ 'ଆମ୍ଭେମାନେ ଠିଆ ହେଉ ଏବଂ ଠିଆ ହେଉ 'ଏହା ଅନ୍ୟ ଏକ ସିଦ୍ଧ ସକ୍ରୀୟ ସୂଚକ, ଆକ୍ଷରିକ ଭାବେ ଠାରେ ପରମାର୍ଥିକ ସ୍ଥାନ ଏବଂ ସେମାନଙ୍କର ବିଶ୍ୱାସର ସମର୍ପଣରେ ରହିଥିବା ପ୍ରତିଫଳିତ କରେ । ଯାହା ଈଶ୍ୱରଙ୍କ ସର୍ବଭୌମତାର ପରମାର୍ଥିକ ଦ୍ୱନ୍ଦ୍ୱ (୧ କରିନ୍ଥୀ ୧୫:୧) ଏବଂ ମାନବର ସ୍ୱାଧୀନ ଇଚ୍ଛା (ଏଫିସୀ ୬:୧୧, ୧୩, ୧୪) କୁ ସଂଯୁକ୍ତ କରେ ।

## ବିଶେଷ ପ୍ରସଙ୍ଗ : ଠିଆ ହେବା *(ହିଷ୍ଟେମି)*

ଏହି ସାଧାରଣ ଶବ୍ଦ ନୂତନ ନିୟମରେ ବିଭିନ୍ନ ପରମାର୍ଥିକ ଅର୍ଥ ସବୁରେ ବ୍ୟବହୃତ ହୋଇଆସୁ ।

୧. ପ୍ରତିଷ୍ଠା କରିବାକୁ
 କ) ପୁରାତନ ନିୟମର ବ୍ୟବସ୍ଥା, ରୋମୀ ୩:୩୧
 ଖ) ଜଣକର ନିଜର ଧାର୍ମିକତା, ରୋମୀ ୧୦:୩
 ଗ) ନୂତନ ଚୁକ୍ତି ବା ନିୟମ, ଏବ୍ରୀ ୧୦:୯
 ଘ) ଏକ ଅଭିଯୋଗ, ୨ କରନ୍ଥୀ ୧୩:୧
 ଙ) ଈଶ୍ୱରଙ୍କ ସତ୍ୟ, ୨ ତୀମଥି ୨:୧୯

୨. ଆତ୍ମିକ ଭାବେ ବିତାଡ଼ିତ ବା ପ୍ରତିରୋଧ କରିବାକୁ
 କ) ଶୟତାନ, ଏଫିସୀ ୬:୧୧
 ଖ) ବିଚାର ଦିନରେ, ଆଦି ୬:୧୭

୩. ଜଣକ ଭୂମିରେ ଠିଆ ହେବା ଦ୍ୱାରା ପ୍ରତିରୋଧ କରିବାକୁ
 କ) ସୈନ୍ୟଦଳର ଦୃଷ୍ଟାନ୍ତ, ଏଫିସୀ ୬:୧୪
 ଖ) ଦେଶୀୟ ଦୃଷ୍ଟାନ୍ତ, ରୋମୀ ୧୪:୪

୪. ସତ୍ୟରେ ଏକ ସ୍ଥିତି, ଯୋହ ୮:୪୪

୫. ଅନୁଗ୍ରହରେ ଏକ ସ୍ଥିତି
 କ) ରୋମୀ ୫:୨
 ଖ) ୧କରନ୍ଥୀ ୧୫:୧
 ଗ) ୧ପିତର ୫:୧୨

୬. ବିଶ୍ୱାସରେ ଏକ ସ୍ଥିତି
 କ) ରୋମୀ ୧୧:୨୦
 ଖ) ୧ କରନ୍ଥୀ ୭:୩୭
 ଗ) ୧ କରନ୍ଥୀ ୧୫:୧
 ଘ) ୨ କରନ୍ଥୀ ୧:୨୪

୭. ଅହଂକାରର ଏକ ସ୍ଥିତି ୧କରନ୍ଥୀ ୧୦:୧୨

ଏହି ଶବ୍ଦ ଉଭୟ ପ୍ରତିଜ୍ଞାତ ଅନୁଗ୍ରହ ଓ ଏକ ସାର୍ବଭୌମ ଈଶ୍ୱରଙ୍କ ଦୟା ପ୍ରକାଶ କରେ ଏବଂ ସତ୍ୟ ଯେ ବିଶ୍ୱାସୀମାନେ ଏହାର ପ୍ରତ୍ୟୁତ୍ତର ଦେବା ଆବଶ୍ୟକ ଏବଂ ବିଶ୍ୱାସ ଦ୍ୱାରା ଏଥିରେ ଜଡ଼ିତ ହେବା ପ୍ରକାଶ କରେ । ସେଗୁଡ଼ିକ ଏକତ୍ର ଭାବେ ଧରାଯିବେ !

▣ **''ଆମ୍ଭେମାନେ ଦର୍ପ (ଉଚ୍ଚୀକୃତ)** କରୁଅଛୁ'' ବ୍ୟାକରଣୀକ ଗଠନ ବୁଝାଯାଇ ପାରେ (୧) ଏକ ବର୍ତ୍ତମାନ ମାଧମିକ (କ୍ରିୟାବାଚକ) ସୂଚକ । ''ଆମ୍ଭେମାନେ ଦର୍ପ କରୁ'' ଏବଂ (୨) ଏକ ବର୍ତ୍ତମାନ ମାଧମିକ (କ୍ରିୟାବାଚକ) ସମ୍ଭାବନାର୍ଥକ ଅବସ୍ଥା, 'ଆସ ଆମ୍ଭେମାନେ ଦାବୀ କରୁ ।'' ବିଶେଷଜ୍ଞମାନେ ଏହି ମନୋନୟନ ଉପରେ ମତଭେଦ କରିଥାନ୍ତି । ଯଦି ୧ ପଦରେ ଜଣେ 'ଆମ୍ଭମାନଙ୍କର ଅଛି' ରୂପେ ଗ୍ରହଣ କରେ ସୂଚକ ଭାବେ ତେବେ ଅନୁବାଦ ୩ ପଦ ମାଧମରେ ଅପରିବର୍ତ୍ତନୀୟ ହେବା ଉଚିତ ।

ମୂଳ ଶବ୍ଦ 'ଉଚ୍ଚୀକୃତ' ହେଉଛି 'ଗର୍ବକରିବା' (ଏକ ଆର ଏସଭି, ଜେବି)୨:୧୭ରେ ବିଶେଷ ପ୍ରସଙ୍ଗ ଦେଖ । ବିଶ୍ୱାସୀମାନେ ସେମାନଙ୍କ ନିଜଠାରେ ଉଚ୍ଚୀକୃତ ହୁଅନ୍ତି ନାହିଁ (୩:୨୭ପଦ) ମାତ୍ର ପ୍ରଭୁ ସେମାନଙ୍କ ପାଇଁ ଯାହା କରିଅଛନ୍ତି, ସେଥିପାଇଁ (ଯିରିମିୟ ୯:୨୩, ୨୪) ସେହି ସମାନ ଗ୍ରୀକ୍ ମୂଳ ୩ଓ୧୧ ପଦରେ ପୁନରୁକ୍ତି ହୋଇଅଛି ।

▣ **''ଗୌରବର ଭରସାରେ''** ପାଉଲ ଏହି ଶବ୍ଦ ଅନେକ ବିଭିନ୍ନ ମାତ୍ର ସମ୍ପୃକ୍ତ ଅର୍ଥମାନଙ୍କରେ ଅନେକ ସମୟରେ ବ୍ୟବହାର କରିଅଛନ୍ତି । ୪:୧୮ରେ ଟିପ୍ପଣୀ ଦେଖ । ଅନେକ ସମୟରେ ଏହା ବିଶ୍ୱାସୀମାନଙ୍କର ବିଶ୍ୱାସର ସର୍ବାଙ୍ଗ ସୁନ୍ଦରତାର ସହିତ ସହଯୋଗ କରାଯାଇଅଛି । ଏହା ଗୌରବ, ଅନନ୍ତ ଜୀବନ ଚୂଡ଼ାନ୍ତ ପରିତ୍ରାଣ । ଦ୍ୱିତୀୟ ଆଗମନ ଇତ୍ୟାଦି ରୂପେ ପ୍ରକାଶ କରାଯାଇପାରେ । ସର୍ବାଙ୍ଗ ସୁନ୍ଦରତା ନିଶ୍ଚିତ, ମାତ୍ର ଭବିଷ୍ୟତ ସମୟ ବିଷୟ ଅଜ୍ଞାତ । ଏହା ଅନେକ ସମୟରେ ବିଶ୍ୱାସ ଓ ସହିତ ସହଯୋଗୀ ହୋଇଅଛି (୧କରନ୍ଥୀ ୧୩:୧୩, ଗାଲାତୀ ୫:୫-୬, ଏଫିସୀ ୪:୨-୫, ୧ଥେସଲ ୧:୩, ୫:୮) ଏକ ଆଂଶିକ ତାଲିକା, ପାଉଲଙ୍କ ବ୍ୟବହାରର କେତୋଟି ବିଷୟ ନିମ୍ନରେ ଲିଖିତ ହୋଇଅଛି ।

୧. ଦ୍ୱିତୀୟ ଆଗମନ ଗାଲାତୀ ୫:୫, ଏଫିସୀ ୧:୧୮, ତିତସ ୨:୧୩
୨. ଯୀଶୁ ଆମ୍ଭମାନଙ୍କର ଆଶା ୧ ତୀମଥି ୧:୧
୩. ବିଶ୍ୱାସୀମାନଙ୍କୁ ଈଶ୍ୱରଙ୍କ ନିକଟରେ ଉପସ୍ଥାପିତ କରିବାକୁ କୁହେ, କଲସୀ ୧:୨୨-୨୩, ୧ଥେସଲ ୨:୧୯

୪. ସ୍ୱର୍ଗରେ ଭରସା ଅଛି, କଲସୀ ୧:୫
୫. ଚୂଡ଼ାନ୍ତ ପରିତ୍ରାଣ, ୧ ଥେସଲ ୪:୧୩
୬. ଈଶ୍ୱରଙ୍କ ଗୌରବ, ରୋମୀ ୫:୨, ୨ କରିନ୍ଥୀ ୩:୧୨, କଲସୀ ୧:୨୭
୭. ପରିତ୍ରାଣର ନିଶ୍ଚୟତା, ୧ ଥେସଲ ୫:୮-୯
୮. ଅନନ୍ତ ଜୀବନ, ତିତସ ୧:୨, ୩:୭
୯. ଖ୍ରୀଷ୍ଟିୟ ପରିପକ୍ୱତାର ଫଳସମୂହ, ରୋମୀ ୫:୨-୫
୧୦. ସମସ୍ତ ସୃଷ୍ଟିର ମୁକ୍ତି, ରୋମୀ ୮:୨୦-୨୨
୧୧. ଈଶ୍ୱରଙ୍କ ପାଇଁ ଏକ ଉପନାମ, ରୋମୀ ୧୫:୧୩
୧୨. ପୋଷ୍ୟପୁତ୍ରତ୍ୱର ପୂର୍ଣ୍ଣାଙ୍ଗପ୍ରାପ୍ତି (ସମାପନ) ରୋମୀ ୮:୨୩-୨୫
୧୩. ନୂତନ ନିୟମର ବିଶ୍ୱାସୀମାନଙ୍କ ପାଇଁ ପୁରାତନ ନିୟମ ପଥପ୍ରଦର୍ଶ ପରି କାର୍ଯ୍ୟ କରେ, ରୋମୀ ୧୫:୪

**ବିଶେଷ ପ୍ରସଙ୍ଗ : ନିଶ୍ଚୟତା**

କ. ଖ୍ରୀଷ୍ଟିୟାନମାନେ ଉଦ୍ଧାରପ୍ରାପ୍ତ (ପରିତ୍ରାଣପ୍ରାପ୍ତ) ବୋଲି ଜାଣି ପାରନ୍ତି କି ? (୧ ଯୋହନ ୫:୧୩) ୧ ଯୋହନର ତିନୋଟି ପରୀକ୍ଷା ବା ଚିହ୍ନ (ସୂଚନା) ଅଛି ।
   ୧. ମୂଳତତ୍ତ୍ୱ ସମ୍ବଳିତ (ବିଶ୍ୱାସ) (ପଦମାନ : ୧,୫,୧୦; ୨:୧୮-୨୫; ୪:୧-୬, ୧୪-୧୬; ୫:୧୧-୧୨)
   ୨. ଜୀବନ ଶୈଳୀ (ବାଧ୍ୟତା) (ପଦମାନ : ୨-୩; ୨:୩-୬; ୩:୧-୧୦; ୫:୧୮)
   ୩. ସାମଜିକ (ପ୍ରେମ) (ପଦମାନ : ୨-୩; ୨:୭-୧୧; ୩:୧୧-୧୮; ୪:୭-୧୨; ୧୬-୨୧)

ଖ. ନିଶ୍ଚୟତା, ଏକ ସାମ୍ପ୍ରଦାୟିକ ବିଷୟରେ ପରିଣତ ହୋଇଅଛି
   ୧. ଜନ୍ କାଲ୍‌ଭିନ, ନିଶ୍ଚୟତାକୁ ଈଶ୍ୱରଙ୍କ ମନୋନୟନ ଉପରେ ନିର୍ଭର କରିବାକୁ ଦେଲେ । ସେ କହିଲେ ଏହି ଜୀବନରେ ଆମ୍ଭେମାନେ କେବେହେଲେ ନିଶ୍ଚୟତା ବିଷୟରେ ନିର୍ଦ୍ଦିଷ୍ଟ ଜ୍ଞାନ ପାଇପାରିବା ନାହିଁ ।
   ୨. ଜନ୍ ୱେସଲି, ଧାର୍ମିକ ତା'ର ଅନୁଭବ ଉପରେ ନିଶ୍ଚୟତାକୁ ନିର୍ଭର କରିବାକୁ ଦେଲେ । ସେ ବିଶ୍ୱାସ କଲେ ଯେ, ଜାଣିଥିବା ପାପର ଊର୍ଦ୍ଧ୍ୱରେ ବାସ କରିବା ସକ୍ଷମତା ଆମର ଅଛି ।
   ୩. ରୋମାନ କ୍ୟାଥୋଲିକ ଓ ଚର୍ଚ୍ଚ ଅଫ୍ କ୍ରାଇଷ୍ଟ ଏକ ଅଧିକାର ପ୍ରାପ୍ତ ମଣ୍ଡଳୀ ଉପରେ ନିଶ୍ଚୟତାକୁ ନିର୍ଭର କରାଏ । ଜଣେ ବ୍ୟକ୍ତି ଯେଉଁ ଦଳର ଅଟେ ତାହା ହେଉଛି ନିଶ୍ଚୟତାର ଚାବି (କଞ୍ଚି) କାଠି ।
   ୪. ଅଧିକାଂଶ ସୁସମାଚାର ପ୍ରଚାର କରୁଥିବା ବ୍ୟକ୍ତିଗତ ନିଶ୍ଚୟତାକୁ ବାଇବଲର ପ୍ରତିଜ୍ଞାଗୁଡ଼ିକ ଉପରେ ନିର୍ଭର କରାନ୍ତି, ଏହା ବିଶ୍ୱାସୀ ଜୀବନରେ ଆତ୍ମାଙ୍କ ଫଳ ସହିତ ସଂଯୁକ୍ତ । (ଗାଲାତୀ ୫:୨୨-୨୩)

ଗ. ମୁଁ ଭାବେ ପତିତ ମାନବଜାତିର ମୁଖ୍ୟ ନିଶ୍ଚୟତା, ତ୍ରିବିଧ ଈଶ୍ୱରଙ୍କ ଚରିତ୍ର ସହିତ ସଂଯୁକ୍ତ
   ୧. ପିତା ଈଶ୍ୱରଙ୍କ ପ୍ରେମ
      କ. ଯୋହନ ୩:୧୬ ୧୦:୨୮,୨୯
      ଖ. ରୋମୀ ୮:୩୧-୩୯
      ଗ. ଏଫିସୀ ୨:୫,୮-୯
      ଘ. ଫିଲିପ୍ପୀ ୧:୬
      ଙ. ୧ ପିତର ୧:୩-୫
      ଚ. ୧ ଯୋହନ ୪:୭-୨୧
   ୨. ପୁତ୍ର ଈଶ୍ୱରଙ୍କ କାର୍ଯ୍ୟକଳାପମାନ
      କ. ଆମ୍ଭମାନଙ୍କ ସକାଶେ ମୃତ୍ୟୁ
         ୧. ପ୍ରେରିତ ୨:୨୩
         ୨. ରୋମୀ ୫:୬-୧୧
         ୩. ୨ କରିନ୍ଥୀ ୫:୨୧
         ୪. ୧ ଯୋହନ ୨:୨ ୪:୯-୧୦
      ଖ. ମହାଯାଜକୀୟ ପ୍ରାର୍ଥନା

ଗ. ମଧ୍ୟସ୍ଥ ପ୍ରାର୍ଥନାରେ ବ୍ରତି ହେବା
୧. ରୋମୀ ୮:୩୪
୨. ଏବ୍ରୀ ୭:୨୫
୩. ୧ ଯୋହନ ୨:୧
୩. ପବିତ୍ର ଆତ୍ମା ଈଶ୍ୱରଙ୍କ ସେବାକାର୍ଯ୍ୟ
କ. ଆହ୍ୱାନ କରିବା (ଯୋହନ ୬: ୪୪, ୬୫)
ଖ. ମୁଦ୍ରାଙ୍କ ଦେବା
୧. ୨ କରିନ୍ଥୀ ୧:୨୨, ୫:୫
୨. ଏଫିସୀ ୧:୧୩-୧୪, ୪:୩
ଗ. ନିଶ୍ଚୟତା ଦେବା
୧. ରୋମୀ ୮:୧୬-୧୭
୨. ୧ ଯୋହନ ୫:୭-୧୩
ଘ. ମାନବଗଣ ଈଶ୍ୱରଙ୍କ ଚୁକ୍ତି ବା ପ୍ରତିଜ୍ଞାତ ଦାନ ପ୍ରତି ପ୍ରତ୍ୟୁତ୍ତର ଦେବା ଉଚିତ (ପ୍ରାରମ୍ଭିକ ଭାବେ ଓ ନିତ୍ୟପ୍ରବୃତ୍ତ ଭାବେ)
୧. ବିଶ୍ୱାସୀମାନେ ପାପରୁ ଫେରିବା ଉଚିତ (ଅନୁତାପ) ଏବଂ ଯୀଶୁଙ୍କ ମାଧ୍ୟମରେ ଈଶ୍ୱରଙ୍କ ପ୍ରତି ମଧ ଫେରିବା ଉଚିତ (ବିଶ୍ୱାସ)
କ. ମାର୍କ ୧:୧୫
ଖ. ପ୍ରେରିତ ୩:୧୬,୧୯, ୨୦:୨୧
୨. ବିଶ୍ୱାସୀମାନେ ନିଶ୍ଚିତଭାବେ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଦାନକୁ ଗ୍ରହଣ କରିବା ଉଚିତ ।
କ. ଯୋହନ ୧:୧୨, ୩:୧୬
ଖ. ରୋମୀ ୫:୧ (ଏବଂ ଦୃଷ୍ଟାନ୍ତ ଦ୍ୱାରା ୧୦:୯-୧୩)
ଗ. ଏଫିସୀ ୨:୫, ୮-୯
୩. ବିଶ୍ୱାସୀମାନେ ବିଶ୍ୱାସରେ ଲାଗି ରହିବା ଉଚିତ
କ. ମାର୍କ ୧୩:୧୩
ଖ. ୧ କରିନ୍ଥୀ ୧୫:୨
ଗ. ଗାଲାତୀୟ ୬:୯
ଘ. ଏବ୍ରୀ ୩:୧୪
ଙ. ୨ ପିତର ୧:୧୦
ଚ. ଯିହୁଦା ୨୦-୨୦
ଛ. ପ୍ରକାଶିତ ବାକ୍ୟ ୨:୨-୩,୭,୧୦,୧୭,୧୯,୨୫-୨୬, ୩:୫,୧୦,୧୧,୨୧
୪. ବିଶ୍ୱାସୀମାନେ ତିନୋଟି ପରୀକ୍ଷାର ସମ୍ମୁଖୀନ ହୁଅନ୍ତି
କ. ମୂଳତତ୍ତ୍ୱ ସମ୍ବନ୍ଧୀୟ (ପଦମାନ : ୧,୫,୧୦, ୨:୧୮-୨୫, ୪:୧-୬, ୧୪-୧୬)
ଖ. ଜୀବନ ଶୈଳୀ (ପଦମାନ : ୨-୩, ୨:୩-୬, ୩:୧-୧୦)
ଗ. ସାମାଜିକ (ପଦମାନ : ୨-୩, ୨:୭-୧୧, ୩:୧୧-୧୮, ୪:୭-୧୨, ୧୬-୨୧)
ଙ. ନିଶ୍ଚୟତା ଲାଭ କଷ୍ଟକର, କାରଣ
୧. ଅନେକ ସମୟରେ ବିଶ୍ୱାସୀମାନେ ବାଇବଲରେ ଥିବା ପ୍ରତିଜ୍ଞା ବ୍ୟତୀତ ନିର୍ଦ୍ଦିଷ୍ଟ ଅନୁଭୂତିର ଅନ୍ୱେଷଣ କରନ୍ତି
୨. ଅନେକ ସମୟରେ ବିଶ୍ୱାସୀମାନେ ସୁସମାଚାର, ସମ୍ପୂର୍ଣ୍ଣରୂପେ ବୁଝନ୍ତି ନାହିଁ ।
୩. ଅନେକ ସମୟରେ ବିଶ୍ୱାସୀମାନେ ସ୍ୱଇଚ୍ଛାରେ ପାପ କରି ଚାଲନ୍ତି (୧ କରନ୍ଥୀ ୩:୧୦-୧୫, ୯:୨୭, ୧ ତୀମଥି ୧:୧୯-୨୦, ୨ ତୀମଥି ୪:୧୦, ୨ ପିତର ୧:୮-୧୧)
୪. କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱର ଲୋକ ବିଭିନ୍ନ ପ୍ରକାରର (ଯଥା : ସିଦ୍ଧତା ପ୍ରୟାସୀ) ବ୍ୟକ୍ତିଗଣ କେବେ ହେଲେ ଈଶ୍ୱରଙ୍କ ନିଃସର୍ତ୍ତପୂର୍ଣ୍ଣ ଗ୍ରହଣ ଓ ପ୍ରେମକୁ ଗ୍ରହଣ କରିପାରନ୍ତି ନାହିଁ ।
୫. ବାଇବଲରେ ମିଥ୍ୟା ବୃତ୍ତି ସବୁର ଉଦାହରଣମାନ ଅଛି । (ମାଥିଉ ୧୩:୩-୨୩, ୭:୨୧-୨୩, ମାର୍କ ୪:୧୪-୨୦, ୨ ପିତର ୨:୧୯-୨୦, ୧ ଯୋହନ ୨:୧୯-୧୯)

▣ ''ଈଶ୍ୱରଙ୍କ ଗୌରବ'' ଏହି ଖଣ୍ଡବାକ୍ୟ ଈଶ୍ୱରଙ୍କ ବ୍ୟକ୍ତିଗତ ଉପସ୍ଥିତି ପାଇଁ ଏକ ପୁରାତନ ନିୟମର ରୂଢ଼ୋକ୍ତି ବା କଠିନ ଶବ୍ଦ । ଏହା ଯୀଶୁଙ୍କ ପୁନରୁତ୍ଥାନ ଦିବସ ଦ୍ୱାରା ଯୋଗାଇ ଦିଆଯାଇଥିବା ବିଶ୍ୱାସ – ଧାର୍ମିକତାରେ ବିଶ୍ୱାସୀ ମାନଙ୍କର ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହେବାକୁ ବୁଝାଏ (୨ କରିନ୍ଥୀ ୫:୨୧) । ଏହା ଅନେକ ସମୟରେ ପରମାର୍ଥିକ ଭାଷାରେ ''ଗୌରବାନ୍ୱୀତ'' ହେବା କୁହାଯାଏ (ପଦମାନ ୯–୧୦, ୮:୩୦) । ବିଶ୍ୱାସୀମାନେ ଯୀଶୁଙ୍କ ସାଦୃଶ୍ୟର ଅଂଶୀ ହେବେ (୧ ଯୋହନ ୩:୨, ୨ ପିତର ୧:୪) । ବିଶେଷ ପ୍ରସଙ୍ଗ ଦେଖନ୍ତୁ : ୩:୨୩ରେ ଗୌରବ ।

**୫:୩**

| | |
|---|---|
| **ଏନ୍ ଏ ଏସ୍ ବି** | **''କେବଳ ଏହା ନୁହେଁ, ମାତ୍ର''** |
| **ଏନ୍ କେ ଜେ ଭି** | **''ଏବଂ କେବଳ ତାହା ନୁହେଁ, ମାତ୍ର''** |
| **ଏନ୍ ଆର୍ ଏସ୍ ଭି** | **''ଏବଂ କେବଳ ତାହା ନୁହେଁ, ମାତ୍ର''** |
| **ଟି ଇ ଭି** | **''ଉପେକ୍ଷା କରେ''** |
| **ଏନ୍ ଜେ ବି** | **''କେବଳ ତାହା ନୁହେଁ''** |

ପାଉଲ ବିଭିନ୍ନ ସମୟରେ ଏହି ଭାଷାର ମିଶ୍ରଣ ବ୍ୟବହାର କରନ୍ତି (୫:୩,୧୧,୮:୨୩, ୯:୧୦, ୨ କରିନ୍ଥୀ ୮:୧୯) ।

▣

**୫:୩**

| | |
|---|---|
| **ଏନ୍ ଏ ଏସ୍ ବି** | **''ଆମ୍ଭେମାନେ ମଧ୍ୟ ଦୁଃଖଭୋଗରେ ଉଚ୍ଚୀକୃତ କରୁ''** |
| **ଏନ୍ କେ ଜେ ଭି** | **''ଆମ୍ଭେମାନେ ମଧ୍ୟ ଦୁଃଖ ଭୋଗରେ ଗୌରବ କରୁ''** |
| **ଏନ୍ ଆର୍ ଏସ୍ ଭି** | **''ଆମ୍ଭେମାନେ ମଧ୍ୟ ଆମ କ୍ଳେଶଭୋଗରେ ଗର୍ବ କରୁ''** |
| **ଟି ଇ ଭି** | **''ଆମ୍ଭେମାନେ ମଧ୍ୟ ଦୁଃଖ କଷ୍ଟରେ ଗର୍ବ କରୁ''** |
| **ଏନ୍ ଜେ ବି** | **''ଆମ୍ଭେମାନେ ମଧ୍ୟ ଆମର କଠିନ ପରଶ୍ରମରେ ଆମ୍ଭ ଉଚ୍ଚୀକୃତ ହେଉ''** |

ଯଦି ଜଗତ ଯୀଶୁଙ୍କୁ ଘୃଣା କଲା, ଏହା ତାହାଙ୍କ ଅନୁଗାମୀମାନଙ୍କୁ ଘୃଣା କରିବ (ମାଥିଉ ୧୦:୨୨, ୨୪:୯, ଯୋହନ ୧୫:୧୮–୨୧) । ଯୀଶୁ ପରିପକ୍ୱ ଥିଲେ, ମାନବୀୟ ଭାଷାରେ ତାହାଙ୍କ ଦୁଃଖଭୋଗର ବିଷୟଗୁଡ଼ିକ ଦ୍ୱାରା (ଏବ୍ରୀ ୫:୮) । ଦୁଃଖ ଭୋଗ ଭରସା ଓ ପରିପକ୍ୱତା ଉତ୍ପନ୍ନ କରେ । ଶିଶୁ ପରାୟଣତା ପ୍ରତ୍ୟେକ ବିଶ୍ୱାସୀ ପାଇଁ ଈଶ୍ୱରଙ୍କ ଯୋଜନା ଅଟେ, ଦୁଃଖଭୋଗ ଏହାର ଅଂଶ ଅଟେ (୮:୧୭–୧୯, ପ୍ରେରିତ ୧୪:୨୨, ଯାକୁବ ୧:୨–୪, ୧ ପିତର ୪:୧୨–୧୯) ।

**ବିଶେଷ ପ୍ରସଙ୍ଗ : ଖ୍ରୀଷ୍ଟିୟାନମାନେ କାହିଁକି ଦୁଃଖଭୋଗ କରନ୍ତି ?**

୧. ବ୍ୟକ୍ତିଗତ ପାପ ହେତୁ (ପାର୍ଥିବ ବିଚାର) । ଏହା ବୁଝାଏ ନାହିଁ ଯେ ସମସ୍ତ ସମସ୍ୟାମାନ ଓ ପ୍ରତିକୂଳ ପରିସ୍ଥିତିମାନ ପାପର ଫଳ ଅଟନ୍ତି । (ଆୟୁବ, ଗୀତ ୭୩, ଲୂକ ୧୪:୧–୫, ନିହିମିୟା ୯, ପ୍ରେରିତ ୫:୧–୧୧, ୧ କରିନ୍ଥୀ ୧୧:୨୯–୩୦, ଗାଲାତୀୟ ୬:୭) ।
୨. ଖ୍ରୀଷ୍ଟଙ୍କ ସାଦୃଶ୍ୟତା ବୃଦ୍ଧି ଲାଭ କରିବା (ଏବ୍ରୀ ୫:୮) ଏପରିକି ଯୀଶୁଙ୍କୁ ମାନବରୂପେ କହିଲେ, ପରିପକ୍ୱ ହେବାକୁ ପଡ଼ିଲା, ସେହିପରି ତାହାଙ୍କ ଅନୁଗାମୀମାନଙ୍କୁ ମଧ୍ୟ (ରୋମୀ ୫:୩–୪, ୮:୨୮–୨୯, ୨ କରିନ୍ଥୀ ୧୨:୭–୧୦, ଫିଲିପ୍ପୀ ୩::୧୦, ଏବ୍ରୀ ୧୨:୫–୧୨, ଯାକୁବ ୧:୨–୪, ୧ ପିତର ୧:୭) ।
୩. ଶକ୍ତିଶାଳୀ ଓ ଫଳପ୍ରଦ ସାକ୍ଷ୍ୟର ଉନ୍ନତି କରିବାକୁ (ମାଥିଉ ୫:୧୦–୧୨, ଯୋହନ ୧୫:୧୮–୨୨, ୧ ପିତର ୨:୧୮–୨୧, ୩:୧୩–୧୭) ।
୪. ନୂତନ ଯୁଗର ପ୍ରସବ ବେଦନାର ଏକ ଚିହ୍ନ ରୂପେ (ମାଥିଉ ୨୪:୬, ମାର୍କ ୧୩:୮) ।

▣ ''ଜାଣିବା'' ଏହା ହେଉଛି ''ଓଇଡ଼ା'' ଶବ୍ଦର କୃଦନ୍ତ ବିଶେଷଣ ପଦ । ଏହା ଆକାରରେ ସିଦ୍ଧ, ମାତ୍ର ଏହା ବର୍ତ୍ତମାନ କାଳରେ କାର୍ଯ୍ୟ କରେ । ବିଶ୍ୱାସୀମାନେ ସୁସମାଚାରର ସତ୍ୟତା ବୁଝିବା ହେତୁ କ୍ଳେଶ ଓ ଦୁଃଖଭୋଗ ମଧ୍ୟରେ ଯିବାବେଳେ ଏହା ସେମାନଙ୍କୁ ଏକ ଆନନ୍ଦ ଓ ଦୃଢ଼ ଭରସାର ସହିତ ଜୀବନର ସମ୍ମୁଖୀନ ହେବାକୁ ଅନୁମତି ଦିଏ । ଯାହାକି, ଏପରିକି ତାଡ଼ନା ସମୟରେ ସୁଦ୍ଧା ପରିସ୍ଥିତି ଉପରେ ନିର୍ଭର କରିବାକୁ ଦିଏ ନାହିଁ । (ଫିଲିପ୍ପୀ ୪:୪, ୧ ଥେସଲ ୫:୧୬,୧୮) । ବିଶ୍ୱାସୀମାନେ ଦୁଃଖ ଭୋଗରେ ଉଚ୍ଚୀକୃତ ସେମାନଙ୍କ ''ହେତୁ'' ନୁହେଁ !

୫:୩ ''ଦୁଃଖଭୋଗ'' ନିମ୍ନଲିଖିତ ବିଶେଷ ପ୍ରସଙ୍ଗ ଦେଖନ୍ତୁ ।

**ବିଶେଷ ପ୍ରସଙ୍ଗ : ଦୁଃଖଭୋଗ (ଶାରୀରିକ ଓ ମାନସିକ ଯନ୍ତ୍ରଣା)**

ଏହି ଶବ୍ଦ (ଥ୍ଲିପ୍‌ସିସ୍)ର ବ୍ୟବହାରରେ ପାଉଲଙ୍କର ଓ ଯୋହନଙ୍କ ମଧ୍ୟରେ ପାରମାର୍ଥିକ ଭିନ୍ନତା ଲକ୍ଷ୍ୟ କରିବା ଆବଶ୍ୟକ ।

କ. ପାଉଲଙ୍କ ଏହି ଶବ୍ଦ ବ୍ୟବହାର (ଯାହା ଯୀଶୁଙ୍କ ବ୍ୟବହାର ପ୍ରତିଫଳିତ କରେ)

୧. ସମସ୍ୟାମାନ, କ୍ଳେଶଭୋଗମାନ, ମନ୍ଦତା ଏକ ପତିତ ଜଗତରେ ଅର୍ନ୍ତଭୂକ୍ତ

କ. ମାଥିଉ ୧୩:୨୧

ଖ. ରୋମୀ ୫:୩

ଗ. ୧ କରିନ୍ଥୀ ୭:୨୮

ଘ. ୨ କରିନ୍ଥୀ ୭:୪

ଙ. ଏଫିସୀ ୩:୧୩

୨. ଅବିଶ୍ୱାସୀମାନେ, ସମସ୍ୟାମାନ, କ୍ଳେଶଭୋଗ ଓ ମନ୍ଦତାସମୂହର କାରଣ

କ. ରୋମୀ ୫:୩, ୮:୩୫, ୧୨:୧୨

ଖ. ୨ କରିନ୍ଥୀ ୧:୪,୮, ୬:୪, ୭:୪, ୮:୨,୧୩

ଗ. ଏଫିସୀ ୩:୧୩

ଘ. ଫିଲିପ୍ପୀ ୪:୧୪

ଙ. ୧ ଥେସଲ ୧:୬

ଚ. ୨ ଥେସଲ ୧:୪

୩. ଶେଷକାଳର ସମସ୍ୟାମାନ, କ୍ଳେଶଭୋଗ ଓ ମନ୍ଦତାସମୂହ

କ. ମାଥିଉ ୨୪:୨୧,୨୯

ଖ. ମାର୍କ ୧୩:୧୯-୨୪

ଗ. ୨ ଥେସଲ ୧:୬-୯

ଖ. ଯୋହନଙ୍କର ଏହି ଶବ୍ଦ ବ୍ୟବହାର

୧. ଯୋହନ ଏକ ନିର୍ଦ୍ଦିଷ୍ଟ ପାର୍ଥକ୍ୟତା, ଥ୍ଲିପ୍‌ସିସ ଓ ଓର୍ଗେ ବା ଥୁମୋସ (କ୍ରୋଧ) ମଧ୍ୟରେ ପ୍ରକାଶିତ ବାକ୍ୟରେ ଦର୍ଶାଇଛନ୍ତି । ଥ୍ଲିପସିସ ହେଉଛି ଯାହା ଅବିଶ୍ୱାସୀମାନେ ବିଶ୍ୱାସୀମାନଙ୍କ ପ୍ରତି କରନ୍ତି ଏବଂ ଓର୍ଗେ ବା ଥୁମୋସ, ଯାହା ଈଶ୍ୱର ଅବିଶ୍ୱାସୀମାନଙ୍କ ପ୍ରତି କରନ୍ତି ।

କ. ଥ୍ଲିପ୍‌ସିସ୍ - ପ୍ରକାଶିତ ୧:୯, ୨:୯-୧୦,୨୨, ୭:୧୪

ଖ. ଓର୍ଗେ - ପ୍ରକାଶିତ ୬:୧୬-୧୭, ୧୧:୧୮, ୧୬:୧୯, ୧୯:୧୫

ଗ. ଥୁମୋସ - ପ୍ରକାଶିତ ୧୨:୧୨, ୧୪:୮,୧୦,୧୯, ୧୫:୨,୭, ୧୬:୧୧, ୧୮:୩

୨. ଯୋହନ ତାଙ୍କର ଯୋହନ ସୁସମାଚାରରେ ମଧ୍ୟ ପ୍ରତ୍ୟେକ ଯୁଗରେ ବିଶ୍ୱାସୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାମାନ ପ୍ରତିଫଳିତ କରିବାକୁ ବ୍ୟବହାର କରନ୍ତି । ଯୋହନ ୧୬:୩୩

୫:୩,୪ ''ଚେଷ୍ଟାରେ ଲାଗିରହିବା'' ଏହି ଶବ୍ଦ, ସ୍ୱେଚ୍ଛାକୃତଭାବେ, ସକ୍ରୀୟ, ଅଟଳ, ସହିଷ୍ଣତାକୁ ବୁଝାଏ । ଏହି ଶବ୍ଦ ଲୋକମାନଙ୍କ ସହିତ ଧୈର୍ଯ୍ୟ ଓ ପରିସ୍ଥିତି ସହିତ ମଧ୍ୟ ଧୈର୍ଯ୍ୟ ସହିତ ସମ୍ପୃକ୍ତ ଥିଲା । ୮:୨୫ରେ ବିଶେଷ ପ୍ରସଙ୍ଗ ଦେଖ ।

**୫:୪**

| | |
|---|---|
| **ଏନ୍ ଏ ଏସ୍ ବି** | **''ପ୍ରମାଣିତ ଚରିତ୍ର''** |
| **ଏନ୍ କେ ଜେ ଭି, ଏନ୍ ଆର୍ ଏସ୍ ଭି** | **''ଚରିତ୍ର''** |
| **ଟି ଇ ଭି** | **''ଈଶ୍ୱରଙ୍କ ଅନୁମୋଦନ''** |
| **ଏନ୍ ଜେ ବି** | **''ପରୀକ୍ଷିତ ଚରିତ୍ର''** |

ଆଦି ୨୩:୧୬, ୧ ରାଜାବଳୀ ୧୦:୧୮, ୧ ବଂଶାବଳୀ ୨୮:୧୮ରେ ଏହି ଶବ୍ଦ, ଧାତୁ ସବୁର ପରିଷ୍କୃତ ଓ ଯଥାର୍ଥତା ପରୀକ୍ଷା କରିବା ପାଇଁ ବ୍ୟବହୃତ ହେଉଥିଲା (୨ କରିନ୍ଥୀ ୨:୯, ୮:୨, ୯:୧୩, ୧୩:୩, ଫିଲିପ୍ପୀ ୨୨୨, ଯାକୁବ ୧୧୨) । ଈଶ୍ୱରଙ୍କ ପରୀକ୍ଷାମାନ ସର୍ବଦା ଶକ୍ତିଯୁକ୍ତ କରିବାକୁ ହୋଇଥାଏ । (ଏବ୍ରୀ ୨:୧୦,୧୧) ବିଶେଷ ପ୍ରସଙ୍ଗ ଦେଖ : ୨:୧୮ରେ ପରୀକ୍ଷା କରିବା ।

**ବିଶେଷ ପ୍ରସଙ୍ଗ : ଖ୍ରୀଷ୍ଟିୟ ବୃଦ୍ଧି**

| ରୋମୀ ୫:୩-୪ | ଗାଲାତୀୟ ୫:୨୨-୨୩ | ଯାକୁବ ୧:୩-୪ | ୨ ପିତର ୧:୫-୭ |
|---|---|---|---|
| ଦୁଃଖଯନ୍ତ୍ରଣା ଭୋଗ କାରଣ ହୁଏ | ଆତ୍ମାଙ୍କ ଫଳ | ପରୀକ୍ଷା ଉତ୍ପନ୍ନ କରେ | ଅଧ୍ୟବସାୟ ବ୍ୟବହାର କରି |
| * ଚେଷ୍ଟାରେ ଲାଗି ରହିବା | * ପ୍ରେମ | * ସହିଷ୍ଣୁତା | * ନୈତିକ ସର୍ବୋତ୍କୃଷ୍ଟତା |
| * ପରୀକ୍ଷାସିଦ୍ଧ ଚରିତ୍ର | * ଆନନ୍ଦ | * ପରିପକ୍ୱତା | * ଜ୍ଞାନ |
| * ଆଶା (୨ ପଦ) | * ଶାନ୍ତି | ୧. ଅଟଳ ବା ଦୃଢ଼ତା | * ଆତ୍ମସଂଯମ |
| | * ସହିଷ୍ଣୁତା | ୨. ସମ୍ପୂର୍ଣ୍ଣତା | * ଚେଷ୍ଟାରେ ଲାଗିରହିବା |
| | * ଦୟା | | * ଈଶ୍ୱର ପରାୟଣତା |
| | * ଉତ୍ତମତା | | * ଭ୍ରାତୃପ୍ରେମ (ଫିଲାଦେଲଫିଆ) |
| | * ବିଶ୍ୱସ୍ତତା | | * ଖ୍ରୀଷ୍ଟିୟ ପ୍ରେମ (ଆଗାପେ) |
| | * ଭଦ୍ରତା | | |
| | * ଆତ୍ମସଂଯମ | | |

**୫:୫** ''ଭରସା ଲଜ୍ଜା ଦିଏ ନାହିଁ'' ଏକ ହିବ୍ରୁ ରୂଢ଼ୋକ୍ତି (କଠିନଶବ୍ଦ) ପ୍ରତି ଏହା ଏକ ପରୋକ୍ଷଭାବେ ଉଲ୍ଲିଖିତ ହୋଇପାରେ (ଲଜ୍ଜା, ଗୀତ ୨୫:୩,୨୦, ୩୧:୧,୧୭, ୧୧୯:୧୧୬, ଯିଶାଇୟ ୨୮:୧୬, ରୋମୀୟ ୯:୩୩ରେ ଉଦ୍ଧୃତ ହୋଇଛି ଫିଲିପ୍ପୀ ୧:୨୦)

▣ ''ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି'' ଏହା ହେଉଛି ଏକ ସିଦ୍ଧ ନିଷ୍କ୍ରିୟ ସୂଚନାଦାନକାରୀ, ଆକ୍ଷରିକ ଭାବରେ ବୁଝାଏ, ''ଈଶ୍ୱରଙ୍କ ପ୍ରେମ ଢଳା ଯିବାରେ ଲାଗିଅଛି । ପବିତ୍ର ଆତ୍ମାଙ୍କ ବିଷୟରେ ଅନେକ ସମୟରେ କ୍ରିୟାପଦ ବ୍ୟବହାର କରାଯାଇଅଛି । (ପ୍ରେରିତ ୨:୧୭,୧୮,୩୩, ୧୦:୪୫ ଓ ତିତସ ୩:୬) ଯାହା ଯୋୟେଲ ୨:୨୮-୨୯କୁ ପ୍ରତିଫଳିତ କରିଥାଇପାରେ (ଯିଶାଇୟ ୩୨:୧୫ ମଧ୍ୟ)

ଆଦ୍ୟ ଖଣ୍ଡ ବାକ୍ୟ ''ଈଶ୍ୱରଙ୍କ ପ୍ରେମ'' ବ୍ୟାକରଣ ଦୃଷ୍ଟିରୁ ବୁଝାଯାଇ ପାରେ (୧) ଈଶ୍ୱରଙ୍କ ପାଇଁ ଆମର ପ୍ରେମ ବା (୨) ଆମ ପାଇଁ ଈଶ୍ୱରଙ୍କ ପ୍ରେମ (ଯୋହନ ୩:୧୬ ଓ ୨ କରିନ୍ଥୀ ୫:୧୪) ଦ୍ୱିତୀୟ ନମ୍ବର କେବଳ ପ୍ରାସଙ୍ଗିକ ପସନ୍ଦ ।

▣ ''ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ର ଆତ୍ମା'' ଏହା ଏକ ଆରେଷ୍ଟ ନିଷ୍କ୍ରିୟ ବା ପରୋକ୍ଷ ଘଟିଥିବା ବିଷୟ । ଈଶ୍ୱରଙ୍କ ପ୍ରତିନିଧିତ୍ୱ ପ୍ରକାଶ କରିବାକୁ ଅନେକ ସମୟରେ କର୍ମବାଚ୍ୟ ବ୍ୟବହାର କରାଯାଇଅଛି । ଏହା ବୁଝାଏ ଯେ ବିଶ୍ୱାସୀମାନେ ଆଉ ଅଧିକ ପବିତ୍ର ଆତ୍ମାଙ୍କୁ ଆବଶ୍ୟକ କରନ୍ତି ନାହିଁ । ସେମାନଙ୍କଠାରେ ହୁଏତ ପବିତ୍ର ଆତ୍ମା ଅଛନ୍ତି ନଚେତ ସେମାନେ ଖ୍ରୀଷ୍ଟିୟାନ ନୁହନ୍ତି (୮:୯) । ପବିତ୍ର ଆତ୍ମା ପ୍ରଦତ୍ତ ହେବା ନୂତନ ଯୁଗର ଚିହ୍ନ ଥିଲା (ଯୋୟେଲ ୨:୨୮,୨୯) ନୂତନ ଚୁକ୍ତି (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୨-୩୨) ।

▣ ଲକ୍ଷ୍ୟ କର ଏହି ପାରାଗ୍ରାଫ୍‌ରେ ତ୍ରିବିଧ ପରମେଶ୍ୱରଙ୍କର ତିନି ସ୍ୱର୍ଗୀୟ ବ୍ୟକ୍ତିଙ୍କ ଉପସ୍ଥିତି ।

୧. ଈଶ୍ୱର ୧,୨,୫,୮,୧୦ ପଦମାନ

୨. ଯୀଶୁ ୧,୬,୮,୯,୧୦ ପଦମାନ

୩. ପବିତ୍ର ଆତ୍ମା ୫ ପଦ

ବିଶେଷ ପ୍ରସଙ୍ଗ ଦେଖ : ତ୍ରିବିଧ ପରମେଶ୍ୱର ୮:୧୧

ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୫:୬-୧୧

**କାରଣ ଯେତେବେଳେ ଆମ୍ଭେମାନେ ନିରୂପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ । ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁଭୋଗ କରିବ ନାହିଁ । ଉତ୍ତମ ଲୋକ ନିମନ୍ତେ ଅବା କେହି ପ୍ରାଣ ଦେବାକୁ ସାହସ କରିପାରେ – କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସହପ୍ରମାଣ କରୁଅଛନ୍ତି । ଅତଏବ ଏହା ଆହୁରି ସୁନିଶ୍ଚିତ ଯେ, ଆମ୍ଭେମାନେ ଏବେ ତାହାଙ୍କ ରକ୍ତ ଦ୍ୱାରା ଈଶ୍ୱରଙ୍କ କ୍ରୋଧରୁ ରକ୍ଷା ପାଇବା । କାରଣ ଆମ୍ଭେମାନେ ଶତ୍ରୁ ଥିବା ସମୟରେ ଯଦି ଈଶ୍ୱରଙ୍କ ସହିତ ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ମିଳିତ ହେଲୁ, ତାହାହେଲେ ଏହା ଅଧିକ ସୁନିଶ୍ଚିତ ଯେ ଆମ୍ଭେମାନେ ମିଳିତ ହୋଇ ତାହାଙ୍କ ଜୀବନଦ୍ୱାରା ପରିତ୍ରାଣ ପାଇବା । ପୁଣି କେବଳ ତାହା ନୁହେଁ କିନ୍ତୁ ଆମ୍ଭମାନଙ୍କର ଯେଉଁ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ଏବେ ମିଳନ ଲାଭ କରିଅଛୁ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କଠାରେ ଦର୍ପ ମଧ୍ୟ କରୁଅଛୁ ।''**

**୫:୬**

**ଏନ୍ ଏ ଏସ୍ ବି** **''କାରଣ ଆମ୍ଭେମାନେ ଯେତେବେଳେ ତଥାପି ସାହାଯ୍ୟହୀନ ଥିଲୁ''**

**ଏନ୍ କେ ଜେ ଭି** **''କାରଣ ଆମ୍ଭେମାନେ ଯେତେବେଳେ ତଥାପି ବଳହୀନ ଥିଲୁ''**

**ଏନ୍ ଆର୍ ଏସ୍ ଭି** **''କାରଣ ଆମ୍ଭେମାନେ ଯେତେବେଳେ ତଥାପି ଦୁର୍ବଳ ଥିଲୁ''**

**ଟି ଇ ଭି** **''କାରଣ ଆମ୍ଭେମାନେ ଯେତେବେଳେ ତଥାପି ସାହାଯ୍ୟହୀନ ଥିଲୁ''**

**ଏନ୍ ଜେ ବି** **''ଆମ୍ଭେମାନେ ଯେତେବେଳେ ତଥାପି ସାହାଯ୍ୟହୀନ ଥିଲୁ''**

ଏହି କ୍ରିୟାପଦ ଏକ ବର୍ତ୍ତମାନ କୃଦନ୍ତ ବିଶେଷଣ ଅଟେ । ଏହା ମାନବଜାତିର ପତିତ ଆଦମୀୟ ସ୍ୱଭାବକୁ ବୁଝାଏ । ମାନବ ପାପ ବିରୁଦ୍ଧରେ ଶକ୍ତିହୀନ । ସର୍ବନାମ ''ଆମ୍ଭେମାନେ'' ୬ ପଦର ''ଅଧାର୍ମିକ'' ବିଶେଷ୍ୟପଦକୁ ବର୍ଣ୍ଣନାତ୍ମକଭାବେ ବାଖ୍ୟା କରେ ଓ ସମାନ୍ତର ଭାବେ ନିଏ ୮ ପଦର ପାପୀମାନେ ଓ ୧୦ ପଦର ''ଶତ୍ରୁମାନଙ୍କ'' ସହିତ । ୬ ପଦ ଓ ୮ ପଦ ପାରମାର୍ଥିକ ଭାବେ ଓ ଆକୃତି ଅନୁଯାୟୀ ଅନୁରୂପ ଅଟେ । ଅନୁରୂପ ଅବସ୍ଥା ଲକ୍ଷ୍ୟ କରୁ :

| | (୧) | (୨) | (୩) |
|---|---|---|---|
| ୬ ପଦ | ଆମ୍ଭେମାନେ ସାହାଯ୍ୟହୀନ ଥିଲୁ | ଖ୍ରୀଷ୍ଟ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଲେ | – |
| ୮ ପଦ | ଆମ୍ଭେମାନେ ପାପୀ ଥିଲୁ | ଖ୍ରୀଷ୍ଟ ଆମ୍ଭମାନଙ୍କ ପାଇଁ ମୃତ୍ୟୁ ଭୋଗିଲେ | – |
| ୯ ପଦ | – | ତାହାଙ୍କ ରକ୍ତ ଦ୍ୱାରା | ବର୍ତ୍ତମାନ ଧାର୍ମିକଗଣିତ ହୋଇଅଛନ୍ତି |
| ୧୦ ପଦ | ଆମ୍ଭେମାନେ ଶତ୍ରୁ ଥିଲୁ | ତାହାଙ୍କ ପୁତ୍ରଙ୍କ ମୃତ୍ୟୁ | ମିଳନ ଲାଭ କରିଅଛୁ |

ବିଶେଷ ସତ୍ୟମାନ ଗୁରୁତ୍ୱ ଦିଆଯିବାପାଇଁ ବାରମ୍ବାର କୁହାଯାଇଛି

୧. ଆମ୍ଭମାନଙ୍କ ଆବଶ୍ୟକତା

୨. ଖ୍ରୀଷ୍ଟଙ୍କ ଯୋଗାଇବା

୩. ଆମ୍ଭମାନଙ୍କ ନୂତନ ସଂସ୍ଥାପନ

▣

**୫:୬**

**ଏନ୍ ଏ ଏସ୍ ବି** **''ଉପଯୁକ୍ତ ସମୟରେ''**

**ଏନ୍ କେ ଜେ ଭି** **''ନିରୂପିତ ସମୟରେ''**

**ଟି ଇ ଭି** **''ଈଶ୍ୱର ମନୋନୀତ ସମୟରେ''**

**ଏନ୍ ଜେ ବି** **''ତାହାଙ୍କ ନିରୂପିତ ସମୟରେ''**

ଏହା ଐତିହାସିକ ଭାବରେ ବୁଝାଏ –

୧. ରୋମୀୟ ଶାନ୍ତି (ଏବଂ ରାସ୍ତାମାନ) ଯାତ୍ରା ଅନୁମତି ଦେଉଅଛି
୨. ଯୁଗ୍ମ ସଂସ୍କୃତିଗତ ଯୋଗାଯୋଗ, ଗ୍ରୀକ୍ ଭାଷା ଅନୁମତି ଦେଉଅଛି
୩. ଗ୍ରୀକ୍ ଓ ରୋମୀୟ ଦେବତାମାନଙ୍କ ଅବସାନ ଏକ ଅପେକ୍ଷାକାରୀ, ଆଧାତ୍ମିକଭାବେ କ୍ଷୁଧିତ ଜଗତ ଉତ୍ପନ୍ନ କରୁଅଛି (ମାର୍କ ୧:୧୫, ଗାଲାତୀୟ ୪:୪, ଏଫିସୀ ୧:୧୦, ତିତସ ୧:୩)
   ପାରମାର୍ଥିକଭାବେ ଦେହବନ୍ତ ହେବା (ଅବତାରତ୍ୱ) ଏକ ଯୋଜନା କରାଯାଇଥିବା, ସ୍ୱର୍ଗୀୟ ଘଟଣା ଥିଲା (ଲୂକ ୨୨:୨୨, ପ୍ରେରିତ ୨:୨୩, ୩:୧୮, ୪:୨୮, ଏଫିସୀ ୧:୧୧)

୫:୬,୮,୧୦ ଅଧାର୍ମିକମାନଙ୍କ ପାଇଁ ମୃତ୍ୟୁଭୋଗ କଲେ ଏହା ଏକ ଆଓରିଷ୍ଟ ସକ୍ରୀୟ ସୂଚନାଦାୟକ । ଏହା ଯୀଶୁଙ୍କ ଜୀବନ ଓ ମୃତ୍ୟୁକୁ ଏକ ସମାନ ପ୍ରକାରର ଘଟଣା ରୂପେ ଦେଖିଲା । ଯୀଶୁ କରି ନ ଥିବା ଋଣକୁ ଶୁଝିଲେ ଓ ଆମ୍ଭେମାନେ କରିଥିବା ଋଣ ଶୁଝି ପାରିଲୁ ନାହିଁ (ଗାଲାତୀ ୩୧:୩, ୧ ଯୋହନ ୪:୧୦) ।

ଖ୍ରୀଷ୍ଟଙ୍କ ମୃତ୍ୟୁ ପାଉଲଙ୍କ ଲେଖାଗୁଡ଼ିକରେ ଏକ ପୁନଃ ପୁନଃ ଆବୃତ୍ତି ହୋଇଥିବା ପ୍ରସଙ୍ଗ ଥିବା । ସେ ଯୀଶୁଙ୍କ ପ୍ରତିବଦଳ ମୃତ୍ୟୁକୁ ପ୍ରକାଶ କରିବାକୁ ଅନେକ ବିଭିନ୍ନ ଶବ୍ଦ ଓ ଖଣ୍ଡବାକ୍ୟ ବ୍ୟବହାର କରିଥିଲେ ।

୧. ''ରକ୍ତ'' ୩:୨୫, ୫:୯, ୧ କରିନ୍ଥୀ ୧୧:୨୫-୨୭, ଏଫିସୀ ୧:୭, ୨:୧୩, କଲସୀ ୧:୨୦
୨. ''ଆପଣାକୁ ଉତ୍ସର୍ଗ କଲେ'' (ଏଫିସୀ ୫:୨,୨୫)
୩. ''ସମର୍ପିତ ହେଲେ'' (ରୋମୀ ୪:୨୫, ୮:୩୨)
୪. ''ବଳିକୃତ'' (୧ କରିନ୍ଥୀ ୫:୭)
୫. ''ମୃତ୍ୟୁଭୋଗ କଲେ'' (ରୋମୀ ୫:୬, ୮:୩୪, ୧୪:୯,୧୫, ୧ କରିନ୍ଥୀ ୮:୧୧, ୧୫:୩, ୨ କରିନ୍ଥୀ ୫:୧୫, ଗାଲାତୀ ୫:୨୧, ୧ ଥେସଲନିକୀ ୪:୧୪, ୫:୧୦) ।
୬. ''କ୍ରୁଶ'' (୧କରିନ୍ଥୀ ୧:୧୭-୧୮, ଗାଲାତୀୟ ୫:୧୧, ୬:୧୨-୧୪, ଏଫିସୀ ୬:୧୬, ଫିଲିପ୍ପୀ ୨:୮, କଲସୀ ୧:୨୦, ୨:୧୪)
୭. ''କ୍ରୁଶାର୍ପଣ'' (୧ କରିନ୍ଥୀ ୧:୨୩, ୨:୨, ୨ କରିନ୍ଥୀ ୧୩:୪, ଗାଲାତୀୟ ୩:୧)

ଅବ୍ୟୟ ପଦ ''ଆମ୍ଭ ନିମନ୍ତେ'' (ଆମ ସ୍ଥାନରେ) ''ହପର'' ଏହି ପରିପ୍ରେକ୍ଷିରେ କ'ଣ ବୁଝାଏ ?

୧. ପ୍ରତିନିଧିତ୍ୱ କରିବା ''ଆମ୍ଭ ସକାଶେ(ବା) ପକ୍ଷରୁ''

୨. ପ୍ରତିବଦଳ, ''ଆମ୍ଭମାନଙ୍କ ସ୍ଥାନରେ''

ସାଧାରଣତଃ ''ହପର''ର ମୂଳ ଅର୍ଥ ସମ୍ବନ୍ଧ ସୂଚକ ଅକ୍ଷର(ରୁ) ଦ୍ୱାରା ବା ହେତୁ ''ପକ୍ଷରୁ'' ବୁଝାଯାଏ ଏହା ବ୍ୟକ୍ତି ବିଶେଷଙ୍କ ସକାଶେ କିଛି ଅର୍ଥମୂଲ୍ୟ ଦେବାକୁ ବୁଝାଏ । ଯାହାବି ହେଉ, ''ହପର'' ଶବ୍ଦର ବିରୁଦ୍ଧ ମତ ଅଛି, ଯାହା ବୁଝାଏ ଯେ ''କୌଣସି ଜଣକ ସ୍ଥାନରେ'', ସେଥିପାଇଁ ପାରମାର୍ଥିକ ଭାବେ ଏକ ଅନ୍ୟ ପାଇଁ ସମ୍ପାଦିତ ପ୍ରତିବଦଳର ପ୍ରାୟଶ୍ଚିତକୁ ବୁଝାଏ (ମାର୍କ ୧୦:୪୫, ଯୋହନ ୧୧:୫୦, ୧୮୧୪, ୨ କରିନ୍ଥୀ ୫:୧୪, ୧ ତୀମଥି ୨:୬) । ଏମ୍ ଜେ ହାରାସ କହନ୍ତି, ''କିନ୍ତୁ ପାଉଲ କେବେହେଲେ କହନ୍ତି ନାହିଁ ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ ବିରୁଦ୍ଧ କାର୍ଯ୍ୟ କରିବାକୁ (୧ ତୀମଥି ୨:୬ରେ ସେ ଏହି ଅର୍ଥର ନିକଟବର୍ତ୍ତୀ ହେଲେ ଆଣ୍ଟିଲୁଟ୍ରୋନ ହପର ପାଣ୍ଟଅନ ? ସମ୍ଭବତଃ ପ୍ରେପ୍ ହପର, ''ଆଣ୍ଟି'' ବା ବିରୁଦ୍ଧରୁ ଭିନ୍ନ, ଏକ ସଙ୍ଗେ ପ୍ରତିନିଧିତ୍ୱ ଓ ପ୍ରତିବଦଳ ପ୍ରକାଶ କରିପାରିଲା ।

ଏମ୍ ଆର ଭିନ୍‌ସେଣ୍ଟଙ୍କ ''ଶବ୍ଦ ଅଧ୍ୟୟନ'' ପୁସ୍ତକ ୨ଭାଗ କହେ

ଏହା ଅତି ବିବାଦୀୟ, ହପର, ସପକ୍ଷରୁ, ଆଣ୍ଟି, ଏହା ପରିବର୍ତ୍ତେ ସହିତ କେବେ ବି ସମାନ ହେବ । ମୂଳ ଲେଖକମାନେ ଉଦାହରଣମାନ ପ୍ରଦାନ କରନ୍ତି ଯେଉଁଠାରେ ଏହାର ଅର୍ଥ ଅଦଳବଦଳ ହେବା ପରି ଦେଖାଯିବ । ... ଏହି ପାରାଗ୍ରାଫର ଅର୍ଥ ଯାହା ହେଲେ ବି ଏତେ ଅନିର୍ଦ୍ଧିଷ୍ଟ ଯେ ଏହା ଉତ୍ତମ ରୂପେ ସୂଚନାରେ ପ୍ରଦର୍ଶନ କରାଯାଇ ପାରିବ ନାହିଁ । ଅବ୍ୟୟ ପଦର ସ୍ଥାନୀୟ ଅର୍ଥ ଥାଇପାରେ, ମୃତର ଉପରେ । ଏହି ପାରାଗ୍ରାପ୍ତଗୁଡ଼ିକ ମଧ୍ୟରୁ କୌଣସିଟି ସ୍ୱଷ୍ଟଭାବେ ଭାବେ ବୁଝାଇଥିବା କୁହାଯାଇ ନ ପାରେ । ସର୍ବାପେକ୍ଷା ଅଧିକ କୁହାଯାଇପାରେ ଯେ ''ହପର'', 'ଆଣ୍ଟି'ର ଉପରେ ଅବସ୍ଥାନ କରେ ।

''ଏହା ପରିବର୍ତ୍ତେ'' ସତ୍ୟ ବୋଲି ଅପ୍ରମାଣିତ ଭୂମି ଉପରେ ବିଶେଷତଃ ଗୁରୁତ୍ୱଦିଏ । ପାରାଗ୍ରାଫ୍ ଗୁଡ଼ିକର ଅଧିକ ସଂଖ୍ୟକ ମତ ସ୍ୱଷ୍ଟ ଭାବେ ''ଏଥି ସକାଶେ'', ''ଏକ ପକ୍ଷରୁ'' ନିମନ୍ତେ ଅଛି । ପ୍ରକୃତ କାରଣ ଏପରି ଦେଖାଯିବ, ପାରାଗ୍ରାଫ୍ ଗୁଡ଼ିକରେ ବିଶେଷତଃ ପ୍ରଶ୍ନରେ, ଯେଉଁମାନେ ନାମାନୁସାରେ ଖ୍ରୀଷ୍ଟଙ୍କ ମୃତ୍ୟୁ ସହିତ ସମ୍ପୃକ୍ତ ଯେପରି ଗାଲାତୀୟ ୩:୧୩, ରୋମୀ ୧୪:୧୫, ୧ ପିତର ୩:୧୮ରେ 'ହପର' ଅଧିକ ଅନିର୍ଦ୍ଧିଷ୍ଟ ଓ ସାଧାରଣ ଅବ୍ୟୟପଦଚାରିତ୍ରିକର ଗୁଣ ପ୍ରକାଶ କରେ - ଖ୍ରୀଷ୍ଟ ଏମାନଙ୍କ ପକ୍ଷରୁ ମୃତ୍ୟୁଭୋଗ କଲେ - ସ୍ଥିର କରାଯାଇ ନ ଥିବା ଲୋକଙ୍କ ପକ୍ଷରେ ଅଭୁତ ଜ୍ଞାନ ଛାଡ଼ିଅଛନ୍ତି ଏବଂ ଅନ୍ୟ ପାରାପ୍ରାପ୍ତ ଦ୍ୱାରା ସ୍ଥିର କରିବା ପାଇଁ । ''ତାହା ପରିବର୍ତ୍ତେ'' ଅର୍ଥ ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ ମାତ୍ର କେବଳ ଅତି ମନ୍ଦ ଭାବରେ । (୬୯୨ ପୃଷ୍ଠା)

୫:୭ ଏହି ପଦ ମାନବୀୟ ପ୍ରେମ ଦର୍ଶାଏ ଯେତେବେଳେ ୮ ପଦ ଈଶ୍ୱରଙ୍କ ପ୍ରେମ ଦର୍ଶାଏ ।

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି**

| | |
|---|---|
| **ଟି ଇ ଭି** | **''ଏକ ଧାର୍ମିକ ଲୋକ ପାଇଁ''** |
| **ଏନ୍ ଆର୍ ଏସ୍ ଭି** | **''ଏକ ଧାର୍ମିକ ବ୍ୟକ୍ତି ପାଇଁ''** |
| **ଏନ୍ ଜେ ବି** | **''ଏକ ଉତ୍ତମ ମନୁଷ୍ୟ ପାଇଁ''** |

ଏହି ଶବ୍ଦ ଏକାପ୍ରକାର ଅର୍ଥରେ ବ୍ୟବହୃତ ହୋଇଥିଲା ଯେପରି ନୋହ ଓ ଆୟୁବ ଧାର୍ମିକ ଓ ଦୋଷଶୂନ୍ୟ ଲୋକ ଥିଲେ ସେମାନଙ୍କ ସମୟର ପ୍ରୟୋଜନୀୟ ଧର୍ମକର୍ମର ସେମାନେ ଅନୁଗମନ କରୁଥିଲେ । ଏହା ପାପଶୂନ୍ୟତା ବୁଝାଏ ନାହିଁ । ୧:୧୭ରେ ବିଶେଷ ପ୍ରସଙ୍ଗ ଦେଖ ।

୫:୮ **''ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସମପ୍ରମାଣ କରୁଅଛନ୍ତି''** ଏହା ଏକ ବର୍ତ୍ତମାନ ସକ୍ରୀୟ ସୂଚନା ପ୍ରଦାୟକ (୩:୫) ପିତା ପୁତ୍ରଙ୍କୁ ପ୍ରେରଣ କଲେ (୮:୩, ୩୨, ୨ କରିନ୍ଥୀ ୫:୧୯) । ଈଶ୍ୱରଙ୍କ ପ୍ରେମ ଉତ୍ତେଜନା ବଶତଃ ନୁହେଁ, ମାତ୍ର କାର୍ଯ୍ୟକାରକ ମନୋବୃତ୍ତି ବିଶିଷ୍ଟ (ଯୋହନ ୩:୧୬, ୧ ଯୋହନ ୪:୧୦) ଏବଂ ନିତ୍ୟସ୍ଥାୟୀ ।

▣ ''ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା'', ଏହା ଆମ୍ଭମାନଙ୍କୁ ଆଚମ୍ଭିତ କରେ ଯେ ଈଶ୍ୱରଙ୍କ ପ୍ରେମ ''ପାପୀମାନଙ୍କ'' ପାଇଁ ପ୍ରକାଶିତ ହେଲା, ଈଶ୍ୱର ପରାୟଣ ବା ଏକ ଜାତିରୁ ଉତ୍ପନ୍ନ ଲୋକମାନଙ୍କ ପାଇଁ ନୁହେଁ ମାତ୍ର ବିଦ୍ରୋହୀମାନଙ୍କ ପାଇଁ ! ପ୍ରାପ୍ୟ ନୁହେଁ ମାତ୍ର ଅନୁଗ୍ରହ ହେଉଛି ମୂଳଭିତିକ ସତ୍ୟ । ଈଶ୍ୱର ଏବେ ସୁଦ୍ଧା ପାପୀମାନଙ୍କ ସହିତ ସହଭାଗିତା ଚାହାନ୍ତି, ଏହା ତାହାଙ୍କର ଅପରିବର୍ତ୍ତନୀୟ ଚରିତ୍ର ଯାହା ଆମ୍ଭମାନଙ୍କୁ ଶାନ୍ତି ଓ ଆଶା (ଭରସା) ପ୍ରଦାନ କରେ (ଯାତ୍ରାପୁସ୍ତକ ୩୪:୬, ନିହିମିୟା ୯:୧୭, ଗୀତ ୧୦୩:୮, ୧୪୫:୮) ।

୫:୯ ''ଅଧିକ ସୁନିଶ୍ଚିତ'' ଏହା ପାଉଲଙ୍କ ଅତି ପ୍ରିୟ ପରିପ୍ରକାଶ (୧୦:୧୫,୧୭ ପଦ) । ଯଦି ଈଶ୍ୱର ବିଶ୍ୱାସୀମାନଙ୍କୁ ଏତେ ପ୍ରେମ କଲେ ସେମାନେ ତଥାପି ପାପୀ ଅଛନ୍ତି, କେତେ ଅଧିକ ସେ ସେମାନଙ୍କୁ ବର୍ତ୍ତମାନ ପ୍ରେମ କରନ୍ତି ଯେ ସେମାନେ ତାହାଙ୍କ ସନ୍ତାନ ଅଟନ୍ତି । (୫:୧୦, ୮:୨୨) ।

▣ ''ଏବେ ଧାର୍ମିକଗଣିତ ହେବାରୁ'' ଏହା ଏକ ଆଓରିଷ୍ଟ କର୍ମକାରକ ପଦ, ଯାହା ଧାର୍ମିକଗଣିତ ହେବାକୁ ଗୁରୁତ୍ୱ ଦିଏ ଏହା ଈଶ୍ୱରଙ୍କ ଦ୍ୱାରା ସାଧିତ ହୋଇଥିବା ଏକ ସମ୍ପୂର୍ଣ୍ଣ କାର୍ଯ୍ୟ । ପାଉଲ ୧ ପଦର ସତ୍ୟକୁ ପୁନରାବୃତ୍ତି କରୁଛନ୍ତି । ଲକ୍ଷ୍ୟ କର ମଧ ଧାର୍ମିକଗଣିତ (୯ପଦ) ''ପୁର୍ନମିଳିତ'' (୧୦-୧୧) ଦୁଇଟି ଶବ୍ଦ ମଧରେ ସମାନ୍ତରବାଦ ।

▣ ''ତାହାଙ୍କ ରକ୍ତ ଦ୍ୱାରା'' ଏହା ଖ୍ରୀଷ୍ଟଙ୍କ ସ୍ୱାର୍ଥତ୍ୟାଗର ମୃତ୍ୟୁର ଏକ ଉଦ୍ଧୃତାଂଶ ଥିଲା (୨:୫, ୪:୨୫, ମାର୍କ ୧୦:୪୫, ୨ କରିନ୍ଥୀ ୫:୨୧) । ଏହି ପ୍ରକାର ବଳିଦାନର ବିଶ୍ୱାସ, ଏକ ନିର୍ଦ୍ଦୋଷ ଜୀବନ, ଏକ ଦୋଷୀକୃତ ଜୀବନର ସ୍ଥାନରେ ପ୍ରଦାନ କରାଯିବା ଲେବୀୟ ୧-୭ ଏବଂ ସମ୍ଭବତଃ ଯାତ୍ରା ୧୨କୁ ଫେରାଇ ନିଏ (ନିସ୍ତାର ମେଷ) ଏବଂ ପାରମାର୍ଥିକ ଭାବରେ ଯୀଶୁଙ୍କ ପ୍ରତି ପ୍ରୟୋଗ କରାଯାଇଅଛି (ଯିଶାଇୟ ୫୩:୪-୬) । ଏହା ଖ୍ରୀଷ୍ଟ ତତ୍ତ୍ୱ ଶିକ୍ଷା ମତାନୁସାରେ ଏବ୍ରୀ ପୁସ୍ତକରେ ଉନ୍ନତ କରାଯାଇଅଛି (୯-୧୦ ଅଧ୍ୟାୟ) ଏବ୍ରୀ ପୁସ୍ତକ ଅନେକ ସଂଖ୍ୟକ ବିଷୟ ଉପରେ ପୁରାତନ ଓ ନୂତନ ନିୟମକୁ ତୁଳନା କରିଥିବା ଦେଖାଯାଏ ।

▣ ''ଆମ୍ଭେମାନେ ପରିତ୍ରାଣ ପାଇବା'' ଏହା ଭବିଷ୍ୟତ୍ କର୍ମ ସୂଚନା ପ୍ରଦାୟକ (୧୦ ପଦ) । ଏହା ଆମ୍ଭମାନଙ୍କ ଚୂଡାନ୍ତ ପରିତ୍ରାଣକୁ ଉଦ୍ଧୃତ କଲା, ଯାହାକୁ 'ଗୌରବାନ୍ୱିତ' ହେବା କୁହାଯାଏ (୨, ୮:୩୦, ୧ ଯୋହନ ୩:୨) ନୂତନ ନିୟମ ସମସ୍ତ କିୟା କାଳଗୁଡ଼ିକରେ ପରିତ୍ରାଣ ବର୍ଣ୍ଣନା କରେ ।

୧. ଏକ ସମ୍ପୂର୍ଣ୍ଣ କରାଯାଇଥିବା କାର୍ଯ୍ୟ (ଆଓରିଷ୍ଟ), ପ୍ରେରିତ ୧୫:୧୧, ରୋମୀ ୮:୨୪, ୨ ତୀମଥି ୧:୯, ତିତସ ୩:୫ ।
୨. ଅତୀତ କାର୍ଯ୍ୟ ଏକ ବର୍ତ୍ତମାନ ଅବସ୍ଥାରେ ଫଳ ପ୍ରଦାନ କରୁଅଛି । (ସିଦ୍ଧ) ଏଫିସୀ ୨:୫,୮ ।
୩. ଅଗ୍ରଗାମୀ ହେବା ପ୍ରଣାଳୀ (ବର୍ତ୍ତମାନ) ୧ କରିନ୍ଥୀ ୧:୧୮, ୧୫:୨, ୨ କରିନ୍ଥୀ ୨:୧୫, ୧ ଥେସଲ ୪:୧୪, ୧ ପିତର ୩:୨୧ ।
୪. ଭବିଷ୍ୟତ ପୂର୍ଣ୍ଣାଙ୍ଗକାର୍ଯ୍ୟ (ଭବିଷ୍ୟତ) ରୋମୀ ୫:୯,୧୦, ୧୦:୯ ।

୧୦:୪ରେ ବିଶେଷ ପ୍ରସଙ୍ଗ ଦେଖ । ପରିତ୍ରାଣ ଏକ ପ୍ରାରମ୍ଭିକ ସିଦ୍ଧାନ୍ତ ଦ୍ୱାରା ଆରମ୍ଭ ହୁଏ । (୧୦:୯-୧୩, ଯୋହନ ୧:୧୨, ୩:୧୬) । ମାତ୍ର ମୁହୂର୍ତ୍ତକୁ ମୁହୂର୍ତ୍ତ ସମ୍ପର୍କ ମଧକୁ ଅଗ୍ରଗତି କରେ ଯାହା ଦିନେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୁଏ । ଏହି ବିଶ୍ୱାସ ତିନୋଟି ପରମାର୍ଥିକ ଶବ୍ଦ ଦ୍ୱାରା ବର୍ଣ୍ଣନା କରାଯାଇଛି ଥରକୁ ଥର ।

୧. ଧାର୍ମିକ ଗଣନା, ଯାହା ବୁଝାଏ ''ପାପର ଜୋରିମନାରୁ ଉଦ୍ଧାର ଲାଭ କରିବା''
୨. ପବିତ୍ରୀକରଣ, ଯାହା ବୁଝାଏ ''ପାପର ଶକ୍ତି ବା କ୍ଷମତାରୁ ଉଦ୍ଧାର ପ୍ରାପ୍ତ ହେବା''
୩. ଗୌରବାନ୍ୱିତ ହେବା, ଯାହା ବୁଝାଏ, ''ପାପର ଉପସ୍ଥିତିରୁ ଉଦ୍ଧାର ପ୍ରାପ୍ତ ହେବା''

ଏହା ଲକ୍ଷ୍ୟ କରିବା ଉଚିତ ଯେ ଧାର୍ମିକ ଗଣନ ଓ ପବିତ୍ରୀକରଣ ଉଭୟ, ଈଶ୍ୱରଙ୍କ ଅନୁଗ୍ରହପୂର୍ଣ୍ଣ କାର୍ଯ୍ୟସମୂହ ବିଶ୍ୱାସୀମାନଙ୍କୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧମରେ ପ୍ରଦାନ କରାଯାଇଅଛି । ଯାହା ବିହେଉ ନୂତନ ନିୟମ ମଧ ପବିତ୍ରୀକରଣକୁ ଖ୍ରୀଷ୍ଟଙ୍କ ସାଦୃଶ୍ୟ ହେବା ଚାଲୁ ରହିଥିବା ପ୍ରଣାଳୀ ବୋଲି କହେ । ସେଥିପାଇଁ ପାରମାର୍ଥିକ ବ୍ୟକ୍ତିଗଣ ''ପଦ ସମ୍ବନ୍ଧୀୟ ପବିତ୍ରୀକରଣ'' ଓ ''ଅଗ୍ରଗତି କରୁଥିବା ପବିତ୍ରୀକରଣ'' ବିଷୟ କହନ୍ତି । ଏହା ହେଉଛି ଈଶ୍ୱର ପରାୟଣ ଜୀବନ ସହିତ ବିନାମୂଲ୍ୟର ପରିତ୍ରାଣ ମଧରେ ସମ୍ପର୍କର ଗୂଢ଼ ରହସ୍ୟ, ବିଶେଷ ପ୍ରସଙ୍ଗ ଦେଖ ୬:୪ ପଦରେ ।

▣ ''ଈଶ୍ୱରଙ୍କ କ୍ରୋଧରୁ'' - ଏହା ଏକ ଯୁଗ ଶେଷ ସମୟ ସମ୍ବନ୍ଧୀୟ ଶାସ୍ତ୍ରାଂଶ ଅଟେ । ଈଶ୍ୱରଙ୍କ ମହାନ ଓ ଅପ୍ରାପ୍ତବ୍ୟ, ଯୋଗ୍ୟତାହୀନ ଲୋକଙ୍କ ପ୍ରତି ପ୍ରେମ ବିଷୟ ବାଇବଲ କହେ, ମାତ୍ର ସ୍ୱଷ୍ଟ ଭାବେ ପାପ ଓ ବିଦ୍ରୋହତା ପ୍ରତି ଅବିଚଳିତ ବିରୋଧ ବିଷୟ ମଧ କହେ । ଈଶ୍ୱର ଖ୍ରୀଷ୍ଟଙ୍କ ମାଧମରେ ପରିତ୍ରାଣର ପଥ ଓ ପାପ କ୍ଷମା ଯୋଗାଇ ଦେଇଅଛନ୍ତି । ମାତ୍ର ଯେଉଁମାନେ ତାହାଙ୍କୁ ଅଗ୍ରାହ୍ୟ କରନ୍ତି ସେମାନେ କ୍ରୋଧର ଅଧୀନସ୍ଥ ଅଟନ୍ତି (୧:୧୮-୩:୨୦) । ଏହା ଏକ ମନୁଷ୍ୟ ଆକୃତିର ଉତ୍ପତ୍ତି ସମ୍ବନ୍ଧୀୟ ଶାସ୍ତ୍ରାଂଶ (ବିଶେଷ ପ୍ରସଙ୍ଗ ୧:୧୮ରେ ଦେଖ) । ମାତ୍ର ଏହା ଏକ ବାସ୍ତବତା ପ୍ରକାଶ କରେ । ଜୀବିତ (କ୍ରୋଧି) ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ ।'' ଏବ୍ରୀ ୧୦:୩୧

୫:୧୦ ''ଯଦି'' ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତ ପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ଏହାର ସାହିତ୍ୟିକ ଉଦ୍ଦେଶ୍ୟରୁ ସତ୍ୟ ବୋଲି ଦେଖାଯାଏ । ମାନବିକତା, ଈଶ୍ୱରଙ୍କ ଚୂଡ଼ାନ୍ତ ସୃଷ୍ଟି (ଆଦି ୧:୨୬-୨୭) । ଶତ୍ରୁଗଣରେ ପରିଣତ ହେଲେ । ମନୁଷ୍ୟର (ଆଦି ୩:୫) ଆୟତ କରିବାର ଏକ ଆକାଂକ୍ଷା ଓ ଈଶ୍ୱରଗଣ ହେବାର ଇଚ୍ଛା ଅଛି ।

▣ ଆମ୍ଭେମାନେ ଈଶ୍ୱରଙ୍କ ସହ ପୁର୍ନମିଳିତ ହେଲୁ... ପୁର୍ନମିଳିତ ହୋଇଆସିଛୁ ଏହା ଉଭୟ ଆଓରିଷ୍ଟ କର୍ମକାରୀ ସୂଚନାଦାୟକ ଏବଂ ଏକ ଆଓରିଷ୍ଟ କର୍ମକାରୀ ହୋଇଥିବା ବିଷୟ ଅଟେ । ''ପୁନମିଳିତ ହେଲେ'' ଶବ୍ଦ (୧ କରିନ୍ଥୀ ୭:୧୧, ୨ କରିନ୍ଥୀ ୫:୧୮,୧୯-୨୦ ମଧ୍ୟ ଲକ୍ଷ କର କଲସୀ ୧:୨୦) । ଆଦ୍ୟରୁ ''ବଦଳ କରିବା ବୁଝାଏ'' । ଈଶ୍ୱର ଆମର ପାପ, ଯୀଶୁଙ୍କ ଧାର୍ମିକତା ପାଇଁ ପ୍ରତିବଦଳ କରିଛନ୍ତି (ଯିଶାଇୟ ୫୩:୪-୬) ଶାନ୍ତି ପୁନରୁଦ୍ଧାର କରାଗଲା (୧ ପଦ) ।

▣ ''ତାହାଙ୍କ ପୁତ୍ରଙ୍କ ମୃତ୍ୟୁଦ୍ୱାରା'' କ୍ଷମାର ସୁସମାଚାର ମୂଳଭିତି ସ୍ଥାପନ କରିଛି

୧. ଈଶ୍ୱରଙ୍କ ପ୍ରେମରେ (ଯୋହନ ୩:୧୬)

୨. ଖ୍ରୀଷ୍ଟଙ୍କ କାର୍ଯ୍ୟ (୮:୩୨, ଗାଲାତୀୟ ୧:୪, ୨:୨୦)

୩. ପବିତ୍ର ଆତ୍ମାଙ୍କ ପ୍ରରୋଚିତ କରିବା (ଯୋହନ ୬:୪୪,୪୫)

୪. ବିଶ୍ୱାସ/ଅନୁତାପ (ମନ ପରିବର୍ତ୍ତନ) ପ୍ରତ୍ୟୁତ୍ତର ଏକ ବ୍ୟକ୍ତିର (ମାର୍କ ୧:୧୫, ଯୋହନ ୧:୧୨, ପ୍ରେରିତ ୨୦:୨୧)

ଈଶ୍ୱରଙ୍କ ସହିତ ଯଥାର୍ଥ ସମ୍ପର୍କକୁ ଆସିବାର ଆଉ ଅନ୍ୟ କୌଣସି ଉପାୟ ନାହିଁ (୧୦:୧-୨, ୭-୮, ଯୋହନ ୧୪:୬, ପ୍ରେରିତ ୪:୧୨, ୧ ତୀମଥି ୨:୫) । ପରିତ୍ରାଣର ନିଶ୍ଚୟତା ତ୍ରିବିଧ ପରମେଶ୍ୱରଙ୍କ ଚରିତ୍ର ଉପରେ ନିର୍ଭର କରେ । (ଯାତ୍ରା ୩୪:୬, ନିହିମିୟା ୯:୧୭, ଗୀତ ୧୦୩:୮, ୧୪୫:୮) । ମାନବ ସାଧିତ ନୁହେଁ ! ଦ୍ୱନ୍ଦାତ୍ମକ ବିଷୟ ହେଉଛି ଯେ, ପରିତ୍ରାଣ ପରେ ମାନବ କାର୍ଯ୍ୟ ସାଧନ ଏକ ବିନାମୂଲ୍ୟର ପରିତ୍ରାଣର ଏକ ଚିହ୍ନ ବା ସଙ୍କେତ ଅଟେ । (ଯାକୁବ ୧ ଯୋହନ)

▣ ''ଆମ୍ଭେମାନେ ପରିତ୍ରାଣ ପାଇବା'' ନୂତନ ନିୟମ ପରିତ୍ରାଣ ବିଷୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବୋଲି କହେ । ଏଠାରେ ଭବିଷ୍ୟତ, ଚରମ ଭବିଷ୍ୟତ, ଦ୍ୱିତୀୟ ଆଗମନରେ ସମ୍ପୂର୍ଣ୍ଣ ପରିତ୍ରାଣକୁ ବୁଝାଏ (୧ ଯୋହନ ୩:୨) । ୯ ପଦର ବାଖ୍ୟା ଓ ୧୦:୧୩ରେ ବିଶେଷ ପ୍ରସଙ୍ଗ ଦେଖ ।

▣ ''ତାହାଙ୍କ ଜୀବନ'' ଦ୍ୱାରା ଜୀବନ ଲାଗି ଏଠାରେ ଗ୍ରୀକ୍ ଶବ୍ଦ ''ଯୋଆ'' । ଏହି ଶବ୍ଦ ସର୍ବଦା ଯୋହନଙ୍କ ଲେଖା ଗୁଡ଼ିକରେ, ପୁନରୁତ୍ଥାନଜୀବନ କିଅବା ରାଜ୍ୟର ଜୀବନ ବା ଅନନ୍ତ ଜୀବନକୁ ବୁଝାଇ ଆସିଅଛି । ପାଉଲ ମଧ୍ୟ ଏହି ପାରମାର୍ଥିକ ଜ୍ଞାନରେ ଏହା ବ୍ୟବହାର କରିଅଛନ୍ତି । ଏହି ଶାସ୍ତ୍ରାଂଶର ଚାପ ହେଉଛି ଯେ, ଈଶ୍ୱର ଯେହେତୁ ଏତେ ପରିମାଣ ମୂଲ୍ୟ ବିଶ୍ୱାସୀମାନଙ୍କ କ୍ଷମା ନିମନ୍ତେ ପରିଶୋଧ କଲେ ସେ ଏହାର ଫଳପ୍ରଦତ୍ତା ନିଶ୍ଚୟ କରିଚାଲିବେ ।

''ଜୀବନ'' ହୁଏତ ନିମ୍ନଲିଖିତ କୌଣସି ବିଷୟକୁ ବୁଝାଇ ପାରେ ।

୧. ଯୀଶୁଙ୍କ ପୁନରୁତ୍ଥାନ (୮:୩୪, ୧ କରିନ୍ଥୀ ୧୫) ।

୨. ଯୀଶୁଙ୍କ ମଧ୍ୟସ୍ଥତାର କାର୍ଯ୍ୟ (୮:୩୪, ଏବ୍ରୀ ୭:୨୫, ୧ ଯୋହନ ୨:୧)

୩. ପବିତ୍ର ଆତ୍ମା ଆମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ଆକୃତି ସ୍ଥାପନ କରୁଛନ୍ତି (ରୋମୀ ୮:୨୯, ଗାଲାତୀ ୪:୧୯) ।

ପାଉଲ ସତ୍ୟ ବୋଲି ସାବ୍ୟସ୍ତ କରନ୍ତି ଯେ ଯୀଶୁଙ୍କ ପାର୍ଥିବ ଜୀବନ ଓ ମୃତ୍ୟୁ ଆହୁରି ମଧ୍ୟ ତାହାଙ୍କର ଉଚ୍ଚୀକୃତ ଜୀବନ (ସ୍ୱର୍ଗାରୋହଣ ପ୍ରେରିତ ୧) ଆମ୍ଭମାନଙ୍କ ପୁର୍ନମିଳନର ମୂଳଭିତି ଅଟେ ।

୫:୧୧ ''ପୁଣି, କେବଳ ତାହା ନୁହେଁ, କିନ୍ତୁ'' ୩ ପଦରେ ଥିବା ଅର୍ଥ ଦେଖ ।

▣ ''ଆମ୍ଭେ ମଧ୍ୟ ଈଶ୍ୱରଙ୍କଠାରେ ଦର୍ପ କରୁଅଛୁ'', ୫:୨ରେ ଅର୍ଥ ଦେଖ । ଏହା ହେଉଛି ''ଦର୍ପ'' କରିବା ବିଷୟ ଏଠାରେ ତୃତୀୟ ଥର ପାଇଁ ବ୍ୟବହୃତ ହୋଇଅଛି ।

୧. ଗୌରବର ଭରସାରେ ଦର୍ପ କରୁଅଛୁ ୨ ପଦ

୨. କ୍ଲେଶରେ ମଧ୍ୟ ଦର୍ପ କରୁଅଛୁ ୩ ପଦ

୩. ମିଳନ କରିଅଛୁ ବୋଲି ଦର୍ପ କରୁଅଛୁ ୧୧ ପଦ

୨:୧୭ ଓ ୨୩ ପଦ ବିପରୀତ ଦର୍ପ ବିଷୟ ଦେଖାଯାଏ ।

▣ ''ଆମ୍ଭେମାନେ ଏବେ ମିଳନ ଲାଭ କରିଅଛୁ'' ଏହା ଏକ ଆଓରିଷ୍ଟ ସକ୍ରୀୟ ସୂଚନାଦାୟକ ଅଟେ, ଏକ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ । ବିଶ୍ୱାସୀମାନଙ୍କର ପୁର୍ନମିଳନ (ପ୍ରତିବଦଳ ପାଇଁ) ୧୦ ପଦରେ ଏବଂ ୨ କରିନ୍ଥୀ ୫:୧୮-୨୧, ଏଫିସୀ ୨:୧୬-୨୨, କଲସୀ ୧:୧୯-୨୩ ମଧ୍ୟ ଆଲୋଚିତ ହୋଇଅଛି । ଏହି ଶାସ୍ତ୍ରାଂଶରେ ''ପୁର୍ନମିଳନ'' ପାରମାର୍ଥିକ ସମାନ ଅର୍ଥ ବିଶିଷ୍ଟ ''ଧାର୍ମିକଗଣ'' ପରି ଅଟେ ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୫:୧୨-୧୪**

**[୧୨]ଅତଏବ ଯେପରି ଜଣେ ଲୋକଦ୍ୱାରା ପାପ ଓ ପାପଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା, ଆଉ ସେହି ପ୍ରକାରେ ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲା, ଯେଣୁ ସମସ୍ତେ ତ ପାପ କଲେ । [୧୩]କାରଣ ବ୍ୟବସ୍ଥା ପର୍ଯ୍ୟନ୍ତ ପାପ ଜଗତରେ ଥିଲା, କିନ୍ତୁ ବ୍ୟବସ୍ଥା ନ ଥିଲେ ପାପ ଜଣାଯାଏ ନାହିଁ । [୧୪]ତଥାପି ଯେଉଁମାନେ ଆଦମଙ୍କ ଆଜ୍ଞା ଲଂଘନ ସଦୃଶ ପାପ କରି ନ ଥିଲେ, ଆଦମଙ୍କଠାରୁ ମୋଶାଙ୍କ ପର୍ଯ୍ୟନ୍ତ ସେମାନଙ୍କ ଉପରେ ସୁଦ୍ଧା ମୃତ୍ୟୁ ରାଜତ୍ୱ କରିଥିଲା, ଯାହାଙ୍କ ଆଗମନର କଥା ଥିଲା ଆଦମ ତାହାଙ୍କର ପ୍ରତିରୂପ ।**

୫:୧୨ ''ଅତଏବ'' ରୋମୀୟ ପତ୍ରର ବିଭିନ୍ନ ସ୍ଥାନରେ ଯୋଜନାବଦ୍ଧ ଭାବେ ''ଅତଏବ'' ସ୍ଥାନ ପାଇଛି, (୫:୧, ୮:୧, ୧୨:୧) । ଅନୁବାଦ ସକାଶେ ପ୍ରଶ୍ନ ହେଉଛି ସେଗୁଡ଼ିକ କାହା ସହିତ ସମ୍ପୃକ୍ତ । ସେଗୁଡ଼ିକ ପାଉଲଙ୍କ ସମୁଦାୟ ଯୁକ୍ତିକୁ ବୁଝାଇବାକୁ ଏକ ବାଟ ହୋଇଥାଇପାରେ । ନିଶ୍ଚିତ ଭାବେ ଏହା ଆଦିପୁସ୍ତକ ସହିତ ସମ୍ପୃକ୍ତ ଏବଂ ତେଣୁ ରୋମୀ ୧:୧୮-୩୨କୁ ସମ୍ଭବତଃ ଫେରିଆସିଛି ।

▣ ''ଯେପରି ଜଣେ ଲୋକ ଦ୍ୱାରା ପାପ ଓ ପାପଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା'' । ୧୨ ପଦରେ ତିନୋଟି ପାକ କ୍ରିୟାପଦ ଅଓରିଷ୍ଟ କାଳ । ଆଦମଙ୍କ ପତନ ମୃତ୍ୟୁ ଆଣିଲା (୧ କରିନ୍ଥୀ ୧୫:୨୨) । ବାଇବଲ ପାପର ଉତ୍ପତ୍ତିରେ ବାସ କରେ ନାହିଁ । ପାପ, ଦୂତମାନଙ୍କ ସ୍ଥଳୀରେ ମଧ୍ୟ ଘଟିଲା (ଆଦି ୩ ଏବଂ ପ୍ରକାଶିତ ୧୨:୭-୯) କିପରି ଓ କେତେବେଳେ ଅନିର୍ଦ୍ଦିଷ୍ଟ । (ଯିଶାଇୟ ୧୪:୧୨-୨୭, ଯିହିଜିକଲ ୨୮୧୨-୧୯, ଆୟୁବ ୪:୧୮, ମାଥିଉ ୨୫:୪୧, ଲୂକ ୧୦:୧୮, ଯୋହନ ୧୨:୩୧, ପ୍ରକାଶିତ ୧୨:୭-୯) ।
ଆଦମଙ୍କ ପାପ ଦୁଇଟି ବିଷୟରେ ସମ୍ପୃକ୍ତ (୧) ଏକ ନିର୍ଦ୍ଦିଷ୍ଟ ଆଦେଶ (ଆଜ୍ଞା)ର ଅବାଧ୍ୟତା (ଅନାଜ୍ଞାବହତା) (ଆଦି ୨:୧୬,୧୭) ଏବଂ (୨) ସ୍ୱ-ଚାଳିତ ଗର୍ବ (ଆଦି ୩:୫-୬) । ଏହା ଆଦି ୩କୁ ସୂଚନା ଦେବାରେ ଲାଗିଲା ରୋମୀ ୧:୧୮-୨୨ରେ ଆରମ୍ଭ ହେଲା ।
ଏହା ହେଉଛି ପାପ ବିଷୟକ ପରମାର୍ଥ ଶିକ୍ଷା, ଯାହା ଏତେ ସ୍ପଷ୍ଟ ରୂପେ ପାଉଲଙ୍କୁ ଗୁରୁମାନଙ୍କ ଚିନ୍ତାରୁ ପୃଥକ କରିଅଛି । ଗୁରୁମାନେ ଆଦି ୩ ଉପରେ ଲକ୍ଷ୍ୟ ରଖି ନ ଥିଲେ । ତାହା ପରିବର୍ତ୍ତେ ସେମାନେ ସତ୍ୟ ବୋଲି ସାବ୍ୟସ୍ତ କଲେ ଯେ ପ୍ରତ୍ୟେକ ବ୍ୟକ୍ତିଠାରେ ଦୁଇଟି ''ଉଦ୍ଦେଶ୍ୟ'' ରହିଥିଲା (ୟେଟଜର୍‌ସ) ଥିଲା । ସେମାନଙ୍କର ଖ୍ୟାତି ସମ୍ପନ୍ନ ଗୁରୁମାନଙ୍କର ପ୍ରବାଦ ଥିଲା ''ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଏକ କଳା ଓ ଏକ ଧଳା କୁକୁର ଥାଏ, ଯାହାକୁ ଅଧିକ ଖୁଆଇବ ସେ ବୃହତ୍ତମ ହେବ ।'' ପାଉଲ ପାପକୁ ଏକ ମୁଖ୍ୟ ପ୍ରତିବନ୍ଧକରୂପେ ପବିତ୍ର ଈଶ୍ୱର ଓ ତାହାଙ୍କ ସୃଷ୍ଟି ମଧ୍ୟରେ ଦେଖିଲେ । ପାଉଲ ଜଣେ ନିୟମିତ ପରମାର୍ଥଶିକ୍ଷା ପାରଦର୍ଶୀ ନ ଥିଲେ (ଜେମ୍‌ସ୍ ଷ୍ଟିୱାର୍ଡଙ୍କ ଖ୍ରୀଷ୍ଟଙ୍କଠାରେ ଏକ ମନୁଷ୍ୟ) । ସେ ପାପର ବିଭିନ୍ନ ଉତ୍ପତ୍ତି ସ୍ଥଳ ବିଷୟ କହିଲେ (୧) ଆଦମଙ୍କ ପତନ (୨) ଶୟତାନିକ ପ୍ରଲୋଭନ ଏବଂ (୩) ମାନବ ବିଦ୍ରୋହ ଲାଗି ରହିବା (ଯଥା ଏଫିସୀ ୨:୨-୩) ।
ଆଦମ ଓ ଯୀଶୁଙ୍କ ମଧ୍ୟରେ ପାରମାର୍ଥିକ ଶିକ୍ଷାନୁଯାୟୀ ଭିନ୍ନତା ଓ ସାମଞ୍ଜସ୍ୟରେ ଦୁଇଟି ସାମ୍ଭବ୍ୟ ଇଙ୍ଗିତ ବା ଆଭାସ ଉପସ୍ଥିତ ଅଛି ।
୧. ଆଦମ ଜଣେ ବାସ୍ତବ ଐତିହାସିକ ବ୍ୟକ୍ତି ଥିଲେ ।
୨. ଯୀଶୁ ଏକ ବାସ୍ତବ ମାନବ ଥିଲେ ।
ଏହି ଉଭୟ ସତ୍ୟ ବାଇବଲକୁ ମିଥ୍ୟା ଶିକ୍ଷାମାନଙ୍କର ସମ୍ମୁଖୀନ ହେବାକୁ ଦୃଢ଼ୀଭୂତ କରେ । ''ଜଣେ ଲୋକ'' ବା ''ଜଣେ''ର ବାରମ୍ବାର ବ୍ୟବହାର ଲକ୍ଷ୍ୟ କର । ଏହି ଶାସ୍ତ୍ରାଂଶରେ ଆଦମ ଓ ଯୀଶୁଙ୍କ ଏହି ଦୁଇ ବାଟରେ ବ୍ୟବହାର ଏଗାର ଥର କରାଯାଇଅଛି ।

▣ ''ଜଣେ ଲୋକ'' ଏହି ଗୋଷ୍ଠିଗତ ଖଣ୍ଡବାକ୍ୟ (ହେନୋସ୍ ଆନ୍ତ୍ରୋପୋଉ) ଆଦମଙ୍କ ପ୍ରତିନିଧିତ୍ୱ କରିବାକୁ ବ୍ୟବହୃତ (୧୨,୧୬,୧୭,୧୮,୧୯ ପଦମାନ) କିଅବା ଯୀଶୁ (୧୫ ପଦ (ଦୁଇଥର), ୧୭ (ଦୁଇଥର), ୧୮,୧୯) । ସେମାନେ ପ୍ରତ୍ୟେକେ ଏକ ଦଳ ବା ସମ୍ପ୍ରଦାୟକୁ ବୁଝାନ୍ତି । (ଯଥା : ଅନେକ ୧୫ ପଦ (ଦୁଇଥର), ୧୯ (ଦୁଇଥର) ''ସମସ୍ତ'' ୧୨,୧୩,୧୮ (ଦୁଇଥର)

▣ ''ପାପ ଦ୍ୱାରା ମୃତ୍ୟୁ'' ଅଗଷ୍ଟିନ୍ ''ଆଦ୍ୟ ପାପ'' ଶବ୍ଦ ପ୍ରଥମ ବ୍ୟବହାର କଲେ । ଏହା ଆଦମ / ହବାଙ୍କ ପସନ୍ଦର (ଆଦି ୩ରେ) ପରିଣାମ ବର୍ଣ୍ଣନା କରେ । ସେମାନଙ୍କ ବିଦ୍ରୋହ ସମୁଦାୟ ସୃଷ୍ଟିକୁ ପ୍ରଭାବିତ କଲା । ମାନବଗଣ ନିମ୍ନଲିଖିତ ବିଷୟ ଦ୍ୱାରା ପ୍ରଭାବିତ ହେଲେ -
୧. ଏକ ପତିତ ଜଗତ ରୀତି
୨. ଏକ ବ୍ୟକ୍ତିଗତ ପରୀକ୍ଷକ
୩. ଏକ ପତିତ ସ୍ୱଭାବ
ଆଦ୍ୟ ପାପ (୧୨-୧୪, ୧୬କ, ୧୭ ପଦମାନ) ବ୍ୟକ୍ତିଗତ ପାପସହିତ ଅଂଶାଧିକାର ଗଠନ କଲା ଯେପରି ସମସ୍ତ ମାନବ ପାପ ପୂର୍ଣ୍ଣ ହେବେ । ପାପର ଫଳ ଥିଲା ମୃତ୍ୟୁ (୧:୩୨, ୬:୧୩,୧୬,୨୧,୨୩, ୭:୫,୯,୧୦,୧୧,୧୩,୨୪, ୮:୧୩ ପଦମାନ)
ଜେରୋମ୍ ବାଇବଲ କମେଣ୍ଟେରି (୩୦୮ ପୃଷ୍ଠା) ଗୁରୁମାନଙ୍କ ପରମ୍ପରା ବିଷୟ ପ୍ରକାଶ କରେ ଯେଉଁଥିରେ ଇତିହାସର ତିନୋଟି ପର୍ଯ୍ୟାୟ ଥିଲା ।
୧. ଆଦମ - ମୋଶା
୨. ମୋଶା - ମଶୀହ
୩. ମଶୀହ - ଶେଷକାଳ
ଯଦି ପାଉଲ ଏହି ଭାଗବିଭାଗ ବିଷୟ ଚିନ୍ତା କରୁଥିଲେ, ତେବେ
୧. ଆଦମ - ମୋଶା (ଆଦ୍ୟ ପାପ, ବ୍ୟବସ୍ଥା ନ ଥିଲା ମାତ୍ର ମୃତ୍ୟୁ)
୨. ମୋଶା-ମଶୀହ (ବ୍ୟକ୍ତିଗତ ପାପ, ବ୍ୟବସ୍ଥା ବିଷୟକ ହିଂସା)
୩. ମଶୀହ - (ବ୍ୟବସ୍ଥାରୁ ମୁକ୍ତି / ଅନୁଗ୍ରହ ଦ୍ୱାରା ବ୍ୟବସ୍ଥାରୁ ମୁକ୍ତି)

▣ ''ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲା'' ଏହି ପାରାଗ୍ରାଫ୍‌ର ମୁଖ୍ୟଚାପ ହେଉଛି ପାପର ପରିଣାମର ସାର୍ବଜନିନତା, (୧୬-୧୯, ୧ କରିନ୍ଥୀ ୧୫:୨୨, ଗାଲାତୀ ୧:୧୦ ପଦମାନ) ଯାହା କି ମୃତ୍ୟୁ
୧. ଆଧ୍ୟାତ୍ମିକ ମୃତ୍ୟୁ - ଆଦି ୨:୧୭, ୩:୧-୨୪, ଯିଶାଇୟ ୫୯:୨, ରୋମୀ ୭:୧୦-୧୧, ଏଫିସୀ ୨:୧, କଲସୀ ୨:୧୩, ଯାକୁବ ୧:୧୫
୨. ଶାରୀରିକ ମୃତ୍ୟୁ - ଆଦି ୩:୪-୫, ୫:୧-୩୨
୩. ଅନନ୍ତ ମୃତ୍ୟୁ - ଆଦି ୨:୧୧, ୨୦:୬,୧୪, ୨୧:୮

▣ ''ଯେଣୁ ସମସ୍ତେ ତ ପାପ କଲେ'' ସମସ୍ତ ମାନବୀୟ ପାପ ଆଦମଙ୍କ ଠାରେ ଏକତ୍ର ହୋଇଅଛି (ଯଥା : ଏକ ପାପପୂର୍ଣ୍ଣ ଅବସ୍ଥା ଏବଂ ଏକ ପାପପୂର୍ଣ୍ଣ ପ୍ରବୃତ୍ତ) । ଏହି ହେତୁ ପ୍ରତ୍ୟେକ ବ୍ୟକ୍ତି ପାପ କରିବାକୁ ବ୍ୟକ୍ତିଗତ ଭାବେ ବାରମ୍ବାର ପସନ୍ଦ କରନ୍ତି । ବାଇବଲ ସାବ୍ୟସ୍ତ କରେ ଯେ ସମସ୍ତ ମାନବ ଉଭୟ ସାମୂହିକ ଭାବେ ଓ ବ୍ୟକ୍ତିଗତ ଭାବେ ପାପୀ ଅଟନ୍ତି (୧ ରାଜାବଳୀ ୮:୪୬, ୨ ବଂଶାବଳୀ ୬:୩୬, ଗୀତ ୧୪:୧,୨, ୧୩୦:୩, ୧୪୩:୨, ହିତୋପଦେଶ ୨୦:୯, ଉପଦେଶକ ୭:୨୦, ଯିଶାଇୟ ୯:୧୭, ୫୩:୬, ରୋମୀ ୩:୯,୧୮,୨୩, ୫:୧୮, ୧୧:୩୨, ଗାଲାତୀ ୩:୨୨, ୧ ଯୋହନ ୧:୮-୧୦)

ତଥାପି ଏହା କହିବା ଉଚିତ ଯେ ଶାସ୍ତ୍ରାଂଶ ଗୁରୁତ୍ୱ (୧୫-୧୯ ପଦମାନ) ହେଉଛି ଗୋଟିଏ କାର୍ଯ୍ୟ ମୃତ୍ୟୁର କାରଣ ହେଲା (ଆଦମ) ଏବଂ ଗୋଟିଏ କାର୍ଯ୍ୟ ଜୀବନର କାରଣ ହେଲା (ଯୀଶୁ) । ଯାହାବି ହେଉ, ଈଶ୍ୱର ତାହାଙ୍କ ସମ୍ପର୍କ ମାନବଜାତି ସହିତ ଏପରି ଗଠନ କରିଛନ୍ତି ଯେ ମାନବର ସ୍ୱଇଚ୍ଛା, ତାହାର ''ହଜିବା ଅବସ୍ଥା'' ଓ ''ଧାର୍ମିକଗଣିତ ହେବା''ର ବିଶେଷ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଅଟେ । ମାନବଗଣ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଭବିଷ୍ୟତ୍ ଜୀବନ (ଭାଗ୍ୟ) ସହିତ ସମ୍ପୃକ୍ତ । ସେମାନେ ପାପକୁ ଅବା ଖ୍ରୀଷ୍ଟଙ୍କୁ ପସନ୍ଦ କରିବାରେ ଲାଗିରହନ୍ତି । ସେମାନେ ଏହି ଦୁଇ ପସନ୍ଦକୁ ପ୍ରଭାବିତ କରିପାରନ୍ତି ନାହିଁ, ମାତ୍ର ସେମାନେ କାହାର ଅଟନ୍ତି ସ୍ୱଇଚ୍ଛାରେ ଦର୍ଶାଇଥାଆନ୍ତି ।

''କାରଣ'' ଶବ୍ଦର ଅନୁବାଦ ସାଧାରଣ, ମାତ୍ର ଏହାର ଅର୍ଥ ଅନେକ ସମୟରେ ବିବାଦୀୟ ଅଟେ । ପାଉଲ 'ଏଫ୍' 'ହୋ' ୨ କରିନ୍ଥୀ ୫:୪, ଫିଲିପ୍ପୀ ୩:୧୨ରେ 'କାରଣ' ଶବ୍ଦର ସ୍ଥାନରେ ବ୍ୟବହାର କଲେ । ଏହିପରି ପ୍ରତ୍ୟେକ ଏବଂ ପ୍ରତ୍ୟେକ ମାନବ ଈଶ୍ୱରଙ୍କ ବିରୁଦ୍ଧରେ, ପାପ ଓ ବିଦ୍ରୋହରେ ବ୍ୟକ୍ତିଗତ ଭାବରେ ଅଂଶଗ୍ରହଣ କରିବାକୁ ପସନ୍ଦ କରନ୍ତି । କେତେକ ବିଶେଷ ପ୍ରକାଶକୁ ଅଗ୍ରାହ୍ୟ କରିବା ଦ୍ୱାରା, ମାତ୍ର ସମସ୍ତେ ପ୍ରାକୃତିକ ବା ସ୍ୱଭାବିକ ପ୍ରକାଶକୁ ଅଗ୍ରାହ୍ୟ କରିବା ଦ୍ୱାରା (୧:୧୮-୩:୨୦)

୫:୧୩-୧୪ ଏହି ସମାନ ସତ୍ୟ ରୋମୀ ୩:୨୦ରେ ଶିକ୍ଷା ଦିଆଯାଇଅଛି, ୪:୧୫ ଓ ପ୍ରେରିତ ୧୭:୩୦ରେ ମଧ୍ୟ । ଈଶ୍ୱର ଉତ୍ତମ । ମାନବଗଣଙ୍କ ପାଇଁ ଯାହା ମିଳୁଅଛି ସେଥି ସକାଶେ ସେମାନେ ଦାୟୀ ଅଟନ୍ତି । ଏହି ପଦ ପୃଥକଭାବେ ବିଶେଷ ପ୍ରକାଶିତ ବିଷୟ । (ପୁରାତନ ନିୟମ, ଯୀଶୁ, ନୂତନନିୟମ) କହୁଅଛି, ସ୍ୱଭାବିକ ପ୍ରକାଶିତ ବିଷୟ ନୁହେଁ (ଗୀତ ୧୯:୧-୬, ରୋମୀ ୧:୧୮-୨୩, ୨:୧୧-୧୬) ।

ଲକ୍ଷ୍ୟ କର ଯେ ଏନ୍ କେ ଜେଭି ୧୨ ପଦର ତୁଳନା ଏକ ଦୀର୍ଘ ବନ୍ଧନୀ ଭିତରେ ଥିବା ଦ୍ୱାରା ପୃଥକ ରୂପେ ଦେଖେ (୧୩-୧୭ ପଦ) ତାହାର ସମାପ୍ତି ୧୮-୨୧ ପଦରେ ଥିବା ବିଷୟଠାରୁ ।

**୫:୧୪**

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି**

| | |
|---|---|
| **ଏନ୍ ଜେ ବି** | **''ମୃତ୍ୟୁ ରାଜତ୍ୱ କଲା''** |
| **ଏନ୍ ଆର୍ ଏସ୍ ଭି** | **''ମୃତ୍ୟୁ ଅଧିକାର କାର୍ଯ୍ୟକାରୀ କଲା''** |
| **ଟି ଇ ଭି** | **''ମୃତ୍ୟୁ ଶାସନ କଲା''** |

ମୃତ୍ୟୁ ଏକ ରାଜା ରୂପେ ରାଜତ୍ୱ କଲା (୧୭ ଓ ୨୧ ପଦ) । ଅତ୍ୟାଚାରୀ ରୂପେ ମୃତ୍ୟୁ ଓ ପାପର ବ୍ୟକ୍ତିତ୍ୱ ଧାରଣ ଏହି ଅଧ୍ୟାୟ ଓ ୬ଷ୍ଠ ଅଧ୍ୟାୟଟି ସାରା ରହିଅଛି । ମୃତ୍ୟୁର ସାର୍ବଜନୀନ ଅନୁଭବ ମାନବଜାତିର ସାର୍ବଜନୀନ ପାପକୁ ଦୃଢ଼ୀଭୂତ କରେ । ୧୭ ଓ ୨୧ ପଦରେ ଅନୁଗ୍ରହ ବ୍ୟକ୍ତିତ୍ୱ ଧାରଣ କରିଅଛି । ଅନୁଗ୍ରହ ରାଜତ୍ୱ କରେ ! ମାନବଗଣର ଏକ ପସନ୍ଦ ଅଛି, (ପୁରାତନ ନିୟମର ଦୁଇଟି ପଥରେ ଯଥା : ମୃତ୍ୟୁ ବା ଜୀବନ (ଦ୍ୱିତୀୟ ବିବରଣ ୧୧:୨୬, ୩୦:୧,୧୯) ମୃତ୍ୟୁ ବା ଜୀବନ । କିଏ ତୁମ ଜୀବନରେ ରାଜତ୍ୱ କରେ ?

▣ ''ତଥାପି ଯେଉଁମାନେ ଆଦମଙ୍କ ଆଜ୍ଞା ଲଂଘନ ସଦୃଶ ପାପ କରି ନ ଥିଲେ'' ଆଦମ ଈଶ୍ୱରଙ୍କ କୁହାଯାଇଥିବା ଆଜ୍ଞା ଲଂଘନ କଲେ (ଆଦି ୨:୧୫-୧୭) ଏପରିକି ହବା ଏହି ସମାନ ବାଟରେ ପାପ କଲେ ନାହିଁ । ସେ ଆଦମଙ୍କଠାରୁ ଶୁଣିଲେ ବୃକ୍ଷ ବିଷୟରେ, ଈଶ୍ୱରଙ୍କଠାରୁ ସିଧା ସଳଖ ଭାବେ ନୁହେଁ । ମାନବଗଣ ଆଦମଙ୍କ ଠାରୁ ମୋଶାଙ୍କ ପର୍ଯ୍ୟନ୍ତ ଆଦମଙ୍କ ବିଦ୍ରୋହ ଦ୍ୱାରା ପ୍ରଭାବିତ ହୋଇଥିଲେ ! ସେମାନେ ଈଶ୍ୱରଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ଆଜ୍ଞା ଲଂଘନ କରି ନ ଥିଲେ, କିନ୍ତୁ ୧:୧୮-୩୨ ନିଶ୍ଚିତ ଭାବେ ଏହି ପରମାର୍ଥିକ ଶାସ୍ତ୍ରାଂଶର ଏକ ଅଂଶ ବିଶେଷ, ଏହି ସତ୍ୟ ପ୍ରକାଶ କରେ ଯେ ସେମାନଙ୍କର ସୃଷ୍ଟି ସମୟରୁ ଥିବା ଆଲୋକର ବିରୁଦ୍ଧାଚରଣ କଲେ ଏବଂ ଏହା ଦ୍ୱାରା ବିଦ୍ରୋହ / ପାପ ସକାଶେ ଈଶ୍ୱରଙ୍କ ନିକଟରେ ଦାୟୀ ଅଟନ୍ତି । ଆଦମଙ୍କ ପାପପୂର୍ଣ୍ଣ ପ୍ରବୃତ୍ତି ତାଙ୍କ ସମସ୍ତ ସନ୍ତାନମାନଙ୍କ ମଧ୍ୟରେ ପରିବ୍ୟାପ୍ତ ହୋଇଅଛି ।

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେଭି**

| | |
|---|---|
| **ଏନ୍ ଆର୍ ଏସ୍ ଭି** | **''ଯେ ଆଗମନ କରିବାକୁ ଥିଲା କିଏ ତାହାଙ୍କର ଏକ ପ୍ରତିରୂପ''** |
| **ଟି ଇ ଭି** | **''ଯାହାଙ୍କ ଆଗମନ କରିବାକୁ ଥିଲା ଆଦମ ତାହାଙ୍କର ଏକ ଆକୃତି''** |
| | **''ଆସିବାକୁ ଥିବା ଜଣକଙ୍କର ପୂର୍ବାକୃତି ଥିଲେ ଆଦମ''** |

ଏହା ଆଦମ-ଖ୍ରୀଷ୍ଟଙ୍କ ଏକ ବଡ଼ ଦୃଢ଼ ଅନୁରୂପ ଶିକ୍ଷା (ଅଧ୍ୟୟନ) ପ୍ରକାଶ କରେ (୧ କରିନ୍ଥୀ ୧୫:୨୧-୨୨, ୪୫-୪୯, ଫିଲିପ୍ପୀ ୨:୬-୮) । ସେମାନେ ଉଭୟ ଏକ ଗୋଷ୍ଠୀର ଉତ୍ପତ୍ତି, ଦଳର ପ୍ରଥମ ରୂପେ ଦେଖାଯାଇଛନ୍ତି (୧ କରିନ୍ଥୀ ୧୫:୪୫-୪୯) । ଆଦମ ହେଉଛନ୍ତି କେବଳ ପୁରାତନ ନିୟମରୁ ଜଣେ ମାତ୍ର ବ୍ୟକ୍ତି, ଯେ ନୂତନ ନିୟମ ଦ୍ୱାରା ଏକ ସାଦୃଶ୍ୟ (ପ୍ରକାର) ବୋଲି ବିଶେଷତଃ ଡକାଗଲେ । (ଇସ୍ରାଏଲ ପାଇଁ ୧ମ କରିନ୍ଥୀ ୧୦:୬ ଦେଖ) ୬:୧୭ରେ ବିଶେଷ ପ୍ରସଙ୍ଗ - ଆକର (ଟୁପୋସ୍) ଦେଖ ।

**ଏନ୍ ଏ ଏସ୍ ବି (ଆଧୁନିକ କରଣ) ଶାସ୍ତ୍ରାଂଶ ୫:୧୫-୧୭**
**[୧୫]କିନ୍ତୁ ଅପରାଧ ଯେପରି, ଅନୁଗ୍ରହ ଦାନ ମଧ୍ୟ ଯେ ସେହିପରି, ତାହା ନୁହେଁ, କାରଣ ଯଦି ଜଣକର ଅପରାଧ ଦ୍ୱାରା ଅନେକେ ମୃତ୍ୟୁଭୋଗ କଲେ, ତାହାହେଲେ ଈଶ୍ୱରଙ୍କ ଓ ଜଣେ ମନୁଷ୍ୟଙ୍କ ଅର୍ଥାତ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହର ଦାନ ଅନେକଙ୍କ ପ୍ରତି ଅଧିକ ପ୍ରଚୁର ହେଲା । [୧୬]ଆଉ ଜଣେ ପାପ କରିବାରୁ ଯେପରି ଫଳ ହେଲା, ଏହି ଦାନର ଫଳ ସେପରି ନୁହେଁ, କାରଣ ଜଣକ ହେତୁ ଯେଉଁ ବିଚାର, ସେଥିର ଫଳ ଦଣ୍ଡାଜ୍ଞା ହେଲା, କିନ୍ତୁ ଅନେକଙ୍କ ଅପରାଧ ସ୍ଥଳେ ଯେଉଁ ଅନୁଗ୍ରହ ଦାନ ସେଥିର ଫଳ ଧାର୍ମିକଗଣନା ହେଲା । [୧୭]ଯେଣୁ ଯଦି ଜଣକର ଅପରାଧରେ ସେହି ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକରୂପେ ଜୀବନରେ ରାଜତ୍ୱ କରିବେ ।**

୫:୧୫-୧୯ ଏହା ହେଉଛି ସମାନ୍ତର ଖଣ୍ଡବାକ୍ୟ ବ୍ୟବହାର କରି ସ୍ଥିରିକୃତ ଯୁକ୍ତି । ଏନ୍ ଏ ଏସ୍ ବି, ଏନ ଆ ସେଭି ଓଟିଇଭି ୧୮ ପଦରେ ପାରାଗ୍ରାଫ୍‌ଟିକୁ ବିଭକ୍ତ କରନ୍ତି । ଯାହାବି ହେଉ ୟୁବିଏସ, ଏନ୍ କେ ଜେ ଭି ଓ ଜେବି ଏକ ଏକକ ରୂପେ ଅନୁବାଦ କରନ୍ତି । ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁବାଦର ଚାବିକାଠି ସ୍ମରଣ କର ପାରାଗ୍ରାଫ୍ ପାଇଁ ଗୋଟିଏ ମୁଖ୍ୟ ସତ୍ୟ ଅଛି ।

ଲକ୍ଷ୍ୟ କର ଯେ ''ଅନେକ'' ଶବ୍ଦ ୧୫ ଓ ୧୯ ପଦମାନ, ''ସମସ୍ତ'' ସହିତ ୧୨ ଓ ୧୮ ପଦ ସହିତ ସମାନ (ଅନୁରୂପ) ଏହା ମଧ୍ୟ ଯିଶାଇୟ ୫୩:୧୧-୧୨ ଓ ୬ ପଦରେ ସତ୍ୟ । ଏହି ଶବ୍ଦ ଉପରେ ନିର୍ଭର କରି କୌଣସି ପରମାର୍ଥିକ ଭିନ୍ନତା ବା ବ୍ୟବଧାନମାନ (କାଲଭିନ୍‌ଙ୍କ ମନୋନୀତ ଓ ମନୋନୀତ ହୋଇ ନ ଥିବା ବ୍ୟକ୍ତିଙ୍କ ମଧ୍ୟରେ) କରିବା ଉଚିତ୍ ନୁହେଁ ।

୫:୧୫ ''ବିନାମୂଲ୍ୟର ଦାନ'' ଦାନ ପାଇଁ ଦୁଇଟି ଭିନ୍ନ ଗ୍ରୀକ୍ ଶବ୍ଦ ଏହି ଶାସ୍ତ୍ରାଂଶରେ ବ୍ୟବହୃତ ହୋଇଛି - କାରିସ୍ମା ୧୫:୧୬ (୬:୨୩) ଏବଂ ଡ଼ୋରିଆ / ଡୋରୋମା ୧୫ ପଦ, ୧୬,୧୭ (୩:୨୪ରେ ଅର୍ଥ ଦେଖ) - ମାତ୍ର ସେମାନେ ଏକପ୍ରକାର । ଏହା ପ୍ରକୃତରେ ପରିତ୍ରାଣ ବିଷୟରେ ଉତ୍ତମ ସମାଚାର । ଏହା ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କଠାରୁ ବିନାମୂଲ୍ୟର ଦାନ ଅଟେ (୩:୨୪, ୬:୨୩, ଏଫିସୀ ୨:୮,୯) ଖ୍ରୀଷ୍ଟଙ୍କଠାରେ ସମସ୍ତ ବିଶ୍ୱାସକାରୀଙ୍କ ପ୍ରତି ।

- ''ଯଦି'' ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ପାଇଁ କିଅବା ତାହାଙ୍କ ଦୃଷ୍ଟିକୋଣରୁ ସତ୍ୟ ହେବ ବୋଲି ଚିନ୍ତା ବା ଗ୍ରହଣ କରାଯାଇଅଛି । ଆଦମଙ୍କ ପାପ ସମସ୍ତ ମାନବଙ୍କ ପାଇଁ ମୃତ୍ୟୁ ଆଣିଲା ଏହା ୧୭ ପଦରେ ସମାନ୍ତର ଭାବେ ଅଛି ।
- ''ଅନେକଙ୍କ ପ୍ରତି ଅଧିକ ପ୍ରଚୁର ହେଲା'' ୧୮-୧୯ ପଦ ଠିକ୍‌ଭାବେ ପରମାର୍ଥିକ ଦୃଷ୍ଟିରୁ ଭାରସାମ୍ୟ ରକ୍ଷା କରି ନାହିଁ । ଏହି ଖଣ୍ଡବାକ୍ୟ ରୋମୀ ୧-୮ର ଶାସ୍ତ୍ରାଂଶରୁ ବାହାର କରିଦିଆଯାଇ ପାରିବ ନାହିଁ ଏବଂ ସାର୍ବଜନୀନ ହେବା ପାଇଁ ପ୍ରମାଣିତ ଶାସ୍ତ୍ରାଂଶ ରୂପେ ବ୍ୟବହାର କରାଯାଇ ପାରିବ ନାହିଁ ଯେ (ସମସ୍ତେ ଘଟଣାକ୍ରମେ ପରିତ୍ରାଣ ପାଇବେ) । ମାନବଗଣ ଖ୍ରୀଷ୍ଟଙ୍କଠାରେ (୧୭ଖ ପଦ) ଈଶ୍ୱରଙ୍କ ଦାନ ଗ୍ରହଣ କରିବା ଉଚିତ । ପରିତ୍ରାଣ ସମସ୍ତଙ୍କ ନିମନ୍ତେ ମିଳିପାରିବ ମାତ୍ର ବ୍ୟକ୍ତିଗତ ଭାବେ ଗ୍ରହଣ କରିବା ଉଚିତ (ଯୋହନ ୧:୧୨, ୩:୧୬, ରୋମୀ ୧୦:୯-୧୩) ।

ଆଦମଙ୍କ ବିଦ୍ରୋହର ଗୋଟିଏ କାର୍ଯ୍ୟ ସମସ୍ତ ମାନବଗଣଙ୍କ ସମଷ୍ଟିଗତ ବିଦ୍ରୋହରେ ପରିଣତ ହେଲା ଏକ ପାପପୂର୍ଣ୍ଣ କାର୍ଯ୍ୟ ବର୍ଦ୍ଧିତ ହେଲା । କିନ୍ତୁ ଖ୍ରୀଷ୍ଟଙ୍କଠାରେ ଗୋଟିଏ ଧାର୍ମିକ ବଳି ଅନେକ ବ୍ୟକ୍ତିଗତ ପାପ ଆହୁରି ମଧ୍ୟ ପାପର ସାମୂହିକ ପ୍ରଭାବକୁ ଆଚ୍ଛାଦିତ କରିବାକୁ ବୃଦ୍ଧି ପାଇଲା । ଖ୍ରୀଷ୍ଟଙ୍କ କାର୍ଯ୍ୟ ଅଧିକ ପ୍ରଚୁର ହେବା ଗୁରୁତ୍ୱ ଦିଆଗଲା ୯,୧୦,୧୫,୧୭ ପଦରେ । ଅନୁଗ୍ରହ ଆବେଷ୍ଟନ କଲା ।

୫:୧୭,୧୮ ''ଧାର୍ମିକତାର ଦାନ (ଫଳ)ଗୁଡ଼ିକ ଜୀବନରେ ରାଜତ୍ୱ କରିବ... ''ଜୀବନଦାୟକ ଧାର୍ମିକଗଣନା'' । ସମସ୍ତ ପତିତମାନବ ଜାତିର ଆଧାତ୍ମିକ ଅଭାବସବୁର ସକାଶେ, ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ଦାନ (ଫଳ) ଏବଂ ଯୋଗାଣ ଅଟେ (୧ କରିନ୍ଥୀ ୧:୩୦) । ଏହି ସମାନ୍ତର ଖଣ୍ଡବାକ୍ୟମାନ ବୁଝାଇ ପାରେ ।

୧. ଖ୍ରୀଷ୍ଟଙ୍କ କାର୍ଯ୍ୟ ସାଧନଦ୍ୱାରା ପାପପୂର୍ଣ୍ଣ ମାନବଜାତିକୁ ଈଶ୍ୱରଙ୍କ ସହିତ ଯଥାର୍ଥ ସ୍ଥାନ ଦିଆଯାଇଅଛି, ଯାହା ଏକ ଈଶ୍ୱର ପରାୟଣ ଜୀବନରେ ଫଳ ଉତ୍ପନ୍ନ କରିଅଛି ।

୨. ଏହି ଖଣ୍ଡବାକ୍ୟ ''ଅନନ୍ତ ଜୀବନ''କୁ ବୁଝାଏ

ଶାସ୍ତ୍ରାଂଶ ପ୍ରଥମ ମନୋନୟନକୁ ସାହାଯ୍ୟ କରେ । ଧାର୍ମିକତାର ଶବ୍ଦ ଅଧ୍ୟୟନ ପାଇଁ ୧:୧୭ ପଦରେ ବିଶେଷ ପ୍ରସଙ୍ଗ ଦେଖ ।

କ୍ରିୟାପଦ ''ରାଜତ୍ୱ କରିବା'' ଏହି ଶାସ୍ତ୍ରାଂଶରେ ବିଭିନ୍ନ ଥର ବ୍ୟବହୃତ ହୋଇଅଛି ।

୧. ''ଆଦମଙ୍କ ଠାରୁ ମୋଶାଙ୍କ ପର୍ଯ୍ୟନ୍ତ ମୃତ୍ୟୁ ରାଜତ୍ୱ କଲା'' ୧୪ ପଦ (ଆଓରିଷ୍ଟ ସକ୍ରୀୟ ସୂଚନା)

୨. ''ଜଣେ ଲୋକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା'' ୧୭ ପଦ (ଆଓରିଷ୍ଟ ସକ୍ରୀୟ ସୂଚନା)

୩. ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି ସେମାନେ... ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।'' ୧୭ ପଦ (ଭବିଷ୍ୟତ୍ ସକ୍ରୀୟ ସୂଚନା)

୪. ''ପାପ... ମୃତ୍ୟୁରେ ରାଜତ୍ୱ କଲା'' ୨୧ ପଦ (ଆଓରିଷ୍ଟ ସକ୍ରୀୟ ସୂଚନା)

୫. ''ଅନୁଗ୍ରହ... ରାଜତ୍ୱ କରିବ'' ୨୧ ପଦ (ଆଓରିଷ୍ଟ ସକ୍ରୀୟ ସମ୍ଭାବନା ପ୍ରକାଶକ)

୬. ''ପାପ ରାଜତ୍ୱ ନ କରୁ'' ୬:୧୨ ପଦ (ବର୍ତ୍ତମାନ ସକ୍ରୀୟ ଆଦେଶସୂଚକ)

ପାଉଲଙ୍କ ପାପ ଓ ମୃତ୍ୟୁର ବ୍ୟକ୍ତିତ୍ୱ ଆରୋପ ବନାମ୍ ଅନୁଗ୍ରହର ଦାନସମୂହ, ପରମାର୍ଥିକ ସତ୍ୟ ପ୍ରକାଶ କରିବାର ଏକ ଶକ୍ତିଶାଳୀ ପଥ ଅଟେ ।

**ବିଶେଷ ପ୍ରସଙ୍ଗ : ଈଶ୍ୱରଙ୍କ ରାଜ୍ୟରେ ରାଜତ୍ୱ କରିବା**

ଖ୍ରୀଷ୍ଟଙ୍କ ସହିତ ରାଜତ୍ୱ କରିବା ବିଶ୍ୱାସ, ବୃହତ୍ତର ପରମାର୍ଥିକ ସ୍ତର ଯାହା ''ଈଶ୍ୱରଙ୍କ ରାଜ୍ୟ'' ନାମ ଦିଆଯାଏ ତାହାର ଅଂଶ । ଏହା ପୁରାତନ ନିୟମର ଈଶ୍ୱର, ଇସ୍ରାଏଲର ରାଜାରୂପେ ବିଶ୍ୱାସରୁ ଅଣାଯାଇଅଛି (୧ଶାମୁ ୮:୭) । ସେ ପ୍ରତୀକ ଭାବରେ ରାଜତ୍ୱ କଲେ (୧ ଶାମୁଏଲ ୮:୭, ୧୦:୧୭-୧୯) । ଯିହୁଦା ବଂଶର ବଂଶଧର ଓ ଜେସିର ପରିବାର ମାଧ୍ୟମରେ ରାଜତ୍ୱ କଲେ (୨ ଶାମୁ ୭) ।

ଯୀଶୁ, ମଶୀହଙ୍କ ବିଷୟକ ପୁରାତନ ନିୟମର ପ୍ରତିଜ୍ଞା ସମୂହର ସଫଳତା ଅଟନ୍ତି । ସେ ବେଥଲିହିମରେ ତାଙ୍କର ଦେହବନ୍ତ (ଅବତାରତ୍ୱ) ହେବା ଦ୍ୱାରା ଈଶ୍ୱରଙ୍କ ରାଜ୍ୟର ଶୁଭାରମ୍ଭ କଲେ । ଈଶ୍ୱରଙ୍କ ରାଜ୍ୟ, ଯୀଶୁଙ୍କ ପ୍ରଚାରର କେନ୍ଦ୍ର ସ୍ତମ୍ଭରେ ପରିଣତ ହେଲା । ତାହାଙ୍କଠାରେ ରାଜ୍ୟ ସମ୍ପୂର୍ଣ୍ଣ ଆସିଲା ଟା (ମାଥିଉ ୧୦:୭,୧୧,୧୨, ୧୨:୨୮, ମାର୍କ ୧:୧୫, ଲୂକ ୧୦:୯, ୧୧:୨୦, ୧୬:୧୬, ୧୭:୨୦-୨୧)

ଯାହାବି ହେଉ, ରାଜ୍ୟ ଥିଲା ଭବିଷ୍ୟତ୍ ବିଷୟ (ଆଗାମୀ ବିବରଣୀ ଅଧ୍ୟୟନ) । ଏହା ଉପସ୍ଥିତ ଥିଲା ମାତ୍ର ସମ୍ପୂର୍ଣ୍ଣ ନୁହେଁ (ମାଥିଉ ୬:୧୦, ୮:୧୧, ୧୬:୨୮, ୨୨:୧-୧୪, ୨୬:୨୯, ଲୂକ ୯:୨୭, ୧୧:୨, ୧୩:୨୯, ୧୪:୧୦-୨୪, ୨୨:୧୬-୧୮) । ପ୍ରଥମ ଥର ପାଇଁ ଯୀଶୁ ଦୁଃଖଭୋଗୀ ଦାସରୂପେ ଆସିଲେ (ଯିଶାଇୟ ୫୨:୧୩-୫୩:୧୨), ଅବନତ (ନମ୍ର) (ଯିଖରିୟ ୯:୯) ମାତ୍ର ସେ ରାଜାମାନଙ୍କ ରାଜା ରୂପେ ପ୍ରତ୍ୟାବର୍ତ୍ତନ କରିବେ (ମାଥିଉ ୨:୨, ୨୧:୫, ୨୭:୧୧-୧୪) । ''ରାଜତ୍ୱ କରିବା'' ବିଶ୍ୱାସ ଏହି ''ରାଜ୍ୟ'' ପରମାର୍ଥଶିକ୍ଷାର ନିଶ୍ଚୟ ଏକ ଅଂଶବିଶେଷ ଅଟେ । ଈଶ୍ୱର, ଯୀଶୁଙ୍କ ଅନୁଗାମୀମାନଙ୍କୁ ରାଜ୍ୟ ଦେଇଅଛନ୍ତି (ଲୂକ ୧୨:୩୨) ।

ଖ୍ରୀଷ୍ଟଙ୍କ ସହିତ ରାଜତ୍ୱ କରିବାର ବିଶ୍ୱାସର ବିଭିନ୍ନ ବିଷୟମାନ ଓ ପ୍ରଶ୍ନଗୁଡ଼ିକ ଅଛି ।

୧. ଯେଉଁ ଅଂଶଗୁଡ଼ିକ, ଈଶ୍ୱର ଯେ ବିଶ୍ୱାସୀମାନଙ୍କୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ରାଜ୍ୟ ପ୍ରଦାନ କରିଅଛନ୍ତି ତାହା ରାଜତ୍ୱ କରିବାକୁ ବୁଝାଏ କି ? (ମାଥିଉ ୫:୩,୧୦, ଲୂକ ୧୨:୩୨) ।

୨. ଯୀଶୁଙ୍କ ବାକ୍ୟସମୂହ ଯାହା ସେ ପ୍ରଥମ ଶତାବ୍ଦୀରେ ଯିହୁଦୀମତାନୁସାରେ ଆଦ୍ୟ ଶିଷ୍ୟମାନଙ୍କୁ ଦେଇଥିଲେ ତାହା ସମସ୍ତ ବିଶ୍ୱାସୀମାନଙ୍କ ପାଇଁ ପ୍ରଯୁଜ୍ୟ କି ? (ମାଥିଉ ୧୯:୨୮, ଲୂକ ୨୨:୨୮-୩୦) ?

୩. ଏହି ଜୀବନରେ ରାଜତ୍ୱ କରିବା ଉପରେ ପାଉଲଙ୍କ ଗୁରୁତ୍ୱଆରୋପ, ଉର୍ଦ୍ଧ୍ୱସ୍ଥ ପ୍ରସଙ୍ଗଗୁଡ଼ିକୁ ବିରୋଧ ବା ପ୍ରଶଂସା କରେ ? ରୋମୀ ୫:୧୭, ୧ କରିନ୍ଥୀ ୪:୮)

୪. ଦୁଃଖ ଭୋଗ ଓ ରାଜତ୍ୱ କରିବା କିପରି ପରସ୍ପର ସହିତ ସମ୍ପୃକ୍ତ (ରୋମୀ ୮:୧୭, ୨ ତୀମଥି ୨:୧୧-୧୨, ୧ ପିତର ୪:୧୩, ପ୍ରକାଶିତ ୧:୯) ।

୫. ପ୍ରକାଶିତ ବାକ୍ୟର ପୁନଃ ପୁନଃ ସଂଘଟିତ ପ୍ରସଙ୍ଗ, ଗୌରବମୟ ଖ୍ରୀଷ୍ଟଙ୍କ ବିଷୟ ପ୍ରକାଶ କରେ, ମାତ୍ର ରାଜତ୍ୱ ହେଉଛି,

କ. ପାର୍ଥିବ ୫:୧୦

ଖ. ସହସ୍ର ବର୍ଷବ୍ୟାପୀ ୨୦୫-୬

ଗ. ଅନନ୍ତ କାଳୀନ ୨:୨୬, ୩:୨୧, ୨୨:୫ ଓ ଦାନିଏଲ ୭:୧୪,୧୮,୨୭

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ପ୍ରସଙ୍ଗ : ୫:୧୮-୨୧**

**[୧୮]ଅତଏବ, ଜଣକର ଅପରାଧର ଫଳସ୍ୱରୂପ ଯେପରି ସମସ୍ତ ମନୁଷ୍ୟଙ୍କ ପ୍ରତି ଦଣ୍ଡାଜ୍ଞା ଘଟିଲା, ସେହିପରି ମଧ୍ୟ ଜଣକର ଧାର୍ମିକତାର କର୍ମର ଫଳ ସ୍ୱରୂପେ ସମସ୍ତ ମନୁଷ୍ୟଙ୍କ ପ୍ରତି ଜୀବନଦାୟକ ଧାର୍ମିକଗଣନା ଘଟିଲା । [୧୯]କାରଣ ଯେପରି ଜଣକର ଅନାଜ୍ଞାବହତା ଦ୍ୱାରା ଅନେକେ ପାପୀ ହେଲେ, ସେହିପରି ମଧ୍ୟ ଜଣକର ଆଜ୍ଞାବହତା ଦ୍ୱାରା ଅନେକେ ଧାର୍ମିକ ହେବେ । [୨୦]ଏହାଛଡ଼ା ବ୍ୟବସ୍ଥା ମଧ୍ୟ ପ୍ରବେଶ କଲା, ଯେପରି ଅପରାଧ ଅଧିକ ହୁଏ, କିନ୍ତୁ ଯେଉଁଠାରେ ପାପ ଅଧିକ ହେଲା, ସେହିଠାରେ ଅନୁଗ୍ରହ ଆହୁରି ଅଧିକ ହେଲା, [୨୧]ଯେପରି ପାପ ଯେ ପ୍ରକାରେ ମୃତ୍ୟୁରେ ରାଜତ୍ୱ କରିଥିଲା, ସେହିପରି ଅନୁଗ୍ରହ ମଧ୍ୟ ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଅନନ୍ତ ଜୀବନଦାୟକ ଧାର୍ମିକତା ଦାନ କରି ରାଜତ୍ୱ କରିବ ।**

**୫:୧୮**

**ଏନ୍ ଏ ଏସ୍ ବି,** **''ସେହିପରି ମଧ୍ୟ ଜଣକର ଧାର୍ମିକତାର କର୍ମର ଫଳସ୍ୱରୂପେ ସମସ୍ତ ମନୁଷ୍ୟଙ୍କ ପ୍ରତି ଜୀବନଦାୟକ ଧାର୍ମିକତା ଘଟିଲା''**
**ଏନ୍ କେ ଜେ ଭି** **''ସେହିପରି ମଧ୍ୟ ଜଣେ ମନୁଷ୍ୟର ଧାର୍ମିକତାର କର୍ମ ଦ୍ୱାରା ବିନାମୂଲ୍ୟର ଦାନ ସମସ୍ତ ଲୋକଙ୍କ ନିକଟକୁ ଆସିଲା''**
**ଏନ୍ ଆର୍ ଏସ୍ ଭି** **''ସେହିପରି ଜଣେ ମନୁଷ୍ୟର ଧାର୍ମିକତାର କାର୍ଯ୍ୟ, ସମସ୍ତଙ୍କୁ ଧାର୍ମିକଗଣିତ ହେବାକୁ କଢ଼ାଇ ନେଲା ଓ ଜୀବନ ପ୍ରଦାନ କଲା ।''**
**ଟି ଇ ଭି** **''ସେହି ସମାନ ଉପାୟରେ ଗୋଟିଏ ଧାର୍ମିକତାର କାର୍ଯ୍ୟ, ସମସ୍ତଙ୍କୁ ମୁକ୍ତ କରେ ଓ ସେମାନଙ୍କୁ ଜୀବନ ଦିଏ ।''**
**ଏନ୍ ଜେ ବି** **''ସେହିପରି ଜଣେ ମନୁଷ୍ୟର ଉତ୍ତମ କାର୍ଯ୍ୟ ପ୍ରତ୍ୟେକଙ୍କ ପାଇଁ ଜୀବନ ଆଣେ ଓ ସେମାନଙ୍କୁ ଧାର୍ମିକ ଗଣନା କରେ ।''**

ଏହା କହୁ ନାହିଁ ଯେ ପ୍ରତ୍ୟେକ ଜଣ ପରିତ୍ରାଣ ପାଇବେ (ସାର୍ବଜନିନତା) । ଏହି ପଦ ରୋମୀୟ ପତ୍ରର ସମ୍ବାଦ ଓ ସେକ୍ଷଣିର ସମ୍ପର୍କରୁ ଭିନ୍ନ ଭାବେ ଅନୁବାଦ କରାଯାଇ ପାରିବ ନାହିଁ । ଏହା ଯୀଶୁଙ୍କ ଜୀବନ / ମୃତ୍ୟୁ / ପୁନରୁତ୍ଥାନ ମାଧ୍ୟମରେ ସମସ୍ତ ମାନବଙ୍କ ଆଭ୍ୟନ୍ତରୀଣ ଗୁଣଥିବା ପରିତ୍ରାଣକୁ ବୁଝାଉଅଛି । ମାନବ ଜାତି ସୁସମାଚାର ପ୍ରତ୍ୟୁତ୍ତର ଅନୁତାପ ଓ ବିଶ୍ୱାସ ଦ୍ୱାରା ଦେବା ଉଚିତ । (ମାର୍କ ୧:୧୫, ପ୍ରେରିତ ୩:୧୬,୧୯, ୨୦:୨୧) । ଈଶ୍ୱର ସର୍ବଦା ପ୍ରାରମ୍ଭିକ କାର୍ଯ୍ୟ କରନ୍ତି (ଯୋହନ ୬:୪୪,୪୫) ମାତ୍ର ସେ ମନୋନୀତ କରିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତ ଭାବେ ପ୍ରତ୍ୟୁତ୍ତର ଦେବେ (ମାଥିଉ ୧୧:୨୮-୨୯, ଯୋହନ ୧:୧୨, ୩:୧୬ ଏବଂ ରୋମୀ ୧୦:୯-୧୩) । ତାହାଙ୍କ ଦାନ ସାର୍ବଜନିନ (୧ ତୀମଥି ୨:୪,୬, ୨ ପିତର ୩:୯, ୧ ଯୋହନ ୨:୨) କିନ୍ତୁ ଅପରାଧର ରହସ୍ୟ ହେଉଛି, ଯେ ଅନେକ କହନ୍ତି ''ନାହିଁ'' ।

ଧାର୍ମିକତାର କାର୍ଯ୍ୟ ହେଉଛି ହୁଏତ

1. ୧. ଯୀଶୁଙ୍କ ସମୁଦାୟ ବାଧ୍ୟତାର ଜୀବନ ଓ ଶିକ୍ଷା ସମ୍ପୂର୍ଣ୍ଣ ଭାବରେ ପିତାଙ୍କୁ ପ୍ରକାଶ କଲା ।
2. ୨. ନିର୍ଦ୍ଦିଷ୍ଟଭାବେ ତାହାଙ୍କ ମୃତ୍ୟୁ, ମାନବ ଜାତିର ପାପ ସକାଶେ ।

ଯେପରି ଜଣେ ମନୁଷ୍ୟର ଜୀବନ ସମସ୍ତଙ୍କୁ ପ୍ରଭାବିତ କଲା (ଯିହୁଦୀମାନଙ୍କ ସାମୁହିକ ଭାବେ ଯିହୋଶୂୟ ୭) ସେହିପରି ମଧ୍ୟ ନିର୍ଦ୍ଦୋଷୀ ଜୀବନ ସମସ୍ତଙ୍କୁ ପ୍ରଭାବିତ କଲା (ଲେବୀୟ ୧-୭,୧୬) । ଏହି ଦୁଇଟି କାର୍ଯ୍ୟ ସମାନ୍ତର ମାତ୍ର ସମାନ ନୁହନ୍ତି । ସମସ୍ତେ ଆଦମଙ୍କ ପାପ ଦ୍ୱାରା ପ୍ରଭାବିତ ହେଲେ ମାତ୍ର ସମସ୍ତେ କେବଳ ଆଭ୍ୟନ୍ତରୀଣ ଗୁଣରେ ଯୀଶୁଙ୍କ ଜୀବନ ଦ୍ୱାରା ପ୍ରଭାବିତ ହେଲେ, କେବଳ ବିଶ୍ୱାସୀମାନେ ଧାର୍ମିକଗଣିତ ହେବାର ଦାନ (ଫଳ) ଲାଭ କଲେ । ଯୀଶୁଙ୍କ କାର୍ଯ୍ୟ ମଧ୍ୟ ସମସ୍ତ ମାନବୀୟ ପାପକୁ ପ୍ରଭାବିତ କଲା, ଯେଉଁମାନେ ଅତିତ, ବର୍ତ୍ତମାନ ଓ ଭବିଷ୍ୟତ୍‌କୁ ବିଶ୍ୱାସ କଲେ ଓ ଗ୍ରହଣ କଲେ ସେମାନଙ୍କ ପାଇଁ !

୫:୧୮-୧୯ ''ସମସ୍ତ ମନୁଷ୍ୟଙ୍କ (ନିମନ୍ତେ) ପ୍ରତି ଦଣ୍ଡାଜ୍ଞା ଘଟିଲା'' ... ସମସ୍ତ ମନୁଷ୍ୟଙ୍କ ପ୍ରତି ଧାର୍ମିକଗଣନା ଘଟିଲା ... ଅନେକେ ପାପୀ ହେଲେ... ଅନେକେ ଧାର୍ମିକ ହେବେ ।'' ଏଗୁଡ଼ିକ ସମାନ୍ତର ଖଣ୍ଡବାକ୍ୟ, ଯାହା ଦର୍ଶାଏ ଯେ ''ଅନେକେ'' ଶବ୍ଦ ବାଧା ପ୍ରଦାନକାରୀ ନୁହେଁ ମାତ୍ର ଅର୍ନ୍ତଭୁକ୍ତକାରୀ । ସମାନ ସମାନ୍ତର ବିଷୟ ଯିଶାଇୟ ୫୩:୬ ''ସମସ୍ତେ'' ଓ ୫୩:୧୧,୧୨ ''ଅନେକେ''ରେ ଦେଖାଯାଏ । ''ଅନେକେ'' ଶବ୍ଦ ସମସ୍ତ ମାନବଜାତି ପାଇଁ ଈଶ୍ୱରଙ୍କ ପରିତ୍ରାଣର ଅବଦାନକୁ ସଂକୁଚିତ ମତରେ ସୀମାବଦ୍ଧ କରି କେବେହେଲେ ବ୍ୟବହାର କରାଯାଇ ନ ପାରେ । (କାଲଭିନଙ୍କ ମନୋନୀତ ବନାମ୍ ଅମନୋନୀତ)

ଦୁଇଟି କ୍ରିୟାପଦର କର୍ମବାଚ୍ୟ ଲକ୍ଷ୍ୟ କର, ସେମାନେ ଈଶ୍ୱରଙ୍କ କାର୍ଯ୍ୟକଳାପକୁ ବୁଝାଇ ଥାଆନ୍ତି । ମାନବଗଣର ପାପ ଈଶ୍ୱରଙ୍କ ଚରିତ୍ର ସହିତ ସମ୍ପର୍କରେ (ଏକ ସ୍ତରର ଅବଜ୍ଞା) ଏବଂ ସେମାନେ ତାହାଙ୍କ ଚରିତ୍ରର ସମ୍ପର୍କରେ ଧାର୍ମିକଗଣିତ ହେଲେ (ତାହାଙ୍କ ଅନୁଗ୍ରହର ଏକ ଦାନ)

୫:୧୯ ''ଜଣକର ଅନାଜ୍ଞାବହତା ... ଜଣକର ଆଜ୍ଞାବହତା'' ପାଉଲ ପୁରାତନ ନିୟମର ପାରମାର୍ଥିକ ବିଶ୍ୱାସକୁ କାୟିକ ଭାବେ ବ୍ୟବହାର କରୁଥିଲେ । ଜଣେ ବ୍ୟକ୍ତିର କାର୍ଯ୍ୟମାନ ସମୁଦାୟ ସମ୍ପ୍ରଦାୟକୁ ପ୍ରଭାବିତ କରେ (ଯିହୋଶୂୟ ୭ରେ ଆଖନ) । ଆଦମ ଓ ହବାଙ୍କ ଅନାଜ୍ଞାବହତା ଈଶ୍ୱରଙ୍କ ବିଚାରକୁ ସମସ୍ତ ସୃଷ୍ଟି ଉପରକୁ ଆଣିଲା । (ଆଦି ୩) । ସମସ୍ତ ସୃଷ୍ଟି ଆଦମଙ୍କ ବିଦ୍ରୋହର ପରିଣାମ ଦ୍ୱାରା ପ୍ରଭାବିତ ହୋଇଆସିଅଛି (୮:୧୮-୨୫) । ଜଗତ ସମାନ ନୁହେଁ ମାନବଗଣ ସମାନ ନୁହଁନ୍ତି । ମୃତ୍ୟୁ ସମସ୍ତ ପାର୍ଥିବ ଜୀବନର ଶେଷ ପରିଣତି ହେଲା (ଆଦି ୫) । ଏହା ସେହି ଜଗତ ନୁହେଁ ଯାହା ଈଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା !

ଏହି ସମାନ ସାମୂହିକ ଜ୍ଞାନରେ ଯୀଶୁଙ୍କର ଗୋଟିଏ କାର୍ଯ୍ୟ, କାଲବରୀ (୧) ନୂତନ ଯୁଗ (୨) ନୂତନ ଲୋକଗଣ (୩) ଏକ ନୂତନ ପ୍ରତିଜ୍ଞା (ଚୁକ୍ତି)ରେ ଫଳ ଫଳିଲା । ଏହି ପ୍ରତିନିଧିତ୍ୱ ପରମାର୍ଥବିଦ୍ୟା, ଆଦମ-ଖ୍ରୀଷ୍ଟ ''ସାଦୃଶ୍ୟଶିକ୍ଷା'' ବୋଲି ନାମିତ ହୋଇଅଛି (ଫିଲିପ୍ପୀ ୨:୬) । ଯୀଶୁ ଦ୍ୱିତୀୟ ଆଦମ ଅଟନ୍ତି । ସେ ପତିତ ମାନବ ଗୋଷ୍ଠୀ ପାଇଁ ନୂତନ ଆରମ୍ଭ ଅଟନ୍ତି ।

''ଧାର୍ମିକ ହେବେ'' ବିଶେଷ ପ୍ରସଙ୍ଗ ୧:୧୭ରେ ଦେଖ

**୫:୨୦**

**ଏନ୍ ଏ ଏସ୍ ବି,** **''ଏବଂ ବ୍ୟବସ୍ଥା ଭିତରକୁ ଆସିଲା ଯେପରି ଅପରାଧ ବୃଦ୍ଧି ପାଇ ପାରେ''**
**ଏନ୍ କେ ଜେ ଭି** **''ଆହୁରି ମଧ୍ୟ ବ୍ୟବସ୍ଥା ପ୍ରବେଶ କଲା ଯେପରି ଅପମାନ ଘେରି ରହିପାରେ''**
**ଏନ୍ ଆର୍ ଏସ୍ ଭି** **''ମାତ୍ର ବ୍ୟବସ୍ଥା ଆସିଲା ଫଳ ସହିତ ଯେପରି ପାପ ସଂଖ୍ୟା ବୃଦ୍ଧି କରିବ''**
**ଟି ଇ ଭି** **''ବ୍ୟବସ୍ଥା ପରିଚିତ କରାଗଲା ଯେପରି ଭୁଲ କାର୍ଯ୍ୟମାନ ବୃଦ୍ଧି ପାଇବ ।''**
**ଏନ୍ ଜେ ବି** **''ଯେତେବେଳେ ବ୍ୟବସ୍ଥା ଆସିଲା, ପତିତ ହେବା ସୁଯୋଗଗୁଡ଼ିକୁ ବୃଦ୍ଧି କରିବାକୁ ଆସିଲା ।''**

ବ୍ୟବସ୍ଥାର ଉଦ୍ଦେଶ୍ୟ କେବେ ହେଲେ ମାନବଜାତିକୁ ଉଦ୍ଧାର କରିବାକୁ ନ ଥିଲା ମାତ୍ର ପତିତ ମାନବଜାତିର ଆବଶ୍ୟକତା ଓ ଅସହାୟତାକୁ ଦର୍ଶାଇବାକୁ ଥିଲା (ଏଫିସୀ ୨:୧-୩) ଏବଂ ଏହାଦ୍ୱାରା ଖ୍ରୀଷ୍ଟଙ୍କ ନିକଟକୁ ସେମାନଙ୍କୁ ଆଣିବ (୩:୨୦, ୪:୧୫, ୭:୫, ଗାଲାତୀୟ ୩:୧୯,୨୩-୨୬) । ବ୍ୟବସ୍ଥା ଉତ୍ତମ ଅଟେ, ମାତ୍ର ମାନବଜାତି ପାପପୂର୍ଣ୍ଣ ଅଟନ୍ତି (ରୋମୀ ୭) ।

▣ ''ଅନୁଗ୍ରହ ଆହୁରି ଅଧିକ ହେଲା'' । ଏହାଥିଲା ପାଉଲଙ୍କ ଏହି ଅଂଶରେ ମୁଖ୍ୟ ଚାପ । ପାପ ହେଉଛି ଭୟଙ୍କର ଏବଂ ବ୍ୟାପକ, ମାତ୍ର ଅନୁଗ୍ରହ ଘେରି ରହେ ଓ ଏହାର ମୃତ୍ୟୁଜନକ ପ୍ରଭାବ ଠାରୁ ଅଧିକ ପରିମାଣ ହୁଏ ! ଏହା ଥିଲା ପ୍ରଥମ ଶତାବ୍ଦୀର ପ୍ରାରମ୍ଭିକ (ଡେଣାମେଲାଇବା) ମଣ୍ଡଳୀକୁ ଉତ୍ସାହିତ କରିବାର ପଥ । ସେମାନେ ଖ୍ରୀଷ୍ଟଙ୍କଠାରେ ଜୟକାରୀ ଥିଲେ (୫:୯-୧୧, ୮:୩୧-୩୯, ୧ ଯୋହନ ୫:୪) । ଏହା ଅଧିକ ପାପ କରିବାକୁ ଅନୁମତି (ଲାଇସେନ୍ସ) ନୁହେଁ । ବିଶେଷ ପ୍ରସଙ୍ଗ ଦେଖ : ପାଉଲ ''ହୁପର'' ସମଷ୍ଟିଗତ ଭାବେ ବ୍ୟବହାର କରୁଥିଲେ ୧:୩୦ରେ ।

ବିଶେଷ ପ୍ରସଙ୍ଗ ୧୫ ପଦ, ରୋମୀ ୧୫:୧୩ରେ ବ୍ୟବହାର କରାଯାଇଥିବା ଏକ ସମ୍ପୃକ୍ତ ଶବ୍ଦ ଅଧିକ (ହେଲା) ଉପରେ ଦେଖ,

୫:୨୧ ''ପାପ'' ଓ ''ଅନୁଗ୍ରହ'' ଉଭୟ ରାଜା ରୂପେ ବ୍ୟକ୍ତିତ୍ୱକରଣ କରାଯାଇଅଛି । ପାପ ସାର୍ବଜନିନ ମୃତ୍ୟୁର ଶକ୍ତିଦ୍ୱାରା ରାଜତ୍ୱ କଲା (୧୪,୧୭ପଦ) । ଅନୁଗ୍ରହ ଯୀଶୁଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟ ଓ ବିଶ୍ୱାସୀମାନଙ୍କ ବ୍ୟକ୍ତିଗତ ବିଶ୍ୱାସ ଓ ସୁସମାଚାର ପ୍ରତି ଅନୁତପ୍ତ ପ୍ରତ୍ୟୁତ୍ତର ଦ୍ୱାରା ଦିଆଯାଇଥିବା ଧାର୍ମିକତାର ଶକ୍ତି ମାଧ୍ୟମରେ ରାଜତ୍ୱ କରେ ।

ଈଶ୍ୱରଙ୍କ ନୂତନ ଲୋକ ରୂପେ, ଖ୍ରୀଷ୍ଟଙ୍କ ଶରୀର ରୂପେ, ଖ୍ରୀଷ୍ଟିୟାନ ମଧ୍ୟ ଖ୍ରୀଷ୍ଟଙ୍କ ସହିତ ରାଜତ୍ୱ କରେ । (୫:୧୭, ୨ ତୀମଥି ୨:୧୨, ପ୍ରକାଶିତ ୨୨:୫) । ଏହା ଏକ ପାର୍ଥିବ ବା ସହସ୍ର ବର୍ଷର ରାଜତ୍ୱ ରୂପେ ଦେଖାଯାଇ ପାରିବ (ପ୍ରକାଶିତ ୫:୯-୧୦:୨୦) । ବାଇବଲ ମଧ୍ୟ ସମାନ ସତ୍ୟ ପ୍ରକାଶ କରେ ଯେ, ସାଧୁମାନଙ୍କୁ ରାଜ୍ୟ ଦିଆଯାଇଅଛି (ମାଥିଉ ୫:୩,୧୦ ଲୂକ ୧୨:୩୨, ଏଫିସୀ ୨:୫-୬) ବିଶେଷ ପ୍ରସଙ୍ଗ ଦେଖ : ଈଶ୍ୱରଙ୍କ ରାଜ୍ୟରେ ରାଜତ୍ୱ କରିବା ୫:୧୭,୧୮ରେ ।

## ଆଲୋଚନା ପ୍ରଶ୍ନସମୂହ

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟେରୀ, ଯାହା ବୁଝାଏ ଯେ ତୁମେ ନିଜେ ବାଇବଲର ଅନୁବାଦ ପାଇଁ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ପାଇଥିବା ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା, ଅନୁବାଦରେ ଅଗ୍ରାଧିକାରୀ ଅଟ । ଏହା ତୁମେ ଏକ କମେଣ୍ଟେରୀ ନିର୍ମାତା ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହି ପ୍ରଶ୍ନଗୁଡ଼ିକ ଆଲୋଚନା ପାଇଁ ଯୋଗାଇ ଦିଆଯାଇଛି, ଏହି ପୁସ୍ତକର ମୁଖ୍ୟ ବିଷୟ ତୁମେ ଚିନ୍ତା କରିବାକୁ ସାହାଯ୍ୟ ପାଇବା ନିମନ୍ତେ । ଏଗୁଡ଼ିକ ଚିନ୍ତା-ଉଦ୍ରେକକାରୀ, ସଜ୍ଞା ବା ଅର୍ଥ ପ୍ରଦାନକାରୀ ନୁହେଁ ।

୧. ଈଶ୍ୱରଙ୍କ ''ଧାର୍ମିକତା'' ବୁଝାଅ

୨. ସ୍ଥାନ ବା ପଦ ସମ୍ବନ୍ଧୀୟ ପବିତ୍ରୀକରଣ ଓ ଅଗ୍ରଗତିଶୀଳ ସମ୍ବଳ ମଧ୍ୟରେ ପାରମାର୍ଥିକ ଭିନ୍ନତା (ପାର୍ଥକ୍ୟ) କ'ଣ ?

୩. ଆମ୍ଭେମାନେ ଅନୁଗ୍ରହ ବା ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଅଛୁ ? (ଏଫିସୀ ୨୮,୯)

୪. ଖ୍ରୀଷ୍ଟିଆନମାନେ କାହିଁକି ଦୁଃଖଭୋଗ କରନ୍ତି ?

୫. ଆମ୍ଭେମାନେ ପରିତ୍ରାଣ ପାଇଅଛୁ ବା ପ୍ରାପ୍ତ ହେବାରେ ଲାଗିଅଛୁ ବା ପରିତ୍ରାଣ ପ୍ରାପ୍ତ ହେବା ?

୬. ଆମ୍ଭେମାନେ ପାପ କରୁଥିବାରୁ ପାପୀ କିଅବା ଆମେ ପାପୀ ହୋଇଥିବାରୁ ପାପ କରୁ ?

୭. ଧାର୍ମିକଗଣିତ ହେଲେ, ପରିତ୍ରାଣ ପ୍ରାପ୍ତ ହେଲେ ଓ ପୁର୍ନମିଳିତ ହେଲେ କିପରି ଏହି ଅଧ୍ୟାୟରେ ସମ୍ପୃକ୍ତ ?

୮. ଅନ୍ୟ ଜଣେ ବ୍ୟକ୍ତିର ପାପ ହେତୁ ଈଶ୍ୱର ମୋତେ କାହିଁକି ଦାୟୀ କରନ୍ତି, ଯେ କି ମୋର ହଜାର ହଜାର ବର୍ଷ ପୂର୍ବେ ବଞ୍ଚିଥିଲେ ? (୧୨-୨୧ ପଦ)

୯. ଆଦମ ଓ ମୋଶାଙ୍କ ସମୟ ମଧ୍ୟରେ ଲୋକମାନେ କାହିଁକି ମୃତ୍ୟୁଭୋଗ କଲେ, ଯଦି ଏହି ସମୟରେ ପାପ ଗଣନା କରାଯାଉ ନ ଥିଲା ? (୧୩-୧୪ ପଦ)

୧୦. ''ସମସ୍ତେ'' ଓ ''ଅନେକେ'' ଶବ୍ଦ କ'ଣ ପରସ୍ପରର ଅନୁରୂପ ବା ସମାନ ? ୧୮-୧୯ ଯିଶାଇୟ ୫୩:୬, ୧୧-୧୨) ।

# ରୋମୀୟ ୬

| ଆଧୁନିକ ଅନୁବାଦମାନର ପାରାଗ୍ରାଫ ଭାଗ ବିଭାଗସମୂହ | | | | |
|---|---|---|---|---|
| ୟୁ ବି ଏସ[୪] | ଏନ୍ କେ ଜେ ଭି | ଏନ୍ ଆର୍ ଏସ୍ ଭି | ଟି ଇ ଭି | ଏନ୍ ଜେ ବି |
| ପାପ ପ୍ରତି ମୃତ ମାତ୍ର ଖ୍ରୀଷ୍ଟଙ୍କଠାରେ ଜୀବିତ | ପାପ ପ୍ରତି ମୃତ, ଈଶ୍ୱରଙ୍କ ପ୍ରତି ଜୀବିତ | ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁ ଭୋଗ ଓ ପୁନରୁତ୍ଥିତ ହେବା | ପାପ ପ୍ରତି ମୃତ ମାତ୍ର ଖ୍ରୀଷ୍ଟଙ୍କଠାରେ ଜୀବିତ | ବାପ୍ତିସ୍ମ |
| ୬:୧-୧୧ | ୬:୧-୧୪ | ୬:୧-୪ | ୬:୧-୪ | ୬:୧-୭ |
| | | ୬:୫-୧୧ | ୬:୫:୧୧ | |
| | | | | ୬:୮-୧୧ ପବିତ୍ରତା, ପାପ ମାଲିକ ହେବ ନାହିଁ |
| ୬:୧୨-୧୪ | | ୬:୧୨-୧୪ | ୬:୧୨-୧୪ | ୬:୧୨-୧୪ |
| ଧାର୍ମିକତାର କ୍ରୀତଦାସ | ପାପର ଦାସରୁ ଈଶ୍ୱରଙ୍କ ଦାସ | ଦୁଇଟି ଦାସତ୍ୱ | ଧାର୍ମିକତାର କ୍ରୀତଦାସ | ଖ୍ରୀଷ୍ଟିୟାନମାନେ ପାପର ଦାସତ୍ୱରୁ ମୁକ୍ତ |
| ୬:୧୫-୨୩ | ୬:୧୫-୨୩ | ୬:୧୫-୧୯ | ୬:୧୫-୧୯ | ୬:୧୫-୧୯ ପାପର ପୁରସ୍କାର ଏବଂ ସିଦ୍ଧତାର ପୁରସ୍କାର |
| | | ୬:୨୦-୨୩ | ୬:୨୦-୨୩ | ୬:୨୦-୨୩ |

ତୃତୀୟ ଚକ୍ର ପାଠ କରିବା (ପି. ୮ ଦେଖ)

ପାରାଗ୍ରାଫ୍ ସ୍ତରରେ ଆଦ୍ୟ (ମୂଳ) ଲେଖକଙ୍କ ଉଦ୍ଦେଶ୍ୟର ଅନୁଗମନ କରିବା

ଏହା ଏକ ଅଧ୍ୟୟନ ପରିଚାଳକ କମେଣ୍ଟେରୀ । ଯାହା ବୁଝାଏ ଯେ ତୁମେ ନିଜେ ବାଇବଲର ଅନୁବାଦ ପାଇଁ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ପାଇଥିବା ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା, ଅନୁବାଦରେ ଅଗ୍ରାଧିକାରୀ ଅଟ, ଏହା ତୁମେ ଏକ କମେଣ୍ଟରୀ ନିର୍ମାଣ ଉପରେ ଛାଡ଼ିଦେବା ଉଚିତ୍ ନୁହେଁ ।

ଥରେ ବସି ଅଧ୍ୟାୟଟି ପାଠ କର । ପ୍ରସଙ୍ଗଗୁଡ଼ିକ ଚିହ୍ନ । ତୁମର ପ୍ରସଙ୍ଗ ଭାଗବିଭାଗଗୁଡ଼ିକ ଉର୍ଦ୍ଧ୍ୱସ୍ଥ ପାଞ୍ଚଟି ଅନୁବାଦଗୁଡ଼ିକ ସହିତ ତୁଳନା କର । ପ୍ରସଙ୍ଗ ତିଆରି କରିବା ଈଶ୍ୱର ନିଶ୍ୱସିତ ନୁହେଁ । ମାତ୍ର ଏହି ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ ଚାବିକାଠି ଅଟେ । ଯାହାକି ଅନୁବାଦର ହୃତପିଣ୍ଡ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଏବଂ କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

କ. ୬:୧-୮:୩୯ ଏକ ପ୍ରକାର ଏକ ଚିନ୍ତା (ସାହିତ୍ୟିକ) ଯାହା ପାପ ସହିତ ଖ୍ରୀଷ୍ଟିୟାନର ସମ୍ପର୍କ ବିଷୟ (ଯଥା : ପବିତ୍ରୀକରଣ) କହେ । ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ, କାରଣ ସୁସମାଚାର, ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କ ଅପ୍ରାପ୍ୟ ଅନୁଗ୍ରହ ଯାହା ବିନାମୂଲ୍ୟରେ ମିଳେ ତାହା ଉପରେ ନିର୍ଭର କରେ (୩:୨୧-୫:୨୧) । ତେଣୁ, ପାପ କିପରି ବିଶ୍ୱାସୀକୁ ପ୍ରଭାବ ପକାଏ ? ୬ ଅଧ୍ୟାୟ, ଦୁଇଟି ସମ୍ଭାବିତ ପ୍ରଶ୍ନ ଉପରେ ନିର୍ଭର କରେ । ୧ ଓ ୧୫ ପଦ ୫:୨୦ ପଦ ସହିତ ସମ୍ପୃକ୍ତ, ଯେତେବେଳେ ୧୫ ପଦ ୬:୧୪ ସହିତ ସମ୍ପୃକ୍ତ । ପ୍ରଥମଟି ଏକ ଜୀବନଶୈଳୀ (ବର୍ତ୍ତମାନ କାଳ) ରୂପେ ପାପ ସହିତ ସମ୍ପୃକ୍ତ, ଦ୍ୱିତୀୟଟି ପାପର ବ୍ୟକ୍ତିଗତ କାର୍ଯ୍ୟ (ଆଓରିଷ୍ଟକାଳ) ସହିତ ସମ୍ପୃକ୍ତ । ଏହା ମଧ୍ୟ ସ୍ପଷ୍ଟ ଯେ, ୧-୧୪ ପଦ, ବିଶ୍ୱାସୀମାନଙ୍କର ପାପର ରାଜତ୍ୱରୁ ମୁକ୍ତି ସହିତ ବ୍ୟବହାର କରିବା ବେଳେ, ୧୫-୨୩ ପଦ ବିଶ୍ୱାସୀମାନେ ଯେପରି ପୂର୍ବେ ପାପର ସେବା କରୁଥିଲେ ସେପରି ଈଶ୍ୱରଙ୍କ ସେବା କରିବାକୁ ସ୍ୱାଧିନ - ସମ୍ପୂର୍ଣ୍ଣ ଭାବେ ଓ ହୃଦୟ ସହ ।

ଖ. ପବିତ୍ରୀକରଣ ହେଉଛି ଉଭୟ (୬:୪ରେ ବିଶେଷ ପ୍ରସଙ୍ଗ ଦେଖ)
 ୧. ଏକ ସ୍ଥାନ (ପରିତ୍ରାଣରେ ଧାର୍ମିକଗଣନା ପରି ଆରୋପ କରାଗଲା)
 ୨. ଏକ ଅଗ୍ରଗତି କରୁଥିବା ଶିଶୁପରି ଜୀବନ
  କ. ୬:୧-୮:୩୯ ଏହି ସତ୍ୟ ପରାମାର୍ଥକ ଭାବେ ପ୍ରକାଶ କରେ
  ଖ. ୧୨:୧-୧୫:୧୩ ଏହା ବ୍ୟବହାରିକ ଭାବେ ପ୍ରକାଶ କରେ

ଗ. ଅନେକ ସମୟରେ କମେଣ୍ଟେରୀ ଲେଖକମାନେ ଧାର୍ମିକଗଣନ ଓ ସ୍ଥାନ (ପଦ) ସମ୍ବନ୍ଧୀୟ ପବିତ୍ରୀକରଣର ପ୍ରସଙ୍ଗ ପାରମାର୍ଥିକଭାବେ ଦୁଇଭାଗ କରିବା ଉଚିତ ଯେପରି ଏହା ସେମାନଙ୍କର ବାଇବଲ ସମ୍ବନ୍ଧୀୟ ଅର୍ଥସବୁକୁ ଧରିରଖିବା (ବୋଧଗମ୍ୟକରିବା) ପାଇଁ ସାହାଯ୍ୟ କରିବ । ବାସ୍ତବଭାବେ ସେଗୁଡ଼ିକ ଅନୁଗ୍ରହର କାର୍ଯ୍ୟ ଏକକାଳୀନ (ଏକସମୟରେ) ଅଟନ୍ତି (ସ୍ଥାନ ବିଶେଷରେ ୧ କରିନ୍ଥୀ ୧:୩୦, ୬:୧୧) । ଉଭୟ ନିମନ୍ତେ ପ୍ରକ୍ରିୟା ସମାନ ଅଟେ – ଈଶ୍ୱରଙ୍କ ଅନୁଗ୍ରହ ଯୀଶୁଙ୍କ ଜୀବନ, ମୃତ୍ୟୁ, ପୁନରୁତ୍ଥାନ / ସ୍ୱର୍ଗାରୋହଣରେ ପ୍ରଦର୍ଶିତ ହେଲା ଯାହା ବିଶ୍ୱାସ ଦ୍ୱାରା ଗ୍ରହଣ କରାଯାଏ (ଏଫିସୀ ୨:୮-୯) ।

ଘ. ଏହି ଅଧ୍ୟାୟ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ସନ୍ତାନମାନଙ୍କର ଆଭ୍ୟନ୍ତରୀଣ ଗୁଣର ପୂର୍ଣ୍ଣ ପରିପକ୍ୱତା (ପାପଶୂନ୍ୟତା ଯୋହନ ୩:୬,୯,୫:୧୮) ଶିକ୍ଷା ଦିଏ । ୭ ଅଧ୍ୟାୟ ଏବଂ ୧ ଯୋହନ ୧:୮-୨:୧ ବିଶ୍ୱାସୀମାନଙ୍କ ପାପଶୂନ୍ୟତା ଜୀବନ ଯାପନର ବାସ୍ତବତା ଦର୍ଶାଏ । ''ପାପକ୍ଷମା''ର ପାଉଲଙ୍କ ମତ ଉପରେ ଅଧିକ ପରିମାଣ ବିବାଦ (ଯଥା : ବିଶ୍ୱାସ ମାଧ୍ୟମରେ ଅନୁଗ୍ରହ ଦ୍ୱାରା ଧାର୍ମିକ ଗଣିତ ହେବା ବିଷୟ) ନୈତିକତାର ବିଷୟ ସହିତ ସମ୍ପୃକ୍ତ ଥିଲା । ଯିହୁଦୀମାନେ ନିଶ୍ଚୟ ହେବାକୁ ଚାହୁଁଥିଲେ, ଈଶ୍ୱର ପରାୟଣଜୀବନ ଯାପନ, ଏହା ଦାବି କରି ଯେ, ନୂତନ ବିଶ୍ୱାସୀମାନେ ମୋଶାଙ୍କ ବ୍ୟବସ୍ଥାରେ ଦୃଢ଼ୀଭୂତ ହେବେ । ଏହା ସ୍ୱୀକାର କରାଯିବା ଉଚିତ ଯେ କେତେକ ଏହା କଲେ ଏବଂ ପାଉଲଙ୍କ ମତକୁ ପାପ କରିବାକୁ ଏକ ଅନୁମତି ପତ୍ର ରୂପେ ବ୍ୟବହାର କର (୧:୧୫, ୨ ପିତର ୩:୧୫-୧୬) । ପାଉଲ ବିଶ୍ୱାସ କଲେ ଯେ, ଭିତରେ ବାସ କରୁଥିବା ଆତ୍ମା, ବାହ୍ୟ ନିୟମ ନୁହେଁ, ଈଶ୍ୱର ପରାୟଣ ଖ୍ରୀଷ୍ଟଙ୍କ ସଦୃଶ ଅନୁଗାମୀମାନଙ୍କୁ ଉତ୍ପନ୍ନ କରନ୍ତି । ବାସ୍ତବରେ ଏହା ହେଉଛି ପୁରାତନ ନିୟମ (ଚୁକ୍ତି) ଦ୍ୱିତୀୟ ବିବରଣ ୨୭:୨୮ ଓ ନୂତନ ଚୁକ୍ତି (ପ୍ରତିଜ୍ଞା) (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୬-୨୭) ମଧ୍ୟରେ ପ୍ରଭେଦ ।

ଙ. ବାପ୍ତିସ୍ମ କେବଳ ଧାର୍ମିକଗଣନ/ପବିତ୍ରକରଣର ଆଧାତ୍ମିକ ବାସ୍ତବତାର ଏକ ଶାରୀରିକ ଉଦାହରଣ ଅଟେ । ରୋମୀୟ ପୁସ୍ତକରେ ସ୍ଥାନ (ପଦ) ସମ୍ବନ୍ଧୀୟ ପବିତ୍ରୀକରଣ (ଧାର୍ମିକଗଣନ) ଏବଂ ଅନୁଭବ ସମ୍ବନ୍ଧୀୟ ପବିତ୍ରୀକରଣ (ଖ୍ରୀଷ୍ଟଙ୍କ ସାଦୃଶ)ର ଉଭୟ ମୂଳତତ୍ତ୍ୱକୁ ଗୁରୁତ୍ୱ ଦିଆଗଲା । ''ତାହାଙ୍କ ସହିତ ସମାଧିସ୍ଥ ହେବା'' (୪ପଦ), ''ତାହାଙ୍କ ସହିତ କ୍ରୁଶାର୍ପିତ ହେବା'' (୬ପଦ) ସହିତ ସମାନ୍ତର ଭାବେ ଗତି କରୁଅଛି ।

ଚ. ଖ୍ରୀଷ୍ଟିୟ ଜୀବନରେ ପରୀକ୍ଷା ପ୍ରଲୋଭନ ଓ ପାପ ଉପରେ ଜୟ କରିବାର କଞ୍ଚି ସବୁ ହେଉଛି,
 ୧. ଖ୍ରୀଷ୍ଟଙ୍କଠାରେ ତୁମେ କିଏ ତାହା ଜାଣିବା । ସେ ତୁମ ପାଇଁ କ'ଣ କରିଅଛନ୍ତି ଜାଣ । ତୁମ୍ଭେମାନେ ପାପରୁ ମୁକ୍ତ ହୋଇଅଛ ! ତୁମେ ପାପ ପ୍ରତି ମୃତ ଅଟ !
 ୨. ତୁମର ଦୈନନ୍ଦିନ ଜୀବନର ପରିସ୍ଥିତିଗୁଡ଼ିକ ମଧ୍ୟରେ ଖ୍ରୀଷ୍ଟଙ୍କଠାରେ ତୁମର ସ୍ଥାନକୁ ଜାଣ / ଗଣନା କର ।
 ୩. ଆମ୍ଭେମାନେ ନିଜର ନୋହୁଁ ! ଆମ୍ଭେମାନେ ଆମ କର୍ତ୍ତାଙ୍କ ସେବା କରିବା । ତାହାଙ୍କ ଆଜ୍ଞାବହ ହେବା ଉଚିତ । ଆମ୍ଭେମାନେ କୃତଜ୍ଞତା ଓ ପ୍ରେମରେ ତାହାଙ୍କ ସେବା କର । ଆଜ୍ଞାବହ ହେଉ, ଯେ କି ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କଲେ ଏବଂ ଆପଣାକୁ ଆମ୍ଭମାନଙ୍କ ପାଇଁ ଦେଲେ ।
 ୪. ଖ୍ରୀଷ୍ଟିୟାନ ଜୀବନ ଏକ ଅତିପ୍ରାକୃତିକ ଜୀବନ । ଏହା ପରିତ୍ରାଣ ପରି ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କଠାରୁ ଏକଦାନ ସେ ଏହା ଆରମ୍ଭ କରନ୍ତି ଓ ଏହାର ଶକ୍ତି ଯୋଗାନ୍ତି । ଉଭୟ ପ୍ରାରମ୍ଭିକ ଭାବେ ଓ ଦୈନିକ, ଆମ୍ଭେମାନେ ମନ ପରିବର୍ତ୍ତନ ଓ ବିଶ୍ୱାସରେ ପ୍ରତ୍ୟୁତ୍ତର ଦେବା ଉଚିତ୍ ।
 ୫. ପାପ ଚତୁର୍ଦ୍ଦିଗରେ କ୍ରୀଡ଼ା କରେ ନାହିଁ । ଏହା କ'ଣ ଚିହ୍ନି ରଖ, ଏଥିରୁ ବିମୁଖ ହୁଅ, ଏଥିରୁ ପଳାୟନ କର । ପ୍ରଲୋଭନର ସ୍ଥାନରେ ଆପଣାକୁ ରଖ ନାହିଁ ।
 ୬. ବିଶ୍ୱାସୀମାନଙ୍କଠାରେ ପାପ ହେଉଛି ଏକ ନିଶା ଅଭ୍ୟାସ ଯାହା ଭଗ୍ନ କରାଯାଇପାରେ, ମାତ୍ର ଏହା ସୁସମାଚାରର ଜ୍ଞାନ, ଆତ୍ମାଙ୍କ ଉପସ୍ଥିତି, ସମୟ, ଚେଷ୍ଟା ଓ ମନରେ ସ୍ଥିରକରିବା ଆବଶ୍ୟକ କରେ ।

## ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ

**ଏନ୍ ଏ ଏସ୍ ବି (ଅନୁବାଦ) ଶାସ୍ତ୍ରାଂଶ : ୬:୧-୭**

[1]''ତେବେ ଆମ୍ଭେମାନେ କଅଣ କହିବା ? ଅନୁଗ୍ରହ ଯେପରି ପ୍ରଚୁର ହୁଏ ଏଥିପାଇଁ କି ପାପରେ ରହିଥିବା ? [2]ତାହା କେବେ ହେଁ ନ ହେଉ ।
ପାପ ପ୍ରତି ମୃତ ଯେ ଆମ୍ଭେମାନେ, ଆମ୍ଭେମାନେ ସେଥିରେ କିପରି ଆଉ ଜୀବନ କାଟିବା ? [3]ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ
ବାପ୍ତିଜିତ ହୋଇଅଛୁ ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ । [4]ଅତଏବ ଆମ୍ଭେମାନେ
ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁପ୍ରକାର

ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ । [୫]କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁ, ତାହାହେଲେ ନିଶ୍ଚୟ ତାହାଙ୍କ ପୁନରୁତ୍ଥାନର ସାଦୃଶ୍ୟରେ ମଧ୍ୟ ଉତ୍‌ଥାପିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା । [୬]ଯେପରି ଆମ୍ଭେମାନେ ଆଉ ପାପର ଦାସତ୍ୱରେ ନ ରହୁ, ଏଥିପାଇଁ ପାପର ଶରୀର ବିନଷ୍ଟ ହେବା ନିମନ୍ତେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ଯେ ତାହାଙ୍କ ସହିତ କ୍ରୁଶରେ ହତ ହୋଇଅଛି । [୭]ଏହା ଆମ୍ଭେମାନେ ଜାଣୁ, କାରଣ ଯେ ମରିଅଛି ସେ ପାପରୁ ମୁକ୍ତ ହୋଇଅଛି ।''

**୬.୧**

| | |
|---|---|
| **ଏନ୍ ଏ ଏସ୍ ବି** | **ଅନୁଗ୍ରହ ଯେପରି ବୃଦ୍ଧି ପାଇ ପାରିବ, ଆମ୍ଭେମାନେ କ'ଣ ପାପ କରି ଚାଲିଥିବା ?** |
| **ଏନ୍ କେ ଜେ ଭି** | **ଅନୁଗ୍ରହ ଯେପରି ବେଷ୍ଟିତ ହୋଇପାରିବ, ଆମ୍ଭେମାନେ କ'ର ପାପ କରି ଚାଲିଥିବା ?** |
| **ଏନ୍ ଆର୍ ଏସ୍ ଭି** | **ଅନୁଗ୍ରହ ଯେପରି ହୋଇ ରହିପାରିବ, ଆମ୍ଭେମାନେ କ'ଣ ପାପରେ ରହିଥିବା ଉଚିତ ?** |
| **ଟି ଇ ଭି** | **ଈଶ୍ୱରଙ୍କ ଅନୁଗ୍ରହ ବୃଦ୍ଧି ପାଇବା ପାଇଁ ଆମେ ପାପରେ ଜୀବନ ଯାପନ କରି ଚାଲିଥିବା ଉଚିତ୍ କି ?** |
| **ଏନ୍ ଜେ** | **ଅନୁଗ୍ରହକୁ ମହତ୍ତର ସୁଯୋଗ ଦେବାକୁ, ଏହା କଅଣ ତାହାର ଅନୁଗାମୀ ହେବ ବୋଲି ଆମ୍ଭେମାନେ ପାପରେ ରହିବା ଉଚିତ ?** |

ଏହା ହେଉଛି ଏକ ବର୍ତ୍ତମାନ ସକ୍ରୀୟ ସମ୍ଭାବନାର୍ଥକ ବିଷୟ । ଏହା ଆକ୍ଷରିକ ଭାବେ ଏହି ପ୍ରଶ୍ନ ପଚାରେ, ଖ୍ରୀଷ୍ଟିୟାନମାନେ କ'ଣ ପାପ ସହିତ ବାସ କରିବେ ବା ପାପକୁ ଆଲିଙ୍ଗନ କରିବେ ? ଏହି ପ୍ରଶ୍ନ ୫:୨୦କୁ ପଛକୁ ଫେରି ଚାହିଁଥାଏ । ଅନୁଗ୍ରହର ଆଭ୍ୟନ୍ତରୀଣ ଗୁଣର ଅପବ୍ୟବହାରକୁ ପ୍ରତିରୋଧ କରିବାକୁ ପାଉଲ ଏକ କଳ୍ପିତ ଆପତ୍ତିକାରୀ (ସମାଲୋଚକ) ବ୍ୟବହାର କଲେ (୧ ଯୋହନ ୩:୬,୯,୫:୧୮) । ଈଶ୍ୱରଙ୍କ ଅନୁଗ୍ରହ ଓ ଦୟା ଏକ ବିଦ୍ରୋହୀ ଜୀବନଯାପନ କରିବାକୁ ଅନୁମତି ପତ୍ର ଦେବା ନିମନ୍ତେ ଉଦ୍ଦୀଷ୍ଟ ନୁହେଁ ।

ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଦାନ ରୂପେ ଏକ ବିନା ମୂଲ୍ୟର ପରିତ୍ରାଣ ସୁସମାଚାର ପାଉଲଙ୍କର (୩:୨୪, ୫:୧୩,୧୭, ୬:୨୩), ଜୀବନ ଶୈଳୀ ଧାର୍ମିକତା ବିଷୟରେ ଅନେକ ପ୍ରଶ୍ନ ଉଦ୍ରେକ କରେ । ଏକ ବିନାମୂଲ୍ୟରେ ଦାନ କିପରି ନୈତିକ ସଚ୍ଚୋଟତା ଉତ୍ପନ୍ନ କରେ ? ଧାର୍ମିକଗଣନ ଓ ପବିତ୍ରୀକରଣ ପରସ୍ପର ଠାରୁ ପୃଥକ କରିବା ଉଚିତ ନୁହେଁ (ମାଥିଉ ୭:୨୪–୨୭, ଲୂକ ୮:୨୧, ୧୧:୨୮, ଯୋହନ ୧୩:୧୭, ରୋମୀ ୨:୧୩, ଯାକୁବ ୧:୨୨–୨୫, ୨:୧୪–୨୬) ।

ଏହି ସ୍ଥାନରେ ମୁଁ ଏଫ୍ ଏଫ୍ ବ୍ରୁସ୍‌ଙ୍କ ''ପାଉଲ : ମୁକ୍ତ ଅନ୍ତଃକରଣର ପ୍ରେରିତ''ରୁ ଉଦ୍ଧୃତ କରିବାକୁ ମୋତେ ଦିଅ, ଖ୍ରୀଷ୍ଟିଆନମାନଙ୍କ ବାପ୍ତିସ୍ମ, ସେମାନଙ୍କ ପୁରାତନ ଅପରିବର୍ତ୍ତିତ ସ୍ଥିତି ଓ ସେମାନଙ୍କ ଖ୍ରୀଷ୍ଟଙ୍କଠାରେ ନୂତନଜୀବନ ମଧ୍ୟରେ ସମ୍ମୁଖ ସୈନିକ ଗଠନ କଲା : ପୁରାତନ ଆଜ୍ଞା ପ୍ରତି ସେମାନଙ୍କ ମୃତ୍ୟୁ ଚିହ୍ନିତ ହେଲା, ତାହା ହେଲେ, ଜଣେ ବାପ୍ତିଜିତ ଖ୍ରୀଷ୍ଟିୟାନ ପାପରେ ଜୀବନରେ ଗମନ କରିବା, ପୂର୍ବ ବଂଶ ଧାରରୁ ଆଗତ ଥିଲା, ଏହା ଜଣେ ମୁକ୍ତ ହୋଇଥିବା କ୍ରିତଦାସ ତାହାର ପୂର୍ବ ମାଲିକ ନିକଟରେ ବନ୍ଦି ହୋଇ ରହିବା ପରି ହେବ । ରୋମୀ ୬୧–୪, ୧୫–୨୩) କିଅବା ଏକ ବିଧବା, ତାହାର ସ୍ୱାମୀର ନିୟମାଧୀନ ହୋଇ ରହିବା ପରି ହେବ (୨୮୧–୮୨ ପୃଷ୍ଠା ରୋମୀ ୭:୧–୬) ।

ଜେମ୍‌ସ ସ୍ଟିୱାଟଙ୍କ ପୁସ୍ତକ ''ଖ୍ରୀଷ୍ଟଙ୍କଠାରେ ଜଣେ ମନୁଷ୍ୟ''ରେ ସେ ଲେଖନ୍ତି :

ସମସ୍ତ ପ୍ରେରିତମାନଙ୍କ ଏହି ସପକ୍ଷତା ପାଇଁ ''ଲୋକସ୍ କ୍ଲାସିକସ'' ଚିନ୍ତା ରୋମୀୟ ୬ ଅଧ୍ୟାୟରେ ପ୍ରାପ୍ତ ହେବାକୁ ଅଛି । ପାଉଲ ଚମତ୍କାର ଶକ୍ତି ଓ ଚେଷ୍ଟା ସହ ହୃଦୟ ଓ ବିବେକକୁ ଏହି ଶିକ୍ଷା ଦ୍ୱାରା ଗୃହ ଆଡ଼କୁ କଢ଼ାଇ ନିଅନ୍ତି ଯାହା ଯୀଶୁଙ୍କ ମୃତ୍ୟୁରେ ତାହାଙ୍କ ସହିତ ମିଳିତ ହେବ, ଯାହା ବୁଝାଏ ଯେ ବିଶ୍ୱାସୀ ମାନଙ୍କର ପାପ ସହିତ ସମ୍ପୂର୍ଣ୍ଣ ଓ କଠୋର ଭଗ୍ନ ସମ୍ପର୍କ ଆବଶ୍ୟକ (୧୮୭–୮୮ ପୃଷ୍ଠା) ।

**୬:୨ ''ଏହା କେବେ ହେଁ ନ ହେଉ''** ଏହା ହେଉଛି ଏକ କ୍ୱଚିତ୍ ପସନ୍ଦ କରାଯାଇଥିବା ଆକାର, ଯାହା ଏକ ଇଚ୍ଛା ବା ପ୍ରାର୍ଥନାର ବ୍ୟବହୃତ ଏକ ବ୍ୟାକରଣିକ ଭାବ ବା ଭଙ୍ଗି ଅଟେ । ଏହା ପାଉଲଙ୍କର ଏକ କାଳ୍ପନିକ ଅଭିଯୋଗକାରୀ ପ୍ରତି ଉତ୍ତର ଦେବା ଢଙ୍ଗ (ଯଥା : ଏବ୍ରୀୟ ଶବ୍ଦାକୃତି) । ଏହା ଅବିଶ୍ୱାସୀ ମାନବଜାତିର ଅବୁଝାମଣା ଓ ଅନୁଗ୍ରହ ପ୍ରତି ଅପବ୍ୟବହାର (ଅବମାନନା) ଆଡ଼କୁ ପାଉଲଙ୍କ ହତବୁଦ୍ଧି ଓ ଭୟାତୁର ହେବା ପ୍ରକାଶ କରେ (୩:୪,୬) ।

- ''ପାପ ପ୍ରତି ମୃତ ଯେ ଆମ୍ଭେମାନେ'' ଏହା ହେଉଛି ଆଓରିଷ୍ଟ ସକ୍ରୀୟ ସୂଚନା ବୁଝାଏ ''ଆମ୍ଭେମାନେ ମୃତ ହୋଇଅଛୁ'' ଏହି ଅଧ୍ୟାୟ ସାରା ଅନେକ ଥର ଏକବଚନ ''ପାପ'' ବ୍ୟବହାର କରାଯାଇଅଛି । ଏହା ଆମ୍ଭମାନଙ୍କର ଆଦମଙ୍କଠାରୁ ଉତ୍ତରାଧିକାରରେ ପାଇଥିବା ''ପାପସ୍ୱଭାବ'' ପରି ଦେଖାଯାଏ (ରୋମୀ ୫:୧୨–୨୧, ୧ କରିନ୍ଥୀ ୧୫:୨୧–୨୨) । ପାଉଲ ଅନେକ ସମୟରେ ମୃତ୍ୟୁର ଧାରଣାକୁ ଯୀଶୁଙ୍କ ସହିତ ବିଶ୍ୱାସୀର ସମ୍ପର୍କ ଦର୍ଶାଇବାକୁ ଉଦାହରଣ ଭାବେ ବ୍ୟବହାର କରିଅଛନ୍ତି । ସେଗୁଡ଼ିକ ଆଉ ପାପର କର୍ତ୍ତୃତ୍ୱାଧିନ ନୁହେଁ ।
- ''ଆଉ ଜୀବନ କାଟିବା'' ଏହା ଆକ୍ଷରିକ ଭାବେ ହେଉଛି ''ଚାଲିବା'' । ଏହି ଉଦାହରଣ ଆମ୍ଭମାନଙ୍କର ହୁଏତ ବିଶ୍ୱାସର ଜୀବନଶୈଳୀ କିଅବା ପାପର ଜୀବନ ଶୈଳୀକୁ ଗୁରୁତ୍ୱ ଦେବାଲାଗି ବ୍ୟବହାର କରାଯାଇଅଛି (ଏଫିସୀ ୪:୧, ୫:୨, ୧୫,୪, ଏଫିସୀ ୪:୧୭) । ବିଶ୍ୱାସୀମାନେ ପାପରେ ଆନନ୍ଦିତ ହୋଇପାରିବେ ନାହିଁ !

**୬:୩–୪ ''ବାପ୍ତିଜିତ ହୋଇଅଛ'' ... ''ସମାଧିପ୍ରାପ୍ତ ହୋଇଅଛ''** । ଏହି ଉଭୟ, ଆଓରିଷ୍ଟ କର୍ମକାରକ ସୂଚନାମାନ ଅଟନ୍ତି । ଏହି ବ୍ୟାକରଣିକ ଆକୃତି, ଅନେକ ସମୟରେ ଏଠାରେ ଏକ ବାହ୍ୟ ପ୍ରତିନିଧି, ପବିତ୍ର ଆତ୍ମାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଓ ସାଧନ କରାଯାଇଥିବା ବିଷୟକୁ ଗୁରୁତ୍ୱ ଦେଇଅଛି । ଏହି ଶାସ୍ତ୍ରାଂଶରେ ସେମାନେ ପରସ୍ପରର ସମାନ୍ତର ଅଟନ୍ତି ।

**ବିଶେଷ ପ୍ରସଙ୍ଗ : ବାପ୍ତିସ୍ମ**

କର୍ଟିସ୍ ଭାଉଘାନ, ''ପ୍ରେରିତକ୍ରିୟା''ର ଏକ ଆକର୍ଷଣୀୟ ନିମ୍ନରେ ଦିଆଯାଇଥିବା ଅର୍ଥ ୨୮ ପୃଷ୍ଠାରେ ଅଛି ।

''ବାପ୍ତିଜିତ''ର ଗ୍ରୀକ୍ ଶବ୍ଦ ହେଉଛି ଏକ ଦ୍ୱିତୀୟ ପୁରୁଷ ବାଧ୍ୟତାମୂଳକ କ୍ରୀୟା । ଏହି ପରିବର୍ତ୍ତନ ଅଧିକ ସିଧା ଦ୍ୱିତୀୟ ପୁରୁଷ ଆଦେଶରୁ ''ବାପ୍ତିଜିତ''ର ସ୍ୱଳ୍ପ ସିଧାସଳଖ ତୃତୀୟ ପୁରୁଷକୁ ହୋଇଥିବାରେ ବୁଝାଏ ଯେ, ପିତରଙ୍କ ମୂଳ ମୁଖ୍ୟ ଦାବି ଅନୁତାପ ନିମନ୍ତେ ଅଟେ ।'' ଏହା ଯୋହନ ଡୁବକ (ବାପ୍ତିଜକ ଯୋହନ) (ମାଥିଉ ୩:୨) ଏବଂ ଯୀଶୁ (ମାଥିଉ ୪:୭)ଙ୍କର ପ୍ରଚାର ଗୁରୁତ୍ୱର ଅନୁଗାମୀ । ଅନୁତାପ ବା ମନପରିବର୍ତ୍ତନ ଏକ ଆତ୍ମିକ କଞ୍ଚ ହେବା ଓ ବାପ୍ତିସ୍ମ ଏହି ଆତ୍ମିକ ପରିବର୍ତ୍ତନରଏକ ବାହ୍ୟ ପ୍ରକାଶ ହେବା ଦେଖାଯାଏ । ନୂତନ ନିୟମ, ଅବାପ୍ତିଜିତ ବିଶ୍ୱାସୀମାନଙ୍କ ବିଷୟ କିଛି ଜାଣି ନ ଥିଲା । ଆଦ୍ୟ ମଣ୍ଡଳୀ ବାପ୍ତିସ୍ମ, ଜନସାଧାରଣଙ୍କ ସମ୍ମୁଖରେ ବିଶ୍ୱାସର ପରିପ୍ରକାଶ ଥିଲା । ଏହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସର ସମସ୍ତଙ୍କ ସମ୍ମୁଖରେ ଖୋଲା ଭାବେ ସ୍ୱୀକାର କରିବାର ଏକ ଅବକାଶ ଅଟେ, ପରିତ୍ରାଣର ସକାଶେ ନିର୍ମାଣ କୌଶଳ ନୁହେଁ ! ଏହା ସ୍ମରଣ କରିବା ଆବଶ୍ୟକ ଯେ ବାପ୍ତିସ୍ମ ପିତରଙ୍କ ଦ୍ୱିତୀୟ ଉପଦେଶରେ ପ୍ରକାଶ କରା ନ ଯାଇ ମନଫେରଣ ଉପରେ କୁହାଯାଇଅଛି । (୩:୧୯, ଲୂକ ୨୪:୧୭) । ବାପ୍ତିସ୍ମ ଯୀଶୁଙ୍କ ଦ୍ୱାରା ଏକ ଆଦର୍ଶ ପ୍ରଦାନ କରାଯାଇଥିଲା (ମାଥିଉ ୩:୧୩-୧୮) । ବାପ୍ତିସ୍ମ ଯୀଶୁଙ୍କର ଆଦେଶ ଥିଲା (ମାଥିଉ ୨୮:୨୯) । ପରିତ୍ରାଣ ପାଇଁ ବାପ୍ତିସ୍ମର ପ୍ରୟୋଜନୀୟତାର ଆଧୁନିକ ପ୍ରଶ୍ନ ନୂତନ ନିୟମରେ ଶିକ୍ଷା ଦିଆଯାଇ ନ ଥିଲା, ସମସ୍ତ ବିଶ୍ୱାସୀମାନେ ବାପ୍ତିଜିତ ହେବାକୁ ଅପେକ୍ଷା କରାଯାଉଥିଲା । ଯାହାବି ହେଉ, ଜଣେ ଏକ ବିଧିଗତ ପ୍ରଣାଳୀ ବିରୁଦ୍ଧରେ ମଧ୍ୟ ଜଗିରହିବା ଉଚିତ୍ । ପରିତ୍ରାଣ ହେଉଛି ଏକ ବିଶ୍ୱାସର ବିଷୟ, ଏକ ଯଥାର୍ଥ-ସ୍ଥାନ, ଯଥାର୍ଥ-ବାକ୍ୟସମୂହ-ଯଥାର୍ଥ-ରୀତିନୀତି ବିଷୟକ ନୁହେଁ ।

- **''ଖ୍ରୀଷ୍ଟଙ୍କଠାରେ'' ''ଏଇସ୍''** ଶବ୍ଦ (ଠାରେ) ମାଥିଉ ୨୮:୧୯ର ମହାନ୍ ଆଦେଶ ସହିତ ସମାନ, ଯେଉଁଠାରେ ବିଶ୍ୱାସୀମାନେ ''ଏଇସ୍''(ଠାରେ) ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ ହେଲେ । ୧ କରିନ୍ଥୀ ୧୨:୧୩ରେ ଖ୍ରୀଷ୍ଟଙ୍କ ଶରୀର ମଧ୍ୟକୁ ଆତ୍ମାଙ୍କ ଦ୍ୱାରା ବିଶ୍ୱାସୀମାନେ ବାପ୍ତିଜିତ ହେଉଥିଲେ ବୋଲି ବର୍ଣ୍ଣନା କରିବାକୁ ବ୍ୟବହୃତ ହୋଇଅଛି । ଏହି ଶାସ୍ତ୍ରାଂଶରେ ''ଏଇସ୍'' ୧୧ ପଦରେ ଥିବା ଏନ୍ (ଖ୍ରୀଷ୍ଟଙ୍କଠାରେ) ସହିତ ସମାନ, ଯାହା ପାଉଲଙ୍କର, ବିଶ୍ୱାସୀମାନଙ୍କୁ ଚିହ୍ନିତ କରିବାର ସର୍ବାପେକ୍ଷା ଆଦରଣୀୟ ଉପାୟ ଅଟେ । ଏହା ଆନୁସଙ୍ଗିକ ଅବସ୍ଥାର ଏକ ସୂଚନା ଅଟେ । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କଠାରେ ବଞ୍ଚନ୍ତି ଓ ଗତିକରନ୍ତି ଏବଂ ସେମାନଙ୍କ ସ୍ଥିତି ଲାଭ କରନ୍ତି । ଏହି ଅବ୍ୟୟପଦ ଏହି ଘନିଷ୍ଠ ମିଳନ, ଏହି ସହଭାଗିତାର ଆନୁସଙ୍ଗିକ ଅବସ୍ଥାର ଏହି ଦ୍ରାକ୍ଷାଲତା ଓ ଶାଖାର ସମ୍ପର୍କ ପ୍ରକାଶ କରେ । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ସହିତ ଚିହ୍ନିତ ଓ ସଂଯୁକ୍ତ ହୁଅନ୍ତି (୬,୮:୧୭ ପଦ) । ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନରେ, (୫ପଦ) ଈଶ୍ୱରଙ୍କ ପ୍ରତି ଆଜ୍ଞାବହ ସେବା ଓ ତାହାଙ୍କ ରାଜ୍ୟରେ ।
- **''ତାହାଙ୍କ ମରଣରେ ... ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଅଛ''** ପୂର୍ଣ୍ଣ ଡୁବିତ ବାପ୍ତିସ୍ମ ମୃତ୍ୟୁ ଓ ସମାଧିସ୍ଥ ହେବା ନିର୍ଦ୍ଦଶନ ପ୍ରକାଶ କରେ (୫ ପଦ ଓ କଲସୀ ୨୧୨) । ଯୀଶୁ ବାପ୍ତିସ୍ମକୁ ତାହାଙ୍କ ନିଜ ମୃତ୍ୟୁ ସକାଶେ ଏକ ସାଦୃଶ୍ୟ ରୂପେ ବ୍ୟବହାର କଲେ (ମାର୍କ ୧୦:୩୮,୩୯, ଲୂକ ୧୨:୫୦) । ଏଠାରେ ବାପ୍ତିସ୍ମର ମୂଳତତ୍ତ୍ୱ ଉପରେ ଗୁରୁତ୍ୱ ନ ଦିଆଯାଇ ଖ୍ରୀଷ୍ଟିୟାନର ନୂତନ, ଘନିଷ୍ଠ ସମ୍ପର୍କ ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ସମାଧି ସହିତ ଥିବା ଉପରେ ଗୁରୁତ୍ୱ ଦିଆଯାଇଛି । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ବାପ୍ତିସ୍ମ ସହିତ, ତାହାଙ୍କର ଚରିତ୍ର ସହିତ, ତାହାଙ୍କ ବଳିଦାନ ସହିତ ଓ ତାହାଙ୍କ କାର୍ଯ୍ୟ ସହିତ ଆପଣାକୁ ଚିହ୍ନିତ କରନ୍ତି ବିଶ୍ୱାସୀମାନଙ୍କ ଉପରେ ପାପର କୌଣସି କ୍ଷମତା ନାହିଁ !

  ***୬:୪ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ'',*** ଏହି ଅଧ୍ୟାୟରେ, ପାଉଲଙ୍କ ଲେଖାଗୁଡ଼ିକର ସମସ୍ତ ଚାରିତ୍ରିକଗୁଣ ସମ ସେ ଅନେକ ''ସନ୍'' (ସହିତ) ଏକତ୍ରୀକରଣ (ଯଥା : ଏଫିସୀ ୨:୫-୬ ତିନି) ବ୍ୟବହାର କରନ୍ତି ।

  ୧. ସନ୍ + ଥାପ୍ଟୋ = ଏକତ୍ର ସମାଧି ପ୍ରାପ୍ତ (୧୪ ପଦ, କଲସୀ ୨:୧୨ ଓ ୮ ମଧ୍ୟ ଲକ୍ଷ୍ୟ କର

  ୨. ସନ୍ + ଫୁଓ = ଏକତ୍ର ରୋପିତ ୫ ପଦ

  ୩. ସନ୍ + ସ୍ଟାଉରୋଓ = ଏକତ୍ର କୃଷାର୍ପିତ ୬ ପଦ, ଗାଲାତୀ ୨:୨୦

  ୪. ସନ୍ + ଯାଓ = ଏକତ୍ର ସ୍ଥିତି ଲାଭ ୮ ପଦ, ୨ ତୀମଥି ୨:୧୧ (ଏକତ୍ର ମୃତ୍ୟୁଭୋଗ କଲେ ଏବଂ ଏକତ୍ର ରାଜତ୍ୱ ମଧ୍ୟ କଲେ)
- **''ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ''** ଏହା ଏକ ଆଓରିଷ୍ଟସ କ୍ରୀୟ ସମ୍ଭାବନାର୍ଥକ କ୍ରିୟା । ପରିତ୍ରାଣର ଅପେକ୍ଷା କରାଯାଇଥିବା ଫଳ ହେଉଛି ପବିତ୍ରୀକରଣ । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ଦ୍ୱାରା ଯେହେତୁ ଈଶ୍ୱରଙ୍କ ଅନୁଗ୍ରହ ପ୍ରାପ୍ତ ହେଲେ ଓ ଆତ୍ମା ସେମାନଙ୍କ ମଧ୍ୟରେ ବାସ କଲେ, ସେମାନଙ୍କ ଜୀବନ ଭିନ୍ନ ହେବା ଉଚିତ । ଆମ୍ଭମାନଙ୍କ ନୂତନ ଜୀବନ (ଯୋଏ) ଆମ୍ଭମାନଙ୍କୁ ପରିତ୍ରାଣ ଆଣିଦିଏ ନାହିଁ ମାତ୍ର ଏକ ପରିତ୍ରାଣର ଫଳ ଅଟେ (୧୬,୧୯, ୮:୪, ୧୩:୧୩, ୧୪:୧୫ ଏବଂ ଏଫିସୀ ୧:୪, ୨:୮-୯,୧୦, ଯାକୁବ ୨:୧୪-୨୬) । ଏହା ହୁଏତ ଏହା ନଚେତ୍ ତାହା ପ୍ରଶ୍ନ, ବିଶ୍ୱାସ ବା କାର୍ଯ୍ୟ ନୁହେଁ, ମାତ୍ର ସେଠାରେ ଏକ ଅନୁକ୍ରମିକ ଶୃଙ୍ଖଳା ଅଛି ।

**ବିଶେଷ ପ୍ରସଙ୍ଗ : ପବିତ୍ରୀକରଣ**

ନୂତନ ନିୟମ ସାବ୍ୟସ୍ତ କରେ ଯେ ଯେତେବେଳେ ପାପୀମାନେ ଅନୁତାପ ଓ ବିଶ୍ୱାସରେ ଯୀଶୁଙ୍କ ପ୍ରତି ଫେରନ୍ତି ସେମାନେ ସେହି ମୁହୂର୍ତ୍ତରେ ଧାର୍ମିକ ଗଣିତ ଓ ପବିତ୍ରୀକୃତ ହୁଅନ୍ତି । ଏହା ସେମାନଙ୍କର ଖ୍ରୀଷ୍ଟଙ୍କଠାରେ ନୂତନ ସ୍ଥାନ ଅଟେ । ତାହାଙ୍କ ଧାର୍ମିକତା ସେମାନଙ୍କଠାରେ ଦିଆଯାଇଅଛି (ରୋମୀୟ ୪) । ସେମାନେ ଯଥାର୍ଥ ଓ ପବିତ୍ର (ଈଶ୍ୱରଙ୍କ ଏକ ଭେଷଜ କାର୍ଯ୍ୟ) ବୋଲି ଘୋଷିତ ହେଲେ ।

ନୂତନ ନିୟମ ମଧ୍ୟ ବିଶ୍ୱାସୀମାନଙ୍କୁ ପବିତ୍ରତା ବା ପବିତ୍ରୀକରଣ ପ୍ରତି ଜରୁରୀ ଆବଶ୍ୟକତା ଦର୍ଶାଏ । ଏହା ଯୀଶୁ ଖ୍ରୀଷ୍ଟଙ୍କ ପାରମାର୍ଥିକ ସ୍ଥାନରେ ସମ୍ପୂର୍ଣ୍ଣ ଶେଷ କାର୍ଯ୍ୟ ଏବଂ ଦୈନନ୍ଦିନ ଜୀବନରେ ମନୋବୃତ୍ତି ଓ କାର୍ଯ୍ୟରେ ଶିଶୁ ପରି ହେବାକୁ ଏକ ଆହ୍ୱାନ ଏହି ଅଟେ । ଯେପରି ପରିତ୍ରାଣ ଏକ ବିନାମୂଲ୍ୟର ଦାନ ଏବଂ ଏକ ସମସ୍ତ ବିଷୟ ବା ସର୍ବସ୍ୱ ଜୀବନ ଶୈଳୀ, ସେହିପରି ପବିତ୍ରୀକରଣ ଅଟେ ।

| **ପ୍ରାରମ୍ଭିକ ପ୍ରତ୍ୟୁତ୍ତର** | **ଏକ ଅଗ୍ରଗତିରେ ଖ୍ରୀଷ୍ଟ ସଦୃଶ ଜୀବନ** |
|---|---|
| ପ୍ରେରିତ ୨୦:୨୩, ୨୬:୨୮ | ରୋମୀୟ ୬:୧୯ |
| ରୋମୀୟ ୧୫:୧୬ | ୨ କରିନ୍ଥୀ ୭:୧ |
| ୧ କରିନ୍ଥୀ ୧:୨-୩, ୬:୧୧ | ଏଫିସୀ ୧:୪,୨:୧୦ |
| ୨ ଥେସଲନିକୀ ୨:୧୩ | ୧ ଥେସଲନିକି ୩:୧୩, ୪:୩-୪,୭,୫:୨୩ |
| ଏବ୍ରୀ ୨:୧୧, ୧୦:୧୦, ୧୪, ୧୩:୧୨ | ୧ ତୀମଥି ୨:୧୫ |
| ୧ ପିତର ୧:୧୨ | ୨ ତୀମଥି ୨:୨୧ |
| | ଏବ୍ରୀ ୧୨:୧୪ |
| | ୧ ପିତର ୧:୧୫-୧୬ |

▣ **''ଜୀବନର ନୂତନତା''** ଏହା ପରିମାଣରେ ''ନୂତନ'', କେବଳ ସମୟରେ ନୂତନ ନୁହେଁ । ମଶୀହ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣନ୍ତି ବୋଲି କହିବାକୁ ନୂତନ ନିୟମରେ ବିଭିନ୍ନ ଉପାୟରେ ଏହା ବ୍ୟବହୃତ ହୋଇଅଛି । ଏହା ଯିଶାଇୟ ୪୦-୪୬ର ନୂତନ ଯୁଗ ଅଟେ ।

୧. ନୂତନ ପ୍ରତିଜ୍ଞା ବା ଚୁକ୍ତି ଲୂକ ୨୨:୨୦, ୧ କରିନ୍ଥୀ ୧୧:୨୫, ୨ କରିନ୍ଥୀ ୩:୬, ଏବ୍ରୀ ୮:୮,୧୩, ୯:୧୫
୨. ନୂତନ ଆଜ୍ଞା, ଯୋହନ ୧୩:୩୪, ୧ ଯୋହନ ୨:୭,୮, ୨ ଯୋହନ ୫ ପଦ
୩. ନୂତନ ସୃଷ୍ଟି, ୨ କରିନ୍ଥୀ ୫:୧୭, ଗାଲାତୀ ୬:୧୫
୪. ଜୀବନର ନୂତନତା ରୋମୀ ୬:୪
୫. ଆତ୍ମାଙ୍କ ନୂତନତା ରୋମୀ ୭:୬
୬. ନୂତନ ମାନବ, ଏଫିସୀ ୨:୧୫,୪:୨୪
୭. ନୂତନ ସ୍ୱର୍ଗ ଓ ପୃଥିବୀ ୨ ପିତର ୩:୧୩, ପ୍ରକାଶିତ ୨୧:୧ (ଯିଶାଇୟ ୬୬:୨୨) ।
୮. ନୂତନ ନାମ ପ୍ରକାଶିତ ୨:୧୭, ୩:୧୨ (ଯିଶାଇୟ ୬୨:୨)
୯. ନୂତନ ଯିରୂଶାଲମ ପ୍ରକାଶିତ ୩:୧୨, ୨୧:୨
୧୦. ନୂତନ ଗୀତ ପ୍ରକାଶିତ ୫:୯, ୧୪:୩ (ଯିଶାଇୟ ୪୨:୧୦)

▣ **''ଖ୍ରୀଷ୍ଟ ପୁନରୁତ୍ଥିତ ହେଲେ''** ଏହି ଶାସ୍ତ୍ରାଂଶରେ ପିତାଙ୍କ ଦ୍ୱାରା ଗ୍ରହଣ କରାଯିବା ଏବଂ ପୁତ୍ରଙ୍କ ବାକ୍ୟର ଓ କାର୍ଯ୍ୟରୁ ସମର୍ଥନ ଦୁଇଟି ବୃହତ (ମହାନ) ଘଟଣାରେ ପ୍ରକାଶିତ ହୋଇଅଛି ।

୧. ମୃତ୍ୟୁରୁ ଯୀଶୁଙ୍କର ପୁନରୁତ୍ଥାନ
୨. ପିତାଙ୍କ ଦକ୍ଷିଣ ପାର୍ଶ୍ୱକୁ ଯୀଶୁଙ୍କ ଉର୍ଦ୍ଧ୍ୱଗମନ ।

ତ୍ରିବିଧ ପରମେଶ୍ୱର ସମସ୍ତେ ମୃତ୍ୟୁର ସ୍ତରରୁ ଯୀଶୁଙ୍କୁ ଉତ୍ଥିତ କରିବାରେ ଅନ୍ତର୍ଭୁକ୍ତ । ୯ ପଦ ଓ ୮:୧୧ ପଦରେ ଥିବା ସମ୍ପୂର୍ଣ୍ଣ ଟିପ୍‌ପଣୀ ଦେଖ ।

▣ **''ପିତାଙ୍କ ଗୌରବ''** ''ଗୌରବ'' ପାଇଁ ୩:୨୩ରେ ବିଶେଷ ପ୍ରସଙ୍ଗ ଦେଖ । ''ପିତା''ଙ୍କ ପାଇଁ ୧:୭ରେ ବିଶେଷ ପ୍ରସଙ୍ଗ ଦେଖ ।

**୬:୫ ''ଯଦି''** ଏହା ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହାକି ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ପାଇଁ ସତ୍ୟ ବୋଲି ଜଣାପଡ଼େ । ପାଉଲ ତାଙ୍କ ପାଠକଗଣ ବିଶ୍ୱାସୀସମୂହ ବୋଲି ପରିକଳ୍ପନା କଲେ ।

▣ **''ଆମ୍ଭେମାନେ ତାହାଙ୍କ ସହିତ ଏକୀଭୂତ ହୋଇଅଛୁ''** ଏହା ଏକ ସିଦ୍ଧ ସକ୍ରୀୟ ସୂଚନା ଯାହା ଅନୁବାଦିତ ହୋଇପାରେ, ଏକତ୍ର ସଂଯୁକ୍ତ ହୋଇ ଆସିଅଛୁ ଓ ହେବାରେ ଲାଗିରହିଛୁ କିଅବା ଏକତ୍ର ତାହାଙ୍କ ସହିତ ରୋପିତ ହୋଇଆସିଅଛୁ ଓ ହେବାରେ ଲାଗିରହିଛୁ ।'' ଏହି ସତ୍ୟ ଯୋହନ ୧୫ରେ ପାରମାର୍ଥିକ ଭାବେ ଦୃଷ୍ଟାନ୍ତ ସ୍ୱରୂପ ଘେରି ରହିଅଛି । ଯଦି ବିଶ୍ୱାସୀମାନେ ଯୀଶୁଙ୍କ ମୃତ୍ୟୁ ସହିତ ଏକୀଭୂତ (ଚିହ୍ନିତ) ହୋଇ ଆସିଛନ୍ତି (ଗାଲାତୀ ୨:୧୯-୨୦, କଲସୀ ୨:୨୦, ୩:୩-୫) । ପାରମାର୍ଥିକ ଭାବେ ସେମାନେ ତାହାଙ୍କ ପୁନରୁତ୍ଥିତ ଜୀବନ ସହିତ ଚିହ୍ନିତ ହେବା ଉଚିତ୍ (୧୦ ପଦ) ।

ବାପ୍ତିସ୍ମର ମୃତ୍ୟୁ ରୂପେ ସାଦୃଶ୍ୟତା'ର ବିଷୟ ଏହା ଦର୍ଶାଇବାକୁ ବୁଝାଏ
୧. ଆମ୍ଭେମାନେ ପୁରାତନ ଜୀବନ, ପୁରାତନ ନିୟମ ବା ଚୁକ୍ତି ପ୍ରତି ମୃତ ହୋଇଅଛୁ ।
୨. ଆମ୍ଭେମାନେ ନୂତନ ଆତ୍ମା, ନୂତନ ନିୟମ ବା ଚୁକ୍ତି ପ୍ରତି ଜୀବିତ ଅଟୁ ।
ଖ୍ରୀଷ୍ଟିୟ ବାପ୍ତିସ୍ମ ସେଥି ସକାଶେ ବାପ୍ତିଜକ ଯୋହନଙ୍କ ବାପ୍ତିସ୍ମ ପରି ସମାନ ନୁହେଁ, ଯେକି ପୁରାତନ ନିୟମର ଶେଷ ଭବିଷ୍ୟତ୍ ବକ୍ତା ଥିଲେ । ବାପ୍ତିସ୍ମ ଥିଲା ନୂତନ ବିଶ୍ୱାସୀମାନଙ୍କ ବିଶ୍ୱାସର ସର୍ବ ସାକ୍ଷାତରେ ସ୍ୱୀକାର କରିବା ପାଇଁ ଆଦ୍ୟମଣ୍ଡଳୀର ସୁଯୋଗ ପ୍ରଦାନ । ଭୁବନ ପ୍ରାର୍ଥୀ ଦ୍ୱାରା ଏହି ବାକ୍ୟ ''ମୁଁ ଯୀଶୁଙ୍କୁ ପ୍ରଭୁ ବୋଲି ବିଶ୍ୱାସ କରେ'' ଥରକୁ ଥର ଉଚ୍ଚାରଣ କରିବାକୁ ହେଉଥିଲା ସବୁଠାରୁ ପୁରାତନ ବାପ୍ତିସ୍ମ ପ୍ରଥାରେ (ରୋମୀ ୧୦:୯-୧୩) । ଏହି ସର୍ବସାକ୍ଷାତରେ ସ୍ୱୀକାର ଏକ ନିୟମ ଖସଡ଼ା, ପୂର୍ବେ ଯାହା ଜୀବନ ଅନୁଭୂତି ମଧ୍ୟରେ ଘଟିଯାଇ ଥିଲା ତାହାର ବିଧିବିଧାନ ଥିଲା । ବାପ୍ତିସ୍ମ ପାପକ୍ଷମା, ପରିତ୍ରାଣ କିଅବା ଆତ୍ମାଙ୍କ ଆଗମନର କୌଶଳ ନ ଥିଲା ମାତ୍ର ସେମାନଙ୍କର ସର୍ବ ସାକ୍ଷାତରେ ପ୍ରଦର୍ଶନ ଓ ସ୍ୱୀକାରର ସମୟ ଥିଲା (ପ୍ରେରିତ ୨:୩୮) । ଯାହାବି ହେଉ, ଏଥିରେ କୌଣସି ପସନ୍ଦ କରିବା ବିଷୟ ନ ଥିଲା । ଯୀଶୁ ଏହା କରିବାକୁ ଆଦେଶ ଦେଲେ (ମାଥିଉ ୨୮:୧୯-୨୦) ଏବଂ ଏହାର ଆଦର୍ଶ ଦେଖାଇଲେ (ମାଥିଉ ୩, ମାର୍କ ୧, ଲୂକ ୩) ଏବଂ ଏହା ପ୍ରେରିତିକ ଉପଦେଶମାନ ଓ କାର୍ଯ୍ୟପଦ୍ଧତି ବା କାର୍ଯ୍ୟକ୍ରମର ଅଂଶ ବିଶେଷରେ ପରିଣତ ହେଲା ।

*୬:୬*

**ଏନ୍ ଏ ଏସ୍ ବି** **''ଆମ୍ଭମାନଙ୍କର ପୁରାତନ ସ୍ୱଭାବ (ପୁରୁଷ) ଯେ ତାହାଙ୍କ ସହିତ କ୍ରୁଶାର୍ପିତ ହୋଇଅଛି, ଏହା ତ ଆମ୍ଭେମାନେ ଜାଣୁ ।''**
**ଏନ୍ କେ ଜେ ଭି** **''ଆମ୍ଭମାନଙ୍କର ପୁରାତନ ସ୍ୱଭାବ (ପୁରୁଷ) ଯେ ତାହାଙ୍କ ସହିତ କ୍ରୁଶାର୍ପିତ ହୋଇଅଛି, ଏହା ତ ଆମ୍ଭେମାନେ ଜାଣୁ ।''**
**ଏନ୍ ଆର ଏସ୍ ଭି** **''ଆମ୍ଭେମାନେ ଜାଣୁ ଯେ, ଆମ୍ଭମାନଙ୍କର ପୁରାତନ ପୁରୁଷ ତାହାଙ୍କ ସହିତ କ୍ରୁଶାର୍ପିତ ହୋଇଅଛି ।''**
**ଟି ଇ ଭି** **''ଆହୁରି ଆମ୍ଭେମାନେ ଏହା ଜାଣୁ : ଆମ୍ଭମାନଙ୍କର ପୁରାତନ ପୁରୁଷ ଖ୍ରୀଷ୍ଟଙ୍କ ସହିତ ତାହାଙ୍କ କ୍ରୁଶ ଉପରେ ମୃତ୍ୟୁଭୋଗ କରିଅଛି ।''**
ଏନ୍ ଜେ ବି ''ଆମ୍ଭେମାନେ ଉପଲବ୍ଧି କରିବା ଉଚିତ ଯେ ଆମ୍ଭମାନଙ୍କ ପୂର୍ବତନ ପୁରୁଷ ତାହାଙ୍କ ସହିତ କ୍ରୁଶାର୍ପିତ ହୋଇ ସାରିଅଛି ।
ଏହା ଏକ ଆଓରିଷ୍ଟ କର୍ମକାରକ ସୂଚନା ବୁଝାଏ, ''ଆମ୍ଭମାନଙ୍କର ପୁରାତନ ପୁରୁଷ, ଆତ୍ମାଙ୍କ ଦ୍ୱାରା ଥରକେ ସବୁଦିନ ପାଇଁ କ୍ରୁଶାର୍ପିତ ହୋଇ ସାରିଅଛି ।'' କର୍ମବାଚ୍ୟ ସ୍ୱର୍ଗୀୟ ପ୍ରତିନିଧିତ୍ୱ ପ୍ରକାଶ କରେ । ଏହି ସତ୍ୟ ଜୟଯୁକ୍ତ ଖ୍ରୀଷ୍ଟିୟ ଜୀବନଯାପନ କରିବା ସକାଶେ କଷ୍ଟକର ଅଟେ । ବିଶ୍ୱାସୀମାନେ ପାପ ପ୍ରତି ସେମାନଙ୍କ ନୂତନ ସମ୍ପର୍କ ଉପଲବ୍ଧି କରିବା ଉଚିତ (ଗାଲାତୀୟ ୨:୨୦, ୬:୧୪) । ମାନବ ଜାତିର ପୁରାତନ ପତିତ ସ୍ୱଭାବ (ପୁରୁଷ) ବା (ଆଦମୀୟ ସ୍ୱଭାବ) ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁଭୋଗ କରିଅଛି (୭ ପଦ, ଏଫିସୀ ୪:୨୨ ଓ କଲସୀ ୨:୯) । ବିଶ୍ୱାସୀ ଭାବରେ ପାପ ବିଷୟରେ ଆମ୍ଭମାନଙ୍କର ବର୍ତ୍ତମାନ ଏକ ପସନ୍ଦ (ମନୋନୟନ) ଅଛି ଯେପରି ଆଦମ ଆଦ୍ୟରେ କରିଥିଲେ ।

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେଭି** **''ଯେପରି ଆମ୍ଭମାନଙ୍କ ପାପର ଶରୀର ବିନଷ୍ଟ ହୋଇପାରେ''**
**ଏନ୍ ଆର ଏସ୍ ଭି** **''ଏଥିପାଇଁ ଯେପରି ପାପର ଶରୀର ବିନଷ୍ଟ ହୋଇପାରେ ।''**
**ଟିଇଭି** **''ପାପପୂର୍ଣ୍ଣ ପୁରୁଷ (ସ୍ୱଭାବ) ବିନଷ୍ଟ ହୋଇପାରିବା ସକାଶେ ।''**
**ଏନ୍ ଜେ ବି** **''ପାପପୂର୍ଣ୍ଣ ଶରୀରକୁ ବିନଷ୍ଟ କରିବାକୁ''**

ପାଉଲ ''ଶରୀର'' (ସୋମା) ଶବ୍ଦ ବିଭିନ୍ନ ଆଦ୍ୟ (ପୁରାତନ) ଖଣ୍ଡବାକ୍ୟ ଦ୍ୱାରା ବ୍ୟବହାର କରନ୍ତି ।
୧. ପାପର ଶରୀର ରୋମୀ ୬:୬
୨. ଏହି ମୃତ୍ୟୁର ଶରୀର ରୋମୀ ୭:୨୪
୩. ଏହି ମାଂସର ଶରୀର କଲସୀ ୨:୧୧

ପାଉଲ ପାପର ଏହି ଯୁଗର ଶାରୀରିକ ଜୀବନ ଓ ବିଦ୍ରୋହ ବିଷୟରେ କହୁଅଛନ୍ତି । ଯୀଶୁଙ୍କ ନୂତନ ପୁନରୁତ୍ଥାନ ଶରୀର, ଧାର୍ମିକତାର ନୂତନ ଯୁଗର ଶରୀର ଅଟେ (୨ କରିନ୍ଥୀ ୫:୧୭) । ଶାରୀରିକତା ଏକ ସମସ୍ୟା ନୁହେଁ, ମାତ୍ର ସମସ୍ୟା ହେଉଛି ପାପ ଓ ବିଦ୍ରୋହତା । ଶରୀର ମନ୍ଦ ନୁହେଁ । ଖ୍ରୀଷ୍ଟ ଧର୍ମ, ଅନନ୍ତ କାଳରେ ଏକ ଶରୀରରେ ବିଶ୍ୱାସ କରିବାକୁ ଗୁରୁତ୍ୱ ଦିଏ (୧ କରିନ୍ଥୀ ୧୫) । ଯାହାବି ହେଉ, ଏହି ଶାରୀରିକ ଶରୀର ପ୍ରଲୋଭନ, ପାପ ଓ ପୁରାତନ ସ୍ୱଭାବ ଯୁଦ୍ଧକ୍ଷେତ୍ର ଅଟେ ।
ଏହା ହେଉଛି ଏକ ଆଓରିଷ୍ଟ କର୍ମବାଚକ ସମ୍ଭାବନାର୍ଥକ କ୍ରିୟା । ''ବିନଷ୍ଟ ହେବା ସକାଶେ'' ଖଣ୍ଡ ବାକ୍ୟ ।
''କାର୍ଯ୍ୟ କରିବାକୁ ଅକ୍ଷମ କରିଦେବା''କୁ ବୁଝାଏ ଓ ଶକ୍ତିହୀନ ବା ଅଫଳନ୍ତି କରି ଦେବାକୁ ବୁଝାଏ, ଧ୍ୱଂସ କରିଦେବାକୁ ନୁହେଁ, ଏହା ପାଉଲଙ୍କର ଅତି ପ୍ରିୟ ଶବ୍ଦ, ପଚିଶ ଥରରୁ ଅଧିକ ବ୍ୟବହୃତ ହୋଇଅଛି । ବିଶେଷ ପ୍ରସଙ୍ଗ ଦେଖ : କର୍ମ ଅକ୍ଷମ ଏବଂ ଶୂନ୍ୟ (କାଟାରଗେଓ) ୩:୩ ପଦରେ । ଆମ୍ଭମାନଙ୍କ ଶାରୀରିକ ଶରୀର ନୈତିକ ଭାବେ ନିରପେକ୍ଷ, ମାତ୍ର ଚାଲୁ ରହିଥିବା ଆଧ୍ୟାତ୍ମିକ ବିବାଦ (ସଂଘର୍ଷ) ନିମନ୍ତେ ଏହା ମଧ୍ୟ ଯୁଦ୍ଧ କ୍ଷେତ୍ର ଅଟେ (୧୨-୧୩, ୫:୧୨-୨୧, ୧୨:୧-୨) ।
***୬:୭ ''ଯେ ମରିଅଛି ସେ ପାପରୁ ମୁକ୍ତ ହୋଇଅଛି''*** ଏହା ଏକ ଆଓରିଷ୍ଟ ସକ୍ରୀୟ କର୍ମକାରକ ଓ ସିଦ୍ଧ କର୍ମକାରକ ସୂଚନା, ଏହା ବୁଝାଏ ''ଯେ ମୃତ ହୋଇଅଛି ସେ ପାପରୁ ମୁକ୍ତି ହୋଇ ଆସିଅଛି ଓ ହେବାରେ ଲାଗିରହିଛି ।'' ବିଶ୍ୱାସୀମାନେ ଯେହେତୁ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି ଅଟନ୍ତି, ସେମାନେ ପାପର ଦାସତ୍ୱରୁ ଓ ଆଦମର ପତନରୁ ଉତ୍ତରାଧିକାର ରୂପେ ପାଇଥିବା ପୁରାତନ ସ୍ୱଭାବରୁ ମୁକ୍ତ ହୋଇ ଆସିଅଛନ୍ତି ଓ ହେବାରେ ଲାଗି ରହିଛନ୍ତି (୭:୧-୬) ।

ଯେଉଁ ଗ୍ରୀକ୍ ଶବ୍ଦ ଏଠାରେ ''ମୁକ୍ତ'' ବୋଲି ଅନୁବାଦିତ ହୋଇଅଛି, ପ୍ରାରମ୍ଭିକ ଅଧ୍ୟାୟ ମାନଙ୍କରେ ଅନ୍ୟ ସ୍ଥାନରେ ''ଧାର୍ମିକଗଣିତ'' ବୋଲି ଅନୁବାଦ କରାଯାଇଛି (ଏ ଏସ୍ ଭି) । ଏହି ଶାସ୍ତ୍ରାଂଶ ''ମୁକ୍ତ'' (ଏନ୍ କେ ଜେଭି, ଏନ୍ ଆର୍ ଏସ୍ ଭି) ଅଧିକ ଅର୍ଥ ପ୍ରକାଶ କରେ (ପ୍ରେରିତ ୧୩:୩୯ରେ ଏହାର ବ୍ୟବହାର ସହିତ ସମାନ) । ସ୍ମରଣ ରଖ, ଶାସ୍ତ୍ରାଂଶ ଶବ୍ଦ ଅର୍ଥ ସ୍ଥିର କରେ । ଏକ ଅଭିଧାନ ବା କୌଶଳୀ ସଜ୍ଞା ପ୍ରସ୍ତୁତ ଦ୍ୱାରା ଅର୍ଥ ନିର୍ଦ୍ଧାରଣ କରାଯାଏ ନାହିଁ ।

ଶବ୍ଦଗୁଡ଼ିକର କେବଳ ବାକ୍ୟ ଗୁଡ଼ିକରେ ଓ ବାକ୍ୟ ଗୁଡ଼ିକର କେବଳ ପାରାଗ୍ରାଫ୍ ଗୁଡ଼ିକରେ ଅର୍ଥ ଅଛି

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୬:୮-୧୧**

**୮''କିନ୍ତୁ ଆମ୍ଭେମାନେ ଯଦି ମରିଅଛୁ, ତାହାହେଲେ ଆମ୍ଭେମାନେ ଯେ ତାହାଙ୍କ ସହିତ ମଧ ବଞ୍ଚିବା, ଏହା ଆମ୍ଭେମାନେ ବିଶ୍ୱାସ କରୁ ।**
**୯ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଉଥାପିତ ହେବାରୁ ଯେ ଆଉ କେବେ ମରିବେ ନାହିଁ, ଏହା ତ ଆମ୍ଭେମାନେ ଜାଣୁ, ତାହାଙ୍କ ଉପରେ ମୃତ୍ୟୁର ଆଉ କର୍ତ୍ତୃତ୍ୱ ନାହିଁ ।** **୧୦କାରଣ ସେ ଯେଉଁ ମୃତ୍ୟୁଭୋଗ କଲେ, ତଦ୍ଦ୍ୱାରା ସେ ଏକାଥରେ ପାପ ପ୍ରତି ମୃତ ହେଲେ, କିନ୍ତୁ ସେ ଯେଉଁ ଜୀବନରେ ଜୀବିତ, ସେଥିରେ ସେ ଈଶ୍ୱରଙ୍କ ପ୍ରତି ଜୀବିତ ଅଟନ୍ତି ।** **୧୧ସେହି ପ୍ରକାରେ ତୁମ୍ଭେମାନେ ମଧ ଆପଣା ଆପଣାକୁ ପାପ ପ୍ରତି ମୃତ, କିନ୍ତୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଥାଇ ଈଶ୍ୱରଙ୍କ ପ୍ରତି ଜୀବିତ ବୋଲି ଗଣନା କର ।''**

**୬:୮ ''ଯଦି''** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହା ଲେଖକଙ୍କ ଦୃଷ୍ଟି କୋଣରୁ ବା ସାହିତ୍ୟିକ ଉଦ୍ଦେଶ୍ୟଗୁଡ଼ିକରୁ ସତ୍ୟ ହେବାକୁ ବିବେଚିତ । ବିଶ୍ୱାସୀମାନଙ୍କର ବାପ୍ତିସ୍ମ ଦୃଶ୍ୟ ଭାବରେ ଖ୍ରୀଷ୍ଟଙ୍କ ସହିତ ଜଣକର ମୃତ୍ୟୁର ଦୃଷ୍ଟାନ୍ତ ପ୍ରଦର୍ଶିତ କରେ ।

▣ ''ଆମ୍ଭେମାନେ ତାହାଙ୍କ ସହିତ ମଧ ବଞ୍ଚିବା'' ଏହି ଶାସ୍ତ୍ରାଂଶ ଏକ ''ଏଠାରେ ଓ ବର୍ତ୍ତମାନ'' ପରିଚୟ ଦାବି କରେ (୧ ଯୋହନ ୧:୭) ଏକ ପୃଥକୀକୃତ ଭବିଷ୍ୟତ୍ ପ୍ରସ୍ତୁତି ନୁହେଁ । ୫ ପଦ ଖ୍ରୀଷ୍ଟଙ୍କ ମୃତ୍ୟୁରେ ଆମର ଅଂଶଗ୍ରହଣ ବିଷୟ କହେ ଯେତେବେଳେ ୮ ପଦ ତାହାଙ୍କ ଜୀବନରେ ଆମର ଅଂଶଗ୍ରହଣ ବିଷୟ କହେ । ଏହା ହେଉଛି ସମାନ ଚିନ୍ତା ଯାହା ଈଶ୍ୱରଙ୍କ ରାଜ୍ୟ ବିଷୟରେ ବାଇବଲ ବିଶ୍ୱାସରେ ଆସିଅଛି । ଏଠାରେ ଓ ବର୍ତ୍ତମାନ, ଏହା ଉଭୟ ଅଟେ, ତଥାପି ଭବିଷ୍ୟତ୍ ବିଷୟ ଅଟେ । ବିନାମୂଲ୍ୟର ଅନୁଗ୍ରହ ଆତ୍ମସଂଯମ ଉତ୍ପନ୍ନ କରେ, ଅନୁମତି ପ୍ରଦାନ କରେ ନାହିଁ ।

**୬:୯ ''ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଉଥାପିତ ହେବାରୁ''** ଏହା ଏକ ଆଓରିଷ୍ଟ କର୍ମକାରକ ପଦ (୬:୪ ଆଓରିଷ୍ଟ କର୍ମକାରକ ସୂଚନା ଦେଖ)

ନୂତନ ନିୟମ ଦୃଢ଼ରୂପେ ପ୍ରକାଶ କରେ ଯେ ତ୍ରିବିଧ ପରମେଶ୍ୱରଙ୍କ ତିନି ବ୍ୟକ୍ତି ସମସ୍ତେ ଯୀଶୁଙ୍କ ପୁନରୁତ୍ଥାନ ସକ୍ରୀୟ ଥିଲେ

୧. ପବିତ୍ର ଆତ୍ମା (ରୋମୀ ୮:୧୧)
୨. ପୁତ୍ର (ଯୋହନ ୨:୧୯-୨୨, ୧୦:୧୭-୧୮)
୩. ସର୍ବାପେକ୍ଷା ଅଧିକଥର, ପିତା (ପ୍ରେରିତ ୨:୨୪-୩୨, ୩:୧୫,୨୬, ୪:୧୦, ୫:୩୦, ୧୦:୪୦, ୧୩:୩୦,୩୩,୩୪,୩୭, ୧୭:୩୧, ରୋମୀ ୬:୪,୯) ।

ପିତାଙ୍କ କାର୍ଯ୍ୟକଳାପସବୁ, ଯୀଶୁଙ୍କ ଜୀବନ, ମୃତ୍ୟୁ ଓ ଶିକ୍ଷାସମୂହର ସୁଗ୍ରାହ୍ୟ ହେବା ବିଷୟ ଦୃଢ଼ିଭୂତ କରେ । ଏହା ପ୍ରେରିତମାନଙ୍କ ଆଦ୍ୟ ପ୍ରଚାରର ଏକ ମୁଖ୍ୟ ବିଷୟ ଥିଲା । ବିଶେଷ ପ୍ରସଙ୍ଗ ଦେଖ : ୧:୨ରେ କରିବେ ।

▣

| | |
|---|---|
| **ଏନ୍ ଏସ୍ ବି** | **''ତାହାଙ୍କ ଉପରେ ମୃତ୍ୟୁ ଆଉ କର୍ତ୍ତା ନୁହେଁ''** |
| **ଏନ୍ କେ ଜେଭି,ଏନ୍ ଆର ଏସ୍ ଭି** | **''ତାହାଙ୍କ ଉପରେ ମୃତ୍ୟୁର ଆଉ କର୍ତ୍ତୃତ୍ୱ ନାହିଁ''** |
| **ଟିଇଭି** | **''ତାହାଙ୍କ ଉପରେ ମୃତ୍ୟୁ ଆଉ ଶାସନ କରିବ ନାହିଁ''** |
| **ଏନ୍ ଜେ ଭି** | **''ତାହାଙ୍କ ଉପରେ ମୃତ୍ୟୁର ଶକ୍ତି ଆଉ କେବେ ସୁଦ୍ଧା ନାହିଁ''** |

କ୍ରିୟାପଦ କୁରିଏଉଓ, କୁରିଓସ୍ (ଯଥା : ପ୍ରଭୁ) ଶବ୍ଦରୁ ଆସିଅଛି, ଯାହା ''ମାଲିକ'' ''ଗୁରୁ'', ''ସ୍ୱାମୀ'' ବା ପ୍ରଭୁଙ୍କୁ ବୁଝାଏ । ଯୀଶୁ ବର୍ତ୍ତମାନ ମୃତ୍ୟୁ ଉପରେ ପ୍ରଭୁ ଅଟନ୍ତି (ପ୍ରକାଶିତ ୧:୧୮) । ଯୀଶୁ ପୁନରୁତ୍ଥାନର ପ୍ରଥମ ଫଳ ଅଟନ୍ତି । କେତେକ ଲୋକ ଅଛନ୍ତି ।

୧. ଜୀବିତାବସ୍ଥାରେ ସ୍ୱର୍ଗକୁ ନୀତ ହେଲେ (ଯଥା : ଅର୍ନ୍ତହିତ ହେଲେ ହନୋକ, ଏଲିୟ)
୨. ଶାରୀରିକ ଜୀବନକୁ ଫେରାଇ ଅଣାଗଲା (ଯଥା : ପୁର୍ନଜିବିତ ହେଲା)

ଯୀଶୁ ଥିଲେ କେବଳ ଜଣେ ମାତ୍ର, ଯାହାଙ୍କର ଏକ ନୂତନ ଯୁଗର ଶରୀରରେ ପୁନଃରୁତ୍ଥାନ ହୋଇଥିଲା । ଯୀଶୁ ହେଉଛନ୍ତି ମୃତ୍ୟୁର ଶକ୍ତି ଭଗ୍ନ କରିବା ସକାଶେ ପ୍ରଥମ ବ୍ୟକ୍ତି ଅଟନ୍ତି (୧ କରିନ୍ଥୀ ୧୫) ।

**୬:୧୦ ''କାରଣ ସେ ଯେଉଁ ମୃତ୍ୟୁଭୋଗ କଲେ, ତଦ୍ଦ୍ୱାରା ସେ ଏକାଥରେ ପାପ ପ୍ରତି ମୃତ ହେଲେ'',** ଯୀଶୁ ଏକ ପାପ ପୂର୍ଣ୍ଣ ଜଗତରେ ବାସ କଲେ, ଯଦ୍ୟପି ସେ କେବେହେଲେ ପାପ କରି ନ ଥିଲେ, ପାପ ପୂର୍ଣ୍ଣ ଜଗତ ତାହାଙ୍କୁ କ୍ରୁଶାର୍ପିତ କଲା (ଏବ୍ରୀ ୧୦:୧୦) । ମାନବ ଜାତିର ପକ୍ଷରେ ଯୀଶୁଙ୍କର ପ୍ରତିବଦଳିଆ ମୃତ୍ୟୁ, ବ୍ୟବସ୍ଥାର ପ୍ରୟୋଜନୀୟତାମାନ ଓ ସେସବୁ ଉପରେ ପରିଣାମ ସବୁକୁ ଖାରଜ ବା ମୂଲ୍ୟହୀନ କରିଦେଲା (ଗାଲାତୀ ୩:୧୩, କଲସୀ ୨:୧୩-୧୪) ।

▣ **''ଏକାଥରେ ସମସ୍ତଙ୍କ ନିମନ୍ତେ''** ଏହି ଶାସ୍ତ୍ରାଂଶରେ ପାଉଲ ଯୀଶୁଙ୍କ କ୍ରୁଶାର୍ପଣରେ ଗୁରୁତ୍ୱ ଦେଇଅଛନ୍ତି । ତାହାଙ୍କ ଗୋଟିଏ ଥରର ମୃତ୍ୟୁ ପାପ ନିମନ୍ତେ, ତାହାଙ୍କ ଅନୁଗାମୀମାନଙ୍କ ପାପ ପ୍ରତି ମୃତ ହେବାକୁ ପ୍ରଭାବିତ କଲା ।
ଏବ୍ରୀ ପୁସ୍ତକ ମଧ ଯୀଶୁଙ୍କର ଥରେ କରିଥିବା ସ୍ୱାର୍ଥତ୍ୟାଗର ମୃତ୍ୟୁଭୋଗର ଶୀର୍ଷତାକୁ ଗୁରୁତ୍ୱ ଦିଏ । ଏହି ଏକ ଥରର ପରିତ୍ରାଣ ଓ କ୍ଷମାଦାନ କାର୍ଯ୍ୟ ସବୁଦିନ (ଚୀରକାଳ) ପାଇଁ ଥରେ ସାଧିତ ହେଲା । ସମସ୍ତଙ୍କ ନିମନ୍ତେ (ହାପାକ୍ସା) ୬:୪, ୯:୭,୨୬,୨୭,୨୮,୧୦:୨, ୧୨:୨୬,୨୭) ଏହା ହେଉଛି ପୁନଃ ସଂଘଟିତ, ସାଧନ କରାଯାଇଥିବା ସ୍ୱାର୍ଥତ୍ୟାଗର ସତ୍ୟତାର ଘୋଷଣା ।

▣ **''କିନ୍ତୁ ସେ ଯେଉଁ ଜୀବନରେ ଜୀବିତ''**, ସେଥିରେ ସେ ଈଶ୍ୱରଙ୍କ ପ୍ରତି ଜୀବିତ ଅଟନ୍ତି, ୧୦ ପଦରେ ଦୁଇଟ ଆଓରିଷ୍ଟ, ଦୁଇଟି ବର୍ତ୍ତମାନ କ୍ରିୟାଶୀଳ ସୂଚନାଗୁଡ଼ିକର ବିରୋଧ କଲେ ୧୦ପଦ (ଖ)ରେ । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁଭୋଗ କଲେ, ବିଶ୍ୱାସୀମାନେ ଈଶ୍ୱରଙ୍କ ପାଇଁ ଖ୍ରୀଷ୍ଟଙ୍କ ମାଧମରେ ବଞ୍ଚିଛନ୍ତି (ଗାଲାତୀ ୨:୧୯-୨୦) । ସୁସମାଚାରର ଲକ୍ଷ୍ୟ କେବଳ ପାପକ୍ଷମା ନୁହେଁ (ଧାର୍ମିକଗଣନା) ମାତ୍ର ଈଶ୍ୱରଙ୍କ ପ୍ରତି ସେବା କରିବା (ପବିତ୍ରୀକରଣ) । ବିଶ୍ୱାସୀମାନେ ସେବା କରିବାକୁ ପରିତ୍ରାଣପ୍ରାପ୍ତ ଅଟନ୍ତି !

▣ **୬:୧୧ ''ସେହି ପ୍ରକାରେ ତୁମ୍ଭେମାନେ ମଧ ଆପଣା ଆପଣାକୁ ପାପ ପ୍ରତି ମୃତ... ବୋଲି ଗଣନା କର ।''** ଏହା ଏକ ବର୍ତ୍ତମାନ ମଧବର୍ତ୍ତୀ (କ୍ରିୟାବାଚକ) ଅତ୍ୟାବଶ୍ୟକ ବିଷୟ । ଏହା ଏକ ଚାଲୁ ରହିଥିବା, ଅଭ୍ୟାସଗତ ଆଦେଶ ବିଶ୍ୱାସୀମାନଙ୍କ ପାଇଁ ଅଟେ । ଖ୍ରୀଷ୍ଟିୟାନମାନଙ୍କର ଆପଣାମାନଙ୍କ ସପକ୍ଷରେ ଖ୍ରୀଷ୍ଟଙ୍କ କାର୍ଯ୍ୟର ଜ୍ଞାନ, ଦୈନନ୍ଦିନ ଜୀବନ ପାଇଁ କଷ୍ଟକର । ''ବିବେଚନା'' ଶବ୍ଦ (୪:୪,୯) ଏକ ଗଣନାତ୍ମକ ଶବ୍ଦ, ଯାହା ''ଯତ୍ନ ସହକାରେ ଏହା ଯୋଗ କରିବା'' ଏବଂ ସେହି ଜ୍ଞାନ ଉପରେ କାର୍ଯ୍ୟ କରିବାକୁ ବୁଝାଏ । ୧-୧୧ ପଦ ଖ୍ରୀଷ୍ଟଙ୍କଠାରେ ଜଣକର ସ୍ଥାନ ବା ପଦକୁ ସମର୍ଥନ କରି ସ୍ୱୀକାର କରେ (ସ୍ଥାନ ସମ୍ବନ୍ଧୀୟ ପବିତ୍ରୀକରଣ), ଯେତେବେଳେ ୧୨-୧୨ ତାହାଙ୍କଠାରେ ଗମନ କରିବାକୁ ଗୁରୁତ୍ୱ ଦିଏ (ଅଗ୍ରସର ହେଉଥିବା ପବିତ୍ରୀକରଣ) ୪ ପଦରେ ବିଶେଷ ପ୍ରସଙ୍ଗ ଦେଖ ।

▣

**ଏନ୍ ଏ ଏସ୍ ବି, ଏନ୍ ଆର୍ ଏସ୍ ଭି**
**ଟି ଇ ଭି, ଏନ୍ ଜେ ବି** **''ଖ୍ରୀଷ୍ଟ ଯୀଶୁ''**
**ଏନ୍ କେ ଜେ ଭି** **''ଖ୍ରୀଷ୍ଟ ଯୀଶୁ ଆମ୍ଭମାନଙ୍କ ପ୍ରଭୁ''**

ଏମ୍ ଏସ୍ ଏସ୍ ପି ରେ କ୍ଷୁଦ୍ରାକାର ପଠନ ଅଛି, ଏ ବି, ଡି, ଏଫ୍ ଜି । ୟୁ ବି ଏସ୍ ଏହାକୁ ''କ'' ମୂଲ୍ୟ (ନିଶ୍ଚିତ) ପ୍ରଦାନ କରେ । ବିସ୍ତାରିତ ଖଣ୍ଡବାକ୍ୟ ଆଦ୍ୟରେ (ଏମ୍ ଏସ୍ ଏମ୍ ପି ୯୪ ଏନ୍ ସି) ଅଛି । ମାତ୍ର ୨୩ ପଦରୁ ଏକ ଶାସ୍ତ୍ରୀଙ୍କ ଦ୍ୱାରା ସମ୍ଭବତ ଗଣନା କରାଯାଉଥିଲା । ଶାସ୍ତ୍ରାଂଶର ବିଭିନ୍ନତାର ବିଶାଳ ସଂଖ୍ୟକତା ପରି, ଏହା ଶାସ୍ତ୍ରାଂଶର ଅର୍ଥରେ ଅତି କମ୍ ଭିନ୍ନତା ସୃଷ୍ଟି କରେ ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୬:୧୨-୧୪**
**୧୨ଅତଏବ ପାପ ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରରେ ରାଜତ୍ୱ ନ କରୁ, ତାହା କଲେ ତୁମ୍ଭେମାନେ ସେଥିର କୁଅଭିଳାଷଗୁଡ଼ିକର ବଶବର୍ତ୍ତୀ ହେବ, ୧୩ କିମ୍ବା ଆପଣା ଆପଣା ଅଙ୍ଗପ୍ରତ୍ୟେଙ୍ଗକୁ ଅଧାର୍ମିକତା ଅସ୍ତ୍ରଶସ୍ତ୍ର ରୂପେ ପାପ ନିକଟରେ ସମର୍ପଣ କର ନାହିଁ, କିନ୍ତୁ ମୃତମାନଙ୍କ ମଧ୍ୟରୁ ଜୀବିତ ହେଲାପରି ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର । ପୁଣି ଆପଣା ଆପଣା ଅଙ୍ଗ ପ୍ରତ୍ୟେଙ୍ଗକୁ ଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ଈଶ୍ୱରଙ୍କ ନିକଟରେ ସମର୍ପଣ କର । ୧୪କାରଣ ପାପ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବ ନାହିଁ । ଯେଣୁ ତୁମ୍ଭେମାନେ ବ୍ୟବସ୍ଥାର ଅଧୀନ ନୁହଁ ମାତ୍ର ଅନୁଗ୍ରହର ଅଧୀନ ଅଟ ।''**

**୬:୧୨ ''ଅତଏବ ପାପ ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରରେ ରାଜତ୍ୱ ନ କରୁ ।''** ଏହା ଏକ ବର୍ତ୍ତମାନ ସକ୍ରୀୟ ଅତ୍ୟାବଶ୍ୟକ ବିଷୟ ଅଟେ ବିପରୀତ ବା ନାସ୍ତିବାଚକ ବିଷୟ ସହିତ, ଯାହା ସାଧାରଣତଃ କାର୍ଯ୍ୟରତ ବିଷୟକୁ ଅଟକାଇବାକୁ ଉଦ୍ଦୀଷ୍ଟ ।
''ରାଜତ୍ୱ'' ଶବ୍ଦ ୫:୧୭-୨୧ ଓ ୬:୨୩ ସହିତ ସମ୍ପୃକ୍ତ । ପାଉଲ ବିଭିନ୍ନ ପାରମାର୍ଥିକ ଚିନ୍ତାକୁ ବ୍ୟକ୍ତିତ୍ୱ ପ୍ରଦାନ କରନ୍ତି ।

୧. ମୃତ୍ୟୁ ରାଜା ରୂପେ ରାଜତ୍ୱ କଲା ୫:୧୪,୧୭,୬,୨୩
୨. ଅନୁଗ୍ରହ ରାଜା ରୂପେ ରାଜତ୍ୱ କଲା (୫:୨୧)
୩. ପାପ ରାଜା ରୂପେ ରାଜତ୍ୱ କଲା (୬:୧୨,୧୪)

ପ୍ରକୃତ ପ୍ରଶ୍ନ ହେଉଛି, କିଏ ତୁମ ଜୀବନରେ ରାଜତ୍ୱ କରୁଅଛି ? ବିଶ୍ୱାସୀର ମନୋନୀତ କରିବାର ଶକ୍ତି ଖ୍ରୀଷ୍ଟଙ୍କଠାରେ ଅଛି । ବ୍ୟକ୍ତି ବିଶେଷ, ସ୍ଥାନୀୟ ମଣ୍ଡଳୀ ଓ ଈଶ୍ୱରଙ୍କ ରାଜ୍ୟ ପାଇଁ ଦୁଃଖର ବିଷୟ ହେଉଛି, ଯେତେବେଳେ ବିଶ୍ୱାସୀମାନେ ଅନୁଗ୍ରହ ଦାବୀ କରୁଥିବା ସମୟରେ ସୁଦ୍ଧା ସ୍ୱାର୍ଥକୁ ଓ ପାପକୁ ମନୋନୀତ କରନ୍ତି ।
ବିଶେଷ ପ୍ରସଙ୍ଗ ଦେଖ : ୫:୧୭,୧୮ ପଦରେ ଈଶ୍ୱରଙ୍କ ରାଜ୍ୟରେ ରାଜତ୍ୱ କରିବା
**୬:୧୩ ''ଆପଣା ଆପଣାର ଅଙ୍ଗ ପ୍ରତ୍ୟେଙ୍ଗକୁ... ପାପ ନିକଟରେ ସମର୍ପଣ କର ନାହିଁ ।''** ଏହା ହେଉଛି ଏକ ବର୍ତ୍ତମାନ ସକ୍ରୀୟ ଅତ୍ୟାବଶ୍ୟକ ବିଷୟ ନାସ୍ତିବାଚକ ନିର୍ଦ୍ଦିଷ୍ଟ ବିଷୟ ସହିତ, ଯାହା କି ସାଧାରଣତଃ କାର୍ଯ୍ୟରତ ଏକ ବିଷୟର ଗତିରୋଧ କରିବାକୁ ବୁଝାଏ । ଏହା ବିଶ୍ୱାସୀମାନଙ୍କ

ଜୀବନରେ ପାପ କରିବାରେ ଲାଗି ରହିବା ପାଇଁ ଅନ୍ତର୍ନିହିତ ଗୁଣ ଦର୍ଶାଇଥାଏ (୬:୧, ୧ ଯୋହନ ୧:୮-୨:୧) । ମାତ୍ର ବିଶ୍ୱାସୀର ଖ୍ରୀଷ୍ଟଙ୍କ ସହିତ ନୂତନ ସମ୍ପର୍କ ୧-୧୧ ପଦରେ ପାପ କରିବାର ଆବଶ୍ୟକତାକୁ ବାତାଡ଼ିତ କରାଯାଇଅଛି ।

▣ **''ଅସ୍ତ୍ରଶସ୍ତ୍ର ରୂପେ''** ଏହି ଶବ୍ଦ (ହୋପ୍‌ଲୋନ୍) ଏକ ''ସୈନିକର ଅସ୍ତ୍ରଶସ୍ତ୍ର''କୁ ବୁଝାଇଲା (୧୩:୧୨, ଯୋହନ ୧୮:୩, ୨ କରିନ୍ଥୀ ୬:୭, ୧୦:୪) । ଆମ୍ଭମାନଙ୍କ ଶାରୀରିକ ଶରୀର ହେଉଛି ପ୍ରଲୋଭନ ପାଇଁ ଯୁଦ୍ଧ କ୍ଷେତ୍ର (୧୨-୧୩, ୧୨:୧-୨, ୧ କରିନ୍ଥୀ ୬:୨୦, ଫିଲିପ୍ପୀ ୧:୨୦) । ଆମ୍ଭମାନଙ୍କ ଜୀବନମାନ ସର୍ବ ସମକ୍ଷରେ ସୁସମାଚାର ପ୍ରଦର୍ଶନ କରେ,

▣ **''ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର''** ଏହା ଏକ ଆଓରିଷ୍ଟ ସକ୍ରୀୟ ଅତ୍ୟାବଶ୍ୟକୀୟ ବିଷୟ, ଯାହା ଏକ ନିଷ୍ପତ୍ତିମୂଳକ କାର୍ଯ୍ୟ ପାଇଁ ଆହ୍ୱାନ ଥିଲା (୧୨:୧) । ବିଶ୍ୱାସୀମାନେ ବିଶ୍ୱାସ ଦ୍ୱାରା ପରିତ୍ରାଣରେ ଏହା କରନ୍ତି, ମାତ୍ର ସେମାନଙ୍କ ଜୀବନବ୍ୟାପୀ ଏହା କରିବାରେ ଲାଗି ରହିବା ଉଚିତ ।

ଏହି ପଦର ସମାନ୍ତର ଗତି ଲକ୍ଷ୍ୟ କର

୧. ସମାନ କ୍ରିୟା ଏବଂ ଉଭୟ ଅତ୍ୟାବଶ୍ୟକୀୟ

୨. ଯୁଦ୍ଧ ଦୃଷ୍ଟାନ୍ତମାନ

 କ. ଅଧାର୍ମିକତାର ଅସ୍ତ୍ରଶସ୍ତ୍ର

ଖ. ଧାର୍ମିକତାର ଅସ୍ତ୍ରଶସ୍ତ୍ର

୩. ବିଶ୍ୱାସୀମାନେ ସେମାନଙ୍କର ଶରୀର ସବୁକୁ ପାପ ନିକଟରେ କିଅବା ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିପାରନ୍ତି । ସ୍ମରଣ ରଖ୍ ଏହି ପଦ ବିଶ୍ୱାସୀମାନଙ୍କୁ ବୁଝାଉଛି - ପସନ୍ଦ କରିବା ଲାଗିରହେ, ଯୁଦ୍ଧ ଲାଗି ରହେ (୬:୧୨,୧୯, ୧ କରିନ୍ଥୀ ୬:୧୮-୧୯, ଏଫିସୀ ୬:୧୦-୧୮) ।

**୬:୧୪ ''କାରଣ ପାପ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବ ନାହିଁ''** ଏହା ଏକ ଭବିଷ୍ୟତ୍ ପାଇଁ ସକ୍ରୀୟ ସୂଚନା (ଗୀତ ୧୯:୧୩) ଏକ ଅତି ଆବଶ୍ୟକୀୟ ଭାବରେ କାର୍ଯ୍ୟ କରୁଅଛି, ''ପାପ ତୁମ୍ଭମାନଙ୍କ ଉପରେ କର୍ତ୍ତା ହେବ ନାହିଁ ।'' ପାପ, ବିଶ୍ୱାସୀମାନଙ୍କ ଉପରେ କର୍ତ୍ତା ନୁହେଁ କାରଣ ଏହା ଖ୍ରୀଷ୍ଟଙ୍କ ଉପରେ କର୍ତ୍ତା ନୁହେଁ (୯ପଦ, ଯୋହନ ୧୬:୩୩ ପଦ) ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୬:୧୫-୧୯**

**[୧୫]''ଆମ୍ଭେମାନେ ଯେ ବ୍ୟବସ୍ଥାର ଅଧୀନ ନୋହୁଁ, ମାତ୍ର ଅନୁଗ୍ରହର ଅଧୀନ ଅଟୁ, ଏଥି ନିମନ୍ତେ କି ପାପ କରିବା ? ତାହା କେବେ ହେଁ ନ ହେଉ । ମୃତ୍ୟୁଜନକ ପାପ କିମ୍ବା ଧାର୍ମିକତା ଜନକ ଆଜ୍ଞାବହତା, ଏହା ମଧ୍ୟରୁ ଯାହା ନିକଟରେ ତୁମ୍ଭେମାନେ ଆଜ୍ଞାବହ ହେବା ନିମନ୍ତେ ଆପଣା ଆପଣାକୁ ଦାସ ରୂପେ ସମର୍ପଣ କର ଅର୍ଥାତ୍ ଯାହାର ଆଜ୍ଞା ପାଳନ କର, ତାହାର ଯେ ତୁମ୍ଭେମାନେ ଦାସ ଅଟ, ଏହା କଅଣ ଜାଣ ନାହିଁ ? କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ, ଯେଉଁମାନେ କି ପୂର୍ବରେ ପାପର ଦାସ ଥିଲ, ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିରେ ଆଜ୍ଞାବହ ହୋଇଅଛ, ପୁଣି ପାପରୁ ମୁକ୍ତ ହୋଇ ଧାର୍ମିକତାର ଦାସ ହୋଇଅଛ ।**
**[୧୯]ତୁମ୍ଭମାନଙ୍କ ମାନବୀୟ ଦୁର୍ବଳତା ହେତୁ ମୁଁ ମନୁଷ୍ୟ ଭାବରେ କହୁଅଛି, ତୁମ୍ଭେମାନେ ଯେପରି ଅଧର୍ମ ନିମନ୍ତେ ଆପଣା ଆପଣା ଅଙ୍ଗପ୍ରତ୍ୟଙ୍ଗକୁ ଅଶୁଚିତା ଓ ଅଧର୍ମ ନିକଟରେ ଦାସ ରୂପେ ସମର୍ପଣ କରିଥିଲ ସେହିପରି ଏବେ ଆପଣା ଆପଣା ଅଙ୍ଗ ପ୍ରତ୍ୟେଙ୍ଗକୁ ଧାର୍ମିକତା ନିକଟରେ ଦାସରୂପେ ସମର୍ପଣ କର ।''**

**୬:୧୫** ଏହି ଦ୍ୱିତୀୟ ସାମ୍ଭାବ୍ୟ ପ୍ରଶ୍ନ (ଭତ୍ସନା) ୬:୧ ସହିତ ସମାନ । ପାପ ସହିତ ଖ୍ରୀଷ୍ଟିୟାନର ସମ୍ପର୍କ ବିଷୟରେ ପ୍ରଶ୍ନଗୁଡ଼ିକର ଉଭୟ ଭିନ୍ନ ଉତ୍ତର ଦିଅନ୍ତି । ୧ ପଦ ଅନୁଗ୍ରହ ସହିତ ସମ୍ପୃକ୍ତ, ପାପ ପାଇଁ ଏକ ଅନୁମତି ପତ୍ର ରୂପେ ବ୍ୟବହୃତ ହୋଇ ନାହିଁ, ଯେତେବେଳେ ୧୫ ପଦ, ପାପର ବ୍ୟକ୍ତିଗତ କାର୍ଯ୍ୟଗୁଡ଼ିକ ବିରୁଦ୍ଧରେ ଖ୍ରୀଷ୍ଟିୟାନର ଯୁଦ୍ଧ କରିବା, ପ୍ରତିରୋଧ କରିବା ଆବଶ୍ୟକ, ଏ ବିଷୟ ପ୍ରକାଶ କରେ । ଆହୁରି ମଧ୍ୟ ଏକା ସମୟରେ ବିଶ୍ୱାସୀ ବର୍ତ୍ତମାନ ସମାନ ଆଗ୍ରହରେ ଈଶ୍ୱରଙ୍କ ସେବା କରିବା ଉଚିତ ଯେଉଁ ପ୍ରକାରେ ସେ ପାପର ସେବା ପୂର୍ବ ସମୟରେ କରୁଥିଲା (୬:୧୪) ।

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେଭି**

| | |
|---|---|
| **ଟି ଇ ଭି** | **''ଆମ୍ଭେମାନେ ପାପ କରିବା କି ?''** |
| **ଏନ୍ ଆର ଏସ୍ ଭି** | **''ଆମ୍ଭେମାନେ ପାପ କରିବା ଉଚିତ୍ କି ?''** |
| **ଏନ୍ ଜେ ବି** | **''ଯେପରି ଆମ୍ଭେମାନେ ପାପ କରିବାକୁ ମୁକ୍ତ ଅଟୁ'' ।** |

ଉଇଲିଅମ୍ ଓ ଫିଲିପ ଅନୁବାଦ, ଉଭୟ ଏହା ଅନୁବାଦ କରେ, ଆଓରିଷ୍ଟ ସକ୍ରୀୟ ଅତ୍ୟାବଶ୍ୟକୀୟ ବିଷୟକୁ ୧ ପଦ ସହିତ ସମାନ ଏକ ବର୍ତ୍ତମାନ ସକ୍ରୀୟ ଆତ୍ୟାବଶ୍ୟକ ବିଷୟ ରୂପେ । ଏହା ଉପଯୁକ୍ତ ଲକ୍ଷ୍ୟ ନୁହେଁ, ପ୍ରତିବଦଳ ଅନୁବାଦମାନ ଲକ୍ଷ୍ୟ କର ।

୧. କେ ଜେ ଭି, ଏ ଏସ୍ ଭି, ଏନ୍ ଆଇ ଭି - ''ଆମ୍ଭେମାନେ ପାପ କରିବା କି'' ?

୨. ଶତବାର୍ଷିକୀ ଅନୁବାଦ - ''ଆମ୍ଭେମାନେ ପାପର ଏକ କାର୍ଯ୍ୟ କରିବା କି ?''

୩. ଆର ଏସ୍ ଭି - ''ଆମ୍ଭମାନଙ୍କୁ ପାପ କରିବାକୁ ହେବ କି ?''

ଏହି ପ୍ରଶ୍ନ ଗ୍ରୀକ୍‌ରେ ଗୁରୁତ୍ୱ ଦିଆଯାଇଅଛି ଏବଂ ଏକ ''ହଁ'' ଉତ୍ତର ଅପେକ୍ଷା କଲା । ଏହା ପାଉଲଙ୍କର ସତ୍ୟ ଜଣାଇବାକୁ (ଯୋଗାଯୋଗ କରିବାକୁ) ଉସନା ପ୍ରଣାଳୀ ଥିଲା । ଏହି ପଦ ଭୁଲ ପରମାର୍ଥ ଶିକ୍ଷା ପ୍ରକାଶ କରେ ! ପାଉଲ ତାଙ୍କର ''ଏହା କେବେ ହେଁ ନ ହେଉ'' ଚାରିତ୍ରିକ ଗୁଣ ଦ୍ୱାରା ଉତ୍ତର ଦେଲେ । ପାଉଲଙ୍କର ଈଶ୍ୱରଙ୍କ ବିନାମୂଲ୍ୟର ସମ୍ପୂର୍ଣ୍ଣ ସ୍ୱାଧୀନ ଅନୁଗ୍ରହ ବିଷୟକ ସୁସମାଚାର ଭୁଲ ବୁଝାମଣା କରାଗଲା ଓ ଅନେକ ମିଥ୍ୟା ଶିକ୍ଷକମାନଙ୍କ ଦ୍ୱାରା ଅପବ୍ୟବହାର କରାଗଲା ।

**୬:୧୬ ପ୍ରଶ୍ନଟି ''ହଁ''** ଉତ୍ତର ଅପେକ୍ଷା କରେ । ମାନବଗଣ କୌଣସି ବିଷୟ ବା କୌଣସି ବ୍ୟକ୍ତିର ସେବା କରେ । ତୁମ ଜୀବନରେ କିଏ ରାଜତ୍ୱ କରେ ? ପାପ ବା ଈଶ୍ୱର ? ଯାହାର ମାନବଗଣ ଆଜ୍ଞାବହ ହୁଅନ୍ତି, ଦର୍ଶାଏ ଯେ ସେମାନେ କାହାର ସେବା କରନ୍ତି (ଗାଲାତୀୟ ୬:୭-୮)

**୬:୧୭ ''ଈଶ୍ୱରଙ୍କର ଧନ୍ୟବାଦ ହେଉ''** ପାଉଲ ଅନେକ ସମୟରେ ଈଶ୍ୱରଙ୍କ ପ୍ରଶଂସା କରିବା ମଧ୍ୟକୁ ବାହାରି ଥାଆନ୍ତି ତାହାଙ୍କ ଲେଖାଗୁଡ଼ିକ ତାହାଙ୍କ ପ୍ରାର୍ଥନା ଗୁଡ଼ିକରୁ ପ୍ରବାହିତ ହୁଏ ଏବଂ ତାହାଙ୍କ ପ୍ରାର୍ଥନା, ତାଙ୍କର ସୁସମାଚାର ସମ୍ବନ୍ଧୀୟ ଜ୍ଞାନରୁ ଆସେ । ବିଶେଷ ପ୍ରସଙ୍ଗ ଦେଖ : ପାଉଲଙ୍କ ପ୍ରାର୍ଥନା, ପ୍ରଶଂସା ଓ ଈଶ୍ୱରଙ୍କ ପାଇଁ ଧନ୍ୟବାଦ ଅର୍ପଣ ୭:୨୫ରେ ।

▣ **''ତୁମ୍ଭେମାନେ... ତୁମ୍ଭେ ହୋଇଥିଲ''** ଏହା କ୍ରିୟାପଦର ଅସିଦ୍ଧ କାଳ, ''ହେବ'' ଯାହା ସେମାନଙ୍କ ଅତୀତରେ ଥିବା ଅବସ୍ଥା ବର୍ଣ୍ଣିତ (ପାପର ଦାସ) ଏକ ଅଓରିଷ୍ଟ କାଳ ଦ୍ୱାରା ଅନୁଗମନ କରିବାରୁ ସେମାନଙ୍କ ବିଦ୍ରୋହବସ୍ଥା ବନ୍ଦ ହେଲା ।

▣ **''ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ''**, ଏହି ଅଂଶ, ସେମାନଙ୍କ ବିଶ୍ୱାସ ମାଧ୍ୟମରେ ଅନୁଗ୍ରହଦ୍ୱାରା ଧାର୍ମିକ ଗଣନାକୁ ବୁଝାଏ, ଯାହା ପ୍ରତ୍ୟେକ ଦିନ ଖ୍ରୀଷ୍ଟଙ୍କ ସାଦୃଶ୍ୟକୁ କଢ଼ାଇ ନେବା ଉଚିତ ।

''ଶିକ୍ଷା'' ଶବ୍ଦ ପ୍ରେରିତିକ ଶିକ୍ଷା ବା ସୁସମାଚାରକୁ ବୁଝାଏ ।

▣ ''ହୃଦୟ'' ବିଶେଷ ପ୍ରସଙ୍ଗ ଦେଖ : ୧:୨୪ରେ ହୃଦୟ

▣

| | |
|---|---|
| **ଏନ୍ ଏ ଏସ୍ ବି** | **''ଯେଉଁ ଶିକ୍ଷାର ଗଠନରେ ତୁମ୍ଭେମାନେ ସମର୍ପିତ ହୋଇଥିଲ''** |
| **ଏନ୍ କେ ଜେ ଭି** | **''ଯେଉଁ ଶିକ୍ଷାର ଗଠନ ମଧ୍ୟକୁ ତୁମ୍ଭମାନଙ୍କୁ ମୁକ୍ତ କରାଯାଇଥିଲା''** |
| **ଏନ୍ ଆର ଏସ୍ ଭି, ଏନ୍ ଆଇ ଭି** | **''ଯେଉଁ ଶିକ୍ଷାର ଗଠନ ତୁମ୍ଭମାନଙ୍କ ହସ୍ତରେ ସମର୍ପିତ ହେଲା''** |
| **ଟି ଇ ଭି** | **''ତୁମ୍ଭେମାନେ ଲାଭ କରିଥିବା ଶିକ୍ଷାରେ ଯେଉଁ ସତ୍ୟ ମିଳିଲା'' ।** |
| **ଏନ୍ ଜେ ବି** | **''ଯେଉଁ ଶିକ୍ଷାର ପ୍ରଣାଳୀ ସହିତ ତୁମକୁ ପରିଚିତ କରାଯାଇଅଛି ।''** |

ଏହି ଚିନ୍ତା ୧ କରିନ୍ଥୀ ୧୫:୧ ସହିତ ସମାନ୍ତର ଗତିରେ ଅଛି ଏବଂ ଏହି ସୁସମାଚର ଯେଉଁ ସତ୍ୟସମୂହକୁ ବୁଝାଏ ତାହା ଏହି ବିଶ୍ୱାସୀମାନେ ଶୁଣିଥିଲେ ଓ ଗ୍ରହଣ କରିଥିଲେ । ସୁସମାଚାର ହେଉଛି

୧. ଜଣେ ବ୍ୟକ୍ତିକୁ ସ୍ୱାଗତ କରାଯିବ
୨. ସେହି ବ୍ୟକ୍ତି ବିଷୟରେ ସତ୍ୟସମୂହକୁ ବିଶ୍ୱାସ କରାଯିବ
୩. ସେପରି ଏକ ବ୍ୟକ୍ତିର ଜୀବନଯାପନ କରିବ

▣ **''ଗଠନ ବା ଆଦର୍ଶ''** ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ

### ବିଶେଷ ପ୍ରସଙ୍ଗ : ''ଆଦର୍ଶ'' (ଟୁପୋସ୍)

ଟୁପୋସ ଶବ୍ଦ ହେଉଛି ସମସ୍ୟା, ଯାହାର ବିଭିନ୍ନ ପ୍ରକାରର ବ୍ୟବହାର ଅଛି

୧. ମୋଲ୍ଟଲ୍ ଓ ମିଲିମାନଙ୍କଗ୍ରୀକ୍ ନୂତନ ନିୟମର ଶବ୍ଦ ୬୪୫ ପୃଷ୍ଠା
   - କ. ପ୍ରଣାଳୀ
   - ଖ. ଯୋଜନା
   - ଗ. ଲେଖାର ଗଠନ ବା ପଦ୍ଧତି (ବ୍ୟବହାର)
   - ଘ. ନିୟମଶୃଙ୍ଖଳା ବା ପୁନଃଲେଖନ
   - ଙ. ବାକ୍ୟ ବା ସିଦ୍ଧାନ୍ତ
   - ଚ. ସୁସ୍ଥ କରୁଥିବା ଦେବତା ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ନିମନ୍ତେ ମାନବ ଶରୀରର ପ୍ରତିକୃତି ।
   - ଛ. ବ୍ୟବସ୍ଥାର ବାକ୍ୟସମୂହକୁ ପାଳନ କରିବା ଲାଗି ବାଧ୍ୟ କରିବାକୁ ବ୍ୟବହାର କରାଯାଇଥିବା କ୍ରିୟାପଦ ।

୨. ଲୋୟୁ ଏବଂ ନିଡା, ଗ୍ରୀକ୍ – ଇଂରାଜୀ ଲେକ୍ସିକୋନ ବା ଅଭିଧାନ ୨ ଭାଗ ୨୪୯ ପୃଷ୍ଠା
   କ. କ୍ଷତଚିହ୍ନ (ଯୋହନ ୨୦:୨୫)
   ଖ. ପ୍ରତିମୂର୍ତ୍ତୀ (ପ୍ରେରିତ ୭:୪୩)
   ଗ. ଦୃଷ୍ଟାନ୍ତ (ବା) ଛାୟା (ଏବ୍ରୀ ୮:୫)
   ଘ. ଆଦର୍ଶ ବା ଦୃଷ୍ଟାନ୍ତସ୍ୱରୂପ (୧ କରିନ୍ଥୀ ୧୦:୬, ଫିଲିପ୍ପୀ ୩:୧୭)
   ଙ. ସଦୃଶ (ରୋମୀ ୫:୧୪)
   ଚ. ପ୍ରକାରେ (ପ୍ରେରିତ ୨୩:୨୫)
   ଛ. ବିଷୟ ବସ୍ତୁମାନ (ପ୍ରେରିତ ୨୩:୨୫)
୩. ହେରୋଲ୍ଡ କେ ମୋଲ୍ଟନ ବିଶ୍ଳେଷଣାତ୍ମକ ଗ୍ରୀକ୍ ଅଭିଧାନ ପୁନଃସଂକଳନ ୪୧୧ ପୃଷ୍ଠା
   କ. ଏକ ଆଘାତ, ଏକ ଛାପ, ଏକ ଚିହ୍ନ (ଯୋହନ ୨୦:୨୫)
   ଖ. ଏକ ବର୍ଣ୍ଣନା
   ଗ. ମୂର୍ତ୍ତି ବା ପ୍ରତିମା (ପ୍ରେରିତ ୭:୪୩)
   ଘ. ଏକ ଆଦର୍ଶ (ନମୁନା), ଯୋଜନା (ରୋମୀ ୬:୧୭) ।
   ଙ. ଏକ ଆକୃତି (ଦୃଷ୍ଟାନ୍ତ), ବିରୋଧାଆଂଶ (୧ କରିନ୍ଥୀ ୧୦:୬)
   ଚ. ଏକ ସଦୃଶ, ଦୃଷ୍ଟାନ୍ତ (ପ୍ରକାର) (ରୋମୀ ୫:୧୪, ୧ କରିନ୍ଥୀ ୧୦:୧୧)
   ଛ. ଏକ ଆଦର୍ଶ ପ୍ରଣାଳୀ (ପ୍ରେରିତ ୭:୪୪, ଏବ୍ରୀ ୮:୫)
   ଜ. ଏକ ନୈତିକ ପ୍ରଣାଳୀ (ଫିଲିପ୍ପୀ ୩:୧୭, ୧ ଥେସଲ ୧:୭, ୨ ଥେସଲ ୩:୯, ୧ ତୀମଥି ୪:୧୨, ୧ ପିତର ୫:୩)

ଏହି ଶାସ୍ତ୍ରାଂଶରେ ଉର୍ଦ୍ଧ୍ୱସ୍ଥ ଜ ସର୍ବୋତ୍ତମ ମନେହୁଏ, ସୁସମାଚାରର ମୂଳତତ୍ତ୍ୱ ଓ ଜୀବନ ଶୈଳୀ ଉଭୟ ପ୍ରୟୋଗମାନ ଅଛି । ଖ୍ରୀଷ୍ଟଙ୍କଠାରେ ପରିତ୍ରାଣର ବିନାମୂଲ୍ୟରେ ଦାନ ମଧ୍ୟ ଏକ ଖ୍ରୀଷ୍ଟଙ୍କ ପରି ଏକ ଜୀବନ ଦାବି କରେ ।

**୬:୧୮ ''ପାପରୁ ମୁକ୍ତ ହୋଇ''** ଏହା ଏକ ଆଓରିଷ୍ଟ କର୍ମକାରକ କ୍ରିୟା ସମ୍ପାଦିତ । ସୁସମାଚାର ଖ୍ରୀଷ୍ଟଙ୍କ କାର୍ଯ୍ୟ ମାଧ୍ୟମରେ ଆମ୍ଭଙ୍କ ପ୍ରତିନିଧିତ୍ୱ ଦ୍ୱାରା ବିଶ୍ୱାସୀମାନଙ୍କୁ ମୁକ୍ତ କରିଅଛି । ବିଶ୍ୱାସୀମାନେ ପାପର ମୂଲ୍ୟ ପରିଶୋଧ (ଧାର୍ମିକଗଣନା) ଏବଂ ପାପର ଅତ୍ୟାଚାର (ପବିତ୍ରୀକରଣ) ଉଭୟରୁ ମୁକ୍ତ ହେଲେ (୭ ଓ ୨୨ ପଦ) । ଦିନେ ସେମାନେ ପାପର ଉପସ୍ଥିତିରୁ ମୁକ୍ତ (ଗୌରବାନ୍ୱିତ) ହେବେ (୮:୨୯–୩୦) ।

▣ **''ତୁମ୍ଭେମାନେ ଧାର୍ମିକତାର ଦାସ ହୋଇଅଛ''** ଏହା ଏକ ଆଓରିଷ୍ଟ କର୍ମକାରକ ସୂଚନା । ତୁମ୍ଭେମାନେ ଧାର୍ମିକତା ପ୍ରତି ଦାସରେ ପରିଣତ ହୋଇଅଛ । ୧:୧୭ରେ ବିଶେଷ ପ୍ରସଙ୍ଗ ଦେଖ । ବିଶ୍ୱାସୀମାନେ ଈଶ୍ୱରଙ୍କ ସେବା କରିବାକୁ ପାପର ମୁକ୍ତ ହୋଇଅଛନ୍ତି (୧୪,୧୯,୨୨ପଦ, ୭:୪, ୮:୨ ପଦ) । ମୁକ୍ତ ଅନୁଗ୍ରହର ଲକ୍ଷ୍ୟ ହେଉଛି ଏକ ଈଶ୍ୱରପରାୟଣ ଜୀବନ । ଧାର୍ମିକଗଣନ ଏକ ନ୍ୟାୟସଙ୍ଗତ ଉଚ୍ଚାରିତ ଘୋଷଣା ଏବଂ ଏକ ବ୍ୟକ୍ତିଗତ ଧାର୍ମିକତା ପାଇଁ ପ୍ରେରଣା । ଈଶ୍ୱର ଆମ୍ଭମାନଙ୍କୁ ଉଦ୍ଧାର ବା ପରିତ୍ରାଣ କହିବାକୁ ଇଚ୍ଛା କରନ୍ତି ଏବଂ ଅନ୍ୟମାନଙ୍କ ନିକଟରେ ପହଞ୍ଚିବାକୁ ଆମ୍ଭମାନଙ୍କୁ ପରିବର୍ତ୍ତିତ କରିବାକୁ ଚାହାନ୍ତି । ବ୍ୟକ୍ତିଗତ ବିଶ୍ୱାସୀର ପରିତ୍ରାଣ ସହିତ ଅନୁଗ୍ରହ ବନ୍ଦ ହୋଇଯାଏ ନାହିଁ (ମାଥିଉ ୨୮:୧୮–୨୦, ଲୂକ ୨୪:୪୭, ପ୍ରେରିତ ୧:୮) ।

**୬:୧୯ ''ତୁମ୍ଭମାନଙ୍କର ମାନବୀୟ ଦୁର୍ବଳତା ହେତୁ ମୁଁ ମନୁଷ୍ୟ ଭାବରେ କହୁଅଛି ।''** ପାଉଲ ରୋମ୍‌ରେ ଥିବା ବିଶ୍ୱାସୀମାନଙ୍କୁ ସମ୍ବୋଧନ କରୁଅଛନ୍ତି । ସେ ଶୁଣିଥିବା ଏକ ସ୍ଥାନୀୟ ସମସ୍ୟା ବିଷୟ (ଯିହୁଦୀ ବିଶ୍ୱାସୀ ଓ ଅଣଯିହୁଦୀ(ବିଜାତୀ) ବିଶ୍ୱାସୀମାନଙ୍କ ମଧ୍ୟରେ ଇର୍ଷାଭାବ) ଶିକ୍ଷା ଦେଉଛନ୍ତି ବା ସମସ୍ତ ବିଶ୍ୱାସୀମାନଙ୍କ ବିଷୟରେ ଏକ ସତ୍ୟକୁ ସାବ୍ୟସ୍ତ କରୁଅଛନ୍ତି ? ପାଉଲ ଏହି ଖଣ୍ଡବାକ୍ୟକୁ ପୂର୍ବେ ରୋମୀ ୩:୫ରେ ବ୍ୟବହାର କରିଅଛନ୍ତି, ଯେପରି ସେ ଗାଲାତୀୟ ୩:୧୫ରେ କରିଅଛନ୍ତି । ୧୯ ପଦ, ୧୬ ପଦର ସମାନ୍ତରାଳ ବା ଅନୁରୂପ ଅଟେ । ପାଉଲ ତାଙ୍କର ପାରମାର୍ଥିକ ବିଷୟମାନ ଗୁରୁତ୍ୱଦେବା ସକାଶେ ବାରମ୍ବାର କହନ୍ତି ।

କେତେ ଜଣ କହିବେ ଏହି ଖଣ୍ଡ ବାକ୍ୟ ବୁଝାଏ ଯେ ପାଉଲ ଏକ ଦାସ ଦୃଷ୍ଟାନ୍ତ ପାଇଁ କ୍ଷମାଭିକ୍ଷା କରୁଥିଲେ । ଯାହାବି ହେଉ, ''ତୁମ୍ଭମାନଙ୍କ ମାନବୀୟ ଦୁର୍ବଳତା ହେତୁ'' ଏହି ଅନୁବାଦକୁ ଖାପ ଖାଏ ନାହିଁ (ଉପଯୁକ୍ତ ନୁହେଁ) କ୍ରିତଦାସ ପ୍ରଥା ବିଶେଷତଃ ରୋମ୍‌ରେ ପ୍ରଥମ ଶତାବ୍ଦୀ ସୁଦ୍ଧା ସମାଜରେ ମନ୍ଦ ରୂପେ ଗଣନା କରାଯାଉ ନ ଥିଲା । ଏହା ତାଙ୍କ ସମୟର କେବଳ ସଂସ୍କୃତି ଥିଲା । ରୋମୀୟ ଜଗତର ତିନିଭାଗରୁ ଦୁଇଭାଗ ଲୋକ କ୍ରିତଦାସ ଥିଲେ ।

▣ **''ମାନବୀୟ''** ୧:୩ରେ ବିଶେଷ ପ୍ରସଙ୍ଗ ଦେଖ ।

▣ ''ପବିତ୍ରୀକରଣରେ ହେଉଥିବା ଫଳ'' ଏହି ଧାର୍ମିକଗଣନାର ଲକ୍ଷ୍ୟ ଅଟେ (୨୨ପଦ) । ନୂତନ ନିୟମ ଏହି ଶବ୍ଦକୁ ପରିତ୍ରାଣ ସହିତ ସମ୍ପୃକ୍ତ ଦୁଇଟି ପାରମାର୍ଥିକ ଅର୍ଥରେ ବ୍ୟବହାର କଲା ।

୧. ପଦବୀ ସମ୍ବନ୍ଧୀୟ ପବିତ୍ରୀକରଣ ଯାହା ଈଶ୍ୱରଙ୍କ ଦାନ (ଲକ୍ଷ୍ୟ ସମ୍ବନ୍ଧୀୟ ବିଷୟ), ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଧାର୍ମିକଗଣନ ସହିତ ପରିତ୍ରାଣରେ ଦିଆଯାଇଅଛି (ପ୍ରେରିତ ୨୬:୧୮, ୧ କରିନ୍ଥୀ ୧:୨, ୬:୧୧, ଏଫିସୀ ୫:୨୬-୨୭, ୧ ଥେସଲନିକି ୫:୨୩, ୨ ଥେସଲନିକୀ ୨:୧୩, ଏବ୍ରୀ ୧୦:୧୦, ୧୩:୧୨, ୧ ପିତର ୧:୨) ।

୨. ଅଗ୍ରସର ହେଉଥିବା ପବିତ୍ରୀକରଣ ଯାହା ମଧ୍ୟ ପବିତ୍ର ଆତ୍ମାଙ୍କ ଦ୍ୱାରା ଈଶ୍ୱରଙ୍କ କାର୍ଯ୍ୟ, ଯାହାଦ୍ୱାରା, ବିଶ୍ୱାସୀର ଜୀବନ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ଓ ପରିପକ୍ୱତା ମଧ୍ୟକୁ ରୂପାନ୍ତରିତ ହୋଇଅଛି (୨ କରିନ୍ଥୀ ୭:୧, ୧ ଥେସଲନିକି ୪:୩,୭, ୧ ତୀମଥି ୨:୧୫, ୨ୟ ତୀମଥି ୨:୨୧, ଏବ୍ରୀ ୧୨:୧୦,୧୪ ପ୍ରସଙ୍ଗ ଜନିତ ବିଷୟ) ।

ବିଶେଷ ପ୍ରସଙ୍ଗ ଦେଖ : ୬:୪ରେ ପବିତ୍ରୀକରଣ

ପବିତ୍ରୀକରଣ ଉଭୟ ଏକ ଦାନ ଓ ଏକ ଆଦେଶ ଅଟେ । ଏହା ଏକ ପଦ (ସ୍ତର) ଏବଂ ଏକ କାର୍ଯ୍ୟକଳାପ (ଜୀବନଶୈଳୀ) ! ଏହା ସୂଚନାତ୍ମକ (ଏକ ମନ୍ତବ୍ୟ) ଏବଂ ଏକ ଅତ୍ୟାବଶ୍ୟକୀୟ (ଏକ ଆଦେଶ) ।

ଏହା ଆରମ୍ଭରେ ଆସେ ମାତ୍ର ଶେଷ ନ ହେବା ପର୍ଯ୍ୟନ୍ତ ପରିପକ୍ୱ ହୁଏ ନାହିଁ (ଫିଲିପ୍ପୀ ୧:୬, ୨:୧୨-୧୩) ।

**ଏନ୍ ଏ ଏସ୍ ବି (ଆଧୁନିକ କରଣ) ଶାସ୍ତ୍ରାଂଶ ୬:୨୦-୨୩**
**[୨୦]''କାରଣ ତୁମ୍ଭେମାନେ ପାପର ଦାସ ଥିବା ସମୟରେ ଧାର୍ମିକତା ସମ୍ବନ୍ଧରେ ସ୍ୱାଧୀନ ଥିଲ । [୨୧]ତେବେ ସେହି ସମୟରେ ତୁମ୍ଭମାନଙ୍କର କି ଫଳ ଥିଲା ? ସେ ସମସ୍ତ ବିଷୟରେ ତୁମ୍ଭେମାନେ ଏବେ ଲଜ୍ଜା ବୋଧ କରୁଅଛ, କେବଳ ସେତିକି ମାତ୍ର, ସେହି ସମସ୍ତର ପରିଣାମତ ମୃତ୍ୟୁ । [୨୨]କିନ୍ତୁ ଏବେ ପାପର ଅଧୀନତାରୁ ମୁକ୍ତ ହୋଇ ଈଶ୍ୱରଙ୍କ ଦାସ ହେବାରୁ ତୁମ୍ଭେମାନେ ପବିତ୍ରତା ଉଦ୍ଦେଶ୍ୟରେ ଫଳ (ଉପକାର) ପାଉଅଛ, ଆଉ ଏଥିର ପରିଣାମ ଅନନ୍ତ ଜୀବନ । [୨୩]କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।**

**୬:୨୦-୨୧** ଏହା ୧୮ ଓ ୧୯ ପଦର ବିପରୀତ ବିଷୟ କେବଳ କହୁଛି । ବିଶ୍ୱାସୀମାନେ କେବଳ ଏକ କର୍ତ୍ତାର ଦାସ ହୋଇପାରନ୍ତି (ଲୂକ ୧୬:୧୩)

**୬:୨୨-୧୩** ଏହି ପଦଗୁଡ଼ିକ, ଯାହାଦ୍ୱାରା ଜଣେ ସେବାକରେ ତାହାର ବେତନ ସମୂହର ଏକ ଯୁକ୍ତିଯୁକ୍ତ ଅଗ୍ରଗତି ଗଠନ ବା ପ୍ରସ୍ତୁତ କରେ । ଏହି ପାପର ଆଲୋଚନା ଓ ଏକ ଅନୁଗ୍ରହ ଲକ୍ଷ୍ୟ ଉପରେ ବିଶ୍ୱାସୀ ଶେଷ କରେ ଏହି ଆଲୋଚନା ପାଇଁ ଈଶ୍ୱରଙ୍କ ଧନ୍ୟବାଦ ! ପ୍ରଥମ ହେଉଛି ପରିତ୍ରାଣର ଦାନ ଆମ୍ଭମାନଙ୍କ ସହଯୋଗିତା ମାଧ୍ୟମରେ ଓ ପରେ ଖ୍ରୀଷ୍ଟିୟାନ ଜୀବନର ଦାନ ମଧ୍ୟ ଆମ୍ଭମାନଙ୍କ ସହଯୋଗ ମାଧ୍ୟମରେ । ଉଭୟ ବିଶ୍ୱାସ ଓ ମନଫେରଣ ମାଧ୍ୟମରେ ଦାନମାନ ଲାଭ କରିଅଛନ୍ତି ।

**୬:୨୨ ''ତୁମ୍ଭେମାନେ ପବିତ୍ରତା ଉଦ୍ଦେଶ୍ୟରେ ଫଳ ପାଉଅଛ, ଆଉ ଏଥିର ପରିଣାମ ଅନନ୍ତ ଜୀବନ''** ଏହି ''ଉପକାର'' ଶବ୍ଦ ୨୧ ପଦରେ ସାହିତ୍ୟିକ ଅର୍ଥରେ ଫଳ ରୂପେ ବ୍ୟବହୃତ ହୋଇଅଛି, ପାପର ପରିଣାମ ବିଷୟ କହିବାକୁ, ମାତ୍ର ୨୨ ପଦ ଈଶ୍ୱରଙ୍କ ସେବା କରିବାର ପରିଣାମ ସବୁ ବିଷୟ କହେ । ସେହି ସମୟର ଉପକାର ହେଉଛି ବିଶ୍ୱାସୀମାନଙ୍କର ଖ୍ରୀଷ୍ଟଙ୍କ ସାଦୃଶ୍ୟତା ଏବଂ ଚୂଡ଼ାନ୍ତ ଉପକାର ହେଉଛି ତାହାଙ୍କ ସହିତ ରହିବ ଏବଂ ଅନନ୍ତକାଳ ନିମନ୍ତେ ତାହାଙ୍କ ପରି ହେବା (୧ ଯୋହନ ୩:୨) । ଯଦି କିଛି ସେହି ସମୟ ଫଳ ନାହିଁ (ପରିବର୍ତ୍ତିତ ଜୀବନ ଯାକୁବ ୨) ଚୂଡ଼ାନ୍ତ ଫଳ ବିଷୟରେ ନ୍ୟାୟ ସଙ୍ଗତ ଭାବେ ପ୍ରଶ୍ନ କରାଯାଇପାରିବ । (ଅନନ୍ତକାଳୀନ ଜୀବନ ମାଥିଉ ୭) । ଫଳ ନ ଥିଲେ, ମୂଳ ନାହିଁ ।''

**୬:୨୩** ସମୁଦାୟ ଅଧ୍ୟାୟର ଏହା ହେଉଛି ସାରାଂଶ । ପାଉଲ ପସନ୍ଦ (ମନୋନୟନ)କୁ କଳା ଓ ଧଳାରେ ଚିତ୍ରିତ କରିଅଛନ୍ତି । ପସନ୍ଦ ହେଉଛି ଆମର - ପାପ ଓ ମୃତ୍ୟୁ ବା ଖ୍ରୀଷ୍ଟଙ୍କ ଦ୍ୱାରା ବିନାମୂଲ୍ୟରେ ଅନୁଗ୍ରହ ଓ ଅନନ୍ତ ଜୀବନ । ଏହା ପୁରାତନ ନିୟମ ଜ୍ଞାନ ସାହିତ୍ୟର ଦୁଇଟି ପଥ ସହିତ ବହୁତ ସମତୁଲ୍ୟ (ଦ୍ୱିତୀୟ ବିବରଣ ୩୦:୧,୧୭, ଗୀତ ୧, ହିତୋ ୪:୧୦-୧୯, ମାଥିଉ ୭:୧୩,୧୪)

▣ **''ପାପର ବେତନ ପାପ''** ଏକ ବ୍ୟକ୍ତି ରୂପେ (୧) ଜଣେ କ୍ରିତଦାସର ମାଲିକ (୨) ଜଣେ ସେନାପତି (୩) ଜଣେ ରାଜା ଯେ ବେତନ ଦିଏ (୩:୯, ୫:୨୧, ୬:୯, ୧୪,୧୭)

▣ **''ଈଶ୍ୱରଙ୍କ ବିନାମୂଲ୍ୟର ଦାନ ଅନନ୍ତ ଜୀବନ''** ଏହି ବାକ୍ୟ ଅନୁବାଦ କରାଯାଇଅଛି ବିନାମୂଲ୍ୟର ଦାନ କାରିସ୍ମା ଅନୁଗ୍ରହର ମୂଳରୁ ଆଗତ (କାରିସ୍ ୩:୨୪, ୫:୧୫,୧୬,୧୭, ଏଫିସୀ ୨:୮-୯) ୩:୨୪ର ଅର୍ଥ ଦେଖ ।

## ଆଲୋଚନା ପ୍ରଶ୍ନମାନ

ଏହା ହେଉଛି ଅଧ୍ୟୟନ ଚାଳନା କମେଣ୍ଟେରୀ, ଯାହା ବୁଝାଏ ଯେ, ତୁମେ ତୁମ ନିଜର ବାଇବଲ ଅନୁବାଦ ପାଇଁ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମେ ପାଇଥିବା ଆଲୋକରେ ଗମନ କରିବା ଉଚିତ । ଅନୁବାଦରେ ତୁମେ ବାଇବଲ ଓ ପବିତ୍ର ଆତ୍ମା ସର୍ବାଗ୍ର ସ୍ଥାନରେ ଅଛ । ଏହା ତୁମେ କମେଣ୍ଟେରୀ ଲେଖକଙ୍କ ହସ୍ତକୁ ବଢ଼ାଇ ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନଗୁଡ଼ିକ ତୁମ୍ଭମାନଙ୍କୁ ଏହି ପୁସ୍ତକର ଏହି ଅଂଶରୁ ଆସିଥିବା ବିଷୟର ମୁଖ୍ୟ ବିଷୟଟି ଚିନ୍ତା କରିବାରେ ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଛି । ସେଗୁଡ଼ିକ ଚିନ୍ତା-ଉଦ୍ରେକକାରୀ ଅର୍ଥ ବୁଝାଇବାକୁ ଉଦ୍ଦୀଷ୍ଟ ନୁହନ୍ତି ।

୧. ଉତ୍ତମ କର୍ମ ପରିତ୍ରାଣ ସହିତ କିପରି ସମ୍ପୃକ୍ତ ? ଏଫିସୀ ୨:୮,୯,୧୦

୨. ବିଶ୍ୱାସୀର ଜୀବନରେ ପାପ କରି ଚାଲିଥିବା ବିଷୟ କିପରି ପରିତ୍ରାଣ ସହିତ ସମ୍ପୃକ୍ତ ? ୧ ଯୋହନ ୩:୬,୯ ।

୩. ଏହି ଅଧ୍ୟାୟ କ'ଣ ପାପଶୂନ୍ୟ ସିଦ୍ଧତା ଶିକ୍ଷା ଦିଏ କି ?

୪. କିପରି ୬ ଅଧ୍ୟାୟଟି ୫ ଓ ୭ ଅଧ୍ୟାୟ ସହିତ ସମ୍ପୃକ୍ତ ?

୫. ଏଠାରେ କାହିଁକି ବାପ୍ତିସ୍ମ ଆଲୋଚିତ ହୋଇଅଛି ?

୬. ଖ୍ରୀଷ୍ଟିୟାନମାନେ ସେମାନଙ୍କ ପୁରାତନ ସ୍ୱଭାବକୁ ଧରି ରଖିଥିବେ କି ? କାହିଁକି ?

୭. ବର୍ତ୍ତମାନ କାଳର କଥାଗୁଡ଼ିକର କି ପ୍ରୟୋଗ ୧-୧୪ ପଦକୁ କର୍ତ୍ତୃତ୍ୱ କରୁଛି ଏବଂ ୧୫-୨୩ରେ ଆଓରିଷ୍ଟ କାଳ କଥାମାନ ଉପରେ କର୍ତ୍ତୃତ୍ୱ କରୁଛି ?

# ରୋମୀୟ ୭

| ଆଧୁନିକ ଅନୁବାଦମାନର ପାରାଗ୍ରାଫ ଭାଗ ବିଭାଗସମୂହ | | | | |
|---|---|---|---|---|
| ୟୁ ବି ଏସ୍[4] | ଏନ୍ କେ ଜେ ଭି | ଏନ୍ ଆର୍ ଏସ୍ ଭି | ଟି ଇ ଭି | ଏନ୍ ଜେ ବି |
| ବିବାହରୁ ଏକ ଅନୁରୂପ | ବ୍ୟବସ୍ଥାରୁ ମୁକ୍ତ | ବିବାହରୁ ଏକ ଅନୁରୂପ | ବିବାହରୁ ଏକ ଉଦାହରଣ | ଖ୍ରୀଷ୍ଟିୟାନ ବ୍ୟବସ୍ଥାର ଦାସତ୍ୱରୁ ମୁକ୍ତ |
| ୭:୧-୬ | ୭:୧-୬ | ୭:୧-୩<br>୭:୪-୬ | ୭:୧-୬ | ୭:୧-୬ |
| ଆଭ୍ୟନ୍ତରୀଣ ପାପର ସମସ୍ୟା | ବ୍ୟବସ୍ଥାରେ ପାପର ସୁବିଧା | ବ୍ୟବସ୍ଥା ଓ ପାପ | ବ୍ୟବସ୍ଥା ଓ ପାପ | ବ୍ୟବସ୍ଥାର କାର୍ଯ୍ୟ |
| ୭:୭-୧୨ | ୭:୭-୧୨ | ୭:୭-୧୨ | ୭:୭-୧୧ | ୭:୭-୮<br>୭:୯-୧୧ |
| ବ୍ୟବସ୍ଥା ପାପରୁ ରକ୍ଷା କରି ପାରେ ନାହିଁ | | | ୭:୧୨-୧୩ | ୭:୧୨-୧୩ |
| ୭:୧୩-୨୫ | ୭:୧୩-୨୫ | ୭:୧୩ | | |
| | | ଆଭ୍ୟନ୍ତରୀଣ ସଂଘର୍ଷ | ମନୁଷ୍ୟଠାରେ ସଂଘର୍ଷ | ଆଭ୍ୟନ୍ତରୀଣ ସଂଘର୍ଷ |
| | | ୭:୧୪-୨୦ | ୭:୧୪-୨୦ | ୭:୧୪-୨୦ |
| | | ୭:୨୧-୨୫କ | ୭:୨୧-୨୫କ | ୭:୨୧-୨୩<br>୭:୨୪-୨୫କ |
| | | ୭:୨୫ଖ | ୭:୨୫ଖ | ୭:୨୫ଖ |

## ଚକ୍ର ତିନି ପାଠ କରିବା (ପୃଷ୍ଠା ଦେଖ)

*ପାରାଗ୍ରାଫ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା*

ଏହା ହେଉଛି ଏକ ଅଧ୍ୟୟନ ଚାଳନା କମେଣ୍ଟେରୀ, ଯାହା ବୁଝାଏ ଯେ, ତୁମେ ତୁମ ନିଜର ବାଇବଲ ଅନୁବାଦ ପାଇଁ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମେ ପାଉଥିବା ଆଲୋକରେ ଗମନ କରିବା ଉଚିତ । ଅନୁବାଦରେ ତୁମେ, ବାଇବଲ ଓ ପବିତ୍ର ଆତ୍ମା ସର୍ବାଗ୍ର ସ୍ଥାନରେ ଅଛ। ଏହି ସ୍ଥାନକୁ ତୁମେ କମେଣ୍ଟେରୀ ଲେଖକଙ୍କ ହସ୍ତକୁ ବଢ଼ାଇ ଦେବା ଉଚିତ୍ ନୁହେଁ ।

ଏକାଥରେ ବସି ଅଧ୍ୟାୟଟି ପାଠ କର । ପ୍ରସଙ୍ଗଗୁଡ଼ିକ ଚିହ୍ନିରଖ । ତୁମର ପ୍ରସଙ୍ଗ ଭାଗ ବିଭାଗକୁ ଉର୍ଦ୍ଧ୍ୱ ଲିଖିତ ପାଞ୍ଚଟି ଅନୁବାଦ ସହିତ ତୁଳନା କର । ପାରାଗ୍ରାଫ କରିବା ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ଏହା ମୁଖ୍ୟ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ କଞ୍ଚି ସ୍ୱରୂପ ଅଟେ, ଯାହାକି ଅନୁବାଦର (ପରଭାଷାର) ହୃତପିଣ୍ଡ ଅଟେ । ପ୍ରତ୍ୟେକ ପାରାଗ୍ରାଫର କେବଳ ଗୋଟିଏ ଏବଂ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି (ଅନ୍ୟାନ୍ୟ)

## ପ୍ରାସଙ୍ଗିକ ଅର୍ନ୍ତଦୃଷ୍ଟି ୧-୬ ପଦ ଉପରେ

କ. ୭ ଅଧ୍ୟାୟ ଅନୁବାଦ କରାଯିବା ଉଚିତ

୧. ୬ ଅଧ୍ୟାୟର ଆଲୋକରେ, ବିଶେଷତଃ ୧୨-୧୪ (ଆହୁରି ମଧ୍ୟ ୩:୨୦-୨୧, ୪:୧୩-୧୬, ୫:୨୦)

୨. ଏହା ମଧ୍ୟ ରୋମ୍ ମଣ୍ଡଳୀରେ ବିଶ୍ୱାସୀ ଅଣଯିହୁଦୀ ଓ ବିଶ୍ୱାସୀ ଯିହୁଦୀମାନଙ୍କ ମଧ୍ୟରେ ଥିବା ମାନସିକ ଦ୍ୱନ୍ଦ ସହିତ ଜଡ଼ିତ, ଯାହା ୯-୧୧ ଅଧ୍ୟାୟରେ ଦେଖାଯାଉଅଛି ।

ସମସ୍ୟାର ଯଥାର୍ଥ ପ୍ରକୃତି ଅନିଶ୍ଚିତ (କ) ଏହା ମୋଶାଙ୍କ ବ୍ୟବସ୍ଥା ଉପରେ ନିର୍ଭର କରୁଥିବା ଏକ ନିୟମ ଶୃଙ୍ଖଳା ହୋଇପାରେ ।

ଖ) ଯିହୁଦୀ ନେତାମାନଙ୍କର ମୋଶା ପ୍ରଥମ ଓ ତାହାପରେ ଖ୍ରୀଷ୍ଟଙ୍କୁ ଗୁରୁତ୍ୱ ଦେବା ହୋଇପାରେ

ଗ) ସୁସମାଚାର ଯିହୁଦୀମାନଙ୍କ ପ୍ରତି ଯେପରି ପ୍ରୟୋଗରେ ଭୁଲ ବୁଝାମଣା ହୋଇପାରେ

ଘ) ପୁରାତନ ଓ ନୂତନ ପ୍ରତିଜ୍ଞା (ଚୁକ୍ତି)ଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ

ଙ) ସମ୍ରାଟଙ୍କ ଯୁଗ ସମୟରେ ମଣ୍ଡଳୀରେ ବିଶ୍ୱାସୀ ଅଣଯିହୁଦୀମାନଙ୍କୁ, ବିଶ୍ୱାସୀ ଯିହୁଦୀମାନଙ୍କ ପ୍ରତି ବଦଳରେ ରଖାଯିବାରୁ ବିଶ୍ୱାସୀ ଯିହୁଦୀମାନଙ୍କର ହିଂସା ହୋଇପାରେ । ଅନେକ ବିଶ୍ୱାସୀ ଯିହୁଦୀ ମଧ୍ୟ ପରିତ୍ୟାଗ କରିପାରି ଥାଆନ୍ତି ।

ଖ. ରୋମୀ ୭:୧-୬, ଖ୍ରୀଷ୍ଟିୟାନମାନଙ୍କର ପୁରାତନ ଜୀବନ ସହିତ ସମ୍ପର୍କ ବିଷୟରେ ୬ ଅଧ୍ୟାୟର ରୂପକ ଭାଷା ବ୍ୟବହାର କରିବାରେ ଲାଗି ରହିଛି । ଦୃଷ୍ଟାନ୍ତ ବ୍ୟବହାର କରାଯାଇଛି,

୧. ଅନ୍ୟ ଏକ କର୍ତ୍ତାଙ୍କ ନିକଟକୁ ଆସିବାକୁ ପୁରାତନ କର୍ତ୍ତାଠାରୁ ମୃତ୍ୟୁ ଓ ଉଦ୍ଧାର (୬ ଅଧ୍ୟାୟ)

୨. ବିବାହ ବନ୍ଧନରୁ ମୃତ୍ୟୁ ଓ ଉଦ୍ଧାର (୭ ଅଧ୍ୟାୟ)

ଗ. ୬ ଓ ୭ ଅଧ୍ୟାୟ ସାହିତ୍ୟ ଦୃଷ୍ଟିରୁ ସମାନ୍ତର, ୬ ଅଧ୍ୟାୟ ବିଶ୍ୱାସୀମାନଙ୍କ ପାପ ସହିତ ସମ୍ପର୍କ ବିଷୟରେ ଏବଂ ୭ ଅଧ୍ୟାୟ ବିଶ୍ୱାସୀମାନଙ୍କର ବ୍ୟବସ୍ଥା ସହିତ ସମ୍ପର୍କ ବିଷୟରେ ବ୍ୟବହାର କରେ । ଏକ ଦାସତ୍ୱରୁ ମୁକ୍ତ ହେବା ନିମନ୍ତେ ମୃତ୍ୟୁ ଦୃଷ୍ଟାନ୍ତ, ବିବାହ ବନ୍ଧନରୁ ମୁକ୍ତି ମୃତ୍ୟୁ ଦ୍ୱାରା ହେଉଥିବା ବିଷୟକୁ ସମାନ କରାଯାଇଛି (୬:୧୨-୨୩, ୭:୧-୬)

| ୬ ଅଧ୍ୟାୟ | ୭ ଅଧ୍ୟାୟ |
|---|---|
| ୬:୧ ପାପ | ୭:୧ ବ୍ୟବସ୍ଥା |
| ୬:୨ ପାପ ପ୍ରତି ମୃତ | ୭:୪ ବ୍ୟବସ୍ଥା ପ୍ରତି ମୃତ |
| ୬:୪ ଯେପରି ଆମ୍ଭେମାନେ ଜୀବନର ନୂତନତାରେ ଚାଲିବା | ୭:୬ ଯେପରି ଆମ୍ଭେମାନେ ଆତ୍ମାର ନୂତନତାରେ ସେବା କରିପାରିବା |
| ୬:୭ ଯେ ମରିଅଛି, ସେ ପାପରୁ ମୁକ୍ତି ହୋଇଅଛି | ୭:୬ ଆମ୍ଭେମାନେ ବ୍ୟବସ୍ଥା ପ୍ରତି ମୃତ ହୋଇ ସେଥିରୁ ମୁକ୍ତ ହୋଇ ଆସିଅଛୁ, ଯେଉଁଥିରେ ଆମ୍ଭେମାନେ ଧରାଯାଇଥିଲୁ |
| ୬:୧୮ ପାପରୁ ମୁକ୍ତ ହୋଇ ଆସିଅଛି | ୭:୩ ବ୍ୟବସ୍ଥାରୁ ମୁକ୍ତ |

(ଆଣ୍ଡର୍ସ୍ ନାଇଗ୍ରେନ୍‌ଙ୍କ କମେଣ୍ଟେରୀ ରୋମୀୟ ପୁସ୍ତକ ଉପରେ, କାର୍ଲ ସି ରାସ୍‌ମୁସେନ୍‌ଙ୍କ ଦ୍ୱାରା ଅନୁବାଦିତ ଏହା ୨୬୮ ପୃଷ୍ଠାରୁ ଏହା ନିଆଯାଇଅଛି ।)

ଘ. ବ୍ୟବସ୍ଥା ତାହାର ସମସ୍ତ ନିୟମଶୃଙ୍ଖଳା ସହିତ ଏକ ମୃତ୍ୟୁଦଣ୍ଡାଦେଶ ଅଟେ । ସମସ୍ତ ମାନବ ବ୍ୟବସ୍ଥା ଅଧୀନରେ ଦୋଷୀକୃତ (ରୋମୀ ୬:୧୪,୭:୪, ଗାଲାତୀ ୩:୧୩, ଏଫିସୀ ୨:୧୫, କଲସୀ ୨:୧୪) । ମୋଶାଙ୍କ ବ୍ୟବସ୍ଥା ଏକ ଅଭିଶାପରେ ପରିଣତ ହେଲା ।

ଙ. ୭ ଅଧ୍ୟାୟକୁ ଅନୁବାଦ କରିବା ଲାଗି ଚାରୋଟି ମୁଖ୍ୟ ମତବାଦ ରହି ଆସିଅଛି ।

୧. ପାଉଲ ନିଜ ବିଷୟରେ କହୁଅଛନ୍ତି (ଆତ୍ମଚରିତ୍ରିକ)

୨. ପାଉଲ ସମୁଦାୟ ମାନବଜାତିର ଏକ ପ୍ରତିନିଧି ରୂପେ କହୁଅଛନ୍ତି (ପ୍ରତିନିଧି, ଚାୟସୋଷ୍ଟାମ୍)

୩. ପାଉଲ ଆଦମଙ୍କ ଅନୁଭୂତି କହୁଅଛନ୍ତି (ମୋପ୍‌ସୁଏଟିଆ)

୪. ପାଉଲ ଇସ୍ରାଏଲର ଅନୁଭବ କହୁଅଛନ୍ତି ।

ଚ. ଅନେକ ବାଟରେ ରୋମୀୟ ୭ ଅଧ୍ୟାୟ ଆଦି ୩ ଅଧ୍ୟାୟ ପରି କାର୍ଯ୍ୟ କରେ । ଏହା, ବିଦ୍ରୋହର ନିମ୍ନଙ୍କୁ ଆକର୍ଷଣ ଦର୍ଶାଏ, ଏପରିକି ଈଶ୍ୱରଙ୍କ ସହିତ ଅତି ପରିଚିତ ଲୋକମାନଙ୍କ ପ୍ରତି ଏହି ଆକର୍ଷଣ କାର୍ଯ୍ୟ କରେ । ପତିତ ମାନବ ଜାତିକୁ ଜ୍ଞାନ, ମୁକ୍ତ କରି ନ ପାରେ, କେବଳ ଈଶ୍ୱରଙ୍କ ଅନୁଗ୍ରହ, କେବଳ ଏକ ନୂତନ ହୃଦୟ, ଏକ ନୂତନ ମନ ଏବଂ ଏକ ନୂତନ ଆତ୍ମା ଏହା କରିପାରେ (ନୂତନ ପ୍ରତିଜ୍ଞା (ଚୁକ୍ତି) ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୬-୨୭) ଏବଂ ତଥାପି, ଏକ ଚାଲୁ ରହିଥିବା ସଂଘର୍ଷ ଅଛି (୬:୧୨,୧୯, ୧ କରିନ୍ଥୀ ୬:୧୦-୧୯, ଏଫିସୀ ୬:୧୦-୧୮) ।

## ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ : ୭:୧-୩**
**[1]''ହେ ଭାଇମାନେ, ମନୁଷ୍ୟ ଯେ ପର୍ଯ୍ୟନ୍ତ ଜୀବିତ ଥାଏ, ସେ ପର୍ଯ୍ୟନ୍ତ ବ୍ୟବସ୍ଥା ଯେ ତାହାର ଉପରେ କର୍ତ୍ତୃତ୍ୱ କରେ, ଏହା ତୁମ୍ଭେମାନେ କଅଣ ଜାଣ ନାହିଁ ? [2]ମୁଁ ତ ବ୍ୟବସ୍ଥା ଜାଣିବା ଲୋକମାନଙ୍କୁ କହୁଅଛି । ସ୍ୱାମୀ ଯେ ପର୍ଯ୍ୟନ୍ତ ଜୀବିତ ଥାଏ, ସେ ପର୍ଯ୍ୟନ୍ତ ସ୍ତ୍ରୀ ସ୍ୱାମୀ ସହିତ ବ୍ୟବସ୍ଥା ଦ୍ୱାରା ଆବଦ୍ଧ ଥାଏ, କିନ୍ତୁ ସ୍ୱାମୀ ମରିଗଲେ ସ୍ତ୍ରୀ ସ୍ୱାମୀର ବ୍ୟବସ୍ଥାରୁ ମୁକ୍ତ ହୁଏ । [3]ଅତଏବ ସ୍ୱାମୀ ବଞ୍ଚି ଥାଉ ଥାଉ ସ୍ତ୍ରୀ ଯଦି ଅନ୍ୟ ପୁରୁଷ ସହିତ ସଂଯୁକ୍ତ ହୁଏ, ତାହା ହେଲେ ତାହାକୁ ବ୍ୟଭିଚାରିଣୀ ବୋଲି କୁହାଯିବ, କିନ୍ତୁ ଯଦି ସ୍ୱାମୀ ମରିଯାଏ ତେବେ ସ୍ତ୍ରୀ ବ୍ୟବସ୍ଥାରୁ ମୁକ୍ତ ହୁଏ, ଆଉ ଯଦି ସେ ଅନ୍ୟ ପୁରୁଷ ସହିତ ସଂଯୁକ୍ତ ହୁଏ, ତାହା ହେଲେ ସେ ବ୍ୟଭିଚାରିଣୀ ହୁଏ ନାହିଁ ।''**

**୭.୧ ''(ମୁଁ ତ ବ୍ୟବସ୍ଥା ଜାଣିଥିବା ଲୋକମାନଙ୍କୁ କହୁଅଛି)''** ଏହା ବୁଝାଏ ଯେ,

୧. ବିଶ୍ୱାସ କରୁଥିବା ଯିହୁଦୀମାନଙ୍କୁ କେବଳ
୨. ରୋମୀୟ ମଣ୍ଡଳୀରେ ବିଶ୍ୱାସ କରୁଥିବା ଯିହୁଦୀ ଓ ବିଜାତିମାନଙ୍କ ମଧ୍ୟରେ ବିବାଦ ।
୩. ସମୁଦାୟ ମାନବଜାତି ସହିତ ସମ୍ପୃକ୍ତ ରୂପେ ବ୍ୟବସ୍ଥା ଏକ ସାଧାରଣ ଅର୍ଥରେ (୨:୧୪-୧୫) ବ୍ୟବହୃତ ।
୪. ନୂତନ ବିଜାତି ବିଶ୍ୱାସୀ, ଯେଉଁମାନେ ସେମାନଙ୍କ ନୂତନ ବିଶ୍ୱାସ ବିଷୟରେ ଶିକ୍ଷା କରୁଅଛନ୍ତି, ସେମାନଙ୍କୁ (ଧର୍ମ ବିଧି ୬:୧୭ ପୁରାତନ ନିୟମ ଧର୍ମଶାସ୍ତ୍ରର ଶିକ୍ଷାଦାନ) ।

▣ **''ବ୍ୟବସ୍ଥା''** ଏହା ହେଉଛି ଅଧ୍ୟାୟଟିର ମୁଖ୍ୟ ଚାପ (୧,୨,୪,୫,୬ ଇତ୍ୟାଦି ପଦମାନ) । ଯାହାବି ହେଉ ପାଉଲ ଏହି ଶବ୍ଦଟିକୁ ଅନେକ ବିଭିନ୍ନ ଅର୍ଥରେ ବ୍ୟବହାର କରିଅଛନ୍ତି (ପ୍ରାକୃତିକ ବ୍ୟବସ୍ଥା (ନିୟମ), ମୋଶାଙ୍କ ବ୍ୟବସ୍ଥା, ସମାଜ ପ୍ରଚଳିତ ପ୍ରଥାମାନ) । ଏହା ଦେଖାଯାଏ ଯେ, ପାଉଲଙ୍କ ଆଲୋଚନା ୬:୧୪ ଦ୍ୱାରା ଆରମ୍ଭ ହେଲା । ତାଙ୍କର ଉପସ୍ଥାପନା, ୬ ଅଧ୍ୟାୟର ଗଠନ ସହିତ ସମାନ । ପ୍ରାସଙ୍ଗିକ ଅର୍ନ୍ତଦୃଷ୍ଟି ସି ଦେଖ, ମୋଶାଙ୍କ ବ୍ୟବସ୍ଥା ଏବଂ ଖ୍ରୀଷ୍ଟଙ୍କଠାରେ ନୂତନ ପ୍ରତିଜ୍ଞା (ଚୁକ୍ତି) ପ୍ରତି ହୋଇ ସମ୍ପର୍କ ମଧ୍ୟ ୩:୨୧-୩୧ ଓ ୪:୧୩-୧୬ରେ ଆଲୋଚିତ ହୋଇଅଛି ।

▣

| | |
|---|---|
| ଏନ୍ ଏ ଏସ୍ ବି | **''ଜଣେ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବଞ୍ଚିଥାଏ ବା ଜୀବିତ ଥାଏ, ତାହା ଉପରେ ବ୍ୟବସ୍ଥାର କର୍ତ୍ତୃତ୍ୱ ଅଛି ।''** |
| ଏନ୍ କେ ଜେ ଭି | **''ଜଣେ ମନୁଷ୍ୟ ଯେ ପର୍ଯ୍ୟନ୍ତ ଜୀବିତ ଥାଏ, ବ୍ୟବସ୍ଥାର ତାହା ଉପରେ କର୍ତ୍ତୃତ୍ୱ ଅଛି ।''** |
| ଏନ୍ ଆର ଏସ୍ ଭି | **''କେବଳ ଜଣେ ବ୍ୟକ୍ତିର ଜୀବନକାଳ ସମୟରେ ବ୍ୟବସ୍ଥା ତାହାକୁ ବନ୍ଧନଗ୍ରସ୍ତ କରିଅଛି ।''** |
| ଟି ଇ ଭି | **''ଜଣେ ମନୁଷ୍ୟ ଜୀବିତ ଥିବା ପର୍ଯ୍ୟନ୍ତ, ବ୍ୟବସ୍ଥା ତାହା ଉପରେ କର୍ତ୍ତୃତ୍ୱ କରେ ।''** |
| ଏନ୍ ଜେ ବି | **''କେବଳ ଏକ ବ୍ୟକ୍ତିର ଜୀବନକାଳ ସମୟରେ ବ୍ୟବସ୍ଥାମାନ ତାହାକୁ ପ୍ରଭାବିତ କରେ ।''** |

ଏହା ସାହିତ୍ୟିକ ଭାବରେ ''ଏହା ଉପରେ ପ୍ରଭୁତ୍ୱ କରେ'' (କୁରିଏଉଓ ୬:୯,୧୪ ପଦ) ମୋଶାଙ୍କ ବ୍ୟବସ୍ଥା ଏକ ମହାନ ଆଶୀର୍ବାଦ (ଗୀତ ୧୧୯:୧୯) ଏବଂ ଏକ ଭୟାନକ ଅଭିଶାପ ଉଭୟ ଅଟେ (ଗାଲାତୀ ୩:୧୩, ଏଫିସୀ ୨:୧୫, କଲସୀ ୨:୧୪) ଶାରୀରିକ ମୃତ୍ୟୁ ସହିତ ବ୍ୟବସ୍ଥା ପ୍ରତି କର୍ତ୍ତବ୍ୟ କରିବା ଶେଷ ହୁଏ । ୬ ଅଧ୍ୟାୟରେ ପାପ ପ୍ରତି ବିଶ୍ୱାସୀମାନଙ୍କ ମୃତ୍ୟୁ ବିଷୟରେ ବ୍ୟବହୃତ ହୋଇଥିବା ବିଷୟର ଏହା ହେଉଛି ସମାନ ଦୃଷ୍ଟାନ୍ତ ।

**୭:୨ ''ବିବାହିତ ସ୍ତ୍ରୀଲୋକ ନିମନ୍ତେ''** ୧:୬ରେ ଏହା ହେଉଛି, ପାଉଲଙ୍କ ମୁଖ୍ୟ ଉଦାହରଣ । ୬ ଅଧ୍ୟାୟରେ ସେ ମୃତ୍ୟୁ, ଏକ ବକ୍ତିର ଦାସ ରୂପେ କର୍ତ୍ତବ୍ୟର ଶେଷ ବୋଲି ଉଦ୍ଧୃତ କରିଅଛନ୍ତି । ଏଠାରେ ବିବାହ ଓ ଏହାର କର୍ତ୍ତବ୍ୟ ହେଉଛି ଲକ୍ଷ୍ୟ । ଉଦାହରଣଟି ବିପରୀତ ହେଲା କାରଣ ସ୍ୱାମୀ ମରିଗଲେ ସେହି ବିଧବା ବିବାହ କରି ପାରିଲା, ଯେଉଁଠାରେ ପାଉଲଙ୍କ ଉଦାହରଣ, ଏହା ହେଉଛି ଯେଉଁ ବିଶ୍ୱାସୀମାନେ ମରିଅଛନ୍ତି ଓ ସେଥି ସକାଶେ ସେମାନେ ଈଶ୍ୱରଙ୍କ ପ୍ରତି ଜୀବିତ ଅଟନ୍ତି । ବିଶ୍ୱାସୀମାନଙ୍କୁ ସେମାନଙ୍କ ପାପ ଦେଖାଏ (୭-୯, ଗାଲାତୀ ୩:୨୩-୨୫) କିନ୍ତୁ ଏହା ଅତିକ୍ରମ (ଜୟ) କରିବାକୁ ସେମାନଙ୍କୁ ଶକ୍ତି ଦେଇପାରେ ନାହିଁ ।

▣ ''ସେ ମୁକ୍ତ ହେଲା'' ଏହା ୬:୬ ପରି ସମାନ କ୍ରିୟାପଦ, ଏହା ବୁଝାଏ ''ଅକାମି କରାଗଲା'' ''ବ୍ୟବହାର ଯୋଗ୍ୟ ନୁହେଁ'' କିଅବା ''ପରିତ୍ୟକ୍ତ'' । ୬:୬ ରେ ଏହା ଆୟୋରିଷ୍ଟ କର୍ମକାରକ ଥିଲା, ଏଠାରେ ଏହା ସିଦ୍ଧ କର୍ମକାରକ, ହୋଇ ଆସିଛି ଓ ମୁକ୍ତ ହୋଇ ରହିଥିବ ବୁଝାଏ ।'' ୩:୩ରେ ବିଶେଷ ପ୍ରସଙ୍ଗ ଦେଖ ।

**୭:୩ ''ତାହାକୁ ବ୍ୟଭିଚାରିଣୀ କୁହାଯିବ''** ଏହି ମନ୍ତବ୍ୟ ଯିହୁଦୀ ଯୁକ୍ତି ସହିତ, ସମ୍ପୃକ୍ତ, ଯାହା ଦ୍ୱିତୀୟ ବିବରଣ ୨୪:୧-୪ରେ ଯିହୁଦୀଗୁରୁମାନଙ୍କ ସ୍କୁଲ ଶାମାଇ ଓ ହିଲେଇ ମଧ୍ୟରେ ଥିଲା । ନିର୍ଦ୍ଦିଷ୍ଟଭାବେ ''କିଛି ଅଶ୍ଳୀଳତା'' । ହିଲେଇ ସ୍କୁଲ ଉଦାରପନ୍ଥୀ ଦଳ ଥିଲେ, ଯେଉଁମାନେ ଛାଡ଼ପତ୍ର,

ଯେ କୌଣସି କାରଣ ହେତୁ ଅନୁମତି ଦେଉଥିଲେ । ଶାମାଇ ସ୍କୁଲ ଥିଲେ ରକ୍ଷଣଶୀଳ ଦଳ ଯେଉଁମାନେ କେବଳ ବ୍ୟଭିଚାର ବା ଅନ୍ୟ ଅଶୋଭନୀୟ ଯୌନବୃତ୍ତି ସକାଶେ ଛାଡ଼ପତ୍ର ଅନୁମତି ଦେଉଥିଲେ (ମାଥିଉ ୫:୩୨,୧୯:୯)

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୭:୪-୬**

**[4]"ଏଣୁ ହେ ମୋହର ଭାଇମାନେ, ଖ୍ରୀଷ୍ଟଙ୍କ ଶରୀର ଦ୍ୱାରା ତୁମ୍ଭେମାନେ ମଧ୍ୟ ବ୍ୟବସ୍ଥା ପ୍ରତି ମୃତ ହୋଇଅଛ, ଯେପରି ତୁମ୍ଭେମାନେ ଅନ୍ୟ ସହିତ ସଂଯୁକ୍ତ ହୁଅ, ଅର୍ଥାତ୍ ଆମ୍ଭେମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବା ନିମନ୍ତେ ଯେ ମୃତ୍ୟୁରୁ ଉତ୍ଥାପିତ ହୋଇଅଛନ୍ତି, ତାହାଙ୍କ ସହିତ ସଂଯୁକ୍ତ ହୁଅ । [5]କାରଣ ଯେତେବେଳେ ଆମ୍ଭେମାନେ ଶରୀରର ବଶରେ ଥିଲୁ, ସେତେବେଳେ ବ୍ୟବସ୍ଥା ଦ୍ୱାରା ପାପାଭିଳାଷ ଗୁଡ଼ାକ ଆମ୍ଭମାନଙ୍କ ଅଙ୍ଗ ପ୍ରତ୍ୟେଙ୍ଗ ମଧ୍ୟରେ ମୃତ୍ୟୁ ନିମନ୍ତେ ଫଳ ଉତ୍ପନ୍ନ କରିବାକୁ କାର୍ଯ୍ୟ ସାଧନ କରୁଥିଲା । [6]କିନ୍ତୁ ଯଦ୍ଦ୍ୱାରା ଆମ୍ଭେମାନେ ଆବଦ୍ଧ ଥିଲୁ । ସେଥିପ୍ରତି ମୃତ ହୋଇ ଆମ୍ଭେମାନେ ଏବେ ଆକ୍ଷରିକ ପୁରାତନ ଭାବରେ ଦାସ୍ୟକର୍ମ ନ କରି ଆତ୍ମାର ନୂତନ ଭାବରେ ଦାସ୍ୟକର୍ମ କରୁଅଛୁ ।"**

**୭:୪ "ତୁମ୍ଭେମାନେ ମଧ୍ୟ ବ୍ୟବସ୍ଥା ପ୍ରତି ମୃତ ହୋଇଅଛ"** ଏହା ହେଉଛି ଏହି ପାରାଗ୍ରାଫ୍‌ର ମୁଖ୍ୟ ଚାପ (୬ ଅଧ୍ୟାୟ) । ଏହା ୬ ଅଧ୍ୟାୟରେ ଦୃଷ୍ଟାନ୍ତ, ଖ୍ରୀଷ୍ଟଙ୍କ ସହିତ ଖ୍ରୀଷ୍ଟିୟାନର ପାପ ପ୍ରତି ମୃତ କାରଣ ତାହାଙ୍କ ସହିତ ସମାଧିପ୍ରାପ୍ତ (୬:୪) କ୍ରୁଶାର୍ପିତ (୬:୬) ସହିତ ସମ୍ପୃକ୍ତ ଅଟେ । (୨ କରିନ୍ଥୀ ୫:୧୪-୧୫, ଗାଲାତୀ ୨:୨୦) । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି ଅଟନ୍ତି (୬:୪ରେ ପୂର୍ଣ୍ଣ ଅର୍ଥ ଦେଖ) ଏହି ନୂତନ ଆତ୍ମାଙ୍କ ଯୁଗରେ (୨ କରିନ୍ଥୀ ୫:୧୭) । ବାପ୍ତିସ୍ମ ପୁରାତନ ଯୁଗ ଓ ପୁରାତନମାନବ ଏବଂ ନୂତନ ଯୁଗ, ନୂତନମାନବ ମଧ୍ୟରେ ପ୍ରାଚୀର ଚିହ୍ନଟ କରାଗଲା ।

- "ଖ୍ରୀଷ୍ଟଙ୍କ ଶରୀର ଦ୍ୱାରା" ଏହା ମଣ୍ଡଳୀକୁ ଖ୍ରୀଷ୍ଟଙ୍କ ଶରୀର ରୂପେ ବିଶ୍ୱାସ କରାଯିବା ପାରମାର୍ଥିକ ବିଶ୍ୱାସକୁ ବୁଝାଏ ନାହିଁ (୧ କରିନ୍ଥୀ ୧୨:୨୨,୨୭) ମାତ୍ର ଏହା ଖ୍ରୀଷ୍ଟଙ୍କ ଶାରୀରିକ ବା ପାର୍ଥିବ ଶରୀର ଯେପରି ୬:୩-୧୧ରେ ଅଛି, ଯେଉଁଠାରେ ଖ୍ରୀଷ୍ଟ ମୃତ୍ୟୁଭୋଗ କରିବାବେଳେ ବିଶ୍ୱାସୀମାନେ ତାହାଙ୍କ ସହିତ ମୃତ୍ୟୁଭୋଗ କଲେ ବାପ୍ତିସ୍ମ ଦ୍ୱାରା ଏହା ପରିପ୍ରକାଶ କଲେ । ତାହାଙ୍କ ମୃତ୍ୟୁ ଥିଲା ସେମାନଙ୍କର ମୃତ୍ୟୁ (୨କରିନ୍ଥୀ ୫:୧୪-୧୫, ଗାଲାତୀ ୨:୨୦) । ତାହାଙ୍କ ପୁନରୁତ୍ଥିତ ଜୀବନ, ଈଶ୍ୱରଙ୍କ ଓ ଅନ୍ୟମାନଙ୍କର ସେବା କରିବାକୁ ସେମାନଙ୍କୁ ମୁକ୍ତ କଲା ।
- **"ଯେପରି ଆମ୍ଭେମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବା"** ଏହା ମଧ୍ୟ ୬ ଅଧ୍ୟାୟ ସହିତ ସମାନ୍ତର ଗତି କରୁଛି ବିଶେଷତଃ ୬:୨୨ । ବିଶ୍ୱାସୀମାନେ ବର୍ତ୍ତମାନ ଖ୍ରୀଷ୍ଟଙ୍କ ଦ୍ୱାରା ମୁକ୍ତ ଯେପରି ଖ୍ରୀଷ୍ଟଙ୍କ ସହିତ ଆପଣା ଆପଣାକୁ ବନ୍ଧନଗ୍ରସ୍ତ କରିବେ । ଏହା ହେଉଛି ଚାଲୁ ରହିଥିବା ବିବାହ ଦୃଷ୍ଟାନ୍ତ । ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ପାଇଁ ମୃତ୍ୟୁଭୋଗ କରିଥିବାରୁ ସେମାନେ ପାପ ପ୍ରତି ମୃତ ହେବା ଉଚିତ (୨ କରିନ୍ଥୀ ୫:୧୩-୧୪, ଗାଲାତୀ ୨:୨୦) । ଯୀଶୁ ଯେହେତୁ ଉତ୍ଥାପିତ ହେଲେ ସେମାନେ ମଧ୍ୟ ଈଶ୍ୱରଙ୍କ ସେବାର ନୂତନ ଆଧାତ୍ମିକ ଜୀବନକୁ ଉଥାପିତ ହେଲେ (ରୋମୀ ୬:୨୨, ଏଫିସୀ ୨:୫-୬) ଏବଂ ପରସ୍ପରର ସେବା କରିବାକୁ ମଧ୍ୟ (୧ ଯୋହନ ୩:୧୬) ।

**୭:୫**

| | |
|---|---|
| **ଏନ୍ ଏସ୍ ବି** | **"କାରଣ ଯେତେବେଳେ ଆମ୍ଭେମାନେ ଶରୀରର ବଶରେ ଥିଲୁ"** |
| **ଏନ୍ କେ ଜେ ଭି** | **"କାରଣ ଯେତେବେଳେ ଆମ୍ଭେମାନେ ଶରୀର ବଶରେ ଥିଲୁ"** |
| **ଏନ୍ ଆର ଏସ୍ ଭି** | **"ଯେତେବେଳେ ଆମ୍ଭେମାନେ ଶରୀରଠାରେ ଜୀବନ ଯାପନ କରୁଥିଲୁ"** |
| **ଟି ଇ ଭି** | **"କାରଣ ଯେତେବେଳେ ଆମ୍ଭେମାନେ ଆମର ମାନବ ସ୍ୱଭାବ ଅନୁସାରେ ବାସ କଲୁ"** |
| **ଏନ୍ ଜେ ବି** | **"ଆମ୍ଭମାନଙ୍କ ପରିବର୍ତ୍ତନ ପୂର୍ବେ ।"** |

ଏହି ପଦ ୪ ପଦର ବିପରୀତ ଅଟେ । ୪ ପଦ ଏକ ବିଶ୍ୱାସୀର ଅନୁଭୂତି ସହିତ ସମ୍ପୃକ୍ତ ୬ ପଦ ପରି । ୫ ପଦ ବର୍ଣ୍ଣନା କଲା ଈଶ୍ୱରଙ୍କ ଶକ୍ତି ବ୍ୟତୀତ ଜୀବନ ଫଳ ବିଷୟ (ଗାଲାତୀ ୫:୧୮-୨୪) । ଏହି ବ୍ୟବସ୍ଥା ।

ଶାସ୍ତ୍ରାଂଶରେ ଏହି ଖଣ୍ଡବାକ୍ୟ ବିଶ୍ୱାସୀମାନଙ୍କର ଆଦମଙ୍କଠାରୁ ଉତ୍ତରାଧିକାରଭାବେ ଲାଭ କରିଥିବା ପତିତ, ପାପପୂର୍ଣ୍ଣ ସ୍ୱଭାବକୁ ବୁଝାଏ । ପାଉଲ ଏହି ଶବ୍ଦ ସାରକ୍ସ ଦୁଇଟି ଭିନ୍ନ ଉପାୟରେ ବ୍ୟବହାର କରନ୍ତି (୧) ପାପ ସ୍ୱଭାବ (ପୁରାତନ ପୁରୁଷ) ଏବଂ (୨) ଶାରୀରିକ (ପାର୍ଥିବ)ଶରୀର (୧:୩, ୪:୪, ୯:୩-୫) ଏଠାରେ ଏହା ନାସ୍ତିବାଚକ ମାତ୍ର ଲକ୍ଷ୍ୟ କର ରୋମୀ ୧:୩, ୪:୧, ୯:୩,୫ ଗାଲାତୀ ୨:୨୦) । ମାଂସ / ଶରୀର (ସାରକ୍ସ/ସୋମା) ଭିତରେ ଏବଂ ନିଜେ ମନ୍ଦ ନୁହେଁ, ମାତ୍ର ଏହା ମନ (ନୋଉସ) ପରି ଯୁଦ୍ଧ କ୍ଷେତ୍ର, ଏହି ଯୁଗର ମନ୍ଦଶକ୍ତିମାନ ଓ ପବିତ୍ର ଆତ୍ମାଙ୍କ ମଧ୍ୟରେ ସମ୍ମୁଖାସମ୍ମୁଖୀ ହେବାର ଏହା ସ୍ଥାନ ଅଟେ । ଏହି ଶବ୍ଦ ପାଉଲ ଅବିଚଳିତ ଭାବେ ଏକ ବାଟରେ ଗ୍ରୀକ୍ ଅନୁବାଦିତ ଶାସ୍ତ୍ରରେ ବ୍ୟବହାର କରନ୍ତି, ଗ୍ରୀକ୍ ସାହିତ୍ୟରେ ନୁହେଁ । ବିଶେଷ ପ୍ରସଙ୍ଗ ଦେଖ : ଶରୀର (ସାର୍‌କ୍ସ) ୧:୩ ପଦରେ ।

- **"ବ୍ୟବସ୍ଥାଦ୍ୱାରା ଯାହାସବୁ ଫଳ ଉତ୍ପନ୍ନ କରିବାକୁ କାର୍ଯ୍ୟ ସାଧନ କରୁଥିଲା ।"** ଏହି ପ୍ରକାର ବିଦ୍ରୋହୀ ମାନବ ସ୍ୱଭାବ ଯାହା ଯେ କୌଣସି କାରଣଗୁଡ଼ିକ ପ୍ରତି ଅଗ୍ରଗଣ୍ୟ ଭାବେ ପ୍ରତିକ୍ରିୟା କରେ ଆଦି ୩ ଅଧ୍ୟାୟରେ ଓ ସମସ୍ତ ମାନବଗଣଠାରେ ସ୍ପଷ୍ଟରୂପେ ଦେଖାଯାଇଅଛି । ବ୍ୟବସ୍ଥା ଏକ ପ୍ରାଚୀରମାନ ବେଷ୍ଟିତ କଲା (୭-୮ପଦ) । ଏହି ବେଷ୍ଟନକାରୀ ପ୍ରାଚୀରମାନ ମାନବଜାତିର ସୁରକ୍ଷା ପାଇଁ ମାତ୍ର ମାନବଗଣ ଏଗୁଡ଼ିକ

ଜଞ୍ଜିର ବା ଶୃଙ୍ଖଳବଦ୍ଧ ଓ ସୀମାଗୁଡ଼ିକରେ ଆବଦ୍ଧ କରିବା ବିଷୟ ବୋଲି ଭାବି ଥାଆନ୍ତି । ପାପପୂର୍ଣ୍ଣ ସ୍ୱାଧିନ ଆତ୍ମା ଈଶ୍ୱରଙ୍କ ବ୍ୟବସ୍ଥା ଦ୍ୱାରା ପ୍ରତୋତ୍ସାହିତ ହୋଇଅଛି । ସୀମାବଦ୍ଧତାଗୁଡ଼ିକ (ବ୍ୟବସ୍ଥା ୧୨-୧୩ପଦ) ସମସ୍ୟା ନୁହେଁ, ମାତ୍ର ମାନବ ସ୍ୱାୟତଃ ଶାସନ ଏବଂ ସ୍ୱାର୍ଥ ବା ଅହଂ ବା ସ୍ୱଇଚ୍ଛା ସମସ୍ୟା ଅଟେ ।

▣ **''ମୃତ୍ୟୁ ନିମନ୍ତେ ଫଳ ଉତ୍ପନ୍ନ କରିବାକୁ''** ଏମାନଙ୍କ ମଧ୍ୟରେ କେଡ଼େ ସ୍ପଷ୍ଟ ବିଭେଦ (ପରସ୍ପରର ବିପରୀତ) ଭାବ
  ୧. ୫ ପଦ – ଈଶ୍ୱରଙ୍କ ପାଇଁ ଫଳ ଉତ୍ପନ୍ନ
  ୨. ୬ ପଦ – ମୃତ୍ୟୁ ପାଇଁ ଫଳ ଉତ୍ପନ୍ନ

ବିଶ୍ୱାସୀମାନେ ମୃତ୍ୟୁ, ପାପ ଓ ବ୍ୟବସ୍ଥା ପ୍ରତି ମୃତ ହୋଇଅଛନ୍ତି ଏବଂ ବର୍ତ୍ତମାନ ସେମାନେ ରାଜ୍ୟ ପାଇଁ ଫଳ ଉତ୍ପନ୍ନ କରିବାକୁ ଜୀବନଯାପନ କରନ୍ତି ! ପାଉଲ ଧଳା ଓ କଳାରେ ଚିତ୍ରିତ କରନ୍ତି (କିଅବା ଅଧିକ ଉତ୍ତମ ଦ୍ୱନ୍ଦାତ୍ମକ ବିଭାଗ ୮:୨ର ଅର୍ଥ ଦେଖ) ଜଣେ ମନୁଷ୍ୟ ଦୁଇଦଳ ମଧ୍ୟରୁ ଗୋଟିଏ ଦଳର – ଆଦମ ବା ଯୀଶୁ (୫:୧୨-୨୧) । ଯେଉଁମାନେ ଯୀଶୁଙ୍କଠାରେ ଅଛନ୍ତି ସେମାନେ ମୁକ୍ତ, ବନ୍ଧନହୀନ ଏବଂ ନୂତନ (ଗାଲାତୀ ୨:୧୯-୨୦) । ଏହା ମଧ୍ୟରେ ଚାଲ ! ଏଥିରେ ଆନନ୍ଦ କର !

**୭:୬ ''ମାତ୍ର ବର୍ତ୍ତମାନ (ଏବେ)''** ନିଉମାନ ଓ ନିଣ୍ଡା, ''ପାଉଲଙ୍କ ଲେଖା-ରୋମୀୟ ପୁସ୍ତକ ଉପରେ ଏକ ଅନୁବାଦକାରୀଙ୍କ ହସ୍ତଲିପି''ରେ ଏକ ଆକର୍ଷଣୀୟ ମନ୍ତବ୍ୟ ଅଛି ।

୫ ଓ ୬ ପଦ ମଧ୍ୟରେ ସମାନ୍ତର ଗତି ଲକ୍ଷ୍ୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ସେହି ସମୟରେ ଯାହା ଅନୁଗମନ କରେ ତାହା ସହିତ ସେମାନଙ୍କ ସମ୍ପର୍କ ଲକ୍ଷ୍ୟ କରିବା ଆବଶ୍ୟକ । ୫ ପଦ, ଖ୍ରୀଷ୍ଟିୟାନ ହେବା ପୂର୍ବର ଅନୁଭୂତି ଓ ୭:୭-୨୫ରେ ଏହାର ସାମଞ୍ଜସ୍ୟ ବର୍ଣ୍ଣନା କରେ । ୬ ପଦ, ଈଶ୍ୱରଙ୍କ ଆତ୍ମାଙ୍କ ନେତୃତ୍ୱଧୀନ ବିଶ୍ୱାସର ବର୍ତ୍ତମାନ ଜୀବନ ଓ ୮:୧-୧୧ରେ ଏହାର ସାମଞ୍ଜସ୍ୟ ବର୍ଣ୍ଣନା କରେ । (୧୩୦ ପୃଷ୍ଠା)

▣ **''ଆମ୍ଭେମାନେ ଏବେ ମୁକ୍ତ ହୋଇଅଛୁ''** ଏହା ଏକ ଆଓରିଷ୍ଟ କର୍ମକାରକ ସୂଚନା । ଏହାର ୫ ପଦର ଅସିଦ୍ଧ ମଧ୍ୟବର୍ତ୍ତୀ ସୂଚନା ସହିତ ବିପରୀତ ତୁଳନା ଅଛି । ବ୍ୟବସ୍ଥାରେ ପ୍ରକାଶିତ ହେବାନୁସାରେ ବିଶ୍ୱାସୀମାନେ ପାପ ଦ୍ୱାରା ସର୍ବଦା ଧରାପଡ଼ି ଆସିଅଛନ୍ତି, ମାତ୍ର ବର୍ତ୍ତମାନ ସେମାନେ ସୁସମାଚାରର ସୁସମ୍ବାଦଗୁଡ଼ିକ ମାଧ୍ୟମରେ ଆତ୍ମାଙ୍କ ଦ୍ୱାରା ମୁକ୍ତିପ୍ରାପ୍ତ ହୋଇ ଆସିଛନ୍ତି । ଏହି ସମାନ ଶବ୍ଦ ୨ ପଦରେ ଯେଉଁ ସ୍ତ୍ରୀଙ୍କ ସ୍ୱାମୀ ମରିଯାଆନ୍ତି ତାଙ୍କ ବିଷୟରେ ବ୍ୟବହୃତ ହୋଇଅଛି ।

▣ **''କିନ୍ତୁ ଯଦ୍ଦ୍ୱାରା ଆମ୍ଭେମାନେ ଆବଦ୍ଧ ଥିଲୁ, ସେଥିପ୍ରତି ମୃତ ହୋଇ''** ଏହା ଏକ ଆଓରିଷ୍ଟ ସକ୍ରୀୟ କ୍ରିୟା, ଏକ ଅସିଦ୍ଧ କର୍ମକାରକ ସୂଚନା ଦ୍ୱାରା ଅନୁଗମନ କରାଗଲା । ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ଈଶ୍ୱର ବିଶ୍ୱାସୀମାନଙ୍କୁ ମୁକ୍ତ କଲେ –
  ୧. ପୁରାତନ ନିୟମ ଅଭିଶାପରୁ
  ୨. ସେମାନଙ୍କ ଆଭ୍ୟନ୍ତରୀଣ ପାପପୂର୍ଣ୍ଣ ଅହଂତ୍ୱରୁ

ସେମାନେ ଈଶ୍ୱରଙ୍କ ପ୍ରକାଶିତ ଇଚ୍ଛା ବିରୁଦ୍ଧରେ ସେମାନଙ୍କ ବିଦ୍ରୋହ ପତିତ ସ୍ୱଭାବ, ବ୍ୟକ୍ତିଗତ ପାପ ଓ ଅତି ପ୍ରାକୃତିକ ପ୍ରଲୋଭନ ଦ୍ୱାରା ସର୍ବଦା ଆବଦ୍ଧ ହୋଇ ଆସିଥିଲେ (ଏଫିସୀ ୨:୨-୩) ।

▣ **''ନୂତନ ଭାବରେ''... ''ପୁରାତନ ଭାବରେ''** ଏହି ନୂତନ ଆଧାତ୍ମିକ ପଥ ନୂତନ ପ୍ରତିଜ୍ଞା (ଚୁକ୍ତି)କୁ ବୁଝାଇବା ପରି ଦେଖାଯାଏ (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬୨୨-୩୨) । ଗ୍ରୀକ୍ ଶବ୍ଦ ''ନୂତନ'' (କାଇନୋସ-କାଇନୋଟେସ୍ ପାଉଲଙ୍କ ଦ୍ୱାରା ବ୍ୟବହୃତ ହେଲା ।
  ୧. ଜୀବନର ନୂତନ ଭାବରେ, ରୋମୀ ୬:୪ (୬:୪ରେ ପୂର୍ଣ୍ଣ ଅର୍ଥ ଦେଖ)
  ୨. ଆତ୍ମାର ନୂତନ ଭାବରେ, ରୋମୀ ୭:୬
  ୩. ନୂତନ ନିୟମ, (ବିଧି) ୧ କରିନ୍ଥୀ ୧୧:୨, ୨ କରିନ୍ଥୀ ୩:୬
  ୪. ନୂତନ ସୃଷ୍ଟି ୨ କରିନ୍ଥୀ ୫:୧୭, ଗାଲାତୀ ୬:୧୫
  ୫. ନୂତନ ବା ନୂଆଲୋକ ଏଫିସୀ ୨:୧୫, ୪:୨୪

''ପୁରାତନ'' ଶବ୍ଦ ମୋଶାଙ୍କ ବ୍ୟବସ୍ଥାରେ ପ୍ରୟୋଗ କରାଯାଏ ଏବଂ ''ସମ୍ପୂର୍ଣ୍ଣଭାବେ ଲୋପ କରାଯିବା'' ବୁଝାଏ । ପାଉଲ ପୁରାତନ ନିୟମ (ଚୁକ୍ତି) ଓ ନୂତନ ନିୟମ (ଚୁକ୍ତି) ମଧ୍ୟରେ ବିପରୀତ ବିଷୟ ପ୍ରକାଶ କରନ୍ତି, ଯେପରି ଏବ୍ରୀ ଲେଖକ କରନ୍ତି (୮:୭ ଓ ୧୩ ପଦ)

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ତେଣୁ ଆତ୍ମାର ନୂତନ ଭାବରେ ଆମ୍ଭେମାନେ ଦାସ୍ୟକର୍ମ କରୁ''** |
| **ଏନ୍ ଆର ଏସ୍ ଭି ଦାସ** | **''ତେଣୁ ଆମ୍ଭେମାନେ ପୁରାତନ ଲିଖିତ ବିଧି ଅଧୀନରେ ଦାସ ନୋହୁଁ ମାତ୍ର ଆତ୍ମାଙ୍କ ନୂତନ ଭାବରେ ଅଟୁ ।''** |
| **ଟି ଇ ଭି** | **''ମାତ୍ର ଆତ୍ମାଙ୍କ ନୂତନ ପଥରେ''** |
| **ଏନ୍ ଜେ ବି** | **''ନୂତନ ଆତ୍ମିକ ପଥରେ ସେବା କରିବାକୁ ମୁକ୍ତ** |

ଏହା ଆକ୍ଷରିକ ଭାବେ ''ଆତ୍ମାର ନୂତନ ଭାବରେ'' । ଏହା ଅନିଶ୍ଚିତ ଯେ ଏହା ପୁର୍ନଜାତ ମାନବ ଆତ୍ମା ଅବା ପବିତ୍ର ଆତ୍ମାଙ୍କୁ ବୁଝାଉଛି । ଅଧିକାଂଶ ଇଂରାଜୀ ଅନୁବାଦ ଏହା ବଡ଼ ଅକ୍ଷରରେ ଲେଖେ, ଯାହା ପବିତ୍ର ଆତ୍ମାଙ୍କଠାରେ ପ୍ରୟୋଗ କରାଯାଏ । ଯେ ଅନିଶ୍ଚିତ ଭାବରେ

ରୋମୀ ୮ରେ ପ୍ରଥମ ଥର ପାଇଁ ପ୍ରକାଶ କରାଯାଇଅଛି (୧୫ଥର) । ''ଆତ୍ମା'' ଶବ୍ଦ ପୁର୍ନଜନ୍ମ ପ୍ରାପ୍ତ ମାନବ ଆତ୍ମାକୁ ବୁଝାଯାଇପାରେ ଏବଂ ସୁସମାଚାର ଦ୍ୱାରା ଓ ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହେଲେ (ରୋମୀ ୧:୪,୯, ୨:୨୯, ୭:୬, ୮:୧୫, ୧୮:୮, ୧୨:୧୧, ୧ କରିନ୍ଥୀ ୨:୧୧, ୪:୨୧, ୫:୩,୪,୫, ୭:୩୪, ୧୪:୧୫,୧୬,୩୨,୧୬-୧୮ ।

ପାଉଲଙ୍କ ଲେଖାରେ ''ଶରୀର'' ଓ ''ଆତ୍ମା'' ଅନେକ ସମୟରେ ଦୁଇଟି ଭିନ୍ନ ଚିନ୍ତା ଓ ଜୀବନ ଯାପନର ପଥ ରୂପେ ପରସ୍ପରର ବିପରୀତ ବା ବିପକ୍ଷତା ପ୍ରକାଶ କଲେ (୭:୧୪, ୮:୪, ଗାଲାତୀ ୩:୩, ୫:୧୬,୧୭,୨୫, ୬:୮) । ଈଶ୍ୱର ବିହୀନ ''ପାର୍ଥିବ ଜୀବନ ହେଉଛି ଶରୀର'' (ବିଶେଷ ପ୍ରସଙ୍ଗ ୧:୩ରେ ଦେଖ), ମାତ୍ର ଈଶ୍ୱରଙ୍କ ସହିତ ଜୀବନ ''ଆତ୍ମା'' କିଅବା ଭିତରେ ବାସ କରୁଥିବା ଆତ୍ମା ହେଉଛି ''ଆତ୍ମା'' (୮:୯,୧୧) ଯେ କି ବିଶ୍ୱାସୀକୁ ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟିରେ ରୂପାନ୍ତରିତ କରନ୍ତି (ସ୍ଥାନ ବିଶେଷରେ ବା ଅନୁଭବରେ)

## ପ୍ରାସଙ୍ଗିକ ଅର୍ନ୍ତଦୃଷ୍ଟିମାନ ରୋମୀ ୭:୭-୨୫ ଉପରେ

କ. ୭:୭ ରୋମୀ ଏକ ମାନବୀୟ ବାସ୍ତବତା ପ୍ରକାଶ କରେ । ସମସ୍ତ ମାନବଗଣ ଉଭୟ ପରିତ୍ରାଣପ୍ରାପ୍ତ ଓ ହଜିଥିବା ବ୍ୟକ୍ତି ସେମାନଙ୍କ ଜଗତରେ ଓ ସେମାନଙ୍କ ହୃଦୟ ଓ ମନରେ ଭଲ ଓ ମନ୍ଦ ଚିନ୍ତା ଅନୁଭବ କରିଅଛନ୍ତି । ଧର୍ମ ସମ୍ବନ୍ଧୀୟ ପ୍ରଶ୍ନ ହେଉଛି ''ପାଉଲ କିପରି ଏହି ପାରାଗ୍ରାଫ୍‌ଟି ବା ଶାସ୍ତ୍ରାଂଶ ବୁଝିବା ଲାଗି ପ୍ରସ୍ତୁତ କଲେ ?'' ଏହା ପ୍ରାସଙ୍ଗିକ ଭାବେ ୧:୧୮-୬:୨୩ ଏବଂ ୮:୧-୩୯ ଅଧ୍ୟାୟ ସହିତ ସମ୍ପୃକ୍ତ ହେବା ଉଚିତ । କେତେକ ଏହାକୁ ସମସ୍ତ ମାନବଗଣଙ୍କ ଉପରେ ଲକ୍ଷ୍ୟ ରଖିବା ପରି ଦେଖନ୍ତି ଏବଂ ସେଥିପାଇଁ, ପାଉଲଙ୍କ ବ୍ୟକ୍ତିଗତ ଅନୁଭୂତି ଏକ ଆଦର୍ଶ ଭାବରେ ଦେଖ । ଏହି ଅନୁବାଦକୁ ଆତ୍ମଚରିତ ମତବାଦ କୁହାଯାଏ ।

ପାଉଲ ୧ କରିନ୍ଥୀ ୧୩:୧-୩ରେ ''ମୁଁ'' ଏକ ବ୍ୟକ୍ତିଗତ ନ ହୋଇଥିବା ଅର୍ଥରେ ବ୍ୟବହାର କଲେ, ଏହି ବ୍ୟକ୍ତିଗତ ହୋଇ ନ ଥିବା ''ମୁଁ'' ଯିହୁଦୀ ଗୁରୁମାନଙ୍କଠାରୁ ମଧ୍ୟ ପ୍ରମାଣ କରାଯାଇ ପାରେ । ଏହା ଯଦି ଏଠାରେ ସତ୍ୟ, ଏହି ଶାସ୍ତ୍ରାଂଶ ମାନବ ଜାତିର ଦୋଷଶୂନ୍ୟ (ଅଜ୍ଞାତ) ଅବସ୍ଥାରୁ ପରିତ୍ରାଣ ବୋଧକୁ ପରିବର୍ତ୍ତିତ ହେବା ବୁଝାଇବ । (୮ ଅଧ୍ୟାୟ) ''ପ୍ରତିନିଧି ମତବାଦ'' (ଯଥା : ଜେରୋମ ବାଇବଲ ସମ୍ବନ୍ଧୀୟ କମେଣ୍ଟେରୀ ୩୧୨ ପୃଷ୍ଠା)

ଯାହାବି ହେଉ, ଅନ୍ୟମାନେ ଏହି ପଦଗୁଡ଼ିକୁ ଜଣେ ବିଶ୍ୱାସୀର ପତିତ ମାନବ ସ୍ୱଭାବ ସହିତ ଚାଲୁ ରହିଥିବା ଭୟଙ୍କର ସଂଘର୍ଷକୁ ସମ୍ପୃକ୍ତ କରି ଦେଖିଥାଆନ୍ତି (ଯଥା : ଅଗଷ୍ଟିନ, ଥୋମାସ୍ ଅକ୍ୱିନାସ, ମାର୍ଟିନ୍ ଲୁଥର, ଜନ୍ କାଲ୍‌ଭିନ, କାର୍ଲ ବାର୍ଥ) । ୨୪ ପଦର ହୃଦୟ ବିଦାରକ କ୍ରନ୍ଦନ ଏହି ଆଭ୍ୟନ୍ତରୀଣ ବ୍ୟଥା ପ୍ରକାଶ କରେ । ଆଓରିଷ୍ଟ ଓ ଅସିଦ୍ଧ କ୍ରିୟା କାଳମାନ ୭-୧୩ ପଦ ଉପରେ କର୍ତ୍ତୃତ୍ୱ କରେ, ଯେତେବେଳେ ବର୍ତ୍ତମାନ ଓ ସିଦ୍ଧ କ୍ରିୟା କାଳମାନ ୧୪-୨୫ ପଦ ଉପରେ କର୍ତ୍ତୃତ୍ୱ କରେ । ଏହା ''ଆତ୍ମ ଚରିତ ସମ୍ବନ୍ଧୀୟ ମତବାଦ'' ପ୍ରତି ବିଶ୍ୱାସ ସ୍ଥାପନ କରିବା ପରେ ମନେହୁଏ, ଯେପରି ପାଉଲ ତାଙ୍କର ନିଜ ଅନୁଭୂତି, ଅଜ୍ଞତାରୁ ପାପବୋଧ, ଧାର୍ମିକଗଣନ ଏବଂ ଅଗ୍ରଗତିରେ ଥିବା ପବିତ୍ରୀକରଣର ଚିନ୍ତା ଓ ବ୍ୟସ୍ତତା ପୂର୍ଣ୍ଣ ରାସ୍ତାକୁ ଯିବା ବର୍ଣ୍ଣନା କରୁଛନ୍ତି ଅଟୋସ୍ ଇଗୋ, ''ମୁଁ ନିଜେ'' ୨୫ ପଦ)

ଉଭୟ ମତ ସତ୍ୟ ଥିବା କେବଳ ସମ୍ଭବ ପର । ୭-୧୩ ପଦ ଓ ୨୫ଖରେ ପାଉଲ ଆତ୍ମ ଚରିତ୍ର ଭାବେ କହୁଅଛନ୍ତି, ଯେତେବେଳେ ସେ ୧୪-୨୫ ପଦରେ କହୁଛନ୍ତି ତାଙ୍କର ଆଭ୍ୟନ୍ତରୀଣ ସଂଘର୍ଷର ଅନୁଭୂତି ପାପ ସହିତ, ସମୁଦାୟ ମୁକ୍ତିପ୍ରାପ୍ତ ମାନବ ଜାତିର ପ୍ରତିନିଧି ରୂପେ । ଯାହାବି ହେଉ, ଏହା ସ୍ମରଣ ରଖିବା ଉଚିତ ଯେ, ପାଉଲ ତାଙ୍କ ପୁର୍ନଜନ୍ମ ପୂର୍ବେ ଏକ ସମର୍ପିତ ଯିହୁଦୀ ଧର୍ମବିଶ୍ୱାସୀ ରୂପେ ତାଙ୍କ ଅତୀତର ଅବସ୍ଥା ବିରୁଦ୍ଧରେ ଏହି ସମ୍ପୂର୍ଣ୍ଣ ଶାସ୍ତ୍ରାଂଶଟି ମଧ୍ୟ ଦେଖାଯିବା ଉଚିତ । ପାଉଲଙ୍କ ଅନୁଭବ ଅନନ୍ୟ ରୂପେ ତାହାଙ୍କର ଥିଲା ।

ଖ. ବ୍ୟବସ୍ଥାତ ଉତ୍ତମ, ଏହା ଈଶ୍ୱରଙ୍କଠାରୁ ଆଗତ । ଏହା ଏକ ସ୍ୱର୍ଗୀୟ ଉଦ୍ଦେଶ୍ୟର ସେବା କଲା ଓ ସେବା କରିବାରେ ଲାଗି ରହେ (୭:୭,୧୨,୧୪,୨୨,୨୫, ମାଥିଉ ୫:୧୭-୧୯) । ଏହା ଶାନ୍ତି ଓ ପରିତ୍ରାଣ ଆଣି ପାରେ ନାହିଁ (ଗାଲାତୀୟ୩) । ଜେମ୍ସ୍ ଷ୍ଟିୱାର୍ଟ୍ ତାଙ୍କର ''ଏମ୍ୟାନ ଇନ୍ କ୍ରାଇଷ୍ଟ'' ପୁସ୍ତକରେ ପାଉଲଙ୍କ ଦ୍ୱନ୍ଦାତ୍ମକ ଚିନ୍ତା ଓ ଲେଖା ଦର୍ଶାନ୍ତି :

> ଜଣେ ବ୍ୟକ୍ତି ଯେ କି ଏକ ପ୍ରକାର ଚିନ୍ତା ଓ ମୂଳତତ୍ତ୍ୱ ପ୍ରସ୍ତୁତ କରିବାକୁ ନିଜକୁ ଉପଯୁକ୍ତ ସ୍ଥାନରେ ରଖେ, ସେ ପ୍ରୟୋଗ କରୁଥିବା ଶବ୍ଦର ଅର୍ଥକୁ, ଯେତେଦୂର ସମ୍ଭବ ଦୃଢ଼ ରୂପେ ଧରି ରଖିବ ଏହା ତୁମେ ତା'ଠାରୁ ସ୍ୱାଭାବିକ ଭାବେ ଅପେକ୍ଷା କରିବ । ସେ ତାହାର ଚାଳନା ଦେଉଥିବା ଭାବଧାରାର ଶବ୍ଦ ବିନ୍ୟାସରେ ନିର୍ଭୁଲ ରହିବା ଲକ୍ଷ୍ୟ ରଖିଥିବା ତୁମେ ତା'ଠାରୁ ଅପେକ୍ଷା କରିବ । ତୁମେ, ତୁମ ଲେଖକଙ୍କ ଦ୍ୱାରା ଗୋଟିଏ ଶବ୍ଦ ଯେଉଁ ନିର୍ଦ୍ଦିଷ୍ଟ ଅର୍ଥରେ ଥରେ ବ୍ୟବହାର କରାଯାଇଅଛି, ତାହା ସର୍ବତ୍ର ସେହି ଅର୍ଥରେ ବ୍ୟବହାର କରାଯିବା ଦାବୀ କରିବ । ମାତ୍ର ପାଉଲଙ୍କଠାରୁ ଏହା ଖୋଜିଲେ, ନିରୁତ୍ସାହିତ ହେବାକୁ ପଡ଼ିବ । ତାଙ୍କର ବହୁପରିମାଣ ଶବ୍ଦ ବିନ୍ୟାସ ହେଉଛି ତରଳ ପଦାର୍ଥ କଠିନ ନୁହେଁ... ସେ ଲେଖନ୍ତି ବ୍ୟବସ୍ଥା ହେଉଛି ପବିତ୍ର । ''ମୁଁ ଈଶ୍ୱରଙ୍କ ବ୍ୟବସ୍ଥା ମନୁଷ୍ୟ ଭିତରେ ଥିବାରେ ଆନନ୍ଦ କରେ'' (ରୋମୀ ୭:୧୨) ମାତ୍ର ଏହା ''ନୋମୋସ୍''ର ସ୍ପଷ୍ଟ ଅନ୍ୟ ଏକ ବିଷୟ, ଯାହା ତାହାଙ୍କୁ ଅନ୍ୟଠାରେ କହିବାକୁ ଦିଏ, ଖ୍ରୀଷ୍ଟ ଆମ୍ଭମାନଙ୍କୁ ବ୍ୟବସ୍ଥାର ଅଭିଶାପରୁ ମୁକ୍ତ କରିଅଛନ୍ତି'' (ଗାଲାତୀ ୩:୧୩) (୨୬ ପୃଷ୍ଠା)

ଗ. ପାଠ୍ୟାଂଶ ସମ୍ବନ୍ଧୀୟ ସୂଚନା ଏହି ପ୍ରଶ୍ନ ସହିତ ବ୍ୟବହାର କରେ । ୧୪-୨୫ ପଦ ମଧ୍ୟରେ ପାଉଲ ପରିତ୍ରାଣ ପ୍ରାପ୍ତ ବା ପରିତ୍ରାଣ ବିହୀନ ବ୍ୟକ୍ତିଙ୍କ ବିଷୟ କହୁଛନ୍ତି ?

୧. ପରିତ୍ରାଣ ବିହୀନ ବ୍ୟକ୍ତି

କ. ଏହା ଥିଲା ଆଦ୍ୟ ଗ୍ରୀକଭାଷା କହୁଥିବା ମଣ୍ଡଳୀ ପିତାମାନଙ୍କର ଅନୁବାଦ (ପରଭାଷା)

ଖ. ନିମ୍ନଲିଖିତ ପଦମାନ ବା ଖଣ୍ଡବାକ୍ୟ ମାନ ଏହି ମତକୁ ସପକ୍ଷତା ଦିଅନ୍ତି ।

(୧) ‘‘ମୁଁ ଶାରୀରିକ’’ ୧୪ ପଦ

(୨) ପାପର କ୍ରିତଦାସ ୧୪ ପଦ

(୩) ମୋ’ଠାରେ କୌଣସି ଉତ୍ତମ ବିଷୟ ବାସ କରେ ନାହିଁ ୧୮ ପଦ

(୪) ଆଉ ମୋହର ଅଙ୍ଗ ପ୍ରତ୍ୟଙ୍ଗରେ ଯେଉଁ ପାପର ବ୍ୟବସ୍ଥା ଅଛି, ମୋତେ ସେଥିର ବନ୍ଦୀ କରିଦିଏ ୨୩ ପଦ

(୫) ହାୟ ! ଦୁର୍ଭାଗ୍ୟ ମନୁଷ୍ୟ ଯେ ମୁଁ, ମୋତେ ଏହି ମୃତ୍ୟୁର ଶରୀରରୁ କିଏ ଉଦ୍ଧାର କରିବ । ୨୪ ପଦ

ଗ. ୬ ଅଧ୍ୟାୟର ସେହି ମୁହୂର୍ତ୍ତର ପୂର୍ବାପର ସମ୍ବନ୍ଧ ହେଉଛି ଯେ ଆମ୍ଭେମାନେ ପାପର କର୍ତ୍ତୃତ୍ୱରୁ ମୁକ୍ତ ଅଟୁ । ୮ ଅଧ୍ୟାୟର ପୂର୍ବାପର ସମ୍ବନ୍ଧ ‘‘ଅତଏବ’’ ଦ୍ୱାରା ଆରମ୍ଭ ହୋଇଅଛି ।

ଘ. ଏହି ଶାସ୍ତ୍ରାଂଶଟିର ଶେଷ ପର୍ଯ୍ୟନ୍ତ ପବିତ୍ର ଆତ୍ମା ବା ଖ୍ରୀଷ୍ଟଙ୍କ ବିଷୟରେ କିଛି ଅନୁପସ୍ଥିତ ଅଛି । (୨୫ ପଦ)

୨. ପରିତ୍ରାଣ ପ୍ରାପ୍ତ ବ୍ୟକ୍ତି

କ. ଏହା ହେଉଛି ଅଗଷ୍ଟିନ୍ କାଲ୍‌ଭିନ୍ ଓ ସଂସ୍କାରିତ ପରମ୍ପରାର ପରିଭାଷା ବା ଭାଷାନ୍ତର ।

ଖ. ନିମ୍ନଲିଖିତ ଖଣ୍ଡବାକ୍ୟଗୁଡ଼ିକ ଏହି ମତକୁ ସପକ୍ଷତା ଦିଏ

(୧) ‘‘ବ୍ୟବସ୍ଥା ଯେ ଆତ୍ମିକ, ଏହା ଆମ୍ଭେମାନେ ଜାଣୁ’’ ୧୪ ପଦ

(୨) ‘‘ବ୍ୟବସ୍ଥା ଯେ ଉତ୍ତମ ତାହା ମୁଁ ସ୍ୱୀକାର କରେ’’ ୧୬ ପଦ

(୩) ଯେଉଁ ଉତ୍ତମ କର୍ମ କରିବାକୁ ମୁଁ ଇଚ୍ଛା କରେ, ତାହା କରେ ନାହିଁ’’ ୧୯ ପଦ

(୪) ଆନ୍ତରିକ ପୁରୁଷର ଭାବାନୁସାରେ ମୁଁ ଈଶ୍ୱରଙ୍କ ବ୍ୟବସ୍ଥାରେ ଆନନ୍ଦ କରେ ୨୨ ପଦ

ଗ. ରୋମୀୟ ପୁସ୍ତକର ବୃହତ୍ତର ଶାସ୍ତ୍ରାଂଶ ୭ମ ଅଧ୍ୟାୟକୁ ପବିତ୍ରୀକରଣ ବିଷୟ ସହିତ କାରବାର କରିବା ବିଭାଗରୂପେ ସ୍ଥାପନ କରିଅଛ

ଘ. ୭-୧୩ ପଦରେ ଅସିଦ୍ଧ ଓ ଆଓରିଷ୍ଟରୁ କ୍ରିୟା କାଳମାନର ସ୍ପଷ୍ଟ ପରିବର୍ତ୍ତନ, ୧୪-୨୪ ପଦରେ ବର୍ତ୍ତମାନ କାଳର ଅବିଚଳିତ ବ୍ୟବହାରକୁ ହେବା ଦ୍ୱାରା, ଏହା ପାଉଲଙ୍କ ଜୀବନର ଏକ ଭିନ୍ନ ଓ ନୂତନ ପର୍ଯ୍ୟାୟ (ଯଥା : ମନପରିବର୍ତ୍ତନ) ସୂଚନା ପ୍ରଦାନ କରିଛି ।

ଘ. ଜଣେ ବିଶ୍ୱାସୀ ଯେତେ ଅଧିକ ଖ୍ରୀଷ୍ଟଙ୍କ ସଦୃଶ ହେବାକୁ ଚେଷ୍ଟା ବା ଉଦ୍ୟମରେ ଲାଗି ରହିବ ସେ ଆପଣା ପାପମୟତା ଅଧିକ ଅନୁଭବ କରେ । ଏହି ଦ୍ୱନ୍ଦ ଏହି ଶାସ୍ତ୍ରାଂଶ ପାଇଁ ଓ ପାଉଲଙ୍କ ବ୍ୟକ୍ତିତ୍ୱ ପାଇଁ ପ୍ରଯୁଜ୍ୟ, ଏଥି ସକାଶେ, ଅଧିକାଂଶ ବିଶ୍ୱାସୀ, ଏକ ବିପରୀତ ମତ ପାଇଁ ଗୋର୍ଡନ ଫିଙ୍କ, ‘‘ପାଉଲ, ଆତ୍ମା ଓ ଈଶ୍ୱରଙ୍କ ଲୋକମାନେ’’ ଲେଖା ଦେଖନ୍ତୁ ।

ହେନରୀ ଟୁୟେଲଙ୍କ ଦ୍ୱାରା ଲିଖିତ ଏକ ଲୁଥରାନ ଗୀତରୁ ଏକ ଧାଡ଼ି -

‘‘ହେ ପ୍ରଭୁ କାହାରି ନାହିଁ ସିଦ୍ଧ ବିଶ୍ରାମ<br>
କେହି ନାହିଁ ପାପରୁ ସମ୍ପୂର୍ଣ୍ଣ ସ୍ୱାଧୀନ<br>
ଅଚେତ ଲୋକେ ହିଁ କରିବେ ତୁମ ସେବା ସର୍ବୋତ୍ତମ<br>
ସଚେତନଙ୍କ ଅଧିକାଂଶ ଭ୍ରମ ଅଛି ଅଭ୍ୟାନ୍ତରୀଣ’’

ମୁଁ ଭାବେ ପାଉଲ ତାଙ୍କର ଅତୀତ ଫାରୁଶୀ ଅନୁଭୂତିଗୁଡ଼ିକ ସହିତ ସଂଘର୍ଷ କରୁଥିଲେ ଯାହାକି ତାଙ୍କୁ ‘‘ବ୍ୟବସ୍ଥା’’ ଓ ‘‘ପାପ’’ / ମୃତ୍ୟୁ’’ର ଉପସ୍ଥାପନା ପାଇଁ ଏକ ଆକାର ପ୍ରଦାନ କଲା । ଯାହାବି ହେଉ, ମୁଁ ମଧ୍ୟ ମୋର ପରିତ୍ରାଣ ପରେ ପ୍ରଲୋଭନ ଓ ପାପ ସହିତ ମୋ’ ନିଜର ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଅଛି ଏହା ନିଶ୍ଚୟ ମୋର ଅନୁବାଦକୁ ରଞ୍ଜିତ କରିଅଛି । ମୁଁ ଭାବେ ଗୋର୍ଡନ ଫି ଙ୍କ ପାଉଏ, ଆତ୍ମା ଓ ଈଶ୍ୱରଙ୍କ ଲୋକମାନେ ପୁସ୍ତକ, ଆଉ ଏକ ମୂଲ୍ୟବାନ ଖ୍ରୀଷ୍ଟିୟ ଅନୁଭବ ଓ ଦୃଷ୍ଟିକୋଣ ପରିପ୍ରକାଶ କରେ । ମୁଁ ଗୋଟିଏ ବିଷୟ ଜାଣେ, ବ୍ୟସ୍ତତାପୂର୍ଣ୍ଣ ଚିନ୍ତା ଓ ବିବାଦ ମଧ୍ୟରେ

୧. ପୁରାତନ ଯୁଗ - ନୂତନ ଯୁଗ

୨. ପୁରାତନ ମନୁଷ୍ୟ (ପୁରୁଷ) - ନୂତନ ମନୁଷ୍ୟ (ପୁରୁଷ)

୩. ବ୍ୟବସ୍ଥା - ଆତ୍ମା

ଖ୍ରୀଷ୍ଟଙ୍କଠାରେ ଏସବୁ ସହିତ ବ୍ୟବହାର କରିଆସିଅଛି । ୬ ଓ ୮ ଅଧ୍ୟାୟ ଲକ୍ଷ୍ୟ ନ କରିବା ଅବସ୍ଥାରେ କେବେ ହେଲେ ୭ମ ଅଧ୍ୟାୟରେ ଲକ୍ଷ୍ୟଭୁକ୍ତ ହୁଅ ନାହିଁ । ତାହାଙ୍କଠାରେ ଆମର ବିଜୟ ଅଛି ।

ଙ. ସୂର୍ଯ୍ୟ (୮:୩୨ ଅବ୍ୟୟ ପୂର୍ବ ଉପସ୍ଥିତି) ରୋମୀ ୮ରେ ଏକତ୍ରିକରଣ

୧. ୧୬ ପଦ - ସୂର୍ଯ୍ୟ + ସାକ୍ଷୀ / ସାକ୍ଷ୍ୟଦାନ

୨. ୧୭ ପଦ - ସୂର୍ଯ୍ୟ + ଉତ୍ତରାଧିକାରୀ

୩. ୧୭ ପଦ – ସୂର୍ଯ୍ୟ + କ୍ଳେଶଭୋଗକର
୪. ୧୭ ପଦ – ସୂର୍ଯ୍ୟ + ଗୌରବ ଦିଅ
୫. ୨୨ ପଦ – ସୂର୍ଯ୍ୟ + ଆର୍ତ୍ତନାଦକର
୬. ୨୨ ପଦ – ସୂର୍ଯ୍ୟ + ପ୍ରସବବେଦନା
୭. ୨୭ ପଦ – ସୂର୍ଯ୍ୟ + ଧରି ରଖ
୮. ୨୮ ପଦ – ସୂର୍ଯ୍ୟ + ସହିତ କାର୍ଯ୍ୟକର / ସହଯୋଗ କର
୯. ୨୯ ପଦ – ସୂର୍ଯ୍ୟ + ସ୍ୱଷ୍ଟଜ୍ଞାନ ପାଇବା
ଏହି ସମ୍ମିଳିତ ବିଷୟ ସଂଯୁକ୍ତ ଅଂଶଗ୍ରହଣ ବା ସହଯୋଗକୁ ବୁଝାଏ

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୭:୭–୧୨**
**[7]ତେବେ ଆମ୍ଭେମାନେ କଅଣ କହିବା ? ବ୍ୟବସ୍ଥା କଅଣ ପାପ ? ତାହା କେବେ ହେଁ ନ ହୋଇ, ବରଂ ପାପ କଅଣ, ତାହା ବ୍ୟବସ୍ଥା ବିନା ମୁଁ ଜାଣି ନ ଥାଆନ୍ତି, କାରଣ ଲୋଭ କର ନାହିଁ, ବ୍ୟବସ୍ଥା ଏହା କହି ନ ଥିଲେ ଲୋକ କଅଣ, ତାହା ମୁଁ ଜାଣି ନ ଥାଆନ୍ତି । [8]କିନ୍ତୁ ପାପ ସୁଯୋଗ ପାଇ ଆଜ୍ଞା ଦ୍ୱାରା ମୋ'ଠାରେ ସବୁପ୍ରକାର ଲୋଭ ଜନ୍ମାଇଲା, କାରଣ ବ୍ୟବସ୍ଥା ବିନା ପାପ ମୃତ । [9]ଆଉ ମୁଁ ଏକ ସମୟରେ ବ୍ୟବସ୍ଥା ବିନା ଜୀବିତ ଥିଲି, କିନ୍ତୁ ଆଜ୍ଞା ଆସନ୍ତେ ପାପ ଜୀବିତ ହେଲା, ପୁଣି ମୁଁ ମୃତ ହେଲି, [10]ସେଥିରେ ଜୀବନଦାୟକ ଯେଉଁ ଆଜ୍ଞା ତାହା ମୋ' ପକ୍ଷରେ ମୃତ୍ୟୁଦାୟକ ବୋଲି ଜଣାଗଲା । କାରଣ ପାପ ସୁଯୋଗ ପାଇ ଆଜ୍ଞା ଦ୍ୱାରା ମୋତେ ପ୍ରତାରଣା କଲା, ପୁଣି ତାହା ଦ୍ୱାରା ମୋତେ ବଧ କଲା । [12]ଅତଏବ ବ୍ୟବସ୍ଥା, ପବିତ୍ର, ପୁଣି ଆଜ୍ଞା ପବିତ୍ର, ନ୍ୟାୟସଙ୍ଗତ ଓ ଉତ୍ତମ ।''**

**୭:୭ ''ତେବେ ଆମ୍ଭେମାନେ କଅଣ କହିବା ?''** ପାଉଲ ତାଙ୍କର ଭସନା ପୂର୍ଣ୍ଣ ସମାଲୋଚନାର ବ୍ୟବହାରକୁ ଫେରୁଛନ୍ତି (୬:୧,୧୫, ୭:୧,୧୩)

- **''ବ୍ୟବସ୍ଥା କ'ଣ ପାପ ?''** ପ୍ରକାଶିତ ବିଷୟର ଦ୍ୱନ୍ଦମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ଯେ, ଈଶ୍ୱର ବ୍ୟବସ୍ଥାର ପବିତ୍ରତା ଓ ଉତ୍ତମତାକୁ ପାପ ପ୍ରକାଶ କରିବା ପାଇଁ ଏକ ଦର୍ପଣ ରୂପେ ବ୍ୟବହାର କଲେ, ଯେପରି ପତିତ ମାନବଜାତିକୁ ମନ ପରିବର୍ତ୍ତନ ଓ ବିଶ୍ୱାସର ସ୍ଥାନକୁ ଆଣିବ (୧୨,୧୩ ପଦ, ଗାଲାତୀୟ ୩ ପଦ) । ଆହୁରି ମଧ୍ୟ ବ୍ୟବସ୍ଥା ଅଚାନକ ଭାବେ ପବିତ୍ରୀକରଣଠାରେ କାର୍ଯ୍ୟ କରିବାରେ ଲାଗି ରହେ ମାତ୍ର ଧାର୍ମିକକରଣରେ ନୁହେଁ । (ବିଶେଷ ପ୍ରସଙ୍ଗ ଦେଖ : ୧୩:୯ରେ ମୋଶାଙ୍କ ବ୍ୟବସ୍ଥାର ପାଉଲଙ୍କ ମତାମତ)
- **''ତାହା କେବେ ହେଁ ନ ହେଉ''** ଏକ ମିଥ୍ୟା ମତର ଅଗ୍ରାହ୍ୟ ପାଉଲଙ୍କ ଚାରିତ୍ରିକଗୁଣ (୧୩, ୩:୪,୬, ୩୧, ୬:୨,୧୫,୯:୧୪, ୧୧:୧,୧୧, ଗାଲାତୀୟ ୨:୧୭, ୩:୨୧)
- **''ବରଂ ବିପକ୍ଷରେ''** ପାଉଲଙ୍କ ସାହିତ୍ୟିକ ଶୈଳୀ ରୋମୀୟ ପୁସ୍ତକରେ, ସେ ତାଙ୍କ ବିଷୟ ବସ୍ତୁ ପାଇଁ ବଳିଷ୍ଠ ବିପରିତ ତୁଳନା ବ୍ୟବହାର କରନ୍ତି । ୩:୪,୬,୩୧, ୬:୨,୧୫, ୭:୧୩, ୯:୧୪, ୧୧:୧,୧୧)
- **''ମୁଁ''** ତୁମ ବାଇବଲରେ ଚିହ୍ନ ଦିଅ ଅନେକ ଥର ବ୍ୟକ୍ତିଗତ ସର୍ବନାମ ଗୁଡ଼ିକ ''ମୁଁ, ମୋର'' ବା ''ମୋତେ'' ଏହି ଶାସ୍ତ୍ରାଂଶରେ ଦେଖାଯାଏ । ଏହା ତୁମକୁ ଚକିତ କରିବ । ଏହା ଏପରିକି ୪୦ (ଚାଳିଶ) ଥର ପର୍ଯ୍ୟନ୍ତ ଅଛି ।
- **''ପାପ କ'ଣ ତାହା ବ୍ୟବସ୍ଥା ବିନା ମୁଁ ଜାଣି ନ ଥାଆନ୍ତି''**, ମୁଖ୍ୟ ଅଂଶଗୁଡ଼ିକ ମଧ୍ୟରୁ ଏହା ଗୋଟିଏ ଯାହାକି ମୋଶା ବ୍ୟବସ୍ଥା, ବ୍ୟକ୍ତିଗତ ପାପ ପ୍ରକାଶ କରିବାକୁ ଏକ ଦର୍ପଣ ରୂପେ କାର୍ଯ୍ୟ କରିବା ବିଷୟ ପ୍ରକାଶ କରେ (୩:୨୦, ୪:୬୫, ୫:୨୦, ଗାଲାତୀ ୩:୧୪–୨୯) ବିଶେଷତଃ ୨୪ ପଦ । ଥରେ ବ୍ୟବସ୍ଥା ଭଙ୍ଗ କରିବା ନିୟମ (ଚୁକ୍ତି) ଭଙ୍ଗ କରିବା ଥିଲା ତାହାଦ୍ୱାରା ଏହାର ପରିଣାମ ଭୋଗ କରିବ (୧୦ ଓ ଯାକୁବ ୨:୧୦)
- **''ବ୍ୟବସ୍ଥା ବିନା''** ଏହା ଦ୍ୱିତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ''ସତ୍ୟ ଘଟଣାର ବିପରୀତ'' କୁହାଯାଏ । ପାଉଲ ପାପ ବୋଧ ପାଇଥିଲେ । ରୋମୀୟ ପୁସ୍ତକରେ ଏହା ବ୍ୟାକରଣିକ ଛବିର ଏକମାତ୍ର ଉଦାହରଣ ଅଟେ । ପାଉଲ ଏହା ଗାଲାତୀ ୧:୧୦, ୩:୨୧ ଆହୁରି ମଧ୍ୟ ୧ କରିନ୍ଥୀ ୨:୮, ୫:୧୦, ୧୧:୩୧ ଓ ୨ କରିନ୍ଥୀ ୧୨:୧୧ ବ୍ୟବହାର କରନ୍ତି ।
- **''ତୁମ୍ଭେ ଲୋଭ କରିବ ନାହିଁ''** ଏହା ଦଶ ଆଜ୍ଞାର ଶେଷ ଆଜ୍ଞାର ଉଦ୍ଧୃତାଂଶ (ଯାତ୍ରା ୨୦:୧୭, ୨ ବିବରଣ ୫:୨୧) । ଏହି ଶେଷ ଆଜ୍ଞା ଉପଯୁକ୍ତ ମନୋବୃତ୍ତି ଉପରେ ଲକ୍ଷ୍ୟ କରାଯାଇଅଛି, ଯାହା ସେହି ସମସ୍ତ ଆଜ୍ଞାର ସାରାଂଶ (ମାଥିଉ ୫–୭) । ବ୍ୟବସ୍ଥା ଅନେକ ସମୟରେ ''ଆଦେଶ ବା ଆଜ୍ଞା'' ବୋଲି କୁହାଯାଇଅଛି ।

''ଲୋଭ'' ଶବ୍ଦ ବୁଝାଏ ''ଜଣକ ହୃଦୟ କାହା ଉପରେ ସ୍ଥାପନ କରିବା'' କିଅବା ''ବଳବତ୍ତର ଭାବେ ଇଚ୍ଛା କରିବା ।'' ଈଶ୍ୱର ମାନବଗଣଙ୍କୁ (ହଜିଯାଇଥିବା ଏବଂ ଉଦ୍ଧାର ମୁକ୍ତି ପାଇଥିବା) ସୃଷ୍ଟି ମାଧ୍ୟମରେ ଅନେକ ଉତ୍ତମ ବିଷୟମାନ ଦେଇଅଛନ୍ତି, ମାତ୍ର ଈଶ୍ୱରଙ୍କ ଦାନଗୁଡ଼ିକୁ ଈଶ୍ୱର-ଦତ୍ତ ସୀମାରେଖା ଅତିକ୍ରମ କରି ମାନବଗଣ ନେବାକୁ ଆଗ୍ରହୀ ବା ଇଚ୍ଛୁକ, ''ଅଧିକରୁ ଅଧିକ ମୋ' ପାଇଁ, ଯାହା ମୂଲ୍ୟ ଦେବାକୁ ହେଉନା କାହିଁକି'' ସେମାନଙ୍କର ସମ୍ମୁଖସ୍ଥ ନୀତିବାକ୍ୟ । ଅହଂ (ସ୍ୱାର୍ଥ) ହେଉଛି ଏକ ଭୟଙ୍କର ଅତ୍ୟାଚାରୀ ! ବିଶେଷ ପ୍ରସଙ୍ଗ ଦେଖ : ଯାତ୍ରା ୨୦:୧୭, ୧୩:୮-୯ରେ ଥିବା ଅର୍ଥ ଦେଖ ।

**୭:୮**

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ସୁଯୋଗ ନେଇ''** |
| **ଏନ୍ ଆର ଏସ୍ ଭି** | **''ଏକ ସୁଯୋଗ ଧରି ନେଇ''** |
| **ଟି ଇ ଭି** | **''ଏହାର ସୁଯୋଗ ମିଳିଲା''** |
| **ଏନ୍ ଜେ ବି** | **''ସୁବିଧା ଗ୍ରହଣ କଲା''** |

ଏହା ଏକ ସୈନିକମାନଙ୍କ ଶବ୍ଦ, ଏକ ସୈନ୍ୟ ଘାଟି ବା ମୁଖ୍ୟସ୍ଥଳର କାର୍ଯ୍ୟାବଳୀରେ ବ୍ୟବହାର କରାଯାଇଥିବା ଶବ୍ଦ ୮ ପଦ ଓ ୧୧ ପଦ । ଏହିପରିପ୍ରେକ୍ଷୀରେ ଏହାକୁ ବ୍ୟକ୍ତିଗତ କରାଯାଇଛି (୯,୧୧ ପଦ ଓ ୧୭ ପଦ, ୬:୧୨,୧୪,୧୬ ପଦ)

▣ **''ବ୍ୟବସ୍ଥା ବିନା ପାପ ମୃତ''** ପାପ ହେଉଛି ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ବିଦ୍ରୋହ (ରୋମୀ ୪:୧୫, ୫:୧୩, ୧ କରିନ୍ଥୀ ୧୫:୫୬) ଏହି ଖଣ୍ଡ ବାକ୍ୟରେ କ୍ରିୟା ପଦ ନାହିଁ, ଗୋଟିଏ ଯୋଗାଇ ଦିଆଯିବା ଉଚିତ । ଯଦି ଜଣେ ବର୍ତ୍ତମାନ କାଳ ଯୋଗାଏ, ଏହା ବୁଝାଏ ଯେ ଏହା ଏକ ସର୍ବଜନୀନ ନିୟମ । ଯଦି ଜଣେ ଆଓରିଷ୍ଟ କାଳ ଯୋଗାଏ, ଏହା ବିଶେଷତଃ ନିର୍ଦ୍ଦିଷ୍ଟ ଭାବେ ପାଉଲଙ୍କ ଜୀବନକୁ ବୁଝାଉଛି ।

**୭:୯ ''ମୁଁ ଥରେ ଜୀବିତ ଥିଲି''** ଏହା ପାଉଲଙ୍କୁ ବୁଝାଏ (୧) ନିର୍ଦ୍ଦୋଷତାର ବୟସରେ ଜଣେ ଶିଶୁ (ଯଥା : ବାରମିଟଜ୍‌ଭାଙ୍କ ପୂର୍ବେ) କିଅବା (୨) ସୁସମାଚାରର ସତ୍ୟ ତାହାଙ୍କ ହୃଦୟ ମଧ୍ୟକୁ ଭାଙ୍ଗି ପ୍ରବେଶ କରିବା ପୂର୍ବେ ପାଉଲ ଜଣେ ସମର୍ପିତ ଫାରୁଶୀ ରୂପେ (ପ୍ରେରିତ ୨୩୧, ଫିଲିପ୍ପୀ ୩:୬, ୨ ତୀମଥି ୧:୩) । ପ୍ରଥମ ''ଆତ୍ମଚରିତ ମତବାଦ'' ୭ ଅଧ୍ୟାୟର ଅନୁବାଦ ଏବଂ ଦ୍ୱିତୀୟ ''ପ୍ରତିନିଧି ମତବାଦ'' ୭ମ ଅଧ୍ୟାୟର ଅନୁବାଦ ପରିପ୍ରକାଶ କରେ ।

▣ **''ଆଜ୍ଞା ଆସନ୍ତେ ପାପ ଜୀବିତ ହେଲା, ପୁଣି ମୁଁ ମୃତ ହେଲି''** ମାନବଜାତିର ବିଦ୍ରୋହୀ ଆତ୍ମା ବାରଣ କରାଯିବା ଦ୍ୱାରା ଶକ୍ତିଶାଳୀ ହେଲା । ଈଶ୍ୱରଙ୍କ ବ୍ୟବସ୍ଥାର ''କର ନାହିଁ'', ପତିତ ମାନବ ଜାତିର ଆତ୍ମ-ଚାଳିତ ଗର୍ବକୁ ତ୍ୱରାନ୍ୱିତ କରେ (ଆଦି ୨:୧୬-୧୭, ୩:୧-୬) । ପାପ କିପରି ଜକିତ୍ୱ ଲାଭ କରିବାରେ ଲାଗି ରହେ ଲକ୍ଷ୍ୟ କର (ଯେପରି ୫:୨୧ ଓ ୬:୮,୧୧, ୧୭,୨୦ରେ ଅଛି ।

**୭:୧୦ ''ସେଥିରେ ଜୀବନଦାୟକ ଯେଉଁ ଆଜ୍ଞା ତାହା ମୋ' ପକ୍ଷରେ ମୃତ୍ୟୁଦାୟକ ବୋଲି ଜଣାଗଲା''** ଏହା ସମ୍ଭବତଃ ଲେବୀ ୧୮:୫, ଦ୍ୱିତୀୟ ବିବରଣୀ ୪:୧ ବା ସମ୍ଭବତଃ ରୋମୀ ୨:୧୩ର ପ୍ରତିଜ୍ଞାକୁ ବୁଝାଏ ବ୍ୟବସ୍ଥା ପ୍ରତିଜ୍ଞା କଲା ଯାହା, ଏହା ସଫଳ କରି ପାରିଲା ନାହିଁ, ଏହା ପାପମୟ ବୋଲି ନୁହେଁ, ମାତ୍ର ମାନବ ଜାତି ଦୁର୍ବଳ ଓ ବିଦ୍ରୋହୀ । ବ୍ୟବସ୍ଥା ଏକ ମୃତ୍ୟୁଦଣ୍ଡରେ ପରିଣତ ହେଲା (ଗାଲାତୀ ୩:୧୩, ଏଫିସୀ ୨:୧୫, କଲସୀ ୨:୧୪) ।

**୭:୧୧ ''ମୋତେ ପ୍ରତାରଣ କଲା ପୁଣି ତାହା ଦ୍ୱାରା ମୋତେ ବଧ କଲା''** ଏହା ଉଭୟ ଆଓରିଷ୍ଟ କ୍ରିୟ ସୂଚନା ଦାନକାରୀ କ୍ରିୟାମାନ, ଏହି ''ପ୍ରତାରଣା'' ଶବ୍ଦ ଗ୍ରୀକ୍ ଅନୁବାଦ (ସେଣ୍ଟୁଆଜିଣ୍ଟ)ରେ ହବାକୁ ସର୍ପ ପ୍ରତାରଣା କରିବା ବିଷୟର ବ୍ୟବହାର କରାଯାଇଛି (ଆଦି ୩:୧୩ର) । ପାଉଲ ଏହି କ୍ରିୟା ପଦକୁ ଅନେକ ଥର ବ୍ୟବହାର କରନ୍ତି (ରୋମୀ ୧୬:୧୮, ୧ କରିନ୍ଥୀ ୩:୧୮, ୨ କରିନ୍ଥୀ ୧୧:୩, ୨ ଥେସଲନୀକୀ ୨:୩, ୧ ତୀମଥି ୨୧୪) । ଆଦମ ଓ ହବା ଈଶ୍ୱରଙ୍କ ଆଦେଶ ଅମାନ୍ୟ କରିବା ଦ୍ୱାରା ଆତ୍ମିକ ଭାବେ ମୃତ୍ୟୁଭୋଗ କଲେ । (ବର୍ତ୍ତମାନ ବ୍ୟବସ୍ଥାରେ ପ୍ରକାଶିତ ହେଲା ୧ କରିନ୍ଥୀ ୧୫:୫୬) ଏବଂ ପାଉଲ ସେପରି କଲେ ଓ ସମୁଦାୟ ମାନବଜାତି ସେପରି କରନ୍ତି (୧:୧୮-୩:୨୦) ।

**୭:୧୨ ''ଏହା ହେଉଛି ପାଉଲଙ୍କ ବ୍ୟବସ୍ଥାର ଉତ୍ତମତାର ସାବ୍ୟସ୍ତ କରିବା ।''** ଏହା ସମସ୍ୟା ନୁହେଁ । ଯାହାବି ହେଉ ପାଉଲଙ୍କ ସମାନ୍ତର ଆକୃତିରେ ୬ ଅଧ୍ୟାୟରେ ''ପାପ'' ଓ ୭ ଅଧ୍ୟାୟରେ ''ବ୍ୟବସ୍ଥା'' ବ୍ୟବହାର କରିବା ହେତୁ ଏହା ନ୍ୟାୟ ଧରି ରଖିଥିବା ଯିହୁଦୀ ବିଶ୍ୱାସୀମାନଙ୍କୁ କ୍ରୋଧାନ୍ୱିତ କରିଥିଲା (୧୪:୧-୧୫:୧୩ର) ରୋମୀୟ ମଣ୍ଡଳୀରେ ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୭:୧୩**
**[୧୩]ତେବେ ଯାହା ଉତ୍ତମ, ତାହା କି ମୋ' ପକ୍ଷରେ ମୃତ୍ୟୁଦାୟକ ହେଲା ? ତାହା କେବେହେଁ ନ ହେଉ, କିନ୍ତୁ ପାପ ମୃତ୍ୟୁଦାୟକ ହେଲା, ଯେପରି ଯାହା ଉତ୍ତମ, ତାହା ଦେଇ ମୋ' ପ୍ରତି ମୃତ୍ୟୁ ସାଧନ କରିବା ଦ୍ୱାରା ପାପ, ପାପ ବୋଲି ପ୍ରକାଶ ପାଏ, ପୁଣି ଯେପରି ଆଜ୍ଞା ଦ୍ୱାରା ପାପ ଅତିଶୟ ପାପମୟ ହୁଏ ।''**

**୭:୧୩**

| | |
|---|---|
| **ଏନ୍ ଏ ଏସ୍ ବି** | **''ପାପ ଯେପରି ପାପ ବୋଲି ପ୍ରକାଶ ପାଇ ପାରେ ... ପାପ ଅତିଶୟ ପାପମୟ ହୁଏ ।''** |
| **ଏନ୍ କେ ଜେ ଭି** | **''ପାପ ଯେପରି ପାପ ବୋଲି ଦେଖାଯାଇ ପାରେ ... ଅତିଶୟ ପାପମୟରେ ପରିଣତ ହୋଇପାରେ ।''** |
| **ଏନ୍ ଆର ଏସ୍ ଭି** | **''ପାପ ଯେପରି ପାପ ବୋଲି ଦର୍ଶାଯାଇ ପାରେ ... ଅପରିମେୟ ପାପମୟ''** |
| **ଟି ଇ ଭି** | **''ଯେପରି ଏହାର ପ୍ରକୃତ ସ୍ୱଭାବ ପାପ ରୂପେ ପ୍ରକାଶିତ ହୋଇ ପାରିବ ।''** |
| **ଏନ୍ ଜେ ବି** | **''ପାପ ଆପଣାର ପ୍ରକୃତ ରଙ୍ଗମାନ ଦେଖାଇବାକୁ ... ଏହାର ସମସ୍ତ ପାପମୟ ଶକ୍ତିକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ ହେଲା ।''** |

ପାପର ମନ୍ଦ ପ୍ରକୃତି ସ୍ପଷ୍ଟ ରୂପେ ସତ୍ୟରେ ଏପରି ଦେଖାଗଲା ଯେ, ଏହା ମୋଶାଙ୍କ ବ୍ୟବସ୍ଥା ପରି କିଛି ଉତ୍ତମ ଧର୍ମମୟ ଓ ଈଶ୍ୱର ପରାୟଣ ବିଷୟକୁ ନେଲା (ଗୀତ ୧୯,୧୧୯) ଏବଂ ଏହାକୁ ଦୋଷାରୋପ ଓ ମୃତ୍ୟୁର ଏକ ଅସ୍ତ୍ରରୂପେ ବଙ୍କାଇ ଦେଲା (ଏଫିସୀ ୨:୧୫, କଲସୀ ୨:୧୪) । ପତିତ ମାନବ ଜାତି ପ୍ରତ୍ୟେକ ଉତ୍ତମ ଈଶ୍ୱରଙ୍କ ଦାନକୁ ଈଶ୍ୱର ଦତ୍ତ ସୀମାଗୁଡ଼ିକର ବାହାରକୁ ନେଇଗଲା ।
ଦୁଇଟି ହିନା (ଉଦ୍ଦେଶ୍ୟ) ବାକ୍ୟାଂଶମାନ ଅନୁବାଦିତ ''ସେହି ଅନୁସାରେ'' ଓ ''ଯେପରି'' । ଅବ୍ୟୟ ପଦଗୁଡ଼ିକ ଲେଖକଙ୍କ ଉଦ୍ଦେଶ୍ୟ ସ୍ପଷ୍ଟତର କରେ !

▣ **''ଅତିଶୟ ପାପମୟ''** ବିଶେଷ ପ୍ରସଙ୍ଗ ଦେଖ : ୧:୧୦ରେ ପାଉଲଙ୍କ ''ହୁପର'' ମିଶ୍ରଣ ବ୍ୟବହୃତ ହୋଇଅଛି । ପାପ ବ୍ୟକ୍ତିତ୍ୱ ପ୍ରାପ୍ତ ହୋଇଛି ମନ୍ଦତାର ବ୍ୟକ୍ତିଗତ ସ୍ୱଭାବ ଦେଖାଇବାକୁ । ବିଶେଷ ପ୍ରସଙ୍ଗ ଦେଖ : ୧୬:୨୦ରେ ବ୍ୟକ୍ତିଗତ ମନ୍ଦ ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ : ୭:୧୪-୨୦**
**[୧୪]ଯେଣୁ ବ୍ୟବସ୍ଥା ଯେ ଆତ୍ମିକ ଏହା ଆମ୍ଭେମାନେ ଜାଣୁ, କିନ୍ତୁ ମୁଁ ଶାରୀରିକ, ପାପର କ୍ରୀତଦାସ । [୧୫]କାରଣ ମୁଁ ଯାହା କରେ, ତାହା ଜାଣେ ନାହିଁ, ଯେଣୁ ମୁଁ ଯାହା ଇଚ୍ଛା କରେ, ତାହା କରେ ନାହିଁ, ବରଂ ଯାହା ମୁଁ ଘୃଣା କରେ ତାହାହିଁ କରେ । [୧୬]କିନ୍ତୁ ମୁଁ ଯାହା ଇଚ୍ଛା କରେ ନାହିଁ, ତାହା ଯଦି କରେ, ତେବେ ବ୍ୟବସ୍ଥା ଯେ ଉତ୍ତମ ତାହା ମୁଁ ସ୍ୱୀକାର କରେ । ଏଣୁ ମୁଁ ଆଉ ତାହା କରୁ ନାହିଁ, କିନ୍ତୁ ମୋ'ଠାରେ ବାସ କରୁଥିବା ପାପ ତାହା କରୁଅଛି । କାରଣ ମୋ'ଠାରେ ଅର୍ଥାତ୍ ମୋ' ଶରୀରରେ ଯେ କୌଣସି ଉତ୍ତମ ବିଷୟ ବାସ କରେ ନାହିଁ ଏହା ମୁଁ ଜାଣେ, ଯେଣୁ ମୁଁ ଇଚ୍ଛା କରି ପାରୁଅଛି । କିନ୍ତୁ ଯାହା ଉତ୍ତମ, ତାହା କରିବା ନିମନ୍ତେ ମୋହର ସାମର୍ଥ୍ୟ ନାହିଁ । କାରଣ ଯେଉଁ ଉତ୍ତମ କର୍ମ କରିବାକୁ ମୁଁ ଇଚ୍ଛା କରେ, ତାହା କରେ ନାହିଁ, କିନ୍ତୁ ଯେଉଁ ମନ୍ଦ କର୍ମ କରିବାକୁ ମୁଁ ଇଚ୍ଛା କରେ ନାହିଁ, ତାହା କରେ । କିନ୍ତୁ ମୁଁ ଯାହା ମୁଁ ଇଚ୍ଛା କରେ ନାହିଁ, ତାହା ଯଦି କରେ ତେବେ ମୁଁ ନିଜେ ତାହା ଆଉ କରେ ନାହିଁ, ମାତ୍ର ମୋ'ଠାରେ ବାସ କରୁଥିବା ପାପ ତାହା କରେ ।''**

**୭:୧୪ ''ବ୍ୟବସ୍ଥା ଆତ୍ମିକ''** ଈଶ୍ୱରଙ୍କ ବ୍ୟବସ୍ଥା ଉତ୍ତମ ଅଟେ । ଏହା ସମସ୍ୟା ନୁହେଁ (୧୨ ଓ ୧୬ଖ ପଦ)

▣ ''ମୁଁ ଶାରୀରିକ'' ଏହି ଶବ୍ଦ ପାଉଲଙ୍କ ଦ୍ୱାରା ବ୍ୟବହାର କରାଯାଇଅଛି (୧) ଏକ ନିରପେକ୍ଷ ଅର୍ଥରେ, ପାର୍ଥିବ ଶରୀରକୁ ବୁଝାଉଛି (୧:୩, ୨:୨୮, ୪:୧, ୯:୩,୫) ଏବଂ (୨) ଏକ ନାସ୍ତିବାଚକ ଅର୍ଥରେ, ମାନବଜାତିର ଆଦମଙ୍କଠାରେ ପତିତ ସ୍ୱଭାବକୁ ବୁଝାଉଛି (୫ପଦ) ଏଠାରେ ଯାହାକୁ ବୁଝାଉଛି ଏହା ଅନିର୍ଦ୍ଦିଷ୍ଟ ।

▣ ''ପାପର କ୍ରୀତଦାସ'' ଏହା ହେଉଛି ସିଦ୍ଧ କର୍ମକାରକ କ୍ରୀୟାପଦ, ପାପର ବନ୍ଧନ ମଧ୍ୟରେ ରହିଆସିଛି ବା ଏହା ମଧ୍ୟକୁ କ୍ରୀତ ହେବାରେ ଲାଗି ରହିଛି । ଏଠାରେ ପାପ ଏକ କ୍ରୀତଦାସର ମାଲିକ ରୂପେ ବ୍ୟକ୍ତିତ୍ୱ ଲାଭ କରିଅଛି । କର୍ମବାଚ୍ୟର ପ୍ରତିନିଧି ଅନିର୍ଦ୍ଦିଷ୍ଟ ଅଟେ । ଏହା ଶୟତାନ, ପାପ, ପାଉଲ ବା ଈଶ୍ୱରଙ୍କୁ ବୁଝାଯାଇପାରେ ।

ପୁରାତନ ନିୟମରେ ଈଶ୍ୱରଙ୍କ ପାଇଁ ମୁଖ୍ୟ ଶବ୍ଦ, ତାହାଙ୍କ ନିକଟକୁ ମାନବ ଜାତିଙ୍କୁ ଫେରାଇ ଆଣୁଅଛି, ଏହା ଥିଲା ''ମୁକ୍ତିର ମୂଲ୍ୟ'' ବା ''ମୁକ୍ତିକର'' (ସେମାନଙ୍କ ସମାନ ଶବ୍ଦ) । ଏହା ଆଦ୍ୟରୁ ବୁଝାଯାଉଥିଲା ''ଫେରାଇ ଆଣିବାକୁ କ୍ରୟ କରାଗଲା'' (ଏବଂ ଏହାର ସମାନ ଶବ୍ଦମାନ) ୩:୨୪ରେ ବିଶେଷ ପ୍ରସଙ୍ଗ ଦେଖ) ବିପରୀତ ବିଶ୍ୱାସର ଖଣ୍ଡବାକ୍ୟ ଏଠାରେ ବ୍ୟବହାର କରାଯାଇଛି । ''...ହସ୍ତକୁ ବିକ୍ରୟ କରାଯାଇଛି'' (ବିଚାରକର୍ତ୍ତା ୪:୨, ୧୦:୭, ୧ ଶାମୁଏଲ ୧୨:୯) ।

**୭:୧୫-୨୪** ଈଶ୍ୱରଙ୍କ ସନ୍ତାନର ''ଐଶ୍ୱରୀକ ସ୍ୱଭାବ'' ଅଛି (୨ ପିତର ୧:୪), ମାତ୍ର ତଥାପି ପତିତ ସ୍ୱଭାବ ଅଛି (ଗାଲାତୀ ୫:୧୭) । ଆଭ୍ୟନ୍ତରୀଣ ଭାବେ, ପାପକୁ ଅକାମୀ ବା କାର୍ଯ୍ୟଅକ୍ଷମ କରାଯାଇଅଛି (ରୋମୀ ୬:୬) । ମାତ୍ର ମାନବ ଅନୁଭୂତି ଅନୁଗମନ କରେ ୭ ଅଧ୍ୟାୟ । ଯିହୁଦୀମାନେ କହନ୍ତି ଯେ ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଏକ ଧଳା ଓ କଳା କୁକୁର ଅଛି । ଯାହାକୁ ସେ ଅଧିକ ଭୋଜନ କରାଏ ସେ ବୃହତ୍ତମ ହୁଏ ।

ମୁଁ ଏହି ଉଦ୍ଧୃତାଂଶଟି ପାଠ କରି ମୁଁ ପାଉଲଙ୍କ ବେଦନା ଅନୁଭବ କଲି ଯେପରି ସେ ଆମର ଦୁଇଟି ସ୍ୱଭାବର ଦୈନିକ ବିବାଦ ବର୍ଣ୍ଣନା କରିଅଛନ୍ତି । ବିଶ୍ୱାସୀମାନେ ସେମାନଙ୍କର ପତିତ ସ୍ୱଭାବରୁ ମୁକ୍ତ ହୋଇଅଛନ୍ତି, ମାତ୍ର ଈଶ୍ୱର ସାହାଯ୍ୟ କରନ୍ତୁ, ଆମ୍ଭେମାନେ ଏହାର ପ୍ରଲୋଭନ ବିଷୟରେ ସମର୍ପିତ ହେବାରେ ଲାଗି ରହିଥାଉ । ଏହା ଅନେକ ସମୟରେ ଆଚମ୍ଭିତ ଭାବେ ସତ୍ୟ ଯେ, ପରିତ୍ରାଣପ୍ରାପ୍ତି ପରେ ଅତିଘମାଘୋଟ ଆଧ୍ୟାତ୍ମିକ ଯୁଦ୍ଧ ଆରମ୍ଭ ହୁଏ । ପରିପକ୍ୱତା ହେଉଛି ବୋଝଗ୍ରସ୍ତ ଚିନ୍ତା ପୂର୍ଣ୍ଣ ଦୈନିକ ସହଭାଗିତା ତ୍ରିବିଧ ପରମେଶ୍ୱରଙ୍କ ସହିତ ଓ ମନ୍ଦତା ସହିତ ଏକ ଦୈନିକ ବିବାଦ (୮:୧୨-୨୫,୨୬, ଗାଲାତୀ ୫:୧୬-୧୮, ଏଫିସୀ ୬:୧୦-୧୮, କଲସୀ ୩:୫-୧୦, ବେଡିଜି ଡୁନଙ୍କ ''ଯୀଶୁ ଓ ଆତ୍ମା'' ପୁସ୍ତକ ଦେଖ ।

**୭:୧୬,୨୦ ''ଯଦି''** ଏହା ଉଭୟ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟମାନ, ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ହେତୁ ସତ୍ୟ ବୋଲି ମତ ଦିଆଯାଇଅଛି ।

**୭:୧୮ ''ମୋ'ଠାରେ ଅର୍ଥାତ ମୋ ଶରୀରରେ ଯେ କୌଣସି ଉତ୍ତମ ବିଷୟ ବାସ କରେ ନାହିଁ, ଏହା ମୁଁ ଜାଣେ''** ପାଉଲ ପ୍ରକୃତରେ କହୁ ନାହାନ୍ତି ଯେ ପାର୍ଥିବ ଶରୀର ମନ୍ଦ ଅଟେ, ମାତ୍ର ଏହା ପତିତ ସ୍ୱଭାବ ଓ ଈଶ୍ୱରଙ୍କ ଆତ୍ମା ମଧ୍ୟରେ ଯୁଦ୍ଧ କ୍ଷେତ୍ର ଅଟେ । ଗ୍ରୀକ୍‌ମାନେ ଶରୀର ଓ ତାହା ସହିତ ସମସ୍ତ ବସ୍ତୁ ମନ୍ଦ ବୋଲି ଧରିଥାଆନ୍ତି । ଏହି ଜ୍ଞାନବାଦର ଦ୍ୱୈତଭାବ ମିଥ୍ୟାମତ ମଧ୍ୟକୁ ବୃଦ୍ଧି ଲାଭ କଲା (ଏଫିସୀୟ, କଲସୀୟ ଓ ୧ ଯୋହନ) । ଗ୍ରୀକ୍‌ମାନେ ଆଧ୍ୟାତ୍ମିକ ସମସ୍ୟାମାନ ପାଇଁ ''ଶରୀରିକ''କୁ ଦୋଷ ଦେବାକୁ ପ୍ରବର୍ତ୍ତିତ ଥିଲେ । ପାଉଲ ଏହି ଶବ୍ଦଗୁଡ଼ିକରେ ଆତ୍ମିକ ସଂଘର୍ଷ (ବିବାଦ) ଦେଖନ୍ତି ନାହିଁ । ସେ ପାପକୁ ବ୍ୟକ୍ତିତ୍ୱ ଦେଲେ ଓ ଈଶ୍ୱରଙ୍କ ବ୍ୟବସ୍ଥା ବିରୁଦ୍ଧରେ ମାନବ ଜାତିର ବିଦ୍ରୋହ ବ୍ୟବହାର କଲେ, ମାନବ ସ୍ୱଭାବର ମନ୍ଦ ବିଷୟଗୁଡ଼ିକ ପ୍ରବେଶ କରିବା ସୁଯୋଗ ରୂପେ ଶରୀର ବନ୍ଧ ପାଉଲଙ୍କ ଲେଖାରେ ବୁଝାଇ ପାରେ (୧) ପାର୍ଥିବ ଶରୀର ଯାହା ନୈତିକଭାବେ ନିରପେକ୍ଷ (୧:୩, ୨:୨୮, ୪:୧, ୯:୩,୫) ଏବଂ (୨) ଆଦମଙ୍କଠାରୁ ଉତ୍ତରାଧିକାର ସ୍ୱରୂପ ଆଣିଥିବା ପତିତ ପାପ ସ୍ୱଭାବ (୫ପଦ) । ବିଶେଷ ପ୍ରସଙ୍ଗ ଦେଖ : ଶରୀର (ସାରକ୍ସ) ୧:୩ରେ

**୭:୨୦ ''ମୋ'ଠାରେ ବାସ କରୁଥିବା ପାପ'',** ଏହା ଏପରି ଆକର୍ଷଣୀୟ ଯେ ରୋମୀୟ ପୁସ୍ତକ ଏତେ ସ୍ପଷ୍ଟ ଭାବେ ମାନବଜାତିର ପାପ ଦର୍ଶାଏ, ମାତ୍ର ୧୬:୨୦ ପର୍ଯ୍ୟନ୍ତ ଶୟତାନ ବିଷୟର କୌଣସି ସୂଚନା ନାହିଁ । ମାନବଜାତି ସେମାନଙ୍କ ପାପ ସମସ୍ୟା ପାଇଁ ଶୟତାନକୁ ଦୋଷ ଦେଇ ପାରିବେ ନାହିଁ । ଆମ୍ଭମାନଙ୍କର ଏକ ପସନ୍ଦ ଅଛି । ପାପକୁ ବ୍ୟକ୍ତିତ୍ୱ ଦେଇଛନ୍ତି ପାଉଲ, ଏକ ରାଜା, ଅତ୍ୟାଚାରୀ, କ୍ରୀତଦାସର ମାଲିକ ରୂପେ । ଏହା ଆମ୍ଭମାନଙ୍କୁ ଈଶ୍ୱରଙ୍କଠାରୁ ସ୍ୱାଧିନ ବା ମୁକ୍ତ ହେବାକୁ ପ୍ରଲୋଭିତ କରେ ଓ ପ୍ରଲୋଭନର ବସ୍ତୁ ଦେଖାଏ, ଯେପରି ଯେ କୌଣସି ଉପାୟରେ ଆପଣା ଆଡ଼କୁ ମତାଇବ । ପାଉଲଙ୍କର ପାପକୁ ବ୍ୟକ୍ତିତ୍ୱ ଦେବା, ମାନବ ପସନ୍ଦ ସହିତ ସମ୍ପୃକ୍ତ ଥିବା ପ୍ରତିଫଳିତ କରେ (ଆଦି ୪:୭) ।

ପାଉଲ ''ବାସକରେ'' ଶବ୍ଦ ଏହି ଅଧ୍ୟାୟରେ ବିଭିନ୍ନ ସମୟରେ ବ୍ୟବହାର କରନ୍ତି (ପଦ ୧୭,୧୮,୨୦) । ପାପ ସ୍ୱଭାବ ପରିତ୍ରାଣ ସମୟରେ ନଷ୍ଟ ହୁଏ ନାହିଁ ବା ବାହାର କରି ଦିଆଯାଏ ନାହିଁ ମାତ୍ର ଆଭ୍ୟନ୍ତରୀଣ ଭାବେ ଅକାମୀ ବା କାର୍ଯ୍ୟକ୍ଷମ ହୋଇ ରହେ ନାହିଁ । ଆମଠାରେ ବାସ କରୁଥିବା ଆତ୍ମାଙ୍କ ସହିତ ଆମର ସହଯୋଗ ଉପରେ ଏହାର (ପାପର) ଏପରି ଅକ୍ଷମ (ଶକ୍ତିହୀନ) ହୋଇ ରହିଥିବା ନିର୍ଭର କରେ (୮,୯,୧୧ପଦ) । ଈଶ୍ୱର ବିଶ୍ୱାସୀମାନଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ବିଷୟ ଯୋଗାଇ ଅଛନ୍ତି ଯାହା ବ୍ୟକ୍ତିତ୍ୱପ୍ରାପ୍ତ (ଆକ୍ଷରିକଭାବେ) ଓ ବ୍ୟକ୍ତିଗତ (ଶୟତାନ ଓ ଭୂତାତ୍ମା) ମନ୍ଦ ବିଷୟର ପ୍ରତିରୋଧ କରିବ । ଆମ୍ଭେମାନେ ଈଶ୍ୱରଙ୍କ ବିନାମୂଲ୍ୟର ଦାନ ପରିତ୍ରାଣ ଯେପରି ଗ୍ରହଣ କରୁ, ସେହିପରି ମଧ୍ୟ ପବିତ୍ର ଆତ୍ମାଙ୍କ ଫଳପ୍ରଦ ପ୍ରତିରୋଧକ (ନିବାରକ) ଈଶ୍ୱରଙ୍କ ଦାନ ଗ୍ରହଣ କରିବା ଉଚିତ । ଏହି ପ୍ରତିରୋଧକ ହେଉଛି ପବିତ୍ର ଆତ୍ମାଙ୍କ ଉପସ୍ଥିତି ଓ ଶକ୍ତି ଅଟେ । ପରିତ୍ରାଣ ଓ ଖ୍ରୀଷ୍ଟିୟ ଜୀବନ, ଏକ ଦୈନନ୍ଦିନର ପ୍ରଣାଳୀ ଯାହା ବିଶ୍ୱାସୀମାନଙ୍କ ଦୈନିକ ସିଦ୍ଧାନ୍ତଗୁଡ଼ିକ ସହିତ ଆରମ୍ଭ ଓ ଶେଷ ହୁଏ । ଆମ୍ଭମାନଙ୍କର ଆବଶ୍ୟକୀୟ ସମସ୍ତ ବିଷୟ ଈଶ୍ୱର ଯୋଗାଇଅଛନ୍ତି : ଆତ୍ମା (ରୋମୀୟ ୮), ଆତ୍ମିକ ଅସ୍ତ୍ରଶସ୍ତ୍ର (ଏଫିସୀ ୬:୧୧), ପ୍ରକାଶିତ ବିଷୟ (ଏଫିସୀ ୬:୧୭) ଏବଂ ପ୍ରାର୍ଥନା (ଏଫିସୀ ୬:୧୮)

ଯୁଦ୍ଧ ହେଉଛି ଭୟାନକ (ରୋମୀୟ ୭) ମାତ୍ର ଯୁଦ୍ଧରେ ବିଜୟ ହୋଇସାରିଛି (ରୋମୀୟ ୮)

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୭:୨୧-୨୫**

**[21]''ଅତଏବ ଉତ୍ତମ କର୍ମ କରିବାକୁ ଇଚ୍ଛୁକ ଯେ ମୁଁ, ମୋ' ନିକଟରେ ଯେ ମନ୍ଦ ଉପସ୍ଥିତ, ଏହି ବ୍ୟବସ୍ଥା ମୁଁ ଦେଖୁଅଛି । [22]କାରଣ ଆନ୍ତରିକ ପୁରୁଷର ଭାବାନୁସାରେ ମୁଁ ଈଶ୍ୱରଙ୍କ ବ୍ୟବସ୍ଥାରେ ଆନନ୍ଦ କରେ, [23]କିନ୍ତୁ ମୁଁ ମୋହର ଅଙ୍ଗପ୍ରତ୍ୟେଙ୍ଗରେ ଗୋଟିଏ ଭିନ୍ନ ବ୍ୟବସ୍ଥା ଦେଖେ, ତାହା ମୋହର ମନର ବ୍ୟବସ୍ଥା ବିପକ୍ଷରେ ଯୁଦ୍ଧ କରେ, ଆଉ ମୋହର ଅଙ୍ଗ ପ୍ରତ୍ୟଙ୍ଗରେ ଯେଉଁ ପାପର ବ୍ୟବସ୍ଥା ଅଛି ମୋତେ ସେଥିର ବନ୍ଦୀ କରିଦିଏ । [24]ହାୟ, ଦୁର୍ଭାଗ୍ୟ ମନୁଷ୍ୟ ଯେ ମୁଁ, ମୋତେ ଏହି ମୃତ୍ୟୁର ଶରୀରରୁ କିଏ ଉଦ୍ଧାର କରିବ ? [25]ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଧନ୍ୟବାଦ ହେଉ । ଅତଏବ ମୁଁ ନିଜେ ମନଦ୍ୱାରା ଈଶ୍ୱରଙ୍କ ବ୍ୟବସ୍ଥାର ଦାସ କିନ୍ତୁ ଶରୀର ଦ୍ୱାରା ପାପ ବ୍ୟବସ୍ଥାର ଦାସ ଅଟେ ।''**

**୭:୨୨ ''ଈଶ୍ୱରଙ୍କ ବ୍ୟବସ୍ଥା''** ଯିହୁଦୀମାନଙ୍କ ପାଇଁ ଏହା ମୋଶାଙ୍କ ବ୍ୟବସ୍ଥାକୁ ବୁଝାଏ । ଅଣଯିହୁଦୀମାନଙ୍କ ପାଇଁ ଏହା ବୁଝାଏ :

୧. ପ୍ରକୃତିର ସାକ୍ଷ୍ୟ (ରୋମୀ ୧:୧୯-୨୦, ଗୀତ ୧୯:୧-୬)
୨. ଆଭ୍ୟନ୍ତରୀଣ ନୈତିକ ବିବେକ (ରୋମୀ ୨:୧୪-୧୫)
୩. ସାମାଜିକ ପ୍ରଚଳନ ବା ସାମ୍ପ୍ରଦାୟିକ ପ୍ରଥାମାନ

▣

| | |
|---|---|
| **ଏନ୍ ଏ ଏସ୍ ବି** | **''ଆଭ୍ୟନ୍ତରିଣ ପୁରୁଷଠାରେ''** |
| **ଏନ୍ କେ ଜେ ଭି** | **''ଆନ୍ତରିକ ପୁରୁଷର ଭାବାନୁସାରେ''** |
| **ଏନ୍ ଆର୍ ଏସ୍ ଭି, ଏନ୍ ଜେ ବି** | **''ମୋର ସବୁଠାରୁ ଗଭୀରତମ ପ୍ରଦେଶରେ''** |
| **ଟି ଇ ଭି** | **''ମୋର ଆଭ୍ୟନ୍ତରୀଣ ବ୍ୟକ୍ତିତ୍ୱରେ''** |

ପାଉଲ ବିପରୀତ ତୁଳନା କରନ୍ତି ବାହ୍ୟପୁରୁଷ (ଶାରୀରିକ) ସହିତ ଆଭ୍ୟନ୍ତରୀଣ ପୁରୁଷ (ଆତ୍ମିକ)ର ୨ କରିନ୍ଥୀ ୪:୧୬ରେ । ଏହି ଶାସ୍ତ୍ରାଂଶରେ ଖଣ୍ଡବାକ୍ୟ, ପାଉଲଙ୍କ ସେହି ଅଂଶ ବା ପରିତ୍ରାଣ ପ୍ରାପ୍ତ ମାନବଜାତିକୁ ବୁଝାଏ, ଯେଉଁମାନେ ଈଶ୍ୱରଙ୍କ ଇଚ୍ଛା ଓ ବ୍ୟବସ୍ଥାକୁ ଦୃଢ଼ଭାବେ ଧରି ରଖନ୍ତି ।

୧. ''ବ୍ୟବସ୍ଥା ଆତ୍ମିକ ଅଟେ'' ୭:୧୪
୨. ''ମୁଁ ଯାହା କରିବାକୁ ଇଚ୍ଛା କରେ'' ୭:୧୫
୩. ''ବ୍ୟବସ୍ଥା ଯେ ଉତ୍ତମ, ତାହା ମୁଁ ସ୍ୱୀକାର କରେ'' ୭:୧୬
୪. ''ମୁଁ ଇଚ୍ଛା କରି ପାରୁଅଛି'' ୭:୧୮
୫. ''ଯେଉଁ ଉତ୍ତମ କର୍ମ ମୁଁ କରିବାକୁ ଇଚ୍ଛା କରେ'' ୭:୧୯
୬. ''ଯେଉଁ ମନ୍ଦ କର୍ମ କରିବାକୁ ମୁଁ ଇଚ୍ଛା କରେ ନାହିଁ, ତାହା କରେ'' ୭:୧୯
୭. ''ଯାହା ମୁଁ ଇଚ୍ଛା କରେ ନାହିଁ, ତାହା ଯଦି କରେ'' ୭:୨୦
୮. ''ଉତ୍ତମ କର୍ମ କରିବାକୁ ଇଚ୍ଛୁକ ଯେ ମୁଁ'' ୭:୨୧
୯. ''ମୁଁ ଈଶ୍ୱରଙ୍କ ବ୍ୟବସ୍ଥାରେ ଆନନ୍ଦ କରେ ।'' ୭:୨୨
୧୦. ''ମୋହର ମନର ବ୍ୟବସ୍ଥା'' ୭:୨୩
୧୧. ''ମୁଁ ନିଜେ ମନଦ୍ୱାରା ଈଶ୍ୱରଙ୍କ ବ୍ୟବସ୍ଥାର ଦାସ'' ୭:୨୫

୭ ଅଧ୍ୟାୟ ଦର୍ଶାଏ ଯେ ଈଶ୍ୱରଙ୍କ ବିଷୟକ ଜ୍ଞାନ ଓ ତାହାଙ୍କ ବାକ୍ୟ ଯଥେଷ୍ଟ ନୁହେଁ । ବିଶ୍ୱାସୀମାନେ ଆତ୍ମାଙ୍କୁ ଆବଶ୍ୟକ କରନ୍ତି (୮ ଅଧ୍ୟାୟ) ।

**୭:୨୩** ଏକ ପ୍ରକୃତ ଭିନ୍ନତା (ବିପରୀତ ବିଷୟ) ୬:୨, ୮:୨ ଓ ୭:୨୩ ମଧ୍ୟରେ ଅଛି, ଏହି ପଦ ସ୍ପଷ୍ଟ ରୂପେ ପାଉଲଙ୍କ ବ୍ୟବସ୍ଥାର (ନୋମୋସ୍) ବ୍ୟବହାର ଦର୍ଶାଏ ବୁଝାଇବାକୁ (୧) ପାପର ବ୍ୟବସ୍ଥା (୨୧,୨୫ ପଦ) ଏବଂ (୨) ଈଶ୍ୱରଙ୍କ ବ୍ୟବସ୍ଥା (୨୨,୨୫ ପଦ) । ପୂର୍ବରେ ୪,୫,୬,୭,୯ ଓ ୧୨ ପଦରେ ପାଉଲ ଏହି ଶବ୍ଦ ପୁରାତନ ନିୟମ ପାଇଁ ବ୍ୟବହାର କରିଥିଲେ । ପାଉଲ ଜଣେ ନିୟମକ୍ରମିକ ପରମାର୍ଥ ବିଶେଷଜ୍ଞ ନ ଥିଲେ । ସେ ''ବ୍ୟବସ୍ଥା''ର ବିଶ୍ୱାସ ସହିତ ସଂଘର୍ଷ କରିଥିଲେ । ଏକ ଅର୍ଥରେ ଏହା ଈଶ୍ୱରଙ୍କ ପ୍ରକାଶିତ ବିଷୟ, ମାନବ ଜାତି ନିମନ୍ତେ ଏକ ଚମତ୍କାର ଦାନ (ଉପହାର) ଥିଲା, ତଥାପି ଅନ୍ୟ ପକ୍ଷରେ ଏହା ଥିଲା ଯାହା ପାପକୁ ବୁଝାଇ ଦେଲା (ପାପ କ'ଣ ଜଣାଇଲା) ଏବଂ ସ୍ପଷ୍ଟରୂପେ ଏକ ପରିବେଷ୍ଟନୀ ପ୍ରାଚୀର ରଖିଲା ଯେ ମାନବ ଜାତି ଏହା ରକ୍ଷା କରିବାକୁ (ପାଳିବାକୁ) ଅକ୍ଷମ ଥିଲା । ଏହି ପରିବେଷ୍ଟନୀ ବା ବନ୍ଧନଗୁଡ଼ିକ କେବଳ ପୁରାତନ ନିୟମରେ ପ୍ରକାଶିତ ନୁହେଁ (ଗୀତ ୧୯:୭-୧୪, ୧୧୯), ମାତ୍ର ସମସ୍ତ ନୈତିକ ଚାଳନା ରେଖାମାନ । ପ୍ରାକୃତିକ ପ୍ରକାଶ (ଗୀତ ୧୯:୧-୬, ରୋମୀ ୧:୧୮-୩:୩୧) ବା ସାମାଜିକ ପ୍ରଥାମାନ ବା ବିଧିବିଧାନସବୁ । ମାନବଗଣ ହେଉଛନ୍ତି ବିଦ୍ରୋହୀଗଣ, ଯେଉଁମାନେ ସେମାନଙ୍କର ନିଜ ଜୀବନକୁ ସମ୍ପୂର୍ଣ୍ଣ ନିଜର ଅଧୀନରେ ରଖିବାକୁ ଇଚ୍ଛା କରନ୍ତି !

**୭:୨୪** ଜଣେ ପରିତ୍ରାଣ ପ୍ରାପ୍ତଠାରୁ ଏହା ଏକ ମନ୍ତବ୍ୟ ହୋଇପାରେ କି ? କେତେକ କୁହନ୍ତି ନାଁ ଏବଂ ସେଥିପାଇଁ ଏହି ଅଧ୍ୟାୟ ନୈତିକ ଓ ଧର୍ମସମ୍ବନ୍ଧୀୟ ବ୍ୟକ୍ତିଙ୍କୁ ମାତ୍ର ମୁକ୍ତିପ୍ରାପ୍ତ ହୋଇ ନ ଥିବା ବ୍ୟକ୍ତିମାନଙ୍କୁ ବୁଝାଏ । ଅନ୍ୟମାନେ କହନ୍ତି ହଁ, ଯେ ଏହା ସୁସମାଚାରର ବୋଝକୁ ବୁଝାଏ, ବିଶ୍ୱାସୀମାନଙ୍କ ଜୀବନରେ ''ଯାହା ହୋଇସାରିଛି ଏବଂ ତଥାପି ହୋଇ ନାହିଁ'' । ଶେଷ କାଳର ଭବିଷ୍ୟତ ବାଣୀର ସଫଳତା ତଥାପି ଆହୁରି ପ୍ରକାଶିତ ହୋଇ ନାହିଁ । ପରିପକ୍ୱ ବିଶ୍ୱାସୀ ସର୍ବାପେକ୍ଷା ଅଧିକ ଏହି ଶୂନ୍ୟସ୍ଥାନ ଜ୍ଞାତ ହୁଏ ।

▣

| | |
|---|---|
| ଏନ୍ ଏ ଏସ୍ ବି | ''ଏହି ମୃତ୍ୟୁର ଶରୀର'' |
| ଏନ୍ କେ ଜେ ଭି | ''ମୃତ୍ୟୁର ଏହି ଶରୀର'' |
| ଏନ୍ ଆର ଏସ ଭି | |
| ଟି ଇ ଭି | ''ଏହି ଶରୀର ଯାହା ମୋତେ ମୃତ୍ୟୁ ଆଡ଼କୁ ନେଉଅଛି'' |
| ଏନ୍ ଜେ ବି | ''ଏହି ଶରୀର ମରିବାକୁ ଦଣ୍ଡିତ'' |

ଏହି ପାର୍ଥିବ ଶରୀର ଓ ମନ ଭିତରେ ମନ୍ଦ ନୁହେଁ ଓ ଏମାନଙ୍କ ବିଷୟରେ କିଛି ମନ୍ଦ ନାହିଁ । ସେମାନେ ଏହି ଗ୍ରହରେ ବଞ୍ଚିବା ପାଇଁ ଓ ତାହାଙ୍କ (ଈଶ୍ୱରଙ୍କ) ସହିତ ସହଭାଗିତା ପାଇଁ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ । ସେମାନେ ଅତ୍ୟୁତ୍ତମ ରୂପେ ସୃଷ୍ଟି କରାଯାଇଥିଲେ (ଆଦି ୧:୩୧) । ମାତ୍ର ଆଦି ୩, ମନୁଷ୍ୟଜାତି ଓ ଗ୍ରହଟିକୁ ପରିବର୍ତ୍ତନ କରି ଦେଲା, ଏହା ସେହି ଜଗତ ନୁହେଁ ଈଶ୍ୱର ଯେପରି ଏହା ହେବ ବୋଲି ଉଦ୍ଦେଶ୍ୟ ରଖିଥିଲେ ଏବଂ ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦୀଷ୍ଟ ଲୋକମାନେ ନୋହୁଁ । ପାପ, ସୃଷ୍ଟିକୁ ସମ୍ପୂର୍ଣ୍ଣଭାବେ ପ୍ରଭାବିତ କଲା । ଯାହା ଉତ୍ତମ ତାହା ପାପ ହରଣ କରି ନେଲା ଏବଂ ଏହାକୁ ଆତ୍ମକୈନ୍ଦ୍ରିକ ମନ୍ଦତା ମଧ୍ୟକୁ ବଙ୍ଗେଇ ଦେଲା । ଶରୀର ଓ ମନ ପ୍ରଲୋଭନ ଓ ପାପର ଯୁଦ୍ଧ କ୍ଷେତ୍ରରେ ପରିଣତ ହେଲା । ପାଉଲ ଉତ୍ତମଭାବେ ଏହି ଯୁଦ୍ଧ ଅନୁଭବ କରନ୍ତି । ସେ ନୂତନ ଯୁଗ, ନୂତନ ଶରୀର, ଈଶ୍ୱରଙ୍କ ସହିତ ସହଭାଗିତା ପାଇଁ ବ୍ୟାକୁଳ ହୁଅନ୍ତି (୮:୨୩)

୭:୨୫ ଏହା ରୋମୀ ୮ ଅଧ୍ୟାୟର ଉଚ୍ଚତର ସ୍ଥାନକୁ ଯିବାର ଏକ ମଧ୍ୟବର୍ତ୍ତୀ ସମୟ ଓ ଏକ ସାରାଂଶ, ଯାହାବି ହେଉ ଏପରିକି ୮ ଅଧ୍ୟାୟରେ ସିଦ୍ଧ । ୫-୧୧ ପଦରେ ଦେଖାଯାଇଥିବା ସମାନ ଚିନ୍ତାର ବୋଝ ଅଛି ।

ପାଉଲ କାହା ବିଷୟରେ କହୁଛନ୍ତି ଏହି ପ୍ରଶ୍ନର ଚତୁର୍ଦ୍ଦିଗରେ ଘୁରି ବୁଲିବାକୁ ଅନୁବାଦକଙ୍କୁ ଦିଏ ।

୧. ନିଜ ବିଷୟରେ ଏବଂ ଯିହୁଦୀ ଧର୍ମ ଭିତରେ ତାଙ୍କର ଅନୁଭବ ବିଷୟରେ
୨. ସମସ୍ତ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ
୩. ଆଦମ, ମାନବଗଣର ଏକ ଉଦାହରଣ ରୂପେ
୪. ଇସ୍ରାଏଲ ଓ ବ୍ୟବସ୍ଥା ବିଷୟରେ ତାହାର ଜ୍ଞାନ ମାତ୍ର ବିଫଳତା ଏହାର ଆଜ୍ଞାବହତା ହେବାରେ ।

ବ୍ୟକ୍ତିଗତ ଭାବେ ମୁଁ #୧(୭:୧୩-୨୫ଖ ପଦମାନ) ଓ #୨(୧୪-୨୫କ) ଏକତ୍ର କରେ । ରୋମୀ ୭:୭-୨୫କୁ ପ୍ରାସଙ୍ଗିକ ଅର୍ନ୍ତଦୃଷ୍ଟିରେ ଦେଖ । ୭ମ ଅଧ୍ୟାୟର ବେଦନା ଓ କ୍ରନ୍ଦନ ୮ ଅଧ୍ୟାୟର ଚମତ୍କାରିତା ଦ୍ୱାରା ସମକକ୍ଷ ଓ ଅଧିକ ଉନ୍ନତ କରାଗଲା !

▣ **''ଈଶ୍ୱରଙ୍କ ଧନ୍ୟବାଦ ହେଉ''** ନିମ୍ନଲିଖିତ ବିଶେଷ ପ୍ରସଙ୍ଗ ଦେଖ ।

## ବିଶେଷ ପ୍ରସଙ୍ଗ : ଈଶ୍ୱରଙ୍କ ପ୍ରତି ପାଉଲଙ୍କ ପ୍ରଶଂସା, ପ୍ରାର୍ଥନା ଓ ଧନ୍ୟବାଦ ଜ୍ଞାପନ

ପାଉଲ ଜଣେ ପ୍ରଶଂସା କରିବା ବ୍ୟକ୍ତି ଥିଲେ । ସେ ପୁରାତନ ନିୟମ ଜାଣିଥିଲେ । ଗୀତସଂଗୀତା ପୁସ୍ତକର ପ୍ରଥମ ଚାରି ବିଭାଗର ପ୍ରତ୍ୟେକର ସମାପ୍ତିରେ ସମାନ ଭାବରେ ଈଶ୍ୱରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଅଛି (ଗୀତ ୪୧:୧୩, ୭୨:୧୯,୮୯:୫୨, ୧୦୬:୪୮) । ସେ ପ୍ରଶଂସା କରନ୍ତି ଓ ବିଭିନ୍ନ ଉପାୟରେ ଈଶ୍ୱରଙ୍କୁ ଉଚ୍ଚୀକୃତ କରନ୍ତି ।

୧. ତାଙ୍କର ପତ୍ରମାନଙ୍କରେ ପାରାଗ୍ରାଫ୍‌ଗୁଡ଼ିକ ମୁକ୍ତ (ଆରମ୍ଭ) ହୋଇଅଛି ।
   କ) ଆରମ୍ଭରେ ଶେଷ ଆଶୀର୍ବାଦ ଶୁଭେଚ୍ଛା ଜ୍ଞାପନ (ରୋମୀ ୧:୭, ୧କରିନ୍ଥୀ ୧:୩, ୨କରିନ୍ଥୀ ୧:୨)
   ଖ) ପ୍ରାରମ୍ଭିକ ଆଶୀର୍ବାଦମାନ (*ଇଉଲୋଜେଟୋସ୍*, ୨କରିନ୍ଥୀ ୧:୩-୪, ଏଫିସୀ ୧:୩-୧୪)

୨. ପ୍ରଶଂସାର ସଂକ୍ଷିପ୍ତ ଆବେଗର ଉଚ୍ଛ୍ୱାସ
   କ) ରୋମୀ ୧:୨୫, ୯:୫
   ଖ) ୨କରିନ୍ଥୀ ୧୧:୩୫

୩. ଗୌରବ ପ୍ରକାଶମାନ (ଚାରିତ୍ରିକଗୁଣ ଏହା ବ୍ୟବହାର କରି (୧) ଡୋକ୍ସୋ (ଯଥା : ଗୌରବ) ,ବଂ (୨) (''ଯୁଗେ ଯୁଗେ'')
   କ) ରୋମୀ ୧୧:୩୬, ୧୬୨୫-୨୭
   ଖ) ଏଫିସୀ ୩:୨୦-୨୧
   ଗ) ଫିଲିପ୍ପୀ ୪:୨୦
   ଘ) ୧ ତୀମଥି ୧:୧୭
   ଙ) ୨ ତୀମଥି ୪:୧୮

୪. ଧନ୍ୟବାଦ ଅର୍ପଣମାନ (ଯଥା : ବିଧି- *ଇଉକାରିଷ୍ଟେଓ*)
   କ) ପତ୍ର ଆରମ୍ଭଗୁଡ଼ିକ (ରୋମୀ ୧:୮, ୧ କରିନ୍ଥୀ ୧:୪, ୨ କରିନ୍ଥୀ ୧:୧୧, ଏଫିସୀ ୧:୧୬, ଫିଲିପ୍ପୀ ୧:୩, କଲସୀ ୧:୩, ୧୨, ୧ ଥେସଲନିକୀ ୧:୨, ୨ ଥେସଲ ୧:୩, ଫିଲିମୋନ୍ ୪:୬, ୧ ତୀମଥି ୧:୧୨, ୨ ତୀମଥି ୧:୩)
   ଖ) ଧନ୍ୟବାଦ ଦେବାକୁ ଆହ୍ୱାନ (ଏଫିସୀ ୫:୪-୨୦, ଫିଲିପୀ ୪:୬, କଲସୀ ୩:୧୫, ୧୭, ୪:୨, ୧ ଥେସଲ ୫:୧୮)

୫. ଧନ୍ୟବାଦର ସଂକ୍ଷିପ୍ତ ଉଚ୍ଛ୍ୱାସ
   କ) ରୋମୀ ୬:୧୭, ୭:୨୫
   ଖ) ୧ କରିନ୍ଥୀ ୧୫:୫୭
   ଗ) ୨ କରିନ୍ଥୀ ୨:୧୪, ୮:୧୬, ୯:୧୫
   ଘ) ୧ ଥେସଲନିକୀ ୨:୧୩
   ଙ) ୨ ଥେସଲନୀକି ୨:୧୩

୬. ସମାପ୍ତ ଆଶୀର୍ବାଦ ଜ୍ଞାପନ
   କ) ରୋମୀ ୧୬:୨୦, ୨୪ (?)
   ଖ) ୧ କରିନ୍ଥୀ ୧୬:୨୩-୨୪
   ଗ) ୨ କରିନ୍ଥୀ ୧୩:୧୪
   ଘ) ଗାଲାତୀ ୬:୧୮
   ଙ) ଏଫିସୀ ୬:୨୪

ପାଉଲ ପାରମାର୍ଥିକ ଭାବେ ଓ ଅନୁଭବ ଅନୁସାରେ ତ୍ରିବିଧ ପରମେଶ୍ୱରଙ୍କୁ ଜାଣିଥିଲେ । ତାଙ୍କ ଲେଖାଗୁଡ଼ିକରେ ସେ ପ୍ରାର୍ଥନା ଓ ପ୍ରଶଂସା ସହ ଆରମ୍ଭ କରନ୍ତି । ମଧ୍ୟସ୍ଥଳ ତାଙ୍କ ଉପସ୍ଥାପନାର, ସେ ତାଙ୍କର ପ୍ରଶଂସା ଓ ଧନ୍ୟବାଦରେ ପୂର୍ଣ୍ଣ କରନ୍ତି । ତାଙ୍କ ପତ୍ରଗୁଡ଼ିକର ଶେଷରେ, ସେ ସର୍ବଦା ପ୍ରାର୍ଥନା, ପ୍ରଶଂସା ଓ ଈଶ୍ୱରଙ୍କୁ ଧନ୍ୟବାଦ ଦେବାକୁ ଭୁଲନ୍ତି ନାହିଁ । ପାଉଲଙ୍କ ଲେଖା ପ୍ରାର୍ଥନା, ପ୍ରଶଂସା ଓ ଧନ୍ୟବାଦ ସହ ନିଶ୍ୱସିତ । ସେ ଈଶ୍ୱରଙ୍କୁ, ଆପଣାକୁ ଓ ସୁସମାଚାରକୁ ଜାଣିଥିଲେ ।

## ଆଲୋଚନା ପ୍ରଶ୍ନସମୂହ

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟେରୀ (ବାଖ୍ୟାପୁସ୍ତକ), ଯାହା ବୁଝାଏ ଯେ, ବାଇବଲର ନିଜ ଅନୁବାଦ ପାଇଁ ତୁମେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମ ପ୍ରାପ୍ତ ଆଲୋକରେ ଗମନ କରିବା ଉଚିତ୍ । ଅନୁବାଦରେ ତୁମେ, ବାଇବଲ ଓ ପବିତ୍ର ଆତ୍ମା ଅଗ୍ରାଧିକାରୀ ଅଟ । ତୁମେ ଜଣେ ବାଖ୍ୟାକାରୀକୁ ଏଥିରେ ଦାୟୀ କରିବା ଅନୁଚିତ ।

ଏହି ଆଲୋଚନା ପ୍ରଶ୍ନସମୂହ ଏହି ପୁସ୍ତକର ଏହି ବିଭାଗର ମୁଖ୍ୟ ବିଷୟଗୁଡ଼ିକ ମାଧ୍ୟମରେ ତୁମକୁ ଚିନ୍ତା କରିବା ଲାଗି ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ଏଗୁଡ଼ିକ ଚିନ୍ତା ଉଦ୍ରେକକାରୀ ହେବାକୁ ଉଦ୍ଦିଷ୍ଟ, ଅର୍ଥ ବିତାଇବାକୁ ନୁହେଁ ।

୧. ୬ଷ୍ଠ ଅଧ୍ୟାୟ ସପ୍ତମ ସହିତ କିପରି ସମ୍ପୃକ୍ତ ?

୨. ପୁରାତନ ନିୟମର ବ୍ୟବସ୍ଥା ସହିତ ନୂତନନିୟମର ବିଶ୍ୱାସୀମାନଙ୍କର କି ସମ୍ପର୍କ ଅଛି ? (୨ କରିନ୍ଥୀ ୩:୧-୧୧, ଏବ୍ରୀ ୮:୭, ୧୩) ।

୩. ୬ଷ୍ଠ ଅଧ୍ୟାୟ ୭ମ ଅଧ୍ୟାୟରେ ପାଉଲ ଆମ୍ଭମାନଙ୍କ ପୁରାତନ ଜୀବନ ସହିତ ଆମର ସମ୍ପର୍କ ବର୍ଣ୍ଣନା କରିବାକୁ କେଉଁ ଦୁଇଟି ଉଦାହରଣ ବ୍ୟବହାର କରନ୍ତି ?

୪. ଖ୍ରୀଷ୍ଟିୟାନମାନେ ମୋଶାଙ୍କ ବ୍ୟବସ୍ଥା ସହିତ କିପରି ସମ୍ପୃକ୍ତ ?

୫. ତୁମ ନିଜ ଭାଷାରେ ରୋମୀ ୭:୭-୨୫ ଅନୁବାଦ କରିବାକୁ ଆତ୍ମଚରିତ ମତବାଦ ଓ ପ୍ରତିନିଧିତ୍ୱ ମତବାଦ ମଧ୍ୟରେ ଭିନ୍ନତା ବାଖ୍ୟା କର ।

୬. ୭ ଅଧ୍ୟାୟ, ରୋମୀୟ ପୁସ୍ତକରେ, ଏକ ହଜିଯାଇଥିବା ବ୍ୟକ୍ତିର ବର୍ଣ୍ଣନା ବା ଅପରିପକ୍ୱ ବିଶ୍ୱାସୀର ବର୍ଣ୍ଣନା କିଅବା ସମସ୍ତ ବିଶ୍ୱାସୀମାନଙ୍କ ବର୍ଣ୍ଣନା ଅଟେ ?

# ରୋମୀୟ ୮

| ଆଧୁନିକ ଅନୁବାଦମାନର ପାରାଗ୍ରାଫ ଭାଗ ବିଭାଗ | | | | |
|---|---|---|---|---|
| ୟୁବିଏସ୍ | ଏନ୍‌କେଜେଭି | ଏନ୍ ଆର ଏସ୍‌ଭି | ଟିଇଭି | ଏନ୍‌ଜେବି |
| ଆତ୍ମାଙ୍କଠାରେ ଜୀବନ | ବାସ କରୁଥିବା ପାପରୁ ମୁକ୍ତି | ଈଶ୍ୱରଙ୍କ ପରିତ୍ରାଣକାର୍ଯ୍ୟ | ଆତ୍ମାଙ୍କଠାରେ ଜୀବନ | ଆତ୍ମାଙ୍କ ଜୀବନ |
| ୮:୧-୧୧ | ୮:୧-୧୧ | ୮:୧-୪ | ୮:୧-୮ | ୮:୧-୧୧ |
| | | ଶରୀରରେ ଜୀବନ ଓ ଆତ୍ମାରେ ଜୀବନ | | |
| | | ୮:୫-୮ | | |
| | | ୮:୯-୧୧ | ୮:୯-୧୧ | |
| | | ଆତ୍ମା ଓ ପୋଷ୍ୟପୁତ୍ର କରିବା | | |
| ୮:୧୨-୧୭ | ୮:୧୨-୧୭ | ୮:୧୨-୧୭ | ୮:୧୨-୧୭ | ୮:୧୨-୧୩ |
| | | | | ଈଶ୍ୱରଙ୍କ ସନ୍ତାନଗଣ |
| | | | | ୮:୧୪-୧୭ |
| ହେବାକୁ ଥିବା ଗୌରବ | ଦୁଃଖଭୋଗରୁ ଗୌରବ | ସଫଳ ହେବାର ଆଶା | ଭବିଷ୍ୟତ୍ ଗୌରବ | ଗୌରବ ଆମର ଭବିଷ୍ୟତ୍ ରୂପେ |
| ୮:୧୮-୨୫ | ୮:୧୮-୩୦ | ୮:୧୮-୨୫ | ୮:୧୮-୨୫ | ୮:୧୮-୨୫ |
| | | ମାନବୀୟ ଦୁର୍ବଳତା ରହିଅଛି | | |
| ୮:୨୬-୩୦ | | ୮:୨୬-୨୭ | ୮:୨୬-୨୭ | ୮:୨୬-୨୭ |
| | | | | ଈଶ୍ୱର ତାହାଙ୍କ ଗୌରବ ଆମ୍ଭମାନଙ୍କୁ ପ୍ରକାଶ କରିବାକୁ ଆହ୍ୱାନ କଲେ |
| | | ୮:୨୮-୩୦ | ୮:୨୮-୩୦ | ୮:୨୮-୩୦ |
| ଈଶ୍ୱରଙ୍କ ପ୍ରେମ | ଈଶ୍ୱରଙ୍କ ଅନନ୍ତକାଳୀନ ପ୍ରେମ | ଈଶ୍ୱରଙ୍କ ପ୍ରେମରେ ଆମ୍ଭମାନଙ୍କ ଭରସା | ଖ୍ରୀଷ୍ଟଯୀଶୁଙ୍କଠାରେ ଈଶ୍ୱରଙ୍କ ପ୍ରେମ | ଈଶ୍ୱରଙ୍କ ପ୍ରେମର ଏକ ଗୀତ |
| ୮:୩୧-୩୯ | ୮:୩୧-୩୯ | ୮:୩୧-୩୯ | ୮:୩୧-୩୯ | ୮:୩୧-୩୯ |

## ତୃତୀୟ ଚକ୍ର ପାଠ କରୁଅଛି (୮) ପୃଷ୍ଠା ଦେଖ

### *ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗମନ କରୁଅଛୁ ।*

ଏହା ହେଉଛି ଏକ ଅଧ୍ୟୟନ ଚାଳନା ବାଖ୍ୟାପୁସ୍ତକ କମେଣ୍ଟେରୀ, ଯାହା ବୁଝାଏ ଯେ, ବାଇବଲର ତୁମ ନିଜର ଅନୁବାଦ ପାଇଁ ତୁମେ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମେ ପ୍ରାପ୍ତ ହୋଇଥିବା ଆଲୋକରେ ଗମନ କରିବା ଉଚିତ୍ । ତୁମେ, ବାଇବଲ ଓ ପବିତ୍ର ଆତ୍ମା ଅନୁବାଦ କାର୍ଯ୍ୟରେ ଅଗ୍ରାଧିକାରୀ ଅଟ । ଏହି ଅନୁବାଦ ପାଇଁ ବାଖ୍ୟାକାରକୁ ଦାୟୀ କରିବା ଅନୁଚିତ ।

ଥରେ ବସି ଅଧ୍ୟାୟଟି ପାଠ କର । ପ୍ରସଙ୍ଗଗୁଡ଼ିକ ଚିହ୍ନ । ତୁମର ପ୍ରସଙ୍ଗ ଭାଗ ବିଭାଗ, ଉର୍ଦ୍ଧ୍ୱ ଲିଖିତ ପାଞ୍ଚଟି ଅନୁବାଦ ସହିତ ତୁଳନା କର । ପାରାଗ୍ରାଫ୍ କରିବା ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ମୁଖ୍ୟ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ ଏହା କଞ୍ଚି ଅଟେ, ଯାହାକି ଅନୁବାଦରୀ ହୃତ୍‌ପିଣ୍ଡ ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଏବଂ କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ

୨. ଦ୍ୱିତୀୟ ପାରାଗ୍ରାଫ

୩. ତୃତୀୟ ପାରାଗ୍ରାଫ

୪. ଇତ୍ୟାଦି

## ପ୍ରାସଙ୍ଗିକ ଶାସ୍ତ୍ରର ଅର୍ନ୍ତଦୃଷ୍ଟିମାନ

କ) ଏହି ଅଧ୍ୟାୟ, ୧:୧୮ ପଦରେ ଆରମ୍ଭ ହୋଇଥିବା ପାଉଲଙ୍କ ଯୁକ୍ତିର ବୃତ୍ତାନ୍ତ ଅଟେ । ଏହା ‘‘ଦୋଷାରୋପ ନାହିଁ’’ ରେ ଆରମ୍ଭ ହୁଏ (ନ୍ୟାୟସଙ୍ଗତ ସ୍ଥିତି) ଏବଂ ଶେଷ ହୁଏ ‘‘ପୃଥିକୀକରଣ ନୁହେଁ’’ (ବ୍ୟକ୍ତିଗତ ସହଭାଗିତାରେ ପାରମାର୍ଥିକ ଭାବେ), ଏହା ଧାର୍ମିକଗଣନଠାରୁ ପବିତ୍ରୀକରଣ ମଧ୍ୟ ଦେଇ ଗୌରବାନ୍ୱୀତ ହେବାକୁ ଗତି କରେ । (୨୯-୩୦ ପଦ) ।

ଖ) ଏହା ହେଉଛି ବିଶ୍ୱାସୀମାନଙ୍କୁ ଈଶ୍ୱର ତାହାଙ୍କ ପବିତ୍ର ଆତ୍ମା ଦାନ କରିବାର ପାଉଲଙ୍କ ପାରମାର୍ଥିକ ଉନ୍ନତି (ଯୋହନ ଉପସ୍ଥାପନ, ଯୋହନ ୪:୧୨-୩୧, ୧୬:୭-୧୬ରେ) (୧୪ପଦରେ ଆତ୍ମା, କର୍ମକାରକ କ୍ରୀୟାପଦର ପ୍ରତିନିଧି ଅଟନ୍ତି, ଯାହା ସୁସମାଚାର ସହିତ ସମ୍ପୃକ୍ତ, ପତିତ ମାନବଗଣର ଜୀବନରେ ସକ୍ରୀୟ ହେଉଅଛି । ଆତ୍ମା ସେମାନଙ୍କ ସହିତ ଓ ସେମାନଙ୍କଠାରେ ରହିବେ ଏବଂ ସେମାନଙ୍କଠାରେ ଖ୍ରୀଷ୍ଟଙ୍କୁ ଆକୃତି ବିଶିଷ୍ଟ କରିବାକୁ ଆରମ୍ଭ କରିବେ । ୮ ଅଧ୍ୟାୟ ଆତ୍ମା (ନିଉମା) ଶବ୍ଦ ୨୧ ଥରରୁ ଅଧିକ ସାର ବ୍ୟବହାର କରେ, ଯେତେବେଳେ ୭ ଅଧ୍ୟାୟରେ ଏହା ସମ୍ପୂର୍ଣ୍ଣ ଅନୁପସ୍ଥିତ (ଆହୁରି ମଧ୍ୟ ସେହିପରି ୩-୬ ଅଧ୍ୟାୟରେ ଏବଂ କେବଳ ତିନିଥର ୧ ଓ ୨ ଅଧ୍ୟାୟରେ ଉପସ୍ଥିତ । ‘ନିଉମା’, ମାନବ ଆତ୍ମାକୁ କିଅବା ପବିତ୍ର ଆତ୍ମାଙ୍କୁ ବୁଝାଏ ଏହା ନିଶ୍ଚିତଭାବେ ଜାଣିବା କଷ୍ଟକର ।

ଗ) ଜୀବନରେ ଦୁଇଟି ଦୃଷ୍ଟିକୋଣ ଅଛି (ବ୍ୟକ୍ତିଗତ ଜଗତମତାମତମାନ), ଦୁଇଟି ଜୀବନଶୈଳୀ, ଦୁଇଟି ଅଗ୍ରାଧିକାର, ଦୁଇଟି ପଥ (ପ୍ରସସ୍ଥ ପଥ ଓ ସଙ୍କୀର୍ଣ୍ଣ ପଥ) ଯେପରି ମାନବଗଣ ଏଠାରେ ଶରୀର କିଅବା ଆତ୍ମାର ଅନୁଗାମୀ ହେବେ । ଗୋଟିଏ ମୃତ୍ୟୁ ଆଡ଼କୁ କଢ଼ାଇ ନିଏ, ଅନ୍ୟଟି ଜୀବନ ଆଡ଼କୁ କଢ଼ାଏ । ଏହା ଜ୍ଞାନ ସାହିତ୍ୟ ପୁରାତନ ନିୟମର ‘‘ଦୁଇଟି ପଥ’’ ବୋଲି ପାରମ୍ପାରିକ ଭାବେ କୁହାଯାଇ ଆସିଅଛି (ଗୀତ ୧, ହିତୋ ୪:୧୦-୧୯) । ଅନନ୍ତ ଜୀବନ, ଆତ୍ମିକ ଜୀବନ ଉପଲବ୍ଧି କରିବା ଯୋଗ୍ୟ ଗୁଣାବଳୀ ଅଟେ (ଯଥା : ଶରୀରର ପଛରେ ବନାମ୍ ଆତ୍ମଙ୍କ ପଛରେ ।)

ଏହି ସମୁଦାୟ ପାରମାର୍ଥିକ ଶାସ୍ତ୍ରାଂଶରେ ଶୟତାନର ଅନୁପସ୍ଥିତି ସ୍ପଷ୍ଟ ଥିବା ଲକ୍ଷ୍ୟ କର (ରୋମୀ ୧-୮) । ସେ ରୋମୀ ୧୬:୨୦ ପଦ ପର୍ଯ୍ୟନ୍ତ ତାହା ବିଷୟରେ କୁହାଯାଇ ନାହିଁ । ଏହା ହେଉଛି ମାନବଜାତିର ପତିତ ଆଦମୀୟ ସ୍ୱଭାବ, ଯାହା ଲକ୍ଷ୍ୟଭୁକ୍ତ ଅଛି । ପତିତ ମାନବଜାତିର ବାହାନା (ଯାଥା : ଶୟତାନ ମୋତେ ଏହା କରାଇଲା) କୁ ପାଉଲ ବାହାର କରି ଦେବାର ଏହା ତାଙ୍କର ଏକ ଉପାୟ ଥିଲା, କାରଣ ଅତି ପ୍ରାକୃତିକ ପ୍ରଲୋଭନର ଦ୍ୱାହି ଦେଇ ସେମାନେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହାଚରଣ କରୁଥିଲେ । ମାନବଜାତି ହିଁ ଏଥିପାଇଁ ଦାୟୀ ଅଟେ ।

ଘ) ଏହି ଅଧ୍ୟାୟର ବାହ୍ୟରେଖା ପ୍ରସ୍ତୁତ କରିବା ବଡ଼ କଠିନ, କାରଣ ବିଭିନ୍ନ ସତ୍ୟତାର ସୂତା, ପୁନଃ ପଦ୍ଧତିରେ ଏକତ୍ର ବୁଣିବା ଦ୍ୱାରା ଚିନ୍ତା ବୃଦ୍ଧିଲାଭ କରିଅଛି ମାତ୍ର ପୂର୍ବାପର ପ୍ରାସଙ୍ଗିକ ଏକତ୍ରିକର ବିନା ।

ଙ) ୧୨-୧୭ ପଦ ବିଶ୍ୱାସୀକୁ ଏକ ଦୃଢ଼ ଭରସାଯୁକ୍ତ ବିଶ୍ୱାସର ନିଶ୍ଚୟତା ବିଷୟକ ସମ୍ବାଦ ଦିଏ ।

୧. ପ୍ରଥମ ହେଉଛି ଆତ୍ମାଙ୍କ ମାଧ୍ୟମରେ ସାଧିତ ହୋଇଥିବା ଏକ ପରିବର୍ତ୍ତିତ ଜଗତ ଦର୍ଶନ ଓ ଜୀବନ ଶୈଳୀ ।

୨. ଦ୍ୱିତୀୟ ହେଉଛି ଆତ୍ମାଙ୍କ ଦ୍ୱାରା ପାରିବାରିକ ପ୍ରେମର ଏକ ସଚେତନତା (ଜ୍ଞାନ) ହେତୁ ଈଶ୍ୱରଙ୍କ ପ୍ରତି ଭୟ ପୁନଃସ୍ଥାପିତ ହେଲା ।

୩. ପବିତ୍ରଆତ୍ମା ଆମ ମଧ୍ୟରେ ବାସ କରିବା ଦ୍ୱାରା ତୃତୀୟରେ ଆମର ପୁତ୍ରତ୍ୱ ବିଷୟରେ ଏକ ଆଭ୍ୟନ୍ତରୀଣ ଦୃଢ଼ ବିଶ୍ୱାସ ସ୍ଥାପିତ ହେଲା ।

୪. ଚତୁର୍ଥ ହେଉଛି ଯେ, ଏହି ଦୃଢ଼ ଉକ୍ତି ଏପରିକି ଏହି ପତିତ ଜଗତର ସମସ୍ୟାମାନ ଓ ସଂଘର୍ଷ ସମୂହ ମଧ୍ୟରେ ସୁଦ୍ଧା ନିଶ୍ଚିତ ଅଟେ ।

ଚ) ୩୧-୩୯ ପଦଗୁଡ଼ିକ ଏକ ବିଚାରାଳୟ ଦୃଶ୍ୟ, ଯାହା ପୁରାତନ ନିୟମର ଭବିଷ୍ୟତ୍‌ବକ୍ତାମାନଙ୍କର ଏକ ସ୍ୱତନ୍ତ୍ର ସାହିତ୍ୟ କଳା ଥିଲା । ଈଶ୍ୱର ବିଚାରପତି, ଶୟତାନ ହେଉଛି ବିପକ୍ଷବାଦୀ ଓକିଲ, ଯୀଶୁ ହେଉଛନ୍ତି ସପକ୍ଷବାଦୀ ଓକିଲ (ପାରାକ୍ଲିଟ୍), ଦୂତଗଣ ହେଉଛନ୍ତି ଦର୍ଶକବୃନ୍ଦ ଏବଂ ବିଶ୍ୱାସ କରୁଥିବା ମାନବଜାତି ଶୟତାନର ଦୋଷାରୋପ ଅଧୀନସ୍ଥ (ଯଥା : ଆୟୁବ ୧-୨, ଯିଖରୀୟ ୩)

୧. ନ୍ୟାୟସଙ୍ଗତ ଶବ୍ଦମାନ

  କ) ଆମ୍ଭମାନଙ୍କ ବିଷୟ (୩୧ ପଦ)

  ଖ) ଏକ କୈଫତ୍/ସପକ୍ଷ ଯୁକ୍ତି (୩୨ ପଦ)

  ଗ) ଧାର୍ମିକ ଗଣିତ କରେ (୩୩ ପଦ) ।

  ଘ) ଦଣ୍ଡାଜ୍ଞା ଦିଏ (୩୪ ପଦ) ।

  ଙ) ପ୍ରତିବଦଳ ନିବେଦନ (୩୪ ପଦ) ।

୨. ଅଭିଯୋଗ, ‘‘କିଏ’’ (୩୧, ୩୩, ୩୪ (ତିନି ଥର) ୩୫ ପଦ)

୩. ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଯୋଗାଣ ।

୪.  ଈଶ୍ୱରଙ୍କଠାରୁ ପୃଥିକୀକରଣ ନୁହେଁ ।

କ)  ପାର୍ଥିବ ପରିସ୍ଥିତିମାନ (୩୫ ପଦ) ।

ଖ)  ପୁରାତନ ନିୟମ ଗୀତ ୪୪:୨୨ ରୁ ଉଦ୍ଧୃତ କରେ (୩୬ ପଦ) ।

ଗ)  ବିଜୟ (୩୭, ୩୯ ପଦ) ।

ଘ)  ଅତିପ୍ରାକୃତିକ ବା ଅଲୌକିକ ପରିସ୍ଥିତିମାନ ଓ ପ୍ରତିନିଧିମାନ (୩୭-୩୯ ପଦ) ।

**ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ**

**ଏନ୍ଏଏସ୍‌ବି (ଆଧୁନିକକରଣ) ପ୍ରସଙ୍ଗ ୮:୧-୮**

**[1]ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ । [2]କାରଣ ଜୀବନଦାୟକ ଆତ୍ମାଙ୍କ ବ୍ୟବସ୍ଥା ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ତୁମକୁ ପାପ ଓ ମୃତ୍ୟୁଦାୟକ ବ୍ୟବସ୍ଥାରୁ ମୁକ୍ତ କରିଅଛି । [3]ଯେଣୁ ଶରୀର ସକାଶେ ଦୁର୍ବଳ ହେବାରୁ ବ୍ୟବସ୍ଥା । ଯାହା ସାଧନ କରି ପାରିଲା ନାହିଁ, ତାହା ଈଶ୍ୱର ଆପଣା ପୁତ୍ରଙ୍କ ପାପମୟ ଶରୀରର ସାଦୃଶ୍ୟରେ ପାପ ବିନାଶ ନିମନ୍ତେ ପ୍ରେରଣ କରି ଶରୀରରେ ପାପକୁ ଦଣ୍ଡାଜ୍ଞା ଦେବା ଦ୍ୱାରା କଲେ, [4]ଯେପରି ଶାରୀରିକ ଭାବାନୁସାରେ ଆଚରଣ କରି ଥାଉ ଯେ ଆମ୍ଭେମାନେ, ଆମ୍ଭମାନଙ୍କଠାରେ ବ୍ୟବସ୍ଥାର ଧର୍ମବିଧି ସଫଳ ହୁଏ । [5]କାରଣ ଯେଉଁମାନେ ଶାରୀରିକମନା, ସେମାନେ ଶାରୀରିକ ବିଷୟରେ ମନଯୋଗ କରନ୍ତି । କିନ୍ତୁ ଯେଉଁମାନେ ଆତ୍ମିକମନା, ସେମାନେ ଆତ୍ମିକ ବିଷୟରେ ମନଯୋଗ କରନ୍ତି । [6]କାରଣ ଶାରୀରିକ ଭାବ ମୃତ୍ୟୁଜନକ, କିନ୍ତୁ ଆତ୍ମିକ ଭାବ ଜୀବନ ଓ ଶାନ୍ତିଦାୟକ, [7]ଯେଣୁ ଶାରୀରିକ ଭାବ ଈଶ୍ୱରଙ୍କ ବିରୁଦ୍ଧରେ ଶତ୍ରୁତା, କାରଣ ତାହା ଈଶ୍ୱରଙ୍କ ବ୍ୟବସ୍ଥାର ବଶୀଭୂତ ନୁହେଁ, ପୁଣି ବଶୀଭୂତ ହେବା ଅସମ୍ଭବ । [8]ଯେଉଁମାନେ ଶରୀରର ବଶରେ ଅଛନ୍ତି, ସେମାନେ ଈଶ୍ୱରଙ୍କ ସନ୍ତୋଷପାତ୍ର ହୋଇପାରନ୍ତି ନାହିଁ ।''**

**୮:୧**

| | |
|---|---|
| **ଏନ୍ଏଏସ୍‌ବି** | **''ଅତଏବ ବର୍ତ୍ତମାନ''** |
| **ଏନ୍‌କେଜେଭି ଏନ୍ଆର୍ଏସ୍‌ଭି** | **''ଅତଏବ ବର୍ତ୍ତମାନ ଅଛି''** |
| **ଟିଇଭି** | **''ଅଛି''** |
| **ଏନ୍‌ଜେବି** | **''କାରଣ, ସେଥିପାଇଁ''** |

ଏହା ପୂର୍ବର ପ୍ରସଙ୍ଗ ବା ଶାସ୍ତ୍ରାଂଶକୁ ପଶ୍ଚାତ ଭାଗରେ ସମ୍ପୃକ୍ତ କରେ । କେତେକ ଏହା ୭:୨୪-୨୫ ସହିତ ସମ୍ପୃକ୍ତ ଥିବା ଦେଖନ୍ତି ମାତ୍ର ୩:୨୧-୭:୨୫କୁ ପଛକୁ ଫେରାଇ ନେବା ସର୍ବୋତ୍ତ ଭାବେ ଉତ୍ତମ ଦେଖାଯାଏ ।

▣ **''ନାହିଁ''** ନାହିଁ ଶବ୍ଦ ଗ୍ରୀକ୍ ବାକ୍ୟର ପ୍ରଥମ ଶବ୍ଦ । ଏହା ଚାପପ୍ରଦାନକାରୀ ''ଦଣ୍ଡାଜ୍ଞା ନାହିଁ'' ଖ୍ରୀଷ୍ଟଙ୍କଠାରେ ଥିବା ଲୋକମାନଙ୍କୁ (୧-୩ ପଦ) ଏବଂ ଆତ୍ମାଙ୍କ ଅନୁସାରେ ଯେଉଁମାନେ ଗମନ କରନ୍ତି, ସେମାନଙ୍କ ପାଇଁ (୪-୧୧ ପଦ) । ଏଠାରେ ନୂତନ ପ୍ରତିଜ୍ଞା (ଚୁକ୍ତି)ର ଦୁଇ ପାର୍ଶ୍ୱ ଅଛି ।

୧.  ଖ୍ରୀଷ୍ଟଙ୍କଠାରେ ଏହା ବିନାମୂଲ୍ୟର ଦାନ

୨.  ଏକ ଜୀବନ ଶୈଳୀ ଅଛି, ଚୁକ୍ତିବଦ୍ଧ ପ୍ରତ୍ୟୁତ୍ତର, ଧାର୍ମିକଗଣନା ଆବଶ୍ୟକ କଲା (୫:୧-୧୧ ପଦ), ତାହା ଉଭୟ ଲକ୍ଷ୍ୟଭୁକ୍ତ (ସୂଚନାଦାୟକ) ଓ ପ୍ରସଙ୍ଗଭୁକ୍ତ(ଅତ୍ୟାବଶ୍ୟକୀୟ) । ଏହା ଏକ ଅବସ୍ଥା ଓ ଏକ ଜୀବନ ଶୈଳୀ ଉଭୟ ଅଟେ ।

▣ **''ଦଣ୍ଡାଜ୍ଞା''** ଏହି ଶବ୍ଦ 'କାଟାକ୍ରିମା'' ଗ୍ରୀକ୍ ଅନୁବାଦ ଧର୍ମଶାସ୍ତ୍ର ''ସେପ୍ଟୁଆଜିଣ୍ଟ''ରେ ଥରକୁ ଥର ବ୍ୟବହାର କରାଯାଇନାହିଁ । ମାତ୍ର ୨ୟ ବିବରଣ ୨୭:୨୬ରେ ଅବମାନନାର ଅଭିଶାପ ଏହା ପ୍ରତିଫଳିତ କରେ (୨ ବିବରଣୀ ୨୭:୨୬ କୁ ଗାଲାତୀ ୩:୧୦ରେ ଉଦ୍ଧୃତ କରାଯାଇଛି ଯେଉଁଠାରେ ଏହା 'ଅଭିଶାପ' ସହିତ ସମାନ) ଏହା 'ଏକ ବିଚାରିତ ବା ଆଇସଙ୍ଗତ ଦଣ୍ଡବିଧାନ ଅନୁଯାୟୀ ଶାସ୍ତି' କୁ ବୁଝାଏ । ଏହା ନ୍ୟାୟସଙ୍ଗତ, ଅଦାଲତ ବା ବିଚାର ବିଭାଗୀୟ, ଧାର୍ମିକଗଣନାର ବିପରୀତ । ଏହା ପାଉଲଙ୍କ ଲେଖାରେ କ୍ୱଚିତ୍ ଶବ୍ଦ (୫:୧୬,୧୮) ଏବଂ ନୂତନ ନିୟମର ଅନ୍ୟ କୌଣସି ସ୍ଥାନରେ ବ୍ୟବହୃତ ହୋଇ ନାହିଁ ।

ଦୋଷୀକୃତ ବା ଦଣ୍ଡଯୋଗ୍ୟ ଗଣିତ କରିବା ଚିନ୍ତାଧାରା ପ୍ରଥମ ଶୟତାନଠାରେ ଦେଖାଗଲା । ଈଶ୍ୱରଙ୍କ ଲୋକମାନଙ୍କୁ ଚୁକ୍ତି ଭଙ୍ଗ କରିବା ବିଷୟରେ ଓ ପରେ ଅଣ-ଇସ୍ରାୟେଲୀୟ ଆୟୁବଙ୍କ ପରି ଲୋକକୁ ଦୋଷାରୋପ କରିବା ଦେଖାଗଲା (ଆୟୁବ ୧-୨) । ମାତ୍ର ବର୍ତ୍ତମାନ ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କଠାରେ ବ୍ୟବସ୍ଥା ପ୍ରତି ମୃତ ହୋଇଅଛନ୍ତି (ରୋମୀ ୬) ଏବଂ ସେଥିପାଇଁ ବ୍ୟବସ୍ଥା କିଅବା ଶୟତାନର ଦୋଷାରୋପ କରିବା ସ୍ଥଳ ଆଉ ନାହିଁ ।

କିଙ୍ଗ୍ ଜେମ୍ସ୍ ଅନୁବାଦ ବାଇବଲ ୧ ପଦ ସହିତ ସଂଯୁକ୍ତ କଲା, 'ଯେଉଁମାନେ ଶରୀରର ପଶ୍ଚାତଗମନ କରନ୍ତି ନାହିଁ ମାତ୍ର ଆତ୍ମାଙ୍କ ଅନୁଗମନ କରନ୍ତି ।'ୟୁବିଏସ୍ ଏକ 'ଏ' ବା 'ଗୋଟିଏ' ଉପେକ୍ଷା କରି ମୂଲ୍ୟ ଦିଏ (ନିର୍ଦ୍ଦିଷ୍ଟ) । ଏହା ୪ ପଦରେ ଦେଖାଯାଏ । ଏହା ପାରମାର୍ଥିକ ଭାବେ ୧ ପଦଠାରେ ଅନୁପଯୁକ୍ତ, ମାତ୍ର ୪ ପଦରେ ସମ୍ପୂର୍ଣ୍ଣ ପ୍ରଯୁଜ୍ୟ । ୧-୩ ପଦ ପଦସମ୍ବନ୍ଧୀୟ ପବିତ୍ରୀକରଣ (ସୂଚନାତ୍ମକ) ସହିତ ବ୍ୟବହାର କରିବା ବେଳେ ୪-୧୧ ପଦ ମାନ ପରୀକ୍ଷାମୂଳକ ପବିତ୍ରୀକରଣ ସହିତ ବ୍ୟବହାର କରେ (ବିଶେଷ ପ୍ରସଙ୍ଗ ୬:୪ରେ ଦେଖ) କିଅବା ଖ୍ରୀଷ୍ଟଙ୍କ ସାଦୃଶ୍ୟତା

(ଅତ୍ୟାବଶ୍ୟକ) ୮:୨୯ର ଟିପ୍‌ପଣୀ ଦେଖ । ଉଇଲିୟମ୍ ଆର୍ ନିଉଓ୍ୱେଲଙ୍କ 'ରୋମୀୟ ପଦ ପରେ ପଢ଼' ପୁସ୍ତକର ୨୮୯ ପୃଷ୍ଠାର ନିମ୍ନଟିପ୍ପଣୀ ଲକ୍ଷ୍ୟ କର (ମୁଦ୍ରି ୧୯୩୮) ।

ରିଭାଇଜଡ଼ ଭର୍ସନ୍ ନିର୍ଭୁଲ୍ ଭାବେ ''ଯେଉଁମାନେ ଶରୀର ପଶ୍ଚାତ ଗମନ ନ କରି ଆତ୍ମାଙ୍କ ପଶ୍ଚାତଗମନ କରନ୍ତି'' କୁ ବାଦ୍ ଦିଏ ନା ଛାଡ଼ିଦିଏ । କିଙ୍ଗ୍ ଜେମ୍ସ୍ ଅନୁବାଦ ୩୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବର ଏବଂ ସର୍ବୋତ୍ତମ, ସବୁଠାରୁ ଅଧିକ ନିର୍ଭୁଲ, ପୁରାତନ ଗ୍ରୀକ୍ ପାଣ୍ଡୁଲିପି ଯାହା ଆମ୍ଭେମାନେ ପୁନରୁଦ୍ଧାର କରି ଆସିଅଛୁ ଏବଂ ବିଶ୍ୱସ୍ତ ଓ ଈଶ୍ୱର ପରାୟଣ ଲୋକମାନେ ସୁସ୍ଥିର ଭାବେ ଯାହା ମଧ୍ୟ ଦେଇ କଠିନ ପରିଶ୍ରମ କରି ଏହାର ଭୁଲ୍ ସମସ୍ତ ସଂଶୋଧନ ଏହାର ନକଲ ତିଆରି କରିଅଛନ୍ତି । ଯେହେତୁ ଆମ୍ଭେମାନେ ସମସ୍ତେ ଜାଣୁ । ଶାସ୍ତ୍ରର ପ୍ରଥମ ବା ସର୍ବାପେକ୍ଷା ଆଦ୍ୟ ପାଣ୍ଡୁଲିପି ଆମ ପାଖରେ ନାହିଁ : ଈଶ୍ୱର ଏହି ସମସ୍ତ ସୃଷ୍ଟମାନବମାନଙ୍କଠାରୁ ନେଇ ଯିବାକୁ ସନ୍ତୋଷ ପାଇଅଛନ୍ତି, ମନୁଷ୍ୟମାନଙ୍କ ପୁତ୍ରମାନେ ତେଣୁ ପ୍ରତିମାପୂଜା ଆଡ଼କୁ ମୁଖ ଫେରାଇଲେ ।

ଆମ୍ଭେମାନେ ୧ ପଦକୁ 'ଖ୍ରୀଷ୍ଟଯୀଶୁଙ୍କଠାରେ' ଶବ୍ଦଗୁଡ଼ିକ ସହିତ ସମାପ୍ତ କରିବା ଉଚିତ ଚାରୋଟି କାରଣ ହେତୁ : ଗ୍ରୀକ୍ ପାଣ୍ଡୁଲିପିଗୁଡ଼ିକର ଚିହ୍ନମାନ ୧ ପଦରୁ ଏହି ଖଣ୍ଡ ବାକ୍ୟ 'ଯେଉଁମାନେ ଶରୀରର ପଶ୍ଚାତଗମନ କରନ୍ତି ନାହିଁ ମାତ୍ର ଆତ୍ମାଙ୍କ ପଶ୍ଚାତଗମନ କରନ୍ତି' କୁ ବାଦ୍ ଦେବାକୁ ଉଚ୍ଛ୍ୱାସ ସହକାରେ ସପକ୍ଷ ଦିଅନ୍ତି । ଏହି ଶବ୍ଦଗୁଡ଼ିକୁ ୪ର୍ଥ ପଦରେ ଅନ୍ତର୍ଗତ କରିବାକୁ ଏହି ଚିହ୍ନ ସାର୍ବଜନୀନ ସ୍ୱୀକୃତି ଦିଏ (୨) ଆଧାତ୍ମିକ ସୂକ୍ଷ୍ମଦୃଷ୍ଟି ମଧ୍ୟ ଏହି ଶବ୍ଦଗୁଡ଼ିକ 'ଆମ୍ଭମାନଙ୍କ ମନ ଉପରେ ମୋର ନିରାପତ୍ତାକୁ ନିର୍ଭର କରିବାକୁ ଦିଏ ଏବଂ ଈଶ୍ୱରଙ୍କ ଆତ୍ମାଙ୍କ ଉପରେ ନୁହେଁ' ଅନ୍ତର୍ଗତ କରିବାକୁ ସ୍ୱୀକୃତି ପ୍ରଦାନ କରେ । ମାତ୍ର ଖ୍ରୀଷ୍ଟ ଯୀଶୁଙ୍କଠାରେ ଥିବା ସମସ୍ତେ ଦଣ୍ଡାଜ୍ଞାରୁ ନିରାପଦ, ଯେପରି ପତ୍ରଗୁଡ଼ିକ ସାରା ସରଳ ଭାବେ ଶିକ୍ଷା ଦିଆଯାଇଅଛି । ନହେଲେ ଆମର ନିରାପତ୍ତା ଆମର ଗମନ ଉପରେ ନିର୍ଭର କରେ ଏବଂ ଖ୍ରୀଷ୍ଟଙ୍କଠାରେ ଆମର ସ୍ଥାନ ଉପରେ ନୁହେ: (୩) ୪ ପଦର ଶେଷରେ ଏହି ଖଣ୍ଡ ବାକ୍ୟଟି ଯଥା ସ୍ଥାନରେ ରହେ – ଯେଉଁଠାରେ ବିଶ୍ୱାସୀର ଗମନର ପ୍ରଣାଳୀ ତାହାର ଦଣ୍ଡାଜ୍ଞାରୁ ନିରାପଦ ନୁହେଁ ବୋଲି ବର୍ଣ୍ଣନା କରାଯାଇଛି । (୪) କିଙ୍ଗ ଜେମ୍ସ୍ ଅନୁବାଦରେ ୧ ପଦର ଶେଷରେ ଏକ ବାଖ୍ୟା (କେତେକ ନକଲକାରୀଙ୍କ ଦ୍ୱାରା ପାର୍ଶ୍ୱସୀମାରେଖା ଟିପ୍‌ଣୀ) ଅଛି, କେବଳ ମହାନ ସର୍ବସମ୍ମତ ପାଣ୍ଡୁଲିପି ଦ୍ୱାରା ଏହାର ବାଦ୍ ଦେବାରୁ କେବଳ ନୁହେଁ, ଆଲେଫ୍ ଏ.ବି.ସି.ଡ଼ି.ଏଫ୍.ଜି.ଏ.ଡ଼., ଏହାର କେତେକ ଉତ୍ତମ ହସ୍ତଲିପିମାନ ଏବଂ ପୁରାତନ ଅନୁବାଦମାନ (ଓଲସାଇସେ, ମେୟର, ଅଲ୍‌ଫେଶଡ଼ ଜେଏଫ୍, ଏବଂବିଏବଂ ଡାର୍‌ବିଙ୍କ ଚମତ୍କାର ଆଲୋଚନା ତାଙ୍କ ସଂକ୍ଷିପ୍ତ ବିବରଣୀରେ), ମାତ୍ର ଏହା ମଧ୍ୟ ଏହି ବାଖ୍ୟା ସହିତ ସମାନ ପରି ଦେଖାଯାଉଥିବା ବିଷୟ ସଂଯୁକ୍ତ କରାଅଛ ସ୍ଥାନୀୟ ଭୟ ମାଧ୍ୟମରେ । ଅନ୍ୟ ଶାସ୍ତ୍ରାଂଶଗୁଡ଼ିକରେ ଦେଖାଯାଏ –

ଈଶ୍ୱର ତାହାଙ୍କ ବାକ୍ୟ ଅନୁବାଦିତ ହେବାକୁ ପସନ୍ଦ କଲେ ଏବଂ ଏବେ ସୁଦ୍ଧା ପ୍ରମାଣସିଦ୍ଧ ଥିବା ଏବ୍ରୀ ପୁରାତନ ନିୟମ, ସେପ୍ଟୁଜିଆଣ୍ଟର ଗ୍ରୀକ୍ ଅନୁବାଦିତ ନୂତନ ନିୟମରେ ବ୍ୟବହାରରୁ ଦେଖାଯାଇଛି ।

ଆମ୍ଭେମାନେ ଏହି ଭକ୍ତ ଲୋକମାନଙ୍କ ସକାଶେ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ଉଚିତ, ଯେଉଁମାନେ ସେମାନଙ୍କ ଜୀବନକାଳ ଆମ୍ଭମାନଙ୍କ ନିମନ୍ତେ ଈଶ୍ୱର ଛାଡ଼ିଥିବା ପାଣ୍ଡୁଲିପିଗୁଡ଼ିକର ଗଭୀର ଅଧ୍ୟୟନରେ ବ୍ୟୟ କରିଅଛନ୍ତି ଏବଂ ଯେଉଁମାନେ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାଖେ ଥିବା ଏକ ଅତି ସୁନ୍ଦର ଭାବେ ସିଦ୍ଧ ଏକ ଅନୁବାଦ ଦେଇଅଛନ୍ତି । ଆମ୍ଭେମାନେ ଏପରି ବିଦ୍ୱାନମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଓ ସବୁଦିନ ପାଇଁ ଅହଂକାରୀ ''ଆଧୁନିକ ମତବାଦୀ'' (ବା ଆଦ୍ୟ ସମୟରେ ''ଉଚ୍ଚରେ ସମାଲୋଚକମାନେ'') ମାନଙ୍କଠାରୁ ପୃଥକ ଭାବେ ଚିହ୍ନିବା ଉଚିତ୍, ଯେଉଁମାନେ ବାଇବଲରେ ଈଶ୍ୱର ଆମ୍ଭମାନଙ୍କୁ କ'ଣ କହିବା ଉଚିତ୍, ତାହା ଆମକୁ କହିବା ଦାୟିତ୍ୱ ନିଅନ୍ତୁ, ଗଭୀର ନମ୍ରତା ସହକାରେ ଯାହା ଈଶ୍ୱର ଆମ୍ଭମାନଙ୍କୁ କହିଅଛନ୍ତି ତାହା କହିବାକୁ ଅନ୍ୱେଷଣ କରିବା ପରିବର୍ତ୍ତେ (୨୮୯ ପୃଷ୍ଠା) ।

▣ **''ଖ୍ରୀଷ୍ଟ ଯୀଶୁଙ୍କଠାରେ ଯେଉଁମାନେ ଅଛନ୍ତି''** ଏହି ଚାରିତ୍ରିକ ଗୁଣବିଶିଷ୍ଟ ଖଣ୍ଡବାକ୍ୟ (ଯଥା : ପରିସରର ସ୍ଥାନସୂଚକ) ପାଉଲଙ୍କର, ଆଧୁନିକ ପ୍ରକାଶ ''ବ୍ୟକ୍ତିଗତ ସମ୍ପର୍କ'' ସହିତ ସମତୁଲ୍ୟ । ପାଉଲ ଯୀଶୁଙ୍କୁ ଜାଣିଥିଲେ, ପ୍ରେମ କରୁଥିଲେ, ତାହାଙ୍କ ସେବା କରୁଥିଲେ ଓ ତାହାଙ୍କଠାରେ ଆନନ୍ଦ କରୁଥିଲେ । ସୁସମାଚାର ହେଉଛି ଉଭୟ । ଏକ ସମ୍ବାଦ ରୂପେ ବିଶ୍ୱାସ କରାଯିବ ଏବଂ ଏକ ବ୍ୟକ୍ତିକୁ ଏଥିସକାଶେ ସ୍ୱାଗତ କରାଯିବ । ବଞ୍ଚି ରହିବାର ଶକ୍ତି ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ସହିତ ତାଙ୍କର ସମ୍ପର୍କରୁ ଉତ୍ପନ୍ନ । ଯାହାଙ୍କୁ ସେ ଦମ୍ମେସକ ପଥରେ ସାକ୍ଷାତ କଲେ (ପ୍ରେରିତ ୯) ଯୀଶୁଙ୍କ ସହିତ ତାଙ୍କର ଅନୁଭବ ତାଙ୍କର ଯୀଶୁଙ୍କ ପରମାର୍ଥଶିକ୍ଷାର ଅଗ୍ରବର୍ତ୍ତୀ ହେଲା । ତାଙ୍କର ଅନୁଭବ ଏକ ନିଭୃତ ରହସ୍ୟବାଦରୁ ଉତ୍ପନ୍ନ ହୋଇ ନ ଥିଲା, ମାତ୍ର ଅଗ୍ରସର ହେବା ଶକ୍ତିର ମିଶନେରୀ ସେବାରେ ଉତ୍ପନ୍ନ (ମାଥିଉ ୨୮:୧୮–୨୦, ଲୂକ ୨୪:୪୭, ପ୍ରେରିତ ୧:୮) । ତାହାଙ୍କ (ଯୀଶୁଙ୍କୁ) ଜାଣିବା ଦେଇଛି ତାହାଙ୍କ ସେବା କରିବା । ପରିପକ୍ୱ ଖ୍ରୀଷ୍ଟଧର୍ମ ହେଉଛି, ଏକ ସମ୍ବାଦ, ଏକ ବ୍ୟକ୍ତି ଓ ଏକ ଜୀବନଶୈଳୀ (୧:୫ର ଟିପ୍ପଣୀ ଦେଖ) ।

୮.୨ **''ଜୀବନଦାୟକ ଆତ୍ମାଙ୍କ ବ୍ୟବସ୍ଥା... ପାପ ଓ ମୃତ୍ୟୁଦାୟକ ବ୍ୟବସ୍ଥା''** ଏହା ନିମ୍ନଲିଖିତ ବିଷୟକୁ ବୁଝାଏ –

୧. ପାପର ବ୍ୟବସ୍ଥା (ରୋମୀ ୭:୧୦, ୨୩, ୨୫) ମଧ୍ୟରେ ବିପରୀତ ତୁଳନା ।
୨. ପ୍ରେମର ବ୍ୟବସ୍ଥା (ଯାକୁବ ୧:୨୫, ୨:୮, ୧୨) ବନାମ୍ (ସହିତ) ମୋଶାଙ୍କ ବ୍ୟବସ୍ଥା (୭:୬–୧୨) ତୁଳନା ।
୩. ପୁରାତନ ଯୁବା ଓ ନୂତନ ଯୁଗ ମଧ୍ୟରେ ତୁଳନା ।
୪. ପୁରାତନ ଚୁକ୍ତି (ପ୍ରତିଜ୍ଞା) ବନାମ (ସହିତ) ନୂତନ ଚୁକ୍ତି (ପ୍ରତିଜ୍ଞା) ଯିରିମିୟ ୩୧:୩୧–୩୪, ନୂତନନିୟମର ଏବ୍ରୀ)

ଏହି ବିପରୀତ ଶୈଳୀ ରହିଥିଲା –

୧. ଖ୍ରୀଷ୍ଟଙ୍କଠାରେ ଜୀବନଦାୟକ ଆତ୍ମାଙ୍କ ବ୍ୟବସ୍ଥା ବନାମ (ସହିତ) ପାପ ଓ ମୃତ୍ୟୁଦାୟକ ବ୍ୟବସ୍ଥା ୨ ପଦ
୨. 'ଶାରୀରିକ ଭାବାନୁସାରେ ବନାମ (ମଧ୍ୟରେ) ଆତ୍ମିକ ଭାବାନୁସାରେ' ୪ ଓ ୫ ପଦ
୩. ଶାରୀରିକ ବିଷୟମାନ ବନାମ୍ ଆତ୍ମିକ ବିଷୟମାନ ୫ ପଦ
୪. ଶାରୀରିକମନା ବାନମ ଆତ୍ମିକମନା ୫ ପଦ

୫. ଶାରୀରିକ ବିଷୟରେ ମନଯୋଗ କରନ୍ତି ବନାମ୍ ଆତ୍ମିକ ବିଷୟରେ ମନଯୋଗ କରନ୍ତି ୫ ପଦ
୬. ଶରୀରର ବଶରେ ବନାମ ଆତ୍ମାଙ୍କ ବଶରେ ୯ ପଦ
୭. ଶରୀର... ମୃତ ବନାମ ଆତମା ... ଜୀବିତ ୧୦ ପଦ
୮. ତୁମେ ଅବଶ୍ୟ ମରିବ ବନାନ୍ ତୁମେ ଜୀବିତ ହେବ ୧୩ ପଦ
୯. ଦାସତ୍ୱର ଆତ୍ମା ପାଇନାହଁ ବନାମ୍ ପୁତ୍ରତ୍ୱର ଆତ୍ମା ପାଇଅଛ ୧୫ ପଦ

ଏନ୍ଏଏସ୍ବି ଅଧ୍ୟୟନ ବାଇବଲ (ପୃଷ୍ଠା ୧୬୪୫) ପାଉଲଙ୍କ ରୋମୀୟ ପୁସ୍ତକରେ 'ବ୍ୟବସ୍ଥା' ଶବ୍ଦର ବ୍ୟବହାର ଉପରେ ଏକ ଆକର୍ଷଣୀୟ ତାଲିକା ଅଛି ।

୧. ଏକ ଆୟତକରିବା ଶକ୍ତି ୮:୨
୨. ଈଶ୍ୱରଙ୍କ ବ୍ୟବସ୍ଥା ୨:୧୭-୨୦, ୯:୩୧, ୧୦:୩-୫
୩. ପଞ୍ଚପୁସ୍ତକ ୩:୨୧ ଖ
୪. ସମୁଦାୟ ପୁରାତନ ନିୟମ ୩:୧୯
୫. ଏକ ନିୟମ ୩:୨୭

▣

**ଏନ୍ ଏଏସ୍ବି, ଏନ୍ ଆର୍ଏସ୍ଭି,**
**ଏନ୍ଜେବି 'ତୁମକୁ ମୁକ୍ତ କରିଅଛି'**
**ଏନ୍କେଜେଭି,ଟିଇଭି 'ମୋତେ ମୁକ୍ତ କରିଅଛି'**

୨-୩ ପଦ ହେଉଛି ୬ ଅଧ୍ୟାୟର ପାରମାର୍ଥିକ ସମ୍ବାଦ । ସେଠାରେ କେତେକ ବିଭିନ୍ନ ସର୍ବନାମ ସମୂହ ଅଛି, ଯାହା ପୁରାତନ ଗ୍ରୀକ୍ ଶାସ୍ତ୍ରାଂଶରେ ଦେଖାଯାଏ ।

୧. 'ମୋତେ' ପାଣ୍ଡୁଲିପିରେ ଦେଖାଦିଏ ଏ.ଡ଼ିକେ ଏବଂ ପି
୨. ତୁମକୁ 'ୟୁ' ଏନ୍, ବି,ଜିରେ ଦେଖାଦିଏ ।
୩. 'ଆମ୍ଭମାନଙ୍କୁ' ପରେ ଦେଖାଦିଏ ଏକ ଅଲିଖିତ ପାଣ୍ଡୁଲିପିରେ ।

ୟୁବିଏସ୍[4] ସଙ୍କଳନକାରୀ 'ତୁମକୁ' (ଏକ ବଚନ) ଏକ 'ବି' ନମ୍ବର ଦିଏ (ପ୍ରାୟ ନିଶ୍ଚିତ) । ୟୁବିଏସ୍[3] ଏକ 'ଡି' ଗ୍ରେଡ଼ ବା ନମ୍ବର ଏହାକୁ ଦେଇଥିଲା (ବଡ଼ କଷ୍ଟରେ)

ଏହାଠାରୁ ଭିନ୍ନ ପ୍ରକାର ପାଣ୍ଡୁଲିପିମାନ ଯାହା 'ଆମ୍ଭମାନଙ୍କୁ' 'ତୁମକୁ' ବା 'ମୋତେ/ଆମ୍ଭେମାନେ' ସର୍ବନାମଗୁଡ଼ିକ ସହିତ ସମ୍ପୃକ୍ତ, ପାଉଲଙ୍କ ଲେଖାଗୁଡ଼ିକରେ ଥରକୁ ଥର ଦେଖାଯାଏ ।

**୮:୩ 'ବ୍ୟବସ୍ଥା ଯାହା ସାଧନ କରି ପାରିଲା ନାହିଁ'** ମୋଶାଙ୍କ ବ୍ୟବସ୍ଥା ଉତ୍ତମ ଓ ପବିତ୍ର, ମାତ୍ର ମାନବଗଣ ଦୁର୍ବଳ ଓ ପାପମୟ (୭:୧୨,୧୬) । କ୍ରିୟାପଦ ଏଠାରେ ପ୍ରକୃତରେ କ୍ରିୟା ବିଶେଷଣ ''ଆଡନଟୋନ୍'', ଯାହା ସାଧାରଣତଃ ''ଅସମ୍ଭବ'' କୁ ବୁଝାଏ (ମାଥିଉ ୧୨:୨୬, ଏବ୍ରୀ ୬:୪, ୧୮, ୧୦:୪, ୧୧:୬) । କିନ୍ତୁ ଏହା ''ଶକ୍ତିହୀନତା' ବୁଝାଇ ପାରେ । (ପ୍ରେରିତ ୧୪:୮, ରୋମୀ ୧୫:୧) । ବ୍ୟବସ୍ଥା, ଉଦ୍ଧାର ବା ପରିତ୍ରାଣ ଯୋଗାଇବାକୁ ଅସମର୍ଥ ଥିଲା (ଗାଲାତୀ ୩:୨୧) ବିପରୀତରେ, ଏହା ଦଣ୍ଡାଜ୍ଞା ମୃତ୍ୟୁ, ଅଭିଶାପ କେବଳ ଯୋଗାଇଲା (ଗାଲାତୀୟ ୩) !

▣ **''ଶରୀର ସକାଶେ ଦୁର୍ବଳ''** ଏହା ପାଉଲଙ୍କ ୭ମ ଅଧ୍ୟାର ମୂଳ ଯୁକ୍ତି ଅଟେ । ଈଶ୍ୱରଙ୍କ ବ୍ୟବସ୍ଥା ଉତ୍ତମ ଓ ପବିତ୍ର ମାତ୍ର ପାପମୟ, ପତିତ, ବିଦ୍ରୋହୀ ମାନବଜାତି ଏହାର ଆବଶ୍ୟକତା ସାଧନ କରିପାରେ ନାହିଁ । ପାଉଲ ଧର୍ମଗୁରୁମାନଙ୍କ ଠାରୁ ଭିନ୍ନ ରୂପେ ଆଦି ୩ର ପରିଣାମସବୁରେ ଗୁରୁତ୍ୱ ଆରୋପ କଲେ । ଅଧିକାଂଶ ଗୁରୁ ୬ ଅଧ୍ୟାୟରେ ଜଗତ ମଧ୍ୟକୁ ମନ୍ଦତା ପ୍ରରୋଚିତ ହେବା ଗୁଣ ପ୍ରକାଶ କରନ୍ତି ।

▣ **''ଈଶ୍ୱର କଲେ, ଆପଣା ପୁତ୍ରକୁ ପ୍ରେରଣ କରି''** ମାନବଜାତି ପୁରାତନ ପ୍ରତିଜ୍ଞା (ଚୁକ୍ତି) ଦ୍ୱାରା ଯାହା କରିପାରିଲା ନାହିଁ, ଈଶ୍ୱର ନୂତନ ପ୍ରତିଜ୍ଞା (ଚୁକ୍ତି) ଅଧୀନରେ ସାଧନ କଲେ, (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୨-୩୬) ଯୀଶୁଙ୍କ ମାଧ୍ୟମରେ (ଯିଶାଇୟ ୫୩, ଯୋହନ ୩:୧୬) । ଈଶ୍ୱର ବାହ୍ୟ ପ୍ରୟୋଜନୀୟତା ପରିବର୍ତ୍ତେ ଏକ ଆଭ୍ୟନ୍ତରୀଣ ଆତ୍ମା ଏବଂ ଏକ ନୂତନ ହୃଦୟ ଓ ଏକ ନୂତନ ମନ (ଅନ୍ତଃକରଣ) ଯୋଗାଇଲେ । ଏହି ନୂତନ ଚୁକ୍ତି ଖ୍ରୀଷ୍ଟଙ୍କ ସମାପ୍ତ ହୋଇଥିବା କାର୍ଯ୍ୟରେ ବିଶ୍ୱାସ ଓ ଅନୁତାପ (ମନଫେରଣ) ଉପରେ ନିର୍ଭର କରିଅଛି ମାନବ କାର୍ଯ୍ୟସାଧନ ଉପରେ ନୁହେଁ (ଏଫିସୀ ୨:୮-୯) । ଯାହାବି ହେଉ ଉଭୟ ଚୁକ୍ତି ବା ନିୟମ ଈଶ୍ୱର ପରାୟଣତାର ଏକ ନୂତନ ଜୀବନଶୈଳୀ ଅପେକ୍ଷା କରନ୍ତି' (ଏଫିସୀ ୧:୪, ୨:୧୦) ।

▣ **''ପାପମୟ ଶରୀରର ସାଦୃଶ୍ୟରେ''** ଏହି ସମାନ ସତ୍ୟ ଫିଲିପୀ ୨:୭-୮ରେ ପ୍ରକାଶ କରାଯାଇଅଛି । ଯୀଶୁଙ୍କର ପ୍ରକୃତରେ ଏକ ପାର୍ଥିବ ମାନବ ଶରୀର ଥିଲା (ମାତ୍ର ପାପ ସ୍ୱଭାବ ନ ଥିଲା ଫିଲିପ୍ପୀ ୨:୭-୮, ଏବ୍ରୀ ୭:୨୬) । ସେ ଆମ୍ଭମାନଙ୍କ ସହିତ ସମାନ । ସେ ପାପ ରହିତ ହୋଇ ଆମ୍ଭମାନଙ୍କ ପରି ସର୍ବୋତ୍ତ ଭାବେ ପରୀକ୍ଷିତ ହେଲେ (ଏବ୍ରୀ ୪:୧୫) । ସେ ଆମ୍ଭମାନଙ୍କୁ ବୁଝି ପାରନ୍ତି । ସେ ଆମ୍ଭମାନଙ୍କ ପାଇଁ ନିବେଦନ କରନ୍ତି । (୮:୩୪, ଏବ୍ରୀ ୭:୨୫, ୯:୨୪) ।

▣ **''ପାପ ପାଇଁ ଏକ ନୈବେଦ୍ୟ ରୂପେ''** ''ନେବୈଦ୍ୟ ରୂପେ'' ଏନ୍ଜେବିରେ ଅଛି ଏବଂ ଏନ୍ ଆର୍ ଏସ୍ଭିର ନିମ୍ନ ଟିପ୍ପଣୀରେ ଅଛି । ସେହି ସମାନ ଶାସ୍ତ୍ରାଂଶ ୨ କରନ୍ଥୀ ୫:୨୧ ଓ ୧ପିତର ୨:୨୪ରେ ଦିଆଯାଇଅଛି । ଯୀଶୁ ମୃତ୍ୟୁଭୋଗ କରିବାକୁ ଆସିଲେ (ଯିଶାଇଞ୍ଚ ୫୩:୪-୬, ୧୦-୧୨,

ମାର୍କ ୧୦:୪୫ । ଯୀଶୁଙ୍କ ନିର୍ଦ୍ଦେଶ ଜୀବନ (ଦୋଷଶୂନ୍ୟ) ଏକ ପାପାର୍ଥକ ବଳିରେ ପରିଣତ ହେଲା (ଯୋହନ ୧:୨୯) ମାନବଜାତି ନିମନ୍ତେ (ଏବ୍ରୀ ୧୦:୬-୮, ୧୩:୧୧) ।

▣ **''ଶରୀରରେ ସେ ପାପକ ଦଣ୍ଡାଜ୍ଞା ଦେଲେ''** ଯୀଶୁଙ୍କ ଶାରୀରିକ ମୃତ୍ୟୁକୁ ପ୍ରାଧାନ୍ୟ ଦିଆଗଲା ଏବଂ ମାନଜାତିର ପାପ ସ୍ୱଭାବର ସମସ୍ୟାର ସମ୍ମୁଖୀନ (ମୁକାବିଲା) କରାଗଲା, କେବଳ ବ୍ୟକ୍ତିଗତ ପାପ କାର୍ଯ୍ୟ (ଯେପରି ମୋଶାଙ୍କ ବ୍ୟବସ୍ଥା କରିଥିଲା) ନୁହେଁ । ଏହା ଥିଲା ତାହାଙ୍କ ଜୀବନ, ମୃତ୍ୟୁ, ପୁନରୁତ୍ଥାନ ଏବଂ ସ୍ୱର୍ଗାରୋହଣ ଯାହା ଈଶ୍ୱରଙ୍କ ମୁକ୍ତିର ଉଦ୍ଦେଶ୍ୟ ସାଧନ କଲା (ପ୍ରେରିତ ୨:୨୩, ୩:୧୮, ୪:୨୮, ୧୩:୨୯) । ସେ ମଧ୍ୟ ଆମ୍ଭମାନଙ୍କୁ ଦେଖାଇଲେ ଯେ ମାନବ ହୋଇ ପାରିବ ଓ ହେବା ଉଚିତ (ଯୋହନ ୧୩:୧୫, ୧ ପିତର ୨:୨୧) ।

୮.୪ ଏହି ପଦ ସମ୍ଭବତଃ ନୂତନ ଚୁକ୍ତିକୁ ବୁଝାଏ (ଯିରିମିୟ ୩୧:୩୩, ଯିହିଜିକଲ ୩୬:୨୬-୨୭) । ଏହା ଆମର ପରିତ୍ରାଣର ଦୁଇଟି ବିଷୟ ସହିତ ବ୍ୟବହାର କରେ ।

୧. ଯୀଶୁ ପୁରାତନ ଚୁକ୍ତିର ଆବଶ୍ୟକତାସବୁ ପୂରଣ କଲେ ଏବଂ ତାହାଙ୍କଠାରେ ବିଶ୍ୱାସ ମାଧ୍ୟମରେ ଏହି ଧାର୍ମିକତା ଏକ ବିନାମୂଲ୍ୟର ଦାନ ରୂପେ ବ୍ୟକ୍ତିଗତ ସତ୍କର୍ମ ବ୍ୟତୀତ ବିଶ୍ୱାସୀମାନଙ୍କ ପାଖକୁ ବଦଳି ହୋଇ ଆସଅଛ । ଆମ୍ଭେମାନେ ଏହାକୁ ଧାର୍ମିକଗଣନା ବା ପଦବୀ ସମ୍ବନ୍ଧୀୟ ପବିତ୍ରୀକରଣ କହୁ ।

୨. ଈଶ୍ୱର ବିଶ୍ୱାସୀମାନଙ୍କୁ ଏକ ନୂତନ ହୃଦୟ, ଏକ ନୂତନ ମନ ଏବଂ ଏକ ନୂତନ ଆତ୍ମା ପ୍ରଦାନ କରନ୍ତି  ଆମ୍ଭେମାନେ ଆଉ ଶରୀର ଅନୁସାରେ ନ ଚାଲି ଆତ୍ମାଙ୍କ ଅନୁସାରେ ଚାଲୁ । ଏହାକୁ ଅଗ୍ରଗତି କରୁଥିବା ପବିତ୍ରୀକରଣ କୁହାଯାଏ । ଖ୍ରୀଷ୍ଟଧର୍ମ ହେଉଛି ଏକ ନୂତନ ଚୁକ୍ତି ବା ନିୟମ, ଯାହାର ଉଭୟ ଅଧିକାର ମାନ (ପରିତ୍ରାଣ ଦାନ) ଏବଂ ଦାୟିତ୍ୱ ସମୂହ ଅଛି (ଖ୍ରୀଷ୍ଟ ସଦୃଶ୍ୟ ୬:୧୩) ।

ଜେରୋମ ବାଇବଲ କମେଣ୍ଟେରୀ (୩୧୫ ପୃଷ୍ଠା) ବଡ଼ ଆକର୍ଷଣୀୟ ବ୍ୟାକରଣ ସମ୍ବନ୍ଧୀୟ ମନ୍ତବ୍ୟ ଦିଏ ଯେ, ବର୍ତ୍ତମାନ କୃଦନ୍ତଯୁକ୍ତ ମୋତେ ଶବ୍ଦ ଏକ ସର୍ତ୍ତପୂର୍ଣ୍ଣ ମନ୍ତବ୍ୟକୁ ସୂଚାଏ ଯାହା ବୁଝାଇଛି ଯେ, ଏକ ଫଳପ୍ରଦ ଖ୍ରୀଷ୍ଟିୟ ଜୀବନ ବାପ୍ତିସ୍ମରୁ ସ୍ୱତଃପ୍ରବୃତ ବହିଆସେ ନାହିଁ । ଆମ୍ଭେମାନେ ମନୁଷ୍ୟ ଭାବେ ଆମର ପରିତ୍ରାଣର ଏକ ପସନ୍ଦ କରିବାର ଅଛି ଏବଂ ଏକ ପସନ୍ଦ ଖ୍ରୀଷ୍ଟଙ୍କ ସାଦୃଶ୍ୟ ହେବାରେ ଅଛି । ଆତ୍ମା କଢ଼ାଇ ନିଅନ୍ତି ଏବଂ ଉତ୍ସାହ ଦିଅନ୍ତି ମାତ୍ର ସ୍ୱୀକାର କରିବାକୁ ବାଧ୍ୟ କରନ୍ତି ନାହିଁ ।

▣ **''ଯେଉଁମାନେ ଶାରୀରିକ ଭାବାନୁସାରେ ଆଚରଣ ନ କରି ଆତ୍ମିକ ଭାବାନୁସାରେ ଆଚରଣ କରୁ ।'' ସମାନ ବିପରୀତ ତୁଳନା ଗାଲାତୀ ୫:୧୬-୨୫ ରେ ଦେଖାଯାଏ ।''** ଧାର୍ମିକତାର ଜୀବନଶୈଳୀ ଦ୍ୱାରା ଏକ ଆଇନ୍ ସଙ୍ଗତ ଧାର୍ମିକତା ସାଧନ କରାଯିବାକୁ ହେବ । ନୂତନ ହୃଦୟ ଓ ନୂତନ ମନ ଏହି ନୂତନ ଚୁକ୍ତିର, ଆମ ପରିତ୍ରାଣର ଏକ ମୂଳଭିତ୍ତି ନୁହେଁ ମାତ୍ର ଫଳାଫଳ ଅଟେ । ଅନନ୍ତ ଜୀବନର ଏକ ଉପଲବ୍ଧି କରିବା ଚାରିତ୍ରିକ ଗୁଣସବୁ ଅଛି (ମାଥିଉ ୭) !

**୮:୫** ପାଉଲ ଶରୀରରେ ଓ ଆତ୍ମାରେ ଜୀବନର ବିପରୀତ ତୁଳନା କରନ୍ତି (୫-୮ ପଦରେ) ଶରୀରର କାର୍ଯ୍ୟଗୁଡ଼ାକ ଗାଲାତୀ ୫:୧୯-୨୧ ସହିତ ''ଆତ୍ମାଙ୍କ ଫଳ'' (୫:୨୨-୨୫) । ୮:୨ରେ ପୂର୍ଣ୍ଣ ଟିପ୍ପଣୀ ଲେଖ ।

**୮:୬ ''ଶାରୀରିକମନା''** ଯିହୁଦୀମାନେ ଉପଲବ୍ଧି କଲେ ଯେ ଚକ୍ଷୁ ଓ କର୍ଣ୍ଣମାନ ଆତ୍ମା ଭିତରକୁ ଝରକାମାନ ଅଟେ । ପାପା, ଚିନ୍ତା ଜୀବନରେ ପ୍ରଥମ ଆରମ୍ଭ ହୁଏ । ଯାହା ଉପରେ ଚିନ୍ତା କରୁ ଆମ୍ଭେମାନେ ସେହିପରି ହୋଇଯାଇ (ରୋମୀ ୧୨:୧-୨, ଫିଲିପ୍ପୀ ୪:୮) ।

ପାଉଲ ପାରମ୍ପାରିକ ଗୁରୁମାନଙ୍କ ମତାମତର ଦୁଇଟି ''ଉଦ୍ଦେଶ୍ୟ'' (ୟେଟପେଅରସ୍) ମାନବଗଣଠାରେ, ପ୍ରକୃତଭାବେ ଅନୁଗମନ କରୁ ନ ଥିଲେ । ପାଉଲଙ୍କ ପାଇଁ ଉତ୍ତମ ଉଦ୍ଦେଶ୍ୟ ପତିତ ସୃଷ୍ଟିରେ ଉପସ୍ଥିତ ନ ଥିଲା ମାତ୍ର ମନ ପରିବର୍ତ୍ତନରୁ ଥିଲା । ପାଉଲଙ୍କ ପାଇଁ, ଆଧାତ୍ମିକ ସଂଘର୍ଷ ଆଭ୍ୟନ୍ତରୀଣ ଭାବେ ଆରମ୍ଭ ହୁଏ ଆମ ମଧ୍ୟରେ ବାସ କରୁଥିବା ପବିତ୍ର ଆତ୍ମାଙ୍କ ଦ୍ୱାରା (ଯୋହନ ୧୬:୭-୧୪) ।

▣ **''ଜୀବନ''** ଏହା (ଯୋଏ) ଅନନ୍ତ ଜୀବନ ଓ ନୂତନ ଯୁଗର ଜୀବନକୁ ବୁଝାଏ ।

▣ **''ଶାନ୍ତି''** ଏହି ଶବ୍ଦ ମୂଳରୁ ବୁଝାଏ ଯେ, 'ଯାହା ଭଗ୍ନ ହୋଇଅଛି, ତାହା ଏକତ୍ର ବାନ୍ଧିବା' (ଯୋହନ ୧୪:୨୭, ୧୬:୩୩, ଫିଲିପ୍ପୀ ୪:୭) ବିଶେଷ ପ୍ରସଙ୍ଗ ଦେଖ : ୫:୧ରେ ଶାନ୍ତି । ତିନୋଟି ଉପାୟରେ ନୂତନ ନିୟମ ଶାନ୍ତି ବିଷୟ କହେ ।

୧. ଈଶ୍ୱରଙ୍କ ସହିତ ଆମର କର୍ମକାରକ ବା ବସ୍ତୁଗତ ଶାନ୍ତି ଖ୍ରୀଷ୍ଟଙ୍କ ମାଧ୍ୟମରେ (କଲସୀ ୧:୨୦)

୨. ଈଶ୍ୱରଙ୍କ ସହିତ ଯଥାର୍ଥ ସମ୍ପର୍କରେ ଥିବାର ବ୍ୟକ୍ତିଗତ ଅନୁଭବ (ଯୋହନ ୧୪:୨୭, ୧୬:୩୩, ଫିଲିପ୍ପୀ ୪:୭) ।

୩. ଈଶ୍ୱର ଉଭୟ ଯିହୁଦୀ ଓ ବିଜାତୀଙ୍କୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଏକ ନୂତନ ଶରୀର ମଧ୍ୟରେ ଏକତ୍ର କରିଅଛନ୍ତି (ଏଫିସୀ ୨:୧୪-୧୭, କଲସୀ ୩:୧୫) ।

**୮:୭-୧୧** ରେ ପାଉଲ ଈଶ୍ୱରଙ୍କଠାରୁ ବିଭିନ୍ନ ଉପାୟରେ ପୃଥକ ମାନବଗଣ ବିଷୟ ବର୍ଣ୍ଣନା କଲେ ।

୧. ଈଶ୍ୱର ପ୍ରତିକୂଳ ୭ ପଦ

୨. ଈଶ୍ୱରଙ୍କ ବଶୀଭୂତ ନୁହେଁ ୭ ପଦ

୩. ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ଅକ୍ଷମ ୮ ପଦ

୪. ଆତ୍ମିକ ଭାବେ ମୃତ ଯାହାର ଅନନ୍ତ ମୃତ୍ୟୁରେ ଶେଷଫଳ ହେବ ୧୦-୧୧

ରୋମୀ ୫:୬,୮ ଓ ୧୦ ରେ ସମତୁଲ୍ୟ ବିଷୟ ଦେଖ ।

୮:୭

**ଏନ୍ଏଏସ୍ବି ଏନ୍ଆର୍ଏସ୍ଭି** **''ଶରୀର ଉପରେ ସ୍ଥାପିତମନ ଈଶ୍ୱରଙ୍କ ବିରୁଦ୍ଧରେ ଶତୃତା''**
**ଏନ୍କେଜେଭି** **''ଶାରୀରିକ ମନ ଈଶ୍ୱରଙ୍କ ବିରୁଦ୍ଧରେ ଶତୃତା''**
**ଟିଇଭି** **''ଲୋକମାନେ ଈଶ୍ୱରଙ୍କ ଶତୃଗଣରେ ପରିଣତ ହେଲେ''**
**ଏନ୍ଜେବି** **''ବିଶୃଙ୍ଖଳ ମାନବ ପ୍ରକୃତିର ବାହ୍ୟ ରୂପ ଈଶ୍ୱରଙ୍କ ବିରୋଧ କରେ''**

ଲକ୍ଷ୍ୟ କର ଯେ, ଏହି ଖଣ୍ଡବାକ୍ୟ ୬ ପଦର ''ଶାରୀରିକ ଭାବ ମୃତ୍ୟୁଜନକ'' ସହିତ ଏବଂ ୫ ପଦର 'ସେମାନେ ଶାରୀରିକ ବିଷୟରେ ମନଯୋଗ କରନ୍ତି'' ସହିତ ସମତୁଲ୍ୟ । ଆହୁରି ମଧ ଲକ୍ଷ୍ୟ କର । ପତିତମାନବ ସ୍ୱଭାବ ହେଉଛି ଉଭୟ - ଏକ ମନଯୋଗ (ଜଗତମତ) ଏବଂ ଏକ ଜୀବନଶୈଳୀ (୭:୫), ବିଶେଷ ପ୍ରସଙ୍ଗ ଦେଖ : ଶରୀର *(ସାରକ୍ସ)* ୧:୩ ପଦରେ ।

▣ **''କାରଣ ଏପରି କରିବା ସୁଦ୍ଧା ସମ୍ଭବ ନୁହେଁ''** ପତିତ ମାନବ ଜାତି ଈଶ୍ୱରଙ୍କ ଅନୁଗମନ କରିବାକୁ ପସନ୍ଦ କରନ୍ତି ନାହିଁ, କେବଳ ସେତିକି ନୁହେଁ ସେମାନେ ଏହା କରିବାକୁ ମଧ ଅକ୍ଷମ ଅଟନ୍ତି । ପତିତ ମାନବଜାତି ପବିତ୍ରଆତ୍ମାଙ୍କ ସାହାଯ୍ୟହୀନ, ଆତ୍ମିକ ବିଷୟଗୁଡ଼ିକର ପ୍ରତ୍ୟୁତ୍ତର ଦେଇପାରନ୍ତି ନାହିଁ । (ଯିଶାଇୟ ୫୩:୬, ୧ ପିତର ୨:୨୪, ୨୫) । ଈଶ୍ୱର ସର୍ବଦା ପ୍ରାରମ୍ଭିକ କାର୍ଯ୍ୟ କରିବା ଉଚିତ୍ (ଯୋହନ ୬:୪୪, ୬୫) । ଏହା ଚୁକ୍ତି ପସନ୍ଦ କର୍ତ୍ତୃତ୍ୱ କରିବାକୁ ଦିଏ ନାହିଁ, ମାତ୍ର ଏହା ସ୍ପଷ୍ଟ ଭାବେ ପ୍ରକାଶ କରେ ଯେ, ମାନବଗଣ ପ୍ରତ୍ୟୁତ୍ତରକାରୀ, ପ୍ରାରମ୍ଭ କାରୀ ନୁହଁନ୍ତି ।

୮:୮ **''ଯେଉଁମାନେ ଶରୀରରେ ଅଛନ୍ତି''** ପାଉଲ ଏହି ଖଣ୍ଡବାକ୍ୟ ଦୁଇଟି ଉପାୟରେ ବ୍ୟବହାର କରନ୍ତି ।

୧. ଶାରୀରିକ (ପାର୍ଥିକ) ଶରୀର (ରୋମୀ ୧:୩, ୨:୨୮, ୪:୧, ୯:୩,୫) ।

୨. ମାନବ ଜାତିର ଜାତିର ଈଶ୍ୱର ବିହୀନ ଚେଷ୍ଟା (ରୋମୀ ୭:୫, ୮:୪-୫) ।

ଏଠାରେ#୨ଟି ଅଛି । ଏହା ବିଦ୍ରୋହୀ ଓ ଅବିଶ୍ୱାସୀ ମାନବଜାତିଙ୍କୁ ବୁଝାଏ । ବିଶେଷ ପ୍ରସଙ୍ଗ ଦେଖ : ଶରୀର (ସାରକ୍ସ) ୧:୩ ପଦରେ ।

## ଏନ୍ଏଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୮:୯-୧୧

**[୯]କିନ୍ତୁ ଈଶ୍ୱରଙ୍କ ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି, ତାହା ହେଲେ ତୁମ୍ଭେମାନେ ଶରୀରର ବଶରେ ନାହିଁ, ମାତ୍ର ଆତ୍ମାଙ୍କ ବଶରେ ଅଛ । ଯଦି କେହି ଖ୍ରୀଷ୍ଟଙ୍କ ଆତ୍ମା ପାଇ ନ ଥାଏ, ତେବେ ସେ ତାହାଙ୍କର ନୁହେଁ । [୧୦] କିନ୍ତୁ ଯଦି ଖ୍ରୀଷ୍ଟ ତୁମ୍ଭମାନଙ୍କଠାରେ ଥାଆନ୍ତି, ତାହା ହେଲେ ଶରୀର ପାପ ହେତୁ ମୃତ ଅଟେ, ମାତ୍ର ଆତ୍ମା ଧାର୍ମିକତା ହେତୁ ଜୀବିତ ଅଟେ । [୧୧]ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ ତାହାଙ୍କର ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି ତେବେ ଯେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଯୀଶୁଙ୍କୁ ଉଠାଇଲେ । ସେ ତୁମ୍ଭମାନଙ୍କଠାରେ ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରକୁ ମଧ ଜୀବିତ କରିବେ ।**

୮:୯ **''ଯଦି''** ୯,୧୦,୧୧, ୧୩ ପଦରେ ବହୁତଗୁଡ଼ିଏ ସର୍ତ୍ତପୂର୍ଣ୍ଣ ବାକ୍ୟମାନ ଅଛି । ୧୩ରେ ଦୁଇଥର ଓ ୧୭ରେ ଦୁଇଥର । ସେହି ସମସ୍ତ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟସମୂହ, ଯେଉଁସବୁ ଲେଖକଙ୍କର ଦୃଷ୍ଟିକୋଣରୁ ଓ ତାଙ୍କର ସାହିତ୍ୟକ ଉଦ୍ଦେଶ୍ୟରୁ ସତ୍ୟ ବୋଲି ଜଣାଯାଏ । ପାଉଲ ଅନୁମାନ କରନ୍ତି ତାଙ୍କର ପାଠଗଣ ରୋମୀୟ ମଣ୍ଡଳୀରେ ଖ୍ରୀଷ୍ଟିୟାନ ଥିଲେ । (୯କ)

▣ **''ଖ୍ରୀଷ୍ଟଙ୍କ ଆତ୍ମା''** ବ୍ୟକ୍ତିଗତ ହୁଏତ ଆତ୍ମା ପାଇଛନ୍ତି ଏବଂ ସେଥିପାଇଁ ଏବଂ ସେଥିପାଇଁ ବିଶ୍ୱାସୀଗଣ କିଅବା ସେମାନଙ୍କଠାରେ ଆତ୍ମା ନାହାନ୍ତି ଏବଂ ଆତ୍ମିକ ଭାବେ ହଜିଯାଇଛନ୍ତି । ଆମ୍ଭେମାନେ ପରିତ୍ରାଣ ସମୟରେ ପବିତ୍ରଆତ୍ମାଙ୍କ ପୂର୍ଣ୍ଣତା ପ୍ରାପ୍ତ ହେଉ । ତାହାଙ୍କଠାରୁ ଆଉ ଅଧିକ ଆମ୍ଭେମାନେ ଆବଶ୍ୟକ କରୁ ନାହିଁ, ମାତ୍ର ସେ ଆମ୍ଭମାନଙ୍କୁ ଅଧିକ ଆବଶ୍ୟକ କରନ୍ତି !

୯କ ପଦର 'ଆତ୍ମା' ଖଣ୍ଡ ବାକ୍ୟଗୁଡ଼ିକ, ୯ଖ ପଦର 'ଈଶ୍ୱରଙ୍କ ଆତ୍ମା' ଏବଂ ୯ଗ ପଦର 'ଖ୍ରୀଷ୍ଟଙ୍କ ଆତ୍ମା' ସମସ୍ତ ସମତୁଲ୍ୟ ଅଟେ ।

## ବିଶେଷ ପ୍ରସଙ୍ଗ : ଯୀଶୁ ଓ ଆତ୍ମା

ଆତ୍ମା ଓ ପୁତ୍ରଙ୍କ କାର୍ଯ୍ୟ ମଧ୍ୟରେ ତାରଲ୍ୟତା ଅଛି (ମିଶିଯିବାକୁ ଗୁଣ) । ଜି କ୍ୟାମ୍ପବେଲ ମର୍ଗାନ କହିଲେ, ଆତ୍ମାଙ୍କ ପାଇଁ ସର୍ବୋତ୍ତମ ନାମ ହେଉଛି 'ଅନ୍ୟ ଯୀଶୁ' (ଯାହା ବି ହେଉ ସେମାନେ ସ୍ପଷ୍ଟ ଭାବେ ପୃଥକ, ଅନନ୍ତ କାଳୀନ ବ୍ୟକ୍ତଦ୍ୱୟ) । ନିମ୍ନରେ ଏକ ବାହ୍ୟରେଖା ତୁଳନା, ପୁତ୍ର ଓ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଓ ଉପନାମ ମଧ୍ୟରେ ଅଛି ।

୧. ଆତ୍ମା ''ଯୀଶୁଙ୍କ ଆତ୍ମା'' ବୋଲି କୁହାଯାଏ ବା ସମାନ ପ୍ରକାଶ (ରୋମୀ ୮:୯, ୨ କରନ୍ଥୀ ୩:୧୭, ଗାଲାତୀ ୪:୬, ୧ ପିତର ୧:୧୧

୨. ଉଭୟ ସମାନ ନାମରେ ଡକାଯାଆନ୍ତି

କ. 'ସତ୍ୟ'

୧) ଯୀଶୁ (ଯୋହନ ୧୪:୬)

୨) ଆତ୍ମା (ଯୋହନ ୧୪:୧୭, ୧୬:୧୩)

ଖ. 'ଓକିଲ' (ସପକ୍ଷବାଦୀ)

୧) ଯୀଶୁ (୧ଯୋହନ ୨:୧)

୨) ଆତ୍ମା (ଯୋହନ ୧୪:୧୬, ୨୬, ୧୫:୨୬, ୧୬:୭)

ଗ. 'ପବିତ୍ର'

୧) ଯୀଶୁ (ଲୂକ ୧:୩୫,୪:୩୪)

୨) ଆତ୍ମା (ଲୂକ ୧:୩୫)

୩. ଉଭୟ ବିଶ୍ୱାସୀମାନଙ୍କ ଠାରେ ବାସ କରନ୍ତି

କ) ଯୀଶୁ (ମାଥିଉ ୨୮:୨୦, ଯୋହନ ୧୪:୨୦, ୨୩, ୧୫:୪-୫, ରୋମୀ ୮:୧୦, ୧୧, ୨କରନ୍ଥୀ ୧୩:୫, ଗାଲାତୀ ୨:୨୦, ଏଫିସୀ ୩:୧୭, କଲସୀ ୧:୨୭)

ଖ) ଆତ୍ମା (ଯୋହନ ୧୪:୧୬-୧୭, ରୋମୀ ୮:୯, ୧୧, ୧କରନ୍ଥୀ ୩:୧୬, ୬:୧୯, ୨ତୀମଥି ୧:୧୪)

ଗ) ପିତା (ଯୋହନ ୧୪:୨୩, ୨କରନ୍ଥୀ ୬:୧୬)

**୮:୧୦ ''ଯଦି''** ଏହା ପ୍ରଥମ ଶ୍ରେଣୀ ସର୍ତ୍ତମୂଳକ (ଏକ ସୂଚନାକାରୀ କ୍ରିୟା 'ହେବ' ସହିତ) । ପାଉଲ ଅନୁମାନ କରନ୍ତି ତାଙ୍କ ପାଠକମାନେ (ଯଥା : ରୋମରେ ଥିବା ମଣ୍ଡଳୀ) ଅଟନ୍ତି ।

୧. ଖ୍ରୀଷ୍ଟଙ୍କ ଦ୍ୱାରା ବାସ କରାଯାଇଛନ୍ତି

୨. ସେମାନଙ୍କ ମଧ୍ୟରେ ଖ୍ରୀଷ୍ଟ ଅଛନ୍ତି

▣ **''ଖ୍ରୀଷ୍ଟ ତୁମ୍ଭମାନଙ୍କଠାରେ ଥାଆନ୍ତି''** 'ତୁମ୍ଭମାନଙ୍କ' ବହୁବଚନ ଅଟେ । 'ଖ୍ରୀଷ୍ଟ' ଶବ୍ଦ ପୁତ୍ର/ଆତ୍ମାଙ୍କ ବାସ କରିବା ବୁଝାଏ (ଯୋହନ ୧୪:୧୬-୧୭, କଲସୀ ୧:୨୭) । ଲୋକମାନଙ୍କର ପୁତ୍ର/ଆତ୍ମା ଅଛନ୍ତି ନଚେତ୍ ସେମାନେ ଖ୍ରୀଷ୍ଟିୟାନ ନୁହଁନ୍ତି (୧ଯୋହନ ୫:୧୨) । ପାଉଲଙ୍କ ପାଇଁ ''ଖ୍ରୀଷ୍ଟଙ୍କଠାରେ'' ପାରମାର୍ଥିକ ଭାବେ 'ଆତ୍ମାଙ୍କଠାରେ' ସହିତ ସମାନ ।

▣ **''ଯଦି ଶରୀର ପାପ ହେତୁ ମୃତ ଅଟେ''** ଏପରିକି ଖ୍ରୀଷ୍ଟିୟାନମାନେ ଆଦମଙ୍କ ପାପ ଏକ ପତିତଜଗତ ଓ ବ୍ୟକ୍ତିଗତ ବିଦ୍ରୋହ ମୃତ୍ୟୁଭୋଗ କରିବାକୁ ଯାଉଅଛନ୍ତି (୫:୧୨-୨୧) । ପାପ ସର୍ବଦା ଏହାର ପାଠ ଦୌଡ଼ାଉଥାଏ । ଆତ୍ମିକ ମୃତ୍ୟୁ (ଆଦି ୩, ଏଫିସୀ ୨:୧) ଶାରୀରିକ ମୃତ୍ୟୁରେ ପରିଣତ ଲାଭ କଲେ । (ଆଦି ୫, ଏବ୍ରୀ ୯:୨୭), ୮:୧୩ରେ ଟିପ୍ପଣୀ ଦେଖ) । ବିଶ୍ୱାସୀମାନେ ଆତ୍ମାଙ୍କ ନୂତନ ଯୁଗ (ଯୋୟେଲ ୨:୨୮-୨୯, ପ୍ରେରିତ ୨:୧୬ ଏବଂ ପାପ ଓ ବିଦ୍ରୋହତାର ପୁରାତନ ଯୁଗ ଉଭୟରେ ବାସ କରନ୍ତି ୯୨୧, ୩୫ ପଦ) ।

▣ **''ମାତ୍ର ଆତ୍ମା ଧାର୍ମିକତା ହେତୁ ଜୀବିତ ଅଟେ''** 'ଆତ୍ମା' ମାନବ ଆତ୍ମାକୁ ବୁଝାଏ କି ନାହିଁ ଏ ବିଷୟରେ ଅନୁବାଦକମାନଙ୍କର ଏବଂ ବାଖ୍ୟାକାରମାନଙ୍କ ମଧ୍ୟରେ କେତେକ ଅସ୍ୱୀକୃତ ରହି ଆସିଅଛି (ଏନ୍ ଏଏସ୍‌ବି, ଏଏସ୍‌ଭି, ଏନ୍‌ଆଇଭି, ଉଇଲିଅମ୍‌ସ୍, ଜେରୁଶାଲେମ୍ ବାଇବଲ) ବା ସେ ପବିତ୍ରଆତ୍ମାଙ୍କୁ ବୁଝାଏ (କେଜେଭି, ଟିଇଭି, ଆରଇବି, କାଲିବାଥ୍, ସିକେବାରେଟ୍, ଜନ ମରେ ଏବଂ ଏଭେରେଟ୍ ହାରିସନ୍)

ବୃହତ୍ତର ଶାସ୍ତ୍ରାଂଶ ଆୟମାନଙ୍କ ଏହି ସଂକ୍ଷିପ୍ତ ଖଣ୍ଡବାକ୍ୟର ବୁଝାମଣାକୁ ବିସ୍ତୃତ କରେ । ଏପରିକି ଯେଉଁମାନେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରୁଅଛନ୍ତି ତଥାପି ସେମାନେ ମୃତ୍ୟୁଭୋଗ କରିବାକୁ ଯାଉଅଛନ୍ତି କାରଣ ସେମାନେ ଏକ ପତିତ ଜଗତରେ ବାସ କରନ୍ତି । ଯାହାବି ହେଉ, ଧାର୍ମିକତା ହେତୁ, ଯାହା ଯୀଶୁଙ୍କଠାରେ ବିଶ୍ୱାସ ମାଧ୍ୟମରେ ଆସିଥାଏ, ସେହି ଲୋକମାନଙ୍କ ଅନନ୍ତ ଜୀବନ ଅଛି (ଏଫିସୀ ୨:୪-୬) । ଏହା 'ଅଛି ମାତ୍ର ତଥାପି ପ୍ରାପ୍ତ ନୁହେଁ' ଈଶ୍ୱରଙ୍କ ରାଜ୍ୟର ଚିନ୍ତା । ପୁରାତନ ଯୁଗ ଓ ନୂତନ ଯୁଗ ନିରୂପିତ ସମୟରେ ପରସ୍ପରକୁ ଅତିକ୍ରମ କରିଯିବ 'ଧାର୍ମିକତା' ଶାସ୍ତ୍ରାଂଶରେ ଏହା ବୁଝାଏ ।

୨. ଆୟମାନଙ୍କୁ ଆଦି ପୁସ୍ତକରେ ୧:୨୬-୨୭, ୩:୨୨, ୧୧:୭)
ଖ. ସଦାପ୍ରଭୁଙ୍କ ଦୂତ ଥିଲା ଈଶ୍ୱରଙ୍କର ଏକ ଦୃଶ୍ୟମାନ ପ୍ରତିନିଧି
୧. ଆଦି ୧୬:୭-୧୩, ୨୨:୧୧-୧୫, ୧୫, ୩୧:୧୧,୧୩, ୪୮:୧୫-୧୬
୨. ଯାତ୍ରା ୩:୨,୪, ୧୩:୨୧, ୧୪:୧୯
୩. ବିଚାରକର୍ତ୍ତା ୨:୧, ୬:୨୨-୨୩, ୧୩:୩-୨୨
୪. ଯିଖରିୟ ୩:୧-୨
ଗ. ଈଶ୍ୱର ଓ ତାହାଙ୍କ ଆତ୍ମା ପରସ୍ପରଠାରୁ ଭିନ୍ନ, ଆଦି ୧:୧-୨, ଗୀତ ୧୦୪:୩୦, ଯିଶାଇୟ ୬:୨,୧୧, ଯିହିଜିକଲ ୩୭:୧୩-୧୪
ଘ. ଈଶ୍ୱର (ୟା ୟେହ) ଏବଂ ମଶୀହ (ଆଡୋନ୍) ପରସ୍ପରଠାରୁ ଭିନ୍ନ, ଗୀତ ୪୫:୬-୭, ୧୧୦:୧, ଯିଖରିୟ ୨:୮-୧୧, ୧୦:୯-୧୨
ଙ. ମଶୀହ ଓ ଆତ୍ମା ପରସ୍ପରଠାରୁ ଭିନ୍ନ, ଯିଖରିୟ ୧୨:୧୦
ଚ. ସମୁଦାୟ ତିନି ବ୍ୟକ୍ତି ଯିଶାଇୟ ୪୮:୧୬, ୬୧:୧ରେ ପ୍ରକାଶ କରାଯାଇଛନ୍ତି ।
ଯୀଶୁଙ୍କ ଈଶ୍ୱରତ୍ୱ ଓ ଆତ୍ମାଙ୍କ ବ୍ୟକ୍ତିତ୍ୱ, ରକ୍ଷଣଶୀଳ, ଏକେଶ୍ୱରବାଦୀ, ଆଦ୍ୟବିଶ୍ୱାସୀମାନଙ୍କ ପାଇଁ ସମସ୍ୟାର କାରଣ ହେଲା ।
୧. ଟେର୍ଟୁଲିଆନ୍ - ପୁତ୍ର, ପିତାଙ୍କ ଅଧୀନସ୍ଥ କରାଇଲେ
୨. ଓରିଜେନ୍ - ପୁତ୍ର ଓ ପବିତ୍ର ଆତ୍ମାଙ୍କ ଐଶ୍ୱରିକତାକୁ ଅଧୀନସ୍ଥ କରାଇଲେ
୩. ଆରିଅସ୍ - ପୁତ୍ର ଓ ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱକୁ ନାସ୍ତି କଲେ
୪. ରାଜତନ୍ତ୍ରବାଦ - ଏକ ପରମେଶ୍ୱରଙ୍କର, ପିତା, ପୁତ୍ର ଓ ପବିତ୍ର ଆତ୍ମା ରୂପେ ପରକୁ ପର ପରିପ୍ରକାଶକୁ ବିଶ୍ୱାସ କଲା ।
ତ୍ରିବିଧ ପରମେଶ୍ୱର ବିଷୟ ହେଉଛି ଏକ ଉନ୍ନତ ଐତିହାସିକ ପ୍ରସ୍ତୁତି, ବାଇବଲ ସମ୍ବନ୍ଧୀୟ ବିଷୟଗୁଡ଼ିକ ଦ୍ୱାରା ଏହାର ବିବରଣୀ ପ୍ରଦାନ କରାଯାଇଅଛି ।
୧. ଯୀଶୁଙ୍କର ପୂର୍ଣ୍ଣ ଐଶ୍ୱରିକତା ପିତାଙ୍କ ଓ ପବିତ୍ର ଆତ୍ମାଙ୍କ ସହିତ ସମାନ ବୋଲି ୩୨୫ ଖ୍ରୀଷ୍ଟାବ୍ଦରେ ନାଇସିଆ ମହାସଭାରେ ଦୃଢ଼ତାର ସହିତ ଗ୍ରହଣ କରାଯାଇଥିଲା ।
୨. ପବିତ୍ର ଆତ୍ମାଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ଈଶ୍ୱରତ୍ୱ ପିତା ଓ ପୁତ୍ରଙ୍କ ସହିତ ସମାନ ରୂପେ କନ୍‌ଷ୍ଟାଣ୍ଟିନୋପଲ ମହାସଭାରେ ୩୮୧ ଖ୍ରୀଷ୍ଟାବ୍ଦରେ ଦୃଢ଼ରୂପେ ଗୃହିତ ହୋଇଥିଲା ।
୩. ତ୍ରିବିଧ ପରମେଶ୍ୱରଙ୍କ ଉଦ୍ଧ-ସମ୍ପୂର୍ଣ୍ଣ ରୂପେ ଅଗଷ୍ଟିନଙ୍କ କାର୍ଯ୍ୟ - ଡେ ଟିନିଟେଟ୍‌ରେ ପ୍ରକାଶିତ ହେଲ ।
ଏଠାରେ ପ୍ରକୃତରେ ରହସ୍ୟ ରହିଛି । ମାତ୍ର ନୂତନ ନିୟମ, ତିନି ଅନନ୍ତକାଳୀନ ବ୍ୟକ୍ତି ଗତ ପରିପ୍ରକାଶମାନ ଦ୍ୱାରା ଏକ ଈଶ୍ୱର (ଐଶ୍ୱରୀକବ୍ୟକ୍ତି)ଙ୍କ ବିଷୟ ଦୃଢ଼ ଭାବରେ ସମ୍ମୁଖକୁ ଆଣିବା ଦେଖାଯାଏ ।

▣ **''ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରକୁ ମଧ୍ୟ ଜୀବିତ କରିବେ''** କ୍ରିୟାପଦ, ଏକ ଭବିଷ୍ୟତ୍ ସକ୍ରିୟ ସୂଚନା ଅଟେ, ପୁନରୁତ୍ଥାନ ଦିବସକୁ ଅଙ୍ଗୁଳି ନିର୍ଦ୍ଦେଶ କରେ । ଯୀଶୁ ଓ ତାହାଙ୍କ ଅନୁଗାମୀମାନଙ୍କ ପୁନରୁତ୍ଥାନ ହେଉଛି ଏକ କଠିନ ମୂଳତତ୍ତ୍ୱ (୧ କରିନ୍ଥୀ ୧୫:୧, ୨ କରିନ୍ଥୀ ୪:୧୪) । ଖ୍ରୀଷ୍ଟ ଧର୍ମ ପ୍ରକାଶ କରେ ଯେ ବିଶ୍ୱାସୀମାନଙ୍କର ଏକ ଶାରୀରିକ ଉପସ୍ଥିତି, ଅନନ୍ତକାଳରେ ଅଛି (୧ ଯୋହନ ୩:୨) । ଯଦି ଖ୍ରୀଷ୍ଟ ଆତ୍ମାଙ୍କ ଦ୍ୱାରା ଉତ୍ଥିଥ ହେଲେ (୧ କରିନ୍ଥୀ ୧୫:୧୨-୨୧), ତାହାଙ୍କ ଅନୁଗାମୀ ମଧ୍ୟ ସେହିପରି ହେବେ (୨୩ ପଦ)

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ତାହାଙ୍କ ଆତ୍ମାଙ୍କ ଦ୍ୱାରା''** |
| **ଆର ବି ବି, ଏନ୍ ଇ ଟି** | |
| **ଏନ୍ ଆର୍ ଏସ୍ ଭି** | **''ତାହାଙ୍କ ଆତ୍ମାଙ୍କ ହେତୁ''** |
| **ଟି ଇ ଭି** | **''ତାହାଙ୍କ ଆତ୍ମାଙ୍କ ଉପସ୍ଥିତି ଦ୍ୱାରା''** |

ଏଠାରେ ଏକ ପାଣ୍ଡୁଲିପି ଭିନ୍ନ ଅଛି, ଯାହା ଏହି ଖଣ୍ଡବାକ୍ୟର ବ୍ୟାକରଣ ସମ୍ବନ୍ଧୀୟ ଗଠନ ସହିତ ସମ୍ପୃକ୍ତ ।
୧. ବ୍ୟାକରଣରେ ସମ୍ବନ୍ଧସୂଚକ, ଏମ୍ ଏସ୍ ସ୍ ଏନ୍ ଏ ସି ପିଚ
୨. ବ୍ୟାକରଣରେ କର୍ମକାରକ, ଏମ୍ ଏସ୍ ସ୍ ବି, ଡି, ଏଫ୍, ଜି
ୟୁବିଏସ୍ ୪ ଏକ ସମ୍ବନ୍ଧ ସୂଚକ ''ବି'' (ପ୍ରାୟ ନିଶ୍ଚୟ) ମୂଲ୍ୟାୟନରେ ଦେଇଥାଏ ।

**ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ : ୮:୧୨-୧୭**
**''[୧୨]ଅତଏବ ହେ ଭାଇମାନେ, ଆମ୍ଭେମାନେ ଋଣୀ, କିନ୍ତୁ ଶାରୀରିକ ଭାବାନୁସାରେ ଜୀବନଯାପନ କରିବାକୁ ଶରୀର ନିକଟରେ ନୁହେଁ,**
**[୧୩]କାରଣ ଯଦି ଶାରୀରିକ ଭାବାନୁସାରେ ତୁମ୍ଭେମାନେ ଜୀବନଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ**

> **ଶରୀରର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ । ୧୪ଯେଣୁ ଯେତେଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ । ୧୫କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇ ନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ, ତଦ୍ଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ । ୧୬ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି । ୧୭ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ, ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ ଅଟୁ ।''**

**୮:୧୨ ''ଅତଏବ''** ପାଉଲ ତାଙ୍କର ୧୧ ପଦର ପରିପ୍ରକାଶର ପ୍ରୟୋଗକୁ ବାହାରକୁ ବାହାର କରିବାରେ ଲାଗିଅଛନ୍ତି ।

- **''ଆମ୍ଭେମାନେ ଋଣୀ''** ଏହା ଖ୍ରୀଷ୍ଟିୟ ସ୍ୱାଧିନତାର ଅନ୍ୟ ପାର୍ଶ୍ୱ ଅଟେ (୧୪:୧-୧୫:୧୩) । ୧-୧୧ ପଦରେ ପବିତ୍ରୀକରଣର ଆଲୋଚନାରୁ ଏହା ପରିସମାପ୍ତି ଅଟେ, ଯାହା ପଦସମ୍ବନ୍ଧୀୟ(ସୂଚନା) ଏବଂ ଅଗ୍ରଗତି କରୁଥିବା (ଅତ୍ୟାବଶ୍ୟକ) ଉଭୟ ଅଟେ, ବିଶେଷ ପ୍ରସଙ୍ଗ ୬:୪ରେ ଦେଖ । ଏହା ମଧ୍ୟ ସ୍ପଷ୍ଟ ରୂପେ ଦର୍ଶାଯାଇଛି ଯେ, ବିଶ୍ୱାସୀମାନେ ତଥାପି ପୁରାତନ ପତିତ ସ୍ୱଭାବ ସହିତ ସଂଘର୍ଷ କରିବେ (ଯଥା : ୬:୧୨,୧୯, ୭:୭-୭-୨୪, ୧ କରିନ୍ଥୀ ୬:୧୮,୧୯, ଏଫିସୀ ୬:୧୦-୧୯) । ଏଠାରେ ଏକ ପସନ୍ଦ କରିବାକୁ ହେବ (ପ୍ରାରମ୍ଭିକ ବିଶ୍ୱାସ) ଏବଂ ପସନ୍ଦ କରିବାରେ ଲାଗି ରହିବାକୁ ହେବ (ଜୀବନଶୈଳୀ ବିଶ୍ୱାସ)

**୮:୧୩ ''ଯଦି''** ସର୍ତ୍ତପୂର୍ଣ୍ଣ ବାକ୍ୟମାଳ । ୯,୧୦,୧୧,୧୩ (ଦୁଇଥର ଏବଂ ୧୭ ପରେ (ଦୁଇଥର) ଅଛି । ସେ ସବୁ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟସମୂହ, ଯେଉଁଗୁଡ଼ିକ ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ସାଧନରୁ ସତ୍ୟ ବୋଲି ଜଣାଯାଏ । ପାଉଲ ତାଙ୍କର ପାଠକମାନେ ରୋମୀୟ ମଣ୍ଡଳୀର ଖ୍ରୀଷ୍ଟିୟାନ ଥିଲେ ବୋଲି କଳ୍ପନା କରନ୍ତି ଯେଉଁମାନେ ଆତ୍ମାଙ୍କ ଦ୍ୱାରା ଜୀବନଯାପନ କରୁଥିଲେ । ମାତ୍ର ସେଥିରେ ସମ୍ଭାବନା କେବଳ ଥିଲା (ଯଥା : ମାନବୀୟ ସହଯୋଗ)

- **''ଶାରୀରିକ ଭାବାନୁସାରେ ତୁମ୍ଭେମାନେ ଜୀବନ ଯାପନ କର, ତେବେ ଅବଶ୍ୟ ମରିବ''** ୧୩ ପଦରେ ଉଭୟ ବକ୍ତବ୍ୟ ବର୍ତ୍ତମାନ କାଳ, ଯାହା କାର୍ଯ୍ୟ କରାଯାଉଥିବା ବିଷୟ କହେ । ବାଇବଲ ପ୍ରକାଶ କରେ ମୃତ୍ୟୁର ତିନୋଟି ସ୍ତର
  ୧. ଆତ୍ମିକ ମୃତ୍ୟୁ (ଆଦି ୨:୧୭, ୩:୧-୭, ଏଫିସୀ ୨:୧)
  ୨. ଶାରୀରିକ ମୃତ୍ୟୁ (ଆଦି ୫)
  ୩. ଅନନ୍ତକାଳୀନ ମୃତ୍ୟୁ (ପ୍ରକାଶିତ ୨:୧୧, ୨୦:୬, ୧୪, ୨୧:୮)

  ଏହି ଅଂଶରେ ଯାହା ବିଷୟ କୁହାଯାଇଅଛି, ତାହା ହେଉଛି ଆଦମଙ୍କ ଆତ୍ମିକ ମୃତ୍ୟୁ ବିଷୟ (ଆଦି ୩:୧୪-୧୯) ଯାହା ମାନବ ଜାତିର ଶାରୀରିକ ମୃତ୍ୟୁରେ ପରିଣତ ହେଲା (ଆଦି ୫)

  ଆଦମଙ୍କ ପାପ ମାନବ ଅନୁଭୂତି ମଧ୍ୟକୁ ପାପ ଆଣିଲା (୫:୧୨-୨୧) ଆମ୍ଭେମାନେ ପ୍ରତ୍ୟେକେ ଇଚ୍ଛାକୃତଭାବେ ପାପରେ ଅଂଶୀ ହେବାକୁ ପସନ୍ଦ କରିଅଛୁ । ଆମ୍ଭେମାନେ ଯେତେବେଳେ ଏଥିରେ ରହିବାକୁ ପସନ୍ଦ କରୁ, ଏହା ଆମ୍ଭମାନଙ୍କୁ ବଧ କରିବ ''ଅନନ୍ତକାଳୀନ ଭାବେ'' (ପ୍ରକାଶିତ ୨୦:୬,୧୪ ଦ୍ୱିତୀୟ ମୃତ୍ୟୁ) । ଖ୍ରୀଷ୍ଟିୟାନଭାବେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ବିଶ୍ୱାସରେ ଚିହ୍ନିତ ବା ପରିଚିତ ହେବା ଦ୍ୱାରା ପାପ, ଅହଂତ୍ୱ ପ୍ରତି ମୃତ ହେବା ଉଚିତ ଓ ଈଶ୍ୱରଙ୍କ ପ୍ରତି ଜୀବିତ ହେବା ଆବଶ୍ୟକ । (ରୋମୀ ୬)

- **''ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ''** ବିଶ୍ୱାସୀମାନଙ୍କ ପରିତ୍ରାଣର ନିଶ୍ଚୟତା ସେମାନଙ୍କ ଖ୍ରୀଷ୍ଟିୟ ଜୀବନ ଶୈଳୀରୁ ମପା ପାଉଥିଲା ଓ ପ୍ରଦର୍ଶିତ ହେଉଥିଲା (ନୂତନ ନିୟମର ଯିହୁଦା ପୁସ୍ତକ ଓ ୧ ଯୋହନ) । ବିଶ୍ୱାସୀମାନେ ଏହି ନୂତନଜୀବନ, ସେମାନଙ୍କ ନିଜର ପ୍ରଚେଷ୍ଟାରେ ଯାପନ କରନ୍ତି ନାହିଁ ମାତ୍ର ପବିତ୍ର ଆତ୍ମାଙ୍କ ପ୍ରତିନିଧିତ୍ୱ ଦ୍ୱାରା କରନ୍ତି, (୧୪ପଦ) । ଯାହାବି ହେଉ ସେମାନେ ତାହାଙ୍କ ଆୟତାଧୀନରେ ଆପଣାମାନଙ୍କୁ ପ୍ରତ୍ୟେକ ଦିନ ସମର୍ପଣ କରିବା ଉଚିତ (ଏଫିସୀ ୫:୧୭-୧୮, ୬:୧୦-୧୮) ।

  ଏହି ପରିପ୍ରେକ୍ଷୀରୁ, ''ଶରୀରର କାର୍ଯ୍ୟଗୁଡ଼ାକ'' ପୁରାତନପାପମୟ ଯୁଗର ଜୀବନ ରୂପେ ଦେଖାଯାଏ (ଗାଲାତୀୟ ୫:୧୦-୨୧) । ଏହା ଶାରୀରିକ ସ୍ଥିତିର ଅନନ୍ତକାଳୀନତାର ଏକ ଅସ୍ୱୀକାର କରିବା ନୁହେଁ (୮:୨୩) । ମାତ୍ର ହୃଦୟରେ ବାସ କରୁଥିବା ଆତ୍ମା (ନୂତନତା) ଓ ପାପ ସହିତ ସର୍ବଦା ଚାଲିଥିବା ଆତ୍ମିକ ସଂଘର୍ଷ (ପୁରାତନଯୁକ) ମଧ୍ୟରେ ବିପରୀତ ତୁଳନା ।

**୮:୧୪ ''ଯେତେ ଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି''** ଏହା ଏକ ବର୍ତ୍ତମାନ କର୍ମକାରକ କୃଦନ୍ତ, ବିଶେଷଣ, ଯାହା ଆତ୍ମାଙ୍କଠାରୁ ନିତାପ୍ରବୃତ୍ତ ଚାଳନାକୁ ସୂଚାଏ । ଆତ୍ମା ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ କରନ୍ତି (ଯୋହନ ୬:୪୪,୬୫) ଏବଂ ତା'ପରେ ଖ୍ରୀଷ୍ଟଙ୍କୁ ଆମଠାରେ ଗଠନ କରନ୍ତି (୨୯-୩୦ପଦ) । ଏକ ସିଦ୍ଧାନ୍ତ ଠାରୁ ଖ୍ରୀଷ୍ଟଧର୍ମ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ପ୍ରକୃତରେ ଏକ ଚାଲୁ ରହିଥିବା ଶିଷ୍ୟତ୍ୱ (ମାଥିଉ ୨୮:୧୯) ତାହା ଏକ ସିଦ୍ଧାନ୍ତରୁ ଆରମ୍ଭ ହୁଏ (୧୦:୯-୧୩, ଯୋହନ ୧:୧୨,୩:୧୬) । ଏହା ବିଶେଷ ଘଟଣାମାନ, ସମୟ ବା ସେବାକାର୍ଯ୍ୟସମୂହକୁ ବୁଝାଏ ନାହିଁ ମାତ୍ର ଦୈନନ୍ଦିନ କାର୍ଯ୍ୟକଳାପଗୁଡ଼ିକୁ ବୁଝାଏ ।

- **''ଈଶ୍ୱରଙ୍କ ପୁତ୍ରଗଣ''** ଏହା ବହୁବଚନ ଖଣ୍ଡବାକ୍ୟ ପୁରାତନ ନିୟମରେ ଦୂତଗଣ ନିମନ୍ତେ ବ୍ୟବହୃତ ହେଉଥିଲା । କ୍ୱଚିତ ମାନବମାନଙ୍କ ପାଇଁ ବ୍ୟବହୃତ ହୋଇଛି (ବିଶେଷ ପ୍ରସଙ୍ଗ - ଫ୍ରି ବାଇବଲ କମେଣ୍ଟେରୀ) ଏକବଚନ ଆଦମ, ଇସ୍ରାଏଲ, ତାହାର ରାଜା ଓ ମଶୀହ । ଏଠାରେ ଏହା

ସମସ୍ତ ବିଶ୍ୱାସୀମାନଙ୍କୁ ବୁଝାଏ (ଗାଲାତୀୟ ୪:୬-୭) ୧୪ ପଦରେ ଗ୍ରୀକ୍ ଶବ୍ଦ ''ହଟିଓଇ'' (ପୁତ୍ରଗଣ) ବ୍ୟବହୃତ ହୋଇଅଛି, ୧୬ ପଦରେ ''ଟେକନା'' (ସନ୍ତାନମାନେ) ସେଗୁଡ଼ିକ ଏହି ଶାସ୍ତ୍ରାଂଶରେ ସମତୁଲ୍ୟ ରୂପେ ବ୍ୟବହୃତ ହୋଇଅଛି । ବିଶ୍ୱାସୀମାନେ ଆଉ ଦାସ ନୁହଁନ୍ତି ମାତ୍ର ପରିବାରର ସଭ୍ୟଗଣ (୧୫,୧୭, ଗାଲାତୀ ୪:୭) ।

**୮:୧୫ ''ଏକ ଆତ୍ମା''** ଏହି ପଦ ୧୦ ପଦ ପରି ବହୁଅର୍ଥ ବିଶିଷ୍ଟ । ଏହା ମୁକ୍ତିପ୍ରାପ୍ତ ମାନବଜାତିର ଖ୍ରୀଷ୍ଟଙ୍କଠାରେ ନୂତନ ଆତ୍ମା ବା ପବିତ୍ର ଆତ୍ମାକୁ ବୁଝାଏ । ଉଭୟ ୧୬ ପଦରେ ମିଳେ ।

ପାଉଲଙ୍କ ଲେଖାରେ ଅନେକ ସ୍ଥାନରେ ଏହି ବ୍ୟାକରଣିକ ଗଠନ ବ୍ୟବହୃତ ହୋଇଅଛି, ପ୍ରତ୍ୟେକ ବିଶ୍ୱାସୀଠାରେ ପବିତ୍ର ଆତ୍ମା କ'ଣ ଉତ୍ପନ୍ନ କରନ୍ତି ତାହା ବର୍ଣ୍ଣନା କରିବାକୁ ।

୧. ''ଦାସତ୍ୱର ଆତ୍ମା ନୁହେଁ'', ଏକ ପୁତ୍ରତ୍ୱର ଆତ୍ମା ୧୫ ପଦ

୨. ଏକ ମୃଦୁତାର ଆତ୍ମା ୧ କରିନ୍ଥୀ ୪:୨୧

୩. ଏକ ବିଶ୍ୱାସଜନକ ଆତ୍ମା (ବିଶ୍ୱସ୍ତତା) ୨ କରିନ୍ଥୀ ୪:୧୩

୪. ''ଜ୍ଞାନ ଓ ପ୍ରତ୍ୟାଦେଶର ଆତ୍ମା'' ଏଫିସୀ ୧:୧୭

୫. ଭୀରୁତାର ଆତ୍ମା ଦେଇ ନାହାନ୍ତି ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ୨ ତୀମଥି ୧:୭ ବିଭିନ୍ନ ସ୍ଥାନମାନଙ୍କରେ, ବିଶେଷତଃ ୧ କରିନ୍ଥୀୟରେ, ଯେଉଁଠାରେ ପାଉଲ ''ନିଉମା''କୁ ନିଜ ନିମନ୍ତେ ବ୍ୟବହାର କରିଥିଲେ (୧ କରିନ୍ଥୀ ୨:୧୧, ୫:୩,୧୪, ୭:୩୪, ୧୬:୮ ଏବଂ କଲସୀ ୨:୫) ଏହି ଶାସ୍ତ୍ରାଂଶରେ ୧୦ ପଦ ଓ ୧୫ ପଦ ନିଶ୍ଚିତ ଭାବରେ ଏହି ବିଭାଗ ପାଇଁ ସର୍ବୋତ୍ତମ ଭାବେ ପ୍ରଯୁଜ୍ୟ ।

▣ **''ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା''** ପୁରାତନ ସ୍ୱଭାବର ଚାରିତ୍ରିକ ଗୁଣ ହେଉଛି ଭୟ (ଏବ୍ରୀ ୨:୧୫) ନୂତନ ସ୍ୱଭାବର ଚାରିତ୍ରିକଗୁଣ ୧୪:୧୭ରେ ବର୍ଣ୍ଣନା କରାଯାଇଅଛି ।

▣ **''ପୁତ୍ର ରୂପେ ପ୍ରତିପାଳିତ''** ରୋମୀୟ ଆଇନରେ ପୋଷ୍ୟପୁତ୍ର କରିବା ବହୁତ କଷ୍ଟକର, ମାତ୍ର ଥରେ ଏହା ହୋଇଗଲେ ଏହା ସ୍ଥାୟୀ ଅଟେ (ଗାଲାତୀ ୪:୪-୬) ଏହି ଦୃଷ୍ଟାନ୍ତ ବିଶ୍ୱାସୀମାନଙ୍କ ନିରାପତ୍ତାର ପରାମାର୍ଥିକ ସତ୍ୟତାକୁ ସପକ୍ଷତା ଦିଏ (୫:୨ରେ ବିଶେଷ ପ୍ରସଙ୍ଗ ଦେଖ) । ଏକ ପ୍ରାକୃତିକ ସନ୍ତାନ ଉତ୍ତରାଧିକାରରୁ ବଞ୍ଚିତ କିଅବା ଏପରିକି ବଧ କରାଯାଇପାରେ । ମାତ୍ର ଏକ ପୋଷ୍ୟପୁତ୍ର ସେପରି ହେବ ନାହିଁ । ଏହା ପାଉଲଙ୍କ ପରିତ୍ରାଣ ବର୍ଣ୍ଣନା କରିବାକୁ ଏକ ଜଣାଶୁଣା ଦୃଷ୍ଟାନ୍ତ ଥିଲା (୧୫,୨୩ ପଦ) ଯୋହନ ଓ ପିତର ଆଉ ଏକ ଜଣାଶୁଣା ଦୃଷ୍ଟାନ୍ତ ''ପୁନର୍ଜନ୍ମ'' ବ୍ୟବହାର କରିଥିଲେ (ଯୋହନ ୩:୩, ୧ ପିତର ୧:୩,୨୩) ପୂର୍ଣ୍ଣ ଟିପ୍ପଣୀ ପାଇଁ ଗାଲାତୀ ୪:୫ ଫ୍ରି ବାଇବଲ କମେଣ୍ଟେରୀ ଓ ଆରବିରେ ଦେଖ)

▣ **''ଆବ୍ବା''** ଏହି ଆରମିକ୍ ଶବ୍ଦ ହେଉଛି ଯେଉଁ ଶବ୍ଦ ବ୍ୟବହାର କରି ଘରେ ପିଲାମାନେ ପିତାମାନଙ୍କୁ ସମ୍ବୋଧନ କରନ୍ତି । (ଡାଡି ବା ବାପା) ଯୀଶୁ ଓ ପ୍ରେରିତମାନେ ଆରମିକ ଭାଷା କହୁଥିଲେ (ମାର୍କ ୫:୪୧, ୧୪:୩୬, ୧ କରିନ୍ଥୀ ୧୬:୨୨) । ବିଶ୍ୱାସୀମାନେ ବର୍ତ୍ତମାନ ଖ୍ରୀଷ୍ଟଙ୍କ ରକ୍ତ ମାଧ୍ୟମରେ ଏକ ଦୃଢ଼ ବିଶ୍ୱାସ ଦ୍ୱାରା ପବିତ୍ର ଆତ୍ମାଙ୍କୁ ହୃଦୟରେ ବାସ କରିବାକୁ ଦେବା ଦ୍ୱାରା ଏବଂ ପାରିବାରିକ ବିଶ୍ୱାସ ଦ୍ୱାରା ପବିତ୍ର ଈଶ୍ୱରଙ୍କ ପାଖକୁ ଆସିପାରନ୍ତି (ମାର୍କ ୧୪:୩୬, ଗାଲାତୀୟ ୪:୬) । ଏହା ଚମତ୍କାର ନୁହେଁ କି ପତିତ ମାନବଜାତି ଈଶ୍ୱରଙ୍କୁ ପିତା ବୋଲି ଡାକି ପାରିବ ଏବଂ ଅନନ୍ତକାଳୀ ପବିତ୍ର ବ୍ୟକ୍ତି ଏହା ଇଚ୍ଛା କରିବେ । ୧:୭ରେ ପିତା – ବିଶେଷ ପ୍ରସଙ୍ଗ ଦେଖ ।

**୮:୧୬** ''ଆତ୍ମା ସ୍ୱୟଂ'' ଆତ୍ମାଙ୍କ ପାଇଁ ଗ୍ରୀକ୍ ଶବ୍ଦ ହେଇ ''ନିଉଟର'', ସେଥିପାଇଁ କେଜେଭି ଅନୁବାଦ କରେ ଏପରି ''ଆତ୍ମା-ନିଜେ'' । ଆତ୍ମା ହେଉଛନ୍ତି ଏକ ବ୍ୟକ୍ତି, ସେ ଦୁଃଖିତ ହୋଇପାରନ୍ତି (ଏଫିସୀ ୪:୩୦, ଥେସଲ ୫:୧୯) ତେଣୁ ''ସ୍ୱୟଂ'' ହେଉଛି ତା' ଅପେକ୍ଷା ଭଲ ଅନୁବାଦ । ବିଶେଷ ପ୍ରସଙ୍ଗ ଦେଖ ୮:୨୭ରେ ଆତ୍ମାଙ୍କ ପାଳକତ୍ୱ ।

▣ **''ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି । ଯେ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ''** ୧୩ ପଦରେ ଯେପରି ଦିଆଗଲା ବିଶ୍ୱାସ ନିଶ୍ଚୟତାର ଗୋଟିଏ ବିଷୟ ହେଉଛି ବିଶ୍ୱାସୀମାନଙ୍କର ପରିବର୍ତ୍ତିତ ଓ ପରିବର୍ତ୍ତନ ହେଉଥିବା ଜୀବନମାନ (ନୂତନନିୟମର ଯାକୁବ ପୁସ୍ତକ ଓ ୧ ଯୋହନ) । ନିଶ୍ଚୟତାର ଅନ୍ୟ ଏକ ବିଷୟ ହେଉଛି, ଆମ ମଧ୍ୟରେ ବାସ କରୁଥିବା ଆତ୍ମା ଈଶ୍ୱର ଭୟର ସ୍ଥାନରେ ପାରିବାରିକ ପ୍ରେମ ସ୍ଥାପନ କଲେ (୧ ଯୋହନ ୪:୧୭-୧୮)

ଆର୍ ଏସ ଭି ଓ ଏନ୍ ଆର ଏସ୍ ଭି ଅନୁବାଦଗୁଡ଼ିକ ଓ ବିରାମ ଚିହ୍ନମାନ ଲକ୍ଷ୍ୟ କର, ''ଯେତେବେଳେ ଆମ୍ଭେମାନେ ଆବ୍ବା ! ପିତା ବୋଲି ଡାକୁ ! ଏହା ହେଉଛି ଆତ୍ମା ସ୍ୱୟଂ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି'' (ଗାଲାତୀ ୪:୬) । ଏହା ବୁଝାଏ ଯେ, ନିଶ୍ଚୟତା ଆସେ ଯେତେବେଳେ ବିଶ୍ୱାସୀମାନେ ଆତ୍ମାଙ୍କ ଦ୍ୱାରା ଈଶ୍ୱରଙ୍କୁ ପିତା ବୋଲି ସମ୍ବୋଧନ କରିପାରନ୍ତି । ଆତ୍ମାଙ୍କର ଆଭ୍ୟନ୍ତରୀଣ ସାକ୍ଷ୍ୟ କର୍ଣ୍ଣଗୋଚର ହୁଏ ନାହିଁ ମାତ୍ର ବ୍ୟବହାରିକ

୧. ପାପ ଉପରେ ଦୋଷୀମନୋବୃତ୍ତି

୨. ଖ୍ରୀଷ୍ଟଙ୍କ ପରି ହେବାର ଇଚ୍ଛା

୩. ଈଶ୍ୱରଙ୍କ ପରିବାର ସହିତ ରହିବାର ଇଚ୍ଛା

୪. ଈଶ୍ୱରଙ୍କ ବାକ୍ୟ ପ୍ରତି କ୍ଷୁଧା

୫.   ସୁସମାଚାର ପ୍ରଚାର କରିବା ଆବଶ୍ୟକତା ଜ୍ଞାତ ହେବା
୬.   ଖ୍ରୀଷ୍ଟିୟ ତ୍ୟାଗର ଦାନ ଦେବାର ଆବଶ୍ୟକତା ଜ୍ଞାତ ହେବା ।

ଏହି ସମସ୍ତ ଆଭ୍ୟନ୍ତରୀଣ ଇଚ୍ଛାମାନ ଯାହା ମନପରିବର୍ତ୍ତନର ଏକ ବିଶ୍ୱାସର ଚିହ୍ନ ଯୋଗାଇ ଥାଏ ।

ପରିତ୍ରାଣର ନିଶ୍ଚୟତା ଏକ ସାମ୍ପ୍ରଦାୟିକ ବିଷୟକୁ ପରିବର୍ତ୍ତିତ ହୋଇଯାଇଅଛି ।

୧. ରୋମାନ୍ କ୍ୟାଥୋଲିକ ପରମାର୍ଥ ଶିକ୍ଷା ଏହି ଜୀବନରେ ନିଶ୍ଚୟତାର ସମ୍ଭାବନାକୁ ନାସ୍ତି କରେ ମାତ୍ର ''ପ୍ରକୃତ'' ମଣ୍ଡଳୀର ଏକ ସଭ୍ୟ ଏହି ଗୋଟିଏ ବ୍ୟକ୍ତିଠାରେ ବିଶ୍ୱାସ ସ୍ଥାପନ କରେ ।
୨. ଜନ୍ କ୍ୟାଲଭିନ (ସଂସ୍କାର ପରମ୍ପରା) ନିର୍ବାଚନ ଉପରେ ନିଶ୍ଚୟତାକୁ ସ୍ଥାପନ କରେ (ପୂର୍ବ ନିର୍ଦ୍ଧାରିତ ଭବିଷ୍ୟତ୍), ମାତ୍ର ଜଣେ ନିଶ୍ଚିତଭାବେ ଏହା ଜାଣିପାରିବ ନାହିଁ, ଏହି ଜୀବନ ପରେ ବିଚାର ଦିନ ପର୍ଯ୍ୟନ୍ତ ।
୩. ଜନ୍ ୱେସଲି (ମେଥୋଡିଷ୍ଟ ପରମ୍ପରା) ଏକ ସିଦ୍ଧ ପ୍ରେମ (ଜାଣିବ ପାପରୁ ଉର୍ଦ୍ଧ୍ୱରେ ବାସ କରିବା) ଉପରେ ନିଶ୍ଚୟତା ସ୍ଥାପନ କରେ ।
୪. ଅଧିକାଂଶ ବାପ୍ତିଷ୍ଟମାନେ ନିଶ୍ଚୟତା ସକାଶେ ବିନାମୂଲ୍ୟର ଅନୁଗ୍ରହଯୁକ୍ତ ବାଇବଲର ପ୍ରତିଜ୍ଞା ଗୁଡ଼ିକ ଉପରେ ନିର୍ଭର କରନ୍ତି (ମାତ୍ର ସମସ୍ତ ସତର୍କବାଣୀ ଓ ଶାସନ ସବୁକୁ ଉପେକ୍ଷା କରି)
୫. ଖ୍ରୀଷ୍ଟିୟ ନିଶ୍ଚୟତାର ନୂତନ ନିୟମ ଦ୍ୱନ୍ଦମୂଳକ ଉପସ୍ଥାପନାରେ ଦୁଇଟି ବିପଦ ସମ୍ପୃକ୍ତି ଅଛି ।
   ୧. ''ଥରେ ପରିତ୍ରାଣପ୍ରାପ୍ତ, ସର୍ବଦା ପରିତ୍ରାଣପ୍ରାପ୍ତ ଅଟେ'' ଉପରେ ଅଧିକ ଗୁରୁତ୍ୱ ଆରୋପ
   ୨. ପରିତ୍ରାଣ ରକ୍ଷା କରିବାରେ ମାନବ କାର୍ଯ୍ୟ ସାଧନ ଉପରେ ଅଧିକ ଗୁରୁତ୍ୱ ଆରୋପ ।

ଏବ୍ରୀ ୬ ଅଧ୍ୟାୟ ସ୍ୱଷ୍ଟ ରୂପେ ଶିକ୍ଷାଦିଏ ଯେ ''ଥରେ ବାହାରିଗଲେ, ସର୍ବଦା ବାହାରେ ରହିବ ।'' ମାନବୀୟ ଚେଷ୍ଟା (ଉତ୍ତମ କର୍ମ) ବିଶ୍ୱାସୀମାନଙ୍କୁ ପରିତ୍ରାଣ ରକ୍ଷା କରିବାକୁ ଦିଏ ନାହିଁ (ଗାଲାତୀ ୩:୧-୧୪) । ମାତ୍ର ଉତ୍ତମ କର୍ମସମୂହ ଖ୍ରୀଷ୍ଟିୟ ଜୀବନର ଲକ୍ଷ୍ୟ ଅଟେ (ଏଫିସୀ ୨:୧୦) । ସେଗୁଡ଼ିକ ହେଉଛି ଈଶ୍ୱରଙ୍କ ସହିତ ସାକ୍ଷାତ ଓ ଆତ୍ମାଙ୍କ ମାନବ ଅନ୍ତକରଣରେ ବାସ କରିବାର ସ୍ୱାଭାବିକ ଫଳ । ଜଣକର ପ୍ରକୃତ ପରିବର୍ତ୍ତନର, ଏଗୁଡ଼ିକ ହେଉଛି ଚିହ୍ନ । ପବିତ୍ରତା ପ୍ରତି ବାଇବଲର ଆହ୍ୱାନକୁ, ନିଶ୍ଚୟତା କୋହଳ କରିଦେବାକୁ ଉଦ୍ଦିଷ୍ଟ ନୁହେଁ ! ପାରମାର୍ଥିକ ଭାବେ କହିବାକୁ ଗଲେ, ନିଶ୍ଚୟତା, ତ୍ରିବିଧ ପରମେଶ୍ୱରଙ୍କ ଚରିତ୍ର ଓ କାର୍ଯ୍ୟସମୂହ ଉପରେ ନିର୍ଭର କରେ ।

   ୧. ପିତାଙ୍କ ପ୍ରେମ ଓ ଦୟା
   ୨. ପୁତ୍ରଙ୍କ ସମାପ୍ତ ହୋଇଥିବା ତ୍ୟାଗପୂର୍ଣ୍ଣ କାର୍ଯ୍ୟ
   ୩. ଆତ୍ମାଙ୍କର, ଖ୍ରୀଷ୍ଟଙ୍କଠାରେ ସଂଯୁକ୍ତ କରିବା ଓ ତାହାପରେ ଅନୁତପ୍ତ ବିଶ୍ୱାସୀଠାରେ ଖ୍ରୀଷ୍ଟଙ୍କୁ ସ୍ଥାପନ କରିବା ।

ଏହି ପରିତ୍ରାଣର ନିଶ୍ଚୟତାର ଚିହ୍ନ ହେଉଛି, ଏକ ପରିବର୍ତ୍ତିତ ଜଗତମତ । ଏକ ପରିବର୍ତ୍ତିତ ହୃଦୟ, ଏକ ପରିବର୍ତ୍ତିତ ଜୀବନ ଶୈଳୀ ଏବଂ ଏକ ପରିବର୍ତ୍ତିତ ଆଶା ! ଏହା ଏକ ଅତୀତର ଆବେଗଭରା ସିଦ୍ଧାନ୍ତ ଉପରେ ନିର୍ଭର କରେ ନାହିଁ ଯାହାର କୌଣସି ଜୀବନ ଶୈଳୀରେ ଚିହ୍ନ ଦେଖାଯାଏ ନାହିଁ (ଯଥା : ମାଥିଉ ୭:୧୫-୨୩, ୧୩:୨୦-୨୨, ଯୋହନ ୧୫ର ଫଳ) । ପରିତ୍ରାଣ ପରି, ଖ୍ରୀଷ୍ଟିୟାନ ଜୀବନ ପରି ନିଶ୍ଚୟତା ଈଶ୍ୱରଙ୍କ ଦୟା ପ୍ରତି ଏକ ପ୍ରତ୍ୟୁତ୍ତର ଦ୍ୱାରା ଆରମ୍ଭ ହୁଏ, ଜୀବନ ସାରା ସେହି ପ୍ରତ୍ୟୁତ୍ତର ଚାଲୁ ରହେ । ଏହା ହେଉଛି ଏକ ପରିବର୍ତ୍ତିତ ଓ ବିଶ୍ୱାସର ଏକ ପରିବର୍ତ୍ତିତ ହେଉଥିବା ଜୀବନ !

▣ **''ସାକ୍ଷ୍ୟ ପ୍ରଦାନ କରନ୍ତି''** ଏହା ଅନ୍ୟ ଏକ ''ସାଇନ୍'' ଏକତ୍ରିକରଣ । ଆତ୍ମା ବିଶ୍ୱାସୀମାନଙ୍କ ଆତ୍ମା ସହ ଏକତ୍ର-ସାକ୍ଷ୍ୟ ପ୍ରଦାନ କରନ୍ତି । ପାଉଲ ଏହି ଏକତ୍ରିକରଣ ଶବ୍ଦ (୨:୧୫, ୮:୧୬ ଓ ୯:୧ରେ ବ୍ୟବହାର କରନ୍ତି ।

**୮:୧୭ ''ଯଦି''** ୯,୧୦,୧୧,୧୩ (ଦୁଇଥର) ଓ ୧୭ରେ (ଦୁଇଥର) ଏକକାଳୀନ ଅନେକ ଗୁଡ଼ିଏ ସର୍ତ୍ତପୂର୍ଣ୍ଣ ବାକ୍ୟ ଅଛି । ଏଗୁଡ଼ିକ ସବୁ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟସମୂହ, ଯାହା ସବୁ ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟରୁ ସତ୍ୟ ବୋଲି ଅନୁମାନ କରାଯାଏ । ପାଉଲ ତାଙ୍କର ପାଠକଗଣ ରୋମୀୟ ମଣ୍ଡଳୀର ଓ ଖ୍ରୀଷ୍ଟିୟାନ ଥିଲେ ବୋଲି କଳ୍ପନା କରିଥିଲେ ।

▣ ଏହି ପଦରେ ତିନୋଟି ଏକତ୍ର ହୋଇଥିବା ଶବ୍ଦମାନ ''ସାଇନ'' ବ୍ୟବହାର କରୁଅଛି, ଯାହା ''ଏକତ୍ର ଅଂଶଗ୍ରହଣ କରିବାକୁ ସଂଯୁକ୍ତ''କୁ ବୁଝାଏ ।
୧.   ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ସହିତ ଉତ୍ତରାଧିକାରର ଅଂଶୀ
୨.   ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ସହିତ କ୍ଳେଶଭୋଗର ଅଂଶୀ
୩.   ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ସହିତ ଗୌରବର ଅଂଶୀ

୨୨ ପଦରେ (ଦୁଇଥର), ୨୬,୨୮ରେ ଅଧିକ ''ସାଇନ୍'' ଏକତ୍ରୀକରଣ ବ୍ୟବହୃତ ହୋଇଛି । ଏଫିସୀ ୨:୫-୬ରେ ମଧ୍ୟ ତିନୋଟି 'ସାଇନ୍' ମିଶ୍ରଣ ସବୁ ଅଛି, ଯାହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀର ଜୀବନ ବର୍ଣ୍ଣନା କରେ ।

▣ **''ଉତ୍ତରାଧିକାରୀ''** ଏହା ହେଉଛି ବିଶ୍ୱାସୀମାନଙ୍କୁ ବର୍ଣ୍ଣନା କରାଯାଇଥିବା ଅନ୍ୟ ଏକ ପାରିବାରିକ ଦୃଷ୍ଟାନ୍ତ (୪:୧୩-୧୪, ୯:୮, ଗାଲାତୀ ୩:୨୯) । ବିଶେଷ ପ୍ରସଙ୍ଗ ନିମ୍ନରେ ଦେଖ ।

| |
|---|
| ବିଶେଷ ପ୍ରସଙ୍ଗ : ବିଶ୍ୱାସୀମାନଙ୍କ ଉତ୍ତରାଧିକାର<br>ବିଶ୍ୱାସୀମାନେ ଉତ୍ତରାଧିକାରରେ ପାଉଥିବା ଅନେକ ବିଷୟରେ ଶାସ୍ତ୍ର କହେ (ପ୍ରେରିତ ୨୦:୩୨, ୨୬:୧୮, ଏଫିସୀ ୧:୪, କଲସୀ ୧:୧୨, ୩:୨୪) କାରଣ ସମସ୍ତ ବିଷୟର ଉତ୍ତରାଧିକାରୀ ଯୀଶୁଙ୍କ ସହିତ ସେମାନଙ୍କ ପାରିବାରିକ ସମ୍ପର୍କ ଅଛି (ଏବ୍ରୀ ୧:୨) ଏବଂ ସହ ଉତ୍ତରାଧିକାରୀ (ରୋମୀ ୮:୧୭, ଗାଲାତୀ ୪:୭)ର<br>– ରାଜ୍ୟ (ମାଥିଉ ୨୫:୩୪, ୧ କରିନ୍ଥୀ ୬:୯-୧୦, ୧୫:୫୦, ଏଫିସୀ ୫:୫)<br>– ଅନନ୍ତ ଜୀବନ (ମାଥିଉ ୧୯:୨୯, ଏବ୍ରୀ ୯:୧୫)<br>– ଈଶ୍ୱର ପ୍ରତିଜ୍ଞାସମୂହ (ଏବ୍ରୀ ୬:୧୨)<br>– ଈଶ୍ୱର ତାହାଙ୍କ ପ୍ରତିଜ୍ଞା ସମୂହର ସୁରକ୍ଷା କରିବା (୧ ପିତର ୧:୪-୫) |

▣ **''ସହ-ଉତ୍ତରାଧିକାରୀ''** ଏହା ଅନ୍ୟ ଏକ ''ସନ'' ମିଶ୍ରଣ । ପାଉଲ ଏହି ନୂତନ ଶବ୍ଦରୁ ଅନେକ ୮ ଅଧ୍ୟାୟରେ ଖ୍ରୀଷ୍ଟ ଓ ବିଶ୍ୱାସୀମାନଙ୍କ ମୃତ୍ୟୁ ଓ ଜୀବନରେ ଅଂଶୀ ହେବା ବିଷୟକୁ ଗୁରୁତ୍ୱ ଦେବାଲାଗି ସଜାଇଛନ୍ତି ।

୧. ସହ-ଉତ୍ତରାଧିକାରୀ ୧୭ ପଦ
୨. ସହ କ୍ଳେଶଭୋଗକାରୀ ୧୭ ପଦ
୩. ସହ-ଗୌରବାନ୍ୱିତ ୧୭ ପଦ

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ଯଦି ଅବଶ୍ୟ ଆମ୍ଭେମାନେ ତାହାଙ୍କ ସହିତ ଦୁଃଖଭୋଗ କରୁ''** |
| **ଏନ୍ ଆର୍ ଏସ୍ ଭି** | **''ଯଦି ପ୍ରକୃତରେ, ଆମ୍ଭେମାନେ ତାହାଙ୍କ ସହିତ ଦୁଃଖଭୋଗ କରୁ''** |
| **ଟି ଇ ଭି** | **''କାରଣ ଯଦି ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦୁଃଖଭୋଗର ଅଂଶୀ ହେଉ''** |
| **ଏନ୍ ଜେ ବି** | **''ତାହାଙ୍କ ଦୁଃଖଭୋଗର ଅଂଶଗ୍ରହଣ କରୁଅଛୁ''** |

ଦୁଃଖଭୋଗ, ଏହି ପତିତ ଜଗତରେ ବିଶ୍ୱାସୀମାନଙ୍କ ପାଇଁ ପ୍ରଚଳିତ ବିଷୟ (ମାଥିଉ ୫:୧୦-୧୨, ଯୋହନ ୧୫:୧୮-୨୧, ୧୬:୧-୨, ୧୭:୧୪, ପ୍ରେରିତ ୧୪:୨୨, ରୋମୀ ୫:୩-୪, ୮:୧୭, ୨ କରିନ୍ଥୀ ୪:୧୬-୧୮, ଫିଲିପ୍ପୀ ୧:୨୯, ୧ ଥେସଲ ୩:୩, ୨ ତୀମଥି ୩:୧୨, ଯାକୁବ ୧:୨-୪, ୧ ପିତର ୪:୧୨-୧୯) । ଯୀଶୁ ଶୈଳୀ ପ୍ରସ୍ତୁତ କରିଛନ୍ତି (ଏବ୍ରୀ ୫:୮) । ଅଧ୍ୟାୟର ଅବଶିଷ୍ଟାଂଶ ଏହି ପ୍ରସଙ୍ଗ ବୃଦ୍ଧି କରିଛି । ବିଶେଷ ପ୍ରସଙ୍ଗ ଦେଖ : ଖ୍ରୀଷ୍ଟିୟାନମାନେ କାହିଁକି ଦୁଃଖଭୋଗ କରନ୍ତି ? ୫:୩ରେ

▣ **''ତାହାଙ୍କ ସହିତ ଗୌରବାନ୍ୱିତ ହେବା''** ଯୋହନଙ୍କ ଲେଖାଗୁଡ଼ିକରେ, ଯୀଶୁ ଯେତେବେଳେ ହେଲେ ତାହାଙ୍କ ମୃତ୍ୟୁ ବିଷୟ କହୁଥିଲେ ସେ ଏହା ''ଗୌରବାନ୍ୱିତ ହେବା'' ନାମ ଦେଉଥିଲେ । ଯୀଶୁ ତାହାଙ୍କ ଦୁଃଖଭୋଗ ଦ୍ୱାରା ଗୌରବାନ୍ୱିତ ହୋଇଥିଲେ । ବିଶ୍ୱାସୀମାନେ ପଦଗତଭାବରେ ଏବଂ ଅନୁଭୂତି ଭାବରେ, ଯୀଶୁଙ୍କ ଜୀବନ ଘଟଣା ଗୁଡ଼ିକର ଅଂଶୀ ହେଉଥିଲେ (ରୋମୀ ୬) । ବିଶେଷ ପ୍ରସଙ୍ଗ ଦେଖ : ''ଈଶ୍ୱରଙ୍କ ରାଜ୍ୟରେ ରାଜତ୍ୱ କରୁଛନ୍ତି'' ୫:୧୭-୧୮ରେ

| |
|---|
| **ଏନ୍ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୮:୧୮-୨୫**<br>**[୧୮]''କାରଣ ମୋ' ବିଚାରରେ ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ, [୧୯]ଯେଣୁ ସୃଷ୍ଟିର ଏକାନ୍ତ ଆକାଂକ୍ଷା ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରକାଶ ନିମନ୍ତେ ଅପେକ୍ଷା କରୁଅଛି । [୨୦]କାରଣ ସୃଷ୍ଟି ଅସାରତାର ବଶୀଭୂତ ହେଲା, ତାହାର ନିଜ ଇଚ୍ଛାରୁ ନୁହେଁ, କିନ୍ତୁ ଯେ ତାହାକୁ ବଶୀଭୂତ କଲେ, ତାହାଙ୍କ ଇଚ୍ଛାରୁ, [୨୧]ଆଉ ତାହା ଭରସାଯୁକ୍ତ ହୋଇ ବଶୀଭୂତ ହେଲା, ଯେଣୁ ସୃଷ୍ଟି ନିଜେ ମଧ୍ୟ ଈଶ୍ୱରଙ୍କ ସନ୍ତାନମାନଙ୍କ ଗୌରବମୟ ଅବସ୍ଥା ସମ୍ବନ୍ଧୀୟ ସ୍ୱାଧୀନତା ପ୍ରାପ୍ତି ନିମନ୍ତେ କ୍ଷୟର ଦାସତ୍ୱରୁ ମୁକ୍ତ ହେବ । [୨୨]କାରଣ ସମସ୍ତ ସୃଷ୍ଟି ଯେ ଆଜି ପର୍ଯ୍ୟନ୍ତ ଏକସଙ୍ଗରେ ଆର୍ତ୍ତନାଦ କରୁଅଛି ଓ ପ୍ରସବବେଦନାରେ ବ୍ୟଥିତ ହେଉଅଛି, ଏହା ଆମ୍ଭେମାନେ ଜାଣୁ । [୨୩]ଆଉ କେବଳ ତାହା ନୁହେଁ, କିନ୍ତୁ ପ୍ରଥମ ଫଳ ସ୍ୱରୂପେ ଆତ୍ମାଙ୍କୁ ପାଉଅଛୁ ଯେ ଆମ୍ଭେମାନେ, ଆମ୍ଭେମାନେ ନିଜେ ନିଜେ ମଧ୍ୟ ପୁତ୍ରତ୍ୱ ଅର୍ଥାତ୍ ଆପଣା ଆପଣା ଶରୀରର ମୁକ୍ତି ନିମନ୍ତେ ଅପେକ୍ଷା କରୁ କରୁ ଆପଣା ଆପଣା ଅନ୍ତରରେ ଆର୍ତ୍ତନାଦ କରୁଅଛୁ । [୨୪]କାରଣ ଭରସାରେ ଆମ୍ଭେମାନେ ପରିତ୍ରାଣ ପାଇଅଛୁ, କିନ୍ତୁ ଦୃଷ୍ଟିଗୋଚର ଯେଉଁ ଭରସା, ତାହା ଭରସା ନୁହେଁ, ଯେଣୁ ଯାହା ଜଣେ ଦେଖୁଅଛି, ସେଥିନିମନ୍ତେ ସେ କାହିଁକି ଆଉ ଭରସା କରିବ ? [୨୫]କିନ୍ତୁ ଆମ୍ଭେମାନେ ଯାହା ଦେଖୁ ନାହୁଁ, ଯଦି ତାହା ନିମନ୍ତେ ଭରସା କରୁ ତାହାହେଲେ ଧୈର୍ଯ୍ୟ ସହକାରେ ତାହାର ଅପେକ୍ଷାରେ ଥାଉ ।''** |

୮:୧୮ **''ବିଚାର ବିବେଚନା''** ଏହା ଆକ୍ଷରିକ ଭାବେ, ''ଏହା ଯୋଗ କର'' । ଏହା ହେଉଛି ବର୍ତ୍ତମାନ ମଧ୍ୟବର୍ତ୍ତୀ ସୂଚନା । ପାଉଲ ଖ୍ରୀଷ୍ଟିୟ ଦୁଃଖଭୋଗର ପ୍ରୟୋଗମାନ ବିଚାର ବିବେଚନା କରିବାରେ ଲାଗି ରହିଛନ୍ତି । ଏକ ଯତ୍ନପୂର୍ବକ ଗବେଷଣାରେ ଉପସଂହାର (ସମାପ୍ତି)ରେ ପହଞ୍ଚିବା ପାଇଁ ଏହା ଏକ ଗଣନା କରିବା ବିଷୟ ଥିଲା (ରୋମୀୟ ପୁସ୍ତକରେ ଏହା ଏକ ପୁନଃ ପୁନଃ ବ୍ୟବହୃତ ପ୍ରସଙ୍ଗ ଅଟେ (୨:୩ରେ ଟିପ୍ପଣୀ ଦେଖ) ବିଶ୍ୱାସୀମାନେ ବୁଝି ପାରିଥିବା ଆତ୍ମିକ ସତ୍ୟର ଆଲୋକରେ ଜୀବନଯାପନ କରିବା ଉଚିତ୍ ।

▣ **''ଦୁଃଖଭୋଗ''** ୧ କରିନ୍ଥୀ ୪:୯-୧୨ରୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସେବା କରିବାରେ ଦୁଃଖଭୋଗର କିଛି ଧାରଣା ପାଇଥାଉ (୨ କରିନ୍ଥୀ ୪:୭-୧୨, ୬:୪-୧୦, ୧୧:୨୪-୨୭, ଏବ୍ରୀ ୧୧:୩୫-୩୮) ।

▣ **''ଏହି ବର୍ତ୍ତମାନ କାଳର''** ଯିହୁଦୀମାନେ ବିଶ୍ୱାସ କଲେ ଯେ ଜଗତ ଇତିହାସ ଦୁଇଟି ଯୁଗରେ ବିଭକ୍ତ, ବର୍ତ୍ତମାନର ମନ୍ଦଯୁଗ, ଏବଂ ଆଗାମୀ ଧାର୍ମିକତାର ଯୁଗ (ମାଥିଉ ୧୨:୩୨, ମାର୍କ ୧୦:୩୦) । ପୁରାତନ ନିୟମ ଅପେକ୍ଷା କଲା ଯେ, ଆଗାମୀ ମସୀହ ଏହି ନୂତନ ଧାର୍ମିକତାର ଯୁଗ ସ୍ଥାପନ କରିବେ । ଯାହାବି ହେଉ, ଖ୍ରୀଷ୍ଟଙ୍କର ଦୁଇଟି ଆଗମନ, ଗୋଟିଏ ଉଦ୍ଧାରକର୍ତ୍ତା ଭାବେ (ଦେହବନ୍ତ ବା ଅବତାରତ୍ୱ) ଏବଂ ଦ୍ୱିତୀୟଟି, ପ୍ରଭୁ ରୂପେ (ଦ୍ୱିତୀୟ ଆଗମନ) ଦୁଇଟି ଯୁଗର ପରସ୍ପର ଗୋଟିଏ ପରେ ଗୋଟିଏ ହେବ । ବିଶ୍ୱାସୀମାନେ ଈଶ୍ୱରଙ୍କ ରାଜ୍ୟର ''ଘଟି ଯାଇଥିବା'' ଏବଂ ''ହୋଇ ନ ଥିବା'' ସମୟ ମଧ୍ୟରେ ଚିନ୍ତାରେ ବାସ କରନ୍ତି । ବିଶେଷ ପ୍ରସଙ୍ଗ ଦେଖ : ଏହି ଯୁଗ ଏବଂ ଆଗାମୀ ଯୁଗ ୧୨:୨ରେ ।

▣ **''ଯୋଗ୍ୟ...ଗୌରବ''** ଏହି ଉଭୟ ଶବ୍ଦ ପୁରାତନ ନିୟମରେ ଓଜନ ବିଷୟ ସହିତ ସମ୍ପୃକ୍ତ - ଭାରୀ - ବେଶୀ ଓଜନ-ମୂଲ୍ୟବାନ । ''ଯୋଗ୍ୟ'' ଏକ ବାଣିଜ୍ୟିକ ଶବ୍ଦ ଯାହା ବୁଝାଇଲା ''ଯେତେ ପରିମାଣ ସେତେ ଓଜନ କରିବ'' ହିବ୍ରୁଶବ୍ଦ ''ଗ୍ଲୋରି'' ''ଓଜନିଆ ହେବା'' ମୂଳରୁ ଆସିଲା, ସୁନା ପରି ମୂଲ୍ୟବାନ ହେବା ଅର୍ଥରେ ବୁଝାଯାଏ । ୩:୨୩ରେ ପୂର୍ଣ୍ଣ ଟିପ୍ପଣୀ ଦେଖ ।

**''ଗୌରବ''** ଶବ୍ଦ ପାଉଲଙ୍କ ଲେଖାଗୁଡ଼ିକ ଶେଷଦିନ ଗୁଡ଼ିକର ପରିଚୟ ଥିଲା (୨ କରିନ୍ଥୀ ୪:୧୬-୧୮) ଏହା ଗୌରବନ୍ୱିତ ଉଚ୍ଚୀକୃତ ଖ୍ରୀଷ୍ଟଙ୍କ ଆଗମନର ମହିମା ଓ ଶକ୍ତିକୁ ବୁଝାଏ (କଲସୀ ୩:୪) ବିଶେଷ ପ୍ରସଙ୍ଗ ଦେଖ ୩:୨୩ରେ ଗୌରବ ।

▣ **''ଯାହା ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ''** ଏହି କର୍ମବାଚ୍ୟ ଈଶ୍ୱରଙ୍କ ପ୍ରତିନିଧି ବା ଆତ୍ମାଙ୍କୁ ବୁଝାଇଲା ୨୦ ପଦ । ବିଶ୍ୱାସୀମାନେ ଏହି ଜୀବନରେ ବିଶ୍ୱାସ ଦ୍ୱାରା ବଞ୍ଚନ୍ତି ଦୃଶ୍ୟ ଦ୍ୱାରା ନୁହେଁ (୨୪ ପଦ ୧ କରିନ୍ଥୀ ୨:୯, ୧୩:୧୨, ୨ କରିନ୍ଥୀ ୫:୭, ଏବ୍ରୀ ୧୧:୧) ।

ଶବ୍ଦଟି ରୋମୀୟ ପୁସ୍ତକରେ ପାଉଲଙ୍କଦ୍ୱାରା ବିଭିନ୍ନ ଥର ବ୍ୟବହୃତ ହୋଇଅଛି ଓ ସତ୍ୟ ଯେ ଈଶ୍ୱରଙ୍କ ଠାରୁ ଏଥିରେ ଗୁରୁତ୍ୱ ଦିଏ, ମାନବୀୟ ଆବିଷ୍କାର ଦ୍ୱାରା ନୁହେଁ ।

୧. କ୍ରିୟାପଦ
- କ. ୧:୧୭ - ଈଶ୍ୱରଙ୍କ ଧାର୍ମିକତା ପ୍ରକାଶିତ ହୋଇ ଆସିଅଛି (ବର୍ତ୍ତମାନ କର୍ମବାଚ୍ୟ ସୂଚନା)
- ଖ. ୧:୧୮ - ଈଶ୍ୱରଙ୍କ କ୍ରୋଧ ପ୍ରକାଶିତ ହୋଇ ଆସିଅଛି (ବର୍ତ୍ତମାନ କର୍ମକାରକ ସୂଚନା)
- ଗ. ୮:୧୮ - ଆଗାମୀ ଗୌରବ ପ୍ରକାଶିତ ହେବ (ଆଓରିଷ୍ଟ କର୍ମକାରକ ସୂଚନା)

୨. ବିଶେଷ୍ୟପଦ
- କ. ୨:୫ - କ୍ରୋଧର ଦିନରେ ଓ ଈଶ୍ୱରଙ୍କ ଧାର୍ମିକ ବିଚାରର ପ୍ରକାଶର ଦିନରେ
- ଖ. ୮:୧୯ - ସୃଷ୍ଟି ଆଗ୍ରହ ସହକାରେ ଈଶ୍ୱରଙ୍କ ପୁତ୍ରମାନଙ୍କ ପ୍ରକାଶିତ ହେବାର ଅପେକ୍ଷାରେ ଅଛି ।
- ଗ. ମହିମାର ପ୍ରକାଶ ଅନୁଯାୟୀ

**୮:୧୯ ''ସୃଷ୍ଟିର ଏକାନ୍ତ ଆକାଂକ୍ଷା ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରକାଶ ନିମନ୍ତେ ଅପେକ୍ଷା କରୁଅଛି ।''** ଶାରୀରିକ ସୃଷ୍ଟି, ଏକ ବ୍ୟକ୍ତିରୂପେ ବ୍ୟକ୍ତିତ୍ୱ ଗ୍ରହଣ କରି ଏକ ବେକ ବଢ଼ାଇ ଦିଗ୍‌ବଳୟ ଅନ୍ୱେଷଣ କରୁଅଛି । ଆଦମ ଓ ହବା ବିଦ୍ରୋହ କରିବାବେଳେ ସୃଷ୍ଟି ବିପରୀତ ରୂପେ ପ୍ରଭାବିତ ହେଲା (ଆଦି ୩:୧୭-୧୯) । ସମସ୍ତ ସୃଷ୍ଟି ଶେଷରେ ମୁକ୍ତି ପାଇବ (ବିଦ୍ରୋହୀ ଦୂତଗଣ, ଅବିଶ୍ୱାସୀ ମାନବଗଣ ଓ ସେମାନଙ୍କ ନିମନ୍ତେ ପ୍ରସ୍ତୁତ ଏକାକୀ ପୃଥକୀକୃତ ସ୍ଥାନ ବ୍ୟତୀତ) (ବ୍ରୁସ କୋରଲେ ଓ କର୍ଟିସ ଭାଉଘାନଙ୍କ ''ରୋମୀୟ'' ୯୫ ପୃଷ୍ଠାର ନିମ୍ନ ଟିପ୍ପଣୀ ୪୬)
କ୍ରିୟାପଦ, ''ଏକାନ୍ତ ଆକାଂକ୍ଷା ସହ ଅପେକ୍ଷା କରେ ।'' (ବର୍ତ୍ତମାନ ମଧ୍ୟବର୍ତ୍ତୀ (କର୍ମବାଚ୍ୟ)ସୂଚକ) ଏହିଠାରେ ତିନିଥର ଦେଖା ଦେଇଛି ।

୧. ୧୯ ପଦ - ସୃଷ୍ଟି ଆଗ୍ରହ ସହକାରେ ନୂତନ ଯୁଗ ପାଇଁ ଅପେକ୍ଷା କରେ
୨୩ ପଦ - ବିଶ୍ୱାସୀମାନେ ଆଗ୍ରହ ସହକାରେ ନୂତନ ଶରୀରମାନର ଅପେକ୍ଷା କରେ ।
୨୫ ପଦ - ବିଶ୍ୱାସୀମାନେ ଆଗ୍ରହ ସହକାରେ ନୂତନ ଯୁଗର ଆଶାରେ (ଭରସାରେ) ଅପେକ୍ଷା କରେ ।

ପାଉଲ ଏହି ସମାନ କ୍ରିୟାପଦ ସମାନ ଅର୍ଥରେ ୧ କରିନ୍ଥୀ ୧:୭, ଗାଲାତୀ ୫:୫, ଫିଲିପ୍ପୀ ୩:୨୦ରେ ବ୍ୟବହାର କରନ୍ତି । ଦ୍ୱିତୀୟ ଆଗମନ ବିଶ୍ୱାସୀମାନଙ୍କ ପାଇଁ ଏକ ଭୟଜନକ ବିଷୟ (ଘଟଣା) ନୁହେଁ, ମାତ୍ର ଏକ ପାରିବାରିକ ପୁର୍ନମିଳନ !

ବିଶେଷ ପ୍ରସଙ୍ଗ : ସ୍ୱାଭାବିକ ଉପକରଣମାନ, ଯାହା ପ୍ରାକୃତିକ ବିଷୟମାନ
୧. ପରିଚୟ
କ. ସମସ୍ତ ସୃଷ୍ଟି ହେଉଛି ମାନବଜାତି ସହିତ ଈଶ୍ୱରଙ୍କ ପ୍ରେମ ସମ୍ପର୍କର ରଙ୍ଗିନ୍ ପଶ୍ଚାତ ଯବନିକା ବା ରଙ୍ଗମଞ୍ଚ ।
ଖ. ପତନରେ ଏହା ପ୍ରକାଶ କହେ (ଆଦି ୩:୧୭, ୬:୧, ଯିଶାଇୟ ୨୪:୩-୮, ରୋମୀ ୮:୧୮-୨୦) । ଆହୁରି ମଧ୍ୟ ଏହା ଶେଷ କାଳର ମୁକ୍ତିରେ ପ୍ରକାଶ କରିବ (ଯିଶାଇୟ ୧୧:୬-୯, ରୋମୀ ୮:୨୦-୨୨, ପ୍ରକାଶିତ ୨୧-୨୨ ଅଧ୍ୟାୟ) ।

ଗ. ପାପପୂର୍ଣ୍ଣ ପତିତ ମାନବଜାତି, ସ୍ୱାର୍ଥପର ପ୍ରାଚୁର୍ଯ୍ୟତା ଦ୍ୱାରା ପ୍ରାକୃତିକ ପରିବେଷକୁ ଧର୍ଷିତ (ଲୁଣ୍ଠିତ) କରିଅଛି ନିମ୍ନରେ ଏଡଓ୍ୱାର୍ଡ କାର୍ପେଣ୍ଟରଙ୍କ ଦ୍ୱାରା ଲିଖିତ ''ଓ୍ୱେଷ୍ଟମିନିଷ୍ଟର କ୍ୟାନନ''ରୁ ଏକ ଉଦ୍ଧୃତାଂଶ ।

''...ମନୁଷ୍ୟର ଚତୁର୍ଦ୍ଦିଗସ୍ଥ ବିଶ୍ୱବକ୍ଷରେ ଏକ ଭୂମଣ୍ଡଳୀୟ ଦୃଷ୍ଟି କୋଣରୁ ତାହାର ଅବିରତ ନିର୍ମମ ଆଘାତ – ତାହା ହେଉଛି ଈଶ୍ୱରଙ୍କ ସୃଷ୍ଟି ଉପରେ – ବାୟୁ ଉପରେ ଏକ ଆକ୍ରମଣ ଯାହାକୁ ସେ ଦୂଷିତ କରେ, ପ୍ରାକୃତିକ ଜଳ ପଥମାନର ପଥରୁଦ୍ଧ କରେ, ମୃତିକାକୁ ବିଷାକ୍ତ କରେ, ବଣ ଜଙ୍ଗଲମାନ ହାଣି ଛେଦନ କରିପକାଏ, ଏହି ଉଦ୍ଦେଶ୍ୟହୀନ ବା କୃର ଭାବେ ଧ୍ୱଂସ କରିବାର ଦୀର୍ଘ ସୂତ୍ରୀ ପ୍ରଭାବମାନ ବିଷୟରେ ସେ ବେପରୁଆ (ବା) ଅମନଯୋଗୀ ଅଟେ । ଏହି ଆକ୍ରମଣ ଖଣ୍ଡବିଖଣ୍ଡିତ ଓ ପରିଚାଳନାହୀନ । ପ୍ରକୃତିର କୌଣସି ଭାରସାମ୍ୟ ପ୍ରତି ଖୁବ୍ କମ୍ ସମ୍ମାନ ଦିଆଯାଇଅଛି ଏବଂ ଫଳରେ ଗୋଟିଏ ବଂଶ ପରବର୍ତ୍ତୀ ବଂଶ ପାଇଁ ଥିବା ଦାୟିତ୍ୱ ବୋଧ ବହୁତ କମ୍ ଅଛି ।''

ଆମ୍ଭେମାନେ କେବଳ ଆମ ଗ୍ରହର ଦୂଷିତାବସ୍ଥା ଓ ଶୋଷଣର ଫଳ ଅମଳ କରୁ ନାହୁଁ ମାତ୍ର ଆମର ଭାବିବଂଶ (ଉତ୍ତରପୁରୁଷ) ଏପରିକି ଅଧିକ ସାଂଘାତିକ, ବିପରୀତ କରି ନ ହେବା ପରିଣାମ ଅମଳ କରିବେ ।

ବାଇବଲ ସମ୍ବନ୍ଧୀୟ ବିଷୟ ବସ୍ତୁ

କ. ପୁରାତନ ନିୟମ

୧. ଆଦି ୧–୩

କ. ସୃଷ୍ଟି ଏକ ବିଶେଷ ସ୍ଥାନ ରୂପେ ମାନବଜାତି ସହିତ ସହଭାଗିତା ସକାଶେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା (ଆଦି ୧:୧–୨୫)

ଖ. ସୃଷ୍ଟି ଉତ୍ତମ ଅଟେ (ଆଦି ୧:୪,୧୦,୧୨,୧୮,୨୧,୨୫), ହଁ ଅତି ଉତ୍ତମ (ଆଦି ୧:୩୧) ଏହା ବୁଝାଉଛି ଈଶ୍ୱରଙ୍କ ପ୍ରତି ସାକ୍ଷୀ ହେବାକୁ (ଗୀତ ୧୯:୧–୧୪)

ଗ. ମାନବ ଜାତି ହେଉଛି ସୃଷ୍ଟିର ସର୍ବୋଚ୍ଚ ଉଦ୍ଦେଶ୍ୟ ଅଟେ (ଆଦି ୧:୨୬–୨୭)

ଘ. ମାନବ ଜାତି କର୍ତ୍ତୃତ୍ୱ କରିବାକୁ ଉଦ୍ଦୀଷ୍ଟ (ହିବ୍ରୁ, ପଦତଳେ ରଖିବା) ଈଶ୍ୱରଙ୍କ ଏକ ବେବର୍ତ୍ତା ରୂପେ (ଆଦି ୧:୨୮–୩୦, ଗୀତ ୮:୩–୮, ଏବ୍ରୀ ୨:୬–୮) । ଈଶ୍ୱର ସୃଷ୍ଟିକର୍ତ୍ତା, ପ୍ରତିପୋଷଣକାରୀ, ମୁକ୍ତିଦାତା, ସୃଷ୍ଟିର ପ୍ରଭୁ (ମାଲିକ) ଅଟନ୍ତି ଓ ରହନ୍ତି (ଯାତ୍ରା ୧୯:୫, ଆୟୁବ ୩୭–୪୮ ଅଧ୍ୟାୟ, ଗୀତ ୨୪:୧,୨, ୯୫:୩–୫, ୧୦୨:୨୫, ୧୧୫:୧୫, ୧୨୧:୨, ୧୨୪:୮, ୧୩୪:୩, ୧୪୬:୬, ଯିଶାଇୟ ୩୭:୧୬) ।

ଙ. ମାନବ ଜାତିର ସୃଷ୍ଟି ବିଷୟକ ବେବର୍ତ୍ତାପଣ ଆଦି ୨:୧୫ରେ ଦେଖାଯାଇପାରିବ ''ଏହା ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ'' (ଲେବୀ ୨୫:୨୩, ୧ ବଂଶାବଳୀ ୨୯:୧୪)

୨. ଈଶ୍ୱର ସୃଷ୍ଟିକୁ ପ୍ରେମ କରନ୍ତି, ବିଶେଷତଃ ପ୍ରାଣୀମାନଙ୍କୁ

କ. ପ୍ରାଣୀମାନଙ୍କ ପ୍ରତି ଯଥାର୍ଥ ବ୍ୟବହାର ସକାଶେ ମୋଶାଙ୍କ ବ୍ୟବସ୍ଥାରେ ଅଛି ।

ଖ. ୟାଓ୍ୱେ (ଯିହୋବା) ଲିବିୟାଥନ ସହିତ ଖେଳନ୍ତି (ଗୀତ ୧୦୪:୨୬)

ଗ. ଈଶ୍ୱର ପ୍ରାଣୀମାନଙ୍କର ଯତ୍ନ ନିଅନ୍ତି (ଯୋହନ ୪:୧୧)

ଘ. ପ୍ରକୃତିର ଶେଷକାଳ ଉପସ୍ଥିତ (ଯିଶାଇୟ ୧୧:୬–୯, ପ୍ରକାଶିତ ୨୧–୨୨)

୩. ପ୍ରକୃତି କେତେ ପରିମାଣ, ଈଶ୍ୱରଙ୍କ ଗୌରବ କରେ

କ. ଗୀତ ୧୯:୧–୬

ଖ. ଗୀତ ୨୯:୧–୯

ଗ. ଆୟୁବ ୩୭–୪୧

୪. ପ୍ରକୃତି ଏକ ମାଧ୍ୟମ, ଯାହା ଦ୍ୱାରା ଈଶ୍ୱର ତାହାଙ୍କ ପ୍ରେମ, ନ୍ୟାୟ ତାଙ୍କ ପ୍ରତିଜ୍ଞା ପ୍ରତି ଦର୍ଶାଇଥାଆନ୍ତି ।

କ. ଦ୍ୱିତୀୟ ବିବରଣ ୨୭–୨୮, ୧ ରାଜାବଳୀ ୧୭

ଖ. ଭବିଷ୍ୟତ୍‌ବକ୍ତାମାନଙ୍କ ପୁସ୍ତକ ସମସ୍ତରେ

ଖ. ନୂତନ ନିୟମ

୧. ଈଶ୍ୱର ସୃଷ୍ଟିକର୍ତ୍ତା ରୂପେ ଦେଖାଯାଇଅଛନ୍ତି । କେବଳ ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି, ତ୍ରିବିଧ ପରମେଶ୍ୱର (ଏଲୋହିମ ଆଦି ୧:୧, ଆତ୍ମା ଆଦି ୧:୨, ଏବଂ ଯୀଶୁ, ନୂତନନିୟମ) ଅନ୍ୟ ସମସ୍ତ ସୃଷ୍ଟି ହୋଇଅଛି ।

କ. ପ୍ରେରିତ ୧୭:୨୪

ଖ. ଏବ୍ରୀ ୧୧:୩

ଗ. ପ୍ରକାଶିତ ୪:୧୧

୨. ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସୃଷ୍ଟିର ପ୍ରତିନିଧି

କ. ଯୋହନ ୧:୩,୧୦

ଖ. ୧ କରିନ୍ଥୀ ୮:୬

ଗ. କଲସୀ ୧:୧୬
ଘ. ଏବ୍ରୀ ୧:୨

୩. ଯୀଶୁ ତାହାଙ୍କ ଉପଦେଶଗୁଡ଼ିକରେ ପରୋକ୍ଷଭାବେ ପ୍ରକୃତି ପ୍ରତି ଈଶ୍ୱରଙ୍କ ଯତ୍ନ ବିଷୟ କହନ୍ତି
 କ. ମାଥିଉ ୬:୨୬, ୨୮-୩୦ ଆକାଶର ପକ୍ଷୀଗଣ ଓ କ୍ଷେତର ପୁଷ୍ପଗୁଡ଼ିକ
ଖ. ମାଥିଉ ୧୦:୨୯ ଘରଚଟିଆ

ଚ. ପାଉଲ ସାବ୍ୟସ୍ତ କରନ୍ତି ଯେ ସମସ୍ତ ମାନବ, ସୃଷ୍ଟିରେ ଈଶ୍ୱରଙ୍କ ବିଷୟରେ ସେମାନଙ୍କ ଜ୍ଞାନ ପାଇଁ ଦାୟୀ ଅଟନ୍ତି (ଯଥା : ପ୍ରାକୃତିକ ପ୍ରକାଶ ରୋମୀ ୧:୧୯-୨୦, ପ୍ରକାଶିତ ୨୧-୨୨)

୩. ଉପସଂହାର
କ. ଆମ୍ଭେମାନେ ଏହି ପ୍ରାକୃତିକ ଶୃଙ୍ଖଳା ସହିତ ସଂଯୁକ୍ତ !
ଖ. ପାପପୂର୍ଣ୍ଣ ମାନବଜାତି ଈଶ୍ୱରଙ୍କ ସମସ୍ତ ଉତ୍ତମ ଦାନଗୁଡ଼ିକ ପରି ପ୍ରକୃତିର ଈଶ୍ୱରଙ୍କ ଦାନକୁ ଅପବ୍ୟବହାର କରିଅଛନ୍ତି ।
ଗ. ଏହି ପ୍ରାକୃତିକ ଦାନଗୁଡ଼ିକ (ପାର୍ଥିବ) ଅସ୍ଥାୟୀ । ଏହା ଚାଲିଯିବ (୨ ପିତର ୩:୭) । ଈଶ୍ୱର ଆମ୍ଭମାନଙ୍କ ଜଗତକୁ ଏକ ଐତିହାସିକ କ୍ରମ ବା ପର୍ଯ୍ୟାୟକୁ ଗତି କରାଉଅଛନ୍ତି । ପାପ ତାହାର କାର୍ଯ୍ୟ କରି ଚାଲିବ, ମାତ୍ର ଈଶ୍ୱର ଏହାର ସୀମା ନିରୂପଣ କରିଅଛନ୍ତି । ସୃଷ୍ଟି, ମୁକ୍ତ ହେବ (ରୋମୀ ୮:୧୮-୨୫) ।

▣ **''ପ୍ରକାଶ ନିମନ୍ତେ''** ଏହି ଶବ୍ଦ ''ପରଦା ପଛକୁ ଟାଣି ନେବା'' ବୁଝାଇଲା, ଯେପରି ପ୍ରକାଶ୍ୟରେ ଖୋଲି ଦେବା ବା କହିଦେବା । ଏହା ମଧ୍ୟ ନୂତନ ନିୟମର ଶେଷ ପୁସ୍ତକର ନାମ, ''ବିଧ୍ୱଂସକାରୀ ଘଟଣା ବା ଦୈବବାଣୀ'' । ଦ୍ୱିତୀୟ ଆଗମନ ଅନେକ ସମୟରେ ଏକ ପ୍ରକାଶିତବାକ୍ୟ ବା ଆଗମନକୁ ବୁଝାଏ (୧ କରିନ୍ଥୀ ୧:୭-୮, ୧ ପିତର ୧୭,୧୩) ।

▣ **''ଈଶ୍ୱରଙ୍କ ସନ୍ତାନମାନେ''** ଏହା ଏକ ସାଧାରଣ ଜଣାଶୁଣା ଦୃଷ୍ଟାନ୍ତ, ଖ୍ରୀଷ୍ଟିୟାନମାନଙ୍କ ପାଇଁ ବ୍ୟବହାର କରାଯାଇଅଛି (୮:୧୪,୧୬) ଏହା ଈଶ୍ୱରଙ୍କୁ ପିତା ଓ ଯୀଶୁଙ୍କୁ ତାହାଙ୍କ ଅନନ୍ୟ ପୁତ୍ର ବୋଲି କହେ (ଯୋହନ ୧:୧୮, ୩:୧୬,୧୮ ଏବ୍ରୀ ୧:୨, ୩:୬, ୫:୮, ୭:୨୮, ୧ ଯୋହନ ୪:୯)

ପୁରାତନ ନିୟମରେ ଇସ୍ରାଏଲ ଈଶ୍ୱରଙ୍କ ପୁତ୍ର ଥିଲା (ହୋଶେୟ ୧୧:୧), ମାତ୍ର ରାଜା ଈଶ୍ୱରଙ୍କ ପୁତ୍ର ଥିଲେ (୨ ଶାମୁୟେଲ ୭) ଏହି ଚିନ୍ତା ପ୍ରଥମେ ନୂତନ ନିୟମରେ ମାଥିଉ ୫:୯ (ଯୋହନ ୧:୧୨, ୨ କରିନ୍ଥୀ ୬:୧୮, ଗାଲାତୀ ୩:୨୬, ୧ ଯୋହନ ୩:୧,୧୦, ପ୍ରକାଶିତ ୨୧:୭ରେ ମଧ୍ୟ) ପ୍ରକାଶ କରାଯାଇଛି ।

**୮:୨୦**

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | |
| **ଏନ୍ ଆର୍ ଏସ୍ ଭି** | **''କାରଣ ସୃଷ୍ଟି ନିଷ୍ଫଳତାର ବଶୀଭୂତ ହେଲା''** |
| **ଟି ଇ ଭି** | **''କାରଣ ସୃଷ୍ଟି ମୂଲ୍ୟହୀନ ହେବାକୁ ଦଣ୍ଡିତ ହେଲା''** |
| **ଏନ୍ ଜେ ବି** | **''ଏହା ସୃଷ୍ଟିର କୌଣସି ଦୋଷ ହେତୁ ଯେ ତାହାର ଉଦ୍ଦେଶ୍ୟ ସଫଳ କରିବାକୁ ଅକ୍ଷମ ହେଲା ତାହା ନୁହେଁ''** |

ଏହା ''ଅସାର'' ବୋଲି ଅନୁବାଦ କରାଯାଇପାରେ । ସେପ୍ଟୁଆଜିଣ୍ଟ (ପ୍ରଥମ ହିବ୍ରୁ ପୁରାତନ ନିୟମର ଗ୍ରୀକ୍ ଅନୁବାଦ)ରେ ଏହା ବିଭିନ୍ନ ଅର୍ଥରେ ବ୍ୟବହାର କରାଯାଇଅଛି – ନିରର୍ଥକ, ମୂଲ୍ୟହୀନ, ବ୍ୟବହାର ଅଯୋଗ୍ୟ, ମିଥ୍ୟା ଈଶ୍ୱରମାନ (ଦେବତାଗଣ) ଓ ଶୂନ୍ୟତା । ସମସ୍ତ ସୃଷ୍ଟି ଈଶ୍ୱରଙ୍କ ନିରୂପିତ ଉଦ୍ଦେଶ୍ୟ ସକାଶେ ବ୍ୟବହାର ଅଯୋଗ୍ୟରେ ପରିଣତ ହେଲା (ଆଦି ୩:୧୭-୧୯, ଯିଶାଇୟ ୨୪:୩-୮), ମାତ୍ର ଦିନେ ଈଶ୍ୱର ପତନର ଅଭିଶାପ ଘୁଞ୍ଚାଇ ଦେବେ (ପ୍ରକାଶିତ ୨୨:୩) ! ଏହା ଈଶ୍ୱରଙ୍କ ଉଦ୍ଦୀଷ୍ଟ ଜଗତ ନୁହେଁ !

▣ **''କିନ୍ତୁ ଯେ ତାହାକୁ ବଶୀଭୂତ କଲେ, ତାହାଙ୍କ ଇଚ୍ଛାରୁ...ଭରସାଯୁକ୍ତ ହୋଇ ବଶୀଭୂତ ହେଲା''** କ୍ରିୟା ପଦ ଆଓରିଷ୍ଟ କର୍ମବାଚକ ଏବଂ ଦୃଶ୍ୟମାନଭାବେ ଈଶ୍ୱରଙ୍କୁ ବୁଝାଏ । (ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି, ଟି ଇ ଭି) । ସେ ଶାରୀରିକ ସୃଷ୍ଟିକୁ ଅସାରତା (ନିଷ୍ଫଳତା)ରେ ବଶୀଭୂତ କଲେ ।

୧. ମାନର ବିଦ୍ରୋହତା ହେତୁ

୨. ମାନବଜାତିକୁ ଈଶ୍ୱର ଆପଣା ଆଡ଼କୁ ମୁଖ ଫେରାଇବାକୁ ଏକ ଚେଷ୍ଟା କରି (୨୭-୨୯)

ଏହି ଉଦ୍ଦେଶ୍ୟମୂଳକ ଅସାରତା (ନିଷ୍ଫଳତା) କେବଳ କିଛି ସମୟ ନିମନ୍ତେ ହେବ (ରୋମୀ ୧୧:୧୧-୩୨) । ମୁକ୍ତିପ୍ରାପ୍ତ ମାନବଜାତିର ଏକ ପ୍ରତିଜ୍ଞାତ ଶାରୀରିକ ଭବିଷ୍ୟତ (ଶରୀର ଓ ଜଗତ) ଅଛି ।

ଈଶ୍ୱର ଆଦମଙ୍କ ବିଦ୍ରୋହ ପୂର୍ବରୁ ଜାଣିଥିଲେ । ଏହା ସେ ଘଟିବାକୁ ଅନୁମତି ଦେଲେ । ଦିନେ ହେବାକୁ ଯାଉଥିବା ଜଗତ ଏହି ଜଗତ ନୁହେଁ । ଈଶ୍ୱରଙ୍କ ଉଦ୍ଦୀଷ୍ଟ ଜଗତ ଏହା ନୁହେଁ (୨ ପିତର ୩:୧୦, ପ୍ରକାଶିତ ୨୧:୧-୩)

୫:୨ରେ ଟିପ୍ପଣୀରେ ''ଭରସା'' ଶବ୍ଦ ଦେଖ ।

**୫:୨୧ ''ସୃଷ୍ଟି ନିଜେ ମଧ୍ୟ...କ୍ଷୟ ଦାସତ୍ୱରୁ ମୁକ୍ତ ହେବ ।''** ପ୍ରକୃତି, ଅନନ୍ତକାଳର ଏକ ଅଂଶବିଶେଷ ହେବ (ଯିଶାଇୟ ୧୧:୬-୧୦) । ସ୍ୱର୍ଗ ଏକ ପୁର୍ନ ସୃଷ୍ଟ ପୃଥିବୀକୁ ଫେରି ଆସୁଅଛି (ମାଥିଉ ୫:୧୮, ୨୪:୩୫, ୨ ପିତର ୩:୧୦, ପ୍ରକାଶିତ ୨୧:୧) । ଭବିଷ୍ୟତ୍ ଏଦନର ଆଶୀର୍ବାଦକୁ ଏକ ଫେରିବା ବିଷୟ ହୋଇପାରେ, ଈଶ୍ୱର ଓ ମାନବଜାତି, ପ୍ରାଣୀମାନଙ୍କ ମଧ୍ୟରେ ସହଭାଗିତା (ଯିଶାଇୟ ୧୧:୬-୯) ଏକ ଉଦ୍ୟାନ ପ୍ରସ୍ତୁତିରେ ସହଭାଗିତା ଓ ସମତା (ଆଦି ୧-୨) ଏବଂ ବାଇବଲ ଏକ ପ୍ରକାର ପଥରେ ସମାପ୍ତ ହୁଏ ।

▣ **''କ୍ଷୟ ବା ଦୁର୍ନିତି''** ବିଶେଷ ପ୍ରସଙ୍ଗ ୧:୨୩ରେ ଦେଖ ।

▣ **''ଈଶ୍ୱରଙ୍କ ସନ୍ତାନମାନଙ୍କ ଗୌରବମୟ ଅବସ୍ଥା ସମ୍ବନ୍ଧୀୟ ସ୍ୱାଧିନତା ପ୍ରାପ୍ତ ନିମନ୍ତେ''** ୧୪ ପଦରେ ବିଶ୍ୱାସୀମାନଙ୍କୁ ''ଈଶ୍ୱରଙ୍କ ପୁତ୍ରଗଣ'' ବୋଲି ଡକାଯାଇଅଛି । ୧୬ ପଦରେ ''ଈଶ୍ୱରଙ୍କ ସନ୍ତାନ'' ଏବଂ ୧୭ ପଦରେ ''ଈଶ୍ୱରଙ୍କ ଉତ୍ତରାଧିକାରୀ'' ୧୮ ପଦରେ ଈଶ୍ୱରଙ୍କ ଶେଷକାଳୀନ ଗୌରବ, ବିଶ୍ୱାସୀମାନଙ୍କ ପ୍ରତି ପ୍ରକାଶିତ ହେବ । ବର୍ତ୍ତମାନ ୧୯ ପଦରେ ସୃଷ୍ଟି ଈଶ୍ୱରଙ୍କ ସନ୍ତାନମାନଙ୍କ ପ୍ରକାଶ ନିମନ୍ତେ ଅପେକ୍ଷା କରେ କାରଣ ଏହା ସେମାନଙ୍କୁ ସେମାନଙ୍କ ଶେଷକାଳୀନ ଗୌରବମୟ ଅବସ୍ଥା ପ୍ରଦାନ କରିବ (୨୧ ପଦ) । ଏହି ସୃଷ୍ଟିର ପୁନରୁଦ୍ଧାର ଏବଂ ବିଶେଷତଃ ମାନବ ମାନଙ୍କର ହେବା ଦ୍ୱାରା ଏହା ସୃଷ୍ଟିର ଆଦ୍ୟ (ମୂଳ) ଉଦ୍ଦେଶ୍ୟ ସଫଳ କରିବ - ଈଶ୍ୱର ଓ ମାନବଜାତି (ତାହାଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ) ଘନିଷ୍ଠ ସହଭାଗିତା ମଧ୍ୟରେ ।

**୮:୨୨ ''ସମସ୍ତ ସୃଷ୍ଟି...ଆର୍ତ୍ତନାଦ କରୁଅଛି''** ଏହା ପାଉଲଙ୍କର ଅନ୍ୟ ଏକ ମିଶ୍ରଣମାନ, ''ଏକତ୍ର ଆର୍ତ୍ତନାଦ କରୁଅଛି ।'' ସେ ସେଗୁଡ଼ିକ ଅନେକ ଉଦ୍ଭାବନ କରିଛନ୍ତି ନିଶ୍ଚୟ । ସମ୍ଭବତଃ ସେ ଯିରିମିୟ ୧୨:୪,୧୧ (ଦ୍ୱିତୀୟ ବିବରଣ ୨୭-୨୯) ପରୋକ୍ଷ ଭାବରେ ଉଲ୍ଲେଖ କରିଅଛନ୍ତି, ଯେଉଁଠାରେ ମାନବୀୟ ପାପ ଦ୍ୱାରା ଘଟିତ ଦୁର୍ବିପାକ ହେତୁ ଇସ୍ରାଏଲ ବିଳାପ (ଆର୍ତ୍ତନାଦ) କରେ

''ଆର୍ତ୍ତନାଦ'' ଶବ୍ଦ ଏଠାରେ ତିନିଥର ପ୍ରକାଶିତ ହୋଇଥିବା ଲକ୍ଷ୍ୟ କର

୧. ସୃଷ୍ଟି ନୂତନ ଯୁଗ ଆସିବା ପାଇଁ ଆର୍ତ୍ତନାଦ କରେ (ବର୍ତ୍ତମାନ ସକ୍ରୀୟ ସୂଚନା) ୨୨ ପଦ (୧୯-୨୨ପଦ)

୨. ବିଶ୍ୱାସୀମାନଙ୍କର ଭରପୂର, ସମ୍ପୂର୍ଣ୍ଣ ପରିତ୍ରାଣ ପାଇଁ ସେମାନେ ଆର୍ତ୍ତନାଦ କରନ୍ତି (ଯଥା : ଏକ ନୂତନ ଶରୀର (୨ କରିନ୍ଥୀ ୫:୨୪) ୨୩ ପଦ

୩. ଆତ୍ମା, ଯେ କି ଆପଣାକୁ ନୂତନ ଯୁଗର ପ୍ରଥମ ଫଳ ସ୍ୱରୂପ ଦାନ କରନ୍ତି, ସେ ଆର୍ତ୍ତନାଦ କରନ୍ତି (ବିଶ୍ୱାସୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତି, ବର୍ତ୍ତମାନ ସକ୍ରୀୟ ସୂଚନା) ୨୬ ପଦ

▣ **''ପ୍ରସବ ବେଦନାରେ ବ୍ୟଥିତ ହେଉଅଛି''** ଯିହୁଦୀ ପରିବେଷ ମଧ୍ୟରେ ଏହି ଭାବଧାରା ଅନେକ ସମୟରେ ''ନୂତନ ଯୁଗର ପ୍ରସବ ବେଦନା'' କୁହାଯାଏ (ମାର୍କ ୧୩:୮) । ଧାର୍ମିକତାର ନୂତନ ଦିବସର ପ୍ରଭାତ (ପ୍ରତ୍ୟୁଷ) ସମସ୍ୟା ବିହୀନ ହେବ ନାହିଁ । ଏହି ପତିତ ଗ୍ରହର ନୈତିକ ଓ ଆଧାତ୍ମିକ ଅବସ୍ଥାମାନ ମନ୍ଦରୁ ଆହୁରି ମନ୍ଦରେ ପରିଣତ ହେବ (ମାଥିଉ ୨୪, ମାର୍କ ୧୩, ଲୂକ ୨୧, ୨ ଥେସଲନିକି ୨:୧-୧୨) ଏବଂ ପ୍ରକାଶିତ ୫-୧୮ର ୭ଟି ମୁଦ୍ରା, ତୂରୀବାଦ୍ୟ ଓ ସପ୍ତ ପାତ୍ର ମଧ୍ୟ ଲକ୍ଷ୍ୟ କର । ଯାହା ବି ହେଉ, ସନ୍ତାନ ପ୍ରସବ ବେଦନାର ବ୍ୟଥା ହେଉଛି ଆଗାମୀ ଜନ୍ମରେ ଆଶା (ଭରସା) ଓ ଆନନ୍ଦର ବ୍ୟଥା ଅଟେ ।

**୮:୨୩ ''ଆମ୍ଭେମାନେ...ଆମ୍ଭେମାନେ ନିଜେ ନିଜେ ... ଆପଣା ଆପଣା''** ସର୍ବନାମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଓ ବାରମ୍ବାର ଲେଖାଯାଏ,

▣ **''ଆତ୍ମାଙ୍କ ପ୍ରଥମ ଫଳମାନ''** ଏହି ଖଣ୍ଡ ବାକ୍ୟ (ଆପାର୍‌କେ) ପାରମାର୍ଥିକ ଭାବେ ଅନୁରୂପ ''ଆତ୍ମାଙ୍କ ମୁଦ୍ରାଙ୍କ'' ୨ କରିନ୍ଥୀ ୧:୨୨ ଏବଂ ''ଆତ୍ମାଙ୍କ ପ୍ରତିଜ୍ଞା'' ୨ କରିନ୍ଥୀ ୫:୫ ଏବଂ ଏଫିସୀ ୧:୧୪ ।

ପୁରାତନ ନିୟମ ପ୍ରଥମ ଫଳମାନ ଆଗାମୀ ଅମଳର ପ୍ରତିଜ୍ଞା ଥିଲା । ସେଗୁଡ଼ିକ ସମସ୍ତ ଶସ୍ୟ ଅମଳରେ ଈଶ୍ୱରଙ୍କ ମାଲିକତ୍ୱର ପ୍ରତିଛବି (ଦ୍ୱିତୀୟ ବିବରଣ ୨୬:୧-୧୧) । ଆତ୍ମା ହେଉଛନ୍ତି ନୂତନ ଯୁଗର ପ୍ରଥମ ଫଳସମୂହ ଯେପରି ଯୀଶୁ ପୁନରୁତ୍ଥାନର ପ୍ରଥମ ଫଳସମୂହ ଅଟନ୍ତି (୧ କରିନ୍ଥୀ ୧୫:୨୦) । ବିଶ୍ୱାସୀମାନେ, ଈଶ୍ୱରଙ୍କ ସନ୍ତାନଗଣରୂପେ, ଏପରିକି ବର୍ତ୍ତମାନ ସେମାନଙ୍କ ସହିତ ଓ ସେମାନଙ୍କଠାରେ ବାସ କରୁଥିବା ପବିତ୍ରଆତ୍ମାଙ୍କ ମାଧ୍ୟମ ଦ୍ୱାରା ସ୍ୱର୍ଗର ଆନନ୍ଦ କିଛି ଅନୁଭବ କରନ୍ତି । ଏହା ଦୁଇଟି ଯିହୁଦୀ ଯୁଗର ପରସ୍ପର ଉପରେ ଚଢ଼ି ଯାଇଥିବା ବା ମାଡ଼ି ଯାଇଥିବା ମୁଣ୍ଡ ବ୍ୟଥା (ଚିନ୍ତା) ''ପ୍ରାପ୍ତ ହୋଇ ସାରିଛୁ'' ''ତଥାପି ପ୍ରାପ୍ତ ହୋଇ ନାହୁଁ'' ମଧ୍ୟରେ ରହିଛି । ବିଶ୍ୱାସୀମାନେ ସ୍ୱର୍ଗର ନାଗରିକ ଏବଂ ପୃଥିବୀ ଉପରେ ବାସିନ୍ଦା ଅଟନ୍ତି ।

▣ **''ଆମ୍ଭେମାନେ ଆପଣା ଆପଣା ଅନ୍ତରରେ ଆର୍ତ୍ତନାଦ କରୁଅଛୁ ।''** ଏହା ଦୁଇଟି ଯିହୁଦୀ ଯୁଗ ପରସ୍ପର ଉପରେ ମାଡ଼ି ଯାଇଥିବା ''ପ୍ରାପ୍ତ ହୋଇସାରିଛୁ'' ଓ ''ତଥାପି ପ୍ରାପ୍ତ ହୋଇ ନାହୁଁ'' ମଧ୍ୟରେ ଥିବା ଦୁଇ ବିରୋଧି ମତବାଦର ଦାର୍ଶନିକଭାବେ କେଉଁଟି ସତ୍ୟ ତାହା ଜାଣିବା ପାଇଁ ଭାରଗ୍ରସ୍ତ ଚିନ୍ତାକୁ ବୁଝାଉଥିବା ପରି ଦେଖାଯାଏ । (ଗୋର୍ଡନଫି ଓ ଡଗ୍‌ଲାସ ଷ୍ଟୁଆଟଙ୍କ ''ବାଇବଲକୁ ସର୍ବୋତ୍ତଭାବେ ମୂଲ୍ୟପ୍ରଦାନ କରି କିପରି ବାଇବଲ ପଢ଼ିବ ୧୪୫-୧୪୮ ପୃଷ୍ଠା ଦେଖ) ଈଶ୍ୱରଙ୍କ ରାଜ୍ୟ ଉପସ୍ଥିତ ଅଛି, ମାତ୍ର ଗ୍ରାସିତ ହୋଇ ନାହିଁ । ବିଶ୍ୱାସୀମାନଙ୍କର ପୁନରୁତ୍ଥିତ ଜୀବନ ଅଛି, ତଥାପି ସେମାନେ ଶାରୀରିକଭାବେ ମୃତ୍ୟୁଭୋଗ କରିବାକୁ ଯାଉଅଛନ୍ତି (୨ କରିନ୍ଥୀ ୫:୨-୪) । ଆମ୍ଭେମାନେ ପାପରୁ ଉଦ୍ଧାର (ପରିତ୍ରାଣ ପାଇଛୁ କିନ୍ତୁ ପାପ ସହିତ ତଥାପି ସଂଘର୍ଷ କରୁ (ରୋମୀ ୭, ଏଫିସୀ ୬:୧୦-୧୮) ।

▣ **''ଆମ୍ଭେମାନେ ଆଗ୍ରହ ସହକାରେ ଆମର ପୁତ୍ରତ୍ୱ ପ୍ରାପ୍ତି ନିମନ୍ତେ ଆପେକ୍ଷା କରୁଅଛୁ''** ''ପୁତ୍ରତ୍ୱପ୍ରାପ୍ତ'' ପାଉଲଙ୍କର ପରିତ୍ରାଣ ନିମନ୍ତେ ଏକ ପ୍ରିୟ ଉପମା (ଦୃଷ୍ଟାନ୍ତ) (୧୫ ପଦ) । ବିଶ୍ୱାସୀମାନଙ୍କ ପରିତ୍ରାଣ ଏକ ବୃଦ୍ଧି ପାଉଥିବା ଖ୍ରୀଷ୍ଟଙ୍କ ସ୍ୱରୂପକୁ ଉନ୍ନତ ହୁଏ । ବିଶ୍ୱାସୀମାନେ ପୁନରୁତ୍ଥାନ ଦିବସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣଭାବେ ପରିତ୍ରାଣ ଲାଭ କରିବେ ନାହିଁ । (୩୦ ପଦ ଓ ୧ ଯୋହନ ୩:୨)
''ପୁତ୍ରତ୍ୱ'' କେତେକ ଗ୍ରୀକ୍ ପାଣ୍ଡୁଲିପିରେ ବାଦ୍ ଦିଆଯାଇଅଛି । (ଏମ୍ ଏସ୍ ସେ, ଡି ଏଫ୍ ଜି ଓ କେତେକ ପୁରାତନ ଲାଟିନ୍ ଅନୁବାଦଗୁଡ଼ିକ) । ଯାହା ବି ହେଉ ଏହା ଏନ୍ ଏ ବି ସି, କେତେକ ପୁରାତନ ଲାଟିନ୍ ଅନୁବାଦ, ଭଲ୍‌ଗେଟ, ସିରିଆକ୍, କପ୍ଟିକ୍ ଓ ଆରମିନିଆନ୍ ଅନୁବାଦ (ବାଇବଲ)ରେ ଅନ୍ତର୍ଗତ ଅଛି । ୟୁ ବି ଏସ୍ ଏହାର ଯୋଗକୁ ''' ବା ''କ'' ମୂଲ୍ୟ ପ୍ରଦାନ କରେ (ନିଶ୍ଚିତ)

▣ **''ଆପଣା ଆପଣା ଶରୀରର ମୁକ୍ତି''** ଏହି ଶବ୍ଦ ବୁଝାଏ ''କିଣି ଫେରାଇ ଆଣିବା'' । ଏହି ବିଷୟ ପୁରାତନ ନିୟମରେ ଜଣେ ସମ୍ପର୍କୀୟଙ୍କ ଦ୍ୱାରା ଦାସତ୍ୱରୁ ଜଣେ ବ୍ୟକ୍ତିଙ୍କୁ ମୁକ୍ତି ଦେବା ବର୍ଣ୍ଣନା କରିବାକୁ ବ୍ୟବହୃତ ହୋଇଅଛି (ଗୋଏଲ) । ଏହା ଦୃଷ୍ଟାନ୍ତ ଭାବରେ ପାପର ଦାସତ୍ୱରୁ ପତିତମାନବ ଜାତିଙ୍କୁ ଈଶ୍ୱରଙ୍କ ଉଦ୍ଧାର ରୂପେ ଏହା ବ୍ୟବହୃତ ହୋଇଆସିଛି, ଯେଉଁ ମୂଲ୍ୟ ଦିଆଗଲା ତାହା ଦେହବନ୍ତ ଈଶ୍ୱରଙ୍କ ପୁତ୍ରଙ୍କ ପାପଶୂନ୍ୟ ଜୀବନ ଥିଲା । ୩:୨୪ରେ ବିଶେଷ ପ୍ରସଙ୍ଗ ଦେଖ ।

ଯିହୁଦୀ ଧର୍ମ ପରି ଖ୍ରୀଷ୍ଟଧର୍ମ (ଆୟୁବ ୧୪:୧୪-୧୫, ୧୯:୨୫-୨୬, ଦାନିଏଲ ୧୨:୨) ସାବ୍ୟସ୍ତ କରେ ଯେ, ବିଶ୍ୱାସୀମାନଙ୍କର ଏକ ଶାରୀରିକ ଶରୀର (ଯଦ୍ୟପି ମାନବାକୃତି ବା ମାନବ ଗୁଣ ନିତାନ୍ତ ଥିବା ପ୍ରୟୋଜ ନୁହେଁ ୧ କରିନ୍ଥୀ ୧୫:୩୫-୪୯) ଅନନ୍ତବାସରେ ରହିବ । ବିଶ୍ୱାସୀମାନଙ୍କର ଆତ୍ମିକ ଶରୀରମାନ ନୂତନ ଯୁଗର ଜୀବନ ପାଇଁ, ଈଶ୍ୱରଙ୍କ ସହିତ ଘନିଷ୍ଠ ସହଭାଗିତାରେ ଜୀବନ ପାଇଁ ସିଦ୍ଧଭାବେ ପ୍ରସ୍ତୁତ ହେବ ।

**୮:୨୪ ''ଭରସାରେ ଆମ୍ଭେମାନେ ପରିତ୍ରାଣ ପାଇଅଛୁ''** ଏହା ଏକ ଆଓରିଷ୍ଟ କର୍ମବାଚକ ସୂଚନା । ୨୩ ପଦ ଯେପରି ଆମର ଭବିଷ୍ୟତ ପରିତ୍ରାଣକୁ ବୁଝାଏ ୨୪ ପଦ ଆମର ଅତୀତ ପରିତ୍ରାଣକୁ ବୁଝାଏ ଆତ୍ମାଙ୍କ ପ୍ରତିନିଧିତ୍ୱ ମାଧ୍ୟମରେ । ନୂତନ ନିୟମ ବିଭିନ୍ନ କ୍ରିୟାପଦ କାଳମାନ ବ୍ୟବହାର କଲ । ପରିତ୍ରାଣକୁ ବର୍ଣ୍ଣନା କରିବାକୁ, (୧୦:୪ ପଦରେ ବିଶେଷ ପ୍ରସଙ୍ଗ ଦେଖ)

୧. ଆଓରିଷ୍ଟ, ପ୍ରେରିତ ୧୫:୧୧ (ରୋମୀ ୮:୨୪, ୨ ତୀମଥି ୧:୯, ତିତସ ୩:୫ ଓ ରୋମୀ ୧୩:୧୧ ଆଓରିଷ୍ଟ ସହିତ ଏକ ଭବିଷ୍ୟତ୍ ପ୍ରସ୍ତାବନା ପରିଚୟ ଏକତ୍ର କରେ)
୨. ସମାପ୍ତିବାଚକ କାଳ, ଏଫିସୀ ୨:୫,୮
୩. ବର୍ତ୍ତମାନ କାଳ, ୧ କରିନ୍ଥୀ ୧:୧୮, ୧୫:୨, ୨ କରିନ୍ଥୀ ୨:୧୫, ୧ ପିତର ୩:୨୧, ୪:୧୮
୪. ଭବିଷ୍ୟତ୍ କାଳ (କ୍ରିୟାକାଳ ବା ପୂର୍ବାପର ସମ୍ପର୍କର ସିଦ୍ଧାନ୍ତ), ରୋମୀ ୫:୯,୧୦, ୧୦:୯, ୧ କରିନ୍ଥୀ ୩:୧୫, ଫିଲିପ୍ପୀ ୧:୨୮, ୧ ଥେସଲନିକି ୫:୮-୯, ଏବ୍ରୀ ୧:୧୪, ୯:୨୮

ସେଥିପାଇଁ, ପରିତ୍ରାଣ ଏକ ପ୍ରାରମ୍ଭିକ ବିଶ୍ୱାସ ସିଦ୍ଧାନ୍ତରୁ ଆରମ୍ଭ ହୁଏ ଏବଂ ଜୀବନ ଶୈଳୀ ବିଶ୍ୱାସର ଏକ ପ୍ରଣାଳୀରେ ପ୍ରବାହିତ ହୁଏ, ଯେଉଁ ବିଶ୍ୱାସ ଦିନେ ଦୃଶ୍ୟ ଭାବେ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେବ (୧ ଯୋହନ ୩:୨) ।

**୮:୨୫ ''ଭରସା''** ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ ।

ବିଶେଷ ପ୍ରସଙ୍ଗ ଭରସା :
ଏହି ଶବ୍ଦ ପାଉଲ ଅନେକ ବିଭିନ୍ନ ମାତ୍ର ସମ୍ପୃକ୍ତ ଅର୍ଥରେ ବ୍ୟବହାର କଲେ । ଅନେକ ସମୟରେ ଏହା ବିଶ୍ୱାସୀମାନଙ୍କର ବିଶ୍ୱାସର ପୂର୍ଣ୍ଣାଙ୍ଗପ୍ରାପ୍ତ ହେବା ସହିତ ସମ୍ପର୍କ ସ୍ଥାପନ କରୁଥିଲା (ଯଥା ୧ ତୀମଥି ୧:୧) ଏହା ଗୌରବ, ଅନନ୍ତ ଜୀବନ, ଚୂଡ଼ାନ୍ତ ପରିତ୍ରାଣ, ଦ୍ୱିତୀୟ ଆଗମନ ଇତ୍ୟାଦି ଭାବେ ପ୍ରକାଶ କରାଯାଇ ପାରେ । ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେବା ନିଶ୍ଚିତ, ମାତ୍ର ସମୟର ବିଷୟ ଭବିଷ୍ୟତ୍ର ଓ ଅଜ୍ଞାତ । ଏହା ଅନେକ ସମୟରେ ''ବିଶ୍ୱାସ'' ଓ ''ପ୍ରେମ'' ସହିତ ସହଯୋଗୀ ଥିଲା (୧ କରିନ୍ଥୀ ୧୩:୧୩, ୧ ଥେସଲନିକି ୧:୩, ୨ ଥେସଲନିକି ୨:୧୬) ।
ପାଉଲଙ୍କ ବ୍ୟବହାର କରିଥିବା କେତେକର କିଛି ଆଂଶିକ ତାଲିକା ହେଉଛି :
୧. ଦ୍ୱିତୀୟ ଆଗମନ, ଗାଲାତୀ ୫:୫, ଏଫିସୀ ୧:୧୮, ୪:୪, ତିତସ ୨:୧୩
୨. ଯୀଶୁ ଆମର ଭରସା ଅଟନ୍ତି, ୧ ତୀମଥି ୧:୧
୩. ବିଶ୍ୱାସୀକୁ ଈଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହେବାକୁ ହେବ କଲସୀ ୧:୨୨-୨୩, ୧ ଥେସଲନିକି ୨:୧୯
୪. ଭରସା ସ୍ୱର୍ଗରେ ରଖାଯାଇଅଛି । କଲସୀ ୧:୩-୫

୫. ସୁସମାଚାରରେ ବିଶ୍ୱାସ, କଲସୀ ୧:୨୩, ୧ ଥେସଲନିକି ୨:୧୯
୬. ଚୂଡ଼ାନ୍ତ ପରିତ୍ରାଣ, କଲସୀ ୧:୫, ୧ ଥେସଲନିକି ୪:୧୩, ୫:୮
୭. ଈଶ୍ୱରଙ୍କ ଗୌରବ, ରୋମୀ ୫:୨, ୨ କରିନ୍ଥୀ ୩:୧୨, କଲସୀ ୧:୨୭
୮. ପରିତ୍ରାଣର ନିଶ୍ଚୟତା ୧ ଥେସଲନିକି ୫:୮
୯. ଅନନ୍ତ ଜୀବନ ତିତସ ୧:୨, ୩:୭
୧୦. ଖ୍ରୀଷ୍ଟିୟ ପରିପକ୍ୱତାର ଫଳାଫଳଗୁଡ଼ିକ, ରୋମୀ ୫:୨-୫
୧୧. ସମୁଦାୟ ସୃଷ୍ଟିର ମୁକ୍ତି, ରୋମୀ ୮:୨୦-୨୨
୧୨. ପୁତ୍ରତ୍ୱର ପୂର୍ଣ୍ଣାଙ୍ଗପ୍ରାପ୍ତି, ରୋମୀ ୮:୨୩-୨୫
୧୩. ଈଶ୍ୱରଙ୍କ ନିମନ୍ତେ ଉପନାମ, ରୋମୀ ୧୫:୧୩
୧୪. ବିଶ୍ୱାସୀମାନଙ୍କ ପାଇଁ ପାଉଲଙ୍କ ଆକାଂକ୍ଷା
୧୫. ନୂତନ ନିୟମ ବିଶ୍ୱାସୀମାନଙ୍କ ପ୍ରତି ପୁରାତନ ନିୟମ ଏକ ଚାଳକରୂପେ, ରୋମୀ ୧୫:୪

▣ **ଧୈର୍ଯ୍ୟ ସହକାରେ ଏହି ଶବ୍ଦ ''ହୁପୋମୋନେ''** ୫:୩ ଓ ୧୫:୪-୫ରେ ମଧ୍ୟ ବ୍ୟବହୃତ ହୋଇଥିଲ । ବିଶ୍ୱାସୀମାନଙ୍କ ପରିତ୍ରାଣ ପରିପକ୍ୱତାର ପ୍ରକ୍ରିୟରେ ଅଛି ଏବଂ ଦିନେ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେବ । ଧୈର୍ଯ୍ୟ ରକ୍ଷା (ପ୍ରକାଶିତ ୨:୮, ୧୧:୧୭,୨୬, ୩:୫,୧୨,୨୧,୨୧:୭) ''ପ୍ରାରମ୍ଭିକ ପରିତ୍ରାଣ'' ଉପରେ ଅଧିକ ଗୁରୁତ୍ୱ ଦେବାକୁ ବାଇବଲ ଅନୁମୋଦିତ ଭାରସାମ୍ୟ ରକ୍ଷା କରିବା ଆବଶ୍ୟକ । ଅଧିକାଂଶ ବାଇବଲର ସତ୍ୟମାନ (ଯଥା : ପୂର୍ବପଟ ସାହିତ୍ୟ, ୩:୨୭ରେ ବିଶେଷ ପ୍ରସଙ୍ଗ ଦେଖ) ଏକ ଦର୍ଶନ ଶାସ୍ତ୍ରଦ୍ୱାରା ସତ୍ୟ ପ୍ରମାଣିତ ହେବାରେ, ମନରେ ଚିନ୍ତାର ବୋଝପୂର୍ଣ୍ଣ ଜମଜ ବିଷୟମାନ ପ୍ରକାଶିତ ହୋଇଅଛି ।

**ବିଶେଷ ପ୍ରସଙ୍ଗ : ଧୈର୍ଯ୍ୟର ସହିତ ଅଧ୍ୟବସାୟ ଆବଶ୍ୟକ**

ବାଇବଲ ଧର୍ମତତ୍ତ୍ୱଗୁଡ଼ିକ ଯାହା ଖ୍ରୀଷ୍ଟିୟ ଜୀବନ ସହିତ ସମ୍ପୃକ୍ତ ତାହା ବୁଝାଇବା କଷ୍ଟକର କାରଣ ସେଗୁଡ଼ିକ ସ୍ୱତନ୍ତ୍ରଭାବେ ପୂର୍ବଦେଶୀୟ ଯୋଡ଼ି ହୋଇ ରହିଥିବା ଦର୍ଶନ ଶାସ୍ତ୍ରାନୁସାରେ ସତ୍ୟ ପ୍ରମାଣିତ ହେବାର ବିଷୟ ଦ୍ୱାରା ପ୍ରକାଶିତ ହୋଇଥାଏ । ଏହି ଯୋଡ଼ି ଗୁଡ଼ିକ ପରସ୍ପରର ବିପରୀତ ଦେଖାଯାଏ, ତଥାପି ଉଭୟ ବାଇବଲ ଅନୁମୋଦିତ । ପାଶ୍ଚାତ୍ୟ ଖ୍ରୀଷ୍ଟିୟାନମାନେ ଗୋଟିଏ ସତ୍ୟ ପସନ୍ଦ କରିବାକୁ ଓ ବିପରୀତ ସତ୍ୟ ଉପେକ୍ଷା ବା ପ୍ରତିକୂଳମତ ପ୍ରକାଶ କରିବାକୁ ଇଚ୍ଛୁକ । ଉଦାହରଣ ସ୍ୱରୂପ :

କ. ପରିତ୍ରାଣ କ'ଣ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବାର ପ୍ରାରମ୍ଭିକ ସିଦ୍ଧାନ୍ତ ଅବା ଶିଷତ୍ୱ ପାଇଁ ଏକ ଜୀବନ ବ୍ୟାପୀ ସମର୍ପଣ ?
ଖ. ପରିତ୍ରାଣ କ'ଣ ଏକ ସର୍ବଭୌମ ଈଶ୍ୱରଙ୍କଠାରୁ ଅନୁଗ୍ରହର ମାଧ୍ୟମ ସବୁ ଦ୍ୱାରା ଏକ ନିର୍ବାଚନ କିଅବା ମାନବ ଜାତି ପ୍ରତି ଏହା ଏକ ସ୍ୱର୍ଗୀୟଦାନ ଯାହାର ପ୍ରତ୍ୟୁତ୍ତରରେ ବିଶ୍ୱାସ ଓ ମନପରିବର୍ତ୍ତନ କରାଯାଏ ?
ଗ. ପରିତ୍ରାଣ ଥରେ ପ୍ରାପ୍ତ ହେଲେ, ଏହା ହଜାଇବା ଅସମ୍ଭବ କି, ଅବା ଏଥିପାଇଁ ସର୍ବଦା ମନଯୋଗୀ ହେବା ଆବଶ୍ୟକତା ରହିଛି ?

ଧୈର୍ଯ୍ୟର ସହିତ ଅଧ୍ୟୟବସାୟ ବିଷୟ ମଣ୍ଡଳୀ ଇତିହାସ ସାରା ଚାଲୁ ରହିଅଛି । ନୂତନ ନିୟମର ସ୍ପଷ୍ଟଭାବେ ବିବାଦୀୟ ଶାସ୍ତ୍ରାଂଶସମୂହ ସହିତ ସମସ୍ୟା ଆରମ୍ଭ ହୁଏ :

କ. ନିଶ୍ଚୟତା ଉପରେ ଶାସ୍ତ୍ରାଂଶମାନ
୧. ଯୀଶୁଙ୍କ ମନ୍ତବ୍ୟସମୂହ (ଯୋହନ ୬:୩୭, ୧୦:୨୮-୨୯)
୨. ପାଉଲଙ୍କ ମନ୍ତବ୍ୟସମୂହ (ରୋମୀ ୮:୩୫-୩୯, ଏଫିସୀ ୧:୧୩, ୨:୫,୮-୯, ଫିଲିପ୍ପୀ ୧:୬, ୨:୧୩, ୨ ଥେସଲନିକି ୩:୩, ୨ତୀମଥି ୧:୧୨, ୪:୧୮)
୩. ପିତରଙ୍କ ମନ୍ତବ୍ୟ ସକଳ (୧ ପିତର ୧:୪-୫)

ଖ. ଧୈର୍ଯ୍ୟଶୀଳ ଅଧ୍ୟବସାୟର ଆବଶ୍ୟକତା ଉପରେ ଶାସ୍ତ୍ରାଂଶମାନ
୧. ଯୀଶୁଙ୍କର ମନ୍ତବ୍ୟସମୂହ (ମାଥିଉ ୧୦:୨୨, ୧୩:୧-୯, ୨୪-୩୦, ୨୪:୧୩, ମାର୍କ ୧୩:୧୩, ଯୋହନ ୧:୩୧, ୧୫:୪-୧୦, ପ୍ରକାଶିତ ୨:୭, ୧୭,୨୦, ୩:୫, ୧୨,୨୧)
୨. ପାଉଲଙ୍କ ମନ୍ତବ୍ୟସମୂହ (ରୋମୀ ୧୧:୨୨, ୧ କରନ୍ଥୀ ୧୫:୨, ୨ କରିନ୍ଥୀ ୧୩:୫, ଗାଲାତୀ ୧:୬, ୩:୪, ୫:୪, ୬:୯, ଫିଲିପ୍ପୀ ୨୧୨, ୩:୧୮-୨୦, କଲସୀ ୧:୨୩)
୩. ଏବ୍ରୀ ପୁସ୍ତକ ଲେଖକଙ୍କ ମନ୍ତବ୍ୟସମୂହ (୨:୧, ୩:୬, ୧୪, ୪:୧୪, ୬:୧୧)
୪. ଯୋହନଙ୍କ ମନ୍ତବ୍ୟସମୂହ (୧ ଯୋହନ ୨:୬, ୨ ଯୋହନ ୯)
୫. ପିତାଙ୍କ ମନ୍ତବ୍ୟ (ପ୍ରକାଶିତ ୨୧:୭)

ବାଇବଲ ଅନୁଯାୟୀ ପରିତ୍ରାଣ, ଏକ ସାର୍ବଭୌମ ତ୍ରିବିଧ ଈଶ୍ୱରଙ୍କ ପ୍ରେମ, ଅନୁଗ୍ରହ ଓ ଦୟାରୁ ଉତ୍ପନ୍ନ ହୁଏ । କୌଣସି ମାନବ ପବିତ୍ର ଆତ୍ମାଙ୍କ ପ୍ରାରମ୍ଭିକ କାର୍ଯ୍ୟ ବିନା ପରିତ୍ରାଣପ୍ରାପ୍ତ ହୋଇପାରେ ନାହିଁ (ଯୋହନ ୬:୪୪,୬୫) । ଈଶ୍ୱର ପ୍ରଥମ ଆସି କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତି ମାତ୍ର ସେ ମାନବର ଉଭୟ ପ୍ରାରମ୍ଭିକ ଭାବେ ଓ ସର୍ବଦା, ବିଶ୍ୱାସ ଓ ମନଫେରଣ ସହିତ ପ୍ରତ୍ୟୁତ୍ତର ନିଶ୍ଚିତ ଭାବେ ଦେବାକୁ ଦାବୀ କରନ୍ତି । ସୁଯୋଗମାନ ଓ ଦାୟିତ୍ୱସମୂହ ଅଛି !

ପରିତ୍ରାଣ ସମସ୍ତଙ୍କୁ ପ୍ରଦତ୍ତ ହୋଇଅଛି । ଯୀଶୁଙ୍କ ମୃତ୍ୟୁ, ପତିତ ସୃଷ୍ଟିର ପାପ ସମସ୍ୟାର ସମ୍ମୁଖୀନ ହେଲା । ଈଶ୍ୱର ଏକ ପଥ ଯୋଗାଇ ଦେଲେ ଏବଂ ଚାହାନ୍ତି ତାହାଙ୍କ ସାଦୃଶ୍ୟରେ ନିର୍ମିତ ସମସ୍ତେ ଯୀଶୁଙ୍କଠାରେ ତାହାଙ୍କ ପ୍ରେମ ଓ ଯୋଗାଣର ପ୍ରତ୍ୟୁତ୍ତର ଦେବେ ।

ଯଦି ଏହି ପ୍ରସଙ୍ଗ ଉପରେ ଅଧିକ ପାଠ କରିବାକୁ ଇଚ୍ଛା ଅଛି କାଲଭିନୀୟ ମତ ବ୍ୟତୀତ ଥିବା ଦୃଷ୍ଟିକୋଣରୁ, ଦେଖ

୧. ଡାଲେ ମୁଡି, ସତ୍ୟତାର ବାକ୍ୟ, ଆଏର୍ଡମାନ, ୧୯୮୧ (୩୪୮-୩୬୫ ପୃଷ୍ଠା)

୨. ହାୱାଡ ମାର୍ଶାଲ, ଈଶ୍ୱରଙ୍କ ଶକ୍ତି ଦ୍ୱାରା ସୁରକ୍ଷିତ, ବେଥାନୀ ସହଭାଗିତା, ୧୯୬୯

୩. ରବର୍ଟ ଶାଙ୍କ, ପୁତ୍ରଙ୍କଠାରେ ଜୀବନ, ଓ୍ୱେଷ୍ଟକୋଟ, ୧୯୬୧

ଏହି ବିଷୟରେ ବାଇବଲ ଦୁଇଟି ବିଭିନ୍ନ ସମସ୍ୟାମାନଙ୍କୁ ଉପଦେଶ ଦିଏ : (୧) ନିଶ୍ଚୟତାକୁ ଏକ ଫଳଶୂନ୍ୟ ଓ ସ୍ୱାର୍ଥପର ଜୀବନ ଯାପନ କରିବାକୁ ଅନୁମତି ପତ୍ର ରୂପେ ଗ୍ରହଣ କରିବା ଏବଂ (୨) ଯେଉଁମାନେ ସେବାକାର୍ଯ୍ୟ ଓ ବ୍ୟକ୍ତିଗତ ପାପ ସହିତ ସଂଘର୍ଷ କରନ୍ତି, ସେମାନଙ୍କୁ ଉତ୍ସାହିତ କରିବା । ସମସ୍ୟା ହେଉଛି ଯେ ଭୁଲ ଦଳମାନ ଭୁଲ ସମ୍ବାଦ ଗ୍ରହଣ କରୁଅଛନ୍ତି ଓ ସୀମିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକ ଉପରେ ପାରମାର୍ଥିକ ରୀତିମାନ ନିର୍ମାଣ କରୁଛନ୍ତି କେତେକ ଖ୍ରୀଷ୍ଟିୟାନ ନିଶ୍ଚୟତାର ସମ୍ବାଦ ଅତି ଜରୁରୀ ଭାବେ ଆବଶ୍ୟକ କରନ୍ତି, ଯେତେବେଳେ ଅନ୍ୟମାନେ କଠୋର ସଚେତନବାଣୀ ରୂପେ ଗ୍ରହଣ କରନ୍ତି ! ଆପଣ କେଉଁ ଦଳରେ ଅଛନ୍ତି ?

**ଏନ୍ ଏ ଏସ ବି (ଆଧୁନିକିକରଣ) ପ୍ରସଙ୍ଗ ୮:୨୬-୨୭**

**''[26]ଆଉ ଆତ୍ମା ମଧ୍ୟ ସେହି ପ୍ରକାରେ ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି, କାରଣ କଅଣ ପ୍ରାର୍ଥନା କରିବା ଉଚିତ, ତାହା ଆମ୍ଭେମାନେ ଜାଣୁ ନାହୁଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି, [27]ପୁଣି ଯେ ଆମ୍ଭମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ସେ ଆତ୍ମାଙ୍କ ଭାବ କଅଣ, ତାହା ଜାଣନ୍ତି, କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି ।''**

**୮:୨୬ ''ସେହି ପ୍ରକାରେ''** ଏହା ଆତ୍ମାଙ୍କ ନିବେଦନ କରିବା ସେବାକାର୍ଯ୍ୟ ସହିତ ୧୮-୨୫ରେ କୁହାଯାଇଥିବା ''ଆର୍ତ୍ତନାଦ ଓ ଭରସା କରିବା''କୁ ସମ୍ପୃକ୍ତ କରେ ।

▣ **''ଆଉ ଆତ୍ମା ମଧ୍ୟ ସାହାଯ୍ୟ କରନ୍ତି''** ଏହା ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ (କ୍ରିୟାବାଚକ) ସୂଚନା । କ୍ରିୟାପଦର ଏକ ଯୁଗ୍ମ ମିଶ୍ରଣ ଅଛି ସାଇନ (୨୮ ପଦ) ଏବଂ ବିରୋଧି (ଆଣ୍ଟି) । ଏହାର ସର୍ବୋତ୍ତମଭାବେ ଅନୁବାଦିତ ''ସହିତ ଧରି ରଖ'' । ଏହି ଶବ୍ଦ କେବଳ ଏଠାରେ ଓ ଲୂକ ୧୦:୪୦ରେ ଅଛି । ସମୁଦାୟ ତ୍ରିବିଧ ପରମେଶ୍ୱର ବିଶ୍ୱାସୀମାନଙ୍କ ପାଇଁ ଅଛନ୍ତି । ମାନବ ଜାତିର ସପକ୍ଷରେ ବା ସକାଶେ ପିତା, ପୁତ୍ରଙ୍କୁ ମୃତ୍ୟୁଭୋଗ କରିବା ନିମନ୍ତେ ପ୍ରେରଣ କଲେ (ଯୋହନ ୩:୧୬ ଏବଂ ବର୍ତ୍ତମାନ ମଧ୍ୟ ଆମ୍ଭମାନଙ୍କ ପାଇଁ ନିବେଦନ ପ୍ରାର୍ଥନା କରନ୍ତି । (୩୪ ପଦ, ଏବ୍ରୀ ୭:୨୫, ୯:୨୪, ୧ ଯୋହନ ୨:୧) । ଆତ୍ମା ପତିତ ମାନବଜାତିଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣନ୍ତି ଓ ସେମାନଙ୍କଠାରେ ଖ୍ରୀଷ୍ଟଙ୍କୁ ଆକୃତି ପ୍ରଦାନ କରନ୍ତି (ଯୋହନ ୧୬:୮-୧୫) । ଯାହାବି ହେଉ, କ୍ରୀୟାପଦ ''ସାହାଯ୍ୟ କରନ୍ତି'' ଯାହା ବୁଝାଏ ''ଜଣକୁ ଧରି ରଖିବା'', ଏହା ଏପରି ପ୍ରୟୋଗ କରାଯାଏ, ବିଶ୍ୱାସୀମାନଙ୍କର ମଧ୍ୟ ଆତ୍ମାଙ୍କ ସାହାଯ୍ୟ (ନିବେଦନ ପ୍ରାର୍ଥନା) ଆପଣାମାନଙ୍କ ପାଇଁ ଗ୍ରହଣ କରିବାରେ ଅଂଶ ଅଛି ।

▣ **''ଦୁର୍ବଳତା''** ଏହି ବିଶେଷ୍ୟ ପଦ ପାଉଲଙ୍କ ଦ୍ୱାରା ବିଭିନ୍ନ ଅର୍ଥରେ ବ୍ୟବହୃତ ହୋଇଅଛି (ବିଏଜିଡି ୧୧୫ ପୃଷ୍ଠା)

୧. ଶାରୀରିକ ଦୁର୍ବଳତା ବା ଅସୁସ୍ଥତା, ୨ କରିନ୍ଥୀ ୧୧:୩୦, ୧୨:୫,୯,୧୦, ଗାଲାତୀ ୪:୧୩, ୧ ତୀମଥି ୫:୨୩

୨. ମାନବୀୟ ପରିସ୍ଥିତି ୧ କରିନ୍ଥୀ ୧୫:୪୩, ୨ କରିନ୍ଥୀ ୧୩:୪

୩. ଆକୃତି :

କ. ଭୟ ବା ସଙ୍କୋଚ ୧ କରିନ୍ଥୀ ୨:୩

ଖ. ବିଚାର ରୋମୀ ୬:୧୯

ଗ. ଧାର୍ମିକ ଅର୍ନ୍ତଦୃଷ୍ଟିର ଅଭାବ, ରୋମୀ ୮:୨୬

କ୍ରିୟାପଦ ସମାନ ପଥମାନଙ୍କରେ ବ୍ୟବହୃତ ହୋଇଅଛି

୧. ଶାରୀରିକ ଦୁର୍ବଳତା (ଫିଲିପ୍ପୀ ୨:୨୬-୨୭, ୨ ତୀମଥି ୪:୨୦)

୨. ମାନବୀୟ ପରିସ୍ଥିତି ରୋମୀ ୮:୩, ୨ କରିନ୍ଥୀ ୧୧:୨୧ (ମାଥିଉ ୮:୧୭ ଲକ୍ଷ୍ୟ କର, ଯିଶାଇୟ ୫୩:୪ ଉଦ୍ଧୃତ କର)

୩. ଆକୃତି :
  କ. ଧର୍ମ ଓ ନୈତିକ ଦୁର୍ବଳତା ରୋମୀ ୧୪:୨, ୧ କରିନ୍ଥୀ ୮:୧୧-୧୨
  ଖ. ବିଶ୍ୱାସରେ ଦୁର୍ବଳ ରୋମୀ ୪:୧୯, ୧୪:୧
  ଗ. ଚେତାଶୂନ୍ୟ ଅନ୍ତକରଣ ଓ ଭୟଭୀତ ୨ କରିନ୍ଥୀ ୧୧:୨୯

ଶାସ୍ତ୍ରାଂଶ ଏକ ଭାଷାର୍ଥ ବିଷୟକ ପରିମାପକ ମଧ୍ୟରେ ଅର୍ଥ ସ୍ଥିର କରେ ବୋଲି ସ୍ମରଣ ରଖ । ଗ୍ରୀକ୍ ଓ ହିବ୍ରୁ ଅଭିଧାନଗୁଡ଼ିକ କେବଳ ସାମ୍ଭାବ୍ୟ ଅର୍ନ୍ତନିହିତ ଅର୍ଥ ଓ ତାହାର ବ୍ୟବହାରଗୁଡ଼ିକ ତାଲିକା କରେ ।

▣ **''ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି ।''** ବିଶ୍ୱାସୀମାନେ ସେମାନଙ୍କ ପତିତାବସ୍ଥାରେ ଆର୍ତ୍ତନାଦ କରନ୍ତି ଏବଂ ଆତ୍ମା ସେମାନଙ୍କ ପାଇଁ ନିବେଦନରେ ଆର୍ତ୍ତନାଦ କରନ୍ତି । ଆତ୍ମା ମୁକ୍ତିପ୍ରାପ୍ତ ଲୋକଙ୍କ ମଧ୍ୟରେ ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତି ଏବଂ ଯୀଶୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ମଧ ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତି (୨୭,୩୪ ପଦ ଏବ୍ରୀ ୭:୨୫, ୯:୨୪, ୧ ଯୋହନ ୨:୧) । ଏହି ନିବେଦନ ପ୍ରାର୍ଥନା ବିଶ୍ୱାସୀମାନଙ୍କୁ ପ୍ରାର୍ଥନା କରିବାକୁ ଶକ୍ତିଯୁକ୍ତ କରେ (ଗାଲାତୀ ୪:୬) । ଏହି ପାରାଗ୍ରାଫ୍ ପୂର୍ବାପର ଅନୁସାରେ ପରଭାଷାରେ କଥା କହିବାର ଆତ୍ମିକ ଦାନକୁ ବୁଝାଏ ନାହିଁ, ମାତ୍ର ବିଶ୍ୱାସୀ ପକ୍ଷରୁ ପିତାଙ୍କ ନିକଟରେ ନିବେଦନ ପ୍ରାର୍ଥନାକୁ ବୁଝାଏ ।

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ ଆର୍ ଏସ୍ ଭି** | **''କହିବା ଶବ୍ଦ ପାଇଁ ବହୁତ ଗଭୀର''** |
| **ଏନ୍ କେ ଜେ ଭି** | **''ଉଚ୍ଚାରଣ କରାଯାଇ ନ ପାରିବା''** |
| **ଟି ଇ ଭି** | **''ସେହି ଶବ୍ଦଗୁଡ଼ିକ ପ୍ରକାଶ କରାଯାଇ ନ ପାରେ''** |
| **ଏନ୍ ଜେ ବି** | **''ଶବ୍ଦଗୁଡ଼ିକ ମଧ୍ୟକୁ ଅଣାଯାଇ ନ ପାରେ''** |

ଏହି ଶବ୍ଦ ଏକ ସାଧାରଣ ଶବ୍ଦ ''କୁହାଯିବା ଭାଷା'' ସକାଶେ (୧ କରିନ୍ଥୀ ୧୩:୧) ସର୍ବପ୍ରଥମ ଆବଶ୍ୟକୀୟ ବିଷୟର ଅଭାବ ସହିତ ପ୍ରକାଶ । ଏହା କେବଳ ନୂତନ ନିୟମର ଏଠାରେ ଅଛି । ମାର୍କଙ୍କ ସୁସମାଚାରରେ ମୂକ/ଜଡ଼ା ଲୋକମାନଙ୍କ ପାଇଁ ଆଉ ଏକ ପ୍ରକାର ଶବ୍ଦ ବ୍ୟବହାର କରାଯାଇଛି (ମାର୍କ ୭:୩୭, ୯:୧୭,୨୫)

▣ **''ନିବେଦନ କରନ୍ତି''** ବିଶେଷ ପ୍ରସଙ୍ଗ ଦେଖ : ପାଉଲ ୧:୩୦ରେ ''ହୁପର'' ଏକତ୍ର ଭାବରେ ବ୍ୟବହାର କରନ୍ତି ।

**୮:୨୭ ''ଯେ ହୃଦୟ ଅନୁସନ୍ଧାନ କରନ୍ତି''** ଏହା ପୁରାତନ ନିୟମରେ ପୁନଃ ପୁନଃ ବ୍ୟବହୃତ ପ୍ରସଙ୍ଗ ଥିଲା । (୧ଶାମୁ ୨:୭, ୧୬:୭, ୧ରାଜାବଳୀ ୮:୩୯, ୧ ବଂଶାବଳୀ ୨୮:୯, ୨ ବଂଶାବଳୀ ୬:୩୦, ଗୀତ ୭:୯, ୪୪:୨୧, ହିତୋ ୧୫:୧୧, ୨୦:୨୭, ୨୧:୨, ଯିରିମିୟ ୧୧:୨୦, ୧୭:୯-୧୦, ୨୦:୧୨, ଲୂକ ୧୬:୧୫, ପ୍ରେରିତ ୧:୨୪, ୧୫:୮) ଈଶ୍ୱର ଆମ୍ଭମାନଙ୍କୁ ପ୍ରକୃତଭାବେ ଜାଣନ୍ତି ଏବଂ ତଥାପି ଆମ୍ଭମାନଙ୍କୁ ପ୍ରେମ କରନ୍ତି (ଗୀତ ୧୩୯)

▣ **''ସେ ସାଧୁମାନଙ୍କ ପାଇଁ ନିବେଦନ କରନ୍ତି''** ଆତ୍ମାଙ୍କ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଯୋହନ ୧୬:୨-୧୫ରେ ସ୍ପଷ୍ଟଭାବେ ପ୍ରକାଶ କରାଯାଇଅଛି । ସେଗୁଡ଼ିକ ମଧ୍ୟରୁ ନିବେଦନ ପ୍ରାର୍ଥନା ଗୋଟିଏ ଅଟେ ।

''ସାଧୁଗଣ'' ଶବ୍ଦ ସର୍ବଦା ବହୁବଚନ କେବଳ ଫିଲିପି ୪:୨୧ ବ୍ୟତୀତ, ଯେଉଁଠାରେ ଏହା ମଧ ସମସ୍ତ ବିଶ୍ୱାସୀମାନଙ୍କୁ ବୁଝାଉଛି । ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ପରିବାର, ଖ୍ରୀଷ୍ଟଙ୍କ ଶରୀରର ସଭ୍ୟଗଣ ଅଟନ୍ତି, ନୂତନ ମନ୍ଦିର ବ୍ୟକ୍ତିଗତ ବିଶ୍ୱାସୀମାନଙ୍କଠାରୁ ନିର୍ମିତ । ଏହା ପାଶ୍ଚାତ୍ୟ (ଆମେରିକୀୟ) ବ୍ୟକ୍ତିଗତ ଧର୍ମକୁ ଏକ ପାରମାର୍ଥିକ ଭାରସାମ୍ୟ ମଧ୍ୟକୁ ଆଣିବା ଆବଶ୍ୟକ । ବିଶେଷ ପ୍ରସଙ୍ଗ ଦେଖ : ୧:୭ରେ ସାଧୁଗଣ

ବିଶେଷ ପ୍ରସଙ୍ଗ : ଆତ୍ମାଙ୍କ ବ୍ୟକ୍ତିତ୍ୱ ପ୍ରକାଶ

ପୁରାତନ ନିୟମରେ ଈଶ୍ୱରଙ୍କ ଆତ୍ମା (ଯଥା : ରୁଆକ୍) ଏକ ଶକ୍ତି ଯାହା ଯିହୋବା (ୟାଓ୍ୱେ)ଙ୍କ ଉଦ୍ଦେଶ୍ୟସାଧନ କରୁଥିଲା ମାତ୍ର ସେଠାରେ କୌଣସି ଚିହ୍ନ ବା ସୂଚନା ନ ଥିଲା ଯେ ଏହା ବ୍ୟକ୍ତିଗତ ଥିଲା (ଯଥା : ପୁରାତନ ନିୟମ ଏକେଶ୍ୱରବାଦ), ଯାହାବି ହେଉ ନୂତନ ନିୟମରେ ଆତ୍ମାଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ବ୍ୟକ୍ତିଗତ ପ୍ରକାଶର ଲିଖିତ ପ୍ରମାଣ ପତ୍ର ଦିଆଗଲା ।

୧. ତାହାଙ୍କ ବିରୁଦ୍ଧରେ ପାପ କରାଯାଇ ପାରେ (ମାଥିଉ ୧୨:୩୧, ମାର୍କ ୩:୨୯)
୨. ସେ ଶିକ୍ଷାଦାନ କରନ୍ତି (ଲୂକ ୧୨:୧୨, ଯୋହନ ୧୪:୨୬)
୩. ସେ ସାକ୍ଷ୍ୟ ବହନ କରନ୍ତି (ଯୋହନ ୧୫:୨୬)
୪. ସେ ପାପବୋଧ ଦିଅନ୍ତି ଓ ଚାଳନା ଦିଅନ୍ତି (ଯୋହନ ୧୬:୭-୧୫)
୫. ତାହାଙ୍କ ''କିଏ'' ବୋଲି ସମ୍ବୋଧନ କରାଯାଏ (ଯଥା : ହୋସ୍) (ଏଫିସୀ ୧:୧୪)
୬. ତାହାଙ୍କୁ ଦୁଃଖ ଦିଆଯାଇପାରେ (ସେ ଦୁଃଖିତ ହୋଇପାରନ୍ତି) (ଏଫିସୀ ୪:୩୦)
୭. ତାହାଙ୍କୁ ଲିଭାଇ ଦିଆଯାଇପାରେ (୧ ଥେସଲନିକି ୫:୧୯)

ତ୍ରିବିଧ ପରମେଶ୍ୱର ବିଷୟକ ଶାସ୍ତ୍ରାଂଶଗୁଡ଼ିକ ମଧ୍ୟ ତିନି ବ୍ୟକ୍ତିଙ୍କ ବିଷୟ କହେ

୧. ମାଥିଉ ୨୮:୧୯
୨. ୨ କରିନ୍ଥୀ ୧୩:୧୪
୩. ୧ ପିତର ୧:୨

ଆତ୍ମା, ମାନବ କାର୍ଯ୍ୟକଳାପ ସହିତ ସଂଯୁକ୍ତ

୧. ପ୍ରେରିତ ୧୫:୨୮
୨. ରୋମୀ ୮:୨୬
୩. ୧ କରିନ୍ଥୀ ୧୨:୧୧
୪. ଏଫିସୀ ୪:୩୦

ପ୍ରେରିତ ପୁସ୍ତକର ଆରମ୍ଭରୁ ଆତ୍ମାଙ୍କ ଭୂମିକାର ଗୁରୁତ୍ୱ ଆରୋପ କରାଯାଇଅଛି । ତାହାଙ୍କ ବାପ୍ତିସ୍ମ, ଆତ୍ମାଙ୍କ କାର୍ଯ୍ୟର ଆରମ୍ଭ ନ ଥିଲା ମାତ୍ର ଏକ ନୂତନ ଅଧ୍ୟାୟ ଥିଲା । ଲୂକ ମଣ୍ଡଳୀକୁ ଏକ ନୂତନ ଅଧ୍ୟାୟର ସଫଳ ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତ କରନ୍ତି । ଯୀଶୁ ତଥାପି ଲକ୍ଷସ୍ଥଳର କେନ୍ଦ୍ର, ଆତ୍ମା ତଥାପି ସଫଳ ମାଧ୍ୟମ ଏବଂ ପିତାଙ୍କ ପ୍ରେମ, କ୍ଷମା ଏବଂ ସମସ୍ତ ମାନବଗଣ, ଯେଉଁମାନେ ତାହାଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ସମସ୍ତଙ୍କର ପୁର୍ନରୁଦ୍ଧାର ହେଉଛି ଲକ୍ଷ୍ୟ !

**ଏନ ଏ ଏସ୍ ବି (ଆଧୁନିକିକରଣ) ଶାସ୍ତ୍ରାଂଶ ୮:୨୮-୩୦**

**[28]''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଙ୍କଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି ଏହା ଆମ୍ଭେମାନେ ଜାଣୁ । [29]କାରଣ ଯେଉଁମାନଙ୍କୁ ସେ ପୂର୍ବରୁ ଜାଣିଥିଲେ ସେମାନଙ୍କୁ ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ଅନୁରୂପ ହେବା ନିମନ୍ତେ ସେ ପୂର୍ବରୁ ନିରୂପଣ ମଧ୍ୟ କରିଥିଲେ, ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ ହୁଅନ୍ତି । [30]ଆଉ ଯେଉଁମାନଙ୍କୁ ସେ ପୂର୍ବରୁ ନିରୂପଣ କରିଥିଲେ ସେମାନଙ୍କୁ ସେ ମଧ୍ୟ ଆହ୍ୱାନ କଲେ, ପୁଣି ଯେଉଁମାନଙ୍କୁ ସେ ଆହ୍ୱାନ କଲେ, ସେମାନଙ୍କୁ ସେ ମଧ୍ୟ ଧାର୍ମିକ ବୋଲି ଗଣିଲେ, ଆଉ ଯେଉଁମାନଙ୍କୁ ସେ ଧାର୍ମିକ ବୋଲି ଗଣିଲେ ସେମାନଙ୍କୁ ସେ ମଧ୍ୟ ଗୌରବାନ୍ୱିତ କଲେ ।''**

୮:୨୮ **''ଆମ୍ଭେମାନେ ଜାଣୁ''** ଏକ କ୍ରିୟାପଦ (ଓଇଡ଼ା) ଏହି ପୂର୍ବାପର ଶାସ୍ତ୍ରାଂଶରେ ଚାରିଥର ଅଛି

୧. ଆମ୍ଭେମାନେ ଜାଣୁ (ବିଶ୍ୱାସୀମାନେ) ସମସ୍ତ ସୃଷ୍ଟି ଆର୍ତ୍ତନାଦ କରୁଅଛି । (୨୨ପଦ)
୨. ଆମ୍ଭେମାନେ (ବିଶ୍ୱାସୀମାନେ) ଜାଣୁ ନାହୁଁ, କଅଣ ପ୍ରାର୍ଥନା କରିବା ଉଚିତ । (୨୬ପଦ)
୩. ପିତା ଜାଣନ୍ତି ମାନବଗଣର ହୃଦୟ ଓ ଆତ୍ମାଙ୍କ ମନ (୨୭ପଦ)
୪. ଆମ୍ଭେମାନେ (ବିଶ୍ୱାସୀମାନେ) ଜାଣୁ ଯେ ସମସ୍ତ ବିଷୟ ମିଳି ମଙ୍ଗଳ ସାଧନ ହୁଏ (୨୮ପଦ)

▣

**ଏନ୍ ଏ ଏସ୍ ବି, ଟି ସି ଏନ୍ ଟି — ''ଈଶ୍ୱର ସମସ୍ତ ବିଷୟ ସାଧନ କରନ୍ତି''**
**ଏନ୍ କେ ଜେ ଭି, ଏନ୍ ଆର୍ ଏସ୍ ଭି**
**ଏନ୍ ଇ ଟି — ''ସମସ୍ତ ବିଷୟ''**
**ଟି ଇ ଭି, ଏନ୍ ଆଇ ଭି — ''ସମସ୍ତ ବିଷୟରେ ଈଶ୍ୱର କାର୍ଯ୍ୟ କରନ୍ତି''**

ଶାସ୍ତ୍ରାଂଶରୁ ପ୍ରଶ୍ନ ହେଉଛି, ଏହି ପଦରେ କେତେଥର ''ଥିଓସ'' (ବା ''ଥିଓନ୍'') ଶବ୍ଦ ଦେଖାଦେଇଛି ?
''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି'' ଏହି ଖଣ୍ଡବାକ୍ୟ ସହିତ ସମ୍ପୃକ୍ତ କୌଣସି ପାଣ୍ଡୁଲିପି ଭିନ୍ନ ବିଷୟ କହେ ନାହିଁ । ମାତ୍ର ''ସମସ୍ତ ବିଷୟରେ ସେମାନଙ୍କ ମଙ୍ଗଳସାଧନ କରନ୍ତି'' ଖଣ୍ଡବାକ୍ୟ ସହିତ ସମ୍ପୃକ୍ତ ପାଣ୍ଡୁଲିପି ବିଭିନ୍ନ କଥା କହେ ।

୧. କେତେକ ପାଣ୍ଡୁଲିପି ''ହୋ ଥିଓସ'' ଯୋଗ କରନ୍ତି କ୍ରିୟାପଦ ପରେ, ପି୪୬, ଏ.ବି.୮୧ ଏବଂ କେତେକ କପ୍ଟିକ ଓ ଏଥିଓପିଓ ବାଇବଲ ଗୁଡ଼ିକରେ ।
୨. ଅଧିକାଂଶ ପାଣ୍ଡୁଲିପିମାନ ଏହା ପରିତ୍ୟାଗ କରିଛନ୍ତି, ଏନ୍,ସି,ଡି,ଏଫ୍, ଜି ଏବଂ ଭଲଗେଟ (ଲାଟିନ ବାଇବଲ), ପେଶିଟା, ଆଲମିନିୟ ବାଇବଲ । ୟୁବିଏସ୍୪ ଏହାର ପରିତ୍ୟାଗର ମୂଲ୍ୟାୟନ ''ବି'' ଗ୍ରେଡ୍ ଦିଏ । (ପ୍ରାୟନିଶ୍ଚିତ)

ଏନ୍ ଏ ଏସ୍ ବି ଏହା ଅନ୍ତର୍ଗତ କରେ, ସ୍ୱର୍ଗୀୟ କାର୍ଯ୍ୟକଳାପର ବିଷୟକୁ ଗୁରୁତ୍ୱ ଦେବା ସକାଶେ । ଶାସ୍ତ୍ରରୁ ଏହା ସମ୍ଭବ ବୋଲି ଜଣାଯାଏ ଯେ, ଆତ୍ମାଙ୍କ ପ୍ରତିନିଧିତ୍ୱ ଉଦ୍ଦୀଷ୍ଟ (୨୭ ପଦ, ଏନ୍ଇଜି, ଆରଇବି)

▣ **''ମଙ୍ଗଳ ସାଧନ ନିମନ୍ତେ ଏକତ୍ର କାର୍ଯ୍ୟ କରେ''** ଏହା ବର୍ତ୍ତମାନ ସକ୍ରୀୟ ସୂଚନା ଅଟେ । ଏହା ଆଉ ମିଶ୍ରଣ ''ସାଇନ୍'' ସହିତ (୨୬ପଦ) ସେଥିପାଇଁ ଏହା ଆକ୍ଷରିକ ଭାବେ ବୁଝାଏ ''ସମସ୍ତ ବିଷୟ ମଙ୍ଗଳ ନିମନ୍ତେ ପରସ୍ପର ସହିତ ସହଯୋଗରେ କାର୍ଯ୍ୟ କରିବାରେ ଲାଗି ରହନ୍ତି ।'' ଏକ ମନ୍ଦ ଓ ଦୁଃଖମୟ ଜଗତରେ ଏହା ଏକ କଷ୍ଟକର ବିଶ୍ୱାସ (ଏହି ପ୍ରସଙ୍ଗ ଉପରେ ଦୁଇଟି ସାହାଯ୍ୟକାରୀ ପୁସ୍ତକ ହେଉଛି ''ଈଶ୍ୱରଙ୍କ ଉତ୍ତମତା'', ୱେନ୍ହାମ ଓ ହାନ୍ନା ହ୍ୱିଟହଲଙ୍କ ଦ୍ୱାରା ଲିଖିତ, ''ଏକ ସୁଖୀ ଜୀବନର ଖ୍ରୀଷ୍ଟିୟ ଗୁପ୍ତ ରହସ୍ୟ) । ''ଉତ୍ତମ'' ଶବ୍ଦ ଏଠାରେ ୨୯ ପଦରେ ବୁଝାଇ

ଦିଆଯାଇଛି ''ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତୀର ଅନୁରୂପ ହେବା ନିମନ୍ତେ ।'' ଖ୍ରୀଷ୍ଟଙ୍କ ସଦୃଶ, ସମୃଦ୍ଧି, ଖ୍ୟାତି ବା ସ୍ୱାସ୍ଥ୍ୟ ନୁହେଁ, ଏହା ପ୍ରତ୍ୟେକ ବିଶ୍ୱାସୀ ପାଇଁ ଈଶ୍ୱରଙ୍କ ପରିବର୍ତ୍ତନହୀନ ଯୋଜନା ।

▣ **''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଙ୍କଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି''** ଏଗୁଡ଼ିକ ଦୁଇଟି ବର୍ତ୍ତମାନ ସକ୍ରିୟ କର୍ମବାଚ୍ୟମାନ । ଏଗୁଡ଼ିକ ଦୁଇଟି ଅବସ୍ଥା, ଯାହା ବିଶ୍ୱାସୀକୁ ଯେ କୌଣସି ପରିସ୍ଥିତି ହେଉନା କାହିଁକି ଏକ ଅନୁକୂଳ ଆଲୋକରେ ଜୀବନକୁ ଦର୍ଶନ କରିବାକୁ ଅନୁମତି ଦେବାରେ ଲାଗି ରହେ (୧୫ପଦ) । ପୁନର୍ବାର ଲକ୍ଷ୍ୟ କର ମାନବ ସ୍ୱାଧିନତା (''ପ୍ରେମ'') ଏବଂ ଈଶ୍ୱରଙ୍କ ସର୍ବଭୌମତାର (ଆହୂତ) ଯମଜ (ଯୋଡ଼ା) ପ୍ରତିଜ୍ଞାବଦ୍ଧ ବିଷୟ ।

''ଉଦ୍ଦେଶ୍ୟ'' ଶବ୍ଦ, ଈଶ୍ୱରଙ୍କ ଅନନ୍ତକାଳୀନ ଯୋଜନା ସହିତ ସଂଯୁକ୍ତ ହୋଇ ରୋମୀ ୯:୧୧, ଏଫିସୀ ୧:୧୧, ୩:୧୧ ଏବଂ ୨ ତୀମଥି ୧:୯ରେ ଦେଖାଯାଏ । ପତିତ ମାନବ ଜାତି ପାଇଁ ଈଶ୍ୱରଙ୍କର ଏକ ଅନନ୍ତକାଳୀନ ମୁକ୍ତି ଯୋଜନା ଅଛି । ବିଶେଷ ପ୍ରସଙ୍ଗ ଦେଖ : ୧:୫ରେ ବବଙ୍କ ପ୍ରଚାର ସମ୍ବନ୍ଧୀୟ ତଥ୍ୟସମୂହ ।

**୮:୨୯-୩୦** କ୍ରିୟାପଦଗୁଡ଼ିକ ଏହି ପଦଗୁଡ଼ିକରେ ଆଓରିଷ୍ଟ ସକ୍ରିୟ ସୂଚନା ଅଟେ । ସେମାନେ ସମୟ ପୂର୍ବରୁ ସମୟର ଶେଷ ପର୍ଯ୍ୟନ୍ତ ଏକ ଜଞ୍ଜିର ତିଆରି କରନ୍ତି । ଈଶ୍ୱର ଆମ୍ଭମାନଙ୍କୁ ଜାଣନ୍ତି ଓ ଏବେ ସୁଦ୍ଧା ଆମର ସପକ୍ଷ ଏବଂ ଆମ୍ଭେମାନେ ତାହାଙ୍କ ସହିତ ରହୁ ବୋଲି ସେ ଚାହାଁନ୍ତି । ଏହା ଏକ ସାମୂହିକ ବିଷୟ ବ୍ୟକ୍ତିଗତ ବିଷୟ ନୁହେଁ । ଅନ୍ତିମ ଗୌରବାନ୍ୱିତ ହେବା କାର୍ଯ୍ୟ ତଥାପି ଭବିଷ୍ୟତ୍‌ରେ ଅଛି, ମାତ୍ର ଏହିଠାରେ ଏହା ଏକ ସାଧିତ ହୋଇ ସାରିଥିବା ଘଟଣା ରୂପେ ପ୍ରକାଶ କରାଯାଇଅଛି ।

**୮:୨୯ ''ପୂର୍ବରୁ ଜାଣିଥିଲେ''** ପାଉଲ ଏଠାରେ ଏହି ଶବ୍ଦ ଦୁଇଥର ବ୍ୟବହାର କଲେ ଏବଂ ୧୧:୨ ପଦରେ । ୧୧:୨ ପଦରେ ଏହା ଇସ୍ରାଏଲ ପାଇଁ ସମୟ ପୂର୍ବରୁ ଈଶ୍ୱରଙ୍କ ପ୍ରତିଜ୍ଞାତ ପ୍ରେମକୁ ବୁଝାଯାଉଛି । ସ୍ମରଣ ରଖ ଯେ ''ଜାଣିବା'' ଶବ୍ଦ ହିବ୍ରୁ ଭାଷାରେ ଘନିଷ୍ଠ, ଅନ୍ତରଙ୍ଗ ବ୍ୟକ୍ତିଗତ ସମ୍ପର୍କ ସହିତ ସମ୍ପୃକ୍ତ, କୌଣସି ବ୍ୟକ୍ତି ବିଷୟରେ ଘଟଣାକୁ ବୁଝାଏ ନାହିଁ (ଆଦି ୪:୧, ଯିରିମିୟ ୧:୫) । ଏଠାରେ ଏହା ଏକ ଘଟଣାମାନର ଜଞ୍ଜିରରେ ଅନ୍ତର୍ଗତ ଅଟେ (୨୯-୩୦ ପଦମାନ) । ଏହି ଶବ୍ଦ ପୂର୍ବ ନିରୂପିତ ଭବିଷ୍ୟତ୍ ସହିତ ସଂଯୁକ୍ତ । ଯାହାବି ହେଉ, ଏହା ପ୍ରକାଶିତ ହେବା ଉଚିତ ଯେ, ଈଶ୍ୱରଙ୍କ ଭବିଷ୍ୟତ ଜ୍ଞାନ, ନିର୍ବାଚନର ମୂଳଦୁଆ ନୁହେଁ କାରଣ ଏହା ଯଦି ସେପରି ହୋଇଥାଆନ୍ତା, ତେବେ ନିର୍ବାଚନ, ପତିତ ମାନବ ଜାତିର ଭବିଷ୍ୟତ୍ ପ୍ରତ୍ୟୁତ୍ତର ଉପରେ ନିର୍ଭର କରିଥାଆନ୍ତା, ଯାହା ମାନବୀୟ କାର୍ଯ୍ୟସାଧନ ହୋଇଥାଆନ୍ତା । ଏହି ଶବ୍ଦ ପ୍ରେରିତ ୨୬:୫, ୧ ପିତର ୧:୨,୨୦ ଓ ୨ ପିତର ୩:୧୭ ରେ ମଧ୍ୟ ଅଛି ।

▣ **''ପୂର୍ବ ନିରୂପିତ''** ଏହି ଶବ୍ଦ ମାନ ''ପୂର୍ବରୁ ଜାଣିବା'' (ପ୍ରୋଗିନୋସ୍କୋ) ବା ''ପୂର୍ବ ନିରୂପିତ'' (ପ୍ରୁରୁ ରିଜୋ) ଉଭୟ ଅବ୍ୟୟପଦ ''ପୂର୍ବେ'' (ପ୍ରୋ) ସହିତ ମିଶ୍ରିତ ହୋଇଅଛି ବା ଘୋଡ଼ାଯାଇଛି ଏବଂ ସେଥିପାଇଁ ଅନୁବାଦ ହେବା ଉଚିତ ''ପୂର୍ବରୁ ଜାଣିବା'' ''ପୂର୍ବରୁ ସୀମା ପ୍ରସ୍ତୁତ କରିବା, ବା ପୂର୍ବରୁ ଚିହ୍ନ ଦେବା'' (ଗାରଟାଣିବା) ।

''ପୂର୍ବ ନିରୂପଣ'' ଉପରେ ନିର୍ଦ୍ଦିଷ୍ଟ ଶାସ୍ତ୍ରାଂଶଗୁଡ଼ିକ ନୂତନ ନିୟମରେ, ରୋମୀ. ୮:୨୮-୩୦, ଏଫିସୀ ୧:୩-୧୪ ଓ ରୋମୀ. ୯ରେ ଅଛି । ଏହି ଶାସ୍ତ୍ରାଂଶସମୂହ ସ୍ପଷ୍ଟ ରୂପେ ଚାପ ପକାଏ ଯେ, ଈଶ୍ୱର ସର୍ବଭୌମ ଅଟନ୍ତି । ସେ ସମସ୍ତ ବିଷୟର ସମସ୍ତ ଅଧିକାରରେ ଅଛନ୍ତି, ମାନବ ଇତିହାସ ଏଥିରେ ଅନ୍ତର୍ଗତ । ଏକ ପୂର୍ବ ପ୍ରସ୍ତୁତ ସ୍ୱର୍ଗୀୟ ମୁକ୍ତି ଯୋଜନା ଅଛି, ଯାହା ନିରୂପିତ ସମୟରେ କାର୍ଯ୍ୟକାରୀ ହୋଇଆସୁଅଛି । ଯାହାବି ହେଉ, ଏହି ଯୋଜନା ସ୍ୱେଚ୍ଛାଚାର ବା ମନୋନୀତ ବିଷୟ ନୁହେଁ । ଏହା କେବଳ ଈଶ୍ୱରଙ୍କ ସାର୍ବଭୌମତ୍ୱ ଓ ପୂର୍ବଜ୍ଞାନ ଉପରେ ନିର୍ଭର କରେ ନାହିଁ, ମାତ୍ର ତାହାଙ୍କ ଅପରିବର୍ତ୍ତନୀୟ ପ୍ରେମ, ଦୟା ଓ ଅପ୍ରାପ୍ୟ ଅନୁଗ୍ରହର ଚରିତ୍ର ଉପରେ ନିର୍ଭର କରେ ।

ଆମ୍ଭେମାନେ ଆମର ପାଶ୍ଚାତ୍ୟ (ଆମେରିକୀୟ) ବ୍ୟକ୍ତିବାଦ ବା ଆମର ଏହି ଚମତ୍କାର ସତ୍ୟକୁ ରଙ୍ଗିନ୍ କରିବାରେ ସୁସମାଚାର ପ୍ରଚାର ସମ୍ବନ୍ଧୀୟ ଉଦ୍‌ଯୋଗ ବିଷୟରେ ଯତ୍ନଶୀଳ ବା ସାବଧାନ ହେବା ଉଚିତ । ଆମ୍ଭେମାନେ ମଧ୍ୟ ଐତିହାସିକ, ପରମାର୍ଥିକ ବିବାଦମାନ, ଅଗଷ୍ଟିନ୍ ବନାମ୍ ପେଲେଗିଅସ୍ ବା କାଲଭିନ୍ ମତବାଦ ବନାମ୍ ଆରମିନିଅସ୍ ମତବାଦ ମଧ୍ୟରେ ବିବାଦ ମଧ୍ୟକୁ ପଶି ଦଳମାନଙ୍କରେ ବିଭକ୍ତ ହେବା ବିରୁଦ୍ଧରେ ସଜାଗ ରହିବା ଉଚିତ୍ ।

ପୂର୍ବ ନିରୂପଣ, ଈଶ୍ୱରଙ୍କ ପ୍ରେମ, ଅନୁଗ୍ରହ ଓ ଦୟାକୁ ସୀମିତ କରିବାକୁ କିଅବା କେତେକ ବିଷୟ ନୂତନ ନିୟମରୁ ବାଦ୍ ଦେବାକୁ ଏକ ଧର୍ମତତ୍ତ୍ୱ ନୁହେଁ । ଏହା ବିଶ୍ୱାସୀମାନଙ୍କ ଜଗତ ପ୍ରତି ମନଭାବକୁ ଉପଯୁକ୍ତ ପଥରେ ନେଇ ସେମାନଙ୍କୁ ଶକ୍ତିଯୁକ୍ତ କରିବା ପାଇଁ ଉଦ୍ଦୀଷ୍ଟ । ଈଶ୍ୱର ସମୁଦାୟ ମାନବ ଜାତି ପାଇଁ ଈଶ୍ୱର ଅଟନ୍ତି (ଯୋହନ ୩:୧୬, ୧ ତୀମଥି ୨:୪, ୨ ପିତର ୩:୯) । ସମସ୍ତ ବିଷୟ ଈଶ୍ୱରଙ୍କ ଅଧୀନସ୍ଥ ଅଟେ । କିଏ ବା କଅଣ ଆମ୍ଭମାନଙ୍କୁ ତାହାଙ୍କଠାରୁ ବିଚ୍ଛିନ୍ନ କରିପାରିବ ? ରୋମୀ. ୮:୩୧-୩୯ ? ପୂର୍ବନିରୂପଣ, ଜୀବନ ଦୃଶ୍ୟ ଦେଖିବା ପାଇଁ ଦୁଇଟି ପଥ ମଧ୍ୟରୁ ଗୋଟିଏ ପଥ ପ୍ରସ୍ତୁତ କରେ । ଈଶ୍ୱର ସମସ୍ତ ଇତିହାସକୁ ବର୍ତ୍ତମାନ ପରି ଓ ମନୁଷ୍ୟଗଣ ସମୟସୀମାରେ ଆବଦ୍ଧ ବା ବନ୍ଧନଗ୍ରସ୍ତ ରୂପେ ଦେଖନ୍ତି । ଆମର ଦୃଷ୍ଟିଭଙ୍ଗୀ ଓ ମାନସିକ ସକ୍ଷମତା ସୀମାବଦ୍ଧ । ଈଶ୍ୱରଙ୍କ ସର୍ବଭୌମତା ଓ ମାନବଜାତିର ସ୍ୱାଧୀନଇଚ୍ଛା ମଧ୍ୟରେ କୌଣସି ବିପରୀତ ବିଷୟ ନାହିଁ (ବିରୋଧତା) । ଏହା ଏକ ଚୁକ୍ତିବଦ୍ଧ ଆକୃତି । ବିପରୀତ ସତ୍ୟତା ବିଷୟକ ବୋଝଗ୍ରସ୍ତ ଚିନ୍ତାରେ ଦିଆଯାଇଥିବା ବାଇବଲର ସତ୍ୟତାର ଏହା ଆଉ ଏକ ଉଦାହରଣ । ବିଶେଷ ପ୍ରସଙ୍ଗ ଦେଖ : ୩:୨୭ରେ ପୂର୍ବଦେଶୀୟ ସାହିତ୍ୟ । ବିଭିନ୍ନ ଦୃଷ୍ଟିକୋଣରୁ ବାଇବଲ ମୂଳତତ୍ତ୍ୱ ସମୂହ ସାଧାରଣଭାବେ ଉପସ୍ଥାପିତ ହୁଏ । ଅନେକ ସମୟରେ ସେଗୁଡ଼ିକ ବିରୋଧାତ୍ମକ ରୂପେ ଦେଖାଦିଏ । ସତ୍ୟ ହେଉଛି ଦୁଇ ବିପରୀତ ଦେଖାଯାଉଥିବା ବିଷୟ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା । ସତ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ସତ୍ୟ ତୋଳି ନେବା ଦ୍ୱାରା ଆମ୍ଭେମାନେ ଚିନ୍ତାମୁକ୍ତ ହେବା ଉଚିତ ନୁହେଁ । ଆମ୍ଭେମାନେ କୌଣସି ବାଇବଲ ସମ୍ପର୍କୀୟ ସତ୍ୟ ନିର୍ଦ୍ଦିଷ୍ଟ ପୂର୍ବାପରି ସମ୍ବନ୍ଧ ନ ଦେଖି ପାରମାର୍ଥିକ ରୀତି ମଧ୍ୟକୁ ତାହାକୁ ଏକାକୀ ବା ପୃଥକ୍‌ଭାବେ ଆଣିବା ଅନୁଚିତ୍ । ଏହା ମଧ୍ୟ ଯୋଗ କରିବା ଗୁରୁତ୍ୱପୂର୍ଣ୍ଣ ଯେ, ନିର୍ବାଚନର ଲକ୍ଷ୍ୟ କେବଳ ସ୍ୱର୍ଗ ନୁହେଁ, ଯେତେବେଳେ ଆମେ ମୃତ୍ୟୁଭୋଗ କରୁ, ମାତ୍ର ବର୍ତ୍ତମାନ ଖ୍ରୀଷ୍ଟଙ୍କ ସଦୃଶ ହେବା (ଏଫିସୀ ୧:୪, ୨:୧୦)! ଆମ୍ଭେମାନେ ''ପବିତ୍ର ଓ ଦୋଷଶୂନ୍ୟ'' ହେବାକୁ ମନୋନୀତ ହୋଇଥିଲୁ । ଈଶ୍ୱର ଆମ୍ଭମାନଙ୍କୁ ପରିବର୍ତ୍ତନ

କରିବାକୁ ଚାହାନ୍ତି ଯେପରି ଅନ୍ୟମାନେ ପରିବର୍ତ୍ତନ ଦେଖିବେ ଓ ତାହାଙ୍କୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ପ୍ରତ୍ୟୁତ୍ତର ଦେବେ । ପୂର୍ବ ନିରୂପଣ ଭବିଷ୍ୟତ୍ ଏକ ବ୍ୟକ୍ତିଗତ ସୁଯୋଗ ନୁହେଁ, ମାତ୍ର ଏକ ପ୍ରତିଜ୍ଞାତ ଦାୟିତ୍ୱ ।

□ **''ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତୀର ଅନୁରୂପ ହେବା ନିମନ୍ତେ''** ଏହି ପାରାଗ୍ରାଫ୍‌ର ଏହା ହେଉଛି ଏକ ମୁଖ୍ୟ ସତ୍ୟ । ଏହା ଖ୍ରୀଷ୍ଟଧର୍ମ ଲକ୍ଷ୍ୟସ୍ଥଳ (୮:୯ ପଦ, ୨ କରନ୍ଥୀ ୩:୮,୧୧, ଗାଲାତୀ ୪:୧୯, ଏଫିସୀ ୧:୪, ୨:୧୦, ୪:୧୩, ୧ ଥେସଲନୀକୀ ୩:୧୩, ୪:୩, ୧ ପିତର ୧:୧୫) । ପବିତ୍ରତା ହେଉଛି ପ୍ରତ୍ୟେକ ବିଶ୍ୱାସୀ ପାଇଁ ଈଶ୍ୱରଙ୍କ ଇଚ୍ଛା । ଈଶ୍ୱରଙ୍କ ନିର୍ବାଚନ ହେଉଛି ଖ୍ରୀଷ୍ଟଙ୍କ ସଦୃଶ ହେବା (ଏଫିସୀ ୧:୪), ଏକ ବିଶେଷ ପଦ ନୁହେଁ । ସୃଷ୍ଟିରେ ମାନବଜାତିକୁ ଦିଆଯାଇଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତୀ (ଆଦି ୧:୨୬, ୫:୧,୩, ୯:୬) ପୁନରୁଦ୍ଧାର ହେବ (କଲସୀ ୩:୧୦) । ୮:୨୧ରେ ଟିପ୍ପଣୀ ଦେଖ ଏବଂ ବିଶେଷ ପ୍ରସଙ୍ଗ : ୧:୬ରେ ଆହୂତ ।

□ **''ଯେପରି ସେ ଅନେକ ଭ୍ରାତାଙ୍କ ମଧ୍ୟରେ ଅଗ୍ରଜ (ପ୍ରଥମଜାତ) ହୁଅନ୍ତି''** ଗୀତ ୮୯:୨୭ରେ ''ପ୍ରଥମ ଜାତ'' ହେଉଛି ମଶୀହଙ୍କ ପାଇଁ ଉପନାମ । ପୁରାତନ ନିୟମରେ ପ୍ରଥମ ଜାତ ପୁତ୍ରର ଶ୍ରେଷ୍ଠତା ଓ ସୁଯୋଗ ଥିଲା । ଏହି ଶବ୍ଦ କଲସୀ ୧:୧୫ରେ ଯୀଶୁଙ୍କ ପ୍ରାଧାନ୍ୟତା ବା ଶ୍ରେଷ୍ଠତା ସୃଷ୍ଟିରେ ଦର୍ଶାଇବାକୁ ଏବଂ କଲସୀ ୧:୮ ଓ ପ୍ରକାଶିତ ୧:୫ରେ ପୁନରୁତ୍ଥାନରେ ଯୀଶୁଙ୍କ ପ୍ରାଧ୍ୟାତା ଦେଖାଇବାକୁ ବ୍ୟବହୃତ ହୋଇଅଛି । ଏହି ଶାସ୍ତ୍ରାଂଶରେ ବିଶ୍ୱାସୀମାନେ ତାହାଙ୍କ ମାଧ୍ୟମରେ ତାହାଙ୍କ ଶ୍ରେଷ୍ଠତ୍ୱ ବା ପ୍ରାଧାନ୍ୟତା ମଧ୍ୟକୁ ଅଣାଯାଇଅଛନ୍ତି !

ଏହି ଶବ୍ଦ ଯୀଶୁଙ୍କ ଦେହବନ୍ତ ହେବାକୁ ବୁଝାଏ ନାହିଁ । କିନ୍ତୁ ଏକ ନୂତନ ଗୋଷ୍ଠୀର ମସ୍ତକରୂପେ ତାହାଙ୍କୁ ଦର୍ଶାଏ (୫:୧୨-୨୧) । ଏକ ଦଳର ପ୍ରଥମ ବ୍ୟକ୍ତି, ଆମ୍ଭମାନଙ୍କ ବିଶ୍ୱାସର ପରୀକ୍ଷାରେ ପଥଦର୍ଶକ, ବିଶ୍ୱାସର ପରିବାର ମଧ୍ୟକୁ ପିତାଙ୍କ ଆଶୀର୍ବାଦର ମାଧ୍ୟମ । ନିମ୍ନରେ ଥିବା ବିଶେଷ ପ୍ରସଙ୍ଗ ଦେଖ ।

**ବିଶେଷ ପ୍ରସଙ୍ଗ : ପ୍ରଥମଜାତ**

ଏହି ଶବ୍ଦ ''ପ୍ରଥମଜାତ'' (ପ୍ରୋଟୋଟୋକସ୍) ବାଇବଲରେ ବିଭିନ୍ନ ସ୍ଥାନରେ ଅର୍ଥରେ ବ୍ୟବହୃତ ହୋଇଛି ।

୧. ଏହାର ପୁରାତନ ନିୟମ ପୃଷ୍ଠଭୂମି, ପରିବାରର ପ୍ରଥମଜାତ ପୁତ୍ର ସନ୍ତାନର ପ୍ରାଧାନ୍ୟକୁ ବୁଝାଏ (ଗୀତ ୮୯:୨୭, ଲୂକ ୨:୭, ରୋମୀ. ୮:୨୯, ଏବ୍ରୀ ୧୧:୨୮)
୨. କଲସୀ ୧:୧୫ରେ ଏହାର ବ୍ୟବହାର ପ୍ରକାଶ କରେ ଯୀଶୁ ଯେ ସୃଷ୍ଟିର ପ୍ରଥମ, ଯାହା ଏକ ସାମ୍ଭାବ୍ୟ ପୁରାତନ ନିୟମ ଉଲ୍ଲେଖ (ହିତୋପଦେଶ ୮:୨୨-୩୧) ବା ସୃଷ୍ଟିର ଈଶ୍ୱରଙ୍କ ପ୍ରତିନିଧି (ଯୋହନ ୧:୩, ୧ କରନ୍ଥୀ ୮:୬, କଲସୀ ୧:୧୫-୧୬, ଏବ୍ରୀ ୧:୨)
୩. ଏହାର ବ୍ୟବହାର କଲସୀ ୧:୧୮, ୧ କରନ୍ଥୀ ୧୫:୨୦ (ଏବଂ ଏଠାରେ)ରେ ଯୀଶୁ ମୃତ୍ୟୁରୁ ପ୍ରଥମ ଜାତ ବୋଲି କୁହାଯାଏ ।
୪. ଏହା ମଶୀହଙ୍କ ପାଇଁ ବ୍ୟବହୃତ ହୋଇଥିବା ପୁରାତନ ନିୟମ ଉପନାମ । (ଗୀତ ୮୯:୨୭, ଏବ୍ରୀ ୧:୬, ୧୨:୨୩) । ଏହା ଏକ ନାମ, ଯାହା ଯୀଶୁଙ୍କର ବିଭିନ୍ନ ପ୍ରକାରର ପ୍ରାଧାନ୍ୟତା ବା ଶ୍ରେଷ୍ଠତା ଏବଂ କେନ୍ଦ୍ରସ୍ଥ ବ୍ୟକ୍ତି ରୂପେ ସମସ୍ତ ଏକତ୍ର ଠୁଳ କରେ । ଏହି ଶାସ୍ତ୍ରାଂଶରେ # ୩ ବା # ୪ ସର୍ବୋତ୍ତମ ସ୍ଥାନ ପାଇଁ ଉପଯୁକ୍ତ ।

**୮:୩୦ ''ଗୌରବାନ୍ୱିତ''** ଈଶ୍ୱର ଅନକେ ସମୟରେ ବାଇବଲରେ ''ଗୌରବ'' ଶବ୍ଦ ଦ୍ୱାରା ବର୍ଣ୍ଣନା କରାଯାଇଅଛନ୍ତି । ଏହି ଶବ୍ଦ ଏକ ବାଣିଜ୍ୟିକ ମୂଳ ଥିବା ଶବ୍ଦରୁ ଆସିଅଛି ଯାହାର ଅର୍ଥ ''ଓଜନିଆ ବା ଭାରୀ'' ଓ ପ୍ରୟୋଗ ଦ୍ୱାରା, ଏହା ସ୍ୱର୍ଣ୍ଣ ପରି ମୂଲ୍ୟବାନ । ବିଶେଷ ପ୍ରସଙ୍ଗ ଦେଖ ୩:୨୩ରେ । ପାରମାର୍ଥିକଭାବେ ଈଶ୍ୱର, ୨୯-୩୦ ପଦରେ ତାଲିକାଭୁକ୍ତ ହୋଇଥିବା କେତେଗୁଡ଼ିଏ ପଦକ୍ଷେପ ନେଇ ପତିତ ମାନବ ଜାତିକୁ ଉଦ୍ଧାର କରୁଅଛନ୍ତି । ଶେଷ ପଦକ୍ଷେପ ହେଉଛି ''ଗୌରବାନ୍ୱିତ'' ହେବା । ତାହା ବିଶ୍ୱାସୀର ସଂପୂର୍ଣ୍ଣ ପରିତ୍ରାଣ ହେବ । ଏହା ପୁନରୁତ୍ଥାନ ଦିବସରେ ଘଟିବ ଯେତେବେଳେ ସେମାନଙ୍କ ନୂତନ ଆତ୍ମିକ ଶରୀର ସେମାନଙ୍କୁ ପ୍ରଦତ୍ତ ହେବ (୧ କରନ୍ଥୀ ୧୫:୫୦-୫୮) ଏବଂ ସେମାନେ ତ୍ରିବିଧ ଈଶ୍ୱର ଓ ପରସ୍ପର ସହିତ ଏକତାବଦ୍ଧ ସଂପୂର୍ଣ୍ଣ ରୂପେ ହେବେ (୧ ଥେସଲନୀକୀ ୪:୧୩-୧୮, ୧ ଯୋହନ ୩:୨) ।

୨୯-୩୦ ପଦରେ ଥରକୁ ଥର ପ୍ରକାଶ କରାଯାଇଥିବା ପ୍ରଣାଳୀ ପାରମାର୍ଥିକ ବିଭାଗରେ ରଖାଯାଇଅଛି ଏପ୍ରକାର :

୧. ଧାର୍ମିକ ଗଣନା, ୩୦ ପଦ - ପାପର ଜୋରିମାନାରୁ ମୁକ୍ତ ହେଲା (ପୁତ୍ରତ୍ୱ, ଉତ୍ତରକାରମାନ ୧୬-୧୭ ପଦ)
୨. ପବିତ୍ରୀକରଣ (ଯଥା : ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତୀକୁ ନିଶ୍ଚିତ ପରିବର୍ତ୍ତିତ ବା ଆକୃତିଯୁକ୍ତ) ୨୯ ପଦ - ପାପର ଶକ୍ତି ବା କ୍ଷମତାରୁ ମୁକ୍ତ ହେଲା (ଖ୍ରୀଷ୍ଟଙ୍କ ସାଦୃଶ୍ୟ ଜୀବନଯାପନ)
୩. ଗୌରବାନ୍ୱିତ ୩୦ ପଦ - ପାପର ଉପସ୍ଥିତିରୁ ସ୍ୱାଧୀନତା (ଯଥା : ସ୍ୱର୍ଗ)

ଏନ୍ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୩୧-୩୯

**ତେବେ ଏ ସମସ୍ତ ଦୃଷ୍ଟିରେ ଆମ୍ଭେମାନେ କଅଣ କହିବା ? ଯଦି ଈଶ୍ୱର ଆମ୍ଭମାନଙ୍କ ସପକ୍ଷ, ତେବେ ଆମ୍ଭମାନଙ୍କ ବିପକ୍ଷ କିଏ ? ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ୍ଭମାନଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ, ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ? ଈଶ୍ୱରଙ୍କ ମନୋନୀତ ଲୋକମାନଙ୍କ ବିରୁଦ୍ଧରେ କିଏ ଅଭିଯୋଗ କରିବ ? ଈଶ୍ୱର ତ ସେମାନଙ୍କୁ ଧାର୍ମିକ ବୋଲି ଗଣନା କରନ୍ତି । କିଏ ଦଣ୍ଡାଜ୍ଞା ଦେବ ? ସେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରୁଅଛନ୍ତି । ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ**

**ବିଚ୍ଛିନ୍ନ କରିବ ? କି କ୍ଳେଶ, କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ୍‌ଗ ? ଯେପରି ଲେଖାଅଛି, ତୁମ୍ଭ ନିମନ୍ତେ ଆମ୍ଭେମାନେ ସମସ୍ତ ଦିନ ନିହତ ହେଉଅଛୁ, ଆମ୍ଭେମାନେ ବଧଯୋଗ୍ୟ ମେଷପରି ଗଣିତ ହୋଇଅଛୁ । ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବୋତ୍ତଭାବେ ବିଜୟୀ ଅଟୁ । କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତ୍ତାପଣ, ବର୍ତ୍ତମାନ କି ଭବିଷ୍ୟଦ୍ କି ପରାକ୍ରମ, ଉଚ୍ଚସ୍ଥ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚୟ ଜାଣେ ।**

**୮:୩୧ ''ତେବେ ଏ ସମସ୍ତ ଦୃଷ୍ଟିରେ ଆମ୍ଭେମାନେ କଅଣ କହିବା ?''** ଏହା ପାଉଲଙ୍କ ଏକ ପ୍ରିୟ ଖଣ୍ଡ ବାକ୍ୟ ଯାହା ତାଙ୍କର ପ୍ରକାଶ କରିବାର ସମାଲୋଚନା ଢଙ୍ଗ ବା ଆକାର (୩:୫, :୧, ୬:୧, ୭:୭, ୯:୧୪-୩୦) । ଏହି ପ୍ରଶ୍ନ ପୂର୍ବେ ଦିଆଯାଇଥିବା ସତ୍ୟ ସହିତ ସଂପୃକ୍ତ । ଏହା ପଶ୍ଚାତ୍‌ଭାଗକୁ କେତେ ବୁଝାଉଛି ତାହା ଜାଣିବା ଅନିର୍ଦ୍ଦିଷ୍ଟ । ଏହା ୩:୨୧-୩୧ ବା ୮:୧ ବା ୮:୧୮କୁ ବୁଝାଇପାରେ । କାରଣ ୮:୧ରେ ''ସେଥିପାଇଁ ବ୍ୟବହାର କରାଯାଇଛି ଓ ୮:୧୮ ସମ୍ଭବତଃ ଏକ ଉତ୍ତମ ଅନୁମାନ ହୋଇପାରେ ।

▫ **''ଯଦି''** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ହେତୁ ସତ୍ୟ ବୋଲି ଅନୁମାନ କରାଯାଇଅଛି । ଚମତ୍କାର ବା ଆଶ୍ଚର୍ଯ୍ୟଜନକ ବିଷୟ, ଆମ୍ଭମାନଙ୍କର ପାପ ସହିତ ସମସ୍ତ ସଂଘର୍ଷ ମଧ୍ୟରେ, ଈଶ୍ୱର ଆମ୍ଭମାନଙ୍କ ସପକ୍ଷ ଅଟନ୍ତି !

▫ **''ଆମ୍ଭମାନଙ୍କର ବିପକ୍ଷ କିଏ''** ''କିଏ'' ସର୍ବନାମ ୩୩,୩୪,୩୫ରେ ପୁନରାବୃତ୍ତି କରାଯାଇଅଛି । ଏହା ଶୟତାନକୁ ବୁଝାଏ (ଯେ କି ୧୬:୨୦ ପର୍ଯ୍ୟନ୍ତ ନାମ ଧରି ପ୍ରକାଶିତ ହୋଇନାହିଁ) ଏହି ପରିଚ୍ଛେଦ (ପାରାଗ୍ରାଫ୍) ୩୧-୩୯ ଭବିଷ୍ୟତ୍‌ବକ୍ତାମାନଙ୍କ ସାହିତ୍ୟିକ ପ୍ରଣାଳୀ ବ୍ୟବହାର କରିଅଛି, ଏକ ମକଦ୍ଦମା ବିଚାରାଳୟ (ମଲାଖି ୧:୬) ଯାୟେ (ଯିହୋବା) ତାହାଙ୍କ ଲୋକମାନଙ୍କୁ ଆତ୍ମିକ ବ୍ୟଭିଚାର ଦୋଷ ହେତୁ ବିଚାରାଳୟକୁ ନିଅନ୍ତି । ଏହା ଏକ ପରୋକ୍ଷଭାବେ ସୂଚିତ ଯିଶାଇୟ ୫୦:୮-୯ରେ ।

ନ୍ୟାୟସଙ୍ଗତ ଶବ୍ଦମାନ ଲକ୍ଷ୍ୟ କର : ''ବିପକ୍ଷ'' ୩୧ ପଦ, ''ଏକ ଅଭିଯୋଗ'' ୩୩ ପଦ ''ଧାର୍ମିକ ବୋଲି ଗଣନା କରନ୍ତି'' ୩୩ ପଦ ''ଦଣ୍ଡାଜ୍ଞା ଦେବ'' ୩୪ ପଦ ଏବଂ ''ନିବେଦନ କରୁଅଛନ୍ତି'' ୩୪ ପଦ । ଈଶ୍ୱର ବିଚାରକର୍ତ୍ତା ଅଟନ୍ତି । ଖ୍ରୀଷ୍ଟ ପ୍ରତିରକ୍ଷା ଓକିଲ ଅଟନ୍ତି । ଶୟତାନ ତାଡ଼ନାକାରୀ ଆଇନଜ୍ଞ (କିନ୍ତୁ ସେ ନୀରବ) । ଦୂତଗଣ ବିଚାରାଳୟ ପୂର୍ଣ୍ଣ କରିଛନ୍ତି ଦର୍ଶକବୃନ୍ଦ ରୂପେ ।
(୧ କରନ୍ଥୀ ୪:୯, ଏଫିସୀ ୨:୭, ୩:୧୦)

**୮:୩୨ ''ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ''** ପିତା ଈଶ୍ୱର ପତିତ ମାନବଜାତିଙ୍କୁ ତାହାଙ୍କୁ ସର୍ବୋତ୍ତମ ବିଷୟ ପ୍ରଦାନ କରିଅଛନ୍ତି । ସେ ବର୍ତ୍ତମାନ ବିଶ୍ୱାସୀମାନଙ୍କୁ ପରିତ୍ୟାଗ କରିବେ ନାହିଁ କିଅବା କିଛି ଊଣା ପ୍ରଦାନ କରିବେ ନାହିଁ । (ଯୋହନ ୩:୧୬, ରୋମୀ. ୫:୮) ପୁରାତନ ନିୟମର ଏକ ପ୍ରତିହିଂସା ପରାୟଣ ଈଶ୍ୱର ଏବଂ ପ୍ରେମକାରୀ ଯୀଶୁଙ୍କର ବିଷୟରେ ଧାରଣା (ବିଶ୍ୱାସ) କିପରି ବା କେଡ଼େ ଲକ୍ଷ୍ୟହୀନ ! ଅବ୍ରହାମଙ୍କୁ ଈଶ୍ୱରଙ୍କ ମନ୍ତବ୍ୟରେ ଏହି ଚୂଡ଼ାନ୍ତ ଦାନ ପ୍ରତିଫଳିତ ହୋଇଅଛି ଆଦି ୨୨:୧୨ରେ । ଅବ୍ରହାମଙ୍କ ବଂଶ ପାଇଁ ପ୍ରତିବଦଳ ପ୍ରାୟଶ୍ଚିତ ବଳିର ମୂଳତତ୍ତ୍ୱକୁ ସପକ୍ଷ ଦେବା ସକାଶେ ଯିହୁଦୀ ଗୁରୁମାନେ ଏହି ପୁରାତନ ନିୟମ ଅଂଶଟି ବ୍ୟବହାର କରୁଥିଲେ ।

▫ **''ଆମ୍ଭ ସମସ୍ତଙ୍କ ପାଇଁ ତାହାଙ୍କୁ ସମର୍ପଣ କଲେ''** ''ସମସ୍ତ'' ଶବ୍ଦ ଶାସ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ । ଯୀଶୁ ଜଗତର ପାପସବୁ ପାଇଁ ମୃତ୍ୟୁଭୋଗ କଲେ (ଲୂକ ୨:୧୦-୧୧, ଯୋହନ ୩:୧୬, ୪:୪୨, ୧୧:୫୧, ୧ ତୀମଥି ୪:୧୦, ୧ ଯୋହନ ୨:୨, ୪:୧୪) । ଏହା ଆଦମ-ଖ୍ରୀଷ୍ଟଙ୍କ ତୁଳନା (ପ୍ରତିରୂପ ଅଧ୍ୟୟନ), ୫:୧୨-୨୧ ପଦ ସମୂହର ପ୍ରତିଫଳିତ କରେ । ଯୀଶୁଙ୍କ ମୃତ୍ୟୁ ପାପ ସମସ୍ୟା ସମାଧାନ କଲା । ବର୍ତ୍ତମାନ ଏହା ''ବିଶ୍ୱାସ କର ଓ ଗ୍ରହଣ କର'' ସମସ୍ୟା ଅଟେ ।

▫ **''ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ କରିବେ''** କ୍ରିୟାପଦଟି ଗ୍ରୀକ୍ ମୂଳ ଅନୁଗ୍ରହ ପାଇଁ ଦିଆଯାଇଛି । ''ସମସ୍ତ ବିଷୟ'' ୧୭ ପଦକୁ ବୁଝାଏ । ୩:୨୪ରେ ଟିପ୍ପଣୀ ଦେଖ ।

**୮:୩୩-୩୪ ''ଅଭିଯୋଗ''... ଧାର୍ମିକ ଗଣନା କରନ୍ତି... ଦଣ୍ଡାଜ୍ଞା ଦେବ... ନିବେଦନ କରନ୍ତି''** ଏହି ସମସ୍ତ ନ୍ୟାୟାଳୟର ଭାଷା । ୩୧-୩୯ ପଦ ଏକ ବିଚାରାଳୟର ଦୃଶ୍ୟ ସ୍ୱର୍ଗରେ । ଏହା ଯିଶାଇୟ ୫୦:୮-୯ରୁ ପରୋକ୍ଷ ସୂଚନା ହୋଇପାରେ ।

**୮:୩୩ ''ଈଶ୍ୱରଙ୍କ ମନୋନୀତ''** ସମସ୍ତ ମାନବଙ୍କ ପାଇଁ ଯୀଶୁ, ଈଶ୍ୱରଙ୍କ ନିର୍ବାଚିତ ମାନବ । ନୂତନ ନିୟମରେ ଏହି ସତ୍ୟ ଉପରେ ସ୍ପଷ୍ଟତମ, ସଂପୂର୍ଣ୍ଣତମ ଶାସ୍ତ୍ରାଂଶ ହେଉଛି ଏଫିସୀ ୧:୩-୪ ଏବଂ ରୋମୀ. ୯:୧୪-୨୬ । ସମସ୍ତ ମାନବ ଜାତିଙ୍କୁ ମନୋନୀତ କରିବା ପାଇଁ ପିତା, ଯୀଶୁଙ୍କୁ ମନୋନୀତ କଲେ । ପତିତ ମାନବ ଜାତିଙ୍କର ନୁହେଁ । ପ୍ରତି, ଯୀଶୁ, ଈଶ୍ୱରଙ୍କର ''ହଁ'' ଅଟନ୍ତି ।

**ବିଶେଷ ପ୍ରସଙ୍ଗ : ନିର୍ବାଚନ/ପୂର୍ବ ନିରୂପିତ ଭବିଷ୍ୟଦ୍ ଏବଂ ଏକ ପାରମାର୍ଥିକ ଭାରସାମ୍ୟର ଆବଶ୍ୟକତା ନିର୍ବାଚନ ଏକ ଚମତ୍କାର ମୂଳତତ୍ତ୍ୱ ।**

ଯାହାବି ହେଉ, ଏହା ଏକ ପ୍ରିୟ ଲୋକ ପ୍ରତି ସପକ୍ଷତା ମତବାଦକୁ ଆହ୍ୱାନ କରିବା ନୁହେଁ, ମାତ୍ର ଅନ୍ୟମାନଙ୍କୁ ମୁକ୍ତିର ଏକ ମାଧ୍ୟମ, ଏକ ଅସ୍ତ୍ର ଓ ଏକ ସୂତ୍ର ହେବାକୁ ଆହ୍ୱାନ! ପୁରାତନ ନିୟମରେ ଏହି ଶବ୍ଦ ମାନ ବିଶେଷତଃ ସେବାକାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲା, ନୂତନ ନିୟମରେ ଏହା ବିଶେଷତଃ ପରିତ୍ରାଣ ପାଇଁ ବ୍ୟବହୃତ ହେଉଅଛି ଯାହା ସେବା ଉତ୍ପନ୍ନ କରେ । ବାଇବଲ କେବେହେଲେ ଈଶ୍ୱରଙ୍କ ସର୍ବଭୌମତା ଓ ମାନବ ଜାତିର ସ୍ୱାଧୀନ ଇଚ୍ଛା ମଧ୍ୟରେ ଥିବା ବିରୋଧ ପରି ଦେଖାଯାଉଥିବା ବିଷୟକୁ ସାଲିସ୍ କରେ ନାହିଁ, ମାତ୍ର ଉଭୟକୁ ଦୃଢ଼ୀଭୂତ କରେ! ବାଇବଲର ସମସ୍ୟାପୂର୍ଣ୍ଣ ଚିନ୍ତା ଈଶ୍ୱରଙ୍କ ସାର୍ବଭୌମତ୍ୱ ଉପରେ ରୋମୀ ୯ ଅଧ୍ୟାୟ ଏକ ଉତ୍ତମ ଉଦାହରଣ ହେବ ଏବଂ ରୋମୀ ୧୦ ମାନବ ଜାତିର ଆବଶ୍ୟକୀୟ ପ୍ରତ୍ୟୁତ୍ତର ଉପରେ ଉତ୍ତମ ଉଦାହରଣ ହେବ ।

ଏହି ପାରମାର୍ଥିକ ସମସ୍ୟାପୂର୍ଣ୍ଣ ଚିନ୍ତା (ମୁଣ୍ଡବ୍ୟଥା) ଏଫିସୀ ୧:୪ରେ ମିଳିପାରେ । ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ନିର୍ବାଚିତ ମାନବ ଏବଂ ଅନ୍ୟ ସମସ୍ତେ ତାହାଙ୍କଠାରେ ଅର୍ନ୍ତନିହିତଭାବେ ନିର୍ବାଚିତ (କାର୍ଲବାର୍ଥ) । ଯୀଶୁ, ପତିତ ମାନବ ଜାତିର ଆବଶ୍ୟକତା ପ୍ରତି ଈଶ୍ୱରଙ୍କର ''ହଁ'' (କାର୍ଲବାର୍ଥ) । ଏଫିସୀ ୧:୪ ମଧ୍ୟ, ପୂର୍ବନିରୂପିତ ଭବିଷ୍ୟଦ୍‌ର ଲକ୍ଷ୍ୟସ୍ଥଳ ଯେ ସ୍ୱର୍ଗ ନୁହେଁ, ମାତ୍ର ପବିତ୍ରତା (ଖ୍ରୀଷ୍ଟ ସାଦୃଶ୍ୟ) ତାହା ପ୍ରକାଶ କରିବା ଦ୍ୱାରା ଏହି ବିଷୟ ସ୍ପଷ୍ଟତର କରିବାକୁ ସାହାଯ୍ୟ କରେ । ଆମ୍ଭେମାନେ ଅନେକ ସମୟରେ ସୁସମାଚାରର ଉପକାରିତାଗୁଡ଼ିକ ପ୍ରତି ଆକର୍ଷିତ ହୋଇଥାଉ ଏବଂ ଦାୟିତ୍ୱଗୁଡ଼ିକୁ ଉପେକ୍ଷା କରିଥାଉ! ଈଶ୍ୱରଙ୍କ ଆହ୍ୱାନ (ନିର୍ବାଚନ) ସମୟ ନିମନ୍ତେ ଆହୁରି ମଧ୍ୟ ଅନନ୍ତକାଳୀନ ଅଟେ!

ମୂଳତତ୍ତ୍ୱ ଅନ୍ୟ ସତ୍ୟଗୁଡ଼ିକ ସହିତ ସଂପୃକ୍ତ ହୋଇ ଆସେ । ଏକାକୀ ନୁହେଁ, ଅସଂପୃକ୍ତ ସତ୍ୟଗୁଡ଼ିକ ନୁହେଁ । ଏକ ଉତ୍ତମ ଦୃଷ୍ଟାନ୍ତ (ସାଦୃଶ୍ୟ) ହେବ, ନକ୍ଷତ୍ରପୁଞ୍ଜ (ନକ୍ଷତ୍ର ମଣ୍ଡଳ) ବନାମ ଏକ ତାରକା । ଈଶ୍ୱର ସତ୍ୟ ପ୍ରକାଶ କରନ୍ତି ପୂର୍ବ ଦେଶୀୟ ଶୈଳୀରେ, ପାଶ୍ଚାତ୍ୟ ଶୈଳୀରେ ନୁହେଁ । ଆମ୍ଭେମାନେ ପରସ୍ପର ବିରୋଧି ମତ ଥିବା ମୂଳତତ୍ତ୍ୱ ସମ୍ବନ୍ଧୀୟ ସତ୍ୟ ସମୂହ ଦ୍ୱାରା ମାନସିକ ଦ୍ୱନ୍ଦ ପୂର୍ଣ୍ଣ ଚିନ୍ତାକୁ ବାହାର କରିଦେବା ଉଚିତ୍ ନୁହେଁ!

୧. ପୂର୍ବ ନିରୂପିତ ଭବିଷ୍ୟଦ୍ ବନାମ୍ ମାନବିକ ସ୍ୱାଧୀନ ଇଚ୍ଛା
୨. ବିଶ୍ୱାସୀମାନଙ୍କ ପ୍ରତିରକ୍ଷା ବନାମ୍ ଧୈର୍ଯ୍ୟର ସହ ଅଧ୍ୟବସାୟର ଆବଶ୍ୟକତା
୩. ମୂଳ ପାପ ବନାମ୍ ସ୍ୱେଚ୍ଛାକୃତ ପାପ
୪. ପାପଶୂନ୍ୟତା (ସିଦ୍ଧତାବାଦ) ବନାମ୍ ଅଳ୍ପ ପାପ କରିବ
୫. ପ୍ରାରମ୍ଭିତ ତତ୍‌କ୍ଷଣାତ୍ ଧାର୍ମିକ ଗଣିତ ହେବା ଓ ପବିତ୍ରୀକୃତ ହେବା ବନାମ୍ ପବିତ୍ରୀକୃତ ହେବା ଅଗ୍ରଗତି କରିବା
୬. ଖ୍ରୀଷ୍ଟିୟାନ ସ୍ୱାଧୀନତା ବନାମ୍ ଖ୍ରୀଷ୍ଟିୟାନ ଦାୟିତ୍ୱ
୭. ଈଶ୍ୱରଙ୍କ ଅସୀମତା ବନାମ୍ ଈଶ୍ୱରଙ୍କ ସର୍ବବ୍ୟାପୀଗୁଣ
୮. ଈଶ୍ୱରଙ୍କୁ ଚୂଡ଼ାନ୍ତ ରୂପେ ଜ୍ଞାତ ହେବା ଅସମ୍ଭବ ବନାମ୍ ଈଶ୍ୱରଙ୍କୁ ଧର୍ମଶାସ୍ତ୍ରରେ ଜାଣିବା ସମ୍ଭବ
୯. ଈଶ୍ୱରଙ୍କ ରାଜ୍ୟ ଯେପରି ବର୍ତ୍ତମାନ ଉପସ୍ଥିତ ବନାମ୍ ଭବିଷ୍ୟଦ୍ ସଂପୂର୍ଣ୍ଣତା
୧୦. ମନପରିବର୍ତ୍ତନ ଈଶ୍ୱରଙ୍କ ଏକ ଦାନ ରୂପେ ବନାମ୍ ମନପରିବର୍ତ୍ତନ ଏକ ଆବଶ୍ୟକୀୟ ମାନବୀୟ ପ୍ରତିଜ୍ଞାତ ପ୍ରତ୍ୟୁତ୍ତର ରୂପେ
୧୧. ସ୍ୱର୍ଗୀୟ ରୂପେ ଯୀଶୁ ବନାମ୍ ମାନବ ରୂପେ ଯୀଶୁ
୧୨. ଯୀଶୁ, ପିତାଙ୍କ ସହିତ ସମାନ ଅଟନ୍ତି, ବନାମ୍ ଯୀଶୁଙ୍କ ଅଧୀନସ୍ଥ ଦାସ କରି ।

''ପ୍ରତିଜ୍ଞା ବା ଚୁକ୍ତି''ର ପାରମାର୍ଥିକ ବିଶ୍ୱାସ, ଈଶ୍ୱରଙ୍କ ସର୍ବଭୌମତା ସହିତ (ଯେ ସର୍ବଦା ପ୍ରଥମ କାର୍ଯ୍ୟ ହସ୍ତକୁ ନିଅନ୍ତି ଏବଂ ତାହାଙ୍କ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତି) ମାନବଗଣଠାରୁ ଏକ ବାଧ୍ୟତାମୂଳକ ଦସ୍ତଖତ ଏବଂ ମନପରିବର୍ତ୍ତନରେ ଲାଗି ରହିବା ଏବଂ ବିଶ୍ୱାସର ପ୍ରତ୍ୟୁତ୍ତର ଦେବା ବିଷୟକୁ ଏକତ୍ର କରେ । ବିରୋଧ ମତଗୁଡ଼ିକର ଏକ ପାର୍ଶ୍ୱର ଶାସ୍ତ୍ରାନୁମୋଦନ ପ୍ରମାଣ ଓ ଅନ୍ୟ ପାର୍ଶ୍ୱର ମୂଲ୍ୟ ହ୍ରାସ କରିବାରେ ଯତ୍ନଶୀଳଭାବେ କର ବା ସାବଧାନ ହୁଅ । ତୁମର ପ୍ରିୟ ମୂଳତତ୍ତ୍ୱ ବା ପାରମାର୍ଥିକ ରୀତିକୁ କେବଳ ସତ୍ୟ ସାବ୍ୟସ୍ତ କରିବାରେ ସାବଧାନ ହୁଅ ।

**୮:୩୪** ଏହି ପଦ, କାହିଁକି ଦଣ୍ଡାଜ୍ଞା ନାହିଁ, ତାହା ବିଭିନ୍ନ କାରଣ ତାଲିକା କରେ । (୧ ପଦ)

୧. ଖ୍ରୀଷ୍ଟ ଯୀଶୁ ମୃତ୍ୟୁଭୋଗ କଲେ
୨. ସେ ଉତ୍ଥାପିତ ହେଲେ
୩. ସେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଅଛନ୍ତି
୪. ସେ ଆମ୍ଭମାନଙ୍କ ପାଇଁ ନିବେଦନ କରୁଅଛନ୍ତି

ଯୀଶୁଙ୍କ ମୃତ୍ୟୁ ଆମ୍ଭମାନଙ୍କ ପାଇଁ ଜୋରିମାନା ଦାଖଲ କଲା (ଯିଶାଇୟ ୫୩, ମାର୍କ ୧:୪୫, ୨ କରନ୍ଥୀ ୫:୨୧) ଯୀଶୁଙ୍କ ପୁନରୁତ୍ଥାନ, ପୁତ୍ରଙ୍କ ସେବାକାର୍ଯ୍ୟକୁ ପିତାଙ୍କର ଗ୍ରହଣ ଦର୍ଶାଏ ଏବଂ ଭରସା ପ୍ରଦାନ କରେ, (ଯେଉଁମାନେ ନିଦ୍ରିତ ସେମାନଙ୍କର ପ୍ରଥମ ଫଳ) ତାଡ଼ନା ଓ ମୃତ୍ୟୁ ସମ୍ମୁଖରେ । ଯୀଶୁଙ୍କ ଗୌରବାନ୍ୱିତ ହେବା ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ଏବଂ ନିବେଦନ ବିଶ୍ୱାସୀମାନଙ୍କ ନିମନ୍ତେ କରିବା, ସେମାନଙ୍କୁ ବିଶ୍ୱାସର ଉତ୍ତମ ଯୁଦ୍ଧ କରିବାକୁ ଉତ୍ସାହିତ କରେ ।

□ **''ଈଶ୍ୱରଙ୍କ ଦକ୍ଷିଣ ହସ୍ତ''** ଏହା ମାନବ ଆକାର ବିଶିଷ୍ଟ ଈଶ୍ୱରଙ୍କ କଳ୍ପନାର ଏକ ଦୃଷ୍ଟାନ୍ତ ଅଟେ (ବିଶେଷ ପ୍ରସଙ୍ଗ ୧:୧୮ରେ ଦେଖ) ଈଶ୍ୱରଙ୍କର ଏକ ଶରୀର ନାହିଁ । ସେ ଆତ୍ମା ଅଟନ୍ତି । ଏହି ଦୃଷ୍ଟାନ୍ତ କ୍ଷମତା, ଅଧିକାର ଓ ସର୍ବୋପରି ସ୍ଥାନ ବିଷୟରେ କହେ । ପାଉଲ ଏହିପରି ପ୍ରକାଶ ଅନେକ

ସମୟରେ କରନ୍ତି ନାହିଁ (ଏଫିସୀ ୧:୨୦, କଲସୀ ୩:୧) । ପାଉଲ ୩୪ ପଦରେ ଆଦ୍ୟ ଖ୍ରୀଷ୍ଟିୟ ବିଶ୍ୱାସମତ ଉଦ୍ଧୃତ କରିଅଛନ୍ତି । (ଫିଲିପୀ ୨:୬, ୧ ତୀମଥି ୩:୧୬) ।

□ **''ନିବେଦନ''** ଯୀଶୁଙ୍କ ସେବାକାର୍ଯ୍ୟ ଚାଲୁ ରହିଅଛି । ଯୀଶୁ ଆମ୍ଭମାନଙ୍କ ପାଇଁ ନିବେଦନ କରନ୍ତି (ଏବ୍ରୀ ୪:୪-୧୬, ୭:୨୫, ୯:୨୪, ୧ ଯୋହନ ୨:୧) ଯେପରି ଆତ୍ମା କରନ୍ତି (୨୬-୨୭ ପଦ) । ଏହା ପାରାଲିଟ ଶବ୍ଦରୁ ଆସିଛି, ଯାହା ଆତ୍ମାଙ୍କ ବିଷୟରେ ଯୋହନ ୧୪:୧୬ରେ ଓ ପୁତ୍ରଙ୍କ ବିଷୟରେ ୧ ଯୋହନ ୨:୧ରେ ବ୍ୟବହାର କରାଯାଇଅଛି । ଏହା ଅନ୍ୟ ଏକ ପରୋକ୍ଷଭାବେ ସୂଚିତ ଦୁଃଖଭୋଗକାରୀ ଦାସଙ୍କ ବିଷୟକ ଗୀତରେ (ଯିଶାଇୟ ୫୩:୧୭)

**୮:୩୫ ''ଖ୍ରୀଷ୍ଟଙ୍କ ପ୍ରେମ''** ଏହା ହୁଏତ କର୍ତ୍ତୃପଦ ବା କର୍ମକାରକ ସମ୍ବନ୍ଧ ସୂଚକ ପଦ । ଏହା ହୁଏତ (୧) ବିଶ୍ୱାସୀମାନଙ୍କ ପାଇଁ ଖ୍ରୀଷ୍ଟଙ୍କ ପ୍ରେମ କିଅବା (୨) ଖ୍ରୀଷ୍ଟଙ୍କ ନିମନ୍ତେ ବିଶ୍ୱାସୀମାନଙ୍କ ପ୍ରେମ । ୧ ନମ୍ବର ଏହି ପ୍ରସଙ୍ଗ ପାଇଁ ସର୍ବୋତ୍ତମ ମୂଲ୍ୟ (ଏବଂ ୨ କରନ୍ଥୀ ୫:୧୪) କାରଣ ଖ୍ରୀଷ୍ଟଙ୍କ ନିମନ୍ତେ ବିଶ୍ୱାସୀମାନଙ୍କ ପ୍ରେମ ଆସେ ଓ ଯାଏ, ମାତ୍ର ଆମ୍ଭମାନଙ୍କ ପାଇଁ ଖ୍ରୀଷ୍ଟଙ୍କ ପ୍ରେମ ନିଶ୍ଚିତ ଏବଂ ସ୍ଥିର ।

ଏକ ଗ୍ରୀକ୍ ପାଣ୍ଡୁଲିପି ଭିନ୍ନ ପ୍ରକାର ଏହି ଖଣ୍ଡ ବାକ୍ୟ ସହିତ ସଂଯୁକ୍ତ ଅଛି ।

୧. ଗୋଟିଏ ପୁରାତନ ଗ୍ରୀକ୍ ଶାସ୍ତ୍ରାଂଶର ''ଈଶ୍ୱରଙ୍କ ପ୍ରେମ'' (ଏମ୍ଏସ୍ଏନ୍)
୨. ଗୋଟିଏ ପୁରାତନ ପାଣ୍ଡୁଲିପି ସେଗୁଡ଼ିକୁ ଏକତ୍ର କରି ରଖେ, ''ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପ୍ରେମ'' (ଏମ୍ଏସ୍‌ବି)
୩. ୟୁବିଏସ୍ ସଙ୍କଳନକାରୀମାନେ ଦିଅନ୍ତି ''ଖ୍ରୀଷ୍ଟଙ୍କ ପ୍ରେମ'' ଏବଂ ''ଏ'' ଗ୍ରେଡ୍ ମୂଲ୍ୟାୟନ (ସଠିକ୍) । ଏହା ଏମ୍ଏସ୍ଏସ୍ ସି.ଡି.ଏଫ୍.ଜି ଏବଂ ସବୁଠାରୁ ପୁରାତନ ଲାଟିନ୍ ଅନୁବାଦମାନଙ୍କରେ ଏବଂ ଭଲଗେଟ୍ ଓ ଗେଶିଟାରେ ଦେଖାଯାଏ ।

□ **''କି କ୍ଳେଶ, କି ସଙ୍କଟ, କି ତାଡ଼ନା ବିଚ୍ଛିନ୍ନ କରିବ''** ଏହି ଜଗତରେ ଖ୍ରୀଷ୍ଟିୟାନମାନଙ୍କର ସମସ୍ୟା ଅଛି । କିନ୍ତୁ ଏହି ସମସ୍ୟାମାନ କିଅବା ମନ୍ଦଶକ୍ତିମାନ ସେମାନଙ୍କୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରିପାରିବ ନାହିଁ । ବିଶେଷ ପ୍ରସଙ୍ଗ ଦେଖ : ୫:୩ କ୍ଳେଶମାନ

**୮:୩୬** ଏହା ଗୀତ ୪୪:୨୨ରେ ଉଦ୍ଧୃତ କରାଯାଇଅଛି । ଏହି ଗୀତରେ ଈଶ୍ୱରଙ୍କୁ ତାହାଙ୍କ ଆଘାତପ୍ରାପ୍ତ ବ୍ୟକ୍ତିମାନଙ୍କ ଉଦ୍ଧାର କରିବା ପାଇଁ ଡାକ ପକାଯାଉଛି ।

**୮:୩୭**

| | |
|---|---|
| **ଏନ୍ଏଏସ୍‌ବି** | **''ମାତ୍ର ଏହି ସମସ୍ତ ବିଷୟରେ ଆମ୍ଭେମାନେ ବହୁପରିମାଣରେ ବିଜୟ ଲାଭ କରୁ''** |
| **ଏନ୍‌କେଜେଭି** | **''ତଥାପି ଏହି ସମସ୍ତ ବିଷୟରେ ଆମ୍ଭେମାନେ ବିଜୟୀଠାରୁ ଅଧିକ ଅଟୁ''** |
| **ଏନ୍ଆର୍ଏସ୍‌ଭି** | **''ନାଁ, ଏହି ସମସ୍ତ ବିଷୟରେ ଆମ୍ଭେମାନେ ସର୍ବତୋଭାବେ ବିଜୟୀ''** |
| **ଟିଇଭି** | **''ନାଁ, ଏହି ସମସ୍ତ ବିଷୟରେ ଆମ୍ଭମାନଙ୍କର ତାହାଙ୍କ ଦ୍ୱାରା ସଂପୂର୍ଣ୍ଣ ବିଜୟ ଅଛି''** |
| **ଏନ୍‌ଜେଭି** | **''ଏହି ସମସ୍ତ ପରୀକ୍ଷାମାନ, ଯାହା ମଧ୍ୟଦେଇ ଆମ୍ଭେମାନେ ବିଜୟ ଲାଭ କରୁ''** |

''ବିଜୟ ଲାଭ'' ଶବ୍ଦର ଏହା ହେଉଛି ଏକ ତୀବ୍ରତର ଆକାର । ପାଉଲ ଏହି ଶବ୍ଦକୁ ଉଦ୍ଭାବନ ନିଶ୍ଚୟ କରିଛନ୍ତି । *(ହୁପର+ନିକାଓ)* । ଏହା ଏକ ଚମତ୍କାର ମିଶ୍ରିତ ଦୃଷ୍ଟାନ୍ତ ଅଟେ, ''ବିଜୟ ଲାଭ କରୁଥିବା ମେଷଗଣ'' । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ମାଧ୍ୟମରେ ବିଜୟୀ ଅଟନ୍ତି (ଯୋହନ ୧୬:୩୩, ୧ ଯୋହନ ୨:୧୩-୧୪, ୪:୪, ୫:୪ । ବିଶେଷ ପ୍ରସଙ୍ଗ ଦେଖ : ପାଉଲଙ୍କ 'ହୁପର' ବ୍ୟବହାର ୧:୩୦ରେ ଏକତ୍ରିତ ହୁଏ ।

□ **''ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା''** ଏହି ସର୍ବନାମ ପିତା ବା ପୁତ୍ରଙ୍କୁ ବୁଝାଇପାରେ ।

**୮:୩୮ ''ଏହା ମୁଁ ନିଶ୍ଚୟ ଜାଣେ''** ଏହା ଏକ ସିଦ୍ଧ କର୍ମକାରକ ସୂଚନାଦାୟକ, ଅର୍ଥ ହେଉଛି, ''ମୁଁ ବୋଧଗମ୍ୟ ହୋଇ ଆସିଛି ଓ ହେଉଥିବି'' ।

□ **''ଦୂତଗଣ''** ଯିହୁଦୀ ଗୁରୁମାନେ ଭାବିଲେ ଯେ, ମାନବଜାତି ପ୍ରତି ଈଶ୍ୱରଙ୍କ ପ୍ରେମ ଓ ମନଯୋଗ ବିଷୟରେ ଦୂତଗଣ ଈର୍ଷାପରାୟଣ ହୋଇଥିଲେ ଏବଂ ସେଥିପାଇଁ ସେମାନଙ୍କର ବିରୋଧୀ ଥିଲେ । ଗ୍ନଷ୍ଟିକ (ଜ୍ଞାନବାଦୀ) ମିଥ୍ୟା ଶିକ୍ଷକମାନେ ସାବ୍ୟସ୍ତ କଲେ ଯେ, ବିରୋଧି (ଶତ୍ରୁ) ଦୂତଗଣଙ୍କ ପରିବେଷ ବା ଇଓନ୍ସ୍ ମଧ୍ୟଦେଇ ଅଗ୍ରସର ହେବା ନିମନ୍ତେ ଅନୁମତି ପ୍ରାପ୍ତ ଗୁପ୍ତ ଶବ୍ଦମାନ ଦ୍ୱାରା କେବଳ ପରିତ୍ରାଣ ମିଳିପାରେ (କଲସୀୟ ଓ ଏଫିସୀୟ) ଦୂତମାନଙ୍କ ପାଇଁ ପାଉଲଙ୍କ ଦ୍ୱାରା ବ୍ୟବହୃତ ଶବ୍ଦମାନର ଏକ ଉତ୍ତମ ସାରାଂଶ ଜର୍ଜ ଏଲଡନ୍ ଲାଡଙ୍କର *''ନୂତନ ନିୟମ ପରମାର୍ଥ ଶିକ୍ଷା''* ପୁସ୍ତକରେ ଅଛି ।

> ପାଉଲ କେବଳ ଉତ୍ତମ ଓ ମନ୍ଦ ଦୂତମାନଙ୍କ ବିଷୟ ଏଥିରେ କହୁନାହାନ୍ତି, ଶୟତାନ ଏବଂ ଭୂତଗଣଙ୍କ ବିଷୟ, ମାତ୍ର ସେ ଅନ୍ୟ ଏକ ଦଳ ଶବ୍ଦ ବ୍ୟବହାର କରନ୍ତି, ଯାହା ଦୂତ ଆତ୍ମାଗଣର ସ୍ତରମାନଙ୍କ ପଦକୁ ବୁଝାଏ । ନିମ୍ନଲିଖିତ ଶବ୍ଦ ବ୍ୟବହୃତ ହୋଇଅଛି :
> 'କର୍ତ୍ତୃତ୍ୱ କରିବା' *(ଅରଚେ)*, ୧ କରନ୍ଥୀ ୧୫:୨୪, ଏଫିସୀ ୧:୨୧, କଲସୀ ୨:୧
> 'କର୍ତ୍ତା ବା ଶାସନ' (*ଅରଚାଇ*, ଆରଏସ୍‌ଭି, କର୍ତ୍ତାପଣ) ଏଫିସୀ ୩:୧, ୬:୧୨, କଲସୀ ୧:୧୬, ୨:୧୫, ରୋମୀ. ୮:୩୮
> 'ଅଧିକାର' (*ଏକ୍ସୋଇସିଆ*) ୧ କରନ୍ଥୀ ୧୫:୨୪, ଏଫିସୀ ୧:୨୧, କଲସୀ ୨:୧୦
> 'ଅଧିକାରୀଗଣ' (*ଏକ୍ସୋଇସିଆଇ* ଆର୍ଏସ୍‌ଭି, ''ଅଧିକାରୀଗଣ'') ଏଫିସୀ ୩:୧୦, ୬:୧୨, କଲସୀ ୧:୧୬, ୨:୧୫
> 'ପରାକ୍ରମ' *(ଡାଇନାମିସ୍)* ୧ କରନ୍ଥୀ ୧୫:୨୪, ଏଫିସୀ ୧:୨୧

පରାକ୍ରମ *(ଶକ୍ତି)* ଡାଇନାମିସ୍, ରୋମୀ ୮:୩୮
''ସିଂହାସନ'' *(କ୍ରୋନାଇ)* କଲସୀ ୧:୧୬
'ପ୍ରଭୁତ୍ୱ' (*କାଇରିଓଟେସ୍,* ଆର୍‌ଏସ୍‌ଭି, ''ରାଜତ୍ୱ'') ଏଫିସୀ ୧:୨୧
'ପ୍ରଭୁତ୍ୱମାନ' *(କାଇରିଓଟେଟେସ୍)* କଲସୀ ୧:୧୬
ଏହି ଅନ୍ଧକାରର ଜଗତ ଶାସନଗଣ ଏଫିସୀ ୬:୧୨
'ଆକାଶସ୍ଥ ଦୁଷ୍ଟାତ୍ମା (ଦଳମାନ)' ଏଫିସୀ ୬:୧୨
'ଅନ୍ଧକାରର କ୍ଷମତା' କଲସୀ ୧:୧୩
ଯେତେ ନାମ ଖ୍ୟାତ ପ୍ରତ୍ୟେକ ନାମ ଏଫିସୀ ୧:୨୧
ସ୍ୱର୍ଗସ୍ଥ, ପୃଥିବୀସ୍ଥ, ଭୂତଳସ୍ଥ (ଭୂଗର୍ଭସ୍ଥ) ପାତାଳସ୍ଥ ପ୍ରାଣୀବର୍ଗ (ବ୍ୟକ୍ତି) ଫିଲିପ୍ପୀ ୨:୧୦ (ପୃଷ୍ଠା ୪୦)

ପୁରାତନ ନିୟମର ପତିତ ଦୂତଗଣ ନୂତନ ନିୟମର ଭୂତଗଣ ସହିତ କିପରି ସଂପୃକ୍ତ ସେ ବିଷୟରେ ବାଇବଲରେ କୌଣସି ସିଧାସଳଖ ବିବରଣୀ ନାହିଁ । ଅନେକ କଳ୍ପନା କରନ୍ତି, ସେମାନେ ସମାନ ବା ଏକାପରି । ଯିହୁଦୀ ଶେଷ ପ୍ରଳୟଙ୍କରୀ ବିବରଣୀର ସାହିତ୍ୟରେ, ଭୂତଗଣ ଆଦି ୬ ପର୍ବର ୪ ପଦରେ ନେଫିଲିମ୍‌ର ଆତ୍ମାମାନେ ଯେଉଁମାନେ ଅର୍ଦ୍ଧ ଦୂତ ଓ ଅର୍ଦ୍ଧ ମନୁଷ୍ୟ । ସେମାନଙ୍କ ଶରୀରମାନ ନୋହଙ୍କ ସମୟର ଜଳପ୍ଳାବନରେ ଧ୍ୱଂସ ହୋଇଗଲା, ସେଥିପାଇଁ ସେମାନେ ପୁନର୍ବାର ଶରୀର ଗ୍ରହଣ କରିବାକୁ ଚାହାନ୍ତି । ଏହା କେବଳ କଳ୍ପନାମାତ୍ର । ଆମର ସବୁ ପ୍ରଶ୍ନଗୁଡ଼ିକର ଉତ୍ତର ବାଇବଲ ଦିଏ ନାହିଁ । ଏହାର ଉଦ୍ଦେଶ୍ୟ ହେଉଛି କୌତୁହଳ ନୁହେଁ, ମାତ୍ର ମାନବଜାତିର ମୁକ୍ତି !

□ **''କର୍ତ୍ତାପଣ...ପରାକ୍ରମ** ୧) ଏହା ଏକ ଯୁଗର ମନ୍ଦ ଆତ୍ମାଗଣ ବା ଭୂତଗଣଙ୍କ ଶକ୍ତି ବା ପରାକ୍ରମକୁ ବୁଝାଏ (ଏଫିସୀ ୨:୨, ୬:୧୨, ୧ କରନ୍ଥୀ ୧୫:୨୪, କଲସୀ ୧:୧୬) ବା ୨) ପତିତ ଜଗତର ସମ୍ଭବତଃ ବ୍ୟକ୍ତିତ୍ୱ ବିହୀନ ଆକୃତି (ଧର୍ମ, ସରକାର, ବିଦ୍ୟାଶିକ୍ଷା, ଔଷଧ ଇତ୍ୟାଦି)କୁ ବୁଝାଏ । ତାହା ପତିତ ମାନବଜାତିକୁ ଇଶ୍ୱରଙ୍କଠାରୁ ସ୍ୱାଧୀନ ହେବାକୁ ଅନୁମତି ଦିଏ । (ହେଣ୍ଡ୍ରିକସ୍ ବେରକୋଫଙ୍କ ''କର୍ତ୍ତାପଣ ଓ ପରାକ୍ରମ''ସମୂହ) । ୧୩:୧ରେ ଟିପ୍ପଣୀ ଦେଖ ।

**ବିଶେଷ ପ୍ରସଙ୍ଗ : *ଆରଚେ***

''ଅଧିକୃତ ଅଞ୍ଚଳ'' ଶବ୍ଦର ଗ୍ରୀକ୍ ଶବ୍ଦ ହେଉଛି ଅର୍ଚେ (ଆରକେ), ଯାହା କିଛି ବିଷୟର ''ଆରମ୍ଭ'' ବା ''ଉତ୍ପତ୍ତି''କୁ ବୁଝାଏ ।

୧. ସୃଷ୍ଟି କରାଯାଇଥିବା ପ୍ରଣାଳୀର ଆରମ୍ଭ (ଯୋହନ ୧:୧, ୧ ଯୋହନ ୧:୧, ଏବ୍ରୀ ୨:୩)
୨. ସୁସମାଚାର ଆରମ୍ଭ (ମାର୍କ ୧:୧, ଫିଲିପ୍ପୀ ୪:୧୫, ୨ ଥେସଲନୀକୀ ୨:୧୩, ଏବ୍ରୀ ୨:୩)
୩. ପ୍ରଥମ ଚାକ୍ଷୁସ ସାକ୍ଷୀମାନ (ଲୂକ ୧:୨)
୪. ପ୍ରାରମ୍ଭିକ ଚିହ୍ନମାନ (ଆଶ୍ଚର୍ଯ୍ୟକର୍ମମାନ ଯୋହନ ୨:୧୧)
୫. ପ୍ରାରମ୍ଭିକ ନିୟମାବଳୀ (ଏବ୍ରୀ ୫:୧୨)
୬. ସୁସମାଚାର ସତ୍ୟତା ମାନର ଉପରେ ନିର୍ଭର କରିଥିବା ପ୍ରାରମ୍ଭିକ ନିଶ୍ଚୟତା (ଏବ୍ରୀ ୩:୧୪)
୭. ପ୍ରାରମ୍ଭ (କଲସୀ ୧:୧୮, ପ୍ରକାଶିତ ୩:୧୪)

''ଶାସନ'' (କର୍ତ୍ତୃତ୍ୱ) ବା ''ଅଧିକାର''ର ବ୍ୟବହାର କରିବାକୁ ଆସିଲା

୧. ମାନ ପରିଚାଳିତ ପଦସ୍ଥଗଣ
   କ. ଲୂକ ୧୨:୧୧
   ଖ. ଲୂକ ୨୦:୨୦
   ଗ. ରୋମୀ ୧୩:୩, ତିତସ ୩:୧
୨. ଦୂତଗଣ ମଧ୍ୟରୁ ଅଧିକାରୀଗଣ
   କ. ରୋମୀ ୮:୨୮
   ଖ. ୧ କରନ୍ଥୀ ୧୫:୨୪
   ଗ. ଏଫିସୀ ୧:୨୧, ୩:୧୦, ୬:୧୨
   ଘ. କଲସୀ ୧:୧୬, ୨:୧୦,୧୫
   ଙ. ଯିହୁଦା ୬ ପଦ

ଏହି ମିଥ୍ୟା ଶିକ୍ଷକଗଣ ପାର୍ଥିବ ଓ ସ୍ୱର୍ଗୀୟ ସମସ୍ତ ଅଧିକାରକୁ ତୁଚ୍ଛ ଜ୍ଞାନ କଲେ । ସେମାନେ ନିୟମ ବିରୋଧି ଲମ୍ପଟଗଣ ଅଟନ୍ତି । ସେମାନେ ସେମାନଙ୍କ ଇଚ୍ଛା ବା ଆକାଂକ୍ଷାଗୁଡ଼ିକୁ, ଇଶ୍ୱର, ଦୂତଗଣ, ଦେଶୀୟ ଅଧିକାରୀଗଣ ଏବଂ ମଣ୍ଡଳୀ ନେତାମାନଙ୍କ ପୂର୍ବେ ପ୍ରଥମ ସ୍ଥାନ ଦିଅନ୍ତି ।

୮:୩୯ ''ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ'' ଏହି ଶବ୍ଦଗୁଡ଼ିକ ତାରକାର ଆପୋଗି ଏବଂ ପେରିଗେ, ଏମାନେ ଦୁଇଟି ଦେବତା ଯେଉଁମାନେ ମାନବ ଜୀବନକୁ ନିୟନ୍ତ୍ରଣ କରନ୍ତି ବୋଲି ବିଶ୍ୱାସ ଥିଲା (ଜ୍ୟୋତିର୍ବିଦ୍ୟା) । ପରବର୍ତ୍ତୀ ସମୟରେ ସେଗୁଡ଼ିକ ମିଥ୍ୟା ବିଶ୍ୱାସମତରେ ଯାନ୍ତ୍ରୀକ ଶବ୍ଦରେ ପରିଣତ ହେଲା, ଗ୍ନଷ୍ଟିସିଜମ୍ (ଜ୍ଞାନବାଦ) ନାମ ଦିଆଗଲା ଏଓନସ୍ ବା ଦୂତଗଣର ସ୍ତରମାନ, ପବିତ୍ର ଦେବତା ଓ ନିଜସ୍ତରର ଦେବା ଯେ ପାପମୟ ବସ୍ତୁ ନିର୍ମାଣ କଲା ଏହି ଦୁଇର ମଧ୍ୟବର୍ତ୍ତୀ ସ୍ତର ।

□ **''କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ''** ଏହା ଆକ୍ଷରିକଭାବେ ''ଅନ୍ୟ ଏକ ପ୍ରକାର ସୃଷ୍ଟବସ୍ତୁ'' (ହେଟେରୋସ୍) ଅଟେ । ପୂର୍ବାପର ସମ୍ବନ୍ଧ ଦାବୀ କରେ ଯେ, ତାହା ଦୂତଗଣର କ୍ଷମତାକୁ ଆହୁରି ବୁଝାଇଥିବା ବିଷୟ ଅଟେ । ଗ୍ରୀକ୍ ଅବ୍ୟୟ ପଦ ''ହେଟେରୋସ୍'', ଆଉ ଏକ ଭିନ୍ନ ପ୍ରକାର ଏବଂ ''ଆଲୋସ୍'', ସେହି ସମାନ ପ୍ରକାର ଆଉ ଏକ ଶବ୍ଦ ମଧ୍ୟରେ ଭିନ୍ନତା କୋଇନେ ଗ୍ରୀକ୍‌ରେ ଏକ ହୋଇଯାଆନ୍ତି, ମାତ୍ର ଏହି ଶାସ୍ତ୍ରାଂଶ ତଥାପି କିଛି ଭିନ୍ନତା ଦର୍ଶାଏ ।

□ **''...କି... ଈଶ୍ୱରଙ୍କ ପ୍ରେମରୁ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ''** ନିଶ୍ଚୟତାର କେଡ଼େ ଚମତ୍କାର ମନ୍ତବ୍ୟ । ଏହି ଅଧ୍ୟାୟ କୌଣସି ଦଣ୍ଡାଜ୍ଞା ସହିତ ଆରମ୍ଭ ହୁଏ ନାହିଁ ଏବଂ କୌଣସି ବିଚ୍ଛିନ୍ନତାରେ ଶେଷ ହୁଏ ନାହିଁ । କେହି ଜଣେ ବିଶ୍ୱାସୀର ପରିତ୍ରାଣ ନେଇପାରିବ ନାହିଁ । ଯାହାବି ହେଉ, ଜଣେ ପ୍ରଥମେ ଓ ସର୍ବଦା ଉଭୟ ଭାବରେ ଏହାର ପ୍ରତ୍ୟୁତ୍ତର ଦେବା ଉଚିତ । (୩:୨୧-୩୧) ଓ (୪-୮ ଅଧ୍ୟାୟ) । ଆତ୍ମା ହେଉଛନ୍ତି କଞ୍ଚି, ମାତ୍ର ଏକ ପ୍ରଦତ୍ତ ସର୍ତ୍ତପୂର୍ଣ୍ଣ ପ୍ରତିଜ୍ଞାଯୁକ୍ତ ପ୍ରତ୍ୟୁତ୍ତର ଅଛି । ମନପରିବର୍ତ୍ତନ ଓ ବିଶ୍ୱାସ ଆବଶ୍ୟକ (ମାର୍କ ୧:୧୫, ପ୍ରେରିତ ୩:୧୬,୧୯, ୨୦:୨୧), ବାଧ୍ୟତା ଓ ଧୈର୍ଯ୍ୟସହ ଅଧ୍ୟବସାୟ ପରି ।

**ଆଲୋଚନା ପ୍ରଶ୍ନମାନ**

ଏହା ଏକ ଅଧ୍ୟୟନ *ଚାଳନା* କମେଣ୍ଟାରୀ, ଯାହା ବୁଝାଏ ଯେ ତୁମେ ତୁମ ନିଜ ବାଇବଲ ଅନୁବାଦ ପାଇଁ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କୁ ପ୍ରଦତ୍ତ ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଓ ପବିତ୍ରଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକାରୀ । ଜଣେ କମେଣ୍ଟଟରଙ୍କୁ ଏଥିରେ ଦାୟୀ କରି ଏହା ଛାଡ଼ି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନଗୁଡ଼ିକ ଏହି ପୁସ୍ତକର ଏହି ବିଭାଗର ମୁଖ୍ୟ ବିଷୟ ମାଧ୍ୟମରେ ଚିନ୍ତା କରିବାକୁ ସାହାଯ୍ୟ କରିବା ଲାଗି ତୁମକୁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ କେବଳ ଚିନ୍ତା-ଉଦ୍ରେକ କରିବାକୁ ଉଦ୍ଦୀଷ୍ଟ, ମାତ୍ର ସଂପୂର୍ଣ୍ଣ ସ୍ପଷ୍ଟ ଧାରଣା ନୁହେଁ ।

୧. ୮ ଅଧ୍ୟାୟ କିପରି ୭ ଅଧ୍ୟାୟ ସହିତ ସଂପୃକ୍ତ ?
୨. ଯଦି ଦଣ୍ଡାଜ୍ଞା ନାହିଁ, ବିଶ୍ୱାସୀମାନଙ୍କ ଜୀବନରେ ପାପ କ'ଣ ପ୍ରଭାବ ପକାଏ ?
୩. ଆତ୍ମା ବା ଯୀଶୁ ବିଶ୍ୱାସୀମାନଙ୍କ ଭିତରେ ବାସ କରନ୍ତି କି ? (୯ ପଦ)
୪. ମନୁଷ୍ୟର ପାପ ଦ୍ୱାରା ପ୍ରକୃତି (ସୃଷ୍ଟି) କିପରି ପ୍ରଭାବିତ ହେଲା (୧୯-୨୨ ପଦ) ? ପ୍ରକୃତି କ'ଣ ସ୍ୱର୍ଗର ଏକ ଅଂଶ ହେବ (ଯିଶାଇୟ ୧୧:୬-୧୦) ?
୫. ଆତ୍ମା କିପରି ଆମ୍ଭମାନଙ୍କ ପାଇଁ ପ୍ରାର୍ଥନା କରନ୍ତି (୨୬-୨୭ ପଦ) ? ଏହା କ'ଣ ପରଭାଷା କହିବାକୁ ବୁଝାଏ ?
୬. ବାଇବଲ କିପରି କହିପାରେ ଏପରି ଏକ ମନ୍ଦ ଜଗତରେ (୨୮ ପଦ) ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି ? (୨୮ ପଦ) ''ମଙ୍ଗଳ'' ଶବ୍ଦ ବୁଝାଅ (୨୯ ପଦ)
୭. ୩୦ ପଦରେ ପରମାର୍ଥିକ ଘଟଣାଗୁଡ଼ିକ ତାଲିକାର ଜଞ୍ଜିର ମଧ୍ୟରୁ ପବିତ୍ରୀକରଣ କାହିଁକି ଛାଡ଼ି ଦିଆଯାଇଅଛି ?
୮. ୩୧-୩୯ ପଦ ଏକ ବିଚାରାଳୟର ଦୃଶ୍ୟ ବୋଲି କାହିଁକି କୁହାଗଲା ?
୯. ୩୪ ପଦରେ ଯୀଶୁଙ୍କ ବିଷୟରେ ଦିଆଯାଇଥିବା ଚାରୋଟି ବିଷୟ ତାଲିକା କର ।

# ରୋମୀୟ ୯

| ଆଧୁନିକ ଅନୁବାଦସମୂହ ପାରାଗ୍ରାଫ୍ ବିଭାଗମାନ | | | | |
|---|---|---|---|---|
| **ୟୁବିଏସ୍** | **ଏନ୍‌କେଜେଭି** | **ଏନ୍‌ଆରଏସ୍‌ଭି** | **ଟିଇଭି** | **ଏନ୍‌ଜେବି** |
| ଈଶ୍ୱରଙ୍କ ନିର୍ବାଚନ | ଇସ୍ରାୟେଲମାନଙ୍କର ଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ | ଇସ୍ରାୟେଲମାନଙ୍କ ଅବିଶ୍ୱାସର ସମସ୍ୟା | ଈଶ୍ୱର ଏବଂ ତାହାଙ୍କ ଲୋକମାନେ | ଇଶ୍ରାୟେଲର ସୁଯୋଗମାନ |
| ୯:୧-୫ | ୯:୧-୫ | ୯:୧-୫ | ୯:୧-୫ | ୯:୧-୫ |
| | ଇଶ୍ରାଏଲର ଅଗ୍ରାହ୍ୟ ଏବଂ ଈଶ୍ୱରଙ୍କ ଉଦ୍ଦେଶ୍ୟ | ଈଶ୍ୱରଙ୍କ ପ୍ରତିଜ୍ଞା ଇସ୍ରାଏଲମାନଙ୍କ ପ୍ରତି ବିଫଳ ହୋଇନାହିଁ | | ଈଶ୍ୱର ପ୍ରତିଜ୍ଞା ରକ୍ଷା କଲେ |
| ୯:୬-୧୩ | ୯:୬-୧୩ | ୯:୬-୧୩ | ୯:୬-୯<br>୯:୧୦-୧୩ | ୯:୬-୧୩ |
| | ଇସ୍ରାଏଲର ଅଗ୍ରାହ୍ୟ ଓ ଈଶ୍ୱରଙ୍କ ନ୍ୟାୟ | ମନୋନୀତ କରିବାକୁ ଈଶ୍ୱରଙ୍କ ଅଧିକାର | | ଈଶ୍ୱର ଅନ୍ୟାୟୀ ନୁହଁନ୍ତି |
| ୯:୧୪-୧୮ | ୯:୧୪-୨୯ | ୯:୧୪-୧୮ | ୯:୧୪-୧୮ | ୯:୧୪-୧୮ |
| ଈଶ୍ୱରଙ୍କ କ୍ରୋଧ ଓ ଦୟା | | | ଈଶ୍ୱରଙ୍କ ରାଗ ଓ ଦୟା | |
| ୯:୧୯-୨୯ | | ୯:୧୯-୨୬ | ୯:୧୯-୨୧<br>୯:୨୨-୨୯ | ୯:୧୯-୨୧<br>୯:୨୨-୨୪<br>ପୁରାତନ ନିୟମରେ ସମସ୍ତ ପୂର୍ବରୁ କୁହାଯାଇଅଛି<br>୯:୨୫-୨୯ |
| | | ୯:୨୭-୨୯ | | |
| ଇସ୍ରାଏଲ ଓ ସୁସମାଚାର | ଇସ୍ରାଏଲର ବର୍ତ୍ତମାନ ଅବସ୍ଥା | ବିଶ୍ୱାସ ଦ୍ୱାରା ପ୍ରକୃତ ଧାର୍ମିକତା | ଇସ୍ରାଏଲ ଓ ସୁସମାଚାର | |
| ୯:୩୦-୧୦:୪ | ୯:୩୦-୩୩ | ୯:୩୦-୧୦:୪ | ୯:୩୦-୧୦:୪ | ୯:୩୦-୩୩ |

**ପଠନ ଚକ୍ର ତିନି (ପୃଷ୍ଠା viii)**

*ପାରାଗ୍ରାଫ୍‌ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା*

ଏହି ଅଧ୍ୟୟନ ଚାଳନା କମେଣ୍ଟାରୀ, ଯାହା ବୁଝାଏ ଯେ ବାଇବଲର ତୁମ ନିଜର ଅନୁବାଦ ପାଇଁ ତୁମେ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକ ଆମର ପ୍ରାପ୍ତ ହୋଇଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ରଆତ୍ମା ଅନୁବାଦରେ ଅଗ୍ରାଧିକାରୀ ଅଟ । ଏକ କମେଣ୍ଟାରୀ ନିର୍ମାତାଙ୍କୁ ଦାୟୀ କରିବା ଉଚିତ୍ ନୁହେଁ ।

ଏକାଥରେ ବସି ଅଧ୍ୟାୟଟି ପଢ଼ । ପ୍ରସଙ୍ଗ ଚିହ୍ନ । ତୁମର ପ୍ରସଙ୍ଗ ଭାଗବିଭାଗ ଉର୍ଦ୍ଧ୍ୱସ୍ଥ ପାଞ୍ଚଟି ଅନୁବାଦ ସହିତ ତୁଳନା କର । ପାରାଗ୍ରାଫ୍ ତିଆରି ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟରେ ଅନୁଗାମୀ ହେବା ନିମନ୍ତେ ଚାବି ଅଟେ, ଯାହା ଅନୁବାଦର ହୃଦୟ (କେନ୍ଦ୍ରସ୍ଥଳ) ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଓ କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

**୯-୧୧ ଅଧାୟ ସହିତ ୧-୮ ଅଧାୟଗୁଡ଼ିକର ସମ୍ପର୍କ**

କ. ଏହି ଆକ୍ଷରିକ ବିଷୟର ୧-୮ ଅଧାୟ ସହିତ ସମ୍ପର୍କକୁ ବୁଝିବାର ଦୁଇଟି ପଥ ଅଛି ।

୧. ଏହା ଏକ ସଂପୂର୍ଣ୍ଣ ପୃଥକ୍ ପ୍ରସଙ୍ଗ, ଏକ ପାରମାର୍ଥିକ ବାଖ୍ୟା ବନ୍ଧନୀଭୁକ୍ତ

କ. ଏକ କଠିନ ବିପରୀତ ତୁଳନା ଏବଂ ୮:୩୯ ଓ ୯:୧ ମଧ୍ୟରେ ଯୁକ୍ତିଯୁକ୍ତ ସଂଯୋଗର ଅଭାବ ଅଛି ।

ଖ. ବିଶ୍ୱାସୀ ଯିହୁଦୀ ଓ ବିଶ୍ୱାସୀ ବିଜାତି (ଅଣ ଯିହୁଦୀ)ମାନଙ୍କ ମଧ୍ୟରେ ରୋମରେ ଥିବା ମଣ୍ଡଳୀରେ ଏହା ଐତିହାସିକ ଚିନ୍ତା ସହିତ ସିଧାସଳଖ ସମ୍ପୃକ୍ତ । ଏହା ସମ୍ଭବତଃ ମଣ୍ଡଳୀର ବୃଦ୍ଧି ପାଉଥିବା ବିଜାତି ନେତୃତ୍ୱ ସହିତ ସଂପୃକ୍ତ ।

ଗ. ଇସ୍ରାଏଲମାନଙ୍କ ବିଷୟରେ (ଏବଂ ବ୍ୟବସ୍ଥା ବିଷୟରେ) ପାଉଲଙ୍କ ପ୍ରଚାର, ଏବଂ ବିଜାତିମାନଙ୍କ ନିକଟକୁ ତାଙ୍କର ପ୍ରେରିତିକ କର୍ମ ବିଷୟରେ ଭୁଲବୁଝାମଣା ଥିଲା (ବିନା ମୂଲ୍ୟର ଅନୁଗ୍ରହଦାନ ବିଷୟରେ ଭୁଲ୍‌ବୁଝାମଣା) ସେଥିପାଇଁ ଏହି ବିଭାଗରେ ସେ ଏହି ପ୍ରସଙ୍ଗ ଉପରେ ବ୍ୟବହାର କରନ୍ତି ।

୨. ଏହା ହେଉଛି ପାଉଲଙ୍କ ସୁସମାଚାର ପରିପ୍ରକାଶର ଚୂଡ଼ାନ୍ତ ଏବଂ ଯୁକ୍ତିଯୁକ୍ତ ଉପସଂହାର

କ. ପାଉଲ "ଈଶ୍ୱରଙ୍କ ପ୍ରେମରୁ ପୃଥକୀକରଣ ନାହିଁ"ର ପ୍ରତିଜ୍ଞା ସହିତ ୮ ଅଧାୟ ସମାପ୍ତ କରନ୍ତି । ପ୍ରତିଜ୍ଞାତ ଲୋକମାନଙ୍କ ଅବିଶ୍ୱାସ ବିଷୟରେ କଅଣ ?

ଖ. ଇସ୍ରାୟେଲର ଅବିଶ୍ୱାସ ବିଷୟରେ ସୁସମାଚାରର ବିରୋଧ ପାଇଁ ରୋମୀ ୯:୧୧ ଉତ୍ତର ଦିଏ ।

ଗ. ପାଉଲ ସମୁଦାୟ ପତ୍ରଟି ସାରା ଏହି ବିଷୟରେ ବକ୍ତବ୍ୟ ପ୍ରଦାନ କରି ଆସିଛନ୍ତି (୧:୩,୧୬, ୩:୨୧,୩୧ ଏବଂ ୪:୧)

ଘ. ପାଉଲ ଦାବୀ କରନ୍ତି ଯେ, ଈଶ୍ୱର ତାହାଙ୍କ ବାକ୍ୟ ପ୍ରତି ସତ୍ୟ । ଇସ୍ରାୟେଲ ତାହାଙ୍କ ପୁରାତନ ନିୟମ ବାକ୍ୟ ବିଷୟରେ କଅଣ ? ସେହି ସମସ୍ତ ପ୍ରତିଜ୍ଞା ସମୂହ କଅଣ ମୂଲ୍ୟହୀନ ଓ ବ୍ୟର୍ଥ ?

ଖ. ଏହି ଆକ୍ଷରିକ ବିଷୟଟିର ବାହ୍ୟ ରେଖା ପାଇଁ ବିଭିନ୍ନ ସାମ୍ଭାବ୍ୟ ପଥମାନ ଅଛି ।

୧. ଏକ ସାମ୍ଭାବ୍ୟ ଆପତ୍ତିକାରୀ (ଭତ୍ସନାକାରୀ)ର କଥା ପାଉଲଙ୍କ ଦ୍ୱାରା ବ୍ୟବହାର କରାଯାଇଛି

କ. ୯:୬

ଖ. ୯:୧୪

ଗ. ୯:୧୯

ଘ. ୯:୩୦

ଙ. ୧୧:୧

ଚ. ୧୧:୧୧

୨. ରୋମୀ ୯-୧୧ ଏକ ସାହିତ୍ୟିକ ଭାଗ ଗଠନ କରେ (ଅଧାୟମାନ ଓ ପଦ ଭାଗ ବିଭାଗ ଈଶ୍ୱର ନିଶ୍ୱସିତ ନୁହେଁ ଏବଂ ପରେ ସଂଯୁକ୍ତ କରାଯାଇଅଛି । ଏହା ଏକ ସମଷ୍ଟିଗତଭାବେ ଅନୁବାଦିତ ହେବା ଉଚିତ । ଯାହାବି ହେଉ, ଅନ୍ତତଃ ତିନୋଟି ମୁଖ୍ୟ ପ୍ରସଙ୍ଗ ବିଭାଗ ଅଛି ।

କ. ୯:୧-୨୯ (ଈଶ୍ୱରଙ୍କ ସର୍ବଭୌମତା ଉପରେ କେନ୍ଦ୍ରୀଭୂତ)

ଖ. ୯:୩୦-୧୦:୨୧ (ମାନବ ଦାୟିତ୍ୱ ଉପରେ କେନ୍ଦ୍ରୀଭୂତ)

ଗ. ୧୧:୧-୩୨ (ଈଶ୍ୱରଙ୍କର ସମଷ୍ଟିଗତ, ଅନନ୍ତକାଳୀନ,ମୁକ୍ତିଜନକ ଉଦ୍ଦେଶ୍ୟ)

୩. ମୁଖ୍ୟ ପ୍ରସଙ୍ଗଗୁଡ଼ିକ ଦ୍ୱାରା : ଏହି ପର୍ଯ୍ୟାୟର ଏକ ଉତ୍ତମ ବାହ୍ୟ ରେଖା ପାରାଗ୍ରାଫ୍ ଭାଗବିଭାଗର ମିଳୁଅଛି, ଏନ୍‌କେଜେଭିରେ, ଥୋମାସ୍ ନେଲ୍‌ସନ୍ ପ୍ରକାଶକମାନଙ୍କ ଦ୍ୱାରା ପ୍ରକାଶିତ

କ. ଖ୍ରୀଷ୍ଟଙ୍କୁ ଇସ୍ରାଏଲର ଅଗ୍ରାହ୍ୟ ୯:୧-୫

ଖ. ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଇସ୍ରାଏଲର ଅଗ୍ରାହ୍ୟ ୯:୬-୧୩

ଗ. ଈଶ୍ୱରଙ୍କ ନ୍ୟାୟକୁ ଇସ୍ରାଏଲର ଅଗ୍ରାହ୍ୟ ୯:୧୪-୨୯

ଘ. ଇସ୍ରାଏଲର ବର୍ତ୍ତମାନ ଅବସ୍ଥା ୯:୩୦-୩୩

ଙ. ଇସ୍ରାଏଲ ଏବଂ ସୁସମାଚାର ୧୦:୧-୧୩

ଚ. ସୁସମାଚାରକୁ ଇସ୍ରାଏଲର ଅଗ୍ରାହ୍ୟ ୧୦:୧୪-୨୧

ଛ. ଇସ୍ରାଏଲର ଅଗ୍ରାହ୍ୟ ସମୁଦାୟ ନୁହେଁ ୧୧:୧-୧୦

ଜ. ଇସ୍ରାଏଲର ଅଗ୍ରାହ୍ୟ ଶେଷ ନୁହେଁ ୧୧:୧୧-୩୬

ଗ. ଏହି ପର୍ଯ୍ୟାୟ ବା ଭାଗଟି ମନର ଏକ ପ୍ରକାଶିତ ବିଷୟ (ଯୁକ୍ତିଯୁକ୍ତ ବାହ୍ୟରେଖା) ରୂପେ ଏକ ହୃଦୟର କ୍ରନ୍ଦନ । ଏହାର ଆବେଗ (ବୋଝ) ବିଦ୍ରୋହୀ ଇସ୍ରାଏଲ ଉପରେ ଈଶ୍ୱରଙ୍କ ହୃଦୟ ଭଗ୍ନ ହେବା ସ୍ମରଣ କରାଏ ହୋଶେୟ ୧୧:୧-୪, ୮-୯ରେ ।

ଅନେକ ବାଟରେ ୭ ଅଧାୟରେ ବ୍ୟବସ୍ଥାର କଷ୍ଟ (ବେଦନା) ଓ ଉତ୍ତମତା ୯-୧୦ ଅଧାୟରେ ସମାନ୍ତର ଗତି କରିଅଛି । ଉଭୟ କ୍ଷେତ୍ରରେ ପାଉଲଙ୍କ ହୃଦୟ, ଈଶ୍ୱରଙ୍କ ଏକ ବ୍ୟବସ୍ଥାର ବ୍ୟଙ୍ଗ, ଯାହା ଜୀବନ ପରିବର୍ତ୍ତେ ମୃତ୍ୟୁ ଆଣିଲା ତାହା ଉପରେ ଭଗ୍ନ ହୋଇଥିଲା ।

ଘ. ୯-୧୧ ଅଧ୍ୟାୟରେ ପାଉଲ ବ୍ୟବହାର କରିଥିବା ୨୫ଟି ପୁରାତନ ନିୟମରୁ ଉଦ୍ଧୃତାଂଶମାନ, ପୁରାତନ ନିୟମରୁ ଉତ୍ପନ୍ନ ଇସ୍ରାଏଲର ବିରୋଧି (ବା) ଦ୍ୱନ୍ଦମୂଳକ ମତ ଉଦାହରଣ ଦ୍ୱାରା ବୁଝାଇବା ପାଉଲଙ୍କ ଇଚ୍ଛା ଦର୍ଶାଏ, ଯେପରି ୪ ଅଧ୍ୟାୟରେ ସେ କରିଥିଲେ, କେବଳ ସେହି ସମୟର ଅନୁଭୂତି ନୁହେଁ । ଅବ୍ରହାମଙ୍କର ଶାରୀରିକ ବଂଶଧରମାନେ ସଂଖ୍ୟା ଗରିଷ୍ଠ ଲୋକେ ଈଶ୍ୱରଙ୍କୁ ଅଗ୍ରାହ୍ୟ କଲେ । ଏପରିକି ଅତୀତରେ (ପ୍ରେରିତ ୭, ନିହିମିୟା ୯)

ଙ. ଏହି ଶାସ୍ତ୍ରାଂଶ ପରି, ଏଫିସୀ ୧:୩-୧୪, ସମସ୍ତେ ମାନବ ଜାତିର ମୁକ୍ତି ପାଇଁ ଈଶ୍ୱରଙ୍କ ଅନନ୍ତକାଳୀନ ଉଦ୍ଦେଶ୍ୟ ସହିତ ଏହା ବ୍ୟବହାର କରେ । ପ୍ରଥମରେ ଏହା ବର୍ଣ୍ଣନା କରିବା ପରି ମନେହୁଏ, ଈଶ୍ୱର କେତେକ ବ୍ୟକ୍ତିଙ୍କୁ ମନୋନୀତ କରୁଅଛନ୍ତି ଏବଂ ଅନ୍ୟ ବ୍ୟକ୍ତିଗଣଙ୍କୁ ଅଗ୍ରାହ୍ୟ କରୁଅଛନ୍ତି (ପୂର୍ବରୁ ଗୋଟିଏ ଉପରେ ଅନ୍ୟଟିର ପ୍ରାଧାନ୍ୟ ଦେଉଥିବା କାଲଭିନ ମତବାଦ), ଯାହାବି ହେଉ, ମୁଁ ଭାବେ ଲକ୍ଷ୍ୟସ୍ଥଳ ବ୍ୟକ୍ତିଗଣ ନୁହଁନ୍ତି ମାତ୍ର ଈଶ୍ୱରଙ୍କ ମୁକ୍ତିର ଅନନ୍ତକାଳୀନ ଯୋଜନା ଉପରେ ଅଛି (ଆଦି ୩:୧୫, ୧୨:୩, ପ୍ରେରିତ ୨:୨୩, ପ୍ରେରିତ ୨:୨୩, ୩:୧୮, ୪:୨୮ ଏବଂ ୧୩:୨୯, ବିଶେଷ ପ୍ରସଙ୍ଗ ୮:୨୮ରେ ଦେଖ) ।

ଜେରୋମ ବିବ୍ଲିକାଲ୍ କମେଣ୍ଟାରୀ ୨ୟ ଭାଗ, ''ନୂତନ ନିୟମ'', ଜୋସେଫ ଏ ପିଟଯ୍‌ମ୍ୟେର ଓ ରାୟମଣ୍ଡ ଇ.ବ୍ରାଉନ୍‌ଙ୍କ ଦ୍ୱାରା ସମ୍ପାଦିତ କହେ :

> ''ବାହ୍ୟ ପ୍ରସ୍ତୁତିରୁ ଉପଲବ୍ଧି କରିବାକୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ, ପାଉଲଙ୍କ ଦୃଷ୍ଟିକୋଣ ଏକମତ । ସେ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ ଆଲୋଚନା କରୁନାହାନ୍ତି । ଯଦିବା ସେ, ସ୍ୱର୍ଗୀୟ ପୂର୍ବନିରୂପଣ ଉପରେ ପ୍ରଶ୍ନ ଆଣିବା ପରି ମନେହୁଏ, ଏହାର ବ୍ୟକ୍ତିବିଶେଷଙ୍କ ଗୌରବାନ୍ୱିତ ହେବା ବିଷୟରେ ପୂର୍ବ ନିରୂପଣ ସହିତ କିଛି କରିବାର ନାହିଁ ।'' (୩୧୮ ପୃଷ୍ଠା)

### ୯ ଅଧ୍ୟାୟ ପ୍ରତି ପୂର୍ବାପର ସମ୍ବନ୍ଧ ଥିବା ଶାସ୍ତ୍ରର ଅର୍ନ୍ତଦୃଷ୍ଟି

କ. ୮ ଅଧ୍ୟାୟ ଓ ୯ ଅଧ୍ୟାୟ ମଧ୍ୟରେ ମନବୃତ୍ତିର ଏକ କେଢ଼େ ନିଷ୍ଠୁର ପରିବର୍ତ୍ତନ ଦେଖାଯାଏ ।

ଖ. ଏହି ସାହିତ୍ୟିକ ଅଂଶ (୯-୧୧) ପାରମାର୍ଥିକଭାବେ ନିମ୍ନବିଷୟଗୁଡ଼ିକ ସହିତ କାରବାର କରେ ।

୧. ପରିତ୍ରାଣର ମୂଳଦୁଆ
୨. ଈଶ୍ୱରଙ୍କ ନିର୍ବାଚନ କରିବା ଉଦ୍ଦେଶ୍ୟ
୩. ଅବିଶ୍ୱାସୀ ଇଶ୍ରାଏଲର ଅବିଶ୍ୱାସ ବା ଊଣା ବିଶ୍ୱାସ ବନାମ୍ ଯିହୋବାଙ୍କ ବିଶ୍ୱସ୍ତତା
୪. ଯୀଶୁଙ୍କ ମୁକ୍ତି କାର୍ଯ୍ୟରେ ସମସ୍ତ ବିଶ୍ୱାସୀମାନଙ୍କ ଅର୍ନ୍ତଭୁକ୍ତ ।

ଗ. ୯ ଅଧ୍ୟାୟ, ଈଶ୍ୱରଙ୍କ ସାର୍ବଭୌମତା ଉପରେ ନୂତନ ନିୟମର ବଳିଷ୍ଠତମ ଶାସ୍ତ୍ରାଂଶଗୁଡ଼ିକ ମଧ୍ୟରେ ଗୋଟିଏ ଅଟେ । (ଯଥା : ଅନ୍ୟ ବ୍ୟକ୍ତି ଏଫିସୀ ୧:୩-୧୪), ଯେତେବେଳେ ୧୦ ଅଧ୍ୟାୟ ମାନବର ସ୍ୱାଧୀନ ଇଚ୍ଛା ସ୍ପଷ୍ଟଭାବେ ଓ ବାରମ୍ବାର (''ପ୍ରତ୍ୟେକଜଣ'' ୪ ପଦ, ''ଯେକେହି'' ୧୧,୧୩ ପଦରେ ''ସମସ୍ତ'' ୧୨ ପଦ (ଦୁଇଥର)) ପ୍ରକାଶ କରେ । ଉଭୟ ସତ୍ୟ ! ଅଧିକାଂଶ ବାଇବଲ ମୂଳତତ୍ତ୍ୱମାନ, ଦ୍ୱନ୍ଦମୂଳକ ବା ବିପରୀତ ସତ୍ୟ ପ୍ରକାଶକ ଯୋଡ଼ି ରୂପେ ପ୍ରକାଶ କରାଯାଇଅଛି । ପରମାର୍ଥ ଶିକ୍ଷା ବା ଅଧ୍ୟୟନର ଅଧିକାଂଶ ରୀତି ଯୁକ୍ତିଯୁକ୍ତ ମାତ୍ର ସତ୍ୟ ପ୍ରମାଣିତ-ଶାସ୍ତ୍ରାଂଶ କେବଳ ବାଇବଲ ସତ୍ୟର ଏକ ଅଂଶ । ଉଭୟ ଅଗଷ୍ଟିନ୍‌ଙ୍କ ମତବାଦ ଓ କାଲଭିନ ମତବାଦ ବନାମ୍ ଅର୍ଦ୍ଧ ପେଲଗିଅମତ ଓ ଆରମିନିୟ ମତବାଦ ମଧ୍ୟରେ ସତ୍ୟତା ଓ ଭ୍ରାନ୍ତମତର ବିଷୟମାନ ଅଛି । ଏକ ସତ୍ୟ ପ୍ରମାଣିତ ଶାସ୍ତ୍ରାଂଶରେ ପରିଣତ କରିବାକୁ, ଦ୍ୱନ୍ଦପୂର୍ଣ୍ଣ, କାରଣ ଅନ୍ୱେଷଣକାରୀ, ପରମାର୍ଥିକ ରୀତି ନିମନ୍ତେ ମୂଳତତ୍ତ୍ୱଗୁଡ଼ିକ ମଧ୍ୟରେ ବାଇବଲ ଅନୁମୋଦିତ ଭାରଗ୍ରସ୍ତ ଚିନ୍ତା ଉପଯୁକ୍ତ ମନେ କରାଯାଏ, ତାହା ବାଇବଲକୁ ଏକ ପୂର୍ବରୁ ବୋଧ ପାଇଥିବା ଅନୁବାଦଯୋଗ୍ୟ ପରିସର ମଧ୍ୟକୁ ଯିବାକୁ ବାଧ କରେ । ବିଶେଷ ପ୍ରସଙ୍ଗ ଦେଖ : ୩:୨୭ରେ ପୂର୍ବଦେଶୀୟ ସାହିତ୍ୟ ।

ଘ. ୯:୩୦-୩୩ ହେଉଛି ୯ ଅଧ୍ୟାୟର ସାରାଂଶ ଏବଂ ୧୦ ଅଧ୍ୟାୟର ପ୍ରସଙ୍ଗ ।

ଙ. ଲକ୍ଷ୍ୟକର, ପାଉଲ ତାଙ୍କର ଯୁକ୍ତି ପ୍ରତିଷ୍ଠିତ କରିବାକୁ କେତେ ପରିମାଣ ପୁରାତନ ନିୟମ ଶାସ୍ତ୍ରାଂଶମାନ ବ୍ୟବହାର କରନ୍ତି । ଏହା ରୋମରେ ଏକ ଯିହୁଦୀ ପାଠକ ସମ୍ଭାବନୀକୁ ପୂର୍ବରୁ ନିର୍ଦ୍ଧାରିତ କରେ ।

୧. ୭ ପଦ – ଆଦି ୨୧:୧୨
୨. ୯ ପଦ – ଆଦି ୧୮:୧୦,୧୪
୩. ୧୨ ପଦ – ଆଦି ୨୫:୩୨
୪. ୧୩ ପଦ – ମଲାଖି ୧:୨-୩
୫. ୧୫ ପଦ – ଯାତ୍ରା ୩୩:୧୯
୬. ୧୭ ପଦ – ଯାତ୍ରା ୯:୧୬
୭. ୨୫ ପଦ – ହୋଶେୟ ୨:୨୩
୮. ୨୬ ପଦ – ହୋଶେୟ ୧:୧୦
୯. ୨୭ ପଦ – ଯିଶାଇୟ ୧୦:୨୨

୧୦.  ୨୮ ପଦ – ଯିଶାଇୟ ୧୦:୨୩
୧୧.  ୨୯ ପଦ – ଯିଶାଇୟ ୧:୯
୧୨.  ୩୩ ପଦ – ଯିଶାଇୟ ୨୮:୧୬ ଓ ୮:୧୪
୧୯ ଓ ୧୧ ଅଧ୍ୟାୟମାନଙ୍କରେ ଆହୁରି ଅଧିକ ପୁରାତନ ନିୟମ ଉଦ୍ଧୃତାଂଶ ଅଛି ।

**ଶବ୍ଦ ଓ ଖଣ୍ଡ ବାକ୍ୟ ଅଧ୍ୟୟନ**

**ଏନ୍ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୯:୧–୧୫**

**[1]ମୋହର ହୃଦୟରେ ଯେ ଗଭୀର ଦୁଃଖ ଓ ନିରନ୍ତର ବେଦନା ହେଉଅଛି । ଏହା ମୁଁ ଖ୍ରୀଷ୍ଟଙ୍କ ସାକ୍ଷାତରେ ସତ୍ୟ କହୁଅଛି, ମିଥ୍ୟା କହୁନାହିଁ, [2]ମୋହର ବିବେକ ପବିତ୍ର ଆତ୍ମାଙ୍କ ପ୍ରଭାବରେ ମୋ ସହିତ ସାକ୍ଷ୍ୟ ଦେଉଅଛି । [3]କାରଣ ଯେଉଁମାନେ ଶାରୀରିକଭାବେ ମୋହର ଆତ୍ମୀୟ, ଏପରି ମୋହର ଭାଇମାନଙ୍କ ନିମନ୍ତେ ମୁଁ ନିଜେ ଖ୍ରୀଷ୍ଟଙ୍କଠାରୁ ପୃଥକ୍ ରହି ଶାପଗ୍ରସ୍ତ ହେବା ପାଇଁ ଇଚ୍ଛା କରିପାରନ୍ତି । [4]ସେମାନେ ତ ଇଶ୍ରାୟେଲୀୟ, ପୁତ୍ରତ୍ୱ, ଗୌରବ, ନିୟମସମୂହ ବ୍ୟବସ୍ଥା ପ୍ରଦାନ, ଉପାସନା ଓ ପ୍ରତିଜ୍ଞାସମୂହ ସେମାନଙ୍କର, [5]ପିତୃପୁରୁଷମାନେ ସେମାନଙ୍କର ଆଉ ଶାରୀରିକଭାବେ ସେମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଉତ୍ପନ୍ନ, ସେହି ସର୍ବାଧିପତି ଈଶ୍ୱର ଯୁଗେ ଯୁଗେ ଧନ୍ୟ, ଆମେନ୍ ।**

**୯:୧–୨** ପଦମାନ : ୧ ଓ ୨ ପଦ ଗ୍ରୀକ୍ ଭାଷାରେ ଗୋଟିଏ ବାକ୍ୟ ଗଠନ କରନ୍ତି । ପାଉଲ ବିଭିନ୍ନ କାରଣସମୂହ ଦେଉଛନ୍ତି ଯେପରି ସେମାନେ (ରୋମରେ ଥିବା ମଣ୍ଡଳୀ) ଜାଣିପାରିବେ ଯେ, ସେ ସତ୍ୟ କହୁଥିଲେ ।
୧.  ଖ୍ରୀଷ୍ଟଙ୍କ ସହିତ ତାଙ୍କର ମିଳନ ୧ ପଦ
୨.  ତାଙ୍କର ଆତ୍ମାଙ୍କ ଚାଳିତ ବିବେକ ୧ ପଦ
୩.  ଇସ୍ରାଏଲ ପାଇଁ ତାଙ୍କର ଗଭୀର ଅନୁଭବ ୨ ପଦ

**୯:୧ ''ମୁଁ ଖ୍ରୀଷ୍ଟଙ୍କ ସାକ୍ଷାତରେ ସତ୍ୟ କହୁଅଛି, ମିଥ୍ୟା କହୁନାହିଁ''** ପାଉଲ ସତ୍ୟତା ପ୍ରତିବାଦନ କରିବାକୁ ଅନେକ ସମୟରେ ଏହିପ୍ରକାର ମନ୍ତବ୍ୟ ପ୍ରଦାନ କରିଅଛନ୍ତି (୨ କରନ୍ଥୀ ୧୧:୧୦, ଗାଲାତୀ ୧:୨୦, ୧ ତୀମଥି ୨:୭) କିଅବା ତାଙ୍କର ସାକ୍ଷୀ ଭାବରେ ଈଶ୍ୱରଙ୍କ ବିଷୟରେ ସେହିପରି ଏକ ସମାନ ମନ୍ତବ୍ୟ ଦେଇଛନ୍ତି (ରୋମୀ ୧:୯, ୨ କରନ୍ଥୀ ୧:୨୩, ୧୧:୩୧, ଫିଲିପ୍ପୀ ୧:୮, ୧ ଥେସଲ ୨:୫,୧୦) । ତାଙ୍କର ଶିକ୍ଷାଦାନ ଓ ପ୍ରଚାରର ସତ୍ୟତା ସାବ୍ୟସ୍ତ କରିବାର ଏହା ଥିଲା ତାଙ୍କର ଉପାୟ । ଦମ୍ମେସକ ପଥର ଅନୁଭବ ସବୁକିଛି ପରିବର୍ତ୍ତନ କରିଦେଇଥିଲା !

□ **''ମୋହର ବିବେକ''** ଏହା ବିଶ୍ୱାସୀମାନଙ୍କୁ ଈଶ୍ୱରଦତ୍ତ ଆତ୍ମାଙ୍କ ଚାଳିତ ନୈତିକ ଚେତନା ଶକ୍ତିକୁ ବୁଝାଉଛି । ଗୋଟିଏ ଅର୍ଥରେ ଏହା ବିଶ୍ୱାସୀମାନଙ୍କ ପାଇଁ ଅଧିକାରର ମୁଖ୍ୟ ଉତ୍ପତ୍ତିସ୍ଥଳ । ଏହା ଈଶ୍ୱରଙ୍କ ବାକ୍ୟ, ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ମନରେ ବୁଝାଯାଇଅଛି ଓ ପ୍ରୟୋଗ କରାଯାଇଅଛି (୧ ତୀମଥି ୧:୫,୧୯) । ସମସ୍ୟା ଉତ୍ପନ୍ନ ହୁଏ, ଯେତେବେଳେ ବିଶ୍ୱାସୀମାନେ ଏବଂ ସେହି ବିଷୟ ପାଇଁ, ଅବିଶ୍ୱାସୀମାନେ– ଈଶ୍ୱରଙ୍କ ବାକ୍ୟ ଆତ୍ମାଙ୍କୁ ଅଗ୍ରାହ୍ୟ କରିବାରେ ଲାଗି ରହନ୍ତି, ଏହା ତେବେ ଜଣକୁ ତାହାର ପାପର ଯୁକ୍ତିଯୁକ୍ତ କାରଣ ଦର୍ଶାଇବାକୁ ସହଜ ହୁଏ (୧ ତୀମଥି ୪:୨) । ଆମ୍ଭମାନଙ୍କ ବିବେକମାନ ସଂସ୍କୃତିଗତଭାବେ ଓ ଅନୁଭୂତି ଅନୁଯାୟୀ ଅବସ୍ଥାପିତ ହୋଇପାରିବ ।

**ବିଶେଷ ପ୍ରସଙ୍ଗ : ବିବେକ**

ପାପଲ ଏହି ଶବ୍ଦ ''ବିବେକ'' ଅନେକ ସମୟରେ କରନ୍ଥୀୟ ପତ୍ରମାନଙ୍କରେ ବ୍ୟବହାର କରନ୍ତି (୪:୪, ୮:୭, ୧୦:୧୨, ୧୦:୨୫,୨୭,୨୮,୨୯, ୨ କରନ୍ଥୀ ୧:୧୨, ୪:୨, ୫:୧୧) । ସେହି ନୈତିକ ଆଭ୍ୟନ୍ତରୀଣ ସଚେତନତା ଯାହା ଉପଯୁକ୍ତ ବା ଅନୁପଯୁକ୍ତ, ଏହା ତାହାକୁ ବୁଝାଏ (ପ୍ରେରିତ ୨୩:୧) । ବିବେକ ଆମ୍ଭମାନଙ୍କର ଅତୀତ ଜୀବନମାନ, ଆମର ଦୁର୍ବଳ ପସନ୍ଦମାନ କିଅବା ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ପ୍ରଭାବିତ ହୋଇପାରେ । ଏହା ଏକ ଦୋଷଶୂନ୍ୟ ଚାଳକ ନୁହେଁ, ମାତ୍ର ବ୍ୟକ୍ତିଗତ ବିଶ୍ୱାସର ସୀମାସବୁ ଏହା ସ୍ଥିର କରିଥାଏ । ସେଥିପାଇଁ ଆମ୍ଭମାନଙ୍କ ବିବେକକୁ ଆଘାତ କରିବା, ଏପରିକି ଯଦ୍ୟପି ଏହା ଭୁଲ୍‌ରେ ଅଛି ବା ଦୁର୍ବଳ ଅଛି, ଏହା ବିଶ୍ୱାସର ମୁଖ୍ୟ ସମସ୍ୟା ଅଟେ ।

ବିଶ୍ୱାସୀର ବିବେକ ଈଶ୍ୱରଙ୍କ ବାକ୍ୟ ଓ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଅଧିକରୁ ଅଧିକ ଗଠିତ ହେବା ଆବଶ୍ୟକ । (୧ ତୀମଥି ୩:୯) । ବିଶ୍ୱାସୀମାନଙ୍କୁ ଈଶ୍ୱର ସେମାନଙ୍କର ଥିବା ଆଲୋକ ଅନୁସାରେ ବିଚାର କରିବେ (ଯଥା : ଦୁର୍ବଳ ବା ବଳିଷ୍ଠ), ମାତ୍ର ଆମ୍ଭେମାନେ ସମସ୍ତେ ଅଧିକ ଆଲୋକ ନିମନ୍ତେ ଏବଂ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜ୍ଞାନରେ ବୃଦ୍ଧିଲାଭ କରିବା ପାଇଁ ବାଇବଲ ଓ ଆତ୍ମାଙ୍କ ପ୍ରତି ଉନ୍ମୁକ୍ତ ରହିବା ଉଚିତ । ୨ କରନ୍ଥୀ ୧୦:୨୫ରେ ''ବିବେକ'' ଉପରେ ଅଧିକ ସଂପୂର୍ଣ୍ଣ ଟିପ୍ପଣୀ ଦେଖ । ବିଶେଷ ପ୍ରସଙ୍ଗ ଦେଖ : ଦୁର୍ବଳତା ।

□

| | |
|---|---|
| **ଏନ୍ଏଏସ୍‌ବି ଏନ୍‌କେଜେଭି** | **''ପବିତ୍ର ଆତ୍ମାରେ ମୋତେ ସାକ୍ଷ୍ୟ ଦେଉଅଛି''** |
| **ଏନ୍ଆର୍ଏସ୍‌ଭି** | **''ପବିତ୍ରଆତ୍ମାଙ୍କ ଦ୍ୱାରା ଏହି ଦୃଢ଼ୀଭୂତ କରେ''** |
| **ଟିଇଭି** | **''ପବିତ୍ରଆତ୍ମାଙ୍କ ଦ୍ୱାରା ଚାଳିତ ବା ଶାସିତ ହେଉଅଛି''** |
| **ଏନ୍‌ଜେବି** | **''ପବିତ୍ରଆତ୍ମାଙ୍କ ସହିତ ମିଳନରେ ମୋତେ ପ୍ରତ୍ୟୟ କରିବାକୁ ଦିଏ''** |

ପାଉଲ ବିଶ୍ୱାସ କରିଥିଲେ ଯେ, ଖ୍ରୀଷ୍ଟଙ୍କଠାରୁ ତାଙ୍କର ଏକ ବିଶେଷ ଆହ୍ୱାନ ଓ ଦାୟିତ୍ୱ ଥିଲା (ପ୍ରେରିତ ୯:୧-୨୨, ଗାଲାତୀ ୧:୧) ମୌଖିକ (୨:୧୫ର ବର୍ତ୍ତମାନ କାଳର ସକ୍ରୀୟ କର୍ମବାଚ୍ୟ) ''ସନ'' ସହିତ ଏକତ୍ରିତ (ପାଉଲଙ୍କରବଡ଼ ସାଧାରଣ) । ତାଙ୍କର ନୂତନ ବୁଝାମଣା ଦ୍ୱାରା ବୋଧଗମ୍ୟ ହୋଇଥିବା ବିଷୟ ନିମ୍ନ ବିଷୟଗୁଡ଼ିକ ଉପରେ ନିର୍ଭର କରେ ।

୧. ଖ୍ରୀଷ୍ଟଙ୍କ ପ୍ରକାଶ
   କ. ଦମ୍ମେସକ ପଥ
   ଖ. ଆରବରେ ଶିକ୍ଷା ଲାଭ (ନାବେଟିଆନ୍)
୨. ପବିତ୍ରଆତ୍ମାଙ୍କ ଆଭ୍ୟନ୍ତରୀଣ ସାକ୍ଷ୍ୟ

ସେ ଜଣେ ପ୍ରେରିତ ଥିଲେ ଓ ସ୍ୱର୍ଗୀୟ ଅଧିକାର ସହିତ କଥା କହୁଥିଲେ (୧ କରନ୍ଥୀ ୭:୨୫,୪୦) । ସେ ଜାତୀୟ ଇସ୍ରାଏଲମାନଙ୍କର ଅବିଶ୍ୱାସ ଓ ଅଗ୍ରାହ୍ୟ ଉପରେ ଈଶ୍ୱରଙ୍କ ଦୁଃଖର ଅଂଶୀ ହେଉଥିଲେ । (୨ ପଦ) । ସେମାନଙ୍କ ବହୁତ କିଛି ସୁବିଧାମାନ ଥିଲା (୪,୫ ପଦ) ।

**୯:୩**

| | |
|---|---|
| **ଏନ୍ଏସ୍ବି,** | **ଏନ୍କେଜେଭି** |
| **ଏନ୍ଆର୍ଏସ୍ଭି** | **''ହେବା ପାଇଁ ମୁଁ ଇଚ୍ଛା କରିପାରନ୍ତି''** |
| **ଟିଇଭି** | **''ସେମାନଙ୍କ ସକାଶେ ମୁଁ ଇଚ୍ଛା କରିପାରନ୍ତି''** |
| **ଏନ୍ଜେବି** | **''ମୁଁ ଇଚ୍ଛୁକ ହୋଇଥାଆନ୍ତି''** |

ପାଉଲ ତାଙ୍କ ଲେଶକ ଇସ୍ରାଏଲମାନଙ୍କ ପାଇଁ ଏତେ ଗଭୀରଭାବେ ଅନୁଭବ କଲେ ଯେ, ଯଦି ତାଙ୍କର ପୃଥକୀକରଣ ସେମାନଙ୍କୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ପ୍ରଭାବିତ କରିପାରନ୍ତା । ତାହା ମଧ୍ୟ ସେ କରିବାକୁ ଇଚ୍ଛୁକ ୩ ପଦ । ଏହି ପଦର ଏକ ବଳିଷ୍ଠ ପ୍ରଭାବଶାଳୀ ବ୍ୟାକରଣ ସଂଗଠନ ଅଛି (ଅସମ୍ପନ୍ନ କାଳବାଚକ ମଧ୍ୟବର୍ତ୍ତୀ ସୂଚକ 'ଅଟୋସ'' ଓ 'ଇଗୋ' ସହିତ ଓ ଏକ ବର୍ତ୍ତମାନ କର୍ତ୍ତା ନିରପେକ୍ଷ କ୍ରିୟା) । ଏହି ପ୍ରାର୍ଥନାର ପ୍ରଗାଢ଼ତା ଓ ବୋଝ ମୋଶାଙ୍କର ଏହା ଘଟଣା ନୁହେଁ, ମାତ୍ର ଇଚ୍ଛାର ମନ୍ତବ୍ୟ ବୋଲି ସର୍ବୋତ୍ତମ ରୂପେ ବୁଝାଯାଇଅଛି । ଏହା ଗାଲାତୀ ୪:୨୦ରେ ଅସମ୍ପନ୍ନକାଳର ଏକ ବ୍ୟବହାର ସହିତ ସମାନ ।

**ବିଶେଷ ପ୍ରସଙ୍ଗ : ନିବେଦନ ପ୍ରାର୍ଥନା**

୧. ପରିଚୟ
   କ. ପ୍ରାର୍ଥନା ଗୁରୁତ୍ୱପୂର୍ଣ୍ଣ, ଯୀଶୁଙ୍କ ଆଦର୍ଶ ହେତୁ
      ୧. ବ୍ୟକ୍ତିଗତ ପ୍ରାର୍ଥନା ମାର୍କ ୧:୩୫, ଲୂକ ୩:୨୧, ୬:୧୨, ୯:୨୯, ୨୨:୨୯-୪୬
      ୨. ମନ୍ଦିର ପରିଷ୍କାର କରିବା, ମାଥିଉ ୨୧:୧୩, ମାର୍କ ୧୧:୧୭, ଲୂକ ୧୯:୪୬
      ୩. ଆଦର୍ଶ ପ୍ରାର୍ଥନା, ମାଥିଉ ୬:୫-୧୩, ଲୂକ ୧୧:୨-୪
   ଖ. ପ୍ରାର୍ଥନା ହେଉି ଏକ ବ୍ୟକ୍ତିଗତ ଓ ଯତ୍ନ ନେଉଥିବା ଈଶ୍ୱରଙ୍କଠାରେ ଆମର ବିଶ୍ୱାସକୁ ସ୍ପର୍ଶ କରି ହେଉଥିବା କାର୍ଯ୍ୟରେ ପରିଣତ କରିବା । ଯେଉଁ ଈଶ୍ୱର କି ଉପସ୍ଥିତ, ଇଚ୍ଛୁକ ଏବଂ ଆମ ସପକ୍ଷରେ ଓ ଅନ୍ୟମାନଙ୍କ ସପକ୍ଷରେ କାର୍ଯ୍ୟ କରିବାକୁ ଆମ୍ଭମାନଙ୍କ ପ୍ରାର୍ଥନା ମାଧ୍ୟମରେ ସମର୍ଥ ।
   ଗ. ଈଶ୍ୱର ଅନେକ କ୍ଷେତ୍ରରେ ତାହାଙ୍କ ସନ୍ତାନମାନଙ୍କ ପ୍ରାର୍ଥନାମାନର ଉପରେ କାର୍ଯ୍ୟ କରିବାକୁ ଆପଣାକୁ ବ୍ୟକ୍ତିଗତ ଭାବରେ ସୀମାବଦ୍ଧ କରିଅଛନ୍ତି । (ଯାକୁବ ୪:୨)
   ଘ. ପ୍ରାର୍ଥନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତ୍ରିବିଧ ପରମେଶ୍ୱରଙ୍କ ସହିତ ଆମ୍ଭମାନଙ୍କ ସହଭାଗିତା ଓ ସମୟ ଦେବା ।
   ଙ. ପ୍ରାର୍ଥନାର ସୁଯୋଗ ବିଶ୍ୱାସୀମାନଙ୍କ ପାଇଁ ଯେକୌଣସି ବିଷୟ ମାଗିବା ଓ ଯେକୌଣସି ବ୍ୟକ୍ତି ନିମନ୍ତେ ଅଛି । ଆମ୍ଭେମାନେ ଥରେ ପ୍ରାର୍ଥନା କରିପାରିବା, ବିଶ୍ୱାସ କରି ପ୍ରାର୍ଥନା କରିବା କିଅବା ଚିନ୍ତା ବା ବ୍ୟସ୍ତତା ଥରକୁ ଥର ଫେରିବା ଅନୁସାରେ ବାରମ୍ବାର ସେହି ବିଷୟ ପାଇଁ ପ୍ରାର୍ଥନା କରିପାରିବା ।
   ଚ. ପ୍ରାର୍ଥନା ବିଭିନ୍ନ ବିଷୟଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରିପାରେ
      ୧. ତ୍ରିବିଧ ଈଶ୍ୱରଙ୍କ ପ୍ରଶଂସା ଓ ଭକ୍ତିର ଉପାସନା
      ୨. ଈଶ୍ୱରଙ୍କ ଉପସ୍ଥିତି, ସହଭାଗିତା ଓ ଯୋଗାଇଥିବା ବିଷୟଗୁଡ଼ିକ ପାଇଁ ତାହାଙ୍କୁ ଧନ୍ୟବାଦ ଦେବା ।
      ୩. ଆମର ଅତୀତ ଓ ବର୍ତ୍ତମାନ ପାପ ପୂର୍ଣ୍ଣତାର ସ୍ୱୀକାର
      ୪. ଅନୁଭବ କରୁଥିବା ଆବଶ୍ୟକତାମାନ ଓ ଇଚ୍ଛା ସମସ୍ତ ବିଷୟରେ ନିବେଦନ
      ୫. ପିତାଙ୍କ ସମ୍ମୁଖରେ ଅନ୍ୟମାନଙ୍କର ଆବଶ୍ୟକତାମାନକୁ ତୋଳି ଧରି ନିବେଦନ କରିବା
   ଛ. ନିବେଦନ ପ୍ରାର୍ଥନା ଏକ ରହସ୍ୟ ଅଟେ । ଆମ୍ଭେମାନେ ଯେଉଁମାନଙ୍କ ପାଇଁ ପ୍ରାର୍ଥନା କରୁ, ଈଶ୍ୱର ସେମାନଙ୍କୁ ଆମ୍ଭମାନଙ୍କଠାରୁ ବହୁ ଅଧିକ ପ୍ରେମ କରନ୍ତି, ତଥାପି ଆମ୍ଭମାନଙ୍କର ପ୍ରାର୍ଥନା ଅନେକ ସମୟରେ ଏକ ପରିବର୍ତ୍ତନ । ପ୍ରତ୍ୟୁତ୍ତର ବା ଆବଶ୍ୟକତାକୁ ପ୍ରଭାବିତ କରେ କେବଳ ଆମ୍ଭମାନଙ୍କଠାରେ ନୁହେଁ, ମାତ୍ର ସେମାନଙ୍କଠାରେ ମଧ୍ୟ ।

୨.    ବାଇବଲ ସମ୍ବନ୍ଧୀୟ ଉପକରଣ

କ.    ପୁରାତନ ନିୟମ

୧.    ନିବେଦନ ପ୍ରାର୍ଥନାର କେତେକ ଉଦାହରଣ

କ.    ଅବ୍ରହାମ ସଦୋମ ପାଇଁ ବିନତି କରୁଛନ୍ତି ଆଦି ୧୮:୨୨–

ଖ.    ଇସ୍ରାୟେଲ ପାଇଁ ମୋଶାଙ୍କ ପ୍ରାର୍ଥନା

୧)    ଯାତ୍ରା ୫:୨୨–୨୩

୨)    ଯାତ୍ରା ୩୨:୩୧–

୩)    ଦ୍ୱିତୀୟ ବିବରଣ ୫:୫

୪)    ଦ୍ୱିତୀୟ ବିବରଣ ୯:୧୮,୨୫–

ଗ.    ଶାମୁଏଲଙ୍କ ପ୍ରାର୍ଥନା ଇସ୍ରାଏଲ ପାଇଁ :

୧)    ୧ ଶାମୁଏଲ ୭:୫–୬, ୮–୯

୨)    ୧ ଶାମୁଏଲ ୧୨:୧୬–୨୩

୩)    ୧ ଶାମୁଏଲ ୧୫:୧୧

ଘ.    ଦାଉଦଙ୍କ ପ୍ରାର୍ଥନା ତାଙ୍କ ପୁତ୍ର ପାଇଁ, ୨ ଶାମୁଏଲ ୧୨:୧୬–୧୮

୨.    ଈଶ୍ୱର ନିବେଦନ ପ୍ରାର୍ଥନାକାରୀମାନଙ୍କ ପାଇଁ ଅପେକ୍ଷା କରୁଅଛନ୍ତି, ଯିଶାଇୟ ୫୯:୧୬

୩.    ଜାଣିଥିବା, ଅସ୍ୱୀକାର ବା ସ୍ୱୀକାର କରି ନ ଥିବା ପାପ ବା ଏକ ଅନୁତାପହୀନ ମନୋବୃତ୍ତି ଆମ୍ଭମାନଙ୍କ ପ୍ରାର୍ଥନାକୁ ପ୍ରଭାବିତ କରେ ।

କ.    ଗୀତ ୬୬:୧୮

ଖ.    ହିତୋପଦେଶ ୨୮:୯

ଗ.    ଯିଶାଇୟ ୫୯:୧–୨, ୬୪:୭

ଖ.    ନୂତନ ନିୟମ

୧.    ପୁତ୍ର ଓ ଆତ୍ମାଙ୍କ ନିବେଦନ ପ୍ରାର୍ଥନାର ସେବାକାର୍ଯ୍ୟ

କ.    ଯୀଶୁ

୧)    ରୋମୀ ୮:୩୪

୨)    ଏବ୍ରୀ ୭:୨୫

୩)    ୧ ଯୋହନ ୨:୪

ଖ.    ପବିତ୍ର ଆତ୍ମା, ରୋମୀ ୮:୨୬–୨୭

୨.    ପାଉଲଙ୍କ ନିବେଦନ ପ୍ରାର୍ଥନା ସେବାକାର୍ଯ୍ୟ

କ.    ଯିହୁଦୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତି

୧)    ରୋମୀ ୯:୧–

୨)    ରୋମୀ ୧୦:୧

ଖ.    ମଣ୍ଡଳୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତି

୧)    ରୋମୀ ୧:୯

୨)    ଏଫିସୀ ୧:୧୬

୩)    ଫିଲିପ୍ପୀ ୧:୩–୪,୯

୪)    କଲସୀ ୧:୩,୯

୫)    ୧ ଥେସଲନୀକୀ ୧:୨–୩

୬)    ୨ ଥେସଲନୀକୀ ୧:୧୧

୭)    ୨ ତୀମଥି ୧:୩

୮)    ଫିଲିମୋନ ୪ ପଦ

ଗ.    ପାଉଲ ତାଙ୍କ ନିଜ ପାଇଁ ପ୍ରାର୍ଥନା କରିବାକୁ ମଣ୍ଡଳୀଗଣଙ୍କୁ କହିଲେ

୧)    ରୋମୀ ୧୫:୩୦

୨)   ୨ କରନ୍ଥୀ ୧:୧୧
୩)   ଏଫିସୀ ୬:୧୯
୪)   କଲସୀ ୪:୩
୫)   ୧ ଥେସଲନୀକୀ ୫:୨୫
୬)   ୨ ଥେସଲନୀକୀ ୩:୧
୩.   ମଣ୍ଡଳୀର ନିବେଦନ ପ୍ରାର୍ଥନା ସେବାକାର୍ଯ୍ୟ
କ.   ପରସ୍ପର ପାଇଁ ପ୍ରାର୍ଥନା କର
୧)   ଏଫିସୀ ୬:୧୮
୨)   ୧ ତୀମଥି ୨:୧
୩)   ଯାକୁବ ୫:୧୬
ଖ.   ବିଶେଷ ଦଳମାନଙ୍କ ପାଇଁ ପ୍ରାର୍ଥନା ନିବେଦନ କରାଗଲା
୧)   ଆମ୍ଭମାନଙ୍କ ଶତ୍ରୁଗଣ ମାଥିଉ ୫:୪୪
୨)   ଖ୍ରୀଷ୍ଟିୟ କାର୍ଯ୍ୟକାରୀଗଣ ଏବ୍ରୀ ୧୩:୧୮
୩)   ଶାସକମାନଙ୍କ ପାଇଁ ୧ ତୀମଥି ୨:୨
୪)   ପୀଡ଼ିତ ପାଇଁ, ଯାକୁବ ୫:୧୩-୧୬
୫)   ପଶ୍ଚାତ୍ ଫେରି ଯାଇଥିବା ଲୋକମାନଙ୍କ ପାଇଁ ୧ ଯୋହନ ୫:୧୬

୩   ଉତ୍ତର ପ୍ରାପ୍ତ ପ୍ରାର୍ଥନା ପାଇଁ ସର୍ତ୍ତ ସମୂହ
କ.   ଖ୍ରୀଷ୍ଟ ଓ ଆତ୍ମାଙ୍କ ସହିତ ଆମର ସମ୍ପର୍କ
୧)   ତାହାଙ୍କଠାରେ ରହିବା ଯୋହନ ୧୫:୭
୨)   ତାହାଙ୍କ ନାମରେ ଯୋହନ ୧୪:୧୩,୧୪, ୧୫:୧୬, ୧୬:୨୩-୨୪
୩)   ଆତ୍ମାରେ ଏଫିସୀ ୬:୧୮, ଯିହୁଦା ୨୦
୪)   ଈଶ୍ୱରଙ୍କ ଇଚ୍ଛାନୁସାରେ ମାଥିଉ ୬:୧, ୧ ଯୋହନ ୩:୨୨, ୫:୧୪-୧୫
ଖ.   ଅଭିପ୍ରାୟମାନ
୧.   ବିଚଳିତ ନୁହେଁ ମାଥିଉ ୨୧:୨୨, ଯାକୁବ ୧:୬-୭
୨.   ନମ୍ରତା ଓ ଅନୁତାପ, ଲୂକ ୧୮:୯-୧୪
୩.   ବ୍ୟର୍ଥରେ ମାଗିବା ଯାକୁବ ୪:୩
୪.   ସ୍ୱାର୍ଥପରତା ଯାକୁବ ୪:୨-୩
ଗ.   ଅନ୍ୟାନ୍ୟ ବିଷୟମାନ
୧.   ଧୈର୍ଯ୍ୟ ସହିତ ଅଧ୍ୟବସାୟ
କ.   ଲୂକ ୧୮:୧-୮
ଖ.   କଲସୀ ୪:୨
୨.   ମାଗିବାରେ ଲାଗି ରହିବା
କ.   ମାଥିଉ ୭:୭-୮
ଖ.   ଲୂକ ୧୧:୫-୧୩
ଗ.   ଯାକୁବ ୧:୫
୩.   ଗୃହରେ ମତାନ୍ତର (ବିବାଦ ବା କଳହ) ୧ ପିତର ୩:୭
୪.   ଜାଣିଥିବା ପାପରୁ ମୁକ୍ତି
କ.   ଗୀତ ୬୬:୧୮
ଖ.   ହିତୋପଦେଶ ୨୮:୯
ଗ.   ଯିଶାଇୟ ୫୯:୧-୨
ଘ.   ଯିଶାଇୟ ୬୪:୭

| | | |
|---|---|---|
| ୪. | ପାରମାର୍ଥିକ ଉପସଂହାର | |
| | କ. | କେତେ ସୁବିଧା, କେତେ ସୁଯୋଗ, କେତେ କର୍ତ୍ତବ୍ୟ ଓ ଦାୟିତ୍ୱ |
| | ଖ. | ଯୀଶୁ ଆମର ଆଦର୍ଶ । ଆତ୍ମା ଆମର ଚାଳକ । ପିତା ଆଗ୍ରହରେ ଅପେକ୍ଷା କରିଅଛନ୍ତି । |
| | ଗ. | ଏହା ତୁମକୁ, ତୁମ ପରିସରକୁ, ତୁମ ବନ୍ଧୁମାନଙ୍କୁ ଏବଂ ଜଗତକୁ ପରିବର୍ତ୍ତନ କରିପାରିବ । |

□

**ଏନ୍‌ଏଏସ୍‌ବି ''ଖ୍ରୀଷ୍ଟଙ୍କଠାରୁ ପୃଥକ୍ ରହି ଶାପଗ୍ରସ୍ତ ହେଲେ''**
**ଏନ୍‌କେଜେଭି ''ଖ୍ରୀଷ୍ଟଙ୍କଠାରୁ ଶାପଗ୍ରସ୍ତ ହେଲେ''**
**ଏନ୍‌ଆର୍‌ଏସ୍‌ଭି ''ଶାପଗ୍ରସ୍ତ ଏବଂ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ''**

**ଟିଇଭି ''ଈଶ୍ୱରଙ୍କ ଅଭିଶାପ ଅଧୀନ ଓ ଖ୍ରୀଷ୍ଟଙ୍କଠାରୁ ପୃଥକୀକୃତ''**
**ଏନ୍‌ଜେବି ''ଇଚ୍ଛୁକ ହୋଇ ଦଣ୍ଡିତ ଓ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ''**

''ପବିତ୍ର'' ବା 'ହୋଲି' ଶବ୍ଦର ମୂଳ ଉଦ୍ଭାବନା ବା ବ୍ୟୁତ୍ପତ୍ତି ବିଷୟକ ଅଧ୍ୟୟନ, ଈଶ୍ୱରଙ୍କୁ ତାହାଙ୍କ ବ୍ୟବହାର ସକାଶେ ପୃଥକ୍ ରଖିବାକୁ ଦିଏ । ସମାନ ଚିନ୍ତା, 'ଅଭିଶାପ' ପାଇଁ ଏହି ଶବ୍ଦମାନଙ୍କ ସହିତ ସଂପୃକ୍ତ କରେ (ଆନାଥେମା ୧ କରନ୍ଥୀ ୧୨:୩, ୧୬:୨୨, ଗାଲାତୀ ୧:୮,୯) କିଛି ବିଷୟ ବା କେହି ଜଣେ ଈଶ୍ୱରଙ୍କଠାରୁ ପୃଥକ୍ ହୋଇଅଛି । ଏହା ଅନୁକୂଳ (ଆସ୍ତିବାଚକ) ଅନୁଭବ (ଲେବୀ ୨୭:୨୮, ଲୂକ ୨୧:୫) ବା ଏକ ନାସ୍ତିବାଚକ ଅନୁଭବ (ଯିହୋଶୂୟ ୬-୭, ରୋମୀ ୯:୩) ପୂର୍ବାପର ସମ୍ବନ୍ଧ ସହ ଶାସ୍ତ୍ରାଂଶ ଉପରେ ନିର୍ଭର କରୁଛି ।

**ବିଶେଷ ପ୍ରସଙ୍ଗ : ଅଭିଶାପ (ଆନେଥେମା)**

ହିବ୍ରୁ ଭାଷାରେ ''ଅଭିଶାପ'' ପାଇଁ ବିଭିନ୍ନ ଶବ୍ଦମାନ ଅଛି । ହେରେମ୍ (ବିଡିବି ୩୫୬) ଈଶ୍ୱରଙ୍କ କିଛି ଦେଇଥିବା ସକାଶେ ବ୍ୟବହୃତ ହୋଇଥିଲା (ଏଲ୍‌ଏକ୍ସଏକ୍ସ ଆନେଥେମା ପରି (ବିଏଜିଡି ୫୪) ଲେବୀ ୨୭:୨୮) ସାଧାରଣତଃ ବିନଷ୍ଟ ହେବା ସକାଶେ ବ୍ୟବହୃତ (ଦ୍ୱିତୀୟ ବିବରଣୀ ୭:୨୬, ଯିହୋଶୂୟ ୬:୧୭-୧୮, ୧୭:୧୨) । ଏହା ଏକ ଶବ୍ଦ ''ପବିତ୍ର ଯୁଦ୍ଧ''ର ବିଷୟରେ ବ୍ୟବହୃତ ହେଉଥିଲା । ଈଶ୍ୱର କିଣାନୀୟମାନଙ୍କୁ ବିନାଶ କରିବାକୁ କହିଲେ ଏବଂ ଯିରିହୋ ଥିଲା ପ୍ରଥମ ସୁଯୋଗ, ''ପ୍ରଥମ ଫଳ'' ।

ନୂତନ ନିୟମରେ ''ଆନେଥେମା'' ଏବଂ ଏହାର ସଂପୃକ୍ତ ଆକୃତିମାନ ବିଭିନ୍ନ ପୃଥକ୍ ପୃଥକ୍ ଅର୍ଥରେ ବ୍ୟବହୃତ ହେଲା

୧. ଏକ ଦାନ ବା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ରୂପେ (ଲୂକ ୨୧:୫)
୨. ଏକ ମୃତ୍ୟୁ ଶପଥ ପରି (ପ୍ରେରିତ ୨୩:୧୪)
୩. ଏକ ଅଭିଶାପ ଓ ଶପଥ (ମାର୍କ ୧୪:୭୧)
୪. ଏକ ଅଭିଶାପ ପଦ୍ଧତି ଯୀଶୁଙ୍କ ସହିତ ସଂପୃକ୍ତ ୧ କରନ୍ଥୀ ୧୨:୩
୫. ଈଶ୍ୱରଙ୍କ ବିଚାର ବା ବିନାଶ ସକାଶେ କୌଣସି ବ୍ୟକ୍ତି ବା କୌଣସି ପଦାର୍ଥ ଦେବା ରୋମୀ ୯:୩, ୧ କରନ୍ଥୀ ୧୬:୨୨, ଗାଲାତୀ ୧:୮-୯)

□ **''ଶାରୀରିକଭାବେ ମୋର ଆତ୍ମିୟ'' ବିଶେଷ ପ୍ରସଙ୍ଗ ଦେଖ ୧:୩ରେ**

**୯:୪-୫** ଏହି ବିଶେଷ ପଦର ଖଣ୍ଡବାକ୍ୟସମୂହର ତାଲିକା, ଇସ୍ରାଏଲର ସୁଖସୁବିଧାମାନର ଚିତ୍ରାଙ୍କନରେ ପୁଙ୍ଖାନୁପୁଙ୍ଖ ବୟାନ ପ୍ରଦାନ କରେ । ଏହି ସୁଖସୁବିଧା ବା ଉପକାରଗୁଡ଼ିକର ଆଲୋକରେ ସେମାନଙ୍କର ଅବିଶ୍ୱାସ ଅଧିକ ଦଣ୍ଡଯୋଗ୍ୟ ଥିଲା । ''ଯାହାକୁ ବହୁତ ପ୍ରଦତ୍ତ ହୋଇଅଛି ତାହାଠାରୁ ବହୁତ ଦାବୀ କରାଯିବ ।'' (ଲୂକ ୧୨:୪୮)!

**୯:୪ ''ଇସ୍ରାଏଲୀୟମାନେ''** ଏହା ପୁରାତନ ନିୟମର ପ୍ରତିଜ୍ଞାତ ନାମ, ଅବ୍ରହାମଙ୍କ ସନ୍ତାନମାନଙ୍କ ପାଇଁ ଥିଲା । ଈଶ୍ୱରଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷାତ ପରେ ଯାକୁବଙ୍କ ନାମ ଇସ୍ରାୟେଲରେ ପରିବର୍ତ୍ତିତ ହେଲା (ଆଦି ୩୨:୨୮) । ଯିହୁଦୀ ଜାତି ନିମନ୍ତେ ଏହା ସାମୂହିକ ନାମରେ ପରିଣତ ହେଲା । ଏହାର ଉତ୍ପତ୍ତି ଅଧ୍ୟୟନ ହୋଇପାରେ ''ଏଲ୍ (ଈଶ୍ୱର) ଅଧ୍ୟବସାୟ ହୋଇପାରେ ଏବଂ ପ୍ରୟୋଗରେ । ଯାକୁବଙ୍କ ପ୍ରତାରଣା ନୁହେଁ ।

**ବିଶେଷ ପ୍ରସଙ୍ଗ : ଇସ୍ରାୟେଲ (ନାମ)**

୧ ଏ ନାମର ଅର୍ଥ ଅନିଶ୍ଚିତ (ବିଡିବି ୯୭୫)
- କ. ଏଲ୍ ଦୃଢ଼ଭାବେ ରହନ୍ତୁ
- ଖ. ଏଲ୍ ଦୃଢ଼ ରହନ୍ତୁ (ଜୁସିଭ୍)
- ଗ. ଏଲ୍ ସଞ୍ଚିତ କରନ୍ତି
- ଘ. ଏଲ୍ ପରିତୃପ୍ତ ରହନ୍ତୁ
- ଙ. ଏଲ୍ ସଂଘର୍ଷ କରନ୍ତି
- ଚ. ଯେ କି ଈଶ୍ୱରଙ୍କ ସହିତ ସଂଘର୍ଷ କରେ

୨ ପୁରାତନ ନିୟମରେ ବ୍ୟବହାରମାନ
- କ. ଯାକୁବଙ୍କ ନାମ (ଅଧିକାର ହରଣକାରୀ, ପଦମୂଳ ପହାରକ ବିଡିବି ୭୮୪ ଆଦି ୨୫:୨୬) ବାବୋକ ନଦୀ ନିକଟରେ ଆତ୍ମିକ ବ୍ୟକ୍ତିଙ୍କ ସହିତ ମଲ୍ଲଯୁଦ୍ଧ କରିବା ପରେ ବଦଳି ଯାଇଥିଲା । (ଆଦି ୩୨:୧୩) ଅନେକ ସମୟରେ ହିବ୍ରୁ ନାମଗୁଡ଼ିକର ଅର୍ଥସବୁ ବ୍ୟୁତ୍ପତ୍ତି ବିଷୟକ ଅଧ୍ୟୟନ ନୁହେଁ ସୁକ୍ଷ୍ମ ରୂପେ କ୍ରୀଡ଼ା ପ୍ରଦର୍ଶନ କରେ (୩୨:୨୮) ତାଙ୍କର ନାମ ଇସ୍ରାୟେଲରେ ପରିଣତ ହୁଏ (ଆଦି ୩୫:୧୦)
- ଖ. ଏହା ଦ୍ୱାଦଶ ପୁତ୍ର ସମସ୍ତଙ୍କ ପାଇଁ ଏକ ସାମୂହିକ ନାମ ରୂପେ ବ୍ୟବହୃତ ହେବାକୁ ଆସିଲା । (ଆଦି ୩୨:୩୨,୪୯,୧୬, ଯାତ୍ରା ୧:୭, ୪:୨୨, ୨୮:୧୧, ଦ୍ୱିତୀୟ ବିବରଣୀ ୩:୧୮, ୧୦:୬)
- ଗ. ଯାତ୍ରା କରିବା ପୂର୍ବେ ଦ୍ୱାଦଶ ଗୋଷ୍ଠୀଙ୍କ ଦ୍ୱାରା ଗଠିତ ଏକ ଜାତି (ଦେଶ)କୁ ଏହି ନାମ ଦିଆଗଲା (ଆଦି ୪୭:୨୭, ଯାତ୍ରା ୪:୨୨, ୫:୨) ଏବଂ ପରେ (୨ ବିବରଣୀ ୧:୧, ୧୮:୬, ୩୩:୧୦)
- ଘ. ଶାଉଲ, ଦାଉଦ ଓ ଶଲୋମନଙ୍କ ସଂଯୁକ୍ତ ସାମ୍ରାଜ୍ୟ ପରେ ଗୋଷ୍ଠୀଗଣ ରେହୋବୟାମଙ୍କ ଅଧୀନରେ ବିକ୍ଷିପ୍ତ ହେଲା (୧ ରାଜାବଳୀ ୧୨)
  - ୧. ବିଚ୍ଛିନ୍ନତା ଆରମ୍ଭ ହେଲା ସରକାରୀଭାବେ ବିକ୍ଷିପ୍ତ ହେବା ପୂର୍ବରୁ (୨ ଶାମୁଏଲ ୩:୧୦, ୫:୫, ୨୦:୧, ୨୪:୯, ୧ ରାଜାବଳୀ ୧:୩୫, ୪:୨୦)
  - ୨. ଅସୁରିଅଙ୍କ ହସ୍ତରେ ୭୨୨ ଖ୍ରୀଷ୍ଟ ପୂର୍ବରେ ଶମରିଆର ପତନ ପର୍ଯ୍ୟନ୍ତ ଉତ୍ତରାଞ୍ଚଳ ଗୋଷ୍ଠୀଗଣ ଏହି ନାମରେ ନାମିତ (୧ ରାଜାବଳୀ ୧୭)
- ଙ. କେତେକ ସ୍ଥାନମାନଙ୍କରେ ଯିହୁଦା ପାଇଁ ଏହି ନାମ ବ୍ୟବହୃତ ହୋଇଥିଲା (ଯିଶାଇୟ ୧, ମୀଖା ୧:୧୫-୧୬) ।
- ଚ. ଅସୁରିଅ ଓ ବାବିଲୀୟ ବନ୍ଦୀତ୍ୱାବସ୍ଥା ପରେ ଯାକୁବଙ୍କ ବଂଶଧର ସମସ୍ତଙ୍କୁ ପୁନର୍ବାର ଏହି ସାମୂହିକ ନାମ ଦିଆଗଲା (ଯିଶାଇୟ ୧୭:୭,୯, ଯିରିମିୟ ୨:୪, ୫୦:୧୭,୧୯)
- ଛ. ଧର୍ମଯାଜକଙ୍କଠାରୁ ବିପରୀତ ସାଧାରଣ ଲୋକଙ୍କ ପାଇଁ ଏହି ନାମ ବ୍ୟବହାର କରାଗଲା (୧ ବଂଶାବଳୀ ୯:୨, ଏଜ୍ରା ୧୦:୨୫, ନିହିମିୟା ୧୧:୩)

⊡ **''ପୋଷ୍ୟପୁତ୍ରତ୍ୱ ସେମାନଙ୍କର''** ପୁରାତନ ନିୟମରେ ପୁତ୍ରଗଣ ବହୁବଚନ ସାଧାରଣ ଭାବରେ ଦୂତଗଣଙ୍କୁ ବୁଝାଉଥିଲା । (ଆୟୁବ ୧:୬, ୨:୧, ୩୮:୭, ଦାନିଏଲ ୩:୨୫, ଗୀତ ୨୯:୯, ୮୯:୬-୭), ଯେତେବେଳେ ଏକବଚନ ବୁଝାଇଥିଲା-

୧. ଇସ୍ରାଏଲୀୟ ରାଜା (୨ ଶାମୁୟେଲ ୭:୧୪)

୨. ଜାତି (ଦେଶ) (ଯାତ୍ରା ୪:୨୨,୨୩, ଦ୍ୱିତୀୟ ବିବରଣୀ ୧୪:୧, ହୋଶେୟ ୧୧:୧)

୩. ମଶୀହ (ଗୀତ ୨:୭)

୪. ଏହା ମାନବମାନଙ୍କୁ ବୁଝାଇପାରିଲା (ଦ୍ୱିତୀୟ ବିବରଣୀ ୩୨:୫, ଗୀତ ୭୩:୧୫, ଯିହିଜିକଲ ୨:୧, ହୋଶେୟ ୧:୧୦, ଆଦି ୬:୨ ସନ୍ଦେହଜନକ ଅଟେ, ଏହା ହୋଇପାରେ ବା ନ ହୋଇପାରେ) । ନୂତନ ନିୟମରେ ଏହା ଜଣକୁ ବୁଝାଏ ଯେ କି ଈଶ୍ୱରଙ୍କ ପରିବାରର ଅଟନ୍ତି ।

ପାଉଲଙ୍କ ମୁଖ୍ୟ ଦୃଷ୍ଟାନ୍ତ ପରିତ୍ରାଣ ନିମନ୍ତେ ଥିଲା ''ପୋଷ୍ୟ ପୁତ୍ରତ୍ୱ'' (ରୋମୀ ୮:୧୫,୨୩, ଗାଲାତୀ ୪:୫, ଏଫିସୀ ୧:୫) ଯେତେବେଳେ ପିତର ଓ ଯୋହନଙ୍କର ଥିଲା ''ପୁର୍ନଜନ୍ମ'' । ସେ ଦୁଇଟି ପାରିବାରିକ ଦୃଷ୍ଟାନ୍ତମାନ ଥିଲା । ଏହା ଯିହୁଦୀୟ ନୁହେଁ, ମାତ୍ର ରୋମୀୟ ଦୃଷ୍ଟାନ୍ତ ଥିଲା । ପୋଷ୍ୟପୁତ୍ର କରିବା ଏକ ବ୍ୟବସାପେକ୍ଷ ଓ ବହୁସମୟ ଲାଗୁଥିବା (ସମୟସାପେକ୍ଷ) ବିଷୟ ନ୍ୟାୟ ବା ଆଇନ୍ ସଙ୍ଗତ ବିଷୟ, ରୋମୀୟ ଆଇନ୍ ଅଧୀନରେ ଥିଲା । ଥରେ ଜଣେ ବ୍ୟକ୍ତି ପୋଷ୍ୟପୁତ୍ର ହେବା ପରେ ଏକ ନୂତନ ବ୍ୟକ୍ତି ରୂପେ ବିବେଚିତ ହେଉଥିଲା, ଯେ କି ଆଇନ୍‌ସଙ୍ଗତଭାବେ ଆଉ ଅଧିକାରରୁ ବାହାରି ଯାଇପାରିବ ନାହିଁ କିଅବା ପୋଷିଥିବା ପିତାଙ୍କ ଦ୍ୱାରା ହତ୍ୟା କରାଯାଇପାରିବ ନାହିଁ ।

⊡ ''ଗୌରବ'' ଏହାର ହିବ୍ରୁ ଉତ୍ପତ୍ତି ବୁଝାଏ ''ଓଜନିଆ ହେବା'', ଯାହା ମୂଲ୍ୟବାନ, ଏପରି ବିଷୟ ପାଇଁ ଦୃଷ୍ଟାନ୍ତ ରୂପେ ନିଆଯାଇଥିଲା । ଏହା ଏପରି ବୁଝାଏ :

୧. ସିୟୋନ ପର୍ବତ ଉପରେ ଈଶ୍ୱର ଆପଣାକୁ ପ୍ରକାଶ କରୁଥିଲେ (ଯାତ୍ରା ୧୯:୧୮-୧୯)

୨. ଶିକାଇନା ମେଘର ଗୌରବ ଯାହା ଇସ୍ରାୟେଲୀୟମାନଙ୍କୁ ପ୍ରାନ୍ତର ଭ୍ରମଣ ସମୟରେ କଢ଼ାଇ ନେଇଥିଲା (ଯାତ୍ରା ୪୦:୩୪-୩୮)

ଯାୟେ (ଯିହୋବା) ଅନନ୍ୟଭାବେ ଇସ୍ରାଏଲ ନିକଟରେ ପ୍ରକାଶିତ ହେଉଥିଲେ । ଯାୟେ (ଯିହୋବା)ଙ୍କ ଉପସ୍ଥିତି, ତାହାଙ୍କ ରୂପେ ବୁଝାଯାଇଅଛି (୧ ରାଜାବଳୀ ୮:୧୦-୧୧, ଯିହିଜିକଲ ୧:୨୮) ୩:୨୩ରେ ବିଶେଷ ପ୍ରସଙ୍ଗ ଦେଖ ।

□ **''ପ୍ରତିଜ୍ଞା (ଚୁକ୍ତି) ସମୂହ''** ବା ନିୟମ ପୁରାତନ ଗ୍ରୀକ୍ ପାଣ୍ଡୁଲିପିମାନ ପି୪୬, ବି.ଏଫ୍ ଏବଂ ଜି ଏକ ବଚନ ''ପ୍ରତିଜ୍ଞା'' ବ୍ୟବହୃତ ହୋଇଅଛି । ଯାହାବି ହେଉ ବହୁବଚନ ଏମ୍‌ଏସ୍‌ଏସ୍‌ଏନ୍.ସିରେ ଅଛି ଏବଂ କେତେକ ପୁରାତନ ଲାଟିନ୍, ଭଲଗେଟ୍ ଓ କପ୍ଟିକ୍ ବାଇବଲମାନଙ୍କରେ ମଧ୍ୟ ଅଛି । ୟୁବିଏସ୍ ବହୁବଚନ ଶବ୍ଦ ପାଇଁ 'ବି' ଗ୍ରେଡ୍ ନମ୍ବର ଦିଏ (ପ୍ରାୟ ନିଶ୍ଚିତ) । ଯାହାବି ହେଉ ବହୁବଚନ ପୁରାତନ ନିୟମରେ କେବେହେଲେ ବ୍ୟବହାର କରାଯାଇନାହିଁ । ପୁରାତନ ନିୟମରେ କେତେକ ନିର୍ଦ୍ଦିଷ୍ଟ ପ୍ରତିଜ୍ଞା ଅଛି : ଆଦମ, ନୋହ, ଅବ୍ରହାମ, ମୋଶା ଓ ଦାଉଦଙ୍କ ପାଇଁ । ଯେହେତୁ ବ୍ୟବସ୍ଥା ପ୍ରଦାନ କରାଯିବା ପରେ ପ୍ରକାଶ କରାଯାଇଅଛି । ଏହା ସମ୍ଭବତଃ ଅବ୍ରହାମୀୟ ପ୍ରତିଜ୍ଞାକୁ ବୁଝାଏ, ଯାହା ଗୋଟିଏ ବିଷୟ ପାଉଲ ମୂଳଭିତ୍ତି ରୂପେ ଦେଖିଲେ (୪:୧-୨୫, ଗାଲାତୀ ୩:୧୬-୧୭) ଏବଂ ଅନେକଥର ପୁନରାବୃତ୍ତି ହେଲା (ଆଦି ୧୨,୧୫,୧୭) ଏବଂ ପୂର୍ବପୁରୁଷ ପିତାମାନଙ୍କୁ ପ୍ରତ୍ୟେକଙ୍କୁ ଦିଆଗଲା ।

**ବିଶେଷ ପ୍ରସଙ୍ଗ : ପ୍ରତିଜ୍ଞା (ଚୁକ୍ତି) ନିୟମ**

ପୁରାତନ ନିୟମ ''ବେରିଥ୍'' (ବିଡିବି ୧୩୬), ପ୍ରତିଜ୍ଞା, ବୁଝାଇବା ସହଜ ନୁହେଁ । ଏହା ସହିତ ସମାନ ଦିଶୁଥିବା କ୍ରିୟାପଦ ହିବ୍ରୁ ଭାଷାରେ ନାହିଁ । ଏହି ଏକ ଶବ୍ଦର ଉତ୍ପତ୍ତି ବିଷୟକ ଅଧ୍ୟୟନ ଅନୁସାରେ ଶବ୍ଦର ଅର୍ଥ ବାହାର କରିବାର ସମସ୍ତ ଚେଷ୍ଟା ଏଥିସକାଶେ ବିଶ୍ୱାସ ଜନ୍ମାଇ ନ ପାରିବା ପ୍ରମାଣିତ ହେଲା । ଯାହାବି ହେଉ ଏହି ଶବ୍ଦ ବିଷୟର ଧାରଣାର ସ୍ପଷ୍ଟ ସ୍ୱର ସାହିତ୍ୟିକମାନଙ୍କୁ ଶବ୍ଦଟିର ବ୍ୟବହାର ପରୀକ୍ଷା କରିବାକୁ ବାଧ୍ୟ କଲା ଯେପରି ଏହାର କାର୍ଯ୍ୟକାରିତା ଅର୍ଥ ସ୍ଥିର କରିବାକୁ ଚେଷ୍ଟା କରିବେ ।

ପ୍ରତିଜ୍ଞା ହେଉଛି ମାଧ୍ୟମ ଯାହାଦ୍ୱାରା ଏକମାତ୍ର ସତ୍ୟ ଈଶ୍ୱର ତାହାଙ୍କ ମାନବ ସୃଷ୍ଟି ସହିତ ବ୍ୟବହାର କରନ୍ତି । ପ୍ରତିଜ୍ଞା ବିଷୟକ ଧାରଣା, ଚୁକ୍ତି ବା ସନ୍ଧି ବା ସ୍ୱୀକାରୋକ୍ତି, ବାଇବଲ ସମ୍ବନ୍ଧୀୟ ପ୍ରକାଶିତ ବିଷୟ ବୁଝିବା କଷ୍ଟକର । ଈଶ୍ୱରଙ୍କ ସାର୍ବଭୌମତା ଓ ମାନବିକ ସ୍ୱାଧୀନଇଚ୍ଛା ମଧ୍ୟରେ ଗଭୀର ଚିନ୍ତା, ପ୍ରତିଜ୍ଞାର ଧାରଣାରେ ସ୍ପଷ୍ଟ ଦୃଶ୍ୟମାନ ହୁଏ । କେତେକ ପ୍ରତିଜ୍ଞା କେବଳ ଈଶ୍ୱରଙ୍କ ଚରିତ୍ର ଓ କାର୍ଯ୍ୟକଳାପଗୁଡ଼ିକ ଉପରେ ପର୍ଯ୍ୟବେସିତ ।

୧. ସ୍ୱୟଂ ସୃଷ୍ଟି (ଆଦି ୧-୨)
୨. ଅବ୍ରହାମଙ୍କ ଆହ୍ୱାନ (ଆଦି ୧୨)
୩. ଅବ୍ରହାମଙ୍କ ସହିତ ପ୍ରତିଜ୍ଞା (ଆଦି ୧୫)
୪. ନୋହଙ୍କ ପ୍ରତି ସଂରକ୍ଷଣ ଓ ପ୍ରତିଜ୍ଞା (ଆଦି ୬-୯)

ଯାହାବି ହେଉ, ପ୍ରତିଜ୍ଞା (ଚୁକ୍ତି)ର ସ୍ୱଭାବ ହିଁ ଏକ ପ୍ରତ୍ୟୁତ୍ତର ଦାବି କରେ ।

୧. ବିଶ୍ୱାସ ଦ୍ୱାରା ଆଦମ ଈଶ୍ୱରଙ୍କ ବାଧ୍ୟ ହେବା ଉଚିତ ଏବଂ ଏଦନର ମଧ୍ୟବର୍ତ୍ତୀ ବୃକ୍ଷର ଫଳ ଖାଇବା ଉଚିତ ନୁହେଁ ।
୨. ବିଶ୍ୱାସ ଦ୍ୱାରା ଅବ୍ରହାମ ତାଙ୍କ ଜ୍ଞାତିମାନଙ୍କୁ ପରିତ୍ୟାଗ କରି ଈଶ୍ୱରଙ୍କ ଅନୁଗାମୀ ହେବା ଓ ଭବିଷ୍ୟତ୍ ବଂଶଧରମାନଙ୍କଠାରେ ବିଶ୍ୱାସ କରିବା ଉଚିତ ।
୩. ବିଶ୍ୱାସ ଦ୍ୱାରା ନୋହ ଏକ ପ୍ରକାଣ୍ଡ ଜାହାଜ ଜଳଠାରୁ ଦୂରରେ ନିର୍ମାଣ କରି ପ୍ରାଣୀମାନଙ୍କୁ ଏକତ୍ର କରିବା ଉଚିତ ଥିଲା ।
୪. ବିଶ୍ୱାସ ଦ୍ୱାରା ମୋଶା ଇସ୍ରାଏଲମାନଙ୍କୁ ମିଶରରୁ ସିୟୋନ ପର୍ବତକୁ ଆଣିଲେ ଏବଂ ଧର୍ମଜୀବନ ଓ ସାମାଜିକ ଜୀବନ ପାଇ ନିର୍ଦ୍ଦିଷ୍ଟ ଚାଳନାବିଧି ଲାଭ କଲେ, ଆଶୀର୍ବାଦ ଓ ଅଭିଶାପର ପ୍ରତିଜ୍ଞା ସହ (୨ୟ ବିବରଣ ୨୭-୨୮)

ଏହି ସମାନ ଭାରଗ୍ରସ୍ତ ଚିନ୍ତା ଯାହା ମାନବଜାତି ସହିତ ଈଶ୍ୱରଙ୍କ ସମ୍ପର୍କ ମଧ୍ୟରେ ରହିଅଛି, ତାହା ''ନୂତନ ଚୁକ୍ତି ବା ପ୍ରତିଜ୍ଞା''ରେ ଉପଦେଶ ଦିଆଯାଇଅଛି । ଏହି ବୋଝଗ୍ରସ୍ତ ଚିନ୍ତା ଯିହିଜିକଲ ୧୮ ସହିତ ଯିହିଜିକଲ ୩୬:୨୭-୩୭ ତୁଳନା କଲେ ସଂପୂର୍ଣ୍ଣ ସ୍ପଷ୍ଟ ରୂପେ ଦେଖାଯାଇପାରିବ । (ଯାୟେଙ୍କ କାର୍ଯ୍ୟ) । ଚୁକ୍ତି ବା ପ୍ରତିଜ୍ଞା, ଈଶ୍ୱରଙ୍କ ଅନୁଗ୍ରହର କାର୍ଯ୍ୟଗୁଡ଼ିକ ଉପରେ ନିର୍ଭର କରେ କିଅବା ପ୍ରଦତ୍ତ ଅଧିକାରର ମାନବିକ ପ୍ରତ୍ୟୁତ୍ତର ଉପରେ ନିର୍ଭର କରେ ? ପୁରାତନ ଓ ନୂତନ ଚୁକ୍ତି (ପ୍ରତିଜ୍ଞା)ର ଏହା ହେଉଛି ପ୍ରଜ୍ୱଳିତ ବିଷୟ । ଉଭୟ ଲକ୍ଷ୍ୟସ୍ଥଳ ସମାନ ଅଟେ । (୧) ଆଦି ୩ରେ ଯିହୋବାଙ୍କ ସହିତ ହରାଇଥିବା ସହଭାଗିତାର ପୁନରୁଦ୍ଧାର ଏବଂ (୨) ଏକ ଧାର୍ମିକ ଲୋକମାନଙ୍କର ପ୍ରତିଷ୍ଠା, ଯେଉଁମାନେ ଈଶ୍ୱରଙ୍କ ଚରିତ୍ର ପ୍ରତିଫଳିତ କରନ୍ତି ।

ନୂତନ ଚୁକ୍ତି, ଯିରିମିୟ ୩୧:୩୧-୩୪ର, ଭାରଗ୍ରସ୍ତ ଚିନ୍ତାର ସମାଧାନ କରେ, ଗୃହୀତ ହେବା ଲାଭ କରିବା ମାଧ୍ୟମରେ ମାନବିକ କାର୍ଯ୍ୟସାଧନକୁ ଘୁଞ୍ଚାଇ ଦେବା ଦ୍ୱାରା । ଈଶ୍ୱରଙ୍କ ବ୍ୟବସ୍ଥା ଏକ ବାହ୍ୟିକ ନିୟମ ଖସଡ଼ା ହେବା ପରିବର୍ତ୍ତେ ଏକ ଆଭ୍ୟନ୍ତରୀଣ ଆକାଂକ୍ଷାରେ ପରିଣତ ହୁଏ । ଏକ ଈଶ୍ୱର ପରାୟଣ, ଧାର୍ମିକ ଲୋକମାନଙ୍କ ଲକ୍ଷ୍ୟ ସମାନ ରହେ, ମାତ୍ର ପଦ୍ଧତି ବିଦ୍ୟା (ଧାରାବାହିକ ନିୟମ ପଦ୍ଧତି) ପରିବର୍ତ୍ତିତ ହୁଏ । ପତିତ ମାନବଜାତି ଈଶ୍ୱରଙ୍କ ପ୍ରତିଫଳିତ ପ୍ରତିମୂର୍ତ୍ତୀ ହେବାକୁ ଅଯୋଗ୍ୟ ବୋଲି ଆପଣାମାନଙ୍କୁ ପ୍ରମାଣିତ କଲା । ଈଶ୍ୱରଙ୍କ ଚୁକ୍ତି ସମସ୍ୟା ନ ଥିଲା, ମାତ୍ର ମାନବର ପାପମୟତା ଓ ଦୁର୍ବଳତା ସମସ୍ୟା ହୋଇଥିଲା । (ରୋମୀୟ ୭, ଗାଲାତୀ ୩)

ପୁରାତନ ନିୟମ ନିଃସର୍ତ୍ତପୂର୍ଣ୍ଣ ଓ ସର୍ତ୍ତପୂର୍ଣ୍ଣ ଚୁକ୍ତିମାନ ମଧ୍ୟରେ ଥିବା ସମାନ ଭାରଗ୍ରସ୍ତ ଚିନ୍ତା ନୂତନ ନିୟମରେ ଅଛି । ପରିତ୍ରାଣ, ଯୀଶୁଖ୍ରୀଷ୍ଟଙ୍କ ସମାପ୍ତ କରାଯାଇଥିବା କାର୍ଯ୍ୟରେ ସଂପୂର୍ଣ୍ଣ ଭାବରେ ବିନା ମୂଲ୍ୟରେ ପ୍ରଦତ୍ତ (ପ୍ରଦାନ କରାଯାଇଛି) ମାତ୍ର ଏହା ଅନୁତାପ ଓ ବିଶ୍ୱାସ (ଉଭୟ ପ୍ରାରମ୍ଭିକଭାବେ ଓ କ୍ରମାଗତଭାବେ) ଆବଶ୍ୟକ କରେ । ଏହା ଉଭୟ ଏକ ନ୍ୟାୟସଙ୍ଗତ ଘୋଷଣା ଏବଂ ଖ୍ରୀଷ୍ଟ ସାଦୃଶ୍ୟତା ପ୍ରତି ଏକ ଆହ୍ୱାନ, ଗୃହୀତ ହୋଇଥିବାର ଏକ ସୂଚନାତ୍ମକ ମନ୍ତବ୍ୟ ଏବଂ ଏକ ପବିତ୍ରତା ପ୍ରତି ଏକ ବାଧ୍ୟତାମୂଳକ କ୍ରିୟା ! ବିଶ୍ୱାସୀମାନେ ସେମାନଙ୍କ କାର୍ଯ୍ୟସାଧନ ଦ୍ୱାରା ପରିତ୍ରାଣପ୍ରାପ୍ତ ନୁହଁନ୍ତି, ମାତ୍ର ବାଧ୍ୟତା ସକାଶେ (ଏଫିସୀ ୨:୮-୧୦) । ଈଶ୍ୱର ପରାୟଣ ଜୀବନଯାପନ ପରିତ୍ରାଣର ଚିହ୍ନରେ ପରିଣତ ହୁଏ, ପରିତ୍ରାଣର ମାଧ୍ୟମମାନ ନୁହେଁ । ଯାହାବି ହେଉ ଅନନ୍ତ ଜୀବନର ଉପଲବ୍ଧ କରି ହେବା ଭଳି ଚାରିତ୍ରିକ ଗୁଣ ଅଛି । ଏହି ଭାରଗ୍ରସ୍ତ ଚିନ୍ତା ଏବ୍ରୀ ପୁସ୍ତକରେ ସ୍ପଷ୍ଟ ଦେଖାଯାଇଅଛି ।

⊡ ''ବ୍ୟବସ୍ଥା ପ୍ରଦାନ ଓ ଉପାସନା''

୧. ସିୟୋନ ପର୍ବତ ଉପରେ ମୋଶା ବ୍ୟବସ୍ଥା ପ୍ରାପ୍ତ ହେବାକୁ ବୁଝାଏ (ଯାତ୍ରା ୧୯-୨୦) ।

୨. ଆବାସ ତମ୍ବୁର ପ୍ରାନ୍ତର ଭ୍ରମଣ ସମୟକୁ ମଧ୍ୟ ବୁଝାଏ (ଯାତ୍ରା ୨୫-୪୦ ଏବଂ ଲେବୀୟ ପୁସ୍ତକ)

⊡ ''ପ୍ରତିଜ୍ଞା ସମୂହ'' ଈଶ୍ୱର ତାହାଙ୍କ ଭବିଷ୍ୟତ୍ ଯୋଜନା ପ୍ରକାଶ କଲେ (୧:୨, ପ୍ରେରିତ ୧୩:୩୨, ତିତସ ୧:୨, ଏବ୍ରୀ ୧:୧) ପୁରାତନ ନିୟମ ମାଧ୍ୟମରେ ।

ଯେହେତୁ ''ଚୁକ୍ତି ବା ନିୟମ ସମୂହ'' ପୂର୍ବେ ପ୍ରକାଶ କରାଯାଇଅଛି, ପ୍ରତିଜ୍ଞାସମୂହ ସମ୍ଭବତଃ ମଶୀହଙ୍କୁ ବୁଝାଏ ୫ ପଦ ଇତ୍ୟାଦି । ଆଦି ୩:୧୫, ୪୯:୧୦, ଦ୍ୱିତୀୟ ବିବରଣୀ ୧୮:୧୫, ୧୮-୧୯, ୨ ଶାମୁୟେଲ ୭, ଗୀତ. ୧୬:୧୦, ୧୧୮:୨୨, ଯିଶାଇୟ ୭:୧୪, ୯:୬, ୧୧:୧-୫, ଦାନିଏଲ ୭:୧୩,୨୭, ମୀଖା ୫:୨-୫ କ, ଯିଖରିୟ ୨:୬-୧୩, ୬:୧୨-୧୩, ୯:୯, ୧୧:୧୨)

ଏହି ପ୍ରତିଜ୍ଞାମାନ (ଚୁକ୍ତିସମୂହ) ଉଭୟ ନିଃସର୍ତ୍ତ ପୂର୍ଣ୍ଣ ଓ ସର୍ତ୍ତପୂର୍ଣ୍ଣ । ଈଶ୍ୱରଙ୍କ କାର୍ଯ୍ୟ ଯେପର୍ଯ୍ୟନ୍ତ ସମ୍ପାଦିତ ହେଉଥିବ ଏହି ନିଃସର୍ତ୍ତପୂର୍ଣ୍ଣ (ଆଦି ୧୫:୧୨-୨୧) ମାତ୍ର ସର୍ତ୍ତପୂର୍ଣ୍ଣ ମାନବଜାତିଙ୍କ ବିଶ୍ୱାସ ଓ ବାଧ୍ୟତା ଉପରେ ଆଦି ୧୫:୬ ଏବଂ ରୋମୀ ୪) ଖ୍ରୀଷ୍ଟଙ୍କ ଆଗମନ ପୂର୍ବେ କେବଳ ଇସ୍ରାଏଲର ନିକଟରେ ଈଶ୍ୱର ଆତ୍ମପ୍ରକାଶ କରିଥିଲେ (ମାତ୍ର ଆୟୁବ ଓ ଜେଥ୍ରୋ ଏଥିରୁ ବହିର୍ଭୂତ) ।

**୯:୫ ''ପିତୃପୁରୁଷମାନେ''** ଏହା ଅବ୍ରହାମ, ଇସ୍ହାକ୍, ଯାକୁବ, ପିତୃପୁରୁଷଙ୍କୁ ବୁଝାଏ ଆଦି ୧୨-୫୦ର (ରୋମୀ ୧୧:୨୮, ଦ୍ୱିତୀୟ ବିବରଣ ୭:୮, ୧୦:୧୫)

⊡ **''ଶାରୀରିକଭାବେ ସେମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଉତ୍ପନ୍ନ''** ଏହା ମଶୀହଙ୍କ ଶାରୀରିକ ବଂଶଧରକୁ ବୁଝାଏ ୧:୩, ବିଶେଷ ପ୍ରସଙ୍ଗ ଦେଖ : ୧:୪ରେ ମଶୀହ ''ଅଭିଷିପ୍ତ ବ୍ୟକ୍ତି'', ଈଶ୍ୱରଙ୍କ ବିଶେଷ ମନୋନୀତ ଦାସ ଯେ କି ଈଶ୍ୱରଙ୍କ ପ୍ରତିଜ୍ଞାମାନ ଓ ଯୋଜନା ସମସ୍ତ ସଫଳ କରିବେ (୧୦:୬) । ''ଖ୍ରୀଷ୍ଟ'' ଶବ୍ଦ ହିବ୍ରୁ ''ଅଭିଷିକ୍ତ ବ୍ୟକ୍ତି''ଙ୍କ ଗ୍ରୀକ୍ ଅନୁବାଦ । ପୁରାତନ ନିୟମରେ ତିନୋଟି ଦଳର ନେତାମାନେ କେବଳ ବିଶେଷ ପବିତ୍ର ତୈଳ ଦ୍ୱାରା ଅଭିଷିକ୍ତ ହେଉଥିଲେ ।

୧. ଇସ୍ରାୟେଲର ରାଜାମାନେ

୨. ଇସ୍ରାଏଲର ପ୍ରଧାନ ଯାଜକମାନେ

୩. ଇସ୍ରାୟେଲର ଭବିଷ୍ୟତ୍‌ବକ୍ତାମାନେ

ଏହା ଈଶ୍ୱର ତାହାଙ୍କ ସେବା ନିମନ୍ତେ ମନୋନୀତ କରିବା ଓ ପ୍ରସ୍ତୁତ କରିବାର ଚିହ୍ନ ଥିଲା । ଯୀଶୁ ତିନୋଟିଯାକ ଅଭିଷିକ୍ତ ପଦବୀ ସମୂହ ସଫଳ କରିଥିଲେ । (ଏବ୍ରୀ ୧:୨-୩) ସେ ଈଶ୍ୱରଙ୍କ ପୂର୍ଣ୍ଣ ପ୍ରକାଶ ଅଟନ୍ତି କାରଣ ସେ ଈଶ୍ୱର ଦେହବନ୍ତ ହେଲେ (ଯିଶାଇୟ ୯:୬, ମୀଖା ୫:୨-୫କ, ୧:୧୩-୨୦)

''ଶରୀର'' ପାଇଁ ୧:୩ରେ ବିଶେଷ ପ୍ରସଙ୍ଗ ଦେଖ ।

⊡

| | |
|---|---|
| **ଏନ୍‌ଏଏସ୍‌ବି** | **''ଶାରୀରିକଭାବେ ଖ୍ରୀଷ୍ଟ, ଯେ ସର୍ବୋପରି, ଈଶ୍ୱର ଚିରକାଳ ପାଇଁ ଯାହାଙ୍କୁ ଆଶୀର୍ବାଦ କଲେ''** |
| **ଏନ୍‌କେଜେଭି** | **''ଖ୍ରୀଷ୍ଟ ଆସିଲେ, ଯେ କି ସର୍ବୋପରି, ଅନନ୍ତକାଳୀନ ମଙ୍ଗଳମୟ ଈଶ୍ୱର** |
| **ଏନ୍‌ଆର୍‌ଏସ୍‌ଭି** | **''ମଶୀହ ଆସିଲେ, ଯେ କି ସର୍ବୋପରି, ସଦାକାଳ ପାଇଁ ଆଶୀର୍ବାଦଯୁକ୍ତ** |
| **ଟିଇଭି** | **''ଏବଂ ଖ୍ରୀଷ୍ଟ ଏକ ମାନବ, ସେମାନଙ୍କ ବଂଶର, ଈଶ୍ୱର,ଯେ ସମସ୍ତର ଉପରେ ରାଜତ୍ୱ କରନ୍ତି ସଦାକାଳ ଧନ୍ୟ ହେଉନ୍ତୁ'' ।** |
| **ଏନ୍‌ଜେବି** | **''ଖ୍ରୀଷ୍ଟ ଆସିଲେ ଯେ ସର୍ବୋପରି, ଈଶ୍ୱର ସଦାକାଳ ଧନ୍ୟ ଅଟନ୍ତି''** |

ବ୍ୟାକରଣ ଅନୁସାରେ ଏହା ପିତାଙ୍କ ପ୍ରତି ଏକ ପ୍ରଶଂସାଗାନ ହୋଇପାରେ (ଟଇଭି ଯିହୁଦୀ ପରମ୍ପରା ଅନୁସାରେ ଅନୁଗମନ କର), ମାତ୍ର ପୂର୍ବାପର ସମ୍ବନ୍ଧ, ଯୀଶୁଙ୍କ ଈଶ୍ୱରତ୍ୱ ବିଷୟରେ ପାଉଲଙ୍କ ଦୃଢ଼ଉକ୍ତିକୁ ସପକ୍ଷ ଦିଏ (ଏହା ଯିହୋବା ଈଶ୍ୱରଙ୍କୁ ଯିହୁଦୀ ରୀତିରେ ପ୍ରଶଂସାର ଏହା ଅନୁଗମନ କରେ ନାହିଁ । ୫୨୦ LXXରେ ଜେ ମୁରୀ, II ୨୪୫-୨୪୮ ପୃଷ୍ଠା) ପାଉଲ ଯୀଶୁଙ୍କ ପାଇଁ ଥିଓସ୍ ଶବ୍ଦ ବେଶୀ ବ୍ୟବହାର କରନ୍ତି ନାହିଁ, ମାତ୍ର ସେ ଏହା ବ୍ୟବହାର କରନ୍ତି (ପ୍ରେରିତ ୨୦:୨୮, ୧ ଥେସଲନୀକୀ ୧:୧୨, ତିତସ ୨:୧୩, ଫିଲିପ ୨:୬) । ସମସ୍ତ ଆଦ୍ୟମଣ୍ଡଳୀ ପିତାମାତାମାନେ ଏହି ଶାସ୍ତ୍ରାଂଶ ଯୀଶୁଙ୍କୁ ବୁଝାଏ ବୋଲି ଅନୁବାଦ କଲେ । ବ୍ରୁସ୍ ମେଟଯେଗାରଙ୍କର ଗ୍ରୀକ୍ ନୂତନ ନିୟମ ଉପରେ ଏକ ପ୍ରସଙ୍ଗଜନିତ କମେଣ୍ଟାରୀ ୫୨୦-୫୨୨ ପୃଷ୍ଠା ଦର୍ଶାଏ ଯେ, ବିଭିନ୍ନ ମନୋନୟନସବୁ ବାକ୍ୟରେ ଅଟକି ସ୍ଥାନମାନଙ୍କ ଚିହ୍ନମାନଙ୍କ ସହିତ ସଂପୃକ୍ତ । ପୁରାତନ ଅନସିଆଲ୍ ପାଣ୍ଡୁଲିପିଗୁଡ଼ିକର ନିମ୍ନଲିଖିତ ବିଷୟଗୁଡ଼ିକ ନ ଥିଲା ।

୧. ବଡ଼ ଅକ୍ଷରରେ ଲେଖା ନ ଥିଲା

୨. କମା, ପୂର୍ଣ୍ଣଚ୍ଛେଦ, ପ୍ରଶ୍ନଚିହ୍ନ ଇତ୍ୟାଦି କୌଣସି ଚିହ୍ନ ନ ଥିଲା

୩. ପରିଚ୍ଛଦ (ପାରାଗ୍ରାଫ୍) ବିଭାଗ ନ ଥିଲା

୪. ଏପରିକି ଶବ୍ଦ ଓ ଶବ୍ଦ ମଧ୍ୟରେ ବ୍ୟବଧାନର ସ୍ଥାନ ନ ଥିଲା

⊡ **''ସେହି ସର୍ବାଧିପତି''**, ଏହା ମଧ୍ୟ ପିତା ଈଶ୍ୱର ବା ପୁତ୍ର ଯୀଶୁଙ୍କ ପାଇଁ ଏକ ବର୍ଣ୍ଣନାତ୍ମକ ଖଣ୍ଡ ବାକ୍ୟ ହୋଇପାରେ । ଏହା ମାଥିଉ ୨୮:୨୯ରେ ଯୀଶୁଙ୍କ ମନ୍ତବ୍ୟ ବା ପାଉଲଙ୍କର କଲସୀ ୧:୧୫-୨୦ରେ ଥିବା ମନ୍ତବ୍ୟ ପ୍ରତିଫଳିତ କରେ । ଏହି ଚମତ୍କାର ଖଣ୍ଡବାକ୍ୟ, ଇସ୍ରାୟେଲ, ନାଜରିତୀୟ ଯୀଶୁଙ୍କୁ ଅଗ୍ରାହ୍ୟ କରିବାର ଯେଉଁ ମୂର୍ଖତା, ତାହାର ଉଚ୍ଚତା ପ୍ରଦର୍ଶନ କଲା ।

⊡ **''ଯୁଗେ ଯୁଗେ''** ଏହା ସାହିତ୍ୟିକଭାବେ ''ଯୁଗ ଯୁଗ ନିମନ୍ତେ'' ଖଣ୍ଡବାକ୍ୟର ଗ୍ରୀକ୍ ଅଭିବ୍ୟକ୍ତି (ପ୍ରଚଳିତ ଶବ୍ଦ) । (ଲୂକ ୧:୩୩, ରୋମୀ ୧:୨୫, ୧୧:୩୬, ଗାଲାତୀ ୧:୫, ୧ ତୀମଥି ୧:୧୭) ବିଭିନ୍ନ ସମ୍ପୃକ୍ତ ଖଣ୍ଡ ବାକ୍ୟ ମଧ୍ୟରୁ ଏହା ଗୋଟିଏ (୧) ଯୁଗବ୍ୟାପୀ (ମାଥିଉ ୨୧:୨୯, (ମାର୍କ ୧୧:୧୪), ଲୂକ ୧:୫୫, ଯୋହନ ୬:୫, ୫୮, ୮:୩୫, ୧୨:୩୪, ୧୩:୮, ୧୪:୧୬, ୨ କରନ୍ଥୀ ୯:୯) ବା (୨) ''ଯୁଗ ଯୁଗ ଧରି'' (ଏଫିସୀ ୩:୨୧) । ଏହି ''ଚିରକାଳ ନିମନ୍ତେ'' ଶବ୍ଦ ପାଇଁ ରୂଢ଼ ଉକ୍ତିଗୁଡ଼ିକ ମଧ୍ୟରେ କୌଣସି ପ୍ରଭେଦ ନ ଥିଲା ପରି ଜଣାପଡ଼େ । ''ଯୁଗ ସମୂହ'' ଶବ୍ଦ ବହୁବଚନ ହୋଇପାରେ, ''ଚମତ୍କାର ଶବ୍ଦର ବହୁବଚନ'' ନାମକ ଗୁରୁମାନଙ୍କ ବ୍ୟାକରଣ ଅନୁସାରେ ଗଠିତ ଏକ ଆଳଙ୍କାରିକ ବା ସାଙ୍କେତିକଭାବେ ସାହିତ୍ୟିକ ଅର୍ଥରେ କିଅବା ଯିହୁଦୀ ଅର୍ଥରେ ''ବର୍ଷର ସଂଖ୍ୟା ନ ଜାଣି'' କେତେକ ଯୁଗର ଧାରଣାକୁ ବୁଝାଇପାରେ, ''ଦୁଷ୍ଟତାର ଯୁଗ'', ''ଆଗାମୀ ଯୁଗ'' ବା ''ଧାର୍ମିକତାର ଯୁଗ'' ଇତ୍ୟାଦି ।

⊡ **''ଆମେନ୍''** ୧:୨୫ରେ ବିଶେଷ ପ୍ରସଙ୍ଗ ଦେଖ

**ଏନ୍ଏଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୯:୬-୧୩**

**[6]କିନ୍ତୁ ଈଶ୍ୱରଙ୍କ ବାକ୍ୟ ଯେ ସଫଳ ହୋଇଅଛି, ଏପରି ନୁହେଁ । କାରଣ ଯେଉଁମାନେ ଇସ୍ରାଏଲ ବଂଶରେ ଜାତ, ସେମାନେ ଯେ ସମସ୍ତେ ଇସ୍ରାୟେଲ, [7]କିଅବା ଅବ୍ରହାମଙ୍କ ବଂଶ ବୋଲି ଯେ ସମସ୍ତେ ସନ୍ତାନ, ତାହା ନୁହେଁ, କିନ୍ତୁ ଯିସ୍‌ହାକ୍‌ଙ୍କଠାରେ ତୁମ୍ଭର ବଂଶ ଖ୍ୟାତ ହେବ । ଏଥିର ଅର୍ଥ ଏହି, ଶାରୀରିକଭାବେ ଯେଉଁମାନେ ସନ୍ତାନ, ସେମାନେ ଯେ ଈଶ୍ୱରଙ୍କ ସନ୍ତାନ ତାହା ନୁହେଁ । କିନ୍ତୁ ପ୍ରତିଜ୍ଞାର ସନ୍ତାନ ବଂଶରୂପେ ଗଣିତ ହୁଅନ୍ତି । କାରଣ ଏହା ତ ପ୍ରତିଜ୍ଞାର ବାକ୍ୟ, ଏହି ଋତୁରେ ଆମ୍ଭେ ଆସିବା, ଆଉ ସାରା ଗୋଟିଏପୁତ୍ର ପ୍ରାପ୍ତ ହେବ । ଆଉ କେବଳ ତାହା ନୁହେଁ, କିନ୍ତୁ ରିବିକା ମଧ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥାତ୍ ଆମ୍ଭମାନଙ୍କ ପିତୃପୁରୁଷ ଯିସ୍‌ହାକ୍‌ଙ୍କ ଦ୍ୱାରା ଗର୍ଭବତୀ ହେଲାଉତ୍ତାରେ, ଯେତେବେଳେ ସନ୍ତାନମାନେ ଜନ୍ମ ହୋଇ ନ ଥିଲେ, ଆଉ ଭଲ କିମ୍ବା ମନ୍ଦ କିଛି କରି ନ ଥିଲେ, ସେତେବେଳେ କର୍ମ ହେତୁ ନୁହେଁ, ମାତ୍ର ଆହ୍ୱାନକର୍ତ୍ତାଙ୍କ ଇଚ୍ଛା ହେତୁ ନିର୍ବାଚନାନୁସାରେ ଈଶ୍ୱରଙ୍କ ସଙ୍କଳ୍ପ ଯେପରି ସ୍ଥିର ରହେ, ଏଥିନିମନ୍ତେ ଏହି କଥା ତାହାଙ୍କୁ କୁହାଯାଇଥିଲା । ଜ୍ୟେଷ୍ଠ କନିଷ୍ଠର ଦାସ ହେବ । ଯେପରି ଲେଖାଅଛି, ''ଯାକୁବକୁ ଆମ୍ଭେ ପ୍ରେମ କଲୁ କିନ୍ତୁ ଏଷୌକୁ ଘୃଣା କଲୁ ।''**

**୯:୬ ''ଈଶ୍ୱରଙ୍କ ବାକ୍ୟ''** ଏହି ପରିପ୍ରେକ୍ଷୀରୁ ଏହି ଶବ୍ଦ ପୁରାତନ ନିୟମ ଚୁକ୍ତିଯୁକ୍ତ ପ୍ରତିଜ୍ଞାସମୂହକୁ ବୁଝାଏ । ଈଶ୍ୱରଙ୍କ ପ୍ରତିଜ୍ଞାସମୂହ ନିଶ୍ଚିତ (ଗଣନା ୨୩:୧୯, ଯିହୋଶୂୟ ୨୧:୪୫, ୨୩:୧୪, ୨ ରାଜାବଳୀ ୧:୧୦, ଯିଶାଇୟ ୪୦:୮, ୫୫:୧୧, ୫୯:୨୧)

⊡

**ଏନ୍ଏଏସ୍ବି, ଏନ୍ଆର୍ଏସ୍ଭି,**

**ଟିଇଭି, ଏନ୍ଜେବି ''ବିଫଳ ହୋଇଅଛି''**

**ଏନ୍‌କେଜେଭି ''କିଛି ଫଳ ଲାଭ କରି ନାହିଁ''**

ଏହି ଶବ୍ଦ (ଏକ୍‌ପିଷ୍ଟୋ) ସେପ୍ଟୁଆଜିଣ୍ଟ (ହିବ୍ରୁ ପୁରାତନ ନିୟମର ଗ୍ରୀକ୍ ଅନୁବାଦ)ରେ କୌଣସି ଜିନିଷ ବା କୌଣସି ବ୍ୟକ୍ତି ପତିତ ହେବା ପାଇଁ ଅନେକ ଥର ବ୍ୟବହୃତ ହୋଇଥିଲା । (ଯିଶାଇୟ ୬:୧୩, ୧୪:୧୨) । ଏଠାରେ ଏହା ଏକ ସିଦ୍ଧ କର୍ମକାରକ ସୂଚନା, ଯାହା ଏକ ସ୍ଥାୟୀ ଫଳସମୂହ ଥିବା ଜଣକର ଅବସ୍ଥା ସୂଚିତ କରେ (କିନ୍ତୁ ଏହା ଅସ୍ୱୀକୃତ) । ଈଶ୍ୱରଙ୍କ ବାକ୍ୟର ନିଶ୍ଚୟତା ପାଇଁ ଉର୍ଦ୍ଧ୍ୱସ୍ଥ ଟିପ୍‌ପଣୀ ଦେଖ ।

⊡

**ଏନ୍ଏଏସ୍ବି ''କାରଣ ଯେଉଁମାନେ ଇଶ୍ରାୟେଲ ବଂଶଧର, ସେମାନେ ସମସ୍ତେ ଇଶ୍ରାୟେଲ ନୁହଁନ୍ତି''**

**ଏନ୍‌କେଜେଭି ''କାରଣ ଯେଉଁମାନେ ଇଶ୍ରାୟେଲର ସେମାନେ ସମସ୍ତେ ଇଶ୍ରାୟେଲ ନୁହଁନ୍ତି''**

**ଏନ୍ଆର୍ଏସ୍ଭି ''କାରଣ ସମସ୍ତ ଇସ୍ରାୟେଲୀୟ, ଇସ୍ରାୟେଲର ନୁହଁନ୍ତି''**

**ଟିଇଭି ''କାରଣ ଇସ୍ରାୟେଲର ସମସ୍ତ ଲୋକ ଈଶ୍ୱରଙ୍କ ଲୋକ ନୁହଁନ୍ତି''**

**ଏନ୍ଜେବି ''ଇସ୍ରାୟେଲରୁ ଆସିଥିବା ସମସ୍ତ ବଂଶ, ଇସ୍ରାୟେଲ ନୁହଁନ୍ତି''**

ଏହି ବିରୋଧକାରୀ ମନ୍ତବ୍ୟଗୁଡ଼ିକର ଅର୍ଥ ''ଇସ୍ରାୟେଲ'' ଶବ୍ଦର ବିଭିନ୍ନ ବାଇବଲସମ୍ମତ ଅର୍ଥ ଚତୁର୍ଦ୍ଦିଗରେ ଘୁରି ବୁଲେ ।

୧. ଇସ୍ରାୟେଲ, ଯାକୁବଙ୍କ ବଂଶଧରମାନଙ୍କୁ ବୁଝାଉଛି (ଆଦି ୩୨:୨୨-୩୨)

୨. ଇସ୍ରାୟେଲ, ଈଶ୍ୱରଙ୍କ ମନୋନୀତ ବା ନିର୍ବାଚିତ ଲୋକମାନଙ୍କୁ ବୁଝାଉଛି (ଟିଇଭି)

୩. ଆତ୍ମିକ ଇସ୍ରାୟେଲ, ଇସ୍ରାୟେଲ ମଣ୍ଡଳୀକୁ ବୁଝାଇଛି (ଗାଲାତୀ ୬:୧୬, ୧ ପିତର ୨:୮, ପ୍ରକାଶିତ ୧:୬) ବନାମ୍ ସ୍ୱାଭାବିକ ଇସ୍ରାୟେଲ (୩-୬ ପଦମାନ)

ଅବ୍ରହାମଙ୍କର କେତେକ ସନ୍ତାନ କେବଳ ପ୍ରତିଜ୍ଞାର ସନ୍ତାନ ଥିଲେ (୭ ପଦ)। ଏପରିକି ଯିହୁଦୀମାନେ ସେମାନଙ୍କର ବଂଶଧର ଉପରେ ସଂପୂର୍ଣ୍ଣ ନିର୍ଭର କରି କେବେହେଲେ ଈଶ୍ୱରଙ୍କ ସହିତ ଯଥାର୍ଥ ସ୍ଥାନରେ ନ ଥିଲେ (୭ ପଦ), ମାତ୍ର ସେମାନଙ୍କ ବିଶ୍ୱାସ (୨:୨୮-୨୯, ୪:୧ ଓ ଯୋହନ ୮:୩୧-୩୯, ଗାଲାତୀୟ ୩:୭-୯ ଓ ୪:୨୩) ବିଶ୍ୱାସକାରୀ ଅବଶିଷ୍ଟାଂଶ ଥିଲେ (୯:୨୭-୨୮ରେ ବିଶେଷ ପ୍ରସଙ୍ଗ ଦେଖ) ଯେଉଁମାନେ ଈଶ୍ୱରଙ୍କ ପ୍ରତିଜ୍ଞାମାନ ପ୍ରାପ୍ତ ହେଲେ ଏବଂ ବିଶ୍ୱାସରେ ସେଥିରେ ଗମନ କଲେ ୯:୨୭, ୧୧:୫)

୬ ପଦ ଏକ ଦଳ ସାମ୍ଭାବ୍ୟ ଆପତ୍ତି ମାନରେ ଆରମ୍ଭ ହୁଏ (୯:୧୪,୧୯,୩୦, ୧୧:୧)। ଏହା ପାଉଲଙ୍କ ଗାଳି ବର୍ଷ ଗଠନରେ ଲାଗି ରହେ। ଏହା ଏକ ସମ୍ଭବପର ଆପତ୍ତିକାରୀ ମାଧ୍ୟମ ଦ୍ୱାରା ସତ୍ୟ ପ୍ରକାଶ କରେ (ମଲାଖି ୧:୨,୬,୭ (ଦୁଇଥର) ୧୨,୧୩, ୨:୧୪,୧୭ (ଦୁଇଥର), ୩:୭,୧୩,୧୪)

**୯:୭** ଏହି ପଦର ଦ୍ୱିତୀୟାର୍ଦ୍ଧ ଆଦି ୨୧:୧୨ରୁ ଏକ ଉଦ୍ଧୃତାଂଶ, ଅବ୍ରହାମଙ୍କ ସମସ୍ତ ସନ୍ତାନଗଣ, ଈଶ୍ୱରଙ୍କ ଚୁକ୍ତି ପ୍ରତିଜ୍ଞାର ସନ୍ତାନଗଣ ନୁହଁନ୍ତି (ଆଦି ୧୨:୧-୩, ୧୫:୧-୧୧, ୧୭:୧-୨୧, ୧୮:୧-୧୫, ଗାଲାତୀ ୪:୨୩)। ଏହା ଇସ୍‌ମାଇଲ୍ ଓ ଇସ୍‌ହାକ୍ ମଧ୍ୟରେ ଭିନ୍ନତା ଦର୍ଶାଏ ୮-୯ ପଦରେ ଓ ଯାକୁବ ଏବଂ ଏଷୌ ମଧ୍ୟରେ ୧୦-୧୧ ପଦରେ।

**୯:୮** ''ଶାରୀରିକ'' ଶବ୍ଦ ଏଠାରେ ପାଉଲ ବ୍ୟବହାର କରିଅଛନ୍ତି, ଜାତୀୟ ବଂଶଧରମାନଙ୍କୁ ବୁଝାଇବାକୁ। (୧:୩, ୪:୧, ୯:୩,୫, ୧:୩ରେ ବିଶେଷ ପ୍ରସଙ୍ଗ ଦେଖ। ସେ ଅବ୍ରହାମଙ୍କ ସ୍ୱାଭାବିକ ସନ୍ତାନ (୯:୩ର ଯିହୁଦୀମାନେ)ମାନଙ୍କ ସହିତ ଅବ୍ରହାମଙ୍କ ଆତ୍ମିକ ସନ୍ତାନ (ପ୍ରତିଜ୍ଞାର ସନ୍ତାନମାନେ)ମାନଙ୍କୁ ବିପରୀତ ତୁଳନା କରୁଛନ୍ତି (ଯେଉଁ ସନ୍ତାନମାନେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ପ୍ରତିଜ୍ଞାତ ମଶୀହଙ୍କୁ ବିଶ୍ୱାସ କରିବେ ୨:୨୮-୨୯)। ଏହା ୮:୪-୧୧ର ବିପରୀତ ତୁଳନା ସହିତ ସମାନ ନୁହେଁ, ଯାହା ପତିତ ମାନବ ଜାତି ସହିତ ମୁକ୍ତିପ୍ରାପ୍ତ ମାନବ ଜାତିର ତୁଳନା କରିଅଛି।

**୯:୯** ଏହା ଆଦି ୧୮:୧୦,୧୪ରୁ ଏକ ଉଦ୍ଧୃତାଂଶ। ପ୍ରତିଜ୍ଞାତ ସନ୍ତାନ (''ବୀଜ ବା ପୁତ୍ର'') ଈଶ୍ୱରଙ୍କ ଆରମ୍ଭ କରିବା ସାମର୍ଥ୍ୟରେ ସାରାଙ୍କଠାରୁ ଆସିବ। ଏହା ଘଟଣାକ୍ରମେ ମଶୀହଙ୍କ ଜନ୍ମରେ ଏହା ଉନ୍ନତିର ଶେଷସୀମାରେ ପହଞ୍ଚିବ। ଆଦି ୧୨:୧-୩ରେ ତିରିଶବର୍ଷ ପୂର୍ବେ ଅବ୍ରହାମଙ୍କ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞାର ବିଶେଷ ସଫଳତା ଥିଲେ ଇସ୍‌ହାକ୍।

**୯:୧୦** ଅବ୍ରହାମଙ୍କ, ଇସ୍‌ହାକ୍‌ଙ୍କ ଓ ଯାକୁବଙ୍କ ପତ୍ନୀମାନେ ବନ୍ଧ୍ୟା ଥିଲେ, ସେମାନେ ସନ୍ତାନବତୀ ହୋଇପାରୁ ନ ଥିଲେ। ସେମାନେ ଏକ ସନ୍ତାନ ଲାଭ କରିବାର ସେମାନଙ୍କର ଅକ୍ଷମତା ଏହା ଦେଖାଇବାର ପଥମାନଙ୍କ ମଧ୍ୟରୁ ଗୋଟିଏ ଥିଲା ଯେ, ସେ ଚୁକ୍ତିବଦ୍ଧ ପ୍ରତିଜ୍ଞାମାନର ଅଧିକାରୀ ଥିଲେ, ମଶୀହଙ୍କ ଧାଡ଼ିରେ।

ଅନ୍ୟ ପଥ ଥିଲା ଯେ, ପ୍ରକୃତ ମଶୀହଙ୍କ ଧାଡ଼ି ପିତାମହମାନଙ୍କ ଜ୍ୟେଷ୍ଠପୁତ୍ର ମାଧ୍ୟମରେ କେବେ ଆରମ୍ଭ ହୁଏ ନାହିଁ, (ଯାହା ସଂସ୍କୃତିଗତଭାବେ ଅପେକ୍ଷା କରାଯାଉଥିଲା)। ଈଶ୍ୱର ମନୋନୟନ ହେଉଛି ମୁଖ୍ୟ ବିଷୟ ଅଟେ। (୧୧-୧୨ ପଦ)

**୯:୧୧-୧୨** ଗ୍ରୀକ୍ ଭାଷାରେ ୧୧-୧୨ ପଦ ଗୋଟିଏ ବାକ୍ୟରେ ଲେଖାଅଛି। ଏହି ବିଷୟ ଆଦି ୨୫:୧୯-୩୪ରୁ ନିଆଯାଇଥିଲା। ଏହି ଉଦାହରଣ ଏହା ପ୍ରମାଣିତ କରିବାକୁ ବ୍ୟବହାର କରାଯାଇଛି ଯେ, ଈଶ୍ୱରଙ୍କ ପସନ୍ଦ ବା ମନୋନୟନ (୧୬ ପଦ) (୧) ମାନବ ଧାଡ଼ି (ବଂଶ) ନୁହେଁ କିମ୍ବା (୨) ମାନବ ସତ୍କର୍ମ ବା ସଫଳତା ନୁହେଁ (୧୬ ପଦ)। ଏହା ସୁସମାଚାରର, ନୂତନ ଚୁକ୍ତିର ନୂତନ ପ୍ରକ୍ରିୟା (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୨-୩୬)। ଯାହାବି ହେଉ, ଏହା ସ୍ମରଣ ରଖିବା ଉଚିତ ଯେ, ଈଶ୍ୱରଙ୍କ ପସନ୍ଦ ବହିଷ୍କାର କରିବାକୁ ନୁହେଁ, ମାତ୍ର ଅନ୍ତର୍ଭୁକ୍ତ କରିବାକୁ ଉଦ୍ଦିଷ୍ଟ ଥିଲା! ମଶୀହ ଏକ ମନୋନୀତ ବୀଜରୁ ଆସିବେ ମାତ୍ର ସେ ସମସ୍ତଙ୍କ ପାଇଁ (ଯେ କେହି ବିଶ୍ୱାସ କାର୍ଯ୍ୟକାରୀ କରେ (୨:୨୮-୨୯, ୪:୩, ୨୨-୨୫ ଓ ୧୦ ଅଧ୍ୟାୟ) ଆସିବେ।

**୯-୧୧ ''ଉଦ୍ଦେଶ୍ୟ''** ଏହା ଏକ ମିଳିତ ଶବ୍ଦ (''ପ୍ରୋ ପ୍ଲସ୍ ଟାଇଥେମି'') ଯାହାର ବିଭିନ୍ନ ଅର୍ଥ ଅଛି।

୧. ରୋମୀ ୩:୨୫
   - କ. ସମସ୍ତଙ୍କ ସମ୍ମୁଖରେ ରଖାଯାଇଛି
   - ଖ. ସନ୍ତୋଷ ସାଧନକାରୀ ଦାନ

୨. ପୂର୍ବରୁ ଯୋଜନା କରିବାକୁ
   - କ. ପାଉଲଙ୍କର ରୋମୀ ୧:୧୩
   - ଖ. ଈଶ୍ୱରଙ୍କର ଏଫିସୀ ୧:୯

ବିଶେଷ୍ୟ ପଦ ଆକାରରେ (ପ୍ରୋଥୋସିସ୍) ଏହି ଶାସ୍ତ୍ରାଂଶରେ ବ୍ୟବହାର କରାଯାଇଛି, ''ସମ୍ମୁଖରେ ରଖାଯାଇଛି'' ବୁଝାଏ :

୧. ମନ୍ଦିରରେ ଦର୍ଶନୀରୋଟିର ବ୍ୟବହାର (ମାଥିଉ ୧୨:୪, ମାର୍କ ୨:୨୬, ଲୂକ ୬:୪)

୨. ଈଶ୍ୱରଙ୍କର ଏକ ପୂର୍ବ ନିରୂପିତ ମୁକ୍ତିର ଉଦ୍ଦେଶ୍ୟ ନିମନ୍ତେ ବ୍ୟବହୃତ ହୋଇଛି (ରୋମୀ ୮:୨୮, ୯:୧୧, ଏଫିସୀ ୧:୫,୧୧, ୩:୧୦, ୨ ତୀମଥି ୧:୯, ୩:୧୦)

ପାଉଲ ବିଭିନ୍ନ ମିଳିତ ଶବ୍ଦ ବ୍ୟବହାର କରନ୍ତି ଅବ୍ୟୟପଦ ସହିତ ପ୍ରୋ (ପୂର୍ବ) ରୋମୀ ୮ ଓ ୯ ଅଧ୍ୟାୟ ଓ ଏଫିସୀୟ ପୁସ୍ତକରେ ୧ ପର୍ବରେ (ସେମାନେ ଈଶ୍ୱରଙ୍କ ଯୋଜନାକୃତ କାର୍ଯ୍ୟକଳା ଦର୍ଶାନ୍ତି)

୧. *ପ୍ରୋଗିନାସ୍କୋ* (ପୂର୍ବରୁ ଜ୍ଞାତ) ରୋମୀ ୮:୨୯

୨. *ପ୍ରୋହ୍ରଜିଓ* (ପୂର୍ବରୁ ପ୍ରସ୍ତୁତ) ରୋମୀ ୮:୨୯ (ଏଫିସୀ ୧:୫,୧୧) ୩୦ (ଏଫିସୀ ୧:୯)

୩. *ପ୍ରୋଟହେସିଜ୍* (ପୂର୍ବ ସ୍ଥିରୀକୃତ ଉଦ୍ଦେଶ୍ୟ) ରୋମୀ ୯:୧
୪. *ପ୍ରୋଟଏଟୋଇମାଯୋ* (ପୂର୍ବରୁ ସମ୍ମୁଖୀନ ହେବା) ରୋମୀ ୯:୨୩
୫. *ପ୍ରୋଲେଗୋ* (ପୂର୍ବରୁ କୁହାଯାଇଥିଲା) ରୋମୀ ୯:୨୯
୬. *ପ୍ରୋଏଲ ପିଯୋ* (ପୂର୍ବରୁ ଆଶା କରାଯାଇଥିଲା) ଏଫିସୀ ୧:୧୨

**୯:୧୨** ଏହା ଏଷୌ ଓ ଯାକୁବଙ୍କ ସମ୍ପର୍କରେ ଆଦି ୨୫:୨୩ର ଭବିଷ୍ୟତ୍‌ବାଣୀରୁ ଉଦ୍ଧୃତ ହୋଇଅଛି । ଏହା ଦର୍ଶାଏ ଯେ, ରିବିକା ଯାକୁବ ଭବିଷ୍ୟତ୍‌ବାଣୀକୁ କାର୍ଯ୍ୟକାରୀ କଲେ, ବ୍ୟକ୍ତିଗତ ଲାଭ ନୁହେଁ, ଆଶୀର୍ବାଦ ବିଷୟରେ ପ୍ରତାରଣା କରି !

**୯:୧୩ ''ମାତ୍ର ଏଷୌକୁ ଆମ୍ଭେ ଘୃଣା କଲୁ''** ଏହା ମଲାଖି ୧:୨-୩ରୁ ଉଦ୍ଧୃତାଂଶ ଅଟେ । ''ଘୃଣା'' କ ହିବ୍ରୁ ରୂଢ଼ୋକ୍ତିର ତୁଳନା । ଏହା ଇଂରାଜୀରେ କଟୁ ଶବ୍ଦ ପରି ଶୁଭେ, ମାତ୍ର ଆଜି ୨୯:୩୧-୩୩, ଦ୍ୱିତୀୟ ବିବରଣୀ ୨୧:୧୫, ମାଥିଉ ୧୦:୩୭-୩୮, ଲୂକ ୧୪:୨୬ ଓ ଯୋହନ ୧୨:୨୫ ତୁଳନା କର । ମାନବାକୃତିରେ ଈଶ୍ୱରଙ୍କୁ ଚିନ୍ତା କରିବା ଶବ୍ଦ ''ପ୍ରେମ'' ଓ ''ଘୃଣା'' ଦ୍ୱାରା ଈଶ୍ୱରଙ୍କ ଭାବପ୍ରବଣତାକୁ ଏହି ବ୍ୟକ୍ତିଗଣଙ୍କ ପ୍ରତି ସଂପୃକ୍ତ କରାଯାଇ ନ ପାରେ, ମାତ୍ର ଏକ ମଶୀହଙ୍କ ଧାଡ଼ି ଓ ପ୍ରତିଜ୍ଞା ପ୍ରତି ଏହା ତାହାଙ୍କ ସମର୍ପଣ । ଯାକୁବ, ଆଦି ୨୫:୨୩ ଭବିଷ୍ୟତ୍‌ବାଣୀ ଉପରେ ନିର୍ଭର କରୁଥିବା ପ୍ରତିଜ୍ଞାର ପୁତ୍ର । ଏଷୌ, ମଲାଖି ୧:୨-୩ରେ ଇଦୋମର ଜାତି (ଏଷୌର ବଂଶଧର)କୁ ବୁଝାଏ ।

**ବିଶେଷ ପ୍ରସଙ୍ଗ : ଜଣେ ମାନବ ରୂପେ ଈଶ୍ୱରଙ୍କୁ ବର୍ଣ୍ଣନା କରାଗଲା (ମାନବ ରୂପେ ଈଶ୍ୱରଙ୍କୁ ପ୍ରକାଶ କରିବା ଭାଷା)**

୧. ପୁରାତନ ନିୟମରେ ଏହି ପ୍ରକାର ଭାଷା ବ୍ୟବହାର କରିବା ବହୁତ ସାଧାରଣ (କେତେକ ଉଦାହରଣ)
  କ. ଶାରୀରିକ ଶରୀରର ଅଂଶବିଶେଷ
    ୧. ଚକ୍ଷୁ ସମସ୍ତ – ଆଦି ୧:୪,୩୧, ୬:୮, ଯାତ୍ରା ୩୩:୧୭, ଗଣନା ୧୪:୧୪, ଦ୍ୱିତୀୟ ବିବରଣ ୧୧:୧୨, ଯିଖରିୟ ୪:୧୦
    ୨. ହସ୍ତଦ୍ୱୟ – ଯାତ୍ରା ୧୫:୧୭, ଗଣନା ୧୧:୨୩, ଦ୍ୱିତୀୟ ବିବରଣ ୨:୨୫
    ୩. ବାହୁ – ଯାତ୍ରା ୬:୬, ୧୫:୧୬, ଗଣନା ୧୧:୨୩, ଦ୍ୱିତୀୟ ବିବରଣ ୪:୩୨, ୫:୧୫
    ୪. କର୍ଣ୍ଣଦ୍ୱୟ – ଗଣନା ୧୧:୧୮, ୧ ଶାମୁୟେଲ ୮:୨୧, ୨ ରାଜାବଳୀ ୧୯:୧୬, ଗୀତ ୫:୧, ୧୦:୧୭, ୧୮:୬
    ୫. ମୁଖ – ଯାତ୍ରା ୩୨:୩୦, ୩୩:୧୧, ଗଣନା ୬:୨୫, ଦ୍ୱିତୀୟ ବିବରଣ ୩୪:୧୦, ଗୀତ ୧୧୪:୭
    ୬. ଅଙ୍ଗୁଳି – ଯାତ୍ରା ୮:୧୯, ୩୧:୧୮, ଦ୍ୱିତୀୟ ବିବରଣ ୯:୧୦, ଗୀତ ୮:୩
    ୭. ସ୍ୱର – ଆଦି ୩:୮,୧୦, ଯାତ୍ରା ୧୫:୨୬, ୧୯:୧୯, ଦ୍ୱିତୀୟ ବିବରଣ ୨୬:୧୭, ୨୭:୧୦
    ୮. ପଦଦ୍ୱୟ – ଯାତ୍ରା ୨୪:୧୦, ଯିହିଜିକଲ ୪୩:୭
    ୯. ମାନବାକୃତି – ଯାତ୍ରା ୨୪:୯-୧୧, ଗୀତ ୪୭, ଯିଶାଇୟ ୬:୧, ଯିହିଜିକଲ ୧:୨୬
    ୧୦. ପ୍ରଭୁଙ୍କ ଦୂତ – ଆଦି ୧୬:୭-୧୩, ୨୨:୧୧-୧୫, ୩୧:୧୧,୧୩, ୪୮:୧୫-୧୬, ଯାତ୍ରା ୩:୪, ୧୩-୨୧, ୧୪:୧୯, ବିଚାରକର୍ତ୍ତା ୨:୧, ୬:୨୨-୨୩, ୧୩:୩-୨୨
  ଖ. ଶାରୀରିକ କାର୍ଯ୍ୟକଳାପମାନ
    ୧. ସୃଷ୍ଟିର ପ୍ରଣାଳୀ ଅନୁସାରେ କଥା କହିବା – ଆଦି ୧:୩,୬,୯,୧୧,୧୪,୨୦,୨୪,୨୬
    ୨. ଚାଲିବା – (ଯଥା : ଚାଲିବା ଶବ୍ଦ) ଏଦନରେ – ଆଦି ୩:୮, ୧୮:୩୩, ହବକ୍‌କୂକ୍ ୩:୧୫
    ୩. ନୋହଙ୍କ ଜାହାଜର ଦ୍ୱାର ବନ୍ଦ କରିବା – ଆଦି ୭:୧୬
    ୪. ସୁବାସିତ ବଳି (ନୈବେଦ୍ୟ) – ଆଦି ୮:୨୧, ଲେବୀ ୨୬:୩୧, ଆମୋଷ ୫:୨୧
    ୫. ତଳକୁ ଆସିବା – ଆଦି ୧୧:୫, ୧୮:୨୧, ଯାତ୍ରା ୩:୮, ୧୯:୧୧, ୧୮:୨୦
    ୬. ମୋଶାଙ୍କୁ କବର ଦେବା – ଦ୍ୱିତୀୟ ବିବରଣ ୩୪:୬
  ଗ. ମାନବ ଭାବପ୍ରବଣତାମାନ ବା ଆବେଗସମୂହ (କେତେକ ଉଦାହରଣମାନ)
    ୧. ଦୁଃଖ/ଅନୁତାପ – ଆଦି ୬:୬,୭, ଯାତ୍ରା ୩୨:୧୪, ବିଚାରକର୍ତ୍ତା ୨:୧୮, ୧ ଶାମୁୟେଲ ୧୫:୨୯, ଆମୋଷ ୭:୩,୬
    ୨. କ୍ରୋଧ – ଯାତ୍ରା ୪:୧୪, ୧୫:୭, ଗଣନା ୧୧:୧୦, ୧୨:୯, ୨୨:୨୨, ୨୫:୩,୪, ୩୨:୧୦, ୧୩,୧୪, ଦ୍ୱିତୀୟ ବିବରଣ ୬:୫, ୭:୪, ୨୯:୨୦
    ୩. ଈର୍ଷା – ଯାତ୍ରା ୨୦:୫, ୩୪:୧୪, ଦ୍ୱିତୀୟ ବିବରଣ ୪:୨୪, ୫:୯, ୬:୧୫, ୩୨:୧୬,୨୧, ଯିହୋଶୂୟ ୨୪:୧୯
    ୪. ବିରକ୍ତି/ଘୃଣା – ଲେବୀ ୨୦:୨୩, ୨୬:୩୦, ଦ୍ୱିତୀୟ ବିବରଣ ୩୨:୧୯

ଘ. ପାରିବାରିକ ଶବ୍ଦମାନ (କେତେକ ଉଦାହରଣମାନ)
  ୧. ପିତା
    କ. ଇସ୍ରାଏଲର – ଯାତ୍ରା ୪:୨୨, ଦ୍ୱିତୀୟ ବିବରଣ ୧୪:୧, ୩୯:୫
    ଖ. ରାଜାଙ୍କର – ୨ ଶାମୁୟେଲ ୭:୧୧-୧୬, ଗୀତ ୨:୭
    ଗ. ପିତୃତ୍ୱର କାର୍ଯ୍ୟକଳାପ ପାଇଁ ଦୃଷ୍ଟାନ୍ତମାନ – ଦ୍ୱିତୀୟ ବିବରଣ ୧:୩୧, ୮:୫, ୩୨:୧, ଗୀତ ୨୭:୧୦, ହିତୋପଦେଶ ୩:୧୨, ଯିରିମିୟ ୩:୪, ୨୨:୩୧-୨୦, ହୋଶେୟ ୧୧:୧-୪, ମଲାଖି ୩:୧୭
  ୨. ପିତାମାତା – ହୋଶେୟ ୧୧:୧-୪
  ୩. ମାତା – ଗୀତ ୨୭:୧୦ (ସେବାକାରୀ ମାଁର ଉପମା) ଯିଶାଇୟ ୪୯:୧୫, ୬୬:୯-୧୩
  ୪. ଯୁବା ବିଶ୍ୱସ୍ତ ପ୍ରେମିକ – ହୋଶେୟ ୧-୩ ଅଧ୍ୟାୟ
୨. ଏହି ପ୍ରକାର ଭାଷା ବ୍ୟବହାର କରିବାର କାରଣମାନ
  କ. ଈଶ୍ୱର ଆପଣାକୁ ମାନବଗଣଙ୍କ ନିକଟରେ ପ୍ରକାଶ କରିବା ଏକ ଆବଶ୍ୟକୀୟ ବିଷୟ । ଈଶ୍ୱରଙ୍କୁ ପୁରୁଷ ବୋଲି ମନରେ ବଡ଼ ଅଯୌକ୍ତିକ ଧାରଣା ଗ୍ରହଣ କରିବା ଏକ ଈଶ୍ୱରଙ୍କୁ ମନୁଷ୍ୟ ରୂପ ଦେବାର ଚିନ୍ତାଧାରା ମାତ୍ର । କାରଣ ଈଶ୍ୱର ଆତ୍ମା ଅଟନ୍ତି !
  ଖ. ଈଶ୍ୱର ମାନବ ଜୀବନର ସର୍ବାପେକ୍ଷା ଅଧିକ ଅର୍ଥପୂର୍ଣ୍ଣ ବିଷୟମାନ ଗ୍ରହଣ କରନ୍ତି ଏବଂ ସେଗୁଡ଼ିକୁ ପତିତ ମାନବଜାତିଠାରେ ଆପଣାକୁ ପ୍ରକାଶ କରିବାକୁ ବ୍ୟବହାର କରନ୍ତି (ପିତା, ମାତା, ପିତାମାତା, ପ୍ରେମିକ)
  ଗ. ଯଦିବା ଆବଶ୍ୟକ, ଈଶ୍ୱର କୌଣସି ଶାରୀରିକ ଆକୃତି ମଧରେ ସୀମାବଦ୍ଧ ହେବାକୁ ଚାହାନ୍ତି ନାହିଁ, (ଯାତ୍ରା ୨୦ ଓ ଦ୍ୱିତୀୟ ବିବରଣୀ ୫)
  ଘ. ଚୂଡ଼ାନ୍ତ ଈଶ୍ୱର ମାନବ ରୂପ ଧାରଣ କରିବା ବିଶ୍ୱାସ ହେଉଛି ଯୀଶୁଙ୍କର ଦେହବନ୍ତ ହେବା । ଈଶ୍ୱର ଶାରୀରିକ, ସ୍ପଷ୍ଟ କରାଯିବା ସମ୍ଭବପର ହେଲେ (୧ ଯୋହନ ୧:୧-୩, ୧୪ ପଦ) । ଈଶ୍ୱରଙ୍କ ସମ୍ବାଦ ଈଶ୍ୱରଙ୍କ ବାକ୍ୟରେ ପରିଣତ ହେଲା (ଯୋହନ ୧:୧-୧୮)

**ଏନ୍ଏଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୯:୧୪-୧୮**

**''ତେବେ ଆମ୍ଭେମାନେ କଅଣ କହିବା ? ଈଶ୍ୱରଙ୍କଠାରେ କି ଅନ୍ୟାୟ ଅଛି ? ତାହା କେବେହେଁ ନ ହେଉ । କାରଣ ସେ ମୋଶାଙ୍କୁ କହନ୍ତି, ଯାହା ଉପରେ ଆମ୍ଭର ଦୟା ଅଛି, ତାହାକୁ ଆମ୍ଭେ ଦୟା କରିବା, ଆଉ ଯାହା ଉପରେ ଆମ୍ଭର କୃପା ଅଛି, ତାହାକୁ ଆମ୍ଭେ କୃପା କରିବା । ଅତଏବ ଯେ ଇଚ୍ଛା କରେ, କିମ୍ବା ଯେ ଚେଷ୍ଟା କରେ, ତାହାଠାରୁ ଏହା ଦୂର ହୁଏ ନାହିଁ, ମାତ୍ର ଦୟାଳୁ ଈଶ୍ୱରଙ୍କଠାରୁ ହୁଏ । ଯେଣୁ ଶାସ୍ତ୍ର ଫାରୋଙ୍କୁ କହେ, ଆମ୍ଭେ ଯେପରି ତୁମ୍ଭଠାରେ ଆମ୍ଭର ଶକ୍ତି ଦେଖାଉ ଆଉ ଯେପରି ସମସ୍ତ ପୃଥିବୀରେ ଆମ୍ଭର ନାମ ଘୋଷିତ ହୁଏ ଏହି ଅଭିପ୍ରାୟରେ ତ ଆମ୍ଭେ ତୁମ୍ଭକୁ ଉଥାପନ କଲୁ । ଅତଏବ ସେ ଯାହାକୁ ଇଚ୍ଛା କରନ୍ତି, ତାହାକୁ ଦୟା କରନ୍ତି ପୁଣି ଯାହାକୁ ଇଚ୍ଛା କରନ୍ତି ତାହାକୁ କଠିନ କରନ୍ତି ।''**

**୯:୧୪ ''ତେବେ ଆମ୍ଭେମାନେ କଅଣ କହିବା''** ପାଉଲ ଏହିପରି ଅନେକ ସମୟରେ ଭସନା ପ୍ରଣାଳୀ ବ୍ୟବହାର କରନ୍ତି (୩:୫, ୪:୧, ୬:୧, ୭:୭, ୮:୩୧, ୯:୧୪, ୧୯,୩୦)

□ **''ଈଶ୍ୱରଙ୍କଠାରେ କି ଅନ୍ୟାୟ ଅଛି''** ? ବ୍ୟାକରଣ ଏକ ''ନାହିଁ'' ଉତ୍ତର ଅପେକ୍ଷା କରେ । ଈଶ୍ୱର କିପରି ମନୁଷ୍ୟମାନଙ୍କୁ ଦାୟୀ କରିବେ, ଯଦି ଈଶ୍ୱରଙ୍କ ସାର୍ବଭୌବତ୍ୱ ହେଉଛି ମନସ୍ଥ କରିବା ଉପାଦାନ (୧୯ ପଦ) ? ଏହା ହେଉଛି ନିର୍ବାଚନ ରହସ୍ୟ । ଏହି ଅଂଶରେ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଈଶ୍ୱର ମାନବଜାତି ସହିତ ଯାହା କରିବାକୁ ଇଚ୍ଛା କରନ୍ତି, ସେ ତାହା କରିବାକୁ ସ୍ୱାଧୀନ (ଏହି ବିଦ୍ରୋହୀ ମାନବ ଜାତି ସହିତ), ଯାହାବି ହେଉ ଈଶ୍ୱରଙ୍କ ସର୍ବଭୌମତା ଦୟାରେ ପ୍ରକାଶିତ, ଅସିଦ୍ଧ ଶକ୍ତିରେ ନୁହେଁ ।

ଏହା ମଧ୍ୟ ପ୍ରକାଶ କରାଯିବା ଉଚିତ ଯେ, ଈଶ୍ୱରଙ୍କ ସର୍ବଭୌମ ପସନ୍ଦମାନ, ମାନବର ଭବିଷ୍ୟତ୍ ପସନ୍ଦ ଓ କାର୍ଯ୍ୟସମୂହ ବିଷୟକ ପୂର୍ବଜ୍ଞାନ ଉପରେ ନିର୍ଭର କରେ ନାହିଁ । ଏହା ଯଦି ସତ୍ୟ ହୋଇଥାଆନ୍ତା, ତେବେ ଶେଷରେ ବ୍ୟକ୍ତିବିଶେଷଙ୍କ ପସନ୍ଦମାନ, କାର୍ଯ୍ୟସମୂହ ଓ ସତ୍କର୍ମଗୁଡ଼ିକ ଈଶ୍ୱରଙ୍କ ପସନ୍ଦସବୁର ମୂଳରେ ରହିଥାଆନ୍ତା (୧୬ ପଦ, ୧ ପିତର ୧:୨ ପଦ) । ଏହାର ପୃଷ୍ଠରେ ବା ପଶ୍ଚାଦ୍ ଭାଗରେ ଧାର୍ମିକମାନଙ୍କ ପାଇଁ ସୁଖସମ୍ଭୋଗ ଥିବା ପାରମ୍ପରିକ ଯିହୁଦୀମତ ନିହିତ (ଦ୍ୱିତୀୟ ବିବରଣ ୨୭,୨୮, ଆୟୁବ ଓ ଗୀତ ୭୩) । ମାତ୍ର ଈଶ୍ୱର, ଅଯୋଗ୍ୟକୁ ବିଶ୍ୱାସ ମାଧ୍ୟମରେ ଆଶୀର୍ବାଦ କରିବାକୁ ପସନ୍ଦ କରନ୍ତି । (୫:୮) । ଈଶ୍ୱର ସମସ୍ତ ବିଷୟ ଜାଣନ୍ତି, ମାତ୍ର ସେ ତାହାଙ୍କ ପସନ୍ଦଗୁଡ଼ିକୁ ସୀମାବଦ୍ଧ କରିବାକୁ ପସନ୍ଦ କରିଅଛନ୍ତି (୧) ଦୟାରେ (୨) ପ୍ରତିଜ୍ଞାରେ । ମାନବ ପ୍ରତ୍ୟୁତ୍ତର ଏକ ଆବଶ୍ୟକୀୟ ବିଷୟ, ମାତ୍ର ଈଶ୍ୱରଙ୍କ ଜୀବନ ପରିବର୍ତ୍ତନ ନିର୍ବାଚିତ ପସନ୍ଦର ଏହା ଅନୁଗମନ କରେ ଓ ଶେଷରେ ଏହାକୁ ଦୃଢ଼ୀଭୂତ କରେ ।

□ **''ତାହା କେବେହେଁ ନ ହେଉ''** ଏହା ଏକ କ୍ୱଚିତ୍ ଥିବା ଆକୃତି, ଯାହା ପାଉଲ ଏକ ଗୁରୁତ୍ୱ ଦିଆଯାଉଥିବା ନାସ୍ତିବାଚକ ବିଷୟ, ସାଧାରଣତଃ ତାଙ୍କର ଭର୍ତ୍ସନାକାରୀ ଆପତ୍ତିକାରୀମାନଙ୍କ ପ୍ରଶ୍ନଗୁଡ଼ିକ ପାଇଁ ଅନେକ ସମୟରେ ବ୍ୟବହାର କରୁଥିଲେ (୩:୪,୬,୩୧, ୬:୨,୧୫, ୭:୭,୧୩, ୧୧:୧,୧୧ ଆହୁରି ମଧ୍ୟ ୧ କରନ୍ଥୀ ୬:୧୫, ଗାଲାତୀ ୨:୧୭, ୩:୨୧, ୬:୧୪) । ଏହା ସମ୍ଭବତଃ ଏକ ହିବ୍ରୁ ରୂଢ଼ୋକ୍ତି ଅଟେ ।

**୯:୧୫** ଏହା ଯାତ୍ରା ୩:୧୯ରୁ ଉଦ୍ଧୃତାଂଶ ଅଟେ । ଈଶ୍ୱର ତାଙ୍କର ନିଜର ମୁକ୍ତି ଉଦ୍ଦେଶ୍ୟ ସାଧନ ଅନୁସାରେ କାର୍ଯ୍ୟ କରିବାକୁ ସ୍ୱାଧୀନ ଅଟନ୍ତି । ଏପରିକି ମୋଶା ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବାକୁ ଯୋଗ୍ୟତା ପ୍ରାପ୍ତ ହେଲେ ନାହିଁ (ଯାତ୍ରା ୩୩:୨୦) । ସେ ଜଣେ ହତ୍ୟାକାରୀ ଥିଲେ (ଯାତ୍ରା ୨:୧୧-୧୫) । ମୁଖ୍ୟ ବିଷୟ ହେଉଛି ତାହାଙ୍କ ପସନ୍ଦ ଦୟାରେ ହେଉଅଛି (୧୬,୧୮-୨୩, ୧୧:୩୦,୩୧,୩୨)

**୯:୧୫-୧୬** ଗ୍ରୀକ୍ ଶବ୍ଦ (ଏଲିଓସ୍ ୧୫,୧୬,୧୮,୨୩, ୧୧:୩୦,୩୧,୩୨) ସେପ୍ଟୁଆଜିଣ୍ଟ (ହିବ୍ରୁରୁ ଗ୍ରୀକ୍ ଅନୁବାଦ) (ଏଲ୍ଏକ୍ସ୍ଏକ୍ସ)ରେ ବ୍ୟବହୃତ ହୋଇଅଛି ବିଶେଷ ହିବ୍ରୁ ଶବ୍ଦ ''ହେସେଡ୍'' ଶବ୍ଦକୁ ଅନୁବାଦ କରିବାକୁ (ସ୍ମରଣ ରଖ, ନୂତନ ନିୟମରେ ଲେଖକଗଣ ହିବ୍ରୁ ଚିନ୍ତକଗଣ ଥିଲେ, ଗ୍ରୀକ୍ ଭାଷା (ରାସ୍ତାର ଲୋକମାନେ କହୁଥିବା ଗ୍ରୀକ୍)ରେ ଲେଖିଥିଲେ, ଯାହା ବୁଝାଇଲା ''ଅବିଚଳିତ, ଚୁକ୍ତିରେ ବିଶ୍ୱସ୍ତତା ବା ନ୍ୟାୟପରାୟଣତା'' । ଈଶ୍ୱରଙ୍କଦୟା ଓ ନିର୍ବାଚନ ବହୁବଚନ, ସଂଘବଦ୍ଧ, (ଯିହୁଦୀଗଣ (ଇସ୍ହାକ୍), ଆରବୀୟମାନେ ନୁହଁନ୍ତି (ଇସ୍ମାଏଲ୍), ଇସ୍ରାଏଲ (ଯାକୁବ) ଇଦୋମ (ଏଷୌ) ନୁହେଁ, ମାତ୍ର ବିଶ୍ୱାସ କରୁଥିବା ଯିହୁଦୀଗଣ ଓ ବିଶ୍ୱାସ କରୁଥିବା ବିଜାତିଗଣ ୨୪ ପଦ) ସେମାନଙ୍କ ସହିତ ବ୍ୟକ୍ତି ବିଶେଷଗଣ । ପୂର୍ବନିରୂପିତ ଭବିଷ୍ୟଦ୍ (ସାର୍ବଜନୀନ ମୁକ୍ତି) ସତ୍ୱର ରହସ୍ୟ ମୁକ୍ତ କରିବା କଞ୍ଚିଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଏହି ସତ୍ୟ । ଅନ୍ୟ କଞ୍ଚି ୯-୧୧ ଅଧ୍ୟାୟର ପରିପ୍ରେକ୍ଷୀରେ ହେଉଛି ଈଶ୍ୱରଙ୍କ ଅପରିବର୍ତ୍ତନୀୟ ଚରିତ୍ର - ଦୟା (୯:୧୫,୧୬,୧୮,୨୩, ୧୧:୩୦,୩୧,୩୨) ଏବଂ ମାନବ କାର୍ଯ୍ୟସିଦ୍ଧି ନୁହେଁ । ମନୋନୟନ ଦ୍ୱାରା ଦୟା, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ସମସ୍ତଙ୍କ ନିକଟରେ ଘଘଣାକ୍ରମେ ପହଞ୍ଚିବ । ସମସ୍ତଙ୍କ ପ୍ରତି ବିଶ୍ୱାସର ଦ୍ୱାର ଜଣେ ମୁକ୍ତ କରନ୍ତି । (୫:୧୮-୧୯ ପଦ) ।

**ବିଶେଷ ପ୍ରସଙ୍ଗ : ସ୍ନେହପୂର୍ଣ୍ଣ କରୁଣା (ହେସେଡ୍)**

ଏହି ଶବ୍ଦର ଏକ ବିସ୍ତାରିତ ଭାଷାର୍ଥ ବିଷୟକ କ୍ଷେତ୍ର ଅଛି । ବିଡିବି ଏହି ପ୍ରକାର ଗୁଣପ୍ରକାଶ କରେ (୩୩୮-୩୩୯) ।

କ. ମାବନଗଣଙ୍କ ସହିତ ସଂଯୁକ୍ତ ରହି ବ୍ୟବହୃତ ହେଲା
  ୧. ସହମାନବ ପ୍ରତି ଦୟା (ଯଥା ୧ ଶାମୁୟେଲ ୨୦:୧୪, ୨ ବଂଶାବଳୀ ୨୪:୨୨)
  ୨. ଦରିଦ୍ର ଓ ଅଭାବଗ୍ରସ୍ତ ପ୍ରତି ଦୟା (ଯଥା : ମୀଖା ୬:୮)
  ୩. ସ୍ନେହ (ଯିରିମିୟ ୨:୨, ହୋଶେୟ ୬:୪)
  ୪. ସାକ୍ଷାତ କରିବା (ଯିଶାଇୟ ୪୦:୬)

ଖ. ଈଶ୍ୱରଙ୍କ ପ୍ରତି ସଂଯୁକ୍ତ ରହି ବ୍ୟବହୃତ ହେଲା
  ୧. ଚୁକ୍ତିବଦ୍ଧ ନ୍ୟାୟ ପରାୟଣତା ଓ ପ୍ରେମ
    କ. ''ଶତ୍ରୁମାନଙ୍କଠାରୁ ଓ କଷ୍ଟକର ପରିସ୍ଥିତିରୁ ମୁକ୍ତିରେ'' (ଯିରି ୩୧:୩, ଏଜ୍ରା ୨୭:୨୮, ୯:୯)
    ଖ. ''ମୃତ୍ୟୁରୁ ଜୀବନର ସଂରକ୍ଷଣରେ'' (ଯଥା : ଆୟୁବ ୧୦:୧୨, ଗୀତ ୮୬:୧୩)
    ଗ. ''ଆତ୍ମିକ ଜୀବନର ତ୍ୱରାନ୍ୱିତ କରିବାରେ'' (ଯଥା : ଗୀତ ୧୧୯:୪୧, ୭୬,୮୮,୧୨୪,୧୪୯)
    ଘ. ''ପାପରୁ ମୁକ୍ତିରେ'' (ଯଥା : ଗୀତ ୨୫:୭, ୫୧:୩)
    ଙ. ''ପ୍ରତିଜ୍ଞା ରକ୍ଷା କରିବାରେ'' (ଯଥା : ୨ ବଂଶାବଳୀ ୬:୧୪, ନିହିମିୟା ୧:୫, ୯:୩୨)
  ୨. ଏକ ସ୍ୱର୍ଗୀୟ ଗୁଣ ବର୍ଣ୍ଣନା କରେ (ଯଥା : ଯାତ୍ରା ୩୪:୬, ମୀଖା ୭:୨୦)
  ୩. ଈଶ୍ୱରଙ୍କ ଦୟା
    କ. ''ପ୍ରଚୁର'' (ଯଥା : ନିହିମିୟା ୯:୧୭, ଗୀତ ୧୦୩:୮)
    ଖ. ''ବହୁଦୂର ପରିବ୍ୟାପ୍ତ'' (ଯଥା : ଯାତ୍ରା ୨୦:୬, ଦ୍ୱିତୀୟ ବିବରଣୀ ୫:୧୦, ୭:୯)
    ଗ. ''ସଦାକାଳ ସ୍ଥାୟୀ'' (ଯଥା : ୧ ବଂଶାବଳୀ ୧୬:୩୪,୪୧, ୨ ବଂଶାବଳୀ ୫:୧୩, ୭:୩,୬, ୨୦:୨୧, ଏଜ୍ରା ୩:୧୧)
  ୪. ଦୟାର କାର୍ଯ୍ୟସମୂହ (ଯଥା : ୨ ବଂଶାବଳୀ ୬:୪୨, ଗୀତ ୮୯:୨, ଯିଶାଇୟ ୫୩:୩, ୬୩:୭, ବିଳାପ ୩:୨୨)

**୯:୧୭-୧୮ :** ୧୭ ପଦ ହେଉଛି ଯାତ୍ରା ୯:୧୬ରୁ ଉଦ୍ଧୃତ ହୋଇଥିବା ଏକ ଶକ୍ତିଯୁକ୍ତ ସାର୍ବଜନୀନ ପଦ, ୧୮ ପଦ ହେଉଛି ଉଦ୍ଧୃତାଂଶରୁ ପରିସମାପ୍ତି ବା ଉପସଂହାର ଚିତ୍ରଣ କରିବା ପଦ । ଯାତ୍ରା ୮:୧୫,୧୯,୩୨, ୯:୩୪ରେ ଫାରୋ ଆପଣା ହୃଦୟ କଠିନ କରିବେ ବୋଲି କୁହାଯାଇଥିଲା । ଯାତ୍ରା ୪:୨୧, ୭:୩, ୯:୧୨, ୧୦:୨୦,୨୭, ୧୧:୧୦ରେ ଈଶ୍ୱର ତାହାଙ୍କ ହୃଦୟ କଠିନ କରିବା କୁହାଯାଇଥିଲା । ଏହି ଉଦାହରଣ ଈଶ୍ୱରଙ୍କ ସର୍ବଭୌମତା ଦର୍ଶାଇବାକୁ

ବ୍ୟବହାର କରାଯାଇଅଛି (୧୮ ପଦ) । ଫାରୋ ତାଙ୍କ ପସନ୍ଦଗୁଡ଼ିକ ପାଇଁ ଦାୟୀ ଅଟନ୍ତି । ଈଶ୍ୱର ଫାରୋଙ୍କ ଅହଂକାର ଓ ଶକ୍ତଗ୍ରୀବତାର ବ୍ୟକ୍ତିତ୍ୱକୁ ଇସ୍ରାୟେଲମାନଙ୍କ ପାଇଁ ତାହାଙ୍କ ଇଚ୍ଛା ସାଧନ କରିବାକୁ ବ୍ୟବହାର କରନ୍ତି (୧୮ ପଦ) ।

ଆହୁରି ମଧ୍ୟ ଲକ୍ଷ୍ୟ କର, ଫାରୋଙ୍କ ସହିତ ଈଶ୍ୱରଙ୍କ କାର୍ଯ୍ୟକଳାପସମୂହର ଉଦ୍ଦେଶ୍ୟ ଥିଲା ମୁକ୍ତି ଏବଂ ସୁଯୋଗରେ ଘନିଷ୍ଠତା । ସେସବୁର ଉଦ୍ଦେଶ୍ୟ ଥିଲା :

୧. ଈଶ୍ୱର ଶକ୍ତି ଦର୍ଶାଇବା (ମିଶରୀୟ ସ୍ୱଭାବ ଓ ପଶୁଦେବତାମାନ, ଯେପରି ଆଦି ୧ ବାବିଲୋନୀୟ ଅଶ୍ଳୀଳ ଦେବଦେବୀମାନଙ୍କୁ କରିଥିଲା)

୨. ମିଶରଙ୍କ ନିକଟରେ ଈଶ୍ୱରଙ୍କୁ ପ୍ରକାଶ କରିବା ଏବଂ ପ୍ରୟୋଗ କରିବା ଲାଗି ସମୁଦାୟ ଜଗତ ନିକଟରେ ପରିଚୟ ଦେବା (୧୭ ପଦ)

ପାଶ୍ଚାତ୍ୟ (ଆମେରିକୀୟ) ଚିନ୍ତା ବ୍ୟକ୍ତି ବିଶେଷଙ୍କୁ ବଡ଼ କରି ଦେଖେ, ମାତ୍ର ପୂର୍ବଦେଶୀୟ ଚିନ୍ତା ସମସ୍ତଙ୍କର ସମଷ୍ଟିଗତ ଆବଶ୍ୟକତା ଉପରେ ଦୃଷ୍ଟି ନିବଦ୍ଧ କରେ । ଈଶ୍ୱର ଆପଣାକୁ ଏକ ଅଭାବଗ୍ରସ୍ତ ଜଗତ ନିକଟରେ ପ୍ରକାଶ କରିବାକୁ ଫାରୋଙ୍କୁ ବ୍ୟବହାର କଲେ । ସେ ଅବିଶ୍ୱାସୀ ଇସ୍ରାୟେଲ ସହିତ ସମାନ କାର୍ଯ୍ୟ କରିବେ । (୧୧ ଅଧ୍ୟାୟ) । ଏହି ଦୃଷ୍ଟିକୋଣର ଜଣକର ଅଧିକାରମାନ, ସମସ୍ତଙ୍କ ଆବଶ୍ୟକତାର ଆଲୋକରେ ହ୍ରାସ ପାଏ । ସ୍ମରଣ କର, ସମଷ୍ଟିଗତ ପୁରାତନ ନିୟମ ଉଦାହରଣମାନ :

୧. ଶୟତାନ ସହିତ ଈଶ୍ୱରଙ୍କ ଆଲୋଚନା ହେତୁ ଆୟୁବଙ୍କ ପ୍ରଥମ ସନ୍ତାନମାନେ ମୃତ୍ୟୁଭୋଗ କରୁଛନ୍ତି (ଆୟୁବ ୧-୨)

୨. ଆଖନର ପାପ ହେତୁ ଇସ୍ରାୟେଲର ସୈନିକମାନେ ମୃତ୍ୟୁଭୋଗ କରୁଛନ୍ତି । (ଯିହୋଶୂୟ ୭)

୩. ଦାଉଦଙ୍କ ବେଥସେବା ସହିତ ପାପ ହେତୁ ସେମାନଙ୍କର ପ୍ରଥମ ସନ୍ତାନ ମୃତ୍ୟୁଭୋଗ କରୁଅଛି । (୨ ଶାମୁୟେଲ ୧୨:୧୫) ।

ଅନ୍ୟମାନଙ୍କର ପସନ୍ଦ ଦ୍ୱାର ଆମ୍ଭେମାନେ ସମସ୍ତେ ପ୍ରଭାବିତ ହେଉ । ଏହି ସମଷ୍ଟିଗତ ବିଷୟ ରୋମୀ. ୫:୧୨-୨୧ରେ ନୂତନ ନିୟମରେ ଦେଖାଯାଇପାରେ ।

□ **''ଯେଣୁ ଶାସ୍ତ୍ର କହେ''** ଶାସ୍ତ୍ରର ବ୍ୟକ୍ତିତ୍ୱ ଲାଭ ଏହା ଯେ ଜୀବିତ ଓ ସ୍ପଷ୍ଟ ଦେଖାଯାଏ ତାହା ଦର୍ଶାଇବାକୁ ଏକ ଉପାୟ ବା ପଥ ଅଟେ (୧୦:୬-୮) । ପାଉଲ ପାପ ଓ ମୃତ୍ୟୁକୁ ରୋମୀ ୬-୭ରେ ବ୍ୟକ୍ତିତ୍ୱ ପ୍ରଦାନ କରିଅଛନ୍ତି ।

**ଏନ୍ଏଏସ୍ବି (ଆଧୁନିକୀକରଣ) ୯:୧୯-୨୬**

**''ଏଥିରେ ତୁମ୍ଭେ ମୋତେ କହିବ, ତେବେ ସେ ଆଉ ଦୋଷ ଧରନ୍ତି କାହିଁକି ? କାରଣ ତାହାଙ୍କର ଇଚ୍ଛା କିଏ ପ୍ରତିରୋଧ କରିପାରେ ? କିନ୍ତୁ ହେ ମନୁଷ୍ୟ, ତୁମ୍ଭେ କିଏ ଯେ ଈଶ୍ୱରଙ୍କ ପ୍ରତିବାଦ କର ? ନିର୍ମିତ ବସ୍ତୁକି ନିର୍ମାତାଙ୍କୁ କହିବ, ମୋତେ ଏପରି ଗଢ଼ିଲ କାହିଁକି ? କିମ୍ବା ଗୋଟିଏ ମାଟି ପିଣ୍ଡୁଳାରୁ ଗୋଟିଏ ପାତ୍ର ଆଦର ନିମନ୍ତେ ଓ ଅନ୍ୟଟି ଅନାଦର ନିମନ୍ତେ ଗଢ଼ିବା ପାଇଁ କି ମାଟି ଉପରେ କୁମ୍ଭକାରର ଅଧିକାର ନାହିଁ ? କିନ୍ତୁ ଈଶ୍ୱର ଆପଣା କ୍ରୋଧ ପ୍ରଦର୍ଶନ କରିବା ନିମନ୍ତେ ଓ ଆପଣା ଶକ୍ତି ଜ୍ଞାତ କରାଇବା ନିମନ୍ତେ ଇଚ୍ଛା କଲେ ସୁଦ୍ଧା ଯଦି ବିନାଶାର୍ଥେ ପ୍ରସ୍ତୁତ ହୋଇଥିବା କ୍ରୋଧର ପାତ୍ରଗୁଡ଼ାକ ପ୍ରତି ଦୀର୍ଘସହିଷ୍ଣୁତା ସହ ଧୈର୍ଯ୍ୟ ଧରିଅଛନ୍ତି । ଆଉ ଯଦି ଗୌରବ ନିମନ୍ତେ ତାହାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦୟାର ପାତ୍ର ଯେ ଆମ୍ଭେମାନେ, ଆମ୍ଭମାନଙ୍କ ନିକଟରେ ଆପଣା ଗୌରବରୂପ ଧନ ପ୍ରକାଶ କରିବା ନିମନ୍ତେ ତାହା କରିଅଛନ୍ତି, ତାହାହେଲେ ତୁମେ କଅଣ କହିବ ? ସେଥିନିମନ୍ତେ ତ ସେ କେବଳ ଯିହୁଦୀମାନଙ୍କ ମଧ୍ୟରୁ ନୁହେଁ, ମାତ୍ର ବିଜାତିମାନଙ୍କ ମଧ୍ୟରୁ ସୁଦ୍ଧା ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ଯେପରି ସେ ହୋଶେୟଙ୍କ ପୁସ୍ତକରେ ମଧ୍ୟ କହନ୍ତି, ଯେଉଁମାନେ ଆମ୍ଭର ଲୋକ ନ ଥିଲେ, ସେମାନଙ୍କୁ ଆମ୍ଭେ, ଆମ୍ଭର ଲୋକ ବୋଲି କହିବା, ଆଉ ଯେ ଅପ୍ରିୟ ଥିଲା, ତାହାକୁ ପ୍ରିୟ ବୋଲି କହିବା । ପୁଣି ଯେଉଁସ୍ଥାନରେ ତୁମ୍ଭେମାନେ ଆମ୍ଭର ଲୋକ ନୁହଁ ବୋଲି ସେମାନଙ୍କୁ କୁହାଯାଇଥିଲା, ସେହି ସ୍ଥାନରେ ସେମାନେ ଜୀବନ୍ତ ଈଶ୍ୱରଙ୍କ ପୁତ୍ରଗଣ ବୋଲି ଖ୍ୟାତ ହେବେ ।''**

**୯:୧୯ ''ତାହାଙ୍କର ଇଚ୍ଛା କିଏ ପ୍ରତିରୋଧ କରିପାରେ''** ଏହା ଏକ ସିଦ୍ଧ ସକ୍ରିୟ ସୂଚନା, ଯାହା ଏକ ସ୍ଥିରୀକୃତ ସତ୍ୟ ଫଳାଫଳ ପ୍ରାପ୍ତ ହେବାରେ ଲାଗିରହିଥିବା ସହିତ ଗୁରୁତ୍ୱ ଆରୋପ କରାଯାଇଅଛି (୨ କରିନ୍ଥୀ ୨୦:୬, ଆୟୁବ ୯:୧୨, ଗୀତ ୧୩୫:୬, ଦାନିଏଲ ୪:୩୫) ଭର୍ତ୍ସନା ଲାଗି ରହିଅଛି । ଯୁକ୍ତିଯୁକ୍ତଭାବେ ପାଉଲଙ୍କ ଭର୍ତ୍ସନାର ଅନୁଗମନ କରିବା ହେଉଛି ପାଳକଙ୍କ ଚିନ୍ତାର ବାହ୍ୟରେଖା କରିବା ଓ ଚିନ୍ତା ବୁଝିବାର ସର୍ବୋତ୍ତମ ଉପାୟ । ଅଧ୍ୟାୟ ପରିଚୟ ଦେଖ, ବି.ଆଇ । ଈଶ୍ୱରଙ୍କ ଇଚ୍ଛା ଦୁଇଟି ସ୍ତରରେ ଦେଖାଯିବା ଆବଶ୍ୟକ । ପ୍ରଥମ ହେଉଛି, ସମସ୍ତ ପତିତ ମାନବ ଜାତି ପାଇଁ ତାହାଙ୍କ ମୁକ୍ତି ଯୋଜନା (ଆଦି ୩:୧୫) । ବ୍ୟକ୍ତିଗତ ମାନବ ପସନ୍ଦ ଦ୍ୱାରା ଏହି ଯୋଜନାମାନ ପ୍ରଭାବିତ ନୁହେଁ, ମାତ୍ର ଦ୍ୱିତୀୟ ସ୍ତରରେ ଈଶ୍ୱର ମାନବକୁ ଅସ୍ତ୍ର ରୂପେ ବ୍ୟବହାର କରିବା ପସନ୍ଦ କରନ୍ତି (ଯାତ୍ରା ୩:୭-୯ ଓ ୧୦) । ଲୋକମାନେ ତାହାଙ୍କ ଯୋଜନା ସାଧନ କରିବାକୁ ମନୋନୀତ ହୋଇଅଛନ୍ତି (ଉଭୟ ଆସ୍ତିବାଚକଭାବେ ମୋଶା ଓ ନାସ୍ତିବାଚକଭାବେ ଫାରୋ) ।

**୯:୨୦-୨୧** ଏହି ରୂପକଳ୍ପ ଯିଶାଇୟ ୨୯:୧୬, ୪୫:୯-୧୩, ୬୪:୮ ଓ ଯିରିମିୟ ୧୮:୧-୧୨ରୁ ନିଆଯାଇଅଛି । ଯିହୋବା ଈଶ୍ୱରଙ୍କ ଦୃଷ୍ଟାନ୍ତ ଏକ କୁମ୍ଭକାର ରୂପେ ସୃଷ୍ଟିକର୍ତ୍ତା ଭାବରେ ଈଶ୍ୱରଙ୍କ ପାଇଁ ଅନେକ ସମୟରେ ବ୍ୟବହୃତ ହୋଇଅଛି କାରଣ ମାନବଜାତି ମୃତ୍ତିକାରୁ ଆସିଅଛନ୍ତି (ଆଦି ୨:୭) । ସୃଷ୍ଟିକର୍ତ୍ତାଙ୍କ ସର୍ବଭୌମତ୍ୱର ତାଙ୍କର ବିଷୟବସ୍ତୁକୁ ପାଉଲ ଗୃହକୁ କଢ଼ାଇ ନେଲେ ତିନୋଟି ମୁଖ୍ୟ ପ୍ରଶ୍ନ ବ୍ୟବହାର କରିବା ଦ୍ୱାରା - ପ୍ରଥମ ଦୁଇଟି ୨୦ ପଦରେ ଓ ତୃତୀୟଟି ୨୧ ପଦରେ ଅଛି । ଶେଷ ପ୍ରଶ୍ନ ମୋଶାଙ୍କଠାରେ ଈଶ୍ୱରଙ୍କ ଆସ୍ତିବାଚକ ପସନ୍ଦର ଅନୁରୂପକୁ ଫେରି ଆସେ ଏବଂ ନାସ୍ତିବାଚକ ପସନ୍ଦକୁ ଫାରୋଙ୍କଠାରେ ଫେରି ଆସେ । ଏହି ସମାନ ବିପରୀତ ତୁଳନା ଦେଖାଯାଏ :

୧. ଇସହାକ - ଇସମାଏଲ ୮-୯ ପଦ

୨. ଯାକୁବ - ଏଷୌ ୧୦-୧୨ ପଦ

୩. ଇସ୍ରାଏଲ ଜାତି ଏବଂ ଇଦୋମୀୟ ଜାତି – ୧୩ ପଦରେ

ଏହି ସମାନ ରୂପକଳ୍ପ (ସାଦୃଶ୍ୟ) ପାଉଲଙ୍କ ସମସାମୟିକ ପରିବେଶ ବିଶ୍ୱାସୀ ଓ ଅବିଶ୍ୱାସୀ ଯିହୁଦୀମାନଙ୍କର ପ୍ରତିଫଳିତ କରିବାକୁ ବୃଦ୍ଧି ଲାଭ କରିଅଛି । ଈଶ୍ୱରଙ୍କ ଆସ୍ତିବାଚକ ପସନ୍ଦ ବିଶ୍ୱାସୀ ବିଜାତିମାନଙ୍କୁ ଅନ୍ତର୍ଗତ କରି ଶେଷରେ ପ୍ରକାଶ ପାଇଅଛି (୨୪–୨୯, ୩୦–୩୩)

ବ୍ୟାକରଣିକ ଆକୃତି ଅପେକ୍ଷା କରେ

୧. ପ୍ରଶ୍ନ ପାଇଁ ଏକ ''ନୁହେଁ'' ଉତ୍ତର ୨୦ ପଦ ପାଇଁ

୨. ୨୧ ପଦରେ ପ୍ରଶ୍ନର ଏକ ''ହଁ'' ଉତ୍ତର

**୯:୨୨ ''ଯଦି''** ଏହା ଆଂଶିକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ସତ୍ୟ ଜଣାଯାଏ, ମାତ୍ର ବ୍ୟାକରଣର ପରିସମାପ୍ତି ସହିତ ନୁହେଁ । ୨୨–୨୪ ପଦ ଗ୍ରୀକ୍‌ରେ ଗୋଟିଏ ବାକ୍ୟ ଅଟେ । ୨୨ ପଦ ଈଶ୍ୱରଙ୍କ ମୁକ୍ତି ପ୍ରଦାୟକ ଚରିତ୍ର ପ୍ରକାଶ କରେ । ଈଶ୍ୱର ନ୍ୟାୟବାନ ଈଶ୍ୱର ଅଟନ୍ତି । ସେ ମାନବ ଜାତିଙ୍କୁ ସେମାନଙ୍କର କାର୍ଯ୍ୟସମୂହ ହେତୁ ଦାୟୀ କରିବେ । ମାତ୍ର ସେ ମଧ୍ୟ ଏକ ଦୟାଳୁ ଈଶ୍ୱର ଅଟନ୍ତି । ସମସ୍ତ ମାନବର ମୃତ୍ୟୁ ପ୍ରାପ୍ୟ ଅଟେ (୧:୧୮–୩:୨୧) । ବିଚାରର ନ୍ୟାୟ କୁସମ୍ବାଦ ନୁହେଁ । ଈଶ୍ୱରଙ୍କ ଚରିତ୍ର ମୁଖ୍ୟତଃ ଦୟାଳୁ, କ୍ରୋଧ ନୁହେଁ (ଦ୍ୱିତୀୟ ବିବରଣ ୫:୯–୧୦, ୭:୯, ହୋଶେୟ ୧୧:୮–୯) । ତାହାଙ୍କ ପସନ୍ଦମାନ ମୁକ୍ତି ସକାଶେ ଅଛି (ଯିହିଜିକଲ ୩୬:୨୨–୩୩) । ସେ ପାପମୟ ମାନବଜାତି ପ୍ରତି ଧୈର୍ଯ୍ୟଶୀଳ ଅଟନ୍ତି (ଯିହିଜିକଲ ୧୮) । ସେ ତାହାଙ୍କ ମୁକ୍ତିର ଉଦ୍ଦେଶ୍ୟ ନିମନ୍ତେ ଏପରିକି ମନ୍ଦ ବ୍ୟକ୍ତିବିଶେଷଙ୍କୁ ବ୍ୟବହାର କରନ୍ତି । (ଯଥା : ଶୟତାନ, ଫାରୋ, ଇନ୍ଦୋରର ଗଣିକା, ଅସୁରିୟ, ନବୁଖଦ୍‌ନେସ୍ସର, କୋରସ୍ ଏବଂ ୧୧ ଅଧ୍ୟାୟ, ଅବିଶ୍ୱାସୀ ଇସ୍ରାୟେଲ) !

⊡

**ଏନ୍‌ଏଏସ୍‌ବି ''ତାହାଙ୍କ କ୍ରୋଧ ପ୍ରଦର୍ଶନ କରିବାକୁ ଇଚ୍ଛୁକ''**
**ଏନ୍‌କେଜେଭି ''ତାହାଙ୍କ କ୍ରୋଧ ଦେଖାଇବାକୁ ଚାହୁଁଛନ୍ତି''**
**ଏନ୍ ଆର୍‌ଏସ୍‌ଭି ''ତାହାଙ୍କ କ୍ରୋଧ ଦେଖାଇବାକୁ ଇଚ୍ଛା କରୁଅଛନ୍ତି''**
**ଟିଇଭି ''ତାହାଙ୍କ କ୍ରୋଧ ଦେଖାଇବାକୁ ଚାହିଁଲେ''**
**ଏନ୍‌ଜେବି ''ତାହାଙ୍କ କ୍ରୋଧ ଦେଖାଇବାକୁ ପ୍ରସ୍ତୁତ ଅଟନ୍ତି''**

ଈଶ୍ୱର ତାହାଙ୍କ କ୍ରୋଧ ପ୍ରଦର୍ଶନ କରନ୍ତି, ଉଭୟ ତାହାଙ୍କ ପରାକ୍ରମ (୨୨ ପଦ) ଏବଂ ତାହାଙ୍କ ଗୌରବର ପ୍ରାଚୁର୍ଯ୍ୟତା ଜଣାଇବାକୁ (୨୩ ପଦ) । ଈଶ୍ୱରଙ୍କ କାର୍ଯ୍ୟସମୂହର ସର୍ବଦା ମୁକ୍ତିର ଉଦ୍ଦେଶ୍ୟ ଅଛି, ଯାହା (ଗେହେନା ବ୍ୟତୀତ, ଯାହା ଇଚ୍ଛାକୃତ ଅବିଶ୍ୱାସ ଓ ପାପର ଶେଷ ପୃଥକୀକରଣ (ଏକାକୀ ଅବସ୍ଥା)ର ସ୍ଥାନ)

⊡ **''କ୍ରୋଧର ପାତ୍ରଗୁଡ଼ିକ''** ଏହି ଶବ୍ଦମାନ ପାଉଲଙ୍କ ମୃତ୍ତିକାର ଦୃଷ୍ଟାନ୍ତ ୨୦,୨୧ ପଦରୁ ପ୍ରଦାନକରିବାରେ ଲାଗି ରହିଛି । ସେଗୁଡ଼ିକ ସ୍ପଷ୍ଟ ଭାବରେ ଅବିଶ୍ୱାସୀ ମାନବଗଣଙ୍କୁ ବୁଝାଏ । ଯେଉଁମାନଙ୍କୁ ଈଶ୍ୱର ତାହାଙ୍କ ମୁକ୍ତିର ଯୋଜନା ଅଗ୍ରସର କରିବା ପାଇଁ ବ୍ୟବହାର କରନ୍ତି

⊡

**ଏନ୍‌ଏଏସ୍‌ବି, ଏନ୍‌କେଜେଭି ''ପ୍ରସ୍ତୁତ ହୋଇଥିବା''**
**ଏନ୍‌ଆର୍‌ଏସ୍‌ଭି ''ପ୍ରସ୍ତୁତ କରାଯାଇଛି''**
**ଟିଇଭି ''ଦଣ୍ଡିତ''**
**ଏନ୍‌ଜେବି ''ପ୍ରସ୍ତୁତ ହୋଇଅଛ''**

ଏହା ଏକ ସିଦ୍ଧ କର୍ମବାଚକ କ୍ରିୟା । ଏହି ଶବ୍ଦ ପାପିରି (ରୂପ ପରିବର୍ତ୍ତନ ଓ ମିଳିଗାନ)ରେ ବ୍ୟବହୃତ ହୋଇଅଛି । ଯାହା ପୂର୍ଣ୍ଣ ଭବିଷ୍ୟତ୍‌କାଳ ପାଇଁ ପ୍ରସ୍ତୁତ କରାଯାଇଅଛି । ବିଦ୍ରୋହୀ ଅବିଶ୍ୱସାର ଏକ ନ୍ୟାୟର ଦିବସ ଓ ପରିଣାମର ଦିବସ ହେବ । ଯାହାବି ହେଉ, ଈଶ୍ୱର ଅବିଶ୍ୱାସୀମାନଙ୍କୁ ତାହାଙ୍କ ବିସ୍ତାରିତ, ସୀମା ଅର୍ନ୍ତଭୁକ୍ତ, ମୁକ୍ତିର ଉଦ୍ଦେଶ୍ୟ ସାଧନ ପାଇଁ, ବ୍ୟବହାର କରିବାକୁ ବାଛନ୍ତି ।

ଏମ୍‌ଆର୍ ଭିନ୍‌ସେଣ୍ଟ୍, ୱର୍ଡ ଷ୍ଟଡି ୨ୟ ଭାଗ ପୁସ୍ତକ କହେ ''ଧ୍ୱଂସ ନିମନ୍ତେ କିଛି ଈଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ, ମାତ୍ର ଏକ ବିଶେଷଣ ପଦ ଅର୍ଥରେ ବିନାଶ ନିମନ୍ତେ ପ୍ରସ୍ତୁତ । ପରିପକ୍ୱ । କୃଦନ୍ତ ବିଶେଷଣ ପ୍ରକାଶ କରୁଛି, ଏହା ଏକ ବର୍ତ୍ତମାନ ଅବସ୍ଥା ପୂର୍ବରୁ ଗଠିତ ମାତ୍ର କିପରି ଗଠିତ ହେଲା ତାହାର କୌଣସି ସୂଚନା ଦେଉନାହିଁ'' (୭୧୬ ପୃଷ୍ଠା)

⊡ ''ବିନାଶ'' ୩:୩ରେ ବିଶେଷ ପ୍ରସଙ୍ଗ ଦେଖ

**୯:୨୩ ''ଗୌରବ ନିମନ୍ତେ ତାହାଙ୍କ ଦ୍ୱାରା ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୟାର ପାତ୍ରଗଣ''** ଏହି ଉଦ୍ଦେଶ୍ୟ ବାକ୍ୟାଂଶ ଦର୍ଶାଏ ଈଶ୍ୱରଙ୍କ ଅନନ୍ତକାଳୀନ ଉଦ୍ଦେଶ୍ୟ ବା ଅଭିପ୍ରାୟ ହେଉଛି (ଯଥା: ଦୟା) । କ୍ରିୟା ପଦଟି ଏକ ଆଓରିଷ୍ଟ ସକ୍ରିୟ ସମ୍ଭାବନାର୍ଥକ କ୍ରିୟାପଦ । ଈଶ୍ୱର ଯୀଶୁଙ୍କ ପଠାଇବାରେ ତାହାଙ୍କ ପ୍ରାଚୁର୍ଯ୍ୟତା ଜାଣିବାକୁ ଦେଲେ !

ପାଉଲ ଅନେକ ସମୟରେ ବୁଝାନ୍ତି କେଉଁସବୁର ପ୍ରାଚୁର୍ଯ୍ୟତା :

୧. ତାହାଙ୍କ ଦୟା, ସହନଶୀଳତା ଓ ଧୈର୍ଯ୍ୟ ରୋମୀ ୨:୪

୨. ଦୟାର ପାତ୍ରଗଣଙ୍କ ପ୍ରତି ତାହାଙ୍କ ଗୌରବ ରୋମୀ ୯:୨୩

୩. ତାହାଙ୍କ ଅନୁଗ୍ରହ ଏଫିସୀ ୧:୭

୪. ତାହାଙ୍କ ଉତ୍ତରାଧିକାରର ଗୌରବ ଏଫିସୀ ୧:୧୮

୫. ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କ ପ୍ରତି ଦୟାରେ ତାହାଙ୍କ ଅନୁଗ୍ରହ ଏଫିସୀ ୨:୭

୬. ବିଜାତିମାନଙ୍କ ପ୍ରତି ଖ୍ରୀଷ୍ଟ ଏଫିସୀ ୩:୮

୭. ତାହାଙ୍କ ଗୌରବ ଏଫିସୀ ୩:୬

୮. ବିଜାତିମାନଙ୍କ ମଧ୍ୟରେ ସେହି ନିଗୂଢ଼ ତତ୍ତ୍ୱର ଗୌରବ ସ୍ୱରୂପ ଧନ, ଯାହାକି ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ, ଗୌରବର ଭରସା କଲସୀ ୧:୨୭

⊡ **''ଗୌରବ ନିମନ୍ତେ ପୂର୍ବରୁ ପ୍ରସ୍ତୁତି''** ଏହି ସମାନ ସତ୍ୟ ରୋମୀ ୮:୨୯-୩୦ ଓ ଏଫିସୀ ୧:୪,୧୧ରେ ପ୍ରକାଶିତ ହୋଇଅଛି । ଏହି ଅଧ୍ୟାୟଟି ନୂତନ ନିୟମରେ ଈଶ୍ୱରଙ୍କ ସର୍ବଭୌମତ୍ୱର ସବୁଠାରୁ ବଳିଷ୍ଠ ପରିପ୍ରକାଶ । ଈଶ୍ୱର ସୃଷ୍ଟି ଓ ମୁକ୍ତିର ସମୁଦାୟ ଅଧିକାରୀ ଥିବା ବିଷୟରେ କୌଣସି ବିବାଦ ହୋଇପାରିବ ନାହିଁ! ଏହି ମହାନ୍ ସତ୍ୟ କେବେହେଲେ କୋମଳ ବା ଚିକ୍କଣ ହେବା ଉଚିତ ନୁହେଁ । ଯାହାବି ହେଉ, ଏହା ଈଶ୍ୱରଙ୍କ ଚୁକ୍ତି ପ୍ରତିଜ୍ଞାଗୁଡ଼ିକର ପସନ୍ଦ ସହିତ ଭାରସାମ୍ୟ ରକ୍ଷା କରିବା ଉଚିତ, ତାହାଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ମାନବ ସୃଷ୍ଟି ସହିତ ସମ୍ପର୍କର ଏକ ମାଧ୍ୟମ ରୂପେ । ଏହା ନିଶ୍ଚିତଭାବେ ସତ୍ୟ ଯେ, ଆଦି ୯:୮-୧୭ ଓ ୧୫:୧୨-୨୧ ପରି କେତେକ ପୁରାତନ ନିୟମ ଚୁକ୍ତିପ୍ରତିଜ୍ଞାମାନ ନିଃସର୍ତ୍ତ ପୂର୍ଣ୍ଣ ଓ ଆଦୌ ମାନବ ପ୍ରତ୍ୟୁତ୍ତର ସହିତ ସମ୍ପୃକ୍ତ ନୁହଁନ୍ତି । ମାତ୍ର ଅନ୍ୟ ଚୁକ୍ତିପ୍ରତିଜ୍ଞାମାନ ମାନବ ପ୍ରତ୍ୟୁତ୍ତର ଉପରେ ସର୍ତ୍ତ ପୂର୍ଣ୍ଣ (ଯଥା : ଏଦନ, ନୋହ, ମୋଶା, ଦାଉଦ) । ଈଶ୍ୱରଙ୍କ ସୃଷ୍ଟି ପାଇଁ ତାହାଙ୍କର ଏକ ଯୋଜନା ରହିଛି, କୌଣସି ମାନବ ଏହି ଯୋଜନାକୁ ପ୍ରଭାବିତ କରି ନ ପାରେ । ଈଶ୍ୱର ଏହି ଯୋଜନାଗୁଡ଼ିକରେ ବ୍ୟକ୍ତିବିଶେଷଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦେବାକୁ ପସନ୍ଦ କରିଅଛନ୍ତି । ଏହି ସୁଯୋଗ ଅଂଶଗ୍ରହଣ କରିବା ଲାଗି, ଈଶ୍ୱରଙ୍କ ସର୍ବଭୌମତ୍ୱ (ରୋମୀ ୯) ଓ ମାନବର ସ୍ୱାଧୀନ ଇଚ୍ଛା (ରୋମୀ ୧୦) ମଧ୍ୟରେ ଏକ ପାରମାର୍ଥିକ ଭାରଗ୍ରସ୍ତ ଚିନ୍ତା ଅଟେ ।

ଗୋଟିଏ ବାଇବଲ ସମ୍ବନ୍ଧୀୟ ବିଷୟକୁ ମନୋନୀତ କରିବାକୁ ଗୁରୁତ୍ୱ ଦେଇ ଅନ୍ୟଟି ଉପେକ୍ଷା କରିବା ଉପଯୁକ୍ତ ନୁହେଁ । ମୂଳତତ୍ତ୍ୱଗୁଡ଼ିକ ମଧ୍ୟରେ ଗଭୀର ଭାରଗ୍ରସ୍ତ ଚିନ୍ତା ରହିଛି । କାରଣ ପୂର୍ବଦେଶୀୟ ଲୋକମାନେ ବିପରୀତ ଅର୍ଥ ଥିବା ବା ଭାରଗ୍ରସ୍ତ ଚିନ୍ତାରେ ପୂର୍ଣ୍ଣ ଯୋଡ଼ିବାକ୍ୟ ସବୁରେ ସତ୍ୟ ପ୍ରକାଶ କରନ୍ତି । ମୂଳତତ୍ତ୍ୱଗୁଡ଼ିକ ଅନ୍ୟ ତତ୍ତ୍ୱଗୁଡ଼ିକ ସହିତ ସଂପୃକ୍ତ ରଖିଥିବା ଉଚିତ । ସତ୍ୟତା ହେଉଛି, ସତ୍ୟଗୁଡ଼ିକର ଏକତ୍ର ସଜାଇବା ଅବସ୍ଥା ଅଟେ ।

ଏଠାରେ ନିଶ୍ଚିତଭାବେ ରହସ୍ୟ ରହିଅଛି! ପାଉଲ, ଅବିଶ୍ୱାସୀମାନେ ପ୍ରସ୍ତୁତ *(କାଟାର୍ଟିଯୋ)* କ୍ରୋଧ ପାଇଁ (୨୨ ପଦ) ଏବଂ ବିଶ୍ୱାସୀମାନେ ପ୍ରସ୍ତୁତ *(ପ୍ରୋଏଟୋଇମାଯୋ)* ଗୌରବ ପାଇଁ (୨୩ ପଦ) କହି ଯୁକ୍ତିଯୁକ୍ତ ପରିଣତି ବା ସମାପ୍ତି ଆଣି ନାହାନ୍ତି । ଈଶ୍ୱରଙ୍କ ପସନ୍ଦ କ'ଣ ଏକମାତ୍ର ବିଷୟ କିଅବା ସମସ୍ତଙ୍କ ପାଇଁ ଈଶ୍ୱରଙ୍କ ପସନ୍ଦ ଦୟା ଉପରେ ନିର୍ଭର କରେ, ମାତ୍ର କେତେଜଣ ତାହାଙ୍କର ଏହି ସୁଯୋଗକୁ ଅଗ୍ରାହ୍ୟ କରନ୍ତି ? ମାନବ ଜାତିର ସେମାନଙ୍କ ନିଜର ଭବିଷ୍ୟତ୍‌ରେ କୌଣସି ଅଂଶ ଅଛି କି ? (୯:୩୦-୧୦:୨୧) । ଉଭୟ ପାର୍ଶ୍ୱରୁ (ଅଗଷ୍ଟିନ୍-ପେଲାଗିଅସ୍) ଅନେକ ମନ୍ତବ୍ୟମାନ ରହିଅଛି । ଚୁକ୍ତି ପ୍ରତିଜ୍ଞାର ବିଶ୍ୱାସ ମୋର, ଦୁଇଟିଙ୍କୁ ଈଶ୍ୱରଙ୍କ ଗୁରୁତ୍ୱ ସହିତ ଏକତ୍ର କରି ମାତ୍ର ମୋ ପାଇଁ ଈଶ୍ୱରଙ୍କ ଚରିତ୍ର ଅସ୍ଥିର ନୁହେଁ ମାତ୍ର ଦୟାମୟ । ସେ ତାହାଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ସମସ୍ତ ସଚେତନ ମାନବ ସୃଷ୍ଟି ନିକଟରେ ପହଞ୍ଚନ୍ତି (ଆଦି ୧:୨୬,୨୭) । ମୁଁ ଏହି ଶାସ୍ତ୍ରାଂଶରେ ସଂଘର୍ଷ କରେ । ଏହା ଶକ୍ତିଯୁକ୍ତ, ତଥାପି ଏହା କଳା ଓ ଧଳାରେ ଚିତ୍ରିତ । ଏହାର ଲକ୍ଷ୍ୟ ଯିହୁଦୀ ଅବିଶ୍ୱାସ ଉପରେ, ଯାହା ଫଳରେ ବିଜାତିମାନଙ୍କୁ ଅନ୍ତର୍ଗତ କରେ (୧୧ ଅଧ୍ୟାୟ)! ମାତ୍ର ଈଶ୍ୱରଙ୍କ ଚରିତ୍ର ଉପରେ ଏହା ଏକମାତ୍ର ଶାସ୍ତ୍ରାଂଶ ନୁହେଁ!

⊡ **''ଗୌରବ''** ୩:୨୩ରେ ଟିପ୍ପଣୀ ଦେଖ

**୯:୨୪** ଏହି ପଦ ଦର୍ଶାଏ ଯେ, ଈଶ୍ୱରଙ୍କ ପ୍ରତିଜ୍ଞାର ଲକ୍ଷ୍ୟ କେବଳ ଜାତିଗତ ଇସ୍ରାଏଲଠାରୁ ବିସ୍ତୀର୍ଣ୍ଣ । ଈଶ୍ୱର ମାନବ ଜାତି ଉପରେ ଦୟା ଦେଖାଇଛନ୍ତି, ଯାହା ତାହାଙ୍କ ପସନ୍ଦ ଉପରେ ପର୍ଯ୍ୟବେସିତ । ଆଦି ୩:୧୫ର ପ୍ରତିଜ୍ଞା ସମୁଦାୟ ମାନବଜାତିଙ୍କ ସହିତ ସଂପୃକ୍ତ (କାରଣ ୧୨ ଅଧ୍ୟାୟ ପର୍ଯ୍ୟନ୍ତ ଯିହୁଦୀମାନେ ଥିଲେ) । ଅବ୍ରହାମଙ୍କ ପ୍ରତି ଆହ୍ୱାନ ସମସ୍ତ ମାନବଜାତିଙ୍କୁ ସଂପୃକ୍ତ କରେ (ଯାତ୍ରା ୧୯:୫-୬)! ଏହା ଈଶ୍ୱରଙ୍କ ରହସ୍ୟ, ଯାହା ଲୁକାଇତ ଥିଲା, ମାତ୍ର ବର୍ତ୍ତମାନ ସଂପୂର୍ଣ୍ଣ ପ୍ରକାଶିତ ହୋଇଅଛି (ଏଫିସୀ ୨:୧୧-୩:୧୩, ଗାଲାତୀୟ ୩:୨୮, କଲସୀ ୩:୧୧)

୨୪ ପଦରେ ପାଉଲଙ୍କ ପ୍ରମାଣିତ ସତ୍ୟ, ପୁରାତନ ନିୟମର ଏକ ଦଳ ଉଦ୍ଧୃତ ଶାସ୍ତ୍ରାଂଶ ଦ୍ୱାରା ଉଦାହରଣସହ ବୁଝାଯାଇଛି

୧. ୨୫ ପଦ, ହୋଶେୟ ୨:୨୩

୨. ୨୬ ପଦ, ହୋଶେୟ ୧:୧୦ ଖ

୩. ୩୭ ପଦ, ଯିଶାଇୟ ୧୦:୨୨ ଏବଂ/କିଅବା ହୋଶେୟ ୧:୧୦କ

୪. ୨୮ ପଦ, ଯିଶାଇୟ ୧୦:୨୩

୫. ୨୯ ପଦ, ଯିଶାଇୟ ୧:୯

**୯:୨୫-୨୬** ପୂର୍ବାପର ସମ୍ବନ୍ଧରେ ଏହି ଶାସ୍ତ୍ରାଂଶ ସେପ୍ଟୁଆଜିଣ୍ଟ (ହିବ୍ରୁ ପୁରାତନ ନିୟମର ଗ୍ରୀକ୍ ଅନୁବାଦ)ରୁ (LXX)ରୁ ଆସିଅଛି ହୋଶେୟ ୨:୩ର (କିଛି ଉନ୍ନତିକରଣସହ) ଏବଂ ୧:୧୦, ଯେଉଁଠାରେ ଏହା ଉତ୍ତରଦିଗର ଦଶଟି ବଂଶକୁ ବୁଝାଏ, ମାତ୍ର ପାଉଲ ବିଜାତିମାନଙ୍କୁ ଏହା ବୁଝାନ୍ତି । ନୂତନ ନିୟମର ଲେଖକମାନଙ୍କର ପୁରାତନନିୟମ ବ୍ୟବହାର କରିବାର ଏକ ସ୍ୱତନ୍ତ୍ର ପ୍ରଣାଳୀ । ସେମାନେ ଇସ୍ରାୟେଲ ପାଇଁ ଥିବା ପ୍ରତିଜ୍ଞା ସମୂହର ସଫଳତା ମଣ୍ଡଳୀରେ ହେବାର ଦେଖିଲେ । (୨ କରନ୍ଥୀ ୬:୧୬, ତିତସ ୨:୧୪, ୧ ପିତର ୨:୫-୯) । ପୂର୍ବାପର ସମ୍ପର୍କରେ ଏହି ଶାସ୍ତ୍ରାଂଶ ହୋଶେୟରେ ବିଶ୍ୱାସହୀନ ଇସ୍ରାୟେଲକୁ ବୁଝାଏ । ଯଦି ଈଶ୍ୱର ଦେବପୂଜକ ଉତ୍ତର ଦଶଗୋଷ୍ଠୀଗଣଙ୍କୁ ପୁନରୁଦ୍ଧାର କରିପାରିଲେ, ପାଉଲ ଏହା ଈଶ୍ୱରଙ୍କ ପ୍ରେମ ଓ ପାପକ୍ଷମାର ଚିହ୍ନ ରୂପେ ଦେଖିଲେ ଯାହା ଦିନେ ଏପରିକି ଦେବପୂଜକ ବିଜାତୀମାନଙ୍କୁ ଅନ୍ତର୍ଗତ କରିବ ।

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୯:୨୭-୨୯**

**"ପୁଣି ଯିଶାଇୟ ଇସ୍ରାୟେଲ ସମ୍ବନ୍ଧରେ ଉଚ୍ଚ ସ୍ୱରରେ କହନ୍ତି, ଇସ୍ରାୟେଲର ସନ୍ତାନମାନଙ୍କ ସଂଖ୍ୟା ସମୁଦ୍ରର ବାଲି ପରି ହେଲେ ସୁଦ୍ଧା କେବଳ ଅବଶିଷ୍ଟାଂଶ ପରିତ୍ରାଣପ୍ରାପ୍ତ ହେବ, ଯେଣୁ ପ୍ରଭୁ ପୃଥିବୀରେ ଆପଣା ବାକ୍ୟ ସାଧନ କରିବେ ସେ ତାହା ସଂପୂର୍ଣ୍ଣରୂପେ ସଂକ୍ଷିପ୍ତରେ କରିବେ । ପୁଣି ଯିଶାଇୟ ପୂର୍ବରେ କହିଅଛନ୍ତି, ବାହିନୀମାନଙ୍କର ପ୍ରଭୁ ଯଦି ଆମ୍ଭମାନଙ୍କ ନିମନ୍ତେ ଗୋଟିଏ ଅବଶିଷ୍ଟାଂଶ ରଖି ନ ଥାଆନ୍ତେ, ତେବେ ଆମ୍ଭେମାନେ ସଦୋମ ପରି ହୋଇଥାଆନ୍ତୁ ଓ ଗମୋରା ତୁଲ୍ୟ କରାଯାଇଥାଆନ୍ତୁ ।"**

**୯:୨୭**

**ଏନ୍‌ଏଏସ୍‌ବି, ଏନ୍‌କେଜେଭି**

**ଏନ୍‌ଆର୍‌ଏସ୍‌ଭି, ଏନ୍‌ଜେଭି** **"ଯଦ୍ୟପି"**

**ଟିଇଭି** **"ଏପରିକି ଯଦି"**

ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତଯୁକ୍ତ ବାକ୍ୟ (ଏଆନ୍ ମିଶାଣ ଅବ୍ୟୟ କ୍ରିୟା ମନୋବୃତ୍ତି) ଯାହା ଆଭ୍ୟନ୍ତରୀଣ ଗୁଣପୂର୍ଣ୍ଣ କାର୍ଯ୍ୟ ପ୍ରକାଶ କରେ ।

**୯:୨୭-୨୮** ଏହା ଏକ ହୁଗୁଳା ଉଦ୍ଧୃତାଂଶ ସେପ୍ଟୁଆଜିଣ୍ଟ (LXX)ର ଯିଶାଇୟ ୧୦:୨୨-୨୩ରୁ । ଶାସ୍ତ୍ରାଂଶ ଗ୍ରାହକମାନେ ସେପ୍ଟୁଆଜିଣ୍ଟର ଯିଶାଇୟ ୧୦:୨୩ରୁ ଏକ ପରିଚ୍ଛେଦ ସଂଯୁକ୍ତ କଲେ । ମାତ୍ର ଏହା ପୁରାତନ ଗ୍ରୀକ୍ ପାଣ୍ଡୁଲିପିରେ ପି[୪୬] ଏନ୍‌ଏ ଏବଂ ବି ରୁ ଅନୁପସ୍ଥିତ ଅଛି । ଯାହା ଦର୍ଶାଏ ଏହା ଏକ ନକଲକାରୀଙ୍କ ଦ୍ୱାରା ପରେ ଯୋଗ କରାଯାଇଅଛି । ୟୁବିଏସ୍[୪] ଏହା ଛଡ଼ାଯିବାକୁ "ନିଶ୍ଚିତ" ରୂପେ ମୂଲ୍ୟ ଦିଅନ୍ତି ।

**୯:୨୭ "ସମୁଦ୍ରର ବାଲିପରି"** ଅବ୍ରହାମଙ୍କୁ ଦୃଷ୍ଟାନ୍ତମୂଳକ ଈଶ୍ୱରଙ୍କ ପ୍ରତିଜ୍ଞାର ଅତ୍ୟୁକ୍ତିର ଭାଷାର ଏହା ଅଂଶ ଅଟେ । ଆଦି (୧୫:୫, ୨୨:୧୭, ୨୬:୪)

□ **"ଅବଶିଷ୍ଟାଂଶ କେବଳ ପରିତ୍ରାଣ ପ୍ରାପ୍ତ ହେବେ"** ଏହି "ଅବଶିଷ୍ଟାଂଶ" ଶବ୍ଦ ଅନେକ ସମୟରେ ପୁରାତନ ନିୟମ ଭବିଷ୍ୟଦ୍‌ବକ୍ତାମାନଙ୍କ ପୁସ୍ତକଗୁଡ଼ିକରେ, ଯେଉଁ ଇସ୍ରାୟେଲମାନଙ୍କୁ ବନ୍ଦିତ୍ୱାବସ୍ଥାକୁ ନିଆଗଲା, ସେମାନଙ୍କ ନିମନ୍ତେ ବ୍ୟବହୃତ ହୋଇଆସିଛି, କିନ୍ତୁ ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ଈଶ୍ୱରଙ୍କ ଦ୍ୱାରା ପ୍ରତିଜ୍ଞାତ ଦେଶକୁ ଫେରାଇ ଅଣାଯାଇଥିଲା ସେମାନଙ୍କ ନିମନ୍ତେ ବ୍ୟବହୃତ ହୋଇଅଛି । ଏହି ଶବ୍ଦ ପାଉଲ ବ୍ୟବହାର କଲେ । ଯେଉଁ ଯିହୁଦୀମାନଙ୍କର ଈଶ୍ୱରଙ୍କ ସହିତ ବିଶ୍ୱାସର ଏକ ସମ୍ପର୍କ ଥିଲା ଏବଂ/ବା ଯେଉଁମାନେ ସୁସମାଚାର ଶୁଣିଲେ ଓ ଖ୍ରୀଷ୍ଟ ପ୍ରତି ବିଶ୍ୱାସ ଦ୍ୱାରା ପ୍ରତ୍ୟୁତ୍ତର ଦେଲେ ସେମାନଙ୍କ ନିମନ୍ତେ ।

ଏପରିକି ପ୍ରତିଜ୍ଞା ଚୁକ୍ତିପ୍ରାପ୍ତ ଇସ୍ରାୟେଲ ମଧ୍ୟରେ ଏକ ପୃଥକୀକରଣ ଘଟିଲା । କେବଳ କେତେକ ଇସ୍ରାୟେଲ ଈଶ୍ୱରଙ୍କ ସହିତ ଯଥାର୍ଥ ସମ୍ପର୍କରେ ଥିଲେ । ଇସ୍ରାୟେଲର ନିର୍ବାଚନ ଏକ ବ୍ୟକ୍ତିଗତ ବିଶ୍ୱାସର ପ୍ରତ୍ୟୁତ୍ତର ପାଇଁ ଆବଶ୍ୟକତାକୁ ବହିର୍ଗତ କଲା ନାହିଁ (ଯିଶାଇୟ ୧:୧୬-୨୦) ।

ପାଉଲ ପୁରାତନ ନିୟମ ପରିଚ୍ଛେଦ ବ୍ୟବହାର କରୁଅଛନ୍ତି, ଯାହା ପ୍ରାରମ୍ଭିକ ଭାବରେ ବୁଝାଇଲା ବନ୍ଦିତ୍ୱ ପ୍ରାପ୍ତ ଯିହୁଦୀ, ଯେଉଁମାନେ ଅଳ୍ପସଂଖ୍ୟକ ପାଲେଷ୍ଟାଇନ୍‌କୁ ଫେରି ଆସିଲେ । ପରେ ଏହା ବୁଝାଇବା ଯେଉଁମାନେ ସୁସମାଚାର ଶୁଣିଲେ, ମାତ୍ର ସେମାନଙ୍କ ମଧ୍ୟରୁ ବହୁସଂଖ୍ୟକ ବିଶ୍ୱାସ କଲେ ନାହିଁ ଓ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ ନାହିଁ ସେମାନଙ୍କୁ । ପ୍ରଥମ ଶତାବ୍ଦୀର ଶ୍ରୋତାମାନଙ୍କ ମଧ୍ୟରୁ ଏକ କ୍ଷୁଦ୍ର ସଂଖ୍ୟକ (ଯିହୁଦୀ ଓ ବିଜାତୀ) ସୁସମାଚାରର ସମ୍ବାଦକୁ ବିଶ୍ୱାସ କଲେ । ଯେଉଁମାନେ ବିଶ୍ୱାସ କଲେ, ପାଉଲ ସେମାନଙ୍କୁ ଅବଶିଷ୍ଟାଂଶ କହନ୍ତି ।

**ବିଶେଷ ପ୍ରସଙ୍ଗ : ଅବଶିଷ୍ଟାଂଶ, ତିନୋଟି ଅର୍ଥରେ**

ପୁରାତନ ନିୟମ ଚିନ୍ତାଧାରା "ଏକ ବିଶ୍ୱସ୍ତ ଅବଶିଷ୍ଟାଂଶ" ବିଷୟରେ ଭବିଷ୍ୟଦ୍‌ବକ୍ତାମାନଙ୍କ ପ୍ରସଙ୍ଗର ପୁନରୁକ୍ତି । (ଅଧିକାଂଶ ଅଷ୍ଟମ ଶତାବ୍ଦୀର ଭବିଷ୍ୟଦ୍‌ବକ୍ତାମାନେ ଏବଂ ଯିରିମିୟ) । ଏହା ତିନୋଟି ଅର୍ଥରେ ବ୍ୟାବହାର କରାଯାଇଅଛି :

୧. ଯେଉଁମାନେ ବନ୍ଦୀତ୍ୱରୁ ମୁକ୍ତ ହେଲେ (ଯଥା : ଯିଶାଇୟ ୧୦:୨୦-୨୩, ୧୭:୪-୬, ୩୭:୩୧-୩୨, ଯିରିମିୟ ୪୨:୧୫,୧୯, ୪୪:୧୨,୧୪,୨୮, ଆମୋଷ ୧:୮)

୨. ଯିହୋବା ପରମେଶ୍ୱରଙ୍କଠାରେ ଯେଉଁମାନେ ବିଶ୍ୱସ୍ତ ରହନ୍ତି (ଯଥା : ଯିଶାଇୟ ୪:୧-୫, ୧୧:୧୧,୧୬, ୨୮:୫, ଯୋୟେଲ ୨:୩୨, ଆମୋଷ ୫:୧୪-୧୫, ମୀଖା ୨:୧୨-୧୩, ୪:୬-୭, ୫:୭-୯, ୭:୧୮-୨୦)

୩. ଯେଉଁମାନେ ଜଗତ ଶେଷକାଳୀନ ନୂତନୀକରଣ ଓ ପୁନଃସୃଷ୍ଟିର ଏକ ଅଂଶ ଅଟନ୍ତି (ଯଥା : ଆମୋଷ ୯:୧୧-୧୫)

ଏକ ଶାସ୍ତ୍ରାଂଶରେ ଈଶ୍ୱର କେତେକଙ୍କୁ କେବଳ ପସନ୍ଦ କରନ୍ତି (ଯେଉଁମାନେ ଏକ ବିଶ୍ୱସ୍ତଭାବେ ଉତ୍ସାହିତ) ଅବଶିଷ୍ଟାଂଶ ମଧ୍ୟରୁ (ବନ୍ଦୀତ୍ୱରୁ ଉଦ୍ଧାର ପ୍ରାପ୍ତଗଣ) ଯିହୁଦାକୁ ଫେରିବାକୁ । ଯେପରି ଆମ୍ଭେମାନେ ଏହି ଅଧ୍ୟାୟରେ ପୂର୍ବରେ ଦେଖିଅଛୁ ଇସ୍ରାୟେଲର ଅତୀତ ପୁନରାବୃତ୍ତି ହେବା ପ୍ରସଙ୍ଗରୁ (୬ ପଦ) । ଈଶ୍ୱର ସଂଖ୍ୟା ହ୍ରାସ କରୁଅଛନ୍ତି, ଯେପରି ସେ ତାହାଙ୍କ ଶକ୍ତି, ଯୋଗାଣ ଓ ଯତ୍ନ ଦେଖାଇପାରିବେ (ଯଥା : ଗିଦିୟୋନ, ବିଚାରକର୍ତ୍ତା ୬-୭) ।

୯:୨୮

**ଏନ୍ଏଏସ୍‌ବି** **"ସଂପୂର୍ଣ୍ଣ ରୂପେ ଓ ଶୀଘ୍ର"**
**ଏନ୍‌କେଜେଭି** **"ଶେଷକର, ଏହା କାଟି ଛୋଟ କରିଦିଅ"**
**ଟିଇଭି** **"ତାହାଙ୍କ ସଂପୂର୍ଣ୍ଣ ହିସାବ ଶୀଘ୍ର ଶେଷ କର"**
**ଏନ୍‌ଜେବି** **"କୁଣ୍ଠାବୋଧ ବା ବିଳମ୍ବ ବ୍ୟତୀତ"**
**ଆରଇବି** **"ସାରାଂଶ ବା ଶେଷ ପରିଣାମ ହେବ"**
**ଏନ୍‌ଆଇଭି** **"ଦ୍ରୁତଗତି ଓ ଅନ୍ତିମତା ସହିତ"**
**ଏନ୍‌ଇଟି** **"ସଂପୂର୍ଣ୍ଣ ରୂପେ ଓ ଶୀଘ୍ର"**

ଦୁଇଟି ଗ୍ରୀକ୍ ଶବ୍ଦ ଏକ ଶବ୍ଦ ଖେଳରେ ଅନ୍ତର୍ଭୁକ୍ତ (ପାଉଲଙ୍କଠାରେ ସନ୍ ମିଶ୍ରଣ ବଡ଼ ସାଧାରଣ ଅଟେ)

୧. *ସନ୍‌ଟେଲ୍ଲ ଅନ୍,* ବର୍ତ୍ତମାନ ସକ୍ରିୟ କର୍ମକାରକକ୍ରୀୟା
   କ. *ସନ୍* (ସୂର୍ଯ୍ୟ)ର
   ଖ. *ଟେଲେ ଓ*
   ଯାହା ବୁଝାଏ ମୂଳତଃ "ସଂପୂର୍ଣ୍ଣ କରିବା" ବା "ସଂପୂର୍ଣ୍ଣଭାବେ ଉପଲବ୍ଧ କରିବା" (ମାର୍କ ୧୩:୪, ଲୂକ ୪:୨,୧୩, ପ୍ରେରିତ ୨୧:୨୭, ଏବ୍ରୀ ୮:୮)

୨. ସନ୍‌ଟେମନ, ବର୍ତ୍ତମାନ ସକ୍ରିୟ କର୍ମକାରକ କ୍ରିୟାପଦ –
   କ. *ସନ୍*
   ଖ. *ଟେମ୍‌ନୋ*
   ଯାହା ମୂଳତଃ ବୁଝାଏ "କାଟି ଛୋଟ କରିବା" ବା "ଶୀଘ୍ର କାର୍ଯ୍ୟକାରୀ କରିବା" (କେବଳ ଏଠାରେ ମିଳିଛି, ମାତ୍ର ପ୍ରେରିତ ୨୪:୪ରେ ଏକ ସଂପୃକ୍ତ ଆକାର ଅଛି ।

ଏହି ସ୍ୱାସ୍ଥ୍ୟକର ଖେଳ ଯେଉଁଠାରେ ବ୍ୟବହାର କରାଗଲା, କେବଳ ପୂର୍ବାପର ସମ୍ବନ୍ଧ, ଶବ୍ଦର ଉତ୍ପତ୍ତି ଅଧ୍ୟୟନ ବା ସମାନ୍ତର ଶବ୍ଦ ନୁହେଁ, ସାହାଯ୍ୟକାରକ । ଈଶ୍ୱର ତାହାଙ୍କର ପ୍ରକୃତ ଲୋକମାନଙ୍କ ପରିତ୍ରାଣ ପାଇଁ ଏକ ଉଦ୍ଦେଶ୍ୟ ଓ ଯୋଜନା ରଖିଛନ୍ତି ଏବଂ ଅନ୍ୟ ସମସ୍ତଙ୍କର ନିମନ୍ତେ ବିଚାର ଅଛି । ଏହି ପଦ ଅନୁବାଦ କରିବା କଷ୍ଟକର, ତେଣୁ ବିଭିନ୍ନ ପରବର୍ତ୍ତୀ ଶାସ୍ତ୍ରଜ୍ଞମାନେ ଏହା କ'ଣ ବୁଝାଏ ବୋଲି ସେମାନେ ଯାହା ଚିନ୍ତା କରନ୍ତି, ତାହା ସ୍ପଷ୍ଟ କରିବା ପାଇଁ ଏଥିରେ ଖଣ୍ଡ ବାକ୍ୟମାନ ଯୋଗ କରିବାକୁ ଚେଷ୍ଟା କଲେ । ୟୁବିଏସ୍ କ୍ଷୁଦ୍ରତମ ଶାସ୍ତ୍ରାଂଶ ଓ "ଏ" ଗ୍ରେଡ୍ ପ୍ରଦାନ କରେ (ନିଶ୍ଚିତ)

**୯:୨୯** ଏହା ଯିଶାଇୟ ୧:୯ LXXର ଉଦ୍ଧୃତ କରାଯାଇଅଛି, ଯାହା ଜାତୀୟ ଇସ୍ରାୟେଲର ପାପମୟତାକୁ ଅସ୍ୱୀକାର କରେ ।

□ **"ବାହିନୀମାନଙ୍କର ପ୍ରଭୁ"** ଯିହୋବାଙ୍କ ପାଇଁ ଏହା ଏକ ପୁରାତନ ନିୟମ ଉପନାମ, ସାଧାରଣତଃ "ବାହିନୀଗଣର ପ୍ରଭୁ" ରୂପେ ଅନୁବାଦିତ ହୋଇଥାଏ । (ଯାକୁବ ୫:୪) । ପୂର୍ବାପର ସମ୍ପର୍କ ଉପରେ ନିର୍ଭର କରି ଏହା ଏକ ସୈନ୍ୟଶ୍ରେଣୀର ଅର୍ଥରେ ଈଶ୍ୱରଙ୍କୁ ବୁଝାଏ, "ସ୍ୱର୍ଗର ସୈନ୍ୟବାହିନୀର ସେନାପତି" (ଯିହୋଶୂୟ ୫:୧୩-୧୫) ବା ପ୍ରଶାସନିକ ଅର୍ଥରେ, ସାଧାରଣତଃ ଏକ ବାବିଲୋନୀୟ ନକ୍ଷତ୍ର ପୁଞ୍ଜ ବହୁଈଶ୍ୱରବାଦ ଦୃଷ୍ଟିକୋଣ, ସ୍ୱର୍ଗୀୟ ଶରୀରମାନ ସହିତ ସଂପୃକ୍ତ, "ସ୍ୱର୍ଗସ୍ଥ ପ୍ରାଣୀମାନଙ୍କର ଈଶ୍ୱର ବା ପ୍ରଭୁ" । ତାରକାଗଣ ହେଉଛନ୍ତି ସୃଷ୍ଟି ସମୂହ, ଦେବତା ନୁହଁନ୍ତି, ସେମାନେ ଘଟଣାସବୁକୁ ଆୟତ କରି ବା ଆକୃତି ଦେଇପାରନ୍ତି ନାହିଁ (ଆଦି ୧:୧୬, ଗୀତ ୮:୩, ୧୪୭:୪, ଯିଶାଇୟ ୪୦:୨୬)

**ବିଶେଷ ପ୍ରସଙ୍ଗ : ଈଶ୍ୱରଙ୍କ ପାଇଁ ନାମ ସମୂହ**

କ. *ଏଲ୍* (ବିଡିବି ୪୨, କେଭି ୪୮)
   ୧. ଈଶ୍ୱରଙ୍କ ପାଇଁ ଆଦ୍ୟ ପ୍ରାଚୀନ ଶବ୍ଦ ସର୍ବପ୍ରଥମ ଅବସ୍ଥାରେ ଅନିର୍ଦ୍ଦିଷ୍ଟ, ଯଦ୍ୟପି ଅନେକ ବିଶେଷଜ୍ଞମାନେ ଏହା ଆକ୍କାଡିଆନ୍ ମୂଳରୁ, "ବଳିଷ୍ଠ ହେବାକୁ" ବା "ଶକ୍ତିଶାଳୀ ହେବାକୁ" ଆସିଛି ବୋଲି ବିଶ୍ୱାସ କରନ୍ତି (ଆଦି ୧୭:୧, ଗଣନା ୨୩:୧୯, ଦ୍ୱିତୀୟ ବିବରଣ ୭:୨୧, ଗୀତ ୫୦:୧)
   ୨. କିଣାନୀୟ ଦେବାଦେବୀ ମଧ୍ୟରେ ସର୍ବୋଚ୍ଚ ଦେବତା ହେଉଛି ଏଲ୍ (ରାମ ଶର୍ମା ସାହିତ୍ୟାଂଶ)
   ୩. ବାଇବଲରେ ଏଲ୍ ଶବ୍ଦ ଅନ୍ୟାନ୍ୟ ଶବ୍ଦ ସହିତ ସଂଯୁକ୍ତ ନୁହେଁ । ଏହି ସଂଯୋଗମାନ ଈଶ୍ୱରଙ୍କୁ ନିମ୍ନଲିଖିତ କ୍ରମେ ଚାରିତ୍ରିକଗୁଣ ଦେବାକୁ ଏକ ପଥରେ ପରିଣତ ହୁଏ ।
      କ. ଏଲ-ଏଲିଓନ (ସର୍ବୋଚ୍ଚ ଈଶ୍ୱର, ବିଡିବି ୪୨ ଓ ୭୫ II) ଆଦି ୧୪:୧୮-୨୨, ଦ୍ୱିତୀୟ ବିବରଣ ୩୨:୮, ଯିଶାଇୟ ୧୪:୧୪ ।
      ଖ. ଏଲ-ରୋଇ ("ଈଶ୍ୱର ଯେ ଦେଖନ୍ତି" ବା ଈଶ୍ୱର ଯେ ଆତ୍ମପ୍ରକାଶ କରନ୍ତି", ବିଡିବି ୪୨ ଓ ୯୦୯) ଆଦି ୧୬:୧୩
      ଗ. ଏଲ-ଶାଦାଇ (ସର୍ବଶକ୍ତିମାନ ଈଶ୍ୱର, ବା ଈଶ୍ୱର ଯେ କରୁଣାମୟ ବା "ପର୍ବତଗଣର ଈଶ୍ୱର" ବିଡିବି ୪୨ ଓ ୯୯୪), ଆଦି ୧୭:୧, ୩୫:୧୧, ୪୩:୧୪, ୪୯:୨୫, ଯାତ୍ରା ୬:୩

ଘ. ଏଲ-ଓହିମ (ଅନନ୍ତକାଳୀନ ଈଶ୍ୱର, ବିଡିବି ୪୨ ଓ ୭୬୧) ଆଦି ୨୧:୩୩ । ଏହି ଶବ୍ଦ ପାରମାର୍ଥିକଭାବେ ଦାଉଦଙ୍କ ଈଶ୍ୱରଙ୍କ ପ୍ରତିଜ୍ଞା ସହିତ ସଂଯୁକ୍ତ, ୨ ଶାମୁୟେଲ ୭:୧୩,୧୬
ଙ. ଏଲ୍-ବେରିଟ୍ (''ଚୁକ୍ତିଯୁକ୍ତ ପ୍ରତିଜ୍ଞାର ଈଶ୍ୱର'' ବିଡିବି ୪୨ ଓ ୧୩୬) ବିଚାରକର୍ତ୍ତା ୯:୪୬

୪. ଏଲ୍ ନିମ୍ନଲିଖିତ ଶବ୍ଦ ସହିତ ସମାନ
କ. ୟାୟେ (YHWN) ଗୀତ ୮୫:୮, ଯିଶାଇୟ ୪୨:୫ (ସଦାପ୍ରଭୁ ପରମେଶ୍ୱର)
ଖ. ଏଲୋହିମ ଆଦି ୪୬:୩, ଆୟୁବ ୫:୮ ''ଆମ୍ଭେ- ପରମେଶ୍ୱର, ତୁମ୍ଭ ପିତାର ପରମେଶ୍ୱର ଏଲୋହିମ''
ଗ. ସାଦ୍ଦାଇ ଆଦି ୪୯:୨୫ରେ ପୈତୃକ ପରମେଶ୍ୱର ତୁମ୍ଭର ଉପକାର କରିବେ ଓ ସର୍ବଶକ୍ତିମାନ ।
ଘ. ''ଉଦ୍‌ଯୋଗ'' ସ୍ୱଗୌରବ ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର । ଯାତ୍ରା ୩୪:୧୪, ଦ୍ୱିତୀୟ ବିବରଣ ୪:୨୪, ୫:୯, ୬:୧୫
ଙ. ''ଦୟାଳୁ'' ଦ୍ୱିତୀୟ ବିବରଣ ୪:୩୧, ନିହିମିୟା ୯:୩୧
ଚ. ''ମହାନ୍ ଓ ଭୟଙ୍କର'' ଦ୍ୱିତୀୟ ବିବରଣ ୭:୨୧, ୧୦:୧୭, ନିହିମିୟା ୧:୫, ୯:୩୨, ଦାନିୟେଲ ୯:୪
ଛ. ''ସର୍ବଜ୍ଞ'' ପରମେଶ୍ୱର ୧ ଶାମୁୟେଲ ୨:୩
ଜ. ''ଦୃଢ଼ ଆଶ୍ରୟ'' ୨ ଶାମୁ ୨୨:୩୩
ଝ. ''ମୋର ପକ୍ଷରେ ପରିଶୋଧ ନିଅନ୍ତି'' ୨ ଶାମୁ. ୨୨:୪୮
ଞ. ''ଧାର୍ମିକତାରେ ପବିତ୍ର'' ଯିଶାଇୟ ୫:୧୬
ଟ. ''ପରାକ୍ରାନ୍ତ'' ଯିଶାଇୟ ୧୦:୨୧
ଠ. ''ମୋହର ପରିତ୍ରାଣ'' ଯିଶାଇୟ ୧୨:୨
ଡ. ''ମହାନ୍, ପରାକ୍ରାନ୍ତ'' ଯିରିମିୟ ୩୨:୧୮
ଢ. ''ପ୍ରତିଫଳଦାତା'' ଯିରିମିୟ ୫୧:୫୬

୫. ସମସ୍ତ ମୁଖ୍ୟ ପୁରାତନ ନିୟମରେ ଈଶ୍ୱରଙ୍କ ନାମ ପାଇଁ ଏକ ମିଶ୍ରଣ ନାମ ଯିହୋଶୂୟ ୨୨:୨୨ରେ ଅଛି (ଏଲ.ଏଲୋହିମ, ୟାୟେ ବାରମ୍ବାର ବ୍ୟବହୃତ ହୋଇଅଛି) ''ସଦାପ୍ରଭୁ ପରମେଶ୍ୱର'' ।

ଖ. ଏଲିୟୋନ (ବିଡିବି ୭୫୧, କେବି ୮୩୨)

୧. ଏହାର ମୂଳ ଅର୍ଥ ହେଉଛି, ''ଉଚ୍ଚ'', ''ଉପରିସ୍ଥ'', ''ଉଚ୍ଚୀକୃତ'' (ଆଦି ୪୦:୧୭, ୧ ରାଜା. ୯:୮, ୨ ରାଜା. ୧୮:୧୭, ନିହିମିୟା ୩:୨୫, ଯିରିମିୟ ୨୦:୨, ୩୬:୧୦, ଗୀତ ୧୮:୧୩)

୨. ଏହା ଈଶ୍ୱରଙ୍କ ବିଭିନ୍ନ ଅନ୍ୟ ନାମଗୁଡ଼ିକ/ଉପନାମମାନ ସମାନ୍ତର ଅର୍ଥ ପ୍ରକାଶ କରୁଥିବା ନାମରେ ବ୍ୟବହୃତ ହୁଏ ।
କ. ଏଲୋହିମ - ଗୀତ ୪୭:୧-୨, ୭୩:୧୧, ୧୦୭:୧୧
ଖ. ୟାୟେହ୍ - ଆଦି ୧୪:୨୨, ୨ ଶାମୁ. ୨୨:୧୪
ଗ. ଏଲ୍-ଶାଦାଇ - ଗୀତ ୯୧:୧,୯
ଘ. ଏଲ୍ - ଗଣନା ୨୪:୧୬
ଙ. ଏଲାହ । ଦାନିଏଲ ୨-୬ ଓ ଏଜ୍ରା ୪-୭ରେ ପ୍ରାୟ ବ୍ୟବହାର କରାଯାଇଛି, ଇଲିଆର (ଆରମିକ୍ ଶବ୍ଦ ଉଚ୍ଚୀକୃତ ଈଶ୍ୱରଙ୍କ ପାଇଁ) ଏହା ସହିତ ସଂଯୁକ୍ତ ଦାନିଏଲ ୩:୨୬, ୪:୨, ୫:୧୮,୨୧ରେ ।

୩. ଏହା ପ୍ରାୟ ଅଣଯିହୁଦୀମାନଙ୍କ ଦ୍ୱାରା ବ୍ୟବହୃତ ହୋଇଅଛି
କ. ମଲକିଶେଦକ୍, ଆଦି ୧୪:୧୮-୨୨
ଖ. ବାଲାମ୍, ଗଣନା ୨୪:୧୬
ଗ. ମୋଶା, ଦେଶ ବା ଜାତିଗଣ ବିଷୟ କହୁଛନ୍ତି ଦ୍ୱିତୀୟ ବିବରଣୀ ୩୨:୮ରେ
ଘ. ଲୂକ ଲିଖିତ ସୁସମାଚାର ନୂତନ ନିୟମରେ, ବିଜାତିମାନଙ୍କୁ ଲେଖୁଅଛି, ଆହୁରି ମଧ୍ୟ ଗ୍ରୀକ୍ ସହିତ ସମାନ ଶବ୍ଦ ''ହୁପ୍‌ସିସ୍ତୋସ'' ବ୍ୟବହାର କରନ୍ତି (୧:୩୨,୩୫,୭୬, ୬:୩୫, ୮:୨୮, ପ୍ରେରିତ ୭:୪୮, ୧୬:୧୭)

ଗ. ଏଲୋହିମ (ବହୁବଚନ), ଏଲୋଆହ୍ (ଏକବଚନ) ମୁଖ୍ୟତଃ କବିତାରେ ବ୍ୟବହୃତ ହେଉଥିଲା (ବିଡିବି ୪୩, କେବି୫୨)

୧. ପୁରାତନ ନିୟମ ବାହାରେ ଏହି ଶବ୍ଦ ଦେଖାଯାଏ ନାହିଁ ।

୨. ଏହି ଶବ୍ଦ ଇସ୍ରାଏଲର ଈଶ୍ୱର ବା ଜାତିଗଣର ଦେବତାମାନଙ୍କୁ ଚିହ୍ନିତ କରିପାରେ (ଯାତ୍ରା ୧୨:୧୨, ୨୦:୩) । ଅବ୍ରହାମଙ୍କ ପରିବାର ବହୁ ଈଶ୍ୱର ପୂଜକ ଥିଲେ (ଯିହୋଶୂୟ ୨୪:୨)

୩. ଏହା ଇସ୍ରାୟେଲୀୟ ବିଚାରକର୍ତ୍ତାମାନଙ୍କୁ ବୁଝାଇପାରେ (ଯାତ୍ରା ୨୧:୬, ଗୀତ ୮୨:୬)

୪. ଏଲୋହିମ ଶବ୍ଦ ମଧ୍ୟ ଅନ୍ୟ ଆତ୍ମିକ ପ୍ରାଣୀଙ୍କ ପାଇଁ ବ୍ୟବହାର କରାଯାଉଥିଲା (ଦୂତଗଣ, ଭୂତଗଣ) ଯେପରି ଦ୍ୱିତୀୟ ବିବରଣ ୩୨:୮ରେ ହୋଇଛି (LXX), ଗୀତ ୮:୫, ଆୟୁବ ୧:୬, ୩୮:୭

୫. ବାଇବଲରେ ଈଶ୍ୱରଙ୍କ ନାମ/ଉପନାମ ରୂପେ ବ୍ୟବହୃତ ହେବାର ପ୍ରଥମ ଥର ହେଉଛି (ଆଦି ୧:୧) ଏହା ଖୋଲାଭାବେ ଆଦି ୨:୪ ପର୍ଯ୍ୟନ୍ତ ବ୍ୟବହୃତ ହୋଇଅଛି, ଯେଉଁଠାରେ ଏହା ୟାୟେହ୍ରୁ ସହିତ ସଂଯୁକ୍ତ ହୋଇଅଛି । ଏହା ମୂଳତଃ (ପାରମାର୍ଥିକଭାବେ) ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ଯୋଗାଇବା ମାଲିକ ରୂପରେ ଏହି ଗ୍ରହ ବକ୍ଷର ସମସ୍ତ ଜୀବନ ଉପରେ ସ୍ଥାପନ କରିଅଛି । (ଗୀତ ୧୦୪)

ଏହା ଏଲ୍ ସହିତ ସମାର୍ଥବୋଧକ ଶବ୍ଦ (ଦ୍ୱିତୀୟ ବିବରଣ ୧୨:୧୫-୧୯) । ଏହା ୟାୱେହ୍‌ର ମଧ୍ୟ ସମାନ୍ତର ହୋଇପାରେ ଯେପରି ଗୀତ ୧୪ରେ ଅଛି (ଏଲୋହିମ୍) ଗୀତ ୫୩ରେ (ୟାୱେହ୍)ର ସଂପୂର୍ଣ୍ଣ ସମାନ, ସ୍ୱର୍ଗୀୟ ନାମଗୁଡ଼ିକରେ ପରିବର୍ତ୍ତନ ବ୍ୟତୀତ ।

୬. ଯଦ୍ୟପି ବହୁବଚନ ଏବଂ ଅନ୍ୟ ଦେବତାମାନଙ୍କ ସକାଶେ ବ୍ୟବହୃତ ହୋଇଅଛି, ଏହି ଶବ୍ଦ ଅନେକ ସମୟରେ ଇସ୍ରାୟେଲର ଈଶ୍ୱରଙ୍କୁ ଚିହ୍ନାଏ, ମାତ୍ର ସାଧାରଣତଃ ଏହାର ଏକବଚନ କ୍ରିୟା ପଦ ଅଛି, ଯାହା ଏକେଶ୍ୱରବାଦକୁ ବୁଝାଏ ।

୭. ଏହି ଶବ୍ଦ ଅନେକ ସମୟରେ ଅଣଯିହୁଦୀମାନଙ୍କ ମୁଖରେ ଈଶ୍ୱରଙ୍କ ପାଇଁ ନାମ ରୂପେ ପ୍ରକାଶିତ
   କ. ମଲ୍‌କିଶେଦକ ଆଦି ୧୪:୧୮-୨୨
   ଖ. ବାଲାମ ଗଣନା ୨୪:୨
   ଗ. ମୋଶା, ଜାତିଗଣ ବିଷୟ କହିବାବେଳେ ଦ୍ୱିତୀୟ ବିବରଣ ୩୨:୮

୮. ଏହା ଅଦ୍ଭୁତ ବିଷୟ ଯେ, ଇସ୍ରାୟେଲର ଏକେଶ୍ୱରବାଦ ଈଶ୍ୱରଙ୍କ ପାଇଁ ଏକ ସାଧାରର ନାମ ହେଉଛି ବହୁବଚନ! ଯଦ୍ୟପି ମତାମତଗୁଡ଼ିକରେ କିଛି ନିଶ୍ଚୟତା ନାହିଁ, ତଥାପି କେତେକ ମତବାଦ ଏଠାରେ ଅଛି :
   କ. ହିବ୍ରୁ ଭାଷାରେ ଅନେକ ବହୁବଚନ ଅଛି । ଗୁରୁତ୍ୱ ଦେବାକୁ ଅନେକ ସମୟରେ ବ୍ୟବହୃତ ହୋଇଅଛି । ଏହା ସହିତ ଘନିଷ୍ଠଭାବେ ସଂପୃକ୍ତ ପରବର୍ତ୍ତୀ ବ୍ୟାକରଣିକ ଦୃଶ୍ୟ "ଚମତ୍କାରର ବହୁବଚନ" କୁହାଯାଏ । ଯେଉଁଠାରେ ବହୁବଚନକୁ ଏକ ଚିନ୍ତାର ବୃଦ୍ଧିସାଧନ ପାଇଁ ବ୍ୟବହାର କରାଯାଇଛି ।
   ଖ. ଏହା ଦୂତଗଣ ସହିତ ପରାମର୍ଶକୁ ବୁଝାଇପାରେ । ଯେଉଁମାନଙ୍କ ସହିତ ଈଶ୍ୱର ସ୍ୱର୍ଗରେ ସାକ୍ଷାତ କରନ୍ତି ଏବଂ ଯେଉଁମାନେ ତାହାଙ୍କ ଆଦେଶ ପାଳନ କରନ୍ତି (୧ ରାଜା. ୨୨:୧୯-୨୩, ଆୟୁବ ୧:୬, ଗୀତ ୮୨:୧, ୮୯:୫,୭)
   ଗ. ଏହା ଏପରି ଏକ ସମ୍ଭବ, ଏହା ତିନି ବ୍ୟକ୍ତିଙ୍କଠାରେ ଏକ ଈଶ୍ୱର ବିଷୟକ ନୂତନ ନିୟମ ପ୍ରକାଶିତ ବିଷୟକୁ ପ୍ରତିଫଳିତ କରେ । ଆଦି ୧:୧ରେ ଈଶ୍ୱର ସୃଷ୍ଟି କରନ୍ତି, ଆଦି ୧:୨ ଆତ୍ମା ବିଚରଣ କରନ୍ତି ବା ପରିବ୍ୟାପ୍ତ ହୁଅନ୍ତି ଏବଂ ନୂତନ ନିୟମରୁ ଯୀଶୁ ସୃଷ୍ଟିରେ ପିତା ଈଶ୍ୱରଙ୍କ ପ୍ରତିନିଧି ଅଟନ୍ତି (ଯୋହନ ୧:୩,୧୦, ରୋମୀ ୧୧:୩୬, ୧ କରନ୍ଥୀ ୮:୬, କଲସୀ ୧:୧୫, ଏବ୍ରୀ ୧:୨, ୨:୧୦)

ଘ. ୟାୱେହ (ବିଡିବି ୨୧୭, କେବି ୩୯୪)

୧. ଏହି ନିୟମ ଚୁକ୍ତି ନିୟମ କରିବା ଈଶ୍ୱର ରୂପେ ଈଶ୍ୱରଙ୍କୁ, ତ୍ରାଣକର୍ତ୍ତା, ମୁକ୍ତିଦାତାଭାବେ ପ୍ରତିଫଳିତ କରେ । ମାନବଗଣ ନିୟମ ଭଙ୍ଗ କରନ୍ତି, ମାତ୍ର ଈଶ୍ୱର ତାହାଙ୍କ ବାକ୍ୟ, ପ୍ରତିଜ୍ଞା ଓ ନିୟମ ପ୍ରତି ବିଶ୍ୱସ୍ତ (ଗୀତ ୧୦୩)

ଏହି ନାମ ପ୍ରଥମ ବ୍ୟକ୍ତ କରାଯାଇଅଛି ଆଦି ୨:୪ରେ ଏଲୋହିମ ସହିତ ସଂଯୁକ୍ତ ହୋଇ । ଆଦି ୧-୨ରେ ଦୁଇଟି ସୃଷ୍ଟି ବୃତ୍ତାନ୍ତ ନାହିଁ, ମାତ୍ର ଦୁଇଟି ଗୁରୁତ୍ୱ ଆରୋପ କରାଯାଇଛି (୧) ଈଶ୍ୱର, ବିଶ୍ୱର ସୃଷ୍ଟିକର୍ତ୍ତା ରୂପେ (ଶାରୀରିକ) ଏବଂ (୨) ଈଶ୍ୱର ମାନବଜାତିର ବିଶେଷ ସୃଷ୍ଟିକର୍ତ୍ତା ରୂପେ । ଆଦି ୨:୪-୩:୨୪ ମାନବ ଜାତିର ସ୍ଥାନ ଓ ଉଦ୍ଦେଶ୍ୟର ସୁଯୋଗମାନଙ୍କ ବିଷୟରେ ବିଶେଷ ପ୍ରକାଶ କରିବା ଆରମ୍ଭ କରେ । ଆହୁରି ମଧ୍ୟ ପାପ ଓ ବିଦ୍ରୋହର ସମସ୍ୟା, ଏହି ଅନନ୍ୟ ସ୍ଥାନ ସହିତ ସହଯୋଗ କରେ ।

୨. ଆଦି ୪:୨୬ରେ କୁହାଯାଇଛି ଯେ, "ମନୁଷ୍ୟମାନେ ପ୍ରଭୁଙ୍କ ନାମ (ୟାୱେହ) ବୋଲି ଡାକିବାକୁ ଆରମ୍ଭ କଲେ । ଯାହାବି ହେଉ ଯାତ୍ରା ୬:୩ ପ୍ରକାଶ କରେ ଯେ ପୁରାତନ ନିୟମ ଲୋକମାନେ (ପିତାମହମାନଙ୍କ ପରିବାର ସମୂହ) କେବଳ ଈଶ୍ୱରଙ୍କୁ ଏଲଶାଦାଇ ବୋଲି ଜାଣିଥିଲେ । (ୟାୱେହ) ନାମ କେବଳ ଥରେ ଯାତ୍ରା ୩:୧୩-୧୬, ବିଶେଷତଃ ୧୪ ପଦରେ ବ୍ୟାଖ୍ୟା କରାଯାଇଅଛି । ଯାହାବି ହେଉ ମୋଶାଙ୍କ ଲେଖା ସମୂହ ପ୍ରାୟ ଶବ୍ଦଗୁଡ଼ିକୁ ଜଣାଶୁଣା ଶବ୍ଦ ମାନ ଦ୍ୱାରା ଅନୁବାଦ କରନ୍ତି, ଉତ୍ପତ୍ତି ଶବ୍ଦରୁ କରନ୍ତି ନାହିଁ (ଆଦି ୧୭:୫, ୨୭:୩୬, ୨୯:୧୩-୩୫) । ଏହି ନାମର ଅର୍ଥ କରିବାକୁ ବିଭିନ୍ନ ମତବାଦମାନ ହୋଇ ଆସିଅଛ (ଆଇଡିବି ୨ ଭାଗ ୪୦୯-୪୧୧ରୁ ନିଆଯାଇଛି)
   କ. ଏକ ଆରବୀୟ ମୂଳରୁ, "ଭାବବିହ୍ୱଳ ପ୍ରେମ ଦର୍ଶାଏ"
   ଖ. ଏକ ଆରବୀୟ ମୂଳରୁ, "ଉଡ଼ାଇ ନେବାକୁ" (ୟାୱେହ ଝଡ଼ ଈଶ୍ୱର ରୂପେ)
   ଗ. ଏକ ଆଗାର୍ଟିକ (କିଣାନୀୟ) ମୂଳରୁ "କଥା କହିବାକୁ"
   ଘ. ଏକ ଫୈନିକୀୟ ଲିପିର ଅନୁଗାମୀ ହୋଇ ଏକ କାରଣାତ୍ମକ କର୍ମକାରକ ଅର୍ଥ "ଯେ ରକ୍ଷଣାବେକ୍ଷଣ କରେ" ବା "ଜଣେ ଯେ କି ପ୍ରତିଷ୍ଠିତ କରେ" ।
   ଙ. ହିବ୍ରୁ *"କ୍ୱାଲ"* ଗଠନ କରେ "ଜଣେ ଯେ ଅଛି" ବା "ଜଣେ ଯେ କି ଉପସ୍ଥିତ ଅଛି" (ଭବିଷ୍ୟଦ୍ ଅର୍ଥରେ, "ଯେ କି ଉପସ୍ଥିତ ରହିବ ।")

ଚ. ହିବ୍ରୁ ''ହିଫିଲ୍''ରୁ ଗଠନ କରେ, ''ଜଣେ ଯେ କି ହେବାର କାରଣ ହୁଏ''

ଛ. ହିବ୍ରୁ ମୂଳରୁ ''ବଞ୍ଚିବାକୁ'' (ଯଥା : ଆଦି ୩:୨୦) ଅର୍ଥ ''ସର୍ବଦା ଜୀବିତ'', କେବଳ – ଜୀବନବ୍ୟକ୍ତି''

ଜ. ଯାତ୍ରା ୩:୧୫–୧୬ର ଦୃଷ୍ଟିକୋଣରୁ, ମୁଁ କ'ଣ ଥିଲି ବା ''ମୁଁ ଯେପରି ସର୍ବଦା ହୋଇଆସିଛି, ସେପରି ରହିବାରେ ଲାଗି ରହିବି'' (ଜେ ୱାଶ୍ ୱାଟ୍‌ଙ୍କ, ପୁରାତନ ନିୟମରେ ଶବ୍ଦ ବିନ୍ୟାସର ପର୍ଯ୍ୟବେକ୍ଷଣ ୬୭ ପୃଷ୍ଠା) ୟାୱେହ ସଂପୂର୍ଣ୍ଣ ନାମ... ଅନେକ ସମୟରେ ସାଙ୍କେତିକଭାବେ ପ୍ରକାଶିତ ହୋଇଅଛି କିଅବା ସମ୍ଭବତଃ ଏକ ମୂଳ ଗଠନରେ ଅଛି ।

(୧) *ୟାହ୍* (ଯଥା : ହାଲ୍ଲେଲୁ – ୟାହ୍, ବିଡିବି ୨୧୯, ଯାତ୍ରା ୧୫:୨, ୧୭:୧୬, ଗୀତ ୮୯:୯, ୧୦୪:୩୫)

(୨) *ୟାହୁ* (''ଇଆହ'' ନାମଗୁଡ଼ିକ ଶେଷ ସେପରି ହୁଏ ଯଥା ଆଇଜାୟାହ)

(୩) *ୟୋ* (ଜୋ ନାମଗୁଡ଼ିକର ଆରମ୍ଭ ସେପରି ହୁଏ ଯଥା : ଜୋଶୁଆ, ଯୋୟେଲ)

୩. ପରବର୍ତ୍ତୀ ଯିହୁଦୀ ଧର୍ମରେ ଏହି ପ୍ରତିଜ୍ଞାତ ନାମ ଏପରି ପବିତ୍ରରେ ପରିଣତ ହେଲା (ଚାରିଗୋଟି ସାହିତ୍ୟର ମିଶ୍ରଣରେ) ଯିହୁଦୀମାନେ ମୁଖରେ ଏହା କହି ଈଶ୍ୱରଙ୍କ ଆଜ୍ଞା ଯାତ୍ରା ୨୦:୭ର ଦ୍ୱିତୀୟ ବିବରଣ ୫:୧୧, ୬:୧୩ ନିୟମ ଭଙ୍ଗ କରିବାକୁ ଭୟ କରୁଥିଲେ । ତେଣୁ ସେମାନେ ହିବ୍ରୁ ଶବ୍ଦ ''ମାଲିକ'' ''ଗୁରୁ'', ''ସ୍ୱାମୀ'' ''ପ୍ରଭୁ'' ପରିବର୍ତ୍ତିତ ବା ପ୍ରତିବଦଳରେ – ଆଡୋନ ବା ଆଡୋନାଇ (ମୋର ପ୍ରଭୁ) ରଖିଲେ । ସେମାନେ ହିବ୍ରୁ ''ୟାୟେହ''କୁ ଯେତେବେଳେ ପୁରାତନ ନିୟମ ପାଠ କରିବାବେଳେ ଆସିଲେ, ସେମାନେ ''ପ୍ରଭୁ'' ଉଚ୍ଚାରଣ କଲେ । କାରଣ ଇଂରାଜୀ ଅନୁବାଦରେ ୟାୱେହ ପାଇଁ ପ୍ରଭୁ ଲେଖାଯାଇଅଛି ।

୪. ଯେପରି ଏଲ୍ ସହିତ ୟାୱେହ ଏକାଠି ଥାଏ ସେହିପରି ଇସ୍ରାୟେଲର ଚୁକ୍ତିବଦ୍ଧ ଈଶ୍ୱରଙ୍କ କୌଣସି ନିର୍ଦ୍ଦିଷ୍ଟ ଚାରିତ୍ରିକ ଗୁଣକୁ ଗୁରୁତ୍ୱ ଦେବା ଲାଗି ଅନ୍ୟ ଶବ୍ଦ ସହିତ ମଧ୍ୟ ୟାୱେହ ଏକତ୍ର ଲେଖାଯାଏ । ଅନେକ ଏକତ୍ର ଶବ୍ଦମାନଙ୍କ ମଧ୍ୟରୁ କେତେକ ନିମ୍ନରେ ଅଛି ।

କ. *ୟାୱେହ* – ଯିରିକ (ୟାୱେହ ଯୋଗାଇବେ । ବିଡିବି ୨୧୭ ଓ ୯୦୬), ଆଦି ୨୨:୧୪

ଖ. *ୟାୱେହ* – ରୋଫେଖା (ୟାୱେହ ତୁମର ସୁସ୍ଥକାରୀ ଅଟନ୍ତି । ବିଡିବି ୨୧୭ ଓ ୯୫୦, କ୍ୱାଲ କର୍ମବାଚକ) ଯାତ୍ରା ୧୫:୨୬

ଗ. *ୟାୱେହ* – ନିଶି (ୟାୱେହ ମୋର ପାତାକା, ବିଡିବି ୨୧୭ ଓ ୬୫୧) ଯାତ୍ରା ୧୭:୧୫

ଘ. *ୟାୱେହ* – ମେକ୍ୱାଡିପକେମ୍ (ୟାୱେହ ହେଉଛନ୍ତି ଜଣେ, ଯେ ତୁମକୁ ପବିତ୍ରୀକୃତ କରନ୍ତି, ବିଡିବି ୨୧୭ ଓ ୮୭୨, ପିଏଲ କର୍ମବାଚକ ଯାତ୍ରା ୩୧:୧୩

ଙ. *ୟାୱେହ* – ଶାଲୋମ (ୟାୱେହ ଶାନ୍ତି ଅଟନ୍ତି ବିଡିବି ୨୧୭ ଓ ୧୦୨୨) ବିଚାରକର୍ତ୍ତା ୬:୨୪

ଚ. *ୟାୱେହ* – ସାବାଓଥ୍ (ୟୱେହ ବାହିନୀଗଣର ଅଟନ୍ତି ବିଡିବି ୨୧୭ ଓ ୮୭୮), ୧ ଶାମୁୟେଲ ୧:୩,୧୧, ୪:୪, ୧୫:୨ ପ୍ରାୟ ଭବିଷ୍ୟଦ୍‌ବକ୍ତାମାନଙ୍କଠାରେ ।

ଛ. *ୟାୱେହ* – ରୋଇ (ୟାୱେହ ମୋର ପ୍ରତିପାଳକ (ମେଷପାଳକ) ବିଡିବି ୨୧୭ ଓ ୯୪୪, କ୍ୱାଲକର୍ମବାଚକ) ଗୀତ ୨୩:୧

ଜ. *ୟାୱେହ* – ସିଡକ୍ୱେନୁ (ୟାୱେହ, ଆମର ଧାର୍ମିକତା ଅଟନ୍ତି, ବିଡିବି ଓ ୮୪୧) ଯିରିମିୟ ୨୩:୬

ଝ. *ୟାୱେହ* – ଶାମ୍ମା (ୟାୱେହ ସେଠାରେ ଅଛନ୍ତି, ବିଡିବି ୨୧୭ ଓ ୧୦୨୭) ଯିହିଜିକଲ ୪୮:୩୫

⊡

**ଏନ୍‌ଏଏସ୍‌ବି ''ଯଦି ଆମ୍ଭମାନଙ୍କ ନିମନ୍ତେ ଏକ ସମୃଦ୍ଧି ଅବଶିଷ୍ଟ ରଖି ନ ଥାଆନ୍ତେ''**

**ଏନ୍‌କେଜେଭି ''ଯଦି ଆମ୍ଭମାନଙ୍କ ନିମନ୍ତେ ଏକ ବୀଜ ଅବଶିଷ୍ଟ ରଖି ନ ଥାଆନ୍ତେ''**

**ଏନ୍‌ଆର୍‌ଏସ୍‌ଭି ''ବଞ୍ଚିଯାଇଥିବା ବ୍ୟକ୍ତିଗଣଙ୍କୁ ଯଦି ଛାଡ଼ି ଯାଇ ନ ଥାଆନ୍ତେ''**

**ଟିଭିଭି ''କେତେକ ବଂଶଧରଙ୍କୁ ଆମ୍ଭମାନଙ୍କ ସକାଶେ ଯଦି ଛାଡ଼ି ଯାଇ ନ ଥାଆନ୍ତେ''**

**ଏନ୍‌ଜେବି ''କେତେକ ବଞ୍ଚିଯାଇଥିବା ବ୍ୟକ୍ତିଗଣଙ୍କୁ ଯଦି ଛାଡ଼ି ଯାଇ ନ ଥାଆନ୍ତେ''**

ଯିଶାଇୟ ୧:୯ର ହିବ୍ରୁ ଶାସ୍ତ୍ରାଂଶର ''ଅବଶିଷ୍ଟାଂଶ'' ଅଛି, ମାତ୍ର ସେପ୍ଟୁଆଜିଣ୍ଟ (ଗ୍ରୀକ୍ ଅନୁବାଦ) ଏହା ବୀଜ (ଏନ୍‌କେଜେଭି) ବୋଲି ଅନୁବାଦ କଲା । ଇସ୍ରାୟେଲ ପ୍ରତି ଈଶ୍ୱରଙ୍କ ବିଚାର ସର୍ବଦା (୧) ବିଶ୍ୱାସୀ ଅବଶିଷ୍ଟାଂଶ ବା (୨) ମଶୀହଙ୍କ ଧାଡ଼ିକୁ ଛାଡ଼ିଦିଏ (ରକ୍ଷା କରେ) । ଈଶ୍ୱର କେତେକଙ୍କୁ ରକ୍ଷା କଲେ ଅନେକଙ୍କ ନିକଟରେ ପହଞ୍ଚିବା ନିମନ୍ତେ ।

⊡ **''ସଦୋମ...ଗମୋରା''** ୨୮ ପଦ ଈଶ୍ୱରଙ୍କ ବିଚାର ସହିତ ସଂପୃକ୍ତ । ଏହି ପଦ ନିର୍ଦ୍ଦିଷ୍ଟଭାବେ ଦୁଇଟି ବିଜାତି (ଦେବପୂଜକ) ନଗରକୁ ଦର୍ଶାଏ, ଯାହା ଈଶ୍ୱରଙ୍କ ଦ୍ୱାରା ଧ୍ୱଂସିତ ହେଲା ଆଦି ୧୯:୨୪–୨୬ରେ, ମାତ୍ର ସେମାନେ ଈଶ୍ୱରଙ୍କ ବିଚାର ପାଇଁ ରୂଢ଼ୋକ୍ତିରେ ପରିଣତ ହେଲେ (ଦ୍ୱିତୀୟ ବିବରଣ ୨୯:୩୪, ଯିଶାଇୟ ୧୩:୧୯, ଯିରିମିୟ ୨୦:୧୬, ୪୯:୧୮, ୫୦:୪୦, ଆମୋଷ ୪:୧୧)

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୯:୩୦-୩୩**

**''ତେବେ ଆମ୍ଭେମାନେ କଅଣ କହିବା ? ଯେଉଁ ବିଜାତିମାନେ ଧାର୍ମିକତାର ଅନୁଗମନ କରୁ ନ ଥିଲେ, ସେମାନେ ଧାର୍ମିକତା, ଏପରିକି ବିଶ୍ୱାସମୂଳକ ଧାର୍ମିକତା ଲାଭ କରିଅଛନ୍ତି । କିନ୍ତୁ ଇସ୍ରାୟେଲ ଧାର୍ମିକତାର ବ୍ୟବସ୍ଥା ଅନୁଗମନ କରୁ କରୁ ସେହି ବ୍ୟବସ୍ଥା ପର୍ଯ୍ୟନ୍ତ ପହଞ୍ଚିଲା ନାହିଁ । କାହିଁକି ? କାରଣ ସେମାନେ ବିଶ୍ୱାସ ଦ୍ୱାରା ତାହା ନ ଖୋଜି କର୍ମ ଦ୍ୱାରା ଖୋଜୁଥିଲେ । ସେମାନେ ସେହି ବାଧାଜନକ ପ୍ରସ୍ତରରେ ଝୁଣ୍ଟି ପଡ଼ିଲେ, ଯେପରି ଲେଖାଅଛି, ଦେଖ ଆମ୍ଭେ ସିୟୋନରେ ଗୋଟିଏ ବାଧାଜନକ ପ୍ରସ୍ତର ଓ ବିଘ୍ନଜନକ ପାଷାଣ ସ୍ଥାପନ କରିଅଛୁ ଆଉ ଯେ ତାହାଙ୍କଠାରେ ବିଶ୍ୱାସ କରେ ସେ ଲଜ୍ଜିତ ହେବ ନାହିଁ ।''**

**୯:୩୦-୩୧** ଏହା ଈଶ୍ୱରଙ୍କ ନିର୍ବାଚିତ ଉଦ୍ଦେଶ୍ୟର ବିସ୍ମୟକର ଉପସଂହାର ବା ସମାପ୍ତି । ୩୦-୩୩ ପଦମାନ ୯ ଅଧ୍ୟାୟର ଏକ ସାରାଂଶ ଅଟନ୍ତି ଏବଂ ୧୦ ଅଧ୍ୟାୟର ଏକ ପରିଚୟ ଅଟନ୍ତି । ବିଶ୍ୱାସୀ ବିଜାତିମାନେ ଈଶ୍ୱରଙ୍କ ସହିତ ଯଥାର୍ଥ କରାଗଲେ ମାତ୍ର ସମସ୍ତ ଯିହୁଦୀ ନୁହନ୍ତି (୬ ପଦ)!

ଈଶ୍ୱର ସମସ୍ତ ମାନବ ଜାତି ସହିତ ଏକ ଚୁକ୍ତିବଦ୍ଧ ଉପାୟରେ ବ୍ୟବହରା କରନ୍ତି । ଈଶ୍ୱର ସର୍ବଦା ପ୍ରଥମ ପ୍ରାରମ୍ଭ କାର୍ଯ୍ୟ କରନ୍ତି ଏବଂ ସନ୍ଧିସମୂହ ପ୍ରସ୍ତୁତ କରନ୍ତି । ବ୍ୟକ୍ତିବିଶେଷଗଣ ଅନୁତାପ ଓ ବିଶ୍ୱାସ, ବାଧ୍ୟତା ଓ ଧୈର୍ଯ୍ୟର ସହ ଅଧ୍ୟବସାୟ ଦ୍ୱାରା ପ୍ରତ୍ୟୁତ୍ତର ଦେବା ଉଚିତ । ମାନବଗଣ ପରିତ୍ରାଣ ପ୍ରାପ୍ତ କି ?

୧. ଈଶ୍ୱରଙ୍କ ସର୍ବଭୌମତା ଦ୍ୱାରା
୨. ମଶୀହଙ୍କ ସଂପୂର୍ଣ୍ଣ କାର୍ଯ୍ୟରେ ବିଶ୍ୱାସ ମାଧ୍ୟମରେ ଈଶ୍ୱରଙ୍କ ଦୟା ଦ୍ୱାରା
୩. ବ୍ୟକ୍ତିଗତ ବିଶ୍ୱାସର ଏକ କାର୍ଯ୍ୟ ଦ୍ୱାରା

୧୪:୧୯ରେ ଅନୁଗମନ ପାଇଁ ଟିପ୍‌ପଣୀ ଦେଖ

**୯:୩୦ ''ଧାର୍ମିକତା''** ଏହି ଶବ୍ଦ ଦଳ ପାଇଁ ୧:୧୭ରେ ବିଶେଷ ପ୍ରସଙ୍ଗ ଦେଖ । ବିଶେଷ୍ୟ ପଦ ୩୦ ପଦରେ ତିନିଥର ଓ ୩୧ ପଦରେ ଥରେ ବ୍ୟବହାର କରାଯାଇଛି । ବିଶ୍ୱାସର ଧାର୍ମିକତା ସହିତ ବ୍ୟବସ୍ଥାର ଧାର୍ମିକତାର ବିପରୀତ ତୁଳନା କରାଯାଇଅଛି । ପୁନର୍ବାର ପୁରାତନ ନିୟମ ଓ ନୂତନ ନିୟମ ମଧ୍ୟରେ ପାର୍ଥକ୍ୟତା ରହିଛି । ପୁରାତନ ନିୟମ ସହିତ ସମସ୍ୟାଗୁଡ଼ିକ ୧୧ ଅଧ୍ୟାୟରେ ସମୁଦାୟ ଜଗତ ପାଇଁ ସୁସମାଚାରର ଦ୍ୱାର ଖୋଲେ ।

**୯:୩୨ ''କର୍ମ ଦ୍ୱାରା''** ଟେକ୍ସଟସ୍ ରିସେପ୍ଟସ୍ (ଶାସ୍ତ୍ରାଂଶ ଗ୍ରାହକ) ''ବ୍ୟବସ୍ଥାର'' ଯୋଗ କଲେ । ଏକ ପରବର୍ତ୍ତୀ ନକଲକାରୀମାନଙ୍କ ଦ୍ୱାରା ଏହା ଏକ ଯୋଗ କରିବା ବିଷୟ ଥିଲା । ପାଉଲ ଏହି ଖଣ୍ଡ ବାକ୍ୟ ''ବ୍ୟବସ୍ଥାର କ୍ରିୟା କର୍ମ'' ପ୍ରାୟ ବ୍ୟବହାର କରନ୍ତି (୩:୨୦,୨୮, ଗାଲାତୀ ୨:୧୬, ୩:୨,୫,୧୦) । ଯାହାବିହେଉ, ପୁରାତନ ବା ପ୍ରାଚୀନ ଗ୍ରୀକ୍ ପାଣ୍ଡୁଲିପି ପୃଷ୍ଠା ୪୬ ଏନ୍‌ଏବିଏଫ୍ ଏବଂ ଜି ଏହି ପଦରେ ଏହି ଶବ୍ଦଟିକୁ ବାଦ୍ ଦେଇଛି । ୟୁବିଏସ୍ କ୍ଷୁଦ୍ରତର ଶାସ୍ତ୍ରାଂଶକୁ ''ବି'' ନମ୍ବରରେ ଦେଇ ମୂଲ୍ୟାୟନ କରେ (ପ୍ରାୟ ନିଶ୍ଚିତ)

ଈଶ୍ୱରଙ୍କ ଧାର୍ମିକତାର ଚାବି କାଠି ମାନବର ସମ୍ପାଦନ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କ ଚରିତ୍ର ଓ ଦାନ । ଧାର୍ମିକତା, ପତିତ ମାନବଜାତି ଦ୍ୱାରା ଲାଭ କରିବା ଏକ ଅସମ୍ଭବ ବିଷୟ ଅଟେ, ମାତ୍ର ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଏହା ଏକ ବିନାମୂଲ୍ୟର ଦାନ ପ୍ରଦାନ କରାଯାଇଅଛି (୩:୨୧-୩୧) । ଯାହାବିହେଉ, ଏହା ଗ୍ରହଣ କରିବାକୁ ହେବ (୩୩ ପଦ, ଯୋହନ ୧:୧୨, ୩:୧୬, ରୋମୀ ୪:୧, ୧୦:୯-୧୩, ଏଫିସୀ ୨:୮,୯) । ଏହା ଏକ ସତ୍ୟ ଯାହାକି ବିଶ୍ୱସ୍ତ, ଧାର୍ମିକ, ନୈତିକ ଯିହୁଦୀମାନେ (ଏବଂ ସମସ୍ତ ନ୍ୟାୟବାଦୀମାନେ) ହରାଇଲେ !

ଜର୍ଜ ଏଲ୍‌ଡନ୍ ତାଙ୍କ ପୁସ୍ତକ ''ନୂତନ ନିୟମର ଏକ ପରମାର୍ଥଶିକ୍ଷା''ରେ ଏକ ଉତ୍ତମ ଦିଗ୍‌ଦର୍ଶନ ଦେଉଛନ୍ତି :

> ''ପାଉଲଙ୍କ ଶିକ୍ଷା, ବ୍ୟବସ୍ଥା ବିଷୟରେ ଅନେକ ସମୟରେ ଐତିହାସିକ ଅନୁଭୂତିର ଦୃଷ୍ଟିକୋଣରୁ ବିଚାର କରାଯାଇଛି ତାହା ହୁଏତ ପାଉଲ ଜଣେ ଯିହୁଦୀ ଗୁରୁ ରୂପେ ନିଜର ଅନୁଭୂତିର ଅବା ବ୍ୟବସ୍ଥାଧୀନ ଜଣେ ସ୍ୱତନ୍ତ୍ର ପ୍ରଥମ ଶତାବ୍ଦୀର ଯିହୁଦୀର ଅନୁଭୂତିର ପ୍ରକାଶ କରିଛନ୍ତି । ପାଉଲଙ୍କ ଚିନ୍ତା, ତାଙ୍କର ଆଧ୍ୟାତ୍ମିକ ଆତ୍ମଚରିତର ଏକ ସ୍ୱୀକାରୋକ୍ତି ଭାବରେ କିଅବା ପ୍ରଥମ ଶତାବ୍ଦୀ ଫାରୂଶୀ ଧର୍ମର ନ୍ୟାୟସଙ୍ଗତ ଚରିତ୍ରର ବର୍ଣ୍ଣନା ରୂପେ ଦେଖାଯିବା ଉଚିତ ନୁହେଁ, ମାତ୍ର ଜଣେ ଖ୍ରୀଷ୍ଟିୟାନ ଚିନ୍ତାକାରୀ ଦ୍ୱାରା ଏକ ପାରମାର୍ଥିକ ଅନୁବାଦ ରୂପେ ଧାର୍ମିକତାର ଦୁଇଟି ପଥ ଦେଖାଯିବା ଉଚିତ : ନ୍ୟାୟବାଦ ଓ ବିଶ୍ୱାସ'' (୪୯୫ ପୃଷ୍ଠା)

**୯:୩୩** ଏହା ଯିଶାଇୟ ୨୮:୧୬ ସହିତ ୮:୧୪ ଏକ ସମ୍ମିଳିତ ଲେଖାରୁ ନିଆଯାଇଅଛି

''ଦେଖ, ଆମ୍ଭେ...ସିୟୋନରେ ଏକ ପ୍ରସ୍ତର...ସ୍ଥାପନ କରିଅଛୁ ।'' ଯିଶାଇୟ ୨୮:୧୬ କ

''ବିଘ୍ନଜନକ ପ୍ରସ୍ତର ଓ ବାଧାଜନକ ପ୍ରସ୍ତର'' ଯିଶାଇୟ ୮:୧୪

''ଯେ ତାହାଙ୍କଠାରେ ବିଶ୍ୱାସ କରେ, ସେ ଚଞ୍ଚଳ (ନିରାଶ) ହେବା ନାହିଁ'' ଯିଶାଇୟ ୨୮:୧୬ ଖ

ଏହି ପଦଗୁଡ଼ିକ ଏପରି ଏକତ୍ର ମିଶାଇ (ଗୁରୁମାନଙ୍କ ପ୍ରଣାଳୀ) ସେ ଯିଶାଇୟ ୨୮:୧୬ର ସମ୍ବାଦକୁ ଆସ୍ତିବାଚକରୁ ନାସ୍ତିବାଚକକୁ ପରିବର୍ତ୍ତନ କରନ୍ତି । ପାଉଲ ତାଙ୍କ ନିଜ ଉଦ୍ଦେଶ୍ୟ ପୁରାତନ ନିୟମକୁ ଚତୁର କୁଶଳୀ ଭାବରେ ବ୍ୟବହାର କରନ୍ତି ।

୧. ସେ କେଉଁ ଅନୁବାଦ ମନୋନୀତ କରନ୍ତି (LXX, MT ବା ନିଜର)
୨. ସେ ପଦ ପର୍ବ ପରିବର୍ତ୍ତନ କରନ୍ତି (ବନ୍ଦିତ୍ୱରୁ ବିଜାତିମାନଙ୍କୁ)
୩. ସେ ଶାସ୍ତ୍ରାଂଶ ଏକତ୍ର କରନ୍ତି
୪. ସେ ପ୍ରସଙ୍ଗ ବା ନାମ, ଉଚ୍ଚାରଣ ପରିବର୍ତ୍ତନ କରନ୍ତି, ଯାହା, ୟାୱେହ, ଯୀଶୁଙ୍କଠାରେ ପ୍ରୟୋଗ ହୋଇଛି ।

□ **''ଯେ ତାହାଙ୍କଠାରେ ବିଶ୍ୱାସ କରେ, ସେ ଲଜ୍ଜିତ ହେବ ନାହିଁ''** ଏହା ଯିଶାଇୟ ୨୮:୧୬ ଖରୁ ଆସିଅଛି । ଏହା ମଧ୍ୟ ରୋମୀ ୧୦:୧୧ ଏବଂ ସମାନଭାବେ ଯୋୟେଲ ୨:୩୨କୁ ରୋମୀ ୧୦:୧୩ରେ ଉଦ୍ଧୃତ କରାଯାଇଅଛି । (୧) ଲକ୍ଷ୍ୟ (କୋଣ ପ୍ରସ୍ତର) (୨) ବ୍ୟକ୍ତିବିଶେଷର ବ୍ୟକ୍ତିଗତ ଗ୍ରହଣ (ତାହାଙ୍କଠାରେ ବିଶ୍ୱାସରେ) । ବିଶେଷ ପ୍ରସଙ୍ଗ ଦେଖ : ୪:୫ରେ ବିଶ୍ୱାସ କର ।

□ **''ଏକ ପ୍ରସ୍ତର''** ଏହା ଆଦ୍ୟରୁ ଈଶ୍ୱରଙ୍କ ପାଇଁ ଏକ ଉପନାମ (ଗୀତ ୧୮:୧-୨,୩୧,୪୬, ଦ୍ୱିତୀୟ ବିବରଣ ୩୨:୧୮, ୧ ଶାମୁୟେଲ ୨:୨, ଗୀତ ୨୮:୧, ୩୧:୩, ୪୨:୯, ୭୧:୩, ୭୮:୩୫), ମାତ୍ର ଏହା ମଶୀହଙ୍କ ସମ୍ବନ୍ଧୀୟ ଉପନାମ ହେବାକୁ ଆସିଲା (ଆଦି ୪୯:୨୪, ଗୀତ ୧୧୮:୨୨, ଯିଶାଇୟ ୮:୧୪, ୨୮:୧୬, ଦାନିଏଲ ୨:୩୪-୩୫, ୪୪-୪୫, ମାଥିଉ ୨୧:୨୧:୪୨-୪୪) ଈଶ୍ୱରଙ୍କ ଚୁକ୍ତି ପ୍ରତିଜ୍ଞାର ମୁଖ୍ୟ ବିଷୟ (ମଶୀହ) ଅବୁଝାମଣା ଓ ଅଗ୍ରାହ୍ୟ ହେଲା (୧ କରନ୍ଥୀ ୧:୨୩) । ଯିହୁଦୀମାନେ କେବଳ ମଶୀହଙ୍କ ଉଦ୍ଦେଶ୍ୟମାନ ଯେ ଭୁଲ୍ ବୁଝିଲେ ସେତିକି ନୁହେଁ ମାତ୍ର ଈଶ୍ୱରଙ୍କ ଚୁକ୍ତି ପ୍ରତିଜ୍ଞାର ମୂଳ ଆବଶ୍ୟକତା ବା ପ୍ରୟୋଜନୀୟ ବିଷୟକୁ ଭୁଲ୍ ବୁଝିଲେ । ଯିହୁଦୀମାନଙ୍କ ପାଇଁ ଖ୍ରୀଷ୍ଟ ଏକ ଝୁଣ୍ଟିବାର କାରଣ ହେଲେ (ଯିଶାଇୟ ୮:୧୪, ଲୂକ ୨:୩୪) ମାତ୍ର ବିଶ୍ୱାସୀମାନଙ୍କ ପାଇଁ (ଉଭୟ ଯିହୁଦୀ ଓ ବିଜାତିମାନଙ୍କ ପାଇଁ) ସେ ଭିତ୍ତିମୂଳ ପ୍ରସ୍ତରରେ ପରିଣତ ହେଲେ (ଯିଶାଇୟ ୨୮:୧୬, ୧ ପିତର ୨:୬-୧୦)

**ବିଶେଷ ପ୍ରସଙ୍ଗ : କୋଣ ପ୍ରସ୍ତର**

୧. ପୁରାତନ ନିୟମରେ ବ୍ୟବହୃତ
   - କ. ପ୍ରସ୍ତର ଏକ କଠିନ ଶକ୍ତ ପଦାର୍ଥର ଧାରଣା ହେଉଛି ଯାହା ଏକ ଉତ୍ତମ ଭିତ୍ତିମୂଳ ତିଆରି କରିବାକୁ ବ୍ୟବହାର କରିବା ପାଇଁ ଯାୟେହଙ୍କୁ ବର୍ଣ୍ଣନା କରିବା ଲାଗି ବ୍ୟବହୃତ ହେଉଥିଲା । (ଗୀତ ୧୮:୨)
   - ଖ. ଏହା ତତ୍ପରେ ଏକ ମଶୀହଙ୍କ ପାଇଁ ଉପନାମ ମଧ୍ୟକୁ ବୃଦ୍ଧି ପାଇଲା (ଆଦି ୯୨:୨୪, ଗୀତ ୧୧୮:୨୨, ଯିଶାଇୟ ୨୮:୧୬)
   - ଗ. ଏହା ମଶୀହଙ୍କ ଦ୍ୱାରା ଯାୟେହଙ୍କଠାରୁ ଏକ ବିଚାର ପରିପ୍ରକାଶ କରିବାକୁ ଆସିଲା (ଯିଶାଇୟ ୮:୧୪, ଦାନିଏଲ ୨:୩୪-୩୫, ୪୪:୪୫)
   - ଘ. ଏହା ଏକ ଗୃହ ନିର୍ମାଣର ଦୃଷ୍ଟାନ୍ତ ମଧ୍ୟକୁ ବୃଦ୍ଧି ଲାଭ କଲା
     - ୧. ଏକ ଭିତ୍ତିମୂଳ ପ୍ରସ୍ତର ପ୍ରଥମ ସ୍ଥାପନ କରାଗଲା, ଯାହା ନିରାପଦ ଥିଲା ଏବଂ ନିର୍ମାଣର ଅବଶିଷ୍ଟାଂଶ ପାଇଁ ଦୂତମାନଙ୍କୁ ସୁସଜ୍ଜିତ କରାଗଲା, କୋଣ ପ୍ରସ୍ତର ନାମ ଦିଆଗଲା ।
     - ୨. ଏହା ମଧ୍ୟ ଉପଯୁକ୍ତ ସ୍ଥାନରେ ରଖାଯାଇଥିବା ଶେଷ ପ୍ରସ୍ତରକୁ ମଧ୍ୟ ବୁଝାଯାଇପାରେ, ଯାହା କାନ୍ଥଗୁଡ଼ିକୁ ଏକତ୍ର ଧରି ରଖେ (ଯିଖରିୟ ୪:୭, ଏଫିସୀ ୨:୨୦,୨୧), ''ଟୋପି ବା ଆଚ୍ଛାଦନ ପ୍ରସ୍ତର'' ହିବ୍ରୁ ଶବ୍ଦ ରଶ୍ (ମସ୍ତକ)ରୁ ଆନୀତ ।
     - ୩. ଏହା ''ମୁଖ୍ୟ ପ୍ରସ୍ତର''କୁ ବୁଝାଯାଇପାରେ । ଯାହା ଦ୍ୱାର ରାସ୍ତା ଖିଲାଶର କେନ୍ଦ୍ରରେ ରହି ସମୁଦାୟ କାନ୍ଥଗୁଡ଼ିକର ଭାର ସମ୍ଭାଳେ ।

୨. ନୂତନ ନିୟମରେ ବ୍ୟବହୃତ
   - କ. ଯୀଶୁ ବିଭିନ୍ନ ସମୟରେ ଗୀତ ୧୧୮ ଉଦ୍ଧୃତ କରିଅଛନ୍ତି ଆପଣାକୁ ବୁଝାଇବା ନିମନ୍ତେ (ମାଥିଉ ୨୧:୪୧-୪୬, ମାର୍କ ୧୨:୧୦-୧୧, ଲୂକ ୨୦:୧୭)
   - ଖ. ପାଉଲ ୧୧୮ ଗୀତ ବ୍ୟବହାର କରନ୍ତି, ବିଶ୍ୱାସହୀନ, ବିଦ୍ରୋହୀ ଇସ୍ରାୟେଲର (ରୋମୀ ୯:୩୩) ଯାୱେହଙ୍କୁ ଅଗ୍ରାହ୍ୟ କରିବା ବିଷୟରେ ସଂଯୁକ୍ତ କର ।
   - ଗ. ପାଉଲ ଏକ ''କୋଣ ପ୍ରସ୍ତର''ର ବିଷୟ ବ୍ୟବହାର କରନ୍ତି ଖ୍ରୀଷ୍ଟଙ୍କୁ ବୁଝାଇବା ଲାଗି ଏଫିସୀ ୨:୨୦-୨୨ରେ
   - ଘ. ପିତର ଏହି ବିଷୟ ଯୀଶୁଙ୍କ ପାଇଁ ବ୍ୟବହାର କରନ୍ତି ୧ ପିତର ୨:୧-୧୦ରେ । ଯୀଶୁ ହେଉଛନ୍ତି କୋଣ ପ୍ରସ୍ତର ଓ ବିଶ୍ୱାସୀମାନେ ହେଉଛନ୍ତି ଜୀବନ୍ତ ପ୍ରସ୍ତରମାନ (ଯଥା : ବିଶ୍ୱାସୀମାନେ ମନ୍ଦିର ସ୍ୱରୂପ (୧ କରନ୍ଥୀ ୬:୧୯)ରେ, ତାହାଙ୍କ ଉପରେ ନିର୍ମିତ (ଯଥା : ଯୀଶୁ ନୂତନ ମନ୍ଦିର ଅଟନ୍ତି (ମାର୍କ ୧୪:୪୮, ମାଥିଉ ୧୨:୬, ଯୋହନ ୨:୧୯-୨୦) । ଯିହୁଦୀମାନେ ମଶୀହ ରୂପେ ଯୀଶୁଙ୍କୁ ଅଗ୍ରାହ୍ୟ କରିବା ହେତୁ ସେମାନଙ୍କର ଆଶା ବା ଭରସାର ମୂଳଦୁଆକୁ ଅଗ୍ରାହ୍ୟ କଲେ ।

୩. ପରମାର୍ଥିକ ମନ୍ତବ୍ୟ ସମୂହ
   - କ. ଯାୱେହ ଦାଉଦ/ସଲୋମନଙ୍କୁ ଏକ ମନ୍ଦିର ନିର୍ମାଣ କରିବାକୁ ଅନୁମତି ଦେଲେ । ସେ ସେମାନଙ୍କୁ କହିଲେ, ସେମାନେ ଯଦି ତାହାଙ୍କ ନିୟମ ପାଳନ କରିବେ ବା ପ୍ରତିଜ୍ଞା ରକ୍ଷା କରିବେ । ସେ ସେମାନଙ୍କୁ ଆଶୀର୍ବାଦ କରିବେ ଓ ସେମାନଙ୍କ ସହିତ ରହିବେ (୨ ଶାମୁ ୭), ମାତ୍ର ଯଦି ତାହା କରିବେ ନାହିଁ, ମନ୍ଦିର ଧ୍ୱଂସ ହେବ (୧ ରାଜାବଳୀ ୯:୧-୯)!
   - ଖ. ଗୁରୁମାନଙ୍କ ଯିହୁଦୀଧର୍ମ ଆକାର ଓ ରୀତିନୀତି ଉପରେ ଦୃଷ୍ଟି ନିବଦ୍ଧ କଲା ଓ ବିଶ୍ୱାସର ବ୍ୟକ୍ତିଗତ ବିଷୟକୁ ଅବହେଳା କଲା (ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୨-୩୮) । ଈଶ୍ୱର ତାହାଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ଲୋକମାନଙ୍କ ସହିତ ଦୈନିକ, ବ୍ୟକ୍ତିଗତ, ଈଶ୍ୱରପରାୟଣତା ସମ୍ପର୍କ ଅନ୍ୱେଷଣ କରନ୍ତି (ଆଦି ୧:୨୬,୨୭) । ଲୂକ ୨୦:୧୭-୧୮ ବିଚାରର ଭୟାନକ ଶବ୍ଦମାନ ଧାରଣ କରେ ଯେପରି ମାଥିଉ ୫:୨୦ କରେ, ଯିହୁଦୀ ଧର୍ମକୁ ଏହା ନିର୍ଦ୍ଦେଶିତ ।

ଗ. ଯୀଶୁ ତାହାଙ୍କ ଶାରୀରିକ ଶରୀରକୁ ପ୍ରତିନିଧିତ୍ୱ କରିବାକୁ ଏକ ମନ୍ଦିରର ଚିନ୍ତାଧାରା ବ୍ୟବହାର କଲେ (ଯୋହନ ୧:୧୯-୨୨) । ଏହା ଯୀଶୁଙ୍କଠାରେ ବ୍ୟକ୍ତିଗତ ବିଶ୍ୱାସକୁ ମଶୀହ ରୂପେ ଧରି ରଖିବାକୁ ଓ ବିଶ୍ୱାସକୁ ପରିବ୍ୟାପ୍ତ କରିବାକୁ ଦିଏ, ଯାହାକି ୟାହ୍ୱେହଙ୍କ ସହିତ ଏକୁ ମୁଖ୍ୟ ସମ୍ପର୍କ ଅଟେ । (ଯୋହନ ୧୪:୬, ୧ ଯୋହନ ୫:୧୦-୧୨)

ଘ. ମାନବଗଣଠାରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀର କ୍ଷୟ ଅବସ୍ଥାରୁ ତାହାକୁ ଉଦ୍ଧାର କରିବାକୁ ପରିତ୍ରାଣ ଉଦ୍ଦୀଷ୍ଟ (ଆଦି ୧:୨୬-୨୭ ଓ ୩ ଅଧ୍ୟାୟ) ତାହାହେଲେ ଈଶ୍ୱରଙ୍କ ସହିତ ସମ୍ପର୍କ ସମ୍ଭବପର । ଖ୍ରୀଷ୍ଟଧର୍ମର ଲକ୍ଷ୍ୟ ହେଉଛି ବର୍ତ୍ତମାନ ଖ୍ରୀଷ୍ଟଙ୍କ ସାଦୃଶ୍ୟ ହେବା । ବିଶ୍ୱାସୀମାନେ ଜୀବନ୍ତ ପ୍ରସ୍ତରମାନ ହେବା ଆବଶ୍ୟକ (ଯଥା : ଛୋଟ ମଣ୍ଡଳୀମାନ ଖ୍ରୀଷ୍ଟଙ୍କ ଛାଞ୍ଚରେ/ଉପରେ ନିର୍ମିତ ।

ଙ. ଯୀଶୁ ହେଉଛନ୍ତି, ଆମ୍ଭମାନଙ୍କ ବିଶ୍ୱାସର ମୂଳଭିତ୍ତି ଓ ଟୋପି ବା ଆଚ୍ଛାଦନ (ଯଥା ଆରମ୍ଭ ଓ ଶେଷ) ତଥାପି ଝୁଣ୍ଟିବାର ପ୍ରସ୍ତର ଓ ଲଜ୍ଜିତ ହେବାର ପ୍ରସ୍ତର ମଧ୍ୟ ଅଟନ୍ତି । ତାହାଙ୍କୁ ହଜାଇଲେ ସମସ୍ତ ହଜାଇ ଦେବା । ଏଠାରେ ଅନ୍ୟ କୌଣସି ମାଧ୍ୟମିକ ଭୂମି ନାହିଁ!

**ଆଲୋଚନା ପ୍ରଶ୍ନମାନ**

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟାରୀ, ଯାହା ବୁଝା ଯେ ତୁମେ ତୁମର ନିଜ ବାଇବଲ ଅନୁବାଦ ପାଇଁ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କୁ ଦତ୍ତ ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଓ ପବିତ୍ରଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକାରୀ । ସେଗୁଡ଼ିକୁ ଏକ କମେଣ୍ଟାରୀ ଲେଖକଙ୍କ ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ ପୁସ୍ତକର ଏହି ବିଭାଗର ମୁଖ୍ୟ ବିଷୟଗୁଡ଼ିକ ମାଧ୍ୟମରେ ତୁମକୁ ଚିନ୍ତାରେ ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ତାହା ଚିନ୍ତା – ଉଦ୍ରେକ କରିବାକୁ ଉଦ୍ଦୀଷ୍ଟ, ମାତ୍ର ସ୍ୱଷ୍ଟ ଧାରଣା ଦେବାକୁ ନୁହେଁ ।

୧. ୯ ଅଧ୍ୟାୟରେ କିପରି (ପୂର୍ବ ନିରୂପିତ ଭବିଷ୍ୟଦ୍) ୧୦ ଅଧ୍ୟାୟ ସହିତ ସଂପୃକ୍ତ (ମାନବଜାତିର ସ୍ୱାଧୀନ ଇଚ୍ଛା) ?
୨. ୯:୧-୨୯ର ମୁଖ୍ୟ ପ୍ରସଙ୍ଗ କଅଣ ?
୩. ଈଶ୍ୱର ତାହାଙ୍କ ପ୍ରତିଜ୍ଞା ଇସ୍ରାୟେଲ ପ୍ରତି ଭଙ୍ଗ କରିଅଛନ୍ତି କି ?
୪. ଜାତୀୟ ଇଶ୍ରାୟେଲୀୟମାନେ ଉପଭୋଗ କରିଥିବା ସୁଯୋଗମାନର ଏକ ତାଲିକା କର (୯:୪-୫)
୫. ସମସ୍ତ ଯିହୁଦୀମାନେ ଈଶ୍ୱରଙ୍କ ସହିତ ଯଥାର୍ଥ ଥିଲେ କି ? କାହିଁକି ? ବା କାହିଁକି ନୁହେଁ ? (୯:୬)
୬. ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ଯଦି ଜଣେ ଲୋକକୁ ବାଧ୍ୟ କରାଗଲା, ତେବେ ସେ ନୈତିକଭାବେ ଦାୟୀ କି ?
୭. କିପରି ''ଦୟା'' ପୂର୍ବନିରୂପିତ ଭବିଷ୍ୟଦ୍‌ର ଚାବିକାଠି ବା ମୁଖ୍ୟ ବିଷୟ ଅଟେ (୧୫,୧୬,୧୮,୨୩, ୧୧:୩୦-୩୨) ?

# ରୋମୀୟ ୧୦

| ଆଧୁନିକ ଅନୁବାଦର ପାରାଗ୍ରାଫ୍ ଭାଗ ବିଭାଗ | | | | |
|---|---|---|---|---|
| **ୟୁବିଏସ୍** | **ଏନ୍‌କେଜେଭି** | **ଏନ୍‌ଆରଏସ୍‌ଭି** | **ଟିଇଭି** | **ଏନ୍‌ଜେବି** |
| ଇସ୍ରାୟେଲ ଓ ସୁସାଚାର | ଇସ୍ରାୟେଲ ସୁସମାଚାରର ଆବଶ୍ୟକ କରେ | ପ୍ରକୃତ ଧାର୍ମିକତା, ବିଶ୍ୱାସ ଦ୍ୱାରା | ଇସ୍ରାୟେଲ ଓ ସୁସମାଚାର | ଇସ୍ରାୟେଲ ଦେଖିବାରେ ବିଫଳ ହେଲେ ଯେ, ଈଶ୍ୱର ପବିତ୍ର କରନ୍ତି |
| ୯:୩୦–୧୦:୪ | | ୯:୩୦–୧୦:୪ | ୯:୩୦–୧୦:୪ | |
| | ୧୦:୧–୧୩ | | | ୧୦:୧–୪ |
| ସମସ୍ତଙ୍କ ପାଇଁ ପରିତ୍ରାଣ ଉଦ୍ଦିଷ୍ଟ | | | ସମସ୍ତଙ୍କ ପାଇଁ ପରିତ୍ରାଣ ଉଦ୍ଦିଷ୍ଟ | ମୋଶାଙ୍କ ସାକ୍ଷ୍ୟ |
| ୧୦:୫–୧୩ | | ୧୦:୫–୧୩ | ୧:୫–୧୩ | ୧୦:୫–୧୩ |
| | ଇସ୍ରାୟେଲ ସୁସମାଚାର ଅଗ୍ରାହ୍ୟ କଲେ | ଇସ୍ରାୟେଲ ତାହାର ବିଫଳତା ପାଇଁ ଦାୟୀ | | ଇସ୍ରାୟେଲର କ୍ଷମା ନାହିଁ |
| ୧୦:୧୪–୨୧ | ୧୦:୧୪–୨୧ | ୧୦:୧୪–୧୭ | ୧୦:୧୪–୧୭ | ୧୦:୧୪–୧୫<br>୧୦:୧୬–୧୭ |
| | | ୧୦:୧୮–୨୧ | ୧୦:୧୮–୨୧ | ୧୦:୧୮–୨୧ |

ଚକ୍ର ତିନି ପାଠ କରିବା (VIII ପୃଷ୍ଠା ଦେଖ)

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟାରୀ, ଯାହା ବୁଝାଏ ଯେ, ତୁମେ ତୁମର ନିଜ ବାଇବଲ ଅନୁବାଦ ପାଇଁ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କୁ ଦତ୍ତ ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଓ ପବିତ୍ରଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକାରୀ । ଏହାକୁ ଏକ କମେଣ୍ଟାରୀ ଲେଖକଙ୍କ ପ୍ରତି ଛାଡ଼ି ଦେବା ଉଚିତ ନୁହେଁ ।

ଏକାଥରେ ବସି ଅଧ୍ୟାୟଟି ପଢ଼ । ପ୍ରସଙ୍ଗମାନ ଚିହ୍ନ । ଉର୍ଦ୍ଧ୍ୱଲିଖିତ ପାଞ୍ଚଟି ଅନୁବାଦର ଭାଗବିଭାଗ ସହିତ ତୁମର ପ୍ରସଙ୍ଗ ଭାଗବିଭାଗକୁ ତୁଳନା କର । ପାରାଗ୍ରାଫ୍ ନିର୍ମାଣ, ଈଶ୍ୱର ନିଶ୍ୱସିତ ନୁହେଁ । ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟାନୁସାରେ ଅନୁଗମନ କରିବାକୁ ଚାବିକାଠି ବା ମୁଖ୍ୟ ବିଷୟ ଅଟେ, ଯାହା ମଧ୍ୟ ଅନୁବାଦର ହୃଦୟ ବା କେନ୍ଦ୍ରସ୍ଥଳ ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ବା କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

**ପୂର୍ବାପର ଶାସ୍ତ୍ରାଂଶ ଅର୍ନ୍ତଦୃଷ୍ଟି**

କ. ୧୦ ଅଧ୍ୟାୟ, ଖ୍ରୀଷ୍ଟଙ୍କଠାରେ ପରିତ୍ରାଣର ଯାହ୍ୱେହଙ୍କ ଅନୁଗ୍ରହ ଦାନ ପ୍ରତି ପ୍ରତ୍ୟୁତ୍ତର ଦେବାକୁ ଇସ୍ରାୟେଲର ସୁଯୋଗମାନର ଉପରେ ଦୃଷ୍ଟିନିବଦ୍ଧ କରେ । ୯ ଅଧ୍ୟାୟ ଆଲୋଚନା କଲା, ଜଗତକୁ ମନୋନୀତ କରିବା ଉଦ୍ଦେଶ୍ୟ ସଫଳ କରିବାକୁ, ଈଶ୍ୱର ଯିହୁଦୀମାନଙ୍କୁ ଈଶ୍ୱର ମନୋନୀତ କଲେ, ମାତ୍ର ଯିହୁଦୀମାନେ ତାହାଙ୍କ ମନୋନୟନକୁ ଅଗ୍ରାହ୍ୟ କଲେ (ଯଥା : ଚୁକ୍ତିଯୁକ୍ତ ପ୍ରତିଜ୍ଞା, ନିୟମର ବାଧ୍ୟତା, ଦ୍ୱିତୀୟ ବିବରଣ ୨୭–୨୯)

ଖ. ପାଉଲ ପୁରାତନ ନିୟମ ବ୍ୟବହାର କରିବାରେ ଲାଗି ରହିଛନ୍ତି ସୁସମାଚାର ପାଇଁ ତାଙ୍କ ବିବରଣୀ ପ୍ରସ୍ତୁତ କରିବା ସକାଶେ । (୯ ଅଧ୍ୟାୟର ଡଂରେ ଶାସ୍ତ୍ରାଂଶର ପୂର୍ବାପର ଅର୍ନ୍ତଦୃଷ୍ଟିମାନ ଦେଖ) । ପ୍ରେରିତ ପୁସ୍ତକର ପ୍ରେରିତମାନଙ୍କ ଉପଦେଶଗୁଡ଼ିକର ଏହା ହେଉଛି ଚାରିତ୍ରିକ ଗୁଣ । ଯାହା କେରୀଗ୍ମା ନାମରେ ପରିଚିତ । (ଯଥା : ଯାହା ଘୋଷଣା କରାଯାଇଅଛି), ୧:୨ରେ କେରୀଗ୍ମା, ବିଶେଷ ପ୍ରସଙ୍ଗ ଦେଖ ।

ଗ. ୯:୩୦-୧୦:୪ର କେନ୍ଦ୍ରିୟ ସତ୍ୟମାନ ହେଉଛି :

୧. ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ବିଜାତୀମାନଙ୍କର ଈଶ୍ୱରଙ୍କ ଧାର୍ମିକତା ଅଛି ।

୨. ଯିହୁଦୀମାନେ ଖ୍ରୀଷ୍ଟଙ୍କଠାରେ ସେମାନଙ୍କର ବିଶ୍ୱାସର ଅଭାବ ହେତୁ ଈଶ୍ୱରଙ୍କର ଧାର୍ମିକତା ସେମାନଙ୍କଠାରେ ନାହିଁ ।

୩. ବ୍ୟବସ୍ଥା ଧାର୍ମିକତା ଦେଇପାରିଲା ନାହିଁ । ଏହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ଏକ ଦାନ ଅଟେ ଏବଂ ମାନବ କାର୍ଯ୍ୟ ସାଧନ ଦ୍ୱାରା ଏହା ଅର୍ଜନ କରାଯାଇ ପାରିଲା ନାହିଁ, (୩:୨୧-୩୧)

ଘ. କ୍ରୁସକୋର୍ଲେ ଏବଂ କର୍ଟିସ ଭାଉଘାନଙ୍କୁ ରୋମୀୟ ପୁସ୍ତକର ଏକ ଅଧ୍ୟୟନ ଚାଳନା ବାଖ୍ୟା ପୁସ୍ତକ ଜୋଣ୍ଡରଭାନ୍‌ଙ୍କ ଦ୍ୱାରା ପ୍ରକାଶିତ ହେଲା ୧୧୫-୧୧୬ ପୃଷ୍ଠାରେ ଯିହୁଦୀମାନଙ୍କ ପାପ ମାନର ଏକ ସାହାଯ୍ୟପୂର୍ଣ୍ଣ ବାହ୍ୟରେଖା ଅଛି ।

୧. ଈଶ୍ୱରଙ୍କ ବିଷୟରେ ଉଦ୍‌ଯୋଗ, ୧୦:୨କ

୨. ଆଧ୍ୟାତ୍ମିକ ଅନ୍ଧତା (ଅଜ୍ଞାତ) (ଉଦ୍‌ଯୋଗ ଜ୍ଞାନଯୁକ୍ତ ନୁହେଁ) ୧୦:୨ଖ, ୩କ

୩. ଆପଣା ଆପଣା ଧାର୍ମିକତା (ଆତ୍ମ-ଧାର୍ମିକତା) ୧୦:୩ଖ

୪. ଅସମର୍ପିତ ଦାମ୍ଭିକତା ୧୦:୪କ

ମୁଁ ମଧ୍ୟ ସେମାନଙ୍କର ଶେଷ ମନ୍ତବ୍ୟଗୁଡ଼ିକ ୯ ଅଧ୍ୟାୟର ଶେଷରେ ୧୦ ଅଧ୍ୟାୟ ବିଷୟରେ ପସନ୍ଦ କରେ । ''କ୍ରୁଶର ପ୍ରଚାରରେ ମନୋନୟନ (ନିର୍ବାଚନ) ଘଟେ (୧ ଥେସଲ ୧:୪-୧୦) । ଯାହା ସ୍ୱର୍ଗୀୟ ସର୍ବଭୌମତାର ମୌଳିକ ପ୍ରତିରୋଧକୁ କିପରି ବୁଝାଏ ବା ବାଖ୍ୟା କରେ (୯:୬-୨୯) ପାଉଲଙ୍କ ପତ୍ର ଗୁଡ଼ିକରେ ସବୁଠାରୁ ମହତ୍ତ୍ୱ ମିଶନେରୀ ଶାସ୍ତ୍ରାଂଶ ଦ୍ୱାରା ଅନୁଗମନ କରାଯାଇପାରେ (୧୦:୧-୨୧) । ସୁସମାଚାର କରିବାକୁ ସର୍ବୋଚ୍ଚ ଅଧିକାର ହେଉଛି ଜ୍ଞାନ ବା ଜାଣିବା ଯେ, ଏପରି କରିବାରେ ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତାହାଙ୍କ ନିର୍ବାଚନ ଉଦ୍ଦେଶ୍ୟ ଚଳାଇ ନେବାକୁ ବିଶ୍ୱସ୍ତ ଅଟନ୍ତି (୧୧୪ ପୃଷ୍ଠା)

ଙ. ୯ ଅଧ୍ୟାୟ ପରି ୧୦ ଅଧ୍ୟାୟର ଅନେକ ସଂଖ୍ୟକ ଉଦ୍ଧୃତାଂଶମାନ ଅଛି ।

୧. ୫ ପଦ - ଲେବୀ ୧୮:୫

୨. ୬ ପଦ - ଦ୍ୱିତୀୟ ବିବରଣ ୩୦:୧୨ ପରୋକ୍ଷ ପରିଚୟ ୨ୟ ବିବରଣ ୯:୪ ସହିତ

୩. ୭ ପଦ - ଦ୍ୱିତୀୟ ବିବରଣ ୩୦:୧୩ ଏକ ପରୋକ୍ଷଭାବେ ଗୀତ ୧୦୭:୨୬ ସହିତ

୪. ୮ ପଦ - ଦ୍ୱିତୀୟ ବିବରଣ ୩୦:୧୪

୫. ୧୧ ପଦ - ଯିଶାଇୟ ୨୮:୧୬

୬. ୧୩ ପଦ - ଯୋୟେଲ ୨:୩୨

୭. ୧୫ ପଦ - ଯିଶାଇୟ ୫୨:୭, ବା ନାହୂମ ୧:୧୫

୮. ୧୬ ପଦ - ଯିଶାଇୟ ୫୩:୧

୯. ୧୮ ପଦ - ଗୀତ ୧୯:୪

୧୦. ୧୯ ପଦ - ଦ୍ୱିତୀୟ ବିବରଣ ୩୨:୨୧

୧୧. ୨୦ ପଦ - ଯିଶାଇୟ ୬୫:୧

୧୨. ୨୧ ପଦ - ଯିଶାଇୟ ୬୫:୨

**ଶବ୍ଦ ଏବଂ ଖଣ୍ଡବାକ୍ୟ ଅଧ୍ୟୟନ**

**ଏନ୍ ଏ ଏସ୍ ବି ଆଧୁନିକୀକରଣ ପାଠ୍ୟାଂଶ ୧୦:୧-୪**

**ହେ ଭାଇମାନେ, ସେମାନେ ଯେପରି ପରିତ୍ରାଣ ପାଆନ୍ତି ଏହା ମୋହର ହୃଦୟର ବାଞ୍ଛା ଏବଂ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କ ଛାମୁରେ ମୋହର ପ୍ରାର୍ଥନା । କାରଣ ଈଶ୍ୱରଙ୍କ ବିଷୟରେ ଯେ ସେମାନଙ୍କର ଉଦ୍‌ଯୋଗ ଅଛି, ଏହା ମୁଁ ସେମାନଙ୍କ ସପକ୍ଷରେ ସାକ୍ଷ୍ୟ ଦେଉଅଛି । କିନ୍ତୁ ସେହି ଉଦ୍‌ଯୋଗ ଜ୍ଞାନ ଯୁକ୍ତ ନୁହେଁ । ଯେଣୁ ଈଶ୍ୱର ଦତ୍ତ ଧାର୍ମିକତା ବିଷୟରେ ଅଜ୍ଞ ହୋଇ ଓ ଆପଣା ଆପଣା ଧାର୍ମିକତା ସ୍ଥାପନ କରିବାକୁ କରି ସେମାନେ ଈଶ୍ୱରଦତ୍ତ ଧାର୍ମିକତାର ବଶୀଭୂତ ହୋଇ ନାହାନ୍ତି, ୪ କାରଣ ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ଧାର୍ମିକ ଗଣିତ ହେବା ନିମନ୍ତେ ଖ୍ରୀଷ୍ଟ ବ୍ୟବସ୍ଥାର ଶେଷ ଅଟନ୍ତି ।**

**୧୦:୧ ''ହେ ଭାଇମାନେ''** ଏହି ଶବ୍ଦ ଅନେକ ସମୟରେ ପାଉଲଙ୍କ ଦ୍ୱାରା ଏକ ନୂତନ ପ୍ରସଙ୍ଗକୁ ପରିଚିତ କରାଇବା ପାଇଁ ବ୍ୟବହୃତ ହୋଇଅଛି ।

▣ ***''ସେମାନେ ଯେପରି ପରିତ୍ରାଣ ପାଆନ୍ତି, ଏହା ମୋହର ହୃଦୟର ବାଞ୍ଛା ଏବଂ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କ ଛାମୁରେ ମୋହର ପ୍ରାର୍ଥନା''***
ପାଉଲ ବିଶ୍ୱାସ କଲେ ଯିହୁଦୀମାନେ ପରିତ୍ରାଣ ପାଇପାରିବେ ଏବଂ ତାଙ୍କର ପ୍ରାର୍ଥନା ସେମାନଙ୍କ ପାଇଁ ଏକ ଭିନ୍ନତା ସୃଷ୍ଟି କଲା । ଏହା ହେଉଛି ପୂର୍ବ ନିରୂପଣ ପ୍ରତି ସ୍ତମ୍ଭିଭୂତ କରିବାର ବିପରୀତ ବିଷୟ ! ବିଶେଷ ପ୍ରସଙ୍ଗ ଦେଖ, ନିବେଦନ (ମଧ୍ୟସ୍ଥି) ପ୍ରାର୍ଥନା ୯:୩ରେ ।
ଏକ ଗ୍ରୀକ୍ ପାଣ୍ଡୁଲିପି ଅଛି ''ସେମାନଙ୍କ ନିମନ୍ତେ'' ସକାଶେ ଭିନ୍ନ ଶବ୍ଦ । (ଏମ୍ ଏସ୍ ଏସ୍ ପି ୪୬ ଏନ୍ ବି ସି ଡି ଏଫ୍ ଜି) । ୟୁ ବି ଏସ୍ ଏକ ଏ ଗ୍ରେଡ୍ ମୂଲ୍ୟାୟନ କରିଛି (ନିଶ୍ଚୟ)

**୧୦:୨ ''ଈଶ୍ୱରଙ୍କ ବିଷୟରେ ସେମାନଙ୍କର ଉଦ୍‌ଯୋଗ ଅଛି''** ବିଶ୍ୱସ୍ତଭାବ ଓ ଉତ୍ସାହ ଯଥେଷ୍ଟ ନୁହେଁ (୩-୪ପଦ) ପାଉଲ ଏହା ଭଲ ଭାବେ ଜାଣିଥିଲେ (ପ୍ରେରିତ ୯:୧, ଗାଲାତୀ ୧:୧୪, ଫିଲିପ୍ପୀ ୩:୬) ।

**୧୦:୨-୩ ''କିନ୍ତୁ ସେହି ଉଦ୍‌ଯୋଗ ଜ୍ଞାନ ଯୁକ୍ତ ନୁହେଁ, ଯେଣୁ ଈଶ୍ୱରଦତ୍ତ ଧାର୍ମିକତା ବିଷୟରେ ଅଜ୍ଞ ହୋଇ''** ''ଜ୍ଞାନଯୁକ୍ତ'' ଶବ୍ଦ (୨ପଦ ଏପିଗିନୋସ୍କୋ) ଦୁଇଟି ଉପାୟରେ କାର୍ଯ୍ୟ କରିପାରେ ।

୧. ଯିହୁଦୀମାନେ ଏକ ମୁକ୍ତ ସୁସମାଚାର ବୁଝି ପାରି ନ ଥିଲେ (ଗ୍ରୀକ୍ ଅର୍ଥରେ ଜ୍ଞାନଯୁକ୍ତ ଶବ୍ଦ)
୨. ଯିହୁଦୀମାନଙ୍କର ଈଶ୍ୱରଙ୍କ ସହିତ ଏକ ବିଶ୍ୱାସର ସମ୍ପର୍କ ନ ଥିଲା (ଏବ୍ରୀ ଅର୍ଥରେ ଜ୍ଞାନଯୁକ୍ତ ଶବ୍ଦ) (ଆଦି ୪:୧, ଯିରିମିୟ ୧:୫) ।

ଯିହୁଦୀମାନେ ଈଶ୍ୱରଙ୍କୁ ପ୍ରତ୍ୟୁତ୍ତର ଦେବାର ଆବଶ୍ୟକତା ବିଷୟରେ ଅଜ୍ଞ ନ ଥିଲେ (୧୬,୧୮,୧୯) ମାତ୍ର ସେମାନେ ବିଶ୍ୱାସ ପାଇଁ ମାନବ କାର୍ଯ୍ୟସାଧନ ପ୍ରତିବଦଳ କରିଥିଲେ, ଯାହା ଗର୍ବ, ଅହଂକାର ଏବଂ ସ୍ୱତନ୍ତ୍ର ଅଧିକାର ଆଡ଼କୁ କଢ଼ାଇ ନେଲା ।

**ବିଶେଷ ପ୍ରସଙ୍ଗ : ''ଜାଣିବା ବା ଜ୍ଞାନଯୁକ୍ତ''ର (ବିଡ଼ିବି ୩୯୩) ବିଭିନ୍ନ ଅର୍ଥ ଅଛି (ଭାଷାର୍ଥ କ୍ଷେତ୍ରମାନ)ରେ ।**

୧. ଭଲ ଓ ମନ୍ଦର ଜ୍ଞାନ ପାଇବା - ଆଦି ୩:୨୨, ଦ୍ୱିତୀୟ ବିବରଣ ୧:୩୯, ଯିଶା ୭:୧୪-୧୫, ଯୂନସ ୪:୧୧ ।
୨. ବୁଝାମଣା ଦ୍ୱାରା ଜ୍ଞାନ ଲାଭ କରିବା - ଦ୍ୱିତୀୟ ବିବରଣ ୯:୨, ୩:୬, ୧୮:୨୧ ।
୩. ଅନୁଭୂତି ଦ୍ୱାରା ଜ୍ଞାନ ପାଇବା - ଦ୍ୱିତୀୟ ବିବରଣ ୩:୧୯, ୪:୩୫, ୮:୨,୩,୫, ୧୧:୨, ୨୦:୨୦, ୩୧:୧୩ ।
୪. ବିବେଚନା କରିବାକୁ - ଦ୍ୱିତୀୟ ବିବରଣ ୪:୩୯, ୧୧:୨, ୨୯:୧୬ ।
୫. ବ୍ୟକ୍ତିଗତ ଭାବେ ଜାଣିବା -
   କ. ଜଣେ ବ୍ୟକ୍ତି - ଆଦି ୨୯:୫, ଯାତ୍ରା ୧:୮, ଦ୍ୱିତୀୟ ବିବରଣ ୨୨:୨, ୨୩:୯
   ଖ. ଏକ ଈଶ୍ୱର - ଦ୍ୱିତୀୟ ବିବରଣ ୧୧:୨୮, ୧୩:୨,୬,୧୩, ୨୮:୬୪, ୨୯:୨୬, ୩୨:୧୭
   ଗ. ୟାୟେହ (ଯିହୋବା) - ଦ୍ୱିତୀୟ ବିବରଣ ୪:୩୫, ୩୯, ୭:୯, ୨୯:୬, ଯିଶା ୧:୩, ୫୬:୧୦-୧୧
   ଘ. ଯୌନ ସମ୍ପର୍କ - ଆଦି ୪:୧, ୧୭,୨୫, ୨୪:୧୬, ୩୮:୨୬
୬. ଏକ ଶିକ୍ଷାଗତ ଦକ୍ଷତା ବା ଜ୍ଞାନ - ଯିଶା ୨୯:୧୧,୧୨, ଆମୋଷ ୫:୧୬
୭. ଜ୍ଞାନୀ ହୁଅ - ଦ୍ୱିତୀୟ ବିବରଣ ୨୯:୪, ହିତୋ ୧:୨, ୪:୧, ଯିଶାୟ ୨୯:୨୪
୮. ଈଶ୍ୱରଙ୍କ ଜ୍ଞାନ
   କ. ମୋଶାଙ୍କର - ଦ୍ୱିତୀୟ ବିବରଣ ୩୪:୧୦
   ଖ. ଇସ୍ରାୟେଲର - ଦ୍ୱିତୀୟ ବିବରଣ ୩୧:୨୧,୨୭,୨୯

**୧୦:୩ ''ଈଶ୍ୱରଦତ୍ତ ଧାର୍ମିକତା''** ୯-୧୧ ଅଧ୍ୟାୟର ଶାସ୍ତ୍ରାଂଶର ସମ୍ପର୍କରେ ଏହି ଖଣ୍ଡବାକ୍ୟ ଈଶ୍ୱରଙ୍କ ଆରୋପ କରାଯାଇଥିବା ତାହାଙ୍କ ସହିତ ଯଥାର୍ଥ ସ୍ଥିତି (ରୋମୀ ୪) ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ :

୧. ତାହାଙ୍କ ଦୟା
୨. ଖ୍ରୀଷ୍ଟଙ୍କର ସମାପ୍ତ ହୋଇଥିବା କାର୍ଯ୍ୟ
୩. ଆତ୍ମାଙ୍କ ପ୍ରରୋଚନା
୪. ପାପପୂର୍ଣ୍ଣ ମାନବ ଜାତିର ମନଫେରଣ, ବିଶ୍ୱାସ ପ୍ରତ୍ୟୁତ୍ତର ଓ ଆଜ୍ଞାବହତାରେ ଏବଂ ଅଧ୍ୟବସାୟରେ ଲାଗି ରହିବ ।

ଯିହୁଦୀମାନେ ଈଶ୍ୱରଦତ୍ତ ଧାର୍ମିକତାକୁ କିପରି ଭୁଲ ବୁଝିଥିଲେ ତାହା ଜଣେ ନିଶ୍ଚିତଭାବେ ବୁଝିପାରେ । ପୁରାତନ ନିୟମ, ବ୍ୟବସ୍ଥାର ବାଧ୍ୟ ହେବାକୁ ଗୁରୁତ୍ୱ ଦେଇଥିଲା (ଦ୍ୱିତୀୟ ବିବରଣ ୪:୨୮-୬:୩, ୧୭:୨୪-୨୫) । ସେମାନେ ଯାହା ଚିହ୍ନିବା ବା ଗ୍ରହଣ କରିବାକୁ ବିଫଳ ହୋଇଥିଲେ, ତାହା ହେଉଛି ବିଶ୍ୱାସ ଓ ଅନୁତାପ ବା ମନପରିବର୍ତ୍ତନ ମଧ୍ୟରେ ଭାରସାମ୍ୟ ରଖିବା ଆବଶ୍ୟକତା (ଦ୍ୱିତୀୟ ବିବରଣ ୫:୨୯-୩୦, ୬:୫) । ଦ୍ୱିତୀୟ ବିବରଣ ସ୍ପଷ୍ଟ ଭାବେ ସୂଚାଏ ଯେ ଈଶ୍ୱର ଇସ୍ରାଏଲର ପକ୍ଷରୁ କାର୍ଯ୍ୟ କଲେ ସେମାନଙ୍କର ଧାର୍ମିକତା ହେତୁ ନୁହେଁ ମାତ୍ର

ତାହାଙ୍କ ଚରିତ୍ର ହେତୁ (୯:୬,୭,୧୩,୨୪,୨୭, ୧୦:୧୨-୨୨, ଯିହିଜିକଲ ୩୬:୨୨-୩୮) ଏପରିକି କିଣାନୀୟ ଅଧିକାରତୁତ୍ୟ ହେଲେ, ଇସ୍ରାଏଲର ଧାର୍ମିକତା ହେତୁ ନୁହେଁ, ମାତ୍ର ସେମାନଙ୍କର ପାପ ହେତୁ (୯:୪-୬, ଆଦି ୧୫:୧୬) ୧:୧୭ରେ ବିଶେଷ ପ୍ରସଙ୍ଗ ଦେଖ ।

▣ **''ସେମାନେ ଈଶ୍ୱରଦତ୍ତ ଧାର୍ମିକତାର ବଶୀଭୂତ ହୋଇ ନାହାନ୍ତି ।''** କ୍ରିୟା ପଦ ଏକ ଆଓରିଷ୍ଟ କର୍ମବାଚ୍ୟ ସୂଚନାଦାନକାରୀ, ମାତ୍ର ଏହା ଏକ ମାଧ୍ୟମିକ ବାଚ୍ୟ ରୂପେ ଅନୁବାଦିତ (ଟିଇଭି) । ମାଧ୍ୟମିକ ବାଚ୍ୟର କାର୍ଯ୍ୟ କୋଇନେ ଗ୍ରୀକ୍‌ରେ କର୍ମବାଚ୍ୟ ଦ୍ୱାରା ଆଗବଢ଼ି ଯାଇଅଛି । ପୂର୍ବାପର ସମ୍ବନ୍ଧ ହେଉଛି ସିଦ୍ଧାନ୍ତ ନେବାର ସ୍ଥଳ ।

ଏହା ଆକ୍ଷରିକଭାବେ ''ବଶୀଭୂତ'' ଯାହା ଏକ ଆଦେଶମାଳା ପାଇଁ ଏକ ସୈନିକ ଶ୍ରେଣୀୟ ଶବ୍ଦ । ଯିହୁଦୀମାନେ ଈଶ୍ୱରଙ୍କ ଧାର୍ମିକତା ବା ଈଶ୍ୱରଦତ୍ତ ଧାର୍ମିକତାକୁ ଅର୍ଜନ କରିବାକୁ ଚେଷ୍ଟା କଲେ, ମାତ୍ର ଏହା ଥିଲା ଏକ ଦାନ (୩:୨୪, ୫:୧୫, ୬:୨୩, ଏଫିସୀ ୨:୮-୯) । ପାଉଲ ଏହି ସତ୍ୟ ସ୍ପଷ୍ଟ ଭାବରେ ଦମେସିକ ପଥରେ ଦେଖିଲେ ।

**ବିଶେଷ ପ୍ରସଙ୍ଗ : ବଶୀଭୂତ (ହୁପୋଟାସଓ)**

ସେପ୍ଟୁଆଜିଣ୍ଟ (ଗ୍ରୀକ୍ ଅନୁବାଦ) ଏହି ଶବ୍ଦ, ଦଶଟି ବିଭିନ୍ନ ହିବ୍ରୁ ଶବ୍ଦକୁ ଅନୁବାଦ କରିବାକୁ ବ୍ୟବହାର କରେ । ଏହାର ମୂଳ ପୁରାତନନିୟମ ଅର୍ଥ ଥିଲା ''ଆଦେଶ ଦେବା'' ବା ''ଆଦେଶ ଦେବାର ଅଧିକାର'' । ଏହା ସେପ୍ଟୁଆଜିଣ୍ଟରେ (୬୦) ଉଠାଇ ନିଆଯାଇଛି ।

୧. ଈଶ୍ୱର ଆଦେଶ ଦିଅନ୍ତି (ଲେବୀ ୧୦:୧, ଯୂନସ ୨:୧, ୪:୬-୮)
୨. ମୋଶା ଆଦେଶ ଦିଅନ୍ତି (ଯାତ୍ରା ୩୬:୬, ଦ୍ୱିତୀୟ ବିବରଣ ୨୭:୧)
୩. ରାଜାମାନେ ଆଦେଶ ଦିଅନ୍ତି (୨ ବଂଶାବଳୀ ୩୧:୧୩)

ନୂତନ ନିୟମରେ ଏହି ଅର୍ଥ ପ୍ରେରିତ ୧୦:୪୮ରେ ଯେପରି ଚାଲୁ ରହିଛି, ଯେଉଁଠାରେ ଜଣେ ପ୍ରେରିତ ଆଦେଶ ଦିଅନ୍ତି । ଯାହା ବି ହେଉ ନୂତନ ଅର୍ନ୍ତନିହିତ ଅର୍ଥମାନ ନୂତନ ନିୟମରେ ବୃଦ୍ଧି ପାଇଲା ।

୧. ଏକ ସ୍ୱେଚ୍ଛାକୃତ ବିଷୟ ବୃଦ୍ଧିପାଏ (ଅନେକ ସମୟରେ ମାଧ୍ୟମିକ ବାଚ୍ୟ)
୨. ଏହି ସ୍ୱ-ସୀମା ବଦ୍ଧ କାର୍ଯ୍ୟ ପିତାଙ୍କ ବଶୀଭୂତ ହୋଇ ଯୀଶୁଙ୍କଠାରେ ଦେଖାଯାଇପାରେ (ଲୂକ ୨:୫୧)
୩. ବିଶ୍ୱାସୀମାନେ ସଂସ୍କୃତିର ବିଷୟଗୁଡ଼ିକର ବଶୀଭୂତ ହୁଅନ୍ତି ଯେପରି ସୁସମାଚାର ପ୍ରତିକୂଳରେ ବାଧାପ୍ରାପ୍ତ ନ ହୁଏ ।
କ. ଅନ୍ୟ ବିଶ୍ୱାସୀମାନେ (ଏଫିସୀ ୫:୨୧)
ଖ. ବିଶ୍ୱାସୀ ପତ୍ନୀଗଣ (କଲସୀ ୩:୧୮, ଏଫିସୀ ୫:୨୨-୨୪, ତିତସ ୨:୫, ୧ ପିତର ୩:୧)
ଗ. ବିଜାତୀୟ ସରକାର ପ୍ରତି ବିଶ୍ୱାସୀମାନେ (ରୋମୀ ୧୩:୧-୭, ୧ ପିତର ୨:୧୩)

ବିଶ୍ୱାସୀମାନେ ପ୍ରେମର ଅଭିପ୍ରାୟ, ଈଶ୍ୱରଙ୍କ ପାଇଁ, ଖ୍ରୀଷ୍ଟଙ୍କ ପାଇଁ, ରାଜ୍ୟ ପାଇଁ, ଅନ୍ୟମାନଙ୍କ ମଙ୍ଗଳ ନିମନ୍ତେ ମନରେ ପୋଷଣ କରି କାର୍ଯ୍ୟ କରନ୍ତି ।

ଆଖାପା ଓ (ପ୍ରେମ) ପରି ଏହି ଶବ୍ଦକୁ ମଣ୍ଡଳୀ, ରାଜ୍ୟର ଓ ଅନ୍ୟମାନଙ୍କର ଆବଶ୍ୟକତା ଉପରେ ନିର୍ଭର କରି ନୂତନ ଅର୍ଥରେ ପୂର୍ଣ୍ଣ କଲା । ଏହି ଶବ୍ଦ ସ୍ୱାର୍ଥଶୂନ୍ୟତାର ଏକ ନୂତନ ଉଦାରତା ଉପରେ ନିଆଗଲା, ଯାହା ଏକ ଆଦେଶ ଉପରେ ସ୍ଥାପିତ ହେଲା ନାହିଁ ବରଂ ଏକ ଆତ୍ମୋତ୍ସର୍ଗୀକୃତ ଈଶ୍ୱର ଓ ତାହାଙ୍କ ମଶୀହଙ୍କ ସହିତ ଏକ ନୂତନ ସମ୍ପର୍କ ଉପରେ ସ୍ଥାପିତ ହେଲା । ବିଶ୍ୱାସୀମାନେ ସମୁଦାୟ ମଙ୍ଗଳ ପାଇଁ ଏବଂ ଈଶ୍ୱରଙ୍କ ପରିବାରର ଆଶୀର୍ବାଦ ନିମନ୍ତେ ଆଜ୍ଞାବହ ଓ ବଶୀଭୂତ ହୁଅନ୍ତି ।

**୧୦:୪**

**ଏନ୍ ଏ ଏସ୍ ବି, ଏନ୍ କେ ଜେଭି**

| | |
|---|---|
| **ଏନ୍ ଆର୍ ଏସ୍ ଭି** | **''ଖ୍ରୀଷ୍ଟ ବ୍ୟବସ୍ଥାର ଶେଷ ଅଟନ୍ତି''** |
| **ଟିଇଭି** | **''କାରଣ ଖ୍ରୀଷ୍ଟ ବ୍ୟବସ୍ଥାକୁ ସମାପ୍ତିକୁ ଆଣିଲେ''** |
| **ଏନ୍ ଜେ ଭି** | **''ମାତ୍ର ବର୍ତ୍ତମାନ ବ୍ୟବସ୍ଥା ଖ୍ରୀଷ୍ଟଙ୍କ ସହିତ ବା ଦ୍ୱାରା ଏକ ସମାପ୍ତିକୁ ଆସିଲା ।''** |

ଏହି ମନ୍ତବ୍ୟ ମାଥିଉ ୫:୧୭-୪୮ ଧାଡ଼ି ସହିତ ରହିଛି । ବ୍ୟବସ୍ଥାର ଉଦ୍ଦେଶ୍ୟ, ଲକ୍ଷ୍ୟ ବା ଶେଷ (ଟେଲୋସ) ପରିତ୍ରାଣ ନ ଥିଲା ମାତ୍ର ପାପ ବୋଧ ଥିଲା ଏବଂ ସେହି ଉଦ୍ଦେଶ୍ୟ ଚାଲୁ ରହିଲା (ଗାଲାତୀ ୩:୨୪-୨୫) । ଏହି ପ୍ରସଙ୍ଗ ଉପରେ ମୂଳ ନୂତନ ନିୟମ ଶାସ୍ତ୍ରାଂଶମାନ ହେଉଛି ଗାଲାତୀ ୩:୧-୨୯ ଏବଂ ଏବ୍ରୀ ପୁସ୍ତକ ।

ଏହି ବିଷୟ ଆଲୋଚନା କଲାବେଳେ ଏହାର ପୂର୍ବାପର ସମ୍ପର୍କ କଷ୍ଟକର । ପାଉଲ ବିଭିନ୍ନ ପ୍ରକାରେ ପୁରାତନ ନିୟମ ବ୍ୟବହାର କରନ୍ତି । ଖ୍ରୀଷ୍ଟିୟ ଜୀବନ ଆଲୋଚନା କରିବା ବେଳେ ପୁରାତନନିୟମ ହେଉଛି ଈଶ୍ୱରଙ୍କ ପ୍ରକାଶିତ ବାକ୍ୟ (ରୋମୀ ୧୫୪, ୧ କରିନ୍ଥୀ ୧୦:୬,୧୧), ମାତ୍ର ପରିତ୍ରାଣ ଆଲୋଚନା କରିବା ବେଳେ ଏହା ଶୂନ୍ୟ ଏବଂ ଚାଲି ଯାଇଅଛି (ଏବ୍ରୀ ୮:୧୩) । ଏହାର କାରଣ ହେଉଛି, ଏହା ପୁରାତନଯୁଗ ପାଇଁ ଏକ ଦୃଷ୍ଟାନ୍ତ ଅଟେ । ଯୀଶୁଙ୍କଠାରେ ବିଶ୍ୱାସର ସୁସମାଚାର ହେଉଛି ଆମ୍ଭଙ୍କ ନୂତନ ଯୁଗ । ବ୍ୟବସ୍ଥାର ସମୟ ଉର୍ଦ୍ଧ୍ୱରେ ଅଛି । ବିଶେଷ ପ୍ରସଙ୍ଗ ଦେଖ : ୧୩::୯ରେ ମୋଶାଙ୍କ ବ୍ୟବସ୍ଥାର ପାଉଲଙ୍କ ମତ ।

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''କାରଣ ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ଧାର୍ମିକ ଗଣିତ ହେବା ନିମନ୍ତେ''** |
| **ଏନ୍ ଆର୍ ଏସ୍ ଭି** | **''ଯେପରି ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ଧାର୍ମିକ ଯେପରି ଗଣିତ ହୋଇପାରିବ''** |
| **ଟି ଇ ଭି** | **''ଯେପରି ପ୍ରତ୍ୟେକ ବିଶ୍ୱାସୀ ଈଶ୍ୱରଙ୍କ ଦ୍ୱାରା ଯଥାର୍ଥ ରୂପେ ଗଣିତ ହେବେ''** |
| **ଏନ୍ ଜେ ଭି** | **''ତେବେ ଯେଉଁମାନଙ୍କର ବିଶ୍ୱାସ ଅଛି, ସେମାନେ ଧାର୍ମିକଗଣିତ ହେବେ''** |

୯-୧୧ ଅଧ୍ୟାୟ ଏକତ୍ର ଅନୁବାଦ କରାଯିବା ଉଚିତ । ୯ ଅଧ୍ୟାୟରେ ଈଶ୍ୱରଙ୍କ ସର୍ବଭୌମତା ଉପରେ ଏତେ ବଳିଷ୍ଠ ଭାବେ ଗୁରୁତ୍ୱ ଆରୋପ କରାଯାଇଛି, ୧୦ ଅଧ୍ୟାୟରେ ସମସ୍ତଙ୍କ ନିମନ୍ତେ ବିଶ୍ୱାସ କରିବା ଆହ୍ୱାନ ଦ୍ୱାରା ଏହା ନିଶ୍ଚୟ ଚିନ୍ତାଶୀଳ ହୋଇ ଗ୍ରହଣ କରାଯିବ (୪,୯,୧୧,୧୩,୩:୩୩,୪:୧୧,୧୬) । ଈଶ୍ୱରଙ୍କ ପ୍ରେମ ଓ ମୁକ୍ତି ଉଦ୍ଦେଶ୍ୟର ସାର୍ବଜନୀନତା ଆଦି ୩:୧୫ରେ ପ୍ରକାଶ କରାଯାଇଥିଲା ଏବଂ ଆଦି ୧୨:୩ ଓ ଯାତ୍ରା ୧୯:୫-୬ରେ ବଳିଷ୍ଠ ରୂପେ ସୂଚୀତ କରାଯାଇଛି । ଭବିଷ୍ୟତ୍‌ବକ୍ତାମାନେ ଅନେକ ସମୟରେ ଈଶ୍ୱରଙ୍କ ସାର୍ବଜନୀନ ପ୍ରେମ ଏବଂ ଯୋଜନା ବିଷୟ ସମସ୍ତ ମାନବଜାତିଙ୍କୁ ଏକତା ବଦ୍ଧ କରିବା ନିମନ୍ତେ କହିଥିଲେ । ସତ୍ୟତା ହେଉଛି, ଏକ ଈଶ୍ୱର ଅଛନ୍ତି ଯେ କି ସମସ୍ତ ମାନବଗଣଙ୍କୁ ତାହାଙ୍କ ପ୍ରତିମୂର୍ତ୍ତୀରେ ନିର୍ମାଣ କଲେ ଯାହା ସମସ୍ତେ ପରିତ୍ରାଣପ୍ରାପ୍ତ ହେବାକୁ ଏକ ସାର୍ବଜନୀନ ନିମନ୍ତ୍ରଣ ଯୋଗାଏ । ଯାହା ବି ହେଉ, ସେବାକାର୍ଯ୍ୟ ହେଉଛି ଯେ, ଆତ୍ମାଙ୍କ ପ୍ରତିନିଧିତ୍ୱ ବ୍ୟତୀତ ଜଣେ କେହି ହେଲେ ପ୍ରତ୍ୟୁତ୍ତର ଦେଇ ପାରନ୍ତି ନାହିଁ (ଯୋହନ ୬:୪୪,୬୫) । ତତ୍ପରେ ପ୍ରଶ୍ନ ହୋଇଥାଏ, ''ଈଶ୍ୱର ସମସ୍ତ ମାନବଗଣଙ୍କୁ ପରିତ୍ରାଣକୁ କଡ଼ାଇ ନିଅନ୍ତି କି ?'' ଉତ୍ତର ନିଶ୍ଚୟ ''ହଁ'' ହେବା ଉଚିତ (ଯୋହନ ୩:୧୬, ୪:୪୨, ୧ ଯୋହନ ୨:୨, ୪:୧୪, ୧ ତୀମଥି ୨:୪, ୨ ପିତର ୩:୯) । ପାପ, ପତନ ଓ ଶୟତାନର ଶିକାର କରିବା ବିରୋଧି ବା ଦ୍ୱନ୍ଦାତ୍ମକ ବିଷୟ ହେଉଛି କେତେକ କହନ୍ତି ''ନାଁ'' । ଯେତେବେଳେ ପାଉଲ ପ୍ରଚାର କଲେ, କେତେକ ଯିହୁଦୀ ପ୍ରତ୍ୟୁତ୍ତର ଦେଲେ, କେତେକ ଦେଲେ ନାହିଁ, କେତେକ ବିଜାତୀ ପ୍ରତ୍ୟୁତ୍ତର ଦେଲେ, କେତେକ ଦେଲେ ନାହିଁ ।

''ବିଶ୍ୱାସ କରିବା'' ଶବ୍ଦ (ପିଷ୍ଟେଉଓ, ତିନୋଟି ଇଂରାଜୀ ଶବ୍ଦ ଦ୍ୱାରା ଅନୁବାଦିତ ହୋଇଅଛି, ''ବିଶ୍ୱାସକର'', ''ବିଶ୍ୱାସ'' ଏବଂ ''ଭରସା'' । ଏହା ବର୍ତ୍ତମାନ କାଳ, ଯାହା ବିଶ୍ୱାସ କରିବାରେ ଲାଗିରହିବା ବିଷୟ କହେ । ଏହା ସତ୍ୟତା ସବୁ ଅବଗତ ହେବା ନୁହେଁ ବା ସ୍ୱୀକାର କରିବା ନୁହେଁ (ପରମାର୍ଥଶିକ୍ଷା, ଐତିହାସିକ ବାଖ୍ୟା, ସୁସମାଚାର ସମ୍ପାଦମାନ) ମାତ୍ର ଯାହା ଖ୍ରୀଷ୍ଟଙ୍କ ମାଧ୍ୟରେ ଈଶ୍ୱରଙ୍କ ଦାନକୁ ପ୍ରାପ୍ତ ହେବା । ନୂତନ ନିୟମ ହେଉଛି ଏକ ଚୁକ୍ତି ପ୍ରତିଜ୍ଞା, ଈଶ୍ୱର ସୂଚୀପତ୍ର ପ୍ରସ୍ତୁତ କରନ୍ତି ଏବଂ ଆବଶ୍ୟକୀୟ ପ୍ରତ୍ୟୁତ୍ତରର ଅଗ୍ରଗାମୀ ହୁଅନ୍ତି, ମାତ୍ର ବ୍ୟକ୍ତି ବିଶେଷ ପ୍ରାରମ୍ଭିକ ବିଶ୍ୱାସରେ ଏବଂ ମନ ପରିବର୍ତ୍ତନ, ଚାଲୁ ରହିଥିବା ବିଶ୍ୱାସ ଓ ଅନୁତାପରେ ପ୍ରତ୍ୟୁତ୍ତର ଦେବା ଉଚିତ । ଆଜ୍ଞାବହ ହେବା ଓ ଅଧ୍ୟବସାୟ କରିବା କଷ୍ଟକର । ଖ୍ରୀଷ୍ଟଙ୍କ ସଦୃଶ ହେବା ଓ ସେବା କରିବା ହେଉଛି ଲକ୍ଷ୍ୟ ।

**ବିଶେଷ ପ୍ରସଙ୍ଗ : ଗ୍ରୀକ୍ କ୍ରିୟାପଦ କାଳମାନ ପରିତ୍ରାଣ ପାଇଁ ବ୍ୟବହାର କରାଗଲା**

ପରିତ୍ରାଣ ଏକ ଉତ୍ପନ୍ନ ଦ୍ରବ୍ୟ ନୁହେଁ, ମାତ୍ର ଏକ ସମ୍ପର୍କ । ଜଣେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବା ବେଳେ ଏହା ଶେଷ ହୋଇଯାଏ ନାହିଁ, ଏହା କେବଳ ମାତ୍ର ଆରମ୍ଭ ହୁଏ ! ଏହା ଏକ ଅଗ୍ନି ବିମା ପଦ୍ଧତି ନୁହେଁ, କିଅବା ସ୍ୱର୍ଗକୁ ଟିକଟ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କ ସାଦୃଶ୍ୟ ବୃଦ୍ଧିର ଜୀବନ ଅଟେ । ଆମ୍ଭମାନଙ୍କର ଏକ ପ୍ରବାଦ ଆମେରିକାରେ କୁହାଯାଉଛି ଯେ ଏକ ଦମ୍ପତ୍ତି ଦୀର୍ଘ ଦିନ ଏକତ୍ର ବାସ କଲେ, ସେମାନେ ଅଧିକ ଏକାଭଳି ଦେଖାଯିବାକୁ ଆରମ୍ଭ କରନ୍ତି । ଏହା ହେଉଛି ପରିତ୍ରାଣର ଲକ୍ଷ୍ୟ ।

**ପରିତ୍ରାଣ ଏକ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ପରି (ଆଓରିଷ୍ଟ)**

- ପ୍ରେରିତ ୧୫:୧୧
- ରୋମୀ ୮:୨୪
- ୨ ତୀମଥି ୧:୯
- ତୀତସ ୩:୫
- ରୋମୀ ୧୩:୧୧ (ଏକ ଭବିଷ୍ୟତ୍ ନୂତନ ପରିବେଷ୍ଟନୀ ସହିତ ଆଓରିଷ୍ଟ ସଂଯୁକ୍ତ କରେ)

**ପରିତ୍ରାଣ ଏକ ସ୍ଥିତିର ଅବସ୍ଥା ପରି (ସମାପ୍ତିବାଚକ)**

- ଏଫିସୀୟ ୨:୫,୮

**ପରିତ୍ରାଣ ଏକ ଚାଲୁରହିଥିବା ପ୍ରଣାଳୀ ପରି (ବର୍ତ୍ତମାନ)**

- ୧ କରିନ୍ଥୀ ୧:୧୮, ୧୫:୨
- ୨ କରିନ୍ଥୀ ୨:୧୫
- ୧ ପିତର ୩:୨୧

**ପରିତ୍ରାଣ ଏକ ଭବିଷ୍ୟତ୍ ସମ୍ପୂରଣ, ବା ସମାପନ ପରି (କ୍ରିୟାକାଳରେ ଭବିଷ୍ୟତ୍ ବା ପୂର୍ବପର ସମ୍ବନ୍ଧ)**

- ରୋମୀ ୫:୯,୧୦, ୧୦:୯, ୧୩
- ୧ କରିନ୍ଥୀ ୩:୧୫, ୫:୫

– ଫିଲିପ୍ପୀ ୧:୨୮
– ୧ ଥେସଲନିକୀ ୫:୮,୯
– ଏବ୍ରୀ ୧:୧୪, ୯:୨୮
– ୧ ପିତର ୧:୫,୯

ସେଥିପାଇଁ ପରିତ୍ରାଣ ଏକ ପ୍ରାରମ୍ଭିକ ବିଶ୍ୱାସ ସିଦ୍ଧାନ୍ତ ଦ୍ୱାରା ଆରମ୍ଭ ହୁଏ (ଯୋହନ ୧:୧୨, ୩:୧୬, ରୋମୀୟ ୧୦:୯–୧୩) । ମାତ୍ର ଏହା ଏକ ଜୀବନଶୈଳୀ ବିଶ୍ୱାସର ପ୍ରଣାଳୀରେ ଆରମ୍ଭ ହେବା ଉଚିତ (ରୋମୀ ୮:୨୯, ଗାଲାତୀ ୩:୧୯, ଏଫିସୀ ୧:୪, ୨:୧୦) । ଯାହା ଦିନେ ଦୃଶ୍ୟମାନ ଭାବରେ ସମ୍ପୂରଣ ହେବ (୧ ଯୋହନ ୩:୨) । ଏହି ସମାପ୍ତି ଅବସ୍ଥାକୁ ଗୌରବାନ୍ୱିତ ହେବା କୁହାଯାଏ । ଏହା ଏହିପ୍ରକାର ଉଦାହରଣ ଦିଆଯାଇପାରେ ।

୧. ପ୍ରାରମ୍ଭିକ ଗୌରବାନ୍ୱୀତ – ଧାର୍ମିକଗଣିତ ହେବା (ପାପର ଦଣ୍ଡରୁ ଉଦ୍ଧାରପ୍ରାପ୍ତ)
୨. ଅଗ୍ରଗତି କରୁଥିବା ପରିତ୍ରାଣ – ପବିତ୍ରୀକରଣ (ପାପର କ୍ଷମତାରୁ ଉଦ୍ଧାରପ୍ରାପ୍ତ)
୩. ଶେଷ ପରିତ୍ରାଣ – ଗୌରବାନ୍ୱୀତ ହେବା (ପାପର ଉପସ୍ଥିତିରୁ ଉଦ୍ଧାରପ୍ରାପ୍ତ)

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୦:୫–୧୩**
**କାରଣ ମୋଶା ଲେଖନ୍ତି, ଯେଉଁ ମନୁଷ୍ୟ ବ୍ୟବସ୍ଥାମୂଳକ ଧାର୍ମିକତା ସାଧନ କରେ, ସେ ତଦ୍ଦ୍ୱାରା ବଞ୍ଚିବ । କିନ୍ତୁ ବିଶ୍ୱାସମୂଳକ ଧାର୍ମିକତା ଏପରି କହେ, ମନେ ମନେ କୁହ ନାହିଁ । କିଏ ସ୍ୱର୍ଗାରୋହଣ କରିବ (ଅର୍ଥାତ୍ ଖ୍ରୀଷ୍ଟଙ୍କୁ ଓହ୍ଲାଇ ଆଣିବା ନିମନ୍ତେ) ? ଅବା କିଏ ରସାତଳକୁ ଅବତରଣ କରିବ (ଅର୍ଥାତ୍ ଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଆଣିବା ନିମନ୍ତେ) ? କିନ୍ତୁ ତାହା କ'ଣ କହେ ? ବାକ୍ୟ ତୁମ୍ଭର ନିକଟବର୍ତ୍ତୀ, ତୁମ୍ଭ ମୁଖରେ ଓ ତୁମ୍ଭ ହୃଦୟରେ ଅଛି, ଅର୍ଥାତ ଯେଉଁ ବିଶ୍ୱାସ ସମ୍ବନ୍ଧୀୟ ବାକ୍ୟ ଆମ୍ଭେମାନେ ପ୍ରଚାର କରୁ ସେହି ବାକ୍ୟ, ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ, କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ । ଯେଣୁ ଶାସ୍ତ୍ର କହେ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଲଜ୍ଜିତ ହେବ ନାହିଁ । କାରଣ ଯିହୁଦୀ କି ଗ୍ରୀକ୍ ମଧ୍ୟରେ କିଛି ପ୍ରଭେଦ ନାହିଁ, ଯେଣୁ ସମସ୍ତଙ୍କର ତ ଏକ ପ୍ରଭୁ, ଆଉ ଯେତେ ଲୋକ ତାହାଙ୍କ ନିକଟରେ ପ୍ରାର୍ଥନା କରନ୍ତି, ସେ ସମସ୍ତଙ୍କ ପ୍ରତି ସେ ଅନୁଗ୍ରହର ନିଧି ସ୍ୱରୂପ । କାରଣ ଯେ କେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ ସେ ପରିତ୍ରାଣ ପ୍ରାପ୍ତ ହେବ ।**

**୧୦:୫** ଏହି ପଦ ଲେବୀୟ ୧୮:୫ର ଏକ ପରୋକ୍ଷ ପ୍ରକାଶ । ଏହାର ପ୍ରତିଜ୍ଞାମାନ ନିଶ୍ଚିତ । ଯଦି ଜଣେ ବ୍ୟବସ୍ଥା (ନିୟମ) ରକ୍ଷା କରିପାରେ, ସେ ଈଶ୍ୱରଙ୍କ ନିକଟରେ ଗୃହିତ ହେବ (ଲୂକ ୧୦:୨୮, ଗାଲାତୀ ୩:୧୨) । ସମସ୍ୟା ହେଉଛି ରୋମୀ ୩:୯, ୧୦–୧୮, ୧୯, ୨୩, ୫:୧୮, ୧୧:୩୨ ପ୍ରକୃତ ବିଷୟ ପ୍ରକାଶ କରେ । ସମସ୍ତେ ପାପ କରିଅଛନ୍ତି । ''ଯେଉଁ ପ୍ରାଣୀ ପାପ କରେ, ସେହି ମରିବ'' (ଯିହିଜିକଲ ୧୮:୪,୨୦) । ଏହି ପୁରାତନ ଚୁକ୍ତି (ନିୟମ) ପଥ ରୁଦ୍ଧ ହୋଇଅଛି । ଏହା ଏକ ମୃତ୍ୟୁଦଣ୍ଡ, ଏକ ଅଭିଶାପରେ ପରିଣତ ହୋଇଅଛି (୭:୧୦, ଗାଲାତୀ ୩:୧୩, କଲସୀ ୨:୧୪) ।

**୧୦:୬–୮** ଏହା ଦ୍ୱିତୀୟ ବିବରଣ ୩୦:୧୧–୧୪ର ଏକ ପରୋକ୍ଷ ପ୍ରକାଶ ସେପ୍ଟୁଆଜିଣ(୭୦)ରେ ଅଛି, ଯାହା ପାଉଲ ଏହା ତାଙ୍କର ଉଦ୍ଦେଶ୍ୟଗୁଡ଼ିକ ନିମନ୍ତେ ପୁନଃଆଂଶିକ ପରିବର୍ତ୍ତନ କରିଥିଲେ । ଏହି ଶାସ୍ତ୍ରାଂଶ ମୌଳିକ ଭାବେ ବ୍ୟବସ୍ଥା ବିଷୟରେ ମୋଶାଙ୍କ ଦ୍ୱାରା କୁହାଯାଇଥିଲା (ବିଶେଷତଃ ପୂର୍ବାପର ସମ୍ବନ୍ଧ ଏକ ଆଲୋକପାତ କରୁଛି ପ୍ରେମ ଓ ସୁନ୍ନତ ହୃଦୟ ଉପରେ ଦ୍ୱିତୀୟ ବିବରଣ ୩୬:୬, ୧୬,୨୦) ମାତ୍ର ଏଠାରେ ଏହା ଯୀଶୁଙ୍କ ଦେହବନ୍ତ ହେବା, ମୃତ୍ୟୁ ଓ ପୁନରୁତ୍ଥାନ ସକାଶେ ପ୍ରୟୋଗ କରାଯାଇଛି (ଏଫିସୀ ୯, ରୋମୀ ୧୦:୯) । ପାଉଲଙ୍କ ନିର୍ଦ୍ଦିଷ୍ଟ କଥା ହେଉଛି, ପରିତ୍ରାଣ, ମଶୀହ ଯୀଶୁଙ୍କ ଠାରେ ବିଶ୍ୱାସ ଦ୍ୱାରା ମିଳିବାକୁ ପ୍ରସ୍ତୁତ (ଦ୍ୱିତୀୟ ବିବରଣ ୩୦:୧୫–୨୦) । ଏହା ସମସ୍ତଙ୍କ ପାଇଁ ମିଳେ, ସହଜ ଅଟେ, ଯାହାକି ମୋଶାଙ୍କ ବ୍ୟବସ୍ଥା ଶାସ୍ତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

**୧୦:୬ ''କିନ୍ତୁ ବିଶ୍ୱାସମୂଳକ ଧାର୍ମିକତା ଏପରି କହେ''** ପାଉଲ ପୂର୍ବେ ''ପାପ'', ଅନୁଗ୍ରହ ଏବଂ ''ଶାସ୍ତ୍ର''କୁ ବ୍ୟକ୍ତିତ୍ୱ ପ୍ରଦାନ କରିଥିଲେ, ବର୍ତ୍ତମାନ ସେ ''ବିଶ୍ୱାସ ଦ୍ୱାରା ଧାର୍ମିକତା''କୁ ବ୍ୟକ୍ତିତ୍ୱ ପ୍ରଦାନ କରନ୍ତି । ଏହା ପୁରାତନ ନିୟମରେ ୬,୭,୮ ପଦରେ କହେ ।

▣ ''ହୃଦୟ'' ଏହି ହୃଦୟ ଆପଣାର ନିଜସ୍ୱ ପ୍ରତିଫଳନକୁ ପ୍ରତିନିଧିତ୍ୱ କରେ । ୧:୨୪ରେ ବିଶେଷ ପ୍ରସଙ୍ଗ ଦେଖ ।

▣ ''ଆରୋହଣ''... ''ଅବତରଣ'' ମାନବଗଣଙ୍କୁ ଖ୍ରୀଷ୍ଟଙ୍କୁ ଖୋଜିବାକୁ ଯିବାକୁ ହେବ ନାହିଁ, ଈଶ୍ୱର ତାହାଙ୍କୁ ସମସ୍ତଙ୍କ ନିମନ୍ତେ ସର୍ବ ସାକ୍ଷାତରେ ପ୍ରେରଣ କରିଅଛନ୍ତି । ମାନବ ଅନ୍ୱେଷଣ ପ୍ରୟୋଜନ ନାହିଁ ।

**୧୦:୮ ''ବାକ୍ୟ ତୁମ୍ଭର ନିକଟବର୍ତ୍ତୀ''** ଏହା ଦ୍ୱିତୀୟ ବିବରଣ ୩୦:୧୪ରୁ ଏକ ଉଦ୍ଧୃତାଂଶ । ଦ୍ୱିତୀୟ ବିବରଣ ୩୦:୧୧ରେ ଗୁରୁତ୍ୱ ଦିଆଯାଇଛି ଯେ, ଯା ଯେହ (ଯିହୋବା ପରମେଶ୍ୱର)ଙ୍କ ଇଚ୍ଛା ତାହାଙ୍କ ଲୋକମାନେ, ଇସ୍ରାଏଲଙ୍କ ପାଇଁ ଲାଭ କରାଯିବା ସମ୍ଭବପର (୧୨,୧୩ ପଦ) । ପାଉଲ (୧୧-୧୪ପଦ) ପାରାଗ୍ରାଫ୍, ସୁସମାଚାର ତତ୍‌କ୍ଷଣାତ୍ ମିଳିପାରିବା ଉପରେ ଗୁରୁତ୍ୱ ଆରୋପ କରି ବ୍ୟବହାର କରନ୍ତି ।

**୧୦:୯ ''ଯଦି''** ଏହା ହେଉଛି ଏକ ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ, ଯାହା ଅର୍ନ୍ତନିହିତ ଭବିଷ୍ୟତ୍ କାର୍ଯ୍ୟକୁ ବୁଝାଏ । ୯ ପଦ ହେଉଛି ବିଶ୍ୱାସ ବିଷୟକ ସମ୍ବାଦର ସାରାଂଶ (ହୋଟି)

▣ **''ସ୍ୱୀକାର''** ଏହି ମିଶ୍ରଣ ଶବ୍ଦ (ହୋମୋଲୋଗେଓ) ଆକ୍ଷରିକ ଭାବେ ହେଉଛି ''କହିବାକୁ'' ଓ ''ସମାନ'' ଏବଂ ବୁଝାଏ ଯେ ସର୍ବ ସାକ୍ଷାତରେ ରାଜି ହେବା'' (ବଡ଼ ପାଟିରେ କହିବା ଯେପରି ଅନ୍ୟମାନେ ଶୁଣିପାରିବେ) । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସର ସର୍ବ ସାକ୍ଷାତରେ ରାଜି ହେବା'' (ବଡ଼ ପାଟିରେ କହିବା ଯେପରି ଅନ୍ୟମାନେ ଶୁଣି ପାରିବେ) । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସର ସର୍ବସାକ୍ଷାତରେ ସ୍ୱୀକାର ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ (ମାଥିଉ ୧୦:୩୨, ଲୂକ ୧୨:୮, ଯୋହନ ୯:୨୨, ୧୨:୪୨, ୧ ତୀମଥି ୬:୧୨, ୧ ଯୋହନ ୨:୨୩, ୪:୧୫) । ଆଦ୍ୟ ମଣ୍ଡଳୀର ସର୍ବସାକ୍ଷାତରେ ସ୍ୱୀକାର ବା ପ୍ରଦର୍ଶନ ହେଉଛି, ବାପ୍ତିସ୍ମ ଥିଲା । ଏହି ନିମୟ ''ଯୀଶୁଙ୍କୁ ପ୍ରଭୁ ବୋଲି ମୁଁ ବିଶ୍ୱାସ କରେ'' କହିବା ହେ, ପ୍ରାର୍ଥୀ ଖ୍ରୀଷ୍ଟଙ୍କଠାରେ ତାହାର ବିଶ୍ୱାସ ପ୍ରକାଶ ଓ ପ୍ରଦର୍ଶନ କରିବ । ନିମ୍ନଲିଖିତ ବିଶେଷ ପ୍ରସଙ୍ଗ ଦେଖ :

**ବିଶେଷ ପ୍ରସଙ୍ଗ : ସ୍ୱୀକାର**

କ. ସ୍ୱୀକାର ଓ ପ୍ରଦର୍ଶନ ପଦ ପାଇଁ ସମାନ ମୂଳଗ୍ରୀକ୍‌ର ଦୁଇଟି ଗଠନ ଅଛି, ''ହୋମୋଲେଗେଓ'' ଏବଂ ଏକ୍ସମୋ ଲୋଗେ ମିଶ୍ରଣ (ଏକାପରି) ଶବ୍ଦ, ହୋମୋ, ସମାନ, ଲଗୌ, କହିବା ଏବଂ ଏକ୍ସ, ସେଥିରୁ । ମୂଳ ଅର୍ଥ ହେଉଛି, ସମାନ ବିଷୟ କହିବା, ଏକତ୍ର ରାଜି ହୋଇ (ସ୍ୱୀକାର କରି) । ଏକ୍ସ, ଏକ ସର୍ବସାକ୍ଷାତରେ ଘୋଷଣାର ଭାବଧାରା ସହିତ ସଂଯୁକ୍ତ ହେଲା ।

ଖ. ଏହି ଶବ୍ଦ ଦଳର ଇଂରାଜୀ ଅନୁବାଦ ହେଉଛି
  ୧. ପ୍ରଶଂସା
  ୨. ସ୍ୱୀକୃତ
  ୩. ଘୋଷଣା (ମାଥିଉ ୭:୨୩)
  ୪. ପ୍ରଦର୍ଶନ
  ୫. ସ୍ୱୀକାର

ଗ. ଏହି ଶବ୍ଦ ଦଳର ଦୁଇଟି ବିପରୀତ ବ୍ୟବହାର ପରି ଦେଖାଯାଉଥିବା ବିଷୟ
  ୧. ଈଶ୍ୱରଙ୍କ ପ୍ରଶଂସା କରିବା
  ୨. ପାପ ସ୍ୱୀକାର କରିବା
  ଏଗୁଡ଼ିକ ଈଶ୍ୱରଙ୍କ ପବିତ୍ରତା ବିଷୟରେ ମନୁଷ୍ୟ ଜାତିର ଜ୍ଞାନରୁ ଓ ଏହାର ନିଜ ପାପପୂର୍ଣ୍ଣତାରୁ ବୃଦ୍ଧିପାଇ ପାରିଥାଏ । ଗୋଟିଏ ସତ୍ୟକୁ ସ୍ୱୀକୃତି ଦେବା ହେଉଛି ଉଭୟକୁ ସ୍ୱୀକୃତି ଦେବା ।

ଘ. ଶବ୍ଦ ଦଳର ନୂତନ ନିୟମରେ ବ୍ୟବହାର
  ୧. ପ୍ରତିଜ୍ଞା କରିବା (ମାଥିଉ ୧୪:୭, ପ୍ରେରିତ ୭:୧୭)
  ୨. କିଛି ବିଷୟରେ ସ୍ୱୀକୃତି ପ୍ରଦାନ ବା ଇଚ୍ଛା ପ୍ରକାଶ (ଯୋହନ ୧:୨୦, ଲୂକ ୨୨:୬, ପ୍ରେରିତ ୨୪:୧୪, ଏବ୍ରୀ ୧୩:୧୩) ।
  ୩. ପ୍ରଶଂସା କରିବା (ମାଥିଉ ୧୧:୨୫, ଲୂକ ୧୦:୨୧, ରୋମୀ ୧୪:୧୧, ୧୫:୯) ।
  ୪. ନିମ୍ନ ବିଷୟ ଅନୁମୋଦନ କରିବାକୁ
  କ. ଏକ ବ୍ୟକ୍ତିକୁ (ମାଥିଉ ୧୦:୩୨, ଲୂକ ୧୨:୮ ଏବଂ ଯୋହନ ୯:୨୨, ୧୪:୪୨, ରୋମୀ ୧୦:୯, ଫିଲିପ୍ପୀ ୨:୧୧, ୧ମ ଯୋହନ ୨:୨୩, ପ୍ରକାଶିତ ୩:୫)
  ଖ. ଏକ ସତ୍ୟ (ପ୍ରେରିତ ୨୩:୮, ୨ କରିନ୍ଥୀ ୧୧:୧୩, ୧ ଯୋହନ ୪:୨)

୫. ଏକ ସର୍ବ ସାକ୍ଷାତରେ ଘୋଷଣା (ନ୍ୟାୟସଙ୍ଗତ ଜ୍ଞାନ ଧର୍ମ ସମ୍ବନ୍ଧୀୟ ନିଶ୍ଚୟତା ମଧ୍ୟକୁ ବୃଦ୍ଧି ପାଇଲା ପ୍ରେରିତ ୨୪:୧୪, ୧ ତୀମଥି ୬:୧୩)
  କ. ଦୋଷୀକୃତ ଅନୁଭବର ପ୍ରବେଶ ବ୍ୟତୀତ (୧ ତୀମଥି ୬:୧୨, ଏବ୍ରୀ ୧୦:୨୩)
  ଖ. ଦୋଷୀକୃତ ଅନୁଭବର ପ୍ରବେଶ ସହ (ମାଥିଉ ୩:୬, ପ୍ରେରିତ ୧୯:୧୮, ଏବ୍ରୀ ୪:୧୪, ଯାକୁବ ୫:୧୬, ୧ ଯୋହନ ୧:୯) ।

▣

**ଏନ୍ ଏ ଏସ୍ ବି "ଯୀଶୁଙ୍କୁ ପ୍ରଭୁ ବୋଲି"**
**ଏନ୍ କେ ଜେ ଭି "ପ୍ରଭୁ ଯୀଶୁ"**
**ଏନ୍ ଆର୍ ଏସ୍ ଭି, ଟି ଇ ଭି,**
**ଏନ୍ ଜେ ବି "ଯୀଶୁ ପ୍ରଭୁ ଅଟନ୍ତି"**

ଆଦ୍ୟ ମଣ୍ଡଳୀର ବିଶ୍ୱାସ ପ୍ରଦର୍ଶନ ଓ ବାପ୍ତିସ୍ମ ସମ୍ବନ୍ଧୀୟ ପ୍ରଥା (ବିଧିବିଧାନ)ର ଏହା ଥିଲା ପରମାର୍ଥିକ ସୂଚୀପାତ୍ର । "ପ୍ରଭୁ" ଶବ୍ଦ ଯୀଶୁଙ୍କ ଈଶ୍ୱରତ୍ୱକୁ ଦୃଢ଼ୀଭୂତ କଲା (ଯୋୟେଲ ୨:୩୨, ପ୍ରେରିତ ୨:୩୨-୩୩, ୧୦:୩୬, ୧ କରିନ୍ଥୀ ୧୨:୩, ୨ କରିନ୍ଥୀ ୪:୫, ଫିଲିପ୍ପୀ ୨:୧୧, କଲସୀ ୨:୬) । ଯେତେବେଳେ ପ୍ରଦତ୍ତ ଯୀଶୁ ନାମ ତାହାଙ୍କ ଐତିହାସିକ ମାନବିକତାକୁ ଦୃଢ଼ୀଭୂତ କଲା (୧ ଯୋହନ ୪:୧-୩) । ଦୃଢ଼ତା ମଧ୍ୟ ନେତୃତ୍ୱ / ଖ୍ରୀଷ୍ଟ ସାଦୃଶ୍ୟତା ପ୍ରତି ଏକ ଆହ୍ୱାନ ରୂପେ କାର୍ଯ୍ୟ କଲା ।

ପାଠ କରିବା ବେଳେ "ପ୍ରଭୁ" ଶବ୍ଦର ବ୍ୟବହାର ଗୁରୁମାନଙ୍କ ଯାୟେହ (ଯିହୋବା)ଙ୍କ ପ୍ରତିବଦଳ "ଆଡ଼ୋନ" ସହିତ ସମ୍ପୃକ୍ତ ହେଲା । ବିଶେଷ ପ୍ରସଙ୍ଗ ଦେଖ : ୯:୨୯ ପଦରେ ଈଶ୍ୱରତ୍ୱ ପାଇଁ ନାମସମୂହ ରହିଛି । ଏହା ଯୋୟେଲ ୨:୩୨ ଉଦ୍ଧୃତାଂଶ ପଦ ଦ୍ୱାରା ଦୃଢ଼ୀକୃତ ହୋଇଅଛି, ତାହା ୧୩ ପଦରେ ଅଛି ।

ଯୀଶୁଙ୍କୁ କି ଭିନ୍ନ ଶକ୍ତିଶାଳୀ ଉପନାମମାନ ଦିଆଯାଇଅଛି ।

୧. ଯୀଶୁ ମଶୀହ / ଖ୍ରୀଷ୍ଟ ଅଟନ୍ତି (ପ୍ରେରିତ ୫:୪୨, ୯:୨୨, ୧୭:୩, ୧୮:୫, ୨୮, ୨ କରିନ୍ଥୀ ୧:୨୩
୨. ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି - ମାଥିଉ ୪:୩,୬, ପ୍ରେରିତ ୯:୨୦, ୧୩:୩୩, ରୋମୀ ୧:୪
୩. ଯୀଶୁ ଈଶ୍ୱର ଅଟନ୍ତି - ଉର୍ଦ୍ଧ୍ୱରେ ଦେଖ

**ବିଶେଷ ପ୍ରସଙ୍ଗ : ଈଶ୍ୱରଙ୍କ ନାମ - ପ୍ରଭୁଙ୍କ ନାମ**

ଏହା ମଣ୍ଡଳୀରେ ତ୍ରିବିଧ ଈଶ୍ୱରଙ୍କ ବ୍ୟକ୍ତିଗତ ଉପସ୍ଥିତି ଏବଂ କାର୍ଯ୍ୟକାରୀ ଶକ୍ତି ପାଇଁ ଏକ ସାଧାରଣ ଖଣ୍ଡବାକ୍ୟ ନୂତନ ନିୟମରେ ଥିଲା । ଏହା ଏକ ଆଶ୍ଚର୍ଯ୍ୟକର୍ମର ନିୟମ ପଦ୍ଧତି ନ ଥିଲା, ମାତ୍ର ଈଶ୍ୱରଙ୍କ ଚରିତ୍ର ପ୍ରତି ଏକ ଆବେଦନ ଥିଲା ।

ଏହି ଖଣ୍ଡବାକ୍ୟ ଅନେକ ସମୟରେ ଯୀଶୁଙ୍କୁ ପ୍ରଭୁ ରୂପେ ବୁଝାଇଥାଏ (ଫିଲିପ୍ପୀ ୨:୧୧)

୧. ବାପ୍ତିସ୍ମରେ ଯୀଶୁଙ୍କଠାରେ ଜଣକର ବିଶ୍ୱାସର ପ୍ରଦର୍ଶନରେ (ରୋମୀ ୧୦:୯-୧୩, ପ୍ରେରିତ ୨:୩୮, ୮:୧୨,୧୬, ୧୦:୪୮, ୧୯:୫, ୨୨:୧୬, ୧ କରିନ୍ଥୀ ୧:୧୩,୧୫, ଯାକୁବ ୨:୭)
୨. ଭୂତମାନଙ୍କୁ ଛଡ଼ାଇବାରେ (ମାଥିଉ ୭:୨୨, ମାର୍କ ୯:୩୮, ଲୂକ ୯:୪୯, ୧୦:୧୭, ପ୍ରେରିତ ୧୯:୧୩)
୩. ସୁସ୍ଥତାର କାର୍ଯ୍ୟ କରିବାରେ (ପ୍ରେରିତ ୩:୬,୧୬, ୪:୧୦, ୯:୩୪, ଯାକୁବ ୫:୧୪)
୪. ସେବାକାର୍ଯ୍ୟର ଏକ କର୍ମରେ (ମାଥିଉ ୧୦:୪୨, ୧୮:୫, ଲୂକ ୯:୪୮)
୫. ମଣ୍ଡଳୀ ଶୃଙ୍ଖଳିତ କରିବା ସମୟରେ (ମାଥିଉ ୧୮:୧୫-୨୦)
୬. ବିଜାତୀମାନଙ୍କ ନିକଟରେ ପ୍ରଚାର କରିବା ସମୟରେ (ଲୂକ ୨୪:୪୭, ପ୍ରେରିତ ୯:୧୫, ୧୫:୧୭, ରୋମୀ ୧:୫)
୭. ପ୍ରାର୍ଥନାରେ (ଯୋହନ ୧୪:୧୩-୧୪, ୧୫:୨,୧୬, ୧୬:୨୩, ୧ କରିନ୍ଥୀ ୧:୨)
୮. ଖ୍ରୀଷ୍ଟଧର୍ମକୁ ବୁଝାଇବାର ଏକ ପଥ (ପ୍ରେରିତ ୨୬:୯, ୧ କରିନ୍ଥୀ ୧:୧୦, ୨ ତୀମଥି ୨:୧୯, ଯାକୁବ ୨:୭, ୧ ପିତର ୪:୧୪)

ଆମ୍ଭେମାନେ ସୁସମାଚାର ପ୍ରଚାରକାରୀମାନଙ୍କ ଭାବେ, ପ୍ରଭୁଙ୍କ ସେବକ ଭାବେ, ସାହାଯ୍ୟକାରୀ ରୂପେ, ସୁସ୍ଥକାରୀ ଭାବେ, ଭୂତ ଛଡ଼ାଇବା ବ୍ୟକ୍ତି ଭାବରେ ଯାହା କିଛି କରୁ, ଆମେ ତାହାଙ୍କ ଚରିତ୍ର, ତାହାଙ୍କ ଶକ୍ତି, ତାହାଙ୍କ ଯୋଗାଣ ସମୂହରେ ତାହାଙ୍କ ନାମରେ କରିଥାଉ !

▣ "ହୃଦୟରେ ବିଶ୍ୱାସ କରିବ" ଏହି ଖଣ୍ଡବାକ୍ୟ ସ୍ୱୀକାର କରିବା ସହିତ ସମାନ୍ତର (ସମାନ), ତାହା ଦ୍ୱାରା ବିଶ୍ୱାସର ଯମଜ (ଦୁଇ) ବିଷୟ ପ୍ରଦାନ କରୁଅଛି । ବାଇବଲ ଅନୁଯାୟୀ ଶବ୍ଦ "ବିଶ୍ୱାସ କରିବା" (ପିସ୍ଟିସ୍, ୪:୩ ଓ ୪:୫ରେ ବିଶେଷ ପ୍ରସଙ୍ଗ ଦେଖ) ଅନ୍ତର୍ଗତ :

୧. ବ୍ୟକ୍ତିଗତ ଭରସା (ହିବ୍ରୁ)
୨. ବୌଦ୍ଧିକ (ବୁଦ୍ଧି ସମ୍ବନ୍ଧିୟ) ବିଷୟବସ୍ତୁ (ଗ୍ରୀକ୍)
୩. ଚାଲୁ ରହିଥିବା ଇଚ୍ଛାକୃତ ସମର୍ପଣ (ଦ୍ୱିତୀୟ ବିବରଣ ୩୦:୨୦)

"ହୃଦୟ" ଶବ୍ଦ ଏହାର ପୁରାତନ ନିୟମ ଅର୍ଥରେ ସମ୍ପୂର୍ଣ୍ଣ ବ୍ୟକ୍ତି ବିଷୟରେ ବ୍ୟବହୃତ ହୋଇଅଛି । ପାଉଲ ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ବିବରଣ ୩୦:୧୪ରୁ ଉଦ୍ଧୃତାଂଶ ତାଙ୍କର ରୋମୀ ୧୦:୯ ପଦରେ "ମୁଖ" ଏବଂ "ହୃଦୟ" ବୋଲି ପ୍ରକାଶ କଲେ । ଏହା ବୁଝାଉ ନ ଥିଲା ଯେ ଏକ ବ୍ୟତିକ୍ରମ କରା ନ ଯାଇପାରିବା ଏକ କଠିନ ନିୟମ ଅନୁସାରେ ଜଣେ ପରିତ୍ରାଣ ପାଇବାକୁ ଖୁବ୍ ବଡ଼ ପାଟିରେ ପ୍ରାର୍ଥନା କରିବ ନିଶ୍ଚୟ ।

▣ "ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଛନ୍ତି ବୋଲି "ଖ୍ରୀଷ୍ଟ ଧର୍ମ ଶୂନ୍ୟ ସମାଧିର ବାସ୍ତବତା ଉପରେ ଠିଆ ହୁଏ ବା ପତିତ ହୁଏ (୪:୨୪, ୮:୧୧, ୧ କରିନ୍ଥୀ ୧୫) । ପ୍ରେରିତିକ ଉପଦେଶମାନଙ୍କରେ ପ୍ରେରିତ ପୁସ୍ତକରେ ଏହା ଏକ କେନ୍ଦ୍ରିୟ ସତ୍ୟ ଅଟେ (କେରିଗ୍ମା, ୧:୨ରେ ବିଶେଷ ପ୍ରସଙ୍ଗ ଦେଖ (୨:୩୧-୩୨, ୩:୧୫, ୪:୧୦, ୫:୩୦, ୧୦:୪୦, ୧୩:୩୦-୩୭) ।

ପିତା, ପୁତ୍ରଙ୍କୁ ମୃତ୍ୟୁରୁ ଉତ୍ଥିତ କରୁଅଛନ୍ତି, ଏହାଦ୍ୱାରା ଯୀଶୁଙ୍କ ଜୀବନ, ଶିକ୍ଷା ଓ ତ୍ୟାଗକୁ ପିତାଙ୍କର ଗ୍ରହଣ କରିଥିବା ପ୍ରମାଣିତ । ନୂତନ ନିୟମ ସୂଚନା ଦିଏ ଯେ ଯୀଶୁଙ୍କ ପୁନରୁତ୍ଥାନରେ ତ୍ରିବିଧ ପରମେଶ୍ୱରଙ୍କ ତିନୋଟି ବ୍ୟକ୍ତି ସମସ୍ତେ ଅର୍ନ୍ତଭୁକ୍ତ ଅଛନ୍ତି ବା ଥିଲେ ।

୧. ପିତା – ପ୍ରେରିତ ୨:୨୪, ୩:୧୫, ୪:୧୦, ୫:୩୦, ୧୦:୪୦, ୧୩:୩୦,୩୩,୩୪,୩୭, ୧୭:୩୧, ରୋମୀ ୬:୪,୯, ୮:୧୧, ୧୦:୯, ୧ କରିନ୍ଥୀ ୬:୧୪, ୨ କରିନ୍ଥୀ ୪:୧୪, ଗାଲାତୀ ୧:୧, ଏଫିସୀ ୧:୨୦, କଲସୀ ୨:୧୨, ୧ ଥେସଲ ୧:୧୦ ।
୨. ପବିତ୍ର ଆତ୍ମା – ରୋମୀ ୮:୧୧
୩. ପୁତ୍ର – ଯୋହନ ୨:୧୯–୨୨, ୧୦:୧୭–୧୮

**୧୦:୧୦ ''ଧାର୍ମିକତା ପ୍ରାପ୍ତି ନିମନ୍ତେ''** ପ୍ରତ୍ୟେକ ବିଶ୍ୱାସୀ ପାଇଁ ଈଶ୍ୱରଙ୍କ ଲକ୍ଷ୍ୟ କେବଳ ଦିନେ ସ୍ୱର୍ଗକୁ ଯିବା ନୁହେଁ, ମାତ୍ର ବର୍ତ୍ତମାନ ଖ୍ରୀଷ୍ଟଙ୍କ ସାଦୃଶ୍ୟ ହେବା ! ପୂର୍ବ ନିରୂପଣ ଉପରେ ଅନ୍ୟ ବଳିଷ୍ଠ ଶାସ୍ତ୍ରାଂଶ ହେଉଛି ଏଫିସୀ ୧:୩–୧୪ । ୪ ପଦରେ ଏହି ସତ୍ୟ ଶକ୍ତିପୂର୍ଣ୍ଣ ଭାବେ ସୂଚାଏ । ବିଶ୍ୱାସୀମାନେ ପବିତ୍ର ଓ ନିର୍ଦ୍ଦୋଗ ହେବା ନିମନ୍ତେ ମନୋନୀତ ! ନିର୍ବାଚନ କେବଳ ମାତ୍ର ଏକ ମୂଳତତ୍ତ୍ୱ ନୁହେଁ, ମାତ୍ର ଏହା ଏକ ଜୀବନଶୈଳୀ (ଦ୍ୱି ବିବରଣ ୩୦:୧୫–୨୦) ।

୧୦ ପଦ ମହାନ୍ ଆଦେଶ (ମାଥିଉ ୨୮:୧୯,୨୦)ର ଦୁଇପାକ୍ଷିକ ଗୁରୁତ୍ୱ ପ୍ରତିଫଳିତ କରେ, ପରିତ୍ରାଣ (ଶିଷ୍ୟ ବନାଇବା) ଏବଂ ଧାର୍ମିକତା (ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦିଏ) । ଏହି ସମାନ ବିଷୟ ଏଫିସୀ ୨:୮–୯ (ଖ୍ରୀଷ୍ଟଙ୍କ ମାଧମରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଏକ ବିନାମୂଲ୍ୟରେ ପରିତ୍ରାଣ) ଏବଂ ଏଫିସୀ ୨:୧୦ରେ ''ଉତ୍ତମ କାର୍ଯ୍ୟ'' ପାଇଁ ଏକ ଆହ୍ୱାନ, ଦେଖିବାକୁ ମିଳେ । ତାହାଙ୍କ ପ୍ରତିମୂର୍ତ୍ତୀରେ ଏକ ଲୋକସମୂହ, ଈଶ୍ୱରଙ୍କ ଆକାଂକ୍ଷା ସର୍ବଦା ହୋଇ ଆସିଅଛି ।

**୧୦:୧୧** ଏହା ଯିଶାଇୟ ୨୮:୧୬ରୁ ଏକ ଉଦ୍ଧୃତାଂଶ ଅଟେ, ଯେଉଁଥିରେ ପାଉଲ ''ଯେକେହି'' ଶବ୍ଦ ଯୋଗ କରିଅଛନ୍ତି । ଯିଶାଇୟରେ ଏହା ମଶୀହଙ୍କଠାରେ ବିଶ୍ୱାସକୁ ବୁଝାଉଥିଲା, ଯେ ଈଶ୍ୱରଙ୍କ କୋଣପ୍ରସ୍ତର (୯:୩୨–୩୩) । ଯେପରି ରୋମୀୟ ୯ ଅଧ୍ୟାୟ ଈଶ୍ୱରଙ୍କ ସାର୍ବଭୌମତାକୁ ଚମତ୍କାର ରୂପେ ପ୍ରକାଶ କରନ୍ତି, ୧୦ ଅଧ୍ୟାୟ ବ୍ୟକ୍ତି ବିଶେଷଙ୍କ ଆବଶ୍ୟକତାକୁ ବଡ଼ କରି ଦର୍ଶାଇଅଛି, ଯେ କୌଣସି ଏବଂ ସମସ୍ତ ବ୍ୟକ୍ତି ବିଶେଷ ଖ୍ରୀଷ୍ଟଙ୍କୁ ପ୍ରତ୍ୟୁତ୍ତର ଦେବା ଆବଶ୍ୟକ । ୪ ପଦର ''ପ୍ରତ୍ୟେକ ଜଣ'' ଓ ୧୧,୧୩ ପଦ ''ଯେକେହି'' ଏବଂ ୧୨ ପଦ (ଦ୍ୱିଥର)ର ''ସମସ୍ତେ'' ରେ ସାର୍ବଜନୀନଙ୍କ ପାଇଁ ପ୍ରଦାନ କରାଯାଉଥିବା ସ୍ପଷ୍ଟ ରୂପେ ଦେଖାଯାଉଅଛି ! ଏହା ହେଉଛି ନିର୍ବାଚିତଙ୍କ ପାଇଁ (ପୂର୍ବ ନିରୂପଣ) ପାରମାର୍ଥିକ ଭାରସାମ୍ୟରେ ୯ ଅଧ୍ୟାୟରେ ଗୁରୁତ୍ୱ ଦିଆଯାଇଅଛି ।

▣ ''ତାହାଙ୍କଠାରେ ବିଶ୍ୱାସ କରେ'' ଏହା ହେଉଛି, ଅବ୍ୟୟ ପଦ ସହିତ ଏକ ବର୍ତ୍ତମାନ ସକ୍ରୀୟ କୃଦନ୍ତ ''ଏପି'' ୪:୨୪, ୯:୩୩, ୧ ତୀମଥି ୧:୧୬) । ବିଶ୍ୱାସ କରିବା ଏକ ପ୍ରାରମ୍ଭିକ କାର୍ଯ୍ୟ ମାତ୍ର ନୁହେଁ, ମାତ୍ର ଏକ ପରିତ୍ରାଣ ସକାଶେ ଚାଲୁ ରହିଥିବା ଆବଶ୍ୟକୀୟ ବିଷୟ ଅଟେ । ଏହା କେବଳ ନିର୍ଭୁଲ ପରମାର୍ଥ ଶିକ୍ଷା ନୁହେଁ (ସୁସମାଚାର ସତ୍ୟ) ଯାହା ପରିତ୍ରାଣ କରେ, ମାତ୍ର ବ୍ୟକ୍ତିଗତ ସମ୍ପର୍କ (ସୁସମାଚାର ବ୍ୟକ୍ତି) ଏକ ଈଶ୍ୱର ପରାୟଣ (ସୁସମାଚାର ଜୀବନଯାପନ) ଜୀବନଶୈଳୀ ଉତ୍ପନ୍ନ କରୁଅଛି । ସହଜ ବିଶ୍ୱାସବାଦ ବିଷୟରେ ସାବଧାନ (ସତର୍କ ଥାଆନ୍ତୁ) ଯାହା ସତ୍ୟଠାରୁ ଜୀବନ ପବିତ୍ରୀକୃତ ହେବାରୁ ଧାର୍ମିକଗଣନକୁ ପୃଥକ କରେ । ଏକ ବିଶ୍ୱାସ ଯାହା ପରିତ୍ରାଣ ସାଧନ କରେ, ତାହା ହେଉଛି, ଯାହା ଚାଲୁ ରହେ ଏବଂ ପରିବର୍ତ୍ତନ କରେ ! ଅନନ୍ତ ଜୀବନର ଉପଲବ୍ଧି କରାଯାଇପାରିବା ଚାରିତ୍ରିକ ଗୁଣମାନ ଅଛି । ବିଶେଷ ପ୍ରସଙ୍ଗ ଦେଖ : ବିଶ୍ୱାସ କରେ ୪:୧୫ ପଦରେ

▣

| | |
|---|---|
| **ଏନ୍ ଏ ଏସ୍ ବି, ଟି ଇ ଭି** | **''ହତାଶ ହେବ ନାହିଁ''** |
| **ଏନ୍ କେ ଜେ ଭି, ଏନ୍ ଆର୍ ଏସ୍ ଭି** | **''ଲଜ୍ଜିତ ହେବ ନାହିଁ''** |
| **ଏନ୍ ଜେ ବି** | **''ଲଜ୍ଜିତ ହେବାର କିଛି କାରଣ ନାହିଁ''** |

ଯେଉଁମାନେ ଭରସା (''ବିଶ୍ୱାସ କରନ୍ତି'') ଖ୍ରୀଷ୍ଟଙ୍କଠାରେ, ସେମାନେ ଫେରି ପଳାଇବେ ନାହିଁ । ଏହା ଯିଶାଇୟ ୨୮:୧୬ରୁ ଏକ ଉଦ୍ଧୃତାଂଶ, ଯାହା ୯:୩୩ରେ ପାଉଲଙ୍କ ଉପସ୍ଥାପନରେ ଏକ ମୁଖ୍ୟ ପଦ ଥିଲା ।

**୧୦:୧୨ ''କାରଣ ଯିହୁଦୀ ଓ ଗ୍ରୀକ୍ ମଧ୍ୟରେ କିଛି ପ୍ରଭେଦ ନାହିଁ''** ଏହା ହେଉଛି ନୂତନ ଚୁକ୍ତି ବା ନିୟମର ମୁଖ୍ୟ ଚାପ (ରୋମୀ ୩:୨୨,୨୯, ଗାଲାତୀ ୩:୨୮, ଏଫିସୀ ୨:୧୧–୩:୧୩, କଲସୀ ୩:୧୧) । ଏକମାତ୍ର ଈଶ୍ୱର ତାହାଙ୍କ ଆପଣା କାର୍ଯ୍ୟସମୂହ ଦ୍ୱାରା ତାହାଙ୍କର ହଜିଯାଇଥିବା ସୃଷ୍ଟିକୁ ମୁକ୍ତ କରିଅଛନ୍ତି । ତାହାଙ୍କ ଇଚ୍ଛା ବା ସେ ଇଚ୍ଛା କରନ୍ତି ଯେ ତାଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ସମସ୍ତ ମାନବଗଣ ତାହାଙ୍କ ନିକଟକୁ ଆସିବେ ଏବଂ ତାହାଙ୍କ ସଦୃଶ ହେବେ । ସମସ୍ତେ ଯେପରି ତାହାଙ୍କ ନିକଟକୁ ଆସିବେ !

ସୁସମାଚାରର ସାର୍ବଜନୀନ ପ୍ରକୃତି (ସ୍ୱଭାବ) (୧୨ ପଦରେ ''ସମସ୍ତେ'' ଶବ୍ଦ ଦୁଇଥର ବ୍ୟବହୃତ ହୋଇଅଛି) ହେଉଛି, ଏହା ଦୁଇ ବାଟରେ କାଟି ଥାଏ ।

୧. ଯିହୁଦୀ ଓ ଗ୍ରୀକ୍ ମଧ୍ୟରେ କିଛି ପ୍ରଭେଦ ନାହିଁ, ସମସ୍ତେ ହଜି ଯାଇଅଛନ୍ତି (୩:୯,୧୯,୨୨–୨୩, ୧୧:୩୨)
୨. ଯିହୁଦୀ ଓ ଗ୍ରୀକ୍ ମଧ୍ୟରେ କିଛି ପ୍ରଭେଦ ନାହିଁ, ସମସ୍ତେ ପରିତ୍ରାଣ ପାଇପାରିବେ ।

ସୁସମାଚାର ସମସ୍ତ ମାନବୀୟ ପ୍ରତିବନ୍ଧକମାନ ଘୁଞ୍ଚାଇଦିଏ (ଯୋୟେଲ ୨:୨୮–୨୯, ୧ କରିନ୍ଥୀ ୧୨:୧୩, ଗାଲାତୀ ୩:୨୮, କଲସୀ ୩:୧୧), ଅନ୍ତତଃ ପରିତ୍ରାଣର କ୍ଷେତ୍ରରେ ।

▣ ''ନିଧି ସ୍ୱରୂପ'' ଯେତେବେଳେ ପାଉଲ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଅନୁଗ୍ରହର ବିଷୟ ଚିନ୍ତା କରନ୍ତି ସେ ''ନିଧି'' ବା ''ଧନ'' ଶବ୍ଦ ଅନେକଥର ବ୍ୟବହାର କରନ୍ତି (୨:୪, ୯:୨୩, ୧୧:୧୨ (ଦୁଇଥର), ୩୩, ୧ କରଛୀ ୧:୫, ୨ କରିନ୍ଥୀ ୮:୯, ଏଫିସୀ ୧:୭,୧୮, ୨:୭, ୩:୮,୧୬, ଫିଲିପ୍ପୀ ୪:୧୯, କଲସୀ ୧:୨୭, ୨:୨)

**୧୦:୧୩** ଏହି ବିଖ୍ୟାତ ଉଦ୍ଧୃତାଂଶ ଯୋୟେଲ ୨:୩୨ରୁ ଆସିଛି ଯାହାର ନୂତନ ଗୁରୁତ୍ୱ ପାଉଲଙ୍କ ବ୍ୟବହାରରେ ଅଛି ।

୧. ଯୋୟେଲରେ ୟାୟେହ ବା ଯିହୋବାଙ୍କ ନାମ ବ୍ୟବହୃତ ହୋଇଥିଲା, ରୋମୀୟରେ ପାଉଲ ଏବଂ ପ୍ରେରିତ ୨:୨୧ରେ ପିତର ଯୀଶୁଙ୍କ ନାମକୁ ପ୍ରତିବଦଳ କରିଛନ୍ତି (ଆହୁରି ମଧ ଲକ୍ଷ୍ୟ କର ଯୋହନ ୧୨:୪୧ ଓ ଯିଶାୟ ୬:୯-୧୦, ଫିଲିପ୍ପୀ ୨:୯ ଏବଂ ଯିଶାଇୟ ୪୫:୨୨-୨୫, ରୋମୀ ୯:୩୩ ଏବଂ ଯିଶାଇୟ ୮:୧୩-୧୪)

୨. ଯୋୟେଲରେ ''ପରିତ୍ରାଣ ପ୍ରାପ୍ତ'' ଶାରୀରିକ ଉଦ୍ଧାରକୁ ବୁଝାଇଥିଲା, ରୋମୀୟରେ ଏହା ଆତ୍ମିକ ପାପକ୍ଷମା ଓ ଅନନ୍ତକାଳୀନ ପରିତ୍ରାଣକୁ ବୁଝାଏ ।

ପୁରାତନ ନିୟମରେ ''ନାମ ଧରି ଡାକିବା'' ଚିନ୍ତାଧାରା ଏକ ଉପାସନା ସ୍ଥଳରେ ସର୍ବ ସାକ୍ଷାତରେ ବିଶ୍ୱାସ ସ୍ୱୀକାରକୁ ବୁଝାଇଲା (ସେହି ସମାନ ଚିନ୍ତାଧାରା ପ୍ରେରିତ ୭:୫୯, ୯:୧୪,୨୧, ୨୨:୧୬, ୧ କରିନ୍ଥୀ ୧:୨, ୨ ତୀମଥି ୨:୨୨ରେ ଦେଖାଯାଏ । ବିଶେଷ ପ୍ରସଙ୍ଗ ଦେଖ : ୧:୬ରେ ଆହୂତ ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୧୦:୧୪-୧୫**

**''ତେବେ ଯାହାଙ୍କୁ ସେମାନେ ବିଶ୍ୱାସ କରି ନାହାନ୍ତି, ତାହାଙ୍କ ନିକଟରେ କିପରି ପ୍ରାର୍ଥନା କରିବେ ? ପୁଣି ଯାହାଙ୍କ କଥା ସେମାନେ ଶୁଣି ନାହାନ୍ତି କିପରି ତାହାଙ୍କଠାରେ ବିଶ୍ୱାସ କରିବେ ? ଆଉ ପ୍ରଚାରକ ବିନା ସେମାନେ କିପରି ଶୁଣିବେ ? ପୁଣି ପ୍ରେରିତ ନ ହେଲେ କିପରି ପ୍ରଚାର କରିବେ ? ଯେପରି ଲେଖାଅଛି ଯେଉଁମାନେ ଶୁଭ ବିଷୟର ସୁସମାଚାର ଆଣନ୍ତି, ସେମାନଙ୍କର ପାଦ କିପରି ଶୋଭାଯୁକ୍ତ ।''**

**୧୦:୧୪-୧୫** ପୁରାତନ ନିୟମର ଉଦ୍ଧୃତାଂଶଗୁଡ଼ିକ ଦ୍ୱାରା ଏକ ପ୍ରଶ୍ନମାଳା ଅନୁଗମନ କଲା ଯାହା ଏହି ବିଷୟ ସୂଚନା ଦେଲା । ଯେ, ଇସ୍ରାଏଲ କେବେ ହେଲେ ୟାୟେହ (ଯିହୋବା)ଙ୍କ ସମ୍ବାଦମାନ ବା ସମ୍ବାଦ ନେଇ ଆସିଥିବା ଦୂତମାନଙ୍କୁ ପ୍ରତ୍ୟୁତ୍ତର ଦେଇନାହାନ୍ତି (ନିହିମିୟା ୯, ପ୍ରେରିତ ୭) । ଈଶ୍ୱର ସମ୍ବାଦ ବାହକମାନଙ୍କୁ ପ୍ରେରଣ କଲେ (ଭବିଷ୍ୟତ୍‌ବକ୍ତାମାନେ, ପ୍ରେରିତମାନେ, ପ୍ରଚାରକମାନେ, ଶିକ୍ଷକମାନେ, ସୁସମାଚାର ଘୋଷଣାକାରୀମାନେ) । ଏହି ସମ୍ବାଦବାହକମାନେ ଏକ ବାକ୍ୟରେ ଅଭାବଗ୍ରସ୍ତ ଜଗତ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦମାନ ଅଟନ୍ତି । ଈଶ୍ୱର ଯେହେତୁ ଅନୁଗ୍ରହପୂର୍ବକ ସୁସମାଚାର ସମ୍ବାଦବାହକମାନଙ୍କୁ ପ୍ରେରଣ କରନ୍ତି, ଶ୍ରବଣକାରୀମାନେ ସେମାନଙ୍କର ସମ୍ବାଦ ନିମନ୍ତେ ଉପଯୁକ୍ତ ଭାବେ ପ୍ରତ୍ୟୁତ୍ତର ଦେବା ଉଚିତ । ପାଉଲ ଏହି ଚିନ୍ତା ଯିଶାଇୟ ୫୨:୭ରୁ ଏକ ଉଦ୍ଧୃତାଂଶ ଦ୍ୱାରା ଦୃଢ଼ୀକରଣ କଲେ (ବା) ମଜଭୁତ କଲେ । ଏହି ପୁରାତନ ନିୟମ ପଦକୁ ପାଉଲ ସୁସମାଚାର ପ୍ରଚାରକମାନଙ୍କୁ ବୁଝାଇବାକୁ ବିସ୍ତାରିତ କଲେ ।

ପରିତ୍ରାଣକାରୀ ବିଶ୍ୱାସର ବିଭିନ୍ନ ବିଷୟମାନ (ଉପକରଣମାନ) ଅଛି : (୧) ବିଶ୍ୱାସ କରିବାକୁ ଏକ ସମ୍ବାଦ ଅଛି, (୨) ଗୃହିତ ହେବାକୁ ଏକ ବ୍ୟକ୍ତି ଅଛନ୍ତି (୩) ଏକ ପ୍ରାରମ୍ଭିକ ଓ ଚାଲୁ ରହିବା ଅନୁତାପକାରୀ ଏବଂ ବିଶ୍ୱାସ ପ୍ରତ୍ୟୁତ୍ତର (୪) ବାଧ୍ୟତା ବା ଆଜ୍ଞାବହତାର ଏକ ଜୀବନ ଏବଂ (୫) ଅଧ୍ୟବସାୟ (ଚେଷ୍ଟାରେ ଲାଗିରହିବା) (୧:୫ରେ ଟିପ୍ପଣୀ ଦେଖ) ।

**୧୦:୧୫** ଏହା ଯିଶାୟ ୫୨:୭୦ ରୁ ଏକ ଉଦ୍ଧୃତାଂଶ ଅଟେ । ରୋମୀୟର ଏହା ମହାନ ଆଦେଶ ପୂର୍ଣ୍ଣ ଆହ୍ୱାନ ଅଟେ । ପରିତ୍ରାଣ ଆସେ, ସୁସମାଚାର ଶୁଣିବା ଓ ସୁସମାଚାର ଗ୍ରହଣ କରିବା ଦ୍ୱାରା । ପ୍ରଚାରକମାନଙ୍କୁ ପ୍ରେରଣ କରାଯାଇଅଛି, ଯେପରି ସମସ୍ତେ ପରିତ୍ରାଣ ପାଇପାରିବେ ।

କେତେକ ଗ୍ରୀକ୍ ଶାସ୍ତ୍ରାଂଶ (ଯଥା : ଏମ୍ ଏସ୍ ଏସ୍ ଏନ୍ ୨, ଡି, ଏଫ୍, ଜି ଏବଂ ଅନେକ ଅନୁବାଦମାନ) ଏକ ଖଣ୍ଡବାକ୍ୟ, ଯିଶାଇୟ ୫୨:୭ର ୬୦ରୁ ଯୋଗ କରେ । ୟୁ ବି ଏସ୍ କ୍ଷୁଦ୍ରତର ଶାସ୍ତ୍ରାଂଶ ଦିଏ ଏକ 'କ' ନମ୍ବର (ନିଶ୍ଚିତ)

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | |
| **ଏନ୍ କେ ଏସ୍ ଭି, ଏନ୍ ଜେ ଭି** | **''ପାଦ କିପରି ଶୋଭାଯୁକ୍ତ''** |
| **ଟି ଇ ଭି** | **''ଆସିବାର କିପରି ଚମତ୍କାର''** |
| **ଏନ୍ ଇ ଟି** | **''କିପରି ସମୟାନୁବର୍ତ୍ତୀଭାବେ ପହଞ୍ଚିଅଛି''** |
| **ଏନ୍ ଇଟି ନିମ୍ନ ଟିପ୍ପଣୀ** | **''ଯଥାର୍ଥ ବା ସୁଯୋଗ ସମୟରେ ଆସିଅଛି''** |

''ଶୋଭାଯୁକ୍ତ'' ଶବ୍ଦ ଏକ ଦୃଷ୍ଟାନ୍ତ ଅର୍ଥରେ ବ୍ୟବହୃତ ହୋଇଅଛି । ଏଠାରେ ଏହା ''ସମୟ''କୁ ବୁଝାଏ ଦେଖିବାକୁ ନୁହେଁ ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୦:୧୬-୧୭**

**''କିନ୍ତୁ ସମସ୍ତେ ସୁସମାଚାରର ବଶୀଭୂତ ହେଲେ ନାହିଁ । କାରଣ ଯିଶାଇୟ କହନ୍ତି, ହେ ପ୍ରଭୁ, କିଏ ଆମ୍ଭମାନଙ୍କ ସମ୍ବାଦ ବିଶ୍ୱାସ କରିଅଛି ? ଅତଏବ ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ହୁଏ ।''**

**୧୦:୧୬** ପୁନର୍ବାର ପାଉଲ ପୁରାତନ ନିୟମର ଭବିଷ୍ୟତ୍ ବିଷୟକ ମନ୍ତବ୍ୟମାନ ବ୍ୟବହାର କରନ୍ତି, ଯାହା ମୌଳିକ ଭାବେ ଇସ୍ରାଏଲ ପ୍ରତି ୟାୟେହ (ଯିହୋବା)ଙ୍କ ସମ୍ବାଦକୁ ବୁଝାଏ, ମଶୀହ ଯୀଶୁଙ୍କ ସୁସମାଚାରକୁ ବୁଝାଇବା ନିମନ୍ତେ । ଯେପରି ପୁରାତନ ନିୟମର ଯିହୁଦୀମାନେ ଈଶ୍ୱରଙ୍କ ସମ୍ବାଦ ଅଗ୍ରାହ୍ୟ କଲେ, ସେପରି ପାଉଲଙ୍କ ସମୟର ଯିହୁଦୀମାନେ ଏହା ଅଗ୍ରାହ୍ୟ କଲେ । ଏହା ଯିଶାଇୟ ୫୩:୧ରୁ ଏକ ଉଦ୍ଧୃତାଂଶ ମାତ୍ର ଏହା ମଧ ପରମାର୍ଥିକ ଭାବେ ଯିଶାଇୟ ୬:୯-୧୩ରେ ଈଶ୍ୱରଙ୍କ ସମ୍ବାଦର ଇସ୍ରାଏଲମାନଙ୍କର ଅଗ୍ରାହ୍ୟ ସହିତ ସମ୍ପୃକ୍ତ ।

**୧୦:୧୭** ସୁସମାଚାର ହେଉଛି ଏକ ପ୍ରଥମ ସମ୍ବାଦ (ଗାଲାତୀ ୩:୨) । ମାତ୍ର ଯେଉଁ ସମ୍ବାଦ ଘୋଷଣା କରାଗଲା, ତାହା ଏକ ବ୍ୟକ୍ତିଗତ କାର୍ଯ୍ୟରେ ପରିଣତ ହେଉଅଛି ''ଖ୍ରୀଷ୍ଟଙ୍କ ବାକ୍ୟ ଗ୍ରହଣ କରାଗଲା'' (କଲସୀ ୩:୧୫-୧୬) ।

▣ **''ଖ୍ରୀଷ୍ଟଙ୍କ ବାକ୍ୟ''** ପୂର୍ବାପର ସମ୍ବନ୍ଧ ହେତୁ ଏହା ଖ୍ରୀଷ୍ଟଙ୍କ ବିଷୟ ସମ୍ବାଦକୁ ନିଶ୍ଚୟ ବୁଝାଏ ଯାହା ପ୍ରଚାରିତ ହୋଇଅଛି । ସୁସମାଚାର ପ୍ରଚାର ହେଉଛି, ଜଗତ ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ଦାନ ବିଷୟ ପ୍ରକାଶ କରିବାକୁ ଈଶ୍ୱରଙ୍କ ଉପାୟ ଅଟେ ।

ଏହି ବିଷୟଟିରେ ଏକ ପୁରାତନ ଗ୍ରୀକ୍ ପାଣ୍ଡୁଲିପିରେ ବିଭିନ୍ନତା ଅଛି

୧. ଏମ୍ ଏସ୍ ଏସ୍ ପି, ଏନ୍ ବି ସି ଡି ର ''ଖ୍ରୀଷ୍ଟଙ୍କ ବାକ୍ୟ'' ଅଛି

୨. ଏମ୍ ଏସ୍ ଏସ୍ ଏନ୍ ସି, ଏ, ଡ୍ରିନ, କେ, ପିର ''ଖ୍ରୀଷ୍ଟଙ୍କ ବାକ୍ୟ'' ଅଛି

ପ୍ରଥମଟି ସର୍ବାପେକ୍ଷା ଅଧିକ ଅସାଧାରଣ (କଲସୀ ୩:୧୬) ଏବଂ ସେଥିପାଇଁ, ସମ୍ଭବତଃ ମୌଳିକ (ଏହା ଶାସ୍ତ୍ର ସମ୍ବନ୍ଧୀୟ ସମାଲୋଚନାର ମୂଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଗୋଟିଏ ବା ଜଣେ) । ଏହାକୁ ୟୁବିସ୍ ଏ ଗ୍ରେଡ୍ ପ୍ରଦାନ କରେ (ନିଶ୍ଚିତ ଏହା କେବଳ ଅନ୍ୟ ସ୍ଥାନ ଏହା ନୂତନ ନିୟମରେ ଦେଖାଏ । ଦ୍ୱିତୀୟ ''ଈଶ୍ୱରଙ୍କ ବାକ୍ୟ'' ବିଭିନ୍ନ ସମୟରେ ଦେଖାଦିଏ (ଲୂକ ୩:୨, ଯୋହନ ୩:୩୪, ଏଫିସୀ ୬:୧୭, ଏବ୍ରୀ ୬:୫ ଓ ୧୧:୩)

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୦:୧୮-୨୧**

**''କିନ୍ତୁ ମୁଁ କହେ, ସେମାନେ କି ଶୁଣି ନାହାନ୍ତି ? ହଁ ନିଶ୍ଚୟ, ସମୁଦାୟ ପୃଥିବୀରେ ସେମାନଙ୍କ ସ୍ୱର ଆଉ ଜଗତ ସୀମା ପର୍ଯ୍ୟନ୍ତ ସେମାନଙ୍କ ବାକ୍ୟ ବ୍ୟାପିଗଲା । କିନ୍ତୁ ମୁଁ କହେ, ଇସ୍ରାଏଲ କଅଣ ଜାଣି ନାହାନ୍ତି ? ପ୍ରଥମରେ ମୋଶା କହନ୍ତି, ଆମ୍ଭେ ନଗଣ୍ୟ ଜାତି ପ୍ରତି ତୁମ୍ଭମାନଙ୍କର ଈର୍ଷା ଜନ୍ମାଇବା ଗୋଟିଏ ନିର୍ବୋଧ ଜାତି ପ୍ରତି ତୁମ୍ଭମାନଙ୍କୁ କ୍ରୋଧାନ୍ୱିତ କରିବା । ତାହା ପରେ ଯିଶାଇୟ ସାହସରେ କହନ୍ତି, ଯେଉଁମାନେ ଆମ୍ଭର ଅନ୍ୱେଷଣ କରୁ ନ ଥିଲେ, ସେମାନେ ଆମ୍ଭକୁ ପ୍ରାପ୍ତ ହେଲେ, ଯେଉଁମାନେ ଆମ୍ଭ ବିଷୟ ପଚାରୁ ନ ଥିଲେ, ସେମାନଙ୍କ ନିକଟରେ ଆମ୍ଭେ ପ୍ରକାଶିତ ହେଲୁ । କିନ୍ତୁ ସେ ଇସ୍ରାଏଲ ବିଷୟରେ କହନ୍ତି, ଆମ୍ଭେ ଅନାଜ୍ଞାବହ ଓ ପ୍ରତିକୂଳବାଦୀ ଲୋକମାନଙ୍କ ପ୍ରତି ଦିନଯାକ ହସ୍ତ ବିସ୍ତାର କରିଅଛୁ ।**

**୧୦:୧୮** ଏହି ପଦ ସୂଚାଏ ଯେ ଅଧିକାଂଶ ଯିହୁଦୀ ସଂବାଦ ଶୁଣିଥିଲେ ଏବଂ ସେମାନେ ଏହା ଅଗ୍ରାହ୍ୟ କରିବା ହେତୁ ଦାୟୀ ଅଟନ୍ତି (ଏକ ଗୁରୁତ୍ୱପୂର୍ଣ୍ଣ ଯୁଗ୍ମ ନାସ୍ତିବାଚକ ଗ୍ରୀକ ଖଣ୍ଡବାକ୍ୟ, ପ୍ରଶ୍ନ ଅପେକ୍ଷା କରେ ଏକ ''ନାହିଁ'' ଉତ୍ତର) । ଅଜ୍ଞତା, ସମସ୍ୟା ନ ଥିଲା, ମାତ୍ର ଇଚ୍ଛାକୃତ ଅବିଶ୍ୱାସ ଥିଲା ସମସ୍ୟା ।

ପାଉଲ ଗୀତ ୧୯:୪ ଉଦ୍ଧୃତ କରନ୍ତି । ଏହି ଗୀତରେ ୧-୬ ପ୍ରାକୃତିକ ପ୍ରକାଶିତ ବିଷୟକୁ ବୁଝାଏ, ଯାହା ହେଉଛି ଈଶ୍ୱର ସୃଷ୍ଟି ମାଧ୍ୟମରେ କଥା କହୁଅଛନ୍ତି (ରୋମୀ ୧-୨) । ପାଉଲ ପରିବର୍ତ୍ତନ କରନ୍ତି,

୧. ସାର୍ବଜନୀନ ସାକ୍ଷ୍ୟ (''ସମୁଦାୟ ପୃଥିବୀ ମଧ୍ୟକୁ'' ଏବଂ ''ଜଗତର ସୀମା ପର୍ଯ୍ୟନ୍ତ'')

୨. ସୃଷ୍ଟିର ନୀରବ ସ୍ୱରଠାରୁ ସୁସମାଚାର ପ୍ରଚାରକ ପର୍ଯ୍ୟନ୍ତ, ସମ୍ବାଦ ସଞ୍ଚାର କରିବାର ମାଧ୍ୟମାନ (ପ୍ରେରିତମାନେ, ଭବିଷ୍ୟତ୍ ବକ୍ତାମାନେ, ପ୍ରଚାରକମାନେ, ପାଳକ ଓ ଶିକ୍ଷକମାନେ ଏଫିସୀ ୪:୧୧) ଯାହା ବିଶେଷ ପ୍ରକାଶକୁ ବୁଝାଏ (ଗୀତ ୧୯:୮-୧୪) ।

ବିଶେଷ ମୁଖ୍ୟ ଚିନ୍ତା ହେଉଛି ଯେ ପାଉଲଙ୍କ ସମୟର ଜ୍ଞାତ ଜଗତ ମଧ୍ୟକୁ ସୁସମାଚାର ସମ୍ବାଦ ଯାଇ ସାରିଅଛି (ଗ୍ରିସୀୟ ରୋମୀୟ ଜଗତ) । ପାଉଲ ଗୁରୁମାନଙ୍କ ଅନୁବାଦ ନିୟମ ବ୍ୟବହାର କରୁଛନ୍ତି, ସେ ତାଙ୍କ ପରମାର୍ଥିକ, ବିବାଦୀୟ ଉଦ୍ଦେଶ୍ୟମାନର ସକାଶେ ମୂଳ ପୁରାତନ ନିୟମର ପୂର୍ବାପର ସମ୍ବନ୍ଧକୁ ପରିବର୍ତ୍ତିତ କରନ୍ତି । ଏହା ମଧ୍ୟ ସ୍ପଷ୍ଟ ଦର୍ଶାଇ ଦିଆଯିବା ଉଚିତ ଯେ, ପାଉଲଙ୍କ ପୁରାତନ ନିୟମର ବ୍ୟବହାର । ଅନ୍ୟ ପ୍ରେରିତମାନଙ୍କ ପରି, ସ୍ୱତନ୍ତ୍ର ରୂପେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇଥିଲା (୨ ପିତର ୧:୨୦-୨୧) । ଆଜି, ବିଶ୍ୱାସୀମାନେ ପବିତ୍ର ଆତ୍ମାଙ୍କ ଆଲୋକ ପାତର ଅଧୀନରେ, ନୂତନ ନିୟମ ଲେଖକମାନଙ୍କର ଅନୁବାଦ ପ୍ରଣାଳୀ ପୁନଃ ଉତ୍ପନ୍ନ କରିପାରିନ୍ତି ନାହିଁ ।

**ବିଶେଷ ପ୍ରସଙ୍ଗ : ଆଲୋକ ପାତ**

ଈଶ୍ୱର ମାନବ ଜାତି ନିକଟରେ ଆପଣାକୁ ସ୍ପଷ୍ଟଭାବେ ଅତୀତରେ ପ୍ରକାଶ କରିବାରେ କାର୍ଯ୍ୟ କରିଥିଲେ । ପରମାର୍ଥଶିକ୍ଷାରେ ଏହାକୁ ପ୍ରକାଶିତ ବିଷୟ କୁହାଯାଏ । ସେ କେତେକ ନିର୍ଦ୍ଦିଷ୍ଟ ଲୋକଙ୍କୁ ମନୋନୀତ କଲେ, ଏହା ଲିପିବଦ୍ଧ କରିବା ଏବଂ ଆତ୍ମ-ପ୍ରକାଶିତ ବିଷୟ ବାଖ୍ୟା କରିବାକୁ । ପରମାର୍ଥ ଶିକ୍ଷାରେ ଏହାକୁ ଈଶ୍ୱରଙ୍କ ପ୍ରେରଣା କୁହାଯାଏ । ସେ ପାଠକମାନଙ୍କ ପାଖକୁ ତାହାଙ୍କ ବାକ୍ୟ ବୁଝିବା ନିମନ୍ତେ ତାହାଙ୍କ ଆତ୍ମାଙ୍କୁ ପ୍ରେରଣ କରିଅଛନ୍ତି । ପରମାର୍ଥ ଶିକ୍ଷାରେ ଏହାକୁ ଆଲୋକପାତ କୁହାଯାଏ । ସମସ୍ୟା ଉତ୍ଥିତ ହୁଏ ଯେତେବେଳେ ଆମ୍ଭେମାନେ ସାବ୍ୟସ୍ତ କରୁ ଯେ ଈଶ୍ୱରଙ୍କ ବାକ୍ୟ ବୁଝିବାରେ ଆତ୍ମା ସଂଶ୍ଳିଷ୍ଟ ବା ଅନ୍ତର୍ଭୁକ୍ତ ଅଟନ୍ତି - ତେଣୁ ଏହାର କାହିଁକି ତେବେ ଅନେକ ଅନୁବାଦ ଅଛି ?

ସମସ୍ୟାର ଅଂଶ, ପାଠକର ପୂର୍ବ-ବୁଝାମଣା ଓ ବ୍ୟକ୍ତିଗତ ଅନୁଭବମାନର ଉପରେ ନିର୍ଭର କରେ । ଅନେକ ସମୟରେ ଏକ ବ୍ୟକ୍ତିଗତ ସୂଚୀପତ୍ର ବା କାର୍ଯ୍ୟକ୍ରମ ତାଲିକା ପ୍ରସ୍ତୁତ କରାଯାଏ । ଏକ ଶାସ୍ତ୍ରର ସତ୍ୟତା ପ୍ରମାଣ ବା ଆଣବିକ ଶୈଳୀରେ ବାଇବଲ ବ୍ୟବହାର କରିବା ଦ୍ୱାରା । ଅନେକ ସମୟରେ ବାଇବଲକୁ କେବଳ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଏବଂ ପସନ୍ଦ କରାଯାଇଥିବା ବାଟରେ କଥା କହିବାକୁ ଅନୁମତି ଦେଇ ଏକ ପରମାର୍ଥିକ ଜାଲ ବାଇବଲ ଉପରେ ନିସ୍ତାର କରାଯାଇଥାଏ । ଆଲୋକ ପାତ ଐଶ୍ୱରୀକ ପ୍ରେରଣା ସହିତ ସମାନ କରାଯାଇ ପାରିବ ନାହିଁ ଯଦ୍ୟପି ପ୍ରତ୍ୟେକଟିରେ ପବିତ୍ର ଆତ୍ମା ସମ୍ପୃକ୍ତ ବା ଅନ୍ତର୍ଗତ ଅଟନ୍ତି ।

ଏକ ଖଣ୍ଡବାକ୍ୟର କେନ୍ଦ୍ର ଭାବଧାରାକୁ ସାବ୍ୟସ୍ତ କରିବାକୁ ଚେଷ୍ଟା କରିବା ସର୍ବୋତ୍ତମ ବିଷୟ ହୋଇପାରିବ, ଶାସ୍ତ୍ରାଂଶର ପ୍ରତ୍ୟେକଟି ପୁଙ୍ଖାନୁପୁଙ୍ଖ ଅନୁବାଦ ନ କରି । ଏହା ପ୍ରାସଙ୍ଗିକ ଚିନ୍ତା, ଯାହା ମୂଳ ଲେଖକଙ୍କର କେନ୍ଦ୍ରୀୟ ସତ୍ୟକୁ ପ୍ରକାଶ କରେ । ପୁସ୍ତକ ବା ସାହିତ୍ୟର ଏକ ଅଂଶ ବିଶେଷର ବାହ୍ୟରେଖା ପ୍ରସ୍ତୁତ କର । ଯାହା ଜଣେ ମୂଳ ପ୍ରେରଣା ପ୍ରାପ୍ତ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ ସାହାଯ୍ୟ କରେ । କୌଣସି ଅନୁବାଦକାରୀ ପ୍ରେରଣାପ୍ରାପ୍ତ ନୁହନ୍ତି । ଆମ୍ଭେମାନେ ବାଇବଲ ଲେଖକମାନଙ୍କ ଅନୁବାଦ ପ୍ରଣାଳୀ ପୁନଃ-ଉତ୍ପନ୍ନ କରିପାରିବା ନାହିଁ । ଆମ୍ଭେମାନେ ବୁଝିପାରିବା

ଏବଂ ବୁଝିବାକୁ ଚେଷ୍ଟା କରିବା ଉଚିତ ଯାହା ସେମାନେ ତାଙ୍କ ସମୟରେ କହୁଥିଲେ ଏବଂ ତତ୍ପରେ ସେହି ସତ୍ୟ ଆମ୍ଭମାନଙ୍କ ନିଜ ସମୟରେ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା । ବାଇବଲର ଅଂଶମାନ ଅଛି ଯାହାର ଅର୍ଥ ଅନିଶ୍ଚିତ ବା ଲୁକ୍କାୟିତ (ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ) । କେତେକ ଶାସ୍ତ୍ରାଂଶ ଓ ପ୍ରସଙ୍ଗ ଉପରେ ସର୍ବଦା ଅସ୍ୱୀକୃତିମାନ ଅଛି, ମାତ୍ର ଆମ୍ଭେମାନେ ସ୍ପଷ୍ଟ ରୂପେ କେନ୍ଦ୍ରିୟ ଚିନ୍ତାମାନ ପ୍ରକାଶ କରିବା ଉଚିତ ଏବଂ ବ୍ୟକ୍ତିଗତ ଅନୁବାଦ ପାଇଁ ସ୍ୱାଧିନତା, ମୂଳ ଲେଖକଙ୍କ ଉଦ୍ଦେଶ୍ୟର ସୀମା ମଧ୍ୟରେ ଅନୁମତି ଦେବା ଉଚିତ । ସେମାନେ ପାଇଥିବା ଆଲୋକରେ ଅନୁବାଦକମାନେ ଚାଲିବା ଉଚିତ, ସର୍ବଦା ବାଇବଲ ଓ ପବିତ୍ର ଆତ୍ମାଙ୍କଠାରୁ ଅଧିକ ଆଲୋକ ନିମନ୍ତେ ମୁକ୍ତ ହୋଇ ରହିଥିବା ଅବସ୍ଥାରେ । ଈଶ୍ୱର ଆମର ଏହି ବୁଝାମଣା ଉପରେ ନିର୍ଭର କରି ଏବଂ ସେହି ବୁଝାମଣା କିପରି ଆମେ ଜୀବନଯାପନ କରୁଅଛୁ ଆମକୁ ବିଚାର କରିବେ ।

**୧୦:୧୯-୨୦** ଯିହୁଦୀମାନେ ଏପରିକି ମୋଶାଙ୍କଠାରୁ ସମ୍ବାଦ (ଉଭୟ ୧୮ ଓ ୧୯ ପ୍ରଶ୍ନଗୁଡ଼ିକ ଯାହା ''ନୁହେଁ'' ଉତ୍ତର ଅପେକ୍ଷା କରେ) ଶୁଣିଅଛନ୍ତି । ଯିହୁଦୀମାନେ ଶୁଣିଲେ ଏବଂ ଈଶ୍ୱରଙ୍କ ସହିତ ଯଥାର୍ଥ ସମ୍ପର୍କରେ ରହିବା ବିଷୟକ ଆଭ୍ୟନ୍ତରୀଣ ବିଶ୍ୱାସ ସମ୍ବାଦ ବୁଝିବାକୁ ସକ୍ଷମ ହେଲେ ।

ଏହି ପଦଗୁଡ଼ିକରେ ଈଶ୍ୱର ତାହାଙ୍କ ପ୍ରତିଜ୍ଞାତ ଲୋକମାନଙ୍କୁ, ବିଜାତିମାନଙ୍କୁ ସଂଯୁକ୍ତ କରିବା ବିଷୟ କହିଲେ । ଏହା ଦ୍ୱିତୀୟ ବିବରଣ ୩୨:୨୧ କୁ ୧୯ ପଦରେ ଉଦ୍ଧୃତ ଏବଂ ଯିଶାଇୟ ୬୫:୧-୨ କୁ ୨୦,୨୧ ପଦରେ ଏକ ଉଦ୍ଧୃତାଂଶ ମାଧ୍ୟମରେ ପ୍ରକାଶ କରାଗଲା । ଏହି ଆଚମ୍ବିତକାରୀ, ବିଜାତିମାନଙ୍କୁ ସମ୍ପୃକ୍ତ କରୁଥିବା ବିଷୟ, ଯିହୁଦୀମାନଙ୍କୁ ବିଶ୍ୱାସ ମଧ୍ୟକୁ ଆଣିବାକୁ ଉତ୍ତେଜିତ (ଈର୍ଷା ମାଧ୍ୟମରେ) କରିବାର କାରଣ ହେଲା (୧୧:୧୧,୧୪)

**୧୦:୨୧** ଏହି ମନ୍ତବ୍ୟ, ପ୍ରତିଜ୍ଞାତ ଲୋକମାନଙ୍କୁ ଯିହୋବା ପରମେଶ୍ୱରଙ୍କର ଅଗ୍ରାହ୍ୟ ବିଷୟରେ ସେପ୍ଟୁଆଜିଣ୍ଟ ଗ୍ରୀକ୍ ଅନୁବାଦର ଯିଶାଇୟ ୬୫:୨ରୁ ଏକ ଉଦ୍ଧୃତାଂଶ ଅଟେ (ଯିଶାଇୟ ୬୫:୧-୭) । ଈଶ୍ୱର ବିଶ୍ୱସ୍ତ ହୋଇ ଚାଲିଥିବା ବେଳେ ଇସ୍ରାଏଲ ଅବିଶ୍ୱସ୍ତ ହୋଇ ଚାଲିଥିଲା । ସେମାନଙ୍କ ଅବିଶ୍ୱସ୍ତତା, ଅତୀତରେ ଜାତି ଉପରେ, ତାହା ସହିତ ବ୍ୟକ୍ତି ବିଶେଷଙ୍କ ଉପରେ ସେମାନଙ୍କୁ ଅସ୍ଥାୟୀ ବିଚାର ଆଡ଼କୁ କଢ଼ାଇ ନେଲା, ମାତ୍ର ଈଶ୍ୱରଙ୍କ ଧାର୍ମିକତାକୁ ସେମାନଙ୍କ ଅଗ୍ରାହ୍ୟ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଅନନ୍ତକାଳୀନ ବିଚାର ଆଡ଼କୁ କଢ଼ାଇ ନେବ ।

### ଆଲୋଚନା ପ୍ରଶ୍ନସମୂହ

ଏହା ହେଉଛି ଏକ ଅଧ୍ୟୟନ ପାଇଁ ଚାଳନା ଦେବା ବାଖ୍ୟା ପୁସ୍ତକ (କମେଣ୍ଟେରୀ), ଯାହା ବୁଝାଏ ଯେ ବାଇବଲର ନିଜ ଅନୁବାଦ ପାଇଁ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କୁ ପ୍ରଦତ୍ତ ଆଲୋକ ଅନୁସାରେ ଚାଲିବା ଉଚିତ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ବାଇବଲ ଅନୁବାଦର ଅଗ୍ରାଧିକାରୀ । ଆପଣ ଏହି ଅନୁବାଦ ଦାୟିତ୍ୱ ଜଣେ ବାଇବଲ ବାଖ୍ୟାକାରୀ ଉପରେ ଛାଡ଼ିଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନସମୂହ ଏହି ପୁସ୍ତକର ଏହି ଅଂଶର ମୁଖ୍ୟ ବିଷୟଗୁଡ଼ିକ ମାଧ୍ୟମରେ ଆପଣଙ୍କୁ ଚିନ୍ତା କରିବାକୁ ସାହାଯ୍ୟ କରିବା ଲାଗି ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା-ଉଦ୍ରେକକାରୀ ମାତ୍ର ନିର୍ଦ୍ଦିଷ୍ଟ ନୁହେଁ ।

୧. ଯଦି ଈଶ୍ୱରଙ୍କ ପସନ୍ଦ ଏତେ କଷ୍ଟକର, ତେବେ ପାଉଲ ୧୦:୧ ପଦରେ କାହିଁକି ଇସ୍ରାଏଲ ପାଇଁ ପ୍ରାର୍ଥନା କରନ୍ତି ? ୧୦:୯-୧୩ କାହିଁକି ମାନବ ପ୍ରତ୍ୟୁତ୍ତରର ଆବଶ୍ୟକତା ଉପରେ ଏତେ ଗୁରୁତ୍ୱ ଦିଏ ?
୨. ୪ ପଦଟି କ'ଣ ବୁଝାଏ ? ''ଖ୍ରୀଷ୍ଟ କ'ଣ ବ୍ୟବସ୍ଥାର ଏକ ସମାପ୍ତି ଆଣିଛନ୍ତି ?''
୩. ୧୦:୯-୧୦ରେ ବିଶ୍ୱାସରେ ସମ୍ପୃକ୍ତ ବିଷୟମାନ ତାଲିକା କରନ୍ତୁ ।
୪. କାହିଁକି ପାଉଲ ଅନେକ ସମୟରେ ପୁରାତନ ନିୟମରୁ ଉଦ୍ଧୃତ କରିଅଛନ୍ତି ? ଏହା କିପରି ରୋମ୍‌ରେ ଥିବା ବିଶେଷତଃ ଏକ ବିଜାତି ମଣ୍ଡଳୀ ସହିତ ସମ୍ପୃକ୍ତ ?
୫. ୧୧-୧୩ ପଦ କିପରି ୯ ଅଧ୍ୟାୟ ସହିତ ସମ୍ପୃକ୍ତ ?
୬. ୧୪-୧୫ ପଦମାନ କିପରି ଜଗତର ମିଶନଗୁଡ଼ିକଙ୍କ ସହିତ ସମ୍ପୃକ୍ତ ?
୭. ୧୦ ଅଧ୍ୟାୟରେ କିପରି ମନୁଷ୍ୟର ପରିତ୍ରାଣର ଏକ ଅଂଶ, ମନୁଷ୍ୟର ସ୍ୱାଧିନ ଇଚ୍ଛା ହେବା ଦେଖାଯିବ ?

## ରୋମୀୟ ୧୧

| ଆଧୁନିକ ଅନୁବାଦମାନର ପାରାଗ୍ରାଫ୍ ଭାଗ-ବିଭାଗ | | | | |
|---|---|---|---|---|
| **ୟୁବିଏସ୍** | **ଏନକେଜେଭି** | **ଏନ୍ଆରଏସଭି** | **ଟିଇଭି** | **ଏନ୍ଜେବି** |
| ଇସ୍ରାଏଲର ଅବଶିଷ୍ଟାଂଶ | ଇସ୍ରାଏଲର ଅଗ୍ରାହ୍ୟ ସମୁଦାୟ ନୁହେଁ | ଇସ୍ରାଏଲର ଅଗ୍ରାହ୍ୟ ଶେଷପରିଣତି ନୁହେଁ | ଇସ୍ରାଏଲଉପରେ ଈଶ୍ୱରଙ୍କ ଦୟା | ଇସ୍ରାଏଲର ଅବଶିଷ୍ଟାଂଶ |
| ୧୧:୧-୧୦ | ୧୧:୧-୧୦ | ୧୧:୧-୧୦ | ୧୧:୧-୬ | ୧୧:୧-୬ |
| ବିଜାତିମାନଙ୍କ ପରିତ୍ରାଣ | ଇସ୍ରାଏଲର ଅଗ୍ରାହ୍ୟ ଶେଷ ପରିଣତି ନୁହେଁ | | | ଯିହୁଦୀମାନେ ଭବିଷ୍ୟତରେ ପୁନରୁଦ୍ଧାର କରାଯିବେ । |
| ୧୧:୧୧-୧୨ | ୧୧:୧୧-୩୬ | ୧୧:୧୧-୧୨ | ୧୧:୧୧-୧୨ ବିଜାତିମାନଙ୍କର ପରିତ୍ରାଣ | ୧୧:୧୧-୧୨ |
| ୧୧:୧୩-୧୬ | | ୧୧:୧୩-୧୬ | ୧୧:୧୩-୧୫ | ୧୧:୧୩-୧୫ ଯିହୁଦୀମାନେ ତଥାପି ମନୋନୀତ ଲୋକ ଅଟନ୍ତି |
| | | ଜିତ ବୃକ୍ଷର ଦୃଷ୍ଟାନ୍ତ | ୧୧:୧୬-୧୮ | ୧୧:୧୬-୨୪ |
| ୧୧:୧୭-୨୪ | | ୧୧:୧୭-୨୪ | | |
| | | | ୧୧:୧୯-୨୪ | |
| ଇସ୍ରାଏଲର ପୁନରୁଦ୍ଧାର | | ସମସ୍ତ ଇସ୍ରାଏଲ ପରିତ୍ରାଣ ପାଇବେ | ସମସ୍ତଙ୍କ ଉପରେ ଈଶ୍ୱରଙ୍କ ଦୟା | ଯିହୁଦୀମାନଙ୍କର ପରିବର୍ତ୍ତନ |
| ୧୧:୨୫-୩୨ | | ୧୧:୨୫-୩୨ | ୧୧:୨୫-୩୨ | ୧୧:୨୫-୨୯ ୧୧:୩୦-୩୨ |
| | | | ଈଶ୍ୱରଙ୍କ ପ୍ରଶଂସା ହେଉ | ଈଶ୍ୱରଙ୍କ ଦୟା ଓ ଜ୍ଞାନର ଏକ ସଙ୍ଗୀତ |
| ୧୧:୩୩-୩୬ | | ୧୧:୩୩-୩୬ | ୧୧:୩୩-୩୬ | ୧୧:୩୩-୩୬ |

**ପଠନ ୩ ଚକ୍ର (ଦେଖ, ପୃ ୮)**

ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା

ଏହା ଏକ ଅଧ୍ୟୟନ ଚାଳନାର ବାଖ୍ୟା ପୁସ୍ତକ ଅଟେ, ଯାହା ବୁଝାଏ ଯେ ଆପଣ ନିଜ ବାଇବଲ ଅନୁବାଦ ପାଇଁ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ, ଆମ୍ଭମାନଙ୍କ ପ୍ରଦତ୍ତ ଆଲୋକ ଅନୁସାରେ ଚାଲିବା ଉଚିତ । ଆପଣ, ବାଇବଲ ଓ ଈଶ୍ୱରଙ୍କ ପବିତ୍ର ଆତ୍ମା ବାଇବଲ ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଏହି ଦାୟିତ୍ୱ ବାଖ୍ୟାକାର ଉପରେ ଛାଡ଼ିଦେବା ଉଚିତ ନୁହେଁ ।

ଥରେ ବସି ଅଧ୍ୟାୟଟି ପାଠ କରନ୍ତୁ । ପ୍ରସଙ୍ଗଗୁଡ଼ିକୁ ଚିହ୍ନନ୍ତୁ । ଊର୍ଦ୍ଧ୍ୱ ଲିଖିତ ପାଞ୍ଚଟି ଅନୁବାଦ ସହିତ ଆପଣଙ୍କ ପ୍ରସଙ୍ଗଗୁଡ଼ିକୁ ତୁଳନା କରନ୍ତୁ । ପାରାଗ୍ରାଫ୍ ତିଆରି ପ୍ରେରଣାଯୁକ୍ତ ନୁହେଁ, ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗମନ କରିବାର କଞ୍ଚି ବା ମୁଖ୍ୟ ବିଷୟ ଅଟେ, ଯାହା ଅନୁବାଦର ହୃତ୍‌ପିଣ୍ଡ ବା କେନ୍ଦ୍ରସ୍ଥଳ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ବା କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍
୨. ଦ୍ୱିତୀୟ ପାରାଗ୍ରାଫ୍
୩. ତୃତୀୟ ପାରାଗ୍ରାଫ୍
୪. ଇତ୍ୟାଦି

**ଶାସ୍ତ୍ରାଂଶର ପୂର୍ବାପର ସମ୍ବନ୍ଧ ବିଷୟକ ଅର୍ନ୍ତଦୃଷ୍ଟି**

କ. ୧୧ ଅଧ୍ୟାୟ ନିର୍ବାଚନ ଓ ସୁସମାଚାର ମଧ୍ୟରେ ଥିବା ଦ୍ୱନ୍ଦମୂଳକ ସମ୍ପର୍କ ଚାଲୁ ରହିବାକୁ ଦିଏ । ପୁରାତନ ନିୟମ ନିର୍ବାଚନ ସେବା ନିମନ୍ତେ ଥିଲା, ଯେତେବେଳେ ନୂତନ ନିୟମ ନିର୍ବାଚନ ପରିତ୍ରାଣ ନିମନ୍ତେ ଅଟେ । (ଆପଣଙ୍କ କନକଡାନ୍ସ (ଶବ୍ଦସମୂହର ସୂଚୀପତ୍ର ପୁସ୍ତକ) ପରୀକ୍ଷା କରନ୍ତୁ) । ଏକ ଅର୍ଥରେ ବିଶ୍ୱାସୀମାନେ ଉଭୟ ଈଶ୍ୱରଙ୍କ ପରିବାର (ନୂତନ ନିୟମ) ଏବଂ ଈଶ୍ୱରଙ୍କ ଦାସମାନେ (ପୁରାତନ ନିୟମ) ହେବା ନିମନ୍ତେ ଆହୂତ । ନିର୍ବାଚନ ଉଭୟ ସମ୍ମିଳିତ ଓ ବ୍ୟକ୍ତିଗତ ଅଟେ, ଆସ୍ତିବାଚକ ଓ ନାସ୍ତିବାଚକ ଅଟେ (ଯାକୁବ/ଇସ୍ରାଏଲ-ଏଷୌ-ଇଦୋମ, ମୋଶ/ଫାରୋ) । ପରିଶେଷରେ କେବଳ ଈଶ୍ୱରଙ୍କ ସର୍ବଭୌମତା ଏବଂ ମାନବର ସ୍ୱାଧିନଇଚ୍ଛା ମଧ୍ୟରେ ନୁହେଁ, ମାତ୍ର ଈଶ୍ୱରଙ୍କ ଚରିତ୍ରରେ ହିଁ ଚିନ୍ତାମୂଳକ ବିଷୟ ରହିଅଛି । ୯-୧୧ ଅଧ୍ୟାୟ ଥରକୁ ଥର ଈଶ୍ୱରଙ୍କ ଦୟାରେ ଏବଂ ପତିତ ମାନବଜାତିର ବିଦ୍ରୋହ ଉପରେ ଗୁରୁତ୍ୱ ପ୍ରଦାନ କରେ । ଈଶ୍ୱର ବିଶ୍ୱସ୍ତ, ମାନବଗଣ ଅବିଶ୍ୱସ୍ତ ଅଟନ୍ତି ।

ନିର୍ବାଚନ ଏକ ମୂଳତତ୍ତ୍ୱ ନୁହେଁ ଯେ କେତେକ ବିଯୋଗ କରିବ, ମାତ୍ର ଏହା ଆଶା, ନିରାପତ୍ତା ଓ ନିର୍ଭରଯୋଗ୍ୟ ଭରସାର ଏକ ମୂଳଦୁଆ, ଯେଉଁମାନେ ପ୍ରତ୍ୟୁତ୍ତର ଦିଅନ୍ତି ସେମାନଙ୍କ ପାଇଁ, ଯଥା : (୧) ପ୍ରତିଜ୍ଞାସମୂହର (୨) ପ୍ରତିଜ୍ଞା କରିଥିବା ଈଶ୍ୱରଙ୍କ ପୁତ୍ରଙ୍କ ସକାଶେ ପ୍ରତ୍ୟୁତ୍ତର ଦିଅନ୍ତି ।

ଖ. ୯ ଅଧ୍ୟାୟରେ ପାଉଲ ଈଶ୍ୱରଙ୍କ ସର୍ବଭୌମତା ଓ ସ୍ୱାଧୀନତାକୁ ସତ୍ୟବୋଲି ସାବ୍ୟସ୍ତ କଲେ । ଏପରିକି ଏକ ପ୍ରତିଜ୍ଞା ସମ୍ପର୍କରେ ଈଶ୍ୱର ମୁକ୍ତ ଅଟନ୍ତି । ୧୦ ଅଧ୍ୟାୟରେ ସାବ୍ୟସ୍ତ କରନ୍ତି ଯେ ଇସ୍ରାଏଲମାନେ (ଯିହୁଦୀଗଣ) ଈଶ୍ୱରଙ୍କ ପ୍ରତିଜ୍ଞାମାନ ଓ ଚୁକ୍ତି ବା ନିୟମସମୂହ ଗ୍ରହଣ ବା ଅଗ୍ରାହ୍ୟ କରିବାକୁ ମୁକ୍ତ ବା ସ୍ୱାଧୀନ ଥିଲେ । ଯେହେତୁ ସେମାନେ ଈଶ୍ୱରଙ୍କ ପ୍ରତିଜ୍ଞାମାନ ଓ ଚୁକ୍ତି ପ୍ରତି ଅବିଶ୍ୱସ୍ତ ଓ ଏହା ଅଗ୍ରାହ୍ୟ କରିବା ପ୍ରାମଣିତ କଲେ, ଏକ ଅର୍ଥରେ ସେମାନେ ଈଶ୍ୱରଙ୍କ ଦ୍ୱାରା ଅଗ୍ରାହ୍ୟ କରାଗଲେ । ଯାହାବି ହେଉ ୧୧ ଅଧ୍ୟାୟରେ ପାଉଲ ଇସ୍ରାଏଲର ଅବିଶ୍ୱସ୍ତତା ସମ୍ମୁଖରେ ଏପରିକି ଈଶ୍ୱରଙ୍କ ବିଶ୍ୱସ୍ତତା ଦୃଢ଼ୀଭୂତ କରିବେ (୨ୟ ବିବରଣୀ ୮) ।

ଗ. ବର୍ତ୍ତମାନ ପରି ଅତୀତରେ, ଜଣେ ଯିହୁଦୀୟ ଅବଶିଷ୍ଟାଂଶ ଈଶ୍ୱରଙ୍କ ମଶୀହଠାରେ ବିଶ୍ୱାସ କଲେ ଓ ବିଶ୍ୱାସ କାର୍ଯ୍ୟକାରୀ କଲେ । ପାଉଲ ନିଜେ ଏହାର ଦୃଷ୍ଟାନ୍ତ ଥିଲେ । କେତେକ ଅବିଶ୍ୱାସୀ ଯିହୁଦୀଙ୍କ ଅଗ୍ରାହ୍ୟ, ବିଶ୍ୱାସୀ ବିଜାତିମାନଙ୍କୁ ସଂଯୁକ୍ତ ହେବାକୁ ଅନୁମତି ଦେଲା । ବିଜାତିମାନଙ୍କ ସଂଯୁକ୍ତ ହେବା ଫଳରେ (୧) ଈଶ୍ୱରଙ୍କ ଲୋକମାନେ ସମ୍ପୂର୍ଣ୍ଣ ହେଲେ (୨) ଈଶ୍ୱରଙ୍କ ମନୋନୀତ ଯିହୁଦୀ ଓ ବିଜାତି ଉଭୟର ପୂର୍ଣ୍ଣ ସଂଖ୍ୟା । ଏହି ବିଜାତିମାନଙ୍କ ସଂଯୁକ୍ତି ଇସ୍ରାଏଲମାନଙ୍କୁ ଈଶ୍ୱରଙ୍କ ମଶୀହ, ଯୀଶୁଙ୍କଠାରେ ବିଶ୍ୱାସ ବା ଭରସା କରିବାକୁ ଲକ୍ଷ୍ୟଭୁକ୍ତ କରିବ ।

ଘ. ୯ ଅଧ୍ୟାୟ ଓ ୧୦ ଅଧ୍ୟାୟରେ ଯେପରି ପାଉଲ ସେପରି ୧୧ ଅଧ୍ୟାୟ ମଧ୍ୟ ବିଭିନ୍ନ ପୁରାତନ ନିୟମର ଉଦ୍ଧୃତାଂଶ ବ୍ୟବହାର କରନ୍ତି ।

୧. ୩ ପଦ – ୧ ରାଜା ୧୯:୧୪
୨. ୪ ପଦ – ୧ ରାଜା ୧୯:୧୮
୩. ୮ ପଦ – ଯିଶାଇୟ ୨୯:୧୦ ଓ ଦ୍ୱିତୀୟ ବିବରଣ ୨୯:୪
୪. ୯ ପଦ – ଗୀତ ୬୯:୨୨
୫. ୧୦ ପଦ – ଗୀତ ୬୯:୨୩
୬. ୨୬ ପଦ – ଯିଶାଇୟ ୫୯:୨୦-୨୧
୭. ୨୭ ପଦ – ଯିଶାଇୟ ୨୭:୯
୮. ୩୪ ପଦ – ଯିଶାଇୟ ୪୦:୧୩-୧୪
୯. ୩୫ ପଦ – ଆୟୁବ ୩୫:୭, ୪୧:୧୧

ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୧:୧-୬**

**"ତେବେ ମୁଁ କହେ, ଈଶ୍ୱର କି ଆପଣା ଲୋକମାନଙ୍କୁ ପରିତ୍ୟାଗ କରିଅଛନ୍ତି ? ତାହା କେବେ ହେଁ ନ ହେଉ, କାରଣ ମୁଁ ମଧ୍ୟ ଅବ୍ରହାମଙ୍କ ବଂଶଜାତ ବିନ୍ୟାମୀନଙ୍କ ଗୋଷ୍ଠୀର ଜଣେ ଇସ୍ରାଏଲୀୟ ଲୋକ । ଈଶ୍ୱର ଆପଣାର ଯେଉଁ ଲୋକମାନଙ୍କୁ ପୂର୍ବରୁ ଜାଣିଥିଲେ, ସେମାନଙ୍କୁ ପରିତ୍ୟାଗ କରି ନାହାନ୍ତି । ଏଲିୟ ବିବରଣୀରେ ଶାସ୍ତ୍ର କହେ, ତାହା କି ତୁମ୍ଭେମାନେ ଜାଣ ନାହିଁ ? ସେ କିପରି ଇସ୍ରାଏଲ ବିରୁଦ୍ଧରେ ଈଶ୍ୱରଙ୍କଠାରେ ନିବେଦନ କରନ୍ତି, ପ୍ରଭୋ, ସେମାନେ ତୁମ୍ଭର ଭାବବାଦୀମାନଙ୍କୁ ବଧ କରିଅଛନ୍ତି, ତୁମ୍ଭର ଯଜ୍ଞବେଦିଗୁଡ଼ିକ ଖୋଳି ପକାଇଅଛନ୍ତି, ଆଉ ମୁଁ ଏକାକୀ ଅବଶିଷ୍ଟ ରହିଅଛି, ପୁଣି ସେମାନେ ମୋହର ପ୍ରାଣ ନେବାକୁ ଖୋଜୁ ଅଛନ୍ତି । କିନ୍ତୁ ତାହାଙ୍କୁ ଈଶ୍ୱର କଅଣ ଉତ୍ତର ଦିଅନ୍ତି ? ଯେଉଁମାନେ ବାଆଲ୍ ସମ୍ମୁଖରେ ଆଣ୍ଠୁ ପକାଇ ନାହାନ୍ତି, ଏପରି ସାତହଜାର ଲୋକ ଆମ୍ଭେ ଆପଣା ନିମନ୍ତେ ଅବଶିଷ୍ଟ ରଖିଅଛୁ । ସେହିପରି ଏହି ବର୍ତ୍ତମାନ ସମୟରେ ମଧ୍ୟ ଅନୁଗ୍ରହର ନିର୍ବାଚନ ଅନୁସାରେ ଗୋଟିଏ ଅବଶିଷ୍ଟ ଅଂଶ ରହିଅଛି । କିନ୍ତୁ ଯଦି ତାହା ଅନୁଗ୍ରହରେ ହୁଏ, ତେବେ ତାହା ଆଉ କ୍ରିୟାକର୍ମ ହେତୁ ହୁଏ ନାହିଁ ।"**

**୧୧:୧ ‘‘ଈଶ୍ୱର କି ଆପଣା ଲୋକମାନଙ୍କୁ ପରିତ୍ୟାଗ କରିଅଛନ୍ତି ?’’** ଏହି ପ୍ରଶ୍ନ ଏକ ‘‘ନାହିଁ’’ ଉତ୍ତର ଅପେକ୍ଷା କରେ । ପାଉଲ ଏହି ପ୍ରଶ୍ନର ଉତ୍ତର ୧ଖ – ୧୦ ପଦରେ ଦେଇଅଛନ୍ତି । ଏହି ଭାଗ ପାଉଲଙ୍କ ପୂର୍ବ ଯୁକ୍ତି ସହିତ ସମ୍ପୃକ୍ତ ହେବା ଉଚିତ । ୯–୧୧ ଅଧ୍ୟାୟ ସାହିତ୍ୟିକ ବା ଆକ୍ଷରିକ ଖଣ୍ଡ ବା ଅଂଶ ଗଠନ କରେ । ଏକ ସ୍ଥିତିଲାଭ କରିଥିବା ଯୁକ୍ତି ।

‘‘ପରିତ୍ୟାଗ’’ ଶବ୍ଦ ଅନୁବାଦିତ ହେଲା (ଆଓରିଷ୍ଟ ମାଧ୍ୟମିକ (କ୍ରିୟାବାଚକ)ସୂଚକ) ମୂଳତଃ ‘‘ଅସମ୍ମତ ହେବା’’ ବା ‘‘ତ୍ୟାଗକରିବା’’ ବୁଝାଏ । ଏହା ବ୍ୟବହୃତ ହୁଏ ।

୧. ପ୍ରେରିତ ୭:୩୯ – ଇସ୍ରାଏଲ ପ୍ରାନ୍ତରରେ ମୋଶାଙ୍କ ନେତୃତ୍ୱ ଅଗ୍ରାହ୍ୟ କରୁଛନ୍ତି

୨. ପ୍ରେରିତ ୧୩:୪୬ – ପିସିଦିଆ ଆନ୍ତିୟୋଖରେ ସମାଜଗୃହର ଯିହୁଦୀମାନେ ପାଉଲଙ୍କ ସୁସମାଚାର ପ୍ରଚାର ଅଗ୍ରାହ୍ୟ କରୁଛନ୍ତି ।

୩. ୧ ତୀମଥି ୧:୧୯ – ଏଫିସୀରେ ମଣ୍ଡଳୀର କେତେକ ସଭ୍ୟଗଣ ଅଗ୍ରାହ୍ୟ କରୁଛନ୍ତି ଏବଂ ସେମାନଙ୍କ ବିଶ୍ୱାସର ଜାହାଜ ଭଙ୍ଗ କରୁଅଛନ୍ତି । (ଯଥା ହୁମନାୟ ଓ ଆଲେକଜାଣ୍ଡାର)

ଯିହୋବା ପରମେଶ୍ୱର ଇସ୍ରାଏଲକୁ ପରିତ୍ୟାଗ କରି ନ ଥିଲେ । ଇସ୍ରାଏଲ ତାହାର ଚାଲୁ ରଖିଥିବା ଅବାଧ୍ୟତା, ମୂର୍ତ୍ତୀପୂଜା ଏବଂ ବର୍ତ୍ତମାନ ଧର୍ମ ସମ୍ବନ୍ଧୀୟ ନ୍ୟାୟବାଦ ଦ୍ୱାରା ଯିହୋବାଙ୍କୁ ପରିତ୍ୟାଗ କରିଥିଲା ।

ଏହା ଲକ୍ଷ୍ୟ କରିବା ଉତ୍ସାହଜନକ ଯେ, ଆଦ୍ୟ ପାପିରସ ପାଣ୍ଡୁଲିପି ପି୪୬ ଓ ଅନସିଆଲ (ଅଧିକ ପୁରାତନ ପାଣ୍ଡୁଲିପି) ଏଫ୍ ଓ ଜି ରେ ‘‘ଲୋକମାନେ’’ ବଦଳରେ ‘‘ଉତ୍ତରାଧିକାରୀ’’ ଅଛି । ଯାହା ଗୀତ ୯୪:୧୪ର ୬୦ରୁ ଆସିଥାଇ ପାରେ । ‘‘ଲୋକମାନେ’’ ଶବ୍ଦ ପାଇଁ ୟୁବିଏସ୍ ‘‘ଏ’’ ଗ୍ରେଡ୍ ନମ୍ବର ପ୍ରଦାନ କରେ (ନିଶ୍ଚିତ)

- **‘‘ତାହା କେବେ ହେଁ ନ ହେଉ’’** ଏହା ହେଉଛି କାଳ୍ପନିକ ଭାବଧାରା ବିଶିଷ୍ଟ ଅଭିଯୋଗକାରୀର ପ୍ରଶ୍ନଗୁଡ଼ିକୁ ଅଗ୍ରହ୍ୟ କରିବାର ପାଉଲଙ୍କ ଚରିତ୍ରଗତ ପଥ (ଭର୍ତ୍ସନାପୂର୍ଣ୍ଣ ସମାଲୋଚନା ୩:୪,୬,୩୧, ୬:୨,୧୫, ୭:୭,୧୩, ୯:୧୪, ୧୧:୧,୧୧)
- **‘‘ମୁଁ ମଧ୍ୟ... ଜଣେ ଇସ୍ରାଏଲୀୟ ଲୋକ’’** ପାଉଲ ନିଜକୁ ଏକ ବିଶ୍ୱାସକାରୀ ଯିହୁଦୀୟ ଅବଶିଷ୍ଟାଂଶର ସ୍ଥିତିକୁ ପ୍ରମାଣ କରିବା ସକାଶେ ବ୍ୟବହାର କରନ୍ତି । ପାଉଲଙ୍କ ଯିହୁଦୀୟ ପୃଷ୍ଠଭୂମିର ଆହୁରି ଅଧିକ ପରିବ୍ୟାପ୍ତି ଏଫିସୀ ୩:୫ରେ ଦେଖ ।
- **୧୧:୨ ‘‘ଈଶ୍ୱର ତାହାଙ୍କ ଲୋକମାନଙ୍କୁ ପରିତ୍ୟାଗ କରିନାହାନ୍ତି’’** ଏହା ଗୀତ ୯୪:୧୪ର ଏକ ପରୋକ୍ଷ ସୂଚନା ହୋଇପାରେ (ଦ୍ୱିତୀୟ ବିବରଣ ୩୧:୬, ୧ ଶାମୁୟେଲ ୧୨:୨୨, ୧ ରାଜାବଳୀ ୬:୧୩, ବିଳାପ ୩:୩୧–୩୨) । ଏହା ୧ ପଦର ଏକ ସ୍ୱତନ୍ତ୍ର ଉତ୍ତର ଅଟେ ।
- **‘‘ଯେଉଁମାନଙ୍କୁ ସେ ପୂର୍ବରୁ ଜାଣିଥିଲେ’’** ଈଶ୍ୱରଙ୍କ ଇସ୍ରାଏଲମାନଙ୍କୁ ନିର୍ବାଚନ କରିବାର ଏହା ଏକ ସ୍ପଷ୍ଟ ପଦ । ୮:୨୯ରେ ଥିବା ଟିପ୍ପଣୀ ଦେଖ । ଏହା ୪–୬ ପଦରେ କରାଯାଇଥିବା ପରି, ଯୁକ୍ତିକୁ ୯ ଅଧ୍ୟାୟକୁ ଫେରାଇ ନିଏ । ଇସ୍ରାଏଲର ସତ୍କର୍ମ ସାଧାନ ଏହାର ମୁଖ୍ୟ ବିଷୟ ନ ଥିଲା, ମାତ୍ର ଈଶ୍ୱରଙ୍କ ପସନ୍ଦ ମୁଖ୍ୟ ଥିଲା । ଈଶ୍ୱର ତାହାଙ୍କ ପ୍ରତିଜ୍ଞା ସମୂହରେ ବିଶ୍ୱସ୍ତ ଅଟନ୍ତି, ସେ ଯାହା ସେଥିସକାଶେ, ଇସ୍ରାଏଲର କାର୍ଯ୍ୟସାଧନ ହେତୁ ନୁହେଁ (ଯିହିଜିକଲ ୩୬:୨୨–୩୨) ।
- **‘‘ଶାସ୍ତ୍ର କହେ’’** ଏହା ୩ ପଦରେ ୧ ରାଜାବଳୀ ୧୯:୧୦ ଉଦ୍ଧୃତ କରାଯାଇଅଛି, ଏହା ଇଶେବେଲଠାରୁ ଏଲିୟଙ୍କ ପଳାଇ ଯିବା ବିଷୟର ପଦ ।

**୧୧:୪ ‘‘ଏପରି ସାତହଜାର ଲୋକ ଆମ୍ଭେ ଆପଣା ନିମନ୍ତେ ଅବଶିଷ୍ଟ ରଖିଅଛୁ ।’’** ଆପଣା ନିମନ୍ତେ ୧ ରାଜାବଳୀ ୧୯:୧୮ର ହିବ୍ରୁ ପଦ୍ଧତିର ଲେଖାରେ ନାହିଁ (ପାଉଲ ହିବ୍ରୁ ଲେଖକମାନଙ୍କ ପ୍ରଣାଳୀର ଅନୁବାଦ ବା ୬୦ ଉଦ୍ଧୃତ କରି ନାହାନ୍ତି) ମାତ୍ର ପାଉଲଙ୍କ ଦ୍ୱାରା ଈଶ୍ୱରଙ୍କ ପସନ୍ଦ ଉପରେ ଗୁରୁତ୍ୱ ଯୋଗ କରାଯାଇଅଛି । ୧ ରାଜାବଳୀ ୧୯:୧୮ର ବିଶ୍ୱସ୍ତ ଅବଶିଷ୍ଟାଂଶ ଈଶ୍ୱରଙ୍କ ପସନ୍ଦରୁ ଚିନ୍ତା କରାଯାଇଛି, ସେମାନଙ୍କର ବାଲପୂଜା ଅଗ୍ରାହ୍ୟ କରିବା ହେତୁ ନୁହେଁ ।

ପାଉଲ ଦୃଷ୍ଟି ଆକର୍ଷଣ କରନ୍ତି ଯେ ଏଲିୟଙ୍କ ସମୟରେ ଅବିଶ୍ୱାସୀ (ବିଶ୍ୱାସହୀନ) ମୂର୍ତ୍ତୀପୂଜକ ଇସ୍ରାଏଲମାନଙ୍କ ମଧ୍ୟରେ ଏପରିକି ଏକ କ୍ଷୁଦ୍ର ବିଶ୍ୱାସୀଦଳ ଥିଲେ । ପାଉଲଙ୍କ ସମୟରେ ମଧ୍ୟ ଯିହୁଦୀ ଲୋକମାନଙ୍କ ମଧ୍ୟରେ ଏକ ବିଶ୍ୱାସୀ ଅବଶିଷ୍ଟାଂଶ ଥିଲେ (୯:୨୭–୨୮ରେ ବିଶେଷ ପ୍ରସଙ୍ଗ ଦେଖ) । ପ୍ରତ୍ୟେକ ଯୁଗରେ କେତେକ ଯିହୁଦୀ ବିଶ୍ୱାସ ଦ୍ୱାରା ପ୍ରତ୍ୟୁତ୍ତର ଦେଉଅଛନ୍ତି । ପାଉଲ ସୂଚନା ଦିଅନ୍ତି ଯେ ଏହି ବିଶ୍ୱାସୀ ଯିହୁଦୀଗଣ ଦୟା ଓ ଅନୁଗ୍ରହ ଦ୍ୱାରା ଶକ୍ତିଯୁକ୍ତ ଅଟନ୍ତି ।

- **‘‘ବାଆଲ ସମ୍ମୁଖରେ’’** ଏହା ପୁରୁଷ ନାମ (ବିଶେଷ୍ୟପଦ) ଦ୍ୱାରା ଏକ ସ୍ତ୍ରୀଚରିତ୍ରର ଗୁଣ ଅଛି । ଯିହୁଦୀମାନେ ବିଜାତି ଦେବାଦେବୀଙ୍କ ପ୍ରତି କୌତୁକ କରିବା ପାଇଁ ସେମାନଙ୍କ ନାମ ସବୁରେ ବ୍ୟଞ୍ଜନବର୍ଣଗୁଡ଼ିକ ମଧ୍ୟକୁ ସ୍ତ୍ରୀଲିଙ୍ଗର ହିବ୍ରୁଶବ୍ଦ ‘‘ଲଜ୍ଜା’’ (ବୋଶେଥ)ରୁ ସର୍ବଦା ସ୍ୱରବର୍ଣ୍ଣମାନ ଦୃଢ଼ ରୂପେ ସମର୍ଥନ କରିବା ହେତୁ ଏହା ବ୍ୟବହାର କରୁଥିଲେ ।

**୧୧:୫–୬** ଏଗୁଡ଼ିକ ମୁଖ୍ୟ ପଦମାନ ଅଟେ । ସେମାନେ ପୁରାତନ ନିୟମରେ ଈଶ୍ୱରଙ୍କ ଅତୀତ କାର୍ଯ୍ୟଗୁଡ଼ିକ ବର୍ତ୍ତମାନ ପରିସ୍ଥିତି ସହିତ ସଂଯୁକ୍ତ କରନ୍ତି । ଏହି ସମ୍ପର୍କ ହେଉଛି ଈଶ୍ୱରଙ୍କ ଦୟା ଦ୍ୱାରା ତାହାଙ୍କ ନିର୍ବାଚନ (୧୫,୧୬,୧୮,୧୧:୩୦, ୩୧,୩୨) । ଈଶ୍ୱରଙ୍କ ଅନୁଗ୍ରହ ହେଉଛି ଅଗ୍ରାଧିକାର, ମାତ୍ର ମାନବ ବିଶ୍ୱାସ ହେଉଛି ଆବଶ୍ୟକୀୟ (ମାର୍କ ୧:୧୫, ପ୍ରେରିତ ୩:୧୬,୧୯, ୨୦:୨୧), ଯାହା ବି ହେଉ ଏହା ମାନବ ସତ୍କର୍ମ ଉପରେ ଆଦୌ ନିର୍ଭର କରେ ନାହିଁ (ଏଫିସୀ ୨:୮–୯, ୨ ତୀମଥି ୧:୯, ତିତସ ୩:୫) । ଏହି ସତ୍ୟମାନ ୯–୧୧ ଅଧ୍ୟାୟ ବ୍ୟାପୀ ପାଉଲଙ୍କ ଯୁକ୍ତିରେ କଷ୍ଟକର (କଠିନ) ଅଟେ ।

**୧୧:୬ ''ଏହା''** ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହା ଲେଖକଙ୍କ ଦୃଷ୍ଟି କୋଣରୁ ଦାତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟରୁ ସତ୍ୟ ବୋଲି ଦାବି କରାଯାଉଅଛି । ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ପରିତ୍ରାଣ (୩ଽ୪, ୬:୨୩, ଏଫିସୀ ୨:୮-୯ରେ ଟିପ୍ପଣୀ ଦେଖ) ।

▣ କେ ଜେ ଭି ୬ ପଦରେ ଏକ ଶେଷ ଉକ୍ତି (ଖଣ୍ଡବାକ୍ୟ) ଅନ୍ତର୍ଗତ କରେ । ''କିନ୍ତୁ ଯଦି ତାହା ଅନୁଗ୍ରହରେ ହୁଏ, ତେବେ ତାହା ଆଉ କ୍ରିୟାକର୍ମ ହେତୁ ହୁଏ ନାହିଁ, ନୋହିଲେ ଅନୁଗ୍ରହ ଆଉ ଅନୁଗ୍ରହ ନୁହେଁ ।'' ଏହି ଖଣ୍ଡବାକ୍ୟ ଅଧିକାଂଶ ଗ୍ରୀକ୍ ପାଣ୍ଡୁଲିପିରେ ଯୋଗ କରାଯାଇ ନାହିଁ ଯଥା ପି୪୬, ଏନ୍,ଏ,ସି,ଡି,ଜି,ବା ପି ଏବଂ ପୁରାତନ ଲାଟିନ୍ ଅନୁବାଦ ଗୁଡ଼ିକରେ ନାହିଁ, ମାତ୍ର ଦୁଇଟି ଭିନ୍ନ ପ୍ରକାର ଖଣ୍ଡବାକ୍ୟ, ପାଣ୍ଡୁଲିପିରେ ଦେଖାଯାଏ ଏନ୍ ସି ଏବଂ ବି । ୟୁବିଏସ୍ ସେମାନଙ୍କ ଏହି ଅର୍ନ୍ତଭୁକ୍ତ ନ କରିବାକୁ, ମୂଲ୍ୟାୟନ କରି 'ଏ' ଗ୍ରେଡ୍ ପ୍ରଦାନ କରେ (ନିଶ୍ଚିତ) ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୧:୭-୧୦**

**''ତେବେ କଅଣ ? ଇସ୍ରାଏଲ ଯାହା ଖୋଜୁଅଛି, ତାହା ପାଇ ନାହିଁ, କିନ୍ତୁ ନିର୍ବାଚିତମାନେ ଯାହା ପାଇଅଛନ୍ତି, ଆଉ ଅବଶିଷ୍ଟମାନେ ଜଡ଼ କରାଗଲେ, ଯେପରି ଲେଖାଅଛି, ଈଶ୍ୱର ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଜଡ଼ତାର ଆତ୍ମା ଦେଇଅଛନ୍ତି, ଏପରି ଚକ୍ଷୁ ଦେଇଅଛନ୍ତି, ଯେପରି ସେମାନେ ଦେଖିବେ ନାହିଁ, ଆଉ ଏପରି କର୍ଣ୍ଣ ଦେଇଅଛନ୍ତି, ଯେପରି ସେମାନେ ଶୁଣିବେ ନାହିଁ । ପୁଣି ଦାଉଦ କହନ୍ତି, ସେମାନଙ୍କର ଫାନ୍ଦ ଓ ଫାଶ ପରି ହେଉ, ପୁଣି ସେମାନଙ୍କ ପ୍ରତି ତାହା ବିଘ୍ନ ଓ ପ୍ରତିଶୋଧ ସ୍ୱରୂପ ହେଉ । ଯେପରି ସେମାନେ ଦେଖି ନ ପାରନ୍ତି, ଏଥିପାଇଁ ସେମାନଙ୍କ ଚକ୍ଷୁ ଅନ୍ଧ ହେଉ, ଆଉ ତୁମ୍ଭେ ସେମାନଙ୍କ ପୃଷ୍ଠ ସର୍ବଦା କୁବ୍ଜ କରି ରଖ ।''**

**୧୧:୭ ''ଇସ୍ରାଏଲ ଯାହା ଖୋଜୁଅଛି, ତାହା ପାଇଁ ନାହିଁ ।''** ଗ୍ରୀକ୍ ବାକ୍ୟରେ ଏହା ପ୍ରଥମରେ ସ୍ଥାନ ପାଇଛି ପାଉଲଙ୍କ ଚିନ୍ତାରେ ଗୁରୁତ୍ୱ ଆରୋପ କରିବାକୁ । ଅନେକ ଯିହୁଦୀମାନେ ଈଶ୍ୱରଙ୍କ ସହିତ ଯଥାର୍ଥ ସ୍ଥାନକୁ ଆସିବାକୁ ଅନ୍ୱେଷଣ କରୁଅଛନ୍ତି ଏବଂ ସେମାନେ ଧର୍ମ ବିଧିବିଧାନ, ଗୋଷ୍ଠିଗତ ସୁଯୋଗସମୂହ ଏବଂ ସ୍ୱ-ଚେଷ୍ଟା ପରିଶ୍ରମ ଇତ୍ୟାଦି କାର୍ଯ୍ୟ ସାଧନ ଦ୍ୱାରା ଏହାର ଅନ୍ୱେଷଣ କରୁଛନ୍ତି । ସେମାନେ ତାଙ୍କର ଲକ୍ଷ୍ୟଚ୍ୟୁତ ହୋଇଛନ୍ତି । କୌଣସି ଶରୀର ଈଶ୍ୱରଙ୍କ ସମ୍ମୁଖରେ ଗୌରବ ପାଇବ ନାହିଁ (୧ କରିନ୍ଥୀ ୧:୨୯, ଏଫିସୀ ୨:୯) ।

▣

| | |
|---|---|
| ଏନ୍ ଏ ଏସ୍ ବି | **''କିନ୍ତୁ ଯେଉଁମାନେ ମନୋନୀତ ହୋଇଥିଲେ ତାହା ପାଇଅଛନ୍ତି''** |
| ଏନ୍ କେ ଜେ ଭି | **''ମାତ୍ର ନିର୍ବାଚିତମାନେ ତାହା ପାଇଅଛନ୍ତି''** |
| ଏନ୍ ଆର୍ ଏସ୍ ଭି | **''ମନୋନୀତ ଏହା ପାଇଲେ''** |
| ଟି ଇ ଭି | **''ଏହା ଥିଲା କେବଳ କ୍ଷୁଦ୍ରଦଳ, ଯେଉଁମାନଙ୍କୁ ଈଶ୍ୱର ମନୋନୀତ କଲେ, ସେମାନେ ଏହାକୁ ପ୍ରାପ୍ତ ହେଲେ''** |
| ଏନ୍ ଜେ ବି | **''କିନ୍ତୁ କେବଳ ସ୍ୱଳ୍ପ ମନୋନୀତ''** |

ଏହା ହେଉଛି ପୁରାତନ ନିୟମ ''ଅବଶିଷ୍ଟାଂଶ''ର ବିଶ୍ୱାସ (୯:୨୭-୨୮ରେ ବିଶେଷ ପ୍ରସଙ୍ଗ ଦେଖ), ଏଠାରେ ୧ ରାଜା ୧୯:୧୮ର ୭,୦୦୦କୁ ବୁଝାଏ । ମୁଖ୍ୟ ବିଷୟ ମାନବ ଚେଷ୍ଟା, ଜାତି ବା ଧର୍ମକର୍ମ ନୁହେଁ (୬ପଦ) ମାତ୍ର ନିର୍ବାଚନରେ ଈଶ୍ୱରଙ୍କ ଅନୁଗ୍ରହ (ଏଫିସୀ ୧:୩-୧୪) ।

▣ **''ଅବଶିଷ୍ଟମାନେ ଜଡ଼ କରାଗଲେ''** ଏହା ଏକ ଆଓରିଷ୍ଟ କର୍ମକାରକ ସୂଚନାଦାନକାରୀ (୨ କରିନ୍ଥୀ ୩:୧୪) ପ୍ରୟୋଗ ହେଉଛି, ଈଶ୍ୱର ସେମାନଙ୍କୁ ଜଡ଼ କଲେ (୮-୧୦ପଦ) । ଜଡ଼ କରିବା ପ୍ରତିନିଧି ହେଉଛି ମନ୍ଦବ୍ୟକ୍ତି (୨ କରିନ୍ଥୀ ୪:୪) । ''କଠିନ ବା ଜଡ଼ କରିବା'' (ପୋରୁ) ଏକ ଡାକ୍ତରୀ ଶବ୍ଦ କଠିନତା (ହୃଦୟ ହୀନତା) ବା ଅନ୍ଧତା ନିମନ୍ତେ ବ୍ୟବହୃତ ହୋଇଛି (ରୋମୀ ୧୧:୨୫, ୨ କରିନ୍ଥୀ ୩:୧୪, ଏଫିସୀ ୪:୧୮) । ଏହି ସମାନ ଶବ୍ଦ ମାର୍କ ୬:୫୨ରେ ପ୍ରେରିତମାନଙ୍କ ଦ୍ୱାରା ବ୍ୟବହାର କରାଯାଇଛି । ଏହା ୯:୧୮ରୁ ଏକ ଭିନ୍ନ ଗ୍ରୀକ୍ ଶବ୍ଦ (ସ୍କଲଲେର୍‌ନଓ) ଯାହା ଦୟାର ବିପରୀତ (ଏବ୍ରୀ ୩:୮,୧୫, ୪:୭) ।

ଏହି ପଦ ସୁସ୍ପଷ୍ଟ ଏବଂ ୧୧:୧-୬ର ଏକ ସାରାଂଶ ଅଟେ । କେତେକ ମନୋନୀତ, ବିଶ୍ୱାସ କଲେ ଏବଂ କେତେକ ମନୋନୀତ ହୋଇ ନ ଥିଲେ କଠିନ ବା ଜଡ଼ ହେଲେ । ଯାହାବି ହେଉ, ଏହି ପଦ ଏକାକୀ ଅବସ୍ଥାରେ ଲେଖାଯାଇ ନାହିଁ, ଏକ ପାରମାର୍ଥିକ ଆକର୍ଷଣୀୟ ଧ୍ୱନୀ ବା ସ୍ଲୋଗାନ ରୂପେ, ଏହା ଏକ ସ୍ଥିତିଲାଭ କରିଥିବା ଯୁକ୍ତିଯୁକ୍ତ ପାରମାର୍ଥିକ ଯଥାର୍ଥ ସତ୍ୟ ପ୍ରସଙ୍ଗର ଅଂଶ ବିଶେଷ । ଏହି ପଦରେ ଏତେ ସ୍ପଷ୍ଟରୂପେ ଦିଆଯାଇଥିବା ସତ୍ୟ ଏବଂ ୧୦ ଅଧ୍ୟାୟର ସାର୍ବଜନୀନ ନିମନ୍ତ୍ରଣ ମଧ୍ୟରେ ଏକ ସମସ୍ୟା ବା ଚିନ୍ତା ରହିଛି । ଏଠାରେ ଏକ ରହସ୍ୟ ଅଛି । ମାତ୍ର ଏହି ଦ୍ୱନ୍ଦମୂଳକ ଦୁଇ ଶିଙ୍ଗ ଓ ଦୁଇ ସ୍ତମ୍ଭର କୌଣସିଟିକୁ ନାସ୍ତି ବା ନ୍ୟୁନିକୃତ କରିବା ଏହାର ସମାଧାନ ନୁହେଁ ।

**୧୧:୮-୧୦** ଏହି ପଦଗୁଡ଼ିକ ଯିଶାଇୟ ୨୯:୧୦ (୮କ ପଦ), ଦ୍ୱିତୀୟ ବିବରଣ ୨୯:୪ ରୁ ଉଦ୍ଧୃତ କରାଯାଇଅଛି ମାତ୍ର ଏମ୍ ଟି ବା ୬୦ ବା (୮ଖ ପଦ) ଏବଂ ଗୀତ ୬୯:୨୨-୨୩ (୯-୧୦ପଦ)ରୁ ଉଦ୍ଧୃତ କରାଯାଇ ନାହିଁ । ଯିଶାଇୟ ଈଶ୍ୱରଙ୍କ ବାକ୍ୟ ଉପସ୍ଥାପନ କରିଅଛନ୍ତି, ମାତ୍ର ଈଶ୍ୱରଙ୍କ ଲୋକମାନେ ପ୍ରତ୍ୟୁତ୍ତର ଦେଇପାରିଲେ ନାହିଁ ବା ଦେବେ ନାହିଁ, ଯଦ୍ୟପି ଯିଶାଇୟଙ୍କ ଏହି ପଦଗୁଡ଼ିକ (୬:୯-୧୩) ବିଦ୍ରୋହୀ ଇସ୍ରାଏଲ ପ୍ରତି ଯିଶାଇୟଙ୍କ ଆହ୍ୱାନ ଓ କାର୍ଯ୍ୟ ପ୍ରତିଫଳିତ କରେ । ପାଉଲ ୯:୧୩,୧୫,୧୭ ପରି ଏଠାରେ ପୁରାତନ ନିୟମର ଈଶ୍ୱରଙ୍କର କେତେକଙ୍କୁ କଠିନ କରିବା ବିଷୟ ଯୋଗ କରିଅଛନ୍ତି ।

**୧୧:୮**

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ଈଶ୍ୱର ସେମାନଙ୍କୁ ଏକ ଜଡ଼ତାର ଆତ୍ମା ଦେଲେ''** |
| **ଏନ୍ ଆର୍ ଏସ୍ ଭି, ଏନ୍ ଜେ ବି** | **''ଈଶ୍ୱର ସେମାନଙ୍କୁ ଏକ ମନ୍ଥରତା (ବା) ଆଳସ୍ୟତାର ଆତ୍ମା ଦେଲେ''** |
| **ଟି ଇ ଭି** | **''ଈଶ୍ୱର ସେମାନଙ୍କର ମନ ଓ ଆତ୍ମାକୁ ନିର୍ବୋଧ କଲେ''** |

ଏହି ଗ୍ରୀକ୍ ଶବ୍ଦ (କାଟାନୁକ୍ସିସ୍) ନୂତନ ନିୟମରେ କେବଳ ଏହିଠାରେ ବ୍ୟବହାର କରାଯାଇଅଛି, ଯେପରି ଏକ ବିଷାକ୍ତ କୀଟ ଦଂଶନ ତାହାର ଅତ୍ୟଧିକ କଷ୍ଟ ଭିତରେ ପ୍ରବେଶ କରାଇ ଅନୁଭବକୁ ନିଷ୍ପ୍ରଭ କରିଦିଏ ।

**୧୧:୧୦ ''ଯେପରି ସେମାନେ ଦେଖି ନ ପାରନ୍ତି, ଏଥିପାଇଁ ସେମାନଙ୍କ ଚକ୍ଷୁ ଅନ୍ଧ ହେଉ ଆଉ ସେମାନଙ୍କ ପୃଷ୍ଠ ସର୍ବଦା କୁବ୍ଜ କରି ରଖ ।''** ଏହା ଏକ ଆଓରିଷ୍ଟ କର୍ମକାରକ ଅନୁଜ୍ଞାସୂଚକ (ବାଧ୍ୟତାମୂଳକ) କ୍ରିୟା, ଏକ ଆଓରିଷ୍ଟ ସକ୍ରୀୟ ବା କର୍ତ୍ତୃକାରକ ଅନୁଜ୍ଞାସୂଚକ କ୍ରିୟା ଦ୍ୱାରା ଅନୁଗମନ କରେ । ଏହା ହେଉଛି ଈଶ୍ୱରଙ୍କ ସର୍ବଭୌମତାର ରହସ୍ୟ ଏବଂ ମାନବଜାତିର ଆବଶ୍ୟକୀୟ ପ୍ରତ୍ୟୁତ୍ତର । ଈଶ୍ୱର ସମସ୍ତ ବିଷୟର ଉତ୍ପତ୍ତି ସ୍ଥଳ ଏବଂ ସମସ୍ତ ବିଷୟ ଆରମ୍ଭକାରୀ, ତଥାପି ତାହାଙ୍କ ସର୍ବଭୌମ ଇଚ୍ଛାରେ ସେ ନିୟମ ପ୍ରସ୍ତୁତ କରିଅଛନ୍ତି ଯେ, ମାନବଗଣ, ତାହଙ୍କ ଚୂଡ଼ାନ୍ତ (ସର୍ବୋଚ୍ଚ) ସୃଷ୍ଟି, ସ୍ୱାଧିନଭାବେ ତାହାଙ୍କୁ ପ୍ରତ୍ୟୁତ୍ତର ଦେବେ । ଯେଉଁମାନେ ବିଶ୍ୱାସରେ ପ୍ରତ୍ୟୁତ୍ତର ଦିଅନ୍ତି ନାହିଁ, ସେମାନେ ଜଡ଼ିଭୂତ ହୁଅନ୍ତି (ଯଥା : ସେମାନଙ୍କର ପସନ୍ଦ, ଶେଷ ସିଦ୍ଧାନ୍ତ ନେବାରେ) ସେମାନଙ୍କର ଅବିଶ୍ୱାସରେ ।

ଏହି ପରିପ୍ରେକ୍ଷୀରେ ପାଉଲ ସତ୍ୟତା ସାବ୍ୟସ୍ତ କରନ୍ତି, ଆଦମଙ୍କ ସନ୍ତାନମାନଙ୍କୁ ଉଦ୍ଧାର କରିବା ପାଇଁ ଈଶ୍ୱରଙ୍କ ଅନନ୍ତକାଳୀନ ଯୋଜନା ବିଷୟରେ । ଯିହୁଦୀମାନଙ୍କ ଅବିଶ୍ୱାସ ବିଜାତିମାନଙ୍କ ନିମନ୍ତେ ବିଶ୍ୱାସର ଦ୍ୱାର ଉନ୍ମୁକ୍ତ କରିବ ଏବଂ ଈର୍ଷା ବା ଉଦ୍‌ଯୋଗ ଦ୍ୱାରା ଇସ୍ରାଏଲ ଜାତି ଉତ୍ଥିତ ହେବେ ! ଏହା ହେଉଛି ଅନ୍ତର୍ଭୁକ୍ତ କରିବା ଯୋଜନା (ଏଫିସୀ ୨:୧୧-୩:୧୩) ପରିତ୍ୟାଗ କରିବା ଯୋଜନା ନୁହେଁ ! ଜଡ଼କରିବା ଏକ ମହତ୍ତର ଅମଳ (ଯଥା : ଫାରୋ) କାର୍ଯ୍ୟ କରେ !

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୧:୧୧-୧୬**

**[11]''ତେବେ ମୁଁ କହେ ସେମାନେ କଅଣ ବିନଷ୍ଟ ହେବା ନିମନ୍ତେ ଝୁଣ୍ଟିଲେ ? ତାହା କେବେ ହେଁ ନ ହେଉ, ବରଂ ସେମାନଙ୍କୁ ଉଦ୍‌ଯୋଗୀ କରିବା ନିମନ୍ତେ ସେମାନଙ୍କ ପତନ ଦ୍ୱାରା ବିଜାତିମାନଙ୍କ ନିକଟରେ ପରିତ୍ରାଣ ଉପସ୍ଥିତ ହୋଇଅଛି । [12] ଯଦି ସେମାନଙ୍କର ପତନ ଜଗତର ଧନ ସ୍ୱରୂପ, ଆଉ ସେମାନଙ୍କର ହ୍ରାସ ବିଜାତିମାନଙ୍କର ଧନ ସ୍ୱରୂପ ହୋଇଅଛି, ତାହା ହେଲେ ସେମାନଙ୍କ ପୂର୍ଣ୍ଣତା ଆହୁରି କେତେ ଅଧିକ ଧନ ସ୍ୱରୂପ ନ ହେବ । [13] କିନ୍ତୁ ବିଜାତି ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମୁଁ କହୁଅଛି । ମୁଁ ବିଜାତିମାନଙ୍କ ନିମନ୍ତେ ପ୍ରେରିତ ହେବାରୁ ମୋ' ସେବକ ପଦର ଗୌରବ କରୁଅଛି, [14] ଯେପରି କୌଣସି ପ୍ରକାରେ ମୋହର ସ୍ୱଜାତିମାନଙ୍କୁ ଉଦ୍‌ଯୋଗୀ କରାଇ ସେମାନଙ୍କ ମଧ୍ୟରୁ କେତେକଙ୍କୁ ପରିତ୍ରାଣ କରିପାରେ । [15] କାରଣ ଯଦି ସେମାନଙ୍କର ଦୂରୀକରଣ ଦ୍ୱାରା ଜଗତର ମିଳନ ଘଟିଲା, ତେବେ ସେମାନଙ୍କ ଗ୍ରହଣ ଦ୍ୱାରା କଅଣ ନିଶ୍ଚୟ ମୃତମାନଙ୍କ ମଧ୍ୟରୁ ଜୀବନ ଲାଭ ନ ହେବ ? [16] ଆଉ ଯଦି ପ୍ରଥମ ଉତ୍ସର୍ଗୀକୃତ ଅଂଶ ପବିତ୍ର, ପୁଣି ଯଦି ମୂଳ ପବିତ୍ର, ତେବେ ଶାଖା ସବୁ ମଧ୍ୟ ପବିତ୍ର ।''**

**୧୧:୧୧ ''ତେବେ ମୁଁ କହେ''** ଏହା ୧୧:୧ ପଦ ପରି ଏକ ଆକର୍ଷଣୀୟ ପ୍ରକାଶ ଭଙ୍ଗୀ । ଏହା ପାଉଲଙ୍କର ପରମାର୍ଥିକ ଯୁକ୍ତି ବିଭିନ୍ନ ଉପାୟରେ କରିବାରେ ଲାଗି ରହେ । ୧-୧୦ ପଦରେ ଈଶ୍ୱରଙ୍କ ଦ୍ୱାରା ଇସ୍ରାଏଲର ଅଗ୍ରାହ୍ୟ, ୧୧-୨୪ ପଦରେ ଏହି ଅଗ୍ରାହ୍ୟ ଚୀରସ୍ଥାୟୀ ନୁହେଁ ମାତ୍ର ଉଦ୍ଦେଶ୍ୟମୂଳକ ବୋଲି ପ୍ରକାଶ କରାଯାଇଅଛି । ଏହା ମାଧ୍ୟମରେ ବିଜାତିମାନେ ଅନ୍ତର୍ଗତ ହୋଇ ଆସିଅଛନ୍ତି ।

▣

| | |
|---|---|
| **ଏନ୍ ଏ ଏସ୍ ବି,** | **''ସେମାନେ କ'ଣ ପତିତ ହେବା ନିମନ୍ତେ ଝୁଣ୍ଟିଲେ''** |
| **ଏନ୍ କେ ଜେ ଭି, ଏନ୍ ଆର୍ ଏସ୍ ଭି** | **''ସେମାନେ ପତିତ ହେବା ଉଚିତ ବୋଲି ସେମାନେ ଝୁଣ୍ଟିଛନ୍ତି କି''** |
| **ଟି ଇ ଭି** | **''ଯିହୁଦୀମାନେ ଯେତେବେଳେ ଝୁଣ୍ଟିଲେ, ସେମାନଙ୍କର ବିନାଶ ପର୍ଯ୍ୟନ୍ତ ପତିତ ହେଲେ କି''** |
| **ଏନ୍ ଜେ ବି** | **''ଯିହୁଦୀମାନେ ଚୀରକାଳ ପାଇଁ ପତିତ ହେଲେ ଅବା କେବଳ ଝୁଣ୍ଟିପଡ଼ିଲେ ?** |

ଏହି ପ୍ରଶ୍ନ ''ନୁହେଁ'' ଉତ୍ତର ଅପେକ୍ଷା କରେ । ଇସ୍ରାଏଲର ଅବିଶ୍ୱାସ ଏକ ସ୍ଥାୟୀ ଅବସ୍ଥା ନୁହେଁ ।

▣

| | |
|---|---|
| **ଏନ୍ ଏ ଏସ୍ ବି** | **''ସେମାନଙ୍କ ଅପରାଧ ଦ୍ୱାରା''** |
| **ଏନ୍ କେ ଜେ ଭି** | **''ସେମାନଙ୍କ ପତନ ମାଧ୍ୟମରେ''** |
| **ଏନ୍ ଆର୍ ଏସ୍ ଭି** | **''ସେମାନଙ୍କ ଝୁଣ୍ଟିବା ମାଧ୍ୟମରେ''** |
| **ଟି ଇ ଭି** | **''ଯେହେତୁ ସେମାନେ ପାପ କଲେ''** |
| **ଏନ୍ ଜେ ବି** | **''ସେମାନଙ୍କର ପତନ''** |

ପୂର୍ବାପର ସମ୍ବନ୍ଧ ଅନୁସାରେ, ଏହା ଯିହୁଦୀମାନଙ୍କର ଯୀଶୁଙ୍କୁ ମଶୀହ ରୂପେ ଅଗ୍ରାହ୍ୟ କରିବାକୁ ବୁଝାଏ (୧୨ପଦ)

▣ ''ବିଜାତିମାନଙ୍କ ନିକଟରେ ପରିତ୍ରାଣ ଉପସ୍ଥିତ ହୋଇଅଛି'' ପ୍ରଥମ ଶତାବ୍ଦୀ ଯିହୁଦୀମାନଙ୍କ ସକାଶେ ଏହା କେଡ଼େ ଆଘାତ ଦାୟକ ମନ୍ତବ୍ୟ ଥିଲା (୧୨ ପଦ, ପ୍ରେରିତ ୧୩:୪୬, ୧୮:୬, ୨୨:୨୧, ୨୮:୨୮) ।

▣ ''ସେମାନଙ୍କୁ ଉଦ୍‌ଯୋଗୀ କରିବା ନିମନ୍ତେ'' ''ଉଦ୍‌ଯୋଗ'' ଶବ୍ଦ ୧୦:୧୯ ଓ ୧୧୧୪ରେ ଅଛି । ଈଶ୍ୱରଙ୍କ ଯୋଜନା ବିଜାତିମାନଙ୍କୁ ଅର୍ନ୍ତଭୁକ୍ତ କରିବା ନିମନ୍ତେ ଦୁଇଟି ଉଦ୍ଦେଶ୍ୟରେ କାର୍ଯ୍ୟ କରେ ।

୧. ସମସ୍ତ ମାନବଜାତି ପାଇଁ ଈଶ୍ୱରଙ୍କ ମୁକ୍ତିସାଧନ

୨. ଇସ୍ରାଏଲର ଏକ ଅନୁତପ୍ତ ଅବଶିଷ୍ଟାଂଶଙ୍କୁ ବ୍ୟକ୍ତିଗତ ବିଶ୍ୱାସ ମଧ୍ୟକୁ ଈଶ୍ୱରଙ୍କର ପୁନରୁଦ୍ଧାର ।

ମୁଁ ବ୍ୟକ୍ତିଗତଭାବେ ଚମତ୍କୃତ ହୁଏ ଯଦି ୨ ଅର୍ନ୍ତଭୁକ୍ତ କରେ

୧. ଏକ ଶେଷ-ସମୟର ଯିହୁଦୀମାନଙ୍କ ଉଦ୍ଦୀପନା

୨. ପ୍ରଥମ ଶତାବ୍ଦୀ ଏବଂ ପ୍ରତ୍ୟେକ ଶତାବ୍ଦୀର ଯିହୁଦୀ ବିଶ୍ୱାସୀମାନେ ।

୩. ଆଧୁନିକ ତ୍ରାଣକର୍ତ୍ତାଙ୍କ ସୟନ୍ଧୀୟ ବିଶ୍ୱାସୀମାନଙ୍କ ସମାଜଗୃହଗୁଡ଼ିକ ପ୍ରତିଜ୍ଞାର ସଫଳତା ହୋଇପାରେ ।

**୧୧:୧୨-୧୪** ଏହି ପଦଗୁଡ଼ିକରେ ଦଶଗୋଟି ସର୍ତ୍ତପୂର୍ଣ୍ଣ ବାକ୍ୟମାନ ଏକଧାଡ଼ିରେ ଅଛି, ଯାହା ଯିହୁଦୀମାନଙ୍କ ଅବିଶ୍ୱାସ ଅଣଯିହୁଦୀ (ବିଜାତି)ମାନଙ୍କ ବିଶ୍ୱାସ ସହିତ ସମ୍ପୃକ୍ତ ହୋଇଅଛି । ୧୨,୧୪,୧୫,୧୬,୧୭,୧୮,୨୧,୨୪ ପଦଗୁଡ଼ିକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟମାନ ଅଟେ, ଯେଉଁସବୁ ଲେଖକଙ୍କ ଦୃଷ୍ଟି କୋଣରୁ ଏବଂ ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟରୁ ସତ୍ୟ ବୋଲି ଅନୁମାନ କରାଯାଏ, ଯେତେବେଳେ ୨୨ ଓ ୨୩ ପଦ ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହା ଆଭ୍ୟନ୍ତରୀଣ ଭବିଷ୍ୟତ୍ କାର୍ଯ୍ୟକୁ ସୂଚାଏ ।

**୧୧:୧୨**

| | |
|---|---|
| **ଏନ୍ ଏ ଏସ୍ ବି** | **''ସେମାନଙ୍କ ସଫଳତା ଆହୁରି କେତେ ଅଧିକ ନ ହେବ''** |
| **ଏନ୍ କେ ଜେ ଭି** | **''ସେମାନଙ୍କ ପୂର୍ଣ୍ଣତା ଆହୁରି କେତେ ଅଧିକ ନ ହେବ''** |
| **ଏନ୍ ଆର୍ ଏସ୍ ଭି** | **''ସେମାନଙ୍କର ପୂର୍ଣ୍ଣ ଅନ୍ତର୍ଭୁକ୍ତି ଆହୁରି କେତେ ଅଧିକ ଅର୍ଥ ପୂର୍ଣ୍ଣ ନ ହେବ''** |
| **ଟି ଇ ଭି** | **''ଯିହୁଦୀମାନେ ପୂର୍ଣ୍ଣ ସଂଖ୍ୟାରେ ଅନ୍ତର୍ଭୁକ୍ତ ହେଲେ, ଆହୁରି କେତେ ଅଧିକ ମହତ୍ତର ଆଶୀର୍ବାଦ ନ ହେବ''** |
| **ଏନ୍ ଜେ ବି** | **''ତେବେ ଚିନ୍ତାକର ସେମାନଙ୍କର ସମସ୍ତଙ୍କ ପରିବର୍ତ୍ତନରୁ ଆହୁରି କେତେ ଅଧିକ ଉପକାର ନ ହେବ''** |

ଅନୁବାଦର ନିର୍ଣ୍ଣାୟକ ବିଷୟ ହେଉଛି ''ସେମାନଙ୍କ ପୂର୍ଣ୍ଣତା'' ଶବ୍ଦର ଅର୍ଥ । ଏହା ସମ୍ପୃକ୍ତ ଅଟେ (୧) ଯିହୁଦୀମାନଙ୍କ ପରିତ୍ରାଣ ପ୍ରାପ୍ତ ହେବା ୧୪ଖ, ୨୬କ ପଦମାନ କିଅବା (୨) ନିର୍ବାଚିତ ବିଶ୍ୱାସୀ ଯିହୁଦୀମାନଙ୍କ ଓ ବିଜାତିମାନଙ୍କର ପରିଣତି (ଶେଷ) ସଂଖ୍ୟା ?

**୧୧:୧୩ ''ବିଜାତି ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମୁଁ କହୁଅଛି''** ୯-୧୧ ଅଧ୍ୟାୟ ଏକ ସାହିତ୍ୟିକ ଖଣ୍ଡ (ଭାଗ) ଗଠନ କରେ, ତାହା ପ୍ରଶ୍ନର ଉତ୍ତର ଦେଲା, ''କାହିଁକି ଯିହୁଦୀମାନଙ୍କ ମଶୀହ ଯିହୁଦୀମାନଙ୍କ ଦ୍ୱାରା ଅଗ୍ରାହ୍ୟ କରାଗଲେ ? ଯାହାବି ହେଉ ପ୍ରଶ୍ନଟି ରହିଯାଏ - କାହିଁକି ପାଉଲ ଏହି ପତ୍ରର ଆବଶ୍ୟକତା ଅନୁଭବ କଲେ, ତାଙ୍କର ପ୍ରକାଶ କରିବାର ଏହି ନିର୍ଦ୍ଦିଷ୍ଟ ଅଂଶରେ ଏହି ପ୍ରଶ୍ନର ସମ୍ମୁଖୀନ ହେବା ସକାଶେ ।

୧୩-୧୪, ୨୫ଗ, ରୋମୀୟ ମଣ୍ଡଳୀରେ ଯିହୁଦୀ ଗୋଷ୍ଠୀ ଓ ବିଜାତିମାନଙ୍କ ମଧ୍ୟରେ ଏକ ସମସ୍ୟା ପ୍ରତିଫଳିତ କରୁଥିବା ପରି ଦେଖାଯାଏ । ଏହି ସମସ୍ୟା ବିଶ୍ୱାସୀ ଯିହୁଦୀ ଓ ବିଶ୍ୱାସୀ ବିଜାତିମାନଙ୍କ ମଧ୍ୟରେ କିଅବା ବିଶ୍ୱାସୀ ବିଜାତି ଓ ଅବିଶ୍ୱାସୀ ଯିହୁଦୀ (ସମାଜଗୃହରେ) ମଧ୍ୟରେ ତାହା ଅନିର୍ଦ୍ଦିଷ୍ଟ ।

▣ ''ମୁଁ ବିଜାତିମାନଙ୍କ ନିମନ୍ତେ ପ୍ରେରିତ'' ପାଉଲ ବିଜାତି ଜଗତକୁ ଅଦ୍ୱିତୀୟ ବା ଅସାଧାରଣ ଭାବେ ସେବା କରିବାକୁ ଆହୂତ ବୋଲି ଅନୁଭବ କଲେ (ପ୍ରେରିତ ୯:୧୫, ୨୨:୨୧, ୨୬:୧୭, ରୋମୀ ୧:୫, ୧୫:୧୬, ଗାଲାତୀ ୧:୧୬, ୨:୭,୯, ୧ ତୀମଥି ୨:୭, ୨ ତୀମଥି ୪:୧୭) ।

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ମୋର ସେବାକାର୍ଯ୍ୟର ପ୍ରଶଂସା କରୁଅଛି''** |
| **ଏନ୍ ଆର୍ ଏସ୍ ଭି** | **''ମୁଁ ମୋର ସେବାକାର୍ଯ୍ୟର ଗୌରବ କରୁଅଛି''** |
| **ଟି ଇ ଭି** | **''ମୁଁ ମୋର କାର୍ଯ୍ୟରେ ଗର୍ବ କରେ''** |
| **ଏନ୍ ଜେ ବି** | **''ଏବଂ ମୁଁ ପ୍ରେରିତ ହୋଇଥିବାରୁ ଗର୍ବିତ ଅଟେ''** |

''ପ୍ରଶଂସା କରେ'' ଶବ୍ଦ ବୁଝାଇ ପାରେ (୧) ଧନ୍ୟବାଦୀ ହେବା (୨) ଗର୍ବିତ କିଅବା ସମ୍ଭବତଃ (୩) ସାଧମତେ କରିବା । ଏହା ମଧ୍ୟ ରୋମ୍ ମଣ୍ଡଳୀରେ ଏକ ସମସ୍ୟା ପ୍ରତିଫଳିତ କରିଥାଇପାରେ ! (୧) ପାଉଲ ବିଜାତିମାନଙ୍କ ସେବା କରିବାକୁ ସନ୍ତୁଷ୍ଟ (୨) ସେ ତାଙ୍କ ସେବାକାର୍ଯ୍ୟକୁ ଅବିଶ୍ୱାସୀ ଯିହୁଦୀମାନଙ୍କୁ ଈର୍ଷାନ୍ୱିତ (ଉଦ୍‌ଯୋଗୀ) କରିବା ଦୃଷ୍ଟିରେ ଦେଖିଲେ, ଯାହାର ପରିଣାମ ହେବ ସେମାନଙ୍କର ପରିତ୍ରାଣ (୧୧,୧୪ ପଦ ଏବଂ ୯:୧-୩) ।

**୧୧:୧୪ ''ସେମାନଙ୍କ ମଧ୍ୟରୁ କେତେକଙ୍କୁ ପରିତ୍ରାଣ କରିପାରେ''** ଏହା ହେଉଛି ପାଉଲଙ୍କର ସୁସମାଚାର ପ୍ରଚାରକାରୀ ଆହ୍ୱାନ । ସେ ଜାଣିଥିଲେ କେତେକ ପ୍ରତ୍ୟୁତ୍ତର ଦେବେ ସୁସମାଚାର ପ୍ରଚାରର (୧ କରିନ୍ଥୀ ୧:୨୧) ଯେତେବେଳେ ଅନ୍ୟମାନେ ପ୍ରତ୍ୟୁତ୍ତର ଦେବେ ନାହିଁ (୧ କରିନ୍ଥୀ ୯:୨୨) । ଏହା ହେଉଛି ନିର୍ବାଚନର ସେବାକାର୍ଯ୍ୟ (ପୁରାତନ ଓ ନୂତନ ନିୟମ) ।

**୧୧:୧୫** ଅଗ୍ରାହ୍ୟ (୧ ପଦରୁ ଭିନ୍ନ ଶବ୍ଦ) ପୁରାତନ ନିୟମର ମନୋନୀତ ଇସ୍ରାଏଲ ପାଇଁ, ସମସ୍ତ ମାନବ ଜାତିର ମୁକ୍ତି (ପରିତ୍ରାଣ) ସକାଶେ ଈଶ୍ୱରଙ୍କ ଯୋଜନାର ଅଂଶ ଥିଲା (କୋସ୍‌ମୋସ୍) । ଯିହୁଦୀ ଆତ୍ମ ଧାର୍ମିକତା, ଗୋଷ୍ଠୀଗତ ଅହଂକାର ଏବଂ ନ୍ୟାୟବାଦ ସ୍ପଷ୍ଟଭାବେ ବିଶ୍ୱାସର ଆବଶ୍ୟକତା ଉପରେ ପ୍ରାଧାନ୍ୟ ଦେଲା (୯:୩୦-୩୧ପଦ) । ଯିହୋବା ଏବଂ ତାହାଙ୍କ ମଶୀହ (ଖ୍ରୀଷ୍ଟ-ଅଭିଷିକ୍ତ)ଙ୍କ ଠାରେ ବିଶ୍ୱାସ ଯଥାର୍ଥ ସ୍ଥାନରେ ଠିଆ ହେବାର ଉପାୟ (କଞ୍ଚି), ମାନବର ଧର୍ମକର୍ମ ସାଧନ ନୁହେଁ । ମାତ୍ର ମନେରଖ ଯେ ଇସ୍ରାଏଲର ଅଗ୍ରାହ୍ୟ, ସମସ୍ତ ମାନବ ଜାତିର ଉଦ୍ଧାର ଉଦ୍ଦେଶ୍ୟରେ ଥିଲା । ସେଠାରେ ମାନବର ଗର୍ବ, କିଅବା ଯିହୁଦୀ ବା ବିଜାତି ପାଇଁ ସ୍ଥାନ ନାହିଁ । ଏହା ଦୃଶ୍ୟମାନ ଭାବରେ ଏକ ସମ୍ବାଦ ଯାହା ରୋମ୍ ମଣ୍ଡଳୀର ଶୁଣିବା ଆବଶ୍ୟକ ଥିଲା !

▣ **''ଜଗତର ମିଳନ''** ଏହା ପରମାର୍ଥ ଶିକ୍ଷାନୁଯାୟୀ ''ଈଶ୍ୱରଙ୍କ ଧାର୍ମିକତା'' ସହିତ ସମାନ । ମିଶ୍ରଣ ଶବ୍ଦ ''କାଟା'' ଯୁକ୍ତ ''ଆଲାସ୍ସୋଓ'' (ପରିବର୍ତ୍ତନ, ବଦଳ ବା ନୂତନୀକରଣ ବା ରୂପାନ୍ତରୀତ)ରୁ ଆସିଅଛି । ଏହା ବୁଝାଏ ଶତ୍ରୁତାର ପ୍ରତିବଦଳରେ ଶାନ୍ତି, ତାହା ଦ୍ୱାରା ସପକ୍ଷତାର ପୁନରୁଦ୍ଧାର (ରୋମୀ ୫:୧୧, ୧୧:୧୫, ୨ କରିନ୍ଥୀ ୫:୧୮,୧୯) । ଈଶ୍ୱର ଏଦନର ସହଭାଗିତାର ପୁନରୁଦ୍ଧାର ଅନ୍ୱେଷଣ କରନ୍ତି । ପାପ ସେହି ସହଭାଗିତା ଭଗ୍ନ କଲା ମାତ୍ର ଖ୍ରୀଷ୍ଟ ପତିତ ମାନବଜାତି ମଧ୍ୟରେ ବିଶ୍ୱାସ କାର୍ଯ୍ୟକାରୀ କରୁଥିବା ସମସ୍ତଙ୍କ ପାଇଁ ଈଶ୍ୱରଙ୍କ ସାଦୃଶ୍ୟର ପୁନରୁଦ୍ଧାର କଲେ । ସେମାନେ ପୁର୍ନମିଳିତ ଓ ଗୃହିତ ହେଲେ (୧୫ ପଦର ଭାରସାମ୍ୟ ରକ୍ଷା) । ମାନବ ଜାତି ଏହି ଘନିଷ୍ଠତାର ପୁନରୁଦ୍ଧାର କରିପାରିଲା ନାହିଁ, ମାତ୍ର ଈଶ୍ୱର କରି ପାରିଲେ ଓ କରିଅଛନ୍ତି !

▣ **''ମୃତମାନଙ୍କ ମଧ୍ୟରୁ ଜୀବନ ଲାଭ''** ପୂର୍ବାପର ସମ୍ପର୍କ ଗୋଷ୍ଠୀଗତ ଇସ୍ରାଏଲଙ୍କୁ ସମ୍ବୋଧନ କରୁଅଛି, ତେଣୁ

୧. ଏହି ଖଣ୍ଡବାକ୍ୟ ଏକ ପୁନରୁଦ୍ଧାରପ୍ରାପ୍ତ ଇସ୍ରାଏଲ ଜାତିକୁ ବୁଝାଏ କି ?

୨. ଏହି ଖଣ୍ଡ ବାକ୍ୟ ଯିହୁଦୀ ଓ ବିଜାତିମାନଙ୍କ ପୂର୍ଣ୍ଣ ସଂଖ୍ୟାକୁ ବୁଝାଏ କି (ଯଥା : ଆତ୍ମିକ - ଇସ୍ରାଏଲ ୯:୬, ୧୧:୨୫-୨୬) ?

୩. ଏହି ଖଣ୍ଡ ବାକ୍ୟ (୬:୧୩ପଦ) ନୂତନ ଯୁଗର ଜୀବନ, ପୁନରୁତ୍ଥିତ ଜୀବନକୁ ବୁଝାଏ କି ?

ମୁଁ ୩ ଭଲପାଏ ମୋର କାରଣ ସ୍ୱରୂପ ''କଷ୍ଟକର ପରିଚିତ କରାଉଥିବା ଲେଖା'' ଦେଖ, ମୋର ପ୍ରକାଶିତ ବାକ୍ୟ ଉପରେ ବାଖ୍ୟାପୁସ୍ତକ (କମେଣ୍ଟେରୀ) ବିନାମୂଲ୍ୟରେ ଇମେଲ ଠିକଣା

**୧୧:୧୬ ''ଯଦି ପ୍ରଥମ ଉତ୍ସର୍ଗୀକୃତ ପିଠଉର ଅଂଶ ପବିତ୍ର''** ଏହା ହେଉଛି ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟି କୋଣରୁ ଓ ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ପାଇଁ ସତ୍ୟବୋଲି ସବ୍ୟସ୍ତ କରାଯାଏ । ଏହା ଗଣନା ୧୫:୧୭-୨୧ର ପରୋକ୍ଷ ସୂଚନା । ଏହା ଏକ ଦୃଷ୍ଟାନ୍ତ ଯାହା ପୁରାତନ ନିୟମର ପ୍ରଥମ ଫଳ (ବା ଦଶମାଂଶ) ଯାହା ଈଶ୍ୱରଙ୍କୁ ଦାନ କରାଯାଇଥିଲା ସମୁଦାୟ ଅମଳ ଶସ୍ୟ ଈଶ୍ୱରଙ୍କର ଅଟେ ବୋଲି ଜଣାଇବା ନିମିତ୍ତ, ତାହା ସହିତ ସମାନ ।

ପୁରାତନ ବିଶ୍ୱାସୀ ଅବଶିଷ୍ଟାଂଶ ଯିହୁଦୀମାନଙ୍କର ସମୁଦାୟ ଜାତି ଉପରେ ସେ ପର୍ଯ୍ୟନ୍ତ ସୁଦ୍ଧା ପ୍ରଭାବ ରହିଥିଲା (ଆଦି ୧୮:୨୬-୩୩, ୨ ବଂଶାବଳୀ ୭:୧୪) । ''ପ୍ରଥମ ଖଣ୍ଡ''ର ଦୃଷ୍ଟାନ୍ତ ''ମୂଳ'' ସହିତ ଭାରସାମ୍ୟ ରହିଅଛି (ଯିରିମିୟ ୧୧:୧୬-୧୭) ଉଭୟ ଇସ୍ରାଏଲର ବିଶ୍ୱସ୍ତଗଣଙ୍କୁ ବୁଝାଏ, ବିଶେଷତଃ ପିତୃବଂଶ (ଯଥା : ''ମୂଳ'' ୧୬-୧୭ ପଦର) ପୁରାତନ ନିୟମର (୨୮ପଦ) ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୧:୧୭-୨୪**

**[୧୭] ''କିନ୍ତୁ ଯଦି କେତେକ ଶାଖା ଉଚ୍ଛିନ୍ନ ହେଲା ଓ ତୁମ୍ଭେ ବନ୍ୟ ଜୀତବୃକ୍ଷର ଶାଖା ହେଲେ ହେଁ ସେହିସବୁ ମଧ୍ୟରେ କଲମ କରାଗଲ, ପୁଣି ସେମାନଙ୍କ ସହିତ ଜୀତବୃକ୍ଷ - ମୂଳର ରସର ଅଂଶୀ ହେଲ, [୧୮] ତେବେ ସେହି ଡାଳଗୁଡ଼ିକ ବିରୁଦ୍ଧରେ ଗର୍ବ କର ନାହିଁ, କିନ୍ତୁ ଯଦି ଗର୍ବ କର, ତୁମ୍ଭେ ଯେ ମୂଳକୁ ଧରି ନାହଁ, ମାତ୍ର ମୂଳ ତୁମ୍ଭକୁ ଧରିଅଛି । ଏହା ଜାଣିଥାଅ । [୧୯] ତେବେ ତୁମ୍ଭେ କହିବ, ମୁଁ ଯେପରି କଲମ ହୋଇପାରେ, ଏଥିନିମନ୍ତେ ଡାଳଗୁଡ଼ିକ ଉଚ୍ଛିନ୍ନ ହୋଇଅଛି । [୨୦] ଭଲକଥା, ସେମାନଙ୍କର ଅବିଶ୍ୱାସ ହେତୁ ସେମାନେ ଉଚ୍ଛିନ୍ନ ହେଲେ, ଆଉ ବିଶ୍ୱାସ ହେତୁ ତୁମ୍ଭେ ସ୍ଥାନ ପ୍ରାପ୍ତ ହୋଇଅଛ । ଗର୍ବିତମନା ହୁଅ ନାହିଁ, କିନ୍ତୁ ଭୟ କର, [୨୧] କାରଣ ଯଦି ଈଶ୍ୱର, ସ୍ୱାଭାବିକ ଶାଖାଗୁଡ଼ିକୁ ଛାଡ଼ି ଦେଲେ ନାହିଁ, ତେବେ ତୁମ୍ଭକୁ ମଧ୍ୟ ଛାଡ଼ିବେ ନାହିଁ । [୨୨] ଅତଏବ ଈଶ୍ୱରଙ୍କ ଦୟା ଓ କଠୋରତା ବୁଝ, ଯେଉଁମାନେ ପତିତ ହେଲେ, ସେମାନଙ୍କ ପ୍ରତି କଠୋରତା, କିନ୍ତୁ ତୁମ୍ଭେ ଯଦି ଈଶ୍ୱରଙ୍କ ଦୟାର ଶରଣାପନ୍ନ ହୋଇ ରହିଥାଅ, ତାହା ହେଲେ ତୁମ୍ଭ ପ୍ରତି ତାହାଙ୍କ ଦୟା, ନୋହିଲେ ତୁମ୍ଭେ ମଧ୍ୟ କଟାଯିବ । [୨୩] ଆଉ ସେମାନେ ଯଦି ଅବିଶ୍ୱାସରେ ନ ରୁହନ୍ତି, ତେବେ ସେମାନେ ମଧ୍ୟ କଲମ କରାଯିବେ, କାରଣ ସେମାନଙ୍କୁ ଆଉଥରେ କଲମ କରିବା ନିମନ୍ତେ ଈଶ୍ୱର ସମର୍ଥ ଅଟନ୍ତି । [୨୪] କାରଣ ଯାହା ସ୍ୱଭାବତଃ ବନ୍ୟ ଜୀତ ବୃକ୍ଷ, ଯଦି ସେଥିରୁ ତୁମ୍ଭେ କଟାଯାଇ ଅସ୍ୱାଭାବିକ ଭାବେ ଉତ୍ତମ ଜୀତବୃକ୍ଷରେ କଲମ କରାଗଲ, ତେବେ ସ୍ୱାଭାବିକ ଶାଖା ଯେ ସେମାନେ, ଏମାନେ କେତେ ଅଧିକ ଭାବରେ ନିଜ ଜୀତ ବୃକ୍ଷରେକଲମ କରାଯିବେ ।''**

**୧୧:୧୭-୨୪** ଆଚମ୍ବିତ ଭାବେ ''ତୁମ୍ଭେ'' ଏହି ପାରାଗ୍ରାଫ୍‌ରେ ''ଏକ ବଚନ'' (୨୫ ପଦରେ ପୁନର୍ବାର ବହୁବଚନରେ ଦେଖାଯାଏ) ଏହାର ଅର୍ଥ କ'ଣ ?

୧. ଗୋଟିଏ ବା ଜଣେ ବିଜାତି, ସମସ୍ତ ବିଜାତିମାନଙ୍କ ପ୍ରତୀକ

୨. ରୋମ୍ ମଣ୍ଡଳୀରେ ଯିହୁଦୀ ଓ ବିଜାତିମାନଙ୍କ ମଧ୍ୟରେ ନେତୃତ୍ୱ ନିମନ୍ତେ ସମସ୍ୟା, ତାହାଦ୍ୱାରା ବର୍ତ୍ତମାନ ବିଜାତୀ ନେତୃତ୍ୱରେ ଥିବା ନେତାମାନଙ୍କୁ ବୁଝାଏ (୧୮-୨୦)

**୧୧:୧୭ ''ଯଦି''** ୧୧ :୧୨-୨୪ ଟିପ୍ପଣୀ ଦେଖ ।

▣ ''ଶାଖାମାନ ଉଚ୍ଛିନ୍ନ ହେଲା'' ଏହା ଅବିଶ୍ୱାସୀ ଇସ୍ରାଏଲମାନଙ୍କୁ ବୁଝାଏ (୧୮,୧୯, ''ସ୍ୱାଭାବିକଶାଖାଗୁଡ଼ିକ'' ୨୧ ପଦ)

▣ ''ବନ୍ୟ ଜୀତ ବୃକ୍ଷ'' ଏହା ବିଶ୍ୱାସୀ ବିଜାତିମାନଙ୍କୁ ବୁଝାଏ, ଯେଉଁମାନେ ସୁସମାଚାର ପ୍ରଚାରର ପ୍ରତ୍ୟୁତ୍ତର ଦେଲେ ।

▣ ''କଲମ କରାଗଲା'' ପାଉଲ ୧୬ ପଦରେ ଉଦ୍ଭିଦ ଦୃଷ୍ଟାନ୍ତ ଆରମ୍ଭ କରି ଏହା ଚାଲୁ ରଖିଅଛନ୍ତି । ବନ୍ୟ ଜୀତବୃକ୍ଷର ଡାଳଗୁଡ଼ିକ ଏକ ପ୍ରତିଷ୍ଠିତ ବୃକ୍ଷରେ କଲମ କରାଯିବାରୁ ଫଳ ଧାରଣ ବୃଦ୍ଧି କରିବାକୁ ଏହା ତାହାକୁ ସାହାଯ୍ୟ କଲା ୨୪ ପଦ) ।

▣ ''ଜୀତ ବୃକ୍ଷ ମୂଳର ରସ'' ଆକ୍ଷରିକ ମୂଳ ଖଣ୍ଡବାକ୍ୟ ''ମୂଳର ରସ'' (ୟୁବିଏସ୍ ଏକ ବି ନମ୍ବର ଏହାକୁ ଦିଏ (ନିଶ୍ଚିତ ପ୍ରାୟ)) ଏମ୍ ଏସ୍ ଏସ୍ ଏନ୍ କି ସି ରେ ମିଳେ । ଗ୍ରୀକ୍ ପାଣ୍ଡୁଲିପି ପରମ୍ପରାରେ ଆହୁରି ବିଭିନ୍ନ ବିଷୟ ପାଠ କରିବାକୁ ମିଳେ ଯାହା ଏହି ସଂଯୋଗକୁ ମସୃଣ କରେ (ବ୍ରୁସ୍ ମେଟଜରଙ୍କ ଗ୍ରୀକ୍ ନୂତନ ନିୟମ ଉପରେ ଏକ । ଶାସ୍ତ୍ରାଂଶର ବାଖ୍ୟାପୁସ୍ତକ (କମେଣ୍ଟେରୀ)ର ୫୨୬ ପୃଷ୍ଠା

▣ ''ଜୀତବୃକ୍ଷ'' ଏହା ଜାତୀୟ ଇସ୍ରାଏଲ ପ୍ରତୀକ (୨୪ପଦ, ଗୀତ ୫୨:୮, ୧୨୮:୩, ଯିରିମିୟ ୧୧:୧୬, ହୋଶେୟ ୧୪:୬) ଯିହୁଦୀ ଓ ବିଜାତିମାନଙ୍କ ମଧ୍ୟରେ ସମ୍ପର୍କ ବର୍ଣ୍ଣନା କରିବାକୁ ଏହା ପାଉଲଙ୍କ ଦ୍ୱିତୀୟ ପୁରାତନ ନିୟମ ଦୃଷ୍ଟାନ୍ତ ।

**୧୧:୧୮ ''ସେହି ଡାଳଗୁଡ଼ିକ ବିରୁଦ୍ଧରେ ଗର୍ବ କର ନାହିଁ''** ଏହା ଏକ ବର୍ତ୍ତମାନ ଅନୁଜ୍ଞା ସୂଚକ କ୍ରିୟାପଦ ନାସ୍ତିବାଚକ କୃଦନ୍ତ ବିଶେଷଣ ସହିତ ଅଛି, ଯାହା ସାଧାରଣତଃ ଚାଲୁ ରହିଥିବା ଏକ କାର୍ଯ୍ୟକୁ ବନ୍ଦ କରି ଦେବାକୁ ବୁଝାଏ । ଏହି ପଦ ୧୩,୨୦,୨୫ ପଦ ସହିତ ସଂଯୁକ୍ତ ହୋଇ ସୂଚାଏ ଯେ, ରୋମ ମଣ୍ଡଳୀରେ ବିଶ୍ୱାସୀ ଯିହୁଦୀ ଓ ବିଜାତିମାନଙ୍କ ମଧ୍ୟରେ ଏକ ସମସ୍ୟା ଥିଲା ।

**୧୧:୧୯-୨୦**, ୧୯ ପଦ ଅନ୍ୟ ଏକ ଗାଳିପୂର୍ଣ୍ଣ ସମାଲୋଚନା (ଜଣେ ତଥାକଥିତ ଅଭିଯୋଗକାରୀ) । ପାଉଲ ବାଖ୍ୟା କଲେ, କାହିଁକି ଯିହୁଦୀମାନେ ଅଗ୍ରାହ୍ୟ କରାଯାଇଥିଲେ । ସେମାନଙ୍କର ଅବିଶ୍ୱାସ ସକାଶେ, ବିଜାତିମାନେ ଅଧିକ ପ୍ରେମ କଲେ ବୋଲି ନୁହେଁ ! ବିଜାତିମାନେ ଅର୍ନ୍ତଭୁକ୍ତ ହେଲେ, ଈଶ୍ୱରଙ୍କ ପ୍ରେମ (ଆଦି ୩:୧୫) ଏବଂ ସେମାନଙ୍କ ବିଶ୍ୱାସ ହେତୁ ! ସେମାନେ ମଧ୍ୟ ଯିହୁଦୀମାନଙ୍କ ଉଦ୍ଯୋଗ (ଇର୍ଷା)ରେ ଈଶ୍ୱରଙ୍କ ନିକଟକୁ ଫେରିବାର କାରଣ ହୋଇ ପାରିଲେ (୧୧,୧୪ ପଦ) ।

**୧୧:୨୦**

**ଏନ୍ ଏ ଏସ୍ ବି** **''ମାତ୍ର ତୁମ୍ଭର ବିଶ୍ୱାସଦ୍ୱାରା ତୁମ୍ଭେ ଠିଆ ହୋଇଅଛ''**
**ଏନ୍ କେ ଜେ ଭି** **''ଏବଂ ତୁମ୍ଭେ ବିଶ୍ୱାସ ଦ୍ୱାରା ଠିଆ ହୋଇଅଛ''**
**ଏନ୍ ଆର୍ ଏସ୍ ଭି** **''ମାତ୍ର ତୁମ୍ଭେ କେବଳ ବିଶ୍ୱାସ ଦ୍ୱାରା ଠିଆ ହୋଇଅଛ''**
**ଟି ଇ ଭି** **''ତୁମ୍ଭେ ଯେତେବେଳେ ସ୍ଥାନରେ ରହିଲେ, ତୁମେ ବିଶ୍ୱାସ କରିବା ହେତୁ''**
**ଏନ୍ ଜେ ବି** **''ଯଦି ତୁମେ ଦୃଢ଼ରୂପେ ଏବେ ସୁଦ୍ଧା ଧରିରଖିଛ, ଏହା ତୁମର ବିଶ୍ୱାସକୁ କେବଳ ଧନ୍ୟବାଦ ଦିଏ''**

ଏହା ଏକ କ୍ରିୟା ସମାପ୍ତି କର୍ତ୍ତୃବାଚକ ସୂଚନା ଦାୟକ । ଯାହା ବି ହେଉ ଏହା ଦଶଟି ସର୍ତ୍ତମୂଳକ ବାକ୍ୟର ପୂର୍ବପର ସମ୍ବନ୍ଧ । ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭମାନଙ୍କ ସ୍ଥିତି ଓ ଏହି ସ୍ଥିତିରେ ରହିବା, ବିଶ୍ୱାସ ଦ୍ୱାରା ହୋଇଥାଏ । ଯଦି ବିଶ୍ୱାସ ମ୍ଳାନ ବା ବନ୍ଦ ହୁଏ ଆମର ସ୍ଥିତି ମଧ୍ୟ ସମ୍ଭବ ହୁଏ ନାହିଁ । ପରିତ୍ରାଣ ହେଉଛି (୧) ଏକ ପ୍ରାରମ୍ଭିକ ବିଶ୍ୱାସର ପ୍ରତ୍ୟୁତ୍ତର (୨) ବିଶ୍ୱାସରେ ଲାଗି ରହିବାର ସ୍ଥିତି (୩) ବିଶ୍ୱାସର ପ୍ରଣାଳୀରେ ଯାଉଥିବା (ଗତିକରିବା) ଏବଂ (୪) ବିଶ୍ୱାସର ଏକ ଶୀର୍ଷ ସୀମାରେ ପହଞ୍ଚିବା ଏହି ବାଇବଲ ସମ୍ବନ୍ଧୀୟ ସତ୍ୟଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ଉପରେ ଲକ୍ଷ୍ୟ କରୁଥିବା କୌଣସି ପରମାର୍ଥଶିକ୍ଷା (ବା) ରୀତି ବିଷୟରେ ସାବଧାନ ହୁଅ । ବିଶେଷ ପ୍ରସଙ୍ଗ ଦେଖ : ଗ୍ରୀକ୍ କ୍ରିୟାପଦ, କାଳମାନ ୧୦:୪ରେ ପରିତ୍ରାଣ ପାଇଁ ବ୍ୟବହୃତ ହୋଇଅଛି ।

ଈଶ୍ୱର ପରିତ୍ରାଣର ସୃଷ୍ଟିକର୍ତ୍ତା ପ୍ରାରମ୍ଭକାରୀ, ଜାରିରଖିବା ବ୍ୟକ୍ତି ଏବଂ ଶୀର୍ଷ ସ୍ଥାନରେ ପହଞ୍ଚାଇବା ବ୍ୟକ୍ତି, ମାତ୍ର ଏକ ଚୁକ୍ତି ପ୍ରଣାଳୀରେ । ସେ ପସନ୍ଦ କରିଅଛନ୍ତି ଯେ, ପାପପୂର୍ଣ୍ଣ ମାନବ ଜାତି ଏହି ପ୍ରଣାଳୀର ପ୍ରତ୍ୟେକ ପଦକ୍ଷେପରେ ଅନୁତାପ (ମନପରିବର୍ତ୍ତନ) ଓ ବିଶ୍ୱାସ ଦ୍ୱାରା ପ୍ରତ୍ୟୁତ୍ତର ଦେବେ ଓ ପ୍ରତ୍ୟୁତ୍ତର ଦେବାରେ ଲାଗି ରହିବେ । ସେ ଆଜ୍ଞାବହତା, ଖ୍ରୀଷ୍ଟଙ୍କ ସାଦୃଶ୍ୟତା ଏବଂ ଅଧ୍ୟବସାୟ ଅପେକ୍ଷା କରନ୍ତି ।

▣

**ଏନ୍ ଏ ଏସ୍ ବି** **''ଅତ୍ୟଧିକ ଗର୍ବିତ ହୁଅ ନାହିଁ, ମାତ୍ର ଭୟ କର''**
**ଏନ୍ କେ ଜେ ଭି** **''ଉଦ୍ଧତ ବା ଗର୍ବିତ ହୁଅ ନାହିଁ, ମାତ୍ର ଭୟ କର''**
**ଏନ୍ ଆର୍ ଏସ୍ ଭି** **''ତେଣୁ ଗର୍ବରେ ପରିଣତ ହୁଅ ନାହିଁ, ମାତ୍ର ଆଚମ୍ଭିତ ହୋଇ ଠିଆ ହୁଅ''**
**ଟି ଇ ଭି** **''ଏଥି ହେତୁ ଗର୍ବୀ ହୁଅ ନାହିଁ ତାହା ପରିବର୍ତ୍ତେ ଭୟଭୀତ ହୁଅ''**
**ଏନ୍ ଜେ ବି** **''ତୁମକୁ ଏକ ଗର୍ବୀ କରିବା ପରିବର୍ତ୍ତେ ବରଂ ଭୟ କରିବାକୁ ଦେବା ଉଚିତ''**

ଏହି ଉଭୟ ମନ୍ତବ୍ୟମାନ ବର୍ତ୍ତମାନ ଅନୁଜ୍ଞାସୂଚକ କ୍ରିୟା ପଦ ଅଟନ୍ତି । ପ୍ରଥମଟିର ନାସ୍ତିବାଚକ ଅଂଶବିଶେଷ ଅଛି, ଯାହା ସାଧାରଣତଃ ବୁଝାଏ ଯେ, ଏକ ଚାଲୁ ରହିଥିବା କାର୍ଯ୍ୟକୁ ବନ୍ଦ କରିବା । ଏହା ରୋମ ମଣ୍ଡଳୀରେ ଥିବା ଏକ ସମସ୍ୟାକୁ ପ୍ରକାଶ କରେ । ୨୧ ପଦରେ ଭୟର କାରଣ ଦର୍ଶାଯାଇଅଛି ।

**୧୧:୨୧ ''ତୁମ୍ଭକୁ ମଧ୍ୟ ଛାଡ଼ିବେ ନାହିଁ''** ଇସ୍ରାଏଲ ସ୍ୱଧର୍ମତ୍ୟାଗୀ ହେଲେ ଏବଂ ଯିହୋବାଙ୍କ ଠାରୁ ଦୂରକୁ ଚାଲିଗଲେ, ଗର୍ବପୂର୍ଣ୍ଣ ଅବିଶ୍ୱାସରେ ଏବଂ କଟାଗଲେ (ପରିତ୍ୟକ୍ତ ହେଲେ), ତେଣୁ ସେହିପରି ମଣ୍ଡଳୀ ଯଦି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ପରିତ୍ୟାଗ କରେ ଗର୍ବପୂର୍ଣ୍ଣ ଆତ୍ମ ଧାର୍ମିକତା ହେତୁ, ସେ ପରିତ୍ୟାଗ କରାଯିବ ବା କଟାଯିବ । ପ୍ରାରମ୍ଭିକ ବିଶ୍ୱାସ ଅନୁଗମନ କରିବା ଉଚିତ ବିଶ୍ୱାସର ଜୀବନ ଶୈଳୀ ଦ୍ୱାରା (ମାଥିଉ ୧୩:୧-୨୩, ମାର୍କ ୪:୧-୧୨, ଲୂକ ୮:୪-୧୦) । ଗର୍ବକୁ ପ୍ରତିରୋଧ କରିବାରେ ଲାଗିରହିବା ଉଚିତ । ଆମ୍ଭେମାନେ ଯାହା ହୋଇଛୁ, ଈଶ୍ୱରଙ୍କ ଅନୁଗ୍ରହରେ ହୋଇଅଛୁ ଏବଂ ଆମ୍ଭେମାନେ ସମସ୍ତ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସକାରୀମାନଙ୍କର ଭ୍ରାତାଗଣ ଅଟୁ ।

**ବିଶେଷ ପ୍ରସଙ୍ଗ : ସ୍ୱଧର୍ମଚ୍ୟୁତ (ଆଫିସ୍ଟେମି)**

ଏହି ଗ୍ରୀକ୍ ଶବ୍ଦ ଆଫିସ୍ଟେମିର ଏକ ବିସ୍ତୃତ ଭାଷାର୍ଥ ବିଷୟକ କ୍ଷେତ୍ର ଅଛି । ଇଂରାଜୀ ଶବ୍ଦ ସ୍ୱଧର୍ମଚ୍ୟୁତ ଏହି ଶବ୍ଦରୁ ଆସିଅଛି ଏବଂ ଆଧୁନିକ ପାଠକ ଏହାର ବ୍ୟବହାରରେ ବିଭିନ୍ନ ମତ ପୋଷଣ କରନ୍ତି । ପୂର୍ବାପର୍ବ ସମ୍ବନ୍ଧ ସର୍ବଦା ମୁଖ୍ୟ ବିଷୟ ଅଟେ, ପୂର୍ବ ପ୍ରସ୍ତୁତ ସଞ୍ଜ୍ଞା ନୁହେଁ ।

ଏହା ଏକ ଯୁଗ୍ମଶବ୍ଦ, ''ଏପୋ'' ସମ୍ବନ୍ଧ ସୂଚକ ଅବ୍ୟୟ ପଦରୁ ଆସିଛି, ଯାହାର ଅର୍ଥ -ଠାରୁ ବା ଦୂରକୁ ଚାଲିଯିବା ଏବଂ ''ହିମ୍ଭେମି'' ''ବସିବାକୁ'', ଠିଆ ହେବାକୁ କିଅବା ''ସ୍ଥିରିକୃତ'' କରିବାକୁ ବୁଝାଏ ।  ନିମନ୍ନେରେ (ପରମାର୍ଥ ବ୍ୟାବହାରେ) ବ୍ୟବହାର କରିବା ଟିପ୍ପଣୀ ।

୧. ଶାରୀରିକ ଭାବେ ସ୍ଥନାନ୍ତର (ବା) ବାହାର କରି ଦେବା
   - କ. ମନ୍ଦିରରୁ ଲୂକ ୨:୩୭
   - ଖ. ଏକ ଗୃହରୁ ମାର୍କ ୧୩:୩୪
   - ଗ. ଏକ ବ୍ୟକ୍ତିଠାରୁ ମାର୍କ ୧୨:୧୨, ୧୪:୫୦, ପ୍ରେରିତ ୫:୩୮
   - ଘ. ସମସ୍ତ ବିଷୟଗୁଡ଼ିକରୁ ମାଥିଉ ୧୯:୨୭,୨୯

୨. ରାଜନୈତିକ ଭାବେ ବାହାର କରିଦେବା ପ୍ରେରିତ ୫:୩୭

୩. ସମ୍ପର୍କ ମଧ୍ୟରୁ ବାହାର କରିଦେବା ପ୍ରେରିତ ୫:୩୮, ୧୫:୩୮, ୧୯:୯, ୨୨:୨୯

୪. ନ୍ୟାୟ ସଙ୍ଗତ ଭାବେ ବାହାର କରିବା (ସ୍ତ୍ରୀ/ସ୍ୱାମୀକୁ ପରିତ୍ୟାଗ) ଦ୍ୱିତୀୟ ବିବରଣୀ ୨୪:୧,୩ ଏବଂ ନୂତନ ନିୟମ ମାଥିଉ ୫:୩୧, ୧୯:୭, ମାର୍କ ୧୦:୪, ୧ କରିନ୍ଥୀ ୭:୧୧

୫. ଏକ ଋଣ ପରିଶୋଧ ମାଥିଉ ୧୮:୨୪

୬. ପରିତ୍ୟାଗ ଦ୍ୱାରା ଚିନ୍ତାହୀନ ଦର୍ଶାଇବା ମାଥିଉ ୪:୨୦, ୨୨:୨୭, ଯୋହନ ୪:୨୮, ୧୬:୩୨

୭. ନ ଛାଡ଼ିବା ଦ୍ୱାରା ଚିନ୍ତାଶୀଳ ଦର୍ଶାଇବା ଯୋହନ ୮:୨୯, ୧୪:୧୮

୮. ଅନୁମତି ବା ସ୍ୱୀକୃତି ଦେବା ମାଥିଉ ୧୩:୩୦, ୧୯:୧୪, ମାର୍କ ୧୪:୬, ଲୂକ ୧୩:୮

ପରମାର୍ଥିକ ଅର୍ଥରେ କ୍ରିୟାପଦର ମଧ୍ୟ ବିସ୍ତୃତ ବ୍ୟବହାର ଅଛି

୧. ବାତିଲ କରିବା, କ୍ଷମା କରିବା, ପାପର ଦୋଷରୁ ମୁକ୍ତ କରିବା ଯାତ୍ରା ୩୨:୩୨ (୭୦) ଗଣନା ୧୪:୧୯, ଆୟୁବ ୪୨:୧୦ ଏବଂ ନୂତନ ନିୟମ ମାଥିଉ ୬:୧୨, ୧୪-୧୫, ମାର୍କ ୧୧:୨୫-୨୬ ।

୨. ପାପରୁ ଦୂରରେ ରହିବା ୨ ତୀମଥି ୨:୧୯

୩. ନିମ୍ନଲିଖିତ ବିଷୟରୁ ବାହାରିଯିବା ଦ୍ୱାରା ଅବହେଳା କରିବା
   - କ. ଆଇନ (ବ୍ୟବସ୍ଥା) ମାଥିଉ ୨୩:୨୩, ପ୍ରେରିତ ୨୧:୨୧
   - ଖ. ବିଶ୍ୱାସ ଯିହିଜିକଲ ୨୦:୮ (୭୦) ଲୂକ ୮:୧୩, ୨ ଥେସଲନିକୀ ୨:୩, ୧ ତୀମଥି ୪:୧, ଏବ୍ରୀ ୨:୧୩

ଆଧୁନିକ ବିଶ୍ୱାସୀମାନେ ଅନେକ ପରମାର୍ଥିକ ପ୍ରଶ୍ନ ପଚାରନ୍ତି, ଯାହା ନୂତନ ନିୟମ ଲେଖକଗଣ କେବେହେଲେ ଚିନ୍ତା କରି ନ ଥିବେ । ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଯାହା ଆଧୁନିକ ଇଚ୍ଛା, ବିଶ୍ୱାସକୁ ବିଶ୍ୱସ୍ତତାଠାରୁ ପୃଥକ କରିବା ।

ବାଇବଲରେ ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ଈଶ୍ୱରଙ୍କ ଲୋକମାନଙ୍କଠାରେ ଓ କିଛି ଘଟିଲେ ସେଥିରେ ସଂଶ୍ଲିଷ୍ଟ ହୋଇଥାଆନ୍ତି ।

କ. ପୁରାତନ ନିୟମ
   - ୧. ଯେଉଁମାନେ ବାରଜଣ (ଦଶ) ଗୁପ୍ତଚରଙ୍କ କଥା ଶୁଣିଲେ, ବିବରଣୀ, ଗଣନା ୧୪ (ଏବ୍ରୀ ୩:୧୬-୧୯)
   - ୨. କୋରହ, ଗଣନା ୧୬
   - ୩. ଏଲିଙ୍କର ପୁତ୍ରଗଣ, ୧ ଶାମୁୟେଲ ୨:୪
   - ୪. ଶାଉଲ ୧ ଶାମୁୟେଲ ୧୧-୩୧

୫. ମିଥ୍ୟା ଭବିଷ୍ୟତ୍‌ବକ୍ତାଗଣ (ଉଦାହରଣମାନ)
   କ. ଦ୍ୱିତୀୟ ବିବରଣ ୧୩:୧-୫, ୧୮:୧୯-୨୨ (ଜଣେ ମିଥ୍ୟା ଭବିଷ୍ୟଦ୍‌ବକ୍ତାଙ୍କୁ ଜାଣିବା ଉପାୟମାନ)
   ଖ. ଯିରିମିୟ ୨୮ ଅଧ୍ୟାୟ
   ଗ. ଯିହିଜିକଲ ୧୩:୧-୭
୬. ମିଥ୍ୟା ଭବିଷ୍ୟତ୍‌ବକ୍ତ୍ରୀଗଣ
   କ. ଯିହିଜିକଲ ୧୩:୧୭
   ଖ. ନିହିମିୟା ୬:୧୪
୭. ମନ୍ଦ ନେତାଗଣ, ଇସ୍ରାଏଲର (ଉଦାହରଣମାନ)
   କ. ଯିରିମିୟ ୫:୩୦-୩୧, ୮:୧-୨, ୨୩:୧-୪
   ଖ. ଯିହିଜିକଲ ୨୨:୨୩-୩୧
   ଗ. ମିଖା ୩:୫-୧୨
ଖ. ନୂତନ ନିୟମ
୧. ଏହି ଗ୍ରୀକ୍‌ଶବ୍ଦ ଆକ୍ଷରିକ ଭାବେ ଆପୋଷ୍ଟାଇଜ୍ । ପୁରାତନ ଓ ନୂତନ ନିୟମ ଉଭୟରେ ମନ୍ଦ ଓ ମିଥ୍ୟାଶିକ୍ଷାର ତ୍ରୀବ୍ର ଭାବେ ବୃଦ୍ଧି ପାଇବେ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ପୂର୍ବରୁ ବୋଲି, ଦୃଢ଼ଭାବେ କୁହାଯାଇଅଛି (ମାଥିଉ ୨୪୨୪, ମାର୍କ ୧୩:୨୨, ପ୍ରେରିତ ୨୦:୨୯,୩୦, ୨ ଥେସଲନିକୀ ୨:୯-୧୨, ୨ ତୀମଥି ୪:୪) । ଏହି ଗ୍ରୀକ୍ ଶବ୍ଦ, ମୃତ୍ତିକାମାନର ଦୃଷ୍ଟାନ୍ତରେ ଯୀଶୁଙ୍କ ବାକ୍ୟ ପ୍ରତିଫଳିତ କରିପାରେ ମାଥିଉ ୧୩, ମାର୍କ ୪ ଏବଂ ଲୂକ ୮ । ଏହି ମିଥ୍ୟା ଶିକ୍ଷକମାନେ ସ୍ପଷ୍ଟଭାବେ ଖ୍ରୀଷ୍ଟିୟାନ ନୁହନ୍ତି, ମାତ୍ର ସେମାନେ ସେମାନଙ୍କ ମଧ୍ୟରୁ ଆସିଲେ (ପ୍ରେରିତ ୨୦:୨୯-୩୦, ୧ ଯୋହନ ୨:୧୯) । ଯାହାବି ହେଉ ସେମାନେ ଅପରିପକ୍ୱ ବିଶ୍ୱାସୀମାନଙ୍କ ମନ୍ଦ ଉଦ୍ଦେଶ୍ୟରେ ପ୍ରଲୋଭିତ ଓ ଅଧିକାର କରିବାକୁ ସକ୍ଷମ ଅଟନ୍ତି ।
   ପାରମାର୍ଥିକ ପ୍ରଶ୍ନ ହେଉଛି, ଏହି ମିଥ୍ୟାଶିକ୍ଷକମାନେ କେବେ ହେଲେ ବିଶ୍ୱାସୀ ଥିଲେ କି ? ଏହାର ଉତ୍ତର ଦେବା କଷ୍ଟକର, କାରଣ ସ୍ଥାନୀୟ ମଣ୍ଡଳୀ ମାନଙ୍କରେ ମିଥ୍ୟା ଶିକ୍ଷକମାନେ ଥିଲେ (୧ ଯୋହନ ୨:୧୮-୧୯) । ଅଧିକାଂଶ ସମୟରେ ଆମ୍ଭମାନଙ୍କ ପାରମାର୍ଥିକ ବା ସାମ୍ପ୍ରଦାୟିକ ପରମ୍ପରାମାନ କୌଣସି ନିର୍ଦ୍ଦିଷ୍ଟ ବାଇବଲ ଶାସ୍ତ୍ରାଂଶକୁ ଉଦ୍ଧୃତ ନ କରି ଏହି ପ୍ରଶ୍ନର ଉତ୍ତର ଦିଅନ୍ତି (ଉକ୍ତ ପ୍ରସଙ୍ଗ ମଧ୍ୟରୁ ଏକ ପ୍ରମାଣ - ଶାସ୍ତ୍ରାଂଶ ରୂପେ ଉଦ୍ଧୃତ ନ କରିବା ପର୍ଯ୍ୟନ୍ତ ଆନୁମାନିକ ପ୍ରମାଣ ଜଣକର ଗ୍ରହଣ କରାଯାଇପାରେ ନାହିଁ) ।
୨. ସ୍ପଷ୍ଟ ପ୍ରତୀୟମାନ ବିଶ୍ୱାସ
   କ. ଇଷ୍କାରିୟୋଥ ଯିହୁଦା ୧୭:୧୨
   ଖ. ଶିମୋନ (କୁହୁକକର୍ମୀ) ପ୍ରେରିତ ୮:୯,୧୩,୧୯
   ଗ. ମାଥିଉ ୭:୧୩-୨୩ରେ କୁହାଯାଇଥିବା ଭଣ୍ଡଭାବବାଦୀମାନେ ଓ ଅନେକ ଶକ୍ତିର କାର୍ଯ୍ୟକାରୀମାନେ ।
   ଘ. ମାଥିଉ ୧୩, ମାର୍କ ୪, ଲୂକ ୮ରେ ବାଲୁଙ୍ଗାର ଦୃଷ୍ଟାନ୍ତ, ବୀଜବୁଣାଳୀର ଦୃଷ୍ଟାନ୍ତରେ ବାକ୍ୟ ନ ଶୁଣିବା ବ୍ୟକ୍ତିଗଣ ।
   ଙ. ଯୋହନ ୮:୩୧-୫୯ ଯିହୁଦୀମାନେ
   ଚ. ଆଲେକଜାଣ୍ଡାର, ହୁମନାୟ ୧ ତୀମଥି ୧:୧୯-୨୦
   ଛ. ଅସାର ବକୁଆ, ତଥାକଥିତ ଜ୍ଞାନର ଯୁକ୍ତିତର୍କକାରୀ, ବିଶ୍ୱାସ ସମ୍ବନ୍ଧରେ ପଥଭ୍ରଷ୍ଟ ହୋଇଥିବା ବ୍ୟକ୍ତି ୧ ତୀମଥି ୬:୨୧
   ଜ. ହୁମନାୟ ଓ ଫିଲୀତ - ଅସାର ବକୁଆ, ସତ୍ୟଭ୍ରଷ୍ଟ, ବିଶ୍ୱାସକୁ ଓଲଟାଇବା ଲୋକ ୨ ତୀମଥି ୨:୧୬-୧୮
   ଝ. ଦିମା, ୨ ତୀମଥି ୪:୧୦
   ଣ. ମିଥ୍ୟାଶିକ୍ଷକଗଣ ୨ ପିତର ୨:୧୯-୨୨, ଯିହୁଦା ୧୨-୧୯ ପଦ
   ଟ. ଭଣ୍ଡଖ୍ରୀଷ୍ଟ ୧ ଯୋହନ ୨:୧୮-୧୯
୩. ଫଳଶୂନ୍ୟ ବିଶ୍ୱାସ
   କ. ୧ କରିନ୍ଥୀ ୩:୧୦-୧୫
   ଖ. ୨ ପିତର ୧:୮-୧୧

ଆମ୍ଭେମାନେ ଏହି ଶାସ୍ତ୍ରାଂଶଗୁଡ଼ିକ ବିଷୟରେ କ୍ୱଚିତ ଚିନ୍ତା କରିଥାଉ ଆମର ରୀତିମତ ପରମାର୍ଥଶିକ୍ଷା (କାଲଭିନ ମତବାଦ ଓ ଆର୍ମିନିୟ ମତବାଦ) ହେତୁ । ମୁଁ ଏହି ପ୍ରସଙ୍ଗ ଉଠାଇ ଆଣିଛି ବୋଲି ମୋତେ ବିଚାର ପୂର୍ବରୁ କରନ୍ତୁ ନାହିଁ । ମୋର ଉପଯୁକ୍ତ ଅନୁବାଦର ପ୍ରଣାଳୀ ସମ୍ପର୍କୀୟ ନିୟମର ଅଗ୍ରଗତି ବିଷୟରେ ଚିନ୍ତା ରହିଅଛି । ଏହା ଅନେକ ସମୟରେ ବେଦନାପୂର୍ଣ୍ଣ ଏବଂ ଆଘାତଦାୟକ କାରଣ ଆମ୍ଭମାନଙ୍କ ଅଧିକ ସଂଖ୍ୟକ ପରମାର୍ଥ ଶିକ୍ଷା ସାମ୍ପ୍ରଦାୟିକ, ସଂସ୍କୃତିଗତ ବା ସମ୍ପର୍କଗତ (ପିତାମାତା, ବନ୍ଧୁ, ପାଳକ) ମାତ୍ର ବାଇବଲ ଅନୁଯାୟୀ ନୁହେଁ । କେତେକ ଲୋକ ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରୁ ଈଶ୍ୱର ବିହୀନ ଲୋକରେ ପରିଣତ ହୁଅନ୍ତି (ଯଥା ରୋମୀ ୯:୬) ।

**୧୧:୨୨ ''ଈଶ୍ୱରଙ୍କ ଦୟା ଓ କଠୋରତା''** ପତିତ ମାନବଜାତିକୁ ଈଶ୍ୱରଙ୍କ ପଥମାନ ସର୍ବଦା ଦ୍ୱନ୍ଦମୂଳକ ଦେଖାଯାଏ (ଯିଶାଇୟ ୫୫:୮-୧୧) । ଆମ୍ଭମାନଙ୍କର ପସନ୍ଦଗୁଡ଼ିକର ପରିଣାମସବୁ ରହିଅଛି । ଈଶ୍ୱରଙ୍କ ନିର୍ବାଚନ, ମାନବଜାତିର ଦାୟିତ୍ୱକୁ ନାସ୍ତି କରେ ନାହିଁ । ଇସ୍ରାଏଲ ଜାତିର ନିର୍ବାଚନ ପ୍ରତ୍ୟେକ ବ୍ୟକ୍ତିର ପରିତ୍ରାଣର ନିଶ୍ଚୟତା ପ୍ରଦାନ କରି ନାହିଁ ।

▣ ''ଯଦି ଈଶ୍ୱରଙ୍କ ଦୟାର ଶରଣାପନ୍ନ ହୋଇ ରହିଥାଅ'' ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଅଟେ, ଏକ ବର୍ତ୍ତମାନ ସମ୍ଭାବନାର୍ଥକ କ୍ରିୟାପଦ ସହିତ । ଏହି ଗଠନ ବୁଝାଏ ଯେ, ବିଶ୍ୱାସୀ ବିଜାତିମାନଙ୍କର ଏପରି ଭାବେ ରହିବା ସର୍ତ୍ତମୂଳକ (ଏହା ରୋମୀୟ ୯ ଅଧ୍ୟାୟର ଈଶ୍ୱରଙ୍କ ସର୍ବଭୌମତାର ଶୀଘ୍ର ଓଲଟାଇବା ପାର୍ଶ୍ୱ) ଆମ୍ଭମାନଙ୍କୁ ଆମର ବିଶ୍ୱାସ ରକ୍ଷା କରିବାକୁ ଜାଗ୍ରତ ସହକାରେ ଯତ୍ନଶୀଳ ହେବା ଉଚିତ (ଫିଲିପ୍ପୀ ୨:୧୨-୧୩) । ଏହା ଉଭୟ ଦଳ ଏବଂ ବ୍ୟକ୍ତି ବିଶେଷଙ୍କ ଅଧ୍ୟବସାୟକୁ ବୁଝାଏ (ଗାଲାତୀୟ ୬:୯, ପ୍ରକାଶିତ ୨:୭,୧୭, ୩:୬,୧୩,୨୨) । ଏହା ହେଉଛି ବାଇବଲରେ ନାୟିକ (ଶାରୀରିକ ସତ୍ତା) ଓ ବ୍ୟକ୍ତିଗତତାର ରହସ୍ୟ ଏବଂ ଗଭୀର ଚିନ୍ତା । ଏହା ଉଭୟ ପ୍ରତିଜ୍ଞାସମୂହ (ଈଶ୍ୱରଙ୍କ ଚରିତ୍ର ଉପରେ ନିର୍ଭର କରିଥିବା) ଏବଂ ସର୍ତ୍ତପୂର୍ଣ୍ଣ ଚୁକ୍ତିମାନ (ମାନବ ପ୍ରତ୍ୟୁତ୍ତର ଉପରେ ନିର୍ଭରକାରୀ) ଅଟେ ।
ବିଶେଷ ପ୍ରସଙ୍ଗ ଦେଖ : ୮:୨୫ରେ ଅଧ୍ୟବସାୟର ଆବଶ୍ୟକତା

**୧୧:୨୩** ଏହି ପଦ ୨୨ ପଦର ବ୍ୟାକରଣ ଓ ପରମାର୍ଥିକ ପଦ୍ଧତିର ଅନୁଗମନ କରେ । ଯଦି ଯିହୁଦୀମାନେ ମନପରିବର୍ତ୍ତନ କରନ୍ତି ଓ ବିଶ୍ୱାସ କରନ୍ତି ସେମାନେ ଅନ୍ତର୍ଭୁକ୍ତ ହେବେ । ଯଦି ବିଜାତିମାନେ ବିଶ୍ୱାସରୁ ଘୁଞ୍ଚିଯିବେ, ସେମାନେ ଅଗ୍ରାହ୍ୟ କରାଯିବେ (୨୦ପଦ) । ଖ୍ରୀଷ୍ଟଙ୍କଠାରେ ପ୍ରାରମ୍ଭିକ ବିଶ୍ୱାସ ଏବଂ ତାହାଙ୍କଠାରେ ବିଶ୍ୱାସର ନିତ୍ୟପ୍ରବୃହତା ଉଭୟ କଷ୍ଟକର ଅଟେ ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୧୧:୨୫-୩୨**

**୨୫ ''କାରଣ, ହେ ଭାଇମାନେ, ତୁମ୍ଭେମାନେ ଯେପରି ଆପଣା ଆପଣାକୁ ବୁଦ୍ଧିମାନ ବୋଲି ମନେ ନ କର, ଏଥିନିମନ୍ତେ ତୁମ୍ଭେମାନେ ଯେ ଏହି ନିଗୂଢ଼ ତତ୍ତ୍ୱ ସମ୍ବନ୍ଧରେ ଅଜ୍ଞ ରୁହ, ଏହା ମୋହର ଇଚ୍ଛା ନୁହେଁ, ଅର୍ଥାତ୍ ଯେ ପର୍ଯ୍ୟନ୍ତ ବିଜାତିମାନେ ପୂର୍ଣ୍ଣ ସଂଖ୍ୟାରେ ପ୍ରବେଶ କରିନାହାନ୍ତି, ସେ ପର୍ଯ୍ୟନ୍ତ ଇସ୍ରାଏଲ ଅଂଶକ୍ରମେ କଠିନ ହୋଇଅଛି, ୨୬ ଆଉ ଏହି ପ୍ରକାରେ ସମସ୍ତ ଇସ୍ରାଏଲ ପରିତ୍ରାଣ ପାଇବେ, ଯେପରି ଲେଖାଅଛି, ''ସିୟୋନରୁ ଉଦ୍ଧାରକର୍ତ୍ତା ଆଗମନ କରିବେ, ସେ ଯାକୁବଠାରୁ ଅଧର୍ମ ଦୂର କରିବେ ।'' ୨୭ ଆଉ ଯେତେବେଳେ ଆମ୍ଭେ ସେମାନଙ୍କର ପାପ ସବୁ ହରଣ କରିବା, ସେତେବେଳେ ଏହା ସେମାନଙ୍କ ସହିତ ଆମ୍ଭର ନିୟମ ହେବ । ୨୮ ସୁସମାଚାର ବିଷୟ ବିଚାର କଲେ, ସେମାନେ ତୁମ୍ଭମାନଙ୍କ ସକାଶେ ବିରୋଧର ପାତ୍ର, କିନ୍ତୁ ନିର୍ବାଚନ ବିଷୟ ବିଚାର କଲେ, ପିତୃ ପୁରୁଷଙ୍କ ସକାଶେ ପ୍ରିୟପାତ୍ର । ୨୯ କାରଣ ଈଶ୍ୱରଙ୍କ ଦାନସମୂହ ଓ ଆହ୍ୱାନ ଅନ୍ୟଥା ହୁଏ ନାହିଁ । ୩୦ ଯେଣୁ ତୁମ୍ଭେମାନେ ଯେପରି ପୂର୍ବେ ଈଶ୍ୱରଙ୍କ ଅନାଜ୍ଞାବହ ଥିଲ, କିନ୍ତୁ ଏବେ ସେମାନଙ୍କ ଅନାଜ୍ଞାବହତା ଦ୍ୱାରା ଦୟାପ୍ରାପ୍ତ ହୋଇଅଛି । ୩୧ ସେହିପରି ଏମାନେ ମଧ୍ୟ ଏବେ ଅନାଜ୍ଞାବହ ହୋଇଅଛନ୍ତି, ଯେପରି ତୁମ୍ଭମାନଙ୍କ ପ୍ରତି ପ୍ରକାଶିତ ଦୟା ଦ୍ୱାରା, ଏମାନେ ସୁଦ୍ଧା ଏବେ ଦୟାପ୍ରାପ୍ତ ହୁଅନ୍ତି । ୩୨ କାରଣ ସମସ୍ତଙ୍କୁ ଦୟା କରିବା ନିମନ୍ତେ ଈଶ୍ୱର ସମସ୍ତଙ୍କୁ ଅନାଜ୍ଞାବହତାରେ ସମର୍ପଣ କରିଅଛନ୍ତି ।''**

**୧୧:୨୫ କାରଣ ହେ ଭାଇମାନେ ତୁମ୍ଭେମାନେ ... ଯେ ଅଜ୍ଞ ରୁହ**, ଏହା ମୋହର ଇଚ୍ଛା ନୁହେଁ ଏହା ଏକ ପାଉଲ ଚାରିତ୍ରିକ ଗୂଢ଼ୋକ୍ତିର ଅଭିବ୍ୟକ୍ତି (୧:୧୩, ୧ କରିନ୍ଥୀ ୧୦:୧, ୧୨:୧, ୨ କରିନ୍ଥୀ ୧:୮, ୧ ଥେସଲନିକୀ ୪:୧୩) । ଏହା ସାଧାରଣତଃ ଗୁରୁତ୍ୱପୂର୍ଣ୍ଣ ଆଲୋଚନାକୁ ପରିଚିତ କରେ । ଏହା ଯୀଶୁଙ୍କ ନାମ ପରି କାର୍ଯ୍ୟ କରେ'' ଆମେନ୍ ଆମେନ୍ । ପାଉଲ ଅନେକ ସମୟରେ ଏକ ନୂତନ ପ୍ରସଙ୍ଗକୁ ଚିହ୍ନିତ କରିବା ପାଇଁ ଏହା ବ୍ୟବହାର କରନ୍ତି ।

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି**
**ଏନ୍ ଆର୍ ଏସ୍ ଭି ''ରହସ୍ୟ'' ବା ''ନିଗୂଢ଼ତତ୍ତ୍ୱ''**
**ଟି ଇ ଭି ''ଏକ ଗୁପ୍ତ ସତ୍ୟ''**
**ଏନ୍ ଜେ ବି ''ଏକ ଲୁକାୟିତ କାରଣ ଏହି ସମସ୍ତ ନିମନ୍ତେ''**

**ବିଶେଷ ପ୍ରସଙ୍ଗ : ''ରହସ୍ୟ'' (ନିଗୂଢ଼ ତତ୍ତ୍ୱ)**

ଈଶ୍ୱରଙ୍କର ଗୋଟିଏ ଏକୀଭୂତ ହୋଇଥିବା ଉଦ୍ଦେଶ୍ୟ ମାନବ ଜାତି ମୁକ୍ତି ନିମନ୍ତେ, ଯାହା ଏପରିକି ପତନର ଅଗ୍ରବର୍ତ୍ତୀ ହେଲା (ଆଦି ୩) । ଏହି ଯୋଜନାର ସୂଚନାମାନ ପୁରାତନ ନିୟମରେ ପ୍ରକାଶିତ ହେଲା (ଆଦି ୩:୧୫, ୧୨:୩, ଯାତ୍ରା ୧୯:୫-୬ ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କ ପୁସ୍ତକମାନଙ୍କରେ ସାର୍ବଜନୀନ ପାରାଗ୍ରାଫ୍‌ମାନ) । ଯାହାବି ହେଉ ଏହି ସମ୍ପୂର୍ଣ୍ଣ ସୂଚୀପତ୍ର ସ୍ପଷ୍ଟ ନ ଥିଲା (୧ କରିନ୍ଥୀ ୨:୬-୮) । ଯୀଶୁଙ୍କର ଓ ପବିତ୍ର ଆତ୍ମାଙ୍କ ଆଗମନ ସହିତ ଏହା ଅଧିକ ସ୍ପଷ୍ଟ ହେବାକୁ ଆରମ୍ଭ କରେ । ପାଉଲ ''ନିଗୂଢ଼ତତ୍ତ୍ୱ'' ଶବ୍ଦ ବ୍ୟବହାର କରନ୍ତି ଏହି ସମୁଦାୟ

ମୁକ୍ତିର ଯୋଜନାକୁ ବର୍ଣ୍ଣନା କରିବାକୁ (୧ କରିନ୍ଥୀ ୪:୧, ଏଫିସୀ ୬:୧୯, କଲସୀ ୪:୩, ୧ ତୀମଥି ୧:୯) । ଯାହାବି ହେଉ, ସେ ଏହା କେତେକ ବିଭିନ୍ନ ଅର୍ଥରେ ବ୍ୟବହାର କରନ୍ତି :

୧. ବିଜାତିମାନଙ୍କୁ ଅନ୍ତର୍ଭୁକ୍ତ ହେବାକୁ ଅନୁମତି ହେବା ଲାଗି ଇସ୍ରାଏଲମାନଙ୍କର ଏକ ଆଶିଂକ କଠିନ ହେବା । ବିଜାତିମାନଙ୍କର ଏହି ବହୁସଂଖ୍ୟାରେ ପ୍ରବେଶ, ଯିହୁଦୀମାନଙ୍କର ଯୀଶୁଙ୍କୁ ଭବିଷ୍ୟତ୍‌ବାଣୀର ଖ୍ରୀଷ୍ଟ ରୂପେ ଗ୍ରହଣ କରିବା ପାଇଁ ଏକ ଯନ୍ତ୍ରଚାଳିତ କାର୍ଯ୍ୟରୂପେ ଦେଖାଯିବ (ରୋମୀ ୧୧:୨୫-୩୨) ।
୨. ଜାତିଗଣଙ୍କୁ ସୁସମାଚାର ଜଣାଇ ଦିଆଗଲା, ଯେଉଁ ସମସ୍ତ ଖ୍ରୀଷ୍ଟଙ୍କଠାରେ ଓ ଖ୍ରୀଷ୍ଟଙ୍କ ଦ୍ୱାରା ଅର୍ନ୍ତଗତ ହେଲା (ରୋମୀ ୧୬:୨୫-୨୭, କଲସୀ ୨:୨) ।
୩. ବିଶ୍ୱାସୀମାନଙ୍କର ନୂତନ ଶରୀରମାନ ଦ୍ୱିତୀୟ ଆଗମନରେ (୧ କରିନ୍ଥୀ ୧୫:୫-୫୭, ୧ ଥେସଲନିକୀ ୪:୧୩-୧୮) ।
୪. ଖ୍ରୀଷ୍ଟଙ୍କଠାରେ ସମସ୍ତ ବିଷୟର ପ୍ରମାଣର ସମୀକ୍ଷା (ଏଫିସୀ ୧:୮-୧୧)
୫. ବିଜାତିମାନେ ଏବଂ ଯିହୁଦୀମାନେ ସହ-ଉତ୍ତରାଧିକାରୀ ଅଟନ୍ତି (ଏଫିସୀ ୨:୧୧-୩:୧୩)
୬. ଖ୍ରୀଷ୍ଟ ଓ ମଣ୍ଡଳୀ ମଧ୍ୟରେ ସମ୍ପର୍କର ଘନିଷ୍ଠତା ବିବାହ ସମ୍ପର୍କୀୟ ଭାଷାରେ ବର୍ଣ୍ଣନା କରାଯାଇଛି (ଏଫିସୀ ୫:୨୨-୨୩) ।
୭. ବିଜାତିଗଣ (ଅଣଯିହୁଦୀମାନେ) ପ୍ରତିଜ୍ଞାତ ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଲେ ଏବଂ ଖ୍ରୀଷ୍ଟଙ୍କ ସାଦୃଶ୍ୟ ପରିପକ୍ୱ ଅବସ୍ଥା ଉତ୍ପନ୍ନ କରିବାକୁ ଖ୍ରୀଷ୍ଟଙ୍କ ଆତ୍ମା ସେମାନଙ୍କ ମଧ୍ୟରେ ବାସ କଲେ, ଯାହାକି ପତିତ ମାନବ ଜାତିଠାରେ ଥିବା ଈଶ୍ୱରଙ୍କ ଧ୍ୱଂସିତ ପ୍ରତିମୂର୍ତ୍ତୀର ପୁନରୁଦ୍ଧାର ଅଟେ (ଆଦି ୬:୫, ୧୧-୧୩, ୮:୨୧) ଏବଂ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କଲା (ଆଦି ୧:୨୬-୨୭, ୫:୧, ୯:୬, କଲସୀ ୧:୨୬-୨୮)
୮. ଶେଷ ସମୟର ଭଣ୍ଡ ଖ୍ରୀଷ୍ଟ (୨ ଥେସଲନିକୀ ୨:୧-୧୧)
୯. ୧ ତୀମଥି ୩:୧୬ରେ ଏକ ଆଦ୍ୟ ମଣ୍ଡଳୀ ସାରାଂଶର ରହସ୍ୟ ଉନ୍ମୋଚିତ ହେଲା ।

▣ **"ତୁମେମାନେ ଯେପରି ଆପଣା ଆପଣାକୁ ବୁଦ୍ଧିମାନ ବୋଲି ମନେ ନ କର"** ଏଠାରେ ରୋମ୍ ମଣ୍ଡଳୀରେ ଆଉ ଏକ ବିବାଦର ସୂଚନା ଅଛି (୧୮ ପଦ)

▣

| | |
|---|---|
| **ଏନ୍ ଏ ଏସ୍ ବି** | **"ଏକ ଆଂଶିକ କଠିନତା ଇସ୍ରାଏଲ ପ୍ରତି ଘଟିଅଛି"** |
| **ଏନ୍ କେ ଜେ ଭି** | **"ଏକ ଆଂଶିକ କଠିନତା ଇସ୍ରାଏଲର ଘଟିଅଛି"** |
| **ଏନ୍ ଆର୍ ଏସ୍ ଭି** | **"ଇସ୍ରାଏଲର ଅଂଶ ଉପରେ ଏକ କଠିନତା ଆସିଅଛି"** |
| **ଟି ଇ ଭି** | **"ଇସ୍ରାଏଲ ଲୋକମାନଙ୍କ ଶକ୍ତଗ୍ରିବତା ସ୍ଥାୟୀ ନୁହେଁ"** |
| **ଏନ୍ ଜେ ବି** | **"ଇସ୍ରାଏଲର ଏକ ଭାଗ ଅନ୍ଧ ହୋଇ ଯାଇଅଛି"** |

ଏହି ମନ୍ତବ୍ୟ ୧୧ ଅଧ୍ୟାୟର ସମସ୍ତ ଅଂଶ ସହିତ ସମ୍ପୃକ୍ତ ହେବା ଉଚିତ । କେତେକ ବିଶ୍ୱାସୀ ଯିହୁଦୀ, ଅଛନ୍ତି ଏବଂ କେତେକ ଯିହୁଦୀ ବିଶ୍ୱାସୀ ହେବାକୁ ଲାଗି ରହିବେ । ଏହି ଆଂଶିକ ଅନ୍ଧତା, ଈଶ୍ୱରଙ୍କ ଦ୍ୱାରା ଦିଆଯାଇଅଛି (୮-୧୦ପଦ) କାରଣ ଯିହୁଦୀମାନେ ଯୀଶୁଙ୍କୁ ଅଗ୍ରାହ୍ୟ କଲେ, ସମସ୍ତ ମାନବଜାତିଙ୍କୁ ମୁକ୍ତି ପ୍ରଦାନ କରିବା ପାଇଁ ଈଶ୍ୱରଙ୍କ ଯୋଜନା ମଧ୍ୟରେ ଏହା ଉପଯୁକ୍ତ ସ୍ଥାନରେ ଯୋଖାଗଲା ବା ସଲଗ୍ନ ହେଲା । ଈଶ୍ୱର ସମସ୍ତଙ୍କ ପାଇଁ ପରିତ୍ରାଣ ପ୍ରତିଜ୍ଞା କରିଥିଲେ (ଆଦି ୩:୧୫) । ସେ ସମସ୍ତଙ୍କ ନିକଟରେ ଆଶୀର୍ବାଦ ପହଞ୍ଚାଇବାକୁ ଅବ୍ରହାମଙ୍କୁ ମନୋନୀତ କଲେ (ଆଦି ୧୨:୩) ସେ ସମସ୍ତଙ୍କ ପାଖରେ ପହଞ୍ଚିବାକୁ ଇସ୍ରାଏଲକୁ ମନୋନୀତ କଲେ (ଯାତ୍ରା ୧୯:୫-୬), ବିଶେଷ ପ୍ରସଙ୍ଗ ୮:୨୮ରେ ଦେଖ । ଇସ୍ରାଏଲ ତାହାର ମିଶନ କାର୍ଯ୍ୟଗୁଡ଼ିକରେ ଗର୍ବ, ଅବିଶ୍ୱସ୍ତତା ଓ ଅବିଶ୍ୱାସ ଦ୍ୱାରା ବିଫଳ ହେଲା । ଈଶ୍ୱର ତାହାଙ୍କ ଆଶୀର୍ବାଦ ଇସ୍ରାଏଲ ଉପରେ କରି, ତାହା ଦ୍ୱାରା ବିଜାତି ଜଗତକୁ ପହଞ୍ଚିବାକୁ ଇଚ୍ଛା କଲେ (ଦ୍ୱିତୀୟ ବିବରଣ ୨୭-୨୯) । ଇସ୍ରାଏଲ ଚୁକ୍ତି ରକ୍ଷା କରିପାରିଲା ନାହିଁ, ସେଥି ସକାଶେ ଈଶ୍ୱରଙ୍କ କ୍ଷଣସ୍ଥାୟୀ ବିଚାର ତାହା ଉପରେ ପଡ଼ିଲା । ବର୍ତ୍ତମାନ ଈଶ୍ୱର ଏହି ନିର୍ଦ୍ଦିଷ୍ଟ ବିଚାରକୁ ନେଇ ମାନବଜାତିର ବିଷୟରେ ତାହାଙ୍କ ମୂଳ ପରିତ୍ରାଣର ଉଦ୍ଦେଶ୍ୟ, ବିଶ୍ୱାସ ଦ୍ୱାରା ସଫଳ କରିବାକୁ ବ୍ୟବହାର କଲେ । (୩୦-୩୧, ଯିହିଜିକଲ ୩୬:୨୨-୨୮) ।

▣ "ଯେ ପର୍ଯ୍ୟନ୍ତ ବିଜାତିମାନେ ପୂର୍ଣ୍ଣ ସଂଖ୍ୟାରେ ପ୍ରବେଶ କରି ନାହାନ୍ତି", ଏହି ସମାନ ଶବ୍ଦ (ପ୍ଲେରୋମା) ୧୨ ପଦରେ ଯିହୁଦୀମାନଙ୍କ ପାଇଁ ବ୍ୟବହୃତ ହୋଇଅଛି । ଉଭୟ ପଦମାନ ଈଶ୍ୱରଙ୍କ ପୂର୍ବଜ୍ଞାନ ଓ ନିର୍ବାଚନ ବିଷୟ କହେ । "ପର୍ଯ୍ୟନ୍ତ" ଏହି ବିଜାତି ସମୟର ଏକ ସମୟ ସୀମା ବିଷୟ କହେ (ଲୂକ ୨୧:୨୪)

**୧୧:୨୬ "ସମସ୍ତ ଇସ୍ରାଏଲ ପରିତ୍ରାଣ ପାଇବ"** ଦୁଇଟି ସାମ୍ଭାବ୍ୟ ଅନୁବାଦ ଅଛି ।

୧. ଏହା ଜାତୀୟ ଇସ୍ରାଏଲକୁ ବୁଝାଏ - ପ୍ରତ୍ୟେକ ବ୍ୟକ୍ତିଗତ ଯିହୁଦୀଲୋକ ନୁହେଁ ମାତ୍ର ଇତିହାସରେ ଗୋଟିଏ ସମୟର ଅଧିକ ସଂଖ୍ୟକ (ସଂଖ୍ୟାଗରିଷ୍ଠ) ଯିହୁଦୀମାନଙ୍କୁ ବୁଝାଏ ।
୨. ଏହା କେତେକ ଅର୍ଥରେ ଆତ୍ମିକ ଇସ୍ରାଏଲ, ମଣ୍ଡଳୀକୁ ବୁଝାଏ ।

ପାଉଲ ଏହି ବିଶ୍ୱାସ ରୋମୀ ୨:୨୮-୨୯, ଗାଲାତୀ ୬:୧୬, ୧ ପିତର ୨:୫,୯, ପ୍ରକାଶିତ ୧:୬ରେ ବ୍ୟବହାର କରନ୍ତି । "ଯିହୁଦୀମାନଙ୍କ ସମ୍ପୂର୍ଣ୍ଣ ପ୍ରାପ୍ୟ" ୧୨ ପଦରେ ଏବଂ "ବିଜାତୀମାନଙ୍କ ସମ୍ପୂର୍ଣ୍ଣପ୍ରାପ୍ୟ" ୨୫ ପଦରେ ଏକ ଭାରସାମ୍ୟ ଥିବା ସମ୍ପର୍କ ମଧ୍ୟରେ ରହିଛି । ଏହା "ସମସ୍ତେ" ଈଶ୍ୱରଙ୍କ ନିର୍ବାଚନାନୁସାରେ, ପ୍ରତ୍ୟେକ ବ୍ୟକ୍ତିର ଅର୍ଥରେ 'ସମସ୍ତେ' ନୁହେଁ । ପ୍ରତିଜ୍ଞାର ଜିତବୃକ୍ଷ ଦିନେ ସମ୍ପୂର୍ଣ୍ଣ ହେବ ।

କେତେକ ବାଖ୍ୟାକାର (କମେଣ୍ଟେଟର୍) କହନ୍ତି ଯେ, ଏହା କେବଳ ଜାତୀୟ ଇସ୍ରାଏଲକୁ ନିଶ୍ଚୟ ବୁଝାଏ, କାରଣ,

୧. ୯-୧୧ ଅଧ୍ୟାୟଗୁଡ଼ିକ ପୂର୍ବାପର ସମ୍ବନ୍ଧ ହେତୁ

୨. ୨୬-୨୭ ପଦ ପୁରାତନ ନିୟମର ଉଦ୍ଧୃତାଂଶ ଥିବା ହେତୁ

୩. ୨୮ ପଦର ସ୍ପଷ୍ଟ ମନ୍ତବ୍ୟ ହେତୁ

ଈଶ୍ୱରଙ୍କର ତଥାପି ଅବ୍ରହାମଙ୍କ ପ୍ରାକୃତିକ ବଂଶ ପରିତ୍ରାଣପ୍ରାପ୍ତ ହେବେ ବୋଲି ଏକ ପ୍ରେମ ଓ ଇଚ୍ଛା ବା ଆକାଂକ୍ଷା ରହିଛି । ସେମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ନିଶ୍ଚୟ ଆସିବେ (ଯିଖରିୟ ୧୨:୧୦)

ଯେଉଁ ଯିହୁଦୀମାନେ ''କଠିନ ହୋଇଥିଲେ'' ସେମାନଙ୍କର ପ୍ରତ୍ୟୁତ୍ତର ଦେବାର ଏକ ଶେଷ ସମୟର ସୁଯୋଗ ଆସିବ କି ନାହିଁ ସେ ପ୍ରଶ୍ନର ଉତ୍ତର ଏହି ପଦ ବା ଅନ୍ୟ କୌଣସି ଶାସ୍ତ୍ରାଂଶ ଦେଇ ପାରିବ ନାହିଁ । ଆମେରିକୀୟମାନଙ୍କ ପରି ଆମ୍ଭେମାନେ ସଂସ୍କୃତିଗତ ଭାବେ ବ୍ୟକ୍ତିଗତ ପ୍ରଶ୍ନମାନ ପଚାରିବାରେ ଅଭ୍ୟସ୍ତ, ମାତ୍ର ବାଇବଲ ସମୁଦାୟ ସହଯୋଗିତା ଉପରେ ଆଲୋକ ପାତ କରେ । ଏହି ପ୍ରଶ୍ନ ପରି ସମସ୍ତ ପ୍ରଶ୍ନଗୁଡ଼ିକ ଈଶ୍ୱରଙ୍କ ହସ୍ତରେ ଛାଡ଼ି ଦେବା ଉଚିତ । ଈଶ୍ୱର ତାହାଙ୍କ ସୃଷ୍ଟି ଯାହାକୁ ସେ ପ୍ରେମ କରନ୍ତି ତାହା ପ୍ରତି ନ୍ୟାୟବାନ ଅଟନ୍ତି !

▣ ''ଯେପରି ଲେଖାଅଛି'' ଏହା ସେପ୍ଟୁଆଜିଣ୍ଟ (ଗ୍ରୀକ୍ ଅନୁବାଦ)ର ଯିଶାୟ ୫୯:୨୦-୨୧ (୨୬ପଦ) ଏବଂ ୨୭:୯ (୨୭)ରୁ ଦୁଇଟି ଉଦ୍ଧୃତାଂଶକୁ ବୁଝାଏ । ପରିତ୍ରାଣର ଗଠନ, ମଶୀହ ଯୀଶୁଙ୍କଠାରେ ବିଶ୍ୱାସ ହେବ । ଏଠାରେ 'ଖ' ଯୋଜନା ନାହିଁ, କେବଳ 'କ' ଯୋଜନା ଅଛି । କେବଳ ପରିତ୍ରାଣ ପାଇବାର ଏକମାତ୍ର ପଥ ଅଛି (ଯୋହନ ୧୦:୭-୧୮, ୧୧:୨୫-୨୯, ୧୪:୬) ।

**୧୧:୨୭**, ଯିଶାଇୟ ୨୭:୯ ଯାହା ୨୭ ପଦରେ ଉଦ୍ଧୃତ କରାଯାଇଅଛି, ଇସ୍ରାଏଲର ପ୍ରତିଜ୍ଞାତ ଦେଶକୁ ପୁନରୁଦ୍ଧାର (୧-୧୧ ପଦ) ସହିତ ପାରମ୍ପାରିକ ଶତ୍ରୁ (ବିଜାତି ଦେଶମାନ) ଅନ୍ତର୍ଗତ ହେବାକୁ ନିମନ୍ତ୍ରଣକୁ ଏହା ଏକତ୍ର କରେ (୧୨,୧୩) ଯଦି ଏହି ପୁନରୁଦ୍ଧାର ଆକ୍ଷରିକଭାବେ ସତ୍ୟ ତେବେ ସହସ୍ର ବର୍ଷ ବିଷୟର ଭବିଷ୍ୟତ୍‌ବାଣୀ ସଫଳ ହୋଇପାରିବ । ଯଦି ଏହା ଉଦାହରଣ ମାତ୍ର ତେବେ ନୂତନ ଚୁକ୍ତି, ସୁସମାଚାରର ରହସ୍ୟ, ଯେଉଁଥିରେ ଯିହୁଦୀ ଓ ବିଜାତିମାନେ ଈଶ୍ୱରଙ୍କ ମଶୀହଙ୍କଠାରେ ବିଶ୍ୱାସ ଦ୍ୱାରା ସଂଯୁକ୍ତ ହୋଇଅଛନ୍ତି ତାହା ଲକ୍ଷ୍ୟ ସ୍ଥଳ ହେବ (ଏଫିସୀ ୨:୧୧-୩:୧୩) । ଏହା ସ୍ଥିର କରିବା (ମନସ୍ଥ କରିବା) କଷ୍ଟକର । କେତେକ ପୁରାତନ ନିୟମ ଭବିଷ୍ୟଦ୍‌ବାଣୀ ନୂତନ ଚୁକ୍ତି ବା ନିୟମ ମଣ୍ଡଳୀ ପ୍ରତି ପ୍ରୟୋଗ କରାଯାଇଛି । ତଥାପି ଈଶ୍ୱର ତାହାଙ୍କ ପ୍ରତିଜ୍ଞାରେ ବିଶ୍ୱସ୍ତ ଅଟନ୍ତି, ଏପରିକି ଯେତେବେଳେ ମାନବଗଣ ନୁହନ୍ତି (ଯିହିଜିକଲ ୩୬:୨୨-୩୬)

**୧୧:୨୮** ଏହି ପଦ ନିର୍ବାଚନର ଦୁଇଟି ବିଷୟ ପ୍ରତିଫଳିତ କରେ ।

୧. ପୁରାତନ ନିୟମରେ ନିର୍ବାଚନ ସେବା ନିମନ୍ତେ, ଈଶ୍ୱର ମାନବଜାତିକୁ ମୁକ୍ତି ଦେବାର ଉଦ୍ଦେଶ୍ୟ ପାଇଁ ମାନବକୁ ଅସ୍ତ୍ରରୂପେ ପସନ୍ଦ କଲେ ।

୨. ନୂତନ ନିୟମରେ ନିର୍ବାଚନ ସୁସମାଚାର ଓ ଅନନ୍ତକାଳୀନ ପରିତ୍ରାଣ ସହିତ ସଂଯୁକ୍ତ, ସମସ୍ତ ମାନବଗଣର ଏହି ପରିତ୍ରାଣ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ, ଯାହା ସର୍ବଦା ଲକ୍ଷ୍ୟ ସ୍ଥଳ ହୋଇ ଆସିଛି (ଆଦି ୩:୧୫)

ଈଶ୍ୱର ତାହାଙ୍କ ପ୍ରତିଜ୍ଞାସମୂହରେ ବିଶ୍ୱସ୍ତ ଅଟନ୍ତି । ଏହା ପୁରାତନ ନିୟମ ବିଶ୍ୱାସୀମାନଙ୍କ ପାଇଁ ଏବଂ ନୂତନ ନିୟମ ସାଧୁମାନଙ୍କ ନିମନ୍ତେ ସତ୍ୟ । ଈଶ୍ୱରଙ୍କ ବିଶ୍ୱସ୍ତତା ହେଉଛି କଞ୍ଚି, ମାନବ ଜାତିର ନୁହେଁ, ଈଶ୍ୱରଙ୍କ ଦୟା ହେତୁ ମାନବଜାତିର ଧର୍ମକର୍ମ ସାଧନ ହେତୁ ନୁହେଁ । ନିର୍ବାଚନ ହେଉଛି ଆଶୀର୍ବାଦର ଉଦ୍ଦେଶ୍ୟ ପାଇଁ ବହିଷ୍କାର କରିବା ବିଷୟ ନୁହେଁ ।

▣ ''ସେମାନେ ପିତୃପୁରୁଷଙ୍କ ସକାଶେ ପ୍ରିୟ ପାତ୍ର'' ଏହା ହେଉଛି ଯାତ୍ରା ୨୦:୫-୬ ଓ ଦ୍ୱିତୀୟ ବିବରଣ ୫:୯-୧୦ ଏବଂ ୭:୯ର ପ୍ରତିଜ୍ଞା । ପରିବାରଗୁଡ଼ିକ ପୂର୍ବପୁରୁଷମାନଙ୍କ ବିଶ୍ୱାସ ହେତୁ ଆଶୀର୍ବାଦ ପ୍ରାପ୍ତ ଅଟନ୍ତି । ଇସ୍ରାଏଲ ବିଶ୍ୱସ୍ତ ପୂର୍ବ ପିତୃପୁରୁଷଙ୍କ ହେତୁ ଆଶୀର୍ବାଦ ପାତ୍ର (ଦ୍ୱିତୀୟ ବିବରଣ ୪:୨୭, ୭:୮, ୧୦:୧୫) । ଯିହୁଦାଠାରୁ ମଶୀହ ଆସିବେ ବୋଲି ଦାଉଦଙ୍କୁ ଏକ ପ୍ରତିଜ୍ଞା ମଧ୍ୟ ଦିଆଯାଇଥିଲା (୨ ଶାମୁୟେଲ ୭) । ଯାହାବି ହେଉ ଏହା ମଧ୍ୟ ପ୍ରକାଶିତ ହେବ ଯେ ଏପରିକି 'ବିଶ୍ୱସ୍ତମାନେ' ସମ୍ପୂର୍ଣ୍ଣ ଭାବେ ବ୍ୟବସ୍ଥା ପାଳନ କରିବାକୁ ଅସମର୍ଥ ହେଲେ (ଯିହିଜିକଲ ୩୬:୨୨-୩୬) ।

ବିଶ୍ୱାସ – ବ୍ୟକ୍ତିଗତ ବିଶ୍ୱାସ, ପରିବାର ବିଶ୍ୱାସ, ମାତ୍ର ସିଦ୍ଧ ବିଶ୍ୱାସ ନୁହେଁ – ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ଏବଂ ଆଭ୍ୟନ୍ତରୀଣ ଭାବେ ପରିବାରଗୁଡ଼ିକ ମାଧ୍ୟମରେ ଗତି କରି ଚାଲିଲା (୧ କରିନ୍ଥୀ ୭:୮-୧୬) ।

**୧୧:୨୯**

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି**

| | |
|---|---|
| **ଏନ୍ ଆର୍ ଏସ୍ ଭି** | **''କାରଣ ଈଶ୍ୱରଙ୍କ ଦାନସମୂହ ଓ ଆହ୍ୱାନ ଅନ୍ୟଥା ହୁଏ ନାହିଁ''** |
| **ଟି ଇ ଭି** | **''କାରଣ ଈଶ୍ୱର ଯାହାକୁ ମନୋନୀତ କରନ୍ତି ଓ ଆଶୀର୍ବାଦ କରନ୍ତି, ସେମାନଙ୍କ ବିଷୟରେ ତାହାଙ୍କ ମନ ପରିବର୍ତ୍ତନ କରନ୍ତି ନାହିଁ''** |
| **ଏନ୍ ଜେ ବି** | **''ଈଶ୍ୱର ତାହାଙ୍କ ଦାନ (ପୁରସ୍କାର) କେବେହେଲେ ଫେରାଇ ନିଅନ୍ତି ନାହିଁ ବା ତାହାଙ୍କ ପସନ୍ଦ ଅନ୍ୟଥା କରନ୍ତି ନାହିଁ''** |

ଏହା ବ୍ୟକ୍ତି ବିଶେଷଙ୍କ ଆତ୍ମିକ ଦାନଦେବା ବିଷୟ ବୁଝାଏ ନାହିଁ (୧ କରିନ୍ଥୀ ୧୨) । ମାତ୍ର ପୁରାତନ ଓ ନୂତନ ନିୟମରେ ପରିତ୍ରାଣ ବିଷୟରେ ଈଶ୍ୱରଙ୍କ ପ୍ରତିଜ୍ଞାମାନଙ୍କୁ ବୁଝାଏ । ନିର୍ବାଚନ ଫଳପ୍ରଦ ଅଟେ । ଈଶ୍ୱରଙ୍କ ବିଶ୍ୱସ୍ତତା ଜାତିଗତ ଇସ୍ରାଏଲର ଆଶା ଅଟେ (ମଲାଖି ୩:୬) ଏବଂ ଆତ୍ମିକ ଇସ୍ରାଏଲର ମଧ୍ୟ ଆଶା ।

**୧୧:୩୦-୩୨** ଏହି ପଦମାନ ଈଶ୍ୱରଙ୍କ ଯୋଜନାମାନ ଓ ଉଦ୍ଦେଶ୍ୟସମୂହର ଏକ ସାରାଂଶ ଅଟେ ।

୧. ସେଗୁଡ଼ିକ ସର୍ବଦା ତାହାଙ୍କ ଦୟା ଉପରେ ନିର୍ଭର କରେ (୯:୧୫-୧୬ରେ ଟିପ୍ପଣୀ ଦେଖ) ମନ୍‌ମୁଖୀ ବା ସ୍ୱେଚ୍ଛାଚାରୀ ମନସ୍ଥ ନୁହେଁ । ''ଦୟା'' ଶବ୍ଦ ଏହି ବୃହତ୍ତର ଶାସ୍ତ୍ରାଂଶରେ ଚାରିଥର ବ୍ୟବହାର କରାଯାଇଅଛି (୯:୧୫,୧୬,୧୮,୨୩)

୨. ଈଶ୍ୱର ସମସ୍ତ ମାନବଗଣଙ୍କୁ ବିଚାର କରିଅଛନ୍ତି, ଯିହୁଦୀ ଓ ବିଜାତୀମାନେ ସମସ୍ତେ ପାପପୂର୍ଣ୍ଣ (୩:୯,୧୯,୨୩, ୫:୧୧)

୩. ଈଶ୍ୱର, ମାନବଜାତିର ଆବଶ୍ୟକତା ଏବଂ ଅକ୍ଷମତାକୁ, ତାହାଙ୍କ ଦୟା ସମସ୍ତ ମାନବ ଜାତିକୁ ଦେଖାଇବା ଲାଗି ଏକ ସୁଯୋଗ ରୂପେ ବ୍ୟବହାର କରିଅଛନ୍ତି (୨୨ପଦ) । ପୁନର୍ବାର ପୂର୍ବପରି ସମ୍ବନ୍ଧରେ ''ସମସ୍ତେ'' ଶବ୍ଦ ୧୨ ପଦ ଓ ୨୫-୨୬ ପଦର ଆଲୋକରେ ଦେଖିବା ଉଚିତ । ସମସ୍ତ ବ୍ୟକ୍ତିଗଣ ଈଶ୍ୱରଙ୍କ ଦାନର ପ୍ରତ୍ୟୁତ୍ତର ଦେବେ ନାହିଁ, ମାତ୍ର ସମସ୍ତେ ମୁକ୍ତିର ସୁଯୋଗ ମଧ୍ୟରେ ଅର୍ନ୍ତଗତ ଅଟନ୍ତି (୫:୧୨-୨୧, ଯୋହନ ୩:୧୬) ହେ ଈଶ୍ୱର ଏହା ସେପରି ହେବ କି !!!

**୧୧:୩୦ ଓ ୩୧ ''କିନ୍ତୁ ଏବେ''** ଏହା ବଳିଷ୍ଠରୂପେ ସୂଚାଏ, ଗୋଷ୍ଠୀ ବା ଜାତିୟ ଇସ୍ରାଏଲର ଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା ଆତ୍ମିକ ପରିବର୍ତ୍ତନ (ଯିଖରିୟ ୧୨:୧୦) । ଯେପରି ବିଜାତିମାନଙ୍କ ଅବିଶ୍ୱାସ, ଈଶ୍ୱରଙ୍କ ଦୟା ଦ୍ୱାରା ଅତିକ୍ରମ କରାଗଲା, ସେପରି ଯିହୁଦୀୟ ଅବିଶ୍ୱାସ ମଧ୍ୟ ହେବ ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୧:୩୩-୩୬**

**[୩୩] ଆହା ! ଈଶ୍ୱରଙ୍କ ବୁଦ୍ଧି ଓ ଜ୍ଞାନରୂପ ନିଧି କେଡ଼େ ଗଭୀର । ତାହାଙ୍କର ବିଚାର ସବୁ କିପରି ବୋଧର ଅଗମ୍ୟ ଓ ତାହାଙ୍କ ପଥ ସବୁ କିପରି ଅନନୁସନ୍ଧେୟ । [୩୪] କାରଣ ପ୍ରଭୁଙ୍କ ମନ କିଏ ଜାଣିଅଛି ? କିମ୍ବା ତାହାଙ୍କର ମନ୍ତ୍ରୀ କିଏ ହୋଇଅଛି ? [୩୫] ଅବା କିଏ ତାହାଙ୍କୁ ପ୍ରଥମରେ ଦାନ କରିଅଛି, ଆଉ ତାହାକୁ ପ୍ରତିଦାନ କରାଯିବ । [୩୬] ଯେଣୁ ସମସ୍ତ ବିଷୟ ତାହାଙ୍କଠାରୁ, ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ, ଯୁଗେ ଯୁଗେ ଗୌରବ ତାହାଙ୍କର । ଆମେନ୍ ।**

**୧୧:୩୩-୩୬** ଏହା ପାଉଲଙ୍କର ଚମତ୍କାର ଅପରିକଳ୍ପିତ ପ୍ରଶଂସାର୍ଥକ ପ୍ରକାଶ ମଧ୍ୟରୁ ଗୋଟିଏ । ଈଶ୍ୱରଙ୍କ ପଥମାନଙ୍କ ଦ୍ୱାରା ପାଉଲ ଅଭିଭୂତ ହୋଇ ଯାଇଛନ୍ତି : ଚୁକ୍ତି ପ୍ରତିଜ୍ଞା ବିଶ୍ୱସ୍ତତା, ଚୁକ୍ତି ପ୍ରତିଜ୍ଞା ଅର୍ନ୍ତଭୁକ୍ତ, ଚୁକ୍ତି ପ୍ରତିଜ୍ଞା ପୂର୍ଣ୍ଣାଙ୍ଗ ବା ସମାପନ ।

**୧୧:୩୩ ''ନିଧି''** ଏହା ପାଉଲଙ୍କ ପାଇଁ ଏକ ପ୍ରିୟ ରୂଢ଼ୋକ୍ତି ବା ପ୍ରବାଦ (୨:୪, ୯:୨୩, ୧୦:୧୨, ୧୧:୧୨, ୩୩, ଏଫିସୀ ୧:୭,୮, ୨:୭, ୩:୮,୧୬, ଫିଲିପ୍ପୀ ୪:୧୯, କଲସୀ ୧:୨୭) । ସୁସମାଚାରର ଚାପ ଓ ମାନବ ଜାତିର ଆଶା ଈଶ୍ୱରଙ୍କ ଚରିତ୍ର ଓ ଯୋଜନାର ଦୟାପୂର୍ଣ୍ଣ ପ୍ରାଚୁର୍ଯ୍ୟତା (ଯିଶା ୫୫:୧-୭) ।

▣ **''ତାହାଙ୍କର ବିଚାର ସବୁ କିପରି ବୋଧର ଅଗମ୍ୟ ଓ ତାହାଙ୍କ ପଥସବୁ କିପରି ଅନନୁସନ୍ଧେୟ''** ଏହା ଏକ ଉପଯୁକ୍ତ ପ୍ରଶଂସାର୍ଥକ ପ୍ରକାଶ ୯-୧୧ ଅଧ୍ୟାୟର ଦ୍ୱନ୍ଦମୂଳକ ସତ୍ୟ ନିମନ୍ତେ (ଯିଶାଇୟ ୫୫:୮-୧୧) ।

**୧୧:୩୪** ଏହା ଯିଶାଇୟ ୪୦:୧୩-୧୪ର ସେପ୍ଟୁଆଜିଣ୍ଟରୁ ଏକ ଉଦ୍ଧୃତାଂଶ, ଯେଉଁଠାରେ ଈଶ୍ୱର ତାହାଙ୍କ ଲୋକମାନଙ୍କୁ ବନ୍ଦିତ୍ୱାବସ୍ଥାରୁ ଫେରାଇ ଆଣିବା ଦ୍ୱାରା ଉଦ୍ଧାର କରନ୍ତି । ୧ କରିନ୍ଥୀ ୨:୧୬ରେ ପାଉଲ ଏହି ସମାନ ଶାସ୍ତ୍ରାଂଶଟି ଉଦ୍ଧୃତ କରନ୍ତି ମାତ୍ର ଯୀଶୁଙ୍କୁ ''ପ୍ରଭୁ'' ନାମ ଆରୋପ କରନ୍ତି ।

**୧୧:୩୫** ଏହା ଆୟୁବ ୩୫:୭ ବା ୪୧:୧୧ର ଏକ ହୁଗୁଳା ଉଦ୍ଧୃତାଂଶ ।

**୧୧:୩୬ ''ଯେଣୁ ସମସ୍ତ ବିଷୟ ତାହାଙ୍କଠାରୁ, ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ''** ଏହି ଶାସ୍ତ୍ରାଂଶ ଏହି ପରିପ୍ରେକ୍ଷୀରେ ପିତା ଈଶ୍ୱରଙ୍କୁ ବୁଝାଏ (୧ କରିନ୍ଥୀ ୧୧:୧୨) । ମାତ୍ର ବହୁତ ସମାନ ଅନ୍ୟ ନୂତନ ନିୟମ ଶାସ୍ତ୍ରାଂଶଗୁଡ଼ିକ ଯାହା ପୁତ୍ର ଈଶ୍ୱରଙ୍କୁ ବୁଝାଏ (୧ କରିନ୍ଥୀ ୮:୬, କଲସୀ ୧:୧୬, ଏବ୍ରୀ ୨:୧୦) । ପାଉଲ ଦୃଢ଼ୀଭୂତ କରନ୍ତି ଯେ, ସମସ୍ତ ବିଷୟମାନ ଈଶ୍ୱରଙ୍କଠାରୁ ଉତ୍ପନ୍ନ ଏବଂ ଈଶ୍ୱରଙ୍କ ପାଖକୁ ଫେରିଯାଏ ।

▣ **''ଯୁଗେ ଯୁଗେ ଗୌରବ ତାହାଙ୍କର''** ଏହା ଈଶ୍ୱରତ୍ୱ ଉପରେ ନୂତନ ନିୟମ ଆଶୀର୍ବାଦର ଏକ ଚାରିତ୍ରିକ ଗୁଣ, ଏହା ବୁଝାଏ -

୧. କେତେକ ସମୟରେ ପିତାଙ୍କୁ (୧୬:୨୭, ଏଫିସୀ ୩:୨୧, ଫିଲିପ୍ପୀ ୪:୨୦, ୧ ପିତର ୪:୧୧, ୫:୧୧, ଯିହୁଦା ୨୫, ପ୍ରକାଶିତ ୫:୧୩, ୭:୧୭)

୨. କେତେକ ସମୟରେ ପୁତ୍ରଙ୍କୁ (୧ ତୀମଥି ୧:୧୭, ୨ ତୀମଥି ୪:୧୮, ୨ ପିତର ୩:୧୮, ପ୍ରକାଶିତ ୧:୧୬) ୩:୨୩ରେ ପୂର୍ଣ୍ଣ ଟିପ୍ପଣୀ ଦେଖ ।

▣ **ଆମେନ୍** ୧:୨୫ରେ ବିଶେଷ ପ୍ରସଙ୍ଗ ଦେଖ ।

## ଆଲୋଚନା ପ୍ରଶ୍ନମାନ

ଏହା ଏକ ଅଧ୍ୟୟନ ପାଇଁ ଚାଳନା ଦେବା ବାଖ୍ୟାପୁସ୍ତକ (କମେଣ୍ଟେରୀ), ଯାହା ବୁଝାଏ ଯେ, ବାଇବଲର ଅନୁବାଦ ପାଇଁ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କୁ ପ୍ରଦତ୍ତ ଆଲୋକରେ ଚାଲିବା ଉଚିତ । ଆପଣ, ବାଇବଲ ଓ ପବିତ୍ର ଆତ୍ମା ବାଇବଲ ଅନୁବାଦର ଅଗ୍ରାଧିକାରୀ । ଆପଣ ଏହି ଅନୁବାଦ ଦାୟିତ୍ୱ ଜଣେ ବାଇବଲ ବାଖ୍ୟାକାରୀ ଉପରେ ଛାଡ଼ିଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନସମୂହ ଏହି ପୁସ୍ତକର ଏହି ଅଂଶର ମୁଖ୍ୟ ବିଷୟଗୁଡ଼ିକ ମାଧ୍ୟମରେ ଆପଣଙ୍କୁ ଚିନ୍ତା କରିବାକୁ ସାହାଯ୍ୟ କରିବା ଲାଗି ଯୋଗାଇ ଦିଆଯାଇଛି । ସେଗୁଡ଼ିକ ଚିନ୍ତା ଉଦ୍ରେକକାରୀ, ମାତ୍ର ନିର୍ଦ୍ଧିଷ୍ଟ ନୁହେଁ ।

୧. ଇସ୍ରାଏଲ କିପରି ପରିତ୍ରାଣର ଈଶ୍ୱରଙ୍କ ପଥ ହରାଇ ଦେଲେ ?
୨. ଈଶ୍ୱର ଯେ ଇସ୍ରାଏଲକୁ ଅଗ୍ରାହ୍ୟ କରିନାହାନ୍ତି ଏହାର ପ୍ରମାଣ ଦେବାକୁ ପାଉଲ କେଉଁ ଦୁଇଟି କାରଣ ପ୍ରଦାନ କରନ୍ତି ?
୩. ଈଶ୍ୱର କାହିଁକି ଯିହୁଦୀମାନଙ୍କ ହୃଦୟମାନ କଠିନ କଲେ ? କିପରି ?
୪. ଏକ ଯିହୁଦୀ ''ଅବଶିଷ୍ଟାଂଶ''ର ବିଷୟ ଦ୍ୱାରା କ'ଣ ବୁଝାଏ ? (୨-୫ପଦ)
୫. ''ରହସ୍ୟ'' ଶବ୍ଦ ନୂତନ ନିୟମରେ, ଅର୍ଥ ବୁଝାଅ ।
୬. ୧୧:୨୬ର ଅର୍ଥ କଅଣ ? କାହିଁକି ୯:୬ ପଦ ସହିତ ଏହା କିପରି ସମ୍ପୃକ୍ତ ।
୭. ବିଜାତି ବିଶ୍ୱାସୀମାନଙ୍କୁ ପାଉଲ କେଉଁ ସତର୍କତା ପ୍ରଦାନ କରନ୍ତି ।

## ରୋମୀୟ ୧୨

| ଆଧୁନିକ ଅନୁବାଦସମୂହର ପାରାଗ୍ରାଫ୍ ଭାଗ-ବିଭାଗ | | | | |
|---|---|---|---|---|
| ୟୁବିଏସ୍ | ଏନକେଜେଭି | ଏନ୍ଆରଏସଭି | ଟିଇଭି | ଏନ୍‌ଜେବି |
| ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ | ଈଶ୍ୱରଙ୍କ ପାଇଁ ସଜୀବ ବଳୀ | ଉତ୍ସର୍ଗୀକୃତ ଜୀବନ | ଈଶ୍ୱରଙ୍କ ସେବାରେ ଜୀବନ | ଆତ୍ମିକ ଉପାସନା |
| ୧୨:୧-୨ | ୧୨:୧-୮ | ୧୨:୧-୨ | ୧୨:୧-୨ | ୧୨:୧-୨ |
| | | | | ନମ୍ରତା ଓ ପ୍ରେମ |
| ୧୨:୩-୮ | | ୧୨:୩-୮ | ୧୨:୩-୮ | ୧୨:୩-୧୩ |
| ଖ୍ରୀଷ୍ଟିୟ ଜୀବନର ନିୟମସମୂହ | ଏକଖ୍ରୀଷ୍ଟିୟାନ ପରି ବ୍ୟବହାର କର | ଉଦ୍‌ବୋଧନମାନ | | |
| ୧୨:୯-୨୧ | ୧୨:୯-୨୧ | ୧୨:୯-୧୩ | ୧୨:୯-୧୩ | ପ୍ରତ୍ୟେକଙ୍କ ପ୍ରତି ପ୍ରେମ, ଶତ୍ରୁଙ୍କୁ ଅନ୍ତର୍ଗତ କରି |
| | | ୧୨:୧୪-୨୧ | ୧୨:୧୪-୧୬ | ୧୨:୧୪-୨୧ |
| | | | ୧୨:୧୭-୨୧ | |

**ପଠନ ଚକ୍ର ତିନି ( ପୃ ୮ ଦେଖ)**

ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗମନ କରିବା

ଏହା ଏକ ଅଧ୍ୟୟନ ଚାଳନା ବାଖ୍ୟାପୁସ୍ତକ (କମେଣ୍ଟେରୀ), ଯାହା ଅର୍ଥ ହେଉଛି, ବାଇବଲ ଅନୁବାଦ ନିଜ ପାଇଁ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମର ପ୍ରାପ୍ତ ଆଲୋକରେ ଚାଲିବା ଉଚିତ ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା, ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଏକ ବାଖ୍ୟାକାରୀଙ୍କ ଉପରେ ଅନୁବାଦର ଭାର ଲଦିଦେବା ଉଚିତ ନୁହେଁ ।

ଏକାଥରେ ବସି ଅଧ୍ୟାୟଟି ପାଠ କରନ୍ତୁ । ପ୍ରସଙ୍ଗଗୁଡ଼ିକୁ ଚିହ୍ନନ୍ତୁ । ଆପଣଙ୍କ ପ୍ରସଙ୍ଗ ବିଭାଗ ଉର୍ଦ୍ଧ୍ୱସ୍ଥ ପାଞ୍ଚଟି ଅନୁବାଦ ସହିତ ତୁଳନା କରନ୍ତୁ । ପାରାଗ୍ରାଫ୍ କରିବା ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟ, ଯାହା ଅନୁବାଦର କେନ୍ଦ୍ର ବା ହୃତପିଣ୍ଡ, ଏହାର ଅନୁଗମନ କରିବାର କଞ୍ଚି ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଗୋଟିଏ ଏବଂ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ

୨. ଦ୍ୱିତୀୟ ପାରାଗ୍ରାଫ

୩. ତୃତୀୟ ପାରାଗ୍ରାଫ

୪. ଇତ୍ୟାଦି

## ପୂର୍ବାପର ସମ୍ବନ୍ଧ ଅନୁସାରେ ୧-୮ ପଦଗୁଡ଼ିକ ପ୍ରତି ଆଭ୍ୟନ୍ତରୀଣ ବା ଅର୍ନ୍ତଦୃଷ୍ଟି

କ. ଏହା ରୋମୀୟ ପୁସ୍ତକର ବ୍ୟବହାରିକ ବିଭାଗ ଆରମ୍ଭ କରେ (୧୨:୧-୧୫:୧୩) । ପାଉଲଙ୍କ ପତ୍ରମାନ ସମୟାନୁଯାୟୀ ପ୍ରମାଣମାନ, ସେଥିପାଇଁ, ସେମାନଙ୍କର ଉଭୟ ମୂଳତତ୍ତ୍ୱ ଓ ବିଭାଗର ପ୍ରୟୋଗ ଅଛି । ପାଉଲ ଏକ ସ୍ଥାନୀୟ ସମସ୍ୟା ବା ଘଡ଼ିସନ୍ଧି ମୁହୂର୍ତ୍ତ ବିଷୟରେ ଲେଖିଲେ । ଯେହେତୁ ରୋମୀ ୧-୮ ଏତେ ଚମତ୍କାର ମୂଳତତ୍ତ୍ୱ ବିଷୟକ ସାରାଂଶ, ଯେ ଏହାର ବିଶ୍ୱାସମତ ଓ ବ୍ୟବହାରିକ ବିଭାଗ ଏକପ୍ରକାର ଶକ୍ତିପୂର୍ଣ୍ଣ ଅଟେ ।

ଖ. ପରମାର୍ଥଶିକ୍ଷା, ଜୀବନ ଶୈଳୀ ପ୍ରୟୋଗ ବ୍ୟତୀତ ଈଶ୍ୱରଙ୍କ ନୁହେଁ (ମାଥିଉ ୭:୨୮-୨୭, ଯୋହନ ୧୩:୧୭, ରୋମୀ ୨:୧୩, ଯାକୁବ ୧:୨୨,୨୫, ୨:୧୪-୨୬) । ପାଉଲ ସ୍ପଷ୍ଟରୂପେ ଯୀଶୁଙ୍କଠାରେ ବିଶ୍ୱାସ ମାଧମରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଏକ ମୁକ୍ତ (ବିନାମୂଲ୍ୟରେ) ପରିତ୍ରାଣ ଶିକ୍ଷା ଦେଲେ, ମାତ୍ର ଏହି ବିନାମୂଲ୍ୟରେ ଦାନ ଆମର ଜୀବନର ମୌଳିକ ପରିବର୍ତ୍ତନକୁ ବୁଝାଏ ! ପରିତ୍ରାଣ ହେଉଛି ମାଗଣା, ମାତ୍ର ଏହା ଏକ ମୌଳିକ ଖ୍ରୀଷ୍ଟଙ୍କ ସାଦୃଶ୍ୟତା ଦ୍ୱାରା ଅନୁଗମନ କରାଯିବା ଉଚିତ୍ । ଆମ୍ଭେମାନେ ପବିତ୍ରୀକରଣଠାରୁ ଧାର୍ମିକଗଣନାକୁ ପୃଥକ କରିବାକୁ ସାହସ ନ କରୁ ।

ଗ. ୧-୨ ପଦ ସମୁଦାୟ ବ୍ୟବହାରିକ ବିଭାଗ ପାଇଁ ଏକ ପରିଚୟ ଗଠନ କରେ । ଏହା ଆତ୍ମାଙ୍କ ଦ୍ୱାରା ଚାଳିତ ଜୀବନ ପାଇଁ ସ୍ଥିତି ଅଟେ (ଯଥା ୮ ଅଧ୍ୟାୟ) ।

ଘ. ୩-୮ ପଦ ଆତ୍ମିକ ଦାନ ପ୍ରାପ୍ତି ବିଷୟ ଆଲୋଚନା କରେ । ଆମ୍ଭମାନଙ୍କର ଖ୍ରୀଷ୍ଟଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ ଈଶ୍ୱରଙ୍କ ନିମନ୍ତେ ସେବା କରିବାରେ ଉତ୍ପନ୍ନ ହେବା ଉଚିତ । (ଦ୍ୱିତୀୟ ବିବରଣ ୬:୪-୫, ମାଥିଉ ୨୨:୩୭) ଏବଂ ଅନ୍ୟମାନଙ୍କ ପାଇଁ ମଧ୍ୟ ସେବା କରିବା (ଲେବୀ ୧୯:୧୮, ମାଥିଉ ୧୯:୧୯) । ଏହି ଦାନସମୂହ ଆମର ଖ୍ରୀଷ୍ଟଙ୍କଠାରେ ଏକତା ଏବଂ ଆମର ବିଭିନ୍ନ ଦାନପ୍ରାପ୍ତି ଉପରେ ଗୁରୁତ୍ୱ ଦିଏ (ଏଫିସୀ ୪:୧-୧୦) । ବିଶ୍ୱାସୀମାନେ ଏକତା ପାଇଁ ସଂଘର୍ଷ କରିବା ଉଚିତ, ସମତା ପାଇଁ ନୁହେଁ । ଆମ୍ଭେମାନେ ପରସ୍ପରର ସେବା କରିବାକୁ ଈଶ୍ୱରଙ୍କ ଦ୍ୱାରା ସୁସଜ୍ଜିତ ଅଟୁ (୧ କରିନ୍ଥୀ ୧୨:୬,୧୧, ଏଫିସୀ ୪:୧୧-୧୩) ।

**ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ**

ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୨:୧-୨

ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ ଏହା ପରୀକ୍ଷା କରି ଜାଣିପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।

▣ ''ଅତଏବ'' ପାଉଲ ଏହି ଶବ୍ଦକୁ ରୋମୀୟ ପୁସ୍ତକରେ ସୁସମାଚାର ସତ୍ୟଗୁଡ଼ିକ ତାଙ୍କର ଉପସ୍ଥାପନରେ, ଗୁରୁତ୍ୱପୂର୍ଣ୍ଣ ସାମୟିକ ବିଷୟ ରୂପେ ବ୍ୟବହାର କଲେ ।

୧. ୫:୧ ପଦରେ ଏହା ''ବିଶ୍ୱାସ ଦ୍ୱାରା ଧାର୍ମିକଗଣନା''କୁ ସାରାଂଶ କରିଅଛି ।

୨. ୮:୧ ପଦରେ ଏହା, ପାପ ସହିତ ବିଶ୍ୱାସୀର ସମ୍ପର୍କକୁ ସାରାଂଶ କରିଅଛି, ଯାହା ପବିତ୍ରୀକରଣ ବୋଲି କୁହାଗଲା ।

୩. ୧୨:୧ ପଦରେ ଏହା, ଧାର୍ମିକଗଣନା ଓ ପବିତ୍ରୀକରଣର ବ୍ୟବହାରିକ ବାହ୍ୟିକ କାର୍ଯ୍ୟକାରିତାକୁ ବିଶ୍ୱାସୀମାନଙ୍କ ଦୈନନ୍ଦିନ ଜୀବନରେ ସମ୍ପୃକ୍ତ କରେ ।

**୧୨:୧**

| | |
|---|---|
| **ଏନ୍ ଏ ଏସ୍ ବି** | **''ମୁଁ ତୁମ୍ଭମାନଙ୍କୁ ବାଧ କରୁଅଛି''** |
| **ଏନ୍ କେ ଜେ ଭି** | **''ମୁଁ ତୁମ୍ଭମାନଙ୍କୁ ବିନତି କରୁଅଛି''** |
| **ଏନ୍ ଆର୍ ଏସ୍ ଭି, ଟି ଇ ଭି** | **''ମୁଁ ତୁମ୍ଭମାନଙ୍କୁ ଆବେଦନ (ପ୍ରାର୍ଥନା) କରୁଅଛି''** |
| **ଏନ୍ ଜେ ବି** | **''ମୁଁ ତୁମ୍ଭମାନଙ୍କୁ ନିବେଦନ କରୁଅଛି''** |

ଏହି ଖଣ୍ଡବାକ୍ୟ ଉଭୟ କୋମଳ ଏବଂ କଠିନ ଅଟେ । ଏହା ଏକ ଯଥାର୍ଥ ଜୀବନଯାପନ ପାଇଁ ଆହ୍ୱାନ । ପାଉଲ ଅନେକ ସମୟରେ ଏହି ଶବ୍ଦମାନ ବ୍ୟବହାର କରନ୍ତି (୧୨:୧, ୧୫:୩୦, ୧୬:୧୭, ୧ କରିନ୍ଥୀ ୧:୧୦, ୪:୧୬, ୧୬:୧୫, ୨ କରିନ୍ଥୀ ୨:୮, ୫:୨୦, ୬:୧, ୧୦:୧, ୧୨:୮, ଏଫିସୀ ୪:୧, ଫିଲିପ୍ପୀ ୪:୨, ୧ ଥେସଲନିକୀ ୪:୧୦, ୧ ତୀମଥି ୧:୩, ଫିଲିମୋନ ୯-୧୦)

▣ **''ହେ ଭାଇମାନେ''** ପାଉଲ ଅନେକ ସମୟରେ ଏହି ଶବ୍ଦ ଏକ ନୂତନ ପ୍ରସଙ୍ଗକୁ ପରିଚିତ କରାଇବାକୁ ବ୍ୟବହାର କରନ୍ତି ।

▣ **''ଈଶ୍ୱରଙ୍କ ଦୟା ହେତୁ''** ୭୦ରେ ଏହା ଯିହୋବା ପରମେଶ୍ୱରଙ୍କ କରୁଣାମୟ ସ୍ୱଭାବ ବର୍ଣ୍ଣନାକରେ (ଯାତ୍ରା ୩୪:୬) । ଏଠାରେ ୧-୧୧ ଅଧ୍ୟାୟଗୁଡ଼ିକର ମୂଳତତ୍ତ୍ୱ ବିଷୟକ ଅଗ୍ରଗତିକୁ ଏହା ବୁଝାଏ । ଏଠାରେ ଈଶ୍ୱରଙ୍କ ''ଦୟା'' ଉପରେ ରୋମୀୟ ପତ୍ରରେ ଏହା ଏକ ସୁସ୍ପଷ୍ଟ ଗୁରୁତ୍ୱ, (ଉଭୟ ଓଇକିଏଇରୋ ଏବଂ ଏଲିଓ) ପତିତ ମାନବଜାତି ସହିତ ବ୍ୟବହାର କରିବାକୁ ଦିଆଯାଇଅଛି (୯:୧୫,୧୬,୧୮,୨୩,୧୧:୩୦,୩୧,୩୨, ୧୨:୮, ୧୫:୯) । ଯେହେତୁ ଈଶ୍ୱରଙ୍କ ଅନୁଗ୍ରହ ଓ ଦୟା ବିନାମୂଲ୍ୟରେ ପ୍ରଦାନ ବା ଯଚା ଯାଉଛି, ବିଶ୍ୱାସୀମାନେ ଈଶ୍ୱର ପରାୟଣ ଜୀବନଯାପନ କରିବା ଉଚିତ (ଏଫିସୀ ୧:୪, ୨:୧୦) କୃତଜ୍ଞତା ହେତୁ, ପ୍ରାପ୍ୟରୁ ନୁହେଁ (ଏଫିସୀ ୨:୮-୯) । ନୂତନ ଜୀବନମାନ (କଲସୀ ୩:୯,୧୦,୧୨) ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସକୁ ଫେରାଇବାକୁ ଉଦ୍ଦୀଷ୍ଟ ।

▣ **''ଉତ୍ସର୍ଗ କର''** ଏହା ଏକ ଆଓରିଷ୍ଟ କର୍ତ୍ତା ନିରପେକ୍ଷ କ୍ରିୟା । ଏହା ଏହି ଶାସ୍ତ୍ରାଂଶରେ ବିଭିନ୍ନ ତ୍ୟାଗର ଶବ୍ଦମାନଙ୍କ ମଧ୍ୟରୁ ଗୋଟିଏ ବ୍ୟବହାର କରାଯାଇଛି : ୧ ପଦ ସଜୀବ, ୧ ପଦ ପବିତ୍ର, ୧ ପଦ ସୁଗ୍ରାହ୍ୟ । ଏହି ସମାନ ଚିନ୍ତା ୬:୧୩,୧୬,୧୯ରେ ପ୍ରକାଶ କରାଯାଇଅଛି । ମାନବଗଣ ହୁଏତ ଆପଣାମାନଙ୍କୁ ଈଶ୍ୱରଙ୍କ ନିକଟରେ ବା ଶୟତାନ ନିକଟରେ ସମର୍ପଣ ବା ପ୍ରଦାନ କରିବେ । ଯେପରି ଖ୍ରୀଷ୍ଟ ଆପଣାକୁ ସ୍ୱତନ୍ତ୍ରଭାବେ ପିତାଙ୍କ ଇଚ୍ଛା ସଫଳ କରିବାକୁ ପ୍ରଦାନ କରିଥିଲେ, ଏପରିକି କ୍ରୁଶାର୍ପିତ ମୃତ୍ୟୁ ମଧ୍ୟ, ତାହାଙ୍କ ଅନୁଗାମୀମାନେ ମଧ୍ୟ ତାହାଙ୍କ ସ୍ୱାର୍ଥଶୂନ୍ୟ ଜୀବନଯାପନ କରିବାକୁ ଅନୁକରଣ କରିବା ଉଚିତ (୨ କରିନ୍ଥୀ ୫:୧୪-୧୫, ଗାଲାତୀ ୨:୨୦, ୧ ଯୋହନ ୩:୧୬) ।

▣ ''ଆପଣା ଆପଣା ଶରୀରକୁ'' ଖ୍ରୀଷ୍ଟ ଧର୍ମ ଗ୍ରୀକ ଦର୍ଶନ ଶାସ୍ତ୍ରରୁ ବହୁତ କିଛି ଭିନ୍ନ, ଯାହା ଚିନ୍ତା କଲା ଯେ ଶରୀର ହେଉଛି ମନ୍ଦ । ଏହା ପ୍ରଲୋଭନର କ୍ରୀଡ଼ାସ୍ଥଳୀ ମାତ୍ର ନୈତିକ ଭାବେ ନିରପେକ୍ଷ । ''ଶରୀର'' ଶବ୍ଦ ୨ ପଦରେ ମନ ସହିତ ସମାନ୍ତର ରୂପେ ଦେଖାଯାଏ । ବିଶ୍ୱାସୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ଅସ୍ତିତ୍ୱକୁ ଈଶ୍ୱରଙ୍କଠାରେ ସମର୍ପଣ କରିବା ଆବଶ୍ୟକ (ଦ୍ୱିତୀୟ ବିବରଣ ୬:୫, ୧ କରିନ୍ଥୀ ୬:୨୦) ଯେପରି ସେମାନେ ପୂର୍ବେ ପାପ ନିକଟରେ ସମର୍ପିତ ହୋଇଥିଲେ (ରୋମୀ ୬) ।

▣ ''ଏକ ସଜୀବ'' ଏହା ମୂଳତଃ ଯିହୁଦୀ ବା ବିଜାତି ମନ୍ଦିର ମାନଙ୍କର ମୃତ ନୈବେଦ୍ୟମାନଙ୍କଠାରୁ ଭିନ୍ନ ଥିଲା (୬:୧୩, ଗାଲାତୀ ୨:୨୦ ପଦ)
ଏହା ମଧ୍ୟ ସୈନ୍ୟାସ୍ୟବାଦ (ଧର୍ମରୀତିଅନୁସାରେ ଶରୀର ପ୍ରତିନିର୍ଦ୍ଦିୟ ବ୍ୟବହାର)ଠାରୁ ସମ୍ପୂର୍ଣ୍ଣ ଭିନ୍ନତା ପ୍ରଦର୍ଶନ କରିବା ଉଚିତ । ଏହା ଶରୀରର ପୃଥକୀକରଣ, ଶାସ୍ତି ବା ବିବାହ ନିଷେଧ ନୁହେଁ ଯାହା ପରାମର୍ଶ ଦିଆଯାଇଥିଲା । ମାତ୍ର ଏକ ସେବା ଓ ଖ୍ରୀଷ୍ଟଙ୍କ ସାଦୃଶ୍ୟ ପ୍ରେମର ସକ୍ରୀୟ ଜୀବନ ।

▣ **''ଏବଂ ପବିତ୍ର ବଳି''** ''ପବିତ୍ର'' ଶବ୍ଦ ''ଈଶ୍ୱରଙ୍କ ସେବାକରିବା ଲାଗି ପୃଥକୀକୃତ ହେବା'' ବୁଝାଏ । ଏହି ଶାସ୍ତ୍ରାଂଶରେ ଏହି ଶବ୍ଦର ଲକ୍ଷ୍ୟ, ବିଶ୍ୱାସୀମାନେ ଈଶ୍ୱରଙ୍କ ଦ୍ୱାରା ତାହାଙ୍କ ଉଦ୍ଦେଶ୍ୟମାନର ପାଇଁ ବ୍ୟବହୃତ ହେବା ସକାଶେ ସେମାନଙ୍କ ଉତ୍ସର୍ଗୀକରଣ ଓ ସହଜ ଲଭ୍ୟତା ଉପରେ ଅଛି ।

**ବିଶେଷ ପ୍ରସଙ୍ଗ : ପବିତ୍ର**

୧. ପୁରାତନ ନିୟମ
  କ. ''କାଡୋଶ'' ଶବ୍ଦର ଉତ୍ପତ୍ତି ଅନିର୍ଦ୍ଦିଷ୍ଟ, ସମ୍ଭବତଃ କିଣାନୀୟ । ଏହା ସମ୍ଭବ ଯେ ମୂଳ (ଯଥା : କେଡ଼୍) ଅଂଶର ଅର୍ଥ ''ଭାଗକରିବା'' । ଲୋକପ୍ରିୟ ସଂଜ୍ଞା ''ଈଶ୍ୱରଙ୍କ ବ୍ୟବହାର ପାଇଁ ପୃଥକୀକୃତ''ର ଏହା ଉତ୍ପତ୍ତିସ୍ଥଳ (କିଣାନୀୟ ସଂସ୍କୃତିରୁ ଦ୍ୱିତୀୟ ବିବରଣ ୭:୬, ୧୪:୨,୨୧,୨୬:୧୯)
  ଖ. ଏହା ବିଷୟସମୂହରେ, ସ୍ଥାନମାନଙ୍କରେ, ସମୟମାନଙ୍କରେ ଏବଂ ବ୍ୟକ୍ତିଗଣ ମଧ୍ୟରେ ଈଶ୍ୱରଙ୍କ ଉପସ୍ଥିତି ସହିତ ସମ୍ପୃକ୍ତ । ଏହା ଆଦି ପୁସ୍ତକରେ ବ୍ୟବହୃତ ହୋଇ ନାହିଁ ମାତ୍ର ଯାତ୍ରାପୁସ୍ତକ, ଲେବୀୟ, ଗଣନା ପୁସ୍ତକରେ ସାଧାରଣ ବିଷୟରେ ପରିଣତ ହୋଇଅଛି ।
  ଗ. ଭବିଷ୍ୟତ୍‌ବାଣୀର ସାହିତ୍ୟରେ (ବିଶେଷତଃ ଯିଶାଇୟ ଓ ହୋଶେୟ) ବ୍ୟକ୍ତିଗତ ବିଷୟ ପୂର୍ବେ ଉପସ୍ଥିତ ଥିଲା । ମାତ୍ର ଏଥିରେ ଗୁରୁତ୍ୱ ଦେବା ସମ୍ମୁଖକୁ ଆସି ନାହିଁ । ଏହା ଈଶ୍ୱରଙ୍କ ଅର୍ନ୍ତନିହିତ ବୈଶିଷ୍ଟ୍ୟକୁ ଚିହ୍ନିତ କରିବାର ଏକ ପଥରେ ପରିଣତ ହୁଏ (ଯିଶାଇୟ ୬:୩) । ଈଶ୍ୱର ପବିତ୍ର, ତାହାଙ୍କ ନାମ ତାହାଙ୍କ ପବିତ୍ର ଚରିତ୍ରର ପ୍ରତିନିଧିତ୍ୱ କରେ । ତାହାଙ୍କ ଲୋକମାନେ, ଏକ ଅଭାବଗ୍ରସ୍ତ ଜଗତ ନିକଟରେ ତାହାଙ୍କ ଚରିତ୍ର ପ୍ରକାଶ ଯେଉଁମାନଙ୍କୁ କରିବାକୁ ହେଉଛି, ସେମାନେ ପବିତ୍ର ଅଟନ୍ତି (ସେମାନେ ଯଦି ବିଶ୍ୱାସରେ ନିୟମର ବାଧ୍ୟ ହୁଅନ୍ତି)
  ଘ. ଈଶ୍ୱରଙ୍କ ଦୟା ଓ ପ୍ରେମ ଅବିଚ୍ଛିନ୍ନ, ନିୟମ ଚୁକ୍ତିମାନ, ନ୍ୟାୟ ଓ ଅତ୍ୟାବଶ୍ୟକ ଚରିତ୍ରର ପରମାର୍ଥିକ ମତବାଦଠାରୁ । ଏକ ଅପବିତ୍ର, ପତିତ, ବିଦ୍ରୋହୀ ମାନବ ସମାଜ ଆଡ଼କୁ ଈଶ୍ୱରଙ୍କ ଗଭୀର ଚିନ୍ତା ଏଠାରେ ଅଛି । ଈଶ୍ୱର ''ଦୟାମୟ'' ରୂପେ ଏବଂ ଈଶ୍ୱର ପବିତ୍ର ରୂପେ ଏହା ମଧ୍ୟରେ ଥିବା ସମ୍ପର୍କ ଉପରେ ଏକ ଲେଖା ବହୁତ ଆକର୍ଷଣୀୟ ଭାବେ ରବର୍ଟ ବି ଗର୍ଡଲଷ୍ଟୋନ ତାଙ୍କର ''ପୁରାତନ ନିୟମର ସମାର୍ଥବୋଧ'' ୧୧୨-୧୧୩ ପୃଷ୍ଠାରେ ଲେଖିଛନ୍ତି ।

୨. ନୂତନ ନିୟମ
  କ. ନୂତନ ନିୟମର ଲେଖକମାନେ (ଲୁକବ୍ୟତୀତ) ହିବ୍ରୁ ଚିନ୍ତାକାରୀଗଣ ଥିଲେ, ମାତ୍ର କୋଇନେ ଗ୍ରୀକ୍ (ଯଥା : ସେପ୍ଟୁଆଜିଣ୍ଟ) ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହା ଥିଲା ପୁରାତନ ନିୟମର ଗ୍ରୀକ୍ ଅନୁବାଦ, ମୌଳିକ ଗ୍ରୀକ୍ ସାହିତ୍ୟ, ଚିନ୍ତା ବା ଧର୍ମ ନୁହେଁ ଯାହା ସେମାନଙ୍କ ଭାଷାଗତ ଜ୍ଞାନକୁ ଅଧିକାର କରିଥିଲା ।
  ଖ. ଯୀଶୁ ପବିତ୍ର ଅଟନ୍ତି କାରଣ ସେ ଈଶ୍ୱର ଅଟନ୍ତି ଏବଂ ଈଶ୍ୱରଙ୍କ ସଦୃଶ ଅଟନ୍ତି (ଲୂକ ୧:୩୫, ୪:୩୪, ପ୍ରେରିତ ୩:୧୪, ୪:୨୭,୩୦) । ସେ ହେଉଛନ୍ତି ପବିତ୍ର ଓ ଧାର୍ମିକ ଈଶ୍ୱର (ବ୍ୟକ୍ତି) (ପ୍ରେରିତ ୩:୧୪, ୨୨:୧୪) ଯୀଶୁ ପବିତ୍ର ଅଟନ୍ତି କାରଣ ସେ ପାପଶୂନ୍ୟ (ଯୋହନ ୮:୪୬, ୨ କରିନ୍ଥୀ ୫:୨୧, ଏବ୍ରୀ ୪:୧୫, ୭:୨୬, ୧ ପିତର ୧:୧୯, ୨:୨୨, ୧ ଯୋହନ ୩:୫) ।
  ଗ. ଯେହେତୁ ଈଶ୍ୱର ପବିତ୍ର, ତାହାଙ୍କ ସନ୍ତାନମାନେ ପବିତ୍ର ହେବାକୁ ପଡ଼ିବ (ଲେବୀ ୧୧:୪୪-୪୫, ୧୯:୨, ୨୦:୭,୨୬, ମାଥିଉ ୫:୪୮, ୧ ପିତର ୧:୧୬) । ଯେହେତୁ ଯୀଶୁ ପବିତ୍ର ଅଟନ୍ତି, ତାହାଙ୍କ ଅନୁଗମନକାରୀ ପବିତ୍ର ହେବାକୁ ପଡ଼ିବ (ରୋମୀ ୮:୨୮-୨୯, ୨ କରିନ୍ଥୀ ୩:୧୮, ଗାଲାତୀ ୪:୧୯, ଏଫିସୀ ୧:୪, ୧ ଥେସଲନିକୀ ୩:୧୩, ୪:୩, ୧ ପିତର ୧:୧୫) । ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କ ସାଦୃଶ୍ୟରେ ସେବା କରିବାକୁ ପରିତ୍ରାଣ ପ୍ରାପ୍ତ (ପବିତ୍ରତା)

▣ ''ଈଶ୍ୱରଙ୍କ ସୁଗ୍ରାହ୍ୟ'' ପୁରାତନ ନିୟମରେ ଏହା ଏକ ଉପଯୁକ୍ତ ନୈବେଦ୍ୟକୁ ବୁଝାଏ (୨ପଦ) । ଏହା ''ଦୋଷ ଶୂନ୍ୟତା''ର ମତ ସହିତ ସମାନ, ଯେତେବେଳେ ଲୋକମାନଙ୍କ ପାଇଁ ବ୍ୟବହୃତ ହୋଇଥାଏ (ଆଦି ୬:୯, ୧୭:୧, ଦ୍ୱିତୀୟ ବିବରଣ ୧୮:୧୩, ଆୟୁବ ୧:୧) ।

▣

| | |
|---|---|
| **ଏନ୍ ଏ ଏସ୍ ବି** | **''ଯାହା କି ତୁମ୍ଭମାନଙ୍କର ଉପାସନାର ଆଧ୍ୟାତ୍ମିକ ସେବା''** |
| **ଏନ୍ କେ ଜେ ଭି** | **''ଯାହାକି ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ସେବା''** |
| **ଏନ୍ ଆର୍ ଏସ୍ ଭି** | **''ଯାହାକି ତୁମ୍ଭମାନଙ୍କର ଆଧ୍ୟାତ୍ମିକ ସେବା''** |
| **ଟି ଇ ଭି** | **''ଏହା ହେଉଛି ପ୍ରକୃତ ଉପାସନା, ଯାହା ତୁମେ କରିବା ଉଚିତ''** |
| **ଏନ୍ ଜେ ବି** | **''ଏକ ବାଟରେ ଯାହା ହେବାକୁ ଚିନ୍ତା କରିବା ଯୋଗ୍ୟ''** |

ଏହି ଶବ୍ଦ (ଲୋଗିକୋସ), ''ଲୋଗିଜୋମାଇ''ରୁ ଉତ୍ପନ୍ନ, ଯାହାର ଅର୍ଥ ''ଯୁକ୍ତି କରିବା'' (ମାର୍କ ୧୧:୩୧, ୧ କରିନ୍ଥୀ ୧୩:୧୧, ଫିଲିପ୍ପୀ ୪:୮) । ଏହି ଶାସ୍ତ୍ରାଂଶରେ ଏହାର ଅର୍ଥ ଉପଯୁକ୍ତ ବା ଯୁକ୍ତିଯୁକ୍ତ ହୋଇପାରେ । ମାତ୍ର ଏହି ଶବ୍ଦ ମଧ୍ୟ ଆତ୍ମିକ ଅର୍ଥରେ ବ୍ୟବହୃତ ହୋଇଥିଲା ଯେପରି ୧ ପିତର ୨:୨ରେ । ଏହି ଅର୍ନ୍ତନିହିତ ବୋଧ ଜଣକର ପ୍ରକୃତ ନିଜସ୍ୱକୁ ଏକ ସଚେତନ ନୈବେଦ୍ୟ ହେବାକୁ ବୁଝାଇବା ପରି ମନେହୁଏ, ଯାହା ମୃତ ପଶୁବଳୀର ନୈବେଦ୍ୟର ବିପରୀତ ଜଣାଯାଏ । ଈଶ୍ୱର ଆମ୍ଭମାନଙ୍କର ତାହାଙ୍କ ପ୍ରେମ ଓ ସେବାରେ ଜୀବନମାନ ଚାହାନ୍ତି, ବିଧିବିଧାନ ଅନୁସାରେ ନିର୍ଦ୍ଧାରିତ ବିଷୟ ନୁହେଁ, ଯାହା ଦୈନିକ ଜୀବନଯାପନ ଉପରେ ପ୍ରଭାବ ପକାଏ ନାହିଁ ।

**୧୨:୨ ''ଅନୁରୂପୀ ହୁଅ ନାହିଁ''** ଏହା ଏକ କର୍ମବାଚ୍ୟ ଅନୁଜ୍ଞାସୂଚକ କ୍ରିୟା (ବା ବର୍ତ୍ତମାନ ମାଧ୍ୟମିକ) ଏକ ନାସ୍ତିବାଚକ କ୍ଷୁଦ୍ରାଂଶ, ଯାହା ସାଧାରଣତଃ ଏକ ଚାଲୁ ରହିଥିବା କାର୍ଯ୍ୟ ପଦ୍ଧତିକୁ ବନ୍ଦ କରିବା ବୁଝାଏ । ୨ ପଦର ବିପରୀତ ବିଷୟ ଅଛି, ଫିଲିପ୍ପୀ ୨:୬-୮ରେ ଥିବା ବିଷୟ ସହିତ ସମାନ, ବାହ୍ୟ ଆକୃତ ବଦଳାଇବା (ସ୍କେମା ୨:୮) ଏବଂ ଆଭ୍ୟନ୍ତରୀଣ ସଭାର ପରିବର୍ତ୍ତନ ମଧ୍ୟରେ (ମୋର୍‌ଫେ, ୨:୬-୭) । ବିଶ୍ୱାସୀମାନଙ୍କୁ ଉଦ୍‌ବୋଧନ ଦିଆଯାଉଛି, ପତିତ ଜଗତର ରୀତି (ବିଦ୍ରୋହର ପୁରାତନଯୁଗ) ଯାହାର ସେମାନେ ଏବେ ସୁଦ୍ଧା ଶାରୀରିକ ଅଂଶ ବିଶେଷ, ସେହିପରି ନ ହେବାକୁ, ମାତ୍ର ମୌଳିକଭାବେ ଖ୍ରୀଷ୍ଟସାଦୃଶ୍ୟ ଭାବେ ପରିବର୍ତ୍ତିତ ହେବାକୁ (ଆତ୍ମାଙ୍କ ନୂତନ ଯୁଗ) ।

▣ **''ଏହି ଜଗତ ମଧ୍ୟକୁ''** ଏହା ଆକ୍ଷରିକ ଭାବେ ''ଯୁଗ'' ଶବ୍ଦ ଅଟେ । ଯିହୁଦୀମାନେ ଦୁଇଟି ଯୁଗ ଦେଖିଥିଲେ ମାଥିଉ ୧୨:୩୨, ମାର୍କ ୧୦:୩୦, ଲୂକ ୨୦:୩୪,୩୫), ବର୍ତ୍ତମାନ ମନ୍ଦ ଗୁଣ (ଗାଲାତୀ ୧୪, ୨ କରିନ୍ଥୀ ୪:୪, ଏଫିସୀ ୨:୨) ଏବଂ ଆଗାମୀ ଯୁଗ (ମାଥିଉ ୨୮:୨୦, ଏବ୍ରୀ ୧:୩, ୧ ଯୋହନ ୨:୧୫-୧୭) । ବିଶ୍ୱାସୀମାନେ ଚିନ୍ତା-ପୂର୍ଣ୍ଣ ସମୟରେ ବାସ କରନ୍ତି, ଯେଉଁଥିରେ ଏହି ଯୁଗମାନ ଆର୍ଶ୍ଚର୍ଯ୍ୟରୂପେ ପରସ୍ପର ଉପରେ ଚଢ଼ିଯାଆନ୍ତି । ଖ୍ରୀଷ୍ଟଙ୍କର ଦୁଇଟି ଆଗମନ ହେତୁ, ବିଶ୍ୱାସୀମାନେ ଈଶ୍ୱରଙ୍କ ରାଜ୍ୟ ବିଷୟକ ଚିନ୍ତାରେ ବାସ କରନ୍ତି (ତା' ଭିତରେ ଆଗରୁ ଅଛନ୍ତି ଏବଂ ତଥାପି ଆସି ନାହିଁ) ଉଭୟ ବର୍ତ୍ତମାନ ଏବଂ ତଥାପି ଭବିଷ୍ୟତ ।

## ବିଶେଷ ପ୍ରସଙ୍ଗ : ଏହି ଯୁଗ ଏବଂ ଆଗାମୀଯୁଗ

ପୁରାତନ ନିୟମ ଭବିଷ୍ୟତ୍‌ବକ୍ତାମାନେ ବର୍ତ୍ତମାନର ଏକ ଅଭିବୃଦ୍ଧି ରୂପେ ଭବିଷ୍ୟତ୍ ଦର୍ଶନ କଲେ । ସେମାନଙ୍କ ନିମନ୍ତେ ଭବିଷ୍ୟତ୍ ଏକ ଇସ୍ରାଏଲର ଭୌଗଳିକ ପୁନରୁଦ୍ଧାର ହେବ । ଯାହାବି ହେଉ, ଏପରିକି ସେମାନେ ଏହାକୁ ଏକ ନୂତନ ଦିନ ରୂପେ ଦେଖିଲେ (ଯିଶାଇୟ ୬୫:୧୭, ୬୬:୨୨) । ଅବ୍ରହାମଙ୍କ ବଂଶଧରମାନଙ୍କ ଦ୍ୱାରା ଯିହୋବାଙ୍କ ପ୍ରତି ସର୍ବଦା ସ୍ୱେଚ୍ଛାଗତ ଅଗ୍ରାହ୍ୟ (ଏପରିକି ବନ୍ଦିତ୍ୱାବସ୍ଥା ପରେ) ଯିହୁଦୀ, ପୁରାତନ ଓ ନୂତନ ନିୟମ ମଧ୍ୟବର୍ତ୍ତୀ ସମୟରେ ଧ୍ୱଂସମୟ ସାହିତ୍ୟରେ ଏକ ନୂତନ ଆଦର୍ଶ ବୃଦ୍ଧିପାଇଲା (ଯଥା : ୧. ହନୋକ ୪ ଏଜ୍ରା, ୨. ବାରକ୍) । ଏହି ଲେଖାଗୁଡ଼ିକ ଦୁଇଟି ଯୁଗ ମଧ୍ୟରେ ପ୍ରଭେଦ ଆଣିବାକୁ ଆରମ୍ଭ କରେ, ଶୟତାନ ଅଧିକୃତ ଏକ ବର୍ତ୍ତମାନ ମନ୍ଦ ଯୁଗ ଏବଂ ଆତ୍ମାଙ୍କ ଅଧିକୃତ ଆଗାମୀ ଧାର୍ମିକତାର ଯୁଗ ଏବଂ ମଶୀହଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଅଛି (ଅଧିକାଂଶ ସମୟରେ ଏକ ଶକ୍ତିଶାଳୀ ଯୋଦ୍ଧା)

ପରମାର୍ଥଶିକ୍ଷାର ଏହି ଅଞ୍ଚଳରେ (ଯୁଗଶେଷର ଘଟଣାମାନର ଅଧ୍ୟୟନ) ଏକ ସୁସ୍ପଷ୍ଟ ଉନ୍ନତ ଅଛି । ପାରମାର୍ଥିକଗଣ ଏହାକୁ ''ଅଗ୍ରଗତିଶୀଳ ପ୍ରକାଶିତ ବିଷୟ'' କହନ୍ତି । ନୂତନ ନିୟମ, ଏହି ଦୁଇଟି ଯୁଗର ନୂତନ ବିଶ୍ୱାସ ସମ୍ବନ୍ଧୀୟ ବାସ୍ତବତାକୁ ଦୃଢ଼ୀଭୂତ କରେ (ଯଥା : ଏକ ପାର୍ଥିବ ଦ୍ୱୈତବାଦ)

| ଯୀଶୁ | ପାଉଲ | ଏବ୍ରୀୟମାନେ |
|---|---|---|
| ମାଥିଉ ୧୨:୩୨ | ରୋମୀ ୧୨:୨ | ଏବ୍ରୀ ୧:୨ |
| ମାଥିଉ ୧୩:୨୨ ଓ ୨୯ | ୧ କରିନ୍ଥୀ ୧:୨୦, ୨:୬,୮, ୩:୧୮ | ଏବ୍ରୀ ୬:୫ |
| ମାର୍କ ୧୦:୩୦ | ୨ କରିନ୍ଥୀ ୪:୪ | ଏବ୍ରୀ ୧୧:୩ |
| ଲୂକ ୧୬:୮ | ଗାଲାତୀ ୧:୪ | |
| ଲୂକ ୧୮:୩୦ | ଏଫିସୀ ୧:୨୧, ୨:୧,୭, ୬:୧୨ | |
| ଲୂକ ୨୦:୩୪-୩୫ | ୧ ତୀମଥି ୬:୧୭ | |
| | ୨ ତୀମଥି ୪:୧୦ | |
| | ତିତସ ୨:୧୨ | |

ନୂତନ ନିୟ ପରମାର୍ଥ ଶିକ୍ଷାରେ ଦୁଇଟି ଯିହୁଦୀୟ ଯୁଗ ପରସ୍ପର ଉପରେ ମାଡ଼ିଯାଇଛି, ମଶୀହଙ୍କ ଦୁଇଟି ଆଗମନର ଭବିଷ୍ୟତ୍‌ବାଣୀ ଅନପେକ୍ଷିତ ଓ ଉପେକ୍ଷା କରି ଦିଆଯାଇଥିବା ହେତୁ । ଯୀଶୁଙ୍କ ଅବତାରତ୍ୱ, ନୂତନ ଯୁଗର ପ୍ରାରମ୍ଭିକ ପୁରାତନ ନିୟମ ଭବିଷ୍ୟତ୍‌ବାଣୀସମୂହ ପୂରଣ କଲା (ଦାନିୟେଲ ୨:୪୪-୪୫) । ଯାହାବି ହେଉ, ପୁରାତନ ନିୟମ ମଧ୍ୟ ତାହାଙ୍କ ଆଗମନ, ବିଚାରକର୍ତ୍ତା ଓ ବିଜେତା ରୂପେ ଦେଖିଲେ, ତଥାପି ସେ ପ୍ରଥମରେ କ୍ଲେଶ ବା ଦୁଃଖଭୋଗୀ ଦାସରୂପେ ଆସିଲେ (ଯିଶାଇୟ ୫୩, ଯିଖରିୟ ୧୨:୧୦), ନମ୍ରଶୀଳ, ଗର୍ଦ୍ଦଭ ଉପରେ, ଗର୍ଦ୍ଦଭ

| |
|---|
| ଶାବକ ଉପରେ ଆରୋହଣ କରି ଆସୁଅଛନ୍ତି (ଯିଖରିୟ ୯:୯) । ସେ ପୁରାତନ ନିୟମରେ ଭବିଷ୍ୟତ୍‌ବାଣୀ ଅନୁସାରେ ଶକ୍ତିରେ ପ୍ରତ୍ୟାବର୍ତ୍ତନ କରିବେ (ପ୍ରକାଶିତ ୧୯) । ଏହି ଦୁଇ – ଅବସ୍ଥାର ସଫଳତା, ରାଜ୍ୟ ଉପସ୍ଥିତ ହେବାକୁ ଦେଲା (ସ୍ୱାଗତ କରାଗଲା ବା ଉଦ୍‌ଘାଟିତ ହେଲା), ମାତ୍ର ଭବିଷ୍ୟତ (ସମ୍ପୂର୍ଣ୍ଣ ହୋଇ ନାହିଁ) । ଏହା ନୂତନ ନିୟମ ଚିନ୍ତା, ହୋଇଥିବା ମାତ୍ର ତଥାପି ହେବାକୁ ଥିବା ବିଷୟରେ । |

▣ **''ପରିବର୍ତ୍ତିତ ହୁଅ''** ବିଶ୍ୱାସୀମାନେ ପରିବର୍ତ୍ତିତ ହେବା ଉଚିତ (୬:୪, ୭:୬, ୨ କରିନ୍ଥୀ ୫:୧୭, ଗାଲାତୀ ୬:୧୫, ଏଫିସୀ ୪:୨୨-୨୪, କଲସୀ ୩:୧୦), କେବଳ ଜଣାଇ ଦିଆଯାଇ ନାହିଁ । ବ୍ୟାକରଣିକ ଗଠନ ଏହି ଶବ୍ଦର, ବର୍ତ୍ତମାନ ମଧ୍ୟବର୍ତ୍ତୀ ଅନୁଜ୍ଞାସୂଚକ କ୍ରିୟା, ''ତୁମ ନିଜକୁ ପରିବର୍ତ୍ତିତ କରିବାରେ ଲାଗି ରହିବ ''କିଅବା ବର୍ତ୍ତମାନ କର୍ମବାଚ୍ୟ ଅନୁଜ୍ଞା ସୂଚକ କ୍ରିୟା'', ''ପରିବର୍ତ୍ତିତ ହେବାରେ ଲାଗି ରହିବାକୁ ହେବ'' । ଏହା ମଧ୍ୟ ୨ (କ) ପଦରେ ''ପାଳନ କରିବା'' ବିଷୟରେ ସତ୍ୟ । କାରଣ ଏକ ସମାନ ବିପରୀତ ତୁଳନା ଯିହିଜିକଲ ୧୮:୩୧ (ମାନବ ସମର୍ପଣ ଓ କାର୍ଯ୍ୟ)ର ଯିହିଜିକଲ ୩୬:୨୬-୨୭ (ସ୍ୱର୍ଗୀୟ ଦାନ) ସହିତ ଉଭୟ ଆବଶ୍ୟକ ଅଟନ୍ତି । ''ରୂପାନ୍ତରୀତ'' ପାଇଁ ଏହି ସମାନ ଶବ୍ଦର ଏକ ଗଠନ ଯୀଶୁଙ୍କ ଅନ୍ୟମୂର୍ତ୍ତୀ ଧାରଣ କରିବାରେ ବ୍ୟବହୃତ ହୋଇଥିଲା (ମାଥିଉ ୧୭:୨) ଯେଉଁଠାରେ ତାହାଙ୍କ ପ୍ରକୃତ ଆଭ୍ୟନ୍ତରୀଣ ଗୁଣ (ସ୍ଥିତି) ପ୍ରକାଶିତ ହୋଇଥିଲା । ଏହି ପ୍ରକୃତ ସ୍ୱର୍ଗୀୟ ସ୍ଥିତି (୨ ପିତର ୧:୩-୪) ପ୍ରତ୍ୟେକ, ବିଶ୍ୱାସୀଠାରେ ଗଠିତ ହେବ (୨ କରିନ୍ଥୀ ୩:୧୮, ଏଫିସୀ ୪:୧୩) ।

▣ **''ମନର ନୂତନୀକରଣ ଦ୍ୱାରା''** ଏହା ନୂତନ ଗୁଣ (କାଇନୋସ) ପାଇଁ ଗ୍ରୀକ୍ ମୂଳରୁ ଆସିଛି, ସମୟରେ ନୂତନ ନୁହେଁ (କ୍ରୋମୋସ୍) । ଯିହୁଦୀମାନଙ୍କ ପାଇଁ ଦେଖିବା ଓ ଶୁଣିବାର ଶକ୍ତି, ଆତ୍ମାର ଝରକା ଥିଲା । ଜଣେ ଯାହା ଚିନ୍ତା କରେ, ସେ ତାହା ହୋଇଯାଏ । ପରିତ୍ରାଣ ପରେ ଆତ୍ମାଙ୍କ ବାସ କରିବା ହେତୁ, ବିଶ୍ୱାସୀଗଣଙ୍କର ଏକ ନୂତନ ଚିନ୍ତାଧାରା ହୁଏ । ଯାହା ନୂତନ ବିଶ୍ୱାସୀମାନଙ୍କ ମନ, ଜୀବନ ଶୈଳୀକୁ ରୂପାନ୍ତରୀତ କରେ, ବିଶ୍ୱାସୀମାନେ ବାସ୍ତବତା ଆଡ଼େ ଏକ ସମ୍ପୂର୍ଣ୍ଣ ଭିନ୍ନ ବାଟରେ ଚାହାଁନ୍ତି କାରଣ ସେମାନଙ୍କ ମନସବୁ ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇ ଆସିଅଛି । ଏକ ନୂତନ ମୁକ୍ତ, ଆତ୍ମାଙ୍କ ଦ୍ୱାରା ଚାଳିତ ମନ, ଏକ ନୂତନ ଜୀବନ ଶୈଳୀର ଫଳ ଉତ୍ପନ୍ନ କରେ ! ଏହା ହେଉଛି ଯାହା ନୂତନ ଚୁକ୍ତି ବା ନିୟମ ପ୍ରତିଜ୍ଞା କରିଅଛି (ଯିରିମିୟ ୩୧:୩୧-୩୪) ।

**ବିଶେଷ ପ୍ରସଙ୍ଗ : ନୂତନୀକୃତ (ଆନାକାଇନୋସିସ୍)**

ଏହି ଗ୍ରୀକ୍ ଶବ୍ଦ ଏହାର ବିଭିନ୍ନ ଗଠନମାନଙ୍କରେ (ଅନାଇକାନୋଓ, ଆନାକାଇନିଯୋଠ) ଦୁଇଟି ମୂଳ ଅର୍ଥମାନ ଅଛି ।

୧. ''କିଛି ବିଷୟକୁ ନୂତନ ଓ ଭିନ୍ନରେ ପରିଣତ କରିବାକୁ ଦେବା (ଯଥା : ଅଧିକଉତ୍ତମ)'' ରୋମୀ ୧୨:୨, କଲସୀ ୩:୧୦

୨. ଏକ ପୂର୍ବରେ ଥିବା ପସନ୍ଦଯୋଗ୍ୟ ଅବସ୍ଥାକୁ ପରିବର୍ତ୍ତିତ କରିବାକୁ ଦେବା – ୨ କରିନ୍ଥୀ ୪:୧୬, ଏବ୍ରୀ ୬:୪-୬

(ଚାଉ ଓ ନିଡାଙ୍କ ଗ୍ରୀକ୍-ଇଂରାଜୀ ଅଭିଧାନର ନିଆଯାଇଛି)

ମୋଲ୍‌ଟନ ଓ ମିଲିଗାନଙ୍କ, ଗ୍ରୀକ୍ ନିୟମର ଶବ୍ଦମାନ କହେ ଯେ ଏହି ଶବ୍ଦ (ଯଥା : ଆନାକାଇନୋସିସ) ପାଉଲଙ୍କ ପୂର୍ବବର୍ତ୍ତୀ ସମୟରେ ଗ୍ରୀକ୍ ସାହିତ୍ୟରେ ଦେଖାଯାଏ ନ ଥିଲା । ପାଉଲ ଏହି ଶବ୍ଦ ନିଜେ ସୃଷ୍ଟି କରିଥାଇପାରନ୍ତି (୩୪ ପଷ୍ଠୋ)

ପ୍ରୀଙ୍କ ଷ୍ଟେଜ୍‌ଙ୍କ ନୂତନ ନିୟମ ପରମାର୍ଥ ଶିକ୍ଷାର ଏକ ଆକର୍ଷଣୀୟ ମନ୍ତବ୍ୟ ଅଛି ।

''ପୁର୍ନଜନ୍ମ ଓ ନୂତନୀକରଣ କେବଳ ଈଶ୍ୱରଙ୍କର ଅଟେ । ନୂତନୀକରଣ ପାଇଁ ''ଆନାକ୍ଲାଇନ୍ ଓସିସ୍'' ଶବ୍ଦ ଏକ କାର୍ଯ୍ୟକାରୀ ବିଶେଷ୍ୟ ପଦ ଏବଂ ଏହା ନୂତନ ନିୟମରେ ନିଯୁକ୍ତ ହୋଇଛି କ୍ରିୟାପଦ ଗଠନମାନ ଦ୍ୱାରା, ଏକ ଲାଗି ରହିଥିବା ନୂତନୀକରଣ ରୋମୀ ୧୨:୨ ପରି ବର୍ଣ୍ଣନା କରିବାକୁ । ''ମନର ନୂତନୀକରଣ ଦ୍ୱାରା ତୁମ୍ଭେମାନେ ପରିବର୍ତ୍ତିତ ହୁଅ'' ଏବଂ ୨ କରିନ୍ଥୀ ୪:୧୬ ''ଆନ୍ତରିକ ପୁରୁଷ ଦିନକୁ ଦିନ ନୂତନୀ କୃତ ହେଉଅଛି'' କଲସୀ ୩:୧୦ ବର୍ଣ୍ଣନା କରେ 'ନୂତନ ମନୁଷ୍ୟ' ଯେପରି ସେହି ନୂତନ ସ୍ୱଭାବ ଆପଣା ସୃଷ୍ଟିକର୍ତ୍ତାଙ୍କ ପ୍ରତିମୂର୍ତ୍ତୀ ଅନୁସାରେ ସମ୍ପୂର୍ଣ୍ଣ ଜ୍ଞାନପ୍ରାପ୍ତି ନିମନ୍ତେ ନୂତନୀକୃତ ହେଉଅଛି । ସେହିପରି ନୂତନ ମନୁଷ୍ୟ ଜୀବନର ନୂତନତା, ପୁର୍ନଜନ୍ମ ବା ନୂତନୀକୃତ, ଯେଉଁପ୍ରକାରେ ପ୍ରସ୍ତୁତ ହେଉ, ଏହା ଏକ ପ୍ରାରମ୍ଭିକ କାର୍ଯ୍ୟକୁ ଏବଂ ଅନନ୍ତ ଜୀବନର ଦାତା ଓ ସମ୍ଭାଳିବା ବ୍ୟକ୍ତି ରୂପେ ଈଶ୍ୱରଙ୍କ ଏକ ଲାଗି ରହିଥିବା କାର୍ଯ୍ୟ ଉପରେ ଚାପ ଦେଲା ।'' (୧୧୮ ପୃଷ୍ଠା)

▣ ''ଈଶ୍ୱରଙ୍କ ଇଚ୍ଛା କଅଣ ଏହା ପରୀକ୍ଷା କରି ଜାଣିପାର'' ଏହା ଏକ ବର୍ତ୍ତମାନ ଅସୀମତା ଅଟେ (ଡୋକିମାଜୋଓ) ଶବ୍ଦ ବ୍ୟବହାର କରାଯାଉଛି, ''ସମର୍ଥନ ପାଇଁ ଏକ ମତବାଦ ପରୀକ୍ଷା କରିବା ବିଷୟରେ ଅନ୍ତର୍ନିହିତଗୁଣ ପ୍ରକାଶ କରିବା ସହିତ'' ୨:୧୮ରେ ବିଶେଷ ପ୍ରସଙ୍ଗ ଦେଖ ।

ଈଶ୍ୱରଙ୍କ ଇଚ୍ଛା ହେଉଛି ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତ ପରିତ୍ରାଣ ପ୍ରାପ୍ତ ହେବେ (ଯୋହନ ୬:୩୯-୪୦) ଏବଂ ତତ୍‌ପରେ ଖ୍ରୀଷ୍ଟଙ୍କ ପରି ଜୀବନଯାପନ କରିବା (ରୋମୀ ୮:୨୮-୨୯, ଗାଲାତୀ ୪:୧୯, ଏଫିସୀ ୧:୪, ୪:୧୩,୧୫, ୫:୧୭-୧୮) । ଖ୍ରୀଷ୍ଟିୟାନ ନିଶ୍ଚୟତା (୫୨ରେ ବିଶେଷ ପ୍ରସଙ୍ଗ ଦେଖ) ନିର୍ଭର କରେ –

୧. ନିର୍ଭର ଯୋଗ୍ୟ ଈଶ୍ୱରଙ୍କ ପ୍ରତିଜ୍ଞାସମୂହ

୨. ପବିତ୍ର ଆତ୍ମାଙ୍କ ଆଭ୍ୟନ୍ତରୀଣ ବାସ (ରୋମୀ ୮:୧୪-୧୬)

୩. ବିଶ୍ୱାସୀମାନଙ୍କର ପରିବର୍ତ୍ତନ ହେଲା ଏବଂ ଜୀବନ ପରିବର୍ତ୍ତିତ ହେଲା (ଯାକୁବ ଓ ୧ ଯୋହନ) ''ଫଳ ନାହିଁ'' ''ମୂଳ ନାହିଁ'' (ମାଥିଉ ୧୩:୧-୯, ୧୯-୨୩)

▣ **''ଈଶ୍ୱରଙ୍କ ଇଚ୍ଛା କଅଣ''** ନିମ୍ନରେ ଥିବା ବିଶେଷ ପ୍ରସଙ୍ଗ ଦେଖ ।

**ବିଶେଷ ପ୍ରସଙ୍ଗ : ଈଶ୍ୱରଙ୍କ ଇଚ୍ଛା (ଥେଲେମା)**

**ଯୋହନଙ୍କ ସୁସମାଚାର**

- ଯୀଶୁ ପିତାଙ୍କ ଇଚ୍ଛା ସାଧନ କରିବାକୁ ଆସିଲେ (୪:୩୪, ୫:୩୦, ୬:୩୮)
- ପିତା ଯେ ସମସ୍ତଙ୍କୁ ପୁତ୍ରଙ୍କୁ ଦାନ କରିଅଛନ୍ତି, ସେମାନଙ୍କ ମଧ୍ୟରୁ କାହାକୁ ହିଁ ଯେପରି ନ ହରାଇ ବରଞ୍ଚ ଶେଷ ଦିନରେ ତାହାକୁ ଉତ୍ଥାପନ କରିବେ (୬:୩୯) ।
- ଯେପରି ସମସ୍ତେ ପୁତ୍ରଙ୍କଠାରେ ବିଶ୍ୱାସ କରନ୍ତି (୬:୨୯,୪୦)
- ଈଶ୍ୱରଙ୍କ ଇଚ୍ଛା ସାଧନକାରୀର ପ୍ରାର୍ଥନାର ଉତ୍ତର ଦିଆଯାଏ (୯:୩୧, ୧ ଯୋହନ ୫:୧୪)

**ସଂକ୍ଷିପ୍ତ ସୁସମାଚାରମାନ (ନୂତନ ନିୟମର ପ୍ରଥମ ତିନୋଟି ସୁସମାଚାର)**

- ଈଶ୍ୱରଙ୍କ ଇଚ୍ଛା ସାଧନ କଷ୍ଟକର ଅଟେ (ମାଥିଉ ୭:୨୧)
- ଈଶ୍ୱରଙ୍କ ଇଚ୍ଛା ସାଧନ ଏକ ଭାଇ ବା ଭଉଣୀଙ୍କୁ ଯୀଶୁଙ୍କ ସହିତ ରହିବାକୁ ଦିଏ (ମାଥିଉ ୧୨:୫୦, ମାର୍କ ୩:୩୫)
- କେହି ବିନଷ୍ଟ ହେଉ, ତାହା ଈଶ୍ୱରଙ୍କ ଇଚ୍ଛା ନୁହେଁ (ମାଥିଉ ୧୮:୧୪, ୧ ତୀମଥି ୨:୪, ୨ ପିତର ୩:୯)
- ଯୀଶୁଙ୍କ ପାଇଁ କାଲଭରୀ ଥିଲା ଈଶ୍ୱରଙ୍କ ଇଚ୍ଛା (ମାଥିଉ ୨୬:୪୨, ଲୂକ ୨୨:୪୨)

**ପାଉଲଙ୍କ ପତ୍ରାବଳୀ**

- ସମସ୍ତ ବିଶ୍ୱାସୀମାନଙ୍କ ପରିପକ୍ୱତା ଓ ସେବା (ରୋମୀ ୧୨:୧-୨)
- ବିଶ୍ୱାସୀମାନେ ଏହି ମନ୍ଦ ଯୁଗରୁ ରକ୍ଷା ପାଇଲେ (ଗାଲାତୀ ୧:୪)
- ଈଶ୍ୱରଙ୍କ ଇଚ୍ଛା ଥିଲା ତାହାଙ୍କର ମୁକ୍ତିର ଯୋଜନା (ଏଫିସୀ ୧:୫,୯,୧୧)
- ବିଶ୍ୱାସୀମାନେ ଆତ୍ମାପୂର୍ଣ୍ଣଜୀବନ ଅନୁଭବ କରୁଛନ୍ତି ଓ ଜୀବନ ଯାପନ କରୁଅଛନ୍ତି (ଏଫିସୀ ୫:୧୭-୧୮)
- ବିଶ୍ୱାସୀମାନେ ଈଶ୍ୱରଙ୍କ ଜ୍ଞାନରେ ପୂର୍ଣ୍ଣ ହେଲେ (କଲସୀ ୧:୯)
- ବିଶ୍ୱାସୀମାନେ ସିଦ୍ଧ ଓ ସମ୍ପୂର୍ଣ୍ଣ ହେଲେ ବା କରାଗଲେ (କଲସୀ ୪:୧୨)
- ବିଶ୍ୱାସୀମାନେ ପବିତ୍ରୀକୃତ ହେଲେ (୧ ଥେସଲନିକୀ ୪:୩)
- ବିଶ୍ୱାସୀମାନେ ସମସ୍ତ ବିଷୟ ପାଇଁ ଧନ୍ୟବାଦ ଦେଉଅଛନ୍ତି (୧ ଥେସଲନିକୀ ୫:୧୮)

ପିତରଙ୍କ ପତ୍ରମାନ

- ବିଶ୍ୱାସୀମାନେ ଯଥାର୍ଥ କାର୍ଯ୍ୟ କରୁଅଛନ୍ତି (ଯଥା : ଦେଶୀୟ ଅଧିକାରୀମାନଙ୍କ ବଶୀଭୂତ ଅଟନ୍ତି) ଏବଂ ତାହା ଦ୍ୱାରା ନିର୍ବୋଧ ଲୋକମାନଙ୍କୁ ନୀରବ କରୁଛନ୍ତି ଏବଂ ସୁସମାଚାର ପାଇଁ ସୁଯୋଗ ଯୋଗାଉଅଛନ୍ତି (୧ ପିତର ୨:୧୫)
- ବିଶ୍ୱାସୀମାନଙ୍କ ଦୁଃଖଭୋଗ (୧ ପିତର ୩:୧୭, ୪:୧୯)
- ବିଶ୍ୱାସୀମାନେ ଆତ୍ମ-କୈନ୍ଦ୍ରିକ ଜୀବନଯାପନ କରୁନାହାନ୍ତି (୧ ପିତର ୪:୨)

ଯୋହନଙ୍କ ପତ୍ରମାନ

- ବିଶ୍ୱାସୀମାନେ ଚୀରକାଳ ଏକତ୍ରବାସ କରନ୍ତି (୧ ଯୋହନ ୨:୧୭)
- ବିଶ୍ୱାସୀମାନଙ୍କର ପ୍ରାର୍ଥନାର ଉତ୍ତର ଲାଭର କଞ୍ଜି (୧ ଯୋହନ ୫:୧୪)

▣ **''ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ''** ପରିତ୍ରାଣ ଲାଭ ପରେ ଏହିସବୁ ଈଶ୍ୱରଙ୍କ ଇଚ୍ଛାର ପ୍ରତିନିଧିତ୍ୱ କରେ (ଫିଲିପ୍ପୀ ୪:୪-୯) । ପ୍ରତ୍ୟେକ ବିଶ୍ୱାସୀ ପାଇଁ ଈଶ୍ୱରଙ୍କ ଲକ୍ଷ୍ୟସ୍ଥଳ, ବର୍ତ୍ତମାନ ଖ୍ରୀଷ୍ଟଙ୍କ ସଦୃଶ ପରିପକ୍ୱତା (ମାଥିଉ ୫:୪୮) ।

▣ ''ସିଦ୍ଧ'' ଏହି ଶବ୍ଦର ଅର୍ଥ ହେଉଛି ''ପରିପକ୍ୱ, ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ'', ''ପକ୍ୱ'' ବା ''ସମ୍ପୂର୍ଣ୍ଣ'' । ଏହା ''ପାପଶୂନ୍ୟ'' ବୁଝାଏ ନାହିଁ । ଏହା ଏପ୍ରକାର ବ୍ୟବହୃତ ହୋଇଛି -

୧. ହସ୍ତ, ପଦ ଭଗ୍ନ ହୋଇଥିଲା, ମାତ୍ର ସୁସ୍ଥତା ପାଇଛି ଏବଂ ବ୍ୟବହାର ଯୋଗ୍ୟ ହେବାକୁ ପୁନରୁଦ୍ଧାର ହୋଇଅଛି ।
୨. ମସଧରା ଜାଲ, ଯାହା ଚିରିଯାଇଥିଲା, ମାତ୍ର ମରାମତି କରାଯାଇଅଛି ଏବଂ ପୁନର୍ବାର ମାଛ ଧରିବାକୁ ବ୍ୟବହାର ଯୋଗ୍ୟ ହୋଇଅଛି ।
୩. ଛୋଟ କୁକୁଡ଼ା ଛୁଆମାନେ ଭାଜିବା ନିମନ୍ତେ ଯୋଗ୍ୟ ହୋଇ ବଜାରକୁ ଯିବା ଲାଗି ଯଥେଷ୍ଟ ବୃଦ୍ଧି ପାଇଛନ୍ତି ।
୪. ଜାହାଜଗୁଡ଼ିକ ଜଳଯାତ୍ରା ପାଇଁ ପ୍ରସ୍ତୁତ ବା ସୁସଜ୍ଜିତ ହୋଇଅଛନ୍ତି ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୨:୩-୮**

**[୩] କାରଣ ମୋତେ ପ୍ରଦତ୍ତ ଅନୁଗ୍ରହ ଦ୍ୱାରା ମୁଁ ତୁମ୍ଭମାନଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ଜଣକୁ କହୁଅଛି, ଆପଣା ବିଷୟରେ ଯେପରି ମନେ କରିବା ଉଚିତ, ତାହାଠାରୁ ଆପଣାକୁ ଅଧିକ ବଡ଼ ମନେ ନ କର, କିନ୍ତୁ ଈଶ୍ୱର ଯାହାକୁ ଯେ ପରିମାଣରେ ବିଶ୍ୱାସ ବିତରଣ କରିଅଛନ୍ତି, ସେହି ଅନୁସାରେ ପ୍ରତ୍ୟେକ ଜଣ ସୁବୋଧର ପରି ଆପଣା ଆପଣା ବିଷୟରେମନେ କର । [୪] କାରଣ ଯେପରି ଏକ ଶରୀରରେ ଆମ୍ଭମାନଙ୍କର ଅନେକ ଅଙ୍ଗ ପ୍ରତ୍ୟଙ୍ଗ ଅଛି, କିନ୍ତୁ ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗର କାର୍ଯ୍ୟ ଏକ ପ୍ରକାର ନୁହେଁ । [୫] ସେହିପରି ଅନେକ ଯେ ଆମ୍ଭେମାନେ, ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର ଓ ପ୍ରତ୍ୟେକେ ପରସ୍ପର ଅଙ୍ଗପ୍ରତ୍ୟଙ୍ଗ । [୬] ଆଉ ଆମ୍ଭମାନଙ୍କୁ ପ୍ରଦତ୍ତ ଅନୁଗ୍ରହ ଅନୁସାରେ ଆମ୍ଭେମାନେ ବିଭିନ୍ନ ଦାନ ପାଇଅଛୁ, ଏଣୁ ସେହି ଦାନ ଯଦି ଭାବବାଣୀ ହୁଏ, ଆସ ଆମ୍ଭେମାନେ ବିଶ୍ୱାସର ପରିମାଣ ଅନୁସାରେ ଭାବବାଣୀ କହୁ, [୭] କିମ୍ବା ତାହା ଯଦି ସେବକକର୍ମ ହୁଏ, ତାହାହେଲେ ଆସ, ଆମ୍ଭମାନଙ୍କ ସେବକକର୍ମରେ ନିବିଷ୍ଟ ରହୁ, [୮] ଅବା ଯେ ଶିକ୍ଷା ଦିଏ, ସେ ଶିକ୍ଷା ଦାନରେ, ବା ଯେ ଉପଦେଶ ଦିଏ ସେ ଉପଦେଶ ଦାନରେ ନିବିଷ୍ଟ ରହୁ, ଯେ ଦାନ କରେ, ସେ ଉଦାର ଭାବରେ ଦାନ କରୁ, ଯେ ତତ୍ତ୍ୱାବଧାନ କରେ ସେ ଯତ୍ନ ସହକାରେ ତତ୍ତ୍ୱାବଧାନ କରୁ, ଯେ ଦୟା କରେ, ସେ ହୃଷ୍ଟଚିତ୍ତରେ ତାହା କରୁ ।''**

**୧୨:୩,** ୧ ଓ ୨ ପଦ ଏକ ''ନୂତନମନ''ର ଆବଶ୍ୟକତା ବିଷୟରେ ପ୍ରାଧାନ୍ୟ ଦିଏ । ୩ ପଦରେ ''ଚିନ୍ତା'' ଶବ୍ଦ ଉପରେ ଏକ ଚାରିଟିକିଆ କାର୍ଯ୍ୟ କରାଯାଏ । ରୋମୀୟ ପୁସ୍ତକ ଉପରେ ଯୋଣ୍ଡେରଭାନ ଅଧ୍ୟୟନ ଚାଳନା ବାଖ୍ୟା ପୁସ୍ତକରେ, ବ୍ରୁସ କୋର୍‌ଲେ ଓ କର୍ଟିସ ଭାଉଘାନ ଏହି ପର୍ଯ୍ୟବେକ୍ଷଣ କରି ମନ୍ତବ୍ୟ ଦିଅନ୍ତି :

''ଅତିରଞ୍ଜିତ ଚିନ୍ତା ... ଉପଯୁକ୍ତ ଚିନ୍ତା ... ଉଦ୍ଦେଶ୍ୟ ପୂର୍ଣ୍ଣ ଚିନ୍ତା ... ଶାନ୍ତ ଚିନ୍ତା'' (୧୩୮ ପୃଷ୍ଠା)

ଏହି ଚାରିତ୍ରିକ ବିଭାଗ ସାହାଯ୍ୟ ପ୍ରଦାୟକ ଅଟେ ।

ଏହି ପଦ, ଯଥା ୧୧:୧୩-୨୪ ପ୍ରତିଫଳିତ କରିପାରେ

୧. ରୋମ ମଣ୍ଡଳୀରେ ବିଶ୍ୱାସୀ ଯିହୁଦୀମାନେ ଓ ବିଶ୍ୱାସୀ ବିଜାତିମାନଙ୍କ ମଧ୍ୟରେ ଉଦ୍‌ବେଗ (ମାନସିକ ଭାର)

୨. ସତ୍ୟ ଯେ ପାଉଲ କରିନ୍ଥରୁ ରୋମୀୟମାନଙ୍କ ନିକଟକୁ ପତ୍ର ଲେଖିଥିଲେ (ତାଙ୍କର ତୃତୀୟ ମିଶନେରୀ ଯାତ୍ରାର ଶେଷରେ), ଯେଉଁଠାରେ ସେ ଅହଂକାରୀ, ଆତ୍ମ-ଗର୍ବ ଦେଖାଉଥିବା ବିଶ୍ୱାସୀମାନଙ୍କ ସମ୍ମୁଖୀନ ହୋଇଥିଲେ ।

▣ ''କାରଣ ମୋତେ ପ୍ରଦତ୍ତ ଅନୁଗ୍ରହ ଦ୍ୱାରା'' ଏହା ଏକ ଆଓରିଷ୍ଟ କର୍ମବାଚ୍ୟ କୃଦନ୍ତ ବିଶେଷଣ । ଏକ ଅତୀତ, ସମ୍ପୂର୍ଣ୍ଣ ଘଟଣାରେ ଈଶ୍ୱରଙ୍କଠାରୁ ଅନୁଗ୍ରହ ଆସେ (ଯଥା : ଦମ୍ମେସକ ପଥରେ କଥୋପକଥନ) । ଏହି ପରିପ୍ରେକ୍ଷୀରେ ''ଅନୁଗ୍ରହ'' ଆତ୍ମିକ ଦାନ ପ୍ରାପ୍ତି ସହିତ ସମ୍ପୃକ୍ତ (୧୫:୧୫, ୧ କରିନ୍ଥୀ ୩:୧୦, ୧ କରିନ୍ଥୀ ୩:୧୦, ୧୫:୧୦, ଗାଲାତୀ ୨:୯, ଏଫିସୀ ୩ :୭-୮), ଧାର୍ମିକତାର ଦାନ ନୁହେଁ (ରୋମୀ ୪) । ଏହା ପାଉଲଙ୍କ ପରିବର୍ତ୍ତନ ଓ ବିଜାତିମାନଙ୍କ ନିକଟକୁ ପ୍ରେରିତ ବାହାର ଆହ୍ୱାନ ବିଷୟରେ ବୁଝାଏ । (ପ୍ରେରିତ ୯:୧୫, ରୋମୀ ୧୧,୫, ଗାଲାତୀ ୧:୧୫-୧୬, ୨:୭-୮, ଏଫିସୀ ୩:୧,୨-୮, ୧ ତୀମଥି ୨:୭, ୨ ତୀମଥି ୪:୧୭) ।

▣ ''ତୁମ୍ଭମାନଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ଜଣକୁ କହୁଅଛି'' ୩ ପଦର ସତର୍କ ବାଣୀ ସମସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଉଦ୍ଦୀଷ୍ଟ କେବଳ ନେତାମାନଙ୍କ ନିମନ୍ତେ ନୁହେଁ ।

▣ ''ଆପଣାକୁ ଅଧିକ ବଡ଼ ମନେ ନ କର'' ବିଶେଷ ପ୍ରସଙ୍ଗ ଦେଖ : ପାଉଲଙ୍କ ''ହୁପର'' ବ୍ୟବହାର ୧:୩୦ରେ ଏକତ୍ର ହୋଇଅଛି ।

▣ ''ଈଶ୍ୱର ପ୍ରତ୍ୟେକଙ୍କୁ ବିତରଣ କରିଅଛନ୍ତି'' ଏକ ଆଓରିଷ୍ଟ କର୍ତ୍ତୃବାଚ୍ୟ ସୂଚନାଦାୟକ ଅଟେ । ବିଶ୍ୱାସୀମାନେ ସେମାନଙ୍କର ଆତ୍ମିକଦାନ ସବୁ ନିଜେ ପସନ୍ଦ କରନ୍ତି ନାହିଁ (୧ କରିନ୍ଥୀ ୭:୧୭, ୧୨:୧୧, ଏଫିସୀ ୪:୭) । ସେମାନେ ପରିତ୍ରାଣରେ ଆତ୍ମାଙ୍କ ଦ୍ୱାରା ସାଧାରଣ ହିତ ନିମନ୍ତେ ଦାନ ପ୍ରାପ୍ତ ହୁଅନ୍ତି (୧ କରିନ୍ଥୀ ୧୨:୭) । ଆତ୍ମାଙ୍କ ଦାନମାନ ପ୍ରାପ୍ୟ ଚିହ୍ନମାନ ନୁହନ୍ତି ଯାହା ବ୍ୟକ୍ତି ବିଶେଷଙ୍କୁ ଉଚ୍ଚୀକୃତ କରେ, ମାତ୍ର ଦାସର ଚିହ୍ନ ଅଟେ ଯେପରି ପ୍ରତ୍ୟେକ ବିଶ୍ୱାସୀ ଖ୍ରୀଷ୍ଟଙ୍କ ଶରୀର, ମଣ୍ଡଳୀର ସେବା କରିପାରେ ।

▣ ''ଏକ ପରିମାଣ ବିଶ୍ୱାସ'' ଏହା ଜଣକୁ ତାହାର ଆତ୍ମିକ ଦାନ ଅନୁସାରେ ଫଳପ୍ରଦ ଭାବରେ କାର୍ଯ୍ୟକରିବାକୁ ଦିଆଯାଇଥିବା ସକ୍ଷମତାକୁ ବୁଝାଏ (୬ପଦ) । ସୁସ୍ଥ ସବଳ ହେବାକୁ, ଆତ୍ମିକଦାନପ୍ରାପ୍ତି, ଆତ୍ମାଙ୍କ ଫଳ ମାଧ୍ୟମ ଦ୍ୱାରା କାର୍ଯ୍ୟକାରୀ ହେବା ଉଚିତ୍ (ଗାଲାତୀ ୫:୨୨-୨୩, ରୋମୀ ୧୨:୯-୧୨) । ଦାନଗୁଡ଼ିକ ହେଉଛି, ଯୀଶୁଙ୍କର ସେବାକାର୍ଯ୍ୟମାନ ତାହାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ବିତରଣ କରାଯାଉଛି, ଯେତେବେଳେ ଫଳ ହେଉଛି, ଖ୍ରୀଷ୍ଟଙ୍କ ମନ । ଉଭୟ ଫଳପ୍ରଦ ସେବାକାର୍ଯ୍ୟ ପାଇଁ ଆବଶ୍ୟକ ।

**୧୨:୪** ପାଉଲଙ୍କ ଲେଖାଗୁଡ଼ିକରେ ଏହା ହେଉଛି ଏକ ସାଧାରଣ ଦୃଷ୍ଟାନ୍ତ । ମାନବ ଶରୀରର ଅଙ୍ଗ ପ୍ରତ୍ୟେଙ୍ଗକୁ ପରସ୍ପର ଉପରେ ଆଭ୍ୟନ୍ତରୀଣ ନିର୍ଭରଶୀଳତା, ମଣ୍ଡଳୀର ଦାନପ୍ରାପ୍ତି ବିଷୟକୁ ବର୍ଣ୍ଣନା କରେ (୧ କରିନ୍ଥୀ ୧୨:୧୨-୨୭, ଏଫିସୀ ୧:୨୩, ୪:୪,୧୨,୧୬, ୫:୩୦, କଲସୀ ୧:୧୮,୨୪, ୨:୧୯) । ଖ୍ରୀଷ୍ଟ ଧର୍ମ ହେଉଛି ସଂଘବଦ୍ଧତା ଏବଂ ବ୍ୟକ୍ତିଗତ ଉଭୟ ଅଟେ ।

**୧୨:୫ ''ଅନେକ ଯେ ଆମ୍ଭେମାନେ, ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର''** ଏହି ପଦ ବିଶ୍ୱାସୀମାନଙ୍କର ଏକତା ଓ ବିଭିନ୍ନତା ଉପରେ ଗୁରୁତ୍ୱ ଦିଏ । ଏହା ହେଉଛି ମଣ୍ଡଳୀ ମଧ୍ୟରେ ଆତ୍ମିକ ଦାନପ୍ରାପ୍ତି ବିଷୟକ ଗଭୀର ବୋଝଗ୍ରସ୍ତ ଚିନ୍ତା । ୧ କରିନ୍ଥୀ ୧୩ ଅଧ୍ୟାୟ ପ୍ରେମର ଅଧ୍ୟାୟଟି ଦାନପ୍ରାପ୍ତି ବିଷୟକ ବିଭିନ୍ନତାର ଚିନ୍ତାକୁ ନେଇ ଆଲୋଚନା କରେ (୧ କରିନ୍ଥୀ ୧୨ ଓ ୧୪) । ଖ୍ରୀଷ୍ଟିୟାନମାନେ ପ୍ରତିଯୋଗିତାରେ ନାହାନ୍ତି, ମାତ୍ର ମହାନ ଆଦେଶ ସହଯୋଗରେ ଅଛନ୍ତି ।

**୧୨:୬-୮** ଏହି ପଦମାନ ଗ୍ରୀକ୍‌ରେ ଦୁଇଟି କୃଦନ୍ତ ବିଶେଷଣ ସହିତ ଗୋଟିଏ ବାକ୍ୟ ଗଠନ କରେ ମାତ୍ର ମୁଖ୍ୟ କ୍ରିୟାପଦ ନାହିଁ । ଏହା ସାଧାରଣତଃ ଏକ ତୃତୀୟ ପୁରୁଷ ଅନୁଜ୍ଞାସୂଚକ କ୍ରିୟା, ''ଆସ ଆମ୍ଭେମାନେ ବ୍ୟବହାର କରୁ'' ।

**୧୨:୬** ''ଦାନଗୁଡ଼ିକ...ଅନୁଗ୍ରହ'', ''ଦାନଗୁଡ଼ିକ'' ଶବ୍ଦ (କାରିସ୍ମାଟା) ଏବଂ ''ଅନୁଗ୍ରହ'' (ଚାରିସ)ର ସମାନ ମୂଳ ଗ୍ରୀକ୍ ଶବ୍ଦ ଅଛି, ଯାହାର ଅର୍ଥ ''ବିନାମୂଲ୍ୟରେ ପ୍ରଦତ୍ତ'' ୩:୨୪ରେ ଟିପ୍ପଣୀ ଦେଖ । ଆତ୍ମାଙ୍କ ଦାନଗୁଡ଼ିକ ୧ କରିନ୍ଥୀ ୧୨ ଅଧ୍ୟାୟ, ରୋମୀ ୧୨, ଏଫିସୀ ୪ ଓ ୧ ପିତର ୪ରେ ତାଲିକା କରାଯାଇଅଛି । ତାଲିକାମାନ ଓ ସେମାନଙ୍କ କ୍ରମାନ୍ୱୟ ଏକ ପ୍ରକାର ନୁହେଁ, ସେଥିପାଇଁ ସେଗୁଡ଼ିକ ସବିଶେଷ ବା ସମ୍ପୂର୍ଣ୍ଣ ନ ହୋଇ ପ୍ରତୀକ ପ୍ରତିନିଧି ହେବା ଉଚିତ । ବାଇବଲ କେବେହେଲେ ବିଶ୍ୱାସୀମାନଙ୍କୁ ଜଣାଏ ନାହିଁ, କିପରି ସେମାନଙ୍କର ଆତ୍ମିକ ଦାନ (ମାନ) ଚିହ୍ନିବେ । ସର୍ବୋତ୍ତମ ବାଇବଲ-ବାହାର ଖ୍ରୀଷ୍ଟିୟାନ ଜ୍ଞାନ ଏହି ବିଷୟରେ ''ଇଣ୍ଟର ଭେରାସିଟି ପ୍ରେସ'' ନାମକ ପତ୍ରିକାରେ ଥିବା ନିୟମଗୁଡ଼ିକରେ ମିଳେ ଯାହା ପଲ ଲିଟଲଙ୍କ ଦ୍ୱାରା ''ଈଶ୍ୱରଙ୍କ ଇଚ୍ଛା ଦୃଢ଼ ଘୋଷଣା କରିବା'' ବୋଲି କୁହାଯାଏ । ଏହି ସମାନ ଚାଳନା ଧାଡ଼ି ଈଶ୍ୱରଙ୍କ ଇଚ୍ଛା ଜାଣିବା ପାଇଁ କାର୍ଯ୍ୟକାରୀ ହେବ ଫଳପ୍ରଦ ସେବାର ଜଣକ ଅଞ୍ଚଳ ଜାଣିବା ଦ୍ୱାରା । ଦୃଶ୍ୟମାନ ଭାବରେ ବିଶ୍ୱାସୀଗଣ ଦାନପ୍ରାପ୍ତ ବୋଲି ଜାଣିବା ଅଧିକ ଗୁରୁତ୍ୱପୂର୍ଣ୍ଣ, ସେମାନେ କିପରି ଦାନପ୍ରାପ୍ତ ବା ସେମାନଙ୍କୁ କେଉଁ ନିର୍ଦ୍ଦିଷ୍ଟ ଦାନ ଦିଆଯାଇଅଛି ତାହା ଜାଣିବା ଅପେକ୍ଷା ।

▣ **''ଯଦି''** ଏହା ହେଉଛି ''ଏଇଟେ'' ୬,୭ ପଦ (ଦୁଇଥର), ୮ ଯାହା ''ଯଦି...ଯଦି'' ଅନୁବାଦିତ ହୋଇଛି ଯଦିବା...ଯଦିବା ଅର୍ଥରେ । ଏହା ଏହି ପଦରେ କୌଣସି କ୍ରିୟାପଦ ଦ୍ୱାରା ଅନୁଗମନ କରାଯାଇ ନାହିଁ (୧ କରିନ୍ଥୀ ୩:୨୨, ୮:୫, ୨ କରନ୍ଥୀ ୫:୧୦), ମାତ୍ର ଅନେକ ସମୟରେ ଏକ ବର୍ତ୍ତମାନ ସୂଚନାଦାନକାରୀ ଦ୍ୱାରା ଅନୁଗମନ କରାଯାଇଛି (୧ କରିନ୍ଥୀ ୧୨:୨୬, ୨ କରିନ୍ଥୀ ୧:୬) ଏବଂ ସେଥିପାଁ ଏକ ପ୍ରଥମ ଶ୍ରେଣୀ ସର୍ତ୍ତମୂଳକ ବାକ୍ୟ ଅଟେ, ଯାହା ଏହି ଆତ୍ମିକ ଦାନଗୁଡ଼ିକର ଉପସ୍ଥିତି ଗ୍ରହଣ କରିଦିଏ ।

▣ ''ଭାବବାଣୀ'' ଏହା ପୁରାତନ ନିୟମ ଭବିଷ୍ୟତ୍‌ବାକ୍ୟକୁ ଈଶ୍ୱରଙ୍କଠାରୁ ସମ୍ବାଦମାନ ପ୍ରକାଶିତ ହେବା ଯୋଗ୍ୟ (ଈଶ୍ୱର ନିଶ୍ୱସିତ ବୋଲି ସମ୍ପୃକ୍ତ କରେ ନାହିଁ, ପୁରାତନ ନିୟମରେ ଭବିଷ୍ୟତ୍‌ବକ୍ତାମାନେ ଧର୍ମଶାସ୍ତ୍ର (ଈଶ୍ୱର ନିଶ୍ୱସିତ ବାକ୍ୟ) ଲେଖିଥିଲେ । ନୂତନ ନିୟମରେ ଏହା ହେଉଛି ଈଶ୍ୱରଙ୍କ ସତ୍ୟ ଘୋଷଣା କରିବାର କାର୍ଯ୍ୟ । ଏହା ମଧ୍ୟ ପୂର୍ବ ନିରୂପଣ (ଭବିଷ୍ୟତ୍‌ବାଣୀ) ଅନ୍ତର୍ଗତ କରିପାରେ (ପ୍ରେରିତ ୧୧:୨୭-୨୮, ୨୧:୧୦-୧୧) । ନୂତନ ବିଷୟବସ୍ତୁ ଉପରେ ଲକ୍ଷ୍ୟ ରଖି ନାହିଁ, ମାତ୍ର ସୁସମାଚାର ସମ୍ବାଦ ବାଖ୍ୟା କରୁଛି ଏବଂ ଆଜି ଏହା କିପରି ପ୍ରୟୋଗ କରାଯିବ କହୁଛି । ଏହି ଶବ୍ଦରେ ଏକ ତରଳ ଅବସ୍ଥା ଅଛି । ଏହା ବିଶ୍ୱାସୀମାନଙ୍କ ଦ୍ୱାରା ଏକ କାର୍ଯ୍ୟାଭ୍ୟାସକୁ ବୁଝାଇ ପାରେ (୧ କରିନ୍ଥୀ ୧୪:୧, ୩୯) ଏବଂ ଏକ ନିର୍ଦ୍ଦିଷ୍ଟ ଆତ୍ମିକଦାନ (୧ କରିନ୍ଥୀ ୧୨:୨୮, ୧୪:୨୯, ଏଫିସୀ ୪:୧୧) । ଏହି ସମାନ ତରଳ ଅବସ୍ଥା ପାଉଲଙ୍କ କରନ୍ଥୀୟ ପତ୍ରମାନଙ୍କରେ ଦେଖାଯାଇପାରେ ଯାହାସବୁ ସମାନ ସମୟରେ ଲେଖା ଯାଇଥିଲା (୧ କରିନ୍ଥୀ ୧୨:୧୦,୧୨, ୧୩:୧୮, ୧୪:୧,୫,୨୯,୩୯)

ବିଶେଷ ପ୍ରସଙ୍ଗ : ନୂତନ ନିୟମ ଭାବବାଣୀ

୧. ଏହା ପୁରାତନ ନିୟମ (ବିଡିବି ୬୧୧) ଭାବବାଣୀ ସହିତ ସମାନ ନୁହେଁ, ଯାହାର ଗୁରୁମାନଙ୍କ ଦ୍ୱାରା ଅର୍ନ୍ତନିହିତ ଅର୍ଥ ପ୍ରକାଶିତ ହୋଇଛି ଯେ, ସେଗୁଡ଼ିକ ଯିହୋବାଙ୍କଠାରୁ ନିଶ୍ୱସିତ ପ୍ରକାଶିତ ବାକ୍ୟ (ପ୍ରେରିତ ୩:୧୮,୨୧, ରୋମୀ ୧୬:୨୬) । କେବଳ ଭାବବାଦୀମାନେ ଧର୍ମଶାସ୍ତ୍ର ଲେଖିପାରିଲେ ।

କ. ମୋଶାଙ୍କୁ ଭାବବାଦୀ ଆଖ୍ୟା ଦିଆଗଲା (ଦ୍ୱିତୀୟ ବିବରଣ ୧୮:୧୫-୨୧)

ଖ. ଇତିହାସ ପୁସ୍ତକ (ଯିହୋଶୂୟ-ରାଜାବଳୀ (ରୁତକୁବାଦ୍ ଦେଇ) ଆଦ୍ୟ ଭାବବାଦୀ (ପ୍ରେରିତ ୩:୨୪) କୁହାଗଲା ।

ଗ. ଭବିଷ୍ୟତ୍ ବକ୍ତାମାନେ ପ୍ରଧାନଯାଜକଙ୍କ ସ୍ଥାନ ଅଧିକାର କରୁଥିଲେ ଈଶ୍ୱରଙ୍କଠାରୁ ବିବରଣୀର ଉତ୍ପତ୍ତିସ୍ଥଳ ରୂପେ (ଯିଶାଇୟ-ମଲାଖି)

ଘ. ହିବ୍ରୁ (ଏବ୍ରୀୟ) ସାଧାରଣ ଆଇନର ଦ୍ୱିତୀୟ ଭାଗ ହେଉଛନ୍ତି ''ଭାବବାଦୀମାନେ'' (ମାଥିଉ ୫:୧୭,୨୨,୪୦, ଲୂକ ୧୬:୧୬, ୨୪:୨୫,୨୭, ରୋମୀ ୩:୨୧)

୨. ନୂତନ ନିୟମରେ ବିଭିନ୍ନ ବାଟରେ ଏହି ଚିନ୍ତାଧାରା ବ୍ୟବହୃତ ହୋଇଅଛି ।

କ. ପୁରାତନ ନିୟମ ଭାବବାଦୀମାନେ ଏବଂ ସେମାନଙ୍କ ଈଶ୍ୱର ନିଶ୍ୱସିତ ସମ୍ବାଦକୁ ବୁଝାଉଛି (ମାଥିଉ ୨୨୩, ୫:୧୨, ୧୧:୧୩, ୧୩:୧୪, ରୋମୀ ୧:୨) ।

ଖ. ଏକ ମିଳିତ ଦଳ ବ୍ୟତୀତ ବରଂ ଏକ ବ୍ୟକ୍ତି ପାଇଁ ଏକ ସମ୍ବାଦଦେବାକୁ ବୁଝାଉଛି (ଯଥା : ପୁରାତନ ନିୟମ ଭାବବାଦୀଗଣ ବିଶେଷତଃ ଇସ୍ରାଏଲକୁ କଥା କହୁଥିଲେ)

ଗ. ବାପ୍ତିଜକ ଯୋହନ ଓ ଯୀଶୁ ଉଭୟଙ୍କୁ ଈଶ୍ୱରଙ୍କ ରାଜ୍ୟର ଘୋଷଣାକାରୀ ରୂପେ ବୁଝାଉଛି (ମାଥିଉ ୧୧:୯, ୧୪:୫, ୨୧:୨୬, ଲୂକ ୧:୭୬) ଏବଂ (ମାଥିଉ ୧୩:୫୭, ୨୧:୪୬, ଲୂକ ୪:୨୪, ୭:୧୬, ୧୩:୩୩, ୨୪:୧୯) ଯୀଶୁ ମଧ୍ୟ ଭାବବାଦୀମାନଙ୍କଠାରୁ ମହାନ ବୋଲି ଦାବୀ କଲେ (ମାଥିଉ ୧୧:୯, ୧୨:୪୧, ଲୂକ ୭:୨୬)

ଘ. ନୂତନ ନିୟମରେ ଅନ୍ୟ ଭାବବାଦୀମାନେ

୧. ଯୀଶୁଙ୍କ ବାଲ୍ୟଜୀବନ ଲୂକ ସୁସମାଚାରରେ ଲିପିବଦ୍ଧ ହୋଇଛି (ଯଥା : ମରିୟମଙ୍କ ସ୍ମୃତି)

କ. ଏଲିଶାବେଥ (ଲୂକ ୧:୪୧-୪୨)

ଘ. ଯିଖରିୟ (ଲୂକ ୧:୬୭-୭୯)
ଙ. ଶିମିୟୋନ (ଲୂକ ୨:୨୫-୩୫)
ଚ. ହାନ୍ନା (ଲୂକ ୨:୩୬)
୨. ବ୍ୟଙ୍ଗାତ୍ମକ ଭାବବାଣୀ (କାୟଫା, ଯୋହନ ୧୧:୫୧)
ଙ. ଜଣଙ୍କୁ ବୁଝାଏ, ଯେ କି ସୁସମାଚାର ଘୋଷଣା କରୁଥିଲେ (ଦାନଗୁଡ଼ିକ ଘୋଷଣା କରିବାର ତାଲିକା ୧ କରିନ୍ଥୀ ୧୨:୨୮-୨୯, ଏଫିସୀ ୪:୧୧)
ଚ. ମଣ୍ଡଳୀରେ ଏକ କାର୍ଯ୍ୟକାରୀ ହେଉଥିବା ଦାନକୁ ବୁଝାଉଛି (ମାଥିଉ ୨୩:୩୪, ପ୍ରେରିତ ୧୩:୧, ୧୫:୩୨, ରୋମୀ ୧୨:୬, ୧ କରିନ୍ଥୀ ୧୨:୧୦, ୨୮-୨୯, ୧୩:୨, ଏଫିସୀ ୪:୧୧) ସମସୟ ସମୟରେ ଏହା ମହିଳାମାନଙ୍କୁ ବୁଝାଇ ପାରେ (ଲୂକ ୨:୩୬, ପ୍ରେରିତ ୨:୧୭, ୨୧:୯, ୧ କରିନ୍ଥୀ ୧୧:୪-୫) ।
ଛ. ଶେଷ ସମୟ ବିଷୟ ବର୍ଣ୍ଣନା କରାଯାଇଥିବା ପ୍ରକାଶିତ ବାକ୍ୟ ପୁସ୍ତକକୁ ବୁଝାଉଛି (ପ୍ରକାଶିତ ୧:୩, ୨୨:୭,୧୦,୧୮,୧୯)

୩. ନୂତନ ନିୟମ ଭାବବାଦୀଗଣ

କ. ସେମାନେ ପୁରାତନ ନିୟମ ଭାବବାଦୀମାନେ ଯେପରି କରିଥିଲେ ସେହି ସମାନ ଅର୍ଥରେ ଈଶ୍ୱର ନିଶ୍ୱସିତ ପ୍ରକାଶିତ ବିଷୟ ପ୍ରଦାନ କରନ୍ତି ନାହିଁ (ଯଥା : ଧର୍ମଶାସ୍ତ୍ର) ଏହି ମନ୍ତବ୍ୟ ସମ୍ଭବ ଖଣ୍ଡ ବାକ୍ୟ ବା ଶବ୍ଦ ''ବିଶ୍ୱାସ'' ବ୍ୟବହୃତ ହୋଇଥିବା ହେତୁ (ଯଥା : ପୂର୍ଣ୍ଣ ସୁସମାଚାରର ଅର୍ଥରେ) ପ୍ରେରିତ ୬:୭, ୧୩:୮, ୧୪:୨୨, ଗାଲାତୀ ୧:୨୩, ୩:୨୩, ୬:୧୦, ଫିଲିପ୍ପୀ ୧:୨୭, ଯିହୁଦା ୩:୨୦ରେ ବ୍ୟବହାର କରାଯାଇଅଛି ।

ଏହି ଚିନ୍ତାଧାରା ଯିହୁଦା ୩ରେ ବ୍ୟବହୃତ ହୋଇଥିବା ପୂର୍ଣ୍ଣ ଖଣ୍ଡବାକ୍ୟରୁ ସ୍ପଷ୍ଟ ହୁଏ ''ସାଧୁମାନଙ୍କ ନିକଟରେ ଏକାଥରକେ, ସମସ୍ତଙ୍କ ନିମନ୍ତେ ସମର୍ପିତ ବିଶ୍ୱାସ'' । ଏକାଥରକେ ସମସ୍ତଙ୍କ ପାଇଁ ବିଶ୍ୱାସ, ଖ୍ରୀଷ୍ଟଧର୍ମର ସତ୍ୟସବୁ ମୂଳତତ୍ତ୍ୱମାନ, ଚିନ୍ତାଧାରାମାନ, ଜଗତ ଦୃଷ୍ଟିକୋଣରୁ ଶିକ୍ଷାମାନଙ୍କୁ ବୁଝାଏ । ଏହି ଥରେ ପ୍ରଦତ୍ତ ହେବାର ଗୁରୁତ୍ୱ, ହେଉଛି ପାରମାର୍ଥିକ ଭାବେ ନୂତନ ନିୟମ ଲେଖାଗୁଡ଼ିକ, ଈଶ୍ୱର ନିଶ୍ୱସିତ ହୋଇଥିବା ବିଶ୍ୱାସକୁ ସୀମାବଦ୍ଧ କରିବାର ବାଇବଲ ମୂଳଦୁଆ ଏବଂ ପରବର୍ତ୍ତୀ ବା ଅନ୍ୟ ଲେଖାମାନ ଈଶ୍ୱର ପ୍ରକାଶିତ ଭାବେ ବିବେଚନା କରିବାକୁ ଅନୁମତି ଦେଉ ନାହିଁ । ନୂତନ ନିୟମରେ ଅନେକ ବହୁଅର୍ଥ ବିଶିଷ୍ଟ, ଅନିଶ୍ଚିତ ଏବଂ ଧୂସର ଅଞ୍ଚଳମାନ ଅଛି, ମାତ୍ର ବିଶ୍ୱାସୀମାନେ ବିଶ୍ୱାସଦ୍ୱାରା ଦୃଢ଼ରୂପେ ପ୍ରକାଶ କରନ୍ତି ଯେ ବିଶ୍ୱାସ ଓ ଅଭ୍ୟାସ (କାର୍ଯ୍ୟରେ ପରିଣତ) ପାଇଁ ଆବଶ୍ୟକ ସମସ୍ତ ବିଷୟ ନୂତନ ନିୟମରେ ଯଥେଷ୍ଟ ପ୍ରେମ ସହିତ ସଂଯୁକ୍ତ ହୋଇଅଛି । ଏହି ଚିନ୍ତାଧାରା, ଯାହା ଈଶ୍ୱର ପ୍ରକାଶିତ ତ୍ରିକୋଣ ବୋଲି କୁହାଯାଏ ସେଥିରେ ପ୍ରଦର୍ଶିତ ହୋଇ ଆସିଅଛି ।

୧. ଈଶ୍ୱର ଆପଣାକୁ ସମୟ-ସ୍ଥାନ ଇତିହାସରେ ପ୍ରକାଶ କଲେ (ପ୍ରକାଶିତ)
୨. ସେ କେତେକ ମାନବ ଲେଖକମାନଙ୍କୁ ମନୋନୀତ କରିଅଛନ୍ତି ତାହାଙ୍କ କାର୍ଯ୍ୟସମୂହର ପ୍ରମାଣ ରଖିବାକୁ ଓ ବାଖ୍ୟା କରିବାକୁ ।
୩. ଏହି ଲେଖାଗୁଡ଼ିକୁ ବୁଝିବାକୁ ସେ ତାହାଙ୍କ ଆତ୍ମା, ମାନବଗଣର ମନ ଓ ହୃଦୟକୁ ଉନ୍ମୁକ୍ତ କରିବାକୁ ଦେଇଅଛନ୍ତି ନିଶ୍ଚିତ ଭାବରେ ନୁହେଁ, ମାତ୍ର ପରିତ୍ରାଣ ଓ ଫଳପ୍ରଦ ଖ୍ରୀଷ୍ଟିୟ ଜୀବନ (ଜ୍ଞାନଲୋକ) ପାଇଁ ଉପଯୁକ୍ତ । ଈଶ୍ୱରଙ୍କ ପ୍ରତି ଯଥାର୍ଥ ପ୍ରତ୍ୟୁତ୍ତର ଦେବାକୁ ଆମେ ଆବଶ୍ୟକ କରୁଥିବା ସମସ୍ତ ସତ୍ୟ ଆମର ଅଛି । ଆଉ କିଛି ଅଧିକ ଅଧିକାରଯୁକ୍ତ ଲେଖାମାନ, ଦର୍ଶନମାନ ବା ପ୍ରକାଶିତ ବିଷୟ ନାହିଁ । ଆଇନ ବନ୍ଦ କରାଯାଇଅଛି, ଏହି ସତ୍ୟ ବାଇବଲ ଲେଖକମାନଙ୍କ ସ୍ୱୀକୃତିରେ ସର୍ବୋତ୍ତମ ଭାବେ ଦେଖାଯାଏ, ଅପର ପକ୍ଷରେ ବିଶ୍ୱସ୍ତ, ଈଶ୍ୱର ପରାୟଣ ବିଶ୍ୱାସୀମାନଙ୍କର ଅସ୍ୱୀକୃତି ଥାଏ । ଧର୍ମଶାସ୍ତ୍ର ଲେଖକମାନଙ୍କର ଯେଉଁ ସ୍ୱର୍ଗୀୟ ନେତୃତ୍ୱର ସ୍ତର ଥିଲା କୌଣସି ଆଧୁନିକ ଲେଖକ ବା ବକ୍ତାଙ୍କର ସେହି ସ୍ତର ନାହିଁ ।

ଖ. କେତେକ ବାଟରେ ନୂତନ ନିୟମ ଭାବବାଦୀମାନେ ପୁରାତନ ନିୟମ ଭାବବାଦୀମାନଙ୍କ ସହିତ ସମାନ ଥିଲେ ।
୧. ଭବିଷ୍ୟତ୍ ଘଟଣାମାନର ବିଷୟ ପୂର୍ବରୁ ପ୍ରକାଶ କରିବା (ପାଉଲ, ପ୍ରେରିତ ୨୭:୨୨, ଅଗବାସ ପ୍ରେରିତ ୧୧:୨୭-୨୮, ୨୧:୧୦-୧୧, ଅନ୍ୟ ନାମହୀନ ଭାବବାଦୀମାନେ ପ୍ରେରିତ ୨୦:୨୩)
୨. ବିଚାର ଘୋଷଣା କରିବା (ପାଉଲ ପ୍ରେରିତ ୧୩:୧୧, ୨୮:୨୫-୨୮)
୩. ଚିହ୍ନିବା ପ୍ରତୀକାତ୍ମକ କାର୍ଯ୍ୟ ଯାହା ଘଟଣାକୁ ପ୍ରାଞ୍ଜଳଭାବେ ଚିତ୍ରଣ କରେ । (ଅଗବାସ ପ୍ରେରିତ ୨୧:୧୧)

ଗ. ସେମାନେ ସୁସମାଚାରର ସତ୍ୟମାନ ଅନେକ ସମୟରେ ଭବିଷ୍ୟତବାଣୀ କହିବା ଉପାୟରେ ଘୋଷଣା କରନ୍ତି (ପ୍ରେରିତ ୧୧:୨୭,୨୮, ୨୦:୨୩, ୨୧:୧୦-୧୧), ମାତ୍ର ଏହା ମୁଖ୍ୟ ଲକ୍ଷ୍ୟ ନୁହେଁ । ୧ କରିନ୍ଥୀୟରେ ଭାବବାଣୀ କହିବା ମୂଳତଃ ସୁସମାଚାର ଯୋଗାଯୋଗ କରୁଅଛି (୧୪:୨୪,୩୯) ।

ଘ. ସେମାନେ ପ୍ରତ୍ୟେକ ନୂତନ ପରିବେଷ, ସଂସ୍କୃତି ବା ସମୟକାଳକୁ ବା ନିକଟରେ ଈଶ୍ୱରଙ୍କ ସତ୍ୟତାର ସମସାମୟିକ ଏବଂ ବ୍ୟବହାର ଯୋଗ୍ୟ ପ୍ରୟୋଗମାନ ପ୍ରକାଶ କରିବା ନିମନ୍ତେ ଆତ୍ମାଙ୍କ ସମସାମୟିକ ମାଧ୍ୟମ ଅଟନ୍ତି (୧ କରିନ୍ଥୀ ୧୪:୩) ।

ଙ. ସେମାନେ ଆଦ୍ୟ ପାଉଲଙ୍କ ମଣ୍ଡଳୀ ମାନଙ୍କରେ ସକ୍ରୀୟ ଥିଲେ ୧ କରିନ୍ଥୀ ୧୧:୪-୫, ୧୨:୨୮-୨୯, ୧୩:୨୯, ୧୪:୧,୩,୪,୫,୬,୨୨,୨୪,୨୯,୩୧,୩୨,୩୭,୩୯, ଏଫିସୀ ୨:୨୦, ୩:୫, ୪:୧୧, ୧ ଥେସଲ ୫:୨୦) ଏବଂ ''ଡିଡାଚୋ''ରେ କୁହାଯାଇଛି (ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଲେଖା ହୋଇଥିଲା, ଯାହାର ତାରିଖ ଅନିଶ୍ଚିତ) ଏବଂ ଉତ୍ତର ଆଫ୍ରିକାରେ ଦ୍ୱିତୀୟ ଓ ତୃତୀୟ ଶତାବ୍ଦୀର ମୋଣ୍ଟାନି ମତବାଦ ।''

୪. ନୂତନ ନିୟମ ଦାନସମୂହ ବନ୍ଦ ହେଲା କି ?

କ. ଏହି ପ୍ରଶ୍ନର ଉତ୍ତର ଦେବା କଷ୍ଟକର । ଏହା ସ୍ପଷ୍ଟ ହେବାକୁ ସାହାଯ୍ୟ କରେ ଦାନସମୂହର ଉଦ୍ଦେଶ୍ୟ ବୁଝିବା ଦ୍ୱାରା ସେମାନେ ସୁସମାଚରର ପ୍ରାରମ୍ଭିକ ପ୍ରଚାରକୁ ଦୃଢ଼ୀକୃତ କରିବାକୁ ଉଦ୍ଦୀଷ୍ଟ ବା ସେମାନେ ମଣ୍ଡଳୀକୁ ନିଜ ପାଇଁ ଓ ହଜିଯାଇଥିବା ଜଗତ ପାଇଁ ସେବାକାର୍ଯ୍ୟ କରିବାରେ ଲାଗି ରହିବାକୁ ଦିଅନ୍ତି ।

ଖ. ପ୍ରଶ୍ନର ଉତ୍ତର ଦେବାକୁ ମଣ୍ଡଳୀର ଇତିହାସକୁ କିଅବା ନୂତନ ନିୟମକୁ ଜଣେ ଦେଖେ କି ? ନୂତନ ନିୟମରେ ଆତ୍ମିକଦାନଗୁଡ଼ିକ ଅସ୍ଥାୟୀ ବୋଲି ସୂଚନା ଦିଆଯାଇ ନାହିଁ । ଯେଉଁମାନେ ୧ କରିନ୍ଥୀ ୧୩:୮-୧୩କୁ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି ଏହି ବିଷୟର ସମ୍ମୁଖୀନ ହେବା ସକାଶେ, ଏହି ଶାସ୍ତ୍ରାଂଶର ଅଧିକାର ଯୁକ୍ତ ଉଦ୍ଦେଶ୍ୟର ଅପବ୍ୟବହାର କରନ୍ତି, ଯାହା ସାବ୍ୟସ୍ତ କରେ ଯେ, ପ୍ରେମ ବ୍ୟତୀତ ସମସ୍ତ ଚାଲିଯିବ ।

ଗ. ମୁଁ ଏହା କହିବାକୁ ପ୍ରଲୋଭିତ ଯେ, ଯେହେତୁ ନୂତନ ନିୟମ, ମଣ୍ଡଳୀ ଇତିହାସ ନୁହେଁ, ଅଧିକାର ପ୍ରାପ୍ତ ଅଟେ, ବିଶ୍ୱାସୀମାନେ ଦାନଗୁଡ଼ିକୁ ବ୍ୟବହାର କରିବାରେ ଲାଗି ରହିବାକୁ ଦୃଢ଼ୀଭୂତ ହେବା ଉଚିତ । ଯାହାବି ହେଉ, ମୁଁ ବିଶ୍ୱାସ କରେ ଯେ ସଂସ୍କୃତି, ଅନୁବାଦକୁ ପ୍ରଭାବିତ କରେ । କେତେକ ବଡ଼ ସ୍ପଷ୍ଟ ଶାସ୍ତ୍ରାଂଶ ଆଉ ପ୍ରଯୁଜ୍ୟ ନୁହନ୍ତି (ଯଥା : ପବିତ୍ର ଚୁମ୍ବନ, ମହିଳାମାନେ ଓଢ଼ଣୀ ପିନ୍ଧିବା, ଗୃହରେ ମଣ୍ଡଳୀ ସଭାମାନ କରିବା ଇତ୍ୟାଦି) । ଯଦି ସଂସ୍କୃତି ଶାସ୍ତ୍ରାଂଶକୁ ପ୍ରଭାବିତ କରେ, ତେବେ ମଣ୍ଡଳୀ ଇତିହାସ କାହିଁକି କରିବ ନାହିଁ ?

ଘ. ଏହା କେବଳ ଏକ ପ୍ରଶ୍ନ ଯାହାର ନିର୍ଦ୍ଦିଷ୍ଟ ଭାବେ ଉତ୍ତର ଦିଆଯାଇ ପାରିବ ନାହିଁ । କେତେକ ବିଶ୍ୱାସୀ ବନ୍ଦ କରିବା ଓ ଅନ୍ୟ କେତେକ ବହନ କରିବାକୁ ପରାମର୍ଶ ଦିଅନ୍ତି । ଏହି କ୍ଷେତ୍ରରେ ଯେତେ ଅନୁବାଦିତ ହୋଇଥିବା ବିଷୟମାନଙ୍କ ପରି, ବିଶ୍ୱାସୀର ହୃଦୟ ହେଉଛି ମୁଖ୍ୟ କଞ୍ଚି । ନୂତନ ନିୟମ ବହୁର୍ଥକ ବିଶିଷ୍ଟ ଏବଂ ସଂସ୍କୃତିଗତ । କେଉଁ ଶାସ୍ତ୍ରାଂଶ ସଂସ୍କୃତି/ଇତିହାସ ଦ୍ୱାରା ପ୍ରଭାବିତ ଏବଂ କେଉଁସବୁ, ସବୁ ସମୟ ସକାଶେ ଓ ସବୁ ସଂସ୍କୃତି ପାଇଁ ଉଦ୍ଦୀଷ୍ଟ, ସ୍ଥିର କରିବା କଷ୍ଟକର । (ଫି ଓ ସ୍ଟିୱାଟଙ୍କ ''ବାଇବଲକୁ କିପରି ତାହାର ସମସ୍ତ ମୂଲ୍ୟ ସହ ପାଠ କରିବ'' ୧୪-୧୯ ପୃଷ୍ଠା ଏବଂ ୬୯-୭୭ ପୃଷ୍ଠା) । ଏଠାରେ ସ୍ୱାଧୀନତା ଏବଂ ଦାୟିତ୍ୱ ବିଷୟରେ ଆଲୋଚନା ରୋମୀ ୧୪:୧-୧୫:୧୩ ଓ ୧ କରିନ୍ଥୀ ୮-୧୦ରେ ମିଳେ, ଯାହା ବୁଝିବା କଷ୍ଟକର । ଦୁଇଟି ଉପାୟରେ ପ୍ରଶ୍ନର ଉତ୍ତର ଆମେ କିପରି ଦେବା ତାହା ଗୁରୁତ୍ୱପୂର୍ଣ୍ଣ ।

୧. ପ୍ରତ୍ୟେକ ବିଶ୍ୱାସୀ ସେମାନଙ୍କଠାରେ ଥିବା ଆଲୋକରେ ବିଶ୍ୱାସ ସହିତ ଗମନ କରିବା ଉଚିତ । ଈଶ୍ୱର ଆମର ହୃଦୟ ଓ ଅଭିପ୍ରାୟମାନ ଦେଖନ୍ତି ।

୨. ପ୍ରତ୍ୟେକ ବିଶ୍ୱାସୀ, ଅନ୍ୟ ବିଶ୍ୱାସୀମାନଙ୍କୁ ସେମାନଙ୍କ ବିଶ୍ୱାସ ବୁଝାମଣାରେ ଚାଲିବାକୁ ଅନୁମତି ଦେବା ଉଚିତ । ବାଇବଲ ଅନୁଯାୟୀ ତାହାର ପରିସମ ମଧ୍ୟରେ ସହନଶୀଳତା ରହିବା ଉଚିତ । ଈଶ୍ୱର ଚାହାନ୍ତି ଆମ୍ଭେମାନେ ପରସ୍ପରକୁ ପ୍ରେମ କରିବା ଯେପରି ସେ ଆମ୍ଭମାନଙ୍କୁ କରନ୍ତି ।

ଙ. ଏହି ବିଷୟକୁ ସାରାଂଶ କଲେ, ଖ୍ରୀଷ୍ଟଧର୍ମ ଏକ ବିଶ୍ୱାସ ଓ ପ୍ରେମର ଜୀବନ ଅଟେ, ଏକ ସିଦ୍ଧ ପରମାର୍ଥ ଶିକ୍ଷା ନୁହେଁ । ତାହାଙ୍କ ସହିତ ଆମ୍ଭମାନଙ୍କର ସମ୍ପର୍କ, ଆମ୍ଭମାନଙ୍କର ଅନ୍ୟମାନଙ୍କ ପ୍ରତି ସମ୍ପର୍କକୁ ପ୍ରଭାବିତ କରେ, ଯାହା ନିର୍ଦ୍ଦିଷ୍ଟ ବିବରଣୀ ବିଷୟକ ଜ୍ଞାନ ବା ନିୟମଗତ ସିଦ୍ଧତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

▣ **''ବିଶ୍ୱାସର ପରିଣାମ ଅନୁସାରେ''** ଏହା ସିଧାସଳଖ ୩ପଦ ସହିତ ସମ୍ପୃକ୍ତ, ଯେପରି ଈଶ୍ୱର ପ୍ରତ୍ୟେକଙ୍କୁ ଖ୍ରୀଷ୍ଟଙ୍କ ଦାନର ପରିମାଣ ଅନୁସାରେ ଅନୁଗ୍ରହ ''ବିଶ୍ୱାସ'' ପ୍ରଦାନ କରାଯାଇଅଛି'' (ଏଫିସୀ ୪:୭) । ଏହା ବୃହତ୍ତର ଶାସ୍ତ୍ରାଂଶରେ ମଧ୍ୟ ସମ୍ପୃକ୍ତ ହେବା ଉଚିତ, ଯାହା ବିଶ୍ୱାସୀମାନେ କିପରି ସେମାନଙ୍କ ପ୍ରଦତ୍ତ ଦାନକୁ ବ୍ୟବହାର କରିବେ ତାହା ପ୍ରକାଶ କରିଅଛି । ଏହା, ବିଶ୍ୱାସୀମାନଙ୍କ ମନୋବୃତ୍ତିମାନ, ଅଭିପ୍ରାୟସମୂହ ଏବଂ ସେମାନଙ୍କୁ ଈଶ୍ୱରଦତ୍ତ ସେବାକାର୍ଯ୍ୟ କରିବା ନିମନ୍ତେ ଶକ୍ତି ସହିତ ସମ୍ପୃକ୍ତ, ଯାହା ମୂଳତଃ ଗାଲାତୀ ୫:୨୨-୨୩ରେ ଥିବା ତାଲିକାର ଆତ୍ମାଙ୍କ ଫଳ ଅଟେ ।

**୧୨:୭**

| | |
|---|---|
| **ଏନ୍ ଏ ଏସ୍ ବି** | **''ଯଦି ସେବକ କର୍ମ ହୁଏ''** |
| **ଏନ୍ କେ ଜେ ଭି** | **''କିଅବା ସେବାକାର୍ଯ୍ୟ, ଆସୁ ଆମ୍ଭମାନଙ୍କ ସେବାକାର୍ଯ୍ୟରେ ଏହା ବ୍ୟବହାର କରୁ''** |
| **ଟି ଇ ଭି** | **''ଏହା ଯଦି ସେବା କରିବାକୁ, ଆମ୍ଭେମାନେ ସେବା କରିବା ଉଚିତ''** |
| **ଏନ୍ ଜେ ବି** | **''ଯଦି ତତ୍ତ୍ୱାବଧାନ, ତେବେ ତତ୍ତ୍ୱାବଧାନ ନିମନ୍ତେ ଏହା ବ୍ୟବହାର କରୁ''** |

ଆଧୁନିକ ଅନୁବାଦମାନ ଭିନ୍ନ ହୋଇଥାଏ, କାରଣ ଏହି ଗ୍ରୀକ୍ ଶବ୍ଦ ''ପୟାକୋନିଆ'' ପାଇଁ ଉପଯୁକ୍ତ ଇଂରାଜୀ ଶବ୍ଦ ନାହିଁ । ଏହା ବୁଝାଇ ପାରେ (୧) ବ୍ୟବହାରିକ ସେବା (୨) ପ୍ରଶାସନିକ ସେବା (ପ୍ରେରିତ ୬:୧, ୧ କରିନ୍ଥୀ ୧୨:୫,୨୮) ।

ହାରୋଲ୍ଡ କେ ମୌଲ୍ଟନଙ୍କ ଦ୍ୱାରା ''ବିଶ୍ଳେଷଣ ସହ ଗ୍ରୀକ୍ ଅଭିଧାନ ସଂଶୋଧିତ'' ଅର୍ଥ ପ୍ରକାଶ କରେ ଏହା ଯେପରି ଏକ କାର୍ଯ୍ୟ, ସେବା ବା କାର୍ଯ୍ୟାଳୟ'' ରୋମୀ ୧୨:୭, ୧ କରିନ୍ଥୀ ୧୨:୫, କଲସୀ ୪:୧୭, ୨ ତୀମଥି ୪:୫ (୯୨ ପୃଷ୍ଠା) । ଶାସ୍ତ୍ରାଂଶର ଦୃଷ୍ଟିକୋଣରୁ ଅନ୍ୟ ବିଶ୍ୱାସୀମାନଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟ କରାଯାଏ ।

▣ ''ଯେ ଶିକ୍ଷାଦିଏ... ଶିକ୍ଷାଦାନରେ'' ଏହି ଦାନ (ଡିଡାସ୍କୋ) ୧ କରିନ୍ଥୀ ୧୨:୨୮ ଓ ୧୪:୨୬ରେ ତାଲିକା କରାଯାଇଛି । ଏହା ଭାବବାଦୀମାନଙ୍କ ସହିତ ପ୍ରେରିତ ୧୩:୧ରେ ଏବଂ ପାଳକମାନଙ୍କ ସହିତ ଏଫିସୀ ୪:୧୧ରେ ସମ୍ପୃକ୍ତ । ଆଦ୍ୟ ମଣ୍ଡଳୀ, ଏହିଗୁଡ଼ିକୁ ଦାନପ୍ରାପ୍ତ ଲୋକମାନେ ଗୋଟିଏ ଆଉ ଏକ ଉପରେ ମାଡ଼ିଯିବା ଉପାୟରେ କାର୍ଯ୍ୟ କରୁଥିବା ଦେଖିଲା । ପ୍ରଚାର କରିବା, ଭାବବାଣୀ କହିବା, ସୁସମାଚାର ପ୍ରଚାର କରିବା, ଶିକ୍ଷାଦାନ କରିବା, ସମସ୍ତ ସୁସମାଚାର ଘୋଷଣା କରନ୍ତି, ମାତ୍ର ବିଭିନ୍ନ ବିଷୟ ଉପରେ ପ୍ରାଧାନ୍ୟ ଦେଇ ଏବଂ ବିଭିନ୍ନ ପ୍ରଣାଳୀ ଅବଲମ୍ବନ କରି ।

୧୨:୮ ''ଯେ ଉପଦେଶ ଦିଏ ... ଉପଦେଶ ଦାନରେ'' ଏହି ଶବ୍ଦ (ପାରାକାଲେଓ) ଶିକ୍ଷାଦାନ ସହିତ ସମ୍ପୃକ୍ତ (୧ ତୀମଥି ୪:୧୩) । ସମ୍ଭବତଃ ଏହା ଦକ୍ଷତା ଅଟେ, ଯାହାଦ୍ୱାରା ସତ୍ୟ, ଜୀବନରେ ପ୍ରୟୋଗ କରାଯାଇଥାଏ । ଏହା ତତ୍ପରେ ଏଫିସୀ ୪:୧୫,୧୬ ସହିତ ସମ୍ପୃକ୍ତ ହେବ ''ପ୍ରେମରେ ସତ୍ୟ କହିବା... ସମସ୍ତ ଶରୀର ସୁଖଚିତ ଓ ସୁଖଚିତ ହୋଇ ପ୍ରେମରେ ... ନିଜର ବୃଦ୍ଧି ସାଧନ କରୁଅଛି ।''

▣ ଯେ ଦାନ କରେ, ସେ ଉଦାର ଭାବରେ ଦାନ କରୁ'' ପରବର୍ତ୍ତୀ ବିଶେଷ ପ୍ରସଙ୍ଗ ଦେଖ ।

**ବିଶେଷ ପ୍ରସଙ୍ଗ : ଉଦାର / ବିଶ୍ୱସ୍ତ (ହାପ୍ଲୋଟସ୍)**

ଏହି ଶବ୍ଦ (ହାପ୍ଲୋଟସ)ର ଦୁଇଟି ଅର୍ନ୍ତନିହିତ ଅର୍ଥ ଅଛି, ''ଉଦାର'' ବା ''ବିଶ୍ୱସ୍ତ'' । ଏହା ଦର୍ଶନ ପାଇଁ ଏକ ଦୃଷ୍ଟାନ୍ତ ଥିଲା । ପୁରାତନ ନିୟମରେ ଚକ୍ଷୁ, ଦୁଇଟି ପଥରେ ଅଭିପ୍ରାୟ ସକାଶେ ଏକ ଦୃଷ୍ଟାନ୍ତ ରୂପେ ବ୍ୟବହୃତ ହୋଇଥିଲା ।

୧. ମନ୍ଦ ଚକ୍ଷୁ (ନାହୁଡ଼ ପରି ବିଷାକ୍ତ ଦ୍ୱିତୀୟ ବିବରଣ ୧୫:୯ ଏବଂ ହିତୋ ୨୩:୬, ୨୮:୨୨)
୨. ଉତ୍ତମ ଚକ୍ଷୁ (ଉଦାର ହିତୋ ୨୨:୯)

ଯୀଶୁ ଏହି ଶବ୍ଦର ବ୍ୟବହାର କରନ୍ତି (ମାଥିଉ ୬:୨୨-୨୩, ୨୦:୧୫) । ପାଉଲ ଏହି ଶବ୍ଦକୁ ଦୁଇଟି ଅର୍ଥରେ ବ୍ୟବହାର କରନ୍ତି ।

୧. ''ସରଳତା, ବିଶ୍ୱସ୍ତତା, ପବିତ୍ରତା'' (୨ କରିନ୍ଥୀ ୧:୧୨, ୧୧:୩, ଏଫିସୀ ୬:୫, କଲସୀ ୩:୨୨)
୨. ''ଉଦାରତା'' (ରୋମୀ ୧୨:୮, ୨ କରିନ୍ଥୀ ୮:୨, ୯:୧୧,୧୩) ।

▣ **''ଯେ ତତ୍ତ୍ୱାବଧାନ କରେ, ସେ ଯତ୍ନ ସହକାରେ କରୁ''** ଏହା ଖ୍ରୀଷ୍ଟିୟ ନେତୃତ୍ୱକୁ ବୁଝାଏ, ହୁଏତ ଭ୍ରମଣଶୀଳ ବା ସ୍ଥାନୀୟ ।

▣ **''ଯେ ଦୟା କରେ, ହୃଷ୍ଟଚିତ୍ତରେ କର''** ଏହା ଅସୁସ୍ଥ ଓ ଅଭାବଗ୍ରସ୍ତଙ୍କୁ ସାହାଯ୍ୟ ଦେବାକୁ ବୁଝାଏ । ବିଶ୍ୱାସୀ ସମ୍ପ୍ରଦାୟରେ ମୂଳଶିକ୍ଷାର ପ୍ରଚାର ଓ ସାମାଜିକ ବିଷୟମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିବା ଉଚିତ ନୁହେଁ ସେଗୁଡ଼ିକ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଅଟନ୍ତି । କୌଣସି ''ସାମାଜିକ ସୁସମାଚାର'' ନାହିଁ, କେବଳ ସୁସମାଚାର ମାତ୍ର !

## ଆଲୋଚନା ପ୍ରଶ୍ନମାନ ୧-୮ ପଦ

ଏହା ଏକ ଅଧ୍ୟୟନ ଚାଳନା ବାଖ୍ୟାପୁସ୍ତକ ଅଟେ, ଯାହା ବୁଝାଏ ଯେ, ବାଇବଲର ନିଜ ଅନୁବାଦ ପାଇଁ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କୁ ଦତ୍ତ ଆଲୋକରେ ଗମନ କରିବା ଉଚିତ । ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ଏହି ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଏହି ଦାୟିତ୍ୱ ଏକ ବାଖ୍ୟାକାରୀ ଉପରେ ଲଦି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ, ପୁସ୍ତକଟିର ଏହି ଭାଗ ବା ଅଂଶର ମୁଖ୍ୟ ବିଷୟ ମାଧ୍ୟମରେ ଚିନ୍ତା କରିବାକୁ ଆପଣଙ୍କୁ ସାହାଯ୍ୟ କରିବାଲାଗି ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକକାରୀ, ମାତ୍ର ନିର୍ଦ୍ଦିଷ୍ଟ ନୁହେଁ ।

୧. ଶରୀରକୁ ଏକ ସଜୀବ ବଳି ରୂପେ ଉତ୍ସର୍ଗ କରିବାକୁ କେଉଁ ବିଷୟ ଅନ୍ତର୍ଗତ ? (୧ପଦ)
୨. ପ୍ରତ୍ୟେକ ବିଶ୍ୱାସୀର ଏକ ଆତ୍ମିକ ଦାନ ଅଛି କି ? (୩-୮ପଦ ୧ କରିନ୍ଥୀ ୧୨:୭) ? ଯଦି ଅଛି, ଯେଉଁଟି ସେମାନେ ଚାହାନ୍ତି ସେଥି ମଧ୍ୟରୁ ତାହା ସେମାନେ ତୋଳି ନିଅନ୍ତି କି ?
୩. ଆତ୍ମିକ ଦାନଗୁଡ଼ିକର ଉଦ୍ଦେଶ୍ୟ କ'ଣ ?
୪. ବାଇବଲରେ ଦାନଗୁଡ଼ିକର ସବିଶେଷ ବା ସମ୍ପୂର୍ଣ୍ଣ ଏକ ତାଲିକା ଅଛି କି ?
୫. ଜଣେ କିପରି ତାହାର ଦାନ ଚିହ୍ନଟ କରିପାରିବ ?

**ଶାସ୍ତ୍ରନୁଯାୟୀ ଅର୍ନ୍ତଦୃଷ୍ଟିମାନ ୯–୨୧ ପଦ**

କ. ଏହି ବିଭାଗକୁ ସର୍ବୋତ୍ତମ ନାମ ଦିଆଯାଇପାରେ ''ଅଭ୍ୟନ୍ତରୀଣ ବ୍ୟକ୍ତିଗତ ସମ୍ପର୍କଗୁଡ଼ିକ ନିମନ୍ତେ ଖ୍ରୀଷ୍ଟିୟଚାଳନା ଧାଡ଼ିମାନ ।'' ଏହା ହେଉଛି ପ୍ରେମର ଏକ ବ୍ୟବହାରିକ ଆଲୋଚନା (ମାଥିଉ ୫–୭, ୧ କରିନ୍ଥୀ ୧୩ ଏବଂ ୧ ଯୋହନ ୩:୧୮, ୪:୭–୨୧)

ଖ. ୧୨ ଅଧ୍ୟାୟ ରୋମୀ, ବିଷୟବସ୍ତୁ ଓ ଗଠନରେ ୧ କରିନ୍ଥୀ ୧୨–୧୩ ସହିତ ବହୁତ ସମାନ ଅଟେ । ଆତ୍ମିକ ଦାନ ଗୁଡ଼ିକର ଆଲୋଚନାର ଠିକ୍ ପରେ ପରେ ଗର୍ବ ବିଷୟରେ ଏକ ସତର୍କ ବାଣୀ ଏବଂ ପ୍ରେମର ବ୍ୟବହାରିକ ଜୀବନଶୈଳୀ ଉପରେ ଗୁରୁତ୍ୱ ଆସିଅଛି ।

ଗ. ଶାସ୍ତ୍ରାଂଶର ପୃଷ୍ଠଭୂମି ନିମ୍ନଲିଖିତ ବିଷୟଗୁଡ଼ିକ ସହିତ ବ୍ୟବହାର କରେ

୧. ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହିତ ଆମର ସମ୍ପର୍କମାନ (୧୨:୯–୧୩) । ଏହା ମଧ୍ୟ ପୁଙ୍ଖାନୁପୁଙ୍ଖ ରୂପେ ୧୪:୧, ୧୫:୧୩ ଏବଂ ୧ କରିନ୍ଥୀ ୮:୧୧, ୧୦:୨୩–୩୩ରେ ଆଲୋଚନା କରାଯାଇଅଛି ।

୨. ଆମ୍ଭମାନଙ୍କର ସମ୍ପର୍କ ଅବିଶ୍ୱାସୀମାନଙ୍କ ସହିତ କିଅବା ଅଧିକ ସମ୍ଭବପର, ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହିତ ଯାହା ସହିତ ଏକ ବିବାଦ ଅଛି (୧୨:୧୪–୨୧) । ଏହି ବିଭାଗ, ଯୀଶୁଙ୍କର ପର୍ବତ ଉପରୁ ଉପଦେଶ ପ୍ରତିଫଳିତ ହେବାପରି ଦେଖାଯାଏ (ମାଥିଉ ୫–୭) ।

୩. ଶାସ୍ତ୍ରାଂଶର ଏହି ଅଂଶଟି ଏକ ପ୍ରକାର ଅପ୍ରକୃତ କାରଣ ଏହି ଅଞ୍ଚଳଗୁଡ଼ିକ (ସମ୍ପର୍କମାନ) ପରସ୍ପର ଉପରେ ମାଡ଼ି ଆସିଅଛି ।

ଘ. ଏହି ଶାସ୍ତ୍ରାଂଶ ଚାଲୁ ରହିଥିବା, ଜୀବନଶୈଳୀ ଆଦେଶସମୂହ ଦ୍ୱାରା ଅଧିକୃତ (ବର୍ତ୍ତମାନ କର୍ତ୍ତୃବାଚ୍ୟଅନୁଜ୍ଞା ସୂଚକ କ୍ରିୟା ୪ ପଦ (ଦୁଇଥର), ୧୬,୨୦ (ଦୁଇଥର), ୨୧ (ଦୁଇଥର) ଏବଂ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ ଦ୍ୱାରା ଅନୁଜ୍ଞା ସୂଚକକ୍ରିୟାର ଅର୍ଥରେ ୧୭ ଥର ବ୍ୟବହାର କରାଯାଇଅଛି ) । ପରିତ୍ରାଣ, ଖ୍ରୀଷ୍ଟଙ୍କ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ଓ ଆତ୍ମାଙ୍କ ପ୍ରରୋଚନା ଦ୍ୱାରା ଈଶ୍ୱରଙ୍କର ଅନୁଗ୍ରହର ଏକ ବିନାମୂଲ୍ୟର ଦାନ ଅଟେ, ମାତ୍ର ଥରେ ଲାଭ କରାଗଲେ, ଏହା ପ୍ରତ୍ୟେକ ବିଷୟର ସମର୍ପଣ ଓ ଜୀବନ ଶୈଳୀର ମୂଲ୍ୟଦାବୀ କରେ । ଯୀଶୁଙ୍କୁ ପ୍ରଭୁ ଡାକିବା ଏକ ଦୃଷ୍ଟାନ୍ତ ନୁହେଁ (ଲୂକ ୬:୪୬)

ଙ. ଏହି ଶାସ୍ତ୍ରାଂଶର ମଧ୍ୟ ବିଭିନ୍ନ ବର୍ତ୍ତମାନ କୃଦନ୍ତ ବିଶେଷଣମାନ ଅଛି, ଅନୁଜ୍ଞାସୂଚକ କ୍ରିୟାମାନର ଅର୍ଥରେ ନାସ୍ତିବାଚକ ବିଷୟ ସହିତ ବ୍ୟବହୃତ ହୋଇଅଛି, ଯାହା ସାଧାରଣ ଭାବେ, କୌଣସି ଚାଲୁ ରହିଥିବା କାର୍ଯ୍ୟକୁ ବନ୍ଦ କରିବା ବୁଝାଏ । ୧୪,୧୬ ପଦ (ଦୁଇଥର), ୧୭,୧୯ ଓ ୨୧ । ଖ୍ରୀଷ୍ଟିୟାନମାନେ ସୀମା ବାହାରେ ଜୀବନଯାପନ କରି ଆସିଅଛନ୍ତି । ଗୋଟିଏ ଅର୍ଥରେ ପାପକୁ ବୁଝାଯାଇ ପାରେ, ଈଶ୍ୱରଙ୍କ ଦାନସବୁକୁ ଈଶ୍ୱର ପ୍ରଦତ୍ତ ସୀମାଗୁଡ଼ିକର ବାହାରକୁ ନେବାପରି ।

ଚ. ଖ୍ରୀଷ୍ଟ ଧର୍ମ ''ଖୋଲା'' ରହିବା ଉଚିତ – ଖୋଲାମନ, ଖୋଲାହସ୍ତ, ଖୋଲା ହୃଦୟ, ଖୋଲା ଦ୍ୱାର (ଯାକୁବ ୨)

**ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ**

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୨:୯–୧୩**

**''ପ୍ରେମ ନିଷ୍କପଟ ହେଉ'' ଗ୍ରୀକ୍ ଶାସ୍ତ୍ରାଂଶରେ କିଛି ସମ୍ପୃକ୍ତ ଶବ୍ଦମାନ (ଆସିଣ୍ଡେଟନ୍) ନାହିଁ ଏହି ଖଣ୍ଡବାକ୍ୟରେ, ଯାହା କୋଇନେ ଗୀକ୍‌ରେ ବଡ଼ ଅସାଧାରଣ ଥିଲା । ମାଥିଉ ୫ର ପାର୍ବତ୍ୟ ଉପଦେଶ ପଶ୍ଚାତଭାଗରେ ଏହା ହିବ୍ରୁବ୍ୟାକରଣ ଅନୁସାରେ ଗଠନ ପ୍ରତିଫଳିତ କରିପାରେ । ଏହି ବ୍ୟାକରଣୀୟ ଆକାର ଏହି ଖଣ୍ଡ ବାକ୍ୟର ପ୍ରତ୍ୟେକଟି ବିଷୟକୁ ଏକ ଏକ ସତ୍ୟ ଉପରେ ଠିଆ ହେବାକୁ ଗୁରୁତ୍ୱ ଦିଏ ।**

''କପଟତା'' ଏକ ନାଟକୀୟ ଶବ୍ଦ ''ମୁଖା ଭିତରେ କହିବା'' ପାଇଁ । ପ୍ରେମ ନାଟକ ଅଭିନୟ ବା ଛଳନା ହେବା ଉଚିତ ନୁହେଁ (୨ କରିନ୍ଥୀ ୬:୬) । ପ୍ରେମ, ହେଉଛି ବିଶ୍ୱାସୀମାନଙ୍କର ଚାରିତ୍ରିକ ଗୁଣ (ଯୋହନ ୧୩:୩୪–୩୫, ୧୫:୧୨,୧୭, ୧ ଯୋହନ ୩:୧୧,୧୮, ୪:୭–୨୧) କାରଣ ଏହା ଈଶ୍ୱରଙ୍କ ଚରିତ୍ର ଅଟେ ।

▣ ''ଯାହା ମନ୍ଦ, ତାହା ଘୃଣା କର'' ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ ଏକ ଅନୁଜ୍ଞାସୂଚକ କ୍ରିୟାର ଅର୍ଥରେ ବ୍ୟବହୃତ । ବିଶ୍ଵାସୀମାନେ ମନ୍ଦ ଦ୍ଵାରା ଚମତ୍କୃତ ଓ ବିଦ୍ରୋହ କରିବା ଆବଶ୍ୟକ (୧ ଥେସଲନୀକି ୫:୨୧-୨୨) । ଅନେକ ସମୟରେ ଆମ୍ଭେମାନେ କେବଳ ଆମ୍ଭମାନଙ୍କ ଜୀବନକୁ ସିଧାସଳଖ ପ୍ରଭାବ ପକାଉଥିବା ବିଷୟ ଓ ପରିଣାମ ଦ୍ଵାରା ଚମତ୍କୃତ ହୋଇଥାଉ ।

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** **''ଯାହା ଉତ୍ତମ ସେଥିରେ ଲାଖି ରୁହ''**
**ଏନ୍ ଆର୍ ଏସ୍ ଭି** **''ଯାହା ଉତ୍ତମ ତାହା ଦୃଢ଼ରୂପେ ଧରି ରଖ''**
**ଟି ଇ ଭି** **''ଯାହା ଉତ୍ତମ, ତାହା ଧରିରଖ''**
**ଏନ୍ ଜେ ବି** **''ଉତ୍ତମ ଯାହା ସେଥିରେ ଲାଗିରୁହ''**

ଏହା ହେଉଛି ବର୍ତ୍ତମାନ କର୍ମବାଚ୍ୟ (ମାତ୍ର ଏକ ମଧ୍ୟବର୍ତ୍ତୀ ଅର୍ଥରେ ବ୍ୟବହୃତ ହୋଇଛି) ଏକ ଅନୁଜ୍ଞାସୂଚକ କ୍ରିୟାର ଅର୍ଥରେ କୃଦନ୍ତ ବିଶେଷଣ ବ୍ୟବହୃତ ହୋଇଅଛି - ''ଆସକ୍ତ ହୁଅ'' (୭୦, ଆଦି ୨:୨୪, ପ୍ରେରିତ ୮:୨୯ ଏବଂ ଫିଲିପ୍ପୀ ୪:୮, ୧ ଥେସଲନିକୀ ୫:୨୧-୨୨) । ଯତ୍ନଶୀଳ ହେବା ଓ ଅଧ୍ୟବସାୟୀ ହେବାର ପ୍ରୟୋଜନ ଲକ୍ଷ୍ୟ କର ।

**୧୨:୧୦**

**ଏନ୍ ଏ ଏସ୍ ବି** **''ଭ୍ରାତୃପ୍ରେମରେ ପରସ୍ପର ପ୍ରତି ଭକ୍ତି କର''**
**ଏନ୍ କେ ଜେ ଭି** **''ଭାତୃପ୍ରେମ ସହିତ ଦୟାରେ ପରସ୍ପର ପ୍ରତି ସ୍ନେହଶୀଳ ହୁଅ''**
**ଏନ୍ ଆର୍ ଏସ୍ ଭି** **''ପରସ୍ପର ପ୍ରତି ସ୍ନେହ ସହିତ ପରିସ୍ପରକୁ ପ୍ରେମ କର''**
**ଟି ଇ ଭି** **''ଖ୍ରୀଷ୍ଟିୟାନ ରୂପେ ଉଷ୍ମତାରେ ପରସ୍ପରକୁ ପ୍ରେମ କର''**
**ଏନ୍ ଜେ ବି** **''ଭ୍ରାତାଗଣ ଯେପରି ପ୍ରେମ କରିବା ଉଚିତ, ସେପରି ପରସ୍ପରକୁ ପ୍ରେମ କର''**

ଏହା ଏକ ମିଳିତ ଗ୍ରୀକ୍ ଶବ୍ଦ ଥିଲା (ଫିଲିଓ ପଲ୍ସ ଷ୍ଟୋର୍ଗେ) ''ଭ୍ରାତୃପ୍ରେମ'' ସହି ''ପାରିବାରିକ ପ୍ରେମ'' ଏବଂ ନୂତନ ନିୟମରେ କେବଳ ଏହିଠାରେ ବ୍ୟବହୃତ ହୋଇଅଛି । ଖ୍ରୀଷ୍ଟିୟାନମାନେ ଏକ ପରିବାର ଅଟନ୍ତି । ଆମ୍ଭେମାନେ ପରସ୍ପରକୁ ପ୍ରେମ କରିବାକୁ ଆଦେଶ ପାଇଅଛୁ (୧ ଥେସଲନୀକୀ ୪:୯) ।

ଏହା ସମ୍ପ୍ରଦାନକାରକମାନର ଏକ ଦଳର ପ୍ରଥମ ଶବ୍ଦ ଯାହା ପ୍ରଥମେ ଗ୍ରୀକ୍ ବାକ୍ୟରେ ଗୁରୁତ୍ଵଦେବା ପାଇଁ ସ୍ଥାନ ଦିଆଯାଇଥିଲା ।

▣

**ଏନ୍ ଏ ଏସ୍ ବି** **''ସମ୍ମାନରେ ପରସ୍ପରକୁ ଅଧିକ ଆଦର ପ୍ରଦାନ କର''**
**ଏନ୍ କେ ଜେ ଭି** **''ସମ୍ମାନରେ ପରସ୍ପରକୁ ଅଧିକ ଆଦର ପ୍ରଦାନ କରି''**
**ଏନ୍ ଆର୍ ଏସ୍ ଭି** **''ସମ୍ମାନ ଦେଖାଇ ପରସ୍ପର ପ୍ରତି ବାହ୍ୟ ବ୍ୟବହାର କର''**
**ଟି ଇ ଭି** **''ଏବଂ ପରସ୍ପର ପାଇଁ ସମ୍ମାନ ଦେଖାଇବାକୁ ଆଗ୍ରହୀ ହୁଅ''**
**ଏନ୍ ଜେ ବି** **''ପରସ୍ପର ପାଇଁ ଏକ ପ୍ରଗାଢ଼ ସମ୍ମାନ ରକ୍ଷା କର''**

ଏହା ହେଉଛି ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ (କ୍ରିୟା) କୃଦନ୍ତ ବିଶେଷଣ, ଏକ ଅନୁଜ୍ଞାସୂଚକ କ୍ରିୟାର ଅର୍ଥରେ ବ୍ୟବହାର କରାଯାଇଛି । ବିଶ୍ଵାସୀମାନେ ସେମାନଙ୍କ ନିଜଠାରୁ ଅନ୍ୟ ଚୁକ୍ତିବଦ୍ଧ ଅଂଶାଧିକାରୀମାନଙ୍କୁ ଅଧିକ ବିଶେଷ ମଣି ତାହା ସହିତ ବ୍ୟବହାର କରିବା ଉଚିତ (ଏଫିସୀ ୪:୨, ଫିଲିପ୍ପୀ ୨:୩) ।

**୧୨:୧୧**

**ଏନ୍ ଏ ଏସ୍ ବି** **''ଯତ୍ନଶୀଳ ହେବାରେ ଶିଥିଳ ହୋଇ ପଛରେ ପଡ଼ି ଯାଅ ନାହିଁ''**
**ଏନ୍ କେ ଜେ ଭି** **''ଯତ୍ନଶୀଳ ହେବାରେ ଶିଥିଳ ହୁଅ ନାହିଁ''**
**ଏନ୍ ଆର୍ ଏସ୍ ଭି** **''ଉଦ୍‌ଯୋଗରେ ଶିଥିଳ ହୁଅ ନାହିଁ''**
**ଟି ଇ ଭି** **''କଠିନ ପରିଶ୍ରମ କରି ଏବଂ ଅଳସୁଆ ହୁଅ ନାହିଁ''**
**ଏନ୍ ଜେ ବି** **''ଅକ୍ଲାନ୍ତ ପରିଶ୍ରମ ସହ ପ୍ରଭୁଙ୍କ ପାଇଁ କାର୍ଯ୍ୟକର''**

**ପ୍ରକୃତ ପ୍ରେମ ମହାନ ଶକ୍ତି ଉତ୍ପନ୍ନ କରେ (ଗାଲାତୀ ୬:୯)**

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** **''ଆତ୍ମାରେ ଭାବ ବିହ୍ଵଳ ହୁଅ''**
**ଏନ୍ ଆର୍ ଏସ୍ ଭି** **''ଆତ୍ମାରେ ଆକୁଳ ହୁଅ''**
**ଟି ଇ ଭି** **''ଏକ ହୃଦୟପୂର୍ଣ୍ଣ ଭକ୍ତି ସହିତ''**
**ଏନ୍ ଜେ ବି** **''ଆତ୍ମାଙ୍କ ମହା ଆନ୍ତରିକତା ସହ''**

ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ଏକ ଅନୁଜ୍ଞାସୂଚକ କ୍ରିୟାର ଅର୍ଥରେ ବ୍ୟବହାର କରାଯାଇଅଛି । ଏହା ଆକ୍ଷରିକ ଭାବେ ''ସିଝାଇବା'' । ଏହା ପୁର୍ନଜନ୍ମ ପ୍ରାପ୍ତ ମାନବ ଆତ୍ମା ବା ଅନ୍ତଃକରଣରେ ବାସ କରୁଥିବା ପବିତ୍ର ଆତ୍ମାଙ୍କୁ ବୁଝାଇପାରେ (ଆର୍ ଏସ୍ ଭି ପ୍ରେରିତ ୧୮:୨୫, ପ୍ରକାଶିତ ୩:୧୫-୧୬) ।

▣ ''ପ୍ରଭୁଙ୍କ ସେବା କର'' ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ଏକ ଅନୁଜ୍ଞା ସୂଚକ କ୍ରିୟା ଅର୍ଥରେ ବ୍ୟବହାର କରାଯାଇଛି । ସେଥିରେ ଏକ ପାଣ୍ଡୁଲିପି ଭିନ୍ନତା ରହିଅଛି । କେତେକ ଗ୍ରୀକ୍ ପାଣ୍ଡୁଲିପି ଗୁଡ଼ିକର (ଏମ୍ ଏସ୍ ଏସ୍ ଡି୩, ଏଫ୍ ଓ ଜି) ପାଶ୍ଚାତ୍ୟ ପରିବାର ପାଠ କରନ୍ତି ''ସମୟାନୁସାରେ'' (କାଇରୋସ୍), ''ପ୍ରଭୁଙ୍କଠାରେ'' (କୁରିଅସ୍) ବଦଳରେ । ଭିନ୍ନତା, ପ୍ରଭୁଙ୍କ ସେବା କରିବା ଓ ତାହାଙ୍କ ମଣ୍ଡଳୀର ସେବା କରିବା, ଯେତେବେଳେ ସୁଯୋଗ ଆସେ, ଏଥିରେ ଗୁରୁତ୍ୱ ଦିଏ (ଯୋହନ ୯:୪, ଏଫିସୀ ୫:୧୬) ।
ସମସ୍ତ ସମ୍ଭାବନାରେ ଅସ୍ପଷ୍ଟ ହୋଇଯାଏ କାରଣ ''କୁରିଓସ'' ଭୁଲବୁଝାମଣା ବା ଭୁଲ ଭାବେ ପାଠ କରାଯାଇଥିଲା । ସର୍ବୋତ୍ତମ ଓ ସର୍ବ ପୁରାତନ ଗ୍ରୀକ୍ ପାଣ୍ଡୁଲିପି ପି୪୬, ଏନ୍ ଏ ଏବଂ ବି ରେ ଅଛି ''ପ୍ରଭୁଙ୍କ ସେବା କରିବା'' । ୟୁବିଏସ୍ ମୂଲ୍ୟପ୍ରଦାନ କରେ ''ପ୍ରଭୁ'' ନିଶ୍ଚିତ ଭାବେ 'ଏ' ଗ୍ରେଡ୍ ।

**୧୨:୧୨** ''ଭରସାରେ ଆନନ୍ଦ କର'' ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ଏକ ଅନୁଜ୍ଞାସୂଚକ କ୍ରିୟା ଅର୍ଥରେ ବ୍ୟବହୃତ (୫:୨) । ''ଭରସା'' ଶବ୍ଦ ଅନେକ ସମୟରେ ଦ୍ୱିତୀୟ ଆଗମନ ସହିତ ସଂଯୁକ୍ତ ହୋଇ ବ୍ୟବହୃତ ହୋଇଅଛି (୫:୨, ୮:୨୪, ୧୫:୧୩, ୧ ଥେସଲନିକୀ ୫:୮) । ଇଂରାଜୀରେ ଇଚ୍ଛା କରିବା ଅର୍ଥରେ ଏହା ଭରସା ନୁହେଁ, ମାତ୍ର ନୂତନ ନିୟମରେ ଏକ ନିର୍ଦ୍ଦିଷ୍ଟ ଘଟଣାର ଅର୍ଥରେ, ମାତ୍ର ଏକ ଏକାଧିକ ଅର୍ଥରେ ସମୟ ସୂଚକ ବିଷୟ ସହି । ୪:୧୮ ଓ ୫:୨ର ସମ୍ପୂର୍ଣ୍ଣ ଟିପ୍ପଣୀ ଦେଖ ।

▣ **''ନିବିଷ୍ଟ ରୁହ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ଏକ ଅନୁଜ୍ଞା ସୂଚକ କ୍ରିୟା ଅର୍ଥରେ ବ୍ୟବହୃତ । ଶବ୍ଦର ଅର୍ଥ ''ସକ୍ରିୟ, ସ୍ୱେଚ୍ଛାପୂର୍ବକ, ଅବିଚଳିତ ସହିଷ୍ଣୁତା''

▣ **''କ୍ଲେଶରେ''** ୫:୩-୫ରେ ଯେପରି ''ଭରସା'' କ୍ଲେଶ (ଥ୍ଲିପ୍‌ସିସ୍) ସହିତ ସଂଯୁକ୍ତ ଥିଲା । ଏକ ପତିତ ଜଗତ ମଧ୍ୟରେ ଖ୍ରୀଷ୍ଟଙ୍କ ଅନୁଗାମୀମାନଙ୍କ ପାଇଁ ଏହା ହେଉଛି ପ୍ରଚଳିତ ବିଷୟ (ମାଥିଉ ୫:୧୦-୧୨, ଯୋହନ ୧୬:୧-୩, ୧୭:୧୪, ପ୍ରେରିତ ୧୪:୨୨, ରୋମୀ ୫:୩,୪, ୮:୧୭, ୨ କରିନ୍ଥୀ ୪:୧୬-୧୮, ୬:୩-୧୦, ୧୧:୨୩-୩୦, ଫିଲିପ୍ପୀ ୧:୨୯, ୧ ଥେସଲନୀକୀ ୩:୩, ୨ ତୀମଥି ୩:୧୨, ଯାକୁବ ୧:୨-୪, ୧ ପିତର ୪:୧୨-୧୬) । ଆମ୍ଭେମାନେ ଏହା ଖୋଜିବା ଅବା ପରିହାସ (ବର୍ଜନ) କରିବା ଉଚିତ ନୁହେଁ । ବିଶେଷ ପ୍ରସଙ୍ଗ ଦେଖ : କ୍ଲେଶସମୂହ ୫:୩ରେ ।

▣ **''ପ୍ରାର୍ଥନାରେ ନିବିଷ୍ଟ ଥାଅ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ଏକ ଅନୁଜ୍ଞାସୂଚକ କ୍ରିୟା ଅର୍ଥରେ ବ୍ୟବହୃତ । ପ୍ରାର୍ଥନା ଏକ ଆତ୍ମିକ ଶୃଙ୍ଖଳା ଓ ଦାନ ଯାହା ଈଶ୍ୱରଙ୍କ କାର୍ଯ୍ୟକାରୀ ହସ୍ତ ଇତିହାସରେ ଥିବା ସମର୍ଥନ କରେ । ବିଶ୍ୱାସୀମାନେ ଏକ ପ୍ରେମକାରୀ ସ୍ୱର୍ଗସ୍ଥ ପିତାଙ୍କୁ ପ୍ରଭାବିତ କରିପାରନ୍ତି । ଈଶ୍ୱର ତାହାଙ୍କ ସନ୍ତାନମାନଙ୍କ ପ୍ରାର୍ଥନାଗୁଡ଼ିକ ଅନୁସାରେ ଆପଣାକୁ ସୀମାବଦ୍ଧ କରିବାକୁ ମନୋନୀତ କରିଅଛନ୍ତି (ପ୍ରେରିତ ୧:୧୪, ୨:୪୨, ୬:୪, ଏଫିସୀ ୬:୧୮-୧୯, କଲସୀ ୪:୨) । ଏହା ପ୍ରାର୍ଥନାକୁ ଏକ ଭୟାନକ ଦାୟିତ୍ୱରେ ପରିଣତ କରେ । କ୍ଲିଣ୍ଟୋନ ଆର୍ଣ୍ଣୋଲ୍ଡଙ୍କ ଦ୍ୱାରା ଲିଖିତ ଆତ୍ମିକ ଯୁଦ୍ଧ ବିଷୟକ ତିନୋଟି କଷ୍ଟକର ପ୍ରଶ୍ନ ଦେଖ ୪୩-୪୪, ୧୮୭-୧୮୮ ପୃଷ୍ଠା)

**୧୨:୧୩**

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ ଆର୍ ଏସ୍ ଭି** | **''ସାଧୁମାନଙ୍କର ଅଭାବ ନିମନ୍ତେ ଦାନ କର''** |
| **ଏନ୍ କେ ଜେ ଭି** | **''ସାଧୁମାନଙ୍କ ଅଭାବ ପାଇଁ ବିତରଣ କର''** |
| **ଟି ଇ ଭି** | **''ତୁମର ଅଭାବଗ୍ରସ୍ତ ସହ ଖ୍ରୀଷ୍ଟିୟାନଙ୍କୁ ତୁମର ସ୍ୱ ସମ୍ପଦରେ ଅଂଶୀ କରାଅ''** |
| **ଏନ୍ ଜେ ବି** | **''ଯେ କୌଣସି ଅଭାବଗ୍ରସ୍ତ ଈଶ୍ୱରଙ୍କ ପବିତ୍ର ଲୋକମାନଙ୍କୁ ଦାନ କର''** |

ଗ୍ରୀକ୍ କ୍ରିୟାପଦ କୋଇନୋନେଓ ଅର୍ଥ ''ସହଭାଗିତାରେ'' । ଏହି ଶବ୍ଦର ଏକ ବିସ୍ତୃତ ପରିମାଣର ଅର୍ଥ ପାଉଲଙ୍କ ପାଇଁ ଅଛି । ଏହା ସୁସମାଚାରରେ ଓ ଶାରୀରିକ ଅଭାବଗୁଡ଼ିକ ଉଭୟରେ ସହଭାଗିତା ଅନ୍ତର୍ଗତ କରେ (ଗାଲାତୀ ୬:୬) । ଏହା ଏପରିକି ଖ୍ରୀଷ୍ଟଙ୍କ ଦୁଃଖଭୋଗ ବିଷୟରେ ବ୍ୟବହୃତ ହୋଇଅଛି (ଫିଲିପ୍ପୀ ୩:୮-୧୦, ୧ ପିତର ୪:୧୩) ଏବଂ ପାଉଲଙ୍କର (ଫିଲିପ୍ପୀ ୪:୧୪) । ଖ୍ରୀଷ୍ଟଙ୍କ ସହିତ ଏକତ୍ର ହେବା ଅର୍ଥ ପ୍ରତ୍ୟେକ ସ୍ତରରେ ତାହାଙ୍କ ଲୋକମାନଙ୍କ ସହିତ ଏକତ୍ର ହେବା ! ବିଶେଷ ପ୍ରସଙ୍ଗ ଦେଖ : ସାଧୁଗଣ ୧:୭ରେ ।
ଏହା ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ଏକ ଅନୁଜ୍ଞାସୂଚକ କ୍ରିୟା ଅର୍ଥରେ ବ୍ୟବହୃତ ହୋଇଅଛି (ହିବ୍ରୋ ୩:୨୭, ଗାଲାତୀ ୬:୧୦) ବିଶ୍ୱାସୀମାନେ କଠିନ ପରିଶ୍ରମ କରିବାକୁ ହେବ ଏପରିକି ଅନ୍ୟମାନଙ୍କ ପାଇଁ ଅଧିକ କରିବାକୁ ହେବ ଯୀଶୁଙ୍କ ନାମରେ (୨ କରିନ୍ଥୀ ୮:୧୧-୧୨, ଏଫିସୀ ୪:୨୮) ।

**ବିଶେଷ ପ୍ରସଙ୍ଗ : କୋଇନୋନିଆ**

''ସହଭାଗିତା'' ଶବ୍ଦ (କୋଇନୋନିଆ) ଅର୍ଥ

୧. ଜଣେ ବ୍ୟକ୍ତି ସହିତ ଘନିଷ୍ଠ ସହଯୋଗିତା

କ. ପୁତ୍ରଙ୍କ ସହିତ (୧ ଯୋହନ ୧:୬, ୧ କରିନ୍ଥୀ ୧:୯)

ଖ. ଆତ୍ମାଙ୍କ ସହିତ (୨ କରିନ୍ଥୀ ୧୩:୧୩, ଫିଲିପ୍ପୀ ୨:୧)

ଗ. ପୁତ୍ର ଓ ପିତାଙ୍କ ସହିତ (୧ ଯୋହନ ୧:୩)

ଘ. ଅନ୍ୟ ଚୁକ୍ତିଯୁକ୍ତ ଭାଇ / ଭଉଣୀମାନଙ୍କ ସହିତ (୧ ଯୋହନ ୧:୭, ପ୍ରେରିତ ୨:୪୨, ଗାଲାତୀ ୨:୯, ଫିଲିମୋନ ୧୭)

୨. ଘନିଷ୍ଠ ସହଯୋଗିତା ବିଷୟଗୁଡ଼ିକ ଓ ଦଳମାନଙ୍କ ସହିତ

କ. ସୁସମାଚାର ସହିତ (ଫିଲିପ୍ପୀ ୧:୫, ଫିଲିମୋନ ୬)

ଖ. ଖ୍ରୀଷ୍ଟଙ୍କ ରକ୍ତ ସହିତ (୧ କରିନ୍ଥୀ ୧୦:୧୬)

ଗ. ଅନ୍ଧକାର ସହିତ ନୁହେଁ (୨ କରିନ୍ଥୀ ୬:୧୪)

ଘ. କ୍ଲେଶଭୋଗ ସହିତ (ଫିଲିପ୍ପୀ ୩:୧୦, ୪:୧୪, ୧ ପିତର ୪:୧୩)

୩. ବଦାନ୍ୟତା (ଉଦାର)ର ଢ଼ଙ୍ଗରେ ଦାନ ବା ଅବଦାନ ପ୍ରଦାନ କରାଯାଏ (ରୋମୀ ୧୨:୧୩, ୧୫:୨୬, ୨ କରିନ୍ଥୀ ୮:୪, ୯:୧୩, ଫିଲିପ୍ପୀ ୪:୧୫, ଏବ୍ରୀ ୧୩:୧୬)

୪. ଈଶ୍ୱରଙ୍କ ଅନୁଗ୍ରହର ଦାନ ଖ୍ରୀଷ୍ଟଙ୍କ ମାଧ୍ୟମରେ, ଯାହା ମାନବଜାତିର ସହଭାଗିତା ତାହାଙ୍କ ସହିତ ଏବଂ ତାହାର ଭାଇ ଓ ଭଉଣୀମାନଙ୍କ ସହିତ ପୁନରୁଦ୍ଧାର କରେ ।

ଏହା (ମାନବରୁ ମାନବ) ସମ୍ପର୍କ ଭୂସମାନ୍ତର ଭାବେ ସାବ୍ୟସ୍ତ କରେ ଯାହା ଉର୍ଦ୍ଧ୍ୱସ୍ଥ ଶୀର୍ଷ ବିନ୍ଦୁରୁ ନିମ୍ନକୁ ସଳଖ ରେଖା (ମାନବ ଠାରୁ ସୃଷ୍ଟିକର୍ତ୍ତା) ସମ୍ପର୍କ ଦ୍ୱାରା ଅଣା ଯାଇଅଛି । ଏହା ମଧ୍ୟ ଖ୍ରୀଷ୍ଟିୟ ସମ୍ପ୍ରଦାୟର ଆବଶ୍ୟକତା ଓ ଆନନ୍ଦ ଉପରେ ଗୁରୁତ୍ୱ ଦିଏ । କ୍ରିୟାକାଳ, ସମ୍ପ୍ରଦାୟର ଏହି ଅନୁଭୂତିର ଆରମ୍ଭ ଏବଂ ଚାଲୁ ରହିବାରେ ଚାପ ପକାଏ (୧:୩ (ଦୁଇଥର), ୬,୭, ଖ୍ରୀଷ୍ଟଧର୍ମ ସଂଘବଦ୍ଧ ଅଟେ ।

▣ **''ଆତିଥ୍ୟ ସତ୍କାର କର''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ଏକ ଅନୁଜ୍ଞା ସୂଚକ କ୍ରିୟା ଅର୍ଥରେ ବ୍ୟବହୃତ ହୋଇଅଛି । ଏହା ଆକ୍ଷରିକ ଭାବେ ''ଆତିଥ୍ୟ ସତ୍କାରର ପଶ୍ଚାତଗାମୀ (୧୪:୧୯, ୧ ତୀମଥି ୩୨, ତିତସ ୧:୮, ଏବ୍ରୀ ୧୩:୨, ୧ ପିତର ୪:୯ ରେ ଟିପ୍ପଣୀ ଦେଖ) । ଏହି ସେବାକାର୍ଯ୍ୟ, ଆଦ୍ୟମଣ୍ଡଳୀରେ ଅତିଶୟ ଗୁରୁତ୍ୱପୂର୍ଣ୍ଣ ଥିଲା, ''ପାନ୍ଥଶାଳାମାନ''ର ମନ୍ଦ ମର୍ଯ୍ୟାଦା ହେତୁ । ଏହା ବିଶେଷତଃ ଭ୍ରମଣକାରୀ ଖ୍ରୀଷ୍ଟିୟ ସେବକମାନଙ୍କୁ ଗୃହରେ ଆତିଥ୍ୟ କରି ଭୋଜନ କରାଇବାକୁ ବୁଝାଉଛି ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୨:୧୪-୨୧**

**୧୪ ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କୁ ଆଶୀର୍ବାଦ କର, ଅଭିଶାପ ଦିଅ ନାହିଁ । ୧୫ ଯେଉଁମାନେ ଆନନ୍ଦ କରନ୍ତି, ସେମାନଙ୍କ ସହିତ ଆନନ୍ଦ କର, ଯେଉଁମାନେ ରୋଦନ କରନ୍ତି, ସେମାନଙ୍କ ସହିତ ରୋଦନ କର । ୧୬ ପରସ୍ପର ପ୍ରତି ଏକମନା ହୁଅ, ଉଚ୍ଚାଭିମାନୀ ନ ହୋଇ, ଦୀନ ଲୋକମାନଙ୍କର ସଙ୍ଗୀ ହୁଅ । ଆପଣା ଆପଣା ବୁଦ୍ଧିରେ ବୁଦ୍ଧିମାନ ନ ହୁଅ । ୧୭ ମନ୍ଦ ବଦଳରେ କାହାରି ମନ୍ଦ କର ନାହିଁ, ସମସ୍ତ ମନୁଷ୍ୟଙ୍କ ଦୃଷ୍ଟିରେ ଯାହା ଯାହା ଉତ୍ତମ ସେହିସବୁ ଚିନ୍ତାକର । ୧୮ ସମ୍ଭବ ହେଲେ ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ । ୧୯ ହେ ପ୍ରିୟମାନେ ତୁମ୍ଭେମାନେ ନିଜେ ନିଜେ ପ୍ରତିଶୋଧ ନିଅ ନାହିଁ, କିନ୍ତୁ କ୍ରୋଧ ପାଇଁ ସ୍ଥାନ ଛାଡ଼ି ଦିଅ, କାରଣ ଲେଖା ଅଛି, ପ୍ରଭୁ କହନ୍ତି, ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା । ୨୦ ବରଂ ଯଦି ତୁମ୍ଭର ଶତ୍ରୁ କ୍ଷୁଧିତ, ତେବେ ତାହାକୁ ଭୋଜନ କରାଅ, ଯଦି ସେ ତୃଷିତ ତାହାକୁ ପାନ କରାଅ, କାରଣ ଏହିପରି କଲେ ତୁମ୍ଭେ ତାହାର ମସ୍ତକ ଉପରେ ଜ୍ୱଳନ୍ତ ଅଙ୍ଗାର ଗଦା କରିବ । ୨୧ କୁକ୍ରିୟା ପରାଜିତ ନ ହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।''**

**୧୨:୧୪ ''ଯେଉଁମାନେ ତୁମ୍ଭକୁ ତାଡ଼ନା କରନ୍ତି, ସେମାନଙ୍କୁ ଆଶୀର୍ବାଦ କର''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ ଅନୁଜ୍ଞାସୂଚକ କ୍ରିୟା ଏହି ପଦରେ ଦୁଇଥର ବ୍ୟବହାର କରାଯାଇଛି । ଆମ୍ଭେମାନେ ଇଂରାଜୀ ଶବ୍ଦ ପାଉ ''ଇଉଲିଜି'' । ଏହି ଶବ୍ଦରୁ ''ଆଶୀର୍ବାଦ'' ଶବ୍ଦ ଆସିଛି (ମାଥିଉ ୫:୪୪, ଲୂକ ୬:୨୮, ୧ କରିନ୍ଥୀ ୪:୧୨, ଯାକୁବ ୩:୯-୧୨, ୧ ପିତର ୩:୯) । ପି୪୬ (ଚେଷ୍ଟର୍ ବିଟାୟ ପାପିର) ଏବଂ ପାଣ୍ଡୁଲିପି ବି (ଭାଟିକାନସ) ''ତୁମ୍ଭେ'' ଛାଡ଼ି ଦିଆଯାଇଛି ଆହୁରି ଅଧିକ ଅନ୍ତର୍ଗତ କରିବା ମନ୍ତବ୍ୟ ପ୍ରଦାନ କରିବାକୁ କିଅବା ଅନ୍ୟବାଟରେ ଏହା କହିଲେ ଆହୁରି ଅଧିକ ସାଧାରଣ ମନ୍ତବ୍ୟ ଦେବାରୁ । ''ତାଡ଼ନା'' ପାଇଁ ୧୪:୯ରେ ଟିପ୍ପଣୀ ଦେଖ ।

▣ **''ଅଭିଶାପ ଦିଅ ନାହିଁ''** ଏହା ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ (କ୍ରିୟାବାଚକ) ଅନୁଜ୍ଞାସୂଚକ କ୍ରିୟା, ନାସ୍ତିବାଚକ କ୍ଷୁଦ୍ରାଂଶ, ଯାହା ସାଧାରଣତଃ ବୁଝାଏ କୌଣସି ଚାଲୁଥିବା କାର୍ଯ୍ୟକୁ ବନ୍ଦ କରି ଦେବା । ଏହା ବୁଝାଏ ପ୍ରାର୍ଥନାରେ ଈଶ୍ୱରଙ୍କ ନାମକୁ ଆହ୍ୱାନ, ପ୍ରତିଶୋଧ ପାଇଁ କରିବା (ଅଭିଶାପ ଦେବା ସହିତ ସମାନ ୧ କରିନ୍ଥୀ ୧୨:୩) ଏହା ନିନ୍ଦା କଥା କହିବାକୁ ବୁଝାଏ ନାହିଁ (ଏଫିସୀ ୪:୨୯, ୧ ପିତର ୩:୯) ।

**୧୨:୧୫ ''ଯେଉଁମାନେ ଆନନ୍ଦ କରନ୍ତି, ସେମାନଙ୍କ ସହିତ ଆନନ୍ଦ କର, ଯେଉଁମାନେ ରୋଦନ କରନ୍ତି, ସେମାନଙ୍କ ସହିତ ରୋଦନ କର ।''** ଏହି ଦୁଇ ବର୍ତ୍ତମାନ କର୍ତ୍ତାନିରପେକ୍ଷ କ୍ରିୟା, ଅନୁଜ୍ଞାସୂଚକ କ୍ରିୟା ଅର୍ଥରେ ବ୍ୟବହାର କରାଯାଇଛି । ଖ୍ରୀଷ୍ଟିୟାନ ମାନେ ପରିବାର ଅଟନ୍ତି । ବିଶ୍ୱାସୀମାନେ ପ୍ରତିଯୋଗିତାରେ ନାହାନ୍ତି ମାତ୍ର ପରସ୍ପରକୁ ପାରିବାରିକ ପ୍ରେମରେ ବ୍ୟବହାର କରିବା ଉଚିତ । ୧୪-୨୧ ପଦର ପୂର୍ବାପର ସମ୍ବନ୍ଧ ହେତୁ ଏହା ଏପରିକି ସମ୍ଭବ ଯେ, ଏହା ବିଶ୍ୱାସୀର ପ୍ରତ୍ୟୁତ୍ତରକୁ, ଅବିଶ୍ୱାସୀ ସମ୍ପ୍ରଦାୟ ପ୍ରତି ସଂସ୍କୃତିଗତ ସୁଯୋଗ ମାନ ବା ସୁସମାଚାର ପ୍ରଚାର ସୁଯୋଗ ହେତୁ ପରିବେଶମାନ ବ୍ୟବହାର କରି ପ୍ରତିଫଳିତ କରେ ।

**୧୨:୬**

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ପରସ୍ପର ପ୍ରତି ଏକମନା ହୁଅ''** |
| **ଏନ୍ ଆର୍ ଏସ୍ ଭି** | **''ପରସ୍ପର ସହିତ ସମତାରେ ବାସକର''** |
| **ଟି ଇ ଭି** | **''ପ୍ରତ୍ୟେକ ଜଣ ପାଇଁ ସମାନ ଚିନ୍ତାଧାରଣ କର''** |
| **ଏନ୍ ଜେ ବି** | **''ଏକପ୍ରକାର ଦୟା ସହ, ପ୍ରତ୍ୟେକ ଜଣ ପ୍ରତି ବ୍ୟବହାର କର''** |

ଏହା ହେଉଛି ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ, କୃଦନ୍ତ, ଏକ ଅନୁଜ୍ଞାସୂଚକ କ୍ରିୟାର ଅର୍ଥରେ ବ୍ୟବହୃତ ହୋଇଅଛି । (୧୫:୧୫, ୨ କରିନ୍ଥୀ ୧୩:୧୧, ଫିଲିପ୍ପୀ ୨:୨) । ୧୬ ପଦ, ନିମ୍ନଲିଖିତ ବିଷୟମାନ ମଧ୍ୟରେ ସଂଘର୍ଷ ବା ବିବାଦ ସହିତ ସମ୍ପୃକ୍ତ ଥିବା ଦୃଶ୍ୟରେ ଦେଖାଯାଇପାରିବ ।

୧. ରୋମୀୟ ମଣ୍ଡଳୀରେ ବିଶ୍ୱାସୀ ଯିହୁଦୀ ଓ ବିଶ୍ୱାସୀ ବିଜାତି (୧୧:୧୧-୨୪)
୨. ଅର୍ଥନୈତିକ ଶ୍ରେଣୀମାନଙ୍କ ମଧ୍ୟରେ ଯୁଗ-ବ୍ୟାପୀ ସଂଘର୍ଷ
୩. ଆତ୍ମିକ ଦାନଗୁଡ଼ିକର ପ୍ରଭେଦ
୪. ବଂଶ ପରମ୍ପରା ଏବଂ ବ୍ୟକ୍ତିଗତ ପସନ୍ଦମାନ

▣ ''ଉଚ୍ଚାଭିମାନୀ ନ ହୋଇ ଦୀନ ଲୋକମାନଙ୍କର ସଙ୍ଗୀ ହୁଅ'', ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ ଅନୁଜ୍ଞାସୂଚକ କ୍ରିୟା ସହିତ ନାସ୍ତିବାଚକ କ୍ଷୁଦ୍ରାଂଶ, ଯାହା ସାଧାରଣତଃ ବୁଝାଏ ଯେ, ଏକ ପୂର୍ବରୁ ହୋଇ ଆସୁଥିବା କାର୍ଯ୍ୟକୁ ବନ୍ଦ କରିବା । ''ଦୀନ'' ଶବ୍ଦ ପୁଂଲିଙ୍ଗ ବା ଉଭୟ ଲିଙ୍ଗ ହୋଇପାରେ । ଯଦି ଉଭୟ ଲିଂଙ୍ଗ, ତେବେ ଅନୁବାଦ ଏପରି ପାଠ କରାଯିବା ଉଚିତ ''ନଗଣ୍ୟ କର୍ତ୍ତବ୍ୟମାନ ଗ୍ରହଣ କର'', ଯଦି ପୁଂଲିଙ୍ଗ, ''ଦରିଦ୍ର (ଦୀନହୀନ) ବା ନମ୍ର ଲୋକମାନଙ୍କ ସହ ସମ୍ପର୍କ ରକ୍ଷା କର ।''

▣ ''ଆପଣା ଆପଣା ବୁଦ୍ଧିରେ ବୁଦ୍ଧିମାନ ନ ହୁଅ'' ଏହା ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ (କ୍ରିୟାବାଚକ) ଅନୁଜ୍ଞାସୂଚକ କ୍ରିୟା, ନାସ୍ତିବାଚକ କ୍ଷୁଦ୍ରାଂଶ, ଯାହା ସାଧାରଣତଃ ବୁଝାଏ ଯେ, ଏକ ପୂର୍ବରୁ ହୋଇ ଆସୁଥିବା କାର୍ଯ୍ୟକୁ ବନ୍ଦ କରିବା (ହିତ ୩:୭, ଯିଶା ୫:୨୧, ୧ କରିନ୍ଥୀ ୧୦:୧୨, ଗାଲାତୀ ୬:୩) । ବିଶ୍ୱାସୀମାନେ ପରସ୍ପର ପ୍ରତି ଉଚ୍ଚପଦସ୍ଥ ପରି ବ୍ୟବହାର କିଅବା ଅବିଶ୍ୱାସୀ ସମ୍ପ୍ରଦାୟ ପ୍ରତି ଅହଂକାରରେ ଆଚରଣ କରିବା ଉଚିତ ନୁହେଁ ।

**୧୨:୧୭ ''ମନ୍ଦ ବଦଳରେ କାହାରି ମନ୍ଦ କର ନାହିଁ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ ଅନୁଜ୍ଞା ସୂଚକ କ୍ରିୟା ଅର୍ଥରେ ବ୍ୟବହାର କରାଯାଇଅଛି, ଯାହା ଚାଲୁ ରହିଥିବା କାର୍ଯ୍ୟକୁ ବନ୍ଦ କରିବା ବୁଝାଏ । ବିଷୟ ସବୁ ସଳଖ କରିବା କାର୍ଯ୍ୟ ଈଶ୍ୱରଙ୍କର, ବିଶ୍ୱାସୀମାନଙ୍କର ନୁହେଁ (ହିତୋ ୨୦:୨୨, ୨୪:୨୯, ମାଥିଉ ୫:୩୮-୪୮, ଲୂକ ୬:୨୭, ୧ ଥେସଲନୀକୀ ୫:୧୫, ୧ ପିତର ୩:୯) ।

▣ **''ସମସ୍ତ ମନୁଷ୍ୟ ଦୃଷ୍ଟିରେ ଯାହା ଯାହା ଉତ୍ତମ, ସେହିସବୁ ଚିନ୍ତାକର''** ଏହା ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ କୃଦନ୍ତ, ଏକ ଅନୁଜ୍ଞାସୂଚକ ଅର୍ଥରେ ବ୍ୟବହାର କରାଯାଇଛି (୨ କରିନ୍ଥୀ ୮:୨୧, ୧ ଥେସଲ ୫:୨୨ ଏବଂ ୧ ତୀମଥି ୩:୭) । ଏହା ସେପ୍ଟୁଆଜଣ୍ଟରେ (୭୦) ହିତୋ ୩:୪ ପ୍ରତି ଏକ ସୂଚନା (ପରୋକ୍ଷଉକ୍ତି) ହୋଇପାରେ । ବିଶ୍ୱାସୀମାନେ, ଅବିଶ୍ୱାସୀମାନଙ୍କୁ ସୁସମାଚାର ଦେବା ପ୍ରତି ଏକ ଚକ୍ଷୁ ରଖି ଜୀବନଯାପନ କରନ୍ତି । ଆମ୍ଭେମାନେ ଏପରି ବିଷୟ କିଛି କରିବା ଉଚିତ ନୁହେଁ, ଯାହା ଜଣେ ଅବିଶ୍ୱାସୀକୁ ଅପମାନିତ କରିବ ବା ପୃଥକ କରିଦେବ (୧ କରିନ୍ଥୀ ୯:୧୯-୨୩) । ଏପରିକି ଆମ୍ଭମାନଙ୍କ ଗଭୀରତମ ବିଶ୍ୱାସବୋଧମାନ ପ୍ରେମର ଉପାୟରେ ପ୍ରକାଶ କରାଯିବା ଉଚିତ ।

**୧୨:୧୮ ''ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।''** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟିକୋଣରୁ କିଅବା ତାଙ୍କର ସାହିତ୍ୟିକ ଉଦ୍ଦେଶ୍ୟ ପାଇଁ ସତ୍ୟ ବୋଲି ସାବ୍ୟସ୍ତ କରାଯାଉଅଛି । ଏହାର ଅନୁଗମନ କରୁଛି ପରବର୍ତ୍ତୀ ବାକ୍ୟାଂଶ ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ ଦ୍ୱାରା, ଯାହା ଏକ ଅନୁଜ୍ଞା ସୂଚକ କ୍ରିୟା ଦ୍ୱାରା ବ୍ୟବହୃତ ହୋଇଅଛି । ଏହା ସର୍ବଦା ବିଶ୍ୱାସୀମାନଙ୍କ ପସନ୍ଦ ନୁହେଁ ମାତ୍ର ବ୍ୟାକରଣ ଦର୍ଶାଏ ଯେ ଏହା ସର୍ବଦା ସମ୍ଭବ (ମାର୍କ ୯:୫୦, ୨ କରିନ୍ଥୀ ୧୩:୧୧, ୧ ଥେସଲ ୫:୧୩) ।

**୧୨:୧୯ ''ତୁମ୍ଭେମାନେ କେବେହେଲେ ନିଜେ ପ୍ରତିଶୋଧ ନିଅ ନାହିଁ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ, ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ ଅନୁଜ୍ଞା ସୂଚକ କ୍ରିୟାପଦର ଅର୍ଥରେ ବ୍ୟବହାର କରାଯାଇଅଛି, ଯାହା ସାଧାରରତଃ ପୂର୍ବରୁ ଚାଲୁଥିବା କାର୍ଯ୍ୟକୁ ବନ୍ଦ କରିବା ବୁଝାଏ । ଈଶ୍ୱର ଦିନେ ଏହା ସଳଖ କରି ଦେବେ (ଲେବୀ ୧୯:୧୮, ଦ୍ୱିତୀୟ ବିବରଣ ୩୨:୩୫, ଏବ୍ରୀ ୧୦:୩୦)

▣ ''କାରଣ ଲେଖାଅଛି'' ଏହା ଏକ କ୍ରିୟା ସମାପ୍ତି ବାଚକ କର୍ମବାଚ୍ୟ ସୂଚନା ଦାୟକ ବା ନିଶ୍ଚୟାର୍ଥକ, ଯାହା ଈଶ୍ୱର ନିଶ୍ୱସିତ ଶାସ୍ତ୍ରବାକ୍ୟ ଉଦ୍ଧୃତ କରିବାର ଏକ ଯିହୁଦୀ ପାରମ୍ପରିକ ପ୍ରଚଳିତ ଉକ୍ତି (ବକ୍ତବ୍ୟ) । ଏହି ଉକ୍ତି ଯାହା ପ୍ରେରଣାପ୍ରାପ୍ତ ତାହା ''ଯେପରି ପ୍ରଭୁ କହନ୍ତି'' ଉକ୍ତି ସହିତ ସମାନ (୧ କରିନ୍ଥୀ ୧୪:୨୧ ଓ ୨ କରିନ୍ଥୀ ୬:୧୭) । ଏହା ଦ୍ୱିତୀୟ ବିବରଣ ୩୨:୩୫ରୁ ଉଦ୍ଧୃତ ।

**୧୨:୨୦ ''ବରଂ ଯଦି ତୁମ୍ଭର ଶତ୍ରୁ''** ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହା ଆଭ୍ୟନ୍ତରୀଣ ଗୁଣବିଶିଷ୍ଟ ଭବିଷ୍ୟତ୍ କାର୍ଯ୍ୟକଳାପକୁ ବୁଝାଏ । ଶତ୍ରୁଗଣ ଆସିବେ ।

▣ **''ମସ୍ତକ ଉପରେ ଜ୍ୱଳନ୍ତ ଅଙ୍ଗାର ଗଦା କରିବ''** ଏହା ହିତୋ ୨୫:୨୧-୨୨ର ଅନୁରୂପ । ଅନୁବାଦର ମତବାଦଗୁଡ଼ିକ :

୧. ଏହା ମିଶରରୁ ସମ୍ଭବତଃ ଏକ ସଂସ୍କୃତିଗତ ଉକ୍ତି, ଯାହାର ଅର୍ଥ ଥିଲା, ଦୟା ହେଉଛି ଏକ ଶତ୍ରୁକୁ ମିତ୍ରରେ ପରିଣତ କରିବାର ସର୍ବୋତ୍ତମ ଉପାୟ । ଏହା ହେଉଛି ଛାଡ଼ି ହେଉ ନ ଥିବା ମନ୍ଦତା ପ୍ରତି ଖ୍ରୀଷ୍ଟିୟ ପ୍ରତ୍ୟୁତ୍ତର ଅଟେ (ମାଥିଉ ୫:୪୪) ।

୨. ''ଜ୍ୱଳନ୍ତ ଅଙ୍ଗାର'', ଜଣକର ଅଯଥାର୍ଥ କାର୍ଯ୍ୟକଳାପ ପ୍ରତି ଲଜ୍ଜା ଆଣି ଦେବା ବୁଝାଇବା ପରି ଦେଖାଯାଏ, ଯାହା ସବୁ ଅନ୍ୟ ଜଣକର ପ୍ରେମ ଓ କ୍ଷମାର ଆଲୋକରେ ଅତି ସ୍ୱଷ୍ଟରୂପେ ପ୍ରକାଶିତ ହୋଇଥାଏ (ଆମ୍ବ୍ରୋସିଆଷ୍ଟର, ଅଗଷ୍ଟିନ୍ ଏବଂ ଜେରୋମ୍) ।

୩. ଓରିଗେନ ଓ ଖ୍ରୀସୋଷ୍ଟୋମ୍ କହିଲେ, ଏହା ଖ୍ରୀଷ୍ଟିୟାନ ଦୟାକୁ ବୁଝାଏ ଯାହା ଅନୁତାପହୀନ ବା ମନଫେରଣ ନ କରିଥିବା ବ୍ୟକ୍ତିକୁ ଈଶ୍ୱର ଏପରିକି ଅଧିକ ସାଂଘାତିକ ଭାବେ ବିଚାର କରିବାର କାରଣ ହୁଏ (ଜେରୋମ ବାଇବଲ ବାଖ୍ୟା ୨ ଭାଗ, ୩୨୬ ପୃଷ୍ଠା)

ଉର୍ଦ୍ଧ୍ୱ ଲିଖିତ ସମସ୍ତ ମତବାଦମାନ କେବଳ ତାହା ଅଟେ । ପାଉଲଙ୍କ ସାରାଂଶ ମନ୍ତବ୍ୟରେ ୨୧ ପଦରେ କଞ୍ଜି (ମୁଖ୍ୟ ବିଷୟ) ଅଛି ।

**୧୨:୨୧ ''କୁକ୍ରିୟାରେ ପରାଜିତ ନ ହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।''** ଏହା ହେଉଛି ଏକ ବର୍ତ୍ତମାନ କର୍ମବାଚ୍ୟ ଅନୁଜ୍ଞା ସୂଚକ କ୍ରିୟା ଏବଂ ବର୍ତ୍ତମାନ କର୍ତ୍ତୃବାଚ୍ୟ ଅନୁଜ୍ଞାସୂଚକ କ୍ରିୟାପଦ ଅଟେ । ଆମ୍ଭମାନଙ୍କର ଏହି ଅଯଥାର୍ଥ ବ୍ୟବହାର ପ୍ରତି ପ୍ରତ୍ୟୁତ୍ତର । ଆମ ନିଜର ଆଭ୍ୟନ୍ତରୀଣ ଶାନ୍ତି ଓ ଆନନ୍ଦର ସ୍ତରକୁ ସ୍ଥିର କରେ ଓ ପ୍ରତିଫଳିତ କରେ । ତିକ୍ତତା ଏକ ଆତ୍ମିକ କର୍କଟ ରୋଗ । ବିଶ୍ୱାସୀମାନେ ଏହା ଈଶ୍ୱରଙ୍କ ହସ୍ତକୁ ଟେକି ଦେବା ଉଚିତ ।

▣ **''କୁକ୍ରିୟା''** ଏହା ହୁଏତ ପୁଂଲିଙ୍ଗ, ସେଥିପାଇଁ, ଏକ ଉଦ୍ଧୃତାଂଶ କୁକ୍ରିୟାକାରୀର (୧୬:୨୦ରେ ବିଶେଷ ପ୍ରସଙ୍ଗ ଦେଖ) କିଅବା ଉଭୟ ଲିଙ୍ଗ ଏବଂ ସାଧାରଣ ମନ୍ଦତା (କୁକ୍ରିୟା)କୁ ନିର୍ଦ୍ଦେଶ କରେ (୧୨:୯, ୧ ଥେସଲ ୫:୨୧-୨୨) । ଏହା ହେଉଛି ଏକ ସାଧାରଣ ନୂତନ ନିୟମ ଅସ୍ୱଷ୍ଟ ଏକାଧିକ ଅର୍ଥବୋଧକ ବିଷୟ (ମାଥିଉ ୫:୩୭, ୬:୧୩, ୧୩:୧୯-୨୮, ଯୋହନ ୧୭:୧୫, ୨ ଥେସଲ ୩:୩, ୧ ଯୋହନ ୨:୧୩-୧୪, ୩:୧୨, ୫:୧୮-୧୯) । ଏହା ସ୍ମରଣ ରଖିବା ଉଚିତ ଯେ ଏହିସବୁ ନୂତନ ମନୋବୃତ୍ତି ଓ କାର୍ଯ୍ୟକଳାପମାନର ଉଦ୍ଦେଶ୍ୟ ହେଉଛି, ସୁସମାଚାର ପ୍ରଚାର ।

## ଆଲୋଚନା ପ୍ରଶ୍ନମାନ ୯-୨୧ ପଦ ନିମନ୍ତେ

ଏହା ହେଉଛି ଏକ ଅଧ୍ୟୟନ ଚାଳନା ବାଖ୍ୟା ପୁସ୍ତକ, ଯାହା ବୁଝାଏ ଯେ, ଆପଣ ନିଜେ ଆପଣଙ୍କ ବାଇବଲ ଅନୁବାଦ ପାଇଁ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କଠାରେ ଥିବା ଆଲୋକରେ ଗମନ କରିବା ଉଚିତ । ଆପଣ, ବାଇବଲ ଏବଂ ପବିତ୍ର ଆତ୍ମା ଅନୁବାଦ କାର୍ଯ୍ୟରେ ଅଗ୍ରାଧିକାରୀ ଅଟନ୍ତି । ଏହି ଦାୟିତ୍ୱ ଆପଣ ବାଖ୍ୟାକାରଙ୍କ ଉପରେ ଲଦି ଦେବା ଉଚିତ ନୁହେଁ ।

ଏହି ସମସ୍ତ ଆଲୋଚନା ପ୍ରଶ୍ନମାନ, ଏହି ପୁସ୍ତକର ଏହି ବିଭାଗର ମୁଖ୍ୟ ବିଷୟ ମାଧମରେ ଚିନ୍ତା କରିବାକୁ ସାହାଯ୍ୟ କରିବା ଲାଗି ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକକାରୀ, ନିର୍ଦ୍ଦିଷ୍ଟ ନୁହନ୍ତି ।

୧. ଏତେଗୁଡ଼ିଏ ବର୍ତ୍ତମାନ ଅନୁଜ୍ଞାସୂଚକ କ୍ରିୟାପଦ ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ ସେଠାରେ କାହିଁକି ଅଛି ? (୯-୨୧ ପଦ)

୨. ଏକ ଧାଡ଼ିରେ ପୃଥକଭାବେ ଏହି ପଦଗୁଡ଼ିକରେ ଥିବା ଆଦେଶ ସବୁର ତାଲିକା ପ୍ରସ୍ତୁତ କରନ୍ତୁ । ବ୍ୟବହାରିକ, ଦୈନିକ ଖ୍ରୀଷ୍ଟଙ୍କ ସଦୃଶ ଜୀବନରେ ଅନ୍ତର୍ଗତ ଥିବା ଏହା ଏକ ଭୟାନକ ତାଲିକା ଅଟେ ।

୩. ଯେଉଁ ପଦଗୁଡ଼ିକ ଅନ୍ୟ ବିଶ୍ୱାସୀମାନଙ୍କ ଖ୍ରୀଷ୍ଟିୟ ବ୍ୟବହାରକୁ ବୁଝାଏ ଏବଂ ଯେଉଁ ପଦମାନ ଅବିଶ୍ୱାସୀମାନଙ୍କ ବିଷୟରେ ସେମାନଙ୍କ ବ୍ୟବହାରକୁ ବୁଝାଏ ତାହା ସ୍ଥିର କରିବା କାହିଁକି କଷ୍ଟକର ?

# ରୋମୀୟ ୧୩

| ଆଧୁନିକ ଅନୁବାଦସମୂହର ପାରାଗ୍ରାଫ୍ ଭାଗ-ବିଭାଗ | | | | |
|---|---|---|---|---|
| ୟୁବିଏସ୍ | ଏନକେଜେଭି | ଏନ୍ଆରଏସଭି | ଟିଇଭି | ଏନ୍ଜେବି |
| ନିୟମାବଳୀର ବାଧ | ଶାସକଙ୍କ ବଶୀଭୂତ | ଖ୍ରୀଷ୍ଟିୟାନ ଓ ରାଷ୍ଟ୍ର | ରାଷ୍ଟ୍ର ଅଧିକାରୀମାନଙ୍କ ପ୍ରତି କର୍ତ୍ତବ୍ୟସମୂହ | ଦେଶୀୟ ଅଧିକାରୀମାନଙ୍କ ବଶୀଭୂତ |
| ୧୩:୧-୭ | ୧୩:୧-୭ | ୧୩:୧-୭ | ୧୩:୧-୫<br>୧୩:୬-୭ | ୧୩:୧-୭ |
| ଭ୍ରାତୃପ୍ରେମ | ତୁମର ପ୍ରତିବାସୀଙ୍କୁ ପ୍ରେମ କର | ପ୍ରେମ, ନିୟମ (ବ୍ୟବସ୍ଥା) ସଫଳ କରେ | ପରସ୍ପର ପ୍ରତି କର୍ତ୍ତବ୍ୟମାନ | ପ୍ରେମ ଓ ଯୁଦ୍ଧ |
| ୧୩:୮-୧୦ | ୧୩:୮-୧୦ | ୧୩:୮-୧୦ | ୧୩:୮-୧୦ | ୧୩:୮-୧୦ |
| ଖ୍ରୀଷ୍ଟଙ୍କ ଦିନ ସନ୍ନିକଟ | ଖ୍ରୀଷ୍ଟଙ୍କୁ ପରିଧାନକର | ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ନିକଟବର୍ତ୍ତିତା | | ଆଲୋକର ସନ୍ତାନ ଗଣ |
| ୧୩:୧୧-୧୪ | ୧୩:୧୧-୧୪ | ୧୩:୧୧-୧୪ | ୧୩:୧୧-୧୩<br>୧୩:୧୪ | ୧୩:୧୧-୧୪ |

**ପାଠ କରିବା ଚକ୍ର ତିନି ( ପୃ ୮ ଦେଖ)**

ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବ ।

ଏହା ଏକ ଅଧ୍ୟୟନ ଚାଳନା ବାଖ୍ୟାପୁସ୍ତକ, ଯାହା ବୁଝାଏ ଯେ, ବାଇବଲକୁ ନିଜେ ଅନୁବାଦ କରିବାରେ ଆପଣ ନିଜେ ଦାୟୀ ଅଟନ୍ତି । ଆମ୍ଭେମାନେ ପ୍ରତ୍ୟେକେ ଆମଠାରେ ଥିବା ଆଲୋକରେ ଗମନ କରିବା ଉଚିତ । ଆପଣ, ବାଇବଲ ଓ ପବିତ୍ର ଆତ୍ମା, ଅନୁବାଦରେ ଅଗ୍ରାଧିକାରୀ ଅଟନ୍ତି । ଏହି ଏକ ବାଖ୍ୟାକାରୀ ଉପରେ ଆପଣ ଅନୁବାଦ ଭାର ଲଦି ଦେବା ଉଚିତ ନୁହେଁ ।

ଏକାଥରେ ବସି ଅଧ୍ୟାୟଟି ପାଠ କରନ୍ତୁ । ପ୍ରସଙ୍ଗସମୂହ ଚିହ୍ନନ୍ତୁ । ଆପଣଙ୍କ ପ୍ରସଙ୍ଗ ବିଭାଗଗୁଡ଼ିକ ସହିତ ଉର୍ଦ୍ଧ୍ୱସ୍ଥ ପାଞ୍ଚଟି ଅନୁବାଦର ଭାଗ ବିଭାଗକୁ ତୁଳନା କରନ୍ତୁ । ପାରାଗ୍ରାଫ ତିଆରି ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟ, ଯାହାକି ଅନୁବାଦର ହୃଦପିଣ୍ଡ, ତାହାର ଅନୁଗମନ କରିବାର କଞ୍ଜି ଅଟେ । ପ୍ରତ୍ୟେକ ପାରାଗ୍ରାଫର ଗୋଟିଏ ଏବଂ କେବଳ ଗୋଟିଏ ମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

## ଶାସ୍ତ୍ରାଂଶର ପୂର୍ବାପର ସମ୍ବନ୍ଧ ବିଷୟକ ଅର୍ନ୍ତଦୃଷ୍ଟିସମୂହ ୧-୭ପଦ ପ୍ରତି

କ. ୧୨ ଅଧ୍ୟାୟ ଯେପରି ମୁଖ୍ୟତଃ ଖ୍ରୀଷ୍ଟିୟାନମାନଙ୍କ ସହିତ ଏବଂ ସେମାନଙ୍କ ସହ ବିଶ୍ୱାସୀମାନଙ୍କ ସହିତ (୯-୧୩ପଦ) ଏବଂ ସମାଜରେ ଅନ୍ୟମାନଙ୍କ ସହିତ ବ୍ୟବହାର କଲା, ୧୩:୧-୭ ବିଶେଷତଃ ଖ୍ରୀଷ୍ଟିୟାନ ଓ ଦେଶୀୟ ସରକାରଙ୍କ ସହିତ ବ୍ୟବହାର କରେ । ଯାହାବି ହେଉ, ଏହି ପ୍ରସଙ୍ଗଗୁଡ଼ିକ ମଧ୍ୟରେ କୌଣସି ଶାସ୍ତ୍ରାଂଶ ଭାଗବିଭାଗ ନାହିଁ । ପାଉଲ ସେଗୁଡ଼ିକୁ ଏକ ଭାବରେ ଦେଖିଲେ । ସେଥିରେ ପବିତ୍ର ଓ ଧର୍ମହୀନ ବିଷୟ ଦ୍ୱିଭାଗିକ କିଛି ନାହିଁ । ଜୀବନର ସବୁକିଛି ଈଶ୍ୱରଙ୍କର ଅଟେ । ବିଶ୍ୱାସୀମାନେ ପ୍ରତ୍ୟେକ କ୍ଷେତ୍ରରେ ବେବର୍ତ୍ତା ଅଟନ୍ତି ! ଏହି ଦୁଇ ଅଧ୍ୟାୟ ମଧ୍ୟରେ ସମ୍ପର୍କ ୧୨:୧୮ରେ ଦେଖାଯାଇ ପାରିଥାଏ ।

ଖ. ବିଶ୍ୱାସୀମାନଙ୍କର ବୁଝାମଣା ଦେଶୀୟ ସରକାରଙ୍କ ସ୍ଥାନ ବିଷୟରେ ବିଭିନ୍ନ ପ୍ରକାର । ପୁରାତନ ନିୟମରେ ସରକାର (ଶାସକ) କଇନର ଧାଡ଼ି ମଧ୍ୟରେ ବୃଦ୍ଧି ଲାଭ କରେ (ଆଦି ୪:୧୬-୨୨) । ବାବିଲ ଗଡ଼ (ଆଦି ୧୧) ମାନବ ଜାତିର ଚେଷ୍ଟା ଈଶ୍ୱରଙ୍କଠାରୁ ପୃଥକ ସ୍ୱାୟତ ଶାସନ ସହିତ ସମ୍ପୃକ୍ତ । ଇସ୍ରାୟେଲ ମଧ୍ୟରେ ରାଜକୀୟତା ଈଶ୍ୱରଙ୍କ (ସ୍ୱର୍ଗୀୟ) ଆଇନ ମାଧ୍ୟମରେ ଏବଂ ଏକ ପଦବୀ ପ୍ରାପ୍ତ ଅଧୀନସ୍ଥ-ପ୍ରତିପାଳକ (ରାଜା)ଙ୍କ ଦ୍ୱାରା ଈଶ୍ୱରଙ୍କ ରାଜତ୍ୱକୁ ବୁଝାଉଥିଲା, ମାତ୍ର ଏହା ମାନବ ଜାତିର ପାପ ହେତୁ ସଫଳୀ କୃତ ହେଲା ନାହିଁ । ଯୀଶୁଙ୍କ ଆଲୋଚନା ସରକାରଙ୍କ ଯଥାର୍ଥ ସ୍ଥାନ ବିଷୟରେ ମାଥିଉ ୨୨:୨୧ ଓ ମାର୍କ ୧୨:୧୭ରେ ଅତି ଗୁରୁତ୍ୱପୂର୍ଣ୍ଣ । ଏହା ଆଚମ୍ବିତ କରିବା ବିଷୟ ଯେ ପାଉଲ ଏହି ଅଂଶରେ ଯୀଶୁଙ୍କ ବାକ୍ୟସମୂହ ପ୍ରକାଶ କରିନାହାନ୍ତି (ଯଦିବା ୧-୭ ପଦମାନ ଓ ୧୧ ପଦ ମାଥିଉ ୨୨:୧୫-୨୨ ଓ ୩୯ ସାମାନ ପରି ଦେଖାଯାଏ) । ଏକ ପତିତ ଜଗତରେ ସରକାରଙ୍କ ସକାଶେ ଏକ ଉପଯୁକ୍ତ ଈଶ୍ୱରଦତ୍ତ ଭୂମିକା ଅଛି । ଅଧିକାଂଶ ସମୟରେ ପ୍ରେରିତଗଣ, ଉଭୟ ଦେଶୀୟ ଓ ଧର୍ମୀୟ ଅଧିକାରୀମାନଙ୍କ ସହିତ କିପରି ସମ୍ପୃକ୍ତ ହେବେ ସେ ବିଷୟରେ ସଂଘର୍ଷ ମଧ୍ୟକୁ ଠେଲି ଦିଆଗଲେ । ଏହା ପ୍ରମାଣ କରେ, ଏକ ସାକାରତ୍ମକ ଓ ନକାରାତ୍ମକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ, ମାନବ ଅଧିକାରୀର କାର୍ଯ୍ୟକଳାପଗୁଡ଼ିକ ଉପରେ ନିର୍ଭର କରୁଅଛି । ପାଉଲ ସରକାରଙ୍କ ଦ୍ୱାରା ଉଭୟ ସୁରକ୍ଷିତ ଏବଂ ତାଡ଼ନା ପ୍ରାପ୍ତ ହୋଇଥିଲେ । ଯାହାବି ହେଉ, ଯୋହନ ପ୍ରକାଶିତ ବାକ୍ୟରେ ସରକାର (ରାଜାମାନେ) ମହାବେଶ୍ୟା ରୂପେ କହନ୍ତି (ପ୍ରକାଶିତ ୧୭) ।

ଆମ୍ଭେମାନେ ସରକାରଙ୍କ ସପକ୍ଷ ହେବା ଉଚିତ ଯେ ପର୍ଯ୍ୟନ୍ତ ଏହା ଆମର ଆତ୍ମାଙ୍କ ଦ୍ୱାରା ଚାଳିତ ବିବେକର ଅନିଷ୍ଟ ବା ହିଂସାତ୍ମକ କାର୍ଯ୍ୟ ନ କରେ ବା ଚୂଡ଼ାନ୍ତ ଆନୁଗତ୍ୟ ଦାବୀ ନ କରେ । ଦେଶୀୟ ଆଦେଶ ଧ୍ୱଂସ ନିମନ୍ତେ ଗ୍ରହଣୀୟ (୨ ଥେସଲନିକୀ ୨:୬-୭) ।

ଗ. ସମାନ ପ୍ରସଙ୍ଗ ତିତସ ୩:୧ ଓ ୧ ପିତର ୨:୧୩-୧୭ରେ ବ୍ୟବହାର କରାଯାଇଅଛି ।

ଘ. ପ୍ରଥମ ଶତାବ୍ଦୀର ରୋମୀୟ ସରକାର, ଅଧୀନରେ ଯିହୁଦୀ ଧର୍ମ ଏକ ନ୍ୟାୟସଙ୍ଗତ ଧର୍ମ ଥିଲା ।
ଖ୍ରୀଷ୍ଟଧର୍ମ ଏହା ମଧ୍ୟରେ ଏକ ଦଳ (ଅଂଶ) ଥିଲା ବହୁବର୍ଷ ପର୍ଯ୍ୟନ୍ତ (ପ୍ରେରିତ ୧୮:୧୨-୧୬) । ଏହି ପ୍ରାରମ୍ଭିକ ବର୍ଷ ଗୁଡ଼ିକରେ ଏହା ମିଶନେରୀ ଆନ୍ଦୋଳନ (ଗତିଶୀଳତା) ପ୍ରତି ନ୍ୟାୟଯୁକ୍ତ ସୁରକ୍ଷା ପ୍ରଦାନ କରୁଥିଲା । ପ୍ରେରିତ ପୁସ୍ତକର ଗୋଟିଏ ଉଦ୍ଦେଶ୍ୟ ଥିଲା ଯେ, ଖ୍ରୀଷ୍ଟଧର୍ମ ରୋମ୍ ନିମନ୍ତେ ଏକ ରାଜନୈତିକ ଭୟ ନ ଥିଲା ବୋଲି ଦେଖାଇବା । ରୋମ୍ ଏକ ଆର୍ନ୍ତଜାତୀୟ ଶାନ୍ତି ଓ ସ୍ଥାୟିତ୍ୱ (ପାକ୍ସ ରୋମାନ) ଯୋଗାଇ ଦେଇଥିଲା ଯେଉଁଥିରେ ସୁସମାଚାର ବିସ୍ତାରିତ ହେଲା (୧ ତୀମଥି ୨:୧-୨)

ଙ. ଏହି ଖଣ୍ଡବାକ୍ୟ, ପାଉଲଙ୍କର ଅଧୀକାର ପ୍ରାପ୍ତ ବ୍ୟକ୍ତିମାନଙ୍କ ସହିତ ବ୍ୟକ୍ତିଗତ ଅନୁଭୂତି ମାନର ଆଲୋକରେ ତୀବ୍ରତର ହୋଇଥିଲା । ଏହା ମଧ୍ୟ ସମ୍ଭବ ଯେ ଏହି ଅଂଶଟି ଅନ୍ତର୍ଗତ ହୋଇଅଛି, କାରଣ –

୧. ସରକାରୀ ଅନୁଶାସନ (ଆଦେଶ)ମାନ ସହିତ ସମ୍ପୃକ୍ତ ରୋମୀୟ ମଣ୍ଡଳୀ ମଧ୍ୟରେ ଥିବା ବୋଝଗ୍ରସ୍ତ ଚିନ୍ତାସବୁ (ଯଥା : ଯିହୁଦୀ ଧର୍ମବିଧିମାନଙ୍କୁ ବିରୋଧ କରିବା) । ଏହା କେତେକ ବିଶ୍ୱାସୀ ଯିହୁଦୀମାନଙ୍କର ରାଜଧାନୀ ପରିତ୍ୟାଗ କରିବାର କାରଣ ହୋଇଥାଇପାରେ (ଯଥା : ଆକ୍ୱିଲା, ପ୍ରିସ୍କିଲା, ପ୍ରେରିତ ୧୮:୨) । ସେମାନଙ୍କ ଅନୁପସ୍ଥିତିରେ ବିଜାତି ନେତୃତ୍ୱ ବୃଦ୍ଧି ହେଲା ।

୨. ରୋମର ବୃହତ୍ତ ଯିହୁଦୀ ସମ୍ପ୍ରଦାୟରେ ସୁସମାଚାର ପ୍ରଚାର ଦ୍ୱାରା ରୋମରେ ମାନସିକ ଉଦ୍‌ବେଗ (ମନୋମାଳିନ୍ୟ) ଦେଖାଗଲା । ଐତିହାସିକ ସ୍ୱେଟୋନିଅସ୍‌ଙ୍କ ''କ୍ଲାଉଡ଼ିଅସଙ୍କ ଜୀବନୀ'' ୨୫:୨, ଲିପିବଦ୍ଧ କରେ ଯେ ସମ୍ରାଟ ୪୯ ଖ୍ରୀଷ୍ଟାବ୍ଦରେ ରାଜଧାନୀରୁ ଯିହୁଦୀମାନଙ୍କୁ ନିର୍ବାସିତ କଲେ, ଏକ ''ଖ୍ରେଷ୍ଟସ୍''ଙ୍କ ଦ୍ୱାରା ପୁନଃପୁନଃ ସଂଘଟିତ ବିଶୃଙ୍ଖଳା ବା ଦଙ୍ଗା ହେତୁ । ''ଖ୍ରୀଷ୍ଟ''ଙ୍କର ଏକ ଭିନ୍ନ ବନାନ୍ (ଖ୍ରୀଷ୍ଟୋସ୍) ଲାଟିନ୍ ଭାଷାରେ ହୋଇଥାଇ ପାରେ ।

**ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ**

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ୧୩:୧-୭**

**୧ ପ୍ରତ୍ୟେକ ଜଣ ଅଧିକାର ପ୍ରାପ୍ତ ଶାସନକର୍ତ୍ତାଙ୍କ ବଶୀଭୂତ ହେଉ, କାରଣ ଅଧିକାର କେବଳ ଈଶ୍ୱରଙ୍କଠାରୁ ଆସେ, ଆଉ ଯେ ସମସ୍ତ ଅଧିକାର ପ୍ରାପ୍ତ ଶାସନକର୍ତ୍ତା ଅଛନ୍ତି, ସେମାନେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ । ୨ ଅତଏବ ଯେ ଅଧିକାର ପ୍ରତିରୋଧ କରେ ସେ ଈଶ୍ୱରଙ୍କ ବିଧାନର ପ୍ରତିରୋଧ କରେ, ପୁଣି ଯେଉଁମାନେ ପ୍ରତିରୋଧ କରନ୍ତି ସେମାନେ ଆପଣା ଆପଣା ଉପରେ ଦଣ୍ଡ ଘଟାଇବେ । ୩ କାରଣ ଶାସନକର୍ତ୍ତାମାନେ ସଦାଚାରୀ ପ୍ରତି ଭୟଜନକ ନୁହନ୍ତି, କିନ୍ତୁ ଅସଦାଚାରୀ ପ୍ରତି ଭୟଜନକ । ତୁମ୍ଭେ କି ଅଧିକାର ପ୍ରାପ୍ତ ଶାସନକର୍ତ୍ତାଙ୍କ ନିକଟରେନିର୍ଭୟ ହେବାକୁ ଇଚ୍ଛା କର ? ତେବେ ସଦାଚାର କର, ତାହାହେଲେ ତାହାଙ୍କଠାରୁ ପ୍ରଶଂସା ପାଇବ, କାରଣ ସେ ମଙ୍ଗଳ ନିମତେ ତୁମ୍ଭ ପାଇଁ ଈଶ୍ୱରଙ୍କ ସେବକ । କିନ୍ତୁ ଯଦି ଅସଦାଚାର କର ତାହାହେଲେ ଭୀତ ହୁଅ, ଯେଣୁ ସେ ନିରର୍ଥକ ଖଡ୍ଗ ଧାରଣ କରନ୍ତି ନାହିଁ, କାରଣ ସେ ଈଶ୍ୱରଙ୍କ ସେବକ ସ୍ୱରୂପେ ଅସଦାଚାରୀ ପ୍ରତି କ୍ରୋଧ ପ୍ରକାଶ କରିବା ନିମନ୍ତେ ଦଣ୍ଡଦାତା ଅଟନ୍ତି । ୫ ଅତଏବ କେବଳ କ୍ରୋଧର ଭୟରେ ନୁହେଁ, ମାତ୍ର ବିବେକ ହେତୁ ମଧ୍ୟ ବଶୀଭୂତ ହେବା ଆବଶ୍ୟକ । ୬ ଯେଣୁ ଏହି କାରଣରୁ ତୁମ୍ଭେମାନେ ରାଜସ୍ୱ ମଧ୍ୟ ଦେଇଥାଅ, କାରଣ ଯାହାଙ୍କର ଯାହା ପ୍ରାପ୍ୟ ତାହାଙ୍କୁ ତାହା ଦିଅ, ସେମାନେ ଈଶ୍ୱରଙ୍କ ସେବକ ରୂପେ କାର୍ଯ୍ୟରେ ପ୍ରବୃତ୍ତ ରହନ୍ତି । ଯାହାକୁ ରାସ୍ୱ ଦେବାକୁ ହୁଏ, ତାହାଙ୍କୁ ରାଜସ୍ୱ ଦିଅ, ଯାହାଙ୍କୁ ଶୁଳ୍କ ଦେବାକୁ ହୁଏ, ତାହାକୁ ଶୁଳ୍କ ଦିଅ, ଯାହାଙ୍କୁ ଭୟ କରିବାକୁ ହୁଏ, ତାହାଙ୍କୁ ଭୟ କର, ଯାହାଙ୍କୁ ସମାଦର କରିବାକୁ ହୁଏ, ତାହାଙ୍କ ସମାଦର କର ।**

**୧୩:୧ ''ପ୍ରତ୍ୟେକ ଜଣ ... ବଶୀଭୂତ ହୁଅ''** ଏହା ହେଉଛି (୧) ଏକ ବର୍ତ୍ତମାନ କର୍ମ୍ମବାଚ୍ୟ ଅନୁଜ୍ଞାସୂଚକ କ୍ରିୟା, ବୁଝାଉଛି, ବଶୀଭୂତ ହେବାରେ ଲାଗି ରହିବାକୁ ହେବ କିଅବା (୨) ବର୍ତ୍ତମାନ ମଧ୍ୟବର୍ତ୍ତୀ ଅନୁଜ୍ଞାସୂଚକ କ୍ରିୟା, ''ଆପଣାକୁ ବଶୀଭୂତ କରିବ'' (ତିତସ ୩:୧, ୧ ପିତର ୨:୧୩) । ''ବଶୀଭୂତ'' ଏକ ସୈନିକ ଅର୍ଥ ବୋଧକ ଶବ୍ଦ । ଆଦେଶର ଏକ ଜଞ୍ଜିର ବର୍ଣ୍ଣନା କରିବାରେ ବ୍ୟବହୃତ ହୋଇଅଛି । ପାଉଲ ସମସ୍ତ ବିଶ୍ୱାସୀମାନଙ୍କୁ ସମ୍ବୋଧନ କରୁଅଛନ୍ତି । ପାଉଲ ସାବ୍ୟସ୍ତ କରନ୍ତି ଯେ, ବିଶ୍ୱାସୀମାନେ ପରସ୍ପରର ବା ଏକକୁ ଆରେକର ବଶୀଭୂତ ହେବା ଉଚିତ (ଏଫିସୀ ୫:୨୧) । ଆମ୍ଭମାନଙ୍କ ଦିନରେ ବଶୀଭୂତ ଏକ ନାସ୍ତିବାଚକ ଶବ୍ଦ ପରି ଦେଖାଯାଏ । ଏହା ଏକ ଶବ୍ଦ ଯାହା ଉଭୟ, ଏକ ନମ୍ରତା ଏବଂ ଏକ ଦୃଢ଼ ବୁଝାମଣା, ଈଶ୍ୱରଙ୍କ ସୃଷ୍ଟଜଗତ ଓ ଏଥିରେ ଆମର ସ୍ଥାନ ବିଷୟରେ ଥିବାଲାଗି ଆଦେଶ ଦିଏ । ଯୀଶୁ ତାହାଙ୍କ (୧) ପିତାମାତା (ଲୂକ ୨:୫୧) ଏବଂ (୨) ତାହାଙ୍କ ସ୍ୱର୍ଗସ୍ଥ ପିତାଙ୍କ ବଶୀଭୂତ ଥିଲେ ବୋଲି କୁହାଯାଇଅଛି (୧ କରିନ୍ଥୀ ୧୫:୨୮) । ସେ ଏହି ଅଞ୍ଚଳ ଲାଗି ଆମର ଚାଳକ ଅଟନ୍ତି !

ବିଶେଷ ପ୍ରସଙ୍ଗ ଦେଖ : ବଶୀଭୂତ ୧୦:୩ରେ

▣ **''ଅଧିକାର ପ୍ରାପ୍ତ ଶାସନକର୍ତ୍ତା''** ଯଦି ପାଉଲ ଏହି ଶବ୍ଦ (ଏକ୍ସୋଉସିଆ) ଅନ୍ୟ ଦୃଷ୍ଟିକୋଣରୁ ବ୍ୟବହାର କଲେ ଯାହା ଦୂତମାନଙ୍କ ଶକ୍ତି, ବିଶେଷତଃ ଭୂତାତ୍ମା ଶକ୍ତିକୁ ବୁଝାଏ (୮:୩୮, କଲସୀ ୧:୧୬, ୨:୧୦,୧୫, ଏଫିସୀ ୧:୨୧, ୩୧୦, ୬:୧୨), ଏଠାରେ ଶାସ୍ତ୍ରାଂଶ ପରିବେଶ ଦାବୀ କରେ ''ଦେଶୀୟ ଅଧିକାରୀମାନେ'' (୧ କରିନ୍ଥୀ ୨:୬,୮, ତିତସ ୩:୧, ୧ ପିତର ୨:୧୩) । ବାଇବଲ ବୁଝାଇବା ପରି ଦିଶେ ଯେ, ମାନବ ସରକାର ପୃଷ୍ଠଭାଗରେ ଦୂତମାନଙ୍କ ଅଧିକାରୀଗଣ ଥାଆନ୍ତି (ଦାନିଏଲ ୧୦ ଏବଂ ୭୦, ଦ୍ୱିତୀୟ ବିବରଣ ୩୨:୮ର),
''ସର୍ବୋପରିସ୍ଥ ଯେତେବେଳେ ଗୋଷ୍ଠୀୟ ଲୋକମାନଙ୍କୁ ସେମାନଙ୍କ ଅଧିକାର ଦେଲେ, ଯେତେବେଳେ ସେ ମନୁଷ୍ୟ (ଆଦମ) ସନ୍ତାନମାନଙ୍କୁ ପୃଥକ କଲେ, ସେତେବେଳେ ଇସ୍ରାଏଲ ସନ୍ତାନଗଣ (ଈଶ୍ୱରଙ୍କ ଦୂତଗଣ)ର ସଂଖ୍ୟାନୁସାରେ ସେ ଲୋକମାନଙ୍କର ସୀମା ସ୍ଥାପନ କଲେ ।'' ଓସ୍କାର କୁଲାମ ଦେଖ, ''ଖ୍ରୀଷ୍ଟ ଓ ସମୟ'' ଏବଂ ହେଣ୍ଡ୍ରିକସ୍ ବେର୍କହୋଫ୍ ''ଖ୍ରୀଷ୍ଟ ଏବଂ ଶକ୍ତିମାନ'' । ମାତ୍ର ତଥାପି ଶାସନକର୍ତ୍ତା, ଅଧିକାର ପ୍ରାପ୍ତ ଲୋକମାନେ ଈଶ୍ୱରଙ୍କ ଅଧୀନରେ କାର୍ଯ୍ୟ କରନ୍ତି (୧ଖ, ୪କ ଓ ୬ପଦ ମାନ) । ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ ।

ବିଶେଷ ପ୍ରସଙ୍ଗ : ଅଧିକାର (ଏକ୍ସୋଉସିଆ)

ଲୂକଙ୍କ ଏକ୍ସୋଉସିଆ (ଅଧିକାର, ଶକ୍ତି ବା ନ୍ୟାୟସଙ୍ଗତ ଅଧିକାର (ଦାବୀ) ପର୍ଯ୍ୟାଲୋଚନା କରିବା ଆକର୍ଷଣୀୟ ଅଟେ ।

୧. ୪:୬ରେ ଶୟତାନ, ଯୀଶୁଙ୍କୁ ଅଧିକାର ଦେବାକୁ ସକ୍ଷମ ବୋଲି ଦାବୀ କରୁଅଛି ।
୨. ୪:୩୨, ୩୬ରେ ଯିହୁଦୀ ଲୋକମାନେ ଆଚମ୍ଭିତ ହେଉଥିଲେ, ଯୀଶୁ କିପରି ତାହାଙ୍କ ବ୍ୟକ୍ତିଗତ ଅଧିକାରକୁ ବ୍ୟବହାର କରି କିପରି ଶିକ୍ଷା ଦେଉଥିଲେ ।
୩. ୯:୧ରେ ସେ ତାହାଙ୍କ ଶକ୍ତି ଓ ଅଧିକାରୀ ପ୍ରେରିତମାନଙ୍କୁ ଦେଲେ ।
୪. ୧୦:୧୯ରେ ସେ ତାହାଙ୍କ ଅଧିକାର ୭୦ ଜଣ ମିଶନେରୀ (ପ୍ରଚାରକ)ଙ୍କୁ ଦେଲେ ।
୫. ୨୦:୨,୮ରେ ଯୀଶୁଙ୍କ ଅଧିକାରର କେନ୍ଦ୍ରୀୟ ପ୍ରଶ୍ନ ପଚରାଗଲଣ ।
୬. ୨୨:୫୩ରେ ଯୀଶୁଙ୍କୁ ଦୋଷୀକୃତ ଓ ବଧ କରିବାକୁ ଦୁଷ୍ଟମାନଙ୍କୁ ଅଧିକାର ପାଇବାକୁ ଅନୁମତି ଦିଆଗଲା ।

ଯଦ୍ୟପି ଲୂକରେ ନାହିଁ, ମାଥିଉଙ୍କର ମହାନ୍ ଆଦେଶ ବିଷୟରେ ପରିଚୟ ଦେବାରେ ''ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି'' ଏକ ଚମତ୍କାର ମନ୍ତବ୍ୟ ପ୍ରକାଶ କରେ (ମାଥିଉ ୨୮:୧୮) ।

ସେମାନଙ୍କ ପ୍ରଶ୍ନର, ଯୀଶୁଙ୍କ ଉତ୍ତର ହୋଇପାରିଥାଆନ୍ତ ।

୧. ଈଶ୍ୱରଙ୍କ ବାଣୀ ତାହାଙ୍କ
   କ. ବାପ୍ତିସ୍ମରେ
   ଖ. ଅନ୍ୟମୂର୍ତ୍ତୀ ଧାରଣ ସମୟରେ
୨. ପୁରାତନ ନିୟମ ଭାବବାଣୀ ସଫଳ ହେଲା
   କ. ଯିହୁଦା ବଂଶ (ଆଦି ୪୯:୧୦)
   ଖ. ଯିଶୀର ପରିବାର (୨ ଶାମୁ ୧୭)
   ଗ. ବେଥଲିହିମରେ ଜନ୍ମ (ମିଖା ୫:୨)
   ଘ. ଚତୁର୍ଥ(ରୋମ୍) ସାମ୍ରାଜ୍ୟ ସମୟରେ ଜନ୍ମ (ଦାନିଏଲ ୨)
   ଙ. ଦରିଦ୍ର, ଅନ୍ଧ, ଅଭାବଗ୍ରସ୍ତମାନଙ୍କୁ ସାହାଯ୍ୟ କଲେ (ଯିଶାୟ)
୩. ତାହାଙ୍କର ଭୂତପ୍ରେତ ବିତାଡ଼ିତ କରିବା କାର୍ଯ୍ୟ, ଶୟତାନ ଓ ତାହାର ରାଜ୍ୟ ଉପରେ ତାହାଙ୍କ ଶକ୍ତି ଓ ଅଧିକାର ପ୍ରକାଶ କଲା ।
୪. ତାହାଙ୍କର ମୃତ୍ୟୁକୁ ପୁର୍ନଜୀବିତ କରିବା କାର୍ଯ୍ୟ ଶାରୀରିକ ଜୀବନ ଓ ମୃତ୍ୟୁ ଉପରେ ତାହାଙ୍କ ଶକ୍ତି ଦର୍ଶାଇଲା ।
୫. ତାହାଙ୍କ ଆଶ୍ଚର୍ଯ୍ୟକର୍ମସମୂହ, ପାର୍ଥିବ, ମହାକାଶୀୟ ଏବଂ ଶାରୀରିକ ସମସ୍ତ ବିଷୟ ଉପରେ ତାହାଙ୍କ ଶକ୍ତି ଓ ଅଧିକାର ପ୍ରକାଶ କରେ ।
   କ. ପ୍ରକୃତି
   ଖ. ଭୋଜନ କରାଇବା
   ଗ. ସୁସ୍ଥତା ପ୍ରଦାନ
   ଘ. ମନ ଜାଣିବା
   ଙ. ମତ୍ସ୍ୟ ଧରିବା

**ବିଶେଷ ପ୍ରସଙ୍ଗ : ମାନବ ସରକାର**

୧. ପରିଚୟ

କ. ସଜ୍ଞା – ଆବଶ୍ୟକତାନୁଯାୟୀ ଯୋଗାଇବା ଓ ନିରାପଦ ଅନୁଭବ କରିବାକୁ ଦେବା ପାଇଁ ମାନବଜାତି ଆୟୋଜନ କରିଥିବା ସରକାର ବା ଶାସକଦଳ (ଯଥା : ଆଦି ୪ ଏବଂ ୧୧) । ମାନବଗଣ ସାମାଜିକ ପ୍ରାଣୀ ଅଟନ୍ତି (ଏପରିକି ପତନ ପୂର୍ବରୁ (ଆଦି ୨:୧୮) । ପରିବାରମାନ, ଗୋଷ୍ଠୀଗଣ, ଜାତିଗଣ ଆମ୍ଭମାନଙ୍କୁ ସମ୍ପ୍ରଦାୟ ପ୍ରଦାନ କରେ ।

ଖ. ଉଦ୍ଦେଶ୍ୟ – ଈଶ୍ୱର ଇଚ୍ଛା କରିଅଛନ୍ତି ଯେ ଅରାଜକତା (ବିଶୃଙ୍ଖଳା) ପାଇଁ ଶୃଙ୍ଖଳା (ଆଦେଶ) ଆବଶ୍ୟକ ।

୧. ମୋଶାଙ୍କ ପ୍ରଣୟନ ଆଇନସମୂହ, ବିଶେଷତଃ ଦଶଆଜ୍ଞା, ସମାଜରେ ମାନବଜାତି ପାଇଁ ଈଶ୍ୱର ଇଚ୍ଛା ଅଟେ । ଏହା ଉପାସନା ଓ ଜୀବନକୁ ସମାନ ଓଜନ ଦିଏ ।

୨. ଶାସ୍ତ୍ରରେ ସରକାରଙ୍କର କୌଣସି ଗଠନ ବା ଆକାର ବିଷୟରେ ଉପଦେଶ ଦିଆଯାଇ ନାହିଁ, ଯଦିବା ପୁରାତନ ଇସ୍ରାଏଲର ଈଶ୍ୱରତନ୍ତ୍ର ବା ଈଶ୍ୱରଙ୍କ ଅଧୀନରେ ଶାସିତ ହେବା, ସ୍ୱର୍ଗର ଗଠନରେ ଅଗ୍ରିମ ପଦକ୍ଷେପ ନିଆଯାଇଥିଲା । ଗଣତନ୍ତ୍ର ଅବା ପୁଞ୍ଜିବାଦ ଏକ ବାଇବଲ ଅନୁଯାୟୀ ସତ୍ୟ ନୁହେଁ । ଖ୍ରୀଷ୍ଟିୟାନମାନେ ଆପଣାମାନଙ୍କୁ ଯେ କୌଣସି ନିତିଗତ ଶାସନ (ସରକାର) ମଧ୍ୟରେ ପାଇଲେ ସୁଦ୍ଧା ଉପଯୁକ୍ତ କାର୍ଯ୍ୟ କରିବା ଉଚିତ । ଖ୍ରୀଷ୍ଟିୟାନର ଉଦ୍ଦେଶ୍ୟ ହେଉଛି ସୁସମାଚାର ପ୍ରଚାର ଏବଂ ସେବାକାର୍ଯ୍ୟ, ବିଦ୍ରୋହ ନୁହେଁ । ସମସ୍ତ ସରକାର (ଶାସନ) କ୍ଷଣସ୍ଥାୟୀ ବା ଅସ୍ଥାୟୀ ।

ଗ. ମାନବ ସରକାର (ଶାସନ)ର ଉତ୍ପତ୍ତି

୧. ରୋମାନ କ୍ୟାଥୋଲିକ ବାଦ (ଧର୍ମ) ସାବ୍ୟସ୍ତ କଲା ଯେ ମାନବ ଶାସନ ଏକ ସ୍ୱାଭାବିକ ଆବଶ୍ୟକତା ଅଟେ, ଏପରିକି ପତନ ପୂର୍ବେ । ଆରିଷ୍ଟୋଟଲ ଏକ ତର୍କାଧାର ବିବୃତ୍ତିକୁ ପ୍ରଥମେ ସାବ୍ୟସ୍ତ କରିବା ଦେଖାଯାଏ । ସେ କହିଲେ, ''ମନୁଷ୍ୟ ଏକ ରାଜନୈତିକ ପ୍ରାଣୀ'' ଏବଂ ଏହାଦ୍ୱାରା ସେ ବୁଝାଇଲେ ଯେ ସରକାର (ଶାସନ) 'ଉତ୍ତମ ଜୀବନର ଉନ୍ନତି ପାଇଁ ସ୍ଥିତି ଲାଭ କରିଛି ।''

୨. ପ୍ରୋଟେଷ୍ଟାଣ୍ଟ ମତବାଦ, ବିଶେଷତଃ ମାର୍ଟିନ ଲୁଥର ସାବ୍ୟସ୍ତ କଲେ ଯେ, ମାନବ ସରକାର, ପତନରେ ଅର୍ନ୍ତନିହିତଗୁ । ସେ ଏହାକୁ ''ଈଶ୍ୱଣଙ୍କ ରାଜ୍ୟର ବାମ ହସ୍ତ'' ବୋଲି ନାମ ଦେଲେ । ସେ କହିଲେ ଯେ, ''ମନ୍ଦ ଲୋକମାନଙ୍କୁ ଆୟତାଧୀନ କରିବାକୁ ଈଶ୍ୱରଙ୍କ ପଥ ହେଉଛି ମନ୍ଦ ଲୋକକୁ ଅଧିକାର ଦେବା ।''

୩. କାର୍ଲ ମାର୍କ୍ସ ସାବ୍ୟସ୍ତ କରିଛନ୍ତି ଯେ ସରକାର ହେଉଛି ଏକ ମାଧ୍ୟମ ଯାହାଦ୍ୱାରା କେତେକ ବିଶିଷ୍ଟ ବ୍ୟକ୍ତି ଲୋକସମୂହଙ୍କୁ ଅଧୀନସ୍ଥ କରନ୍ତି । ତାଙ୍କ ସକାଶେ ସରକାର ଓ ଧର୍ମ ଏକ ସମାନ ଭୂମିକାରେ କାର୍ଯ୍ୟ କରନ୍ତି ।

୨. ବାଇବଲ ଅନୁମୋଦିତ ବିଷୟମାନ

କ. ପୁରାତନ ନିୟମ

୧. ଇସ୍ରାଏଲ ହେଉଛି ଏକ ନମୁନା ଯାହା ସ୍ୱର୍ଗରେ ବ୍ୟବହାର କରାଯିବ । ପୁରାତନ ଇସ୍ରାଏଲରେ ଯିହୋବା ଥିଲେ ରାଜା । ଈଶ୍ୱର ତନ୍ତ୍ର ବା ଈଶ୍ୱରଙ୍କ ଶାସନ ଶବ୍ଦ ବ୍ୟବହାର କରାଗଲା ଈଶ୍ୱରଙ୍କ ସିଧାସଳଖ ଶାସନ ବର୍ଣ୍ଣନା କରିବା ଲାଗି (୧ ଶାମୁୟେଲ ୮:୪-୯) ।

୨. ଈଶ୍ୱରଙ୍କ ସର୍ବଭୌମତା ମାନବ ଶାସନରେ, ତାହାଙ୍କ ନିଯୁକ୍ତିରେ ସ୍ପଷ୍ଟଭାବେ ଦେଖାଯାଇ ପାରେ ।

କ. ସମସ୍ତ ରାଜାଗଣ, ଦାନିୟେଲ ୨:୨୧, ୪:୧୭, ୨୪-୨୫

ଖ. ମଶୀହଙ୍କ ରାଜତ୍ୱ ଦାନିୟେଲ ୨:୪୪-୪୫

ଗ. ନବୁଖଦନିସର (ନୂତନ-ବାବିଲ), ଯିରିମିୟ ୨୭:୬, ଦାନି. ୫:୨୮

ଘ. କୋରସ୍ ୨ (ପାରସ୍ୟ), ୨ ବଂଶାବଳୀ ୩୬:୨୨, ଏଜ୍ରା ୧:୧, ଯିଶାଇୟ ୪୪:୨୮, ୪୫:୧

୩. ଈଶ୍ୱରଙ୍କ ଲୋକମାନେ ଅଧିକାର ଏବଂ ସରକାର ବା ଶାସକର ସ୍ଥାନ ପ୍ରାପ୍ତ ହେଲେ ସୁଦ୍ଧା ବଶୀଭୂତ ଏବଂ ସମ୍ମାନ ସ୍ୱଦ ହେବାକୁ ପଡ଼ିବ ।

କ. ଦାନିୟେଲ ୧-୪ ନବୁଖଦନିସର (ନୂତନ-ବାବିଲ)

ଖ. ଦାନିୟେଲ ୫, ବେଲସେସର (ନୂତନ-ବାବିଲ)

ଗ. ଦାନିୟେଲ ୬, ଦାରିଆବସ (ପାରସ୍ୟ)

ଘ. ଏଜ୍ରା ଓ ନିହିମିୟା (ପାରସ୍ୟ)

୪. ପୁନରୁଦ୍ଧାର ପ୍ରାପ୍ତ ଯିହୁଦା, କୋରସ ଓ ତାଙ୍କର ବଂଶଧରଙ୍କ ରାଜତ୍ୱ ପାଇଁ ପ୍ରାର୍ଥନା କରିବାକୁ ହେଲା ।
କ. ଏଜ୍ରା ୬:୧୦, ୭:୨୩
ଖ. ଯିହୁଦାମାନଙ୍କୁ ଦେଶୀୟ ଅଧିକାରପ୍ରାପ୍ତ ବ୍ୟକ୍ତି ମିଶାନାର, ଆଭୋଟ ୩:୨ ପାଇଁ ପ୍ରାର୍ଥନା କରିବାକୁ ହୋଇଥିଲା ।

ଖ. ନୂତନ ନିୟମ

୧. ଯୀଶୁ ମାନବ ଶାସନ କର୍ତ୍ତାମାନଙ୍କୁ ସମ୍ମାନ ଦେଖାଇଲେ
କ. ମାଥିଉ ୧୭:୨୪-୨୭ । ସେ ମନ୍ଦିର କର ଦେଲେ (ଧର୍ମୀୟ ଓ ଦେଶୀୟ ଶାସକମାନେ ଏକ ବୋଲି ଗଣନା କରାଗଲେ (୧ ପିତର ୨:୧୭)
ଖ. ମାଥିଉ ୨୨:୧୫-୨୨, ମାର୍କ ୧୨:୧୩-୧୭, ଲୂକ ୨୦:୨୦-୨୬, ସେ ରୋମୀୟ କର ଦେବା ପାଇଁ ଏକ ସ୍ଥାନ ଥିବା ଆବଶ୍ୟକ ବୋଲି ପରାମର୍ଶ ଦେଲେ ଏବଂ ତାହାଦ୍ୱାରା ରୋମୀୟ ଦେଶୀୟ ଶାସକଙ୍କୁ ସ୍ଥାନ ମଧ୍ୟ ଦେଲେ ।
ଗ. ଯୋହନ ୧୯:୧୧ ଈଶ୍ୱର ଦେଶୀୟ ଅଧିକାର, ଅନୁମତି ଦିଅନ୍ତି ।
୨. ପାଉଲଙ୍କ ବାକ୍ୟସମୂହ ମାନବ ସରକାର(ଶାସକ)ଗଣଙ୍କ ସହିତ ସମ୍ପୃକ୍ତ ।
କ. ରୋମୀ ୧୩:୧-୫, ବିଶ୍ୱାସୀମାନେ ଦେଶୀୟ ଅଧିକାରପ୍ରାପ୍ତ ବ୍ୟକ୍ତିମାନଙ୍କ ବଶୀଭୂତ ହେବା ଉଚିତ । କାରଣ ସେମାନେ ଈଶ୍ୱରଙ୍କ ଦ୍ୱାରା ସ୍ଥାପିତ ।
ଖ. ରୋମୀ ୧୩:୬-୭, ବିଶ୍ୱାସୀମାନେ କର ଦେବା ଉଚିତ ଏବଂ ଦେଶୀୟ ଅଧିକାରୀମାନଙ୍କୁ ସମ୍ମାନ ଦେବା ଉଚିତ ।
ଗ. ୧ ତୀମଥି ୨:୧-୩, ବିଶ୍ୱାସୀମାନେ ଦେଶୀୟ ଅଧିକାରୀମାନଙ୍କ ପାଇଁ ପ୍ରାର୍ଥନା କରିବା ଉଚିତ ।
ଘ. ତିତସ ୩:୧ ବିଶ୍ୱାସୀମାନେ ଦେଶୀୟ ଅଧିକାରୀମାନଙ୍କ ବଶୀଭୂତ ଓ ବାଧ୍ୟ ହେବା ଉଚିତ ।
୩. ପିତର ବାକ୍ୟସମୂହ, ମାନବ ଶାସକଗଣଙ୍କ ସହିତ ସମ୍ପୃକ୍ତ
କ. ପ୍ରେରିତ ୪:୧-୩୧ ପିତର ଓ ଯୋହନ ବ୍ୟବସ୍ଥାପକ ସଭାର ସମ୍ମୁଖରେ (ଏହା ଦର୍ଶାଏ ଦେଶର ଆଜ୍ଞାଲଂଘନ ସକାଶେ ବାଇବଲ ଉଦାହରଣ)
ଖ. ୧ ପିତର ୨:୧୩-୧୭ ବିଶ୍ୱାସୀମାନେ ସମାଜ କଲ୍ୟାଣ ଓ ସୁସମାଚାର ପ୍ରଚାର ସକାଶେ ଦେଶୀୟ ଅଧିକାରୀମାନଙ୍କ ବଶୀଭୂତ ହେବା ଉଚିତ ।
୪. ଯୋହନଙ୍କ ବାକ୍ୟସମୂହ ମାନବ ସରକାର (ଶାସନ) ସହିତ ସମ୍ପୃକ୍ତ
କ. ପ୍ରକାଶିତ ବାକ୍ୟ ୧୭, ବାବିଲର ବେଶ୍ୟା, ମାନବ ସରକାରର ପ୍ରତୀକ, ଈଶ୍ୱରଙ୍କଠାରୁ ଦୂରରେ ବା ପୃଥକୀକୃତ ଭାବେ ସଂଗଠିତ ହୋଇଅଛି ଓ କାର୍ଯ୍ୟ କରୁଅଛି ।
ଖ. ପ୍ରକାଶିତ ୧୮ ବାବିଲର ବେଶ୍ୟା ଧ୍ୱଂସିତ ହୋଇଅଛି ।

୩. ଉପସଂହାର

କ. ମାନବ ଶାସନ (ସରକାର) (ଏକ ପତିତ ଜଗତରେ) ଈଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଅଟେ । ଏହା ''ରାଜାମାନଙ୍କର ସ୍ୱର୍ଗୀୟ ଅଧିକାର ନୁହେଁ'' ମାତ୍ର ସରକାରଙ୍କ ସ୍ୱର୍ଗୀୟ କାର୍ଯ୍ୟ ଦାୟିତ୍ୱ । କୌଣସି ରାଜନୈତିକ ଗଠନ ଅନ୍ୟ ଠାରୁ ଉଚ୍ଚରେ ସ୍ଥାପନ କରାଯାଇ ନାହିଁ ।
ଖ. ବିଶ୍ୱାସୀମାନଙ୍କ ନିମନ୍ତେ ଏହା ହେଉଛି ଏକ ଧାର୍ମିକ କର୍ତ୍ତବ୍ୟ ଯେ, ସେମାନେ ଦେଶୀୟ ଅଧିକାରପ୍ରାପ୍ତ ବ୍ୟକ୍ତିମାନଙ୍କର ଆଜ୍ଞାବହ ହେବେ ଓ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବେ ।
ଗ. ବିଶ୍ୱାସୀମାନଙ୍କ ପକ୍ଷରେ ଏହା ଉପଯୁକ୍ତ ଯେ, ସେମାନେ କର ସବୁ ଦେବା ଦ୍ୱାରା ଏବଂ ଏକ ଉପଯୁକ୍ତ ସମ୍ମାନ ପ୍ରଦାୟକ ମନୋଭାବ ସହ ସେମାନଙ୍କ ସପକ୍ଷ ହେବେ ।
ଘ. ଦେଶର ଶୃଙ୍ଖଳା ଉଦ୍ଦେଶ୍ୟରେ ମାନବ ସରକାର ଅଛି । ଏହି କାର୍ଯ୍ୟ ଦାୟିତ୍ୱ ସକାଶେ ସେମାନେ ଈଶ୍ୱରଙ୍କ ସେବକଗଣ ଅଟନ୍ତି ।
ଙ. ମାନବ ସରକାର ଚୂଡ଼ାନ୍ତ ବା ସର୍ବୋଚ୍ଚ ନୁହେଁ । ଏହା ତାହାର ଅଧିକାରରେ ସୀମିତ ଅଟେ । ବିଶ୍ୱାସୀମାନେ ସେମାନଙ୍କ ବିବେକ ସକାଶେ ଦେଶୀୟ ଅଧିକାରୀଙ୍କୁ ଅଗ୍ରାହ୍ୟ କରିବା ଉଚିତ, ଯେତେବେଳେ ଏହା ତାହାର ସ୍ୱର୍ଗୀୟ ନିଯୁକ୍ତିର ସୀମା ଅତିକ୍ରମ କରିଥାଏ । ଯେପରି ଅଗଷ୍ଟିନ ତାଙ୍କର ''ଈଶ୍ୱରଙ୍କ ନଗର'' ପୁସ୍ତକରେ ସାବ୍ୟସ୍ତ କରିଛନ୍ତି, ଆମ୍ଭେମାନେ ଦୁଇଟି ବାସ୍ତବ ପରିବେଷର ନାଗରିକ, ଗୋଟିଏ କ୍ଷଣସ୍ଥାୟୀ ଏବଂ ଅନ୍ୟଟି ଅନନ୍ତକାଳସ୍ଥାୟୀ (ଫିଲିପ୍ପୀ ୩:୨୦) । ଉଭୟ ନିମନ୍ତେ ଆମ୍ଭମାନଙ୍କର ଦାୟିତ୍ୱ ଅଛି, ମାତ୍ର ଈଶ୍ୱରଙ୍କ ରାଜ୍ୟ ହେଉଛି ସର୍ବୋଚ୍ଚ । ଆମ୍ଭମାନଙ୍କର ଈଶ୍ୱରଙ୍କ ପ୍ରତି ଦାୟିତ୍ୱରେ ଉଭୟ, ଏକ ବ୍ୟକ୍ତିଗତ ଏବଂ ସାମୂହିକ (ମିଳିତ) ଲକ୍ଷ୍ୟ ରହିଛି ।
ଚ. ଆମ୍ଭେମାନେ ବିଶ୍ୱାସୀମାନଙ୍କୁ ଏକ ଗଣତାନ୍ତ୍ରିକ (ପ୍ରଜାତନ୍ତ୍ର) ପ୍ରଣାଳୀରେ ସରକାରଙ୍କ ସହିତ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଏବଂ ଯେତେବେଳେ ସମ୍ଭବ ଧର୍ମଶାସ୍ତ୍ରର ଶିକ୍ଷାମାନ ପ୍ରୟୋଗ କରିବାକୁ ଉତ୍ସାହିତ କରିବା ଉଚିତ ।
ଛ. ସାମାଜିକ ପରିବର୍ତ୍ତନ, ବ୍ୟକ୍ତିଗତ ଜୀବନ ପରିବର୍ତ୍ତନଦ୍ୱାରା ଅଗ୍ରକର୍ତ୍ତୀ ହେବା ଉଚିତ । ସରକାରଙ୍କଠାରେ କୌଣସି ଯୁଗ ଶେଷ ଶିକ୍ଷା ସମ୍ବନ୍ଧୀୟ ବାସ୍ତବ ସ୍ଥାୟୀ ଆଶା ବା ଭରସା ନାହିଁ । ସମସ୍ତ ମାନବ ସରକାର (ଶାସନ) ଯଦ୍ୟପି ଈଶ୍ୱରଙ୍କ ଇଚ୍ଛାକୃତ ଏବଂ ତାହାଙ୍କ ଦ୍ୱାରା ବ୍ୟବହୃତ ତଥାପି ଈଶ୍ୱରଙ୍କଠାରୁ ପୃଥକୀକୃତ ମାନବ ସଂଗଠନର ପାପପୂର୍ଣ୍ଣ ପ୍ରକାଶମାନ ଅଟେ । ଯୋହନଙ୍କର ''ଜଗତ'' ଶବ୍ଦର ବ୍ୟବହାରରେ ଏହି ଭାବଧାରା ପ୍ରକାଶ କରାଯାଇଅଛି (୧ ଯୋହନ ୨:୧୫-୧୭) ।

▣

| | |
|---|---|
| **ଏନ୍ ଏ ଏସ୍ ବି** | **''ଯେଉଁମାନେ ଅଛନ୍ତି, ସେମାନେ ଈଶ୍ୱରଙ୍କ ଦ୍ୱାରା ପ୍ରତିଷ୍ଠିତ''** |
| **ଏନ୍ କେ ଜେ ଭି** | **''ଯାହା ଅଛି, ତାହା ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ''** |
| **ଏନ୍ ଆର୍ ଏସ୍ ଭି** | **''ତାହା ଈଶ୍ୱରଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଆସିଅଛି''** |
| **ଟି ଇ ଭି** | **''ଈଶ୍ୱରଙ୍କ ଦ୍ୱାରା ସେଠାରେ ସ୍ଥାପିତ ହୋଇ ଆସିଅଛନ୍ତି''** |
| **ଏନ୍ ଜେ ବି** | **''ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ହୋଇ ଆସିଅଛନ୍ତି''** |

ଏହା ହେଉଛି ଏକ ଦୀର୍ଘ ଖଣ୍ଡବାକ୍ୟ ବ୍ୟବହାର କରାଯାଇଥିବା ସମ୍ପୂର୍ଣ୍ଣ କର୍ମବାଚ୍ୟ କୃଦନ୍ତ ପଦ । ଏହି ବ୍ୟାକରଣିକ ଗଠନ ସାବ୍ୟସ୍ତ କରେ ଯେ, ଈଶ୍ୱର ସମସ୍ତ ମାନବ ଅଧିକାରପ୍ରାପ୍ତ ବ୍ୟକ୍ତିଙ୍କ ପଶ୍ଚାତ ଭାଗରେ ଥାଆନ୍ତି (ଯୋହନ ୧୯:୧୧, ଦାନିୟେଲ ୨:୨୧, ୪:୧୭) । ଏହା ''ରାଜାମାନଙ୍କ ସ୍ୱର୍ଗୀୟ ଅଧିକାର''କୁ ବୁଝାଏ ନାହିଁ । ମାତ୍ର ଶୃଙ୍ଖଳା ନିମନ୍ତେ ସ୍ୱର୍ଗୀୟ ଇଚ୍ଛା ଅଟେ । ଏହା ଏକ ନିର୍ଦ୍ଦିଷ୍ଟ ପ୍ରକାର ସରକାରଙ୍କୁ ସାବ୍ୟସ୍ତ କରେ ନାହିଁ, ମାତ୍ର ସରକାରଙ୍କୁ ହିଁ ସାବ୍ୟସ୍ତ କରେ । ଦେଶୀୟ ଶୃଙ୍ଖଳା, ବିଶୃଙ୍ଖଳା ବା ବିଭ୍ରାଟଠାରୁ ଉତ୍ତମ (୬ପଦ) ।

**୧୩:୨ ''ଯେ ଅଧିକାର ପ୍ରତିରୋଧ କରେ''** ଏହା ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ କୃଦନ୍ତ । ଏହା ଏକ ପ୍ରତିଷ୍ଠିତ ଆଦେଶ ବିରୁଦ୍ଧରେ ଏକ ବ୍ୟକ୍ତିଗତ ଅଭ୍ୟାସଗତ ବିଦ୍ରୋହ, ଆକ୍ଷରିକଭାବେ ''ଜଣକ ବ୍ୟକ୍ତିତ୍ୱ ବିରୋଧି ହେବାକୁ ପ୍ରସ୍ତୁତ'' (ପ୍ରେରିତ ୧୮:୬, ଯାକୁବ ୫:୬) କୁ ବୁଝାଏ । ମାର୍କ ୧୨:୧୭ରେ, ଯୀଶୁ, ସରକାର ଓ ମଣ୍ଡଳୀ ଉଭୟଙ୍କ ନିମନ୍ତେ ସ୍ୱଷ୍ଟରୂପେ ବାସ୍ତବତା ପ୍ରକାଶ କରିଛନ୍ତି । ପ୍ରେରିତ ୫:୨୫-୩୨ରେ ଆମ୍ଭେମାନେ ଦେଖୁ, ଅଧିକାର ପ୍ରାପ୍ତ ବ୍ୟକ୍ତିମାନେ ସେମାନଙ୍କ ସୀମା ଅତିକ୍ରମ କରି ପଦକ୍ଷେପ ନେଲେ କ'ଣ ଘଟେ ।

▣ **ଯେ ପ୍ରତିରୋଧ କରେ, ସେ... ପ୍ରତିରୋଧ କରିଅଛି,** ଏହା ଏକ ସମ୍ପୂର୍ଣ୍ଣ କର୍ତ୍ତୃବାଚ୍ୟ ସୂଚନାଦାୟକ ଏବଂ ଏକ ସଂପୂର୍ଣ୍ଣ କର୍ତ୍ତୃବାଚ୍ୟ କୃଦନ୍ତ କ୍ରିୟା । ଏହା ଏକ ସ୍ଥିରିକୃତ ଓ ପ୍ରତିଷ୍ଠିତ ବିଦ୍ରୋହ ବିଷୟରେ କହେ । ଈଶ୍ୱର ଏହି ପତିତ ଜଗତରେ ସେମାନଙ୍କୁ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଯୋଗାଇ ଅଛନ୍ତି (୪,୬ ପଦ) । ଦେଶର ଅଧିକାର ପ୍ରାପ୍ତ ବ୍ୟକ୍ତିମାନେ ସେମାନଙ୍କ ନିମନ୍ତେ ଈଶ୍ୱର ଦତ୍ତ ସୀମା ଲଂଘନ ନ କରିବା ପର୍ଯ୍ୟନ୍ତ ସେମାନଙ୍କ ପ୍ରତିରୋଧ କରିବା ହେଉଛି ଈଶ୍ୱରଙ୍କ ପ୍ରତିରୋଧ କରିବା । ପ୍ରକୃତ ଆତ୍ମିକ ବିଷୟ ହେଉଛି, ଅଧିକାର ପ୍ରାପ୍ତ ବ୍ୟକ୍ତିଙ୍କ ବଶୀଭୂତ ହେବା । ପତିତ ମାନବାଜାତି ସ୍ୱାୟତଶାସନ ଚାହେଁ !

▣ **''ସେମାନେ ଆପଣା ଆପଣା ଉପରେ ଦଣ୍ଡ ଘଟାଇବେ ।''** କେଜେଭି ଅନୁବାଦ କରେ ''ଦଣ୍ଡ ଯୋଗ୍ୟ''କୁ ''ଚୀରକାଳ ନିମନ୍ତେ ଦଣ୍ଡନୀୟ'' ଭାବରେ । ଏହି ଶବ୍ଦକୁ ଇଂରାଜୀରେ ୧୬୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହାର ଅର୍ଥକୁ ତୀବ୍ରତର କରାଯାଇଅଛି । ଏନ୍ କେ ଜେଭି ଅନୁବାଦ କରେ ଏହାକୁ ''ବିଚାର'' ବୋଲି । ଏହି ଶବ୍ଦର ପୂର୍ବାପର ସମ୍ବନ୍ଧରେ ଏହା (୧) ଈଶ୍ୱରଙ୍କ ବିଚାର ବା (୨) ଦେଶୀୟ ଦଣ୍ଡବିଧାନ (୪ପଦ)କୁ ବୁଝାଏ । ଏହି ଲୋକମାନେ ଅଧିକାର ପ୍ରାପ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସେମାନଙ୍କ ମନୋବୃତ୍ତି ସମସ୍ତ ଓ କାର୍ଯ୍ୟକଳାପସମୂହ ଦ୍ୱାରା ଆପଣା ଉପରକୁ ଦଣ୍ଡ ଆଣନ୍ତି (ଯୋହନ ୩:୧୭-୨୧) ।

**୧୩:୩** ଦେଖ ୧ ପିତର ୨:୧୪ରେ ଏହାର ସମାନ ମନ୍ତବ୍ୟ

▣ **''ଶାସନକର୍ତ୍ତାମାନେ''** ବିଶେଷ ପ୍ରସଙ୍ଗ ଦେଖ : ଆରକେଏ ୮:୩୮ରେ ।

▣ **''ଅଧିକାରପ୍ରାପ୍ତ''** ବିଶେଷ ପ୍ରସଙ୍ଗ ୧୩:୧ରେ ଦେଖ ।

**୧୩:୪ ''କାରଣ ସେ ମଙ୍ଗଳ ନିମନ୍ତେ ତୁମ୍ଭ ପାଇଁ ଈଶ୍ୱରଙ୍କ ସେବକ''** ସରକାରୀ ଅଧିକାର ପ୍ରାପ୍ତ ଲୋକମାନେ ଦେଶର ମନ୍ଦକାର୍ଯ୍ୟକାରୀ ବିରୁଦ୍ଧରେ କାର୍ଯ୍ୟ କରନ୍ତି, ଯେତେବେଳେ ବିଶ୍ୱାସୀ ତାହାର ବ୍ୟକ୍ତିଗତ ପ୍ରତିହିଂସା ବା ପ୍ରତିଶୋଧ ନେବାରେ ବିରୋଧ ବା ବାରଣ କରାଯାଇଛି (୧୨:୧୭-୧୯) । ମାର୍ଟିନ ଲୁଥପ୍ରକାଶ କଲେ ''ଈଶ୍ୱରଙ୍କ ପଥ, ମନ୍ଦ ବ୍ୟକ୍ତିମାନଙ୍କୁ ଆୟତାଧୀନ କରିବାକୁ ହେଉଛି ମନ୍ଦ ବ୍ୟକ୍ତିକୁ ଆୟତ କରିବା ସ୍ଥାନ ଦେବା ।

▣ ''ଯଦି ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହା ଭବିଷ୍ୟତରେ ସମ୍ଭବ ଥିବା କାର୍ଯ୍ୟକୁ ବୁଝାଏ ।

▣

| | |
|---|---|
| **ଏନ୍ ଏ ଏସ୍ ବି** | **''ଯେଣୁ ସେ ନିରର୍ଥକ ଖଡ୍‌ଗ ଧାରଣ କରନ୍ତି ନାହିଁ''** |
| **ଏନ୍ କେ ଜେ ଭି** | **''ଯେଣୁ ସେ ବ୍ୟର୍ଥରେ ଖଡ୍‌ଗଧାରଣ କରନ୍ତି ନାହିଁ''** |
| **ଏନ୍ ଆର୍ ଏସ୍ ଭି** | **''ଯେଣୁ ଅଧିକାରପ୍ରାପ୍ତ ବ୍ୟକ୍ତି ବ୍ୟର୍ଥରେ ଖଡ୍‌ଗ ଧାରଣ କରନ୍ତି ନାହିଁ''** |
| **ଟି ଇ ଭି** | **''ଶାସ୍ତି ବା ଦଣ୍ଡ ଦେବାକୁ ସେମାନଙ୍କ କ୍ଷମତା ବାସ୍ତବ ଅଟେ''** |
| **ଏନ୍ ଜେ ବି** | **''ନିରର୍ଥକ ଭାବରେ, ସେମାନେ ଖଡ୍‌ଗକୁ ଅଧିକାରର ପ୍ରତୀକ କରନ୍ତି ନାହିଁ''** |

''ଖଡଗ'' (ମାକାଇରା) ଶବ୍ଦ, କ୍ଷୁଦ୍ର ରୋମୀୟ ଖଡ଼ଗକୁ ବୁଝାଏ ଯାହା ମୃତ୍ୟୁଦଣ୍ଡ ନିମନ୍ତେ ବ୍ୟବହୃତ ହୁଏ (ପ୍ରେରିତ ୧୨:୨, ରୋମୀ ୮:୩୫) । ଏହି ଶାସ୍ତ୍ରାଂଶ ଏବଂ ପ୍ରେରିତ ୨୫:୧୧ ମୃତ୍ୟୁଦଣ୍ଡ ପାଇଁ ନୂତନନିୟମ ମୂଳଦୁଆ ପ୍ରଦାନ କରେ, ଯେତେବେଳେ ଆଦି ୯:୬ ସ୍ୱଷ୍ଟରୂପେ ପୁରାତନ ନିୟମର ଦୃଷ୍ଟିକୋଣ ପ୍ରକାଶ କରେ ।

▣ ''କାରଣ ସେ ଈଶ୍ୱରଙ୍କ ସେବକ ସ୍ୱରୂପେ ... ଦଣ୍ଡଦାତା ଅଟନ୍ତି'' ''ଦଣ୍ଡଦାତା'' ଶବ୍ଦ (ଏକଡିକୋସ୍) ପୁରାତନ ନିୟମରେ ବିଭିନ୍ନ ସମୟରେ ବ୍ୟବହୃତ ହୋଇଅଛି । ଏହା ଏପରିକି ଲେବୀ ୧୯:୧୮ର ପ୍ରଥମାଂଶରେ ବ୍ୟବହାର କରାଯାଇଅଛି । ପୁରାତନ ନିୟମରେ ଯଦି ଜଣେ ବ୍ୟକ୍ତି ଅନ୍ୟ ଜଣକୁ ହତ୍ୟା କଲା, ଏପରିକି ଦୁର୍ଘଟଣା ବା ଆକସ୍ମିକ ଭାବେ, ସେ ମୃତ ବ୍ୟକ୍ତିର ପରିବାର, ''ଚକ୍ଷୁ ବଦଳରେ ଚକ୍ଷୁ''ର ପ୍ରତିଶୋଧ କାର୍ଯ୍ୟକାରୀ କରିବାକୁ ଅଧିକାରଯୁକ୍ତ ଥିଲା, (ରକ୍ତର ପ୍ରତିଶୋଧ ବା ଦଣ୍ଡଦାତା) ପାଉଲ ଦେଶୀୟ ସରକାରଙ୍କ ଅଧିକାରକୁ ପୁରାତନ ନିୟମ ରୀତି ସହିତ ସମ୍ପୃକ୍ତ କରିବା ଦେଖାଯାଏ ।

୧ ଥେସଲ ୪:୬ରେ ଈଶ୍ୱର ଦଣ୍ଡଦାତା ହେବାକୁ କହିଲେ, ଯାହା ରୋମୀ ୧୨:୧୯ର ଅନୁଗମନ କରେ । ଉଭୟ ଏହି ବିଷୟ ଦ୍ୱିତୀୟ ବିବରଣ ୩୨:୩୫ (ଏବ୍ରୀ ୧୦:୩୦)କୁ ବୁଝାଏ ।

**୧୩:୫ ''ବଶୀଭୂତ ହେବା ଆବଶ୍ୟକ''** ଦୁଇଟି କାରଣ ପ୍ରକାଶ କରାଯାଇଛି (୧) ଈଶ୍ୱରଙ୍କ ବା ଦେଶୀୟ ଶାସନକର୍ତ୍ତା ମାନଙ୍କର ଦଣ୍ଡରୁ ରକ୍ଷା ଏବଂ (୨) ବିଶ୍ୱାସୀମାନଙ୍କ ବିବେକ ହେତୁ ।

▣ **''ବିବେକ ହେତୁ''** ''ବିବେକ'' ଶବ୍ଦର ଏକ ଗ୍ରୀକ୍‌ରେ ଏକ ପୁରାତନ ନିୟମ ପ୍ରତିଶବ୍ଦ ନାହିଁ, ନଚେତ ହିବ୍ରୁ ଶବ୍ଦ, ''ବକ୍ଷ'' ନିଜକୁ ଏବଂ ଏହାର ଅଭିପ୍ରାୟ ସମୂହର ଜ୍ଞାନକୁ ବୁଝାଏ । ମୂଳତଃ ଗ୍ରୀକ୍ ଶବ୍ଦ ବିବେକକୁ ବୁଝାଏ, ଯାହା ପାଞ୍ଚେନ୍ଦ୍ରିୟ ସହିତ ସମ୍ପୃକ୍ତ । ଏହା ଆଭ୍ୟନ୍ତରୀଣ ଜ୍ଞାନ ସମୂହର ବ୍ୟବହାର କରିବାକୁ ଆସିଲା (ରୋମୀ ୨:୧୫) । ପାଉଲ ପ୍ରେରିତ ପୁସ୍ତକରେ ତାଙ୍କର ପରୀକ୍ଷା ସମୟରେ ଏହି ଶବ୍ଦ ଦୁଇଥର ବ୍ୟବହାର କରିଅଛନ୍ତି (ଯଥା : ୨୩:୧ ଓ ୨୪:୧୬) । ଏହା ତାଙ୍କର ଜ୍ଞାନକୁ ବୁଝାଏ ଯେ, ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କୌଣସି ଜ୍ଞାତ ଧର୍ମସମ୍ବନ୍ଧୀୟ କର୍ତ୍ତବ୍ୟମାନ ଜାଣିଶୁଣି ଅବଜ୍ଞା କରି ନ ଥିଲେ (୧ କରିନ୍ଥୀ ୪:୪) ।

ବିବେକ ହେଉଛି, ବିଶ୍ୱାସୀମାନଙ୍କ ଅଭିପ୍ରାୟ ଓ କାର୍ଯ୍ୟକଳାପମାନର ବୃଦ୍ଧି ପାଉଥିବା ବୁଝାମଣା ନିର୍ଭର କରେ –

୧. ଏକ ବାଇବଲ ସମ୍ବନ୍ଧୀୟ ଜଗତର ମତାମତ
୨. ଭିତରେ ବାସକରୁଥିବା ଆତ୍ମା
୩. ଈଶ୍ୱରଙ୍କ ବାକ୍ୟ ଉପରେ ନିର୍ଭର କରୁଥିବା ଏକ ଜୀବ ଶୈଳୀ ବିଷୟକ ଜ୍ଞାନ

ସୁସମାଚାରର ବ୍ୟକ୍ତିଗତ ଗ୍ରହଣ ଦ୍ୱାରା ଏହା କାର୍ଯ୍ୟକାରୀ ହେବା ସମ୍ଭବପର ।

**୧୩:୬ ''ଯେଣୁ ଏହି କାରଣରୁ ତୁମ୍ଭେମାନେ ରାଜସ୍ୱ ମଧ ଦେଇଥାଏ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ ସୂଚନାଦାନକାରୀ ଅଟେ, ଯଦ୍ୟପି ଆକାରରେ ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ ଅନୁଜ୍ଞାସୂଚକ କ୍ରିୟାପଦ ହୋଇପାରେ (ଦେବି) । ଏହା ସ୍ପଷ୍ଟରୂପେ ଦେଶୀୟ ଅଧିକାର ପ୍ରାପ୍ତ ବ୍ୟକ୍ତିମାନଙ୍କ ପ୍ରତି ଏକ ଖ୍ରୀଷ୍ଟିୟାନ ଦାୟିତ୍ୱର ଉଦାହରଣ ଅଟେ, କାରଣ ଅଧିକାର ପ୍ରାପ୍ତ ଶାସନକର୍ତ୍ତାଗଣ ଈଶ୍ୱରଙ୍କ ସେବକଗଣ ଅଟନ୍ତି (୧–୨,୪)

**୧୩:୭**

| | |
|---|---|
| **ଏନ୍ ଏ ଏସ୍ ବି** | **''ଯାହାଙ୍କୁ ଯାହା ସମସ୍ତ ପ୍ରାପ୍ୟ ତାହାଙ୍କୁ ତାହା ଦିଅ'' କର..., ରାଜସ୍ୱ..., ଶୁଳ୍କ..., ଭୟ..., ସମାଦର ।** |
| **ଏନ୍ କେ ଜେ ଭି** | **''ଯାହା ସେମାନଙ୍କ ସମସ୍ତ ପ୍ରାପ୍ୟ, ତାହାଙ୍କୁ ତାହା ଦିଅ'' କର..., ରାଜସ୍ୱ... ଭୟ... ସମାଦର ।** |
| **ଏନ୍ ଆର୍ ଏସ୍ ଭି** | **''ସେମାନଙ୍କ ଯାହା ପ୍ରାପ୍ୟ, ସେ ସମସ୍ତ ମୂଲ୍ୟ ଦିଅ'' କର..., ରାଜସ୍ୱ..., ସମ୍ମାନ..., ସମାଦର ।** |
| **ଟି ଇ ଭି** | **''ଯେଉଁ ବିଷୟରେ ତୁମେ ସେମାନଙ୍କର ଋଣୀ, ପରିଶୋଧ କର, ତୁମର ବ୍ୟକ୍ତିଗତ ଓ ସମ୍ପତ୍ତି କର ସବୁ ଦିଅ ଏବଂ ସେ ସମସ୍ତଙ୍କୁ ସମ୍ମାନ କର, ସମାଦର କର ।''** |
| **ଏନ୍ ଜେ ବି** | **''ପ୍ରତ୍ୟେକ ସରକାରୀ ପଦସ୍ଥମାନଙ୍କ ଯାହା ମାଗିବାର ଅଧିକାର ଅଛି – ଏହା ହୁଏତ ସିଧାସଳଖ କର (ରାଜସ୍ୱ) ଦିଅ ବା ପରୋକ୍ଷ ଭାବେ ଭୟ କର ଓ ସମାଦର କର ।''** |

ଏହା ଦୁଇଟି ପୃଥକ ଦଳ ଦେଶୀୟ ଅଧିକାରୀ ପ୍ରାପ୍ତ ବ୍ୟକ୍ତିମାନଙ୍କର ହୋଇପାରେ (ଆର୍ ଏସ୍ ଭି), ମାତ୍ର ସମ୍ଭବତଃ ଏହା ବୁଝାଏ ଯେ, ଖ୍ରୀଷ୍ଟିୟାନମାନେ ଦେଶୀୟ ଅଧିକାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ଉଭୟ କର (ରାଜସ୍ୱ) ଏବଂ ସମ୍ମାନ ଦେବା ଉଚିତ କାରଣ ସେମାନେ ଈଶ୍ୱରଙ୍କ ସେବକ ରୂପେ କାର୍ଯ୍ୟ କରନ୍ତି (୧,୪ ପଦ ଦୁଇଥର, ୬ ପଦ, ମାଥିଉ ୨୨:୧୫–୨୨)

ଦୁଇଟି ଶବ୍ଦ ''କର'' ଓ ''ରାଜସ୍ୱ'' ଏଠାରେ ଏକପ୍ରକାର ଭାବେ ବ୍ୟବହାର କରାଯାଇଛି (ଯଦିବା ଟିଇଭିରେ ଏକ ପ୍ରଭେଦ ଅଛି) । ଯଦି ମୂଳ ଶବ୍ଦ ବିଶ୍ଳେଷଣ କରାଯାଏ (ମୂଳ ଅର୍ଥ), ପ୍ରଥମ କର କୁ ବୁଝାଏ ଯାହା ଜୟଲାଭ କରାଯାଇଥିବା ଦେଶ ଦ୍ୱାରା ଦିଆଯାଏ (ଲୂକ ୨୦:୨୨) ଏବଂ ଦ୍ୱିତୀୟ ହେଉଛି ବ୍ୟକ୍ତିଗତ କରମାନ (ମାଥିଉ ୧୭:୨୫, ୨୨:୧୭,୧୯) ।

ଶାସ୍ତ୍ରାଂଶ ରୋମୀ ୧୩:୮–୧୪ର ପୂର୍ବାପର ସମ୍ବନ୍ଧର ଅର୍ନ୍ତଦୃଷ୍ଟିସମୂହ

କ. ୧–୭ ପଦ ଏକ ସ୍ୱ–ଆଧାରିତ ସାହିତ୍ୟିକ ପୃଷ୍ଠଭୂମି ରୂପେ ବୁଝିବା ସମ୍ଭବ ପର । ଯାହାବି ହେଉ, ''ଋଣୀ'' ଶବ୍ଦର ପ୍ରସଙ୍ଗ ୮ ପଦରେ ଏକ ଭିନ୍ନ ଅର୍ଥରେ ଥିବା ପରି ଦେଖାଯାଏ । ବିଶ୍ୱାସୀମାନେ ରାଷ୍ଟ୍ର ନିକଟରେ ଋଣୀ ଅଟନ୍ତି ବିଶ୍ୱାସୀମାନେ ମଧ ଅନ୍ୟ ମାନବଗଣ ନିକଟରେ ଋଣୀ ଅଟନ୍ତି ।

ଖ. ୮–୧୦ ସମ୍ମିଳିତ ଚିନ୍ତା ଅଟେ, ଯେପରି ୧୧–୧୪, ସେମାନେ ବା ସେ ପଦମାନ ୧୨ ଅଧ୍ୟାୟରୁ ଖ୍ରୀଷ୍ଟିୟାନର ଅନ୍ୟମାନଙ୍କୁ ପ୍ରେମ କରିବା ଦାୟିତ୍ୱର ଆଲୋଚନା କରିଚାଲନ୍ତି ।

ଗ. ପାଉଲଙ୍କ ପୁରାତନ ନିୟମ ଦଶ ଆଜ୍ଞା ବ୍ୟବହାର, ନୂତନନିୟମ ବିଶ୍ୱାସୀମାନଙ୍କ ପାଇଁ ଏକ ନୈତିକ ଚାଳନା ରୂପେ ଈଶ୍ୱର ପରାୟଣ ଜୀବନ ଯାପନ (ପବିତ୍ରୀକରଣ) କ୍ଷେତ୍ରରେ ପରିତ୍ରାଣ କ୍ଷେତ୍ରରେ ନୁହେଁ (ଗାଲାତୀ ୩ର ଧାର୍ମିକଗଣନା) ପୁରାତନ ନିୟମର ପ୍ରାସଙ୍ଗିକତା ବା ପ୍ରଯୁଜ୍ୟତା ହୋଇ ଆସିଥିବା ଦର୍ଶାଏ । ଏହା ଦେଖାଯାଏ ଯେ, ପାଉଲ ବିଭିନ୍ନ ସୂତ୍ରମାନ, ତାଙ୍କର ନୀତି ସମ୍ବନ୍ଧୀୟ ଚାଳନା ଧାଡ଼ିମାନ ପ୍ରସ୍ତୁତ କରିବାକୁ ଏକତ୍ର କରିଅଛନ୍ତି :

୧. ଯୀଶୁଙ୍କ ବାକ୍ୟସମୂହ
୨. ଆତ୍ମାଙ୍କ ଚାଳନା
୩. ତାଙ୍କର ଗୁରୁମାନଙ୍କଠାରୁ ତାଲିମ
୪. ପୁରାତନ ନିୟମ
୫. ଗ୍ରୀକ୍ ଚିନ୍ତାଶୀଳବ୍ୟକ୍ତିମାନଙ୍କ (ବିଶେଷତଃ ଷ୍ଟୋୟିକ୍) ବିଷୟକ ତାଙ୍କର ଜ୍ଞାନ

ଏହା ପ୍ରେମର ବ୍ୟବସ୍ଥା (ନିୟମ), ଚରିତ୍ରଗତଗୁଣରେ ପରିଣତ କଲା – ଈଶ୍ୱରଙ୍କ ପାଇଁ ପ୍ରେମ, ମାନବଜାତି ପାଇଁ ପ୍ରେମ, ଈଶ୍ୱରଙ୍କ ପ୍ରତି ସେବା ଓ ମାନବ ପ୍ରତି ସେବା

ଘ. ୧୧–୧୪ ପଦମାନଙ୍କର ଶେଷ ଯୁଗ ସମ୍ବନ୍ଧୀୟ (ଶେଷସମୟ) ସୂଚନା ଅଛି । ଅନ୍ଧକାର ଓ ଆଲୋକର ବିପରୀତ ତୁଳନା (ପ୍ରଭେଦ) ଯିହୁଦୀ ସାହିତ୍ୟର, ମୃତସାଗର ଗୁଡ଼ା ହୋଇ ରହିଥିବା ଶାସ୍ତ୍ରବାକ୍ୟକୁ ଅର୍ନ୍ତଗତ କରି, ତାହାର ଚାରିତ୍ରିକଗୁଣ ଥିଲା । ଏହା ମଧ୍ୟ ଯୋହନ ଓ ପାଉଲଙ୍କ ଲେଖାଗୁଡ଼ିକରେ ସାଧାରଣ ବିଷୟ ଅଟେ । ଖ୍ରୀଷ୍ଟିୟାନ ଜୀବନର ''ହୋଇସାରିଥିବା'' ଓ ''ତଥାପି ହୋଇ ନାହିଁ'' ମଧ୍ୟରେ ଗଭୀର ଚିନ୍ତା ଈଶ୍ୱର ପରାୟଣ ଜୀବନଯାପନ ପାଇଁ ଉଦ୍ଦୀପକ (ଉତ୍ତେଜକ) ଅଟେ । ନୂତନ ଯୁଗ (ଈଶ୍ୱରଙ୍କ ରାଜ୍ୟ) ଉଦ୍‌ଘାଟିତ ହୋଇଆସିଛି ଏବଂ ଶୀଘ୍ର ପୂର୍ଣ୍ଣାଙ୍ଗପ୍ରାପ୍ତ ହେବ । ଏହି ଶାସ୍ତ୍ରାଂଶଟି ୧ ଥେସଲ ୫:୧–୧୧ ସହିତ ବହୁତ ସମାନ ।

ଙ. ୧୩–୧୪ ପଦମାନର ୩୮୬ ଖ୍ରୀଷ୍ଟାବ୍ଦର ଗ୍ରୀଷ୍ମକାଳରେ ଅଗଷ୍ଟିନଙ୍କ ଉପରେ ଏକ ଜୀବନ – ପରିବର୍ତ୍ତନ ପ୍ରଭାବ ଥିଲା । ସେ ତାଙ୍କର ସ୍ୱୀକାରୋକ୍ତି ମାନ ୮:୨୯ ରେ କହିଲେ, ''ଆଉ ଆଗକୁ ମୁଁ ପଢ଼ିବି ନାହିଁ କିଅବା ମୋର କୌଣସି ଅଭାବ ନ ଥିଲା, ହଠାତ୍ ଏହି ବାକ୍ୟର ଶେଷରେ, ଏକ ସ୍ୱଷ୍ଟ ଆଲୋକ ମୋର ହୃଦୟ ପ୍ଲାବିତ କଲା ଏବଂ ସନ୍ଦେହର ସମସ୍ତ ଅନ୍ଧକାର ଅପସାରିତ ହେଲା ।''

## ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୩:୮–୧୦**

**୮''ପରସ୍ପରକୁ ପ୍ରେମ କରିବା ବିନା ଆଉ କାହିଁରେ କାହାରିଠାରେ ଋଣୀ ହୁଅ ନାହିଁ, କାରଣ ଯେ ପରକୁ ପ୍ରେମ କରେ । ସେ ବ୍ୟବସ୍ଥା ସଫଳ କରିଅଛି । ୯ କାରଣ ବ୍ୟଭିଚାର କର ନାହିଁ, ନରହତ୍ୟା କର ନାହିଁ, ଚୋରି କର ନାହିଁ, ଲୋଭ କର ନାହିଁ, ପୁଣି ଯଦି ଆଉ କୌଣସି ଆଜ୍ଞା ଥାଏ, ତାହା ସାର ଭାବେ ଏହି ବାକ୍ୟର ଅନ୍ତର୍ଗତ ଅଟେ ଯଥା, ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର । ୧୦ ପ୍ରେମ ପ୍ରତିବାସୀର ଅନିଷ୍ଟ କରେ ନାହିଁ, ଅତଏବ ପ୍ରେମ ବ୍ୟବସ୍ଥା ସଫଳ କରେ ।''**

**୧୩:୮ ''କାହାରଠାରେ ଋଣୀ ହୁଅ ନାହିଁ ।''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ ଅନୁଜ୍ଞାସୂଚକ କ୍ରିୟା ସହିତ ଏକ ନାସ୍ତିବାଚକ କ୍ଷୁଦ୍ରାଂଶ ଅଟେ । ଯାହା ସାଧାରଣତଃ ଏକ ଚାଲୁଥିବା କାର୍ଯ୍ୟ ପ୍ରକ୍ରିୟାକୁ ବନ୍ଦ କରିବାକୁ ବୁଝାଏ । ଏହା ଗୁରୁତ୍ୱପୂର୍ଣ୍ଣ ଖଣ୍ଡବାକ୍ୟର ଦୁଇଟି ନାସ୍ତିବାଚକ ବିଷୟ ଅଛି । ଏହା କରଦେବା ବିଷୟ ସହିତ ସମ୍ପୃକ୍ତ ହୋଇଥାଇପାରେ (୬–୭ପଦମାନ) । ଆର୍ଥିକ ଋଣ ସର୍ବଦା ଏକ ଉତ୍ତେଜନାମୂଳକ ଏବଂ ଆଭ୍ୟନ୍ତରୀଣ ଗୁଣ ବିଶିଷ୍ଟ ଭାବେ ଆତ୍ମିକ ନିଷ୍ପାସନ କରିବା ଅଟେ । ଜାଗତିକତା ବିଷୟରେ ସତର୍କ ହୁଅ । ଏହା ବିଶ୍ୱାସୀମାନଙ୍କୁ ସେମାନଙ୍କ ଖ୍ରୀଷ୍ଟିୟ କାରଣ ଗୁଡ଼ିକ ହେତୁ ସାହାଯ୍ୟ କରିବା ଏବଂ ବ୍ୟକ୍ତିଗତ ପ୍ରେମର ଦାନ ଦେବାରେ ସେମାନଙ୍କ ସକ୍ଷମତାକୁ ହରଣ କରିଦିଏ । ଯାହାବି ହେଉ ଏହି ପଦ ଏକ ପ୍ରମାଣସିଦ୍ଧ ଶାସ୍ତ୍ରାଂଶ ରୂପେ ''ଖାଉଟି ଲାଭ ନାହିଁ'' ପାଇଁ ବ୍ୟବହୃତ ହୋଇ ପାରିବ ନାହିଁ । ବାଇବଲ ଏହାର ନିଜ ସମୟର ଆଲୋକର ଅନୁବାଦିତ ହେବା ଉଚିତ ଏହା ଏକ ଆମେରିକୀୟ ପ୍ରାତଃକାଳୀନ ସମ୍ବାଦ ପତ୍ର ନୁହେଁ । ୮–୧୦ ପଦମାନ ଆମର ପରସ୍ପରକୁ ପ୍ରେମ କରିବାର ଅଗ୍ରାଧିକାରକୁ ଗୁରୁତ୍ୱ ଦେଉଅଛି (୧) ପ୍ରତିଜ୍ଞାତ ଭ୍ରାତାଗଣରୂପେ (ମାଥିଉ ୨୨:୩୯–୪୦, ଯୋହନ ୧୩:୩୪–୩୫) ଏବଂ (୨) ସହମାନବଗଣ ରୂପେ (ମାଥିଉ ୫:୪୨, ଗାଲାତୀ ୬:୧୦) ଏନ୍ ଆଇ ଡି ଏନ୍ ଟି ଟି ୧ ଭାଗ ୬୬୮ ପୃଷ୍ଠା ଏକ ପର୍ଯ୍ୟବେକ୍ଷଣ କଲା ଯେ, କ୍ରିୟାପଦ ''ଋଣକରିବା''ର ଦୁଇଟି ଅର୍ଥ ଅଛି ।

୧. ସୁସମାଚାର ମାନଙ୍କରେ ଏହା ଏକ ଋଣ (ଧାର) ବୋଲି ବ୍ୟବହୃତ ହୋଇଅଛି ।
୨. ପାଉଲଙ୍କ ପତ୍ରମାନଙ୍କରେ ଏହା ଏକ ଦାୟିତ୍ୱ ବୋଲି ବ୍ୟବହୃତ ହୋଇଅଛି ।

ଏହି ଶାସ୍ତ୍ରାଂଶରେ ପାଉଲ ଏହି ଅର୍ନ୍ତନିହିତ ଅର୍ଥମାନ ସଂଯୁକ୍ତ କରିବା ପରି ଦେଖାଯାଏ ।

▣ ''ପରସ୍ପରକୁ ପ୍ରେମ କରିବା ବିନା'', ଏହା ଏକ ମୁଖ୍ୟ ଚିନ୍ତା ୮–୧୦ ପଦର (ଯୋହନ ୧୩:୩୪, ୧୫:୧୨, ରୋମୀ ୧୨:୧୦, ୧ କରିନ୍ଥୀ ୧୩, ଫିଲିପ୍ପୀ ୨:୩–୪, ୧ ଥେସଲ ୪:୯, ଏବ୍ରୀ ୧୩:୧, ୨ ପିତର ୧:୭, ୧ ଯୋହନ ୩:୧୧, ୪:୭, ୧୧–୧୨) ।

▣ ''ଯେ ତାହାର ପ୍ରତିବାସୀଙ୍କୁ ପ୍ରେମ କରେ'' ଏହି କ୍ରିୟାପଦ ଏକ ବର୍ତ୍ତମାନ କର୍ତ୍ତୃବାଚ୍ୟ କୃଦନ୍ତ । ଏହା ପୃଥକୀକୃତ ବା ସମୟକ୍ରମିକ ପ୍ରେମର କାର୍ଯ୍ୟ ନୁହେଁ, ମାତ୍ର ଖ୍ରୀଷ୍ଟ ସଦୃଶ ପ୍ରେମର ଜୀବନଶୈଳୀକୁ ବୁଝାଏ ।

''ପ୍ରତିବାସୀ'' ଶବ୍ଦ ଆକ୍ଷରିକଭାବେ ''ବିଭିନ୍ନ ପ୍ରକାର ମଧ୍ୟରୁ ଅନ୍ୟ ଜଣେ'' (ହେଟେରୋସ୍), ଯଦିବା ହେଟେରୋସ ଓ ଆଲୋସ (ସମାନ ପ୍ରକାରରୁ ଅନ୍ୟ ଜଣେ) ମଧ୍ୟରେ ପ୍ରଭେଦ ଅଛି, କୋଇନେ ଗ୍ରୀକ୍‌ରେ ଭଗ୍ନ ହୋଇଅଛି । ପୂର୍ବାପର ସମ୍ବନ୍ଧରେ ଏହା ଜଣକ ପ୍ରତିବାସୀଙ୍କୁ ବୁଝାଇ ପାରେ, ବିସ୍ତୃତତମ ସମ୍ଭବପର ଶବ୍ଦ, ବିଶ୍ୱାସୀ ବା ବିଶ୍ୱାସୀ ନୁହେଁ କୁ ବୁଝାଇଥାଏ (ଲୂକ ୧୨:୧୪-୨୧, ୧୦:୨୫-୩୭) । ଯାହା ବି ହେଉ ଲେବୀ ୧୯:୧୮ ରୁ ଉଦ୍ଧୃତାଂଶ, ଶାସ୍ତ୍ରାଂଶରେ ଅନ୍ୟ ଏକ ପ୍ରତିଜ୍ଞାତ ଅଂଶଗ୍ରହଣ କାରୀଙ୍କୁ ବୁଝାଏ (ଏକ ସହ ଇସ୍ରାଏଲୀୟ) ।

ଖ୍ରୀଷ୍ଟିୟାନମାନେ ଅନ୍ୟ ଖ୍ରୀଷ୍ଟିୟାନଙ୍କୁ ଭ୍ରାତାଗଣ ରୂପେ ଏବଂ ହଜିଯାଇଥିବା ଲୋକମାନଙ୍କୁ ଅନ୍ତର୍ନିହିତ ଗୁଣ ବିଶିଷ୍ଟ ଭ୍ରାତାଗଣ ରୂପେ ପ୍ରେମ କରିବା ଉଚିତ (ଗାଲାତୀ ୬:୧୦) । ଖ୍ରୀଷ୍ଟଧର୍ମ ଏକ ପରିବାର ଅଟେ । ପ୍ରତ୍ୟେକ ସଭ୍ୟ ସମସ୍ତଙ୍କ ସ୍ୱାସ୍ଥ୍ୟ ଓ ବୃଦ୍ଧି ପାଇଁ ବଞ୍ଚନ୍ତି ଓ ସେବା କରନ୍ତି (୧ କରିନ୍ଥୀ ୧୨:୭) ।

▣

**ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି**

| | |
|---|---|
| **ଏନ୍ ଆର୍ ଏସ୍ ଭି** | **''ବ୍ୟବସ୍ଥାସଫଳ କରିଅଛି''** |
| **ଟି ଇ ଭି** | **''ବ୍ୟବସ୍ଥାର ଆଜ୍ଞାବହ ହୋଇଅଛି''** |
| **ଏନ୍ ଜେ ବି** | **''ତୁମର କର୍ତ୍ତବ୍ୟମାନ କରାଯାଇଅଛି''** |

ଏକ ସାଧାରଣ ଗ୍ରୀକ୍ କ୍ରିୟାପଦ (ପ୍ଲେରୁ) ବିଭିନ୍ନ ଉପାୟରେ ଅନୁବାଦିତ ହୋଇପାରେ । ଏହା ଏକ ସମ୍ପୂର୍ଣ୍ଣ କର୍ତ୍ତୃବାଚ୍ୟ ସୂଚନା ଦାୟକ, ଯାହା ''ଏହା ହୋଇଆସିଛି ଏବଂ ସଫଳ ହେବାରେ ଲାଗିରହିଅଛି'' ରୂପେ ଅନୁବାଦ କରାଯାଇ ପାରିବ । ରବର୍ଟ ହାନ୍ନାଙ୍କ, ଗ୍ରୀକ୍ ନୂତନ ନିୟମ ପାଇଁ ''ଏକ ବ୍ୟାକରଣୀୟ ସାହାଯ୍ୟ'', ଏ ଟି ରବର୍ଟସନଙ୍କଠାରୁ ଉଦ୍ଧୃତ କରିଛି ଏବଂ ଏହାର ନାମ ଦେଇଛି ''ଏକ ନୀତିବାକ୍ୟ ସିଦ୍ଧ (ଏକ ପ୍ରଚଳିତ ସତ୍ୟକୁ ବୁଝାଉଛି, ଯାହା ଗ୍ରାହକମାନଙ୍କ ଦ୍ୱାରା ସୁପରିଚିତ)'' (୨୮ ପୃଷ୍ଠା) ଏହା ୧୦ ପଦରେ ପୁନରାବୃତ୍ତି କରାଯାଇଅଛି (ଗାଲାତୀ ୫:୧୪, ୬:୨) ।

୧୩:୯ ମୋଶାଙ୍କ ବ୍ୟବସ୍ଥାକୁ ବ୍ୟବହାର କରିବା ପାଉଲଙ୍କ ନିମନ୍ତେ ଅସାଧାରଣ ନୁହେଁ (ଯାତ୍ରା ୨୦:୧୩-୧୭ ବା ଦ୍ୱିତୀୟ ବିବରଣ ୫:୧୭-୧୧ ଏବଂ ଲେବୀ ୧୯:୧୮) ନୂତନ ପ୍ରତିଜ୍ଞାବଦ୍ଧ ବିଶ୍ୱାସୀମାନଙ୍କୁ ଲକ୍ଷ୍ୟଭୁକ୍ତ କରିବା ନିମନ୍ତେ । ଏଫିସୀ ୬:୨-୩ରେ ପାଉଲ ମଧ୍ୟ ଦଶ ଆଜ୍ଞା ମଧ୍ୟରୁ ଗୋଟିଏ ଖ୍ରୀଷ୍ଟିୟାନମାନଙ୍କ ଲକ୍ଷ୍ୟ ବା ଉଦ୍ଦେଶ୍ୟ ରୂପେ ବ୍ୟବହାର କରିଥିଲେ (୧ ତୀମଥି ୧:୯-୧୦) । ଏହି ପୁରାତନ ନିୟମ ଶାସ୍ତ୍ରାଂଶ ପରିତ୍ରାଣର ମାଧ୍ୟମ ନ ଥିଲା, ମାତ୍ର ଏହା ତଥାପି ମାନବ ଗଣ କିପରି ଈଶ୍ୱରଙ୍କ ସହିତ ଓ ପରସ୍ପର ସହିତ ବ୍ୟବହାର କରିବା ଉଚିତ ସେ ବିଷୟରେ ଈଶ୍ୱରଙ୍କ ପ୍ରକାଶିତ ଇଚ୍ଛା ଥିଲା (ରୋମୀ ୧୫:୪, ୧ କରିନ୍ଥୀ ୧୦:୬,୧୧) । ସମ୍ଭବତଃ ପୁରାତନ ନିୟମରୁ ଉଦ୍ଧୃତ କରିବା ଥିଲା, ରୋମ ମଣ୍ଡଳୀରେ ଯିହୁଦୀ ଓ ବିଜାତୀ ବିଶ୍ୱାସୀ ଉଭୟଙ୍କୁ ସମ୍ପୃକ୍ତ କରିବା ଲାଗି ପାଉଲଙ୍କର ପଥ । ଏହି ''ସଫଳ ହୋଇଅଛି'' ଶବ୍ଦ ବ୍ୟବହାର ମାଥିଉ ୫:୧୭ରେ ବ୍ୟବସ୍ଥା ବିଷୟରେ ଯୀଶୁଙ୍କ ଆଲୋଚନା ସହିତ ସମ୍ପୃକ୍ତ ।

ଏହା ସମ୍ଭବ ପର ଯେ, ଏହା ସାଧାରଣ ଭାବେ ବ୍ୟବସ୍ଥାକୁ ବୁଝାଉଛି, ବ୍ୟବସ୍ଥା (ଆଇନ), ସାମାଜିକ ପ୍ରଥା ରୂପେ ଏବଂ ମୋଶାଙ୍କ ବ୍ୟବସ୍ଥା ନୁହେଁ ନିର୍ଦ୍ଦିଷ୍ଟରୂପେ (ଜେବି) । ଯାହାବି ହେଉ, ଏହା ସତ୍ୟ ଯେ ପାଉଲ ୯ ପଦରେ ପୁରାତନ ନିୟମରୁ ଉଦ୍ଧୃତ କରନ୍ତି ଯାହା ମୋଶାଙ୍କ ବ୍ୟବସ୍ଥାକୁ ବୁଝାଉଛି । ଲକ୍ଷ୍ୟ କର ଯେ, କେବଳ ପ୍ରେମ, ବ୍ୟତୀତ ମାନବ-ନିୟମ ପାଳନ ପ୍ରକୃତରେ ବ୍ୟବସ୍ଥା ସଫଳ କରିପାରେ ନାହିଁ ! ବିଶେଷ ପ୍ରସଙ୍ଗମାନ ଦେଖ, ନିମ୍ନରେ -

ଲେବୀ ୧୯:୧୮ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଥରେ ବ୍ୟବହାର କରାଯାଇଅଛି ।

୧. ଯୀଶୁ ଏହା ''ଶେମା'' ସହିତ ସଂଯୋଗର ବ୍ୟବହାର କଲେ (ଦ୍ୱିତୀୟ ବିବରଣ ୬:୪-୬) ସମୁଦାୟ ବ୍ୟବସ୍ଥାର ସାରାଂଶ ରୂପେ (ମାଥିଉ ୨୨:୩୭-୪୦, ମାର୍କ ୧୨:୨୯-୩୧, ଲୂକ ୧୦:୨୭) ।

୨. ପାଉଲଙ୍କ ସକାଶେ ଏହା ଦଶଆଜ୍ଞାର ଦ୍ୱିତୀୟାର୍ଦ୍ଧର ଏକ ସାରାଂଶ ରୂପେ କାର୍ଯ୍ୟ କରେ (ଯଥା : ପ୍ରତିଜ୍ଞାତ ଅଂଶାଧିକାରୀମାନଙ୍କ ସହିତ ଜଣକର ସମ୍ପର୍କ (ଗାଲାତୀ ୫:୧୪), ଯୀଶୁଙ୍କ ମନ୍ତବ୍ୟ ମାଥିଉ ୭:୧୨ ଓ ଲୂକ ୬:୩୧ର ଅନୁଗାମୀ ହୋଇ ।

ବିଶେଷ ପ୍ରସଙ୍ଗ : ମୋଶାଙ୍କ ବ୍ୟବସ୍ଥାର ପାଉଲଙ୍କ ମତାମତ

ଏହା ଉତ୍ତମ ଓ ଈଶ୍ୱରଙ୍କଠାରୁ (ରୋମୀ ୭:୧୨,୧୬)

କ. ଏହା ଧାର୍ମିକତା ମଧ୍ୟକୁ ଓ ଈଶ୍ୱରଙ୍କ ଦ୍ୱାରା ଗୃହିତ ହେବାର ପଥ ନୁହେଁ (ଏହା ଏକ ଅଭିଶାପ ମଧ୍ୟ ହୋଇପାରେ ଗାଲାତୀ ୩) ।

ଖ. ଏହା ତଥାପି ବିଶ୍ୱାସୀମାନଙ୍କ ସକାଶେ ଈଶ୍ୱରଙ୍କ ପଥ ଅଟେ କାରଣ ଏହା ଈଶ୍ୱରଙ୍କ ସ୍ୱ-ପ୍ରକାଶ ଅଟେ (ପାଉଲ ଅନେକ ସମୟରେ ପୁରାତନ ନିୟମ, ବିଶ୍ୱାସୀମାନଙ୍କୁ ବିଶ୍ୱାସବୋଧ ଦେବାକୁ ବା ଉତ୍ସାହିତ କରିବାକୁ ଉଦ୍ଧୃତ କରନ୍ତି) ।

ଗ. ପୁରାତନ ନିୟମଦ୍ୱାରା ବିଶ୍ୱାସୀମାନେ ବିଷୟମାନ ଜାଣିଲେ (ରୋମୀ ୪:୨୩-୨୪, ୧୫:୪, ୧ କରିନ୍ଥୀ ୧୦:୬,୧୧) ମାତ୍ର ପୁରାତନ ନିୟମ ଦ୍ୱାରା ପରିତ୍ରାଣପ୍ରାପ୍ତ ନୁହନ୍ତି (ପ୍ରେରିତ ୧୫, ରୋମୀ ୪, ଗାଲାତୀ ୩, ଏବ୍ରୀପୁସ୍ତକ)

ଘ. ଏହା ନୂତନ ଚୁକ୍ତିରେ (ନିୟମରେ) କାର୍ଯ୍ୟ କରେ :
   ୧. ପାପପୂର୍ଣ୍ଣତା ଦର୍ଶାଇବାକୁ
   ୨. ମୁକ୍ତିପ୍ରାପ୍ତ ମାନବଜାତିକୁ ସମାଜରେ ଚାଳନା ଦେବାକୁ
   ୩. ଖ୍ରୀଷ୍ଟିୟାନର ନୈତିକ ସିଦ୍ଧାନ୍ତମାନ ଜଣାଇବାକୁ

ଏହା ହେଉଛି ଏହି ପାରମାର୍ଥିକ ଆଲୋକ ରଶ୍ମି, ଅଭିଶାପରୁ ଆଶୀର୍ବାଦ ଓ ସ୍ଥାୟୀତ୍ୱକୁ ଚାଲି ଆସିଛି ଯାହା ମୋଶାଙ୍କ ବ୍ୟବସ୍ଥା ବିଷୟରେ ପାଉଲଙ୍କ ମତ ବୁଝିବାକୁ ଚେଷ୍ଟା କରିବାରେ ସମସ୍ୟାର କାରଣ ହୁଏ । ଏକ ପୁସ୍ତକ ''ଖ୍ରୀଷ୍ଟଙ୍କଠାରେ ଏକ ମନୁଷ୍ୟ'', ଜେମ୍ସ୍ ସ୍ଟିୱାଟ, ପାଉଲଙ୍କ ବିରୋଧାତ୍ମକ ଚିନ୍ତା ଓ ଲେଖା ଦର୍ଶାନ୍ତି :

> ସାଧାରଣ ଭାବରେ ତୁମେ ଅପେକ୍ଷା କରିବ ଜଣେ ଲୋକ, ଯେକି ଏକ ଚିନ୍ତା ଓ ମୂଳତତ୍ତ୍ୱର ଏକ ରୀତି ନିର୍ମାଣ କରିବାକୁ ଆପଣାକୁ ପ୍ରସ୍ତୁତ କରିଅଛି, ସେ ବ୍ୟବହାର କରୁଥିବା ଶବ୍ଦମାନଙ୍କର ଅର୍ଥ ଯେତେ ଦୃଢ଼ ଭାବରେ ସମ୍ଭବ ତାହା ସେପରି ଯୋଗ କରିବ । ତୁମେ ତାହାଠାରୁ ଅପେକ୍ଷା କରିବ, ଯେପରି ସେ ତାହାର ମୁଖ୍ୟ ଭାବଧାରାର ଶବ୍ଦ ବିନ୍ୟାସରେ ନିର୍ଭୁଲ ହେବାକୁ ଲକ୍ଷ୍ୟ ରଖିବ । ତୁମେ ଦାବୀ କରିବ, ତୁମ ଲେଖକଙ୍କ ଦ୍ୱାରା ଥରେ ଏକ ଶବ୍ଦ ଯେଉଁ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହାର କରାଯାଇଛି, ସେହି ଅର୍ଥ ସେହି ଶବ୍ଦରେ ସମୁଦାୟ ଲେଖାରେ ଧାରଣ କରିଥିବ । ମାତ୍ର ଏହା ପାଉଲଙ୍କଠାରୁ ଦେଖିବାକୁ ଅପେକ୍ଷା କଲେ ନିରାଶ ହେବାକୁ ପଡ଼େ । ତାଙ୍କର ବହୁତ ଶବ୍ଦ ବିନ୍ୟାସ, ରସ ବା ତରଳ ପଦାର୍ଥ (ପରିବର୍ତ୍ତନୀୟ), ଦୃଢ଼ ବା କଠୋର ନୁହେଁ ... 'ବ୍ୟବସ୍ଥା ପବିତ୍ର' ସେ ଲେଖନ୍ତି, ''ଆନ୍ତରିକ ପୁରୁଷର ଭାବାନୁସାରେ ମୁଁ ଈଶ୍ୱରଙ୍କ ବ୍ୟବସ୍ଥାରେ ଆନନ୍ଦ କରେ'' (ରୋମୀ ୭:୧୨,୨୨) ମାତ୍ର ଏହା ହେଉଛି, ସ୍ପଷ୍ଟ ଭାବରେ ''ନୋମୋସ୍''ର ଅନ୍ୟ ବିଷୟ, ଯାହା ତାଙ୍କୁ ଯେକୌଣସିଠାରେ କହିବାକୁ ଦିଏ, ''ଖ୍ରୀଷ୍ଟ ଆମ୍ଭମାନଙ୍କୁ ବ୍ୟବସ୍ଥାର ଅଭିଶାପରୁ ମୁକ୍ତ କରିଅଛନ୍ତି (ଗାଲାତୀ ୩:୧୩)'' (୨୬ ପୃଷ୍ଠା)

**ବିଶେଷ ପ୍ରସଙ୍ଗ : ଯାତ୍ରା ୨୦ ଉପରେ ଟିପ୍ପଣୀ**

**ଯାତ୍ରା ୨୦:୧୩ ହତ୍ୟା**

୧. ପୂର୍ବାପର ସମ୍ବନ୍ଧ
   କ. ଏହା ସ୍ମରଣ ରଖିବା ଉଚିତ (ଆବଶ୍ୟକ) ଯେ, ଏପରିକି ଆଦେଶମାନ ଏକ ସ୍ୱଭାବ ବିଶିଷ୍ଟ, ଯାହା ଦେଖାଯାଏ, ପ୍ରକୃତରେ ସେଗୁଡ଼ିକ ଧର୍ମ ସମ୍ବନ୍ଧୀୟ ଅଟେ । ଏହି ଆଦେଶମାନରେ ସୃଷ୍ଟି ଓ ମୁକ୍ତି ଉପରେ ଈଶ୍ୱରଙ୍କ ସର୍ବଭୌବତା ଦର୍ଶାଯାଇଅଛି । ହତ୍ୟା ନ କରିବାକୁ ଆଦେଶ, ଉପଯୁକ୍ତ ଲକ୍ଷ୍ୟ (ଆଲୋକ)ରେ, ପ୍ରତ୍ୟେକ ମାନବଠାରେ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀ ବିଷୟରେ ଏକ ବାକ୍ୟ ଏବଂ ମାନବ ଜୀବନ ପାଇଁ ଈଶ୍ୱରଙ୍କ ଯତ୍ନ ଓ ଚିନ୍ତା ।
   ଖ. ଏହା ସ୍ମରଣ ରଖିବା ଉଚିତ ଯେ ପ୍ରତ୍ୟେକ ଆଦେଶ ବିଶ୍ୱାସର ସମ୍ପ୍ରଦାୟ ପ୍ରତିଫଳିତ କରେ । ଅନ୍ୟାୟରେ ବା ଅନ୍ୟାୟ ବ୍ୟବହାରରେ ଏକ ଜୀବନ ନେବା ଉପରେ ନିଶୋଧାବେଶ, ମୁଖ୍ୟତଃ ଓ ମୂଳତଃ ବିଶ୍ୱାସ କରୁଥିବା ସମ୍ପ୍ରଦାୟ ଦ୍ୱାରା ଲକ୍ଷ୍ୟ ରଖାଯାଇଥିଲା ଏହାର ଇଙ୍ଗିତ ବା ଅଭ୍ୟାସ ଦିଆଯାଉଥିବା ବିଷୟମାନ ମାନବଜାତି ପରି ବିସ୍ତୃତ ଅଟେ !

୨. ଗୁରୁତ୍ୱପୂର୍ଣ୍ଣ ଶବ୍ଦ ଗୁଡ଼ିକର ଅଧ୍ୟୟନ
   କ. ହତ୍ୟା
   ୧. ଏହା ଏକ ଜୀବନ ନେବା ପାଇଁ ଏକ କ୍ୱଚିତ ଶବ୍ଦ (ରାସାହ), ପୁରାତନ ନିୟମରେ କେବଳ ୪୬ଥର ବ୍ୟବହାର ହୋଇଛି । ଦୁଇଟି ଅନ୍ୟ, ବହୁତ ବେଶୀ ସାଧାରଣ ଶବ୍ଦମାନ ଅଛି ।
      କ. ''ହାରାଗ'' ୧୬୫ ଥର ବ୍ୟବହୃତ ହୋଇଅଛି
      ଖ. ''ହେମିଟ'' ୨୦୧ ଥର ବ୍ୟବହୃତ ହୋଇଅଛି
   ୨. (ରାସାହ) ଶବ୍ଦର ଏକ ମୂଳ ସୀମାବଦ୍ଧ ଅର୍ଥ ଏବଂ ଏକ ବିସ୍ତିର୍ଣ୍ଣ ଅର୍ଥ ଥିବା ପରି ଦେଖାଯାଏ
   କ. ମୂଳତଃ ଏହା ଏକ ପ୍ରତିଜ୍ଞା ବା ଚୁକ୍ତି ଅଂଶାଧିକାରୀର ଏକ ନ୍ୟାୟସଙ୍ଗତ, ପୂର୍ବକଳ୍ପିତ ପଥରେ ଜୀବନକୁ ନେବା ସହିତ ସମ୍ପୃକ୍ତ, ଅନେକ ସମୟରେ ''ମୁକ୍ତିକର୍ତ୍ତା ଜ୍ଞାତି'' ବା ''ଗୋଏଲ'' ସହିତ ସହଯୋଗୀ ଏହି ବ୍ୟବହାର ପୂର୍ବ କଳ୍ପିତ ହେବା ଅନ୍ତର୍ଗତ କରେ, ମାତ୍ର ନ୍ୟାୟସଙ୍ଗତ ପ୍ରତିଶୋଧର ଅର୍ଥରେ (ଗଣନା ୩୫:୩୦-୪୦, ଲେବୀ ୨୪:୧୩-୨୩) । ବାସ୍ତବରେ ଲେକ୍ସ ଟାଲି ଓନିସ, ଜେସାକୁ ତେସାନୀତି ''ଚକ୍ଷୁ ପରିବର୍ତ୍ତେ ଚକ୍ଷୁ'' (ଆଦି ୯:୫-୬) ଥିଲା ପ୍ରତିଶୋଧ ସୀମିତ କରିବାର ପଥ, ପରବର୍ତ୍ତୀ ସମୟରେ ଆଶ୍ରୟ ନଗର (ଦ୍ୱିତୀୟ ବିବରଣ ୪:୪୧, ଯିହୋଶୂୟ ୨୦:୩) ସ୍ଥାପିତ ହେଲା, ଯେପରି ପ୍ରତିଜ୍ଞାତ ସଭ୍ୟ, ଯେ କି ଅକସ୍ମାତ ବା ଅଜ୍ଞାତ ସାରରେ ଅନ୍ୟକୁ ବଧ କରେ ସମ୍ପ୍ରଦାୟ ମଧ୍ୟରୁ, ସେ ସେହି ନଗରମାନଙ୍କ ମଧ୍ୟରୁ କେଉଁ ନଗରକୁ ପଳାଇଯାଇ ବଧ କରାଯାଇଥିବା ବ୍ୟକ୍ତିର ପରିବାରଙ୍କ କ୍ରୋଧରୁ ରକ୍ଷା ପାଇବ ।

ଖ. ପରବର୍ତ୍ତୀ ସମୟରେ ଶବ୍ଦଟି ଏକ ଜୀବନ ନେବାର ପଶ୍ଚାତରେ ଥିବା ଅଭିପ୍ରାୟ ବା ମନୋବୃତ୍ତିକୁ ବୁଝାଇବାକୁ ଲାଗିଲା ''ଉଦ୍ଦେଶ୍ୟସାଧନଭାବ'' ସର୍ବୋଚ୍ଚ ଚିନ୍ତାଧାରାରେ ପରିଣତ ହେଲା ! (ଯାତ୍ରା ୨୧:୧୨-୧୪, ଗଣନା ୩୫:୧୧-୨୨, ଦ୍ୱିତୀୟ ବିବରଣ ୨୮:୨୪) ।

ଗ. ଏହି ପାର୍ଥକ୍ୟତା ଏହି ଆଦେଶରେ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇ ଆସୁଅଛି । ଶାସ୍ତ୍ରାଂଶର ପରିବେଷରେ ଏହି ପ୍ରତିଜ୍ଞାତ ସମ୍ପ୍ରଦାୟ ମଧ୍ୟରେ ଅନ୍ୟମାନଙ୍କୁ କେବଳ ବୁଝାଇବା ପରି ଦେଖାଯାଏ । ଏହା ''ମୁକ୍ତିକର୍ତ୍ତା ଜ୍ଞାତି'' ବା ରକ୍ତ ପରିଶୋଧ ସହିତ ସମ୍ପୃକ୍ତ । ଯାହାବି ହେଉ, ଶବ୍ଦଟି ପରବର୍ତ୍ତୀ ଶାସ୍ତ୍ରାଂଶମାନଙ୍କରେ ଦଶଆଜ୍ଞାକୁ ପ୍ରତିଫଳିତ କରେ, ହୋଶେୟ ୪:୨ ଓ ଯିରିମିୟ ୭:୯ ଏକ ହତ୍ୟାକାରୀକୁ ବୁଝାଏ । ଏହି ଶବ୍ଦ କେବଳ ନିୟମ ବା ବ୍ୟବସ୍ଥା ସହିତ ସମ୍ପୃକ୍ତ ନୁହେଁ ମାତ୍ର ଅଭିପ୍ରାୟ ସହିତ ମଧ୍ୟ ସମ୍ପୃକ୍ତ । ଏହା ପ୍ରତିବାସୀଠାରୁ ସହମାନବ ପର୍ଯ୍ୟନ୍ତ ବିସ୍ତୃତ ହୁଏ ।

୩. ଏହି ଶବ୍ଦ ନିଶ୍ଚିତ ଭାବେ ଆମ୍ଭମାନଙ୍କର ଆଧୁନିକ ମୃତ୍ୟୁଦଣ୍ଡ ବା ଯୁଦ୍ଧର ନୀତିଗତ ବିଷୟ ସହିତ ସମ୍ପୃକ୍ତ ନୁହେଁ । ଯିହୁଦୀମାନଙ୍କର ସାମ୍ପ୍ରଦାୟିକ ମୃତ୍ୟୁଦଣ୍ଡ ବା ପବିତ୍ର ଯୁଦ୍ଧ ସହିତ କେବେହେଲେ ସମସ୍ୟା ନ ଥିଲା । (କିଅବା ସେହି ବିଷୟ ପାଇ, ଅପବିତ୍ର ଯୁଦ୍ଧ)

୪. ଆମ୍ଭମାନଙ୍କର ଆଧୁନିକ ସଂସ୍କୃତି ସକାଶେ ସର୍ବୋତ୍ତମ ଅନୁବାଦ ହେବ ''ପୂର୍ବକଳ୍ପିତ ହତ୍ୟା''

୩. ଶାସ୍ତ୍ରାଂଶର ପୂର୍ବାପର ଅର୍ନ୍ତଦୃଷ୍ଟିମାନ

କ. ଷଷ୍ଠ, ସପ୍ତମ ଓ ଅଷ୍ଟମ ଆଜ୍ଞାମାନ କେବଳ ଦୁଇଟି ହିବ୍ରୁ ଶବ୍ଦ ଦ୍ୱାରା ପ୍ରସ୍ତୁତ କରାଯାଇଅଛି । ସେଗୁଡ଼ିକ ବହୁତ କ୍ଷୁଦ୍ର ଏବଂ ନିର୍ଦ୍ଦିଷ୍ଟ ବିଷୟ ଅଟେ ।

ଖ. ଜୀବନ, ଅନ୍ୟ ସମସ୍ତ ଜୀବନ ପରି ଈଶ୍ୱରଙ୍କ ସହିତ ସମ୍ପୃକ୍ତ ଅଟେ । ଆମ୍ଭେମାନେ ଅନ୍ୟମାନଙ୍କ ସହିତ ଯେପରି ବ୍ୟବହାର କରୁ, ତାହା ଈଶ୍ୱରଙ୍କ ବିଷୟରେ ଆମର ଚିନ୍ତାସମୂହକୁ ପ୍ରତିଫଳିତ କରେ ।

୪. ନୂତନ ନିୟମ ସାମଞ୍ଜସ୍ୟମାନ

କ. ଯୀଶୁ

୧. ଏହି ଆଜ୍ଞା (ଆଦେଶ)କୁ ତାହାଙ୍କ ବାଖ୍ୟା (ମାଥିଉ ୫:୨୧-୨୬) ଆମ ସମୟ ନିମନ୍ତେ ଏହା ପ୍ରୟୋଗ କରିବା ବିଷୟରେ ଆମର ଆଧୁନିକ ଆଲୋଚନା ପାଇଁ ଉପଯୁକ୍ତ ପ୍ରାରମ୍ଭିକ ସୂଚନା ଆମ୍ଭମାନଙ୍କୁ ଦିଏ ।

୨. ଯୀଶୁ ସ୍ୱଷ୍ଟରୂପେ ଦଶ ଆଜ୍ଞାକୁ କାର୍ଯ୍ୟକଳାପସମୂହର ଅବସ୍ଥାରୁ ଅଭିପ୍ରାୟମାନର ଅବସ୍ଥା ମଧ୍ୟକୁ ସ୍ଥାନାନ୍ତର କରିଥିଲେ । ଆମ୍ଭେମାନେ ଯାହା ଚିନ୍ତା କରୁ ଆମେ ତାହାହିଁ ଅଟୁ । ''ଯେପରି ଜଣେ ମନୁଷ୍ୟ ଆପଣା ହୃଦୟରେ (ମନରେ) ଚିନ୍ତା କରେ, ସେ ସେପରି ଅଟେ'' । ଆମ୍ଭମାନଙ୍କ ଚିନ୍ତାର ଜୀବନ ବହୁତ ଅଧିକ ପ୍ରଯୁଜ୍ୟ ଓ ଗୁରୁତ୍ୱପୂର୍ଣ୍ଣ, ଆମ୍ଭେମାନେ ଯାହାକୁ ଅଧିକ ପ୍ରାଧାନ୍ୟ ଦେଇଥାଉ ତାହା ଅପେକ୍ଷା ।

ଖ. ଯୋହନ

୧. ୧ ଯୋହନ ୩:୧୫ ଘୃଣାର ସମାନ ଚିନ୍ତା ହତ୍ୟାରୂପେ ବିବେଚନା କରାଯାଇଛି ବୋଲି ପ୍ରକାଶ କରେ ।

୨. ମାଥିଉ ୫:୨୧ ଏବଂ ୧ ଯୋହନ ୩:୧୫ରେ ଯେଉଁ ଗ୍ରୀକ୍ ଶବ୍ଦମାନ ବ୍ୟବହାର କରାଯାଇଛି ସେଗୁଡ଼ିକ ଭିନ୍ନ, ମାତ୍ର ମୌଳିକ ଭାବେ ସମାନ ।

୩. ୧ ଯୋହନ ୪:୧୯-୨୧ ରେ ପ୍ରତ୍ୟକ୍ଷ (ଆସ୍ତିବାଚକ) ବିଷୟ ଲକ୍ଷ୍ୟ କର ।

୫. ପ୍ରୟୋଗାତ୍ମକ ସତ୍ୟମାନ

କ. ଏପରିକି ଯଦ୍ୟପି ଏକ ଉଦ୍ଦେଶ୍ୟହୀନ ଭାବେ ବା ଭ୍ରାନ୍ତିରେ ହତ୍ୟାକାରୀ ଏକ ଆଶ୍ରୟ ନଗରକୁ ପଳାଇ ଯାଇ ରକ୍ତର ପ୍ରତିଶୋଧକାରୀଠାରୁ ରକ୍ଷା ପାଇ ପାରେ (ଗଣନା ୩୫, ଯିହୋଶୂୟ ୨୦), ତାହାକୁ ମହାଯାଜକଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେହି ନଗରରେ ତାହାର ଆବଦ୍ଧ ହେବାର ସମୟଯାକ ଜୋରିମନା ପ୍ରଦାନ କରିବାକୁ ହେବ । ତାହାର କାର୍ଯ୍ୟର ପରିଣାମ ତଥାପି ରହିଥାଏ !

ଖ. ଯଦ୍ୟପି ଏହି ପଦ ଆତ୍ମହତ୍ୟା ସହିତ ସିଧାସଳଖ ସମ୍ପୃକ୍ତ ନୁହେଁ, ଯେପରି ପୁରାତନ ଲୋକମାନେ ଏହି ଘଟଣା କେବେ ହେଲେ ସମ୍ଭବତଃ ଚିନ୍ତା କରି ନାହାନ୍ତି, ଶାସ୍ତ୍ରାଂଶଟି ତଥାପି ମାନବ ଜୀବନର ପବିତ୍ରତା (ଶୁଦ୍ଧତା) ଓ ଈଶ୍ୱରଙ୍କ ସର୍ବଭୌମତା ଏବଂ ମାନବଜୀବନ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ହେବାର ଉଦ୍ଦେଶ୍ୟ ବିଷୟରେ ଏକ ଆଧ୍ୟାତ୍ମିକ ନିୟମ ପ୍ରଦାନ କରେ । ଏହି ଶବ୍ଦ ଆମ୍ଭମାନଙ୍କ ଦିନ ପ୍ରତି ଏହି ବିଷୟରେ ଏକ ବଳିଷ୍ଠ ଶବ୍ଦ ଉଚ୍ଚାରଣ କରେ ।

ଗ. ଏହି ଶାସ୍ତ୍ରାଂଶ ଯାହାବି ହେଉ, ଏକ ନିଷ୍ପତ୍ତିମୂଳକ ଶବ୍ଦ ଆଧୁନିକ ପ୍ରଶ୍ନ ସକାଶେ ଉଚ୍ଚାରଣ ବା ପ୍ରକାଶ କରେ : (୧) ମୃତ୍ୟୁଦଣ୍ଡ, (୨) ଯୁଦ୍ଧ । ଇସ୍ରାଏଲ ସକାଶେ ଏହି ଶବ୍ଦମାନ ନିଜେ ମନ୍ଦ ବିଷୟମାନ ନ ଥିଲା । ଇସ୍ରାଏଲୀୟମାନେ ଏହି ଉଭୟ କାର୍ଯ୍ୟରେ ଅନ୍ତର୍ଭୁକ୍ତ ଥିଲେ । ତଥାପି ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ଏବଂ ତାହାଙ୍କ ଅଧିନସ୍ଥ ମାନବ ଜୀବନର ଗୁରୁତ୍ୱର ନିୟମ ଏହି କ୍ଷେତ୍ରରେ ଏକ ବିଶେଷ ସତ୍ୟ ଅଟେ !

ଘ. ଏହି ଶାସ୍ତ୍ରାଂଶ ମାନବ ଜୀବନର ମର୍ଯ୍ୟାଦା ଓ ପବିତ୍ରତା ବିଷୟରେ ଏକ ଆବଶ୍ୟକୀୟ ଶବ୍ଦ ଉଚ୍ଚାରଣ କରେ । ଆମ୍ଭେମାନେ ଏକ ବିଶ୍ୱାସୀ ସମ୍ପ୍ରଦାୟରେ ବେବର୍ତ୍ତାଗଣ ଅଟୁ, କେବଳ ଆମ ନିଜ କାର୍ଯ୍ୟ ସବୁର ନୁହେଁ ମାତ୍ର ଆମ ସମାଜରେ ଜୀବନ, ଉଭୟ ବ୍ୟକ୍ତିଗତ ଓ ସମଷ୍ଟିଗତ ଦାନ ଅଟେ ।

ଆମ୍ଭେମାନେ ଆମ ନିଜ ଶରୀରର ଶାରୀରିକ, ସାମାଜିକ, ମନସ୍ତାତ୍ତ୍ୱିକ, ଅପବ୍ୟବହାର ପାଇଁ ଯେତିକି ଦାୟୀ ଅଟୁ, ଆମର ସମ୍ପ୍ରଦାୟରେ ଅନ୍ୟମାନଙ୍କ ଶାରୀରିକ, ସାମାଜିକ, ମନସ୍ତାତ୍ତ୍ୱିକ ଅପବ୍ୟବହାର ପାଇଁ ସେତିକି ଦାୟୀ ଅଟୁ । ଏହା ବିଶେଷତଃ ଆମ୍ଭମାନଙ୍କ ପରି ଏକ ସଂସ୍କୃତିରେ ସତ୍ୟ, ଯେଉଁଠାରେ ଆମ୍ଭେମାନେ କହିବାକୁ ଅନୁମତି ପ୍ରାପ୍ତ ଏବଂ ତାହା ଦ୍ୱାରା ରୀତିକୁ ପରିବର୍ତ୍ତନ କରିବାକୁ ସମର୍ଥ । ଆମ୍ଭେମାନେ ଆମର ଭାଇର ରକ୍ଷକ ଅଟୁ ।

**ଯାତ୍ରା ୨୦:୧୪, ବ୍ୟଭିଚାର**

୧. ବିଷୟବସ୍ତୁ

କ. ଏହା ସ୍ପଷ୍ଟ ଯେ, ଈଶ୍ୱରଙ୍କ ନିମନ୍ତେ ଜଣକର ସମ୍ମାନ (ସୟମ) କରିବା ସହିତ ସମ୍ପୃକ୍ତ ଆଜ୍ଞା (ଆଦେଶ), ଜଣକ ପ୍ରତିବାସୀର ଜୀବନ, ପତ୍ନୀ ଓ ସମ୍ପତ୍ତି (ଯିରିମିୟ ୫:୮) ପ୍ରତି ତାହାର ଥିବା ସମ୍ମାନରେ ଦେଖାଯାଇଥାଏ । ସେପୁ ଆଜିଷ୍ଟରେ ଏହି ଆଜ୍ଞାମାନର ବିଭିନ୍ନ ଆଦେଶ ଦ୍ୱାରା ସତ୍ୟତା ନିର୍ଣ୍ଣୟ କରାଯାଇଅଛି ।

ଖ. ଦ୍ୱିତୀୟ ବିବରଣୀର ସାମଞ୍ଜସ୍ୟ ଆମର ସଂସ୍କୃତିରେ, ଏହି ପୁରାତନ ସତ୍ୟ ପ୍ରଚଳନ କରିବାରେ ଯଥାର୍ଥତା ପ୍ରଦର୍ଶନ କରେ ।

ଗ. ଯେପରି ପିତାମାତାଙ୍କୁ ସମାଦର (ସମ୍ମାନ) କରିବ । ଏକ ଅବିଚଳିତ ସମାଜ ପାଇଁ ଏକ କଞ୍ଚି ରୂପେ ଦେଖାଯାଇଛି, ସେହିପରି ମଧ୍ୟ ଏହି ଆଦେଶ ଅଟେ ।

ଘ. ଏହି ଆଦେଶ (ଆଜ୍ଞା) ମଧ୍ୟ ଆମ୍ଭମାନଙ୍କ ଯୌନ ସମ୍ପର୍କ ଓ ପାରିବାରିକ ଜୀବନଗୁଡ଼ିକ ଉପରେ ଈଶ୍ୱରଙ୍କ ମାଲିକତ୍ତ୍ୱ ଓ ଅଧୀନତାକୁ ବୁଝାଏ ବା ପ୍ରଯୁଜ୍ୟ କରେ ।

ଙ. ଏହି ଆଦେଶ ଆଦି ୨:୨୪ ଉପରେ ନିର୍ଭର କରୁଥିବା ଦେଖାଯାଏ, ଯେପରି ଚତୁର୍ଥ ଆଜ୍ଞା ଆଦି ୨୧-୩ ଉପରେ ନିର୍ଭର କରିଥିଲା ।

୨. ଶବ୍ଦ ଅଧ୍ୟୟନ

କ. ମୁଖ୍ୟ ଶବ୍ଦ ଏହି ଶାସ୍ତ୍ରାଂଶରେ ହେଉଛି ''ବ୍ୟଭିଚାର'' । ଏହା ପୁରାତନ ହିବ୍ରୁ ସଂସ୍କୃତିର ଆଲୋକରେ ଜଣେ ବୁଝିବା କଷ୍ଟକର ଅଟେ ।

୧. ଏହି ଶବ୍ଦ ଏକ ପୁରାତନ ନିୟମ ପରିପ୍ରେକ୍ଷୀରୁ ''ଅବିବାହିତ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ବ୍ୟଭିଚାର'' ଠାରୁ ଭିନ୍ନ । ଏହି ଶବ୍ଦ 'ପରଦାର' ବା ଏହି ବ୍ୟଭିଚାର ବିବାହିତ ସ୍ୱାମୀ ବା ସ୍ତ୍ରୀର ଅନ୍ୟ ସ୍ୱାମୀ ବା ସ୍ତ୍ରୀ ସହିତ ଶାରୀରିକ ସମ୍ପର୍କକୁ ବୁଝାଏ । ଏହି ଅନ୍ୟ ଶବ୍ଦ ଉଭୟଙ୍କ ମଧ୍ୟରେ ଅବିବାହିତ ଅବସ୍ଥାରେ ସମ୍ପର୍କକୁ ବୁଝାଏ (ହିତୋ ୨୯:୩, ୩୧:୩) । ନୂତନ ନିୟମ ଗ୍ରୀକ୍ ଶବ୍ଦମାନରେ ଏହି ଭିନ୍ନତା ଚାଲିଯାଇଛି ।

୨. ଏହି ସମ୍ଭାବନା, ବାଖ୍ୟା କରେ, ବିବାହ ସ୍ତର ଉପରେ ଗୁରୁତ୍ୱ ଦେବା କାରଣକୁ, କାରଣ ଏହା ଜମି ସମ୍ପର୍କୀୟ ଈଶ୍ୱରଙ୍କ ପ୍ରତିଜ୍ଞାରେ ଅନ୍ତର୍ଗତ ଉତ୍ତରାଧିକାରରଦାବୀ ବା ଅଧିକାର ମାନର ଗୁରୁତ୍ୱ ସହିତ ସମ୍ପୃକ୍ତ । ପ୍ରତ୍ୟେକ ୫୦ ବର୍ଷ (ଜୁବୁଲି)ରେ ସମସ୍ତ ଜମିମାନ ମୂଳ୍ୟ ଗୋଷ୍ଠୀ ମାଲିକମାନଙ୍କ ପାଖକୁ ଫେରି ଆସିବାକୁ ଥିଲା ।

୩. ମୋଶାଙ୍କ ବ୍ୟବସ୍ଥାନୁଯାୟୀ ବ୍ୟଭିଚାର ସଂସ୍କୃତିଗତ ଭାବେ ଦଣ୍ଡଯୋଗ ଥିଲା (ଆଦି ୧୨:୧୦, ୨୬:୭, ୩୯:୯)

୪. ବ୍ୟଭିଚାର ଏକ ପାପ, କେତୋଟି ବିଷୟ ବିରୁଦ୍ଧରେ ଥିଲା :

କ. ପ୍ରତିବାସୀ - ଯାତ୍ରା ୨୦:୧୪, ଦ୍ୱିତୀୟ ବିବରଣ ୫:୧୮

ଖ. ବିବାହ - ଲେବୀ ୧୮:୨୦

ଗ. ଈଶ୍ୱର - ଆଦି ୨୦:୧-୧୩, ୨୬:୬-୧୧

୫. ଏହା ଉଭୟ ଦଳ ତରଫରୁ ବା ପାଇଁ ମୃତ୍ୟୁ ଦ୍ୱାରା ଦଣ୍ଡିତ ହେଉଥିଲା

କ. ଲେବୀ ୨୦:୧୦

ଖ. ଦ୍ୱିତୀୟ ବିବରଣ ୨୨:୨୨-୨୪

ଗ. ଯିହିଜିକଲ ୧୬:୪୦

ଘ. ଦୃଢ଼ ସତର୍କବାଣୀମାନ ହିତୋପଦେଶ ୧-୯ରେ ମିଳିଥାଏ ।

୩. ନୂତନ ନିୟମ ସହିତ ସମ୍ପର୍କ

କ. ଯୀଶୁ ଲେବୀ ୧୯:୧୮ ପଦକୁ ପୁରାତନ ପ୍ରକାଶିତ ବିଷୟର ଏକ ସଂକ୍ଷେପ ରୂପେ ବ୍ୟବହାର କଲେ (ଲୂକ ୧୦:୨୭) । ଏହା ଦୃଢ଼ୀକୃତ କରେ ଯେ, ଦଶଆଜ୍ଞା ଅନ୍ୟମାନଙ୍କ ପ୍ରତି ଆମର ବ୍ୟବହାର ସହିତ ସମ୍ପୃକ୍ତ ଅଟେ ।

ଖ. ଯୀଶୁ ମାଥିଉ ୫:୨୮ରେ ଆଜ୍ଞାମାନଙ୍କୁ ଗାଢ଼ତର କରନ୍ତି । ସେ କାର୍ଯ୍ୟ ଅପେକ୍ଷା ଅଭିପ୍ରାୟ ଉପରେ ଗୁରୁତ୍ୱ ଆରୋପ କରନ୍ତି । ଯିହୁଦୀମାନେ ମନକୁ ଆତ୍ମାର ବୀଜବୁଣିବା ପାଇଁ ପ୍ରସ୍ତୁତ ଜମି ରୂପେ ଦେଖନ୍ତି । ଜଣେ ଯାହା ଚିନ୍ତା କଲା, ସେ ପ୍ରକୃତରେ ତାହା ଥିଲା (ହିତୋପଦେଶ ୨୩:୭) । ଏହା ସେହି ଦଶ ବାକ୍ୟକୁ ପ୍ରାୟ ରକ୍ଷା କରିବା ବା ପାଳନ କରିବା ଅସମ୍ଭବରେ ପରିଣତ କରେ – ତାହା ହେଉଛି ଉଦ୍ଦେଶ୍ୟ (ଗାଲାତୀ ୨:୧୫-୩:୨୯)

୪. ଆଧୁନିକ ପ୍ରୟୋଗ

କ. ଜୀବନ ବ୍ୟାପୀ ଈଶ୍ୱରଙ୍କ ନାମରେ ବିଶ୍ୱାସ ସମର୍ପଣର ସର୍ବୋତ୍ତମ ଆଧୁନିକ ସାଦୃଶ୍ୟ (ଅନୁରୂପ) ହେଉଛି ସମ୍ଭବତଃ, ବିବାହ । ପୁରାତନ ନିୟମ ଚୁକ୍ତି ବିଷୟକ ବିଶ୍ୱାସ (ମଲାଖି ୨୧୪)ର ବାସ୍ତବତାମାନ ବୁଝିବାକୁ ଏହା ହେଉଛି ସର୍ବୋତ୍ତମ ସୁଯୋଗ । ଆମର ସଙ୍ଗୀ (ଜୀବନ ସାଥୀ) ପାଇଁ ସମସ୍ତ ପ୍ରକାର ସମ୍ମାନ, ମାନବ ଯୌନ ପ୍ରବୃତ୍ତିକୁ ଯୋଗ କରି ଏହି ପଦର ଚାପକୁ ବୁଝିବାକୁ ଆମକୁ ସାହାଯ୍ୟ କରେ ।

ଖ. ବିବାହର ଅବିଚଳିତ ଅବସ୍ଥା ଓ ବିଶ୍ୱସ୍ତତା (ଆନୁଗତ୍ୟ), ଯଥା : ପିତାମାତାଙ୍କ ନିମନ୍ତେ ସମ୍ମାନ, ସାମାଜିକ ଶକ୍ତି ଓ ଦୀର୍ଘଜୀବି ହେବାର ଏକ ମୁଖ୍ୟ ସ୍ତମ୍ଭ ଅଟେ ।

ଗ. ଏହା ଗୁରୁତ୍ୱ ଦିଆଯିବା ଆବଶ୍ୟକ ଯେ, ମାନବ ଯୌନ ପ୍ରବୃତ୍ତି ଈଶ୍ୱରଙ୍କଠାରୁ ଏକଦାନ । ଏହା ମନୁଷ୍ୟ ପାଇଁ ତାହାଙ୍କ ଭାବଧାରା ଓ ଇଚ୍ଛା ଥିଲା । ଚାଳନା ଧାଡ଼ିମାନ ମନୁଷ୍ୟର ସ୍ୱାଧୀନତା ଓ ଆନନ୍ଦକୁ ବିଫଳ କରିବାକୁ ଉଦ୍ଦୀଷ୍ଟ ନୁହେଁ ମାତ୍ର ପତିତ ମନୁଷ୍ୟ ପାଇଁ କେତେକ ଈଶ୍ୱର ପରାୟଣ ଚାଳନାଧାଡ଼ି ଦେବାକୁ ।

ଆମ୍ଭମାନଙ୍କ ପାଇଁ ଦୀର୍ଘ ସମୟର ଉପକାର ଓ ଆନନ୍ଦ ପାଇଁ ସୀମା ସବୁ ପ୍ରକାଶିତ ହେଲା । ଯଦ୍ୟପି ମନୁଷ୍ୟ, ଯୌନ ପ୍ରବୃତ୍ତିର ଅପବ୍ୟବହାର କରିଅଛି, ଯେପରି ତାହାର ସମସ୍ତ ବିଷୟ ଈଶ୍ୱରଙ୍କ ଦାନ, ଏହା ତଥାପି ମାନବଜାତି ମଧ୍ୟରେ ଏକ ଶକ୍ତିଶାଳୀ ଚାଳନା, ଯାହା ଈଶ୍ୱରଙ୍କ ଆୟତ ଓ ଚାଳନା ଅଧୀନରେ ରହିବା ଉଚିତ ।

ଘ. ଯୌନକ୍ରିୟା ବିଷୟରେ ସାବଧାନ ହେବା ଉଚିତ, ତେବେ ମାନବ ବ୍ୟକ୍ତିତ୍ୱ (ସ୍ତ୍ରୀ ବା ପୁରୁଷ)ର ପବିତ୍ରତା ରକ୍ଷା କରାଯାଇ ପାରିବ ଓ ସମ୍ମାନ ରକ୍ଷା ହେବ, କାରଣ ସେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ, ଆମ୍ଭମାନଙ୍କ ପତିତ ଲକ୍ଷ୍ୟ "ମୁଁ" ଉପରେ ଥିବା ବିଷୟ ସବୁ ଏହି କ୍ଷେତ୍ରରେ ସୁସ୍ପଷ୍ଟ ।

**ଯାତ୍ରା ୨୦:୧୫, ଚୋରୀ**

୧. ସାଧାରଣ ବିବୃତ୍ତି ବା ତଥ୍ୟ

କ. ଦଶ ଆଜ୍ଞାରେ ଅନ୍ୟ ସମସ୍ତ ନିୟମ ପରି, ଆମର ବିଶ୍ୱାସ, ପ୍ରେମ ଓ ଈଶ୍ୱରଙ୍କ ପାଇଁ ସମ୍ମାନ ଆମର ଦୈନନ୍ଦିନ ଜୀବନମାନର ପବିତ୍ର ଓ ଧର୍ମହୀନ ବିଷୟମାନରେ ଦେଖାଯିବା ଉଚିତ । ଏହା ଈଶ୍ୱରଙ୍କର ଏକ ଘୃଣାର ବିଷୟ, ତାହାଙ୍କୁ ଜାଣୁ ବୋଲି ଦାବୀ କରି ଆମ ପ୍ରତିଜ୍ଞାତ ଅଂଶାଧିକାରୀଠାରୁ ସୁବିଧା ହାସଲ କରିବା (୧ ଯୋହନ ୪:୨୦-୨୧, ୨:୭-୧୧) ।

ଖ. ଏହି ଆଦେଶ ପ୍ରତିଜ୍ଞାତ ସମ୍ପ୍ରଦାୟର ସହଭାଗିତା ରକ୍ଷା କରିବାକୁ ସାହାଯ୍ୟ କରିବା ନିମନ୍ତେ ଉଦ୍ଦୀଷ୍ଟ । ଏହି ଆଧାତ୍ମିକ ସହଭାଗିତାର ଗୁଣ, ଏକ ଅଜ୍ଞାତ ଓ ଅନ୍ୱେଷଣକାରୀ ଜଗତକୁ ଆମ୍ଭମାନଙ୍କ ଈଶ୍ୱରଙ୍କ ଆଡ଼କୁ ଆକର୍ଷଣ କରିବ, ଯାହା ଶାସ୍ତ୍ରର ଉଦ୍ଦେଶ୍ୟ ଅଟେ ।

ଗ. ଅନ୍ୟ ଆଜ୍ଞା (ଆଦେଶ)ମାନ ସମଗ୍ର ଜୀବନ ଈଶ୍ୱରଙ୍କ ମାଲିକତ୍ୱ ଅଧୀନସ୍ଥ ଥିବା ଉପରେ ଆଲୋକପାତ କରେ, ତେଣୁ ଏହି ବିଷୟଟି ଉପରେ ମଧ୍ୟ ! ଆମ୍ଭେମାନେ ବେବର୍ତ୍ତା, ମାତ୍ର ମାଲିକ ନୋହୁଁ । ଆମ୍ଭମାନଙ୍କର ପତିତ ଆକର୍ଷଣ ସମ୍ଭୋଗମାନର ଆଡ଼କୁ, ବିନା ମୂଲ୍ୟରେ, ଏହି ନିଷେଧାଜ୍ଞାର ପଶ୍ଚାତ୍‌ବର୍ତ୍ତୀ (ଗୀତ ୫୦:୧୦-୧୨) ।

**୨. ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ**

କ. ଦଶଆଜ୍ଞାର ଲକ୍ଷ୍ୟ ଅନୁପସ୍ଥିତ ଅଟେ । ଏହା ସାଧାରଣତଃ ସପକ୍ଷତା ଦିଆଯାଏ :

୧. ମୃତ୍ୟୁଦଣ୍ଡ (ମୁଖ୍ୟ ଅପରାଧ) ସହିତ ସମ୍ପୃକ୍ତ ଦୁଇଟି ପୂର୍ବବର୍ତ୍ତୀ ଆଜ୍ଞା (ଆଦେଶ)ର ପୂର୍ବାପର ସମ୍ବନ୍ଧ (ପରିବେଷ) ଦ୍ୱାରା

୨. ସାମଞ୍ଜସ୍ୟ ଥିବା ଶାସ୍ତ୍ରାଂଶଗୁଡ଼ିକର ଉପସ୍ଥିତି, ଉଭୟ ତତ୍‌କ୍ଷଣାତ୍ (ଯାତ୍ରା ୨୧:୧୬) ଏବଂ ଦୂରବର୍ତ୍ତୀ (ଦ୍ୱି.ବିବ. ୨୪:୭ ଏବଂ ଆଦି ୩୭ ମଧ୍ୟ) ।

ଗ. ଯାହା ବି ହେଉ, ସଂକ୍ଷିପ୍ତ ଆକାର ମଧ୍ୟ ସୁରକ୍ଷା ଦେବାକୁ ସକ୍ଷମ

୧. ଏହା ଐଶୀ ପ୍ରେରଣା ଦ୍ୱାରା ଆମ୍ଭମାନଙ୍କ ପାଇଁ ଲିପିବଦ୍ଧ କରାଯାଇଅଛି ।

୨. ଏହା ଅନୁଜ୍ଞା ବା ନିଷେଧାଜ୍ଞାର ସୁଯୋଗକୁ ବିସ୍ତାରିତ କରେ ।

୩. ଏକ ସାମଞ୍ଜସ୍ୟ ଥିବା ଶାସ୍ତ୍ରାଂଶ ତତ୍‌କ୍ଷଣାତ୍ ସମ୍ବନ୍ଧରେ ଚୋରୀ ସହିତ ସମ୍ପୃକ୍ତ - (ଯାତ୍ରା ୨୨:୧ ପଦ)

୪. ଚୋରି ବିଷୟ ବୁଝାଇ, ଯୀଶୁ ସ୍ପଷ୍ଟ ଭାବେ ଏହି ଶାସ୍ତ୍ରାଂଶ ଉଦ୍ଧୃତ କରନ୍ତି (ମାଥିଉ ୧୯:୧୮)

ଘ. ଅନ୍ୟ ପୁରାତନ ବ୍ୟବସ୍ଥାର ନିୟମାବଳୀରେ ମଧ୍ୟ ଚୋରି ବିଷୟ ବ୍ୟବହାର କରାଯାଇଥିଲା ମାତ୍ର ସାଧାରଣତଃ ଦଣ୍ଡ ଥିଲା ମୃତ୍ୟୁ, ଅଙ୍ଗଛେଦନ ବା ୩୦ ମିନିଟ୍ କ୍ଷତିପୂରଣ ।

ଙ. କେତେକ ଏହାର ସାମଞ୍ଜସ୍ୟ ଥିବା ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ରାଂଶ ଅଛି, ଯାହା ଏହି ସତ୍ୟର ଅର୍ଥ ପ୍ରକାଶ କରେ ଓ ଏହାକୁ ବାଖ୍ୟା କରେ ।

୧. ଲେବୀ ୧୯:୧-୧୮ 'ତୁମ୍ଭେମାନେ ପବିତ୍ର ହେବ, କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ପବିତ୍ର ଅଟୁ'' (୧ପଦ) ।

କ. ଆମର ଜୀବନଶୈଳୀ ଆମ୍ଭମାନଙ୍କ ପିତା ଓ ଆମର ଈଶ୍ୱରଙ୍କ ପରିବାରର ଚାରିତ୍ରିକ ଗୁଣମାନ ପ୍ରତିଫଳିତ କରିବା ଉଚିତ ।

ଖ. ଆମର ବିଶ୍ୱାସ ଆମ ଦୈନନ୍ଦିନ ଜୀବନଗୁଡ଼ିକୁ ପ୍ରଭାବିତ କରିବା ଉଚିତ, ଆସ୍ତିବାଚକ କାର୍ଯ୍ୟକଳାପ ଓ ନାସ୍ତିବାଚକ ନିଷିଦ୍ଧାର୍ଥକ ବିଷୟ ଉଭୟରେ, ଉଭୟ ଉପଯୁକ୍ତ ଅଭିପ୍ରାୟମାନ ଦ୍ୱାରା ଜଣାଇ ଦିଆଯିବ (୧୭ପଦ) ।

ଗ. ସମାଜଚ୍ୟୁତ ଓ ଅଭାବଗ୍ରସ୍ତ ପାଇଁ ଦୟା ୯-୧୦,୧୩ । ଆମ୍ଭମାନଙ୍କ ପ୍ରତିବାସୀମାନଙ୍କ ପ୍ରତି ପ୍ରତାରଣା ବା ଚୋରି କରିବାକୁ ଅସମ୍ମତ ହେବା ପରି ଗୁରୁତ୍ୱପୂର୍ଣ୍ଣ ଅଟେ । ୧୧ ପଦ

୨. ଆମୋଷ ୮:୪-୭ - ଈଶ୍ୱର ଶୋଷଣ ଓ ଅନ୍ୟାୟ ଧନ ଲାଭ ଘୃଣା କରନ୍ତି ।

୩. ମୀଖା ୬:୬-୮ ଈଶ୍ୱର ଆମ୍ଭମାନଙ୍କ ସମସ୍ତ କାର୍ଯ୍ୟକଳାପ ଗୁଡ଼ିକରେ ଉପଯୁକ୍ତ ଅଭିପ୍ରାୟ ଚାହାନ୍ତି । ଆମ୍ଭେମାନେ କାହିଁକି ଚୋରି ନ କରୁ ତାହା ହେଉଛି ବିଷୟବସ୍ତୁ ।

୪. ଯାତ୍ରା ୨୨:୧ - ଅନେକ ସମୟରେ ବଳପୂର୍ବକ ଅପହରଣର ଆଧୁନିକ ଆଲୋଚନାରେ ଆମର ଏହି ସତ୍ୟ ଛାଡ଼ି ଦିଆଯାଉଅଛି, ତାହା ହେଉଛି ପରିଶୋଧ ବା କ୍ଷତିପୂରଣ । ପାପ ସର୍ବଦା ମୂଲ୍ୟଦାବୀ କରେ !

୩. ପ୍ରୟୋଗାତ୍ମକ ସତ୍ୟମାନ

କ. ଜୟ ଡେଭିଡମାନ, ସି.ଏସ୍, ଲେୱିସ୍‌ଙ୍କ ପତ୍ନୀ, ଦଶ ଆଜ୍ଞା ଉପରେ ଏକ ଆନନ୍ଦମୟ ପୁସ୍ତକ ଲେଖିଅଛନ୍ତି । ସେ ଏହି ଆଜ୍ଞାକୁ ଅନୁବାଦ କରନ୍ତି'' କିଛି ନ ଦେଇ କେବେହେଲେ କିଛି ପାଇବାକୁ ଚେଷ୍ଟା କର ନାହିଁ । ସ୍ୱସମ୍ପତ୍ତି ଠାରୁ ଅଧିକ ଏହା ନିଶ୍ଚିତ ଭାବେ ସୁଯୋଗକୁ ବିସ୍ତୃତ କରେ । ସେ ମଧ୍ୟ କହନ୍ତି ଯେ, ''ସମ୍ପତ୍ତି ପାପ ନୁହେଁ କିଅବା କାଢ଼ି ନିଆଯାଇ ପାରୁ ନ ଥିବା (ଅବିଚ୍ଛେଦ୍ୟ) ଅଧିକାର ମଧ୍ୟ ନୁହେଁ, ମାତ୍ର ଏକ ଋଣ, ଈଶ୍ୱରଙ୍କ ଠାରୁ ଏକ ନିର୍ଭରଯୋଗ୍ୟ ଦାୟିତ୍ୱ ।

ଖ. ଚୋରି, ପତିତ ହୃଦୟର ଅନ୍ୟ ସମସ୍ତ ପାପ ପରି ଏକ ନୂତନ ହୃଦୟ ଦ୍ୱାରା ସମ୍ମୁଖୀନ ହେବାକୁ ହୁଏ, ଏଫିସୀ ୪:୨୮ । ଏହା ଆଶ୍ଚର୍ଯ୍ୟଜନକ, କିପରି ''ନେବା'' (ହରଣ କରିବା) ସ୍ୱଭାବ ''ଦେବା'' (ଅଂଶୀକରିବା)ର ଏକ ନୂତନ ସ୍ୱଭାବରେ ପରିଣତ ହୁଏ ।

ଗ. ଈଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କ ସମ୍ମାନ, ଅନ୍ୟ ପ୍ରତିଜ୍ଞାତ ଅଂଶାଧିକାରୀମାନଙ୍କ ପ୍ରତି ଆମର ସମ୍ମାନରେ ସ୍ପଷ୍ଟରୂପେ ଦେଖାଯାଏ ! ଏହି ସତ୍ୟ ଦଶଆଜ୍ଞାକୁ ଆଚ୍ଛାଦନ କରେ ।

ଘ. ଆଧୁନିକ ମନୁଷ୍ୟ ଅନେକ ଉପାୟରେ ଚୋରି କରେ !

ଆଲୋଚନା ପ୍ରଶ୍ନମାନ

୧. ଆଧୁନିକ ମନୁଷ୍ୟ କିପରି ଚୋରି ଅଭ୍ୟାସ କରେ ?

୨. କ୍ଷତିପୂରଣ ବା ପରିଶୋଧ କିପରି ଅନୁତାପ (ମନଫେରଣ) ସହିତ ସମ୍ପୃକ୍ତ ?

୩. ଏହି ପଦଟି କିପରି ସମ୍ପତ୍ତିର ପୁଞ୍ଜିବାଦମତ ସହିତ ସମ୍ପୃକ୍ତ ।

**ଯାତ୍ରା ୨୦:୧୭, ଲୋଭ**

୧. ପରିଚୟ

କ. ନିମ୍ନଲିଖିତ ଭାବେ ଶେଷ ପାଞ୍ଚଟି ଆଜ୍ଞାମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଦେଖିବା ସମ୍ଭବପର ।

୧. ଗଣନା ୬, ୭ ଓ ୮ ଏକ ପ୍ରକାଶ୍ୟଭାବେ ସମ୍ପାଦିତ କାର୍ଯ୍ୟରେ ପ୍ରତିଜ୍ଞାତ ଅଂଶାଧିକାରୀର କ୍ଷତ, ନିଷେଧ କରେ ।

୨. ଗଣନା ୯, କଥାରେ ଏକ ପ୍ରତିଜ୍ଞାତ ଅଂଶାଧିକାରୀର କ୍ଷତ, ନିଷେଧ କର ।

୩. ଗଣନା ୧୦, ଚିନ୍ତାରେ ଏକ ପ୍ରତିଜ୍ଞାତ ଅଂଶାଧିକାରୀର କ୍ଷତ ନିଷେଧ କରେ ।

ଖ. ଏହା ସତ୍ୟ ଯେ, ଲୋଭକରିବା କାର୍ଯ୍ୟ, ଲୋଭ କରିବା ବ୍ୟକ୍ତିକୁ ବାଧାଦିଏ (ବ୍ୟାଘତ ଘଟାଏ), ଲୋଭ କରାଯିବା ବସ୍ତୁ ବା ପ୍ରତିବାସୀକୁ ବାଧା ଦିଏ ନାହିଁ । ଯାହାବି ହେଉ, ଏହା ସମ୍ଭବ ଯେ, ଏହି ଆଜ୍ଞା (ଆଦେଶ) ଅପେକ୍ଷା କରେ, ଚିନ୍ତାମାନ କାର୍ଯ୍ୟ କରିବାକୁ ଅଗ୍ରସର ହେବ ।

ଗ. ଅନେକେ ଦେଖନ୍ତି ଯେ ଏହି ଆଜ୍ଞା (ଆଦେଶ) ଇସ୍ରାଏଲର ପୁରାତନ ବ୍ୟବସ୍ଥା ନିୟମାବଳୀରେ କେବଳ ସ୍ୱତନ୍ତ୍ର ରୂପେ ଦେଖାଯାଉଛି ଏବଂ ଯାହାକି ପୁରାତନ ମଧ୍ୟପ୍ରାଚ୍ୟର ନିୟମାବଳୀରେ ଅନୁପସ୍ଥିତ ଅଟେ । ଏହି ନୂତନ ମତାମତ ଚିନ୍ତାର ନିଷେଧାର୍ଥକ ବିଷୟ ହେବ । ଏହା ସତ୍ୟ ଯେ, ଇସ୍ରାଏଲ ଉପଲବ୍ଧି କରୁଥିଲେ, ଜୀବନର ଚିନ୍ତାମାନ ମନ୍ଦ କାର୍ଯ୍ୟ ଗୁଡ଼ିକର ଉତ୍ପତ୍ତି ସ୍ଥଳ (ହିତୋ ୨୩:୭, ଯାକୁବ ୧:୧୪-୧୫) । ତଥାପି ଏହି ପଦ, ଚିନ୍ତାମାନଙ୍କୁ, କାର୍ଯ୍ୟମାନ ଉତ୍ପନ୍ନ କରେ ବୋଲି, ତା' ସହିତ ସମ୍ପୃକ୍ତ କରିବା ଦେଖାଯାଏ । ବିଭିନ୍ନ ଅନେକ ଶାସ୍ତ୍ରାଂଶ ''ଲୋଭ'' ଶବ୍ଦକୁ ଏକ କାର୍ଯ୍ୟ କରିବା ଫଳ ସହିତ ସଂଯୁକ୍ତ କରି ବ୍ୟବହାର କରନ୍ତି (ଦ୍ୱି.ବିବ. ୭:୨୫, ଯିହୋ ୭:୨୧, ମୀଖା ୨:୨) ।

ଘ. ଯଦି ଏହା ସତ୍ୟ ଯେ, ପ୍ରଥମ ଓ ଶେଷରେ ତାଲିକା କରିଥିବା ବିଷୟ ଉପରେ ଗୁରୁତ୍ୱ ଦିଆଯାଇଅଛି, ଏହି ଆଦେଶର ପ୍ରକୃତ ବିଶ୍ୱଷତ୍ୱ ଦେଖାଯାଇଅଛି । ଈଶ୍ୱରଙ୍କ ସ୍ୱତନ୍ତ୍ର ଉପାସନା ହେଉଛି ପ୍ରଥମ, ମାତ୍ର ଆମ୍ଭମାନଙ୍କର ଏହି ଜଗତର ବିଷୟମାନଙ୍କ ପ୍ରତି ଆମର ମନୋବୃତ୍ତି ଓ ଅଭିପ୍ରାୟମାନ, ଈଶ୍ୱରଙ୍କ ପ୍ରତି ଆମର ଭକ୍ତିକୁ ପ୍ରଭାବିତ କରେ । ଏହି ଯୁଗ୍ମ ଗୁରୁତ୍ୱ ଯୀଶୁଙ୍କର ପର୍ବତ ଉପରୁ ଉପଦେଶରେ ମଧ୍ୟ ଦେଖାଯାଏ । ମାଥିଉ ୬:୩୩ - କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ'' (୧୯-୩୨) ।

୨. ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ

କ. ଯାତ୍ରା ୨୦:୧୭ ଓ ଦ୍ୱିତୀୟ ବିବରଣ ୫:୨୧, ଯଦ୍ୟପି ମୂଳତଃ ସମାନ ଅଟେ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭିନ୍ନତା ଅଛି :

୧. ପତ୍ନୀ ''ଗୃହ''ର ବୃହତ୍ତର ବିଷୟରେ ଅନ୍ତର୍ଭୁକ୍ତ କିଅବା ମନୁଷ୍ୟର ସମ୍ପତ୍ତି ୨୦ ଅଧ୍ୟାୟ ଯାତ୍ରାପୁସ୍ତକରେ ଥିବାବେଳେ, ଦ୍ୱିତୀୟ ବିବରଣୀ ୫ରେ ସେ (ପତ୍ନୀ) ଏକ ପୃଥକ ଭାବରେ ସ୍ଥାନ ପାଇଛି, ଅଗ୍ରାଧିକାର ବିଭାଗ ଦେଖାଯାଏ ।

୨. ଯାତ୍ରା ୨୦ରେ ଶାସ୍ତ୍ରାଂଶର ହିବ୍ରୁ ଶବ୍ଦ ''ଲୋଭ'' ଯାହା ବୁଝାଏ ''ଲାଭ କରିବା ଆକାଂକ୍ଷା'' ମାତ୍ର ଦ୍ୱିତୀୟ ଦିନ ୫ରେ ଏକ ଦ୍ୱିତୀୟ ଶବ୍ଦ ''ଆକାଂକ୍ଷା'' ଆହୁରି ମଧ୍ୟ ''ଲୋଭ'' ଅଛି । ''ଲୋଭ'' ଆକାଂକ୍ଷାକୁ କଥାରେ ପ୍ରକାଶ କରେ ଯାହା ଆକାଂକ୍ଷାର ବସ୍ତୁକୁ ଲାଭ କରିବାକୁ ଏକ କାର୍ଯ୍ୟ ସହିତ ସଂଯୁକ୍ତ ଅଟେ, ମାତ୍ର ''ଆକାଂକ୍ଷା'' କେବଳ ମନୋବୃତ୍ତି ଉପରେ ଲକ୍ଷ୍ୟ ରଖିବା ଦେଖାଯାଏ ।

୩. ଆହୁରି ମଧ୍ୟ ଯାତ୍ରା ୨୦, ଇସ୍ରାଏଲ ସନ୍ତାନଗଣଙ୍କ ପାଇଁ ସେମାନଙ୍କ ପ୍ରାନ୍ତର ଭ୍ରମଣ ସମୟରେ ଲେଖା ଯାଇଥିଲା, ସେମାନଙ୍କ ଜମି ଅଧିକାର ତାଲିକାରେ କୌଣସି କ୍ଷେତ୍ରର ବିଷୟ ଏଥିରେ ନାହିଁ, ଯେତେବେଳେ ଦ୍ୱିତୀୟ ବିବରଣ ୫ ସେହି ସମାନ ଆଦେଶମାନ ପୁର୍ନବାର ପ୍ରସ୍ତୁତ କରିଛି, ଏହା ପ୍ରତିଜ୍ଞାତ ଦେଶରେ ସମାଜ ମଧ୍ୟରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ଦିଆଯାଇଥିଲା ।

ଖ. ''ଲୋଭ'' ଶବ୍ଦ ଏକ ନିରପେକ୍ଷ ଶବ୍ଦ । ଏହା ଉତ୍ତମ ବିଷୟ ନିମନ୍ତେ ଆକାଂକ୍ଷିତ ହେବା ବୁଝାଇ ପାରେ (ଗୀତ ୧୯:୧୦, ୧ କରିନ୍ଥୀ ୧୨:୩୧) ।

ଗ. ଅନୁପଯୁକ୍ତ ବା ଅନୁଚିତ ଆକାଂକ୍ଷା (ଇଚ୍ଛା) ଶୟତାନର ଆଦମ ଓ ହବାଙ୍କ ଏବଂ ଆମ ସମସ୍ତଙ୍କ ପତନର ମୂଳ କାରଣ ଅଟେ । ପାଉଲ ରୋମୀ ୭:୭-୮ରେ ଲୋଭ ସହିତ ତାଙ୍କର ବ୍ୟକ୍ତିଗତ ସଂଘର୍ଷ ବିଷୟ ପ୍ରକାଶ କଲେ । ଲୋଭ ହେଉଛି, ମୂଳତଃ ଏକ ଅସନ୍ତୋଷ ବା ଅତୃପ୍ତ ଅବସ୍ଥା ଏବଂ ଈଶ୍ୱରଙ୍କ ଯତ୍ନ ଓ ଯୋଗାଣରେ ବିଶ୍ୱାସ ବା ଭରସାର ଅଭାବ ।

ଘ. କେତେକ ନୂତନ ନିୟମ ଶାସ୍ତ୍ରାଂଶ ଲୋଭ ସହିତ ସମ୍ପୃକ୍ତ :

୧. ମନୁଷ୍ୟର ସମସ୍ୟା ହେଉଛି ଅସନ୍ତୋଷ ଓ ଲୋଭ (ଲୂକ ୧୨:୧୫, ୧ ତୀମଥି ୬:୮-୧୦)

୨. ଯୀଶୁଙ୍କର କଳୁଷିତ କରୁଥିବା ପାପର ତାଲିକାରେ ଲୋଭ କରିବା ଅନ୍ତର୍ଗତ ହୋଇଛି (ମାର୍କ ୭:୧୭-୨୩, ୧ କରିନ୍ଥୀ ୫:୧୦, ଏଫିସୀ ୫:୫, କଲସୀ ୩:୫) ।

୩. ପ୍ରୟୋଗାତ୍ମକ ସତ୍ୟମାନ

କ. ଆସକ୍ତିପୂର୍ଣ୍ଣ ଲୋଭ ଏବଂ ଅତୃପ୍ତତାର ଉତ୍ତର ହେଉଛି :

୧. ପ୍ରେମ - ରୋମୀ ୧୩:୮-୧୦

୨. ସନ୍ତୋଷ - ଏବ୍ରୀ ୧୩:୫, ଫିଲିପ୍ପୀ ୪:୧୧-୧୩ (ଏବଂ ଅନ୍ୟକୁ ଦେବା ଫିଲିପ୍ପୀ ୪:୧୪)

ଖ. ଆଜ୍ଞା (ଆଦେଶ) କହେ ''ବନ୍ଦକର'' ମାତ୍ର ଖ୍ରୀଷ୍ଟ କେବଳ ବନ୍ଦ କରିବାର ମାଧମମାନ ଆମ୍ଭମାନଙ୍କୁ ଦିଅନ୍ତି । ତାହାଙ୍କଠାରେ ଆମ୍ଭେମାନେ ଆମର ଚିନ୍ତାକରିବା ଜୀବନକୁ କେତେକାଂଶରେ ଆୟତ କରି ପାରିବା ।

ଗ. ଈଶ୍ୱର ଆମ୍ଭମାନଙ୍କ ହୃଦୟ ଓ ମନ ସବୁ ଜାଣନ୍ତି

୧. ୧ ବଂଶାବଳୀ ୨୮:୯

୨. ହିତୋପଦେଶ ୨୦:୨୭

୩. ଗୀତସଂହିତା ୧୩୯:୧,୨୩

୪. ଯିରିମିୟ ୧୭:୧୦

୫. ରୋମୀ ୮:୨୭

୬. ପ୍ରକାଶିତ ୨:୨୩

ଘ. ବିଷୟଗୁଡ଼ିକ ମନ୍ଦ ନୁହେଁ ମାତ୍ର ଯେତେବେଳେ ସେଗୁଡ଼ିକ ଅଗ୍ରାଧିକାର ଦିଏ, ତାହାସବୁ ପାପରେ ପରିଣତ ହୁଏ । ବିଷୟଗୁଡ଼ିକ ଶେଷ ବୃତ୍ତାନ୍ତ ଓ ଅନନ୍ତକାଳୀନ ନୁହେଁ, ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ଲୋକମାନେ ଅନନ୍ତକାଳୀନ ଅଟନ୍ତି । ଲୋଭ କରିବା, ଗୋପନୀୟ ଭାବେ ଓ ଧ୍ୱଂସକାରୀ ପଥରେ ପ୍ରତିଜ୍ଞାତ ସମ୍ପ୍ରଦାୟକୁ ପ୍ରଭାବିତ କରେ !

ଆଲୋଚନା ପ୍ରଶ୍ନମାନ

୧. ଲୋଭ କରିବା କହିଲେ କଅଣ ?

୨. ଆଧୁନିକ ମନୁଷ୍ୟ କିପରି ଲୋଭ କରେ ?

୩. ଆମ୍ଭମାନଙ୍କ ଚିନ୍ତାସମୂହ ପାପ କି ?

୪. ଖ୍ରୀଷ୍ଟିୟାନ ଜୀବନରେ ଚିନ୍ତାସବୁ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ ?

୫. ଯାତ୍ରା ୨୦:୧୭ରେ ଥିବା ଆଜ୍ଞା କାହିଁକି ଦ୍ୱିତୀୟ ବିବରଣ ୫:୨୧ରେ ଥିବା ଆଜ୍ଞାଠାରୁ କିଛି ଭିନ୍ନ ଅଟେ ?

- ''କାରଣ'' ଏହା ଦଶଆଜ୍ଞା ବା ଡେକାଲଗ୍‌ର ଏକ ଉଦ୍ଧୃତାଂଶ । ଦଶ ଆଜ୍ଞାର ଦ୍ୱିତୀୟାର୍ଦ୍ଧ ଏହି ତାଲିକାର କ୍ରମିକତା ଗ୍ରୀକ୍ ପାଣ୍ଡୁଲିପି ବି ଯାହା ଭାଟିକାନସ୍ ବୋଲି କୁହାଯାଏ ତାହାର ଅନୁଗମନ କରେ । ଏହା ଯାତ୍ରା ୨୦ ଓ ଦ୍ୱିତୀୟ ବିବରଣ ୫ର ଶାସ୍ତ୍ରୀମାନଙ୍କ ଦ୍ୱାରା ହିବ୍ରୁ ଶାସ୍ତ୍ର ଲେଖା ପରମ୍ପରା ଅନୁସାରେ ଲିଖିତ ପୁରାତନ ନିୟମଠାରୁ କିଞ୍ଚିତ ପରିମାଣ ଭିନ୍ନ ଅଟେ । ଦଶ ଆଜ୍ଞାର ଦ୍ୱିତୀୟାର୍ଦ୍ଧ ସେମାନଙ୍କ ଯିହୋବା (ସଦାପ୍ରଭୁ)ଙ୍କ ସହିତ ସମ୍ପର୍କ ଉପରେ ନିର୍ଭର କରୁଥିବା ସେମାନଙ୍କର ପରସ୍ପର ସହିତ ସମ୍ପର୍କର ସମ୍ମୁଖାସମ୍ମୁଖୀ ହୁଏ ।
- ''ପୁଣି ଯଦି ଆଉ କୌଣସି ଆଜ୍ଞା ଥାଏ'' ଏହି ପ୍ରଥମ ଶ୍ରେଣୀ ସର୍ତ୍ତପୂର୍ଣ୍ଣ ବାକ୍ୟ, ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାହାଙ୍କ ସାହିତ୍ୟିକ ଉଦ୍ଦେଶ୍ୟରୁ ସତ୍ୟ ବୋଲି ସାବ୍ୟସ୍ତ ହୋଇଅଛି । ଅନ୍ୟ ଆଜ୍ଞାମାନ ଅଛି । ଖଣ୍ଡ ବାକ୍ୟଟି ବୁଝାଇଲା ''ଦଶଆଜ୍ଞା ବାହାରେ ଯଦି ଆଉ ଅନ୍ୟ ଆଜ୍ଞା ଅଛି'' । ଅନ୍ୟ କଥାରେ, ଏହା ସମସ୍ତ ମୋଶାଙ୍କ ବ୍ୟବସ୍ଥା ବା ସମ୍ଭବତଃ ''ନିୟମ'' ସାଧାରଣ ଭାବରେ ଏହି ସମସ୍ତ ନିୟମକୁ ଏକତ୍ର ଯୋଗ କରେ । ଏହି ଦଶ ଆଜ୍ଞା କେତେ ପରିମାଣ ଓ କେଉଁ କ୍ରମାନ୍ୱୟ ଅନୁସାରେ ତାଲିକାଭୁକ୍ତ ହୋଇଅଛି ତାହାର ଏକ ବିଭିନ୍ନ ଗ୍ରୀକ୍ ପାଣ୍ଡୁଲିପି ପରିମ୍ପରାମାନ ଅଛି । ଯିହୁଦୀ ଧର୍ମର ଏହି ସଂଖ୍ୟାଗଣନାରେ ଗୋଟିଏ ତ କ୍ୟାଥୋଲିକ ଓ ପ୍ରୋଟେଷ୍ଟାଣ୍ଟର ମଧ୍ୟ ଭିନ୍ନ ସଂଖ୍ୟାଗଣନା ଅଛି । ଖଣ୍ଡବାକ୍ୟର ଅର୍ଥ ଏହି ବିଭିନ୍ନତା ଦ୍ୱାରା ପ୍ରଭାବିତ ନୁହେଁ, ଯାହା ସବୁ ସଂଖ୍ୟାଗରିଷ୍ଠ ପାଣ୍ଡୁଲିପି ବିଭିନ୍ନତାମାନରେ ମଧ୍ୟ ସତ୍ୟ ଅଟେ ।
- ''ତାହା ସାର ଭାବେ ଏହି ବାକ୍ୟର ଅନ୍ତର୍ଗତ ଅଟେ'', ଏହା ଲେବୀ ୧୯:୧୮ରୁ ଉଦ୍ଧୃତାଂଶ ଅଟେ । ଏହା ସୁସମାଚାରରେ ବିଭିନ୍ନ ଥର ଉଦ୍ଧୃତ ହୋଇଅଛି (ମାଥିଉ ୫:୪୩, ୧୯:୧୯, ୨୨:୩୯, ମାର୍କ ୧୨:୩୧ ଲୂକ ୧୦:୨୭) । ଯୀଶୁ ଏହାକୁ ଦ୍ୱିତୀୟ ମହାନ ବା ଉତ୍କୃଷ୍ଟତମ ଆଜ୍ଞା ବୋଲି ନାମ ନିଅନ୍ତି (ଏହା ମଧ୍ୟ ଗାଲାତୀ ୫:୧୪ ଓ ଯାକୁବ ୨:୮ରେ ଉଦ୍ଧୃତ କରାଯାଇଥିଲା । ଯେତେବେଳେ ଜଣେ ଈଶ୍ୱରଙ୍କୁ ପ୍ରେମ କରେ, ତେବେ ଈଶ୍ୱର ଯାହା ପ୍ରେମ କରନ୍ତି ତାହା ସେ ପ୍ରେମ କରିବ (ଯଥା : ମାନବଜାତି ତାହାଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ ହୋଇଅଛି (ଆଦି ୧:୨୬-୨୭) ।
- ''ତୁମେ ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର'' ବିଶ୍ୱାସୀମାନେ ଅନ୍ୟମାନଙ୍କୁ ପ୍ରେମ ବା ଗ୍ରହଣ କରିବା ପୂର୍ବେ, ଈଶ୍ୱର ସେମାନଙ୍କୁ ଯେପିର ପ୍ରେମ କରନ୍ତି ସେହିପରି ଆପଣା ଆପଣାକୁ (ପରସ୍ପରକୁ) ପ୍ରେମ କରିବା ଉଚିତ । ଉପଯୁକ୍ତ ଆତ୍ମ ପ୍ରେମ ମନ୍ଦ ନୁହେଁ । ଏହି ବିଭାଗର ମୁଖ୍ୟ ସତ୍ୟ ସ୍ପଷ୍ଟରୂପେ ପ୍ରକାଶିତ - ଅନ୍ୟମାନଙ୍କୁ ପ୍ରେମ କର (୧୦ପଦ) । ଯେଉଁମାନେ ଈଶ୍ୱରଙ୍କ ସ୍ୱାର୍ଥ-ତ୍ୟାଗ ବା ଆପଣାକୁ ଉତ୍ସର୍ଗ (ଆତ୍ମୋତ୍ସର୍ଗ), ତ୍ୟାଗଯୁକ୍ତ ପ୍ରେମର ସ୍ପର୍ଶ ପାଇ ଆସିଅଛନ୍ତି ସେହିପରି ସେମାନେ ଅନ୍ୟକୁ ପ୍ରେମ କରିପାରିବେ (୧ ଯୋହନ ୩:୧୬) । ଏହା ହେଉଛି ଖ୍ରୀଷ୍ଟଙ୍କ ସାଦୃଶ୍ୟର ମୂଳ ଅଂଶ (ଈଶ୍ୱରଙ୍କ ସାଦୃଶ୍ୟର ପୁନରୁଦ୍ଧାର) । ଏହି ପ୍ରକାର ପ୍ରେମର ଉପସ୍ଥିତିରେ ''ନିୟମର'' ଆବଶ୍ୟକତା ନାହିଁ ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୩:୧୧-୧୪**

**''ପୁଣି ଏବେ ତୁମ୍ଭମାନଙ୍କର ନିଦ୍ରାରୁ ଜାଗ୍ରତ ହେବାର ସମୟ ଯେ ଉପସ୍ଥିତ, ଏହା ଜାଣି ଏହିସବୁ କର, କାରଣ ଆମ୍ଭମାନଙ୍କର ବିଶ୍ୱାସ କରିବାର ଦିନଠାରୁ ବର୍ତ୍ତମାନ ପରିତ୍ରାଣ ଆମ୍ଭମାନଙ୍କର ଅଧିକ ସନ୍ନିକଟ । ରାତ୍ରି ପାହାନ୍ତା, ହେଉଅଛି, ଦିବସ ସନ୍ନିକଟ, ଅତଏବ ଆସ, ଆମ୍ଭେମାନେ ଅନ୍ଧକାରର କର୍ମସବୁ ପରିତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରୁ । ରଙ୍ଗରସ ଓ ମତ୍ତତାରେ, ଲମ୍ପଟତା ଓ କାମୁକତାରେ, ବିବାଦ ଓ ଇର୍ଷାରେ ଆଚରଣ ନ କରି ଆସ, ଆମ୍ଭେମାନେ ଦିବସର ବିହିତ ଭଦ୍ର ଆଚରଣ କରୁ । ପୁଣି ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କୁ ତୁମ୍ଭେମାନେ ବସ୍ତ୍ରରୂପେ ପରିଧାନ କର, ଆଉ କୁଅଭିଳାଷ ଉଦ୍ରେକ କରିବା ସକାଶେ ଶରୀର ନିମନ୍ତେ ଆୟୋଜନ କର ନାହିଁ ।''**

**୩:୧୧**

| | |
|---|---|
| **ଏନ୍ ଏ ଏସ୍ ବି** | **''ଏହା କର''** |
| **ଏନ୍ କେ ଜେ ଭି** | **''ଏବଂ ଏହା କର''** |
| **ଏନ୍ ଆର୍ ଏସ୍ ଭି** | **''ଏହା ବ୍ୟତୀତ''** |
| **ଟି ଇ ଭି** | **''ତୁମେ ନିଶ୍ଚୟ ଏହା କର''** |
| **ଏନ୍ ଜେ ବି** | **''ବ୍ୟତୀତ''** |

ଯାହା ଅଗ୍ରସର ହେଉଛି (୯-୧୦ ପଦ) ତାହାର ଅନୁଗାମୀ ଯାହା ହେଉଛି, ତାହାକୁ ସମ୍ପୃକ୍ତ କରିବାର ଏହା ଏକ ପଥ ଅଟେ (୧୧-୧୪ପଦ) । ବାକ୍ୟର କର୍ମକାରୀ ହୁଅ, କେବଳ ଶ୍ରୋତାମାତ୍ର ନ ହୋଇ (ଯାକୁବ ୧:୨୨, ୨୩,୨୫) ପ୍ରେମ କାର୍ଯ୍ୟରେ ପରିଣତ କରିବା ଉଚିତ ।

▣ **''ସମୟ ଜାଣି''** ଏହା ଏକ ସମ୍ପୂର୍ଣ୍ଣ କର୍ତ୍ତୃବାଚ୍ୟର କୃଦନ୍ତ ବିଶେଷଣ । ସମୟ ପାଇଁ ଶବ୍ଦ (କାଇରୋସ) ଏକ ବିଶେଷ ସମୟ କାଳୀନ ଅର୍ଥରେ ବ୍ୟବହୃତ ହୋଇଥିଲା, ନିୟମିତ କାଳାନୁକ୍ରମିକ ସମୟ ନୁହେଁ (କ୍ରୋନସ୍) । ବିଶ୍ୱାସୀମାନେ ବାସ କରିବା ଉଚିତ (୧) ଯେ କୌଣସି ମୁହୂର୍ତ୍ତରେ ଖ୍ରୀଷ୍ଟଙ୍କର ପୁନରାଗମନର ଆଲୋକରେ ଏବଂ (୨) ନୂତନ ଯୁଗର ପ୍ରତ୍ୟୁଷ ହୋଇଅଛି ।

▣ **''ଏବେ... ସମୟ ଯେ ଉପସ୍ଥିତ''** ଏହି ଦୃଷ୍ଟାନ୍ତ ''ସମୟ'' (ଅନେକ ସମୟରେ ଯୋହନ ଲିଖିତ ସୁସମାଚାରରେ ବ୍ୟବହୃତ ହୋଇଅଛି) ଏକ ବିଶେଷ ମୁହୂର୍ତ୍ତକୁ ବୁଝାଏ (କାଇରୋସ୍ ସହିତ ସମାନ) ଈଶ୍ୱରଙ୍କର ମୁକ୍ତିର ଯୋଜନାରେ (୩:୨୬, ୧ କରିନ୍ଥୀ ୭:୨୯, ୧୦:୧୧, ଯାକୁବ ୫:୮, ୧ ପିତର ୩:୯-୧୩, ୧ ଯୋହନ ୨:୧୮, ପ୍ରକାଶିତ ୧:୩, ୨୨:୧୦) । ଏହା ଉଭୟ ସମୟରେ ଯୀଶୁଙ୍କ କ୍ରୁଶାର୍ପଣ ଓ ପୁନରାଗମନରେ ବ୍ୟବହୃତ ହୋଇଅଛି ।

▣ **''ନିଦ୍ରା''** ଏହି ଶବ୍ଦ ଏଠାରେ ଦୃଷ୍ଟାନ୍ତ ରୂପେ ନୈତିକ ଓ ଆତ୍ମିକ ଶିଥିଳତା ଭାବେ ବ୍ୟବହୃତ ହୋଇଛି (ଏଫିସୀ ୫:୮-୧୪, ୧ ଥେସଲ ୫:୬) ଶବ୍ଦ ଗୁଡ଼ି କର କେବଳ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ଅର୍ଥ ଅଛି । ଏକ ଅପରିବର୍ତ୍ତନୀୟ ସଜ୍ଞା (ଅର୍ଥ) ବିଷୟରେ ଯତ୍ନଶୀଳ ବା ସାବଧାନ ହୁଅ । ସମସ୍ତ ଶବ୍ଦଗୁଡ଼ିକର କେତେ ପ୍ରକାର ସାମ୍ଭବ୍ୟ ଅର୍ଥମାନ (ଭାଷାର୍ଥ ବିଷୟକ କ୍ଷେତ୍ର) ଅଛି ।

▣ **''କାରଣ ବର୍ତ୍ତମାନ ପରିତ୍ରାଣ ଅଧିକ ସନ୍ନିକଟ''** ପରିତ୍ରାଣ ଏକ ପ୍ରାରମ୍ଭିକ ସିଦ୍ଧାନ୍ତ ଏବଂ ଏକ ପ୍ରଣାଳୀ ଅଟେ (ବିଶେଷ ପ୍ରସଙ୍ଗ ଦେଖ ୧୦:୧୪ରେ) ପରିତ୍ରାଣ ସମ୍ପୂର୍ଣ୍ଣ ହେବ ନାହିଁ, ଯେ ପର୍ଯ୍ୟନ୍ତ ବିଶ୍ୱାସୀମାନଙ୍କ ନୂତନ ଶରୀର ନାହିଁ (୧ ଯୋହନ ୩:୨, ୧ ଥେସଲ ୪:୧୩-୧୮, ଏବ୍ରୀ ୯:୨୮, ୧ ପିତର ୧:୫) । ପରମାର୍ଥ ବିଦ୍ୟାନୁସାରେ ଏହାକୁ ''ଗୌରବାନ୍ୱିତ'' ହେବା କୁହାଯାଏ (ରୋମୀ ୮:୩୦) । ପ୍ରତ୍ୟେକ ପୁରୁଷ (ପିଢ଼ି) ଖ୍ରୀଷ୍ଟିୟାନମାନଙ୍କର ଏହା ହେଉଛି ଅପେକ୍ଷା ଯେ ସେମାନଙ୍କ ଜୀବନକାଳ ମଧ୍ୟରେ ପ୍ରଭୁ, ପୁନରାଗମନ କରିବେ (ଲୂକ ୨୧:୨୮) । ପାଉଲ କିଛି ଭିନ୍ନ ନ ଥିଲେ (୧ ଥେସ ୪:୧୫) ।

▣ **''ଆମ୍ଭମାନଙ୍କ ବିଶ୍ୱାସ କରିବା ଦିନଠାରୁ''** ଖ୍ରୀଷ୍ଟଧର୍ମ ଏକ ସିଦ୍ଧାନ୍ତରୁ ଆରମ୍ଭ ହୁଏ (ତତ୍‌କ୍ଷଣାତ୍ ଧାର୍ମିକଗଣନା ଓ ପବିତ୍ରିକରଣ), ମାତ୍ର ଏକ ଈଶବର ପରାୟଣ ଜୀବନ ଶୈଳୀରେ ଏହାର ଫଳାଫଳ ହେବ (ଅଗ୍ରଗତି କରୁଥିବା ପବିତ୍ରକରଣ, ବିଶେଷ ପ୍ରସଙ୍ଗ ୬:୪ରେ ଦେଖ) ଏବଂ ଖ୍ରୀଷ୍ଟ ସାଦୃଶ୍ୟତାରେ ଶେଷ ହୁଏ (ଗୌରବାନ୍ୱିତ ହେବା) । ଜଣେ ଈଶ୍ୱରଙ୍କ ଦାନ ଖ୍ରୀଷ୍ଟଙ୍କଠାରେ ଗ୍ରହଣ କରିବା ଉଚିତ (ଯୋହନ ୧:୧୨, ୩:୧୬, ରୋମୀ ୧୦:୯-୧୩) । ଏହି ପ୍ରାରମ୍ଭିକ ସିଦ୍ଧାନ୍ତ ଶେଷ ନୁହେଁ, ମାତ୍ର ଆରମ୍ଭ ମାତ୍ର !

**୧୩:୧୨ ''ରାତ୍ରି ପାହାନ୍ତା ହେଉଅଛି''** ଏହା ବର୍ତ୍ତମାନର ମନ୍ଦ ଯୁଗକୁ ବୁଝାଏ ଯାହା ଧ୍ୱଂସିତ ହୋଇସାରିଛି ଏବଂ ପୁନଃ ସ୍ଥାପିତ ହୋଇଅଛି (୧ କରିନ୍ଥୀ ୭:୨୯-୩୧, ୧୦:୧୧, ଯାକୁବ ୫:୮, ଏଫିସୀ ୫:୮,୧୪, ୧ ଯୋହନ ୨:୧୭-୧୮ ପ୍ରକାଶିତ ୧:୩, ୨୨:୧୦) । ବିଶେଷ ପ୍ରସଙ୍ଗ ୧୨:୨ରେ ଦେଖ । ପାଉଲ, ବିଶେଷତଃ ଯୋହନ ଅନ୍ଧକାର ଓ ଆଲୋକ ମଧ୍ୟରେ ବିପକ୍ଷ ତୁଳନା ବ୍ୟବହାର କରନ୍ତି, ଯେପରି ମୃତସାଗର ଗୁଡ଼ା ପୁସ୍ତକ କରିଥିଲା ।

▣ **''ଦିବସ ସନ୍ନିକଟ''** ଏହା ସମ୍ପୂର୍ଣ୍ଣ କର୍ତ୍ତୃବାଚକ ସୂଚକ । ଏହିଗୁଡ଼ିକ ଶେଷ ସମୟ ବା ଦିନମାନ (ଫିଲିପ୍ପୀ ୪:୫, ଯାକୁବ ୫:୯) । ଆମ୍ଭେମାନେ ଶେଷ ଦିନମାନଙ୍କରେ ରହି ଆସିଅଛ, ଯୀଶୁଙ୍କ ଦେହବନ୍ତ ହେବା ସମୟଠାରୁ, ସେହିଗୁଡ଼ିକ ତାହାଙ୍କ ଗୌରବମୟ ପୁନରାଗମନ ପର୍ଯ୍ୟନ୍ତ ତିଷ୍ଠି ରହିବ । ଯାହାବି ହେଉ, ନୂତନ ଯୁଗର ଖ୍ରୀଷ୍ଟଙ୍କଠାରେ ପ୍ରାତଃକାଳ ହୋଇଅଛି ।

ଏହି ଖ୍ରୀଷ୍ଟଙ୍କ ପୁନରାଗମନର ସନ୍ନିକଟତା ଉପରେ ଟିପ୍ପଣୀ ''କ୍ରୁଶୀୟ ପରିଚୟ ପ୍ରଦାନ''ରୁ ମୋର ପ୍ରକାଶିତ ବାକ୍ୟ ଉପରେ କମେଣ୍ଟେରୀ (ବାଖ୍ୟା ପୁସ୍ତକ)କୁ ନିଆଯାଇଅଛି ।

ସ୍ୱାଧିନ ଧାଡ଼ି ଉପରେ ଏହା ଦେଖ ଷଷ୍ଠ ଗଭୀର ଚିନ୍ତା (ଖ୍ରୀଷ୍ଟଙ୍କର ଆସନ୍ନ ପୁନରାଗମନ ଓ ବିଳମ୍ବିତ ପାରୌସିଆ ମଧ୍ୟରେ) ଅଧିକାଂଶ ବିଶ୍ୱାସୀମାନଙ୍କୁ ଶିକ୍ଷା ଦିଆଯାଇଅଛି ଯେ ଯୀଶୁ ଶୀଘ୍ର ଆସୁଅଛନ୍ତି, ହଠାତ୍ ଏବଂ ଅନପେକ୍ଷିତଭାବେ (ମାଥିଉ ୧୦:୨୩, ୨୪:୨୭, ୩୪,୪୪, ମାର୍କ ୯:୧, ୧୩:୩୦) । ମାତ୍ର ପ୍ରତ୍ୟେକ ଅପେକ୍ଷାରେ ଥିବା ବିଶ୍ୱାସୀମାନଙ୍କ ବଂଶଧର ଏ ପର୍ଯ୍ୟନ୍ତ ଭୁଲ ଚିନ୍ତା କରିଛନ୍ତି ! ଯୀଶୁଙ୍କର ଶୀଘ୍ର

ପୁନରାଗମନ ହେଉଛି ପ୍ରତ୍ୟେକ ବଂଶଧର (ପିଢ଼ି)ର ଏକ ଶକ୍ତିଶାଳୀ ପ୍ରତିଜ୍ଞାତ ଆଶା (ପ୍ରତ୍ୟାଶା), ମାତ୍ର ଏହା ଏକ ବାସ୍ତବତା ଏକ ଜଣକ ପ୍ରତି (ଏବଂ ସେ ଜଣେ ଏକ ତାଡ଼ନା ପ୍ରାପ୍ତ ବ୍ୟକ୍ତି) । ବିଶ୍ୱାସୀମାନେ ଯେପରି ସେ କାଲି ଆସୁଛନ୍ତି ଏପରି ପ୍ରସ୍ତୁତ ଭାବେ ବାସ କରିବା ଉଚିତ, ମାତ୍ର ମହାନ ଆଦେଶ (ମାଥିଉ ୨୮:୧୯-୨୦) ଯୋଜନା ଓ ସେଥିର ବିନିଯୋଗ କରିବା କାର୍ଯ୍ୟରେ ପରିଣତ କରିବା ଉଚିତ, ଯଦି ସେ ବିଳମ୍ବ କରନ୍ତି ବା ଅପେକ୍ଷା କରନ୍ତି ।

କେତେକ ଶାସ୍ତ୍ରାଂଶ, ସୁସମାଚାର ପୁସ୍ତକମାନଙ୍କରେ (ମାର୍କ ୩:୧୦, ଲୂକ ୧୭:୨, ୧୮:୮) ଏବଂ ୧ ଓ ୨ୟ ଥେସଲନିକି ଏକ ବିଳମ୍ବିତ ଦ୍ୱିତୀୟ ଆଗମନ ଉପରେ ନିର୍ଭର କରିଅଛି (ପାରାଉସିଆ) । କେତେଗୁଡ଼ିଏ ଐତିହାସିକ ଘଟଣାମାନ ପ୍ରଥମେ ଘଟିବା ଉଚିତ :

୧. ଜଗତ-ବ୍ୟାପୀ ସୁସମାଚାର ପ୍ରଚାର (ମାଥିଉ ୨୪:୧୫, ମାର୍କ ୧୩:୧୦)

୨. ''ପାପର ମାନବ'' ର ପ୍ରକାଶିତ ହେବା (ମାଥିଉ ୨୪:୧୫, ୨ ଥେସଲ ୨, ପ୍ରକାଶିତ ୧୩)

୩. ମହାତାଡ଼ନା (ମାଥିଉ ୨୪:୨୧,୨୪, ପ୍ରକାଶିତ ୧୩)

ଏକ ଉଦ୍ଦେଶ୍ୟମୂଳକ ଅନିଶ୍ଚିତତା (ମାଥିଉ ୨୪:୪୨-୫୧, ମାର୍କ ୧୩:୩୨-୩୬)ବା ଅସ୍ପଷ୍ଟତା । ଆଜି ଯେପରି ତୁମର ଶେଷ ଦିନ ଥିଲା ଏପରି ଜୀବନ ଯାପନ କର ମାତ୍ର ଭବିଷ୍ୟତ ସେବାକାର୍ଯ୍ୟ ପାଇଁ ଯୋଜନା ଓ ତାଲିମ ପ୍ରସ୍ତୁତ କର ।''

▣ **''ପରିତ୍ୟାଗ କରି...ପରିଧାନ କର''** ଏଗୁଡ଼ିକ ଆଓରିଷ୍ଟ ମଧ୍ୟବର୍ତ୍ତୀ ସମ୍ଭାବନାର୍ଥକ ବିଷୟମାନ, ଯାହା ଏକ ସାମଞ୍ଜସ୍ୟ ଥିବା ଟିପ୍ପଣୀ ଦିଏ । ଏହା କାର୍ଯ୍ୟରେ ପରିଣତ କରିବାକୁ ''ତୁମେ ନିଜ ନିଜକୁ ପରିତ୍ୟାଗ କର'' ... ସବୁଦିନ ପାଇଁ ନିଷ୍ପତ୍ତି ମୂଳକ ଭାବରେ ପରିଧାନ କର'' । ଈଶ୍ୱର ଏବଂ ମାନବଜାତି ଉଭୟ ଧାର୍ମିକଗଣନା (ମନପରିବର୍ତ୍ତନ ଓ ବିଶ୍ୱାସ) ଏବଂ ପବିତ୍ରୀକରଣ (ଈଶ୍ୱରପରାୟନ ଜୀବନ ଯାପନ) ଏହି ଉଭୟରେ ସକ୍ରିୟ ଅଚନ୍ତି । ଏହି ''ପରିଧାନ କରିବା'' ଦୃଷ୍ଟାନ୍ତ ପାଉଲଙ୍କ ଲେଖାଗୁଡ଼ିକରେ ବହୁତ ସାଧାରଣ । ବିଶ୍ୱାସୀମାନେ ସେମାନଙ୍କ ନିଦ୍ରାଯିବ ପୋଷାକ କାଢ଼ି ଦେବେ ଏବଂ ସେମାନଙ୍କର ଯୁଦ୍ଧ ସରଞ୍ଜାମରେ ସୁସଜ୍ଜିତ ହେବେ (ଏଫିସୀ ୪:୨୨-୨୫, କଲସୀ ୩:୧୦,୧୨,୧୪) । ଆମ୍ଭେମାନେ ଆତ୍ମିକ ଖ୍ରୀଷ୍ଟିୟ ଯୋଦ୍ଧା, ଦୈନିକ ଆତ୍ମିକ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଅଛୁ (ଏଫିସୀ ୬:୧୦-୧୮) । ଏନ୍ ଆଇ ଡି ଏନ୍ ଟିଟିରେ ଟିପ୍ପଣୀ ୧ ଭାଗ ୩୧୫-୩୧୬ ପୃଷ୍ଠାରେ ଦେଖ ।

▣ ''ଆଲୋକର ସଜ୍ଜା'' ଏହା ସମ୍ଭବତଃ ଯିଶାଇୟ ୫୯:୧୭ର ଏକ ପରୋକ୍ଷ ସୂଚନା । ବିଶ୍ୱାସୀମାନେ ନିଷ୍ପତ୍ତି ମୂଳକଭାବେ ସଜ୍ଜା ଏବଂ ଧାର୍ମିକତାର ଅସ୍ତ୍ରଶସ୍ତ୍ରମାନ ପରିଧାନ କରିବା ଉଚିତ (୨ କରିନ୍ଥୀ ୬:୭, ୧୦:୪, ଏଫିସୀ ୬:୧୧,୧୩, ୧ ଥେସଲ ୫:୮) । ଈଶ୍ୱରଙ୍କ ସଜ୍ଜା ବିଶ୍ୱାସୀମାନଙ୍କ ପାଇଁ ମିଳେ ମାତ୍ର ସେମାନଙ୍କର ଉଚିତ :

୧. ସେଗୁଡ଼ିକର ଆବଶ୍ୟକତା ସ୍ୱୀକାର କରିବା ବା ଚିହ୍ନିବା

୨. ଈଶ୍ୱରଙ୍କ ଯୋଗାଣକୁ ସ୍ୱୀକାର କରିବା ବା ଚିହ୍ନିବା

୩. ସେମାନଙ୍କ ଦୈନନ୍ଦିନର ଚିନ୍ତା ଓ ଜୀବନ ମଧ୍ୟରେ ଏହା ବ୍ୟକ୍ତିଗତ ଭାବେ ଓ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟରେ ପରିଣତ କରିବା ।

ପ୍ରତ୍ୟେକ ଦିନ ଆତ୍ମିକ ଯୁଦ୍ଧ ଅଛି ! କ୍ଲିଣ୍ଟନ ଏଫ.ଆର୍ନୋଲ୍ଡଙ୍କ, ''ଆତ୍ମିକ ଯୁଦ୍ଧ ବିଷୟରେ ତିନୋଟି କଷ୍ଟକର ପ୍ରଶ୍ନ'' ଦେଖ ।

**୧୩:୧୩ ''ଆସ ଆମ୍ଭେମାନେ ଦିବସର ବିହିତ ଭଦ୍ର ଆଚରଣ କରୁ''** ଏହା ଆଓରିଷ୍ଟ ମଧ୍ୟବର୍ତ୍ତୀ ସମ୍ଭବନାର୍ଥକ ବିଷୟମାନ ଆକ୍ଷରିକ ଭାବେ, ଆକ୍ଷରିକ ଭାବେ ''ଚାଲିବା'' । ଏହା ଜୀବନ ଶୈଳୀ ପାଇଁ ଏକ ହିବ୍ରୁ ରୁଢ଼ୋକ୍ତି (ଢ଼ଗ) (ଏଫିସୀ ୪:୧,୧୭, ୫:୨, ୧୫) । ପାଉଲ ଏହା ୩୩ ଥରରୁ ଅଧିକ ବ୍ୟବହାର କରନ୍ତି ।

ଏହି ପଦରେ ପାପର ତାଲିକା, ଦୁଇଟି ପଦର ତିନି ଯୋଡ଼ା ଶବ୍ଦ ବ୍ୟବହାର ଦ୍ୱାରା ନିର୍ମିତ । ଏହି ପଦଗୁଡ଼ିକର କେତେକ ଭାଷାର୍ଥ ପାଇଁ ପରସ୍ପର ଉପରେ ମାଡ଼ି ଯାଇଥିବା ଦେଖାଯାଏ । ଏହା ସମ୍ଭବ, ସେଗୁଡ଼ିକ ସମାନ ଅର୍ଥକୁ ବୁଝାଇବାକୁ ଅଛି ।

ବିଶେଷ ପ୍ରସଙ୍ଗ ଦେଖ : ୧:୨୮-୩୨ରେ ମନ୍ଦଗୁଣ ଓ ଭଲଗୁଣମାନ ।

ଏହି ପଦଗୁଡ଼ିକ ବିଶ୍ୱାସ କରୁଥିବା ଯିହୁଦୀ ଓ ଅଣଯିହୁଦୀ (ବିଜାତୀ)ମାନଙ୍କ ମଧ୍ୟରେ ରୋମମଣ୍ଡଳୀରେ ଥିବା ଉଦ୍‌ବେଗ ମନମାଳିନ୍ୟ । ନୂତନ ବିଜାତି ବିଶ୍ୱାସୀମାନେ ଚାଲୁରଖି ଥାଇ ପାରନ୍ତି (୧) ସେମାନଙ୍କର କେତେକ ଅନୈତିକ ଦେବପୂଜାର ଅଭ୍ୟାସମାନ କିଅବା (୨) ବିଶ୍ୱାସୀ ଯିହୁଦୀମାନଙ୍କ ନେତାମାନେ ସ୍ୱଳ୍ପ ସମୟ ପାଇଁ ନିରୋଙ୍କ ଆଦେଶରେ ସମସ୍ତ ଯିହୁଦୀମାନଙ୍କ ଧର୍ମବିଧି ରୋମ୍‌ରେ ରହିତ କରାଯିବା ପରେ ସେମାନଙ୍କର ପ୍ରତ୍ୟାବର୍ତ୍ତନରେ ଏହି ଅଣଯିହୁଦୀ ବିଶ୍ୱାସୀମାନଙ୍କର ଅହଂକାର ବା ହିଂସାଭାବେ ପୋଷଣ ହୋଇପାରେ ।

▣ **''ରଙ୍ଗରସ ଓ ମତ୍ତଭାବରେ ନୁହେଁ''** ଏହା ଯୌନ ଅନୈତିକତାକୁ ବୁଝାଇଛି ଯାହା ବିଜାତି ଧର୍ମ ସମ୍ବନ୍ଧୀୟ ବିଧିମାନଙ୍କ ସହିତ ମତ୍ତତାକୁ ସମ୍ପୃକ୍ତ କରିଥିଲା । ଗାଲାତୀ ୫:୨୧ରେ ଶରୀରର ପାପମାନଙ୍କ ତାଲିକାରେ, ଏହି ଶବ୍ଦଗୁଡ଼ିକ ପାର୍ଶ୍ୱକୁ ପାର୍ଶ୍ୱ ମଧ୍ୟ ତାଲିକା କରାଯାଇଅଛି ।

▣ **''ଲମ୍ପଟତା ଓ କାମୁକତାରେ ନୁହେଁ''** ଏହି ଯୋଡ଼ି ଶବ୍ଦ ପ୍ରଥମ ଯୋଡ଼ା ଶବ୍ଦ ଉପରେ ମାଡ଼ିଯାଇ ଥିବା ପରି ମନେହୁଏ । ଦ୍ୱିତୀୟ ପଦ ବା ଶବ୍ଦ ବ୍ୟାପକ ଭାବରେ ନୂତନ ନିୟମରେ ବ୍ୟବହୃତ ହୋଇଅଛି (ମାର୍କ ୭:୨୨, ୨ କରିନ୍ଥୀ ୧୨:୨୧, ଗାଲାତୀ ୫:୧୯, ଏଫିସୀ ୪:୧୯, ୧ ପିତର ୪:୩, ୨ ପିତର ୨:୭) । ଯଦି ପ୍ରଥମ ଯୋଡ଼ା ମତ୍ତତା ଉପରେ ଆଲୋକ ପାତ କରେ ତ, ଏହି ଯୋଡ଼ା ଯୌନ ଅନୈତିକତା ଉପରେ ଆଲୋକ ପାତ କରେ, ଏପରିକି ଏକ ସାମାଜିକ ଭାବେ ଅଣ ଆୟଧୀନ ନିଷେଧ କରାଯାଇଥିବା ଇନ୍ଦ୍ରିୟ ଅଭିଳାଷର କାର୍ଯ୍ୟ ଉପରେ ମଧ୍ୟ ।

▣ ''ବିବାହ ଓ ଈର୍ଷାରେ ନୁହେଁ'' ଏହି ପଦମାନ ଲୋକମାନଙ୍କ ମଧ୍ୟରେ ବିବାଦ (କଳି) ବିଷୟ କହେ (ଗାଲାତୀ ୫:୨୦) । ଏହା ପ୍ରଥମ ଦୁଇଯୋଡ଼ାର ଅନୁପଯୁକ୍ତ ଆଚରଣର ଫଳ ହୋଇ ଆସିଥାଇପାରେ । ଯଦି ଏହା ଖ୍ରୀଷ୍ଟିୟାନମାନଙ୍କୁ କୁହାଯାଇଅଛି (୧ କରିନ୍ଥୀ ୩:୩, କଲସୀ ୩:୮), ସେଗୁଡ଼ିକ କେତେକ ବିଜାତୀ ଧର୍ମବିଧିର ଅଭ୍ୟାସମାନ ପ୍ରତିଫଳିତ କରେ ଯାହା ବିଶ୍ୱାସୀମାନଙ୍କ ଜୀବନ ମାନଙ୍କରେ ବନ୍ଦ କରାଯିବା ଉଚିତ । ଯାହାବି ହେଉ ଏହି ପଦ ପୂର୍ବାପର ସମ୍ବନ୍ଧରେ ବିଶ୍ୱାସୀମାନଙ୍କ ପ୍ରତି ଏକ ବିପରୀତ ତୁଳନା, ତେଣୁ ସେହି ଅର୍ଥରେ ଏହା ଏକ ସତର୍କବାଣୀ ହେବ ।

**୧୩:୧୪ ''ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବସ୍ତ୍ର ରୂପେ ପରିଧାନ କର''** ଏହି ଦୃଷ୍ଟାନ୍ତ ବର୍ତ୍ତମାନ ବିଶ୍ୱାସୀମାନଙ୍କ ସ୍କନ୍ଧରେ ରଖା ଯାଇଥିବା ଯୀଶୁ ରାଜାଙ୍କ ରାଜକୀୟ ଲମ୍ବା ଓଟାକାରୋବ୍ (ସମ୍ମାନୀୟପଦ ପବିତ୍ରତା) । କେତେକ ବିଜ୍ଞ ବ୍ୟକ୍ତି ଏହାକୁ ବାପ୍ତିସ୍ମ ପୋଷାକ ସହିତ ସମାନ ବା ପରୋକ୍ଷ ସୂଚନା ରୂପେ ଦେଖନ୍ତି । ଏହି ପୋଷାକର ଦୃଷ୍ଟାନ୍ତ ପ୍ରଥମରେ ୧୨ ପଦରେ ପ୍ରକାଶ କରାଯାଇଛି । ଏହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀର ନୂତନ ସ୍ଥାନ (ପଦ) ଦେଖାଇବାର ଏକ ପଥ ଅଟେ । ଏହା ମଧ୍ୟ ଏହି ସତ୍ୟକୁ ଗୁରୁତ୍ୱ ଦିଏ ଯେ, ବିଶ୍ୱାସୀ ମାନଙ୍କର ନୂତନ ସ୍ଥାନ (ପଦ) ଖ୍ରୀଷ୍ଟଙ୍କଠାରେ ପାଇବା ହେତୁ, ସେମାନେ ତାଙ୍କର ନୂତନ ଜୀବନ ଶୈଳୀ ପସନ୍ଦମାନ (ଅଗ୍ରଗତିରେ ପବିତ୍ରତା) କାର୍ଯ୍ୟରେ ପରିଣତ କରିବା ଉଚିତ (ଏଫିସୀ ୪:୨୨,୨୪, କଲସୀ ୩:୮) । ଗାଲାତୀ ୩:୨୭ରେ ଏହି ସତ୍ୟ, ଘଟଣାର ଏକ ମନ୍ତବ୍ୟ ରୂପେ ପ୍ରକାଶ କରାଯାଇଅଛି, ସୂଚନାଦାୟକ, ଏଠାରେ ଏହା ଏକ ଅନୁଜ୍ଞାସୂଚକ ରୂପେ ପ୍ରକାଶିତ (ଆଓରିଷ୍ଟ ମାଧ୍ୟମିକ), ଏକ ଆଦେଶ ।

ଏହି ସୂଚନାଦାୟକ ମନ୍ତବ୍ୟ ଓ ଅନୁଜ୍ଞାସୂଚକ କ୍ରିୟା ମଧ୍ୟରେ ଥିବା ଉଦ୍‌ବେଗପୂର୍ଣ୍ଣ ଚିନ୍ତା ହେଉଛି, ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କ ସ୍ଥାନ ଏବଂ ସେହି ସ୍ଥାନ ଅଧିକାର କରିବାକୁ ଆମ୍ଭମାନଙ୍କ ସଂଘର୍ଷ ମଧ୍ୟରେ ଥିବା ଉଦ୍‌ବେଗ ପୂର୍ଣ୍ଣ ଚିନ୍ତା ଅଟେ (ବିଶେଷ ପ୍ରସଙ୍ଗ ୬:୪ରେ ଦେଖ) । ଆମ୍ଭେମାନେ ''ସାଧୁଗଣ'' (ପବିତ୍ର ବ୍ୟକ୍ତିଗଣ), ପରିତ୍ରାଣ ପ୍ରାପ୍ତିର ମୁହୂର୍ତ୍ତରେ, ମାତ୍ର ଆମ୍ଭେମାନେ ପବିତ୍ର ହେବାକୁ ଭର୍ତ୍ସନା କରାଯାଇଅଛୁ । ଏହା ହେଉଛି ବାଇବଲର ଦ୍ୱନ୍ଦ, ଏକ ପୂର୍ଣ୍ଣ ଓ ବିନାମୂଲ୍ୟର ପରିତ୍ରାଣ ଏବଂ ଖ୍ରୀଷ୍ଟ ସଦୃଶ ହେବା ପାଇଁ ସ୍ପଷ୍ଟ ଆହ୍ୱାନ ।

▣ ''ଆୟୋଜନ କର ନାହିଁ'' ଏହା ହେଉଛି ଅଳ୍ପ ପରିମାଣ ନାସ୍ତିବାଚକ ବିଷୟ ସହିତ ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ ଅନୁଜ୍ଞାସୂଚକ ବିଷୟ । ଏହି ବ୍ୟାକରଣର ଗଠନ ସାଧାରଣତଃ ଚାଲୁ ରହିବା କୌଣସି କାର୍ଯ୍ୟକୁ ବନ୍ଦ କରିବା ବୁଝାଏ । ଏହା ରୋମ୍‌ରେ କେତେକ ଖ୍ରୀଷ୍ଟିୟାନ ଅନୁପଯୁକ୍ତ ନୈତିକ ଜୀବନଯାପନ କରୁଥିବା ବିଷୟ କହୁଥିବା ପରି ଦେଖାଯାଏ । ଏହା ସେମାନଙ୍କର ବିଜାତି ଉପାସନା (ପୂଜା)ର ଅଭ୍ୟାସଗୁଡ଼ିକରୁ ସେମାନେ ଆଣି ଥାଇପାରନ୍ତି ।

ନୂତନ ନିୟମ ଶିକ୍ଷାମାନ, ଜାଗତିକ ଖ୍ରୀଷ୍ଟଧର୍ମ ବିଷୟରେ ବାଖ୍ୟା କରିବା କଷ୍ଟକର । ନୂତନ ନିୟମ ଲେଖକମାନେ ମାନବ ଜାତିର ଅବସ୍ଥା କଳା ଓ ଧଳା ପଦମାନଙ୍କ ଉପସ୍ଥାପିତ କରନ୍ତି । ଜଣେ ଜାଗତିକ ମନା ଖ୍ରୀଷ୍ଟିୟାନ ପଦମାନଙ୍କ ଏକ ବିପରୀତ ବା ବିପକ୍ଷ ଅଟେ । ତଥାପି ଏହା ଏକ ଆମର ''ହୋଇସାରିଥିବା'' ମାତ୍ର ''ତଥାପି ନ ହୋଇଥିବା'' ଜୀବନ ମାନଙ୍କର ବାସ୍ତବତା ଅଟେ । ପାଉଲ ମାନବ ଜାତିକୁ ତିନି ଦଳରେ ବିଭକ୍ତ କରିଥିଲେ (୧ କରିନ୍ଥୀ ୨:୧୪-୩:୧) ।

୧. ପ୍ରାକୃତିକ ମନୁଷ୍ୟମାନେ (ହଜିଯାଇଥିବା ମାନବଜାତି) ୨ :୧୪
୨. ଆତ୍ମିକ ମନୁଷ୍ୟମାନେ (ପରିତ୍ରାଣ ପ୍ରାପ୍ତ ମାନବଜାତି) ୩:୧
୩. ଶାରୀରିକ ମନୁଷ୍ୟମାନେ (ଜାଗତିକ ଖ୍ରୀଷ୍ଟିୟାନ ବା ଶିଶୁ ଖ୍ରୀଷ୍ଟିୟାନ) ୩:୧

▣ ''କୁଅଭିଳାଷ ଉଦ୍ରେକ କରିବା ନିମନ୍ତେ ଶରୀର ନିମନ୍ତେ'' ପାଉଲ ଆମର ଆଦମୀୟ ପତିତ ସ୍ୱଭାବର ବିପଦମାନ ଯାହା ଲାଗି ରହିଅଛି ସେ ସମସ୍ତ ବିଷୟରେ ଉତ୍ତମ ରୂପେ ଜାଣିଥିଲେ (ରୋମୀ ୭, ଏଫିସୀ ୨:୩), କିନ୍ତୁ ଯୀଶୁ ଆମ୍ଭମାନଙ୍କୁ ଈଶ୍ୱରଙ୍କ ପାଇଁ ବଞ୍ଚିବାକୁ ଶକ୍ତି ଓ ଇଚ୍ଛା ଦିଅନ୍ତି (ରୋମୀ ୬) । ଏହା ଚାଲୁ ରହିଥିବା ସଂଘର୍ଷ (୮:୫-୭, ୧ଯୋହନ ୩:୬-୯) । ବିଶେଷ ପ୍ରସଙ୍ଗ ଦେଖ: ୧:୩ରେ ଶରୀର (ସାରକ୍ସ)

**ଆଲୋଚନା ପ୍ରଶ୍ନସମୂହ**

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟେରୀ (ବାଖ୍ୟାପୁସ୍ତକ), ଯାହା ବୁଝାଏ ଯେ ବାଇବଲର ତୁମ ନିଜ ଭାଷାନ୍ତର (ଅନୁବାଦ) ପାଇଁ ତୁମେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକାରୀ । ତୁମେ ଏହାର ଦାୟିତ୍ୱ ଜଣେ ବାଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ ନୁହେଁ । ଏହି ଆଲୋଚନା ପ୍ରଶ୍ନସମୂହ ପୁସ୍ତକର ଏହି ଭାଗର ମୁଖ୍ୟ ବିଷୟ ମାଧ୍ୟମରେ ତୁମକୁ ଚିନ୍ତା କରିବାରେ ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା-ଉଦ୍ରେକ କରିବାକୁ ଉଦ୍ଦୀଷ୍ଟ, ନିର୍ଦ୍ଦିଷ୍ଟ ନୁହେଁ ।

୧. ସରକାରଙ୍କ ବିଷୟରେ ପାଉଲଙ୍କ ମନ୍ତବ୍ୟ କାହିଁକି ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ଏତେ ମୌଳିକ ଥିଲା ?
୨. ପ୍ରତ୍ୟେକ ଗଠନର ସରକାର ନିକଟରେ ଖ୍ରୀଷ୍ଟିୟାନର ବଶୀଭୂତ ହେବା ଉଚିତ କି ?
୩. ସରକାରଙ୍କ ପ୍ରତ୍ୟେକ ନ୍ୟାୟସଙ୍ଗତ ପ୍ରୟୋଜନୀୟତା ନିକଟରେ ଖ୍ରୀଷ୍ଟିୟାନ ବଶୀଭୂତ ହେବା ଉଚିତ କି ?
୪. ୧ ପଦ ରାଜାମାନଙ୍କର ସ୍ୱର୍ଗୀୟ ଅଧିକାର ଶିଖାଏ କି ?
୫. ପାଉଲ ପାରମାର୍ଥିକ ଭାବେ ନୂତନ ଭୂମି ଭଗ୍ନ କରନ୍ତି କି, କିଅବା ମାଥିଉ ୨୨:୨୧ରେ ଯୀଶୁଙ୍କ ବାକ୍ୟ ମାନରେ ଏକ ପୂର୍ବ ଦୃଷ୍ଟାନ୍ତ ଅଛି ?
୬. ଦେଶୀୟ ଅବାଧ୍ୟତା ଖ୍ରୀଷ୍ଟିୟାନମାନଙ୍କ ପାଇଁ କ'ଣ କେବେ ବି ନ୍ୟାୟସଙ୍ଗତ କି ? (ପ୍ରେରିତ ୫:୨୫-୩୨)
୭. ୪ର୍ଥ ପଦ କିପରି ମୃତ୍ୟୁଦଣ୍ଡ ବିଷୟ ସହିତ ସମ୍ପୃକ୍ତ ଅଟେ ?
୮ ଖ୍ରୀଷ୍ଟିୟାନର ବିବେକ ସର୍ବଦା ଯଥାର୍ଥ କି ? (୫ପଦ)
୯. ୮ମ ପଦ ଉପରେ ନିର୍ଭର କରି ବିଶ୍ୱାସୀମାନେ ଜମା ବା ସଞ୍ଚୟ କରିବା କାର୍ଡ଼ ରଖିବା ଉଚିତ କି ?
୧୦. ୮ମ ପଦ ଆମର ପ୍ରେମ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ପ୍ରତି ରହିବା ବା ସମସ୍ତ ଲୋକଙ୍କ ପ୍ରତି ରହିବା ବିଷୟ କହେ ?
୧୧. ପାଉଲ କାହିଁକି ନୂତନନିୟମ ବିଶ୍ୱାସୀମାନଙ୍କ ପାଇଁ ଦଶଆଜ୍ଞାକୁ ଏକ ପ୍ରେରଣା (ପ୍ରରୋଚନା) ରୂପେ ବ୍ୟବହାର କରନ୍ତି ?
୧୨. ବିଶ୍ୱାସୀମାନଙ୍କ ସହିତ ସଂଯୁକ୍ତ କରି ପାଉଲ କାହିଁକି ଏପରି ଭୟାନକ ପାପମାନ ତାଲିକା କଲେ ?
୧୩. ଜଣେ କିପରି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପରିଧାନ କରେ ?

## ରୋମୀୟ ୧୪

| ଆଧୁନିକ ଅନୁବାଦସମୂହର ପାରାଗ୍ରାଫ୍ ଭାଗ-ବିଭାଗ | | | | |
|---|---|---|---|---|
| ୟୁବିଏସ୍ | ଏନକେଜେଭି | ଏନ୍ଆରଏସଭି | ଟିଇଭି | ଏନ୍ଜେବି |
| ତୁମ ଭାଇର ବିଚାର କର ନାହିଁ | ସ୍ୱାଧୀନତାର ନିୟମ | ପ୍ରେମ ଅନ୍ୟମାନଙ୍କର ନୈତିକତା ପ୍ରଥାକୁ ସମ୍ମାନକର | ଅନ୍ୟର ବିଚାର କର ନାହିଁ | ନିଷ୍ଠାବାନମାନଙ୍କ ପ୍ରତି ପ୍ରେମ |
| ୧୪:୧-୧୨ | ୧୪:୧-୧୩ | ୧୪:୧-୪ | ୧୪:୧-୪ | ୧୪:୧-୧୨ |
| | | ୧୪:୫-୬ | ୧୪:୫-୧୨ | |
| | | ୧୪:୭-୯ | | |
| | | ୧୪:୧୦-୧୭ | | |
| ତୁମର ଭାଇକୁ ଝୁଣ୍ଟିବାକୁ ଦିଅ ନାହିଁ | ପ୍ରେମର ନିୟମ | | ଅନ୍ୟମାନଙ୍କ ପତନର କାରଣ ହୁଅ ନାହିଁ | |
| ୧୪:୧୩-୨୩ | | ୧୪:୧୩-୨୩ | ୧୪:୧୩-୧୮ | ୧୪:୧୩-୨୧ |
| | ୧୪:୧୪-୨୩ | | | |
| | | | ୧୪:୧୯-୨୩ | |
| | | | | ୧୪:୨୨-୧୫:୬ |
| | | | | ୧୪:୨୨-୨୩ |

**ପାଠ କରିବା ଚକ୍ର ବା ସାଇକଲ ତିନି ( ପୃ ୮ ଦେଖ)**

***ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗମନ କରିବା***

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟେରୀ (ବାଖ୍ୟାପୁସ୍ତକ), ଯାହା ବୁଝାଏ ଯେ, ବାଇବଲର ତୁମ ନିଜ ଅନୁବାଦ ପାଇଁ ତୁମେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା, ଅନୁବାଦର ଅଗ୍ରାଧିକାରୀ ଅଟ । ତୁମେ ଏହା ଜଣେ ବାଖ୍ୟାକର ଉପରେ ଛାଡ଼ିଦେବା ଅନୁଚିତ ।

ଏକାଥରେ ବସି ଅଧ୍ୟାୟଟି ପଢ଼ିନିଅ । ପ୍ରସଙ୍ଗମାନ ଚିହ୍ନଟ କର । ତୁମର ପ୍ରସଙ୍ଗ ଭାଗ ବିଭାଗ ଉର୍ଦ୍ଧ୍ୱସ୍ଥ ୫ଟି ଅନୁବାଦଗୁଡ଼ିକ ସହିତ ତୁଳନା କର । ପାରାଗ୍ରାଫ୍ ତିଆରି ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ କଞ୍ଚି ବା ମୁଖ୍ୟ ବିଷୟ ଅଟେ, ଯାହାକି ଅନୁବାଦର ହୃତପିଣ୍ଡ । ପ୍ରତ୍ୟେକ ପାରାଗ୍ରାଫ୍ (ପରିଚ୍ଛେଦ)ର ଗୋଟିଏ ଏବଂ କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍ (ପରିଚ୍ଛେଦ)

୨. ଦ୍ୱିତୀୟ ପାରାଗ୍ରାଫ୍ (ପରିଚ୍ଛେଦ)

୩. ତୃତୀୟ ପାରାଗ୍ରାଫ୍ (ପରିଚ୍ଛେଦ)

୪. ଇତ୍ୟାଦି

## ୧-୧୨ ପଦ ଉପରେ ପୂର୍ବାପର ସମ୍ବନ୍ଧର ଅର୍ନ୍ତଦୃଷ୍ଟି

କ. ଏହି ଅଧ୍ୟାୟ ଖ୍ରୀଷ୍ଟିୟାନ ସ୍ୱାଧିନତା ଓ ଦାୟିତ୍ୱ ମଧ୍ୟରେ ଦ୍ୱନ୍ଦର ଭାରସାମ୍ୟ ରକ୍ଷା କରିବାକୁ ଚେଷ୍ଟା କରେ । ଆକ୍ଷରିକ ଏକତ୍ରକରଣ ୧୫:୧୩ ମଧ୍ୟ ଦେଇ ଯାଏ ।

ଖ. ଏହି ଅଧ୍ୟାୟକୁ ଯେଉଁ ସମସ୍ୟା ତ୍ୱରାନ୍ୱିତ କଲା, ତାହା ସମ୍ଭବତଃ ଥିଲା ବିଜାତି ଓ ଯିହୁଦୀମାନଙ୍କ ମଧ୍ୟରେ ରୋମ୍ ମଣ୍ଡଳୀରେ ଥିବା ବିବାଦୀୟ ଚିନ୍ତା (ବା ସମ୍ଭବତଃ ପାଉଲଙ୍କର କରିନ୍ଥରେ ତତ୍ ସମୟର ଅନୁଭୂତି) । ପରିବର୍ତ୍ତନ ପୂର୍ବେ ଯିହୁଦୀମାନେ ନ୍ୟାୟବାଦୀ ହେବାକୁ ଇଚ୍ଛୁକ ଓ ବିଜାତିମାନେ ଅନୈତିକ ହେବାକୁ ଇଚ୍ଛୁକ ଥିଲେ । ସ୍ମରଣ ରଖ, ଏହି ଅଧ୍ୟାୟ ଯୀଶୁଙ୍କର ବିଶ୍ୱସ୍ତ ଅନୁଗାମୀମାନଙ୍କୁ ସମ୍ବୋଧନ କରାଯାଇଅଛି । ଏହି ଅଧ୍ୟାୟ ସାଂସାରିକମନା ବିଶ୍ୱାସୀମାନଙ୍କୁ ସମ୍ବୋଧନ କରାଯାଇ ନାହିଁ (୧ କରିନ୍ଥୀ ୩:୧) । ଉଭୟ ଦଳ ପ୍ରତି ସର୍ବୋଚ୍ଚ ଅଭିପ୍ରାୟ ଆରୋପ କରାଯାଇଅଛି । ଉଭୟ ପାର୍ଶ୍ୱରେ ଚୂଡ଼ାନ୍ତ ସୀମାକୁ ଯିବାରେ ବିପଦ ଅଛି । ଏହି ଆଲୋଚନା, ଉକୁଣୀ ଗୋଟାଇବା ନ୍ୟାୟବାଦ ବା ବାହାଦୂରୀ ପ୍ରଦର୍ଶନର ଉଦାରବାଦ ପାଇଁ ଅନୁମତି ପ୍ରଦାନ କରେ ନାହିଁ ।
ସ୍ମରଣ କର ଯେ ପାଉଲ ରୋମୀୟମାନଙ୍କ ପାଖକୁ କରିନ୍ଥରୁ ଲେଖିଥିଲେ । ସେଠାରେ ଦଳଭେଦ ସମସ୍ୟା ଥିଲା, ମାତ୍ର ଏଠାରେ ବିଭିନ୍ନ ପ୍ରକାର ବିଶ୍ୱାସୀମାନେ ଥିଲେ ।

ଗ. ବିଶ୍ୱାସୀମାନେ ସେମାନଙ୍କର ପରମାର୍ଥଶିକ୍ଷା ବା ନୈତିକ ଶିକ୍ଷାକୁ ଅନ୍ୟ ବିଶ୍ୱାସୀମାନଙ୍କ ପାଇଁ ଅନୁକରଣୀୟ ସ୍ତରରେ ପରିଣତ କରିବା ବିଷୟରେ ସାବଧାନ ହେବା ଉଚିତ (୨ କରିନ୍ଥୀ ୧୦:୧୨) । ସମସ୍ତ ବିଶ୍ୱାସୀମାନେ ସେମାନଙ୍କଠାରେ ଥିବା ଆଲୋକରେ ଚାଲିବା ଉଚିତ ମାତ୍ର ବୁଝିବା ମଧ୍ୟ ଉଚିତ ଯେ ସେମାନଙ୍କ ପରମାର୍ଥବିଦ୍ୟା ସ୍ୱତଃ ପ୍ରବୃତ ଭାବେ ଈଶ୍ୱରଙ୍କ ପରମାର୍ଥ ଶିକ୍ଷା ନୁହେଁ । ସମସ୍ତ ବିଶ୍ୱାସୀମାନେ ପାପ ଦ୍ୱାରା ତଥାପି ପ୍ରଭାବିତ ହୁଅନ୍ତି । ଆମ୍ଭେମାନେ ଉତ୍ସାହିତ ଓ ଉଚ୍ଚୀକୃତ ଓ ପରସ୍ପରକୁ ଶାସ୍ତ୍ରମାନଙ୍କରୁ ଶିକ୍ଷା ଦେବା ଉଚିତ, ଯଥାର୍ଥ ଯୁକ୍ତି ଓ ଅନୁଭବ ମଧ୍ୟ କରିବା ମାତ୍ର ଏହା ସର୍ବଦା ପ୍ରେମରେ କରିବାକୁ ହେବ । ଜଣେ ଯେତେ ଅଧିକ ଜାଣେ, ଯେତେ ଆହୁରି ଅଧିକ ଜାଣେ, ସେ କିଛି ଜାଣେ ନାହିଁ (୧ କରିନ୍ଥୀ ୧୩:୧୨) ।

ଘ. ଈଶ୍ୱରଙ୍କ ସମ୍ମୁଖରେ ଜଣକର ମନୋବୃତ୍ତି ଓ ଅଭିପ୍ରାୟ, ଅନ୍ୟ ବିଶ୍ୱାସୀମାନଙ୍କ କାର୍ଯ୍ୟକଳାପମାନ ମୂଲ୍ୟାୟନ କରିବା ନିମନ୍ତେ ପ୍ରକୃତ କଞ୍ଚିସମୂହ (ମୁଖ୍ୟବିଷୟ) ଅଟେ । ଖ୍ରୀଷ୍ଟିୟାନମାନେ କିପରି ଅନ୍ୟମାନଙ୍କ ସହିତ ବ୍ୟବହାର କରିଛନ୍ତି, ତାହାର ବିଚାର ନିମନ୍ତେ ସେମାନଙ୍କୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ଦଣ୍ଡାୟମାନ ହେବ (୧୦,୧୨ ଏବଂ ୨ କରିନ୍ଥୀ ୫:୧୦) ।

ଙ. ମାର୍ଟିନ ଲୁଥର କହିଲେ, ''ଜଣେ ଖ୍ରୀଷ୍ଟିୟାନ ବ୍ୟକ୍ତି ଜଣେ ସମସ୍ତର ସବୁଠାରୁ ଅଧିକ ମୁକ୍ତ ବ୍ୟକ୍ତି ଓ କାହାରି ଅଧିନସ୍ଥ ନୁହେଁ, ଖ୍ରୀଷ୍ଟିୟାନ ଲୋକ ହେଉଛି ସବୁଠାରୁ ଅଧିକ କର୍ତ୍ତବ୍ୟନିଷ୍ଠ, ସମସ୍ତଙ୍କ ଦାସ, ସମସ୍ତଙ୍କର ବଶୀଭୂତ ଅଟେ ।'' ବାଇବଲର ସତ୍ୟ ଅନେକ ସମୟରେ ଏକ ଗଭୀର-ଚିନ୍ତାପୂର୍ଣ୍ଣ ଦ୍ୱନ୍ଦ (ବିରୋଧଭାବ)ରେ ଉପସ୍ଥାପିତ ହୋଇଥାଏ ।

ଚ. ଏହି କଷ୍ଟକର ମାତ୍ର ସଙ୍କଟପୂର୍ଣ୍ଣ ପ୍ରସଙ୍ଗ ରୋମୀ ୧୪:୧-୧୫, ୧୫:୧୩ ଏବଂ ୧ କରିନ୍ଥୀ ୮-୧୦ ଓ କଲସୀ ୨:୮-୨୩ରେ ମଧ୍ୟ ବ୍ୟବହାର କରାଯାଇଅଛି । ମୋ' ନିମନ୍ତେ ସାହାଯ୍ୟ କରିଥିବା ପୁସ୍ତକ ଏହି ବିଷୟରେ ହେଉଛି ଗୋର୍ଡନ୍‌ଫି ଓଡଗଲାସ ଷ୍ଟୁଆର୍ଟଙ୍କ କିପରି ବାଇବଲକୁ ତାହା ସମସ୍ତ ମୂଲ୍ୟ ସହିତ ପାଠ କରିବା ।

ଛ. ଯାହାବି ହେଉ, ଏହା ପ୍ରକାଶ କରିବା ଉଚିତ ଯେ, ବହୁବାଦ ବିଶ୍ୱାସ, ବିଶ୍ୱସ୍ତ ବିଶ୍ୱାସୀମାନଙ୍କ ମଧ୍ୟରେ ମନ୍ଦ ବିଷୟ ନୁହେଁ । ପ୍ରତ୍ୟେକ ବିଶ୍ୱାସୀଙ୍କର ଶକ୍ତିମାନ ଓ ଦୁର୍ବଳତାମାନ ଅଛି । ପ୍ରତ୍ୟେକେ ସେମାନଙ୍କର ଥିବା ଆଲୋକରେ ଚାଲିବା ଉଚିତ, ଅଧିକ ଆଲୋକ ପାଇଁ ପବିତ୍ର ଆତ୍ମା ଓ ବାଇବଲ ପ୍ରତି ସର୍ବଦା ମୁକ୍ତ ରହିବେ । ଏକ ଦର୍ପଣ (କାଚ) ମଧ୍ୟ ଦେଇ ଦେଖିବାର ଏହା ସମୟ ଅଟେ (୧ କରିନ୍ଥୀ ୧୩:୮-୧୩) । ଜଣେ ପ୍ରେମରେ ଚାଲିବା ଉଚିତ (୧୫ପଦ) ଏବଂ ଶାନ୍ତି (୧୭,୧୯ ପଦ), ପରସ୍ପରର ଉନ୍ନତି ବା ନିଷ୍ଠା ନିମନ୍ତେ ଚାଲିବା ଉଚିତ ।

ଜ. ପାଉଲ ଏହି ଦଳମାନଙ୍କୁ ଯେଉଁ ନାମ ''ଶକ୍ତିଶାଳୀ'' ଓ ''ଦୁର୍ବଳତର'' ପ୍ରଦାନ କରିଅଛନ୍ତି, ଆମ୍ଭମାନଙ୍କ ପ୍ରତି ଗ୍ରହଣଯୋଗ୍ୟ କରେ ନାହିଁ । ଏହା ନିଶ୍ଚିତଭାବେ ପାଉଲଙ୍କ ଉଦ୍ଦେଶ୍ୟ ନ ଥିଲା । ଉଭୟ ଦଳ ବିଶ୍ୱସ୍ତ ବିଶ୍ୱାସୀମାନେ ଥିଲେ । ଆମ୍ଭେମାନେ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କୁ ଆମ ପରି ହେବାକୁ ଚେଷ୍ଟା କରିବା ଠିକ୍ ନୁହେଁ । ଆମ୍ଭେମାନେ ପରସ୍ପରକୁ ଖ୍ରୀଷ୍ଟଙ୍କଠାରେ ଗ୍ରହଣ କରୁ ।

୯. ସମୁଦାୟ ଯୁକ୍ତିର ବାହ୍ୟରେଖା ପ୍ରସ୍ତୁତ କରାଯାଇପାରେ :

୧. ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଗ୍ରହଣ କରିଥିବାରୁ ତୁମ୍ଭେମାନେ ପରସ୍ପରକୁ ଗ୍ରହଣ କର (୧୪:୧,୩, ୧୫:୭)
୨. ପରସ୍ପରର ବିଚାର କର ନାହିଁ କାରଣ ଖ୍ରୀଷ୍ଟ ଆମ୍ଭମାନଙ୍କର ଏକମାତ୍ର କର୍ତ୍ତା ଓ ବିଚାରକ ଅଟନ୍ତି (୧୪:୩-୧୨)
୩. ବ୍ୟକ୍ତିଗତ ସ୍ୱାଧିନତା ଅପେକ୍ଷା ପ୍ରେମ ଅଧିକ ଗୁରୁତ୍ୱପୂର୍ଣ୍ଣ (୧୪:୧୩-୨୩) ।
୪. ଖ୍ରୀଷ୍ଟଙ୍କ ଆଦର୍ଶର ଅନୁଗାମୀ ହୁଅ ଏବଂ ଅନ୍ୟମାନଙ୍କର ନିଷ୍ଠା ଓ ମଙ୍ଗଳ ନିମନ୍ତେ ତୁମର ଅଧିକାର ନିମ୍ନରେ ରଖ (୧୫:୧-୧୩) ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୪:୧-୪**

**[1] ବିଶ୍ୱାସରେ ଯେ ଦୁର୍ବଳ, ତାହାକୁ ଗ୍ରହଣ କର, କିନ୍ତୁ ବିଭିନ୍ନ ମତ ସମ୍ବନ୍ଧରେ ତର୍କବିତର୍କ କରିବା ନିମନ୍ତେ ତାହା କର ନାହିଁ । [2] ସମସ୍ତ ପଦାର୍ଥ ଭୋଜନ କରିବା ନିମନ୍ତେ ଜଣେ ଲୋକର ବିଶ୍ୱାସ ଅଛି, କିନ୍ତୁ ଯେ ବିଶ୍ୱାସରେ ଦୁର୍ବଳ, ସେ କେବଳ ଶାକ ଭୋଜନ କରେ । [3] ଯେ ଭୋଜନ କରେ, ସେ ଭୋଜନ ନ କରିବା ଲୋକକୁ ତୁଚ୍ଛ ନ କରୁ, ପୁଣି ଯେ ଭୋଜନ କରେ ନାହିଁ, ସେ ଭୋଜନ କରିବା ଲୋକର ବିଚାର ନ କରୁ, କାରଣ ଈଶ୍ୱର ତାହାକୁ ଗ୍ରହଣ କରିଅଛନ୍ତି । [4] ତୁମ୍ଭେ କିଏ ଯେ ଅନ୍ୟର ଦାସର ବିଚାର କରୁଅଛ ? ସେ ଆପଣା ପ୍ରଭୁ ନିକଟରେ ସ୍ଥିର ରହେ ବା ପତିତ ହୁଏ, ହଁ ତାହାକୁ ସ୍ଥିର ରଖାଯିବ, କାରଣ ତାହାକୁ ସ୍ଥିର ରଖିବାକୁ ପ୍ରଭୁଙ୍କର ଶକ୍ତି ଅଛି ।**

୧୪:୧

| | |
|---|---|
| **ଏନ୍ ଏ ଏସ୍ ବି** | **''ବର୍ତ୍ତମାନ ଗ୍ରହଣ କର''** |
| **ଏନ୍ କେ ଜେ ଭି** | **''ଗ୍ରହଣ କର''** |
| **ଏନ୍ ଆର୍ ଏସ୍ ଭି, ଟି ଇ ଭି** | **''ସ୍ୱାଗତ''** |
| **ଏନ୍ ଜେ ବି** | **''ଏକ ସ୍ୱାଗତ ସମ୍ଭାଷଣ ଦିଅ''** |

ଏହି ହେଉଛି ଏକ ବର୍ତ୍ତମାନ ମଧ୍ୟବର୍ତ୍ତୀ ଅନୁଜ୍ଞାସୂଚକ କ୍ରିୟା (୧୫:୧) ଏହା ପ୍ରସଙ୍ଗ ଉପରେ ଚାପ ଦେବା ସହିତ ଏକ ଚାଲୁଥିବା ଆଦେଶ । ସର୍ବନାମ ''ତୁମେ'' ଗ୍ରୀକ୍ କ୍ରିୟା ପଦରେ, ମାତ୍ର ଇଂରାଜୀରେ ବ୍ୟବହୃତ ହୋଇଅଛି ଏବଂ ''ବଳିଷ୍ଠ'' ଖ୍ରୀଷ୍ଟିୟାନମାନଙ୍କୁ ବୁଝାଏ (୧୫:୧) । ଏହା ରୋମ୍ ମଣ୍ଡଳୀରେ ଦୁଇଟି ଦଳ ପାଇଁ ବ୍ୟବହାର କରାଯାଇଛି । ଏହା ସମ୍ପୃକ୍ତ ହୋଇପାରେ (୧) ବିଶ୍ୱାସ କରୁଥିବା ଯିହୁଦୀ ଓ ବିଜାତୀମାନଙ୍କ ମଧ୍ୟରେ ଥିବା ବିବାଦ ସହିତ (୧୫:୭-୨୧) କିଅବା (୨) ବିଭିନ୍ନ ପ୍ରକାର ବ୍ୟକ୍ତିତ୍ୱ ସହିତ । ଏହି ସମୁଦାୟ ବିଷୟ ପ୍ରକୃତ ଓ ବିଶ୍ୱସ୍ତ ବିଶ୍ୱାସୀ, କେତେକ ବଳିଷ୍ଠ, କେତେକ ଦୁର୍ବଳତର ସେମାନଙ୍କ ବିଶ୍ୱାସରେ, ସେମାନଙ୍କ ସହିତ ବ୍ୟବହାର କରୁଅଛି । ବିଶ୍ୱାସ ଏଠାରେ ସୁସମାଚାରର ବୁଝିବା ଜ୍ଞାନ ଓ ତାହାର ମୌଳିକ ଏବଂ ମୁକ୍ତ ହୋଇଥିବା ପ୍ରୟୋଗମାନ ପାଇଁ ବ୍ୟବହୃତ ହୋଇଅଛି ।

▣

| | |
|---|---|
| **ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି** | **''ବିଶ୍ୱାସରେ ଯେ ଦୁର୍ବଳ''** |
| **ଏନ୍ ଆର୍ ଏସ୍ ଭି, ଟି ଇ ଭି** | **''ଯେଉଁମାନେ ବିଶ୍ୱାସରେ ଦୁର୍ବଳ ଅଛନ୍ତି''** |
| **ଏନ୍ ଜେ ବି** | **''ଯଦି ଜଣେ ବ୍ୟକ୍ତିର ବିଶ୍ୱାସ ଯଥେଷ୍ଟ ବଳିଷ୍ଠ ନୁହେଁ''** |

ଖଣ୍ଡବାକ୍ୟ, ସମ୍ମୁଖୀନ ହେବା ଦ୍ୱାରା ଚାପ ପକାଯାଇଅଛି (ଗୁରୁତ୍ୱ ଦିଆଯାଇଅଛି) (ଯଥା : ଗ୍ରୀକ୍ ଶାସ୍ତ୍ରାଂଶରେ ପ୍ରଥମରେ ରଖାଯାଇଛି) ଆକ୍ଷରିକ ଭାବେ ଏହା ''ବିଶ୍ୱାସରେ ଦୁର୍ବଳ'' । ବର୍ତ୍ତମାନ କାଳ ପ୍ରକୃତ ଘଟଣା ହେଉଛି, ଏହା ଏକ ଜୀବନଶୈଳୀ ଚାରିତ୍ରିକ ଗୁଣ । ଏହା ଏକ ଯୁକ୍ତିଯୁକ୍ତ ମନଭାବକୁ ବୁଝାଏ । ଏହି ଅଧ୍ୟାୟରେ ଅତିଶୟ ନିୟମନିଷ୍ଠ ହେବାକୁ ଯତ୍ନଶୀଳ ଖ୍ରୀଷ୍ଟିୟାନ ବିଶ୍ୱାସୀକୁ ତିନୋଟି ବାଟରେ ବର୍ଣ୍ଣନା କରାଯାଇଅଛି ।

୧. ଖାଦ୍ୟର ନିଷେଧମାନ (୧୪:୨,୬,୨୧)
୨. ବିଶେଷ ଦିବସଗୁଡ଼ିକ ଉପରେ ଗୁରୁତ୍ୱ (୧୪:୫-୬)
୩. ମଦ୍ୟର ନିଷେଧ (୧୪:୧୭,୨୧)

ଏହି ସମାନ ପ୍ରକାର ବ୍ୟକ୍ତି ରୋମୀ ୧୫:୧ ଓ ୧ କରିନ୍ଥୀ ୮:୯-୧୩, ୯:୨୨ରେ କୁହାଯାଇଅଛି । ତୁମ ନିଜକୁ ଖୁବ୍ ଶୀଘ୍ର ଏକ ବଳିଷ୍ଠ ବା ଦୁର୍ବଳ ଖ୍ରୀଷ୍ଟିୟାନ ରୂପେ ପରିଚିତ କରାଇବାକୁ ସାବଧାନ ହୁଅ । ଅନେକ ସମୟରେ ବିଶ୍ୱାସୀମାନେ ଗୋଟିଏ ବିଷୟରେ ଦୁର୍ବଳ ଏବଂ ଅନ୍ୟଟିରେ ବଳିଷ୍ଠ ଅଟନ୍ତି ।

ପାଉଲଙ୍କ ମନୋବୃତ୍ତି ଏହି ବିଷୟଗୁଡ଼ିକ ଆଡ଼େ ଗାଲାତୀ ୪:୯-୧୦ ଓ କଲସୀ ୨:୧୬-୨୩ରେ ବହୁତ ଭିନ୍ନ । ଏହି ଶାସ୍ତ୍ରାଂଶଗୁଡ଼ିକ ମିଥ୍ୟା ଶିକ୍ଷକମାନଙ୍କ ମନୋବୃତ୍ତି ଓ ଶିକ୍ଷାଗୁଡ଼ିକ ପ୍ରତିଫଳିତ କରେ । ରୋମୀୟରେ ଏହି ସମସ୍ତେ ହେଉଛନ୍ତି ବିଶ୍ୱସ୍ତ ବିଶ୍ୱାସୀଗଣ ଯେଉଁମାନଙ୍କର ବିବେକ ଭୁଲ ନ କରିବାକୁ ଅତି ଯତ୍ନଶୀଳ ।

ଅନେକ ବାଖ୍ୟାକାର ଭାବନ୍ତି ''ବିଶ୍ୱାସରେ ଦୁର୍ବଳ'' ଯିହୁଦୀ ବିଶ୍ୱାସୀମାନଙ୍କୁ ବୁଝାଏ (ଯିହୁଦୀ ଧର୍ମାବଲମ୍ବୀ) ଏବଂ ସେମାନଙ୍କ ମୋଶାଙ୍କ ବ୍ୟବସ୍ଥା ପ୍ରତି ଯେପରି ଗୁରୁମାନଙ୍କ ପରମ୍ପରା ବୁଝିଥିଲା ସେପରି ବ୍ୟବସ୍ଥାର ବାଧ୍ୟ ହେବା ପରେ ଗୁରୁତ୍ୱ ଦେବା ଲାଗି ରହିଅଛି (ଯଥା : ଟାଲମୁଡ) । ଏହା ୧ ଏବଂ ୨ ପାରାଗ୍ରାଫରେ ଏକ ବିଷୟ ପ୍ରିତ ପ୍ରଯୁଜ୍ୟ । ଏହି କାରଣ୍ଣ ମୁଁ ଭାବେ ଏକ ନିର୍ଦ୍ଦିଷ୍ଟ ପ୍ରକାର ବ୍ୟକ୍ତିତ୍ୱ ଏହି ଶାସ୍ତ୍ରାଂଶରେ ପ୍ରଯୁଜ୍ୟ ମାତ୍ର ୩ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । ଏହା ଯିହୁଦୀ ବା ବିଜାତି ବିଶ୍ୱାସୀମାନଙ୍କୁ ବୁଝାଇପାରେ, ଯାହାର ଅତୀତ ପରମ୍ପରାର ଶକ୍ତିଶାଳୀ ପ୍ରଭାବ ରହିଅଛି ।

**ବିଶେଷ ପ୍ରସଙ୍ଗ : ଦୁର୍ବଳତା**

ଏଠାରେ ବିପକ୍ଷ ତୁଳନା ଅଛି । ମିଥ୍ୟା ଶିକ୍ଷକମାନେ ସେମାନଙ୍କ କୃତିତ୍ୱ ଓ ଅଳଙ୍କାରିକ ଲେଖା ଓ କହିବା ଶୈଳୀ ପାଇଁ ଗର୍ବିତ, ମାତ୍ର ପାଉଲ ଜାଣନ୍ତି ''ଦୁର୍ବଳତା''ର (ଆସ୍‌ଥେନିଓ) ମୂଲ୍ୟ । ଲକ୍ଷ୍ୟ କର କେତେଥର ଏହି ଶବ୍ଦମାନ (ବା ସେମାନଙ୍କ ବିଭିନ୍ନଆକୃତି) ୧ ଓ ୨ କରିନ୍ଥୀରେ ବ୍ୟବହୃତ ହୋଇଅଛି ।

| ଗର୍ବ | ଦୁର୍ବଳ |
|---|---|
| ୧ କରିନ୍ଥୀ ୧:୨୯,୩୧ | ୧ କରିନ୍ଥୀ ୧:୨୫,୨୭ |
| ୩:୨୧ | ୨:୩ |
| ୪:୭ | ୪:୧୦ |
| ୫:୬ | ୮:୭,୯,୧୦,୧୧,୧୨ |
| ୯:୧୫,୧୬ | ୯:୨୨ |
| ୨ କରିନ୍ଥୀ ୧:୧୨,୧୪ | ୧୧:୩୦ |
| ୫:୧୨ (ଦୁଇଥର) | ୧୨:୨୨ |
| | ୧୫:୪୩ |
| ୭:୪,୧୪ (ଦୁଇଥର) | ୨ କରନ୍ଥୀ ୧୦:୧୦ |
| ୮:୨୪ | ୧୧:୨୧,୨୯,୩୦ |
| ୯:୨,୩ | ୧୨:୫,୯,୧୦ (ଦୁଇଥର) |
| ୧୦:୮,୧୩,୧୫,୧୬,୧୭ | ୧୩:୩,୪ (ଦୁଇଥର), ୯ |
| ୧୧:୧୨,୧୬,୧୭,୧୮,୩୦ | |
| ୧୨:୧,୫,୬,୯ | |

ପାଉଲ ଦୁର୍ବଳତାର ବିଷୟକ ଚିନ୍ତାକୁ ବିଭିନ୍ନ ଉପାୟରେ ବ୍ୟବହାର କରନ୍ତି

୧. ଈଶ୍ୱରଙ୍କ ଦୁର୍ବଳତା ୧ କରିନ୍ଥୀ ୧:୨୫
୨. ଜଗତରେ ଦୁର୍ବଳ ୧ କରିନ୍ଥୀ ୧:୨୭
୩. ପାଉଲଙ୍କ ଦୁର୍ବଳ ତା ଏବଂ ଭୟ ୧ କରିନ୍ଥୀ ୨:୩, ୯:୨୨, ୨ କରିନ୍ଥୀ ୧୧:୨୯,୩୦, ୧୨:୫
୪. ପାଉଲ ଏବଂ ତାଙ୍କର ମିଶନଦଳ ୧ କରିନ୍ଥୀ ୪:୧୦, ୨ କରିନ୍ଥୀ ୧୧:୨୧
୫. ଦୁର୍ବଳ ବିଶ୍ୱାସୀ (ରୋମୀ ୧୪:୧–୧୫:୧୩), ୧ କରିନ୍ଥୀ ୮:୭,୯,୧୦,୧୧,୧୨, ୯:୨୨
୬. ଶାରୀରିକ ଅସୁସ୍ଥତା ୧ କରିନ୍ଥୀ ୧୧:୩୦
୭. ମାନବ ଶରୀରର ଅଂଶମାନ ୧ କରିନ୍ଥୀ ୧୨:୨୨
୮. ଶାରୀରିକ ଶରୀର ୧ କରିନ୍ଥୀ ୧୫:୪୩
୯. ପାଉଲଙ୍କ ଶାରୀରିକ ଉପସ୍ଥିତି ବା ତାଙ୍କର ସାହିତ୍ୟିକ ଅଳଙ୍କାରକ ଦକ୍ଷତାମାନ
୧୦. ପାଉଲଙ୍କ ଦୁର୍ବଳତା ଈଶ୍ୱରଙ୍କ ମହାନ ଶକ୍ତିର ସଙ୍କେତ ପ୍ରଦାନ କରେ ୨ କରିନ୍ଥୀ ୧୨:୯,୧୦, ୧୩:୪,୯
୧୧. ଖ୍ରୀଷ୍ଟଙ୍କ ସମ୍ବାଦ ପାଉଲଙ୍କ ଦ୍ୱାରା ୨ କରିନ୍ଥୀ ୧୩:୩
୧୨. ଖ୍ରୀଷ୍ଟଙ୍କ ଶାରୀରିକ ଶରୀର, ୨ କରିନ୍ଥୀ ୧୩:୪

▣

| | |
|---|---|
| **ଏନ୍ ଏ ଏସ୍ ବି** | **''ତାହାର ମତସମୂହ ଉପରେ ବିଚାର କରିବା ଉଦ୍ଦେଶ୍ୟରେ ନୁହେଁ''** |
| **ଏନ୍ କେ ଜେ ଭି** | **''ସନ୍ଦେହ ଜନକ ବିଷୟ ଉପରେ କଳହ କରିବାକୁ ନୁହେଁ''** |
| **ଏନ୍ ଆର୍ ଏସ୍ ଭି** | **''ବିଭିନ୍ନମତ ସମ୍ବନ୍ଧରେ କଳି (ତର୍କବିତର୍କ) କରିବା ଉଦ୍ଦେଶ୍ୟ'' ପାଇଁ ନୁହେଁ''** |
| **ଟି ଇ ଭି** | **''ମାତ୍ର ସେମାନଙ୍କ ବ୍ୟକ୍ତିଗତ ମତାମତ ବିଷୟରେ ସେମାନଙ୍କ ସହିତ ଯୁକ୍ତିତର୍କ କର ନାହିଁ''** |
| **ଏନ୍ ଜେ ବି** | **''ଏକ ଯୁକ୍ତି ଆରମ୍ଭ କରିବା ବ୍ୟତୀତ''** |

ବିଶ୍ୱାସୀମାନେ ଅନ୍ୟ ବିଶ୍ୱାସୀମାନଙ୍କୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ଉଚିତ, ଯେଉଁମାନଙ୍କୁ ସେମାନେ ପରିବର୍ତ୍ତନ କରିବାକୁ ଚେଷ୍ଟା ନ କରି ସେମାନଙ୍କ ସହିତ ଏକମତ ହୁଅନ୍ତି ନାହିଁ ! ଏହା ସହଭାଗିତାର ମୂଳଦୁଆଭାବେ ବିବେକର ସ୍ୱାଧିନତା ଦାବି କରେ, ମାତ୍ର ଜୋରରେ ଲଦି ଦିଆଯାଇଥିବା ଅନୁରୂପ ନୁହେଁ । ସମସ୍ତ ବିଶ୍ୱାସୀମାନେ ପ୍ରକ୍ରିୟା ମଧ୍ୟରେ ଅଛନ୍ତି । ସେମାନେ ପ୍ରତ୍ୟେକଙ୍କୁ ପରିପକ୍ୱତା ମଧ୍ୟକୁ ଆଣିବାକୁ ପବିତ୍ର ଆତ୍ମାଙ୍କୁ କାର୍ଯ୍ୟ କରିବାକୁ ସମୟ ଦେବା ଉଚିତ, ଏପରିକି ପରିପକ୍ୱତାରେ, ସେମାନେ ସମସ୍ତେ ସମ୍ମତ ହେବେ ନାହିଁ ।

**୧୪:୨** ଏହି ପଦରେ ଥିବା ଭୋଜନ ସାମଗ୍ରୀ, ଧର୍ମସମ୍ବନ୍ଧୀୟ ବିଷୟର ଉଦ୍ଦେଶ୍ୟପାଇଁ ବୁଝାଉଛି, ସ୍ୱାସ୍ଥ୍ୟ ବିଷୟ ନୁହେଁ । ଏହି ଖାଦ୍ୟ ସମସ୍ୟା ଦୁଇଟି ସମ୍ଭବପର ଉତ୍ପତ୍ତିରୁ ଉତ୍ପିତ ହୋଇଅଛି (୧) ଯିହୁଦୀ ଖାଦ୍ୟ ନିମନ୍ତେ ବ୍ୟବସ୍ଥାର ନିୟମ (ଲେବୀୟ ୧୧) କିଅବା (୨) ବିଜାତି ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମାଂସ (୧ କରିନ୍ଥୀ ୮-୧୦) । ଯୀଶୁ ସ୍ୱଷ୍ଟଭାବେ ଶିକ୍ଷା ଦେଲେ ଯେ ଖାଦ୍ୟ ଏକ ବ୍ୟକ୍ତିକୁ ଅଶୁଚି କରେ ନାହିଁ (ମାଥିଉ ୧୫:୧୦-୨୦, ମାର୍କ ୪:୧୪-୨୩) । ଏହି ସତ୍ୟ ପ୍ରେରିତ ୧୦ରେ କର୍ଣ୍ଣିଲିଅଙ୍କ ବିଷୟରେ ପିତରଙ୍କ ଦର୍ଶନ ଦ୍ୱାରା ଉଦାହରଣ ସହ ବୁଝାଇ ଦିଆଯାଇଛି ।

**୧୪:୩ ''ଯେ ଭୋଜନ କରେ ସେ ଭୋଜନ ନ କରିବା ଲୋକକୁ ତୁଚ୍ଛ ନ କରୁ''** ''ତୁଚ୍ଛ ନ କରୁ'' ଏକ ବର୍ତ୍ତମାନ କର୍ତ୍ତୃବାଚକ ଅନୁଜ୍ଞାସୂଚକ କ୍ରିୟା, ଏକ ନାସ୍ତିବାଚକ ବିଷୟ ସହିତ (ଏଯୌବେନିଓ) ଅଛି, ଯାହା ସାଧାରଣତଃ ପୂର୍ବରୁ ଏକ କାର୍ଯ୍ୟକାରୀ ହେଉଥିବା ଅବସ୍ଥାକୁ ବନ୍ଦ କରିଦେବାକୁ ବୁଝାଏ ।

''ତୁଚ୍ଛନୀୟ ମନୋଭାବ'' ଆକ୍ଷରିକ ଭାବେ ''ହାଲୁକା ଭାବେ ଦେଖିବା'' ''ଗ୍ରହଣୀୟ ନୁହେଁ ଅବସ୍ଥାରେ ରଖିବା'' ବା ''ମୂଲ୍ୟହୀନ ରୂପେ ଗଣନା କରିବା'' (୧୪:୧୦, ଲୂକ ୧୮:୯, ୧ କରିନ୍ଥୀ ୬:୪, ୧୬:୧୧, ୨ କରିନ୍ଥୀ ୧୦:୧୦, ଗାଲାତୀ ୪:୧୪, ୧ ଥେସଲ ୫:୨୦) । ବିଶ୍ୱାସୀମାନେ ଏକ ଆତ୍ମ ଧାର୍ମିକତାର ଅହମିକା ସହ ସଦୟ ହେବା ବିରୁଦ୍ଧରେ ଜାଗ୍ରତ ହେବା ଉଚିତ । ବଳିଷ୍ଠ ବିଶ୍ୱାସୀ, ବିଶ୍ୱାସରେ ଦୁର୍ବଳଙ୍କୁ ଦୋଷାରୋପ କରିବା ଅନୁଚିତ ।

▣ **''ବିଚାର''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ ଅନୁଜ୍ଞାସୂଚକ, ନାସ୍ତିବାଚକ ବିଷୟ ସହିତ, ଯାହା ସାଧାରଣତଃ ପୂର୍ବରୁ ଚାଲିଥିବା ପ୍ରକ୍ରିୟାକୁ ବନ୍ଦ କରିବା ବୁଝାଏ । ବିଶ୍ୱାସରେ ଦୁର୍ବଳ ବ୍ୟକ୍ତିମାନେ ସେମାନଙ୍କ ସହିତ ଅସମ୍ମତ ଭାଇ/ଭଉଣୀମାନଙ୍କ କାର୍ଯ୍ୟକଳାପକୁ ବିଚାର କରିବା ବନ୍ଦ କରିବା ଉଚିତ ।

▣ **''କାରଣ ଈଶ୍ୱର ତାହାକୁ ଗ୍ରହଣ କରିଅଛନ୍ତି''** ଏହା ଏକ ଆଓରିଷ୍ଟ ମଧ୍ୟବର୍ତ୍ତୀ ସୂଚକ, ଏହି ସମାନ ପଦ ୧ ପଦରେ ''ଗ୍ରହଣ କର ବୋଲି ଅନୁବାଦ କରାଯାଇଛି । ବିଶ୍ୱାସୀମାନଙ୍କର ପରସ୍ପରକୁ ଗ୍ରହଣ କରିବାର ମୂଳଦୁଆ ହେଉଛି, ଯେପରି ଈଶ୍ୱର ସେମାନଙ୍କୁ ଖ୍ରୀଷ୍ଟଙ୍କ ଦ୍ୱାରା ଗ୍ରହଣ କରିଅଛନ୍ତି (୧୫:୭) । ୩ ପଦ ଅନୁସାରେ ଏହା କହୁଅଛି ସିଧାସଳଖ ଭାବେ, ବିଶ୍ୱାସରେ ଦୁର୍ବଳ ଖ୍ରୀଷ୍ଟିୟାନ ଅଧିକ ବିବେକୀ (ଭୁଲ ନ କରିବାକୁ ଅଧିକ ଯତ୍ନଶୀଳ)ମାନଙ୍କୁ ।

**୧୪:୪ ''ତୁମ୍ଭେ କିଏ ଯେ''** ଏହା ଗ୍ରୀକ୍‌ରେ ଗୁରୁତ୍ୱପୂର୍ଣ୍ଣ ଅଟେ, ଦୁର୍ବଳ ଭାଇ ଓ ଭଉଣୀମାନଙ୍କୁ ବୁଝାଉଅଛି ।

▣ **''ଦାସ''** ଏହି ଶବ୍ଦ ଓଇକେଟେସ, ଯାହା ''ଓଇକୋସ୍'' ଶବ୍ଦରୁ ଗଠିତ, ଏହାର ଅର୍ଥ ''ଗୃହ'', ସେଥିପାଇଁ ଏହା ଏକ ଗୃହ କ୍ରିତଦାସ ବା ଦାସ (ଲୂକ ୧୬:୧୩, ପ୍ରେରିତ ୧୦:୭, ରୋମୀ ୧୪:୪, ୧ ପିତର ୨:୧୮) । ଏହା ସେପ୍ଟୁଆଜିଣ୍ଟ (ଗ୍ରୀକ୍‌ଅନୁବାଦ)ରେ ଏହି ଅନୁବାଦରେ ବ୍ୟବହୃତ ହୋଇଅଛି (ଆଦି ୯:୨୫, ୨୭:୩୭, ୪୪:୧୬,୩୩, ୫୦:୧୮) । ଏହା ନୂତନ ନିୟମରେ କ୍ରୀତଦାସ ବା ଦାସ ନିମନ୍ତେ ପୂର୍ବରୁ କର୍ତ୍ତୃତ୍ୱ କରୁଥିବା ଶବ୍ଦ ପରି ବ୍ୟବହୃତ ହୋଇ ନାହିଁ, ଯାହା ''ଡୋଉଲୋସ'' ଶବ୍ଦ, ଏହା ଗୃହର କ୍ରୀତଦାସ ବା ଦାସ ରୂପେ ମଧ୍ୟ ବ୍ୟବହୃତ ହୋଇପାରିବା ।

ପାଉଲଙ୍କ ଯୁକ୍ତି ଏଠାରେ ହେଉଛି, ପ୍ରତ୍ୟେକ ବିଶ୍ୱାସୀ ଖ୍ରୀଷ୍ଟଙ୍କର ଏକ କ୍ରୀତଦାସ/ଦାସ ଅଟେ । ସେ ହେଉଅଛନ୍ତି ସେମାନଙ୍କ ''ପ୍ରଭୁ ବା ମାଲିକ'' ଏବଂ ସେ କେବେ ମାତ୍ର ସେ ହିଁ ସେମାନଙ୍କୁ ନିର୍ଦ୍ଦେଶ ଦେବେ ଏବଂ ସେମାନଙ୍କ କାର୍ଯ୍ୟ ଓ ଅଭିପ୍ରାୟ ପାଇଁ ସେମାନଙ୍କୁ ହିସାବଦାୟୀ କରିବେ (୨ କରିନ୍ଥୀ ୫:୧୦) ।

▣ **''ସେ ଆପଣା ପ୍ରଭୁ ନିକଟରେ ସ୍ଥିର ରୁହେ ବା ପତିତ ହୁଏ''** ପୂର୍ବପର ସମ୍ବନ୍ଧ ଅନୁସାରେ ପାଉଲ ଅତିଶୟ ନିଜର ପତନ ନ ହେବା ବିଷୟରେ ଜାଗ୍ରତମାନଙ୍କୁ ସମ୍ବୋଧନ କରୁଛନ୍ତି, ମାତ୍ର ମନ୍ତବ୍ୟ ସ୍ୱଷ୍ଟରୂପେ ଉଭୟ ଦଳଙ୍କୁ ବୁଝାଏ । ବିଶ୍ୱାସୀମାନେ ଆପଣାମାନଙ୍କ ଚକ୍ଷୁର କଡ଼ି କାଠମାନ ବାହାର କରିବାରେ ତତ୍ପର ହେବେ (ମାଥିଉ ୭:୧-୧୫)

▣ **''ହଁ ତାହାକୁ ସ୍ଥିର ରଖାଯିବ, କାରଣ ତାହାକୁ ସ୍ଥିର ରଖିବାକୁ ପ୍ରଭୁଙ୍କର ଶକ୍ତି ଅଛି''** ଏହା (୫:୧-୨, ଯିହୁଦା ୨୪:୨୫)ର ଚମତ୍କାର ପଦମାନ । ଏହା ମଧ୍ୟ ପ୍ରତ୍ୟେକ ବିଶ୍ୱାସୀର ସହଯୋଗକୁ ସମ୍ପୃକ୍ତ କରୁଅଛି (୧ କରିନ୍ଥୀ ୧୫:୧-୨) ବିଶେଷ ପ୍ରସଙ୍ଗ ଦେଖ : ୫:୨ରେ ଦଣ୍ଡାୟମାନ ।

ଏହି ବିଷୟରେ ଏକ ଗ୍ରୀକ୍ ପାଣ୍ଡୁଲିପିର ବିଭିନ୍ନତା ଅଛି । ଏନ କେ ଜେ ଭି, ଅତି ପ୍ରାଚୀନ ପାଣ୍ଡୁଲିପିମାନର ଅନୁଗାମୀ ହୋଇ ଡି ଏଫ ଜି ଏବଂ ୦୧୫୦, ଆହୁରି ମଧ୍ୟ ଭଲ୍‌ଗେଟର ଅଛି ''ଈଶ୍ୱର'' (ଥିଓସ), ଯାହାବି ହେଉ ଏମ୍ ଏସ୍ ଏସ୍ ପି୪୬ ଏନ୍ ଏ ବି ସି ପି ର ''ପ୍ରଭୁ'' (କୁରିଓସ) ଅଛି । ୟୁ ବି ଏସ୍ ''ପ୍ରଭୁ''କୁ ନିଶ୍ଚିତ ଭାବେ ଠିକ୍ ବୋଲି 'ଏ' ଗ୍ରେଡ୍ ମୂଲ୍ୟାୟନ କରେ ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୪:୫-୯**

**[5] ଜଣେ ଲୋକ ଏକ ଦିନ ଅପେକ୍ଷା ଅନ୍ୟ ଦିନକୁ ଅଧିକ ମାନ୍ୟ କରେ, ଆଉ ଜଣେ ସବୁଦିନକୁ ସମାନ ରୂପେ ମାନ୍ୟ କରେ । ପ୍ରତ୍ୟେକ ଲୋକ ଆପଣା ମନରେ ସ୍ଥିର ବୋଧ କରୁ । [6] ଯେ ବିଶେଷ ଦିନ ମାନେ, ସେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ତାହା ମାନେ, ଆଉ ଯେ ଭୋଜନ କରେ, ସେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଜନ କରେ, କାରଣ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ । ପୁଣି ଯେ ଭୋଜନ କରେ ନାହିଁ, ସେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଜନ କରେ ନାହିଁ ଓ ଈଶ୍ୱରଙ୍କ ଧନ୍ୟବାଦ ଦିଏ । [7] କାରଣ ଆମ୍ଭମାନଙ୍କ ମଧ୍ୟରୁ କେହି ଆପଣା ଉଦ୍ଦେଶ୍ୟରେ ବଞ୍ଚେ ନାହିଁ ଏବଂ ଆପଣା ଉଦ୍ଦେଶ୍ୟରେ ମରେ ନାହିଁ । [8] ଯେଣୁ ଯଦି ଆମ୍ଭେମାନେ ବଞ୍ଚୁ, ତେବେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ବଞ୍ଚୁ । କିମ୍ବା ଯଦି ମରୁ, ତେବେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ମରୁ, ଆମ୍ଭେମାନେ ପ୍ରଭୁଙ୍କର ଅଟୁ । [9] କାରଣ ଖ୍ରୀଷ୍ଟ ଯେପରି ମୃତ ଓ ଜୀବିତ ଉଭୟଙ୍କ ପ୍ରଭୁ ହୁଅନ୍ତି, ସେହି ଉଦ୍ଦେଶ୍ୟରେ ସେ ମୃତ୍ୟୁଭୋଗ କଲେ ପୁଣି ପୁର୍ନଜୀବିତ ହେଲେ ।**

**୧୪:୫ ''ଜଣେ ଲୋକ ଏକ ଦିନ ଅପେକ୍ଷା ଅନ୍ୟ ଦିନକୁ ଅଧିକ ମାନ୍ୟ କରେ''** କେତେକ ଲୋକ ଏବେ ସୁଦ୍ଧା ଧର୍ମ ବିଷୟରେ ବଡ଼ ଦିନ ପାଞ୍ଜିକା ସଚେତନ ଅଟନ୍ତି (ଯଥା : ନିର୍ଦ୍ଦିଷ୍ଟ ଦିବସମାନ ବା ବାର୍ଷିକ ଘଟଣାମାନ ଗାଲାତୀ ୪:୧୦, କଲସୀ ୨:୧୬-୧୭) । ଈଶ୍ୱରଙ୍କ ନିକଟରେ ସମସ୍ତ ଦିନ ସମାନ ରୂପେ ତାହାଙ୍କର । କୌଣସି ବିଶେଷ ଦିବସମାନ ନାହିଁ । କିଛି ''ଜାଗତିକ'' ବନାମ୍ ''ପବିତ୍ର'' ନାହିଁ । ସମସ୍ତ ହିଁ ପବିତ୍ର !

▣ **''ପ୍ରତ୍ୟେକ ଲୋକ ଆପଣା ମନରେ ସ୍ଥିର ବୋଧ କରୁ''** ଏହା ବର୍ତ୍ତମାନ କର୍ମବାଚ୍ୟ ଅନୁଜ୍ଞାସୂଚକ ଅଟେ, ଏହା ଏହି ସ୍ଥାନରେ ଶାନ୍ତି ନିମନ୍ତେ କଞ୍ଜି ଅଟେ । ବିଶ୍ୱାସୀମାନଙ୍କର ବ୍ୟକ୍ତିଗତ ବିଶ୍ୱାସବୋଧମାନ, ସେମାନଙ୍କ କାର୍ଯ୍ୟସମୂହ ନିମନ୍ତେ ଅଗ୍ରାଧିକାର ଅଟନ୍ତି (୨୩ ପଦ) । ମାତ୍ର ଅନ୍ୟ ସମସ୍ତ ବିଶ୍ୱାସୀମାନଙ୍କ ପାଇଁ ନୁହେଁ । ଈଶ୍ୱର ପରମାର୍ଥିକ ବାକ୍ସ ମଧ୍ୟରେ ବାସ କରନ୍ତି ନାହିଁ । ମୋର ପରମାର୍ଥବିଦ୍ୟା ଈଶ୍ୱରଙ୍କ ବୋଲି ସଠିକ୍ କୁହାଯାଇ ନ ପାରେ ।

**୧୪:୬ ''ପ୍ରଭୁଙ୍କ ଉଦ୍ଦେଶ୍ୟରେ''** ଏହି 'ସମ୍ପ୍ରଦାନ କାରକ' ଖଣ୍ଡବାକ୍ୟ ୬ ପଦରେ ତିନିଥର ଏବଂ ୮ ପଦରେ ଦୁଇଥର ବ୍ୟବହାର କରାଯାଇଛି । ବିଶ୍ୱସ୍ତ ବିଶ୍ୱାସୀମାନଙ୍କ ଦ୍ୱାରା ସମସ୍ତ ଜୀବନଶୈଳୀର ପସନ୍ଦମାନ ''ପ୍ରଭୁଙ୍କ ଉଦ୍ଦେଶ୍ୟରେ'' ହେବା ଆବଶ୍ୟକ । ଏଫିସୀ ୬:୭ ଓ କଲସୀ ୩:୨୩) । କେବଳ ବ୍ୟକ୍ତିଗତ ପସନ୍ଦ, ସାମ୍ପ୍ରଦାୟିକ ବା ପାରିବାରିକ ପରମ୍ପରା ବା ଏହା ବା ତାହାର ମଧ୍ୟରେ ପସନ୍ଦ କରିବା ବିଷୟ ନୁହେଁ ।

**୧୪:୭ ''କାରଣ ଆମ୍ଭମାନଙ୍କ ମଧ୍ୟରୁ କେହି ଆପଣା ଉଦ୍ଦେଶ୍ୟରେ ବଞ୍ଚେ ନାହିଁ ।''** କୌଣସି ଖ୍ରୀଷ୍ଟିୟାନ ଏକ ଦ୍ୱୀପ ନୁହେଁ । ଖ୍ରୀଷ୍ଟିୟାନମାନେ ପ୍ରଥମ ଏବଂ ମୁଖ୍ୟତଃ ଖ୍ରୀଷ୍ଟଙ୍କ ସକାଶେ ବଞ୍ଚନ୍ତି (୮ପଦ) । ବିଶ୍ୱାସୀମାନଙ୍କ କାର୍ଯ୍ୟକଳାପମାନ ଅନ୍ୟମାନଙ୍କୁ ପ୍ରଭାବିତ କରେ । ସେମାନେ ଏକ ବୃହତର ଆତ୍ମିକ ପରିବାରର ଅଂଶ ଅଟନ୍ତି । ସେଥିପାଇଁ ସେମାନେ ପ୍ରେମରେ ସେମାନଙ୍କର ବ୍ୟକ୍ତିଗତ ସ୍ୱାଧିନତାକୁ ସୀମିତ କରିବା ଉଚିତ (୧ କରିନ୍ଥୀ ୧୦:୨୪, ୨୭-୩୩) । ସେମାନେ ଅନ୍ୟମାନଙ୍କୁ ବ୍ୟକ୍ତିଗତ ସ୍ୱାଧିନତା ମଧ୍ୟକୁ ଯିବାକୁ ଅନୁମତି ଦେବା ଉଚିତ । ନ୍ୟାୟବାଦ, ଆତ୍ମ ଧାର୍ମିକତାର ସମରୂପୀ ହେବାକୁ କଢ଼ାଇ ନିଏ, ଯାହା ଈଶ୍ୱରଙ୍କ ଠାରୁ ନୁହେଁ । ଯୀଶୁଙ୍କର କଟୁ ଶବ୍ଦମାନ ଏବଂ ଦୋଷାରୋପମାନ ଆତ୍ମଧାର୍ମିକ ତାର ସମରୂପୀ ହେବାକୁ କଢ଼ାଇ ନିଏ, ଯାହା ଈଶ୍ୱରଙ୍କ ଠରୁ ନୁହେଁ । ଯୀଶୁଙ୍କର କଟୁ ଶବ୍ଦମାନ ଏବଂ ଦୋଷାରୋପମାନ ଆତ୍ମଧାର୍ମିକ ଫାରୁଶୀମାନଙ୍କ ଆଡ଼କୁ ନିର୍ଦ୍ଦେଶିତ ଥିଲା ।

**୧୪:୮ ''ଯଦି...ଯଦି''** ଏହା ହେଉଛି ଦୁଇଟି ତୃତୀୟ ଶ୍ରେଣୀ ସର୍ତ୍ତମୂଳକ ବାକ୍ୟମାନ, ଯାହାର ଅର୍ଥ ସମ୍ଭବପର ଭବିଷ୍ୟତ୍ କାର୍ଯ୍ୟକାଳମାନ । ବିଶ୍ୱାସୀମାନେ ସମସ୍ତ ଏବଂ ପ୍ରତ୍ୟେକ ସମ୍ଭବପର ବିଷୟରେ (ପରିସ୍ଥିତିରେ) ପ୍ରଭୁଙ୍କର ସେବା କରନ୍ତି (ଏଫିସୀ ୬:୭, କଲସୀ ୩:୨୩) ।

**୧୪:୯ ''ମୃତ ଓ ଜୀବିତ ଉଭୟଙ୍କ ପ୍ରଭୁ ଅଟନ୍ତି''** ଏହି ପଦଗୁଡ଼ିକର ଏହା ଏକ ଅସାଧାରଣ ଶୃଙ୍ଖଳାଗତ ପ୍ରଣାଳୀ । ସେଗୁଡ଼ିକର ଏପରି ରୀତିରେ ଲେଖା ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନକୁ ପ୍ରତିଫଳିତ କରେ । ସେ ବର୍ତ୍ତମାନ ଉଭୟ ବାସ୍ତବ ସ୍ଥିତିରେ ସର୍ବଭୌମ ଅଟନ୍ତି ।

ଏହି ସତ୍ୟ ପାରମାର୍ଥିକ କାରଣ ସୃଷ୍ଟି କରେ, କାହିଁକି ଖ୍ରୀଷ୍ଟିୟାନମାନେ ଆପଣାମାନଙ୍କ ନିମନ୍ତେ ବଞ୍ଚିବା ଉଚିତ ନୁହେଁ, ମାତ୍ର ଅନ୍ୟ ବିଶ୍ୱାସୀମାନଙ୍କ ପାଇଁ ବଞ୍ଚିବା ଉଚିତ । ସେମାନେ ନିଜର ନୁହନ୍ତି, ସେମାନେ ଏକ ମୂଲ୍ୟରେ କିଣା ଯାଇ ଅଛନ୍ତି । ସେମାନେ ଯୀଶୁଙ୍କ ଦାସଗଣ ଅଟନ୍ତି, ଯେ କି ସେମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ଯେପରି ସେମାନେ ଆଉ କ୍ରିତଦାସ ହେବେ ନାହିଁ ପାପ ନିକଟରେ, ମାତ୍ର ଈଶ୍ୱରଙ୍କର ଦାସ ହେବେ (ରୋମୀ ୬) । ବିଶ୍ୱାସୀମାନେ ଯୀଶୁଙ୍କ ପ୍ରେମମୟ ସେବା ଜୀବନର ଅନୁକରଣ, ସେମାନଙ୍କର ଆତ୍ମକୈନ୍ଦ୍ରିକ ଇଚ୍ଛା (ଆକାଂକ୍ଷା)ମାନ ପ୍ରତି ମୃତ ହେବା ଦ୍ୱାରା କରିବାକୁ ହେବ (୨ କରିନ୍ଥୀ ୫:୧୪-୧୫, ଗାଲାତୀ ୨:୨୦, ୧ ଯୋହନ ୩:୧୬) ।

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୪:୧୦-୧୨**

**୧୦. କିନ୍ତୁ ତୁମ୍ଭେ କାହିଁକି ଆପଣା ଭାଇର ବିଚାର କରୁଅଛ ? କିମ୍ବା ତୁମ୍ଭେ କାହିଁକି ଆପଣା ଭାଇକୁ ତୁଚ୍ଛ କରୁଅଛ ? ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରାସନ ଛାମୁରେ ଠିଆ ହେବ । ୧୧. ଯେଣୁ ଲେଖାଅଛି, ''ପ୍ରଭୁ କହନ୍ତି, ଆମ୍ଭେ ଜୀବିତ ଥିବା ପ୍ରମାଣେ, ପ୍ରତ୍ୟେକ ଜାନୁ ଆମ୍ଭ ଛାମୁରେ ନତ ହେବ, ଆଉ ପ୍ରତ୍ୟେକ ଜିହ୍ୱା ଈଶ୍ୱରଙ୍କ ପ୍ରଶଂସା କରିବ । ୧୨. ଅତଏବ ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ ।**

**୧୪:୧୦ ''କିନ୍ତୁ ତୁମ୍ଭେ''** ଏହା ଗୁରୁତ୍ୱ ଦିଆଯିବା ନିମନ୍ତେ ସମ୍ମୁଖରେ ଅଛି ।

▣ ୧୦ ପଦର ଦୁଇଟି ପ୍ରଶ୍ନ ୧-୧୨ ପଦର ଲକ୍ଷ୍ୟ ଅଟେ । ୩ ପଦରେ ଦିଆଯାଇଥିବା ଦୁଇଟି ଦଳ ପୁନର୍ବାର ବିପରିତ ଅର୍ଥ ପ୍ରକାଶ କଲା, ଗୋଟିଏ ଦଳ ''ବିଚାରକମାନେ'', ଅନ୍ୟଦଳ ''ତୁଚ୍ଛନୀୟଭାବେ'' ଦେଖନ୍ତି । କ୍ରିତଦାସମାନଙ୍କ ନିମନ୍ତେ ଉଭୟ ମନୋବୃତ୍ତି ଅନୁପଯୁକ୍ତ ଅଟେ । ସେମାନଙ୍କର ମାଲିକ, ଯୀଶୁଖ୍ରୀଷ୍ଟ କେବଳ ଜଣେ ମାତ୍ର ବ୍ୟକ୍ତି ଅଟନ୍ତି ଯାହାଙ୍କର ''ସମାଲୋଚନା'' ବା ''ନୀଚ ଦୃଷ୍ଟିରେ ଦେଖିବା''ର ଅଧିକାର ଅଛି । ବିଶ୍ୱାସୀମାନଙ୍କ ପକ୍ଷରେ ବିଚାରକର୍ତ୍ତା ରୂପେ କାର୍ଯ୍ୟ କରିବା (୧) ଈଶ୍ୱରଙ୍କ ସ୍ଥାନ ଜବର ଦଖଲ ଏବଂ (୨) ପ୍ରାରମ୍ଭିକ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟ ଅଟେ ।

▣ ''ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରାସନ ଛାମୁରେ ଠିଆହେବା'' ଏହି ସମାନ ସତ୍ୟ ୨ କରିନ୍ଥୀ ୫:୧୦ରେ ପ୍ରକାଶିତ ହୋଇଅଛି । ବିଶ୍ୱାସୀମାନେ ପରସ୍ପରକୁ କିପରି ବ୍ୟବହାର କରିଅଛନ୍ତି ପ୍ରଭୁଙ୍କ ନିକଟରେ ବାଖ୍ୟା କରିବେ । ଯୀଶୁ ସ୍ୱର୍ଗୀୟ ବିଚାରକ ରୂପେ କାର୍ଯ୍ୟ କରିବେ (ମାଥିଉ ୨୫:୩୧-୪୬)

ଏନ୍ କେ ଜେ ଭି ରେ ''ଖ୍ରୀଷ୍ଟଙ୍କ ବିଚାରାସନ'' ଅଛି । ପୁରାତନ ଗ୍ରୀକ୍ ପାଣ୍ଡୁଲିପି ଏନ୍୨ ଓ ସି୨ର ଆଦ୍ୟ ନିର୍ଭୁଲ ସଂଶୋଧନକାରୀ ହେଉଛି ଗ୍ରୀକ୍ ପାଣ୍ଡୁଲିପି ଯାହା କେଜେଭିକୁ ସମର୍ଥନ କରେ । ଥିଓସ୍, ଏମ୍ ଏସ ଏସ୍, ଏନ୍ ବି ସି ଡି ଏଫ୍ ଓ ଜିରେ ଅଛି ।

ଶାସ୍ତ୍ରୀମାନେ ସମ୍ଭବତଃ ଗ୍ରୀକ୍ ଶାସ୍ତ୍ରାଂଶକୁ ପରିବର୍ତ୍ତନ କଲେ ୨ କରିନ୍ଥୀ ୫:୧୦କୁ ଦୃଢ଼ୀଭୂତ କରିବା ପାଇଁ ଏହା ମଧ୍ୟ ସମ୍ଭବ ଯେ ଏହି ପଦକୁ ଶାସ୍ତ୍ରୀମାନେ ପରିବର୍ତ୍ତନ କଲେ, ''ପୋଷ୍ୟପୁତ୍ର ମତବାଦ'' ନାମରେ ନାମିତ ଖ୍ରୀଷ୍ଟଙ୍କ ଆଦ୍ୟମତକୁ ବିରୋଧ କରିବା ସକାଶେ । ବିଭିନ୍ନ ଶାସ୍ତ୍ରାଂଶନୁଯାୟୀ ବିଭିନ୍ନ ମାନ ଅଛି ଯାହା ଶାସ୍ତ୍ରାଂଶକୁ ଅଧିକ ପରମ୍ପରାଗତରେ ପରିଣତ କରିଆସିଛି । (ବାର୍ଟ ଡି ଏହରମାନଙ୍କ ''ଶାସ୍ତ୍ରର ପାରମ୍ପାରିକ ଦୁର୍ନିତି'' ୧୯୯୩ରେ ଅକ୍ସଫୋର୍ଡ ୟୁନିଭର୍ରସିଟି ପ୍ରେସ୍ ଦ୍ୱାରା ପ୍ରକାଶ ପାଇଥିଲା, ୯୦-୯୧ ପୃଷ୍ଠାରେ । ୟୁବିଏସ୍ ଥିଓସ୍‌କୁ ଏକ ବିଗ୍ରେଡ୍ ମୂଲ୍ୟାୟନ କଲା (ଯାହା ଅଧିକାଂଶ ନିଶ୍ଚିତ)

**୧୪:୧୧ ''ଯେଣୁ ଲେଖାଅଛି''** ଏହା ଏକ ସମ୍ପୂର୍ଣ୍ଣ କର୍ମବାଚକ ସୂଚକ । ଏହା ଏକ ବିଶେଷ ଭାବେ ବ୍ୟବହୃତ ହିବ୍ରୁ ରୁଢ଼ୋକ୍ତି ଯାହା ଈଶ୍ୱର ନିଶ୍ୱସିତ ପୁରାତନ ନିୟମର ଉଦ୍ଧୃତାଂଶକୁ ବର୍ଣ୍ଣନା କରିବାକୁ ବ୍ୟବହାର କରାଯାଇଥିଲା । ଏହା ଯିଶାଇୟ ୪୫:୨୩ର ଅନୁରୂପ, ଯାହା ଫିଲିପ୍ପୀ ୨:୧୦-୧୧ରେ ମଧ୍ୟ ଉଦ୍ଧୃତ କରାଯାଇଅଛି ।

▣ **''ଆମ୍ଭେ ଜୀବିତ ଥିବା ପ୍ରମାଣେ''** ଏହା ଏକ ଶପଥ ରୀତି (ନିୟମ) ଅଟେ, ଯାହା ଈଶ୍ୱରଙ୍କ ସକାଶେ ପ୍ରତିଜ୍ଞାଯୁକ୍ତ ନାମ ''ଯିହୋବା'' ଉପରେ ଏକ ଶବ୍ଦ ବିନ୍ୟାସ, ତାହା ହିବ୍ରୁ କ୍ରିୟାପଦ ''ହେବ''ର ଏକ ଆକୃତି (ଯାତ୍ରା ୩:୧୪) । ସେ ସଦାଜୀବିତ, କେବଳ ଜୀବିତ ଈଶ୍ୱର ଅଟନ୍ତି । ସେଥିପାଇଁ ସେ ତାହାଙ୍କ ନିଜର ସ୍ଥିତି ଦ୍ୱାରା ଶପଥ କରୁଛନ୍ତି । ବିଶେଷ ପ୍ରସଙ୍ଗ ଦେଖ : ୯:୨୯ରେ ସ୍ୱର୍ଗୀୟ ଈଶ୍ୱରଙ୍କ ପାଇଁ ନାମମାନ ।

**୧୪:୧୨ ''ଅତଏବ ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ ।''** ଖ୍ରୀଷ୍ଟିୟାନ ବିଚାରିତ ହେବ (୨ କରିନ୍ଥୀ ୫:୧୦) ଏବଂ ସମାଲୋଚନାକାରୀ ଭାଇମାନେ ସେହି ଅନୁଭବର ଅଂଶ ହେବେ । କେତେକ ପୁରାତନ ଗ୍ରୀକ୍ ପାଣ୍ଡୁଲିପିମାନ ''ଈଶ୍ୱରଙ୍କ ଛାମୁରେ'' ଉପେକ୍ଷା କରିଯାଇଛି (ଛାଡ଼ି ଯାଇଛି) । ଏହା ସ୍ପଷ୍ଟଭାବେ ଶାସ୍ତ୍ରରେ ପୂର୍ବାପର ସମ୍ବନ୍ଧ ଦ୍ୱାରା ସୂଚିତ କରାଯାଇଛି । ଏହି ବିଭିନ୍ନତା ୧୦ ପଦରେ ବିଭିନ୍ନତା ଦ୍ୱାରା ପ୍ରଭାବିତ ହୋଇଥାଇପାରେ । ୟୁବିଏସ ଏହାର ସଂଯୁକ୍ତି (ଯଥା : ଏମ୍ ଏସ ଏସ୍ ଏନ୍ ଏ ସି ଡି) ସହିତ 'ସି' ମୂଲ୍ୟାୟନ ଦେଇଛି (ସ୍ଥିର କରିବା କଷ୍ଟକର)

## ଶାସ୍ତ୍ରର ପୂର୍ବାପର ସମ୍ପର୍କ ଅନୁଯାୟୀ ରୋମୀ ୧୪:୧୩-୨୩ ଉପରେ ଅର୍ନ୍ତଦୃଷ୍ଟି ।

କ. ୧-୧୨ ପଦରେ ଖ୍ରୀଷ୍ଟିୟାନ କିପରି ପରସ୍ପର ସହିତ ବ୍ୟବହାର କରିବା ଉଚିତ୍ ଏହି ପ୍ରସଙ୍ଗ ଆରମ୍ଭ କରାଯାଇଅଛି । ଏହା ଏହି ସତ୍ୟ ଉପରେ ପର୍ଯ୍ୟବେସିତ ଯେ, ସେମାନେ ସମସ୍ତ ପ୍ରକାର ଖ୍ରୀଷ୍ଟିୟାନମାନଙ୍କୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ଉଚିତ ଖ୍ରୀଷ୍ଟଙ୍କ ହେତୁ, ଯେ କି ସେମାନଙ୍କର ଏକମାତ୍ର ମାଲିକ ଓ ବିଚାରକର୍ତ୍ତା, ଉଭୟ ଦଳଙ୍କୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରନ୍ତି । ଅନେକ ସମୟରେ ଆତ୍ମିକ ବିଷୟମାନ ଯାହା ଗୋଟିଏ ଦଳ ପାଇଁ ସେମାନଙ୍କ ଅତୀତ, ସେମାନଙ୍କ ବ୍ୟକ୍ତିଗତ ପ୍ରକାର, ସେମାନଙ୍କ ପିତାମାତାଗଣ, ସେମାନଙ୍କ ପସନ୍ଦମାନ, ସେମାନଙ୍କ ଅନୁଭୂତିମାନ ଇତ୍ୟାଦି ହେତୁ ଗୁରୁତ୍ୱପୂର୍ଣ୍ଣ, ସେସବୁ ଈଶ୍ୱରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଖ. ଖ୍ରୀଷ୍ଟିୟ ସ୍ୱାଧିନତା ଓ ଦାୟିତ୍ୱ ବିଷୟକ ଆଲୋଚନାର ଦ୍ୱିତୀୟ ଭାଗ ଏକ ଭିନ୍ନ ଦୃଷ୍ଟିକୋଣରୁ ପ୍ରସଙ୍ଗଟିକୁ ବୃଦ୍ଧି କରେ । ଏହି ପଦଗୁଡ଼ିକରେ ଏହା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀର ଈଶ୍ୱରଙ୍କ ପାଇଁ ପ୍ରେମ ଅଟେ, ଯାହା ବିଶ୍ୱାସୀକୁ, ସହ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେମ କରିବାକୁ ଲକ୍ଷ୍ୟଭୁକ୍ତ କଲା । ଯେପରି ଯୀଶୁ ବିଶ୍ୱାସୀମାନଙ୍କ ପାଇଁ ତାହାଙ୍କ ଜୀବନ ଦାନ କଲେ, ସେମାନଙ୍କୁ ମଧ୍ୟ ସେମାନଙ୍କ ପାଇଁ (ଯଥା : ଅନ୍ୟ ବିଶ୍ୱାସୀମାନଙ୍କ ପାଇଁ) ଯାହା ପାଇଁ ସେ ମୃତ୍ୟୁଭୋଗ କରିଥିଲେ, ସେମାନଙ୍କ ଜୀବନ ଦାନ କରିବାକୁ ହେବ (୨ କରିନ୍ଥୀ ୫:୧୩-୧୪, ୧ ଯୋହନ ୩:୧୬) । ଖ୍ରୀଷ୍ଟିୟାନ ଜୀବନର ମୂଳ ଅଭିପ୍ରାୟ ରୂପେ ପ୍ରେମ ଉପରେ ଏହି ଗୁରୁତ୍ୱ ମଧ୍ୟ ୧୩:୮-୧୦ରେ ବିଶ୍ୱାସୀର ଅବିଶ୍ୱାସୀମାନଙ୍କ ସହିତ ସମ୍ପର୍କମାନରେ ଦେଖାଯାଇଅଛି ।

ଗ. ଏହି ସତ୍ୟ ଯଥା : ଶାରୀରିକ ଜଗତରେ ସମସ୍ତ ବିଷୟ ଶୁଚି ଏହା କେତେକ ଖ୍ରୀଷ୍ଟିୟାନମାନଙ୍କର ପକ୍ଷରେ ଗ୍ରହଣ କରିବା ବଡ଼ କଷ୍ଟକର ଅଟେ । ଅନେକ ସମୟରେ ଏପରିକି ବିଶ୍ୱାସୀମାନେ ପାପ ସକାଶେ ଦୋଷ ସେମାନଙ୍କ ନିଜ ଉପରେ ଦେବା ପରିବର୍ତ୍ତେ ''ବିଷୟ ବା ବସ୍ତୁମାନଙ୍କ'' ଉପରେ ସ୍ଥାପନ କରନ୍ତି (ଯଥା : ''ଭୂତପ୍ରେତ'') । ପାଉଲ ବାରମ୍ବାର ପ୍ରକାଶ କରନ୍ତି ଯେ, ସମସ୍ତ ବିଷୟମାନ ଶୁଚି (୧୪:୧୪,୨୦, ୧ କରିନ୍ଥୀ ୬:୧୨, ୧୦:୨୫-୨୬, ୧ ତୀମଥି ୪:୪, ତିତସ ୧:୧୫) । ତାଙ୍କର ମନ୍ତବ୍ୟମାନ, ମାର୍କ ୭:୧୮-୨୩ରେ ଖାଦ୍ୟ ବିଷୟକ ଯୀଶୁଙ୍କ ଶିକ୍ଷାର ଅନୁଗାମୀ ଅଟେ । ଶୁଚି ଓ ଅଶୁଚି ଖାଦ୍ୟ, ଏକ ଉଦାହରଣ ରୂପେ, କର୍ଣ୍ଣଲିୟଙ୍କୁ ଈଶ୍ୱରଙ୍କର ଗ୍ରହଣ କରିବା ବିଷୟ ଲାଗି ପିତରଙ୍କ ପାଇଁ ବ୍ୟବହୃତ ହୋଇଥିଲା । ପ୍ରେରିତ ୧୦:୧୫ରେ

ଘ. ଏହି ଭାଗ ମୁଖ୍ୟତଃ ''ବଳିଷ୍ଠ ଭାଇଙ୍କୁ'' ସମ୍ବୋଧିତ ହୋଇଅଛି । ପାଉଲ, ମନ୍ତବ୍ୟର ଅର୍ଦ୍ଧ-ସତ୍ୟ ସ୍ୱୀକାର କଲେ ଯେ, ''ସମସ୍ତ ବିଷୟମାନ ଶୁଚି'', ମାତ୍ର ଏଥିରେ ଯୋଗ କରନ୍ତି ଯେ, ସମସ୍ତ ବିଷୟ ନିଜେ ଶୁଚି ନୁହେଁ ବା ଈଶ୍ୱରଙ୍କ ପରିବାରର ନିଷ୍ଠା ଜନ୍ମାଏ ନାହିଁ (୧ କରିନ୍ଥୀ ୬:୧୨, ୧୦:୨୩) । ବଳିଷ୍ଠ ଭାଇର ସ୍ୱାଧିନତା, ଅନ୍ୟ ଖ୍ରୀଷ୍ଟିୟାନ ମାନଙ୍କର ଧ୍ୱଂସ ସାଧନ କରିପାରେ । ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ଦ୍ୱାରା ଓ ଖ୍ରୀଷ୍ଟଙ୍କ ପାଇଁ ସହ ବିଶ୍ୱାସୀମାନଙ୍କ ରକ୍ଷକ ଅଟନ୍ତି ।

ଙ. ଏହା ବହୁତ ଆକର୍ଷଣୀୟ ବିଷୟ ଯେ, ପାଉଲ ପ୍ରକାଶ କରି ନାହାନ୍ତି ବା ସୂଚାଇ ନାହାନ୍ତି ''ଦୁର୍ବଳଭାଇ'' ଏକ ଆତ୍ମିକ ପ୍ରକ୍ରିୟାରେ ଅଛି, ଯାହା ଏକ ''ବଳିଷ୍ଠ ଭ୍ରାତା''ରେ ପରିଣତ କରିବାକୁ କଢ଼ାଇ ନେବ । ଏହି ସମୁଦାୟ ଆଲୋଚନା ଅନୁଗ୍ରହରେ ବୃଦ୍ଧି ପାଇବା ବିଷୟ ଆହ୍ୱାନ ଦିଏ ନାହିଁ, ମାତ୍ର ବିଭିନ୍ନ ଖ୍ରୀଷ୍ଟିୟାନ ବୁଝାମଣାମାନ ମଧ୍ୟରେ ପ୍ରେମର ଅଗ୍ରାଧିକାରକୁ ସୂଚାଏ । ଦୁଇଟି ଦଳ ମଧ୍ୟରେ ଗୋଟିଏ ଦଳରେ ବିଶ୍ୱାସୀମାନଙ୍କ

ଯୋଗଦାନ, ବ୍ୟକ୍ତିତ୍ୱର ପ୍ରକାର ଭେଦ ଉପରେ 'ଧର୍ମସମ୍ବନ୍ଧୀୟ ତାଲିମ ଏବଂ ବ୍ୟକ୍ତିଗତ ଅନୁଭୂତି ଉପରେ, ଭୁଲ ବା ଠିକ୍ ଠାରୁ ଅଧିକ ନିର୍ଭର କରେ । ବିଶ୍ୱାସୀର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ୟମାନଙ୍କୁ ପରିବର୍ତ୍ତନ କରୁ ନାହିଁ ମାତ୍ର ଅନ୍ୟ ଦଳକୁ ପ୍ରେମ କରୁଅଛି ଓ ସମ୍ମାନ ଦେଉଅଛି । ଏହା ଏକ ମନର ନୁହେଁ ମାତ୍ର ହୃଦୟରୁ ବାହାରି ଥିବା ଏକ ବିଷୟ । ଈଶ୍ୱର ପ୍ରେମ କରନ୍ତି, ଗ୍ରହଣ କରନ୍ତି ଏବଂ ସମସ୍ତ ମାନବଜାତି, ଉଭୟ ଦଳ ନିମନ୍ତେ ତାହାଙ୍କ ପୁତ୍ରଙ୍କୁ ଦେଲେ ।

**ଶବ୍ଦ ଏବଂ ଖଣ୍ଡବାକ୍ୟ ଅଧ୍ୟୟନ**

**ଏନ୍ ଏ ଏସ୍ ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୧୪:୧୩-୨୩**

**[୧୩] ଏଣୁ ଆସ, ଆମ୍ଭେମାନେ ଆଉ ପରସ୍ପରର ବିଚାର ନ କରୁ, ମାତ୍ର କେହି ଯେପରି ଆପଣା ଭାଇର ବାଟରେ ବାଧାଜନକ କିମ୍ବା ବିଘ୍ନଜନକ ବିଷୟ ନ ରଖେ, ଏହା ତୁମ୍ଭେମାନେ ବିଚାର କର । [୧୪] ମୁଁ ଜାଣେ ଓ ପ୍ରଭୁଯୀଶୁଙ୍କ ଠାରେ ନିଶ୍ଚୟ ଜ୍ଞାନ କରେ ଯେ, କୌଣସି ବିଷୟ ନିଜେ ଅଶୁଚି ନୁହେଁ, କିନ୍ତୁ ଯେଉଁ ଜଣ କୌଣସି ପଦାର୍ଥକୁ ଅଶୁଚି ବୋଲି ଜ୍ଞାନ କରେ, କେବଳ ତାହାର ପ୍ରତି ତାହା ଅଶୁଚି । [୧୫] କାରଣ ତୁମ୍ଭର ଭାଇ ଯଦି ଖାଦ୍ୟ ହେତୁ ଦୁଃଖିତ ହୁଏ । ତାହା ହେଲେ ତୁମେ ଆଉ ପ୍ରେମରେ ଆଚରଣ କରୁ ନାହଁ । ଯାହା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ, ତାହାକୁ ତୁମ୍ଭେ ତୁମ୍ଭର ଖାଦ୍ୟ ଦ୍ୱାରା ବିନାଶ କର ନାହିଁ । [୧୬] ଏଣୁ ତୁମ୍ଭମାନଙ୍କର ଉତ୍ତମ ବିଷୟ ନିନ୍ଦିତ ନ ହେଉ, [୧୭] କାରଣ ଈଶ୍ୱରଙ୍କ ରାଜ୍ୟ ଭୋଜନପାନ ନୁହେଁ, କିନ୍ତୁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାଙ୍କଠାରେ ଆନନ୍ଦ ଅଟେ । [୧୮] ଯେଣୁ ଯେ ଏହି ବିଷୟରେ ଖ୍ରୀଷ୍ଟଙ୍କର ସେବା କରେ, ସେ ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଓ ମନୁଷ୍ୟମାନଙ୍କ ନିକଟରେ ପରୀକ୍ଷା ସିଦ୍ଧ ହୁଏ । [୧୯] ଅତଏବ ଆସ ଯେ ଯେ ବିଷୟ ଦ୍ୱାର ପରସ୍ପରର ନିଷ୍ଠା ହୁଏ, ସେ ସବୁର ଆମ୍ଭେମାନେ ଅନୁଗମନ କରୁ । [୨୦] ଖାଦ୍ୟ ସକାଶେ ଈଶ୍ୱରଙ୍କ କର୍ମ ନଷ୍ଟ କର ନାହିଁ । ସମସ୍ତ ବିଷୟ ଅବଶ୍ୟ ଶୁଚି, ତଥାପି ଯେଉଁ ଲୋକ ଯାହା ଭୋଜନ କରି ବାଧା ପାଏ ତାହା ପକ୍ଷରେ ତାହା ମନ୍ଦ । [୨୧] ମାଂସ ଭୋଜନ କିମ୍ବା ଦ୍ରାକ୍ଷାରସ ପାନ ଅବା ଯେ କୌଣସି ବିଷୟରେ ତୁମ୍ଭର ଭାଇର ବାଧା ଜନ୍ମେ, ତାହା ନ କଲେ ଭଲ । ତୁମ୍ଭର ଯେଉଁ ବିଶ୍ୱାସ ଅଛି, ତାହା ତୁମେ ଈଶ୍ୱରଙ୍କ ସାକ୍ଷାତରେ ଆପଣା ଅନ୍ତରରେ ଧରି ରଖ । ସେ ଯାହା ପରୀକ୍ଷା ସିଦ୍ଧ ବୋଲି ବିବେଚନା କରେ, ସେ ଯଦି ସେଥିରେ ଆପଣାକୁ ଦୋଷୀ ନ କରେ, ତେବେ ସେ ଧନ୍ୟ । କିନ୍ତୁ ଯେ ସନ୍ଦେହ କରି ଭୋଜନ କରେ, ସେ ଦଣ୍ଡନୀୟ ହୁଏ, କାରଣ ସେ ବିଶ୍ୱାସରେ ଭୋଜନ କରେ ନାହିଁ । ଆଉ ଯାହା କିଛି ବିଶ୍ୱାସରୁ ହୁଏ ନାହିଁ, ତାହା ପାପ ।**

**୧୪:୧୩ ''ଆସ ଆମ୍ଭେମାନେ ଆଉ ପରସ୍ପରର ବିଚାର ନ କରୁ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ ସମ୍ଭାବନାର୍ଥକ କ୍ରିୟା । ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ ଅଛି, ଯାହା ଏକ ପ୍ରକ୍ରିୟାକୁ ବନ୍ଦ କରିବାକୁ ସୂଚାଏ । ଏହା ସତର୍କବାଣୀ ନୁହେଁ ମାତ୍ର ଏକ ନିଷେଧ । ଏହା ୧୬ ପଦ ସହିତ ବହୁତ ସମାନ । 'ବିଚାର' ଶବ୍ଦ ପାଉଲଙ୍କ ଦ୍ୱାରା ୫ଥର ବ୍ୟବହୃତ ହୋଇସାରିଛି ୧-୧୨ ପଦ ମଧ୍ୟରେ ଏବଂ ଚାରିଥର ବର୍ତ୍ତମାନ ଅଧିକ ୧୩-୨୩ରେ ବ୍ୟବହାର କରାଯାଇଛି ।

ବିଶେଷ ପ୍ରସଙ୍ଗ : ଖ୍ରୀଷ୍ଟିୟାନ କଅଣ ପରସ୍ପରକୁ ବିଚାର କରିବା ଉଚିତ ?

ଏହି ବିଷୟ ଦୁଇଟି ବାଟରେ ବ୍ୟବହୃତ ହେବା ଉଚିତ ।

୧. ବିଶ୍ୱାସୀମାନେ ପରସ୍ପରକୁ ବିଚାର ନ କରିବାକୁ ଦୃଢ଼ ଆଜ୍ଞା ଦିଆଯାଇଅଛି (ମାଥିଉ ୭:୧-୫, ଲୂକ ୬:୩୭,୪୨, ରୋମୀ ୨:୧-୧୧, ଯାକୁବ ୪:୧୧-୧୨) ।

୨. ବିଶ୍ୱାସୀମାନେ ନେତାମାନଙ୍କୁ ମୂଲ୍ୟାୟନ କରିବାକୁ ଦୃଢ଼ ଆଜ୍ଞା ଦିଆଯାଇଅଛି (ମାଥିଉ ୭:୬, ୧୫-୧୬, ୧ କରିନ୍ଥୀ ୧୪:୨୯, ୧ ଥେସଲ ୫:୨୧, ୧ ତୀମଥି ୩:୧-୧୩ ଏବଂ ୧ ଯୋହନ ୪:୧-୬) ।

ଉପଯୁକ୍ତ ମୂଲ୍ୟାୟନ ପାଇଁ ନିର୍ଣ୍ଣାୟକ ନୀତି ବା ମାନଦଣ୍ଡ ସାହାଯ୍ୟ କରିପାରେ

୧. ମୂଲ୍ୟାୟନ, ସତ୍ୟୋକ୍ତି ଘୋଶୋ ଉଦ୍ଦେଶ୍ୟରେ ହେବା ଉଚିତ (୧ ଯୋହନ ୪:୧ - ''ପରୀକ୍ଷା'' ଅନୁମୋଦନ ଆଡ଼କୁ ଏକ ମତାମତ ସହିତ)

୨. ମୂଲ୍ୟାୟନ ନମ୍ରତା ଓ ମୃଦୁତା (ଭଦ୍ରତା)ରେ କରାଯିବା ଉଚିତ (ଗାଲାତୀ ୬:୧)

୩. ମୂଲ୍ୟାୟନ ବ୍ୟକ୍ତିଗତ ପସନ୍ଦରୁ ଆସୁଥିବା ବିଷୟ ଉପରେ ଲକ୍ଷ୍ୟ ରଖିବା ଅନୁଚିତ (ରୋମୀ ୧୪:୧-୨୩, ୧ କରିନ୍ଥୀ ୮:୧-୧୩, ୧୦:୨୩-୩୩)

୪. ମୂଲ୍ୟାୟନ, ଏହି ପ୍ରକାର ନେତାମାନଙ୍କୁ ଚିହ୍ନଟ କରିବ ''ଯେଉଁମାନଙ୍କ ବିରୁଦ୍ଧରେ ମଣ୍ଡଳୀ ମଧ୍ୟରେ ବା ସମ୍ପ୍ରଦାୟରୁ ''ସମାଲୋଚନା ପାଇଁ କୌଣସି ହସ୍ତ ନାହିଁ'' (୧ ତୀମଥି ୩) ।

▣ **''କେହି ଯେପରି ଆପଣା ଭାଇର ବାଟରେ ବାଧାଜନକ କିମ୍ବା ବିଘ୍ନ ଜନକ ବିଷୟ ନ ରଖେ''** ଏହା ବର୍ତ୍ତମାନ କର୍ତ୍ତୃବାଚକ କର୍ତ୍ତା ନିରପେକ୍ଷ କ୍ରିୟା ନାସ୍ତିବାଚକ କ୍ଷୁଦ୍ରାଂଶ ସହ ଦିଆଯାଇଛି, ଯାହା ଏକ ପ୍ରକିୟାକୁ ବନ୍ଦ କରିବା ସୂଚନା ଦିଏ । ସମାନ ସତ୍ୟ ୨୧ ପଦରେ ଏବଂ ୧ କରିନ୍ଥୀ ୮:୯ ପଦରେ ପ୍ରକାଶ କରାଯାଇଛି ।

''ବାଧା'' ଶବ୍ଦ ବାଟରେ କିଛି ବିଷୟକୁ ବୁଝାଏ ଯାହା ଜଣେ ଝୁଣ୍ଟିବାର କାରଣ ହୁଏ । ''ବିଘ୍ନଜନକ ବିଷୟ'' ଆକ୍ଷରିକ ଭାବେ ଏକ ଜନ୍ତୁକୁ ଫାସରେ ଧରିବା ପାଇଁ ଏକ ଯନ୍ତ୍ରଚାଳକ କାର୍ଯ୍ୟାରମ୍ଭର ବୋତାମକୁ ବୁଝାଏ ।

ଖ୍ରୀଷ୍ଟଧର୍ମର ଏକ ସାମୂହିକ ବିଷୟ ଅଛି । ଆମ୍ଭେମାନେ ଆମ ସହ ବିଶ୍ୱାସୀମାନଙ୍କର ରକ୍ଷକ, ଉତ୍ସାହଦାନକାରୀ ଓ ବନ୍ଧୁ ଅଟୁ । ବିଶ୍ୱାସ ହେଉଛି ପରିବାର ।

**୧୪:୧୪**

| | |
|---|---|
| ଏନ୍ ଏ ଏସ୍ ବି | **''ମୁଁ ଜାଣେ ଓ ପ୍ରଭୁ ଯୀଶୁଙ୍କଠାରେ ନିଶ୍ଚୟ ଜ୍ଞାନ କରେ''** |
| ଏନ୍ କେ ଜେ ଭି | **''ମୁଁ ଜାଣେ ଓ ପ୍ରଭୁ ଯୀଶୁଙ୍କ ଦ୍ୱାରା ନିଶ୍ଚୟ ଜ୍ଞାନ କରେ''** |
| ଏନ୍ ଆର୍ ଏସ୍ ଭି | **''ମୁଁ ଜାଣେ ଓ ପ୍ରଭୁଯୀଶୁଙ୍କଠାରେ ପ୍ରବର୍ତ୍ତିତ''** |
| ଟି ଇ ଭି | **''ପ୍ରଭୁଯୀଶୁଙ୍କ ସହିତ ମୋର ମିଳନ ମୋତେ ନିଶ୍ଚୟ ଜ୍ଞାନ ଦିଏ''** |
| ଏନ୍ ଜେ ବି | **''ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣଭାବେ ଅବଗତ ଅବଶ୍ୟ ଏବଂ ମୁଁ ପ୍ରଭୁଯୀଶୁଙ୍କ ପାଇଁ କଥା କହେ''** |

ଏହା, ସମ୍ପୂର୍ଣ୍ଣ କର୍ତ୍ତୃବାଚକ ଆକୃତି ''ଓଇଡ଼ା''ର, ଯାହା ଏକ ସମ୍ପୂର୍ଣ୍ଣ କର୍ମବାଚକ ନିର୍ଣ୍ଣୟମ୍ବକ କ୍ରିୟା ସହିତ ବର୍ତ୍ତମାନ କାଳର ଅର୍ଥରେ ବ୍ୟବହୃତ ହୋଇଥିଲା । ଆକ୍ଷରିକ ଭାବେ ଏହାର ଅର୍ଥ ''ମୁଁ ଜାଣିବାରେ ଲାଗି ରହେ ଏବଂ ଲାଗି ରହି ଆସିଅଛି ଏବଂ ନିଶ୍ଚୟ ଜ୍ଞାନ ପାଇବାକୁ ଲାଗି ରହିବି । ଏହା ୫ପଦ ଖ ଏବଂ ୨୨-୨୩ରେ ଥିବା ସତ୍ୟର ପୁନଃମନ୍ତବ୍ୟ ଅଟେ । ବିଶ୍ୱାସୀମାନଙ୍କର ଆତ୍ମିକ ବିଷୟମାନର ବୁଝାମଣା, ସେମାନଙ୍କର ପବିତ୍ର ଆତ୍ମାଙ୍କ ମାଧ୍ୟମରେ ଯୀଶୁଙ୍କ ସହିତ ସମ୍ପର୍କରୁ ଆସେ । ସେମାନଙ୍କ ଥିବା ଆଲୋକରେ ସେମାନେ ବାସ କରିବା ଉଚିତ ।

▣ **''କୌଣସି ବିଷୟ ନିଜେ ଅଶୁଚି ନୁହେଁ''** ଏହି ସମାନ ସତ୍ୟ ପ୍ରେରିତ ୧୦:୯-୧୬ରେ ଦୃଷ୍ଟାନ୍ତରେ ପ୍ରକାଶ କରାଯାଇଛି । ବିଷୟଗୁଡ଼ିକ ମନ୍ଦ ନୁହନ୍ତି, ଲୋକମାନେ ମନ୍ଦ ଅଟନ୍ତି । ସୃଷ୍ଟିରେ କିଛି ଭିତରେ ଓ ନିଜେ ମନ୍ଦ ନୁହେଁ । (୨୦ପଦ, ମାର୍କ ୭:୧୮-୨୩, ୧ କରିନ୍ଥୀ ୧୦:୨୫-୨୬, ୧ ତୀମଥି ୪:୪, ଓ ତିତସ ୧:୧୫) ।

▣ **''କିନ୍ତୁ ଯେଉଁ ଜଣ କୌଣସି ପଦାର୍ଥକୁ ଅଶୁଚି ବୋଲି ଜ୍ଞାନ କରେ, କେବଳ ତାହାର ପ୍ରତି ତାହା ଅଶୁଚି''** ଏହା ଧର୍ମ ଦୃଷ୍ଟିରୁ ଅଶୁଚି ବୁଝାଏ । ବିଶ୍ୱାସୀମାନେ ସେମାନଙ୍କର ବିବେକ ଦ୍ୱାରା ସେମାନଙ୍କ କାର୍ଯ୍ୟକଳାପ ମୂଲ୍ୟାୟନ କରିବା ଉଚିତ । (୫, ୨୨-୨୩ ପଦମାନ) । ଏପରିକି ଯଦି ସେମାନେ ଏକ ବିଷୟ ବା କାର୍ଯ୍ୟ ବିଷୟରେ ଭୁଲ ସମ୍ବାଦ ଲାଭ କଲେ, ସେମାନଙ୍କ ଈଶ୍ୱରଙ୍କ ସମ୍ମୁଖରେ ଥିବା ଆଲୋକରେ ଚାଲିବା ଉଚିତ । ସେମାନେ ମଧ୍ୟ ଅନ୍ୟ ବିଶ୍ୱାସୀମାନଙ୍କୁ ସେମାନଙ୍କର ଆଲୋକରେ ବିଚାର କରିବା ଅନୁଚିତ । ବିଶେଷତଃ, ଅନିଶ୍ଚିତ ଅଞ୍ଚଳମାନଙ୍କରେ (୧୪:୧,୩,୪,୧୦,୧୩)

**୧୪:୧୫ ''କାରଣ ତୁମ୍ଭର ଭାଇ ଯଦି ଖାଦ୍ୟ ହେତୁ ଦୁଃଖିତ ହୁଏ''** ଏହା ଏକ ପ୍ରଥମ ଶ୍ରେଣୀ ସର୍ତ୍ତମୂଳକ ବାକ୍ୟ ଯାହା ଲେଖକଙ୍କ ଦୃଷ୍ଟି କୋଣରୁ ବା ତାଙ୍କ ସାହିତ୍ୟିକ ଉଦ୍ଦେଶ୍ୟ ସମୂହ ହେତୁ ସତ୍ୟ ବୋଲି ସାବ୍ୟସ୍ତ କରାଯାଇଅଛି । ପ୍ରେମ, ଅଧିକାର ସମୂହ ନୁହେଁ, ଦାୟିତ୍ୱ, ସ୍ୱାଧୀନତା ନୁହେଁ, ଯାହା ଆମର ଜୀବନ ଶୈଳୀକୁ ସ୍ଥିରକୃତ କରେ ।

ଏହା ହୁଏତ (୧) ଯିହୁଦୀ ଖାଦ୍ୟ ସମ୍ବନ୍ଧୀୟ ନିୟମ (ବ୍ୟବସ୍ଥା) (ଲେବୀ୧୧) ବା (୨) ଦେବତାମାନଙ୍କ ନିକଟରେ ଉତ୍ସର୍ଗୀକୃତ ମାଂସ (୧ କରିନ୍ଥୀ ୮-୧୦) ସହିତ ସମ୍ପୃକ୍ତ ଅଟେ । ୨୦ ପଦ ଏହା ବହୁତ ପରିଷ୍କାର ଭାବେ ପ୍ରକାଶ କରେ ।

▣ **''ତୁମ୍ଭେ ଆଉ ପ୍ରେମରେ ଆଚରଣ କରୁ ନାହଁ''** ଏହା ଅନେକ ସମୟରେ ''ସ୍ୱାଧିନତାର ନିୟମ (ବ୍ୟବସ୍ଥା) ନାମରେ ନାମିତ (ଯାକୁବ ୧:୨୫, ୩:୧୨), ''ରାଜକୀୟ ନିୟମ'' (ଯାକୁବ ୨:୮) ବା ''ଖ୍ରୀଷ୍ଟଙ୍କ ନିୟମ'' (ଗାଲାତୀ ୬:୨) । ସେଥିରେ ଅଛି ନୂତନ ଚୁକ୍ତିର ଦାୟିତ୍ୱମାନ ଓ ଚାଳନା ଧାଡ଼ିମାନ !

▣

| | |
|---|---|
| ଏନ୍ ଏ ଏସ୍ ବି, ଏନ୍ କେ ଜେ ଭି | **''ଯାହା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ, ତାହାକୁ ତୁମ୍ଭେ ତୁମ୍ଭର ଖାଦ୍ୟ ଦ୍ୱାରା ବିନାଶ କର ନାହିଁ''** |
| ଏନ୍ ଆର୍ ଏସ୍ ଭି | **''ଯାହା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ, ତାହାର ବିନାଶର କାରଣ, ତୁମେ ଯାହା ଭୋଜନ କର ତାହା ହେବାକୁ ଦିଅ ନାହିଁ''** |
| ଟି ଇ ଭି | **''ଯାହା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ, ତାହାର ବିନାଶ କରିବାକୁ ତୁମର ଭୋଜନ କରୁଥିବା ଖାଦ୍ୟକୁ ଅନୁମତି ଦିଅ ନାହିଁ''** |
| ଏନ୍ ଜେ ବି | **''ତୁମେ ନିଶ୍ଚିତ ଭାବେ ଯାହା ଇଚ୍ଛା କର ତାହା ଖାଇବାକୁ ସ୍ୱାଧିନ ନୁହଁ, ଯଦି ତାହା, ଜଣକର ପତନର ମାଧ୍ୟମ ହୁଏ, ଯାହା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ ଭୋଗ କରିଅଛନ୍ତି''** |

ଏହା ଏକ ବର୍ତ୍ତମାନ ଅନୁଜ୍ଞାସୂଚକ, ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ ଅଛି, ଯାହା ପୂର୍ବ ପ୍ରକ୍ରିୟାକୁ ବନ୍ଦ କରିବା ବିଷୟ ସାଧାରଣ ଭାବେ ବୁଝାଏ । ଏହା ଏକ ବଳିଷ୍ଠ ଖଣ୍ଡବାକ୍ୟ । କେତେକ ଖ୍ରୀଷ୍ଟିୟାନଙ୍କର ସ୍ୱାଧୀନତା ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ବିନାଶର କାରଣ ହେବା ଉଚିତ ନୁହେଁ । ଏହା ପରିତ୍ରାଣର କ୍ଷତିକୁ (ହରାଇବା) ବୁଝାଏ ନାହିଁ, ମାତ୍ର ଶାନ୍ତି, ନିଶ୍ଚୟତା ଏବଂ ଫଳପ୍ରଦ ସେବାକାର୍ଯ୍ୟକୁ ହରାଇବାକୁ ବୁଝାଇଥାଏ । ଏଫ୍ ସି ବ୍ରୁସ୍ଙ୍କ ପ୍ରଶ୍ନମାନର ଉତ୍ତରସମୂହ ୮୮-୮୯ ପୃଷ୍ଠା ଦେଖ ।

‘‘ବିନାଶ’’ ଶବ୍ଦର ଗ୍ରୀକ୍ ଶବ୍ଦ ହେଉଛି ଲୁପେଓ, ଯାହାର ଅର୍ଥ ‘‘ଗଭୀରମନକଷ୍ଟ, ଦୁଃଖ ବା ବେଦନାର କାରଣ’’ (୭୦ରେ ସମାନ) ପାଉଲ ଏହି ଶବ୍ଦ ଅଧିକ ୨ କରିନ୍ଥୀୟରେ ବ୍ୟବହାର କରନ୍ତି (୨:୨,୪,୫, ୬:୧୦, ୭:୮,୯,୧୧) । ବିନାଶ ଅତି ବଳିଷ୍ଠ ଏକ ଅନୁବାଦ ଅଟେ । ଏହା ପରିତ୍ରାଣ ହରାଇବା, ବୁଝାଏ ନାହିଁ, ମାତ୍ର ବିରୋଧକାରୀ ଜଣକ ବ୍ୟକ୍ତିଗତ ବିଶ୍ୱାସବୋଧ ସବୁ ଉପରେ ପବିତ୍ର ଆତ୍ମାଙ୍କ ବିଶ୍ୱାସବୋଧ ଦେବା, ଯଦି ବିଶ୍ୱାସୀମାନଙ୍କ କାର୍ଯ୍ୟସମୂହ ବିଶ୍ୱାସରୁ ଜାତ ନ ହୁଏ, ସେ ସବୁ ପାପ ହୁଏ (୨୩ ପଦ)

**୧୪:୧୬**

| | |
|---|---|
| **ଏନ୍ ଏ ଏସ୍ ବି** | **‘‘ତୁମ୍ଭମାନଙ୍କ ପାଇଁ ଯାହା ଏକ ଉତ୍ତମ ବିଷୟ, ତାହା ମନ୍ଦ ବୋଲି କୁହାଯିବାକୁ ଦିଅ ନାହିଁ’’** |
| **ଏନ୍ କେ ଜେ ଭି, ଏନ୍ ଆର୍ ଏସ୍ ଭି** | **‘‘ତୁମ୍ଭମାନଙ୍କର ଉତ୍ତମ ବିଷୟ ମନ୍ଦ ବୋଲି କୁହା ନ ଯାଉ’’** |
| **ଟି ଇ ଭି** | **‘‘ତୁମ୍ଭେମାନେ ଯାହା ଉତ୍ତମ ବୋଲି ମାନି ଆସିଅଛ, ତାହା ଏକ ମନ୍ଦ ନାମ ପାଇବାକୁ ଦିଅ ନାହିଁ’’** |
| **ଏନ୍ ଜେ ବି** | **‘‘ତୁମ୍ଭମାନଙ୍କର ସୁଯୋଗକୁ ସାଲିସ୍ କରିବା ଉଚିତ ନୁହେଁ’’** |

ଏହା ଏକ ବର୍ତ୍ତମାନ କର୍ମବାଚକ ଅନୁଜ୍ଞାସୂଚକ ଅଟେ, ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ, ଯାହା ପୂର୍ବ ପ୍ରକ୍ରିୟାରତ ତାହା ବନ୍ଦ କରିବା ବୁଝାଏ । ସ୍ୱାଧିନତା ସହଜରେ ଅନୁମତି ଦେବାରେ ପରିଣତ ହୁଏ !

ଏହି ‘‘ଉତ୍ତମ ବିଷୟମାନ’’ ଏହି ପଦରେ ବଳିଷ୍ଠ ବିଶ୍ୱାସୀର କାର୍ଯ୍ୟସମୂହକୁ ବୁଝାଏ । ଯଦି ଏକ ବଳିଷ୍ଠ ଖ୍ରୀଷ୍ଟିୟାନ ତାହାର ସ୍ୱାଧୀନତାକୁ ଏପରି ଏକ ବାଟରେ ବ୍ୟବହାର କରେ ଯେ, ଦୁର୍ବଳ ବିଶ୍ୱାସୀମାନେ ନାସ୍ତିବାଚକ ଭାବେ ପ୍ରଭାବିତ ଓ ଆତ୍ମିକ ଭାବେ କ୍ଷତିଗ୍ରସ୍ତ ହୁଅନ୍ତି, ‘‘ଉତ୍ତମ ବିଷୟ’’, ମନ୍ଦ ବ୍ୟକ୍ତି ପାଇଁ ଏକ ସୁଯୋଗରେ ପରିଣତ ହୁଏ ।

ଏହି ପଦ, ଖ୍ରୀଷ୍ଟିୟାନମାନେ କିପରି ପରସ୍ପର ସହିତ ବ୍ୟବହାର କରିବେ ତାହାର ଲକ୍ଷ୍ୟକୁ ଅବିଶ୍ୱାସୀମାନଙ୍କ ପାଇଁ ଏକ ଚିନ୍ତାଶୀଳ ହେବାର ସମ୍ଭାବନାକୁ ପରିବର୍ତ୍ତନ କରାଗଲା ପରି ମନେହୁଏ (୧୮ ପଦ) କ୍ରିୟା ପଦ ‘‘ନିନ୍ଦା’’ (କୁହାଯାଇଛି) ଶବ୍ଦରୁ ଆସିଛି, ଯାହା ସାଧାରଣତଃ ଅବିଶ୍ୱାସୀମାନଙ୍କ ବିଷୟରେ ବ୍ୟବହାର କରାଯାଇଅଛି ।

**୧୪:୧୭ ‘‘ଈଶ୍ୱରଙ୍କ ରାଜ୍ୟ’’** ରୋମୀୟ ପୁସ୍ତକରେ ଏହି ଖଣ୍ଡବାକ୍ୟର ବ୍ୟବହାର କେବଳ ଏହା ଅଟେ । ଏହା ଏକ ବାରମ୍ବାର କହୁଥିବା ଯୀଶୁଙ୍କ ପ୍ରସଙ୍ଗ ଅଟେ । ଏହା ଏକ ବାସ୍ତବତା ଏଠାରେ ଏବଂ ବର୍ତ୍ତମାନ ଯେପରି ଏକ ଭବିଷ୍ୟତ ସମାପନ ରୂପେ ବ୍ୟବହୃତ (ମାଥିଉ ୬:୧୦) ।

ଖ୍ରୀଷ୍ଟଙ୍କ ଶରୀରର ସମଷ୍ଟିଗତ ଜୀବନ, ବ୍ୟକ୍ତିଗତ ସ୍ୱାଧିନତାମାନର କାର୍ଯ୍ୟକାରୀତା ତୁଳନାରେ ବହୁତ ଅଧିକ ମୂଲ୍ୟବାନ । ବିଶେଷ ପ୍ରସଙ୍ଗ ନିମ୍ନରେ ଦେଖ ।

**ବିଶେଷ ପ୍ରସଙ୍ଗ : ଈଶ୍ୱରଙ୍କ ରାଜ୍ୟ**

ପୁରାତନ ନିୟମରେ ଯାୟେହ, ଇସ୍ରାଏଲର ରାଜରୂପେ ଚିନ୍ତା କରାଯାଇଥିଲା (୧ ଶାମୁ ୮:୭, ଗୀତ ୧୦:୧୬, ୨୪:୭-୯, ୨୯:୧୦, ୪୪:୪, ୮୯:୧୮, ୯୫:୩, ଯିଶା ୪୩:୧୫, ୪୪:୪,୬) ଏବଂ ମଶୀହ ଏକ ଆଦର୍ଶ ରାଜା ରୂପେ (ଗୀତ ୨:୬, ଯିଶା ୯:୬-୭, ୧୧:୧-୫) । ବେଥଲିହିମରେ ଯୀଶୁଙ୍କ ଜନ୍ମ ଦ୍ୱାରା (୬-୪ ଖ୍ରୀଷ୍ଟପୂର୍ବ) ଈଶ୍ୱରଙ୍କ ରାଜ୍ୟ ମାନବ ଇତିହାସ ମଧ୍ୟକୁ ନୂତନ ଶକ୍ତି ଓ ମୁକ୍ତି ନେଇ ପ୍ରବେଶ କଲା (ନୂତନ ଚୁକ୍ତି (ନିୟମ) ଯିରିମିୟ ୩୧:୩୧-୩୪, ଯିହିଜିକଲ ୩୬:୨୭-୩୬) । ବାପ୍ତିଜକ ଯୋହନ ରାଜ୍ୟ ସନ୍ନିକଟ ଘୋଷଣା କଲେ (ମାଥିଉ ୩:୨, ମାର୍କ ୧:୧୫) । ଯୀଶୁ ସ୍ପଷ୍ଟ ରୂପେ ଶିକ୍ଷା ଦେଲେ ଯେ, ତାହାଙ୍କ ନିଜଠାରେ ଓ ତାହାଙ୍କ ଶିକ୍ଷାସମୂହରେ ରାଜ୍ୟ ଉପସ୍ଥିତ ଥିଲା (ମାଥିଉ ୪:୧୭,୨୩, ୯:୩୫, ୧୦:୭, ୧୧:୧୧-୧୨, ୧୨:୨୮, ୧୬,୧୯ ମାର୍କ ୧୨:୩୪, ଲୂକ ୧୦:୯,୧୧, ୧୧:୨୦, ୧୨:୩୧-୩୨, ୧୬:୧୬, ୧୭:୨୧) । ତଥାପି ଭବିଷ୍ୟତ୍‌ରେ ମଧ ରାଜ୍ୟ ଅଛି (ମାଥିଉ ୧୬:୨୮, ୨୪:୧୪,୨୬,୨୯, ମାର୍କ ୯:୧, ଲୂକ ୨୧:୩୧, ୨୨:୧୬,୧୮) ।

ପ୍ରଥମ ତିନି ମଙ୍ଗଳ ସମାଚାରରେ ମାର୍କରେ ଏବଂ ଲୂକରେ ଆମେ ଏହି ଖଣ୍ଡବାକ୍ୟ ‘‘ଈଶ୍ୱରଙ୍କ ରାଜ୍ୟ’’ ପାଇଥାଉ । ଯୀଶୁଙ୍କର ଏହି ସାଧାରଣ ପ୍ରସଙ୍ଗ ମାନବ ହୃଦୟମାନଙ୍କରେ ଈଶ୍ୱରଙ୍କ ରାଜତ୍ୱ ଉପସ୍ଥିତ ଥିବା ଶିକ୍ଷାମାନ ଅନ୍ତର୍ଗତ କରେ, ଯାହା ଦିନେ ସମୁଦାୟ ପୃଥିବୀ ଉପରେ ସମାପନ ହେବ । ଏହା ମାଥିଉ ୬:୧୦ରେ ଯୀଶୁଙ୍କ ପ୍ରାର୍ଥନାରେ ପ୍ରତିଫଳିତ । ମାଥିଉ, ଯିହୁଦୀମାନଙ୍କ ପାଇଁ ଲିଖିତ ଈଶ୍ୱରଙ୍କ ନାମ ବ୍ୟବହାର ନ କରି (ସ୍ୱର୍ଗରାଜ୍ୟ) ବୋଲି ଖଣ୍ଡବାକ୍ୟ ବ୍ୟବହାର କରିବାକୁ ଇଚ୍ଛା କଲେ । ମାର୍କ ଓ ଲୂକ ଯେତେବେଳେ ବିଜାତୀମାନଙ୍କୁ ଲେଖୁଅଛନ୍ତି ସାଧାରଣ ପଦଯୁକ୍ତ ନାମ ଈଶ୍ୱରଙ୍କ ନାମ ବ୍ୟବହାର କର ।

ଏହା ତିନି ମଙ୍ଗଳ ସମାଚାରରେ ଏକ ମୁଖ୍ୟ ପଦ । ଯୀଶୁଙ୍କର ପ୍ରଥମ ଓ ଶେଷ ଉପଦେଶମାନ ଏବଂ ତାଙ୍କର ଅଧିକାଂଶ ଦୃଷ୍ଟାନ୍ତମାନ ଏହି ପ୍ରସଙ୍ଗ ନେଇ ବ୍ୟବହାର କରାଯାଇଅଛି । ଏହା ବର୍ତ୍ତମାନ ମାନବ ହୃଦୟ ମାନଙ୍କରେ ଈଶ୍ୱରଙ୍କ ରାଜତ୍ୱକୁ ବୁଝାଏ । ଏହା ଆଚମ୍ଭିତ କରିବା ବିଷୟ ଯେ, ଯୋହନ କେବଳ ଦୁଇ ଥର ଏହି ଖଣ୍ଡବାକ୍ୟ ବ୍ୟବହାର କରନ୍ତି (ଏବଂ ଯୀଶୁଙ୍କ ଦୃଷ୍ଟାନ୍ତରେ କେବେ ମଧ ନୁହେଁ) । ଯୋହନଙ୍କ ସୁସମାଚାରରେ ‘‘ଅନନ୍ତ ଜୀବନ’’ ହେଉଛି ମୁଖ୍ୟ ଦୃଷ୍ଟାନ୍ତ ।

ଖ୍ରୀଷ୍ଟଙ୍କ ଦୁଇଟି ଆଗମନ ଦ୍ୱାରା ଏହି ଖଣ୍ଡବାକ୍ୟ ଏକ ଗଭୀର ଚିନ୍ତାର କାରଣ ହେଲା । ପୁରାତନ ନିୟମ କେବଳ ଈଶ୍ୱରଙ୍କ ମଶୀହ ରୂପେ ଏକମାତ୍ର ଆଗମ - ଏକ ଯୁଦ୍ଧଭିତ୍ତିକ, ବିଚାର ବିଷୟ, ଗୌରବମୟ ଆଗମନ ଉପରେ ଆଲୋକପାତ କଲା - ମାତ୍ର ନୂତନ ନିୟମ ଦର୍ଶାଏ ଯେ, ସେ ପ୍ରଥମଥର ଯିଶାଇୟ ୫୩ର କ୍ଲେଶଭୋଗୀ ଦାସ ରୂପେ ଏବଂ ଯିଖରିୟ ୯:୯ର ନମ୍ର ରାଜା ରୂପେ ଆସିଲେ । ଦୁଇଟି ଯିହୁଦୀ ଯୁଗମାନ, ଦୁଷ୍ଟତାର ଯୁଗ ଓ ଧାର୍ମିକତାର ନୂତନ ଯୁଗ ପରସ୍ପର ଉପରେ ମାଡ଼ି ଗଲେ । ଯୀଶୁ ଏବେ ବିଶ୍ୱାସୀମାନଙ୍କ ହୃଦୟରେ ରାଜତ୍ୱ କରନ୍ତି, ମାତ୍ର ଦିନେ ସମୁଦାୟ ସୃଷ୍ଟି ଉପରେ ରାଜତ୍ୱ କରିବେ । ସେ ଆସିବେ ଯେପରି ପୁରାତନ ନିୟମ ଭବିଷ୍ୟତ୍‌ବାଣୀ ପ୍ରକାଶ କରିଥିଲା । ବିଶ୍ୱାସୀମାନେ ଈଶ୍ୱରଙ୍କ ରାଜ୍ୟ ‘‘ଆସିଯାଇଛି’’ ଓ ‘‘ଆସି ପହଞ୍ଚିବାକୁ ଅଛି’’ ମଧ୍ୟରେ ବାସ କରୁଛନ୍ତି (ଗୋର୍ଡନ ଡି ଫି ଏବଂ ଡଗ୍‌ଲାସ ସ୍ଟିୱାର୍ଟଙ୍କ ‘‘ସମ୍ପୂର୍ଣ୍ଣ ମୂଲ୍ୟ ସହ କିପରି ବାଇବଲ ପଢ଼ିବା’’ ୧୩୧-୧୩୪ ପୃଷ୍ଠାରୁ ଉଦ୍ଧୃତ)

▣ **''କିନ୍ତୁ ଧାର୍ମିକତା, ଶାନ୍ତି ଓ ପବିତ୍ର ଆତ୍ମାଙ୍କଠାରେ ଆନନ୍ଦ''** ସେ ହେଉଛନ୍ତି ପବିତ୍ର ଆତ୍ମା ଯେ ଏହି ସମସ୍ତ ଗୁଣ ବ୍ୟକ୍ତିଗତ ବିଶ୍ୱାସୀମାନଙ୍କୁ ଓ ବିଶ୍ୱାସକାରୀ ସମ୍ପ୍ରଦାୟଙ୍କୁ ପ୍ରଦାନ କରନ୍ତି । ଏହି ସମସ୍ତ ହେଉଛି ବାହ୍ୟ ଓ ଆଭ୍ୟନ୍ତରୀଣ ଈଶ୍ୱରଙ୍କ ପରିବାରର ଚାରିତ୍ରିକ ଗୁଣସମୂହ ।

''ଧାର୍ମିକତା'' ଶବ୍ଦ ଏଠାରେ ଏକ ବିଶେଷ ଅର୍ଥରେ ପାଉଲଙ୍କ ଦ୍ୱାରା ବ୍ୟବହୃତ ହୋଇଅଛି । ବିଶେଷ ପ୍ରସଙ୍ଗ ୧:୧୭ରେ ଦେଖ । ସାଧାରଣତଃ ତାଙ୍କ ପାଇଁ ଏଠାରେ ଧାର୍ମିକତା ଏହା ବିଶ୍ୱାସୀର କ୍ଷମା ଓ ଖ୍ରୀଷ୍ଟଙ୍କଠାରେ ଠିଆ ହେବାର ବିଷୟ ଈଶ୍ୱରଙ୍କ ଦ୍ୱାରା ଏକ ନ୍ୟାୟସଙ୍ଗତ (ଆଇନଗତ) ଘୋଷରା ବୋଲି ବର୍ଣ୍ଣନା କରେ (୩:୨୧-୩୧,୪) ।

ପାପପୂର୍ଣ୍ଣ ମାନବଜାତି କେବଳ ଧାର୍ମିକ ରୂପେ ଗଣନା ହୁଏ ନାହିଁ, ସେମାନେ ଧାର୍ମିକତାରେ ପରିଣତ ହେବେ । ଏହା ଉଭୟ ଏକ ଦାନ ଏବଂ ଏକ ଲକ୍ଷ୍ୟସ୍ଥଳ । ସୂଚନାଦାୟକ ଓ ଅନୁଜ୍ଞାମୂଳକ, ବିଶ୍ୱାସର ଏକ କର୍ମ ଏବଂ ବିଶ୍ୱାସର ଏକ ଜୀବନ । ବିଶେଷ ପ୍ରସଙ୍ଗ ଦେଖ ୬:୪ରେ ।

**୧୪:୧୮** ବିଶ୍ୱାସୀମାନେ ଦୁର୍ବଳ ବିଶ୍ୱାସୀମାନଙ୍କ ପାଇଁ ସେମାନଙ୍କୁ ସ୍ୱାଧିନତା ସବୁକୁ ସ୍ୱ-ସୀମାବଦ୍ଧ କରିବା ହେଉଛି ସ୍ୱୟଂ ଖ୍ରୀଷ୍ଟଙ୍କ ଏକ ପ୍ରତି ସେବା ଅଟେ । ଯେଉଁମାନଙ୍କ ନିମନ୍ତେ ସେ ମୃତ୍ୟୁଭୋଗ କଲେ ସେମାନଙ୍କୁ ପ୍ରେମ କରିବା, ସେମାନଙ୍କ ଯତ୍ନ ନେବା, ସେମାନଙ୍କୁ ସୁରକ୍ଷା ଦେବାଠାରୁ ବଳିଷ୍ଠତର ଉପାୟରେ ଯୀଶୁଙ୍କ ପାଇଁ ଆମ ପ୍ରେମ ପ୍ରଦର୍ଶନ କରିବା ପଥ ନାହିଁ ।

▣ **''ମନୁଷ୍ୟମାନଙ୍କ ନିକଟରେ ପରୀକ୍ଷାସିଦ୍ଧ''** ଏହା ସୂଚାଇବାର ଏକ ଉପାୟ ହୋଇପାରେ ଯେ, ଖ୍ରୀଷ୍ଟିୟାନର ପ୍ରେମ ପରସ୍ପର ପାଇଁ, ଅବିଶ୍ୱାସୀ ସମ୍ପ୍ରଦାୟ ପ୍ରତି ସେବାକାର୍ଯ୍ୟ ଓ ସାକ୍ଷ୍ୟର ଦ୍ୱାର ଉନ୍ମୁକ୍ତ କରିପାରେ । (୧୬ ପଦ, ୨ କରନ୍ଥୀ ୮:୨୧, ୧ ପିତର ୨:୧୨) । ଆମ୍ଭେମାନେ ବିଶ୍ୱାସର ସମ୍ପ୍ରଦାୟ ମଧ୍ୟରେ ପରିସ୍ପର ସହିତ କିପ୍ରକାର ବ୍ୟବହାର କରୁ, ତାହା ହେଉଛି ଆସ୍ତିବାଚକଭାବେ କିଅବା ନାସ୍ତିବାଚକଭାବେ ଏକ ଶକ୍ତିଶାଳୀ ସାକ୍ଷ୍ୟ ଅଟେ ।

**୧୪:୧୯ ''ଆମ୍ଭେମାନେ ଅନୁଗମନ କରୁ''** ''ଡିଓକୋଓ'' ଏକ ପୁରାତନ ନିୟମ ''ରୂଢ଼ୋକ୍ତି'' ସେପ୍ଟୁଆଜିଣ୍ଟରେ ସାଧାରଣ ଏବଂ ପାଉଲଙ୍କ ଲେଖାଗୁଡ଼ିକରେ ମଧ୍ୟ ସାଧାରଣ, ଏହା ବୁଝାଏ ''ଆଗ୍ରହ ସହକାରେ ଅନୁଗମନ କରିବା'' ବା ''ହାସଲ କରିବାକୁ ବ୍ୟାକୁଳିତ ହୋଇ ଉଦ୍‌ଯୋଗୀ ହେବା'' । ପାଉଲ ରୋମୀ ୯:୩୦,୩୧, ୧୨:୧୩ରେ ଏହି ଶବ୍ଦ ବ୍ୟବହାର କରନ୍ତି ଏବଂ ଏଠାରେ ''ପଶ୍ଚାତ୍‌ଗମନ'' ଅର୍ଥରେ, ମାତ୍ର ୧୨:୧୪ରେ ବିଶ୍ୱାସୀମାନଙ୍କ ତାଡ଼ନାକାରୀମାନଙ୍କ ପାଇଁ (୧ କରନ୍ଥୀ ୪:୧୨ ଏପରିକି ଆପଣାର ୧୫:୯, ୨ କରନ୍ଥୀ ୪:୯, ଗାଲାତୀ ୧:୧୩,୨୩, ଫିଲିପୀ ୩:୬)

ଏହା ହୁଏତ ଏକ ବର୍ତ୍ତମାନ କର୍ତ୍ତୃବାଚକ ସୂଚନାଦାନକାରୀ (ଏମ୍‌ଏସ୍‌ଏସ୍ ଏନ୍,ଏ,ବି,ଏଫ୍,ଜି,ଏଲ୍ ଓ ପି) କିଅବା ଏକ ଏକ ବର୍ତ୍ତମାନ କର୍ତ୍ତୃବାଚକ ସମ୍ଭାବନାର୍ଥକ (ଏମ୍‌ଏସ୍‌ଏସ୍‌ସିଡି) ଏକ ଅନୁଜ୍ଞାସୂଚକର ଅର୍ଥରେ ବ୍ୟବହାର କରାଯାଇଛି । ୟୁବିଏସ୍୪ ଏହାର ଶାସ୍ତ୍ରାଂଶରେ ସମ୍ଭାବନାର୍ଥକ ବିଷୟ ରଖେ, ମାତ୍ର ଏାକୁ ପ୍ରତି ମୂଲ୍ୟ ପ୍ରଦାନ କରେ (ବହୁତ କଷ୍ଟରେ) ଖ୍ରୀଷ୍ଟିୟାନ ଯେଉଁ ବିଷୟଗୁଡ଼ିକର ପଶ୍ଚାତ୍‌ଧାବନ କରିବା ଉଚିତ ତାହା ଲକ୍ଷ୍ୟ କର

୧. ଆତିଥ୍ୟସତ୍କାର ୧୨:୧୩
୨. ଯେଉଁ ସମସ୍ତ ବିଷୟ ଶାନ୍ତିକାରକ ଏବଂ ପରସ୍ପରକୁ ଗଢ଼ିତୋଳି ଥାଏ ୧୪:୧୯
୩. ପ୍ରେମ ୧ କରନ୍ଥୀ ୧୪:୧
୪. ଖ୍ରୀଷ୍ଟ ସାଦୃଶ୍ୟତା ଫିଲିପୀ ୩:୧୨,୧୪
୫. ଏକଆରେକ ନିମନ୍ତେ ଏବଂ ସମସ୍ତ ଲୋକଙ୍କ ନିମନ୍ତେ ଯାହା ମଙ୍ଗଳଜନକ ୧ ଥେସଲ ୫:୧୫
୬. ଧାର୍ମିକତା, ଈଶ୍ୱରପରାୟଣତା, ବିଶ୍ୱାସ, ପ୍ରେମ, କର୍ମନିଷ୍ଠତା ଏବଂ ଭଦ୍ରତା ୧ ତୀମଥି ୬:୧୧
୭. ଧାର୍ମିକତା, ବିଶ୍ୱାସ, ପ୍ରେମ ଓ ଶାନ୍ତି, ଯେଉଁ ସମସ୍ତ ସହ ଏକ ପବିତ୍ର ହୃଦୟରୁ ଜଣେ ପ୍ରଭୁଙ୍କୁ ଡାକପକାଏ ୨ ତୀମଥି ୨:୨୨ ।

▣ **''ଯେ ଯେ ବିଷୟ ଶାନ୍ତିଜନକ, ଆଉ ଯେ ଯେ ବିଷୟ ଦ୍ୱାରା ପରସ୍ପରର ନିଷ୍ଠା ହୁଏ''** ସର୍ବ ବିଷୟରେ ଏହା ବିଶ୍ୱାସୀମାନଙ୍କର ଲକ୍ଷ୍ୟ ସ୍ଥଳ ହେବା ଉଚିତ (ଗୀତ ୩୪:୧୪, ଏବ୍ରୀ ୧୨:୧୪) । ଜଣକର ବ୍ୟକ୍ତିଗତ ସ୍ୱାଧୀନତା ଏବଂ ପରମାର୍ଥିକ ବୁଝାମଣା ଖ୍ରୀଷ୍ଟଙ୍କ ଶରୀରର ସ୍ଥିରତା ଓ ବୃଦ୍ଧି ଆଡ଼କୁ କଢ଼ାଇ ନେବା ଉଚିତ (୧୫:୨, ୧ କରନ୍ଥୀ ୬:୧୨, ୧୪:୨୬, ଏଫିସୀ ୪:୧୨) । ବିଶେଷ ପ୍ରସଙ୍ଗ ଦେଖ : ୧୫:୨ରେ ନିଷ୍ଠା ପ୍ରକାଶ କର ।

**୧୪:୨୦ ''ଈଶ୍ୱରଙ୍କ କର୍ମ ନଷ୍ଟ କର ନାହିଁ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ ଅନୁଜ୍ଞାସୂଚକ, ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ ରହିଅଛି, ଯାହା ଏକ ଅଗ୍ରଗତିର କାର୍ଯ୍ୟ ବନ୍ଦ କରିବା ବୁଝାଏ । ଏହା ଏକ ବଳିଷ୍ଠ ମିଶ୍ରିତ କ୍ରିୟା (କାଟ+ଲୁଓ) । ପାଉଲଙ୍କର ଲେଖାରେ ଏହା କେବଳ ତିନିଥର ବ୍ୟବହୃତ ହୋଇଅଛି (୨ କରନ୍ଥୀ ୫:୧, ମୃତ୍ୟୁ ନିମନ୍ତେ ଏବଂ ଗାଲାତୀ ୨:୧୮, ଏଠାରେ ବିନାଶ କରିବା ଅର୍ଥରେ) । ୧୯ ପଦରେ ''ଗଢ଼ିତୋଳ'' ଏବଂ ଯେଉଁ ଶବ୍ଦର ଆକ୍ଷରିକ ଅର୍ଥ ''ନଷ୍ଟ କରିବା'' ଏହି ଦୁଇଟି ମଧ୍ୟରେ ଏଠାରେ ଏକ କ୍ରିଡ଼ା ଅଛି । ଉଭୟ ନିର୍ମାଣ କରାଯାଇଥିବା ଦୃଷ୍ଟାନ୍ତମାନ । ଏହି ପରିପ୍ରେକ୍ଷୀରେ ''ଈଶ୍ୱରଙ୍କ କାର୍ଯ୍ୟ'' କ'ଣ ? ଏହା ପରିପକ୍ୱତାକୁ ବୁଝାଏ ନାହିଁ, ମାତ୍ର ଦୁର୍ବଳ ବିଶ୍ୱାସୀମାନଙ୍କ ଜୀବନରେ ଆତ୍ମାଙ୍କ କାର୍ଯ୍ୟକଳାପ । ଏହି ଶାସ୍ତ୍ରାଂଶରେ କେଉଁଠି ହେଲେ ଅବା ୧ କରନ୍ଥୀ ୮-୧୦ରେ ପାଉଲ କହିନାହାନ୍ତି ଗୋଟିଏ ଦଳ ଅନ୍ୟଦଳକୁ ଅନୁରୂପ ହେବାକୁ ବା ପରିବର୍ତ୍ତନ କରିବାକୁ ସାହାଯ୍ୟ କରିବା ଉଚିତ ।

▣ ''ସମସ୍ତ ବିଷୟ ଅବଶ୍ୟ ଶୁଚି'' ୧୪ ପଦର ଟିପ୍‌ପଣୀ ଦେଖ ।

▣

| | |
|---|---|
| ଏନ୍‌ଏଏସ୍‌ବି | ''ମାତ୍ର ଯେଉଁ ଲୋକ ଭୋଜନ କରେ ଓ ଅପମାନ ଦିଏ, ତାହା ପାଇଁ ସେଗୁଡ଼ିକ ମନ୍ଦ'' |
| ଏନ୍‌କେଜେଭି | ''ମାତ୍ର ଯେଉଁ ମନୁଷ୍ୟ ଅପମାନସହ ଭୋଜନ କରେ, ସେହି ମନୁଷ୍ୟ ପାଇଁ ଏହା ମନ୍ଦ ଅଟେ'' |
| ଏନ୍‌ଆର୍‌ଏସ୍‌ଭି | ''ମାତ୍ର ତୁମେ ଯାହା ଭୋଜନ କର, ତାହା ଅନ୍ୟମାନଙ୍କୁ ପତିତ କରାଇଲେ ଏହା ତୁମ ପାଇଁ ଭୁଲ୍ ଅଟେ'' |
| ଟିଇଭି | ''ମାତ୍ର ଯେକୌଣସି ବିଷୟ ତୁମେ ଖାଇବା ଭୁଲ୍, ଯାହା କି କୌଣସି ବ୍ୟକ୍ତିକୁ ପାପରେ ପକାଇବାର କାରଣ ହୁଏ'' |
| ଏନ୍‌ଜେବି | ''ମାତ୍ର ଏହା ମନ୍ଦରେ ପରିଣତ ହୁଏ ଯଦି ଏହା ଭୋଜନ କରିବା ଦ୍ୱାରା ତୁମେ କୌଣସି ବ୍ୟକ୍ତିକୁ ପତିତ ହେବାକୁ ଦିଅ'' |

ଏହି ଅଧ୍ୟାୟର କେନ୍ଦ୍ରୀୟ ସତ୍ୟ ହେଉଛି ଏହି ପଦ (୧ କରନ୍ଥୀ ୧୦:୨୫-୨୬, ତିତସ ୧:୧୫)

ଏହା ପ୍ରତିମା ନିକଟରେ ମାଂସ ଉତ୍ସର୍ଗ କରିବାକୁ ବୁଝାଉଛି (୧ କରନ୍ଥୀ ୮-୧୦) । ମାଂସ ଭଲ ବା ମନ୍ଦ ନୁହେଁ, ମାତ୍ର ଯଦି ଜଣେ ଦୁର୍ବଳ ବିଶ୍ୱାସୀ, ଯେ ଭାବେ ଏହା ଅନୁପଯୁକ୍ତ, ଅନ୍ୟ ଖ୍ରୀଷ୍ଟିୟାନ ଖାଉଥିବା ଦେଖେ ଏବଂ ସେ ମଧ ଭୋଜନ କରେ, ତାହା ନୈତିକଭାବେ ନିରପେକ୍ଷ, ମନ୍ଦରେ ପରିଣତ ହୁଏ, କାରଣ ଏହା ଈଶ୍ୱରଙ୍କ ଇଚ୍ଛାର ତାହାର ବ୍ୟକ୍ତିଗତ ସଚେତନତାର ବିରୋଧ କରେ (୨୩ ପଦ) ।

ଅଧିକାଂଶ ଇଂରାଜୀ ଅନୁବାଦମାନ ଏହି ବାକ୍ୟାଂଶକୁ ''ବଳିଷ୍ଠ ଭ୍ରାତା'' ସହିତ ସମ୍ପୃକ୍ତ କରନ୍ତି, ଏଥିରେ ସେମାନଙ୍କ ଭୋଜନ ଦ୍ୱାରା ଏକ ''ଦୁର୍ବଳ ବିଶ୍ୱାସୀ ପ୍ରଭାବିତ ହେଲା । ନୂତନ ଆମେରିକୀୟ ବାଇବଲର କ୍ୟାଥୋଲିକ୍ ଅନୁବାଦ ଅନ୍ୟ ପସନ୍ଦ ପ୍ରଦାନ କରେ ଏବଂ ବାକ୍ୟାଂଶକୁ ''ଦୁର୍ବଳଭ୍ରାତା'' ସହିତ ସମ୍ପୃକ୍ତ କରେ, ମାତ୍ର ଜଣେ ଲୋକ ପାଇଁ ଏହା ଭୋଜନ କରିବା ଅନୁଚିତ । ଯେତେବେଳେ ଖାଦ୍ୟ ତାହାର ବିବେକକୁ ଅପମାନ ଦିଏ ବା ବିରୋଧ କରେ ।'' ଏହି ପରିପ୍ରେକ୍ଷୀରେ ପ୍ରଥମ ପସନ୍ଦ ସର୍ବୋତ୍ତମ ମନେହୁଏ ମାତ୍ର ଅନେକାର୍ଥକ ବା ଅସ୍ପଷ୍ଟତା ଉଦ୍ଦେଶ୍ୟପୂର୍ଣ୍ଣ ହୋଇପାରେ ଏବଂ ୨୨-୨୩ ପଦ ଯେପରି କରେ ଏହା ଉଭୟକୁ ବୁଝାଏ ।

**୧୪:୨୧** ବଳିଷ୍ଠ ''ଭ୍ରାତାମାନଙ୍କ'' ପାଇଁ ଏହି ଶବ୍ଦ ଅଟେ । ପାରମାର୍ଥିକ ବିଶ୍ୱାସବୋଧ ନିମନ୍ତେ ବାଇବଲରେ ଏହା କେବଳ ଏକମାତ୍ର ମୂଳଦୁଆ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଓ ପାନୀୟରୁ ସଂପୂର୍ଣ୍ଣ ବିରତ ରହିବା ସମୟରେ । ବଳିଷ୍ଠ ଖ୍ରୀଷ୍ଟିୟାନମାନେ ସେମାନଙ୍କ ସ୍ୱାଧୀନତାକୁ ସେମାନଙ୍କ ଖ୍ରୀଷ୍ଟିୟାନ ଭାଇ/ଭଉଣୀ ଏବଂ ବିଶ୍ୱସ୍ତ ଅନ୍ୱେଷୀମାନେ (ହଜିଯାଇଥିବା ଲୋକମାନେ) ଏପରିମାନଙ୍କ ପାଇଁ ସୀମିତ କରିବା ଉଚିତ । ଏହି ସ୍ୱ-ସୀମାବଦ୍ଧତାର ଅଧିକାଂଶ ବିଷୟ ହେଉଛି ସାଂସ୍କୃତିଗତ, ଆଞ୍ଚଳିକ ଏବଂ/ବା ସାମ୍ପ୍ରଦାୟିକ ।

ଏହି ସମସ୍ତ ଦୁଇଟି ଆଓରିଷ୍ଟ କର୍ତ୍ତୃବାଚକ କର୍ତ୍ତା ନିରପେକ୍ଷ କ୍ରିୟା ଅଟେ, ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ, ଯାହା ସୂଚନା ଦିଏ ''କେବେ ଏକ କାର୍ଯ୍ୟ ଆରମ୍ଭ କର ନାହିଁ'' । ଏହି ଆଓରିଷ୍ଟମାନେ ଯେପରି ନିର୍ଦ୍ଦିଷ୍ଟ ସମୟରେ (ବେଳାରେ) ପ୍ରୟୋଗ ହୋଇଅଛି ବୋଲି କେତେକ ଅନୁବାଦ କଲେ (୧ କରନ୍ଥୀ ୮-୧୦) ସ୍ପଷ୍ଟ ରୂପେ ଭୋଜନ ଓ ପାନ ନିଷେଧ କରାଯାଇ ନ ପାରେ ।

**୧୪:୨୨**

| | |
|---|---|
| **ଏନ୍‌ଏଏସ୍‌ବି** | **ତୁମ୍ଭର ଯେଉଁ ବିଶ୍ୱାସ ଅଛି, ତାହା ତୁମ୍ଭେ ଈଶ୍ୱରଙ୍କ ସାକ୍ଷାତରେ ତୁମ ନିଜର ବିଶ୍ୱାସବୋଧରୂପେ ଧରି ରଖ, ଯାହା ପରୀକ୍ଷା ସିଦ୍ଧ କରେ ସେଥିରେ ନିଜକୁ ଦୋଷୀ କରେ ନାହିଁ, ସେ ସୁଖୀ ଅଟେ** |
| **ଏନ୍‌କେଜେଭି** | **ତୁମର କ'ଣ ବିଶ୍ୱାସ ଅଛି ? ଈଶ୍ୱରଙ୍କ ସମ୍ମୁଖରେ ଏହା ଧରି ରଖ, ସେ ଯାହା ପରୀକ୍ଷା ସିଦ୍ଧ କରେ ସେଥିରେ ସେ ନିଜକୁ ଦୋଷୀ କରେ ନାହିଁ, ସେ ହିଁ ସୁଖୀ ଅଟେ** |
| **ଏନ୍‌ଆର୍‌ଏସ୍‌ଭି** | **ଯେଉଁ ବିଶ୍ୱାସ ତୁମର ଅଛି, ତାହା ଈଶ୍ୱରଙ୍କ ସମ୍ମୁଖରେ ତୁମର ବିଶ୍ୱାସବୋଧରୂପେ ଧରି ରଖ, ଯାହା ସେମାନେ ପରୀକ୍ଷା ସିଦ୍ଧ କରନ୍ତି, ସେଥିରେ ନିଜକୁ ଦୋଷୀ କରିବାର କୌଣସି କାରଣ ନ ଥିବାରୁ ସେମାନେ ଆଶୀର୍ବାଦପ୍ରାପ୍ତ ।** |
| **ଟିଇଭି** | **ଏହି ବିଷୟରେ ତୁମେ ଯାହା ବିଶ୍ୱାସ କର, ତାହା ଧରି ରଖ ତୁମର ଓ ଈଶ୍ୱରଙ୍କ ମଧରେ । ଯେଉଁମାନେ ଯାହା କିଛି କରନ୍ତି ଯଥାର୍ଥ ବୋଲି ବିଚାର କରନ୍ତି, ସେମାନେ ଦୋଷୀ ଅନୁଭବ କରନ୍ତି ନାହିଁ, ସେମାନେ ସୁଖୀ ଅଟନ୍ତି ।** |
| **ଏନ୍‌ଜେବି** | **''ତୁମ ନିଜ ବିଶ୍ୱାସକୁ ଧରି ରଖ ତୁମର ଓ ତୁମ ଈଶ୍ୱରଙ୍କ ମଧରେ ଏବଂ ଯେ ଆପଣା ବିବେକ ବିରୁଦ୍ଧରେ ନ ଯାଇ ଆପଣା ସିଦ୍ଧାନ୍ତ ନେଇପାରେ ତାହାକୁ ଭାଗ୍ୟବାନ ବୋଲି ବିବେଚନା କର'' ।** |

ଏହା ପୁର୍ନଦୃଢ଼ୀଭୂତ କରେ ଯେ ବିଶ୍ୱାସୀମାନେ ସେମାନଙ୍କ ନିଜର ପବିତ୍ର-ଆତ୍ମାଙ୍କ ଦ୍ୱାରା ଚାଳିତ ଓ ବାଇବଲ-ଦତ୍ତ ବିବେକମାନ (୫ ପଦ)ର ଆଲୋକରେ ଜୀବନଯାପନ କରିବା ଉଚିତ । ସେମାନଙ୍କୁ ପ୍ରଦତ୍ତ ଆଲୋକରେ ସେମାନେ ଚାଲିବା ଉଚିତ । ମାତ୍ର ତାଙ୍କର ସହବିଶ୍ୱାସୀମାନଙ୍କ ବିଶ୍ୱାସ ପ୍ରତି ଦୁର୍ବ୍ୟବହାର ନ କରି । ୨୨ ପଦ ''ବଳିଷ୍ଠ ଭ୍ରାତା'' ସହିତ ସମ୍ପୃକ୍ତ ଯେତେବେଳେ ୨୩ ପଦ ''ଦୁର୍ବଳତର ଭ୍ରାତା'' ସହିତ ସମ୍ପୃକ୍ତ ।

୨୨ ପଦ ଏକ ପାଣ୍ଡୁଲିପି ବିଭିନ୍ନତାରେ ଆରମ୍ଭ ହୁଏ । ଏହା ଏକ ପ୍ରଶ୍ନ ହୋଇପାରିବ (ଏନ୍‌କେଜେଭି) ବା ଏକ ମନ୍ତବ୍ୟ (ଏନ୍‌ଏଏସ୍‌ବି, ଏନ୍‌ଆର୍‌ଏସ୍‌ଭି, ଟିଇଭି ଓ ଜେବି)

▣ ''ପରୀକ୍ଷା ସିଦ୍ଧ'' ୨:୧୮ରେ ବିଶେଷ ପ୍ରସଙ୍ଗ ଦେଖ ।

**୧୪:୧୩ ''ମାତ୍ର ଯେ ସନ୍ଦେହ କରେ''** ଏହା ଏକ ବର୍ତ୍ତମାନ ମଧବର୍ତ୍ତୀ କୃଦନ୍ତ ବିଶେଷଣ ଅଟେ, ଏହା ଅଧିକ ବିବେକୀ ଖ୍ରୀଷ୍ଟିୟାନମାନଙ୍କୁ ବୁଝାଏ (୩ ପଦ)

▣ ‘‘ଦୋଷୀ ସାବ୍ୟସ୍ତ’’ ‘‘କାଟା+କ୍ରିନ୍‌ଓ’’ରୁ ଏହା ଏକ ବର୍ତ୍ତମାନ କର୍ମବାଚକ ସୂଚନାକାରୀ, ଅର୍ଥ ବୁଝାଏ

୧. ବିପରୀତାର୍ଥ ଦ୍ୱାରା ଏକ ଦୋଷୀକୃତ ଆଲୋକରେ ରଖାଯାଇଛି (ହେରୋଲ୍ଡ କେ ମୌଲ୍ଟନଙ୍କ ବିଶ୍ଳେଷଣାତ୍ମକ ଗ୍ରୀକ୍ ଅଭିଧାନ ୨୧୬ ପୃଷ୍ଠା)

୨. ଦୋଷୀ ସାବ୍ୟସ୍ତ ନୁହେଁ, ମାତ୍ର ବାକ୍ୟର ପଶ୍ଚାତ୍‌ଗାମୀ ଶାସ୍ତି (ରୋମୀ ୫:୧୬,୧୮, ୮:୧ (ମୌଲ୍ଟନ ଓ ମିଲିଗାନଙ୍କ ‘‘ଗ୍ରୀକ୍ ବାଇବଲର ବିଶେଷ ଶବ୍ଦ ସମୂହର ଜ୍ଞାନ’’ ପୁସ୍ତକ ୩୨୮ ପୃଷ୍ଠା)

ଏଠାରେ ଜଣକ ବିବେକର କ୍ଷତି କରିବାକୁ ବୁଝାଏ ଏବଂ ଫଳତଃ ପବିତ୍ର ଆତ୍ମାଙ୍କ ଦୋଷକୃତ କରିବା (ଦୋଷୀ ବିବେକ) ସହିତ ଆନୁସଙ୍ଗିକ ବେଦନା ଦେଖାଯିବ ।

▣ ‘‘ଯଦି ସେ ଭୋଜନ କରେ’’ ଏହା ଏକ ତୃତୀୟ ଶ୍ରେଣୀ ସର୍ତ୍ତଯୁକ୍ତ ବାକ୍ୟ ଅଟେ

▣ ‘‘ଆଉ ଯାହା କିଛି ବିଶ୍ୱାସରୁ ହୁଏ ନାହିଁ, ତାହା ପାପ’’ ଅନେକାର୍ଥ ବୋଧ ବାଇବଲ ସମ୍ବନ୍ଧୀୟ ଅଞ୍ଚଳମାନଙ୍କରେ ପାପ ହେଉଛି ଆମ ବିବେକର ଏକ କ୍ଷତିକାରକ, ମାତ୍ର ନିୟମର କ୍ଷତିକାରକ ନୁହେଁ । ଆମ୍ଭମାନଙ୍କୁ ପ୍ରଦତ୍ତ ଆଲୋକରେ ଗମନ କରିବା ଆମର ଉଚିତ – ଅଧିକ ଆଲୋକ ବାଇବଲ ଓ ଆତ୍ମାଙ୍କଠାରୁ ପାଇବାକୁ ସର୍ବଦା ଉନ୍ମୁକ୍ତ ରହିବାକୁ ହେବ ।

ବିଶ୍ୱାସୀମାନଙ୍କର, ଈଶ୍ୱରଙ୍କ ଇଚ୍ଛା ବିଷୟକ ବୁଝାମଣା (ଏହି ଦୃଷ୍ଟିକୋଣରେ ‘‘ବିଶ୍ୱାସ’’ର ଅର୍ଥ) ସେମାନଙ୍କ କାର୍ଯ୍ୟକଳାପକୁ ମନସ୍ଥ କରିବା ଉଚିତ । ପରିପକ୍ୱ ବିଶ୍ୱାସୀମାନଙ୍କ ପକ୍ଷରେ ବାଇବଲର ଅନେକାର୍ଥ ବୋଧକ ବିଷୟଗୁଡ଼ିକ ଉପରେ ବିଭିନ୍ନ ମତ ଧରି ରଖିବା ଏବଂ ଉଭୟ ଈଶ୍ୱରଙ୍କ ଇଚ୍ଛାରେ ହେବା ସମ୍ଭବପର ।

▣ କେତେକ ଗ୍ରୀକ୍ ପାଣ୍ଡୁଲିପିମାନଙ୍କରେ ୧୪ ଅଧ୍ୟାୟର ଶେଷରେ ୧୬:୨୫–୨୭ର ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାର ପରିପ୍ରକାଶ ଅଛି । କେତେକଙ୍କର ଏହା ଉଭୟ ସ୍ଥଳରେ ଅଛି । ଗୋଟିଏ ପାପିରୀ ପାଣ୍ଡୁଲିପିର ପି୪୬, ଏହା ୧୫ ଅଧ୍ୟାୟ ଶେଷରେ ଅଛି । ରୋମୀୟମାନଙ୍କ ପରମ୍ପରା ଗ୍ରୀକ୍ ପାଣ୍ଡୁଲିପିରେ ଏହି ଈଶ୍ୱରଙ୍କ ପ୍ରଶଂସାଗାନର ଛଅଟି ବିଭିନ୍ନ ସ୍ଥାନ ବା ଅବସ୍ଥିତି ଅଛି । ଏକ ପୂର୍ଣ୍ଣ ଆଲୋଚନା ପରାମର୍ଶ ପାଇଁ ଏକ ଶାସ୍ତ୍ରାଂଶ ବାଖ୍ୟା ପୁସ୍ତକ ଗ୍ରୀକ୍ ନୂତନ ନିୟମର ବ୍ରୁସ୍ ଏମ୍ ତମଟଯରଙ୍କ ଦ୍ୱାରା ୟୁନାଇଟେଡ୍ ବାଇବଲ ସୋସାଇଟିମାନଙ୍କ ଦ୍ୱାରା ୫୩୩–୫୩୬ ପୃଷ୍ଠା ପ୍ରକାଶିତ ହୋଇଥିଲା । ଏଠାରେ ମତାମତଗୁଡ଼ିକର ସାରାଂଶ ଅଛି :

୧. ଓରିଜେନ୍ କହିଲେ ଏକ ଆଦ୍ୟ ମିଥ୍ୟାମତବାଦୀ ରୋମ୍‌ରେ, ମାରିସିଓନ୍, ରୋମୀୟ ପୁସ୍ତକର ଶେଷ ଦୁଇ ଅଧ୍ୟାୟକୁ ବାହାର କରି ଦେଇଥିଲେ । ଏହା ୧୪ ଅଧ୍ୟାୟରେ ଈଶ୍ୱରଙ୍କ ପ୍ରଶଂସାଗାନ ବ୍ୟାଖ୍ୟା କରେ ।

୨. ଅନ୍ୟ ବାଇବଲ ବିଶେଷଜ୍ଞମାନେ ବିଚାର କରନ୍ତି, ପାଉଲ ରୋମ୍‌କୁ ପଠାଇବା ପାଇଁ ଏକ ଆକୃତିର ରୋମୀୟ ପୁସ୍ତକ ୧–୧୪ ଅଧ୍ୟାୟ ଲେଖିଥିଲେ ଏବଂ ପରବର୍ତ୍ତୀ ସମୟରେ ଦେଖିଲେ ଯେ ଏଫିସୀକୁ ସମାନ ପତ୍ର ପଠାଇବା ଆବଶ୍ୟକ ୧–୧୬ ଅଧ୍ୟାୟ । ବ୍ୟକ୍ତିଗତ ଶୁଭେଚ୍ଛାମାନ ଲମ୍ବା ତାଲିକା (୧୬ ଅଧ୍ୟାୟ) ଏଫିସୀକୁ ପ୍ରତିଫଳିତ କରେ, ରୋମ୍‌କୁ ନୁହେଁ ।

୩. ୧୬ ଅଧ୍ୟାୟର ଶୁଭେଚ୍ଛାମାନ ରୋମ୍‌କୁ ଯିବା ବାଟରେ ବିଶ୍ୱାସୀମାନଙ୍କ ପାଇଁ ଥିଲା କାରଣ ଆକ୍ୱିଲା ଓ ପ୍ରିସ୍କିଲା ଏଫିସୀରେ ଅଛନ୍ତି ଏବଂରୋମ୍‌କୁ ଫେରିଯିବାର କେବେ ଲିପିବଦ୍ଧ କରାଯାଇନାହିଁ ।

୪. ପ୍ରଶଂସାଗାନ ମୂଳଲେଖା ନୁହେଁ ଏବଂ ଶାସ୍ତ୍ରୀମାନଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ଜନସାଧାରଣ ଉପାସନାରେ ଉପାସନା ବିଧିବିଧାନ ଉଦ୍ଦେଶ୍ୟରେ ଏଥିରେ ଯୋଗ କରାଯାଇଥିଲା ।

ଏମ୍.ଆର୍. ଭିନ୍‌ସେଣ୍ଟ, ଶବ୍ଦ ଅଧ୍ୟୟନ ୨ୟ ଭାଗ ପୁସ୍ତକ ବହୁତ ଆକର୍ଷଣୀୟ ।

ଏହି ମତବାଦମାନର ବିରୁଦ୍ଧରେ ଶକ୍ତ ଘଟଣା, ପାଉଲଙ୍କ ଏମ୍‌ଏସ୍‌ଏସ୍ ଜଣାଶୁଣା ପ୍ରଚଳିତ ବିଷୟର (ପ୍ରାୟ ତିନିଶହ) ସମସ୍ତ ଏମ୍‌ଏସ୍‌ଏସ୍ ଏହି ସମୟରୁ ସଂକଳନ କରାଗଲା । ସମସ୍ତ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଅନ୍ତର୍ଗତ କରି, ଏହି ଅଧ୍ୟାୟମାନ, ଲାଭ କରିଥିବା ସମ୍ପୃକ୍ତି ଓ ଶୃଙ୍ଖଳା ମଧ୍ୟରେ ପ୍ରଦାନ କରେ, କେବଳ ଈଶ୍ୱରଙ୍କ ପ୍ରଶଂସାର ଅଂଶ ବିଶେଷର ବ୍ୟତିରେକ ସହିତ ।

## ଆଲୋଚନା ପ୍ରଶ୍ନମାନ

ଏହା ଏକ ଅଧ୍ୟନଚାଳନା କମେଣ୍ଟାରୀ (ବ୍ୟାଖ୍ୟା ପୁସ୍ତକ), ଯାହା ବୁଝାଏ ଯେ ବାଇବଲର ତୁମ ନିଜ ଭାଷାନ୍ତର (ଅନୁବାଦ) ପାଇଁ ତୁମେ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ରଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକାରୀ । ତୁମେ ଏହାର ଦାୟିତ୍ୱ ଏକ ବ୍ୟଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନସମୂହ ଏହି ଭାଗର ମୁଖ୍ୟ ବିଷୟ ମାଧମରେ ତୁମକୁ ଚିନ୍ତା କରିବାରେ ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକ କରିବାକୁ ଉଦ୍ଦିଷ୍ଟ, ନିର୍ଦ୍ଦିଷ୍ଟ ନୁହେଁ ।

୧. ''ଦୁର୍ବଳତର'' ଭ୍ରାତା ବର୍ଣ୍ଣନା କର । ପାଉଲ ସେମାନଙ୍କୁ ଅପରିପକ୍ୱ ବୋଲି ବୁଝାନ୍ତି କି ?
୨. ଖ୍ରୀଷ୍ଟିୟା ସ୍ୱାଧୀନତା କିପରି ଖ୍ରୀଷ୍ଟିୟାନ ଦାୟିତ୍ୱ ସହିତ ସମ୍ପୃକ୍ତ ?
୩. ପ୍ରକୃତିରେ ପ୍ରତ୍ୟେକ ବିଷୟ ''ଶୁଚି'' କି ? କିଅବା ନୈତିକଭାବେ ନିରପେକ୍ଷ ? ୧୪,୨୦ ପଦମାନ
୪. କରିନ୍ଥରେ ଖାଦ୍ୟ ବିଷୟକ ପ୍ରଶ୍ନ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା (୧ କରନ୍ଥୀ ୮,୧୦) କରିନ୍ଥରୁ ପାଉଲ ରୋମୀୟ ପତ୍ର ଲେଖିଥିଲେ ମନେରଖନ୍ତୁ ?
୫. ଏହି ଅଧ୍ୟାୟରେ ଜ୍ଞାନ, ସ୍ୱାଧୀନତା ଓ ପ୍ରେମ ମଧ୍ୟରେ ସମ୍ପର୍କ ବ୍ୟାଖ୍ୟା କର ।
୬. ମଣ୍ଡଳୀରେ ସହଭାଗିତାକୁ କାହା ଉପରେ ନିର୍ଭର କରି ଆମ୍ଭେମାନେ ସ୍ଥାପନ କରିବା ଉଚିତ ?
୭. ଆମ୍ଭମାନଙ୍କର ବ୍ୟକ୍ତିଗତ ପସନ୍ଦମାନ ଓ କାର୍ଯ୍ୟକଳାପ ସମୂହକୁ କାହା ଉପରେ ପ୍ରତିଷ୍ଠିତ କରୁ ।
୮. ଆମ୍ଭମାନଙ୍କ କାର୍ଯ୍ୟକଳାପ କିପରି ଅନ୍ୟକୁ ପ୍ରଭାବିତ କରେ ? ଆମ୍ଭମାନଙ୍କଠାରୁ ଏହା କ'ଣ ଦାବି କରେ ?
୯. ଆମ୍ଭେମାନେ କିପରି ଉପଯୁକ୍ତ ଖ୍ରୀଷ୍ଟିୟ ନୈତିକ ନିୟମାବଳୀ (ନୀତିଶାସ୍ତ୍ର) ସ୍ଥିର କରିବା ?
୧୦. ପରିପକ୍ୱ ଖ୍ରୀଷ୍ଟିୟାନ ପାଇଁ ଅସମ୍ମତ ହେବା ଏବଂ ଉଭୟ ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ହେବା ସମ୍ଭବ କି ?

# ରୋମୀୟ ୧୫

| ଆଧୁନିକ ଅନୁବାଦର ପାରାଗ୍ରାଫ୍ ଭାଗ ବିଭାଗ | | | | |
|---|---|---|---|---|
| ୟୁବିଏସ୍[୪] | ଏନ୍‌କେଜେଭି | ଏନ୍‌ଆରଏସ୍‌ଭି | ଟିଇଭି | ଏନ୍‌ଜେବି |
| ତୁମର ସହ ମାନବଗଣଙ୍କୁ ସନ୍ତୁଷ୍ଟ କର, ନିଜକୁ ନୁହେଁ | ଅନ୍ୟମାନଙ୍କ ଭାର ବହନ କରି | ବଳିଷ୍ଠ, ଦୁର୍ବଳର ଭାର ବହନ କରିବା ଉଚିତ | ଅନ୍ୟମାନଙ୍କୁ ସନ୍ତୁଷ୍ଟ କର, ନିଜକୁ ନୁହେଁ | (୧୪:୨୨-୧୫:୬) |
| ୧୫:୧-୬ | ୧୫:୧-୬ | ୧୫:୧-୬ | ୧୫:୧-୬ | |
| ବିଜାତିମାନଙ୍କ ପାଇଁ ଏବଂ ଯିହୁଦୀମାନଙ୍କ ପାଇଁ ସୁସମାଚାର ସମାନ ଅଛି | ଏକତ୍ର ଈଶ୍ୱରଙ୍କୁ ଗୌରବ ଦିଅ | | ବିଜାତିମାନଙ୍କୁ ସୁସମାଚାର | |
| ୧୫:୭-୧୩ | ୧୫:୭-୧୩ | ୧୫:୭-୧୩ | ୧୫:୭-୧୨<br>୧୫:୧୩ | ୧୫:୭-୧୨<br>୧୫:୧୩ |
| ପାଉଲଙ୍କ ମିଶନାରୀ ଆହ୍ୱାନ (ଆଦେଶ) | ଯିରୂଶାଲମଠାରୁ ଆଇଲିରିକମ୍ | ବ୍ୟକ୍ତିଗତ ଟିପ୍ପଣୀ | ଏତେ ସାହସିକତାର ସହ ଲେଖିବାର କାରଣ | ପାଉଲଙ୍କ ସେବା କାର୍ଯ୍ୟ |
| ୧୫:୧୪-୨୧ | ୧୫:୧୪-୨୧ | ୧୫:୧୪-୨୧ | ୧୫:୧୪-୨୧ | ୧୫:୧୪-୨୧ |
| ପାଉଲଙ୍କ ଯୋଜନା ରୋମ୍ ପରିଦର୍ଶନ ପାଇଁ | ରୋମ୍ ପରିଦର୍ଶନ ଯୋଜନା | | ରୋମ୍ ପରିଦର୍ଶନ ପାଇଁ ପାଉଲଙ୍କ ଯୋଜନା | ପାଉଲଙ୍କ ଯୋଜନା |
| ୧୫:୨୨-୨୯ | ୧୫:୨୨-୩୩ | ୧୫:୨୨-୨୯ | ୧୫:୨୨-୨୯ | ୧୫:୨୨-୨୬<br>୧୫:୨୭-୨୯ |
| ୧୫:୩୦-୩୩ | | ୧୫:୩୦-୩୩ | ୧୫:୩୦-୩୩ | ୧୫:୩୦-୩୩ |

**ଚକ୍ର ତିନି ପାଠ କରୁଅଛୁ (VIII ପୃଷ୍ଠା ଦେଖ)**

*ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା*

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟାରୀ (ବ୍ୟାଖ୍ୟା ପୁସ୍ତକ), ଯାହା ବୁଝାଏ ଯେ, ବାଇବଲର ତୁମ ନିଜ ଭାଷାନ୍ତର (ଅନୁବାଦ) ପାଇଁ ତୁମେ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକାରୀ । ତୁମେ ଏହାର ଦାୟିତ୍ୱ ଏକ ବ୍ୟାଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏକାଥରେ ବସି ଅଧ୍ୟାୟଟି ପଢ଼ିନିଅ । ପ୍ରସଙ୍ଗମାନ ବାଛି ନିଅ । ତୁମର ପ୍ରସଙ୍ଗ ଭାଗବିଭାଗକୁ, ଉର୍ଦ୍ଧ୍ୱଲିଖିତ ପାଞ୍ଚଟି ଅନୁବାଦଗୁଡ଼ିକର ପ୍ରସଙ୍ଗମାନଙ୍କ ସହିତ ତୁଳନା କର । ପାରାଗ୍ରାଫ୍ ନିର୍ମାଣ ଈଶ୍ୱର ନିଶ୍ୱସିତ ନୁହେଁ । ମାତ୍ର ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ ମୁଖ୍ୟ ବିଷୟ ବା କଞ୍ଚି ସ୍ୱରୂପ ଅଟେ, ଯାହାକି ଅନୁବାଦର ହୃତ୍‌ପିଣ୍ଡ । ପ୍ରତ୍ୟେକ ପାରାଗ୍ରାଫ୍ (ପରିଚ୍ଛେଦ)ର ଗୋଟିଏ ବା କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

**ଶାସ୍ତ୍ରାଂଶର ପୂର୍ବାପର ଅର୍ନ୍ତଦୃଷ୍ଟି ୧–୧୩ ପଦ ନିମନ୍ତେ**

କ. ୧୫:୧–୧୩ (୧୪ ଅଧ୍ୟାୟର)ରେ ଖ୍ରୀଷ୍ଟିୟାନ ସ୍ୱାଧିନତା ଓ ଦାୟିତ୍ୱ ଉପରେ ଆଲୋଚନା ଚାଲିଅଛି ।

ଖ. ସମୁଦାୟ ଯୁକ୍ତି ୧୪:୧–୧୫:୧୩ର ଏପରି ବାକ୍ୟ ରେଖା ହୋଇପାରେ ।

1. ଖ୍ରୀଷ୍ଟଙ୍କଠାରେ ଈଶ୍ୱର ଆମ୍ଭମାନଙ୍କୁ ଗ୍ରହଣ କରିଥିବାରୁ ଆମ୍ଭେମାନେ ପରସ୍ପରକୁ ଗ୍ରହଣ କରୁ (୧୪:୧,୩, ୧୫:୭)
2. ଖ୍ରୀଷ୍ଟ ଆମ୍ଭମାନଙ୍କର ଏକମାତ୍ର କର୍ତ୍ତା ଓ ବିଚାରକର୍ତ୍ତା ହୋଇଥିବାରୁ ପରସ୍ପରର ବିଚାର କର ନାହିଁ (୧୪:୩–୧୨)
3. ବ୍ୟକ୍ତିଗତ ସ୍ୱାଧିନତା ଅପେକ୍ଷା ପ୍ରେମ ଅଧିକ ଗୁରୁତ୍ୱପୂର୍ଣ୍ଣ (୧୪:୧୩–୨୩)
4. ଖ୍ରୀଷ୍ଟଙ୍କ ଆଦର୍ଶର ଅନୁଗାମୀ ହୁଅ ଏବଂ ଅନ୍ୟମାନଙ୍କ ନିଷ୍ଠା ଓ ମଙ୍ଗଳ ନିମନ୍ତେ ତୁମର ଅଧିକାର ନିମ୍ନରେ ଥୋଇ ଦିଅ (୧୫:୧–୧୩)

ଗ. ୧୫:୫–୬ ସମୁଦାୟ ୧୪:୧–୧୫:୧୩ର ତିନିପ୍ରସ୍ଥ ଉଦ୍ଦେଶ୍ୟ ପ୍ରତିଫଳିତ କରେ ।

1. ପରସ୍ପର ସହିତ ମିଳନରେ ବାସ କର
2. ଖ୍ରୀଷ୍ଟଙ୍କ ଆଦର୍ଶ ଅନୁସାରେ ଜୀବନଯାପନ କର
3. ହୃଦୟ ଓ ଓଷ୍ଠାଧରମାନର ଏକତାର ପ୍ରଶଂସା, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକତ୍ର ଉତ୍ସର୍ଗ କର

ଘ. ଏହି ସମାନ ଚିନ୍ତା । ବ୍ୟକ୍ତିଗତ ସ୍ୱାଧିନତା ଓ ସାମୂହିକ ଦାୟିତ୍ୱ ମଧ୍ୟରେ, ୧ କରନ୍ଥୀ ୮–୧୦ରେ ପ୍ରକାଶ କରାଯାଇଅଛି ।

**ଶବ୍ଦ ଓ ଖଣ୍ଡବାକ୍ୟ ଅଧ୍ୟୟନ**

ଏନ୍ଏଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୫:୧–୬

**୧ବିଶ୍ୱାସରେ ବଳବାନ ଯେ ଆମ୍ଭେମାନେ, ଦୁର୍ବଳମାନଙ୍କ ଦୁର୍ବଳତା ସହିବା ଆମ୍ଭମାନଙ୍କର ଉଚିତ, ଆଉ ନିଜ ନିଜର, ସୁଖଚେଷ୍ଟା କରିବା ଉଚିତ ନୁହେଁ । ୨ଆସ ଆମ୍ଭମାନଙ୍କ ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀର ନିଷ୍ଠା ନିମନ୍ତେ ମଙ୍ଗଳ ସାଧନ କରି ତାହାର ସୁଖ ଚେଷ୍ଟା କରୁ । ୩କାରଣ ଖ୍ରୀଷ୍ଟ ମଧ୍ୟ ଆପଣାର ସୁଖ ଚେଷ୍ଟା କରି ନ ଥିଲେ । କିନ୍ତୁ ଯେପରି ଲେଖାଅଛି, ତୁମ୍ଭ ନିନ୍ଦକମାନଙ୍କର ନିନ୍ଦା ମୋ ଉପରେ ପଡ଼ିଲା । ୪ପୁଣି ଆମ୍ଭେମାନେ ଯେପରି ଶାସ୍ତ୍ର ଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା ଭରସା ପ୍ରାପ୍ତ ହେଉ, ଏଥିନିମନ୍ତେ, ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା ସେହିସବୁ ଆମ୍ଭମାନଙ୍କର ଶିକ୍ଷା ପାଇଁ ଲେଖା ହୋଇଅଛି । ୫ଧୈର୍ଯ୍ୟ ଓ ସାନ୍ତ୍ୱନାଦାତା ଈଶ୍ୱର ତୁମ୍ଭମାନଙ୍କୁ ଖ୍ରୀଷ୍ଟ ଯୀଶୁଙ୍କ ଅନୁରୂପରେ ପରସ୍ପର ଏକମନା ହେବାକୁ ଦିଅନ୍ତୁ, ଯେପରି ଏକ ଚିତ୍ତରେ ଏକ ମୁଖରେ ତୁମ୍ଭେମାନେ ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତାଙ୍କର ଗୌରବ କର ।**

**୧୫:୧**

| | |
|---|---|
| **ଏନ୍ଏଏସ୍ବି** | **''ବର୍ତ୍ତମାନ ବିଶ୍ୱାସରେ ବଳବାନ ଯେ ଆମ୍ଭେମାନେ, ବଳହୀନମାନଙ୍କ ଦୁର୍ବଳତା ସହ୍ୟ କରି ଆମ୍ଭମାନଙ୍କର ଉଚିତ''** |
| **ଏନ୍କେଜେଭି** | **''ଆମ୍ଭେମାନେ ତେବେ ଯେଉଁମାନେ ବଳବାନ ଦୁର୍ବଳର ଅକ୍ଷମ ଓଜନ ବହନ କରିବା ଆମ୍ଭମାନଙ୍କର ଉଚିତ''** |
| **ଏନ୍ଆର୍ଏସ୍ଭି** | **''ଆମ୍ଭେମାନେ, ଯେଉଁମାନେ ବଳବାନ, ଦୁର୍ବଳର ବିଫଳତା ସମ୍ଭାଳିବା, ଆମ୍ଭମାନଙ୍କର ଉଚିତ''** |
| **ଟିଇଭି** | **''ବିଶ୍ୱାସରେ ବଳବାନ ଯେ ଆମ୍ଭେମାନେ, ଦୁର୍ବଳର ଭାର ବହନରେ ସେମାନଙ୍କୁ ସାହାଯ୍ୟ କରିବା, ଆମ୍ଭମାନଙ୍କର ଉଚିତ''** |
| **ଏନ୍ଜେବି** | **''ଆମ୍ଭେମାନେ, ଯେଉଁମାନେ ବଳବାନ, ଦୁର୍ବଳମାନଙ୍କର ଆଶଙ୍କା ଓ ଭୟମାନ ସମ୍ଭାଳିବା ଆମ୍ଭମାନଙ୍କର ଉଚିତ** |

ଏଗୁଡ଼ିକ ଦୁଇଟି ବର୍ତ୍ତମାନ କର୍ତ୍ତା ନିରପେକ୍ଷ କ୍ରିୟା, ଅନୁଜ୍ଞାସୂଚକ ଅର୍ଥରେ ବ୍ୟବହାର କରାଯାଇଅଛି । ବଳବାନ ଓ ଦୁର୍ବଳ ବିଷୟ ପ୍ରକାଶ କରିବା ଦର୍ଶାଏ ଯେ, ୧୫ ଅଧ୍ୟାୟ, ୧୪:୧ରୁ ଆରମ୍ଭ ହୋଇଥିବା ଆଲୋଚନାକୁ ଚଳାଇ ଆସିଛି । ଏହା ରୋମ ମଣ୍ଡଳୀ ମଧ୍ୟରେ ଥିବା ସମସ୍ୟାପୂର୍ଣ୍ଣ ଚିନ୍ତାକୁ ଓ ସମସ୍ତ ମଣ୍ଡଳୀର ଚିନ୍ତାକୁ ପ୍ରତିଫଳିତ କରିବା ଦେଖାଯାଏ । ଏହି ବାଟରେ ଖ୍ରୀଷ୍ଟିୟାନମାନେ ସେମାନଙ୍କ ଜୀବନ ଯାପନ କରନ୍ତି

1. ଏକାଧିକ ପ୍ରକାର ଅର୍ଥ ବାଇବଲର ବିଶ୍ୱାସ କରୁଥିବା ଅଞ୍ଚଳମାନ
2. ପୁରାତନ ନିୟମର ଆବଶ୍ୟକୀୟତାମାନ
3. ଅନୈତିକ ଓ ସଂସ୍କୃତିଗତ ବିଷୟମାନଙ୍କ ପ୍ରତି ପ୍ରତିକ୍ରିୟାମାନ

ଏହି ବିଷୟରେ ଏକ ଉତ୍ତମ ପୁସ୍ତକ ମୋ ପାଇଁ ବହୁତ ସାହାଯ୍ୟକାରୀ ହୋଇଅଛି, ତାହା ଗୋର୍ଡନ ଫିଙ୍କ *''ସୁସମାଚାର ଏବଂ ଆତ୍ମା''* ।

ଆଧୁନିକ ଇଂରାଜୀ ପାଠକମାନଙ୍କ ପାଇଁ ''ବଳିଷ୍ଠ'' ଓ ''ଦୁର୍ବଳ'' ଦୁଇଟି ଦୃଷ୍ଟିକୋଣ ସୃଷ୍ଟି କରିବାରେ ଦଳମାନଙ୍କୁ ପକ୍ଷପାତୀ କରି ଦିଆଯାଇଥାଏ । ବଳିଷ୍ଠ ଦଳ, ଧର୍ମଜୀବନର ନିୟମକାନୁନ୍ ବା ଧର୍ମବିଧିମାନଙ୍କଠାରୁ ମୁକ୍ତ ହୋଇଥିବା ଲୋକମାନଙ୍କୁ ବୁଝାଇଲା । ସେମାନଙ୍କ ସମ୍ପର୍କ ଈଶ୍ୱରଙ୍କ ସହିତ ଅସୁରକ୍ଷିତଭାବେ କୌଣସି କାର୍ଯ୍ୟ ସାଧନ କରିବା କିଅବା କେତେକ ଧର୍ମ ଚିହ୍ନମାନଙ୍କୁ ଉପେକ୍ଷା କରିବା ଉପରେ ନିର୍ଭର କରେ ନାହିଁ । ଅନ୍ୟ ଦଳ ଥିଲେ ମଧ୍ୟ, ପୂର୍ଣ୍ଣମାତ୍ରାରେ ଖ୍ରୀଷ୍ଟିୟାନ ଏବଂ ସଂପୂର୍ଣ୍ଣ ଗୃହିତ ହୋଇଥିବା ଓ ସଂପୂର୍ଣ୍ଣ ସମର୍ପିତ ହୋଇଥିବା ବିଶ୍ୱାସୀମାନଙ୍କ ଦଳ । ଯାହା ବି ହେଉ, ସେମାନେ ସେମାନଙ୍କର

ବିଶ୍ୱାସ, ସେମାନଙ୍କ ଅତୀତ ଅନୁଭୂତିର ଧର୍ମଭାବସବୁର ମାଧ୍ୟମରେ ଧାରଣା କରିଥିଲେ । ଯିହୁଦୀ ବିଶ୍ୱାସୀମାନେ ଯିହୁଦୀ ଧର୍ମର ପୁରାତନ ନିୟମ ଅଭ୍ୟାସଗୁଡ଼ିକୁ ଧରି ରଖିବାକୁ ଆଗ୍ରହୀ ଥିଲେ । ପରିବର୍ତ୍ତିତ ବିଜାତି (ଦେବପୂଜକ)ମାନେ ସେମାନଙ୍କର ପୁରାତନ ଧର୍ମ (ଦେବପୂଜକ) ମନୋଭାବ ଏବଂ ଅଭ୍ୟାସମାନରୁ କେତେକ ଧାରଣ କରିବାକୁ ଇଚ୍ଛୁକ ହୋଇଥିଲେ । ମାତ୍ର ଲକ୍ଷ୍ୟ କର ଯେ, ପାଉଲ ଏହି ମନୋଭାବକୁ ବିଶ୍ୱାସୀମାନଙ୍କ ମଧ୍ୟରେ ''ପାପ'' ବୋଲି ନାମ ଦେଇ ନ ଥିଲେ । ଏହା କେବଳ ପାପରେ ପରିଣତ ହେଲା ଯେତେବେଳେ ସେମାନେ ସେମାନଙ୍କ ବିବେକସବୁର ବିରୋଧ ବା କ୍ଷତି କଲେ । (୨୩ ପଦ) ।

*''ଅଡନାଟୋସ୍''* ଶବ୍ଦ, ''ବଳହୀନ'' (ପ୍ରେରିତ ୧୪:୮) *ଆସଥେନେଓ* ଶବ୍ଦ ସହିତ ସଂଯୁକ୍ତ (୧୪:୧,୨୧, ୧ କରିନ୍ଥୀ ୮:୭,୧୦,୧୧,୧୨, ୯:୧୨), ଯାହା ମଧ୍ୟ ''ବଳହୀନ''କୁ ବୁଝାଏ ।

ଏହି ଶାସ୍ତ୍ରାଂଶ ସୂଚାଏ ଯେ, ଖ୍ରୀଷ୍ଟିୟାନମାନେ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କୁ ବାଧ୍ୟବାଧକତା ବା ଅନିଚ୍ଛୁକଭାବେ ସହ୍ୟ କରିବା ଉଚିତ ନୁହେଁ, ମାତ୍ର ପ୍ରେମରେ ପରସ୍ପରର ''ଯତ୍ନ ନେବେ'' ଏବଂ ''ସଙ୍ଗରେ କାର୍ଯ୍ୟ କରିବେ'' । ''ସହ୍ୟ କରିବା'' ବା ''ବହନ କରିବା'' ଶବ୍ଦ ମଧ୍ୟ ଯୀଶୁଙ୍କ ପାଇଁ ''କ୍ରୁଶ ବହନ କରିବା''ରେ ଯୋହନ ୧୯:୧୭ ଓ ଲୂକ ୧୪:୨୭ରେ ବ୍ୟବହୃତ ହୋଇଥିଲା । ପାଉଲ ଜାଣିଥିଲେ ଯେଉଁ ଚିନ୍ତାମାନ ଧାର୍ମିକ ଲୋକମାନଙ୍କଠାରେ ଦେଖାଯାଏ । ସେ ଗମଲିୟଲଙ୍କ ଅଧୀନରେ ତାଲିମ ପାଇଥିଲେ, ଯେ କି ହିଲ୍ଲେଲର ଉଦାରପନ୍ଥୀ ବିଦ୍ୟାଳୟର ଏକ ଗୁରୁ ଥିଲେ ।

□ **''କେବଳ ନିଜ ନିଜର ସୁଖ ଚେଷ୍ଟା କରିବା ଉଚିତ ନୁହେଁ''** (ନିଜକୁ ସନ୍ତୁଷ୍ଟ କରିବା) ଏହା ଅଟେ ଏକ ବର୍ତ୍ତମାନ କର୍ତ୍ତୃବାଚକ ଅନୁଜ୍ଞାସୂଚକ କ୍ରିୟା, ନାସ୍ତିବାଚକ କ୍ଷୁଦ୍ରାଂଶ ସହିତ, ଯାହା ସାଧାରଣତଃ ଏକ କାର୍ଯ୍ୟ ପ୍ରକ୍ରିୟାକୁ ବନ୍ଦ କରିଦେବା ବୁଝାଏ । ଆତ୍ମ କୈନ୍ଦ୍ରିକତା ନିଶ୍ଚିତଭାବେ ଅପରିପକ୍ୱତାର ଏକ ଚିହ୍ନ ଅଟେ । ଖ୍ରୀଷ୍ଟଙ୍କ ଆଦର୍ଶର ଅନୁଗାମୀ ହେବା (୩ ପଦ, ଫିଲିପ୍ପୀ ୨:୧-୧୧) ହେଉଛି ପରିପକ୍ୱତାର ଚିହ୍ନ । ପୁନର୍ବାର, ଯେଉଁମାନଙ୍କୁ ସମ୍ବୋଧନ କରାଯାଇଛି, ସେମାନେ ବଳିଷ୍ଠ ଅଟନ୍ତି (୧୪:୧,୧୪,୧୬,୨୧,୨୭) ଏହା ବୁଝାଏ ନାହିଁ ଯେ ସହଭାଗିତା ରକ୍ଷା କରିବା ପାଇଁ ସେମାନଙ୍କର ସମସ୍ତ ଦାୟିତ୍ୱ ଥିଲା । ଦୁର୍ବଳମାନଙ୍କୁ ମଧ୍ୟ ସମ୍ବୋଧନ ଓ ଆହ୍ୱାନ ଦିଆଯାଇଥିଲା (୧୪:୩,୨୦,୨୩, ୧୫:୫-୬,୭ରେ)

**୧୫:୨ ''ଆମ୍ଭମାନଙ୍କର ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀର ନିଷ୍ଠା ନିମନ୍ତେ ମଙ୍ଗଳ ସାଧନ କରି ତାହାର ସୁଖ ଚେଷ୍ଟା କରୁ'' ।** ଏହା ହେଉଛି ''ପ୍ରତିବାସୀ'' ସହ-ଖ୍ରୀଷ୍ଟିୟାନ ଅର୍ଥରେ ବ୍ୟବହାର କରାଯାଇଅଛି । ଏହା ବ୍ୟକ୍ତିଗତ ବିଶ୍ୱାସ ବୋଧମାନର ସହିତ ସାଲିସ୍ କରିବା ସୂଚାଏ ନାହିଁ, ମାତ୍ର ଜଣେ ତାହାର ବ୍ୟକ୍ତିଗତ ପସନ୍ଦଗୁଡ଼ିକୁ ବା ମତଗୁଡ଼ିକୁ ଅନେକାର୍ଥ ବୋଧ ଥିବା ଅଞ୍ଚଳଗୁଡ଼ିକ ମଧ୍ୟକୁ ଭର୍ତ୍ତି କରେ ନାହିଁ । ଖ୍ରୀଷ୍ଟଙ୍କ ଶରୀରର ଏକତା ଓ ବୃଦ୍ଧି, ବ୍ୟକ୍ତିଗତ ସ୍ୱାଧୀନତା ନୁହେଁ, ସର୍ବୋଚ୍ଚ ଅଟେ (୧ କରନ୍ଥୀ ୯:୧୯-୨୩, ୧୦:୨୪-୩୩, ଏଫିସୀ ୪:୧-୧୬)

□

**ଏନ୍ଏଏସ୍ବି** **''ତାହାର ନିଷ୍ଠା ନିମନ୍ତେ''**
**ଏନ୍କେଜେଭି** **''ନିଷ୍ଠା ମଧ୍ୟକୁ ଚାଳିତ କରୁଅଛି''**
**ଏନ୍ଆର୍ଏସ୍ଭି** **''ପ୍ରତିବାସୀକୁ ଗଢ଼ିତୋଳିବାର ମଙ୍ଗଳମୟ ଉଦ୍ଦେଶ୍ୟ ପାଇଁ''**
**ଟିଇଭି** **''ବିଶ୍ୱାସରେ ସେମାନଙ୍କୁ ଗଢ଼ିବା ନିମନ୍ତେ''**
**ଏନ୍‌ଜେବି** **''ସେମାନଙ୍କୁ ବଳିଷ୍ଠ ଖ୍ରୀଷ୍ଟିୟାନ ହେବାକୁ ସାହାଯ୍ୟ କରିବା''**

ଏହା ହେଉଛି ୧୪ ଅଧ୍ୟାୟର (୧୪:୧୬,୧୯ ପଦମାନ) ମୁଖ୍ୟ ପ୍ରସଙ୍ଗ । ଏହା ମଧ୍ୟ ୧ କରିନ୍ଥୀ ୧୦:୨୩, ୧୨:୭, ୧୪:୨୬, ଏଫିସୀ ୪:୨୯ରେ ଥିବା ଆତ୍ମିକ ଦାନସମୂହର ପାଇଁ ପରୀକ୍ଷାଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ ।

''ଏହି ପୂର୍ବାପର ସମ୍ପର୍କରେ ଏହା ବଳିଷ୍ଠ ବିଶ୍ୱାସୀମାନଙ୍କୁ ବୁଝାଏ, ଯେଉଁମାନେ ବିଶ୍ୱାସରେ ସହ-ଖ୍ରୀଷ୍ଟିୟାନମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେମାନଙ୍କ ସ୍ୱାଧୀନତାକୁ ପ୍ରେମରେ ସୀମାବଦ୍ଧ କରୁଅଛନ୍ତି । ଜୋସେଫ ଏ. ଫିଟ୍ଯମେୟର ଓ ରେମଣ୍ଡ ଇ.ବ୍ରାଉନ୍‌ଙ୍କ *ଜେରୋମ୍ ବାଇବଲ ସମ୍ବନ୍ଧୀୟ କମେଣ୍ଟାରୀ* ୨ୟ ଭାଗର ଏହି ପଦ ଉପରେ ଏକ ଆକର୍ଷଣୀୟ ମନ୍ତବ୍ୟ ଅଛି ।

ଏହି ଖଣ୍ଡବାକ୍ୟ ଅନେକ ସମୟରେ ବୁଝାଇବାକୁ ନିଆଯାଇଛି ''ତାହାର ନିଷ୍ଠା ନିମନ୍ତେ (ପ୍ରତିବାସୀ), ଜଣକର ଖ୍ରୀଷ୍ଟିୟାନ ପ୍ରତିବାସୀର ବ୍ୟକ୍ତିଗତ ଉନ୍ନତିକୁ ବୁଝାଉଛି । ମାତ୍ର ତାହା ବିବେଚନା କରି ପାଉଲ ଅନେକ ସମୟରେ ତାଙ୍କ ପତ୍ରମାନଙ୍କରେ ଗୃହ ନିର୍ମାଣ ଦୃଷ୍ଟାନ୍ତ ବ୍ୟବହାର କରନ୍ତି ଏକ ସାମୂହିକ ଅର୍ଥରେ । ଖଣ୍ଡ ବାକ୍ୟଟିର ନିଃସନ୍ଦେହଭାବେ ଏକ ସାମାଜିକ, ସାମୂହିକ ଅର୍ଥ ଅଛି ଏଠାରେ ମଧ୍ୟ (୧ କରନ୍ଥୀ ୧୪:୧୨, ଏଫିସୀ ୪:୧୨, ରୋମୀ ୧୪:୧୯) ୩୨୮ ପୃଷ୍ଠା

**ବିଶେଷ ପ୍ରସଙ୍ଗ : ନିଷ୍ଠା ନିମନ୍ତେ**

''ଓଇକୋଡୋମେଓ'' ଶବ୍ଦ ଏବଂ ଏହାର ଅନ୍ୟ ଗଠନର ଶବ୍ଦ ପାଉଲଙ୍କ ଦ୍ୱାରା ଅନେକ ସମୟରେ ବ୍ୟବହାର କରାଯାଇଅଛି । ଆକ୍ଷରିକଭାବେ ''ଏକ ଗୃହ ନିର୍ମାଣ କରିବା''କୁ ଏହା ବୁଝାଏ (ମାଥିଉ ୭:୨୪), ମାତ୍ର ଏହା ଦୃଷ୍ଟାନ୍ତଭାବେ ବ୍ୟବହୃତ ହେବାକୁ ଆସିଲା ।

୧. ଖ୍ରୀଷ୍ଟଙ୍କ ଶରୀର, ମଣ୍ଡଳୀ, ୧ କରନ୍ଥୀ ୩:୯, ଏଫିସୀ ୨:୨୧, ୪:୧୬
୨. ଗଢ଼ି ତୋଳିବା
   କ. ଦୁର୍ବଳ ବିଶ୍ୱାସୀମାନ ରୋମୀ. ୧୫:୧
   ଖ. ପ୍ରତିବାସୀଗଣ ରୋମୀ. ୧୫:୨

| | | |
|---|---|---|
| | ଗ. | ପରସ୍ପରକୁ ଏଫିସୀ ୪:୨୯, ୧ ଥେସଲ ୫:୧୧ |
| | ଘ. | ସେବାକାର୍ଯ୍ୟ ପାଇଁ ସାଧୁମାନଙ୍କୁ ଏଫିସୀ ୪:୧୧ |
| ୩. | | ଆମ୍ଭେମାନେ ନିର୍ମାଣ କରିବା (ଗଢ଼ି ତୋଳିବା) ବା ନିଷ୍ଠା ଜନ୍ମାଇବା ଦ୍ୱାରା |
| | କ. | ପ୍ରେମ ୧ କରନ୍ଥୀ ୮:୧, ଏଫିସୀ ୪:୧୬ |
| | ଖ. | ବ୍ୟକ୍ତିଗତ ସ୍ୱାଧିନତାକୁ ସୀମିତ କରି ୧ କରନ୍ଥୀ ୧୦:୨୩-୨୪ |
| | ଗ. | କାଳ୍ପନିକ ବିଷୟ ଅନୁଧ୍ୟାନ କରିବାକୁ ଉପେକ୍ଷା କରି ୧ ତୀମଥି ୧:୪ |
| | ଘ. | ସେବା ଉପାସନାରେ ବକ୍ତାମାନଙ୍କୁ ସଂଖ୍ୟାରେ ସୀମିତ କରି (ଗୀତଗାୟକ, ଶିକ୍ଷକ, ଭାବବାଦୀ, ପରଭାଷା କହିବା ବ୍ୟକ୍ତିଗଣ ଏବଂ ଅନୁବାଦଗଣ) ୧ କରନ୍ଥୀ ୧୪:୩-୪,୧୨ |
| ୪. | | ସମସ୍ତ ବିଷୟମାନ ନିଷ୍ଠା ଜନ୍ମାଇବା ଉଚିତ |
| | କ. | ପାଉଲଙ୍କ ଅଧିକାର ୨ କରନ୍ଥୀ ୧୦:୮, ୧୨:୧୯, ୧୩:୧୦ |
| | ଖ. | ସାରାଂଶ ମନ୍ତବ୍ୟମାନ ରୋମୀ. ୧୪:୧୯ ଓ ୧ କରନ୍ଥୀ ୧୪:୨୬ରେ |

**୧୫:୩ ''କାରଣ ଖ୍ରୀଷ୍ଟ ମଧ୍ୟ''** ଖ୍ରୀଷ୍ଟ ଆମ୍ଭମାନଙ୍କର ନମୁନା ଏବଂ ଆଦର୍ଶ ଅଟନ୍ତି । ଏହି ସତ୍ୟ ୫ ପଦ, ଫିଲିପ୍ପୀ ୨:୧-୧୧, ୧ ପିତର ୨:୧୧, ୧ ଯୋହନ ୩:୧୬ରେ ମଧ୍ୟ ଗୁରୁତ୍ୱ ଦିଆଯାଇଅଛି ।

□ **''ଯେପରି ଲେଖାଅଛି''** ଏହା ଏକ ବର୍ତ୍ତମାନ କର୍ମବାଚ୍ୟ ସୂଚନା ଦାୟକ, ଯାହା ପୁରାତନ ନିୟମଶାସ୍ତ୍ର ସକାଶେ ଏକ ରୂଢ଼ୋକ୍ତି ଅଟେ । ଏହା ଗୀତ ୬୯:୯ରୁ ଏକ ଉଦ୍ଧୃତାଂଶ ଅଟେ । ଖ୍ରୀଷ୍ଟଙ୍କ ଆଦର୍ଶ (ଉଦାହରଣ)କୁ ବୁଝାଇ (ଆପଣାକୁ ସନ୍ତୁଷ୍ଟ କଲେ ନାହିଁ ଫିଲିପ୍ପୀ ୨:୫୮) ଏକ ପୁରାତନ ନିୟମର ଏକ ଉଦ୍ଧୃତାଂଶ ଏଥିରେ ଯୋଗ କରି, ପାଉଲ ଆଦ୍ୟ ମଣ୍ଡଳୀରେ ଦୁଇଟି ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଧିକାରର ଉଦ୍ଧୃତିସ୍ଥଳମାନ ବ୍ୟବହାର କରନ୍ତି (ନିଉମାନ ଏବଂ ନିଡାଙ୍କ *ଏକ ଅନୁବାଦମାନଙ୍କ ହସ୍ତଲିପି ପାଉଲଙ୍କ ରୋମୀୟ ପତ୍ର ଉପରେ, ୨୭୧ ପୃଷ୍ଠା*) । ଖ୍ରୀଷ୍ଟଙ୍କର ସ୍ୱାର୍ଥ ଶୂନ୍ୟତା ଯେତେବେଳେ ସେ ସମୁଦାୟ ଜଗତର ପାପ ବହନ କଲେ, ଆମ୍ଭମାନଙ୍କର ଉଦାହରଣ ବା ଆଦର୍ଶ (୧ ଯୋହନ ୩:୧୬)

ପାଉଲ ସମ୍ପୃକ୍ତ କରିବା ଦେଖାଯାଏ

୧. ମଶୀହ ରୂପେ ଯୀଶୁ, ନିନ୍ଦା ସମସ୍ତ ବହନ କରିବା
୨. ପାଉଲ ସୁସମାଚାର ସକାଶେ ନିନ୍ଦା ସମସ୍ତ ବହନ କରିବା

ଏକ ପତିତ ଜଗତରେ ଈଶ୍ୱରଙ୍କ ସେବା କରିବା ପାଇଁ ଏକ ମୂଲ୍ୟ ଦେବାକୁ ହୁଏ ।

୧. ପରିତ୍ୟକ୍ତ ଓ କ୍ରୁଶାର୍ପିତ ଯୀଶୁ
୨. ପାଉଲ ତାଙ୍କର ପରିତ୍ୟକ୍ତ ଓ ତାଡ଼ନା ପ୍ରାପ୍ତ ଅବସ୍ଥା ବିଷୟ କହନ୍ତି ୨ କରନ୍ଥୀ ୪:୭-୧୨, ୬:୩-୧୦,୧୧, ୨୩-୩୩ରେ । ପାଉଲ ମଧ୍ୟ ପରି ଶେଷରେ ମସ୍ତକ ଛେଦନ କରାଗଲେ ।

**୧୫:୪ ''ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା, ସେହିସବୁ ଆମ୍ଭମାନଙ୍କ ଶିକ୍ଷା ପାଇଁ ଲେଖାହୋଇଅଛି ।''** ପୁରାତନ ନିୟମ ମଧ୍ୟ ନୂତନ ନିୟମ ବିଶ୍ୱାସୀମାନଙ୍କ ପାଇଁ ଲିଖିତ ହୋଇଥିଲା (ରୋମୀ. ୪:୨୩,୨୪, ୧୫:୪, ୧ କରନ୍ଥୀ ୯:୧୦, ୧୦:୬,୧୧) । ଏହା ନୂତନ ଚୁକ୍ତିର ବିଶ୍ୱାସୀମାନଙ୍କ ପାଇଁ ପ୍ରଯୁଜ୍ୟ (୨ ତୀମଥି ୨:୧୫, ୩:୧୬-୧୭) । ପୁରାତନ ନିୟମ ଓ ନୂତନ ନିୟମ ମଧ୍ୟରେ ଏପରି ସମ୍ପର୍କ ଚାଲୁ ରହିଥିଲଣ ମଧ୍ୟ ଭଗ୍ନ ହୋଇଥିଲା ।

□ **''ଯେପରି ଶାସ୍ତ୍ରଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା''** ଲକ୍ଷ୍ୟ କର, କିପରି ଈଶ୍ୱରଙ୍କ ବାକ୍ୟର ସତ୍ୟତା ଏବଂ ବିଶ୍ୱାସୀମାନଙ୍କ ଜୀବନଶୈଳୀ ଯାହା ଏହାର ପ୍ରତ୍ୟୁତ୍ତର ଦିଏ, ଉଭୟ ସମ୍ମିଳିତ ହୋଇଅଛି । ବିଶ୍ୱାସ ଓ ଅଭ୍ୟାସ ଏକତ୍ର ବନ୍ଧା ଯାଇଅଛି (୫ ପଦ) । ସେସବୁର ଫଳସ୍ୱରୂପ ଜୀବନରେ ଓ ମରଣରେ ଏବଂ ଖ୍ରୀଷ୍ଟଙ୍କ ପୁନରାଗମନର ପ୍ରତିଜ୍ଞାତ ଭରସା ପ୍ରାପ୍ତିର ଦୃଢ଼ ବିଶ୍ୱାସ ଆସେ ।

□ **''ଆମ୍ଭେମାନେ ଯେପରି ଭରସା ପ୍ରାପ୍ତ ହେଉ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ ସମ୍ଭାବନାର୍ଥକ ବାକ୍ୟ, ଯାହା ସୂଚାଏ ଯେ ଆମ୍ଭମାନଙ୍କର ଭରସା ୪ ପଦରେ ପୂର୍ବରୁ ପ୍ରକାଶିତ କାର୍ଯ୍ୟସମୂହ ଉପରେ ନିର୍ଭରଶୀଳ । ନୂତନ ନିୟମରେ ''ଭରସା'' ଅନେକ ସମୟରେ ଦ୍ୱିତୀୟ ଆଗମନକୁ ବୁଝାଏ, ଯେତେବେଳେ ଆମର ପରିତ୍ରାଣ ପୂର୍ଣ୍ଣତା ଲାଭ କରିବ (ରୋମୀ. ୮:୩୦, ୧ ଯୋହନ ୩:୨) ଏହି ଗ୍ରୀକ୍ ଶବ୍ଦ, ଇଂରାଜୀ ଶବ୍ଦ ପରି ଅନିଶ୍ଚିତତାର ଅର୍ନ୍ତନିହିତ ଅର୍ଥ ପ୍ରକାଶ କରେ ନାହିଁ । ଦ୍ୱିତୀୟ ଆଗମନ ଏକ ନିର୍ଦ୍ଦିଷ୍ଟ ଓ ନିଶ୍ଚିତ ବିଷୟ ବା ଘଟଣା ଏକ ଅନିଶ୍ଚୟ ସମୟ ମଧ୍ୟରେ ।

ପାଉଲ ଏହି ଶବ୍ଦ, ବିଭିନ୍ନ ମାତ୍ର ସମ୍ପୃକ୍ତ ଅର୍ଥରେ ଅନେକ ସମୟରେ ବ୍ୟବହାର କରନ୍ତି । ଅନେକ ସମୟରେ ଏହା ବିଶ୍ୱାସୀର ବିଶ୍ୱାସର ସମ୍ପୂର୍ଣ୍ଣତା ସହିତ ସହଯୋଗୀ । ଏହା ଗୌରବ, ଅନନ୍ତ ଜୀବନ, ଚୂଡ଼ାନ୍ତ ପରିତ୍ରାଣ, ଦ୍ୱିତୀୟ ଆଗମନ ଇତ୍ୟାଦି ରୂପେ ପ୍ରକାଶ କରାଯାଇପାରେ । ସଂପୂର୍ଣ୍ଣତା ବା ସମାପନ ନିଶ୍ଚିତ ଅଟେ, ମାତ୍ର ସମସ୍ତ ବିଷୟ ଭବିଷ୍ୟତକାଳ ଏବଂ ଅଜ୍ଞାତ । ଏହା ଅନେକ ସମୟରେ ବିଶ୍ୱାସ ଏବଂ ପ୍ରେମ ସହିତ ସହଯୋଗୀ ହୋଇଥାଏ (୧ କରନ୍ଥୀ ୧୩:୧୩, ୧ ଥେସଲ ୧:୩, ୨ ଥେସଲ ୨:୧୬) । ପାଉଲ ବ୍ୟବହାର କରିଥିବା ବିଷୟର କେତେକ ମଧ୍ୟରୁ ଆଂଶିକ ତାଲିକା ହେଉଛି :

୧. ଦ୍ୱିତୀୟ ଆଗମନ ଗାଲାତୀ ୫:୫, ଏଫିସୀ ୧:୧୮, ୪:୮, ତିତସ ୨:୧୩
୨. ଯୀଶୁ ହେଉଛନ୍ତି ଆମର ଆଶା ୧ ତୀମଥି ୧:୧
୩. ସୁସମାଚାରରେ ଭରସା (ବିଶ୍ୱାସ) କଲସୀ ୧:୨୩
୪. ଚୂଡ଼ାନ୍ତ ପରିତ୍ରାଣ କଲସୀ ୧:୫, ୧ ଥେସଲ ୪:୧୩, ୫:୮
୫. ଇଶ୍ୱରଙ୍କ ଗୌରବ ରୋମ. ୫:୨, ୨ କରନ୍ଥୀ ୩:୧୨, କଲସୀ ୧:୨୭
୬. ପରିତ୍ରାଣର ନିଶ୍ଚୟତା ୧ ଥେସଲ. ୫:୮
୭. ଅନନ୍ତ ଜୀବନ ତିତସ ୧:୨, ୩:୭
୮. ସମୁଦାୟ ସୃଷ୍ଟିର ମୁକ୍ତି ରୋମୀ. ୮:୨୦
୯. ବିଶ୍ୱାସ ରୋମୀ. ୮:୨୩-୨୫, ୧୫:୪
୧୦. ଇଶ୍ୱରଙ୍କ ଉପନାମ ରୋମୀ. ୧୫:୧୩
୧୧. ବିଶ୍ୱାସୀମାନଙ୍କ ନିମନ୍ତେ ପାଉଲଙ୍କ ଇଚ୍ଛା ୨ କରନ୍ଥୀ ୧:୭

**୧୫:୫ ''...ଇଶ୍ୱର...ହେବାକୁ ଦିଅନ୍ତୁ''** ଏହା ଏକ କ୍ବଚିତ ଆଓରିଷ୍ଟ (ଭିନ୍ନ ପ୍ରକାର କ୍ରିୟାପଦ) କର୍ତ୍ତୃବାଚକ ଶୁଭେଚ୍ଛା ଜ୍ଞାପନ ସୂଚକ, ଯାହା ଏକ ଶୁଭେଚ୍ଛା ବା ପ୍ରାର୍ଥନା ପ୍ରକାଶ କରେ । ୫-୬ ପଦରେ ପାଉଲଙ୍କ ପ୍ରାର୍ଥନାର ଦୁଇଟି ବିନତି ଅଛି ବା ଥିଲା-

୧. ଏକମନା ହେବା (୧୨:୧୬, ୨ କରନ୍ଥୀ ୧୩:୧୧, ଫିଲିପ୍ପୀ ୨:୨)
୨. ପ୍ରଶଂସାର ଏକ ସ୍ୱର ବିଶିଷ୍ଟ ହେବା (୬,୭,୯ ପଦମାନ)

▫ **''ଧୈର୍ଯ୍ୟ ଓ ଉତ୍ସାହଦାତା ଇଶ୍ୱର''** ଏହା ଇଶ୍ୱରଙ୍କର ଏକ ବର୍ଣ୍ଣନାତ୍ମକ ଉପନାମ ପ୍ରାୟ ଅଟେ (୧୫:୧୩, ୧ କରନ୍ଥୀ ୧:୩) ଏହି ଇଶ୍ୱରଙ୍କ ଚାରିତ୍ରିକ ଗୁଣସମୂହ ଶାସ୍ତ୍ରାଂଶମାନର ମାଧ୍ୟମରେ ବିଶ୍ୱାସୀମାନଙ୍କ ନିକଟକୁ ଆସେ । (୪ ପଦ) । ବିଶେଷ ପ୍ରସଙ୍ଗ ଦେଖ : ୮:୨୫ରେ ଧୈର୍ଯ୍ୟର ସହଲାଗି ରହିବାକୁ ଆବଶ୍ୟକ ।

**୧୫:୬ ''ଇଶ୍ୱରଙ୍କ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତାଙ୍କର''** ଏହା ହେଉଛି, ଇଶ୍ୱରଙ୍କ ସଂପୂର୍ଣ୍ଣ ନୂତନ ନିୟମ ଉପନାମ (୨ କରନ୍ଥୀ ୧:୩, ଏଫିସୀ ୧:୩, କଲସୀ ୧:୩, ୧ ପିତର ୧:୩, ଲକ୍ଷ୍ୟ କର ୧:୭ରେ ଏକ ସମାନ ଉପନାମ ଅଛି) । ଏହା ଦର୍ଶନଶାସ୍ତ୍ରାନୁଯାୟୀ ଇଶ୍ୱର ହେବାର ଆବଶ୍ୟକ ନୁହେଁ, ମାତ୍ର ପ୍ରକାଶିତ ହୋଇଥିବା ଇଶ୍ୱର । ୫-୬ ପଦର ପାଉଲଙ୍କ ପ୍ରାର୍ଥନାରେ ଇଶ୍ୱରଙ୍କର ଦୁଇଟି ଉପନାମ ଲକ୍ଷ୍ୟ କର ।

୧. ଧୈର୍ଯ୍ୟ ଓ ଉତ୍ସାହଦାତା ଇଶ୍ୱର
୨. ଇଶ୍ୱର ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତା

ବିଶେଷ ପ୍ରସଙ୍ଗମାନ ଦେଖ : ଧୈର୍ଯ୍ୟର ସହ ଲାଗି ରହିବା ୮:୨୫ରେ ଏବଂ ପିତା ୧:୭ରେ ।

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୫:୭-୧୩**
**୭ଅତଏବ ଇଶ୍ୱରଙ୍କ ଗୌରବ ନିମନ୍ତେ ଖ୍ରୀଷ୍ଟ ଯେପରି ତୁମ୍ଭମାନଙ୍କୁ ଗ୍ରହଣ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ପରସ୍ପରକୁ ଗ୍ରହଣ କର । ୮କାରଣ ମୁଁ କହେ, ଖ୍ରୀଷ୍ଟ ଇଶ୍ୱରଙ୍କ ସତ୍ୟ ନିମନ୍ତେ ସୁନ୍ନତି ଲୋକମାନଙ୍କର ସେବକ କରାଯାଇଅଛନ୍ତି, ଯେପରି ସେ ପିତୃପୁରୁଷମାନଙ୍କୁ ପ୍ରଦତ୍ତ ପ୍ରତିଜ୍ଞାସକଳ ସ୍ଥିର କରନ୍ତି, ୯ପୁଣି ଯେପରି ବିଜାତିମାନେ ଇଶ୍ୱରଙ୍କ ଦୟା ନିମନ୍ତେ ତାହାଙ୍କର ଗୌରବ କରନ୍ତୁ । ଯେପରି ଲେଖାଅଛି, ଏଥିପାଇଁ ମୁଁ ବିଜାତିମାନଙ୍କ ମଧ୍ୟରେ ତୁମ୍ଭର ପ୍ରଶଂସା କରିବି, ଆଉ ତୁମ୍ଭ ନାମର କୀର୍ତ୍ତନ କରିବି । ୧୦ପୁନଶ୍ଚ ସେ କହନ୍ତି, ହେ ବିଜାତିମାନେ, ତୁମ୍ଭେମାନେ ତାହାଙ୍କ ଲୋକମାନଙ୍କ ସହିତ ଆନନ୍ଦ କର । ୧୧ପୁନଶ୍ଚ, ହେ ବିଜାତି ସମସ୍ତେ ପ୍ରଶଂସା କର, ଆଉ ଲୋକ ସମସ୍ତେ ତାହାଙ୍କର ପ୍ରଶଂସା କରନ୍ତୁ । ୧୨ପୁନର୍ବାର ଯିଶାଇୟ କହନ୍ତି, ଯିଶାଇୟଙ୍କ ମୂଳ ରହିବ, ଆଉ ଯେ ବିଜାତିଙ୍କ ଉପରେ ଶାସନ କରିବାକୁ ଉଠିବେ, ବିଜାତିମାନେ ତାହାଙ୍କ ଉପରେ ଭରସା ରଖିବେ । ୧୩ସେହି ଭରସାର ଇଶ୍ୱର ତୁମ୍ଭମାନଙ୍କୁ ବିଶ୍ୱାସ ଦ୍ୱାରା ସମସ୍ତ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତୁ, ଯେପରି ତୁମ୍ଭେମାନେ ପବିତ୍ରଆତ୍ମାଙ୍କ ଶକ୍ତିରେ ଭରସାର ପ୍ରଚୁରତା ଅନୁଭବ କର ।**

**୧୫:୭**

| | |
|---|---|
| ଏନ୍‌ଏଏସ୍‌ବି, | ଟିଇଭି ''ପରସ୍ପରକୁ ଗ୍ରହଣ କର'' |
| ଏନ୍‌କେଜେଭି | ''ପରସ୍ପରକୁ ଲାଭ କର'' |
| ଏନ୍‌ଆର୍‌ଏସ୍‌ଭି | ''ପରସ୍ପରକୁ ସ୍ୱାଗତ କର'' |
| ଏନ୍‌ଜେବି | ''ଏକ ଆରେକକୁ ସେହି ସମାନ ବନ୍ଧୁତାର ବାଟରେ ବ୍ୟବହାର କର'' |

ଏହା ଏକ ବର୍ତ୍ତମାନ ଅନୁଜ୍ଞାସୂଚକ ଅଟେ । ବିଶ୍ୱାସୀମାନେ ପରସ୍ପରକୁ ଗ୍ରହଣ କରିବାରେ ଲାଗି ରହିବା ଉଚିତ, କାରଣ ଖ୍ରୀଷ୍ଟ ସେମାନଙ୍କୁ ଗ୍ରହଣ କଲେ । ସେହି ସାମାନ୍ୟ ସତ୍ୟ ୧୪:୧ରେ ଦେଖିବାକୁ ମିଳେ । ଯାହାବି ହେଉ, ଏଠାରେ ଅନେକଗୁଡ଼ିଏ ପୁରାତନ ନିୟମ ଶାସ୍ତ୍ରାଂଶମାନ ଅଛି ଈଶ୍ୱର ବିଜାତିମାନଙ୍କୁ ଗ୍ରହଣ କରିବା ବିଷୟରେ (୯-୧୨ ପଦ) ରୋମ ମଣ୍ଡଳୀ ମଧ୍ୟରେ ଏହା ଗଭୀର ଚିନ୍ତା (ବିବାଦୀୟ) ପ୍ରତିଫଳିତ କଲା ।

ବିଶ୍ୱାସୀମାନଙ୍କର ପରସ୍ପରକୁ ଏକ ଆତ୍ମ-ତ୍ୟାଗ କରିବା ଦ୍ୱାରା ଖ୍ରୀଷ୍ଟଧର୍ମର ଚାରିତ୍ରିକଗୁଣ ପ୍ରକାଶିତ ହୁଏ (୧:୧୨, ୧୨:୫,୧୦,୧୬, ୧୩:୮, ୧୪:୧୩,୧୯, ୧୫:୫,୬,୧୪, ୧୬:୧୬)

□ **''ଖ୍ରୀଷ୍ଟ ଯେପରି ଆମ୍ଭମାନଙ୍କୁ ଗ୍ରହଣ କଲେ''** ଏହା ଏକ ଆଓରିଷ୍ଟ (ଭିନ୍ନ ପ୍ରକାର କ୍ରିୟାପଦ) ମଧ୍ୟବର୍ତ୍ତୀ ସୂଚନାଦାୟକ ଅଟେ । ଏଠାରେ ଅନ୍ୟମାନଙ୍କ ପ୍ରତି ବିଶ୍ୱାସୀର କାର୍ଯ୍ୟସମୂହର ଉଦ୍ଦେଶ୍ୟ ଓ ପ୍ରେରଣା ଅଛି (୧୪:୩) । ୧୪ ଅଧ୍ୟାୟରେ ଲକ୍ଷ୍ୟ ଥିଲା -

୧. ଖ୍ରୀଷ୍ଟ ମାଲିକ ଓ ବିଚାରକର୍ତ୍ତା ରୂପେ ୧-୧୨ ପଦମାନ

୨. ଖ୍ରୀଷ୍ଟ ଆମ୍ଭମାନଙ୍କ ଆତ୍ମ-ତ୍ୟାଗର ଉଦାହରଣ ରୂପେ ୧୩-୨୩ ପଦମାନ

ଖ୍ରୀଷ୍ଟ ଆମ୍ଭମାନଙ୍କୁ ଗ୍ରହଣ କରନ୍ତି, ଆମ୍ଭେମାନେ ପରସ୍ପରକୁ ଗ୍ରହଣ କରିବା ଉଚିତ ।

□ **''ଈଶ୍ୱରଙ୍କ ଗୌରବ ନିମନ୍ତେ''** ୩:୨୩ରେ ଟିପ୍ପଣୀ ଦେଖ ।

**୧୫:୮ ''ଖ୍ରୀଷ୍ଟ ଈଶ୍ୱରଙ୍କ ସତ୍ୟ ନିମନ୍ତେ ସୁନ୍ନତି ଲୋକମାନଙ୍କର ସେବକ କରାଯାଇଅଛନ୍ତି''** ଯୀଶୁ ହେଉଛନ୍ତି ପୁରାତନ ନିୟମ ଭାବବାଣୀର ଈଶ୍ୱରଙ୍କ ସଫଳତା (ମାଥିଉ ୧୦:୬, ୧୫:୨୪) । ଏହା ରୋମ ମଣ୍ଡଳୀରେ ବିଶ୍ୱାସୀ ଯିହୁଦୀ ଏବଂ ବିଶ୍ୱାସୀ ବିଜାତିମାନଙ୍କ ମଧ୍ୟରେ ଗଣ୍ଡଗୋଳ ଆଡ଼କୁ କରିଥାଇପାରେ ।

□

| | |
|---|---|
| ଏନ୍ଏଏସ୍ବି | **''ଈଶ୍ୱରଙ୍କ ସତ୍ୟ ସପକ୍ଷରେ ପିତୃପୁରୁଷମାନଙ୍କୁ ପ୍ରଦତ୍ତ ପ୍ରତିଜ୍ଞାସକଳ ଯେପରି ସ୍ଥିର କରନ୍ତି''** |
| ଏନ୍କେଜେଭି | **''ଈଶ୍ୱରଙ୍କ ସତ୍ୟ ନିମନ୍ତେ ପିତୃପୁରୁଷମାନଙ୍କୁ ଦତ୍ତ ପ୍ରତିଜ୍ଞାସକଳ ସ୍ଥିର (ବା) ଦୃଢ଼ କରିବାକୁ''** |
| ଏନ୍ଆର୍ଏସ୍ଭି | **''ଈଶ୍ୱରଙ୍କ ସତ୍ୟ ସପକ୍ଷରେ ପିତୃପୁରୁଷମାନଙ୍କୁ ପ୍ରଦତ୍ତ ପ୍ରତିଜ୍ଞାସକଳ ଯେପରି ଦୃଢ଼ୀଭୂତ କରନ୍ତି''** |
| ଟିଇଭି | **''ଯିହୁଦୀମାନଙ୍କ ପକ୍ଷରୁ, ଈଶ୍ୱର ବିଶ୍ୱସ୍ତ ବୋଲି ଦର୍ଶାଇବାକୁ, ତାହାଙ୍କ ପ୍ରତିଜ୍ଞାସମୂହ ପୂର୍ବପୁରୁଷମାନଙ୍କ ପ୍ରତି ସତ୍ୟରେ ପରିଣତ କଲେ ବା ସଫଳୀକୃତ କଲେ''** |
| ଏନ୍ଜେବି | **''ଅତଏବ ଈଶ୍ୱର ପୂର୍ବପୁରୁଷମାନଙ୍କ ନିମନ୍ତେ କରିଥିବା ପ୍ରତିଜ୍ଞାସମୂହ ସଫଳ କରିପାରିଲେ''** |

ଏହା ସମ୍ଭବତଃ ଇସ୍ରାଏଲ ପ୍ରତି ଈଶ୍ୱରଙ୍କ ପୁରାତନ ନିୟମ ପ୍ରତିଜ୍ଞାମାନ ସହିତ ସଂପୃକ୍ତ (୪:୧୬) । ଯାହାବି ହେଉ, ସମୁଦାୟ ମାନବ ଜାତିକୁ ମୁକ୍ତି ଦେବା ଲାଗି ଈଶ୍ୱରଙ୍କ ପ୍ରତିଜ୍ଞାସମୂହକୁ ଏହା ବୁଝାଇପାରେ (ଆଦି ୩:୧୫, ୧୨:୩, ଯାତ୍ରା ୧୯:୫-୬, ଯିଶାଇୟ ୨:୨-୪, ୫୬:୭, ୬୬:୧୮-୨୪) । ସୁସମାଚାର ରହସ୍ୟ ହେଉଛି ଯେ, ଈଶ୍ୱରଙ୍କ ଯୋଜନା ସର୍ବଦା ହୋଇଆସିଛି, ଖ୍ରୀଷ୍ଟଙ୍କ ମାଧ୍ୟମରେ ଯିହୁଦୀ ଓ ବିଜାତିମାନଙ୍କୁ ଏକୀଭୂତ କରିବା (ଏଫିସୀ ୨:୧୧-୩:୧୩)

ନୂତନ ନିୟମ ସମ୍ବାଦ ହେଉଛି ପୁରାତନ ନିୟମ ଭରସାମାନ ସଫଳ କରିବା, କୌଣସି ସଂପୂର୍ଣ୍ଣ ନୂତନ ନୁହେଁ । ଖ୍ରୀଷ୍ଟଙ୍କ ମହାନ୍ ମିଶନ (କାର୍ଯ୍ୟ) ଥିଲା (୧) ଇସ୍ରାୟେଲ ପାଇଁ ତାହାର ପ୍ରତିଜ୍ଞାତ ଭରସା ସଫଳ କରିବା ଏବଂ (୨) ବିଜାତିମାନଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ କରିବା (ରୋମୀ. ୩:୨୯-୩୦, ୯:୩୦, ୧୦:୧୧-୧୨, ୧୬-୨୦, ୧୧:୨୫,୩୨, ୧୬:୨୫, ଏଫିସୀ ୨:୧୧-୩:୨୧) । ଯେହେତୁ ଇସ୍ରାୟେଲ ତାହାର ସୁସମାଚାର ପ୍ରଚାର କାର୍ଯ୍ୟରେ ଈଶ୍ୱରଙ୍କୁ ପ୍ରକାଶ କରିବା ଏବଂ ବିଜାତିମାନଙ୍କୁ ବିଶ୍ୱାସ ମଧ୍ୟକୁ ଆକର୍ଷଣ କରିବାରେ ବିଫଳ ହେଲେ, ଯୀଶୁ ଏକ ନୂତନ ଆତ୍ମିକ ଇସ୍ରାୟେଲକୁ ଶକ୍ତିଯୁକ୍ତ କରନ୍ତି (୯:୬, ଗାଲାତୀ ୬:୧୨) ଏହି ସାର୍ବଜନୀନ ଦାୟିତ୍ୱ ସମ୍ପନ୍ନ କରିବା ସକାଶେ (ମାଥିଉ ୨୮:୧୯-୨୦, ଲୂକ ୨୪:୪୭, ଯୋହନ ୩:୧୬, ପ୍ରେରିତ ୧:୮)

□ **''ସ୍ଥିର କରନ୍ତି''** ୪:୧୬ରେ ବିଶେଷ ପ୍ରସଙ୍ଗ ଦେଖ ।

**୧୫:୯-୧୨** ଏହା ଅନେକ ଶାସ୍ତ୍ରାଂଶ ପୁରାତନ ନିୟମରୁ ଉଦ୍ଧୃତ କରେ ଯାହା ଦର୍ଶାଏ ଯେ, ବିଜାତିମାନେ ସର୍ବଦା ଈଶ୍ୱରଙ୍କ ଯୋଜନାର ଏକ ଅଂଶ ହୋଇଆସିଛନ୍ତି । ବିଶେଷ ପ୍ରସଙ୍ଗ ଦେଖ : ୧:୫, ୧୦:୧୬-୨୦ରେ ବବ୍ଙ୍କ ସୁସମାଚାର ପ୍ରଚାର ସମ୍ବନ୍ଧୀୟ ପୂର୍ବମତର ପ୍ରଭାବମାନ । ଅନେକ ପୁରାତନ ନିୟମ ଶାସ୍ତ୍ରାଂଶ ଉଦ୍ଧୃତ ହୋଇଛି :

୧. ୯ ପଦ - ଗୀତ ୧୮:୪୯ ବା ୨ ଶାମୁ. ୨୨:୫୦

୨. ୧୦ ପଦ - ଦ୍ୱିତୀୟ ବିବରଣ ୩୨:୪୩

୩. ୧୧ ପଦ - ଗୀତ ୧୧:୧

୪. ୧୨ ପଦ - ଯିଶାଇୟ ୧୧:୧,୧୦

ଲକ୍ଷ୍ୟ କର ହିବ୍ରୁ ନିୟମର ପ୍ରତ୍ୟେକ ଭାଗରୁ ଏକ ଉଦ୍ଧୃତାଂଶ ଅଛି : ବ୍ୟବସ୍ଥା, ଭବିଷ୍ୟତବକ୍ତାଗଣ ଏବଂ ଲେଖାମାନ ।

**୧୫:୯ ''ଈଶ୍ୱରଙ୍କ ଦୟା ନିମନ୍ତେ ତାହାଙ୍କ ଗୌରବ କରନ୍ତି''** ''ଈଶ୍ୱରଙ୍କ'' ଦୟା ରୋମୀୟମାନଙ୍କ ପୂର୍ବ ନିରୂପଣ ପାଇଁ ଏକ ପାରମାର୍ଥିକ କଞ୍ଚି ଅଟେ (୯:୧୫,୧୬,୧୮,୨୩) ଏବଂ ବିଜାତିମାନଙ୍କୁ ଅନ୍ତର୍ଗତ କରି (୧୧:୩୦,୩୧,୩୨, ୧୫:୯) ଏହା ଥିଲା ଈଶ୍ୱରଙ୍କ ଦୟା ଯାହା ଯିହୁଦୀମାନଙ୍କୁ ପରିତ୍ରାଣ

କଲା । ଏହା ଈଶ୍ୱରଙ୍କ ଦୟା, ଯାହା ବିଶ୍ୱାସୀ ବିଜାତିମାନଙ୍କୁ ପରିତ୍ରାଣ କଲା । ପ୍ରଣାଳୀରେ କାର୍ଯ୍ୟ କରାଗଲା, ଯାହା ମାନବ କାର୍ଯ୍ୟସାଧନ ନୁହେଁ (ରୋମୀ. ୯), ମାତ୍ର ଈଶ୍ୱରଙ୍କ ଅନୁଗ୍ରହଜନକ, ଅପରିବର୍ତ୍ତନୀୟ ଚରିତ୍ର (ଯାତ୍ରା ୧୪:୬, ନିହିମିୟା ୯:୧୭, ଗୀତ. ୧୦୩:୮,୪, ଯୋୟେଲ ୨:୧୩) ଏବଂ ମଶୀହଙ୍କ ପ୍ରତିଜ୍ଞା (ଯିଶାଇୟ ୧୧:୧,୧୦)

ଏହା ଆକର୍ଷଣୀୟ ଯେ ବିଜାତିମାନେ ଈଶ୍ୱରଙ୍କୁ ଗୌରବାନ୍ୱିତ କଲେ

୧. ସ୍ୱୀକାର/ପ୍ରଶଂସା ଦ୍ୱାରା
୨. ସଙ୍ଗୀତ ଗାନ କରିବା ଦ୍ୱାରା

ଜଣେ ବିଶ୍ୱାସୀ ଯେତେବେଳେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ ଗାନ କରେ, ସେ ସ୍ୱୀକାର/ଘୋଷଣା କରୁଅଛି ! ଗୀତସମୂହ, ଯଥା : ଧର୍ମମତମାନ ସ୍ୱୀକାର କରିବାର ଏକ ମୂଲ୍ୟବାନ ଉପାୟ (୧୦:୯-୧୩)

**୧୫:୧୩ ''ଭରସାର ଈଶ୍ୱର''** ଏହା ଥିଲା ୧୪:୧ରେ ଆରମ୍ଭ କରାଯାଇଥିବା ସାହିତ୍ୟିକ (ଆକ୍ଷରିକ)ଭାବେ ଈଶ୍ୱରଙ୍କ ଶେଷ ପ୍ରଶଂସାଗାନ ଏହା ଈଶ୍ୱରଙ୍କ ସକାଶେ ଅନ୍ୟ ଏକ ଚମତ୍କାର ଉପନାମ ଥିଲା - ଭରସାର ଈଶ୍ୱର

**୧୫:୧୩ ''ତୁମ୍ଭମାନଙ୍କୁ ସମସ୍ତ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତୁ''** ଏହା ଏକ ବିଚିତ୍ରକ୍ରିୟାପଦ କର୍ତ୍ତୃବାଚକ ଶୁଭେଚ୍ଛା ପ୍ରଦର୍ଶନ ରୋମ୍‌ରେ ବିଶ୍ୱାସୀମାନଙ୍କ ପାଇଁ ପାଉଲଙ୍କ ପ୍ରାର୍ଥନା ସୂଚିତ କରେ । ''ସମସ୍ତ''ର ଉପସ୍ଥିତ ଲକ୍ଷ୍ୟ କର (୫:୧-୨, ୧୪:୧୭)

□

**ଏନ୍‌ଏଏସ୍‌ବି, ଏନ୍‌କେଜେଭି,**
**ଏନ୍‌ଆର୍‌ଏସ୍‌ଭି ''ବିଶ୍ୱାସରେ''**
**ଟିଇଭି ''ତାହାଙ୍କଠାରେ ତୁମ ବିଶ୍ୱାସର ମାଧ୍ୟମ ଦ୍ୱାରା''**
**ଏନ୍‌ଜେବି ''ତୁମ୍ଭମାନଙ୍କ ବିଶ୍ୱାସରେ''**

ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ କର୍ତ୍ତା ନିରପେକ୍ଷ କ୍ରିୟା ଅଟେ । ଏହା ବ୍ୟକ୍ତିଗତ ଆନନ୍ଦ ଓ ଶାନ୍ତିରେ ବିଶ୍ରାମଲଭି ପବିତ୍ରଆତ୍ମାଙ୍କ ଶକ୍ତିରେ ଖ୍ରୀଷ୍ଟଙ୍କଠାରେ ସର୍ବଦା ବିଶ୍ୱାସର ମାଧ୍ୟମ ଦ୍ୱାରା ଧୈର୍ଯ୍ୟ ସହ ଚେଷ୍ଟାର ଦୃଢ଼ବିଶ୍ୱାସ ପ୍ରକାଶ କରେ । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କେବଳ ପ୍ରାରମ୍ଭିକ ପ୍ରତ୍ୟୁତ୍ତର ନୁହେଁ, ମାତ୍ର ଜୀବନଶୈଳୀ ପ୍ରତ୍ୟୁତ୍ତର ।

□ **''ତେବେ ଭରସାର ପ୍ରଚୁରତା ଅନୁଭବ କରିବ''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ କର୍ତ୍ତା ନିରପେକ୍ଷ କ୍ରିୟା ପେରିସିୟୁଓର, ଯାହା ମୂଳତଃ ''ଅତିକ୍ରମ ଏବଂ ସର୍ବୋଚ୍ଚ ବୁଝାଏ । ''ଭରସା'' ପାଇଁ ୧୫:୪ର ଟିପ୍ପଣୀ ଦେଖ ।

**ବିଶେଷ ପ୍ରସଙ୍ଗ : ପ୍ରଚୁରଭାବେ ମିଳେ *(ପେରିସେଉଓ)***

ପାଉଲ ଏହି ସମୟକୁ ଅନେକ ସମୟରେ ବ୍ୟବହାର କରନ୍ତି ।

୧. ଈଶ୍ୱରଙ୍କ ସତ୍ୟତା, ତାହାଙ୍କ ଗୌରବକୁ ପ୍ରଚୁରଭାବେ ବୃଦ୍ଧି ପାଇଲା ରୋମୀ. ୩:୭
୨. ସେହି ଜଣେ ମନୁଷ୍ୟ, ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହରେ ବିନାମୂଲ୍ୟର ଦାନ ପ୍ରଚୁର ହେଲା ରୋମୀ. ୫:୧୫
୩. ବିଶ୍ୱାସୀମାନେ ଭରସାରେ ପୂର୍ଣ୍ଣ ହୁଅନ୍ତି ରୋମୀ. ୧୫:୧୩
୪. ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା ବା ନ ଖାଇବା ଦ୍ୱାରା ବିଶ୍ୱାସୀମାନେ ଈଶ୍ୱରଙ୍କ ପ୍ରତି ବାଧ କରାଯାଇନାହାନ୍ତି ।
୫. ବିଶ୍ୱାସୀମାନେ ମଣ୍ଡଳୀ ନିର୍ମାଣ କରିବାରେ ବାଧ ୧ କରନ୍ଥୀ ୧୪:୧୨
୬. ବିଶ୍ୱାସୀମାନେ ପ୍ରଭୁଙ୍କ କାର୍ଯ୍ୟ କରିବାକୁ ବାଧ ୧ କରନ୍ଥୀ ୧୫:୫୮
୭. ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ କ୍ଳେଶଭୋଗର ପ୍ରଚୁରଭାବେ ଅଂଶୀ ହୁଅନ୍ତି ଏବଂ ଖ୍ରୀଷ୍ଟଙ୍କ ସାନ୍ତ୍ୱନାରେ ପ୍ରଚୁରଭାବେ ମଧ୍ୟ । ୨ କରନ୍ଥୀ ୧:୫
୮. ଧାର୍ମିକତାର ସେବାକାର୍ଯ୍ୟ ଗୌରବରେ ପ୍ରଚୁରଭାବେ ବୃଦ୍ଧି ପ୍ରାପ୍ତ ହୁଏ ୨ କରନ୍ଥୀ ୩:୯
୯. ବିଶ୍ୱାସୀମାନଙ୍କ ଧନ୍ୟବାଦ ଦେବା ଈଶ୍ୱରଙ୍କ ଗୌରବକୁ ପ୍ରଚୁରଭାବେ ବୃଦ୍ଧି ପାଏ ୨ କରନ୍ଥୀ ୪:୧୫
୧୦. ବିଶ୍ୱାସୀମାନଙ୍କ ଆନନ୍ଦର ପ୍ରଚୁରତା ୨ କରନ୍ଥୀ ୮:୨
୧୧. ବିଶ୍ୱାସୀମାନେ ସମସ୍ତ ବିଷୟରେ ପ୍ରଚୁରତା ଲାଭ କରନ୍ତି (ବିଶ୍ୱାସ, ବକ୍ତବ୍ୟ, ଜ୍ଞାନ, ସଚ୍ଚୋଟତା ଏବଂ ପ୍ରେମ), ଯିରୁଶାଲମ ମଣ୍ଡଳୀ ପାଇଁ ଦାନ ଦେବାରେ ମଧ୍ୟ ୨ କରନ୍ଥୀ ୮:୭
୧୨. ସମସ୍ତ ଅନୁଗ୍ରହ ବିଶ୍ୱାସୀମାନଙ୍କ ପାଇଁ ଗଦା ହୋଇଥାଏ ୨ କରନ୍ଥୀ ୯:୮
୧୩. ବିଶ୍ୱାସୀମାନଙ୍କ ଈଶ୍ୱରଙ୍କ ପ୍ରତି ଧନ୍ୟବାଦ ପ୍ରଚୁର ୨ କରନ୍ଥୀ ୯:୧୨
୧୪. ଈଶ୍ୱରଙ୍କ ଅନୁଗ୍ରହର ପ୍ରାଚୁର୍ଯ୍ୟତା ବିଶ୍ୱାସୀମାନଙ୍କ ଉପରେ ଢଳା ଯାଇଛି ଏଫିସୀ ୧:୮
୧୫. ବିଶ୍ୱାସୀମାନଙ୍କର ପ୍ରେମ ଅଧିକରୁ ଅଧିକ ତଥାପି ପ୍ରଚୁର ହେଉ ଫିଲିପ୍ପୀ ୧:୯

୧୬. ପାଉଲଙ୍କଠାରେ ବିଶ୍ୱାସୀମାନଙ୍କ ଦୃଢ଼ ବିଶ୍ୱାସ ଖ୍ରୀଷ୍ଟଙ୍କଠାରେ ପ୍ରଚୁର ଥିଲା ଫିଲିପ୍ପୀ ୧:୨୫
୧୭. ପ୍ରଚୁରତା ଭୋଗକରି ଫିଲିପ୍ପୀ ୪:୧୨,୧୮
୧୮. ବିଶ୍ୱାସୀମାନେ କୃତଜ୍ଞତାରେ ଉଚ୍ଛୁଳା ହେବା ପରି ଭରପୁର ଅଟନ୍ତି କଲସୀ ୨:୭
୧୯. ବିଶ୍ୱାସୀମାନେ ପରସ୍ପର ପ୍ରତି ପ୍ରେମରେ ବୃଦ୍ଧି ଓ ବାନ୍ଧି ହୋଇ ରହିଥାଆନ୍ତି ୧ ଥେସଲ. ୩:୧୨
୨୦. ଈଶ୍ୱରପରାୟଣ ଜୀବନଶୈଳୀରେ ପ୍ରାଚୁର୍ଯ୍ୟତା ଅନୁଭବ ୧ ଥେସଲ. ୪:୧
୨୧. ସହ-ବିଶ୍ୱାସୀମାନଙ୍କ ପାଇଁ ପ୍ରେମରେ ଅଧିକ ବନ୍ଧନଗ୍ରସ୍ତ, ୧ ଥେସଲ. ୪:୧୦

ପାଉଲଙ୍କର ଈଶ୍ୱରଙ୍କ ଅନୁଗ୍ରହର ବୁଝାମଣା ଖ୍ରୀଷ୍ଟଙ୍କଠାରେ ଥିଲା ''ପରିପୂର୍ଣ୍ଣ ଓ ଉଚ୍ଛୁଳା'', ତେଣୁ ମଧ୍ୟ ଏହି ପୂର୍ଣ୍ଣତା ଓ ଉଚ୍ଛୁଳା'' ଅନୁଗ୍ରହ ଓ ପ୍ରେମରେ ବିଶ୍ୱାସୀମାନଙ୍କର ଦୈନନ୍ଦିନ ଜୀବନରେ ଚାଲିବାର ଆବଶ୍ୟକତା ଅଛି ।

□ **''ପବିତ୍ର ଆତ୍ମାଙ୍କ ଶକ୍ତିରେ''** ଏହି ନୂତନ ଯୁଗରେ ପବିତ୍ର ଆତ୍ମା, ତ୍ରିବିଧ ପରମେଶ୍ୱରଙ୍କ ମଧ୍ୟରୁ ଏକ ବ୍ୟକ୍ତି କାର୍ଯ୍ୟରତ ଅଛନ୍ତି । ତାହାଙ୍କ ବ୍ୟତୀତ କୌଣସି ବିଷୟର ସ୍ଥାୟୀ ମୂଲ୍ୟ ବା ପ୍ରଭାବ ନାହିଁ (୧୫:୧୯, ୧ କରନ୍ଥୀ ୨:୪, ୧ ଥେସ. ୧:୫) ।
୮:୯ ଓ ୮:୧୧ରେ ବିଶେଷ ପ୍ରସଙ୍ଗ ଦେଖ ।

### ଆଲୋଚନା ପ୍ରଶ୍ନସମୂହ

ଏହା ଏକ ଅଧ୍ୟୟନ <u>ଚାଳନା</u> କମେଣ୍ଟାରୀ (ବ୍ୟାଖ୍ୟା ପୁସ୍ତକ), ଯାହା ବୁଝାଏ ଯେ ବାଇବଲର ତୁମ ନିଜ ଅନୁବାଦ ପାଇଁ ତୁମେ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକାରୀ ଅଟ । ତୁମେ ଏହାର ଦାୟିତ୍ୱ ଏକ ବାଖ୍ୟାକାରଙ୍କ ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ, ପୁସ୍ତକର ଏହି ଭାଗର ମୁଖ୍ୟ ବିଷୟ ମାଧ୍ୟମରେ ତୁମକୁ ଚିନ୍ତା କରିବାରେ ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକକାରୀ ହେବାକୁ ଉଦ୍ଦୀଷ୍ଟ, ମାତ୍ର ନିର୍ଦ୍ଦିଷ୍ଟ ରୂପେ ନୁହେଁ ।

୧. ରୋମୀ ୧୪:୧-୧୫:୧୩ର କେନ୍ଦ୍ରୀୟ ସତ୍ୟ କ'ଣ ?
୨. ପାଉଲ ରୋମୀ ୧୫:୯-୧୨ ପଦମାନଙ୍କରେ ପୁରାତନ ନିୟମରୁ ଶାସ୍ତ୍ରାଂଶଗୁଡ଼ିକ ଉଦ୍ଧୃତ କରିଅଛନ୍ତି ? ସେଗୁଡ଼ିକ କେଉଁ ମହାନ୍ ସତ୍ୟ ଶିକ୍ଷା ଦିଅନ୍ତି ?

### ଶାସ୍ତ୍ରାଂଶ ୧୪-୩୩ ପଦର ପୂର୍ବାପର ଅର୍ନ୍ତଦୃଷ୍ଟିମାନ

କ. ଅନେକ ବାଟରେ ଏହି ପତ୍ରର ଶେଷାଂଶ, ଏହାର ପ୍ରାରମ୍ଭ ଅଂଶ ସହିତ ସମାନ, ୧:୮-୧୫ ପଦମାନ
୧. ଏହା ସେମାନଙ୍କ ବିଶ୍ୱାସକୁ ଉଚ୍ଚୀକୃତ କରେ (୧:୮)
୨. ଏହା ପାଉଲଙ୍କର ବିଜାତିମାନଙ୍କ ନିକଟକୁ ସୁସମାଚାରର ପ୍ରେରିତପଦକୁ ସପକ୍ଷତା ଦିଏ ୧:୧୩,୧୪ ପଦମାନ
୩. ପାଉଲ ସେମାନଙ୍କୁ ପରାମର୍ଶ କରିବାର ଆକାଂକ୍ଷା ଏହା ପ୍ରକାଶ କରେ (୧:୧୦,୧୩)
୪. ଏହା ପାଉଲଙ୍କ ଆକାଂକ୍ଷା ପ୍ରକାଶ କରେ ଯେ, ସେମାନେ ପଥ ମଧ୍ୟରେ ତାଙ୍କୁ ଅନ୍ୟ ଅଞ୍ଚଳମାନଙ୍କରେ ଯେଉଁଠାରେ ସେପର୍ଯ୍ୟନ୍ତ ସୁସମାଚାର ପ୍ରଚାରିତ ହୋଇ ନ ଥିଲା ସେ ଅଞ୍ଚଳଗୁଡ଼ିକୁ ଯିବାକୁ ସାହାଯ୍ୟ କରିବେ (ସ୍ପେନ ୧:୧୩ ପଦ)

ଖ. ପୁନର୍ବାର ରୋମ୍ ମଣ୍ଡଳୀରେ, ବିଶ୍ୱାସ କରୁଥିବା ଯିହୁଦୀ ଓ ବିଶ୍ୱାସ କରୁଥିବା ବିଜାତିମାନଙ୍କ ମଧ୍ୟରେ ମତାନ୍ତର ଥିବାର ସୂଚନା ପରୋକ୍ଷଭାବେ ବା ଚୁମ୍ବକୀୟଭାବେ ପତ୍ରର ଆମୁଳଚୂଳ ଉଲ୍ଲେଖ କରାଯାଇଆସିଅଛି । ବିଶେଷତଃ ୯-୧୧, ୧୪:୧-୧୫:୧୩ ପଦ ମଧ୍ୟରେ ।

ଗ. ଆହୁରି ମଧ୍ୟ ପାଉଲଙ୍କ ପ୍ରେରିତ ପଦ ନେଇ ଆଦ୍ୟ ମଣ୍ଡଳୀରେ ମତାନ୍ତରର ସୂଚନା ମଧ୍ୟ ସେଠାରେ ଅଛି । ସେ ଆପଣାକୁ ପ୍ରତିରକ୍ଷା କରିବାର ଦେଖାଯାଏ (୧୫-୧୯,୧:୨-୫ ପଦମାନଙ୍କରେ)

ଘ. ଏହି ସାହିତ୍ୟିକ ଅଂଶଟି ଦୁଇଟି ପ୍ରସଙ୍ଗ ଧାରଣ କରେ
୧. ପାଉଲଙ୍କର ପ୍ରେରିତିକ ସୁସମାଚାର ପ୍ରଚାର ସମ୍ବନ୍ଧରେ ବିଜାତି-ପରିବେଷ ପ୍ରତି ସେବାକାର୍ଯ୍ୟ (୧୪-୨୧ ପଦ)
୨. ଏହି ଉଦ୍ଦେଶ୍ୟ ସାଧନ କରିବାକୁ ପାଉଲଙ୍କ ଯାତ୍ରା ଯୋଜନାମାନ ତାଙ୍କୁ ରୋମ୍ ମଧ୍ୟ ଦେଇ ନେଇଥାଇପାରେ (୨୨,୨୩ ପଦମାନ) ।

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୫:୧୪–୨୧**

**[14]ଆଉ ହେ ମୋହର ଭାଇମାନେ, ତୁମ୍ଭେମାନେ ଯେ ଆପେ ଆପେ ମଙ୍ଗଳ ଭାବରେ ଓ ସମସ୍ତ ଜ୍ଞାନରେ ପରିପୂର୍ଣ୍ଣ ପୁଣି ପରସ୍ପରକୁ ଚେତନା ଦେବା ନିମନ୍ତେ ମଧ୍ୟ ସକ୍ଷମ, ଏହା ମୁଁ ନିଜେ ସୁଦ୍ଧା ତୁମ୍ଭମାନଙ୍କ ବିଷୟରେ ନିଶ୍ଚୟବୋଧ କରୁଅଛି । [15]ତଥାପି ମୋତେ ଈଶ୍ୱରଙ୍କ କର୍ତ୍ତୃକ ଦତ୍ତ ଅନୁଗ୍ରହ ହେତୁ ମୁଁ ତୁମ୍ଭମାନଙ୍କୁ ପୁନର୍ବାର ସ୍ମରଣ କରାଇବା ନିମନ୍ତେ କେତେକ ପରିମାଣରେ ଅଧିକ ସାହସ ସହିତ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି । [16]କାରଣ ବିଜାତିମାନେ ଯେପରି ପବିତ୍ରଆତ୍ମାଙ୍କ ଦ୍ୱାରା ପବିତ୍ରିକୃତ ହୋଇ ନୈବେଦ୍ୟ ସ୍ୱରୂପେ ସୁଗ୍ରାହ୍ୟ ହୁଅନ୍ତି, ଏଥିନିମନ୍ତେ ସେମାନଙ୍କ ନିକଟରେ ଖ୍ରୀଷ୍ଟ ଯୀଶୁଙ୍କ ସେବକ ହୋଇ ଈଶ୍ୱରଙ୍କ ସୁସମାଚାରର ଯାଜକତ୍ୱ କରିବା ପାଇଁ ମୋତେ ସେହି ଅନୁଗ୍ରହ ଦତ୍ତ ହୋଇଅଛି । [17]ଏଣୁ ଈଶ୍ୱରଙ୍କ ସେବା ବିଷୟରେ ମୋହର ଖ୍ରୀଷ୍ଟ ଯୀଶୁଙ୍କଠାରେ ଦର୍ପ କରିବାର ଅଛି । [18]କାରଣ ବିଜାତିମାନଙ୍କୁ ଆଜ୍ଞାବହ କରିବା ନିମନ୍ତେ ଖ୍ରୀଷ୍ଟ ମୋ ଦ୍ୱାରା ବାକ୍ୟରେ ଓ କର୍ମରେ, ଅର୍ଥାତ୍ ଶକ୍ତିରେ ଯାହା ଯାହା ସାଧନ କରିନାହାନ୍ତି, ଏପରି କୌଣସି ବିଷୟ କହିବାକୁ ମୁଁ ସାହସ କରିବି ନାହିଁ । [19]ଏହି ପ୍ରକାରେ ଯିରୁଶାଲମଠାରୁ ଇଲ୍ଲୁରିକ ପର୍ଯ୍ୟନ୍ତ ଚତୁର୍ଦ୍ଦିଗରେ ମୁଁ ଖ୍ରୀଷ୍ଟଙ୍କ ସୁସମାଚାର ସଂପୂର୍ଣ୍ଣରୂପେ ପ୍ରଚାର କରିଅଛି । [20]ହଁ ଯେପରି ମୁଁ ଅନ୍ୟ ଲୋକର ମୂଳଦୁଆ ଉପରେ ନ ଗଢ଼େ । ଏଥିନିମନ୍ତେ ଯେଉଁ ସ୍ଥାନରେ ଖ୍ରୀଷ୍ଟଙ୍କ ନାମ ଉଚ୍ଚାରିତ ହୋଇନାହିଁ, ଏପରି ସ୍ଥାନରେ ସୁସମାଚାର ପ୍ରଚାର କରିବା ପାଇଁ ମୁଁ ଲକ୍ଷ୍ୟ କରି ଆସିଅଛି । ଯେପରି ଲେଖାଅଛି, ଯେଉଁମାନେ ତାହାଙ୍କ ସମ୍ବାଦ ପାଇନାହାନ୍ତି, ସେମାନେ ଦେଖିବେ, ଆଉ ଯେଉଁମାନେ ଶୁଣିନାହାନ୍ତି, ସେମାନେ ବୁଝିବେ ।**

**୧୫:୧୪**

| | |
|---|---|
| **ଏନ୍‌ଏଏସ୍‌ବି** | **"ଆଉ ହେ ମୋହର ଭାଇମାନେ, ତୁମ୍ଭମାନଙ୍କ ବିଷୟରେ ମୁଁ ନିଜେ ସୁଦ୍ଧା ନିଶ୍ଚୟବୋଧ କରୁଅଛି"** |
| **ଏନ୍‌କେଜେଭି** | **"ବର୍ତ୍ତମାନ ମୋହର ଭାଇମାନେ, ତୁମ୍ଭମାନଙ୍କ ବିଷୟରେ ମୁଁ ନିଜେ ସୁଦ୍ଧା ଦୃଢ଼ ବିଶ୍ୱାସ କରେ"** |
| **ଏନ୍‌ଆର୍‌ଏସ୍‌ଭି** | **"ମୋହର ଭାଇ ଓ ଭଉଣୀମାନେ, ତୁମ୍ଭମାନଙ୍କ ବିଷୟରେ ମୁଁ ନିଜେ ଦୃଢ଼ ବିଶ୍ୱାସ ଅନୁଭବ କରେ"** |
| **ଟିଇଭି** | **"ମୋହର ବନ୍ଧୁଗଣ : ମୁଁ ନିଜେ ତୁମ୍ଭମାନଙ୍କ ବିଷୟରେ ନିଶ୍ଚୟବୋଧ କରୁଅଛି"** |
| **ଏନ୍‌ଜେଭି** | **"ମୋର ଭାଇମାନେ, ତୁମ୍ଭମାନଙ୍କ ବିଷୟରେ ମୋର କିଛି ସନ୍ଦେହ ରହିଥିବା ହେତୁ ନୁହେଁ, ଏହାର ବିପରୀତରେ ମୁଁ ତୁମ୍ଭମାନଙ୍କ ବିଷୟରେ ସଂପୂର୍ଣ୍ଣ ନିଶ୍ଚୟ ଅଟେ"** |

"ମୁଁ" *(ଅଟୋଏଗୋଓ)* ଗ୍ରୀକ୍‌ରେ ବଡ଼ ଗୁରୁତ୍ୱ ଦିଆଯାଇଛି । ପାଉଲ ପ୍ରକୃତରେ ଏହି ମଣ୍ଡଳୀର ପ୍ରଶଂସା କରୁଅଛନ୍ତି ("ବୋଧପ୍ରାପ୍ତ") (ସଂପୂର୍ଣ୍ଣ କର୍ମବାଚ୍ୟ ସୂଚନାତ୍ମକ)

ପାଉଲ ୧୪ ପଦରେ ଏହି ରୋମ୍ ମଣ୍ଡଳୀ ବିଷୟରେ ତିନୋଟି ବିଷୟ ପ୍ରକାଶ କରନ୍ତି

୧. ସେମାନେ ଉତ୍ତମତାରେ ପୂର୍ଣ୍ଣ (ବର୍ତ୍ତମାନ କର୍ତ୍ତୃବାଚ୍ୟ ସୂଚନାତ୍ମକ)
୨. ସେମାନେ ଜ୍ଞାନରେ ପୂର୍ଣ୍ଣ (ସଂପୂର୍ଣ୍ଣ କର୍ମବାଚ୍ୟ କୃଦନ୍ତ)
୩. ସେମାନେ ପରସ୍ପରକୁ ଶାସନ କରିବାକୁ ସକ୍ଷମ (ବର୍ତ୍ତମାନ କର୍ମବାଚ୍ୟ କୃଦନ୍ତ)

ଏହି ପଦ ସୂଚାଏ ଯେ ପାଉଲ ସେମାନଙ୍କ ନିକଟକୁ ଏକ ନୂତନ ସମ୍ବାଦ ଆଣୁନାହାନ୍ତି, ମାତ୍ର ସୁସମାଚାର ବାଖ୍ୟା ଓ ସୁସ୍ପଷ୍ଟ କରୁଅଛନ୍ତି, ଯାହା ସେମାନେ ପୂର୍ବରୁ ଶୁଣିସାରିଛନ୍ତି ଓ ଗ୍ରହଣ କରିଛନ୍ତି (୧୫ ପଦ)

□ **"ତୁମ୍ଭେମାନେ ଯେ ଆପେ ଆପେ... ପରିପୂର୍ଣ୍ଣ"** ଯେପରି ପ୍ରଥମ ବାକ୍ୟାଂଶରେ "ମୁଁ ନିଜେ ସୁଦ୍ଧା"ରେ ଚାପ ଦିଆଯାଇଛି, "ତୁମ୍ଭେମାନେ ଆପେ ଆପେ" ଏଠାରେ ଗୁରୁତ୍ୱପୂର୍ଣ୍ଣ ଅଟେ । "ପରିପୂର୍ଣ୍ଣ" ଶବ୍ଦ (ମେସ୍ଥୋସ୍) ବୁଝାଏ "ପୂର୍ଣ୍ଣମାତ୍ରା" ବା "ଭରପୁର", ପାଉଲ ଏହି ଶବ୍ଦ କେବଳ ଦୁଇଥର, ଉଭୟଥର ଏହି ରୋମୀୟ ପୁସ୍ତକରେ ବ୍ୟବହାର କରିଅଛନ୍ତି (୧:୨୯, ୧୫:୧୪)

"ପୂର୍ଣ୍ଣ ହୋଇଅଛି" (ପ୍ଲେରୋଓଓ) ଶବ୍ଦ ଏକ ସଂପୂର୍ଣ୍ଣ କର୍ମବାଚ୍ୟ କୃଦନ୍ତ ଅଟେ । ପାଉଲ ଏହି ଶବ୍ଦ ରୋମୀ ପୁସ୍ତକରେ ଅନେକଥର ବ୍ୟବହାର କରିଅଛନ୍ତି (୧:୨୯, ୮:୪, ୧୩:୮, ୧୫:୧୩,୧୪,୧୯) । ସେ ମଧ୍ୟ ବିଶେଷ୍ୟ ପଦ "ପ୍ଲେରୋମା" ରୋମୀରେ ଅନେକଥର ବ୍ୟବହାର କରିଅଛନ୍ତି (୧୧:୧୨,୨୫, ୧୩:୧୦, ୧୫:୨୯) ମାତ୍ର ଏହି ଲେଖାଗୁଡ଼ିକରେ କୌଣସିଠାରେ କେବେହେଲେ ବିଶେଷଣ ବ୍ୟବହାର କରିନାହାନ୍ତି ।

ଏହା ଥିଲା ପାଉଲଙ୍କର ଆକାଂକ୍ଷା, ଯେପରି ସଂପୂର୍ଣ୍ଣ ସୁସମାଚାରରେ ବିଶ୍ୱାସୀମାନଙ୍କୁ ପ୍ରେମ ଓ ସେବାରେ ଉଚ୍ଛୁଳି ଉଠିବା ପାଇଁ ପୁରାମାତ୍ରାରେ ଭର୍ତ୍ତି କରିଦେବେ । ସେମାନେ ଏହି ନିଶ୍ଚୟତାକୁ ସଂପୂର୍ଣ୍ଣ ଗ୍ରହଣ ଓ ଲାଭ କରିବା ଆବଶ୍ୟକ ।

□ **"ମଙ୍ଗଳ ଭାବରେ ଓ ସମସ୍ତ ଜ୍ଞାନରେ ପରିପୂର୍ଣ୍ଣ"** ଏହି ଅଂଶଟି ବୁଝିବାକୁ ଦୁଇଟି ପଥ ଅଛି (୧) ଯେପରି ସେମାନେ ୧୪:୧–୧୫:୧୩ର ଠିକ୍ ପୂର୍ବେ ଲିଖିତ ସାହିତ୍ୟିକ ଅଂଶବିଶେଷ ସହିତ ପୂର୍ବାପର ସମ୍ବନ୍ଧ ଅନୁସାରେ ସଂପୃକ୍ତ ହୁଅନ୍ତି । ଏହା ଏହି ଶବ୍ଦ "ମଙ୍ଗଳ" ୧୪:୧୬, ୧୫:୨ର ସାଧାରଣ ବ୍ୟବହାର ଦ୍ୱାରା ଦୃଢ଼ୀକୃତ ହୋଇପାରେ ଏବଂ ଏଠାରେ (୨) ଯେପରି ଏହା ବିଶ୍ୱାସର ପୂର୍ଣ୍ଣ ସୁସମାଚାର ସହିତ ସଂପୃକ୍ତ ହେବ ଓ ପାରମ୍ପାରିକ ଧର୍ମମତ ଏବଂ ଧର୍ମନୀତି ଅଭ୍ୟାସ କରିବ ।

⊡ **''ପରସ୍ପରକୁ ଚେତନା ଦେବା ନିମନ୍ତେ ମଧ୍ୟ ସକ୍ଷମ''** ମଣ୍ଡଳୀ, ଈଶ୍ୱରଙ୍କ ଦ୍ୱାରା ପରସ୍ପରକୁ ଉତ୍ସାହ ଦେବା ଓ ଚେତନା ଦେବା ନିମନ୍ତେ ପ୍ରସ୍ତୁତ କରାଯାଇଅଛି (୧ କରନ୍ଥୀ ୧୨:୭, କଲସୀ ୩:୧୬, ୧ ଥେସଲ ୫:୧୪, ୨ ଥେସଲ ୩:୧୫) । ଆମ୍ଭେମାନେ ସେବା କରିବାକୁ ରକ୍ଷାପ୍ରାପ୍ତ ବା ପରିତ୍ରାଣପ୍ରାପ୍ତ ଏବଂ ପରସ୍ପରର ସେବା କରିବା ଦ୍ୱାରା ଈଶ୍ୱରଙ୍କ ସେବା କରିବାକୁ ମଧ୍ୟ ପରିତ୍ରାଣ ପାଇଛୁ! ଆମ୍ଭମାନଙ୍କୁ ଶରୀରର ସ୍ୱାସ୍ଥ୍ୟ ଓ ବୃଦ୍ଧି ପାଇଁ ବଞ୍ଚିବାକୁ ହେବ!

**୧୫:୧୫ ''ମୁଁ ଅଧିକ ସାହାସ ସହିତ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି''** ପାଉଲ ତାଙ୍କ ପତ୍ର ରୋମୀୟମାନଙ୍କ ନିକଟକୁ କରିନ୍ଥରୁ ଲେଖିଥିଲେ । ସେ ତାଙ୍କ ଚିଠିରେ ବହୁତ ସାହସିକ ମାତ୍ର ବ୍ୟକ୍ତି ଭାବରେ ଦୁର୍ବ ଳ ହୋଇଥିବା ସକାଶେ ସେହି ମଣ୍ଡଳୀରେ କ୍ଷୁଦ୍ରଦଳ ଦଳମାନଙ୍କ ମଧ୍ୟରୁ ଗୋଟିଏ ଦଳ ଦ୍ୱାରା ଆକ୍ରମଣ କରାଯାଇଥିଲେ । ''ସାହାସରେ'' ଶବ୍ଦର କ୍ରିୟା ପଦ ଆକୃତି ୨ କରନ୍ଥୀ ୧୦:୨,୧୨, ୧୧:୨୧ରେ ଅଛି । ପାଉଲଙ୍କ ସାହସ ତାଙ୍କ ପରିବର୍ତ୍ତନ, ଆହ୍ୱାନ ଓ ସୁସମାଚାର ବିଷୟକ ଜ୍ଞାନରୁ ଆସିଥିଲା ।

⊡ **''କାରଣ...ମୋତେ ସେହି ଅନୁଗ୍ରହ ଦତ୍ତ ହୋଇଅଛି''** ପାଉଲ ଈଶ୍ୱରଙ୍କ ଅନୁଗ୍ରହ ବୁଝାନ୍ତି (୧:୫, ୧୨:୩, ୧ କରନ୍ଥୀ ୩:୧୦, ୧୫:୧୦, ଗାଲାତୀ ୨:୯ ଓ ଏଫିସୀ ୩:୭-୮) ଯାହା ତାଙ୍କୁ ଆହ୍ୱାନ ଦେଲା, ତାଙ୍କୁ ରକ୍ଷା କଲା (ପରିତ୍ରାଣ ଦେଲା), ତାଙ୍କୁ ବିଜାତିମାନଙ୍କ ମଧ୍ୟକୁ ପ୍ରେରଣ କଲା (୧୧:୧୩, ୧୫:୧୬) । ତାଙ୍କର ପ୍ରେରିତ ପଦ ଓ ଅଧିକାର ସାବ୍ୟସ୍ତ କରିବାର ଏହା ଏକ ପଥ ଅଟେ ।

**୧୫:୧୬ ''ସେବକ...ଯାଜକତ୍ୱ କରିବା ପାଇଁ...ନୈବେଦ୍ୟ...ସୁଗ୍ରାହ୍ୟ''** ୧୬ ଓ ୧୭ ପଦ କେତେକ ବିଭିନ୍ନ ଯାଜକୀୟ ଶବ୍ଦ ଓ ଖଣ୍ଡବାକ୍ୟ ଧାରଣ କରେ । ''ସେବକ'' ୨୭ ପଦରେ ଯାଜକୀୟ ସେବା ପାଇଁ ବ୍ୟବହାର କରାଯାଇଛି । ଏହା ଏବ୍ରୀ ୮:୨ରେ ଖ୍ରୀଷ୍ଟଙ୍କ ସେବା ବିଷୟରେ ବ୍ୟବହାର କରାଯାଇଅଛି । ପାଉଲ ଆପଣାକୁ ଏକ ଯାଜକ ରୂପେ ଦେଖିଲେ । (ଫିଲିପ୍ପୀ ୨:୧୭) ବିଜାତିମାନଙ୍କୁ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କରୁଅଛନ୍ତି, ଯାହା ଇସ୍ରାୟେଲର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା (ଯାତ୍ରା ୧୯:୫-୬, ଯିଶା. ୬୬:୨୦) । ମଣ୍ଡଳୀକୁ ଏହି ସୁସମାଚାର ପ୍ରଚାରର ଦାୟିତ୍ୱ ଦିଆଯାଇଛି (ମାଥିଉ ୨୮:୧୮-୨୦, ଲୂକ ୨୪:୪୭, ପ୍ରେରିତ ୧:୮) । ମଣ୍ଡଳୀ ୧ ପିତର ୨:୫,୯ ଓ ପ୍ରକାଶିତ ୧:୬ରେ ପୁରାତନ ନିୟମ ଯାଜକତ୍ୱ ଦ୍ୱାରା ଆହୂତ ହୋଇଅଛି ।

⊡ **''ଈଶ୍ୱରଙ୍କ ସୁସମାଚାର''** ଏହା କେବଳ ଯୀଶୁଙ୍କ ସୁସମାଚାର ନୁହେଁ (ମାର୍କ ୧:୧, ରୋମୀ. ୧:୧୬, ୧୫:୧୯, ୧ କରନ୍ଥୀ ୯:୧୨,୧୮, ୨ କରନ୍ଥୀ ୨:୧୨, ୪:୪, ୯:୧୩, ୧୦:୧୪, ଗାଲାତୀ ୧:୭ ଇତ୍ୟାଦି), ମାତ୍ର ଯଥାର୍ଥଭାବେ ''ଈଶ୍ୱରଙ୍କ ସୁସମାଚାର'' କୁହାଯାଇପାରେ (ମାର୍କ ୧:୧୪, ରୋମୀ. ୧୫:୧୬, ୨ କରନ୍ଥୀ ୧୧:୭, ୧ ଥେସ. ୨:୨,୮,୯, ୧ ପିତର ୪:୧୭) । ଏହା ଈଶ୍ୱରଙ୍କ ହୃଦୟର ଉଚ୍ଚତର ଅବସ୍ଥା ଆଦି ୩:୧୫, ୧୨:୩, ଯାତ୍ରା ୧୯:୫-୬ରୁ ପ୍ରତିଜ୍ଞା କରାଯାଇଅଛି ଏବଂ ଭବିଷ୍ୟତ୍‌ବାଣୀ ଅନେକଥର ଯିଶାଇୟଙ୍କ (ଯିଶା. ୨:୨-୪, ୫୧:୪-୫)ରେ କରାଯାଇଅଛି ।

⊡ **''ପବିତ୍ରଆତ୍ମାଙ୍କ ଦ୍ୱାରା ପବିତ୍ରୀକୃତ''** ଏହା ଏକ ସଂପୂର୍ଣ୍ଣ କର୍ମବାଚ୍ୟ କ୍ଷୁଦ୍ରାଂଶ ବୁଝାଉଛି, ''ପବିତ୍ରଆତ୍ମାଙ୍କ ଦ୍ୱାରା ପବିତ୍ରୀକୃତ ହୋଇ ଆସିଅଛି ଏବଂ ହେବାରେ ଲାଗି ରହିବ'' । ଏହା ପୁନର୍ବାର ଯିହୁଦୀ ଓ ବିଜାତି ବିଶ୍ୱାସୀମାନଙ୍କ ମଧ୍ୟରେ ରୋମ ମଣ୍ଡଳୀରେ ଗଣ୍ଡଗୋଳ ପ୍ରତିଫଳିତ କରିପାରେ । ପାଉଲ ସ୍ପଷ୍ଟଭାବେ ପ୍ରକାଶ କଲେ ଯେ, ଜାତିଗଣ (ବିଜାତିମାନେ) ପବିତ୍ର ଆତ୍ମାଙ୍କ ଦ୍ୱାରା ସଂପୂର୍ଣ୍ଣ ରୂପେ ଗ୍ରହଣ କରାଯିବାରେ ଲାଗି ରହିବ ଓ ସମର୍ପିତ ହେବ (୧ କରନ୍ଥୀ ୬:୧୧)

**୧୫:୧୭-୧୯** ତ୍ରିବିଧ ପରମେଶ୍ୱରଙ୍କ ଏକତାର ସହିତ କାର୍ଯ୍ୟ : ଈଶ୍ୱରଙ୍କ (୧୭ ପଦ) ଖ୍ରୀଷ୍ଟଯୀଶୁଙ୍କଠାରେ (୧୭ ପଦ) ଏବଂ ପବିତ୍ରଆତ୍ମାଙ୍କ ଶକ୍ତିରେ (୧୯ ପଦ) । ଲକ୍ଷ୍ୟକର ୩୦ ପଦରେ ଈଶ୍ୱରଙ୍କ ତିନିବ୍ୟକ୍ତି ମଧ୍ୟ ଅଛନ୍ତି । ଯଦ୍ୟପି 'ତ୍ରିବିଧ' ଈଶ୍ୱର ଶବ୍ଦ ବାଇବଲରେ ନାହିଁ, ଏହାର ବିଶ୍ୱାସ ସମ୍ବନ୍ଧୀୟ ଚିନ୍ତା ଅଛି (ମାଥିଉ ୩:୧୬-୧୭, ୨୮:୧୯, ପ୍ରେରିତ ୨:୩୩-୩୪, ରୋମୀ ୮:୯-୧୦, ୧ କରନ୍ଥୀ ୧୨:୪-୬, ୨ କରନ୍ଥୀ ୧:୨୧, ୧୩:୧୪, ଏଫିସୀ ୧:୩-୧, ୪:୪-୬, ତିତସ ୩:୪-୬, ୧ ପିତର ୧:୨) । ବିଶେଷ ପ୍ରସଙ୍ଗ ଦେଖ : ତ୍ରିବିଧ ଈଶ୍ୱର ୮:୧୧ରେ ।

**୧୫:୧୮-୧୯** ପାଉଲ ତାଙ୍କର ବିଜାତି ସେବାକାର୍ଯ୍ୟ ବିଭିନ୍ନ ଉପାୟରେ ଫଳପ୍ରଦ ହୋଇଥିବା ତାଲିକା କଲେ (୧) ବାକ୍ୟ ଦ୍ୱାରା (୨) କାର୍ଯ୍ୟ ଦ୍ୱାରା (୩) ଚିହ୍ନଗୁଡ଼ିକ ଦ୍ୱାରା (୪) ଆଶ୍ଚର୍ଯ୍ୟକ୍ରିୟାରେ ଏବଂ (୫) ପବିତ୍ରଆତ୍ମାଙ୍କ ଶକ୍ତି ମାଧ୍ୟମରେ ।

କେବଳ ଏକ ପାଣ୍ଡୁଲିପି ବିଭିନ୍ନତା ବିଷୟରେ ଟିପ୍‌ପଣୀ #୫ ସହିତ ସଂପୃକ୍ତ, ''ଆତ୍ମା'' (ଯଥା: ଏମ୍‌ଏସ୍‌ବି) : କେତେକ ଗ୍ରୀକ୍ ଶାସ୍ତ୍ରାଂଶମାନ ''ପବିତ୍ରଆତ୍ମା'' ଯୋଗ କରନ୍ତି (ଯଥା: ଏମ୍‌ଏସ୍‌ଏସ୍.ଏ.ଡି), କେତେକରେ ''ଈଶ୍ୱରଙ୍କ ଆତ୍ମା'' ଅଛି (ଯଥା: ଏମ୍‌ଏସ୍‌ଏସ୍.ଏନ୍.ଡି) । ଯେପରି ଏହି ଅନେକ ବିଭିନ୍ନତା ସହିତ, ଏହି ଯୋଗ କରାଯିବା, ବା ପ୍ରେରଣା ବିହୀନ ବାଖ୍ୟା ଶାସ୍ତ୍ରାଂଶର ସତ୍ୟତାକୁ ପ୍ରଭାବିତ କରେ ନାହିଁ । ଏହା ସାଧାରଣତଃ ପରବର୍ତ୍ତୀ ଶାସ୍ତ୍ରୀମାନଙ୍କ ଦ୍ୱାରା ଯେଉଁମାନେ ଶାସ୍ତ୍ରାଂଶ ନକଲ କଲେ ସେମାନଙ୍କ ଦ୍ୱାରା ନୂତନ ନିୟମର ଖଣ୍ଡ ବାକ୍ୟକୁ ଉପଯୁକ୍ତ ସ୍ତରକୁ ଆଣିବାର ଏକ ଚେଷ୍ଟା ଥିଲା । ୟୁବିଏସ୍[୪] ''ଈଶ୍ୱରଙ୍କ ଆତ୍ମା'' ଅଂଶକୁ ଏକ 'ସି' ମୂଲ୍ୟ ପ୍ରଦାନ କରେ (ସ୍ଥିର କରି କଷ୍ଟକର)

**୧୫:୧୮** ''ବିଜାତିମାନଙ୍କୁ ଆଜ୍ଞାବହ କରିବା ନିମନ୍ତେ'', ସର୍ବଦା ଈଶ୍ୱରଙ୍କ ଲକ୍ଷ୍ୟ ହୋଇଆସିଛି ଏକ ଲୋକମାନେ ଯେଉଁମାନେ ତାହାଙ୍କ ଚରିତ୍ରକୁ ପ୍ରତିଫଳିତ କରନ୍ତି । ଯୀଶୁଙ୍କ ସୁସମାଚାର ଆଦି ୩ ପଦର ପତନରେ ହଜି ଯାଇଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତୀକୁ ପୁନରୁଦ୍ଧାର କରେ । ଈଶ୍ୱରଙ୍କ ସହିତ ଘନିଷ୍ଠ ସହଭାଗିତା, ଈଶ୍ୱରପରାୟଣ ଚରିତ୍ର ଦ୍ୱାରା ଚିହ୍ନିତ ହୁଏ ବା ଚିହ୍ନାଯାଏ । ଖ୍ରୀଷ୍ଟଧର୍ମର ଲକ୍ଷ୍ୟ ହେଉଛି ଈଶ୍ୱରଙ୍କ ସହିତ ସହଭାଗିତା ଓ ଖ୍ରୀଷ୍ଟଙ୍କ ସାଦୃଶ୍ୟତା, ବର୍ତ୍ତମାନ!

□ **''ବାକ୍ୟରେ ଓ କର୍ମରେ''** ଏହା ପାଉଲଙ୍କ ସେବାକାର୍ଯ୍ୟକୁ ବୁଝାଇଲା, ରୋମୀୟ ଖ୍ରୀଷ୍ଟିୟାନମାନଙ୍କ ଆଜ୍ଞାବହତା ନୁହେଁ । ଏହା ସ୍ପଷ୍ଟଭାବେ ପବିତ୍ରଆତ୍ମାଙ୍କ ସହିତ ସଂଯୁକ୍ତ ୧୯ ପଦରେ ।

**୧୫:୧୯ ବା ୧୮ ପଦ ''ଚିହ୍ନ ଓ ଆଶ୍ଚର୍ଯ୍ୟ କର୍ମରେ''** ପ୍ରେରିତ ପୁସ୍ତକରେ ଏହି ଦୁଇଟି ପଦ ଏକତ୍ର ଦେଖାଦିଏ (୧୪:୮-୧୦, ୧୬:୧୬-୧୮, ୨୫, ୨୦:୯-୧୨, ୨୮:୮-୯, ସୁସମାଚାର ଦ୍ୱାରା ଈଶ୍ୱରଙ୍କ ଶକ୍ତିର କାର୍ଯ୍ୟ କରୁଥିବା ବର୍ଣ୍ଣନା କରୁଛ (୨ କରନ୍ଥୀ ୧୨:୧୨) । ସେମାନେ ପରସ୍ପର ଅବିକଳ ସମାନ ରୂପରେ ଦେଖାଯିବେ । ଏହା ପ୍ରକୃତରେ କାହାକୁ ବୁଝାଯାଇଛି – ଆଶ୍ଚର୍ଯ୍ୟକର୍ମ ବା ପରିବର୍ତ୍ତନ – ଅନିଶ୍ଚିତ ଅଟେ । ଏଠାରେ ପୁନର୍ବାର ଏହା ପାଉଲଙ୍କ ପ୍ରେରିତ ପଦ ଉପରେ ଗଣ୍ଡଗୋଳର ସୂଚନା ହୋଇପାରେ । ଯେପରି ଈଶ୍ୱର ଯିରୁଶାଲମରେ ଦ୍ୱାଦଶଙ୍କ କାର୍ଯ୍ୟ ଦୃଢ଼ୀଭୂତ କଲେ, ସେ ପାଉଲଙ୍କ କାର୍ଯ୍ୟ ମଧ୍ୟ ବିଜାତିମାନଙ୍କ ମଧ୍ୟରେ ଉପଲବ୍ଧ ଚିହ୍ନଗୁଡ଼ିକ ମାଧ୍ୟମରେ ଦୃଢ଼ୀକୃତ କଲେ ।

□ **''ମୁଁ ଖ୍ରୀଷ୍ଟଙ୍କ ସୁସମାଚାର ସଂପୂର୍ଣ୍ଣରୂପେ ପ୍ରଚାର କରିଅଛି''** ଏହା ଏକ ସଂପୂର୍ଣ୍ଣ କର୍ତ୍ତୃବାଚ୍ୟ କର୍ତ୍ତା ନିରପେକ୍ଷକ୍ରିୟା ଅଟେ ''ପ୍ଲେରୋଓ''ର (୧୪ ପଦ) । ଏହା ସୂଚାଏ ଯେ ପାଉଲ ବିଶ୍ୱାସ କଲେ ଯେ ପୂର୍ବଭୂମଧ୍ୟସାଗରୀୟ ଅଞ୍ଚଳରେ ତାଙ୍କର ପ୍ରଚାର କାର୍ଯ୍ୟ ଶେଷ କରିଅଛନ୍ତି (୨୩ ପଦ) ।

□ **''ଇଲ୍ଲୁରିକ ପର୍ଯ୍ୟନ୍ତ''** ଏହି ରୋମୀୟ ପ୍ରଦେଶ ''ଡାଲମାଯିଆ'' ରୂପେ ମଧ୍ୟ ପରିଚିତ । ଗ୍ରୀସ୍ ଦେଶୀୟ ଉପଦ୍ୱୀପ (ମାକିଦନିଆ)ର ଉତ୍ତର ପଶ୍ଚିମ ଆଦ୍ରିଆଟିକ ସମୁଦ୍ରର ପୂର୍ବ ପାର୍ଶ୍ୱରେ ଅବସ୍ଥିତ । ପ୍ରେରିତ ପୁସ୍ତକ କେବେହେଲେ ସେଠାରେ ପାଉଲଙ୍କ ପ୍ରଚାର ବିଷୟ ଲିପିବଦ୍ଧ କରିନାହିଁ, ମାତ୍ର ଏହା ତାଙ୍କ ସେଠାରେ ରଖିଛି (୨୦:୧-୨) । ''ପର୍ଯ୍ୟନ୍ତ'' ବୁଝାଇପାରେ ''ସୀମାଯାଏ'' ବା ''ଅଞ୍ଚଳ ବିଷୟରେ'' ।

**୧୫:୨୦ ''ଏଥିନିମନ୍ତେ ଯେଉଁ ସ୍ଥାନରେ ଖ୍ରୀଷ୍ଟଙ୍କ ନାମ ଉଚ୍ଚାରଣ ହୋଇନାହିଁ, ଏପରି ସ୍ଥାନରେ ସୁସମାଚାର ପ୍ରଚାର କରିବା ପାଇଁ ମୁଁ ପ୍ରେରଣା ପାଇଲି''** ଏହା ଥିଲା ପାଉଲଙ୍କ ଅପରିବର୍ତ୍ତନୀୟ ମିଶନାରୀ ଯୋଜନା କୌଶଳ (୧ କରନ୍ଥୀ ୩:୧୦, ୨ କରନ୍ଥୀ ୧୦:୧୫-୧୬) । ସେ ବିଜାତିମାନଙ୍କ ନିକଟରେ ପହଞ୍ଚିବାକୁ ଚାହିଁଥିଲେ, ଯେଉଁମାନଙ୍କର ସୁସମାଚାର କେବେସୁଦ୍ଧା ଶୁଣିବାକୁ ବା ଗ୍ରହଣ କରିବାକୁ ସୁଯୋଗ ନ ଥିଲା । ସେ ସାଧରଣଭାବେ ରୋମ ସାମ୍ରାଜ୍ୟର ବୃହତ୍, ଯୋଜନାକୃତ ନଗରଗୁଡ଼ିକର ଅବସ୍ଥିତିକୁ ଗୋଟାଉଥିଲେ, ଯେପରି ପ୍ରତିଷ୍ଠିତ ମଣ୍ଡଳୀମାନଙ୍କରେ ସୁସମାଚାର ପ୍ରଚାର ହୋଇପାରିବ ଏବଂ ସେଗୁଡ଼ିକର ଚତୁର୍ଦ୍ଦିଗସ୍ଥ ଅଞ୍ଚଳଗୁଡ଼ିକରେ ଶିଷ୍ୟ କରାଯାଇପାରିବ ।

**୧୫:୨୧** ଏହା ଯିଶା. ୫୨:୧୫ର ସେପ୍ଟୁଆଜିଣ୍ଟ (୭୦)ରୁ ଏକ ଉଦ୍ଧୃତାଂଶ, ଯେଉଁଠାରେ ବିଜାତିମାନେ ଈଶ୍ୱରଙ୍କ ବିଷୟ ଶୁଣିବା ବିବରଣ କୁହାଯାଏ । ପାଉଲ ଏହି ଭବିଷ୍ୟଦ୍‌ବାଣୀ, ତାଙ୍କର ମିଶନାରୀ ଯୋଜନାରୂପେ ପସନ୍ଦ କରିଥିଲେ ।

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୫:୨୨-୨୯**

**[22]ଏହି କାରଣରୁ ମଧ୍ୟ ମୁଁ ତୁମ୍ଭମାନଙ୍କ ନିକଟକୁ ଯିବା ନିମନ୍ତେ ଅନେକଥର ବାଧା ପାଇ ଆସୁଅଛି । [23]କିନ୍ତୁ ଏବେ ଏହିସବୁ ଅଞ୍ଚଳରେ କାର୍ଯ୍ୟ କରିବାକୁ ଆଉ ସ୍ଥାନ ନ ଥିବାରୁ ପୁଣି ଅନେକ ବର୍ଷ ହେଲା ତୁମ୍ଭମାନଙ୍କ ନିକଟକୁ ନିମନ୍ତେ ଆକାଂକ୍ଷା କରି ଆସିଥିବାରୁ [24]ମୁଁ ସ୍ପେନ ଯିବା ସମୟରେ ଆସିବି, କାରଣ ବାଟରେ ତୁମ୍ଭମାନଙ୍କୁ ସାକ୍ଷାତକରି ପ୍ରଥମରେ ତୁମ୍ଭମାନଙ୍କ ସହଭାଗିତାରେ କେତେକ ପରିମାଣରେ ତୃପ୍ତି ଲାଭ କଲା ଉତ୍ତାରେ ସେ ସ୍ଥାନକୁ ଯିବା ନିମନ୍ତେ ତୁମ୍ଭେମାନେ ମୋତେ ବାଟ ବଳାଇ ଦେବ ବୋଲି ଆଶା କରୁଅଛି । [25]କିନ୍ତୁ ଏବେ ସାଧୁମାନଙ୍କ ସେବା କରିବା ନିମନ୍ତେ ମୁଁ ଯିରୁଶାଲମକୁ ଯାଉଅଛି । [26]କାରଣ ଯିରୁଶାଲମ ସାଧୁମାନଙ୍କ ମଧ୍ୟରେ ଯେଉଁମାନେ ଦରିଦ୍ର, ସେମାନଙ୍କ ନିମନ୍ତେ ମାକିଦନିଆ ଓ ଆଖାୟାର ମଣ୍ଡଳୀସମୂହ ସହଭାଗିତା ସୂଚକ କିଛି ଦାନ ସଂଗ୍ରହ କରିବାକୁ ଭଲ ମଣିଅଛି । [27]ହଁ ସେମାନେ ଏହା ଭଲ ମଣିଅଛନ୍ତି ସତ, ହେଲେ ସେମାନେ ସେମାନଙ୍କ ନିକଟରେ ଋଣୀ ମଧ୍ୟ ଅଟନ୍ତି, କାରଣ ଯଦି ବିଜାତିମାନେ ସେମାନଙ୍କ ଆତ୍ମିକ ବିଷୟର ସହଭାଗୀ ହୋଇଅଛନ୍ତି, ତେବେ ସେମାନେ ସଂସାରିକ ବିଷୟରେ ମଧ୍ୟ ସେମାନଙ୍କର ସେବା କରିବା ନିମେନ୍ତ ଋଣୀ । [28]ଅତଏବ ଏହି କର୍ମ ସମ୍ପନ୍ନ କଲାଉତ୍ତାରେ ଓ ଏହି ସଂଗୃହୀତ ଧନରୂପ ଫଳ ସେମାନଙ୍କ ହସ୍ତରେ ସମର୍ପଣ କଲା ପରେ ତୁମ୍ଭମାନଙ୍କ ନିକଟ ଦେଇ ସ୍ପେନକୁ ଯିବି । [29]ଆଉ ମୁଁ ଜାଣେ, ଯେତେବେଳେ ମୁଁ ତୁମ୍ଭମାନଙ୍କ ନିକଟରେ ଉପସ୍ଥିତ ହେବି, ସେତେବେଳେ ଖ୍ରୀଷ୍ଟଙ୍କ ଆଶୀର୍ବାଦର ପୂର୍ଣ୍ଣତାରେ ଉପସ୍ଥିତ ହେବି ।**

**୧୫:୨୨ ''ଏହି କାରଣରୁ''** ଏହି କାରଣ ୨୦ ପଦରେ ବାଖ୍ୟା କରାଯାଇଅଛି ।

□ **''ମୁଁ ଅନେକଥର ବାଧା ପାଇ ଆସୁଅଛି''** ଏହା ଏକ ଅସଂପୂର୍ଣ୍ଣ କର୍ମବାଚକ ସୂଚନାଦାୟକ । ସେ ପୁନର୍ବାର ଥରକୁ ଥର ବାଧା ପାଇଆସିଥିଲେ (୧:୧୩ ପଦ) ବ୍ୟକ୍ତିବିଶେଷ ବା କାରଣ ବ୍ୟକ୍ତ କରାଯାଇନାହିଁ । ଏହା ଈଶ୍ୱର, ଶୟତାନ, ମନ୍ଦ ଲୋକମାନେ କିଅବା ଅନ୍ୟ ସୁସମାଚାର ସୁସମାଚାର ସୁଯୋଗମାନ ହୋଇଥାଇପାରେ ।

ସ୍ମରଣ ରଖ ଯେ ପାଉଲ ରୋମୀୟମାନଙ୍କ ନିକଟକୁ କରିନ୍ଥରୁ ପତ୍ର ଲେଖିଥିଲେ । କରିନ୍ଥରେ ପାଉଲଙ୍କ ବିପକ୍ଷମାନେ ପାଉଲଙ୍କ ଆକ୍ରମଣ କରିଥିଲେ କାରଣ ସେ ତାଙ୍କର ଯାତ୍ରା ଯୋଜନାମାନ ସଫଳ କରିବାକୁ ସକ୍ଷମ ହୋଇପାରି ନ ଥିଲେ । ପାଉଲ ନିଶ୍ଚିତଭାବେ କରିନ୍ଥ ମଣ୍ଡଳୀ ଭିତରୁ ଆକ୍ରମିତ ହୋଇଥିଲେ । ତାଙ୍କର ଯାତ୍ରା ଯୋଜନା ଥରକୁ ଥର ବ୍ୟର୍ଥ ହୋଇ ଆସିଥିଲା ସେ ବ୍ୟକ୍ତ କରିପାରିଥାଆନ୍ତେ ।

**୧୫:୨୩ ''କିନ୍ତୁ ଏବେ ଏହିସବୁ ଅଞ୍ଚଳରେ କାର୍ଯ୍ୟ କରିବାକୁ ଆଉ ସ୍ଥାନ ନ ଥିବାରୁ''** ଏହି ପଦ ଏସିଆ ମାଇନର ବା ପୂର୍ବୀୟ ଭୂମଧ୍ୟସାଗରୀୟ ଅଞ୍ଚଳର ସୀମାବଦ୍ଧ ଭୌଗଳିକ ଅର୍ଥରେ ନିଆଯିବା ଉଚିତ । ପାଉଲ ଏହିସବୁ ଅଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତ୍ୟେକ ସ୍ଥାନରେ ପ୍ରଚାର କରି ନ ଥିଲେ କେବେଳ କେତେକଙ୍କ ପାଖେ କରିଥିଲେ ।

□ **''ପୁଣି ଅନେକ ବର୍ଷ ହେଲା ତୁମ୍ଭମାନଙ୍କ ନିକଟକୁ ଯିବା ନିମନ୍ତେ ଆକାଂକ୍ଷା କରି ଆସିଥିବାରୁ''** ପାଉଲ ରୋମକୁ ଯିବାକୁ ତାଙ୍କ ଆକାଂକ୍ଷା ଅନେକ ସମୟରେ ପ୍ରକାଶ କରିଅଛନ୍ତି (୧:୧୦-୧୫, ପ୍ରେରିତ ୧୯:୨୧, ୨୩:୧୧)

ଏହି ଅଂଶରେ ଏକ ଗ୍ରୀକ୍ ପାଣ୍ଡୁଲିପିରେ ବିଭିନ୍ନତା ଅଛି, ତାହା ୟୁବିଏସ୍[୪] ଜଟିଳ ନିମ୍ନ ଟିପ୍ପଣୀରେ ତାଲିକାଭୁକ୍ତ ହୋଇନାହିଁ । ପୁରାତନ ପାଣ୍ଡୁଲିପିମାନ ଏମ୍ଏସ୍ଏସ୍ ପୃଷ୍ଠା ୪୬, ଏନ୍ଏ, ଡି, ଏଫ୍, ଜି ଏବଂ ଏଲ୍‌ର ''ଅନେକ'' (ପୋଲସ୍) ଯାହା ୨୨ ପଦରେ ବ୍ୟବହାର କରାଯାଇଛି, ମାତ୍ର ଏମ୍ଏସ୍ଏସ୍ ବି.ସି ଓ ପିର ''ବିଭିନ୍ନ'' (ଇକାନୋସ୍) । ସମ୍ଭବତଃ ପରବର୍ତ୍ତୀ ଶାସ୍ତ୍ରୀମାନେ ପାଉଲଙ୍କ ଅଧିକ ମନ୍ତବ୍ୟ ଦ୍ୱାରା ବାଧାପ୍ରାପ୍ତ ହୋଇଥିଲେ ।

**୧୫:୨୪ ''ମୁଁ ସ୍ପେନକୁ ଯିବା ସମୟରେ''** ପାଉଲ ରୋମ ସାମ୍ରାଜ୍ୟର ପଶ୍ଚିମାଞ୍ଚଳକୁ ଯିବାକୁ ଚାହିଁଥିଲେ (୨ କରନ୍ଥୀ ୧୦:୧୬) । ସେ ପ୍ରେରିତକ୍ରିୟା ବୃତ୍ତାନ୍ତର ଠିକ୍ ପରେ ରୋମୀୟ ବନ୍ଦୀତ୍ୱାବସ୍ଥାରୁ ମୁକ୍ତ ହୋଇଥିଲେ ଏବଂ ଚତୁର୍ଥ ମିଶନାରୀ ଯାତ୍ରାରେ ଯାଇଥିଲେ । ପାଳକୀୟ ପତ୍ରମାନ (୧ ତୀମଥି, ୨ ତୀମଥି ଓ ତିତସ) ଚତୁର୍ଥ ମିଶନାରୀ ଯାତ୍ରା ସମୟରେ ଲିଖିତ ହୋଇଥିଲା । ଏହି ୨ ତୀମଥି ୪:୧କୁ ସମ୍ଭବତଃ ବୁଝାଇବା ପାଇଁ କେତେକ ଅତି ପ୍ରାଚୀନ ଅନିସିଆଇ ପାଣ୍ଡୁଲିପି, ଏନ୍,ସି ଏବଂ ଲାଟିନ ଭଲ୍‌ଗେଟ୍ ଓ କପ୍ଟିକ୍ ଅନୁବାଦ ମାନରେ ''ଗଲ'' ଅଛି । ରୋମ୍‌ର କ୍ଲେମେଣ୍ଟ (କରନ୍ଥୀ ୫:୭ ଦେଖ), ଯେ ପ୍ରଥମ ଶତାବ୍ଦୀର ଶେଷ ହେବା ପୂର୍ବରୁ ଲେଖିଥିଲେ, ତାଙ୍କର ''କରିନ୍ଥୀୟମାନଙ୍କର ପ୍ରତି ପତ୍ର''ରେ ୫:୭ରେ ସୂଚାଏ ଯେ, ପାଉଲ ପଶ୍ଚିମର ସୀମାଗୁଡ଼ିକ ପର୍ଯ୍ୟନ୍ତ ଯାତ୍ରା କରିଥିଲେ ।

□ **''ତୁମ୍ଭେମାନେ ମୋତେ ବାଟ ବଳାଇ ଦେବା ବୋଲି ଆଶା କରୁଅଛି''** ଏହି ଖଣ୍ଡବାକ୍ୟ ମଣ୍ଡଳୀରେ ଏକ ରୂଢ଼ୋକ୍ତି ଅସ୍ତ୍ର ବା ମାଧ୍ୟମରେ ପରିଣତ ହେଲା, ଭ୍ରମଣଶୀଳ ମିଶନାରୀମାନଙ୍କୁ ସେମାନଙ୍କ ପରବର୍ତ୍ତୀ ବାକ୍ୟ ପ୍ରଚାର ସ୍ଥାନକୁ ବାଟ କଢ଼ାଇ ନେବାରେ ଯେପରି ସାହାଯ୍ୟ କରନ୍ତି (ପ୍ରେରିତ ୧୫:୩, ୧ କରନ୍ଥୀ ୧୬:୬,୧୧, ୨ କରନ୍ଥୀ ୧:୧୬, ତିତସ ୩:୧୩, ୩ ଯୋହନ ୬)

ଯିରୁଶାଲମ ମଣ୍ଡଳୀ ପାଇଁ ରୋମ୍, ସାହାଯ୍ୟ ପାଣ୍ଠି ସକାଶେ ଅବଦାନ ପ୍ରଦାନ କରିବାକୁ ସକ୍ଷମ ନ ଥିଲା, ମାତ୍ର ସେମାନେ ପାଉଲଙ୍କ ପାଶ୍ଚାତ୍ୟ ଦେଶମାନଙ୍କୁ ଯାତ୍ରା ପାଇଁ ଅର୍ଥ ସାହାଯ୍ୟ ପ୍ରଦାନ କରିପାରିଥିଲେ ।

**୧୫:୨୫ ''ସାଧୁମାନଙ୍କ ସେବା କରିବା ନିମନ୍ତେ''** ଏହି ପଦ ସର୍ବଦା ଅର୍ଥ ଆଦାୟ କରିବା ସମ୍ପର୍କରେ ଅନେକ ସମୟରେ ବ୍ୟବହୃତ ହେଉଥିଲା (୩୧ ପଦ, ୧ କରନ୍ଥୀ ୧୬:୧୫, ୨ କରନ୍ଥୀ ୮:୪, ୯:୧) । ବିଶେଷ ପ୍ରସଙ୍ଗ ଦେଖ : ସାଧୁଗଣ ୧:୭ରେ ।

**୧୫:୨୬ ''ଯିରୁଶାଲମସ୍ଥ ସାଧୁମାନଙ୍କ ନିମନ୍ତେ କିଛି ଦାନ ସଂଗ୍ରହ''** ପାଉଲ ଏହି ଅର୍ଥ ସଂଗ୍ରହ ଗ୍ରହଣ କରି ଆସୁଥିଲେ । ବିଶେଷ ପ୍ରସଙ୍ଗ ଦେଖ : ''କୋଇନୋନିଆ'' (୧୨:୧୩ ପଦରେ) କେତେବର୍ଷ ହେଲା (୧) ଗାଲାତୀୟ ଓ ଆସିଆରୁ (୧ କରନ୍ଥୀ ୧୬:୧-୪) ଏବଂ (୨) ମାକିଦନିଆ ଓ ଆଖାୟାରୁ (୨ କରନ୍ଥୀ ୮-୯) । ସେ ଆନ୍ତିୟୋଖଠାରେ ଥିବା ମଣ୍ଡଳୀରୁ ଏହି ଭାବମାନଙ୍କୁ ଏକତ୍ର କରିବାକୁ ସାହାଯ୍ୟ କରିବା ନିମନ୍ତେ ଉଦ୍ଦୀଷ୍ଟ । ବିଜାତୀ ମଣ୍ଡଳୀଗୁଡ଼ିକ ଯେପରି ଏହା କରିବାରେ ''ଆହ୍ଲାଦିତ'' ହେଉଥିଲେ ବୋଲି ବର୍ଣ୍ଣନା କରାଯାଇଅଛି ।

**ବିଶେଷ ପ୍ରସଙ୍ଗ : କ୍ଷୁଧା**

୧. ପରିଚୟ
- କ. କ୍ଷୁଧା ହେଉଛି ଏକ ବିଷୟ, ଯାହା ପତିତ ମାନବ ଜାତିର ଓ ସୃଷ୍ଟିର ସଦା-ଉପସ୍ଥିତ ସ୍ମାରକ ଅଟେ ।
- ଖ. କ୍ଷୁଧା ହେଉଛି ମନ୍ଦତା ଓ କ୍ଳେଶ ଭୋଗ ସମସ୍ୟାର ଗୋଟିଏ ପାର୍ଶ୍ୱ । ଏହା ମାନବ ଜାତି ପ୍ରତି ଆରୋପ କରାଯାଏ ସିଧାସଳଖଭାବେ, ଈଶ୍ୱରଙ୍କ ପ୍ରତି ନୁହେଁ । ଯଦ୍ୟପି ଈଶ୍ୱର ତାହାଙ୍କ ପ୍ରତିଜ୍ଞାତ ଲୋକମାନଙ୍କୁ ପୁରସ୍କାର ବା ଶାସ୍ତି ଦେବାର ପଥ ରୂପେ କୃଷି ସମ୍ବନ୍ଧୀୟ ଆଶୀର୍ବାଦ ବା ଅଭିଶାପ ବ୍ୟବହାର କରିଥିଲେ (ଦ୍ୱିତୀୟ ବିବରଣ ୨୭-୨୮), ଏହା ସାଧାରଣଭାବେ ଅବିଶ୍ୱାସୀମାନଙ୍କ ପାଇଁ ସତ୍ୟ ହୋଇ ଆସିନାହିଁ (ମାଥିଉ ୫:୪୫) । କ୍ଷୁଧା ହେଉଛି, ଲୋଭୀ, ସ୍ୱାର୍ଥପର, ବସ୍ତୁବାଦୀ ମାନବ ସମାଜର ଅନ୍ୟ ଏକ ଉଦାହରଣ । କ୍ଷୁଧାର ସମସ୍ୟା ଖାଦ୍ୟର ବାସ୍ତବରେ ନୁହେଁ ମାତ୍ର ମାନବ ଅଭିପ୍ରାୟ ଏବଂ ଅଗ୍ରାଧିକାରମାନର ।
- ଗ. କ୍ଷୁଧା ହେଉଛି ମୁକ୍ତିପ୍ରାପ୍ତ ମାନବ ସମାଜ, ଈଶ୍ୱରଙ୍କ ପ୍ରେମ ପ୍ରତିଫଳିତ କରିବାର ଏକ ସୁଯୋଗ ଅଟେ । ମଣ୍ଡଳୀରେ ଓ ଜଗତରେ ଶାରୀରିକ ଅଭାବ ପ୍ରତି ବିଶ୍ୱାସୀମାନଙ୍କ ପ୍ରତିକ୍ରିୟାମାନ, ଆମ୍ଭେମାନେ ପ୍ରକୃତରେ କିଏ ଦର୍ଶାଇଥାଏ ।

୨. ବାଇବଲ ସମ୍ବନ୍ଧୀୟ ବସ୍ତୁମାନ
- କ. ପୁରାତନ ନିୟମ
  - ୧. ମୋଶା
    - କ. ପୁରାତନ ଇସ୍ରାଏଲ ମଧ୍ୟରେ ତିନୋଟି ସମ୍ଭବପର ଦଶମାଂସ ମଧ୍ୟରୁ ଗୋଟିଏ ଥିଲା ଦରିଦ୍ରମାନଙ୍କ ପ୍ରତି (ଦ୍ୱିତୀୟ ବିବରଣ ୧୪:୨୮-୨୯)
    - ଖ. ବ୍ୟବସ୍ଥା, ଦରିଦ୍ରର ଭୋଜନ ପାଇଁ ବିଶେଷ ଯୋଗାଣମାନ ଯୋଗାଇଥିଲା (ଯାତ୍ରା ୨୩:୧୧, ଲେବୀ ୧୯:୧୦, ୨୩:୨୨, ଦ୍ୱିତୀୟ ବିବରଣ ୨୪:୧୯-୨୨)

ଗ. ବ୍ୟବସ୍ଥା, ଦରିଦ୍ରମାନଙ୍କ ପାଇଁ ବିଶେଷ, ଅଳ୍ପମୂଲ୍ୟର ବଳିଦାନ ଯୋଗାଇ ଦେଇଥିଲା (ଲେବୀ ୧୪:୨୧)

ଘ. ଇସ୍ରାୟେଲର ଦରିଦ୍ର ଓ ଅଭାବଗ୍ରସ୍ତମାନଙ୍କ ପ୍ରତି କରୁଣାକାରୀ ଓ ମୁକ୍ତହସ୍ତ ହେବାର ମନୋବୃତ୍ତ ରକ୍ଷା କରିବାକୁ ଥିଲା (ଦ୍ୱିତୀୟ ବିବରଣ ୧୫:୭-୧୧, ଆୟୁବ ୨୯:୧୬, ୩୦:୨୫, ୩୧:୧୬-୨୩)

୨. ଜ୍ଞାନ ସାହିତ୍ୟ

କ. ଦରିଦ୍ରକୁ ସାହାଯ୍ୟକାରୀମାନଙ୍କ ନିମନ୍ତେ ବିଶେଷ ପୁରସ୍କାର ସଞ୍ଚିତ ହୋଇଥିଲା (ଗୀତ ୪୧:୪)

ଖ. ଦରିଦ୍ରକୁ ସାହାଯ୍ୟ ଥିଲା ଈଶ୍ୱରଙ୍କୁ ସାହାଯ୍ୟ (ହିତୋ ୧୪:୩୧, ୧୭:୫, ୧୯:୧୭)

୩. ଭବିଷ୍ୟଦ୍‌ବକ୍ତା ପୁସ୍ତକ

କ. ଈଶ୍ୱର ତାହାଙ୍କ ପ୍ରତି ଉପାସନା, ସାମାଜିକ ନ୍ୟାୟ ଓ ଦରିଦ୍ର ବା ଅଭାବଗ୍ରସ୍ତ ନିମନ୍ତେ କରୁଣାର ରୂପରେ ଦାବୀ କଲେ (ଯିଶାଇୟ ୫୮:୬-୭, ମୀଖା ୬:୮)

ଖ. ଈଶ୍ୱରଙ୍କ ସମ୍ବାଦର ଚିହ୍ନ ଥିଲା, ଯାହା ଦରିଦ୍ର ଓ ଅଭାବଗ୍ରସ୍ତ ନିମନ୍ତେ ଘୋଷଣା କରାଯାଇଥିଲା (ଯିଶା ୬୧:୧-୨)

ଗ. ଈଶ୍ୱରଙ୍କ ଭାବବାଦୀମାନେ ସାମାଜିକ ନିଷ୍ପେଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ (ଆମୋଷ ୨:୬-୮, ୫:୧୦-୧୩, ମୀଖା)

ଖ. ନୂତନ ନିୟମ

୧. ସୁସମାଚାର ମାନ

କ. ଦରିଦ୍ରକୁ ସାହାଯ୍ୟ କରିବାକୁ କଟୁବାକ୍ୟରେ ଆଦେଶ କରାଯାଇଛି (ମାର୍କ ୧୦:୨୧, ଲୂକ ୩:୧୧)

ଖ. ଯୀଶୁଙ୍କ ନାମରେ ଅନ୍ୟମାନଙ୍କ ପ୍ରତି ଆମର ସାମାଜିକ ପ୍ରେମ ଉପରେ ବିଚାର ନିର୍ଭର କରେ । ପ୍ରକୃତରେ ଅନ୍ୟମାନଙ୍କୁ ପ୍ରେମ କରିବା ହେଉଛି ଯୀଶୁଙ୍କୁ ପ୍ରେମ କରିବା ଅଟେ (ମାଥିଉ ୨୫:୩୧-୪୬)

ଗ. ମାର୍କ ୧୪:୭ ଯେତେବେଳେ ସୂଚାଏ ଯେ ଯୀଶୁଙ୍କର ଦରିଦ୍ରମାନଙ୍କ ପ୍ରତି ଚିନ୍ତାରେ ଊଣା ଦେଖାଯାଏ । ଏହା ଭୁଲ୍ ବୁଝାମଣା ହୋଇ ଆସିଛି । ଏହି ପଦ ତାହାଙ୍କ ଅନନ୍ୟତାକୁ ଗୁରୁତ୍ୱ ଦିଏ, ଦରିଦ୍ରମାନଙ୍କୁ ନିଜ ଦୃଷ୍ଟିରେ ଦେଖିବାକୁ ନୁହେଁ ।

ଘ. ଯିଶା ୬୧:୧-୨ ପ୍ରତିଫଳିତ କରେ ଯେ, ଈଶ୍ୱରଙ୍କ ସମ୍ବାଦ ଗ୍ରହଣକାରୀମାନେ ସମାଜଚ୍ୟୁତ ହେବେ (ଲୂକ ୪:୧୮, ୭:୨୨, ୧୪:୨୧)

୨. ପାଉଲ

କ. ପାଉଲ ଯିରୁଶାଲମ ମଣ୍ଡଳୀର ଦରିଦ୍ରମାନଙ୍କ ପାଇଁ ପ୍ରେମର ବିଶେଷ ଦାନର ଚିନ୍ତା ସିରିଆ ଆନ୍ତିୟୋଖିଆରୁ ଶିକ୍ଷା କରିଥିଲେ (ରୋମୀ ୧୫:୨୬, ୧ କରନ୍ଥୀ ୧୬:୧, ୨ କରନ୍ଥୀ ୮:୪,୬,୧୯, ଗାଲାତୀ ୨)

ଖ. ପାଉଲ ଅନୁଗ୍ରହ, ବିଶ୍ୱାସ ଓ କାର୍ଯ୍ୟସମୂହକୁ ଗୁରୁତ୍ୱ ଦେଇଥିଲେ (ଏଫିସୀ ୨:୮-୧)

୩. ଯାକୁବ (ନୂତନ ନିୟମ ଜ୍ଞାନ ସାହିତ୍ୟ)

କ. ସାମାଜିକ ଚିନ୍ତା ବ୍ୟତୀତ ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱରଙ୍କଠାରେ ବିଶ୍ୱାସ ହେଉଛି ରୋଗଗ୍ରସ୍ତ (ଯାକୁବ ୨:୧୪-୧୭)

ଖ. ସେ ଏପରିକି କହନ୍ତି ଯେ କର୍ମ ବିନା ବିଶ୍ୱାସ ମୃତ ଅଟେ !

୪. ଯୋହନ

କ. ୧ ଯୋହନ ପୁସ୍ତକ ସୂଚାଏ ଯେ, ଖ୍ରୀଷ୍ଟିୟାନ ନିଶ୍ଚୟତା ଏକ ବିଶ୍ୱାସ ଓ ପ୍ରେମର ପରିବର୍ତ୍ତିତ ଜୀବନ ଉପରେ ନିର୍ଭର କରେ (୧ ଯୋହନ ୩:୧୭-୧୮)

୩. ଉପସଂହାର

କ. ମାନବୀୟ ଅତିଶୟ ଦୁଃଖ ଓ ଅଭାବ ମାନବ ଜାତିର ପାପ ସହିତ ସମ୍ପୃକ୍ତ । ଅନେକ ବିଭିନ୍ନ ପ୍ରକାରର କ୍ଷୁଧାମାନ ଅଛି :

୧. ନିର୍ବୋଧ ବ୍ୟବହାର (ହିତୋ ୧୯:୧୫)

୨. ଈଶ୍ୱରଙ୍କ ଶାସ୍ତି (ଦଣ୍ଡ) (ଦ୍ୱିତୀୟ ବିବରଣ ୨୭-୨୮)

୩. ଆତ୍ମିକ ସେବା ସହିତ ସମ୍ପୃକ୍ତ (୨ କରନ୍ଥୀ ୧୧:୨୭)

୪. ସଂସ୍କୃତିଗତ ପରିବେଷମାନ (ଲୋଭ, ବିଶ୍ୱାସ ଇତ୍ୟାଦି)

୫. ବସ୍ତୁଗତ ପରିବେଷମାନ (ଦୁର୍ଭିକ୍ଷ, ବନ୍ୟା, ବଜ୍ରପାତ ଇତ୍ୟାଦି)

ଖ. ଈଶ୍ୱର ବାସ୍ତବରେ ଲୋକମାନଙ୍କର ଯତ୍ନ ନିଅନ୍ତି । ସେ ଅଭାବଗ୍ରସ୍ତଙ୍କୁ ଏକ ଅତୁଳନୀୟ ପଥରେ ପ୍ରେମ କରନ୍ତି ।

ଗ. ମଣ୍ଡଳୀ କାର୍ଯ୍ୟରତ ହେବା ହେଉଛି, ମାନବ ଅଭାବ ପାଇଁ ଈଶ୍ୱରଙ୍କ ଉତ୍ତର (ଶାରୀରିକ ଓ ଆତ୍ମିକ)

୧. ସିଧାସଳଖ, ବ୍ୟକ୍ତିଗତ କାର୍ଯ୍ୟକଳାପ

| | | |
|---|---|---|
| | ୨. | ସମ୍ମିଳିତ ଧର୍ମାଞ୍ଚଳ/ମଣ୍ଡଳୀ କାର୍ଯ୍ୟକଳାପ |
| | ୩. | ପରିବର୍ତ୍ତନ ସକାଶେ ରାଜନୈତିକ ସଂଗଠନ |
| ଘ. | | ଆମ୍ଭେମାନେ ଧର୍ମଶାସ୍ତ୍ରର ଆଲୋକରେ ଆମ୍ଭମାନଙ୍କ ସଂସ୍କୃତି ଓ ବ୍ୟକ୍ତିଗତ ଅଗ୍ରାଧିକାରମାନ ମୂଲ୍ୟାୟନ କରିବା ଉଚିତ (୨ କରନ୍ଥୀ ୮-୯) |
| ଙ. | | ଗୃହରେ, ବାହାରେ, ମଣ୍ଡଳୀରେ ଓ ଜଗତରେ ମାନବୀୟ ଅଭାବ ପ୍ରତି ଆମ୍ଭମାନଙ୍କର ଚକ୍ଷୁ, ହୃଦୟ ଓ ହସ୍ତ ଉନ୍ମୁକ୍ତ ରଖିବା ଆବଶ୍ୟକ । |
| ଚ. | | ମହାନ୍ ଆଦେଶର ଆଲୋକରେ ସାହାଯ୍ୟ କରିବା କାର୍ଯ୍ୟ ଖ୍ରୀଷ୍ଟଙ୍କଠାରେ ଥିବା ଆମ୍ଭମାନଙ୍କ ସହିତ ସମ୍ପୃକ୍ତ ଅଟେ । ସାହାଯ୍ୟ, ଶାରୀରିକ ଓ ଆତ୍ମିକ ହେବା ଉଚିତ । |

**୧୫:୨୭ ''ଯଦି''** ଏହା ଏକ ସର୍ତ୍ତପୂର୍ଣ୍ଣ ବାକ୍ୟ ଅଟେ, ଯାହା ଲେଖକଙ୍କ ଦୃଷ୍ଟିକୋଣରୁ ବା ତାଙ୍କ ସାହିତ୍ୟିକ ଉଦ୍ଦେଶ୍ୟରୁ ସତ୍ୟ ବୋଲି ସାବ୍ୟସ୍ତ କରାଯାଇଅଛି । ଯଦି ବିଜାତିମାନେ ଯିହୂଦୀମାନଙ୍କ ଆତ୍ମିକ ଆଶୀର୍ବାଦସମୂହରେ ଅଂଶୀ ହୋଇଅଛନ୍ତି (ରୋମୀ ୧୦-୧୧) ସେମାନେ ଯିରୁଶାଲମରେ ମାତୃ ମଣ୍ଡଳୀର ଶାରୀରିକ ଆବଶ୍ୟକତାରେ ସାହାଯ୍ୟ କରିବା ଉଚିତ ।

**୧୫:୨୮**

| | |
|---|---|
| **ଏନ୍ଏଏସ୍ବି** | **''ଯେତେବେଳେ ମୁଁ ଏହି କର୍ମ ସମ୍ପନ୍ନ କଲି ଏବଂ ସେମାନଙ୍କର ଏହି ଫଳ ଉପରେ ମୋହର ମୁଦ୍ରାଙ୍କ ଦେଇଅଛି''** |
| **ଏନ୍କେଜେଭ** | **''ମୁଁ ଏହା ସମ୍ପନ୍ନ କଲାପରେ ଏବଂ ଯାହା ସଂଗୃହିତ ହୋଇଥିଲା, ସେମାନଙ୍କ ହସ୍ତରେ ଦେଇଛି''** |
| **ଟିଇଭି** | **''ମୁଁ ଏହି କାର୍ଯ୍ୟ ଶେଷ କଲାପରେ, ସେମାନଙ୍କ ନିମନ୍ତେ ଉଠାଯାଇଥିବା ସମସ୍ତ ଅର୍ଥ ସେମାନଙ୍କୁ ହସ୍ତାନ୍ତର କଲି ।''** |
| **ଏନ୍ଜେଭି** | **''ତେଣୁ ମୁଁ ଏହା କରିବା ପରେ, ଯାହା ଅର୍ଥ ଉଠାଯାଇଥିଲା ସେମାନଙ୍କ ହସ୍ତରେ ସର୍ବସମକ୍ଷରେ ପ୍ରଦାନ କଲି ।''** |

ଏହା ଏକ ଆଓରିଷ୍ଟ (ଭିନ୍ନ ପ୍ରକାର) କର୍ତ୍ତୃବାଚକ କୃଦନ୍ତ ବିଶେଷଣ ଏବଂ ଆଓରିଷ୍ଟ ମାଧମିକ କୃଦନ୍ତ ବିଶେଷଣ । ଏହା ସାହିତ୍ୟିକଭାବେ ଏହାର ବିଷୟବସ୍ତୁର ନିରାପତ୍ତା ରକ୍ଷା କରିବା ଲାଗି ଏକ ସାଧାରଣ ଉପାୟରେ ଏକ ପ୍ୟାକେଟ୍‌ରେ ବନ୍ଦ କରି ପରୋକ୍ଷ ରୂପେ ପ୍ରକାଶିତ କଲେ । ଏହାର ନିଶ୍ଚୟତା ଦେବା ଲାଗି ସେ ମଧ୍ୟ ତାଙ୍କ ସହିତ ବିଭିନ୍ନ ପ୍ରତିନିଧିଗଣଙ୍କୁ ଦାନ ଦେଇଥିବା ମଣ୍ଡଳୀଗଣଙ୍କ ମଧ୍ୟରୁ ନେଇଥିଲେ (ପ୍ରେରିତ ୨୦:୪)

''ମୁଦ୍ରାଙ୍କ'' ପାଇଁ ବିଶେଷ ପ୍ରସଙ୍ଗ ୪:୧୧ ଦେଖ

**୧୫:୨୯** ପ୍ଲେରୋଓ ଶବ୍ଦ ଓ ପ୍ଲେରୋମା ଶବ୍ଦ ପୁନର୍ବାର ବ୍ୟବହୃତ ହେବା ଲକ୍ଷ୍ୟ କର । ୧୪ ପଦରେ ଟିପ୍‌ପଣୀ ଦେଖ ।

□ **''ଖ୍ରୀଷ୍ଟଙ୍କ ଆଶୀର୍ବାଦର''** ଏହି ଖଣ୍ଡବାକ୍ୟ ଆଶୀର୍ବାଦକୁ ବୁଝାଏ ଯାହା ସୁସମାଚାରର ପ୍ରଚାର/ଶିକ୍ଷାକୁ ବୁଝାଏ । ଏହି ପରିପ୍ରେକ୍ଷୀରେ ଏହା ଏକ ପ୍ରାର୍ଥନାକୁ ବୁଝାଏ ନାହିଁ ।

କେତେକ ପୁରାତନ ଗ୍ରୀକ୍ ଶାସ୍ତ୍ରାଂଶମାନ ଏହି ବୁଝାମଣାକୁ ସ୍ପଷ୍ଟ କରିବାକୁ ଚେଷ୍ଟା କଲେ ଏକ ଖଣ୍ଡବାକ୍ୟ ଯୋଗ କରିବା ଦ୍ୱାରା ''ଖ୍ରୀଷ୍ଟଙ୍କ ସୁସମାଚାରର ଆଶୀର୍ବାଦ'' (ଏମ୍ଏସ୍ଏ୨, ଏନ୍କେଜେଭି) । କ୍ଷୁଦ୍ରତର ଶାସ୍ତ୍ରାଂଶ ଏମ୍ଏସ୍, ଏସ୍ଏନ୍, ଏ, ବି.ସି.ଡି, ଏଫ୍, ଜି, ପି । ୟୁବିଏସ୍୪ କ୍ଷୁଦ୍ରତର ପାଠ ପାଇଁ ଏକ ''ଏ'' ଗ୍ରେଡ୍ ପ୍ରଦାନ କରେ ଯାହା (ନିଶ୍ଚିତ)

**ଏନ୍ଏଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୫:୩୦-୩୩**

**[୩୦]ହେ ଭାଇମାନେ, ମୁଁ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ହେତୁ ଓ ଆତ୍ମାଙ୍କ ପ୍ରେମ ହେତୁ ମୋ ନିମନ୍ତେ ଈଶ୍ୱରଙ୍କ ନିକଟରେ ମୋ ସହିତ ଯତ୍ନ ସହକାରେ ପ୍ରାର୍ଥନା କରିବା ପାଇଁ ତୁମ୍ଭମାନଙ୍କୁ ବିନତି କରୁଅଛି, [୩୧]ଯେପରି ମୁଁ ଯିହୁଦା ପ୍ରଦେଶରେ ଅନାଜ୍ଞାବହ ଲୋକମାନଙ୍କଠାରୁ ଉଦ୍ଧାର ପାଏ, ଆଉ ଯିରୂଶାଲମ ନିମନ୍ତେ ମୋହର ଯେଉଁ ସେବା ତାହା ଯେପରି ସାଧୁମାନଙ୍କ ନିକଟରେ ସୁଗ୍ରାହ୍ୟ ହୁଏ, [୩୨]ପୁଣି ଈଶ୍ୱରଙ୍କ ଇଚ୍ଛାରେ ମୁଁ ଯେପରି ଆନନ୍ଦରେ ତୁମ୍ଭମାନଙ୍କ ନିକଟରେ ଉପସ୍ଥିତ ହୋଇ ତୁମ୍ଭମାନଙ୍କ ସହିତ ଆରାମ ପ୍ରାପ୍ତ ହୁଏ । [୩୩]ଶାନ୍ତିଦାତା ଈଶ୍ୱର ତୁମ୍ଭ ସମସ୍ତଙ୍କ ସହିତ ଥାଆନ୍ତୁ । ଆମେନ୍**

**୧୫:୩୦ ମୋ ସହିତ ଯତ୍ନ ସହକାରେ ପ୍ରାର୍ଥନା କରିବା ପାଇଁ...ମୁଁ ତୁମ୍ଭମାନଙ୍କୁ ବିନତି କରୁଅଛି''** ଏଗୁଡ଼ିକ ବଳିଷ୍ଠ ଗ୍ରୀକ୍ ଶବ୍ଦମାନ ଅଟେ । ପ୍ରଥମଟା ମଧ୍ୟ ୧୨:୧ ବ୍ୟବହାର କରାଯାଇଅଛି । ଦ୍ୱିତୀୟଟି, ଯୀଶୁଙ୍କ ସଂଘର୍ଷବେଳେ ଗେଥସିମନି ବଗିଚାରେ, ବ୍ୟବହାର କରାଯାଇଅଛି । ପାଉଲ ତାଙ୍କ ନିଜ ନିମନ୍ତେ ଓ ତାଙ୍କ ସୁସମାଚାର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା ପାଇଁ ଏକ ଗଭୀର ଆବଶ୍ୟକତା ଅନୁଭବ କଲେ (୨ କରନ୍ଥୀ ୧:୧୧, ଏଫିସୀ ୬:୧୮-୨୦, କଲସୀ

୪:୩, ୧ ଥେସଲ. ୫:୨୫, ୨ ଥେସ. ୩:୧) । ତାଙ୍କର ଯିରୂଶାଲମରେ ଅନୁଭୂତି କଷ୍ଟକର ହେବା ପ୍ରମାଣିତ (୩୧ ପଦ) । ସେ ରୋମରେ ପହଞ୍ଚିଲେ, ମାତ୍ର ଯେଉଁପ୍ରକାରେ ପୂର୍ବରୁ ଦର୍ଶନ ପାଇଥିଲେ ସେହି ଉପାୟରେ ନୁହେଁ । ବିଶେଷ ପ୍ରସଙ୍ଗ ଦେଖ : ଅନ୍ୟ ପାଇଁ ନିବେଦନ ବା ମଧ୍ୟସ୍ଥି ପ୍ରାର୍ଥନା ୯:୩ରେ ।

**୧୫:୩୦–୩୩** ପାଉଲଙ୍କ ପ୍ରାର୍ଥନା ତିନୋଟି ଇଚ୍ଛା ପ୍ରକାଶ କରେ ।

୧. ଯିହୁଦାରେ ତାଙ୍କ ଶତ୍ରୁମାନଙ୍କଠାରୁ ସେ ଯେପରି ଉଦ୍ଧାର ପାଇ ପାରିବେ (ପ୍ରେରିତ ୨୦:୨୨–୨୩ ପଦ)
୨. ବିଜାତି ମଣ୍ଡଳୀମାନଙ୍କରୁ ଦାନ ଯେପରି ଯିରୁଶାଲମ ମଣ୍ଡଳୀ ଦ୍ୱାରା ଉତ୍ତମଭାବେ ଗୃହୀତ ହେବ (ପ୍ରେରିତ ୧୫:୧, ୨୧:୧୭)
୩. ତତ୍ପରେ ସେ ଯେପରି ସ୍ପେନକୁ ଯିବା ବାଟରେ ରୋମକୁ ଯାଇପାରିବେ

**୧୫:୩୦ ''ମୋ ସହିତ ଯତ୍ନ ସହକାରେ ଏକତ୍ର ପ୍ରାର୍ଥନା କରିବାକୁ''** ଏହି ପଦ କେବଳ ଏଠାରେ ନୂତନ ନିୟମ ମଧ୍ୟରେ ବ୍ୟବହୃତ ହୋଇଅଛି । ଏହା ଏକ ମିଶ୍ରଣ (ଏକତ୍ରିକରଣ) ''ସନ୍'' (ଏକତ୍ର ମୋ ସହିତ) ଏବଂ ''ଓନିଯୋମାଇ'' (ବିଶ୍ୱସ୍ତଭାବେ ଯୁଦ୍ଧ କରିବାକୁ, ପ୍ରାର୍ଥନା ସଂଘର୍ଷ କରିବାକୁ ଇଚ୍ଛୁକ ବା ପରିତୃପ୍ତ ହେବାକୁ ୧ କରନ୍ଥୀ ୯:୨୫, କଲସୀ ୧:୨୯, ୪:୧୨, ୧ ତୀମଥି ୪:୧୦, ୬:୧୨) । ଏହି ବଳିଷ୍ଠ କର୍ତ୍ତା ନିରପେକ୍ଷ କ୍ରିୟା, ରୋମ୍ ମଣ୍ଡଳୀକୁ ପାଉଲଙ୍କ ସହିତ ତତ୍ପରତାସହ ପ୍ରାର୍ଥନାରେ ବିନତି କରିବାକୁ ଆହ୍ୱାନ ଦିଏ, ଯେପରି ବିଜାତିମାନଙ୍କ ଦାନ ମାତୃମଣ୍ଡଳୀ ଯିରୁଶାଲମରେ ଗୃହିତ ହୋଇପାରିବ ।

**୧୫:୩୧ ''ଯେଉଁମାନେ ଆଜ୍ଞାବହ''** ଏହା ଯିହୁଦୀ ବିରୋଧି ବା ସମ୍ଭବତଃ ଯିହୁଦୀ ଧର୍ମାବଲମ୍ବୀମାନଙ୍କୁ ବୁଝାଏ, ମାତ୍ର ସାଧାରଣଭାବେ ମଣ୍ଡଳୀକୁ ନୁହେଁ (୧୧:୩୦,୩୧)

**୧୫:୩୨** ପାଉଲଙ୍କ ପ୍ରାର୍ଥନା ଦୁଇଟି ଅଧିକ ନିବେଦନ ସହ ସମାପ୍ତ ହୁଏ । (୧) ସେ ଯେପରି ଆନନ୍ଦରେ ସେମାନଙ୍କ ନିକଟକୁ ଆସିବେ ଏବଂ (୨) ସେ ଯେପରି ସେମାନଙ୍କ ସହିତ ବିଶ୍ରାମ ବା ଆରାମ ସମୟ ପ୍ରାପ୍ତ ହୋଇପାରିବେ (ଆଓରିଷ୍ଟ ମାଧ୍ୟମିକ : (କର୍ମବାଚ୍ୟ) ଅର୍ଥରେ କ୍ରିୟାପଦ ''ସୁନାନାପାଉଓ ମାଇ''ର ସମ୍ଭାବନାର୍ଥକ, କେବଳ ନୂତନ ନିୟମର ଏଠାରେ ଅଛି) ମାତ୍ର ଯିଶା ୧୧:୬ରେ ବ୍ୟବହୃତ ହୋଇଅଛି । ପାଉଲ ଏକ ସଂପୂର୍ଣ୍ଣ ବିଶ୍ରାମ ଓ ପୁନଃଆରୋଗ୍ୟ ଲାଭର ସମୟ ପରିପକ୍ୱ ବିଶ୍ୱାସୀମାନଙ୍କ ମଧ୍ୟରେ ଆବଶ୍ୟକ କରନ୍ତି । (୨ କରନ୍ଥୀ ୪:୭–୧୨, ୬:୩–୧୦, ୧୧:୨୩–୩୩) ! ସେ ପ୍ରାପ୍ତ ହୋଇନାହାନ୍ତି, ଯାହାବି ହେଉ । ପାଲେଷ୍ଟାଇନ୍‌ରେ ତାଙ୍କ ନିମନ୍ତେ ଗିରଫ ଓ ବିଚାରମାନ ଏବଂ କାରାଗାରରେ ବର୍ଷ ବର୍ଷ ବିତାଇବା ଅପେକ୍ଷା କରିଅଛ ।

ଏହି ପଦର ଅନେକ ପ୍ରକାର ପାଣ୍ଡୁଲିପିମାନ ଅଛି ।

**୧୫:୩୩ ''ଶାନ୍ତିଦାତା ଈଶ୍ୱର''** ଏହା ଈଶ୍ୱରଙ୍କ ପାଇଁ ଏକ ଚମତ୍କାର ଉପନାମ ଅଟେ (୧୬:୨୦, ୨ କରନ୍ଥୀ ୧୩:୧୧, ଫିଲିପୀ ୪:୯, ୧ ଥେସ. ୫:୨୩, ୨ ଥେସ. ୩:୧୬, ଏବ୍ରୀ ୧୩:୨୦)

□ **''ଆମେନ୍''** ବିଶେଷ ପ୍ରସଙ୍ଗ ୧:୨୫ରେ ଦେଖ ।

**ଆଲୋଚନା ପ୍ରଶ୍ନସମୂହ**

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟାରୀ (ବାଖ୍ୟା ପୁସ୍ତକ), ଯାହାର ଅର୍ଥ, ତୁମେ ନିଜର ବାଇବଲର ଅନୁବାଦ ପାଇଁ ତୁମେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ଥିବା ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଓ ପବିତ୍ରଆତ୍ମା ହେଉଛନ୍ତି ଅନୁବାଦରେ ଅଗ୍ରାଧିକରୀ ଅଟ । ତୁମେ ଏହାର ଏକ ବାଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହିସବୁ ଆଲୋଚନା ପ୍ରଶ୍ନମାନ ପୁସ୍ତକର ଏହି ଭାଗର ମୁଖ୍ୟ ବିଷୟମାନର ମାଧ୍ୟମରେ ତୁମକୁ ଚିନ୍ତା କରିବାରେ ସାହାଯ୍ୟ କରିବାକୁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକକାରୀ ହେବାକୁ ଉଦ୍ଦୀଷ୍ଟ, ନିର୍ଦ୍ଦିଷ୍ଟ ନୁହେଁ ।

୧. ପୁରାତନ ନିୟମ କିପରି ନୂତନ ନିୟମ ବିଶ୍ୱାସୀମାନଙ୍କ ପାଇଁ ଏକ ଉପକାରକ (୪–୫ ପଦ, ୧ କରନ୍ଥୀ ୧୦:୬,୧୧) ?
୨. ପାଉଲ କାହିଁକି ୯–୧୨ ପଦରେ ପୁରାତନ ନିୟମ ଉଦ୍ଧୃତ କରନ୍ତି ? କେଉଁ ମହାନ୍ ସତ୍ୟ ସେମାନେ ଶିଖାନ୍ତି ?
୩. ରୋମୀୟ ପୁସ୍ତକର ଏହି ଭାଗରେ କେଉଁଠି ଯିହୁଦୀ ଓ ବିଜାତିମାନଙ୍କ ମଧ୍ୟରେ ବିବାହ ସମ୍ଭବତଃ ଦେଖାଦିଏ ?
୪. ରୋମୀୟର ଏହି ବିଭାଗର କେଉଁଠାରେ ପାଉଲଙ୍କ ପ୍ରେରିତ ପଦ ବିଷୟ ବିବାଦ ଦେଖାଯାଏ ?
୫. ଯିରୁଶାଲମ ମଣ୍ଡଳୀ ପାଇଁ ବିଜାତି ମଣ୍ଡଳୀମାନ ଦାନ ଦେବାରେ ପାଉଲଙ୍କ କାରଣ କ'ଣ ଥିଲା ? (୧୫–୨୮)
୬. ପାଉଲଙ୍କ ମିଶନାରୀ ଯୋଜନା କୌଶଳ କ'ଣ ଥିଲା ? ସେ ସ୍ପେନକୁ ଯିବାକୁ କାହିଁକି ଇଚ୍ଛା କରିଥିଲେ ?
୭. କିପରି ଓ କାହିଁକି ପାଉଲ ତାଙ୍କ କାର୍ଯ୍ୟକୁ ଏକ ଯାଜକଙ୍କ କାର୍ଯ୍ୟ ରୂପେ ବର୍ଣ୍ଣନା କରନ୍ତି (୧୬ ପଦ) ଇସ୍ରାୟେଲକୁ ଏକ ଯାଜକମାନଙ୍କ ରାଜ୍ୟ ରୂପେ ସମ୍ପୃକ୍ତ କରି (ଯାତ୍ରା ୧୯:୫–୬) କିଅବା ମଣ୍ଡଳୀ ସହିତ ସମ୍ପୃକ୍ତ କରି (୧ ପିତର ୨:୫,୯, ପ୍ରକାଶିତ ୧:୬) ?
୮. ଈଶ୍ୱର କ'ଣ ୩୦–୩୩ର ପାଉଲଙ୍କ ପ୍ରାର୍ଥନାର ଉତ୍ତର ଦେଲେ ?

# ରୋମୀୟ ୧୬

| ଆଧୁନିକ ଅନୁବାଦସମୂହର ପାରାଗ୍ରାଫ୍ ଭାଗ ବିଭାଗ | | | | |
|---|---|---|---|---|
| ୟୁବିଏସ୍$^{4}$ | ଏନ୍‌କେଜେଭି | ଏନ୍‌ଆରଏସ୍‌ଭି | ଟିଇଭି | ଏନ୍‌ଜେବି |
| ବ୍ୟକ୍ତିଗତ ଶୁଭେଚ୍ଛା-ମାନ | ଭଉଣୀ ଫୈବୀ ସମର୍ଥନ କରାଗଲେ | ଶୁଭେଚ୍ଛା | ବ୍ୟକ୍ତିଗତ ଶୁଭେଚ୍ଛା-ମାନ | ଶୁଭେଚ୍ଛା ଓ ମଙ୍ଗଳ କାମନା |
| ୧୬:୧-୨ | ୧୬:୧-୨ | ୧୬:୧-୨ | ୧୬:୧-୨ | ୧୬:୧-୨ |
| | ରୋମୀୟ ସାଧୁମାନଙ୍କୁ ଶୁଭେଚ୍ଛା ଜ୍ଞାପନ | | | |
| ୧୬:୩-୧୬ | ୧୬:୩-୧୬ | ୧୬:୩-୧୬ | ୧୬:୩-୫କ<br>୧୬:୫ଖ-୭<br>୧୬:୮-୧୧<br>୧୬:୧୨-୧୫<br>୧୬:୧୬ | ୧୬:୩-୫କ<br>୧୬:୫ଖ-୧୬ |
| | ବିବାଦୀୟ ବ୍ୟକ୍ତିମାନଙ୍କୁ ଉପେକ୍ଷାକର | | ଶେଷ ନିର୍ଦ୍ଦେଶନାମାନ | ଏକ ଚେତନାବାଣୀ ଓ ପ୍ରଥମ ପରବର୍ତ୍ତୀ ଲେଖା |
| ୧୬:୧୭-୨୩ | ୧୬:୧୭-୨୦ | ୧୬:୧୭-୨୦ | ୧୬:୧୭-୨୦କ<br>୧୬:୨୦ଖ-୨୧ | ୧୬:୧୭-୨୦ |
| | ପାଉଲଙ୍କ ବନ୍ଧୁମାନଙ୍କ ଶୁଭେଚ୍ଛାମାନ | | | ଶେଷ ଶୁଭେଚ୍ଛାମାନ ଏବଂ ଦ୍ୱିତୀୟ ପରବର୍ତ୍ତୀ ଲେଖା |
| ୧୬:୨୧-୨୩ | ୧୬:୨୧-୨୪ | ୧୬:୨୧<br>୧୬:୨୨<br>୧୬:୨୩ | ୧୬:୨୨<br>୧୬:୨୩ | ୧୬:୨୧-୨୩ |
| ଈଶ୍ୱରଙ୍କ ପ୍ରଶଂସା | ଆଶୀଷ ପ୍ରାର୍ଥନା | | ପ୍ରଶଂସାର ଶେଷ ପ୍ରାର୍ଥନା | ଈଶ୍ୱରଙ୍କ ପ୍ରଶଂସା |
| ୧୬:୨୫-୨୭ | ୧୬:୨୫-୨୭ | ୧୬:୨୫-୨୭ | ୧୬:୨୫-୨୬<br>୧୬:୨୭ | ୧୬:୨୫-୨୭ |

### ତିନି ଚକ୍ର ପାଠ କରିବା (ପ viii ଦେଖ)

*ପାରାଗ୍ରାଫ୍ ସ୍ତରରେ ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବା*

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟାରୀ (ବାଖ୍ୟା ପୁସ୍ତକ) ଯାହା ବୁଝାଏ ଯେ, ବାଇବଲର ତୁମ ନିଜ ଅନୁବାଦ ପାଇଁ ତୁମେ ନିଜେ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମଠାରେ ଥିବା ଆଲୋକରେ ଗମନ କରିବା ଉଚିତ । ତୁମେ, ବାଇବଲ ଓ ପବିତ୍ରଆତ୍ମା ଅନୁବାଦର ଅଗ୍ରାଧିକାରୀ ଅଟନ୍ତି । ତୁମେ ଏହାର ଦାୟିତ୍ୱ ଏକ ବାଖ୍ୟାକାର ଉପରେ ପକାଇବା ଉଚିତ ନୁହେଁ ।

ଏକାଥରେ ବସି ଅଧ୍ୟାୟଟି ପଢ଼ିନିଅ । ପ୍ରସଙ୍ଗମାନ ବାଛି ନିଅ । ତୁମର ପ୍ରସଙ୍ଗ ଭାଗ ବିଭାଗମାନ ଉର୍ଦ୍ଧ୍ୱରେ ଥିବା ପାଞ୍ଚଟି ଅନୁବାଦର ସହିତ ତୁଳନା କର । ପାରାଗ୍ରାଫ୍ କରିବା ଈଶ୍ୱର ନିଶ୍ୱସିତ ନୁହେଁ, ମାତ୍ର ଏହା ମୂଳ ଲେଖକଙ୍କ ଉଦ୍ଦେଶ୍ୟର ଅନୁଗାମୀ ହେବାକୁ କଞ୍ଜି ଅଟେ, ଯାହାକି ଅନୁବାଦର ହୃତ୍‌ପିଣ୍ଡ ଅଟେ । ପ୍ରତ୍ୟେକ ପାରାଗ୍ରାଫ୍‌ର ଏକ ଏବଂ କେବଳ ଏକମାତ୍ର ପ୍ରସଙ୍ଗ ଅଛି ।

୧. ପ୍ରଥମ ପାରାଗ୍ରାଫ୍

୨. ଦ୍ୱିତୀୟ ପାରାଗ୍ରାଫ୍

୩. ତୃତୀୟ ପାରାଗ୍ରାଫ୍

୪. ଇତ୍ୟାଦି

**ପୂର୍ବାପର ସମ୍ବନ୍ଧ ସହ ୧–୨୭ ପଦ ପ୍ରତି ଅର୍ନ୍ତଦୃଷ୍ଟି**

କ. ଲକ୍ଷ୍ୟ କର ଯେ ଏହି ସମାପ୍ତି ବିଭାଗରେ ଥିବା ସମସ୍ତ ମହିଳାମାନେ ସୁସମାଚାରରେ ପାଉଲଙ୍କ ସହିତ ସହକର୍ମୀ ଥିଲେ (ଫିଲିପୀ ୪:୩) : ଫୈବୀ ୧ ପଦରେ, ପ୍ରିସ୍କା ୩ ପଦରେ, ଯିରିମିୟ ୬ ପଦରେ । ଜୁନିଆ (ବା ଜାନିଅସ– ଯଦି ଏପରି ସେ ଜଣେ ପୁରୁଷ) ୭ ପଦରେ । ତ୍ରିଫେଣା ଓ ତ୍ରୁଫୋସା ୧୨ ପଦରେ । ପର୍ଶି ୧୨ ପଦରେ, ତାଙ୍କ ମାତା ୧୩ ପଦରେ, ଯୁଲିଆ ୧୫ ପଦରେ ଏବଂ ତାଙ୍କ ଭଗିନୀ ୧୫ ପଦରେ । ମହିଳାମାନଙ୍କ ସେବାକାର୍ଯ୍ୟ ବିଷୟରେ ପୁରାତନ ନୀତି ନିୟମ ଧରି ରଖିବାକୁ ସାବଧାନ ହୁଅ । ସମସ୍ତ ବିଶ୍ୱାସୀମାନେ ଦାନପ୍ରାପ୍ତ ଅଟନ୍ତି (୧ କରନ୍ଥୀ ୧୨:୭,୧୧) । ପୁରା ସମୟ ସେବିକାଗଣ (ଏଫିସୀ ୪:୧୨)

ଏହି ତାଲିକାରେ ଆମର ଏକ ମହିଳ ଦିକନ, ଫୈବୀ ଏବଂ ଜଣେ ସମ୍ଭବପର ମହିଳା–ପ୍ରେରିତ, ଯୁନିୟା ଅଛନ୍ତି ଯୋୟେଲ ୨:୨୮, ପ୍ରେରିତ ୨:୧୬–୨୧ । ଏହା ବାଇବଲ ଅନୁଯାୟୀ ହାତକୁ ନେବା କଷ୍ଟକର କାରଣ ପାଉଲଙ୍କର ୧ କରନ୍ଥୀ ୧୧:୪–୫କୁ ୧୪:୩୪ ସହିତ ତୁଳନା କରି ତାଙ୍କର ବିପରୀତ ମନ୍ତବ୍ୟମାନ ଦେଖାଯାଏ ।

ଖ. ଏହି ନାମଗୁଡ଼ିକର ସମ୍ଭବପର ଗୋଷ୍ଠୀଗତ ପୃଷ୍ଠଭୂମି ଲକ୍ଷ୍ୟ କର

୧. ବିଶ୍ୱାସ କରୁଥିବା ଯିହୁଦୀଗଣ : ଆକ୍ୱିଲା, ପ୍ରିସ୍କା, ଆଣ୍ଡୋନିକସ୍, ଜୁନିଅସ୍, ମେରି (କେତେ ଏମ୍ଏସ୍‌ସ୍‌ର ମରିୟମ ଅଛି)

୨. ରୋମୀୟ ଉଚ୍ଚ ବଂଶୀୟ ନାମ ମାନ : ପ୍ରିସ୍କା, ଆମ୍ପଲିଆଟସ୍, ଆପେଲସ୍, ନାରସିସମ୍, ଜୁଲିଆ, ଫିକୋଲେମସ୍

୩. ଯିହୁଦୀୟ ଉଚ୍ଚ ବଂଶଜ ନାମ ମାନ : ଆରିଷ୍ଟୋବୁଲସ୍, ହେରୋଦୀୟ

ଗ. ୧–୧୬ ପଦ ମାନ ପାଉଲଙ୍କ ବ୍ୟକ୍ତିଗତ ଶୁଭେଚ୍ଛା ଥିବାବେଳେ ୭–୨୦ ମିଥ୍ୟା ଶିକ୍ଷକମାନଙ୍କ ବିରୁଦ୍ଧରେ ତାଙ୍କର ଶେଷ ସତର୍କବାଣୀ ଥିଲା । ୨୧–୨୩ ପଦରେ ମିଶନଦଳ କରନ୍ଥୀରୁ ଶୁଭେଚ୍ଛାମାନ ପ୍ରେରଣା କରେ ।

ଘ. ୧୬ ଅଧ୍ୟାୟର ଆଲୋଚନା ପାଇଁ ଏଫ୍ଏଫ୍ ବ୍ରୁସ୍‌ଙ୍କର ଟିଣ୍ଡାଲ ନୂତନ ନିୟମ କମେଣ୍ଟାରୀ (ବାଖ୍ୟା ପୁସ୍ତକ) ବହୁତ ସାହାଯ୍ୟକାରୀ ଅଟେ । ଯଦି ଏହି ଅଧ୍ୟାୟରେ ଦିଆଯାଇଥିବା ନାମଗୁଡ଼ିକର ଏକ ପୁଙ୍ଖାନୁପୁଙ୍ଖ ଅଧ୍ୟୟନରେ ତୁମେ ଆଗ୍ରହୀ, ତେବେ ୨୬୬–୨୮୪ ପୃଷ୍ଠା ପାଠ କର ।

ଙ. ପତ୍ରଟି କେଉଁଠାରେ ସମାପ୍ତ ହୁଏ ସେ ବିଷୟରେ କିଛି ସନ୍ଦେହ ଅଛି । ୧୪ ଓ ୧୫ ଅଧ୍ୟାୟ (ଏମ୍ଏସ୍ ୪୬ ପୃଷ୍ଠା) ଏବଂ ୧୬ ଅଧ୍ୟାୟର ଶେଷରେ ଏକ ସମାପ୍ତି ଅନେକ ଥର ଦେଖାଯାଏ ପୁରାତନ ଗ୍ରୀକ୍ ପାଣ୍ଡୁଲିପିମାନଙ୍କରେ । ଯାହାବିହେଉ, ପାରମ୍ପାରିକ ସମାପ୍ତି ୧୬:୨୫–୨୭, ଏମ୍ଏସ୍‌ସ୍ ୬୧ ପୃଷ୍ଠାରେ, ଏନ୍.ବି.ସି ଏବଂ ଡି ଗ୍ରୀକ୍ ଶାସ୍ତ୍ରାଂଶରେ ଦେଖାଯାଏ, ଯାହା ରୋମ୍‌ର କ୍ଲେମେଣ୍ଟଙ୍କ ଦ୍ୱାରା ୯୫ ଖ୍ରୀଷ୍ଟାବ୍ଦରେ ବ୍ୟବହୃତ ହୋଇଥିଲା ।

୨୪ ପଦ ଆହୁରି ପୁରାତନ ପାଣ୍ଡୁଲିପିମାନ ପୃଷ୍ଠା ୪୬, ୪୧, ଏନ୍, ଏ, ବି.ସି କିଅବା ଲାଟିନ୍ ଭଲ୍‌ଗେଟ୍ ବା ଗ୍ରୀକ୍ ଶାସ୍ତ୍ର ଯାହା ଆଲେକ୍‌ଜାଣ୍ଡ୍ରିଆର ଓରିଗେନ୍‌ଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା, ଏସବୁରେ ଦେଖାଯାଏ ନାହିଁ । ବିଭିନ୍ନତାମାନର ପୂର୍ଣ୍ଣ ଆଲୋଚନା ପାଇଁ ବ୍ରୁସ୍ ଏମ୍ ମେଟ୍‌ଜ୍‌ଗରଙ୍କ ଗ୍ରୀକ୍ ନୂତନ ନିୟମ ଉପରେ ଏକ ଶାସ୍ତ୍ରାଂଶ ସମ୍ବନ୍ଧୀୟ କମେଣ୍ଟାରୀ ୫୩୩–୫୩୬ ପୃଷ୍ଠା ଦେଖ

**ଶବ୍ଦ ଓ ଖଣ୍ଡ ବାକ୍ୟ ଅଧ୍ୟୟନ**

**ଏନ୍ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୬:୧–୨**

**¹କେଙ୍କ୍ରେୟାସ୍ଥ ମଣ୍ଡଳୀର ସେବିକା ଆମ୍ଭମାନଙ୍କ ଭଗ୍ନୀ ଫୈବିଙ୍କ ସପକ୍ଷରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ²ତୁମ୍ଭେମାନେ ସାଧୁମାନଙ୍କ ଯଥାଯୋଗ୍ୟ ଭାବରେ ତାହାଙ୍କୁ ପ୍ରଭୁଙ୍କ ନାମରେ ଗ୍ରହଣ କରିବ । ଆଉ ଯେ କୌଣସି ବିଷୟରେ ତୁମ୍ଭମାନଙ୍କଠାରୁ ତାହାଙ୍କର ସାହାଯ୍ୟ ଆବଶ୍ୟକ ହେବ ସେ ବିଷୟରେ ତାହାଙ୍କୁ ସାହାଯ୍ୟ କରିବ, କାରଣ ସେ ନିଜେ ମଧ୍ୟ ଅନେକଙ୍କର ଓ ମୋ ନିଜର ଉପକାର କରିଅଛନ୍ତି ।**

**୧୬:୧ ''ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି''** ୧–୨ ପଦମାନ ମହିଳା ଦିକନ ଫୈବିଙ୍କ ପାଇଁ ଅନୁମୋଦନର ଏକ ପତ୍ର ରୂପେ କାର୍ଯ୍ୟ କରେ । ନୂତନ ନିୟମରେ ଏପରି ଚିଠିମାନଙ୍କର ପ୍ରାରମ୍ଭିକ ପରିଚୟ ବା ଅନୁମୋଦନର ବିଭିନ୍ନ ଅନ୍ୟ ଉଦାହରଣ ମାନ ଅଛି (ପ୍ରେରିତ ୧୮:୨୭, ୧ କରନ୍ଥୀ ୧୬:୩, ୨ କରନ୍ଥୀ ୩:୧, ୮:୧୮–୨୪ ଏବଂ ଫିଲିପୀ ୨:୧୯–୩୦)

□ **''ଫୈବୀ''** ତାଙ୍କ ନାମର ଅର୍ଥ ହେଉଛି ''ଉଜ୍ଜ୍ୱଳ'' ବା ''ଆଲୋକ ବିଚ୍ଛୁରିତ''

⊡

**ଏନ୍‌ଏଏସ୍‌ବି,** **ଏନ୍‌କେଜେଭି ''ଯେ କି ମଣ୍ଡଳୀର ଏକ ସେବିକା''**

**ଏନ୍‌ଆର୍‌ଏସ୍‌ଭି** **''ମଣ୍ଡଳୀର ଜଣେ ଦିକନ''**

**ଟିଇଭି** **''ଯେ ମଣ୍ଡଳୀର ସେବା କରନ୍ତି''**

**ଏନ୍‌ଜେବି** **''ମଣ୍ଡଳୀର ଏକ ମହିଳା ଦିକନ''**

ଏହା ହେଉଛି ଏକ ଶବ୍ଦ ''ଡାୟାକୋନସ'' । ଏହା ଏକ କର୍ମକାରକ ଏକବଚନ ସ୍ତ୍ରୀଲିଙ୍ଗ ରୂପ ଅଟେ । ଏହା ସେବକ/ସେବିକା ପାଇଁ ଗ୍ରୀକ୍ ଶବ୍ଦ । ଏହା ବ୍ୟବହୃତ ହୋଇଅଛି (୧) ଖ୍ରୀଷ୍ଟଙ୍କ ବିଷୟରେ ୧୫:୮, ମାର୍କ ୧:୪୫ରେ (୨) ପାଉଲଙ୍କ ବିଷୟରେ ଏଫିସୀ ୩:୭, କଲସୀ ୧:୨୩,୨୫ରେ ଏବଂ (୩) ଦିକନମାନଙ୍କ ବିଷୟରେ ଫିଲିପୀ ୧:୧, ୧ ତୀମଥି ୩:୧୧ରେ ।

ଏହାର ଚିହ୍ନ ଉଭୟରେ ନୂତନ ନିୟମ ଏବଂ ଆଦ୍ୟ ବାଇବଲ ସମ୍ବନ୍ଧୀୟ ମଣ୍ଡଳୀର ପୂର୍ବବର୍ତ୍ତୀ ଲେଖାଗୁଡ଼ିକରେ ମହିଳା ଦିକନମାନଙ୍କ ପଦବୀ ପାଇଁ ଅଛି । ଅନ୍ୟ ଏକ ଉଦାହରଣ, ନୂତନ ନିୟମରେ ସ୍ଥାନୀୟ ମଣ୍ଡଳୀରେ ମହିଳାମାନଙ୍କ ସେବାକାର୍ଯ୍ୟ ପାଳକୀୟ ସେବା ''ବିଧବାମାନଙ୍କ ଭୂମିକା'' (୧ ତୀମଥି ୩:୧୧, ୫:୩-୧୬) । ୧୬:୧ ପଦରେ ''ମହିଳା ଦିକନ'', ଆରଏସ୍‌ଭି, ଆମ୍ପ୍ଲିଫାଇଡ୍ ଓ ଫିଲିପ ଅନୁବାଦମାନଙ୍କରେ ଅଛି । ସମସ୍ତ ବିଶ୍ୱାସୀମାନେ ଆହୂତ, ଆତ୍ମିକଦାନପ୍ରାପ୍ତ, ପୁରା ସମୟ ସେବକଗଣ ରୂପେ (ଏଫିସୀ ୪:୧୨) । କେତେକ ନେତୃତ୍ୱ ସେବାକାର୍ଯ୍ୟର ଭୂମିକାମାନର ପାଇଁ ଆହୂତ । ଆମ୍ଭମାନଙ୍କର ପରମ୍ପରା ଶାସ୍ତ୍ରକୁ ବାଟ ଦେବା ଉଚିତ! ଏହି ଦିକନମାନେ ଓ ମହିଳା ଦିକନମାନେ ଥିଲେ ସେବକଗଣ, କାର୍ଯ୍ୟନିର୍ବାହିକା ବୋର୍ଡ଼ ନ ଥିଲେ ।

ଏମ୍‌ଆର୍ ଭିନ୍ ସେଣ୍ଟଙ୍କ ଓ୍ୱଡ଼ ଷ୍ଟଡିସ୍ ୨ୟ ଭାଗ ୭୫୨ ଓ ୧୧୯୬ ପୃଷ୍ଠା କହେ ଯେ, ''ପ୍ରେରିତିକ ନିୟମାବଳୀ'' ଦ୍ୱିତୀୟ ଶତାବ୍ଦୀର ଶେଷ ଓ ତୃତୀୟ ଶତାବ୍ଦୀର ଆରମ୍ଭ ସମୟରୁ ମହିଳା ମଣ୍ଡଳୀ ସାହାଯ୍ୟକାରୀମାନଙ୍କ କର୍ତ୍ତବ୍ୟମାନ ଏବଂ ହସ୍ତାର୍ପଣ (ଅଭିଷେକ) ମଧ୍ୟରେ ଏକ ପାର୍ଥକ୍ୟ ସୃଷ୍ଟି କରେ ।

୧. ମହିଳା ଦିକନମାନେ
୨. ବିଧବାମାନେ (୧ ତୀମଥି ୩:୧୧, ୫:୯-୧୦)
୩. ଅବିବାହିତା ମହିଳାମାନେ (ପ୍ରେରିତ ୨୧:୯ ଏବଂ ସମ୍ଭବତଃ ୧ କରନ୍ଥୀ ୭:୩୪)

ଏହି କର୍ତ୍ତବ୍ୟମାନର ଅନ୍ତର୍ଗତ ଥିଲା :

୧. ଅସୁସ୍ଥ ନିମନ୍ତେ ଯତ୍ନ ନେବା
୨. ଶାରୀରିକଭାବେ ତାଡ଼ନାପ୍ରାପ୍ତମାନଙ୍କ ପାଇଁ ଯତ୍ନ ନେବା
୩. ବିଶ୍ୱାସ ସକାଶେ କାରାଗାରସ୍ଥମାନଙ୍କୁ ପରଦର୍ଶନ କରିବା
୪. ନୂତନ ବିଶ୍ୱାସୀମାନଙ୍କୁ ଶିକ୍ଷା ଦେବା
୫. ମହିଳାମାନଙ୍କ ବାପ୍ତିସ୍ମ କାର୍ଯ୍ୟରେ ସାହାଯ୍ୟ କରିବା
୬. ମହିଳା ମଣ୍ଡଳୀ ସଭ୍ୟମାନଙ୍କର କେତେଜଣ ତତ୍ତ୍ୱାବଧାନରେ ରହିବା

**ବିଶେଷ ପ୍ରସଙ୍ଗ : ବାଇବଲରେ ମହିଳାମାନେ**

୧. ପୁରାତନ ନିୟମ
   କ. ସଂସ୍କୃତିଗତଭାବେ ମହିଳାମାନେ ସମ୍ପତ୍ତି ରୂପେ ବିବେଚିତ ହେଉଥିଲେ
      ୧. ସମ୍ପତ୍ତି ତାଲିକାଭୁକ୍ତ ଥିଲେ (ଯାତ୍ରା ୨୦:୧୭)
      ୨. କ୍ରିତଦାସୀମାନଙ୍କ ପ୍ରତି ବ୍ୟବହାର (ପ୍ରେରିତ ୨୧:୭-୧୧)
      ୩. ମହିଳାମାନଙ୍କ ମାନତ ଓ ବ୍ରତ ସମାଜର ଦାୟିତ୍ୱପୂର୍ଣ୍ଣ ପୁରୁଷ ଦ୍ୱାରା ବାତିଲ କରାଯାଇପାରିବ (ଗଣନା ୩୦)
      ୪. ମହିଳାମାନେ ଯୁଦ୍ଧର ଲୁଟଦ୍ରବ୍ୟ ସଦୃଶ (ଦ୍ୱିତୀୟ ବିବରଣ ୨୦:୧-୧୪, ୨୧:୧-୧୪)
   ଖ. ବ୍ୟବହାରିକଭାବେ ଏକ ପରସ୍ପର ବୁଝାମଣା ଥିଲା
      ୧. ପୁରୁଷ ଓ ସ୍ତ୍ରୀ ଈଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ନିର୍ମିତ (ଆଦି ୧:୨୬-୨୭)
      ୨. ପିତା ଓ ମାତାଙ୍କୁ ସମାଦର କର (ଯାତ୍ରା ୨୦:୧୨ (ଦ୍ୱିତୀୟ ବିବରଣ ୫:୧୬))
      ୩. ପିତା ଓ ମାତାଙ୍କୁ ସମ୍ଭ୍ରମ କର (ଲେବୀ ୧୯:୩, ୨୦:୯)
      ୪. ପୁରୁଷ ଓ ସ୍ତ୍ରୀ ନାସରିୟ ହୋଇପାରିବେ (ଗଣନା ୬:୧-୨)
      ୫. କନ୍ୟା ସନ୍ତାନମାନଙ୍କର ଉତ୍ତରାଧିକାର ପ୍ରାପ୍ତିର ଅଧିକାର ଅଛି (ଗଣନା ୨୭:୧-୧୧)
      ୬. ସ୍ତ୍ରୀମାନେ ପ୍ରତିଜ୍ଞାତ ଲୋକମାନଙ୍କର ଅଂଶବିଶେଷ (ଦ୍ୱିତୀୟ ବିବରଣ ୨୯:୧-୧୨)
      ୭. ପିତା ଓ ମାତାଙ୍କ ଶିକ୍ଷା ଗ୍ରହଣ କରିବ (ହିତୋପଦେଶ ୧:୮, ୬:୨୦)

୮. ହେମନଙ୍କ ପୁତ୍ର ଓ କନ୍ୟା ସମସ୍ତେ (ଲେବୀୟ ପରିବାର) ମନ୍ଦିରର ସଙ୍ଗୀତରେ ନେତୃତ୍ୱ ଦେଉଥିଲେ (୧ ବଂଶାବଳୀ ୨୫,୫-୬)
୯. ନୂତନ ଯୁଗରେ ପୁତ୍ର ଓ କନ୍ୟାଗଣ ଭବିଷ୍ୟଦ୍‌ବାଣୀ କହିବେ (ଯୋୟେଲ ୨:୨୮-୨୯)

ଗ. ମହିଳାମାନେ ନେତୃତ୍ୱ ଭୂମିକାରେ ଥିଲେ
୧. ମୋଶାଙ୍କ ଭଗିନୀ ମରିୟମ, ଭବିଷ୍ୟଦ୍‌ବକ୍ତ୍ରୀ ନାମରେ ନାମିତ ହେଲେ (ଯାତ୍ରା ୧୫:୨୦-୨୧ ମଧ୍ୟ ମୀଖା ୬:୪ ଲକ୍ଷ୍ୟ କର)
୨. ମହିଳାମାନେ ଆବାସତମ୍ବୁର ବସ୍ତୁମାନ ବୁଣିବାକୁ ବିଶେଷ ସକ୍ଷମତାର ଦାନ ପ୍ରାପ୍ତ ଥିଲେ (ଯାତ୍ରା ୩୫:୨୫,୨୬)
୩. ଜଣେ ମହିଳା, ଦବୋରା, ମଧ୍ୟ ଜଣେ ଭବିଷ୍ୟଦ୍‌ବକ୍ତି (ବିଚାରକର୍ତ୍ତା ୪:୪) ଗୋଷ୍ଠୀଙ୍କୁ ନେତୃତ୍ୱ ଦେଇଥିଲେ । ବିଚାରକର୍ତ୍ତ୍ରୀ ଭାବରେ (ବିଚାର ୪:୪-୫, ୫:୭)
୪. ହଲ୍‌ଦା ଜଣେ ଭବିଷ୍ୟଦ୍‌ବକ୍ତ୍ରୀ ଥିଲେ ଯାହାଙ୍କୁ ଯୋଶିୟ ରାଜା, ନୂତନଭାବେ ମିଳିଥିବ । ''ବ୍ୟବସ୍ଥା ପୁସ୍ତକ'' ପାଠ କରିବା ଓ ଅନୁବାଦ କରିବା (ବୁଝାଇବା) ପାଇଁ ନିବେଦନ କରିଥିଲେ (୨ ରାଜା. ୨୨:୧୪, ୨ ବଂଶାବଳୀ ୩୪:୨୨-୨୭)
୫. ରାଣୀ ଏଷ୍ଟର ଜଣେ ଈଶ୍ୱରପରାୟଣା ମହିଳା, ପାରସ୍ୟରେ ଯିହୁଦୀମାନଙ୍କୁ ସୁରକ୍ଷା କରିଥିଲେ ।

୨. ନୂତନ ନିୟମ
କ. ସଂସ୍କୃତି ଗତଭାବେ ମହିଳାମାନେ ଉଭୟ ଯିହୁଦୀମତବାଦ ଏବଂ ଗ୍ରୀସିୟ-ରୋମୀଗୟ ଜଗତରେ ଦ୍ୱିତୀୟ ଶ୍ରେଣୀ ନାଗରିକ ଥିଲେ ଅଳ୍ପ କେତେକ ଅଧିକାର ବା ସୁଯୋଗମାନର ସହିତ (ମାକିଦନିଆ ଏଥିରୁ ଭିନ୍ନ)
ଖ. ନେତୃତ୍ୱ ଭୂମିକାମାନଙ୍କରେ ମହିଳାଗଣ
୧. ଏଲିଯାବେଥ, ମରିୟମ, ଈଶ୍ୱରପରାୟଣ ମହିଳାଗଣ ଈଶ୍ୱରଙ୍କ କାର୍ଯ୍ୟ ପାଇଁ ଉପଯୋଗୀ (ଲୂକ ୧-୨)
୨. ହାନ୍ନା, ଈଶ୍ୱର ପରାୟଣା ମହିଳା ମନ୍ଦିରରେ ସେବା କରୁଥିଲେ (ଲୂକ ୨:୩୬)
୩. ଲୁଦିଆ ଜଣେ ବିଶ୍ୱାସୀଙ୍କ ଏବଂ ଏକ ଗୃହ ମଣ୍ଡଳୀର ନେତ୍ରୀ ଥିଲେ (ପ୍ରେରିତ ୧୬:୧୪,୪୦)
୪. ଫିଲିପଙ୍କ ଚାରିଜଣ ଝିଅ ଭାବବାଦିନୀ ଥିଲେ (ପ୍ରେରିତ ୨୧:୮-୯)
୫. ଫୈବୀ, କେଙ୍କ୍ରେୟା ମଣ୍ଡଳୀର ମହିଳା ଦିକନ ଥିଲେ (ରୋମୀ ୧୬:୧)
୬. ପ୍ରିସ୍କା (ପ୍ରିସ୍କିଲା) ପାଉଲଙ୍କ ସହକର୍ମୀ ଏବଂ ଆପୋଲଙ୍କ ଶିକ୍ଷୟିତ୍ରୀ (ପ୍ରେରିତ ୧୮:୨୬, ରୋମୀ ୧୬:୩)
୭. ମରିୟମ, ତ୍ରିଫେନା, ପର୍ସିସ୍, ଯୁଲିଆ, ନୀରୁସଙ୍କ ଭଗ୍ନୀ, ବିଭିନ୍ନ ମହିଳା ପାଉଲଙ୍କ ସହକର୍ମୀ ଥିଲେ (ରୋମୀ ୧୬:୬-୧୭)
୮. ଯୁନିୟା (କେଜେଭି) ସମ୍ଭବତଃ ଜଣେ ମହିଳା ପ୍ରେରିତ (୧୬:୭ ପଦ ରୋମୀ)
୯. ଇୟଦିଆ ଓ ସନ୍ତୁଖୀ, ପାଉଲଙ୍କ ସହଯୋଗୀ କାର୍ଯ୍ୟକାରିଣୀ (ଫିଲିପୀ ୪:୨-୩)

୩. ଜଣେ ଆଧୁନିକ ବିଶ୍ୱାସୀ ବିଭିନ୍ନ ପ୍ରକାର ବାଇବଲର ଉଦାହରଣ ମାନର କିପରି ଭାରସାସ୍ୟ ରକ୍ଷା କରେ ?
କ. ଜଣେ କିପରି ଐତିହାସିକ ବା ସଂସ୍କୃତିଗତ ସତ୍ୟମାନ ସ୍ଥିର କରିବ, ଯାହା କେବଳ ମୂଳ ଶାସ୍ତ୍ରବାକ୍ୟକୁ ବୁଝାଉଥିବ । ମୂଳ ଅନନ୍ତକାଳୀନ ମୂଲ୍ୟବାନ ସତ୍ୟମାନ, ସମସ୍ତ ମଣ୍ଡଳୀ, ସମସ୍ତ ଯୁଗର ସମସ୍ତ ବିଶ୍ୱାସୀଙ୍କ ପାଇଁ ପ୍ରୟୋଗ କରାଯାଇପାରିବ ।
୧. ଆମ୍ଭେମାନେ ମୂଳ ଈଶ୍ୱରଙ୍କ ପ୍ରେରଣାପ୍ରାପ୍ତ ଲେଖକଙ୍କ ଉଦ୍ଦେଶ୍ୟକୁ ଗୁରୁତ୍ୱପୂର୍ଣ୍ଣଭାବେ ଗ୍ରହଣ କରିବା ଉଚିତ । ବାଇବଲ ହେଉଛି ଈଶ୍ୱରଙ୍କ ବାକ୍ୟ ଓ ବିଶ୍ୱାସ ଓ ବ୍ୟବହାର ପାଇଁ ଏକମାତ୍ର ଉତ୍ପତ୍ତିସ୍ଥଳ ।
୨. ଆମ୍ଭେମାନେ ସ୍ପଷ୍ଟ ଐତିହାସିକ-ଈଶ୍ୱର ନିଶ୍ୱସିତ ସର୍ତ୍ତପୂର୍ଣ୍ଣ ଶାସ୍ତ୍ରାଂଶ ସହିତ ବ୍ୟବହାର କରିବା ଉଚିତ ।
କ. ଭ୍ରାନ୍ତମତ (ଯଥା : ବିଧିବିଧାନ ଓ ନୀତିନିୟମ) ଇସ୍ରାୟେଲର (ପ୍ରେରିତ ୧୫, ଗାଲାତୀ ୫)
ଖ. ପ୍ରଥମ ଶତାବ୍ଦୀ ଯିହୁଦୀ ଧର୍ମ
ଗ. ପାଉଲଙ୍କ ସ୍ପଷ୍ଟ ବାରି ହେଉଥିବା ଐତିହାସିକ-ସର୍ତ୍ତପୂର୍ଣ୍ଣ ମନ୍ତବ୍ୟମାନ ୧ କରନ୍ଥୀରେ
୧) ବିଜାତି ରୋମ୍‌ର ନ୍ୟାୟସଙ୍ଗତ ରୀତି (୧ କରନ୍ଥୀ ୬)
୨) ଜଣେ କ୍ରୀତଦାସ ହୋଇ ରହିବା (୧ କରନ୍ଥୀ ୭:୨-୨୪)
୩) ବିବାହ ବାରଣ (୧ କରନ୍ଥୀ ୭:୧-୩୫)
୪) ଅବିବାହିତ ଝିଅମାନେ (୧ କରନ୍ଥୀ ୭:୩୬-୩୮)
୫) ଏକ ଦେବତା ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବଳି (୧ କରନ୍ଥୀ ୮, ୧:୨୩-୩୩)
୬) ପ୍ରଭୁଙ୍କ ଭୋଜରେ ଅଯୋଗ୍ୟ କାର୍ଯ୍ୟକଳାପମାନ (୧ କରନ୍ଥୀ ୨୧)
୩. ଈଶ୍ୱର ଆପଣାକୁ ସଂପୂର୍ଣ୍ଣ ରୂପେ ଓ ସ୍ପଷ୍ଟଭାବେ ଏକ ନିର୍ଦ୍ଦିଷ୍ଟ ସଂସ୍କୃତି ଓ ଏକ ନିର୍ଦ୍ଦିଷ୍ଟ ଦିବସରେ ପ୍ରକାଶ କଲେ । ଆମ୍ଭେମାନେ ଏହି ପ୍ରକାଶକୁ ଗୁରୁତରଭାବେ ଗ୍ରହଣ କରିବା ଉଚିତ, ମାତ୍ର ଏହାର ପ୍ରତ୍ୟେକ ବିଷୟ ଏହାର ଐତିହାସିକ ପରିବେଷ୍ଟନୀ ମଧ୍ୟରେ ନାହିଁ । ଈଶ୍ୱରଙ୍କ ବାକ୍ୟ ମାନବୀୟ ଶବ୍ଦରେ ଲେଖାଗଲା । ଏକ ନିର୍ଦ୍ଦିଷ୍ଟ ସଂସ୍କୃତିକୁ ସମ୍ବୋଧନ କରାଗଲା ଏକ ନିର୍ଦ୍ଦିଷ୍ଟ ସମୟରେ ।

ଖ. ବାଇବଲ ଅନୁବାଦ ମୂଳ ଲେଖକଙ୍କ ଉଦ୍ଦେଶ୍ୟ ଅନୁସନ୍ଧାନ ବା ଅନ୍ୱେଷଣ କରିବା ଉଚିତ । ସେ ତାଙ୍କ ଦିବସକୁ କ'ଣ କହୁଛନ୍ତି ? ଏହା ଉପଯୁକ୍ତ ଅନୁବାଦ ପାଇଁ ମୂଳଭିତ୍ତିକ ଓ କଷ୍ଟକର । ମାତ୍ର ତେବେ ଆମ୍ଭେମାନେ ଏହା ଆମର ଦିନ ପ୍ରତି ପ୍ରୟୋଗ କରିବା ଉଚିତ । ବର୍ତ୍ତମାନ ଏକ ସମସ୍ୟା ମହିଳାମାନଙ୍କ ନେତୃତ୍ୱ ସମ୍ବନ୍ଧରେ ଏଠାରେ ଅଛି (ପ୍ରକୃତ ଅନୁବାଦିକ ସମସ୍ୟା ଏହି ପଦ ବୁଝାଇପାରିବ । ପାଳକମାନଙ୍କ ଅପେକ୍ଷା ଅଧିକ ସେବା କାର୍ଯ୍ୟମାନ କଅଣ ଅଛି, ଯେଉଁମାନେ ନେତୃତ୍ୱରେ ଦେଖାଯାଆନ୍ତି ? ମହିଳା ଦିକନମାନେ ବା ଭାବବାଦିନୀମାନେ ନେତା ରୂପେ ଦେଖାଯାଉଥିଲେ କି ?) ଏହା ସଂପୂର୍ଣ୍ଣ ସ୍ପଷ୍ଟ ଯେ ପାଉଲ ୧ କରନ୍ଥୀ ୧୪:୩୪-୩୫ ଏବଂ ୧ ତୀମଥି ୨:୯-୧୫ରେ ଜୋର୍ ଦେଇ କହୁଅଛନ୍ତି ଯେ ମହିଳାମାନେ ଜନସାଧାରଣ ଉପାସନାରେ ନେତୃତ୍ୱ ନେବା ଉଚିତ ନୁହେଁ! ମାତ୍ର ଆଜି ମୁଁ କିପରି ତାହା ପ୍ରୟୋଗ କରିବି ? ମୁଁ ପାଉଲଙ୍କ ସଂସ୍କୃତି କିଅବା ମୋର ସଂସ୍କୃତି ଦ୍ୱାରା ଈଶ୍ୱରଙ୍କ ବାକ୍ୟ ଓ ଇଚ୍ଛାକୁ ନୀରବ କରିଦେବାକୁ ଚାହେଁ ନାହିଁ । ସମ୍ଭବତଃ ପାଉଲଙ୍କ ଦିନ ଅତି ସୀମାବଦ୍ଧ ଥିଲା, ମାତ୍ର ମୋର ଦିନ ମଧ୍ୟ ଅତି ମୁକ୍ତ ହୋଇପାରେ । ପାଉଲଙ୍କ ବାକ୍ୟମାନ ଓ ଶିକ୍ଷାସବୁ ସର୍ତ୍ତପୂର୍ଣ୍ଣ, ପ୍ରଥମ ଶତାବ୍ଦୀ, ସ୍ଥାନୀୟ ପାରିପାର୍ଶ୍ୱିକ ସତ୍ୟମାନ କହିବାକୁ ମୁଁ ଅଶ୍ୱସ୍ତି ବୋଧ କରେ । ମୁଁ କିଏ ଯେ ମୋର ମନ ଓ ମୋର ସଂସ୍କୃତି ଜଣେ ଈଶ୍ୱର ପ୍ରେରଣାପ୍ରାପ୍ତ ଲେଖକଙ୍କ ପ୍ରତିରୋଧ କରିବ ?

ଯାହାବି ହେଉ, ବାଇବଲରେ ମହିଳା ନେତ୍ରୀମାନଙ୍କ ଉଦାହରଣ ଥିବାବେଳେ ମୁଁ କ'ଣ କରିପାରିବି (ଏପରିକି ରୋମୀ ୧୬ ପାଉଲଙ୍କ ଲେଖାରେ) ? ୧ କରନ୍ଥୀ ୧୧:୧୪ରେ ଜନସାଧାରଣ ଉପାସନା ବିଷୟରେ ପାଉଲଙ୍କ ଆଲୋଚନା ଏହାର ଏକ ଉତ୍ତମ ଉଦାହରଣ ଅଟେ । ୧୧:୫ରେ ସେ ମହିଳାମାନେ ମସ୍ତକ ଆଚ୍ଛାଦନ କରି ଜନସାଧାରଣ ଉପାସନାରେ ପ୍ରଚାର କରିବା ଓ ପ୍ରାର୍ଥନା କରିବାକୁ ଅନୁମତି ଦେବା ଦେଖାଯାଏ, ତଥାପି ୧୪:୩୪-୩୫ରେ ସେ ଦାବୀ କରନ୍ତି ସେମାନେ ନୀରବ ରହନ୍ତୁ ବୋଲି! ରୋମୀ ୧୬:୧ରେ ମହିଳା ଦିକନମାନେ ଥିଲେ ଏବଂ ପ୍ରେରିତ ୨୧:୯ରେ ଭାବବାଦିନୀମାନେ ଥିଲେ । ଏହି ବିଭିନ୍ନତା ମୋତେ ପାଉଲଙ୍କ ମନ୍ତବ୍ୟମାନ (ମହିଳାମାନଙ୍କ ଉପରେ ସୀମାବଦ୍ଧତା) ଚିହ୍ନିବାକୁ ସ୍ୱାଧୀନତା ଦିଏ ଯେ, ଏହା ପ୍ରଥମ ଶତାବ୍ଦୀ କରିନ୍ଥ ଓ ଏଫିସୀ ପ୍ରତି ସୀମାବଦ୍ଧ ଥିଲା । ଉଭୟ ମଣ୍ଡଳୀରେ ମହିଳାମାନେ ସେମାନଙ୍କ ନୂତନ ପ୍ରତିଷ୍ଠିତ ସ୍ୱାଧୀନତା ବ୍ୟବହାର କରିବାରେ ସମସ୍ୟାମାନ ଥିଲା (ବ୍ରୁସ୍ ଉଇଣ୍ଟରଙ୍କ, ''ପାଉଲ କରିନ୍ଥ ଛାଡ଼ିଲା ପରେ''), ଯାହା ମଣ୍ଡଳୀକୁ ଖ୍ରୀଷ୍ଟଙ୍କ ପାଇଁ ସେମାନଙ୍କ ସମାଜରେ ପହଞ୍ଚିବାରେ କଷ୍ଟକର ହେବାର କାରଣ ହୋଇଥାଇପାରେ । ସେମାନଙ୍କ ସ୍ୱାଧୀନତାକୁ ସୀମିତ କରିବା ଉଚିତ ଥିଲା, ତେବେ ସୁସମାଚାର ଅଧିକ ଫଳପ୍ରଦ ହୋଇପାରିବ ।

ମୋର ଦିନ, ପାଉଲଙ୍କ ଦିନର ଠିକ୍ ବିପରୀତ ଅଟେ । ମୋର ଦିନରେ ଯଦି ସ୍ପଷ୍ଟଭାବେ କହିପାରୁଥିବା, ତାଲିମପ୍ରାପ୍ତ ମହିଳାମାନଙ୍କୁ ସୁସମାଚାର କହିବାକୁ ଅନୁମତି ନ ଦିଆଯାଏ । ନେତୃତ୍ୱ ନେବାକୁ ଅନୁମତି ଦିଆ ନ ଯାଏ ତେବେ ସୁସମାଚାର ସୀମାବଦ୍ଧ ହୋଇଯିବ । ଜନସାଧାରଣ ଉପାସନାର ସର୍ବୋଚ୍ଚ ଲକ୍ଷ୍ୟ କ'ଣ ? ଏହା ସୁସମାଚାର ପ୍ରଚାର ଏବଂ ଶିଷ୍ୟତ୍ୱ ନୁହେଁ କି ? ମହିଳା ନେତ୍ରୀମାନଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ଓ ସନ୍ତୁଷ୍ଟ ହୋଇପାରିବେ କି ? ବାଇବଲ, ସମଷ୍ଟିଗତଭାବେ ହଁ କହିବା ଦେଖାଯାଏ !

ମୋର ପରମାର୍ଥ ବିଦ୍ୟା, ମୁଖ୍ୟତଃ ପାଉଲଙ୍କ ଶିକ୍ଷା, ପାଉଲଙ୍କଠାରେ ସମର୍ପଣ କରିବାକୁ ମୁଁ ଚାହେଁ । ମୁଁ ଅଧିକ ପ୍ରଭାବିତ ହେବାକୁ ଚାହେଁ ନାହିଁ କିଅବା ଆଧୁନିକ ମହିଳା କର୍ତ୍ତୃତ୍ୱବାଦ ଦ୍ୱାରା ପରିଚାଳିତ ହେବାକୁ ଇଚ୍ଛା କରେ ନାହିଁ । ଯାହାବି ହେଉ, ମୁଁ ଅନୁଭବ କରେ, ମଣ୍ଡଳୀ ସ୍ପଷ୍ଟ ବାଇବଲ ସତ୍ୟତାଗୁଡ଼ିକୁ ଯଥା : କ୍ରିତଦାସ ପ୍ରଥା, ଜାତି ପ୍ରଥା, ଧର୍ମାନ୍ଧତା ଏବଂ ଯୌନବାଦର ଅଯଥାର୍ଥତାର ପ୍ରତ୍ୟୁତ୍ତର ଦେବାକୁ ବିଳମ୍ବ କରି ଆସିଅଛି । ଏହା ମଧ୍ୟ ଆଧୁନିକ ଜଗତରେ ମହିଳାମାନଙ୍କ ପ୍ରତି ଅପବ୍ୟବହାର ବା ଦୁର୍ବ୍ୟବହାରର ପ୍ରତ୍ୟୁତ୍ତର ଦେବାକୁ ଶିଥିଳ ହୋଇଆସିଅଛି । ଈଶ୍ୱର ଖ୍ରୀଷ୍ଟଙ୍କଠାରେ କ୍ରୀତଦାସ ଓ ମହିଳାମାନଙ୍କୁ ମୁକ୍ତ କରିଅଛନ୍ତି । ଏକ ସଂସ୍କୃତି-ବନ୍ଧନର ଶାସ୍ତ୍ରାଂଶ ସେମାନଙ୍କୁ ପୁନର୍ବାର ବନ୍ଧନଗ୍ରସ୍ତ କରିବାକୁ ଦେବାରେ ମୁଁ ସାହସ ନ କରେ ।

ଆହୁରି ଏକ ବିଷୟ : ଏକ ଅନୁବାଦକଭାବେ ମୁଁ ଜାଣେ ଯେ କରିନ୍ଥ ଗୋଟିଏ ବିଶୃଙ୍ଖଳିତ ମଣ୍ଡଳୀ ଥିଲା । ପବିତ୍ର ଆତ୍ମାଙ୍କ ଦାନସମୂହ ପୁରସ୍କୃତ ଏବଂ ବାହାଦୁରି ପ୍ରଦର୍ଶନର ବିଷୟ ହେଲା । ମହିଳାମାନେ ହୁଏତ ଏଥିରେ ଧରାପଡ଼ି ଯାଇଥିଲେ । ମୁଁ ମଧ୍ୟ ବିଶ୍ୱାସ କରେ ଯେ ଏଫିସୀ ମଣ୍ଡଳୀ ମିଥ୍ୟା ଶିକ୍ଷକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା । ଯେଉଁମାନେ ମହିଳାମାନଙ୍କଠାରୁ ସୁବିଧା ଉଠାଉଥିଲେ ଏବଂ ସେମାନଙ୍କ ଏଫିସୀର ଗୃହମଣ୍ଡଳୀଗୁଡ଼ିକରେ ବଳଦିଆ ବକ୍ତା ଭାବରେ ବ୍ୟବହାର କରୁଥିଲେ ।

ଗ. ଅଧିକ ପାଠ କରିବା ପାଇଁ ପରାମର୍ଶମାନ

*''ସମସ୍ତ ମୂଲ୍ୟସହ କିପରି ବାଇବଲ ପାଠ କରିବ''* ଗୋର୍ଡନ ଫି ଏବଂ ଡୋଗ ସ୍ଟୁଆର୍ଟଙ୍କ ଲିଖିତ (୭୧-୭୭ ପୃଷ୍ଠା)

*ସୁସମାଚାର ଓ ଆତ୍ମା : ନୂତନ ନିୟମରେ ଉପଯୁକ୍ତ ପଦ୍ଧତିରେ ବାଇବଲ ଅନୁବାଦ*, ଗୋର୍ଡନ ଫିଙ୍କ ଦ୍ୱାରା

*ବାଇବଲର କଠିନ ବକ୍ତବ୍ୟମାନ :* ୱାଲ୍ଟର ସ କାଇସର, ପିଟର ଏଚ୍ ଡେଭିଡ୍‌ସ୍ ଏଫ୍‌ଏଫ୍ ବ୍ରୁସ୍ ଏବଂ ମାନଫ୍ରେଡ୍‌ଟି ବ୍ରାଞ୍ଚ (୬୧୩-୬୧୬ ପୃଷ୍ଠା ୬୬୫-୬୬୭ ପୃଷ୍ଠା)

□ **''ମଣ୍ଡଳୀ''** ନିମ୍ନରେ ବିଶେଷ ପ୍ରସଙ୍ଗ ଦେଖ

**ବିଶେଷ ପ୍ରସଙ୍ଗ : ମଣ୍ଡଳୀ (ଏକ୍ଳିସିଆ)**

ଏହି ଗ୍ରୀକ୍ ଶବ୍ଦ ''ଏକ୍ଲେସିଆ'' ଦୁଇଟି ଶବ୍ଦରୁ ଆସିଛି ''ଭିତରୁ'' ଏବଂ ''ଆହୂତ'', ସେଥିପାଇଁ ଶବ୍ଦଟି ସ୍ୱର୍ଗୀୟ ଆହ୍ୱାନରେ ଆହ୍ୱାନପ୍ରାପ୍ତ ଲୋକମାନଙ୍କୁ ବୁଝାଏ । ଆଦ୍ୟ ମଣ୍ଡଳୀ ଏହି ଶବ୍ଦ ଜାଗତିକ ବ୍ୟବହାର ମଧ୍ୟରୁ ଗ୍ରହଣ କଲା (ପ୍ରେରିତ ୧୯:୩୨,୩୯,୪୧) ଏବଂ କାରଣ ସେପ୍ଟୁଆଜିଣ୍ଟ (ଗ୍ରୀକ୍ ଅନୁବାଦ)ର ଏହି ଶବ୍ଦ ବ୍ୟବହାର ଇସ୍ରାୟେଲ ଶ୍ରୋତା ମଣ୍ଡଳୀ ପାଇଁ ହୋଇଥିଲା (କ୍ୱାହାଲ, ବିଡିବି ୮୭୪, ଗଣନା ୧୬:୩, ୨୦:୪) । ପୁରାତନ ନିୟମର ଈଶ୍ୱରଙ୍କ ଲୋକମାନଙ୍କର ଏକ କ୍ରମାନୁଗତ ସ୍ଥିତି ରୂପେ ସେମାନେ ଏହା ବ୍ୟବହାର କଲେ । ସେମାନେ ନୂତନ ଇସ୍ରାଏଲ ଥିଲେ (ରୋମୀ. ୨:୨୮-୨୯, ଗାଲାତୀ ୬:୧୬, ୧ ପିତର ୨:୫,୯, ପ୍ରକାଶିତ ୧:୬) ଈଶ୍ୱରଙ୍କ ଜଗତବ୍ୟାପୀ ମିଶନର ସଫଳତା ବା ସଂପୂର୍ଣ୍ଣତା (ଆଦି ୩:୧୫, ୧୨:୩, ଯାତ୍ରା ୧୯:୫-୬, ମାଥିଉ ୨୮:୧୮-୨୦, ଲୂକ ୨୪:୪୨, ପ୍ରେରିତ ୧:୮)

ଏହି ଶବ୍ଦ ସୁସମାଚାରମାନଙ୍କରେ ଏବଂ ପ୍ରେରିତ ପୁସ୍ତକରେ ବିଭିନ୍ନ ଅର୍ଥରେ ବ୍ୟବହୃତ ହୋଇଅଛି ।

୧. ଜାଗତିକ ସହର ସଭା (ପ୍ରେରିତ ୧୯:୩୨,୩୯,୪୧)
୨. ଖ୍ରୀଷ୍ଟଙ୍କଠାରେ ସାର୍ବଜନୀନ ଈଶ୍ୱରଙ୍କ ଲୋକମାନେ (ମାଥିଉ ୧୬:୧୮ ଓ ଏଫିସୀୟ ପୁସ୍ତକ)
୩. ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀମାନଙ୍କର ଏକ ସ୍ଥାନୀୟ ଗିର୍ଜାର ଶ୍ରୋତାମଣ୍ଡଳ ମାଥିଉ ୧୮:୧୭, ପ୍ରେରିତ ୫:୧୧ (ଏହି ପଦମାନଙ୍କରେ ଯିରୁଶାଲମ ମଣ୍ଡଳୀରେ)
୪. ସମଷ୍ଟିଗତଭାବେ ଇସ୍ରାୟେଲ ଲୋକମାନେ ପ୍ରେରିତ ୭:୩୮, ସ୍ତିଫାନଙ୍କ ଉପଦେଶ
୫. ଏକ ଅଞ୍ଚଳରେ ଈଶ୍ୱରଙ୍କ ଲୋକମାନେ ପ୍ରେରିତ ୮:୩ (ଯିହୁଦା ବା ପାଲେଷ୍ଟାଇନ)

⊡ **''କେଙ୍କ୍ରେୟା''** ଏହା କରିନ୍ଥର ଦୁଇଟି ସମୁଦ୍ର ବନ୍ଦର ମଧ୍ୟରୁ ଗୋଟିଏ ଥିଲା । ଏହା ପୂର୍ବପଟରେ ଥିଲା (ପ୍ରେରିତ ୧୮:୧୮)

**୧୬:୨ ''ଯେପରି ତୁମ୍ଭେମାନେ ଯଥାଯୋଗ୍ୟ ଭାବରେ ତାହାଙ୍କୁ ପ୍ରଭୁଙ୍କ ନାମରେ ଗ୍ରହଣ କରିବ''** ଏହା ଏକ ଆଓରିଷ୍ଟ ମଧ୍ୟବର୍ତ୍ତୀ (କର୍ମବାଚ୍ୟ) ''ପ୍ରୋସଡେକୋମାଇ''ର ସମ୍ଭାବନାର୍ଥକ କ୍ରିୟାବସ୍ଥା, ଯାହାର ଅର୍ଥ ହେଉଛି, ଏକ ଅତିଥି ରୂପେ ''ଦୟାରେ ଗ୍ରହଣ କରିବା (ଫିଲିପୀ ୨:୨୯) । ପାଉଲ ଏହି ମହିଳାଙ୍କୁ ବିଶ୍ୱାସ (ଭରସା) କରିଥିଲେ ଏବଂ ମଣ୍ଡଳୀ ଯେପରି ତାଙ୍କୁ ତାଙ୍କ ତରଫରୁ ଗ୍ରହଣ ଓ ସାହାଯ୍ୟ କରନ୍ତି ସେ ତାହା ଚାହୁଁଥିଲେ । ପ୍ରକୃତ ଘଟଣା ହେଉଛି ଯେ ସେ କହିବା ଆବଶ୍ୟକ ଥିଲା, ଏହା ସଂସ୍କୃତିଗତ ବାୟୁମଣ୍ଡଳ ଦର୍ଶାଏ ।

⊡ **''ସାଧୁମାନେ''** ଏହି ଶବ୍ଦ ''ପବିତ୍ର ବ୍ୟକ୍ତିଗଣ''ଙ୍କୁ ବୁଝାଏ । ଏହା ଯୀଶୁଖ୍ରୀଷ୍ଟଙ୍କଠାରେ ଏକ ବିଶ୍ୱାସୀମାନଙ୍କ ସ୍ଥାନ କେବଳ ବର୍ଣ୍ଣନା କରେ ନାହିଁ, ମାତ୍ର ସେମାନଙ୍କର ଖ୍ରୀଷ୍ଟଙ୍କଠାରେ ଆଶାପୂର୍ଣ୍ଣଭାବେ ଈଶ୍ୱରପରାୟଣ ଜୀବନ, ଅଗ୍ରଗତି କରୁଥିବା ଚାରିତ୍ରିକ ଗୁଣ ବିଶିଷ୍ଟ ସେମାନଙ୍କର ନୂତନ ପବିତ୍ର ସ୍ଥାନ ମଧ୍ୟ । ''ସାଧୁ'' ଶବ୍ଦ ସର୍ବଦା ବହୁବଚନରେ ଅଛି, କେବଳ ଫିଲିପୀ (୪:୨୧)ରେ ଥରେ ବ୍ୟତୀତ ଏବଂ ଏପରିକି ଏହା ଏକ ସମଷ୍ଟିଗତ ଅର୍ଥରେ ଅଛି । ଏକ ଖ୍ରୀଷ୍ଟିୟାନ ହେବାକୁ ହେଲେ ଏକ ବିଶ୍ୱାସୀମାନଙ୍କ ସମ୍ପ୍ରଦାୟ, ଏକ ପରିବାର, ଏକ ଶରୀରର ଅଂଶୀ ହେବାକୁ ପଡ଼ିବ । ଆଧୁନିକ ମଣ୍ଡଳୀ ପାଶ୍ଚାତ୍ୟ ଅଞ୍ଚଳରେ ବାଇବଲ ବିଶ୍ୱାସର ଏହି ସମଷ୍ଟିଗତ ବିଷୟକୁ ପ୍ରତ୍ୟାଖ୍ୟାନ କରିଅଛି ! ବିଶେଷ ପ୍ରସଙ୍ଗ ଦେଖ : ସାଧୁଗଣ ୧:୭ରେ ।

⊡ **''ଯେକୌଣସି ବିଷୟରେ ତୁମ୍ଭମାନଙ୍କଠାରୁ ତାହାଙ୍କ ସାହାଯ୍ୟ ଆବଶ୍ୟକ ହେବ ସେ ବିଷୟରେ ତାହାଙ୍କୁ ସାହାଯ୍ୟ କରିବ''** ସେଠାରେ ଦୁଇଟି କର୍ମବାଚ୍ୟ । ପ୍ରଥମ *ପାରିସ୍ତେମି* (ଆଇରିଷ୍ଟ କର୍ତ୍ତୃବାଚ୍ୟ), ବୁଝାଏ ''ସାହାଯ୍ୟ କରିବାକୁ ପାର୍ଶ୍ୱରେ ଠିଆ ହେବା'' । ଦ୍ୱିତୀୟ *ଚେରଯୋ* (ବର୍ତ୍ତମାନ କର୍ତ୍ତୃବାଚକ) ବୁଝାଏ ''ଯାହା କିଛି ଆବଶ୍ୟକ, ସେ ସମସ୍ତ ସାହାଯ୍ୟ ଦେବା'' (୨ କରନ୍ଥୀ ୩:୧୧) ।

ଏହା ଭ୍ରମଣକାରୀ ସେବକମାନଙ୍କ ପାଇଁ ବସ୍ତୁମାନର ଯୋଗାଇବାକୁ ବୁଝାଏ । ଏହା ଥିଲା ଅନୁମୋଦିତ ପତ୍ରମାନର ଉଦ୍ଦେଶ୍ୟ ।

⊡

| | |
|---|---|
| **ଏନ୍ଏଏସ୍ବିକେଜେଭି** | **''ଅନେକଙ୍କର ଏକ ସାହାଯ୍ୟକାରୀ ହୋଇଅଛନ୍ତି''** |
| **ଏନ୍ଆର୍ଏସ୍ଭି** | **''ଅନେକଙ୍କର ଏକ ଉପକାରୀ ହୋଇଅଛନ୍ତି''** |
| **ଟିଇଭି** | **''କାରଣ ସେ ନିଜେ ଅନେକଙ୍କର ଏକ ଉତ୍ତମ ବନ୍ଧୁ ହୋଇ ଆସିଛନ୍ତି''** |
| **ଏନ୍ଜେବି** | **''ଏକ, ବହୁତ ଲୋକଙ୍କର ଯତ୍ନ ନେଇଅଛନ୍ତି''** |

ଏହି ଶବ୍ଦ *''ପ୍ରୋଇସ୍ଥାଟିସ୍''* ନୂତନ ନିୟମରେ କେବଳ ଏଠାରେ ଦେଖିବାକୁ ମିଳେ । ଏହା ଶାରୀରିକ ବା ଅର୍ତନୈତିକ ସାହାଯ୍ୟ ବୁଝାଯାଇପାରେ । ଏହି ଶବ୍ଦ ମୂଳତଃ ଏକ ଧନୀ ପୃଷ୍ଠପୋଷକ ମହିଳାକୁ ବୁଝାଉଥିଲା । ଫୈବୀ ଯେହେତୁ ରୋମକୁ ଯାତ୍ରା କରୁଛନ୍ତି (୧ ପଦ) ଏବଂ ଅନେକଙ୍କୁ ସାହାଯ୍ୟ କରିଛନ୍ତି (୨ ପଦ), ଏହା ଐତିହାସିକଭାବେ ତାଙ୍କ ବିଷୟରେ ସତ୍ୟ ହୋଇପାରେ ।

**ଏଏନ୍ଏସ୍ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୬:୩-୧୬**

**୩ଖ୍ରୀଷ୍ଟଯୀଶୁଙ୍କ କାର୍ଯ୍ୟରେ ମୋହର ସହକର୍ମୀ ପ୍ରୀସ୍କା ଓ ଆକ୍ୱିଲାଙ୍କୁ ନମସ୍କାର ଜଣାଅ, ୪ସେମାନେ ମୋହର ପ୍ରାଣ ନିମନ୍ତେ ଆପଣା**
**ଆପଣା ପ୍ରାଣକୁ ବିପଦଗ୍ରସ୍ତ କଲେ । କେବଳ ମୁଁ ଯେ ସେମାନଙ୍କୁ ଧନ୍ୟବାଦ ଦେଉଅଛି, ତାହା ନୁହେଁ, କିନ୍ତୁ ବିଜାତିମାନଙ୍କ ମଣ୍ଡଳୀ ସମୂହ ମଧ୍ୟ**

**ସେମାନଙ୍କୁ ଧନ୍ୟବାଦ ଦେଉଅଛନ୍ତି, ଆଉ ସେମାନଙ୍କର ଗୃହରେ ଥିବା ମଣ୍ଡଳୀକି ନମସ୍କାର ଜଣାଅ । ମୋହର ପ୍ରିୟ ଏପାଇନେତଙ୍କୁ ନମସ୍କାର ଜଣାଅ । ସେ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ଆସିଆର ପ୍ରଥମ ଫଳ ସ୍ୱରୂପ । ମରିୟମଙ୍କୁ ନମସ୍କାର ଜଣାଅ, ସେ ତୁମ୍ଭମାନଙ୍କ ନିମନ୍ତେ ବହୁ ପରିଶ୍ରମ କରିଥିଲେ । ମୋହର ସ୍ୱଜାତୀୟ ଓ ସହବନ୍ଦୀ ଆନ୍ଦ୍ରନିକି ଓ ଯୁନିୟାଙ୍କୁ ନମସ୍କାର ଜଣାଅ । ସେମାନେ ପ୍ରେରିତମାନଙ୍କ ମଧ୍ୟରେ ବିଖ୍ୟାତ ଓ ମୋହର ପୂର୍ବରେ ସୁଦ୍ଧା ଖ୍ରୀଷ୍ଟଙ୍କ ଆଶ୍ରିତ ହୋଇଅଛନ୍ତି । ପ୍ରଭୁଙ୍କଠାରେ ମୋହର ପ୍ରିୟ ଆମ୍ପ୍ଲିୟାତଙ୍କୁ ନମସ୍କାର ଜଣାଅ । [୧୦]ଖ୍ରୀଷ୍ଟଙ୍କ ସେବାରେ ଆମ୍ଭମାନଙ୍କ ସହକର୍ମୀ ଉର୍ବାଣଙ୍କୁ ଓ ମୋହର ପ୍ରିୟ ସ୍ତାଖୁଙ୍କୁ ନମସ୍କାର ଜଣାଅ । ଖ୍ରୀଷ୍ଟଙ୍କଠାରେ ପରୀକ୍ଷାସିଦ୍ଧ ଆପେଲ୍ଲାଙ୍କୁ ନମସ୍କାର ଜଣାଅ । ଆରିଷ୍ଟୋବୁଲଙ୍କ ପରିବାରସ୍ଥ ଲୋକମାନଙ୍କୁ ନମସ୍କାର ଜଣାଅ । [୧୧]ମୋହର ସ୍ୱଜାତୀୟ ହେରୋଦିୟନଙ୍କୁ ନମସ୍କାର ଜଣାଅ । [୧୨]ପ୍ରଭୁଙ୍କ କାର୍ଯ୍ୟରେ ପରିଶ୍ରମ କରୁଥିବା ତ୍ରୁଫେଣା ଓ ତ୍ରୁଫୋସାଙ୍କୁ ନମସ୍କାର ଜଣାଅ । ପ୍ରିୟ ପର୍ଶିଙ୍କି ନମସ୍କାର ଜଣାଅ, ସେ ପ୍ରଭୁଙ୍କ କାର୍ଯ୍ୟରେ ବହୁ ପରିଶ୍ରମ କରିଅଛନ୍ତି । [୧୩]ପ୍ରଭୁଙ୍କ ମନୋନୀତ ରୂଫଙ୍କୁ ଓ ତାହାଙ୍କର ମାତାଙ୍କୁ ନମସ୍କାର ଜଣାଅ । ସେ ମଧ୍ୟ ମୋହର ମାତା ସ୍ୱରୂପ । [୧୪]ଅସୁନ୍କ୍ରିତ, ଫ୍ଲେଗୋନ । ହର୍ମିସ, ପାତ୍ରବା, ହର୍ମାସ ଆଉ ସେମାନଙ୍କ ସାଙ୍ଗରେ ଥିବା ଭାଇମାନଙ୍କୁ ନମସ୍କାର ଜଣାଅ । [୧୫]ଫିଲଗ ଓ ଯୁଲିଆ, ନୀରୂସ ଓ ତାହାଙ୍କ ଭଗିନୀ ପୁଣି ଅଲୁମ୍ପ ଓ ସେମାନଙ୍କ ସାଙ୍ଗରେ ଥିବା ସମସ୍ତ ସାଧୁଙ୍କୁ ନମସ୍କାର ଦର୍ଶାଅ । [୧୬]ପବିତ୍ର ଚୁମ୍ବନ ଦେଇ ପରସ୍ପରକୁ ନମସ୍କାର କର । ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଇଅଛନ୍ତି ।**

**୧୬:୩ ''ପ୍ରିସ୍କା ଓ ଆକ୍ୱିଲା''** ଲୁକ ତାଙ୍କୁ ''ପ୍ରିସ୍କିଲା'' ଡାକନ୍ତି । ସେ ସର୍ବଦା ତାଙ୍କ ସ୍ୱାମୀଙ୍କ ପୂର୍ବରୁ ନାମରେ ଉଲ୍ଲେଖ କରାଯାଇଛନ୍ତି, ଯାହା ସଂସ୍କୃତିଗତଭାବେ ବଡ଼ ଅସାଧାରଣ (ପ୍ରେରିତ ୧୮:୧୮,୨୬, ୧ କରନ୍ଥୀ ୧୬:୧୯, ୨ ତୀମଥି ୪:୧୯) । ସମ୍ଭବତଃ ସେ ରୋମୀୟ ଉଚ୍ଚବଂଶୀୟ ଥିଲେ ବା ଏହି ଦମ୍ପତ୍ତିଙ୍କର କର୍ତ୍ତୃତ୍ୱ କରିବା ବ୍ୟକ୍ତିତ୍ୱ ଥିଲା । ଉଭୟ ପାଉଲ ଓ ଏହି ଦମ୍ପତ୍ତି ତମ୍ବୁ ନିର୍ମାଣକାରୀ ବା ଚମଡ଼ା କର୍ମଚାରୀ ଥିଲେ । ପାଉଲ ସେମାନଙ୍କୁ ''ଖ୍ରୀଷ୍ଟ ଯୀଶୁଙ୍କଠାରେ ସହକର୍ମୀ'' ବୋଲି ଡାକୁଥିଲେ । ସେ ସମ୍ଭବତଃ ଏହି ଦମ୍ପତ୍ତିଙ୍କଠାରୁ ରୋମ ମଣ୍ଡଳୀର ଶକ୍ତି ଓ ଦୁର୍ବଳତା ବିଷୟରେ ଶୁଣିଥିଲେ ।

**୧୬:୪ ''ଆପଣା ଆପଣା ପ୍ରାଣକୁ ବିପଦଗ୍ରସ୍ତ କଲେ''** ଏହା ଏକ ମୃତ୍ୟୁଦଣ୍ଡଦାତାର କୁହ୍ରାଡ଼ି ସକାଶେ ଏକ ରୂଢ଼ୋକ୍ତି ଅଟେ । ଏହି ଖଣ୍ଡ ବାକ୍ୟ ଦ୍ୱାରା ପାଉଲ କ'ଣ ବୁଝାନ୍ତି ଏ ବିଷୟରେ ବାଇବଲ ନୀରବ ଅଟେ ।

□ **''କେବଳ ମୁଁ ଯେ ସେମାନଙ୍କୁ ଧନ୍ୟବାଦ ଦେଉଅଛି, ତାହା ନୁହେଁ, କିନ୍ତୁ ବିଜାତିମାନଙ୍କ ମଣ୍ଡଳୀ ସମୂହ ମଧ୍ୟ ସେମାନଙ୍କୁ ଧନ୍ୟବାଦ ଦେଉଅଛନ୍ତି ।''** ପାଉଲ ଏହି ଦମ୍ପତ୍ତିଙ୍କ ବନ୍ଧୁତା ଓ ସକ୍ରିୟ ସାହାଯ୍ୟ ପାଇଁ ବହୁତ କୃତଜ୍ଞ ଅଟନ୍ତି । ସେ ଏପରିକି ସେମାନଙ୍କର ସେବାକୁ ବିଜାତିମାନଙ୍କର ସମସ୍ତ ମଣ୍ଡଳୀରେ ପରିବ୍ୟାପ୍ତ କରନ୍ତି ।'' କେଡ଼େ ବ୍ୟାପକ ବା ସୁଦୂର ପ୍ରସାରୀ ସତ୍ୟୋକ୍ତି ବା ଦୃଢ଼ ଘୋଷଣା ଏବଂ ଧନ୍ୟବାଦ ଅର୍ପଣ ! ଏହା ସେମାନଙ୍କୁ ଉତ୍ସାହିତ କରୁଥିବା ଓ ଆପୋଲଙ୍କ ପ୍ରତି ସେମାନଙ୍କ ସେବାକାର୍ଯ୍ୟର ବିବରଣୀକୁ ବୁଝାଉଥାଇ ପାରେ (ପ୍ରେରିତ ୧୮:୨୪-୨୮)

**୧୬:୫ ''ମଣ୍ଡଳୀ''** ଏହା ମଣ୍ଡଳୀ ଗୃହକୁ ବୁଝାଏ ନାହିଁ ମାତ୍ର ଲୋକମାନଙ୍କୁ ବୁଝାଏ । ଏହି ଶବ୍ଦ ''ଆହୂତ ବ୍ୟକ୍ତିଗଣ'ଙ୍କୁ ବୁଝାଏ । ଗ୍ରୀକ୍ ପୁରାତନ ନିୟମ ସେପ୍ଟୁଆଜିଣ୍ଟ (୭୦)ରେ ଏହି ଶବ୍ଦ ହିବ୍ରୁ ଶବ୍ଦ ''କ୍ୱାହାଲ''କୁ ଅନୁବାଦ କରି ଆସୁଥିଲା, ଯାହା ''ଶ୍ରୋତାମଣ୍ଡଳୀ'' ବୋଲି ଅନୁବାଦିତ ହୋଇଥିଲା । ଆଦ୍ୟ ମଣ୍ଡଳୀ ଆପଣମାନଙ୍କୁ ପୁରାତନ ନିୟମ ''ଇସ୍ରାୟେଲର ମଣ୍ଡଳୀ''ର ପ୍ରାକୃତିକ ଉତ୍ତରାଧିକାରୀ ଏବଂ ସଫଳତା ରୂପେ ଦେଖିଲେ ଏବଂ ଏକ ଗୋଷ୍ଠୀଗତ ସଂକୀର୍ଣ୍ଣ ମତବାଦୀ ବିଚ୍ଛିନ୍ନ ବା ଭଗ୍ନକାରୀ ଦଳ ରୂପେ ନୁହେଁ । ବିଶେଷ ପ୍ରସଙ୍ଗ ୧୬:୧ରେ ଦେଖ ।

□ **''ସେମାନଙ୍କ ଗୃହରେ ଥିବା''** ଆଦ୍ୟ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ ବାସ ଗୃହମାନଙ୍କରେ ଏକତ୍ର ହେଉଥିଲେ ୯୧୬:୨୩, ପ୍ରେରିତ ୧୨:୧୨, ୧ କରନ୍ଥୀ ୧୬:୧୯, କଲସୀ ୪:୧୫ ଏବଂ ଫିଲିମୋନ ୨) ମଣ୍ଡଳୀ ଗୃହମାନ ତୃତୀୟ ଶତାବ୍ଦୀ (ଖ୍ରୀଷ୍ଟାବ୍ଦ) ପର୍ଯ୍ୟନ୍ତ ଦେଖାଯାଇ ନ ଥିଲା ।

□ **''ଏପାଇନେତ''** ଏହି ବ୍ୟକ୍ତିଙ୍କ ନାମର ଅର୍ଥ ହେଉଛି ''ପ୍ରଶଂସିତ''

□ **''ଯେକି ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ପ୍ରଥମ ଫଳ ସ୍ୱରୂପ''** ଏହା ମଧ୍ୟ ସ୍ତିଫାନଙ୍କ ପରିଜନଙ୍କ ଗୃହ ବୋଲି କୁହଯାଇଛି । ୧ କରନ୍ଥୀ ୧୬:୧୫ରେ

□ **''ଆସିଆର''** ଏହା ରୋମୀୟ ରାଜ୍ୟ ବା ପ୍ରଦେଶକୁ ବୁଝାଏ ଯାହା ଆଧୁନିକ ତୁର୍କୀର ଏକ ତୃତୀୟାଂଶ ପାଶ୍ଚାତ୍ୟ ଦେଶରେ ଅନ୍ତର୍ଗତ

**୧୬:୬ ''ମରିୟମ, ଯେ କି ତୁମ୍ଭମାନଙ୍କ ନିମନ୍ତେ ବହୁ ପରିଶ୍ରମ କରିଥିଲେ''** ଏହି ବ୍ୟକ୍ତିଙ୍କ ବିଷୟରେ ଆଉ କିଛି ଜଣାନାହିଁ । ସେ ରୋମ ମଣ୍ଡଳୀରୁ ଜଣେ ମିଶନାରୀ ହୋଇ ଆସିଥାଇପାରନ୍ତି । ଅନେକ ଚମତ୍କାର, ଈଶ୍ୱର ପରାୟଣ ବିଶ୍ୱାସୀଗଣ ଆମ୍ଭମାନଙ୍କର ଅଜଣା ମାତ୍ର ଈଶ୍ୱରଙ୍କ ସହିତ ଉତ୍ତମ ରୂପେ ପରିଚିତ ।

**୧୬:୭ ''ମୋର ସହବନ୍ଦୀମାନେ''** ଆଧୁନିକ ପାରମାର୍ଥିକମାନେ (ବିଶେଷଜ୍ଞମାନେ) ଏହା କେଉଁ ବନ୍ଦୀତ୍ୱକୁ ବୁଝାଉଥିଲା, ଏ ବିଷୟରେ ନିଶ୍ଚିତ ନୁହଁନ୍ତି । ପାଉଲ ତାଙ୍କ ବିଶ୍ୱାସ ସକାଶେ ବହୁତ ଦୁଃଖଭୋଗ କରିଥିଲେ (୨କରନ୍ଥୀ ୪:୮-୧୧, ୬:୪-୧୦, ୧୧:୨୫-୨୮) । ସେ ଫିଲିପୀରେ, କାଇସରିଆରେ, ରୋମରେ ଏବଂ ସମ୍ଭବତଃ ଅନ୍ୟାନ୍ୟ ସ୍ଥାନମାନଙ୍କରେ ମଧ୍ୟ କାରାଗାରରେ ଥିଲେ (ଏଫିସୀ ୨, ୧ କରନ୍ଥୀ ୧୫:୩୨, ୨ କରନ୍ଥୀ ୧:୮)

⊡ **''ଯୁନିୟା''** ଏହି ନାମ ପୁରୁଷ କିଅବା ସ୍ତ୍ରୀଙ୍କ ନାମ ହୋଇପାରେ, ଯାହା ସ୍ଥାନୀୟ ଶବ୍ଦ ଉଚ୍ଚାରଣ ଚିହ୍ନ ଦ୍ୱାରା ସ୍ଥିର କରାଯିବା ଉଚିତ । ଗ୍ରୀକ୍ ପାଣ୍ଡୁଲିପି ବିଭିନ୍ନତା ଅଛି, ''ଇୟୁନିଆନ୍'' ଏମ୍‌ଏସ୍‌ଏସ୍ ଏନ୍‌ଟିଏ ବି.ସି.ଏଫ୍ ଜି ଓ ପିରେ ଦେଖାଯାଏ, ମାତ୍ର କୌଣସି ଦେଶୀୟ ଉଚ୍ଚାରଣ ଚିହ୍ନ ବ୍ୟତୀତ । ଉଚ୍ଚାରଣ ଚିହ୍ନ ଥିବା ସ୍ତ୍ରୀଙ୍କ ନାମର ଗଠନ ଏମ୍‌ଏସ୍‌ଏସ୍ ଜି[୨], ଡି[୨] ଏବଂ ୧୫୦ରେ ଦେଖାଯାଏ । ଆଦ୍ୟ ପାପାରସ ପାଣ୍ଡୁଲିପି ପି[୪୬] ଏବଂ କେତେକ ଭଲଗେଟ ଏବଂ କପ୍ଟିକ୍ ଅନୁବାଦମାନ, ତାହା ସହିତ ଜେରୋମଙ୍କ ଦ୍ୱାରା ବ୍ୟବହୃତ ଗ୍ରୀକ୍ ଶାସ୍ତ୍ରାଂଶରେ ''ଇଉଲିଆନ'' ଅଛି, ଯାହା ସ୍ତ୍ରୀ ନାମ । କେତେକ ବିଶେଷଜ୍ଞଗଣ ଚିନ୍ତା କରନ୍ତୁ ଯେ, ଏହା ଏକ ଶାସ୍ତ୍ରୀମାନଙ୍କ ଲେଖାର ଭୁଲ୍ । ୧୬:୧୫ରେ ଏହି ସ୍ତ୍ରୀଙ୍କ ନାମର ଗଠନ ଦେଖାଯାଏ ନାହିଁ । ଏହା ସମ୍ଭବ ଯେ ୭ ପଦରେ ଦୁଇଟି ବ୍ୟକ୍ତିଙ୍କ ନାମ ଥିଲା ।

୧. ଦୁଇଜଣ ଯିହୁଦୀ ବିଶ୍ୱାସୀମାନେ, ଯେଉଁମାନେ ପାଉଲଙ୍କ ସହିତ ବନ୍ଦୀ ହୋଇଥିଲେ ।
୨. ଜଣେ ଭାଇ ଓ ଭଉଣୀ
୩. ଜଣେ ସ୍ୱାମୀ ଓ ସ୍ତ୍ରୀ

ଯଦି ଏହା ସ୍ତ୍ରୀଲୋକର ନାମ ଏବଂ ଯଦି ସେହି ଶବ୍ଦର ଏକ ବିସ୍ତାରିତ ବ୍ୟବହାର ଲାଗି ''ପ୍ରେରିତମାନେ'' ବାକ୍ୟାଂଶକୁ ବୁଝାଯାଇଛି ''ଦ୍ୱାଦଶ'' ବଦଳରେ ତେବେ ସେ ସ୍ତ୍ରୀ ପ୍ରେରିତ ଥିଲେ ।

ଏହା ମଧ୍ୟ ଆକର୍ଷଣୀୟ ଯେ ବିନାନ୍ ''ଯୁନିୟାସ୍'' ରୋମୀୟ ସାହିତ୍ୟରେ ବା ଶିଳାଲିପି (ଲିଖନ)ଗୁଡ଼ିକରେ କେଉଁଠାରେ ହେଲେ ଦେଖାଯାଇନାହିଁ, ମାତ୍ର ଯୁନିଅ ନାମ ବହୁତ ସାଧାରଣ ଥିଲା । ଏହା ଥିଲା ରୋମୀୟ ପାରିବାରିକ ନାମ । ସେବାକାର୍ଯ୍ୟରେ ମହିଳାମାନଙ୍କ ଉପରେ ଅଧିକ ବିବରଣୀ ପାଇଁ ଲିଣ୍ଡା ଏଲ୍. ବେଲ୍ଲେଭାଇଲଙ୍କ ''ମହିଳା ନେତ୍ରୀଗଣ ଓ ମଣ୍ଡଳୀ'' ପୁସ୍ତକର ୧୮୮ ପୃଷ୍ଠା ଟିପ୍ପଣୀ ୪୨ ଦେଖ ।

⊡

| | |
|---|---|
| **ଏନ୍‌ଏଏସ୍‌ବି** | **''ଯେଉଁମାନେ ପ୍ରେରିତମାନଙ୍କ ମଧ୍ୟରେ ବିଖ୍ୟାତ''** |
| **ଏନ୍‌କେଜେଭି** | **''ଯେଉଁମାନେ ପ୍ରେରିତମାନଙ୍କ ମଧ୍ୟରେ ଦୃଷ୍ଟି ଆକର୍ଷଣ''** |
| **ଏନ୍‌ଆର୍‌ଏସ୍‌ଭି** | **''ସେମାନେ ପ୍ରେରିତମାନଙ୍କ ମଧ୍ୟରେ ସୁପ୍ରସିଦ୍ଧ** |
| **ଟିଇଭି** | **''ସେମାନେ ପ୍ରେରିତମାନଙ୍କ ମଧ୍ୟରେ ସୁପରିଚିତ** |
| **ଏନ୍‌ଜେଭି** | **''ସେହି ବିଖ୍ୟାତ ପ୍ରେରିତମାନଙ୍କୁ''** |

ଏହା ଦ୍ୱାଦଶଙ୍କୁ ବୁଝାଯାଇପାରେ, ଯଦି ସେପରି ଏହି ଦୁଇଜଣ ସେମାନଙ୍କର ସୁପରିଚିତ ଥିଲେ କିଅବା ସେବାକାରୀମାନଙ୍କର ଏକ ବିସ୍ତୃତ ଦଳ ଯାହା ପ୍ରେରିତ ରୂପେ ପରିଚିତ ସେମାନଙ୍କ ନିକଟରେ ସୁପରିଚିତ ଥିଲେ । (ପ୍ରେରିତ ୧୪:୪, ୧୪, ୧୮:୫, ୧ କରନ୍ଥୀ ୪:୯, ଗାଲାତୀ ୧:୧୯, ଫିଲିପୀ ୨:୨୫, ୧ ଥେସଲ. ୨:୬) । ଏଫିସୀ ୪:୧୧ ପରି ଏହାର ପୂର୍ବାପର ସମ୍ପର୍କ ଏହି ବିସ୍ତୃତ ବ୍ୟବହାରର ସୂଚନା ଦିଏ, ମାତ୍ର ନିର୍ଦ୍ଦିଷ୍ଟ ଲେଖା ଦ୍ୱାଦଶଙ୍କୁ ସୂଚାଏ । ବିଶେଷ ପ୍ରସଙ୍ଗ ଦେଖ : ପ୍ରେରଣ କରାଯାଇଥିବା (ଆପୋଷ୍ଟେଲୋଓ) ୧:୧ରେ ।

⊡ **''ମୋହର ପୂର୍ବରେ ସୁଦ୍ଧା ଖ୍ରୀଷ୍ଟଙ୍କ ଆଶ୍ରିତ ହୋଇଅଛନ୍ତି''** ଏହା ସ୍ପଷ୍ଟଭାବେ ବୁଝାଏ ଯେ ପାଉଲଙ୍କ ଦମ୍ମେସକ ପଥର ଅନୁଭୂତି ପୂର୍ବରୁ ସେମାନେ ପରିତ୍ରାଣପ୍ରାପ୍ତ ଓ ଖ୍ରୀଷ୍ଟଙ୍କ ସେବାରେ ପରିଶ୍ରମୀ ଥିଲେ ।

**୧୬:୮-୧୬** ଏହି ବିଭାଗର ନାମଗୁଡ଼ିକ ବିଶେଷଜ୍ଞମାନଙ୍କର ଅଜଣା । ସେମାନେ ଈଶ୍ୱରଙ୍କର ଓ ପାଉଲଙ୍କର ପ୍ରିୟପାତ୍ର, ମାତ୍ର ସେମାନଙ୍କ ନାମମାନ ଓ ସେବାକାର୍ଯ୍ୟ ନୂତନ ନିୟମ ବା ଆଦ୍ୟ ଖ୍ରୀଷ୍ଟିୟ ସାହିତ୍ୟରେ ଲିପିବଦ୍ଧ ହୋଇନାହିଁ । କେଡ଼େ ଚିହ୍ନିତ ହେବା ଯୋଗ୍ୟ ଯେ ଏଥିରେ ମିଶ୍ରଣ ଅଛି (୧) ସାଧାରଣ କ୍ରୀତଦାସ ନାମମାନ (୨) ଉଚ୍ଚବଂଶୀୟ ରୋମୀୟ ଏବଂ (୩) ଯିହୁଦୀ ପାରିବାରିକ ନାମମାନ । ସେମାନେ ପୁରୁଷ ଓ ମହିଳମାନେ ଥିଲେ । ସେମାନେ ଧନୀକ ସ୍ୱାଧୀନ ଲୋକଗଣ ଏବଂ ଭ୍ରାମ୍ୟମାନ ପ୍ରଚାରକଗଣ ଥିଲେ । ସେମାନେ ପାରସ୍ପରୁ ବିଦେଶୀମାନେ ଅଟନ୍ତି । ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀରେ ସମସ୍ତ ବାଧମାନ ନତ ହୋଇଅଛି (୩:୨୨, ୧୦:୧୨, ଯୋୟେଲ ୨:୨୮-୩୨, (ପ୍ରେରିତ ୨:୧୪-୨୧), ୧ କରନ୍ଥୀ ୧୨:୧୧, ଗାଲାତୀ ୩:୨୮, କଲସୀ ୩:୧୧) ।

**୧୬:୮ ''ଆମ୍ପ୍ଲିୟାତ୍''** ଏହି ନାମ, ପ୍ରିସ୍କା ଓ ଯୁନିୟା ପରି ଏକ ଉତ୍ତମ ରୂପେ ପରିଚିତ ରୋମୀୟ ପାରିବାରିକ ନାମ ଥିଲା ।

⊡ **''ପ୍ରଭୁଙ୍କଠାରେ ମୋହର ପ୍ରିୟ''**, ''ପ୍ରିୟ'' ଶବ୍ଦ ମାଥିଉ ୩:୧୭ ଓ ୧୭:୫ରେ ପିତା ଈଶ୍ୱରଙ୍କ ଦ୍ୱାରା ପୁତ୍ର ଯୀଶୁଙ୍କ ପାଇଁ ବ୍ୟବହାର କରାଯାଇଥିଲା । ଯାହା ଯିଶାଇୟଙ୍କ ଦାସ ସଙ୍ଗୀତମାନର ଏକ ପ୍ରସଙ୍ଗ ହୋଇପାରେ (ମାଥିଉ ୧୨:୧୮, ଉଦ୍ଧୃତ କରାଯାଇଛି ଯିଶା ୪୨:୧ରୁ) । ଯାହାବି ହେଉ, ପାଉଲ ବିଶ୍ୱାସୀମାନଙ୍କୁ ସମ୍ବୋଧନ କରି ଏହା ବ୍ୟବହାର କରନ୍ତି (୧:୭, ୧୬:୮,୯, ୧ କରନ୍ଥୀ ୪:୧୪,୧୭, ୧୫:୫୮, ଏଫିସୀ ୬:୨୧, ଫିଲିପୀ ୨:୧୨, କଲସୀ ୪:୯,୧୪, ୧ ତୀମଥି ୬:୨, ଫିଲିମୋନ ୧୬ ପଦ) ।

**୧୬:୯ ''ଉର୍ବାଣ''** ନାମର ଅର୍ଥ ''ନଗର ବାସିନ୍ଦା'' ବା ''ନଗରରେ ଜନ୍ମ''

⊡ **''ଖ୍ରୀଷ୍ଟଙ୍କଠାରେ''** ଏହା ବାରମ୍ବାର ବ୍ୟବହୃତ ଖଣ୍ଡ ବାକ୍ୟ ''ପ୍ରଭୁଙ୍କଠାରେ'' ସହିତ ଏହି ଅଧ୍ୟାୟବ୍ୟାପୀ ଦେଖାଯାଏ । ଏହି ଖ୍ରୀଷ୍ଟିୟାନ କାର୍ଯ୍ୟକାରୀମାନେ ସମସ୍ତେ ଗୋଟିଏ ପରିବାରର ଅଂଶବିଶେଷ, ଗୋଟିଏ ତ୍ରାଣକର୍ତ୍ତାଙ୍କ ଥିଲେ ।

▫ ''ଷ୍ତାଖୁ'' ଏହା ଏକ କ୍ୱଚିତ ଥିବା ନାମ ଯାହାର ଅର୍ଥ ''କର୍ଣ୍ଣ'' (ଶସ୍ୟର) । ପ୍ରତ୍ନତତ୍ତ୍ୱବିତ୍ତ ଶିକ୍ଷା, ଏହି ନାମ, କାଇସରଙ୍କ ପରିବର ସହିତ ସହଯୋଗୀ ଥିବା ସନ୍ଧାନ ପାଇଅଛି ।

**୧୬:୧୦ ''ଖ୍ରୀଷ୍ଟଙ୍କଠାରେ ପରୀକ୍ଷାସିଦ୍ଧ''** ଏହି ରୂଢ଼ୋକ୍ତିର ଖଣ୍ଡ ବାକ୍ୟ ଜଣକୁ ବୁଝାଏ ଯେ କି ପରୀକ୍ଷା ମଧ୍ୟଦେଇ ଗତି କରି ବିଶ୍ୱସ୍ତ ରହିଅଛି । ବିଶେଷ ପ୍ରସଙ୍ଗ ୨:୮ରେ ଦେଖ ।

▫ **''ପରିବାରସ୍ଥ ଲୋକମାନଙ୍କୁ''** କେତେକ ବିଶେଷଜ୍ଞ ବିଚାର କରନ୍ତି ଯେ, ଆରିସ୍ତବୁଲଙ୍କ ଗୃହରେ ସେବା କରୁଥିବା କ୍ରୀତଦାସମାନଙ୍କୁ ଏହା ବୁଝାଏ ଏବଂ ପରିବାରର ସଭ୍ୟମାନଙ୍କୁ ନୁହେଁ ଏବଂ ୧୧ ପଦର ଖଣ୍ଡବାକ୍ୟରେ ମଧ୍ୟ ଏହା ସତ୍ୟ, ''ନାର୍କିସଙ୍କ ପରିବାର ମଧ୍ୟରେ ଥିବା ଲୋକମାନେ'' ।

▫ **''ଆରିସ୍ତବୁଲଙ୍କ''** କେତେକ ବାଇବଲ ବିଶେଷଜ୍ଞଗଣ (ଲାଇଟ୍‌ଫୁଟ୍) ବିଚାର କରନ୍ତି ଯେ ସେ ହେଉଛନ୍ତି ହେରୋଦ ଆଗ୍ରିପ୍ପାଙ୍କ ଭ୍ରାତା (ପ୍ରେରିତ ୧୨ରେ ଯେ କି ପ୍ରେରିତ ଯାକୁବଙ୍କୁ ହତ୍ୟା କଲେ) । ଯଦି ସେପରି, ଏହା ଦର୍ଶାଏ ଯେ, ସୁସମାଚାର ଏହି ରାଜକୀୟ ଇଦୁମୀୟ ପରିବାର ମଧ୍ୟକୁ ଅନୁମତି ପାଇବାକୁ ଆରମ୍ଭ କରିଥିଲା ।

**୧୬:୧୧ ''ହେରୋଦିୟୋନ''**ଙ୍କୁ ଏହା ହେରୋଦଙ୍କ ପରିବାରର କ୍ରୀତଦାସ ଜଣେ ହୋଇପାରନ୍ତି

▫ **''ନାର୍କିସଙ୍କ ପରିବାର ମଧ୍ୟରେ ଯେଉଁମାନେ''** ସମ୍ରାଟ କ୍ଲାଉଦିଆଙ୍କ ପରିଚିତ ଦାସଙ୍କୁ ଏହା ବୁଝାଇଥାଇପାରେ । ଯଦି ଏପରି, ଏହା ଦର୍ଶାଏ, ସୁସମାଚାର କିପରି ରୋମୀୟ ରାଜକୀୟତା ମଧ୍ୟକୁ ଯିବାକୁ ଅନୁମତି ପାଇବାକୁ ଆରମ୍ଭ କରିଥିଲା

**୧୬:୧୨ ''ତ୍ରୁଫେଣା''** ଏହି ନାମର ଅର୍ଥ ''ରୁଚିକର'' ବା ସୁନ୍ଦର

▫ **''ତ୍ରୁଫୋସା''** ଏହି ନାମର ଅର୍ଥ ''କୋମଳ'' ବା ମନମୁଗ୍ଧକର ଗଢ଼ଣ । ସେମାନେ ସମ୍ଭବତଃ ଯମଜ ଭଗିନୀ ।

▫ **''ପ୍ରଭୁଙ୍କ କାର୍ଯ୍ୟରେ କଠିନ ପରିଶ୍ରମୀ''** ଏହି ପଦରେ ପରିଶ୍ରମର ଅର୍ନ୍ତନିହିତ ଅର୍ଥ ପ୍ରକାଶ କରି ''କ୍ଳାନ୍ତି ପର୍ଯ୍ୟନ୍ତ'' ବୋଲି କହେ ।

▫ **''ପର୍ଶି''** ଏହା ''ପାରସ୍ୟର ମହିଳା''ଙ୍କ ବୁଝାଏ

**୧୬:୧୩ ''ରୂଫ''** ଏହି ନାମର ଅର୍ଥ ''ଲାଲ'' ବା ''ଲାଲମୁଣ୍ଡ (ମସ୍ତକ) ବିଶିଷ୍ଟ'' । ରୋମ୍‌ରେ ରୂଫ ସ୍ୱଷ୍ଟ ରୂପେ ଜଣେ ପରିଚିତ ବ୍ୟକ୍ତି (ମାର୍କ ୧୫:୨୧) । ଏହି ବ୍ୟକ୍ତିଙ୍କ ସହିତ ସେ ସମାନ୍ କି ନୁହେଁ ନିଶ୍ଚିତଭାବେ କୁହାଯାଇ ନ ପାରେ,ମାତ୍ର ସମ୍ଭବ ନିଶ୍ଚିତଭାବେ

▫

| | |
|---|---|
| **ଏନ୍‌ଏଏସ୍‌ବି** | **''ପ୍ରଭୁଙ୍କଠାରେ ଜଣେ ପସନ୍ଦର ବ୍ୟକ୍ତି''** |
| **ଏନ୍‌କେଜେଭି, ଏନ୍‌ଆର୍‌ଏସ୍‌ଭି** | **''ପ୍ରଭୁଙ୍କଠାରେ ମନୋନୀତ''** |
| **ଟିଇଭି** | **''ପ୍ରଭୁଙ୍କ ସେବାରେ ଦୃଷ୍ଟି ଆକର୍ଷଣୀୟ ବ୍ୟକ୍ତି''** |
| **ଏନ୍‌ଜେବି** | **''ପ୍ରଭୁଙ୍କର ଜଣେ ମନୋନୀତ ଦାସ''** |

ଏହି ସାହିତ୍ୟିକ ବା ଆକ୍ଷରିକଭାବେ ''ଜଣେ ମନୋନୀତ'' ଅଟେ । ଏଠାରେ ପଦଟି କେବଳ ଈଶ୍ୱରଙ୍କ ଆହ୍ୱାନ ସହିତ ସମ୍ପୃକ୍ତ ନୁହେଁ, ମାତ୍ର ତାହାର ଜୀବନଶୈଳୀ ସେବାକୁ ମଧ୍ୟ ସମ୍ପୃକ୍ତ କରେ । ତାଙ୍କର ମାତା ମଧ୍ୟ ପାଉଲଙ୍କ ସହିତ ବହୁତ ସ୍ନେହର ସହିତ ବ୍ୟବହାର କରିଥିଲେ ।

**୧୬:୧୪ ''ହର୍ମୀସ''** ଏହି ନାମ ହେଉଛି ''ଉତ୍ତମ ଭାଗ୍ୟ ଦେବତା''ର ନାମ । ଗ୍ରୀସୀୟ-ରୋମୀୟ ଜଗତରେ ପ୍ରଥମ ଶତାବ୍ଦୀ ସମୟର କ୍ରୀତଦାସମାନଙ୍କର ଏହା ବହୁତ ସାଧାରଣ ନାମ ଥିଲା ।

**୧୬:୧୫ ''ସମସ୍ତ ସାଧୁମାନଙ୍କୁ''** ବିଶେଷ ପ୍ରସଙ୍ଗ ଦେଖ : ସାଧୁଗଣ ୧:୭ରେ

**୧୬:୧୬ ''ପବିତ୍ର ଚୁମ୍ବନ''** ଏହାର କୌଣସି ଆଦ୍ୟ ଚିହ୍ନ ନାହିଁ କିଏ କାହାକୁ ବା କେବେ ବା କେଉଁଠାରେ କିସି ଦେଇଥିଲେ । ସମାଜଗୃହରେ, ମଣ୍ଡଳୀରେ ଯେଉଁ ପ୍ରକାର ଶୁଭେଚ୍ଛା ପ୍ରଚଳନ ହୋଇଥିଲା, ପୁରୁଷମାନେ ପୁରୁଷମାନଙ୍କୁ ଓ ମହିଳାମାନେ ମହିଳାମାନଙ୍କୁ କିସି ଦେଉଥିଲେ (୧ କରନ୍ଥୀ ୧୬:୨୦, ୨ କରନ୍ଥୀ ୧୩:୧୨, ୧ ଥେସଲ ୫:୨୬, ୧ ପିତର ୫:୧୪) । ଏହି କାର୍ଯ୍ୟ, ଶୁଭେଚ୍ଛାସୂଚକ ବିଷୟ ମଣ୍ଡଳୀ ମଧ୍ୟରେ ଏକ ସମସ୍ୟାରେ ପରିଣତ ହେଲା, କାରଣ ଏହା ଅବିଶ୍ୱାସୀମାନଙ୍କ ଦ୍ୱାରା ଭୁଲ୍ ବୁଝାଗଲା ଏବଂ ସେଥିପାଇଁ କେତେକ ମଣ୍ଡଳୀରେ ଏହା ବନ୍ଦ କରିଦିଆଗଲା । ଯଦ୍ୟପି ଜଷ୍ଟିନ ମାଟାୟାର ଏହା ଦ୍ୱିତୀୟ ଶତାବ୍ଦୀରେ ପ୍ରକାଶ କରନ୍ତି ।

**ଏଏନ୍‌ଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ ୧୬:୧୭-୨୦**

**[୧୭]ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନି ରଖି ସେମାନଙ୍କଠାରୁ ପୃଥକ୍ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି । [୧୮]କାରଣ ଏହିପରି ଲୋକ ଆମ୍ଭମାନଙ୍କର ପ୍ରଭୁ ଖ୍ରୀଷ୍ଟଙ୍କ ଦାସ ନୁହଁନ୍ତି । କିନ୍ତୁ ଆପଣା ଆପଣା ଉଦରର ଦାସ ଅଟନ୍ତି, ପୁଣି ମିଷ୍ଟବାକ୍ୟ ଓ ଚାଟୁଭାଷାରେ ସରଳ ହୃଦୟ ଲୋକଙ୍କ ମନ ଭୁଲାନ୍ତି । [୧୯]ଯେଣୁ ତୁମ୍ଭମାନଙ୍କର ଆଜ୍ଞାବହତାର କଥା ସମସ୍ତ ଲୋକଙ୍କ ମଧ୍ୟରେ ବ୍ୟାପି ଯାଇଅଛି, ଅତଏବ ମୁଁ ତୁମ୍ଭମାନଙ୍କ ନିମନ୍ତେ ଆନନ୍ଦ କରୁଅଛି, କିନ୍ତୁ ତୁମ୍ଭେମାନେ ଯେପରି ସତ୍ ବିଷୟରେ ଜ୍ଞାନୀ ଓ ଅସତ୍ ବିଷୟରେ ଅମାୟିକ ହୁଅ । ଏହା ମୋହର ଇଚ୍ଛା । [୨୦]ଆଉ ଶାନ୍ତିଦାତା ଈଶ୍ୱର ଶୟତାନକୁ ଶୀଘ୍ର ତୁମ୍ଭମାନଙ୍କ ପାଦତଳେ ଦଳି ପକାଇବେ । ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ତୁମ୍ଭମାନଙ୍କର ସହବର୍ତ୍ତୀ ହେଉ ।**

**୧୬:୧୭** ଏହି ସତର୍କବାଣୀ ଶାସ୍ତ୍ରାଂଶ ମଧ୍ୟକୁ ଅନପେକ୍ଷିତଭାବେ ପ୍ରେରଣ କରିବା ପରି ଦେଖାଯାଏ । ଯାହାବି ହେଉ, ପାଉଲ ଏହା ଈଶ୍ୱରପରାୟଣତା ଭ୍ରାମ୍ୟମାନ ସେବକମାନଙ୍କ ବିପରୀତ ରୂପେ ଅନ୍ତର୍ଗତ କରିଅଛନ୍ତି । ୧୭-୧୮ରେ ଏକ ତାଲିକା, ଯାହା ମିଥ୍ୟା ଶିକ୍ଷକମାନେ କରୁଥିଲେ ତାହାର ଦିଆଯାଇଅଛି ।

୧. ସେମାନେ ବିଭକ୍ତ କରିବାକୁ ପ୍ରରୋଚିତ କରୁଥିଲେ
୨. ସେମାନେ ବିଶ୍ୱାସୀର ପଥରେ ପ୍ରତିବନ୍ଧକ ରଖୁଥିଲେ
୩. ମଣ୍ଡଳୀ ଦେଇଥିବା ନିର୍ଦ୍ଦେଶନାର ବିପରୀତ ଶିକ୍ଷା ଦେଉଥିଲେ
୪. ସେମାନେ ନିଜର ପ୍ରତିଷ୍ଠିତ କ୍ଷୁଧାର ସେବା କରୁଥିଲେ
୫. ସେମାନଙ୍କର ମସୃଣ (ମିଷ୍ଟବାକ୍ୟ), ଚାଟୁଭାଷା ଦ୍ୱାରା ନିଃସନ୍ଦେହୀ (ସରଳ) ଲୋକମାନଙ୍କ ହୃଦୟକୁ ପ୍ରତାରିତ କରୁଥିଲେ । ଏହି ତାଲିକା ଦୁର୍ବଳ ଏବଂ ବଳିଷ୍ଠ ବିଶ୍ୱାସୀମାନଙ୍କ ସହିତ ସମ୍ପୃକ୍ତ ନୁହେଁ (୧୪:୧-୧୫:୧୩)ର ।

⊡ **''ସେମାନଙ୍କଠାରୁ ପୃଥକ୍ ରୁହ''** ଏହା ବର୍ତ୍ତମାନ କର୍ତ୍ତୃବାଚକ କୃଦନ୍ତ କ୍ରୀୟା । ଏହା ଏକ ପୁନଃପୁନଃ ସଂଘଟିତ ପ୍ରସଙ୍ଗ (ଗାଲାତୀ ୧:୮-୯, ୨ ଥେସଲ ୩:୬,୧୪, ୨ ଯୋହନ ୧୦)

**୧୬:୧୮**

**ଏନ୍‌ଏଏସ୍‌ବି, ଏନ୍‌ଆର୍‌ଏସ୍‌ଭି**

| | |
|---|---|
| **ଟିଇଭି** | **''ସେମାନଙ୍କ ନିଜର କ୍ଷୁଧା ସମୂହ'ୀ** |
| **ଏନ୍‌କେଜେଭି** | **''ସେମାନଙ୍କ ଆପଣା ଆପଣା ଉଦର''** |
| **ଏନ୍‌ଜେବି** | **''ସେମାନଙ୍କର ଆପଣାର ଲୋଭ''** |

ଏହା ଆକ୍ଷରିକଭାବେ ''ଉଦରମାନ'' (ଫିଲିପ୍ପୀ ୩:୧୯, ତିତସ ୧:୧୨) । ମିଥ୍ୟା ଶିକ୍ଷକମାନେ ସବୁ କିଛି ସେମାନଙ୍କ ନିଜର ମୂଳ ଲାଭମାନର ଆଡ଼କୁ ବୁଲାଇ ଦିଅନ୍ତି ।

⊡ **''ସେମାନଙ୍କ ମିଷ୍ଟବାକ୍ୟ ଓ ଚାଟୁଭାଷା ଦ୍ୱାରା''** ଭ୍ରାନ୍ତ ବା ମିଥ୍ୟା ଶିକ୍ଷକମାନେ ଅନେକ ସମୟରେ ଶାରୀରିକଭାବେ ଆକର୍ଷଣୀୟ ଏବଂ ଉଜ୍ଜ୍ୱଳୀକୃତ ବ୍ୟକ୍ତିତ୍ୱମାନ ହୋଇଥାଆନ୍ତି (କଲସୀ ୨:୪) । ସେମାନଙ୍କ ଉପସ୍ଥାପନାରେ ସେମାନେ ବଡ଼ ଯୁକ୍ତିଯୁକ୍ତ ବା ଯଥାର୍ଥ । ସାବଧାନ! ମିଥ୍ୟା ଶିକ୍ଷକମାନଙ୍କୁ ଚିହ୍ନିବାର କେତେକ ବାଇବଲ ଅନୁଯାୟୀ ପରୀକ୍ଷାମାନ ଦ୍ୱିତୀୟ ବିବରଣୀ ୧୩:୧-୫, ୧୮:୨୨, ମାଥିଉ ୭, ଫିଲିପୀ ୩:୨-୩, ୧୮-୧୯, ୧ ଯୋହନ ୪:୧-୩ ।

⊡ **''ସରଳ ଲୋକମାନଙ୍କ ମନ (ହୃଦୟ) ଭୁଲାନ୍ତି''** ଏହା ଏକ ବର୍ତ୍ତମାନ କର୍ତ୍ତୃବାଚକ ସୂଚକ, ଚାଲୁ ରହିଥିବା ପ୍ରତାରଣାକୁ ସୂଚାଇ ଦେଉଅଛି । ଏହା ପରିଷ୍କାରଭାବେ ନୂତନ ବା ସରଳ (ନିରୀହ) ବିଶ୍ୱାସୀମାନେ ଦୁର୍ବଳ ଓ ପରୀକ୍ଷାରେ ପଡ଼ିବାକୁ ସମ୍ଭବପର (ମନ୍ଦତା ବିଷୟରେ ଅନଭ୍ୟସ୍ତ ବା ଅନୁଭୂତିହୀନ) ଥିଲେ ।

**୧୬:୧୯ ''ତୁମ୍ଭମାନଙ୍କ ଆଜ୍ଞାବହତାର କଥା ସମସ୍ତ ଲୋକଙ୍କ ମଧ୍ୟରେ ବ୍ୟାପି ଯାଇଅଛି''** ଏହା ୧:୮ରେ ବୁଝାଯାଇଅଛି । ଏହା ପାଉଲଙ୍କର ଅତ୍ୟୁକ୍ତିମାନଙ୍କ ମଧ୍ୟରୁ ଗୋଟିଏ ।

⊡ **''ସତ୍ ବିଷୟରେ ଜ୍ଞାନୀ ଓ ଅସତ୍ ବିଷୟରେ ଅମାୟିକ ହୁଅ''** ଏହା ଯୀଶୁଙ୍କ ଶିକ୍ଷା ପ୍ରତିଫଳିତ କରେ (ମାଥିଉ ୧୦:୧୬, ଲୂକ ୧୦:୩)

**୧୬:୨୦ ''ଶାନ୍ତିଦାତା ଈଶ୍ୱର''** ଏହା ଈଶ୍ୱରଙ୍କ ପାଇଁ ଏକ ଚମତ୍କାର ଉପମାନ ଅଟେ (୧୫:୩୩, ୨ କରନ୍ଥୀ ୧୩:୧୬, ଫିଲିପୀ ୪:୯, ୧ ଥେସଲ ୫:୨୩ ଓ ଏବ୍ରୀ ୧୩:୨୦)

⊡ **''ଶୟତାନକୁ ଶୀଘ୍ର ତୁମ୍ଭମାନଙ୍କ ପାଦ ତଳେ ଦଳି ପକାଇବେ''** ଏହା ଆଦି ୩:୧୫ର ଏକ ପ୍ରତିରୂପ ଅଟେ । ବିଶ୍ୱାସୀର ସମ୍ପର୍କ ମଶୀହଙ୍କ ସହିତ ସେମାନଙ୍କ ମଧ୍ୟ ବିଜୟ ଦିଏ (୧ ଯୋହନ ୫:୧୮-୨୦) । ଏହା ଏକ ଆଚମ୍ବିତ ହେବା ପ୍ରତିଜ୍ଞା ଓ ଦାୟିତ୍ୱ ଅଟେ । ଏହି ପରିପ୍ରେକ୍ଷୀରେ ଶୟତାନ ମିଥ୍ୟାଶିକ୍ଷକମାନଙ୍କ ଦ୍ୱାରା ଘଟିଥିବା ବିଶୃଙ୍ଖଳା, ଭାଗବିଭାଗକୁ ଉଦାହରଣ ସ୍ୱରୂପ କରେ, ଯାହା ମଣ୍ଡଳୀମାନଙ୍କୁ ସେମାନଙ୍କ ମହାନ ଆଦେଶରୁ ଲକ୍ଷଚ୍ୟୁତ

କରିବାର କାରଣରେ ପରିଣତ କରେ । ମିଥ୍ୟା ଶିକ୍ଷକମାନଙ୍କ ପଶ୍ଚାତ୍‌ଭାଗ ଭୂତ ପ୍ରକୃତି ବା ଖଳ । ସୁସମାଚାର, ଯାହା ବି ହେଉ, ଅନ୍ଧକାର ଓ ମନ୍ଦତାକୁ ଦୂର ବା ବିତାଡ଼ିତ କରେ, କେବଳ ଯେଉଁମାନେ ଏହାକୁ ଆଲିଙ୍ଗନ କରନ୍ତି ଓ ଏଥିରେ ବାସ କରନ୍ତି, ସେମାନଙ୍କ ପାଇଁ । ଏହି ପ୍ରସଙ୍ଗ ପାଇଁ ଏକ ଉତ୍ତମ ପୁସ୍ତକ ଦେଖ *''ଆତ୍ମିକ ଯୁଦ୍ଧ ବିଷୟରେ ତିନିଗୋଟି କଷ୍ଟକର ପ୍ରଶ୍ନ*, କ୍ଲିଣ୍ଟନ.ଇ ଅର୍ଣ୍ଣେଲ୍ଡଙ୍କ ଦ୍ୱାରା ଲିଖିତ ।

**ବିଶେଷ ପ୍ରସଙ୍ଗ : ବ୍ୟକ୍ତିଗତ ମନ୍ଦତା**

ଏହା ଏକ କଷ୍ଟକର ପ୍ରସଙ୍ଗ, କେତେକ କାରଣବଶତଃ

୧. ପୁରାତନ ନିୟମ, ଉତ୍ତମତାର ଏକ ମୁଖ୍ୟ ଶତ୍ରୁ ବିଷୟ ପ୍ରକାଶ କରେ ନାହିଁ,ମାତ୍ର ଯିହୋବାଙ୍କର ଏକ ଦାସ ଯେ କି ମାନବଜାତିକୁ ଏକ ବ୍ୟତିରେକ ପ୍ରଦାନ କରେ ଏବଂ ମାନବଜାତିକୁ ଅଧାର୍ମିକତା ବିଷୟରେ ଦୋଷାରୋପ କରେ (ଏ.ବି. ଡେଭିଡ୍‌ସନ୍ ୩୦୦-୩୦୬ ପୃଷ୍ଠା)

୨. ଈଶ୍ୱରଙ୍କର ଏକ ମୁଖ୍ୟ ଶତ୍ରୁ ବିଷୟକ ଧାରଣା ବାଇବଲ ମଧ୍ୟବର୍ତ୍ତୀ ସମୟରେ ପାରସ୍ୟ ଧର୍ମର ପ୍ରଭାବ (ଜୋରାଷ୍ଟ୍ରିଆନିସ୍‌ମ୍) ଅଧୀନରେ (ଅପ୍ରମାଣସିଦ୍ଧ) ସାହିତ୍ୟରେ ବୃଦ୍ଧି ପାଇଲା । ତତ୍‌ପରେ ଏହା, ଗୁରୁମାନଙ୍କ ଦ୍ୱାରା ଶିକ୍ଷା ପ୍ରାପ୍ତ ଯିହୁଦୀଧର୍ମକୁ ବହୁ ପରିମାଣରେ ପ୍ରଭାବିତ କଲା ।

୩. ନୂତନ ନିୟମରେ ପୁରାତନ ନିୟମ ପ୍ରସଙ୍ଗ ଆଶ୍ଚର୍ଯ୍ୟଭାବେ ସୁସ୍ପଷ୍ଟ ହେଲା, ମାତ୍ର ପସନ୍ଦ କରାଯାଇଥିବା କେତେକ ବିଷୟ ମାତ୍ର

ଯଦି ଜଣେ ବାଇବଲ ଅନୁମୋଦିତ ପରମାର୍ଥ ଶିକ୍ଷାରୁ ମନ୍ଦତା ବିଷୟ ଅଧ୍ୟୟନ କରିବାକୁ ଯାଏ (ପ୍ରତ୍ୟେକ ପୁସ୍ତକ ବା ଲେଖକ ବା ସାଧାରଣ ଅଧ୍ୟୟନ ଏବଂ ବାହ୍ୟରେଖ ପୃଥକଭାବେ) ତେବେ ମନ୍ଦତାର ବଡ଼ ଭିନ୍ନମତ ମତମାନ ପ୍ରକାଶିତ ହୋଇଥାଏ ।

ଯଦି, ଯାହାବି ହେଉ ଜଣେ ଜଗତଧର୍ମ ବା ପୂର୍ବଦେଶୀୟ ଧର୍ମର ଏକ ବାଇବଲ ଅନୁମୋଦନ ବ୍ୟତୀତ ବା ବାଇବଲ ଅପେକ୍ଷା ଅଧିକ ବିଷୟମାନରୁ ମନ୍ଦତା ବିଷୟ ଅଧ୍ୟୟନ କରିବାକୁ ଅଗ୍ରସର ହୁଏ, ତେବେ ପାରସ୍ୟ ଦ୍ୱୈତବାଦ ଓ ଗ୍ରେସିଓ-ରୋମାନ୍ ମନ୍ଦ ଆତ୍ମାବାଦରେ ନୂତନ ନିୟମର ଉନ୍ନତାବସ୍ଥା ବହୁ ପରିମାଣ ଆଚ୍ଛାଦିତ ହୋଇଯାଏ ।

ଯଦି ଜଣେ ସମ୍ଭାବନାର୍ଥକ ଚିନ୍ତା ପୂର୍ବେ ଧର୍ମଶାସ୍ତ୍ରର ସ୍ୱର୍ଗୀୟ ଅଧିକାରୀଙ୍କ ନିକଟରେ ସମର୍ପିତ ହୁଏ, ତେବେ ନୂତନ ନିୟମର ଉନ୍ନତିକରଣ ଅଗ୍ରଗତି କରୁଥିବା ଈଶ୍ୱରଙ୍କ ପ୍ରକାଶ ରୂପେ ଏହା ଦେଖାଯିବା ଉଚିତ । ଖ୍ରୀଷ୍ଟିୟାନମାନେ ଯିହୁଦୀ ଜନଶ୍ରୁତି ବା ଲୋକକଥା ବା ପ୍ରଥାକୁ ଅନୁମତି ଦେବା ବିରୁଦ୍ଧରେ ଜାଗ୍ରତ ହେବା ଉଚିତ ବା ଇଂରାଜୀ ସାହିତ୍ୟ (ଯଥା : ଦାନ୍ତେ, ମିଲ୍ଟନ) ଦ୍ୱାରା ଏହି ଚିନ୍ତା ଉପରେ ଅଧିକ ସ୍ପଷ୍ଟ ବୁଝିବା ବିଷୟରେ ଜାଗ୍ରତ ହେବ ଉଚିତ । ଏହି ଅଞ୍ଚଳର ପ୍ରକାଶରେ ନିଶ୍ଚିତଭାବେ ରହସ୍ୟ ଓ ବିଭିନ୍ନ ପ୍ରକାର ମତ ରହିଛି । ଈଶ୍ୱର ମନ୍ଦତାର ସମସ୍ତ ବିଷୟ, ଏହାର ଉତ୍ପତ୍ତି, ଏହାର ଉଦ୍ଦେଶ୍ୟ ପ୍ରକାଶ କରିବାକୁ ପସନ୍ଦ କରିନାହାନ୍ତି, ମାତ୍ର ସେ ଏହାର ପରାସ୍ତ ପ୍ରକାଶ କରିଅଛନ୍ତି ।

ପୁରାତନ ନିୟମରେ ଶୟତାନ ଶବ୍ଦ (ବିଡିବି ୯୬୬) ବା ଦୋଷାରୋପକାରୀ ତିନୋଟି ପୃଥକ୍ ଦଳମାନ ସହିତ ସମ୍ପୃକ୍ତ ଦେଖାଯାଏ ।

୧. ମାନବ ଦୋଷାରୋପକାରୀ (୧ ଶାମୁ. ୨୯:୪, ୨ ଶାମୁ. ୧୯:୨୨, ୧ ରାଜା. ୧୧:୧୪,୨୩,୨୫, ଗୀତ. ୧୦୯:୬)

୨. ଦୂତମାନଙ୍କୁ ଦୋଷାରୋପକାରୀ (ଗଣନା ୨୨:୨୨-୨୩, ଯିଖରିୟ ୩:୧)

୩. ଭୂତମାନଙ୍କ ମଧ୍ୟରୁ ଦୋଷାରୋପକାରୀ (୧ ବଂଶାବଳୀ ୨୧:୧, ୧ ରାଜା. ୨୨:୨୧, ଯିଖରିୟ ୧୩:୨)

କେବଳ ପରବର୍ତ୍ତୀ ସମୟରେ ପୁରାତନ ଓ ନୂତନ ନିୟମର ମଧ୍ୟବର୍ତ୍ତୀ ସମୟରେ ଆଦି ୩ର ସର୍ପ ଶୟତାନ ବୋଲି ଚିହ୍ନିତ ହେଲା । (ଜ୍ଞାନର ପୁସ୍ତକ ୨:୨୩-୨୪, ୨ ହନୋକ ୩୧:୩ (ଆପୋକ୍ରିଆ)) ଏବଂ ଏପରିକି ପରବର୍ତ୍ତୀ ସମୟରେ ଏହା ଗୁରୁମାନଙ୍କ ମନୋନୟନରେ ପରିଣତ ହେଲା (ସୋଟ୬ଖ ଓ ସାନ୍ହ ୨୯କ) । ''ଈଶ୍ୱରଙ୍କ ପୁତ୍ରଗଣ'' ଆଦି ୬ ଅଧ୍ୟାୟର ୧ ହନୋକ ୫୪:୬ରେ ମନ୍ଦ ଦୂତଗଣରେ ପରିଣତ ହୋଇଅଛି । ଗୁରୁମାନଙ୍କ ପରମାର୍ଥ ଶିକ୍ଷାରେ ସେମାନେ ମନ୍ଦର ଉତ୍ପତ୍ତିରେ ପରିଣତ ହୋଇଅଛନ୍ତି । ମୁଁ ଏହା କହୁଛି ଏହାର ପରମାର୍ଥ ଯଥାର୍ଥତା ସାବ୍ୟସ୍ତ କରିବାକୁ ନୁହେଁ । ମାତ୍ର ଏହାର ବୃଦ୍ଧି ଦର୍ଶାଇବାକୁ । ନୂତନ ନିୟମରେ ଏହି ପୁରାତନ ନିୟମ କାର୍ଯ୍ୟଗୁଡ଼ିକ ଦୂତମାନଙ୍କ ଗୁଣ ବୋଲି ଧରାଯାଇଛି, ଏହା ମନ୍ଦତାକୁ ବ୍ୟକ୍ତିତ୍ୱ ପ୍ରଦାନ କଲା (ଯଥା : ଶୟତାନ) ୨ କରନ୍ଥୀ ୧୧:୩, ପ୍ରକାଶିତ ୧୨:୯ରେ ।

ବ୍ୟକ୍ତିତ୍ୱ ବିଶିଷ୍ଟ ମନ୍ଦର ଉତ୍ପତ୍ତି (ତୁମର ମତାମତ ଉପରେ ନିର୍ଭର କରି) ପୁରାତନ ନିୟମରୁ ସ୍ଥିର କରିବା କଷ୍ଟକର ବା ଅସମ୍ଭବ ଅଟେ । ଏହାର ଗୋଟିଏ କାରଣ ହେଉଛି ଇସ୍ରାୟେଲର ବଳିଷ୍ଠ ଏକେଶ୍ୱରବାଦ (୧ ରାଜା. ୨୨:୨୦-୨୨, ଉପଦେଶକ ୭:୧୪, ଯିଶା ୪୫:୭, ଆମୋଷ ୩:୬) । ସମସ୍ତ କାରଣତତ୍ତ୍ୱ ଯିହୋବା ପରମେଶ୍ୱରଙ୍କ ଗୁଣ ଥିଲା, ତାହାଙ୍କ ଅନନ୍ୟତା ଓ ସର୍ବୋଚ୍ଚତା ପ୍ରଦର୍ଶନ କରିବା ନିମନ୍ତେ (ଯିଶାଇୟ ୪୩:୧୧, ୪୪:୬,୮,୨୪, ୪୫:୫-୬,୧୪,୧୮,୨୧,୨୨)

ସମ୍ଭବପର ବିବରଣୀର ଉତ୍ପତ୍ତିସ୍ଥଳମାନ ହେଉଛି (୧) ଆୟୁବ ୧-୨ ଯେଉଁଠାରେ ଶୟତାନ ହେଉଛି ''ଈଶ୍ୱରଙ୍କ ପୁତ୍ରମାନଙ୍କ'' ମଧ୍ୟରୁ ଜଣେ (ଯଥା:ଦୂତଗଣ) କିଅବା (୨) ଯିଶାଇ ୧୪, ଯିହିଜି ୨୮ ଯେଉଁଠାରେ ଗର୍ବରେ ପୂର୍ଣ୍ଣ ପୂର୍ବ ପ୍ରାଚୀର ରାଜାମାନେ (ବାବିଲ ଓ ସୋର) ଶୟତାନର ଗର୍ବର ଉଦାହରଣ ରୂପେ ବ୍ୟବହୃତ ହୋଇଆସୁଥିଲେ, (୧ ତୀମଥି ୩:୬) । ଏହି ବିଷୟରେ ପ୍ରକାଶ କରିବାକୁ ମୋର ମିଶ୍ରିତ ଭାବପ୍ରବଣତା ଅଛି । ଯିହିଜିକଲ ଏଦନ ଉଦ୍ୟାନର ଦୃଷ୍ଟାନ୍ତମାନ ବ୍ୟବହାର କରିଥିଲେ କେବଳ ସୋରର ରାଜାକୁ ଶୟତାନ ରୂପେ ନୁହେଁ (ଯିହି. ୨୮:୧୨-୧୬), ମାତ୍ର ମିଶରର ରାଜାକୁ ମଧ୍ୟ ସତ୍‌ଅସତ୍ ଜ୍ଞାନଦାୟକ ବୃକ୍ଷ ରୂପେ (ଯିହିଜି. ୩୧) । ଯାହାବି ହେଉ ଯିଶା ୧୪ ବିଶେଷତଃ ୧୨-୧୪ ପଦ ମାନ ଗର୍ବ ଦ୍ୱାରା ଏକ ଦୂତମାନଙ୍କ ବିପ୍ଳବ ବର୍ଣ୍ଣନା କରିବାପରି ଦେଖାଯାଏ । ଯଦି ଈଶ୍ୱର ଆମ୍ଭମାନଙ୍କ ପାଖେ ଶୟତାନର ନିର୍ଦ୍ଦିଷ୍ଟ ସ୍ୱଭାବ ଓ ଉତ୍ପତ୍ତି ବିଷୟ ପ୍ରକାଶ କରିବାକୁ ଚାହିଁଲେ । ଏହା ହେଉଛି ତାହାର ଯଥାର୍ଥ ଉପାୟ ଏବଂ ସ୍ଥାନ ପ୍ରକାଶ କରିବାକୁ । ଆମ୍ଭେମାନେ ରୀତି ଅନୁସାରେ ପରମାର୍ଥଶିକ୍ଷାକୁ କ୍ଷୁଦ୍ର ଜ୍ଞାନ କରିବା । ନିୟମ ପୁସ୍ତକ ବିଭିନ୍ନ ଅଂଶର ଏକାଧିକାର୍ଥ, ଲେଖକଗଣ, ପୁସ୍ତକମାନ ଏବଂ ବଂଶାବଳୀ ଏବଂ ସେଗୁଡ଼ିକୁ ଏକତ୍ର କରି ଏକ ସ୍ୱର୍ଗୀୟ ଧନ୍ଦା (ଗୋଳମାଳିଆ) ଖଣ୍ଡ ସବୁ ଲାଭ କରିବା ବିରୁଦ୍ଧରେ ବିଶେଷ ଜାଗ୍ରତ ହେବା ଆବଶ୍ୟକ ।

ଆଲଫ୍ରେଡ୍ ଏଡରଶେଇମ (''ଯୀଶୁ, ମଶୀହଙ୍କ ଜୀବନ ଓ ସମୟ'' ୨ୟ ଭାଗ ୧୩ ଅଧ୍ୟାୟ (୭୪୮-୭୬୩ ପୃଷ୍ଠା) ଏବଂ ୧୬ ଅଧ୍ୟାୟ (୭୭୦-୭୭୬ ପୃଷ୍ଠା)) କହେ ଯେ, ଗୁରୁମାନଙ୍କ ଯିହୁଦୀ ଧର୍ମ, ପାରସ୍ୟ ଦ୍ୱୈତବାଦ ଓ ଭୂତପ୍ରେତ ଅନୁଧ୍ୟାନ ଦ୍ୱାରା ଅତିଶୟ ପ୍ରଭାବିତ ହୋଇଆସିଛି । ଏହି ଅଞ୍ଚଳ (ବିଷୟବସ୍ତୁ) ପାଇଁ ଗୁରୁମାନେ ସତ୍ୟତାର ଏକ ଉତ୍ତମ ଉତ୍ପତ୍ତି ସ୍ଥଳ ନୁହଁନ୍ତି । ଯୀଶୁ ମୌଳିକଭାବେ ସମାଜଗୃହର ଶିକ୍ଷାମାନଙ୍କୁ ବିଚ୍ୟୁତି ହେଲେ, ମୁଁ ଭାବେ ଯେ, ଦୂତଗଣ ବିଷୟକ ଧ୍ୟାନର ଗୁରୁମାନଙ୍କ ଚିନ୍ତାଧାରା ଏବଂ ସିୟୋନ ପର୍ବତ ଉପରେ ମୋଶାଙ୍କୁ ବ୍ୟବସ୍ଥା ପ୍ରଦାନରେ ବିରୋଧ, ଯିହୋବା ଈଶ୍ୱର ଓ ତା'ସହିତ ମାନବଜାତିର ଶତ୍ରୁ ରୂପେ ଏକ ମୁଖ୍ୟ ଦୂତ ବିଷୟକ ବିଶ୍ୱାସ ନିମନ୍ତେ ଦ୍ୱାର ଉନ୍ମୁକ୍ତ କଲା । ପାରସ୍ୟ (ଯୋରାଷ୍ଟ୍ରିଆନିସ୍‌ମ୍) ଧର୍ମର ଦୁଇଟି ଉଚ୍ଚସ୍ତରର ଦେବତା ଦ୍ୱୈତବାଦରେ ଅଛନ୍ତି, ଆଖ୍ରିମାନ ଓ ଓର୍‌ମାଯା, ଉତ୍ତମ ଓ ମନ୍ଦ । ଏହି ଦ୍ୱୈତବାଦ ଏକ ଯିହୁଦୀୟ ସୀମିତ ଯିହୋବା ଓ ଶୟତାନ ବିଷୟକ ଦ୍ୱୈତବାଦ ମଧ୍ୟକୁ ବୃଦ୍ଧି ପାଇଲା ।

ନିଶ୍ଚିତଭାବେ ନୂତନ ନିୟମରେ ଅଗ୍ରଗତି କରୁଥିବା ଈଶ୍ୱର ଆପଣାକୁ ପ୍ରକାଶ କରିବା ମଧ୍ୟରେ ମନ୍ଦର ବୃଦ୍ଧି ହେଲା, ମାତ୍ର ଗୁରୁମାନଙ୍କ ଘୋଷଣା ପରି ଏତେ ବିସ୍ତୃତଭାବେ ନୁହେଁ । ଏହି ଭିନ୍ନତାର ଏକ ଉତ୍ତମ ଉଦାହରଣ ହେଉଛି ''ସ୍ୱର୍ଗରେ ଯୁଦ୍ଧ'' ଶୟତାନର ପତନ ହେଉଛି ଏକ ଯୁକ୍ତିଯୁକ୍ତ ଆବଶ୍ୟକତା,ମାତ୍ର ସ୍ପଷ୍ଟ କରାଯାଇନାହିଁ । ଏପରିକି ଯାହା ଦିଆଯାଇଛି ଶେଷକାଳରେ ଧ୍ୱଂସ ବୃତ୍ତାନ୍ତ ଶୈଳୀ ମଧ୍ୟରେ ଆଚ୍ଛାଦିତ ହୋଇଅଛି (ଆଦି ୧୨:୪,୭, ୧୨-୧୩) । ଯଦ୍ୟପି ଶୟତାନ ପରାସ୍ତ ଏବଂ ପୃଥିବୀକୁ ନିର୍ବାସିତ ସେ ଏବେ ସୁଦ୍ଧା ଯିହୋବାଙ୍କ ଦାସ ରୂପେ କାର୍ଯ୍ୟ କରେ (ମାଥିଉ ୪:୧, ଲୂକ ୨୨:୩୧-୩୨, ୧ କରନ୍ଥୀ ୫:୫, ୧ ତୀମଥି ୧:୨୦)

ଆମ୍ଭେମାନେ ଏହି ବିଷୟରେ ଆମ୍ଭମାନଙ୍କ କୌତୁହଳକୁ ବାଧା ଦେବା ଉଚିତ । ଏକ ବ୍ୟକ୍ତିଗତ ପ୍ରଲୋଭନର ଶକ୍ତି ଓ ମନ୍ଦତା ଅଛି, ମାତ୍ର ତଥାପି କେବଳ ଏକ ଈଶ୍ୱର ଅଛନ୍ତି ଏବଂ ମାନବଜାତି ତଥାପି ଏବେ ସୁଦ୍ଧା ତାହାର ପସନ୍ଦସବୁ ପାଇଁ ଦାୟୀ ଅଟେ । ପରିତ୍ରାଣର ପୂର୍ବେ ଓ ପରେ ଉଭୟ ସମୟରେ ଆତ୍ମିକ ଯୁଦ୍ଧ ଅଛି । ବିଜୟ ଆସିପାରେ ଏବଂ ତିଷ୍ଠି ରହେ । ତ୍ରିବିଧ ପରମେଶ୍ୱରଙ୍କଠାରେ ଓ ମାଧ୍ୟମରେ । ମନ୍ଦତା ପରାଜିତ ହୋଇଅଛି ଏବଂ ଚାଲିଯିବ !

□ **''ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ତୁମ୍ଭମାନଙ୍କର ସହବର୍ତ୍ତୀ ହେଉ''** ଏହା ପାଉଲଙ୍କର ଏକ ସାଧାରଣ ସମାପ୍ତି (୧ କରନ୍ଥୀ ୧୬:୨୩, ୨ କରନ୍ଥୀ ୧୩:୧୪, ଗାଲାତୀ ୬:୧୮, ଫିଲିପୀ ୪:୨୩, କଲସୀ ୪:୧୮, ୧ ଥେସଲ ୫:୨୮, ୨ ଥେସଲ ୩:୧୮ ଏବଂ ପ୍ରକାଶିତ ୨୨:୨୧ ମଧ୍ୟ) ଏହା ସେ ସମ୍ଭବତଃ ନିଜ ହସ୍ତରେ ଲେଖିଅଛନ୍ତି । ତାଙ୍କର ଲେଖା ଚିଠିଗୁଡ଼ିକୁ ଯାଞ୍ଚ କରିବା ପାଇଁ ଏହା ତାଙ୍କର ପଥ (୨ ଥେସଲ ୩:୧୭, ୧ କରନ୍ଥୀ ୧୬:୨୧, କଲସୀ ୪:୧୮)

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୧୬:୨୧**

**21ମୋହର ସହକର୍ମୀ ତୀମଥି ପୁଣି ମୋହର ସ୍ୱଜାତୀୟ ଲୂକିୟ, ଯାସୋନ ଓ ସୋସିପାତ୍ର ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।**

**୧୬:୨୧-୨୩** ଏହି ପଦଗୁଡ଼ିକ ଏକ ପରବର୍ତ୍ତୀ ଶାସ୍ତ୍ରାଂଶ । ପାଉଲଙ୍କ ସହକର୍ମୀମାନେ କରିନ୍ଥରେ ସେମାନଙ୍କ ଶୁଭେଚ୍ଛା ପଠାଇ ଅଛନ୍ତି ।

**୧୬:୨୧ ''ଲୂକିୟ''** ଏହା ହୋଇପାରେ :

୧. ବୈଦ୍ୟ ଲୂକ (କଲସୀ ୪:୧୪) କିଅବା ସମ୍ଭବତଃ ଉଚ୍ଚଶିକ୍ଷାପ୍ରାପ୍ତ ଜଣକ ପାଇଁ ଏକ ରୂଢ଼ୋକ୍ତି ଅଟେ ।
୨. କୂରିଣୀୟ ଲୂକିୟ (ପ୍ରେରିତ ୧୩:୧)
୩. ଜଣେ ଅଜଣା ଖ୍ରୀଷ୍ଟିୟାନ

□ **''ଯାସୋନ''** ଏହା ସମ୍ଭବପର ଯାସୋନଙ୍କ ଗୃହରେ ଥେସଲନିକାରେ ପାଉଲ ରହିଥିଲେ (ପ୍ରେରିତ ୧୭:୫-୯)

□ **''ସୋସିପାତ୍ର''** ଏହି ମନୁଷ୍ୟ ସମ୍ଭବତଃ ବେରିଆନିବାସୀ ସୋପାତ୍ର ପ୍ରେରିତ ୨୦:୪ରେ

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୧୬:୨୨**

**22''ଏହି ପତ୍ର ଲେଖକ ଯେ ମୁଁ ତର୍ତ୍ତିୟ ମୁଁ ପ୍ରଭୁଙ୍କ ନାମରେ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛି ।''**

**୧୬:୨୨ ''ଏହି ପତ୍ର ଲେଖକ ଯେ ମୁଁ ତର୍ତ୍ତିୟ''** ପାଉଲ ତାଙ୍କ ପତ୍ରମାନ ଲେଖିବାକୁ ଜଣେ ଶାସ୍ତ୍ରୀ (ଆମାନୁଏନିସିସ୍) ବ୍ୟବହାର କରିଥିଲେ (୧ କରନ୍ଥୀ ୧୬:୨୧, ଗାଲାତୀ ୬:୧୧, କଲସୀ ୪:୧୮, ୨ ଥେସଲ ୩:୧୭) । ମୁଁ ଭାବେ ପାଉଲଙ୍କ ଦୁର୍ବଳ ଦୃଷ୍ଟିଶକ୍ତି ଥିଲା ଏବଂ କ୍ଷୁଦ୍ର ଏବଂ ଅତିଯାକିଯାକି ଶାସ୍ତ୍ର ଲେଖିପାରୁ ନ ଥିଲେ ଯେପରି ଏକ ପାପିରସ୍ କାଗଜରେ ବା ଗୁଡ଼ାଯାଇଥିବା ଚମଡ଼ାରେ ସୁରକ୍ଷା କରି ରଖାଯାଇପାରିବ (ଗାଲାତୀ ୬:୧୮)

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୧୬:୨୩-୨୪**

**23ମୋହର ଓ ସମସ୍ତ ମଣ୍ଡଳୀର ଆତିଥ୍ୟକାରୀ ଗାୟ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି । ଏହି ନଗରର କୋଷାଧ୍ୟକ୍ଷ ଏରାଷ୍ଟ ଓ ଭ୍ରାତା କ୍ୱାର୍ତ୍ତ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି । 24ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ, ଆମେନ୍ ।**

**୧୬:୨୩ ''ଗାୟ''** ଏହା ହୋଇପାରେ
୧. ଗାୟ, ତିତସଯୁକ୍ତ ପ୍ରେରିତ ୧୮:୭
୨. ଦର୍ବୀର, ଗାୟସ୍ (ପ୍ରେରିତ ୧୯:୨୯, ୨୦:୪, ୧ କରନ୍ଥୀ ୧:୧୪)
୩. ୩ ଯୋହନ ୧ ପଦର ଗାୟ

□ **''ମୋହର ଓ ସମସ୍ତ ମଣ୍ଡଳୀର ଆତିଥ୍ୟକାରୀ''** ଏହା ଥିଲା ମଣ୍ଡଳୀ ଯେଉଁ ଆତିଥ୍ୟ ଆବଶ୍ୟକ କରୁଥିଲେ । କେତେକ ବିଶ୍ୱାସୀମାନେ ଉପାଦାନଗୁଡ଼ିକ ସହ ଭ୍ରାମ୍ୟମାନ ଖ୍ରୀଷ୍ଟିୟାନ ସେବକମାନଙ୍କୁ ଗୃହର ବଖରା ଓ ରହିବା, ଖାଇବାକୁ ଅନୁମତି ଦେଉଥିଲେ । କେତେକ, ଏହି ବ୍ୟକ୍ତିଙ୍କ ପରି ମଧ୍ୟ ତାଙ୍କ ଗୃହକୁ ସଭାସ୍ଥାନ ହେବାକୁ ଏକତ୍ର ଘଟଣାମାନର ପାଇଁ ମୁକ୍ତ କରି ଦେଉଥିଲେ । ଗୃହ ମଣ୍ଡଳୀମାନ ଶହ ଶହ ବର୍ଷ ଧରି ଚଳି ଆସୁଥିଲା । ବିଶେଷ ପ୍ରସଙ୍ଗ ଦେଖ : ମଣ୍ଡଳୀ (ଏକ୍ଳେସିଆ) ୧୬:୧ରେ

□ **''ଏହି ନଗରର କୋଷାଧ୍ୟକ୍ଷ ଏରାଷ୍ଟ''** ପ୍ରେରିତ ୧୯:୨୨ରେ ଓ ୨ ତୀମଥି ୪:୨୦ରେ ତାଙ୍କ ବିଷୟ ମଧ୍ୟ କୁହାଯାଇଅଛି । ତାଙ୍କର ପାଉଲଙ୍କ ସହିତ ଏକ ଭ୍ରାମ୍ୟମାନ ସେବାକାର୍ଯ୍ୟ ଥିଲା ।

□ **''କ୍ୱାର୍ତ୍ତ''** ଲାଟିନ୍‌ରେ ଏହି ନାମର ଅର୍ଥ ''ଚତୁର୍ଥ'' । ସେ ସମ୍ଭବତଃ ତର୍ତ୍ତିୟଙ୍କ ଭ୍ରାତା ଥିଲେ । ଯାହାର ଲାଟିନ୍ ଅର୍ଥ ''ତୃତୀୟ'' (୨୨ ପଦ)

**୧୬:୨୪** ଏହି ପଦ ଆଦ୍ୟ ଗ୍ରୀକ୍ ପାଣ୍ଡୁଲିପିମାନ ପି୪୬,୬୧, ଏନ୍, ଏ, ବି,ସି ଓ ୦୧୫୦ରେ ଉପସ୍ଥିତ ନାହିଁ । ଏହା କେତେକ ଗ୍ରୀକ୍ ପାଣ୍ଡୁଲିପି ମିଳେ ୧୬:୨୩ ପରେ ଏବଂ ଅନ୍ୟଗୁଡ଼ିକ ୧୬:୨୭ ପରେ । ଏହା ପାଉଲଙ୍କ ସହିତ ସ୍ପଷ୍ଟ ଭାବେ ମୂଳ ଲେଖା ନୁହେଁ । ଏହା ଏନ୍‌ଏଏସ୍‌ବି, ଏନ୍‌ଆରଏସ୍‌ଭି, ଟିଇଭି ଓ ଏନ୍‌ଜେବି ଅନୁବାଦରେ ଉପେକ୍ଷା କରାଯାଇଛି । ୟୁବିଏସ୍ ଏହାର ଛାଡ଼ିଯିବାକୁ ନିର୍ଦ୍ଦିଷ୍ଟ (କ) ମୂଲ୍ୟ ପ୍ରଦାନ କରେ । ଏହା ପତ୍ରର ଶେଷ ଆଡ଼କୁ ଚେଷ୍ଟା କରାଯାଇଅଛି ସମାପ୍ତିର ପ୍ରଶଂସା ଗାନର ସମସ୍ୟା ସହିତ ସମ୍ପୃକ୍ତ ହୋଇ ୧୪ ଓ ୧୫,୧୬ ଅଧ୍ୟାୟର ଶେଷରେ ପ୍ରଶଂସା ଦିଆଯାଇଛି ବିଭିନ୍ନ ପୁରାତନ ଗ୍ରୀକ୍ ଶାସ୍ତ୍ରାଂଶମାନଙ୍କରେ ।

**ଏନ୍‌ଏଏସ୍‌ବି (ଆଧୁନିକୀକରଣ) ଶାସ୍ତ୍ରାଂଶ : ୧୬:୨୫-୨୭**
**²⁵ଯେଉଁ ଈଶ୍ୱର ମୋର ସୁସମାଚାର ଓ ଯୀଶୁ ଖ୍ରୀଷ୍ଟଙ୍କ ବିଷୟକ ପ୍ରଚାର ଅନୁସାରେ, ଅର୍ଥାତ୍ ଯେଉଁ ନିଗୂଢ଼ ତତ୍ତ୍ୱ ଅନାଦି କାଳରୁ ଅବ୍ୟକ୍ତ ଥିଲା, ମାତ୍ର ଏବେ ବ୍ୟକ୍ତ ହୋଇଅଛି । ²⁶ପୁଣି ବିଶ୍ୱାସ କରି ଆଜ୍ଞାବହ ହେବା ନିମନ୍ତେ ଅନାଦି ଈଶ୍ୱରଙ୍କ ଆଜ୍ଞାନୁସାରେ ଭାବବାଦୀମାନଙ୍କ ଶାସ୍ତ୍ର ସାହାଯ୍ୟରେ ସମସ୍ତ ଜାତୀୟ ଲୋକଙ୍କ ନିକଟରେ ଜ୍ଞାତ କରାଯାଇଅଛି, ସେହି ନିଗୂଢ଼ ତତ୍ତ୍ୱର ପ୍ରକାଶ ଅନୁସାରେ ତୁମ୍ଭମାନଙ୍କୁ ସୁସ୍ଥିର କରିବାକୁ ସକ୍ଷମ ଅଟନ୍ତି, ²⁷ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଯୁଗେ ଯୁଗେ ସେହି ଏକମାତ୍ର ଜ୍ଞାନବାନ ଈଶ୍ୱରଙ୍କ ଗୌରବ ହେଉ । ଆମେନ୍**

**୧୬:୨୫-୨୭** ଏହା ଗ୍ରୀକ୍‌ରେ ଗୋଟିଏ ବାକ୍ୟ ଅଟେ । ଏହି ଆଶିଷ ପ୍ରାର୍ଥନା ପୁରାତନ ଗ୍ରୀକ୍ ପାଣ୍ଡୁଲିପିରେ ଉଭୟ ୧୪ ଅଧ୍ୟାୟର ଶେଷରେ ଓ ୧୫ ଅଧ୍ୟାୟର ଶେଷରେ ମିଳିପାରିବ । ଏହି ପୂର୍ବାପର ସମ୍ବନ୍ଧ ପୁସ୍ତକ ମୁଖ୍ୟ ପ୍ରସଙ୍ଗର ଏକ ପୁନରାବୃତ୍ତି ଅଟେ, ସମ୍ଭବତଃ ପାଉଲଙ୍କ ନିଜ ହସ୍ତରେ ଲିଖିତ କେତେକ ବିଶ୍ୱାସ କରନ୍ତି ଯେ ଏହି ପ୍ରଶଂସାଗାନ ହୋଇପାରିଥାଏ

୧. ଏଫିସୀର ଚକ୍ରାକାର ଗତିର ପତ୍ର ପାଇଁ ଏହା ମଲାଟ ଚିଠି
୨. ରୋମ୍‌କୁ ଯିବା ବାଟରେ ଯେଉଁମାନଙ୍କ ପାଇଁ ଲେଖିଥିଲେ ସେମାନଙ୍କ ସକାଶେ
  କ. ପାଉଲ କେବେ ରୋମ୍‌କୁ ଯାଇ ନ ଥିଲେ, ତଥାପି ସେ ୨୬ ଜଣ ଲୋକଙ୍କୁ ସମ୍ବୋଧନ କରନ୍ତି
  ଖ. ୧୬ ଅଧ୍ୟାୟ ମିଥ୍ୟା ଶିକ୍ଷକମାନଙ୍କ ବିଷୟ ପ୍ରଥମ ପ୍ରକାଶ କରେ
  ଗ. ପ୍ରଶଂସାଗାନ ଗ୍ରୀକ୍ ପାଣ୍ଡୁଲିପିରେ ବିଭିନ୍ନ ସ୍ଥାନମାନଙ୍କରେ ଦେଖାଯାଏ

ଏହା ମଧ୍ୟ ସମ୍ଭବପର ଯେ ପାଉଲ ଦୁଇଟି ନକଲ କଲେ ୧-୧୪ ଅଧ୍ୟାୟ ରୋମକୁ ୧-୧୬ ଏଫିସୀକୁ ଦେଲେ । ସାଧାରଣତଃ ଏହି ଦୃଢ଼ ସମର୍ଥନଗୁଡ଼ିକର ଉତ୍ତର ଦିଆଗଲା :

୧. ସତ୍ୟ ଘଟଣା ଯେ ଆଦ୍ୟ ଖ୍ରୀଷ୍ଟିୟାନ କାର୍ଯ୍ୟକାରୀମାନେ ଯାତ୍ରା କରୁଥିଲେ
୨. ସତ୍ୟ ଘଟଣା ଯେ କୌଣସି ରୋମୀୟ ପୁସ୍ତକର ଗ୍ରୀକ୍ ପାଣ୍ଡୁଲିପି ୧୬ ଅଧ୍ୟାୟ ବିନା ନାହିଁ ।
୩. ସମ୍ଭବ ଯେ ମିଥ୍ୟା ଶିକ୍ଷକମାନେ ୧୪:୧-୧୫:୧୩ରେ ସୂଚାଇ ଦିଆଯାଇଛନ୍ତି ।

**୧୬:୨୫ ''ଯେଉଁ ଈଶ୍ୱର...ସକ୍ଷମ''** ଏହା ଈଶ୍ୱରଙ୍କ ଅନ୍ୟ ଏକ ଚମତ୍କାର ଉପନାମ ଅଟେ, ନୂତନ ନିୟମରେ ତିନିଥର ବ୍ୟବହୃତ ହୋଇଅଛି (ଏଫିସୀ ୩:୨୦, ଯିହୁଦା ୨୪)

ଲକ୍ଷ୍ୟ କର କିପରି ଈଶ୍ୱର ବିଶ୍ୱାସୀମାନଙ୍କୁ ସଂସ୍ଥାପିତ କରନ୍ତି

୧. ପାଉଲଙ୍କ ସୁସମାଚାର ଉପସ୍ଥାପନା

୨. ଯୀଶୁଖ୍ରୀଷ୍ଟଙ୍କ ବିଷୟ ପ୍ରଚାର କରିବା

୩. ଈଶ୍ୱରଙ୍କ ପରିତ୍ରାଣର ଅନନ୍ତକାଳୀନ ଯୋଜନା ପ୍ରକାଶ କରିବା, ଯାହା ଗୁପ୍ତ (ରହସ୍ୟପୂର୍ଣ୍ଣ) ନିଗୂଢ଼ ତତ୍ତ୍ୱ ରଖାଯାଇଥିଲା ବିଶ୍ୱାସୀମାନେ ସୁସମାଚାରର ଜ୍ଞାନ ଦ୍ୱାରା ସକ୍ଷମ କରାଗଲା । ଏହି ସୁସମାଚାର ବର୍ତ୍ତମାନ ସମସ୍ତଙ୍କୁ ମିଳିପାରିବ !

▫ **''ନିଗୂଢ଼ ତତ୍ତ୍ୱ''** ମାନବ ଜାତିର ମୁକ୍ତି ପାଇଁ ଈଶ୍ୱରଙ୍କର ଏକତ୍ରିତ ଉଦ୍ଦେଶ୍ୟ ଅଛି ଯାହା ପତନକୁ ଅଗ୍ରସର ହେଲ । (ଆଦି ୩) । ଏହି ଯୋଜନାର ସୂଚନାମାନ ପୁରାତନ ନିୟମରେ ପ୍ରକାଶିତ ହୋଇଅଛି (ଆଦି ୩:୧୫, ୧୨:୩, ଯାତ୍ରା ୧୯:୫-୬ ଏବଂ ସାର୍ବଜନିନ ଶାସ୍ତ୍ରାଂଶଗୁଡ଼ିକ ଭବିଷ୍ୟଦ୍‌ବକ୍ତା ପୁସ୍ତକମାନଙ୍କରେ ଅଛି) । ଯାହାବି ହେଉ ଏହି ସଂପୂର୍ଣ୍ଣ କାର୍ଯ୍ୟସୂଚୀ ସ୍ୱଷ୍ଟ ନ ଥିଲ (୧ କରନ୍ଥୀ ୨:୬-୮) । ଯୀଶୁଙ୍କ ଆଗମନ ଓ ଆତ୍ମାଙ୍କର ଆଗମନ ମଧ୍ୟ ଏହାକୁ ଅଧିକ ସ୍ୱଷ୍ଟରେ ପରିଣତ ହେଲା । ପାଉଲ ''ନିଗୂଢ଼ତତ୍ତ୍ୱ'' ଶବ୍ଦ ବ୍ୟବହାର କଲେ, ଏହି ସଂପୂର୍ଣ୍ଣ ମୁକ୍ତି ବର୍ଣ୍ଣନା କରିବାକୁ (୧ କରନ୍ଥୀ ୪:୧, ଏଫିସୀ ୨:୧୧-୩:୧୩, ୬:୧୯, କଲସୀ ୪:୩, ୧ ତୀମଥି ୧:୯) ଯାହାବି ହେଉ, ସେ ଏହା ଅନକେ ବିଭିନ୍ନ ଅର୍ଥରେ ବ୍ୟବହାର କଲେ ।

୧. ଇସ୍ରାୟେଲର ଏକ ଆଂଶିକ କଠିନ ବେହାରେ, ବିଜାତିମାନଙ୍କୁ ଅନ୍ତର୍ଗତ ହେବାକୁ ଅନୁମତି ଦେଲା । ବିଜାତିମାନଙ୍କର ପ୍ରବେଶ, ଯିହୁଦୀମାନେ ଯୀଶୁଙ୍କୁ ଭବିଷ୍ୟଦ୍‌ବାଣୀର ପ୍ରତିଜ୍ଞାତ ଖ୍ରୀଷ୍ଟ ରୂପେ ଗ୍ରହଣ କରିବାର ଏକ ଉପାୟ ରୂପେ କାର୍ଯ୍ୟ କରିବ (ରୋମୀ ୧୧:୨୫-୩୨)

୨. ସୁସମାଚାର ଜାତିଗଣଙ୍କୁ ଜଣାଇ ଦିଆଗଲା, ଯାହା ଖ୍ରୀଷ୍ଟଙ୍କଠାରେ ଓ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତଙ୍କୁ ଅନ୍ତର୍ଗତ କଲା (ରୋମୀୟ ୧୬:୨୫-୨୭, କଲସୀ ୨:୨)

୩. ବିଶ୍ୱାସୀମାନଙ୍କ ନୂତନ ଶରୀରମାନ ଦ୍ୱିତୀୟ ଆଗମନରେ (୧ କରନ୍ଥୀୟ ୧୫:୫-୨୭, ୧ ଥେସଲ ୪:୧୩-୧୮)

୪. ଖ୍ରୀଷ୍ଟଙ୍କଠାରେ ସମସ୍ତ ବିଷୟ ସାରାଂଶରେ ପରିଣତ (ଏଫିସୀ ୧:୮-୧୧)

୫. ବିଜାତିମାନେ ଏବଂ ଯିହୁଦୀମାନେ ସହ-ଉତ୍ତରାଧିକାରୀ ଅଟନ୍ତି (ଏଫିସୀ ୨:୧୧-୩:୧୩)

୬. ଖ୍ରୀଷ୍ଟ ଓ ମଣ୍ଡଳୀ ମଧ୍ୟରେ ସମ୍ପର୍କର ଘନିଷ୍ଠତା ବିବାହ ଭାଷାରେ ବର୍ଣ୍ଣନା କରାଗଲା (ଏଫିସୀ ୫:୨୨-୨୩)

୭. ବିଜାତିମାନେ ପ୍ରତିଜ୍ଞାତ ଲୋକମାନଙ୍କ ମଧ୍ୟରେ ଅନ୍ତର୍ଗତ ହେଲେ ଏବଂ ଖ୍ରୀଷ୍ଟଙ୍କ ଆତ୍ମା ସେମାନଙ୍କଠାରେ ବାସ କଲେ, ତେଣୁ ଖ୍ରୀଷ୍ଟଙ୍କ ସଦୃଶ ପରିପକ୍ୱତା ଉତ୍ପନ୍ନ କଲେ, ତାହା ପତିତ ମାନବର ନଷ୍ଟ ହୋଇଥିବା ଈଶ୍ୱରଙ୍କ ପ୍ରତିମୂର୍ତ୍ତି ପୁନରୁଦ୍ଧାର ପାଇଲା (ଆଦି ୬:୫, ୧୧-୧୩୮:୨୧) ମନୁଷ୍ୟଠାରେ ଈଶ୍ୱର (ଆଦି ୧:୨୬-୨୭, ୫:୧,୯,୯, କଲସୀ ୧:୨୬-୨୮)

୮. ଶେଷ ସମୟ ଭଣ୍ଡ ଖ୍ରୀଷ୍ଟ (୨ ଥେସଲ ୨:୧-୧୧)

୯. ଏକ ଆଦ୍ୟ ମଣ୍ଡଳୀ ନିଗୂଢ଼ ତତ୍ତ୍ୱ ସାରାଂଶ ୧ ତୀମଥି ୧:୧୬ରେ ଦେଖାଯାଏ

**୧୬:୨୬ ''ଏବେ ବ୍ୟକ୍ତ ହୋଇଅଛି''** ନିଗୂଢ଼ ତତ୍ତ୍ୱ ବା ଈଶ୍ୱରଙ୍କ ଯୋଜନା ବର୍ତ୍ତମାନ ସ୍ୱଷ୍ଟଭାବେ ସମସ୍ତ ମାନବ ଜାତି ନିକଟରେ ପ୍ରକାଶିତ ହେଲା । ଏହା ହେଉଛି ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର (ଏଫିସୀ ୨:୧୧-୩:୧୩)

▫ **''ଏବଂ ଶାସ୍ତ୍ର ସାହାଯ୍ୟରେ''** ଈଶ୍ୱର ଏହି ନିଗୂଢ଼ ତତ୍ତ୍ୱ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ପ୍ରକାଶିତ ହୋଇଅଛି । ପୁରାତନ ନିୟମ ଭାବବାଦୀମାନଙ୍କ ଦ୍ୱାରା ଏହା ଭାବବାଣୀ କରାଯାଇଥିଲା । ଏକ ନୂତନ ନିୟମ ମଣ୍ଡଳୀ ବିଶ୍ୱାସକାରୀ ଯିହୁଦୀ ଓ ବିଜାତିମାନଙ୍କୁ ନେଇ ଗଠିତ ଓ ପ୍ରତିଷ୍ଠିତ ହେବା ଥିଲା ସର୍ବଦା ଈଶ୍ୱରଙ୍କ ଯୋଜନା (ଆଦି ୩:୧୫, ୧୨:୩, ଯାତ୍ରା ୧୯:୫-୬, ଯିରିମିୟ ୩୧:୩୧-୩୪)

▫ **''ଅନନ୍ତକାଳୀନ ଅନାଦି ଈଶ୍ୱର''** ବିଶେଷ ପ୍ରସଙ୍ଗ ଦେଖ ନିମ୍ନରେ

**ବିଶେଷ ପ୍ରସଙ୍ଗ : ଅନନ୍ତକାଳୀନ**

ରବର୍ଟ ବି. ଗାର୍ଡଲଷ୍ଟୋନ, ତାଙ୍କ ପୁସ୍ତକ ''ପୁରାତନ ନିୟମ ଅନୁରୂପ''ର ''ଅନନ୍ତକାଳୀନ'' ଶବ୍ଦ ଉପରେ ଏକ ଆକର୍ଷଣୀୟ ମନ୍ତବ୍ୟ ଅଛି ।

''ଲକ୍ଷ୍ୟ 'ଆଇଓନିଓସ' ୪୦ରୁ ଅଧିକ ଥର ନୂତନ ନିୟମରେ ବ୍ୟବହୃତ ହୋଇଛି, ଅନନ୍ତ ଜୀବନକୁ ସମ୍ମାନ କରି ଯାହା ଆଂଶିକଭାବେ ଏକ ବର୍ତ୍ତମାନର ଦାନ ରୂପେ, ଆଂଶିକଭାବେ ଭବିଷ୍ୟତ ପାଇଁ ପ୍ରତିଜ୍ଞାଭାବେ ଗୃହୀତ ହୋଇଛି ଏହା ମଧ୍ୟ ଈଶ୍ୱରଙ୍କ ସୀମାହୀନ ସ୍ଥିତି ପାଇଁ ବିନିଯୋଗ କରାଯାଇଛି ରୋମୀ ୧୬:୨୫, ୨ ତୀମଥି ୧:୯, ତିତସ ୧,୨ରେ ।

ଏହି ଶବ୍ଦ ଅନନ୍ତକାଳୀନ ଅଗ୍ନି ସହ ବ୍ୟବହୃତ ହୋଇଛି, ମାଥିଉ ୧୮:୮,୨୫,୪୧, ଯିହୁଦା ୭, ଅନନ୍ତକାଳୀନ ଶାସ୍ତ୍ର ମାଥିଉ ୨୫:୪୬, ଅନନ୍ତକାଳୀନ ବିଚାର ବା ଦୋଷୀକୃତ, ମାର୍କ ୩:୨୯, ଏବ୍ରୀ ୬,୨, ଅନନ୍ତକାଳୀନ ଧ୍ୱଂସ (ବିନାଶ), ୨ ଥେସଲ ୧,୯ । ଏହି ଶବ୍ଦ ଏହି ଶାସ୍ତ୍ରାଂଶଗୁଡ଼ିକରେ ସୂଚାଏ ଶେଷ ବିଷୟ ଏବଂ ବିଶେଷ ସ୍ୱଷ୍ଟଭାବେ ଗୁରୁତ୍ୱ ଦିଏ ଯେ, ଏହି ବିଚାରସବୁ ଯେତେବେଳେ ଘଟିବ, ପରୀକ୍ଷାମୂଳକ ସମୟ, ପରିବର୍ତ୍ତନ ବା ଜଣକର ଭାଗ୍ୟ ବଦଳିବାର ସମୟ ଚିରକାଳ ପାଇଁ ସଂପୂର୍ଣ୍ଣ ଦୂର ହେବ । ଆମ୍ଭେମାନେ ଭବିଷ୍ୟଦ୍ ବିଷୟ ବହୁତ ଅଳ୍ପ ପରିମାଣ ବୁଝିଥାଉ । ମାନବ ଜୀବନର ସମ୍ପର୍କ ଅବଶିଷ୍ଟକାଳୀନ ସ୍ଥିତିରେ ଏବଂ ଅବିଶ୍ୱାସର ନୈତିକ ଓଜନ ବିଷୟ ଅନନ୍ତକାଳର ଆଲୋକରେ

| |
|---|
| ଯେପରି ଦେଖାଯିବ । ଯଦି ଏକ ପାର୍ଶ୍ୱରେ ଈଶ୍ୱରଙ୍କ ବାକ୍ୟରେ ଯୋଗ କରିବା ଯେପରି ଭୁଲ୍, ଅନ୍ୟପାର୍ଶ୍ୱରେ ଆମ୍ଭେମାନେ ଏଥିରୁ କିଛି ନେଇ ଯିବା ମଧ୍ୟ ଅନୁଚିତ ଏବଂ ଯଦି ଆମ୍ଭେମାନେ ଯଦି ଶାସ୍ତ୍ରରେ ଦିଆଯାଇଥିବା ଅନନ୍ତକାଳୀନ ଶାସ୍ତିର ମୂଳତତ୍ତ୍ୱ ଅଧୀନରେ ଅବହେଳା କରୁ ବା ଶିଥିଳ ହୋଇପଡୁ, ଆମେ ଅପେକ୍ଷା କରିବାରେ ସନ୍ତୁଷ୍ଟ ରହିବା, ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପ୍ରେମର ସୁସମାଚାର ପ୍ରତି ଆସକ୍ତ ରହି ଏହାକୁ ଜାବୁଡ଼ି ଧରିବା ଉଚିତ । ତାହା ଜାଣିବା ସମୟରେ, ଏକ ଅନ୍ଧକାର ପୃଷ୍ଠ ଭୂମି ଅଛି ଯାହା ଆମେ ବୁଝିବାକୁ ଅକ୍ଷମ ଅଟୁ (୩୧୮-୩୧୯ ପୃଷ୍ଠା) । |

⊡ **"ସମସ୍ତ ଜାତୀୟ ଲୋକଙ୍କ ନିକଟରେ ଜ୍ଞାତ କରାଯାଇଅଛି"** ଏହା ଏକ ଆଓରିଷ୍ଟ କର୍ମବାଚ୍ୟ କୃଦନ୍ତ କ୍ରିୟା । ଏହା ଗ୍ରୀକ୍ ବାକ୍ୟରେ ଗୁରୁତ୍ୱ ପାଇଁ ଶେଷରେ ରଖାଯାଇଅଛି । ଈଶ୍ୱର ସମୁଦାୟ ଜଗତକୁ ସୁସମାଚାର ଯାଚୁଛନ୍ତି, ଯାହାଙ୍କ ସର୍ବଦା ତାହାଙ୍କ ଉଦ୍ଦେଶ୍ୟ (ଆଦି ୩:୧୫)

⊡

**ଏନ୍ଏଏସ୍ବି** **"ବିଶ୍ୱାସର ଆଜ୍ଞାବହତାକୁ କଢ଼ାଇ ନେବା"**
**ଏନ୍କେଜେଭି** **"ଆଜ୍ଞାବହତା ସକାଶେ ବିଶ୍ୱାସକୁ"**
**ଏନ୍ଆର୍ଏସ୍ଭି** **"ବିଶ୍ୱାସର ଆଜ୍ଞାବହତା ଆଣିବା ପାଇଁ"**
**ଟିଇଭି** **"ବିଶ୍ୱାସର ଆଜ୍ଞାବହତାକୁ କଢ଼ାଇ ନେବା"**
**ଏନ୍ଜେବି** **"ବିଶ୍ୱାସର ଆଜ୍ଞାବହତାକୁ ସେମାନଙ୍କୁ ଆଣିବା"**

ଏହି ଖଣ୍ଡବାକ୍ୟକୁ ବୁଝିବା ଲାଗି ବିଭିନ୍ନ ପଥମାନ ଅଛି, ଏହା ବୁଝାଇପାରେ :

୧. ଖ୍ରୀଷ୍ଟଙ୍କ ବିଷୟକ ମୂଳତତ୍ତ୍ୱ
୨. ଖ୍ରୀଷ୍ଟଙ୍କଠାରେ ଭରସା
୩. ସୁସମାଚାର ପ୍ରତି ଆଜ୍ଞାବହତା ପ୍ରାରମ୍ଭିକଭାବେ ଓ ଲାଗି ରହିବା ଉଭୟ ଭାବରେ ଆଜ୍ଞାବହତା (୧:୫), ମନଫେରଣ ଓ ବିଶ୍ୱାସର ଚିନ୍ତାଧାରା ସହିତ ପାରମାର୍ଥିକଭାବେ ଏକତ୍ର ହେବା ଉଚିତ । (ମାର୍କ ୧:୧୫, ପ୍ରେରିତ ୩:୧୬,୧୯,୨୦,୨୧)

**୧୬:୨୭ "ଏକମାତ୍ର ଜ୍ଞାନବାନ ଈଶ୍ୱର"** ଏହା ଏକ ଏକେଶ୍ୱରବାଦର ଅନୁରୂପ ଅଟେ (୩:୩୦, ଦ୍ୱିତୀୟ ବିବରଣ ୬:୪-୫ରେ ବିଶେଷ ପ୍ରସଙ୍ଗ ଦେଖ) । ଖ୍ରୀଷ୍ଟ ଧର୍ମର କେବଳ ଏକମାତ୍ର ଈଶ୍ୱର ଅଛନ୍ତି, ଠିକ୍ ଯିହୁଦୀ ଧର୍ମ ପରି, ଯାହାବି ହେଉ ସଂପୂର୍ଣ୍ଣ ଈଶ୍ୱରତ୍ୱ ଯୀଶୁଙ୍କର ଏବଂ ଆତ୍ମାଙ୍କ ଶକ୍ତିର ପୂର୍ଣ୍ଣ ବ୍ୟକ୍ତିତ୍ୱ ଆତ୍ମମାନଙ୍କୁ ତିନିଜଣଙ୍କ ଏକତା ମଧକୁ କଢ଼ାଇ ନିଏ ଯାହା ତ୍ରିବିଧ ପରମେଶ୍ୱର ଅଟନ୍ତି (୮:୧୧ରେ ବିଶେଷ ପ୍ରସଙ୍ଗ ଦେଖ)

⊡ **"ଯୁଗେ ଯୁଗେ ଈଶ୍ୱରଙ୍କର ଗୌରବ ହେଉ"** ୩:୨୩ ଟିପ୍ପଣୀ ଦେଖ

⊡ **"ଆମେନ"** ୧:୨୫ରେ ବିଶେଷ ପ୍ରସଙ୍ଗ ଦେଖ

**ଆଲୋଚନା ପ୍ରଶ୍ନ ସମୂହ**

ଏହା ଏକ ଅଧ୍ୟୟନ ଚାଳନା କମେଣ୍ଟାରୀ (ବାଖ୍ୟା ପୁସ୍ତକ)ଯାହାର ଅର୍ଥ ହେଉଛି ଯେ, ତୁମେ ତୁମ ନିଜ ବାଇବଲ ଅନୁବାଦ ପାଇଁ ଦାୟୀ ଅଟ । ଆମ୍ଭେମାନେ ପ୍ରତ୍ୟେକେ ଆମର ପାଇଥିବା ଆଲୋକରେ ଚାଲିବା ଉଚିତ । ତୁମେ, ବାଇବଲ ଓ ପବିତ୍ର ଆତ୍ମା ଅନୁବାଦରେ ଅଗ୍ରାଧିକାରୀ ଅଟ । ତୁମେ ଏହାର ବୁଝାଇବା ଦାୟିତ୍ୱ ବାଖ୍ୟାକାର ଉପରେ ଛାଡ଼ି ଦେବା ଉଚିତ ନୁହେଁ ।

ଏହି ଆଲୋଚନା ପ୍ରଶ୍ନମାନ ପୁସ୍ତକର ଏହି ବିଭାଗର ମୁଖ୍ୟ ବିଷୟ ମାଧମରେ ତୁମକୁ ଚିନ୍ତା କରିବାକୁ ସାହାଯ୍ୟ କରିବା ପାଇଁ ଯୋଗାଇ ଦିଆଯାଇଅଛି । ସେଗୁଡ଼ିକ ଚିନ୍ତା ଉଦ୍ରେକ କରିବାକୁ ଉଦ୍ଦୀଷ୍ଟ, ନିର୍ଦ୍ଦିଷ୍ଟ ନୁହଁନ୍ତି ।

୧. ପାଉଲ ରୋମ୍ ମଣ୍ଡଳୀକୁ କେବେହେଲେ ନ ଯାଇଥିଲେ ସୁଦ୍ଧା କିପରି ଏହି ସମସ୍ତ ଲୋକଙ୍କୁ ଜାଣିଥିଲେ ?
୨. ମହିଳା ଦିକନମାନଙ୍କ ପାଇଁ କୌଣସି ବାଇବଲ ଚିହ୍ନ ଅଛି କି ? (୧୬:୧, ୧ ତୀମଥି ୩:୧୧, ୫:୩-୧୬)
୩. ଏତେଜଣ ମହିଳାମାନଙ୍କ ନାମ ଏହି ଅଧ୍ୟାୟରେ ତାଲିକା କରାଯିବାର କି ଇଙ୍ଗିତ ବା ସୂଚନା ଅଛି ?
୪. ମିଥ୍ୟା ଶିକ୍ଷକମାନଙ୍କର ପଦ୍ଧତିମାନ ଓ ସମ୍ବାଦ ବର୍ଣ୍ଣନା କର (୧୭-୧୮ ପଦମାନ)

# ପରିଶିଷ୍ଟ - ଏକ

ଗ୍ରୀକ୍ ଶବ୍ଦର ବ୍ୟାକରଣକୁ ସଂକ୍ଷିପ୍ତ ଭାବରେ ସଠିକ୍ ଅର୍ଥ ଦିଆଯାଇଛି ।

କଇନ ଗ୍ରୀକ୍‌କୁ ଅଧିକାଂଶ ସମୟରେ ଏହାକୁ ହେଲେ ନୈଷ୍ଟିକ ଗ୍ରୀକ୍ ବୋଲି କୁହାଯାଏ । ଆଲେକ୍‌ଜେଣ୍ଡାର ମହାନଙ୍କର ସମୟରେ ମେଡ଼ିଟେରିଆନ୍ ପୃଥିବୀରେ ଏହା ଏକ ସର୍ବସାଧାରଣ ଭାଷା ହୋଇ ଥିଲା (୩୩୬-୩୨୩ ଖ୍ରୀଷ୍ଟ ପୂର୍ବରୁ) ଆଠଶ ବର୍ଷ ପର୍ଯ୍ୟନ୍ତ ବିଜୟ ପାଉଥିଲେ । ଖ୍ରୀଷ୍ଟ ପର (୩୦୦-୫୦୦ ଖ୍ରୀଷ୍ଟ ପୂର୍ବ) କୌଣସି ଏକ ସାଧାରଣ ଭାଷା ନଥିଲା । ଶ୍ରେଣୀଭୁକ୍ତ କରାଗଲା । କିନ୍ତୁ ଏହାର ନୂତନ ଆକୃତି ସେଥି ଯୋଗୁ ପ୍ରାଚୀନ ପୂର୍ବ ଏବଂ ମେଟେରିଆନ୍ ପୃଥିବୀରେ ଏହି ଭାଷାବିତୀୟ ସ୍ତରର ମାନ ପ୍ରାପ୍ତ ହୋଇଥିଲା । ଗ୍ରୀକ୍‌ର ନୂତନ ନିୟମ କିଛି ମାର୍ଗରେ ଏହା ଏକ ବିଶେଷ ସମ୍ମାନ ରହିଛି । କାରଣ ଏହାର ବ୍ୟହାର କରୁଥିବା ଲୁକ ଏବଂ ଏବ୍ରୀ ପୁସ୍ତକର ଲେଖକ ବ୍ୟତୀତ । ସେମାନେ ପ୍ରଥମରେ ଆରାମିକ୍ ଭାଷା ପ୍ରୟୋଗ କରୁଥିଲେ । ସେଥି ଯୋଗୁଁ ସେମାନଙ୍କ ହସ୍ତଲେଖାର ଶବ୍ଦଗୁଡ଼ିକ ଏବଂ ବାକ୍ତ ମାନ ଆରାମୟମାନଙ୍କୁ ବହୁତ ପ୍ରଭାବ କରିଥିଲା । ସେମାନେ ଅଧୟନ କରୁଥିଲେ ଏବଂ ସେପ୍‌ଟଜେଣ୍ଟ ଅନେକ ବିଷୟକୁ ବ୍ୟବହାର କରୁଥିଲେ । ତାହା ଗ୍ରୀକ୍ କଇନେରେ ମଧ ଲେଖା ଯାଇଥିଲା କିନ୍ତୁ ସେପଟଜେଣ୍ଟ ମଧ ଯୀହୁଦୀ ଜ୍ଞାନବିତ୍ ମାନଙ୍କ ଦ୍ୱାରା ଲେଖାଯାଇଥିଲା, କାରଣ ସେମାନଙ୍କର ଗ୍ରୀକ୍ ମାତୃଭାଷା ଥିଲା।

ଏହି ବିଷୟ ଆମକୁ ମନେ ପକାଇ ଦେଇ ଥାଏ । ଆମେ କେବ ମଧ ନୂତନ ନିୟମର ବ୍ୟାକରଣକୁ ଅଧିକ ଦୃଢ଼ ଭାବରେ ବାନ୍ଧି ରଖି ପାରିବା ନାହିଁ, ଏହାର ବିଶେଷତ୍ୱ ଅଛି ଏବଂ ସେମାନଙ୍କ ସହିତ ଏହାର ମିଳନ ଅଛି । ୧ – ସେପ୍‌ଟୁଜେଣ୍ଟ ୨ – ଯିହୁଦୀ ଲେଖାଗୁଡ଼ିକ ଜସେପଙ୍କର ୩ – ମିଶର ଦେଶର ପାପିରି, ନୂତନ ନିୟମର ବ୍ୟାକରଣକୁ କିଭଳି ଭାବରେ ଆମ୍ଭେମାନେ ବିଶ୍ଳେଷଣ କରିପାରିବା ?

କଇନେ ଗ୍ରୀକ୍‌ର ବ୍ୟାକରଣର ଆକୃତି ଏବଂ ନୂତନ ନିୟମର କଇନେ ଗ୍ରୀକ୍ ସେମାନେ ମିଶ୍ରିତ ଅଟନ୍ତି। ଅନ୍ୟ ଦିଗରେ ଏହା ସମୟ ରେଖାର ସାଧାରଣତ୍ୱ ବ୍ୟାକରଣ ଅଟେ । ପୃଷ୍ଠଭୂମି ଆମର ମୁଖ୍ୟ ସାଥି ହେବ, ବାକ୍ୟଗୁଡ଼ିକ ବୃହତ୍ ପୃଷ୍ଠଭୂମିତର ଅର୍ଥ ସୂଚିତ କରାଏ, ସେଥିଯୋଗୁଁ ବ୍ୟାକରଣର ଆକୃତି ଏହି ବିଷୟ ଦ୍ୱାରା ବୁଝି ପାରିବା । ୧ – ଲେଖକଙ୍କ ବିଶେଷ ଲେଖା ଶୈଳୀରୁ ୨ – ବିଶେଷ ପୃଷ୍ଠଭୂମି ଗ୍ରୀକ୍ ବାକ୍ୟର ଆକୃତିରେ କୌଣସି ସମାପ୍ତିକରଣ ଭାବର ଅର୍ଥ ମିଳେ ନାହିଁ ।

ସର୍ବ ପ୍ରଥମେ କଇନେ ଗ୍ରୀକ୍ ଏକ ମୌଳିକ ଭାଷାରେ ବ୍ୟବହାର କରାଯାଉଥିଲା । ଅଧିକାଂଶ ସମୟରେ ଅନୁବାଦର ମୁଖ୍ୟ ଚାବିକାଠିଟି ମୌଳିକ ଭାଷାର ରୂପ ଏବଂ ଆକୃତିକୁ କେନ୍ଦ୍ର କରାଯାଉଥିଲା । କ୍ରିୟାର ମୁଖ୍ୟ ଅଂଶକୁ ପ୍ରଥମେ ଦୃଷ୍ଟିଗୋଚର କରାଯାଉଥିଲା । ଏହା ପ୍ରାଧାନ୍ୟତାକୁ ଉଲ୍ଲେଖ କରାଉଥିଲା । ଗ୍ରୀକ୍ କ୍ରିୟାକୁ ତିନିଟିଭାଗରେ ବିଭକ୍ତ କରାଯାଇଛି । ୧ – ପ୍ରଥମେ କାଳର ଗୁରୁତବ, ଉଚ୍ଚାରଣ ଏବଂ ସ୍ଥିତି ୨ – କ୍ରିୟାର ପ୍ରଥମ ଅର୍ଥକୁ ବୁଝିବା ୩ – ପୃଷ୍ଠ ଭୂମିର ଅନୁସରଣ କରିବା ।

**କାଳ / ସମୟ**

କ. କାଳ କିମ୍ବା ଦୃଷ୍ଟି କରଣ କ୍ରିୟା ସହିତ ସମ୍ପର୍କ ସ୍ଥାପନ କରି ଏକ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରେ / ଅସମ୍ପୂର୍ଣ୍ଣ କରେ । ଅଧିକାଂଶ ସମୟରେ ଏହାକୁ ସିଦ୍ଧ ଏବଂ ଅସିଦ୍ଧ କୁହାଯାଏ ।

୧. ସିଦ୍ଧ କାଳ କାଯ୍ୟର ଘଟଣା ଉପରେ ଦୃଷ୍ଟି ଦେଇଥାଏ । ଘଟଣା ବିନା ଅନ୍ୟ କିଛି ସୂଚନା ଦେଇ ନ ଥାଏ । ଏହା ଆରମ୍ଭ, ଜାରି ରହିଥାଏ । ଶେଷ ପର୍ଯ୍ୟାୟକୁ ଦୃଷ୍ଟି କରାଯାଇ ନ ଥାଏ ।

୨. ଅସମ୍ପୂର୍ଣ୍ଣ କାଳ କାର୍ଯ୍ୟର କ୍ରମାନୁବର୍ତ୍ତିକ ଦୃଷ୍ଟି ଗୋଚର କରିଥାଏ । ଏହାକୁ ରେଖା ସମ୍ବନ୍ଧୀୟ ବାକ୍ୟ ବୋଲି ଦର୍ଶାଇ ଥାନ୍ତି । କାର୍ଯ୍ୟର ସମୟ, କାର୍ଯ୍ୟରତ ବିଷୟ ।

ଖ. କାଳକୁ ଲେଖକ କେଉଁ ଦୃଷ୍ଟିକରଣ କରିଛନ୍ତି କାର୍ଯ୍ୟରତ ଧାନ କରି ଏହାକୁ ଶ୍ରେଣୀଭୂକ୍ତ କରାଯାଇଛି ।

୧ – ଏହା ଘଟିଲା

୨ – ଏହା ଘଟିଲା ଏବଂ ଫଳାଫଳ ତାଙ୍କ ସହିତ ରହିଥାଏ

୩ – ଅତୀତରେ ଏହା ଘଟିଲା ଏବଂ ଫଳାଫଳ ତାଙ୍କ ସହିତ ଜଡ଼ିତ ହୋଇ ରହୁଥିଲା । କିନ୍ତୁ ବର୍ତ୍ତମାନ ନୁହେଁ ।

୪ – ଏହା ଘଟୁଛି (ବର୍ତ୍ତମାନ)

୫ – ଏହା ଘଟିଲା

୬ – ଏହା ଘଟିବ (ଭବିଷ୍ୟ)

ଏହି ସିଦ୍ଧ ଉଦାହରଣଗୁଡ଼ିକ କିପରି ଏହି କାଳର ଶବ୍ଦ ( ପରିତ୍ରାଣ) କୁ ଅନୁବାଦ କରିବାରେ ସାହାଯ୍ୟ କରିଥାଏ, ଅଧିକାଂଶ ସମୟରେ ଭିନ୍ନ ଭିନ୍ନ ସମୟ କାଳକୁ ଦର୍ଶାଇବା ନିମନ୍ତେ ଏହାକୁ ବ୍ୟବହାର କରାଯାଇଥିଲା ।

ଏହାର କାର୍ଯ୍ୟରତ ଏବଂ ଶେଷସୀମା

୧ – ଏରଷ୍ଟି ପରିତ୍ରାଣ (Cf ରୋମୀୟ ୮:୨୪)

୨ – ସଂପୂର୍ଣ୍ଣ (ଉଦ୍ଧାର ପାଇଚନ୍ତି ଏବଂ ଫଳାଫଳ କାର୍ଯ୍ୟରତ (ଏଫିସୀୟ ୨:୫,୮)

୩ – ବର୍ତ୍ତମାନ – ଉଦ୍ଧାର ପାଉଛି (୧ମ କରନ୍ଥୀ ୧:୧୮, ୧୫:୨)

୪ - ଭବିଷ୍ୟ - ପରିତ୍ରାଣ ବା ଉଦ୍ଧାର ପ୍ରାପ୍ତ ହେବ (ରୋମି ୫:୯, ୧୦, ୧୦:୯)

ଗ. କ୍ରିୟାକାଳକୁ କେନ୍ଦ୍ର କରି ଅନୁବାଦକମାନେ ବାସ୍ତବିକ ଲେଖକଙ୍କର ଅନ୍ୱେଷଣ କରି, ନିଜକୁ ସମୟ କାଳରେ ପରିପ୍ରକାଶ କରନ୍ତି । ଏହାକୁ କୌଣସିଭାବରେ ଶୋଭିତ କରାଯାଇ ନ ଥିଲା, ଏହା ଧାରାବାହିକ ଅନିଶ୍ଚିତତା ଉଦ୍‌ଘାଟିତ କ୍ରିୟାଗୁଡ଼ିକ ଏହାକୁ ପ୍ରଶସ୍ତ ମାର୍ଗରେ ବ୍ୟବହାର କରାଯାଇପାରେ । ତାହା ଦ୍ୱାରା ସ୍ପଷ୍ଟ ଜଣା ପଡ଼ିଥାଏ । କୌଣସି ଘଟଣା ବିଷୟରେ ଏହା ସାଧାରଣତ ସଂକେତ କରୁଥିଲା । ଅତୀତର ଦୃଷ୍ଟିକରଣର ତାହା କେବଳ ସଂକେତମାନ, ଯଦି ଅନ୍ୟ କୌଣସିକାଳ ପ୍ରୟୋଗ କରାଯାଉ ଥିଲା କୌଣସି ଅଧିକ ସ୍ପଷ୍ଟିକରଣ ଅଧିକ ଗୁରୁତ୍ୱ ଦିଆଯାଇଥିଲା । କିନ୍ତୁ କ'ଣ ପାଇଁ ?

୧. ସମ୍ପୂର୍ଣ୍ଣ କାଳ - ଏହା ସମ୍ପୂର୍ଣ୍ଣ କାର୍ଯ୍ୟକୁ ବୁଝାଏ । ତାଙ୍କ ସହିତ ରହିବା ଫଳାଫଳକୁ ସୂଚାଇଥାଏ । ଅନ୍ୟ କ୍ଷେତ୍ରରେ ଏହା ଏରଷ୍ଟି ସହିତ ଜଡ଼ିତ ଥିଲା । ଏବଂ ବର୍ତ୍ତମାନର କାଳ, ସାଧାରଣତଃ ତାଙ୍କ ସହିତ ଜଡ଼ିତ ହୋଇ ରହିବା ବିଷୟକୁ କେନ୍ଦ୍ର କରିଥାଏ । କିମ୍ବା କାର୍ଯ୍ୟକୁ ସମାପ୍ତ କରିଥାଏ । (ଉଦାହରଣ ଏଫି ୨:୫,୮ ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇ ଅଛ)

୨. ପ୍ଲୁ ପରଫେକ୍ଟ କାଳ - ଏହି ସିଦ୍ଧକାଳ ସମାନ ଜଡ଼ିତ ହୋଇ ରହିବା ବଷୟକୁ ସିଦ୍ଧ କରିଥାଏ ଉଦାହରଣ ଯୋହନ ୧୮: ପିତର ଦ୍ୱାରର ପ୍ରାଙ୍ଗଣରେ ଠିଆ ହୋଇଥିଲେ ।

୩. ବର୍ତ୍ତମାନ କାଳ - ଏହା ଅସମ୍ପୂର୍ଣ୍ଣ କିମ୍ବା ଅସମାପ୍ତ କାର୍ଯ୍ୟ ବିଷୟରେ କହିଥାଏ । ସାଧାରଣତଃ ଘଟଣାର କ୍ରମାନୁଗତ ଉପରେ କେନ୍ଦ୍ର କରିଥାଏ । ଉଦାହରଣ ୧ମ ଯୋହନ ୩:୬,୯' ଯେଉଁ ଲୋକ ମାନେ ତାଙ୍କଠାରେ ରୁହନ୍ତି ସର୍ବଦା ସେମାନନେ ପାପ କରନ୍ତି ନାହିଁ । ଯେଉଁମାନେ ଏକମାତ୍ର ପରମେଶ୍ୱରଙ୍କ ସହିତ ରହନ୍ତି ସର୍ବଦା ସେମାନେ ପାପ କରନ୍ତି ନାହିଁ ।

୪. ଅସମ୍ପୂର୍ଣ୍ଣ କାଳ - ଏହି କାଳର ବର୍ତ୍ତମାନ ସମୟର ସମ୍ପର୍କର ଅନୁରୂପ ବସ୍ତୁକୁ ବୁଝାଏ ସିଦ୍ଧ ଏବଂ ପ୍ଲୁପେର୍ ପେକଟ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ସୂଚିତ କରିଥାଏ । ଅସମ୍ପୂର୍ଣ୍ଣ ଘଟଣାର ଅସମାପ୍ତ କାର୍ଯ୍ୟ ବିଷୟରେ ବିବରଣ ଦିଏ, କିନ୍ତୁ ବର୍ତ୍ତମାନ ଏହା ରୁଦ୍ଧ ହୋଇଛି କିମ୍ବା ଅତୀତର ଆରମ୍ଭ କାର୍ଯ୍ୟ ଉଦାହରଣ ମାଥି ୩:୫ ସେତେବେଳେ ଯିରୁଶାଲାମ ଅଞ୍ଚଳରେ ଲୋକମାନେ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ,

୫. ଭବିଷ୍ୟତ କାଳ - ଏହା ଭବିଷ୍ୟର ଯୋଜନାର କାର୍ଯ୍ୟ ବିଷୟରେ ସୂଚିତ କରିଥାଏ ଏହା ଆକସ୍ମିକ ଘଟଣାର ଦକ୍ଷତାକୁ କେନ୍ଦ୍ରିତ କରିଥାଏ । ନିଶ୍ଚିତ ଘଟଣାକୁ ବାଦ ଦେଇଥଆନ୍ତି । ଅଧିକାଂଶ ସମୟରେ ଘଟଣାର ସତ୍ୟ ବିଷୟ ପରିପ୍ରକାଶ କରିଥାଏ ।

୨. ସ୍ୱର

କ. କାର୍ଯ୍ୟର କର୍ମ ଏବଂ କର୍ତ୍ତା ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥାଏ ।

ଖ. କ୍ରିୟାଶୀଳ ସାଧାରଣତଃ ଆଶା କରାଯାଇଥିଲା । କର୍ତ୍ତାର କାର୍ଯ୍ୟକୁ ଗୁରୁତ୍ୱ ଦେଇ ନ ଥାଏ ।

ଗ. ନିଷ୍କ୍ରିୟତା ସ୍ୱର - ଏହାର ଅର୍ଥ କର୍ତ୍ତା କ୍ରିୟାର କାର୍ଯ୍ୟକୁ ବାହାରଠାରୁ ଗ୍ରହଣ କରୁଥିଲା, ବାହାରେ ରହିଥିବା ବ୍ୟକ୍ତିକୁ ଗ୍ରୀକ୍‌ର ନୂତନ ନିୟମରେ ମଧ୍ୟସ୍ଥ ଏବଂ ପ୍ରକୃତ ଅବସ୍ଥାକୁ ଦର୍ଶାଇଥାଏ ।

୧. ବ୍ୟକ୍ତିଗତ ନିର୍ଦ୍ଦେନା ପ୍ରତିନିଧି - ଦ୍ୱିପୋ ଜରିଆରେ ଆନଲାଟିବର ଘଟଣା,

୨ - ବ୍ୟକ୍ତିଗତ ମଧ୍ୟବର୍ତ୍ତୀ ଦିଆଞ୍ଜା ଜରିଆରେ ଆବଲାଟିବ୍‌ଙ୍କ ସହିତ ।

୩ - ସାଧାରଣତଃ ଅବ୍ୟକ୍ତିବାଚକ "ଇନ୍' ଜରିଆରେ "ବାଦ୍ୟକାରଙ୍କ ସହିତ ।

୪ - ବେଳେଳେ ବ୍ୟକ୍ତିଗତ ନୁହେଁ କିମ୍ବା ଅବ୍ୟକ୍ତିତ୍ୱବାଚକ ନୁହେଁ, ବାଦ୍ୟକାର କେବଳ ଏକୁଟିଆ ।

ଘ- ମଧ୍ୟସ୍ଥ କର୍ତ୍ତୁବାଚ୍ୟ - ଏଠାରେ କର୍ତ୍ତା କ୍ରିୟାର କାର୍ଯ୍ୟକୁ ସମ୍ପାଦନ କରିଥାଏ । କ୍ରିୟାର କାର୍ଯ୍ୟକଳାପରେ ମଧ ସିଧାସଳଖ ଜଡ଼ିତ ରହିଥାଏ । ଅଧିକାଂଶ ସମୟରେ ଏହାକୁ କର୍ତ୍ତୃବାଚ୍ୟର ନିଜର ଇଚ୍ଛାକୁ ପ୍ରକାଶ କରିବାର ବାକ୍ୟ ବୋଲି କୁହାଯାଏ । ଏହି ଗଠଣ ଠାରେ କର୍ତ୍ତାର ଖଣ୍ଡ ବାକ୍ୟ ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । କିମ୍ବା ବାକ୍ୟ କୌଣସି ଜରିଆରେ, ଏହି ରଚିତ ବିଷୟ ଇଂରାଜୀ ରେ ଦେଖିବାକୁ ମିଳେ ନାହିଁ । ଏହାର ପ୍ରଶସ୍ତ ଅର୍ଥ ଅଛି । ଏବଂ ଗ୍ରୀକ୍ ଅନୁବାଦରେ କିଛି ଗଠଣର ଉଦାହରଣ ଗୁଡ଼ିକ ତଳେ ଦିଆଯାଇଛି ।

୧ - ସ୍ୱୟଂବାଚକ ଶବ୍ଦ - କର୍ତ୍ତାର ନିର୍ଦ୍ଦେଶନା କାର୍ଯ୍ୟ, ନିଜକୁ ଉଦାହରଣ ମାଥି ୨୭:୫ ନିଜକୁ ଫାଶି ଦେଲେ

୨ - ପଖରସା - କର୍ତ୍ତାକୁ କାର୍ଯ୍ୟ ପରିପ୍ରକାଶ କରିଥାଏ ଉଦାହରର ୨ୟ= କରନ୍ଥୀ ୧୧:୧୪, ଶୈତାନ ନିଜକୁ ଉଜ୍ଜ୍ୱଳ ତାରା ଭାବରେ ବାହାନା କଲା ।

୩ - ପାରସ୍ପରିକ - ଦୁଇଗୋଟି କର୍ତ୍ତାର ପୁନରାବୃତ୍ତି, ମାଥିଉ ୨୬:୪, ସେମାନେ ନିଜ ନିଜକୁ ବୁଝିଲେ ।

କ୍ରିୟାବସ୍ଥା -

କ - କୟନ ଗ୍ରିକ୍‌ର ଚାରି ପ୍ରକାର କ୍ରିୟାବସ୍ଥା ରହିଛି । କ୍ରିୟାର ବାସ୍ତବିକ୍ ସଂପର୍କକୁ ସେମାନେ ସୂଚିତ କରାଯାଇଛି । କ୍ରିୟାବସ୍ଥା ଗୁଡ଼ିକ ଦୁଇଟି ବୃହତ୍ ଶ୍ରେଣିରେ ବିଭକ୍ତ କରାଯାଇଛି । ତାହା ସତ୍ୟତାକୁ ପ୍ରକାଶ କରିଥାଏ । ଏବଂ ଯାହା ସାମର୍ଥକୁ ସଂକେତକୁ ଦର୍ଶାଇଥାଏ ।

ଖ - କ୍ରିୟାବସ୍ଥ ସାଧାରଣତଃ କ୍ରିୟାପଦ ଘଟଣାର କାର୍ଯ୍ୟ ବିଷୟକୁ ପ୍ରକାଶ କରିଥାଏ । ଲେଖକଙ୍କ ମନ ମଧ୍ୟରେ, ଏହା କେବଳ ଏକ ଗ୍ରିକ୍ କ୍ରିୟାପଦ, ଏଠାରେ ନିଶ୍ଚିତତାର ସମୟ ବିଷୟକୁ ପ୍ରକାଶ କରିଥାଏ । ଏଠାରେ ଥିବା ଦୃଷ୍ଟି କରଣ ପରବର୍ତ୍ତୀ ମୁହୁର୍ତ୍ତରେ ରହିଥିଲା ।

ଗ - ସମ୍ଭାବନାର୍ଥକ କ୍ରିୟା ବାଚ୍ୟ ଭବିଷ୍ୟର କାର୍ଯ୍ୟ ବିଷୟ ସୁଚିତ କରିଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବିଷୟ ଘଟି ନଥିଲା, କିନ୍ତୁ

ସୁଯୋଗ ଥିବାର ଜଣାପଡ଼େ । ଏହା ସାଧାରଣତଃ ଭବିଷ୍ୟତକୁ ସଂକେତ କରିଥାଏ । ସମ୍ଭାବନା ବାକ୍ୟ କୌଣସି ଏକ ସନ୍ଦେହକୁ ବିଷୟରେ ସୁଚିତ କରାଇଥାଏ । ଇଂରାଜୀରେ ଅଧିକାଂଶ ସମୟରେ କରିପାରୁ ଥିଲା, ହୋଇପାରେ, ହେବ, ହୋଇଥିବ, ଏହିପଦଗୁଡ଼ିକ ବ୍ୟବହାର କରାଯାଇଛି ।

ଘ – କାର୍ଯ୍ୟକ୍ଷମ କ୍ରିୟା ପଦଗୁଡ଼ିକ ସିଦ୍ଧାନ୍ତର ଉପାୟ ବିଷୟରେ ଶୁଭେଚ୍ଛା ଥାଏ । ସମ୍ଭାବନାର୍ଥକ ବାକ୍ୟ ଠାରୁ ବାସ୍ତବିକତାକୁ ଗ୍ରହଣ କରିବା । ସ୍ଥିର କରିବା ଅଧିନରେ କିଛି ବିଷୟ ଚୁକ୍ତିଗୁଡ଼ିକକୁ ରଖା ଯାଇଛି । ପସନ୍ଦ କରିବା ନୁତନ ନିୟମରେ ବହୁତ କମ୍ ଏହା ଦେଖିବାକୁ ମିଳିଥାଏ । 'କେବେ ମଧ୍ୟ' ସଦାପ୍ରଭୁ ନିଷେଧ କରନ୍ତି' ୧୫ ଥର ବ୍ୟବହାର କରାଯାଇଛି । (cf ରୋମୀ ୩ : ୪, ୬, ୩୧, ୬ : ୨, ୧୫, ୭ : ୭, ୧୫ ୧୧ : ୧, ୧୧ ୧ମ କରନ୍ତି ୬ : ୧୫ ଗାଲା ୨ : ୧୭, ୩ : ୨୧, ୬ : ୧୪) ଅନ୍ୟ ଉଦାହରଣ ଲୁକ ପୁସ୍ତକରେ ଦିଆଯାଇଛି । ଲୁକ ୧ : ୩୮, ୨୦ : ୧୬ ପ୍ରେରିତ ୮ : ୨୦ ଏବଂ ୧ମଥେସ ୩ : ୧୧ ।

ଙ – ଆଜ୍ଞା ସୂଚକ କ୍ରିୟା ତାହା ସମ୍ଭାବନା ବିଷୟକୁ ଗୁରୁତ୍ୱ ଦେଇଥାଏ । ବକ୍ତାଙ୍କ ଉଦ୍ଦେଶ୍ୟକୁ ଗୁରୁତ୍ୱ ଦେଇଥାଏ । ଯଥାର୍ଥ ଇଚ୍ଛା ମତକୁ ସତ୍ୟ ବୋଲିଗ୍ରହଣ କଲେ । ଅନ୍ୟର ଇଚ୍ଛା ସହିତ ଚୁକ୍ତି ରଖାଯାଇଥିଲା । ସେଠାରେ ବିଶେଷ ଆଜ୍ଞା ସୂଚକ ପ୍ରାର୍ଥନା ଏବଂ ତୃତୀୟ ବ୍ୟକ୍ତିଙ୍କ ଅନୁରୋଧ, ଏହି ଆଜ୍ଞାଗୁଡ଼ିକ କେବଳ ନୂତନ ନିୟମରେ ଦେଖିବାକୁ ମିଳିଥାଏ ।

ଚ – କିଛି ବ୍ୟାକରଣ, ବିଶେଷଣର କ୍ରିୟାବସ୍ଥାର ଭିନ୍ନତାକୁ ଶ୍ରେଣୀଭୁକ୍ତ କରାଯାଇଛି । ସେଗୁଡ଼ିକ ଗ୍ରିକ୍‌ର ନୂତନ ନିୟମରେ ଦେଖିବାକୁ ମିଳିଥାଏ । ସାଧାରଣତଃ ଏହାକୁ ମୌଖିକ ବିଶେଷଣ ବୋଲି ବିବେଚିତ କରାଯାଇଥାଏ । ସେମାନଙ୍କୁ କ୍ରିୟା ମୁଖ୍ୟ ସଂମ୍ପର୍କ ଭାବରେ ଜଡ଼ିତ କରାଯାଇଛି । ଏକ ପ୍ରସସ୍ତ ପ୍ରକାର ବିଶେଷଣକୁ ଅନୁବାଦ କରିବା ପାଇଁ ସାଧ ହୋଇଛନ୍ତି । ଅନ୍ୟାନ୍ୟ ଇଂରେଜୀ ଅନୁବାଦ ସହ ତୁଳନା କରିବାର ହେଉଛି । ସବୁଠୁ ଉତ୍ତମ କାର୍ଯ୍ୟ ଅଟେ ।

ବେକ୍‌ରଙ୍କ ୨୬ ଅନୁବାଦିତ ପୁସ୍ତକମାନ ହେଉଛି, ସବୁଠୁ ବଡ଼ ସାହାଯ୍ୟ ଅଟେ ।

ଛ – ଏରଷ୍ଟି ସଂକେତ ପୂର୍ଣ୍ଣ ବାକ୍ୟ ଥିଲା । କିମ୍ବା 'ଅଚିହ୍ନଟ' ଘଟଣାବଳିର ବିବରଣି ଅନ୍ୟ କୌଣସି କାଳର କ୍ରିୟା ବାକ୍ୟ କିମ୍ବା କ୍ରିୟା ବାଚ୍ୟର ବିଶେଷଣ ଲେଖକଙ୍କ ଉଦ୍ଦେଶ୍ୟକୁ ପହଞ୍ଚ ପାରୁଛନ୍ତି ।

୪. ଯେଉଁ ବ୍ୟକ୍ତି ଗ୍ରିକ୍ ଭାଷା ଜାଣେ ନାହିଁ, ତଳେ ଦିଆ ଯାଇଥିବା ସୂଚନା ବୁଝାଇବା ପାଇଁ ସାହାଯ୍ୟ କରିଥାଏ ।

କ. ଫ୍ରିବେରଗ, ବାରା ବାରା ଏବଂ ତିମତୀ, ଗ୍ରିକ୍ ନୁତନ ନିୟମର ବିଶ୍ଲେଷଣ, ମହାନ କ୍ଷିପ୍ର ବ୍ୟକ୍ତି, ୧୯୮୮ ।

ଗ. ମାଉନ୍‌ଶ, ବିଲିୟମ୍, ନୁତନ ନିୟମ ଗ୍ରିକ୍ ବିଶ୍ଲେଷଣ ସବୁଠୁ କ୍ଷିପ୍ର ଗତି, ଜେଣ୍ଡର ୱାନ୍ ୧୯୯୩ ।

ଘ. ସମରରେୟ, ନୁତନ ନିୟମରେ ଗୁରୁତ୍ୱ ନାଶ ଭିଲେ, ବ୍ରୋଡ଼ ମେନ୍, ୧୯୫୦ ।

ଙ. ଚିକାଗର ମଡ଼ିବାଇବଲ ଶିକ୍ଷା ଅନୁଷ୍ଠାନରେ କଇନ ଗ୍ରିକ୍‌ର ଶିକ୍ଷା ପତ୍ର ବିନିମାର ଦ୍ୱାରା ପାଠ୍ୟ କ୍ରମ ହୋଇ ପାରିବ ।

୫. ବିନ୍ୟାସଗତ ଭାବ, ବ୍ୟାକ୍ତି, ସ୍ଥାନର ଶ୍ରେଣୀଭୁକ୍ତ କରାଯାଇଛି, ପ୍ରକୃତ ଅବସ୍ଥା ଜରିଆରେ ।

କ. ପ୍ରାକୃତିକ ଅବସ୍ଥା ବ୍ୟକ୍ତି ବିଶେଷ ସମ୍ପର୍କକୁ କ୍ରିୟାର ଅନ୍ୟ ବାକ୍ୟ ଦର୍ଶାଇ ଦିଆଯାଇ ଥାଏ । କଇନ ଗ୍ରିକ୍‌ରେ ପ୍ରାକୃତିକ ଅବସ୍ଥାରେ କାର୍ଯ୍ୟଗୁଡ଼ିକ ସର୍ବ ନାମ ଦ୍ୱାରା ସଂକେତ କରାଯାଇଛି । ପ୍ରାକୃତିକ ଅବସ୍ଥା ସମର୍ଥ ହୋଇ ଥିଲା ଭିନ୍ନ ଭିନ୍ନ ସମ୍ପର୍କକୁ ଚିହ୍ନଟ କରିବା ପାଇଁ, ସର୍ବନାମଗୁଡ଼ିକ ଅଲଗା ହୋଇ କ୍ଷଷ୍ଟ କାର୍ଯ୍ୟ ମୀନ କରିଥାଏ ।

ଖ. ଗ୍ରୀକ୍‌ର ପ୍ରାକୃତିକ ଅବସ୍ଥାକୁ ଆଠଟି ଶ୍ରେଣୀରେ ବିଭକ୍ତ କରାଯାଇଛି ।

୧. ନାମ ବାଚ୍ୟ ବିଶେଷ ଭାବରେ ଏହା ନାମକୁ ବ୍ୟବହାର କରାଯାଉଥିଲା ଏବଂ ସାଧାରଣତଃ ଏହା ବାକ୍ୟର କର୍ତ୍ତା ଅଟେ । କିମ୍ବା ଖଣ୍ଡ ବାକ୍ୟ ଏହା ମଧ୍ୟ ବ୍ୟାକରଣ କର୍ତ୍ତା ଅଟେ ଏବଂ ବିଶେଷଣ କ୍ରିୟା ସହିତ ଯୋଡ଼ିତ ହୋଇ ରହିଛି । 'ହେବାକୁ' ହୋଇ ପାରେ ।

୨. ସମ୍ବନ୍ଧ ସୂଚକ ପଦ ବିବରଣୀ ନିମନ୍ତେ ବ୍ୟବହାର କରାଯାଉ ଥିଲା ଏବଂ ସାଧାରଣତଃ ବିଶେଷ ବ୍ୟକ୍ତି କିମ୍ବା ଶବ୍ଦର ଗୁଣ ଯାହା ସହିତ ସମନ୍ଧ ରହିତ, ଏହା ପ୍ରଶ୍ନର ଉତ୍ତର ଦେଇଥାଏ । ଯେଉଁ ପ୍ରକାର ଅଧିକାଂଶ ସମୟରେ ଇଂରାଜୀ ଭାଷାରେ ସର୍ବ ନାମ ରୁପରେ ବ୍ୟବହାର କରାଯାଉଛି ।

୩. ବସ୍ତୁ ବାଚକ ବାକ୍ୟ ସମନ୍ଦ ସୂଚକ ସହିତ ଜଡ଼ିତ ଅଟେ । କିନ୍ତୁ ଏହା ଅଲଗା ରହିବା ବିଷୟରେ ବିବରଣ ଦେଇ ଥାଏ । ସାଧାରଣତଃ ଏହା କୌଣସି ଏକ ସମୟ ଠାରୁ ଅଲଗା ରହିବା ବିଷୟକୁ ଦର୍ଶାଇ ଥାଏ । ସ୍ଥାନ, ପ୍ରାକୃତିକ, ସୃଷ୍ଟି, ଆରହି । ଅଧିକାଂଶ ସମୟରେ ଏହା ଇଂରାଜୀ ଭାଷାରେ ସର୍ବନାମ ବିଷୟରେ ଉଲ୍ଲେଖି କରାଯାଇଛି । 'ଠାରୁ'

୪. ସାମ୍ପ୍ରଦାନ ବାଚକ ବ୍ୟକ୍ତି ଗତର ଇଚ୍ଛାକୁ ବ୍ୟବହାର କରାଯାଇ ଥିଲା । ଏହାକୁ ସାକାର ଆତ୍ମା କିମ୍ବା ନାକାରି ଆତ୍ମା ଭାବରେ ଦେଖା ଯାଇ ପାରେ । ଅଧିକାଂଶ ସମୟରେ ଏହା ବିବରିତ କର୍ତ୍ତା ଭାବେ ବ୍ୟବହାର ଦେଉଥିଲା । ଏହା ଇଂରାଜୀରେ ସର୍ବ ନାମ ଭାବରେ ବ୍ୟବହାର କରାଯାଇଛି ।

୫. ସ୍ଥାନ ସୁଚକ ଶବ୍ଦ ସମତୁଲ୍ୟ ଭାବରେ ସମ୍ପ୍ରଦାନ ସହ ଯୋଡ଼ି ଅଟେ । କିନ୍ତୁ ଏହା ନିର୍ଦ୍ଦିଷ୍ଟ ଜାଗା ବିଷୟରେ ବର୍ଣ୍ଣନା କରିଥାଏ । ସ୍ଥାନ ନିରୁପଣ କରି ଥାଏ, ସମୟ ସିମା ଭୁକ୍ତ । ଏହା ଅଧିକାଂଶ ସମୟରେ ଇଂରାଜୀର ସର୍ବ ନାମରେ ବ୍ୟବହାର କରାଯାଇଛି । ଭିତରେ, ଉପରେ, ମଧ୍ୟରେ, ସମୟରେ, ଦ୍ୱାରାରେ, ଉପରେ ଏବଂ ମଧ୍ୟସ୍ଥ ।

୬. ବାଦ୍ୟକାର ବାଚକ ମଧ୍ୟ ସମ୍ପ୍ରଦାନ ବାଚକ ସହ ଯୋଡିତ ଏବଂ ସ୍ଥାନ ସୁଚକ ବାକ୍ୟ, ଏହା ଅର୍ଥକୁ ପରିପ୍ରକାଶ କରିଥାଏ । ଏବଂ

ସୁଯୋଗକୁ ଏହା ଅଧିକାଂଶ ସମୟରେ ଇଂରାଜୀ ଭାଷାର ସର୍କ ନାମରେ ବ୍ୟବହାର କରାଯାଇଛି । 'ଦ୍ୱାରା' କିମ୍ୱା ସହିତ ।

୭. କର୍ମ କାରୁକ ଅନୁରୁପ କାର୍ଯ୍ୟର ସମାପ୍ତ ବିଷୟରେ ଭିରଣ କରୁଥିଲା ଏହା ସିମିତ ବିଷୟରେ ପ୍ରକାଶ କରୁ ଥିଲା । ଏହାର ମୁଖ୍ୟ ବ୍ୟବହାର ସିଦ୍ଧା ସଳକ କର୍ତ୍ତାର କର୍ମକୁ ବୁଝାଏ । ଏହା ପ୍ରଶ୍ନର ଉତ୍ତର ଦେଇଥାଏ । କେତେ 'ଦୁର' କେତେ 'ଗଭୀର ପର୍ଯ୍ୟନ୍ତ'

୮. ବିଶେଷ୍ୟର ସମ୍ୱୋଧାନାତ୍ମକ ତାହା ସିଦ୍ଧା ସଳକ ଆକ୍ଷେପ କରୁଥିଲା ।

୬. ସଂଯୋଗି-କରଣ ଏବଂ ସଂଯୋଗ

କ. ଗ୍ରିକ୍ ଭାଷା ନିର୍ଭୁଲ ଭାବରେ ଉଲ୍ଲେଖିତ ହେଇଛି । କାରଣ ଏହାର ଅନେକ ସଂଜ୍ଞୋଯୋଗ ରହିଛି । ସେମାନେ ଚିନ୍ତା ଧାରାକୁ ସଂଯୋଗ କରନ୍ତି । ଖଣ୍ଡ ବାକ୍ୟ, ସମ୍ପୁର୍ଣ୍ଣ ବାକ୍ୟ ଏବଂ ଧାଡ଼ି ଗୁଡ଼ିକ ସେମାନେ ସାଧାରଣ ଦେଖାଯାଆନ୍ତି । ସେମାନଙ୍କ ବ୍ୟବହାର ଏବଂ କାର୍ଯ୍ୟ ଗୁଡ଼ିକ ସମାନ ରହିଥାଏ । ସତ୍ୟତା ଏହି ସଂଯୋଗି କରଣ ଏବଂ ସଂଜ୍ଞୋଯକ ଉଭୟ ଲେଖକଙ୍କ ମତନୁପ୍ରଧାନ କରାନ୍ତି । ଅଧିକାଂଶ ସମୟରେ ଏହା ସ୍ଥିର କରିବା ପାଇଁ ଜଟିଳ ହୋଇଥାଏ । କାରଣ ବାସ୍ତବିକ ସେ କ'ଣ କହିବା ପାଇଁ ଚାହୁଁଛନ୍ତି ।

ଖ. ଏଠାରେ କିଛି ସଂଯୋଗି କରଣ ଏବଂ ସଂଯୋଜକମାନଙ୍କ ତାଲିକା କରାଯାଇଛି । ଏବଂ ସେମାନଙ୍କର ଅର୍ଥ ଏହି ସୁଚନା ଧୀରେ ଧୀରେ ଏଚ୍, ଇ ଦନା ଏବଂ ଯୁଲିଏଶ କେ, ମଣ୍ଟେ ଗ୍ରିକ୍‌ର ନୂତନ ନିୟମ ଠାରୁ ସଗ୍ରହ କରାଯାଇଛି ।

୧. ସମୟ ସଂଯୋଯକ,
 - କ. କେତେ ବେଳେ ।
 - ଖ. କେବେ ।
 - ଗ. ଯେତେ ବେଳେ ।
 - ଘ. ପର୍ଯ୍ୟନ୍ତ ।
 - ଙ. ପୁର୍ବରୁ ।

୨. ତର୍କ ଶାସ୍ତ୍ରର ସଂଯୋଜକ ।
 - କ. ଉଦ୍ଦେଶ୍ୟ ।
   - ୧. 'ତାହା' ।
   - ୨. 'ତାହା' ।
   - ୩. ତାହା'
 - ଖ. ଫଳା ଫଳ (ଉଦ୍ଦେଶ୍ୟ ଏବଂ ଫଳାଫଳ ମଧ୍ୟରେ ବ୍ୟାକରଣ ପ୍ରକାର ଏକ ନିକଟତମ ସଂଗଠନ ରହିଛି) ।
   - ୧. ସେଥିଯୋଗୁ ।
   - ୨. ସେଥି ପାଇଁ ।
   - ୩. ସେହି ପରି ।
 - ଗ. ଆକସ୍ମିକ କିମ୍ୱା କାରଣ ।
   - ୧. 'ପାଇଁ' 'କାରଣ' ।
   - ୨. 'କାରଣ' ।
   - ୩. 'ପର୍ଯ୍ୟନ୍ତ' ।
   - ୪. 'କାରଣ' ।
 - ଘ. ଅନୁମାନ
   - ୧. ତେଣୁ ।
   - ୨. କେଉଁ କାରଣରୁ, କେଉଁଠାକୁ, ତେଣୁ ।
   - ୩. ତେଣୁ, ଏଣୁ, ପରେ, ନିରନ୍ତର ଭାବେ ।
   - ୪. ଅନୁସାରେ ।
 - ଙ. ବିବାଦ କିମ୍ୱା ଅନ୍ତର
   - ୧. 'କିନ୍ତୁ', 'ବ୍ୟାତିତ'
   - ୨. 'ଅନ୍ୟ ହସ୍ତରେ'
   - ୩. 'କିନ୍ତୁ' ।
   - ୪. 'ଯାହାହେଉ' ।
   - ୫. 'ତଥାପି' ।
   - ୬. 'ଯାହାହେଉ' ।

ଚ. ତୁଳନାତ୍ମକ

୧. (ଖଣ୍ଡ ବାକ୍ୟର ତୁଳନାର ପିରଚୟ)

୨. ପରିସର ମଧ୍ୟରେ ।

୩. (ଏବ୍ରୀଙ୍କ ମଧ୍ୟରେ)

୪. 'ତାହା ପରେ'

ଛ. କ୍ରମାଗତ କିମ୍ବା ପର୍ଯ୍ୟାୟ ।

୧. 'ବର୍ତ୍ତମାନ'

୨. 'ଏବଂ'

୩. 'ଏବଂ'

୪. 'ତାହା'

୫. 'ତାହା ପରେ'

୩. ଗୁରୁତ୍ୱ ପୂର୍ଣ୍ଣ ବ୍ୟବହାର ।

କ. 'ହଁ' 'ସତ୍ୟରେ' ।

ଖ. ନିଶ୍ଚିତ ।

ଗ. ନିତାନ୍ତ ।

ଘ. ମଧ୍ୟ ।

ଙ. ପ୍ରକୃତରେ ।

ଚ. ନିଶ୍ଚୟ ।

ଛ. ସମସ୍ତ ଅର୍ଥ ।

**ଚୁକ୍ତି ନାମକ ବାକ୍ୟ**

କ. ଚୁକ୍ତି ନାମକ ବାକ୍ୟ ଗୋଟିଏ ନିହିତ ରହିଅଛି, କିମ୍ବା ଅଧିକ ଚୁକ୍ତି ନାମକ ଖଣ୍ଡ ବାକ୍ୟ ଗୁଡ଼ିକ, ଏହି ବ୍ୟାକରଣର ଗଠନ ଅନୁବାଦକରିବା ପାଇଁ ସାହାଯ୍ୟ କରିଥାଏ । କାରଣ ଏହା ପ୍ରଧାନ କରିଥାଏ । କାରଣଗୁଡ଼ିକ କମ୍ୱା କାରଣ କ'ଣ କ୍ରିୟାର କାର୍ଯ୍ୟ ପୁରଣ କରିଥାଏ । କିମ୍ବା ଦେଖାଯାଇ ନ ଥାଏ । ସେଠାରେ ଚାରି ପ୍ରକାର ବାର୍ତ୍ତ ନାମକ ବାକ୍ୟ ରହିଥିଲା । ଲେଖକଙ୍କ ମତ ଅନୁସାରେ ଯେଉଁ ବିଷୟ ସତ୍ୟ ବୋଲି ବିଚାର କରୁଥିଲ, ତାହା ଅନ୍ୟର୍ତ୍ତ ଚାଲିଗଲା । କିମ୍ବା ଯେଉଁ ଉଦ୍ଦେଶ୍ୟ ଥିଲା ତାହା କେବଳ ଇଚ୍ଛା ମାତ୍ର ।

ଖ. ପ୍ରଥମ ସ୍ତରିୟ ଶର୍ତ୍ତ ନାମକ ବାକ୍ୟ କାର୍ଯ୍ୟକୁ ପରିପ୍ରକାଶ କରିଥିଲେ କିମ୍ବା ଯାହା ସବୁ ଲେଖକଙ୍କ ବିଚାରୁ ସତ୍ୟ ବୋଲୁ ଗ୍ରହଣ କରିଥିଲେ କିମ୍ବା ଯଦି ଅବା ତାଙ୍କ ଉଦ୍ଦେଶ୍ୟ ଏଠାରେ ପ୍ରକାଶ କରାଯାଇଛି । ଅନ୍ୟ ପର୍ଯ୍ୟାୟରେ ଏହାର ଅନୁବାଦ 'ଆରମ୍ଭ ଠାରୁ' (cf ମଥି ୪ : ୩ ରୋମ ୮ :୩୧) ଯାହା ହେଉ ପଛେ ତାହାର ଅର୍ଥ ଏହା ନୁହେଁ । ଯେ ପ୍ରଥମ ସ୍ତରିୟ ବାସ୍ତବକିତାର ସତ୍ୟ ଅଟେ । ଅଧିକାଂଶ ସମୟରେ ଏହି ବିଷୟ ଉପରେ ଜୁକ୍ତି ତର୍କ କରି ଥିଲେ କିମ୍ବା ଏହା ଏକ ମିଥ୍ୟା ବିଶ୍ୱାସ ଅଟେ । (cf ମାଥି ୧୨ : ୨୭) ।

ଗ. ଦ୍ୱିତୀୟ ସ୍ତରିୟ ନାମକ ବାକ୍ୟ ଅଧିକାଂଶ ସମୟରେ ଏହାକୁ ସତ୍ୟର ଅନ୍ତର ବୋଲି କୁହାଯାଇ ଥିଲା । ସେଥିଯୋଗୁ କିଛି ବିଷୟ ଏଠାରେ ସତ୍ୟ ତାର ବାସ୍ତବିକ ନଥିଲା । ଉଦାହରଣ :-

୧. ଏହି ଯଦି ଭାବବାଦୀ ହୋଇ ଥାନ୍ତା ତାହାହେଲେ ଏହାକୁ ଯେ ସ୍ପର୍ଶ କରୁଅଛି, ସେ କିଏ ଓ କି ପ୍ରକାର ସ୍ତ୍ରୀ' (ଲୁକ (୭ : ୩୯)

୨. 'ତୁମ୍ଭେମାନେ ଯଦି ମଶାଙ୍କୁ ବିଶ୍ୱାସ କରନ୍ତ ତେବେ ମତେ ବିଶ୍ୱାସ କରନ୍ତି, ଯେଣୁ ସେ ମୋ ବିଷୟରେ ଲେଖି ଅଛନ୍ତି' । (ଯୋହନ ୫:୪୬)

୩. ମୁଁ କିଏ ମନୁଷ୍ୟମାନଙ୍କର କିମ୍ବା ଈଶ୍ୱରଙ୍କର ପ୍ରିୟପାତ୍ର ହେବାକୁ ଯତ୍ନ କରୁଅଛି ? ଅବା ମନୁଷ୍ୟମାନଙ୍କୁ କି ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଅଛି ? ଯଦି ମୁଁ ଏବେ ସୁଦ୍ଧା ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରିଥାନ୍ତି । ତେବେ ମୁଁ ଖ୍ରୀଷ୍ଟଙ୍କର ଦାସ ହୁଅନ୍ତି ନାହିଁ । (ଗାଲାତୀ ୧ : ୧୦)

ଘ. ତୃତୀୟ ଶ୍ରେଣୀର ସର୍ତ୍ତ ଭବିଷ୍ୟର କାର୍ଯ୍ୟ ବିଷୟ କହିଥାଏ । ଅଧିକାଂଶ ସମୟରେ ସେହି କାର୍ଯ୍ୟକୁ ସତ୍ୟ ବୋଲି ଗ୍ରହଣ କରନ୍ତି । ସାଧାରଣତଃ ଏହା ଘଟଣାର ସମ୍ଭାବନାକୁ ଦର୍ଶାଇଥଶଏ । କାର୍ଯ୍ୟର ମୁଖ୍ୟ କ୍ରିୟା କର୍ମର ଅନିଶ୍ଚିତତାର ଘଟଣା "ଯଦି' ଖଣ୍ଡ ବାକ୍ୟ ଉଦାହରଣ (୧ମ ଯୋହନ ୧:୬-୧୦, ୨:୪, ୬, ୯, ୧୫, ୨୦, ୨୧, ୨୪, ୨୯, ୩:୨୧, ୪୯:୨୦ ୫:୧୪, ୧୬) ।

ଙ. ଚତୁର୍ଥ ସ୍ତରୀୟ ସର୍ତ୍ତକୁ ସମ୍ଭାବନାଠାରୁ ଉଚ୍ଛନ୍ନ କରାଯାଇଛି । ନୂତନ ନିୟମରେ ଏହାକୁ ବହୁତ କମ୍ ମାତ୍ରାରେ ଦେଖିବାକୁ ମିଳିଥାଏ । ସତ୍ୟ ବିଷୟ ଏହା ଯେ ସେଠାରେ ସମ୍ପୂର୍ଣ୍ଣ ଭାବେ କୌଣସି ଚତୁର୍ଥ ସର୍ତ୍ତ ବାକ୍ୟ ନ ଥାଏ । ଯାହାକି ଉଭୟ ଅଂଶର ସର୍ତ୍ତର ଉପଯୁକ୍ତ ସଂଜ୍ଞା ମିଳିପାରେ ଉଦାହରଣର ୧ମ ପିତର ୩:୧୪ର ଆରମ୍ଭରେ ଆଂଶିକ ଚତୁର୍ଥ ସ୍ତରୀୟ ବାକ୍ୟ ଦେଖିବାକୁ ମିଳିଥାଏ । ଉଦାହରଣ ପ୍ରେରିତ ୮:୩୧ରେ ସମାପ୍ତ ପର୍ଯ୍ୟାୟରେ ଆଂଶିକ ଭାବରେ ଚତୁର୍ଥ ସ୍ତରୀୟ ଖଣ୍ଡ ବାକ୍ୟ ଦେଖିବାକୁ ମିଳିଥାଏ ।

**ନିଷେଧ**

କ. ବର୍ତ୍ତମାର ଆଜ୍ଞାସୂଚକ ବାକ୍ୟ ସହିତ ବିଶେଷତାର ଅଧିକାଂଶ ସମୟରେ ବ୍ୟବହାର (କିନ୍ତୁ ବିଶେଷ ରୂପରେ ନାହିଁ କ୍ରମାଗତ ଭାବରେ ଚାଲୁଥିବା କାର୍ଯ୍ୟ ବନ୍ଦ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । କିଛି ଉଦାହରଣ ପୃଥିବୀରେ ଧନ ସଂଚୟ କର ।ନହିଁ (ମାଥି ୬:୯) ଜୀବନ ବିଷୟରେ ଚିନ୍ତା କରନ୍ତୁ ନାହିଁ, (ମାଥିଉ ୬:୨୫ । ଆପଣା ଆପଣାର ଅଙ୍ଗ ପ୍ରତ୍ୟଙ୍ଗକୁ ଅଧାର୍ମିକତାର ଅସ୍ତ୍ର ଶସ୍ତ୍ର ରୂପେ ପାପ ନିକଟରେ ସମର୍ପଣ କର ନାହଁ ରୋମୀ ୬:୧୩ ପବିତ୍ର ଆତ୍ମାଙ୍କୁ ଦୁଃଖ ଦିଅ ନାହିଁ। ଏଫି ୪:୩୦ ଆଉ ଦ୍ରାକ୍ଷାରସରେ ମତ ନ ହୁଅ । ଏଫି ୫:୧୮

ଖ. ସମ୍ଭାବନାର୍ଥକ ସହିତ ବିଶେଷତାର ଗୁରୁତ୍ୱ ଆରମ୍ଭରୁ ନୁହେଁ କିମ୍ବା ଗୋଟିଏ କାର୍ଯ୍ୟର ଆରମ୍ଭ କିଛି ଉଦାହରଣ ଏହିପରି ଭାବ ନାହିଁ ମାଥି ୫:୧୭ ଚିନ୍ତିତ ହୁଅ ନାହିଁ ମାଥୁ ୬:୩ କେବେ ମଧ ତୁମ୍ଭେ ଲଜ୍ଜିତ ହୁଅ ନାହିଁ (୨ୟ ତିମଥି ୧:୮)

ଦ୍ୱିଗୁଣ ନାକାର ଆତ୍ମା ସହିତ ସମ୍ଭାବନା ବାକ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧ, କେବେ ମଧ, କେବେ ନୁହେଁ କିମ୍ବା କୌଣସି ପରିସ୍ଥିତିରେ କିଛି ଉଦାହରଣ ଗୁଡ଼ିକ ସେ କଦାପି ମୃତ୍ୟୁ ଦର୍ଶନ କରିବ ନାହିଁ (ଯୋହନ ୮:୫୧) ଏଥି ପାଇଁ ମୁଁ କେବେ ହେଲେ ୧ମ କରନ୍ଥୀ ୮:୧୩

**୯. ଦ୍ରବ୍ୟ ଗୁଡ଼ିକ**

କ. ଏହି କଇନ ଗ୍ରୀକ୍‌ରେ ନିଶ୍ଚିତତାର ବସ୍ତୁ ଇଂରାଜୀରେ ମଧ ସମାନ୍ତରଣର ବ୍ୟବହାର କରାଯାଉଥିଲା । ଏହାର ବିଶେଷ କାର୍ଯ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ନାମ, ବାକ୍ୟ, ଖଣ୍ଡ ବାକ୍ୟ ଗୁଡ଼ିକୁ କେନ୍ଦ୍ରିତ କରିବା ନିମନ୍ତେ, ନୂତନ ନିୟମରେ ଏହି ବିଷୟକୁ ଭିନ୍ନ ଭିନ୍ନ ଲେଖକଙ୍କର ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି । ନିଶ୍ଚିତତାର ବସ୍ତୁଗୁଡ଼ିକର କାର୍ଯ୍ୟ ମଧ ବର୍ଣ୍ଣନା କରାଯାଇଛି ।

୧ – ସର୍ବନାମର ଅନ୍ତରସ୍ଥ ଶିକ୍ଷାର ପ୍ରଦର୍ଶନ

୨. କର୍ତ୍ତାକୁ ଚିହ୍ନିବା ପାଇଁ ପୂର୍ବରୁ ଏକ ଚିହ୍ନକୁ ପରିଚୟ କରାଯାଇଛି

୩. ସଂଯୋଜକ କ୍ରିୟା ମାଧମରେ ବାକ୍ୟରେ ଥିବା କର୍ତ୍ତାକୁ ଚିହ୍ନଟ କରିହୁଏ । ଉଦାହରଣ "ଈଶ୍ୱର ଆତ୍ମା ଅଟନ୍ତି' (ଯୋହନ ୨:୨୪) ଈଶ୍ୱର ଜ୍ୟୋତି ଅଟନ୍ତି (୧ମ ଯୋହନ ;୫) ଈଶ୍ୱର ପ୍ରେମ ଅଟନ୍ତି (୧ମ ଯୋହନ ୪:୮,୧୬)

ଖ. କଇନ ଗ୍ରୀକ୍ ଇଂରାଜୀ ଭାଷାରେ ବସ୍ତୁ ବା ଦ୍ରବ୍ୟର ପରିଚୟ ମିଳି ନ ଥାଏ । "ଗୋଟିଏ' କିମ୍ବା "ଏକ' ନିଶ୍ଚିତତା ବସ୍ତୁର ଅନୁପସ୍ଥିତିରେ ଅର୍ଥ

୧. ଗୁଣ ଚରିତ୍ର ଉପରେ ଧ୍ୟାନ ଦେବା କିମ୍ବା ବିଶେଷ କିଛି ମଧରେ

୨. ଦ୍ରବ୍ୟର ଶ୍ରେଣୀ ମଧକୁ କେନ୍ଦ୍ରାନ୍ତିତ କରିବା

ଗ. ନୂତନ ନିୟମର ଲେଖକମାନେ ବୃହତ୍ ବିଭିଦ ଯେପରି ଦ୍ରବ୍ୟଗୁଡ଼ିକ କାର୍ଯ୍ୟରେ ନିଯୁକ୍ତ କରାଯାଇଛି ।

୧୦. ଗ୍ରୀକ୍ ନୂତନ ନିୟମକୁ ଗୁରୁତ୍ୱର ମାର୍ଗ ଦିଆଯାଇଛି

କ. ନୂତନ ନିୟମର ଭିନ୍ନ ଭିନ୍ନ ଲେଖକଙ୍କ ଜ୍ଞାନ କୌଶଳକୁ ଗୁରୁତ୍ୱ ଦିଆଯାଇଛି । ଧାରାବାହିକ ଏବଂ ବିଶେଷ ଆବଶ୍ୟକୀୟ ଲେଖକ ଲୁକ ଏବଂ ଏବ୍ରୀର ଲେଖକ ଥିଲେ ।

ଖ. ପୂର୍ବରୁ ଆମେ ବିଚାର କରିଛୁ ଯେ ଏରିଷ୍ଟି ସଂକେତ ପୂର୍ଣ୍ଣ ବାକ୍ୟ ଆଦର୍ଶ ଜନକ ଥିଲା ଏବଂ ଅଚିହ୍ନଟିର ଗୁରୁତ୍ୱ, କିନ୍ତୁ ଅନ୍ୟ କୌଣସି ସମୟ କାଳ, କଣ୍ଠ ସ୍ୱର କିମ୍ବା କ୍ରିୟା ବାଚ୍ୟକର ଆଦେଶ ସୂଚକ ଗୁରୁତ୍ୱ । ଅଧିକାଂଶ ସମୟରେ ବ୍ୟାକରଣର ଅର୍ଥ ଦର୍ଶାଇବା ସଂକତେ ପୂର୍ଣ୍ଣ ବାକ୍ୟ ବ୍ୟବହାର କରାଯାଉଥିଲା । ଉଦାହରଣ ରୋମୀ ୬:୧୦

ଗ. କଇନ ଗ୍ରୀକ୍‌ର ଶବ୍ଦର କ୍ରମାଙ୍କ

୧. କଇନ ଗ୍ରୀକ୍ ସ୍ୱରର ପରିବର୍ତ୍ତନ ରୂପକ ଭାଷା ଥିଲା । ଏହା ନିର୍ଭରଯୋଗ୍ୟ ନ ଥିଲା । ଯେପରି ଇଂରାଜୀ ପଦର କ୍ରମାଙ୍କ, ସେଥି ଯୋଗୁଁ ଲେଖକ ସାଧାରଣ କ୍ରମାଙ୍କକୁ ଦର୍ଶାଇଛନ୍ତି ବୋଲି ଆଶା କରାଯାଏ ।

କ. ପାଠକମାନଙ୍କୁ ଲେଖକ କେଉଁ ବିଷୟ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି ?

ଖ. ପାଠକମାନଙ୍କୁ ଲେଖକଙ୍କର କେଉଁ ମତ ଆଶ୍ଚର୍ଯ୍ୟ କରାଏ ।

ଗ. ଲେଖକ କେଉଁ ବିଷୟରେ ଗଭୀରତା ଅନୁଭବ କଲେ ।

୨.ଗ୍ରୀକ୍‌ର ସାଧାରଣତଃ ପଦଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ । ସ୍ଥିର ହୋଇ ନାହିଁ । ଯାହା ହେଉ ପଛେ ଆଶା କରାଯାଉ ଥିବା ସାଧାରର କ୍ରମାଙ୍କମାନ

କ. ସଂଯୋଜକ କ୍ରିୟାମାନଙ୍କୁ

୧. କ୍ରିୟା

୨. କର୍ତ୍ତା

୩. ପରିପୂରକ

ଖ. ସକର୍ମକ କ୍ରିୟା ଗୁଡ଼ିକ

୧. କ୍ରିୟା

୨. କର୍ତ୍ତା

୩. ବସ୍ତୁ ।

୪. ପରକ୍ଷ ବସ୍ତୁ

୫. ସର୍ବନାମ ଖଣ୍ଡ ବାକ୍ୟ

ଗ. ନାମ ନିମନ୍ତେ ଖଣ୍ଡ ବାକ୍ୟ

୧. ନାମ

୨. ଅର୍ଥ ବଦଳାଇବା

୩. ସର୍ବନାମର ଖଣ୍ଡ ବାକ୍ୟ

୩. ପଦର କ୍ରମାଙ୍କ ଅର୍ଥ ବୋଧକ ନିମନ୍ତେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇପାରେ

ଉଦାହରଣ :

କ – "ବର୍ଣ୍ଣବ୍‌ବାଙ୍କ ସହଭାଗିତାର ଦକ୍ଷିଣ ହସ୍ତ ପ୍ରଦାନ କଲେ । ଦକ୍ଷିଣ ହସ୍ତର ସହଭାଗିତା ଚୂର୍ଣ୍ଣ ଏବଂ ଆଗକୁ ଏହାର ବିଶେଷତ୍ୱ ଦେଖାଯାଏ । ଗାଲା ୨:୯

ଖ. ମୁଁ ଖ୍ରୀଷ୍ଟଙ୍କ ସହିତ କୃଶରେ ହତ ହୋଇଅଛି, ତାଙ୍କ ମୃତ୍ୟୁ ମଧ୍ୟସ୍ଥ ଗାଲା ୨:୨୦

ଗ . ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ (ଏବ୍ରୀ ୧:୧) ପ୍ରଥମେ ଏହାକୁ ସୂଚିତ କରାଯାଇଛି । ଏହାକିଭଳି ସଦା ପ୍ରଭୁ ନିଜକୁ ପ୍ରକାଶମାନ କଲେ, ତାହାର ଅସମୁତା ଦେଖାଯାଉଥିଲା, କିନ୍ତୁ ସତ୍ୟର ପ୍ରକାଶିତ ନ ଥିଲା ।

ଘ. ସାଧାରଣତ କିଛି ପରିମାଣକୁ ଗୁରୁତ୍ୱ ଦିଆଯାଇଥିଲା

୧ – ସର୍ବନାମର ପୁନରାବୃତ୍ତି ତାହା ପୂର୍ବରୁ କ୍ରିୟାର ସ୍ୱର ସ୍ତର ପରିବର୍ତ୍ତନକୁ ପ୍ରକାଶ କରିଥିଲା ଯୁଗାନ୍ତ ପର୍ଯ୍ୟନ୍ତ ସଦା ସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି (ମାଥି ୨୮:୨୦)

୨ – ଆଶା କରାଯାଉଥିବା ସଂଯୋଜକର ଅନୁପସ୍ଥିତି କିମ୍ବା ଅନ୍ୟ ବାକ୍ୟ ମଧ୍ୟରେ ଥିବା ଅର୍ଥଗୁଡ଼ିକ, ଧାଡ଼ି, ଖଣ୍ଡ ବାକ୍ୟ କିମ୍ବା ବାକ୍ୟ ଗୁଡ଼ିକ ଏହି ଗୁଡ଼ିକୁ ଆବଦ୍ଧ ନୁହେଁ ବୋଲି କୁହାଯାଏ । ଆଶାରିତ ସଂଯୋଜକ ଏହାର ଅନୁପସ୍ଥିତିରେ ଧ୍ୟାନ କେନ୍ଦ୍ରିତ କରାଯାଏ । ଉଦାହରଣ

କ. ସ୍ୱର୍ଗ ରାଜ୍ୟ ମାଥିଉ ୫:୩

ଖ. ଯୋହନ (୧୪:୧ ନୂତନ ଆଖ୍ୟା)

ଗ. ରୋମୀୟ (୯:୧ ନୂତନ ପର୍ଯ୍ୟାୟ)

ଘ. ୨ୟ କରନ୍ଥୀ ୧୨:୨୦ (ଶ୍ରେଣୀଭୁକ୍ତ ବିଷୟରେ ଗୁରୁତ୍ୱ ଦିଆଯାଇଛି)

୩. ବାକ୍ୟର ପୁନରାବୃତ୍ତି କିମ୍ବା ପୃଷ୍ଠଭୂମିରେ ବ୍ୟାଖ୍ୟାଂଶର ଉପସ୍ଥିତି ଉଦା – ତାହାଙ୍କ ଅନୁଗ୍ରହର ଗୌରବ ପ୍ରଶଂସା ନିମନ୍ତେ ହୋଇଅଚି (ଏଫି ୧:୬, ୧୨,ଗ ୧୪) ଏହି ପଦରେ ତ୍ରିଏକ ପରମେଶ୍ୱରଙ୍କ, ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟ ବିଷୟମାନ ଦର୍ଶାଇ ଥାଏ ।

**୪. ରୂଢ଼ୋକ୍ତି ବ୍ୟବହାର କିମ୍ବା ଶବ୍ଦର ଏବଂପଦର ବ୍ୟବହାର**

କ. ସ୍ତୁତି ମଧୁର ଭାବ – କର୍ତ୍ତା ପାଇଁ ଅନ୍ୟ ପଦକୁ ବ୍ୟବହାର କରାଯାଇଛି ଯେପରି ଶଯ୍ୟାରେ ନିଦ୍ରା ଯାଇଛନ୍ତି (ଯୋହନ ୧୧:୧୧-୧୪) କିମ୍ବା ପାଦ ନିକଟରେ ଜଣେ ସ୍ତ୍ରୀ ଶୟନ କରିଛନ୍ତି (ରୂତ୍ ୩:୭-୮ ୧ମ ଶାମୁ ୨୪:୩)

ଖ. ଅବସ୍ଥା – ଈଶ୍ୱରଙ୍କ ନାମ ବଦଳରେ ଯେପରି"ସ୍ୱର୍ଗ ରାଜ୍ୟ' ମାଥି ୩:୨୧) କିମ୍ବା ଗୋଟିଏ ସ୍ୱର ରାଜ୍ୟଠାରୁ (ମାଥି ୩:୧୭)

ଗ. ପ୍ରତିରୂପକ ବାକ୍ୟ

୧. ଅସମ୍ଭବ ପ୍ରତି ରଞ୍ଜିତ ପୂର୍ଣ୍ଣ (ମାଥିଉ ୩:୯, ୫:୨୯-୩୦, ୧୯:୨୪)

୨. ଶାନ୍ତ ଶିଷ୍ଟ ବାକ୍ୟ (ମାଥି ୩:୫ ପ୍ରେରିତ ୨:୩୬)

୩. ବ୍ୟକ୍ତିତ୍ୱ ଆରୋପ (୧ମ କରନ୍ଥି ୧୫:୫୫)

୪. ଲୌହ (ଗାଲା ୫:୧୨)

୫. ରଚନାତ୍ମକ ବାକ୍ୟ (ଫିଲି ୨:୬-୧୧)

୬. ପଦ ମଧ୍ୟରେ ଥବା ବାକ୍ୟ, ଶବ୍ଦ ଉଚ୍ଚାରଣ କରିଥାଏ

କ. ମଣ୍ଡଳୀ

୧. ମଣ୍ଡଳୀ (ଏଫି ୩:୨୧)

୨. ଡାକୁଛନ୍ତି (ଏଫି ୪:୧, ୪)

୩. ଡାକିଲେ (ଏଫି ୪:୧,୪)

ଖ. ମୁକ୍ତ

୧. ମୁକ୍ତ ସ୍ତ୍ରୀ ଲୋକ (ଗାଲା ୪:୩୧)

୨. ସ୍ୱାଧୀନ (ଗାଲା ୫:୧)

୩. ମୁକ୍ତ (ଗାଲା ୫:୧)

ଘ. ରୂଢ଼ୋକ୍ତି ଭାଷା - ସାଂସ୍କୃତିକ ଭାବରେ ଏହି ଭାଷା ବ୍ୟବହାର କରାଯାଉଥିଲା ଏବଂ ଭାଷାର ବିଶେଷତ ପ୍ରତି ରୂପ ବ୍ୟବହାର

୧. ଖାଦ୍ୟ (ଯୋହନ ୪:୩୧-୩୪)

୨. "ମନ୍ଦିର' ପ୍ରତିରୂପ ବ୍ୟବହାର (ଯୋହନ ୨:୧୯, ମାଥି ୨୬:୬୧)

୩. ଏବ୍ରୀ ରୂଢ଼ୋକ୍ତି ଦୟାର "ଘୃଣା' (ଆଦି ୨୯:୩୧ ୨ୟ ବିବରଣ ୨୧:୫ ଲୂକ ୧୪:୩୬ ଯୋହନ ୧୨:୨୫, ରୋମୀ ୯:୧୩)

୪. ପ୍ରତ୍ୟେକ ପ୍ରତିଯୋଗିତା "ଅଧିକାଂଶ" ଅନ୍ତର (ଯିଶାୟ ୫୩:୬ ସମସ୍ତ ସହିତ ଯି. ୫୩:୧୧-୧୨) ଅଧିକାଂଶ ଏହି ଶବ୍ଦଗୁଡ଼ିକ ସମାନ ଅଟେ ଯେପରି ରୋମୀ ୫:୧୮ ଏବଂ ୧୯)

୫. ଗୋଟିଏ ପଦ ବଦଳରେ ସମ୍ପୂର୍ଣ୍ଣ ଭାଷାର ଅଂଶକୁ ବର୍ଣ୍ଣନା କରାଯାଇଛି । ଉଦା - ସଦାପ୍ରଭୁ ଯୀଶୁ ଖ୍ରୀଷ୍ଟ ।

୬. ବ୍ୟକ୍ତିଗତର ବିଶେଷ ବ୍ୟବହାର ।

କ. ଯେତେବେଳେ ବିଶେଷଣ ଅନ୍ୟର ସ୍ଥାନକୁ ଆରପ କରିଥାଏ, ଏହାକୁ ଅନୁବାଦରେ ସମାନ ରୁପ ଦିଆଯାଇଥିଲା ।

ଖ. ଯେତେବେଳେ ବିନା ବିଶେଷଣ ଦ୍ୱାରା ବସ୍ତୁର ସ୍ଥାନ, ଏହାକୁ ସର୍ବନାମ ବୋଲି ଅନୁବାଦ କରାଯାଇଛି । 'ତାଙ୍କ ପାଇଁ' ସ୍ତ୍ରୀ, ତାଙ୍କ ପାଇଁ' କିମ୍ବା ଏହା ଦ୍ୱାରା ଗ୍ରୀକ୍ ଭାଷାଜାଣି ନଥିବା ବାଇବଲର ଛାତ୍ରମାନେ ଅନେକ ମାର୍ଗ ଦ୍ୱାରା ଗୁରୁତ୍ୱର ପରିଚୟ ପାଇ ପାରିବେ ।

୧. ଲେକ୍ସିକାନର ବିଶ୍ଳେଷଣ-କ୍ଷମ ଏବଂ ଗ୍ରିକ୍ ଏବଂ ଇଂରାଜୀର ଦୁଇ ଧାଡ଼ି ମଧରେ ଲିଖିତ ବିଷୟକୁ ବିଶ୍ଳେଷଣ କରିବା ।

୨. ଇଂରେଜୀ ଅନୁବାଦର, ଅନ୍ତର ବିଶେଷତ ଅନ୍ୟମାନଙ୍କର ସିଦ୍ଧାନ୍ତକୁ ଅନୁବାଦ କରାଯାଇଛି ଉଦା :- ପଦ ମଧରେ ଅନ୍ତର (କେ, ଜେ, ଭି, ଏନ୍, କେ, ଜେ, ଭି, ଏ. ଏସ୍ ଭି, ଏନ୍, ଏସ୍, ବି, ଏନ୍, ଆର, ଏସ୍, ଭି,) । ଏହା ଉତ୍ତମ ସାହାଯ୍ୟ ହୋଇପାରେ - ବାଇବଲ ୨୬ ବାର କେର୍‌କେର୍‌ଙ୍କ ଜରି ଆରେ, ଅନୁବାଦ କରାଯାଇଛି ।

୩. କ୍ରିୟା ରୋଥେରାମ, ଯୋଶେଫ ଦ୍ୱାରା ବାଇବଲ ଗୁରୁତ୍ୱ ଦିଆଯାଇଛି । (କ୍ରେଗେଲ ୧୯୯୪)

୪. ଆକ୍ଷରିକ ଅନୁବାଦର ବ୍ୟବହାର :-

କ - ୧୯୦୧ - ରେ ଆମେରିକା ଷ୍ଟାଣ୍ଡାଡ୍ ରସନ

ଖ - ରୋଜର୍ଟ ଦ୍ୱାରା, ଯୋଙ୍ଗ ଲିଟେରାଲ୍ ଅନୁବାଦ (ଗାଡ଼ିଆନ୍ ପ୍ରେସ ୧୯୭୬)

ଏହି ବ୍ୟାକରଣ ବହିର ଅଧୟନ ବିରକ୍ତି କର ଅଟେ, କିନ୍ତୁ ଉଚିତ୍ ଅନୁବାଦ କରିବା ନିତ୍ୟାନ୍ତ ଆବଶ୍ୟକ ଅଟେ । ଏହି ସଂକ୍ଷିପ୍ତ ଟିପ୍ପଣି, ଉଦାହରଣ ଏବଂ ସମାଲୋଚନା ବିଶେଷ କରି ଗ୍ରିକ୍ ଜାଣୁ ନ ଥିବା ବ୍ୟକ୍ତିମାନଙ୍କୁ ଉତ୍ସାହିତ କରିଥାଏ । ପୁସ୍ତକରେ ଥିବା ବାକ୍ୟରଣଗୁଡ଼ିକ ବୁଝିବାରେ ସାହାଯ୍ୟ କରିଥାଏ । ନିଶ୍ଚିତ ଏହି ଅର୍ଥ ଗୁଡ଼ିକକୁ ପୁନର୍ବାର ସରଳ କରାଯାଇଛି । ଏହା ଅପରିବର୍ତ୍ତନ କରାଯିବା ଉଚିତ୍ ନୁହେଁ । ସରଳମାଧ୍ୟମରେ କିନ୍ତୁ ନୂତନ ନିୟମର ବିନାଶଗତକୁ ବୁଝିବା ପାଇଁ ଅଧିକ ସାହାଯ୍ୟ କରିଥାଏ । ଏହି ସଂଜ୍ଞାଗୁଡ଼କ ପାଠକମାନଙ୍କୁ ନୂତନ ନିୟମର ଧାରା ବାହିକ ବକ୍ତୃତାକୁ ବୁଝିବାରେ ସାହାଯ୍ୟ କରିଥାଏ ।

ବାଇବଲରେ ଦିଆଯାଇଥିବା ସୁଚନା ଅନୁସାରେ ଆମ୍ଭର ଅନୁବାଦକୁ ନିରିକ୍ଷଣ କରିବା ଜରୁରି ଅଟେ । ଏହି ପର୍ଯ୍ୟାୟରେ ବାକ୍ୟରଣ ହେଉଛି ଗୋଟିଏ ମୁଖ୍ୟ ଭୂମିକା, ଐତିହାସିକ ଟିପ୍ପଣି, ଆକ୍ଷ୍ୟରିକ ପୃଷ୍ଠଭୂମି ସମାନ୍ତର ଭାଷାର ବ୍ୟବହାର ସମ ବୟସ୍କବ୍ୟକ୍ତିର ଭାଷାର ଅନୁବାଦ ।

# ପରିଶିଷ୍ଟ - ଦୁଇ

**ବହି ସମ୍ବନ୍ଧିୟ ସମାଲୋଚନା**

ଧାରାବାହିକ ବହି ସମ୍ବନ୍ଧିୟ ବିଷୟକୁ ବୁଝାଇ ଥାଏ । ତଳେ ଦିଆଯାଇଥିବା ସଂକ୍ଷିପ୍ତ ବିବରଣୀ ବୁଝିବାର ସାହାଯ୍ୟ କରି ଥାଏ ।

୧. ଇଂରାଜୀ ବାଇବଲ୍‌ର ବହି ସମ୍ବନ୍ଧୀୟ ଉତ୍‌ପତି ସ୍ଥଳ ।

କ. ପୁରାତନ ନିୟମ

ଖ. ନୂତନ ନିୟମ

୨. ସମସ୍ୟାର ସଂକ୍ଷିପ୍ତ ବ୍ୟାଖ୍ୟା କରାଯାଇଛି ଏବଂ ସିଦ୍ଧାନ୍ତର ନୀଳସ୍ଥ ସମାଲୋଚନାକୁ ବହି ସମ୍ବନ୍ଧୀୟ ସମାଲୋଚନା କୁହାଯାଏ ।

୩. ପ୍ରସ୍ଥାବିତ ବିଷୟ ଆଗାମୀ ଦିନରେ ଅଧ୍ୟୟନ କରିବା ।

୧. ଇଂରାଜୀ ବାଇବଲର ବହି ସମ୍ବନ୍ଧୀୟ ଉତ୍ପତ୍ତି ସ୍ଥଳ ।

କ. ପୁରାତନ ନିୟମ

୧. ମିଶ୍‌ରେଟିକ୍ ପୁସ୍ତକ :- ଏବ୍ରୀ ପୁସ୍ତକର ବ୍ୟଞ୍ଜନ ବର୍ଣ୍ଣକୁ ରବି ଆକ୍ୟୁବା ଯୀଶୁ ଖ୍ରୀଷ୍ଟ ମୃତ୍ୟୁର ଶହେ ଶତାବ୍ଦୀରେ ଏହାକୁ ସଜାଇ ଲେଖିଥିଲେ । ଷଷ୍ଠ ଶତାବ୍ଦୀରେ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ପରେ ସ୍ୱର ବର୍ଣ୍ଣରେ କମା ଗାର ଦେବା ଇତ୍ୟାଦିର ଜଡ଼ିତ ହୋଇ ଥିଲା ଏବଂ ନବମ ଶତାବ୍ଦୀରେ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ପରେ ଏହି କାର୍ଯ୍ୟ ସମାପ୍ତ ହୋଇଥିଲା । ଯୀହୁଦୀ ବିଦ୍ୱାନ୍ ମଶେର୍‌ଏଡ୍ ଜରିଆରେ ଏହି କାର୍ଯ୍ୟ ସମାପ୍ତ ହୋଇଥିଲା । ଯେଉଁ ପୁସ୍ତକ ସେମାନେ ବ୍ୟବହାର କରୁଥିଲେ ମିଶ୍‌ନା, ଜାଲ୍‌ମୁଦ୍, ତାରଗୁମ୍, ପେସିତା ଏବଂ ବାଲ୍‌ଗେଟ୍ ଏହିଗୁଡ଼ିକ ସହ ସମାନ୍ତର ଥିଲା ।

୨. ସେପ୍‌ଟୁଜେଣ୍ଟ୍ .. - ପାରାମ୍ପାରିକ ଏହା କହିଥାଏ ଯେ ସେପ୍‌ଟୁଜେଣ୍ଟ୍ ସତୁରୀ ଯିହୁଦୀ ବିଦ୍ୱାନଙ୍କ ଦ୍ୱାରା ସତୁରି ଦିନ ପରେ ଆଲେକ୍‌ଜେଣ୍ଡରିଆର ପୁସ୍ତକାଳୟରେ ରାଜା ଠଲମିଙ୍କ ସାହାଯ୍ୟରେ ... ଏହି ପୁସ୍ତକକୁ ସଂପୂର୍ଣ୍ଣ କରାଯାଇଥିଲା । ଏହି ଅନୁବାଦ ଯିହୁଦୀ ନେତା ଆଲେକ୍‌ଜେଣ୍ଡିଆଙ୍କ ଅନୁରୋଧକ୍ରମେ କରାଯିବାର ଥିଲା । ଏହି ପରମ୍ପରା ଆରେଷ୍ଟିସ୍ ପତ୍ର ଦ୍ୱାରା ଆସିଥାଏ । ଏବ୍ରୀ ପୁସ୍ତକର ପାରମ୍ପରିକ ବହି ରବି ଆକ୍ୟୁବା ସେପ୍‌ଟୁଜେଣ୍ଟ୍ ଅଧିକାଂଶ ସମୟରେ ଏହା ଭିନ୍ନ ପ୍ରକାର ଥିଲା ।

୩. ମୃତ୍ୟୁ ସାଗର ଗୁଡ଼ା ହୋଇଥିବା କାଗଜ ଅଳକୃତ :- ମୃତ୍ୟୁସାଗର ଗୁଡ଼ା ହୋଇ ଥିବା କାଗଜରେ ଅଳକୃତ ରମାନ୍ ସାମ୍ରାଜ୍ୟ ସମୟରେ ... ଲେଖାଯାଇଥିଲା । ଯିହୁଦୀ ମାନଙ୍କର ଗୋଟିଏ ଜଳ ଦ୍ୱାରା ସମ୍ପୂର୍ଣ୍ଣ ଅଲଗା କରି ଏହାକୁ ମୌଳିକ ନାମାଙ୍କିତ କରି ଥିଲେ । ମୃତ୍ୟୁ ସାଗରର ଭିନ୍ନ ଭିନ୍ନ ସ୍ଥଳରେ ଏବ୍ରୀ ହସ୍ତଲେଖା ମିଳିଥିଲା । ସେପ୍‌ଟୁଜେଣ୍ଟ୍ ଏବଂ ମଶ୍‌ରେଟିକ୍ ପୁସ୍ତକ ମାନଙ୍କଠାରୁ କିଛି ପରିମାଣରେ ଏହା ଅଲଗା ଦେଖାଯାଇଥିଲା ।

୪. କିଛି ବିଶେଷ ଉଦ :- ଦିଆଯାଇଛି, ତାହା ବହିର ତୁଳନାକୁ ଅନୁବାଦ କରିଥିବା ବ୍ୟକ୍ତିକୁ ପୁରାତନ ନିୟମକୁ ବୁଝିବାରେ ସାହାଯ୍ୟ କରିଥାଏ ।

ସେପ୍‌ଟୁଜେଣ୍ଟ୍ ଅନୁବାଦ ମାନଙ୍କୁ ସାହାଯ୍ୟ କରେ ଏବଂ ବିଦ୍ୱାନ୍‌ମାନଙ୍କୁ ମଶ୍‌ରେଟିକ୍ ପୁସ୍ତକକୁ ବୁଝିବାରେ ସାହାଯ୍ୟ କରିଥାଏ ।

୧. ସେପ୍‌ଟୁଜେଣ୍ଟ୍‌ର ଯିଶା .. ଯେପରି ଅନେକ ତାହାଙ୍କ ବିଷୟରେ ଚମତ୍କୃତ ହୋଇଥିଲେ ।

୨. ମଶେରେଟିକ୍ ପୁସ୍ତକ ଯିଶା .. ଯେପରି ଅନେକ ତାହାଙ୍କ ବିଷୟରେ ଚମତ୍କୃତ ହୋଇଥିଲେ ।

୩. ଯିଶାଇ : .. ସେପ୍‌ଟୁଜେଣ୍ଟ୍ ବିଷୟରେ ବିଭିନ୍ନ ପ୍ରକାର ମତକୁ ସ୍ୱୀକାର କରିବେ।

କ. ସେପ୍‌ଟୁଜେଣ୍ଟ୍ ଅନେକ ଦେଶୀୟ ଲୋକ ତାଙ୍କୁ ଦେଖି ଚମତ୍କୃତ ହେବେ ।

ଖ. ମଶ୍‌ରାଇଟ୍ ସେପରି ସେ ଅନେକ ଦେଶୀୟ ମାନଙ୍କୁ ଛିଞ୍ଚିବେ ।

ଖ. ମୃତ୍ୟୁ ସାଗର ଗୁଡ଼ା ହୋଇଥିବା କାଗଜର ଅଳଙ୍କୃତ ଅନୁବାଦ କରୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରେ ଏବଂ ବିଦ୍ୱାନମାନଙ୍କୁ ମଶ୍ରେଷ୍ଟିକ୍ ପୁସ୍ତକକୁ ବୁଝିବାରେ ସାହାଯ୍ୟ କରିଥାଏ ।

୧. ମୃତ୍ୟୁ ସାଗର ଯିଶାଇୟ ... ଉଚ୍ଚ ଶବ୍ଦ କରି କହିଲା ନିରନ୍ତର ପ୍ରହରୀ ଦୁର୍ଗରେ ।

୨. ମଶ୍‌ରେଟିକ୍ ପୁସ୍ତକ ଯିଶା ... ସେଥିରେ ମୁଁ ସିଂହ ତୁଲ୍ୟ ଶବ୍ଦ କରି ହେ ପ୍ରଭୁ ମୁଁ ଦିନବେଳେ ନିରନ୍ତର ପ୍ରହରୀ ଦୁର୍ଗରେ ଠିଆ ହୋଇଥିଲା ।

ଗ. ଉଭୟ ସେପ୍‌ଟୁଜେଣ୍ଟେ ଏବଂ ମୃତ୍ୟୁ ସାଗରର ଅଳଙ୍କୃତ କାଗଜ ଷଷ୍ଠ ଭାବରେ ସାହାଯ୍ୟ କରିଥାଏ । ଯିଶା ..

୧. ସେପ୍‌ଟୁଜେଣ୍ଟ୍ ଏବଂ ମୃତ୍ୟୁ ସାଗର ଅଳଂକୃତ କାଗଜ ସେ ଆପଣା ପ୍ରାଣ ବେଦନାର ଫଳ ଦେଖି ତୃପ୍ତ ହେବେ ।

୨. ମଶ୍‌ରେଟିକ୍ ପୁସ୍ତକ ତୁମ୍ଭେ ଦେଖିବ :- ସେ ଆପଣ ପ୍ରାଣ ବେଦନାର ଫଳ ଦେଖି ତୃପ୍ତ ହେବେ ।

## ଖ. ନୂତନ ନିୟମ

୧. ୫୩୦୦ ହସ୍ତଲେଖା କିମ୍ବା ଗ୍ରୀକ୍‌ର ନୂତନ ନିୟମ ସମସ୍ତ ଭାଗ ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ ଅଟେ । ୮୫ଟି ପୁସ୍ତକ ପାପିରି ହସ୍ତ ଲେଖାରେ ଲିଖିତ ହୋଇଛି ଏବଂ ୨୬୮ଟି ହସ୍ତଲେଖା ବଡ଼ ବଡ଼ ଅକ୍ଷରରେ ଲିଖିତ ହୋଇଛି । ଶେଷରେ ଯୀଶୁଙ୍କ ମୃତ୍ୟୁ ପର ୧୯ତମ

ଶତାବ୍ଦୀରେ ଚଳନ୍ତି ହସ୍ତ ଲେଖା ଉନ୍ନତି ହୋଇଥିଲା । ୨୭୦୦ ଅଙ୍କରେ ଗ୍ରୀକ୍ ହସ୍ତଲେଖା ଲିଖିତ ହୋଇଥିଲା । ଆମର ମଧ୍ୟ ୨୧୦୦ଟି ପୁସ୍ତକ ବ୍ୟବହୃତ ହୋଇଛି । ତାହାକୁ ଆରାଧନା ସମୟରେ ବ୍ୟବହାର କରାଯାଇଅଛି ।

୨. ପାପେରିଆ ହସ୍ତଲେଖାର ଏକ ଗୃହଠାରେ ୮୫ଟି ହସ୍ତଲେଖା । ନୂତନ ନିୟମର ଲିଖନ ହୋଇଛି । କେତେକ ଯୀଶୁଙ୍କ ମୃତ୍ୟୁପର ଦ୍ୱିତୀୟ ଶତାବ୍ଦୀରେ କିନ୍ତୁ ଅଧିକାଂଶ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ପର ତୃତୀୟ ଏବଂ ଚତୁର୍ଥ ଶତାବ୍ଦୀରେ ଲେଖାଯାଇଛି । କୌଣସି ହସ୍ତଲେଖାର ପୁସ୍ତକ ଏହି ନୂତନ ନିୟମ ସହ ଜଡ଼ିତ ନୁହେଁ । କାରଣ ନୂତନ ନିୟମର ସବୁଠାରୁ ପୁରୁଣା ହସ୍ତମାନ, ଏହାର ସେମାନଙ୍କ ସହ ବୃହତ ଅଛି । ଅଧିକାଂଶ ପୁସ୍ତକ ସ୍ଥାନୀୟ ମଣ୍ଡଳୀ ପାଇଁ ଅତ୍ୟାଧିକ ବ୍ୟବହୃତ କରାଯାଇଥିଲା । ଏହି ପ୍ରକ୍ରିୟାର ଉଚିତ୍ ଯତ୍ନ କରାଯାଇ ନଥିଲା । ସେଥିଯୋଗୁଁ ସେହି ଲେଖାଗୁଡ଼ିକ ଅଲଗା ଆକୃତିର ରହିଥିଲା ।

୩. କେତେକ ସାଇନାଟିକ୍ସ୍ ଏହା ଏବ୍ରୀ ହସ୍ତଲେଖା, ଟିଚେନ୍ଦ୍ରପଙ୍କ ଜରିଆରେ ସିନିୟ ପର୍ବତର କେଟ୍ରିନ୍ ଆଶ୍ରମଠାରୁ ଏହାକୁ ପ୍ରାତଃ କରାଯାଉଥିଲା । ଯୀଶୁଙ୍କ ମୃତ୍ୟୁ ପର ଚତୁର୍ଥ ଶତାବ୍ଦୀରେ ସେପ୍ଟୁଜେଣ୍ଟ୍, ପୁରାତନ ନିୟମ ଗ୍ରୀକ୍ର ନୂତନ ନିୟମ ଆଲେକ୍ଜେଣ୍ଡେରିଆ ପୁସ୍ତକରେ ଲିଖିତ ହୋଇଛି ।

୪. କଡ଼େସ୍କ ଆଲେକ୍ଜେଣ୍ଡେରିଆକୁ 'ଏ' ବୋଲି କୁହାଯାଏ କିମ୍ବା ପଞ୍ଚମ ଶତାବ୍ଦୀର ଗ୍ରୀକ୍ ହସ୍ତଲେଖା ମିଶର ଆଲେକ୍ଜେଣ୍ଡେରିଆଠାରେ ଏହାକୁ ପ୍ରାପ୍ତ କରାଯାଇଥିଲା ।

୫. କଡ଼େସ୍କ ବାଟିକାନସ୍ 'ବି' ବୋଲି ଆଖ୍ୟା ଦିଆଯାଇଛି କିମ୍ବା ଯୀଶୁଙ୍କ ମୃତ୍ୟୁପର ବିଳମ୍ବିତ ଚତୁର୍ଥ ଶତାବ୍ଦୀରେ ରୋମ୍ ଦେଶରୁ ବାଟିକାନା ପୁସ୍ତକାଳୟରେ ଏହା ମିଳିଥିଲା ।

୬. କଡେସ୍କ ଏଫ୍ରାଇମ୍କୁ 'ସିଂ' ବୋଲି ଆଖ୍ୟା ଦିଆଯାଇଛି । ପଞ୍ଚମ ଶତାବ୍ଦୀରେ ଗ୍ରିକ୍ ହସ୍ତ ଲେଖାର କିଛି ଅଂଶ ବିନଷ୍ଟ ହୋଇଥିଲା ।

୭. କଡ଼କଡେସ୍କ ବିଜେଇ 'ଡି' ବୋଲି ଆଖ୍ୟା ଦିଆଯାଇଛି । କିମ୍ବା ପଞ୍ଚମତ ଷଷ୍ଠ ଶତାବ୍ଦୀରେ ଗ୍ରିକ୍ ହସ୍ତ ଲେଖାଗୁଡ଼ିକ ମହାନ ପ୍ରତି ନିଥିତ୍ୱକୁ ପଶ୍ଚାତ୍‌ଦେଶର ପୁସ୍ତକ ଆଖ୍ୟା ଦିଆଯାଇ ଥିଲା । ଅନେକ ପୁସ୍ତକ ଏଠାରେ ଯୋଡ଼ିତ ଅଛନ୍ତି । ଏବଂ ମୁଖ୍ୟ ସାକ୍ଷ୍ୟ ରାଜା ଯାକବଙ୍କ ଅନୁବାଦିତ ପୁସ୍ତକ ।

୮. ନୂତନ ନିୟମ ଏବଂ ହସ୍ତ ଲେଖାକୁ ୩ ଭାଗରେ ଶ୍ରେଣୀ ଭୁକ୍ତ କରାଯାଇପାରେ ସମ୍ବଦ୍ଧ ୪ଟି ଶ୍ରେଣି ଭୁକ୍ତ, ପରିବାର ର ଚରିତ୍ର ଗୁଡ଼ିକ ବିଶେଷ କାର୍ଯ୍ୟ କରିଥାଏ ।

କ. ଆଲେକ୍ଜେଣ୍ଡେରିଆ ପୁସ୍ତକ ମିଶର ଦେଶ ଠାରୁ ।

୧. ପି [୭୫] ପି [୬୬] (ଖ୍ରୀଷ୍ଟଙ୍କ ମୃତ୍ୟୁ ୨୦୦) ଯାହା ସୁସମାଚାରରେ ଉଲ୍ଲେଖ କରାଯାଇଛି ।

୨. ପି [୪୬] (ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ପର, ୨୨୫) । ତାହା ପାଉଲଙ୍କ ପୁସ୍ତକରେ ଉଲ୍ଲେଖ କରାଯାଇଛି ।

୩. ପି [୭୨] (୨୨୫ - ୨୫୦ ଯୀଶୁଖ୍ରୀଷ୍ଟ ମୃତ୍ୟୁ ପର) ତାହା ପିତର ଏବଂ ଯୀହୁଦାଙ୍କ ପୁସ୍ତକରେ ଉଲ୍ଲେଖ କରାଯାଇଛି ।

୪. କଡେସ୍କ 'ବି' ଯାହାକୁ ବାଟିକାନସ୍ କୁହାଯାଏ । (୩୨୫ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ପର ସେଥିରେ ନୁତନ ନିୟମ ଏବଂ ପୁରାତନ ନିୟମ ଅନ୍ତର ଭୁକ୍ତ ଅଟେ ।

୫. ଏହି ପୁସ୍ତକମାନଙ୍କ ଠାରୁ ବଂଶକୁ ବାଖ୍ୟା କରାଯାଇଛି ।

୬. ଅନ୍ୟାନ୍ୟ ହସ୍ତ ଲେଖା ତାହା ଏହି ପୁସ୍ତକରେ ଦେଖାଯାଏ

ଖ. ପଶ୍ଚାତ ଦେଶର ପୁସ୍ତକ ଉତ୍ତର ଆଫ୍ରିକା ଠାରୁ ।

୧. ଆଫ୍ରିକା ମଣ୍ଡଳିର ଧର୍ମଯାଜକ ତେରତୁଲିଆନ୍, ସିପ୍ରିଆନ ଠାରୁ ନକଲି କରାଯାଇଛି । ଏବଂ ପୁରାତନ ଲାଟିନ୍ର ଅନୁବାଦ କରାଯାଇଛି ।

୨. ଇରାନିୟସ୍ଙ୍କ ଲେଖାକୁ ନକଲି କରାଯାଇଛି ।

୩. ପତିଆନ୍ ପୁରାତନ ସିରିଆକ୍ ଅନୁବାଦ ଠାରୁ ନକଲି କରାଯାଇଛି ।

୪. କଡେସ୍କ 'ଡି' ବେଜାଇ, ଏହି ପୁସ୍ତକ କୁ ଅନୁଶରଣ କରନ୍ତି ।

ଗ. କନ୍‌ଷ୍ଟାଇନ୍ ନେପଲ୍ଙ୍କ ଠାରୁ ପୁର୍ବିଅ ବିଜାନ୍ ଟାଇନ୍ ପୁସ୍ତକ ଆସିଅଛି ।

୧. ୮୦ ପ୍ରତିଶତ ଅଂଶ ହସ୍ତ ଲେଖାର ୫,୩୦୦ ଏହି ବହିର ପ୍ରକାଶିତ ହୋଇ ଅଛି ।

୨. କାପାଡ଼ନିସିଆନ୍, ଖ୍ରୀଷ୍ଟନ୍ ଆଣ୍ଟିଅକ୍ର ମଣ୍ଡଳିର ଧର୍ମଯାଜକ ଠାରୁ ନକଲି କରାଯାଇଛି । ଏବଂ ଧେରୁବରେଡ଼୍ ।

୩. କଡ଼େସ୍କ୍ 'ଏ' କେବଳ ସୁସମାଚାର ରେ ରହିଅଛି ।

୪. କଡେସ୍କ 'ଇ' (ଅଷ୍ଟମ ଶତାବ୍ଦୀରେ) ନୁତନ ନୀୟମର ସମ୍ପୁର୍ଣ୍ଣ ।

ଘ. ଶିରିଆନ୍ର ପାଲାଷ୍ଟିଏନ୍ ଠାରୁ ଚାରି ଗୋଟି ସମ୍ଭାବନା ମାର୍ଗ ଅଛି ।

୧. ସର୍ବ ପ୍ରଥମେ ଏହା କେବଳ ମାର୍କ ପୁସ୍ତକରେ ଦେଖାଯାଇଛି ।

୨. କେତେକ ସାକ୍ଷ୍ୟ ଏହା ପାଇଁ ପି[୪୫] ଏବଂ ଡବ୍ଲୁ ।

୨. ସମସ୍ୟା ମାନ ଏବଂ ନିଚସ୍ତରିୟ ସିଦ୍ଧାନ୍ତର ଆଲୋଚନା କିମ୍ବା ବହି ସମ୍ବନ୍ଧିୟ ଆଲୋଚନା ।

କ. ଘଟଣାକୁ କିପରି ପୃଥକ କରାଯାଏ ।

୧. ଅନିଚ୍ଛାକୃତ କିମ୍ବା ହଠାତ୍

କ. ହାତରୁ ଅକ୍ଷକେ ତ୍ୟାଗ କରିବା ତାହା ଦ୍ୱିତିୟ ସମାନ୍ତର ରୂପକ ବାକ୍ୟକୁ ଅଧ୍ୟୟନ କରିଥାଏ । ସେଥି ଯୋଗୁଁ ସମସ୍ତ ପଦ ଗୁଡ଼ିକୁ ମଝିରେ ତ୍ୟାଗ କରିଥାଏ । (ହମିୟ ଟେଲିୟ)

୧. ଦୁଇଟି ଶବ୍ଦକୁ ଆକ୍ଷିରୁ ପରିତ୍ୟାଗ କରିବା କିମ୍ବା ବ୍ୟାକ୍ୟଆଂଶ (ହାପ୍ଲଗ୍ରାଫ) ।

୨. ମନରୁ ପୁନରାବୃତ୍ତୀ ହୋଇ ଖସି ଯିବା ଗ୍ରୀକ୍ ବହିର ଧାଡ଼ି ଧାଡ଼ି (ଡିଗ୍ରାଫି) ।

ଖ. କାନରୁ ଚାଲି ଯିବା ପ୍ରତିଲିପି ହୋଇ ମୌଖିକ ଭାଷାର ଭୁଲ୍ ଶବ୍ଦ ଗୁଡ଼ିକ କରାଯାଇଥିଲା । ଅଧିକାଂଶ ସମୟରେ ଭୁଲ୍ ଶବ୍ଦ ଗୁଡ଼ିକର ଅର୍ଥ ଏହା ଦର୍ଶାଇଥାଏ । କିମ୍ବା ଗ୍ରିକ୍ ବାକ୍ୟର ଶବ୍ଦଗୁଡ଼ିକ ସମାନ ଉଚାରଣ ହୋଇଥାଏ ।

ଗ. ପୂର୍ବିୟ ଗ୍ରିକ୍ ବହିର ଅଧ୍ୟାୟ ନଥିଲା । କିମ୍ବା ପଞ୍ଚର ବିଭାଜନ, ଅକ୍ଷ କିମ୍ବା ପଦ ମଧ୍ୟରେ କୌଣସି ନ ଥିଲା । ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନ ଜୀବକୁ ବିଭାଜନ କରିବା ସମ୍ଭବପର ଅଟେ ।

୨. ଇଚ୍ଛାକୃତ ଭାବରେ

କ. ପରିବର୍ତ୍ତନ ଫଳାଫଳ ବହିର ବ୍ୟାକରଣକୁ ଉନ୍ନତି କରିଥିଲା ।

ଖ. ପରିବର୍ତ୍ତନର ଫଳାଫଳ, ଅନ୍ୟ ବାଇବଲ ସମ୍ବନ୍ଧିୟ ପୁସ୍ତକ ଗୁଡ଼ିକକୁ ସତ୍ୟ ପ୍ରମାଣିତ କରିଥାଏ ।

ଗ. ପରିବର୍ତ୍ତନର କଳାଫଳ ଦୁଇ ଗୋଟି ଅଲଗା ଶବ୍ଦର ସମିଶ୍ରଣ ହୋଇ ଥାଏ ।

ଘ. ପରିବର୍ତ୍ତନର ଫଳାଫଳ ପୁସ୍ତକରେ ରହିଥିବା ସମସ୍ୟାର ସମାଧାନ କରାଗଲା ।

ଙ. କେତେକ ସୁଚନା ଦିଆଯାଇଛି ତାହା ଐତିହାସିକ କିମ୍ବା ସାସ୍ତ୍ରୀୟମାନଙ୍କ ଦ୍ୱାରା ଉଚିତ୍ ଅନୁବାଦ କରଯାଇଛି, କିନ୍ତୁ ଅନ୍ୟ ଏକ ସାସ୍ତ୍ରୀଙ୍କୁ ହସ୍ତଖତ କରାଯାଇଛି ।

ଖ. ବହିର ଆଲୋଚନା (ମୌଳିକ ସିଦ୍ଧାନ୍ତ ଯୁକ୍ତି ଯୁକ୍ତ ନିୟମ ଜରିଆରେ ମୌଳିକ ପୁସ୍ତକ କୁ ବୁଝିବାରେ ସାହାଯ୍ୟ କରିଥାଏ ।

୧. ଅଧିକ ଅନି ପୁଣ କିମ୍ବା ଅନିୟମିତ ବ୍ୟାକରଣ ସମ୍ବନ୍ଧିତ ଏହି ବହି ପ୍ରଥମ ହୋଇ ପାରେ ।

୨. ସବୁଠାରୁ ଛୋଟ ପୁସ୍ତକ ସମ୍ଭବତଃ ଏହା ପ୍ରଥମ ହୋଇ ପାରେ ।

୩. ପୁରାତନ ପୁସ୍ତକକୁ ଅଧିକ ମହତ୍ୱ ଦିଆଯାଇଛି । କାରଣ ଏହା ଐତିହାସିକ ତଥ୍ୟ ସର୍ବ ପ୍ରଥମ ସବୁ କିଛି ସମାନ୍ତର ଅଟେ ।

୪. ହସ୍ତ ଲେଖା ଗୁଡ଼ିକର ଭୌଗଳି ଭିନ୍ନତା ସାଧାରଣତ୍ୱ ଉଚିତ୍ ପଠନ କ୍ରିୟା ପ୍ରଧାନ କରାଯାଇ ଥାଏ ।

୫. ଦୁର୍ବଳ ବହିର ମତ୍ତ ସମ୍ବନ୍ଧିୟ ବିଶେଷ କରି ମୁଖ୍ୟ ବାଇବଲ ସମ୍ବନ୍ଧିୟ ଆଲୋଚନା ସମୟରେ ହସ୍ତ ଲେଖାର ପରିବର୍ତ୍ତନ । ଯେପରି ତ୍ରିଏକ ପରମେଶ୍ୱର ୧ ୯ ଯୋହନ ୫ : ୭ - ୮ ରେ ଦିଆଯାଇ ଥିବା ସୁପାରିସ୍ ।

୬. ସର୍ବ ପ୍ରଥମେ ଅନ୍ୟଠାରୁ ଏହି ପୁସ୍ତକ ଉତ୍ତମ ଭାବେ ବୁଝିବାରେ ସାହାଯ୍ୟ କରିଥାଏ ।

୭. ତଳେ ଦିଆଯାଇ ଥିବା ଦୁଇ ଗୋଟି ମନ୍ତବ୍ୟ, ଅଲଗା କରୁଥିବା ମନ୍ତବ୍ୟରୁ ସମ୍ପୂର୍ଣ୍ଣ ସ୍ଥିରତା ଆଣିଦିଏ ।

କ. ଜେ. ହାରଲଡ଼ ଗ୍ରିନ୍‌ଲି ପୁସ୍ତକ, ନୂତନ ନିୟମ ଉପକ୍ରମର ସମାଲୋଚନା କୌଣସି ଖ୍ରୀଷ୍ଟିୟାନ୍ ମତ ଗୋଟିଏ  ଆଲୋଚନାରେ ଝୁଲି ରହିଥାଏ ନାହିଁ । ଏବଂ ନୁତନ ନୀୟମର ଛାତ୍ରମାନେ ସତର୍କତା ସହିତ ଅପେକ୍ଷା କରି ମତ୍ତକୁ ସମର୍ଥନ  କରାଇବା ଦରକାର ଅଟେ । କିମ୍ବା ପ୍ରେରଣା ପାଇ ଥିବା ମତ୍ତକୁ ସମର୍ଥନ କରାଇବା ଦରକାର ଅଟେ । କିମ୍ବା ପ୍ରେରଣା ପାଇ ଥିବା ବିଷୟ ଠାରୁ ଅଧିକ ଗୁରୁତ୍ୱ ଧର୍ମ ଶାସ୍ତ୍ର ମତକୁ ସୁଦୃଢ଼ କରିବା ଆବଶ୍ୟକ ।

ଖ. ଡାବ୍ଲ୍ୟୁ, ଏ, ଖ୍ରିସ୍‌ୱେଲ୍ କହିଲେ ଗ୍ରେଜ୍ ଗାରିସନ୍ ବି ବିର୍‌ମି ଗାମ୍ ଖବର କାଗଜରେ ସେ କହିଲେ (ଖ୍ରୀସ୍‌ୱେଲ୍) ବାଇବଲର ସମସ୍ତ ବାକ୍ୟ ଈଶ୍ୱରଙ୍କ ପ୍ରେରଣା ଦ୍ୱାରା ଲିଖିତ ହୋଇଅଛି ବୋଲି ବିଶ୍ୱାସ କରନ୍ତି ନାହିଁ । ଅନେକ ବର୍ଷଧରି ଖ୍ରିସ୍‌ୱେଲ୍‌ଙ୍କ ମତ 'ସମସ୍ତ ବାକ୍ୟ ନୁହେଁ' । ଏହା ସାଧାରଣତଃ ଲୋକଙ୍କ ମଧ୍ୟରେ ସହ ସହ ବର୍ଷ ପର୍ଯ୍ୟନ୍ତ ପ୍ରଚଳିତ ହୋଉଥିଲା । ଖ୍ରିସ୍‌ୱେଲ୍ କହିଲେ, ବହିର ସମାଲୋଚନା ର ମୁଁ ଜଣେ ଉତ୍ତମ- ବିଶ୍ୱାସି ଅଟେ । ମୋର ଚିନ୍ତା ଧାରା ମାର୍କ ୧୬ ପର୍ବର ଶେଷ ଅଧ୍ୟାୟରେ ଯେତେବେଳେ ତୁମ୍ଭେ ସେହି ପୁସ୍ତକକୁ ତୁଳନା କରିବ, ମାର୍କ ପୁସ୍ତକର ଶେଷ ଅଧ୍ୟାୟରେ କୌଣସି ବିରୁଧାଚରଣ ମତ ସେଠାରେ ଦେଖା ଯାଇନାହିଁ । କେତେକ ବ୍ୟକ୍ତି ଏହାକୁ ମିଶ୍ରଣ କରିଛନ୍ତି .......... ।

ମହାପୁରୁଷ ସତ୍ୟତା ମଧ୍ୟ ଦାବି କରିଥାଏ । 'ଅନ୍ତଃପ୍ରବେଶ' ଯୋହନଙ୍କ ୫ ପର୍ବରେ, ଏହି ଘଟଣା ଉଲ୍ଲେଖ କରାଯାଇଛି । ବେଥ୍‌ସବା କୁଣ୍ଡ ନିକଟରେ ଯୀଶୁଙ୍କର କାର୍ଯ୍ୟ ଏଠାରେ ସେ ଦୁଇଟି ଘଟଣାର ବିବରଣୀ ଦିଅନ୍ତି । ଇସ୍କରିତ ଯିହୁଦାଙ୍କ ଆତ୍ମ ହତ୍ୟା ସମ୍ବନ୍ଧିୟ (cf ମାଥିଉ ୨୭ ଏବଂ ପ୍ରେରିତ ୧) ଆତ୍ମ ହତ୍ୟାର ଅନ୍ୟ ଏକ ମତ 'ଖ୍ରିସ୍‌ୱେଲ୍' କହନ୍ତି । ଯଦି ଏହା ବାଇବଲରେ ଲିଖିତ ଅଛି । ତାହା ହେଲେ ଇସ୍କରିତ ଯିହୁଦାର ଦୁଇଟି ଆତ୍ମ ହତ୍ୟାର ବିବରଣି ବାଇବଲରେ ଲିଖିତ ହୋଇଅଛି । ପୁସ୍ତକର ଆଲୋଚନାର ସମାଲୋଚନା ଏହା ଏକ ଆଶ୍ଚର୍ଯ୍ୟ ବିଜ୍ଞାନ ଅଟେ । ଏହା କ୍ଷଣସ୍ଥାୟୀ ବସ୍ତୁ ନୁହେଁ । ଏହା ଅପ୍ରାଶାଙ୍ଗିକ ଏହା ଶକ୍ତି ଶିଳ, ଗତି ପ୍ରବର୍ତ୍ତକ ଏବଂ ମଧ୍ୟରେ ।

୩. ପୁସ୍ତକର ସମସ୍ୟା ମାନ ବହିର ସମାଲୋଚନା)

କ. ଅଲଗା ପୁସ୍ତକ ଅଧ୍ୟୟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

୧. ବାଇବଲ ସମ୍ବନ୍ଧୀୟ ସମାଲୋଚନା, ଐତିହାସିକ, ଆକ୍ଷରିକ ଏବଂ ପୁସ୍ତକ, ଅର୍, ଏଚ୍, ହରିସନ୍ ।

୨. ନୂତନ ନିୟମର ପୁସ୍ତକ, ଏହା ସଞ୍ଚାରିତ କାର୍ଯ୍ୟକ୍ରମ, ଭ୍ରଷ୍ଟାଚାର ଏବଂ ପୁନଃର୍ଗଠନ ବୃକୋଏମ୍, ମାଜେର୍ ।

୩. ନୂତନ ନିୟମର ସମାଲୋଚନାର ଉପକ୍ରମ, ଜେଏଚ୍, ଗ୍ରିନ୍‌ଲି ।

# ପରିଶିଷ୍ଟ - ତିନି

ସ୍ୱତନ୍ତ୍ର ଶବ୍ଦର ଅର୍ଥ ଥିବା ଏକ ତାଲିକା

**ଗ୍ରହଣତ୍ୱ :-** ଏହା ଏକ ପ୍ରାଚିନ କାଳର ମତ ଯୀଶୁ ଏବଂ ଈଶ୍ୱରଙ୍କ ମଧ୍ୟରେ ଥିବା ସଂପର୍କ, ପ୍ରତ୍ୟେକ କ୍ଷେତ୍ରରେ ଯୀଶୁ ଏକ ସାଧାରଣ ବ୍ୟକ୍ତି ଭାବରେ ସେମାନେ ଗ୍ରହଣ କରୁଥିଲେ । ଏବଂ କେବଳ ତାଙ୍କର ଜଳଦିକ୍ଷ୍ୟା ସମୟରେ ହିଁ ଈଶ୍ୱର ଭାବରେ ଗ୍ରହଣ କରିଥିଲେ । (cf ମାଥି - ୩ : ୧୭, ମାର୍କ ୧ : ୧୧) କିମ୍ବା ତାଙ୍କର ପୁନଃରୁଥାନ (cf ରୋସିଭ - ୧ : ୪) । କେତେକ କ୍ଷେତ୍ରରେ ଯୀଶୁ, ଈଶ୍ୱରଙ୍କ ନମୁନା ଜୀବନ ବିତାଇଲେ । (ଜଳଦିକ୍ଷା, ପୁନଃରୁଥାନ) ପୁତ୍ର ଭାବରେ ତାଙ୍କୁ ଗ୍ରହଣ କଲେ "ପୁତ୍ର" (cf ରୋମିଭ - ୧ : ୪, ଫିଲପି ୨ : ୯) ଏହା ପ୍ରାଚିନ ମଣ୍ଡଳି ଏବଂ ଅଷ୍ଟମ ଶତାବ୍ଦୀର ଅଳ୍ପ କିଛି ଲୋକଙ୍କ ମତ ଅଟେ । ଈଶ୍ୱର ମନୁଷ୍ୟ ହେବା (ଅବତାର) ଏହା ପୁନର୍ବାର ଓଲଟା ହୋଇଛି । ମନୁଷ୍ୟ ଈଶ୍ୱର ହୋଇଛି ।

ଯୀଶୁ କିଭଳି ଈଶ୍ୱରଙ୍କ ସନ୍ତାନ ହୋଇଛନ୍ତି, ଏବଂ ଆଦ୍ୟରୁ କିପରି ସେ ଈଶ୍ୱରଙ୍କ ସହିତ ଅଛନ୍ତି, ଭାଷାରେ ପ୍ରକାଶ କରିବା ବହୁତ କଷ୍ଟକର ବିଷୟ ଅଟେ । କିମ୍ବା ଉତ୍ସାହ ପୂର୍ଣ୍ଣ ଭାବରେ ଏକ ନମୁନା ଜୀବନ ବିତାଇଲେ । ଯଦି ସେ ପୂର୍ବରୁ ଈଶ୍ୱର ଥିଲେ, କିପରି ସେ ପୁରସ୍କୃତ ହୋଇଥିଲେ ? ଯଦି ସେ ଆଦ୍ୟରେ ଈଶ୍ୱରଙ୍କ ମହିମାରେ ମହିମାନ୍ୱିତ ହୋଇଥିଲେ । କିପରି ସେ ଅଧିକ ପ୍ରଶଂସନୀୟ ହୋଇ ପାରିବେ ? ଯଦିବା ଏହାକୁ ବୁଝିବା ବହୁତ କଷ୍ଟକର ବିଷୟ ଅଟେ । ପିତା ପରମେଶ୍ୱର ପୁତ୍ର ଯୀଶୁଙ୍କୁ କାର୍ଯ୍ୟ ସମାପନା ନିମନ୍ତେ ପ୍ରଶଂସା କରିଥିଲେ ।

**ଆଲେକ୍‌ଜେଣ୍ଡ୍ରେଆନ୍ ବିଦ୍ୟାଳୟ :-**

ଆଲେକ୍‌ଜେଣ୍ଡ୍ରେୟାନ୍ ଠାରେ ବାଇବଲ ସମ୍ବନ୍ଧିୟ ଅନୁବାଦର ପ୍ରକ୍ରିୟା ସକ୍ରିୟ ହୋଇଥିଲା । ଯୀଶୁଙ୍କ ମୃତ୍ୟୁ ପର ଦ୍ୱିତୀୟ ଶତାବ୍ଦୀରେ ମିଶର ଦେଶ ଠାରୁ, ଏଠାରେ ଅନୁବାଦ କରିବାର ନିୟମ ଶୈଳି ପ୍ରୟୋଗ କରୁଥିଲେ । ସେହି ବ୍ୟକ୍ତି ଜଣା ପ୍ଲେଟଙ୍କର ଅନୁଗମକାରୀ ଥିଲେ । ଅଧିକାଂଶ ସମୟରେ ଏହାକୁ ଆଲଗରିକାଲ ପ୍ରକ୍ରିୟା ବୋଲି କୁହାଯାଏ ।

ମଣ୍ଡଳିର ପୁନରଗଠନ ପର୍ଯ୍ୟନ୍ତ ଏହି ବିଷୟ ଦୋହଲାଉ ଥିଲା । ଅଭିଜ୍ଞାନ ଏବଂ ଅଗଷ୍ଟିନ୍‌ଙ୍କ ସମୟରେ ଏହି ପ୍ରସ୍ତାବକୁ ସୁଦୃଢ଼ କରାଯାଇ ଥିଲା । ମଇସେଣ୍ଟ୍ ସିଲ୍ଲା ମଣ୍ଡଳି ବାଇବଲକୁ ଅନ୍ୟରିତିରେ ପଠନ କରୁଥିଲେ । (୧୯୮୭) ।

**ଆଲେକ୍‌ଜେଣ୍ଡିନସ୍ :-**

ପଞ୍ଚମ ଶତାବ୍ଦୀରେ ଗ୍ରିକ୍ ହସ୍ତ ଲେଖାର ଆଲେକ୍‌ଜେଣ୍ଡ୍ରିଆଙ୍କ ଠାରୁ ଆନିତ ମିଶର ଦେଶରେ ପୁରାତନ ନୀୟମ, ଆପକ୍ରିପା ଏବଂ ଅଧିକାଂଶ ନୁତନ ନୀୟମକୁ ସେ ଯୋଡ଼ି କରିଥାଏ । ଗ୍ରିକ୍ ନୁତନ ନୀୟମର ଏହା ଏକ ମହାନ୍ ସାକ୍ଷ୍ୟ ଅଟେ । (ମାଥିଉ, ଯୋହନ, ଏୟ କରନ୍ତି ବ୍ୟାତିତ) ଯେତେବେଳେ ଏହି ହସ୍ତଲେଖା 'ଏ' ଭାବରେ ସଜାଇ ଦିଆଗଲା । ଏବଂ ହସ୍ତ ଲେଖାକୁ 'ବି' ବୋଲି ସଜାଇ ଦିଆଗଲା । (ବାଟିକାନଶ୍) ଏହି ଅଧୟନ ଉପରେ ରାଜୀ ଅଟନ୍ତି ଅଧିକାଂଶ ସମୟରେ ଅତ୍ୟାଦିକ ଜ୍ଞାନବିତମାନେ ଏହାକୁ ସତ୍ୟ ବୋଲି ଗ୍ରହଣ କରିଛନ୍ତି ।

**ଆଲେଗରି :-** ଆଲେକ୍‌ଜେଣ୍ଡ୍ରିଆନ୍ ଜୁଦାଇଜମ୍ ମଧ୍ୟରେ ବାଇବଲ କୁ ଏହି ପ୍ରକାର ଅନୁବାଦ କରିବା ଶୈଳି ଆରମ୍ଭ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ବାକ୍ୟକୁ ଅନ୍ୟର ସଂସ୍କୃତି ସହ ମିଳିତ କରାଇବା । କିମ୍ବା ଜ୍ଞାନ ଶାସ୍ତ୍ର ଜରିଆରେ ବାଇବଲ୍‌ର ଐତିହାସିକ ନିୟମ ଏବଂ ଆକ୍ଷରିକ ପୃଷ୍ଠ ଭୂମିକୁ ଅଶ୍ୱିକାର କରି ପାରନ୍ତି । ଏହା ଲୁକାଇତ ହୋଇ ଅଛି କିମ୍ବା ପ୍ରତ୍ୟେକ ପୃଷ୍ଠାର ଆତ୍ମିକ ଅର୍ଥ ଲୁକାଇତ ଅଛି । ଏହା କେବଳ ଯୀଶୁ ହୋଇ ପାରନ୍ତି । ମାଥିଉ ୧୩ ଏବଂ ପାଉଲ ଗାଲ ୧ : ୪ ରୁପକରକ ସତ୍ୟକୁ ବ୍ୟବହାର କରୁଥିଲେ । ଯାହା ହେଉ ପଛେ ଏହା ଏକ ଗଳ୍ପ କାରକ ଥିଲା । ସମ୍ପୁର୍ଣ୍ଣ ଭାବେ ଏହା ରୁପକାରକ ନ ଥିଲା ।

**ଲେକ୍‌ସିକାନର ବିଶ୍ଲେଷଣ**

ଏହା ଏକ ପ୍ରକାର ଗବେଷଣା କେନ୍ଦ୍ର ଅଟେ । ସେଠାରେ ଗ୍ରିକ୍ ନୂତନ ନିୟମର ପ୍ରତ୍ୟେକ ଶବ୍ଦକୁ ଜାଣିବାରେ ସାହାଯ୍ୟ କରିଥାଏ । ଗ୍ରିକ୍ ଅକ୍ଷରର ଏହା ଏକ ସଂପୁର୍ଣ୍ଣ ଶ୍ରେଣୀଭୁକ୍ତ ଅଟେ । ଅନୁବାଦ ସହ ଏହା ସଂଯଜକ ଅଟେ । ଗ୍ରିକ୍ ପଢ଼ିପାରୁ ନ ଥିବା ବିଶ୍ୱାସିମାନଙ୍କୁ ନୂତନ ନିୟମ ଗ୍ରିକ୍ ବାକ୍ୟରଣ କୁ ବିଶେଷଣ କରିବା ପାଇଁ ସାହାଯ୍ୟ କରିଥାଏ ।

**ବାକ୍ୟ ସଦୃସ୍ୟ :-** ଏହି ବର୍ଣ୍ଣିତ ପଦର ମତ ଏହା ଅଟେ, ଯେ ବାଇବଲ ସମ୍ପୁର୍ଣ୍ଣ ଈଶ୍ୱରଙ୍କ ପ୍ରେରଣାରେ ଲେଖାଯାଇଛି । ସେଥିଯୋଗୁ ଏଠାରେ କୌଣସି ମତାନ୍ତର ନାହିଁ । କିନ୍ତୁ ଏହା ପ୍ରଶଂସା ସୁଚକ ଅଟେ । ବାଇବେଲ ସମନ୍ଧିୟ ବହିର ଅନୁବାଦ ର ପୂର୍ବ କଳ୍ପନାକୁ ସତ୍ୟ ବୋଲି ପ୍ରମାଣିତ କରିଥାଏ ।

**ଅସ୍ପଷ୍ଟତା**

ଏହା ଅନିଶ୍ଚିତାକୁ ଦର୍ଶାଇଥାଏ । ତାର ଫଳାଫଳ ପୁସ୍ତକରେ ଲିଖିତ ହୋଇଅଛି । ଯେତେବେଳେ ସେଠାରେ ଦୁଇର ଅଧିକ ସମ୍ଭାବନା ଅର୍ଥ କିମ୍ବା ସେତେବେଳେ ଦୁଇର ଅଧିକ ବିଷୟ ଦର୍ଶାଇ ଦିଆଯାଇଛି । ହୋଇ ପାରେ ଯୋହନ ଜ୍ଞାତରେ ଅସ୍ପଷ୍ଟତା ତାକୁ ବ୍ୟବହାର କରାଯାଇଛି ।

**ବ୍ୟକ୍ତିତ୍ୱ - ଦେଉ**

ମନୁଷ୍ୟମାନଙ୍କ ଚରିତ୍ର ସହିତ ଯଡ଼ିତ ଅଟେ । ଏହି ପଦକୁ ଆମର ଉତ୍ସବ ଭାଷାରେ ଈଶ୍ୱର ବୋଲି ବର୍ଣ୍ଣନା କରାଯାଇଛି । ଗ୍ରିକ୍ ଶବ୍ଦ ମାନବ ଜାତି ଠାରୁ ଏହି ଶବ୍ଦ ଆସିଅଛି, ଏହାର ଅର୍ଥ ସଦାପ୍ରଭୁଙ୍କ ସହିତ କଥା ହେଇଥାଉ ଯେପରି ସେ ଜଣେ ମଣିଷ ଅଟନ୍ତି । ଈଶ୍ୱରଙ୍କୁ

ଶାରିରିକ ସାମାଜିକ, ମାନସିକ, ରୁପରେ ବର୍ଣ୍ଣନା କରାଯାଇଛି, ତାହା ମନୁଷ୍ୟର ସମ୍ପର୍କକୁ ଜଡ଼ିତ କରିଛି (cf ଆଦି ୩ : ୮ ୧ମ ରାଜା ୨୨ : ୧୯ - ୨୩) । ନିଶ୍ଚୟ ଏହା କେବଳ ଅନୁରୁପ ଅଟେ । ଯାହା ହେଉ ପଛେ ସେଠାରେ କିଛି ଶ୍ରେଣୀ ଭୁକ୍ତ ନାହିଁ । କିମ୍ବା ଏହି ଶବ୍ଦକୁ ମନୁଷ୍ୟ ବ୍ୟତିତ ଥରେ ଆମ୍ଭମାନଙ୍କ ପ୍ରତି ବ୍ୟବହାର କରାଯାଇଛି । ସେଥି ଯୋଗୁ ଆମ୍ଭର ଜ୍ଞାନ ଈଶ୍ୱରଙ୍କ ପ୍ରତି, ସତ୍ୟତା ଜରିଆରେ, ଏହା ସିମା ଭୁକ୍ତ ଅଟେ ।

**ଆଣ୍ଟିଓକାନ ବିଦ୍ୟାଳୟ**

ଏହି ବାଇବଲ ସମ୍ବନ୍ଧିୟ ଅନୁବାଦର ପ୍ରକ୍ରିୟା ଆଲୋକ୍‌ଜେଣ୍ଡ୍ରିଆର ରୁପ କାରକ ପ୍ରକ୍ରିୟାକୁ ମିଶର ଦେଶରେ ପ୍ରତିକୁଳ ସୃଷ୍ଟି ହୋଇଛି । ଏହାର ମୁଖ୍ୟ ଉଦ୍ଦ୍ୟେଶ ବାଇବଲର ଐତିହାସିକ ଅର୍ଥକୁ କେନ୍ଦ୍ର କରିବା । ବାଇବଲ ଗୋଟିଏ ମନୁଷ୍ୟର ପୁସ୍ତକ ବୋଲି ଅନୁବାଦ କରାଯାଇଛି । ଏହି ବିଦ୍ୟାଳୟ ବିବାଦିୟ ବିଷୟ ଉପୁଜାଇଲା ଯେପରି ଯିଶୁଙ୍କର ଦୁଇଗୋଟି ଅବସ୍ଥା ଥିଲା । କିମ୍ବା ଗୋଟିଏ ଅବସ୍ଥା ସମ୍ପୂର୍ଣ୍ଣ ଈଶ୍ୱର ଏବଂ ସମ୍ପୁର୍ଣ୍ଣ ମନୁଷ୍ୟ ରୋମାନ୍ କାଥଲିକ୍ ମଣ୍ଡଳି ଦ୍ୱାରା ଏହା କ୍ରମ ଶିକ୍ଷା ବୋଲି ମାନୁ ଥିଲେ । ଏବଂ ପାରଶିୟାକୁ ଘୁଞ୍ଚାଇ ଦିଆ ଯାଇଥିଲା । କିନ୍ତୁ ବିଦ୍ୟାଳୟରେ ଏହାର ପ୍ରଭାବ ବହୁତ କମ୍ ଥିଲା । ଲୁଥାର୍ ଏବଂ କାଲବନ୍‌ଙ୍କ ପ୍ରତିବାଦ ଯୋଗୁ ଏହାର ଉଚିତ୍ ଅନୁବାଦ କରାଯାଇ ଥିଲା ।

**ପରସ୍ପର ବିରୋଧୀ :**

ଏହା ଏକ ବର୍ଣ୍ଣନା ଆତ୍ମକ ଶବ୍ଦ ବ୍ୟବହାର କରଯାଇଛି । ତାହା ଏବ୍ରୀ କବିତାରେ ଥିବା ଧାଡ଼ିଗୁଡ଼ିକର ସମ୍ପର୍କକୁ ଦର୍ଶାଇ ଥାଏ । କବିତାର ଧାଡ଼ିଗୁଡ଼ିକ ସମ୍ବନ୍ଧରେ ବିପରିତ ଅର୍ଥ ଦେଇଥାଏ । (cf ହିତ ୧୦ : ୧, ୧୫ : ୧) ।

**ପ୍ରଳୟଙ୍କାରି କ୍ଷୁଦ୍ର ପତ୍ରିକା :-**

ଏହା ନିୟନ୍ତଣ କରାଯାଇଥିଲା, ସମ୍ଭାବନା ଯିହୁଦୀମାନଙ୍କ କବିତାରେ ମଧ୍ୟ ଏହାର ନିୟନ୍ତଣ ଅନ୍ୟ ଦେଶର ଶକ୍ତି ଜରିଆରେ ରହଶ୍ୟମାନ ଲେଖାର ବ୍ୟବହୃତ ହେଉଥିଲା । ଏହା ବ୍ୟକ୍ତିଗତର ଉଦାର ନିମନ୍ତେ ଈଶ୍ୱର ସୃଷ୍ଟି କରିଥିଲେ । ଏବଂ ପୃଥିବୀର ଘଟଣାକୁ ନିୟନ୍ତ୍ରଣ, ସଦାପ୍ରଭୁଙ୍କ ନିମନ୍ତେ ଇସ୍ରାଏଲ ଏକ ବିଶେଷ ଯତ୍ନ ପୁର୍ବକ ବୋଲି ଗଣନା କରୁଥିଲେ । ଏହି ପ୍ରତ୍ରିକା ପ୍ରତିଜ୍ଞା କରିଥାଏ । ଅନ୍ତିମରେ ସଦାପ୍ରଭୁଙ୍କ ଜରିଆରେ ବିଜୟ ପ୍ରାପ୍ତ ମିଳି ଥାଏ ।

ଏହା ସଂକେତ ପୁର୍ଣ୍ଣ କାଳ୍ପନିକ ସହିତ ରହଶ୍ୟ ମାନ ଶବ୍ଦ ଅଧିକାଂଶ ସମୟରେ ସତ୍ୟତା ଏକ ରଙ୍ଗ ବୋଲି, ଗଣନା ଦର୍ଶନ, ସ୍ୱପ୍ନ, ଦୁତଗଣ, ଧ୍ୟାନ କରିବା, ରହଶ୍ୟ ଶବ୍ଦ ମାନ ଏବଂ ହିମତର ତିଖିଣତର ଭଲ ଓ ମନ୍ଦ ମଧ୍ୟରେ, ପୁସ୍ତକର କିଛି ଉଦାହରଣ ଏଠାରେ ଦିଆଯାଇଛି । ପୁରାତନ ନୀୟମର ଯିହିଯିକଲ ୩୬ - ୪୮, ଦାନିଏଲ୍ ୭ - ୮, ଯିଖରିୟ । (୨) ନୁତନ ନୀୟମର ମାଥି : ୨୪, ମାର୍କ : ୧୩ ୨ୟ ସେସଲନି : ୨ ଏବଂ ପ୍ରକାଶିତ ।

**ଭୁଲ ପାଇଁ କ୍ଷମା ପ୍ରାର୍ଥନା ଦୁଃଖ ପ୍ରକାଶ କର :-**

'ନ୍ୟାୟର ପ୍ରତିବାଦ କରିବା' ଏହି ଗ୍ରିକ୍ ଶବ୍ଦରୁ ଅନିତ୍ୟ, ଈଶ୍ୱର ସାସ୍ତ୍ରୀୟର ଏହା ଏକ ବିଶେଷ ଅନୁଶାସନ ତାହା ପ୍ରମାଣର ଅ ନୁସନ୍ଧାନ କରିଥାଏ । ଏବଂ ଏହା ଖ୍ରୀଷ୍ଟିଆନ୍ ବିଶ୍ୱାସିର ଯୁକ୍ତି ଯୁକ୍ତ ଆଲୋଚନା ଅଟେ ।

**ସନ୍ୟାସୀ ମାନଙ୍କର ଆଶ୍ରମ:** - 'ପୁର୍ବ କଳ୍ପନା' ସାଧାରଣତଃ ସମାନ୍ତର ଶବ୍ଦ ଅଟେ । ଏହା ପୁର୍ବରେ ଗ୍ରହଣ କରିଥିବା ପୃଷ୍ଠ ଭୂମି ରେ ... ଜ୍ଞାନର ସହିତ ଯୋଡ଼ିତ କରିଥାଏ । କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନ ଗୁଡ଼ିକ ସତ୍ୟ ବୋଲି ମାନି ନିଅନ୍ତି, ଏହାକୁ ବିନା ପରିକ୍ଷାରେ କିମ୍ବା ବିଶ୍ଳେଷଣ ଦ୍ୱାରା ଗ୍ରହଣ କରାଯାଇଛି ।

**ଆରିଆନ୍**

ଆରିୟମାନେ ମଣ୍ଡଳିର ପ୍ରେସ୍ ବିଟେରି ଥିଲେ । ମିଶର ଆଲେକ୍ ଜେଣ୍ଡେରିଆଙ୍କ ତୃତିୟ ଏବଂ ଚତୁର୍ଥ ଶତାବ୍ଦୀ ମଧ୍ୟରେ ଯୀଶୁ ଆଦ୍ୟରେ ଥିଲେ ଏହି ବିଷୟକୁ ସେ ପ୍ରମାଣିତ କଲେ । କିନ୍ତୁ ଦବିକ୍ୟ ନୁହେଁ, (ପିତାଙ୍କ ଯେଉଁ ପ୍ରକାର ମୌଳିକ ପ୍ରାକୃତି ସେହି ପରି ପୁତ୍ରଙ୍କ ନ ଥିଲା) । ସମ୍ଭାବନା ତଳେ ଦିଆଯାଇଛି ହିତ : ୮ : ୨୨ - ୩୧, ସେହି ବ୍ୟକ୍ତି ଆଲେକଜେଣ୍ଡେରିଆ ଧର୍ମ ଯାଜକଙ୍କ ଦ୍ୱାରା ପ୍ରତିଯୋଗିତା ପାଇଁ ଆହ୍ୱାନ ପ୍ରାପ୍ତ ହୋଇ ଥିଲେ । ଅନେକ ବର୍ଷ ଧରି ତର୍କ ଚାଲିଆସୁଥିଲେ ପୂର୍ବିୟ ମଣ୍ଡଳିମାନଙ୍କର ଆରିଆନ୍‌ମାନଙ୍କର ସରକାରୀ ଭାବରେ ତାଙ୍କ ପୁସ୍ତକକୁ ଗ୍ରହଣ କରାଗଲା । ନିକିୟ ବୈଠକ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ପରେ ୩୨୫ ଗ୍ରହଣ କରିବାକୁ ଆରିଆୟାନ୍ ମନା କରିଥିଲେ । ଏବଂ ପୁତ୍ରଙ୍କର ସମ୍ପୁର୍ଣ୍ଣ ଈଶ୍ୱରଙ୍କୁ ସତ୍ୟ ବୋଲି ପ୍ରମାଣିତ କରିଥିଲେ

**ଆରିଷ୍ଟଟାଲ୍ :-**

ପୁରାତନ ଗ୍ରିକ୍‌ର ସେ ଜଣେ ଦର୍ଶନ ସାସ୍ତ୍ରଜ୍ଞ ଥିଲେ । ପ୍ଲେଟଙ୍କ ଶିଷ୍ୟ ଥିଲେ । ମହାନ୍ ଆଲେକ୍‌ଜେଣ୍ଡେର୍ ଶିକ୍ଷକ, ଆଧୁନିକ ଶିକ୍ଷାର ବର୍ତ୍ତମାନ ତାଙ୍କର ପ୍ରଭାବ ବହୁ ଦୁର ଦୁରାନ୍ତର କୁ ପହଞ୍ଚି ପାରିଛି । କାରଣ ସେ କହିଲେ ଧ୍ୟାନ ଦ୍ୱାରା ଜ୍ଞାନକୁ ଲାଭ କରି ହୁଏ, ଏବଂ ଶ୍ରେଣୀ ଭୁକ୍ତ କରାଯାଇ ପାରେ । ବୈଜ୍ଞାନିକ ପ୍ରଣାଳିର ଏହା ଏକ ସିଦ୍ଧାନ୍ତ ଅଟେ ।

**ବିଖ୍ୟାତ ବ୍ୟକ୍ତିଙ୍କ ଦସ୍ତଖତ :-**

ବାଇବଲର ବିଶେଷ ଲେଖା ଗୁଡ଼ିକୁ ନାମାଙ୍କନ କରାଯାଇଛି ? ପ୍ରଥମର ଲେଖା ହୋଇଥିବା ପୁସ୍ତକ ହଜି ଯାଇଛି । କେବଳ ଏହାର ପ୍ରତିଲିପିମାନ କହି ଅଛି । ପୁରାତନ ପୁସ୍ତକ, କିମ୍ବା ଏବ୍ରୀ କିମ୍ବା ଗ୍ରିକ୍ ହସ୍ତ ଲେଖାର ଏହା ହିଁ ଉତପତି ସ୍ଥଳ ସମସ୍ତ ପୁସ୍ତକ ନିମନ୍ତେ ।

**ବିଜାଇ**

ଷଷ୍ଠ ଶତାବ୍ଦୀର ଏହା ଏକ ଗ୍ରିକ୍ ଏବଂ ଲାଟିନ ପୁସ୍ତକ ଅଟେ । ଏହାକୁ 'ଡି' ବୋଲି ଆଖ୍ୟା ଦିଆଯାଇଛି । ଏଠାରେ ସୁସମାଚାର, ପ୍ରେରିତ, ଏବଂ କେତେକ ଛୋଟ ପୁସ୍ତକ ଗୁଡ଼ିକ ଏହା ଅନ୍ତରଭୁକ୍ତ, ଏହା ସାମ୍ପ୍ରୀୟମାନଙ୍କର ଅଙ୍କ ଜରିଆରେ ଏହାକୁ ଚରିତ୍ର ଭୁକ୍ତ କରାଯାଇଛି । ଏହାର ମୁଳ ଆଧାର 'ଟେକସ୍ ଟୁ-ରିସୁବଟୁସ୍' ଗ୍ରିକ୍ ହସ୍ତ ଲେଖାର ପରମ୍ପରା କିଙ୍ଗ୍ ଜେମସ୍ ପୁସ୍ତକ ।

**ପୂର୍ବ ମତର ପ୍ରଭାବ :-**

ଏହି ଶବ୍ଦ ପୂର୍ବ କଳ୍ପନାର କାର୍ଯ୍ୟ କୁ ବର୍ଣ୍ଣନା କରିଥାଏ । ଏହି ମତରେ ଏହା କଳ୍ପନାର ବିଷୟ, କୌଣସି ବସ୍ତୁ ପ୍ରତି ପକ୍ଷପାତ କରିବା ବହୁତ କଷ୍ଟକର ଅଟେ । ଏହା ପୂର୍ବ ମତର ନିର୍ଦ୍ଦିଷ୍ଟ ସ୍ଥାନ ଅଟେ ।

**ବାଇବଲ ସମ୍ବନ୍ଧିୟ ଅଧିକାର :-**

ବିଶେଷ ଅର୍ଥରେ ଏହି ଶବ୍ଦର ପ୍ରୟୋଗ କରଯାଇଛି । ଲେଖକ ... ଦିନରେ ସେ ସଜ୍ଞା କରି ବୁଝାଇଛନ୍ତି । ଏବଂ ବର୍ତ୍ତମାନ ଦିନ ମାନଙ୍କରେ ସେ ସତ୍ୟର ପ୍ରୟୋଗ କରିଛନ୍ତି । ବାଇବଲ ସମ୍ବନ୍ଧୀୟ ଅଧିକାର ଅର୍ଥ ଏହା ଅଟେ ବାଇବଲ ହିଁ ଆମର ଅଧିକାରର ମାର୍ଗ ଅଟେ । ଯାହା ହେଉ ପଛେ ବିଜୁଳିର ଉଜ୍ଜ୍ୱଳ ଦ୍ୱାରା ଭୁଲ ଅନୁବାଦ କରିବା । ମୁଁ ଚିନ୍ତା ଧାରାକୁ ମୁଁ ସିମିତ କରିଅଛି । ଐତିହାସିକ ବାକ୍ୟରଣର ସିଦ୍ଧାନ୍ତ ଜରିଆରେ ବାଇବଲକୁ ଅନୁବାଦ କରାଯାଇଛି ।

**କାନନ :-**

ଏହି ପଦ ଲେଖିବା ବିଷୟକୁ ବର୍ଣ୍ଣନା କରାଯାଇଛି । ତାହା ସମ୍ପୁର୍ଣ୍ଣ ଈଶ୍ୱରଙ୍କ ଠାରୁ ପ୍ରେରଣା ପ୍ରାପ୍ତ ବୋଲି ବିଶ୍ୱାସ କରାଯାଇଛି । ଉଭୟ ପୁରାତନ ନିୟମ ଏବଂ ନୂତନ ନିୟମ ଈଶ୍ୱରଙ୍କ ପ୍ରେରଣା ଦ୍ୱାରା ଲିଖିତ ହୋଇଛି ।

**କ୍ରିଷ୍ଟସେଣ୍ଟ୍ରିକ୍ :-**

ଏହି ଶବ୍ଦ ଈଶ୍ୱରଙ୍କ ପ୍ରଧାନତ୍ୱକୁ ବର୍ଣ୍ଣନା କରଯାଇଛି । ସମସ୍ତ ବାଇବଲ ପ୍ରଭୁ ଯୀଶୁ ଅଟନ୍ତି । ପୁରାତନ ନିୟମ ତାଙ୍କ ଆଡ଼କୁ ଲକ୍ଷ କରିଥାଏ । ଏବଂ ଯୀଶୁ ହିଁ ଲକ୍ଷକୁ ସଫଳ କରୁଛନ୍ତି । (cf ମାଥିଉ ୫ : ୧୭ - ୪୮)

**ଟିପ୍ପଣି ସମୂହ :-**

ଏହା ଏକ ପ୍ରକାର ଗବେଷଣା କେନ୍ଦ୍ର ଅଟେ । ବାଇବଲ ସମ୍ବନ୍ଧରେ ସାଧାରଣତଃ ଏହା ଏକ ପୃଷ୍ଠଭୂମି ଦେଇଥାଏ । ବହିର ପ୍ରତିପର୍ଯ୍ୟାୟ ର ଅର୍ଥକୁ ବୁଝାଇବା ପାଇଁ ଚେଷ୍ଟା କରିଥାଏ । କେତେକ ଅନୁରୋଧକୁ କେନ୍ଦ୍ର କରି ଥାନ୍ତି, ଅନ୍ୟ ଲୋକମାନେ ପୁସ୍ତକକୁ ଅନ୍ୟ ଢଙ୍ଗରେ ବ୍ୟବହାର କରନ୍ତି । ଏହି ପୁସ୍ତକଗୁଡ଼ିକ ଅତ୍ୟନ୍ତ ସାହାଯ୍ୟକାରୀ ଅଟେ । ପ୍ରାଥମିକ ପର୍ଯ୍ୟାୟରେ ଜଣେ ବ୍ୟକ୍ତି ଅଧ୍ୟୟନ କରିଥିବା ଆବଶ୍ୟକ ଅଟେ । ଧାରାବାହିକ ଅନୁବାଦ କରୁଥିବା ବ୍ୟକ୍ତିଙ୍କୁ ସମାଲୋଚନ ଦୃଷ୍ଟିରେ ଗ୍ରହଣ ଉଚିତ୍ ନୁହେଁ । ଈଶ୍ୱର ଶାସ୍ତ୍ର ସମ୍ବନ୍ଧିୟ ଅନେକ ପୁସ୍ତକକ ଏକାଠି କରି ପଠନ କଲେ, ଲାଭ ଦାୟକ ହୋଇଥାଏ ।

**ଐକ୍ୟ ବିଶିଷ୍ଟ :-** ବାଇବଲର ଅଧ୍ୟୟନ ନିମନ୍ତେ ଏହା ଏକ ପ୍ରକାର ଗବେଷଣାର ସାମଗ୍ରି ଅଟେ । ପୁରାତନ ନିୟମ ଏକ ନୂତନ ନିୟମ ପ୍ରତ୍ୟେକ ଘଟଣାବଳିକୁ ତାଲିକା କରିଥାଏ । ଅନେକ ମାର୍ଗରେ ଏହା ସାହାଯ୍ୟ କରିଥାଏ । ୧. ପ୍ରତ୍ୟେକ ଇଂରାଜୀ ଶବ୍ଦର, ଏବ୍ରି କିମ୍ବା ଗ୍ରିକ୍ ଶବ୍ଦର ନିଷ୍ପତି ପଛରେ ରହିଥାଏ । ୨. ଅଧ୍ୟାୟର ତୁଳନା ଯେଉଁ ଠାରେ ଏବିଭାଷାକୁ ଓ ଗ୍ରୀକ୍ ଭାଷାର ସମାନ୍ତର ଏବ୍ରି ଓ ଗ୍ରିକ୍ ଶବ୍ଦକୁ ଅନୁବାଦ କରାଯାଇଛି । ୪. ବାରମ୍ବାର ଗୋଟିଏ ଶବ୍ଦକୁ ଗୋଟିଏ ବହିର ଲେଖକ ଏଠରେ ଦର୍ଶାଇଛନ୍ତି । ୫. ବାଇବଲ ମଧ୍ୟରେ ଜଣକୁ ଅଧ୍ୟାୟ ପାଇବାରେ ସାହାର୍ଯ୍ୟ କରିଥାଏ । (cf ୱାଲଟର କ୍ଲର୍କ. ଗ୍ରିକ୍ ନୁତନକୁ କିପରି ବ୍ୟବହାର କରି ହୁଏ । ୫୪ - ୫୫)

**ମୃତ୍ୟୁ ସାଗର**

ଏହା ପୁରାତନ କାଳର ଏବ୍ରୀ ଭାଷାରେ ଲିଖିତ ପୁସ୍ତକର ଏକ ପର୍ଯ୍ୟାୟ ଅଟେ । ୧୯୪୭ ମସିହାରେ ଆରାମିୟ ମାର୍କ ମୃତ୍ୟୁ ସାଗର ନିକଟରେ ପାଇ ଥିଲେ । ପ୍ରଥମ ଶତାବ୍ଦୀରେ ସେମାନେ ଯିହୁଦା ଧର୍ମାବଲମ୍ବୀ ଥିଲେ । ରୋମୀୟମାନଙ୍କର ଜୀବିକା ଏବଂ ଜୀଲଟମାନଙ୍କର ଯୁଦ୍ଧ ସମୟରେ ଏହି ପୁସ୍ତକକୁ ଗୁମ୍ଫା ମଧ୍ୟରେ ଲୁଚାଇ ରଖିଲେ । ପ୍ରଥମ ଶତାବ୍ଦୀରେ ପାଲାଷ୍ଟିୟନ୍‌ମାନେ ଏହି ଐତିହାସିକ ବିଷୟକୁ ବୁଝିବାରେ ସାହାଯ୍ୟ କରିଥିଲେ । ଏବଂ ଆରମ୍ଭରୁ ମଶଲେଟିକ୍ ପୁସ୍ତକକୁ ସତ୍ୟ ବୋଲି ପ୍ରମାଣିତ କଲେ । ଅନେକ ବର୍ଷ ପୂର୍ବର ସେମାନଙ୍କୁ ଡି.ଏସ୍.ଏସ୍ ବୋଲି ଆଖ୍ୟା ଦିଆଯାଇଥିଲା ।

**ତର୍କ ଶାସ୍ତ୍ର**

ଏହା ତର୍କ ଶାସ୍ତ୍ରର ପ୍ରକ୍ରିୟା କିମ୍ବା ଜ୍ଞାନ ସାଧାରଣ ନିୟମରୁ ବିଶେଷତ ଅନୁରୋଧ କରିଥାଏ । ଜ୍ଞାନ ଜରିଆରେ ତର୍କଶାସ୍ତ୍ରର ଜ୍ଞାନର ବିପରିତ ଏହା ଅଟେ । ତାହା ବୈଜ୍ଞାନିକ ପ୍ରକ୍ରିୟା ଦ୍ୱାରା ବିଶେଷ ଧ୍ୟାନ କରି ସାଧାରଣ ସମାପ୍ତ ଦିଗରେ ପହଞ୍ଚିଛି ।

**ତର୍କ ବିଦ୍ୟା**

ଏହା ଏକ ଜ୍ଞାନର ପ୍ରକ୍ରିୟା ଯେଉଁଠାରେ ମତାନ୍ତର ଦେଖଯାଏ । ଉଭୟ ବିରୁଦ୍ଧ ମତ ଚରଣ ଦେଖାଯାଏ । ଏକତ୍ରୀକରଣ ହୋଇ ଉତ୍ତର ଖୋଜନ୍ତି । ଯେଉଁଠାରେ ଉଭୟ ପାର୍ଶ୍ୱରେ ବିରୁଧାଚରଣ ମତ ସଂଲଗ୍ନ ହୋଇଥାଏ । ଅନେକ ବାଇବଲ ସମ୍ବନ୍ଧୀୟ ଦୁଇଗୋଟି ତର୍କବିଦ୍ୟା ଅଛି । ପୂର୍ବ ନିର୍ଦ୍ଧାରିତ, ସ୍ୱାଧୀନ, ସୁରକ୍ଷା, ଆତ୍ମସଂଯୋଗ, ବିଶ୍ୱାସ, କାର୍ଯ୍ୟ, ନିଷ୍ପତି, ଶିଷ୍ୟତ୍ୱ, ଖ୍ରୀଷ୍ଟିଆନ୍ ବ୍ୟକ୍ତି, ଖ୍ରୀଷ୍ଟିଆନ୍‌ମାନଙ୍କର ଦାୟିତ୍ୱ ।

**ଦାଇଶପରା**

ଏହା ଏକ ଯନ୍ତ୍ର ବିଦ୍ୟା ଗ୍ରୀକ୍ ଭାଷା ଆଲାଷ୍ଟଣ୍ଡ ଦ୍ୱାରା ବ୍ୟବହାର ହୋଇଛି । ଯେଉଁ ଯିହୁଦୀମାନେ ପ୍ରତିଜ୍ଞା ଦେଶର ଭୌଗୋଳିକ ସ୍ଥାନ ବାହାରେ ରହୁଥିଲେ ସେମାନଙ୍କ ବିଷୟରେ ଏହା ବର୍ଣ୍ଣନା କରାଯାଇଛି ।

**ଭୌତିକ ଶକ୍ତିର ସମାନତା**

ବାଇବଲ ଅନୁବାଦର ଏହା ଏକ ସିଦ୍ଧାନ୍ତ ଅଟେ । ବାଇବଲ ଅନୁବାଦକୁ ପଦ ଏବଂ ପଦ ମଧ୍ୟରେ ପରସ୍ପରର ଆଦାନ ପ୍ରଦାନ ହୋଇଥାଏ ।

ପ୍ରତ୍ୟେକ ଏବ୍ରୀ ଏବଂ ଗ୍ରୀକ୍ ଶବ୍ଦର ସ୍ଥିତି ଜାଣିବା ନିମନ୍ତେ ଗୋଟିଏ ଇଂରାଜୀ ଶବ୍ଦ ତହିଁ ମଧ୍ୟରେ ପ୍ରଧାନ କରିଥାଏ । ଯେଉଁ ଜାଗାରେ ବିଷୟର ଅନୁବାଦକୁ ନ୍ୟୁନମାନର ସମ୍ମାନ ପ୍ରଦାନ କରାଯାଇଛି । ଭୌତିକ ଶକ୍ତିର ସମାନତା ଏହି ଦୁଇଗୋଟି ସିଦ୍ଧାନ୍ତ ମଧ୍ୟରେ ଯେଉଁ ସିଦ୍ଧାନ୍ତ ଗମ୍ଭିର ସହ ପ୍ରଥମ ପୁସ୍ତକକୁ ନେଇଥାଏ । କିନ୍ତୁ ଏହା ଆଧୁନିକ ବ୍ୟାକରଣ ଅନୁଯାୟୀ ଅନୁବାଦ କରିଥାନ୍ତି ଏହି ବିଭିନ୍ନ ପ୍ରକାର ଅନୁବାଦର ସିଦ୍ଧାନ୍ତ ପରେ ଏକ ବାସ୍ତବିକ୍ ସାମଲୋଚନା କରାଯାଇଥାଏ । ଏବଂ ସବୁ ପରିସ୍ଥିତିରେ ବାଇବଲକୁ କି ପ୍ରକାର ଅଧ୍ୟୟନ କରିବା । ରବର୍ଟ ବ୍ରାଚେର୍ ଉପକ୍ରମ ଟି,ଇ ।

**ନାନା ଗ୍ରନ୍ଥରୁ ସାର ସଂଗ୍ରହକାରୀ**

ଏହି ଶବ୍ଦ ବିଭିନ୍ନ ଗ୍ରନ୍ଥର ସମାଲୋଚନା ସଂଲଗ୍ନକାରୀ ଅଟେ । ବିଭିନ୍ନ ଗ୍ରୀକ୍ ପୁସ୍ତକକୁ ପଢ଼ିବା ପାଇଁ ପସନ୍ଦ କରିଥାଏ । ଯାହା ଫଳରେ ସେହି ପୁସ୍ତକରେ ପହଞ୍ଚ ପ୍ରଥମରେ ଲେଖା ହୋଇଥିବା ହସ୍ତଲିପିକୁ ନଷ୍ଟ କରିବା ପାଇଁ ପ୍ରୟାଶ କରିଥାଏ । ପ୍ରଥମ ଲେଖା ଲେଖାହୋଇଥିବା ହସ୍ତ ଲେଖାକୁ କେଉଁ ଗୋଟିଏ ପରିବାର ଗ୍ରୀକ୍ ଲେଖାକୁ ପ୍ରାପ୍ତ କରିଥିଲେ । ଏହି ମତକୁ ସେମାନେ ତିରସ୍କାର କରନ୍ତି ।

ଅବିଚାର କରିବ

ବିଚାର କରିବାର ବିପରୀତ ଶବ୍ଦ ଅଟେ । ଯଦି ଏହି ବାକ୍ୟ ଲେଖକଙ୍କ ଇଚ୍ଛାକୁ ଆଗେଇ ନେଇଥାଏ । ଅନ୍ୟ ପକ୍ଷରେ ଏହି ଶବ୍ଦ ଅନ୍ୟର ମତରେ ପରିଚାଳିତ ହୋଇଥାଏ ।

**ମୂଳ ଶବ୍ଦ**

ଏହା ଏକ ଶବ୍ଦର ଅଧ୍ୟୟନର ଦୃଷ୍ଟି କରଣ ତାହା ଗୋଟିଏ ଶବ୍ଦର ଉଚିତ୍ ଅର୍ଥ ଖୋଜି ବାହାର କରିଥାଏ । ଏହି ମୂଳ ଶବ୍ଦ ବିଶେଷତ୍ୱର ବ୍ୟବହାର ସହଜରେ ଚିହ୍ନଟ କରିବେ । ମୂଳ ଶବ୍ଦକୁ ଅନୁବାଦ କରିବାର ଏହା ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ବରଂ ସମାନ୍ତର ଅର୍ଥ ଏବଂ ଶବ୍ଦର ପ୍ରୟୋଗ ।

**ବ୍ୟାଖ୍ୟା କରିବା**

ଏହା ଏକ କୌଶଳଯୁକ୍ତ ଶବ୍ଦ ଅଟେ । କୌଣସି ଏକ ବିଶେଷ ଅଧ୍ୟାୟର ଅନୁବାଦ କରିବା ଅଭ୍ୟାସ ଦର୍ଶାଇ ଥାଏ । ଏହାର ଅର୍ଥ ଅଧ୍ୟାୟର ପରିଚାଳନା କରିବା । ଆମର ଉଦ୍ଦେଶ୍ୟକୁ ଲେଖକଙ୍କ ମତ୍ତକୁ ଐତିହାସିକ ମାଧ୍ୟମରେ ଆକ୍ଷରିକ ପୃଷ୍ଠଭୂମି, ବାକ୍ୟ ରଚନା ମାଧ୍ୟମରେ ବୁଝିହୁଏ । ଏବଂ ଶବ୍ଦର ସମାନ୍ତର ଅର୍ଥ ।

**ଧାରା**

ଏହା ଏକ ପ୍ରେଞ୍ଚ ଶବ୍ଦ ତାହା ବିଭିନ୍ନ ପୁସ୍ତକ ବିଷୟରେ ଦର୍ଶାଇ ଥାଏ । ଶବ୍ଦର ମୁଖ୍ୟ ଉଦ୍ଦେଶ୍ୟ ପୁସ୍ତକଗୁଡ଼ିକ ବିଭିନ୍ନ ଶ୍ରେଣୀର ବା ବିଭାଜନ କରିବା, ତାହା ସର୍ବ ସାଧାରଣ ଗୁଣ ଗୁଡ଼ିକ ପ୍ରକାଶ କରିଥାଏ । ଐତିହାସିକ ବିବରଣ, କବିତା, ହିତୋପଦେଶ, ରହସ୍ୟମୟ ଏବଂ ବୈଠକ ।

**ନଷ୍ଟି ସିଜମ୍**

ଦ୍ୱିତୀୟ ଶତାବ୍ଦୀର ନଷ୍ଟିକମାନଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ହିଁ ଧର୍ମର ବିରୁଦ୍ଧାଚରଣ ଭାବ ସୃଷ୍ଟି ହୋଇଛି । ଯାହାହେଉ ପଛେ ପ୍ରଥମ ଶତାବ୍ଦିର ଆରମ୍ଭଠାରୁ ହିଁ ଏହି ପ୍ରକାର ମତ ବ୍ୟବହାର କାରାଯାଉଥିଲା । ଭାଲେନଟିୟାନଙ୍କର ମତବାଦ ଏବଂ ଏହି ଦ୍ୱିତୀୟ ଶତାବ୍ଦୀର କେରିନ୍ତିୟାନ ନଷ୍ଟି ସିଜମମାନଙ୍କ ମତଗୁଡ଼ିକ (୧) ଭାବନା ଏବଂ ଆତ୍ମା ଦୁହେଁ ସମାନ ଚିରସ୍ଥାୟୀ (ଭାବନାତ୍ମକ ଦ୍ୱିମତ) । ଭାବନା ମନ୍ଦ ବିଷୟ ଅଟେ ଏବଂ ଆତ୍ମ ଉତ୍ତମ ଅଟେ । ଇଶ୍ୱର ଆତ୍ମା ଅଟନ୍ତି । ସେ କେବେହେଲେ ମନ୍ଦ ଭାବନାରେ ପ୍ରବେଶ କରନ୍ତି ନାହିଁ । (୨) ସେଠାରେ ନିର୍ଗମ (ଦୁତମାନଙ୍କ ସ୍ତରମାନ) ଇଶ୍ୱର ଏବଂ ଭାବନା ମଧ୍ୟରେ ଶେଷରେ କିମ୍ବା ସବୁଠୁ ଛୋଟ ହେଲା ଯୋହୱା ପୁରାତନ ନିୟମଠାରେ । ଯିଏ ଏହି ପୃଥିବୀକୁ ନିର୍ମାଣ କରିଛନ୍ତି । (୩) ଯୋହୱାଙ୍କ ଭଳି ଯୀଶୁ ମଧ୍ୟ ନିର୍ଗମ ଅଟନ୍ତି । କିନ୍ତୁ ଶକ୍ତିରେ ଅଧିକ ଅଟନ୍ତି । ଏବଂ ସତ୍ୟ ପରମେଶ୍ୱରଙ୍କ ନିକଟବର୍ତ୍ତୀ ଅଟନ୍ତି । କେତେକ ତାଙ୍କୁ ଉଚ୍ଚ ସ୍ଥାନରେ ରଖନ୍ତି କିନ୍ତୁ ହେଲେ ମଧ୍ୟ ଇଶ୍ୱରଙ୍କଠାରୁ ସାନ ଅଟନ୍ତି । ଏବଂ ଇଶ୍ୱରଙ୍କ ଅବତାର ବୋଲି ନିଶ୍ଚିତତା ନୁହନ୍ତି । (.. ଯୋହନ ..), ଯେହେତୁ ଭାବନା ମନ୍ଦ ଅଟେ, ଯୀଶୁଙ୍କର ଶାରୀରିକ ରହିପାରେ ନାହିଁ । ଏବଂ ଦୈନିକ ଅଟନ୍ତି । ସେ ଜଣେ ଆତ୍ମିକ ଛାୟାମୂର୍ତ୍ତି ଅଟନ୍ତି । (.. ଯୋହନ ..) (୪) ବିଶେଷ ଜ୍ଞାନ ଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପ୍ରାପ୍ତ କରାଯାଇଥିଲା । ବିଶେଷ ବ୍ୟକ୍ତିଙ୍କ ଜରିଆରେ "ଜ୍ଞାନ" ଏହା ହେଉଛି ପୂର୍ବ ନିର୍ଦ୍ଧାରିତ ଗୁପ୍ତ ଶବ୍ଦ ଅଟେ, ଏହା ଜରିଆରେ ସ୍ୱର୍ଗ ସ୍ତରକୁ ପହଞ୍ଚ ପାରୁଥିଲେ । ଇଶ୍ୱରଙ୍କ ନିକଟକୁ ପହଞ୍ଚିବା ଯିହୁଦୀମାନଙ୍କର ଏହା ନିୟମ ଥିଲା ।

ନଷ୍ଟିକ ମିଥ୍ୟାଶିକ୍ଷକମାନେ ଦୁଇଗୋଟି ଜାତିଗତ ପ୍ରକ୍ରିୟା ବିଷୟରେ ଶିକ୍ଷା ଦେଲେ । (୧) କେତେକଙ୍କ ଜୀବନଶୈଳୀ ସଂପୂର୍ଣ୍ଣ ପରିତ୍ରାଣ ଠାରୁ ଭିନ୍ନ ପ୍ରକାର ଥିଲା । ସେମାନଙ୍କ ନିମନ୍ତେ ପରିତ୍ରାଣ ଏବଂ ଆତ୍ମିକତାକୁ ଗୁପ୍ତ ଶବ୍ଦ ଜ୍ଞାନ ଦ୍ୱାରା ଦୂତମାନଙ୍କ ପାଖରେ ପହଞ୍ଚି ଯାଇଥାଏ । (୨) ଅନ୍ୟମାନଙ୍କ ନିମନ୍ତେ ଜୀବନଶୈଳୀ ପରିତ୍ରାଣ ନିମନ୍ତେ ଜଟିଳ ହୋଇ ପଡ଼ିଥିଲା । ଆତ୍ମିକତା ନିମନ୍ତେ ସନ୍ୟାସୀ ଜୀବନ ନିତାନ୍ତ ଆବଶ୍ୟକ ଅଟେ ବୋଲି କହୁଥିଲେ ।

**ହାରମେନେୟୁଟିକ୍**

ଏହା ଏକ କୌଶଳ ଶବ୍ଦର ନିୟମ ଅଟେ । ତାହା ବ୍ୟାଖ୍ୟା ମୂଳକ ପାଇଁ ସାହାଯ୍ୟକାରୀ ଅଟେ । ଏହା ଉଭୟଙ୍କ ପାଇଁ ବିଶେଷ ନିୟମାବଳୀ ଅଟେ । କଳା, ଉପହାର, ବାଇବଲ ସମ୍ୱନ୍ଧୀୟ କିମ୍ୱା ପବିତ୍ର ହାରମେନେୟୁଟିକକୁ ସାଧାରଣତ। ଦୁଇଟି ଶ୍ରେଣୀରେ ବିଭାଗ କରାଯାଇଛି । ୧ - ସାଧାରଣ ନିୟମ ଏବଂ ୨ - ବିଶେଷ ନିୟମ । ବାଇବଲ ବିଭିନ୍ନ ପ୍ରକାର ପତ୍ର ସହିତ ଏହି ଜଡ଼ିତ ଥାଏ । ପ୍ରତ୍ୟେକ ଭିନ୍ନ ପତ୍ରର ବିଶେଷ ନିୟମାବଳୀ ରହିଛି । କିନ୍ତୁ ସର୍ବସାଧାରଣ ଧାରଣା ବିଷୟରେ ଜଣାଇଥାଏ ଏବଂ ଅନୁବାଦର ପ୍ରକ୍ରିୟା

**ଉଚ୍ଚସ୍ତରୀୟ ସମାଲୋଚନା**

ବାଇବଲ ସମ୍ୱନ୍ଧୀୟ ଅନୁବାଦ କରିବାର ଏହା ପ୍ରକ୍ରିୟା ଅଟେ । ସେଠାରେ ଐତିହାସିକ ଭିତ୍ତି ଭୂମିକୁ କେନ୍ଦ୍ର କରିଥାଏ ଏବଂ ବାଇବଲର କୌଣସି ଏକ ପତ୍ରକୁ ଆକ୍ଷରିକ ଗଠନ ଉପରେ ଧ୍ୟାନ କରିଥାଏ ।

ରୂଢ଼ୋକ୍ତି : ଯାହାର ଅର୍ଥ ଆକ୍ଷରିକ ଅର୍ଥ ଠାରୁ ଭିନ୍ନ ପ୍ରକାର ଅଟେ । କେତେକ ଆଧୁନିକ ଉଦାହରଣ ଏଠାରେ ଦିଆଯାଇଛି । ଏହା ଖୁବ୍ ଉତ୍ତମ ଥିଲା । କିମ୍ୱା ତୁମେ ମୋତେ ପସନ୍ଦ କର । ବାଇବଲ ମଧ୍ୟରେ ଏହି ପ୍ରକାର ବାକ୍ୟ ଦେଖିବାକୁ ମିଳିଥାଏ ।

**ଆଲୋକିତ କରିବା**

ସଦାପ୍ରଭୁ ମନୁଷ୍ୟଙ୍କୁ କହିଲେ, ଏହି ନାମ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି । ତିନିଗୋଟି ଶବ୍ଦରେ ଧାରାରାକୁ ସାଧାରଣତ୍ୱ କୁହାଯାଇଛି । ୧ - ପ୍ରକାଶିତ ସଦାପ୍ରଭୁ ମନୁଷ୍ୟ ମାନଙ୍କ ଇତିହାସରେ କାଯ୍ୟ କରନ୍ତୁ ୨ - ପ୍ରେରଣା - ତାଙ୍କର କାର୍ଯ୍ୟକୁ ସଠିକ ଅନୁବାଦ କରିଛନ୍ତି ଏବଂ ତାହାର ନିର୍ଦ୍ଦିଷ୍ଟ ଅର୍ଥ ପସନ୍ଦ କରୁଥିବା ମନୁଷ୍ୟ ଏବଂ ମାନବ ଜାତିକୁ ଲେଖି ରଖିବା ପାଇଁ ୩ - ଆଲୋକିତ କରିବା; ସେ ତାଙ୍କର ଆତ୍ମା ମାନବ ଜାତିକୁ ଦେଇଛନ୍ତି । ଯାହା ଫଳରେ ସେମାନେ ସଦାପ୍ରଭୁଙ୍କ ବିଷୟ ପ୍ରକାଶ କରିପାରିବେ ।

**ଦୃଷ୍ଟାନ୍ତ**

ତର୍କ ଶାସ୍ତ୍ରର ଏହା ଏକ ପ୍ରକ୍ରିୟା ଅଟେ । କିମ୍ୱା ଜ୍ଞାନ ଯାହାକି କୌଣସି ଏକ ବିଷୟଠାରୁ ସମସ୍ତ ବିଷୟ ଆଡକୁ ଗତି କରିଥାଏ । ଆଧୁନିକ ବିଜ୍ଞାନର ଏହା ଏକ ପରୀକ୍ଷା ସିଦ୍ଧ ପ୍ରକ୍ରିୟା ଅଟେ । ସାଧାରଣତଃ ଏହା ଆରେଷ୍ଟପଲଙ୍କ ମତ ଅଟେ ।

**ମୁଦ୍ରିତ :-** ଏହା ଏକ ଗବେଷଣ ରୂପକ ସାମଗ୍ରୀ ଅଟେ । ଏହା ଦ୍ୱାରା ଯେଉଁମାନେ ବାଇବଲ ସମ୍ୱନ୍ଧୀୟ ଭାଷା ପଢ଼ିପାରନ୍ତି ନାହିଁ । ବିଶେଷ କରି ସେମାନଙ୍କ ପାଇଁ ପଦର ଅର୍ଥ ବିଶ୍ଳେଷଣ କରିବା ପାଇଁ ସମର୍ଥ ହୋଇଥାଏ । ଇଂରାଜୀ ଅନୁବାଦରେ ଏହି ଶବ୍ଦର ଧାଡ଼ି ଧାଡ଼ି କରି ବାଇବଲ ସମ୍ୱନ୍ଧୀୟ ଭାଷାରେ ଦିଆଯାଇଥାଏ । ଏହା ସମାଗ୍ରୀ ଲେକ୍ଶିକନ୍‌ର ବିଶ୍ଳେଷଣ ସହିତ ଜଡ଼ିତ ହୋଇଥାଏ । ଗ୍ରୀକ୍ ଏବଂ ଏବ୍ରୀ ଶବ୍ଦର ପ୍ରାଥମିକ ଅର୍ଥ ଦେଇଥାଏ ।

**ଉତ୍ସାହ ପ୍ରଧାନ**

ବାଇବଲ ସମ୍ୱନ୍ଧୀୟ ଲେଖକମାନଙ୍କ ଜରିଆରେ ଏହି ମର୍ତ୍ତ୍ୟକୁ ସଦା ପ୍ରଭୁ ମାନବ ଜାତିକୁ ଶ୍ରେଷ୍ଠ ଭାବେ କହିଛନ୍ତି । ଏବଂ ତାଙ୍କ ପ୍ରକାଶିତ ବିଷୟକୁ ସମ୍ପୂର୍ଣ୍ଣଭାବେ ଲେଖିରଖିବା ପାଇଁ କହିଛନ୍ତି । ତାଙ୍କ ଚିନ୍ତାଧାରାକୁ ତିନୋଟି ଶବ୍ଦରେ ପ୍ରକାଶ କରାଯାଇଛି । (୧) ପ୍ରକାଶିତ :- ମନୁଷ୍ୟମାନଙ୍କ ଇତିହାସରେ ସଦା ପ୍ରଭୁ କାର୍ଯ୍ୟ କରନ୍ତି । (୨) ଉତ୍ସାହ ପ୍ରଧାନ :- ତାଙ୍କ କାର୍ଯ୍ୟର ସଠିକ୍ ଅନୁବାଦ ପ୍ରଧାନ କରିଛନ୍ତି ଏବଂ ପସନ୍ଦ କରିଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ଲେଖି ରଖିବା ପାଇଁ କହିଛନ୍ତି । (୩) ଆଲୋକିତ କରିବା :- ସେ ତାଙ୍କର ଆତ୍ମା ମାନବ ଜାତିକୁ ପ୍ରଧାନ କରିଛନ୍ତି ଯାହା ଫଳରେ ତାଙ୍କ ବିଷୟରେ ପ୍ରକାଶ କରିପାରିବେ ।

**ଭାଷାର ବର୍ଣ୍ଣନା**

ପୁରାତନ ନିୟମର ରୂଢ଼ୋକ୍ତି ବାକ୍ୟ ସମ୍ୱନ୍ଧରେ ଏହାକୁ ପ୍ରୟୋଗ କରାଯାଏ । ଏହା ପୃଥିବୀକୁ ମାର୍ଗର ପଞ୍ଚ ଇନ୍ଦ୍ରୀୟ ସଦୃଶ ବୋଲି କହିଥାଏ । ଏହା ଏକ ବୈଜ୍ଞାନିକ ମନ୍ତବ୍ୟ ନୁହେଁ । ଏହାର ଅର୍ଥ ମଧ୍ୟ ଏହି ପ୍ରକାର ନଥିଲା ।

**ନିୟମ ପ୍ରତି ଅତ୍ୟଧିକ ଅନୁରୋକ୍ତି**

ଏହି ମନ ଭାବନାକୁ ନିୟମ ଏବଂ ବିଧିବିଧାନକୁ ଅଧିକ ଗୁରୁତ୍ୱ ଦେଇ ଶ୍ରେଣୀଭୁକ୍ତ କରାଯାଇଛି । ମାନବ ଜାତିର କାର୍ଯ୍ୟର ନିୟମ ଏହା ଭରଷା କରି ଇଶ୍ୱରଙ୍କ ଦ୍ୱାରା ଗ୍ରହଣ କରାଯାଇଥାଏ । ଏହା ସଂପର୍କରେ ମୂଲ୍ୟକୁ ହ୍ରାସ କରିଥାଏ ଏବଂ କାର୍ଯ୍ୟ କଳାପକୁ ଉତ୍ତେଜନା କରିଥାଏ । ଦୁଇଟି ଉଭୟ ବିଷୟ ଗୁରୁତ୍ୱପୂର୍ଣ୍ଣ ଅଟେ । ପବିତ୍ର ପରମେଶ୍ୱରଙ୍କର ସମ୍ପର୍କ ଏବଂ ପାପିଷ୍ଠ ମନୁଷ୍ୟ ମଧ୍ୟରେ ।

**ଆକ୍ଷରିକ**

ଜରମାନିଟିଶ୍ ଏହା ଅନ୍ୟ ଏକ ନାମ ପୁସ୍ତକକୁ କେନ୍ଦ୍ରିତ କରାଯାଇଛି । ଏବଂ ଐତିହାସିକ ପ୍ରକ୍ରିୟା ଆଣ୍ଟିଅକ୍‌ଠାରୁ ଏହାର ଅର୍ଥ ଅନୁବାଦରେ ସାଧାରଣ ମାନବଜାତି ଭାଷାର ଅର୍ଥ ପ୍ରୟୋଗ କରାଯାଇଥାଏ । ବର୍ତ୍ତମାନ ମଧ୍ୟ ଏହାକୁ ଦୃଷ୍ଟାନ୍ତ ଭାଷାରେ ଦେଖାଯାଏ ।

**ବହିର କଳା**

ମନୁଷ୍ୟମାନଙ୍କର ଭିନ୍ନ ଭିନ୍ନ ଯୋଗା ଯୋଗ ଖବର ବିଷୟକୁ ଦର୍ଶାଇ ଥାଏ । ଯଥା କବିତା, ଐତିହାସିକ ଘଟଣାବଳୀ ପ୍ରତ୍ୟେକ ପୁସ୍ତକର ନିଜ ନିଜର ବିଶେଷ ଫାରମୁନିଟିକା ପ୍ରକ୍ରିୟା ରହିଛି । ଯେପରି ଲିଖିତ ପୁସ୍ତକ ନିମନ୍ତେ ସାଧାରଣ ନିୟମବଳୀ ଦିଆଯାଇଛି ।

**ପୁସ୍ତକର ଅଂଶ**

ବାଇବଲ ସମ୍ବନ୍ଧୀୟ ପୁସ୍ତକର ମୁଖ୍ୟ ଧାରଣାକୁ ଛୋଟ ଛୋଟ ଅଂଶରେ ବିଭାଜନ କରିଥାଏ । ଏହା କିଛି ପଦଗୁଡ଼ିକ, ଅଧ୍ୟାୟ କିମ୍ବା ପରିଛେଦ ଗୋଟିଏ କର୍ତ୍ତା ସହିତ ନିଜର ବିଭାଜନ ଅଂଶ ।

**ନୀଚ୍ଚ ସ୍ତରୀୟ ସମାଲୋଚନା**

'ପୁସ୍ତକରେ ଥିବା ସମାଲୋଚନାକୁ ଧ୍ୟାନ କରନ୍ତୁ' ।

**ହସ୍ତ ଲେଖା**

ଏହି ଶବ୍ଦ ଗ୍ରୀକ୍ ନୂତନ ନିୟମର ବିଭିନ୍ନ ପୁସ୍ତକ ଜଡ଼ିତ କରିଥାଏ । ସାଧାରଣତଃ ବିଭିନ୍ନ ସ୍ତରରେ ବିଭକ୍ତ କରାଯାଇଛି । (୧) ଯେଉଁ ବସ୍ତୁ ଉପରେ ସେମାନେ ଲେଖିଲେ (ପାପିରସ୍, ଚମଡ଼ା) । (୨) ଲେଖାର ଆକୃତି ମଧରେ (ବଡ଼ ଅକ୍ଷର କିମ୍ବା ପଳାୟନର ହସ୍ତଲେଖା) ଏହାକୁ ଏକ ବଚନ କିମ୍ବା ବହୁ ବଚନରେ ବିଭକ୍ତ କରାଯାଇଛି ।

**ମଶେରେଟିକ୍ ପୁସ୍ତକ**

ଏହା ନବବ ଶତାବ୍ଦୀ ବିଷୟକୁ ପ୍ରକାଶ କରିଥାଏ । ଯିହୁଦୀ ବିଦ୍ୱାନମାନଙ୍କ ବଂଶାବଳି ଦ୍ୱାରା ଏବ୍ରୀ ହସ୍ତଲେଖା ପୁରାତନ ନିୟମକୁ ବାହାର କରାଯାଇଛି । ସେଠାରେ ସ୍ୱର ବର୍ଣ୍ଣ ଏବଂ ଅନ୍ୟାନ୍ୟ ପୁସ୍ତକର ଲେଖାମାନ ହୋଇଛି । ଏହା ଇଂରାଜୀର ପୁରାତନ ନିୟମ ପୁସ୍ତକ ଗଠନ କରିଥାଏ । ଏବ୍ରୀୟମାନଙ୍କ ଦ୍ୱାରା ଏହି ପୁସ୍ତକ ଐତିହାସିକ ମଧମ ଦ୍ୱାରା ସତ୍ୟ ପ୍ରକାଶ କରାଯାଇଛି । ଯିଶାୟଙ୍କ ପୁସ୍ତକକୁ ମୃତ୍ୟୁ ସାଗର ହସ୍ତଲେଖା ବୋଲି ଆଖ୍ୟା ଦିଆଯାଇଛି । ଏହାକୁ 'ଏମ୍‌ଟ' ବୋଲି ଆଖ୍ୟା ଦିଆଯାଇଛି ।

**ଲକ୍ଷଣ ସୂଚକ ଶବ୍ଦ**

ଏହା ଦୃଷ୍ଟାନ୍ତ ରୂପକ ଶବ୍ଦ ଅଟେ । ଯେଉଁଥିରେ ଅନ୍ୟକିଛିର ପରିବର୍ତ୍ତେ ଗୋଟିଏ ନାମକୁ ଯୋଡ଼ିତ କରାଯାଇଛି । ଉଦାହରଣ ସ୍ୱରୂପ 'ପାତ୍ର ଗରମ ହେଉଛି' ଏହାର ଅର୍ଥ ପାଣିକୁ ପାତ୍ର ମଧରେ ଫୁଟାଇବା ।

**ମୁରାଟରିଆନ୍‌ର ଭଗ୍ନ ଅଂଶ**

ନୂତନ ନିୟମର କାନାନିକାଲ ପୁସ୍ତକର ଏହା ଶେଷ ଅଧ୍ୟାୟ ଯୀଶୁଙ୍କ ମଧ ପର ଦୁଇ ଶହ ବର୍ଷ ପରେ ରୋମ୍ ଦେଶରେ ଏହା ଲେଖା ଯାଇଥିଲା । ଏହା ୨୭ଟି ପୁସ୍ତକ ଆଧାରିତ ହୋଇଅଛି । ପ୍ରତିବାଦ କରୁଥିବା ନୂତନ ନିୟମରେ ଯେପରି ୨୭ଟି ପୁସ୍ତକ ଅଛି । ଏହା ସ୍ପଷ୍ଟ ହୋଇଛି । ସ୍ଥାନୀୟ ମଣ୍ଡଳୀଗୁଡ଼ିକ ରୋମାନ୍ ସାମ୍ରାଜ୍ୟ ବିଭିନ୍ନ ବିଭିନ୍ନ ଦିଗରେ କାନନକୁ ବୃହତ୍‌ମଣ୍ଡଳୀ ନିକଟରେ ଚତୁର୍ଥ ଶତାବ୍ଦୀରେ ପ୍ରକାଶ କରିବା ପାଇଁ ଅଭ୍ୟାସ କରିଥିଲେ ।

**ପ୍ରାକୃତିକ ପ୍ରକାଶମାନ**

ଏହା ଗୋଟି ପ୍ରକାର ପର୍ଯ୍ୟାୟ ସ୍ୱୟଂ ସଦାପ୍ରଭୁ ମନୁଷ୍ୟ ନିକଟରେ ପ୍ରକାଶମାନ ହୁଅନ୍ତି । ଏହା ପ୍ରାକୃତିକ ଆଦେଶର ଯୋଡ଼ିତ ରୋମୀ ୧:୧୯-୨୦ ଏବଂ ନୈତିକ ବିବେକତା (ରୋମୀ ୨:୧୪-୧୫) ଏହା କୁହାଯାଇଛି । ଗୀତ ୧୯:୧-୬ ରୋମୀ ୧-୨ ଏହା ବାସ୍ତବ ପ୍ରକାଶମାନ ଭିନ୍ନ ଅଟେ । ସେଠାରେ ସଦାପ୍ରଭୁ ବିଶେଷ ରିତିରେ ବାଇବଲ ମଧରେ ପ୍ରକାଶ ମାନ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନାଜରିତ ଯୀଶୁଙ୍କଠାରେ, ଏହି ଇଶ୍ୱରୀୟ ଶାସ୍ତ୍ରୀୟ ଶ୍ରେଣୀକୁ ପୁନର୍ବାର ଗୁରୁତ୍ୱ କରାଯାଇଛି । ପୁରାତନ ପୃଥିବୀ ଦ୍ୱାରା ଖ୍ରୀଷ୍ଟିଆନ୍ ବିଜ୍ଞାନ ମଧରେ ଜାଗୃତି, ସେମାନେ ସବୁ ସତ୍ୟକୁ ଇଶ୍ୱରଙ୍କ ସତ୍ୟବୋଲି ପ୍ରକାଶ କରନ୍ତି । ପ୍ରାକୃତିକ ଏକ ଭାବମୁକ୍ତ ଜ୍ଞାନର କବାଟ ଇଶ୍ୱରଙ୍କ ବିଷୟରେ, ଉଚିତ୍ ପ୍ରକାଶ ମାନଠାରୁ ଏହା ଭିନ୍ନ ଅଟେ । ଏହା ଆଧୁନିକ ବିଜ୍ଞାନ ସ୍ୱାଧୀନତାକୁ ପ୍ରାକୃତିକର ଗବେଷଣା ମୋ ମତରେ ଏହା ଗୋଟିଏ ନୂତନ ସୁଯୋଗ ଅଟେ । ଯାହା ଫଳରେ ଆଧୁନିକ ବିଜ୍ଞାନରୁ ପାଶ୍ଚାତ୍ୟ ପୃଥିବୀକୁ ସାକ୍ଷ୍ୟ ଦେଇଛି ।

**ନେଷ୍ଟରୀଆନିଜମ୍ :-** ନେଷ୍ଟରିୟ ପଞ୍ଚମ ଶତାବ୍ଦୀରେ କନଷ୍ଟାଇନନେପାଲ ଗୋଷ୍ଠୀରୁ ଆସିଥିଲେ । ଆଣ୍ଟିୟକ୍‌ର ସିରିଆଠାରେ ସେ ତାଲିମ୍ ପ୍ରାପ୍ତ ହୋଇଥିଲେ ଏବଂ ଯୀଶୁଙ୍କର ଦୁଇଗୋଟି ପ୍ରାକୃତିକ ସଦ୍‌ଭାବ ଅଛି ବୋଲି ମାନୁ ଥିଲେ । ଗୋଟିଏ ପକ୍ଷରେ ସେ ସଂପୂର୍ଣ୍ଣ ମାନବ ଥିଲେ ଏବଂ ସଂପୂର୍ଣ୍ଣ ଇଶ୍ୱର ଥିଲେ । ଆଲେକ୍‌ଜେଣ୍ଡିଆ ଧର୍ମ ପରାୟଣତାର ମତ ଠାରୁ ଏହି ମତ ଅଳ୍ପକେ ଭିନ୍ନ ଥିଲା । ନେଷ୍ଟରିୟଶ୍‌ମାନେ ମୁଖ୍ୟତଃ ମାତା ଇଶ୍ୱରଙ୍କ ଉପରେ ଅଧିକ ଧ୍ୟାନ ରଖୁଥିଲେ । ତାହା ହେଉଛନ୍ତି ମରିୟମ୍ । ଶ୍ରୀଲଙ୍କା ଦ୍ୱାରା ଆଲେକ୍‌ଣ୍ଡେରିଆ ମାନଙ୍କୁ ମତକୁ ବିରୋଧ କରାଯାଇଥିଲା ଏବଂ ଆଣ୍ଟିଅକ୍‌ଠାରେ ଯେଉଁ ଶିକ୍ଷା ପ୍ରାପ୍ତ ହୋଇଥିଲେ ତାହାକୁ ସେ ପ୍ରୟୋଗ କଲେ । ଆଣ୍ଟିଅକ୍ ଏହା ଐତିହାସିକ ବ୍ୟକ୍ତିଗତ ବାଇବଲ ସମ୍ବନ୍ଧୀୟ ଅନୁବାଦର ମୁଖ୍ୟ କାର୍ଯ୍ୟାଳୟ ଥିଲା । ସେତେବେଳେ ଆଲେକ୍‌ଜେଣ୍ଡେରିଆଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ୪ ଭାଗରେ ବିଭକ୍ତ କରାଯାଇଥିଲା । ଆଲେଗୋରିକାଲ୍ ବିଦ୍ୟାଳୟର ଅନୁବାଦ, ସର୍ବ ଶେଷରେ ନେଷ୍ଟରିଙ୍ଗମାନଙ୍କୁ କାର୍ଯ୍ୟାଳୟରୁ ବହିଷ୍କାର କରାଯାଇଥିଲା ଏବଂ ନିର୍ବାଷିତ କରାଗଲା ।

**ପ୍ରଥମ ଲେଖକ :-** ପୁସ୍ତକର ମୌଳିକ ଲେଖକ ସମ୍ବନ୍ଧରେ ଏହା ଦର୍ଶାଇ ଥାଏ ।

**ପାପିରୀ :-** ମିଶର ଦେଶଠାରୁ ଏହି ପ୍ରକାର ଲେଖାଗୁଡ଼ିକୁ ପ୍ରାପ୍ତ କରାଯାଇଛି । ଏହା ନଦୀର ନଳଠାରୁ ତିଆରି ହୋଇଛି । ଏହା ଧାତୁ ଯାହାକି ଗ୍ରୀକ୍ ନୂତନ ନିୟମର ପୁରାତନ ଅଧ୍ୟାୟମାନ ଲେଖାଯାଇଛି ।

**ବହିର ସମାନ୍ତର :-** ସେଠାରେ ଏକ ଧାରଣା ଅଛି । ସମସ୍ତ ବାଇବଲ ଇଶ୍ୱରଙ୍କ ଦ୍ୱାରା ଆଗତ ହୋଇଛି । ସେଥିଯୋଗୁଁ ନିଜର ଅନୁବାଦ ହେବା ଉତ୍ତମ ଅଟେ ଏବଂ ସମାନ୍ତରଳାୟ ସତ୍ୟର ଦ୍ୱନ୍ଦ୍ୱାତ୍ମକ, ସନ୍ଦେହ ଜନକ ବିଷୟକୁ ବୁଝିବା ପାଇଁ ସାହାଯ୍ୟ କରିଥାଏ । ଦିଆଯାଇଥିବା ପୁସ୍ତକର ବିଷୟକୁ ବୁଝିବା ପାଇଁ ସାହାଯ୍ୟ କରିଥାଏ । ତତ୍‌ସଙ୍ଗେ ସଙ୍ଗେ ପୁସ୍ତକର ଅନ୍ୟ ଉଦ୍ଦେଶ୍ୟକୁ ବୁଝିବା ପାଇଁ ସାହାଯ୍ୟ କରିଥାଏ ।

**ଭାବାନୁବାଦ :-** ଏହା ଏକ ନାମ ବାଇବଲକୁ ଅନୁବାଦ କରିବାର ସିଦ୍ଧାନ୍ତ ଅଟେ । କ୍ରମାଗତ ଭାବରେ ବାଇବଲ୍‌ର ଅନୁବାଦ କରାଯାଇ ପାରିବ, ଶବ୍ଦ ଶବ୍ଦ ମଧ୍ୟରେ ଆଦାନ ପ୍ରଦାନ ହୋଇଥାଏ । ସେଠାରେ ପ୍ରତ୍ୟେକ ଏବ୍ରୀ ଗ୍ରୀକ୍ ଶବ୍ଦକୁ ମୂଳ ଶବ୍ଦକୁ ଜାଣିବା ପାଇଁ ଇଂରାଜୀ ଶବ୍ଦ ନିଶ୍ଚିତ ରୂପରେ ସାହାଯ୍ୟ କରିଥାଏ । ସେଠାରେ ପ୍ରଥମ ଶବ୍ଦକୁ ନ୍ୟୁନ ଧାରଣାରେ ଅନୁବାଦ କରାଯାଇଛି । ଏହି ଦୁଇଟି ସିଦ୍ଧାନ୍ତ ମଧ୍ୟରେ 'ସମାନ୍ତର ଗତି ଶୀଳ' ପ୍ରଥମ ପୁସ୍ତକକୁ ସେ ଗମ୍ଭୀର ସ୍ଥିତିରେ ଧ୍ୟାନ କରିଥାଏ । କିନ୍ତୁ ଆଧୁନିକ ବ୍ୟାକରଣାନୁଯାଇ ଅନୁବାଦ ହୋଇଥାଏ । ଫି ଏବଂ ଷ୍ଟାଉଟ୍‌ଙ୍କ ପୁସ୍ତକ ବାଇବଲ୍‌କୁ କିପରି ଅଧ୍ୟୟନ କରିବା ଏଠାରେ ବିଭିନ୍ନ ସିଦ୍ଧାନ୍ତର ଉଚିତ୍ ସମାଲୋଚନାର ଅନୁବାଦ ଦେଖିବାକୁ ମିଳିଥାଏ ।

**ଅନୁଚ୍ଛେଦ :-** ଏହା ଏକ ଶବ୍ଦର ସମାଲୋଚନା ପୁସ୍ତକ ଅଟେ । ଏଠାରେ ମୁଖ୍ୟ ଏକ ଧାରଣା ରହିଥାଏ ଏବଂ ଏହାର ସଫଳତା ଆମ୍ଭେ ଯଦି ଏହାର ବିଶେଷ ଅଂଶକୁ ଠେଲିବା ସାଧାରଣ ବିଷୟ ଉପରେ ବଡ଼ ବିଷୟକୁ ଠେଲି ପାରିବା ନାହିଁ କିମ୍ବା ପ୍ରଥମ ଲେଖକଙ୍କ ଉଦ୍ଦେଶ୍ୟ ପଛରେ ପକାଇବା ।

**ପାରଛିଆଲିଜମ୍ :-** ସ୍ଥାନୀୟ ଇଶ୍ୱର ଶାସ୍ତ୍ରୀୟ ସଂସ୍କୃତିର ପୂର୍ବ ମତର ପ୍ରଭାବ ସଂପର୍କକୁ ବୁଝାଏ । ବାଇବଲ ସମ୍ବନ୍ଧୀୟ ସତ୍ୟତାର ପୁନଃର ସଂସ୍କୃତିକରଣକୁ ଚିହ୍ନଟ କରେ ନାହିଁ କିମ୍ବା ଏହାର ପ୍ରୟୋଗ ।

**ବିରୋଧି ଭାବ :-** ଯେଉଁ ସତ୍ୟକୁ ଅସ୍ୱୀକାର କରାଯାଏ । ସେହି ବିଷୟ ଏଠାରେ ଉଲ୍ଲେଖ କରାଯରାଇଛି । କିନ୍ତୁ ଉଭୟ ସତ୍ୟ ଅଟନ୍ତି । ଯଦି ଅବା ପରସ୍ପର ମଧ୍ୟରେ ବିରୋଧି ଭାବ ରହିଥାଏ । ବିପରୀତ ଦିଗରେ ସେମାନେ ସତ୍ୟର ଡାଞ୍ଚା ପ୍ରକାଶ କରନ୍ତି । ଅଧିକାଂଶ ବାଇବଲ୍ ସମ୍ବନ୍ଧୀୟ ସତ୍ୟତାକୁ ଦ୍ୱନ୍ଦ୍ୱାତ୍ମକ ଭାବରେ ପ୍ରକାଶ କରିଛନ୍ତି । ବାଇବଲ୍ ସମ୍ବନ୍ଧୀୟ ସତ୍ୟତା ମାନ ଭିନ୍ନ ପ୍ରକାର ତାରାଗଣ ନୁହନ୍ତି । କିନ୍ତୁ ନକ୍ଷେତ୍ର ପୁଞ୍ଜ ତାରା ଗଣର ସଦୃଶ୍ୟ ଅଟନ୍ତି ।

**ପ୍ଲେଟୋ :-** ପ୍ରାଚୀନ ଗ୍ରୀକ୍‌ର ସେ ଜଣେ ଦାର୍ଶନିକ ଥିଲେ । ଆଲେକ୍‌ଜେଣ୍ଡରିୟଙ୍କ ବିଦ୍ୟାଳୟ ମାଧ୍ୟମରେ ତାଙ୍କର ଜ୍ଞାନଶାସ୍ତ୍ର ପ୍ରାଚୀନ ମଣ୍ଡଳୀମାନଙ୍କୁ ଅନେକ ପ୍ରଭାବ ପକାଇଥିଲା । ତତ୍‌ପରେ ଅଗଷ୍ଟିନ୍‌ଙ୍କ ଜରିଆରେ ପୃଥିବୀର ସମସ୍ତ ଭ୍ରାନ୍ତି ଧାରଣାକୁ ସତ୍ୟ ବୋଲି ଗ୍ରହଣ କରୁଥିଲେ । ଏବଂ ଆତ୍ମିକ ନମୁନାର ନକଲି ମାତ୍ର, ତତ୍‌ପରେ ଇଶ୍ୱର ଶାସ୍ତ୍ରୀଜ୍ଞ ମାନେ ସମାନ ବୋଲି ବିଚାର କଲେ । ଆତ୍ମିକ କ୍ଷେତ୍ରରେ ତାଙ୍କର ଉପାୟ/ଗଠନ ଗୁଡ଼ିକକୁ ସମୀକରଣ କଲେ ।

**ପୂର୍ବାନୁମାନ :-** ଘଟଣାକୁ ବୁଝିବାପାଇଁ ଆମ୍ଭର ପୂର୍ବ ଧାରଣା ବିଷୟରେ କହିଥାଏ । ଅଧିକାଂଶ ସମୟରେ ଆମ୍ଭେ ମତ ବାହାର କରିଥାଉ । ଅଧ୍ୟାୟକୁ ପହଞ୍ଚିବା ପୂର୍ବରୁ ଆମ୍ଭେ ତାହାର ଘଟଣା ଗୁଡ଼ିକ ଉପରେ ବିଚାର କରିଥାଉ । ପୂର୍ବାନୁକୁଲ୍ୟ ମଧ୍ୟ ଏହାକୁ ପୂର୍ବାମତର ପ୍ରଭାବ ବୋଲି କୁହାଯାଏ । ସତ୍ୟ ବୋଲି ମାନିନେବା ।

**ବହିର ପ୍ରଧାନ ଅଂଶର ପ୍ରମାଣ :-** ପୁସ୍ତକକୁ ଅନୁବାଦ କରିବା ପାଇଁ ଅଭ୍ୟାସ କରିବା ଆନିତ ପଦକୁ କୌଣସି ମହତ୍ତ୍ୱ ନଦେଇ ବର୍ତ୍ତମାନ ସ୍ଥିତିରେ ପ୍ରୟୋଗ କରିବା । ଏହାର ଆକ୍ଷରିକ ସ୍ଥିତନୁଯାୟୀ ବୃହତ୍ ପର୍ଯ୍ୟାୟରେ ବ୍ୟବହାର ହୋଇଥାଏ । ପ୍ରଥମ ଲେଖକଙ୍କ ଉଦ୍ଦେଶ୍ୟକୁ ଏହି ପଦକୁ ଘୁଞ୍ଚାଇ ଦିଆଯାଇଥାଏ ଏବଂ କ୍ରମାଗତ ରୂପେ ବ୍ୟକ୍ତିଗତ ମତକୁ ପ୍ରୟୋଗ କରି ପ୍ରମାଣ କରିବାକୁ ଚେଷ୍ଟା କରିଥାଏ । ସେତେବେଳେ ବାଇବଲ୍ ସମ୍ବନ୍ଧୀୟ ଅଧିକାରକୁ ସତ୍ୟ ବୋଲି ଗ୍ରହଣ କରନ୍ତି ।

**ରବିନିକାଲ ଜୁଡ଼ାଇଜମ୍ :-** ଖ୍ରୀଷ୍ଟ ପୂର୍ବ (୫୮୬ - ୫୩୮) ଏହି ସମୟରେ ଯିହୁଦୀ ଲୋକମାନେ ବାବିଲୋନର କାରାଗାରରେ ଜୀବନ ବିତାଉଥିଲେ । ଧର୍ମଯାଜକମାନଙ୍କ ପ୍ରଭାବିତ ଯୋଗୁଁ ମନ୍ଦିର ଘୁଞ୍ଚାଇ ଦିଆଯାଇଥିଲା । ସ୍ଥାନୀୟ ସିନାଗୋଷ୍ ଯିହୁଦୀ ଲୋକମାନଙ୍କ କେନ୍ଦ୍ରୀୟ ସ୍ଥଳ ହେଲା । ଯିହୁଦୀ ଲୋକଙ୍କ ସ୍ଥାନୀୟ ସଂସ୍କୃତି, ମିଳୋନ, ଆରାଧନା ଏବଂ ବାଇବଲ୍ ଅଧ୍ୟାୟ ଜାତୀୟ ସଂସ୍କୃତି ଜୀବନ ଶୈଳୀରେ ଏହି କାର୍ଯ୍ୟ ଗୁଡ଼ିକ ଗୁରୁତ୍ୱର ଭୂମିକା ନିବାରଣ କରୁଥିଲା । ଯୀଶୁଙ୍କ ସମୟରେ ଶାସ୍ତ୍ରୀୟମାନଙ୍କ ଧର୍ମ ଧର୍ମଯାଜକମାନଙ୍କ ସହିତ ସମାନ୍ତର ଥିଲା । ଯୀଶୁଙ୍କ ମୃତ୍ୟୁପର ୭୦, ଯିରୁଶାଲମର ପତନ ପରେ ଶାସ୍ତ୍ରୀୟମାନେ ଫାରୁଶୀମାନଙ୍କ ଅଧିନସ୍ଥ ଥିଲେ । ଯିହୁଦୀମାନଙ୍କ ଜୀବନ ଶୈଳୀକୁ ସେମାନେ ପରିଚାଳିତ କରୁଥିଲେ । ପ୍ରାୟଶିକ ଭାବରେ ଏହାର ଶ୍ରେଣୀଭୁକ୍ତ କରାଯାଇଥାଏ । ଆଇନ୍ ସମ୍ମତ ଭାବରେ ତରାର ଅନୁବାଦ କରାଗଲା ଏବଂ ମୌଖିକରେ ବୁଝାଇ ଦିଆଗଲା ।

**ପ୍ରକାଶିତ :-** ସଦା ପ୍ରଭୁ ମାନବକୁ କଥା କହିଛନ୍ତି । ସଂପୂର୍ଣ୍ଣ ସଦାପ୍ରଭୁଙ୍କ ଧାରଣାକୁ ସାଧାରଣତ୍ୱ ତିନଟି ଶବ୍ଦରେ କୁହାଯାଇଛି । (୧) ପ୍ରକାଶିତ :- ସଦା ପ୍ରଭୁ ମନୁଷ୍ୟମାନଙ୍କ ଇତିହାସରେ କାର୍ଯ୍ୟ କରନ୍ତି । (୨) ପ୍ରେରଣ :- ତାଙ୍କ କାର୍ଯ୍ୟର ସଠିକ୍ ଅନୁବାଦ ଦେଇଛନ୍ତି । ନିର୍ଦ୍ଦିଷ୍ଟ ଅର୍ଥ ବଛାଯାଇ ଥିବା ମନୁଷ୍ୟର ଏବଂ ମନୁଷ୍ୟ ଜାତି ନିମନ୍ତେ । (୩) ଆଲୋକନ :- ସେ ନିଜର ଆତ୍ମା ମନୁଷ୍ୟକୁ ସାହାଯ୍ୟ କରିବା ପାଇଁ ଦେଇଛନ୍ତି, ଏବଂ ତାଙ୍କର ପ୍ରଦର୍ଶନକୁ ବୁଝିବା ନିମନ୍ତେ ।

**ସେମାଟିକ୍ ଭୂମି :-** ବାକ୍ୟରେ ଯୋଡ଼ିତ ସଂପୂର୍ଣ୍ଣକୁ ଏହା ପ୍ରକାଶ କରିଥାଏ । ସାଧାରଣତ୍ୱ ଏହା ବିଭିନ୍ନ ଶବ୍ଦର ଭିନ୍ନ ଭିନ୍ନ ପୃଷ୍ଠଭୂମି ରହିଥାଏ ।

**ସେପଟୁଜେଣ୍ଟ :-** ଗ୍ରୀକ୍ ଅନୁବାଦର ଏବ୍ରୀ ପୁରାତନ ନିୟମକୁ ଏହି ଆଖ୍ୟା ଦିଆଯାଇଛି । ପରମ୍ପରା ଏହା କହିଥାଏ । ମିଶର ଦେଶର ଆଲେକ୍‌ଜେଣ୍ଡେରିଆ ପୁସ୍ତକାଳୟରେ ୭୦ ଦିନରେ ୭୦ଟି ଯିହୁଦୀ ବିଦ୍ୱାନ ମାନଙ୍କ ଦ୍ୱାରା ଏହି ପୁସ୍ତକ ଲେଖାଯାଇଛି । ପାରମ୍ପରିକ ତାରିଖ ଖ୍ୟାଷ୍ଟ ପୂର୍ବ ୨୫୦ ମସିହା (ବାସ୍ତବରେ ଏହାକୁ ସମାପ୍ତ କରିବା ପାଇଁ ୧୦୦ ବର୍ଷ ଲାଗିଥିଲା) ଏହି ଅନୁବାଦର ବିଶେଷ କାରଣ (୧) ପୁରାତନ ପୁସ୍ତକକୁ ମଶେରଟିକ୍ ଏବ୍ରୀ ପୁସ୍ତକ ତୁଳନା କରିଥାଏ । (୨) ତୃତୀୟ ଓ ଦ୍ୱିତୀୟ ଶତାବ୍ଦୀରେ ଯିହୁଦୀମାନଙ୍କର ଅନୁବାଦର କାର୍ଯ୍ୟକୁ ପ୍ରଦର୍ଶନ କରାଯାଇଛି । (୩) ଯୀଶୁଙ୍କ ତିରଷ୍କାର ପୂର୍ବରୁ ଯିହୁଦୀମାନଙ୍କ ମସିହ ବିଷୟରେ ବୁଝାଇ ଥାଏ । ଏହାକୁ ଏଲ୍, ଏକ୍ସ, ଏକ୍ସ ବୋଲି କୁହାଯାଏ ।

**ସାଇନାଟିକାସ୍ :-** ଯୀଶୁଙ୍କ ମୃତ୍ୟୁ ପର ଚତୁର୍ଥ ଶତାବ୍ଦୀ ଗ୍ରୀକ୍ ହସ୍ତଲେଖା ଏହା ଅଟେ । ଏହା ଜର୍ମାନୀ ବିଦ୍ୱାନଙ୍କ ଟିଚେନ୍ଦ୍ର ଦ୍ୱାରା ସେଣ୍ଟ କାଠେର୍ଣ୍ଣି ସନ୍ୟାସୀ ଆଶ୍ରମରେ ଏହା ମିଳିଥିଲା । ପାରମ୍ପାରିକ ଏହାକୁ ସିନୀୟ ପର୍ବତ କୁହନ୍ତି । ଏହି ହସ୍ତଲେଖାର ପ୍ରଥମ ଅକ୍ଷର ଏବ୍ରୀ ଶବ୍ଦକୁ ଆଲୋଫ ବୋଲି ଆଖ୍ୟା ଦିଆଯାଇଛି । ଏଠାରେ ସଂପୂର୍ଣ୍ଣ ପୁରାତନ ନିୟମ ଏବଂ ନୂତନ ନିୟମ ରହିଛି । ଏହା ଆରମ୍ଭର ସବୁଠୁ ପୁରାତନ ହସ୍ତଲେଖା ଅଟେ ।

**ଆଧ୍ୟାତ୍ମିକ ହେବା :-** ଏହି ଶବ୍ଦର ରୂପକାର ଅର୍ଥ ସହିତ ସମାନ ଅଟେ । ପୁସ୍ତକରୁ ଆକ୍ଷରିକ ଐତିହାସିକ ପୃଷ୍ଠଭୂମିକୁ ଅଗ୍ରହ୍ୟ କରିଥାଏ । ଏବଂ ଅନ୍ୟର ସୂତ୍ର ଦ୍ୱାରା ଅନୁବାଦ କରିଥାଏ ।

**ସାମର୍ଥକ :-** ଏହି ଶବ୍ଦର ସମାନ ରୂପକ ଅର୍ଥ ରହିଛି । (ଯଦିବା ଦୁଇଟି ଶବ୍ଦର ବାସ୍ତବିକ୍ ଅର୍ଥ ଜଣାପଡ଼ି ନଥାଏ) । ସେମାନେ ପରସ୍ପର ସହିତ ଉତ୍ତମ ସଂପର୍କ ଅଛି, ପରସ୍ପର ସ୍ଥାନରୁ ପରିବର୍ତ୍ତନ କଲେ । କେବଳ ଗୋଟିଏ ଅର୍ଥକୁ ବୁଝାଏ । ଏବ୍ରୀ ରତିନ ଗୋଟି ପଦ୍ୟକୁ ଦର୍ଶାଇବା ନିମନ୍ତେ ଏହି ଆଖ୍ୟାକୁ ବ୍ୟବହାର କରାଯାଉଥିଲା । ପଦ୍ୟର ଦୁଇ ଧାଡ଼ି ସମାନ ରୂପକ ସତ୍ୟକୁ ବୁଝାଇ ଥାଏ । (cf ଗୀତ ୧୦୩:୩)

**ଶବ୍ଦ ବିନ୍ୟାସ :-** ଏହା ଏକ ଗ୍ରୀକ୍ ଶବ୍ଦ ଅଟେ । ଯାହାକି ବାକ୍ୟକୁ ଗଠନ କରିଥାଏ । ଖଣ୍ଡବାକ୍ୟ ଗୁଡ଼ିକୁ ଯୋଡ଼ିତ କରି ସେଥିରୁ ଏକ ପୂର୍ଣ୍ଣ ଭାବନାକୁ ଉତ୍ପନ୍ନ କରିଥାଏ ।

**କୃତ୍ରିମ :-** ତିନଟି ଶବ୍ଦରୁ ଗୋଟିଏ ଶବ୍ଦ ଏବ୍ରୀ ପଦ୍ୟରେ ଯୋଡ଼ିତ ଅଟେ । ଏହି କବିତାରେ ଧାଡ଼ିଗୁଡ଼ିକ ପରସ୍ପର ଏକତ୍ରୀକରଣକୁ ଗଠନ କରିଥାଏ । cf ଗୀତ ୧୯:୭-୯

**ନିୟମିତ ଇଶ୍ୱରୀୟ ଶାସ୍ତ୍ର :-** ଏହା ଏକ ଅନୁବାଦର ସ୍ଥାନ ଅଟେ । ସେଥିରେ ବାଇବଲ ସତ୍ୟତାକୁ ଜ୍ଞାନ ସହିତ ଅନୁବାଦ କରାଯାଇଛି । ଐତିହାସିକ ପୃଷ୍ଠଭୂମି ବଦଳରେ ଖ୍ରୀଷ୍ଟିଆନ୍ ଶାସ୍ତ୍ରକୁ ଶ୍ରେଣୀଭୁକ୍ତ କରାଯାଇଛି । (cf ଇଶ୍ୱର, ମନୁଷ୍ୟ, ପାପ, ପରିତ୍ରାଣ ଇତ୍ୟାଦି) ।

**ତାଲମୁଦ୍ :-** ଏହି ଆଖ୍ୟା ଯିହୁଦୀ ମାନଙ୍କର ମୌଖିକ ପରମ୍ପରାକୁ ନିୟମାବଳୀ ରଚନା କରାଯାଇଛି । ଯିହୁଦୀ ବିଶ୍ୱାସୀମାନେ ଏହା ବିଶ୍ୱାସ କରନ୍ତି ଯେ ସଦାପ୍ରଭୁ ମୌଖିକ ଭାବରେ ସିନୀୟ ପର୍ବତରେ ଦେଇଥିଲେ । ବାସ୍ତବରେ ଏହା ଯିହୁଦୀ ଲୋକମାନଙ୍କର ବର୍ଷ ତମାମ୍ ଉଦ୍ୟମର ସଂଗୃହୀତ ଜ୍ଞାନ ଭାବେ ଗ୍ରହଣ କରାଯାଏ । ତାଲମାଦର ଦୁଇଟି ଭିନ୍ନ ଭିନ୍ନ ଅନୁବାଦ ରହିଛି । କ୍ଷୁଦ୍ର ବାବିଲନି ମାନେ ସମସ୍ତେ ପାଲାଷ୍ଟିନ୍ ବାସୀ ।

**ବହି ସମ୍ବନ୍ଧୀୟ ସମାଲୋଚନା :-** ବାଇବଲ ହସ୍ତଲେଖାର ଅଧ୍ୟୟନ । ବହି ସମ୍ବନ୍ଧୀୟ ସମାଲୋଚନା ନିତ୍ୟାନ୍ତ ଆବଶ୍ୟକ ଅଟେ । କାରଣ ମୂଳରୁ କୌଣସି ହସ୍ତଲେଖା ଜୀବିତ ହୋଇ ରହିନାହିଁ । ଏବଂ ନକଲି ଗୁଡ଼ିକ ପରସ୍ପର ମଧ୍ୟରେ ଭିନ୍ନତା ଦେଖାଯାଏ । ବିଭିନ୍ନତା ବିଷୟରେ ବୁଝାଇବା ପାଇଁ ଚେଷ୍ଟା କରୁଥାଏ । ସେଥିରେ ପହଞ୍ଚି ଯଥାସାଧ୍ୟ ପାଖରେ ପହଞ୍ଚିଥାଏ । ପୁରାତନ ଏବଂ ନୂତନ ନିୟମର ବ୍ୟକ୍ତିଙ୍କ ଶବ୍ଦଗୁଡ଼ିକ ଲେଖାଯାଇଛି । ଅଧିକାଂଶ ସମୟରେ ଏହାକୁ ନୀଚସ୍ତରୀୟ ସମାଲୋଚନା ବୋଲି କୁହନ୍ତି ।

**ଟେକସ୍ ଠୁସ୍ ରିଶିବି ଠୁସ୍ :-** ଏହି ନାମ ଏଲଜେବେର ଆଖ୍ୟାରେ ପରିଣତ ହୋଇ ଗ୍ରୀକ୍ ନୂତନ ନିୟମର ଯୀଶୁଙ୍କ ମୃତ୍ୟୁ ପର ୧୬୩୩ ମସିହାରେ ଏହାର ଉନ୍ନତି ହେଲା । ସାଧାରଣତ୍ୱ ଶବ୍ଦ ଗ୍ରୀକ୍ ନୂତନ ନିୟମ ବିଳମ୍ବିତ ଗ୍ରୀକ୍ ହସ୍ତଲେଖାଠାରୁ ଏହା ଆସିଅଛି । ଏବଂ ଏରାମ୍‌ଶର ଲାଟିନ୍ ଅନୁବାଦ (୧୫୧୦ - ୧୫୧୩) କ୍ଷେପାନସ୍ (୧୫୦୫ - ୧୫୫୯) ଏବଂ ଏଲଜରେଭିର (୧୬୨୪ - ୧୬୬୮) ନୂତନ ନିୟମର ସମାଲୋଚନା ଏ.ଟି ରବରସନ୍ କହନ୍ତି । ବିଜାନାଇଟ ପୁସ୍ତକକୁ ଟେକସ୍ ଠୁସ୍ ରିଶିବି ଠୁସ୍ ବୋଲି କୁହନ୍ତି । ପ୍ରାଚୀନ ଗ୍ରୀକ୍ ହସ୍ତଲେଖାର ବେଜାନାଇଟ୍ ପୁସ୍ତକ ଠାରୁ ନ୍ୟୁନତମ ବୋଲି ପରିବାର ମଧ୍ୟରେ ଗଣନା କରାଯାଇଥିଲା । (ପାଶ୍ଚାତ୍ ଆଲେକଜେଣ୍ଡେରି ଏବଂ ବିଜାନ୍‌ଟାଇନ୍) ଶତାବ୍ଦୀଠାରୁ ଏହି ପୁସ୍ତକ ମଧ୍ୟରେ ମିଥ୍ୟା ଭରି ରହିଛି । ଯାହ ହେଉ ପଛେ ଏ. ଟି ରବଟସନ୍ କୁହନ୍ତି । ଟେକସ୍ ଠୁସ୍ ରିଶିବି ଠୁସ୍ ପ୍ରଚୁର ଭାବରେ ଆମ୍ଭମାନଙ୍କ ନିମନ୍ତେ ଉଚିତ୍ ପୁସ୍ତକ ରଖିଥିଲେ । ଗ୍ରୀକ୍ ହସ୍ତଲେଖାର ପରମ୍ପରା (ବିଶେଷତଃ ଏରାସ୍ ମଶ୍ ତୃତୀୟ ସ୍ତରୀୟ ଲେଖା ୧୫୨୨ ମସିହାରେ) ରାଜା ଜେମ୍‌ସ ଅନୁବାଦ ଖ୍ରୀଷ୍ଟ ପର ୧୬୧୧ ମସିହାରେ ହୋଇଥିଲା ।

**ଟୋରା :-** ଏହା ଏକ ଏବ୍ରୀ ଶବ୍ଦ ଅଟେ । ଏହାର ଅର୍ଥ ପଢ଼ାଇବା । ମଶାଙ୍କ ଲେଖାରେ ଏହି ନାମକୁ ସରକାରୀ ସ୍ତରରେ ବ୍ୟବହାର ହୋଇଥିଲା । (ଆଦି ପୁସ୍ତକ ମଧ୍ୟ ଦେଇ ଦ୍ୱିତୀୟ ବିବରଣୀ) ଏହା ଯିହୁଦୀମାନଙ୍କ ନିମନ୍ତେ ସବୁଠୁ ଶକ୍ତିଶାଳୀ ଏବ୍ରୀକାନର ବିଭାଜନ ଅଟେ ।

**ଠାଇପ ଲଜୀକାଲ୍ :-** ଏହା ଏକପ୍ରକାର ବିଶେଷ ଅନୁବାଦ ଅଟେ । ସାଧାରଣତଃ ଏଠାରେ ନୂତନ ନିୟମର ସତ୍ୟତା ପୁରାତନ ନିୟମରେ ପ୍ରତିକ ରୂପରେ ଯୋଡ଼ିତ ହୋଇ ରହିଛି । ଏହି ଶ୍ରେଣୀର ହାରମେନିୟ ଅନୁବାଦକୁ ଦୁର୍ବ୍ୟବହାର ଯୋଗୁ ନୂତନ ନିୟମରେ ଦିଆଯାଇ ଥିବା ବିଶେଷ ଉଦାହରଣକୁ ସୀମିତ ରଖିବା ଉଚିତ୍ ।

**ବାଟିକାନସ୍ :-** ଏହା ଏକ ଗ୍ରୀକ୍ ହସ୍ତଲେଖା ଖ୍ରୀଷ୍ଟ ବରଂ ଚତୁର୍ଥ ଶତାବ୍ଦୀରେ ଏହାକୁ ବାଟିକାନସ୍ ପୁସ୍ତକାଳୟଠାରୁ ସଂଗ୍ରହ କରାଗଲା । ମୁଖ୍ୟତଃ ଏଥିରେ ପୁରାତନ ନିୟମର ସମସ୍ତ ପୁସ୍ତକ, ଆପକ୍ରିଫା ଏବଂ ନୂତନ ନିୟମ ରହିଛି । ଯାହା ହେଉ ପରେ କିଛି ଅଂଶ ନଷ୍ଟ ହୋଇ

ଯାଇଥିଲା । (ଆଦି ପୁସ୍ତକ, ଗୀତ ସଂହିତା, ଏବ୍ରୀ, ପାଳକମାନଙ୍କ ପୁସ୍ତକ, ଫିଲେମନ୍ ଏବଂ ପ୍ରକାଶିତ ଏହା ସାହାଯ୍ୟକାରୀ ହସ୍ତଲେଖା ଅଟେ । ଏହାଦ୍ୱାରା ବିଶେଷ ବ୍ୟକ୍ତି ମାନଙ୍କର କଥାଗୁଡ଼ିକୁ ଜାଣିବା ପାଇଁ ସାହାଯ୍ୟ କରିଥାଏ । ଏହାକୁ ବଡ଼ ଅକ୍ଷର 'ବି' ବୋଲି ଆଖ୍ୟା କରାଯାଇଛି ।

ଭାଲ୍‌ଗେଟ୍ :- ଏହି ନାମ ଜେରମ୍ ବାଇବଲ୍‌ର ଲାଟିନ୍ ଅନୁବାଦ ଅଟେ । ଏହା ପ୍ରଥମ କିମ୍ଵା ସାଧାରଣ ଅନୁବାଦ ରମାନ୍ କାଥାଲିନ୍ ମଣ୍ଡଳୀ ନିମନ୍ତେ । ଯୀଶୁଙ୍କ ମୃତ୍ୟୁ ପର ୩୮୦ ମସିହାରେ ଏହି କାର୍ଯ୍ୟ ସମାପ୍ତ ହୋଇଥିଲା ।

**ପତ୍ରିକାର ଅଭିଜ୍ଞତା :-** ପୁରାତନ ପୂର୍ବ ଭାଗରେ ଏବଂ ଆଧୁନିକ ପୃଥିବୀରେ ଏହି ପତ୍ରିକା ସମସ୍ତେ ଜ୍ଞାତ ଅଟନ୍ତି । ବିଶେଷ କରି ଏହା ଏକ ଚେଷ୍ଟା ଥିଲା । ନୂତନ ବଂଶର ମାର୍ଗ ଦର୍ଶନ ଏବଂ ସେମାନଙ୍କର ଜୀବନ ସଫଳତା ପଦ୍ୟ, ହିତୋପଦେଶ କିମ୍ଵା ଗପ ମାଧ୍ୟମରେ କୌଣସି ସମାଜର ଗୋଷ୍ଠୀକୁ ଆକ୍ଷ୍ୟାନ କରି ବରଂ ବ୍ୟକ୍ତିଗତ ବିଷୟକୁ ଆଧିକ ଧ୍ୟାନ ଦେଉଥିଲା । ଇତିହାସକୁ ପରୋକ୍ଷ ଭାବରେ ବ୍ୟବହାର କଲି ନାହିଁ । କିନ୍ତୁ ଜୀବନର ଅଭିଜ୍ଞତା ଏବଂ ଧ୍ୟାନ ଉପରେ ଆଧାରିତ ହୋଇଥିଲା । ବାଇବଲ୍‌ରେ ଆୟୁବ ପୁସ୍ତକଠାରୁ ପରମ ଗୀତ ଯହୋୱାଙ୍କ ଆରାଧନାର ଉପସ୍ଥିତି ସତ୍ୟ ବୋଲି ମାନନ୍ତି, କିନ୍ତୁ ଏହି ଧର୍ମ ପରାୟଣ ପୃଥିବୀର ମତ ପ୍ରତ୍ୟେକ ମନୁଷ୍ୟର ଅଭିଜ୍ଞତାର ପ୍ରତ୍ୟେକ ସମୟରେ ଷଷ୍ଟ ନୁହେ । ଏହା ସାହିତ୍ୟରେ ବ୍ୟବହାର କରାଯାଇ ନପାରେ । କଥାରେ ଅଛି କେବେ ହେଲେ ବ୍ୟକ୍ତିଗତର ପରିସ୍ଥିତିରେ ସର୍ବଦା ପ୍ରୟୋଗ କରନାହିଁ । ଏହି ଅଭିଜ୍ଞତା ବ୍ୟକ୍ତି ଜୀବନର ସବୁଠୁ କଷ୍ଟ ପ୍ରଶ୍ନ ପଚାରିବାରେ ସାହସ କରନ୍ତି । ସେମାନେ ଅଧିକାଂଶ ସମୟରେ ପାରମ୍ପରିକ ଧାର୍ମିକ ମଉକୁ ଅଭିଯୋଗ କରନ୍ତି । (ଆୟୁବ ଏବଂ ଉପଦେଶ) ଜୀବନର ଜଟିଳତାକୁ ସ୍ଥିରତା ରକ୍ଷାକରେ ସହଜରେ ସମସ୍ୟାକୁ ସମାଧାନ କରନ୍ତି ।

**ପୃଥିବୀର ଛବି ପୃଥିବୀର ମତ :-** ଏହି ଦୁଇଟି ଶବ୍ଦ ମଧ୍ୟରେ ବନ୍ଧୁତା ଅଛି । ଉଭୟ ଦୁହେଁ ଦର୍ଶନ ଶାସ୍ତ୍ର ଧାରଣାର ସୃଷ୍ଟିକୁ ଯୋଡ଼ିତ ଅଟନ୍ତି ଶବ୍ଦ ପୃଥିବୀର ଛବି ଏହା ଦର୍ଶାଇ ଥାଏ । ସୃଷ୍ଟି କିପରି ପୃଥିବୀର ମତ ଏହା ଦର୍ଶାଇ ଥାଏ । କିଏ ଏହି ଶବ୍ଦ ଗୁଡ଼ିକ ଆଦି ପୁସ୍ତକ ୧ ଏବଂ ୨ ର ଅନୁବାଦ ସହ ଯୋଡ଼ିତ ପ୍ରାଥମିକ କିଏ । କିପରି ନୁହେଁ ସୃଷ୍ଟିର ।

**ଯୋହୱା :** ପୁରାତନ ନିୟମରେ ଏହି ନାମ ଇଶ୍ୱରଙ୍କ ପ୍ରତିଜ୍ଞା ପାଇଁ ଦିଆଯାଇଛି । ଯାତ୍ରା ପୁସ୍ତକ ୩:୧୪ ଏହା ଏକ କାରଣାତ୍ମକ ଶବ୍ଦ ଅଟେ । ଏବ୍ରୀ ଶବ୍ଦ ହେବା ପାଇଁ ଏହି ନାମକୁ ଉଚ୍ଚାରଣ କରିବା ପାଇଁ ଭୟ କରୁଥିଲେ । କାଳେ ଏହି ନାମକୁ ବୃଥାରେ ନ ନେବେ । ସେଥିଯୋଗୁ ସେମାନେ ଏବ୍ରୀ ନାମ ଆଡ଼ନାଇ । (ସଦାପ୍ରଭୁ) ଶବ୍ଦକୁ ବ୍ୟବହାର କରୁଥିଲେ । ଏହିଭଳି ଭାବରେ ନାମକୁ ଇଂରାଜୀରେ ଅନୁବାଦ କରାଯାଇଛି ।

# ପରିଶିଷ୍ଟ ଚାରି

## ସିଦ୍ଧାନ୍ତ ସମ୍ବନ୍ଧୀୟ ବିବରଣୀ

ମୁଁ ବିଶେଷ କରି ବିଶ୍ୱାସର ବିବରଣୀରେ ଧ୍ୟାନ ଦିଏ ନାହିଁ । ମୁଁ କେବଳ ବାଇବଲକୁ ସତ୍ୟ ବୋଲି କହିବାକୁ ପସନ୍ଦ କରିଥାଏ । ମୁଁ ଭାବେ ମୋର ସିଦ୍ଧାନ୍ତ ସମ୍ବନ୍ଧୀୟ ଧାରଣାର ମୂଲ୍ୟାଙ୍କନ ସେହିମାନଙ୍କ ଦ୍ୱାରା ହେଉ ଯେଉଁମାନେ ମୋ ସହିତ ଅପରିଚିତ ଏବଂ ସେମାନଙ୍କୁ ବିଶ୍ୱାସର ବିବରଣୀ ଦିଆଯିବ । ଆମ୍ଭମାନଙ୍କ ଦିନରେ ଅନେକ ଈଶ୍ୱରଶାସ୍ତ୍ରୀୟ ତ୍ରୁଟି ଏବଂ ପ୍ରତାରଣାମାନ ରହିଛି, ନିମ୍ନରେ ମୋର ଈଶ୍ୱରଶାସ୍ତ୍ରର ସଂକ୍ଷିପ୍ତ ସାରମର୍ମ ଦିଆଯାଇଅଛି ।

୧. ବାଇବଲ ଉଭୟ ପୁରାତନ ଓ ନୂତନ ନୟିମ, ପ୍ରେରିତ, ଅଭ୍ରାନ୍ତ, ନିର୍ଭରଯୋଗ୍ୟ, ସନାତନ ଈଶ୍ୱରଙ୍କ ବାକ୍ୟ । ଏହା ଅଲୌକିକ ନେତୃତ୍ୱରେ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ଈଶ୍ୱରଙ୍କ ବ୍ୟକ୍ତିଗତ ପ୍ରକାଶନ । ଈଶ୍ୱର ଏବଂ ତାହାଙ୍କ ଉଦ୍ଦେଶ୍ୟ ବିଷୟରେ ଏହା ଆମ୍ଭମାନଙ୍କର ଏକମାତ୍ର ସ୍ପଷ୍ଟ ସତ୍ୟତାର ସ୍ରୋତ । ଏହା ଆହୁରି ମଧ୍ୟ ତାହାଙ୍କ ମଣ୍ଡଳୀର ବିଶ୍ୱାସ ଓ ଅଭ୍ୟାସ ନିମନ୍ତେ ଏକମାତ୍ର ସ୍ରୋତ ।

୨. କେବଳ ଜଣେ ଅନନ୍ତ ସୃଷ୍ଟିକର୍ତ୍ତା, ଉଦ୍ଧାରକର୍ତ୍ତା ଈଶ୍ୱର ଅଛନ୍ତି । ସେ ସମସ୍ତ ଦୃଶ୍ୟ ଓ ଅଦୃଶ୍ୟ ବସ୍ତୁର ସୃଷ୍ଟିକର୍ତ୍ତା ଅଟନ୍ତି । ସେ ଆପଣାକୁ ପ୍ରେମୀ ଏବଂ ଦାୟିତ୍ୱବାନ ରୂପେ ପ୍ରକାଶ କଲେ ଯେପରିକି ସେ ନିରପେକ୍ଷ ଓ ନ୍ୟାୟସଙ୍ଗତ । ସେ ଆପେ ତିନୋଟି ପୃଥକ ବ୍ୟକ୍ତିତ୍ୱରେ ପ୍ରକାଶିତ ହେଲେ । ପିତା, ପୁତ୍ର ଏବଂ ପବିତ୍ରଆତ୍ମା; ବାସ୍ତବରେ ଭିନ୍ନ ମାତ୍ର ଗୁଣରେ ଏକ ।

୩. ଈଶ୍ୱର ତାହାଙ୍କ ଜଗତର ନିୟନ୍ତ୍ରଣରେ ସକ୍ରିୟ ଅଟନ୍ତି । ତାହାଙ୍କ ସୃଷ୍ଟି ନିମନ୍ତେ ଏକ ଅନନ୍ତ ଯୋଜନା ରହିଛି ଯାହା ଅପରିବର୍ତ୍ତିତ ଏବଂ ବ୍ୟକ୍ତିଗତ ଭାବେ କେନ୍ଦ୍ରିତ ଯିଏ ଜଣେ ମଣିଷର ମୁକ୍ତ ଇଚ୍ଛାକୁ ମଂଜୁର କରେ । ଈଶ୍ୱରଙ୍କ ଜ୍ଞାନ ଏବଂ ତାହାଙ୍କ ଅନୁମତି ବିନା କିଛି ହୁଏ ନାହିଁ । ତଥାପି ସେ ଉଭୟ ଦୂତ ଏବଂ ମଣିଷର ବ୍ୟକ୍ତିଗତ ଇଚ୍ଛାକୁ ଅନୁମତି ଦେଇଥାନ୍ତି । ଯୀଶୁ ପିତାଙ୍କର ଜଣେ ମନୋନୀତ ଏବଂ ତାହାଙ୍କ ଦ୍ୱାରା ସମସ୍ତେ ଅନ୍ତର୍ନିହିତ ଭାବେ ମନୋନୀତ । ଈଶ୍ୱରଙ୍କ ଘଟଣାର ପୂର୍ବଜ୍ଞାନ ମଣିଷର ପୂର୍ବ ଲିଖିତ ନିର୍ଦ୍ଧାରଣକୁ ହ୍ରାସ କରେ ନାହିଁ । ଆମ୍ଭେମାନେ ସମସ୍ତେ ଆମ୍ଭମାନଙ୍କ ବିଚାର ଏବଂ କାର୍ଯ୍ୟ ନିମନ୍ତେ ଉତ୍ତରଦାୟୀ ଅଟୁ ।

୪. ମାନବଜାତି, ଯଦ୍ୟପି ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ଏବଂ ପାପରୁ ମୁକ୍ତ, ତଥାପି ସେ ଈଶ୍ୱରଙ୍କମ ବିରୋଧରେ ବିଦ୍ରୋହ କରିବା ବାଛିଲା । ଯେପରିକି ସେ ଜଣେ ଅଲୌକିକ ପ୍ରତିନିଧି ଦ୍ୱାରା ପରୀକ୍ଷିତ ହେଲା, ଆଦମ ଏବଂ ହବା ସେମାନେ ତାହାଙ୍କ ଇଚ୍ଛାକୃତ ସ୍ୱୟଂ ନିର୍ମିତ ପାପର ଉତ୍ତରଦାୟୀ ଅଟନ୍ତି । ସେମାନଙ୍କ ବିଦ୍ରୋହ ମାନବଜାତି ଏବଂ ସୃଷ୍ଟିକୁ ପ୍ରଭାବିତ କଲା । ଆମ୍ଭେମାନେ ସମସ୍ତଙ୍କୁ ଈଶ୍ୱରଙ୍କ କରୁଣା ଓ ଅନୁଗ୍ରହର ଆବଶ୍ୟକ ଉଭୟ ଆମ୍ଭମାନଙ୍କ ଆଦମଙ୍କ ପରିସ୍ଥିତିରେ ଏକୀଭୂତ ଏବଂ ବ୍ୟକ୍ତିଗତ ଇଚ୍ଛାକୃତ ବିଦ୍ରୋହ ହେତୁ ।

୫. ଈଶ୍ୱର ପତିତ ମଣିଷକୁ କ୍ଷମା ଏବଂ ପୁନଃସ୍ଥାପନା ପ୍ରଦାନ କଲେ । ଯୀଶୁ ଖ୍ରୀଷ୍ଟ, ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର, ମଣିଷ ହେଲେ, ପାପହୀନ ଜୀବନଯାପନ କଲେ, ଏବଂ ତାହାଙ୍କ ପ୍ରତିବଦଳ ମୃତ୍ୟୁ ଦ୍ୱାରା, ମଣିଷର ପାପ ନିମନ୍ତେ ଦଣ୍ଡିତ ହେଲେ । ସେ ହିଁ ଏକମାତ୍ର ପୁନଃସ୍ଥାପନାର ମାର୍ଗ ଏବଂ ଈଶ୍ୱରଙ୍କ ସହିତ ସହଭାଗିତା । ତାହାଙ୍କ କୃତକାର୍ଯ୍ୟର ବିଶ୍ୱାସ ବିନା ଆଉ ଉଦ୍ଧାର ନାହିଁ ।

୬. ଆମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କଠାରେ ବ୍ୟକ୍ତିଗତ ଭାବେ ଈଶ୍ୱର ଦତ୍ତ କ୍ଷମା ଏବଂ ପୁନଃସ୍ଥାପନାକୁ ଗ୍ରହଣ କରିବା ଆବଶ୍ୟକ । ଏହା ଯୀଶୁଙ୍କ ଦ୍ୱାରା ଈଶ୍ୱରଙ୍କ ପ୍ରତିଜ୍ଞାରେ ବ୍ୟକ୍ତିଗତ ଇଚ୍ଛାକୃତ ଭରସାରୁ ଏବଂ ଜ୍ଞାନ ପାପର ଇଚ୍ଛାକୃତ ଫେରଣରୁ ହିଁ ସଂପନ୍ନ ହୋଇଥାଏ ।

୭. ଖ୍ରୀଷ୍ଟଙ୍କ ଉପରେ ଭରସା ଏବଂ ପାପରୁ ଅନୁତାପର ଆଧାରରେ ଆମ୍ଭେମାନେ ସମସ୍ତେ ସଂପୂର୍ଣ୍ଣ ରୂପେ କ୍ଷମାପ୍ରାପ୍ତ ଏବଂ ପ୍ରତିଷ୍ଠିତ । ଯେପରିକି, ଏହି ନୂତନ ସମ୍ବନ୍ଧର ପ୍ରମାଣ ଜୀବନର ପରିବର୍ତ୍ତନ ଦ୍ୱାରା ଦୃଶ୍ୟ ଅଟେ । ମଣିଷମାନଙ୍କ ନିମନ୍ତେ ଈଶ୍ୱରଙ୍କ ଲକ୍ଷ୍ୟ କେବଳ ଗୋଟିଏ ଦିନ ସ୍ୱର୍ଗ ଦେବା ଯେ ତାହାହିଁ ନୁହେଁ ମାତ୍ର ବର୍ତ୍ତମାନ ଖ୍ରୀଷ୍ଟ ସଦୃଶ । ଯେଉଁମାନେ ବାସ୍ତବରେ ଉଦ୍ଧାରପ୍ରାପ୍ତ, ଯଦ୍ୟପି ବେଳେ ବେଳେ ପାପ କରନ୍ତି, ସେମାନେ ନିରନ୍ତର ବିଶ୍ୱାସ କରି ଜୀବନକାଳ ପଶ୍ଚାତାପ କରିବା ଦରକାର ।

୮. ପବିତ୍ର ଆତ୍ମା, 'ଅନ୍ୟ ଯୀଶୁ' ଅଟନ୍ତି । ହଜିଥିବା ଲୋକମାନଙ୍କୁ ଆଗେଇବା ନିମନ୍ତେ ଏବଂ ଉଦ୍ଧାରପ୍ରାପ୍ତମାନଙ୍କୁ ଖ୍ରୀଷ୍ଟଙ୍କ ସଦୃଶ୍ୟତାରେ ବର୍ଦ୍ଧିଷ୍ଣୁ କରିବାକୁ ସେ ବର୍ତ୍ତମାନ ଉପବିଷ୍ଟ ଅଟନ୍ତି । ପରିତ୍ରାଣରେ ପବିତ୍ର ଆତ୍ମାଙ୍କ ଦାନ ପ୍ରଦାନ କରାଗଲା । ମଣ୍ଡଳୀ । ଦାନ ଯାହା ସାଧଶରଣତଃ ଯୀଶୁଙ୍କର ମନୋଭାବ ଏବଂ ଧାରଣା ଆତ୍ମାଙ୍କର ଫଳ ଦ୍ୱାରା ଉଦ୍ଦେଶ୍ୟ ପ୍ରଣୋଦିତ ହେବା ଦରକାର । ଯେଉଁ ପ୍ରକାରେ ଆତ୍ମା ବାଇବଲ ସମୟରେ ସକ୍ରିୟ ଥିଲେ ସେହି ପ୍ରକାରେ ସେ ଆମ୍ଭମାନଙ୍କ ସମୟରେ ମଧ୍ୟ ସକ୍ରିୟ ଅଟନ୍ତି ।

୯. ପିତା ପୁନଃରୁତ୍ଥିତ ଯୀଶୁ ଖ୍ରୀଷ୍ଟଙ୍କୁ ସମସ୍ତଙ୍କ ଉପରେ ବିଚାରକର୍ତ୍ତା କଲେ, ସେ ସମସ୍ତ ମଣିଷକୁ ବିଚାର କରିବାକୁ  ଜଗତକୁ ପୁଣି ଆସିବେ । ଯେଉଁମାନେ ଯୀଶୁଙ୍କୁ ଭରସା କଲେ ଏବଂ ଯେଉଁମାନଙ୍କର ନାମ ମେଷଶାବକଙ୍କ ଜୀବନ ପୁସ୍ତକରେ ଲିଖିତ ସେମାନେ ତାହାଙ୍କ ଆଗମନରେ ଅନନ୍ତ ମହିମାମୟ ଶରୀରକୁ ପ୍ରାପ୍ତ କରିବେ । ସେମାନେ ତାହାଙ୍କ ସହିତ ସଦାକାଳ ରହିବେ । ଯେପରିକି, ଯେଉଁମାନେ ଈଶ୍ୱରଙ୍କ ସତ୍ୟତାକୁ ପ୍ରତି ଉତ୍ତର କରିବେ ନାହିଁ, ସେମାନେ ତ୍ରିଏକ ଈଶ୍ୱରଙ୍କ ସହଭାଗିତାର ଆନନ୍ଦରୁ ସଦାକାଳ ପାଇଁ ଅଲଗା ହେବେ । ସେମାନେ ଶଇତାନ ଓ ତାହାର ସହଭାଗୀମାନଙ୍କ ସହିତ ବିନଷ୍ଟ ହେବେ । ନିଶ୍ଚିତ ଭାବେଏହା ସମ୍ପୂର୍ଣ୍ଣ ନୁହେଁ କିନ୍ତୁ ଆଶା କରେ ଏହା ଆପଣଙ୍କୁ ମୋ ହୃଦୟର ଈଶ୍ୱର ଶାସ୍ତ୍ରୀୟ ସ୍ୱାଦ ଦେବ । ମୁଁ ଏହି  ବିବରଣକୁ ପସନ୍ଦ କରେ ।

"ପ୍ରକୃତରେ - ଏକତା, ସ୍ୱଳ୍ପ ପ୍ରାଧାନ୍ୟରେ - ସ୍ୱତନ୍ତ୍ରତା, ସମସ୍ତ ବସ୍ତୁରେ - ପ୍ରେମ"